

# ଶିକ୍ଷା

## (ଦ୍ୱାଦଶ ଖଣ୍ଡ)

## ଶ୍ରୀମା

**ଜନ୍ମଗ୍ରହଣ :**

ଫେବ୍ରୁଆରି ୨୧, ୧୮୭୮

**ଭାରତବର୍ଷରେ ପଦାର୍ପଣ :**

ମାର୍ଚ୍ଚ ୨୯, ୧୯୧୪

**ମହାପ୍ରୟାଣ :**

ନଭେମ୍ବର ୧୭, ୧୯୭୩

**ଜନ୍ମଶତବାର୍ଷିକୀ :**

ଫେବ୍ରୁଆରି ୨୧, ୧୯୭୮

**ଶିକ୍ଷା**
(ମାତୃରଚନାବଳି : ୧୨ଶ ଖଣ୍ଡ)
ଶ୍ରୀମା'ଙ୍କ ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ) ୧୨ଶ ଖଣ୍ଡ
*"On Education"* ଗ୍ରନ୍ଥର ଓଡ଼ିଆ ଅନୁବାଦ ।

ଅନୁବାଦ : ଚିତ୍ତରଂଜନ ଦାସ

Rs 240/-

ISBN 978-81-7058-888-7

ପ୍ରଥମ ମୁଦ୍ରଣ ୧୯୯୦, ଦ୍ୱିତୀୟ ସଂସ୍କରଣ ୨୦୧୨

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୧୯୯୦

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ ୬୦୫ ୦୦୨

---

**On Education**
*(Collected Works of the Mother, Vol. 12)*

Translator : Chittaranjan Das

First edition 1990
Second impression 2012

© Sri Aurobindo Ashram Trust, 1990

Published by Navajyoti Publication
A unit of Sri Aurobindo Ashram Publication Department
Pondicherry 605002

Printed at Sri Aurobindo Ashram Press, Pondicherry
PRINTED IN INDIA

# ପ୍ରକାଶକଙ୍କ ଟିପ୍‌ପଣୀ

ଶିକ୍ଷା ସମ୍ବନ୍ଧରେ ମାଆଙ୍କର ପ୍ରବନ୍ଧ, ସନ୍ଦେଶ, ପତ୍ରାବଳୀ ଏବଂ କଥୋପକଥନର ଏକ ସଂଗ୍ରହ ଏହି ଖଣ୍ଡରେ ପ୍ରକାଶ ପାଇଛି । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବାର୍ଷିକ ନାଟକ-କାର୍ଯ୍ୟକ୍ରମ ପାଇଁ ଲିଖିତ ତିନୋଟି ନାଟକକୁ ମଧ୍ୟ ଏଥି ସହିତ ଅନ୍ତର୍ଭୁକ୍ତ କରାଯାଇଛି ।

## ପ୍ରଥମ ଭାଗ : କେତୋଟି ଲେଖା

ଏହି ଲେଖାଗୁଡ଼ିକ ୧୯୪୯ ଏବଂ ୧୯୫୫ ଭିତରେ Bulletin of Physical Education (ପରେ ଯାହାକୁ Bulletin of Sri Aurobindo International Centre of Education ବୋଲି କୁହାଗଲା)ରେ ପ୍ରକାଶିତ ହୋଇଥିଲା । ମାଆ ସେଗୁଡ଼ିକୁ ଫରାସୀ ଭାଷାରେ ଲେଖିଥିଲେ, ସଂପୂର୍ଣ୍ଣ ବା ଆଂଶିକ ଭାବରେ ସେଥିରୁ କେତୋଟିର ଇଂରାଜୀ ଅନୁବାଦ ବି କରିଥିଲେ । ପ୍ରସ୍ତୁତ ପୁସ୍ତକଟିରେ ମାଆଙ୍କର ଅନୁବାଦଗୁଡ଼ିକୁ ପ୍ରକାଶ କରାଯାଇଛି । ଅନ୍ୟମାନେ କରିଥିବା ଅନୁବାଦଗୁଡ଼ିକୁ ସଂଶୋଧିତ କରାଯାଇଛି ଅଥବା ପୁନର୍ବାର ଅନୁବାଦ କରି ଦିଆଯାଇଛି ।

## ଦ୍ୱିତୀୟ ଭାଗ : ବାଣୀ, ପତ୍ରାବଳୀ ଓ କଥୋପକଥନ

**୧. ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର :** ଶିକ୍ଷାକେନ୍ଦ୍ରର ଶିକ୍ଷକ ଏବଂ ଛାତ୍ରମାନଙ୍କ ସହିତ ମାଆଙ୍କର ହୋଇଥିବା ପତ୍ରାଳାପ ଏବଂ କଥୋପକଥନଗୁଡ଼ିକୁ ପ୍ରଧାନତଃ ଏହି ଭାଗରେ ଅନ୍ତର୍ଗତ କରାଯାଇଛି । ଅନ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିମାନଙ୍କ ପାଖକୁ ପ୍ରେରିତ ବାଣୀ ଏବଂ ଚିଠିକୁ ମଧ୍ୟ ଏହା ସହିତ ଯୋଡ଼ିଦିଆ ଯାଇଛି । ଏଥିରୁ ଅଧିକାଂଶ ବିବୃତି ମୂଳ ଫରାସୀ ଭାଷାରେ ଥିଲା । କେତେଗୁଡ଼ିକୁ ପ୍ରଥମେ ବିଭିନ୍ନ ଆଶ୍ରମ-ଗ୍ରନ୍ଥ ଏବଂ ପତ୍ରିକାଦିରେ ପ୍ରକାଶ କରାଯାଇଥିଲା । ଅନ୍ୟଗୁଡ଼ିକୁ ପ୍ରସ୍ତୁତ ପୁସ୍ତକରେହିଁ ପ୍ରଥମ ଥର ପାଇଁ ପ୍ରକାଶ କରାଯାଉଛି ।

ଏକ ଉପବିଭାଗରେ ଯେଉଁସବୁ ବିବୃତି ସହିତ ତାରିଖ ଦିଆଯାଇଛି, ସେଗୁଡ଼ିକୁ ସାଧାରଣତଃ କାଳାନୁକ୍ରମିକ ଭାବରେ ସଜାଇ ରଖାଯାଇଛି; ଯେଉଁ ଗୁଡ଼ିକରେ ତାରିଖ

ନାହିଁ, ସେଗୁଡ଼ିକୁ ଖାପ ଖାଇପାରିବା ଭଳି ଗୋଟିଏ ଜାଗାରେ ଯୋଡ଼ିଦିଆ ଯାଇଛି । ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକାଦିକ୍ରମେ ଲିଖିତ ବିବୃତିଗୁଡ଼ିକୁ ମଝିରେ ଏକ ଶୂନ୍ୟସ୍ଥାନ ରଖି ପରସ୍ପରଠାରୁ ଅଲଗା କରି ରଖାଯାଇଛି । ବିଭିନ୍ନ ବ୍ୟକ୍ତିଙ୍କ ପାଖକୁ ଲିଖିତ ବିବୃତିଗୁଡ଼ିକୁ ତାରକାଚିହ୍ନିତ କରାଯାଇଛି । (†)ଚିହ୍ନଟି ମାଆଙ୍କର ଏକ ମୌଖିକ ଟିପ୍‌ପଣୀକୁ ସୂଚିତ କରି ଦେଉଛି; କୌଣସି ସାଧକ ସେଇଟିକୁ ହୁଏତ ନିଜ ସ୍ମୃତିରୁ ସଂଗ୍ରହ କରି ଟିପି ରଖିଥିଲେ । ପରେ ମାଆ ସେଇଟିକୁ ପାଠକରି ପ୍ରକାଶ କରିବା ଲାଗି ସମ୍ମତି ଦେଇଥିଲେ ।

**୨. ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷା-ବିଭାଗ :** ଏହି ବିଭାଗରେ ମୂଳରେ ଥିବା ନଅଟି ସାନ ଲେଖା ୧୯୪୯ ଓ ୧୯୫୦ ମସିହା ମଧ୍ୟରେ ପ୍ରଥମଥର ପାଇଁ Bulletin ରେ ବାହାରିଥିଲା । ମଝିରେ ଥିବା ଉପବିଭାଗଗୁଡ଼ିକରେ ଶାରୀରିକ ଶିକ୍ଷା-ବିଭାଗ ଦ୍ୱାରା ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତା ତଥା ବାର୍ଷିକ ପ୍ରଦର୍ଶନମାନଙ୍କରେ ଅଂଶଗ୍ରହଣକାରୀ ବ୍ୟକ୍ତିମାନଙ୍କୁ ପ୍ରଦତ୍ତ ଲିଖିତ ଅଥବା ଟେପ୍‌ରେ ସଂଗୃହୀତ ସନ୍ଦେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ତା' ପରର ଉପବିଭାଗଟିରେ ସାଧାରଣ ବାଣୀ ଏବଂ ବିଭିନ୍ନ ବ୍ୟକ୍ତିମାନଙ୍କୁ ଦିଆଯାଇଥିବା ପତ୍ରାବଳୀ ରହିଛି; ଏବଂ ସର୍ବଶେଷଟିରେ ''ନାରୀମାନଙ୍କୁ, ସେମାନଙ୍କର ଶରୀର ବିଷୟରେ'' ଲେଖାଟି ଅଛି, – ୧୯୬୦ ମସିହା ସେପ୍‌ଟେମ୍ବର ମାସରେ ଏଇଟି ଏକ ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା ।

**୩. ନବଯୁଗ ସଂଘ :** ଏହି ସଂଗ୍ରହଟି The New Age : Speeches at the Seminars and the Conferences of the New Age Associationରେ ୧୯୭୭ରେ ପ୍ରକାଶିତ ମୂଳ ଇଂରାଜୀ ଲେଖାଗୁଡ଼ିକରୁ ଆନୀତ ହୋଇଛି । ତିନି ମାସିଆ ସେମିନାରଗୁଡ଼ିକ ପାଇଁ ଓ ଦୁଇଟି ବାର୍ଷିକ ଅଧିବେଶନ ପାଇଁ ଆଲୋଚନାର ବିଷୟଗୁଡ଼ିକୁ ମାଆ ନିଜେ ଠିକ୍ କରି ଦେଉଥିଲେ ଅଥବା ଅନ୍ୟମାନେ ଠିକ୍ କରିଥିବା ବିଷୟଗୁଡ଼ିକୁ ନିଜର ସମ୍ମତି ବି ଦେଉଥିଲେ । ଏଥି ମଧ୍ୟରୁ ଏକାଧିକ ବିଷୟ ଉପରେ ମାଆ ନିଜର ମନ୍ତବ୍ୟ ବି ଦେଇଛନ୍ତି,– ଶୁଣିବା ମାତ୍ରକେ ମନ୍ତବ୍ୟଟିକୁ ଦେଇଛନ୍ତି ଅଥବା ତାଙ୍କ ପାଖକୁ ପଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସ୍ୱରୂପ ଦେଇଛନ୍ତି । ତିନୋଟି ଅଧିବେଶନକୁ ସିଏ ନିଜର ବାଣୀ ମଧ୍ୟ ପଠାଇଥିଲେ । ସେମିନାରରେ ଆମର କାହିଁକି ଅଂଶଗ୍ରହଣ କରିବା ଉଚିତ, ମାଆ ସେ ବିଷୟରେ ଦେଇଥିବା ଉତ୍ତରଟିକୁ ଶେଷରେ ଗୁନ୍ଥି ଦିଆଯାଇଛି ।

**୪. ବିଦ୍ୟାଳୟରେ ମାଆଙ୍କ କାର୍ଯ୍ୟର କେତୋଟି ଝଲକ :** ଶିକ୍ଷାକେନ୍ଦ୍ରର

ଜଣେ ଶିକ୍ଷକଙ୍କୁ ୧୯୬୦ ଏବଂ ୧୯୭୨ ମଧ୍ୟରେ ମାଆ ଏଗୁଡ଼ିକୁ ଚିଠି ଆକାରରେ ଲେଖିଥିଲେ ଅଥବା ମୌଖିକ ମନ୍ତବ୍ୟ ରୂପେ କହିଥିଲେ । ମୌଖିକ ମନ୍ତବ୍ୟଗୁଡ଼ିକୁ ଲେଖିକରି ରଖାଯାଇଥିଲା । ସମଗ୍ର ସଂଗ୍ରହଟି ସର୍ବପ୍ରଥମେ Bulletinର ୧୯୭୮ ମସିହା ଏପ୍ରିଲ୍ ଓ ଅଗଷ୍ଟ ସଂଖ୍ୟାରେ ମୂଳ ଫରାସୀଭାଷାରେ ଏବଂ ଇଂରାଜୀରେ ଅନୂଦିତ ହୋଇ ପ୍ରକାଶ ପାଇଥିଲା ।

**୫. ଜଣେ ଛାତ୍ରନାୟିକାଙ୍କୁ ପ୍ରଦତ୍ତ ଉତ୍ତର :** ଏହା ପ୍ରଥମେ ଫରାସୀ ଭାଷାରେ ଶରୀର ଶିକ୍ଷା-ବିଭାଗର ଜଣେ ତରୁଣୀ ଛାତ୍ରନାୟିକାଙ୍କୁ ଲେଖା ଯାଇଥିଲା । ଏଥିରେ ଥିବା ‘ସାତୋଟି ସୂତ୍ର’ ୧୯୫୯ ମସିହା ନଭେମ୍ବର ମାସର Bulletinରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ପତ୍ରାଳାପଟି ପ୍ରଥମେ ୧୯୭୫ରେ Reponses de la Mére à une monitrice ରେ ପ୍ରକାଶିତ ହେଲା । ଏଥିରୁ କେତେକ ଚିଠି ଆଶ୍ରମର ପତ୍ରିକାରେ ଆଗରୁ ମଧ୍ୟ ବାହାରିଥିଲା । ଫେବ୍ରୁଆରି ୧୯୭୦ର Bulletinରେ ମଧ୍ୟ କେତେଗୁଡ଼ିଏ କ୍ରମାନ୍ୱୟରେ ପ୍ରକାଶ ପାଇଥିଲା । ମୂଳ ଅନୁବାଦଗୁଡ଼ିକ ପ୍ରସ୍ତୁତ ପୁସ୍ତକଟି ଲାଗି ଆଉଥରେ ସଂଶୋଧିତ କରି ନିଆ ଯାଇଛି ।

**୬. ଜଣେ ଛାତ୍ର ନାୟକଙ୍କୁ ପ୍ରଦତ୍ତ ଉତ୍ତର :** ଶରୀର ଶିକ୍ଷା ବିଭାଗର ଜଣେ ତରୁଣ ଦଳନାୟକଙ୍କ ସହିତ ବିଶେଷତଃ ଶିକ୍ଷା ସମ୍ବନ୍ଧରେ ମାଆଙ୍କର ଯେଉଁ ପତ୍ର ବ୍ୟବହାର ହୋଇଥିଲା, ଏହି ବିଭାଗରେ ସେହି ପତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ୧୯୭୩ ଏପ୍ରିଲ୍ ଏବଂ ୧୯୭୫ ନଭେମ୍ବର ମଧ୍ୟରେ ମୂଳ ଫରାସୀ ଭାଷାରେ ଓ ଇଂରାଜୀ ଅନୁବାଦରେ ସମୁଦାୟ ପତ୍ରାଳାପଟି Bulletinରେ ପ୍ରକାଶ ପାଇଥିଲା । ପ୍ରସ୍ତୁତ ପୁସ୍ତକରେ ସେହି ଅନୁବାଦଟି ପ୍ରକାଶିତ ହୋଇଛି, ସ୍ଥାନେ ସ୍ଥାନେ କିଞ୍ଚିତ୍ ସଂଶୋଧନ କରି ଦିଆଯାଇଛି ।

**୭. କଥୋପକଥନ :** ଏଥିରେ ୧୯୬୭ର ଦୁଇଟି ଏବଂ ୧୯୭୩ ଫେବ୍ରୁଆରି-ମାର୍ଚ୍ଚର ଛଅଟି କଥୋପକଥନ ରହିଛି । ୧୯୭୩ର କଥୋପକଥନଟି ଶିକ୍ଷାକେନ୍ଦ୍ରର ଜଣେ ବା ଦୁଇ ଜଣ ଶିକ୍ଷକଙ୍କ ସହିତ ହୋଇଥିଲା; ଶିକ୍ଷା ସମ୍ବନ୍ଧରେ ଏହାକୁହିଁ ମାଆଙ୍କର ସର୍ବଶେଷ ଲିପିବଦ୍ଧ ବିବୃତି ବୋଲି କୁହାଯାଇ ପାରିବ । ଏଥି ମଧ୍ୟରୁ କେତୋଟି ଆଶ୍ରମରୁ ପ୍ରକାଶିତ ବିଭିନ୍ନ ପୁସ୍ତକରେ ବାହାରିଥିଲା; ବର୍ତ୍ତମାନର ସମଗ୍ରତର ସଂଗ୍ରହଟି ପ୍ରଥମେ ୧୯୭୮ ଅଗଷ୍ଟର Bulletinରେ ମୂଳ ଫରାସୀ ଭାଷାରେ ପ୍ରକାଶିତ ହୋଇଥିଲା, ତାହାର ଏକ ନୂତନ ଇଂରାଜୀ ଅନୁବାଦ ମଧ୍ୟ ତାହା ସହିତ ଯୋଡ଼ି ଦିଆଯାଇଥିଲା ।

## ତୃତୀୟ ଭାଗ : ନାଟକାବଳୀ

ଶିକ୍ଷା-କେନ୍ଦ୍ରର ଛାତ୍ର ଓ ଶିକ୍ଷକମାନେ ଅଭିନୟ କରୁଥିବା ଡିସେମ୍ବର ପହିଲାର ବାର୍ଷିକ ନାଟକ-କାର୍ଯ୍ୟକ୍ରମ ସକାଶେ ମାଆ ଫରାସୀ ଭାଷାରେ ତିନିଗୋଟି ନାଟକ ଲେଖିଥିଲେ । 'ଭବିଷ୍ୟ ଅଭିମୁଖେ' ୧୯୪୯ରେ, 'ସେହି ବିଶାଳ ରହସ୍ୟ' ୧୯୫୪ରେ ଏବଂ 'ସତ୍ୟ ଆଡ଼କୁ ଆରୋହଣ' ୧୯୫୭ରେ ମଞ୍ଚସ୍ଥ ହୋଇଥିଲା । ମଞ୍ଚସ୍ଥ ହେବାର ଅବ୍ୟବହିତ ପରେ ପ୍ରତ୍ୟେକ ନାଟକଟିକୁ ଗୋଟିଏ ଗୋଟିଏ ପୁସ୍ତିକାରେ ପ୍ରକାଶିତ କରାଯାଇଥିଲା, ସେଥିରେ ବିଷୟଟି ଫରାସୀ ଓ ଇଂରାଜୀ ଦୁଇଟିଯାକ ଭାଷାରେ ରହିଥିଲା । ପ୍ରସ୍ତୁତ ପୁସ୍ତକଟି ଲାଗି ମୂଳ ଅନୁବାଦଟିକୁ ଆଉଥରେ ସଂଶୋଧନ କରି ଦିଆଯାଇଛି । 'ସେହି ବିଶାଳ ରହସ୍ୟ'ରେ ମାଆ ରାଜନୀତିଜ୍ଞ, କଳାକାର ଏବଂ ଅଜ୍ଞାତ ବ୍ୟକ୍ତିର ଭୂମିକାଗୁଡ଼ିକୁ ସ୍ୱୟଂ ଲେଖିଥିଲେ । ଅନ୍ୟ ଚାରୋଟି ଭୂମିକାର ଅଂଶଗୁଡ଼ିକ ମାଆଙ୍କ ସହିତ ପରାମର୍ଶ କରାଯାଇ ସେହି ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଲିଖିତ ହୋଇଥିଲା । ଲେଖକ ଏବଂ କ୍ରୀଡ଼ାବିତ୍‌ର ଭୂମିକା ଇଂରାଜୀରେ ଲେଖା ହୋଇଥିଲା । ଶିଳ୍ପପତିଙ୍କର ଭୂମିକାଟିକୁ ଲେଖିଥିବା ବ୍ୟକ୍ତିଙ୍କ ପାଖକୁ ମାଆ ଦେଇଥିବା ଏକ ପତ୍ରକୁ ନାଟକର ମୁଖବନ୍ଧ ରୂପେ ଅନ୍ତର୍ଗତ କରାଯାଇଛି ।

# ବିଷୟ-ସୂଚୀ


ପୃଷ୍ଠା

**ପ୍ରଥମ ଭାଗ : କେତୋଟି ଲେଖା**

ଜୀବନ-ବିଜ୍ଞାନ ... ... ... ... ୩
ଶିକ୍ଷା ... ... ... ... ୧୨
ଶରୀରର ଶିକ୍ଷା ... ... ... ... ୧୭
ପ୍ରାଣିକ ଶିକ୍ଷା ... ... ... ... ୨୬
ମନଃସ୍ତରୀୟ ଶିକ୍ଷା ... ... ... ... ୩୫
ଚୈତ୍ୟ ଶିକ୍ଷା ଏବଂ ଆଧ୍ୟାତ୍ମିକ ଶିକ୍ଷା ... ... ୪୫
ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ର ... ... ୬୦
ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି ... ... ୭୩
ସାନ ଓ ବଡ଼ ଛାତ୍ରଛାତ୍ରୀମାନଙ୍କୁ ... ... ୧୧୪
ଦୂରଦୃଷ୍ଟି ... ... ... ... ୧୨୨
ରୂପାନ୍ତର ... ... ... ... ୧୨୬
ମୃତ୍ୟୁ ଲାଗି ଭୟ ଓ ତାହାକୁ ଜୟ କରିବାର ତିନୋଟି ବାଟ ... ୧୨୯
ଗୋଟିଏ ସ୍ୱପ୍ନ ... ... ... ... ୧୪୬
ମନୁଷ୍ୟଜାତିର ସହାୟତା କରିବା ... ... ... ୧୪୯
ନାରୀମାନଙ୍କର ସମସ୍ୟା ... ... ... ... ୧୫୯

**ଦ୍ୱିତୀୟ ଭାଗ : ବାଣୀ, ପତ୍ରାବଳୀ ଓ କଥୋପକଥନ**

**୧. ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର** ... ... ୧୬୯
ବାଣୀ ... ... ... ... ୧୭୧
ଲକ୍ଷ୍ୟ ଓ ଆଦର୍ଶ ... ... ... ... ୧୭୮
ବିଦ୍ୟାର୍ଥୀଗଣ ... ... ... ... ୧୮୬
ଅଧ୍ୟୟନ ... ... ... ... ୧୯୪
ପୁସ୍ତକପାଠ ... ... ... ... ୨୦୯

| | |
|---|---|
| ଆଚରଣ ... ... ... ... ... | ୨୧୯ |
| ଛୁଟିଦିନ ... ... ... ... | ୨୩୩ |
| ଅଧ୍ୟୟନ କରିବାକୁ ଅନ୍ୟତ୍ର ଯିବା ... ... | ୨୩୬ |
| ଶିକ୍ଷକକୁଳ ... ... ... ... ... | ୨୪୨ |
| ଶିକ୍ଷାଦାନ ... ... ... ... | ୨୪୫ |
| ଶୃଙ୍ଖଳା ... ... ... ... | ୨୬୮ |
| ଘରପାଠ ... ... ... ... | ୨୮୪ |
| ପରୀକ୍ଷା ... ... ... ... | ୨୮୭ |
| ପାଠକ୍ରମ ... ... ... ... ... | ୨୯୨ |
| ଶ୍ରୀଅରବିନ୍ଦ ଓ ମାଆଙ୍କ ରଚନାଗୁଡ଼ିକର ଅଧ୍ୟୟନ | ୨୯୨ |
| ଭାଷା ... ... ... ... ... | ୩୦୮ |
| ବିଭିନ୍ନ ଭାଷାରେ ମାଆଙ୍କ ହସ୍ତଲେଖାର ଅନୁଲିପି | ୩୧୬ |
| ଲଳିତକଳା ... ... ... ... | ୩୨୫ |
| ଅନ୍ୟାନ୍ୟ ବିଷୟ ... ... ... ... | ୩୪୩ |
| ଜାତୀୟ ଶିକ୍ଷା ... ... ... ... | ୩୪୬ |
| **୨. ଶ୍ରୀଅରବିନ୍ଦ ଆଶ୍ରମ ଶରୀରଶିକ୍ଷା-ବିଭାଗ** ... | ୩୫୩ |
| ତାରୁଣ୍ୟ ... ... ... ... ... | ୩୫୫ |
| ସଂକେନ୍ଦ୍ରଣ ଓ ପରିକ୍ଷେପଣ ... ... ... | ୩୫୬ |
| ଆମର ପତାକା ଓ ଆମ ପ୍ରଚ୍ଛଦପଟ ... ... | ୩୫୯ |
| ଅକ୍ଷୟ ଶକ୍ତି ... ... ... ... | ୩୬୦ |
| ନିଷ୍ପକ୍ଷ ବିଚାର ... ... ... ... | ୩୬୩ |
| ଅଲିମ୍ପିକ୍ ବଳୟ ... ... ... ... | ୩୬୫ |
| ଚାମ୍ପିୟାନ୍ ହୋଇଥିବାର ସନ୍ତକ ... ... ... | ୩୬୮ |
| କ୍ରୀଡ଼ା-ପ୍ରତିଯୋଗିତା ... ... ... ... | ୩୬୯ |
| ବିଭିନ୍ନ ଗୋଷ୍ଠୀଗୁଡ଼ିକୁ ଉତ୍ତର ... ... ... | ୩୭୦ |
| ପ୍ରତିଯୋଗିତାଗୁଡ଼ିକ ନିମନ୍ତେ ପ୍ରେରିତ ବାଣୀ ... ... | ୩୭୬ |
| ଶାରୀରିକ ନୈପୁଣ୍ୟର ବାର୍ଷିକ ପ୍ରଦର୍ଶନଗୁଡ଼ିକ ଲାଗି ପ୍ରଦତ୍ତ ବାଣୀ ... | ୩୮୪ |

ସାଧାରଣ ବାଣୀ ଓ ପତ୍ରାବଳୀ ... ... ... ୩୮୭
ନାରୀମାନଙ୍କୁ ସେମାନଙ୍କ ଶରୀର ବିଷୟରେ ... ... ୩୯୫

**୩. ନବଯୁଗ ସଂଘ** ... ... ... ... ୪୦୭

**୪. ସ୍କୁଲରେ ମାଆଙ୍କ କାର୍ଯ୍ୟ ବିଷୟରେ ଏକ ଝଲକ** ... ୪୨୯
ଫରାସୀ ଭାଷା,— ଆଶ୍ରମରେ ଓ ସ୍କୁଲରେ ... ... ୪୩୧
ଫରାସୀ କ୍ଲାସ୍‌ର କର୍ମସଂଗଠନ ... ... ୪୩୨
ଫରାସୀ ଭାଷା ମାଧ୍ୟମରେ ପାଠ ପଢ଼ାଉଥିବା ଭାରତୀୟ ଶିକ୍ଷକମାନଙ୍କୁ ଫରାସୀ ଭାଷା ଶିକ୍ଷାଦେବା ... ୪୩୫
ଛାତ୍ରମାନଙ୍କୁ ଫରାସୀ ଭାଷା ଶିଖାଇବା ... ... ୪୩୮
ନିର୍ବାଚିତ ପୁସ୍ତକର ଲାଇବ୍ରେରି ... ... ୪୪୧
ଦଶରୁ ଏଗାର ବର୍ଷ ପିଲାଙ୍କର ଏକ କ୍ଲାସ୍‌ରେ ମାଆଙ୍କର କାର୍ଯ୍ୟ ... ୪୪୫
ସାତବର୍ଷରୁ ନଅ ବର୍ଷର ପିଲାଙ୍କର ଗୋଟିଏ କ୍ଲାସ୍‌ରେ ମାଆଙ୍କ କାର୍ଯ୍ୟ ... ୪୪୮
ଷୋଳରୁ ଅଠର ବର୍ଷ ବୟସର ପିଲାମାନଙ୍କର ଗୋଟିଏ କ୍ଲାସ୍‌ରେ ମାଆଙ୍କର କାର୍ଯ୍ୟ ... ୪୫୮

**୫. ଜଣେ ଛାତ୍ରନାୟିକାକୁ ଉତ୍ତର** ... ... ... ୪୬୯
ସୂତ୍ରାବଳୀ ... ... ... ... ... ୪୭୧
ପତ୍ରାଳାପ ... ... ... ... ... ୪୭୩

**୬. ଜଣେ ଛାତ୍ରନାୟକକୁ ଉତ୍ତର** ... ... ... ୫୧୯

**୭. କଥୋପକଥନ** ... ... ... ... ୫୩୯
୫ ଏପ୍ରିଲ୍ ୧୯୬୭ ... ... ... ୫୪୧
୧୧ ନଭେମ୍ବର ୧୯୬୭ ... ... ... ୫୪୯
୮ ଫେବ୍ରୁଆରି ୧୯୭୩ ... ... ... ୫୭୮

| | | | | |
|---|---|---|---|---|
| ୧୪ ଫେବୃଆରି ୧୯୭୩ | ... | ... | ... | ୫୮୩ |
| ୧୮ ଫେବୃଆରି ୧୯୭୩ | ... | ... | ... | ୫୮୬ |
| ୨୪ ଫେବୃଆରି ୧୯୭୩ | ... | ... | ... | ୫୯୩ |
| ୨୬ ଫେବୃଆରି ୧୯୭୩ | ... | ... | ... | ୫୯୯ |
| ୧୪ ମାର୍ଚ୍ଚ ୧୯୭୩ ... | ... | ... | ... | ୬୦୦ |

**ତୃତୀୟ ଭାଗ : ନାଟକାବଳୀ** ... ... ... ୬୦୫

| | | | | | |
|---|---|---|---|---|---|
| ଭବିଷ୍ୟ ଅଭିମୁଖେ | ... | ... | ... | ... | ୬୦୭ |
| ସେହି ବିଶାଳ ରହସ୍ୟ | ... | ... | ... | ... | ୬୨୯ |
| ସତ୍ୟଆଡ଼କୁ ଆରୋହଣ | ... | ... | ... | ... | ୬୬୯ |

Do not take my words for a teaching. Always they are a force in action, uttered with a definite purpose, and they lose their true power when separated from that purpose.

ମୋର ବାଣୀଗୁଡ଼ିକୁ କେବଳ ଏକ ଶିକ୍ଷା ଭାବରେ ଗ୍ରହଣ କର ନାହିଁ। ସେସବୁ ସର୍ବଦା ଏକ କ୍ରିୟାଶୀଳ ଶକ୍ତିରୂପେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ କଥିତ, ଏବଂ ସେସବୁ ନିଜର ଯଥାର୍ଥ ଶକ୍ତି ହରାଇଥାଆନ୍ତି ଯେତେବେଳେ ସେଗୁଡ଼ିକୁ ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରୁ ବିଚ୍ଛିନ୍ନ କରାଯାଇଥାଏ।

— ଶ୍ରୀମା

# ପ୍ରଥମ ଭାଗ

# କେତୋଟି ଲେଖା

*ଏହି ଲେଖାଗୁଡ଼ିକରେ ମୁଁ ଯୋଗ ଶାସ୍ତ୍ରର ପାରିଭାଷିକ ଶବ୍ଦଗୁଡ଼ିକୁ ସାଧାରଣବୋଧ ଭାଷାରେ ପ୍ରକାଶ କରିବାକୁ ଚେଷ୍ଟା କରିବି । କାରଣ ଏହିସବୁ ବୁଲେଟିନ୍‌ରେ ପ୍ରକାଶିତ ହେଉଥିବା ବିଷୟଗୁଡ଼ିକ ଏକ ସାଧାରଣ ଜୀବନଯାପନ କରୁଥିବା ବ୍ୟକ୍ତିମାନଙ୍କ ପାଇଁହିଁ ଅଧିକ ପରିମାଣରେ ଉଦ୍ଦିଷ୍ଟ ହୋଇ ଲେଖାଯାଇଛି । ଅବଶ୍ୟ ଏକଥା ସତ ଯେ ଯୋଗମାର୍ଗର ଛାତ୍ରମାନଙ୍କ ପାଇଁ ମଧ୍ୟ ତାହା ଲେଖାଯାଇଛି । ସାଧାରଣ ଜୀବନ ଯାପନ କରୁଥିବା ବ୍ୟକ୍ତି କହିଲେ ମୁଁ ସେହିମାନଙ୍କୁ ବୁଝୁଛି, ଯେଉଁମାନେ ମୂଳତଃ ସଂପୂର୍ଣ୍ଣ ଭାବରେ ଏକ ଜଡ଼ସ୍ତରୀୟ ଭୌତିକ ଜୀବନ ଯାପନ କରିବାରେ ଆଗ୍ରହୀ ହୋଇ ରହିଛନ୍ତି ସତ, ମାତ୍ର ଏକ ସାଧାରଣ ପରିସ୍ଥିତିରେ ଏହି ଭୌତିକ ଜୀବନରେ ଯେତିକି ପରିପୂର୍ଣ୍ଣତା ମିଳିଥାଏ, ସେମାନେ ତା'ଠାରୁ କିଛି ଅଧିକ ପରିପୂର୍ଣ୍ଣତା ହାସଲ କରିବାକୁ ଏକ ଚେଷ୍ଟା ମଧ୍ୟ କରୁଛନ୍ତି । ଏଇଟି ପ୍ରକୃତରେ ଏକ ଭାରି କଷ୍ଟକର କାର୍ଯ୍ୟ, ମାତ୍ର ଏଇଟିକୁ ମଧ୍ୟ ଏକ ପ୍ରକାରର ଯୋଗ ବୋଲି କୁହାଯାଇ ପାରିବ । ଏହି ବ୍ୟକ୍ତିମାନେ ନିଜକୁ ''ବସ୍ତୁବାଦୀ'' ବୋଲି କହିଥା'ନ୍ତି, ଏବଂ ସେମାନଙ୍କ ଆଗରେ ଯୋଗର ପରିଭାଷାଗୁଡ଼ିକୁ ବ୍ୟବହାର କରି କିଛି କହିଲେ ସେମାନେ ହୁଏତ ଭାରି ସହଜରେ ଉତ୍ତେଜିତ ଅଥବା ବିରକ୍ତ ହୋଇପଡ଼ନ୍ତି । ତେଣୁ, ଯେଉଁସବୁ ଶବ୍ଦ ଶୁଣିଲେ ସେମାନେ ହୁଏତ ଆତଙ୍କିତ ହୋଇପଡ଼ିବେ, ସେପରି ଶବ୍ଦ ବ୍ୟବହାର ନ କରିବାକୁ ଯଥାସାଧ୍ୟ ଚେଷ୍ଟା କରି ଆମକୁ ସେମାନଙ୍କ ସହିତ ସେହିମାନଙ୍କର ଭାଷାରେହିଁ କଥାବାର୍ତ୍ତା କରିବାକୁ ପଡ଼ିବ । ମାତ୍ର, ମୋ' ଜୀବନରେ ମୁଁ ଏପରି ଅନେକ ବ୍ୟକ୍ତିଙ୍କର ପରିଚୟରେ ଆସିଛି, ଯେଉଁମାନେ କି ଆପଣାକୁ ''ବସ୍ତୁବାଦୀ'' ବୋଲି କହୁଥିଲେ ସତ, ମାତ୍ର ଯୋଗସାଧନା କରୁଛନ୍ତି ବୋଲି ଦାବି କରୁଥିବା ଅନେକ ବ୍ୟକ୍ତିଙ୍କ ତୁଳନାରେ ସେମାନେ ଏକ ଅଧିକ ଦୃଢ଼ ଜୀବନଶୃଙ୍ଖଳା ଅନୁସରଣ କରୁଥିଲେ ।*

*ମନୁଷ୍ୟସମାଜ ଆହୁରି ଆଗକୁ ଯାଉ, ଏତିକି ହେଉଛି ଆମର ଇଚ୍ଛା । ସେଥିଲାଗି ତାହା ଏକ ଯୋଗମାର୍ଗର ଜୀବନ ଯାପନ କରୁଛି କି ନାହିଁ, ତାହା ମୋଟେ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ମାତ୍ର, ଅଗ୍ରଗତି କରିବା ଲାଗି ତାହାର ଆବଶ୍ୟକ ଚେଷ୍ଟା ଅବ୍ୟାହତ ରହିଥାଉ, ତାହାହିଁ ଅସଲ କଥା ।**

*୨୫ ଡିସେମ୍ବର, ୧୯୫୦* — *ମା*

* ପ୍ରଶ୍ନ ଓ ଉତ୍ତର, ୧୯୫୦-୫୧, ଶତବାର୍ଷିକୀ ଇଂରାଜୀ ସଂସ୍କରଣ, ୪ର୍ଥ ଖଣ୍ଡ, ପୃଷ୍ଠା. ୭ ।

# ଜୀବନ-ବିଜ୍ଞାନ

*ନିଜକୁ ଜାଣିବା ଓ ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରିବା*

ଯେଉଁ ଜୀବନର ସମକ୍ଷରେ ଏକ ଲକ୍ଷ୍ୟ ବୋଲି କିଛି ନାହିଁ, ତାହା ହେଉଛି କେବଳ ଏକ ଦୁଃଖମୟ ଜୀବନ ।

ତୁମ ପ୍ରତ୍ୟେକଙ୍କର ଜୀବନରେ ଏକ ଲକ୍ଷ୍ୟ ଅବଶ୍ୟ ରହିବ । ମାତ୍ର ଏକଥାଟିକୁ ଭୁଲିଗଲେ ଆଦୌ ଚଳିବ ନାହିଁ ଯେ ତୁମ ଲକ୍ଷ୍ୟଟିର ଗୁଣାତ୍ମକ ମାନ ଉପରେ ତୁମ ଜୀବନର ଗୁଣାତ୍ମକ ମାନ ବି ସର୍ବଦା ନିର୍ଭରଶୀଳ ହୋଇ ରହିଥିବ ।

ତୁମର ସେହି ଲକ୍ଷ୍ୟଟି ଉଚ୍ଚ ହୋଇଥିବ ଓ ପ୍ରଶସ୍ତ ବି ହୋଇଥିବ, ଉଦାର ହୋଇଥିବ ଓ ଆସକ୍ତିମୁକ୍ତ ବି ହୋଇଥିବ; ସେହି ଲକ୍ଷ୍ୟଟି ତୁମର ଜୀବନଟିକୁ ତୁମ ଲାଗି ତଥା ଅନ୍ୟମାନଙ୍କ ଲାଗି ମୂଲ୍ୟବାନ୍ କରାଇ ପାରୁଥିବ ।

ମାତ୍ର ତୁମର ଆଦର୍ଶଟି ଯାହା ହୋଇଥାଉ ପଛକେ, ତୁମେ ନିଜ ଭିତରେ ପୂର୍ଣ୍ଣତାର ଉପଲବ୍ଧି କରି ନ ପାରିବା ପର୍ଯ୍ୟନ୍ତ ସେଇଟି ମଧ୍ୟ କଦାପି ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇ ପାରିବ ନାହିଁ ।

ଆପଣାର ପରିପୂର୍ଣ୍ଣତା ହାସଲ କରିବା ଲାଗି ସର୍ବପ୍ରଥମ ପଦକ୍ଷେପ ରୂପେ ତୁମକୁ ନିଜ ବିଷୟରେ ସଚେତନ ହେବାକୁ ପଡ଼ିବ । ତୁମର ସତ୍ତା ମଧ୍ୟରେ ରହିଥିବା ଭିନ୍ନ ଭିନ୍ନ ଅଂଶ ଏବଂ ସେଗୁଡ଼ିକର ସ୍ୱକୀୟ କ୍ରିୟାଗୁଡ଼ିକ ବିଷୟରେ ସଚେତନ ହେବାକୁ ପଡ଼ିବ । ଏହି ଭିନ୍ନ ଭିନ୍ନ ଅଂଶକୁ ତୁମକୁ ଗୋଟିକୁ ଅନ୍ୟଟିଠାରୁ ଅଲଗା କରି ଚିହ୍ନି ଶିଖିବାକୁ ପଡ଼ିବ, ଯେପରିକି ତୁମେ ତୁମ ଭିତରେ ସଂଘଟିତ ହେଉଥିବା ଯାବତୀୟ କ୍ରିୟାସ୍ପନ୍ଦନ, ଅର୍ଥାତ୍ ଯାବତୀୟ ଭାବାବେଗ, ପ୍ରତିକ୍ରିୟା ଏବଂ ତୁମକୁ ନାନା କାର୍ଯ୍ୟ ମଧ୍ୟକୁ ପ୍ରେରିତ କରାଇ ଦେଉଥିବା ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ଇଚ୍ଛାଗୁଡ଼ିକର ମୂଳଟି ବିଷୟରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସଜ୍ଞାନ ହୋଇ ରହିପାରିବ । ଏହିଭଳି ଏକ ଶ୍ରମସାଧ୍ୟ ଅଧ୍ୟୟନ ଲାଗି ପ୍ରକୃତରେ ଅନେକ ଅଧ୍ୟବସାୟ-ଶକ୍ତି ଏବଂ ଅନେକ ଆନ୍ତରିକତା ରହିଥିବା ଆବଶ୍ୟକ । କାରଣ ମଣିଷର ପ୍ରକୃତି ମଧ୍ୟରେ, ବିଶେଷ କରି ତା'ର ମାନସିକ ପ୍ରକୃତି ମଧ୍ୟରେ, ସିଏ ଯାହାକିଛି ଭାବୁଛି, ଅନୁଭବ କରୁଛି, କହୁଛି ବା କରୁଛି, ସେଗୁଡ଼ିକ ପ୍ରତ୍ୟେକଟି ଲାଗି କୌଣସି ନା କୌଣସି ଏକ ଅନୁକୂଳ ବ୍ୟାଖ୍ୟା ଯୋଗାଇଦେବା ଲାଗି ଏକ ଅତ୍ୟନ୍ତ ସ୍ୱତଃପ୍ରେରିତ ପ୍ରବୃତ୍ତି ସବୁବେଳେ ରହିଥାଏ । ତେଣୁ ଆମକୁ ଅତ୍ୟନ୍ତ ଯତ୍ନ ସହକାରେ ଏହି ଯାବତୀୟ କ୍ରିୟାସ୍ପନ୍ଦନଗୁଡ଼ିକୁ

ଅବଲୋକନ କରି ପାରିବାକୁ ହେବ, ଏକ ଆନ୍ତରିକ ଇଚ୍ଛା ସହିତ ଏଗୁଡ଼ିକୁ ଆମର ସର୍ବୋଚ୍ଚ ଆଦର୍ଶଟିର ବିଚାର ଦରବାରର ସମକ୍ଷରେ ଆଣି ଉପସ୍ଥାପିତ କରି ତାହାର ବିଚାର ଲାଗି ସତେଅବା ଅପେକ୍ଷା କରିବାକୁ ପଡ଼ିବ; ଏବଂ ତେବେଯାଇ ଆମେ ଆପଣା ଭିତରେ ହୁଏତ ଏପରି ଏକ ବିବେକଶକ୍ତି ସମ୍ଭବ କରିପାରିବା, ଯାହାକି କେବେହେଲେ କୌଣସି ଭୁଲ୍ କରିବ ନାହିଁ । କାରଣ, ଯଦି ଆମେ ପ୍ରକୃତରେ ଅଗ୍ରଗତି କରିବାକୁ ଚାହୁଁଥିବା ଏବଂ ଆପଣା ସତ୍ତାର ଅସଲ ସତ୍ୟଟିକୁ ଜାଣିବାର ସାମର୍ଥ୍ୟ ଅର୍ଜନ କରିବାକୁ ଇଚ୍ଛା କରୁଥିବା, ଅର୍ଥାତ୍, ପ୍ରକୃତରେ କେଉଁ ଉଦ୍ଦେଶ୍ୟର ସାଧନ ପାଇଁ ଆମର ସୃଷ୍ଟି ହୋଇଛି, ଏହି ସଂସାରରେ କେଉଁଟିକୁ ଆମେ ଆମ ଜୀବନର ବ୍ରତ ବୋଲି କହି ପାରିବା, ଯଦି ଆମେ ସେଗୁଡ଼ିକୁ ଜାଣିବାର ସାମର୍ଥ୍ୟ ହାସଲ କରିବାକୁ ଚାହୁଁଥିବା, ତେବେ, ଯାହାକିଛି ଆମ ଜୀବନସତ୍ୟର ବିରୋଧାଚରଣ କରୁଛି ଓ ଯାହାକିଛି ଏହାର ବିପରୀତ ତତ୍ତ୍ୱ ପରି କାର୍ଯ୍ୟ କରୁଛି, ଏକ ଅତ୍ୟନ୍ତ ନିୟମିତ ଓ ସତତ ନିଷ୍ଠା ସହିତ ଆମକୁ ସେଗୁଡ଼ିକୁ କାଢ଼ି ବାହାର କରିଦେବାକୁ ପଡ଼ିବ ଏବଂ ଆମ ଭିତରେ ସେଗୁଡ଼ିକର ବିଲୁପ୍ତି ଘଟାଇବାକୁ ପଡ଼ିବ । ଏବଂ ଏହିପରି ଭାବରେ, ଆମ ସତ୍ତାର ଯାବତୀୟ ଅଂଶ ଓ ଯାବତୀୟ ଉପାଦାନ ଅଳ୍ପ ଅଳ୍ପ କରି ଆମର ଚୈତ୍ୟକେନ୍ଦ୍ରଟିର ଚତୁର୍ଦ୍ଦିଗରେ ଏକ ସମଧର୍ମ ସମଗ୍ର ରୂପେ ସଂଗଠିତ ହୋଇ ଆସିପାରିବ । ପୂର୍ଣ୍ଣତାର ଏକ ଉଲ୍ଲେଖଯୋଗ୍ୟ ମାତ୍ରା ହାସଲ କରିବା ଲାଗି ଏକତ୍ରୀକରଣର ଏହି କାର୍ଯ୍ୟଟିକୁ ବେଶ୍ କିଛି ସମୟ ଲାଗିବ । ତେଣୁ ଏହି କଥାଟିକୁ ହାସଲ କରିବାକୁ ହେଲେ ଆମକୁ ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସହିଷ୍ଣୁତା ସହିତ ଆପଣାକୁ ଏପରି ଏକ ସଂକଳ୍ପ ଦ୍ୱାରା ସୁସମର୍ଥ କରି ରଖିବାକୁ ପଡ଼ିବ, ଯାହାଦ୍ୱାରା କି ଆମେ ଆମର ଉଦ୍ୟମଟିର ସଫଳତା ଲାଗି ଆମ ଜୀବନକୁ ଆବଶ୍ୟକ ଭାବରେ ଦୀର୍ଘଜୀବୀ କରି ରଖିପାରିବା ।

ବିଶୁଦ୍ଧୀକରଣ ଏବଂ ଏକତ୍ୱସାଧନର ଏହି ଉଦ୍ୟମଟିର ଅନୁସରଣ କରୁଥିବା ସମୟରେ ତୁମକୁ ଯୁଗପତ୍ ଭାବରେ ତୁମ ସତ୍ତାର ବହିରଙ୍ଗ ତଥା ଯାନ୍ତ୍ରିକ ଅଂଶଟିକୁ ମଧ୍ୟ ପୂର୍ଣ୍ଣଶକ୍ତି କରି ଗଢ଼ିବା ଲାଗି ଯତ୍ନଶୀଳ ହେବାକୁ ପଡ଼ିବ । ଯେତେବେଳେ ଉଚ୍ଚତର ସତ୍ୟର ପରିପ୍ରକାଶ ଘଟିବ, ସେତେବେଳେ ଯେପରି ତାକୁ ତୁମ ଭିତରେ ଏପରି ମନଟିଏ ମିଳିପାରିବ, ଯାହାକି ଯଥେଷ୍ଟ ପରିମାଣରେ ନମନୀୟ ଏବଂ ଯଥାସମ୍ପନ୍ନ ହୋଇ ରହିଥିବ ଏବଂ ତାହା ଫଳରେ ସିଏ ଆପଣାକୁ ଅଭିବ୍ୟକ୍ତ କରି ଆଣିବାର ପଥ ଖୋଜୁଥିବା ଅମୂର୍ତ୍ତ ଭାବନାଟିକୁ ଆପଣାର ଶକ୍ତିଶାଳିତା ତଥା ସ୍ୱଷ୍ଟତାକୁ ବଜାୟ ରଖି ପାରୁଥିବା ଏକ ଭାବନାମୂର୍ତ୍ତି ପ୍ରଦାନ କରିପାରିବ । ପୁନଶ୍ଚ ଯେତେବେଳେ ଏହି ମୂର୍ତ୍ତ ଭାବନାଟି ମଧ୍ୟ ଆପଣାକୁ ଶବ୍ଦ ଦେଇ ପ୍ରକାଶ କରିବାର ପଥଟିଏ ଖୋଜିବାକୁ ଆରମ୍ଭ କରିବ, ସେତେବେଳେ ତାହା ତୁମ

ଭିତରେ ଯଥେଷ୍ଟ ପରିମାଣର ଏକ ଅଭିବ୍ୟକ୍ତି ଶକ୍ତି ବି ଦେଖିବାକୁ ପାଇବ, ଯେପରିକି ସେହି ଶବ୍ଦଗୁଡ଼ିକ ସେହି ମୂର୍ତ୍ତ ଭାବନାଟିକୁ ଯଥାର୍ଥ ଭାବରେ ଉଦ୍‌ଘାଟିତ କରି ଆଣିପାରିବେ ଏବଂ ତାହାକୁ ଆଦୌ କୌଣସି ପ୍ରକାରେ ବିକୃତ କରିପକାଇବ ନାହିଁ । ଏବଂ, ଯେଉଁ ସୂତ୍ରଟି ମଧ୍ୟରେ ତୁମେ ସତ୍ୟଟିକୁ ଆକାର ଦେଇ ରଖିଥିବ, ସେଇଟି ମଧ୍ୟ ତୁମର ଯାବତୀୟ ଅନୁଭୂତି, ଯାବତୀୟ ସକ୍ରିୟ ଇଚ୍ଛା, ତୁମର ଯାବତୀୟ କର୍ମ ଏବଂ ତୁମ ସତ୍ତାର ଯାବତୀୟ ଗତିସ୍ପନ୍ଦନ ମଧ୍ୟରେ ପ୍ରକାଶିତ ହୋଇଉଠି ପାରୁଥିବ । ଏବଂ ସର୍ବଶେଷରେ, ଏହି ଗତିସ୍ପନ୍ଦନଗୁଡ଼ିକ ମଧ୍ୟ ସତତ ଉଦ୍ୟମ ଦ୍ୱାରା ନିଜ ନିଜର ସର୍ବୋଚ୍ଚ ପରିପୂର୍ଣ୍ଣତା ହାସଲ କରିବାକୁ ସମର୍ଥ ହୋଇପାରୁଥିବେ ।

ଚାରୋଟି ବିଧାନର ପାଳନ କରିବା ଦ୍ୱାରା ଏଗୁଡ଼ିକ ଉପଲବ୍ଧ ହୋଇପାରିବ ଏବଂ ଏଠାରେ ସାଧାରଣ ଭାବରେ ତାହାର ଏକ ସାରାଂଶ ଦିଆଯାଉଛି । ଏହି ଚାରୋଟି ବିଧାନ ବା ଏହି ବିଧାନର ଚାରୋଟିଯାକ ଦିଗ ପରସ୍ପରଠାରୁ ଆଦୌ ଅଲଗା ନୁହନ୍ତି, ଏବଂ ଏକା ସମୟରେହିଁ ସେଗୁଡ଼ିକର ଆଚରଣ କରା ଯାଇପାରିବ । ବସ୍ତୁତଃ, ସେହିପରି କରିବାହିଁ ଅଧିକ ଯୁକ୍ତିଯୁକ୍ତ ହେବ । ସର୍ବପ୍ରଥମେ ଯେଉଁଟିକୁ ଆରମ୍ଭ କରାଯିବ, ଆମେ ସେଇଟିକୁ ଚୈତ୍ୟ ଶୃଙ୍ଖଳା ବୋଲି କହିପାରିବା । ଆମ ସତ୍ତାର ମନୋଭୂମିଗତ କେନ୍ଦ୍ରଟିକୁହିଁ ଆମେ ''ଚୈତ୍ୟ'' ବୋଲି ନାମକରଣ କରିବା । ଏଇଟି ହେଉଛି ଆମ ଭିତରେ ଆମ ସତ୍ତାଗତ ସର୍ବୋଚ୍ଚ ସତ୍ୟଟିର ଆସ୍ଥାନ । ଚୈତ୍ୟ ଏହି ସତ୍ୟଟିର ପରିଚୟ ଲାଭ କରିପାରିବ ଏବଂ ସେଥିରେ ଗତି ଆଣି ଦେଇପାରିବ । ତେଣୁ ସେହି କେନ୍ଦ୍ରଟି ଆମରି ଭିତରେ ଯେ ରହିଛି, ସେହି ବିଷୟରେ ସଚେତନ ହୋଇ ପାରିବା ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ; ଆମେ ଏହି ଉପସ୍ଥିତିଟି ଉପରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖିବା, ଏବଂ ପରିଶେଷରେ ଏହିପରି ଭାବରେ ତାହା ଆମ ଲାଗି ଏକ ଜୀବନ୍ତ ବାସ୍ତବସତ୍ୟରେ ପରିଣତ ହୋଇଯିବ ଏବଂ ଆମେ ମଧ୍ୟ ସେଇଟି ସହିତ ଏକାତ୍ମକତା ଅର୍ଜନ କରି ପାରିବା ।

ଏହି ବୋଧଟିକୁ ଉପଲବ୍ଧି କରିବା ଲାଗି ଏବଂ ଏହି ଏକାତ୍ମକତାଟିକୁ ସମ୍ଭବ କରିବା ଲାଗି ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥଳରେ ଅନେକପ୍ରକାର ମାର୍ଗର ପରାମର୍ଶ ଦିଆଯାଇଛି । କେତୋଟି ମାର୍ଗ ମନୋଭୂମିକୁ ସୂତ୍ର ରୂପେ ଗ୍ରହଣ କରିଛନ୍ତି, କେତେକ ଧର୍ମକୁ ଭିତ୍ତି କରିଛନ୍ତି ଓ ଆଉ କେତେକ କେବଳ କେତୋଟି ବାହ୍ୟ ପ୍ରଣାଳୀରହିଁ ବୟାନ କରିଛନ୍ତି । ମାତ୍ର ପ୍ରକୃତ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁହିଁ ଆପଣାର ଉପଯୋଗୀ ସର୍ବୋତ୍କୃଷ୍ଟ ନିୟମଟିକୁ ଖୋଜି ସ୍ଥିର କରିବାକୁ ପଡ଼ିବ; ଏବଂ, ଯଦି ଆମ ଭିତରେ ଏକ ସନ୍ଦୀପିତ ଏବଂ ଅଟଳ ବିଶ୍ୱାସ ଅଭୀପ୍ସା ରହିଥାଏ, ଯଦି ଏକ ଅଦମ୍ୟ ଓ ଗତିସଚଳ ଇଚ୍ଛାଶକ୍ତି ରହିଥାଏ, ତେବେ ଆମେ ସେହି ଲକ୍ଷ୍ୟରେ ଯାଇ ଉପନୀତ ହେବା ପାଇଁ ଆବଶ୍ୟକ

ହେଉଥିବା ସାହାଯ୍ୟଟିକୁ ଅତ୍ୟନ୍ତ ସୁନିଶ୍ଚିତ ଭାବରେହିଁ ପାଇଯାଇ ପାରିବା; ଯେକୌଣସି ପ୍ରକାରେ ଆମେ ତାହାକୁ ନିଶ୍ଚୟ ପାଇ ପାରିବା, ବାହ୍ୟ କ୍ଷେତ୍ରରେ ପଠନ ଏବଂ ଅଧ୍ୟୟନ ଦ୍ୱାରା ପାଇବା ଏବଂ ଅନ୍ତଃକ୍ଷେତ୍ରରେ ଅଭିନିବେଶ, ଧ୍ୟାନ, ସତ୍ୟୋଦ୍‌ଘାଟନ ଏବଂ ସ୍ୱାନୁଭବ ଦ୍ୱାରା ମଧ୍ୟ ପାଇ ପାରିବା । କେବଳ ଗୋଟାଏ କଥା ସର୍ବଦା ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥିବ : ତାହାକୁ ଆବିଷ୍କାର କରିବା ଲାଗି ଏବଂ ତାହାର ଉପଲବ୍ଧି କରିବା ଲାଗି ଆମ ଭିତରେ ଏକ ଅନୁରୂପ ଇଚ୍ଛା ଅବଶ୍ୟ ରହିଥିବ । ଏହି ଆବିଷ୍କାର ଓ ଏହି ଉପଲବ୍ଧିହିଁ ଆମ ସତ୍ତାର ସର୍ବମୂଳ ଚିନ୍ତା ହୋଇ ରହିଥିବ, ସେହି ଅମୂଲ୍ୟ ରତ୍ନଟିକୁ ଯେକୌଣସି ମୂଲ୍ୟ ଦେଇ ବି ହାସଲ କରିବାହିଁ ଆମର ଧ୍ୟେୟ ହୋଇ ରହିଥିବ । ତୁମେ ଯାହାକିଛି କରୁଥାଅ ନା କାହିଁକି, ତୁମର ଧନ୍ଦା ବା ତୁମର କାର୍ଯ୍ୟକ୍ଷେତ୍ର ଯାହା ହୋଇଥାଉ ନା କାହିଁକି, ତୁମ ସତ୍ତାର ଏହି ଅସଲ ସତ୍ୟଟିକୁ ଆବିଷ୍କାର କରିବା ଏବଂ ସେଇଟି ସହିତ ଆପଣାକୁ ଏକଯୁକ୍ତ କରି ରଖିବା, — ତାହାହିଁ ତୁମର ଯାବତୀୟ କର୍ମ, ଯାବତୀୟ ଅନୁଭୂତି ଏବଂ ଯାବତୀୟ ଭାବନାର ପଛରେ ଜୀବନ୍ତ ହୋଇ ବିଦ୍ୟମାନ ରହିଥିବା ଉଚିତ ।

ଅନ୍ତରାବିଷ୍କାରର ଏହି ଯାତ୍ରାର ଅନୁପୂରକ ରୂପେ, ଆପଣା ମନର ବିକାଶଟିକୁ କେବେହେଲେ ଅବହେଳା ନ କରିବାହିଁ ତୁମର କାମ୍ୟ ହୋଇ ରହିଥିବ । କାରଣ ଆମର ମନୋରୂପୀ ନିମିତ୍ତଟି ଆମର କାର୍ଯ୍ୟରେ ଏକ ବୃହତ୍ ସହାୟକ ରୂପେ କାର୍ଯ୍ୟ କରିପାରିବ, ବା ଏକ ବୃହତ୍ ବାଧା ରୂପେ ବି ଆସି ଠିଆ ହୋଇ ପାରିବ । ଆପଣାର ନିତ୍ୟନୈମିତ୍ତିକ ଅବସ୍ଥାଟିରେ ମନୁଷ୍ୟ ମନର ଦୃଷ୍ଟି ପରିସର ସର୍ବଦା ଭାରି ସୀମାବଦ୍ଧ ହୋଇ ରହିଥାଏ, ଆପଣା ବୋଧସାମର୍ଥ୍ୟର କ୍ଷେତ୍ରରେ ଭାରି ସଂକୀର୍ଣ୍ଣ ହୋଇ ରହିଥାଏ, ଆପଣା ଧାରଣା ଓ କଳ୍ପନାଗୁଡ଼ିକରେ ଭାରି ଦୁର୍ଦମନୀୟ ହୋଇ ରହିଥାଏ; ଏବଂ ତେଣୁ ତାହାକୁ ଅଧିକ ପ୍ରଶସ୍ତ କରିବା ସକାଶେ, ଅଧିକ ପରିମାଣରେ ନମନୀୟ ତଥା ଗଭୀର କରିପାରିବା ସକାଶେ ଏକ ସତତ ଓ ଅବିରାମ ପ୍ରଚେଷ୍ଟା ଆବଶ୍ୟକ ହୁଏ । ତେଣୁ, ଆମେ ପ୍ରତ୍ୟେକ ବିଷୟକୁ ଯେ ଯଥାସମ୍ଭବ ଅଧିକରୁ ଅଧିକ ଦୃଷ୍ଟିକୋଣରୁ ବିଚାର କରିବାର ପ୍ରୟାସ ସର୍ବଦା କରୁଥିବା, ଏହା ଏକାନ୍ତ ଆବଶ୍ୟକ । ଏହି ସାମର୍ଥ୍ୟଟିକୁ ଅର୍ଜନ କରିବା ଲାଗି ଆମେ ଏହି ଅଭ୍ୟାସଟିକୁ ଆଚରଣ କରି ପାରିଲେ ତଦ୍ଦ୍ୱାରା ଆମର ଭାବନାରେ ଅନେକ ପରିମାଣରେ ଏକ ନମନୀୟତା ଏବଂ ଉତ୍ତୋଳନ ସମ୍ଭବ ହୋଇଯାଇ ପାରିବ । ଆମେ ନିମ୍ନଲିଖିତ ପ୍ରକାରେ ସେହି ଅଭ୍ୟାସଟିକୁ କରିବା : କୌଣସି ଏକ ବିଚାରକୁ ସୁଚାରୁ ରୂପେ ସୂତ୍ରବଦ୍ଧ କରି ଆମେ ଆମ ସମ୍ମୁଖରେ ରଖିବା, ସେଇଟିର ସମ୍ମୁଖରେ ତାହାର ଠିକ୍ ବିପରୀତ ବିଚାରଟିକୁ ମଧ୍ୟ ଆଣି ରଖିବା; — ସେହି ବିପରୀତ ବିଚାରଟି ମଧ୍ୟ ସମାନ ଭାବରେ ନିର୍ଭୁଲ ହୋଇ ତିଆରି ହୋଇଥିବ । ତା'ପରେ ସଯତ୍ନ ମନୋନିବେଶ ସହକାରେ

ଆମେ ସମସ୍ୟାଟିକୁ ଅଧିକରୁ ଅଧିକ ପ୍ରସାରିତ କରିଦେବାକୁ ଚେଷ୍ଟା କରିବା ଅଥବା ତାହାକୁ ଆଉ ଗୋଟିଏ ଉଚ୍ଚତର ସ୍ତରକୁ ମଧ୍ୟ ନେଇଯିବାକୁ ଚେଷ୍ଟା କରିବା, — ଯେପରିକି ପରିଶେଷରେ ଆମେ ଏପରି ଏକ ସମନ୍ୱୟରେ ଆସି ଉପନୀତ ହେବା, ଯାହାକି ପ୍ରଥମ ପର୍ଯ୍ୟାୟର ଦୁଇଟିଯାକ ପରସ୍ପର ବିପରୀତ ବିଚାରକୁ ଏକ ବୃହତ୍ତର, ଉଚ୍ଚତର ତଥା ଅଧିକ ସମଗ୍ରବୋଧଯୁକ୍ତ ବିଚାର କଳ୍ପନା ମଧ୍ୟରେ ସଂଯୁକ୍ତ କରି ନେଇ ଆସିବ ।

ଏହିପରି ଆହୁରି ଅନେକ ଅଭ୍ୟାସ ଶୃଙ୍ଖଳାର ଅନୁସରଣ କରାଯାଇ ପାରିବ; ସେଥିମଧ୍ୟରୁ କେତୋଟିର ନିଜର ଚରିତ୍ର ଉପରେ ମଧ୍ୟ ଏକ ଉପକାରୀ ପ୍ରଭାବ ପଡ଼ିଥାଏ ଓ ତେଣୁ ସେଥିରୁ ଆମକୁ ଏକାବେଳେକେ ଦୁଇଟି ଲାଭ ମିଳିଥାଏ ତଦ୍ୱାରା ମନର ପ୍ରଶିକ୍ଷଣ ହୁଏ ଏବଂ ଦ୍ୱିତୀୟତଃ ଆମର ଅନୁଭବ ତଥା ସେଗୁଡ଼ିକର ପରିଣାମ ଉପରେ ବି ଏକ ନିୟନ୍ତ୍ରଣର ପ୍ରତିଷ୍ଠା ହେବା ସମ୍ଭବ ହୋଇଥାଏ । ଉଦାହରଣସ୍ୱରୂପ, ବିଭିନ୍ନ ବସ୍ତୁ ଓ ବିଭିନ୍ନ ମଣିଷଙ୍କ ବିଷୟରେ ବିଚାର କରି ବସିବାକୁ ତୁମେ କେବେହେଲେ ଆପଣାର ମନକୁ କୌଣସି ଅନୁମତି ଦେବ ନାହିଁ । କାରଣ ମନ କଦାପି ଯଥାର୍ଥ ଜ୍ଞାନର ଏକ ସାଧନଯନ୍ତ୍ର ରୂପେ କାର୍ଯ୍ୟ କରି ପାରିବ ନାହିଁ । ଯଥାର୍ଥ ଜ୍ଞାନର ଆବିଷ୍କାର କରିବାକୁ ଏହି ମନ କଦାପି ସମର୍ଥ ହେବ ନାହିଁ, ମାତ୍ର ତାହାକୁ ଜ୍ଞାନ ଦ୍ୱାରା ପରିଚାଳିତ କରିବାକୁହିଁ ପଡ଼ିବ । ମଣିଷର ମନ ବର୍ତ୍ତମାନ ଯେଉଁ ସ୍ତରରେ ରହିଛି, ଜ୍ଞାନ ହେଉଛି ତାହାଠାରୁ ଏକ ଉଚ୍ଚତର ସ୍ତରର ସମ୍ପଦ, ବିଶୁଦ୍ଧ ଭାବନାଗୁଡ଼ିକର ସ୍ତରଠାରୁ ଜ୍ଞାନ ଆହୁରି ଅନେକ ଉଚ୍ଚ ଏକ ସ୍ତରରେ ଅବସ୍ଥିତ ରହିଛି । ସେହି ଊର୍ଦ୍ଧ୍ୱ ଦେଶରୁ ଜ୍ଞାନକୁ ଗ୍ରହଣ କରି ତାହାକୁ ପ୍ରକାଶିତ କରି ପାରିବାକୁ ହେଲେ ଏହି ମନକୁ ନୀରବ ହୋଇଯିବାକୁ ପଡ଼ିବ ଓ ଅଭିନିବିଷ୍ଟ ହୋଇରହିବାକୁ ପଡ଼ିବ । କାରଣ, ମନ ହେଉଛି ସାକାରୀକରଣର ଏକ ଯନ୍ତ୍ର, ସଂଗଠନର ଏବଂ ସକ୍ରିୟତାର ଏକ ଯନ୍ତ୍ର; ଏବଂ ଏହିସବୁ କ୍ରିୟାଶୀଳତାର କ୍ଷେତ୍ରରେହିଁ ତାହା ଆପଣାର ସଂପୂର୍ଣ୍ଣ ମୂଲ୍ୟଟିକୁ ଲାଭ କରିପାରିବ, ଆପଣାର ଯଥାର୍ଥ ଉପଯୋଗିତାଟିକୁ ସାବ୍ୟସ୍ତ କରିପାରିବ ।

ସେହିପରି ଆଉ ଗୋଟିଏ ଅଭ୍ୟାସ ଦ୍ୱାରା ମଧ୍ୟ ଚେତନାର ଅଗ୍ରଗତିରେ ଅତୀବ ସହାୟକ ଫଳମାନ ପ୍ରାପ୍ତ ହୋଇପାରିବ । ଯେତେବେଳେ କୌଣସି ବିଷୟରେ ଆମେ ସହମତ ହୋଇପାରୁ ନ ଥିବା, ଅର୍ଥାତ୍, କୌଣସି ଏକ ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ କି ନାହିଁ ବା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଅନୁସରଣ କରାଯାଇ ପାରିବ କି ନାହିଁ, ଯେତେବେଳେ ସେହି ବିଷୟରେ ଆମେ ସହମତ ହୋଇ ପାରୁ ନ ଥିବା, ସେତେବେଳେ ଆପଣାର ବୋଧସଞ୍ଚାଳନର ଭୂମିରେ ଅଥବା ଆପଣା ଦୃଷ୍ଟିକୋଣର କ୍ଷେତ୍ରରେ ଆମେ କଦାପି କିଳିହୋଇ ବସି ଯିବା ନାହିଁ । ନା, ତା' ନ କରି ଆମେ ଅନ୍ୟ ପକ୍ଷଟିର

ଦୃଷ୍ଟିକୋଣଟିକୁ ବୁଝିବା ଲାଗି ନିଶ୍ଚୟ ଯଥେଷ୍ଟ ଉଦ୍ୟମ କରିବା, ଆମ ନିଜକୁ ଅପର ପକ୍ଷର ସ୍ଥାନରେ ରଖି କଥାଟିର ବିଚାର କରିବାକୁ ଚେଷ୍ଟା କରିବା ଏବଂ, କୌଣସି ପ୍ରକାର କଳହ ଓ ଏପରିକି ଯୁଦ୍ଧରେ ବ୍ୟାପୃତ ନ ରହି ଆମେ ଏପରି ଗୋଟିଏ ସମାଧାନ ଖୋଜି ବାହାର କରିବାକୁ ପ୍ରୟାସ କରୁଥିବା, ଯାହାକି ଉଭୟପକ୍ଷ ଲାଗିହିଁ ଯୁକ୍ତିଯୁକ୍ତ ଭାବରେ ସନ୍ତୋଷବିଧାୟକ ହୋଇ ପାରୁଥିବ; ସଦିଚ୍ଛାସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ ଏଭଳି ଗୋଟିଏ ସମାଧାନ ସର୍ବଦାହିଁ ମହଜୁଦ ରହିଥାଏ ।

ବର୍ତ୍ତମାନ ଆମେ ପ୍ରାଣସ୍ତରର ଶୃଙ୍ଖଳା ବିଷୟରେ କେତେକ କଥା ଉଲ୍ଲେଖ କରିବା । ଆମ ଭିତରେ ଥିବା ପ୍ରାଣିକ ସତ୍ତାଟି ଆମର ଯାବତୀୟ ଅନ୍ତରାବେଗ ଏବଂ ବାସନାର ଏକ ସଦନ ହୋଇ ରହିଥାଏ, ଆମ ଉତ୍ସାହ ଓ ଆମର ଉଗ୍ରତା, ଆମର ଶକ୍ତି ଏବଂ ଘୋର ବିଷାଦାବସ୍ଥାମାନ, ଆମର ଯାବତୀୟ ଉଗ୍ର ଇଚ୍ଛା ଏବଂ ବିଦ୍ରୋହର ସଦନ ହୋଇ ରହିଥାଏ । ସେହି ପ୍ରାଣସତ୍ତା ଆମ ଭିତରର ସବୁକିଛିରେ ବେଗ ଆଣି ଦେଇପାରେ, କେତେ କ'ଣ ଗଢ଼ି ଥୋଇ ଦେଇପାରେ ଓ କେତେ କ'ଣ ଉପଲବ୍ଧି କରିପାରେ, ମାତ୍ର ତାହା ଇଚ୍ଛାକଲେ ସବୁକିଛିକୁ ଧ୍ୱଂସ ବି କରି ଦେଇପାରେ, ପଣ୍ଡ ବି କରିଦିଏ । ତେଣୁ ଏହି ସତ୍ତାଟିକୁ ନିଜର ନିୟନ୍ତ୍ରଣକୁ ଆଣିବା ଜଣେ ମଣିଷ ପାଇଁ ହୁଏତ ସବୁଠାରୁ ଅଧିକ କଷ୍ଟକର ବି ହୋଇପାରେ । ହଁ, ଏଥିଲାଗି ଦୀର୍ଘକାଳ ସକାଶେ ଆୟାସସାଧ୍ୟ ଚେଷ୍ଟାମାନ କରିବାକୁ ପଡ଼ିଥାଏ, ସେଥିଲାଗି ଅତୀବ ଧୈର୍ଯ୍ୟ ଏବଂ ପରିପୂର୍ଣ୍ଣ ନିଷ୍ଠା ଦରକାର ହୁଏ । କାରଣ ନିଷ୍ଠା ନ ଥିଲେ ତୁମେ ଆରମ୍ଭରୁ ନିଜକୁ ପ୍ରବଞ୍ଚିତ କରିବାରେହିଁ ଲାଗିଥିବ ଏବଂ ତେଣୁ ଆଗକୁ ଯିବା ଲାଗି ତୁମର ଯାବତୀୟ ଚେଷ୍ଟା କେବଳ ବୃଥାହିଁ ହୋଇ ଯାଉଥିବ । ମାତ୍ର ଅନ୍ୟ ପକ୍ଷରେ, ସେହି ପ୍ରାଣିକ କ୍ଷେତ୍ରଟିର ସହଯୋଗ ଲାଭକରି ପାରିଲେ ଜୀବନର କୌଣସି ଉପଲବ୍ଧି ଆଉ ଅସମ୍ଭବ ହୋଇ ରହିବ ନାହିଁ, କୌଣସି ପରିବର୍ତ୍ତନ ଏବଂ ରୂପାନ୍ତର ବି ତୁମ ଲାଗି ଅବାସ୍ତବ ବା ଅସାଧ୍ୟ ହୋଇ ରହିବ ନାହିଁ । ମାତ୍ର ଏହି ସତତ ସହଯୋଗଟିକୁ ପାଇବା ହେଉଛି ପ୍ରକୃତରେ ଏକ ସମସ୍ୟା । ପ୍ରାଣିକ ସତ୍ତାକୁ କାମରେ ଲଗାଇ ଦେଇ ପାରିଲେ ତାହା ଅତ୍ୟୁତ୍ତମ କର୍ମଦକ୍ଷତାର ପରିଚୟ ଦେଇଥାଏ, ମାତ୍ର ଅଧିକାଂଶ ସମୟରେ ତାହା କେବଳ ଆପଣାର ଇଚ୍ଛାଗୁଡ଼ାକରହିଁ ତୃପ୍ତିସାଧନ କରିବାରେ ଲାଗିଥାଏ । ସମଗ୍ର ଭାବରେ ହେଉ ବା ଆଂଶିକ ଭାବରେ ବି ହେଉ, ଯଦି ସେହି ତୃପ୍ତିସାଧନକୁ ବାଟରୁ ଛାଡ଼ି ଦିଆ ନ ଯାଏ, ତେବେ ପ୍ରାଣିକ ସତ୍ତା ଭାରି ବିରକ୍ତ ହୋଇଉଠେ, ଏକାବେଳେକେ ରୁଷ୍ଟ ହୋଇପଡ଼େ ଏବଂ ଅସହଯୋଗ କରିବାକୁ ବି ଆରମ୍ଭ କରେ । ସେତେବେଳେ ପ୍ରାୟ ସଂପୂର୍ଣ୍ଣ ଭାବରେହିଁ ତାହାର ଯାବତୀୟ ଶକ୍ତି କୁଆଡ଼େ ଅନ୍ତର୍ହିତ ହୋଇଯାଏ ଏବଂ ତାହା ବଦଳରେ କେବଳ ସବୁ ବ୍ୟକ୍ତି ଓ ସବୁ ପଦାର୍ଥ ବିଷୟରେ ଏକ

ବିରକ୍ତିହିଁ ପ୍ରକାଶ ପାଇବାରେ ଲାଗେ; ତାହା ହତୋତ୍ସାହିତ ହୋଇପଡ଼େ, ବିଦ୍ରୋହ ବି କରେ, ବିଷାଦ ଓ ଅସନ୍ତୋଷ ଭିତରେ ବୁଡ଼ିରହେ । ଏହିସବୁ ସମୟରେ ଆଦୌ କିଛି ନ କରି ନୀରବ ହୋଇ ରହିଯିବାହିଁ ସବୁଠାରୁ ଭଲ; କାରଣ ଠିକ୍ ଏହିଭଳି ସମୟଗୁଡ଼ିକରେହିଁ ମଣିଷ କେତେ କ'ଣ ନିର୍ବୋଧ କାର୍ଯ୍ୟମାନ କରି ବସିଥାଏ, ଏବଂ ତାହାଫଳରେ, ମାସ ମାସର ଅବିଶ୍ରାନ୍ତ ଚେଷ୍ଟା ଦ୍ୱାରା ପ୍ରାପ୍ତ ଅଗ୍ରଗତିଟି ହୁଏତ ମାତ୍ର କେତୋଟି ମୁହୂର୍ତ୍ତରେହିଁ ବିନଷ୍ଟ ଓ ପଣ୍ଡ ହୋଇଯିବାର ଆଶଙ୍କା ମଧ୍ୟ ରହିଥାଏ । ମାତ୍ର, ଯେଉଁମାନେ ଆପଣାର ଚୈତ୍ୟସତ୍ତା ସହିତ ଏକ ସମ୍ପର୍କ ସ୍ଥାପନ କରି ପାରିଥା'ନ୍ତି, ସେମାନଙ୍କ ଜୀବନରେ ଏହିସବୁ ସଙ୍କଟ ଅବସ୍ଥା ଅପେକ୍ଷାକୃତ କମ୍ ସମୟ ପର୍ଯ୍ୟନ୍ତ ରହେ ଓ କମ୍ ବିପଜ୍ଜନକ ବି ହୋଇଥାଏ । କାରଣ, ସେହି ସମ୍ପର୍କଟି ସେମାନଙ୍କ ଭିତରେ ଅଭୀପ୍ସାର ଶିଖାଟିକୁ ପ୍ରଜ୍ୱଳିତ କରି ରଖିବାକୁ, ଉପଲବ୍ଧ ହେବାକୁ ରହିଥିବା ଆଦର୍ଶଟି ବିଷୟରେ ସେମାନଙ୍କୁ ସଚେତନ କରି ରଖିବାକୁ ସମର୍ଥ ହୋଇଥାଏ । ଏହି ଚେତନାଟିର ସାହାଯ୍ୟରେହିଁ ସେମାନେ ଠିକ୍ ଅଝଟ ହୋଇ ବସିଥିବା କୌଣସି ସାନପିଲାର ସମ୍ମୁଖୀନ ହେଲାପରି ଧୈର୍ଯ୍ୟ ଏବଂ ଅଧ୍ୟବସାୟ ସହିତ ସେମାନଙ୍କର ପ୍ରାଣିକ ସତ୍ତାଟିର ବି ସମ୍ମୁଖୀନ ହୋଇ ପାରନ୍ତି । ସେମାନେ ଅସଲ ସତ୍ୟ ଓ ଅସଲ ଆଲୋକଟିକୁ ତାହାର ସମ୍ମୁଖରେ ଉତ୍ତୋଳିତ କରି ଧରନ୍ତି, ତାହାର ହୃଦ୍‌ବୋଧ କରାଇବାକୁ ଚେଷ୍ଟା କରନ୍ତି ଏବଂ କିୟତ୍‌କାଳ ଲାଗି ଆବରଣ ଭିତରେ ରହିଯାଇଥିବା ସଦିଚ୍ଛାଟିକୁ ତାହା ମଧ୍ୟରେ ଜାଗ୍ରତ କରି ଆଣନ୍ତି । ଧୈର୍ଯ୍ୟର ସହିତ ଏହିପରି ଭାବରେ ସକ୍ରିୟ ହୋଇ ହସ୍ତକ୍ଷେପ କରି ପାରିଲେ ପ୍ରତ୍ୟେକ ସଙ୍କଟ ଅବସ୍ଥାକୁ ଏକ ନୂତନ ଅଗ୍ରଗତି ଲାଗି ଅନୁକୂଳ କରି ଆଣିବା ସମ୍ଭବ ହୋଇଥାଏ, ଲକ୍ଷ୍ୟ ଅଭିମୁଖରେ ଆହୁରି ଏକ ପାଦ ଯାଇପାରିବା ବି ସମ୍ଭବ ହୁଏ । ଏହି ଅଗ୍ରଗତି ହୁଏତ ମନ୍ଥର ଗତିରେ ହୋଇପାରେ, ହୁଏତ ବାରବାର ପୁନଃସ୍ଖଳନ ବି ଘଟିପାରେ; ମାତ୍ର ଯଦି ଆମେ ସାହସର ସହିତ ଆମର ଇଚ୍ଛାରେ ଅବିଚଳିତ ହୋଇ ରହିପାରୁ, ତେବେ ସୁନିଶ୍ଚିତ ଭାବରେ ଦିନେ ନା ଦିନେ ଅବଶ୍ୟ ବିଜୟ ପ୍ରାପ୍ତ ହୁଏ । ଯାବତୀୟ ଅସୁବିଧା କୁଆଡ଼େ ଅନ୍ତର୍ହିତ ହୋଇଯାଏ ଏବଂ ସତ୍ୟଚେତନାର ପରମ ଜ୍ୟୋତିରୁଦ୍‌ଭାସ ସମ୍ମୁଖରେ କୁଆଡ଼େ ମିଳାଇ ଯାଇ ଶେଷ ହୋଇଯାଏ ।

ପରିଶେଷରେ ଏକ ବୁଦ୍ଧିସଙ୍ଗତ ଓ ବିବେକପୂର୍ଣ୍ଣ ଶାରୀରିକ ଶିକ୍ଷା ଦ୍ୱାରା ଆମକୁ ଆମର ଶରୀରକୁ ବି ବଳଯୁକ୍ତ ଓ ନମନୀୟ କରି ରଖିବାକୁ ପଡ଼ିବ, ଯାହା ଫଳରେ କି ଆମରି ମାଧ୍ୟମରେ ଆପଣାକୁ ପ୍ରକଟିତ କରି ଆଣିବାକୁ ଇଚ୍ଛା କରୁଥିବା ସତ୍ୟଚେତନାଟି ଲାଗି ଏହି ଭୌତିକ ଜଗତର ସେହି ଶରୀର ଏକ ଯୋଗ୍ୟ ଯନ୍ତ୍ର ରୂପେ କାର୍ଯ୍ୟ କରିପାରିବ ।

ପ୍ରକୃତ କଥା ହେଉଛି, ଶରୀର ବୋଲ ବତାଇବ ନାହିଁ, ବୋଲ ମାନିବ । ଶରୀର

ସ୍ୱଭାବତଃ ଆଦୌ କୌଣସି ପ୍ରତିବାଦ ନ କରି ଏକ ନିଷ୍ଠାପର ଭୃତ୍ୟରୂପେହିଁ କାର୍ଯ୍ୟ କରିବାକୁ ଆସିଥାଏ । ମାତ୍ର, ଦୁର୍ଭାଗ୍ୟବଶତଃ, ତା' ଭିତରେ ସ୍ୱୟଂ ବିବେଚନା କରିବାର ଆଦୌ କୌଣସି ଶକ୍ତି ନ ଥାଏ; ତାହାର ଦୁଇ ଖାମିନ୍ଦ, ଅର୍ଥାତ୍ ମାନସିକ ଏବଂ ପ୍ରାଣିକ ସତ୍ତା ବିଷୟରେ ତାହାର ଯେଉଁ ବିବେଚନା-ଶକ୍ତି ରହିବା ଉଚିତ, ସେଇଟି ତା'ଠାରେ ମୋଟେ ନ ଥାଏ । ସିଏ କେବଳ ଅନ୍ଧଭାବରେହିଁ ସେମାନଙ୍କର ଆଦେଶ ପାଳନ କରୁଥାଏ, ସେଥିଲାଗି ଆପଣାର ଅନେକ ଭଲରୁ ବି ତାକୁ ବଞ୍ଚିତ ହୋଇ ରହିବାକୁ ପଡ଼େ । ମନର କେତେକ ବଦ୍ଧମୂଳ ମତ ରହିଥାଏ, ଅନମନୀୟ ଓ ସ୍ୱେଚ୍ଛାଚାଳିତ କେତୋଟି ସିଦ୍ଧାନ୍ତ ରହିଥାଏ । ପ୍ରାଣିକ ସତ୍ତାର ଆପଣାର ତୀବ୍ର ଓ ପ୍ରବଳ ଆବେଗମାନ ରହିଥାଏ, ତାହାର ନାନା ମାତ୍ରାଧିକ୍ୟ ଓ ଅପବ୍ୟୟ ବି ରହିଥାଏ; ଏବଂ ସେହି ଦୁହେଁହିଁ ଏହିପରି ଭାବରେ ଶରୀରର ସ୍ୱାଭାବିକ ଭାରସାମ୍ୟଟିକୁ ଅଚିରେ ଏକାବେଳେକେ ବିନଷ୍ଟ କରି ପକାନ୍ତି ଏବଂ ତା' ଭିତରେ ନାନା କ୍ଳାନ୍ତି, ଅବସନ୍ନତା ଏବଂ ରୁଗ୍ଣତାକୁ ଆଣି ପୂରାଇ ଦିଅନ୍ତି । ତେଣୁ ଆଗ ଶରୀରକୁ ଏହି ଉତ୍‌ପୀଡ଼ନରୁ ମୁକ୍ତ କରିବାକୁ ପଡ଼ିବ । ସତ୍ତାର ଚୈତ୍ୟ କେନ୍ଦ୍ରଟି ସହିତ ସତତ ଏକଯୁକ୍ତ ହୋଇ ରହିପାରିଲେ ଯାଇ ଏହା ସମ୍ଭବ ହୋଇ ପାରିବ । ଶରୀର ଭିତରେ ଅନୁକୂଳନ ଏବଂ ସହିଷ୍ଣୁତା ଲାଗି ଏକ ଅଦ୍‌ଭୁତ ଶକ୍ତି ରହିଛି । ଶରୀର ଯେତିକି କାର୍ଯ୍ୟ କରିପାରିବ ବୋଲି ଆମେ ସାଧାରଣତଃ କଳ୍ପନା କରିଥାଉ, ଶରୀର ପ୍ରକୃତରେ ତାହାଠାରୁ ଆହୁରି ଅନେକ ଅଧିକ କାର୍ଯ୍ୟ କରିପାରିବ । ବର୍ତ୍ତମାନ ଯେଉଁ ସ୍ୱେଚ୍ଛାଚାରୀ ଉପାଦାନ ଦୁଇଟି ଶରୀର ଉପରେ ଖାମିନ୍ଦ ହୋଇ ବସିଛନ୍ତି, ଯଦି ତାହା ବଦଳରେ ସତ୍ତାର କେନ୍ଦ୍ରରେ ରହିଥିବା ଅସଲ ସତ୍ୟଟିହିଁ ଶରୀରର ପରିଚାଳନା କରିବାର ସୁଯୋଗ ପାଏ, ସେତେବେଳେ ଶରୀର ଯେତେଯେତେ କାର୍ଯ୍ୟ କରିବାକୁ ସମର୍ଥ ହେବ, ତୁମେ ସେହି କଥା ଦେଖି ପ୍ରକୃତରେ ଅବାକ୍‌ହିଁ ହୋଇଯିବ । ସେତେବେଳେ ଶରୀର ଶାନ୍ତ ଓ ସ୍ଥିର ହୋଇ ରହିପାରିବ, ସବଳ ଏବଂ ସନ୍ତୁଳିତ ହୋଇ ରହିପାରିବ, ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ତା'ଠାରୁ ଯେତିକି ଉଦ୍ୟମର ପ୍ରତ୍ୟାଶା କରା ଯାଉଥିବ, ସିଏ ସେହି ଉଦ୍ୟମଟିକୁ କରିବା ଲାଗି ସମର୍ଥ ହୋଇ ପାରୁଥିବ । କାରଣ, ସେତେବେଳେ ତାହା ସକ୍ରିୟ ରହି ମଧ୍ୟ ବିଶ୍ରାମ ଗ୍ରହଣ କରିବା ପାଇଁ ଏବଂ ସଚେତନ ଏବଂ ଉପଯୋଗୀ ଭାବରେ ବ୍ୟୟିତ ହେଉଥିବା ଶକ୍ତିର ପୁନରାହରଣ କରି ପାରିବା ପାଇଁ ସମର୍ଥ ହେଉଥିବ । ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ରହିଥିବା ତା'ର ସଂସ୍ପର୍ଶରୁହିଁ ତାହା ସେପରି କରି ପାରୁଥିବ । ଏହି ସୁସ୍ଥ ତଥା ଭାରସାମ୍ୟଯୁକ୍ତ ଜୀବନଯାପନ ଦ୍ୱାରା ଏକ ନୂତନ ସୁସମଞ୍ଜସତା ଶରୀର ଭିତରେ ପ୍ରକଟ ହୋଇ ଆସିବ । ତାହା ଉଚ୍ଚତର ଭୂମିଗୁଡ଼ିକର ସୁସମଞ୍ଜସତାଟିକୁ ପ୍ରତିଫଳିତ କରାଇ ରଖିଥିବ, ଏବଂ ତାହାରି ଫଳରେ ଏକ ସୁସମ୍ପୂର୍ଣ୍ଣ ଆନୁପାତିକତା ଏବଂ ଆଦର୍ଶ ଗଠନ-

ସୌନ୍ଦର୍ଯ୍ୟର ଅଧିକାରୀ ହୋଇ ରହିଥିବ । ଏବଂ ଏହି ସୁସମଞ୍ଜସତାରେ ଉତ୍ତରୋତ୍ତର ବିକାଶ ବି ସମ୍ଭବ ହେଉଥିବ; କାରଣ ସତ୍ତାର ଯଥାର୍ଥ ସତ୍ୟଟି କେବେହେଲେ ସ୍ଥାଣୁ ହୋଇ ରହି ଯାଏ ନାହିଁ; ଏହି କ୍ଷେତ୍ରରେ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକ ପରିପୂର୍ଣ୍ଣତା ନିଜକୁ ସତତ ଉନ୍ମୋଚିତ କରିଦେବାରେ ଲାଗିଥାଏ । ସେହି ପରିପୂର୍ଣ୍ଣତା କ୍ରମଶଃ ଅଧିକରୁ ଅଧିକ ସମଗ୍ର ଏବଂ ବ୍ୟାପକ ହେବାରେ ଲାଗିଥାଏ । ଉତ୍ତରୋତ୍ତର ବୃଦ୍ଧିଲାଭ କରୁଥିବା ଏହି ସୁସମଞ୍ଜସତାଟିର ଅନୁସରଣ କରିବାକୁ ଶିକ୍ଷା କରିବା ସଙ୍ଗେ ସଙ୍ଗେ ରୂପାନ୍ତରିତ ହେବାର ଏକ ଅବିଚ୍ଛିନ୍ନ ପ୍ରକ୍ରିୟା ଦ୍ୱାରା ଶରୀର କ୍ଷୟ ଏବଂ ବିନାଶପ୍ରାପ୍ତିର ଅବଶ୍ୟମ୍ଭାବିତା ଦ୍ୱାରା ବାଧ ହେବାରୁ ଆପଣାକୁ ମୁକ୍ତ କରିନେଇ ପାରିବ । ଏବଂ ତା'ପରେ ମୃତ୍ୟୁର ସେହି ଅଲଂଘ୍ୟ ବିଧାନଟିର ବି ତିଷ୍ଠି ରହିବା ଲାଗି ଆଉ କୌଣସି କାରଣ ରହିବ ନାହିଁ ।

ଆମର ଲକ୍ଷ୍ୟ ହୋଇ ରହିଥିବା ପରିପୂର୍ଣ୍ଣତାର ଏହି ମାତ୍ରାଟି ପାଖରେ ଆସି ଉପନୀତ ହୋଇଗଲେ ଆମେ ଏକଥାଟି ମଧ୍ଯ ବୁଝି ପାରିବାକୁ ଆରମ୍ଭ କରିବା ଯେ ଆମେ ଯେଉଁ ସତ୍ୟଟିକୁ ଖୋଜୁଛୁ, ତାହାର ଚାରୋଟି ପ୍ରଧାନ ଦିଗ ରହିଛି । ସେହି ଦିଗଗୁଡ଼ିକ ହେଉଛି : ପ୍ରେମ, ଜ୍ଞାନ, ଶକ୍ତି ଏବଂ ସୌନ୍ଦର୍ଯ୍ୟ । ପରମସତ୍ୟର ଏହି ଚାରୋଟିଯାକ ଦିଗ ସେତେବେଳେ ଆମରି ସତ୍ତାରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ଅଭିବ୍ୟକ୍ତ ହୋଇଉଠିବ । ଆମର ଚୈତ୍ୟସତ୍ତା ଯଥାର୍ଥ ଏବଂ ଶୁଦ୍ଧ ପ୍ରେମର ବାହନ ହୋଇ ରହିବ, ଆମର ମନ ଭ୍ରମରହିତ ଜ୍ଞାନର ବାହନ ହେବ, ପ୍ରାଣିକ ସତ୍ତାରେ ଏକ ଅଜେୟ ଶକ୍ତି ଏବଂ ବଳ ପ୍ରକଟ ହୋଇଉଠିବ ଏବଂ ଆମର ଶରୀର ମଧ୍ଯ ଏକ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଏବଂ ସୁସମଞ୍ଜସତାର ପ୍ରକାଶରୂପ ରୂପେ ବିକାଶ ଲାଭ କରିବ ।

*ବୁଲେଟିନ୍, ନଭେମ୍ବର ୧୯୫୦*

# ଶିକ୍ଷା

ଜଣେ ମନୁଷ୍ୟର ଶିକ୍ଷା ତା'ର ଜନ୍ମ ସମୟରୁହିଁ ଆରମ୍ଭ ହୋଇ ସମଗ୍ର ଜୀବନଯାକ ଅବିଚ୍ଛିନ୍ନ ହୋଇ ଲାଗି ରହିଥିବା ଉଚିତ ।

ହଁ, ଯଦି ଏହି ଶିକ୍ଷାର ଆମ ଜୀବନ ଉପରେ ସର୍ବାଧିକ ଫଳ ଫଳୁ ବୋଲି ଆମେ ଇଚ୍ଛା କରୁଥିବା, ତେବେ ଆମର ଜନ୍ମ ହେବା ପୂର୍ବରୁ ମଧ୍ୟ ଏହି ଶିକ୍ଷା ଆରମ୍ଭ ହୋଇଯିବା ଉଚିତ । ଏହି କ୍ଷେତ୍ରରେ ଜନ୍ମ ହେବାକୁ ଯାଉଥିବା ପିଲାଟିର ମାଆକୁହିଁ ଏହି ଶିକ୍ଷାକ୍ରମଟିକୁ ଆରମ୍ଭ କରିବାକୁ ହୋଇଥାଏ ଓ ତାହାକୁ ସେ ଦୁଇଟି କାର୍ଯ୍ୟର ମାଧ୍ୟମରେ କରିଥାଏ : ପ୍ରଥମତଃ, ଆପଣାର ଉନ୍ନତି ସକାଶେ ତାକୁ କେତୋଟି କାର୍ଯ୍ୟ କରିବାକୁ ହୁଏ; ଏବଂ ଦ୍ୱିତୀୟତଃ, ତା'ର ଗର୍ଭରେ ଯେଉଁ ଶିଶୁଟିର ଶରୀର ଗଠନ ହେଉଛି, ତା' ଲାଗି ମଧ୍ୟ କେତୋଟି କାର୍ଯ୍ୟ କରିବାକୁ ହୋଇଥାଏ । କାରଣ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ପିଲାଟି ମାଆର ଗର୍ଭରୁ ସଂସାରରେ ଭୂମିଷ୍ଠ ହେବାକୁ ଯାଉଛି, ତାହାର ସ୍ୱଭାବଟି ଅନେକ ପରିମାଣରେ ତାହାକୁ ଆକାର ଦେଇ ତିଆରି କରୁଥିବା ମାଆ ଉପରେହିଁ ନିର୍ଭରଶୀଳ ହୋଇ ରହିଥାଏ । ତାହା ସେହି ମାଆର ଆସ୍ପୃହା, ଇଚ୍ଛାଶକ୍ତି ତଥା ସିଏ ବାସକରୁଥିବା ବାହ୍ୟ ବାତାବରଣଟି ଉପରେ ନିର୍ଭରଶୀଳ ହୋଇ ରହିଥାଏ । ତେଣୁ, ମାଆର ଭାବନାଗୁଡ଼ିକ ଯେ ସବୁବେଳେ ସୁନ୍ଦର ଏବଂ ଶୁଦ୍ଧ ହେବ, ତା'ର ଅନୁଭବମାନ ଉଚ୍ଚ ଏବଂ ନିର୍ମଳ ହୋଇଥିବ ଏବଂ ସିଏ ଯେଉଁ ବାହ୍ୟ ବାତାବରଣଟି ମଧ୍ୟରେ ରହିଛି; ତାହା ଯଥାସମ୍ଭବ ସୌଷମ୍ୟଯୁକ୍ତ ବି ହୋଇଥିବ, ଅତ୍ୟନ୍ତ ସରଳ ହୋଇଥିବ, — ଆମକୁ ଏହି କଥାଗୁଡ଼ିକ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଶିକ୍ଷାର ଏହି ଅଂଶଟି ସ୍ୱୟଂ ମାଆର ଜୀବନ ଲାଗି ଗ୍ରହଣ କରାଯିବ । ଏବଂ, ସିଏ କଳ୍ପନା କରି ପାରୁଥିବା ସର୍ବୋଚ୍ଚ ଆଦର୍ଶଟି ଅନୁସାରେ ଆପଣାର ଗର୍ଭସ୍ଥ ପିଲାଟିକୁ ତିଆରି କରିବାର ଯଦି ଏକ ସଚେତନ ଏବଂ ନିର୍ଦ୍ଦିଷ୍ଟ ଇଚ୍ଛାଶକ୍ତି ମାଆ ଭିତରେ ରହିଥାଏ, ତେବେ ସେଥିଲାଗି ସର୍ବୋତ୍କୃଷ୍ଟ ପରିବେଶଗୁଡ଼ିକୁହିଁ ସମ୍ଭବ କରିପାରିବାକୁ ହେବ, ଯେପରିକି ଆପଣାର ସର୍ବାଧିକ ସମ୍ଭାବନାଗୁଡ଼ିକୁ ନିଜ ଭିତରେ ବହନ କରି ପିଲାଟି ଏହି ଜଗତରେ ଭୂମିଷ୍ଠ ହୋଇ ପାରିବ । ଏହିପରି ଭାବରେ ଆମେ ପ୍ରକୃତରେ ଆୟାସକର ଅନେକ ଉଦ୍ୟମ ଏବଂ ଅନାବଶ୍ୟକ ଅନେକ ଜଟିଳତାକୁ ନିଶ୍ଚୟ ଏଡ଼ି ପାରିବାକୁ ସମର୍ଥ ହେବା ।

ଯେକୌଣସି ଶିକ୍ଷାକ୍ରମକୁ ପରିପୂର୍ଣ୍ଣ ହେବାକୁ ହେଲେ ସେଥିରେ ମନୁଷ୍ୟର ପାଞ୍ଚୋଟି ପ୍ରମୁଖ କ୍ରିୟାକ୍ଷେତ୍ର ଅନୁସାରେ ପାଞ୍ଚୋଟି ବିଭିନ୍ନ ଦିଗ ଅବଶ୍ୟ ରହିବା ଉଚିତ ।

ସେହି ପାଞ୍ଚୋଟି ଦିଗ ହେଉଛି : ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟ ଏବଂ ଆଧ୍ୟାତ୍ମିକ । ଶିକ୍ଷାର ଏହି କ୍ରମଗୁଡ଼ିକ ସାଧାରଣତଃ ବ୍ୟକ୍ତିର ବିକାଶକ୍ରମଗୁଡ଼ିକ ଅନୁସାରେ ଗୋଟିଏ ପରେ ଗୋଟିଏ ହୋଇ ଆସିଥାଏ । ଅବଶ୍ୟ ଏହାର କଦାପି ଏପରି ଅର୍ଥ ହେବ ନାହିଁ ଯେ ଗୋଟିଏ ଶେଷ ହୋଇଗଲେ ତାହାକୁ ବାଦ୍ ଦେଇ ଆଉ ଗୋଟିଏ ଆସି ତାହାର ସ୍ଥାନ ଅଧିକାର କରିବ । ଏହାର ପ୍ରକୃତ ଅର୍ଥ ହେଉଛି ଯେ ଏହି ସବୁଗୁଡ଼ିକ ଏକାବେଳେକେ ଅବିଚ୍ଛିନ୍ନ ଭାବରେହିଁ ଚାଲିଥିବ ଏବଂ ଜୀବନ ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକ ପରସ୍ପରର ପରିପୂରକ ହୋଇ ରହିଥିବେ ।

ଏଠାରେ ଆମେ ଶିକ୍ଷାର ସେହି ପାଞ୍ଚୋଟି ଦିଗ ଉପରେ କ୍ରମାନ୍ୱୟରେ ଆଲୋଚନାକରିବା ଏବଂ ସେଗୁଡ଼ିକ ମଧ୍ୟରେ ରହିଥିବା ପାରସ୍ପରିକ ସମ୍ବନ୍ଧଗୁଡ଼ିକ ବିଷୟରେ ବି ଆଲୋଚନା କରିବା । ମାତ୍ର ବିଷୟଟିର ବିସ୍ତୃତ ଆଲୋଚନାରେ ପ୍ରବେଶ କରିବା ପୂର୍ବରୁ ମୁଁ ଆଗ ପିତାମାତାମାନଙ୍କୁ ଗୋଟିଏ ପରାମର୍ଶ ଦେବାକୁ ଇଚ୍ଛା କରୁଛି । ପିଲାମାନଙ୍କ ଲାଗି ଯେଉଁ ଯଥାର୍ଥ ଶିକ୍ଷା ଉପଲବ୍ଧ ହୋଇପାରିବା ଉଚିତ, ନାନା କାରଣରୁ ଅଧିକାଂଶ ପିତାମାତା ସେ ବିଷୟରେ ପ୍ରାୟ କିଛି ଚିନ୍ତା କରନ୍ତି ନାହିଁ । ସେମାନେ ଭାବନ୍ତି, ସେମାନେ ଗୋଟିଏ ଶିଶୁକୁ ଏହି ସଂସାରରେ ଭୂମିଷ୍ଠ କରାଇଛନ୍ତି, ତାକୁ ଖାଇବାକୁ ଖାଦ୍ୟ ଦେଇଛନ୍ତି, ତାହାର ଜାଗତିକ ନାନା ଆବଶ୍ୟକତାକୁ ପୂରଣ କରିଛନ୍ତି ଓ ଅଳ୍ପ ବହୁତ ଯତ୍ନ ସହିତ ତା'ର ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ ଦୃଷ୍ଟି ଦେଇଛନ୍ତି, ଏବଂ ଏହିସବୁ କରିହିଁ ସେମାନେ ଆପଣାର ସବୁକିଛି କର୍ତ୍ତବ୍ୟ କରି ସାରିଛନ୍ତି । ହଁ, ଆଉ କିଛି ଦିନ ଗଲେ ସେମାନେ ପିଲାଟିକୁ ସ୍କୁଲକୁ ପଠାଇଦେବେ ଏବଂ ସେଠାରେ ଥିବା ଶିକ୍ଷକମାନଙ୍କ ଉପରେ ତା'ର ଶିକ୍ଷାର ସମସ୍ତ ଦାୟିତ୍ୱ ନେଇ ଅର୍ପଣ କରିଦେବେ ।

ମାତ୍ର, ଏପରି ଅନ୍ୟ ପିତାମାତା ମଧ୍ୟ ରହିଛନ୍ତି, ଯେଉଁମାନେ କି ସେମାନଙ୍କର ପିଲାମାନଙ୍କୁ ଉଚିତ ଶିକ୍ଷା ଅବଶ୍ୟ ଦିଆଯିବା ବିଷୟରେ ସଂପୂର୍ଣ୍ଣ ସଜ୍ଞାନ ରହିଥା'ନ୍ତି ଏବଂ ସେଥିଲାଗି ଯଥାସାଧ୍ୟ ଚେଷ୍ଟା ମଧ୍ୟ କରିଥା'ନ୍ତି । ମାତ୍ର, ଗୋଟିଏ ପିଲାକୁ ଶିକ୍ଷା ଦେବାକୁ ହେଲେ, ସର୍ବପ୍ରଥମେ ନିଜକୁ ଯେ ଯଥେଷ୍ଟ ଭାବରେ ସଚେତନ ହୋଇ ରହିବାକୁ ପଡ଼ିବ ଓ ପିଲା ଆଗରେ ଏକ ମନ୍ଦ ଦୃଷ୍ଟାନ୍ତ ହୋଇ ରହିବାଭଳି କୌଣସି କାର୍ଯ୍ୟ ସେମାନେ ଯେପରି କଦାପି ନ କରିବେ, ସେଥିଲାଗି ନିଜକୁ ଯେ ସଂପୂର୍ଣ୍ଣ ଭାବରେ ନିଜର ନିୟନ୍ତ୍ରଣରେ ରଖିବାକୁ ପଡ଼ିବ, ଖୁବ୍ କମ୍ ପିତାମାତା ସେକଥା ଜାଣିଥା'ନ୍ତି; ଏପରିକି ସବୁଠାରୁ ଅଧିକ କର୍ତ୍ତବ୍ୟସଚେତ ଓ ନିଷ୍ଠାପର ପିତାମାତାମାନେ ବି ସେହି ବିଷୟରେ ଅଜ୍ଞ ରହିଥା'ନ୍ତି । କାରଣ, ସର୍ବୋପରି ଦୃଷ୍ଟାନ୍ତ ଦ୍ୱାରାହିଁ ଶିକ୍ଷା ସବୁଠାରୁ ଅଧିକ ପରିମାଣରେ ଫଳପ୍ରସୂ ହୋଇଥାଏ । ଆମେ ପିଲାକୁ ଯାହାସବୁ ଶିକ୍ଷା ଦେଉ, ଯଦି ଆମେ ସେଗୁଡ଼ିକୁ ନିଜେ

ଆଚରଣ କରି ସେଗୁଡ଼ିକ ବିଷୟରେ ଦୃଷ୍ଟାନ୍ତ ନ ଦେଖାଇ ପାରିବା, ତେବେ ପିଲାକୁ ଭଲ ଭଲ କଥା କହିବା ଏବଂ ଭଲ ଭଲ ଉପଦେଶ ଦେବାର ପ୍ରକୃତରେ ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ । କର୍ତ୍ତବ୍ୟନିଷ୍ଠା, ସାଧୁତା, ସ୍ପଷ୍ଟବାଦିତା, ସାହସ, ନିର୍ଲୋଭତା, ନିଃସ୍ୱାର୍ଥପରତା, ଧୈର୍ଯ୍ୟ, ସହିଷ୍ଣୁତା, ଅଧ୍ୟବସାୟ, ସ୍ଥିରତା, ଶାନ୍ତି ଏବଂ ଆତ୍ମସଂଯମ – ଏସବୁ ବିଷୟରେ ବଢ଼ିଆ ବକ୍ତୃତାମାନ ନ ଦେଇ ନିଜେ ସେସବୁର ଦୃଷ୍ଟାନ୍ତ ଦେଖାଇ ପାରିଲେହିଁ ପିଲାକୁ ଏଗୁଡ଼ିକର ଶିକ୍ଷା ଦେବା ଅନନ୍ତ ଗୁଣରେ ଅଧିକ ଫଳପ୍ରଦ ହୋଇଥାଏ । ଯେଉଁଠି ପିତାମାତା ହିସାବରେ ତୁମର କୌଣସି ଉଚ୍ଚ ଆଦର୍ଶ ରହିଥାଏ ଏବଂ ତୁମେ ସବୁବେଳେ ସେହି ଆଦର୍ଶଟି ଅନୁସାରେହିଁ ଯାବତୀୟ କାର୍ଯ୍ୟ କରୁଥାଅ, ତେବେ ତୁମେ ସେହି କ୍ଷେତ୍ରରେ ଅବଶ୍ୟ ଦେଖିବାକୁ ପାଇବ ଯେ ତୁମର ପିଲା ତା' ନିଜ ଜୀବନରେ ମଧ୍ୟ ଅଳ୍ପ ଅଳ୍ପ କରି ସେହି ଆଦର୍ଶର ପ୍ରତିଫଳନ କରିବ, ଏବଂ ତା'ର ସ୍ୱଭାବରେ ଯେଉଁସବୁ ଗୁଣର ଅଭିବ୍ୟକ୍ତି ହେଉ ବୋଲି ତୁମେ ଇଚ୍ଛା କରୁଥିବ, ସିଏ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ସବୁ ଗୁଣର ବିକାଶ କରାଇ ଆଣିବ । ନିଜ ବାପାମାଆଙ୍କ ପ୍ରତି ପ୍ରତ୍ୟେକ ପିଲାର ଅତ୍ୟନ୍ତ ସ୍ୱାଭାବିକ ଭାବରେ ସମ୍ମାନ ଓ ଶ୍ରଦ୍ଧା ରହିଥାଏ; ସେମାନେ ନିତାନ୍ତ ଅଯୋଗ୍ୟ ନ ହୋଇଥିଲେ ପିଲାମାନେ ସେମାନଙ୍କୁ ପ୍ରାୟ ଗୋଟିଏ ଗୋଟିଏ ଦେବତା ପରି ଦେଖନ୍ତି ଏବଂ ଯଥାଶକ୍ତି ସେମାନଙ୍କର ଅନୁକରଣ କରିବାକୁ ଚେଷ୍ଟା କରନ୍ତି ।

ଅଳ୍ପ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ, ପିତାମାତାମାନଙ୍କର ଦୋଷ, ପ୍ରଚଣ୍ଡ ନାନା ଆବେଗ, ଦୁର୍ବଳତା ଏବଂ ଆତ୍ମ-ନିୟନ୍ତ୍ରଣର ଅଭାବ ପ୍ରଭୃତିର କେତେ ମାରାତ୍ମକ ପ୍ରଭାବ ଯେ ସେମାନଙ୍କର ପିଲାମାନଙ୍କ ଉପରେ ପଡ଼ିଥାଏ, ଅନେକ ବାପାମାଆ ସେ ବିଷୟରେ ମୋଟେ ସଜ୍ଞାନ ନ ଥା'ନ୍ତି । ତୁମ ପିଲା ତୁମକୁ ସମ୍ମାନ ପ୍ରଦର୍ଶନ କରୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମ ନିଜକୁ ମଧ୍ୟ ନିଜ ପ୍ରତି ସମ୍ମାନ ରଖିବାକୁ ହେବ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେହିଁ ସେହି ସମ୍ମାନର ଯୋଗ୍ୟ ହୋଇ ରହିବାକୁ ହେବ । ତେଣୁ, ତୁମେ କେବେହେଲେ ନିଜର କର୍ତ୍ତୃତ୍ୱ ଜାରି କରିବାକୁ ଯିବ ନାହିଁ, କେବେହେଲେ ସ୍ୱେଚ୍ଛାଚାରୀ ହେବ ନାହିଁ, ଧୈର୍ଯ୍ୟ ହରାଇ ପକାଇବ ନାହିଁ କିଂବା ରାଗି ଯିବ ନାହିଁ । ତୁମ ପିଲା ଯେତେବେଳେ ତୁମକୁ କୌଣସି ପ୍ରଶ୍ନ ପଚାରୁଥିବ, ସେତେବେଳେ ସେ ତୁମ କଥା ବୁଝି ପାରିବ ନାହିଁ ବୋଲି ଆଳ ଦେଖାଇ ତୁମେ କଦାପି ତାହାର କୌଣସି ନିର୍ବୋଧ ବା ନିରର୍ଥକ ଉତ୍ତର ଦେଇ କାମ ସାରିଦେବାକୁ ଚେଷ୍ଟା କରିବ ନାହିଁ । ଟିକିଏ ଯଥେଷ୍ଟ ଚେଷ୍ଟା କଲେ ପିଲା ତୁମ କଥା ନିଶ୍ଚୟ ବୁଝିପାରିବ; ଏବଂ, ସବୁବେଳେ ପିଲାକୁ ସତ କଥା କହିବା ଆଦୌ ଭଲ ନୁହେଁ ବୋଲି ଏକ ଲୋକାପବାଦ ରହିଥିଲେ ମଧ୍ୟ, ମୁଁ ତଥାପି କହିବି ଯେ ସତ କଥା କହିବାହିଁ ସବୁବେଳେ ଅଧିକ ଶ୍ରେୟସ୍କର । ମାତ୍ର, ଅସଲ କଥା

ହେଉଛି, ସେହି କଥାଟିକୁ ଆମେ ଏପରି ଭାବରେ କହିବା, ତାହା ଯେପରିକି ଉଦ୍ଦିଷ୍ଟ ବ୍ୟକ୍ତିର ମନ ଭିତରେ ପ୍ରବେଶ କରିପାରିବ । ପିଲା ସମୟରେ, ଅର୍ଥାତ୍ ପିଲାକୁ ବାର, ଚଉଦ ବର୍ଷ ହେବା ପର୍ଯ୍ୟନ୍ତ, ତା'ର ମନ ଅମୂର୍ତ୍ତ ଧାରଣା ଏବଂ ସାଧାରଣ ସତ୍ୟକଳ୍ପନାଗୁଡ଼ିକୁ ବୁଝି ପାରିବା ଲାଗି କ୍ୱଚିତ୍ ସମର୍ଥତା ହାସଲ କରିଥାଏ । ମାତ୍ର ତୁମେ ତଥାପି ନିର୍ଦ୍ଦିଷ୍ଟ ମୂର୍ତ୍ତ ପ୍ରତିରୂପ, ପ୍ରତୀକ ତଥା ଦୃଷ୍ଟାନ୍ତଗୁଡ଼ିକର ସାହାଯ୍ୟରେ ଏକଥାଗୁଡ଼ିକୁ ବୁଝିପାରିବା ଲାଗି ମଧ୍ୟ ପିଲାକୁ ଅବଶ୍ୟ ତାଲିମ ଦେଇପାରିବ । ଜଣେ ବ୍ୟକ୍ତିକୁ ବେଶ୍ ଅନେକ ବୟସ ହୋଇଯିବା ପର୍ଯ୍ୟନ୍ତ ବି, ଏବଂ ମାନସିକ ଦୃଷ୍ଟିରୁ ତଥାପି ପିଲା ହୋଇ ରହିଥିବା କେତେକ ଲୋକଙ୍କ ସକାଶେ ଉତ୍ତମ ରୂପେ କୁହାଯାଇ ପାରୁଥିବା କୌଣସି ଗଳ୍ପ ବା କାହାଣୀ ବହୁସଂଖ୍ୟକ ସୈଦ୍ଧାନ୍ତିକ ବ୍ୟାଖ୍ୟା ଅପେକ୍ଷା ଅନେକ ଅଧିକ ଶିକ୍ଷା ଦେଇପାରିବ ।

ହଁ, ଆମକୁ ଆଉ ଗୋଟିଏ ପ୍ରମାଦକୁ ମଧ୍ୟ ସର୍ବଦା ଏଡ଼ି ରହିବାକୁ ହେବ : ସେପରି କୌଣସି ଯୁକ୍ତିଯୁକ୍ତ କାରଣ ନ ଥିଲେ ତୁମେ ତୁମର ପିଲାକୁ ମୋଟେ ଗାଳି ଦେବ ନାହିଁ । ଯେତେବେଳେ ତାହା ଏକାବେଳେକେ ଅପରିହାର୍ଯ୍ୟ ହୋଇ ପଡ଼ିବ, ସେତେବେଳେ ହୁଏତ ତାହା ଅନ୍ୟ କଥା ହୋଇପାରେ । ଯେଉଁ ପିଲାକୁ ଅଧିକାଂଶ ସମୟରେ ଗାଳି ଦିଆହୁଏ, ସିଏ ସେହି ଗାଳି ଶୁଣିଶୁଣି କ୍ରମେ ସେଗୁଡ଼ାକ ବିଷୟରେ ବଧିରା ହୋଇଯାଏ ଏବଂ ତା'ପରେ ସେସବୁ ଗାଳି ଓ କର୍କଶ କଣ୍ଠକୁ ସିଏ କୌଣସି ଗୁରୁତ୍ୱ ବି ଦିଏ ନାହିଁ । ଏବଂ, ସବୁଠାରୁ ବଡ଼ କଥା ହେଉଛି, ତୁମେ ନିଜେ ଯେଉଁ ଭୁଲ୍‌ଟିକୁ କରୁଛ, ସେହି ଭୁଲ୍‌ଟି ସକାଶେ ତୁମେ ପିଲାକୁ କେବେହେଲେ କୌଣସି ଗାଳି ଦେବାକୁ ଯିବ ନାହିଁ । ପିଲାମାନେ ସବୁ କଥାକୁ ଅତ୍ୟନ୍ତ ସ୍ୱଚ୍ଛ ଭାବରେ ଦେଖିପାରନ୍ତି, କୌଣସି କଥା ସେମାନଙ୍କର ଦୃଷ୍ଟିରୁ କେବେହେଲେ ବାଦ୍ ଯାଏ ନାହିଁ । ତେଣୁ, ତୁମର ଦୁର୍ବଳତାଗୁଡ଼ିକୁ ଜାଣିବାକୁ ସେମାନଙ୍କୁ ଆଦୌ କୌଣସି ସମୟ ଲାଗେ ନାହିଁ ଏବଂ ଆଦୌ କୌଣସି ପ୍ରକାର ଦୟାମାୟା ନ ରଖି ସେମାନେ ସେଗୁଡ଼ିକୁ ମନେ ରଖିଥା'ନ୍ତି ।

ପିଲା ଯେତେବେଳେ କୌଣସି ଏକ ଭୁଲ୍ କରିପକାଇଲା, ସେତେବେଳେ ତୁମର ଏତିକି ଦେଖିବା ଉଚିତ ଯେ, ସିଏ ଆପଣାମନକୁ ଓ ଆଦୌ କୌଣସି କଥା ଗୋପନ ନ ରଖି ତୁମ ଆଗରେ ସମସ୍ତ ଦୋଷଟିକୁ ଆସି ସ୍ୱୀକାର କରିନେବ । ଏବଂ, ସେ ଦୋଷଟିକୁ ସ୍ୱୀକାର କରିବା ପରେ, ତୁମେ ଅତ୍ୟନ୍ତ ସଦୟ ଏବଂ ସ୍ନେହ ପୂର୍ଣ୍ଣ ଭାବରେ, ତା'ର କେଉଁଠି କ'ଣ ଭୁଲ୍ ହୋଇଗଲା, ତୁମେ ତାକୁ ସେହି ବିଷୟରେ ଭଲ କରି ସବୁକଥା ବୁଝାଇଦେବ, ଯେପରିକି ସିଏ ଆଉ ଥରେ ପୁଣି ସେହି ଭୁଲ୍ କରିବାକୁ ଯିବ ନାହିଁ । ମାତ୍ର ତୁମେ ତାକୁ କଦାପି ଗାଳିଦେବ ନାହିଁ । ନିଜର ଯେଉଁ ଦୋଷଟିକୁ ସିଏ ତୁମ ପାଖରେ ଆସି ସ୍ୱୀକାର କଲା, ସେହି ଦୋଷଟିକୁ ଅବଶ୍ୟ ମାର୍ଜନା କରିବାକୁ ହେବ । ତୁମେ ପିଲା

ଓ ତୁମ ନିଜ ଭିତରେ ଆଦୌ କୌଣସି ଭୟକୁ କଦାପି ଅବସ୍ଥାନ କରିବାକୁ ଦେବ ନାହିଁ । ଶିକ୍ଷା ଦେବାର ଏକ ଉପାୟ ରୂପେ ଭୟକୁ ବ୍ୟବହାର କଲେ ତାହାର ଫଳ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ । ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତାହା ଠକିବା ଏବଂ ମିଛ କହିବାକୁ ମଧ୍ୟ ଡାକି ନେଇଆସେ । ଦୃଢ଼ ଅଥଚ କୋମଳ ହୋଇ ପାରୁଥିବା ଏକ ବିବେକପୂର୍ଣ୍ଣ ସ୍ନେହ ମନୋଭାବ ଏବଂ ଯଥେଷ୍ଟ ପରିମାଣରେ ରହିଥିବା ଏକ ବାସ୍ତବ କ୍ଷେତ୍ରଜ୍ଞାନହିଁ ତୁମ ଓ ତୁମ ପିଲା ଭିତରେ ଏକ ବିଶ୍ୱାସପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରିପାରିବ, ଏବଂ ନିଜର ପିଲାକୁ ଯଥାର୍ଥ ଫଳପ୍ରଦ ଭାବରେ ଶିକ୍ଷା ଦେବାର କ୍ଷେତ୍ରରେ ସେଗୁଡ଼ିକହିଁ ତୁମକୁ ଉପଯୁକ୍ତ ଭାବରେ ସମର୍ଥ କରି ରଖିବ । ତେଣୁ ସେହିଗୁଡ଼ିକ ପ୍ରକୃତରେ ଅପରିହାର୍ଯ୍ୟ । ଏବଂ, ତୁମେ ଏକଥାଟି କଦାପି ଭୁଲି ଯିବ ନାହିଁ ଯେ, ନିଜର କାର୍ଯ୍ୟଟିକୁ ସୁଚାରୁ ରୂପେ କରି ପାରିବା ପାଇଁ ଏବଂ ନିଜର ପିଲାଟିକୁ ଏହି ସଂସାରରେ ଭୂମିଷ୍ଠ ହେବାରେ ଏକ ନିମିତ୍ତ ରୂପେ କାର୍ଯ୍ୟ କରିଥିବାରୁହିଁ ତାହା ପ୍ରତି ତୁମର ରହିଥିବା କର୍ତ୍ତବ୍ୟଗୁଡ଼ିକୁ ଯଥାର୍ଥ ଭାବରେ ସମ୍ପନ୍ନ କରି ପାରିବା ଲାଗି ତୁମକୁ ସର୍ବଦାହିଁ ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ ।

*ବୁଲେଟିନ୍, ଫେବ୍ରୁଆରି ୧୯୫୧*

# ଶରୀରର ଶିକ୍ଷା

ମନୁଷ୍ୟର ଚେତନା ରାଜ୍ୟରେ ଯେତେଗୁଡ଼ିଏ କ୍ଷେତ୍ର ରହିଛି, ତାହା ମଧ୍ୟରୁ ଶରୀରର କ୍ଷେତ୍ରଟିହିଁ ସବୁଠାରୁ ଅଧିକ ପରିପୂର୍ଣ୍ଣ ଭାବରେ ପଦ୍ଧତି, ପ୍ରଣାଳୀ, ଶୃଙ୍ଖଳା ଏବଂ ପ୍ରକ୍ରିୟାବଦ୍ଧତା ଦ୍ୱାରା ପରିଚାଳିତ ହୋଇଥାଏ । ଜଡ଼ର ସ୍ତରରେ ସାଧାରଣତଃ ନମନୀୟତା ଏବଂ ଗ୍ରହଣଶୀଳତାର ଅଭାବ ରହିଥାଏ । ସେହି ସ୍ଥାନରେ ନିର୍ଦ୍ଦିଷ୍ଟ ତଥା ବ୍ୟାପକ ହୋଇ ପାରୁଥିବା ଏକ ସକଳାଙ୍ଗ ସଙ୍ଗଠନକୁ ସମ୍ଭବ କରିବାକୁ ହୁଏ । ମାତ୍ର, ଏହି ସଙ୍ଗଠନଟିକୁ ହାସଲ କରିବାର ପ୍ରଚେଷ୍ଟାଟିକୁ କରୁଥିବା ବେଳେ ଆମକୁ ତଥାପି ସତ୍ତାର ପରସ୍ପର-ନିର୍ଭରଶୀଳତା ଏବଂ ପରସ୍ପର-ଅନ୍ତର୍ବେଶନଟି ସମ୍ବନ୍ଧରେ ସର୍ବଦା ସ୍ମରଣ ରଖିବାକୁ ପଡ଼ିବ । ଅବଶ୍ୟ ଏକଥା ମଧ୍ୟ ସତ ଯେ, ମାନସ କିଂବା ପ୍ରାଣିକ କ୍ଷେତ୍ରର କୌଣସି ଆବେଗକୁ ମଧ୍ୟ ଆପଣାକୁ ଶରୀରର କ୍ଷେତ୍ରରେ ଅଭିବ୍ୟକ୍ତ କରି ପାରିବାକୁ ହେଲେ ଏକ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ପ୍ରକ୍ରିୟାର ଅଧୀନ ହୋଇ ରହିବାକୁ ପଡ଼ିଥାଏ । ତେଣୁ, ପ୍ରକୃତରେ ଫଳଦାୟକ ହୋଇ ପାରିବାକୁ ହେଲେ ଶରୀର କ୍ଷେତ୍ରର ଯାବତୀୟ ଶିକ୍ଷାକୁ ଅତ୍ୟନ୍ତ ଶକ୍ତ, ଦୂରଦୃଷ୍ଟିସମ୍ପନ୍ନ ଏବଂ ପଦ୍ଧତିବଦ୍ଧ ହୋଇ ରହିବାକୁ ପଡ଼ିଥାଏ, ଏଥିରୁ ଏତେଟିକିଏ ବି କୌଣସି ଏକ ଅଂଶକୁ ବାଦ୍ ଦେଲେ ଆଦୌ ଚଳେ ନାହିଁ । ସେହି ଶିକ୍ଷାକୁ କ୍ରମେ ନାନା ଅଭ୍ୟାସରେ ପରିଣତ କରିଦେବାକୁ ପଡ଼େ; ଏହି ଦୃଷ୍ଟିରୁ ଆମ ଶରୀରକୁ ଏହିପରି ନାନା ଅଭ୍ୟାସ ଦ୍ୱାରା ପରିଚାଳିତ ହେଉଥିବା ଗୋଟିଏ ସତ୍ତାବୋଲି ଯଥାର୍ଥରେ ବିଚାର କରାଯାଇପାରେ । ମାତ୍ର ଏହିସବୁ ଅଭ୍ୟାସକୁ ସୁନିୟନ୍ତ୍ରିତ ଏବଂ ସୁଶୃଙ୍ଖଳିତ କରି ରଖିବାକୁ ପଡ଼େ ଏବଂ ତଥାପି ଯଥେଷ୍ଟ ପରିମାଣରେ ନମନୀୟ ଓ ଗ୍ରହଣଶୀଳ ବି କରି ରଖିବାକୁ ପଡ଼ିଥାଏ, ଯେପରିକି ସେଗୁଡ଼ିକ ବିଭିନ୍ନ ପରିସ୍ଥିତି ଅନୁସାରେ ଆପଣାକୁ ଆବଶ୍ୟକ ଭାବରେ ଅନୁକୂଳିତ କରି ରଖିପାରିବେ, ସତ୍ତାର ଅଭିବୃଦ୍ଧି ତଥା ବିକାଶସମ୍ବନ୍ଧୀୟ ଯାବତୀୟ ପ୍ରୟୋଜନ ଅନୁସାରେ ମଧ୍ୟ ଆପଣାକୁ ଅନୁକୂଳିତ କରି ରଖିପାରିବେ ।

ଶରୀରର ଯାବତୀୟ ଶିକ୍ଷା ଆମର ଜନ୍ମ ସମୟରୁହିଁ ଆରମ୍ଭ ହେବ ଏବଂ ତାହା ଜୀବନସାରା ଅବିଚ୍ଛିନ୍ନ ଭାବରେ ଚାଲିଥିବ । ତେଣୁ, ଏଗୁଡ଼ିକୁ ଆମେ ଖୁବ୍ ଶୀଘ୍ର ଆରମ୍ଭ କରି ପକାଇଲୁ ଅଥବା ଏଗୁଡ଼ିକୁ ଅବିଚ୍ଛିନ୍ନ କରି ରଖିବାର ବେଳଟି ମଧ୍ୟ ଆମ ହାତରୁ ଖସି ଚାଲିଗଲା ବୋଲି ଏହି କ୍ଷେତ୍ରରେ ଆଦୌ କୁହାଯାଇ ପାରିବ ନାହିଁ ।

ଶରୀରଶିକ୍ଷାର ତିନୋଟି ପ୍ରଧାନ ପ୍ରଧାନ ଦିଗ ରହିଛି : (୧) ଶରୀରଗତ ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ ଏକ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅର୍ଜନ କରିବା, (୨)

ଶରୀରର ସକଳ ଅଙ୍ଗ ଓ ଅଂଶ ତଥା ଶରୀରର ଯାବତୀୟ ସଞ୍ଚାଳନର କ୍ଷେତ୍ରରେ ଏକ ପୂର୍ଣ୍ଣାଙ୍ଗ, ପଦ୍ଧତିଯୁକ୍ତ ଏବଂ ସୁଷମ ବିକାଶ ସମ୍ଭବ କରିପାରିବା ଏବଂ (୩) ଶରୀର ଭିତରେ ଯେଉଁଠି ଯାହା ଦୋଷ ଅଥବା ବିରୂପତା ରହିଥିବ, ତାହାକୁ ସଂଶୋଧନ କରିପାରିବା ।

ଆମେ ହୁଏତ ଏପରି ବି କହିପାରିବା ଯେ, ଜଣେ ଶିଶୁର ଜୀବନର ସର୍ବ-ପ୍ରଥମ ଦିନଗୁଡ଼ିକରୁ, ଏପରିକି ତା' ଜନ୍ମ ହେବାର ପରବର୍ତ୍ତୀ ସେହି ସର୍ବପ୍ରଥମ କେତୋଟି ଘଣ୍ଟାରୁ ମଧ୍ୟ, ଆପଣାର ଆହାର, ନିଦ୍ରା ଏବଂ ମଳମୂତ୍ରତ୍ୟାଗ ପ୍ରଭୃତି କ୍ଷେତ୍ରରେ ତାକୁ ସେହିକାର୍ଯ୍ୟକ୍ରମଟିର ପ୍ରଥମ ଅଂଶଟିର ଅନୁଶୀଳନ କରିବାକୁ ପଡ଼ିବ । ଯଦି ଜନ୍ମ ହେବାର ପ୍ରଥମ ଅବସ୍ଥାରୁହିଁ ଗୋଟିଏ ପିଲା ଯଥାର୍ଥ ଅଭ୍ୟାସଗୁଡ଼ିକର ଶିକ୍ଷା କରିପାରେ, ତେବେ ତା'ର ସମୁଦାୟ ଭବିଷ୍ୟ ଜୀବନରେ ସେ ପ୍ରକୃତରେ କେତେନା କେତେ କଷ୍ଟ ଓ ଅସୁବିଧାରୁ ରକ୍ଷା ପାଇଯାଇ ପାରିବ; ଏବଂ ଯେଉଁମାନଙ୍କ ଉପରେ ତା'ର ଶୈଶବରେ ତାକୁ ଲାଳନ ପାଳନ କରିବାର ଦାୟିତ୍ୱ ନ୍ୟସ୍ତ ହୋଇ ରହିଛି, ତଦ୍ୱାରା ସେମାନେ ମଧ୍ୟ ଅପେକ୍ଷାକୃତ ଅନେକ ଅଧିକ ସହଜ ଭାବରେ ଆପଣାର କାର୍ଯ୍ୟଟିକୁ ସମ୍ପନ୍ନ କରିପାରିବେ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଶରୀରର ଏହି ଶିକ୍ଷାକୁ ବୁଦ୍ଧିସମ୍ମତ, ଜ୍ଞାନଯୁକ୍ତ ଏବଂ ଫଳଦାୟକ ହେବାକୁ ହେଲେ ତାହାକୁ ମନୁଷ୍ୟ ଶରୀରର କେତେକ ସର୍ବନିମ୍ନ ଜ୍ଞାନ ଉପରେ ଅବଶ୍ୟ ଆଧାରିତ ହୋଇ ରହିବାକୁ ପଡ଼ିବ । ସେହି ଶରୀର କିପରି ଭାବରେ ଗଢ଼ା ହୋଇଛି ଓ କିପରି ଭାବରେ କାର୍ଯ୍ୟ କରୁଛି, ସେହି ବିଷୟରେ କେତେକ ତଥ୍ୟ ଉପରେ ନିର୍ଭର କରିବାକୁହିଁ ପଡ଼ିବ । ଶିଶୁଟିର କ୍ରମବିକାଶ ଘଟୁଥିବା ସଙ୍ଗେ ସଙ୍ଗେ ସିଏ ଯେପରି ତା' ଶରୀରର ଅନ୍ତରିନ୍ଦ୍ରିୟଗୁଡ଼ିକର କ୍ରିୟାକଳାପଗୁଡ଼ିକୁ ଅବଲୋକନ କରିବାକୁ ସମର୍ଥ ହେବ, ତାହାକୁ କ୍ରମଶଃ ସେହି ଶିକ୍ଷାଟି ଦେବାକୁ ପଡ଼ିବ । ଏହା ଫଳରେ ସିଏ ସେଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ସ୍ୱନିୟନ୍ତ୍ରଣରେ ରଖିବାକୁ ମଧ୍ୟ ସମର୍ଥ ହୋଇଯାଉଥିବ; ଏହିସବୁ କ୍ରିୟା ସୁସ୍ଥ, ସାଧାରଣ ଓ ସୁଷମ ଭାବରେ ଯେପରି ଚାଲିପାରେ, ସେହି ବିଷୟରେ ସିଏ ଅଧିକରୁ ଅଧିକ ପରିମାଣରେ ଯତ୍ନଶୀଳ ଓ ସାବଧାନ ମଧ୍ୟ ହୋଇପାରିବ । ଆମ ଶରୀରର ଭିନ୍ନ ଭିନ୍ନ ଅବସ୍ଥା, ମୁଦ୍ରା ତଥା ସଞ୍ଚାଳନାର କ୍ଷେତ୍ରରେ ସାଧାରଣତଃ ଆମର ଅତି ପିଲାଦିନୁ ନାନାପ୍ରକାର ମନ୍ଦ ଅଭ୍ୟାସ ଅତ୍ୟନ୍ତ ଶୀଘ୍ର ହୋଇଯାଇଥାଏ ଏବଂ ଆମର ସାରାଜୀବନ ଲାଗି ବି ଆମକୁ ହୁଏତ ସେଗୁଡ଼ିକର ଘୋର ଅନିଷ୍ଟକାରୀ ପରିଣାମଗୁଡ଼ିକୁ ଭୋଗ କରିବାକୁ ପଡ଼ିପାରେ । ଶରୀରର ଶିକ୍ଷା ଉପରେ ଯେଉଁମାନେ ଉଚିତ ଗୁରୁତ୍ୱ ଦେଉଥିବେ ଏବଂ ଆପଣା ପିଲାମାନଙ୍କର ସୁସ୍ଥ ବିକାଶ ଲାଗି ଏକ ସର୍ବୋତ୍କୃଷ୍ଟ ପରିବେଶ ଯୋଗାଇଦେବାକୁ ଇଚ୍ଛା କରୁଥିବେ, ସେମାନଙ୍କୁ ଅତ୍ୟନ୍ତ

ସହଜରେହିଁ ଏଥିଲାଗି ଆବଶ୍ୟକ ନିର୍ଦ୍ଦେଶ ଓ ସୂଚନା ପ୍ରାପ୍ତ ହୋଇଯାଇ ପାରିବ । ଏହି ବିଷୟରେ ଏବେ ଅଧିକରୁ ଅଧିକ ସଂପୂର୍ଣ୍ଣ ଅଧ୍ୟୟନମାନ ଆରମ୍ଭ ହେଲାଣି, ଏବଂ ଅନେକ ସଂଖ୍ୟକ ପୁସ୍ତକ ବି ପ୍ରକାଶିତ ହେଲାଣି, ଆହୁରି ଅନେକ ତଥାପି ପ୍ରକାଶିତ ହେଉଛି । ସେହି ପୁସ୍ତକଗୁଡ଼ିକରୁ ବି ଆମକୁ ଆବଶ୍ୟକ ସୂଚନା ଏବଂ ନିର୍ଦ୍ଦେଶ ମିଳିଯାଇ ପାରିବ ।

ଏହି କ୍ଷେତ୍ରରେ କେଉଁ ନିର୍ଦ୍ଦେଶଟିକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ଏଠାରେ ସେଗୁଡ଼ିକୁ ବିଶଦ ଭାବରେ ବର୍ଣ୍ଣନା କରି କହିବା ଆଦୌ ସମ୍ଭବ ନୁହେଁ । କାରଣ ଏହି ସମ୍ବନ୍ଧୀୟ ପ୍ରତ୍ୟେକଟି ସମସ୍ୟା ପ୍ରତ୍ୟେକ ଅନ୍ୟ ସମସ୍ୟାଠାରୁ ଏକାନ୍ତ ଭିନ୍ନ ଏବଂ ପ୍ରତ୍ୟେକ ବ୍ୟକ୍ତି ଲାଗି ଉପଯୋଗୀ ହେଲାଭଳି ତାହାର ସମାଧାନଟି ମଧ୍ୟ ସେହିପରି ଭିନ୍ନ ହେବା ଉଚିତ । ଆହାରର ସମସ୍ୟାଟି ବିଷୟରେ ବିସ୍ତୃତ ଏବଂ ପୁଙ୍ଖାନୁପୁଙ୍ଖ ଭାବରେ କେତେକେତେ ଅଧ୍ୟୟନ ହୋଇ ସାରିଛି । କେଉଁସବୁ ଖାଦ୍ୟ ଖାଇଲେ ତାହା ପିଲାମାନଙ୍କର ଅଭିବୃଦ୍ଧି ଲାଗି ସହାୟକ ହୁଏ, ସେ କଥା ସାଧାରଣତଃ ସମସ୍ତଙ୍କୁ ଜଣାଅଛି ଏବଂ ସେହିପରି ବ୍ୟବସ୍ଥାଗୁଡ଼ିକୁ ମାନି ଚଳିବା ଦ୍ୱାରା ହୁଏତ ଭାରି ଉପକାର ମଧ୍ୟ ହୋଇପାରେ । ମାତ୍ର ଏହି କଥାଟିକୁ ସ୍ମରଣ ରଖିବା ନିଶ୍ଚୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ଆମର ଶରୀର ଦୋଷ ଏବଂ ବିକାରମୁକ୍ତ ହୋଇ ରହିଥିବା ପର୍ଯ୍ୟନ୍ତ ତାହାରି ଉପରେହିଁ ଆମେ ଯେକୌଣସି ତତ୍ତ୍ୱ ବା ନିୟମ ଅପେକ୍ଷା ସର୍ବଦା ଅଧିକ ବିଶ୍ୱାସ ସ୍ଥାପନ କରି ପାରିବା । ତେଣୁ ଯେଉଁମାନେ ଆପଣାର ପିଲାଟି ସୁସ୍ଥ ଭାବରେ ଅଭିବୃଦ୍ଧି ଲାଭ କରୁ ବୋଲି ଇଚ୍ଛା କରୁଥିବେ, ସେମାନେ ପିଲାକୁ ତାକୁ ଭଲ ଲାଗୁ ନ ଥିବା କୌଣସି ଖାଦ୍ୟ ଖାଇବା ଲାଗି ଆଦୌ ବାଧ୍ୟ କରିବେ ନାହିଁ । କାରଣ, କ'ଣ ଖାଇଲେ ତଦ୍ଦ୍ୱାରା ପ୍ରକୃତରେ ଶରୀରର କ୍ଷତି ହେବ, ଅଧିକାଂଶ ସମୟରେ ଶରୀରର ସେହି ବିଷୟରେ ସତେ ଅବା ସହଜାତ ଏକ ନିଶ୍ଚିତ ଜ୍ଞାନ ରହିଥାଏ । ଅବଶ୍ୟ ପିଲା ଯଦି ଅତିରିକ୍ତ ଭାବରେ ଖାମଖିଆଲୀ ସ୍ୱଭାବର ହୋଇଥାଏ, ତେବେ ସେ କଥା ଏକ ଭିନ୍ନ କଥା ହେବ ।

ଆମର ଶରୀର ଯେତେବେଳେ ତା'ର ସ୍ୱାଭାବିକ ଅବସ୍ଥାରେ ରହିଥାଏ; ଅର୍ଥାତ୍ ଯେତେବେଳେ ମନୋଗତ କୌଣସି ଧାରଣା ବା ପ୍ରାଣସ୍ତରୀୟ କୌଣସି ଆବେଗ ଦ୍ୱାରା ତା' ଉପରେ ମୋଟେ କୌଣସି ପ୍ରକାର ହସ୍ତକ୍ଷେପ ହେଉ ନ ଥାଏ, ସେତେବେଳେ ତାହା ତା'ଲାଗି ପ୍ରକୃତରେ କ'ଣସବୁ ହିତକାରକ ଓ ଆବଶ୍ୟକ, ସେ ସେହି କଥାଟିକୁ ଅତ୍ୟନ୍ତ ଭଲ ଭାବରେ ଜାଣିଥାଏ । ମାତ୍ର ତାହାର ସେହି ଜ୍ଞାନଟିକୁ ପ୍ରକୃତ କ୍ଷେତ୍ରରେ ଫଳଦାୟକ କରି ପାରିବାକୁ ହେଲେ ଆମକୁ ଆମ ପିଲାଟିକୁ ଅତ୍ୟନ୍ତ ଯତ୍ନର ସହିତ ଉଚିତ ଶିକ୍ଷା ଦେବାକୁ ହେବ ଏବଂ ତାକୁ ତା'ର ବାସନାଗୁଡ଼ିକରୁ ତା'ର ପ୍ରକୃତ ପ୍ରୟୋଜନଗୁଡ଼ିକୁ ଭଲ କରି ବାରି ଚିହ୍ନି ପାରିବାର ଉପାୟଟିକୁ ବତାଇ ଦେବାକୁ ପଡ଼ିବ । ଖାଦ୍ୟ ବିଷୟରେ

ଆମେ ତାକୁ ଏପରି ଏକ ରୁଚିର ବିକାଶ ଦିଗରେ ସାହାଯ୍ୟ କରୁଥିବା, ଯାହାକି ଅତ୍ୟନ୍ତ ସହଜ ହୋଇ ଥିବ, ଯାହାସୁସ୍ଥ ହୋଇଥିବ, ଯଥାର୍ଥରେ ଉପଯୋଗୀ ଓ କ୍ଷୁଧାବର୍ଦ୍ଧକ ମଧ ହୋଇଥିବ । ଏବଂ ତହିଁ ସଙ୍ଗେ ସଙ୍ଗେ ସେହି ରୁଚିରେ ଅକାରଣଭାବରେ ଆଦୌ କୌଣସି କୃତ୍ରିମତା ଓ ଜଟିଳତା ମଧ ନ ଥିବ । ସିଏ ପ୍ରତ୍ୟେକ ଦିନ ଯେଉଁ ଖାଇବା ଖାଉଥିବ, ସେଥିରେ ଖାଲି ପେଟକୁ ଭର୍ତ୍ତିକରି ଦେଉଥିବା ଓ ତଦ୍ୱାରା ତାହାକୁ ଅତ୍ୟନ୍ତ ଭାରୀ କରି ଦେଉଥିବା କୌଣସି ଜିନିଷ ନ ଥିବ; ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ସିଏ ଯେପରି ତା' ନିଜର ଭୋକ ଅନୁସାରେହିଁ ସର୍ବଦା ଭୋଜନ କରିବ, ଅଧିକା ଭୋଜନ କରିବ ନାହିଁ ଅଥବା ଅଳ୍ପ ମଧ ଭୋଜନ କରିବ ନାହିଁ, କିଂବା ଆପଣାର ଆହାର ସମୟଗୁଡ଼ିକୁ ସେ ଯେପରି କଦାପି ଆପଣାର ଖାଦ୍ୟଲାଳସା ଚରିତାର୍ଥ କରିବାର ଅଥବା ପେଟୁ ହେବାର ଗୋଟିଏ ଗୋଟିଏ ଅବସର ରୂପେ ଆଦୌ ବ୍ୟବହାର କରିବ ନାହିଁ, ତାକୁ ସେହି ବିଷୟରେ ଆବଶ୍ୟକ ଶିକ୍ଷା ମଧ ଦେବାକୁ ପଡ଼ିବ । ଶରୀରର ବଳ ଅର୍ଜନ ଏବଂ ସ୍ୱାସ୍ଥ୍ୟ ଲାଗି ଯେ ଆମେ ଭୋଜନ କରୁଛୁ ଏବଂ କେବଳ ଜିଭର ସୁଖଟିକୁ ଅନୁଭବ କରିବା ଲାଗି କଦାପି ଭୋଜନ କରୁ ନାହୁଁ, ଆମର ପିଲା ତା'ର ଶୈଶବକାଳରୁହିଁ ସେହି କଥାଟିକୁ ଜାଣିବାକୁ ପାଇବ । ଯେଉଁସବୁ ଖାଦ୍ୟ ପିଲାମାନଙ୍କର ସ୍ୱଭାବର ଅନୁରୂପ ହୋଇଥିବ, ଯାହାକିଛି ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ସଂପୂର୍ଣ୍ଣ ଦୃଷ୍ଟିଦେଇ ପ୍ରସ୍ତୁତ କରାହୋଇଥିବ, ଯାହା ପାଟିକୁ ଭଲ ଲାଗୁଥିବ ଏବଂ ତଥାପି ଅତ୍ୟନ୍ତ ନିରାଡ଼ମ୍ବର ମଧ ହୋଇଥିବ, ଆମେ ପିଲାମାନଙ୍କୁ କେବଳ ସେହିପରି ଖାଦ୍ୟମାନ ଖାଇବାକୁ ଦେବା । ପିଲାର ବୟସ ଏବଂ ପ୍ରାତ୍ୟହିକ କ୍ରିୟାଶୀଳତା ଅନୁସାରେହିଁ ସିଏ କ'ଣ ଖାଇବ ଓ କେତେ ପରିମାଣରେ ଖାଦ୍ୟ ଖାଇବ, ତାହାର ନିର୍ଦ୍ଧାରଣ କରାଯିବ । ତା'ର ଶରୀରବିକାଶ ଲାଗି ଯେତେଯାହା ରାସାୟନିକ ଏବଂ ଗତ୍ୟାତ୍ମକ ଉପାଦାନର ଆବଶ୍ୟକତା ରହିଛି, ତା' ଶରୀରର ଯାବତୀୟ ଅଙ୍ଗର ସନ୍ତୁଳିତ ବିକାଶ ଲାଗି ଯାହାକିଛିର ପ୍ରୟୋଜନ ରହିଛି, ପିଲାର ଖାଦ୍ୟରେ ସେସବୁ ଅବଶ୍ୟ ରହିଥିବ ।

ପିଲାକୁ ସୁସ୍ଥ ରଖିବାରେ ଯେଉଁ ଖାଦ୍ୟ ସହାୟକ ହୁଏ ଏବଂ ଯେଉଁ ଖାଦ୍ୟ ସିଏ ତାକୁ ଆବଶ୍ୟକ କରୁଥିବା ଶକ୍ତି ଆଣି ଦେଇପାରେ, ପିଲାକୁ କେବଳ ସେହି ଖାଦ୍ୟହିଁ ଖାଇବାକୁ ଦିଆଯିବ; ତେଣୁ ଖାଦ୍ୟକୁ ଯେପରି ପିଲାକୁ ବାଧ କରିବାର ଅଥବା ଶାସ୍ତି ଦେବାର ଏକ ଉପାୟ ରୂପେ ଆଦୌ ବ୍ୟବହାର କରା ନ ଯାଏ, ଆମକୁ ସେଥିଲାଗି ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ । ''ଆଜି ତୁ ମୋତେ ଜଣେ ଭଲ ପିଲାପରି କାମ କରି ନାହୁଁ, ତେଣୁ ଆଜି ତୋତେ ଖାଇବାବେଳେ କୌଣସି ଦହି ବା ପାୟସ ମିଳିବ ନାହିଁ'' — ଅନେକ ସମୟରେ ଯେଉଁଠି ପିଲାକୁ ଏହିପରି କଥାମାନ କୁହାଯାଇଥାଏ,

ତଦ୍ଦ୍ୱାରା ପିଲାର ପ୍ରକୃତରେ ଭାରି କ୍ଷତି ହୁଏ । ଏହିପରି କରିବା ଦ୍ୱାରା ତୁମେ ପିଲାର ଶିଶୁଚେତନାଟି ମଧ୍ୟରେ ଏପରି ଏକ ଧାରଣା ସୃଷ୍ଟି କରିଦିଅ ଯେ ତା'ର ଖାଦ୍ୟଲାଳସାର ତୃପ୍ତି ଲାଗିହିଁ ତାକୁ ଖାଦ୍ୟ ଖାଇବାକୁ ଦିଆଯାଉଛି; ତା' ଶରୀର ଯଥାର୍ଥ ଭାବରେ କ୍ରିୟାଶୀଳ ହୋଇ ରହିପାରିବା ସକାଶେ ଯେ ଖାଦ୍ୟ ଅପରିହାର୍ଯ୍ୟ, ସେହି କାରଣରୁ ତାକୁ ଖାଇବାକୁ ଦିଆଯାଉ ନାହିଁ ।

ପିଲାର ଅତି ବାଲ୍ୟକାଳରୁ ଆମର ତାକୁ ଗୋଟିଏ କଥା ଶିଖାଇ ପାରିଥିବା ଉଚିତ : ସେହି କଥାଟି ହେଉଛି ଯେ ପରିଷ୍କାର ପରିଚ୍ଛନ୍ନ ରହିବାକୁ ତାକୁ ଭଲ ଲାଗିବ ଏବଂ ତେଣୁ ସିଏ ସର୍ବଦା ସ୍ୱତଃପ୍ରବୃତ୍ତ ହୋଇ ସ୍ୱାସ୍ଥ୍ୟରକ୍ଷାର ନିୟମଗୁଡ଼ିକୁ ପାଳନ କରୁଥିବ । ମାତ୍ର, ସିଏ ପରିଷ୍କାର ପରିଚ୍ଛନ୍ନ ରହି ପାରିବ ଏବଂ ସ୍ୱାସ୍ଥ୍ୟ ରକ୍ଷାର ନିୟମଗୁଡ଼ିକୁ ସମ୍ମାନ ଦେଖାଇ ପାରିବ ବୋଲି ଆମେ ଯେପରି ପିଲାର ମନରେ ଅସୁସ୍ଥ ହେବା ବିଷୟରେ ଆଦୌ କୌଣସି ଭୟର ଭାବନା ଆଣି ପୂରାଇ ନ ଦେଉ, ଆମକୁ ସେହି ବିଷୟରେ ଭାରି ସାବଧାନ ରହିବାକୁ ପଡ଼ିବ । ଏହି ଭୟକୁ ଆମେ ଯାବତୀୟ ଶିକ୍ଷାର କ୍ଷେତ୍ରରେ ଏକ ହୀନତମ ଉପାୟ ବୋଲିହିଁ ଜାଣିବା ଏବଂ ଏହାଦ୍ୱାରା ଭୟ କରୁଥିବାର ବସ୍ତୁଟିକୁ ଅତ୍ୟନ୍ତ ସୁନିଶ୍ଚିତ ଭାବରେହିଁ ଆମେ ନିଜ ପାଖକୁ ଆକୃଷ୍ଟ କରି ଆଣିଥାଉ, ତଥାପି, ଅସୁସ୍ଥତା ବିଷୟରେ ଆଦୌ କୌଣସି ଭୟ ସୃଷ୍ଟି କରା ନ ଯିବା ପରି ଅସୁସ୍ଥତା ସକାଶେ ଆଦୌ କୌଣସି ପ୍ରବଣତା ମଧ୍ୟ ରହିବା ମୋଟେ ଉଚିତ ନୁହେଁ । ଏପରି ଏକ ବିଶ୍ୱାସ ଅନେକ ସମୟରେ ପ୍ରଚଳିତ ରହିଥାଏ ଯେ ଯେଉଁମାନଙ୍କର ମନ ଅତ୍ୟନ୍ତ ମେଧାଯୁକ୍ତ ଏବଂ ପ୍ରତିଭାଶୀଳ ହୋଇ ରହିଥାଏ, ସେମାନେ ସାଧାରଣତଃ ରୁଗ୍ଣ ଓ ଦୁର୍ବଳଶରୀର ହୋଇ ରହିଥା'ନ୍ତି । ଏଇଟି ଏକ ଅତ୍ୟନ୍ତ ଭୁଲ୍ ଧାରଣା ଏବଂ ଏହା ପଛରେ ଆଦୌ କୌଣସି ଯୁକ୍ତି ନାହିଁ । ସମ୍ଭବତଃ ଅତୀତର କୌଣସି ଯୁଗରେ ଏପରି ଗୋଟିଏ ସମୟ ଥିଲା ଯେତେବେଳେକି ଲୋକମାନଙ୍କର ମନରେ ଶାରୀରିକ ସ୍ତରର ଭାରସାମ୍ୟହୀନତା ବିଷୟରେ ଏକ ଅତ୍ୟନ୍ତ ଭାବପ୍ରବଣ ଓ ବ୍ୟାଧିତ ରୁଚିକୁ ବେଶ୍ ପ୍ରଶ୍ରୟ ଦିଆଯାଉ ଥିଲା । ମାତ୍ର ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ ସେହି ପ୍ରବୃତ୍ତି ବର୍ତ୍ତମାନ ଆଉ କେଉଁଠି ହେଲେ ଦେଖିବାକୁ ମିଳୁ ନାହିଁ । ଏବେ ସମସ୍ତେ ଏକ ସୁଗଠିତ, ବଳବାନ୍, ହୃଷ୍ଟପୁଷ୍ଟ, ଟାଣ ଏବଂ ଭାରସାମ୍ୟଯୁକ୍ତ ଶରୀରକୁ ତା'ର ଉଚିତ ମୂଲ୍ୟ ଦେଇ ସ୍ୱୀକାର କଲେଣି । ତେଣୁ ନିଷ୍କର୍ଷ ହେଉଛି ଯେ ପିଲାମାନେ ସ୍ୱାସ୍ଥ୍ୟର ସମ୍ମାନ କରି ଶିଖିବେ, ଏବଂ ଯାହାର ଶକ୍ତିଯୁକ୍ତ ଶରୀର ଅସୁସ୍ଥତାର ଯାବତୀୟ ଆକ୍ରମଣକୁ ପ୍ରତିହତ କରିଦେଇ ପାରୁଛି, ସେପରି ଏକ ସୁସ୍ଥ ବ୍ୟକ୍ତିକୁ ମଧ୍ୟ ସେମାନେ ଶ୍ରଦ୍ଧା କରି ଶିଖିବେ । କୌଣସି ଏକ ଅସୁବିଧାଜନକ କର୍ତ୍ତବ୍ୟକୁ ଏଡ଼ି ରହିବା ପାଇଁ ପିଲା ଆପଣାକୁ ଅସୁସ୍ଥ ବୋଲି କହି ଛଳନା ବି କରିଥାଏ; କୌଣସି କାର୍ଯ୍ୟ ସିଏ କରିବାକୁ ବାଧ୍ୟ ହେଉଥାଏ

ଯାହା କରିବାକୁ ତା'ର ମୋଟେ ମନ ନ ଥାଏ ବା ଆପଣା ବାପା-ମାଆ ଯେପରି ତା' ପ୍ରତି ସଦୟ ବା ସହାନୁଭୂତିଶୀଳ ହୋଇପାରିବେ, ଅଥବା ତା'ର କୌଣସି ଖିଆଲରେ ବି ଚଞ୍ଚଳ ରାଜି ହୋଇଯିବେ, ସେଥିଲାଗି ମଧ୍ୟ ସେ ଦେହ ଖରାପ ହେବାର ଛଳନା କରୁଥାଏ । ଏହିସବୁ ଛଳନା ଦ୍ୱାରା ଯେ ମୋଟେ କିଛି ଲାଭ ହୁଏ ନାହିଁ ଏବଂ ରୋଗରେ ପଡ଼ିବା ଦ୍ୱାରା ସିଏ ଯେ ଆଦୌ କୌଣସି ପ୍ରକାରେ ଅଧିକ ଆକର୍ଷକ ନ ହୋଇ ବରଂ ଓଲଟାଟାହିଁ ହୋଇଥାଏ, ଯଥାସମ୍ଭବ ଅଧିକ ପିଲାକାଳରୁହିଁ ପିଲାକୁ ଏହି କଥାଟିକୁ ଅବଶ୍ୟ ଶିଖାଇ ଦେବାକୁ ପଡ଼ିବ । ଦୁର୍ବଳମାନଙ୍କର ଏଭଳି ବିଶ୍ୱାସ କରିବାର ସର୍ବଦା ଏକ ପ୍ରବୃତ୍ତି ରହିଥାଏ ଯେ ସେମାନଙ୍କର ଦୁର୍ବଳତା ସେମାନଙ୍କୁ ଅନ୍ୟମାନଙ୍କ ଲାଗି ବିଶେଷ ଭାବରେ ଆକର୍ଷକ କରି ରଖିବାରେ ସାହାଯ୍ୟ କରେ; ସେମାନେ ଆପଣାର ଏହି ଦୁର୍ବଳତାକୁ, ଏବଂ ଏପରିକି, ଆବଶ୍ୟକ ହେଲେ ଆପଣାର ଅସୁସ୍ଥତାକୁ ଚତୁଷ୍ପାର୍ଶ୍ୱରେ ରହିଥିବା ବ୍ୟକ୍ତିମାନଙ୍କର ଦୃଷ୍ଟି ଓ ସହାନୁଭୂତିକୁ ଆକୃଷ୍ଟ କରିବାର ଏକ ସାଧନ ରୂପେ ବି ବ୍ୟବହାର କରିବାକୁ ମନ କରିଥା'ନ୍ତି । ଆମେ କୌଣସି ପରିସ୍ଥିତିରେ ମଧ୍ୟ ଏହି ଅନିଷ୍ଟକାରୀ ପ୍ରବୃତ୍ତିଟିକୁ ପ୍ରୋତ୍ସାହନ ଦେବା ନାହିଁ । ଅସୁସ୍ଥ ହେବା ହେଉଛି କେବଳ ଦୁର୍ବଳତା ଓ ନିକୃଷ୍ଟତାରହିଁ ପ୍ରତୀକ, ଏହା ଆଦୌ କୌଣସି ଗୁଣବତ୍ତା ବା ତ୍ୟାଗ ସ୍ୱୀକାରର ଯେ କୌଣସି ପରିଚୟ ଦିଏ ନାହିଁ, ତେଣୁ ପିଲାମାନଙ୍କୁ ଏହି ଶିକ୍ଷାଟି ଅବଶ୍ୟ ଦେବାକୁ ପଡ଼ିବ ।

ସେହି କାରଣରୁ, ପିଲା ଆପଣାର ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ କାମରେ ଲଗାଇ ପାରିବାକୁ ସମର୍ଥ ହେବା ମାତ୍ରେହିଁ ତା' ଶରୀରର ସକଳ ଅଂଶର ଏକ ସୁପଦ୍ଧତିବଦ୍ଧ ଏବଂ ନିୟମିତ ବିକାଶସାଧନ ସକାଶେ ତାକୁ ପ୍ରତିଦିନ ଅବଶ୍ୟ କିଛି ସମୟ ଦେବାକୁ ପଡ଼ିବ । ପ୍ରତ୍ୟହ ପ୍ରାୟ କୋଡ଼ିଏ ବା ତିରିଶ ମିନିଟ୍ ସକାଶେ,– ସମ୍ଭବ ହେଲେ ପିଲା ସକାଳେ ନିଦରୁ ଉଠିବା ପରେ ହୋଇ ପାରିଲେ ତାହା ଅପେକ୍ଷାକୃତ ଅଧିକ ଭଲ କଥା ହେବ,– ଏହି କାର୍ଯ୍ୟଟିକୁ କରି ପାରିଲେ ତା'ର ମାଂସପେଶୀଗୁଡ଼ିକ ଯଥାର୍ଥ ଭାବରେ କାର୍ଯ୍ୟ କରିବା ଏବଂ ସୁଅନୁପାତିକ ଭାବରେ ଅଭିବୃଦ୍ଧି ଲାଭ କରିବାରେ ଆଉ ଆଦୌ କୌଣସି ବାଧା ରହିବ ନାହିଁ; ତା' ସଙ୍ଗେ ସଙ୍ଗେ ଶରୀରର ଗଣ୍ଠିଗୁଡ଼ିକ ଓ ମେରୁଦଣ୍ଡରେ ଯଥେଷ୍ଟ ନମନୀୟତା ବି ସମ୍ଭବ ହୋଇଯିବ । ଏହିସବୁ ଅସୁବିଧା ଆମ ଶରୀରକୁ ଯେତେ ଚଞ୍ଚଳ ଆସି ଗ୍ରାସ କରେ ବୋଲି ଭାବିଥାଉ, ତାହା ପ୍ରକୃତରେ ଅନେକ ଅଧିକ ଆଗରୁହିଁ ଆସି ଆମକୁ ଗ୍ରାସ କରି ପକାଇଥାଏ । ପିଲାମାନଙ୍କ ଶିକ୍ଷାର ସାଧାରଣ କାର୍ଯ୍ୟକ୍ରମଟି ମଧ୍ୟରେ କ୍ରୀଡ଼ାକସରତ ଏବଂ ବାହାର ପଡ଼ିଆର ଖେଳ ଲାଗି ନିଶ୍ଚୟ ଏକ ମୁଖ୍ୟ ସ୍ଥାନ ରହିଥିବ ଏବଂ ପୃଥିବୀଯାକର ଯାବତୀୟ ଔଷଧ ମହୌଷଧି ଅପେକ୍ଷା ତାହାରି ଦ୍ୱାରାହିଁ ପିଲା ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇ ରହିପାରିବ । ଶକ୍ତି ପ୍ରଦାନକାରୀ ଗୁଡ଼ାଏ ଔଷଧର ଏକ

ଭଣ୍ଡାର ଅପେକ୍ଷା ମୁକ୍ତ ସୂର୍ଯ୍ୟାଲୋକରେ ମାତ୍ର ଘଣ୍ଟାକ ସକାଶେ ଭ୍ରମଣ କରି ଆସିବା ଦ୍ୱାରାହିଁ ଯାବତୀୟ ଦୌର୍ବଲ୍ୟ ଏବଂ ଏପରିକି ରକ୍ତହୀନତାରୁ ମଧ୍ୟ ଆରୋଗ୍ୟ ଲାଭ କରିବା ଅଧିକ ସମ୍ଭବ ହୋଇପାରେ । ତେଣୁ ମୁଁ ଏଠାରେ ଏହି ପରାମର୍ଶ ଦେବି ଯେ ଏକାନ୍ତ ଅସମ୍ଭବ ହୋଇ ନ ପଡ଼ିବା ପର୍ଯ୍ୟନ୍ତ ପ୍ରକୃତରେ ଆଦୌ କୌଣସି ଔଷଧ ବ୍ୟବହାର କରିବା ଉଚିତ ହେବ ନାହିଁ ଏବଂ ଏହି ଏକାନ୍ତ ଅସମ୍ଭବପର ନିୟମଟିକୁ ମଧ୍ୟ ଅତ୍ୟନ୍ତ କ୍ୱଚିତ୍ ପାଳନ କରିବାକୁ ପଡ଼ିବ । ଶରୀରର-କୃଷ୍ଟିସାଧନର ଏହି କାର୍ଯ୍ୟକ୍ରମଟି ମଧ୍ୟରେ ମନୁଷ୍ୟ-ଶରୀରର ସର୍ବୋତ୍ତମ ବିକାଶ ଲାଗି ସୁବିଦିତ ସାଧାରଣ ନିୟମ ଓ ପଦ୍ଧତିମାନ ରହିଥିଲେ ମଧ୍ୟ, ତଥାପି, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ସେହି ପଦ୍ଧତିଟିକୁ ସଂପୂର୍ଣ୍ଣ ଭାବରେ ଫଳପ୍ରଦ କରି ପାରିବାକୁ ହେଲେ ଆମକୁ ପ୍ରତ୍ୟେକ ବ୍ୟକ୍ତି ଲାଗି ତାହାର ସ୍ୱତନ୍ତ୍ର ଭାବରେହିଁ ବିଚାର କରିବାକୁ ପଡ଼ିବ । ଯଦି ସମ୍ଭବ ହୁଏ, ତେବେ ଏଥିଲାଗି ଜଣେ ସୁଦକ୍ଷ ବ୍ୟକ୍ତିଙ୍କର ସାହାଯ୍ୟ ନେବାକୁ ପଡ଼ିବ, ଅଥବା, ସେପରି ନ ହୋଇ ପାରିଲେ, ଏହି ବିଷୟରେ ଯେଉଁସବୁ ବହୁ ସଂଖ୍ୟକ ପୁସ୍ତକ ପ୍ରକାଶିତ ହୋଇ ପାରିଛି ଏବଂ ଏବେ ମଧ୍ୟ ପ୍ରକାଶିତ ହେଉଛି, ଆମକୁ ସେଗୁଡ଼ିକର ସାହାଯ୍ୟ ବି ନେବାକୁ ପଡ଼ିବ ।

ମାତ୍ର, କୌଣସି ପିଲା ଯେତେ ଯାହା ଯେପରି ଭାବରେ କର୍ମରତ ହୋଇ ରହିଥାଉ ପଛକେ, ତା' ପାଖରେ ଶୋଇବା ଲାଗି ପ୍ରତ୍ୟହ ନିର୍ଦ୍ଦିଷ୍ଟ କେତେ ଘଣ୍ଟାର ସମୟ ଅବଶ୍ୟ ରହିଥିବା ଉଚିତ । ତା' ବୟସ ଅନୁସାରେ ଏହି ସମୟଟିରେ ନିଶ୍ଚୟ ଏକ ତାରତମ୍ୟ ରହିବ । ପିଲା କୋଳରେ ଥିବାବେଳେ ଚେଇଁବା ତୁଳନାରେ ସେ ଅଧିକ ସମୟ ଲାଗି ଶୋଇବ । ବୟସବୃଦ୍ଧି ହେଉଥିବା ସଙ୍ଗେ ସଙ୍ଗେ ଶୋଇବାର ସମୟଟି କମ୍ ହେଉଥିବ । ମାତ୍ର ତା'ର ଶରୀର ପରିପକ୍ୱ ହେବାର ବୟସ ପର୍ଯ୍ୟନ୍ତ ତା'ର ଦୈନିକ ଶୋଇବା ସମୟ କଦାପି ଆଠଘଣ୍ଟାରୁ କମ୍ ହେବ ନାହିଁ । ସିଏ ଏକ କୋଳାହଳଶୂନ୍ୟ ସ୍ଥାନରେ ଶୋଇବ, ବାୟୁ ମୁକ୍ତ ଭାବରେ ଯାତାୟାତ କରି ପାରୁଥିବା ଗୋଟିଏ ଜାଗାରେ ଶୋଇବ । କୌଣସି କାରଣ ସକାଶେ ମଧ୍ୟ ପିଲାକୁ ବେଶୀ ରାତିଯାଏ ଉଜାଗର ରହିବାକୁ ଦିଆ ଯିବ ନାହିଁ । ଆମ ସ୍ନାୟୁଗୁଡ଼ିକୁ ଯଥାର୍ଥ ବିଶ୍ରାମ ଦେଇପାରିବା ସକାଶେ ମଧ୍ୟରାତ୍ରିର ପୂର୍ବ ଘଟିକାଗୁଡ଼ିକ ହେଉଛି ସବୁଠାରୁ ଅଧିକ ଅନୁକୂଳ । ଏବଂ ଯେଉଁମାନେ ସ୍ନାୟୁଗୁଡ଼ିକର କ୍ଷେତ୍ରରେ ଏକ ଭାରସାମ୍ୟ ରକ୍ଷା କରିବାକୁ ଇଚ୍ଛା କରନ୍ତି, ଜାଗ୍ରତ୍ ଅବସ୍ଥାରେ ମଧ୍ୟ ସେମାନଙ୍କର ଶରୀରରେ ଏକ ଶିଥିଳନ ରହିଥିବା ଏକାନ୍ତ ଆବଶ୍ୟକ । ଆମର ମାଂସପେଶୀ ଏବଂ ସ୍ନାୟୁଗୁଡ଼ିକର ଶିଥିଳନ କରି ଜାଣିବାକୁ ପ୍ରକୃତରେ ଏକ କଳା ବୋଲି କୁହାଯିବ ଏବଂ ପିଲାକୁ ତାହାର ଅତ୍ୟନ୍ତ ବାଲ୍ୟାବସ୍ଥାରେହିଁ ସେହି କଳାଟିକୁ ଶିଖାଇ ଦେବା ପ୍ରକୃତରେ ଉଚିତ ହେବ । ଏପରି ଅନେକ ବାପାମାଆ ଅଛନ୍ତି, ଯେଉଁମାନେ କି ଓଲଟି ସେମାନଙ୍କର ପିଲାମାନଙ୍କୁ

ପ୍ରାୟ ବାଧ କରି ସର୍ବଦା କୌଣସି ନା କୌଣସି ପ୍ରକାରେ କର୍ମରତ କରି ରଖିଥା’ନ୍ତି । ପିଲା କୌଣସି କାମ ନ କରି ସ୍ଥିର ହୋଇ ରହିଥିଲେ ସେମାନେ ତା’ର ଦେହ ନିଶ୍ଚୟ ଭଲ ନାହିଁ ବୋଲି କଳ୍ପନା କରିବାକୁ ଲାଗନ୍ତି । ଆହୁରି ଏପରି ବାପାମାଆ ବି ଅଛନ୍ତି, ଯେଉଁମାନେ କି, ସେମାନଙ୍କର ପିଲାକୁ ଆଦୌ କୌଣସି ବିଶ୍ରାମ କିଂବା ଶିଥିଳନର ସମୟ ନ ଦେଇ ତାକୁ ନାନା ଘର କାମରେ ବ୍ୟସ୍ତ ରହିବାର ମନ୍ଦ ଆଚରଣ ବି ଦେଖାଇଥା’ନ୍ତି । ପିଲାର ସ୍ନାୟୁଗୁଡ଼ିକ ଏହିପରି ଅବିଚ୍ଛିନ୍ନ ଭାବରେ କର୍ମରତ ହୋଇ ରହିବାର ଚାପଟିକୁ ଆଦୌ ସହ୍ୟ କରି ପାରନ୍ତି ନାହିଁ, ଯେଉଁ କାର୍ଯ୍ୟଟିକୁ ପିଲା ମୁକ୍ତ ଭାବରେ ନିଜେ ବାଛି ନାହିଁ ଓ ଯାହାକୁ ତା’ ଉପରେ ଜୋର୍ କରି ଲଦି ଦିଆଯାଇଛି, ତା’ର ସ୍ନାୟୁଗୁଡ଼ିକ ତାହାକୁ ମୋଟେ ସହ୍ୟ କରି ପାରନ୍ତି ନାହିଁ ଓ ତେଣୁ ତାହା ତା’ର ସେହି ବିକାଶଶୀଳ ସ୍ନାୟୁଗ୍ରାମଟି ଉପରେ ଅତ୍ୟନ୍ତ ଅନିଷ୍ଟକାରକ ପ୍ରଭାବମାନ ପକାଇଥାଏ । ହୁଏତ ପ୍ରଚଳିତ ଅନେକ ଧାରଣାର ବିରୋଧରେ ଯାଇ ଏବଂ ଅନେକ ଭ୍ରାନ୍ତ ବିଶ୍ୱାସକୁ ଅସ୍ୱୀକାର କରି ମୁଁ ତଥାପି କହିବି ଯେ ସତେଯେପରି ବାପାମାଆଙ୍କର ସେବା କରିବା ଓ କାମ ଖଟିବା ହେଉଛି ପିଲାର କର୍ତ୍ତବ୍ୟ, ଏହିପରି ଏକ ଭାବନା ଦ୍ୱାରା ପ୍ରେରିତ ହୋଇ କୌଣସି ପିଲାଠାରୁ କାମ ଆଦାୟ କରିବା ମୋଟେ ଉଚିତ ନୁହେଁ । ହୁଏତ ଏହାର ବିପରୀତ କଥାଟିହିଁ ଅଧିକ ସତ୍ୟ ହେବ, ଏବଂ ଏହାକୁହିଁ ଆମେ ଅଧିକ ସ୍ୱାଭାବିକ ବୋଲି କହିବା ଯେ ବାପାମାଆମାନଙ୍କରହିଁ ପିଲାର ସେବା କରିବା ଉଚିତ ବା ଅନ୍ତତଃ, ତା’ ବିଷୟରେ ସବୁପ୍ରକାରର ଯତ୍ନ ନେଇପାରିବା ଉଚିତ । ହଁ, ଯଦି ପିଲା ସ୍ୱତଃପ୍ରବୃତ୍ତ ହୋଇ ଘରର କିଛି କାମ କରିଦେଲା ଓ ତାହାକୁ ଠିକ୍ ଖେଳିବା ପରି ଖୁସି ହୋଇ ବି କଲା, ତେବେ ହୁଏତ ତାହା ଗ୍ରହଣଯୋଗ୍ୟ ହୋଇ ପାରିବ । ଏବଂ ସେତେବେଳେ ମଧ୍ୟ, ଆମକୁ ଅତ୍ୟନ୍ତ ସାବଧାନତା ସହିତ ଦେଖିବାକୁ ପଡ଼ିବ ଯେ ତଦ୍ୱାରା ପିଲାର ବିଶ୍ରାମ ସମୟ ଆଦୌ କମ୍ ହୋଇ ଯିବ ନାହିଁ । କାରଣ, ତା’ର ଶରୀରଟିକୁ ସମୁଚିତ ଭାବରେ କାର୍ଯ୍ୟ କରି ପାରିବାକୁ ହେଲେ ଏହି ବିଶ୍ରାମ ଏକାନ୍ତ ଅପରିହାର୍ଯ୍ୟ ।

ମୁଁ ଏକଥାଟି ଆଗରୁ କହିଛି ଯେ ସାନଟି ବେଳରୁହିଁ ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଦୈହିକ ଶକ୍ତି ଓ ଦୈହିକ ଭାରସାମ୍ୟ ପ୍ରତି ଏକ ସମ୍ମାନଭାବ ପୋଷଣ କରି ଶିଖିବା ଉଚିତ । ହଁ, ଦେହର ସୌନ୍ଦର୍ଯ୍ୟ ଉପରେ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱ ଦେବାକୁ ପଡ଼ିବ । ସାନ ପିଲାଟିର ସୌନ୍ଦର୍ଯ୍ୟ ଲାଗି ଏକ ଆସ୍ପୃହା ରହିଥିବା ଉଚିତ; ଅନ୍ୟମାନଙ୍କୁ ଖୁସି କରିବାଲାଗି ବା ସେମାନଙ୍କର ପ୍ରଶଂସା ପାଇବାଲାଗି ଯେ ତା’ର ସେହି ଆସ୍ପୃହା ରହିବ, ସେ କଥା ମୋଟେ ନୁହେଁ, ସୌନ୍ଦର୍ଯ୍ୟ ପ୍ରତି ଶ୍ରଦ୍ଧାହିଁ ତାହାର ଏହି ଆସ୍ପୃହାର କାରଣ ହୋଇଥିବ । କାରଣ ଜଡ଼ସ୍ଥ ଯାବତୀୟ ଜୀବନକୁ ଏହି ସୌନ୍ଦର୍ଯ୍ୟରୂପୀ ଆଦର୍ଶଟିରହିଁ ଉପଲବ୍ଧି କରିବାକୁ

ପଡ଼ିବ । ପ୍ରତ୍ୟେକ ମନୁଷ୍ୟ ଭିତରେ ତା’ ଶରୀରର ବିଭିନ୍ନ ଅଙ୍ଗଗୁଡ଼ିକ ମଧ୍ୟରେ ଏବଂ ତା’ ସକ୍ରିୟ ଦେହର ବିଭିନ୍ନ ଅଙ୍ଗଚାଳନା ମଧ୍ୟରେ ଏକ ସୌଷମ୍ୟ ପ୍ରତିଷ୍ଠା କରିବାର ସମ୍ଭାବନା ଅବଶ୍ୟ ନିହିତ ହୋଇ ରହିଛି । ଆପଣାର ଅସ୍ତିତ୍ୱର ସର୍ବପ୍ରଥମ ପର୍ଯ୍ୟାୟରୁ ଯେଉଁ ମନୁଷ୍ୟଶରୀର ସ୍ୱକର୍ଷଣର ଏକ ବୁଦ୍ଧିଯୁକ୍ତ ପଦ୍ଧତିର ଅନୁସରଣ କରି ପାରିବ, ତାହା ଆପଣାର ସ୍ୱକୀୟ ସୌଷମ୍ୟଟିକୁ ଅବଶ୍ୟ ହାସଲ କରି ପାରିବ ଏବଂ ଏହିପରି ଭାବରେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଲାଗି ବି ଯୋଗ୍ୟ ହୋଇପାରିବ । ଆମେ ଯେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାର ଅନ୍ୟ ଦିଗଗୁଡ଼ିକ ବିଷୟରେ ଆଲୋଚନା କରିବା, ଦିନେ ନା ଦିନେ ଏହି ସୌନ୍ଦର୍ଯ୍ୟଟିକୁ ଅଭିବ୍ୟକ୍ତ କରି ଆଣିବାକୁ ହେଲେ ଆମକୁ କେଉଁ ଅନ୍ତର୍ଗତ ପରିବେଶଗୁଡ଼ିକର ପ୍ରତିଷ୍ଠା କରିବାକୁ ପଡ଼ିବ, ସେତେବେଳେ ଆମେ ସେଗୁଡ଼ିକ ବିଷୟରେ ମଧ୍ୟ ଅବହିତ ହୋଇପାରିବା ।

ଏପର୍ଯ୍ୟନ୍ତ ମୁଁ କେବଳ ପିଲାମାନଙ୍କୁ ଯେଉଁ ଶିକ୍ଷା ଦିଆଯିବା ଉଚିତ, ତାହାରି ଆଲୋଚନା କରି ଆସିଛି । କାରଣ, ଯଦି ଏହି ପିଲାମାନଙ୍କୁ ଉଚିତ ସମୟରେ ଶରୀରର କ୍ଷେତ୍ରରେ ଏକ ସୁସନ୍ଦୀପିତ ଶିକ୍ଷା ଦିଆଯାଇପାରେ, ତେବେ ସେମାନଙ୍କର ଶରୀରଗତ ଅନେକ ଦୋଷର ସଂଶୋଧନ କରି ଦିଆଯାଇ ପାରିବ ଏବଂ ଶରୀରର ଗଠନଗତ ଅନେକ କୁରଚନାକୁ ମଧ୍ୟ ଏଡ଼ି ଦିଆଯାଇ ପାରିବ । ମାତ୍ର, ଯଦି କୌଣସି କାରଣରୁ ଆମର ଶୈଶବ କାଳରେ ଆମକୁ ଏହି ଶରୀର ଶିକ୍ଷା ପ୍ରାପ୍ତ ନ ହୋଇ ପାରିଛି ଏବଂ ଏପରିକି ଆମର ଯୌବନକାଳରେ ମଧ୍ୟ ଯଦି ଆମେ ଏଇଟି ଦ୍ୱାରା ଉପକୃତ ହୋଇ ନ ପାରିଛୁ, ତେବେ ଜୀବନର ଯେକୌଣସି କାଳରେ ମଧ୍ୟ ଆମେ ତାହାକୁ ଆରମ୍ଭ କରି ପାରିବା ଏବଂ ସାରାଜୀବନ ତାହାର ଅନୁଧାବନ କରି ପାରିବା । ମାତ୍ର ଏହି ଶିକ୍ଷା ଆମ ଜୀବନରେ ଯେତିକି ବିଳମ୍ବରେ ଆରମ୍ଭ ହେବ, ତେବେ, ସଂଶୋଧିତ ହେବାକୁ ରହିଥିବା ନାନା ମନ୍ଦ ଅଭ୍ୟାସ, ନମନୀୟ ହେବାକୁ ରହିଥିବା ନାନା ଅନମନୀୟତା ଏବଂ ମାର୍ଜିତ ହେବାକୁ ରହିଥିବା ଶରୀରଗତ ନାନା କୁରଚନାର ସମ୍ମୁଖୀନ ହେବାକୁ ମଧ୍ୟ ଆମକୁ ସେତିକି ଅଧିକ ପ୍ରସ୍ତୁତ ରହିବାକୁ ପଡ଼ିବ । ଏବଂ ଏହି ପ୍ରସ୍ତୁତିମୂଳକ କାର୍ଯ୍ୟଟିକୁ କରି ପାରିବା ସକାଶେ ପ୍ରକୃତରେ ଅନେକ ଧୈର୍ଯ୍ୟ ଆବଶ୍ୟକ ହେବ, ଅନେକ ଅଧ୍ୟବସାୟ ବି ଆବଶ୍ୟକ ହେବ; ଏବଂ ତା’ପରେ ଯାଇ ଶାରୀରିକ ଗଠନ ତଥା ସଞ୍ଚାଳନାର କ୍ଷେତ୍ରରେ ଏକ ସମଞ୍ଜସତା ଲାଭ କରିବାକୁ ଆମେ ରଚନାତ୍ମକ ଭାବରେ କୌଣସି ଏକ କାର୍ଯ୍ୟକ୍ରମ ଅରମ୍ଭ କରିବାକୁ ସମର୍ଥ ହେବା । ମାତ୍ର ଯଦି ତୁମେ ଉପଲବ୍ଧି କରିବାକୁ ରହିଥିବା ସୌନ୍ଦର୍ଯ୍ୟର ସେହି ଆଦର୍ଶଟିକୁ ଆପଣା ଭିତରେ ସଜୀବ କରି ରଖିଥିବ, ତେବେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ତୁମେ ନିଶ୍ଚୟ ଆପଣାର ସେହି ଈପ୍‌ସିତ ଲକ୍ଷ୍ୟଟି ପାଖରେ ଯାଇ ଉପନୀତ ହୋଇ ପାରିବ ।

*ବୁଲେଟିନ୍, ଏପ୍ରିଲ୍ ୧୯୫୧*

# ପ୍ରାଣିକ ଶିକ୍ଷା

ଯାବତୀୟ ଶିକ୍ଷା ମଧ୍ୟରୁ ପ୍ରାଣିକ ଶିକ୍ଷାର ସମ୍ଭବତଃ ସବୁଠାରୁ ଅଧିକ ମହତ୍ତ୍ୱ ରହିଛି, ଏହି ପ୍ରାଣିକ ଶିକ୍ଷା ସମ୍ଭବତଃ ସବୁଠାରୁ ଅଧିକ ଅପରିହାର୍ଯ୍ୟ । ତଥାପି ଖୁବ୍ କ୍ୱଚିତ୍ କ୍ଷେତ୍ରରେହିଁ ବିବେଚନା ତଥା ଯଥାର୍ଥ ପଦ୍ଧତି ସହିତ ଏହି ଶିକ୍ଷାଟିର ଅନୁଧାବନ କରାଯାଇଥାଏ । ଏହା ପଛରେ ଏକାଧିକ କାରଣ ମଧ୍ୟ ରହିଛି : ପ୍ରଥମତଃ, ଖାସ୍ ଏହି ବିଷୟଟି ସମ୍ବନ୍ଧରେ ମନୁଷ୍ୟର ମନରେ ଏବେ ମଧ୍ୟ ଅତିରିକ୍ତ ଭାବରେ ଏକ ଅସ୍ପଷ୍ଟତା ରହିଯାଇଛି; ଦ୍ୱିତୀୟତଃ, ଏହି ଶିକ୍ଷାଟିକୁ ସମୁଚିତ ଭାବରେ ହାତକୁ ନେଇ ତାହାକୁ କାର୍ଯ୍ୟରେ ପରିଣତ କରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର, ଏବଂ ଏହି କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ଆମ ପାଖରେ ଅମିତ ସହିବାଶକ୍ତି ରହିଥିବା ଉଚିତ, ଦୃଢ଼ ଅଧ୍ୟବସାୟ ରହିଥିବା ଉଚିତ, ଏବଂ ଏପରି ଏକ ଇଚ୍ଛାଶକ୍ତି ମଧ୍ୟ ରହିଥିବା ଉଚିତ, ଯାହାକୁ କି କୌଣସି ବିଫଳତା କୌଣସି ପ୍ରକାରେ ଦୁର୍ବଳ କରିଦେଇ ପାରିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମନୁଷ୍ୟର ପ୍ରକୃତି ମଧ୍ୟରେ ଥିବା ପ୍ରାଣିକ ଅଂଶଟି ପ୍ରକୃତରେ ଭାରି ନିରଙ୍କୁଶ ଓ ନଛୋଡ଼ବନ୍ଧା ଭାବରେ ନାନା ଉତ୍ପୀଡ଼ନ କରିବାରେ ଲାଗିଥାଏ । ପୁଣି, ଆହୁରି ଗୋଟିଏ କଥା ହେଉଛି ଯେ, ଏହି ପ୍ରାଣିକ ଅଂଶଟିରହିଁ ଯାହାକିଛି ବଳ, ଶକ୍ତି, ଉତ୍ସାହ ଓ ପ୍ରକୃତରେ ଫଳ ଫଳାଇ ପାରୁଥିବା ଗତିଶୀଳତା ରହିଥିବାରୁ ଅନେକ ମଣିଷ ଭୀରୁଙ୍କ ପରି ତାହାକୁ ଭାରି ସମ୍ମାନ କରନ୍ତି ଏବଂ ତାହାକୁ ସର୍ବଦା ପ୍ରସନ୍ନ ଓ ସନ୍ତୁଷ୍ଟ କରି ରଖିବାକୁ ଚେଷ୍ଟା କରୁଥା'ନ୍ତି । ମାତ୍ର ତାହା ଏପରି ଗୋଟିଏ ମୁନିବ ଯେ ତାହାକୁ କେହି କଦାପି ସନ୍ତୁଷ୍ଟ କରି ପାରିବେ ନାହିଁ ଏବଂ ତାହା ପ୍ରକୃତରେ ଅସରନ୍ତି ଭାବରେ ଆପଣାର ଦାବିଗୁଡ଼ାକୁ କରିବାରେ ଲାଗିଥିବ । ବିଶେଷ କରି ପାଶ୍ଚାତ୍ୟ ଜଗତରେ ଏପରି ଦୁଇଟି ବିଚାର ଅତ୍ୟନ୍ତ ବ୍ୟାପକ ଭାବରେ ପ୍ରଚାରିତ ହୋଇ ରହିଛି, ଯାହାକି ପ୍ରାଣିକ ଅଂଶର ଏହି ଶାସନ ଓ ଅଧିକାର ଶକ୍ତିକୁ ଆହୁରି ନିରଙ୍କୁଶ କରି ରଖିଛି । ସେଥିମଧ୍ୟରୁ ଗୋଟିଏ ବିଚାର ହେଉଛି ଯେ ସୁଖୀ ହୋଇ ରହିବା ହେଉଛି ଜୀବନର ସର୍ବପ୍ରଧାନ ଲକ୍ଷ୍ୟ; ଏବଂ ଅନ୍ୟଟି ହେଉଛି ଯେ ପ୍ରତ୍ୟେକ ମନୁଷ୍ୟ ଏକ ନିର୍ଦ୍ଦିଷ୍ଟ ସ୍ୱଭାବ ଓ ଚରିତ୍ରକୁ ବହନ କରି ସଂସାରରେ ଜନ୍ମଗ୍ରହଣ କରିଛି ଏବଂ ସେହି ଚରିତ୍ରରେ କୌଣସି ପରିବର୍ତ୍ତନ ଘଟାଇବା ଆଦୌ ସମ୍ଭବ ନୁହେଁ ।

ପ୍ରଥମ ବିଚାରଟିରେ ଏକ ଅତ୍ୟନ୍ତ ଗଭୀର ସତ୍ୟକୁ ଅତ୍ୟନ୍ତ ପିଲାଳିଆ ଭାବରେ ଏକାବେଳେକେ ବିକୃତ କରି ଦିଆଯାଇଛି । ସେହି ସତ୍ୟଟି ହେଉଛି ସେ, ସକଳ ସଂସାର

ଓ ସକଳ ଅସ୍ତିତ୍ୱ ସତ୍ତାଗତ ଆନନ୍ଦ ଉପରେହିଁ ଆଧାରିତ ହୋଇ ରହିଛି ଏବଂ ସେହି ଆନନ୍ଦଟି ବ୍ୟତୀତ ପ୍ରକୃତରେ ଆଦୌ କୌଣସି ଜୀବନ କଦାପି ସମ୍ଭବ ହେଉ ନ ଥା'ନ୍ତା । ମାତ୍ର ଏହି ସତ୍ତାଗତ ଆନନ୍ଦ ହେଉଛି ସେହି ପରମ ଦିବ୍ୟ ସତ୍ତାଙ୍କରହିଁ ଗୋଟିଏ ଗୁଣ ଏବଂ ତେଣୁ ତାହାର ଆଦୌ କୌଣସି ପ୍ରସୀମନ ରହିଛି ବୋଲି ଆଦୌ କଳ୍ପନା କରାଯାଇ ପାରିବ ନାହିଁ । ଆମେ ନିଜ ଜୀବନରେ ଯେଉଁ ସୁଖର ଅନୁଧାବନ କରୁଥାଉ, ତାହା ଅଧିକାଂଶତଃ ନାନାବିଧ ପରିସ୍ଥିତି ଉପରେ ନିର୍ଭରଶୀଳ ହୋଇ ରହିଥାଏ ଏବଂ ତେଣୁ ସେହି ଆନନ୍ଦକୁ ଏହି ସୁଖଟି ସହିତ କଦାପି ଏକା ବୋଲି ବିଚାର କରାଯାଇ ପାରିବ ନାହିଁ । ଜଣେ ମଣିଷର ସୁଖୀ ହେବା ଲାଗି ପୂର୍ଣ୍ଣ ଅଧିକାର ରହିଛି, ଏହିପରି ଗୋଟିଏ ପ୍ରତ୍ୟୟ ପ୍ରାୟ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ଯେକୌଣସି ପ୍ରକାରେ ''ଆପଣାର ଜୀବନଟିକୁ ବଞ୍ଚିବା''ର ଇଚ୍ଛାଟି ମଧ୍ୟକୁ ଆମକୁ ପରିଚାଳିତ କରି ନେଇଥାଏ । ଏବଂ ଏହି ଦୃଷ୍ଟିକୋଣଟିହିଁ ଆପଣାର ଅସ୍ପଷ୍ଟ ଏବଂ ଅତ୍ୟୁଗ୍ର ଅହଙ୍କାରିତା ଦ୍ୱାରା ପରିଚାଳିତ ହୋଇ ଆମକୁ ଯାବତୀୟ ପ୍ରକାରର ଦ୍ୱନ୍ଦ୍ୱ ଏବଂ ଦୁଃଖମୟତା ଭିତରକୁ ଟାଣି ନେଇଥାଏ, ଆମକୁ ଯାବତୀୟ ନୈରାଶ୍ୟ ଓ ଉତ୍ସାହହୀନତା ମଧ୍ୟରେ ହନ୍ତସନ୍ତ କରିବାରେ ଲାଗିଥାଏ । ଏବଂ ଏହିପରି ଭାବରେ ପରିଣାମତଃ ଏକ ବିପର୍ଯ୍ୟୟ ମଧ୍ୟରେହିଁ ଯାଇ ପଡ଼ିବାକୁ ହୁଏ ।

ବର୍ତ୍ତମାନ ଆମର ଏହି ପୃଥିବୀ ଯେଉଁଭଳି ଏକ ଅବସ୍ଥାରେ ରହିଛି, ସେଥିରେ ବ୍ୟକ୍ତିଗତ ସୁଖ ହାସଲ କରିବା କଦାପି ଆମର ଜୀବନର ଲକ୍ଷ୍ୟ ହୋଇ ରହିବା ଉଚିତ ନୁହେଁ; ବ୍ୟକ୍ତିକୁ ଉତ୍ତରୋତ୍ତର ଭାବରେ ସତତ ସେହି ପରମ ସତ୍ୟଚେତନା ମଧ୍ୟକୁ ଉଦ୍‌ବୋଧିତ କରି ନେଇଯିବାହିଁ ଜୀବନର ଲକ୍ଷ୍ୟ ହୋଇ ରହିବା ଉଚିତ ।

ଆମର ଚରିତ୍ର ଏବଂ ସ୍ୱଭାବରେ ପ୍ରକୃତରେ କୌଣସି ମୌଳିକ ପରିବର୍ତ୍ତନ ସମ୍ଭବ କରିବାକୁ ହେଲେ ସେଥିଲାଗି ଯେ ଅବଚେତନ ଉପରେ ଏକ ପରିପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ ଏବଂ ଆମ ଅଚେତନ ପ୍ରଦେଶରୁ ଉତ୍‌ଥିତ ହୋଇ ଆସୁଥିବା ଯାବତୀୟ ପ୍ରବୃତ୍ତିକୁ ଯେ ଅତ୍ୟନ୍ତ କଠୋର ଭାବରେ ଶୃଙ୍ଖଳାର ଲଗାମ ଦେଇ ବାନ୍ଧି ରଖିବାକୁ ପଡ଼ିବ, ଏହି ବାସ୍ତବ କଥାଟିରୁହିଁ ଦ୍ୱିତୀୟ ବିଚାରଟିର ଉଦ୍‌ଗମ ହୋଇଛି । ସାଧାରଣ ମନୁଷ୍ୟମାନଙ୍କର ସ୍ୱଭାବଟି ମଧ୍ୟରେ ଏହି ଅଚେତନ ଆପଣାକୁ ବଂଶଗତତାର ନାନା ପରିଣାମ ରୂପେହିଁ ଅଭିବ୍ୟକ୍ତ କରିଥାଏ ଏବଂ, ଜଣେ ମଣିଷ ଯେଉଁପରି ଏକ ପରିବେଶରେ ଜନ୍ମଗ୍ରହଣ କରିଛି, ତାହାରି ପରିଣାମ ରୂପେ ମଧ୍ୟ ଆପଣାକୁ ପ୍ରକଟ କରିଥାଏ । ଚେତନାର ଅଭିବୃଦ୍ଧିରେ କେବଳ ଏକ ଅସାଧାରଣ ବେଗ ସମ୍ଭବ ହୋଇ ପାରିଲେ ଏବଂ ପରମକରୁଣାର ବି ସତତ ସହାୟତା ଉପଲବ୍ଧ ହୋଇପାରିଲେ ଏହି ଅତ୍ୟନ୍ତ କଠିନ କାର୍ଯ୍ୟଟି ଆମର ସାଧ୍ୟ ହୋଇ ପାରିବ । ଏହି କାରଣରୁହିଁ ଏହାକୁ ସାଧ

କରିବା ଲାଗି କ୍ୱଚିତ୍ ଏକ ଉଦ୍ୟମ କରାଯାଇଛି ଏବଂ ଅନେକ ବଡ଼ ବଡ଼ ଗୁରୁ ସେଇଟିକୁ ଉପଲବ୍ଧି କରିବା ଅସମ୍ଭବ ଏବଂ ତେଣୁ ଏପରି ଏକ ଲକ୍ଷ୍ୟ କେବଳ କପୋଳକଳ୍ପିତ ବୋଲି ଘୋଷଣା ମଧ୍ୟ କରି ଯାଇଛନ୍ତି । ମାତ୍ର ତଥାପି ତା'ର ଉପଲବ୍ଧିକୁ ଆମେ କଦାପି ଅସମ୍ଭବ ବୋଲି କହିବା ନାହିଁ । ଏକ ସ୍ୱଷ୍ଟଦୃଷ୍ଟିସମ୍ପନ୍ନ ଶୃଙ୍ଖଳା ଦ୍ୱାରାହିଁ ଚରିତ୍ର ଏବଂ ସ୍ୱଭାବରେ ଏକ ରୂପାନ୍ତର ଘଟାଇବା ସମ୍ଭବ ହୋଇ ପାରିଛି; କୌଣସି ପ୍ରକାର ବାଧା ଓ ଏପରିକି ବାରଂବାର ଘଟୁଥିବା ବିଫଳତା ମଧ୍ୟ ଯାହାକୁ ତଥାପି ହତୋତ୍ସାହିତ କରି ପାରିବେ ନାହିଁ, ସେହିପରି ଏକ ଅଦମ୍ୟ ଅଧ୍ୟବସାୟ ଦ୍ୱାରାହିଁ ତାହା ସମ୍ଭବ ହୋଇଛି ।

ଏକ ଅପରିହାର୍ଯ୍ୟ ନିୟମ ରୂପେ ଆମେ ଏହିଠାରୁହିଁ ତାହାକୁ ଆରମ୍ଭ କରିପାରିବା : ଯେଉଁ ଚରିତ୍ର ବା ସ୍ୱଭାବଟିକୁ ଆମେ ରୂପାନ୍ତରିତ କରିବାକୁ ଇଚ୍ଛା କରୁଛୁ, ଅତ୍ୟନ୍ତ ବିବେକପୂର୍ଣ୍ଣ ଭାବରେ ଆମେ ତାହାକୁ ପୁଙ୍ଖାନୁପୁଙ୍ଖ ରୂପେ ଅବଲୋକନ କରିବାକୁ ଚେଷ୍ଟା କରିବା । ଅଧିକାଂଶ ସ୍ଥଳରେ ତାହାହିଁ ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇପଡ଼େ ଏବଂ ଅନେକ ସମୟରେ ସେହିଠାରେହିଁ ଅନେକ ମଣିଷ ପରାଭବ ବି ସ୍ୱୀକାର କରିଥା'ନ୍ତି । ମାତ୍ର ଏହି ପ୍ରସଙ୍ଗରେ ଗୋଟିଏ କଥା ପୁରାତନ ପରମ୍ପରାଗୁଡ଼ିକୁ ଖୁବ୍ ଭଲଭାବରେ ଜଣାଥିଲା ଓ ତାହାହିଁ ଆମକୁ ଆମର ଏହି ଅନ୍ତର୍ଗତ ଆବିଷ୍କାର ଯାତ୍ରାର ଗହନ ପଥରେ ଏକ ମାର୍ଗଦର୍ଶକ ପରି କାର୍ଯ୍ୟ କରିପାରିବ । ସେହି କଥାଟି ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅଧିକାଂଶ ସ୍ଥଳରେ ତା' ଚରିତ୍ର ଭିତରେ ଦୁଇଟି ପରସ୍ପର ବିପରୀତ ପ୍ରବୃତ୍ତି ରହିଥାଏ । ଅସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରେ ସେହି ପ୍ରବୃତ୍ତି ଦୁଇଟି ଆହୁରି ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ ରହିଥାଏ । ଏହି ଦୁଇଟିଯାକ ପ୍ରବୃତ୍ତି ସଚରାଚର ପ୍ରାୟ ସମାନୁପାତ ହୋଇ ରହିଥାଆନ୍ତି । ଏହାକୁ ଆମେ ଯେକୌଣସି ଗୋଟିଏ ଜିନିଷର ଆଲୁଅ ପାଖ ଏବଂ ଛାଇ ପାଖ ବୋଲି ବେଶ୍ କଳ୍ପନା କରିପାରିବା । ଏହି ନିୟମଟି ଅନୁସାରେ, ଯେଉଁ ବ୍ୟକ୍ତି ଭିତରେ ଅସାଧାରଣ ଭାବରେ ବଦାନ୍ୟ ଏବଂ ଉଦାର ହେବାର କ୍ଷମତା ରହିଛି, ସିଏ ହୁଏତ ବେଳେ ବେଳେ ହଠାତ୍ ଏକ ଅଦମ୍ୟ ଧନକୃପଣତା ଆସି ତା'ର ସ୍ୱଭାବଟିକୁ ଅଧିକାର କରିନେବା ପରି ଅନୁଭବ କରିବ; ଜଣେ ସାହସୀ ମନୁଷ୍ୟ ତା' ସତ୍ତାର କୌଣସି ନା କୌଣସି ଅଂଶରେ ହୁଏତ ଭାରି ଭୟାଳୁ ଓ ଭୀରୁ ହୋଇ ବସିଥିବ, ଜଣେ ଭଲ ମଣିଷ ଭିତରେ ହଠାତ୍ ଅନେକ ଖଳ ଓ ଦୁଷ୍ଟଭାବ ପ୍ରଚଣ୍ଡ ହୋଇ ଉଠିବାକୁ ଆରମ୍ଭ କରିବେ । ଏହିପରି ଭାବରେ ଜୀବନ ପ୍ରତ୍ୟେକ ବ୍ୟକ୍ତିକୁ ଯେ କେବଳ ଏକ ଆଦର୍ଶକୁ ଅଭିବ୍ୟକ୍ତ କରି ଆଣିବାର ସମ୍ଭାବନାଟିକୁ ଦେଇ ରଖିଥାଏ ତା' ନୁହେଁ, ତାହା ତାକୁ ତାହାର ନାନା ବିପରୀତ ଉପାଦାନକୁ ମଧ୍ୟ ଆଣି ପ୍ରଦାନ କରିଥାଏ, ଯାହାକି ଆପଣାର ପ୍ରକୃତ ଉପଲବ୍ଧିକୁ ସମ୍ଭବ କରିବା ପାଇଁ ତାକୁ ଯେଉଁସବୁ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡ଼ିବ ଏବଂ

ଯେଉଁ ବିଜୟଟିକୁ ହାସଲ କରିବାକୁ ହେବ, ସେହିଗୁଡ଼ିକର ଏକ ସାକାର ପ୍ରତିନିଧିତ୍ୱ କରିବାରେ ଲାଗିଥାଏ । ଏଣୁ, ଆମେ ସମଗ୍ର ଜୀବନକୁହିଁ ଏକ ଶିକ୍ଷାର କ୍ଷେତ୍ର ବୋଲି କହିପାରିବା ଏବଂ ଆମେ ସମସ୍ତେ ଅଳ୍ପବହୁତ ସଚେତନ ଭାବରେ ଓ ଅଳ୍ପବହୁତ ଇଚ୍ଛାପ୍ରଣୋଦିତ ଭାବରେ ସେହି ଶିକ୍ଷାର ଅନୁଧାବନ କରୁଥାଉ । କେତେକ କ୍ଷେତ୍ରରେ ଏହି ଶିକ୍ଷା ଆମ ଭିତରେ ଆଲୋକର ଅଭିବ୍ୟକ୍ତି କରିଆଣୁଥିବା ଯାବତୀୟ ଗତିସ୍ପନ୍ଦନଗୁଡ଼ିକୁ ପ୍ରୋତ୍ସାହନ ଦିଏ ଏବଂ ଆହୁରି କେତେକ ଅନ୍ୟ କ୍ଷେତ୍ରରେ ତାହା ଓଲଟି ଛାୟାଟିକୁ ପ୍ରକଟ କରି ଆଣୁଥିବା ଗତିସ୍ପନ୍ଦନଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ଦେବାରେ ଲାଗିଥାଏ । ଯଦି ଆମର ପରିସ୍ଥିତି ଏବଂ ପରିବେଶ ଅନୁକୂଳ ହୋଇ ରହିଥାଏ, ତେବେ ଛାଇଟାକୁ ପଛକୁ ଠେଲିଦେଇ ଆଲୋକହିଁ ବୃଦ୍ଧିଲାଭ କରେ; ତା' ନ ହେଲେ ଓଲଟା କଥାଟିହିଁ ଘଟିବାରେ ଲାଗିଥାଏ । ଏବଂ ଏହିପରି ଭାବରେ କାର୍ଯ୍ୟ କରୁଥିବା ପ୍ରକୃତିର ଖିଆଲ ଏବଂ ଭୌତିକ ତଥା ପ୍ରାଣିକ ଜୀବନର ନିୟତିନିର୍ଦ୍ଦେଶଗୁଡ଼ିକ ଅନୁସାରେହିଁ ଜଣେ ବ୍ୟକ୍ତିର ସ୍ୱଭାବ ଓ ଚରିତ୍ର ଏକ ନିର୍ଦ୍ଦିଷ୍ଟ ପ୍ରକାରେ ଦାନା ବାନ୍ଧିବାକୁ ଆରମ୍ଭ କରେ । ଅବଶ୍ୟ, ଯଦି ଏହି କ୍ଷେତ୍ରରେ ଏକ ଉଚ୍ଚତର ଉପାଦାନର ପ୍ରବେଶ ଘଟେ, ଯଦି ଏକ ସଚେତନ ଇଚ୍ଛା ପ୍ରକୃତିକୁ ତା'ର ଖାମଖିଆଲୀ ଧାରାଗୁଡ଼ିକରେ ଗତି କରିବାକୁ କୌଣସି ଅନୁମତି ନ ଦେଇ ସେଗୁଡ଼ିକର ସ୍ଥାନରେ ଏକ ନ୍ୟାୟାନୁମୋଦିତ ଏବଂ ସ୍ପଷ୍ଟଦୃଷ୍ଟିସମ୍ପନ୍ନ ଶୃଙ୍ଖଳାର ପ୍ରତିଷ୍ଠା ସମ୍ଭବ କରିଦିଏ, ତେବେ ପରିଣାମ ଅନ୍ୟପ୍ରକାରର ହୋଇଥାଏ । ଶିକ୍ଷାର ଏକ ବୁଦ୍ଧି ସମର୍ଥିତ ପଦ୍ଧତି କହିଲେ ଆମେ ଏହି ସଚେତନ ଇଚ୍ଛାକୁହିଁ ବୁଝିଥାଉ ।

ସେହି କାରଣରୁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ ଶିଶୁର ପ୍ରାଣିକ ଶିକ୍ଷା ଯଥାସମ୍ଭବ ଶୀଘ୍ର ଆରମ୍ଭ ହୋଇଯିବା ଉଚିତ । ବସ୍ତୁତଃ, ଶିଶୁ ଆପଣାର ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରିବାକୁ ସମର୍ଥ ହୋଇଆସିବା ସଙ୍ଗେ ସଙ୍ଗେ ତାହା ଆରମ୍ଭ ହୋଇଯିବା ଉଚିତ । ଏହିପରି ଭାବରେ ଆମେ ଅନେକ ମନ୍ଦ ଅଭ୍ୟାସରୁ ତାକୁ ବଞ୍ଚାଇ ରଖିପାରିବା ଏବଂ ତା' ଜୀବନରୁ ଅନେକ ଅନିଷ୍ଟକାରୀ ପ୍ରଭାବର ନିରାକରଣ ବି କରିପାରିବା ।

ଏହି ପ୍ରାଣିକ ଶିକ୍ଷାର ଦୁଇଟି ମୁଖ୍ୟ ଦିଗ ରହିଛି; ଏହି ଦୁଇଟିଯାକ ଦିଗର ଉଦ୍ଦେଶ୍ୟ ପରସ୍ପରଠାରୁ ଅତ୍ୟନ୍ତ ଭିନ୍ନ, ପ୍ରଣାଳୀ ମଧ୍ୟ ପରସ୍ପରଠାରୁ ଭିନ୍ନ । ମାତ୍ର ଦୁଇଟିଯାକରହିଁ ପ୍ରକୃତରେ ସମାନ ମହତ୍ତ୍ୱ ରହିଛି । ପ୍ରଥମଟିରେ ଆମ ଇନ୍ଦ୍ରିୟଗୁଡ଼ିକର ବିକାଶ ଏବଂ ବ୍ୟବହାର ସହିତ ସମ୍ପର୍କ ରହିଛି; ଏବଂ ଦ୍ୱିତୀୟଟିରେ ଆମେ ଉତ୍ତରୋତ୍ତର ଭାବରେ ଆମ ସ୍ୱଭାବଟି ବିଷୟରେ ଅଧିକ ସଜ୍ଞାନତା ଅର୍ଜନ କରିଥାଉ, ସେଗୁଡ଼ିକ ଉପରେ ଅଧିକରୁ ଅଧିକ ନିୟନ୍ତ୍ରଣଶକ୍ତି ହାସଲ କରିଥାଉ ଓ ଏହିପରି ଭାବରେ ସେଥିରେ ପରିଶେଷରେ ଏକ ରୂପାନ୍ତର ସମ୍ଭବ ହୋଇଯାଏ ।

ଇନ୍ଦ୍ରିୟଚୟର ଶିକ୍ଷାଟିର ମଧ୍ୟ ଏକାଧିକ ଦିଗ ରହିଛି; ଓ ସତ୍ତାର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ସେହି ଦିଗଗୁଡ଼ିକ ପରସ୍ପର ସହିତ ସଂଯୁକ୍ତ ହୋଇ ଯାଉଥା'ନ୍ତି । ସେହି ଅଭିବୃଦ୍ଧି ବସ୍ତୁତଃ କେବେହେଲେ ବନ୍ଦ ହୋଇଯାଏ ନାହିଁ । ଏହି ଇନ୍ଦ୍ରିୟଗୁଡ଼ିକର ଉପଯୁକ୍ତ କର୍ଷଣ ହୋଇ ପାରିଲେ ସେଗୁଡ଼ିକର କ୍ରିୟାଶୀଳତାର କ୍ଷେତ୍ରରେ ଏତେବେଶୀ ସୁନିର୍ଦ୍ଦିଷ୍ଟତା ଏବଂ ଶକ୍ତିମତ୍ତା ବି ସମ୍ଭବ ହୋଇଥାଏ ଯେ ଆମେ ସେଗୁଡ଼ିକଠାରୁ ସାଧାରଣତଃ ଯେତିକି ପ୍ରତ୍ୟାଶା ରଖିଥାଉ, ସେଗୁଡ଼ିକ ତା'ଠାରୁ ଅନେକ ଅଧିକ ସାମର୍ଥ୍ୟ ଅର୍ଜନ କରିପାରନ୍ତି ।

ପ୍ରାଚୀନ କାଳର କେତେକ ଦୀକ୍ଷା-ପରମ୍ପରାରେ ଏପରି ଏକ ଉକ୍ତି ରହିଥିଲା ଯେ ଜଣେ ମଣିଷ କେବଳ ଯେ ଆପଣାର ପାଞ୍ଚୋଟି ଇନ୍ଦ୍ରିୟର ବିକାଶ ସାଧନ କରି ପାରିବ ତାହା ନୁହେଁ, ସିଏ ପ୍ରକୃତରେ ସାତୋଟି ଇନ୍ଦ୍ରିୟର ବିକାଶ କରିପାରିବ । ଏବଂ କେତେକ ସ୍ଥଳରେ ବାରଗୋଟି ଇନ୍ଦ୍ରିୟର ବି ବିକାଶ କରିପାରିବ । କେତେକ ମନୁଷ୍ୟଗୋଷ୍ଠୀ ଗୋଟିଏ ଗୋଟିଏ ଯୁଗରେ ପ୍ରୟୋଜନର ବଶବର୍ତ୍ତୀ ହୋଇ ଅଳ୍ପବହୁତ ପରିପୂର୍ଣ୍ଣତା ସହିତ ଏହି ପରିପୂରକ ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ କୌଣସି ନା କୌଣସିଟିର ପ୍ରକୃତରେ ବିକାଶସାଧନ କରିପାରିଛନ୍ତି । ଯଦି ଅତୁଟ ଭାବରେ ଏକ ଉପଯୁକ୍ତ ଶୃଙ୍ଖଳାର ଅନୁଶୀଳନ କରାଯାଏ, ତେବେ ଏହି ବିକାଶସାଧନ ଓ ସେଥିରୁ ଉପଲବ୍ଧ ହେଉଥିବା ଲାଭଗୁଡ଼ିକରେ ଆଗ୍ରହୀ ପ୍ରତ୍ୟେକ ବ୍ୟକ୍ତି ନିଶ୍ଚୟ ସେହି କଥାଟିକୁ ସମ୍ଭବ କରିପାରିବେ । ଉଦାହରଣସ୍ୱରୂପ, ଏହି ପ୍ରସଙ୍ଗରେ ଅଧିକାଂଶ ସମୟରେ ଆମର ଭୌତିକ ଚେତନାଟିକୁ ଆହୁରି ଅଧିକ ପ୍ରଶସ୍ତ କରିଦେଇ ଓ ଆମ ବାହାରକୁ ମଧ୍ୟ ତାହାର ଏକ ପ୍ରକ୍ଷେପଣ ଘଟାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତାହାକୁ ସଂକେନ୍ଦ୍ରିତ କରି ରଖିବାର ଏବଂ ତାହାଫଳରେ ଦୂରରେ ଥାଇ ମଧ୍ୟ ତଥାପି କୌଣସି ବିଷୟକୁ ଦେଖି ପାରିବା, ଶୁଣି ପାରିବା, ଆଘ୍ରାଣ କରି ପାରିବା, ଚାଖିପାରିବା ଓ ଏପରିକି ସ୍ପର୍ଶ କରି ପାରିବାର ସାମର୍ଥ୍ୟଟିର ଉଲ୍ଲେଖ କରାଯାଇଥାଏ ।

ଇନ୍ଦ୍ରିୟ ତଥା ଇନ୍ଦ୍ରିୟଗତ କାର୍ଯ୍ୟକଳାପଗୁଡ଼ିକ ବିଷୟରେ ଏହି ସାଧାରଣ ଶିକ୍ଷାଟି ସହିତ ଆମେ ଯଥାସମ୍ଭବ ଶୀଘ୍ର ବିଭେଦ ନିରୂପଣ କରିବାର ଶକ୍ତି ଏବଂ ସୌନ୍ଦର୍ଯ୍ୟବୋଧର କର୍ଷଣକୁ ମଧ୍ୟ ଆଣି ଯୋଡ଼ିଦେବା । ଯାହା ସୁନ୍ଦର ଓ ଯାହା ସୌଷମ୍ୟଯୁକ୍ତ, ଯାହା ସହଜ, ସୁସ୍ଥ ଓ ଶୁଦ୍ଧ, ପିଲା ତାହାକୁହିଁ ବାଛିନେଇ ପାରିବାର ଓ ଗ୍ରହଣ କରିବାର ଦକ୍ଷତାଟିକୁ ଅର୍ଜନ କରି ଶିଖିବ । କାରଣ, ଶାରୀରିକ ସ୍ୱାସ୍ଥ୍ୟ ପରି ମନୋଗତ ଏକ ସ୍ୱାସ୍ଥ୍ୟ ମଧ୍ୟ ରହିଛି; ଶରୀର ଓ ଶରୀରଗତ କ୍ରିୟାଶୀଳତା ପରି ଆମର ଇନ୍ଦ୍ରିୟବୋଧର ସ୍ତରରେ ମଧ୍ୟ ଏକ ସୌନ୍ଦର୍ଯ୍ୟ ଏବଂ ଏକ ସମଞ୍ଜସତାର ସ୍ଥିତି ଅବଶ୍ୟ ରହିଛି । ପିଲାଟି ମଧ୍ୟରେ ବୁଝିବାର ଶକ୍ତି ଯେତିକି ବୃଦ୍ଧି ପାଉଥିବ, ସେହି ଅନୁସାରେ ତାକୁ ତା'ର ସମଗ୍ର ଶିକ୍ଷାକ୍ରମଟି ଭିତରେ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ସୁନିର୍ଦ୍ଦିଷ୍ଟ ଭାବରେ ଏକ କଳାତ୍ମକ ରୁଚି ଏବଂ ପରିମାର୍ଜନର

ବିଦ୍ୟାଟିକୁ ମଧ୍ୟ ଶିକ୍ଷା କରିବାକୁ ପଡ଼ିବ। ସିଏ ସୁନ୍ଦର, ଉନ୍ନତ, ସୁସ୍ଥ ଏବଂ ଉଦାତ୍ତ ଜିନିଷଗୁଡ଼ିକୁ ଦେଖିବାକୁ ପାଇବ, ସେଗୁଡ଼ିକର ତାତ୍ପର୍ଯ୍ୟକୁ ସେ ହୃଦୟଙ୍ଗମ କରି ପାରୁଥିବ ଏବଂ ଭଲପାଇ ବି ଶିଖିବ। ଏହିସବୁ ଜିନିଷ ପ୍ରକୃତି ଭିତରେ ଥାଇପାରେ, ଅଥବା ମନୁଷ୍ୟର ସୃଷ୍ଟି ଭିତରେ ମଧ୍ୟ ଥାଇପାରେ। ଏହିପରି ଭାବରେ ଏକ ଯଥାର୍ଥ ସୌନ୍ଦର୍ଯ୍ୟବୋଧଗତ କୃଷ୍ଟି ତାହାକୁ ସ୍ଖଳନକାରୀ ନାନା ଅପପ୍ରଭାବରୁ ରକ୍ଷା କରିବାକୁ ସମର୍ଥ ହେବ। କାରଣ, ବିଗତ ଯୁଦ୍ଧ ଏବଂ ସେଥିରୁ ଉତ୍ତେଜିତ ହୋଇ ବାହାରି ଥିବା ସାଂଘାତିକ ଅତିବିକଳ ଘାତସଂଘାତର ପରିଣାମସ୍ୱରୂପ, ସତେଅବା ସଭ୍ୟତାର ଅଧୋଗମନ ଏବଂ ସାମାଜିକ କ୍ଷୟିଷ୍ଣୁତାର ଏକ ସଙ୍କେତ ପରି ଉତ୍ତରୋତ୍ତର ଭାବରେ ବୃଦ୍ଧି ପାଉଥିବା ଏକ ଘୋର ଅସଭ୍ୟତା ମନୁଷ୍ୟର ବ୍ୟକ୍ତିଗତ ତଥା ସାମାଜିକ ଜୀବନକୁ ଗ୍ରାସ କରି ପକାଇଥିବା ପରି ବୋଧ ହେଉଛି; ବିଶେଷ ଭାବରେ ଆମ ସୌନ୍ଦର୍ଯ୍ୟବୋଧଗତ ଜୀବନ ଏବଂ ଇନ୍ଦ୍ରିୟଚାରଣାର କ୍ଷେତ୍ରଗୁଡ଼ିକରେ ଏହି ଅସଭ୍ୟତା ଅଧିକତର ପରିମାଣରେ ଆସି ଘୋଟି ଯାଇଥିବା ପରି ମନେ ହେଉଛି। ସଂକ୍ରାମିତ ହୋଇ ଶିଶୁ ମଧ୍ୟରେ ଅସଭ୍ୟ, ନିକୃଷ୍ଟ ଏବଂ ଅଶୋଧିତ ଯାହାକିଛି ପ୍ରବେଶ କରିବାକୁ ଚେଷ୍ଟା କରୁଛି, ଇନ୍ଦ୍ରିୟଗୁଡ଼ିକର ଏକ ପଦ୍ଧତିବଦ୍ଧ ଓ ସନ୍ଦୀପନଯୁକ୍ତ କର୍ଷଣ ଦ୍ୱାରାହିଁ ଆମେ ସେଗୁଡ଼ିକୁ ଅଳ୍ପ ଅଳ୍ପ କରି ବାହାର କରିଦେଇ ପାରିବା। ଏହି ଶିକ୍ଷାଟିରେ ପିଲାର ଚରିତ୍ର ଉପରେ ମଧ୍ୟ ଅନେକ ସୁପ୍ରଭାବ ଆସି ପଡ଼ିବ। କାରଣ, ଯିଏ ଯଥାର୍ଥ ଅନୁଶୀଳନ ଦ୍ୱାରା ଆପଣାର ରୁଚିକୁ ପ୍ରକୃତରେ ମାର୍ଜିତ ଭାବରେ ଗଢ଼ିବାକୁ ସମର୍ଥ ହୋଇଛି, ଏହି ମାର୍ଜନା ଫଳରେହିଁ ସେ କୌଣସି ପ୍ରକାର ଅଶୋଧିତ, ନିର୍ମମ ଅଥବା ଅସଭ୍ୟ ଭାବରେ କୌଣସି କାର୍ଯ୍ୟ କରିବା ଲାଗି ଆପଣାକୁ ନିତାନ୍ତ ଅସମର୍ଥ ବୋଲି ଅନୁଭବ କରୁଥିବ। ଏହି ପରିମାର୍ଜନ ଯଦି ପ୍ରକୃତରେ ନିଷ୍ଠାପର ହୋଇଥାଏ, ତେବେ ତାହା ପରିମାର୍ଜିତ ମନୁଷ୍ୟଟି ଭିତରେ ଏପରି ଏକ ଉଚ୍ଚ ରୁଚି ଏବଂ ଉଦାରତା ସୃଷ୍ଟି କରିବ ଯାହାକି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତା'ର ଆଚରଣରେ ମଧ୍ୟ ଆପଣାକୁ ଅଭିବ୍ୟକ୍ତ କରିଦେଇ ପାରିବ ଏବଂ ତାକୁ ଅନେକ ହୀନ ଓ ବିକୃତ କାର୍ଯ୍ୟରୁ ପ୍ରକୃତରେ ରକ୍ଷା କରିବାକୁ ସମର୍ଥ ହେବ।

ଏହି ଆଲୋଚନାଟି ଆମକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରାଣିକ ଶିକ୍ଷାର ସେହି ଦ୍ୱିତୀୟ ଦିଗଟିର କ୍ଷେତ୍ରରେ ଆଣି ପହଞ୍ଚାଇ ଦେଉଛି ଯାହାର କି ଚରିତ୍ର ଏବଂ ଚରିତ୍ରର ପରିବର୍ତ୍ତନ ସହିତ ଏକ ଅତି ଘନିଷ୍ଠ ସମ୍ପର୍କ ରହିଛି।

ଏହି ପ୍ରାଣିକ ସ୍ତରଟିକୁ ବାଗକୁ ଆଣିବାକୁ, ତାହାକୁ ଶୁଦ୍ଧ କରିବାକୁ ଓ ତା' ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରିବାକୁ ଯେତେ ଯାହା ଶୃଙ୍ଖଳାର ଚର୍ଚ୍ଚା କରାଯାଏ, ସାଧାରଣତଃ ସେହି ସବୁଯାକ ଜୋର୍ ଜବରଦସ୍ତି କରିବା, ଦବାଇ ପକାଇବା, ବଞ୍ଚିତ କରି ରଖିବା ଓ

ବିରାଗ ଜନ୍ମାଇବାକୁହିଁ ଉପାୟ ବୋଲି ଗ୍ରହଣ କରିଥା'ନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ରୀତିଟି ଦ୍ୱାରା ଆମର କାମଟି ଅଧିକ ସହଜ ହୋଇଯାଏ, ହୁଏତ ଅପେକ୍ଷାକୃତ ଅଧିକ ଶୀଘ୍ର ଆମର ଉଦ୍ଦେଶ୍ୟଟି ହାସଲ ହୋଇଯାଏ; ସବୁ ବିଷୟକୁ ଗମ୍ଭୀର ଓ ଟିକିନିଖି ଭାବରେ ଯଥାର୍ଥ ଶିକ୍ଷା ଦ୍ୱାରା ଅର୍ଜନ କରିବା ତୁଳନାରେ ଏଥିରେ ଅଧିକ ସହଜରେ ଫଳ ମିଳିଯାଏ । ମାତ୍ର ତାହାର ସ୍ଥାୟିତ୍ୱ ଏବଂ ଫଳ ଆଦୌ ଗଭୀରକୁ ଯାଏ ନାହିଁ । ଅଧିକନ୍ତୁ, ଏଥିରେ ଆମକୁ ପ୍ରାଣିକ ସତ୍ତାଠାରୁ ଆଦୌ କୌଣସି ସାହାଯ୍ୟ ବା ସହଯୋଗ ମିଳେ ନାହିଁ, ତା'ର ଯାବତୀୟ ହସ୍ତକ୍ଷେପରୁ ଆମେ ବଞ୍ଚିତ ହୋଇ ରହିଯାଉ । ମାତ୍ର, ଯଦି ଆମେ ବ୍ୟକ୍ତିର ଅଭିବୃଦ୍ଧି ଏବଂ ଯାବତୀୟ କ୍ରିୟା ପ୍ରକୃତରେ ଏକ ପରିପୂର୍ଣ୍ଣତା ଲାଭ କରୁ ବୋଲି ଇଚ୍ଛା କରୁଥିବା, ତେବେ ସେହି ସାହାଯ୍ୟ ଓ ସହଯୋଗର ସର୍ବଦାହିଁ ଅତୀବ ମହତ୍ତ୍ୱ ନିଶ୍ଚୟ ରହିଥିବ ।

ଆମ ଭିତରେ ଯେତେଯାହା ଗତିଶୀଳତା ଏବଂ କ୍ରିୟାଗତ ସ୍ପନ୍ଦନ ହେଉଛି, ଆମେ ସେଗୁଡ଼ିକ ବିଷୟରେ ସଚେତନ ହେବା, ଆମେ କ'ଣ ସବୁ କରୁଛୁ ଓ କାହିଁକି କରୁଛୁ, ସେ ବିଷୟରେ ମଧ୍ୟ ସଜ୍ଞାନ ହେବା, ଆମକୁ ଅପରିହାର୍ଯ୍ୟ ଭାବରେ ଏହିଠାରୁହିଁ ଆରମ୍ଭ କରିବାକୁ ପଡ଼ିବ । ପିଲା ତା'ର ଯାବତୀୟ ପ୍ରତିକ୍ରିୟା ଓ ଉଦ୍‌ବେଳନଗୁଡ଼ିକୁ ଅବଲୋକନ କରି ଶିଖିବ ଓ ସେଗୁଡ଼ିକୁ ଆପଣା ଭିତରେ ଲିପିବଦ୍ଧ କରି ରଖିବ; ସିଏ ସେଗୁଡ଼ିକର କାରଣ ବିଷୟରେ ମଧ୍ୟ ସଜ୍ଞାନ ହେବ । ଆପଣାର ଯାବତୀୟ ବାସନା, ହିଂସା ଏବଂ ଉଗ୍ର ଆବେଗର ଯାବତୀୟ ଉଦ୍‌ବେଳନ ଅଧିକାର କରିବା, ଆତ୍ମସାତ୍ କରିବା ଏବଂ ଅଧୀନ କରି ରଖିବାର ଯାବତୀୟ ଅନ୍ଧ ପ୍ରବୃତ୍ତି ଏବଂ ତାହାର ପୃଷ୍ଠଭୂମି ରୂପେ ଅବସ୍ଥିତ ରହି ତାହାକୁ ବଳ ଦେଉଥିବା ସେହି ଦାମ୍ଭିକତା ଏବଂ ଦୁର୍ବଳ ପଣିଆ, ଉତ୍ସାହହୀନତା, ବିଷାଦ ତଥା ନୈରାଶ୍ୟର ଯାବତୀୟ ଆନୁଷଙ୍ଗିକ, —ସିଏ ଏଗୁଡ଼ିକୁ ନିରୀକ୍ଷଣ କରି ଶିଖିବ, ସେଗୁଡ଼ିକର ନାନା କାରଣରୁ ସେ ଜାଣିବାକୁ ଚେଷ୍ଟା କରିବ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହି ପ୍ରକ୍ରିୟାଟିକୁ ପ୍ରକୃତରେ ଉପଯୋଗୀ କରି ପାରିବାକୁ ହେଲେ ଏହି ନିରୀକ୍ଷଣଶକ୍ତିର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଅଗ୍ରଗତି କରିବା ଏବଂ ପରିପୂର୍ଣ୍ଣତା ଲାଭ କରିବାର ଇଚ୍ଛାଟି ମଧ୍ୟ ବୃଦ୍ଧି ପାଉଥିବା ଏକାନ୍ତ ଆବଶ୍ୟକ । ଆପଣାର ଏକ ଇଚ୍ଛାଶକ୍ତିର ଉଦ୍ରେକ ହେବା ସଙ୍ଗେ ସଙ୍ଗେ ଆମକୁ ପିଲା ଭିତରେ ଏହି ଇଚ୍ଛାଟିର ବି ପ୍ରବେଶ ଘଟାଇବାକୁ ପଡ଼ିବ; ଅର୍ଥାତ୍, ପିଲାକୁ ଯେତେ ବର୍ଷ ବୟସ ହେଲେ ଯାଇ ଏସବୁ ହେବା ଉଚିତ ବୋଲି ଆମେ ସାଧାରଣତଃ ବିଶ୍ୱାସ କରୁ ତାହାର ଅନେକ ପୂର୍ବରୁହିଁ ଆମକୁ ତାହା କରିବାକୁ ପଡ଼ିବ ।

ଅତିକ୍ରମଣ ଏବଂ ବିଜୟ ହାସଲର ଏହି ଇଚ୍ଛାଟିକୁ ଜାଗୃତ କରି ଆଣିବାକୁ ହେଲେ,

ବିଭିନ୍ନ ଶିଶୁଙ୍କ କ୍ଷେତ୍ରରେ ବିଭିନ୍ନ ପଦ୍ଧତିହିଁ ଆପଣାକୁ ଉପଯୁକ୍ତ ବୋଲି ସାବ୍ୟସ୍ତ କରିବ । କେତେକଙ୍କ ସ୍ଥଳରେ ଆମେ ବୁଦ୍ଧି ଓ ଯୁକ୍ତି ଦେଇ ବୁଝାଇ କହିଲେ ଫଳଦାୟକ ହେବ, ଆଉ କେତେକଙ୍କର କ୍ଷେତ୍ରରେ ସେମାନଙ୍କର ଅନୁଭବ ଏବଂ ସଦିଚ୍ଛାକୁ ମଧ୍ୟ ଉଦ୍ରେକ କରି କାମରେ ଲଗାଇବାକୁ ପଡ଼ିବ । ଆହୁରି କେତେକ କ୍ଷେତ୍ର ବି ରହିଛି, ଯେଉଁଠାରେ କି ସମ୍ମାନବୋଧ ଏବଂ ଆତ୍ମସମ୍ମାନର ଉଦ୍‌ବୋଧନ ଦ୍ୱାରା ତାହା ହୋଇପାରିବ । ମାତ୍ର ସମସ୍ତଙ୍କର କ୍ଷେତ୍ରରେ ସତତ ତଥା ନିଷ୍ଠାଯୁକ୍ତ ଭାବରେ ଦେଖାଇ ଦିଆଯାଇ ପାରୁଥିବା ଦୃଷ୍ଟାନ୍ତହିଁ ସର୍ବାଧିକ ପରିମାଣରେ ଏକ ଶକ୍ତିଶାଳୀ ପଦ୍ଧତି ହୋଇ ରହିଥିବ ।

ସର୍ବପ୍ରଥମେ ସଂକଳ୍ପଟିର ଏକ ସୁଦୃଢ଼ ପ୍ରତିଷ୍ଠା ସମ୍ଭବ ହୋଇଗଲେ ଆମକୁ କେବଳ ଦୃଢ଼ତା ଓ ଅଟଳତା ସହିତ ଅଗ୍ରସର ହୋଇଯିବାକୁ ପଡ଼ିବ । କୌଣସି ପରାଜୟକୁ ମଧ୍ୟ ଆମେ କଦାପି ଚୂଡ଼ାନ୍ତ ବୋଲି ସ୍ୱୀକାର କରି ନେବା ନାହିଁ । ଆପଣାକୁ ଦୁର୍ବଳ କରି ପକାଉଥିବା ଏବଂ ପଛକୁ ହଟାଇ ରଖୁଥିବା ଯାବତୀୟ ସ୍ଥିତିକୁ ଏଡ଼ାଇ ରଖି ପାରିବାକୁ ହେଲେ, ଆମକୁ ଗୋଟିଏ ଅତି ମହତ୍ତ୍ୱପୂର୍ଣ୍ଣ କଥାକୁ କଦାପି ଭୁଲି ନ ଯାଇ ସର୍ବଦା ସ୍ମରଣ ରଖିବାକୁ ପଡ଼ିବ । ସେହି କଥାଟି ହେଉଛି ଯେ, ବିଧିବଦ୍ଧ ଭାବରେ ଉତ୍ତରୋତ୍ତର ଅଧିକ ଫଳଦାୟକ ବ୍ୟାୟାମ କରିବା ଦ୍ୱାରା ଯେପରି ଆମର ମାଂସପେଶୀଗୁଡ଼ିକର କର୍ଷଣ ଓ ବିକାଶ ସମ୍ଭବ ହୋଇ ପାରୁଛି, ଠିକ୍ ସେହିପରି ଭାବରେ ଆମେ ଆମ ଇଚ୍ଛାଟିର ବି କର୍ଷଣ ଓ ବିକାଶ ଅବଶ୍ୟ କରିପାରିବା । ଆଦୌ କୌଣସି ମହତ୍ତ୍ୱ ନ ରହିଥିବା ପରି ମନେ ହେଉଥିବା କୌଣସି ଜିନିଷ ସକାଶେ ମଧ୍ୟ ଆମେ ଆମ ଇଚ୍ଛାଟିଠାରୁ ସର୍ବାଧିକ ପ୍ରୟାସ ଓ ପ୍ରଚେଷ୍ଟା ଦାବି କରିବା ବିଷୟରେ କଦାପି ପଶ୍ଚାତ୍‌ପଦ ହେବା ନାହିଁ । କାରଣ, କେବଳ ପ୍ରଚେଷ୍ଟା ବଳରେହିଁ ତାହାର ସାମର୍ଥ୍ୟ ବୃଦ୍ଧି ପାଇବ, ଏବଂ ଏପରିକି ସବୁଠାରୁ ଅଧିକ ଆୟାସସାଧ୍ୟ ହୋଇ ରହିଥିବା କ୍ଷେତ୍ରଗୁଡ଼ିକରେ ମଧ୍ୟ ସିଏ ଆପଣାକୁ ପ୍ରୟୋଗ କରି ପାରିବାର ଶକ୍ତିଟିକୁ ଧୀରେ ଧୀରେ ଅର୍ଜନ ବି କରିପାରିବ । ଯେଉଁ କାର୍ଯ୍ୟଟି କରିବ ବୋଲି ତୁମେ ନିଷ୍ପତ୍ତି କରିଛ, ଯାହା ହେଲେ ମଧ୍ୟ ତୁମକୁ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ; ସେହି କାର୍ଯ୍ୟଟିକୁ କରିବା ସକାଶେ ତୁମକୁ ଆପଣାର ସେହି ଚେଷ୍ଟାକୁ ଥର ଥର କରି ଅଗଣିତ ଥର ଲାଗି କରିବାକୁ ପଡ଼ିଲେ ମଧ୍ୟ ତୁମକୁ ତାହା କରିବାକୁ ପଡ଼ିବ । ସେହି ପ୍ରଚେଷ୍ଟାଟି ଦ୍ୱାରାହିଁ ତୁମର ଇଚ୍ଛା ଅଧିକ ବଳଯୁକ୍ତ ହୋଇ ପାରିବ; ଏବଂ ସେହି ଇଚ୍ଛାଟିକୁ ନେଇ ତୁମେ ଠିକ୍ କେଉଁ ଉଦ୍ଦେଶ୍ୟଟି ଲାଗି ପ୍ରୟୋଗ କରିବ, ବିବେକର ସହିତ କେବଳ ସେହି ନିର୍ବାଚନଟିକୁ କରିବାର କାର୍ଯ୍ୟଟି ବାକି ରହିଥିବ ।

ପରିଶେଷରେ ସାରାଂଶ କରି କହିବାକୁ ଗଲେ : ଆମେ ପ୍ରଥମେ ଆମ ଚରିତ୍ର ବିଷୟରେ ଏକ ପୂର୍ଣ୍ଣ ସଜ୍ଞାନତା ଅର୍ଜନ କରିବା; ଏବଂ ତା'ପରେ, ଯେଉଁସବୁ

ଉପାଦାନଗୁଡ଼ିକର ରୂପାନ୍ତର ଆବଶ୍ୟକ, ସେଗୁଡ଼ିକ ଉପରେ ସଂପୂର୍ଣ୍ଣ ପ୍ରଭୁତ୍ୱ ହାସଲ କରି ସେଗୁଡ଼ିକର ରୂପାନ୍ତର-ବିଧାନ କରିପାରିବା ସକାଶେ ଆମକୁ ନିଜର ଯାବତୀୟ ଗତିସ୍ପନ୍ଦନ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ପଡ଼ିବ ।

ଏବଂ, ପ୍ରଭୁତ୍ୱ-ଅର୍ଜନ ଏବଂ ରୂପାନ୍ତର-ସାଧନର ଏହି ପ୍ରୟାସ ପ୍ରକୃତରେ ଯେଉଁ ଆଦର୍ଶଟିକୁ ବାସ୍ତବରେ ପରିଣତ କରିବାକୁ ଇଚ୍ଛା କରୁଛି, ସବୁକିଛି ତାହାରି ଉପରେହିଁ ନିର୍ଭରଶୀଳ ହୋଇ ରହିଥିବ । ଆମ ଆଦର୍ଶର ମୂଲ୍ୟ ଉପରେ ବି ଆମର ସକଳ ପ୍ରୟାସର ଓ ସେଥିରୁ ମିଳିବାକୁ ଯାଉଥିବା ଫଳଟି ନିର୍ଭର କରୁଥିବ । ମନଃସ୍ତରୀୟ ଶିକ୍ଷା ବିଷୟରେ ଚର୍ଚ୍ଚା କଲାବେଳେ ପରବର୍ତ୍ତୀ ଅଧ୍ୟାୟରେ ଆମେ ଏହି ବିଷୟଟିର ବି ଚର୍ଚ୍ଚା କରିବା ।

*ବୁଲେଟିନ୍, ଅଗଷ୍ଟ ୧୯୫୧*

# ମନଃସ୍ତରୀୟ ଶିକ୍ଷା

ଶିକ୍ଷାର ଯାବତୀୟ ଧାରା ଭିତରେ ମନଃସ୍ତରୀୟ ଶିକ୍ଷା ହେଉଛି ସବୁଠାରୁ ଅଧିକ ପରିମାଣରେ ସୁବିଦିତ, ସବୁଠାରୁ ଅଧିକ ପରିମାଣରେ ଏହାର ଅନୁଶୀଳନ ବି କରାଯାଇଥାଏ । ତଥାପି, ଅତ୍ୟନ୍ତ ବିରଳ କେତୋଟି ଦୃଷ୍ଟାନ୍ତକୁ ଛାଡ଼ିଦେଲେ ଏଥିମଧ୍ୟରେ ଏପରି ଅନେକ ଫାଟ ଓ ଫାଙ୍କମାନ ରହିଯାଇଛି, ଯାହାଫଳରେ କି ଏହି ଶିକ୍ଷା ଅତ୍ୟନ୍ତ ଅସଂପୂର୍ଣ୍ଣ ଏବଂ ପରିଣାମତଃ ବେଶ୍ ଏକ ଅଯଥେଷ୍ଟ ବ୍ୟାପାର ହୋଇ ଏବେ ମଧ୍ୟ ରହିଛି ।

ସାଧାରଣ ଭାବରେ କହିବାକୁ ଗଲେ କୌଣସି ସ୍କୁଲକୁ ଯାଇ ପାଠ ପଢ଼ିବାକୁହିଁ ଆମର ଆବଶ୍ୟକ ଯାବତୀୟ ମାନସିକ ଶିକ୍ଷା ବୋଲି ବିଚାର କରି ନିଆ ଯାଇଥାଏ । ଏବଂ ଯେତେବେଳେ ଗୋଟିଏ ପିଲା ଲଗାଏତ କେତେ ବର୍ଷ ପାଇଁ ଗୋଟାଏ ନିର୍ଦ୍ଦିଷ୍ଟ ପ୍ରଣାଳୀରେ କୌଣସି ସ୍କୁଲ୍‌ରୁ ଏକ ତାଲିମ ପାଇ ବାହାରି ଆସେ, ଯଥାର୍ଥରେ କିଛି ଶିକ୍ଷା କରିବା ଅପେକ୍ଷା ଯେତେବେଳେ ଅଧିକତଃ କେତେଟା କଥାକୁ ମୁଖସ୍ଥ କରି ସେ ବାହାରି ଆସେ, ସେତେବେଳେ ବିଚାର କରାଯାଇଥାଏ ଯେ, ନିଜର ମାନସିକ ବିକାଶ ଲାଗି ତା'ର ଯାହାକିଛି ପ୍ରୟୋଜନ ଥିଲା, ତଦ୍ୱାରା ତାହାର ଅବଶ୍ୟ ପୂରଣ ହୋଇଗଲା । ମାତ୍ର ପ୍ରକୃତରେ ସେସବୁ କିଛି ହୋଇ ନ ଥାଏ । ପିଲାଟି ସ୍କୁଲ୍‌ରେ ଯାହାକିଛି ପଢ଼ିଲା, ତାହା ଯଥାର୍ଥ ମାତ୍ରାରେ ଏବଂ ଯଥେଷ୍ଟ ବିବେଚନା ସହିତ ତାକୁ ଦିଆଯାଇଛି ଏବଂ ତଦ୍ୱାରା ତା'ର ମସ୍ତିଷ୍କକୁ ସବୁଦିନ ସକାଶେ ନଷ୍ଟ କରି ଦିଆଯାଇ ନାହିଁ ବୋଲି ସ୍ୱୀକାର କରି ନିଆଗଲେ ମଧ୍ୟ, ଏକ ଉତ୍ତମ ଏବଂ ପ୍ରକୃତରେ ଉପଯୋଗୀ ଯନ୍ତ୍ର ରୂପେ କାର୍ଯ୍ୟ କରି ପାରିବା ପାଇଁ ମନୁଷ୍ୟର ମନ ଯେଉଁସବୁ ସାମର୍ଥ୍ୟ ହାସଲ କରି ପାରିବା ଉଚିତ, ଉକ୍ତ ଶିକ୍ଷା ତାକୁ ସେହି ସାମର୍ଥ୍ୟଗୁଡ଼ିକୁ କଦାପି ଆଣି ଦେଇପାରେ ନାହିଁ । ସାଧାରଣତଃ ଆମ ସ୍କୁଲଗୁଡ଼ିକରେ ପିଲାକୁ ଯାହାକିଛି ପାଠ ପଢ଼ାଇ ଦିଆଯାଏ, ତାହା ଖୁବ୍ ବେଶୀ ହେଲେ ତା'ର ମସ୍ତିଷ୍କର ଗ୍ରହଣଶୀଳତାରେ କିଞ୍ଚିତ୍ ବୃଦ୍ଧିସାଧନ କରିବାରେ କେବଳ ଗୋଟାଏ ପ୍ରକାରର କସରତ ପରି ଯାହା କାର୍ଯ୍ୟ କରିଥାଏ । ଏହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଆମେ ଶିକ୍ଷା କରୁଥିବା ପ୍ରତ୍ୟେକ ବିଷୟର କ୍ଷେତ୍ରକୁ ସେହି ମାନସିକ କସରତର କୌଣସି ଏକ ବିଶେଷ ପ୍ରକାରର ପ୍ରତିନିଧିତ୍ୱ କରୁଛି ବୋଲି କୁହାଯାଇ ପାରିବ । ଏବଂ, ଏହିସବୁ ବିଭିନ୍ନ କ୍ଷେତ୍ରକୁ ଯେଉଁସବୁ ଶବ୍ଦ ଦେଇ ସକ୍ରବଦ୍ଧ କରା ଯାଇଥାଏ, ତାହା ପ୍ରକୃତରେ ଗୋଟିଏ ଗୋଟିଏ ବିଶେଷ ଏବଂ ସୁସଂଜ୍ଞାକୃତ ସ୍ୱତନ୍ତ୍ର ଭାଷା ହୋଇ ମଧ୍ୟ ରହିଥାଏ ।

ଯେଉଁ ଯଥାର୍ଥ ମନଃସ୍ତରୀୟ ଶିକ୍ଷା ମନୁଷ୍ୟକୁ ଏକ ଉଚ୍ଚତର ଜୀବନ ଲାଗି ପ୍ରସ୍ତୁତ

କରି ନେଇପାରିବ, ସେଥିରେ ଆମେ ପାଞ୍ଚୋଟି କ୍ରମପର୍ଯ୍ୟାୟର କଳ୍ପନା କରିପାରିବା । ସାଧାରଣତଃ ଏହି ପର୍ଯ୍ୟାୟଗୁଡ଼ିକ ପରସ୍ପରର ଅନୁବର୍ତ୍ତୀ ହୋଇ ରହିଥା'ନ୍ତି, ମାତ୍ର ବିଶେଷ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିମାନଙ୍କର କ୍ଷେତ୍ରରେ ସେଗୁଡ଼ିକର କ୍ରମରେ ଏକ ପରିବର୍ତ୍ତନ ମଧ୍ୟ ବେଶ୍ ସମ୍ଭବ ହୋଇପାରେ, ବା ଏପରିକି ସେଗୁଡ଼ିକ ଯୁଗପତ୍ ଭାବରେ ମଧ୍ୟ ଗତି କରି ପାରନ୍ତି । ସଂକ୍ଷିପ୍ତ ଭାବରେ କହିଲେ, ସେହି ପାଞ୍ଚଗୋଟି ପର୍ଯ୍ୟାୟ ହେଉଛି :

(୧) ସଂକେନ୍ଦ୍ରଣ ଶକ୍ତିର ବିକାଶ, ଅଭିନିବେଶ ସାମର୍ଥ୍ୟର ଅଭିବୃଦ୍ଧି ।

(୨) ସଂପ୍ରସାରଣ, ବ୍ୟାପକତା, ବହୁମୁଖିତା ଏବଂ ସମୃଦ୍ଧି ଲାଗି ରହିଥିବା ସାମର୍ଥ୍ୟଗୁଡ଼ିକର ବିକାଶ ।

(୩) କୌଣସି ଏକ କେନ୍ଦ୍ରସ୍ଥ ବିଚାର, ଏକ ଉଚ୍ଚତର ଆଦର୍ଶ କିଂବା ଆମ ଜୀବନରେ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରି ପାରୁଥିବା ଏକ ଅତ୍ୟନ୍ତ ସନ୍ଦୀପନଯୁକ୍ତ ସତ୍ୟର ଚତୁଷ୍ପାର୍ଶ୍ୱରେ ନିଜର ଯାବତୀୟ ବିଚାର ଓ ଭାବନାର ସଂଗଠନ ।

(୪) ଭାବନାର ନିୟନ୍ତ୍ରଣ, ଅବାଞ୍ଛନୀୟ ଭାବନାଗୁଡ଼ିକର ବର୍ଜନ । ଆମେ ଯେତେବେଳେ ଯାହା ବା ଯେତିକି ଭାବିବାକୁ ଇଚ୍ଛା କରିବା, ସେତେବେଳେ କେବଳ ସେତିକି ଭାବିବାର ସାମର୍ଥ୍ୟ-ଅର୍ଜନ ।

(୫) ଏକ ମନଃସ୍ତରୀୟ ନୀରବତା, ପରିପୂର୍ଣ୍ଣ ନିଶ୍ଚଳତାର ବିକାଶ । ଏବଂ, ସତ୍ତାର ଉଚ୍ଚତର ଭୂମିଗୁଡ଼ିକରୁ ଯେଉଁସବୁ ପ୍ରେରଣା ଅବତୀର୍ଣ୍ଣ ହୋଇ ଆସୁଛି, ତାହାରି ସକାଶେ ଅଧିକରୁ ଅଧିକ ପରିମାଣରେ ଏକ ସମଗ୍ର ଗ୍ରହଣଶୀଳତା ଅର୍ଜନ କରିବା ।

ବିଭିନ୍ନ ବ୍ୟକ୍ତିମାନଙ୍କର ଜୀବନରେ ଶିକ୍ଷାର ଏହି ପାଞ୍ଚୋଟି ପର୍ଯ୍ୟାୟକୁ ପ୍ରୟୋଗ କରିବାରେ ଆମକୁ ଯେଉଁସବୁ ପ୍ରଣାଳୀର ଅବଲମ୍ବନ କରିବାକୁ ହେବ, ସେହି ବିଷୟରେ ଟିକିନିଖି ସବୁ କଥାକୁ ଏଠାରେ ଆଲୋଚନା କରି କହିବା ଆଦୌ ସମ୍ଭବ ନୁହେଁ । ତଥାପି ଟିକିନିଖି କେତୋଟି କଥା ଉପରେ ଏଠାରେ କେତୋଟି ବ୍ୟାଖ୍ୟା ନିଶ୍ଚୟ ଦିଆଯାଇ ପାରିବ ।

ଏହି କଥାଟିକୁ ମୋଟେ ଅସ୍ୱୀକାର କରି ହେବ ନାହିଁ ଯେ, ପିଲାମାନଙ୍କର ଭାବନାଗୁଡ଼ିକ ସର୍ବଦା ନାନା ଆଡ଼କୁ ବିକ୍ଷିପ୍ତ ହୋଇ ବୁଲୁଥିବାରୁହିଁ ସେମାନଙ୍କର ମାନସିକ ଅଗ୍ରଗତିର କ୍ଷେତ୍ରରେ ସେମାନଙ୍କୁ ସର୍ବାଧିକ ବାଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେମାନଙ୍କର ଭାବନାମାନ ମେଞ୍ଚାଏ ପ୍ରଜାପତି ପରି ସବୁବେଳେ ଏଣେତେଣେ ହୋଇ ଡେଣା ଫଡ଼ଫଡ଼ କରି ବୁଲିବାରେ ଲାଗିଥା'ନ୍ତି, ଏବଂ ସେଗୁଡ଼ିକୁ ଗୋଟିଏ ଜାଗାରେ ଆଣି ସଂଲଗ୍ନ କରି ରଖିବାକୁ ସେମାନଙ୍କୁ ବହୁ ଆୟାସ କରିବାକୁ ପଡ଼ିଥାଏ । ତଥାପି, ସେହି ସାମର୍ଥ୍ୟଟି ସେମାନଙ୍କ ଭିତରେହିଁ ନିହିତ ହୋଇ ରହିଥାଏ; କାରଣ ଯେତେବେଳେ ତୁମେ

ସଫଳତାର ସହିତ ସେମାନଙ୍କର ଆଗ୍ରହକୁ ଜାଗୃତ କରି ଆଣିପାର, ସେତେବେଳେ ସେମାନେ ପ୍ରକୃତରେ ଅନେକ ପରିମାଣରେ ଅଭିନିବେଶ ଲାଗି ସମର୍ଥ ହୋଇଯାଆନ୍ତି । ତେଣୁ, ଆପଣାର କୁଶଳ ବୁଦ୍ଧିକୁ କାମରେ ଲଗାଇ ଜଣେ ଶିକ୍ଷକ ପିଲାକୁ ଧୀରେ ଧୀରେ ଏପରି ଭାବରେ ସାହାଯ୍ୟ କରି ପାରିବ, ଯାହାଦ୍ୱାରା କି ସେ ଆପଣାକୁ ଅଭିନିବିଷ୍ଟ କରି ରଖି ପାରିବାର ଏକ ଅବିଚ୍ଛିନ୍ନ ପ୍ରୟାସ କରିପାରିବ ଏବଂ ସିଏ ଯେଉଁ କାମଟିକୁ କରୁଛି, ସେଥିରେ ଅଧିକରୁ ଅଧିକ ସଂପୂର୍ଣ୍ଣ ଭାବରେ ନିମଗ୍ନ ହୋଇ ରହିବାର ସାମର୍ଥ୍ୟ ମଧ୍ୟ ଅର୍ଜନ କରିପାରିବ । ଖେଳଠାରୁ ଆରମ୍ଭ କରି ପୁରସ୍କାର-ପ୍ରଦାନ ପର୍ଯ୍ୟନ୍ତ ଯେଉଁସବୁ ଉପାୟ ଓ ପଦ୍ଧତି ଦ୍ୱାରା ପିଲାର ଏହି ଅଭିନିବେଶ-ସାମର୍ଥ୍ୟଟିର ବିକାଶ ସମ୍ଭବ, ସେହି ସବୁଗୁଡ଼ିକୁ ଆମେ ଏହି କ୍ଷେତ୍ରରେ ନିଶ୍ଚୟ ଉପଯୋଗୀ ବୋଲି କହିପାରିବା । ଏବଂ, ଆବଶ୍ୟକତା ଓ ପରିସ୍ଥିତି ଅନୁସାରେ ଆମେ ସେହି ସବୁଗୁଡ଼ିକର ଉପଯୋଗ କରିପାରିବା । ମାତ୍ର ଏହି ସବୁ ପ୍ରଣାଳୀ ପିଲାର ମନଃସ୍ତରରେ ଯେଉଁ କାର୍ଯ୍ୟ କରେ, ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ; ଏବଂ ତେଣୁ, ପିଲାକୁ ଆମେ ଯାହାକିଛି ଶିକ୍ଷା ଦେବାକୁ ଇଚ୍ଛା କରୁଛୁ, ସେଇଥିରେ ପିଲାର ଯେପରି ଏକ ପ୍ରକୃତ ଆଗ୍ରହ ଜନ୍ମିବ, ସେହି କାର୍ଯ୍ୟଟିକୁ ସିଏ ଶ୍ରଦ୍ଧାର ସହିତ କରିବ ଏବଂ ଅଗ୍ରଗତି କରିବା ଲାଗି ତା' ଭିତରେ ଯେପରି ସ୍ୱତଃ ଏକ ଇଚ୍ଛା ଜନ୍ମଲାଭ କରିବ, ତାହାହିଁ ହେଉଛି ସର୍ବଶ୍ରେଷ୍ଠ ଓ ଅସଲ ପଦ୍ଧତି । ପିଲା ଶିକ୍ଷା କରିବାକୁ ଭଲ ପାଇବ, ଏହାକୁହିଁ ପିଲା ପାଇଁ ଆମର ସର୍ବଶ୍ରେଷ୍ଠ ଓ ସବୁଠାରୁ ଅଧିକ ମୂଲ୍ୟବାନ୍ ଦାନ ବୋଲି କୁହାଯାଇ ପାରିବ । ପିଲା ସବୁବେଳେ ଓ ସବୁଠାରେ ଶିକ୍ଷା କରିବାରେହିଁ ଶ୍ରଦ୍ଧା ରଖିବ, ଯେପରିକି ତା' ଜୀବନର ଯାବତୀୟ ପରିସ୍ଥିତି ଓ ଯାବତୀୟ ଘଟନା ତା' ଲାଗି ଅଧିକ ଓ ଆହୁରି ଅଧିକ ଶିକ୍ଷା ପ୍ରାପ୍ତ କରିବା ଲାଗି ସତତ ଗୋଟିଏ ନୂତନ ନୂତନ ସୁଯୋଗରେ ପରିଣତ ହୋଇ ଯାଉଥିବ ।

ସେଥିଲାଗି, ଅଭିନିବେଶ ଓ ସଂକେନ୍ଦ୍ରଣ ସହିତ ଆମକୁ ପର୍ଯ୍ୟବେକ୍ଷଣ, ଯଥାର୍ଥ ସଂରକ୍ଷଣ ଏବଂ ନିଷ୍ପାପର ଭାବରେ କାର୍ଯ୍ୟ କରୁଥିବା ସ୍ମୃତି ଶକ୍ତିଟିକୁ ମଧ୍ୟ ସଂଯୁକ୍ତ କରି ରଖିବାକୁ ହେବ । ବିଭିନ୍ନ ପ୍ରକାରର ସ୍ୱତଃସ୍ଫୂର୍ତ୍ତ ଅଭ୍ୟାସ ଓ ଅନୁଶୀଳନ ଦ୍ୱାରା ଉପସ୍ଥିତ ଯାବତୀୟ ସୁଯୋଗର ବିନିଯୋଗ ଦ୍ୱାରା ଶିଶୁର ଭାବନାକୁ ଜାଗ୍ରତ୍, ପ୍ରସ୍ତୁତ ଏବଂ ତତ୍ପର କରି ରଖି ଏହି ପର୍ଯ୍ୟବେକ୍ଷଣ-ଶକ୍ତିଟିର ବିକାଶ କରାଯାଇ ପାରିବ । ସ୍ମୃତିଶକ୍ତିର ଅଭିବର୍ଦ୍ଧନ ଅପେକ୍ଷା ବୋଧଶକ୍ତିର ଉତ୍ତରୋତ୍ତର ବିକାଶ ଉପରେହିଁ ସର୍ବଦା ଅଧିକ ମହତ୍ତ୍ୱ ଦେବାକୁ ପଡ଼ିବ । ଆମେ ଯେତିକି ବିଷୟ ଭଲ କରି ହଜମ କରିପାରୁ ଓ ବୁଝିଥାଉ, କେବଳ ସେତିକି ବିଷୟକୁହିଁ ଆମେ ଯଥାର୍ଥ ଭାବରେ ଜାଣୁ । ଯେଉଁସବୁ ବିଷୟକୁ ଆମେ ଅତ୍ୟନ୍ତ ଯାନ୍ତ୍ରିକ ଭାବରେ ଖାଲି ମୁଖସ୍ଥ କରି ପକାଇଥାଉ, ସେସବୁ ଅଳ୍ପ ଅଳ୍ପ କରି କ୍ରମଶଃ କ୍ଷୀଣ

ହୋଇ ଯାଆନ୍ତି ଏବଂ ପରିଶେଷରେ ଏକାବେଳେକେ ଅନ୍ତର୍ହିତ ବି ହୋଇ ଯାଆନ୍ତି । ମାତ୍ର ଯଥାର୍ଥ ଭାବରେ ବୁଝିଥିବା କୌଣସି ବିଷୟ କେବେହେଲେ ବିସ୍ମୃତ ହୁଏ ନାହିଁ । ଅଧିକନ୍ତୁ, ପିଲା ଯେତେବେଳେ ବିଭିନ୍ନ ବିଷୟର କିପରି ଓ କାହିଁକିକୁ ନେଇ ତୁମକୁ କିଛି ପଚାରିବାକୁ ଆସିବ, ସେତେବେଳେ ତୁମେ କଦାପି ତାକୁ ସେସବୁକୁ ବୁଝାଇ ଦେବାକୁ ମନା କରିଦେବ ନାହିଁ । ଯଦି ନିଜେ ବୁଝାଇଦେଇ ନ ପାରିବ, ତେବେ ସେଗୁଡ଼ିକୁ ବୁଝାଇଦେବା ପାଇଁ ଯେଉଁମାନଙ୍କର ଯୋଗ୍ୟତା ରହିଛି, ପିଲାକୁ ତୁମେ ସେମାନଙ୍କ ପାଖକୁ ଯିବା ଲାଗି କହିବ ଅଥବା, ଯେଉଁସବୁ ବହିରେ ସେହି ପ୍ରଶ୍ନଟିର ଚର୍ଚ୍ଚା କରାଯାଇଛି, ସେହିପରି କେତୋଟି ବହି ପଢ଼ିବାକୁ ତାକୁ ପରାମର୍ଶ ଦେଇପାରିବ । ଏହିପରି ଭାବରେହିଁ ତୁମେ ଅଧିକରୁ ଅଧିକ ପରିମାଣରେ ପିଲା ଭିତରେ ଯଥାର୍ଥ ଅଧ୍ୟୟନ ଲାଗି ଏକ ଯଥାର୍ଥ ରୁଚି ଜାଗୃତ କରି ଆଣିପାରିବ, ଅଧିକରୁ ଅଧିକ ଜାଣିବା ଲାଗି ଏକ ଅନବରତ ପ୍ରୟାସ କରିବାର ଅଭ୍ୟାସଟିକୁ ମଧ୍ୟ ତୁମେ ତା' ଭିତରେ ସମ୍ଭବ କରି ପାରିବ ।

ଏହି ଆଲୋଚନା ଆମକୁ ସ୍ୱଭାବତଃ ମନଃସ୍ତରୀୟ ବିକାଶର ଦ୍ୱିତୀୟ ପର୍ଯ୍ୟାୟଟିରେ ଆଣି ପହଞ୍ଚାଇ ଦେଉଛି, ଯେଉଁ ପର୍ଯ୍ୟାୟକୁ ଆସି ପିଲାର ମନ ଅଧିକ ପ୍ରଶସ୍ତ ହୋଇଯାଇ ପାରିବ ଏବଂ ଅଧିକ ସମ୍ପନ୍ନତା ଲାଭ କରିବ ।

ଯଥାର୍ଥ ଭାବରେ କୌଣସି ବିଷୟର ନିକଟବର୍ତ୍ତୀ ହୋଇ ପାରିଲେ ଯେକୌଣସି ବିଷୟର ଅଧ୍ୟୟନ ଯେ ଅବଶ୍ୟ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ପାରିବ, ତୁମେ କ୍ରମଶଃ ପିଲାକୁ ସେହି କଥାଟି ଦେଖାଇ ଦେବାକୁ ଚେଷ୍ଟା କରିବ ଓ ସେହି ବିଷୟରେ ତା'ର ମନରେ ଏକ ଅନୁକୂଳ ପ୍ରତ୍ୟୟ ମଧ୍ୟ ସୃଷ୍ଟି କରିବ । ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଯେଉଁ ଜୀବନର ଭୂମିଟିରେ ବିଚରଣ କରୁଛୁ, ତାହାହିଁ ହେଉଛି ଆମର ପ୍ରକୃଷ୍ଟ ବିଦ୍ୟାଳୟ । ଏଥିରେ କେତେ ବୈଚିତ୍ର୍ୟ ଓ ବହୁମୁଖିତା ଭରି ରହିଛି, ଅପ୍ରତ୍ୟାଶିତ କେତେ କେତେ ଅନୁଭୂତି ପୂର୍ଣ୍ଣ ହୋଇ ରହିଛି । ଏହାରି ମଧ୍ୟରେ କେତେ କେତେ ସମସ୍ୟା ସମାଧାନ କରିବାକୁ ରହିଛି, କେତେ ଅତି ସ୍ପଷ୍ଟ ଏବଂ ଅସାଧାରଣ ଦୃଷ୍ଟାନ୍ତ ଭରପୂର ହୋଇ ରହିଛି, କେତେ ସୁସ୍ପଷ୍ଟ ପରିଣାମମାନ ବି ରହିଛି । ପିଲାମାନେ ତୁମକୁ ଯେଉଁ ଅଗଣିତ ପ୍ରଶ୍ନ ପଚାରନ୍ତି, ସ୍ପଷ୍ଟତା ଏବଂ ବୁଦ୍ଧିମତ୍ତା ସହିତ କେବଳ ସେହିଗୁଡ଼ିକର ଉତ୍ତର ଦେଇ ପାରିଲେ ମଧ୍ୟ ତୁମେ ଅତି ସହଜରେ ସେମାନଙ୍କ ଭିତରେ ଏକ ସୁସ୍ଥ ଜିଜ୍ଞାସୁଭାବର ଉଦ୍ରେକ କରି ଆଣିପାରିବ । ଗୋଟିଏ ପ୍ରଶ୍ନର ଏକ ଆଗ୍ରହୋଦ୍ଦୀପକ ସତ୍ୱର ଉତ୍ତର ଦେଇପାରିଲେ ତାହା ସଙ୍ଗେ ସଙ୍ଗେ ଆପଣା ସହିତ ଆହୁରି ଅନେକ ଉତ୍ତରର ଉଦ୍ରେକ କରି ଆଣିଥାଏ ଏବଂ ଏହିପରି ଭାବରେହିଁ ଯଥାର୍ଥ ଅଭିନିବେଶ ରହିଥିବା ପିଲା ଅନାୟାସରେ ତା' ସ୍କୁଲ୍‌ର କ୍ଲାସ୍‌ଘର ଭିତରେ ବସି ସାଧାରଣତଃ ଯେତିକି ଶିକ୍ଷା କରେ, ବାହାରେ ତା'ଠାରୁ ଅନେକ

ଅଧିକ ଶିକ୍ଷା କରିବାକୁ ସମର୍ଥ ହୋଇଥାଏ । ଉଚିତ ଯତ୍ନ ଏବଂ ଅନ୍ତର୍ଦୃଷ୍ଟି ଦ୍ୱାରା ଏକ ନିର୍ବାଚନ କରିବାକୁ ବି ସମର୍ଥ ହୋଇ ତୁମେ ପିଲାକୁ ଏକାଧାରରେ ଶିକ୍ଷାମୂଳକ ତଥା ଆକର୍ଷକ ଅନେକ ଉତ୍ତମ ପଠନୀୟ ବିଷୟକୁ ଉପଭୋଗ କରିବାର ରହସ୍ୟଟି ମଧ୍ୟ ଶିଖାଇଦେଇ ପାରିବ । ଯାହାକିଛି ପିଲାର କଳ୍ପନା ଶକ୍ତିକୁ ଜାଗୃତ କରି ଆଣି ପାରୁଛି ଓ ଆନନ୍ଦ ଦେଇ ପାରୁଛି, ସେହିସବୁ କୌଣସିଟି ବିଷୟରେ ମଧ୍ୟ ତୁମର ଆଦୌ କୌଣସି ଭୟ ରହିବା ଉଚିତ ନୁହେଁ । ଏହି କଳ୍ପନାଶକ୍ତି ଦ୍ୱାରାହିଁ ସୃଜନାତ୍ମକ ମନଃସାମର୍ଥ୍ୟଟିର ବିକାଶ ସମ୍ଭବ ହୁଏ ଏବଂ ତାହାରି ସାହାଯ୍ୟରେ ଯାବତୀୟ ଅଧ୍ୟୟନ ପ୍ରକୃତରେ ଜୀବନ୍ତ ହୋଇଉଠେ ଏବଂ ତେଣେ ମନର ମଧ୍ୟ ପୂର୍ଣ୍ଣ ପ୍ରସନ୍ନତା ସହିତ ବିକାଶ ହେବାରେ ଲାଗିଥାଏ ।

ପିଲା ମନର ଗ୍ରହଣଶୀଳତା ଏବଂ ବୋଧଶକ୍ତିରେ ବୃଦ୍ଧିସାଧନ କରିବା ପାଇଁ, ପିଲା ଯେ ଏକାବେଳେକେ ଅନେକ ବିଷୟ ଶିକ୍ଷା କରୁଛି, କେବଳ ସେହି ବିଷୟଟି ଉପରେ ଯେ ଦୃଷ୍ଟି ଦେବାକୁ ପଡ଼ିବ ତା' ନୁହେଁ, ମାତ୍ର ସବୁଠାରୁ ବଡ଼ କଥା ହେଉଛି ଯେ, ତାକୁ କୌଣସି ଗୋଟିଏ ବିଷୟଟିକୁ ମଧ୍ୟ ବିଭିନ୍ନ ପ୍ରକାରର ପଦ୍ଧତି ଦ୍ୱାରା ଯେ ଶିଖାଇ ଦିଆଯାଉଛି, ସେଇଟି ପ୍ରତି ବି ନଜର ରଖିବାକୁ ପଡ଼ିବ । ତାହାହେଲେ ପିଲା ଏକ ବ୍ୟାବହାରିକ ଢଙ୍ଗରେ ଏହି କଥାଟିକୁ ମଧ୍ୟ ବୁଝିବାକୁ ସମର୍ଥ ହେବ ଯେ ସେହି ଗୋଟିଏ ଶିକ୍ଷାଗତ ସମସ୍ୟାଟିର ସମ୍ମୁଖୀନ ହେବା ଲାଗି ଅନେକ ବାଟ ଓ ଅନେକ ବାଗ ରହିଛି, ତାହାର ଆଲୋଚନା ଏବଂ ସମାଧାନର ବି ଏକାଧିକ ଅନେକ ଉପାୟ ରହିଛି । ଏହାଦ୍ୱାରା ପିଲାର ମନ ଭିତରେ ଆଉ ଆଦୌ କୌଣସି ଦୁର୍ନମ୍ୟତା ବା ସ୍ପର୍ଶ କାତରତା ରହେ ନାହିଁ ଏବଂ ତାହା ସଙ୍ଗେ ସଙ୍ଗେ ତା'ର ଭାବନାଶକ୍ତି ମଧ୍ୟ ଅଧିକ ଐଶ୍ୱର୍ଯ୍ୟବନ୍ତ ଓ ଅଧିକ ଗ୍ରହଣଶୀଳ ହୁଏ ଏବଂ ପିଲା ନିଜେ ଏସବୁ ଫଳରେ ଏକ ଅଧିକ ବହୁମୁଖୀ ଏବଂ ଅଧିକ ବ୍ୟାପ୍ତଯୁକ୍ତ ସମନ୍ୱୟ ଲାଗି ମଧ୍ୟ କୁଶଳତା ଅର୍ଜନ କରିଥାଏ । ଏହିପରି ଭାବରେ ସିଏ ମନଃସ୍ତରୀୟ ଶିକ୍ଷାର ଭୂମିରେ ଅତିଶୟ ପରିମାଣରେ ଯେଉଁ ଆପେକ୍ଷିକତା ସବୁବେଳେ ରହିଛି, ସେଇଟିକୁ ମଧ୍ୟ ହୃଦୟଙ୍ଗମ କରିବାକୁ ସମର୍ଥ ହୁଏ ଏବଂ ଅଳ୍ପ ଅଳ୍ପ କରି ଜ୍ଞାନର ଆହୁରି ଅଧିକ ଯଥାର୍ଥ ଏକ ଉତ୍ସ ଲାଗି ତା' ଭିତରେ ଏକ ଅଭୀପ୍ସା ଆପଣାକୁ ଅନୁଭୂତ କରାଇବାକୁ ଆରମ୍ଭ କରେ ।

ବସ୍ତୁତଃ, ପିଲା ବୟସରେ ଯେତିକି ବଡ଼ ହେବାରେ ଲାଗେ ଓ ଆପଣାର ଅଧ୍ୟୟନରେ ଯେତିକି ଅଗ୍ରସର ହୋଇ ଯାଉଥାଏ, ତା' ସହିତ ତା'ର ମନ ମଧ୍ୟ ସେତିକି ଅଧିକ ପରିପକ୍ୱ ହେବାରେ ଲାଗିଥାଏ, ସାଧାରଣ ଧାରଣାଗୁଡ଼ିକର ଗଠନ କରିବାରେ ଅଧିକରୁ ଅଧିକ ସମର୍ଥତା ଅର୍ଜନ କରୁଥାଏ ଏବଂ ସେହି ସାଧାରଣ ଧାରଣାଗୁଡ଼ିକ

ଗଠିତ ହୋଇ ଆସିବା ସଙ୍ଗେ ସଙ୍ଗେ ପ୍ରାୟ ସର୍ବଦାହିଁ ନିଶ୍ଚୟତା ଲାଗି ମଧ୍ୟ ଏକ ଆବଶ୍ୟକତା ଆସି ପହଞ୍ଚେ, ଏପରି ଏକ ଜ୍ଞାନ ଅର୍ଜନ କରିବା ଲାଗି ଆବଶ୍ୟକତା ଆସି ପହଞ୍ଚେ, ଯାହାକି ଯଥେଷ୍ଟ ପରିମାଣରେ ସ୍ଥାୟୀ ଓ ଦୃଢ଼ ହୋଇ ପାରିଥିବ, ଯାହାକି ଏପରି ଏକ ମନୋଗତ ରଚନା ଲାଗି ଭୂମିଟିଏ ଯୋଗାଇ ଦେଇ ପାରୁଥିବ, ଯାହାଦ୍ୱାରା କି ଯାବତୀୟ ବିଚିତ୍ର ଓ ବିକ୍ଷିପ୍ତ ଓ ଅନେକ ସମୟରେ ପରସ୍ପରର ବିରୋଧୀ ହୋଇ ରହିଥିବା ଧାରଣାଗୁଡ଼ିକ ତା'ର ମସ୍ତିଷ୍କ ମଧ୍ୟକୁ ସଞ୍ଚିତ ଓ ସଂଗୃହୀତ ହୋଇ ଆସିବ, ସଂଗଠିତ ହୋଇ ଆସିବ ଓ ଶୃଙ୍ଖଳିତ ହୋଇ ରହିପାରିବ । ଆପଣାର ଭାବନାକ୍ଷେତ୍ରରେ ଏକ ଅରାଜକତାକୁ ଏଡ଼ି ପାରିବାକୁ ହେଲେ ଏହି ଶୃଙ୍ଖଳାବିଧାନର ପ୍ରକୃତରେ ଏକ ପ୍ରୟୋଜନ ରହିଛି । ପରସ୍ପରର ବିରୋଧୀ ହୋଇ ରହିଥିବା ଭାବନା ଓ ଧାରଣାଗୁଡ଼ିକୁ ଅବଶ୍ୟ ପରସ୍ପରର ପରିପୂରକ ରୂପେ ରୂପାନ୍ତରିତ କରି ଦିଆଯାଇପାରିବ, ମାତ୍ର ସେଥିଲାଗି ଆମକୁ ସେହି ଉଚ୍ଚତର କଳ୍ପନାଟିର ଆବିଷ୍କାର କରି ପାରିବାକୁ ପଡ଼ିବ, ଯାହାକି ସେଗୁଡ଼ିକୁ ଗୋଟିଏ ସମଞ୍ଜସତା ମଧ୍ୟରେ ଏକତ୍ର କରି ଆଣି ପାରିବ । ପକ୍ଷପାତିତା ଏବଂ ଏକଦେଶୀୟତାକୁ ଏଡ଼ି ପାରିବା ପାଇଁ ପ୍ରତ୍ୟେକ ସମସ୍ୟାକୁ ସମ୍ଭାବ୍ୟ ଯାବତୀୟ ଦୃଷ୍ଟିକୋଣରୁ ବିଚାର କରି ପାରୁଥିବା ଉଚିତ । ମାତ୍ର, ଆପଣାର ଭାବନାଟିକୁ ସକ୍ରିୟ ଏବଂ ସୃଜନାତ୍ମକ ହେବାକୁ ହେଲେ ତାହା ସକଳ କ୍ଷେତ୍ରରେ ସ୍ୱୀକୃତ ଯାବତୀୟ ଦୃଷ୍ଟିକୋଣର ଏକ ସ୍ୱାଭାବିକ ଏବଂ ନ୍ୟାୟସଙ୍ଗତ ସମନ୍ୱୟ ହୋଇ ରହିପାରିବା ଅବଶ୍ୟ ଉଚିତ । ଏବଂ ଆପଣା ଭାବନାଗୁଡ଼ିକର ସମଗ୍ର ସମାହାରଟି ଏକ ଗତିଶୀଳ ଓ ରଚନାତ୍ମକ ଶକ୍ତିମତ୍ତାରେ ପରିଣତ ହେଉ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁଥିବା, ତେବେ ଆମକୁ ଅତ୍ୟନ୍ତ ଯତ୍ନ ସହକାରେ ଆମର ସେହି ମନୋଗତ ସମନ୍ୱୟର କେନ୍ଦ୍ରସ୍ଥ ଧାରଣାଟିର ନିର୍ବାଚନ କରିବାକୁ ପଡ଼ିବ; କାରଣ ତାହାରି ଉପରେହିଁ ଏହି ସମନ୍ୱୟଟିର ପ୍ରକୃତ ମୂଲ୍ୟ ନିର୍ଭରଶୀଳ ହୋଇ ରହିଥିବ । କେନ୍ଦ୍ରସ୍ଥ ଧାରଣାଟି ଯେତିକି ଅଧିକ ଉଚ୍ଚ ଏବଂ ବୃହତ୍ ହୋଇଥିବ, ତାହା ଯେତିକି ଅଧିକ ପରିମାଣରେ ବ୍ୟାପକ ଓ ବିଶ୍ୱଗତ ହୋଇଥିବ, କାଳ ତଥା ଦେଶର ସ୍ଥାନୀୟ ସୀମାଗୁଡ଼ିକ ଉପରୁ ତାହା ଯେତିକି ଊର୍ଦ୍ଧ୍ୱକୁ ଉଠି ପାରୁଥିବ, ତେବେ ତାହା ଯେଉଁସବୁ କଳ୍ପନା, ଧାରଣା ଏବଂ ଭାବନାଗୁଡ଼ିକୁ ସଂଗଠିତ ଓ ସୌଷମ୍ୟବଦ୍ଧ କରିବାକୁ ସମର୍ଥ ହେଉଥିବ, ସେଗୁଡ଼ିକ ମଧ୍ୟ ସେତିକି ଅଧିକସଂଖ୍ୟକ ଏବଂ ସେତିକି ବହୁମୁଖୀ ହେବାକୁ ସମର୍ଥ ହେବେ ।

ଏକଥା କହିବା ଅନାବଶ୍ୟକ ଯେ ସଙ୍ଗଠିତ କରିବାର ଏହି କାର୍ଯ୍ୟଟିକୁ କଦାପି ଏକାଥରକେ ଚୂଡ଼ାନ୍ତ ଭାବରେ କରାଯାଇ ପାରିବ ନାହିଁ । ଆପଣାର ଶକ୍ତି ଏବଂ ତାରୁଣ୍ୟକୁ ସ୍ଥାୟୀ କରି ରଖିବାକୁ ହେଲେ ଆମର ମନକୁ ସତତ ଅଗ୍ରଗତି କରି ପାରିବାକୁ ହେବ, ନୂତନ ଜ୍ଞାନର ସନ୍ଦର୍ଭ ଓ ଆଲୋକରେ ସିଏ ଆପଣାର ଗଠିତ ଧାରଣାଗୁଡ଼ିକରେ ଏକ

ସଂଶୋଧନ କରି ପାରୁଥିବ, ନୂତନ ଧାରଣାଗୁଡ଼ିକୁ ଅନ୍ତର୍ଭୁକ୍ତ କରିନେଇ ପାରିବା ଲାଗି ଆପଣାର ବିଚରଣ ଭୂମିଟିର ଆୟତନକୁ ଯଥେଷ୍ଟ ପରିମାଣରେ ବଢ଼ାଇଦେଇ ପାରୁଥିବ ଏବଂ ଆପଣାର ଭାବନାରେ ମଧ୍ୟ ସତତ ଏକ ପୁନଃଶ୍ରେଣୀବିଭାଗ ଏବଂ ପୁନଃସଙ୍ଗଠନ କରି ପାରୁଥିବା, ଯେପରିକି ଅନ୍ୟଗୁଡ଼ିକ ସହିତ ଆପଣାର ସମ୍ବନ୍ଧଭୂମିରେ ପ୍ରତ୍ୟେକଟି ଭାବନା ଆପଣାର ଯଥାର୍ଥ ସ୍ଥାନଟିକୁ ଆବିଷ୍କାର କରିନେଇ ପାରୁଥିବ ଏବଂ ସମଗ୍ର କ୍ଷେତ୍ରଟି ମଧ୍ୟ ସୌଷମ୍ୟଯୁକ୍ତ ଏବଂ ଶୃଙ୍ଖଳିତ ହୋଇ ରହିପାରୁଥିବ ।

ବର୍ତ୍ତମାନ ଯାହାକିଛି କୁହାଗଲା, ସେସବୁ କେବଳ ଆମର ଚିନ୍ତନଶୀଳ ମନଟି ବିଷୟରେ କୁହାଗଲା, ଶିକ୍ଷା କରୁଥିବା ମନଟି ବିଷୟରେ କୁହାଗଲା । ମାତ୍ର ଶିକ୍ଷା କରିବା ହେଉଛି ମନର କେବଳ ଗୋଟିଏ ମାତ୍ର କାର୍ଯ୍ୟ; ଅନ୍ୟଟି ହେଉଛି ତାହାର ରଚନା କରିବାର ସାମର୍ଥ୍ୟ ଯାହାଦ୍ୱାରା କି ମନ ଆପଣାର କ୍ରିୟାଗୁଡ଼ିକର ଗଠନ କରେ, ସେଗୁଡ଼ିକୁ ପ୍ରସ୍ତୁତ କରିବାରେ ଲାଗିଥାଏ । ମନର ଏହି କାର୍ଯ୍ୟଟି ମଧ୍ୟ ପ୍ରଥମଟି ପରି ଅନ୍ତତଃ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ । ମାନସିକ କ୍ରିୟାତ୍ମକତାର ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଂଶଟିକୁ ଏକ ବିଷୟ ରୂପେ ଗ୍ରହଣ କରି ଖୁବ୍ କ୍ୱଚିତ୍ ବିଶେଷ ଭାବରେ ଅଧ୍ୟୟନ ଅଥବା ସମୀକ୍ଷା କରାଯାଇଛି । କୌଣସି ନା କୌଣସି କାରଣ ହେତୁ ଯେଉଁମାନେ ଆପଣାର ମନଃକ୍ଷେତ୍ରର ଯାବତୀୟ କାର୍ଯ୍ୟ ଉପରେ ଏକ କଠୋର ନିୟନ୍ତ୍ରଣ ଅର୍ଜନ କରିବାକୁ ଇଚ୍ଛା କରନ୍ତି, ସେହିମାନେହିଁ ଏହି ଦ୍ୱିତୀୟ ଗଠନର ସାମର୍ଥ୍ୟଟିକୁ ନିରୀକ୍ଷଣ କରିବା ଏବଂ ଶୃଙ୍ଖଳାବଦ୍ଧ କରିବାକୁ ଚିନ୍ତା କରିଥା'ନ୍ତି । ଏବଂ, ଏହି ଉଦ୍ୟମଟି ଆରମ୍ଭ କରିବା ମାତ୍ରକେହିଁ ସେମାନେ ଏପରି ବଡ଼ ବଡ଼ ନାନା ବିପଦର ସମ୍ମୁଖୀନ ହୁଅନ୍ତି ଯେ ସେଗୁଡ଼ିକ ସେମାନଙ୍କୁ ପ୍ରାୟ ଅଲଙ୍ଘ୍ୟ ବୋଲି ମନେ ହେଉଥାଏ ।

ଏବଂ ତଥାପି, ମନର ଏହି ନିର୍ମାଣାତ୍ମକ କ୍ରିୟାଟି ଉପରେ ଏକ ନିୟନ୍ତ୍ରଣ ହାସଲ କରିବାକୁହିଁ ଆମେ ଆତ୍ମଶିକ୍ଷାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିଗ ବୋଲି ଜାଣିବା । ଆମେ ହୁଏତ ଏପରି ବି କହିପାରିବା ଯେ, ଏହି ନିୟନ୍ତ୍ରଣଟି ବ୍ୟତୀତ ଆମେ ଆମର ମନ ଉପରେ ମଧ୍ୟ ଆଦୌ କୌଣସି ନିୟନ୍ତ୍ରଣ ଅର୍ଜନ କରି ପାରିବା ନାହିଁ । ଆମର ଅଧ୍ୟୟନ-କ୍ଷେତ୍ରରେ ଅବଶ୍ୟ ଏପରି କୁହାଯାଇ ପାରିବ ଯେ, ଅଧିକରୁ ଅଧିକ ସଂପନ୍ନତାଯୁକ୍ତ ଏବଂ ବହୁମୁଖୀ ହେବାପାଇଁ ଧାରଣାଗୁଡ଼ିକର ଯେଉଁ ଖାସ୍ କାର୍ଯ୍ୟ ହୋଇଥିବ, ସେହି ସବୁଗୁଡ଼ିକୁହିଁ ଆମେ ସ୍ୱୀକାରଯୋଗ୍ୟ ବୋଲି ଗ୍ରହଣ କରିବା ଏବଂ ସେଗୁଡ଼ିକୁ ଆମର ସମନ୍ୱୟଟି ମଧ୍ୟରେ ଅବଶ୍ୟ ଅନ୍ତର୍ଭୁକ୍ତ କରି ରଖିବାକୁ ପଡ଼ିବ । ମାତ୍ର ଯେଉଁସବୁ କ୍ଷେତ୍ରରେ କ୍ରିୟାର ସମ୍ବନ୍ଧ ରହିଛି, ସେଠାରେ ଠିକ୍ ବିପରୀତ କଥାଟିହିଁ ଘଟିବ । କାର୍ଯ୍ୟରେ ପରିଣତ କରିବା ଲାଗି ଆମେ ଯେଉଁ ସବୁ ବିଚାରକୁ ଗ୍ରହଣ କରିନେବା, ସେଗୁଡ଼ିକ ଉପରେ ଆମର କଠୋର

ନିୟନ୍ତ୍ରଣ ରହିଥିବ, ଏବଂ, ମାନସିକ ସମନ୍ୱୟର ଭିତ୍ତିପରି ହୋଇ ରହିଥିବା କେନ୍ଦ୍ରସ୍ଥ ବିଚାରଟିର ସାଧାରଣ ପ୍ରବୃତ୍ତିଟି ସହିତ ଯେଉଁଗୁଡ଼ିକର ସଙ୍ଗତି ରହିଥିବ, କେବଳ ସେହିଗୁଡ଼ିକୁହିଁ ଆପଣାକୁ କ୍ରିୟାନ୍ୱିତ କରିବା ଲାଗି ଅନୁମତି ଦିଆଯିବ । ଅର୍ଥାତ୍, ଆମର ମାନସିକ ଚେତନା ମଧ୍ୟକୁ ଯେତେ ଯେତେ ଭାବନା ପ୍ରବେଶ କରୁଥିବେ, ସେଗୁଡ଼ିକୁ ପ୍ରତ୍ୟେକକୁ ସେହି କେନ୍ଦ୍ରସ୍ଥ ବିଚାରଟି ସମ୍ମୁଖରେ ଆଣି ଉପସ୍ଥାପିତ କରିବାକୁ ହେବ । ଆଗରୁ ସଂଗ୍ରଥିତ ହୋଇଥିବା ଭାବନାଗୁଡ଼ିକ ମଧ୍ୟରେ ଯଦି ଏଇଟିର ମଧ୍ୟ ଏକ ନ୍ୟାୟାନୁମୋଦିତ ସ୍ଥାନ ମିଳିଯାଇ ପାରିବ, ତେବେ ସେଇଟିକୁ ସମନ୍ୱୟର ଅନ୍ତର୍ଭୁକ୍ତ କରି ନିଆଯିବ । ଯଦି ସେପରି କୌଣସି ସ୍ଥାନ ମିଳି ନ ପାରିବ, ତେବେ ସେଇଟିକୁ ବର୍ଜନ କରିବାକୁ ପଡ଼ିବ, ଯେପରିକି କ୍ରିୟାଟି ଉପରେ ତାହାର ଆଦୌ କୌଣସି ପ୍ରଭାବ ପଡ଼ିବ ନାହିଁ । ଆପଣାର କ୍ରିୟାଗୁଡ଼ିକ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଲାଭ କରିବାକୁ ହେଲେ ମାନସିକ ବିଶୁଦ୍ଧୀକରଣର ଏହି କାର୍ଯ୍ୟଟିକୁ ଅତ୍ୟନ୍ତ ନିୟମିତ ଭାବରେ କରିବାକୁ ପଡୁଥିବ ।

ଏଥିସକାଶେ, ପ୍ରତ୍ୟହ ଆମକୁ କିଛି ସମୟ ଅଲଗା କରି ରଖିବାକୁ ହେବ, ଯେତେବେଳେ କି ଆମେ ସ୍ଥିର ଓ ଚଞ୍ଚଳତାଶୂନ୍ୟ ଚିତ୍ତରେ ଆପଣାର ଭାବନାଗୁଡ଼ିକ ଉପରେ ଯାଇ ବିଚରଣ କରି ପାରିବା ଏବଂ ଆମର ସମନ୍ୱୟଟିକୁ ସମୁଚିତ ଶୃଙ୍ଖଳା ସହିତ ଧରି ରଖି ପାରିବା । ଥରେ ଏହି ଅଭ୍ୟାସଟି ଆୟତ୍ତ ହୋଇଗଲେ, ତୁମେ କର୍ମରତ ଏବଂ ସକ୍ରିୟ ହୋଇ ରହିଥିବା ସମୟରେ ମଧ୍ୟ ଆପଣାର ଭାବନାଗୁଡ଼ିକ ଉପରେ ନିୟନ୍ତ୍ରଣଶକ୍ତି ଅର୍ଜନ କରିପାରିବ; ତୁମେ ଯେଉଁ କାର୍ଯ୍ୟଟିକୁ କରୁଛ, କେବଳ ସେଇଟି ଲାଗି ଉପଯୋଗୀ ହୋଇ ପାରୁଥିବା ଭାବନାଗୁଡ଼ିକୁହିଁ ତୁମେ ନିଜ ଭିତରକୁ ଆସିବାକୁ ଅନୁମତି ଦେବାରେ ସମର୍ଥ ହେବ । ବିଶେଷତଃ ଯଦି ତୁମେ ସଂକେନ୍ଦ୍ରଣ ଏବଂ ଅଭିନିବେଶ ଶକ୍ତିର ଅନୁଶୀଳନ କରିବାର ଅଭ୍ୟାସଟିକୁ ଅବ୍ୟାହତ ରଖିଥିବ, ତେବେ କେବଳ ପ୍ରକୃତରେ ପ୍ରୟୋଜନୀୟ ଓ ଉପଯୋଗୀ ଭାବନାଗୁଡ଼ିକହିଁ ତୁମର କ୍ରିୟାଶୀଳ ବାହ୍ୟ ଚେତନାର ଆୟତନଟି ଭିତରେ ପ୍ରବେଶ କରିବାର ଅନୁମତି ଲାଭ କରିପାରିବେ ଏବଂ ତାହାଫଳରେ ସେମାନେ ଆହୁରି ଅଧିକ ପରିମାଣରେ ଗତିଶୀଳ ଏବଂ ଫଳପ୍ରସୂ ମଧ୍ୟ ହୋଇ ପାରିବେ । ଏବଂ ଯଦି ସଂକେନ୍ଦ୍ରଣର ଏକ ପ୍ରଗାଢ଼ ଏବଂ ଅଟଳ ସ୍ତରକୁ ଆସି ପୂର୍ଣ୍ଣ ଭାବରେ ଭାବନାରହିତ ହେବା ଦରକାର ହୁଏ, ତେବେ ସେତେବେଳେ ମାନସିକ ଯାବତୀୟ ସ୍ପନ୍ଦନକୁ ମଧ୍ୟ ନିଶ୍ଚଳ କରି ଆଣିବା ସମ୍ଭବ ହୋଇଯିବ ଏବଂ ପ୍ରାୟ ଏକ ସମଗ୍ର ନୀରବତା ମଧ୍ୟ ଅର୍ଜନ କରାଯାଇ ପାରିବ ଏବଂ ଏହି ନୀରବତାଟି ମଧ୍ୟରେ ଆମେ କ୍ରମଶଃ ଆପଣାକୁ ମନର ଉଚ୍ଚତର ଅନ୍ୟ ଭୂମିଗୁଡ଼ିକୁ ଉନ୍ମୋଚିତ କରିନେଇ ଯାଇପାରିବା ଏବଂ ସେଠାରୁ ଆସୁଥିବା ପ୍ରେରଣାଗୁଡ଼ିକୁ ଲିପିବଦ୍ଧ କରି ରଖିବାକୁ ମଧ୍ୟ ଶିଖିଯାଇ ପାରିବା ।

ମାତ୍ର, ଏହି ବିନ୍ଦୁଟିରେ ଆସି ଉପନୀତ ହୋଇ ପାରିବା ପୂର୍ବରୁ ମଧ୍ୟ ସେହି ନୀରବତା ଆମର ପ୍ରଭୂତ ଉପକାର ସାଧନ କରିପାରିବ, କାରଣ, କିୟତ୍ ପରିମାଣରେ ବିକଶିତ ଓ କ୍ରିୟାଶୀଳ ହୋଇ ପାରୁଥିବା ଅଧିକାଂଶ ବ୍ୟକ୍ତିଙ୍କର ମନ ପ୍ରାୟ କେତେବେଳେ ହେଲେ ନିଶ୍ଚଳ ହୋଇ ରହି ନ ଥାଏ । ଦିନବେଳେ ସେହି କ୍ରିୟାତ୍ମକତା ଉପରେ ହୁଏତ କୌଣସି ଏକ ନିୟନ୍ତ୍ରଣ ତଥାପି ରହିଥାଏ, ମାତ୍ର ରାତ୍ରି ସମୟରେ, ଯେତେବେଳେ ଶରୀର ନିଦ୍ରାମଗ୍ନ ହୋଇ ରହିଥାଏ, ସେତେବେଳେ ଜାଗ୍ରତ୍ ଅବସ୍ଥାର ନିୟନ୍ତ୍ରଣ-ସାମର୍ଥ୍ୟଟି ପ୍ରାୟ ସଂପୂର୍ଣ୍ଣ ଭାବରେ ଅପସାରିତ ହୋଇ ଚାଲିଯାଏ ଏବଂ ତା' ପରେ ମନ ସମୟ ସମୟରେ ଭାରି ଅତିରିକ୍ତ ହୋଇ ପଡୁଥିବା ଏବଂ ଅନେକ ସମୟରେ ଭାରି ଅସଂଗତିପୂର୍ଣ୍ଣ ହୋଇ ରହିଥିବା କେତେକେତେ କ୍ରିୟାଶୀଳତା ମଧ୍ୟରେ ଆପଣାକୁ କୁଆଡ଼େ ହରାଇ ପକାଏ । ଏହାଫଳରେ ଏକ ପ୍ରବଳ ଏବଂ ଅସ୍ଥିର ତାଡ଼ନା ମଧ୍ୟରେ ରହିବାକୁ ହୁଏ, ତାହା ଆମକୁ ଭାରି କ୍ଳାନ୍ତ କରି ପକାଏ, ଏବଂ ଆମର ବୁଦ୍ଧିକ୍ଷେତ୍ରର ସାମର୍ଥ୍ୟଗୁଡ଼ିକ ତାହାଫଳରେ ଭାରି କ୍ଷୀଣବଳ ହୋଇପଡ଼ନ୍ତି ।

ପ୍ରକୃତ କଥା ହେଉଛି, ମନୁଷ୍ୟ-ସତ୍ତାର ଯାବତୀୟ ଅନ୍ୟ ଅଂଶଗୁଡ଼ିକ ପରି ମନର ମଧ୍ୟ ବିଶ୍ରାମ ଲାଗି ଏକ ଆବଶ୍ୟକତା ଅବଶ୍ୟ ରହିଥାଏ ଏବଂ ଆମେ ତାକୁ ବିଶ୍ରାମ ଦେଇ ନ ଜାଣିଲା ପର୍ଯ୍ୟନ୍ତ ତାକୁ ସେହି ବିଶ୍ରାମଟି କଦାପି ଉପଲବ୍ଧ ହେବ ନାହିଁ । ମନକୁ ବିଶ୍ରାମ ଦେଇ ପାରିବା ହେଉଛି ପ୍ରକୃତରେ ଗୋଟିଏ କଳା, ଏବଂ ଆମକୁ ସେହି କଳାଟିକୁ ଅର୍ଜନ କରିବାକୁହିଁ ପଡ଼ିଥାଏ । ମାନସିକ କ୍ରିୟାତ୍ମକତାର କ୍ଷେତ୍ରରେ ମଝିରେ ମଝିରେ ଏକ ପରିବର୍ତ୍ତନ କରି ଦେଉଥିଲେ ତଦ୍ଦ୍ୱାରା ତାକୁ ଅବଶ୍ୟ ଏକ ବିଶ୍ରାମ ମିଳିଯାଏ ସତ ମାତ୍ର କେବଳ ନୀରବତା ଦ୍ୱାରାହିଁ ସମ୍ଭାବ୍ୟ ସର୍ବାଧିକ ବିଶ୍ରାମ ସମ୍ଭବ ହୁଏ । ଏବଂ, ଆମର ମାନସିକ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ନୀରବତାର ପୂର୍ଣ୍ଣ ଶାନ୍ତି ମଧ୍ୟରେ ଅତିବାହିତ ହୋଇ ପାରୁଥିବା ଅଳ୍ପ କେତେ ମିନିଟ୍ ମଧ୍ୟ ଘଣ୍ଟା ଘଣ୍ଟା ଧରି ଶୋଇବା ଅପେକ୍ଷା ଆମକୁ ଅଧିକ ଫଳପ୍ରଦ ଏକ ବିଶ୍ରାମ ପ୍ରଦାନ କରିଥାଏ ।

ଯେତେବେଳେ ଆମେ ଇଚ୍ଛା କରିବା ମାତ୍ରକେ ଆମର ମନକୁ ନୀରବ କରି ଆଣିବାର ଏବଂ ସେହି ଗ୍ରହଣଶୀଳ ନୀରବ ଅବସ୍ଥାଟି ମଧ୍ୟରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର କଳାଟିକୁ ଶିଖିଯାଇ ପାରିବା, ତେବେ ସେତେବେଳେ ଆମ ଲାଗି ଆଉ ଆଦୌ କୌଣସି ସମସ୍ୟା ଅସମାହିତ ହୋଇ ରହିଯିବ ନାହିଁ; ଆମର ମନୋଗତ କ୍ଷେତ୍ରରେ ସେତେବେଳେ ଆଉ ଏପରି କୌଣସି ଅଡୁଆ ବା ଅସୁବିଧା ଆଦୌ ଆସି ପହଞ୍ଚିବ ନାହିଁ, ଯାହାରକି ଆମେ କୌଣସି ସମାଧାନ ପାଉ ନ ଥିବା । ଆମର ମନ କୌଣସି ଉତ୍ତେଜନାର ବଶବର୍ତ୍ତୀ ହୋଇ ରହିଥିବା ସମୟରେ ଆମର ଭାବନା ମଧ୍ୟ ଭାରି ଗୋଳମାଳିଆ ହୋଇଯାଏ

ଏବଂ ସେଥିରେ ମୋଟେ କୌଣସି ଶକ୍ତି ରହେ ନାହିଁ । ମାତ୍ର ଯେତେବେଳେ ତାହା ପୂର୍ଣ୍ଣ ରୂପେ ଅଭିନିବିଷ୍ଟ ଓ ଶାନ୍ତ ହୋଇ ରହିଥାଏ, ସେତେବେଳେ ତାହା ଉପରେ ଯଥାର୍ଥ ଆଲୋକଟି ପ୍ରତିଭାତ ହୋଇଆସେ ଏବଂ ତାହା ମନୁଷ୍ୟର ସାମର୍ଥ୍ୟକ୍ଷେତ୍ରରେ କେତେ ନୂତନ ଦିଗ୍‌ବଳୟକୁ ଉନ୍ମୋଚିତ କରି ଦେଇଥାଏ ।

*ବୁଲେଟିନ୍, ନଭେମ୍ବର ୧୯୫୧*

# ଚୈତ୍ୟ ଶିକ୍ଷା ଏବଂ ଆଧ୍ୟାତ୍ମିକ ଶିକ୍ଷା

ଯେଉଁ ଶିକ୍ଷା ପୃଥିବୀରେ ଜନ୍ମଲାଭ କରିଥିବା ସବୁ ପିଲାଙ୍କ ଲାଗି ପ୍ରଦତ୍ତ ହୋଇପାରିବ ଏବଂ ଯେଉଁ ଶିକ୍ଷା ସେହି ପିଲାମାନଙ୍କର କେବଳ ମାନବିକ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେହିଁ ଯାହାକିଛି କାର୍ଯ୍ୟ କରିବାକୁ ସମର୍ଥ ହୋଇଥାଏ, ଏପର୍ଯ୍ୟନ୍ତ ଆମେ କେବଳ ସେହି ଶିକ୍ଷାର ଚର୍ଚ୍ଚା କରିଆସିଛୁ । ମାତ୍ର ଆମେ ଯେ କେବଳ ସେତିକିରେ ଅଟକି ରହିଯିବା, ତାହାର ଆଦୌ କୌଣସି କାରଣ ନାହିଁ । ପ୍ରତ୍ୟେକ ମନୁଷ୍ୟ ତା' ଆପଣା ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏପରି ଏକ ଉଚ୍ଚତର ଚେତନାର ସମ୍ଭାବନାଟିକୁ ବହନ କରି ରହିଛି, ଯାହାର ପରିସର କି ତା'ର ଏହି ବର୍ତ୍ତମାନର ଜୀବନର ସୀମାଗୁଡ଼ାକୁ ଅତିକ୍ରମ କରି ଚାଲିଯାଇଛି ଏବଂ ଯାହାସକାଶେ କି ସିଏ ଏକ ଉଚ୍ଚତର ଏବଂ ଅଧିକ ବ୍ୟାପକ ଏକ ଜୀବନରେ ଅଂଶଗ୍ରହଣ କରିବାକୁ ସମର୍ଥ ହୋଇ ପାରୁଛି । ବସ୍ତୁତଃ, ବ୍ୟତିକ୍ରମଯୁକ୍ତ ଯାବତୀୟ ସତ୍ତାଙ୍କ ମଧ୍ୟରେ ଏହି ଉଚ୍ଚତର ଚେତନାଟିହିଁ ସତତ ସେମାନଙ୍କର ଜୀବନକୁ ପରିଚାଳିତ କରିବାରେ ଲାଗିଛି, ସେମାନଙ୍କର ଜୀବନର ପରିବେଷ୍ଟନୀଗୁଡ଼ିକୁ ସଂଗଠିତ କରି ରଖୁଛି ଏବଂ ଏହିସବୁ ପରିବେଷ୍ଟନୀଗୁଡ଼ିକ ପ୍ରତି ସେମାନଙ୍କର ବ୍ୟକ୍ତିଗତ ପ୍ରତିକ୍ରିୟାଗୁଡ଼ିକୁ ମଧ୍ୟ ନିର୍ଦ୍ଧାରିତ କରିଦେଉଛି । ମଣିଷର ମନୋଗତ ଚେତନା ଯାହା କେବେହେଲେ ଜାଣିପାରେ ନାହିଁ ଓ ଯେଉଁ କାର୍ଯ୍ୟକୁ ଆଦୌ କରିପାରେ ନାହିଁ, ଏହି ଚେତନାଟି ତାହାକୁ ଜାଣିପାରେ ଏବଂ ସେହି କାର୍ଯ୍ୟକୁ କରିପାରେ । ଏହି ଚେତନାକୁ ଆମେ ଏପରି ଏକ ଆଲୋକ ରୂପେ କଳ୍ପନା କରିପାରିବା, ଯାହାକି ସତ୍ତାର ଜୀବନକେନ୍ଦ୍ରଟିର କ୍ଷେତ୍ରରେ ଭାସ୍ୱର ହୋଇ ରହିଛି, ଏବଂ ବାହ୍ୟ ଚେତନାର ସକଳ ଘନାବରଣ ମଧ୍ୟ ଦେଇ ତାହାର କିରଣ ବିକୀର୍ଣ୍ଣ ହୋଇଯିବାରେ ଲାଗିଛି । ଏହି ଚେତନାଟିର ଅବସ୍ଥିତି ବିଷୟରେ କେତେକଙ୍କୁ ଏକ ଅସ୍ପଷ୍ଟ ଆଭାସ ଅବଶ୍ୟ ମିଳିଥାଏ; ବହୁସଂଖ୍ୟକ ପିଲା ଏହାର ପ୍ରଭାବମଣ୍ଡଳ ଭିତରେ ଅବସ୍ଥାନ କରୁଥା'ନ୍ତି । ସେହି ପ୍ରଭାବଟି ବେଳେବେଳେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେମାନଙ୍କର ସ୍ୱତଃସ୍ଫୂର୍ତ୍ତ ନାନା କ୍ରିୟାଶୀଳତା ମଧ୍ୟରେ ଓ ଏପରିକି ସେମାନଙ୍କର ମୁହଁର କଥା ମଧ୍ୟରେ ବି ଆପଣାକୁ ପ୍ରକଟ କରି ଆଣିଥାଏ । ମାତ୍ର ଦୁର୍ଭାଗ୍ୟବଶତଃ, ପିଲାମାନଙ୍କର ବାପାମାଆମାନେ ଅନେକ ସମୟରେ ସେହି ଚେତନାଟିର ସ୍ୱରୂପଟି ବିଷୟରେ କିଛି ଜାଣି ନ ଥିବାରୁ ଏବଂ ସେମାନଙ୍କର ପିଲାମାନଙ୍କ ଜୀବନରେ ଯେ କ'ଣ ସବୁ ଘଟନା ଘଟୁଛି, ସେକଥା ସେମାନେ ଆଦୌ କିଛି ବୁଝିପାରୁ ନ ଥିବାରୁ, ସେମାନେ ସାଧାରଣତଃ ସେହିସବୁ ଘଟନା ପ୍ରତି ଉତ୍ତମ ପ୍ରତିକ୍ରିୟା ବ୍ୟକ୍ତ କରି ପାରନ୍ତି ନାହିଁ । ସେମାନେ ପିଲାମାନଙ୍କୁ ଯାହାକିଛି ଶିକ୍ଷାଦିଅନ୍ତି,

ତଦ୍ୱାରା ସେମାନେ ଏହି କ୍ଷେତ୍ରଟି ବିଷୟରେ ପିଲାମାନଙ୍କୁ ଯଥାସମ୍ଭବ କେବଳ ଅଚେତନ କରିହିଁ ରଖିଥା'ନ୍ତି ଏବଂ ସେମାନଙ୍କର ଧ୍ୟାନଟିକୁ କେବଳ ବାହ୍ୟ ବସ୍ତୁଗୁଡ଼ିକରେହିଁ କେନ୍ଦ୍ରିତ କରାଇ ରଖିଥା'ନ୍ତି । ଏହିପରି ଭାବରେ ପିଲାମାନେ ମଧ୍ୟ ଏହି କଥାଟି ଭାବିବାରେ ଅଭ୍ୟସ୍ତ ହୋଇଯାଆନ୍ତି ଯେ କେବଳ ସେହି ବାହ୍ୟ ବ୍ୟାପାରଗୁଡ଼ିକରହିଁ ଯାହାକିଛି ମହତ୍ତ୍ୱ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବାହ୍ୟ ବସ୍ତୁଗୁଡ଼ିକ ଉପରେ ଆମର ଧ୍ୟାନ ରହିଥିବାର ମଧ୍ୟ ଅବଶ୍ୟ ଅନେକ ଉପଯୋଗିତା ରହିଛି; ମାତ୍ର ସେଥିଲାଗି ତାହାର ଏକ ଯଥାର୍ଥ ପ୍ରଣାଳୀ ମଧ୍ୟ ସବୁବେଳେ ରହିଥିବା ଉଚିତ । ଶାରୀରିକ, ପ୍ରାଣିକ ଏବଂ ମାନସିକ,– ଏହି ତିନୋଟି କ୍ଷେତ୍ରର ଶିକ୍ଷାଧାରା ସେହି ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରିଥା'ନ୍ତି ଏବଂ ସେଗୁଡ଼ିକୁ ଆମେ ବ୍ୟକ୍ତିତ୍ୱର ଗଠନ ଲାଗି, ବ୍ୟକ୍ତିକୁ ଏକ ଅବ୍ୟବସ୍ଥିତ ଅବଚେତନ ପିଣ୍ଡର ଭୂମିରୁ ଉପରକୁ ଉଠାଇ ଆଣିବା ଓ ତାହାକୁ ଏକ ନିର୍ଦ୍ଦିଷ୍ଟ ପରିଚୟଯୁକ୍ତ ଆତ୍ମସଚେତନ ଏକକରେ ପରିଣତ କରିପାରିବା ଲାଗି ଏକ ଉପାୟ ବୋଲି ନିଶ୍ଚୟ ବ୍ୟାଖ୍ୟା କରିପାରିବା । ଚୈତ୍ୟ ଶିକ୍ଷାର ଆଲୋଚନା ଆମକୁ ଜୀବନର ଅସଲ ଉଦ୍ଦେଶ୍ୟଟିର ସମସ୍ୟାଟିକୁ ଆଣି ଉପନୀତ କରାଇ ଦେଇଥାଏ, ଏହି ଜଗତରେ ଆମେ ଧାରଣ କରି ରହିଥିବା ଆମ ଜୀବନର ଉଦ୍ଦେଶ୍ୟଟି ବିଷୟରେ, ଏହି ଜୀବନ ଆମକୁ ଅବଶ୍ୟମ୍ଭାବୀ ଭାବରେ ଯେଉଁ ଆବିଷ୍କାରଟି ପାଖରେ ଆଣି ପହଞ୍ଚାଇ ଦେଇଯିବ ଓ ସେହି ଆବିଷ୍କାରର ଯେଉଁସବୁ ପରିଣାମ ଘଟିବ, ସେହି ବିଷୟର ଭୂମିଟିରେ ଆଣି ଉପନୀତ କରାଇ ଦେଇଥାଏ । ପ୍ରତ୍ୟେକ ବ୍ୟକ୍ତି ତା'ର ଜୀବନଗତ ସେହି ଶାଶ୍ୱତ ତତ୍ତ୍ୱ ପାଖରେହିଁ ଆପଣାକୁ ନେଇ ଉତ୍ସର୍ଗ କରିଦେବ,– ଆମେ ଏହାକୁହିଁ ସେହି ଉଦ୍ଦେଶ୍ୟ ବୋଲି ଜାଣିବା ଏବଂ ଚୈତ୍ୟ ଶିକ୍ଷା ଆମକୁ ସେହି ଉଦ୍ଦେଶ୍ୟଟିର କ୍ଷେତ୍ରରେ ଆଣି ପହଞ୍ଚାଇ ଦେଇଥାଏ । ସାଧାରଣତଃ ସେହି ଆବିଷ୍କାରଟି ସହିତ ସତେଅବା କୌଣସି ଏକ ସତ୍ୟରହସ୍ୟର ଉଦ୍‌ଘାଟନ ହୋଇ ଗଲାପରି ଅନୁଭବ ହୋଇ ଯାଇଥାଏ, ସେହି ଆବିଷ୍କାର ସହିତ ଏକ ଧର୍ମାନୁସିକ୍ତ ଜୀବନ ବି ସଂଶ୍ଲିଷ୍ଟ ହୋଇ ରହିଥାଏ, କାରଣ ପୃଥିବୀର ଧର୍ମଗୁଡ଼ିକହିଁ ମୁଖ୍ୟତଃ ଜୀବନର ଏହି ଦିଗଟି ବିଷୟରେ ଯାହାକିଛି ଚର୍ଚ୍ଚା କରିଛନ୍ତି । ମାତ୍ର ଏପରି ହେବା ଯେ ଅବଶ୍ୟମ୍ଭାବୀ, ସେକଥା ଆଦୌ ନୁହେଁ : ଈଶ୍ୱରରୂପୀ ଆମର ରହସ୍ୟାନୁପ୍ରେରିତ ଧାରଣା ପରିବର୍ତ୍ତେ ଆମେ ତାହାର ସ୍ଥାନାପନ୍ନ ଭାବରେ ସତ୍ୟର ଅପେକ୍ଷାକୃତ ଏକ ଦର୍ଶନଧର୍ମୀ ଧାରଣାକୁ ମଧ୍ୟ ହୁଏତ ଗ୍ରହଣ କରିପାରୁ, ଏବଂ ତଥାପି ଆମର ସେହି ଆବିଷ୍କାରଟି ମୂଳତଃ ସେହି ଗୋଟିଏ ପ୍ରକାରର ହୋଇ ରହିପାରେ । ମାତ୍ର ସେଇଟି ନିକଟକୁ ପଡ଼ିଥିବା ରାସ୍ତାକୁ ଜଣେ ଅତି କଠୋର ପ୍ରତ୍ୟକ୍ଷବାଦୀ ମଧ୍ୟ ଆପଣାର ରାସ୍ତା ବୋଲି ଗ୍ରହଣ କରିପାରେ । କାରଣ, ଆମକୁ ସେହି ଚୈତ୍ୟ ଜୀବନଭୂମିଟି ଲାଗି ପ୍ରସ୍ତୁତ କରିବାର କ୍ଷେତ୍ରରେ ଆମର ମନୋଗତ

ଧାରଣା ଏବଂ କଳ୍ପନାଗୁଡ଼ିକର ପ୍ରକୃତରେ ଏକ ଅତ୍ୟନ୍ତ ଗୌଣ ମହତ୍ତ୍ୱ ରହିଛି । ଯଥାର୍ଥରେ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ଆମେ ଆମର ଯେକୌଣସି ଅନୁଭବକୁ ନିଜେ ଅନୁଭବ କରିବା, ନିଜେ ବଞ୍ଚିବା; ସେହି ଅନୁଭବର ପୂର୍ବବର୍ତ୍ତୀ, ସହବର୍ତ୍ତୀ ଅଥବା ଅନୁବର୍ତ୍ତୀ ଭାବରେ ହୁଏ କେତେ କ'ଣ ତତ୍ତ୍ୱ ବା ସିଦ୍ଧାନ୍ତ ଅବସ୍ଥାନ କରୁଥାଇପାରେ, ମାତ୍ର ତାହାର ଅସଲ ସତ୍ୟ ଏବଂ ଅସଲ ଶକ୍ତିଟି କେବଳ ସେହି ଅନୁଭବ ମଧ୍ୟରେହିଁ ରହିଥାଏ । କାରଣ, ଅଧିକାଂଶ ସମୟରେ, ଏକ ଜ୍ଞାନ ଲାଭ କରିବାର ଭ୍ରମ ଆପଣାକୁ ଆଣିଦେବା ଲାଗି ଆମେ ଆପଣା ପାଖରେ ଯେଉଁସବୁ ନାନା ବ୍ୟାଖ୍ୟା ଆଣି ବାଢ଼ି ଦେଇଥାଉ, ତଥାକଥିତ ସିଦ୍ଧାନ୍ତଗୁଡ଼ିକ କେବଳ ତାହାରି ଆୟତନ ଦ୍ୱାରାହିଁ ସୀମିତ ହୋଇ ରହିଥା'ନ୍ତି । ଜଣେ ମଣିଷ ଯେଉଁ ଆଦର୍ଶ ଅଥବା ପରମ ଲକ୍ଷ୍ୟକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛି, ସିଏ ତାହାକୁହିଁ ସିଏ ଯେଉଁ ବାତାବରଣ ମଧ୍ୟରେ ଜନ୍ମଗ୍ରହଣ କରିଛି ଓ ଯେଉଁ ଶିକ୍ଷା ଲାଭ କରିଛି ତାହାରି ଅନୁସାରେ ନାମର ନାନା ପରିଧାନ ପିନ୍ଧାଇ ରଖିବାକୁହିଁ ମନ କରିଥାଏ । ମାତ୍ର ଅନୁଭବ ମର୍ମତଃ ସବୁଠାରେ ସେହି ଏକାଭଳି ହୋଇ ରହିଥାଏ । ଯଦି ତାହା ଭିତରେ ଆନ୍ତରିକତା ଥାଏ, ତେବେ ତାହାର ସୂତ୍ରାଭରଣ ସ୍ୱରୂପ ବ୍ୟବହୃତ ହୋଇଥିବା ଶବ୍ଦ ଓ ବାକ୍ୟାଂଶଗୁଡ଼ିକରେହିଁ ଅନୁଭବକାରୀର ବିଶ୍ୱାସ ତଥା ମନୋଗତ ଶିକ୍ଷା ଅନୁସାରେ ଯାହା ଏକ ପାର୍ଥକ୍ୟ ରହିଥାଏ । ଯାବତୀୟ ସୂତ୍ରାୟନକୁ ତେଣୁ ଆମେ କେବଳ ଏକ ପ୍ରାୟାନୁକଳ୍ପନା ବୋଲି କହିବା । ମାତ୍ର ସେହି ପ୍ରାୟାନୁକଳ୍ପନାରେ ସର୍ବଦା ଏକ ଅଭିବୃଦ୍ଧି ଅବଶ୍ୟ ଘଟି ପାରୁଥିବ ଏବଂ ଆମର ଅନୁଭୂତି ଅଧିକରୁ ଅଧିକ ପରିମାଣରେ ସୁନିର୍ଦ୍ଦିଷ୍ଟ ଏବଂ ସମନ୍ୱୟଯୁକ୍ତ ହେଉଥିବା ସଙ୍ଗେ ସଙ୍ଗେ ସେଇଟି ମଧ୍ୟ ସେଇପରି ଅଧିକ ସୁନିର୍ଦ୍ଦିଷ୍ଟ ହୋଇ ପାରୁଥିବ । ତଥାପି, ଚୈତ୍ୟ ଶିକ୍ଷାର ଏକ ସାଧାରଣ ବ୍ୟାଖ୍ୟା ଦେଇ ପାରିବା ଲାଗି, ଯେତେ ଆପେକ୍ଷିକ ଭାବରେ ହେଲେ ମଧ୍ୟ ଆମକୁ ଚୈତ୍ୟ ସତ୍ତା କହିଲେ ପ୍ରକୃତରେ କ'ଣ ବୁଝାଏ, ପ୍ରଥମେ ତାହାର ଏକ ଧାରଣା ଦେବାକୁ ପଡ଼ିବ । ଉଦାହରଣସ୍ୱରୂପ, ଆମେ ହୁଏତ କହିପାରିବା ଯେ, ଯାବତୀୟ ଅଭିବ୍ୟକ୍ତିର ସେହି ପରମ ଉତ୍ସମୂଳଟି ମଧ୍ୟରେ ଲୁକ୍କାୟିତ ହୋଇ ରହିଥିବା ଅଗଣିତ ସମ୍ଭାବନାଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ସମ୍ଭାବନା ଦେଶ ଓ କାଳର ଭୂମି ଉପରେ ଆପଣାକୁ ପ୍ରକ୍ଷେପିତ କରି ଆଣିଲେ ତାହାରି ଫଳସ୍ୱରୂପହିଁ ଏକ ବ୍ୟକ୍ତିଗତ ସତ୍ତାର ନିର୍ମାଣ ହୋଇଥାଏ । ସେହି ସମ୍ଭାବନାଟି ସେହି ଅଦ୍ୱିତୀୟ ତଥା ବିଶ୍ୱଗତ ଚେତନାର ମଧ୍ୟ ଦେଇ ଏକ ବ୍ୟକ୍ତିସତ୍ତାର ବିଧାନ ଏବଂ ସତ୍ୟ ମଧ୍ୟରେ ଗୋଟିଏ ମୂର୍ତ୍ତ ରୂପ ଧାରଣ କରିବାକୁ ଉଦ୍ୟତ ହୁଏତ ଏବଂ ଏହିପରି ଭାବରେ ଏକ କ୍ରମୋତ୍ତର-ଗତିଯୁକ୍ତ ବିକାଶ ଫଳରେ ସେହି ବ୍ୟକ୍ତିର ଆତ୍ମା ବା ଚୈତ୍ୟ ସତ୍ତାରେ ଯାଇ ପରିଣତ ହୋଇଥାଏ ।

ଏଠାରେ ମୁଁ ଆହୁରି ଥରେ କହି ରଖୁଛି ଯେ, ଉପରେ ମୁଁ ସଂକ୍ଷିପ୍ତ ଭାବରେ

ଯେଉଁ କଥା କହିଲି, ତାହା ସତ୍ୟଟିର ଏକ ପରିପୂର୍ଣ୍ଣ ବ୍ୟାଖ୍ୟା ଦେଇ ପାରୁଛି ବୋଲି କଦାପି ଦାବି କରି ପାରିବ ନାହିଁ ବା ବିଷୟଟି ଉପରେ କଦାପି ସବୁକଥା କହିଦେଇ ପାରିବ ନାହିଁ । ତାହା କରିବାକୁ ଏହା ଏକାନ୍ତ ଅସମର୍ଥ । କେବଳ ଏକ ତାତ୍କାଳିକ ପ୍ରୟୋଜନୀୟତା ଦୃଷ୍ଟିରୁ ଏଠାରେ ଏକ ଅତ୍ୟନ୍ତ ସଂକ୍ଷିପ୍ତ ବ୍ୟାଖ୍ୟା ମାତ୍ର ଦିଆଯାଇଛି; ବର୍ତ୍ତମାନ ଆମେ ଯେଉଁ ଶିକ୍ଷାଟି ବିଷୟରେ ଆଲୋଚନା କରିବାକୁ ଯାଉଛୁ, ସେହି ବ୍ୟାଖ୍ୟା ତାହା ଲାଗି କେବଳ ଏକ ଭୂମିରୂପେହିଁ କାର୍ଯ୍ୟ କରି ପାରିବ ।

ଏହି ଚୈତ୍ୟ ଉପସ୍ଥିତିର ମାଧ୍ୟମରେହିଁ ଜଣେ ବ୍ୟକ୍ତିର ସତ୍ତାଗତ ଅସଲ ସତ୍ୟଟି ତାହାର ଏବଂ ତା' ଜୀବନର ପରିସ୍ଥିତିଗୁଡ଼ିକର ସମ୍ପର୍କରେ ଆସିଥାଏ । ଏପରି ବି କୁହାଯାଇ ପାରିବ ଯେ ଅଧିକାଂଶ କ୍ଷେତ୍ରରେ ସେହି ଉପସ୍ଥିତି ଆବରଣର ପଶ୍ଚାତରେ ରହିହିଁ କାର୍ଯ୍ୟ କରିଥାଏ । ତାହା ଅଚିହ୍ନା ଓ ଅଜ୍ଞାତ ହୋଇ ରହି କାର୍ଯ୍ୟ କରିଥାଏ । ମାତ୍ର ଆଉ କେତେକ କ୍ଷେତ୍ରରେ ତାହା ଅବଶ୍ୟ ଗୋଚରୀଭୂତ ହୋଇପାରେ ଏବଂ ତାହାର କାର୍ଯ୍ୟଟିକୁ ମଧ୍ୟ ବେଶ୍ ଚିହ୍ନି ହୁଏ ଓ ଏପରିକି, ଅତି ଅଳ୍ପସଂଖ୍ୟକ କେତେକ କ୍ଷେତ୍ରରେ ସେହି ଉପସ୍ଥିତି ସାକାର ବି ହୋଇଉଠେ ଏବଂ ତାହାର କ୍ରିୟା ସଂପୂର୍ଣ୍ଣ ରୂପେ ଫଳପ୍ରସୂ ବି ହୋଇଥାଏ । ଏହିସବୁ ବ୍ୟକ୍ତି ଆପଣାର ଏକ ସଂପୂର୍ଣ୍ଣ ନିଜସ୍ୱ ସୁନିଶ୍ଚୟତା ଏବଂ ସଂଶୟହୀନତା ସହିତ ଜୀବନରେ ଅଗ୍ରସର ହୋଇଯିବାକୁ ସମର୍ଥ ହୁଅନ୍ତି, ଏମାନେ ନିଜର ନିୟତିଟି ଉପରେ ସ୍ୱୟଂ ନିୟନ୍ତ୍ରଣକାରୀ ହୋଇ ରହିଥା'ନ୍ତି । ଏହି ନିୟନ୍ତ୍ରଣ-ଶକ୍ତିଟିକୁ ଅର୍ଜନ କରିବା ଲାଗି ଏବଂ ଚୈତ୍ୟ ଉପସ୍ଥିତି ବିଷୟରେ ସଚେତନ ହୋଇପାରିବା ପାଇଁହିଁ ଚୈତ୍ୟ ଶିକ୍ଷାର ଅନୁଶୀଳନ ଲାଗି ଏକ ପ୍ରୟୋଜନ ରହିଥାଏ । ମାତ୍ର ସେଥିଲାଗି ଏକ ବିଶେଷ କଥାର ପ୍ରୟୋଜନ ମଧ୍ୟ ରହିଥାଏ, ବ୍ୟକ୍ତିଗତ ଇଚ୍ଛାଶକ୍ତିର ପ୍ରୟୋଜନ ଥାଏ । କାରଣ, ଚୈତ୍ୟ ସତ୍ତାର ଆବିଷ୍କାର ଏବଂ ତାହା ସହିତ ଏକାତ୍ମକତାଅର୍ଜନ,— ଏଗୁଡ଼ିକୁ ଏପର୍ଯ୍ୟନ୍ତ ଶିକ୍ଷାର ଗୋଟିଏ ଗୋଟିଏ ସ୍ୱୀକୃତ ବିଷୟ ରୂପେ ଗ୍ରହଣ କରାଯାଇ ନାହିଁ । ଏବଂ, ବିଶେଷ ବିଶେଷ ଗ୍ରନ୍ଥରେ ଏହି ବିଷୟରେ ଆମକୁ ହୁଏତ ଉପଯୋଗୀ ଓ ବ୍ୟାବହାରିକ ସୂଚନା ମିଳି ଯାଉଥିଲେ ମଧ୍ୟ ଏବଂ କେତେକ ବ୍ୟତିକ୍ରମ-ସଦୃଶ କ୍ଷେତ୍ରରେ, ଆମକୁ ସୌଭାଗ୍ୟବଶତଃ ପ୍ରକୃତ ମାର୍ଗଟିକୁ ଦେଖାଇ ଦେଉଥିବା ଏବଂ ସେହି ମାର୍ଗରେ ଅଗ୍ରସର ହେବା ଲାଗି ଦରକାର ହେଉଥିବା ସାହାଯ୍ୟଟିକୁ ଆଣି ବି ଯୋଗାଇ ଦେଇ ପାରୁଥିବା ଭଳି ଜଣେ ବ୍ୟକ୍ତିଙ୍କର ସାକ୍ଷାତ୍ ମିଳି ଯାଉଥିଲେ ମଧ୍ୟ, ଅଧିକାଂଶ ସମୟରେ ପ୍ରକୃତ ପ୍ରୟାସଟି କେବଳ ଆମର ସେହି ପ୍ରୟାସଟିକୁ ଆଗ ଆରମ୍ଭ କରିବା ଉପରେହିଁ ନିର୍ଭର କରୁଥାଏ । ତେଣୁ, ଏହି ଆବିଷ୍କାରକୁ ଆମେ ଏକ ବ୍ୟକ୍ତିଗତ କାର୍ଯ୍ୟବୋଲିହିଁ କହିବା ଏବଂ ଲକ୍ଷ୍ୟ ସ୍ଥଳରେ ଯାଇ ପହଞ୍ଚିବା ଲାଗି ଏଥିରେ ଏକ ବୃହତ୍ ସଂକଳ୍ପ, ଏକ ସୁଦୃଢ଼ ଇଚ୍ଛା

ଏବଂ ଅଦମ୍ୟ ଅଧ୍ୟବସାୟ ଶକ୍ତି ଅପରିହାର୍ଯ୍ୟ ହୋଇ ରହିଥାଏ । ଅର୍ଥାତ୍, ଏଥିରେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଯାବତୀୟ ଅସୁବିଧାଗୁଡ଼ିକର ମଧ୍ୟଦେଇ ଆପଣାର ପଥଟିକୁ ସନ୍ଧାନ କରି ବାହାର କରିନେବାକୁହିଁ ପଡ଼ିବ । ଲକ୍ଷ୍ୟଟି ବିଷୟରେ ଆମର କେତେକ ପରିମାଣରେ ଏକ ଅବଗତି ମଧ୍ୟ ରହିଥାଏ, କାରଣ, ଯେଉଁମାନେ ସେହି ଲକ୍ଷ୍ୟରେ ଯାଇ ପହଞ୍ଚି ପାରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶହିଁ ସେହି ଲକ୍ଷ୍ୟଟିକୁ ଅଳ୍ପ ବହୁତ ସ୍ପଷ୍ଟ ଭାବରେ ବର୍ଣ୍ଣନା କରି ପାରିଛନ୍ତି । ମାତ୍ର ଏହି ଆବିଷ୍କାରଟି ସ୍ୱତଃସ୍ଫୂର୍ତ୍ତ ହେବ, ନିଷ୍କପଟ ହେବ,— ଏହିଥିରେହିଁ ତାହାର ସର୍ବୋଚ୍ଚ ମୂଲ୍ୟଟି ନିହିତ ହୋଇ ରହିଛି ଏବଂ ସେଥିଲାଗି ଏହି ସାଧାରଣ ମନଃସ୍ତରର କୌଣସି ବିଧାନ ସେଠାରେ ପ୍ରକୃତରେ କିଛି କରିପାରିବ ନାହିଁ । ଏବଂ ସେହି କାରଣରୁହିଁ, ଏହି ପଥରେ ଯାତ୍ରା କରିବାକୁ ସାହସ କରୁଥିବା ଯେକୌଣସି ବ୍ୟକ୍ତି ସାଧାରଣତଃ ସର୍ବପ୍ରଥମେ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜି ବାହାର କରେ ଯିଏକି ନିଜେ ସଫଳତା ସହିତ ସେହି ଯାତ୍ରାଟିକୁ କରିଛନ୍ତି, ଯିଏକି ତାକୁ ତା'ର ବାଟରେ ଯିବା ଲାଗି ସାହାଯ୍ୟ କରିପାରିବେ ଏବଂ ସେହି ବିଷୟରେ ସବୁ କଥା ବତାଇଦେଇ ପାରିବେ । ତଥାପି ଏପରି କେତେଜଣ ଯାତ୍ରୀ ବି ଥାଆନ୍ତି ଯେଉଁମାନେ କି ଏହି ପଥରେ ଏକାକୀ ଯାତ୍ରା କରନ୍ତି ଓ ସେହିମାନଙ୍କ ସକାଶେ ଏଠାରେ ଅଳ୍ପକେତୋଟି ସାଧାରଣ ସୂଚନା ଦେବା ହୁଏତ ଉପଯୋଗୀ ହୋଇପାରେ ।

ସର୍ବପ୍ରଥମ ପଦକ୍ଷେପ ରୂପେ ତୁମେ ଆପଣା ଭିତରେ ସେହି ଉପାଦାନଟିର ସନ୍ଧାନ କରିବ, ଯାହାକି ତୁମର ଶରୀର ବା ତୁମ ଜୀବନର ପରିସ୍ଥିତିଗୁଡ଼ିକ ଉପରେ ମୋଟେ ନିର୍ଭରଶୀଳ ହୋଇ ରହି ନ ଥିବ, ଯାହାକି ତୁମକୁ ପ୍ରଦତ୍ତ ହୋଇଥିବା ମନୋଗତ ଗଠନଟିରୁ ଅର୍ଥାତ୍ ତୁମେ କହୁଥିବା ଭାଷାରୁ, ତୁମେ ବାସ କରୁଥିବା ବାତାବରଣଟିର ଅଭ୍ୟାସ କିଂବା ରୂଢ଼ିଗୁଡ଼ିକ ମଧ୍ୟରୁ ଆଦୌ ଜନ୍ମଗ୍ରହଣ କରି ନ ଥିବ; ତୁମେ ଯେଉଁ ଦେଶରେ ଜନ୍ମ ହୋଇଛ ବା ଯେଉଁ ଯୁଗକୁ ନିଜର ଯୁଗ ବୋଲି କହୁଛ, ସେହି ଉପାଦାନଟି ତାହା ଉପରେ ମୋଟେ ନିର୍ଭର କରୁ ନ ଥିବ । ଆପଣା ସତ୍ତାର ସୁଗଭୀର ତଳଗୁଡ଼ିକରେ ତୁମକୁ ସେହି ସମ୍ପଦଟିର ଆବିଷ୍କାର କରିବାକୁ ପଡ଼ିବ, ଯାହାକି ଆପଣା ଭିତରେ ଏକ ବିଶ୍ୱଜନୀନତାର ବୋଧକୁ ବହନ କରି ରହିଛି, ସୀମାହୀନ ବ୍ୟାପ୍ତି ଏବଂ ଅଖଣ୍ଡ ଅବିଚ୍ଛିନ୍ନତାର ଏକ ବୋଧକୁ ଯାହା ବହନ କରି ରହିଛି । ତା'ପରେ ତୁମେ ଆପଣାକୁ ବିକେନ୍ଦ୍ରିତ କରିଦେବାକୁ ଚେଷ୍ଟା କରିବ, ଆପଣାକୁ ପ୍ରସାରିତ ଏବଂ ପ୍ରଶସ୍ତ କରିଦେବ । ତୁମେ ସକଳ ବସ୍ତୁରେ ଏବଂ ସକଳ ସତ୍ତାରେ ବାସ କରିବାକୁ ଆରମ୍ଭ କରିବ; ସେତେବେଳେ ବ୍ୟକ୍ତିକୁ ବ୍ୟକ୍ତିଠାରୁ ଅଲଗା କରି ରଖିଥିବା ଯାବତୀୟ ବାଧା ଓ ପ୍ରାଚୀର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ । ତୁମେ ସେହିମାନଙ୍କର ଭାବନାକୁ ଭାବିବାରେ ସମର୍ଥ ହେବ, ସେହିମାନଙ୍କର ଇନ୍ଦ୍ରିୟବୋଧ ମଧ୍ୟରେ ଆପଣାକୁ ସ୍ପନ୍ଦିତ କରି ରଖିପାରିବ; ସେହିମାନଙ୍କର

ଅନୁଭୂତିଗୁଡ଼ିକୁ ନିଜେ ଅନୁଭବ କରିବ ଏବଂ ସମସ୍ତଙ୍କର ଜୀବନ ଭିତରେ ଜୀବନ ବଞ୍ଚିବାକୁ ସମର୍ଥ ହୋଇଯିବ । ଯାହା ତୁମକୁ ଆଗରୁ ଜୀବନହୀନ ପରି ବୋଧ ହେଉଥିଲା, ତାହା ହଠାତ୍ ଜୀବନମୟ ହୋଇ ଉଠିବ, ପଥରଗୁଡ଼ାକରେ ଗତିସଞ୍ଚାର ହେବ, ଉଦ୍‌ଭିଦମାନେ ଅନୁଭବ କରିବାକୁ, ଇଚ୍ଛା କରିବାକୁ ଏବଂ ଦୁଃଖ ସହ୍ୟ କରିବାକୁ ଆରମ୍ଭ କରିବେ; ଇତର ପ୍ରାଣୀମାନେ ଏପରି ଏକ ଭାଷାରେ କଥା କହିବେ, ଯାହା ମଧ୍ୟରେ ଅଳ୍ପ ବହୁତ ପରିମାଣରେ ଏକ ଅସ୍ପଷ୍ଟତା ରହିଥିବ ସତ, ମାତ୍ର ତଥାପି ଯାହା ବୁଝି ହେଉଥିବ ଓ ଆପଣାର ଅର୍ଥକୁ ବ୍ୟକ୍ତ କରି ପାରୁଥିବ । ସେତେବେଳେ ସବୁକିଛି ଏପରି ଗୋଟାଏ ଅଦ୍ଭୁତ ଚେତନାରେ ଚଞ୍ଚଳ ଓ ସଚଳ ହୋଇ ଉଠିବ, ଯାହାର କି ଆଦୌ କୌଣସି ସୀମା ନ ଥିବ ଓ କାଳର କୌଣସି ଅବଧି ଯାହାକୁ ବାନ୍ଧି ରଖି ପାରୁ ନ ଥିବ । ଏସବୁକୁ ଆମେ ଚୈତ୍ୟ ଉପଲବ୍ଧିର କେବଳ ଗୋଟିଏ ଦିଗ ବୋଲି କହିବା; ମାତ୍ର ଏହାର ଅନ୍ୟ ଦିଗମାନ ମଧ୍ୟ ରହିଛି, ଆହୁରି ଅନେକ ଦିଗ ରହିଛି । ସେହି ସବୁଯାକ ଦିଗ ତୁମକୁ ଆପଣା ଅହଂର ଯାବତୀୟ ବାଧାକୁ ଅତିକ୍ରମ କରି ଚାଲିଯିବାକୁ ସାହାଯ୍ୟ କରିବେ, ତୁମ ବାହ୍ୟ ବ୍ୟକ୍ତିତ୍ୱର ଯାବତୀୟ ପ୍ରାଚୀରକୁ, ତୁମ ପ୍ରତିକ୍ରିୟାଗୁଡ଼ିକର ଯାବତୀୟ ମହତ୍ତ୍ୱକୁ ଏବଂ ତୁମ ଇଚ୍ଛାର ଯାବତୀୟ ଅସମର୍ଥତାକୁ ଅତିକ୍ରମ କରି ଚାଲିଯିବାରେ ସେମାନେ ସାହାଯ୍ୟ କରିବେ ।

ମାତ୍ର, ମୁଁ ଯେପରି ପୂର୍ବରୁ କହି ସାରିଛି, ସେହି ଉପଲବ୍ଧିର ମାର୍ଗଟି ପ୍ରକୃତରେ ଅତ୍ୟନ୍ତ ଦୀର୍ଘ ଓ ଅତ୍ୟନ୍ତ କଷ୍ଟସାଧ୍ୟ, ସେହି ମାର୍ଗରେ ଅନେକାନେକ କେତେ ଅଡୁଆ ଓ ସମସ୍ୟା ରହିଛି, ଯେଉଁଗୁଡ଼ିକର ସମାଧାନ କରିବାକୁ ପଡ଼ିବ ଏବଂ ସେହି ସମାଧାନ ଲାଗି ଏକ ଅବିଚଳ ସଂକଳ୍ପର ପ୍ରୟୋଜନ ହେବ । ଏହାକୁ ଆମେ କୌଣସି ନୂତନ ଆବିଷ୍କାରକାରୀର ପଥଟି ସହିତ ତୁଳନା କରି ପାରିବା, ଯାହାକି ଅରଣ୍ୟ ମଧ୍ୟଦେଇ ଆଗକୁ ଯାଇଥାଏ । ସେହି ଆବିଷ୍କାରକାରୀ ଏକ ଅଜ୍ଞାତ ଦେଶର ସନ୍ଧାନରେ ବାହାରିଥାଏ, କୌଣସି ଏକ ବୃହତ୍ ଆବିଷ୍କାରର ଉଦ୍ଦେଶ୍ୟରେ ସିଏ ବାଟ ଚାଲୁଥାଏ । ଚୈତ୍ୟ ସତ୍ତାକୁ ମଧ୍ୟ ଆମେ ଠିକ୍ ସେହିପରି ଏକ ବୃହତ୍ ଆବିଷ୍କାର ବୋଲି ଜାଣିବା; ଏବଂ, ନୂତନ ମହାଦେଶଗୁଡ଼ିକର ଆବିଷ୍କାର ପରି ଏଥିରେ ମଧ୍ୟ ଅନ୍ତତଃ ସେତିକି ଧୈର୍ଯ୍ୟ ଓ ସେତିକି ସହିଷ୍ଣୁତାର ପ୍ରୟୋଜନ ହୋଇଥାଏ । ଏହି ଯାତ୍ରାଟିରେ ଅଗ୍ରସର ହେବା ଲାଗି ଯିଏ ଦୃଢ଼ ସଂକଳ୍ପ ଗ୍ରହଣ କରିଛି, ତାକୁ ପରାମର୍ଶ ରୂପେ କେତେକ ସହଜ କଥା କହିବା ଏଠାରେ ଉପଯୋଗୀ ହୋଇପାରେ ।

ସର୍ବପ୍ରଥମ ଓ ସମ୍ଭବତଃ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ ଆଧ୍ୟାତ୍ମିକ ବ୍ୟାପାରଗୁଡ଼ିକ ଉପରେ ବିଚାର କରିବା ଲାଗି ମନର ଆଦୌ କୌଣସି ସାମର୍ଥ୍ୟ ନାହିଁ ! ଏହି ବିଷୟରେ ଆଲୋଚନା କରି ଯାଇଥିବା ସମସ୍ତେ ଠିକ୍ ସେହି କଥା କହିଛନ୍ତି;

ମାତ୍ର ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଏହାକୁ କାର୍ଯ୍ୟରେ ଲଗାଇ ପାରିଛନ୍ତି । ମାତ୍ର ତଥାପି, ଏହି ମାର୍ଗଟିରେ ଅଗ୍ରସର ହୋଇ ଯିବାକୁ ହେଲେ ମନଃସ୍ତରୀୟ ଯାବତୀୟ ମତ ତଥା ପ୍ରତିକ୍ରିୟାରୁ ଆପଣାକୁ ନିବୃତ୍ତ କରି ରଖିବା ଏହି କ୍ଷେତ୍ରରେ ଏକାନ୍ତ ଆବଶ୍ୟକ ।

ବ୍ୟକ୍ତିଗତ ଜୀବନରେ ତୁମେ ଆରାମ, ସନ୍ତୋଷ, ଉପଭୋଗ ଅଥବା ସୁଖ ଲାଗି ଯେତେ ଯାହା ଉଦ୍ୟମ କରୁଛ ବା ଲାଳସା ରଖୁଛ, ତୁମକୁ ସେଗୁଡ଼ିକର ପରିତ୍ୟାଗ କରିବାକୁ ହେବ । ତୁମେ କେବଳ ଅଗ୍ରଗତି ଲାଗିହିଁ ଏକ ଜଳନ୍ତା ନିଆଁ ପରି ହୋଇହିଁ ରହିଥିବ, ସେହି ଅଗ୍ରଗତିର ସହାୟକ ହେଉଥିବା ତୁମ ସମ୍ମୁଖସ୍ଥ ଯେକୌଣସି ବସ୍ତୁର ତୁମେ ସାହାଯ୍ୟ ନେବ, ଏବଂ ଯେତେବେଳେ ଯେଉଁ ପ୍ରଗତିର ଆବଶ୍ୟକତା ରହିଛି, ସେତେବେଳେ ତାହା ତତ୍କ୍ଷଣାତ୍ କରିବା ଲାଗି ତୁମେ ସର୍ବଦା ପ୍ରସ୍ତୁତ ଥିବ ।

ତୁମେ ଯାହାକିଛି କାର୍ଯ୍ୟ କରୁଛ, ତୁମେ ସେହି ସବୁଥିରୁହିଁ ଆନନ୍ଦ ଲାଭ କରିବାକୁ ଚେଷ୍ଟା କରିବ; ମାତ୍ର ଆନନ୍ଦ ବା ସୁଖ ପାଇବାର ଉଦ୍ଦେଶ୍ୟ ରଖି କଦାପି କୌଣସି କାର୍ଯ୍ୟ କରିବାକୁ ଯିବ ନାହିଁ ।

ତୁମେ କେବେହେଲେ କୌଣସି କଥାରେ ଉତ୍ତେଜିତ ହୋଇ ପଡ଼ିବ ନାହିଁ, ଭୀତ ବା ତ୍ରସ୍ତ ହୋଇ ଉଠିବ ନାହିଁ । ଯାବତୀୟ ପରିସ୍ଥିତିର ସମ୍ମୁଖରେ ବି ଶାନ୍ତ ଓ ସ୍ଥିର ହୋଇ ରହିବ । ତଥାପି, ତୁମକୁ ଯେଉଁ ଅଗ୍ରଗତି କରିବାକୁ ପଡ଼ିବ, ତାହାର ଆବିଷ୍କାର କରିବା ବିଷୟରେ ଏବଂ କୌଣସି କାଳବିଳମ୍ବ ନ କରି ତାହାକୁ କରିବା ବିଷୟରେ ତୁମକୁ ସର୍ବଦା ସତର୍କ ହୋଇ ରହିବାକୁ ପଡ଼ିବ ।

ବାହ୍ୟ ଜୀବନର ସ୍ତରରେ ଯେଉଁସବୁ ଘଟନା ଘଟୁଛି, ତାହାକୁ ତାହାର କେବଳ ପ୍ରତୀତ ବାହାରର ମୂଲ୍ୟଟି ଦେଇ କଦାପି ବିଚାର କର ନାହିଁ । ଆଉ ଅନ୍ୟ କିଛିକୁ ଅଭିବ୍ୟକ୍ତ କରିବାକୁ ଯାଇ ସେଗୁଡ଼ିକ କେବଳ ଏକ ଭାରି ଅକୁଶଳ ଚେଷ୍ଟା କରିଥା'ନ୍ତି; ମାତ୍ର ଅସଲ ବସ୍ତୁଟି ଆମର କେବଳ ସେହି ଉପରସ୍ତରୀୟ ବୋଧଟିକୁ ଏଡ଼ିଦେଇ ପ୍ରକୃତରେ ଆଉ କେଉଁଠି ଯାଇ ରହିଥାଏ ।

ଆପଣାର ସ୍ୱଭାବର ଯେଉଁ ଉପାଦାନଟି ରହିଥିବାରୁ ଜଣେ ବ୍ୟକ୍ତି ସେହିପରି ଭାବରେ ବ୍ୟବହାର ଓ ଆଚରଣ ଦେଖାଉଛି, ତାହାକୁ ବଦଳାଇ ଦେବା ଲାଗି ତୁମର କୌଣସି ସାମର୍ଥ୍ୟ ନ ଥିବା ପର୍ଯ୍ୟନ୍ତ ତୁମେ କାହାରି ଆଚରଣ ବିଷୟରେ ଆଦୌ କୌଣସି ଅଭିଯୋଗ କର ନାହିଁ । ଏବଂ ତାହାକୁ ବଦଳାଇ ଦେବା ସକାଶେ ଯଦି ତୁମର ସାମର୍ଥ୍ୟ ରହିଥାଏ ତେବେ ଆଦୌ କୌଣସି ଅଭିଯୋଗ ବା କାହିଁକି କରିବାକୁ ଯିବ ? ତୁମେ ତାହାକୁ ବଦଳାଇଦେବା ପାଇଁହିଁ ଆଗ ଆଗ୍ରହ ପ୍ରକାଶ କରିବ ।

ତୁମେ ଯେତେବେଳେ ଯାହାକିଛି କରୁଥିବ ପଛକେ, ଆପଣାର ସମ୍ମୁଖରେ

ରଖିଥିବା ଲକ୍ଷ୍ୟଟିକୁ ତୁମେ କେବେହେଲେ ଭୁଲି ଯିବ ନାହିଁ। ଏହି ମହାନ୍ ଆବିଷ୍କାର-ପଥରେ ଯାତ୍ରା ଆରମ୍ଭ କରିବା ପରେ ତୁମ ଲାଗି ତେଣିକି ବଡ଼ ବା ସାନ ବୋଲି ଆଉ କିଛିହେଲେ ରହିବ ନାହିଁ। ସେତେବେଳେ ତୁମେ କରୁଥିବା ଯାବତୀୟ କାର୍ଯ୍ୟର ସମାନ ମୂଲ୍ୟ ରହିଥିବ; ତାହା ସେହି ଆବିଷ୍କାରରେ ତୁମର ସଫଳତାଲାଭକୁ ହୁଏତ ତ୍ୱରାନ୍ୱିତ କରି ଦେଉଥିବ ଅଥବା ବିଳମ୍ବିତ କରି ରଖୁଥିବ। ଏହିପରି ଭାବରେ, ଭୋଜନରେ ବସିବା ପୂର୍ବରୁ ତୁମେ ଏହି ଅଭୀପ୍ସାଟି ରଖି କିଛି କ୍ଷଣ ପର୍ଯ୍ୟନ୍ତ ଆପଣାକୁ ଅଭିନିବେଶିତ କରି ରଖିବ ଯେ, ତୁମେ ବର୍ତ୍ତମାନ ଯେଉଁ ଭୋଜନ ଗ୍ରହଣ କରିବାକୁ ଯାଉଛ, ତାହା ତୁମକୁ ତୁମ ଶରୀର ଆବଶ୍ୟକ କରୁଥିବା ସେହି ଉପାଦାନଟିକୁ ଆଣି ଦେଇଯାଉ, ଯାହାକି ସେହି ବୃହତ୍ ଆବିଷ୍କାର ଦିଗରେ ତୁମେ କରୁଥିବା ପ୍ରୟାସଟି ଲାଗି ଏକ ସୁଦୃଢ଼ ମୂଳଦୁଆ ରୂପେ କାର୍ଯ୍ୟ କରି ପାରିବ, ସେହି ପ୍ରୟାସଟିରେ ଅବିରତତା ଏବଂ ଅଧ୍ୟବସାୟ ସହିତ ଲାଗି ରହିବାକୁ ତୁମକୁ ଆବଶ୍ୟକ ଶକ୍ତି ଆଣି ଦେଇଯିବ।

ପ୍ରତ୍ୟେକ ଦିନ ଶୋଇବାକୁ ଯିବା ପୂର୍ବରୁ ତୁମେ ଏହିପରି ଏକ ଅଭୀପ୍ସା ସହିତ କେତୋଟି କ୍ଷଣ ଲାଗି ଆପଣାକୁ ଅଭିନିବେଶିତ କରି ରଖିବ ଯେ, ତୁମର ନିଦ୍ରା ତୁମର ଅବଶ ଓ କ୍ଲାନ୍ତ ସ୍ନାୟୁଗୁଡ଼ିକୁ ପୁନର୍ବଳଯୁକ୍ତ କରିଦେଇ ପାରିବ, ତୁମର ମସ୍ତିଷ୍କରେ ତାହା ଶାନ୍ତି ଓ ସ୍ଥିରତା ଆଣିଦେବ, ଯେପରିକି ସକାଳେ ନିଦରୁ ଉଠି ତୁମେ ନୂତନ ବଳ ସହିତ ତୁମର ସେହି ବୃହତ୍ ଆବିଷ୍କାର-ପଥର ଯାତ୍ରାରେ ପୁନର୍ବାର ବାହାରିଯାଇ ପାରିବ।

ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ମଧ୍ୟ ତୁମେ ନିଜର ଇଚ୍ଛାଶକ୍ତି ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବ, ଯେପରିକି ସେହି ବୃହତ୍ ଆବିଷ୍କାର ଅଭିମୁଖରେ ତୁମର ଯାତ୍ରାରେ ତୁମର ଏହି କାର୍ଯ୍ୟଟି ପ୍ରକୃତରେ ସହାୟକ ହୋଇ ରହିବ, ବା ଅନ୍ତତଃ ତାହା ସେଥିରେ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କରିବ ନାହିଁ।

ଯେତେବେଳେ ତୁମେ କୌଣସି କଥା କହିବାକୁ ଯାଉଛ, ସେତେବେଳେ କହିବା କଥାଗୁଡ଼ିକ ତୁମ ମୁଖ ଭିତରୁ ବାହାରି ଆସିବା ପୂର୍ବରୁ ତୁମେ ଆପଣାର ସେହି ଶବ୍ଦଗୁଡ଼ିକୁ କିଛି ସମୟ ଲାଗି ଅଟକାଇ ରଖିବା ସକାଶେ ଆପଣାକୁ ଅଭିନିବେଶିତ କରି ରଖିବ ଏବଂ ଯେଉଁ ଶବ୍ଦଗୁଡ଼ିକ କହିବା ନିତାନ୍ତ ଆବଶ୍ୟକ ତୁମେ କେବଳ ସେହିଗୁଡ଼ିକୁହିଁ ବାହାରକୁ ଆସିବା ଲାଗି ବାଟ ଛାଡ଼ିଦେବ; ତୁମର ସେହି ବୃହତ୍ ଆବିଷ୍କାରର ପଥରେ ଅଗ୍ରଗତି କରିବା ଲାଗି ଯେଉଁସବୁ ଶବ୍ଦ ଆଦୌ କୌଣସି ପ୍ରକାରେ କ୍ଷତିକାରକ ନ ହେବେ, ତୁମେ କେବଳ ସେହିଗୁଡ଼ିକୁହିଁ ବାହାରକୁ ଆସିବାକୁ ଦେବ।

ମୋଟ ଉପରେ କହିବାକୁ ଗଲେ, ଆପଣା ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ତୁମେ କେବେହେଲେ ଭୁଲି ଯିବ ନାହିଁ। ସେହି ବୃହତ୍ ଆବିଷ୍କାରଟି ଲାଗି ରହିଥିବା ତୁମର

ଇଚ୍ଛାହିଁ ସର୍ବଦା ତୁମର ମୁଣ୍ଡ ଉପରେ ଆସି ରହିଥିବ; ତୁମେ ଯାହାକିଛି କରୁଛ ଓ ଯାହାକିଛି ହେଉଛ, ତାହା ଉପରେ ବିଦ୍ୟମାନ ରହିଥିବ; ଆଲୋକର ଏକ ପ୍ରକାଣ୍ଡ ପକ୍ଷିସଦୃଶ ହୋଇ ଏବଂ ତୁମ ସତ୍ତାର ଯାବତୀୟ ଗତିଶୀଳତାକୁ ନିୟନ୍ତ୍ରିତ ଓ ସଂଚାଳିତ କରି ତାହା ତୁମ ଉପରେ ବିଦ୍ୟମାନ ରହିଥିବ ।

ତୁମ ଉଦ୍ୟମର ଏହି ଅକ୍ଲାନ୍ତ ଅବିଚ୍ଛିନ୍ନତା ଫଳରେ ତୁମ ଅନ୍ତର ଭିତରେ ହଠାତ୍ ଗୋଟିଏ ଦ୍ୱାର ଉନ୍ମୋଚିତ ହୋଇଯିବ ଏବଂ ତା' ପରେ ତୁମେ ଏପରି ଏକ ନୟନ ଉଦ୍ଭାସିତକାରୀ ଭାସ୍ୱରତା ମଧ୍ୟରେ ଆସି ଅବତୀର୍ଣ୍ଣ ହେବ, ଯାହାକି ତୁମ ଲାଗି ଅମୃତତ୍ୱର ନିଶ୍ଚୟତାଟିକୁ ବହନ କରି ନେଇ ଆସିବ, ତୁମେ ଯେ ଆବହମାନ କାଳରୁ ଜୀବନ ଧରି ରହିଛ ଓ ସର୍ବକାଳ ଲାଗି ବଞ୍ଚି ରହିବ, ତୁମେ ଅତ୍ୟନ୍ତ ମୂର୍ତ୍ତ ଭାବରେ ସେହି କଥାଟିକୁ ଅନୁଭବ କରିବାକୁ ଲାଗିବ । ତୁମେ ସେତେବେଳେ ଅନୁଭବ କରିବ ଯେ, କେବଳ ଏହି ବାହ୍ୟ ରୂପାବରଣଗୁଡ଼ିକରହିଁ ଯାହା କୌଣସି ବିନାଶ ରହିଛି ଏବଂ ତୁମେ ଯଥାର୍ଥରେ ଯାହା, ଏହି ଆବରଣଗୁଡ଼ିକ ସେଇଟିର ପରିପ୍ରେକ୍ଷୀରେ କେବଳ ବାହ୍ୟ ପରିଧାନ ପରି ହୋଇଛନ୍ତି ଏବଂ ସେହି ପରିଧାନ ଜୀର୍ଣ୍ଣ ହୋଇଯିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ବାରବାର କାଢ଼ି ଫିଙ୍ଗି ଦିଆ ଯାଉଥିବ । ସେତେବେଳେ ତୁମେ ପ୍ରକୃତରେ ଠିଆ ହୋଇପାରିବ, ସକଳ ବନ୍ଧନ ଓ ଜଞ୍ଜିରରୁ ମୁକ୍ତ ହୋଇ ଠିଆହେବ ଏବଂ ଅତ୍ୟନ୍ତ ଦୃଢ଼ ଭାବରେ ସିଧା ବାଟ ଚାଲି ପାରିବ, ଆପଣାର ନିୟତିଟି ବିଷୟରେ ସଚେତନ ହୋଇ ଓ ନିଜେ ନିଜର ଜୀବନଟିକୁ ନିୟନ୍ତ୍ରଣ କରି ତୁମେ ବାଟ ଚାଲି ପାରିବ । ବର୍ତ୍ତମାନ ତ ତୁମକୁ କେବଳ ଅତ୍ୟନ୍ତ ଶ୍ରମସ୍ୱୀକାର କରି ପରିସ୍ଥିତିର ଚାପ ଦ୍ୱାରା ବାଧ୍ୟ ହୋଇ ଅଗ୍ରସର ହେବାକୁ ପଡୁଛି, ସେହି ପରିସ୍ଥିତିଗୁଡ଼ିକୁ ପ୍ରକୃତି ତୁମ ଉପରେ ଆଣି ଲଦି ଦେଇଛି ଏବଂ, ସେଗୁଡ଼ିକ ଯେପରି ତୁମକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ନ ପକାଇବ, ସେହି ଭୟରେହିଁ ତୁମକୁ ସେହି ପରିସ୍ଥିତିଗୁଡ଼ିକୁ ସହ୍ୟ କରିବାକୁ ପଡୁଛି, ମୁଣ୍ଡ ପାତି ସ୍ୱୀକାର କରିବାକୁ ହେଉଛି ।

ଦେହଗତ ଭୂମିଟିର ଦାସ ହୋଇ ରହିବାର ଦୁର୍ଗତିଟି ମଧ୍ୟରୁ ଏହି ବିମୋଚିତ ହୋଇ ଆସିବା, ଯାବତୀୟ ବ୍ୟକ୍ତିଗତ ବନ୍ଧନ ମଧ୍ୟରୁ ଏହି ମୁକ୍ତି ଲାଭ,— ଏହାକୁହିଁ ଆମେ କଦାପି ଆମର ସର୍ବୋଚ୍ଚ ଉପଲବ୍ଧି ବୋଲି କହିବା ନାହିଁ । ସର୍ବୋଚ୍ଚ ଶିଖରଟିରେ ଯାଇ ପହଞ୍ଚି ପାରିବାକୁ ହେଲେ ତୁମକୁ ଆହୁରି କେତୋଟି ପାହାଚ ଉଠି ଉପରକୁ ଯିବାକୁ ପଡ଼ିବ । ଏବଂ ଏହି ସୋପାନଗୁଡ଼ିକ ପରେ ଆହୁରି ଅନ୍ୟ ସୋପାନଗୁଡ଼ିକ ଆସିବ, ଏବଂ ତା'ପରେ ସେହିଗୁଡ଼ିକହିଁ ଆମ ଲାଗି ଭବିଷ୍ୟତର ଦ୍ୱାରଟିକୁ ଖୋଲି ଦେଇ ପାରିବ । ମୁଁ ଯେଉଁ ଲକ୍ଷ୍ୟଟିକୁ ଆଧ୍ୟାତ୍ମିକ ଶିକ୍ଷା ବୋଲି କହୁଛି, ଏହି ପରବର୍ତ୍ତୀ ସୋପାନଗୁଡ଼ିକହିଁ ତୁମକୁ ସେହିଠାରେ ନେଇ ପହଞ୍ଚାଇ ଦେବେ ।

ମାତ୍ର ଏହି ନୂତନ ସୋପାନଟି ବିଷୟରେ ଆଲୋଚନା ଆରମ୍ଭ କରି ଅତ୍ୟନ୍ତ ବିସ୍ତୃତ ଭାବରେ ପ୍ରଶ୍ନଟିର ବ୍ୟାଖ୍ୟା କରିବା ପୂର୍ବରୁ ଏଠାରେ ଗୋଟିଏ ବିଷୟକୁ ବୁଝାଇ କହିଦେବା ଆବଶ୍ୟକ ହେବ । ଆମେ ବର୍ତ୍ତମାନ ଯେଉଁ ଚୈତ୍ୟ ଶିକ୍ଷାଟି ବିଷୟରେ କହୁଥିଲୁ ଏବଂ ଏହାପରେ ଆମେ ଯେଉଁ ଆଧ୍ୟାତ୍ମିକ ଶିକ୍ଷା ବିଷୟରେ କହିବାକୁ ଯାଉଛୁ, ଦୁଇଟି ମଧ୍ୟରେ ଆଦୌ କୌଣସି ତାରତମ୍ୟ କାହିଁକି ରହିବ ? ଏହାର କାରଣ ହେଉଛି ଯେ, ସେଇ ଦୁଇଟିର ସମ୍ମୁଖରେ ରହିଥିବା ଲକ୍ଷ୍ୟ ଦୁଇଟି ପରସ୍ପରଠାରୁ ଭିନ୍ନ ହୋଇଥିଲେ ମଧ୍ୟ ସେଗୁଡ଼ିକୁ 'ଯୋଗ ସାଧନା'ର ଏକ ସାଧାରଣ ନାମ ଭିତରେ ଅନ୍ତର୍ଗତ କରି ରଖି ସାଧାରଣତଃ ପରସ୍ପର ସହିତ ଭାରି ଗୋଳମାଳିଆ କରି ଦିଆ ଯାଇଥାଏ । କାରଣ, ଗୋଟିଏ ଏହି ଜଗତରେ ଏକ ଉଚ୍ଚତର ଉପଲବ୍ଧିକୁ ଆପଣାର ଲକ୍ଷ୍ୟ ରୂପେ ଗ୍ରହଣ କରିଥାଏ, ଏବଂ ଜାଗତିକ ଯାବତୀୟ ଅଭିବ୍ୟକ୍ତି ମଧ୍ୟରୁ, ଏପରିକି ଏହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରୁ ପଳାଇଯାଇ ଅବ୍ୟକ୍ତ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରିବାହିଁ ଆରଟିର ଲକ୍ଷ୍ୟ ହୋଇ ରହିଥାଏ ।

ତେଣୁ, ଆମେ ହୁଏତ ଏପରି କହିପାରିବା ଯେ, ଚୈତ୍ୟ ଜୀବନ କହିଲେ ଏକ ଅମୃତ ଜୀବନକୁ ବୁଝାଏ, ଶେଷହୀନ କାଳ ଓ ସୀମାହୀନ ଦେଶକୁ ବୁଝାଏ, ସତତ ଉତ୍ତରୋତ୍ତର ଭାବରେ ଅଭିବୃଦ୍ଧି ଲାଭ କରୁଥିବା ପରିବର୍ତ୍ତନକୁ ବୁଝାଏ, ରୂପାୟନମୟ ଏହି ଜଗତ୍ ମଧ୍ୟରେ ଏକ ଅଖଣ୍ଡ ଅବିଚ୍ଛିନ୍ନତାକୁ ବୁଝାଏ । ମାତ୍ର ଅନ୍ୟ ପକ୍ଷରେ ଆଧ୍ୟାତ୍ମିକ ଚେତନା ଅନନ୍ତ ଓ ଶାଶ୍ୱତ ମଧ୍ୟରେହିଁ ଜୀବନ ବଞ୍ଚିବାକୁ ବୁଝାଇଥାଏ, ଆପଣାକୁ ଯାବତୀୟ ସୃଜନର ସେ ପାଖକୁ ପ୍ରକ୍ଷେପିତ କରି ରଖିବାକୁ କାଳ ତଥା ଦେଶର ଯାବତୀୟ ସୀମାର ସେ ପାଖକୁ ପ୍ରକ୍ଷେପିତ କରି ରଖିବାକୁ ବୁଝାଇଥାଏ । ଆପଣାର ଚୈତ୍ୟ ସତ୍ତା ବିଷୟରେ ସଚେତନ ହୋଇ ଏକ ଚୈତ୍ୟ ଜୀବନ ଯାପନ କରିବାକୁ ହେଲେ ତୁମକୁ ଯାବତୀୟ ଅହଂ କେନ୍ଦ୍ରିତତାର ବିଲୋପ ସାଧନ କରିବାକୁ ହେବ । ମାତ୍ର, ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବାକୁ ହେଲେ ନିଜ ଭିତରେ ଥିବା ଅହଂଟିକୁ ସମୂଳେ ଉତ୍ପାଟିତ କରିଦେବାକୁ ପଡ଼ିବ ।

ଆଧ୍ୟାତ୍ମିକ ଶିକ୍ଷାର ଏହି କ୍ଷେତ୍ରଟିରେ ମଧ୍ୟ ତୁମେ ଆପଣାର ସମ୍ମୁଖରେ ଯେଉଁ ଲକ୍ଷ୍ୟଟିକୁ ସ୍ଥାପନ କରି ରଖିଥିବ, ତାହା ତୁମ ମନର ସୂତ୍ରାୟନଟି ଅନୁସାରେ ତୁମେ ବଢ଼ି ଆସିଥିବା ବିଭିନ୍ନ ପରିସ୍ଥିତି ଅନୁସାରେ, ତୁମେ ଅନୁସରଣ କରିଥିବା ବାଟଟି ଅନୁସାରେ ଏବଂ ତୁମ ନିଜ ସ୍ୱଭାବଟିର ସମ୍ବନ୍ଧସୂତ୍ରଗୁଡ଼ିକ ଅନୁସାରେ ଭିନ୍ନ ଭିନ୍ନ ନାମରେ ଅଭିହିତ ହେଉଥିବ । ଯେଉଁମାନଙ୍କ ଭିତରେ ଏକ ଧର୍ମାନୁପ୍ରେରିତ ପ୍ରବୃତ୍ତି ରହିଛି, ସେମାନେ ସେହି ଲକ୍ଷ୍ୟଟିକୁ ଭଗବାନ୍ ବୋଲି କହିବେ, ଏବଂ, ସକଳ ରୂପାୟନ ମଧ୍ୟରେ ବିଦ୍ୟମାନ ରହିଥିବା ଅନ୍ତଃସ୍ଥ ଈଶ୍ୱରଙ୍କଠାରୁ ଭିନ୍ନ କରି ସକଳ ରୂପାୟନର ଅତୀତ ହୋଇ ରହିଥିବା

ବିଶ୍ୱାତୀତ ଈଶ୍ୱରଙ୍କ ସହିତ ଏକାତ୍ମକତା ଅର୍ଜନ କରିବାହିଁ ସେମାନଙ୍କର ଆଧ୍ୟାତ୍ମିକ ପ୍ରୟାସଟିର ଲକ୍ଷ୍ୟ ହୋଇ ରହିବ । ଅନ୍ୟମାନେ ସେହି ଲକ୍ଷ୍ୟକୁ ପରମ ପରାତ୍ପର ବୋଲି କହିବେ, ପରମ ଆଦିମୂଳ ବୋଲି କହିବେ, ଆଉ କେହି ନିର୍ବାଣ ବୋଲି ବି କହିବେ । ଏବଂ, ଏମାନଙ୍କ ବ୍ୟତୀତ ଆହୁରି ଅନେକ ବି ଥିବେ, ଯେଉଁମାନେ କି ଏହି ଜଗତକୁ କେବଳ ଏକ ଅବାସ୍ତବ ମାୟା ବୋଲି ଦେଖୁଥିବେ ଏବଂ ସେମାନେ ସେହି ଲକ୍ଷ୍ୟକୁ ପରମ ଏକୈବ ବାସ୍ତବତା ବୋଲି ଅଭିହିତ କରିବେ । ଏବଂ ଯେଉଁମାନେ ସମସ୍ତ ଜଗତ୍-ରୂପାୟନକୁ ମିଥ୍ୟା ବୋଲି କହୁଥିବେ ସେମାନେ ତାହାକୁ ପରମ ଏକୈବ ସତ୍ୟ ବୋଲି କହିବେ । ଏବଂ ଏଗୁଡ଼ିକ ଭିତରୁ ପ୍ରତ୍ୟେକଟି ସଂଜ୍ଞା ବା ନାମ ଭିତରେ ସତ୍ୟର ଏକ ଉପାଦାନ ଅବଶ୍ୟ ରହିଥିବ, ମାତ୍ର ତଥାପି ସେଗୁଡ଼ିକ ସମସ୍ତେ ଅପୂର୍ଣ୍ଣତାଯୁକ୍ତ ହୋଇ ରହିଥିବେ । ସେମାନେ ପ୍ରତ୍ୟେକେ ଅସଲ ସତ୍ୟଟିର କେବଳ ଗୋଟିଏ ଦିଗକୁହିଁ ଅଭିବ୍ୟକ୍ତ କରୁଥିବେ । ମାତ୍ର, ଏଠାରେ ମଧ୍ୟ ମାନସିକ ସୂତ୍ରାୟନର ଆଦୌ ଖୁବ୍‌ବେଶୀ ମହତ୍ତ୍ୱ ନ ଥିବ, ଏବଂ ମଧ୍ୟବର୍ତ୍ତୀ ସୋପାନଗୁଡ଼ିକୁ ଥରେ ଅତିକ୍ରମ କରି ଚାଲିଯାଇ ସାରିବା ପରେ ସେହି ବିଷୟରେ ଯାବତୀୟ ଅନୁଭୂତି କେବଳ ଅଭିନ୍ନ ଗୋଟିଏ ଅନୁଭୂତିରୂପେହିଁ ଉପଲବ୍ଧ ହୋଇ ରହିବ । ସେକଥା ଯାହା ହୋଇଥାଉ ପଛକେ, ଏହି କ୍ଷେତ୍ରରେ ସଂପୂର୍ଣ୍ଣ ଆତ୍ମ-ସମର୍ପଣକୁହିଁ ସବୁଠାରୁ ଅଧିକ ପରିମାଣରେ ଫଳଦାୟକ ହୋଇ ପାରୁଥିବା ଆରମ୍ଭବିନ୍ଦୁ ବୋଲି କୁହାଯାଇ ପାରିବ ଏବଂ ସବୁଠାରୁ ଅଧିକ ସତ୍ୱରତାଯୁକ୍ତ ପଦ୍ଧତି ବୋଲି କୁହାଯିବ । ପୁନଶ୍ଚ, ଆପଣାର ଧାରଣା ଓ କଳ୍ପନାଟି ଅନୁସାରେ ଯାହାକିଛି ସର୍ବୋଚ୍ଚ ଶିଖର ବୋଲି ଅନୁଭୂତ ହେଉଥିବ, ତାହା ପାଖରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କରି ଦେବାର ଆନନ୍ଦଠାରୁ ଆଉ ଅନ୍ୟ କୌଣସି ଆନନ୍ଦହିଁ କଦାପି ଅଧିକ ସଂପୂର୍ଣ୍ଣ ହୋଇ ପାରିବ ନାହିଁ । ଏହି ସର୍ବୋଚ୍ଚ କଳ୍ପନା-ଶିଖରକୁ କେତେକ ବ୍ୟକ୍ତି ଭଗବାନ୍ ବୋଲି କହନ୍ତି, ଅନ୍ୟମାନେ ତାହାକୁ ପରିପୂର୍ଣ୍ଣତା ରୂପେ ବି କଳ୍ପନା କରିଥା'ନ୍ତି । ଯଦି ତୁମେ ଆପଣାକୁ ସାତତ୍ୟ ତଥା ଯଥାର୍ଥ ଉତ୍ସାହ ସହିତ ସମର୍ପିତ କରି ଦେଇପାର, ତେବେ ତୁମର ଜୀବନରେ ଏପରି ଗୋଟିଏ ମୁହୂର୍ତ୍ତ ଅବଶ୍ୟ ଆସିବ, ଯେତେବେଳେ ତୁମେ ସେହି କଳ୍ପନାଟିର ସୀମାକୁ ମଧ୍ୟ ଅତିକ୍ରମ କରି ଚାଲିଯିବ ଏବଂ ଏପରି ଏକ ଅନୁଭୂତି ପାଖରେ ଆସି ପହଞ୍ଚିବ, ଯାହାକି ଯାବତୀୟ ବର୍ଣ୍ଣନା ଲାଗି ଅପ୍ରତିହତ ହୋଇ ରହିଥିବ, ମାତ୍ର ଆପଣାର ପରିଣାମଗୁଡ଼ିକର କ୍ଷେତ୍ରରେ ଯାହା ସର୍ବଦା ଅଭିନ୍ନ ହୋଇ ରହିଥିବ । ଏବଂ, ତୁମର ଏହି ଆତ୍ମ-ଦାନ ଅଧିକରୁ ଅଧିକ ପୂର୍ଣ୍ଣତାପ୍ରାପ୍ତ ଏବଂ ସମଗ୍ର ହେଉଥିବା ସଙ୍ଗେ ସଙ୍ଗେ, ତୁମେ ଯେଉଁ ପରମତତ୍ତ୍ୱଙ୍କ ପାଖରେ ଆପଣାକୁ ସମର୍ପିତ କରିଛ, ତାଙ୍କରି ସହିତ ଏକାତ୍ମକତା ଅର୍ଜନ କରିବା ଲାଗି ଏକ ଅଭୀପ୍ସା ଏବଂ ତାଙ୍କରି ମଧ୍ୟରେ ସମଗ୍ର ଭାବରେ ସମ୍ମିଳିତ ହୋଇ ରହିବାର ଏକ

ଆସ୍ପୃହା ମଧ୍ୟ ତାହାର ଅନୁବର୍ତ୍ତୀ ହୋଇ ରହିବାକୁ ଆରମ୍ଭ କରିବ । ଏବଂ, ଏହି ଅଭୀପ୍‌ସା ଓ ଆସ୍ପୃହା କ୍ରମଶଃ ଯାବତୀୟ ପୃଥକତା ଏବଂ ଯାବତୀୟ ପ୍ରତିରୋଧକୁ ମଧ୍ୟ ଅତିକ୍ରମ କରିଯାଇ ପାରୁଥିବ । ବିଶେଷତଃ, ସେହି ଅଭୀପ୍‌ସା ସହିତ ଯଦି ଏକ ପ୍ରଗାଢ଼ ଏବଂ ସ୍ୱତଃପ୍ରେରିତ ଶ୍ରଦ୍ଧା ବି ରହିଥାଏ, ତେବେ ସେହି ପ୍ରକ୍ରିୟାଟି ଆହୁରି ଅଧିକ ତ୍ୱରାନ୍ୱିତ ହୋଇଯିବ, କାରଣ ସେତେବେଳେ ଏହାର ବିଜୟ-ଯାତ୍ରା ସମ୍ମୁଖରେ ବାଧାଦେବା ଲାଗି ଆଉ କୌଣସି ଶକ୍ତି ସମର୍ଥ ହେବ ନାହିଁ ।

ଚୈତ୍ୟସତ୍ତା ସହିତ ଏକାତ୍ମତା ଅର୍ଜନ କରିବା ଏବଂ ଉପରେ ଆଲୋଚନା କରାଯାଇଥିବା ଏକାତ୍ମକତା ଅର୍ଜନ ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ଅବଶ୍ୟ ରହିଛି । ଚୈତ୍ୟ ସତ୍ତା ସହିତ ଅର୍ଜନ କରାଯାଉଥିବା ଏକାତ୍ମକତାକୁ ଅଧିକରୁ ଅଧିକ ଦୀର୍ଘସ୍ଥାୟୀ କରି ରଖାଯାଇ ପାରିବ, ଏବଂ କେତେକ କ୍ଷେତ୍ରରେ ତାହା ଚିରକାଳ ସ୍ଥାୟୀ ମଧ୍ୟ ହୋଇପାରିବ ଓ ସେହି ଏକାତ୍ମକତାର ଉପଲବ୍ଧି କରିଥିବା ବ୍ୟକ୍ତି ବାହ୍ୟତଃ ଯାହାକିଛି କାର୍ଯ୍ୟ କରୁଥାଉ ପଛକେ, ତାକୁ ତାହା କଦାପି ଛାଡ଼ି ଚାଲିଯିବ ନାହିଁ । ଅନ୍ୟ ଭାଷାରେ କହିଲେ, କେବଳ ଧ୍ୟାନ ଓ ଗଭୀର ଅଭିନିବେଶର ଅବସ୍ଥାରେ ଯେ ସେହି ଏକାତ୍ମକତାର ଅର୍ଜନ କରାଯାଏ, ସେକଥା ମୋଟେ ନୁହେଁ, ତାହାର ପରିଣାମଗୁଡ଼ିକୁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ମଧ୍ୟ ଅନୁଭବ କରାଯାଇପାରେ ଶୋଇବା ଅବସ୍ଥାରେ ତଥା ଜାଗ୍ରତ୍ ଅବସ୍ଥାରେ ମଧ୍ୟ ଅନୁଭବ କରା ଯାଇପାରେ ।

ଅନ୍ୟ ପକ୍ଷରେ, ଯାବତୀୟ ରୂପାୟନ ମଧ୍ୟରୁ ଯେଉଁ ବିମୋଚନ ହାସଲ କରାଯାଇ ଥାଏ ଏବଂ ଯାହା ରୂପର ଅତୀତ ହୋଇ ରହିଛି, ତାହା ସହିତ ଯେଉଁ ଏକାତ୍ମକତା ଅର୍ଜନ କରାଯାଇଥାଏ, ତାହା କଦାପି ସଂପୂର୍ଣ୍ଣ ଅବ୍ୟାହତ ଭାବରେ ସ୍ଥାୟୀ ହୋଇ ରହିପାରେ ନାହିଁ; କାରଣ ତାହାହେଲେ ତାହାର ପରିଣାମସ୍ୱରୂପ ଆପଣାଛାଏଁ ଜଡ଼ସ୍ଥ ରୂପର ବିଲୁପ୍ତିହିଁ ଘଟିଥାଏ । କେତେକ ପରମ୍ପରାର ଉକ୍ତି ଅନୁସାରେ ସଂପୂର୍ଣ୍ଣ ଏକାତ୍ମକତା ଅର୍ଜନର କୋଡ଼ିଏ ଦିନ ମଧ୍ୟରେ ଏହି ବିଲୁପ୍ତି ଘଟିଥାଏ । ଏହି ବିଲୁପ୍ତି ଘଟିବା ଯେ ଏକାନ୍ତ ଅବଶ୍ୟମ୍ଭାବୀ, ସେକଥା ଆଦୌ ନୁହେଁ । ଏବଂ, ଏହି ଅନୁଭୂତିଟି ମାତ୍ର ଅଳ୍ପ କେତେ ସମୟ ଲାଗି ରହୁଥିଲେହେଁ ତାହା ଚେତନାର ଭୂମିରେ ଏପରି ନାନା ପରିଣାମକୁ ସମ୍ଭବ କରିଥାଏ, ଯାହାକି କଦାପି ନଷ୍ଟ ବା ବିଲୁପ୍ତ ହୋଇ ଯାଏ ନାହିଁ ଏବଂ ସତ୍ତାର ଅନ୍ତରସ୍ଥ ତଥା ବାହ୍ୟ ଯାବତୀୟ ଅବସ୍ଥା ଉପରେ ସେଗୁଡ଼ିକର ନାନା ପ୍ରତିଘାତ ବି ଆସି ବାଜିଯାଏ । ପୁଣି, ଥରେ ସେହି ଏକାତ୍ମକତା ସମ୍ଭବ ହୋଇଗଲେ, ତା' ପରେ ନିଜର ଇଚ୍ଛା ଅନୁସାରେ ସେହି ଅବସ୍ଥାଟିକୁ ପୁନର୍ବାର ସମ୍ଭବ କରିବା ମଧ୍ୟ ସମ୍ଭବ ହୋଇଯାଏ । ଆପଣାକୁ ପୁନର୍ବାର ସେହି ସମାନ ଅବସ୍ଥାଟିକୁ ଆଣିବାର ଉପାୟଟି ଶିକ୍ଷା କରିଥିବା ଅବଶ୍ୟ ଏଥିଲାଗି ଆବଶ୍ୟକ ହୋଇଥାଏ ।

ଯେଉଁ ଜୀବନ ଓ ଯେଉଁ ଅସ୍ତିତ୍ୱ ସେମାନଙ୍କୁ ଆଉ କୌଣସି ପ୍ରକାରେ ଆକର୍ଷଣ କରିପାରୁ ନ ଥାଏ, ସେହି ଜୀବନରୁ ନିଷ୍କୃତି ଲାଭ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ଆପଣାର ସର୍ବୋଚ୍ଚ ମୁକ୍ତିରୂପେହିଁ ଅରୂପ ମଧ୍ୟରେ ଏହି ବିଲୀନ ହୋଇଯିବାର କାମନା ରଖିଥା'ନ୍ତି ଓ ସେଇଟିର ଉପଲବ୍ଧି ଲାଗି ପ୍ରୟାସ କରୁଥା'ନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର ଆଦୌ କୌଣସି କାରଣ ନାହିଁ ଯେ ବର୍ତ୍ତମାନ ଏହି ପୃଥିବୀ ଯେଉଁଭଳି ଏକ ରୂପରେ ରହିଛି, ସେମାନେ ସେଇଟି ପ୍ରତି ଅତ୍ୟନ୍ତ ବିରାଗ ପୋଷଣ କରୁଥା'ନ୍ତି । ମାତ୍ର, ଏହି ପୃଥିବୀ ଯେଉଁ ଅବସ୍ଥାରେ ରହିଛି, ତାହାକୁ ଠିକ୍ ସେହି ଅବସ୍ଥାରେ ଛାଡ଼ିଦେଇ ଚାଲିଯିବାକୁ ଏବଂ, ଜୀବନର ଯେଉଁ ସ୍ଥିତିଟି ହେତୁ ଅନ୍ୟ ବ୍ୟକ୍ତିମାନେ ସତତ କେତେ ଦୁଃଖ ଭୋଗ କରୁଛନ୍ତି, ସେହି ସ୍ଥିତିରେ ଆଦୌ କୌଣସି ପ୍ରକାର ପରିବର୍ତ୍ତନ ନ ଘଟାଇବାକୁ ଯେଉଁ ମୁକ୍ତି ଆପଣାର କାମ୍ୟ ବୋଲି ଗ୍ରହଣ କରି ନିଏ, ତାହା କଦାପି କେବଳ ସେହିମାନେ ବା ପ୍ରାୟ କେବଳ ସେହିମାନେ ଅଧିକାରୀ ହୋଇ ପାରିଥିବା ଏକ ବରଦାନ ଓ ପ୍ରସାଦକୁ ଉପଭୋଗ କରିବା ଲାଗି ମୋଟେ ସମ୍ମତ ହେଉ ନ ଥିବା ଅନ୍ୟମାନଙ୍କୁ ଆଦୌ କୌଣସି ସନ୍ତୋଷ ଦେଇ ପାରେ ନାହିଁ । ସେମାନେ ଆଉ ଏକ ଏପରି ଜଗତର ସ୍ୱପ୍ନ ଦେଖୁଥା'ନ୍ତି ଯାହାକି ତାହାର ଏହି ଆପାତ ପ୍ରତୀତ ବିଶୃଙ୍ଖଳା ଏବଂ ବହୁବ୍ୟାପୀ ଦୁଃଖ ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ମହିମାଗୁଡ଼ିକର ଅଧିକ ଅନୁରୂପ ଓ ଅଧିକ ଯୋଗ୍ୟ ହୋଇ ପାରିବ । ଆପଣାର ଆନ୍ତର୍ଗତ ସତ୍ୟୋଦ୍‌ଘାଟନ ଦ୍ୱାରା ସେମାନେ ଯେଉଁସବୁ ଅପୂର୍ବତାର ଆବିଷ୍କାର କରି ପାରିଛନ୍ତି, ସେଗୁଡ଼ିକ ଅନ୍ୟମାନଙ୍କର ଜୀବନରେ ମଧ୍ୟ ସମ୍ଭବ ହେଉ ବୋଲି ସେମାନେ ସ୍ୱପ୍ନ ଦେଖିବାରେ ଲାଗିଥା'ନ୍ତି । ଏବଂ, ସେମାନେ ନିଜେ ଯେତେବେଳେ ଆପଣା ଆରୋହଣର ସର୍ବୋଚ୍ଚ ଶିଖରରେ ଆସି ଉପନୀତ ହୋଇ ସାରିଥା'ନ୍ତି, ସେତେବେଳେ ସେହି ଅନ୍ୟ କାର୍ଯ୍ୟଟିକୁ ସାଧନ କରିବାରେ ଉପାୟଗୁଡ଼ିକ ମଧ୍ୟ ସେମାନଙ୍କ ଲାଗି ଆଦୌ ଅପହଞ୍ଚ ହୋଇ ରହି ନ ଥାଏ ।

ରୂପ ସୀମାର ଆହୁରି ସେ ପାଖରୁ ଏକ ନୂତନ ଶକ୍ତିକୁ ଉଦ୍‌ବୋଧିତ କରି ଅଣାଯାଇ ପାରିବ; ଯେଉଁ ଚୈତନ୍ୟଶକ୍ତିର ଏ ପର୍ଯ୍ୟନ୍ତ ଅଭିବ୍ୟକ୍ତି ଘଟି ନାହିଁ ଏବଂ ଯାହାକି ଆପଣାର ଆବିର୍ଭାବ ଦ୍ୱାରା ଜାଗତିକ ବସ୍ତୁଚୟର ଗତିପଥକୁ ବଦଳାଇ ଦେଇ ପାରିବ ଏବଂ ଏକ ନୂତନ ପୃଥିବୀକୁ ଜନ୍ମ ଦେଇ ପାରିବ, ସେହି ଚୈତନ୍ୟ ଶକ୍ତିକୁ ଆବାହନ କରି ଆଣିବା ଅବଶ୍ୟ ସମ୍ଭବ ହେବ । କାରଣ ଏକ ଆତ୍ମ-ନିର୍ବାପନର ପ୍ରକ୍ରିୟା ଦ୍ୱାରା ସେହି ଅବ୍ୟକ୍ତ ମଧ୍ୟକୁ ନିଷ୍କୃତି ଲାଭ କରି ଜଣେ ଜଣେ ବ୍ୟକ୍ତି ପୃଥିବୀର ଏହି ଯାବତୀୟ ଯନ୍ତ୍ରଣା ଓ ଦୁଃଖ ମଧ୍ୟରୁ ବାହାରି ଚାଲିଗଲେ କିଂବା ଏହି ସୃଷ୍ଟି ସମଗ୍ର ତଥା ଚୂଡ଼ାନ୍ତ ରୂପରେ ତା'ର ସ୍ରଷ୍ଟାଙ୍କ ପାଖକୁ ଲେଉଟି ଆସିବା ଦ୍ୱାରା ବିଶ୍ୱମୟ ଦୁଃଖସହନ

ମଧ୍ୟରୁ ସେହି ସାମୂହିକ ଅପସୃତିଟି ଘଟିଲେ ମଧ୍ୟ ଦୁଃଖ, ଅଜ୍ଞାନ ଓ ମୃତ୍ୟୁର ସମସ୍ୟାଗୁଡ଼ିକର ଆଦୌ କୌଣସି ଯଥାର୍ଥ ସମାଧାନ ଉପଲବ୍ଧ ହେବ ନାହିଁ । ତଦ୍ଦ୍ୱାରା କେବଳ ଏହି ବିଶ୍ୱର ବିଲୁପ୍ତି ଘଟାଇହିଁ ବିଶ୍ୱରେ ରହିଥିବା ବ୍ୟାଧିର ଏକ ଉପଶମ ସମ୍ଭବ । ଏକ ରୂପାନ୍ତର ଏବଂ ଏକ ସମଗ୍ର ପରିବର୍ତ୍ତନ ଦ୍ୱାରାହିଁ ଯଥାର୍ଥ ସମାଧାନ ସମ୍ଭବ ହେବ; ପରିପୂର୍ଣ୍ଣତା ଆଡ଼କୁ ଆପଣାର ଅଗ୍ରଗତି କରିବାର ପଥରେ ପ୍ରକୃତି ବିଧାନ ନିର୍ଦ୍ଦିଷ୍ଟ ଭାବରେ ଅବିଚ୍ଛିନ୍ନ ହୋଇ ରହିବା ଦ୍ୱାରା ଜଡ଼ର ସ୍ତରରେ ଯେଉଁ ସମଗ୍ର ରୂପାନ୍ତରଣ ସଂଘଟିତ ହେବ,— ତଦ୍ଦ୍ୱାରା ଏକ ନୂତନ ଜୀବଜାତିର ସୃଷ୍ଟି ହେବ ଓ ବର୍ତ୍ତମାନ ଇତରପ୍ରାଣୀମାନଙ୍କର ତୁଳନାରେ ମନୁଷ୍ୟ ଯେଉଁ ସ୍ତରରେ ରହିଛି, ଉକ୍ତ ନୂତନ ଜାତି ବର୍ତ୍ତମାନ ମନୁଷ୍ୟର ତୁଳନାରେ ଠିକ୍ ସେହିପରି ଏକ ସ୍ତରରେ ରହିଥିବ । ତାହା ଏହି ପୃଥିବୀ ପୃଷ୍ଠରେ ଏକ ନୂତନ ଶକ୍ତିର ଅବତରଣ କରାଇବ, ଏକ ନୂତନ ଚେତନା ଓ ନୂତନ ଶକ୍ତିମତ୍ତାର ଅବତରଣ କରାଇ ଆଣିବ । ଏବଂ, ତାହାରି ଫଳରେ ଏକ ନୂତନ ଶିକ୍ଷାର ପ୍ରବର୍ତ୍ତନ ଆରମ୍ଭ ହେବ, ଯାହାକୁ କି ଆମେ ଅତିମାନସ ଶିକ୍ଷା ବୋଲି କହି ପାରିବା । ଆପଣାର ସର୍ବଶକ୍ତିମାନ୍ କ୍ରିୟାଶୀଳତା ଦ୍ୱାରା ଏହି ଶିକ୍ଷା କେବଳ ଯେ ବ୍ୟକ୍ତିମାନଙ୍କର ଚେତନା ଉପରେ କାର୍ଯ୍ୟ କରିବ ତା’ ନୁହେଁ, ମାତ୍ର, ସେହି ବ୍ୟକ୍ତିମାନେ ଯେଉଁ ଉପାଦାନ ଦ୍ୱାରା ଗଠିତ ହୋଇଛନ୍ତି ଏବଂ ଯେଉଁ ପରିବେଶ ମଧ୍ୟରେ ସେମାନେ ବାସ କରୁଛନ୍ତି, ତାହା ସେଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟ କରିବ ।

ଆଗରୁ ଆମେ ଶିକ୍ଷାର ଯେଉଁସବୁ ପ୍ରକାରର ଉଲ୍ଲେଖ କରିଛୁ, ସେଗୁଡ଼ିକ ସତ୍ତାର ବିଭିନ୍ନ ଭାଗଗୁଡ଼ିକର ଏକ ଆରୋହଣଧର୍ମୀ ଗତିସ୍ପନ୍ଦନକୁ ଅବଲମ୍ବନ କରି ତଳୁ ଉପରକୁ ଅଗ୍ରସର ହେବାରେ ଲାଗିଥା’ନ୍ତି । ଅତିମାନସ ଶିକ୍ଷା ତଳୁ ଉପର ଆଡ଼କୁ ଅଗ୍ରସର ନ ହୋଇ ଊର୍ଦ୍ଧ୍ୱରୁହିଁ ନିମ୍ନ ଆଡ଼କୁ ଗତିଶୀଳ ହୋଇ ରହିବ; ସତ୍ତାର ଗୋଟିଏ ସ୍ଥିତିରୁ ତାହାର ପ୍ରଭାବ ଆଉ ଗୋଟିଏ ସ୍ଥିତି ମଧ୍ୟକୁ ବ୍ୟାପ୍ତ ହୋଇ ଯାଉଥିବ ଏବଂ ତାହାରି ଫଳରେ ସର୍ବଶେଷରେ ଏହି ଜଡ଼ର ଭୂମିଟି ମଧ୍ୟ ତାହାର ପରିସର ମଧ୍ୟକୁ ଆସିଯାଇ ପାରିବ । ସତ୍ତାଗତ ଅନ୍ତଃସ୍ଥିତିଗୁଡ଼ିକରେ ପ୍ରଭୂତ ରୂପାନ୍ତର ସଂଘଟିତ ହୋଇ ସାରିବାପରେ ଯାଇ ଏହି ସର୍ବଶେଷ ରୂପାନ୍ତରର ପ୍ରକ୍ରିୟାଟି ଦୃଷ୍ଟିଗୋଚର ହୋଇ ପାରିବ । ତେଣୁ, ବାହାର ଶାରୀରିକ ରୂପରୁ ଅତିମାନସ ଉପସ୍ଥିତିକୁ ଚିହ୍ନିବା ଲାଗି ଚେଷ୍ଟା କରି ବସିଲେ ତାହା ପ୍ରକୃତରେ ଭାରି ଅସଙ୍ଗତ ହେବ । କାରଣ, ଶାରୀରିକ ବାହ୍ୟରୂପଗୁଡ଼ିକରେ କେବଳ ସର୍ବଶେଷରେ ଯାଇ ପରିବର୍ତ୍ତନ ଘଟିବ ଏବଂ, ଅତିମାନସ ଶକ୍ତିର କୌଣସି ଅଂଶ କୌଣସି ବ୍ୟକ୍ତିର ଶାରୀରିକ ଜୀବନର ସ୍ତରରେ ଦୃଶ୍ୟ ଓ ପ୍ରକଟ ହୋଇ ପାରିବାର ବହୁ ପୂର୍ବରୁ ମଧ୍ୟ ବ୍ୟକ୍ତି ମଧ୍ୟରେ ସେହି ଶକ୍ତି ବେଶ୍ ଆପଣାର କାର୍ଯ୍ୟ କରି ପାରୁଥିବ ।

ସାରାଂଶ ହେଉଛି ଆମେ ହୁଏତ ଏପରି କହିପାରିବା ଯେ, ଅତିମାନସ ଶିକ୍ଷା ଆଉ ମନୁଷ୍ୟ-ପ୍ରକୃତିର ଉତ୍ତରୋତ୍ତର ଅଭିବୃଦ୍ଧି ଏବଂ ସେହି ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇରହିଥିବା ସାମର୍ଥ୍ୟଗୁଡ଼ିକର କ୍ରମୋତ୍ତର ବିକାଶସାଧନାର କ୍ଷେତ୍ରକୁ ଆପଣାର କାର୍ଯ୍ୟକ୍ଷେତ୍ର ରୂପେ ଗ୍ରହଣ କରିବ ନାହିଁ, ତାହା ପ୍ରକୃତରେ ସେହି ପ୍ରକୃତିରେ ଏକ ରୂପାନ୍ତର ଘଟାଇବା ଲାଗିହିଁ କାର୍ଯ୍ୟ କରିବ, ସତ୍ତାର ଏକ ସଂପୂର୍ଣ୍ଣ ରୂପାନ୍ତରଣ ସକାଶେ କାର୍ଯ୍ୟ କରିବ । ତଦ୍ୱାରା ଜୀବଜାତିର ବିବର୍ତ୍ତନଧାରା ମନୁଷ୍ୟ-ଭୂମିର ଆହୁରି ଊର୍ଦ୍ଧ୍ୱକୁ ଏବଂ ଆହୁରି ସେ ପାଖକୁ ଏକ ନୂତନ ଆରୋହଣ କରି ଚାଲିଯିବ ଏବଂ ଅତିମାନବର ସ୍ତରଟି ଆଡ଼କୁ ଗତି କରିବ । ଏବଂ ସର୍ବଶେଷରେ ତାହାରି ପରିଣତି ସ୍ୱରୂପ ଜଗତ୍‌ପୃଷ୍ଠରେ ଏକ ଦିବ୍ୟ ଜୀବଜାତିର ଆବିର୍ଭାବ ସମ୍ଭବ ହେବ ।

*ବୁଲେଟିନ୍, ଫେବ୍ରୁଆରି ୧୯୫୨*

# ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ର

## ୧

ମନୁଷ୍ୟମାନେ ଏହି ଜଗତରେ ଯେଉଁ ଅବସ୍ଥାରେ ରହିଛନ୍ତି, ତାହା ହେଉଛି ସେମାନଙ୍କର ଚେତନା ସ୍ଥିତିର ପରିଣାମ, ତେଣୁ ଚେତନାର ସ୍ଥିତିରେ ଆଦୌ କୌଣସି ପରିବର୍ତ୍ତନ ନ ଆଣି ଯଦି ଆମେ ଏହିସବୁ ଅବସ୍ଥାରେ ଏକ ପରିବର୍ତ୍ତନ ଆଣିବାକୁ ମନ କରୁଥିବା, ତେବେ ତାହା କେବଳ ଏକ ବୃଥା କଳ୍ପନାରେହିଁ ପରିଣତ ହୋଇ ରହିବାକୁ ବାଧ୍ୟ ହେବ । ମାନବଜୀବନର ଅର୍ଥନୈତିକ, ରାଜନୀତିକ, ସାମାଜିକ, ଆର୍ଥିକ, ଶିକ୍ଷା ତଥା ସ୍ୱାସ୍ଥ୍ୟଗତ ବିଭିନ୍ନ କ୍ଷେତ୍ରରେ ଏକ ଉନ୍ନତି ସାଧନ କରିବା ଲାଗି କ'ଣସବୁ କରାଯାଇ ପାରନ୍ତା ବା କ'ଣ ସବୁ କରିବା ବିଧେୟ ବୋଲି ଯେଉଁମାନେ ଆଦୌ କୌଣସି ଚିନ୍ତା କରିବାକୁ ସମର୍ଥ ହୋଇଛନ୍ତି, ସେମାନେ ସମସ୍ତେ ଜଣେ ଜଣେ ବ୍ୟକ୍ତି ହିସାବରେ ଅଳ୍ପ ବା ବହୁତ ପରିମାଣରେ ଆପଣାର ଚେତନାକ୍ଷେତ୍ରରେ ଅସାଧାରଣ ଭାବରେ ଏକ ବିକାଶ ମଧ୍ୟ ସମ୍ଭବ କରି ପାରିଛନ୍ତି ଏବଂ ଆପଣାକୁ ଚେତନାର ଉଚ୍ଚତର ସୋପାନଗୁଡ଼ିକ ସହିତ ସଂସ୍ପର୍ଶରେ ଆଣି ପାରିଛନ୍ତି । ମାତ୍ର ସେହି ବ୍ୟକ୍ତିମାନଙ୍କର ଭାବନା ଓ କଳ୍ପନାମାନ ଅଳ୍ପ ବହୁତ ପରିମାଣରେ ମୁଖ୍ୟତଃ ଏକ ତାତ୍ତ୍ୱିକ ବା ସୈଦ୍ଧାନ୍ତିକ ସ୍ତରରେହିଁ ରହିଯାଇଛି, ବା, ସେଗୁଡ଼ିକୁ ବ୍ୟାବହାରିକ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରିବା ଲାଗି ହୁଏତ ଏକ ଚେଷ୍ଟା କରାଯାଇଥିଲେ ମଧ୍ୟ କିଛି ସମୟ ଗତ ହୋଇଗଲା ପରେ ସେହି ଚେଷ୍ଟା ଭାରି ଶୋଚନୀୟ ଭାବରେ ଏକ ବିଫଳତାରେହିଁ ପରିଣତ ହୋଇ ଯାଇଛି । କାରଣ, ମଣିଷର ଚେତନାରେ ଏକ ପରିବର୍ତ୍ତନ ନ ଘଟିବା ପର୍ଯ୍ୟନ୍ତ ମଣିଷ ଦ୍ୱାରା ତିଆରି ହୋଇଥିବା କୌଣସି ସଂଗଠନରେ କେବେହେଲେ ମୌଳିକ ପରିବର୍ତ୍ତନ ହୋଇ ପାରିବ ନାହିଁ । ଏକ ନୂତନ ମାନବଜାତିର ବାର୍ତ୍ତା ଘୋଷଣା କରି ଜଣକ ପରେ ଜଣେ କେତେ ଯୁଗପ୍ରବର୍ତ୍ତକ ଏହି ଜଗତକୁ ଆସିଛନ୍ତି, ଆଧ୍ୟାତ୍ମିକ ଓ ସାମାଜିକ ଉଭୟ କ୍ଷେତ୍ରରେ କେତେ କେତେ ଧର୍ମର ଉଦ୍ଭବ କରାଯାଇଛି । ସେଗୁଡ଼ିକର ପ୍ରଥମ ପର୍ଯ୍ୟାୟରେ ସେଗୁଡ଼ିକରେ ସତେଅବା କେତେକେତେ ପ୍ରତିଶ୍ରୁତି ପୂର୍ଣ୍ଣ ହୋଇ ରହିଥିବା ପରି ମନେ ହୋଇଛି; ମାତ୍ର ମନୁଷ୍ୟଜାତିର ମୂଳଗୁଡ଼ିକରେ କୌଣସି ପରିବର୍ତ୍ତନ ସମ୍ଭବ ହୋଇ ନ ଥିବାରୁ, ସେହି ମନୁଷ୍ୟ-ପ୍ରକୃତିରୁହିଁ ସମ୍ଭୂତ ହେଉଥିବା ପୁରାତନ ତ୍ରୁଟିଗୁଡ଼ିକ କ୍ରମଶଃ ପୁନର୍ବାର ଆସି ଦେଖା ଦେଇଛନ୍ତି ଏବଂ କିଛି କାଳ ପରେ ଆମେ ଯେଉଁଠାରୁ କେଡ଼େ ଆଶା ଓ ଉତ୍ସାହ ସହିତ ଆଗକୁ ଯିବା ଆରମ୍ଭ କରିଥିଲୁ, ପୁନର୍ବାର ପ୍ରାୟ ସେହି

ସ୍ଥାନକୁହିଁ ଫେରି ଆସୁଛୁ । ପୁଣି, ମାନବ-ଜୀବନର ଅବସ୍ଥାରେ ଏକ ଉନ୍ନତିବିଧାନ କରିବାର ଏହି ପ୍ରୟାସରେ ସର୍ବଦା ପ୍ରାୟ ଦୁଇଟି ପ୍ରବୃତ୍ତିହିଁ କାର୍ଯ୍ୟ କରି ଆସିଛି;– ସେଗୁଡ଼ିକ ପରସ୍ପରର ବିରୋଧୀ ବୋଲି ବୋଧ ହୋଇଛନ୍ତି ସତ୍ୟ ମାତ୍ର ଯଥାର୍ଥ କ୍ଷେତ୍ରରେ ସେଗୁଡ଼ିକ ପରସ୍ପରର ପରିପୂରକ ହୋଇ ରହିପାରିଲେ ଯାଇ କୌଣସି ଅଗ୍ରଗତି ସମ୍ଭବ ହୋଇ ପାରନ୍ତା । ପ୍ରଥମ ପ୍ରବୃତ୍ତିଟି ଆମର ସାମୂହିକ କ୍ଷେତ୍ରରେ ଏପରି ଏକ ପୁନଃସଂଗଠନର ପରାମର୍ଶ ଦେଇଥାଏ, ଯାହାକି ହୁଏତ ଆମକୁ ମାନବସମାଜର ଏକ ପ୍ରକୃତ ଏକତା ଓ ପୂର୍ଣ୍ଣସଂହତି ମଧ୍ୟକୁ ପରିଚାଳିତ କରି ନେଇଯାଇ ପାରିବ । ଅନ୍ୟ ପ୍ରବୃତ୍ତିଟି ତେଣେ ଘୋଷଣା କରୁଥାଏ ଯେ, ଯାହାକିଛି ଯଥାର୍ଥ ଅଗ୍ରଗତି ହୁଏ, ତାହା ସର୍ବପ୍ରଥମେ ବ୍ୟକ୍ତିର ଜୀବନରେହିଁ ସଂଗଠିତ ହୋଇଥାଏ; ଏବଂ ତାହା ଅତ୍ୟନ୍ତ ଜୋର୍ ଦେଇ କହୁଥାଏ ଯେ, ଯେଉଁ ଅନୁକୂଳ ପରିବେଶରେ ବ୍ୟକ୍ତି ମୁକ୍ତ ଭାବରେ ଅଗ୍ରଗତି କରିପାରିବ, ଆଗ ତାକୁ ସେହିପରି ପରିବେଶମାନ ଯୋଗାଇ ଦିଆଯାଇ ପାରିବା ଉଚିତ । ଦୁଇଟିଯାକ ପ୍ରବୃତ୍ତି ଯଥାର୍ଥ ପ୍ରବୃତ୍ତି, ଦୁଇଟିଯାକରହିଁ ଆବଶ୍ୟକତା ରହିଛି । ଏବଂ ଆମର ଯାବତୀୟ ପ୍ରୟାସ ମଧ୍ୟ ଏକାବେଳେକେ ଦୁଇଟିଯାକ ଆଡ଼କୁ ନିର୍ଦ୍ଦେଶିତ ହୋଇ ରହିପାରିବା ଉଚିତ । କାରଣ ସାମୂହିକ ପ୍ରଗତି ଏବଂ ବ୍ୟକ୍ତିଗତ ପ୍ରଗତି, ଦୁହେଁ ଦୁହିଙ୍କ ଉପରେ ସର୍ବଦା ନିର୍ଭରଶୀଳ ହୋଇ ରହିଥା'ନ୍ତି । ମନୁଷ୍ୟ ବ୍ୟକ୍ତି ପୁରୋଭାଗକୁ ଏକ ଲମ୍ଫ ପ୍ରଦାନ କରିପାରିବା ପୂର୍ବରୁ, ତା'ର ସାମୂହିକ କ୍ଷେତ୍ରରେ ଅନ୍ତତଃ କିଛି ନା କିଛି ଅଗ୍ରଗତି ଉପଲବ୍ଧ ହୋଇ ସାରିଥିବା ଏକାନ୍ତ ଆବଶ୍ୟକ । ତେଣୁ, ପ୍ରଗତିର ଏହି ଦୁଇଟିଯାକ ଧାରା ଯେପରି ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେ ସମ୍ଭବ ହୋଇ ପାରିବ, ସେଥିଲାଗି ଆମକୁ ଅବଶ୍ୟ ଏକ ଉପାୟ ଖୋଜି ବାହାର କରିବାକୁ ପଡ଼ିବ ।

ଏହି ଅତ୍ୟନ୍ତ ଜରୁରୀ ଆବଶ୍ୟକତାଟି ଲାଗି ଏକ ଉତ୍ତର ଦେବାକୁ ଯାଇହିଁ ଶ୍ରୀଅରବିନ୍ଦ ତାଙ୍କର ଆନ୍ତର୍ଜାତିକ ବିଦ୍ୟାକେନ୍ଦ୍ରଟିର ଯୋଜନାଟିକୁ କଳ୍ପନା କରିଥିଲେ । ତାଙ୍କର ସେହି କଳ୍ପନାଟି ଅନୁସାରେ, ଏହି ମନୁଷ୍ୟସମାଜ ମଧ୍ୟରୁ ଏପରି ଏକ ବିଶିଷ୍ଟ ଯୋଗ୍ୟତା ତଥା ଦୃଷ୍ଟିସମ୍ପନ୍ନ ଗୋଷ୍ଠୀଟିକୁ ତିଆରି କରି ଅଣାଯାଇ ପାରିବ, ଯିଏକି ମନୁଷ୍ୟ ସମାଜରେ ଉତ୍ତରୋତ୍ତର ଭାବରେ ଯଥାର୍ଥ ଏକତାଟିର ପ୍ରତିଷ୍ଠା ସକାଶେ କାର୍ଯ୍ୟ କରି ପାରିବ ଏବଂ ଯୁଗପତ୍ ଭାବରେ ଏହି ଜଗତରେ ଏକ ରୂପାନ୍ତର ସଂଘଟିତ କରିବା ଲାଗି ଅବତୀର୍ଣ୍ଣ ହୋଇ ଆସୁଥିବା ସେହି ନୂତନ ଶକ୍ତିଟିକୁ ମଧ୍ୟ ସିଏ ମୂର୍ତ୍ତ ଭାବରେ ନିଜର ଜୀବନରେ ଧାରଣ ବି କରି ପାରିବ । କେତୋଟି ଅତି ସାଧାରଣ ବିଚାର ଏହି ବିଶ୍ୱବିଦ୍ୟାକେନ୍ଦ୍ରର ସଂଗଠନଟିର ମୂଳଭିତ୍ତି ହୋଇ ରହିବ ଏବଂ ଏହାର ଅଧ୍ୟୟନଗତ କାର୍ଯ୍ୟକ୍ରମଟିକୁ ନିୟନ୍ତ୍ରିତ ଓ ପରିଚାଳିତ କରିବ । ଶ୍ରୀଅରବିନ୍ଦଙ୍କର ବିଭିନ୍ନ ରଚନାରେ

ସେଥିମଧ୍ୟରୁ ଅଧିକାଂଶ ବିଚାରର ଉପସ୍ଥାପନା କରାଯାଇସାରିଛି ଏବଂ ଏହି ''ବୁଲେଟିନ୍''ରେ କ୍ରମିକ ଭାବରେ ପ୍ରକାଶ ପାଇଥିବା ଶିକ୍ଷା ସମ୍ବନ୍ଧୀ ଲେଖାଗୁଡ଼ିକରେ ମଧ୍ୟ ଆମେ ସେଗୁଡ଼ିକୁ ଦେଖିବାକୁ ପାଇବା ।

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଚାରଟି ହେଉଛି ଯେ, ସବୁ ମଣିଷଙ୍କୁ ସଂପୂର୍ଣ୍ଣ ଭାବରେ ଏକରୂପ କରି ଗଢ଼ିଲେ, ସେମାନଙ୍କ ଉପରେ ଅଧିକାର ବିସ୍ତାର କରି ରହିଲେ ବା ସେମାନଙ୍କୁ ଆପଣାର ଅଧୀନ କରି ରଖିଲେ ମନୁଷ୍ୟଜାତିର ଏକତ୍ୱ ପ୍ରତିଷ୍ଠା କଦାପି ହେବ ନାହିଁ । ପୃଥିବୀର ବିଭିନ୍ନ ଜାତି ଏକ ସମନ୍ୱୟର ସୂତ୍ରରେ ପରସ୍ପର ସହିତ ଏକତ୍ର ସଂଗଠିତ ହୋଇ ରହିବେ, ଆପଣାର ସ୍ୱକୀୟ ଓ ବିଶିଷ୍ଟ ପ୍ରତିଭାଟି ଅନୁସାରେ ଏବଂ ସମଗ୍ରଟି ମଧ୍ୟରେ ପ୍ରତ୍ୟେକକୁ ଯେଉଁ ବିଶିଷ୍ଟ ଭୂମିକା ଗ୍ରହଣ କରିବାକୁ ରହିଛି, ତାହାରି ଅନୁସାରେ ପ୍ରତ୍ୟେକ ଜାତି ଆପଣାର ଯଥାର୍ଥ ସ୍ଥାନଟିକୁ ଅଧିକାର କରି ରହି ପାରୁଥିବେ,— ଏବଂ କେବଳ ତାହାରି ଦ୍ୱାରାହିଁ ଏକ ବ୍ୟାପକ ତଥା ଉତ୍ତରୋତ୍ତର ଗତିଶୀଳ ଏକତାବଦ୍ଧତା ସମ୍ଭବ ହୋଇ ପାରିବ ଓ ହୁଏତ ତାହାହିଁ ସ୍ଥାୟୀ ହୋଇ ରହିବ । ଏବଂ, ସେହି ସମନ୍ୱୟକୁ ଏକ ଜୀବନଶୀଳ ସମନ୍ୱୟରେ ପରିଣତ କରି ରଖିବାକୁ ହେଲେ, ଜାତିଗୁଡ଼ିକର ଏକତ୍ରୀକରଣକୁ କେନ୍ଦ୍ରସ୍ଥ ଏପରି ଏକ ବିଚାରର ଚାରିପାଖରେ କାର୍ଯ୍ୟାନ୍ୱିତ କରି ପାରିବାକୁ ହେବ, ଯାହାକି ଯଥାସମ୍ଭବ ଅଧିକ ପ୍ରଶସ୍ତ ଏବଂ ଉଚ୍ଚତାଯୁକ୍ତ ହୋଇଥିବ, ଯେଉଁଥିରେ କି ଯାବତୀୟ ପ୍ରବୃତ୍ତି, ଏପରିକି ସର୍ବାଧିକ ପରିମାଣରେ ପରସ୍ପରର ବିରୋଧୀ ହୋଇ ରହିଥିବା ପ୍ରବୃତ୍ତିମାନ ମଧ୍ୟ ତଥାପି ଆପଣା ଲାଗି ଅବଶ୍ୟ ଏକ ସ୍ୱକୀୟ ଓ ସୁନିର୍ଦ୍ଦିଷ୍ଟ ସ୍ଥାନ ପ୍ରାପ୍ତ ହୋଇ ପାରିବ । ଏହି ଉଚ୍ଚତର ବିଚାରଟି ମନୁଷ୍ୟସମୂହକୁ ଜୀବନର ସେହିସବୁ ପରିବେଶମାନ ଆଣି ଯୋଗାଇ ଦେଇଯିବ, ଆଗାମୀ କାଳର ମନୁଷ୍ୟ ଜାତିଟିକୁ ତିଆରି କରିବାକୁ ଯାଉଥିବା ସେହି ନୂତନ ଶକ୍ତିକୁ ପ୍ରକଟିତ କରି ଆଣିବା ଲାଗି ଆପଣାକୁ ପ୍ରସ୍ତୁତ କରିବା ସକାଶେ ସେମାନଙ୍କ ଜୀବନରେ ଯେଉଁ ପରିବେଶଗୁଡ଼ିକର ଆବଶ୍ୟକତା ରହିଛି ।

ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା ଲାଗି ଆଜି ଯେଉଁସବୁ ଅତିପ୍ରବଳ ଆବେଗମାନ ରହିଛି, ଆଗକୁ ବଳିଯିବା ଲାଗି ଓ ଅନ୍ୟ ଉପରେ ଅଧିକାର ବିସ୍ତାର ଲାଗି ଯେଉଁସବୁ ସଂଘର୍ଷ ଚାଲିଛି, ସେଗୁଡ଼ିକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ଏବଂ ସେଗୁଡ଼ିକ ସ୍ଥାନରେ ସୌଷମ୍ୟବଦ୍ଧ ସଙ୍ଗଠନ ଲାଗି ଓ ସ୍ୱଚ୍ଛଦୃଷ୍ଟି ତଥା ଯଥାର୍ଥରେ ଫଳପ୍ରଦ ଏକ ସହଯୋଗର ଇଚ୍ଛାହିଁ ପ୍ରତିଷ୍ଠିତ ହୋଇ ରହିବ ।

ଏହାକୁ ସମ୍ଭବ କରିବାକୁ ହେଲେ, ପିଲାମାନଙ୍କୁ ସେମାନଙ୍କର ଅତି ବାଲ୍ୟକାଳରୁ କେବଳ ସେହି ବିଚାରଟି ସହିତ ଯେ ପରିଚିତ କରି ରଖିବାକୁ ପଡ଼ିବ ତା' ନୁହେଁ, ସେମାନଙ୍କୁ ସେହି ବିଚାରଟିକୁ କାର୍ଯ୍ୟରେ ପରିଣତ କରିବାଟି ସହିତ ବି ପରିଚିତ କରି

ରଖିବାକୁ ପଡ଼ିବ । ସେହି କାରଣରୁହିଁ ଆନ୍ତର୍ଜାତିକ ବିଦ୍ୟାକେନ୍ଦ୍ରଟିକୁ ଆନ୍ତର୍ଜାତିକ ହୋଇ ରହିବାକୁ ହେବ । ପୃଥିବୀର ସବୁଦେଶରୁ ଛାତ୍ରମାନେ ଆସି ଏଥିରେ ନାମ ଲେଖାଇ ପାରିବେ ବୋଲି ଯେ ଏହା ଆନ୍ତର୍ଜାତିକ ହୋଇ ରହିବ, ସେକଥା ଆଦୌ ନୁହେଁ, ସେମାନଙ୍କୁ ସେମାନଙ୍କର ନିଜ ଭାଷାରେ ଏଠାରେ ଶିକ୍ଷା ଦିଆଯିବ ବୋଲି ମଧ୍ୟ ନୁହେଁ; ମାତ୍ର ସର୍ବୋପରି, ଏଠାରେ ପୃଥିବୀର ବିଭିନ୍ନ ଭାଗର ସଂସ୍କୃତିଗୁଡ଼ିକ ଲାଗି ଏକ ପ୍ରତିନିଧିମୂଳକ ସ୍ଥାନ ରହିବ, ଯେପରିକି ତାହା ସମସ୍ତଙ୍କ ଲାଗି ସହଜଗମ୍ୟ ହୋଇ ରହିପାରିବ । କେବଳ ବିଚାର, ସିଦ୍ଧାନ୍ତ, ତତ୍ତ୍ୱ ଓ ଭାଷା ଆକାରରେ ରହି ଆସିଥିବା ବୁଦ୍ଧିଗତସ୍ତରର ସଂସ୍କୃତି ନୁହେଁ, ମାତ୍ର ଏଠାରେ ଆମେ ଯେଉଁ ସଂସ୍କୃତିର କଥା କହୁଛୁ, ସେଥିରେ ମର୍ମତଃ ଅଭ୍ୟାସ ଓ ରୀତିଗୁଡ଼ିକ ରହିଛି, ଚିତ୍ରବିଦ୍ୟା, ମୂର୍ତ୍ତିନିର୍ମାଣ, ସଙ୍ଗୀତ, ସ୍ଥପତି ଓ ସାଜସଜ୍ଜା ପ୍ରଭୃତି କଳାର ଯାବତୀୟ ପ୍ରକରଣ ରହିଛି, ଏବଂ ଭୌତିକ ସ୍ତରରେ ମଧ୍ୟ ପ୍ରାକୃତିକ ଦୃଶ୍ୟ, ପରିଧାନ, କ୍ରୀଡ଼ାକସରତ, ଶିଳ୍ପୋଦ୍ୟୋଗ ତଥା ଆହାର ପ୍ରଭୃତି ଅନ୍ତର୍ଭୁକ୍ତ ହୋଇ ରହିଛି । ସେଠାରେ ଏକପ୍ରକାରର ଚିରସ୍ଥାୟୀ ବିଶ୍ୱ-ପ୍ରଦର୍ଶନୀର ଆୟୋଜନ ହୋଇ ରହିଥିବା ଉଚିତ, ଯେଉଁଥିରେ କି ପୃଥିବୀର ସବୁଯାକ ଦେଶ ଏକ ମୂର୍ତ୍ତ ଏବଂ ଜୀବନ୍ତ ରୂପରେ ପ୍ରତିନିଧିତ୍ୱ କରି ପାରୁଥିବେ । ଆପଣାର ଏକ ସୁସ୍ପଷ୍ଟ ସ୍ୱକୀୟ ସଂସ୍କୃତି ରହିଥିବା ପ୍ରତ୍ୟେକ ଜାତି ଲାଗି ତାହାର ପ୍ରତିନିଧିତ୍ୱ କରୁଥିବା ଏକ ମଣ୍ଡପ ସେଠାରେ ରହିବ, ଏପରି ଏକ ଶୈଳୀରେ ତାହାର ନିର୍ମାଣ ହୋଇଥିବ, ଯାହାକି ସେହି ଦେଶର ରୀତି ଓ ଚଳଣିଗୁଡ଼ିକୁ ସର୍ବୋତ୍ତମ ଭାବରେ ଆଣି ପାରୁଥିବ,– ଏହାକୁହିଁ ଆମେ ଆଦର୍ଶ ବ୍ୟବସ୍ଥା ବୋଲି କହି ପାରିବା । ସେହି ମଣ୍ଡପରେ ତାହା ପ୍ରତିନିଧିତ୍ୱ କରୁଥିବା ଜାତିର ବିଶିଷ୍ଟ ସାମଗ୍ରୀଗୁଡ଼ିକର ଏକ ପ୍ରଦର୍ଶନୀ ରହିଥିବ, ପ୍ରାକୃତିକ ତଥା ଯନ୍ତ୍ରପ୍ରସ୍ତୁତ ଉଭୟ ସାମଗ୍ରୀର ଗୋଟିଏ ପ୍ରଦର୍ଶନୀ ରହିଥିବ, ଏବଂ ତାହାର ବୁଦ୍ଧିଗତ ତଥା କଳାତ୍ମକ ପ୍ରତିଭାର ଏବଂ ଆଧ୍ୟାତ୍ମିକ ପ୍ରବୃତ୍ତିଗୁଡ଼ିକର ସର୍ବୋତ୍ତମ ଅଭିବ୍ୟକ୍ତିଗୁଡ଼ିକର ସାମଗ୍ରୀମାନ ସେଠାରେ ପ୍ରଦର୍ଶିତ ହେଉଥିବ । ଏହିପରି ଭାବରେ ସଂସ୍କୃତି କ୍ଷେତ୍ରୀୟ ଏହି ସମନ୍ୱୟଟିରେ ପ୍ରତ୍ୟେକ ଜାତିର ଏକ ଅତ୍ୟନ୍ତ ବ୍ୟାବହାରିକ ଏବଂ ମୂର୍ତ୍ତ ଆଗ୍ରହ ରହିପାରିବ ଓ ତାହାର ପ୍ରତିନିଧିତ୍ୱ କରୁଥିବା ମଣ୍ଡପଟିର ଦାୟିତ୍ୱ ଗ୍ରହଣ କରି ପ୍ରତ୍ୟେକ ଜାତି ଏହି କାର୍ଯ୍ୟଟିରେ ସହଯୋଗ କରି ପାରିବ । ଆବଶ୍ୟକତା ଅନୁସାରେ ସାନ ବା ବଡ଼ ଆକାରରେ ଏଥିସହିତ ମଣିଷମାନେ ଆସି ରହିବାର ନିବାସମାନ ମଧ୍ୟ ସଂଯୁକ୍ତ ହୋଇ ରହିପାରିବ, ସେଠାରେ ସେହି ନିର୍ଦ୍ଦିଷ୍ଟ ଜାତିର ଛାତ୍ରମାନେ ଆବାସିକ ଭାବରେ ରହିବେ ଏବଂ ଏହିପରି ଭାବରେ ନିଜ ଦେଶର ଯଥାର୍ଥ ସଂସ୍କୃତିଟିକୁ ଉପଭୋଗ ଓ ଅନୁଭବ କରିପାରିବେ । ଏବଂ ଯୁଗପତ୍ ଭାବରେ ବିଶ୍ୱବିଦ୍ୟାକେନ୍ଦ୍ରରେ ସେମାନଙ୍କୁ ଯେଉଁ ଶିକ୍ଷାପ୍ରାପ୍ତ ହେଉଥିବ, ତାହା ସେମାନଙ୍କୁ ପୃଥିବୀରେ ଥିବା ଅନ୍ୟ ଯାବତୀୟ

ସଂସ୍କୃତି ସହିତ ପରିଚିତ କରାଇ ଦେଇ ପାରୁଥିବ । ଏହିପରି ଭାବରେ ସେଠାରେ ଆନ୍ତର୍ଜାତିକତାକୁ ଉଦ୍‌ବୋଧିତ କରି ଅଣା ଯାଉଥିବା ଶିକ୍ଷା କେବଳ ସୈଦ୍ଧାନ୍ତିକ ସ୍ତରରେ ଶ୍ରେଣୀଗୃହରେହିଁ ଆବଦ୍ଧ ହୋଇ ରହିବ ନାହିଁ, ଜୀବନର ଯାବତୀୟ ଟିକିନିଖି କ୍ଷେତ୍ରରେ ତାହା ପ୍ରକୃତରେ ମୂର୍ତ୍ତ ଏବଂ ବ୍ୟାବହାରିକ ହୋଇ ରହିବ ।

ଏଠାରେ ସେହି ସଙ୍ଗଠନଟିର କେବଳ ଗୋଟିଏ ସାଧାରଣ ଧାରଣାହିଁ ଦିଆଯାଇଛି; ଏହାର ଟିକିନିଖି ପ୍ରୟୋଗଟିକୁ କାର୍ଯ୍ୟକାରୀ କରାଯାଉଥିବା ସଙ୍ଗେ ସଙ୍ଗେ ତାହାକୁ ଅଳ୍ପ ଅଳ୍ପ କରି ଏହି ବୁଲେଟିନ୍‌ରେ ପ୍ରକାଶିତ କରାଯିବ ।

ତେଣୁ, ଏହି କ୍ଷେତ୍ରରେ ଏହାହିଁ ଆମର ସର୍ବପ୍ରଥମ ଲକ୍ଷ୍ୟ ହୋଇ ରହିବ ଯେ, ପ୍ରତ୍ୟେକ ବ୍ୟକ୍ତି ଯେପରି ସେମାନଙ୍କର ଆପଣା ଜାତିର ମୌଳିକ ପ୍ରତିଭାଟି ବିଷୟରେ ସଚେତନ ହୋଇ ପାରିବେ, ଆମେ ସେଥିଲାଗି ସେମାନଙ୍କୁ ସବୁପ୍ରକାରେ ସାହାଯ୍ୟ କରିବା । ଯୁଗପତ୍ ଭାବରେ ସେମାନଙ୍କୁ ଆମେ ଅନ୍ୟ ଜାତିଗୁଡ଼ିକର ଜୀବନଶୈଳୀର ବି ସଂସ୍ପର୍ଶରେ ଆଣିବା, ଯେପରିକି ସେମାନେ ପୃଥିବୀର ସବୁ ଦେଶର ଯଥାର୍ଥ ଓ ଅନ୍ତର୍ଗତ ଭାବଭୂମିଟିକୁ ଜାଣି ଶିଖିବେ ଓ ସେଗୁଡ଼ିକୁ ସମାନ ଭାବରେ ସମ୍ମାନ ପ୍ରଦର୍ଶନ କରିପାରିବେ । କାରଣ, ଯଥାର୍ଥ ଭାବରେ ସକ୍ରିୟ ଓ ସଚଳ ହୋଇ ପାରିବାକୁ ହେଲେ ଯେକୌଣସି ବିଶ୍ୱ-ବ୍ୟବସ୍ଥାକୁ ଜାତି ଜାତି ଭିତରେ ତଥା ବ୍ୟକ୍ତି ଓ ବ୍ୟକ୍ତି ଭିତରେ ଏହି ପାରସ୍ପରିକ ସମ୍ମାନ ଓ ବୁଝାମଣାର ଭୂମି ଉପରେ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ । କେବଳ ଏହିପରି ଏକ ଶୃଙ୍ଖଳା ଏବଂ ସାମୂହିକ ସଙ୍ଗଠନରେ, ପାରସ୍ପରିକ ସଦିଚ୍ଛା ଉପରେ ପ୍ରତିଷ୍ଠିତ ହୋଇ ରହିଥିବା ସହଯୋଗ ମଧ୍ୟରେହିଁ ମନୁଷ୍ୟକୁ ସିଏ ଘାଣ୍ଟି ହେଉଥିବା ବର୍ତ୍ତମାନର ଏହି ଯନ୍ତ୍ରଣା ଦାୟକ ଅରାଜକତା ମଧ୍ୟରୁ ଉତ୍ତୋଳିତ କରି ନେଇଯିବାର ଏକ ସମ୍ଭାବନା ନିହିତ ହୋଇ ରହିଛି । ଏହି ଲକ୍ଷ୍ୟ ଏବଂ ଏହି ଭାବାତ୍ମକତାର ଆଧାର ଉପରେହିଁ ବିଶ୍ୱବିଦ୍ୟାକେନ୍ଦ୍ରରେ ମନୁଷ୍ୟର ଯାବତୀୟ ସମସ୍ୟାର ଅଧ୍ୟୟନ କରିବାକୁ ପଡ଼ିବ; ଏବଂ ଶ୍ରୀଅରବିନ୍ଦ ତାଙ୍କର ରଚନାମାନଙ୍କରେ ଆମ ସମକ୍ଷରେ ଯେଉଁ ଅତିମାନସ ଜ୍ଞାନର ଉଦ୍‌ଘାଟନ କରି ଦେଇଛନ୍ତି, ତାହାରି ଆଲୋକରେହିଁ ସେହି ସମସ୍ୟାର ସମାଧାନଗୁଡ଼ିକୁ ପ୍ରଦାନ କରାଯିବ ।

*ବୁଲେଟିନ୍, ଏପ୍ରିଲ ୧୯୫୨*

## ୨

ଯେଉଁସବୁ ମୂଳନୀତି ଦ୍ୱାରା ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାକେନ୍ଦ୍ରରେ ପ୍ରଦତ୍ତ ଶିକ୍ଷା ପରିଚାଳିତ

ହେବ, ସେହି ବିଷୟରେ ଆଗରୁ ଉଲ୍ଲେଖ କରାଯାଇଛି ଯେ, ପ୍ରତ୍ୟେକ ଜାତି ବିଶ୍ୱ-ଦରବାରରେ ଅବଶ୍ୟ ଆପଣାର ସ୍ୱକୀୟ ସ୍ଥାନଟିକୁ ଅଧିକାର କରି ରହିବ ଏବଂ ଆପଣାର ସ୍ୱକୀୟ ଭୂମିକାଟିକୁ ମଧ୍ୟ ଗ୍ରହଣ କରିବ ।

ମାତ୍ର, ଏହି କଥାଟିର ଆଦୌ ଏପରି ବ୍ୟାଖ୍ୟା କରାଯିବା ଉଚିତ ନୁହେଁ ଯେ ଏହି ସମୂହଟି ମଧ୍ୟରେ ପ୍ରତ୍ୟେକ ଜାତି ପ୍ରାୟ ଅନ୍ଧ ଭାବରେ ଆପଣାର ସ୍ୱକୀୟ ଉଗ୍ର ଆକାଙ୍କ୍ଷା ଓ ଅଭିଳାଷଗୁଡ଼ିକ ଅନୁସାରେହିଁ ଆପଣାର ସେହି ସ୍ଥାନଟିକୁ ବାଛିନେବାକୁ ବାହାରିବ । ଯେକୌଣସି ଦେଶର ନିର୍ଦ୍ଧାରିତ ଲକ୍ଷ୍ୟ କଦାପି ଏପରି ହେବ ନାହିଁ ଯେ, କେବଳ ମନର ଭୂମି ଉପରେ ମାନସିକ ବାହ୍ୟ ଚେତନାର ଯାବତୀୟ ଅହଂପ୍ରେରିତ ଏବଂ ଅଜ୍ଞାନଗ୍ରସ୍ତ ଅଗ୍ରରୁଚିଗୁଡ଼ିକ ଦ୍ୱାରାହିଁ ତାହାର ନିଷ୍ପତ୍ତି ହେବ । କାରଣ, ସେପରି ହେଲେ ଜାତି ଜାତି ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱର କ୍ଷେତ୍ରଟିରେ ହୁଏତ ଏକ ସ୍ଥାନ-ପରିବର୍ତ୍ତନ ସମ୍ଭବ ହୋଇଯିବ, ମାତ୍ର ତଥାପି ସେହି ଦ୍ୱନ୍ଦ୍ୱ ଅବଶ୍ୟ ଲାଗି ରହିଥିବ, ସମ୍ଭବତଃ ତାହା ଆହୁରି ଅଧିକ ପ୍ରବଳ ହୋଇ ଲାଗି ରହିଥିବ ।

ଯେପରି ପ୍ରତ୍ୟେକ ବ୍ୟକ୍ତିର ଏକ ଚୈତ୍ୟ ସତ୍ତା ରହିଛି, ତାହା ସେହି ବ୍ୟକ୍ତିର ଯଥାର୍ଥ ଆତ୍ମସତ୍ତା ରୂପେ ଅଳ୍ପ ବହୁତ ପ୍ରତ୍ୟକ୍ଷ ଭାବରେ ତାହାର ନିୟତିଟିର ନିୟନ୍ତ୍ରଣ କରିବାରେ ଲାଗିଛି, ଠିକ୍ ସେହିପରି ପ୍ରତ୍ୟେକ ଜାତିର ମଧ୍ୟ ଗୋଟିଏ ଗୋଟିଏ ଚୈତ୍ୟ ସତ୍ତା ରହିଛି ଏବଂ ତାହାର ଯଥାର୍ଥ ଆତ୍ମସତ୍ତା ରୂପେ ତାହାହିଁ ଅନ୍ତରାଳରେ ଥାଇ ସେହି ଜାତିର ନିୟତିକୁ ନିର୍ଦ୍ଦେଶିତ କରି ନେଇ ଯାଉଛି : ତାହାକୁ ଆମେ ଗୋଟିଏ ଦେଶର ଆତ୍ମା ବୋଲି କହିବା, ଜାତୀୟ ସ୍ୱକୀୟ ପ୍ରତିଭା ଏବଂ ଜନଗଣର ପ୍ରାଣଗତ ଯଥାର୍ଥ ଭାବ ବୋଲି କହିବା, ତାହାକୁ ଆମେ ଜାତୀୟ ଅଭୀପ୍ସାର କେନ୍ଦ୍ରଟି ବୋଲି ଜାଣିବା; ସେହି ଦେଶର ଜୀବନରେ ଯାହାକିଛି ସୁନ୍ଦର, ଉଦାତ୍ତ, ବୃହତ୍ ଓ ଉଦାର ହୋଇ ରହିଛି, ତାହାକୁ ଆମେ ସେଗୁଡ଼ିକର ଅସଲ ଉତ୍ସ ବୋଲି କହିବା । ଯଥାର୍ଥ ଦେଶପ୍ରେମୀମାନେ ତାହାରି ଉପସ୍ଥିତିଟିକୁ ଏକ ମୂର୍ତ୍ତ ଓ ସଚଳ ସତ୍ୟ ରୂପେହିଁ ଅନୁଭବ କରିଥା'ନ୍ତି । ଭାରତବର୍ଷର କ୍ଷେତ୍ରରେ ଏହାକୁ ତ ପ୍ରାୟ ଏକ ଦିବ୍ୟଭାବମୂର୍ତ୍ତିରେ ପରିଣତ କରି ଦିଆଯାଇଛି, ଓ ଯେଉଁମାନେ ଏଠାରେ ନିଜ ଦେଶକୁ ଯଥାର୍ଥ ଭାବରେ ଭଲ ପାଆନ୍ତି, ତାକୁ ସେମାନେ ''ଭାରତମାତା'' ବୋଲି କହନ୍ତି ଏବଂ ଦେଶର କଲ୍ୟାଣକାମନା କରି ସେମାନେ ପ୍ରତିଦିନ ସେହି ମାତାର ସ୍ତବଗାନ କରିଥା'ନ୍ତି । ସେହି ଭାରତମାତାହିଁ ଏହି ଦେଶର ଯଥାର୍ଥ ଆଦର୍ଶଟିର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ରହିଛନ୍ତି, ପୃଥିବୀରେ ଏହି ଦେଶର ସ୍ୱକୀୟ ଓ ଯଥାର୍ଥ କର୍ମବ୍ରତଟିର ପ୍ରତୀକ ହୋଇ ରହିଛନ୍ତି ।

ଭାରତବର୍ଷର ବିଚାରଶୀଳ ଶ୍ରେଷ୍ଠଜନମାନେ ସେହି ଭାରତମାତାଙ୍କୁ ପରମା

ବିଶ୍ୱଜନନୀଙ୍କର ଗୋଟିଏ ସ୍ଥାୟୀ ବିଭାବ ସହିତ ଏକରୂପ କରି କଳ୍ପନା କରିଥା'ନ୍ତି । 'ଦୁର୍ଗା-ସ୍ତୋତ୍ର'ର ନିମ୍ନ କେତୋଟି ପଂକ୍ତିରେ ଆମେ ତାହାରି ଦୃଷ୍ଟାନ୍ତ ଦେଖିବାକୁ ପାଇବା :

''ମାତଃ ଦୁର୍ଗେ ! ସିଂହବାହିନି, ଶକ୍ତିଦାୟିନି, ତୁମରି ଶକ୍ତିଅଂଶରୁ ସମ୍ଭୂତ ଆମେ ଭାରତର ଯୁବକକୁଳ ଆଜି ତୁମରି ମନ୍ଦିରରେ ଆସି ସମବେତ ହୋଇଛୁ । ଶୁଣ ମାତଃ, ଏହି ଧରାପୃଷ୍ଠରେ ଅବତରଣ କର, ଏହି ଭାରତ ଭୂମିରେ ପ୍ରକାଶିତ ହୁଅ ।

''ମାତଃ ଦୁର୍ଗେ ! ଶକ୍ତିଦାୟିନି, ପ୍ରେମଦାୟିନି, ଜ୍ଞାନଦାୟିନି, ଆପଣାର ଶକ୍ତି ବଳରେ ଭୟଙ୍କରି ମାଆ, — ତୁମେହିଁ ସକଳ ସୌନ୍ଦର୍ଯ୍ୟର ଧାରିଣୀ ଜନନୀ, ତୁମେହିଁ ରୁଦ୍ରାଣୀ । ଜୀବନର ସଂଗ୍ରାମରେ, ଭାରତ ବର୍ଷର ସଂଗ୍ରାମରେ, ଆମେ ତୁମରି ଆଦେଶରେହିଁ ଆଜି ଯୁଦ୍ଧର ବେଶ ପରିଧାନ କରି ବାହାରି ଆସିଛୁ । ମାତଃ, ଆମର ହୃଦୟ ଏବଂ ମନରେ ତୁମେ ଅସୁରର ବଳ ଭରିଦିଅ, ଆମର ଆତ୍ମା ତଥା ବୁଦ୍ଧିରେ ତୁମେ ଦେବସୁଲଭ ଚରିତ୍ର ଦିଅ, ଜ୍ଞାନ ଦିଅ ।

''ମାତଃ ଦୁର୍ଗେ ! ଜଗତର ଶ୍ରେଷ୍ଠ ଜାତି ଏହି ଭାରତବର୍ଷ ଅନ୍ଧକାର ମଧ୍ୟରେ ଜର୍ଜର ହୋଇ ରହିଥିଲା । ମାତଃ, ବର୍ତ୍ତମାନ ତୁମେ ପୂର୍ବ ଦିଗନ୍ତରେ ଉଦିତ ହୋଇ ଆସୁଛ, ଅନ୍ଧକାରକୁ ବିଦୀର୍ଣ୍ଣ ଓ ଛିନ୍ନଭିନ୍ନ କରିଦେଇ ତୁମରି ଦିବ୍ୟ ଅବୟବର ଉଦ୍‌ଭାସକୁ ବହନ କରି ଉଷା ଆବିର୍ଭୂତ ହୋଇ ଆସୁଛି । ତୁମର ଆଲୋକକୁ ପରିବ୍ୟାପ୍ତ କରିଦିଅ ମାତଃ, ଅନ୍ଧକାରକୁ ଧ୍ୱଂସ କର ।

''ମାତଃ ଦୁର୍ଗେ ! ଆମେ ସମସ୍ତେ ତୁମରି ସନ୍ତାନ, ତୁମରି କରୁଣା ଓ ତୁମରି ପ୍ରଭାବବଳରେ ଆମେ ଯେପରି ଏହି ମହାନ୍ କାର୍ଯ୍ୟଟି ଲାଗି ଯୋଗ୍ୟ ହୋଇଉଠୁ, ସେହି ମହାନ୍ ପରମ ଆଦର୍ଶଟି ଲାଗି ଯେପରି ଉପଯୁକ୍ତ ଭାବରେ ପ୍ରସ୍ତୁତ ହୋଇ ବାହାରିପାରୁ । ମାତଃ, ତୁମେ ଆମର କ୍ଷୁଦ୍ରତାର ବିନାଶ କର, ଆମର ସ୍ୱାର୍ଥ ଓ ଆମର ଭୟକୁ ବିନଷ୍ଟ କରିଦିଅ !

''ମାତଃ ଦୁର୍ଗେ ! ତୁମେ ହେଉଛ କାଳୀ... କୃପାଣହସ୍ତା, ଅସୁରଦଳିନୀ ମାଆ । ମାତଃ ଭଗବତି, ତୁମର ନିର୍ମମ ଚିତ୍କାରରେ ତୁମେ ଆମମାନଙ୍କ ଭିତରେ ବାସ କରୁଥିବା ଶତ୍ରୁମାନଙ୍କର ସଂହାର କର । ଯେପରି ସେମାନଙ୍କ ମଧ୍ୟରୁ କେହି ବି ବର୍ଞ୍ଚି ନ ରହନ୍ତୁ, ଗୋଟିଏ ହେଲେ ବି ନୁହେଁ । ଆମେ ଯେପରି ଶୁଦ୍ଧ ହୋଇଉଠୁ, କଳଙ୍କହୀନ ହୋଇଉଠୁ ! ମାତଃ, ଏହାହିଁ ଆମର ପ୍ରାର୍ଥନା, ତୁମେ ଆପଣାକୁ ପ୍ରକାଶିତ କର !

''ମାତଃ ଦୁର୍ଗେ, ଆପଣାର ସ୍ୱାର୍ଥପରତା, ଭୟାର୍ତ୍ତତା ଓ କ୍ଷୁଦ୍ରତାରେ ଭାରତବର୍ଷ ଆଜି ତଳେ ପଡ଼ି ରହିଛି । ତୁମେ ଆମକୁ ମହାନ୍ କର, ଆମର ଯାବତୀୟ ଉଦ୍ୟମକୁ ମହାନ୍ କର, ଆମର ହୃଦୟଗୁଡ଼ିକୁ ପ୍ରଶସ୍ତ କରିଦିଅ, ଆମର ସଂକଳ୍ପ ଲାଗି ଆମକୁ

ନିଷ୍ଠାଯୁକ୍ତ କରି ରଖ । ଆମେ ଯେପରି ଦୁର୍ବଳ ହୋଇ କୌଣସି କ୍ଷୁଦ୍ରକୁ ମନ ନ କରୁ, ଆଳସ୍ୟପରାୟଣ ଓ ଭୟତ୍ରସ୍ତ ହୋଇ ଆଦୌ କୌଣସି କ୍ଷୁଦ୍ରକୁ ମନ ନ ବଳାଉ ।

''ମାତଃ ଦୁର୍ଗେ ! ତୁମେ ଆପଣାର ଯୋଗଶକ୍ତିକୁ ପ୍ରସାରିତ କର । ତୁମରି ଆର୍ଯ୍ୟସନ୍ତାନ ଆମ୍ଭେମାନେ, ଆମ ଭିତରେ ତୁମେ ସେହି ହୃତ ବିଦ୍ୟା, ଚରିତ୍ର, ବୁଦ୍ଧିଶକ୍ତି, ବିଶ୍ୱାସ, ଭକ୍ତି, ତପସ୍ୟାର ଶକ୍ତି, ଶୁଦ୍ଧତାର ବଳ ଓ ଯଥାର୍ଥ ଜ୍ଞାନର ପୁନର୍ବିକାଶ କରାଅ, ଏହି ସବୁକିଛିକୁ ତୁମେ ଏହି ପୃଥିବୀ ଲାଗି ଦାନ କର । ମନୁଷ୍ୟଜାତିର ସହାୟ ହେବା ଲାଗି ଆବିର୍ଭୂତା ହୁଅ । ସମସ୍ତ ଜଗତର ହେ ଜନନି, ତୁମେ ସକଳ ପ୍ରମାଦ ଓ ସକଳ ଦୁଃଖକୁ ଦୂର କରିଦିଅ ।

''ମାତଃ ଦୁର୍ଗେ, ତୁମେ ଆମ ଭିତରେ ରହିଥିବା ଅସୁରର ବିନାଶ କର ଏବଂ ତା' ପରେ ବାହାରର ଯାବତୀୟ ବାଧାକୁ ମୂଳରୁ ଉତ୍ପାଟିତ କରିଦିଅ ! ଉଦାର, ଯୋଦ୍ଧା ଓ ଶକ୍ତିଶାଳୀ ଭାରତଜାତି ଶ୍ରଦ୍ଧା ଓ ଏକତାରେ ବଳୀୟାନ ହୋଇ, ସତ୍ୟ, ବୀର୍ଯ୍ୟ, କଳା ଓ ସାହିତ୍ୟ, ଶକ୍ତି ଏବଂ ଜ୍ଞାନରେ ଐଶ୍ୱର୍ଯ୍ୟମଣ୍ଡିତ ହୋଇ ଚିରକାଳ ଲାଗି ତା'ର ଏହି ପବିତ୍ର ବନଭୂମିରେ, ତା'ର ଉର୍ବର ଶସ୍ୟକ୍ଷେତ୍ରରେ, ତା'ର ନଭଶ୍ଚୁମ୍ବୀ ପର୍ବତଗୁଡ଼ିକର ଛାୟାରେ ଓ ତା'ର ଏହି ସ୍ୱଚ୍ଛସ୍ରୋତା ନଦୀଗୁଡ଼ିକର ତଟଦେଶରେ ବାସ କରୁଥାଉ । ମାତଃ, ତୁମର ଚରଣରେ ଆମର ଏତିକିମାତ୍ର ପ୍ରାର୍ଥନା, ତୁମେ ଆବିର୍ଭୂତ ହୁଅ !

''ମାତଃ ଦୁର୍ଗେ ! ତୁମେ ଯୋଗବଳରେ ଆମ୍ଭମାନଙ୍କ ଶରୀରରେ ପ୍ରବେଶ କର । ଆମେ ତୁମରି ଯନ୍ତ୍ର ହେବାକୁ ଚାହୁଁ, ସକଳ ଅନିଷ୍ଟର ବିନାଶୀ ତରବାରି ହେବାକୁ ଚାହୁଁ, ସକଳ ଅଜ୍ଞାନର ନାଶ କରୁଥିବା ପ୍ରଦୀପ ହୋଇ ରହିବାକୁ ଚାହୁଁ, ମାତଃ, ତୁମେ ତୁମ ସନ୍ତାନମାନଙ୍କର ଏହି ଅଭିଳାଷଟିକୁ ପୂରଣ କର, ଯନ୍ତ୍ରୀ ହୋଇ ଯନ୍ତ୍ରକୁ ଚଳାଅ, ତରବାରି ଚାଳନା କରି ପାପର ସଂହାର କର, ପ୍ରଦୀପଟି ଉତ୍ତୋଳିତ କରି ଧର ଏବଂ ଜ୍ଞାନାଲୋକକୁ ପରିବ୍ୟାପ୍ତ କରିଦିଅ । ତୁମେ ଆବିର୍ଭୂତ ହୁଅ, ପ୍ରକଟ ହୁଅ !''*

ସବୁ ଦେଶରେ ଜାତୀୟ ଆତ୍ମାଟି ଲାଗି ପ୍ରକୃତରେ ଏହିଭଳି ସମ୍ମାନ ରହିବା ଉଚିତ, ଜାତିଗତ ସର୍ବୋଚ୍ଚ ଆଦର୍ଶର ଅଭିବ୍ୟକ୍ତି ଘଟାଇବା ପାଇଁ ଉପଯୁକ୍ତ ଯନ୍ତ୍ର ହୋଇ ତିଆରି ହେବା ସକାଶେ ଠିକ୍ ଏହିଭଳି ଅଭୀପ୍ସା ରହିବା ଉଚିତ, ପ୍ରଗତି ଏବଂ ଆତ୍ମ ପରିପୂର୍ଣ୍ଣତା ଲାଗି ଠିକ୍ ଏହିଭଳି ଅଭୀପ୍ସା ରହିବା ଉଚିତ, ପ୍ରଗତି ଏବଂ ଆତ୍ମ ପରିପୂର୍ଣ୍ଣତା ଲାଗି ଠିକ୍ ଏହିଭଳି ଏକ ଉଦ୍ଦୀପ୍ତ ଆକାଙ୍କ୍ଷା ରହିପାରିବା ଉଚିତ, ଯାହାକି ପ୍ରତ୍ୟେକ ଜାତିକୁ ଆପଣାର ସେହି ଜାତିଗତ ଆତ୍ମାଟି ସହିତ ଏକାତ୍ମକ ହୋଇ ରହିବାକୁ ସମର୍ଥ କରିବ ଏବଂ ତଦ୍ଦ୍ୱାରା ତାହାର ଯଥାର୍ଥ ସ୍ୱଭାବ ତଥା ଯଥାର୍ଥ ଭୂମିକାଟିର ଆବିଷ୍କାରକୁ ମଧ୍ୟ

* ଶ୍ରୀଅରବିନ୍ଦଙ୍କର ମୂଳ ବଙ୍ଗଳାରୁ ଶ୍ରୀନଳିନୀ କାନ୍ତ ଗୁପ୍ତଙ୍କକୃତ ଇଂରାଜୀ ଅନୁବାଦର ଓଡ଼ିଆ ରୂପ ।

ସମ୍ଭବ କରାଇ ଆଣିବ । ଯଥାର୍ଥ ସ୍ୱଭାବ ତଥା ଯଥାର୍ଥ ଭୂମିକାଟିର ଆବିଷ୍କାରକୁ ମଧ୍ୟ ସମ୍ଭବ କରାଇ ଆଣିବ । ଏବଂ ତାହାରି ଫଳରେ, ଇତିହାସର ଯାବତୀୟ ଆକସ୍ମିକତା ସତ୍ତ୍ୱେ ପ୍ରତ୍ୟେକ ଜାତି ଏକ ଜୀବନ୍ତ ଏବଂ ଅମର ଅସ୍ତିତ୍ୱରେ ପରିଣତ ହୋଇ ରହିପାରିବେ ।

*ବୁଲେଟିନ୍, ଅଗଷ୍ଟ ୧୯୫୨*

## ୩

**ନବାଗତମାନଙ୍କ ଉଦ୍ଦେଶ୍ୟରେ ପଦେ**

ଏହି ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ରଟି କ୍ରମଶଃ ଏକ ସଙ୍ଗଠିତ ରୂପ ଲାଭ କରିଆସିଛି । ଯେଉଁଠି ଏହି କେନ୍ଦ୍ରଟି ସ୍ଥାୟିଭାବରେ ପ୍ରତିଷ୍ଠିତ ହୋଇ ରହିବ, ସେହି ନୂଆ ଘରମାନ ତିଆରି ହୋଇଯିବା ସମ୍ଭବ ହେବା ପର୍ଯ୍ୟନ୍ତ (ସେଥିଲାଗି ଆବଶ୍ୟକ ଯୋଜନାଗୁଡ଼ିକ ପ୍ରସ୍ତୁତ ହୋଇଗଲାଣି) ଗ୍ରନ୍ଥାଗାର, ବାଚନାଳୟ ଆଦି କେତୋଟି ବିଭାଗ ଓ ଅଳ୍ପ କେତେଗୋଟି କ୍ଲାସ୍ ଲାଗି ପରେ ଭାଙ୍ଗି ଦିଆଯିବାକୁ ରହିଥିବା ପୁରୁଣା ଘରଗୁଡ଼ିକରେ ସ୍ଥାନ କରିଦିଆଯାଇଛି । ଭବିଷ୍ୟର ଶିକ୍ଷକ ଓ ଭବିଷ୍ୟର ଶିକ୍ଷାର୍ଥୀମାନେ ଆସି ପହଞ୍ଚିବାକୁ ଆରମ୍ଭ କଲେଣି । ସେମାନଙ୍କ ମଧ୍ୟରୁ କେତେକେ ବାହାରୁ ମଧ୍ୟ ଆସୁଛନ୍ତି ଏବଂ ସେମାନେ ଏହି ଦେଶର ଜଳବାୟୁ ଓ ରୀତିନୀତି ସହିତ ଆଦୌ ଅଭ୍ୟସ୍ତ ନୁହନ୍ତି । ସେମାନେ ଏହି ଆଶ୍ରମରେ ମଧ୍ୟ ପ୍ରଥମଥର ପାଇଁ ଆସି ପହଞ୍ଚିଛନ୍ତି ଏବଂ ଏଠାକାର ଜୀବନ ବା ରୀତିନୀତି ବିଷୟରେ ସେମାନେ ଆଦୌ କିଛି ଜାଣି ନାହାନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ କିଛି କାମ କରିବେ ଅଥବା କିଛି ଶିକ୍ଷା କରିବେ ବୋଲି ଏକ ମନୋଗତ ଅଭୀପ୍ସା ନେଇ ଆସିଛନ୍ତି; ଅନ୍ୟମାନେ ଯୋଗସାଧନା କରିବେ ବୋଲି ଆଶାନେଇ ଆସିଛନ୍ତି, ପରମ ଦିବ୍ୟ ସତ୍ତାଙ୍କର ପରିଚୟ ଲାଭ କରି ତାଙ୍କରି ସହିତ ସମ୍ମିଳିତ ହେବାକୁ ସେମାନେ ଆସିଛନ୍ତି । ପରିଶେଷରେ, ଏମାନଙ୍କ ଭିତରେ ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ପୃଥିବୀପୃଷ୍ଠରେ ହେଉଥିବା ଦିବ୍ୟକାର୍ଯ୍ୟଟି ଲାଗି ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରି ରଖିବାକୁ ଇଚ୍ଛା କରୁଛନ୍ତି । ସେମାନେ ସମସ୍ତେ ସେମାନଙ୍କର ଚୈତ୍ୟ ସତ୍ତାଟି ଦ୍ୱାରା ପ୍ରେରିତ ହୋଇ ଆସିଛନ୍ତି, ସେହି ଚୈତ୍ୟ ସତ୍ତା ସେମାନଙ୍କୁ ଆତ୍ମ-ଉପଲବ୍ଧି ଆଡ଼କୁ ପରିଚାଳିତ କରି ନେଇ ଯିବାକୁ ଇଚ୍ଛା କରୁଛି । ସେହି ଚୈତ୍ୟସତ୍ତାହିଁ ସେମାନଙ୍କର ପୁରୋଭାଗରେ ରହିଛି ଓ ସେମାନଙ୍କର ଚେତନାକୁ ପରିଚାଳିତ କରୁଛି; ବ୍ୟକ୍ତି ଏବଂ ବସ୍ତୁଗୁଡ଼ିକ ସହିତ ସେମାନଙ୍କର ଏକ ଚୈତ୍ୟସ୍ତରୀୟ ସଂଯୋଗ ରହିଛି । ସେମାନଙ୍କୁ ସବୁକିଛି

ସୁନ୍ଦର ଦେଖାଯାଉଛି, ସବୁକିଛି ଭଲ ବୋଲି ମନେ ହେଉଛି । ସେମାନଙ୍କର ସ୍ୱାସ୍ଥ୍ୟରେ ସର୍ବଦା ଉନ୍ନତିହିଁ ହେଉଛି, ସେମାନଙ୍କର ଚେତନା ମଧ୍ୟ ଅଧିକରୁ ଅଧିକ ଭାସ୍ୱର ହେବାରେ ଲାଗିଛି । ସେମାନଙ୍କ ଭିତରେ ସର୍ବଦା ଏକ ସୁଖାନୁଭୂତି ରହିଛି, ପ୍ରଶାନ୍ତି ରହିଛି, ନିରାପତ୍ତାର ବି ଅନୁଭୂତି ରହିଛି । ଆପଣା ଚେତନାର ସର୍ବୋଚ୍ଚ ସମ୍ଭାବନାଟିକୁ ଉପଲବ୍ଧି କରିଥିବା ପରି ସେମାନେ ଅନୁଭବ କରୁଛନ୍ତି । ଚୈତ୍ୟ ସଂସ୍ପର୍ଶଟି ଦ୍ୱାରା ପ୍ରାପ୍ତ ହେଉଥିବା ଏହି ଶାନ୍ତିମୟତା, ପୂର୍ଣ୍ଣତା ଏବଂ ଆନନ୍ଦକୁ ସେମାନେ ସ୍ୱଭାବତଃ ସବୁଠାରେ ଦେଖିବାକୁ ପାଉଛନ୍ତି, ପ୍ରତ୍ୟେକ ବସ୍ତୁରେ ଏବଂ ପ୍ରତ୍ୟେକ ମନୁଷ୍ୟ ଭିତରେ ଦେଖିବାକୁ ପାଉଛନ୍ତି । ଏହି କଥାଟି ସେମାନଙ୍କର ଜୀବନରେ ଏଠାରେ ବିରାଜିତ ହୋଇ ରହିଥିବା ଓ ସକଳ କର୍ମକୁ ସମ୍ପନ୍ନ କରୁଥିବା ଯଥାର୍ଥ ଚେତନାଟି ଆଡ଼କୁ ଏକ ଉନ୍ମୋଚନ ଆଣି ଦେଇଯାଉଛି । ସେହି ଉନ୍ମୋଚନଟି ଯେପର୍ଯ୍ୟନ୍ତ ବଳବତ୍ତର ରହିଛି, ସେତେବେଳ ପର୍ଯ୍ୟନ୍ତ ପୂର୍ବାଲୋଚିତ ସେହି ପ୍ରଶାନ୍ତି, ପୂର୍ଣ୍ଣତା ଏବଂ ଆନନ୍ଦ ସେମାନଙ୍କ କ୍ଷେତ୍ରର ଅଗ୍ରଗତି ତତ୍କାଳପ୍ରାପ୍ତ ପରିଣାମ ରୂପେ ମହଜୁଦ ହୋଇ ରହିଥିବ, ସେମାନଙ୍କର ଶାରୀରିକ ଭୂମିରେ ସ୍ୱାସ୍ଥ୍ୟ ଏବଂ ସୁସାମର୍ଥ୍ୟ ମହଜୁଦ ରହିଥିବ, ପ୍ରାଣିକ ଭୂମିରେ ସ୍ଥିରତା ଏବଂ ସଦିଚ୍ଛା ମହଜୁଦ ରହିଥିବ, ମନୋଭୂମିରେ ସ୍ୱଷ୍ଟ ବୋଧଶକ୍ତି ଓ ପ୍ରଶସ୍ତତା ରହିଥିବ ଏବଂ ସମଗ୍ର ଜୀବନଟିର ଭୂମିରେ ସାଧାରଣ ଭାବରେ ବିପଦଶୂନ୍ୟତା ଏବଂ ସନ୍ତୋଷର ଅନୁଭୂତି ମଧ୍ୟ ରହିଥିବ । ମାତ୍ର ଆପଣାର ଚୈତ୍ୟ ଭୂମିଟି ସହିତ ଏକ ସତତ ସଂସ୍ପର୍ଶ ବଜାୟ ରଖିବା ଜଣେ ମନୁଷ୍ୟ ପକ୍ଷରେ ପ୍ରକୃତରେ ଭାରି କଷ୍ଟକର କଥା । ପୁନର୍ବାର ଆପଣାର ଚିରାଚରିତ ଭୂମିଟିକୁ ଫେରି ଆସିବା ସଙ୍ଗେ ସଙ୍ଗେ ଓ ନୂତନ ଅନୁଭୂତିଟିକୁ ସଦ୍ୟତା କ୍ରମଶଃ ମ୍ଳାନ ହୋଇ ଆସିବା ସଙ୍ଗେ ସଙ୍ଗେ ସେହି ପୁରୁଣା ମଣିଷଟା ପୁନର୍ବାର ଉପରିଭାଗରେ ଆସି ପହଞ୍ଚି ଯାଇଥାଏ, ଆପଣାର ଯାବତୀୟ ଅଭ୍ୟସ୍ତତା, ଅଗ୍ରରୁଚି, ସାନ ସାନ ଝୁଙ୍କି ଓ ଜିଦ୍, ଦୁର୍ବଳତା ତଥା ଭୁଲ୍ ବୁଝିବାଗୁଡ଼ିକୁ ସାଙ୍ଗରେ ନେଇ ତାହା ପୁଣି ବାହୁଡ଼ି ଆସିଥାଏ । ଏବଂ ତା’ ପରେ ସ୍ଥିରତା ସ୍ଥାନରେ ଅସ୍ଥିରତା ଆସି ପହଞ୍ଚେ : ପୂର୍ବର ଆନନ୍ଦ କୁଆଡ଼େ ଯାଏ, ବୁଝିବାର ସମସ୍ତ ଶକ୍ତି ସତେଅବା ଅନ୍ଧ ହୋଇଯାଏ; ଏବଂ ଏପରି ଏକ ଅନୁଭବ ଆସି ନିଜ ଭିତରେ ପଶିଯାଏ ଯେ ଅନ୍ୟ ସବୁଜାଗା ଯେମିତି, ଏହି ଜାଗାଟି ମଧ୍ୟ ଅବିକଳ ସେମିତି । କାରଣ ମଣିଷ ସେତେବେଳେ ଅନୁଭବ କରେ ଯେ, ସିଏ ଅନ୍ୟ ସକଳ ଜାଗାରେ ଯେମିତି ଥିଲା, ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି ରହିଛି । ସିଏ କେବଳ ଯେତିକି କାର୍ଯ୍ୟ ହାସଲ କରି ପାରିଛି, ସେତିକିକୁ ଦେଖିବା ପରିବର୍ତ୍ତେ ସିଏ ଅଧିକରୁ ଅଧିକ ପରିମାଣରେ ଏବଂ ପ୍ରାୟ ସଂପୂର୍ଣ୍ଣ ପରିମାଣରେ ଆଉ ଯାହାସବୁ ତଥାପି ହାସଲ କରିବାକୁ ବାକି ରହିଛି, ସିଏ ତାହାରି ବିଷୟରେ ଭାରି ସଚେତନ ହୋଇ ପଡ଼ିବାକୁ ଆରମ୍ଭ କରେ । ସିଏ ଭାରି ବିଷର୍ଣ୍ଣ

ହୋଇପଡ଼େ, ନାନା ଅସନ୍ତୋଷରେ ଘାରି ହୋଇ ରହେ ଏବଂ ନିଜକୁ ଦୋଷୀ ଓ ଦାୟୀ କରିବା ପରିବର୍ତ୍ତେ ଅନ୍ୟ ମଣିଷ ବା ଅନ୍ୟ ବସ୍ତୁଗୁଡ଼ିକୁ ଦୋଷୀ ବା ଦାୟୀ କରିବାରେ ଲାଗିଯାଏ । ତା' ଜୀବନରେ ତାକୁ ଯଥେଷ୍ଟ ସୁଖ ଓ ଆରାମ ମିଳୁ ନାହିଁ ବୋଲି ସିଏ ଅଭିଯୋଗ କରିବାକୁ ଆରମ୍ଭ କରେ, ଜଳବାୟୁକୁ ଅସହ୍ୟ ବୋଲି କହେ, ଖାଇବା ଠିକ୍ ନ ହେବାରୁ ତା'ର ହଜମ ପ୍ରକ୍ରିୟାରେ ତାକୁ ନାନା କଷ୍ଟଭୋଗ କରିବାକୁ ପଡ଼ୁଛି ବୋଲି ଆପତ୍ତି କରୁଥାଏ । ଶ୍ରୀଅରବିନ୍ଦ ଶରୀରକୁ ଯୋଗସାଧନାର ଏକ ଅପରିହାର୍ଯ୍ୟ ଭୂମି ବୋଲି କହିଛନ୍ତି; ସିଏ କହିଛନ୍ତି ଯେ ଆମେ ସେହି କାରଣରୁ ଶରୀର ପ୍ରତି ଆଦୌ କୌଣସି ଅବହେଳା କରିବା ନାହିଁ ଓ ଓଲଟି ତାହାର ଖୁବ୍ ଯତ୍ନ ନେବା । ତାଙ୍କର ସେହି ଶିକ୍ଷାଟିରୁ ସତେଅବା ଏକ ସମର୍ଥନ ପାଇ ଆମର ଶାରୀରିକ ଚେତନା ପ୍ରାୟ ସର୍ବଦାହିଁ ଗୋଟାସୁଦ୍ଧା ସେହି ଶରୀର ଉପରେ ସଂକେନ୍ଦ୍ରିତ ହୋଇ ରହିଥାଏ ଏବଂ ତାହାର ସନ୍ତୋଷବିଧାନ ସକାଶେ ନାନାବିଧ ବାଟ ବାହାର କରିବାରେ ଲାଗିଥାଏ । ମାତ୍ର ବ୍ୟାବହାରିକ କ୍ଷେତ୍ରରେ ତାହା କଦାପି ସମ୍ଭବ ହୁଏ ନାହିଁ; କାରଣ, ମାତ୍ର ଅଳ୍ପ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ ଆମେ ଶରୀର ପାଖରେ ଯେତେ ଅଧିକ ଦ୍ରବ୍ୟ ଆଣି ଯୋଗାଇ ଦେଉଥିବା, ଶରୀର ଆମପାଖରୁ ଆହୁରି ସେତିକି ଅଧିକ ଦ୍ରବ୍ୟ ଦାବି କରିବାରେ ଲାଗିଥିବ । ପୁନଶ୍ଚ, ଶରୀରସ୍ତରୀୟ ସେହି ସତ୍ତାଟି ହେଉଛି ଏକ ଅଜ୍ଞାନ ସତ୍ତା, ଏକ ଦୃଷ୍ଟିଶକ୍ତିହୀନ ସତ୍ତା । ତାହା ଭିତରେ କେତେକେତେ ଭୁଲ୍ ଧାରଣା ଭର୍ତ୍ତି ହୋଇ ରହିଥାଏ, କେତେ ଭ୍ରମ ବଦ୍ଧମୂଳ ହୋଇ ରହିଥାଏ, କେତେ ପୂର୍ବଗ୍ରହ ଓ ଅଗ୍ରରୁଚିମାନ ବି ରହିଥାଏ । ବସ୍ତୁତଃ, ତାହା ଶରୀରର ସମସ୍ୟାଗୁଡ଼ିକୁ ମଧ୍ୟ ଫଳପ୍ରଦ ଭାବରେ ସମ୍ଭାଳି ପାରେ ନାହିଁ । କେବଳ ଚୈତ୍ୟ ସତ୍ତାରହିଁ ଉପଯୁକ୍ତ ଜ୍ଞାନ ରହିଥାଏ, ଉଚିତ ମାର୍ଗରେ ଉଚିତ କଥାଟିକୁ କରିପାରିବା ଲାଗି ଉଚିତ ଅନ୍ତଃଦୃଷ୍ଟିଟି ମଧ୍ୟ ରହିଥାଏ ।

ତୁମେମାନେ ହୁଏତ ପଚାରିବ, ଏପରି ଅବସ୍ଥାରେ ତେବେ ପ୍ରତିକାର ଲାଗି କ'ଣ କରାଯାଇ ପାରିବ ? କାରଣ, ଏହି କ୍ଷେତ୍ରରେ ଆମକୁ ସତେଅବା ଗୋଟାଏ ଅମୁହାଁ ଭଉଁରି ଭିତରେ ପଡ଼ି କେବଳ ବଣା ହେବାକୁହିଁ ପଡ଼ିଥାଏ; କାରଣ, ଆମେ ଚୈତ୍ୟ ସତ୍ତାଟିଠାରୁ ଦୂରକୁ ଚାଲିଆସିବା ଯୋଗୁଁହିଁ ସମସ୍ତ ଅସୁବିଧାର ଜନ୍ମ ହୋଇଥାଏ ଏବଂ ତେଣୁ ସେହି ଚୈତ୍ୟସତ୍ତାହିଁ ସମସ୍ୟାଗୁଡ଼ିକର ଅସଲ ସମାଧାନଟିକୁ ଖୋଜି ବାହାର କରି ପାରିବ । ତେଣୁ ପ୍ରକୃତରେ କେବଳ ଗୋଟିଏ ପ୍ରତିକାରହିଁ ରହିଛି : ତୁମେ ସବୁବେଳେ ସତର୍କ ରହିବ, ଆପଣାର ଚୈତ୍ୟସତ୍ତାଟି ସହିତ ଦୃଢ଼ ଭାବରେ ସଂଯୁକ୍ତ ହୋଇ ରହିଥିବ; ସେହି ଚୈତ୍ୟସତ୍ତା ଓ ତୁମ ମଝିରେ ତୁମର ଚେତନାର କ୍ଷେତ୍ରରେ ଯେପରି ଆଦୌ କୌଣସି କଥା ଗଳିଆସି ତୁମ ଭିତରେ ପ୍ରବେଶ କରି ନ ପାରେ, ସେଥିଲାଗି ସାବଧାନ

ରହିଥିବ ଓ ତାକୁ କଦାପି ବାଟ ଛାଡ଼ି ଦେବ ନାହିଁ । ବାହାରୁ ଯେତେଯାହା ଇଙ୍ଗିତ ଓ ସଙ୍କେତ ତୁମ ଭିତରକୁ ପ୍ରବେଶ କରିବାକୁ ଆସୁଥିବ, ସେଗୁଡ଼ିକ ଲାଗି ଆପଣାର କାନକୁ ବନ୍ଦ କରି ରଖିଥିବ, ଆପଣାର ବୋଧଦ୍ୱାରଗୁଡ଼ିକୁ ମଧ୍ୟ ବନ୍ଦ କରି ରଖିଥିବ ଏବଂ କେବଳ ସେହି ଚୈତ୍ୟସତ୍ତା ଉପରେହିଁ ବିଶ୍ୱାସ ସ୍ଥାପନ କରିଥିବ ।

ଯେଉଁମାନେ ଆପଣାର ଚୈତ୍ୟସତ୍ତା ବିଷୟରେ ଏକ ସଚେତନତା ଲାଭ କରିଥା'ନ୍ତି, ସେମାନେ ସାଧାରଣତଃ ଏପରି ଏକ ଆଶା ରଖିଥା'ନ୍ତି ଯେ ସେହି ଚୈତ୍ୟସତ୍ତାହିଁ ସେମାନଙ୍କୁ ସେମାନଙ୍କର ଜୀବନର ଯାବତୀୟ ପ୍ରାଣିକ ତଥା ଭୌତିକ ଆକର୍ଷଣରୁ ଓ କ୍ରିୟାଶୀଳତାରୁ ମୁକ୍ତ କରି ନେଇ ଆସିବ; ପରମ ଦିବ୍ୟସତ୍ତାଙ୍କର ଧ୍ୟାନଜନିତ ଆନନ୍ଦ ମଧ୍ୟରେ ନିବାସ କରିବା ଲାଗି ସେମାନେ ଏହି ସଂସାର ଛାଡ଼ି ବାହାରକୁ ଚାଲିଯିବା ପାଇଁ ମନେ କରିଥା'ନ୍ତି, ତାଙ୍କରି ସହିତ ସତତ ସଂସ୍ପର୍ଶ ସ୍ଥାପନ କରି ଏକ ଅଖଣ୍ଡ ଶାନ୍ତି ମଧ୍ୟରେ ଜୀବନ ଅତିବାହିତ କରିବାଲାଗି ସେମାନେ ସେପରି ମନ କରୁଥା'ନ୍ତି । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ଯିବାକୁ ଇଚ୍ଛା କରନ୍ତି, ସେମାନଙ୍କର ଦୃଷ୍ଟି ଏହି ଦୃଷ୍ଟିଟିଠାରୁ ଅତ୍ୟନ୍ତ ଭିନ୍ନ । ସେମାନେ ଯେତେବେଳେ ଆପଣା ଚୈତ୍ୟ ସତ୍ତାଟିର ସନ୍ଧାନ ଲାଭ କରନ୍ତି ଏବଂ ସେଇଟି ସହିତ ସଂଯୁକ୍ତ ରହି ପାରନ୍ତି, ସେତେବେଳେ ସେମାନେ ତାହାକୁ ସେମାନଙ୍କର ଭୌତିକ ସତ୍ତାଟି ଆଡ଼କୁ ଦୃଷ୍ଟିପାତ କରିବା ଲାଗି ପ୍ରାର୍ଥନା କରନ୍ତି । ଯେପରିକି, ଦିବ୍ୟ ପରମସତ୍ତାଟି ସହିତ ସଂଘଟିତ ସେହି ସଂସ୍ପର୍ଶରୁ ଉପଲବ୍ଧ ହେଉଥିବା ଜ୍ଞାନର ସାହାଯ୍ୟରେ ସେମାନେ ଆପଣାର ଭୌତିକ ସତ୍ତାଟି ଉପରେ ମଧ୍ୟ କାର୍ଯ୍ୟ କରିପାରିବେ ଏବଂ ଏହିପରି ଭାବରେ ଆପଣାର ଶରୀରରେ ଏକ ରୂପାନ୍ତର ସମ୍ଭବ କରି ପାରିବେ, ଯେପରିକି ତାହା ସେହି ଦିବ୍ୟ ଚେତନା ଏବଂ ଦିବ୍ୟ ସୌଷମ୍ୟଟିକୁ ଗ୍ରହଣ କରି ପାରିବ ଓ ତାହାକୁ ଅଭିବ୍ୟକ୍ତ କରି ଆଣି ପାରିବ ।

ଏଠାରେ ଏହାହିଁ ଆମର ଯାବତୀୟ ପ୍ରୟାସର ଲକ୍ଷ୍ୟ ହୋଇ ରହିବ; ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ରରେ ଏହାହିଁ ତୁମର ଯାବତୀୟ ଅଧ୍ୟୟନ ଓ ବିଦ୍ୟା ଅର୍ଜନର ଅଭିଳଷିତ ଚରମକୋଟୀ ହୋଇ ରହିବ ।

ତେଣୁ ଯେଉଁମାନେ ଏହି ବିଶ୍ୱବିଦ୍ୟାକେନ୍ଦ୍ରରେ ଯୋଗ ଦେବାକୁ ଆସିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ମୁଁ ପୁଣିଥରେ କେବଳ ସେହି କଥାଟି କହିବି : ତୁମେ ଆମର କାର୍ଯ୍ୟକ୍ରମଟିକୁ କଦାପି ଭୁଲି ଯିବ ନାହିଁ; ଯେଉଁ ଗଭୀରତର କାରଣଟି ସକାଶେ ତୁମେମାନେ ଏଠାକୁଆସିଛ, ସେଇଟିକୁ ମଧ୍ୟ ଭୁଲି ଯିବ ନାହିଁ । ଏବଂ ଯଦି, ତୁମମାନଙ୍କର ସକଳ ଉଦ୍ୟମ ଓ ପ୍ରୟାସ ସତ୍ତ୍ୱେ, ତୁମ ଆଗରେ ଦିଗ୍‌ବଳୟଗୁଡ଼ାକ ବେଳେବେଳେ ଅନ୍ଧକାର ଦେଖାଯିବ, ଯଦି ଆଶା ଓ ଆନନ୍ଦ ମ୍ଳାନ ହୋଇ ଯାଉଥିବା ପରି ବୋଧ ହେବ, ଯଦି

ଉତ୍ସାହ ଟଳଟଳ ହେବାକୁ ଆରମ୍ଭ କରିବ, ସେତେବେଳେ ଅବଶ୍ୟ ଏହି ଗୋଟିଏ କଥାକୁ ସ୍ମରଣ କରିବ ଯେ, ତୁମେ ଯେ ତୁମ ଚୈତ୍ୟ ସତ୍ତାଟିଠାରୁ ହୁଏତ ଦୂରକୁ ଚାଲିଯାଇଛ ଏବଂ ତାହାର ଆଦର୍ଶଟି ସହିତ ଲାଗିଥିବା ତୁମର ଖିଅଟି ଛିଡ଼ି ଯାଇଛି, ଏହା ହେଉଛି ତାହାରି ଏକ ସଂକେତ । କେବଳ ଏହିପରି ଭାବରେହିଁ ତୁମେ କଦାପି ତୁମ ଚାରିପାଖରେ ଥିବା ବ୍ୟକ୍ତିମାନଙ୍କ ଉପରେ ଓ ବସ୍ତୁଗୁଡ଼ିକ ଉପରେ ସବୁଯାକ ଦୋଷକୁ ନେଇ ଢାଙ୍କିଦେବାର ଭୁଲ୍ କରିବ ନାହିଁ ଏବଂ ସେହିପରି କରି ଆପଣାର ଦୁଃଖଭୋଗ ଏବଂ ଆପଣାର ଅସୁବିଧାଗୁଡ଼ାକ ମଧ୍ୟ ଅଯଥା ବଢ଼ାଇ ଦେବାର କୌଣସି ଭୁଲ୍ କରି ବସିବ ନାହିଁ ।

*ବୁଲେଟିନ୍, ନଭେମ୍ବର ୧୯୫୨*

# ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି

## ୧

ଅତିମାନସ ଉପଲବ୍ଧି ଆଡ଼କୁ ବାଟ ଦେଖାଇ ନେଇ ଯାଉଥିବା ଏକ ପୂର୍ଣ୍ଣାଙ୍ଗ ଶିକ୍ଷାର ଯଥାର୍ଥ ଅନୁଧାବନ ଲାଗି ଏକ ଚତୁର୍ବିଧ ତପସ୍ୟାର ଆବଶ୍ୟକତା ରହିଛି; ଏବଂ ସେହି ଅନୁସାରେ ଏକ ଚତୁର୍ବିଧ ମୁକ୍ତି ଲାଭ କରିବାର ପ୍ରୟୋଜନ ବି ରହିଛି ।

ତପସ୍ୟା କହିଲେ ଆମେ ଅନେକ ସମୟରେ ବଡ଼ ଭ୍ରାନ୍ତ ଭାବରେ ତାହାକୁ ନିଜକୁ କ୍ଲେଶ ଦେବା ବୋଲି ବୁଝିଥାଉ, ଏବଂ, ଯେତେବେଳେ କେହି ଆମକୁ ତପସ୍ୟା ବିଷୟରେ କହିବାକୁ ଆସେ, ସେତେବେଳେ ଆମେ ତାହାକୁ ଏକ ବୈରାଗ୍ୟର ସାଧନା ବୋଲି ବିଚାର କରିବାକୁ ଲାଗୁ । ଶାରୀରିକ, ପ୍ରାଣିକ ଏବଂ ମାନସିକ ଜୀବନକୁ ଆଧ୍ୟାତ୍ମିକ ପ୍ରେରଣା ଦ୍ୱାରା ସଂଚରିତ କରି ରଖିବାର ସେହି ଅତି କଠିନ ମାର୍ଗଟିକୁ ଏଡ଼ି ରହିବା ସକାଶେ ବୈରାଗୀ ତାହାକୁ ରୂପାନ୍ତର ଲାଗି ଅସମର୍ଥ ବୋଲି ଘୋଷଣା କରେ ଏବଂ ଅତ୍ୟନ୍ତ ନିର୍ମମ ଭାବରେ ତାହାକୁ ଏକ ଅନାବଶ୍ୟକ ବୋଝ ବୋଲି ମନେ କରି ଫିଙ୍ଗିଦେଇ ଆସେ, ଯାବତୀୟ ଆଧ୍ୟାତ୍ମିକ ଅଗ୍ରଗତି ଲାଗି ସେ ତାହାକୁ ଏକ ବନ୍ଧନ ଓ ଏକ ବାଧା ବୋଲି ମନେ କରି ବର୍ଜନ କରି ଆସେ । ସେଥିରେ ଯେ ଆଦୌ କୌଣସି ପରିବର୍ତ୍ତନ ଏବଂ ଉନ୍ନତିସାଧନ ସମ୍ଭବ ନୁହେଁ, ଅନ୍ତତଃ ସେହିପରି ଭାବି ସିଏ ତାହାକୁ ବର୍ଜନ କରି ଚାଲିଆସେ । ସିଏ ଭାବୁଥାଏ ଯେ, ଯେପର୍ଯ୍ୟନ୍ତ ମହାପ୍ରକୃତି ଅଥବା ଭଗବଦ୍‌ଦୟା ମୃତ୍ୟୁ ଘଟାଇବା ଦ୍ୱାରା ମଣିଷକୁ ଏହି ଜୀବନରୁ ମୁକ୍ତ କରି ନ ନେଇଛି, ସେ ପର୍ଯ୍ୟନ୍ତ ଅଳ୍ପ ବହୁତ ପ୍ରସନ୍ନତା ସହିତ ତାହାକୁ ସେହି ବୋଝଟି ବୋହିବାକୁହିଁ ପଡ଼ିବ । ବା ଖୁବ୍ ବେଶୀ ହେଲେ, ସିଏ ଇହଜୀବନକୁ ଅଗ୍ରଗତି କରିବାର ଏକ କ୍ଷେତ୍ର ବୋଲି ବିଚାର କରୁଥାଏ, ଏବଂ, ଯେଉଁ ପରିପୂର୍ଣ୍ଣତାଟିକୁ ହାସଲ କଲେ ସଂସାର ଭିତରେ ଏହି ଘାଣ୍ଟି ହେବାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଏବଂ ସେଥିରେ ପ୍ରକୃତରେ ଏକ ଅବସାନ ଘଟିବ, ଯଥାସମ୍ଭବ ଅଧିକ ତ୍ୱରା ସହିତ ପରିପୂର୍ଣ୍ଣତାର ସେହି ସୋପାନଟିରେ ଯାଇ ପହଞ୍ଚି ପାରିବା ଲାଗି ସେ ସେହି କ୍ଷେତ୍ରଟିରୁ ଯଥାସମ୍ଭବ ଅଧିକରୁ ଅଧିକ ଫାଇଦା ପାଇବାକୁହିଁ ଆପଣାର ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଥାଏ ।

ଆମେ ଏହି ସମସ୍ୟାଟିକୁ ବେଶ୍ ଭିନ୍ନ ଭାବରେ ଦେଖିଥାଉ । ଆମେ ଏହି ସଂସାରସ୍ଥ ଜୀବନକୁ ଏକ ମଧ୍ୟବର୍ତ୍ତୀ ଅଳ୍ପକ୍ଷଣସ୍ଥାୟୀ ବାଟ ଅଥବା ଏକ ସାଧନ ବୋଲି ମୋଟେ

ବିଚାର କରୁ ନାହିଁ । ଆମେ ଭାବୁ ଯେ ଏହି ଜୀବନର ରୂପାନ୍ତର ସମ୍ଭବ କରାଯାଇ ପାରିବ ଏବଂ ସେହି ରୂପାନ୍ତରହିଁ ଆମର ଏକ ଲକ୍ଷ୍ୟ ହୋଇ ରହିବ, ଏକ ଉପଲବ୍ଧି ହୋଇ ରହିବ । ତେଣୁ ଯେତେବେଳେ ଆମେ ତପସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରୁଛୁ, ସେତେବେଳେ ଏହି ଶରୀର ପ୍ରତି କୌଣସି ଅବଜ୍ଞା ଅଥବା ଘୃଣାଭାବ ରଖି କିଂବା ଏହି ଶରୀରଠାରୁ ଆମର ବନ୍ଧନକୁ ଛିନ୍ନ କରିନେବାର ଅଭିପ୍ରାୟରେ ଆମେ ଆଦୌ ସେହି ଆଲୋଚନା କରୁ ନାହୁଁ । ମାତ୍ର, ସେହି ଶରୀର ଉପରେ ଏକ ନିୟନ୍ତ୍ରଣ ଶକ୍ତି ଏବଂ ଏକ ପ୍ରଭୁତ୍ୱ ହାସଲ କରିବାର ଉଦ୍ଦେଶ୍ୟରେହିଁ ଆମେ ସେହି ଆଲୋଚନା କରୁଛୁ । କାରଣ, ଜଣେ ବୈରାଗୀର ଯାବତୀୟ ବୈରାଗ୍ୟସାଧନା ଅପେକ୍ଷା ପ୍ରଭୁତ୍ୱ ଭାବରେ ଅଧିକ ବୃହତ୍, ଅଧିକ ସଂପୂର୍ଣ୍ଣ ଏବଂ ଅଧିକ ଆୟାସସାଧ୍ୟ ଏକ ତପସ୍ୟା ଅବଶ୍ୟ ରହିଛି : ଆମ ଜୀବନର ପରିପୂର୍ଣ୍ଣ ରୂପାନ୍ତର ଲାଗି ସେହି ତପସ୍ୟାଟିରହିଁ ପ୍ରୟୋଜନ ରହିଛି ଏବଂ ତାହା ଆପଣାର ଚତୁର୍ବିଧ ଧାରାଟି ଦ୍ୱାରା ବ୍ୟକ୍ତିକୁ ଅତିମାନସ ସତ୍ୟର ଅଭିବ୍ୟକ୍ତି ଲାଗି ପ୍ରସ୍ତୁତ କରି ନେଇଥାଏ । ଉଦାହରଣ ସ୍ୱରୂପ, ଆମେ ହୁଏତ ଏପରି କହି ପାରିବା ଯେ, ଶାରୀରିକ କ୍ଷେତ୍ରରେ ଏକ ପରିପୂର୍ଣ୍ଣତା ହାସଲ କରିବା ଲାଗି ଶରୀରର ଯେଉଁ କର୍ଷଣର ଆବଶ୍ୟକତା ରହିଛି, ହୁଏତ କୌଣସି ପ୍ରକାର ବୈରାଗ୍ୟସାଧନା କଠୋରତାର ତାହାର ଆଦୌ ସମକକ୍ଷ ହୋଇ ପାରିବେ ନାହିଁ । ମାତ୍ର ଆମେ ଯଥା ସମୟରେହିଁ ପୁନର୍ବାର ସେହି କଥାଟିର ଆଲୋଚନା କରିବା ।

ଆବଶ୍ୟକ ଏହି ଚତୁର୍ବିଧ ତପସ୍ୟାର ଆଲୋଚନା ଆରମ୍ଭ କରିବା ପୂର୍ବରୁ ଏଠାରେ ଗୋଟିଏ ପ୍ରଶ୍ନକୁ ସ୍ପଷ୍ଟ କରି ବୁଝାଇ କହିବା ଦରକାର । କାରଣ, ଅଧିକାଂଶ ଲୋକଙ୍କ ମନରେ ସେହି ପ୍ରଶ୍ନଟିକୁ ନେଇହିଁ ଅତିବେଶୀ ଭୁଲ୍ ବୁଝିବା ଏବଂ ବିଭ୍ରାନ୍ତିର ସୃଷ୍ଟି ହୋଇଥାଏ । ଏହି ପ୍ରଶ୍ନଟି ହେଉଛି ବୈରାଗ୍ୟସାଧନାର ପ୍ରଶ୍ନ, ଏବଂ ସେହି ଲୋକମାନେ ତାହାକୁ ନିତାନ୍ତ ଭୁଲ୍ କରି ଆଧ୍ୟାତ୍ମିକ ଶୃଙ୍ଖଳା ବୋଲି ବିଚାର କରିଥା'ନ୍ତି । ଉକ୍ତ ସାଧନାଗୁଡ଼ିକରେ ଶରୀର ଉପରେ ଅତ୍ୟନ୍ତ ଦୁରାଚାର କରାଯାଇଥାଏ, କାରଣ ସେମାନେ କହନ୍ତି ଯେ ସେପରି କରିବା ଦ୍ୱାରା ଆମର ଆତ୍ମା ତାହାର ବନ୍ଧନ ଭିତରୁ ମୁକ୍ତ ହୋଇ ବାହାରି ଆସି ପାରିବ । ସେହିସବୁ ସାଧନାକୁ ଆମେ ବସ୍ତୁତଃ ଆଧ୍ୟାତ୍ମିକ ସାଧନାର ଏକ ଇନ୍ଦ୍ରିୟସ୍ତରୀୟ ବିକୃତୀକରଣ ବୋଲି କହିପାରିବା; ଗୁଡ଼ାଏ ଦୁଃଖ ସହିବାର ଗୋଟାଏ ପ୍ରକାରର ଏକ ବିକାରଗ୍ରସ୍ତ ପ୍ରୟୋଜନରୁହିଁ ଅନେକ ବ୍ୟକ୍ତି ସେପରି କରିବାର ମନ କରିଥା'ନ୍ତି ଏବଂ ତାହା ବୈରାଗ୍ୟ ସାଧକକୁ ଶରୀରକୁ କଷ୍ଟ ଓ କ୍ଳେଶ ଦେବାର ନାନା ମାର୍ଗ ଭିତରକୁ ପ୍ରବୃତ୍ତ କରି ନେଇ ଯାଇଥାଏ । ଅନେକ ସାଧୁ କଣ୍ଟା ଜମା କରି ସେହି ଶଯ୍ୟାଟି ଉପରେ ଯାଇ ଶୁଅନ୍ତି, ଖ୍ରୀଷ୍ଟିଆନ୍ ଧର୍ମର ଏକାନ୍ତବାସୀ ଯତି ବେତ ଦେଇ ଆପଣାର ଦେହକୁ ପିଟିବାରେ ଲାଗିଥାଏ

ଅଥବା ବାଳରେ ତିଆରି ହୋଇଥିବା ଅଙ୍ଗବସ୍ତ୍ର ପିନ୍ଧି ବସିଥାଏ,— ଏଗୁଡ଼ିକୁ ଆମେ ଅଳ୍ପ ବହୁତ ପରିମାଣରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ଆତ୍ମପୀଡ଼ନରତିର ପ୍ରବୃତ୍ତିରହିଁ ପରିଣାମ ବୋଲି କହିବା । ସେହି ପ୍ରବୃତ୍ତିଟି ଅନେକ ସମୟରେ ଏକ ପରୋକ୍ଷ ପ୍ରବୃତ୍ତି ହୋଇ ରହିଥାଏ ଏବଂ ତାହାକୁ ପ୍ରଚ୍ଛନ୍ନ ଭାବରେ ଅନେକ ସମୟରେ ରଖା ବି ଯାଇପାରେ । ଏହାକୁ ଆମେ ତୀବ୍ର ଓ ପ୍ରଚଣ୍ଡ କେତେକ ଇନ୍ଦ୍ରିୟାନୁଭବ ଲାଗି ଏକ ଅସ୍ୱାସ୍ଥ୍ୟକର ବାସନା ବୋଲି କହିପାରିବା, ସେଗୁଡ଼ିକ ଲାଗି ଏକ ଅବଚେତନ ପ୍ରୟୋଜନ ବୋଲି ମଧ୍ୟ କହିପାରିବା । ଏହିସବୁ ଆଚରଣ ପ୍ରକୃତ କ୍ଷେତ୍ରରେ ଯାବତୀୟ ଆଧ୍ୟାତ୍ମିକ ଜୀବନକୁ ବହୁଦୂରବର୍ତ୍ତୀ ହୋଇ ରହିଥାଏ, କାରଣ ସେଗୁଡ଼ିକୁ ଆମେ କେବଳ ଅତ୍ୟନ୍ତ କୁତ୍ସିତ ଓ ନିମ୍ନସ୍ତରୀୟ, ଅନ୍ଧକାରମୟ ଏବଂ ବ୍ୟାଧିଗ୍ରସ୍ତ ଗୋଟିଏ ଗୋଟିଏ ଆଚରଣ ବୋଲିହିଁ କହିପାରିବା । ମାତ୍ର ଅନ୍ୟ ପକ୍ଷରେ ଆଧ୍ୟାତ୍ମିକ ଜୀବନ କହିଲେ ସର୍ବଦା ଆଲୋକ ଓ ଭାରସାମ୍ୟର ଏକ ଜୀବନକୁ ବୁଝାଏ, ସୌନ୍ଦର୍ଯ୍ୟ ଏବଂ ଆନନ୍ଦରହିଁ ଏକ ଜୀବନକୁ ବୁଝାଇଥାଏ । ଆମର ମନ ଏବଂ ପ୍ରାଣର ସ୍ତରରେ ଶରୀର ଲାଗି ରହିଥିବା ଗୋଟାଏ ପ୍ରକାରର ନୃଶଂସ ଓ ନିର୍ମମ ଦୃଷ୍ଟିକୋଣରୁହିଁ ସେହି ଆଚରଣଗୁଡ଼ିକର ଉଦ୍ଭାବନ ହୋଇଥାଏ ଓ ସେଗୁଡ଼ିକୁ ପ୍ରଶଂସା କରାଯିବାରେ ଲାଗିଥାଏ । ମାତ୍ର, ନିଜ ଶରୀରର କ୍ଷେତ୍ରରେ ଆଚରିତ ହେଉଥିଲେହେଁ ନୃଶଂସତାକୁ କେବଳ ନୃଶଂସତା ବୋଲିହିଁ କୁହାଯିବ, ଏବଂ ଯାବତୀୟ ନୃଶଂସତା କେବଳ ଏକ ଘୋର ଅଚେତନାରହିଁ ଦ୍ୟୋତକ ହୋଇ ରହିଥାଏ । ଅଚେତନ ହୋଇ ପଡ଼ିଥିବା ବ୍ୟକ୍ତିମାନଙ୍କର ପ୍ରକୃତି ସର୍ବଦା ଅତ୍ୟନ୍ତ ଉଗ୍ର ଓ ବଳଯୁକ୍ତ ଇନ୍ଦ୍ରିୟାନୁଭବ ଦରକାର କରୁଥାଏ, କାରଣ ସେହିସବୁ ଅନୁଭବ ବ୍ୟତୀତ ସେମାନେ ପ୍ରକୃତରେ ଆଦୌ କିଛିହେଲେ ଅନୁଭବ କରି ପାରନ୍ତି ନାହିଁ ଏବଂ, ଏକ ପ୍ରକାରର ଆତ୍ମପୀଡ଼ନରତି ରୂପେ କାର୍ଯ୍ୟ କରୁଥିବା ନୃଶଂସତା ପ୍ରକୃତରେ ଅତ୍ୟନ୍ତ ବଳଯୁକ୍ତ ଉଗ୍ର ଇନ୍ଦ୍ରିୟାନୁଭବଗୁଡ଼ିକୁ ନିଷ୍ପନ୍ନ କରି ଆଣିବାକୁ ସମର୍ଥ ହୋଇଥାଏ । ଏକ ଚିନ୍ମୟ ଜୀବନ ମଧ୍ୟକୁ ନିଷ୍କୃତି ପାଇଯିବାର ପଥରେ ଶରୀର ଯେପରି ଆଦୌ ଏକ ଅନ୍ତରାୟ ହୋଇ ଠିଆ ନ ହୋଇ ପାରିବ, ସେହି ଉଦ୍ଦେଶ୍ୟରେ ସକଳ ପ୍ରକାର ଇନ୍ଦ୍ରିୟାନୁଭବର ବିଲୁପ୍ତିସାଧନହିଁ ବାହ୍ୟତଃ ସେହି କ୍ରୂରାଚରଣଗୁଡ଼ିକର ଅଭିପ୍ରାୟ ହୋଇ ରହିଥାଏ; ମାତ୍ର, ଏହି ପଦ୍ଧତିଟିର ଅନୁସରଣ କରିବା ଦ୍ୱାରା ପ୍ରକୃତରେ ଆଦୌ କୌଣସି ଫଳ ମିଳେ କି ନାହିଁ, ସେଥିରେ ମଧ୍ୟ ସଂଶୟର ବହୁ ଅବକାଶ ରହିଛି । ଏହି କଥାଟିକୁ ସମସ୍ତେ ସ୍ୱୀକାର କରିଛନ୍ତି ଯେ, ଯଥେଷ୍ଟ ଗତି ସହିତ ଅଗ୍ରସର ହୋଇ ପାରିବାକୁ ହେଲେ, ଆମକୁ ସକଳ ପ୍ରକାର ଅସୁବିଧା ପ୍ରତି ରହିଥିବାର ଭୟକୁ ପରିତ୍ୟାଗ କରିବାକୁ ପଡ଼ିବ; ମାତ୍ର ଅନ୍ୟ ପକ୍ଷରେ, ଯେତେବେଳେ ଆମେ ଜାଣି ଶୁଣି କଷ୍ଟ ଓ ଅସୁବିଧାଗୁଡ଼ାକୁ ନିଜ ପାଇଁ ଆବୋରି ନେବାର ମନ କରି ବାହାରୁ,

ସେତେବେଳେ ଆମେ ତଦ୍ୱାରା ଆମର ଇଚ୍ଛା-ଶକ୍ତିର ବୃଦ୍ଧି ଘଟାଉ ଏବଂ ଆମର ସ୍ନାୟୁଗୁଡ଼ିକୁ ମଧ୍ୟ ଅଧିକ ବଳଯୁକ୍ତ କରିଥାଉ । ଏବଂ ଏକଥାଟି ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ସୁଖ ପ୍ରତି ରହିଥିବା ଏକ ଅତ୍ୟାସକ୍ତି ଏବଂ ତଜ୍ଜନିତ ତମସାଚ୍ଛନ୍ନତା ସହିତ ସଂଗ୍ରାମ କରିବା ଅପେକ୍ଷା, ବୈରାଗ୍ୟ ପ୍ରତି ରହିଥିବା ଏକ ଅତ୍ୟାସକ୍ତି ଏବଂ ତଜ୍ଜନିତ ବିଘଟନଟି ଅପେକ୍ଷା ସଂଯମ, ଭାରସାମ୍ୟ, ସମତା ତଥା ବିକ୍ଷୋଭହୀନତା ସହିତ ଜୀବନ ବଞ୍ଚିବା ପ୍ରକୃତରେ ଅନେକ ଅଧିକ ଆୟାସସାଧ୍ୟ, ଶରୀରର ବିନାଶ ଘଟିବା ପର୍ଯ୍ୟନ୍ତ ତାହା ଉପରେ ଯାବତୀୟ ଦୁରାଚାର କରିବା ଅପେକ୍ଷା ସ୍ଥିର ଏବଂ ସରଳ ଭାବରେ ନିଜ ଶାରୀରିକ ସତ୍ତାର ସୌଷମ୍ୟଯୁକ୍ତ ଏବଂ ଉତ୍ତରୋତ୍ତର ବୃଦ୍ଧିଶୀଳ ବିକାଶ ସାଧନ କରିପାରିବା ପ୍ରକୃତରେ ଅନେକ ଅଧିକ ପରିମାଣରେ କଷ୍ଟସାପେକ୍ଷ । ଶରୀରକୁ ତାହାର ଏକାନ୍ତ ଆବଶ୍ୟକ ପୁଷ୍ଟି ଏବଂ ପରିଚ୍ଛନ୍ନତାରୁ ବଞ୍ଚିତ କରି ରଖି ଅତ୍ୟନ୍ତ ଗର୍ବର ସହିତ ଆପଣାର ବର୍ଜନଶକ୍ତିର ପ୍ରଶଂସା କରିବୁଲିବା ଅପେକ୍ଷା ସଂଯମଯୁକ୍ତ ଏବଂ ବାସନାମୁକ୍ତ ହୋଇ ଜୀବନ ବଞ୍ଚିପାରିବା ପ୍ରକୃତରେ ଅଧିକ କଷ୍ଟ ସାପେକ୍ଷ । ଶାରୀରିକ ଅସୁସ୍ଥତା ଉପରେ ଆଦୌ କୌଣସି ଦୃଷ୍ଟି ନ ଦେଇ ତାହାର ଅବହେଳା କରିବା ଏବଂ ଆପଣାର ବିନାଶକାର୍ଯ୍ୟ କରିବା ଲାଗି ତାହାକୁ ମୁକ୍ତ ଭାବରେ ଛାଡ଼ିଦେବା ଅପେକ୍ଷା ଏକ ଅନ୍ତର୍ଗତ ତଥା ବାହ୍ୟ ସୌଷମ୍ୟ ଶୁଦ୍ଧତା ଏବଂ ଭାରସାମ୍ୟଯୁକ୍ତତା ଦ୍ୱାରା ସେହି ଅସୁସ୍ଥତାର ପ୍ରତିକାର କରିବା, ତାହାକୁ ପାର ହୋଇଯିବା ବା ତାହା ଉପରେ ବିଜୟ ହାସଲ କରିବା ପ୍ରକୃତରେ ଅନେକ ପରିମାଣରେ ଅଧିକ କଷ୍ଟକର । ଏବଂ, ଆପଣାର ଚେତନାକୁ ତାହାର ସାମର୍ଥ୍ୟର ସର୍ବୋଚ୍ଚ ସ୍ତରରେ ନେଇ ପ୍ରତିଷ୍ଠିତ କରି ରଖିବା, କୌଣସି ପ୍ରକାରର ନିମ୍ନସ୍ତରୀୟ ଆବେଗ ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ କରିବା ଲାଗି ଆମ ଶରୀରକୁ କଦାପି ଅନୁମତି ନ ଦେବା, ସେଇଟି ହେଉଛି ପ୍ରକୃତରେ ସବୁଠାରୁ ଅଧିକ କଷ୍ଟକର ।

ଏହି କାରଣରୁହିଁ ଆମେ ଏକ ଚତୁର୍ବିଧ ତପସ୍ୟାର ମାର୍ଗ ଅନୁସରଣ କରିବା ଏବଂ ତାହା ଆମ ଭିତରେ ଚତୁର୍ବିଧ ମୁକ୍ତିକୁ ସମ୍ଭବ କରି ଆଣିବ । ଏକ ଚତୁର୍ବିଧ ତପସ୍ୟା ଦ୍ୱାରାହିଁ ଆମେ ଏହି ସାଧନାଗୁଡ଼ିକୁ ଅବଲମ୍ବନ କରିବା । ସେହି ତପସ୍ୟାଗୁଡ଼ିକୁ ନିମ୍ନଲିଖିତ ପ୍ରକାରେ ନାମିତ କରାଯାଇପାରେ :

୧. ପ୍ରେମର ତପସ୍ୟା
୨. ଜ୍ଞାନର ତପସ୍ୟା
୩. ଶକ୍ତିର ତପସ୍ୟା
୪. ସୌନ୍ଦର୍ଯ୍ୟର ତପସ୍ୟା

ଏହିସବୁ ଶବ୍ଦକୁ ଗୋଟିଏ ଅର୍ଥରେ ଏକ କ୍ରମାନ୍ୱୟରେ ଗଠନ କରାଯାଇଛି, ଉପରୁ

ତଳଆଡ଼କୁ ଏକ ଗଠନରେ ସଜାଇ ରଖାଯାଇଛି ସତ, ମାତ୍ର ସେପରି ଏକ କ୍ରମରୁ ଆମେ କଦାପି ଏପରି ବୁଝିବା ନାହିଁ ଯେ କୌଣସିଟିକୁ ଅପେକ୍ଷାକୃତ ଅଧିକ ମହତ୍ତ୍ୱର ବା ଆଉ କୌଣସିଟିକୁ ଅପେକ୍ଷାକୃତ କମ୍ ମହତ୍ତ୍ୱର ବୋଲି ଦେଖାଇବା ଉଦ୍ଦେଶ୍ୟରେ ଏଭଳି କରାଯାଇଛି । କୌଣସିଟିକୁ ଅପେକ୍ଷାକୃତ ଅଧିକ କଷ୍ଟକର କିଂବା ଆଉ କୌଣସିଟିକୁ ଅପେକ୍ଷାକୃତ କମ୍ କଷ୍ଟକର ବୋଲି ଦେଖାଇବାକୁ ମଧ୍ୟ ସେପରି କରାଯାଇ ନାହିଁ । ଅଥବା, ଏହି ସାଧନାଗୁଡ଼ିକୁ ଗୋଟି ଗୋଟି କରି ଯେଉଁ କ୍ରମରେ କରିବାକୁ ପଡ଼ିବ, ସେହି କ୍ରମଟିକୁ ସୂଚାଇ ଦେବାକୁ ମଧ୍ୟ ତାହା କରାଯାଇ ନାହିଁ । ଏଥିମଧ୍ୟରୁ କେଉଁଟି କାହା ପରେ ବା କାହା ପୂର୍ବରୁ ରହିବ, ସେଗୁଡ଼ିକ ମଧ୍ୟରୁ ତୁଳନାତ୍ମକ ଭାବରେ କାହାର ମହତ୍ତ୍ୱ କେତେ ଅଥବା କେଉଁଟି କେତେ ଅଧିକ ବା କମ୍ କଷ୍ଟକର, ତାହା ବ୍ୟକ୍ତି ବିଷୟରେ ନିଶ୍ଚୟ ଭିନ୍ନ ଭିନ୍ନ ପ୍ରକାରର ହେବ ଏବଂ ଏହି କ୍ଷେତ୍ରରେ ଆମେ କଦାପି କୌଣସି ଅପରିବର୍ତ୍ତନୀୟ ନିୟମକୁ ଆଣି ଲାଗୁ କରିଦେଇ ପାରିବା ନାହିଁ । ତେଣୁ ଆପଣାର ବ୍ୟକ୍ତିଗତ ଆବଶ୍ୟକତା ଏବଂ ପ୍ରୟୋଜନ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଏହି କ୍ଷେତ୍ରରେ ଆପଣାର ପଦ୍ଧତିଟିକୁ ନିଜେ ବାହାର କରିବ ଏବଂ ତାହାକୁହିଁ କାର୍ଯ୍ୟକାରୀ କରିବ ।

ତେଣୁ ଏଠାରେ ଆମେ ସେହିଗୁଡ଼ିକ ଉପରେ କେବଳ ଏକ ସମଗ୍ର ଦୃଷ୍ଟିପାତ କରିବାକୁହିଁ ଚେଷ୍ଟା କରିବା ଏବଂ ଏପରି ଏକ ଆଦର୍ଶ ପଦ୍ଧତିର ଉପସ୍ଥାପନା କରିବା, ଯାହାକି ଯଥାସମ୍ଭବ ଅଧିକ ସଂପୂର୍ଣ୍ଣ ହୋଇ ପାରିଥିବ । ତା' ପରେ ପ୍ରତ୍ୟେକ ବ୍ୟକ୍ତି ସେଥିରୁ ଯଥାସମ୍ଭବ ଅଧିକ କେତୋଟିକୁ ଗ୍ରହଣ କରିବ ଏବଂ ଯଥାସମ୍ଭବ ସର୍ବୋତ୍ତମ ଭାବରେହିଁ ନିଜ ଜୀବନରେ ସେଗୁଡ଼ିକର ପ୍ରୟୋଗ କରିବ ।

ସୌନ୍ଦର୍ଯ୍ୟର ତପସ୍ୟା ଆମକୁ ଶାରୀରିକ ଜୀବନକ୍ଷେତ୍ରର ସାଧନା ମଧ୍ୟ ଦେଇ କର୍ମଗତ ସ୍ୱଚ୍ଛନ୍ଦତା ମଧ୍ୟକୁ ପରିଚାଳିତ କରି ନେଇଯିବ । ଆପଣାର ମୂଳଭୂତ କାର୍ଯ୍ୟକ୍ରମ ରୂପେ ଏହା ଏପରି ଏକ କାର୍ଯ୍ୟକ୍ରମର ଅନୁଶୀଳନ କରିବ, ଯାହାଦ୍ୱାରା କି ଏକ ସୁଆକୃତି ଶରୀରର ନିର୍ମାଣ ସମ୍ଭବ ହୋଇ ପାରିବ । ସେହି ଶରୀରର ସଂଚାରଣଭଙ୍ଗୀ ସୌଷମ୍ୟଯୁକ୍ତ ହୋଇଥିବ, ତାହାର ଗତିଗୁଡ଼ିକ ସ୍ଥିତିସ୍ଥାପକ ଏବଂ କୁଶଳତାପୂର୍ଣ୍ଣ ହୋଇଥିବ । ତାହାର ଯାବତୀୟ କାର୍ଯ୍ୟ ଶକ୍ତିମନ୍ତ ହୋଇଥିବ, ସେହି ଶରୀରର ସ୍ୱାସ୍ଥ୍ୟ ବଳିଷ୍ଠ ହୋଇଥିବ, ଆପଣାର ଅଙ୍ଗପ୍ରତ୍ୟଙ୍ଗଗତ ଚାଳନାରେ ମଧ୍ୟ ଏକ ବଳିଷ୍ଠତା ରହିଥିବ ।

ଏହିସବୁ ଫଳକୁ ପ୍ରାପ୍ତ କରିବାକୁ ହେଲେ ଏକ ସାଧାରଣ ନିୟମ ହିସାବରେ ଆପଣାର ଶରୀରଗତ ଜୀବନକୁ ସଂଗଠିତ କରିବାର କ୍ଷେତ୍ରରେ ଅଭ୍ୟାସର ସାଧନକୁ ଏକ ସହାୟକ ରୂପେ ବ୍ୟବହାର କରି ପାରିଲେ ତାହା ଆମକୁ ନିଶ୍ଚୟ ଅନେକ କାମ ଦେବ । କାରଣ, ଏକ ନିୟମାନୁବର୍ତ୍ତୀ ରୁଟିନ୍‌ର ଆୟତନ ମଧ୍ୟରେହିଁ ଆମର ଶରୀର

ଅପେକ୍ଷାକୃତ ଅଧିକ ସହଜ ଭାବରେ ଆପଣାର କାର୍ଯ୍ୟଗୁଡ଼ିକୁ କରିବାରେ ସମର୍ଥ ହୋଇଥାଏ । ମାତ୍ର, ଆମେ ଯେପରି ଆମ ଅଭ୍ୟାସଗୁଡ଼ିକର ଦାସ ହୋଇ ନ ଯିବା, ସେଗୁଡ଼ିକ ଯେତେ ଭଲ ହୋଇଥିଲେ ମଧ୍ୟ ଆମେ ଯେପରି ତାହାରି ଭିତରେ ବିମୂଢ଼ ଭାବରେ ବାନ୍ଧି ହୋଇ ନ ରହିବା, ସେହି କଥାଟି ମଧ୍ୟ ଆମକୁ ଉତ୍ତମ ରୂପେ ଜ୍ଞାତ ରହିଥିବା ଏକାନ୍ତ ଆବଶ୍ୟକ । ତେଣୁ ଆମକୁ ଏହି କ୍ଷେତ୍ରରେ ଯଥାସମ୍ଭବ ଅଧିକ ନମନୀୟତା ବଜାୟ ରଖିବାକୁ ପଡ଼ିବ, ଯେପରିକି ଆବଶ୍ୟକ ପଡ଼ିବା ମାତ୍ରକେ ଆମେ ସବୁବେଳେ ସେଗୁଡ଼ିକୁ ବଦଳାଇ ବି ଦେଇ ପାରୁଥିବା ।

ଆମର ମାଂସପେଶୀଗୁଡ଼ିକ ଶକ୍ତିଶାଳୀ ଓ ନମନୀୟ ହୋଇଥିବ ଏବଂ ସେଥିରେ ଥିବା ସ୍ନାୟୁଗୁଡ଼ିକ ଇସ୍ପାତ ପରି ଶକ୍ତ ବି ହୋଇଥିବ, ଯାହାଫଳରେ କି ଆମେ ଅପରିହାର୍ଯ୍ୟ ହୋଇ ପଡ଼ିବା ମାତ୍ରକେହିଁ ଯେକୌଣସି କଥାକୁ ସହ୍ୟ କରିବାକୁ ବି ସମର୍ଥ ହୋଇ ପାରିବା । ମାତ୍ର, କେବଳ ଯେତିକି ଲାଗି ଆବଶ୍ୟକତା ରହିଛି, ଆମେ ଆମ ଶରୀରଠାରୁ ଯେପରି କେବେହେଲେ ବି ତାହାଠାରୁ ଅଧିକ ପ୍ରୟାସ ଦାବି କରିବା ନାହିଁ, ସେଥିପ୍ରତି ଅତ୍ୟନ୍ତ ସାବଧାନ ରହିବାକୁ ପଡ଼ିବ । ଯେତିକି ଶକ୍ତିର ବିନିଯୋଗ ଦ୍ୱାରା ଆମର ଅଭିବୃଦ୍ଧି ଏବଂ ଅଗ୍ରଗତି ବଜାୟ ରହିଥିବ, ଆମେ ସେତିକି ଶକ୍ତିର ବିନିଯୋଗ କରିବା; ମାତ୍ର ଯାହାକିଛି ଆମକୁ କ୍ଲାନ୍ତ କରି ପକାଉଥିବ ଏବଂ ଶେଷରେ ଆମ ଶରୀରକୁ କ୍ରମଶଃ ହତବଳ ଏବଂ ଅସମର୍ଥ କରି ଦେବାର ଅଭିପ୍ରାୟ ରଖିଥିବ, ଆମେ ସେଗୁଡ଼ିକୁ ଆଦୌ କୌଣସି ଅନ୍ୟ ବିଚାର ନ କରି ଆମର କାର୍ଯ୍ୟକ୍ରମ ଭିତରୁ ବାଦ୍ ଦେଇ ରଖିଥିବା ।

ଏକ ଉଚ୍ଚତର ଚେତନା ଲାଗି ଏକ ଯୋଗ୍ୟ ନିମିତ୍ତରେ ପରିଣତ ହୋଇ ପାରିବାକୁ ଆମର ଶରୀରକୁ ଅନୁରୂପ ଭାବରେ ଗଠିତ କରି ଆଣିବାହିଁ ଯେଉଁ ଶରୀରଚର୍ଯ୍ୟାର ଲକ୍ଷ୍ୟ ହୋଇ ରହିବ, ତାହା ଆମଠାରୁ ସର୍ବଦାହିଁ ଅତ୍ୟନ୍ତ କଠୋର ନାନା ଅଭ୍ୟାସର ଦାବି ନିଶ୍ଚୟ କରୁଥିବ । ଏଥିଲାଗି ଆମକୁ ଆମର ନିଦ୍ରା, ଆହାର, ବ୍ୟାୟାମ ଏବଂ ଅନ୍ୟ ପ୍ରତ୍ୟେକ କାର୍ଯ୍ୟର କ୍ଷେତ୍ରରେ ବି ଅତ୍ୟନ୍ତ ନିୟମିତ ହୋଇ ରହିବାକୁ ପଡ଼ିବ । ଆମ ନିଜ ଶରୀରର ପ୍ରକୃତରେ କ'ଣସବୁ ଆବଶ୍ୟକତା ରହିଛି, ସେଗୁଡ଼ିକର ଆମେ ଅତ୍ୟନ୍ତ ବିବେକପୂର୍ଣ୍ଣ ଭାବରେ ଅଧ୍ୟୟନ କରିବା,— କାରଣ, ସେହି ଆବଶ୍ୟକତାଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେହିଁ ଭିନ୍ନ ଭିନ୍ନ ହୋଇ ରହିଥିବ,— ଏବଂ ତା' ପରେ ଆମେ ନିଜ ପାଇଁ ଏକ ସାଧାରଣ କାର୍ଯ୍ୟକ୍ରମ ବି ସ୍ଥିର କରିନେବା । ଏବଂ, ଏଇଟିକୁ ସୁଚାରୁ ଭାବରେ ସମ୍ପନ୍ନ କରିନେଇ ସାରିବା ପରେ ଅତ୍ୟନ୍ତ ନିଷ୍ଠାର ସହିତ ସେହି କାର୍ଯ୍ୟକ୍ରମଟିର ଅନୁଶୀଳନ କରିବାକୁ ପଡ଼ିବ ଏବଂ ସେବିଷୟରେ ଆଦୌ କୌଣସି ପ୍ରକାର ଭ୍ରାନ୍ତି ବା ଶିଥିଳତା କଦାପି ରହିବ ନାହିଁ । ଆମେ ବାଟରୁ ହୁଡ଼ି ଯେଉଁସବୁ କାର୍ଯ୍ୟକୁ ''କେବଳ ଥରକ ପାଇଁ''

କରୁ କରୁ କ୍ରମଶଃ ଅଧିକାଂଶ ସମୟରେହିଁ ସେହିଗୁଡ଼ିକର ପୁନରାବୃତ୍ତିହିଁ କରିଥାଉ, ସେଗୁଡ଼ିକ ବିଷୟରେ ବି ଏଡ଼େଟିକିଏ ପ୍ରଶ୍ରୟ କଦାପି ଦିଆଯିବ ନାହିଁ । କାରଣ, ''କେବଳ ଥରକ ପାଇଁ'' ହେଲେ ମଧ୍ୟ ଯେତେବେଳେ ଆମେ କୌଣସି ପ୍ରଲୋଭନ ପାଖରେ ବଶତା ସ୍ୱୀକାର କରିବସୁ, ସେତେବେଳେ ଆମେ ଆମ ଇଚ୍ଛାଶକ୍ତିର ପ୍ରତିରୋଧ ସାମର୍ଥ୍ୟକୁହିଁ ଦୁର୍ବଳ କରିପକାଉ ଏବଂ ଯାବତୀୟ ବିଫଳତା ଲାଗି ଦୁଆରଟିକୁ ଉନ୍ମୁକ୍ତ କରି ଦେଇଥାଉ । ତେଣୁ ଆମକୁ ଯାବତୀୟ ପ୍ରକାରର ଦୁର୍ବଳତାକୁ ପରିତ୍ୟାଗ କରିବାକୁ ପଡ଼ିବ : ଆମ ଜୀବନରେ ରାତ୍ରି-ଅନ୍ଧାରର ସୁଯୋଗ ନେଇ ଆଦୌ କୌଣସି ପଳାୟନ ଲାଗି କୌଣସି ସ୍ଥାନ ନ ଥିବ, ଯେଉଁଗୁଡ଼ିକରୁ କି ଆମେ ପୁନର୍ବାର କ୍ଲାନ୍ତ ଓ ଅବଶ ହୋଇ ଘରକୁ ଫେରୁଥିବା; ଆଉ ଏପରି କୌଣସି ବ୍ୟସନ ଏବଂ ଆହାରବିହରଣ ଲାଗି କୌଣସି ସ୍ଥାନ ନ ଥିବ, ଯାହାକି ଆମ ପାକସ୍ଥଳୀର ସାଧାରଣ କ୍ରିୟାଶୀଳତାଟିକୁ ଏକାବେଳେକେ ବିଗାଡ଼ି ଦେଇ ଯାଉଥିବ; ଆଉ ଏପରି କୌଣସି ଅନ୍ୟମନସ୍କତା, ଚିତ୍ତବିନୋଦନ ତଥା ଆମୋଦପ୍ରମୋଦ ଲାଗି କୌଣସି ସ୍ଥାନ ନ ଥିବ, ଯାହାକି କେବଳ ଶକ୍ତିକ୍ଷୟ ଘଟାଉଥିବ ଏବଂ ଆମର ଦୈନନ୍ଦିନ ଜୀବନଚାରଣାର ବଳଟିକୁ ମଧ୍ୟ ଆମଠାରୁ ହରଣ କରି ନେଉଥିବ । ତେଣୁ ଆମେ ଏକ ବିବେକସମ୍ମତ ଓ ନିୟମଯୁକ୍ତ ଜୀବନର ଶୃଙ୍ଖଳାଟିକୁ ଆପଣା ଲାଗି ସ୍ୱୀକାର କରିନେବା; ଏବଂ ଏପରି ଏକ ଶରୀରର ନିର୍ମାଣ ଉପରେ ଆମର ଶାରୀରିକ ଯାବତୀୟ ଧ୍ୟାନକୁ ସଂକେନ୍ଦ୍ରିତ କରି ରଖିବା ଯାହାକି ଏକ ସକଳପୂର୍ଣ୍ଣତାଯୁକ୍ତ ଶରୀରର ଯଥାସମ୍ଭବ ଅଧିକ ନିକଟବର୍ତ୍ତୀ ହୋଇ ପାରିବ । ଏହି ଇପ୍‌ସିତ ବୃହତ୍ ଲକ୍ଷ୍ୟଟିରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଅତ୍ୟନ୍ତ ଦୃଢ଼ ଭାବରେ ସାନବଡ଼ ଯାବତୀୟ ପ୍ରକାରର ଅତିଶୟତା ଓ ଅତିରିକ୍ତତାକୁ ବର୍ଜନ କରି ଆସିବାକୁ ପଡ଼ିବ; ଧୂମପାନ ଏବଂ ସୁରାସେବନ ଆଦି କ୍ରମବିନାଶକାରୀ ବିଷଗୁଡ଼ିକୁ ମଧ୍ୟ ପରିହାର କରି ରହିବାକୁ ପଡ଼ିବ । ଅନେକ ମଣିଷ ଏହିସବୁ ଅଭ୍ୟାସକୁ ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ଆବଶ୍ୟକତାରେହିଁ ପରିଣତ କରି ଦେଇଥା'ନ୍ତି ଏବଂ ତାହା ସେମାନଙ୍କର ଇଚ୍ଛାଶକ୍ତି ଏବଂ ସ୍ମୃତିକୁ କ୍ରମଶଃ ନଷ୍ଟହିଁ କରି ଦେଇଥାଏ । ସର୍ବାଧିକ ବୁଦ୍ଧିମତ୍ତା ସମ୍ପନ୍ନ ବ୍ୟକ୍ତିମାନଙ୍କ ସମେତ ପ୍ରାୟ ସବୁମଣିଷଙ୍କ ଭିତରେ ଆହାର, ଆହାରର ପ୍ରସ୍ତୁତି ଏବଂ ସେହି ଆହାରର ଗ୍ରହଣ ବିଷୟରେ ଯେଉଁ ସର୍ବାନ୍ତଃଲୀନକାରୀ ଆଗ୍ରହ ରହିଥାଏ, ସେଗୁଡ଼ିକ ବଦଳରେ ଆମକୁ ଆମ ଦେହର ଆବଶ୍ୟକତାଗୁଡ଼ିକ ବିଷୟରେ ପ୍ରାୟ ଏକ ରସାୟନଶାସ୍ତ୍ରସମ୍ମତ ଜ୍ଞାନ ହାସଲ କରିବାକୁ ପଡ଼ିବ ଏବଂ ସେହି ଆବଶ୍ୟକତାଗୁଡ଼ିକର ପୂରଣ ବିଷୟରେ ଏକ ଅତ୍ୟନ୍ତ ବୈଜ୍ଞାନିକ ସଂଯମ ଅବଲମ୍ବନ କରିବାକୁ ପଡ଼ିବ । ଏଠାରେ ଆହାର ବିଷୟକ ସଂଯମ ସହିତ ଶୟନ ବିଷୟରେ ରହିଥିବା ସଂଯମକୁ ମଧ୍ୟ ଯୋଡ଼ିକରି ରଖିବାକୁ ହେବ । ଅନିଦ୍ରା ହୋଇ ରହିବାକୁ

ନୁହେଁ, ମାତ୍ର ଶୋଇବାର ଉଚିତ ବିଧିଟିକୁ ଜାଣିବାକୁହିଁ ଏଠାରେ ନିଦ୍ରାର ସଂଯମ ବୋଲି କୁହାଯିବ । ଆମର ନିଦ୍ରାବସ୍ଥାରେ ଆମେ ନିଜକୁ ନେଇ ଏପରି ଏକ ଅଚେତନା ମଧ୍ୟକୁ ନିପତିତ କରିଦେବା ନାହିଁ, ଯାହାକି ଶରୀରରେ ସ୍ଫୂର୍ତ୍ତି ଆଣିଦେବା ପରିବର୍ତ୍ତେ ତାହାକୁ ଆହୁରି ଅଧିକ ଭାରୀ କରି ପକାଉଥିବ । ଯଦି ଆମେ ମିତାହାରୀ ହୋଇଥିବା, ଏବଂ ଯାବତୀୟ ଅତିମାତ୍ରାରୁ ଆପଣାକୁ କ୍ଷାନ୍ତ କରି ରଖି ପାରୁଥିବା, ତେବେ ତାହାରିଦ୍ୱାରାହିଁ ଆମେ ଗୁଡ଼ାଏ ସମୟ ଶୋଇବାର ପ୍ରୟୋଜନରୁ ମଧ୍ୟ ନିଜକୁ ବେଶ୍ ରକ୍ଷା କରିପାରିବା । ଏବଂ, ଏହି କଥାଟିକୁ ବି ସ୍ମରଣ ରଖିଥିବା ଉଚିତ ଯେ, ଆମେ କେତେ ଅଧିକ ସମୟ ଶୋଇଲୁ, ତାହା ଅପେକ୍ଷା, ଆମେ କିପରି ଭାବରେ ଶୋଇଲୁ, ତାହାର ସର୍ବଦାହିଁ ଅଧିକ ମହତ୍ତ୍ୱ ରହିଛି । ନିଦ୍ରାବସ୍ଥାରେ ଆମର ଶରୀରକୁ ଯେପରି ଏକ ଯଥାର୍ଥରେ ଫଳପ୍ରଦ ବିଶ୍ରାମ ମିଳି ପାରିବ ଏବଂ ତାହାର ଯଥାର୍ଥ କ୍ଳାନ୍ତି ଅପନୋଦନ ହୋଇ ପାରିବ, ସେଥିଲାଗି ପ୍ରତ୍ୟହ ଶୋଇବାକୁ ଯିବା ପୂର୍ବରୁ କିଛି ପାନକରି, ଉଦାହରଣ ସ୍ୱରୂପ କିଛି କ୍ଷୀର ବା କିଛି ସୁପ୍ ବା ଫଳରସ ପାନ କରି ଶୋଇବାକୁ ଯିବା ଦ୍ୱାରା ବେଶ୍ ଉପକାର ମିଳିବ । ଖାଇବା ହାଲୁକା ହେଲେ ଆମର ନିଦ ବି ଭଲ ହୁଏ । ତେଣୁ, ଆମକୁ ଯାବତୀୟ ପ୍ରକାରର ଅତ୍ୟଧିକ ଆହାରରୁ ଆପଣାକୁ ନିବୃତ୍ତ କରି ରଖିବାକୁ ପଡ଼ିବ, କାରଣ ସେପରି ହେଲେ ଆମର ନିଦ୍ରାବସ୍ଥାରେ ଆମେ ତଥାପି ନାନା ଉତ୍ତେଜନାର ବଶବର୍ତ୍ତୀ ହୋଇ ରହିଥିବା, ନାନା ପ୍ରକାର ଦୁଃସ୍ୱପ୍ନ ଦ୍ୱାରା ବିକ୍ଷୁବ୍ଧ ହୋଇ ରହିଥିବା; ବା, ତା' ନ ହେଲେ ଆମେ ଏପରି ନିଘୋଡ଼ ଓ ଅଚେତା ହୋଇ ଶୋଇଥିବା ଯେ ତଦ୍ଦ୍ୱାରା ଆମର ବୁଦ୍ଧିଶକ୍ତି ବି କ୍ରମଶଃ ବଧିର ହୋଇ ଯାଉଥିବ । ମାତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମେ ଆମର ମନକୁ ନିର୍ମଳ କରି ରଖିଥିବା, ଆମର ସଂବେଗଗୁଡ଼ିକୁ ଶାନ୍ତକରି ରଖିଥିବା, ଆମର ଯାବତୀୟ ବାସନାବେଗ ଏବଂ ସେଗୁଡ଼ିକର ସହଚର ହୋଇ ରହିଥିବା ନାନା ଚିନ୍ତାର ଉଦ୍‌ବେଳନକୁ ମଧ୍ୟ ସ୍ଥିର କରି ଆଣିଥିବା । ଯଦି, ଶୋଇବାକୁ ଯିବା ପୂର୍ବରୁ ଆମେ ଗୁଡ଼ାଏ କଥା କହିଥିବା ବା ଅତ୍ୟାଗ୍ରହରେ କୌଣସି ଏକ ଆଲୋଚନାରେ ରତ ହୋଇ ରହିଥିବା, ଯଦି ଆମେ ଅତ୍ୟନ୍ତ ଉତ୍ତେଜନାକାରୀ ବା ଅତିରିକ୍ତ ଆଗ୍ରହୋଦ୍ଦୀପକ କୌଣସି ବହି ପଢ଼ିଥିବା, ତେବେ ସଙ୍ଗେ ସଙ୍ଗେ ନିଦରେ ଶୋଇ ନ ପଡ଼ି ଆମେ ଆଗ କିଛି ସମୟ ଲାଗି ଟିକିଏ ବିଶ୍ରାମ ନେବା, ଯାହାଦ୍ୱାରା କି ଆମର ମାନସିକ କ୍ରିୟାଶୀଳତା ଧୀରେ ଧୀରେ ଧୀର ହୋଇ ଆସିବ, ଯେପରିକି ଶରୀରର ଅନ୍ୟାନ୍ୟ ଅଂଶଗୁଡ଼ିକ ଶୋଇ ରହିଥିବା ବେଳେ ଆମର ମସ୍ତିଷ୍କ ନାନା ବିଶୃଙ୍ଖଳାଯୁକ୍ତ ଗତିଶୀଳତା ମଧ୍ୟରେ ଭାରି ବ୍ୟସ୍ତ ହୋଇ ରହିଥିବ । ଯେଉଁମାନଙ୍କ ଧ୍ୟାନ କରିବାର ଅଭ୍ୟାସ ଅଛି, ସେମାନେ କେତେ ମିନିଟ୍ ସକାଶେ କୌଣସି ଏକ ଉଚ୍ଚ ଏବଂ ଶାନ୍ତ କଳ୍ପନା ମଧ୍ୟରେ ଆପଣାକୁ ସଂକେନ୍ଦ୍ରିତ କରି

ରଖିଲେ, ଏକ ଉଚ୍ଚତର ଏବଂ ପ୍ରଶସ୍ତତର ଚେତନା ଲାଗି ଆପଣାର ଅଭୀପ୍‌ସାକୁ ଉନ୍ମୁଖ କରି ରଖିଲେ ତଦ୍ୱାରା ନିଶ୍ଚୟ ଉପକାର ପାଇବେ । ସେମାନଙ୍କ ନିଦ୍ରା ମଧ୍ୟ ଏପରି କରିବା ଦ୍ୱାରା ପ୍ରଭୂତ ଭାବରେ ଉପକୃତ ହୋଇପାରିବ ଏବଂ ଶୋଇଥିବା ସମୟରେ ଏକ ଅଚେତନା ମଧ୍ୟରେ ନିପତିତ ହୋଇ ରହିବାର ପ୍ରମାଦରୁ ସେମାନେ ଅନେକ ପରିମାଣରେ ରକ୍ଷା ପାଇଯିବେ ।

ଏକ ସ୍ଥିର ଏବଂ ଶାନ୍ତ ନିଦ୍ରା ମଧ୍ୟରେ ସଂପୂର୍ଣ୍ଣ ଭାବରେ ଯଥାର୍ଥ ବିଶ୍ରାମ ଲାଭ କରିବାର ରାତ୍ରିକାଳୀନ ଏହି ସାଧନା ପରେ ଏକ ଦିବାସମୟର ସାଧନା ମଧ୍ୟ ଆସି ପହଞ୍ଚିବ, ଏବଂ ସେଇଟିକୁ ମଧ୍ୟ ଆମେ ବିବେକର ସହିତ ସଂଗଠିତ କରି ରଖିବା । ଶରୀରର କୃଷ୍ଟି ଓ କର୍ଷଣ ନିମିତ୍ତ ଆବଶ୍ୟକ ହେଉଥିବା ଉତ୍ତରୋତ୍ତର ଅଭିବୃଦ୍ଧିଶୀଳ ଏକ ସୁଚିନ୍ତିତ ଭାବରେ ସୋପାନଭୁକ୍ତ ବ୍ୟାୟାମ ଏବଂ କୌଣସି ନା କୌଣସି ପ୍ରକାରର ଏକ କାର୍ଯ୍ୟ ମଧ୍ୟରେ ଦିନର ଯାବତୀୟ କାର୍ଯ୍ୟକଳାପ ସର୍ବଦା ବାଣ୍ଟି ହୋଇ ରହିଥିବ । କାରଣ, ଏହି ଦୁଇଟିଯାକହିଁ ଆମ ଶରୀରସ୍ତରୀୟ ତପସ୍ୟାର ଅଂଶ ହୋଇ ରହିପାରିବେ ଓ ସେଗୁଡ଼ିକର ସେହିପରି ହୋଇହିଁ ରହିବା ଉଚିତ । ବ୍ୟାୟାମ ବିଷୟରେ ଆମେ ଏତିକି କହିବା ଯେ, ଜଣେ ବ୍ୟକ୍ତିର ଶରୀର ଲାଗି ଯାହା ସର୍ବୋତ୍ତମ ଭାବରେ ଉପଯୋଗୀ, ସିଏ ନିଜ ଲାଗି କେବଳ ସେହିଗୁଡ଼ିକୁହିଁ ନିର୍ବାଚନ କରିବ; ଏବଂ, ଯଦି ସମ୍ଭବ ହୁଏ, ତେବେ ଏହି ବିଷୟରେ ସିଏ ଏପରି ଜଣେ ବିଶେଷଜ୍ଞଙ୍କଠାରୁ ମାର୍ଗ ଦର୍ଶନ ଗ୍ରହଣ କରିବ, ଯିଏକି ବ୍ୟାୟାମଗୁଡ଼ିକରୁ ସର୍ବାଧିକ ଉପକାର ପାଇ ପାରିବା ଲାଗି ସେଗୁଡ଼ିକୁ ଗୋଷ୍ଠୀବଦ୍ଧ କରିଦେଇ ପାରୁଥିବେ ଓ ସେଗୁଡ଼ିକୁ ଏକ ସୋପାନକ୍ରମରେ ନିର୍ଦ୍ଧାରିତ ବି କରିଦେଇ ପାରୁଥିବେ । କେଉଁସବୁ ବ୍ୟାୟାମକୁ ଆମେ ଆପଣା ଲାଗି ବାଛିବା ଓ ସେଗୁଡ଼ିକର କିପରି ଅଭ୍ୟାସ କରିବା, ସେହି ବିଷୟରେ ଆମେ ଯେପରି କୌଣସି କଳ୍ପନାପ୍ରବଣତା ଦ୍ୱାରା ମୋଟେ ପରିଚାଳିତ ନ ହେଉ ! ଏଇଟା କରିବାର ଅଧିକ ସହଜ ଲାଗୁଛି ଅଥବା ଅଧିକ ମଜା ଲାଗୁଛି, ଏଭଳି ଭାବି ଆମେ କେବେହେଲେ କୌଣସି ବ୍ୟାୟାମ କରିବାକୁ ଯିବା ନାହିଁ, ଆମେ ଯାହାଙ୍କଠାରୁ ସେହି ବ୍ୟାୟାମଗୁଡ଼ିକୁ ଶିକ୍ଷା କରୁଛୁ, ସିଏ ନିଜେ ଆବଶ୍ୟକ ବୋଲି ମନେ ନ କରିବା ପର୍ଯ୍ୟନ୍ତ ଆମର ପ୍ରଶିକ୍ଷଣରେ ଆଦୌ କୌଣସି ପରିବର୍ତ୍ତନ ହେବା ଉଚିତ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଶରୀର କିପରି ଭାବରେ ତାହାର ସ୍ୱକୀୟ ପ୍ରକୃଷ୍ଟ ଉତ୍କର୍ଷ ଲାଭ କରିବ, ବା ଅନ୍ତତଃ କେବଳ ତାହାର ସ୍ୱକୀୟ ଯଥୋଚିତ ଉନ୍ନତିସାଧନ ସମ୍ଭବ ହେବ, ଆମକୁ ଖାସ୍ ସେହି ସମସ୍ୟାଟିରହିଁ ସମାଧାନ କରିବାକୁ ପଡ଼ିବ ଏବଂ ସେହି ସମାଧାନ ଆମଠାରୁ ସର୍ବଦା ପ୍ରଭୂତ ଧୈର୍ଯ୍ୟ ଅଧ୍ୟବସାୟ ଏବଂ ନିୟମିତତା ଦାବି କରୁଥିବ । ଅନେକ ବ୍ୟକ୍ତି ଭ୍ରମପୂର୍ଣ୍ଣ ଭାବରେ ଯେପରି ଚିନ୍ତା କରିଥା'ନ୍ତି, ଶରୀରର ଉନ୍ନତି-ସାଧନ କରୁଥିବା ଜଣେ

ବ୍ୟକ୍ତିର ଜୀବନ କଦାପି ମନୋବିନୋଦ ଅଥବା ଚିତ୍ତବିକ୍ଷେପଣର ଏକ ଜୀବନ ନୁହେଁ । ତାହାକୁ ଆମେ ଅନ୍ୟ ପକ୍ଷରେ ବରଂ ବିଧିବଦ୍ଧ ପ୍ରୟାସ ଏବଂ ନିଷ୍ଠାଗତ ଅଭ୍ୟାସରହିଁ ଏକ ଜୀବନ ବୋଲି କହିବା । ସେହି ଜୀବନରେ ନିରର୍ଥକ କଳ୍ପନାପ୍ରବଣତା ଲାଗି ଆଦୌ କୌଣସି ସ୍ଥାନ ନାହିଁ; ଆମେ ଏଥିରୁ ଯେଉଁସବୁ ଫଳ ହାସଲ କରିବାକୁ ଚାହୁଁଛୁ, ତାହାର ବିରୋଧାଚରଣ କରୁଥିବା କୌଣସି ଭ୍ରାନ୍ତିକରତା ଲାଗି ଆଦୌ କୌଣସି ସ୍ଥାନ ନ ଥିବ ।

କର୍ମଚର୍ଯ୍ୟା ମଧ୍ୟରେ ବି ତପୋନିଷ୍ଠାର ଏକ ସ୍ଥାନ ରହିଛି । ଏହି ନିଷ୍ଠାଟି ରହିଥିବା ପର୍ଯ୍ୟନ୍ତ ଆମେ ନିଜର ମନମୁଖି ଅଗ୍ରରୁଚି ବୋଲି ଆଦୌ କିଛି ରଖିବା ନାହିଁ ଓ ଯେଉଁଥିରେ ଆମର ଯଥାର୍ଥ ଆଗ୍ରହ ରହିଛି, ଆମେ ସେହି କାର୍ଯ୍ୟଗୁଡ଼ିକୁ ସବୁବେଳେ କରୁଥିବା । କାରଣ ଯେଉଁ ମନୁଷ୍ୟ ଆତ୍ମପରିପୂର୍ଣ୍ଣତାର ପଥରେ ଉତ୍ତରୋତ୍ତର ଅଭିବୃଦ୍ଧି ଲାଭ କରିବାକୁ ଇଚ୍ଛା କରୁଛି, ତା' ପାଇଁ ବଡ଼ କାର୍ଯ୍ୟ ଆଉ ସାନକାର୍ଯ୍ୟ ବୋଲି ଅଲଗା ହୋଇ କିଛି ନାହିଁ, ମହତ୍ତ୍ୱପୂର୍ଣ୍ଣ ଏବଂ ମହତ୍ତ୍ୱହୀନ ବୋଲି ଅଲଗା ଅଲଗା କୌଣସି କାର୍ଯ୍ୟ ନାହିଁ । ଯିଏ ଅଗ୍ରଗତି ଇଚ୍ଛା କରୁଛି ଓ ନିଜ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ-ଲାଭର ଆକାଙ୍‌କ୍ଷା ରଖିଛି, ତା ଲାଗି ସବୁକାର୍ଯ୍ୟ ସମାନ ଭାବରେ ଉପଯୋଗୀ ଓ ଆବଶ୍ୟକ । ଏପରି କୁହାଯାଇଥାଏ ଯେ, ଜଣେ ବ୍ୟକ୍ତିର ଯେଉଁ କାର୍ଯ୍ୟଟିକୁ କରିବା ଲାଗି ଏକ ପ୍ରକୃତ ଆଗ୍ରହ ରହିଥାଏ, ସିଏ କେବଳ ସେହି କାର୍ଯ୍ୟଟିକୁହିଁ ଭଲ ଭାବରେ କରିପାରେ । ଏକଥା ନିଶ୍ଚୟ ସତ, ମାତ୍ର ଆଉ ଗୋଟିଏ କଥା ବି ତାହାଠାରୁ ଅଧିକ ସତ ଯେ, ଆମେ ଯେତେବେଳେ ଯେଉଁ କାର୍ଯ୍ୟ କରିବା, ସେହି କାର୍ଯ୍ୟଟିକୁ ଆମେ କିପରି ଆଗ୍ରହର ସହିତ କରିବା, ଆମେ ସେହି କଳାଟିକୁ ମଧ୍ୟ ଅବଶ୍ୟ ଶିକ୍ଷା କରି ପାରିବା । ଏପରିକି, ଯେଉଁସବୁ କାମକୁ ଆମେ ଏକାନ୍ତ ତାତ୍ପର୍ଯ୍ୟହୀନ ଏବଂ ନିତ୍ୟନୈମିତ୍ତିକ ବୋଲି ଭାବିଥାଉ, ସେଗୁଡ଼ିକୁ ମଧ୍ୟ ଆଗ୍ରହର ସହିତ କରିବାକୁ ଶିଖି ପାରିବା । ମାତ୍ର ସେପରି କରିପାରିବାର ଅସଲ ରହସ୍ୟ ହେଉଛି ଯେ ଆମ ଭିତରେ ଅଧିକରୁ ଅଧିକ ପରିପୂର୍ଣ୍ଣତା ହାସଲ କରିବା ଲାଗି ଏକ ବଳବତୀ ଆକାଙ୍‌କ୍ଷା ସବୁବେଳେ ରହିଥିବ । ସେତେବେଳେ ତୁମ ଉପରେ ଯେକୌଣସି କର୍ମ ବା କାର୍ଯ୍ୟ କରିବାର ଭାର ଆସି ପଡ଼ିବ, ତାହାକୁ ତୁମେ ଅଗ୍ରଗତିର ଏକ ସଂପୂର୍ଣ୍ଣ ଆଗ୍ରହ ରଖି କରିବ; ତୁମେ ଯାହାକିଛି କରିବ, ତାହାକୁ ତୁମେ କେବଳ ଯଥାସମ୍ଭବ ଅଧିକ ଭଲଭାବରେ ଯେ କରିବ ତା' ନୁହେଁ, ମାତ୍ର ଅଧିକରୁ ଅଧିକ ପରିପୂର୍ଣ୍ଣତାର ଆଗ୍ରହ ରଖି ତୁମେ ତାହାକୁ ଅଧିକରୁ ଅଧିକ ଭଲ ଭାବରେ କରିବାର ସତତ ଚେଷ୍ଟା କରୁଥିବ । ଏହିପରି ଭାବରେ ସବୁକିଛି କରିବା ଲାଗି ତୁମର ଆଗ୍ରହ ଆସିବ, ଆଗ୍ରହ ଆସୁ ନ ଥିବାର ଆଦୌ କୌଣସି କାର୍ଯ୍ୟ ରହିବ ନାହିଁ, ସ୍ଥୂଳତମ ସ୍ତରର ଏକ ଅତ୍ୟନ୍ତ ସାଧାରଣ କାର୍ଯ୍ୟଠାରୁ ଆରମ୍ଭ କରି ସୂକ୍ଷ୍ମତମ ସ୍ତରର କଳାତ୍ମକ ଏବଂ ବୌଦ୍ଧିକ ସକଳ କାର୍ଯ୍ୟ ଲାଗି ମଧ୍ୟ ତୁମ ଭିତରେ ପୂର୍ଣ୍ଣ

ଆଗ୍ରହ ରହିଥିବ । ଆମେ ଯେ ଅଗ୍ରଗତି ପଥରେ କେତେବାଟ ଯାଇ ପାରିବା, ତାହାର ଆଦୌ କୌଣସି ସୀମା ନାହିଁ ଏବଂ କ୍ଷୁଦ୍ରତମ କାର୍ଯ୍ୟ ଓ ବସ୍ତୁଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେହି ସୂତ୍ରଟିର ଅବଶ୍ୟ ପ୍ରୟୋଗ କରାଯାଇ ପାରିବ ।

ଏହି ଆଲୋଚନା ଆମକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆମ କର୍ମ ମଧ୍ୟରେ ମୁକ୍ତିର ଉପଲବ୍ଧି କରିବାର ଆଲୋଚନାଟି ମଧ୍ୟକୁ ପରିଚାଳିତ କରି ନେଉଛି । କାରଣ, ଆମର କାର୍ଯ୍ୟଟି ମଧ୍ୟରେ, ଆମକୁ ସାମାଜିକ ଯାବତୀୟ ନିତ୍ୟନୈମିତ୍ତିକତା ଓ ନୀତିଗତ ଯାବତୀୟ ପୂର୍ବଗ୍ରହରୁ ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିବାକୁ ପଡ଼ିବ । ଅବଶ୍ୟ ଏହାର ଏପରି ଅର୍ଥ କରାଯିବା ଆଦୌ ଉଚିତ ନୁହେଁ ଯେ ଆମେ ତଦ୍ଦ୍ୱାରା ଆମ ଜୀବନକୁ କେବଳ ଉଚ୍ଛୃଙ୍ଖଳତା ଏବଂ ନାନା ଦୁରାଚାର ଦ୍ୱାରା ପୂର୍ଣ୍ଣ କରି ରଖିଥିବା । ଏଠାରେ ବରଂ ତାହାର ଠିକ୍ ଓଲଟା କଥାଟିହିଁ କୁହାଯାଉଛି; ଆମେ ଏହି କ୍ଷେତ୍ରରେ ଏପରି ଗୋଟିଏ ନିୟମାନୁଶାସନ ଅନୁସାରେ ଆପଣାକୁ ପରିଚାଳିତ କରିବା, ଯାହାକି ସମାଜ ଦ୍ୱାରା ତିଆରି କରାଯାଇଥିବା ଯାବତୀୟ ନିୟମଠାରୁ ଆହୁରି ଅଧିକ କଠୋର ହୋଇଥିବ, କାରଣ ତାହା ଆଦୌ କୌଣସି ପ୍ରକାର କପଟତାକୁ ସହ୍ୟ କରୁ ନ ଥିବ ଏବଂ ଆମଠାରୁ ସର୍ବଦା ଏକ ପରିପୂର୍ଣ୍ଣ ନିଷ୍ଠାର ଦାବି ମଧ୍ୟ କରୁଥିବ । ଶାରୀରିକ ଜୀବନର ସ୍ତରରେ ଆମେ ଯାହାକିଛି କାର୍ଯ୍ୟ କରିବା, ତାହା ଏପରି ଭାବରେ ସଙ୍ଗଠିତ ହୋଇଥିବ, ଯାହାକି ଆମ ଶରୀରର ଭାରସାମ୍ୟଗତ ଅଭିବୃଦ୍ଧିରେ ସହାୟକ ହୋଇ ପାରୁଥିବ, ଶରୀରର ବଳ ଏବଂ ସୌନ୍ଦର୍ଯ୍ୟରେ ବୃଦ୍ଧି-ସାଧନ କରୁଥିବ । ଏହି ଉଦ୍ଦେଶ୍ୟଟିର ସାଧନ ଲାଗି ଆମକୁ ଯାବତୀୟ ବାହ୍ୟସୁଖର ଅନୁଧାବନରୁ ନିବୃତ୍ତ ହୋଇ ରହିବାକୁ ପଡ଼ିବ, କାମବିଳାସଗତ ସୁଖରୁ ମଧ୍ୟ ଆପଣାକୁ ନିବୃତ୍ତ କରି ରଖିବାକୁ ପଡ଼ିବ । କାରଣ ଯୌନତୃପ୍ତିର ପ୍ରତ୍ୟେକ କାର୍ଯ୍ୟକୁ ଆମେ ମୃତ୍ୟୁ ଆଡ଼କୁହିଁ ଅଧିକା ଗୋଟିଏ ପହୁଣ୍ଡ ବୋଲି ଜାଣିବା । ତେଣୁ, ଇତିହାସର ପ୍ରାଚୀନତମ କାଳରୁ ଏବଂ ସବୁଠାରୁ ଅଧିକ ପବିତ୍ର ଏବଂ ଗୁପ୍ତ ଦୀକ୍ଷାର ବିଦ୍ୟାଳୟଗୁଡ଼ିକରେ ଅମୃତତ୍ୱର ଆକାଙ୍କ୍ଷା ରଖିଥିବା ପ୍ରତ୍ୟେକ ବିଦ୍ୟାର୍ଥୀ ଲାଗି ଏହି ଯୌନଚରିତାର୍ଥତାର କାର୍ଯ୍ୟଟିକୁ ନିଷିଦ୍ଧ କରି ରଖାଯାଇଥିଲା । ଯୌନ ତୃପ୍ତିର କ୍ରିୟାଟି ପରେ ଅଧିକ ଅଥବା ଅଳ୍ପ ସମୟ ସକାଶେ ସର୍ବଦା ଅଚେତନାର ଏକ ପର୍ଯ୍ୟାୟ ଆସି ଆମକୁ ଗ୍ରାସ କରି ପକାଇଥାଏ, ସେହି ଅଚେତନା ଯାବତୀୟ ପ୍ରକାରର ବହିଃପ୍ରଭାବ ଆଡ଼କୁ ଆମର ଦ୍ୱାରଟିକୁ ଉନ୍ମୋଚିତ କରି ଦେଇଯାଏ ଏବଂ ଚେତନାର ସ୍ତରରୁ ଆମର ଏକ ପତନ ଘଟିଥାଏ ।

ମାତ୍ର, ଯଦି ଆମେ ଅତିମାନସ ଜୀବନ ଲାଗି ଆପଣାକୁ ଯଥୋଚିତ ଭାବରେ ପ୍ରସ୍ତୁତ କରିବାକୁ ଇଚ୍ଛା କରୁଥିବା, ତେବେ ଆମର ଚେତନାକୁ ଆମେ କେବେହେଲେ ବି କୌଣସି ପ୍ରକାର ଆମୋଦ ଲାଭର ଆଳରେ ବା ଏପରିକି ଟିକିଏ ବିଶ୍ରାମ ପାଇବାର ଓ ହାଲୁକା

ଅନୁଭବ କରିବାର ବାହାନାରେ ଶିଥିଳତା ଏବଂ ଅଚେତନା ମଧ୍ୟକୁ ସ୍ଖଳିତ ହୋଇ ଯିବାକୁ ଦେବା ନାହିଁ। ଅନ୍ଧକାର ଓ ଦୁର୍ବଳତା ମଧ୍ୟରେ ନୁହେଁ, ମାତ୍ର ଶକ୍ତି ଏବଂ ଆଲୋକ ମଧ୍ୟରେହିଁ ଆମେ ସହଜ ବିଶ୍ରାମ ଲାଭ କରି ଜାଣିବା । ତେଣୁ, ଯେଉଁମାନେ ପ୍ରକୃତରେ ଅଗ୍ରଗତିର ଆକାଙ୍କ୍ଷା ରଖି ବାଟ ଚାଲୁଛନ୍ତି, ସେମାନଙ୍କ ସମସ୍ତଙ୍କ ଲାଗିହିଁ ବ୍ରହ୍ମଚର୍ଯ୍ୟ ଏକ ଅବଶ୍ୟବିଧାନ ହୋଇ ରହିବ । ମାତ୍ର ଯେଉଁମାନେ ଅତିମାନସ ଅଭିବ୍ୟକ୍ତିଟି ଲାଗି ଆପଣାକୁ ଯଥୋଚିତ ଭାବରେ ପ୍ରସ୍ତୁତ କରି ରଖିବାକୁ ଇଚ୍ଛା କରୁଛନ୍ତି, ବିଶେଷକରି ସେହିମାନଙ୍କ ସକାଶେ ଆତ୍ମସଂଯମ ସ୍ଥାନରେ ଏକ ସମଗ୍ର ପରିବର୍ଜନହିଁ ଯଥାର୍ଥ ନିୟମ ହୋଇ ରହିବ । ନିଜକୁ କୌଣସି ପ୍ରକାରେ ବାଧ୍ୟ କରି ଅଥବା ଦବାଇ ରଖି ସେମାନେ ଏହି ନିୟମଟିର ଅନୁଶୀଳନ କରିବେ ନାହିଁ, ମାତ୍ର ଏକ ପ୍ରକାରର ଅନ୍ତର୍ଜୀବନଗତ ପୁନଃରସାୟନ ବଳରେ ସେମାନେ ତାହା କରିବେ, ଯାହାଫଳରେ କି ସନ୍ତାନ-ଉତ୍ପାଦନର କାର୍ଯ୍ୟରେ ବର୍ତ୍ତମାନ ଆମର ଯେଉଁସବୁ ଶକ୍ତି ସାଧାରଣତଃ ବ୍ୟୟିତ ହେବାରେ ଲାଗିଛି, ସେଗୁଡ଼ିକ ଅଗ୍ରଗତି ଏବଂ ସଂପୂର୍ଣ୍ଣ ରୂପାନ୍ତରର ଶକ୍ତି ରୂପେ ରୂପାନ୍ତରିତ ହୋଇଯିବ । ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, ଆମର ଅଭିଳଷିତ ଫଳଟି ସମଗ୍ର ଏବଂ ଯଥାର୍ଥ ଭାବରେ ଇଷ୍ଟକାରକ ହୋଇ ପାରିବାକୁ ହେଲେ, ଆମର ଯାବତୀୟ ଯୌନଲିପ୍ସାଗତ ଆବେଗକୁ ଆମର ମାନସିକ ଏବଂ ପ୍ରାଣିକ ଚେତନାରୁ ତଥା ଭୌତିକ ଇଚ୍ଛାଟି ମଧ୍ୟରୁ ବି ବିଲୁପ୍ତ କରି ରଖିବାକୁ ପଡ଼ିବ । ମୌଳିକ ଏବଂ ଯଥାର୍ଥରେ ସ୍ଥାୟୀ ସକଳ ପରିବର୍ତ୍ତନ ପ୍ରକୃତରେ ଭିତରୁହିଁ ଆରମ୍ଭ ହୁଏ ଓ ତା' ପରେ ବହିଃଦେଶକୁ ସଞ୍ଚାରିତ ହୋଇଆସେ, ଯାହାଫଳରେ କି ବାହାରର ଯାବତୀୟ ପରିବର୍ତ୍ତନ ଓ ରୂପାନ୍ତର ଏହି ପ୍ରକ୍ରିୟାଟିର ଏକ ସ୍ୱାଭାବିକ ଏବଂ ଅବଶ୍ୟମ୍ଭାବୀ ପରିଣାମ ରୂପେହିଁ ସଂଘଟିତ ହୋଇଥାଏ ।

ବର୍ତ୍ତମାନ ମନୁଷ୍ୟରୂପକ ଜୀବଜାତି ଯେଉଁ ସ୍ତରରେ ରହିଛି, ତାହାକୁହିଁ ସ୍ଥାୟୀ କରି ରଖିବା ଲାଗି ପ୍ରକୃତି ଆମ ଉପରେ କରି ଆସୁଥିବା ଦାବିଟି ପ୍ରତି ଅନୁଗତ ରହି ଆମର ଶରୀରକୁ ଆମେ ସେହି ଲକ୍ଷ୍ୟଟିର ପୂରଣ ଦିଗରେ ଛାଡ଼ିଦେବା ନା ଭବିଷ୍ୟର ନୂତନ ମଣିଷଜାତିଟିର ସୃଷ୍ଟି ଲାଗି ଆମେ ସେହି ଶରୀରକୁ ଏକ ଉପଯୁକ୍ତ ସୋପାନ ରୂପେ ତିଆରି କରିବା,— ଏହି ବିଷୟରେ ଆମକୁ ଚୂଡ଼ାନ୍ତ ଭାବରେ ଏକ ନିଷ୍ପତ୍ତି ଗ୍ରହଣ କରିବାକୁହିଁ ପଡ଼ିବ । କାରଣ ଦୁଇଟିଯାକ କଥାକୁ କରିବା ଏହି କ୍ଷେତ୍ରରେ ଆମ ଲାଗି ମୋଟେ ସମ୍ଭବ ହେବ ନାହିଁ; ଗତକାଲିର ପ୍ରତିନିଧିତ୍ୱ କରୁଥିବା ଓ ତାହାରି ସନ୍ତକ ହୋଇ ରହିଥିବା ମନୁଷ୍ୟଜାତିର ଏକ ଅଂଶ ହୋଇ ରହିବାକୁ ଆମେ ଇଚ୍ଛା କରିବା ନା ଆଗାମୀ କାଲି ଆବିର୍ଭୂତ ହେବାକୁ ଯାଉଥିବା ଅତିମାନବଗୋଷ୍ଠୀର ଅନ୍ତର୍ଭୁକ୍ତ ହେବାକୁ ମନ କରିବା; ପ୍ରତ୍ୟେକ ମୁହୂର୍ତ୍ତରେହିଁ ଆମକୁ ସେହି ନିଷ୍ପତ୍ତିଟିକୁ ଗ୍ରହଣ କରିବାକୁ ପଡ଼ିବ ।

ଜୀବନ ଯେପରି ହେବାକୁ ଯାଉଛି, ଯଦି ଆମେ ତାହାରି ଲାଗି ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତ କରିବା ଲାଗି ଇଚ୍ଛା କରୁଥିବା, ଯଦି ଆମେ ସେହି ସମ୍ଭାବ୍ୟ ଜୀବନଟିର ଏକ ସକ୍ରିୟ ତଥା ସମର୍ଥ ଅଂଶ ହୋଇ ରହିବାକୁ ଇଚ୍ଛା କରୁଥିବା, ତେବେ ଜୀବନ ବର୍ତ୍ତମାନ ଯେପରି ଭାବରେ ରହିଛି, ତାହାରି ସହିତ ଆପଣାକୁ ଖାପ ଖୁଆଇ ରଖିବାକୁ ଏବଂ ତାହାରି ଭିତରେ ରହି ସଫଳତା ହାସଲ କରିବାର ଯାବତୀୟ ଭାବନାକୁ ଆମେ ଅବଶ୍ୟ ପରିତ୍ୟାଗ କରିବା ।

ଏହି ବିଶ୍ୱଜୀବନର ଆନନ୍ଦପ୍ରତିଷ୍ଠା ମଧ୍ୟକୁ ଯଦି ଆମେ ଆପଣାକୁ ଉନ୍ମୋଚିତ କରିଦେବା ଲାଗି ଇଚ୍ଛା କରୁଥାଉ, ଏକ ସମଗ୍ର ସୌନ୍ଦର୍ଯ୍ୟ ଏବଂ ସୌଷମ୍ୟ ମଧ୍ୟରେ ବିକଶିତ ହୋଇ ଉଠିବା ଲାଗି ଯଦି ପ୍ରକୃତରେ ଆମ ଭିତରେ ଏକ ଆକାଙ୍କ୍ଷା ରହିଥାଏ, ତେବେ ଆମକୁ ସୁଖ ଭୋଗର ଯାବତୀୟ ଅବସରକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିବାକୁ ପଡ଼ିବ ।

ଏହି ଆଲୋଚନାଟି ଆମକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରାଣିକ ସ୍ତରର ତପସ୍ୟା ବିଷୟକ ଆଲୋଚନାଟି ମଧ୍ୟକୁ ନେଇ ଯାଉଛି । ପ୍ରାଣର ତପସ୍ୟା, ଅର୍ଥାତ୍ ଇନ୍ଦ୍ରିୟାନୁଭବ-କ୍ଷେତ୍ରର ତପସ୍ୟା, ଶକ୍ତିର ତପସ୍ୟା । କାରଣ, ଆମର ପ୍ରାଣିକ ସତ୍ତା ହେଉଛି ଆମର ଯାବତୀୟ ଶକ୍ତିର ମୂଳାଧାର, ଯଥାର୍ଥରେ ଫଳପ୍ରଦ ହୋଇ ପାରୁଥିବା ଯାବତୀୟ ଉତ୍ସାହର ମୂଳାଧାର । ଏହି ପ୍ରାଣିକର ଭୂମିରେହିଁ ଭାବନା ଇଚ୍ଛାଶକ୍ତିରେ ରୂପାନ୍ତରିତ ହୋଇଥାଏ ଏବଂ ଆମର ଯାବତୀୟ କ୍ରିୟାଶୀଳତା ଲାଗି ଗତିଶୀଳତା ଆଣିଦିଏ । ଏବଂ ଏକଥା ମଧ୍ୟ ସତ ଯେ ଏହି ପ୍ରାଣିକ ଭୂମିରେହିଁ ଆମର ଯାବତୀୟ ବାସନା ନିବାସ କରୁଥା'ନ୍ତି, ଆମର ଯାବତୀୟ ପ୍ରବଳାକାଙ୍କ୍ଷା, ତୀବ୍ର ଯାବତୀୟ ଆବେଗ ଓ ପ୍ରବେଗ ଏବଂ ତଜ୍ଜନିତ ସମାନ ଭାବରେ ତୀବ୍ର ଯାବତୀୟ ପ୍ରତିକ୍ରିୟା ମଧ୍ୟ ନିବାସ କରୁଥା'ନ୍ତି । ବିଦ୍ରୋହ କରିଉଠିବା ଓ ଘୋର ନୈରାଶ୍ୟ ମଧ୍ୟରେ ନିପତିତ ହେବାର ଯାବତୀୟ ବେଗ ଓ ଆବେଗ ସେହିଠାରେ ରହିଥା'ନ୍ତି । ସେଗୁଡ଼ିକର ପ୍ରତିକାର କରିବାକୁ ଯାଇ ଆମେ ସାଧାରଣତଃ ଆମର ପ୍ରାଣିକ ସତ୍ତାଟିକୁ ତଣ୍ଟିଚିପି ଦେବାକୁ ବା ତାହାକୁ ଉପବାସ କରି ରଖିବାକୁ ଚେଷ୍ଟା କରିଥାଉ ଏବଂ ସେଥିଲାଗି ଆମେ ପ୍ରାଣିକ ସତ୍ତାକୁ ଯାବତୀୟ ଇନ୍ଦ୍ରିୟାନୁଭବରୁ ବଞ୍ଚିତ କରି ରଖୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଇନ୍ଦ୍ରିୟାନୁଭବଗୁଡ଼ିକହିଁ ପ୍ରଧାନତଃ ଆମ ପ୍ରାଣିକ ସତ୍ତାକୁ ଯାହାକିଛି ଖାଦ୍ୟ ଯୋଗାଉଥା'ନ୍ତି; ଏବଂ ସେଗୁଡ଼ିକରୁ ବଞ୍ଚିତ ହୋଇ ରହିବା ଦ୍ୱାରା ତାହା ନିଷ୍କ୍ରିୟ ହୋଇ ଶୋଇପଡ଼େ, ଆଳସ୍ୟଭିତରେ ବୁଡ଼ିରହେ ଏବଂ ଉପବାସ ରହିବା ଦ୍ୱାରା ମୃତ୍ୟୁ ମୁଖରେହିଁ ପତିତ ହୋଇଥାଏ ।

ବସ୍ତୁତଃ, ବଞ୍ଚିରହିବା ଲାଗି ପ୍ରାଣିକ ସତ୍ତା ତିନୋଟି ସ୍ଥାନରୁ ଖୋରାକ ପାଇଥାଏ ।

ଯେଉଁଟି ସବୁଠାରୁ ଅଧିକ ସହଜ ଭାବରେ ତା ଲାଗି ଉପଲବ୍ଧି ହୋଇ ରହିଥାଏ, ତାହା ନିମ୍ନରୁ ଆସେ, ଯାବତୀୟ ଇନ୍ଦ୍ରିୟାନୁଭବର ମାଧ୍ୟମରେ ତାହା ଆମର ଶାରୀରିକ ଶକ୍ତିଗୁଡ଼ିକ ମଧ୍ୟରୁ ଉପଲବ୍ଧ ହୋଇଥାଏ ।

ଦ୍ୱିତୀୟଟି ତା'ର ନିଜ ଭୂମିରେ ରହିଥାଏ । ପ୍ରାଣିକ ସତ୍ତା ଯେତେବେଳେ ଯଥେଷ୍ଟ ପରିମାଣରେ ବ୍ୟାପକ ଏବଂ ଗ୍ରହଣଶୀଳ ହୋଇପାରେ, ସେତେବେଳେ ତାହା ବିଶ୍ୱଗତ ପ୍ରାଣମୟ ଶକ୍ତିସ୍ରୋତଗୁଡ଼ିକର ସଂସ୍ପର୍ଶରେ ଆସି ଏହି ଖାଦ୍ୟ ଲାଭ କରିଥାଏ ।

ଅଗ୍ରଗତି ଲାଗି କେବଳ ଏକ ବୃହତ୍ ଅଭୀପ୍ସା ରଖିପାରିଲେ ଯାଇ ଆମର ପ୍ରାଣଭୂମି ତୃତୀୟ ଉତ୍ସଟି ଲାଗି ନିୟମତଃ ନିଜକୁ ଉନ୍ମୋଚିତ କରି ପାରିବାକୁ ସମର୍ଥ ହୁଏ । ସେହି ଖାଦ୍ୟ ତା ଲାଗି ଊର୍ଦ୍ଧ୍ୱରୁ ଆସେ; ଆଧ୍ୟାତ୍ମିକ ଶକ୍ତିଚୟକୁ ଆପଣା ମଧ୍ୟକୁ ସଞ୍ଚାରିତ ଓ ସମାବେଶିତ କରିନେଇ ପାରିଲେ ଏବଂ ସେଗୁଡ଼ିକ ଦ୍ୱାରା ଆପଣାକୁ ପ୍ରେରିତ କରିପାରିଲେ ଯାଇ ତାହା ଊର୍ଦ୍ଧ୍ୱରୁ ଉପଲବ୍ଧ ହୋଇଥାଏ ।

ଏହି ତିନୋଟି ଉତ୍ସ ସହିତ ଲୋକମାନେ ସର୍ବଦା ଅଳ୍ପ ବହୁତ ପରିମାଣରେ ଆଉ ଗୋଟିଏ ଉତ୍ସକୁ ସଂଯୁକ୍ତ କରି ରଖିବାର ଚେଷ୍ଟା କରିଥା'ନ୍ତି, ଏବଂ ତାହାହିଁ ଯୁଗପତ୍ ଭାବରେ ସେମାନଙ୍କର ଅଧିକତମ ସନ୍ତାପ ଦୁର୍ଭାଗ୍ୟର କାରଣ ହୋଇଥାଏ । ସେମାନେ ଆପଣାର ସାଥୀମାନଙ୍କ ସହିତ ପ୍ରାଣିକ ଶକ୍ତିଗୁଡ଼ିକର ଏକ ଆଦାନ-ପ୍ରଦାନରେ ଅନେକ ସମୟରେ ଆପଣାକୁ ନିଯୁକ୍ତ କରି ରଖିଥା'ନ୍ତି, ସାଧାରଣତଃ ଦୁଇ ବ୍ୟକ୍ତିବିଶିଷ୍ଟ ଗୋଟିଏ ଗୋଟିଏ ଗୋଷ୍ଠୀରେ ଏହି ଆଦାନ-ପ୍ରଦାନ ଲାଗି ରହିଥାଏ । ଏହି ଆଦାନପ୍ରଦାନକୁ ସେମାନେ ଅନେକ ସମୟରେ ଭ୍ରମରେ ପଡ଼ି ଭଲ ପାଇବା ବୋଲି ଭାବି ନେଇଥା'ନ୍ତି । ମାତ୍ର ତାହା ବସ୍ତୁତଃ ଦୁଇଟି ଶକ୍ତି ମଧ୍ୟରେ କେବଳ ଏକ ପାରସ୍ପରିକ ଆକର୍ଷଣରେହିଁ ସୀମିତ ହୋଇ ରହିଥାଏ ଓ ସେହି ଦୁଇଟିଯାକ ଶକ୍ତି ଏହି ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ବେଶ୍ ସୁଖ ଅନୁଭବ କରିବାରେ ଲାଗିଥା'ନ୍ତି ।

ତେଣୁ ଯଦି ଆମେ ଆମର ପ୍ରାଣିକ ଅଂଶଟିକୁ ଉପବାସରେ ରଖିବାକୁ ଇଚ୍ଛା କରୁ ନ ଥିବା, ତେବେ ଆମେ ଆମ ଇନ୍ଦ୍ରିୟାନୁଭବଗୁଡ଼ିକୁ କଦାପି ପ୍ରତ୍ୟାଖ୍ୟାନ କରିବାକୁ ମନା କରିବା ନାହିଁ, ସେଗୁଡ଼ିକର ସଂଖ୍ୟା ବା ପ୍ରଗାଢ଼ତାକୁ ହ୍ରାସ କରିବା ଲାଗି ମଧ୍ୟ ମୋଟେ ମନ କରିବା ନାହିଁ । ଆମେ ସେଗୁଡ଼ିକୁ ଏଡ଼ି ରହିବା ଲାଗି ମଧ୍ୟ ମୋଟେ ମନ ବଳାଇବା ନାହିଁ; ଆମେ ବରଂ ଯଥୋଚିତ ପ୍ରଜ୍ଞା ଏବଂ ଯଥୋଚିତ ବିବେକର ସହିତ ସେଗୁଡ଼ିକୁ କାମରେ ଲଗାଇବାକୁ ସମର୍ଥ ହେବା । ଏହି ଇନ୍ଦ୍ରିୟାନୁଭୂତିଗୁଡ଼ିକୁ ଆମେ ଜ୍ଞାନ ଲାଭ ଓ ଶିକ୍ଷାର ଗୋଟିଏ ଗୋଟିଏ ଅତ୍ୟନ୍ତ ଚମତ୍କାର ସାଧନ ବୋଲି ଜାଣିବା । ମାତ୍ର ଏହିସବୁ ଉଦ୍ଦେଶ୍ୟର ପ୍ରାପ୍ତି ଦିଗରେ ସେଗୁଡ଼ିକୁ ଉପଯୁକ୍ତ ଭାବରେ ନିଯୁକ୍ତ କରି ରଖି ପାରିବାକୁ

ହେଲେ, ଆମେ ସେଗୁଡ଼ିକୁ କଦାପି କେବଳ ଆମ ଅହଂର ସେବାରେ ଓ ଅହଂକାରିତାର ପରିଚର୍ଯ୍ୟାରେ ବ୍ୟବହାର କରିବାକୁ ଯିବା ନାହିଁ, କେବଳ ଆପଣାର ସୁଖାନୁଭୂତି ଲାଗି ସେଗୁଡ଼ିକୁ କଦାପି ବ୍ୟବହାର କରିବା ନାହିଁ; ଅଧିକରୁ ଅଧିକ ସୁଖ ଏବଂ ଆତ୍ମ-ପରିତୋଷଣ ଲୋଡୁଥିବା ଏକ ଅଜ୍ଞାନତା ଏବଂ ଅନ୍ଧତା ସହିତ ଆମେ ସେଗୁଡ଼ିକୁ କେବେହେଲେ ବ୍ୟବହାର କରିବାକୁ ଯିବା ନାହିଁ ।

କୌଣସି ପ୍ରକାର ବିରକ୍ତି ଅଥବା ଅସନ୍ତୋଷ ପ୍ରକାଶ ନ କରି ଆମର ଇନ୍ଦ୍ରିୟଗୁଡ଼ିକ ସବୁକିଛି ସହ୍ୟ କରିବା ଲାଗି ସମର୍ଥ ହୋଇ ପାରୁଥିବେ; ମାତ୍ର ତଥାପି ଯୁଗପତ୍ ଭାବରେ ସେମାନେ ବିବିଧ ପ୍ରାଣିକ ସ୍ପନ୍ଦନର ଉତ୍ସ, ପରିଣାମ ଏବଂ ଗୁଣାଗୁଣକୁ ଚିହ୍ନି ପାରିବାର ବିବେକଟିକୁ ମଧ୍ୟ ଅର୍ଜନ କରି ପାରିଥିବେ ଓ ସେହି ଶକ୍ତିଟିର ଉତ୍ତରୋତ୍ତର ବିକାଶ ସାଧନ କରି ପାରୁଥିବେ । ସେହି ସ୍ପନ୍ଦନଗୁଡ଼ିକ ସୌନ୍ଦର୍ଯ୍ୟ, ସୌଷମ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟର ଅନୁକୂଳ କି ଅନୁକୂଳ ନୁହନ୍ତି, ଭୌତିକ ତଥା ପ୍ରାଣିକ ସତ୍ତାର ଭାରସାମ୍ୟ ଏବଂ ଅଗ୍ରଗତିର କ୍ଷେତ୍ରରେ ସେମାନେ କୌଣସି ପ୍ରକାରେ ଅନିଷ୍ଟକାରକ ବୋଲି ପ୍ରମାଣିତ ହେବେ କି ନାହିଁ, ତାହାକୁ ଉତ୍ତମ ରୂପେ ଜାଣିବା ଲାଗି ଆମକୁ ସେହି ବିବେକଟିକୁ ଅର୍ଜନ କରିବାକୁ ପଡ଼ିବ । ପୁନଶ୍ଚ, ସେଗୁଡ଼ିକର ଯାବତୀୟ ଅନେକମୁଖିତାର ଭୂମି ଉପରେ ଭୌତିକ ତଥା ପ୍ରାଣିକ ଜଗତଗୁଡ଼ିକର ନିକଟବର୍ତ୍ତୀ ହୋଇ ସେଗୁଡ଼ିକର ଅଧ୍ୟୟନ କରିବା ଲାଗି ମଧ୍ୟ ଆମର ଇନ୍ଦ୍ରିୟଗୁଡ଼ିକ ଗୋଟିଏ ଗୋଟିଏ ସାଧନ ରୂପେ ବ୍ୟବହୃତ ହୋଇ ପାରୁଥିବେ । ଏବଂ ଏହିପରି ଭାବରେହିଁ ସେଗୁଡ଼ିକ ରୂପାନ୍ତର ଲାଗି କରାଯାଉଥିବା ଏହି ବୃହତ୍ ପ୍ରୟାସଟିରେ ଆପଣା ଆପଣାର ଯଥୋଚିତ ସ୍ଥାନଗୁଡ଼ିକୁ ଗ୍ରହଣ କରିନେଇ ପାରିବେ ।

ପ୍ରାଣିକ ସତ୍ତାଟିକୁ ଦୁର୍ବଳ କରି ପକାଇ ନୁହେଁ, ତାହାକୁ ସନ୍ଦୀପିତ, ବଳଯୁକ୍ତ ଏବଂ ବିଶୁଦ୍ଧ କରିହିଁ ଆମେ ସତ୍ତାର ଯଥାର୍ଥ ପ୍ରଗତିଟି ଲାଗି ଆମର ଯଥୋଚିତ ଅବଦାନଟିକୁ ସମ୍ଭବ କରି ପାରିବା । ତେଣୁ, ଆମର ଶରୀରକୁ ଆହାର ଗ୍ରହଣ କରିବାରୁ ବଞ୍ଚିତ କରି ରଖିଲେ ତାହା ଯେତିକି କ୍ଷତିକାରକ ହେବ, ଆପଣାର ପ୍ରାଣିକ ଅଂଶଟିକୁ ତା'ର ଯାବତୀୟ ଅନୁଭୂତିରୁ ବଞ୍ଚିତ କରିବା ମଧ୍ୟ ତାହା ସେତିକି କ୍ଷତିକାରକ ହେବ । ମାତ୍ର, ଆମେ କେଉଁ ଆହାର ଗ୍ରହଣ କରିବା ଓ କେଉଁ ଆହାର ଗ୍ରହଣ ନ କରିବା, ଯେପରି ଆମ ଶରୀରର ଅଭିବୃଦ୍ଧି ଏବଂ ଯଥାର୍ଥ କ୍ରିୟାସମର୍ଥତା ଲାଗିହିଁ ଆମକୁ ବିଜ୍ଞତାର ସହିତ ସେହି ବିଷୟରେ ସଂପୂର୍ଣ୍ଣ ଭାବରେ ବିଚାର କରି ସେକଥା ଠିକ୍ କରିବାକୁ ପଡ଼ିବ । ଠିକ୍ ସେହିପରି ସଂପୂର୍ଣ୍ଣତଃ ପ୍ରାଣିକ ରୂପୀ ଏହି ଅତ୍ୟନ୍ତ ଗତିଶୀଳ ଯନ୍ତ୍ରଟିର ଅଭିବୃଦ୍ଧି ଏବଂ ପରିପୂର୍ଣ୍ଣତା ଲାଗିହିଁ ଏକ ସଂପୂର୍ଣ୍ଣ ବୈଜ୍ଞାନିକ ବିବେକ ଓ ଶୃଙ୍ଖଳାର ସାହାଯ୍ୟ ନେଇ ଆମକୁ ଆମର ଅନୁଭୂତିଗୁଡ଼ିକୁ ନିର୍ବାଚନ କରିନେବାକୁ ପଡ଼ିବ ଏବଂ ସେଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବାକୁ

ପଡ଼ିବ । କାରଣ, ସତ୍ତାର ଅନ୍ୟ ଯାବତୀୟ ଅଂଶ ପରି ଏହି ପ୍ରାଣିକ ଅଂଶଟିର ମଧ୍ୟ ଆମର ଅଗ୍ରଗତି ଲାଗି ଏକାନ୍ତ ଆବଶ୍ୟକତା ସର୍ବଦା ରହିଛି ।

ତେଣୁ, ଆମର ପ୍ରାଣିକ ଅଂଶଟିକୁ ଯଥୋଚିତ ଭାବରେ ଶିକ୍ଷିତ କରାଇ, ତାହାକୁ ଆହୁରି ଅଧିକ ପରିଶୋଧିତ, ଗ୍ରହଣଶୀଳ, ସୂକ୍ଷ୍ମ ଏବଂ,– ଆମେ ହୁଏତ ଶବ୍ଦଟିର ଯଥାର୍ଥତମ ତାତ୍ପର୍ଯ୍ୟରେ ପ୍ରାୟ ଏକଥା ବି କହିପାରିବା,– ସୁରୁଚିସମ୍ପନ୍ନ କରାଇ ଆମେ ତାହାର ଉଗ୍ରତା, ପ୍ରବଳତା ଏବଂ ନୃଶଂସତାକୁ ଅତିକ୍ରମ କରିଯାଇ ପାରିବା । ପ୍ରାଣିକ ସତ୍ତାର ଏହି ଗୁଣଗୁଡ଼ିକୁ ଆମେ ବସ୍ତୁତଃ ଗୋଟାଏ ପ୍ରକାରର ଅଶୋଧିତତା ବୋଲି କହିପାରିବା, ଅଜ୍ଞାନ ବା ଯଥାର୍ଥ ରୁଚିର ଅଭାବ ବୋଲି ବି କହିପାରିବା ।

ପ୍ରକୃତ କଥା ହେଉଛି ପ୍ରାଣିକ ସତ୍ତାକୁ ଆଦୌ କୌଣସି ଶିକ୍ଷା ନ ଦେଇ ତାହାକୁ କୌଣସି ପ୍ରକାରେ ପରିମାର୍ଜିତ ନ କରି ତାକୁ ସେମିତି ଛାଡ଼ି ଦେଇଥିବା ସମୟରେ ତାହା ପ୍ରାୟ ସ୍ୱତଃପ୍ରେରିତ ଭାବରେ, ଯେପରି ଅଶିଷ୍ଟ, ଅହଙ୍କାରପ୍ରେରିତ ଓ ବିକୃତ ହୋଇ ରହିଥାଏ, ତାହାକୁ ଉଚିତ ଭାବରେ କର୍ଷଣଯୁକ୍ତ ଏବଂ ସନ୍ଦୀପିତ କରି ରଖିପାରିଲେ ତାହା ଅନ୍ୟପକ୍ଷରେ ଠିକ୍ ସେହିପରି ସ୍ୱତଃପ୍ରେରିତ ଭାବରେ ଶୀଳଯୁକ୍ତ, ବୀରୋପମ ଏବଂ ଆସକ୍ତିମୁକ୍ତ ବି ଅବଶ୍ୟ ହୋଇ ପାରିବ । ଆମ ଭିତରେ ଅଧିକରୁ ଅଧିକ ସୁଖ ପାଇବାର ଯେଉଁ ଲାଳସା ରହିଛି, ତାହାକୁ ସେହି ଅତିମାନସ ବିପୁଳୈଶ୍ୱର୍ଯ୍ୟ ଲାଗି ଆପଣା ଭିତରେ ରହିଥିବା ଏକ ଅଭୀପ୍ସାରେ ରୂପାନ୍ତରିତ କରିଦେଇ ପାରିଲେ, ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ତାହାହିଁ ଯଥେଷ୍ଟ ହେବ । ଯଦି ଉଚିତ ଅଧ୍ୟବସାୟ ଏବଂ ନିଷ୍ଠାର ସହିତ ଆମେ ଆମ ପ୍ରାଣିକ ସ୍ତରର ଏହି ଶିକ୍ଷାକୁ ବେଶ୍ କିଛି ଦୂର ଆଗେଇ ନେଇ ଯାଇପାରିବା, ତେବେ ଆମ ଜୀବନରେ ଏପରି ଏକ ମୁହୂର୍ତ୍ତ ବି ଆସି ଉପସ୍ଥିତ ହେବ ଯେତେବେଳେ କି ଅଭିଳଷିତ ଲକ୍ଷ୍ୟର ମହତ୍ତ୍ୱ ଏବଂ ସୌନ୍ଦର୍ଯ୍ୟ ବିଷୟରେ ପ୍ରକୃତରେ ଉଦ୍‌ବୁଦ୍ଧ ହୋଇ ଆମର ପ୍ରାଣିକ ସତ୍ତା ସେହି ଦିବ୍ୟ ଆଲୋକମୟତାର ଅଧିକାରୀ ହେବା ଲାଗି କ୍ଷୁଦ୍ର ଏବଂ ଭ୍ରାନ୍ତିମୟ ଇନ୍ଦ୍ରିୟାନୁଭବଗତ ଯାବତୀୟ ପରିତୋଷଣକୁ ପରିହାର କରି ଆଗକୁ ବାହାରି ଯାଇ ପାରିବେ ।

*ବୁଲେଟିନ୍, ଫେବ୍ରୁଆରି ୧୯୫୩*

## ୨

ମାନସିକ ତପସ୍ୟାର ପ୍ରଶ୍ନଟି ଉପରେ କୌଣସି ବିଚାର ଆରମ୍ଭ କରିବାକୁ ଯିବା ମାତ୍ରକେହିଁ ମନ ଭିତରେ ଆମେ ଏହିପରି ଭାବିବାକୁ ଆରମ୍ଭ କରିଥାଉ ଯେ, ଏଥିଲାଗି

ଆମକୁ ଦୀର୍ଘକାଳ ଧରି ଧ୍ୟାନସ୍ଥ ହୋଇ ବସିବାକୁ ପଡ଼ିବ, ଯାହାଫଳରେ କି ଆମର ଯାବତୀୟ ଭାବନା ନିଜର ନିୟନ୍ତ୍ରଣକୁ ଆସିଯିବ ଏବଂ ପରିଶେଷରେ ଆମେ ଏକ ଅନ୍ତର୍ଗତ ନିଶ୍ଚଳତାର ଅଧିକାରୀ ବି ହୋଇପାରିବା । ଯୋଗସାଧନାର ଏହି ଦିଗଟି ଆମ ପାଖରେ ଏତେ ସୁବିଦିତ ଯେ ଏଠାରେ ପୁନର୍ବାର ତାହାର ଆଲୋଚନା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ, ମାତ୍ର ଏହି ବିଷୟର ଆଉ ଗୋଟିଏ ଏପରି ଦିଗ ବି ରହିଛି, ଯାହା ଉପରେ କି ସାଧାରଣତଃ ଅପେକ୍ଷାକୃତ କମ୍ ଦୃଷ୍ଟି ଦିଆ ଯାଇଥାଏ, ଏବଂ ସେହି ବିଷୟଟି ହେଉଛି ଆପଣାର କହୁଥିବା କଥା ଉପରେ ନିୟନ୍ତ୍ରଣ ଅର୍ଜନ କରିବା । ଅତ୍ୟନ୍ତ ଅଳ୍ପ ସଂଖ୍ୟକ କେତୋଟି ବ୍ୟତିକ୍ରମକୁ ଛାଡ଼ିଦେଲେ ଅକାରଣ ଗୁଡ଼ାଏ କଥା କହିବାର ବିପରୀତ ଦିଗଟି ରୂପେ ଅଧିକାଂଶ ସ୍ଥଳରେ ସଂପୂର୍ଣ୍ଣ ନୀରବତାର ଅବଲମ୍ବନକୁହିଁ ଆମ ଆଗରେ ଉପସ୍ଥାପିତ କରାଯାଇଥାଏ । ମାତ୍ର ତଥାପି, ସଂପୂର୍ଣ୍ଣ ଭାବରେ କଥା କହିବା ଛାଡ଼ିଦେବା ଅପେକ୍ଷା ଆପଣାର କହୁଥିବା କଥାକୁ ନିଜର ନିୟନ୍ତ୍ରଣରେ ରଖି ପାରିବାକୁହିଁ ମୁଁ ଅଧିକ ବଡ଼ ଏବଂ ଅଧିକ ଫଳଦାୟକ ଏକ ସାଧନା ବୋଲି କହିବି ।

ଏହି ଧରଣୀପୃଷ୍ଠରେ ମନୁଷ୍ୟ ହେଉଛି ସର୍ବପ୍ରଥମ ପ୍ରାଣୀ, ଯିଏକି ଆପଣାର ମୁଖରୁ ବାହାରୁଥିବା ଧ୍ୱନିଗୁଡ଼ିକୁ ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ଉଚ୍ଚାରଣ କରିପାରିଲା । ବସ୍ତୁତଃ ମନୁଷ୍ୟ ତା'ର ଏହି ବିଶେଷ ସାମର୍ଥ୍ୟଟି ସକାଶେ ପ୍ରକୃତରେ ଭାରି ଗର୍ବ ଅନୁଭବ କରିଥାଏ ଏବଂ ପ୍ରାୟ କୌଣସି ପ୍ରକାର ମିତାଚାର ଓ ବିବେକିତାର ନିୟମ ନ ମାନି ସିଏ ତା'ର ଏହି ସାମର୍ଥ୍ୟଟିକୁ କାର୍ଯ୍ୟରେ ଲଗାଇଥାଏ । ତା' କହୁଥିବା କଥାର ଶବ୍ଦରେ ଗୋଟାକଯାକ ଜଗତ୍ ସତେଅବା ବଧିରା ହୋଇ ଯାଉଥିବା ପରି ମନେହୁଏ ଏବଂ ସେଥିଲାଗି ଅନେକ ସମୟରେ ଉଦ୍ଭିଦ ଜଗତରେ ସୌଷମ୍ୟମୟ ନୀରବତାଟି ମଧ୍ୟ ଆମର ପ୍ରାୟ ଶ୍ରୁତିଗୋଚର ହୋଇପାରେ ନାହିଁ ।

ପୁନଶ୍ଚ, ଏଇଟି ମଧ୍ୟ ଅତ୍ୟନ୍ତ ସୁବିଦିତ ଯେ, ଯାହାର ମାନସିକ ସାମର୍ଥ୍ୟ ଯେତେ ଅଳ୍ପ ଶକ୍ତିସମ୍ପନ୍ନ, ତୁଣ୍ଡ ଖୋଲି କଥା କହିବା ଲାଗି ତାହାର ସେତିକି ଅଧିକ ପ୍ରୟୋଜନ ରହିଥାଏ । ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଆଦୌ କୌଣସି ଶିକ୍ଷା ଲାଭ କରି ନ ଥିବା ଏପରି ଅନେକ ଆଦିମ ମଣିଷ ଅଛନ୍ତି, ଯେଉଁମାନେ କି ମୁହଁବାଟେ କୌଣସି କଥା ନ କହିଲେ କୌଣସି ଭାବନା ଭାବି ବି ପାରନ୍ତି ନାହିଁ । ତେଣୁ ସେମାନେ ଅଳ୍ପବହୁତ ବଡ଼ ପାଟି କରି ନିଜ ସହିତ ସର୍ବଦାହିଁ ଟୁପୁ ଟୁପୁ ହୋଇ କଥା କହିବାରେ ଲାଗିଥା'ନ୍ତି । କାରଣ, କେବଳ ଏହିପରି ଭାବରେହିଁ ସେମାନେ ଆପଣା ଭିତରେ କୌଣସି ଭାବନାଧାରା ସହିତ ଖିଅ ଲଗାଇ ରଖିପାରନ୍ତି ଏବଂ ପାଟି କରି କିଛି ନ କହିବା ପର୍ଯ୍ୟନ୍ତ ସେମାନେ ସେହି ଭାବନାଗୁଡ଼ିକୁ ଆଦୌ ସୂତ୍ରବଦ୍ଧ କରି ରଖି ପାରନ୍ତି ନାହିଁ ।

ଏବଂ, ଆହୁରି ଏପରି ବହୁ ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଏପରିକି, ଶିକ୍ଷା ଲାଭ କରିଥିବା ମାତ୍ର ଆପଣାର ମାନସିକ ଶକ୍ତିର କ୍ଷେତ୍ରରେ ଦୁର୍ବଳ ହୋଇ ରହିଥିବା ଏପରି ବହୁସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କୌଣସି କଥାକୁ ପାଟିଖୋଲି ନ କହିବା ପର୍ଯ୍ୟନ୍ତ ସେମାନେ ଯେ ପ୍ରକୃତରେ କ'ଣ କହିବାକୁ ଯାଉଛନ୍ତି, ସେ ବିଷୟରେ ମୋଟେ କିଛି ଜାଣି ନ ଥା'ନ୍ତି । ଏହାଦ୍ୱାରା ସେମାନେ ଯେତେବେଳେ ଯାହା କହନ୍ତି, ତାହାର କେତେବେଳେ କୌଣସି ଅନ୍ତ ନ ଥାଏ ଓ ସେଗୁଡ଼ାକ ଶୁଣିବାକୁ ଭାରି ବିରକ୍ତିକର ମନେ ହୋଇଥାଏ । କାରଣ, ସେମାନେ କଥା କହି ଯାଉଥିବା ସଙ୍ଗେ ସଙ୍ଗେ ସେମାନଙ୍କର ଭାବନା ବି ଅଧିକରୁ ଅଧିକ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହେବାରେ ଲାଗିଥାଏ, ଏବଂ ତେଣୁ ଆପଣାର କଥାଗୁଡ଼ାକୁ ଅଧିକରୁ ଅଧିକ ଯଥାର୍ଥ ଭାବରେ କହି ପାରିବାକୁ ସେମାନଙ୍କୁ ସେଗୁଡ଼ାକୁ ଏକାଧିକ ଥର ପାଇଁ ପୁନରାବୃତ୍ତି କରି କହିବାକୁ ପଡ଼ିଥାଏ ।

ସେମାନଙ୍କର ଯାହାକିଛି କହିବାକୁ ଥାଏ, କେତେକ ଲୋକ ଆଗରୁ ତାହାକୁ ପ୍ରସ୍ତୁତ କରି ରଖିବା ଲାଗି ମଧ୍ୟ ଏକ ପ୍ରୟୋଜନ ଅନୁଭବ କରିଥା'ନ୍ତି । ଏବଂ ସେହି କାରଣରୁହିଁ ଯେତେବେଳେ ଆଗରୁ ପ୍ରସ୍ତୁତ ନ ହୋଇ ସେମାନଙ୍କୁ କିଛି କଥା କହିବାକୁ ପଡ଼େ, ସେତେବେଳେ ସେମାନେ ଏଣୁତେଣୁ ଯାହା ମନ ତାହା ବକିଯିବାରେ ଲାଗିଥା'ନ୍ତି । କାରଣ, ସେମାନେ ଯାହା କହିବାକୁ ମନ କରୁଥା'ନ୍ତି, ତାହାର ଯଥାର୍ଥ ଶବ୍ଦଗୁଡ଼ିକୁ ଗୋଟିକ ପରେ ଗୋଟିଏ କରି ସୁସ୍ପଷ୍ଟ ଭାବରେ ଆଗରୁ ଅଭ୍ୟାସ କରି ନେବା ପାଇଁ ସେମାନଙ୍କ ପାଖରେ ଆଦୌ କୌଣସି ସମୟ ନ ଥାଏ ।

ପରିଶେଷରେ, ଏପରି ଅନେକ ଯଶସ୍ୱୀ ବାଗ୍ମୀ ଅଛନ୍ତି, ଯେଉଁମାନେ ସତେଅବା ବାଗ୍ମିତାର ଗୁଣଟିକୁ ନେଇ ସଂସାରରେ ଜନ୍ମଲାଭ କରିଥା'ନ୍ତି, ଯେଉଁମାନେ ଆପଣାର କହିବା କଥାଗୁଡ଼ିକ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଓ ଅଧିକାର ହାସଲ କରିଥା'ନ୍ତି । ଏହି ବ୍ୟକ୍ତିମାନେ ଯାହାକିଛି କହିବାକୁ ଇଚ୍ଛା କରୁଥା'ନ୍ତି, ସେମାନେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେଥିଲାଗି ଲୋଡ଼ା ହେଉଥିବା ଶବ୍ଦଗୁଡ଼ିକୁ ଆପଣାର ହାତପାଆନ୍ତାରେ ପାଇ ଯାଆନ୍ତି ଏବଂ ତେଣୁ ଆପଣାର କହିବା କଥାଗୁଡ଼ିକୁ ଅତ୍ୟନ୍ତ ଚମତ୍କାର ଓ ପ୍ରଶଂସନୀୟ ଭାବରେ କହିପାରନ୍ତି ।

ଅବଶ୍ୟ ଏକଥା ସତ ଯେ, ମାନସିକ ତପସ୍ୟାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏଗୁଡ଼ିକୁ ସବୁଗୁଡ଼ିକୁ ଆମେ କେବଳ ନିକିମା ପ୍ରଗଲ୍‌ଭତା ବୋଲିହିଁ କହିବା । କାରଣ, ଏକାନ୍ତ ଅପରିହାର୍ଯ୍ୟ ନ ହୋଇଥିଲେ ମଧ୍ୟ ଯେତେବେଳେ ଆମେ କୌଣସି ଏକ ଶବ୍ଦକୁ ଆଣି ଆମ କଥାରେ ବ୍ୟବହାର କରିଥାଉ, ସେତେବେଳେ ମୁଁ ତାହାକୁ କେବଳ ଏକ ନିରର୍ଥକ ପ୍ରଗଲ୍‌ଭତା ବୋଲିହିଁ କହିବି । କିନ୍ତୁ କୋଉଟା ଅପରିହାର୍ଯ୍ୟ, କୋଉଟା

ନୁହେଁ,– ଏକଥା କିପରି ବିଚାର କରାଯାଇ ପାରିବ ବୋଲି ହୁଏତ ପ୍ରଶ୍ନ ଉଠିବ । ସେହି ବିଚାରଟି କରି ପାରିବାକୁ ହେଲେ ସର୍ବପ୍ରଥମେ ଆମେ କହୁଥିବା ବିଭିନ୍ନ ଶବ୍ଦଗୁଡ଼ିକୁ ବିଭିନ୍ନ ଶ୍ରେଣୀ ବା ପ୍ରକାରରେ ସାଧାରଣ ଭାବରେ ଶ୍ରେଣୀବିଭାଗ କରି ରଖିବାକୁ ପଡ଼ିବ ।

ପ୍ରଥମତଃ, ଆମ ଜୀବନର ଭୌତିକ କ୍ଷେତ୍ରରେ ଏପରି ଯାବତୀୟ ନାନା ଶବ୍ଦ ରହିଛି ଯେଉଁଗୁଡ଼ିକୁ କି ଆମେ ପ୍ରଧାନତଃ ଭୌତିକ ନାନା କାରଣରୁହିଁ କଥା କହିଲାବେଳେ ବ୍ୟବହାର କରିଥାଉ । ସାଧାରଣତଃ ସେହିଗୁଡ଼ିକର ସଂଖ୍ୟା ସର୍ବାଧିକ ହୋଇ ରହିଥାଏ ଏବଂ ଖୁବ୍ ସମ୍ଭବ ସେଗୁଡ଼ିକହିଁ ସାଧାରଣ ଜୀବନରେ ଆମର ସବୁଠାରୁ ଅଧିକ କାମରେ ଲାଗନ୍ତି ।

ଆମର ଦୈନନ୍ଦିନ କାର୍ଯ୍ୟକଳାପ ସହିତ ସର୍ବଦା ଗୁଡ଼ାଏ କଥା କହିବା ଅପରିହାର୍ଯ୍ୟ ଭାବରେ ସଂଯୁକ୍ତ ହୋଇ ରହିଥିବା ପରି ମନେ ହୋଇଥାଏ । କିନ୍ତୁ ତଥାପି, ଏହି କୋଳାହଳର ଆୟତନଟିକୁ ଯଥାସମ୍ଭବ ଅଧିକ ସ୍ୱଳ୍ପ କରି ଆଣିବାର ଏକ ପ୍ରଚେଷ୍ଟା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଆମେ ପ୍ରକୃତରେ ଉପଲବ୍ଧି କରିବାକୁ ବି ଆରମ୍ଭ କରୁ ଯେ, ନୀରବତା ମଧ୍ୟରେହିଁ ଆମେ ଅନେକ କଥାକୁ ଅଧିକ ଭଲ ଭାବରେ ଓ ଅଧିକ ଶୀଘ୍ର ସମ୍ପନ୍ନ କରିବାକୁ ସମର୍ଥ ହେବା ଏବଂ ତାହାଦ୍ୱାରା ଆମର ଅନ୍ତର୍ଗତ ଶାନ୍ତି ଓ ଅଭିନିବିଷ୍ଟ ଅବସ୍ଥାଟି ମଧ୍ୟ ଅବ୍ୟାହତ ରହିବାରେ ଅନେକ ସାହାଯ୍ୟ ପାଇବ ।

ଯଦି ତୁମେ ଏକୁଟିଆ ନ ରହି ଅନ୍ୟମାନଙ୍କ ସହିତ ଏକତ୍ର ବାସ କରୁଥିବ, ତେବେ ସର୍ବଦା ଏଡ଼େବଡ଼ ପାଟିରେ କଥା କହି ନିଜକୁ ବାହାରକୁ ବାହାର କରି ନ ଆଣିବାର ଅଭ୍ୟାସଟିକୁହିଁ ତୁମକୁ ଅନୁଶୀଳନ କରିବାକୁ ପଡ଼ିବ । ତେବେ ତୁମେ ଏକଥାଟି ମଧ୍ୟ ଦେଖିବାକୁ ପାଇବ ଯେ, ତୁମ ଆଉ ଅନ୍ୟମାନଙ୍କ ମଧ୍ୟରେ କ୍ରମଶଃ ଏକ ଅନ୍ତର୍ଗତ ପାରସ୍ପରିକ ବୋଧ ପ୍ରତିଷ୍ଠିତ ହୋଇ ଆସିବାରେ ଲାଗିଛି । ଏବଂ ତା'ପରେ ତୁମେ ଅତିକମ୍ ଶବ୍ଦର ବ୍ୟବହାର କରି, ବା ଏପରିକି ଆଦୌ କୌଣସି ଶବ୍ଦ ବ୍ୟବହାର ନ କରି ବି ଆପଣା ଆପଣା ଭିତରେ ଭାବର ବିନିମୟ କରିବାକୁ ସମର୍ଥ ହୋଇଯିବ । ବାହାରର ଏହି ନୀରବତା ଭିତରେ ଏକ ଶାନ୍ତିକୁ ପ୍ରତିଷ୍ଠିତ କରି ରଖିବା ଲାଗି ଅତ୍ୟନ୍ତ ଅନୁକୂଳ ହୋଇଥାଏ; ଏବଂ ତୁମ ଭିତରେ ଏକ ସଦିଚ୍ଛା ଏବଂ ଅବିଚଳ ଅଭୀପ୍ସା ବଳବତ୍ତର ରହିଥିଲେ ତୁମେ ନିଜ ଜୀବନରେ ଏପରି ଗୋଟିଏ ସୌଷମ୍ୟଯୁକ୍ତ ବାୟୁମଣ୍ଡଳ ସୃଷ୍ଟିକରି ରଖିବାରେ ସମର୍ଥ ହୋଇଯିବ ଯାହାକି ତୁମର ଅଗ୍ରଗତି ଲାଗି ଏକାନ୍ତ ଅନୁକୂଳ ହୋଇ ପାରିବ ।

ଆମର ସାମାଜିକ ଜୀବନରେ, ଭୌତିକ ଜୀବନଚାରଣା ଓ କାର୍ଯ୍ୟକଳାପ ସହିତ ସମ୍ପର୍କ ରଖୁଥିବା ଶବ୍ଦଗୁଡ଼ିକ ବ୍ୟତୀତ ଆହୁରି ଏପରି ଅନେକ ଶବ୍ଦ ରହିଥିବ, ଯେଉଁଗୁଡ଼ିକ କି ଆମର ଇନ୍ଦ୍ରିୟାନୁଭବ, ଭାବଗତ ଜୀବନ ଓ ନାନା ସଂବେଗକୁ ବ୍ୟକ୍ତ କରିବାରେ

ନିମିତ୍ତ ହୋଇ ରହିଥିବ । ଏହି କ୍ଷେତ୍ରରେ ବାହ୍ୟ ଜୀବନର ନୀରବତା ଆମକୁ ଅତ୍ୟନ୍ତ ମୂଲ୍ୟବାନ୍ ଭାବରେ ସାହାଯ୍ୟ କରି ପାରିବ । କାରଣ, ଯେତେବେଳେ ଆମେ ନାନା ଅନୁଭବ ଓ ସମ୍ବେଗର ଏକ ତରଙ୍ଗ-ଉଦ୍‌ବେଳନ ଦ୍ୱାରା ଆକ୍ରାନ୍ତ ହୋଇପଡୁ, ନୀରବ ରହିବାର ଅଭ୍ୟାସଟି ରହିଥିଲେ ସେତେବେଳେ ତାହା ଆମକୁ ମନନ ଲାଗି ନିଶ୍ଚୟ କିଛି ସମୟ ଯୋଗାଇଦେବ ଏବଂ, ଆବଶ୍ୟକ ହେଲେ, ସେହି ଅନୁଭୂତି ଅଥବା ସମ୍ବେଗକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରି ପକାଇବା ପୂର୍ବରୁ ତାହା ଆମକୁ ନିଜକୁ ନିଜର ଅକ୍ତିଆରକୁ ଆଣିବା ଦିଗରେ ମଧ୍ୟ କିଛି ସମୟ ଆଣି ଦେଇଯିବ । ଏହି ଉପାୟରେ ପ୍ରକୃତରେ କେତେକେତେ କଳହର ମୀମାଂସା ହୋଇଯାଇ ପାରିବ । ଅଧିକାଂଶ ସମୟରେ ହୁଏତ କେବଳ ଅନିୟନ୍ତ୍ରିତ ବାକ୍ୟ ପ୍ରୟୋଗରୁ ଉପୁଜୁଥିବା ମାନସିକ ଦୁର୍ବିପାକ ମଧ୍ୟରୁ ଆମେ ପ୍ରକୃତରେ ଏହାଦ୍ୱାରା ବାରଂବାର ରକ୍ଷା ପାଇଯାଇ ପାରିବା !

ମାତ୍ର, ଘଟନାଗୁଡ଼ାକୁ ଏତେବେଶୀ ଆଗକୁ ବଢ଼ିଯିବାକୁ ଦେବା ପୂର୍ବରୁ ଆମେ ଆମର କହୁଥିବା କଥାଗୁଡ଼ିକୁ ସର୍ବଦା ଆମର ନିୟନ୍ତ୍ରଣ ଭିତରେ ରଖିବା ଲାଗି ଚେଷ୍ଟା କରିବା ଏବଂ କେତେବେଳେ ମଧ୍ୟ କୌଣସି ପ୍ରକାର ରାଗ, କ୍ରୋଧ ବା କୋପର କବଳରେ ପଡ଼ିଯାଇ ଆମର ତୁଣ୍ଡକୁ ତାହାରି ହାତରେ ଛାଡ଼ି ଦେବା ନାହିଁ । ଖାଲି ଆମେ କରୁଥିବା କଳହଟାର ପରିଣାମଟାକୁ ଯେ ମନ୍ଦ ବୋଲି କୁହାଯିବ ସେକଥା ମୋଟେ ନୁହେଁ, ମାତ୍ର, ବାୟୁମଣ୍ଡଳ ମଧ୍ୟକୁ ନାନା ଖରାପ ସ୍ପନ୍ଦନକର ଉଦ୍‌ଗିରଣ ଓ ପ୍ରକ୍ଷେପଣ ଲାଗି ବ୍ୟବହୃତ ହେବାକୁ ଆପଣାର ଜିହ୍ୱାକୁ ବାଟ ଛାଡ଼ି ଦେବାରୁ ମଧ୍ୟ ଅନେକ ମନ୍ଦ ପରିଣାମର ଉଦ୍‌ଭବ ହୁଏ । କାରଣ, ଶବ୍ଦଜନିତ ସ୍ପନ୍ଦନଗୁଡ଼ାକ ଯେପରି ସଂକ୍ରାମକ ଭାବରେ କାର୍ଯ୍ୟ କରିଥା'ନ୍ତି, ଆଉ ଅନ୍ୟ କୌଣସି କଥା ସେପରି ହୋଇ ନ ଥା'ନ୍ତି । ଏବଂ, ଏହିସବୁ ଗତିସ୍ପନ୍ଦନକୁ ନିଜକୁ ବାହାରେ ପ୍ରକାଶ କରିବା ଲାଗି ବାଟ ଛାଡ଼ିଦେବା ଦ୍ୱାରା ଆମେ ସେଗୁଡ଼ାକୁ ନିଜ ଭିତରେ ଏବଂ ଅନ୍ୟମାନଙ୍କ ଭିତରେ ମଧ୍ୟ ସ୍ଥାୟୀ ହୋଇ ରହିବା ଲାଗି ସାହାଯ୍ୟ କରିଥାଉ ।

ନିକିମା କଥାମାନ କହିବାର ଯେତେଯେତେ ଅକାମ୍ୟ ଓ ଅଶୋଭନୀୟ ପ୍ରକାରମାନ ରହିଛି, ସେଥିରେ ଆମେ ଯାବତୀୟ ପରଚର୍ଚ୍ଚାକୁ ମଧ୍ୟ ନିଶ୍ଚୟ ଅନ୍ତର୍ଭୁକ୍ତ କରି ରଖିବା ।

ଅନ୍ୟ ମଣିଷମାନଙ୍କ ଲାଗି ଯଦି ଅଭିଭାବକ, ଶିକ୍ଷକ କିଂବା ଜଣେ ବିଭାଗୀୟ ମୁଖ୍ୟ ହିସାବରେ ତୁମର କୌଣସି ଦାୟିତ୍ୱ ନ ଥାଏ, ତେବେ ଅନ୍ୟମାନେ କ'ଣ କରୁଛନ୍ତି ବା ନ କରୁଛନ୍ତି, ସେ ବିଷୟରେ ତୁମର ଆଦୌ କୌଣସି ମୁଣ୍ଡବ୍ୟଥା ରହିବା ଉଚିତ ନୁହେଁ ଏବଂ ତେଣୁ ସେମାନଙ୍କ ବିଷୟରେ ତୁମର ଆଦୌ କୌଣସି ପ୍ରକାର ଚର୍ଚ୍ଚା କରିବା ମଧ୍ୟ ପ୍ରକୃତରେ ଅନୁଚିତ । ସେମାନଙ୍କ ବିଷୟରେ ଓ ସେମାନେ କରୁଥିବା କାର୍ଯ୍ୟଗୁଡ଼ିକ ବିଷୟରେ ନିଜର ମତଦେବା ମଧ୍ୟ ତୁମ ପକ୍ଷରେ ଅନୁଚିତ, ଏବଂ, ଅନ୍ୟମାନେ ସେମାନଙ୍କ ବିଷୟରେ

କ'ଣ ଭାବିବେ ବା କ'ଣ ସବୁ କହିବେ, ସେଗୁଡ଼ାକୁ ବାରବାର ରଟି ବୁଲିବା ମଧ୍ୟ ଅନୁଚିତ ।

ବେଳେବେଳେ ହୁଏତ ଏପରି ମଧ୍ୟ ଘଟିପାରେ ଯେ, ତୁମେ ଯେଉଁପରି ଗୋଟିଏ କର୍ମସ୍ଥାନରେ ନିଯୁକ୍ତ ହୋଇ ରହିଛ, ସେହି ଦୃଷ୍ଟିରୁ, କୌଣସି ଏକ ନିର୍ଦ୍ଦିଷ୍ଟ ବିଭାଗରେ, କାରବାରରେ ଅଥବା ସାଧାରଣ କାର୍ଯ୍ୟରେ ଯାହାକିଛି ଘଟିବ, ସେଗୁଡ଼ିକର ବିବରଣୀ ଦେବା ତୁମର ଏକ କର୍ତ୍ତବ୍ୟ ହୋଇ ରହିଛି । ସେଭଳି ପରିସ୍ଥିତିରେ ତୁମ ଦ୍ୱାରା ପ୍ରଦତ୍ତ ବିବରଣୀ କେବଳ କାର୍ଯ୍ୟକ୍ଷେତ୍ରୀୟ ଘଟନାସମ୍ବନ୍ଧ ଭିତରେହିଁ ସୀମାବଦ୍ଧ ହୋଇ ରହିବା ଉଚିତ ଏବଂ ବ୍ୟକ୍ତିଗତ ପ୍ରସଙ୍ଗଗୁଡ଼ିକ ବିଷୟରେ ସେଥିରେ ଆଦୌ କିଛିହେଲେ ରହିବା ଉଚିତ ନୁହେଁ । ଏହାକୁ ତୁମକୁ ଏକ ଅପରିବର୍ତ୍ତନୀୟ ନିୟମ ରୂପେ ସବୁବେଳେ ଅବଶ୍ୟ ପାଳନ କରିବାକୁ ହେବ । କେବେହେଲେ, ତୁମର କୌଣସି ବ୍ୟକ୍ତିଗତ ପ୍ରତିକ୍ରିୟା, ବ୍ୟକ୍ତିଗତ ରୁଚି ଓ ଅରୁଚି, ତୁମର ମନକୁ କ'ଣ ପସନ୍ଦ ହେଉଛି ଅଥବା ନ ହେଉଛି, ଏଗୁଡ଼ାକୁ ତୁମେ ଆଦୌ କୌଣସି ପ୍ରଶ୍ରୟ ଦେବ ନାହିଁ । ଏବଂ ସର୍ବୋପରି, ତୁମ ଉପରେ ଯେଉଁ କାର୍ଯ୍ୟଟିର ଦାୟିତ୍ୱ ନ୍ୟସ୍ତ ହୋଇ ରହିଛି, ତା ଭିତରକୁ ତୁମେ ନିଜର କୌଣସି ପ୍ରକାର କ୍ଷୁଦ୍ର ବ୍ୟକ୍ତିଗତ ଅକସ କିଂବା ଆକ୍ରୋଶକୁ ପ୍ରବେଶ କରିବାକୁ କଦାପି ଦେବ ନାହିଁ ।

ସକଳ କ୍ଷେତ୍ରରେ ଏବଂ ଏକ ସାଧାରଣ ନିୟମରୂପେ, ଅନ୍ୟମାନଙ୍କ ବିଷୟରେ, ଏପରିକି ସେମାନଙ୍କୁ ପ୍ରଶଂସା କରୁଥିବା ସମୟରେ ମଧ, ତୁମେ ଯେତେ କମ୍ କଥା କହିବ, ତାହା ପ୍ରକୃତରେ ସେତେ ଅଧିକ ଉଚିତ ହେବ । ତୁମ ନିଜ ଭିତରେ ପ୍ରକୃତରେ କ'ଣ ସବୁ ଘଟୁଛି, ତାହାକୁ ନିର୍ଭୁଲ ଭାବରେ ଜାଣିବା ଯେତେବେଳେ ସର୍ବଦା କେଡ଼େ କଷ୍ଟକର ହୋଇ ରହିଛି, ତେବେ ଅନ୍ୟମାନଙ୍କ ଭିତରେ ପ୍ରକୃତରେ କ'ଣ ଯେ ଘଟୁଛି, ସେଗୁଡ଼ାକୁ ତୁମେ ଏଡ଼େ ନିଶ୍ଚିତ ଭାବରେ କିପରି ଜାଣିପାରିବ କହିଲ ? ତେଣୁ, କୌଣସି ବ୍ୟକ୍ତି ବିଷୟରେ କୌଣସି ଚୂଡ଼ାନ୍ତ ବିଚାରଟାଏ ବ୍ୟକ୍ତ କରି ପକାଇବାରୁ ତୁମେ ଆପଣାକୁ ସବୁବେଳେ କ୍ଷାନ୍ତ କରି ରଖିଥିବ; କାରଣ, ତୁମେ ଈର୍ଷାପରବଶ ହୋଇ ଏପରି କହୁଛ ବୋଲି କୁହାଯାଇ ନ ପାରିଲେ ମଧ ତାହା କେବଳ ତୁମର ନିର୍ବୋଧତାରହିଁ ପରିଚୟ ଦେଉଥିବ ।

ତୁମେ ଯେତେବେଳେ ନିଜର କୌଣସି ଭାବନାକୁ ମୁଖର କଥା ଦେଇ ବ୍ୟକ୍ତ କରିବାକୁ ବାହାର, ସେତେବେଳେ ଉତ୍ପନ୍ନ ସେହି ଧ୍ୱନିଟିର ସ୍ପନ୍ଦନ ଭିତରେ ଏପରି ଏକ ପ୍ରଭୂତ ଶକ୍ତିଶାଳିତା ରହିଥାଏ, ଯାହାକି ସ୍ଥୂଳତମ ଉପାଦାନଟି ସହିତ ବି ତୁମ ଭାବନାର ଏକ ସଂସ୍ପର୍ଶ ଘଟାଏ ଏବଂ ତଦ୍ଦ୍ୱାରା ତୁମର ଭାବନା ଏକ ମୂର୍ତ୍ତ ଏବଂ ପ୍ରଭାବସମର୍ଥ ବାସ୍ତବାକାର ଧାରଣ କରିବାକୁ ଆରମ୍ଭ କରେ । ସେହି କାରଣରୁହିଁ ଆମେ କେବେହେଲେ

ଅନ୍ୟ ଲୋକମାନଙ୍କର ନିନ୍ଦା କରି ଆଦୌ କିଛି କହିବା ନାହିଁ, କୌଣସି ବସ୍ତୁର ନିନ୍ଦାକରି କିଛି କହିବା ନାହିଁ ଏବଂ ଏପରି କୌଣସି କଥା କହିବା ନାହିଁ, ଯାହାକି ଏହି ପୃଥିବୀରେ ଦିବ୍ୟ ଉପଲବ୍ଧିର ଅଗ୍ରଗତିରେ ବାଧକ ପରି କାର୍ଯ୍ୟ କରିବ । ଏହି ସାଧାରଣ ନିୟମଟିରେ ଯେପରି ଆଦୌ କୌଣସି ଖିଲାପ ନ ଘଟେ ! ମାତ୍ର ତଥାପି ଏଥିରେ ଏକ ବ୍ୟତିକ୍ରମ ଅବଶ୍ୟ ରହିବ । ତୁମେ ଯେଉଁ ଗତିବିଧିର ଅଥବା ଯେଉଁ କାର୍ଯ୍ୟଟିର ନିନ୍ଦା କରୁଛ, ତାହାକୁ ସମାପ୍ତ କରିଦେବା ପାଇଁ ଅଥବା ବଦଳାଇ ଦେବା ପାଇଁ ଯଦି ସେହି ନିନ୍ଦାକରିବା ସଙ୍ଗେ ସଙ୍ଗେ ତୁମର ଏକ ସଚେତନ ସାମର୍ଥ୍ୟ ଓ ସକ୍ରିୟ ଇଚ୍ଛାଶକ୍ତି ରହି ନ ଥାଏ, ତେବେ ତୁମେ କୌଣସି ବିଷୟର ଆଦୌ କୌଣସି ସମାଲୋଚନା କିଂବା ନିନ୍ଦା କରି ପାରିବ ନାହିଁ । କାରଣ ସେହି ସଚେତନ ସାମର୍ଥ୍ୟ ଏବଂ ସକ୍ରିୟ ଇଚ୍ଛାଶକ୍ତି ଭିତରେ ନିଶ୍ଚୟ ଜଡ଼ୋପାଦାନ ମଧ୍ୟରେ ପ୍ରତିକ୍ରିୟା କରିବାର ଏକ ସମ୍ଭାବନାକୁ ପ୍ରେରିତ କରି ଆଣିବାର ଏକ ସାମର୍ଥ୍ୟ ମଧ୍ୟ ଅବଶ୍ୟ ରହିଥିବ; ମନ୍ଦ ସ୍ପନ୍ଦନଟିକୁ ଅସ୍ୱୀକାର କରିବା ଲାଗି ଓ ପରିଶେଷରେ ତାହାକୁ ସଂଶୋଧିତ କରି ପାରିବାର ଏକ ସମ୍ଭାବନାକୁ ପ୍ରେରିତ କରି ଆଣିବାର ସାମର୍ଥ୍ୟ ମହଜୁଦ ରହିଥିବ, ଯେପରିକି ସ୍ଥୂଳ ଭୂମିରେ ଆପଣାକୁ ଅବିଚ୍ଛିନ୍ନ ଭାବରେ ବ୍ୟକ୍ତ କରିବା ସକାଶେ ସେହି ମନ୍ଦ ସ୍ପନ୍ଦନଟି ମଧ୍ୟରେ ଆଉ କୌଣସି ସମ୍ଭାବନା ମୋଟେ ରହିବ ନାହିଁ ।

ଯେଉଁ ବ୍ୟକ୍ତି ଚେତନାର ବିଜ୍ଞାନମୟ ଭୂମିରେ ବିଚରଣ କରୁଥିବ ଏବଂ ଯାହାର ମାନସ ଆୟତନ ମଧ୍ୟରେ ଚିନ୍ମୟତାର ଆଲୋକ ଏବଂ ସତ୍ୟର ଶକ୍ତିସମ୍ପନ୍ନତା ସଞ୍ଚାରିତ ହୋଇ ରହିଥିବ, କେବଳ ସେହିପରି ଜଣେ ବ୍ୟକ୍ତି କୌଣସି ପ୍ରକାର ପ୍ରମାଦ ବା ବିଘ୍ନ ଭିତରେ ନ ପଡ଼ି, ସେହି କଥାଟିକୁ କରିପାରିବ । ଦିବ୍ୟପଥର ସେହି କର୍ମୀ ଯାବତୀୟ ପ୍ରକାରର ଅଗ୍ରରୁଚି ଏବଂ ଆସକ୍ତିରୁ ମୁକ୍ତ ହୋଇ ରହିଥିବ; ଆପଣା ଅହଂର ସୀମାଗୁଡ଼ାକୁ ସିଏ ଭାଙ୍ଗିଦେଇ ପାରିଥିବ ଏବଂ ବର୍ତ୍ତମାନ ପୃଥିବୀପୃଷ୍ଠରେ ସେହି ଅତିମାନସ କ୍ରିୟାଟି ଲାଗିହିଁ କେବଳ ଏକ ସଂପୂର୍ଣ୍ଣ ବିଶୁଦ୍ଧ ଓ ସକଳ ବ୍ୟକ୍ତିମୋହରୁ ମୁକ୍ତ ଏକ ଯନ୍ତ୍ର ପରି କାର୍ଯ୍ୟ କରୁଥିବ ।

ଆମ ମନର ଯାବତୀୟ ଭାବନା ଓ ମତଚୟକୁ ଅଭିବ୍ୟକ୍ତ କରିବାକୁ ଯାଇ ମଧ୍ୟ ଆମେ କେତେ କଥା କହିଥାଉ । ସେଗୁଡ଼ିକୁ ଆମର ମନନ ଓ ଅଧ୍ୟୟନ ଫଳରେ ଆମେ ଅର୍ଜନ କରିଥାଉ । ଏହି କ୍ଷେତ୍ରରେ ଆମେ ଏକ ବୁଦ୍ଧିଗତ କ୍ଷେତ୍ରରେ ବିଚରଣ କରୁଥାଉ ଏବଂ ତେଣୁ ଆମେ ହୁଏତ ଅନେକ ସମୟରେ ଏପରି ଭାବିପାରୁ ଯେ ଏହି ଭୂମିରେ ମନୁଷ୍ୟମାନେ ଅଧିକ ବିବେକଯୁକ୍ତ ହୋଇ ରହିଥା'ନ୍ତି, ସେମାନଙ୍କ ମଧ୍ୟରେ ଅଧିକ ଆତ୍ମନିୟନ୍ତ୍ରଣର ଶକ୍ତି ରହିଥାଏ ଏବଂ ତେଣୁ ଏହି କ୍ଷେତ୍ରରେ ଏକ କଠୋର ଶୃଙ୍ଖଳାର

ସାଧନାକୁ ହୁଏତ ଅପେକ୍ଷାକୃତ କମ୍ ଅପରିହାର୍ଯ୍ୟ ବୋଲି କୁହାଯିବ । ମାତ୍ର ସେପରି ଆଦୌ ଘଟେ ନାହିଁ, କାରଣ, ଏପରିକି ଏହି କ୍ଷେତ୍ରରେ ମଧ ବିଚାର ଓ ଭାବନା ଦେଇ ଗଢ଼ା ହୋଇଥିବା ଏହି ସଦନଟି ଭିତରେ ମଧ ମଣିଷ ଆପେ ସତ୍ୟ ବୋଲି ବିଶ୍ୱାସ କରୁଥିବା କଥାଗୁଡ଼ିକରେ କେତେ ତୀବ୍ରତା ଓ ପ୍ରବଳତାକୁ ଆଣି ପୂରାଇ ଦେଇଛି, ତା'ର ପକ୍ଷାଗ୍ରହୀତା ଜନିତ କେତେ ଅସହିଷ୍ଣୁତା ଏବଂ ତା'ର ନାନା ଅଗ୍ରରୁଚି ଜନିତ ନାନା ପ୍ରଚଣ୍ଡ ଉତ୍ସାହକୁ ଆଣି ଭର୍ତ୍ତି କରି ଦେଇଛି । ତେଣୁ, ଏହି କ୍ଷେତ୍ରଟିରେ ମଧ ଆମକୁ ଏକ ମାନସିକ ଶୃଙ୍ଖଳା ଅବଲମ୍ବନ କରିବାକୁ ହେବ ଏବଂ ଅତ୍ୟନ୍ତ ଯତ୍ନଶୀଳ ରହି ଅଧିକାଂଶ ସମୟରେହିଁ ତିକ୍ତ ଓ ପ୍ରାୟ ସର୍ବଦା ନିଷ୍ପ୍ରୟୋଜନ ହୋଇ ରହୁଥିବା ନାନା ବିବାଦ ଏବଂ ଅନୈକ ଭିତରକୁ ଆମକୁ ଟାଣିନେଇ ଯାଉଥିବା ଯାବତୀୟ ବିଚାର ସଂଘର୍ଷକୁ ଏଡ଼ି ରହିବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ଆମକୁ ସ୍ୱମତଜନିତ ଏପରି ଯାବତୀୟ ବିବାଦ ଓ ସଂଘାତକୁ ଏଡ଼ି କରି ରହିବାକୁ ହେବ, ଯାହାର ପରିଣାମରେ କେବଳ ଉତ୍ତେଜନାମୟ ନାନା ବାଦ-ବିସମ୍ବାଦ ମଧରେ ଆସି ପଶିବାକୁ ହୋଇଥାଏ, ଏପରିକି କେତେକେତେ କଳହ ବି କରିବାକୁ ହୋଇଥାଏ । ଆମ ମନ ଭିତରେ ରହିଥିବା କୌଣସି ନା କୌଣସି ସଂକୀର୍ଣ୍ଣତା ହେତୁ ଏସବୁ ଘଟିଥାଏ, ଏବଂ ଆପଣାର ମାନସିକ କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଊର୍ଦ୍ଧ୍ୱକୁ ଉଠିଯାଇ ପାରିଲେ ଏଗୁଡ଼ିକର ନିରାକରଣ ଭାରି ସହଜ ହୋଇ ଯାଇଥାଏ ।

କାରଣ, ଯେତେ ପ୍ରକାରେ ବ୍ୟକ୍ତ କରିବାକୁ ଚେଷ୍ଟା କରାଯାଉଥଲେ ମଧ ତଥାପି ସଂପୂର୍ଣ୍ଣ ବୋଧ ହୋଇପାରୁ ନ ଥିବା କୌଣସି ବିଷୟର ବ୍ୟାଖ୍ୟା କରିବାକୁ ଗଲେ ଓ ଭାବନା ଦ୍ୱାରା ତାହାକୁ ସୂତ୍ରବଦ୍ଧ କରି ରଖିବାକୁ ଗଲେ ତାହା ଯେ ସେହି ବିଷୟଟିକୁ ବ୍ୟାଖ୍ୟା କରିବାର କେବଳ ଗୋଟିଏ ମାର୍ଗକୁହିଁ ଉପସ୍ଥାପିତ କରିଥାଏ, ଏକଥା ଜାଣିପାରିବା ପରେ ଯାବତୀୟ ପକ୍ଷାଗ୍ରହ ପ୍ରକୃତରେ ଅସମ୍ଭବହିଁ ହୋଇପଡ଼େ । ପ୍ରତ୍ୟେକ ଭାବନା ବା ବିଚାରରେ ସତ୍ୟର କେବଳ ଗୋଟିଏ କୌଣସି ବିଭାବ ରହିଥାଏ, ସତ୍ୟର କେବଳ ଏକ କ୍ଷୁଦ୍ର ଅଂଶହିଁ ରହିଥାଏ । ମାତ୍ର କୌଣସି ଗୋଟିଏ ବିଚାରକୁ କେବେହେଲେ ସତ୍ୟର ଏକ ସ୍ୱୟଂସଂପୂର୍ଣ୍ଣ ବ୍ୟାଖ୍ୟା ବୋଲି କୁହାଯାଇ ପାରିବ ନାହିଁ ।

ବସ୍ତୁଗୁଡ଼ିକର ଆପେକ୍ଷିକତା ବିଷୟରେ ଏହିପରି ଏକ ବୋଧ ରହିଥିଲେ ତାହା ଆମକୁ ଆମର କହୁଥିବା କଥାରେ ଆପଣାର ଭାରସାମ୍ୟଟି ରଖିବାରେ ଏବଂ ଏକ ପ୍ରଶାନ୍ତ ମିତାଚାର ଅବଲମ୍ବନ କରିବାରେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସାହାଯ୍ୟ କରିଥାଏ । କେତେକାଂଶରେ ପ୍ରଜ୍ଞାସମ୍ପନ୍ନ ଜଣେ ବୟସ୍କ ଗୂଢ଼ତତ୍ତ୍ୱବାଦୀଙ୍କଠାରୁ ମୁଁ ଥରେ ଏହିପରି ଏକ କଥା ଶୁଣିବାକୁ ପାଇଥିଲି : ''ଜଗତରେ କିଛିହେଲେ ମୂଳତଃ ଖରାପ ନୁହେଁ; କେବଳ

ଏତିକି କଥାକୁ ଆମେ ସତ ବୋଲି ଜାଣିବା ଯେ କେତେକ ବିଷୟ ଓ ବସ୍ତୁ ଅନେକ ସମୟରେ ସେଗୁଡ଼ିକର ଯଥୋଚିତ ସ୍ଥାନରେ ରହି ପାରି ନ ଥା'ନ୍ତି । ଯଦି ଆମେ ପ୍ରତ୍ୟେକ ବସ୍ତୁକୁ ତା'ର ଯଥୋଚିତ ସ୍ଥାନରେ ଆଣି ରଖିଦେଇ ପାରିବା, ତେବେ ଆମର ଏହି ଜଗତରେ ଏକ ସୌଷମ୍ୟ ଅବଶ୍ୟ ପ୍ରତିଷ୍ଠିତ ହୋଇ ପାରିବ ।''

ଏବଂ ତଥାପି, କ୍ରିୟାଶୀଳତାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ପ୍ରତ୍ୟେକ ବିଚାରର ବ୍ୟାବହାରିକ କ୍ଷେତ୍ରରେ ଯେତିକି କାର୍ଯ୍ୟକାରିକା ଶକ୍ତି ରହିଥାଏ, ତାହାର ଠିକ୍ ସେହି ଅନୁପାତରେହିଁ ଅଧିକ ମୂଲ୍ୟ ରହିଥାଏ । ଏକଥା ମଧ୍ୟ ସତ ଯେ, ସେହି ବିଚାରଟି ଜଣେ ବ୍ୟକ୍ତି ଉପରେ କିପରି ଭାବରେ କାର୍ଯ୍ୟ କରୁଛି, ତାହାର ଶକ୍ତିଟି ତାହାରି ଉପରେହିଁ ପ୍ରଭୂତ ପରିମାଣରେ ନିର୍ଭର କରିଥାଏ । ଜଣେ ବ୍ୟକ୍ତିର ଜୀବନରେ ଅତ୍ୟନ୍ତ ଶକ୍ତିଶାଳୀ ପ୍ରଭାବ ପକାଉଥିବା କୌଣସି ଏକ ବିଚାରର ଆଉ ଜଣେ ବ୍ୟକ୍ତିର ଜୀବନରେ ହୁଏତ ଆଦୌ କୌଣସି ପ୍ରଭାବ ପଡୁ ନ ଥାଏ । ମାତ୍ର, ଖାସ୍ ସେହି ଶକ୍ତିଟିକୁ ଆମେ ଅବଶ୍ୟ ସଂକ୍ରାମକ ବୋଲି କହିପାରିବା । ଏପରିକି କେତେକ ବିଚାର ରହିଛି, ଯେଉଁଗୁଡ଼ିକରେ କି ସାରା ପୃଥିବୀକୁ ମଧ୍ୟ ବଦଳାଇ ଦେଇ ପାରିବାର ସାମର୍ଥ୍ୟ ରହିଛି । ସେହିସବୁ ବିଚାର ଅବଶ୍ୟ ଅଭିବ୍ୟକ୍ତ ହୋଇପାରିବା ଉଚିତ; ସେହି ବିଚାରଗୁଡ଼ିକୁ ଆମେ ଚିନ୍ମୟ ଜଗତର ଆକାଶରେ ଗୋଟିଏ ଗୋଟିଏ ଅତ୍ୟୁଜ୍ଜ୍ୱଳ ତାରକା ବୋଲି କହିପାରିବା, ଯାହାକି ଆମର ଏହି ପୃଥିବୀକୁ ତା'ର ସେହି ସର୍ବୋଚ୍ଚ ଉପଲବ୍ଧି ଆଡ଼କୁ ପଥ ଦେଖାଇ ନେଇଯାଇ ପାରିବ ।

ସର୍ବଶେଷରେ, ଆମେ ଏଭଳି ଶବ୍ଦଗୁଡ଼ିକର ମଧ୍ୟ ବିଚାର କରିବା, ଯେଉଁଗୁଡ଼ିକୁ କି କୌଣସି ଶିକ୍ଷା ଦେବା ଉଦ୍ଦେଶ୍ୟରେ ଆମେ କଥାରେ ବ୍ୟବହାର କରିଥାଉ । ଏହି କ୍ଷେତ୍ରରେ ଆମେ ଶିଶୁଶ୍ରେଣୀଠାରୁ ବିଶ୍ୱବିଦ୍ୟାଳୟର ପାଠକ୍ରମ ପର୍ଯ୍ୟନ୍ତ ନାନା ସ୍ତରର କଳ୍ପନା କରି ପାରିବା । ଏବଂ, ମନୁଷ୍ୟଜାତିର ଯେଉଁ କଳାତ୍ମକ ଏବଂ ସାହିତ୍ୟିକ ସୃଷ୍ଟିସବୁ ଆମକୁ ଆନନ୍ଦ ଆଣି ଦେବାର ଓ ଶିକ୍ଷାଦାନ କରିବାର ଅଭିପ୍ରାୟ ରଖିଥାଏ, ଏଠାରେ ଆମେ ସେଗୁଡ଼ିକୁ ମଧ୍ୟ କଦାପି ଭୁଲି ଯିବା ନାହିଁ । ଏହି କ୍ଷେତ୍ରରେ ସବୁକିଛି ସେହି ସୃଷ୍ଟିଟିର ପ୍ରକୃତ ମୂଲ୍ୟ ଉପରେହିଁ ନିର୍ଭରଶୀଳ ହୋଇ ରହିଥାଏ, ଏବଂ ସେହି ବିଷୟଟି ପ୍ରକୃତରେ ଏତେ ବ୍ୟାପକ ଯେ, ତାହାକୁ ଏଠାରେ ଯଥାର୍ଥ ଭାବରେ ଆଲୋଚନା କରାଯାଇ ପାରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମର ଏହି ବର୍ତ୍ତମାନ କାଳରେ ଶିକ୍ଷାର କ୍ଷେତ୍ରଟି ପ୍ରତି ପ୍ରଭୂତ ଦୃଷ୍ଟି ସର୍ବତ୍ର ଦିଆଯାଉଛି ଏବଂ ନୂତନ ବୈଜ୍ଞାନିକ ଆବିଷ୍କାରଗୁଡ଼ିକୁ ଶିକ୍ଷାର ସେବାରେ ଆଣି ଲଗାଇବା ପାଇଁ ଚାରିଆଡ଼େ ପ୍ରଶଂସାଯୋଗ୍ୟ ଅନେକ ଉଦ୍ୟମ ଏବେ କରାଯାଉଛି । ମାତ୍ର, ଏହି ବିଷୟଟିର କ୍ଷେତ୍ରରେ ମଧ୍ୟ ସତ୍ୟର ଅନୁସନ୍ଧିତ୍ସୁ ବିଦ୍ୟାର୍ଥୀଠାରୁ ଅନେକ ଶୃଙ୍ଖଳା ଓ ସାଧନାର ଅପେକ୍ଷା ରଖିବାକୁ ହେବ ।

ସାଧାରଣ ଭାବରେ ସମସ୍ତେ ଏହି କଥାଟିକୁ ସ୍ୱୀକାର କରନ୍ତି ଯେ ଶିକ୍ଷାର ପ୍ରକ୍ରିୟାଟିର କ୍ଷେତ୍ରରେ ପ୍ରୟାସଗତ ଯାବତୀୟ ଗଠନତାରେ ଲାଘବ ଘଟାଇବା ପାଇଁ ଏବଂ ପିଲାମାନଙ୍କୁ ଓ ଏପରିକି ବୟସ୍କମାନଙ୍କୁ ମଧ୍ୟ କେତେକ ପରିମାଣରେ ଏକ ଉଶ୍ୱାସଭାବ ଆଣିଦେବା ସକାଶେ ଏକ ନିର୍ଦ୍ଦିଷ୍ଟ ଧରଣର ଅପେକ୍ଷାକୃତ ଅଧିକ ହାଲୁକା, ଅଧିକ ସହଜ ଓ ଅଧିକ ମନୋରଞ୍ଜକ ସାମଗ୍ରୀମାନ ଆଣି ଯୋଗାଇ ଦେବାର ପ୍ରୟୋଜନ ରହିଛି । କେତେକ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି କଥାଟିକୁ ଆମେ ଅବଶ୍ୟ ଠିକ୍ ବୋଲି କହିବା; ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ଏହିପରି ଏକ ସୁବିଧା ଯୋଗାଇଦେବାର ମନୋଭାବଟି ଅନେକ ସମୟରେ ଏପରିଗୁଡ଼ାଏ କଥା ଲାଗି ବାଟ ଛାଡ଼ିଦେବାକୁ ଅନେକଙ୍କୁ ଗୋଟାଏ ଆଳ ବି ଯୋଗାଇ ଦେଇଛି, ଯେଉଁଗୁଡ଼ିକ କି କେବଳ ଯାବତୀୟ ଅଶିଷ୍ଟ ଏବଂ ଅସୁନ୍ଦର କଥା ଲାଗି ଗୋଟାସୁଦ୍ଧା ପ୍ରଶ୍ରୟ ଯୋଗାଇ ଦେଇଛି । ମନୁଷ୍ୟର ସ୍ୱଭାବରେ ଯାହା କିଛି ଅମାର୍ଜିତ, ଅଶୋଧିତ ଏବଂ ନିମ୍ନସ୍ତରୀୟ, କେବଳ ସେହିଗୁଡ଼ାକ ଲାଗି ବାଟ ଛାଡ଼ିଦେଇଛି । ଶିକ୍ଷାରେ ସବୁକିଛିକୁ ସୁବିଧାଜନକ କରିଦେବାର ଉତ୍ସାହ ଭିତରେ ମନୁଷ୍ୟ ସ୍ୱଭାବର ସବୁଠାରୁ ଅଧିକ ଅଶୋଧିତ ନାନା ପ୍ରବୃତ୍ତି ଏବଂ ସବୁଠାରୁ ଅଧିକ ଚରିତ୍ରଭ୍ରଷ୍ଟକାରୀ ରୁଚିଗୁଡ଼ାକ ଏକ ଅନିବାର୍ଯ୍ୟ ଆବଶ୍ୟକତା ରୂପେ ଆପଣାକୁ ପ୍ରଦର୍ଶିତ କରିବା ଏବଂ ଆମ ଉପରେ ଆସି ଲଦି ହୋଇଯିବା ଲାଗି ମଧ୍ୟ ଭାରି ଚମତ୍କାର ଭାବରେ ପ୍ରଶ୍ରୟ ପାଇ ଯାଇଛନ୍ତି । ସେଗୁଡ଼ାକୁ ପ୍ରକୃତରେ ଆଦୌ ଏକ ଆବଶ୍ୟକତା ବୋଲି କୁହାଯିବ ନାହିଁ; କାରଣ, ଆପଣାକୁ କାମୁକତା ଏବଂ ଦୁରାଚାର ମଧ୍ୟକୁ ଛାଡ଼ି ନ ଦେଇ ମଧ୍ୟ ଆମେ ତଥାପି ଉଶ୍ୱାସ ଅନୁଭବ କରିପାରିବା, କୌଣସି ପ୍ରକାରେ ଅଶୋଧିତ ରୁଚିର ଶିକାର ନ ହୋଇ ମଧ୍ୟ ଆମେ ତଥାପି ଯଥାର୍ଥ ବିଶ୍ରାମ ନେଇ ପାରିବା, ଆମ ସ୍ୱଭାବ ଭିତରେ ରହିଥିବା ଅପେକ୍ଷାକୃତ ଅଧିକ ସ୍ଥୂଳ ଉପାଦାନଗୁଡ଼ାକୁ ଉସ୍‌କାଇ ଉପରିଭାଗକୁ ଉଠାଇ ନ ଆଣି ମଧ୍ୟ ଆମେ ତଥାପି ଆପଣାକୁ ଆମୋଦ ଓ ଆନନ୍ଦ ଦେଇ ପାରିବା । ମାତ୍ର, ଆମେ ଯେତେବେଳେ ଏକ ସାଧନା ଓ ତପସ୍ୟାର ଦୃଷ୍ଟିରୁ ଏହି କଥାଗୁଡ଼ିକର ବିଚାର କରିବା, ସେତେବେଳେ ଏହି ପ୍ରୟୋଜନଗୁଡ଼ିକର ସ୍ୱଭାବଟି ମଧ୍ୟ ଏକାବେଳେକେ କୁଆଡ଼େ ବଦଳିଯିବ; ଉଶ୍ୱାସ ଅନୁଭବ କରିବା ଏକ ଅନ୍ତର୍ଗତ ନୀରବତାରେ ରୂପାନ୍ତରିତ ହୋଇଯିବ, ଆମର ବିଶ୍ରାମ ଧ୍ୟାନରେ ପରିଣତ ହୋଇଯିବ । ଏବଂ ଖୁସି ହେବାର ସକଳ ଅଭିଳାଷ ଯଥାର୍ଥ ଆନନ୍ଦାନୁଭୂତିକୁ ରୂପାନ୍ତରିତ ହୋଇଯିବ ।

ମନୋରଞ୍ଜନ ଯେଉଁ ପ୍ରୟୋଜନଟିକୁ ସାଧାରଣତଃ ସମସ୍ତେ ସ୍ୱୀକୃତି ଦେଇଥା'ନ୍ତି, ଆମର ଉଦ୍ୟମଗୁଡ଼ିକୁ ବେଳେବେଳେ ହାଲୁକା କରିଦେବାର ଏବଂ ଜୀବନର ଲକ୍ଷ୍ୟ ତଥା ତାହାକୁ ବଞ୍ଚିବାର ଉଦ୍ଦେଶ୍ୟଟିକୁ ବେଳେବେଳେ ସଂପୂର୍ଣ୍ଣ ଭାବରେ ଭୁଲିଯିବାର ଏକ

ପ୍ରୟୋଜନ ରହିଛି ବୋଲି ସାଧାରଣତଃ ଅନେକ ଲୋକ ଯେପରି କହିଥା'ନ୍ତି, ତାହାକୁ ଆମେ କଦାପି ସଂପୂର୍ଣ୍ଣ ସ୍ୱାଭାବିକ ଏବଂ ଅପରିହାର୍ଯ୍ୟ ବୋଲି ବିଚାର କରିବା ନାହିଁ; ଏହାକୁ ଆମେ ସର୍ବଥା ଏକ ଦୁର୍ବଳତା ବୋଲିହିଁ କହିବା, ଆମର ଅଭୀପ୍ସା ମଧ୍ୟରେ ପ୍ରଗାଢ଼ତାର ଅଭାବ ରହିଥିଲେ ଆମେ ସେହି ଦୁର୍ବଳତାଟି ସମ୍ମୁଖରେ ବଶତା ସ୍ୱୀକାର କରିପକାଉ; କାରଣ ଆମର ଇଚ୍ଛାଶକ୍ତିରେ ଯଥେଷ୍ଟ ଦୃଢ଼ତା ନ ଥାଏ, କାରଣ ଆମେ ଅଜ୍ଞାନ, ଅଚେତନା ଏବଂ ଆଳସ୍ୟରହିଁ ଶିକାର ହୋଇ ରହିଥାଉ । ଏହିସବୁ ପଥ ଓ ବୃତ୍ତିକୁ ତୁମେ କଦାପି ଉଚିତ ବୋଲି କହିବ ନାହିଁ, ଏବଂ ତେବେ ତୁମେ ଏକଥାଟିକୁ ମଧ୍ୟ ଅଚିରେ ଉପଲବ୍ଧି କରିପାରିବ ଯେ ସେଗୁଡ଼ିକର ପ୍ରକୃତରେ ଆଦୌ କୌଣସି ପ୍ରୟୋଜନ ନାହିଁ । ଏବଂ, ତା ପରେ ଏପରି ଏକ ସମୟ ବି ଆସି ପହଞ୍ଚିବ ଯେ, ସେଗୁଡ଼ିକ ପ୍ରତି ତୁମର ଏକ ଅନିଚ୍ଛା ଓ ଅରୁଚି ଜାତ ହେବାକୁ ଲାଗିବ ଏବଂ ସେଗୁଡ଼ିକୁ ତୁମେ ଆଦୌ ଗ୍ରହଣ ଯୋଗ୍ୟ ବୋଲି ବିଚାର କରିବ ନାହିଁ । ଏବଂ ତା ପରେ, ଏହି ମନୁଷ୍ୟ ଜଗତର ଯେଉଁ ବୃହତ୍ତର ଅଂଶଟି ସୁପ୍ରକଟ ଭାବରେହିଁ ମନୋରଞ୍ଜକ ଓ ପୁଲକପ୍ରଦାନକାରୀ ହୋଇ ରହିଛି ମାତ୍ର ତଥାପି ପ୍ରକୃତ କ୍ଷେତ୍ରରେ ମନୁଷ୍ୟକୁ ନାନାପ୍ରକାରେ ପଥଭ୍ରଷ୍ଟ କରିନେବାର ଚକ୍ରାନ୍ତ କରୁଛି, ତାହା ତୁମଠାରୁ ଆଉ ଆଦୌ କୌଣସି ସମର୍ଥନ ଲାଭ କରିବ ନାହିଁ ଏବଂ ସେ ଆଡ଼କୁ ତୁମର ଆଦୌ କୌଣସି ଉତ୍ସାହ ବି ହେବ ନାହିଁ ।

ତଥାପି, ଆମେ କଦାପି ଏକଥା ମଧ୍ୟ ଭାବିବାକୁ ଯିବା ନାହିଁ ଯେ, ଆମେ ଯେତେବେଳେ ଯେଉଁ ବିଷୟରେ କଥାବାର୍ତ୍ତା କରୁଥିବା, ସେହି ବିଷୟଟିର ସ୍ୱଭାବ ଉପରେହିଁ ଆମେ କହୁଥିବା ଶବ୍ଦଗୁଡ଼ିକର ମୂଲ୍ୟ ସର୍ବଦା ନିର୍ଭରଶୀଳ ହୋଇ ରହିବ । କାରଣ, ଯେକୌଣସି ଅନ୍ୟ ବିଷୟ ପରି ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ବିଷୟଗୁଡ଼ିକୁ ନେଇ ମଧ୍ୟ ତୁଚ୍ଛା ନିରର୍ଥକ ଭାବରେ ବେଶ୍ କଥା କହିପାରିବ । ଏବଂ ଏହିପରି ନିରର୍ଥକ ଓ ନିକମା ଭାବରେ କଥା କହିବାକୁହିଁ ଏହି କ୍ଷେତ୍ରରେ ଏକ ଅତ୍ୟନ୍ତ ବିପଜ୍ଜନକ କଥା ବୋଲି କୁହାଯାଇ ପାରିବ । ଉଦାହରଣସ୍ୱରୂପ ନୂଆ ହୋଇ ଦୀକ୍ଷା ଗ୍ରହଣ କରିଥିବା ଜଣେ ଶିଷ୍ୟ, ସିଏ ଶିକ୍ଷା କରିଥିବା ଯତ୍‌ସାମାନ୍ୟ ବିଷୟକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିଦେବାକୁ ସବୁବେଳେ ଭାରି ଉତ୍ସାହ ପ୍ରକାଶ କରୁଥିବ । ମାତ୍ର ଆପଣାର ସାଧନାପଥରେ ଅଧିକରୁ ଅଧିକ ଅଗ୍ରସର ହେବା ସଙ୍ଗେ ସଙ୍ଗେ ସିଏ ଅଧିକରୁ ଅଧିକ ପରିମାଣରେ ଅବଶ୍ୟ ଏକ ସଜ୍ଞାନତା ଲାଭ କରୁଥିବ ଯେ ସିଏ ପ୍ରକୃତରେ ଖୁବ୍ ବେଶୀ ଅଧିକ କଥା ଜାଣି ନାହିଁ ଏବଂ ଅନ୍ୟମାନଙ୍କୁ ଶିକ୍ଷାଦେବା ଲାଗି ଚେଷ୍ଟା କରିବା ପୂର୍ବରୁ ତାକୁ ନିଜ ଜ୍ଞାନଟିର ଯଥାର୍ଥ ମୂଲ୍ୟ ବିଷୟରେ ପ୍ରକୃତରେ ଅତ୍ୟନ୍ତ ସୁନିଶ୍ଚିତ ହେବାକୁ ପଡ଼ିବ । ଏହିପରି ଭାବରେ ତାହାର ପ୍ରଜ୍ଞାଶକ୍ତି ବୃଦ୍ଧି ପାଉଥିବ ଏବଂ ସିଏ କ୍ରମେ ଏକଥାଟିକୁ ମଧ୍ୟ ଉପଲବ୍ଧି କରିବ ଯେ ମାତ୍ର

ଅଳ୍ପ କେତୋଟି ମିନିଟ୍ ଲାଗି ମଧ୍ୟ ଯଥାର୍ଥରେ ଉପଯୋଗୀ ହେବାଭଳି କିଛି କହିବା ଲାଗି ଅନେକ ଘଣ୍ଟାର ନୀରବ ମନନ ଓ ଅଭିନିବେଶ ଲାଗି ସର୍ବଦା ଏକ ଆବଶ୍ୟକତା ରହିଛି । ପୁନଶ୍ଚ ଯେଉଁଠାରେ ଆମେ ଅନ୍ତର୍ଗତ ଜୀବନ ଏବଂ ଆଧ୍ୟାତ୍ମିକ ପ୍ରୟାସର ବିଚାର କରୁଥିବା, ସେଠାରେ ବାକ୍ୟର ବ୍ୟବହାରକୁ ଆହୁରି ଅଧିକ ନିୟମର ନିୟନ୍ତ୍ରଣାଧୀନ କରି ରଖିବାକୁ ପଡ଼ିବ ଏବଂ ଏକାନ୍ତ ଅପରିହାର୍ଯ୍ୟ ନ ହେବା ପର୍ଯ୍ୟନ୍ତ ସେହି କ୍ଷେତ୍ରରେ ଆଦୌ କିଛି ନ କହିବାହିଁ କର୍ତ୍ତବ୍ୟ ହୋଇ ରହିଥିବ ।

ଏହା ଏକ ଅତ୍ୟନ୍ତ ସୁବିଦିତ କଥା ଯେ, ନିଜର ଆଧ୍ୟାତ୍ମିକ ଅନୁଭୂତିଗୁଡ଼ିକର କଥା ଆମେ କଦାପି କାହା ଆଗରେ ଯାଇ କହି ହେବା ନାହିଁ । ସେହି ଅନୁଭୂତିଟି ଦ୍ୱାରା ଆମେ ଯେଉଁ ଶକ୍ତିକୁ ଅର୍ଜନ କରିଥିବା, ତାହା ନିମିଷକ ମାତ୍ରକେ ଆମକୁ ଛାଡ଼ି ଚାଲିଯାଉ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁ ନ ଥିବା, ତେବେ ଆମେ କଦାପି ସେପରି କରିବା ନାହିଁ । ସେହି ଶକ୍ତି ପ୍ରକୃତରେ ଆମର ଅଗ୍ରଗତିକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବାକୁହିଁ ତ ଅଭିପ୍ରେତ ହୋଇ ରହିଥିଲା ! ହଁ, ଏହି କ୍ଷେତ୍ରରେ କେବଳ ଗୋଟିଏ ଜାଗାରେହିଁ ନିୟମଟିର ବ୍ୟତିକ୍ରମ କରାଯାଇ ପାରିବ; ନିଜର ଗୁରୁଙ୍କ ବେଳକୁ ତାହା କରାଯାଇ ପାରିବ । ଯେତେବେଳେ ଆମେ ଲାଭ କରିଥିବା ଅନୁଭୂତିର ବିଷୟବସ୍ତୁ ଓ ତାତ୍ପର୍ଯ୍ୟ ବିଷୟରେ ଗୁରୁଙ୍କଠାରୁ କୌଣସି ବ୍ୟାଖ୍ୟା ଅଥବା ଉପଦେଶ ପାଇବା ଲାଗି ଆମେ ଇଚ୍ଛା କରୁଥିବା, ସେତେବେଳେ ଆମେ ତାହା ନିଶ୍ଚୟ କହି ପାରିବା । ହଁ, କୌଣସି ପ୍ରକାରର ପ୍ରମାଦର ଆଶଙ୍କା ନ ରଖି ଆମେ ଏସବୁ ବିଷୟରେ କେବଳ ନିଜ ଗୁରୁଙ୍କ ଆଗରେହିଁ ଯାଇ କହିପାରିବା, କାରଣ କେବଳ ଗୁରୁହିଁ ସ୍ୱଜ୍ଞାନ ଦ୍ୱାରା ତୁମ ଅନୁଭୂତିର ଉପାଦାନଗୁଡ଼ିକୁ ତୁମର ମଙ୍ଗଳ ଲାଗି ବ୍ୟବହାର କରିପାରିବେ । ତୁମ ଲାଗି ଆହୁରି ଅନେକ ନୂତନ ଆରୋହଣର ଗୋଟିଏ ଗୋଟିଏ ପାହାଚ ରୂପେ ସିଏ ସେଗୁଡ଼ିକୁ ବ୍ୟବହାର କରିପାରିବେ ।

ଗୁରୁଙ୍କର ନିଜ ବ୍ୟକ୍ତିଗତ ଅନୁଭୂତିଗୁଡ଼ିକର କ୍ଷେତ୍ରରେ ସ୍ୱୟଂ ଗୁରୁଙ୍କୁ ମଧ୍ୟ ଯେ ସେହି ନିୟମଟିର ଅଧୀନ ହୋଇ ରହିବାକୁ ପଡ଼ିବ, ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରକୃତିର ରାଜ୍ୟରେ ସବୁକିଛି ଗତିଶୀଳ ହୋଇ ରହିଛି ଏବଂ ତେଣୁ, ଯାହାକିଛି ଆଉ ଆଗକୁ ଯାଉ ନାହିଁ, ତାହାର ପତନ ଏକାନ୍ତ ଅବଶ୍ୟମ୍ଭାବୀ । ନିଜର ଶିଷ୍ୟ ପରି ଗୁରୁଙ୍କୁ ମଧ୍ୟ ସତତ ଅଗ୍ରଗତି କରିବାକୁ ପଡ଼ିବ; ଅବଶ୍ୟ ଏକଥା ସତ ଯେ ସେହି ଅଗ୍ରଗତି ହୁଏତ ଶିଷ୍ୟ ସହିତ ଗୋଟିଏ ଭୂମିରେ ଆଦୌ ଗତି କରୁ ନ ଥିବ । ଏବଂ, ଆପଣାର ଅନୁଭବଗୁଡ଼ିକୁ ସମସ୍ତଙ୍କ ଆଗରେ ନେଇ ପ୍ରକାଶିତ କରିଦେବା ତାଙ୍କ ଲାଗି ମୋଟେ ଅନୁକୂଳ ହେବ ନାହିଁ । ଯଦି ନିଜର କୌଣସି ଅନୁଭୂତିକୁ ସେପରି ଭାବରେ ବାହାରେ ପ୍ରକାଶ କରି

ଦିଆଯାଏ, ତେବେ ତା ଭିତରେ ଅଗ୍ରଗତି ଲାଗି ଯେଉଁ ଗତିଶୀଳ ଶକ୍ତିଗୁଡ଼ିକ ନିହିତ ରହିଥାଏ, ତାହାର ଅଧିକାଂଶ ଭାଗ ତଦ୍ଦ୍ୱାରା ଉଭେଇ ଯିବାକୁ ବାଧ ହୋଇଥାଏ । ମାତ୍ର ଅନ୍ୟ ପକ୍ଷରେ, ଶିଷ୍ୟମାନଙ୍କ ଆଗରେ ଆପଣାର ଅନୁଭୂତିଗୁଡ଼ିକର ବ୍ୟାଖ୍ୟା କରି ଗୁରୁ ସେମାନଙ୍କର ବୋଧଶକ୍ତିକୁ ଓ ସେମାନଙ୍କର ଅଗ୍ରଗତିକୁ ମଧ୍ୟ ପ୍ରଭୂତ ପରିମାଣରେ ସହାୟତା କରିଥା'ନ୍ତି । ଗୋଟିକ ସକାଶେ ଅନ୍ୟଟିକୁ ସିଏ କେତେଦୂର ତ୍ୟାଗ କରିପାରିବେ ଓ ତାଙ୍କର ସେହି କଥାଟିକୁ କେତେଦୂର କହିବା ଉଚିତ, ଆପଣାର ପ୍ରଜ୍ଞାବଳରେହିଁ ଗୁରୁ ସେହି କଥାଟିକୁ ନିର୍ଣ୍ଣୟ କରି ପାରୁଥିବେ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାଙ୍କର ସେହି ପ୍ରକାଶ କରି କହିବାରେ ଆଦୌ କୌଣସି ବାହାଦୁରି ଦେଖାଇବା ନ ଥିବ, ଆପଣାକୁ ମିଛ ଗୌରବ ଦେବାର କୌଣସି ପ୍ରଚେଷ୍ଟା ମଧ୍ୟ ନ ଥିବ । କାରଣ ଏତେ ଟିକିଏ ବୃଥା ବାହାଦୁରି ବା ଦମ୍ଭ ଦେଖାଇବାକୁ ମନ କଲେ ଗୁରୁ ଆଉ ଗୁରୁ ହୋଇ ରହିବେ ନାହିଁ, ସିଏ ଜଣେ ପ୍ରବଞ୍ଚକ ଶଠଗୁରୁରେହିଁ ପରିଣତ ହୋଇଯିବେ ।

ଏବଂ ଏହି କ୍ଷେତ୍ରରେ ମୁଁ ଶିଷ୍ୟକୁ ତେଣୁ ଏହି କଥାଟିକୁ କହି ରଖିବି : ‘‘ଗୁରୁ ଯିଏ ହୋଇଥା'ନ୍ତୁ ପଛକେ, ତୁମେ ପ୍ରତ୍ୟେକ କ୍ଷେତ୍ରରେହିଁ ତାଙ୍କ ପ୍ରତି ନିଷ୍ଠାପରାୟଣ ହୋଇ ରହିବ; ତୁମେ ଯେତେ ଦୂର ପର୍ଯ୍ୟନ୍ତ ଯାଇ ପାରିବ, ସିଏ ତୁମକୁ ନିଶ୍ଚୟ ସେତିକି ଦୂରଯାଏ ଆଗେଇ ନେଇଯିବେ । ମାତ୍ର, ସ୍ୱୟଂ ପରମ ଦିବ୍ୟସତ୍ତାଙ୍କୁହିଁ ଆପଣାର ଗୁରୁ ରୂପେ ଲାଭ କରିବା ସକାଶେ ଯଦି ତୁମର ସୌଭାଗ୍ୟ ଥିବ, ତେବେ ତୁମର ଉପଲବ୍ଧିରେ ପ୍ରକୃତରେ ଆଉ କୌଣସି ସୀମାହିଁ ରହିବ ନାହିଁ ।

ତଥାପି, ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ଆସିଥିବା ବେଳେ ସେହି ପରମ ଦିବ୍ୟସତ୍ତା ମଧ୍ୟ ଅବଶ୍ୟ ଅଗ୍ରଗତିର ଠିକ୍ ସେହି ନିୟମଟିରହିଁ ଅଧୀନ ହୋଇ ରହିଥିବେ । ଅଭିବ୍ୟକ୍ତିର ତାଙ୍କର ସେହି ଯନ୍ତ୍ରଟି, ଅର୍ଥାତ୍ ସିଏ ଯେଉଁ ଭୌତିକ ସତ୍ତାଟିକୁ ଗ୍ରହଣ କରିଥିବେ, ସେଇଟି ମଧ୍ୟ ସତତ ଅଗ୍ରଗତିର ଏକ ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବ ଏବଂ ତାଙ୍କର ବ୍ୟକ୍ତିଗତ ଆତ୍ମ-ଅଭିବ୍ୟକ୍ତିର ବିଧାନଟି ଗୋଟିଏ ଦୃଷ୍ଟିରୁ ପାର୍ଥିବ ଅଗ୍ରଗତିର ସାଧାରଣ ବିଧାନଟି ସହିତ ବି ସଂଯୁକ୍ତ ହୋଇ ରହିଥିବ । କାରଣ ପୃଥିବୀର ମନୁଷ୍ୟସମୂହ ପରିପୂର୍ଣ୍ଣତାକୁ ବୁଝିବା ଏବଂ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ନ ହୋଇ ପାରିଥିବା ପର୍ଯ୍ୟନ୍ତ ଶରୀର ଧାରଣ କରି ପୃଥିବୀକୁ ଆସିଥିବା ଭଗବାନ୍ ମଧ୍ୟ ଏଠାରେ କଦାପି ପୂର୍ଣ୍ଣଗୁଣ ଓ ପରିପୂର୍ଣ୍ଣ ହୋଇ ପାରିବେ ନାହିଁ । ଏପରି ଏକ ଦିନ ନିଶ୍ଚୟ ଆସିବ, ଯେତେବେଳେ କି, ବର୍ତ୍ତମାନ ଏକ କର୍ତ୍ତବ୍ୟବୋଧ ଦ୍ୱାରା ପ୍ରେରିତ ହୋଇ ପରମ ଦିବ୍ୟସତ୍ତାଙ୍କ ଉଦ୍ଦେଶ୍ୟରେ ଯାହା କରାଯାଉଛି, ତାଙ୍କ ଲାଗି ରହିଥିବା କେବଳ ଏକ ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇହିଁ ତାହା କରାଯିବ । ସେତେବେଳେ ଯାବତୀୟ ଅଗ୍ରଗତି ଏକ ଆନନ୍ଦରେହିଁ ପରିଣତ ହେବ;

ବର୍ତ୍ତମାନ ତାହା ଯେପରି ଏକ ପ୍ରଚେଷ୍ଟା ଓ ଏପରିକି ଅନେକ ସମୟରେ ଏକ ସଂଘର୍ଷ ହୋଇ ରହିଛି, ସେତେବେଳେ ତାହା କଦାପି ସେପରି ହେବ ନାହିଁ । ଅଥବା, ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ସେତେବେଳେ ଯାହାକିଛି ଅଗ୍ରଗତି ହେବ ତାହା କେବଳ ଆନନ୍ଦର ସହିତହିଁ ହେବ, ସେତେବେଳେ ସମଗ୍ର ସତ୍ତାହିଁ ସେହି ଅଗ୍ରଗତି ଲାଗି ଆପଣାକୁ ନିୟୋଜିତ ଏବଂ ନିବେଦିତ କରି ରଖିଥିବ । ପ୍ରତିରୋଧ ପ୍ରଦର୍ଶନ କରୁଥିବା ଗୋଟାଏ ଅହଂକୁ ସେତେବେଳେ ଆଦୌ ବାଧ କରିବାକୁ ପଡ଼ିବ ନାହିଁ । କାରଣ ସେପରି କରୁଥିବା ପର୍ଯ୍ୟନ୍ତ ସେଥିଲାଗି କଠିନ ଉଦ୍ୟମ କରିବାକୁ ପଡୁଥିବ ଏବଂ ଏପରିକି ସମୟ ସମୟରେ ଅନେକ ଯାତନା ବି ଭୋଗ କରିବାକୁ ପଡୁଥିବ ।

ଉପସଂହାର କରି ଏଠାରେ ମୁଁ କହିବି : ତୁମର ମୁଖର କଥା ସତ୍ୟକୁହିଁ ବ୍ୟକ୍ତ କରି ଆଣିବାକୁ ସମର୍ଥ ହେଉ ଏବଂ ଏହିପରି ଭାବରେ ସେହି ପରମଶବ୍ଦର ଶକ୍ତିଟିକୁ ଅର୍ଜନ କରୁ ବୋଲି ଯଦି ତୁମେ ଇଚ୍ଛା କରୁଥିବ, ତେବେ ତୁମେ କୌଣସି ସମୟରେ କ'ଣ କହିବାକୁ ଇଚ୍ଛା କରୁଛ, ସେକଥା ତୁମେ ଆଗରୁ କଦାପି ଭାବିକରି ଠିକ୍ କରି ରଖିବ ନାହିଁ; କ'ଣ କହିଲେ ଭଲ ହେବ ଓ କ'ଣ କହିଲେ ଖରାପ ହେବ, ତୁମେ ସେକଥା ସମ୍ବନ୍ଧରେ ମଧ୍ୟ ଆଗରୁ ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ କରିବ ନାହିଁ । ତୁମେ ଯାହାକିଛି କହିବାକୁ ଯାଉଛ, ତାହାର ପ୍ରଭାବ ଓ ଫଳାଫଳ କିପରି କ'ଣ ହେବ, ସେସବୁ ବିଷୟରେ ମୋଟେ କୌଣସି ହିସାବ କରିବ ନାହିଁ । ଆପଣାର ମାନସ କ୍ଷେତ୍ରରେ ତୁମେ କେବଳ ନିଶ୍ଚଳ ହୋଇଆସିବ, ଏବଂ ସେହି ପରମସର୍ବ-ପ୍ରଜ୍ଞା, ସର୍ବ ଜ୍ଞାନମୟତା ତଥା ସର୍ବ-ଚେତନାଙ୍କ ଆଡ଼କୁ ରହିଥିବା ସତତ ଅଭୀପ୍ସାର ଏକ ଯଥାର୍ଥ ଦୃଷ୍ଟି ଅବଲମ୍ବନ କରି ଅବିଚଳ ହୋଇ ରହିଥିବ । ତେବେ, ଯଦି ତୁମର ଅଭୀପ୍ସା ପ୍ରକୃତରେ ନିଷ୍ଠାଯୁକ୍ତ ହୋଇଥିବ, ଯଦି ଭଲଭାବରେ ସବୁକିଛି କରି ସଫଳତା ଅର୍ଜନ କରିବାର ତୁମର କୌଣସି ମହତ୍ତ୍ୱ ଆକାଙ୍କ୍ଷା ଲାଗି ତାହା ଏକ ଛଦ୍ମ ଆବରଣ ପରି ହୋଇ ରହି ନ ଥିବ, ଯଦି ତାହା ବିଶୁଦ୍ଧ, ସ୍ୱତଃସ୍ଫୂର୍ତ୍ତ ଏବଂ ସମଗ୍ର ହୋଇଥିବ, ତେବେ ତୁମେ ଯାହାକିଛି କହିବ, ତାହାକୁ ନିଶ୍ଚଳ ସରଳ ଓ ସହଜ ଭାବରେ କରିପାରିବ; ତୁମର ଯାହାକିଛି କହିବା ଉଚିତ, ସେତେବେଳେ ତୁମେ କେବଳ ସେତିକି କହିବାକୁ ସମର୍ଥ ହେବ, ତା ଠାରୁ କିଛି ଅଧିକ କହିବ ନାହିଁ, କି କମ୍ ମଧ୍ୟ କହିବ ନାହିଁ ଏବଂ ସେତେବେଳେ ତୁମେ କହୁଥିବା ଶବ୍ଦଗୁଡ଼ିକରେ ନିଶ୍ଚୟ ଏକ ସୃଜନଶୀଳ ଶକ୍ତି ନିହିତ ହୋଇ ରହିଥିବ ।

*ବୁଲେଟିନ୍, ଏପ୍ରିଲ ୧୯୫୩*

## ୩

ସବୁପ୍ରକାରର ତପସ୍ୟା ଏବଂ ସାଧନାଭିତରୁ ଆମ ଭାବାନୁଭବ ଏବଂ ସଂବେଗଗୁଡ଼ିକର ସାଧନା ହେଉଛି ସବୁଠାରୁ ଅଧିକ କଷ୍ଟକର । ଏହି ତପସ୍ୟାକୁ ଆମେ ପ୍ରେମର ତପସ୍ୟା ବୋଲି ବି କହିପାରିବା ।

ପ୍ରକୃତରେ ଅନ୍ୟ ଯେକୌଣସି କ୍ଷେତ୍ର ଅପେକ୍ଷା ଭାବାନୁଭବଗୁଡ଼ିକର ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେହିଁ ଆମ ମନରେ ଏକ ଅବଶ୍ୟମ୍ଭାବିତା ଏବଂ ଅପ୍ରତିରୋଧ ଭାବ ଅପେକ୍ଷାକୃତ ଅଧିକ ପରିମାଣରେ ରହିଥାଏ; ଏପରି ଏକ ନିୟତି ବଶତାର ଧାରଣା ଦୃଢ଼ ହୋଇ ରହିଥାଏ, ଯାହାକି ଆମ ଉପରେ ପ୍ରଭାବ ବିସ୍ତାର କରି ରହିଥାଏ ଏବଂ ଯାହାର କବଳରୁ ରକ୍ଷା ପାଇବା ଲାଗି ଆମର ପ୍ରକୃତରେ ଆଦୌ କୌଣସି ସାମର୍ଥ୍ୟ ନାହିଁ ବୋଲି ମନେ ହେଉଥାଏ । ପ୍ରେମକୁ (ବା ଅନ୍ତତଃ ମନୁଷ୍ୟମାନେ ଯାହାକୁ ପ୍ରେମ ବୋଲି କହିଥା'ନ୍ତି) ଆମେ ବିଶେଷ ଭାବରେ ଏପରି ଏକ ନିରଙ୍କୁଶ ଓ ପ୍ରତାପଶାଳୀ ପ୍ରଭୁ ପରି ବିଚାର କରିଥାଉ, ଯାହାର ଖିଆଲଗୁଡ଼ାକର ଶିକାର ହେବା ବ୍ୟତୀତ ଆମର ହୁଏତ ଆଉ ଅନ୍ୟ ଗତି ନ ଥାଏ, ଯିଏକି ଆପଣାର ଖିଆଲ ଅନୁସାରେହିଁ ଆମକୁ ବାଣବିଦ୍ଧ କରିବାକୁ ଆସିଯାଏ ଏବଂ ଆମର ଇଚ୍ଛା ଥାଉ କି ନ ଥାଉ, ତା'ର ଆଦେଶ ପାଳନ କରିବା ଲାଗିହିଁ ଆମକୁ ବାଧ୍ୟ କରିଥାଏ । ଏହି ପ୍ରେମ ନାମରେହିଁ ପୃଥିବୀରେ ଜଘନ୍ୟତମ ଅପରାଧମାନ କରାଯାଇଛି, ଦାରୁଣତମ ନିର୍ବୋଧତାଗୁଡ଼ିକୁ ବାଟ ଛାଡ଼ି ଦିଆଯାଇଛି ।

ଏବଂ ତଥାପି ମନୁଷ୍ୟମାନେ ଯାବତୀୟ ପ୍ରକାରର ନୀତିଗତ ତଥା ସାମାଜିକ ନିୟମର ଉଦ୍ଭାବନ କରି ଆସିଛନ୍ତି ଏବଂ ତାହାରି ଦ୍ୱାରାହିଁ ପ୍ରେମର ଏହି ଶକ୍ତିକୁ ନିୟନ୍ତ୍ରଣାଧୀନ କରି ରଖାଯାଇ ପାରିବ ବୋଲି ଆଶା ପୋଷଣ କରିଛନ୍ତି, ଏହାଦ୍ୱାରା ସେହି ଶକ୍ତିକୁ ଅକ୍ତିଆରକୁ ଅଣାଯାଇ ପାରିବ ଏବଂ ଶାନ୍ତ କରି ରଖିହେବ ବୋଲି ସେମାନେ ଆଶା ପୋଷଣ କରିଛନ୍ତି । ମାତ୍ର, ସେହି ନିୟମଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ମନେ ହେଉଛି, ସତେଯେପରି ସେଗୁଡ଼ିକୁ ଭାଙ୍ଗିବା ଲାଗିହିଁ ସେଗୁଡ଼ିକୁ ତିଆରି କରାଯାଇଥିଲା । ଏବଂ, ପ୍ରେମଶକ୍ତିର ମୁକ୍ତ କ୍ରିୟାଶୀଳତା ଉପରେ ସେମାନେ ଉପରୁ ଯେଉଁସବୁ ନିଷେଧମାନ ଆଣି ଲଦିଦେଲେ, ତଦ୍ୱାରା ତାହାର ବିସ୍ଫୋରକ ଶକ୍ତିରେହିଁ ବୃଦ୍ଧି ଘଟିବା ଲାଗି ଅଧିକ ସାହାଯ୍ୟ ମିଳିଲା । କାରଣ, ଗୁଡ଼ାଏ ନିୟମ ବାନ୍ଧିଦେବା ଦ୍ୱାରାହିଁ ପ୍ରେମର ଗତିକ୍ରିୟାକୁ କଦାପି ଶୃଙ୍ଖଳା ମଧ୍ୟରେ ରଖି ହେବ ନାହିଁ । କେବଳ ସେହି ପ୍ରେମର ଏକ ବୃହତ୍ତର, ଉଚ୍ଚତର ଏବଂ ଯଥାର୍ଥତର ଶକ୍ତିହିଁ ସକଳ ନିୟନ୍ତ୍ରଣର ପ୍ରାୟ ଅସାଧ୍ୟ ହୋଇ ରହିଥିବା ତାହାର ଆବେଗଗୁଡ଼ିକୁ ଆପଣାର ବଶ କରି ରଖିବାକୁ ସମର୍ଥ ହେବ । କେବଳ ସନ୍ଦୀପନର,

ରୂପାନ୍ତରର ଏବଂ ଉତ୍ତୋଳନର ଏକ ପ୍ରକ୍ରିୟା ଦ୍ୱାରାହିଁ ପ୍ରେମ ପ୍ରେମକୁ ଆପଣାର ଶାସନ ଭିତରେ ରଖି ପାରିବ । କାରଣ, ଅନ୍ୟାନ୍ୟ ଯାବତୀୟ କ୍ଷେତ୍ର ଅପେକ୍ଷା ଆହୁରି ଅଧିକ ପରିମାଣରେ ଏହି କ୍ଷେତ୍ରରେ ମଧ୍ୟ କୌଣସି ପ୍ରକାର ଅବଦମନ ଅଥବା ବିଲୁପ୍ତି ଦ୍ୱାରା ଆମେ କଦାପି ଏକ ଯଥାର୍ଥ ନିୟନ୍ତ୍ରଣ ସମ୍ଭବ କରି ପାରିବା ନାହିଁ; କେବଳ ଏକ ରୂପାନ୍ତରୀକରଣ ଦ୍ୱାରା, ଏକ ଉଚ୍ଚସ୍ତରୀୟ ରସାୟନର ପ୍ରକ୍ରିୟା ଦ୍ୱାରା ତାହା ହୋଇ ପାରିବ । ଏହାର କାରଣ ହେଉଛି ଯେ, ଏହି ବିଶ୍ୱଜଗତରେ ଯେତେଯେତେ ଶକ୍ତି କ୍ରିୟାଶୀଳ ହୋଇ ରହିଛନ୍ତି, ପ୍ରେମ ହେଉଛି ସେଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ଶକ୍ତିଶାଳୀ, ସବୁଠାରୁ ଅଧିକ ଅପ୍ରତିରୋଧ । ଏହି ପ୍ରେମରୁ ବଞ୍ଚିତ ହେଲେ ଆମ ପୃଥିବୀ ପୁନର୍ବାର ସେହି ଅଚେତନାର ଅରାଜକତା ମଧ୍ୟରେହିଁ ନିପତିତ ହୋଇ ରହିବ ।

ବସ୍ତୁତଃ ଚେତନାହିଁ ଏହି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କରିଛି ସତ, ମାତ୍ର କେବଳ ପ୍ରେମହିଁ ତାହାକୁ ବିନାଶ ମୁଖରୁ ବଞ୍ଚାଇ ରଖିଛି । କେବଳ ଚେତନ ଅନୁଭବ ଦ୍ୱାରା ଆମେ ପ୍ରେମର ଯଥାର୍ଥ ସ୍ୱରୂପ ବିଷୟରେ ନିଶ୍ଚୟ ଏକ ଝଲକର ପରିଚୟ ପାଇପାରିବା, ତାହାର ଉଦ୍ଦେଶ୍ୟ ଏବଂ ପ୍ରକ୍ରିୟାଟିକୁ କିଞ୍ଚିତ୍ ବୁଝିବା ଲାଗି ସମର୍ଥ ହେବା । ପ୍ରତ୍ୟେକ କ୍ଷେତ୍ରରେ ଯେଉଁ ବସ୍ତୁଟି ଯାବତୀୟ ବ୍ୟକ୍ତତାକୁ ଅତିକ୍ରମ କରି ରହିଛି, ଶବ୍ଦର ସାହାଯ୍ୟ ନେଇ ତାହାକୁ ଅନୁଲିଖିତ କରି ରଖିବାକୁ ବାହାରିଲେ ତାହା କେବଳ ଏକ ମାନସିକ ବିଡ଼ମ୍ବନାରେହିଁ ପରିଣତ ହୋଇ ରହିବ । ଦାର୍ଶନିକମାନେ, ତତ୍ତ୍ୱରହସ୍ୟକୁ ଅଧିଗମିଥିବା ଦ୍ରଷ୍ଟାମାନେ, ଗୂଢ଼ବିଦ୍ୟାର ଅନୁଧାବନକାରୀମାନେ,— ସମସ୍ତେ ପ୍ରେମର ଏକ ସଂଜ୍ଞା ନିରୂପଣ କରିବା ଲାଗି ଉଦ୍ୟମ କରିଛନ୍ତି । କିନ୍ତୁ ସେମାନଙ୍କର ସେହି ଉଦ୍ୟମ ବ୍ୟର୍ଥ ହୋଇଯାଇଛି । ମାତ୍ର, ସେମାନଙ୍କର ରଚନା ମଧ୍ୟରେ ଯାହା ଏପରି ଏକ ଅମୂର୍ତ୍ତ ଏବଂ ଜଟିଳ ଆକାର ଧାରଣ କରିଛି, ତାହାକୁ ମୁଁ ଯଥାସମ୍ଭବ ସରଳ ଭାବରେ ବୁଝାଇ କହିଦେବା ପାଇଁ ଇଚ୍ଛା କରୁଛି । ମୁଁ ଏହି ବିଷୟରେ ଯାହାକିଛି କହିବି, ତାହା ତୁମ୍ଭମାନଙ୍କୁ କେବଳ ସେହି ଜୀବନ୍ତ ଅନୁଭୂତିଟି ଆଡ଼କୁ ପରିଚାଳିତ କରିନେବାକୁହିଁ ଆପଣାର ଲକ୍ଷ୍ୟ ରଖିଥିବ; ଏବଂ ଗୋଟିଏ ସାନ ପିଲାକୁ ମଧ୍ୟ ମୁଁ ଯେପରି ସେହି ଦିଗରେ ପରିଚାଳିତ କରି ନେଇପାରେ, ତାହାହିଁ ମୋର ଅଭିପ୍ରାୟ ହୋଇ ରହିଛି ।

ଆପଣାର ଅସଲ ଉପାଦାନଟିର କ୍ଷେତ୍ରରେ ପ୍ରେମ ହେଉଛି ଏକାତ୍ମକ ହୋଇଯିବାର ଏକ ଆନନ୍ଦ; ସମ୍ମିଳିତ ହେବାର ଆନନ୍ଦ ମଧ୍ୟରେହିଁ ପ୍ରେମ ଆପଣାର ଚରମ ଅଭିବ୍ୟକ୍ତିଟିକୁ ସମ୍ଭବ କରିଥାଏ । ଏବଂ ଏହି ଦୁଇଟି ପ୍ରାନ୍ତର ମଧ୍ୟଭାଗରେହିଁ ବିଶ୍ୱଚରାଚର ମଧ୍ୟରେ ପ୍ରେମ ଆପଣାର ଯାବତୀୟ ସ୍ତର ଓ ପର୍ଯ୍ୟାୟରେ ଅଭିବ୍ୟକ୍ତି ଲାଭ କରିଥାଏ ।

ଆପଣା ରୂପାୟନର ଆଦି ପର୍ଯ୍ୟାୟରେ, ଆପଣା ଉନ୍ମେଷବେଳର ସେହି ଶୁଦ୍ଧ ଅବସ୍ଥାରେ ପ୍ରେମର ଦୁଇଟି ଗତିସ୍ପନ୍ଦନ ରହିଥାଏ, ସଂପୂର୍ଣ୍ଣ ଏକତ୍ୱ-ଉପଲବ୍ଧି ଆଡ଼କୁ ତାହା

ଭିତରେ ଯେଉଁ ପ୍ରବେଗ ରହିଛି, ତାହାର ଦୁଇଟି ପରସ୍ପର-ଅନୁପୂରକ କୋଟୀ ବିଦ୍ୟମାନ ରହିଛି । ଗୋଟିଏ ପାଖରେ ଆକର୍ଷଣର ପରମ ଶକ୍ତିଟି ରହିଛି ଏବଂ ଅନ୍ୟ ପାଖରେ ନିଜକୁ ସଂପୂର୍ଣ୍ଣ ଭାବରେ ଦେଇଦେବା ଲାଗି ଏକ ଅପ୍ରତିରୋଧ ଆବଶ୍ୟକତା ମଧ୍ୟ ରହିଛି । ଯେତେବେଳେ ବ୍ୟକ୍ତି-ସତ୍ତା ମଧ୍ୟରେ ଚେତନା ତା'ର ଉତ୍ସଟିଠାରୁ ବିଚ୍ଛିନ୍ନ ହୋଇ ଆସିଲା ଏବଂ ଅଚେତନାରେ ପରିଣତ ହେଲା, ସେତେବେଳଠାରୁ ସୃଷ୍ଟି ହୋଇ ରହିଥିବା ବ୍ୟବଧାନଟିକୁ ଦୂରକରି ଆଣିବା ଦିଗରେ ପ୍ରେମ ପରି ଆଉ କୌଣସି ଗତିସ୍ପନ୍ଦନ ଏତେବେଶୀ ସମର୍ଥ ହୋଇ ନାହାନ୍ତି ।

ଯାହାକୁ ଅନ୍ତରୀକ୍ଷର ବିସ୍ତାର ମଧ୍ୟକୁ ପ୍ରକ୍ଷେପିତ କରି ଦିଆଗଲା, ତାହାକୁ ପୁନର୍ବାର ତା ଆପଣା ପାଖକୁ ଫେରାଇ ଆଣିବାର ଆବଶ୍ୟକତାଟି ରହିଥିଲା; ମାତ୍ର, ଏହିପରି ଭାବରେ ସୃଷ୍ଟି ହୋଇଥିବା ବିଶ୍ୱସଂସାରର ବିଲୁପ୍ତି ନ ଘଟାଇହିଁ ଏହି କଥାଟିକୁ କରିବାର ଆବଶ୍ୟକତା ରହିଥିଲା । ପ୍ରେମର ପ୍ରସ୍ଫୁରଣ ଓ ଆବିର୍ଭାବ ସେହିପରି ଭାବରେହିଁ ଘଟିଲା, ସମ୍ମିଳିତ କରାଇବାର ସେହି ଅପ୍ରତିରୋଧ ଶକ୍ତିର ପ୍ରସ୍ଫୁରଣ ଘଟିଲା ।

ତାହା ଚତୁର୍ଦ୍ଦିଗରେ ଘୋଟି ରହିଥିବା ଅନ୍ଧକାର ଏବଂ ଅଚେତନା ଉପରେ ଚିନ୍ତା କରିବାକୁ ଲାଗିଲା; ଅଗାଧ-ରାତ୍ରି ସମୁଦ୍ରର ବକ୍ଷ ଉପରେ ତାହା ବିକ୍ଷିପ୍ତ ହେଲା, ନାନା ଖଣ୍ଡରେ ବିଭକ୍ତ ହୋଇଗଲା । ତା'ପରେ ଜାଗରଣ ଆରମ୍ଭ ହେଲା, ଆରୋହଣ ଆରମ୍ଭ ହେଲା, ଜଡ଼ କ୍ରମଶଃ ଆକାର ଲାଭ କରିବାକୁ ଲାଗିଲା ଏବଂ ଆପଣାର ଅନନ୍ତ ବିବର୍ତ୍ତନ ମଧ୍ୟରେ ଗତି କରିବାକୁ ଆରମ୍ଭ କଲା । ତାହା ଏକ ବିକୃତ ଏବଂ ଅନ୍ଧକାରାଚ୍ଛନ୍ନ ଆକାର ଧରି ରହିଥିଲେ ମଧ୍ୟ ଆମେ ଏହାକୁ ତଥାପି ପ୍ରେମ ବୋଲି କହିବା, ସେହି ପ୍ରେମ ଦୈହିକ ଏବଂ ପ୍ରାଣିକ ପ୍ରକୃତିର ଯାବତୀୟ ପ୍ରବେଗ ସହିତ ସଂଗ୍ରଥିତ ହୋଇ ରହିଥିଲା, ଯାବତୀୟ ଗତିସ୍ପନ୍ଦନ ଏବଂ ସମୂହୀକରଣ ପଛରେ ତାହାହିଁ ଏକ ପ୍ରେରଣା ରୂପେ ଅବସ୍ଥିତ ରହିଥିଲା । ଏହି ସେହି ପ୍ରେରଣା ଉଦ୍ଭିଦଜଗତର ସ୍ତରକୁ ଆସି ବେଶ୍ ଦୃଶ୍ୟମାନ ବି ହେବାକୁ ଲାଗିଲା । ବୃକ୍ଷ ଏବଂ ଅନ୍ୟାନ୍ୟ ଉଦ୍ଭିଦଗୁଡ଼ିକ ଭିତରେ ତାହା ଅଭିବୃଦ୍ଧି ଲାଭ କରିବାର ଏକ ଆବଶ୍ୟକତା ରୂପେ ଆପଣାକୁ ପ୍ରକଟିତ କଲା; ଅଧିକ ଆଲୋକ, ଅଧିକ ବାୟୁ ଏବଂ ପ୍ରସାର ଲାଗି ଅଧିକ ସ୍ଥାନ ପାଇବା ଲାଗି ତାହା ସେହି ଆବଶ୍ୟକତା ରୂପେ ନିଜକୁ ପ୍ରକଟ କରି ଆଣିଲା । ଫୁଲଗୁଡ଼ିକ ଭିତରେ ତାହାହିଁ ଏକ କମନୀୟ ପ୍ରସ୍ଫୁରଣ ମଧ୍ୟରେ ଆପଣାର ସୌନ୍ଦର୍ଯ୍ୟ ଓ ସୁରଭିକୁ ନେଇ ନିବେଦନ କରି ଦେବାର ବାସନାଟି ମଧ୍ୟରେ ପ୍ରତିଭାତ ହୋଇ ଉଠିଛି । ତା'ପରେ, ଇତରପ୍ରାଣୀମାନଙ୍କର ସ୍ତରକୁ ଆସି ତାହାହିଁ କ୍ଷୁଧା ଓ ତୃଷା ମଧ୍ୟରେ ଏକ ପ୍ରୀତି ରୂପେ ପ୍ରଚ୍ଛନ୍ନ ହୋଇ ରହିଛି; ନିଜସ୍ୱୀକରଣ, ପ୍ରସାରଲାଭ ଓ ପ୍ରଜନନର ଆବଶ୍ୟକତା ରୂପେ ଏବଂ ସଂକ୍ଷେପରେ କହିଲେ ଚେତନ ତଥା ଅଚେତନ ଯାବତୀୟ

ବାସନାର ପଶ୍ଚାଦ୍‌ଭାଗରେ ଅବସ୍ଥିତ ରହିଛି । ଏବଂ ଉଚ୍ଚତର ଜୀବଜାତିଗୁଡ଼ିକର କ୍ଷେତ୍ରରେ, ତାହା ଆପଣାର ଶାବକ ଓ ସନ୍ତାନମାନଙ୍କ ପ୍ରତି ଜନନୀର ଆତ୍ମୋତ୍ସର୍ଗମୟ ନିଷ୍ଠାର ରୂପରେ ପ୍ରତିଷ୍ଠିତ ହୋଇ ରହିଛି । ଏହାପରେ ଆମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ମନୁଷ୍ୟ ଜାତିର ସ୍ତରଟିରେ ଆସି ପହଞ୍ଚିବା, ଯେଉଁଠାରେ କି, ମାନସିକ କ୍ରିୟାଶୀଳତାର ସେହି ବହୁବିଜୟୀ ଆଗମନଟି ଫଳରେ ଏହି ସମ୍ବନ୍ଧଟି ତା'ର ପରାକାଷ୍ଠାରେ ଆସି ପହଞ୍ଚି ପାରିଛି, କାରଣ ଏହି ଭୂମିକୁ ଆସି ତାହା ଚେତନ ହୋଇ ପାରିଛି; ଆପଣାର ଅଭିପ୍ରାୟକୁ କାର୍ଯ୍ୟକାରୀ କରିବାର ସାମର୍ଥ୍ୟ ହାସଲ କରି ପାରିଛି । ବସ୍ତୁତଃ, ଏହି ପୃଥିବୀର ବିକାଶ ତାହାକୁ ସମ୍ଭବ କରି ଆଣିବା ସଙ୍ଗେ ସଙ୍ଗେ, ପ୍ରକୃତି ପ୍ରେମର ଏହି ଉଦାତ୍ତ ଶକ୍ତିଟିକୁ ନିଜ ହାତକୁ ନେଇଛି ଏବଂ ପ୍ରଜନନର ତା'ର କ୍ରିୟାଶୀଳ ଭୂମିଟି ସହିତ ତାହାକୁ ସଂଯୋଜିତ ଏବଂ ସମ୍ମିଶ୍ରିତ କରି ସିଏ ସେହି ଶକ୍ତିକୁ ଆପଣାର ସୃଜନକ୍ରିୟାର ସେବାରେ ଆଣି ବିନିଯୋଗ କରିପାରିଛି । ଏହି ସମ୍ବନ୍ଧସ୍ଥାପନ ଏତେ ଅଧିକ ପରିମାଣରେ ନିବିଡ଼ ଓ ଅନ୍ତରଙ୍ଗ ହୋଇପାରିଛି ଯେ, ପରସ୍ପର ମଧ୍ୟରେ ରହିଥିବା ଏହି ଗତିସ୍ପନ୍ଦନଗୁଡ଼ିକଠାରୁ ଆପଣାକୁ ବିଚ୍ଛିନ୍ନ କରି ରଖି ନିଜକୁ ସ୍ୱତନ୍ତ୍ରଭାବରେ ଅନୁଭବ କରିବାର ସାମର୍ଥ୍ୟଟିକୁ ଅର୍ଜନ କରିବା ଲାଗି ଖୁବ୍ କମ୍ ସଂଖ୍ୟକ ମନୁଷ୍ୟହିଁ ନିଜ ଚେତନାର କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଯଥାର୍ଥ ସନ୍ଦୀପନ ଲାଭ କରି ପାରିଛନ୍ତି । ଏହିପରି ଭାବରେ ପ୍ରେମ ପ୍ରତ୍ୟେକ ପ୍ରକାରର ସ୍ଖଳନର ସମ୍ମୁଖୀନ ହୋଇଛି, ତାହା ଅଧୋଗତି ଲାଭ କରି କ୍ରମେ ପଶୁର ସ୍ତରକୁ ବି ଖସି ପଡ଼ିଛି ।

ଏବଂ ସେହି ପର୍ଯ୍ୟାୟଟିଠାରୁ ପ୍ରକୃତିର ଯାବତୀୟ କାର୍ଯ୍ୟରେ ପୁନର୍ଗଠନର ଏକ ଇଚ୍ଛା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟଭାବରେ ପ୍ରତୀତ ହେବାକୁ ଆରମ୍ଭ କରିଛି; ନାନା ପଦକ୍ଷେପ ଓ ନାନା ସୋପାନ ମଧ୍ୟଦେଇ ଏବଂ ଏପରିକି ସତତ ଅଧିକରୁ ଅଧିକ ବହୁସଂଖ୍ୟକ ଏବଂ ଜଟିଳ ନାନା ଗୋଷ୍ଠୀବଦ୍ଧତା ମଧ୍ୟଦେଇ ଆଦିକାଳର ସେହି ଏକତ୍ୱଟିକୁ ପୁନର୍ବାର ଗଢ଼ି ଆଣିବା ଲାଗି ଚେଷ୍ଟା କରାଯାଇଛି । ଦୁଇ ଜଣ ମନୁଷ୍ୟ ପରସ୍ପର ସହିତ ଏକତ୍ର ହୋଇ ଯେପରି ଏକ ଦୁଇବ୍ୟକ୍ତି ବିଶିଷ୍ଟ ଗୋଷ୍ଠୀ ଗଠନ କରି ପାରିବେ, ଯେପରି ତଦ୍ୱାରା ଏକ ପରିବାରର ଆଦ୍ୟସୂତ୍ରପାତ ସମ୍ଭବ ହେବ, ସେହି ଉଦ୍ଦେଶ୍ୟରେ ପ୍ରେମର ଶକ୍ତିକୁ କାର୍ଯ୍ୟରେ ଲଗାଇ ସାରିବା ପରେ, ଏବଂ ବ୍ୟକ୍ତିଗତ ଅହଂକେନ୍ଦ୍ରିତତାର ସଂକୀର୍ଣ୍ଣ ସୀମାଗୁଡ଼ିକୁ ଭାଙ୍ଗି ଏବଂ ତାହାକୁ ଦୁଇଜଣଙ୍କର ଏକ ମିଳିତ ଅହଂକେନ୍ଦ୍ରିତତାରେ ପରିଣତ କରି ସାରିବାପରେ ପ୍ରକୃତି ପରିବାରରୂପୀ ଯେଉଁ ଅପେକ୍ଷାକୃତ ଅଧିକ ଜଟିଳ ଏକକଟିର ଆବିର୍ଭାବ ଘଟାଇଛି, ସେଥିରେ କ୍ରମେ ସନ୍ତାନମାନଙ୍କର ଆବିର୍ଭାବ ଘଟିଛି । ଏବଂ କାଳକ୍ରମେ, ପରିବାର ପରିବାର ମଧ୍ୟରେ ବହୁସଂଖ୍ୟକ କେତେକେତେ ସମ୍ବନ୍ଧ ଗଢ଼ିଉଠିଛି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କେତେ ଆଦାନପ୍ରଦାନ ଘଟିଛି ଏବଂ କେତେ ପ୍ରକାରେ ଭକ୍ତି ସହିତ ରକ୍ତର ମିଶ୍ରଣ ମଧ୍ୟ ହୋଇଛି ।

ତାହାଫଳରେ ବୃହତ୍ତର ଗୋଷ୍ଠୀଗୁଡ଼ିକର ଗଠନ ଲାଗି ବାଟ ଖୋଲିଯାଇଛି : ବଂଶ, ପ୍ରଜାତି, ଜାତି ଓ ଶ୍ରେଣୀ ପ୍ରଭୃତିର ସୃଷ୍ଟି ହୋଇଛି ଏବଂ ସେଇଥିରୁ କ୍ରମେ ଜାତୀୟ ବୃହତ୍‌ଗୋଷ୍ଠୀଗୁଡ଼ିକର ଉଦ୍ଭବ ଘଟିଛି । ଗୋଷ୍ଠୀ-ଗଠନର ଏହି କ୍ରିୟାଧାରାଟି ପୃଥିବୀର ବିଭିନ୍ନ ଅଂଶରେହିଁ ଯୁଗପତ୍ ଭାବରେ ଅଗ୍ରସର ହୋଇ ଆସିଛି, ଏବଂ ତାହା ଶେଷରେ ଦାନା ବାନ୍ଧି ବିଭିନ୍ନ ଜାତିଗୁଡ଼ିକୁ ଜନ୍ମ ଦେଇଛି ଏବଂ, ମାନବ-ଏକତାର ଏକ ଯଥାର୍ଥ ଏବଂ ବାସ୍ତବ ଭିତ୍ତିକୁ ତିଆରି କରି ଆଣିବାର ଆପଣାର ପ୍ରଚେଷ୍ଟାରେ ପ୍ରକୃତି କ୍ରମେ ଏହିସବୁ ବିଭିନ୍ନ ଜାତିଙ୍କୁ ମଧ୍ୟ ପରସ୍ପର ସହିତ ଏକତ୍ର କରି ଆଣିବ ।

ଅଧିକାଂଶ ମନୁଷ୍ୟ ଆପଣାର ଚେତନାରେ ଏସବୁ ଘଟନାକୁ ପ୍ରଧାନତଃ ଏକ ଆକସ୍ମିକତାର ପରିଣାମ ବୋଲି ଗ୍ରହଣ କରିଥା'ନ୍ତି : ଏହି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଯୋଜନା ରହିଛି ଏବଂ କାର୍ଯ୍ୟ କରୁଛି ବୋଲି ସେମାନଙ୍କର ଆଦୌ କୌଣସି ସଜ୍ଞାନତା ନ ଥାଏ । ଭଲ ବା ମନ୍ଦ ଯାହା ପରିସ୍ଥିତି ଆସି ଉପସ୍ଥିତ ହୁଏ, ସେମାନେ ତାହାକୁ ସେତେବେଳେ ସେହିପରି ଭାବରେହିଁ ଗ୍ରହଣ କରି ନେଇଥା'ନ୍ତି, ଆପଣା ଆପଣାର ମନୋଭାବ ଅନୁସାରେ ସେମାନେ ସେଗୁଡ଼ିକୁ ଗ୍ରହଣ କରି ନିଅନ୍ତି : ଏଥିରେ କେତେକେ ସନ୍ତୁଷ୍ଟ ହୋଇ ରହିଥା'ନ୍ତି, ଆଉ କେତେକେ ଅସନ୍ତୋଷ ବି ପ୍ରକାଶ କରିଥା'ନ୍ତି ।

ଯେଉଁମାନେ ସନ୍ତୁଷ୍ଟ ହୋଇ ରହନ୍ତି, ସେମାନଙ୍କ ଭିତରେ ଏପରି ଗୋଟିଏ ବିଶେଷ ପ୍ରକାରର ବ୍ୟକ୍ତି ରହିଥା'ନ୍ତି, ଯେଉଁମାନେ କି ପ୍ରକୃତିର ରୀତିଗୁଡ଼ିକ ସହିତ ଆପଣାକୁ ଭାରି ସଂପୂର୍ଣ୍ଣ ଏବଂ ଚମତ୍କାର ଭାବରେ ଅନୁକୂଳିତ କରି ରଖିଥା'ନ୍ତି : ସେମାନେ ହେଉଛନ୍ତି ଆଶାବାଦୀ । ସେମାନଙ୍କ ଦୃଷ୍ଟିରେ, ରାତ୍ରିଗୁଡ଼ିକର କାରଣରୁହିଁ ଦିନଗୁଡ଼ିକ ଅଧିକ ଉଜ୍ଜ୍ୱଳ ଦେଖାଯାଆନ୍ତି, ଛାଇଗୁଡ଼ିକର କାରଣରୁହିଁ ରଙ୍ଗଗୁଡ଼ିକ ଏଡ଼େ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୁଅନ୍ତି, ଦୁଃଖ ସକାଶେ ସୁଖାନୁଭବ ଏଡ଼େ ପ୍ରଗାଢ଼ ହୋଇଥାଏ, ଯନ୍ତ୍ରଣାହିଁ ଆନନ୍ଦକୁ ଆହୁରି ଅଧିକ ଆକର୍ଷକ କରିଦିଏ, ଏବଂ ଅସୁସ୍ଥତାହିଁ ସ୍ୱାସ୍ଥ୍ୟକୁ ତା'ର ଯାବତୀୟ ମୂଲ୍ୟ ଆଣି ଦେଇଥାଏ । ଏପରିକି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମୁଁ ଏପରି ବି କହିବାର ଶୁଣିଛି ଯେ, ସେମାନଙ୍କର ଏହି ପୃଥିବୀରେ କେତେକ ଶତ୍ରୁ ରହିଛନ୍ତି ବୋଲି ସେମାନେ ପ୍ରକୃତରେ ଭାରି ଖୁସି, କାରଣ ତାହାରି ସକାଶେହିଁ ସେମାନେ ସେମାନଙ୍କର ବନ୍ଧୁମାନଙ୍କୁ ଆହୁରି ଅଧିକ ପରିମାଣରେ ବୁଝିବାକୁ ସମର୍ଥ ହୋଇଛନ୍ତି । ଏବଂ ସେକଥା ଯାହା ହେଉ ପଛକେ, ଏହି ଶ୍ରେଣୀର ସକଳ ବ୍ୟକ୍ତିମାନଙ୍କ ଲାଗି ଯୌନ-ଭୋଗର ଯାବତୀୟ କ୍ରିୟା ଏକ ଅତ୍ୟନ୍ତ ଆନନ୍ଦଦାୟକ ଧନ୍ଦା ହୋଇ ରହିଥାଏ, ରସନାର ପରିତୃପ୍ତି ସେମାନଙ୍କର ଜୀବନରେ ଏକ ଅପରିହାର୍ଯ୍ୟ ଆନନ୍ଦ ରୂପେ ପରିଗଣିତ ହେଉଥାଏ । ଏବଂ, ଆମେ ସମସ୍ତେ ଏହି ଜଗତରେ ଦିନେ ଜନ୍ମଗ୍ରହଣ କରିଥିବାରୁ ଆମକୁ ଯେ ଦିନେ ଅବଶ୍ୟ ମରିବାକୁ

ବି ପଡ଼ିବ, ସେମାନେ ତାହାକୁ ଏକ ସ୍ୱାଭାବିକ ଘଟନା ବୋଲି ଗ୍ରହଣ କରି ନେଇଥା'ନ୍ତି । ସେମାନେ ଭାବୁଥା'ନ୍ତି ଯେ, ମୃତ୍ୟୁ ଯେଉଁ ଯାତ୍ରାରେ ଏକ ପୂର୍ଣ୍ଣଚ୍ଛେଦ ଆଣି ପକାଇଦିଏ, ସେଇଟି ଯଦି ଅତ୍ୟନ୍ତ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହୁଥା'ନ୍ତା, ତେବେ ତାହା ପ୍ରକୃତରେ ଭାରି ବିରକ୍ତିକର ଏବଂ ଯନ୍ତ୍ରଣାଦାୟକ ହୋଇଥା'ନ୍ତା ।

ସଂକ୍ଷେପରେ କହିବାକୁ ଗଲେ, ଏହି ଜଗତରେ ଯାହାକିଛି ଯେପରି ରହିଛି, ଏହି ଲୋକମାନେ ତାହାକୁ ବେଶ୍ ଠିକ୍ ଓ ଉଚିତ ବୋଲି ଗ୍ରହଣ କରି ନେଇଥା'ନ୍ତି, ଏବଂ ଏହି ଜଗତ୍ ସମକ୍ଷରେ ଆଦୌ କୌଣସି ଉଦ୍ଦେଶ୍ୟ ଅଥବା ଲକ୍ଷ୍ୟ ଆଦୌ ରହିଛି କି ନାହିଁ, ସେସବୁ ନେଇ ସେମାନେ ମୋଟେ କିଛି ଚିନ୍ତା କରନ୍ତି ନାହିଁ । ଅନ୍ୟମାନେ ଭୋଗ କରୁଥିବା ଯାବତୀୟ ଦୁଃଖ ଓ କଷ୍ଟ ବିଷୟରେ ମଧ୍ୟ ସେମାନଙ୍କର ମୋଟେ କୌଣସି ଚିନ୍ତା ନ ଥାଏ ଏବଂ ଅଗ୍ରଗତି ଲାଗି ବି ଆଦୌ କୌଣସି ଆବଶ୍ୟକତା ରହିଛି ବୋଲି ସେମାନେ ମୋଟେ ଅନୁଭବ କରୁ ନ ଥା'ନ୍ତି ।

ଏହିସବୁ ଲୋକଙ୍କର ''ମତ ବଦଳାଇବାକୁ'' ତୁମେ ଆଦୌ କୌଣସି ଚେଷ୍ଟା କରିବ ନାହିଁ; ସେପରି କଲେ ତୁମେ ପ୍ରକୃତରେ ଏକ ବଡ଼ ଭୁଲ୍ କରି ବସିବ । ଯଦି ତୁମ କଥା ଶୁଣିବାର ଦୁର୍ଭାଗ୍ୟ ସେମାନଙ୍କର ହୁଏ, ତେବେ ସେମାନଙ୍କ ଜୀବନରେ ରହିଥିବା ଭାରସାମ୍ୟଟି ଏକାବେଳେକେ ଚହଲି ଯିବ ଏବଂ ତତ୍‌ପରିବର୍ତ୍ତରେ ସେମାନଙ୍କୁ କୌଣସି ନୂତନ ବିକଳ୍ପ ମଧ୍ୟ ମିଳି ପାରିବ ନାହିଁ । ଏକ ଅନ୍ତର୍ଗତ ଜୀବନ ବଞ୍ଚିବା ଲାଗି ସେମାନେ ମୋଟେ ପ୍ରସ୍ତୁତ ହୋଇ ରହି ନାହାନ୍ତି, ମାତ୍ର ସେମାନେ ପ୍ରକୃତିର ଗେହ୍ଲାପୁଅ ହୋଇ ରହିଛନ୍ତି; ପ୍ରକୃତି ସହିତ ସେମାନେ ଏକ ନିବିଡ଼ ସଖ୍ୟରେ ବନ୍ଧାହୋଇ ରହିଛନ୍ତି ଏବଂ ସେମାନଙ୍କର ସେହି ବୋଧଟିକୁ ଏପରି ଅନାବଶ୍ୟକ ଭାବରେ ଚହଲାଇ ଦେବା ମୋଟେ ଉଚିତ ନୁହେଁ ।

ତା'ଠାରୁ ଅପେକ୍ଷାକୃତ ଟିକିଏ କମ୍ ମାତ୍ରାରେ ଏବଂ ସର୍ବୋପରି, ଅପେକ୍ଷାକୃତ ଏକ କମ୍ ଦୀର୍ଘସ୍ଥାୟୀ ଭାବରେ ଏହି ପୃଥିବୀରେ ଆହୁରି ଅନ୍ୟ ସନ୍ତୁଷ୍ଟ ବ୍ୟକ୍ତିମାନେ ମଧ୍ୟ ଅଛନ୍ତି, ଯେଉଁମାନେ କି ପ୍ରେମର କୁହୁକକାଠିର ଏକ ସ୍ପର୍ଶ ଲାଭକରି ସେହିପରି ସନ୍ତୁଷ୍ଟ ହୋଇ ରହିଛନ୍ତି । ଆପଣାର ଅହଂଟି ଦ୍ୱାରା ଏହିପରି ଜଣେ ବ୍ୟକ୍ତି ଯେଉଁ ସଂକୀର୍ଣ୍ଣ ସୀମାଗୁଡ଼ିକ ମଧ୍ୟରେ ବନ୍ଦୀ ହୋଇ ରହିଛି, ସେଗୁଡ଼ିକୁ ଭାଙ୍ଗିଦେଇ ସିଏ ଯେତେଥର ମୁକ୍ତ ସମୀରଣ ମଧ୍ୟକୁ ବାହାରି ଆସି ପାରୁଛି, ଆଉ ଜଣେ ବ୍ୟକ୍ତି ପାଇଁ, ତା'ର ପରିବାର ପାଇଁ, ନିଜ ଦେଶ ଅଥବା ତା'ର ଧର୍ମ ଲାଗି ଏକ ଆତ୍ମଦାନ ଦ୍ୱାରା ସିଏ ଯେତେବେଳେ ଏହିପରି ବାହାରକୁ ବାହାରି ଆସି ପାରୁଛି, ସେତେବେଳେ ସେ ସେହି ଆତ୍ମ-ବିସ୍ମୃତି ମଧ୍ୟରେ ପ୍ରେମଜନିତ ସେହି ଅଦ୍ଭୁତ ଆନନ୍ଦଟିର ଏକ ପୂର୍ବାସ୍ୱାଦ ଲାଭ କରି ପାରୁଛି ଓ ସେହିଥିରୁହିଁ ସିଏ ଦିବ୍ୟ ପରମସତ୍ତାଙ୍କର ସଂସ୍ପର୍ଶରେ ଆସି ପାରିଲା ବୋଲି ଏକ ତାତ୍କାଳିକ

ଅନୁଭବ ମଧ୍ୟ ଲାଭ କରି ପାରୁଛି । ମାତ୍ର ଅଧିକାଂଶ ସମୟରେ ତାହାର ସେହି ସଂସ୍ପର୍ଶ ଅତି ଅଳ୍ପ ସମୟ ସକାଶେହିଁ ସ୍ଥାୟୀ ହୋଇ ରହିପାରୁଛି, କାରଣ ମନୁଷ୍ୟର ଜୀବନକ୍ଷେତ୍ରରେ ସେହି ପ୍ରେମ ଅଚିରେ ଏପରି ଅନେକ ନିମ୍ନସ୍ତରୀୟ ଅହଂପ୍ରେରିତ ଗତିସ୍ପନ୍ଦନ ସହିତ ମିଶ୍ରିତ ହୋଇ ପଡୁଛି, ଯାହାକି ତାକୁ ଭାରି ଦୂଷିତ କରି ପକାଉଛି ଏବଂ, ତାହାର ସକଳ ଶୁଦ୍ଧତାଶକ୍ତିକୁ ଅପହରଣ କରି ନେଇଯାଉଛି । ଏବଂ, ତାହା ତଥାପି ଶୁଦ୍ଧ ହୋଇ ରହି ପାରୁଥିଲେ ମଧ୍ୟ, ଦିବ୍ୟ ଅସ୍ତିତ୍ୱ ସହିତ ବ୍ୟକ୍ତିର ଏହି ସଂସ୍ପର୍ଶଲାଭ କଦାପି ଚିରସ୍ଥାୟୀ ହୋଇ ରହିପାରନ୍ତା ନାହିଁ, କାରଣ ପ୍ରେମ ହେଉଛି ସେହି ଦିବ୍ୟ ପରମ ସତ୍ତାଙ୍କର କେବଳ ଗୋଟିଏ ମାତ୍ର ବିଭାବ, ଏବଂ ଅନ୍ୟ ଯାବତୀୟ ବିଭାବ ପରି ଏଇଟି ମଧ୍ୟ ଏହି ଜଗତପୃଷ୍ଠକୁ ଆସି ସମାନ ଭାବରେ ନାନାପ୍ରକାରେ ବିକୃତ ହୋଇ ପଡ଼ିଛି ।

ପୁନଶ୍ଚ, ଭବିଷ୍ୟତରେ ଏକତ୍ୱଟିରେ ଉପନୀତ ହେବା ଲାଗି ପ୍ରକୃତି କେତେ ଝୁଣ୍ଟି ଝୁଣ୍ଟି ତଥାପି ଅବାରିତ ଭାବରେ ଯେଉଁ ଯାତ୍ରାପଥରେ ଯିବାକୁ ଲାଗିଛି, ତାହାର ସେହି ଚିରାଚରିତ ପଥଟିକୁ ଅନୁସରଣ କରୁଥିବା ଜଣେ ସାଧାରଣ ମନୁଷ୍ୟ ଲାଗି ଏହିସବୁ ଅନୁଭୂତିକୁ ନିଶ୍ଚୟ ଉତ୍ତମ ଏବଂ ଉପଯୋଗୀ ବୋଲି କୁହାଯାଇ ପାରିବ । ମାତ୍ର ଯେଉଁମାନେ ସେହି ଗତିଟିକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଇଚ୍ଛା କରୁଛନ୍ତି, ବା ବରଂ ଏପରି କୁହାଯାଇ ପାରିବ ଯେ, ଯେଉଁମାନେ ଅପେକ୍ଷାକୃତ ଅଧିକ ଅପରୋକ୍ଷ ଏବଂ ଅଧିକ ଗତିଯୁକ୍ତ ଯାତ୍ରାର ଏକ ଅନ୍ୟ ଧାରାରେ ଯାଇ ସାମିଲ ହେବାକୁ ଅଭୀପ୍ସା ରଖିଛନ୍ତି, ଯେଉଁମାନେ ଏପରି ଏକ ଧାରାରେ ଆସି ସମ୍ମିଳିତ ହେବାକୁ ଇଚ୍ଛା କରୁଛନ୍ତି, ଯାହାକି ସେମାନଙ୍କୁ ଏହି ସାଧାରଣ ମନୁଷ୍ୟପଥ ଓ ତାହାର ଅସରନ୍ତି ଯାତ୍ରାରୁ ବିମୋଚିତ କରିଦେଇ ପାରିବ ଏବଂ ଯାହାଫଳରେ କି ସେମାନେ ଏପରି ଏକ ଆଧ୍ୟାତ୍ମିକ ଅଗ୍ରଗତିରେ ଅଂଶଗ୍ରହଣ କରିବାକୁ ସମର୍ଥ ହେବେ ଯାହା କି ସେମାନଙ୍କୁ ସବୁଠାରୁ ଅଧିକ ଗତିଯୁକ୍ତ ମାର୍ଗଗୁଡ଼ିକ ଦେଇ ପୃଥିବୀପୃଷ୍ଠରେ ଅତିମାନସ ସତ୍ୟର ଅଭିବ୍ୟକ୍ତି ଘଟାଇବାକୁ ଯାଉଥିବା ସେହି ନୂତନ ମନୁଷ୍ୟଜାତିର ସୃଷ୍ଟି ଆଡ଼କୁ ପରିଚାଳିତ କରି ନେଇଯିବ, ସେମାନେ କଦାପି ସେତିକିରେ ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ଏହି ବିରଳ ମନୁଷ୍ୟାତ୍ମାମାନଙ୍କୁ ମଣିଷ ମଣିଷ ମଧ୍ୟରେ ରହିଥିବା ପ୍ରେମର ଯାବତୀୟ ପ୍ରକାରକୁ ଅବଶ୍ୟ ପରିତ୍ୟାଗ କରିବାକୁ ପଡ଼ିବ; କାରଣ, ସେସବୁ ଯେତେ ସୁନ୍ଦର ଏବଂ ବିଶୁଦ୍ଧ ହୋଇଥିଲେ ମଧ୍ୟ, ସେଗୁଡ଼ିକ ସର୍ବଦା କୌଣସି ନା କୌଣସି ଏକ ଲଘୁପଥ ଅବଲମ୍ବନ କରିବାର ପ୍ରବୃତ୍ତି ରଖିଥା'ନ୍ତି ଏବଂ ତାହାଫଳରେ ଅନେକ ସମୟରେ ପରମ ଦିବ୍ୟସତ୍ତାଙ୍କ ସହିତ ରହିଥିବା ପ୍ରତ୍ୟକ୍ଷ ସଂଯୋଗ ସୂତ୍ରଟିକୁ ସେମାନେ କାଟି ବି ପକାଇଥା'ନ୍ତି ।

ପରମ ଦିବ୍ୟସତ୍ତାଙ୍କ ପ୍ରତି ପ୍ରେମର ପୋଷଣ କରିବା ଯାହାକୁ ଜଣା ଅଛି, ତାକୁ

ଅନ୍ୟ ଯାବତୀୟ ପ୍ରକାରର ପ୍ରେମ କେବଳ ଅନ୍ଧକାର ଦ୍ୱାରା ଆବୃତ ହୋଇ ରହିଥିବା ପରି ବୋଧ ହେଉଥିବ; ଅତିରିକ୍ତ ପରିମାଣରେ କ୍ଷୁଦ୍ରତା, ଅହଂକେନ୍ଦ୍ରିତତା ଏବଂ ତମସାଚ୍ଛନ୍ନତା ସହିତ ବିମିଶ୍ରିତ ହୋଇ ରହିଥିବା ପରି ମନେ ହେବ । ସତତ କେବଳ ହିସାବଫଳା କରିବାରେ ଲାଗିଥିବା ପରି ମନେ ହେବ ବା ପ୍ରଭୁତ୍ୱ ଏବଂ ସ୍ୱାଧିକାର ବିସ୍ତାର କରିବାର ମତଲବ ରଖି କରାଯାଉଥିବା ଏକ ସଂଘର୍ଷ ପରି ମଧ୍ୟ ମନେ ହେବ । ଏପରିକି, ପ୍ରକୃଷ୍ଟତମ ପ୍ରେମିକମାନଙ୍କର କ୍ଷେତ୍ରରେ ମଧ୍ୟ ତାହା ଖାଲିଗୁଡ଼ାଏ ଭୁଲ୍‌ବୁଝାମଣା ଦ୍ୱାରା ଏବଂ କ୍ରୋଧ ଓ ଉତ୍ତେଜନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ, ମତସଂଘାତ ଓ ଅବୋଧତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବ ।

ପୁନଶ୍ଚ, ଏକଥାକୁ ସମସ୍ତେ ଖୁବ୍ ଭଲ ଭାବରେ ନିଶ୍ଚୟ ଜାଣିଥିବେ ଯେ ଆମେ ଯାହାକୁ ଭଲ ପାଉ, ଆମେ ନିଜକୁ କ୍ରମେ ତାହାରି ସଦୃଶ କରି ତିଆର କରିବାର ଚେଷ୍ଟା ବି କରୁଥାଉ । ତେଣୁ, ଯଦି ତୁମେ ସେହି ପରମ ଦିବ୍ୟସତ୍ତାଙ୍କ ସହିତ ଏକ ସାଦୃଶ୍ୟ ଅର୍ଜନ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ କେବଳ ତାହାଙ୍କୁହିଁ ଭଲ ପାଇବାକୁ ହେବ । ସେହି ପରମ ଦିବ୍ୟସତ୍ତାଙ୍କ ସହିତ ପ୍ରେମ ବିନିମୟ ଦ୍ୱାରା ସମ୍ଭବ ହେଉଥିବା ପରମ ଉଲ୍ଲାସର ଅନୁଭୂତିଟିକୁ ଯିଏ ଅଙ୍ଗେ ନିଭାଇଛି, ତାହା ତୁଳନାରେ ଆଉ ଯାବତୀୟ ଆଦାନପ୍ରଦାନ ଯେ ପ୍ରକୃତରେ କେଡ଼େ ସ୍ୱାଦହୀନ, ନୀରସ ଓ କ୍ଷୀଣ, ସେକଥାଟିକୁ ସିଏ ଅବଶ୍ୟ ଜାଣିବାକୁ ସମର୍ଥ ହେବ । ଏବଂ, ଏହି ଆଦାନପ୍ରଦାନଟିକୁ ସମ୍ଭବ କରିବା ଲାଗି ଏକ କଠିନତମ ସାଧନା ଆବଶ୍ୟକ ହେଉଥିଲେ ମଧ୍ୟ, ତଥାପି କୌଣସି ଉପଲବ୍ଧିକୁହିଁ ଆମେ କଦାପି ଅତିରିକ୍ତ ପରିମାଣରେ କଠିନ, ଦୀର୍ଘ ବା କଠୋର ବୋଲି କହି ପାରିବା ନାହିଁ; କାରଣ ସେହି ଉପଲବ୍ଧିକୁ କଦାପି କୌଣସି ଭାଷାରେ ବ୍ୟକ୍ତ କରାଯାଇ ପାରିବ ନାହିଁ ।

ଏହି ପୃଥିବୀପୃଷ୍ଠରେ ଆମେ ସେହି ଚମତ୍କାରସ୍ଥିତିଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ; ଏହି ପୃଥିବୀକୁ ରୂପାନ୍ତରିତ କରି ଏହାକୁ ସେହି ପରମ ଭଗବତ୍ ଉପସ୍ଥିତି ଲାଗି ଏକ ଯୋଗ୍ୟ ସଦନରେ ପରିଣତ କରିବା ସକାଶେ ପ୍ରକୃତରେ ସେହି ସ୍ଥିତିଟିରହିଁ ସାମର୍ଥ୍ୟ ରହିଛି । ସେତେବେଳେ ଯାଇ ଏପରି ଏକ ଶରୀରରେ ଶୁଦ୍ଧ ଏବଂ ଯଥାର୍ଥ ପ୍ରେମ ଆପଣାକୁ ଅବତୀର୍ଣ୍ଣ କରାଇ ଆଣିବାକୁ ସମର୍ଥ ହେବ, ଯାହାକି ସେହି ପ୍ରେମ ଲାଗି ଆଉ କଦାପି ଏକ ଛଦ୍ମବେଶ କିଂବା ଆବରଣ ହୋଇ ରହିବ ନାହିଁ । ଏହି ସାଧନାଟିକୁ ଅପେକ୍ଷାକୃତ ଅଧିକ ସହଜ କରିବା ଉଦ୍ଦେଶ୍ୟରେ ଏବଂ ଏହି କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଅନ୍ତରଙ୍ଗ ଏବଂ ସହଜ-ଅନୁଭୂତ ଏକ ନିକଟତା ସୃଷ୍ଟି କରି ରଖିବାର ଅଭିପ୍ରାୟରେ, ପରମ ଦିବ୍ୟସତ୍ତା ଏକାଧିକ ବାର ତାଙ୍କର ପ୍ରେମକୁ ଏକ ସର୍ବୋଚ୍ଚ ମୂର୍ତ୍ତିମନ୍ତତା ପ୍ରଦାନ କରି ଏପରି ଏକ ମନୁଷ୍ୟ ଶରୀର ଧାରଣ କରିବାକୁ ଆଗ୍ରହୀ ହୋଇଛନ୍ତି, ଯାହାକି ବାହାରକୁ ଠିକ୍ ଜଣେ

ସାଧାରଣ ମନୁଷ୍ୟର ଆକୃତି ପରି ଦେଖାଯାଇଛି । ମାତ୍ର ପ୍ରତ୍ୟେକ ବାର ଜଡ଼ୋପାଦାନର ସ୍ଥୂଳ ରୂପଗୁଡ଼ିକ ମଧ୍ୟରେ ବନ୍ଦି ହୋଇ ରହି ସିଏ ଆପଣାର କେବଳ ଏକ ବ୍ୟଙ୍ଗ-ପରିଚୟକୁହିଁ ବ୍ୟକ୍ତ କରି ପାରିଛନ୍ତି । ଏବଂ, ଆପଣାର ସକଳାଙ୍ଗ ପରିପୂର୍ଣ୍ଣତା ସହିତ ଏକ ଅଭିବ୍ୟକ୍ତି ଓ ରୂପାୟନ ଘଟାଇ ପାରିବା ସକାଶେ ମନୁଷ୍ୟ ସତ୍ତାମାନେ ସେମାନଙ୍କର ଚେତନା କ୍ଷେତ୍ରରେ ଓ ଶରୀରର ଭୂମିରେ ଆଗ କେତେକ ଅପରିହାର୍ଯ୍ୟ ଅଗ୍ରଗତି ହାସଲ କରିସାରିବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ରହିଛନ୍ତି । କାରଣ, ସେହି ଉଦାତ୍ତ ଦିବ୍ୟପ୍ରେମ ଯେତେବେଳେ ଏକ ମନୁଷ୍ୟାକୃତି ଗ୍ରହଣ କରି ଆପଣାକୁ ବ୍ୟକ୍ତ କରିବାକୁ ଆସୁଛି, ସେତେବେଳେ ମାନବୀୟ ଦମ୍ଭର ଯାବତୀୟ ମୂର୍ଖପଣିଆ ଏବଂ ତା ଗର୍ବର ଯାବତୀୟ ନିର୍ବୋଧତା ତାହାକୁ ଭ୍ରମପୂର୍ଣ୍ଣ ଭାବରେ ଦୁର୍ବଳତା, ନିର୍ଭରଶୀଳତା ଏବଂ ପ୍ରୟୋଜନବଶତାର ଏକ ସଙ୍କେତ ବୋଲି ବିଚାର କରିଛି ।

ମାତ୍ର ମନୁଷ୍ୟ ତଥାପି ଏହି କଥାଟିକୁ ଜାଣିବାକୁ ଆରମ୍ଭ କରି ସାରିଲାଣି ଯେ, କେବଳ ପ୍ରେମ ଦ୍ୱାରାହିଁ ଏହି ପୃଥିବୀର ଯାବତୀୟ ଦୁଃଖର ସମାପ୍ତି ଘଟିପାରିବ । ପ୍ରଥମ ଅବସ୍ଥାରେ ସେ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ଜାଣୁଛି, ଏବଂ ପରିପୂର୍ଣ୍ଣତାର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସିବା ସଙ୍ଗେ ସଙ୍ଗେ ସେ ଅପେକ୍ଷାକୃତ ଅଧିକ ସ୍ପଷ୍ଟ ଭାବରେ ସେ କଥା ଜାଣିବାକୁ ସମର୍ଥ ହେଉଛି । ସିଏ ଭଲକରି ଜାଣିବାକୁ ଆରମ୍ଭ କଲାଣି ଯେ, ଯଥାର୍ଥ ପ୍ରେମରୁ ନିଷ୍ପନ୍ନ କେବଳ ସେହି ଅନିର୍ବଚନୀୟ ଆନନ୍ଦ ଦ୍ୱାରାହିଁ ଏହି ବିଶ୍ୱସଂସାରରୁ ବିଚ୍ଛିନ୍ନତାର ସକଳ ଦାହ ଓ ଯନ୍ତ୍ରଣାମୟତା ବିଦୂରିତ ହୋଇଯାଇ ପାରିବ । କାରଣ କେବଳ ସେହି ସର୍ବୋଚ୍ଚ ତଦାତ୍ମକତାର ଲବ୍ଧ ହେଉଥିବା ପରମୋଲ୍ଲାସଟି ଦ୍ୱାରାହିଁ ଏହି ବିଶ୍ୱ ସୃଷ୍ଟି ଆପଣାର ଯଥାର୍ଥ ଉଦ୍ଦେଶ୍ୟ ଏବଂ ଯଥାର୍ଥ ପରିପୂର୍ଣ୍ଣତାକୁ ଉପଲବ୍ଧି କରି ପାରିବ ।

ତେଣୁ, ଆମେ କୌଣସି ଉଦ୍ୟମକୁହିଁ ଅତି କଠିନ ବୋଲି କହିବା ନାହିଁ, କୌଣସି ତପସ୍ୟାକୁହିଁ ଅତିରିକ୍ତ ଭାବରେ କଠୋର ବୋଲି କହିବା ନାହିଁ; ଯଦି ଆମର ସେହି ଉଦ୍ୟମ ଓ ସେହି ତପସ୍ୟା ଆମ ଜୀବନର ସ୍ଥୂଳ ଉପାଦାନଟିକୁ ଏପରି ଭାବରେ ସନ୍ଦୀପିତ, ଶୁଦ୍ଧ, ପରିପୂର୍ଣ୍ଣତାଯୁକ୍ତ ଏବଂ ରୂପାନ୍ତରିତ କରିଦେଇ ପାରିବ, ଯାହାଦ୍ୱାରା କି, ପରମ ଦିବ୍ୟସତ୍ତା ଜଡ଼ର ଭୂମିରେ ଏକ ବହିରଙ୍ଗ ରୂପ ଗ୍ରହଣ କରିବା ସମୟରେ ସିଏ ତାଙ୍କୁ ଆଉ କଦାପି ଲୁକ୍‌କାୟିତ କରି ରଖି ପାରିବ ନାହିଁ, ତେବେ ତାହାକୁ ଆମେ କଦାପି ଅତିରିକ୍ତ ଭାବରେ କଠୋର ବା କଠିନ ବୋଲି କହିବା ନାହିଁ । କାରଣ ସେତେବେଳେ ସେହି ଅଦ୍ଭୁତ କୋମଳତା ନିଜକୁ ଏହି ଜଗତରେ ମୁକ୍ତଭାବରେ ବ୍ୟକ୍ତ କରି ଆଣି ପାରିବ; ଯେଉଁ ଦିବ୍ୟପ୍ରେମର ଏହି ଜୀବନକୁ ମଧୁର ଆନନ୍ଦର ଏକ ସ୍ୱର୍ଗଭୂମିରେ ପରିଣତ କରିଦେଇ ପାରିବାର ଶକ୍ତି ରହିଛି, ତାହା ନିଜକୁ ପ୍ରକୃତରେ ବ୍ୟକ୍ତ କରି ଆଣି ପାରିବ ।

ତୁମେ ଏହାକୁ ସକଳ ପ୍ରୟାସ ଓ ସକଳ ସାଧନାର ପରାକାଷ୍ଠା ବୋଲି କହିବ, ଚୂଡ଼ାନ୍ତ ଓ ଚରମ ବିଜୟ ବୋଲି କହିବ । ମାତ୍ର ଏହାକୁ ହାସଲ କରିବାକୁ ହେଲେ ଆମ୍ଭମାନଙ୍କୁ କ'ଣ କରିବାକୁ ପଡ଼ିବ ? ଆମକୁ କେଉଁ ମାର୍ଗରେ ଗତି କରିବାକୁ ହେବ, ଏହି ମାର୍ଗର ପ୍ରଥମ କେତୋଟି ସୋପାନ କହିଲେ ଆମେ କେଉଁସବୁକୁ ବୁଝିବା ?

ପରମ ଦିବ୍ୟସତ୍ତାଙ୍କ ସହିତ ଆମର ଯାବତୀୟ ବ୍ୟକ୍ତିଗତ ସମ୍ବନ୍ଧର ଭୂମିରେ ଆମେ କେବଳ ପ୍ରେମକୁହିଁ ତାହାର ସକଳ ମହିମାରେ ସ୍ୱୀକୃତି ଦେବା ଲାଗି ନିଷ୍ପତ୍ତି କରି ନେଇଥିବାରୁ, ଅନ୍ୟମାନଙ୍କ ସହିତ ଆମର ଯାବତୀୟ ସଂପର୍କର କ୍ଷେତ୍ରରେ ମଧ୍ୟ ଆମେ ଏପରି ଏକ ସମଗ୍ର, ଅବିଚଳ, ସାତତ୍ୟଯୁକ୍ତ ଓ ଅହଂକାରିତାଶୂନ୍ୟ ଦୟାଳୁତା ଏବଂ ସଦିଚ୍ଛାକୁ ପ୍ରବର୍ତ୍ତିତ କରି ରଖିବା ଯାହାକି କଦାପି କୌଣସି ପୁରସ୍କାର ବା କୃତଜ୍ଞତାର ପ୍ରତ୍ୟାଶା ରଖିବ ନାହିଁ, ଏପରିକି କୌଣସି ସ୍ୱୀକୃତିର ପ୍ରତ୍ୟାଶା ବି ରଖିବ ନାହିଁ । ଅନ୍ୟମାନେ ତୁମ ସହିତ ଯେପରି ଭାବରେ ବ୍ୟବହାର କରନ୍ତୁ ନା କାହିଁକି, ତୁମେ ଆପଣାକୁ ଆଦୌ କୌଣସି ପ୍ରକାର ଅପ୍ରସନ୍ନ ଭାବ ଦ୍ୱାରା ପରିଚାଳିତ ହେବାକୁ ଦେବ ନାହିଁ । ଏବଂ, ପରମ ଦିବ୍ୟସତ୍ତାଙ୍କ ଲାଗି ରହିଥିବା ତୁମର ସେହି ଶୁଦ୍ଧ ପ୍ରେମଟି ଦ୍ୱାରାହିଁ ପରିଚାଳିତ ହୋଇ ସିଏ କିପରି ତୁମର ରକ୍ଷା କରିବେ ଓ ଅନ୍ୟମାନଙ୍କର ଭୁଲ୍‌ବୁଝାମଣା ଏବଂ ଅସଦିଚ୍ଛାରୁ ତୁମକୁ କିପରି ସୁରକ୍ଷିତ କରି ରଖିବେ, ସେକଥା ବିଚାର କରିବାର ଦାୟିତ୍ୱଟିକୁ ମଧ୍ୟ ତୁମେ କେବଳ ତାଙ୍କରି ଉପରେ ଛାଡ଼ି ଦେଇଥିବ ।

ତୁମର ଯାବତୀୟ ସୁଖ ଓ ଆନନ୍ଦକୁ ତୁମେ କେବଳ ସେହି ଦିବ୍ୟ ପରମ ସତ୍ତାଙ୍କଠାରୁ ଲାଭ କରିବାର ଅପେକ୍ଷାହିଁ ରଖିଥିବ । କେବଳ ତାହାଙ୍କୁହିଁ ତୁମେ ସାହାଯ୍ୟ ଭିକ୍ଷା କରିବ, କେବଳ ତାଙ୍କରିଠାରୁହିଁ ସାହାଯ୍ୟ ପାଇବ, ତାହାଙ୍କୁହିଁ ଭରସା କରି ତାଙ୍କରିଠାରୁ ଭରସା ପାଇବ । ତୁମର ଯାବତୀୟ ଦୁଃଖରେ କେବଳ ସେଇ ତୁମକୁ ସାନ୍ତ୍ୱନା ଦେଉଥିବେ, ତୁମକୁ ତୁମର ମାର୍ଗରେ ପରିଚାଳିତ କରି ନେଉଥିବେ; ତୁମେ ଝୁଣ୍ଟି ପଡ଼ିଲାବେଳେ ସେଇ ତୁମକୁ ଉଠାଇନେବେ, ଏବଂ ଯଦି କେତେବେଳେ ତୁମେ ବିଫଳ ଓ କ୍ଳାନ୍ତ ହୋଇ ପଡୁଥିବ, ତେବେ କେବଳ ସେଇ ତୁମକୁ ଆପଣା ପ୍ରେମର ବଳୀୟାର ଭୁଜ ପ୍ରସାରିତ କରି ତଳୁ ଉଠାଇ ଧରିବେ ଏବଂ ତାଙ୍କର ଶାନ୍ତିକର ମଧୁରତା ମଧ୍ୟରେ ତୁମକୁ ଆବେଷ୍ଟିତ କରି ରଖିବେ ।

ଯେପରି କେହି ମୋ କଥାକୁ ଭୁଲ୍ ନ ବୁଝନ୍ତି, ସେଥିଲାଗି ମୁଁ ଏଠାରେ ଗୋଟିଏ କଥାକୁ ଭଲ କରି କହିଦେବାକୁ ଇଚ୍ଛା କରିବି ଯେ ମୋର କଥାଗୁଡ଼ିକୁ ମୁଁ ବ୍ୟକ୍ତ କରୁଥିବା ଭାଷାର ଅତ୍ୟାବଶ୍ୟକତା ଦୃଷ୍ଟିରୁହିଁ ପ୍ରତ୍ୟେକଥର ପରମ ଦିବ୍ୟସତ୍ତାଙ୍କର ଉଲ୍ଲେଖ କଲାବେଳେ ମୁଁ ପୁଂଲିଙ୍ଗ ଶବ୍ଦ ବ୍ୟବହାର କରିବାକୁହିଁ ବାଧ୍ୟ ହୋଇଛି । ମାତ୍ର, ମୁଁ ଯେଉଁ

ପ୍ରେମ ବିଷୟରେ କହିଛି, ତାହା ବସ୍ତୁତଃ ପୁରୁଷ ଓ ସ୍ତ୍ରୀ ଉଭୟ ଲିଙ୍ଗର ଅତୀତ ହୋଇ ରହିଛି । ଏବଂ, ସେହି ଦିବ୍ୟସତ୍ତା ଯେତେବେଳେ କୌଣସି ଏକ ଶରୀରରେ ଅବତୀର୍ଣ୍ଣ ହେବାକୁ ଆସନ୍ତି, ସେତେବେଳେ ସେ ଲିଙ୍ଗ ବିଷୟରେ ଆଦୌ କୌଣସି ଅପେକ୍ଷା ରଖନ୍ତି ନାହିଁ ଏବଂ ତାଙ୍କର ଯେଉଁ କାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ରହିଥାଏ, ତାହାରି ଆବଶ୍ୟକତାଗୁଡ଼ିକ ଅନୁସାରେହିଁ ସେ ଜଣେ ପୁରୁଷ ବା ଜଣେ ସ୍ତ୍ରୀର ଶରୀରକୁ ଆପଣାର ଆଧାର ରୂପେ ଗ୍ରହଣ କରିନିଅନ୍ତି ।

ତେଣୁ, ଉପସଂହାର କରି ମୁଁ ଏତିକି କହିବି ଯେ, ଆମ ଭାବଗତ ଜୀବନର ସାଧନାରେ ଆମକୁ ଯାବତୀୟ ପ୍ରକାରର ସଂବେଗଗତ ଆସକ୍ତିକୁ ପରିତ୍ୟାଗ କରିବାକୁ ପଡ଼ିବ;— ସେହି ଆସକ୍ତି କୌଣସି ଜଣେ ବ୍ୟକ୍ତି ଲାଗି, ଆମ ପରିବାର ଲାଗି, ଦେଶ ଲାଗି ବା ଅନ୍ୟ ଯେକୌଣସି ବସ୍ତୁ ଲାଗି ରହିଥାଉ ପଛକେ, ଆମକୁ ତାହାକୁ ପରିତ୍ୟାଗ କରିବାକୁ ପଡ଼ିବ । ତେବେ ଯାଇ ଆମେ ପରମ ଦିବ୍ୟସତ୍ୟଙ୍କ ପ୍ରତି ରହିଥିବା ଆମର ଏକ ଐକାନ୍ତିକ ଅନୁରକ୍ତିରେ ଯଥାର୍ଥ ଭାବରେ ଅଭିନିବେଶିତ ହୋଇ ରହିପାରିବା । ସେହି ଅଭିନିବେଶ ପରିଶେଷରେ ଏକ ସଂପୂର୍ଣ୍ଣ ତଦାତ୍ମକତାରେ ପରିଣତ ହେବ ଏବଂ ପୃଥିବୀ ପୃଷ୍ଠରେ ଅତିମାନସର ଉପଲବ୍ଧି ଲାଗି ତାହା ନିମିତ୍ତ ରୂପେ କାର୍ଯ୍ୟ କରି ପାରିବ ।

ଏଥିରୁ ଆମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେହି ଚତୁର୍ବିଧ ମୁକ୍ତି ପାଖରେ ଯାଇ ପହଞ୍ଚିବା, ସେହିସବୁ ମୁକ୍ତି ଏହି ଉପଲବ୍ଧିର ଗୋଟିଏ ଗୋଟିଏ ମୂର୍ତ୍ତ ଆକାର ହୋଇ ରହିବ । ଜୀବନର ଭାବଭୂମିରେ ଉପଲବ୍ଧ ସେହି ମୁକ୍ତି ଦ୍ୱାରା ଆମେ ଯୁଗପତ୍ ଭାବରେ ଯାବତୀୟ ଦୁଃଖରୁ ମଧ୍ୟ ମୁକ୍ତ ହୋଇ ଆସିବା, ଅତିମାନସ ଏକତ୍ୱର ସେହି ସମଗ୍ର ଉପଲବ୍ଧି ଦ୍ୱାରା ଆମେ ଦୁଃଖମୁକ୍ତ ହୋଇ ପାରିବା ।

ମନୋଗତ ସ୍ତରର ମୁକ୍ତି ଅର୍ଥାତ୍ ଅଜ୍ଞାନ ମଧ୍ୟରୁ ମୁକ୍ତି ଆମର ସତ୍ତାଟି ମଧ୍ୟରେ ସେହି ଆଲୋକମୟ ମନ ଅର୍ଥାତ୍ ବିଜ୍ଞାନମୟ ଚେତନାଟିକୁ ପ୍ରତିଷ୍ଠିତ କରିଦେବ, ଏବଂ ତାହାର ଅଭିବ୍ୟକ୍ତି ନିଜ ମଧ୍ୟରେ ପରମ ଶବ୍ଦର ସୃଜନଶୀଳ ଶକ୍ତିଟିକୁ ମଧ୍ୟ ବହନ କରି ରହିଥିବ ।

ପ୍ରାଣସ୍ତରର ମୁକ୍ତି ଅର୍ଥାତ୍ ବାସନାର କବଳରୁ ମୁକ୍ତି ବ୍ୟକ୍ତିର ଇଚ୍ଛାରେ ସଂପୂର୍ଣ୍ଣ ଭାବରେ ଓ ସଚେତନ ଭାବରେ ଦିବ୍ୟ ଇଚ୍ଛାଟି ସହିତ ଆପଣାକୁ ଏକାତ୍ମକ କରି ରଖିବାର ଶକ୍ତିଟିକୁ ଆଣି ଭରି ଦେଇଯିବ । ତଦ୍ଦ୍ୱାରା ଏକ ସତତ ଶାନ୍ତିର ଉପଲବ୍ଧି ହେବ, ପ୍ରଶାନ୍ତିର ଅଧିକାରଟି ପ୍ରାପ୍ତ ହେବ ଏବଂ ସେଗୁଡ଼ିକରୁ ଉପଲବ୍ଧ ହେଉଥିବା ଶକ୍ତିମତ୍ତାଟି ମଧ୍ୟ ଆମକୁ ମିଳିଯାଇ ପାରିବ ।

ସର୍ବଶେଷରେ ଏବଂ ଅନ୍ୟ ଯାବତୀୟ ମୁକ୍ତିର ମୁକୁଟ ରୂପେ ଏହି କ୍ଷେତ୍ରରେ ଶରୀରସ୍ତରର ମୁକ୍ତିଟି ମଧ୍ୟ ଉପଗତ ହୋଇ ଆସିଥାଏ, ଏହି ଜଡ଼ସ୍ତରରେ ରହିଥିବା

କାର୍ଯ୍ୟକାରଣର ବିଧାନଟିକୁ ମଧ୍ୟ ମୁକ୍ତି ମିଳିଥାଏ । ଏକ ପରିପୂର୍ଣ୍ଣ ଆତ୍ମପ୍ରଭୁତ୍ୱ ଅର୍ଜନ କରିବା ଦ୍ୱାରା ଆମେ ସେତେବେଳେ ପ୍ରକୃତିର ସେହିସବୁ ନିୟମଗୁଡ଼ିକର ହାତରେ ଆଉ କ୍ରୀଡ଼ନକ ପ୍ରାୟ ହୋଇ ରହୁ ନାହିଁ, ଯାହାକି ମନୁଷ୍ୟକୁ ନାନା ଅବଚେତନ ଏବଂ ଅର୍ଦ୍ଧଚେତନ ଆବେଗ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବାରେ ପ୍ରବୃତ୍ତ କରି ରଖିଥାଏ ଏବଂ ତାକୁ ଜୀବନର ସେହି ସାଧାରଣ ଗୁଳାଟି ମଧ୍ୟରେ ଆଣି ପକାଇ ରଖିଥାଏ । ଏହି ମୁକ୍ତିର ଅଧିକାରୀ ହୋଇ ଆମେ ସଂପୂର୍ଣ୍ଣ ଜ୍ଞାନର ସହିତ ଆମର ଉପଯୁକ୍ତ ମାର୍ଗଟିକୁ ଗ୍ରହଣ କରିବାକୁ ସମର୍ଥ ହେଉ, ସମ୍ପନ୍ନ କରିବାକୁ ରହିଥିବା କର୍ମଟିକୁ ମଧ୍ୟ ବାଛି ନେଇପାରୁ ଏବଂ ଆପଣାକୁ ଯାବତୀୟ ପ୍ରକାରର ଅନ୍ଧକାରବଶତାର କବଳରୁ ବିମୁକ୍ତ କରି ଆଣିପାରୁ । ଏବଂ ତା'ପରେ, କେବଳ ସେହି ସର୍ବୋଚ୍ଚ ଇଚ୍ଛା, ସର୍ବୋଚ୍ଚ ଜ୍ଞାନ ଅର୍ଥାତ୍ ଅତିମାନସ ଚେତନାଟିକୁ ଛାଡ଼ିଦେଲେ ଆମ ଜୀବନର ଗତିପଥରେ ଆସି ପ୍ରଭାବ ବିସ୍ତାର କରିବାକୁ ଆଉ କୌଣସି କଥାହିଁ କୌଣସି ବାଟ ପାଇପାରେ ନାହିଁ ।

*ବୁଲେଟିନ୍, ଅଗଷ୍ଟ ୧୯୫୩*

# ସାନ ଓ ବଡ଼ ଛାତ୍ରଛାତ୍ରୀମାନଙ୍କୁ

ଏହି ପୃଥିବୀର ଇତିହାସରେ ପରିବର୍ତ୍ତନକାଳୀନ ଏପରି ଗୋଟିଏ ଗୋଟିଏ ମୁହୂର୍ତ୍ତ ରହିଛି, ଯେତେବେଳେ କି ହଜାର ହଜାର ବର୍ଷ ଧରି ତିଷ୍ଠି ରହି ଆସିଥିବା ବସ୍ତୁଗୁଡ଼ିକ ଅପସରି ଯିବାକୁ ବାଧ ହୋଇଛନ୍ତି ଏବଂ ଅଭିବ୍ୟକ୍ତ ହେବାକୁ ଯାଉଥିବା ଅନ୍ୟ ବସ୍ତୁଗୁଡ଼ିକ ଲାଗି ବାଟ ଛାଡ଼ି ଦେଇଛନ୍ତି । ଆମେ ହୁଏତ ପ୍ରାୟ ଏପରି ମଧ୍ୟ କହିପାରିବା ଯେ, ଏହିସବୁ ସମୟରେ ବିଶ୍ୱଚେତନାର ଏକ ବିଶେଷ ସଂକେନ୍ଦ୍ରଣ ବା ତାହାର ପ୍ରଚେଷ୍ଟାର ଏକ ଅତିସଘନତା ସଂଘଟିତ ହୋଇ ଆସିଥାଏ, ଯେଉଁ ପ୍ରକାର ଅଗ୍ରଗତିଟି ହେବାକୁ ଯାଉଥାଏ ଓ ଯେଉଁ ଗୁଣାତ୍ମକ ସ୍ତରରେ ରୂପାନ୍ତରଟି ପ୍ରକୃତରେ ଉପଲବ୍ଧ ହେବାକୁ ରହିଥାଏ, ତାହାରି ଅନୁସାରେହିଁ ସେହି ସଂକେନ୍ଦ୍ରଣ ଓ ଅତି ସଘନତାରେ ମଧ୍ୟ ଏକ ପାର୍ଥକ୍ୟ ପରିଦୃଷ୍ଟ ହୋଇଥାଏ । ବିଶ୍ୱ-ଇତିହାସର କ୍ରମରେ ବର୍ତ୍ତମାନ ଆମେ ସେହିଭଳି ଗୋଟିଏ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ପ୍ରକୃତି ଯେପରି ପୂର୍ବେ ଏକଦା ପୃଥିବୀପୃଷ୍ଠରେ ମନୁଷ୍ୟରୂପୀ ଏକ ମନୋମୟ ସତ୍ତାର ସୃଷ୍ଟି କରିଥିଲା, ଠିକ୍ ସେହିପରି ବର୍ତ୍ତମାନ ମଧ୍ୟ ଏହି ମନୋମୟ ଭୂମିରେ ଏକ ଅତିମାନସ ଚେତନା ତଥା ବ୍ୟକ୍ତିତ୍ୱର ସଂସ୍ଫୁରଣ ଲାଗି ଏକ ସଂକେନ୍ଦ୍ରିତ ଏବଂ ସଘନ କ୍ରିୟା ଆରମ୍ଭ ହୋଇ ଗଲାଣି ।

କେତେକ ସତ୍ତା, ଯେଉଁମାନେ ଦେବକଳ୍ପନାର ସେହି ଗୂଢ଼ ଯୋଜନାଟିର ଆଭାସ ପାଇଛନ୍ତି ବୋଲି ମୁଁ ହୁଏତ କହିପାରିବି, ସେମାନେ ବିଶ୍ୱର ଜୀବନଭୂମିରେ ଏହି ମୁହୂର୍ତ୍ତଟିର ମହତ୍ତ୍ୱ ବିଷୟରେ ସଜ୍ଞାନ ହୋଇ ରହିଛନ୍ତି । ଏବଂ, ଯଥାଶକ୍ତି ଯାବତୀୟ ଉପାୟରେ ଆପଣାର ଭୂମିକାଟିକୁ ଗ୍ରହଣ କରିବା ଲାଗି ସେମାନେ ଏହି ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି । ଏକ ବିରାଟ ଜ୍ୟୋତିରାଲୋକିତ ଚେତନା ପୃଥିବୀ ଉପରେ ଆନତ ଏବଂ ସଞ୍ଚାରିତ ହୋଇ ରହିଛି ଏବଂ ତାହାର ବାୟୁମଣ୍ଡଳରେ ଏକ ଉଦ୍‌ବେଳନ ସୃଷ୍ଟି କରିବାରେ ଲାଗିଛି । ଯେଉଁମାନେ ନିଜକୁ ଉନ୍ମୋଚିତ କରି ରଖି ପାରିଛନ୍ତି, ସେମାନେ ସମସ୍ତେ ଏହି ଚଞ୍ଚଳାବର୍ତ୍ତଟି ମଧ୍ୟରୁ ଏକ ତରଙ୍ଗ ଆସି ସେମାନଙ୍କୁ ସ୍ପର୍ଶ କରୁଥିବାର ଅନୁଭବ କରି ପାରୁଛନ୍ତି, ଏହି ଆଲୋକର ଏକ ରଶ୍ମିକୁ ଅନୁଭବ କରି ପାରୁଛନ୍ତି; ସେମାନେ ନିଜ ନିଜର ସାମର୍ଥ୍ୟ ଅନୁସାରେ ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା ଲାଗି ବାଟ ଖୋଜୁଛନ୍ତି ।

ଏଠାରେ ରହିଥିବା ଆମେ ସମସ୍ତେ ଏହି ବିକିରଣକାରୀ ଆଲୋକଟିର କେନ୍ଦ୍ରଟିରେ ଅବସ୍ଥାନ କରୁଥିବାର ସେହି ଅଭୂତପୂର୍ବ ସୌଭାଗ୍ୟଟିକୁ ଲାଭ କରିଛୁ, ରୂପାନ୍ତରଣ-ଶକ୍ତିଟିର ଏକାବେଳେକେ ଉତ୍ସରେ ରହିଥିବାର ଅସାଧାରଣ ସୁଯୋଗଟିକୁ ଲାଭ କରିଛୁ ।

ଏକ ମାନବଶରୀର ମଧ୍ୟରେ ସେହି ଅତିମାନସ ଚେତନାର ଅବତରଣ ଘଟାଇବା ଲାଗି ସମର୍ଥ ହୋଇଥିବା ଶ୍ରୀଅରବିନ୍ଦ, ଆମେ ଯେଉଁ ମାର୍ଗଟିର ଅନୁସରଣ କରିବା ତାହାର ଯଥାର୍ଥ ପ୍ରକୃତିଟିକୁ ଏବଂ ଲକ୍ଷ୍ୟରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଯେପରି ଭାବରେ ସେହି ମାର୍ଗଟିର ଅନୁସରଣ କରିବାକୁ ପଡ଼ିବ, ସେହି ଉପାୟଟିକୁ ଯେ କେବଳ ଆମ ଆଗରେ ଉଦ୍‌ଘାଟିତ କରି ଦେଇଛନ୍ତି ତା ନୁହେଁ, ମାତ୍ର ନିଜର ବ୍ୟକ୍ତିଗତ ଉପଲବ୍ଧି ଦ୍ୱାରା ସିଏ ଆମକୁ ତାହାର ଦୃଷ୍ଟାନ୍ତଟିକୁ ମଧ୍ୟ ଦେଖାଇ ଦେଇ ଯାଇଛନ୍ତି । ଆମେ ପ୍ରକୃତରେ ଏକଥା ମଧ୍ୟ କହି ପାରିବା ଯେ, ସେହି ଉପଲବ୍ଧିଟି ଯେ ପ୍ରକୃତରେ ସମ୍ଭବ ଓ ସେଇଟିକୁ କାର୍ଯ୍ୟରେ ପରିଣତ କରିବାର ଯଥାର୍ଥ ସମୟଟି ଯେ ବର୍ତ୍ତମାନ ଆସି ଉପଗତ ହୋଇଛି, ଶ୍ରୀଅରବିନ୍ଦ ଆମ ଲାଗି ତାହାରି ଏକ ପ୍ରମାଣ ଯୋଗାଇଦେଇ ଯାଇଛନ୍ତି ।

ତେଣୁ, ଅନ୍ୟମାନେ ଯାହା ଆଗରୁ କରିଛନ୍ତି, ତାହାରହିଁ ଏକ ପୁନରାବୃତ୍ତି କରିବା ଲାଗି ଆମେ ଏଠାରେ ମୋଟେ ଏକତ୍ରିତ ହୋଇ ନାହୁଁ; ମାତ୍ର ଏକ ନୂତନ ଚେତନା ଏବଂ ଏକ ନୂତନ ଜୀବନର ବିକାଶ ନିମିତ୍ତହିଁ ନିଜକୁ ପ୍ରସ୍ତୁତ କରିବା ଲାଗି ଆମେ ସମସ୍ତେ ଏଠାକୁ ଆସିଛୁ । ଏବଂ ସେହି କାରଣରୁହିଁ ମୁଁ ଏଠାରେ ଥିବା ସବୁ ଛାତ୍ରଙ୍କୁ ଆବେଦନ କରି କହୁଛି, ଛାତ୍ର – ଅର୍ଥାତ୍ ଯେଉଁମାନେ ଶିଖିବାର ବାସନା ରଖିଛନ୍ତି ସର୍ବଦା ଅଧିକ ଶିକ୍ଷା କରିବାର ଏବଂ ଅଧିକ ଭଲ ଭାବରେ ଶିଖିବାର ବାସନା ରଖିଛନ୍ତି ମୁଁ ସେହିମାନଙ୍କୁ ଏହି କଥାଟିକୁ ବର୍ତ୍ତମାନ କହିବାକୁ ଇଚ୍ଛା କରୁଛି, ଯେପରିକି ତୁମେମାନେ ନିଜକୁ ସେହି ନୂତନ ଶକ୍ତିଟି ଲାଗି ଉନ୍ମୋଚିତ କରିଦେଇ ପାରିବ ଏବଂ ତାହାକୁ ଆମର ଏହି ଭୌତିକ ଭୂମିଟିରେ ପ୍ରକାଶିତ ହେବାର ସମ୍ଭାବନାଟିକୁ ମଧ୍ୟ ଆଣି ଯୋଗାଇ ଦେଇପାରିବ । କାରଣ, ତାହାହିଁ ଆମ ଆଗରେ ଯଥାର୍ଥ କାର୍ଯ୍ୟକ୍ରମ ହୋଇ ରହିଛି ଓ ଆମେ କଦାପି ସେହି କଥାଟିକୁ ଭୁଲିଯିବା ନାହିଁ । ତୁମେସବୁ ଯେଉଁ ଯଥାର୍ଥ କାରଣରୁ ଏଠାରେ ରହିଛ, ସେହି କଥାଟିକୁ ବୁଝି ପାରିବା ଲାଗି ତୁମମାନଙ୍କୁ ଅବଶ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ଆମେ ଏଠାରେ ନିଜକୁ ଯଥାସମ୍ଭବ ଅଧିକ ସମର୍ଥ ଓ ସଂପୂର୍ଣ୍ଣ ଗୋଟିଏ ଗୋଟିଏ ନିମିତ୍ତ କରି ତିଆରି କରିବା, ଆମେ ନିଜକୁ ଏହି ପୃଥିବୀରେ ଦିବ୍ୟ ଇଚ୍ଛାଟିକୁ ବ୍ୟକ୍ତ କରି ଆଣିବା ଲାଗି ଗୋଟିଏ ଗୋଟିଏ ନିମିତ୍ତ ରୂପେ ତିଆରି କରିବା । ଏବଂ, ନିମିତ୍ତଗୁଡ଼ିକୁ ପ୍ରକୃତରେ ପୂର୍ଣ୍ଣକ୍ଷମ କରି ଗଢ଼ିବାକୁ ହେଲେ ସେମାନଙ୍କର ଉପଯୁକ୍ତ କର୍ଷଣ ହେବା ଏକାନ୍ତ ଆବଶ୍ୟକ, ସେମାନେ ଉପଯୁକ୍ତ ଭାବରେ ଶିକ୍ଷିତ ଏବଂ ପ୍ରଶିକ୍ଷିତ ହୋଇ ପାରିବା ମଧ୍ୟ ଏକାନ୍ତ ଆବଶ୍ୟକ । ସେମାନଙ୍କୁ ଏକ ଅନାବାଦୀ ଭୂମି ପରି ପକାଇ ରଖିଲେ ବା ଆକାରହୀନ ଖଣ୍ଡେ ପଥର ପରି ପକାଇ ରଖିଲେ ମୋଟେ ହେବ ନାହିଁ । ଯାବତୀୟ କଳାତ୍ମକ କୌଶଳକୁ କାମରେ ଲଗାଇ ଖଣ୍ଡେ ହୀରାକୁ କାଟିଲେ ଯାଇ ସେହି ହୀରାର ପୂର୍ଣ୍ଣ ସୌନ୍ଦର୍ଯ୍ୟ ପ୍ରକଟ ହୋଇ

ଆସିଥାଏ । ତୁମମାନଙ୍କର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି କଥା । ତୁମର ଶରୀରସତ୍ତା ଆଧ୍ୟାତ୍ମିକ ଚେତନାର ଅଭିବ୍ୟକ୍ତି ଲାଗି ଏକ ଯଥାର୍ଥରେ ସଂପୂର୍ଣ୍ଣ ନିମିତ୍ତ ରୂପେ ବ୍ୟବହୃତ ହେଉ ବୋଲି ଯଦି ତୁମେମାନେ ପ୍ରକୃତରେ ଇଚ୍ଛା କରୁଥାଅ, ତେବେ ତୁମ୍ଭମାନଙ୍କୁ ସେଇଟିର ଯଥାର୍ଥ କର୍ଷଣ କରିବାକୁ ପଡ଼ିବ, ତାହାକୁ ଧାରଯୁକ୍ତ ଏବଂ ବିଶୋଧିତ କରିବାକୁ ପଡ଼ିବ; ତାହାର ଯାବତୀୟ ଅଭାବର ପୂରଣ କରିବାକୁ ପଡ଼ିବ; ତା ପାଖରେ ଯାହାକିଛି ଆଗରୁ ମହଜୁଦ ରହିଛି, ସେଗୁଡ଼ିକୁ ଯଥାର୍ଥରେ ସଂପୂର୍ଣ୍ଣ କରି ବିକଶିତ କରି ଆଣିବାକୁ ପଡ଼ିବ । ପିଲାଏ, ତୁମେମାନେ ବଡ଼ ହୋଇଥାଅ କି ସାନ ବି ହୋଇଥାଅ, ତୁମେମାନେ ସେହି କାରଣରୁହିଁ ଏଠାରେ ବିଦ୍ୟାର୍ଜନ କରୁଛ । କାରଣ ଜଣେ ମଣିଷ ତା'ର ଯେକୌଣସି ବୟସରେ ମଧ୍ୟ ଅବଶ୍ୟ ବିଦ୍ୟାର୍ଜନ କରିପାରିବ । ତେଣୁ ତୁମମାନଙ୍କୁ ନିଜ ନିଜର ଶ୍ରେଣୀଗୁଡ଼ିକୁ ଯିବାକୁହିଁ ପଡ଼ିବ, ଶିକ୍ଷା କରିବାକୁହିଁ ପଡ଼ିବ ।

ଉପଯୁକ୍ତ ମନୋବସ୍ଥାରେ ନ ଥିବା ସମୟରେ ତୁମେମାନେ ବେଳେବେଳେ ଏପରି ବି କହିଥାଅ, ''ବର୍ତ୍ତମାନ ପ୍ରକୃତରେ ଭାରି ନୀରସ ଓ ବିରକ୍ତିକର ଲାଗିବ ।'' ହଁ, ଯେଉଁ ଶିକ୍ଷକ ସେତେବେଳେ ତୁମର କ୍ଲାସ୍ ନେବାକୁ ଯାଉଥିବେ, ତାଙ୍କୁ ହୁଏତ ତୁମର ମନ ଖୁସି କରିବାର ଉପାୟଟି ମୋଟେ ଜଣା ନ ଥିବ । ହୁଏତ ସିଏ ଜଣେ ଉତ୍ତମ ଶିକ୍ଷକ ହୋଇଥିବେ, ମାତ୍ର ତଥାପି ତୁମର ମନ ଖୁସି କରି ରଖିବାର ଉପାୟଟି ତାଙ୍କୁ ମୋଟେ ଜଣା ନ ଥିବ । କାରଣ ତାହା କରିବା ପ୍ରକୃତରେ ଆଦୌ ସବୁବେଳେ ସମ୍ଭବ ହୁଏ ନାହିଁ । ଏପରି ଗୋଟିଏ ଗୋଟିଏ ଦିନ ଆସେ, ଯେତେବେଳେ କି କାହାରି ମନ ଖୁସି କରିବାକୁ ମୋଟେ ଇଚ୍ଛା ହୁଏ ନାହିଁ । ଶିକ୍ଷକଙ୍କ ସକାଶେ ଓ ତୁମମାନଙ୍କ ସକାଶେ ମଧ୍ୟ ଏପରି ଗୋଟିଏ ଗୋଟିଏ ଦିନ ଆସେ, ଯେତେବେଳେ ସ୍କୁଲ୍‌କୁ ନ ଯାଇ ଆଉ କେଉଁଠାକୁ ଯିବା ଲାଗି ଭାରି ମନ ହୁଏ । ମାତ୍ର ତେବେ ସୁଦ୍ଧା ତୁମେମାନେ କ୍ଲାସକୁ ଯିବ । ତୁମେ କ୍ଲାସକୁ ଯିବ, କାରଣ ତାହାହିଁ ହେଉଛି ତୁମର ଅବଶ୍ୟ କର୍ତ୍ତବ୍ୟ । କାରଣ ଯଦି ତୁମେ ଆପଣାର ଖିଆଲ ଓ ଇଚ୍ଛାଗୁଡ଼ାକୁ ମାନିହିଁ ସବୁକିଛି କରିବାକୁ ଆରମ୍ଭ କରିବ, ତେବେ ନିଜ ଉପରେ ତୁମମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ରହିବ ନାହିଁ । ତୁମର ଖିଆଲଗୁଡ଼ାକହିଁ ତୁମର ଚୁଟି ଧରି ରହିଥିବେ । ତେଣୁ ତୁମମାନଙ୍କୁ କ୍ଲାସକୁ ଯିବାକୁ ହେବ । ମାତ୍ର ସେଠାକୁ ଯାଇ ''ବର୍ତ୍ତମାନ ପ୍ରକୃତରେ ଭାରି ବିରକ୍ତିକର ଲାଗିବ, ମୁଁ ଭଲକରି ଜାଣିଛି ଯେ ସେଠାରେ ମୋଟେ କିଛିହେଲେ ଭଲ ଲାଗିବ ନାହିଁ'' ବୋଲି ନ ଭାବି ତୁମେ ନିଜ ପାଖରେ ବରଂ ଏପରି କହିବ, ''ଜୀବନରେ ଏପରି କୌଣସି ଗୋଟିଏ ମୁହୂର୍ତ୍ତ ବା ଗୋଟିଏ ବି ପରିସ୍ଥିତି ନାହିଁ, ଯାହାକୁ କି ନିଜର ଅଗ୍ରଗତି ଲାଗି ଏକ ସୁଯୋଗ ରୂପେ ବ୍ୟବହାର କରାଯାଇ ନ ପାରିବ । ତେଣୁ, ଆଜି ମୁଁ ପ୍ରକୃତରେ କେଉଁ ଅଗ୍ରଗତିଟିକୁ ସମ୍ଭବ କରିବାକୁ ଯାଉଛି ? ବର୍ତ୍ତମାନ ଯେଉଁ ବିଷୟରେ

କ୍ଲାସ୍ ହେବାକୁ ଯାଉଛି, ସେହି ବିଷୟଟି ମୋତେ ମୋଟେ ଭଲ ଲାଗେ ନାହିଁ। ମାତ୍ର ହୁଏତ ଏପରି ହେଉଛି, କାରଣ ମୋ' ନିଜ ଭିତରେହିଁ କୌଣସି କଥାର ଅଭାବ ରହିଛି; ସମ୍ଭବତଃ ମୋ' ମସ୍ତିଷ୍କରେ ରହିଥିବା କେତୋଟି କୋଷ କୌଣସି ପ୍ରକାରେ ଅଳ୍ପବଳ ହୋଇ ରହିଛନ୍ତି ଏବଂ ହୁଏତ ସେହି କାରଣରୁ ବିଷୟଟିରେ ମୋର କୌଣସି ଆଗ୍ରହ ହେଉ ନାହିଁ। ଯଦି ସେଇକଥାଟି ସତ ହୋଇଥାଏ ତେବେ ମୁଁ କ୍ଲାସକୁ ଯିବି, ଏକାନ୍ତ ଅଭିନିବେଶିତ ହୋଇ ରହିବାକୁ ଚେଷ୍ଟା କରିବି, ଅତ୍ୟନ୍ତ ଯତ୍ନ ଓ ମନୋଯୋଗ ସହିତ ସେଠାରେ ସବୁକଥା ଶୁଣିବି; ଏବଂ ସର୍ବୋପରି, ମୁଁ ଗୋଟିଏ ବିଷୟକୁ ବୁଝିପାରୁ ନାହିଁ ବୋଲି ମୋତେ ବିରକ୍ତ କରି ପକାଉଥିବା ଏହି ଉଦ୍ଦେଶ୍ୟହୀନତା ଏବଂ ଉପରସ୍ତରୀୟ ଏହି ଅଗଭୀରତାକୁ ମୋର ମନ ଭିତରୁ ମୁଁ ନିକାଲି ବାହାର କରିଦେବି। ବୁଝିବା ସକାଶେ ମୁଁ କୌଣସି ଉଦ୍ୟମ କରୁ ନାହିଁ ବୋଲି ମୋତେ ସବୁକିଛି ଏପରି ନୀରସ ଓ ବିରକ୍ତିକର ଲାଗୁଛି, ଅଗ୍ରଗତି କରିବା ସକାଶେ ଆବଶ୍ୟକ ଇଚ୍ଛାଟି ମୋ' ପାଖରେ ନାହିଁ ବୋଲି ମୁଁ କୌଣସିଥିରୁ ଆନନ୍ଦ ପାଇପାରୁ ନାହିଁ।'' ଯେତେବେଳେ ଆମର ଅଗ୍ରଗତି ବନ୍ଦ ହୋଇଯାଏ, ଆମକୁ କେବଳ ସେତିକିବେଳେହିଁ ସବୁକିଛି ଭାରି ବିରକ୍ତିକର ମନେ ହୋଇଥାଏ। ପିଲା, ବୁଢ଼ା ପ୍ରତ୍ୟେକ ମଣିଷର ଜୀବନରେହିଁ ଏହିପରି ଘଟିଥାଏ। କାରଣ କେବଳ ଅଗ୍ରଗତି କରିବା ସକାଶେହିଁ ଆମେ ଏଠାରେ, ଏହି ଜଗତ୍ ମଧ୍ୟରେ ରହିଛୁ, ସେହି ଅଗ୍ରଗତି ବ୍ୟତୀତ ଆମର ଜୀବନ ପ୍ରକୃତରେ କେଡ଼େ ଦୁର୍ବହ ହୋଇ ନ ପଡ଼ିବ ! ଜୀବନ ଭାରି ନୀରସତାପୂର୍ଣ୍ଣ; ଅଧିକାଂଶ ସମୟରେ ଆମକୁ ଏଥିରୁ ଆଦୌ କୌଣସି ଆନନ୍ଦ ମିଳେ ନାହିଁ। ଜୀବନକୁ ମୋଟେ ସୁନ୍ଦର ବୋଲି କୁହାଯାଇ ପାରିବ ନାହିଁ। ମାତ୍ର, ଯଦି ତୁମେ ସେହି ଜୀବନକୁ ଅଗ୍ରଗତିର ଏକ କ୍ଷେତ୍ର ବୋଲି ଗ୍ରହଣ କରିନେଇ ପାରିବ, ତେବେ ସବୁକିଛି ନିଶ୍ଚୟ ବଦଳିଯିବ; ସବୁକିଛି ଆଗ୍ରହୋଦ୍ଦୀପକ ହୋଇ ପାରିବ ଏବଂ ତାପରେ କିଛି ବିରକ୍ତିକର ମନେ ହେବା ଲାଗି ଆଉ ଆଦୌ କୌଣସି ଅବକାଶହିଁ ରହିବ ନାହିଁ। ଏହାପରେ ଯଦି ତୁମର ଶିକ୍ଷକ ତୁମକୁ କେବେ ନୀରସ ବୋଲି ବୋଧ ହେବେ, ତେବେ ସେତେବେଳେ କିଛି ନ କରି, ନିଜ ସମୟ ନଷ୍ଟ ନ କରି, ସିଏ କାହିଁକି ତୁମକୁ ଏପରି ନୀରସ ବୋଧ ହେଉଛନ୍ତି, ତୁମେ ସେହି କଥାଟିକୁ ବୁଝିବାକୁ ଚେଷ୍ଟା କରିବ। ତେବେ, ଯଦି ତୁମ ପାଖରେ ପର୍ଯ୍ୟବେକ୍ଷଣ କରିବାର ଯଥେଷ୍ଟ ସାମର୍ଥ୍ୟ ରହିଥିବ ଏବଂ ଯଦି ତୁମେ ପ୍ରକୃତ କଥାଟିକୁ ବୁଝିବା ଲାଗି ଏକ ଉଦ୍ୟମ କରିପାରିବ, ତେବେ ତୁମେ ଏହି କଥାଟିକୁ ଅଚିରେ ଦେଖିବାକୁ ପାଇବ ଯେ ଏହି କ୍ଷେତ୍ରରେ ସତେଅବା ଏକ ଅଲୌକିକ କଥା ଆସି ଘଟିଛି ଏବଂ ତୁମକୁ ଆଉ ମୋଟେ ନୀରସ ବା ବିରକ୍ତ ଲାଗୁ ନାହିଁ।

ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏହି ଉପାୟଟି ଭାରି ଭଲ କାମ ଦେଇଥାଏ। ବେଳେ

ବେଳେ, କେତେକ ପରିସ୍ଥିତିରେ, ସବୁକିଛି ଭାରି ନୀରସ ପରି ମନେ ହୁଏ । ବିରକ୍ତିକର ଲାଗେ, ଭାରି ନିରର୍ଥକ ବୋଧହୁଏ । ତାହାର ଅର୍ଥ ହେଉଛି ଯେ, ପରିସ୍ଥିତି ଯେଉଁଭଳି ନୀରସ, ତୁମେ ନିଜେ ମଧ୍ୟ ଠିକ୍ ସେହିପରି ନୀରସ; ଏବଂ ସେଥିରୁ ଭାରି ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଯାଏ ଯେ, ତୁମେ ନିଜ ଜୀବନରେ ଆଦୌ କୌଣସି ଅଗ୍ରଗତି କରୁ ନାହଁ । ଏହାକୁ ନୀରସ ବୋଧ କରିବାର କେବଳ ଏକ ଅଳ୍ପ କ୍ଷଣସ୍ଥାୟୀ ତରଙ୍ଗ ବୋଲି କୁହାଯାଇ ପାରିବ ଏବଂ ଜୀବନର ଅସଲ ଲକ୍ଷ୍ୟଟି ଦୃଷ୍ଟିରୁ ବିଚାର କରି ଦେଖିଲେ ଏହାକୁହିଁ ସବୁଠାରୁ ଅଧିକ ବିରୋଧକାରୀ ବୋଲି ଜାଣି ରଖିବାକୁ ହେବ । ଏହିଭଳି ଏକ ମୁହୂର୍ତ୍ତରେ ତୁମେ ଏକ ପ୍ରୟାସ ନିଶ୍ଚୟ କରିବ ଓ ନିଜକୁ ପଚାରିବ, ''ମୋତେ ଯେ ଏପରି ନୀରସ ଓ ବିରକ୍ତିକର ଲାଗୁଛି, ତାହାର ଅର୍ଥ ହେଉଛି ଯେ ମୋର ଆହୁରି କିଛି ଶିକ୍ଷା କରିବାକୁ ରହିଛି, ମୋ ନିଜ ଭିତରେ କୌଣସି ଏକ ନିର୍ଦ୍ଦିଷ୍ଟ ଅଗ୍ରଗତି କରିବାକୁ ବାକି ରହିଛି, କୌଣସି ଏକ ଜଡ଼ତା ବା କୌଣସି ଦୁର୍ବଳତାକୁ ଜୟ କରିବାକୁ ରହିଛି ।'' ନୀରସତା ବୋଧକୁ ଚେତନାରହିଁ ଏକ ମନ୍ଦତା ବୋଲି କୁହାଯିବ; ଏବଂ ଯଦି ତୁମେ ତାହାର ସମାଧାନଟିକୁ ନିଜ ଭିତରେ ଖୋଜି ବାହାର କରିବାକୁ ଚେଷ୍ଟା କରିବ, ତେବେ ତୁମେ ଅବଶ୍ୟ ଦେଖିବ ଯେ ତାହା ତତ୍‌କ୍ଷଣାତ୍ ତୁମକୁ ଛାଡ଼ି ଚାଲିଯିବ । ଏହିପରି ନୀରସ ଅନୁଭବ କରୁଥିବା ସମୟରେ ଅଧିକାଂଶ ବ୍ୟକ୍ତି ନିଜର ଚେତନା କ୍ଷେତ୍ରରେ ଗୋଟିଏ ପାହାଚ ଉପରକୁ ଉଠିଯିବାକୁ ଚେଷ୍ଟା ନ କରି ଗୋଟିଏ ପାହାଚ ତଳକୁହିଁ ଖସି ଆସିଥା'ନ୍ତି । ଆଗରୁ ସେମାନେ ଯେଉଁଠାରେ ରହିଥିଲେ, ସେମାନେ ତା'ଠାରୁ ବି ଆହୁରି ତଳକୁ ଖସି ଆସନ୍ତି ଏବଂ ନିର୍ବୋଧ ଭାବରେ କେତେ କ'ଣ କରି ବସନ୍ତି, ନିଜ ଲାଗି ହୁଏତ ଟିକିଏ ସରସତା ସମ୍ଭବ କରିବା ଲାଗି ସେମାନେ ନିଜକୁ ଏକ ଅତ୍ୟନ୍ତ ଅଶୋଧିତ ଓ ଅଶିଷ୍ଟ ସ୍ତରକୁ ନେଇ ଆସନ୍ତି । ଏହିପରି ଏକ କାରଣରୁହିଁ ଅନେକ ଲୋକ ନିଶା ଖାଇ ଭୋଳ ହୁଅନ୍ତି, ନିଜର ସ୍ୱାସ୍ଥ୍ୟ ନଷ୍ଟ କରନ୍ତି, ନିଜର ମସ୍ତିଷ୍କକୁ ଜୀବନହୀନ କରି ପକାନ୍ତି । ମାତ୍ର, ଏପରି ତଳକୁ ଖସି ନ ପଡ଼ି ଯଦି ସେମାନେ ଟିକିଏ ଉପରକୁ ଉଠିଯାଇ ପାରିଥା'ନ୍ତେ, ତେବେ ଅଗ୍ରଗତି ଲାଗି ଏହି ଅବସରଟିକୁ ସେମାନେ ନିଶ୍ଚୟ କାମରେ ଲଗାଇ ପାରିଥା'ନ୍ତେ ।

ବସ୍ତୁତଃ, ଯାବତୀୟ ପରିସ୍ଥିତିରେ ଆମେ ଠିକ୍ ଏହି କଥାଟିକୁହିଁ ସତ ବୋଲି ଜାଣି ରଖିବା । ସେହିସବୁ ପରିସ୍ଥିତିରେ ତୁମକୁ ଜୀବନର ଏକ କଠିନ ଆଘାତ ସହ୍ୟ କରିବାକୁ ପଡ଼େ ଏବଂ ସେହିଭଳି ଏକ ଆଘାତକୁ ଲୋକେ ଦୁର୍ଭାଗ୍ୟ କହିଥା'ନ୍ତି । ପ୍ରତିକାରର ସର୍ବପ୍ରଥମ ପ୍ରତିକାର ରୂପେ ସେମାନେ ଭୁଲିଯିବାକୁହିଁ ଚେଷ୍ଟା କରିଥା'ନ୍ତି; ମନେ ହୁଏ, ସତେ ଯେପରି ସେମାନେ ସବୁ କଥାକୁ ଯଥାସମ୍ଭବ ଶୀଘ୍ର ଭୁଲିପାରୁ ନାହାନ୍ତି ବୋଲି ଅନୁଭବ କରୁଥା'ନ୍ତି ! ଏବଂ ଏହିପରି ଭୁଲିଯାଇ ପାରିବା ସକାଶେ ସେମାନେ କେତେ

ପ୍ରକାରର କେତେ କ'ଣ କରି ବସନ୍ତି । ଯେତେବେଳେ କୌଣସି ବିଷୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇପଡ଼େ, ସେତେବେଳେ ସେମାନେ ନିଜକୁ ଅନ୍ୟଆଡ଼େ ଭୁଲାଇ ରଖିବା ଲାଗି ଚେଷ୍ଟା କରନ୍ତି । ଅବଶ୍ୟ ସେଇମାନେହିଁ ଏହାକୁ ନିଜକୁ ଅନ୍ୟ କୌଣସି ଆଡ଼େ ଭୁଲାଇ ରଖିବା ବୋଲି କହିଥା'ନ୍ତି । ମାତ୍ର, ପ୍ରକୃତ କ୍ଷେତ୍ରରେ ନାନାପ୍ରକାର ନିର୍ବୋଧ କାର୍ଯ୍ୟ କରିବାରେ ଲାଗିଥା'ନ୍ତି । ନିଜର ଚେତନାକୁ ଉପରକୁ ଉଠାଇନେବା ପରିବର୍ତ୍ତେ ସେମାନେ ତାହାକୁ ତଳକୁ ଖସାଇ ନେଇଆସନ୍ତି । ତେଣୁ, ଯଦି ତୁମର ଜୀବନରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଏକ ଘଟନା କେତେବେଳେ ଘଟିଲା, ତେବେ ତୁମେ ସେଥିଲାଗି ନିଜକୁ କଦାପି ଏକାବେଳେକେ ଜୀବନହୀନ କରି ପକାଇବ ନାହିଁ । ସେତେବେଳେ ତୁମେ ଆଦୌ କିଛିହେଲେ ଭୁଲିଯିବାକୁ ଚେଷ୍ଟା କରିବ ନାହିଁ, ନିଜକୁ କଦାପି ଅଚେତନା ଭିତରେ ନେଇ ବୁଡ଼ାଇ ଦେବ ନାହିଁ । ତୁମେ ଏକାବେଳେକେ ସିଧା ତୁମର ସେହି ଯନ୍ତ୍ରଣାଟିର ହୃଦୟ ମଧ୍ୟରେ ଯାଇ ପ୍ରବେଶ କରିବ ଏବଂ ତୁମେ ସେହିଠାରେହିଁ ଆଲୋକର, ସତ୍ୟର, ବଳର ଏବଂ ଆନନ୍ଦର ଦର୍ଶନ ଲାଭ କରିବ । ସେହି ଯନ୍ତ୍ରଣାଟିର ପଶ୍ଚାଦ୍‌ଭାଗରେହିଁ ସେଗୁଡ଼ିକ ସବୁକିଛି ଅବସ୍ଥିତ ରହିଥିବେ । ମାତ୍ର ସେଥିଲାଗି ତୁମକୁ ଅତ୍ୟନ୍ତ ଦୃଢ଼ ହୋଇ ରହିବାକୁ ପଡ଼ିବ ଏବଂ ନିଜର ଯାବତୀୟ ତଳକୁ ଖସି ପଡ଼ିବାର ଇଚ୍ଛାକୁ ଅସ୍ୱୀକାର କରିବାକୁ ପଡ଼ିବ ।

ଏହିପରି ଭାବରେ ଆମ ଜୀବନର ବଡ଼ ଓ ସାନ ସକଳ ଘଟନାକୁ ଆମେ ଅଗ୍ରଗତି ସକାଶେ ଗୋଟିଏ ଗୋଟିଏ ଅବସର ରୂପେ କାର୍ଯ୍ୟରେ ଲଗାଇ ପାରିବା । ଏପରିକି ଯେଉଁସବୁ ଟିକିନିଖି କଥାକୁ ଆମେ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମନେ କରିଥାଉ, ସେଗୁଡ଼ିକରୁ ଯଥାର୍ଥରେ ଲାଭବାନ୍ ହେବାର ବାଟଟିକୁ ଜାଣି ପାରିଲେ ସେଗୁଡ଼ିକ ଆମକୁ କେତେକେତେ ସତ୍ୟୋଦ୍‌ଘାଟନ ଅଭିମୁଖରେ ପରିଚାଳିତ କରି ନେଇ ପାରିବ । ଯେତେବେଳେ ତୁମେ ଏପରି କୌଣସି କାର୍ଯ୍ୟ କରୁଥିବ, ଯାହାକି ତୁମର ସମୁଦାୟ ମନୋଯୋଗଟିକୁ ଆଦୌ ଦାବି କରୁ ନ ଥିବ, ତେବେ ତୁମେ ତାହାକୁ ତୁମ ନିଜର ପର୍ଯ୍ୟବେକ୍ଷଣ-ଶକ୍ତିରେ ଆହୁରି ଅଧିକ ବିକାଶସାଧନ କରିବାର ଏକ ସୁଯୋଗ ରୂପେ ନିଶ୍ଚୟ ବ୍ୟବହାର କରିପାରିବ । ଏବଂ ତେବେ ତୁମେ ଯେ ପ୍ରକୃତରେ ଭାରି ଚମତ୍କାର କେତେକେତେ ଆବିଷ୍କାର ସମ୍ଭବ କରି ପାରିବ, ତୁମେ ସେକଥା ଅବଶ୍ୟ ଦେଖିବାକୁ ପାଇବ । ଏଠାରେ ମୋ କଥାଟିର ମର୍ମଟିକୁ ତୁମେମାନେ ଯେପରି ଠିକ୍ ଭାବରେ ବୁଝିପାରିବ, ସେଥିଲାଗି ମୁଁ ଏଠାରେ ତୁମମାନଙ୍କୁ ଦୁଇଟି ଦୃଷ୍ଟାନ୍ତ ଦେବି । ସେହି ଦୁଇଟିଯାକ ଦୃଷ୍ଟାନ୍ତକୁ ଜୀବନର ଗୋଟିଏ ଗୋଟିଏ ଅତ୍ୟନ୍ତ ଅଳ୍ପକ୍ଷଣସ୍ଥାୟୀ ମୁହୂର୍ତ୍ତ ବୋଲି କୁହାଯାଇ ପାରିବ, ଯାହାରକି ସେପରି ଦେଖିଲେ ହୁଏତ ଅତ୍ୟନ୍ତ କମ୍ ତାତ୍ପର୍ଯ୍ୟ ରହିଛି । ମାତ୍ର

ତଥାପି ସେଗୁଡ଼ିକ ତୁମ ଉପରେ ନିଶ୍ଚୟ ଏକ ଅତ୍ୟନ୍ତ ଗଭୀର ଏବଂ ଦୀର୍ଘସ୍ଥାୟୀ ଛାପ ପକାଇ ଦେଇ ଯାଇପାରିବ ।

ପ୍ରଥମ ଦୃଷ୍ଟାନ୍ତଟି ପ୍ୟାରିସ୍‌ରେ ଘଟିଥିବା ଏକ ଘଟନା । ଘଟନାଟିର ପ୍ରକୃତ ମର୍ମ ବୁଝି ପାରିବାକୁ ହେଲେ ତୁମକୁ ସେହି ପ୍ୟାରିସ୍ ସହର ଭିତରେ ଯାଇ ପ୍ରବେଶ କରିବାକୁ ପଡ଼ିବ । ଏହି ସହରରେ ସବୁକିଛି ନାନା ଗୋଳମାଳରେ ହୁ' ହୁ' ହୋଇ କମ୍ପୁଥାଏ, ବାହାରକୁ ସବୁକିଛି ସତେଅବା ବିଭ୍ରାନ୍ତ ହୋଇ ରହିଥିବା ପରି ଦେଖା ଯାଉଥାଏ, ନାନା କର୍ମବ୍ୟାପୃତତାର ଆବର୍ତ୍ତ ମଧ୍ୟରେ ସବୁକିଛି ବଣା ହୋଇଗଲା ପରି ଲାଗୁଥାଏ । ଏହିପରି ଏକ ପରିସ୍ଥିତି ମଧ୍ୟରେ ତୁମେ ହଠାତ୍ ଦେଖିବାକୁ ପାଇଲ ଯେ ତୁମ ଆଗରେ ଆଉ ଜଣେ ମହିଳା କୁଆଡ଼େ ଚାଲି ଚାଲି ଯାଉଛନ୍ତି । ସିଏ ଅନ୍ୟ ଅଧିକାଂଶ ମହିଳାମାନଙ୍କ ପରି ଦେଖା ଯାଉଛନ୍ତି, ତାଙ୍କର ପିନ୍ଧିଥିବା ଲୁଗାପଟାରେ ମଧ୍ୟ ଆଦୌ ଅସାଧାରଣ ବୋଲି କିଛି ନାହିଁ । କିନ୍ତୁ ତାଙ୍କର ଚାଲିରେ ଏକ ବାରିହୋଇ ପଡୁଥିବା ଭଳି ଗୁଣ ରହିଛି; ସେଥିରେ ଏକ ନମନୀୟତା ଅଛି, ଛନ୍ଦୋମୟତା ରହିଛି, କମନୀୟତା ଏବଂ ସୌଷମ୍ୟ ରହିଛି । ତାହା ଭାରି ସହଜରେ ତୁମର ଦୃଷ୍ଟି ଆକର୍ଷଣ କରି ପାରୁଛି ଏବଂ ତୁମେ ତାହାକୁ ଦେଖି ବିସ୍ମୟରେ ପୂର୍ଣ୍ଣ ହୋଇ ଉଠୁଛ । ପୁଣି, ଏଡ଼େ ସୌନ୍ଦର୍ଯ୍ୟମୟ ଭାବରେ ତୁମ ଆଗରେ ଚାଲି ଯାଉଥିବା ଏହି ଶରୀରଟି ପ୍ରାଚୀନ ଗ୍ରୀସ୍‌ର ସକଳ ରୂପୈଶ୍ୱର୍ଯ୍ୟକୁ ଆଣି ତୁମର ମନେ ପକାଇ ଦେଉଛି । ଗ୍ରୀସ୍‌ର ସଂସ୍କୃତି ସମସ୍ତ ପୃଥିବୀକୁ ସୌନ୍ଦର୍ଯ୍ୟର କ୍ଷେତ୍ରରେ ଯେଉଁ ପଟାନ୍ତରହୀନ ଦୃଷ୍ଟାନ୍ତଟି ଦେଖାଇ ଯାଇଥିଲା, ତୁମର ସେହି କଥାଟିହିଁ ମନେ ପଡ଼ିଯାଉଛି । ଏବଂ ସେହି ମୁହୂର୍ତ୍ତଟି ତୁମର ଜୀବନରେ ଏକ ଅବିସ୍ମରଣୀୟ ଅନୁଭବର ମୁହୂର୍ତ୍ତ ହୋଇ ରହିଯାଇଛି । ଏହି ସବୁକିଛି ତୁମ ଜୀବନରେ ଘଟୁଛି, କାରଣ ଜଣେ ମହିଳା ଚାଲିବାର ଯଥାର୍ଥ ଛନ୍ଦଟିକୁ ଆୟତ୍ତ କରି ପାରିଛନ୍ତି !

ଦ୍ୱିତୀୟ ଦୃଷ୍ଟାନ୍ତଟି ପୃଥିବୀର ଅନ୍ୟ ପ୍ରାନ୍ତରୁ, — ଜାପାନରୁ, — ଅଣା ଯାଇଥିବା ଏକ ଦୃଷ୍ଟାନ୍ତ । ବେଶ୍ ଅନେକ ଦିନ ରହିବା ଲାଗି ତୁମେ ଏବେ ଆସି ସେହି ଦେଶରେ ପହଞ୍ଚିଛ, ଏବଂ ଅଚିରେ ତୁମେ ଏହି କଥାଟିକୁ ଅତି ସ୍ପଷ୍ଟ ଭାବରେ ଜାଣିପାରୁଛ ଯେ, ସେହି ଦେଶର ଭାଷା ବିଷୟରେ ତୁମର ଏକ ସର୍ବନିମ୍ନ ଜ୍ଞାନ ନ ହେବା ପର୍ଯ୍ୟନ୍ତ ସେ ଦେଶରେ ଚଳିବା ତୁମ ଲାଗି ପ୍ରକୃତରେ ଭାରି କଷ୍ଟକର ହୋଇପଡ଼ିବ । ତେଣୁ ତୁମେ ଜାପାନୀଭାଷା ଶିଖିବା ଆରମ୍ଭ କରି ଦେଉଛ ଏବଂ ଭାଷାଟି ସହିତ ଯଥାସମ୍ଭବ ଅଧିକ ପରିଚିତ ହେବା ଲାଗି ତୁମେ ସେ ଦେଶର ଲୋକମାନଙ୍କର କଥୋପକଥନକୁ ଶୁଣିବାର କୌଣସି ଅବସରକୁ ଆଦୌ ହରାଇବାକୁ ଇଚ୍ଛା କରୁ ନାହଁ । ତୁମେ ଅତ୍ୟନ୍ତ ଯତ୍ନ ସହକାରେ ସେମାନଙ୍କର କଥାବାର୍ତ୍ତାଗୁଡ଼ିକୁ ଶୁଣୁଛ, ସେମାନେ କହୁଥିବା କଥାଗୁଡ଼ିକର ଅର୍ଥ ବୁଝିବାକୁ

ମଧ୍ୟ ଯଥାସାଧ୍ୟ ଚେଷ୍ଟା କରୁଛ । ସେତିକିବେଳେ ଘଟନାକ୍ରମେ କୌଣସି ଏକ ଟ୍ରାମ୍‌ଗାଡ଼ି ଭିତରକୁ ଯାଇ ଗୋଟିଏ ଆସନ ଗ୍ରହଣ କରି ବସିପଡ଼ିବା ସଙ୍ଗେ ସଙ୍ଗେ ତୁମ ନିଜ ପାଖରେ ତୁମେ ଚାରି, ପାଞ୍ଚ ବର୍ଷ ବୟସର ଗୋଟିଏ ସାନ ପିଲାକୁ ମଧ୍ୟ ଦେଖିବାକୁ ପାଉଛ । ପିଲାଟି ପାଖରେ ତା'ର ମାଆ ମଧ୍ୟ ବସିଛି । ପିଲାଟି ବିଶୁଦ୍ଧ ଓ ଅତ୍ୟନ୍ତ ସ୍ପଷ୍ଟ କଣ୍ଠରେ କଥା କହିବାକୁ ଆରମ୍ଭ କରୁଛି, ଏବଂ ତାହାର ସେହି କଥା ଶୁଣୁ ଶୁଣୁ ତୁମର ଏହି ଅଦ୍ଭୁତ ଅନୁଭବଟି ହୋଇଯାଉଛି ଯେ, ଯାହା ଶିକ୍ଷା କରିବା ଲାଗି ତୁମକୁ ଏତେ ଚେଷ୍ଟା କରିବାକୁ ପଡୁଛି, ପିଲାଟି ଅତ୍ୟନ୍ତ ସାବଲୀଳ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସେଇଟିକୁ ଜାଣିଛି; ଏବଂ, ଅନ୍ତତଃ ଜାପାନୀ ଭାଷା ଶିକ୍ଷା କରିବାର କ୍ଷେତ୍ରରେ ଯେତେ କମ୍ ବୟସର ହୋଇଥିଲେ ମଧ୍ୟ ସିଏ ବେଶ୍ ତୁମର ଶିକ୍ଷକ ହୋଇ ପାରନ୍ତା !

ଠିକ୍ ଏହିପରି ଭାବରେହିଁ ଜୀବନ ନାନା ବିସ୍ମୟରେ ପରିପୂର୍ଣ୍ଣ ହୋଇ ଆସିବାକୁ ଲାଗେ ଏବଂ ପ୍ରତ୍ୟେକ ପଦକ୍ଷେପରେହିଁ ତାହା ତୁମକୁ ଏକ ନୂତନ ଶିକ୍ଷା ଦେଇ ଯାଉଥାଏ । ଏବଂ, ଏହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଆମର ଜୀବନ ଆଦୌ ନିରର୍ଥକ ବୋଲି ମନେ ହୁଏ ନାହିଁ ।

*ବୁଲେଟିନ୍, ନଭେମ୍ବର ୧୯୫୩*

## ଦୂରଦୃଷ୍ଟି

ନିୟତିରେ କ'ଣ ରହିଛି, ସେହି କଥାକୁ ଆଗରୁ ଦେଖିବାକୁ ପାଇବା ! କେତେ କେତେ ବ୍ୟକ୍ତି ଏହି କଥାଟିକୁ ସମ୍ଭବ କରିବାକୁ ଚେଷ୍ଟା ନ କରିଛନ୍ତି, ସେଥିଲାଗି କେତେକେତେ ମତ ଓ ସମ୍ପ୍ରଦାୟର ଭିଆଣ କରା ନ ଯାଇଛି, ଏଥିଲାଗି ଭବିଷ୍ୟକଥନର କେତେ ବିଜ୍ଞାନ ସୃଷ୍ଟି ନ ହୋଇଛି ଏବଂ ସେଗୁଡ଼ିକର ବିକାଶ କରା ନ ଯାଇଛି ! ମାତ୍ର ଧୂର୍ତ୍ତତା ଏବଂ ଅନ୍ଧବିଶ୍ୱାସର ଅପବାଦକୁ ବହନ କରି ସେଗୁଡ଼ିକ କେଡ଼େ ଶୋଚନୀୟ ଭାବରେ ନଷ୍ଟ ନ ହୋଇ ଯାଇଛି ! ଏବଂ ନିୟତି ସର୍ବଦା ଏହିପରି ଅପହଞ୍ଚ ହୋଇ କାହିଁକି ରହିଛି ? ସବୁକିଛି ଯେ ଅନିବାର୍ଯ୍ୟ ଭାବରେ ପୂର୍ବନିର୍ଦ୍ଧାରିତ ହୋଇ ରହିଛି, ଏହି କଥାଟି ପ୍ରମାଣିତ ହୋଇ ସାରିବା ପରେ, ଏହା କିପରି ସମ୍ଭବ ହେଉଛି ଯେ ଆମେ ତଥାପି ଏହି ପୂର୍ବନିର୍ଦ୍ଧାରିତ ସତ୍ୟଗୁଡ଼ିକୁ କେତେକାଂଶରେ ବି ନିଶ୍ଚିତ ଭାବରେ ଜାଣିବାକୁ ସଫଳ ହୋଇ ପାରୁ ନାହୁଁ ?

ଏହି କ୍ଷେତ୍ରରେ ମଧ୍ୟ ଯୋଗରେହିଁ ଆମକୁ ସମାଧାନଟି ମିଳିଯାଇ ପାରିବ । ଏବଂ ଯୋଗସାଧନା ଦ୍ୱାରା ଆମକୁ ଯେ କେବଳ ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟନାଗୁଡ଼ିକର ସଙ୍କେତ ମିଳିପାରିବ, ସେତିକି ନୁହେଁ, ମାତ୍ର ସେଥିରେ କିଛି ପରିବର୍ତ୍ତନ ଘଟାଇବା ଓ ପ୍ରାୟ ସମଗ୍ର ଭାବରେ ତାହାକୁ ବଦଳାଇ ଦେବା ମଧ୍ୟ ସମ୍ଭବ ହୋଇଯିବ । ପ୍ରଥମତଃ, ଯୋଗ ଆମକୁ ଏହି ଶିକ୍ଷା ଦେଇଥାଏ ଯେ ଆମେ କେହିହେଲେ ବିଚ୍ଛିନ୍ନ ହୋଇ ରହିଥିବା କେବଳ ଜଣେ ଜଣେ ବ୍ୟକ୍ତି ନୋହୁଁ, ଆମେ କେହିହେଲେ କେବଳ ଏକ ବିଚ୍ଛିନ୍ନ ବ୍ୟକ୍ତିବିଶେଷ ନୋହୁଁ ଯାହାର କି ସେହି କାରଣରୁ ଏକ ଏକକ ନିୟତି ରହିଛି ଓ ଯାହାକି ବିଚ୍ଛିନ୍ନ ଭାବରେ ନିଜର ଏକ ନ୍ୟାୟର ଅନୁସରଣ କରି ଗତି କରିବାରେ ଲାଗିଥାଏ । ବରଂ ଆମକୁ ଏହି କଥାଟିକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ମନୁଷ୍ୟଙ୍କର ନିୟତି ହେଉଛି ଏକ ବହୁସୂତ୍ରବିଶିଷ୍ଟ ବିଷୟ, ଏପରିକି ସେଥିରେ ଅନେକ ସମୟରେ ଆଦୌ କୌଣସି ସଙ୍ଗତି ଥିବାପରି ମୋଟେ ମନେ ହୁଏ ନାହିଁ । ଏବଂ, ଏହିପରି ବହୁସୂତ୍ର ବିଶିଷ୍ଟ ହୋଇଥିବାରୁହିଁ କ'ଣ ତାହା ଆମକୁ ଏକ ଅପ୍ରତ୍ୟାଶିତତାର ଧାରଣା ଦେଇ ଯାଏ ନାହିଁ କି, ସେଥିରେ ସବୁବେଳେ ଏକ ଅନିର୍ଦ୍ଦେଶ୍ୟତା ଅବଶ୍ୟ ରହିଛି ଏବଂ ତେଣୁ ତାହା ବିଷୟରେ ଆଦୌ କୌଣସି ଭବିଷ୍ୟବାଣୀ କରାଯାଇ ପାରିବ ନାହିଁ ବୋଲି ଆମର ମନେ ହୋଇ ନ ଥାଏ କି ?

ଏହି ସମସ୍ୟାଟିର ସମାଧାନ କରିବାକୁ ହେଲେ ଆମକୁ ସବାଆଗ ଏହି କଥାଟିକୁ ଜାଣି ରଖିବାକୁ ହେବ ଯେ ଜୀବନ ଧାରଣ କରୁଥିବା ଯାବତୀୟ ଜୀବ ଓ ବିଶେଷତଃ

ମନୁଷ୍ୟମାନେ ଏକାବେଳେକେ ଅନେକ ଏକକୋପାଦାନର ସମ୍ମିଶ୍ରଣ ଦ୍ୱାରା ତିଆରି ହୋଇଛନ୍ତି : ସେହି ଏକକ ଉପାଦାନଗୁଡ଼ିକ ପରସ୍ପର ସହିତ ଏକତ୍ର ହୋଇ ଅଛନ୍ତି, ପରସ୍ପର ପ୍ରବିଷ୍ଟ ହୋଇ ରହିଛନ୍ତି, ବେଳେବେଳେ ସେଗୁଡ଼ିକ ନିଜକୁ ସଂଗଠିତ କରି ରଖିଛନ୍ତି ଓ ତେଣୁ ପରସ୍ପରର ପରିପୂରକ ରୂପେ କାର୍ଯ୍ୟ କରୁଛନ୍ତି ଏବଂ ପୁଣି ବେଳେବେଳେ ପରସ୍ପରର ବିରୋଧ କରୁଛନ୍ତି ଓ ତେଣୁ ପରସ୍ପରର ଖଣ୍ଡନ ବି କରୁଛନ୍ତି । ଏହିସବୁ ସତ୍ତା ବା ସତ୍ତାସ୍ଥିତିର ପ୍ରତ୍ୟେକଟି ନିଜର ନିଜସ୍ୱ ଏକ ବିଚରଣ-ଜଗତ୍ ମଧ୍ୟରେ ଆତଯାତ ହେବାରେ ଲାଗିଛି ଏବଂ ତେଣୁ ନିଜ ଭିତରେ ତାହା ନିଜ ନିୟତି ଓ ନିଜର ପୂର୍ବନିର୍ଦ୍ଧାରଣଗୁଡ଼ିକୁ ବହନ କରିବାରେ ଲାଗିଛି । ଏବଂ ଏହିସବୁ ପୂର୍ବନିର୍ଦ୍ଧାରଣର ସମଷ୍ଟିଟି ଅନେକ ସମୟରେ ଭାରି ବିବିଧଜାତୀୟ ହୋଇ ରହିଛି, ଏବଂ ସେଇଥିରୁହିଁ ବ୍ୟକ୍ତିର ଭାଗ୍ୟଟି ନିଷ୍ପନ୍ନ ହେବାରେ ଲାଗିଛି । ମାତ୍ର, ବ୍ୟକ୍ତିଗତ ସାଧନା ଏବଂ ଇଚ୍ଛାକୃତ ଉଦ୍ୟମ ଦ୍ୱାରା ଏହି ଏକକଗୁଡ଼ିକର ଗଠନ ତଥା ସମ୍ବନ୍ଧକୁ ବଦଳାଇ ଦିଆଯାଇ ପାରୁଥିବାରୁ ଓ ଚେତନାର ଅଭିନିବେଶ ଓ ସଂକେନ୍ଦ୍ରଣ ଅନୁସାରେ ଏହିସବୁ ବିବିଧ ପୂର୍ବନିର୍ଦ୍ଧାରଣ ପରସ୍ପର ଉପରେ ବିଭିନ୍ନ ଭାବରେ କାର୍ଯ୍ୟ କରିବାରେ ଲାଗିଥିବାରୁ ସେଗୁଡ଼ିକର ସମ୍ମିଶ୍ରଣ ପ୍ରାୟ ସର୍ବଦାହିଁ ବଦଳି ବଦଳି ଯିବାରେ ଲାଗିଥାଏ ଓ ତେଣୁ ତାହାକୁ ଆଗରୁ ଭବିଷ୍ୟବାଣୀ କରି କହିଦେଇ ପାରିବା ମୋଟେ ସମ୍ଭବ ହୁଏ ନାହିଁ ।

ଉଦାହରଣ ସ୍ୱରୂପ, କୌଣସି ସତ୍ତାର ଶାରୀରିକ ଅର୍ଥାତ୍ ଭୌତିକ ନିୟତିଟି ତା'ର ପିତୃକୁଳ ତଥା ମାତୃକୁଳର ପୂର୍ବପୁରୁଷମାନଙ୍କଠାରୁ ନିଷ୍ପନ୍ନ ହୋଇଥାଏ; ସିଏ ଯେଉଁ ଭୌତିକ ପରିବେଶ ଏବଂ ବାତାବରଣ ମଧ୍ୟରେ ଜନ୍ମଗ୍ରହଣ କରିଥାଏ, ସେଇଥିରୁହିଁ ନିଷ୍ପନ୍ନ ହୋଇ ଆସିଥାଏ । ତେଣୁ, ତା'ର ଭୌତିକ ଜୀବନକ୍ଷେତ୍ରରେ କେତେବେଳେ କ'ଣ ଘଟିବାକୁ ଯାଉଛି, ସେକଥା ଜଣେ ବ୍ୟକ୍ତିକୁ ଆଗରୁ ମଧ୍ୟ ପରତେ ହୋଇଯିବା ଉଚିତ । ତା'ର ସ୍ୱାସ୍ଥ୍ୟ କେତେବେଳେ କିପରି ଅବସ୍ଥାରେ ରହିବ ଏବଂ ମୋଟାମୋଟି କେତେଦିନ ଯାଏ ତା'ର ଶରୀର ଏହି ପୃଥିବୀରେ ବଞ୍ଚି ରହିବ, ସେକଥା ଆଗରୁ ପ୍ରତୀତ ହୋଇ ପାରିବା ଉଚିତ । ମାତ୍ର ସେହି କ୍ଷେତ୍ରରେ ତା'ର ପ୍ରାଣିକ ସତ୍ତାର ଗଠନଟି ମଧ୍ୟ ସର୍ବଦା ଏକ ଭୂମିକା ଗ୍ରହଣ କରିବାକୁ ଆସି ଉପସ୍ଥିତ ହୋଇଯାଏ (ପ୍ରାଣିକ ସତ୍ତା କହିଲେ ଆମେ ସକଳ ବାସନା ଓ ସକଳ ଆବେଗକୁ ବୁଝିବା, ସକଳ ଆବେଗ ପ୍ରେରଣାଯୁକ୍ତ ଶକ୍ତି ତଥା ସକ୍ରିୟ ହୋଇ ରହିଥିବା ଶକ୍ତିକୁ ମଧ୍ୟ ବୁଝିବା), ଏବଂ ତାହା ନିଜ ସହିତ ନିଜର ନିୟତିଟିକୁ ମଧ୍ୟ ସାଙ୍ଗରେ ନେଇ ଆସିଥାଏ । ଏହି ନିୟତି ଜୀବର ଭୌତିକ ନିୟତି ଉପରେ ମଧ୍ୟ ପ୍ରଭାବ ବିସ୍ତାର କରିଥାଏ, ତାହାକୁ ସଂପୂର୍ଣ୍ଣ ଭାବରେ ବଦଳାଇ ବି ଦେଇ ପାରେ ଏବଂ ଅନେକ ସମୟରେ ତାହାର ଅବସ୍ଥାରେ ଏକ ଅବନତି ମଧ୍ୟ ଘଟାଇଥାଏ । ଉଦାହରଣ

ସ୍ୱରୂପ, ଯଦି କୌଣସି ବ୍ୟକ୍ତି ଏକ ଅତ୍ୟନ୍ତ ଉତ୍ତମ ଶରୀରସ୍ତରୀୟ ଭାରସାମ୍ୟ ନେଇ ଜନ୍ମ ହୋଇଥାଏ ଏବଂ ତେଣୁ ଯାହାର ସ୍ୱାସ୍ଥ୍ୟ ଉତ୍ତମ ରହିବ ବୋଲି ସ୍ୱଭାବତଃ ନିର୍ଦ୍ଦିଷ୍ଟ ହୋଇ ରହିଥାଏ, ନିଜର ପ୍ରାଣିକ ଅଂଶଟି ଦ୍ୱାରା ତାଡ଼ିତ ହୋଇ ସିଏ ଯାବତୀୟ ପ୍ରକାରର ଅତିରିକ୍ତତା ମଧ୍ୟରେ ଆସି ପଶିଯାଏ, କେତେକେତେ ବଦଭ୍ୟାସ ଭିତରେ ପଡ଼ିଯାଏ ଓ ଏପରି କି ନାନା ପାପର ଆଚରଣ କରିବାକୁ ଆରମ୍ଭ ବି କରେ । ଏବଂ ଏହିପରି ଭାବରେ ସିଏ ନିଜର ଉତ୍ତମ ଶାରୀରିକ ଭାଗ୍ୟଟିକୁ ଅବଶ୍ୟ ନଷ୍ଟ କରିଦେବାକୁ ସମର୍ଥ ହୁଏ ଏବଂ ସ୍ୱାସ୍ଥ୍ୟର ସୁଷମାବସ୍ଥାଟିକୁ ହରାଇ ବସେ । ଏହି ଦୁର୍ଭାଗ୍ୟଜନକ ବହିଃହସ୍ତକ୍ଷେପଟି ହୋଇ ନ ଥିଲେ ସିଏ ନିଶ୍ଚୟ ସେହି ସ୍ୱାସ୍ଥ୍ୟ ଓ ସୌଷମ୍ୟର ଅଧିକାରୀ ହୋଇ ରହି ପାରିଥା'ନ୍ତା । ଏଇଟି କେବଳ ଗୋଟିଏ ଉଦାହରଣ । ମାତ୍ର ପ୍ରକୃତ ସମସ୍ୟାଟି ଏହାଠାରୁ ଅନେକ ଅଧିକ ଜଟିଳ; କାରଣ, ସତ୍ତାର ଶାରୀରିକ ଏବଂ ପ୍ରାଣିକ ନିୟତିଗୁଡ଼ିକ ସହିତ ତା'ର ମାନସିକ, ଚୈତ୍ୟ ଏବଂ ଆହୁରି ଅନେକ ନିୟତି ମଧ୍ୟ ଅବଶ୍ୟ ସଂଯୁକ୍ତ ହୋଇ ରହିଥାଏ ।

ବସ୍ତୁତଃ, ମନୁଷ୍ୟର ସୋପାନକ୍ରମରେ ଗୋଟିଏ ସତ୍ତା ଯେତେ ଅଧିକ ଉଚ୍ଚରେ ଅବସ୍ଥିତ ରହିଥାଏ, ତାହାର ସତ୍ତାଟି ମଧ୍ୟ ପ୍ରକୃତରେ ସେତିକି ଅଧିକ ଜଟିଳ ହୋଇ ରହିଥାଏ । ତାହାର ନିୟତିଗୁଡ଼ିକ ସେତିକି ଅଧିକ ସଂଖ୍ୟକ ହୋଇ ରହିଥାଏ ଏବଂ ତେଣୁ ତାହାର ଭାଗ୍ୟ ବିଷୟରେ ଆଗରୁ କିଛି ଭବିଷ୍ୟବାଣୀ କରି କହିବା ପ୍ରକୃତରେ ସେତିକି ଅଧିକ ଅସମ୍ଭବ ବୋଲି ମନେ ହେଉଥାଏ । ଅବଶ୍ୟ ଏକଥା ସତ ଯେ ବାହାରୁ ଦେଖିଲା ବେଳକୁହିଁ ଏହିପରି ମନେ ହେଉଥାଏ । ସତ୍ତାର ଏହିସବୁ ଭିନ୍ନ ଭିନ୍ନ ସ୍ଥିତି ବିଷୟରେ ଏବଂ ସେଗୁଡ଼ିକର ଅନୁରୂପ ହୋଇ ଅବସ୍ଥିତ ରହିଥିବା ଅନ୍ତର୍ଜଗତଗୁଡ଼ିକ ବିଷୟରେ ଆମର ଅର୍ଜିତ ଜ୍ଞାନ ଆମକୁ ଯୁଗପତ୍ ଭାବରେ ସେହି ବିଭିନ୍ନ ନିୟତିଗୁଡ଼ିକୁ ପରସ୍ପରଠାରୁ ଅଲଗା କରି ବିଚାର କରିବାର ସାମର୍ଥ୍ୟ ଆଣି ଦେଇ ଯାଇଥାଏ; ସେଗୁଡ଼ିକ କିପରି ପରସ୍ପର ମଧ୍ୟରେ ପ୍ରବିଷ୍ଟ ହୋଇ ରହିଛନ୍ତି ଏବଂ ସଙ୍ଗଠିତ ଭାବରେ ଅଥବା ଅଧିକ ପ୍ରଭାବଶାଳୀ ହୋଇ କିଏ କିପରି କାର୍ଯ୍ୟ କରୁଛନ୍ତି, ସେଗୁଡ଼ିକୁ ଜାଣିବାର ସାମର୍ଥ୍ୟଟିକୁ ମଧ୍ୟ ଦେଇ ଯାଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଉଚ୍ଚତର ସ୍ତରର ନିୟତିଗୁଡ଼ିକ ବିଶ୍ୱର କେନ୍ଦ୍ରସ୍ଥ ସତ୍ୟଟିର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥା'ନ୍ତି ଏବଂ ଯଦି ସେଗୁଡ଼ିକୁ କ୍ରିୟାଶୀଳ ହେବା ଲାଗି ବାଟ ଛାଡ଼ି ଦିଆଯାଏ, ତେବେ ସେଗୁଡ଼ିକର କ୍ରିୟା ନିୟମତଃ ହିତକାରୀହିଁ ହୋଇଥାଏ । ତେଣୁ ଜୀବନ ବଞ୍ଚିବାର ଅସଲ କଳାଟି ଅନୁସାରେ ଆମକୁ ଆମ ଚେତନାର ଉଚ୍ଚତମ ସ୍ଥିତିଟିରେହିଁ ସର୍ବଦା ବାସ କରି ରହିବାକୁ ପଡ଼ିବ ଏବଂ ସେପରି ହୋଇପାରିଲେ ଆମର ଜୀବନରେ ତଥା ଆମର କ୍ରିୟାରେ ଆମର ସର୍ବୋଚ୍ଚ ନିୟତିଟିକୁହିଁ ଅନ୍ୟ ଯାବତୀୟ ନିୟତିକୁ ପ୍ରଭାବିତ କରି ପାରିବା ପାଇଁ ବାଟ ଛାଡ଼ିଦେଇ ହେବ । ତେଣୁ

ଆଦୌ କୌଣସି ଭୁଲ୍‌ର ଆଶଙ୍କା ନ ଥାଇ ଆମେ ଏଠାରେ ଏହି କଥାଟିକୁ ଅବଶ୍ୟ କହିପାରିବା : ତୁମେ ସବୁବେଳେ ତୁମ ଚେତନାର ସର୍ବୋଚ୍ଚ ଶିଖରରେ ଅବସ୍ଥିତ ରହିଥିବ ଏବଂ ତା ହେଲେ ତୁମର ଜୀବନରେ ସର୍ବଦା କେବଳ ସର୍ବୋତ୍ତମହିଁ ଘଟିବ । ମାତ୍ର ଏହି ସର୍ବାଧିକ ସାମର୍ଥ୍ୟ ଓ ଭାଗ୍ୟର ଅଧିକାରୀ ହେବା ଆଦୌ ସହଜ କଥା ନୁହେଁ । ଯଦି ଏହି ଆଦର୍ଶ ସ୍ଥିତିଟି ଆମ ଲାଗି ଉପଲବ୍ଧିର ଅତୀତ ବୋଲି ପ୍ରତୀୟମାନ ହୁଏ, ତେବେ କୌଣସି ବିପଦ ବା ଏକ ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହେଲାବେଳେ ଜଣେ ବ୍ୟକ୍ତି ନିଜର ଅଭୀପ୍‌ସା, ପ୍ରାର୍ଥନା ଏବଂ ଦିବ୍ୟ ଇଚ୍ଛାଟି ପାଖରେ ନିଜର ପୂର୍ଣ୍ଣ ଭରସାଯୁକ୍ତ ସମର୍ପଣ ଦ୍ୱାରା ଅନ୍ତତଃ ତା'ର ସର୍ବୋଚ୍ଚ ନିୟତିଟିକୁ ଆବାହନ କରି ଆଣିପାରିବ । ତେବେ ଯେତିକି ଆନ୍ତରିକତା ସହିତ ସିଏ ସେହି ଆବାହନଟିକୁ ସମ୍ଭବ କରି ପାରୁଥିବ, ସେହି ଉଚ୍ଚତର ନିୟତି ଠିକ୍ ସେତିକି ଅଧିକ ଅନୁକୂଳ ଭାବରେ ସତ୍ତାର ସାଧାରଣ ନିୟତିଟି ଉପରେ ନିଜର ପ୍ରଭାବ ଅବଶ୍ୟ ପକାଇବ ଏବଂ ଅନ୍ତତଃ ତା'ର ବ୍ୟକ୍ତିଗତ ଜୀବନରେ ଘଟନାଗୁଡ଼ିକର ଯେଉଁସବୁ ପରିଣାମ ହେବାକୁ ଯାଉଛି, ତାହା ସେହି ପରିଣାମଗୁଡ଼ିକର ଗତିଧାରାକୁ ବଦଳାଇ ଦେଇ ପାରିବ । ଏହି ପ୍ରକାରର ଘଟନାବଳୀହିଁ ବାହ୍ୟ ଚେତନାର ଆଖିକୁ ସତେଅବା ଅଲୌକିକ ଘଟନା ବୋଲି ପ୍ରତୀତ ହୋଇଥା'ନ୍ତି, ସତେଅବା ଦୈବ ହସ୍ତକ୍ଷେପ ପରି ବୋଧ ହୋଇଥା'ନ୍ତି ।

*ବୁଲେଟିନ୍, ଫେବ୍ରୁଆରି ୧୯୫୦*

# ରୂପାନ୍ତର

ଆମେ ଯେଉଁ ରୂପାନ୍ତରର କାମନା କରୁଛୁ, ତାହା ଏକ ସମଗ୍ର ଓ ସଂପୂର୍ଣ୍ଣ ରୂପାନ୍ତର ହେବ, ସେହି ରୂପାନ୍ତରରେ ଶରୀର ଏବଂ ଏହାର ଯାବତୀୟ କ୍ରିୟା ମଧ୍ୟ ଏକ ରୂପାନ୍ତର ସଂଘଟିତ ହେବ । ମାତ୍ର ଆଉ ଅନ୍ୟ କିଛିରେ ହାତ ଦେବା ପୂର୍ବର ଏକ ଅପରିହାର୍ଯ୍ୟ ସର୍ବପ୍ରଥମ ପଦକ୍ଷେପଟିକୁ ଗ୍ରହଣ ଓ ସାଧନ କରିବାକୁହିଁ ପଡ଼ିବ । ସେଇଟି ହେଉଛି ଚେତନାର ରୂପାନ୍ତର । ଅବଶ୍ୟ ସର୍ବାଦ୍ୟ କାର୍ଯ୍ୟଟି ରୂପେ ଆଗ ଏହି ରୂପାନ୍ତରଟି ଲାଗି ଏକ ଅଭୀପ୍‌ସା ରଖିବାକୁ ପଡ଼ିବ ଏବଂ ସେହି ରୂପାନ୍ତରଟିକୁ ସାଧନ କରିବା ଲାଗି ଆବଶ୍ୟକ ଇଚ୍ଛାଶକ୍ତିଟିର ବି କର୍ଷଣ କରିବାକୁ ପଡ଼ିବ । ସେହି ଅଭୀପ୍‌ସା ଏବଂ ସେହି ଇଚ୍ଛା ବ୍ୟତୀତ ଆଦୌ କିଛି ସମ୍ଭବ ହୋଇ ପାରିବ ନାହିଁ । ମାତ୍ର ଅଭୀପ୍‌ସା ସହିତ ଯଦି ଏକ ଅନ୍ତର୍ଗତ ଉନ୍ମୋଚନ ବି ମହଜୁଦ ରହିଥାଏ, ଏକ ନିର୍ଦ୍ଦିଷ୍ଟ ପ୍ରକାରର ଗ୍ରହଣଶୀଳତା ରହିଥାଏ, ତେବେ ଗୋଟିଏ ମାତ୍ର ପ୍ରୟାସରେହିଁ ଆମେ ଏହି ରୂପାନ୍ତରିତ ଚେତନା ମଧ୍ୟରେ ଯାଇ ପ୍ରବେଶ କରିପାରିବା ଏବଂ ନିଜକୁ ସେଠାରେ ପ୍ରତିଷ୍ଠିତ ରଖିପାରିବା । ଚେତନାର ଏହି ପରିବର୍ତ୍ତନକୁ ପ୍ରକୃତରେ ଏକ ହଠାତ୍ ପରିବର୍ତ୍ତନ ବୋଲି କୁହାଯାଇ ପାରିବ; ଯେତେବେଳେ ତାହା ହେବ, ସେତେବେଳେ ଏହିପରି ହଠାତ୍‌ହିଁ ହେବ । ଅବଶ୍ୟ ଏକଥା ସତ ଯେ ତାହାର ପୂର୍ବବର୍ତ୍ତୀ ପ୍ରସ୍ତୁତିଟି ଲାଗି ହୁଏତ ଅନେକ ସମୟ ଦେବାକୁ ପଡ଼ିଥିବ ଏବଂ ତାହା ଅତ୍ୟନ୍ତ ମନ୍ଥର ଗତିରେ ହୋଇଥିବ । ଏଠାରେ ମୁଁ କେବଳ ମାନସିକ ଦୃଷ୍ଟିଭଙ୍ଗୀରେହିଁ ଏକ ପରିବର୍ତ୍ତନ କରିବା କଥା ଆଦୌ କହୁ ନାହିଁ, ମୁଁ ଚେତନାର ଭୂମିରେ ଏକ ପରିବର୍ତ୍ତନ ଘଟାଇବା ବିଷୟରେ କହୁଛି । ଏହି ପରିବର୍ତ୍ତନ ହେଉଛି ଏକ ସଂପୂର୍ଣ୍ଣ ପରିବର୍ତ୍ତନ, ଏକ ଚରମ ପରିବର୍ତ୍ତନ, ଆମ ଜୀବନର ମୌଳିକ ସ୍ଥିତିଟିରେହିଁ ଯଦ୍ୱାରା ଏକ ବିପ୍ଳବ ସଂଘଟିତ ହୋଇଥାଏ; ଏହି ପ୍ରକ୍ରିୟାଟିକୁ ଆମେ କୌଣସି ଏକ ବଲ୍‌କୁ ଓଲଟାଇ ତା'ର ଭିତର ପାଖଟାକୁ ବାହାର ଆଡ଼କୁ କରିଦେବା ସହିତ ତୁଳନା କରି ପାରିବା । ଏକ ରୂପାନ୍ତରିତ ଚେତନା ଲାଗି ସବୁକିଛି ଯେ ନୂତନ ଏବଂ ପୃଥକ୍ ବୋଲି ଅନୁଭୂତ ହୋଇଥାଏ ତା ନୁହେଁ, ମାତ୍ର ସାଧାରଣ ଚେତନାରେ ଆଗରୁ ଆମର ଯେଉଁସବୁ ଅନୁଭବ ହେଉଥିଲା, ବର୍ତ୍ତମାନ ଠିକ୍ ତା'ର ଓଲଟାହିଁ ଅନୁଭୂତ ହେବାକୁ ଲାଗେ । ସାଧାରଣ ଚେତନାରେ ଅତ୍ୟନ୍ତ ମନ୍ଥର ଭାବରେହିଁ ଅଗ୍ରସର ହେବାକୁ ପଡ଼େ, ଗୋଟିକ ପରେ ଗୋଟିଏ ଅନୁଭବ ହେଉଥିବା ସଙ୍ଗେ ସଙ୍ଗେ ତାହାରି ଅନୁସାରେ ଆଗକୁ ଯିବାକୁ ପଡୁଥାଏ, ଅଜ୍ଞାନର ସ୍ଥିତି ମଧ୍ୟରୁ ଅତ୍ୟନ୍ତ ଦୂରବର୍ତ୍ତୀ ହୋଇ ଅବସ୍ଥିତ ରହିଥିବା ଏବଂ ଅନେକ ସମୟରେ ନାନା

ସଂଶୟଦ୍ୱାରା ଆଚ୍ଛନ୍ନ ହୋଇଥିବା ଏକ ଜ୍ଞାନ ଆଡ଼କୁହିଁ ଯିବାକୁ ପଡୁଥାଏ । ମାତ୍ର ରୂପାନ୍ତରିତ ଚେତନାର କ୍ଷେତ୍ରରେ ତୁମେ ଜ୍ଞାନରୁହିଁ ନିଜର ଯାତ୍ରାପଥର ଆରମ୍ଭ କରିଥାଅ ଏବଂ ତା’ ପରେ ଜ୍ଞାନରୁ ଜ୍ଞାନକୁ ଅଗ୍ରସର ହେବାରେ ଲାଗିଥାଅ । ଅବଶ୍ୟ ଏହାକୁ କେବଳ ଆରମ୍ଭ ବୋଲିହିଁ କୁହାଯିବ; ଏବଂ ଅନ୍ତର୍ଗତ ରୂପାନ୍ତରର ପରିଣାମ ସ୍ୱରୂପ କେବଳ ଅତ୍ୟନ୍ତ ଧୀର ଏବଂ ମନ୍ଥର ଭାବରେହିଁ ବାହାରେ କ୍ରିୟାଶୀଳ ହୋଇ ରହିଥିବା ସତ୍ତାର ବିଭିନ୍ନ ଭୂମି ତଥା ଭାଗଗୁଡ଼ିକରେ ଏକ ରୂପାନ୍ତର ସମ୍ଭବ ହେବାକୁ ଆରମ୍ଭ କରିଥାଏ ।

ଚେତନାର ଭୂମିରେ ଏହିପରି ଏକ ଆଂଶିକ ପରିବର୍ତ୍ତନ ଫଳରେ, ତୁମେ ଏକଦା ଯେଉଁସବୁ ବସ୍ତୁକୁ ଏକାନ୍ତ କାମ୍ୟ ଓ ପ୍ରାପ୍ୟ ବୋଲି ଭାବି ଆସୁଥିଲ, ସେଗୁଡ଼ିକରେ ରହିଥିବା ତୁମର ଆଗ୍ରହ କ୍ରମଶଃ ଛାଡ଼ି ଛାଡ଼ି ଆସେ । ମାତ୍ର ଏହି ଅବସ୍ଥାଟିକୁ କେବଳ ଚେତନାରେହିଁ ଏକ ପରିବର୍ତ୍ତନ ବୋଲି କୁହାଯାଇ ପାରିବ, ଏକ ରୂପାନ୍ତର ବୋଲି କଦାପି କୁହାଯିବ ନାହିଁ । କାରଣ ଯେତେବେଳେ ପ୍ରକୃତରେ ରୂପାନ୍ତର ଘଟିବ, ସେତେବେଳେ ତାହା ମୂଳଗୁଡ଼ିକୁ ବି ବଦଳାଇ ଦେବ, ଆମର ସବୁକିଛିକୁ ଏକାବେଳେକେ ବଦଳାଇ ଦେବ । ତେଣୁ ଆମେ ତାହାକୁ କେବଳ ଏକ ପରିବର୍ତ୍ତନ ବୋଲି କଦାପି କହିପାରିବା ନାହିଁ, ଏହାକୁ ଆମେ ଚେତନାର ଏକ ଉତ୍‌କ୍ରମଣ ବୋଲି କହିବା : ଏହି ଅବସ୍ଥାରେ ସତ୍ତାର ଅନ୍ତରଂଶଟି ସତେଅବା ବାହାର ଆଡ଼କୁ ଉନ୍ମୋଚିତ ହୋଇ ଆସିବ ଏବଂ ଏକ ସଂପୂର୍ଣ୍ଣ ଭିନ୍ନ ଅବସ୍ଥିତି ଗ୍ରହଣ କରିବ । ଏହି ଉତ୍‌କ୍ରାନ୍ତ ଚେତନାର ଅବସ୍ଥାରେ ସତ୍ତା ଜୀବନ ତଥା ଯାବତୀୟ ବସ୍ତୁର ଊର୍ଦ୍ଧ୍ୱରେହିଁ ଅବସ୍ଥିତ ରହିବ ଓ ସେହି ଊର୍ଦ୍ଧ୍ୱରୁହିଁ ସେଗୁଡ଼ିକର ସମ୍ମୁଖୀନ ହେବ । ତାହା ସକଳ ବସ୍ତୁର କେନ୍ଦ୍ରରେ ଅବସ୍ଥିତ ରହିଥିବ ଏବଂ ସେହିଠାରୁହିଁ ନିଜର କ୍ରିୟାଟିକୁ ବାହାର ଆଡ଼କୁ ଉଦ୍ଦିଷ୍ଟ କରି ଆଣୁଥିବ । ମାତ୍ର ଅନ୍ୟ ପକ୍ଷରେ, ସାଧାରଣ ଚେତନାର ଅବସ୍ଥାରେ ସତ୍ତା ପ୍ରକୃତରେ ବାହାରେ ଦଣ୍ଡାୟମାନ ରହିଥିବ, ନିମ୍ନଦେଶରେ ଦଣ୍ଡାୟମାନ ରହିଥିବ ଏବଂ ସେହି ବହିର୍ଦ୍ଦେଶରୁହିଁ ତାହା କେନ୍ଦ୍ରରେ ଆସି ପହଞ୍ଚିବାକୁ ଚେଷ୍ଟା କରୁଥିବ, ସେହି ନିମ୍ନ ଦେଶରୁହିଁ ସେହି ଚେଷ୍ଟା କରିବାରେ ଲାଗିଥିବ; ଏବଂ, ନିଜର ଅଜ୍ଞାନ ଓ ଅନ୍ଧତାର ଗୁରୁଭାରଟି ଦ୍ୱାରା ନିଷ୍ପେଷିତ ହୋଇ ତାହା ସେଗୁଡ଼ିକର ଊର୍ଦ୍ଧ୍ୱକୁ ଉଠିଯାଇ ପାରିବା ଲାଗି ପ୍ରାଣମୂର୍ଚ୍ଛା ସଂଗ୍ରାମ କରିବାରେ ଲାଗିଥିବ । ବସ୍ତୁଗୁଡ଼ିକ ପ୍ରକୃତରେ କିପରି, ସେହି ବିଷୟରେ ସାଧାରଣ ଚେତନା ସଂପୂର୍ଣ୍ଣ ଅଜ୍ଞାନ ହୋଇ ରହିଥାଏ, ତାହା ସେଗୁଡ଼ିକର କେବଳ ବାହ୍ୟ ଆବରଣଟାକୁହିଁ ଦେଖୁଥାଏ । ମାତ୍ର ପ୍ରକୃତ ଚେତନା କେନ୍ଦ୍ରରେ ଅବସ୍ଥିତ ଥାଏ, ବସ୍ତୁଗୁଡ଼ିକର ହୃଦୟ ମଧ୍ୟରେ ଅବସ୍ଥିତ ରହିଥାଏ ଏବଂ ତେଣୁ ଯାବତୀୟ ଗତିସ୍ପନ୍ଦନର ଉନ୍ମେଷ ଓ ଉତ୍ସକୁ ତାହା ପ୍ରତ୍ୟକ୍ଷ ଭାବରେ ଦେଖି ପାରୁଥାଏ । ଅନ୍ତରସ୍ଥ ଏବଂ ଊର୍ଦ୍ଧ୍ୱସ୍ଥ ହୋଇ ରହିଥିବାରୁ ତାହା ସକଳ ବସ୍ତୁର ଉତ୍ସଟି ବିଷୟରେ ଅବଜ୍ଞାତ

ରହିଥାଏ, ସକଳ ବସ୍ତୁର ଏବଂ ସକଳ ଶକ୍ତିସ୍ଫୁରଣର କାରଣ ଏବଂ ପରିଣାମଟି ବିଷୟରେ ମଧ୍ୟ ଅବହିତ ହୋଇ ରହିଥାଏ ।

ମୁଁ ପୁନର୍ବାର କହି ରଖୁଛି ଯେ ଏହି ଉତ୍‌କ୍ରାନ୍ତି ହଠାତ୍ ଘଟେ । ତୁମ ଭିତରେ କୋଉଠି କ'ଣଟିଏ ଉନ୍ମୋଚିତ ହୋଇଯାଏ ଏବଂ ତୁମେ ସଙ୍ଗେ ସଙ୍ଗେ ସତେଅବା ଏକ ନୂତନ ଜଗତରେ ଆସି ପ୍ରବିଷ୍ଟ ହୋଇଥିବା ପରି ଅନୁଭବ କର । ଆରମ୍ଭ ସମୟରେ ଏହି ପରିବର୍ତ୍ତନ ହୁଏତ ଚୂଡ଼ାନ୍ତ ନ ହୋଇପାରେ, ଆଦୌ ସୁନିର୍ଦ୍ଦିଷ୍ଟ ମଧ୍ୟ ନ ହୋଇପାରେ; ସ୍ଥାୟିଭାବରେ ଏହି ନୂତନ ସ୍ଥିତିଟିରେ ନିଜକୁ ଅବସ୍ଥାପିତ କରାଇ ନିଜର ସ୍ୱାଭାବିକ ପ୍ରକୃତିଟି ସହିତ ବାସ କରି ପାରିବା ଲାଗି ଅନେକ ସମୟରେ ବେଶ୍ କିଛି ସମୟ ବି ଲାଗିପାରେ । ମାତ୍ର ସେହି ପରିବର୍ତ୍ତନଟି ଥରେ ସଂଘଟିତ ହୋଇ ଗଲେ ତାହା ସିଦ୍ଧାନ୍ତତଃ ସ୍ଥାୟୀ ହୋଇ ରହିଯାଏ, ସବୁଦିନ ପାଇଁହିଁ ରହିଯାଏ । ଏବଂ ତା' ପରେ ନିଜର ବ୍ୟାବହାରିକ ଜୀବନରେ ଟିକିନିଖି ବିଭିନ୍ନ କ୍ଷେତ୍ରରେ ତାହାକୁ କ୍ରମଶଃ ଏକ ପ୍ରକାଶରୂପ ଦେବାରହିଁ ଏକ ଆବଶ୍ୟକତା ରହିଥାଏ । ରୂପାନ୍ତରିତ ଚେତନାର ସର୍ବପ୍ରଥମ ଅଭିବ୍ୟକ୍ତିଟି ସର୍ବଦା ହଠାତ୍ ଆସି ସଙ୍ଗଠିତ ହେବାପରି ପ୍ରତୀୟମାନ ହୁଏ । ତୁମେ ଯେ ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥାକୁ କ୍ରମଶଃ ପରିବର୍ତ୍ତିତ ହୋଇ ଯାଉଛ, ସେତେବେଳେ ତୁମେ ସେକଥା ମୋଟେ ଅନୁଭବ କରିପାର ନାହିଁ । ସତେ ଯେପରି ତୁମେ ହଠାତ୍ ଜାଗ୍ରତ୍ ହୋଇ ଉଠିଲ ଅଥବା ଏକ ନୂତନ ଜନ୍ମଲାଭ କଲ, ତୁମେ ଠିକ୍ ସେହିପରି ଅନୁଭବ କର । ତୁମ ମନଃକ୍ଷେତ୍ରର କୌଣସି ପ୍ରୟାସ ତୁମକୁ କଦାପି ଏହି ଅବସ୍ଥାଟି ମଧ୍ୟକୁ ନେଇଯାଇ ପାରିବ ନାହିଁ, କାରଣ, ଏହି ଅବସ୍ଥାଟି ଯେ ପ୍ରକୃତରେ କ'ଣ, ତୁମେ ସେକଥାର କଳ୍ପନା ବି କରିପାରିବ ନାହିଁ ଏବଂ ମାନସିକ କୌଣସି ବର୍ଣ୍ଣନାହିଁ ତାହାକୁ ପ୍ରକାଶ କରିବା ଲାଗି କଦାପି ସମର୍ଥ ହେବ ନାହିଁ ।

ଯାବତୀୟ ସଂପୂର୍ଣ୍ଣ ରୂପାନ୍ତର ପ୍ରକୃତରେ ଏହିପରି ଭାବରେହିଁ ଆରମ୍ଭ ହୋଇଥାଏ ।

*ବୁଲେଟିନ୍, ଅଗଷ୍ଟ ୧୯୫୦*

# ମୃତ୍ୟୁ ଲାଗି ଭୟ ଓ
# ତାହାକୁ ଜୟ କରିବାର ଚାରୋଟି ବାଟ

ସାଧାରଣ ଭାବରେ କହିବାକୁ ଗଲେ, ଭୟକୁହିଁ ମନୁଷ୍ୟ-ପ୍ରଗତିର ପଥରେ ସବୁଠାରୁ ବଡ଼ ଅନ୍ତରାୟ ଏବଂ ବାଧା ବୋଲି କୁହାଯାଇ ପାରିବ । ଏହି ଭୟର ଅନେକ ଅନେକ ଦିଗ ରହିଛି, ଅନେକ ଆକାର ରହିଛି; ଏଥିରେ ପରସ୍ପର ବିରୋଧୀ କେତେ ଉପାଦାନ ରହିଛି,— ଏହି ଭୟ ସର୍ବଦା ଯାବତୀୟ ନ୍ୟାୟବୁଦ୍ଧି, ବୁଦ୍ଧିଯୁକ୍ତ ଏବଂ ବିବେକିତାର ବିରୋଧୀ ହୋଇହିଁ ରହିଥାଏ । ଯାବତୀୟ ପ୍ରକାରର ଭୟ ମଧ୍ୟରେ ମୃତ୍ୟୁ ଲାଗି ରହିଥିବା ଭୟ ହେଉଛି ସବୁଠାରୁ ଅଧିକ ସୂକ୍ଷ୍ମ, ଏବଂ ସବୁଠାରୁ ଅଧିକ ଦୁରାଗ୍ରହପୂର୍ଣ୍ଣ । ଏହି ଭୟଟି କେଉଁ ତଳେ ଅବଚେତନର ଗଭୀର ମଧ୍ୟରେ ଯାଇ ଅବସ୍ଥିତ ରହିଥାଏ ଏବଂ ତାହାକୁ ସେଠାରୁ କାଢ଼ି ବାହାର କରିଦେବା ମୋଟେ ସହଜସାଧ୍ୟ ହୋଇପାରେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପରସ୍ପର ସହିତ ଗୁରାଇତୁରାଇ ହୋଇ ରହିଥିବା ଏକାଧିକ ଉପାଦାନ ଦ୍ୱାରା ସେହି ଭୟଟି ଗଠିତ ହୋଇଥାଏ : ସେଥିରେ ନିଜକୁ ବଞ୍ଚାଇ ରଖିବାର ପ୍ରବୃତ୍ତିଟି ରହିଥାଏ; ଯେପରିକି ଆମେ ଅବିଚ୍ଛିନ୍ନ ଭାବରେ ଚେତନାଶୀଳ ହୋଇ ରହି ପାରିବା, ସେଥି ଲାଗି ଅତ୍ୟନ୍ତ ନିଶ୍ଚିତ ଭାବରେ ଆତ୍ମ-ସଂରକ୍ଷଣ ଲାଗି ମଧ୍ୟ ସେଥିରେ ଏକ ଉତ୍କଣ୍ଠା ରହିଥାଏ । ତାହା ଭିତରେ ଏପରି ଏକ ଉପାଦାନ ଥାଏ, ଯାହାକି ଯେକୌଣସି ଅଜ୍ଞାତର ସମ୍ମୁଖୀନ ହେବା ମାତ୍ରକେ ପଛକୁ ଘୁଞ୍ଚି ପଳାଇ ଆସିବାକୁ ଇଚ୍ଛା କରୁଥାଏ । ଅପ୍ରତ୍ୟାଶିତ ଏବଂ ଅନପେକ୍ଷିତ ଯାବତୀୟ ଘଟନାରେ ତାହା ଭାରି ଅସ୍ୱସ୍ତ ଅନୁଭବ କରୁଥାଏ; ଏବଂ ସମ୍ଭବତଃ, ସେହି ସବୁକିଛିର ପଶ୍ଚାତରେ, ଆମ କୋଷଗୁଡ଼ିକର କେଉଁ ଗଭୀରରେ ଅତ୍ୟନ୍ତ ପ୍ରଚ୍ଛନ୍ନ ଭାବରେ ଅବସ୍ଥିତ ରହି, ମୃତ୍ୟୁ ଯେ ଆଦୌ ଅନିବାର୍ଯ୍ୟ ନୁହେଁ ଏବଂ ଯଦି କେତେକ ସର୍ତ୍ତର ପୂରଣ କରିଦେବା ସମ୍ଭବ ହୁଏ, ତେବେ ମୃତ୍ୟୁ ଉପରେ ଅବଶ୍ୟ ବିଜୟ ହାସଲ କରାଯାଇ ପାରିବ ବୋଲି ଏକ ବିଶ୍ୱାସ ସତେଅବା ଏକ ସହଜାତ ପ୍ରବୃତ୍ତି ପରି ଲୁକ୍‌କାୟିତ ହୋଇ ରହିଥାଏ । ଅବଶ୍ୟ, ପ୍ରକୃତ ବସ୍ତୁସ୍ଥିତି ଦୃଷ୍ଟିରୁ ବିଚାର କରି ଦେଖିଲେ, ସ୍ୱୟଂ ଭୟହିଁ ମୃତ୍ୟୁ ଉପରେ ସେହି ବିଜୟକୁ ହାସଲ କରିବାର ପଥରେ ଏକ ଅତ୍ୟନ୍ତ ବୃହତ୍ ଅନ୍ତରାୟ ହୋଇ ରହିଥାଏ । କାରଣ, ଆମର ଯାହାପ୍ରତି ଏକ ଭୟ ରହିଛି, ଆମେ ତାହା ଉପରେ କେବେହେଲେ ବିଜୟ ହାସଲ କରି ପାରିବା ନାହିଁ; ଏବଂ ଯାହା ଭିତରେ ମୃତ୍ୟୁ ଲାଗି ଏକ ଭୟଭାବ ରହିଛି, ମୃତ୍ୟୁହିଁ ତାହା ଉପରେ ଆଗରୁ ବିଜୟ ହାସଲ କରି ସାରିଛି ବୋଲି ନିଶ୍ଚୟ କୁହାଯାଇ ପାରିବ ।

ତେବେ ଆମେ ଏହି ଭୟକୁ କିପରି ଅତିକ୍ରମ କରିପାରିବା ? ଏଥି ପାଇଁ ଆମେ ଏକାଧିକ ଉପାୟର ସାହାଯ୍ୟ ନେଇ ପାରିବା । ମାତ୍ର ସର୍ବପ୍ରଥମ କଥା ହେଉଛି, ଆମର ସେହି ଉଦ୍ୟମରେ ଆମକୁ ଯଥାର୍ଥ ଭାବରେ ସହାୟତା କରିବା ଲାଗି କେତେଗୋଟି ଅତି ମୌଳିକ ଧାରଣାର ଏକାନ୍ତ ଆବଶ୍ୟକତା ରହିଛି । ଜୀବନ ହେଉଛି ଅଖଣ୍ଡ ଓ ଅମର, ଏହି ସତ୍ୟଟିକୁ ନିଶ୍ଚିତ ଭାବରେ ଜାଣିବା ହେଉଛି ସର୍ବପ୍ରଥମ ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । କେବଳ ବାହ୍ୟରୂପଗୁଡ଼ାକହିଁ ଅନେକ ହୋଇ ଦେଖା ଯାଉଥାଏ, କ୍ଷଣିକ ଓ ଭଙ୍ଗୁର ହୋଇ ରହିଥାଏ । ଆମର ମନ ଭିତରେ ଏହି ଜ୍ଞାନଟି ଅତ୍ୟନ୍ତ ଦୃଢ଼ ଓ ଅବିଚଳ ଭାବରେ ସ୍ଥାୟୀ ହୋଇ ପ୍ରତିଷ୍ଠିତ ରହିପାରିବା ଉଚିତ; ଏବଂ ଯେଉଁ କାଳାତୀତ ଶାଶ୍ୱତ ଜୀବନ ଯାବତୀୟ ରୂପ ଓ ଆକାରର ମଧ୍ୟ ଅତୀତ ହୋଇ ରହିଛି ମାତ୍ର ପ୍ରତ୍ୟେକଟି ଆକାରରେ ତଥାପି ଯାହାର ଅଭିବ୍ୟକ୍ତି ଅବଶ୍ୟ ଘଟିଛି, ଆମର ଚେତନା ଯଥାସମ୍ଭବ ଅଧିକ ଘନିଷ୍ଠ ଭାବରେ ତାହାରି ସହିତ ଏକାତ୍ମକ ହୋଇ ରହିପାରିବା ଉଚିତ । ଏହି ଜ୍ଞାନ ଓ ଏହି ଏକାତ୍ମକତା ଆମକୁ ସେହି ଅପରିହାର୍ଯ୍ୟ ମନୋଗତ ଭୂମିଟିକୁ ଆଣି ଯୋଗାଇ ଦେଇଯିବ, ଯାହା ବଳରେ କି ଆମେ ଯଥାର୍ଥରେ ସମସ୍ୟାଟିର ସମ୍ମୁଖୀନ ହୋଇପାରିବା । କାରଣ ସେତେବେଳେ ମଧ୍ୟ ସମସ୍ୟାଟି ତଥାପି ରହିଥିବ । ଏପରିକି ଆମର ଅନ୍ତର୍ଗତ ସତ୍ତାଟି ନିଜକୁ ଯାବତୀୟ ଭୟର ଊର୍ଦ୍ଧ୍ୱରେ ରଖି ପାରିବା ଲାଗି ଯଥେଷ୍ଟ ପରିମାଣରେ ସନ୍ଦୀପିତ ହୋଇ ରହିଥିଲେ ମଧ୍ୟ, ଉକ୍ତ ଭୟଟି ଶରୀରର କୋଷଗୁଡ଼ିକ ମଧ୍ୟରେ ତଥାପି ଲୁକ୍କାୟିତ ହୋଇ ରହିଥିବ । ତାହା ଅତ୍ୟନ୍ତ ଅସ୍ୱଚ୍ଛ ଓ ଅନ୍ଧକାରାଚ୍ଛନ୍ନ ଭାବରେ ରହିଥିବ, ସ୍ୱତଃପ୍ରବର୍ତ୍ତିତ ଭାବରେ ରହିଥିବ, ଆମର ବୁଦ୍ଧି ତା ପାଖରେ ମୋଟେ ପହଞ୍ଚି ପାରୁ ନ ଥିବ, ତାହା ସାଧାରଣତଃ ପ୍ରାୟ ଅଚେତନ ଭାବରେ ରହିଥିବ । ତେଣୁ ସେହି ଭୟକୁ ସେହି ତମସାବୃତ ଗଭୀର ତଳ ଗୁଡ଼ିକରେହିଁ ଯାଇ ଆବିଷ୍କାର କରିବାକୁ ପଡ଼ିବ, ତାହାକୁ ହସ୍ତଗତ କରିବାକୁ ପଡ଼ିବ ଏବଂ ତାହା ଉପରେ ଜ୍ଞାନ ଏବଂ ନିଶ୍ଚୟତାର ଆଲୋକକୁ ପ୍ରତିଫଳିତ କରି ଆଣିବାକୁ ପଡ଼ିବ ।

ତେଣୁ, ଜୀବନର କେବେହେଲେ ମୃତ୍ୟୁ ହୁଏ ନାହିଁ, କେବଳ ଆକାରଗୁଡ଼ାକହିଁ ବିଲୁପ୍ତ ହୋଇଯିବାରେ ଲାଗିଥାଏ; ଏବଂ ଆମର ଭୌତିକ ଚେତନା ସେହି ବିଲୁପ୍ତିଟି ବିଷୟରେହିଁ ସର୍ବଦା ତ୍ରସ୍ତ ହୋଇ ରହିଥାଏ । ତଥାପି, ସେହି ଆକାରଟି ସବୁବେଳେ ବଦଳି ଯାଉଥାଏ ଏବଂ ଏହି ଉତ୍ତରୋତ୍ତର ଭାବରେ ଆଗକୁ ଆଗକୁ ଗତି କରି ଯାଉଥିବା ଏହ ପରିବର୍ତ୍ତନଟିକୁ ରୋକି ରଖିପାରିବା ଲାଗି ମର୍ମତଃ ସେହି କ୍ଷେତ୍ରରେ ଆଦୌ କିଛି ହେଲେ ନ ଥାଏ । ଏକୁଟିଆ ଏହି କ୍ରମାଗ୍ରଗତିଶୀଳ ପରିବର୍ତ୍ତନହିଁ ମୃତ୍ୟୁର ଅନିବାର୍ଯ୍ୟତାକୁ ନିରାକୃତ କରି ରଖିବାକୁ ଅବଶ୍ୟ ସମର୍ଥ ହୁଅନ୍ତା, ମାତ୍ର ତାହା ହାସଲ କରିବା ପ୍ରକୃତରେ

ଅତ୍ୟନ୍ତ ଆୟାସସାଧ୍ୟ ଏବଂ ସେଥି ଲାଗି ଆମକୁ ଯେଉଁସବୁ ସର୍ତ୍ତର ପୂରଣ କରିବାକୁ ପଡ଼ିବ, ସେଗୁଡ଼ିକୁ ପ୍ରକୃତରେ ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟକ୍ତିହିଁ ପୂରଣ କରି ପାରିବେ। ତେଣୁ, ମୃତ୍ୟୁ ଜନିତ ଭୟଟିକୁ ଜୟ କରିବାକୁ ହେଲେ ଆମର ଅନୁସୃତ ଉପାୟଟିକୁ ସଂପୃକ୍ତ ବ୍ୟକ୍ତିର ପ୍ରକୃତି ଏବଂ ଚେତନାର ପ୍ରକୃତ ସ୍ଥିତିଟି ଅନୁସାରେ ଅବଶ୍ୟ ପୃଥକ୍ ପୃଥକ୍ ହେବାକୁ ପଡ଼ିବ। ସେହି ଉପାୟଗୁଡ଼ିକୁ ଆମେ ଚାରୋଟି ପ୍ରଧାନ ଶ୍ରେଣୀରେ ବିଭକ୍ତ କରି ପାରିବା; ଅବଶ୍ୟ ଏକଥା ମଧ୍ୟ ସତ ଯେ, ସେହି ପ୍ରତ୍ୟେକଟି ଶ୍ରେଣୀରେ ମଧ୍ୟ ବହୁ ସଂଖ୍ୟକ ନାନା ବିଚିତ୍ର ପ୍ରକାର ଅନ୍ତର୍ଭୁକ୍ତ ହୋଇ ରହିଛି; ବସ୍ତୁତଃ, ପ୍ରତ୍ୟେକ ବ୍ୟକ୍ତିକୁହିଁ ଏହି କ୍ଷେତ୍ରରେ ତା'ର ନିଜର ଉପାୟଟିକୁ ବିକଶିତ କରି ଆଣିବାକୁ ପଡ଼ିବ।

ଏହି ପ୍ରଥମ ଉପାୟଟିର ଆମ ବୁଦ୍ଧିର ନିକଟରେ ମଧ୍ୟ ବେଶ୍ ଏକ ଆବେଦନ ରହିଛି। ଅବଶ୍ୟ ଏପରି କୁହାଯାଇ ପାରିବ ଯେ ଏହି ପୃଥିବୀର ବର୍ତ୍ତମାନ ସ୍ଥିତିରେ ମୃତ୍ୟୁ ହେଉଛି ପ୍ରକୃତରେ ଅନିବାର୍ଯ୍ୟ। ଯେଉଁ ଶରୀର ଥରେ ଏହି ପୃଥିବୀ ପୃଷ୍ଠରେ ଜନ୍ମ ଗ୍ରହଣ କରିଛି, ତାହାକୁ ନିୟମତଃ ଦିନେ ନା ଦିନେ ମୃତ୍ୟୁ ମୁଖରେ ପଡ଼ିବାକୁହିଁ ପଡ଼ିବ। ଏବଂ ପ୍ରାୟ ପ୍ରତ୍ୟେକଙ୍କ କ୍ଷେତ୍ରରେ ମୃତ୍ୟୁ ଯେତିକିବେଳେ ଆସିବା କଥା, ତାହା ଠିକ୍ ସେତିକିବେଳେ ଆସି ଉପସ୍ଥିତ ହୋଇଥାଏ। କୌଣସି ବ୍ୟକ୍ତି କେବେହେଲେ ତାହାର ଆସିବା ସମୟଟିକୁ କିଞ୍ଚିତ୍ ଆଗକୁ ବା କିଞ୍ଚିତ୍ ପଛକୁ ମଧ୍ୟ କରିଦେଇ ପାରିବ ନାହିଁ। ଯିଏ ମୃତ୍ୟୁର ବାଟକୁ ଚାହିଁ ବସିଛି, ତାକୁ ହୁଏତ ସେଥି ଲାଗି ଅନେକ ଦିନ ଅପେକ୍ଷା କରି ରହିବାକୁ ପଡ଼ିପାରେ; ଏବଂ ମୃତ୍ୟୁର ନାମ ଶୁଣିବା ମାତ୍ରକେ ଯାହାକୁ ଡର ମାଡୁଛି, ସିଏ ଗ୍ରହଣ କରିଥିବା ସକଳ ସତର୍କତା ସତ୍ତ୍ୱେ ତାକୁ ହୁଏତ ହଠାତ୍ ମୃତ୍ୟୁ ମୁଖରେ ପତିତ ହେବାକୁ ପଡ଼ିପାରେ। ତେଣୁ ମୃତ୍ୟୁ ହେବାର କ୍ଷଣଟି ସତେ ଯେପରି ଏକାନ୍ତ ଅଲଂଘନୀୟ ହୋଇ ଆଗରୁ ନିର୍ଦ୍ଧାରିତ ହୋଇ ରହିଥିବା ପରି ବୋଧ ହୋଇଥାଏ। ଅବଶ୍ୟ ଅଳ୍ପ ସଂଖ୍ୟକ ଏପରି କେତେକ ମନୁଷ୍ୟ ଥାଆନ୍ତି, ଯେଉଁମାନଙ୍କଠାରେ କି ସାଧାରଣତଃ ମନୁଷ୍ୟ ଜାତି ମଧ୍ୟରେ ଦୃଷ୍ଟିଗୋଚର ହେଉ ନ ଥିବା କେତେକ ସାମର୍ଥ୍ୟ ଉପସ୍ଥିତ ରହିଥାଏ। ଯାହାକୁ ଆମେ କଦାପି ଲଂଘନ କରି ପାରିବା ନାହିଁ, ତାହା ପ୍ରତି ଏକ ଭୟର ଭାବ ପୋଷଣ କରିବାର ପ୍ରକୃତରେ କୌଣସି ଅର୍ଥ ନାହିଁ ବୋଲି ଆମର ବୁଦ୍ଧି ଆମକୁ ଶିକ୍ଷା ଦେଇଥାଏ। ତେଣୁ ଏହି କ୍ଷେତ୍ରରେ ଏକମାତ୍ର ଗତି ହେଉଛି ଯେ ଆମେ ମୃତ୍ୟୁକୁ ଏକ ଅବଶ୍ୟମ୍ଭାବୀ ବିଚାର ବୋଲି ଗ୍ରହଣ କରିନେବା ଏବଂ ଆମର ଦୈନନ୍ଦିନ ଜୀବନରେ ଯଥାସାଧ୍ୟ ଯାହାକିଛି କରାଯାଇ ପାରିବ, ତାହା କରିବା। ପ୍ରତ୍ୟେକ ମୁହୂର୍ତ୍ତରେ ଆମର ଯାହାକିଛି କର୍ତ୍ତବ୍ୟ, ତାହାକୁ କରିବା, ଏବଂ ଆଗକୁ କ'ଣ ଘଟିବାକୁ ଯାଉଛି, ସେ ବିଷୟରେ ମନ ଭିତରେ ଆଦୌ କୌଣସି ଉଦ୍‌ବେଗ ରଖିବା ନାହିଁ। ଯେଉଁ ବୁଦ୍ଧିସଂପନ୍ନ ବ୍ୟକ୍ତିମାନେ ବୁଦ୍ଧିର

ନିୟମଗୁଡ଼ିକୁ ମାନି ସବୁକିଛି କାର୍ଯ୍ୟ କରିବାର ଧାରାରେ ଅଭ୍ୟସ୍ତ ହୋଇ ରହିଥା'ନ୍ତି, ସେମାନେ ଏହି ପ୍ରକ୍ରିୟାଟିକୁ ବ୍ୟବହାର କରିବା ଦ୍ୱାରା ପ୍ରକୃତରେ ଅନେକ ଉପକାର ପାଇଥା'ନ୍ତି । ମାତ୍ର ଯେଉଁ ଭାବପ୍ରଧାନ ବ୍ୟକ୍ତିମାନେ ସେମାନଙ୍କର ସଂବେଗଗୁଡ଼ିକର କ୍ଷେତ୍ରରେହିଁ ଜୀବନ ବଞ୍ଚୁଥା'ନ୍ତି ଏବଂ ନିଜକୁ ସେହି ସଂବେଗଗୁଡ଼ିକ ଦ୍ୱାରାହିଁ ପରିଶାସିତ କରି ରଖିଥା'ନ୍ତି, ସେମାନେ ଏପରି ଏକ ଉପାୟ ଦ୍ୱାରା ଆଦୌ ସେତେବେଶୀ ସଫଳ ହୋଇ ପାରନ୍ତି ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ବ୍ୟକ୍ତିମାନଙ୍କୁ ଦ୍ୱିତୀୟ ଉପାୟଟିକୁ ଅବଲମ୍ବନ କରିବାକୁ ପଡ଼ିବ, ଅନ୍ତର୍ଗତ ଅନ୍ୱେଷଣର ବାଟଟିକୁ ଗ୍ରହଣ କରିବାକୁ ପଡ଼ିବ । ଆମର ଯାବତୀୟ ସଂବେଗଚକ୍ରଗୁଡ଼ିକର ଆହୁରି ସେ ପାଖରେ ଓ ଆମ ସତ୍ତାର ନୀରବ ତଥା ନିଶ୍ଚଳ ଗଭୀରତାଗୁଡ଼ିକର ସ୍ତରରେ ଏକ ଆଲୋକ ଅଖଣ୍ଡ ଭାବରେହିଁ ପ୍ରଜ୍ୱଳିତ ହୋଇ ରହିଛି, ସେଇଟି ହେଉଛି ଆମ ଚୈତ୍ୟ ଚେତନାର ଆଲୋକ । ତୁମକୁ ସେହି ଆଲୋକଟିର ସନ୍ଧାନରେ ବାହାରି ଯିବାକୁ ପଡ଼ିବ, ତାହାରି ଉପରେ ଅଭିନିବେଶ କରିବାକୁ ହେବ; ସେହି ଆଲୋକ ତୁମର ଭିତରେହିଁ ରହିଛି । ଏକ ଅଦମ୍ୟ ଇଚ୍ଛା ବଳରେ ତୁମେ ଅବଶ୍ୟ ସେହି ଆଲୋକଟିକୁ ଆବିଷ୍କାର କରି ପାରିବ, ଏବଂ ସେଇଟି ମଧ୍ୟରେ ଯାଇ ପ୍ରବେଶ କରିବା ମାତ୍ରକେ, ତୁମେ ଅମରତ୍ୱର ଚେତନାଭୂମି ମଧ୍ୟକୁହିଁ ନିଜକୁ ଜାଗୃତ କରି ନେଇଯାଇ ପାରିବ । ତୁମେ ସର୍ବଦା ଥିଲ, ତୁମେ ସର୍ବଦା ରହିବ, ତୁମେ ଏହାଦ୍ୱାରା ନିଜ ଶରୀରର ଅଧୀନତାରୁ ସଂପୂର୍ଣ୍ଣଭାବେ ମୁକ୍ତ ହୋଇ ଆସିବ; ତୁମର ସଚେତନ ଜୀବନ ବଞ୍ଚିବା ଆଦୌ ସେହି ଶରୀର ଉପରେ ନିର୍ଭରଶୀଳ ହୋଇ ରହି ନାହିଁ । ଏବଂ ତୁମର ଏହି ଶରୀର ହେଉଛି ତୁମେ ନିଜକୁ ରୂପାୟିତ କରି ଆସିଥିବା ଅନେକ ପରିବର୍ତ୍ତନଶୀଳ ଆକୃତିମଧ୍ୟରୁ କେବଳ ଗୋଟିଏ ମାତ୍ର ଆକୃତି । ଏହି ଦୃଷ୍ଟିଟି ଅନୁସାରେ ମୃତ୍ୟୁକୁ କଦାପି ଏକ ସଂପୂର୍ଣ୍ଣ ବିଲୁପ୍ତି ବୋଲି କୁହାଯାଇ ପାରିବ ନାହିଁ, ଏହାକୁ କେବଳ ଏକ ମଧ୍ୟବର୍ତ୍ତୀ ସ୍ଥିତି ବୋଲିହିଁ କୁହାଯାଇ ପାରିବ । ଏହା ଫଳରେ ଯାବତୀୟ ଭୟଭାବନା ତତ୍‌କ୍ଷଣାତ୍ ବିଦୂରିତ ହୋଇଯିବ ଏବଂ ତୁମେ ତା ପରେ ଜଣେ ମୁକ୍ତ ମନୁଷ୍ୟର ସ୍ଥିର ନିଶ୍ଚୟତାକୁ ବହନ କରି ଏହି ସଂସାରରେ ବିଚରଣ କରି ପାରିବ ।

ଯେଉଁମାନେ କୌଣସି ଏକ ଭଗବାନଙ୍କଠାରେ ବିଶ୍ୱାସ ରଖିଥା'ନ୍ତି, ସେମାନଙ୍କ ଲାଗି ତୃତୀୟ ଉପାୟଟି ରହିଛି । ସେହି ଭଗବାନ୍ ହେଉଛନ୍ତି ସେମାନଙ୍କର ନିଜର ଭଗବାନ୍, ସେଇ ସେମାନଙ୍କୁ ସେମାନଙ୍କର ଜୀବନଟିକୁ ଆଣି ପ୍ରଦାନ କରି ରଖିଛନ୍ତି । ସେହି ବ୍ୟକ୍ତିମାନେ ସଂପୂର୍ଣ୍ଣ ଭାବରେ ତାଙ୍କରି ସମ୍ପତ୍ତି ହୋଇ ରହିଛନ୍ତି; ସେମାନଙ୍କର ଜୀବନରେ ଯାହାକିଛି ଘଟୁଛି, ତାହା କେବଳ ସେହି ଦିବ୍ୟ ଇଚ୍ଛାର ଅଭିବ୍ୟକ୍ତି ରୂପେହିଁ ଘଟୁଛି; ଏବଂ ସେମାନେ ଯେ କେବଳ ଏକ ସ୍ଥିର ଭାବରେ ସ୍ୱୀକାର କରିନେବାର ଭାବନାରେହିଁ ସେହି ଘଟନାଗୁଡ଼ିକୁ

ସ୍ୱୀକାର କରି ନେଉଛନ୍ତି ତା ନୁହେଁ, ସେମାନେ ସେଗୁଡ଼ିକୁ କୃତଜ୍ଞ ହୋଇ ସ୍ୱୀକାର କରି ନେଉଛନ୍ତି । କାରଣ ସେମାନେ ଅତ୍ୟନ୍ତ ଦୃଢ଼ ଭାବରେ ବିଶ୍ୱାସ କରୁଛନ୍ତି ଯେ ସେମାନଙ୍କ ଜୀବନରେ ଯାହାକିଛି ଘଟୁଛି ତାହା କେବଳ ସେମାନଙ୍କର ମଙ୍ଗଳ ସକାଶେହିଁ ଘଟୁଛି । ନିଜର ସେହି ଭଗବାନଙ୍କ ଉପରେ ସେମାନଙ୍କର ଗୂଢ଼ ବିଶ୍ୱାସ ରହିଛି, ତାଙ୍କ ସହିତ ନିଜର ବ୍ୟକ୍ତିଗତ ସମ୍ପର୍କର ଭୂମିରେ ମଧ୍ୟ ଏକ ଗୂଢ଼ ବିଶ୍ୱାସ ସବୁବେଳେ ରହିଛି । ନିଜର ଇଚ୍ଛାଟିକୁ ସେମାନେ ସଂପୂର୍ଣ୍ଣ ଭାବରେ ତାଙ୍କରି ଇଚ୍ଛା ପାଖରେ ନେଇ ସମର୍ପଣ କରି ଦେଇଛନ୍ତି, ସେଇ ଯେ ଅବଶ୍ୟ ସେମାନଙ୍କୁ ତାଙ୍କର ପ୍ରେମ ଓ ସୁରକ୍ଷା ମଧ୍ୟରେ ସବୁବେଳେ ରଖିବେ, ସେମାନେ ସେହି କଥାଟିକୁ ଅନୁଭବ କରୁଛନ୍ତି । ସେହି ପ୍ରେମ ଓ ସୁରକ୍ଷା ଜୀବନ କିଂବା ମରଣର କୌଣସି ଆକସ୍ମିକତା ପାଖରେ ଆଦୌ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହି ନାହିଁ ବୋଲି ସେମାନେ ସ୍ପଷ୍ଟ ଭାବରେ ଅନୁଭବ କରୁଛନ୍ତି । ନିଜର ପରମ ପ୍ରିୟଙ୍କ ପାଦତଳେ ସେମାନେ ଏକ ସଂପୂର୍ଣ୍ଣ ଆତ୍ମ-ସମର୍ପଣ ସହିତ ପଡ଼ି ରହିଛନ୍ତି ବୋଲି ନିରନ୍ତର ଅନୁଭବ କରୁଛନ୍ତି ବା ତାଙ୍କରି ବାହୁପାଶ ମଧ୍ୟରେ ତାଙ୍କର ଦ୍ୱାରା ସଂପୂର୍ଣ୍ଣ ଭାବରେ ସୁରକ୍ଷିତ ହୋଇ ରହିଛନ୍ତି ବୋଲି ଅନୁଭବ କରୁଛନ୍ତି । ସେମାନଙ୍କର ଚେତନା ମଧ୍ୟରେ ଆଉ ଭୟ ଲାଗି ଆଦୌ କୌଣସି ସ୍ଥାନ ନାହିଁ, ଉଦ୍‌ବେଗ ଅଥବା ସନ୍ତାପ ଆଦି କୌଣସି ପୀଡ଼ନ ଲାଗି ଆଦୌ କୌଣସି ସ୍ଥାନ ନାହିଁ । ସେସବୁର ସ୍ଥାନରେ କେବଳ ଏକ ସ୍ଥିର ଏବଂ ପ୍ରସନ୍ନ ଆନନ୍ଦହିଁ ବିରାଜିତ ହୋଇ ରହିଛି ।

ମାତ୍ର ସବୁ ମଣିଷଙ୍କର ଏପରି ଏକ ଗୂଢ଼ ଏକାତ୍ମକତାର ସୂତ୍ରରେ ଆବଦ୍ଧ ହୋଇ ରହିବାର ଆଦୌ ସୌଭାଗ୍ୟ ନାହିଁ ।

ପରିଶେଷରେ, ଆଉ ଗୋଟିଏ କିସମର ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ବୀର ହୋଇ ସଂସାରକୁ ଆସନ୍ତି । ଜୀବନ ଯେଉଁଭଳି ସ୍ଥିତିରେ ରହିଛି, ସେମାନେ ତାହାକୁ କଦାପି ଠିକ୍ ସେହିଭଳି ଭାବରେ ସ୍ୱୀକାର କରି ନେଇ ପାରନ୍ତି ନାହିଁ । ନିଜ ଭିତରେ ସେମାନେ ଅମୃତତ୍ୱ ଲାଭ କରିବା ଲାଗି ରହିଥିବା ସେମାନଙ୍କର ସ୍ପନ୍ଦନଟିକୁ ଅନୁଭବ କରୁଥା'ନ୍ତି, ଏହି ପୃଥିବୀ ପୃଷ୍ଠରେ ଏକ ସଂପୂର୍ଣ୍ଣ ଅମୃତତ୍ୱ ଲାଭ କରିବା ପାଇଁ ସେମାନଙ୍କର ଅଧିକାର ରହିଛି ବୋଲି ସେମାନେ ଅନୁଭବ କରନ୍ତି । ସେମାନଙ୍କ ଭିତରେ ଏପରି ଏକ ସଂବୋଧିପ୍ରେରିତ ସ୍ୱାଭାବିକ ଜ୍ଞାନ ନିହିତହୋଇ ରହିଥାଏ ଯେ, ମୃତ୍ୟୁ ପ୍ରକୃତରେ କେବଳ ଏକ ମନ୍ଦ ଅଭ୍ୟାସ ବ୍ୟତୀତ ଆଉ କିଛି ନୁହେଁ; ସେମାନେ ସତେଅବା ସେହି ମନ୍ଦ ଅଭ୍ୟାସଟି ଉପରେ ବିଜୟ ହାସଲ କରିବା ଲାଗି ଏକ ସଂକଳ୍ପ ନେଇ ଏହି ସଂସାରରେ ଜନ୍ମଗ୍ରହଣ କରିଥା'ନ୍ତି । ମାତ୍ର ଏହି ବିଜୟ ଲାଭ ନିମିତ୍ତ ସେମାନଙ୍କୁ ଭୀଷଣ ଏବଂ ସୂକ୍ଷ୍ମ ଆକ୍ରମଣକାରୀମାନଙ୍କର ଏକ ବିରାଟ ବାହିନୀ ସହିତ ସଂଗ୍ରାମ କରିବାକୁ ପଡ଼େ; ସେମାନଙ୍କୁ

ଅବିରାମ ଭାବରେହିଁ ଏହି ସଂଗ୍ରାମ କରିବାକୁ ପଡ଼େ, ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତରେ ସଂଗ୍ରାମ କରିବାକୁ ପଡ଼େ । ଯାହା ଭିତରେ ଏକ ଅଜେୟ ଶକ୍ତି ଓ ସଙ୍କଳ୍ପ ରହିଛି, କେବଳ ତାହାରି ଏହି ଉଦ୍ୟମଟିକୁ କରିବା ଉଚିତ । ଏହି ସଂଗ୍ରାମର ଅନେକ କ୍ଷେତ୍ର ରହିଛି; ପରସ୍ପର ସହିତ ଅନ୍ତଃପ୍ରବିଷ୍ଟ ହୋଇ ରହିଥିବା ଓ ପରସ୍ପରର ଅନୁପୂରକ ପରି କାର୍ଯ୍ୟ କରୁଥିବା ଏକାଧିକ ଭୂମିରେହିଁ ସେହି ସଂଗ୍ରାମଟିରେ ଅବତୀର୍ଣ୍ଣ ହେବାକୁ ପଡ଼ିଥାଏ ।

ଏହି ସଂଗ୍ରାମର ପ୍ରଥମ ଯୁଦ୍ଧଟିହିଁ ଆଦୌ କୌଣସି ଗୁଣରେ କମ୍ ଭୟଙ୍କର ନୁହେଁ । ଏଥିରେ ଆମକୁ ନିଜର ମନ ଭିତରେ ଏକ ସାମୂହିକ ସ୍ତରର ପ୍ରବର୍ତ୍ତନା ବିରୋଧରେହିଁ ଯୁଦ୍ଧ କରିବାକୁ ପଡ଼ିଥାଏ,– ଏହି ପ୍ରବର୍ତ୍ତନା ହେଉଛି ଏକ ବିଶାଳ, ପରାହତକାରୀ ଓ ଆମକୁ ପ୍ରାୟ ବାଧ କରି ରଖିବାକୁ ଇଚ୍ଛା କରୁଥିବା ଏକ ପ୍ରବର୍ତ୍ତନା । ତାହା ହଜାର ହଜାର ବର୍ଷର ଅନୁଭବକୁ ଅବଲମ୍ବନ କରି ଛିଡ଼ା ହୋଇ ରହିଥାଏ, ପ୍ରକୃତିର ଏପରି ଏକ ବିଧାନକୁ ଆଶ୍ରୟ କରି ରହିଥାଏ, ଯାହା ମଧ୍ୟରେ କି ଏବେ ମଧ୍ୟ ଆଦୌ କୌଣସି ବ୍ୟତିକ୍ରମ ପରିଦୃଷ୍ଟ ହୋଇ ନାହିଁ । ସେହି ପ୍ରବର୍ତ୍ତନା ନିଜକୁ ଏହିପରି ଏକ ଅତି ସବଳ ଦାବିରେ ପରିଣତ କରି ରଖିଥାଏ : ସବୁଦିନେହିଁ ଠିକ୍ ଏହିପରି ହୋଇ ଆସିଛି, ଏଥିରେ ଆଉ ଅନ୍ୟ ପ୍ରକାର କଦାପି ହୋଇ ପାରିବ ନାହିଁ; ମୃତ୍ୟୁ ଅନିବାର୍ଯ୍ୟ ଏବଂ ସେହି ଅନିବାର୍ଯ୍ୟତାର ଖଣ୍ଡନ ସମ୍ଭବ ବୋଲି ବିଚାର କରିବାହିଁ ପ୍ରକୃତରେ ଏକ ପାଗଳାମି । ଏହି ଉକ୍ତିଟିକୁ ସଚରାଚର ସମସ୍ତେ ଏକ ସ୍ୱରରେ କହିବାରେ ଲାଗିଥା'ନ୍ତି ଏବଂ କୌଣସି ପ୍ରବୀଣତମ ବୈଜ୍ଞାନିକ ମଧ୍ୟ ଏପର୍ଯ୍ୟନ୍ତ ଏହି ବିଷୟରେ ଏକ ଦ୍ୱିମତ ପ୍ରକାଶ କରିବାକୁ କେବେହେଲେ ସମର୍ଥ ହୋଇ ନାହାନ୍ତି, ଭବିଷ୍ୟତ୍ ଲାଗି ଆଦୌ କୌଣସି ଆଶାର ସୂଚନା ଦେଇପାରି ନାହାନ୍ତି । ଆମ ପୃଥିବୀର ଧର୍ମଗୁଡ଼ିକ ମଧ୍ୟ ସେହି ମୃତ୍ୟୁର ସତ୍ୟଟି ଉପରେହିଁ ନିଜ ନିଜର ଯାବତୀୟ କ୍ରିୟାଶୀଳତାର ଶକ୍ତିକୁ ଆଧାରିତ କରି ରଖିଛନ୍ତି । ଭଗବାନ୍ ମଣିଷକୁ ପ୍ରକୃତରେ ମରଣଶୀଳ କରି ରଖିବାକୁ ଇଚ୍ଛା କରିଥିଲେ, କାରଣ ସିଏ ତାକୁ ସେହିପରି ମରଣଶୀଳ କରିହିଁ ତିଆରି କରିଥିଲେ ବୋଲି ସେହି ଧର୍ମଗୁଡ଼ିକ ଘୋଷଣା ବି କରୁଛନ୍ତି । ଅନେକ ଧର୍ମ ପୁଣି ମୃତ୍ୟୁକୁ ଏକ ମୁକ୍ତି, ଏକ ବିମୋଚନ ଏବଂ ଏପରିକି ବେଳେବେଳେ ଏକ ପୁରସ୍କାର ପ୍ରାପ୍ତିର ସ୍ତରକୁ ବି ଉନ୍ନୀତ କରି ନେଇଛନ୍ତି । ସେମାନଙ୍କର ପରାମର୍ଶ ହେଉଛି : ସେହି ସର୍ବୋଚ୍ଚ ପରମଶକ୍ତିର ଇଚ୍ଛାଟିକୁ ସ୍ୱୀକାର କରିନିଅ, କୌଣସି ବିଦ୍ରୋହ ନ କରି ମୃତ୍ୟୁରୂପୀ ସତ୍ୟଟିକୁ ମାନିନିଅ ଏବଂ ତାହାହେଲେ ତୁମେ ଶାନ୍ତି ଏବଂ ସୁଖର ଅଧିକାରୀ ହୋଇପାରିବ । ଏହି ସବୁକିଛି ଅନ୍ୟପ୍ରକାରେ ଘୋଷଣା କରୁଥିଲେ ମଧ୍ୟ ମନକୁ ତଥାପି ନିଜର ବିଶ୍ୱାସରେ ଅଟଳ ହୋଇ ରହିବାକୁ ପଡ଼ିବ ଏବଂ ନିଜର ଇଚ୍ଛାଶକ୍ତିକୁ ଅନମ୍ୟ କରି ରଖିବାକୁ ପଡ଼ିବ । ମାତ୍ର, ଯିଏ ମୃତ୍ୟୁ ଉପରେ ବିଜୟ ହାସଲ କରିବାକୁ ସଙ୍କଳ୍ପ କରି ବାହାରିଛି, ଏହିସବୁ

ପରାମର୍ଶର ତା ଉପରେ ଆଦୌ କୌଣସି ପ୍ରଭାବ କଦାପି ପଡ଼ିବ ନାହିଁ, ଏଗୁଡ଼ାକ ତା'ର ନିଶ୍ଚୟତାକୁ କଦାପି ଦୋହଲାଇ ଦେଇ ପାରିବ ନାହିଁ, କାରଣ ତାହା ଏକ ଗଭୀର ସତ୍ୟୋଦ୍‌ଘାଟନ ଉପରେହିଁ ଆଧାରିତ ହୋଇ ରହିଥିବ ।

ଦ୍ୱିତୀୟ ଯୁଦ୍ଧଟି ହେଉଛି ସମ୍ବେଗସ୍ତରର ଯୁଦ୍ଧ; ଆମେ ଏହି ସଂସାରରେ ଯାହାକିଛି ସୃଷ୍ଟି କରି ରଖିଛୁ ଓ ଯାହାକିଛିକୁ ଭଲ ପାଉଛୁ, ସେଗୁଡ଼ିକ ପ୍ରତି ଆମର ରହିଥିବା ଆସକ୍ତିଟି ବିରୋଧରେ ଯୁଦ୍ଧ । ଅନବରତ ଓ ଅକ୍ଲାନ୍ତ କେତେ ଶ୍ରମ କରି ଓ ଅନେକ ସମୟରେ କେତେ କେତେ ବୃହତ୍ ଉଦ୍ୟମ ଦ୍ୱାରା ତୁମେ ନିଜ ପାଇଁ ଘରଟିଏ ତିଆରି କରିଛ, ଜୀବିକା ଲାଗି ସ୍ଥାନଟିଏ ତିଆରି କରିପାରିଛ; ସମାଜରେ, ସାହିତ୍ୟ ବା କଳାର କ୍ଷେତ୍ରରେ, ବିଜ୍ଞାନ ଅଥବା ରାଜନୀତିର କ୍ଷେତ୍ରରେ ନିଜ ଲାଗି ଜୀବନ ସଂସ୍ଥାନଟିଏ ସମ୍ଭବ କରି ପାରିଛ । ନିଜକୁ କେନ୍ଦ୍ରସ୍ଥଳରେ ଅବସ୍ଥାପିତ କରି ରଖି ତୁମେ ପରିବେଶଟିଏ ଗଠନ କରି ରଖିଛ ଏବଂ ସେହି ସଂସ୍ଥାନଟି ତୁମ ଉପରେ ଯେତିକି ନିର୍ଭର କରୁଛି, ତୁମେ ସେଇଟି ଉପରେ ଅନ୍ତତଃ ସେତିକି ପରିମାଣରେ ନିର୍ଭର କରି ରହିଛ । ତୁମ ଚାରିପାଖରେ ଅନ୍ୟ ମଣିଷମାନଙ୍କର ଗୋଟିଏ ଗୋଷ୍ଠୀ ରହିଛି, ତୁମର ଆତ୍ମୀୟସ୍ୱଜନ, ବନ୍ଧୁ ଏବଂ ସାହାଯ୍ୟକାରୀମାନଙ୍କର ଏକ ଗୋଷ୍ଠୀ ରହିଛି; ଏବଂ ଯେତେବେଳେ ତୁମେ ନିଜ ଜୀବନ ବିଷୟରେ କିଛି ଚିନ୍ତା କରୁଛ, ସେତେବେଳେ ସେମାନେ ତୁମର ଭାବନା ମଧ୍ୟରେ ଠିକ୍ ତୁମ ପରି ପ୍ରାୟ ସେତିକି ବଡ଼ ଏକ ସ୍ଥାନ ଅଧିକାର କରି ରହୁଛନ୍ତି । ତେଣୁ, ଯଦି ସେମାନଙ୍କୁ ହଠାତ୍ ତୁମଠାରୁ ଅଲଗା କରି ଦିଆଯାଏ, ତେବେ ତୁମେ ସତେଅବା ଏକାବେଳେକେ ବଣା ହୋଇ ଗଲାପରିହିଁ ଅନୁଭବ କରିବ, ତୁମ ସତ୍ତାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଂଶ ସତେଅବା ଅନ୍ତର୍ହିତ ହୋଇ ଚାଲି ଗଲାପରି ଅନୁଭବ କରିବାକୁ ଲାଗିବ ।

ଏହି ସବୁକିଛିକୁ ପରିତ୍ୟାଗ କରିବାର ଏଠାରେ ଆଦୌ କୌଣସି ପ୍ରଶ୍ନ ନାହିଁ, କାରଣ ସେଗୁଡ଼ିକ ଅନ୍ତତଃ ଅନେକାଂଶରେ ତୁମ ଜୀବନଗତ ଲକ୍ଷ୍ୟ ତଥା ଉଦ୍ଦେଶ୍ୟଟିର ମଧ୍ୟ ଏକ ଅଂଶ ହୋଇ ରହିଛନ୍ତି । ମାତ୍ର ତୁମକୁ ଏହିସବୁ ବସ୍ତୁ ପ୍ରତି ରହିଥିବା ସମସ୍ତ ଆସକ୍ତିକୁହିଁ ପରିତ୍ୟାଗ କରିବାକୁ ପଡ଼ିବ, ଯେପରିକି ସେଗୁଡ଼ିକ କିଛି ନ ଥିଲେ ମଧ୍ୟ ତୁମେ ତଥାପି ନିଜକୁ ସମର୍ଥ ବୋଲି ଅନୁଭବ କରିପାରୁ ଥିବ, ବା, ବରଂ ଏପରି ବି କୁହାଯାଇ ପାରିବ ଯେ, ଯଦି ସେଗୁଡ଼ିକ ତୁମକୁ କେବେ ଛାଡ଼ି ଚାଲି ଯାଆନ୍ତି, ସେତେବେଳେ ସେହି ନୂତନ ପରିସ୍ଥିତିରେ ତୁମେ ନିଜ ଲାଗି ଏକ ନୂତନ ଜୀବନ ନିର୍ମାଣ କରିବାକୁ ତଥାପି ପ୍ରସ୍ତୁତ ହୋଇଯାଇ ପାରୁଥିବ । ଏବଂ ଏହି କଥାଟିକୁ ତୁମେ ସବୁବେଳେହିଁ କରି ପାରୁଥିବ; କାରଣ ତାହାକୁହିଁ ଅମୃତତ୍ୱର ପରିଣାମ ବୋଲି କୁହାଯାଇ ପାରିବ । ଏହି ଅବସ୍ଥାଟିକୁ ଆମେ ନିମ୍ନ ଲିଖିତ ପ୍ରକାରେ ବର୍ଣ୍ଣନା କରି କହି ପାରିବା : ଆମେ ସର୍ବାଧିକ

ଓ ଯଥାସାଧ୍ୟ ଯତ୍ନ ତଥା ମନୋଯୋଗ ସହିତ ସବୁକିଛିର ସଙ୍ଗଠନ କରି ପାରୁଥିବା ଓ ସବୁକିଛିକୁ କାର୍ଯ୍ୟରେ ପରିଣତ କରି ପାରୁଥିବା, ଏବଂ ତଥାପି ନିଜକୁ ଯାବତୀୟ ବାସନା ଏବଂ ଆସକ୍ତି ପାଖରୁ ମୁକ୍ତ ରଖି ପାରିଥିବା; କାରଣ, ଯଦି ଆମେ ପ୍ରକୃତରେ ମୃତ୍ୟୁର ବିଧାନଟିକୁ ଲଂଘନ କରି ପାରିବା ଲାଗି ଇଚ୍ଛା କରୁଥାଉ, ତେବେ ବିନାଶଶୀଳ କୌଣସି ବସ୍ତୁ ସହିତହିଁ ଆମେ ଆଦୌ କୌଣସି ପ୍ରକାରେ ବାନ୍ଧି ହୋଇ ରହିବା ନାହିଁ ।

ସଂବେଗଗୁଡ଼ିକ ପରେ ଇନ୍ଦ୍ରିୟବୋଧର କଥା । ଏହି କ୍ଷେତ୍ରରେ ଆହୁରି ପ୍ରଚଣ୍ଡ ସଂଗ୍ରାମର ଆବଶ୍ୟକତା ରହିଛି, ଏହି କ୍ଷେତ୍ରରେ ଆମକୁ ଆହୁରି ଅଧିକ ଦୁର୍ଦ୍ଧର୍ଷ ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିବ । କାରଣ, ସେଗୁଡ଼ିକ ଆମ ଭିତରେ ରହିଥିବା ଏତେ ଟିକିଏ ଦୁର୍ବଳତାର ବି ଗନ୍ଧ ପାଇଯାଇ ପାରିବେ ଏବଂ ଯେଉଁଠି ନିଜକୁ ରକ୍ଷା କରିବା ଲାଗି ତୁମ ପାଖରେ ଆଦୌ କିଛି ନ ଥିବ, ଠିକ୍ ସେହିଠାରେ ଆସି ଆଘାତ କରିବେ । ତେଣୁ ଏହି କ୍ଷେତ୍ରରେ ତୁମେ ହାସଲ କରିଥିବା ବିଜୟଗୁଡ଼ିକ ମଧ୍ୟ ଆଦୌ ସ୍ଥାୟୀ ହୋଇ ରହି ପାରୁ ନ ଥିବ ଏବଂ ସେହି ଏକା ଯୁଦ୍ଧଗୁଡ଼ାକ ମଧ୍ୟ ତୁମକୁ ଅସରନ୍ତି ଭାବରେ ବାରବାର କରିବାକୁ ପଡୁଥିବ । ତୁମେ ଯେଉଁ ଶତ୍ରୁଟିକୁ ପରାହତ କରି ସାରିଛ ବୋଲି ଭାବୁଥିବ, ସିଏ ହୁଏତ ପୁନର୍ବାର ମସ୍ତକ ଉତ୍ତୋଳନ କରି ବାହାରି ଆସୁଥିବ ଏବଂ ବାରବାର ତୁମକୁ ଆଘାତ କରିବା ଲାଗି ଉଦ୍ୟତ ହେଉଥିବ । ତେଣୁ ତୁମର ଚରିତ୍ର ଅତ୍ୟନ୍ତ ଦୃଢ଼ ଭାବରେ ଗଢ଼ା ହୋଇ ରହିଥିବା ଉଚିତ, ତୁମର ସହନଶୀଳତା ମଧ୍ୟ ସେହିପରି ଅଦମ୍ୟ ହୋଇ ରହିଥିବା ଉଚିତ, ଯେପରିକି ତୁମେ ପ୍ରତ୍ୟେକଟି ପରାଜୟ, ପ୍ରତ୍ୟେକଟି ବିଫଳତା ତଥା ପ୍ରତ୍ୟେକଟି ଖଣ୍ଡନ ଓ ପ୍ରତ୍ୟେକଟି ହତୋତ୍ସାହିତତାର ସମ୍ମୁଖୀନ ହୋଇ ପାରିବ; ଏବଂ, ତୁମର ଦୈନନ୍ଦିନ ଅନୁଭୂତି ଏବଂ ପାର୍ଥିବ ଘଟନାବଳୀ ସହିତ ତୁମର ସର୍ବଦା ଏକ ଆମ୍ ବିରୋଧ ଘଟୁଥିଲେ ମଧ୍ୟ ତୁମେ କଦାପି ସେଥି ଲାଗି ଅବସନ୍ନ ହୋଇ ପଡ଼ିବ ନାହିଁ କିଂବା ଭାଙ୍ଗି ବି ପଡ଼ିବ ନାହିଁ ।

ବର୍ତ୍ତମାନ ଆମେ ସବୁଠାରୁ ଅଧିକ ଭୟଙ୍କର ସମରଟିର ଆଲୋଚନା କରିବା; ଶରୀରର ଭୂମିରେ ଆମକୁ ଯେଉଁ ସ୍ଥୂଳ ଯୁଦ୍ଧଟି ଲଢ଼ିବାକୁ ପଡ଼ିବ, ତାହାରି ବିଷୟରେ ଆଲୋଚନା କରିବା । କାରଣ ଏହି ଯୁଦ୍ଧଟି ଅବିରାମ ଭାବରେ ଚାଲିଥିବ ଓ କୌଣସି ସାଲିସ୍ କରି ଟିକିଏ ନିଃଶ୍ୱାସ ମାରିବା ଲାଗିହିଁ ହୁଏତ ଆମ ପାଖରେ ଆଦୌ କୌଣସି ବାଟ ନ ଥିବ । ଏହି ଯୁଦ୍ଧ ଆମେ ଜନ୍ମ ହେବାର ମୁହୂର୍ତ୍ତଟିରୁହିଁ ଆରମ୍ଭ ହୋଇଯିବ ଏବଂ ଦୁଇ ପକ୍ଷ ମଧ୍ୟରୁ କୌଣସି ଗୋଟିଏ ପକ୍ଷ ପରାଭୂତ ହେଲେ ଯାଇ ତାହାର ହୁଏତ ଏକ ପରିସମାପ୍ତି ଘଟିବ । ଏହି କ୍ଷେତ୍ରରେ ଗୋଟିଏ ପକ୍ଷ ହେଉଛି ନିଜକୁ ରୂପାନ୍ତରିତ କରିବାର ଶକ୍ତି ଓ ଅନ୍ୟଟି ହେଉଛି ନିଜର ଧ୍ୱଂସସାଧନ କରିବାର ଶକ୍ତି । ଏହି ଯୁଦ୍ଧଟି ମଣିଷର ଜନ୍ମ ହେବା ମୁହୂର୍ତ୍ତରୁହିଁ ଆରମ୍ଭ ହୋଇଯାଏ ବୋଲି ମୁଁ କହିଲି, କାରଣ, ଆମେ ଏହି ଜଗତରେ

ଭୂମିଷ୍ଠ ହେବାର କ୍ଷଣଟିରୁହିଁ ଉକ୍ତ ଦୁଇଟିଯାକ ଶକ୍ତି ବସ୍ତୁତଃ ପରସ୍ପର ସହିତ ଏକ ସଂଘର୍ଷରେ ଲିପ୍ତ ହୋଇ ପଡ଼ନ୍ତି । ଅବଶ୍ୟ ଏକଥା ସତ ଯେ, ସେହି ସଂଘର୍ଷ ଏକ ସଚେତନ ଏବଂ ଇଚ୍ଛାକୃତ ସଂଘର୍ଷରେ ପରିଣତ ହେବା ଲାଗି ବେଶ୍ କିଛି ସମୟ ଲାଗିଥାଏ । କାରଣ, ଆମ ଭିତରେ ଯେଉଁ ବିନାଶ ଓ ବିଘଟନକାରୀ ଶକ୍ତିଟି ରହିଥାଏ, ତାହାରି କାରଣରୁହିଁ ଆମର ଯାବତୀୟ ଦୈହିକ ଅସୁସ୍ଥତା ଓ ରୁଗ୍ଣତା, ଯାବତୀୟ ବିକୃତି ଏବଂ ଏପରିକି ଯାବତୀୟ ଆକସ୍ମିକ ଦୁର୍ଘଟଣା ମଧ୍ୟ ସବୁବେଳେ ଘଟିଥାଏ । ଠିକ୍ ସେହିପରି, ଆମର ଯାବତୀୟ ଅଭିବୃଦ୍ଧି, ସମଞ୍ଜସତାଯୁକ୍ତ ବିକାଶ, ଯାତୀୟ ଆକ୍ରମଣ ବିରୋଧରେ ଆମର ପ୍ରତିରୋଧ ଜ୍ଞାପନ, ରୋଗରୁ ଆରୋଗ୍ୟ, ପୁନର୍ବାର ସ୍ୱାଭାବିକ ଭାବରେ ନିଜକୁ କ୍ରିୟାଶୀଳ କରି ରଖିବା ଲାଗି ଆମର ସାମର୍ଥ୍ୟ ଓ ଆମ ଜୀବନର ଉତ୍ତରୋତ୍ତର ଉନ୍ନତିବିଧାନ,– ଏସବୁ ଆମ ଭିତରେ କାର୍ଯ୍ୟ କରୁଥିବା ରୂପାନ୍ତରର ଶକ୍ତିଟିର ପରିଣାମ ସ୍ୱରୂପହିଁ ସମ୍ଭବ ହୋଇଥାଏ । ପରବର୍ତ୍ତୀ କାଳରେ ଆମର ଚେତନା ଅଧିକ ବିକଶିତ ହୋଇ ଆସିବା ସଙ୍ଗେ ସଙ୍ଗେ, ଯେତେବେଳେ ଯୁଦ୍ଧଟି ଏକ ଇଚ୍ଛାକୃତ ଯୁଦ୍ଧରେ ପରିଣତ ହୋଇଯାଏ, ସେତେବେଳେ ତାହା ଏଇ ଦୁଇଟିଯାକ ପରସ୍ପର ବିପରୀତ ଓ ପରସ୍ପର-ପ୍ରତିଦ୍ୱନ୍ଦ୍ୱୀ ଶକ୍ତି ମଧ୍ୟରେ ଏକ ପ୍ରଚଣ୍ଡ ଦଉଡ଼ିରେ ପରିଣତ ହୋଇଯାଏ; ଦୁହିଙ୍କ ମଧ୍ୟରୁ କିଏ ଆଗ ଯାଇ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ, ତାହାରି ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇଯାଏ; ଆମର ରୂପାନ୍ତର ସଂଘଟିତ ହେବ ଅଥବା ମୃତ୍ୟୁ ଘଟିବ, ତାହାରି ମଧ୍ୟରେ ଏକ ସମର ଦଉଡ଼ରେ ପରିଣତ ହୋଇଯାଏ । ଅର୍ଥାତ୍, ଏହି କ୍ଷେତ୍ରରେ ଏକ ଅବିରତ ଚେଷ୍ଟା କରିବାକୁ ହୁଏ, ଆମ ଭିତରେ ନୂତନ ଶକ୍ତି ଆଣି ଭରି ଦେଉଥିବା ଶକ୍ତିଟିକୁ ଆବାହନ କରି ଆଣିବା ଲାଗି ଏବଂ ଏହି ଶକ୍ତିଟି ଲାଗି ଆମ କୋଷଗୁଡ଼ିକର ଗ୍ରହଣଶୀଳତାରେ ଏକ ବୃଦ୍ଧିସାଧନା କରିବା ଲାଗି ଏକ ଅନୁକ୍ଷଣ ଅଭିନିବେଶ ଓ ସଂକେନ୍ଦ୍ରଣ ସମ୍ଭବ କରିବାକୁ ହୁଏ । ପ୍ରତ୍ୟେକ ପଦକ୍ଷେପରେ ସଂଗ୍ରାମଟିକୁ ଜାରି ରଖିବାକୁ, ଧ୍ୱଂସ ଏବଂ ପତନର ଶକ୍ତିଗୁଡ଼ିକର ବିନାଶକାରୀ କ୍ରିୟାଟି ବିରୋଧରେ ପବ ପବ କରି ଲଢ଼ାଇ କରିବାକୁ ସେହି ସଂକେନ୍ଦ୍ରଣ ସମ୍ଭବ କରିବାକୁ ହୁଏ । ଆମ ଭିତରେ ଯାହାକିଛିର ସେହି ଆରୋହଣକାରୀ ଆକାଙ୍‌କ୍ଷାଟି ଉଦ୍ଦେଶ୍ୟରେ ଏକ ଅନୁସ୍ପନ୍ଦନ ଜଣାଇ ପାରିବା ଲାଗି ଏକ ସାମର୍ଥ୍ୟ ରହିଛି, ତାହାକୁ ସେହି ବିନାଶକାରୀ ଶକ୍ତିଗୁଡ଼ିକର କବଳରୁ ଛିନ୍ନ କରି ଆଣିବା ଲାଗି ତାହାକୁ ସନ୍ଦୀପିତ, ପରିଶୁଦ୍ଧ ଓ ସୁଦୃଢ଼ କରି ରଖିବା ଲାଗି ଏକ ସତତ ସଂକେନ୍ଦ୍ରଣ ସମ୍ଭବ କରିବାକୁ ପଡ଼ିବ । ସେହି ସଂଗ୍ରାମଟିକୁ ପ୍ରକୃତରେ ଏକ ଭାରି ଅସ୍ପଷ୍ଟ ଓ ଭାରି ଦୁର୍ଦମନୀୟ ହୋଇ ରହିବାକୁ ପଡ଼େ; ଅଧିକାଂଶ ସମୟରେ ବାହାରକୁ ତାହାର କୌଣସି ପରିଣାମ ଦେଖିବାକୁ ମିଳେ ନାହିଁ ବା ହାସଲ କରା ଯାଇଥିବା ଅଥବା ତଥାପି ଅନିଶ୍ଚିତ ହୋଇ

ରହିଥିବା କୌଣସି ଆଂଶିକ ବିଜୟର ଆଦୌ କୌଣସି ବାହ୍ୟ ଲକ୍ଷଣ ବି ଦୃଷ୍ଟିଗୋଚର ହୁଏ ନାହିଁ । କାରଣ, ଯେଉଁ କାର୍ଯ୍ୟଟି ସମ୍ପନ୍ନ ହୋଇ ଯାଇଥାଏ, ତାହାକୁ ସତେଅବା ଆଉ ଥରେ କରିବାର ପ୍ରୟୋଜନ ରହିଥିବା ପରି ମନେ ହେଉଥାଏ । ଯେତେବେଳେ ଗୋଟିଏ ପହୁଣ୍ଡ ଆଗକୁ ପଡ଼ିବା ପରି ବୋଧ ହୁଏ, ସେତେବେଳେ ଅଧିକାଂଶ ସମୟରେ ଅନ୍ୟ ପକ୍ଷରେ ଆଉ କୌଣସି କ୍ଷେତ୍ରରେ ହୁଏତ ଏକ ପରାଭବ ବି ସହ୍ୟ କରିବାକୁ ହୋଇଥାଏ । ଏବଂ ଦିନେ ଗୋଟିଏ କାର୍ଯ୍ୟକୁ କରି ପାରିଲେ ମଧ ତା' ପରଦିନ ସେଇଟି ଏକାବେଳେକେ ପଣ୍ଡ ବି ହୋଇଯାଏ । ବସ୍ତୁତଃ ଏହି କ୍ଷେତ୍ରରେ ହାସଲ କରା ଯାଉଥିବା ବିଜୟଟି ଏକ ସମଗ୍ର ଓ ସଂପୂର୍ଣ୍ଣ ବିଜୟ ହୋଇ ପାରିଲେ ଯାଇ ତାକୁ ନିଶ୍ଚିତ ଏବଂ ସ୍ଥାୟୀ ହେବାର ଏକ ସମ୍ଭାବନା ରହିଥାଏ । ମାତ୍ର, ସେଥି ଲାଗି ସମୟ ଦରକାର ହୁଏ, ଅନେକ ସମୟ ଦରକାର ହୁଏ । ଏବଂ ଭାରି ନିର୍ଦ୍ଦୟ ଭାବରେ ବର୍ଷ ପରେ ବର୍ଷ କଟିଯିବାରେ ଲାଗି ଥାଏ ଏବଂ ପ୍ରତିକୂଳ ଶକ୍ତିଗୁଡ଼ିକର ବଳ ମଧ ତହିଁ ସଙ୍ଗେ ସଙ୍ଗେ ବୃଦ୍ଧିପ୍ରାପ୍ତ ହେଉଥାଏ ।

ଏବଂ ସେହି ସମୟରେ ଚେତନା ସତେଅବା ଯୁଦ୍ଧଖାଇ ଭିତରେ ଜଣେ ପ୍ରହରୀ ପରି ଛିଡ଼ାହୋଇ ରହିଥାଏ; ହଁ, ତୁମକୁ ସଂଘର୍ଷ କରିଯିବାକୁହିଁ ପଡ଼ିବ, ଆଦୌ କୌଣସି ପ୍ରକାରେ ପରାଜୟ ସ୍ୱୀକାର କରିବାକୁ ପଡ଼ିବ ନାହିଁ, ଯାହାକିଛି ହେଲେ ବି ସଂଗ୍ରାମ ଜାରି ରଖିବାକୁ ପଡ଼ିବ; କୌଣସି ଭୟ ତୁମକୁ ଏତେ ଟିକିଏ ବି କମ୍ପାଇ ଦେଇ ପାରୁ ନ ଥିବ ବା ତୁମର ସତର୍କତା ଆଦୌ କୌଣସି ପ୍ରକାରେ ହୁଗୁଳା ହୋଇ ଯାଉ ନ ଥିବ । ଯେଉଁ ବ୍ରତଟିକୁ ତୁମକୁ ସିଦ୍ଧ କରିବାକୁ ହେବ, ସେଥିରେ ଅଟଳ ବିଶ୍ୱାସ ସ୍ଥାପନ କରି ରହିବାକୁ ପଡ଼ିବ, ଏବଂ ତୁମକୁ ପ୍ରେରଣା ଓ ପ୍ରାଣ ଦେଇ ରଖିଥିବା ଊର୍ଦ୍ଧ୍ୱରୁ ଆସୁଥିବା ସେହି ସହାୟତା ଉପରେ ମଧ ଅଟଳ ବିଶ୍ୱାସ ରଖିବାକୁ ପଡ଼ିବ । କାରଣ ଆମେ ଏହିପରି ଭାବରେ ହାସଲ କରୁଥିବା ବିଜୟଟିକୁ ସର୍ବାଧିକ ଭାବରେ ସ୍ଥାୟୀ କରି ରଖିବାକୁ ପଡ଼ିବ ।

ମୃତ୍ୟୁ ଲାଗି ରହିଥିବା ଭୟକୁ ଜୟ କରିବା ଲାଗି ତଥାପି ଗୋଟିଏ ବାଟ ବି ରହିଛି, ମାତ୍ର ସେହି ଉପାୟଟିକୁ ପ୍ରକୃତରେ ଏତେ କମ୍ ସଂଖ୍ୟକ ମଣିଷ ସାଧ କରି ପାରିବେ ଯେ, ଏଠାରେ ମୁଁ ତାକୁ କେବଳ ଏକ ତଥ୍ୟ ଭାବରେହିଁ ଉଲ୍ଲେଖ କରିଦେବି । ଏହି ଉପାୟଟି ଦ୍ୱାରା ବଞ୍ଚି ରହିଥିବା ଅବସ୍ଥାରେ ଆମକୁ ସ୍ୱେଚ୍ଛାକୃତ ଭାବରେ ଓ ସଚେତନ ଭାବରେ ମୃତ୍ୟୁର ରାଜ୍ୟ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ, ଏବଂ ତା' ପରେ ସେହି ରାଜ୍ୟରୁ ଲେଉଟି ଆସି ପୁନର୍ବାର ନିଜର ସ୍ଥୂଳ ଶରୀରଟି ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ ଏବଂ ଏହିପରି ଭାବରେ ସଂପୂର୍ଣ୍ଣ ଜ୍ଞାନର ସହିତହିଁ ନିଜ ଭୌତିକ ଜୀବନର ଗତିପଥଟିକୁ ପୁନର୍ବାର ଅନୁଧାବନ କରିବାକୁ ପଡ଼ିବ । ମାତ୍ର ସେଥି ଲାଗି ଆମକୁ ଜଣେ ସାଧକ ହେବାକୁ ପଡ଼ିବ ।

*ବୁଲେଟିନ୍, ଫେବ୍ରୁଆରି ୧୯୫୪*

## ପ୍ରଶ୍ନଗୁଡ଼ିକର ଉତ୍ତର

*‘‘ମୃତ୍ୟୁ ଲାଗି ଭୟ ଓ ତାହାକୁ ଜୟ କରିବାର ଚାରୋଟି ଉପାୟ’’ – ଏହି ପ୍ରକରଣଟିର ଶେଷ ପାରାଟିରୁ ଉଦ୍‌ଥିତ ହେଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର ।*

ଏହି ସବୁଯାକ ପ୍ରଶ୍ନକୁ ଆମେ ପ୍ରକୃତରେ ଗୋଟିଏ ପ୍ରଶ୍ନରେ ବିଚାର କରି ପାରିବା । ସେହି ପ୍ରଶ୍ନଟି ହେଉଛି : କୌଣସି ଭୟ ନ କରି ମୃତ୍ୟୁର ସମ୍ମୁଖୀନ ହେବା ଲାଗି ଯଥାର୍ଥ ସାମର୍ଥ୍ୟ ଦେଇ ଯାଉଥିବା ଏହି ଜ୍ଞାନ ବା ଏହି ସାଧନଟି ପ୍ରକୃତରେ କ’ଣ ?

ଜ୍ଞାନର ଏହି ପଦ୍ଧତିଟି ବିଷୟରେ ଏପର୍ଯ୍ୟନ୍ତ ଏପରି କିଛି କୁହାଯାଇ ନାହିଁ, ଯାହାକୁ କି କର୍ମର ଏକ ପଦ୍ଧତି ବୋଲି ବି କୁହାଯାଇ ପାରିବ; କାରଣ ଏହି ବିଜ୍ଞାନଟିର ଅଧ୍ୟୟନ ତଥା ଅଭ୍ୟାସଟିକୁ କଦାପି ଏକାବେଳେକେ ସମସ୍ତଙ୍କର ହାତରେ ଧରାଇ ଦିଆଯାଇ ପାରିବ ନାହିଁ । ଗୂଢ଼ ବିଦ୍ୟାର ବସ୍ତୁଗୁଡ଼ିକ ସମ୍ବନ୍ଧରେ କଥାରେ କିଛି ପ୍ରକାଶ କରି କହିବାର ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନାହିଁ; ଆମକୁ ସେହିସବୁ ବିଷୟରେ ସ୍ୱୟଂ ଏକ ଅନୁଭବ ଅର୍ଜନ କରିବାକୁ ପଡ଼ିବ । ଏବଂ, ତାହା ଅର୍ଜନ କରିବାକୁ ହେଲେ ଆମ ପାଖରେ ଯେଉଁସବୁ ସାମର୍ଥ୍ୟ ଅବଶ୍ୟ ରହିଥିବା ଦରକାର, ସେଗୁଡ଼ିକରେ କେବଳ ଯେ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତି ଅଧିକାରୀ ହୋଇଥା’ନ୍ତେ ତା’ ନୁହେଁ, ସେଥି ପାଇଁ ଯେଉଁ ମନୋଗତ ବିକାଶଟିର ପ୍ରୟୋଜନ ରହିଛି, ସେଇଟିକୁ ହାସଲ କରିବା ମଧ୍ୟ ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତିଙ୍କର ଜୀବନରେ ସମ୍ଭବ ହୋଇଥାଏ । ଆଧୁନିକ ପୃଥିବୀରେ ଏହି ଜ୍ଞାନକୁ ଖୁବ୍ କ୍ୱଚିତ୍ ଏକ ବୈଜ୍ଞାନିକ ଜ୍ଞାନ ବୋଲି ସ୍ୱୀକାର କରା ଯାଇଥାଏ । ମାତ୍ର ତଥାପି ଏହା ପ୍ରକୃତରେ ଏକ ବୈଜ୍ଞାନିକ ଜ୍ଞାନ; କାରଣ କୌଣସି ଜ୍ଞାନକୁ ବୈଜ୍ଞାନିକ କହିବାକୁ ହେଲେ ଯେଉଁସବୁ ସର୍ତ୍ତର ସାଧାରଣତଃ ପୂରଣ ହେବା ଉଚିତ, ଏହା ସେହିସବୁ ସର୍ତ୍ତର ଅବଶ୍ୟ ପୂରଣ କରିଥାଏ । ଏହି ଜ୍ଞାନ ପ୍ରଣାଳୀଟି କେତୋଟି ନିର୍ଦ୍ଦିଷ୍ଟ ନୀତି ଅନୁସାରେ ସଙ୍ଗଠିତ ହୋଇ ରହିଛି; ଏହା କେତୋଟି ନିର୍ଦ୍ଦିଷ୍ଟ ପ୍ରକ୍ରିୟାର ଅନୁସରଣ କରିଥାଏ; ଏବଂ ସମାନ ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ସମର୍ଥ ହେଲେ ଆମକୁ ସବୁବେଳେ ତଦନୁରୂପ ସମାନ ପରିଣାମ ବି ଉପଲବ୍ଧ ହୋଇଥାଏ । ଏହି ଜ୍ଞାନର କ୍ଷେତ୍ରରେ ଏକ କ୍ରମାଗ୍ରସର ରୀତି ମଧ୍ୟ ରହିଥାଏ; ଜଣେ ବ୍ୟକ୍ତି ଇଚ୍ଛାକଲେ ସେହି ପ୍ରଣାଳୀଟିକୁ ଅଧ୍ୟୟନ କରିବାକୁ ସମର୍ଥ ହୁଏ ଏବଂ ବର୍ତ୍ତମାନ ଯୁଗର ସ୍ୱୀକୃତ ଯେକୌଣସି ଅନ୍ୟ ବିଜ୍ଞାନ ପରି ସେଇଟିକୁ ମଧ୍ୟ ଏକ ନିୟମସିଦ୍ଧ ନ୍ୟାୟାନୁମୋଦିତ ଉପାୟରେ ବିକଶିତ କରି ଆଣିପାରେ । ମାତ୍ର ଏହି ଅଧ୍ୟୟନରେ

ଯେଉଁସବୁ ବସ୍ତୁ ସହିତ ଆମକୁ କାରବାର କରିବାକୁ ହୁଏ, ତାହା ଆମର ଏହି ସ୍ଥୂଳତମ ଜଗତଟିର ଆଦୌ ଅନ୍ତର୍ଗତ ହୋଇ ରହି ନ ଥାଏ । ତେଣୁ ସେହି ଅଧ୍ୟୟନଟିକୁ କରିବାକୁ ହେଲେ ଆମ ପାଖରେ କେତେକ ବିଶେଷ ପ୍ରକାରର ଗ୍ରହଣଶୀଳତା ରହିଥିବାର ପ୍ରୟୋଜନ ହୁଏ; କାରଣ ତାହା ଯେଉଁ ରାଜ୍ୟରେ ବିଚରଣ କରୁଥାଏ, ତାହା ଆମ ସାଧାରଣ ଇନ୍ଦ୍ରିୟଗତ ପରିଧିଗୁଡ଼ିକର ଅତୀତ ହୋଇ ରହିଥାଏ । ଏହିସବୁ ବିଶେଷ ଇନ୍ଦ୍ରିୟ ମନୁଷ୍ୟ ଭିତରେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି । ଠିକ୍ ଯେପରି ଆମର ଗୋଟିଏ ସ୍ଥୂଳ ଶରୀର ରହିଛି, ସେହିପରି ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଆହୁର କେତେ ଶରୀର ମଧ୍ୟ ରହିଛି ଏବଂ ସେଗୁଡ଼ିକର ସ୍ୱକୀୟ ସ୍ୱତନ୍ତ୍ର ଇନ୍ଦ୍ରିୟମାନ ମଧ୍ୟ ରହିଛି । ଏହି ଇନ୍ଦ୍ରିୟଗୁଡ଼ିକ ଆମର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ତୁଳନାରେ ଅପେକ୍ଷାକୃତ ଅଧିକ ବିଶୋଧିତ, ଅଧିକ ସୂକ୍ଷ୍ମ ଏବଂ ଅପେକ୍ଷାକୃତ ଅଧିକ ଶକ୍ତିଯୁକ୍ତ । ମାତ୍ର ଆମେ ସାଧାରଣତଃ ଲାଭ କରୁଥିବା ଶିକ୍ଷା ଏହି ରାଜ୍ୟଟିକୁ ନେଇ କୌଣସି କାରବାର କରୁ ନ ଥିବାରୁ ତାହାର ଫଳସ୍ୱରୂପ ଏହି ଇନ୍ଦ୍ରିୟଗୁଡ଼ିକର ସାଧାରଣତଃ ଯଥେଷ୍ଟ ବିକାଶ ଘଟି ନ ଥାଏ, ଏବଂ ସେଗୁଡ଼ିକ ଯେଉଁ ଜଗତରେ କ୍ରିୟାଶୀଳ ହୋଇ ରହିଥା'ନ୍ତି, ସେଇଟି ଆମର ଏହି ସାଧାରଣ ଜ୍ଞାନକାଠିରେ ଆଦୌ ଧରା ଦିଏ ନାହିଁ । ମାତ୍ର ତଥାପି ସାନ ପିଲାମାନେ ବେଶ୍ ଅନେକ ପରିମାଣରେ ଏବଂ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ଜଗତଟି ମଧ୍ୟରେ ବାସ କରୁଥା'ନ୍ତି । ସେମାନେ ଏପରି ନାନାବିଧ ବସ୍ତୁର ପ୍ରତ୍ୟକ୍ଷ କରନ୍ତି, ଯାହାକି ସେମାନଙ୍କୁ ଭୌତିକ ବସ୍ତୁଗୁଡ଼ିକ ପରି ସତ୍ୟ ବୋଲି ପ୍ରତୀତ ହେଉଥାଏ । ସେମାନେ ଯେତେବେଳେ ଆମ ଆଗରେ ଆସି ସେହିଗୁଡ଼ିକ ବିଷୟରେ କିଛି କହନ୍ତି, ସେତେବେଳେ ଆମେ ସେମାନଙ୍କୁ ନିର୍ବୋଧ ଅଥବା ମିଥ୍ୟାବାଦୀ ବୋଲି କହିଥାଉ । କାରଣ ସେମାନେ ଏଭଳି ସବୁ ବସ୍ତୁ ଓ ଘଟନା ସମ୍ବନ୍ଧରେ କହନ୍ତି, ଯେଉଁ ବିଷୟରେ କି ଅନ୍ୟମାନଙ୍କର ଆଦୌ କୌଣସି ଅନୁଭୂତି ନ ଥାଏ । ମାତ୍ର ସେସବୁ ସେମାନଙ୍କ ଲାଗି ପ୍ରତ୍ୟେକ ବ୍ୟକ୍ତି ଦେଖି ପାରୁଥିବା ଜଗତଟି ପରି ସମାନ ଭାବରେ ସତ୍ୟ, ସାକାର ଏବଂ ବାସ୍ତବ ହୋଇ ରହିଥାଏ । ଶୋଇବା ଅବସ୍ଥାରେ ବା ଚେଇଁଥିବା ଅବସ୍ଥାରେ ମଧ୍ୟ ପିଲାମାନେ ଅଧିକାଂଶ ସମୟରେ ଯେଉଁ ସ୍ୱପ୍ନସବୁ ଦେଖିଥା'ନ୍ତି, ସେଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥାଏ ଏବଂ ସେମାନଙ୍କ ଜୀବନରେ ସେଗୁଡ଼ିକର ଅତ୍ୟନ୍ତ ଅଧିକ ମହତ୍ତ୍ୱ ମଧ୍ୟ ରହିଥାଏ । କେବଳ, ମନୋମୟ କ୍ଷେତ୍ରରେ ଏକ ସଘନ ବିକାଶ ଘଟିବା ଫଳରେହିଁ ଏହିସବୁ ସାମର୍ଥ୍ୟ ପିଲାମାନଙ୍କର ଜୀବନଟି ମଧ୍ୟରୁ କ୍ରମେ ଲିଭିଲିଭି ଯାଏ ଏବଂ ଏପରିକି ବେଳେବେଳେ ପରିଶେଷରେ ସଂପୂର୍ଣ୍ଣ ଅନ୍ତର୍ହିତ ବି ହୋଇଯାଏ । ତଥାପି, କୌଣସି ସୌଭାଗ୍ୟ ବଶତଃ ଏପରି କେତେକ ଲୋକ ଥାଆନ୍ତି, ଯେଉଁମାନେ କି ଜନ୍ମରୁହିଁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ବିକଶିତ ହୋଇଥିବା ଅନ୍ତରିନ୍ଦ୍ରିୟଗୁଡ଼ିକର ଅଧିକାରୀ ହୋଇ ସଂସାରକୁ ଆସିଥା'ନ୍ତି ଏବଂ

କୌଣସି ପ୍ରତିକୂଳଶକ୍ତି ଏହିସବୁ ଇନ୍ଦ୍ରିୟକୁ ଜାଗ୍ରତ୍ ହୋଇ ରହିବାରୁ ଓ ଏପରିକି ବିକାଶ ଲାଭ କରିବାରୁ ମଧ୍ୟ ଅଟକାଇ ରଖି ପାରେ ନାହିଁ । ଯଦି, ଅତ୍ୟଧିକ ବିଳମ୍ବ ହୋଇଯିବା ପୂର୍ବରୁ ଏହି ବ୍ୟକ୍ତିମାନଙ୍କର ଏପରି ଆଉ ଜଣେ ବ୍ୟକ୍ତି ସହିତ ସାକ୍ଷାତ୍ ହୁଏ, ଯାହାର କି ଉପଯୁକ୍ତ ଜ୍ଞାନଟି ରହିଥାଏ ଏବଂ ଉଚିତ ପଦ୍ଧତି ଅନୁସାରେ ଏହିସବୁ ଇନ୍ଦ୍ରିୟର ଯଥାର୍ଥ ପ୍ରଶିକ୍ଷଣରେ ଯିଏକି ସେମାନଙ୍କୁ ପ୍ରକୃତରେ ସାହାଯ୍ୟ କରିପାରେ, ତେବେ ସେମାନେ ଗୂଢ଼ବିଦ୍ୟାଗତ ଜଗତଗୁଡ଼ିକରେ ନାନା ଅନୁସନ୍ଧାନ ତଥା ଆବିଷ୍କାର ଲାଗି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଗୋଟିଏ ଗୋଟିଏ ନିମିତ୍ତ ରୂପେ ନିଶ୍ଚୟ ପରିଣତ ହୋଇ ପାରନ୍ତେ ।

ପ୍ରତ୍ୟେକ ଯୁଗରେ ପୃଥିବୀରେ ଏପରି ଜଣେ ଜଣେ ବ୍ୟକ୍ତି ବା ଗୋଟିଏ ଗୋଟିଏ ସାନ ଗୋଷ୍ଠୀ ସବୁବେଳେ ରହି ଆସିଛନ୍ତି, ଯେଉଁମାନେ କି ପ୍ରକୃତରେ ଏକ ଅତ୍ୟନ୍ତ ପ୍ରାଚୀନ ପରମ୍ପରାର ସଂରକ୍ଷକ ହୋଇ ରହିଛନ୍ତି, ନିଜର ଅନୁଭୂତି ମଧ୍ୟରେ ଯେଉଁମାନେ ତାହାର ଏକ ସମର୍ଥନ ପାଇଛନ୍ତି ଓ ଯେଉଁମାନେ ଏହି ନିର୍ଦ୍ଦିଷ୍ଟ ପ୍ରକାରର ବିଜ୍ଞାନଟିର ଅନୁଶୀଳନ ବି କରିଛନ୍ତି, ସେମାନେ ବିଶେଷ ଭାବରେ ଅନୁରୂପ କଳାଯୁକ୍ତ ବ୍ୟକ୍ତିମାନଙ୍କୁ ଖୋଜି ବାହାର କରୁଥିଲେ ଏବଂ ସେମାନଙ୍କୁ ଯଥୋପଯୁକ୍ତ ଭାବରେ ପ୍ରଶିକ୍ଷିତ କରାଉଥିଲେ । ଏହିସବୁ କ୍ଷୁଦ୍ର ଗୋଷ୍ଠୀ ସାଧାରଣତଃ ଅଳ୍ପ ବହୁତ ପରିମାଣରେ ଗୋପନରେ ବା ଆତ୍ମଗୋପନ କରି ବାସ କରୁଥିଲେ, କାରଣ ସାଧାରଣ ଲୋକେ ଏହିଭଳି ଏକ ସାମର୍ଥ୍ୟ ତଥା କ୍ରିୟାଶୀଳତା ବିଷୟରେ ଭାରି ଅସହିଷ୍ଣୁତା ପ୍ରଦର୍ଶନ କରିଥା'ନ୍ତି; ତାହା ସେମାନଙ୍କ ଜ୍ଞାନ ପରିଧିର ଅତୀତ ହୋଇ ରହିଥାଏ ଏବଂ ସେମାନେ ତାହାକୁ ପ୍ରକୃତରେ ଭାରି ଭୟ କରୁଥା'ନ୍ତି । ମାତ୍ର ମନୁଷ୍ୟଜାତିର ଇତିହାସରେ ଏପରି ଅନେକ ସମୃଦ୍ଧିମୟ ପର୍ଯ୍ୟାୟ ମଧ୍ୟ ସମ୍ଭବ ହୋଇଛି, ଯେତେବେଳେ କି ବିଦ୍ୟାଦୀକ୍ଷାର ସ୍ୱୀକୃତ କେନ୍ଦ୍ରଗୁଡ଼ିକର ପ୍ରତିଷ୍ଠା ହୋଇପାରିଛି, ସେଗୁଡ଼ିକୁ ସମସ୍ତେ ଅତ୍ୟନ୍ତ ସମ୍ମାନ ଏବଂ ଆଦର ମଧ୍ୟ ଦେଖାଇଛନ୍ତି । ପ୍ରାଚୀନ ମିଶର, ପ୍ରାଚୀନ ଖାଲ୍‌ଦେଆ, ପ୍ରାଚୀନ ଭାରତବର୍ଷ ଏବଂ ଏପରିକି କେତେକ ପରିମାଣରେ ଗ୍ରୀସ୍ ଏବଂ ରୋମ୍‌କୁ ମଧ୍ୟ ତାହାର ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇ ପାରିବ । ଏପରିକି, ମଧ୍ୟଯୁଗର ଇଉରୋପରେ ମଧ୍ୟ ଏପରି କେତେଗୁଡ଼ିଏ ଅନୁଷ୍ଠାନ ରହିଥିଲା, ଯେଉଁଗୁଡ଼ିକରେ କି ଗୂଢ଼ବିଦ୍ୟାର ବିଜ୍ଞାନ ବିଷୟରେ ଶିକ୍ଷାଦାନ ବି ହେଉଥିଲା । ମାତ୍ର ସେହି ଅନୁଷ୍ଠାନଗୁଡ଼ିକୁ ନିଜକୁ ଅତ୍ୟନ୍ତ ସାବଧାନତା ସହିତ ଲୁକ୍‌କାୟିତ କରି ରଖିବାକୁ ମଧ୍ୟ ପଡୁଥିଲା, କାରଣ ପଦସ୍ଥ ଖ୍ରୀଷ୍ଟିଆନ ଧର୍ମ ସର୍ବଦା ସେମାନଙ୍କର ଅନୁଧାବନ କରୁଥିଲା ଓ ସେମାନଙ୍କୁ ନାନାଭାବେ ଉତ୍ପୀଡ଼ିତ ବି କରୁଥିଲା । ଏବଂ, କୌଣସି ଜଣେ ବ୍ୟକ୍ତି,— ପୁରୁଷ ବା ମହିଳା,— ଏହି ଗୂଢ଼ବିଦ୍ୟାର ବିଜ୍ଞାନଟିକୁ ଅଭ୍ୟାସ କରୁଛି ବୋଲି ଯଦି ଜଣା ପଡ଼ି ଯାଉଥିଲା, ତେବେ ସେମାନଙ୍କୁ ଯାଦୁବିଦ୍ୟା ଜାଣିଥିବା ଡାଆଣୀ ବୋଲି କହି ଜିଅନ୍ତା

ନିଆଁରେ ପକାଇ ଦିଆଯାଉଥିଲା । ବର୍ତ୍ତମାନ ସେହି ଜ୍ଞାନଟି ପ୍ରାୟ ହୃତ ହୋଇ ରହିଲାଣି ଏବଂ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କରହିଁ ଏହି ବିଷୟରେ ଆଦୌ କୌଣସି ପ୍ରବେଶ ରହିଛି । ମାତ୍ର, ଜ୍ଞାନଟି ସହିତ ଆଗର ସେହି ଅସହିଷ୍ଣୁତା ମଧ୍ୟ ଅପସରି ଯାଇଛି । ଏବଂ ଏକଥା ସତ ଯେ, ଆମର ଏହି ବର୍ତ୍ତମାନ ଯୁଗରେ ସର୍ବାଧିକ ପରିମାଣରେ ଶିକ୍ଷିତ ବ୍ୟକ୍ତିମାନେ ଏହିପରି ଗୋଟିଏ ବିଜ୍ଞାନ ପ୍ରକୃତରେ ରହିଛି ବୋଲି ଅସ୍ୱୀକାର କରିବାକୁହିଁ ଅଧିକ ପସନ୍ଦ କରୁଛନ୍ତି; ବା, ସେହି ବିଷୟରେ ରହିଥିବା ନିଜର ଅଜ୍ଞାନଟାକୁ ନିଜଠାରୁ ଲୁଚାଇ ରଖିବା ପାଇଁ ଏବଂ ସେମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ନ ଥିବା ଏପରି ଗୋଟିଏ ଶକ୍ତି ପ୍ରକୃତରେ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିଲେ ସେମାନେ ହୁଏତ ଯେଉଁ ଅସ୍ୱସ୍ତି ଅନୁଭବ କରିବେ, ସେଇଟିକୁ ନିଜଠାରୁ ଲୁଚାଇ ରଖିବାର ମତଲବରେ ସେମାନେ ତାହାକୁ କେବଳ ଗୋଟାଏ କଳ୍ପନା ବୋଲିହିଁ କହୁଛନ୍ତି । ଏବଂ, ଯେଉଁମାନେ ସେହି ବିଦ୍ୟାଟିକୁ ଅସ୍ୱୀକାର କରୁ ନାହାନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏସବୁ ବସ୍ତୁପ୍ରତି ଆଦୌ ଖୁବ୍ ବେଶୀ ଅନୁରାଗ ବି ନାହିଁ । ସେହିସବୁ ବସ୍ତୁ ଏହି ଲୋକମାନଙ୍କ ମନରେ ସାଧାରଣତଃ ଏକ ଅସ୍ଥିରତା ଓ ଉଦ୍‌ବେଗହିଁ ସୃଷ୍ଟି କରିଥାଏ । ଅବଶ୍ୟ ଏହା ଯେ ଏକ ଅପରାଧ ଆଦୌ ନୁହେଁ, ସେମାନେ ସେତିକିମାତ୍ର ସ୍ୱୀକାର କରିବାକୁ ବାଧ୍ୟ ହୋଇଥା'ନ୍ତି । ଏବଂ, ଯେଉଁ ବ୍ୟକ୍ତିମାନେ ଗୂଢ଼ବିଦ୍ୟାର ଅଭ୍ୟାସ ଓ ଅନୁଶୀଳନ କରନ୍ତି, ସେମାନଙ୍କୁ ଆଉ ଏବେ ନିଆଁ ଭିତରକୁ ପକାଇ ମାରି ଦିଆଯାଏ ନାହିଁ କିଂବା ବନ୍ଦିଶାଳାରେ ବନ୍ଦୀ କରି ରଖାଯାଏ ନାହିଁ । କେବଳ, କୌଣସି କଥା ଗୁପ୍ତ ରଖିବା ଲାଗି ଆଉ ଆଦୌ କୌଣସି ପ୍ରୟୋଜନ ନ ଥିବାରୁ ଏବେ ଅନେକ ଲୋକ ସେହି ଜ୍ଞାନର ଅଧିକାରୀ ହୋଇଥିବାର ଦାବି କରୁଛନ୍ତି, ମାତ୍ର ସେମାନଙ୍କ ମଧ୍ୟରୁ ଖୁବ୍ ଅଳ୍ପସଂଖ୍ୟକ ଲୋକଙ୍କୁହିଁ ପ୍ରକୃତରେ କିଛି ଜଣାଅଛି । ରହସ୍ୟର ଯେଉଁ ବାତାବରଣଟି ପୂର୍ବେ ଗୂଢ଼ବିଦ୍ୟାର ବିଜ୍ଞାନଟିକୁ ଆଚ୍ଛାଦିତ କରି ରଖିଥିଲା, କେତେକ ଅସାଧୁ ଏବଂ ମହଦାକାଙ୍‌କ୍ଷୀ ଲୋକ ତାହାର ସୁଯୋଗ ନେଇ ତାହାକୁ ଅନ୍ୟମାନଙ୍କୁ ବିଭ୍ରାନ୍ତ କରିବାର ଏବଂ ଧୋକା ଦେବାର ଏକ ମାଧ୍ୟମ ରୂପେ ବ୍ୟବହାର କରିଥା'ନ୍ତି । ମାତ୍ର ସେମାନେ ଅତ୍ୟନ୍ତ ଭୁଲ୍‌ଭାବରେ ଯେଉଁ ଜ୍ଞାନର ଅଧିକାରୀ ହୋଇ ରହିଛନ୍ତି ବୋଲି ଦାବି କରିଥା'ନ୍ତି, ସେହି ଜ୍ଞାନକୁ ଆମେ କଦାପି ସେହିମାନଙ୍କର ଦୃଷ୍ଟାନ୍ତ ଦ୍ୱାରା ବିଚାର କରିବାକୁ ଯିବା ନାହିଁ । ମନୁଷ୍ୟ କରୁଥିବା ଯାବତୀୟ କାର୍ଯ୍ୟର କ୍ଷେତ୍ରରେ ଆମେ ସବୁଠାରେ କେତେକ ଅସାଧୁ ଏବଂ ମିଥ୍ୟାଚାରୀ ବ୍ୟକ୍ତିଙ୍କୁ ନିଶ୍ଚୟ ଦେଖିବାକୁ ପାଇବା, ମାତ୍ର ସେମାନଙ୍କର ଅପକୌଶଳଗୁଡ଼ାକ ଯେ ସେମାନେ ତାହାର ଅଧିକାରୀ ହୋଇ ରହିଛନ୍ତି ବୋଲି ମିଛରେ ଦାବି କରୁଥିବା ଏକ ପ୍ରକୃତ ବିଜ୍ଞାନକୁ ବଦନାମ କରି ଦେଖାଇବାକୁ ଆସିବ, ଆମେ ଏକଥା ହେବାକୁ କଦାପି ଦେବା ନାହିଁ । ଏବଂ ସେହି କାରଣରୁହିଁ, ଏହି

ବିଜ୍ଞାନଟି ପ୍ରଭୂତ ବିକାଶ ଲାଭ କରୁଥିବାର ମହାନ୍ ପର୍ଯ୍ୟାୟଗୁଡ଼ିକରେ, ଯେତେବେଳେ କି ସେହି ବିଜ୍ଞାନଟିର ଚାରଣା କରିବା ଲାଗି ଏକାଧିକ ସ୍ୱୀକୃତକେନ୍ଦ୍ର ମଧ୍ୟ ରହିଥିଲା, ଏହି ବିଦ୍ୟାର ଅଧ୍ୟୟନ କରିବା ଲାଗି ଯୋଗ୍ୟ ବିବେଚିତ ହେବା ପୂର୍ବରୁ ଯେକୌଣସି ବ୍ୟକ୍ତିକୁ ବେଶ୍ ଏକ ଦୀର୍ଘ ଅବଧି ପର୍ଯ୍ୟନ୍ତ ଓ ଅନେକ ସମୟରେ ଦୀର୍ଘ ଅନେକ ବର୍ଷ ପର୍ଯ୍ୟନ୍ତ ଆତ୍ମବିକାଶ ଏବଂ ଆତ୍ମ ନିୟନ୍ତ୍ରଣଲାଭର ଏକ ଅତ୍ୟନ୍ତ କଠୋର ଦ୍ୱିବିଧ ଶୃଙ୍ଖଳା ମଧ୍ୟଦେଇ ଯିବାକୁ ପଡୁଥିଲା । ଗୋଟିଏ ପାଖରେ ବିଦ୍ୟାଭିଳାଷୀର ସ୍ୱ-ଅଭିପ୍ରାୟଗତ ନିଷ୍ଠା ଏବଂ ନିର୍ଲିପ୍ତତା, ତା'ର ଉଦ୍ଦେଶ୍ୟଗୁଡ଼ିକର ତଥା ଆତ୍ମବିସ୍ମୃତି ଏବଂ ଆତ୍ମଖଣ୍ଡନ ଲାଗି ତା'ର ସାମର୍ଥ୍ୟଟିର ବିଶୁଦ୍ଧତା, ତା'ର ତ୍ୟାଗ ଏବଂ ସ୍ୱାର୍ଥମୁକ୍ତତାର ଭାବ,— ଏଗୁଡ଼ିକର ଯଥାସମ୍ଭବ କଳନା କରାଯାଉଥିଲା । ଏହିପରି ଭାବରେ ଶିକ୍ଷାର୍ଥୀର ବିଦ୍ୟାକାଙ୍କ୍ଷାଟି ବିଷୟରେ ରହିଥିବା ଉଚ୍ଚତା ତଥା ଉଦାରତାର ଏକ ପରୀକ୍ଷା କରି ନିଆଯାଇ ପାରୁଥିଲା; ଏବଂ ଅନ୍ୟ ପାଖରେ ତାହାକୁ ଏପରି କେତୋଟି କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ମଧ୍ୟ ପଡୁଥିଲା, ଯେଉଁଥିରୁ କି ପ୍ରମାଣ ମିଳିଯାଉଥିଲା ଯେ ତାହା ପାଖରେ ବିଦ୍ୟାଟିକୁ ଲାଭ କରିବା ପାଇଁ ଯଥେଷ୍ଟ ସାମର୍ଥ୍ୟ ରହିଛି ଏବଂ ସିଏ ଯେଉଁ ବିଜ୍ଞାନଟିରେ ବ୍ରତୀ ହେବାକୁ ଇଚ୍ଛା କରୁଛି, ସେଇଟିକୁ ସିଏ ନିଶ୍ଚୟ ଆପଦଶୂନ୍ୟ ଭାବରେ ଅଭ୍ୟାସ କରି ପାରିବ । ଏହିସବୁ କଠିନ ପରୀକ୍ଷା ଶିକ୍ଷାର୍ଥୀ ନିଜର ଉଗ୍ର ଆବେଗ ଏବଂ ବାସନାଗୁଡ଼ିକ ଉପରେ ଏକ ପ୍ରଭୁତ୍ୱ ହାସଲ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲା, ତା' ମଧ୍ୟରେ ଏକ ଅବିଚଳିତ ସ୍ଥିରତା ସମ୍ଭବ ହେବା ଉପରେ ଜୋର୍ ଦେଉଥିଲା, ଏବଂ ସର୍ବୋପରି, ତା' ଭିତରେ ଯେପରି ଭୟର ଲେଶମାତ୍ର ନ ରହିବ, ସେଇଟି ଉପରେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲା; କାରଣ, ଏହି ଉଦ୍ୟମଟିର କ୍ଷେତ୍ରରେ ଏକ ଅବିଚଳିତ ଭୟଶୂନ୍ୟତାକୁହିଁ ଆପଦମୁକ୍ତ ହୋଇ ରହିବାର ଏକ ଅତ୍ୟାବଶ୍ୟକ ସର୍ତ୍ତ ରୂପେ ସ୍ୱୀକାର କରାଯାଇଥାଏ ।

ଗୂଢ଼ବିଦ୍ୟା ବିଜ୍ଞାନର ଗୋଟିଏ କ୍ଷେତ୍ରରେ ଆମେ ତାହାକୁ ଗୋଟିଏ ପ୍ରକାରର ରସାୟନଶାସ୍ତ୍ର ରୂପେ କଳ୍ପନା କରିପାରିବା, ଯାହାକୁ କି ବିବିଧ ଶକ୍ତିର ପାରସ୍ପରିକ କ୍ରିୟାବିକ୍ରିୟା, ଜଗତ୍‌ଚୟର ଗଠନ ଏବଂ ଅନ୍ତର୍ଗତ ଭୂମିଗୁଡ଼ିକର ବ୍ୟକ୍ତିଗତ ରୂପଗୁଡ଼ିକର କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ । ଭୌତିକସ୍ତରର ରସାୟନଶାସ୍ତ୍ରରେ ଯେପରି କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଉପାଦାନର ପରିଚାଳନ ଦ୍ୱାରା କେତେକ ବିପଦ ଘଟିବାର ସମ୍ଭାବନା ରହିଥାଏ, ଠିକ୍ ସେହିପରି ଗୂଢ଼ବିଦ୍ୟାର ଜଗତ୍‌ର ବି କେତେକ ନିର୍ଦ୍ଦିଷ୍ଟ ଶକ୍ତିକୁ କାମରେ ଲଗାଇବା ଏବଂ ସେଗୁଡ଼ିକର ସମ୍ପର୍କରେ ଆସିବା ଦ୍ୱାରା ଆମକୁ ଏପରି କେତେକ ବିପଦର ସମ୍ମୁଖୀନ ହେବାକୁ ହୋଇଥାଏ, ଯାହାର ଅନିଷ୍ଟକାରୀ ଶକ୍ତିକୁ ଏଡ଼ାଇ ପାରିବା ଲାଗି ପ୍ରକୃତରେ ବହୁ ଆତ୍ମନିୟନ୍ତ୍ରଣ-ଶକ୍ତି ଏବଂ ଅବିଚଳ ସ୍ଥିରତାର ପ୍ରୟୋଜନ ହୁଏ ।

ଗୂଢ଼ବିଦ୍ୟା ବିଜ୍ଞାନର ଆଉ ଗୋଟିଏ ଦିଗରୁ ବିଚାର କରି ଦେଖିଲେ ଜଣେ ଶିକ୍ଷାର୍ଥୀ ତା'ର ବ୍ୟକ୍ତିଗତ ଜୀବନରେ ଏପରି ଅନେକ ଅଜ୍ଞାତ ଜଗତର ଆବିଷ୍କାର ଏବଂ ଉଦ୍‌ଘାଟନ କରିବାକୁ ସମର୍ଥ ହୁଏ, ଯାହାର ବିଧି ଏବଂ ରୂଢ଼ିଗୁଡ଼ିକୁ ଶିକ୍ଷା କରିବା ଦ୍ୱାରା ଅନେକ ବିପଦକୁ ମଧ୍ୟ ଡାକି ନେଇ ଆସିବାକୁ ପଡ଼ିଥାଏ । ଶିକ୍ଷାର ପ୍ରଥମ ସ୍ତରଗୁଡ଼ିକରେ ଏହି କ୍ଷେତ୍ରଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ଭୟପ୍ରଦ ହୋଇ ରହିଥାଏ ଏବଂ ଶିକ୍ଷାର୍ଥୀ ନିଜକୁ କେତେ କେତେ ନୂତନ ଏବଂ ଅପ୍ରତ୍ୟାଶିତ ସଂକଟ ଦ୍ୱାରା ପରିବେଷ୍ଟିତ ହୋଇ ରହିଥିବାର ଦେଖିବାକୁ ପାଏ । ଅବଶ୍ୟ ଏକଥା ବି ସତ ଯେ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ବିପଦ ପ୍ରକୃତ ବିପଦ ନ ହୋଇ ଅପେକ୍ଷାକୃତ ଅଧିକ ପରିମାଣରେ କେବଳ କାଳ୍ପନିକ ହୋଇହିଁ ରହିଥାଏ, ଏବଂ ନିର୍ଭୟ ହୋଇ ସେଗୁଡ଼ିକର ସମ୍ମୁଖୀନ ହୋଇ ପାରିଲେ ସେଗୁଡ଼ିକର ଅଧିକାଂଶ ଯଥାର୍ଥତା କୁଆଡ଼େ ଅନ୍ତର୍ହିତ ହୋଇଯାଏ ।

ମାତ୍ର ସେ କଥା ଯାହା ହୋଇଥାଉ ପଛକେ, ଏହି ବିଷୟରେ ସର୍ବଦା ଏହି ପରାମର୍ଶ ଦିଆଯାଇ ଆସିଛି ଯେ, କେବଳ ଏପରି ଜଣେ ବିଶ୍ୱାସଯୋଗ୍ୟ ଓ ପ୍ରବୀଣ ମାର୍ଗଦର୍ଶକଙ୍କ ଅଧୀନରେହିଁ ଏହିସବୁ ଅଧ୍ୟୟନରେ ହାତ ଦେବାକୁ ପଡ଼ିବ, ଯିଏକି କେଉଁ ପଥଗୁଡ଼ିକରେ ଯିବାକୁ ହେବ, ସେ କଥା କହି ଦେଇ ପାରୁଥିବେ, ତୁମକୁ ପ୍ରକୃତ ଓ କାଳ୍ପନିକ ଯାବତୀୟ ବିପଦ ବିଷୟରେ ସତର୍କ କରିଦେଇ ପାରୁଥିବେ ଏବଂ ଆବଶ୍ୟକ ସମୟରେ ଉଚିତ ସୁରକ୍ଷାଟିକୁ ମଧ୍ୟ ଯୋଗାଇଦେଇ ପାରୁଥିବେ ।

ଏଣୁ, ଏହି ବିଜ୍ଞାନଟି ବିଷୟରେ ଆହୁରି ଅଧିକ ବିସ୍ତୃତ ଭାବରେ ଏଠାରେ କିଛି ବିବରଣୀ ଦେବା ପ୍ରକୃତରେ ଭାରି କଷ୍ଟକର । ଏଠାରେ କେବଳ ଏତିକି କୁହାଯାଇ ପାରିବ ଯେ, ଗୂଢ଼ବିଦ୍ୟାର ଯାବତୀୟ ଅଧ୍ୟୟନର କ୍ଷେତ୍ରରେ ଏକ ଅତ୍ୟନ୍ତ ଅପରିହାର୍ଯ୍ୟ ଭିତ୍ତି ହିସାବରେ ଆମକୁ ସତ୍ତାର ବହୁସଂଖ୍ୟକ ଭୂମି ତଥା ଅନ୍ତର୍ଗତ ଜଗତଗୁଡ଼ିକର ଏକ ମୂର୍ତ୍ତ ଏବଂ ବାସ୍ତବ ଅସ୍ତିତ୍ୱକୁ ସ୍ୱୀକାର କରିନେବାକୁ ପଡ଼ିବ । ଆମେ ଏହାକୁ ଚାରିପ୍ରସ୍ଥବିଶିଷ୍ଟ ଅର୍ଥାତ୍ ବହୁପ୍ରସ୍ଥବିଶିଷ୍ଟ ଦେଶ ବିଷୟକ ତତ୍ତ୍ୱଟିର ମନୋଭୂମିର କ୍ଷେତ୍ରରେ ଏକ ପ୍ରୟୋଗ ବୋଲି କହି ପାରିବା ।

ଏହିପରି ଭାବରେ ଆମେ ଗୂଢ଼ବିଦ୍ୟାର ବିଜ୍ଞାନଟିକୁ, ଆଧ୍ୟାତ୍ମିକ ମାର୍ଗଗୁଡ଼ିକ ବିଶୁଦ୍ଧ ଭାବରେ କେବଳ ଏକ ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଯେଉଁ ଶିକ୍ଷା ଦେଇଥା'ନ୍ତି, ସାକାର ଜଗତଟି ମଧ୍ୟରେ ତାହାରି ଏକ ମୂର୍ତ୍ତ ବାସ୍ତବୀକରଣ ବୋଲି ବ୍ୟାଖ୍ୟା କରିପାରିବା । ଆତ୍ମ-ବିକାଶ ଏବଂ ସମଗ୍ର କ୍ରିୟାଶୀଳତାର କ୍ଷେତ୍ରରେ ପରିପୂର୍ଣ୍ଣତା ଅର୍ଜନ କରି ପାରିବାକୁ ହେଲେ ଦୁଇଟିଯାକକୁହିଁ ପରସ୍ପରର ପରିପୂରକ ହୋଇ ରହିବାକୁ ପଡ଼ିବ । କୌଣସି ଆଧ୍ୟାତ୍ମିକ ଶୃଙ୍ଖଳା ବ୍ୟତୀତ ଗୂଢ଼ବିଦ୍ୟାର ଜ୍ଞାନକୁ କେବଳ ଏକ ଅତି ବିପଜ୍ଜନକ ସାଧନ ବୋଲି

କୁହାଯିବ; ଯଦି ତାହା ଅଶୁଦ୍ଧ ହାତରେ ଆସି ପଡ଼େ, ତେବେ, ଯିଏ ସେହି ବିଦ୍ୟାକୁ କାର୍ଯ୍ୟରେ ଲଗାଉଛି ତା' ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ମଧ୍ୟ ତାହା ଅତ୍ୟନ୍ତ ବିପଜ୍ଜନକ ହୋଇ ରହିଥିବ । ଏବଂ ଗୂଢ଼ବିଦ୍ୟାର ବିଜ୍ଞାନ ବ୍ୟତୀତ ଆଧ୍ୟାତ୍ମିକ ଜ୍ଞାନରେ ମଧ୍ୟ ତାହାର ମୂର୍ତ୍ତ ପରିଣାମଗୁଡ଼ିକର କ୍ଷେତ୍ରରେ ସର୍ବଦା ସୁନିର୍ଦ୍ଦିଷ୍ଟତାର ଏକ ଅଭାବ ରହିଯାଉଥିବ । ସେତେବେଳେ ତାହା କେବଳ ଅବସ୍ତୁର ଜଗତରେହିଁ ସର୍ବଶକ୍ତିଶାଳୀ ହୋଇ ରହିଥିବ । ଯେତେବେଳେ ଅନ୍ତର୍ଗତ ତଥା ବାହ୍ୟ ଉଭୟ କ୍ରିୟାର କ୍ଷେତ୍ରରେ ଦୁଇଟିଯାକକୁ ଆଣି ସଂପୃକ୍ତ କରି ରଖାଯାଇ ପାରିବ, ସେତେବେଳେ ଦୁହେଁଯାକହିଁ ଅପ୍ରତିରୋଧ ଶକ୍ତିର ଅଧିକାରୀ ହୋଇ ପାରିବେ ଏବଂ ଅତିମାନସ ଶକ୍ତିର ଅଭିବ୍ୟକ୍ତି ଲାଗି ଯୋଗ୍ୟ ଯନ୍ତ୍ର ରୂପେ ବି କାର୍ଯ୍ୟରେ ଲାଗି ପାରିବେ ।

*ବୁଲେଟିନ୍, ଏପ୍ରିଲ୍ ୧୯୫୪*

# ଗୋଟିଏ ସ୍ୱପ୍ନ

ଆମର ଏହି ପୃଥିବୀରେ କେଉଁଠି ହେଲେ ଏପରି ଗୋଟିଏ ସ୍ଥାନ ରହି ପାରିବା ଉଚିତ, ଯାହାକୁ କି କୌଣସି ଜାତି ଖାସ୍ ନିଜର ବୋଲି ଦାବି କରି ପାରିବ ନାହିଁ, ଯେଉଁଠାରେ କି ଏକ ନିର୍ମଳ ଓ ନିଷ୍ଠାପୂର୍ଣ୍ଣ ଅଭୀପ୍‌ସା ରହିଥିବା ସଦିଚ୍ଛାସମ୍ପନ୍ନ ସକଳ ମନୁଷ୍ୟ ସମଗ୍ର ପୃଥିବୀରହିଁ ନାଗରିକ ଭାବରେ ମୁକ୍ତ ହୋଇ ବାସ କରି ପାରିବେ ଏବଂ ସର୍ବୋଚ୍ଚ ସତ୍ୟରୂପୀ କେବଳ ସେହି ଗୋଟିଏ କର୍ତ୍ତୃତ୍ୱର ନିର୍ଦ୍ଦେଶ ପାଳନ କରିବେ । ସେହି ସ୍ଥାନଟି ଶାନ୍ତି, ସଂହତି, ସମଞ୍ଜସତାରହିଁ ଏକ ସ୍ଥାନ ହୋଇ ରହିବ, ଯେଉଁଠାରେ କି ମନୁଷ୍ୟ ଭିତରେ ଯୁଦ୍ଧ ଲଢ଼ିବାର ଯାବତୀୟ ସହଜାତ ପ୍ରବୃତ୍ତି କେବଳ ତାହାର ନାନା ଦୁଃଖଭୋଗ ଏବଂ ଦୁର୍ଭାଗ୍ୟର କାରଣଗୁଡ଼ିକ ସହିତ ଲଢ଼ାଇ କରିବାରେ ଓ ସେଗୁଡ଼ିକୁ ଜୟ କରିବାରେହିଁ ନିୟୋଜିତ ହୋଇ ପାରୁଥିବ; ତା'ର ଯାବତୀୟ ଦୁର୍ବଳତା ଏବଂ ଅଜ୍ଞାନକୁ ଅତିକ୍ରମ କରିଯିବାରେ, ତା'ର ନାନାବିଧ ସୀମିତତା, ଅସାମର୍ଥତା ଉପରେ ବିଜୟ ଲାଭ କରିବାରେହିଁ ନିୟୋଜିତ ହୋଇ ପାରୁଥିବ । ତାହା ପ୍ରକୃତରେ ଏପରି ଗୋଟିଏ ସ୍ଥାନ ହୋଇ ରହିଥିବ, ଯେଉଁଠାରେ କି ଆତ୍ମାର ଆବଶ୍ୟକତା ଏବଂ ଅଗ୍ରଗତି ଲାଗିହିଁ ମନୁଷ୍ୟର ପ୍ରଚେଷ୍ଟା କେବଳ ତା'ର ବାସନା ଏବଂ କାମନାଗୁଡ଼ିକର ପରିତୃପ୍ତିଠାରୁ ଅଧିକ ଅଗ୍ରାଧିକାର ଲାଭ କରି ପାରୁଥିବ । କେବଳ ବାହ୍ୟ ସୁଖାନୁଭବ ତଥା ଭୌତିକ ଜୀବନୋପଭୋଗଠାରୁ ଅଧିକ ଅଗ୍ରାଧିକାର ଲାଭ କରି ପାରୁଥିବ । ଏହିପରି ଏକ ସ୍ଥାନରେ ସାନ ପିଲାମାନେ ସଂପୂର୍ଣ୍ଣ ଓ ସମଗ୍ର ଭାବରେ ନିଜ ବିକାଶ ତଥା ଅଭିବୃଦ୍ଧି ସାଧନ କରିବାକୁ ସମର୍ଥ ହୋଇ ପାରୁଥିବେ ଏବଂ ସେମାନଙ୍କର ଆତ୍ମା ସହିତ ସେମାନଙ୍କର ସଂଯୋଗସୂତ୍ରଟି ସର୍ବଦା ଅକ୍ଷୁଣ୍ଣ ହୋଇ ରହିଥିବ; କେବଳ ପରୀକ୍ଷା ପାସ୍ କରିବା ଲାଗି କିଂବା କୌଣସି ପ୍ରମାଣପତ୍ର ଓ ଚାକିରି ପାଇବା ଲାଗି ନୁହେଁ, ମାତ୍ର ସେମାନଙ୍କ ପାଖରେ ରହିଥିବା ସାମର୍ଥ୍ୟଗୁଡ଼ିକୁ ସମୃଦ୍ଧି ଆଣିଦେବା ପାଇଁ ଏବଂ ସେମାନଙ୍କ ମଧ୍ୟରେ ଆହୁରି ଅନେକ ନୂତନ ସାମର୍ଥ୍ୟକୁ ସମ୍ଭବ କରିବା ପାଇଁହିଁ ସେମାନଙ୍କୁ ଶିକ୍ଷା ଦିଆ ଯାଉଥିବ । ସେହି ସ୍ଥାନରେ ପଦବୀ ଓ ଆସନର କୌଣସି ମର୍ଯ୍ୟାଦା ରହିବ ନାହିଁ ଏବଂ ସେବା କରିବାର ଓ ସଂଗଠିତ ହେବାର ନାନାବିଧ ଅବସରହିଁ ସମସ୍ତଙ୍କ ଲାଗି ପ୍ରଶସ୍ତ ହୋଇ ରହିଥିବ । ନିଜ ଶରୀରକୁ ଯଥାର୍ଥ ଭାବରେ ବଞ୍ଚାଇ ରଖିବା ଲାଗି ଯାହାକିଛି ପ୍ରୟୋଜନ, ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ସମାନ ଭାବରେ ଉପଲବ୍ଧ ହୋଇ ରହିଥିବ; ଏବଂ ବୌଦ୍ଧିକ, ନୈତିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁମାନେ ଅଧିକ ନିପୁଣତା ଲାଭ କରିଥିବେ, ସେମାନେ ସେହି ନିପୁଣତାକୁ ଜୀବନର

ସୁଖ ଅଥବା କ୍ଷମତାର ପରିମାଣ ବୃଦ୍ଧି କରିବାରେ କଦାପି ପ୍ରକାଶ କରିବାକୁ ଇଚ୍ଛା କରୁ ନ ଥିବେ, ଅଧିକ କର୍ତ୍ତବ୍ୟ କରି ଓ ଅଧିକ ଦାୟିତ୍ୱ ବହନ କରିହିଁ ସେମାନେ ତାହାର ପରିଚୟ ଦେବାକୁ ସର୍ବଦା ଇଚ୍ଛୁକ ହୋଇ ରହିଥିବେ । ଚିତ୍ରକଳା, ସ୍ଥାପତ୍ୟ, ସଙ୍ଗୀତ ଓ ସାହିତ୍ୟ ପ୍ରଭୃତି ସୌନ୍ଦର୍ଯ୍ୟର ଯାବତୀୟ ପ୍ରକାଶମାଧ୍ୟମ ସମାନ ଭାବରେ ସମସ୍ତଙ୍କ ଲାଗି ଉପଲବ୍ଧ ଓ ଉନ୍ମୁକ୍ତ ହୋଇ ରହିଥିବ; ଏବଂ, ସେହି ସୌନ୍ଦର୍ଯ୍ୟ ଆଣି ଦେଉଥିବା ଆନନ୍ଦରେ ଅଂଶଗ୍ରହଣ କରିବାର ସାମର୍ଥ୍ୟକ୍ଷେତ୍ରରେ ଜଣେ ମନୁଷ୍ୟର ସାମାଜିକ କିଂବା ଅର୍ଥଗତ ସ୍ଥାନ କୌଣସି ପ୍ରକାରେ ଏକ ଅନ୍ତରାୟ ହୋଇ ଠିଆ ହେବାକୁ ଆସୁ ନ ଥିବ । ମାତ୍ର ପ୍ରତ୍ୟେକ ବ୍ୟକ୍ତିର ସେହି ଅଂଶଗ୍ରହଣ ଲାଗି ପ୍ରକୃତରେ କେତେ ଅଧିକ ବା କମ୍ ସାମର୍ଥ୍ୟ ରହିଛି, ସେହି କଥାଟି କେବଳ ତାହାରି ଅନୁସାରେହିଁ ନିର୍ଣ୍ଣୀତ ହେଉଥିବ । କାରଣ, ଏହି ଆଦର୍ଶ ସ୍ଥାନଟିରେ ଅର୍ଥ ଆଉ କଦାପି ସର୍ବକ୍ଷମତାଯୁକ୍ତ ସର୍ବେସର୍ବା ହୋଇ ବସିବାକୁ ଆସିବ ନାହିଁ; କାହା ପାଖରେ କେତେ ଧନ ରହିଛି ଓ ସମାଜରେ କିଏ କିପରି ଆସ୍ଥାନରେ ରହିଛି, ସେଇଟା ଅପେକ୍ଷା ବ୍ୟକ୍ତିଗତ ଯୋଗ୍ୟତାରହିଁ ସେଠାରେ ଅପେକ୍ଷାକୃତ ଅଧିକ ମହତ୍ତ୍ୱ ରହିଥିବ । ସେଠାରେ ନିଜର ଜୀବିକାନିର୍ବାହ କରିବାର ପ୍ରୟୋଜନରେ ପଡ଼ିହିଁ କେହି କୌଣସି କାର୍ଯ୍ୟ କରିବାକୁ ଯିବେ ନାହିଁ; ମାତ୍ର ଯାବତୀୟ କର୍ମ ସେଠାରେ ନିଜକୁ ଅଭିବ୍ୟକ୍ତ କରିବାର, ନିଜ ମଧ୍ୟରେ ରହିଥିବା ସାମର୍ଥ୍ୟ ଓ ସମ୍ଭାବନାଗୁଡ଼ିକୁ ବିକଶିତ କରି ଆଣିବାରହିଁ ଏକ ମାଧ୍ୟମ ହୋଇ ରହିଥିବ ଏବଂ ସେହି ମାଧ୍ୟମରେ ସମସ୍ତେ ସମଗ୍ର ସମାଜର ମଧ୍ୟ କୌଣସି ନା କୌଣସି କାମରେ ଲାଗି ପାରୁଥିବେ ଏବଂ ଅପର ପକ୍ଷରେ ସମାଜ ବି ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅନ୍ନସଂସ୍ଥାନ ତଥା କର୍ମକ୍ଷେତ୍ରଟିକୁ ଅବଶ୍ୟ ଯୋଗାଇ ଦେଉଥିବ । ସଂକ୍ଷେପରେ କହିବାକୁ ଗଲେ, ତାହା ଏପରି ଗୋଟିଏ ସ୍ଥାନ ହୋଇ ରହିବ, ବର୍ତ୍ତମାନ ମନୁଷ୍ୟ ମନୁଷ୍ୟ ମଧ୍ୟରେ ରହିଥିବା ଯେଉଁ ଯାବତୀୟ ସମ୍ବନ୍ଧ ସାଧାରଣତଃ ପ୍ରାୟ ଗୋଟାସୁଦ୍ଧା ପ୍ରତିଯୋଗିତା ଏବଂ ବିବାଦ ଉପରେ ଆଧାରିତ ହୋଇ ରହିଛି, ସେସବୁ ସ୍ଥାନରେ ଯାବତୀୟ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରିବା ଲାଗି ପରସ୍ପରକୁ ଅନୁକରଣ କରିବାର, ପରସ୍ପର ସହିତ ସହଯୋଗ କରିବାର ଏବଂ ଯଥାର୍ଥ ଭ୍ରାତୃତ୍ୱର ନାନାବିଧ ସମ୍ବନ୍ଧ ପ୍ରତିଷ୍ଠିତ ହୋଇ ରହିବ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ପୃଥିବୀ ବର୍ତ୍ତମାନ ଏହିପରି ଗୋଟିଏ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ଲାଗି ମୋଟେ ପ୍ରସ୍ତୁତ ହୋଇ ନାହିଁ । କାରଣ, ମନୁଷ୍ୟ ଜାତି ପାଖରେ ବର୍ତ୍ତମାନ ସେହି ଯଥାର୍ଥ ଜ୍ଞାନଟି ବି ଯଥେଷ୍ଟ ପରିମାଣରେ ନାହିଁ, ଯାହାଦ୍ୱାରା କି ସେ ସେହି ଆଦର୍ଶଟିକୁ ପ୍ରକୃତରେ ବୁଝିପାରିବ ଓ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିପାରିବ । ମନୁଷ୍ୟଜାତି ପାଖରେ ବର୍ତ୍ତମାନ ସେହି ସଚେତନ ଶକ୍ତିଟି ମଧ୍ୟ ନାହିଁ, ସେହି

ଆଦର୍ଶକୁ କାର୍ଯ୍ୟକାରୀ କରିବା ସକାଶେ ଯାହାର ଏକ ଅପରିହାର୍ଯ୍ୟ ଆବଶ୍ୟକତା ରହିଛି । ଏବଂ ସେହି କାରଣରୁହିଁ ତାହାକୁ ମୁଁ ଗୋଟିଏ ସ୍ୱପ୍ନ ବୋଲି କହିଛି ।

ମାତ୍ର ତଥାପି ସେହି ସ୍ୱପ୍ନ ବର୍ତ୍ତମାନ ଏକ ବାସ୍ତବ ରୂପ ଗ୍ରହଣ କରିବା ଦିଗରେ ଅଗ୍ରସର ହୋଇ ଚାଲିଛି; ଏକ ଅତ୍ୟନ୍ତ କ୍ଷୁଦ୍ର ମାପକ୍ରମରେ ଓ ଆମର ଅତି ସୀମାବଦ୍ଧ ସାଧନଗୁଡ଼ିକର ଅନୁପାତରେ ଶ୍ରୀଅରବିନ୍ଦ ଆଶ୍ରମରେ ଆମେ ସେଇଟି ଲାଗିହିଁ ଉଦ୍ୟମ ଆରମ୍ଭ କରିଦେଇଛୁ । ଆମେ ଏପର୍ଯ୍ୟନ୍ତ ଯେତିକି ଉପଲବ୍ଧି କରିଛୁ, ତାହାକୁ କଦାପି ଏକ ପୂର୍ଣ୍ଣପରିମାଣର ଉପଲବ୍ଧି ବୋଲି କୁହାଯାଇ ପାରିବ ନାହିଁ; ମାତ୍ର ଏଥିରେ ଅବଶ୍ୟ ଏକ ଉତ୍ତରୋତ୍ତର ଅଗ୍ରଗତି ହେବାରେ ଲାଗିଛି, ଆମେ ଅଳ୍ପ ଅଳ୍ପ କରି ଆମର ଲକ୍ଷ୍ୟଟି ଦିଗରେ ଅଗ୍ରସର ହୋଇ ଚାଲିଛୁ; ଆମର ସଂପୂର୍ଣ୍ଣ ଆଶା ରହିଛି ଯେ, ବର୍ତ୍ତମାନର ଅରାଜକତା ମଧ୍ୟରୁ ବାହାରି ଆସିବା ପାଇଁ, ଏବଂ ଅପେକ୍ଷାକୃତ ଅଧିକ ସତ୍ୟ ଓ ସମଞ୍ଜସତାଯୁକ୍ତ ଏକ ନୂତନ ଜୀବନ ମଧ୍ୟରେ ଜନ୍ମଲାଭ କରିବା ପାଇଁ ଆମେ ଦିନେ ନା ଦିନେ ସେହି ଆଦର୍ଶ ଓ ଲକ୍ଷ୍ୟଟିକୁ ଏକ ବ୍ୟାବହାରିକ ଏବଂ ଫଳପ୍ରଦ ମାର୍ଗ ରୂପେ ସମଗ୍ର ପୃଥିବୀ ସମକ୍ଷରେ ଉପସ୍ଥାପିତ କରିଦେଇ ପାରିବୁ ।

ବୁଲେଟିନ୍, ଅଗଷ୍ଟ ୧୯୧୪

# ମନୁଷ୍ୟଜାତିର ସହାୟତା କରିବା

ଯେଉଁମାନେ ପୂର୍ଣ୍ଣଯୋଗ ସାଧନା କରୁଛନ୍ତି, ସେମାନଙ୍କ ଲାଗି ମନୁଷ୍ୟଜାତିର କଲ୍ୟାଣସାଧନ କେବଳ ଏକ ଫଳ ବା ପରିଣାମହିଁ ହୋଇ ରହିପାରିବ । ଏହାକୁ ସେମାନେ ଜୀବନର ଏକ ଲକ୍ଷ୍ୟ ରୂପେ କଦାପି ସ୍ଥାପନ କରି ରଖିପାରିବେ ନାହିଁ । ତେଣୁ, ମନୁଷ୍ୟ ଜୀବନର ଅବସ୍ଥା ସ୍ତରଟିକୁ ଆହୁରି ଅଧିକ ଉନ୍ନତ କରିଆଣିବା କ୍ଷେତ୍ରରେ ପ୍ରଥମେ ପ୍ରଥମେ ଯେଉଁ ଆଗ୍ରହ, ଉତ୍ସାହ ଏବଂ ଆତ୍ମତ୍ୟାଗର ପ୍ରେରଣା ଦେଖିବାକୁ ମିଳିଛି, ତାହା ସତ୍ତ୍ୱେ ବି ସେହି ଦିଗରେ ଆମର ସକଳ ଚେଷ୍ଟା ଯେ ଅତ୍ୟନ୍ତ ଶୋଚନୀୟ ଭାବରେ ବିଫଳ ହୋଇଯାଇଛି, ତା'ର ଅତ୍ୟନ୍ତ ସ୍ପଷ୍ଟ କାରଣଟି ହେଉଛି ଯେ ଆଗ ଆଉ ଗୋଟିଏ ପରିବର୍ତ୍ତନ ହୋଇସାରିଲେ ଯାଇ ମନୁଷ୍ୟର ଜୀବନାବସ୍ଥାରେ କୌଣସି ଯଥାର୍ଥ ପରିବର୍ତ୍ତନ ସମ୍ଭବ ହୋଇପାରିବ; ମଣିଷର ଚେତନାରେ ପରିବର୍ତ୍ତନ ହୋଇପାରିଲେ ଯାଇ ତାହା ହୋଇପାରିବ, ବା ଅନ୍ତତଃ ଏପରି କେତେକ ବିଶେଷ ବାସନାସମ୍ପନ୍ନ ବ୍ୟକ୍ତିଙ୍କ ଜୀବନରେ ଏକ ପରିବର୍ତ୍ତନ ଘଟିବ, ଯେଉଁମାନେ କି ଆହୁରି ଏକ ଅଧିକ ବ୍ୟାପକ ପରିବର୍ତ୍ତନ ଲାଗି ଏକ ମୂଳଦୁଆ ପକାଇପାରିବେ !

ମାତ୍ର ଆମେ ଟିକିଏ ପରେ ଏହି ବିଷୟଟିର ଆଲୋଚନା କରିବା; ଆମ ଉପସଂହାରରେ ଆମେ ତାହାର ଆଲୋଚନା କରିବା । କିନ୍ତୁ ସର୍ବପ୍ରଥମେ ମୁଁ ତୁମମାନଙ୍କୁ ଦୁଇଟି ଦୃଷ୍ଟାନ୍ତ ଦେବି, ଯଥାର୍ଥ ଲୋକହିତୈଷିତାର ପ୍ରବୀଣମାନଙ୍କର ଜୀବନରୁ ସେହି ଦୃଷ୍ଟାନ୍ତ ଦୁଇଟିକୁ ମୁଁ ଆହୃତ କରିଆଣିଛି ।

ବିଚାର ଏବଂ କର୍ମର ଦୁଇ ଶେଷପ୍ରାନ୍ତରେ ଦଣ୍ଡାୟମାନ ରହିଥିବା ଏହି ଦୁଇ ଜଣ ଅସାଧାରଣ ବ୍ୟକ୍ତି, ନିଜକୁ ଅତ୍ୟନ୍ତ ଗ୍ରହଣଶୀଳ ଏବଂ ସମ୍ବେଦନଶୀଳ ହୃଦୟ ମାଧ୍ୟମରେ ଅଭିବ୍ୟକ୍ତ କରୁଥିବା ଦୁଇଟି ସର୍ବୋତ୍ତମ ମନୁଷ୍ୟାତ୍ମା,— ଏବଂ, ସେମାନେ ଯେତେବେଳେ ମନୁଷ୍ୟ ଭୋଗ କରୁଥିବା ଦୁଃଖର ସଂସ୍ପର୍ଶରେ ଆସିଲେ, ସେତେବେଳେ ନିଜର ଚୈତ୍ୟ-ଭୂମିରେ ସେମାନେ ସେହି ଗୋଟିଏ ପ୍ରକାରରହିଁ ଆଘାତ ପାଇଥିଲେ । ଦୁହେଁଯାକହିଁ ନିଜର ସହଯାତ୍ରୀ ଅନ୍ୟ ମନୁଷ୍ୟମାନଙ୍କର ଦୁଃଖ ଓ ଯାତନାର ପ୍ରତିକାର ଖୋଜି ବାହାର କରିବାରେ ନିଜର ସକଳ ଜୀବନକୁ ଉତ୍ସର୍ଗ କରିଦେଇଥିଲେ, ଏବଂ ସେହିପରି ଏକ ପ୍ରତିକାର ସେମାନଙ୍କୁ ମିଳିଛି ବୋଲି ସେମାନେ ବିଶ୍ୱାସ ବି କରିଥିଲେ । ମାତ୍ର ସେମାନେ ଖୋଜି ବାହାର କରିଥିବା ସମାଧାନ ଦୁଇଟି ପରସ୍ପରର ବିରୋଧୀ ହୋଇ ରହିଥିଲା ବୋଲି କୁହାଯାଇ ପାରିବ; ନିଜର କ୍ଷେତ୍ରଗୁଡ଼ିକରେ ସେଗୁଡ଼ିକ ଅସଂପୂର୍ଣ୍ଣ ଏବଂ କେବଳ ଆଂଶିକ ହୋଇ

ରହିଥିଲା ଏବଂ ମନୁଷ୍ୟ ଜାତିର ଦୁଃଖକୁ ଦୂର କରିବାରେ ଦୁଇଟିଯାକହିଁ ବିଫଳ ହୋଇଥିଲା ।

ପ୍ରଥମ ଜଣକ ପ୍ରାଚ୍ୟ ଭୂଖଣ୍ଡରେ ଆବିର୍ଭୂତ ହୋଇଥିଲେ, ପ୍ରଥମେ ତାଙ୍କର ନାମ ସିଦ୍ଧାର୍ଥ ଥିଲା ଏବଂ ପରେ ସେ ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ଦ୍ୱିତୀୟ ବ୍ୟକ୍ତି ମସିଏ ଭାଁସାନ୍ତ୍, ଯିଏକି ତାଙ୍କର ମୃତ୍ୟୁପରେ ସାଁ ଭାଁସାନ୍ତ୍ ଦ ପଲ୍ ନାମରେ ଖ୍ୟାତ ହୋଇଥିଲେ । କୁହାଯାଇ ପାରିବ ଯେ, ଏହି ଦୁହେଁଯାକ ମନୁଷ୍ୟ-ଚେତନାର ଦୁଇ ପ୍ରାନ୍ତବିନ୍ଦୁରେ ଦଣ୍ଡାୟମାନ ହୋଇଥିଲେ ଏବଂ ମନୁଷ୍ୟର ଦୁଃଖରେ ତା'ର ସହାୟ ହେବା ଲାଗି ସେମାନଙ୍କ ଦ୍ୱାରା ଅନୁସୃତ ମାର୍ଗ ପରସ୍ପର ପରସ୍ପରର ଏକାବେଳେକେ ବିପରୀତ ହୋଇ ରହିଥିଲା । ମାତ୍ର ଦୁଇ ଜଣ ଯାକ ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ଜାତି କେବଳ ଆତ୍ମର ଅଭ୍ୟୁଦୟ ଦ୍ୱାରାହିଁ ତ୍ରାଣ ପାଇବ, ଭାବନାର ଅତୀତ ସେହି ପରମ ଅଦ୍ୱିତୀୟ ସତ୍ୟର ପରିଚୟ ଲାଭରେହିଁ ମୁକ୍ତିଲାଭ କରିବ । ଜଣେ ସେହି ସତ୍ୟକୁ ଭଗବାନ୍ ବୋଲି କହିଲେ, ଆଉ ଜଣେ ନିର୍ବାଣ ବୋଲି କହିଥିଲେ ।

ଭାଁ ସାଁତ୍ ଦ ପଲ୍ ଜଣେ ଜ୍ୱଳନ୍ତ ବିଶ୍ୱାସର ବ୍ୟକ୍ତି ଥିଲେ ଓ ସେ ତାଙ୍କର ଅନୁଗାମୀମାନଙ୍କ ଆଗରେ କହୁଥିଲେ ଯେ, ପ୍ରତ୍ୟେକ ମନୁଷ୍ୟକୁ ତା'ର ଆତ୍ମାର ଉଦ୍ଧାର ଅବଶ୍ୟ କରିବାକୁ ପଡ଼ିବ । ମାତ୍ର ମନୁଷ୍ୟ ଏହି ସଂସାରରେ ଭୋଗ କରୁଥିବା ଘୋର ଦୁଃଖର ସଂସ୍ପର୍ଶରେ ଆସିବା ପରେ ସିଏ ଅଳ୍ପଦିନ ପରେ ଏକଥାଟିକୁ ଆବିଷ୍କାର କରିପାରିଥିଲେ ଯେ, ନିଜ ଆତ୍ମାର ସନ୍ଧାନ କରିପାରିବାକୁ ହେଲେ ଆଗ ମଣିଷ ପାଖରେ ତାହାକୁ ଖୋଜିବା ଲାଗି ଯଥେଷ୍ଟ ସମୟ ଥିବା ମଧ ଆବଶ୍ୟକ ହେବ । ଏବଂ, ଯେଉଁମାନେ ପ୍ରାଣଟାକୁ ବଞ୍ଚାଇ ରଖିବେ ବୋଲି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଓ ଅନେକ ସମୟରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ବାଧ୍ୟ ହେଉଛନ୍ତି, ନିଜ ଆତ୍ମା ବିଷୟରେ କିଛିହେଲେ ଭାବିପାରିବା ଲାଗି ସେମାନଙ୍କ ପାଖରେ ସମୟ କାହିଁ ? ଏହିପରି ଭାବି ଓ ନିଜର ଉଦାରତାପୂର୍ଣ୍ଣ ହୃଦୟର ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ସିଏ ଏହିପରି ଏକ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ଯେଉଁମାନଙ୍କ ପାଖରେ ଆବଶ୍ୟକତାଠାରୁ ଅଧିକ ଧନ ଅଛି, ଯଦି ସେମାନେ ଦରିଦ୍ର ଲୋକମାନଙ୍କୁ ଅନ୍ତତଃ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତାଗୁଡ଼ିକର କ୍ଷେତ୍ରରେ ଏକ ନିର୍ଭର ଯୋଗାଇ ଦେଇ ପାରନ୍ତେ, ତେବେ ଏହି ଭାଗ୍ୟହୀନ ଲୋକମାନଙ୍କ ଲାଗି ଏକ ଅପେକ୍ଷାକୃତ ଅଧିକ ଉନ୍ନତ ସ୍ତରର ଜୀବନ ବଞ୍ଚିବା ଲାଗି ମଧ ନିଶ୍ଚୟ ପର୍ଯ୍ୟାପ୍ତ ପରିମାଣର ଅବସର ମିଳିଯାଇ ପାରନ୍ତା । ଏହିପରି ଭାବରେ ସେ ସାମାଜିକ କଲ୍ୟାଣସାଧନର ଉପକାରିତା ଏବଂ ଉପାଦେୟତା ବିଷୟରେ ଅତ୍ୟନ୍ତ ଆସ୍ଥାବାନ୍ ହେଲେ, ଭୌତିକ ସ୍ତରରେ ସକ୍ରିୟ ଦାନ ଉପରେ ବିଶ୍ୱାସ ରଖିବାକୁ ଆରମ୍ଭ କଲେ । ସିଏ ବିଶ୍ୱାସ

କଲେ ଯେ ଅଧିକରୁ ଅଧିକ ସଂଖ୍ୟକ ମଣିଷଙ୍କର ଦୁଃଖ ଦୂର କରିବା ଦ୍ୱାରା ସବୁ ମଣିଷଙ୍କର ଦୁଃଖକୁ ଦୂର କରାଯାଇ ପାରିବ, ଅପେକ୍ଷାକୃତ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ଲାଗି ତ୍ରାଣ ଯୋଗାଇ ଦେଇ, ଅନେକ ସଂଖ୍ୟକ ବ୍ୟକ୍ତିଙ୍କ ଦୁଃଖର ନିରାକରଣ କରିଦେଇ ଦୁଃଖ ଓ ଯାତନାଭୋଗ ଉପରେ ବିଜୟ ଲାଭ ସମ୍ଭବ ହେବ । ମାତ୍ର ଏହାକୁ କେବଳ ଏକ ସାମୟିକ ତ୍ରାଣ ବା ପ୍ରଶାମକ ବୋଲି କୁହାଯିବ ସିନା, ମାତ୍ର ସଂପୂର୍ଣ୍ଣ ନିରାକରଣ ବୋଲି କୁହାଯାଇ ପାରିବ ନାହିଁ । ସାଁ ଭାଁସାନ୍ତ ଯେଉଁ ସଂପୂର୍ଣ୍ଣୋତ୍ସର୍ଗର ଭାବନା, ଆତ୍ମତ୍ୟାଗ ଏବଂ ସାହସିକତା ସହିତ ନିଜର କାର୍ଯ୍ୟ କରିବାକୁ ଆରମ୍ଭ କଲେ, ତାହା ମନୁଷ୍ୟ ଜାତିର ଇତିହାସରେ ତାଙ୍କୁ ଜଣେ ବିଭବମୟ ଓ ପ୍ରାଣସ୍ପର୍ଶୀ ବ୍ୟକ୍ତି ଦୃଷ୍ଟାନ୍ତ ରୂପେ ପ୍ରତିଷ୍ଠିତ କରି ରଖି ପାରିଛି । ମାତ୍ର ତଥାପି ତାଙ୍କର ଉଦ୍ୟମ ପୃଥିବୀରେ ନିଃସ୍ୱ ଓ ଅସହାୟମାନଙ୍କର ସଂଖ୍ୟାକୁ ହ୍ରାସ କରିବା ପରିବର୍ତ୍ତେ ତାହାକୁ ବରଂ ବୃଦ୍ଧି କରିବାରେ ସାହାଯ୍ୟ କରିଛି ବୋଲି ବୋଧ ହେଉଛି । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଯେ ତାଙ୍କର ଏହି ଧର୍ମକାର୍ଯ୍ୟର ଏକ ସକାରାତ୍ମକ ପରିଣାମ ସ୍ୱରୂପ ଧନୀ ଓ ସମ୍ପନ୍ନମାନଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ କେତେକଙ୍କ ମନରେ ଏକ ଉଲ୍ଲେଖଯୋଗ୍ୟ ଦୟାଶୀଳ ଭାବର ସୃଷ୍ଟି ହୋଇ ପାରିଛି । ଏବଂ, ଖାସ୍ ଏହି କାରଣରୁହିଁ, ଯେଉଁମାନେ ଦାନ ଓ ଦୟା କରୁଛନ୍ତି, ଯଥାର୍ଥତଃ ସେହିମାନଙ୍କ ଲାଗିହିଁ ତାହା ଅଧିକ ଉପକାରୀ ବୋଲି ସାବ୍ୟସ୍ତ ହୋଇଛି; ମାତ୍ର ଯେଉଁମାନଙ୍କୁ ଏହି ଦାନଶୀଳତା ବା ଦୟା ପ୍ରଦର୍ଶିତ ହୋଇଛି, ସେମାନଙ୍କର ପ୍ରକୃତରେ ଆଦୌ ସେତେ ଉପକାର ହୋଇ ନାହିଁ ।

ଚେତନାର ସେହି ଅପର ଅନ୍ତିମ ପ୍ରାନ୍ତଟିରେ ଆମେ ତାଙ୍କର ସେହି ଶୁଦ୍ଧ ତଥା ଉଦାତ୍ତ କରୁଣାଟି ସହିତ ଗୌତମ ବୁଦ୍ଧଙ୍କୁ ଦେଖିବାକୁ ପାଇବା । ଗୌତମ ବୁଦ୍ଧ କହୁଥିଲେ ଯେ, ଏହି ସଂସାରରେ ଆମ ଜୀବନରେ ଯେତେ ଯାହା ଦୁଃଖ ଓ ଯାତନା ରହିଛି, କେବଳ ଜୀବନର ବିଲୁପ୍ତି ଦ୍ୱାରାହିଁ ସେଗୁଡ଼ିକର ବିଲୁପ୍ତି ସମ୍ଭବ ହେବ । କାରଣ ବଞ୍ଚି ରହିବାର ବାସନାରୁ ସେହି ଅଜ୍ଞାନର ଫଳସ୍ୱରୂପହିଁ ଏହି ଜୀବନ ତଥା ସଂସାରର ଉଦ୍ଭବ ହୋଇଛି । ଅର୍ଥାତ୍, ଯଦି ଆମେ ସେହି ତୃଷ୍ଣାଟିକୁ ବିଲୁପ୍ତ କରିଦେଇ ପାରିବା, ସେହି ଅଜ୍ଞାନର ଅନ୍ତ ଘଟାଇ ପାରିବା, ତେବେ ଆମକୁ ଘେରି ରହିଥିବା ସଂସାରଟିର ମଧ୍ୟ ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ଏବଂ ତାହା ସହିତ ସକଳ ଦୁଃଖ ଏବଂ ଯାତନାର ମଧ୍ୟ ଅନ୍ତ ହେବ । ଆଧ୍ୟାତ୍ମିକ ଅଭୀପ୍ସା ତଥା ନୀରବ ଧ୍ୟାନର ଏକ ବିଶାଳ ପ୍ରଚେଷ୍ଟା ଦ୍ୱାରା ଗୌତମ ବୁଦ୍ଧ ନିଜର ଏହି ମାର୍ଗଟିର ପ୍ରଚାର ଓ ବ୍ୟାଖ୍ୟା କରିଥିଲେ; ଏବଂ, ମୁକ୍ତିକାମୀ ବ୍ୟକ୍ତିମାନଙ୍କ ସକାଶେ ତାଙ୍କର ସେହି ମାର୍ଗଟି ଏବେ ମଧ୍ୟ ସବୁଠାରୁ ଅଧିକ ଉତ୍ତୋଳନକାରୀ ଏବଂ ସବୁଠାରୁ ଅଧିକ ଫଳଦାୟକ ମାର୍ଗଗୁଡ଼ିକ ମଧ୍ୟରୁ ଏକ ଅନ୍ୟତମ ମାର୍ଗ ହୋଇ ରହିଛି ।

ଲକ୍ଷ ଲକ୍ଷ ବ୍ୟକ୍ତି ତାଙ୍କର ସେହି ମାର୍ଗଟି ଉପରେ ବିଶ୍ୱାସ କରି ଆସିଛନ୍ତି; ଅବଶ୍ୟ

ଏକଥା ମଧ୍ୟ ସତ ଯେ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ସେହି ମାର୍ଗ ଓ ସେହି ସାଧନାକୁ ନିଜର ଜୀବନରେ କାର୍ଯ୍ୟକାରୀ କରିବାରେ ପ୍ରକୃତରେ ସମର୍ଥ ହୋଇଛନ୍ତି । ମାତ୍ର ଆମର ଏହି ପୃଥିବୀର ଅବସ୍ଥାଟି ମଧ୍ୟ ବସ୍ତୁତଃ ପ୍ରାୟ ଠିକ୍ ସେହିପରିହିଁ ହୋଇ ରହିଛି ଏବଂ ମନୁଷ୍ୟକୁ ସହ୍ୟ କରିବାକୁ ପଡୁଥିବା ଅଜସ୍ର ଯାତନା ଓ ଯନ୍ତ୍ରଣାରେ ପ୍ରକୃତରେ ଆଦୌ କୌଣସି ଉଲ୍ଲେଖଯୋଗ୍ୟ ଲାଘବ ଆଦୌ ଘଟି ପାରି ନାହିଁ ।

ଏବଂ, ନିଜର କୃତଜ୍ଞତା ଏବଂ ଶ୍ରଦ୍ଧାଟିକୁ ପ୍ରକଟ କରିବାକୁ ଯାଇ ପୃଥିବୀର ଜନଗଣ ପ୍ରଥମ ଜଣଙ୍କୁ ଜଣେ ସନ୍ଥରେ ପରିଣତ କରି ଦେଇଛନ୍ତି ଏବଂ ଦ୍ୱିତୀୟ ଜଣଙ୍କୁ ଭଗବାନ୍ କରିଦେଇ ପୂଜାକରି ଆସିଛନ୍ତି । ମାତ୍ର ଅତ୍ୟନ୍ତ ଅଳ୍ପ ସଂଖ୍ୟକ ବ୍ୟକ୍ତିହିଁ ନିଷ୍ଠାର ସହିତ ସେମାନଙ୍କୁ ପ୍ରଦତ୍ତ ହୋଇଥିବା ଶିକ୍ଷାଟିକୁ ଗ୍ରହଣ କରିବା ଲାଗି ଓ ଦୃଷ୍ଟାନ୍ତଟିର ଅନୁସରଣ କରିବାକୁ ପ୍ରକୃତରେ କୌଣସି ଚେଷ୍ଟା କରି ପାରିଛନ୍ତି; ମାତ୍ର, ଆମକୁ ସର୍ବଦା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ନିଜର କୃତଜ୍ଞତା ପ୍ରଦର୍ଶନ କରିବା ଲାଗି ତାହାହିଁ ଯଥାର୍ଥରେ କେବଳ ଏକମାତ୍ର ଉପଯୁକ୍ତ ମାର୍ଗ ହୋଇ ପାରିଥା'ନ୍ତା । କିନ୍ତୁ ତଥାପି, ସେହି କଥାଟି ବି ହୁଏତ ସମ୍ଭବ ହୋଇଥିଲେ ମଧ୍ୟ, ତଦ୍ଦ୍ୱାରା ମନୁଷ୍ୟଜାତିର ଜୀବନଗତ ସ୍ଥିତିରେ ଦୃଶ୍ୟମାନ୍ ଭାବରେ କଦାପି କୌଣସି ଉନ୍ନତିବିଧାନ ଘଟି ପାରି ନ ଥା'ନ୍ତା । କାରଣ, ସାହାଯ୍ୟ କରିବା ଓ ଆରୋଗ୍ୟ କରାଇବା ଆଦୌ ଗୋଟିଏ କଥା ନୁହେଁ, ଏବଂ, ପଳାଇଯିବା ଓ ବିଜୟହାସଲ କରିବା ମଧ୍ୟ କଦାପି ଗୋଟିଏ କଥା ନୁହେଁ । ପ୍ରକୃତ କଥା ହେଉଛି, ଯଦି ଆମେ ଏହି ସଂସାରର ବାହ୍ୟ ଓ ଭୌତିକ ସ୍ତରର ଦୁଃଖକୁ ପ୍ରକୃତରେ ଦୂର କରିବାକୁ ଚାହୁଁଥିବା, ତେବେ ଭାଁ ସାନ୍ ଦ ପଲ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ସମାଧାନଟି ଦ୍ୱାରା ଆମେ କେବେହେଲେ ମନୁଷ୍ୟଜାତିର ଯନ୍ତ୍ରଣା ଓ ଦୁଃଖକୁ ଦୂର କରି ପାରିବା ନାହିଁ, କାରଣ, ମଣିଷର ସବୁଯାକ ଦୁଃଖଭୋଗ କେବଳ ଯେ ଭୌତିକ ଅସହାୟତା ଏବଂ ଅଭାବଗ୍ରସ୍ତତାରୁ ଆସିଥାଏ, ସେ କଥା କଦାପି ନୁହେଁ; ତଥା କେବଳ ଭୌତିକ ତ୍ରାଣସାଧନ ଯୋଗାଇଦେଲେ ବି କଦାପି ସେଗୁଡ଼ିକର ଆରୋଗ୍ୟ ସମ୍ଭବ ହେବ ନାହିଁ । — ସେ କଥା ମୋଟେ ସମ୍ଭବ ହେବ ନାହିଁ । ଶରୀର ନୀରୋଗ ଓ ସୁସ୍ଥ ହୋଇ ରହିଲେ ଯେ ତଦ୍ଦ୍ୱାରା ଶାନ୍ତି ଏବଂ ଆନନ୍ଦ ସମ୍ଭବ ହୋଇଯାଏ, ସେ କଥା ମଧ୍ୟ ମୋଟେ ଠିକ୍ ନୁହେଁ । ଏବଂ ଦାରିଦ୍ର୍ୟରୁ ଯେ ମଣିଷର ସବୁଯାକ ଦୁଃଖ ଜାତ ହୋଇଥାଏ, ଆମେ ଏକଥା କେବେହେଲେ ଭାବିବା ନାହିଁ । ବିଭିନ୍ନ ଦେଶରେ ଏବଂ ବିଭିନ୍ନ ଯୁଗରେ କେତେ କେତେ ସନ୍ନ୍ୟାସୀ ଓ ବୈରାଗୀ ଇଚ୍ଛାକୃତ ଭାବରେ ଯେ ଦାରିଦ୍ର୍ୟକୁ ବରଣ କରି ନେଇଛନ୍ତି ଏବଂ ନିଜର ସେହି ଅଭାବଗ୍ରସ୍ତତା ମଧ୍ୟରେହିଁ ଯେ, ସେମାନେ ନିଜ ଲାଗି ପୂର୍ଣ୍ଣ ଶାନ୍ତି ଏବଂ ସୁଖର କାରଣଟିକୁ ସନ୍ଧାନ କରି ପାରିଛନ୍ତି, ଏଥିରୁ କେବଳ ସେହି କଥାଟିହିଁ ପ୍ରମାଣିତ ହୋଇ ଯାଉଛି । ଏବଂ, ଅନ୍ୟପକ୍ଷରେ,

ପାର୍ଥିବ ଧନସମ୍ପଦଗୁଡ଼ିକର ଉପଭୋଗ, ଆମକୁ ଆରାମ, ସୁଖ ଏବଂ ବାହ୍ୟ ସନ୍ତୋଷ ଆଣିଦେବା କ୍ଷେତ୍ରରେ ଭୌତିକ ସମ୍ବଳ ଓ ସମ୍ପତ୍ତି ଆମକୁ ଯାହାକିଛି ଆଣି ଯୋଗାଇ ଦେଇ ପାରିବ, ସେଗୁଡ଼ିକର ଅଧିକାର ଓ ଉପଭୋଗ ଏହିସବୁର ଅଧିକାରୀ ହୋଇ ବସିଥିବା ବ୍ୟକ୍ତିକୁ କଷ୍ଟଭୋଗ ଏବଂ ଦୁଃଖରୁ ମୁକ୍ତ କରି ଆଣିବାରେ ଆଦୌ ସମର୍ଥ ହୋଇ ପାରିବ ନାହିଁ।

ଏବଂ, ଗୌତମ ବୁଦ୍ଧ ପଳାୟନର ସେହି ଯେଉଁ ଅନ୍ୟ ସମାଧାନଟିକୁ ଦେଇ ଯାଇଛନ୍ତି, ସେଇଟି ମଧ୍ୟ ସମସ୍ୟାଟି ଲାଗି ଆମକୁ ପ୍ରକୃତରେ କାର୍ଯ୍ୟକାରୀ ହୋଇ ପାରୁଥିବା କୌଣସି ସମାଧାନ ଆଣି ଯୋଗାଇଦେଇ ପାରେ ନାହିଁ। କାରଣ, ବହୁସଂଖ୍ୟକ ବ୍ୟକ୍ତି ଏହି ସାଧନା ମାର୍ଗଟିର ଅନୁସରଣ କରି ଅନ୍ତିମ ମୁକ୍ତିଟିକୁ ଲାଭ କରିବାକୁ ପ୍ରକୃତରେ ସମର୍ଥ ବୋଲି ଆମେ ଅନୁମାନ କରିନେଲେ ମଧ୍ୟ, ଏହାଦ୍ୱାରା ଏହି ଜଗତରୁ କଦାପି ଦୁଃଖର ନିରାକରଣ ହୋଇ ପାରିବ ନାହିଁ; ଏବଂ ଯେଉଁ ଅନ୍ୟମାନେ ନିର୍ବାଣ ଆଣି ଦେଇ ଯାଉଥିବା ମାର୍ଗଟିର ଅନୁସରଣ କରିବା ଲାଗି ସମର୍ଥ ନ ହେବେ, ସେମାନଙ୍କର ଦୁଃଖକୁ ଆରୋଗ୍ୟ କରିବା ଦିଗରେ ମଧ୍ୟ ତାହା ଆଦୌ କିଛି କରିପାରିବ ନାହିଁ।

ବସ୍ତୁତଃ, ଯେକୌଣସି ବାହ୍ୟ ପରିସ୍ଥିତିରେ ମଧ୍ୟ ଜଣେ ବ୍ୟକ୍ତି ତଥାପି ଯେଉଁ ସୁଖଟିକୁ ଅନୁଭବ କରିବାକୁ ସମର୍ଥ ହୁଏ, ତାହାହିଁ ପ୍ରକୃତ ସୁଖ। କାରଣ ସେହି ସୁଖ ଯେଉଁସବୁ କ୍ଷେତ୍ରରୁ ଉଦ୍‌ଗତ ହୋଇ ଆସୁଥାଏ, ତାହାକୁ କୌଣସି ବାହ୍ୟ ପରିସ୍ଥିତି କେବେହେଲେ ସ୍ପର୍ଶ କିଂବା ପ୍ରଭାବିତ କରି ପାରେ ନାହିଁ, ମାତ୍ର, କେବଳ ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ସେହି ସୁଖର ଅଧିକାରୀ ହୋଇ ପାରନ୍ତି ଏବଂ ମନୁଷ୍ୟ ସମୂହର ଅଧିକତମ ଅଂଶଟି ତଥାପି ଏହି ପୃଥିବୀର ଅବସ୍ଥାଗୁଡ଼ିକର ଅଧୀନ ହୋଇ ରହିଥା'ନ୍ତି। ତେଣୁ, ଗୋଟିଏ ଦୃଷ୍ଟିରୁ ବିଚାର କରି ଆମେ ଅବଶ୍ୟ ଏକଥା କହି ପାରିବା ଯେ ଏହି କ୍ଷେତ୍ରରେ ମନୁଷ୍ୟର ଚେତନାରେହିଁ ଏକ ପରିବର୍ତ୍ତନ ଘଟିବା ପ୍ରକୃତରେ ଏକାନ୍ତ ଅପରିହାର୍ଯ୍ୟ; ଏବଂ ଅନ୍ୟ ଦିଗରେ ଏକଥା ମଧ୍ୟ କହି ପାରିବା ଯେ, ପୃଥିବୀର ବାତାବରଣରେ ଏକ ସଂପୂର୍ଣ୍ଣ ରୂପାନ୍ତର ନ ଘଟିବା ପର୍ଯ୍ୟନ୍ତ ମନୁଷ୍ୟ ଜୀବନର ସ୍ଥିତିଗୁଡ଼ିକରେ ମଧ୍ୟ ଯଥାର୍ଥ ଓ ଫଳପ୍ରଦ ଭାବରେ ଆଦୌ କୌଣସି ପରିବର୍ତ୍ତନ ସମ୍ଭବ ହେବ ନାହିଁ। ଦୁଇଟି ଯାକ କ୍ଷେତ୍ରରେହିଁ ଆମ ଲାଗି ସେହି ଗୋଟିଏ ପ୍ରତିକାର ଓ ଉପାୟ ରହିଛି : ଏକ ନୂତନ ଚେତନାକୁହିଁ ଏହି ପୃଥିବୀପୃଷ୍ଠରେ ଓ ମନୁଷ୍ୟର ଜୀବନରେ ପ୍ରକଟ ହେବାକୁ ପଡ଼ିବ। କେବଳ, ଏହି ପୃଥିବୀ ପୃଷ୍ଠରେ ଅତିମାନସ ଚେତନାର ଅବତରଣ ଘଟିବା ଦ୍ୱାରା ଏକ ନୂତନ ଶକ୍ତି, ନୂତନ ଆଲୋକର ଏବଂ ସାମର୍ଥ୍ୟର ଯେଉଁ ଆବିର୍ଭାବ ଘଟିବ, ତାହାହିଁ ମନୁଷ୍ୟ ବର୍ତ୍ତମାନ ବୁଡ଼ି ରହିଥିବା ଦୁଃଖ, ଯନ୍ତ୍ରଣା ଏବଂ ବେଦନା ମଧ୍ୟରୁ ତାକୁ

ଉପରକୁ ଉଠାଇ ନେଇଯାଇ ପାରିବ । କାରଣ, ଏହି ପୃଥିବୀ ଉପରକୁ ଏକ ଉଚ୍ଚତର ସମତାବସ୍ଥା ଓ ଏକ ଶୁଦ୍ଧତର ତଥା ଯଥାର୍ଥତର ଆଲୋକକୁ ବହନ କରି ଆଣୁଥିବା ସେହି ଅତିମାନସ ଚେତନାହିଁ ରୂପାନ୍ତରର ଅଦ୍ଭୁତ ଅଲୌକିକ ଘଟନାଟିକୁ ସମ୍ଭବ କରିପାରିବ ।

ସେହି ନୂତନ ଅଭିବ୍ୟକ୍ତି ଦିଗରେ ପ୍ରକୃତି ମଧ୍ୟରେ ସର୍ବଦା ଏକ ପ୍ରଚେଷ୍ଟା ଲାଗି ରହିଛି । ମାତ୍ର ପ୍ରକୃତିର ମାର୍ଗଗୁଡ଼ିକରେ ସ୍ୱଭାବତଃ ଅନେକ ବକ୍ରତା ରହିଛି; ତା'ର ଯାତ୍ରାଟି ଭାରି ଅନିଶ୍ଚିତ ହୋଇ ରହିଛି । ପ୍ରକୃତି କେତେ ଜାଗାରେ ଅଟକି ଠିଆ ହୋଇ ଯାଉଛି, ହୁଏତ ପଛକୁ ବି ଫେରି ଆସୁଛି; ଏବଂ ସେହି କାରଣରୁ ତା'ର ପ୍ରକୃତ ଯୋଜନାଟିକୁ ଠଉରାଇ ପାରିବା ମୋଟେ ସହଜସାଧ୍ୟ ହେଉ ନାହିଁ । ଅବଶ୍ୟ, ଏକଥାଟି ବି କ୍ରମେ ଅଧିକରୁ ଅଧିକ ସ୍ପଷ୍ଟ ହୋଇ ଯାଉଛି ଯେ, ପ୍ରକୃତି ଏହି ମନୁଷ୍ୟରୂପୀ ଜୀବଜାତି ମଧ୍ୟରୁ ଏକ ନୂତନ ଜୀବଜାତିର ଉଦ୍ଭବ କରାଇ ଆଣିବାକୁ ଇଚ୍ଛା କରୁଛି; ତାହା ଏପରି ଏକ ମନୁଷ୍ୟାତୀତ ସମୂହର ବିବର୍ତ୍ତନ କରାଇ ଆଣିବାକୁ ଇଚ୍ଛା କରୁଛି, ଯାହାକି, ଇତର ପ୍ରାଣୀ ତୁଳନାରେ ମନୁଷ୍ୟ ବର୍ତ୍ତମାନ ଯେଉଁଭଳି ଭିନ୍ନ ହୋଇ ରହିଛି, ମନୁଷ୍ୟର ତୁଳନାରେ ତାହା ସେତିକି ଭିନ୍ନ ହୋଇଥିବ । ମାତ୍ର ପ୍ରାୟ ଅନ୍ଧାର ଭିତରେ ଅଣ୍ଡାଳିବା ପରି ନିଜର ବାଟରେ ଯାଇ ଏକ ନୂତନ ଜୀବଜାତିର ସୃଷ୍ଟିକୁ ପ୍ରକୃତରେ ସମ୍ଭବ କରାଇବା ଲାଗି ପ୍ରକୃତିକୁ ହୁଏତ ଶତାବ୍ଦୀ ଶତାବ୍ଦୀ ଲାଗିଯିବ, ଏହି ରୂପାନ୍ତରର ଆଗମନ ଲାଗି ଶତାବ୍ଦୀ ଶତାବ୍ଦୀ ଲାଗିଯିବ; ମାତ୍ର ମନୁଷ୍ୟର ବୁଦ୍ଧିସନ୍ଦୀପିତ ଇଚ୍ଛା ସେହି ଆଗମନଟିକୁ ନିଶ୍ଚୟ ସମ୍ଭବ କରି ଆଣି ପାରିବ; କେବଳ ଅପେକ୍ଷାକୃତ ଅଳ୍ପ ସମୟ ମଧ୍ୟରେ ନୁହେଁ, ଅପେକ୍ଷାକୃତ କମ୍ ଅପବ୍ୟୟ ଏବଂ ହାନି ସହିତ ସମ୍ଭବ କରି ଆଣି ପାରିବ ।

ଠିକ୍ ଏହି ସ୍ଥାନରେହିଁ ପୂର୍ଣ୍ଣାଙ୍ଗ ଯୋଗର ଏକ ପ୍ରକୃତ ଯଥାର୍ଥତା ଏବଂ ଉପଯୋଗିତା ରହିଛି । କାରଣ, ଯାବତୀୟ ମୌଳିକ ରୂପାନ୍ତର ଏବଂ ଯାବତୀୟ ନୂତନ ସୃଜନ ଉପରେ କାଳ ଯେଉଁ ବିଳମ୍ବ ଏବଂ ମନ୍ଥରତାକୁ ଆଣି ଲଦି ଦେଇଥାଏ, ନିଜର ଅଭିନିବେଶିତ ଏକାଗ୍ରତା ତଥା ଉଦ୍ୟମ ଦ୍ୱାରା ଯୋଗ ତାହାରି ଉପରେ ବିଜୟ ହାସଲ କରିବ ବୋଲି ଅଭିପ୍ରେତ ହୋଇ ରହିଥାଏ ।

ସଂପୂର୍ଣ୍ଣ ଯୋଗ ଭୌତିକ ଜଗତକୁ ଅପରିବର୍ତ୍ତନୀୟ ଭାବରେ ତାହାର ବର୍ତ୍ତମାନ ଭାଗ୍ୟ ଓ ସ୍ଥିତିଟି ମଧ୍ୟରେ ଛାଡ଼ିଦେଇ କଦାପି ଆଉ କୁଆଡ଼େ ପଳାଇ ଯିବ ନାହିଁ । ଏକଥା ମଧ୍ୟ ନୁହେଁ ଯେ ଏହି ପୃଥିବୀର ଭୌତିକ ଜୀବନ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେଥିରେ ଆଦୌ କୌଣସି ମୀମାଂସକ ପରିବର୍ତ୍ତନ ଆଦୌ ହୋଇପାରିବ ନାହିଁ ବୋଲି ତାହାକୁ ସିଏ ଠିକ୍ ସେହିଭଳି ଭାବରେ ଗ୍ରହଣ ବି କରି ନେବ ନାହିଁ; ବା, ଏହି ପୃଥିବୀକୁ ତାହା ଦିବ୍ୟ ପରମ ଇଚ୍ଛାର ଅନ୍ତିମ ଅଭିବ୍ୟକ୍ତି ବୋଲି ମଧ୍ୟ କଦାପି ମାନି ନେବ ନାହିଁ ।

ସଂପୂର୍ଣ୍ଣ ଯୋଗ ଏହି ସାଧାରଣ ମନୋଗତ ଚେତନାର ଭୂମିଠାରୁ ଆରମ୍ଭ କରି ଏକ ଅତିମାନସ ଏବଂ ଦିବ୍ୟଚେତନାର ଭୂମି ପର୍ଯ୍ୟନ୍ତ ଯାବତୀୟ ସ୍ତର ଓ ସୋପାନର ଆରୋହଣ କରିବା ଲାଗି ନିଜର ଲକ୍ଷ୍ୟ ବୋଲି ଗ୍ରହଣ କରି ନେଇଛି; ଏବଂ, ଯେତେବେଳେ ସେହି ଆରୋହଣଟି ସଂପୂର୍ଣ୍ଣ ହୋଇଯିବ, ସେତେବେଳେ ତାହା ପୁନର୍ବାର ଏହି ଭୌତିକ ଜଗତକୁ ଲେଉଟି ଆସିବ ଏବଂ ତାହାକୁ ଉପଲବ୍ଧ ଅତିମାନସ ଶକ୍ତି ଏବଂ ଚେତନାଟି ଦ୍ୱାରାହିଁ ପରିପ୍ରେରିତ କରିଦେବ ବୋଲି ମଧ୍ୟ ତାହା ନିଜର ଉଦ୍ଦେଶ୍ୟ ରୂପେ ସ୍ୱୀକାର କରିଛି । ସେତେବେଳେ ତାହାରି ଦ୍ୱାରାହିଁ ଏହି ପୃଥିବୀ କ୍ରମଶଃ ଏକ ଅତିମାନସ ଏବଂ ଦିବ୍ୟପୃଥିବୀକୁ ରୂପାନ୍ତରିତ ହୋଇଯିବ ।

ଜଣେ ମନୁଷ୍ୟ ପକ୍ଷରେ ଯାହାକିଛି ଉପଲବ୍ଧି କରିବା ସମ୍ଭବ, ଯେଉଁ ବ୍ୟକ୍ତିମାନେ ନିଜ ଜୀବନରେ ସେହି ସବୁର ଉପଲବ୍ଧି କରି ସାରିଛନ୍ତି ଓ ତଥାପି ସନ୍ତୁଷ୍ଟ ହୋଇ ପାରି ନାହାନ୍ତି, କାରଣ ଏହି ଜୀବନ ସେମାନଙ୍କୁ ଯାହା କଦାପି ଦେଇ ପାରିବ ନାହିଁ, ସେମାନେ ତା' ଠାରୁ ତାହାହିଁ ପାଇବା ଲାଗି ଦାବି କରୁଛନ୍ତି, ପୂର୍ଣ୍ଣଯୋଗ ବିଶେଷତଃ ସେହିମାନଙ୍କ ଲାଗିହିଁ ଅଭିପ୍ରେତ ହୋଇ ରହିଛି । ଯେଉଁମାନେ ସେହି ପରମ ଅଜ୍ଞାତ ଲାଗି ଆକୂତି ରଖିଛନ୍ତି ଏବଂ ପରିପୂର୍ଣ୍ଣତାର ଅଭୀପ୍ସା କରୁଛନ୍ତି, ଯେଉଁମାନେ ନିଜକୁ ପୀଡ଼ନକାରୀ ନାନା ପ୍ରଶ୍ନ ପଚାରିବାରେ ଲାଗିଛନ୍ତି ଏବଂ ସେଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ତଥାପି ପାଇ ନାହାନ୍ତି, ଠିକ୍ ସେହି ବ୍ୟକ୍ତିମାନେହିଁ ପୂର୍ଣ୍ଣଯୋଗ ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇ ରହିଛନ୍ତି ।

କାରଣ, ଜୀବନରେ ନିଜକୁ ପଚରା ଯିବାଭଳି ଅନେକ ମୌଳିକ ପ୍ରଶ୍ନ ଅବଶ୍ୟ ରହିଛି, ଏବଂ ଯେଉଁ ବ୍ୟକ୍ତିମାନେ ସମଗ୍ର ମାନବଜାତିର ଭାଗ୍ୟ ବିଷୟରେ ଚିନ୍ତା କରନ୍ତି ଏବଂ ପ୍ରଚଳିତ ଓ ସ୍ୱୀକୃତ ସୂତ୍ରଗୁଡ଼ାକରେ ଆଦୌ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ, ସେମାନେ ଅନିବାର୍ଯ୍ୟତଃ ନିଜକୁ ସେହିସବୁ ପ୍ରଶ୍ନ ପଚାରିଥା'ନ୍ତି । ଆମେ ସେହି ପ୍ରଶ୍ନଗୁଡ଼ିକୁ ଏହିପରି ଭାବରେ ଗୋଟିଗୋଟି କରି ଉଲ୍ଲେଖ କରି ପାରିବା :

ଯଦି ମୃତ୍ୟୁହିଁ ଜୀବନର ଅନ୍ତିମ ନିୟତି ହୋଇଥାଏ, ତେବେ ଆମେ ଏହି ସଂସାରରେ ଜନ୍ମ ହେଉଛୁ ବା କାହିଁକି ?

ଯଦି ଦୁଃଖହିଁ ଆମର ଭାଗ୍ୟରେ ଲେଖାହୋଇ ରହିଛି, ତେବେ ଆମେ ଏହି ସଂସାରରେ କାହିଁକି ବଞ୍ଚି ରହିବା ?

ଯଦି ବିଚ୍ଛେଦହିଁ କପାଳଲିଖନ ହୋଇଥାଏ, ତେବେ ମଣିଷ ଏଠି ଭଲ ପାଉଛି ବା କାହିଁକି ?

ଯଦି ଭ୍ରମରେ ପଡ଼ିବା ଓ ଭୁଲ୍ କରିବାହିଁ ଆମର ଏକମାତ୍ର ଗତି ହୋଇଥାଏ, ତେବେ ଆମ ଜୀବନରେ ଭାବନା ବୋଲି ଏକ ସାମର୍ଥ୍ୟ କାହିଁକି ରହିଛି ?

ଯଦି ଭୁଲ୍ କରିବାହିଁ ଆମର ଯାବତୀୟ କର୍ମର ଶେଷ ପରିଣତି ହୋଇଥାଏ, ତେବେ ଆମେ କୌଣସି କର୍ମ କରୁଛୁ ବା କାହିଁକି ?

ଏହିସବୁ ପ୍ରଶ୍ନର କେବଳ ଗୋଟିଏ ମାତ୍ର ଗ୍ରହଣଯୋଗ୍ୟ ଉତ୍ତର ରହିଛି । ସେହି ଉତ୍ତରଟି ହେଉଛି ଯେ, ଏହି ଜଗତରେ ବସ୍ତୁଚୟ ଯେପରି ଭାବରେ ରହିବା ଉଚିତ, ସେଗୁଡ଼ିକ ବର୍ତ୍ତମାନ ଆଦୌ ସେପରି ହୋଇ ରହି ନାହାନ୍ତି । ଏବଂ ଏହି ବିରୋଧିତାଗୁଡ଼ାକ ଯେ ଆଦୌ ଅନିବାର୍ଯ୍ୟ ହେବାକୁ ବାଧ୍ୟ ନୁହନ୍ତି, କେବଳ ସେତିକି ନୁହେଁ, ମାତ୍ର ସେଗୁଡ଼ିକ ନିଶ୍ଚେ ଦିନେ ନା ଦିନେ ସଂଶୋଧନ ହୋଇପାରିବ ଓ ସେତେବେଳେ ସେଗୁଡ଼ିକ ନିଶ୍ଚୟ ଅନ୍ତର୍ହିତ ହୋଇଯିବେ । କାରଣ, ଏହି ପୃଥିବୀ ବର୍ତ୍ତମାନ ଯେଉଁପରି ଏକ ଅବସ୍ଥାରେ ରହିଛି, ତାହା ଯେ ପ୍ରତିକାରହୀନ ଭାବରେ ସବୁଦିନ ସେହିପରି ରହିବ, ସେ କଥା ମୋଟେ ନୁହେଁ । ବର୍ତ୍ତମାନ ଏହି ପୃଥିବୀ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଛି ଏବଂ ମାତ୍ର ଅଳ୍ପ ଦିନର ଅନୁଭବ ରହିଥିବା ମନୁଷ୍ୟ ଚେତନାକୁ ତାହା ପ୍ରକୃତରେ ଅତ୍ୟନ୍ତ ଦୀର୍ଘବୋଲି ମନେ ହେଉଛି । ମାତ୍ର ଶାଶ୍ୱତ ଚେତନାର ପରିପ୍ରେକ୍ଷୀରେ ବିଚାର କରି ଦେଖିଲେ ମନୁଷ୍ୟର ଚେତନାକୁ ପ୍ରକୃତରେ ଅତ୍ୟନ୍ତ କ୍ଷୁଦ୍ର ଓ ଅଳ୍ପ ବୋଲିହିଁ କୁହାଯାଇ ପାରିବ । ଏବଂ, ଅତିମାନସ ଚେତନାର ଆବିର୍ଭାବ ଘଟିବା ସଙ୍ଗେ ସଙ୍ଗେହିଁ ବର୍ତ୍ତମାନ କାଳଟିର ଅବସାନ ଘଟିବ । ସେତେବେଳେ ବର୍ତ୍ତମାନର ଯାବତୀୟ ବିରୋଧ ଦୂର ହୋଇଯିବ ଏବଂ ସେହିସବୁ ବିରୋଧିତାର ସ୍ଥାନରେ ସୌଷମ୍ୟ ଏବଂ ସମନ୍ୱୟ ବିରାଜମାନ କରିବ ।

ଏହି ନୂତନ ସୃଜନ ଅର୍ଥାତ୍ ଏକ ମାନବୋତ୍ତର ଜୀବଜାତିର ଏହି ଆବିର୍ଭାବ ସମ୍ବନ୍ଧରେ ଆଗରୁ କେତେ କଳ୍ପନା ଜଳ୍ପନା କରାଯାଇଛି ଓ ସେଥିରୁ କେତେ ମତଭେଦ ବି ଉପୁଜିଛି । ଭବିଷ୍ୟର ଅତିମାନବ ପ୍ରକୃତରେ କିପରି ହେବାକୁ ଯାଉଛି, ନିଜର କଳ୍ପନା ଦେଇ ମଣିଷ ସେହି ବିଷୟରେ ଅଳ୍ପ ବହୁତ ନାନାବିଧ ଅତିସ୍ଫୀତ ଏବଂ ଉଲ୍ଲସିତ ଚିତ୍ରମାନ ଆଙ୍କି ରଖିବାକୁ କେତେ ଭଲ ବି ପାଇଛି । ମାତ୍ର କେବଳ ସଦୃଶ ସଦୃଶ ମଧ୍ୟରେହିଁ ଯଥାର୍ଥ ଜ୍ଞାନ ଓ ଅନୁଭବ ସମ୍ଭବ ହୋଇଥାଏ; ଏବଂ କେବଳ ମର୍ମଗତ ଭାବରେ ଦିବ୍ୟ ସ୍ୱଭାବଟି ବିଷୟରେ ଏକ ସଚେତନତା ଲାଭ କରି ପାରିଲେ ଯାଇ ଆମେ ପ୍ରକୃତରେ ଦିବ୍ୟ ସ୍ୱଭାବର ପ୍ରକୃତ ଅଭିବ୍ୟକ୍ତିସ୍ୱରୂପର ଏକ ଧାରଣା କରି ପାରିବା । ତଥାପି ଯେଉଁ ବ୍ୟକ୍ତିମାନେ ନିଜ ମଧ୍ୟରେ ଏହି ଚେତନାଟିର ଉପଲବ୍ଧି କରିଛନ୍ତି, ସେମାନେ ମଧ୍ୟ ଅତିମାନବର ଏକ ବ୍ୟାଖ୍ୟା ଦେବା ଅପେକ୍ଷା ନିଜେ ଅତିମାନବ ହେବା ଲାଗି ସାଧାରଣତଃ ଅଧିକ ଉଦ୍‌ଗ୍ରୀବତା ପ୍ରକାଶ କରିଥା'ନ୍ତି ।

ଅବଶ୍ୟ, ଭବିଷ୍ୟତର ସେହି ଅତିମାନବ ଅତ୍ୟନ୍ତ ସୁନିଶ୍ଚିତ ଭାବରେ କ'ଣ ନ ହେବ, ସେ କଥାଟି ବିଷୟରେ କିଛି କହିବାର ଏକ ପ୍ରୟୋଜନ ରହିଛି, କାରଣ ତଦ୍ଦ୍ୱାରା

କେତେକ ଭୁଲ୍ ଧାରଣାର ନିରାକରଣ ସମ୍ଭବ ହୋଇ ପାରିବ । ଉଦାହରଣ ସ୍ୱରୂପ, ମୁଁ କୌଣସି ଗୋଟିଏ ଜାଗାରେ ଏପରି ମଧ୍ୟ ପଢ଼ିଛି ଯେ, ମାନବୋତ୍ତର ଜୀବଜାତିଟି ମୂଳତଃ ନିର୍ମମ ହେବ, ସଂବେଦନଶୂନ୍ୟ ହେବ; କାରଣ ତାହା ଯାବତୀୟ ଦୁଃଖର ଊର୍ଦ୍ଧ୍ୱରେ ରହିବ, ତେଣୁ ଅନ୍ୟମାନଙ୍କର ଦୁଃଖକୁ ସିଏ ଆଦୌ କୌଣସି ଗୁରୁତ୍ୱହିଁ ଦେବ ନାହିଁ ଏବଂ ତାହାକୁ ସେମାନଙ୍କ ମଧ୍ୟରେ ରହିଥିବା ଅପୂର୍ଣ୍ଣତା ଏବଂ ନିକୃଷ୍ଟତରତାରହିଁ ଏକ ସଂକେତ ରୂପେ ଗ୍ରହଣ କରି ନେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମଣିଷ ବର୍ତ୍ତମାନ କମ୍ ଭାଗ୍ୟସମ୍ପନ୍ନ ଅନ୍ୟ ମଣିଷମାନଙ୍କ ସହିତ ଓ ଇତରପ୍ରାଣୀମାନଙ୍କ ସହିତ ଯେଉଁପରି ଭାବରେ ବ୍ୟବହାର କରୁଛି, ସେହିଭଳି ବିଚାର କରୁଥିବା ବ୍ୟକ୍ତିମାନେ ଠିକ୍ ସେହିପରି ଭାବରେହିଁ ଅତିମାନବ ଓ ମାନବ ମଧ୍ୟରେ ରହିବାକୁ ଯାଉଥିବା ସମ୍ବନ୍ଧଗୁଡ଼ିକର ବିଚାର କରୁଛନ୍ତି । ମାତ୍ର ବର୍ତ୍ତମାନ ମନୁଷ୍ୟର ସେହି ବ୍ୟବହାରକୁ ତା'ର କୌଣସି ଉଚ୍ଚସ୍ତରୀୟତା କିଂବା ଉତ୍କୃଷ୍ଟତରତାର ପ୍ରମାଣ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏହାକୁ ନିଶ୍ଚିତ ଭାବରେ ଚେତନାଭ୍ରଷ୍ଟତା ଏବଂ ନିର୍ବୋଧତା ବୋଲିହିଁ କୁହାଯିବ । ଏହି କଥାଟିରୁ ତାହା ପ୍ରମାଣିତ ହୋଇଯାଉଛି ଯେ, ଜଣେ ମନୁଷ୍ୟ ଏକ କିଞ୍ଚିତ୍ ଉଚ୍ଚତର ସ୍ତରକୁ ଉଠିଆସିବା ସଙ୍ଗେ ସଙ୍ଗେ ଇତର ପ୍ରାଣୀମାନଙ୍କ ପ୍ରତି ପ୍ରକୃତରେ ସମବେଦନା ଅନୁଭବ କରିବାକୁ ଆରମ୍ଭ କରିଥାଏ ଏବଂ ସେମାନଙ୍କର ଅବସ୍ଥାରେ ଉନ୍ନତି ସାଧନ କରିବା ଲାଗି ଚେଷ୍ଟା ମଧ୍ୟ କରେ । ତଥାପି, ସଂବେଦନାବିହୀନ ଅତିମାନବର ଉକ୍ତ କଳ୍ପନାଟିରେ ମଧ୍ୟ ତଥାପି ସତ୍ୟର ଏକ ଉପାଦାନ ରହିଛି : ସେଇଟି ହେଉଛି, ବର୍ତ୍ତମାନ ଅନେକ ମଣିଷ ଯାହାକୁ ଦୟା ବୋଲି କହୁଛନ୍ତି, ଭବିଷ୍ୟର ଉଚ୍ଚତର ଜୀବଜାତି କଦାପି ସେପରି କୌଣସି ଅହଂପ୍ରେରିତ, ଦୁର୍ବଳ ଏବଂ ଭାବପ୍ରବଣତାଯୁକ୍ତ ଦୟାଭାବର ପ୍ରଦର୍ଶନ କରିବ ନାହିଁ । ଏହି ଦୟା ହିତ ତୁଳନାରେ ପ୍ରକୃତରେ ଅଧିକ ଅହିତହିଁ ସାଧନ କରିଥାଏ; ଏବଂ ଏହାର ସ୍ଥାନାପନ୍ନ ଭାବରେ ସେତେବେଳେ ଏକ ବଳଯୁକ୍ତ ଏବଂ ସନ୍ଦୀପିତ ସଂବେଦନାର ପ୍ରବର୍ତ୍ତନ ହୋଇ ପାରିବ, ଏବଂ, ଦୁଃଖଭୋଗକୁ ଚିରସ୍ଥାୟୀ କରି ରଖିବା ନୁହେଁ, ମାତ୍ର ଦୁଃଖର ନିରାକରଣ ଲାଗି ଏକ ପ୍ରକୃତ ଉପାୟହିଁ ଯୋଗାଇ ଦେବା ତାହାର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବ ।

ଅନ୍ୟ ପକ୍ଷରେ, ଏହି ଜଗତରେ ପ୍ରାଣିକ ସତ୍ତାମାନଙ୍କର ରାଜତ୍ୱ ଚାଲିଲେ ତାହାର ସ୍ୱରୂପଟି ଯେ କ'ଣ ହେବ, ଏହି କଳ୍ପନାଟିରୁ ଆମକୁ ତାହାରି ବେଶ୍ ଏକ ପରିଚୟ ମିଳିଯାଉଛି । ସେମାନେ ସ୍ୱଭାବତଃ ଅମର ହୋଇ ରହିଥା'ନ୍ତି ଏବଂ ନିଜର ସାମର୍ଥ୍ୟଗୁଡ଼ିକରେ ମନୁଷ୍ୟଠାରୁ ଅନେକ ଅଧିକ ଶକ୍ତିଶାଳୀ ହୋଇ ବି ରହିଥା'ନ୍ତି; ମାତ୍ର ନିଜ ଇଚ୍ଛାଶକ୍ତିର କ୍ଷେତ୍ରରେ ସେମାନେ ପ୍ରାୟ ଅସାଧ୍ୟ ଏବଂ ଅପରିବର୍ତ୍ତନୀୟ ଭାବରେହିଁ ଦିବ୍ୟତା-ବିରୋଧୀ ହୋଇ ରହିଥା'ନ୍ତି । ଏବଂ, ଦିବ୍ୟ ଉପଲବ୍ଧି ନିମିତ୍ତ ଏହି ମନୁଷ୍ୟମାନେ

ସକଳ ପ୍ରତିବନ୍ଧକକୁ ପାର ହୋଇଯାଇ ପାରିବା ଲାଗି ଯଥେଷ୍ଟ ପରିମାଣରେ ଶୁଦ୍ଧ, ବଳବାନ୍ ଏବଂ ପୂର୍ଣ୍ଣତାଯୁକ୍ତ ହୋଇ ନ ପାରିବା ପର୍ଯ୍ୟନ୍ତ ସେହି ଉପଲବ୍ଧିକୁ ବିଳମ୍ବିତ କରି ରଖିବାହିଁ ଏହି ବିଶ୍ୱ-ବ୍ରହ୍ମାଣ୍ଡରେ ସେମାନଙ୍କର ମୁଖ୍ୟକାର୍ଯ୍ୟ ହୋଇ ରହିଥିବା ପରି ମନେ ହେଉଥାଏ । ଏପରି ଏକ ଦୁଷ୍ଟ ରାଜତ୍ୱର ସମ୍ଭାବନାରୁ ଆମର ଏହି ଦୀନ ଓ କ୍ଲିଷ୍ଟ ପୃଥିବୀକୁ ସତର୍କ କରି ରଖିବାକୁ ହୁଏତ ଆଦୌ ନିରର୍ଥକ ବୋଲି କୁହାଯାଇ ପାରିବ ନାହିଁ ।

ଅତିମାନବ ସ୍ୱୟଂ ଏହି ପୃଥିବୀରେ ଆବିର୍ଭୂତ ହୋଇ ନିଜର ଯଥାର୍ଥ ସ୍ୱଭାବର ପରିଚୟ ନ ଦେଇଥିବା ପର୍ଯ୍ୟନ୍ତ, ସଦିଚ୍ଛାସମ୍ପନ୍ନ ପ୍ରତ୍ୟେକ ମନୁଷ୍ୟ ଲାଗି ହୁଏତ ଏହାହିଁ ଏକ ଉଚିତ କର୍ତ୍ତବ୍ୟ ହୋଇ ରହିବ ଯେ, ସିଏ ଯାହାକିଛିକୁ ସବୁଠାରୁ ଅଧିକ ସୁନ୍ଦର, ଅଧିକ ଉଦାତ୍ତ, ସବୁଠାରୁ ଅଧିକ ସତ୍ୟ ଏବଂ ସବୁଠାରୁ ଅଧିକ ଶୁଦ୍ଧ, ସବୁଠାରୁ ଅଧିକ ଜ୍ୟୋତିଃଯୁକ୍ତ ଏବଂ ଉତ୍ତମ ବୋଲି କଳ୍ପନା କରି ପାରୁଛି, ସିଏ ତାହାରି ବିଷୟରେହିଁ ସଚେତନ ହୋଇ ରହିଥିବ, ଏବଂ ତାହାର ସେହି କଳ୍ପନାଗୁଡ଼ିକ ଯେପରି ସମସ୍ତ ପୃଥିବୀ ଏବଂ ସବୁ ମଣିଷଙ୍କର ମଙ୍ଗଳ ସକାଶେ ତାହାର ନିଜ ଜୀବନ ମଧ୍ୟରେ ଉପଲବ୍ଧ ହୋଇପାରିବ, ସିଏ ସେଥିଲାଗି ସତତ ଏକ ଅଭୀପ୍ସା ମଧ୍ୟ ରଖିଥିବ ।

*ବୁଲେଟିନ୍, ନଭେମ୍ବର ୧୯୫୪*

# ନାରୀମାନଙ୍କର ସମସ୍ୟା

ଆଜି ମୁଁ ତୁମମାନଙ୍କୁ ନାରୀମାନଙ୍କର ସମସ୍ୟା ବିଷୟରେ କହିବାକୁ ଇଚ୍ଛା କରୁଛି । ଏହି ପୃଥିବୀରେ ମନୁଷ୍ୟଜାତିର ଆବିର୍ଭାବ ଘଟିବା ସମୟରୁ ଏହି ସମସ୍ୟାଟି ମଧ୍ୟ ରହିଛି, ମାତ୍ର ନିଜର ମୂଳୋତ୍ପତ୍ତିର କ୍ଷେତ୍ରରେ ଆମେ ତାହାକୁ ଆହୁରି ଅଧିକ ପୁରାତନ ଏକ ସମସ୍ୟା ବୋଲି କହିପାରିବା । କାରଣ ଏହି ସମସ୍ୟାଟିକୁ ନିୟନ୍ତ୍ରଣ କରୁଥିବା ଏବଂ ତାହାର ସମାଧାନ କରୁଥିବା ମୂଳ ନିୟମଟିକୁ ଯଦି ଆମେ ଖୋଜି ବାହାର କରିବାକୁ ବସିବା, ତେବେ ଆମକୁ ଏହି ବିଶ୍ୱବ୍ରହ୍ମାଣ୍ଡର ସର୍ବପ୍ରଥମ ଉନ୍ମେଷଯାଏ ଫେରିଯିବାକୁ ପଡ଼ିବ, ଏପରିକି ବିଶ୍ୱସୃଷ୍ଟିର ପ୍ରାକ୍‌କାଳକୁ ମଧ୍ୟ ଯିବାକୁ ପଡ଼ିବ ।

କେତୋଟି ଅତିପ୍ରାଚୀନ ପରମ୍ପରା ଅନୁସାରେ, ସମ୍ଭବତଃ ଏପରିକି ପ୍ରକୃତରେ ପ୍ରାଚୀନତମ ପରମ୍ପରାଟି ଅନୁସାରେ, ଜଣେ ସର୍ବୋଚ୍ଚ ଅଦ୍ୱିତୀୟ ପରମସତ୍ତା ନିଜକୁ ଏକ ମୂର୍ତ୍ତ ରୂପ ଦେଇ ଅଭିବ୍ୟକ୍ତ ହେବା ଲାଗି ଇଚ୍ଛାପ୍ରକାଶ କଲେ, ତାହାକୁହିଁ ବିଶ୍ୱଭୁବନର କାରଣ ରୂପେ ବିଚାର କରାଯାଇଥାଏ । ଏବଂ ସେହି ଆତ୍ମ-ମୂର୍ତ୍ତୀକରଣର ସର୍ବପ୍ରଥମ କ୍ରିୟାଟି ସ୍ୱରୂପ ସେ ଏକ ସୃଜନାତ୍ମକ ପରମଚେତନାକୁ ନିଜ ମଧ୍ୟରୁ ନିଃସୃତ କରି ଆଣିଥିଲେ । ଏହି କ୍ଷେତ୍ରରେ ଏହି ପ୍ରାଚୀନ ପରମ୍ପରାଗୁଡ଼ିକ ସାଧାରଣତଃ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ବର୍ଣ୍ଣନା କରିବାକୁ ଯାଇ ପୁଂଲିଙ୍ଗରହିଁ ବ୍ୟବହାର କରିଥା'ନ୍ତି ଏବଂ ପରମଚେତନାକୁ ସ୍ତ୍ରୀଲିଙ୍ଗ ଦ୍ୱାରା ଦର୍ଶାଇ ଦେଇଥା'ନ୍ତି । ଏହିଥିରୁହିଁ ଆମକୁ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ସେହି ଆଦିମତମ ବିଭେଦ-ନିରୂପଣର ସର୍ବପ୍ରଥମ ସୂଚନାଟି ମିଳିଯାଇ ପାରିବ । ଏଥିରେ ଯୁଗପତ୍ ଭାବରେ ସ୍ତ୍ରୀ ତୁଳନାରେ ପୁରୁଷକୁହିଁ ଗୋଟାଏ ପ୍ରକାରର ଅଗ୍ରସ୍ଥାନ ଦେଇ ଦିଆଯାଇଛି । ସ୍ତ୍ରୀ ଓ ପୁରୁଷ ବସ୍ତୁତଃ ଯାବତୀୟ ବିଶ୍ୱରୂପାୟନର ପ୍ରାକ୍‌କାଳରେ ଅଖଣ୍ଡ, ଅଭିନ୍ନ ଏବଂ ପରସ୍ପରର ସହାବସ୍ଥିତ ଭାବରେ ଅବସ୍ଥିତ ରହିଥିଲେହେଁ, କାହାଣୀଟି ଅନୁସାରେ ପୁରୁଷହିଁ ସର୍ବପ୍ରଥମ ନିଷ୍ପତ୍ତିକୁ ଗ୍ରହଣ କରିଛି ଏବଂ ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସକାଶେ ନିଜ ମଧ୍ୟରେ ସ୍ତ୍ରୀକୁ ପ୍ରସର୍ଜିତ କରି ଆଣିଛି । ଏହିପରି କହିବାର ଅଭିପ୍ରାୟ ହେଉଛି ଯେ, ସ୍ତ୍ରୀ ବ୍ୟତୀତ ଆଦୌ କୌଣସି ସୃଜନ ସମ୍ଭବ ହେଉ ନ ଥିଲେ ମଧ୍ୟ ଆଗ ପୁରୁଷହିଁ ନିଷ୍ପତ୍ତି ଗ୍ରହଣ କରି ନ ଥିଲେ ନାରୀର ଆବିର୍ଭାବ କଦାପି ସମ୍ଭବ ହୋଇ ନ ଥା'ନ୍ତା ।

ଏହି ବ୍ୟାଖ୍ୟାଟି ମଧ୍ୟରେ ଅତିରିକ୍ତ ପରିମାଣରେ ଏକ ମାନୁଷୀ କଳ୍ପନା ମିଶିକରି ରହି ନାହିଁ କି ?– ଏଠାରେ ଆମେ ସେହି ପ୍ରଶ୍ନଟିକୁ ନିଶ୍ଚୟ ପଚାରିବାକୁ ବାହାରିବା ।

ମାତ୍ର, ପ୍ରକୃତ ସତ କଥା କହିବାକୁ ଗଲେ ମଣିଷମାନେ ଏସବୁ ବିଷୟରେ ଯେତେ ଯାହା ବ୍ୟାଖ୍ୟା ଓ ବର୍ଣ୍ଣନା ଦେବାକୁ ବାହାରିବେ, ତାହା ସର୍ବଦା ଠିକ୍ ସେହିପରି ମାନୁଷୀ ହୋଇ ରହିବାକୁହିଁ ବାଧ୍ୟ ହେବ, ଅନ୍ତତଃ ସେଗୁଡ଼ିକୁ ସୂତ୍ରବଦ୍ଧ କରି ରଖିବାର କ୍ଷେତ୍ରରେ ତାହା ସେପରି ଅବଶ୍ୟ ହେବ । କାରଣ, ପରମ ଅବିଜ୍ଞେୟ ଏବଂ ଅଭାବନୀୟଟି ଅଭିମୁଖରେ ନିଜର ଆରୋହଣ କ୍ରମରେ କେତେକ ବିଶେଷ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ସାଧାରଣ ମନୁଷ୍ୟ-ପ୍ରକୃତିର ଆହୁରି ଊର୍ଦ୍ଧ୍ୱକୁ ଉଠିବାକୁ ସମର୍ଥ ହୋଇଛନ୍ତି ଏବଂ ଏକ ଗଭୀର ତଥା ଆଦୌ କୌଣସି ସୂତ୍ର ଭିତରେ ବାନ୍ଧି ହୋଇ ରହି ପାରୁ ନ ଥିବା ଅନୁଭବ ମଧ୍ୟରେ ନିଜ ଅନ୍ୱେଷଣର ବସ୍ତୁଟି ସହିତ ଏକ ଏକାତ୍ମକତା ଅର୍ଜନ କରି ପାରିଛନ୍ତି । ମାତ୍ର ନିଜର ସେହି ଆବିଷ୍କାର ଲବ୍ଧ ସମ୍ପଦଟିକୁ ଅନ୍ୟମାନଙ୍କର ବୁଝିବା ଲାଗି ପରିବେଷଣ କରିଦେବା ଲାଗି ଇଚ୍ଛା କରିବା ବେଳକୁହିଁ ସେମାନଙ୍କୁ ସେହି ଅନୁଭୂତିଟିକୁ ସୂତ୍ର ଦେଇ ବ୍ୟାଖ୍ୟା କରିବାକୁ ପଡ଼ିଛି ଏବଂ ସମସ୍ତଙ୍କ ପାଖରେ ବୋଧ ହୋଇ ପାରିବା ଲାଗି ସେହି ସୂତ୍ରଟିକୁ ନିୟମତଃ ମାନୁଷୀ ଏବଂ ପ୍ରତୀକାତ୍ମକ ହୋଇ ଯିବାକୁ ପଡ଼ିଛି ।

ପୁରୁଷ ପ୍ରାୟ ସବୁବେଳେ ନାରୀ ତୁଳନାରେ ନିଜକୁ ଯେପରି ଉଚ୍ଚତର ସ୍ତରର ବୋଲି ଅନୁଭବ କରି ଆସିଛି, ଆମେ ସେଥିଲାଗି ସେମାନଙ୍କର ଏହିସବୁ ଅନୁଭବ ଓ ସେଗୁଡ଼ିକର ସୂତ୍ରପ୍ରକଟନକୁ ଦାୟୀ କରିପାରିବା, ଏଠାରେ ଆମେ ହୁଏତ ସେହି ପ୍ରଶ୍ନଟିକୁ ବି ପଚାରି ପାରିବା । ବା, ଅନ୍ୟ ପକ୍ଷରେ, ବର୍ତ୍ତମାନ ପ୍ରାୟ ସର୍ବବ୍ୟାପୀ ହୋଇ ରହିଥିବା ଏହି ଉଚ୍ଚତରତାର ବୋଧଟିକୁହିଁ ଆମେ ସେହି ଅନୁଭୂତିଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ପ୍ରକାଶ କରିଥିବା ସକାଶେ ଦାୟୀ କରିବା, ଏଠାରେ ସେ କଥାଟିକୁ ମଧ୍ୟ ବେଶ୍ ପଚାରି ହେବ ।...

ସେ କଥା ଯାହା ହୋଇଥାଉ ପଛକେ, ଗୋଟିଏ କଥା ତଥାପି ନିର୍ବିବାଦ ହୋଇ ରହିବ : ପୁରୁଷ ନିଜକୁ ଉଚ୍ଚତର ସ୍ତରର ବୋଲି ଭାବୁଛି ଏବଂ ତେଣୁ ନିଜର ଅଧିକାର ଜାରି କରି ରଖିବାକୁ ଇଚ୍ଛା କରୁଛି; ସ୍ତ୍ରୀ ନିଜକୁ ଉତ୍ପୀଡ଼ିତା ବୋଲି ଅନୁଭବ କରୁଛି ଏବଂ ତେଣୁ ପ୍ରକାଶ୍ୟ ଭାବରେ ହେଉ ଅଥବା ପ୍ରଚ୍ଛନ୍ନ ଭାବରେ ହେଉ, ସିଏ ସେଥିଲାଗି ବିଦ୍ରୋହ ବି କରୁଛି । ଏବଂ ଏହିପରି ଭାବରେ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ସେହି ଚିରନ୍ତନ କଳହ ଯୁଗଯୁଗ ଧରି ଲାଗି ରହିଛି,— ମର୍ମତଃ ତାହା ଏକାଭଳି ହୋଇ ରହିଛି, ମାତ୍ର ନିଜର ରୂପ ଓ ବର୍ଣ୍ଣରେ ଅଗଣିତ ଅନେକ ପ୍ରକାର ଧାରଣ କରୁଛି ।

ଅବଶ୍ୟ ଏକଥା ସତ ଯେ, ପୁରୁଷ ନାରୀ ଉପରେହିଁ ସମୁଦାୟ ଦୋଷଟିକୁ ଢାଳିଦେବାରେ ଲାଗିଛି ଏବଂ ତେଣେ ନାରୀ ମଧ୍ୟ ପୁରୁଷକୁ ଏହି ସ୍ଥିତିଟି ଲାଗି ସଂପୂର୍ଣ୍ଣ ଭାବରେ ଦାୟୀ କରୁଛି । ପ୍ରକୃତ କଥା ହେଉଛି ଯେ, ଦୋଷଟିକୁ ଦୁହିଙ୍କ ମଧ୍ୟରେ ସମାନ

ଭାବରେ ବାଣ୍ଟି ଦେଇ ଦିଆଯିବା ଉଚିତ ଏବଂ ଦୁହିଙ୍କ ମଧ୍ୟରୁ କୌଣସି ଗୋଟିଏ ପକ୍ଷର ମଧ୍ୟ ନିଜକୁ ଅପରଠାରୁ ଅଧିକ ଉଚ୍ଚ ବୋଲି କହି ଗର୍ବ କରିବାର ଅଧିକାର ଆଦୌ ରହିବା ଉଚିତ ନୁହେଁ । ଏବଂ, ଉଚ୍ଚତର ଏବଂ ନିକୃଷ୍ଟତରର ଏହି ଧାରଣାଟି ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନ ଯିବା ପର୍ଯ୍ୟନ୍ତ, କୌଣସି କଥା ବା କୌଣସି ବ୍ୟକ୍ତି ମନୁଷ୍ୟଜାତିକୁ ଏହିପରି ଦୁଇ ବିବାଦୀ ଶିବିରରେ ବିଭକ୍ତ କରି ରଖିଥିବା ଏହି ଭ୍ରାନ୍ତିଟିର କଦାପି ଅପନୋଦନ କରି ପାରିବ ନାହିଁ ଏବଂ ସମସ୍ୟାଟିର ବି କୌଣସି ସମାଧାନ ହୋଇ ପାରିବ ନାହିଁ ।

ଏହି ସମସ୍ୟାଟି ଉପରେ କେତେ କେତେ କଥା କୁହାହୋଇ ସାରିଛି, ନାନାବିଧ କେତେ କେତେ ଦୃଷ୍ଟିକୋଣରୁ ସମସ୍ୟାଟିର ବିଚାର କରିବାକୁ ଚେଷ୍ଟା କରାଯାଇଛି, ଏବଂ ଏହିସବୁ ଯାବତୀୟ ଦୃଷ୍ଟିକୋଣକୁ ବ୍ୟାଖ୍ୟା କରି କହିବାକୁ ଗଲେ ଗୋଟାଏ ସଂପୂର୍ଣ୍ଣ ଗ୍ରନ୍ଥ ମଧ୍ୟ ସେଥିଲାଗି କଦାପି ଯଥେଷ୍ଟ ହେବ ନାହିଁ । ସାଧାରଣ ଭାବରେ କହିବାକୁ ଗଲେ, ସେହି ସିଦ୍ଧାନ୍ତଗୁଡ଼ିକ ପ୍ରକୃତରେ ଭାରି ଚମତ୍କାର, ବା, ସେହି ପ୍ରତ୍ୟେକଟି ସିଦ୍ଧାନ୍ତର ନିଃସନ୍ଦେହ ଭାବରେ ନିଜ ପକ୍ଷରେ ଅନେକ ଭଲ ଯୁକ୍ତି ମଧ୍ୟ ରହିଛି; ମାତ୍ର, ସେଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବାର କ୍ଷେତ୍ରରେ ଆଦୌ ସେତେଦୂର ସଫଳତା ଉପଲବ୍ଧ ହୋଇ ନାହିଁ । ଏବଂ, ଅତୀତର ସେହି ପ୍ରସ୍ତର ଯୁଗର ତୁଳନାରେ ଏହି କାର୍ଯ୍ୟାନ୍ୱିତ କରିବାର କ୍ଷେତ୍ରରେ ଆମେ ପ୍ରକୃତରେ ଆଦୌ କୌଣସି ଅଗ୍ରଗତି କରିଛୁ କି ନାହିଁ, ସେ କଥା ମୁଁ ମୋଟେ ଜାଣି ନାହିଁ । କାରଣ, ପାରସ୍ପରିକ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ, ପୁରୁଷ ଓ ସ୍ତ୍ରୀ ଉଭୟ ଏକାଧାରରେ ପରସ୍ପର ଲାଗି ଉତ୍ପୀଡ଼ନକାରୀ ଗୋଟିଏ ଗୋଟିଏ ପ୍ରଭୁ ଏବଂ କେତେକାଂଶରେ ଅତି ଦୟନୀୟ ହୋଇ ରହିଥିବା ଜଣେ ଜଣେ ଦାସ ବା କିଙ୍କର ହୋଇ ବି ରହିଛନ୍ତି ।

ହଁ, ସେମାନେ ପରସ୍ପରର ଦାସ ହୋଇ ରହିଛନ୍ତି; କାରଣ, ନିଜ ଭିତରେ ନାନା ବାସନା, ଅଗ୍ରରୁଚି, ଏବଂ ଆସକ୍ତି ରହିଥିବା ପର୍ଯ୍ୟନ୍ତ ଆମେ ଯେ କୌଣସି ବ୍ୟକ୍ତିକୁ ଏଗୁଡ଼ିକର ଦାସ ବୋଲିହିଁ କହିପାରିବା; ନିଜର ନାନା ପରିତୃପ୍ତି ଲାଗି ସିଏ ଯେଉଁସବୁ ବସ୍ତୁ ଓ ଯେଉଁ ବ୍ୟକ୍ତିମାନଙ୍କ ଉପରେ ନିର୍ଭରଶୀଳ ହୋଇ ରହିଛି, ଆମେ ତାହାକୁ ସେହିମାନଙ୍କର ଦାସ ବୋଲି ଅବଶ୍ୟ କହିବା ।

ତେଣୁ, ପୁରୁଷ ଲାଗି ଓ ପୁରୁଷର ବଳ ଲାଗି ନାରୀ ଯେଉଁ ଆକର୍ଷଣ ଅନୁଭବ କରୁଛି, ତାହାରି ସକାଶେହିଁ ନାରୀ ପୁରୁଷର ଦାସୀ ହୋଇ ରହିଛି । ସିଏ ଏକ ଗୃହର ବାସନା ରଖିଛି, ଏକ ଗୃହରୁ ମିଳୁଥିବା ନିରାପତ୍ତା ଲାଗି ବାସନା ରଖିଛି ଏବଂ ପରିଶେଷରେ, ମାତୃତ୍ୱ ଲାଗି ତା'ର ଏକ ଆସକ୍ତି ମଧ୍ୟ ରହିଛି; ଏବଂ ସେଇଥିଲାଗି ସେ ପୁରୁଷର ଦାସୀ ହୋଇ ରହିଛି । ଏବଂ ଅନ୍ୟ ପକ୍ଷରେ ପୁରୁଷ ମଧ୍ୟ ନାରୀର ଦାସ ହୋଇ ରହିଛି; କାରଣ ସିଏ ନାରୀକୁ ନିଜର ସମ୍ପତ୍ତି ପରି ଅଧିକାର କରି ରଖିବାକୁ ଚାହୁଁଛି; କ୍ଷମତା ଏବଂ

ଅଧିକାରତ୍ୱ ଲାଗି ତା’ ଭିତରେ ଯେଉଁ ପିପାସା ରହିଛି, ଯୌନସମ୍ବନ୍ଧ ଲାଗି ତା’ ଭିତରେ ଯେଉଁ ବାସନା ରହିଛି ଏବଂ ବିବାହିତ ଜୀବନର କ୍ଷୁଦ୍ର ଆରାମ ଓ ଅନୁକୂଳତାଗୁଡ଼ିକ ପ୍ରତି ତା’ର ଯେଉଁ ଆସକ୍ତି ବି ରହିଛି, ପୁରୁଷ ସେଥିସକାଶେହିଁ ନାରୀର ଦାସ ହୋଇ ରହିଛି ।

ତେଣୁ, ନାରୀ ନିଜେ ନିଜକୁ ମୁକ୍ତ ନ କରିବା ପର୍ଯ୍ୟନ୍ତ କୌଣସି ନିୟମ ଦ୍ୱାରା ସେ କଦାପି ମୁକ୍ତ ହୋଇପାରିବ ନାହିଁ । ଠିକ୍ ସେହିପରି, ଯାବତୀୟ ଅନ୍ତର୍ଗତ ଦାସତ୍ୱରୁ ନିଜକୁ ମୁକ୍ତ କରି ଆଣିଲେ ଯାଇ ପୁରୁଷ ତା’ର ବର୍ତ୍ତମାନ ଦାସତ୍ୱରୁ ନିଜକୁ ମୁକ୍ତ କରି ପାରିବ, ଅଧିକାର ବିସ୍ତାର କରି ରହିବାର ତା’ର ଯାବତୀୟ ସଂସ୍କାର ଓ ଅଭ୍ୟାସ ସତ୍ତ୍ୱେ ସିଏ ତଥାପି ନିଜର ମୁକ୍ତିବିଧାନ କରିପାରିବ ।

ଏବଂ, ଏହି ପ୍ରଚ୍ଛନ୍ନ ସଂଘର୍ଷଟି ଅଧିକାଂଶ ସମୟରେ ଅପ୍ରକଟ ହୋଇ ରହିଥିଲେ ମଧ୍ୟ ତଥାପି ସର୍ବଦାହିଁ ଅବଚେତନ ସ୍ତରରେ ଲାଗି ରହିଥାଏ, ଏପରିକି ସର୍ବୋତ୍ତମ ବ୍ୟକ୍ତିମାନଙ୍କର ଜୀବନରେ ଲାଗି ବି ରହିଥାଏ । ଏବଂ, ମନୁଷ୍ୟମାନେ ନିଜର ସାଧାରଣ ଚେତନାଟିରୁ ଉପରକୁ ଉଠିଯାଇ ପୂର୍ଣ୍ଣ ଚେତନାଟି ସହିତ ନିଜକୁ ଏକାତ୍ମକ ନ କରି ପାରିଥିବା ପର୍ଯ୍ୟନ୍ତ ଏବଂ ସେହି ସର୍ବୋଚ୍ଚ ପରମ ସତ୍ୟଟି ସହିତ ସମ୍ମିଳିତ ହୋଇ ନ ଥିବା ପର୍ଯ୍ୟନ୍ତ ଉକ୍ତ ସଂଗ୍ରାମଟି ସତେଅବା ଅନିବାର୍ଯ୍ୟ ଓ ଅନତିକ୍ରମ୍ୟ ବୋଲି ବୋଧ ହେଉଥାଏ । କାରଣ, ଏହି ଉଚ୍ଚତର ଚେତନାଟିକୁ ଉପଲବ୍ଧି କରିବା ସଙ୍ଗେ ସଙ୍ଗେହିଁ ଆମେ ଏକଥାଟିକୁ ମଧ୍ୟ ଉପଲବ୍ଧି କରିବାକୁ ଆରମ୍ଭ କରୁ ଯେ ନାରୀ ଏବଂ ପୁରୁଷ ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଛି, ତାହା ହେଉଛି ପ୍ରକୃତରେ କେବଳ ଏକ ଭୌତିକ ସ୍ତରର ପାର୍ଥକ୍ୟ, ସଂପୂର୍ଣ୍ଣ ଭାବରେ ଏକ ବାହ୍ୟ ପାର୍ଥକ୍ୟ ।

ବସ୍ତୁତଃ, ଏକାବେଳେକେ ଆରମ୍ଭ କାଳରେ ଏହି ପୃଥିବୀରେ ହୁଏତ ବିଶୁଦ୍ଧ ଭାବରେ ଏକ ପୁରୁଷ-ପ୍ରକାର ଓ ସେହିପରି ବିଶୁଦ୍ଧ ଭାବରେ ଏକ ସ୍ତ୍ରୀ-ପ୍ରକାର ଅବଶ୍ୟ ରହିଥିବ; ପ୍ରତ୍ୟେକଟି ପ୍ରକାରର ତା’ର ବିଶେଷ ତଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ଦେଖାଯାଉଥିବା ଲକ୍ଷଣମାନ ମଧ୍ୟ ରହିଥିବ । ମାତ୍ର ତା’ପରେ ଏକ ଅନିବାର୍ଯ୍ୟ ସମ୍ମିଶ୍ରଣ ଫଳରେ, ବଂଶାନୁଗତତା ଫଳରେ, ମାଆମାନଙ୍କ ପରି ଦେଖାଯାଉଥିବା ପୁଅ ଏବଂ ବାପାମାନଙ୍କ ପରି ଦେଖାଯାଉଥିବା ଝିଅମାନଙ୍କ ହେତୁ, ସାମାଜିକ ଅଗ୍ରଗତି ଏବଂ ଏକା ପ୍ରକାରର ଜୀବିକାଗୁଡ଼ିକ ଫଳରେ – ଏହି ସବୁକିଛି ଫଳରେ ଆମ ପକ୍ଷରେ ସେହି ବିଶୁଦ୍ଧ ପ୍ରକାର ଦୁଇଟି ମଧ୍ୟରୁ କୌଣସି ଗୋଟିଏକୁ ମଧ୍ୟ ଆବିଷ୍କାର କରିବା ଆଦୌ ସମ୍ଭବ ହେବ ନାହିଁ । ସବୁପୁରୁଷ ଅନେକ କ୍ଷେତ୍ରରେ ନାରୀଗୁଣର ବାହକ ହୋଇ ରହିଥିବା ପରି ଦେଖାଯିବେ ଏବଂ ସବୁ ନାରୀ ମଧ୍ୟ ଅନେକ ସ୍ୱଭାବର କ୍ଷେତ୍ରରେ ପୁରୁଷ ସଦୃଶ ନିଶ୍ଚୟ ଦେଖାଯିବେ । ବିଶେଷକରି ଆଧୁନିକ ସମାଜଗୁଡ଼ିକରେ ଆମକୁ ସେହି କଥାଟିହିଁ ଦେଖିବାକୁ ମିଳିବ ।

ମାତ୍ର, ଦୁର୍ଭାଗ୍ୟ ବଶତଃ, ନାରୀ ଓ ପୁରୁଷର ଶାରୀରିକ ବାହ୍ୟ ରୂପଟି ଅଲଗା ଅଲଗା ହୋଇଥିବାରୁ ସେହି କ୍ଷେତ୍ରରେ ବିବାଦଟି ମଧ୍ୟ ଚିରସ୍ଥାୟୀ ହୋଇ ରହିଯାଇଛି, ଓ ସମ୍ଭବତଃ ପ୍ରତିଦ୍ୱନ୍ଦ୍ୱିତାର ଏକ ମନୋଦୃଷ୍ଟି ସେହି ବିବାଦକୁ ଆହୁରି ଅଧିକ ତୀବ୍ର ବି କରି ରଖିଛି ।

ନିଜ ଜୀବନର ସର୍ବୋତ୍ତମ ମୁହୂର୍ତ୍ତଗୁଡ଼ିକରେ ନାରୀ ଓ ପୁରୁଷ ଉଭୟେ ସେମାନଙ୍କର ଲିଙ୍ଗଗତ ବିଭିନ୍ନତାକୁ ନିଶ୍ଚୟ ଭୁଲିଯାଇ ପାରିବେ ସତ, ମାତ୍ର ସେହି ପାର୍ଥକ୍ୟବୋଧଟି ବିଷୟରେ ଏତେଟିକିଏ ଉତ୍ତେଜନା ପାଇବା ମାତ୍ରକେ ତାହା ପୁଣି ଆସି ସେମାନଙ୍କୁ ଅଧିକାର କରିବସିବ । ନାରୀ ନିଜକୁ ଜଣେ ନାରୀ ବୋଲି ଅନୁଭବ କରିବ ଏବଂ ପୁରୁଷ ବି ନିଜକୁ ଜଣେ ପୁରୁଷବୋଲି ଭାବି ସଚେତନ ହୋଇଯିବ ଏବଂ ତା'ପରେ ସେହି ବିବାଦଟି କୌଣସି ନା କୌଣସି ଆକାରରେ, ପ୍ରଚ୍ଛନ୍ନ ବା ପ୍ରତ୍ୟକ୍ଷ ଯେଉଁ ରୂପରେ ହେଉ ପଛକେ, ପୁନର୍ବାର ଜୀବନ ପାଇଉଠିବ ଏବଂ, ତାହାକୁ ଆମେ ଯେତିକି ବେଶୀ ସ୍ୱୀକାର କରୁ ନ ଥିବା, ତାହା ହୁଏତ ସେତିକି ଅଧିକ ତିକ୍ତ ଭାବରେ ଆବିର୍ଭୂତ ହେବାରେ ଲାଗିଥିବ । ଏବଂ, ନାରୀ ଓ ପୁରୁଷର ବିଭିନ୍ନତାବୋଧୀ ଭାବଟି ଏହି ସଂସାରରୁ ଲୁପ୍ତ ହୋଇଯିବା ପର୍ଯ୍ୟନ୍ତ ଅର୍ଥାତ୍ ଲିଙ୍ଗହୀନ ଏକ ଅନ୍ୟପ୍ରକାର ଶରୀରରେ ସେମାନେ ଗୋଟିଏ ଗୋଟିଏ ଜୀବନ୍ତ ଆତ୍ମା ରୂପେ ନିଜର ସେହି ଅଭିନ୍ନ ଆଦି ଅବସ୍ଥାଟିକୁ ଅଭିବ୍ୟକ୍ତ କରିପାରିବା ପର୍ଯ୍ୟନ୍ତ ଏହି ବିବାଦ ଯେ ନିଶ୍ଚୟ ଲାଗି ରହିଥିବ, ଆମର ମନରେ ଏପରି ଗୋଟିଏ ସଂଶୟ ମଧ୍ୟ ଆସି ଉପସ୍ଥିତ ହୁଏ ।

କାରଣ, ଆମେ ସମସ୍ତେ ଏପରି ଏକ ପୃଥିବୀର ସ୍ୱପ୍ନ ଦେଖୁଛୁ, ଯେଉଁଥିରେ କି ଏହି ଯାବତୀୟ ବିରୋଧ ଏବଂ ବିବାଦ ପରିଶେଷରେ ଏକାବେଳେକେ ଅନ୍ତର୍ହିତ ହୋଇଯିବ; ଏବଂ ଯେଉଁ ସତ୍ତା ମନୁଷ୍ୟଜାତିରେ ଯାହାକିଛି ସର୍ବୋତ୍ତମ ହୋଇ ରହିଛି, ସେହିଗୁଡ଼ିକରହିଁ ଏହି ସୌଷମ୍ୟଯୁକ୍ତ ସମନ୍ୱୟ ହୋଇ ରହିପାରିବ, କେବଳ ସେଇ ଉକ୍ତ ସଂସାରରେ ବଞ୍ଚିବା ଲାଗି ସମର୍ଥ ହେବ । ସେଇ ସତ୍ତା କଳ୍ପନା ଓ କର୍ମକୁ, ଦୃଷ୍ଟି ଏବଂ ସୃଷ୍ଟିକୁ କେବଳ ଗୋଟିଏ ଅଖଣ୍ଡ ଚେତନା ଏବଂ କ୍ରିୟାଶୀଳତା ମଧ୍ୟରେ ସମ୍ମିଳିତ କରି ରଖିପାରୁଥିବ ।

ଏବଂ ଏହିଭଳି ଗୋଟିଏ ସୁଖକର ଏବଂ ମୌଳିକ ସମାଧାନ ହୋଇପାରିବା ପର୍ଯ୍ୟନ୍ତ ଅନ୍ୟ ଅନେକ କ୍ଷେତ୍ର ପରି ଏହି କ୍ଷେତ୍ରରେ ମଧ୍ୟ ଭାରତବର୍ଷ ବର୍ତ୍ତମାନ ପରି ନାନା ତୀବ୍ର ଓ ପରସ୍ପରଦ୍ୱନ୍ଦ୍ୱୀ ବିରୋଧଗୁଡ଼ିକର ଏକ ଦେଶ ହୋଇ ରହିଥିବ; ଏବଂ ତଥାପି ଏକ ଅତ୍ୟନ୍ତ ବ୍ୟାପକ ଏବଂ ସମଗ୍ର ସମନ୍ୱୟ ଦ୍ୱାରା ସେଗୁଡ଼ିକୁ ସମାଧାନ କରିବାର ସମ୍ଭାବନାଟି ମଧ୍ୟ ଉନ୍ମୁକ୍ତ ହୋଇ ରହିଥିବ ।

ବସ୍ତୁତଃ, ଏହି ଭାରତବର୍ଷରେ ଆମକୁ ଏହି ସମଗ୍ର ବିଶ୍ୱର ସୃଷ୍ଟିକାରିଣୀ, ରିପୁଦଳନିବାରିଣୀ, ସକଳ ଦେବତା ତଥା ସକଳ ବିଶ୍ୱର ଜନ୍ମଦାତ୍ରୀ ଏବଂ ସର୍ବବର

ପ୍ରଦାୟିନୀ ସେହି ପରମା ଜନନୀଙ୍କ ଲାଗି ସବୁଠାରୁ ଅଧିକ ଶ୍ରଦ୍ଧା ଏବଂ ଅନୁରାଗ ଓ ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଭକ୍ତି ରହିଥିବାର ଦୃଷ୍ଟିଗୋଚର ହୁଏ ନାହିଁ କି ?

ଏବଂ ଠିକ୍ ଏହି ଭାରତବର୍ଷରେହିଁ ଅନ୍ୟପକ୍ଷରେ ସେହି ନାରୀତ୍ୱରୂପୀ ମୂଳ ସିଦ୍ଧାନ୍ତଟି ଲାଗି, ପ୍ରକୃତି ଲାଗି ସବୁଠାରୁ ଅଧିକ ମୂଳଭୂତ ଭାବରେ ଏକ ଅଶ୍ରଦ୍ଧା ଓ ଅତିରିକ୍ତ ଘୃଣା ପ୍ରଦର୍ଶନ କରାଯାଇ ନ ଥାଏ କି ? ତାହାକୁ ଅବିଶୁଦ୍ଧକାରୀ ମାୟା ବୋଲି କହି ନିନ୍ଦା କରାଯାଏ ନାହିଁ କି, ତାହାକୁ ଯାବତୀୟ ପତନ ଏବଂ ଦୁଃଖର କାରଣ ବୋଲି କୁହାଯାଏ ନାହିଁ କି ? ସେହି ପ୍ରକୃତିହିଁ ଆମକୁ ସତତ ବଞ୍ଚନା କରିବାରେ ଲାଗିଛି, ଆମକୁ ଦୂଷିତ କରିପକାଉଛି ଓ ପରମ ଦିବ୍ୟତାଠାରୁ ଆମକୁ ପ୍ରଲୁବ୍ଧ କରି ଦୂରକୁ ନେଇଯାଉଛି ବୋଲି ଅପବାଦ ଦିଆଯାଏ ନାହିଁ କି ?

ଭାରତବର୍ଷର ସମଗ୍ର ଜୀବନଟି ଆଜି ଠିକ୍ ଏଇ ବିରୋଧଟି ଦ୍ୱାରାହିଁ ଆକ୍ରାନ୍ତ ହୋଇ ରହିଛି; ମନ ଏବଂ ହୃଦୟ ଉଭୟକ୍ଷେତ୍ରରେ ଭାରତବର୍ଷ ସେହି ବ୍ୟାଧିଟିକୁ ଭୋଗ କରିବାରେ ଲାଗିଛି । ସବୁଜାଗାରେ ମନ୍ଦିର ଗଢ଼ି କେତେ ଦେବୀମୂର୍ତ୍ତିର ସ୍ଥାପନା ହେଉଛି, ଭାରତବର୍ଷର ସନ୍ତାନମାନେ ସେମାନଙ୍କର ଜନନୀ ଦୁର୍ଗାଙ୍କଠାରୁ ମୋକ୍ଷ ଓ ମୁକ୍ତି ଲାଭ କରିବେ ବୋଲି କେତେ ପ୍ରତ୍ୟାଶା କରି ବସିଛନ୍ତି । ମାତ୍ର ତଥାପି ସେହି ଭାରତବର୍ଷରହିଁ ଜଣେ ସନ୍ତାନ କ'ଣ ଏକଥା ବି କହି ନାହାନ୍ତି ଯେ ଭଗବତ୍ ପରମସତ୍ତା ଜଣେ ନାରୀର ଶରୀରରେ ଅବତୀର୍ଣ୍ଣ ହେବେ ନାହିଁ, କାରଣ ଯଥାର୍ଥ ମନୋଭାବଯୁକ୍ତ କୌଣସି ହିନ୍ଦୁ ତାଙ୍କୁ ଏକ ଅବତାର ବୋଲି ମୋଟେ ଚିହ୍ନି ପାରିବ ନାହିଁ ? ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ, ଏପରି ଏକ ଅତି ସଂକୀର୍ଣ୍ଣ ପକ୍ଷାଗ୍ରହଯୁକ୍ତ ଭାବ ଦ୍ୱାରା ପରମ ଦିବ୍ୟସତ୍ତା ଆଦୌ କୌଣସି ପ୍ରକାରେ ପ୍ରଭାବିତ ହୁଅନ୍ତି ନାହିଁ ବା ଏଭଳି କ୍ଷୁଦ୍ର ଦୃଷ୍ଟି ବିଚାରଗୁଡ଼ିକ ଦ୍ୱାରା ଆଦୌ କୌଣସି ପ୍ରକାରେ ବିଚଳିତ ହୋଇପଡ଼ନ୍ତି ନାହିଁ । ଏବଂ ଯେତେବେଳେ ସେ କୌଣସି ଏକ ପାର୍ଥିବ ଶରୀରରେ ଅଭିବ୍ୟକ୍ତ ହେବାକୁ ମନ କରନ୍ତି, ସେତେବେଳେ ତାଙ୍କୁ ପୁରୁଷମାନେ ଚିହ୍ନିପାରିବେ କି ନାହିଁ, ତାଙ୍କର ସେ ବିଷୟରେ ଆଦୌ ଭ୍ରୂକ୍ଷେପ ନ ଥାଏ । ଏବଂ ତାଙ୍କର ଯାବତୀୟ ଅବତାରଗ୍ରହଣ ସମୟରେ ସିଏ ସର୍ବଦାହିଁ ପଣ୍ଡିତ ଓ ପ୍ରବୀଣମାନଙ୍କ ଅପେକ୍ଷା ସାନପିଲା ଏବଂ ସରଳହୃଦୟ ବ୍ୟକ୍ତିମାନଙ୍କୁ ସର୍ବାଗ୍ର ସ୍ଥାନ ଦେଇଥିବା ପରିହିଁ ବୋଧ ହୋଇଥାଏ ।

ସେ ଯାହା ହୋଇଥାଉ ପଛକେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେପର୍ଯ୍ୟନ୍ତ ଏକ ନୂତନ କଳ୍ପନା ଓ ଏକ ନୂତନ ଚେତନାର ଅଭିବ୍ୟକ୍ତି ଏପରି ଏକ ନୂତନ ଜୀବ-ଜାତିର ସୃଷ୍ଟି କରିବା ଲାଗି ପ୍ରକୃତିକୁ ବାଧ୍ୟ ନ କରନ୍ତି, ଯିଏକି ଆଉ କଦାପି ଏହି ସାଧାରଣ ଜୀବସୃଜନର ଉପସ୍ଥିତ ପ୍ରୟୋଜନଗୁଡ଼ିକ ପାଖରେ ବଶତା ସ୍ୱୀକାର କରିବ ନାହିଁ ଏବଂ

ତେଣୁ ପରସ୍ପରର ଅନୁପୂରକ ହୋଇ ରହିଥିବା ଏହି ଦୁଇ ଲିଙ୍ଗରେ ବିଭକ୍ତ ହୋଇ ରହିବାକୁ ଆଦୌ ବାଧ ହେବ ନାହିଁ, ସେ ପର୍ଯ୍ୟନ୍ତ ବର୍ତ୍ତମାନର ମନୁଷ୍ୟଜାତିର ଅଗ୍ରଗତି ସକାଶେ ସର୍ବୋତ୍ତମ ଭାବରେ କେବଳ ଏତିକି କରାଯାଇ ପାରିବ ଯେ, ଆମେ ପୁରୁଷ ଓ ସ୍ତ୍ରୀ ଦୁଇଟିଯାକ ଲିଙ୍ଗକୁ ସଂପୂର୍ଣ୍ଣ ସମାନତାର ଏକ ଆଧାର ଉପରେ ଦେଖିବାକୁ ଚେଷ୍ଟା କରିବା ସେମାନଙ୍କୁ ଏକାପ୍ରକାରେହିଁ ଶିକ୍ଷିତ ତଥା ପ୍ରଶିକ୍ଷିତ କରାଇବା, ଏବଂ, ଯାବତୀୟ ଲିଙ୍ଗଗତ ବିଭେଦଭାବନାର ଊର୍ଦ୍ଧ୍ୱରେ ରହିଥିବା ଏକ ଦିବ୍ୟ ପରମ ସତ୍ୟ ସହିତ ସାତତ୍ୟଯୁକ୍ତ ଏକ ସଂପର୍କ ସ୍ଥାପନ କରି ତାଙ୍କରି ମାଧ୍ୟମରେହିଁ ସେମାନଙ୍କୁ ଯାବତୀୟ ସମ୍ଭାବନା ତଥା ସମଞ୍ଜସତାର ଅସଲ ମୂଳଟିକୁ ଆବିଷ୍କାର କରିବାକୁ ବି ଶିକ୍ଷା ଦେଇ ପାରିବା ।

ଏବଂ ତେବେ ହୁଏତ ଏକଥା ବି ଦିନେ ସମ୍ଭବ ହେବ ଯେ ଆଜି ଏତେ ଏତେ ବିରୋଧର ଭୂମି ହୋଇ ରହିଥିବା ଏହି ଭାରତବର୍ଷ କେତେକେତେ ନୂତନ ଉପଲବ୍ଧିର ଏକ ଭୂମିରେ ମଧ୍ୟ ପରିଣତ ହୋଇଯାଇ ପାରିବ; ଦିନେ ସେହି ଦେଶ ଯେପରି ଜନନୀ ପରି ସେହିସବୁ ଉପଲବ୍ଧିକୁ କଳ୍ପନା କରିବାର ଏକ ଭୂମି ହୋଇ ରହିଥିଲା, ଏକଦା ସିଏ ସେହି କଳ୍ପନାଗୁଡ଼ିକର ଏକ ଉପଲବ୍ଧି କ୍ଷେତ୍ରରେ ମଧ୍ୟ ପରିଣତ ହୋଇ ପାରିବ ।

*ବୁଲେଟିନ୍, ଏପ୍ରିଲ୍ ୧୯୫୫*

# ଦ୍ୱିତୀୟ ଭାଗ

# ବାଣୀ, ପତ୍ରାବଳୀ ଓ କଥୋପକଥନ

# ୧

# ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର

*୧୯୨୦ ରୁ ୧୯୪୦ ଏହି ଦୁଇ ଦଶକ ମଧ୍ୟରେ ଶିକ୍ଷାର କ୍ଷେତ୍ରରେ ମାଆଙ୍କର ମାର୍ଗଦର୍ଶନ ଅଳ୍ପକେତେକ ବ୍ୟକ୍ତିଙ୍କୁ ଫରାସୀ ଭାଷା ଶିକ୍ଷା ଦେବା ଏବଂ ସେମାନଙ୍କର ଅନ୍ୟ ଅଧୀତ ବିଷୟଗୁଡ଼ିକରେ ସାଧାରଣ ଭାବରେ କେତେକ ପରାମର୍ଶ ଦେବା ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥିଲା । ସେତେବେଳେ ସାନ ପିଲାମାନଙ୍କୁ ଆଶ୍ରମ ଭିତରେ ବାସ କରିବା ଲାଗି ନିୟମତଃ ଅନୁମତି ଦିଆ ଯାଉ ନ ଥିଲା । ଚତୁର୍ଥ ଦଶକର ଆରମ୍ଭରେ ଆଶ୍ରମରେ କେତେକ ପରିବାରଙ୍କୁ ଆସି ରହିବା ଲାଗି ଅନୁମତି ଦିଆଗଲା ଏବଂ ପିଲାମାନଙ୍କର ବିଦ୍ୟାଶିକ୍ଷା ଲାଗି ମଧ୍ୟ ପ୍ରଥମ କରି କେତେକ ବ୍ୟବସ୍ଥା କରାଗଲା । ୧୯୪୩ ମସିହା ଡିସେମ୍ବର ଦୁଇ ତାରିଖରେ ପ୍ରାୟ କୋଡ଼ିଏ ଜଣ ପିଲାଙ୍କ ଲାଗି ମାଆ ଔପଚାରିକ ଭାବରେ ଏକ ବିଦ୍ୟାଳୟର ଉନ୍ମୋଚନ କରିଥିଲେ । ସିଏ ନିଜେ ବି ସେତେବେଳେ ସେହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଥିଲେ । ପରବର୍ତ୍ତୀ ସାତବର୍ଷ ଭିତରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ସଂଖ୍ୟା ଆସ୍ତେ ଆସ୍ତେ ବୃଦ୍ଧି ପାଇଥିଲା ।*

*୧୯୫୧ ମସିହା ଏପ୍ରିଲ ୨୪ ତାରିଖରେ ମାଆ ଯେଉଁ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ, ସେଥିରେ ଏକ ''ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ର''ର ପ୍ରତିଷ୍ଠା ସକାଶେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୧୯୫୨ ମସିହା ଜାନୁଆରି ଛଅ ତାରିଖରେ ମାଆ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ର'ର ଉଦ୍‌ଘାଟନ କରିଥିଲେ । ୧୯୫୯ ମସିହାରେ ଏହି ନାମଟିକୁ ବଦଳାଇ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର' ବୋଲି ରଖାଗଲା ।*

*ବର୍ତ୍ତମାନ ଏହି ଶିକ୍ଷାକେନ୍ଦ୍ରରେ ପ୍ରାୟ ୧୫୦ ଜଣ ସଂପୂର୍ଣ୍ଣ ବା ଆଂଶିକ ସମୟ ଦେଉଥିବା ଶିକ୍ଷକ ରହିଛନ୍ତି ଓ ୫୦୦ ଜଣ ବିଦ୍ୟାର୍ଥୀ ଅଛନ୍ତି । ଏଠାରେ ନର୍ସରୀ ବା ଶିଶୁଶ୍ରେଣୀଠାରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ଯାବତୀୟ ସୋପାନ ରହିଛି । ପାଠ୍ୟକ୍ରମଟି ମଧ୍ୟରେ ମାନବିକୀ ବିଦ୍ୟା, ଭାଷା, ସୂକ୍ଷ୍ମ କଳା, ବିଜ୍ଞାନ, ଇଂଜିନିଅରିଂ, ଯନ୍ତ୍ରବିଦ୍ୟା ଏବଂ ବୈଷୟିକ ତାଲିମ ପ୍ରଭୃତି ନାନା ବିଭାଗ ଓ ବିଷୟ ରହିଛି । ପ୍ରଦତ୍ତ ଶିକ୍ଷାଗତ ସୁବିଧାଗୁଡ଼ିକ ଭିତରେ ଏକାଧିକ ଗ୍ରନ୍ଥାଳୟ, ପ୍ରୟୋଗଶାଳା, କାରଖାନାର ବ୍ୟବସ୍ଥା ରହିଛି ଏବଂ ନାଟକ, ନୃତ୍ୟ, ସଙ୍ଗୀତ ଓ ଚିତ୍ରବିଦ୍ୟା ଇତ୍ୟାଦି ସକାଶେ ଗୋଟିଏ ଥିଏଟର ଓ କେତୋଟି ଷ୍ଟୁଡ଼ିଓ ମଧ୍ୟ ରହିଛି ।*

ଏହି ଶିକ୍ଷାକେନ୍ଦ୍ର ଖାଲି ମାନସିକ ପ୍ରଶିକ୍ଷଣ ଉପରେ ନିଜର କାର୍ଯ୍ୟକ୍ରମକୁ କେନ୍ଦ୍ରିତ କରି ରଖିବା ବଦଳରେ ଅଧିକତର ଭାବରେ ବ୍ୟକ୍ତିର ପ୍ରତ୍ୟେକ ଦିଗଟିର ବିକାଶକୁ ନିଜର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ । ଏହି କେନ୍ଦ୍ରରେ 'ମୁକ୍ତ ପ୍ରଗତିର ପଦ୍ଧତି' ବୋଲି ଏକ ପଦ୍ଧତିର ଅନୁସରଣ କରାଯାଏ । ମାଆଙ୍କର ନିଜ ଭାଷାରେ କହିବାକୁ ଗଲେ, 'ଏହି ପଦ୍ଧତି ଆତ୍ମା ଦ୍ୱାରାହିଁ ପରିଚାଳିତ ହୁଏ, ତାହା କେତୋଟି ଅଭ୍ୟାସର ଅଧୀନ ହୋଇ ରହି ନ ଥାଏ, କୌଣସି ପୂର୍ବଚଳଣି ଏବଂ ପୂର୍ବାବଧାରିତ ଧାରଣା ଦ୍ୱାରା ତାହା ମୋଟେ ନିୟନ୍ତ୍ରିତ ହୁଏ ନାହିଁ । ପିଲା ଯେପରି ନିଜେ ନିଜେ ସବୁ ଶିକ୍ଷା କରିବ, ସେଥିଲାଗି ତାକୁ ସର୍ବଦା ପ୍ରୋତ୍ସାହନ ଦିଆଯାଏ; ସିଏ କ'ଣ ସବୁ ବିଷୟ ପଢ଼ିବ, ସେକଥା ସିଏ ନିଜେ ଠିକ୍ କରେ । ନିଜର ବେଗରେହିଁ ପ୍ରଗତି କରିବା ଲାଗି ତାକୁ ସବୁପ୍ରକାର ସ୍ୱାଧୀନତା ଓ ସହଯୋଗ ଦିଆଯାଏ ଏବଂ ପରିଶେଷରେ ତା'ନିଜ ବିକାଶର ଦାୟିତ୍ୱଟିକୁ ତାକୁ ନିଜେ ଗ୍ରହଣ କରିବାକୁ ପ୍ରସ୍ତୁତ କରି ଅଣାଯାଉଥାଏ । ଏଠାରେ ଶିକ୍ଷକ ଶିକ୍ଷା ଦେବା ଅପେକ୍ଷା ବରଂ ଅଧିକତର ପରିମାଣରେ ଜଣେ ପରାମର୍ଶଦାତା ଏବଂ ତଥ୍ୟାଗାର ପରି ହୋଇ ରହିଥାଏ । ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଏହି ପଦ୍ଧତିଟିକୁ ଶିକ୍ଷକ ଏବଂ ଶିକ୍ଷାର୍ଥୀର ଦୃଷ୍ଟି ଓ ସ୍ୱଭାବ ଅନୁସାରେ ଅନୁକୂଳିତ କରି ନିଆଯାଏ । ପୁନଶ୍ଚ, କେତେକ ତଥାପି ସେହି ପାରମ୍ପରିକ ଶିକ୍ଷାପ୍ରଣାଳୀକୁହିଁ ଅଧିକ ଉପାଦେୟ ବୋଲି ମନେ କରନ୍ତି, ସେମାନେ ଅଧ୍ୟୟନର ଏକ ନିର୍ଦ୍ଦେଶିତ ପାଠ୍ୟକ୍ରମର ଅନୁସରଣ କରନ୍ତି ଓ ସେହି ସ୍ଥଳରେ ଶିକ୍ଷକ ଛାତ୍ରମାନଙ୍କୁ ସିଧା ସବୁ ପାଠ ପଢ଼ାଇ ଦେଇଥା'ନ୍ତି ।

ବିଜ୍ଞାନ ଓ ଗଣିତକୁ ଫରାସୀ ଭାଷାରେ ଶିକ୍ଷା ଦିଆଯାଏ, ଅନ୍ୟ ବିଷୟଗୁଡ଼ିକୁ ଇଂରାଜୀରେ । ପ୍ରତ୍ୟେକ ବିଦ୍ୟାର୍ଥୀକୁ ତା'ର ମାତୃଭାଷାକୁ ଶିଖିବା ଲାଗି ଉତ୍ସାହ ଦିଆଯାଏ, ଏବଂ କେତେ ଛାତ୍ରଛାତ୍ରୀ ଭାରତୀୟ ତଥା ଇଉରୋପୀୟ ଅନ୍ୟ ଭାଷାଗୁଡ଼ିକର ବି ଶିକ୍ଷା କରିଥା'ନ୍ତି ।

ଏହି ଶିକ୍ଷାକେନ୍ଦ୍ରରୁ କୌଣସି ଡିଗ୍ରୀ ବା ଡିପ୍ଲୋମା ଦିଆଯାଏ ନାହିଁ । ତାହାର କାରଣ ହେଉଛି ଯେ, ତାହା ନିଜର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଶିକ୍ଷାଜନିତ ପ୍ରକୃତ ଆନନ୍ଦ ଜାଗ୍ରତ କରି ଆଣିବାକୁହିଁ ନିଜର ଉଦ୍ଦେଶ୍ୟ କରି ଗ୍ରହଣ କରିଥାଏ ଏବଂ ବାହ୍ୟ ଯାବତୀୟ ଅଭିପ୍ରାୟ ଓ ମତଲବରୁ ମୁକ୍ତ ହୋଇ ରହିଥିବା ଏକ ସତତ ଅଗ୍ରଗତି ଲାଗି ସେମାନଙ୍କ ମଧ୍ୟରେ ଏକ ଅଭୀପ୍ସାର ଅନୁଶୀଳନ କରାଇବାକୁ ମଧ୍ୟ ଚେଷ୍ଟା କରୁଥାଏ ।

# ବାଣୀ

## ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଗ୍ରହଣ କରାଯାଇଥିବା ପ୍ରତୀକଟିର ତାତ୍ପର୍ଯ୍ୟ

*The effective manifestation of Ishwara and Ishwari in union.*

ଈଶ୍ୱର ଏବଂ ଈଶ୍ୱରୀଙ୍କର ଯୁଗ୍ମ ରୂପର ଯଥାର୍ଥ ଅଭିବ୍ୟକ୍ତି ।

— ମାଆ

*

ଯେଉଁ ଅଦ୍ୟତମ ରୂପରେ ଶ୍ରୀଅରବିନ୍ଦ ତାଙ୍କର କର୍ମଧାରାଟିର ବିକାଶ ହେବା ଲାଗି କଳ୍ପନା କରିଥିଲେ, ପଣ୍ଡିଚେରୀରେ ପୃଥିବୀର ସବୁଆଡୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ଲାଗି ଉନ୍ମୁକ୍ତ ହୋଇ ରହିଥିବା ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ରର ପ୍ରତିଷ୍ଠା କରିବାକୁ ଆମେ ସେଥିମଧ୍ୟରୁ ଗୋଟିଏ ବୋଲି ଜାଣିବା ।

ତାଙ୍କର କାର୍ଯ୍ୟ ଯେ ଅକ୍ଷୁଣ୍ଣ ଭାବରେ ପୂର୍ଣ୍ଣ ଶକ୍ତିମତ୍ତା ସହିତ ଅବିଚ୍ଛିନ୍ନ ହୋଇ ଚାଲିଛି, ସେହି ସତ୍ୟଟିକୁ ଏକ ମୂର୍ତ୍ତ ଅଭିବ୍ୟକ୍ତି ଦେଇ ପାରିବା ଲାଗି ବର୍ତ୍ତମାନ ଏହି

ବିଶ୍ୱବିଦ୍ୟାକେନ୍ଦ୍ରଟିର ସ୍ଥାପନା କରିବା ଦ୍ୱାରାହିଁ ତାଙ୍କ ନାମର ଉପଯୁକ୍ତତମ ସ୍ମୃତିରକ୍ଷା ହୋଇ ପାରିବ ବୋଲି ବିଚାର କରାଯାଉଛି ।

୧୯୫୧

*

## ଶ୍ରୀଅରବିନ୍ଦ ସ୍ମୃତି-ସମ୍ମିଳନୀ ଲାଗି ମାଆଙ୍କର ଉଦ୍‌ଘାଟନ-ସନ୍ଦେଶ

ଶ୍ରୀଅରବିନ୍ଦ ଆମରି ଭିତରେ ଉପସ୍ଥିତ ରହିଛନ୍ତି, ଏବଂ ତାଙ୍କର ସେହି ସୃଜନମୟ ପ୍ରତିଭାର ସକଳ ଶକ୍ତି ତଥା ବିଭାବ ସହିତ ସିଏ ଏହି ବିଶ୍ୱବିଦ୍ୟାକେନ୍ଦ୍ରର ପ୍ରତିଷ୍ଠା ହେବାର ଉପଲକ୍ଷଟିରେ ଅଧ୍ୟକ୍ଷତା ମଧ୍ୟ କରୁଛନ୍ତି । ଯେଉଁ ଅତିମାନସ ଆଲୋକ ବର୍ତ୍ତମାନର ସର୍ବୋତ୍କୃଷ୍ଟ ଭାବରେ ପ୍ରସ୍ତୁତ ମନୁଷ୍ୟମାନଙ୍କୁ ଏହି ଧରଣୀ ପୃଷ୍ଠରେ ସେହି ନୂତନ ଆଲୋକ, ଶକ୍ତି ତଥା ନୂତନ ଜୀବନକୁ ଅଭିବ୍ୟକ୍ତ କରିଆଣି ପାରୁଥିବା ଏକ ନୂତନ ସମୂହରେ ରୂପାନ୍ତରିତ କରିଦେଇ ପାରିବ, ସେହି ଆଲୋକଟିକୁ ଗ୍ରହଣ କରି ପାରିବା ଲାଗି ଭବିଷ୍ୟତର ମାନବଜାତିର ପ୍ରସ୍ତୁତ କରି ଆଣିବାର ଏକ ପ୍ରକୃଷ୍ଟ ସାଧନ ରୂପେ ସିଏ ଏହି ଶିକ୍ଷାକେନ୍ଦ୍ରଟିର କଥା ଚିନ୍ତା କରୁଥିଲେ ।

ତାଙ୍କର ନାମରେହିଁ ମୁଁ ଆଜି ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅତ୍ୟନ୍ତ ଆଦୃତ ଏକ ବିଚାରର ଉପଲବ୍ଧି କରିବାର ଲକ୍ଷ୍ୟରେ ଏଠାରେ ବସିଥିବା ସମ୍ମିଳନୀଟିର ଉଦ୍‌ଘାଟନ କରୁଛି ।

*୨୪ ଏପ୍ରିଲ୍ ୧୯୫୧*

*

## ବିଦ୍ୟାର୍ଥୀର ପ୍ରାର୍ଥନା*

ଆମେ ନିଜକୁ ବୀର ଯୋଦ୍ଧା କରି ଗଢ଼ିବା ଲାଗି ଆକାଙ୍‌କ୍ଷା ରଖିଛୁ, ତୁମେ ଆମକୁ ତାହାହିଁ କରି ଗଢ଼ । ଅତୀତ ତଥାପି ନ ଯାଇ ବଞ୍ଚି ରହିବାକୁ ଇଚ୍ଛା କରୁଛି; ତାହାରି ବିରୋଧରେ ଜନ୍ମଲାଭ କରିବାକୁ ଯାଉଥିବା ଭବିଷ୍ୟତର ଯେଉଁ ଯୁଦ୍ଧ ହେବାକୁ ଯାଉଛି, ଆମେ ଯେପରି ସେହି ଯୁଦ୍ଧରେ ବିଜୟ ହାସଲ କରିପାରୁ ! ସେହି ବିଜୟ ହାସଲ ଦ୍ୱାରାହିଁ ନୂତନ ବସ୍ତୁଗୁଡ଼ିକ

* ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ରର ଉଦ୍‌ଘାଟନ ସମୟରେ ମାଆ ଏହି ସନ୍ଦେଶଟିକୁ ପ୍ରଦାନ କରିଥିଲେ ।

ପ୍ରକାଶିତ ହୋଇ ଆସିବ ଏବଂ ସେଗୁଡ଼ିକୁ ଗ୍ରହଣ କରିବା ଲାଗି ଆମେ ଯଥାର୍ଥ ଭାବରେ ପ୍ରସ୍ତୁତ ହେବୁ ।

*୬ ଜାନୁଆରି ୧୯୫୨*

*

ଏହି ବିଷୟଟିକୁ ମୁଁ ନିଶ୍ଚିତ ଭାବରେ ଜାଣିଛି, ଏହି ବିଷୟରେ ମୋର ସଂପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ଏହି ବିଷୟରେ ମୋ'ର ମନରେ ଏତେ ଟିକିଏ ହେଲେ ସନ୍ଦେହ ନାହିଁ ଯେ, ଏଠାରେ ଯେଉଁ ବିଶ୍ୱବିଦ୍ୟାକେନ୍ଦ୍ରଟିର ପ୍ରତିଷ୍ଠା ହେଉଛି, ତାହା ଦିନେ ସମଗ୍ର ପୃଥିବୀରେ ଜ୍ଞାନଲାଭର ସର୍ବଶ୍ରେଷ୍ଠ ସ୍ଥାନ ରୂପେ ପରିଗଣିତ ହେବ ।

ଏଥିଲାଗି ପଚାଶ ବର୍ଷ ଲାଗିପାରେ, ଶହେ ବର୍ଷ ଲାଗିପାରେ; ଏବଂ ମୁଁ ସେତେବେଳେ ରହିଥିବି କି ନାହିଁ, ତୁମେମାନେ ସେହି ବିଷୟରେ ହୁଏତ ସନ୍ଦେହ ବି କରୁଥାଇପାର । ମାତ୍ର, ମୁଁ ରହେ କି ନ ରହେ, ମୋର ଏହି ପିଲାମାନେ ଅବଶ୍ୟ ଥିବେ, ଏବଂ ମୋରି କାର୍ଯ୍ୟଟିକୁ ଅବଶ୍ୟ ସମ୍ପାଦିତ କରୁଥିବେ ।

ଏବଂ ଆଜି ଯେଉଁମାନେ ଏହି ଦିବ୍ୟ କାର୍ଯ୍ୟଟିରେ ସହଯୋଗ କରୁଛନ୍ତି, ସେମାନେ ଯେ ଏପରି ଏକ ମହାନ୍ ଓ ଅଭୂତପୂର୍ବ ଲକ୍ଷ୍ୟ ସାଧନରେ ଅଂଶଗ୍ରହଣ କରିଛନ୍ତି, ସେମାନେ ସେଥିଲାଗି ନିଶ୍ଚୟ ଆନନ୍ଦ ଓ ଗର୍ବ ଅନୁଭବ କରିବେ ।

*୨୮ ମଇ ୧୯୫୩*

*

ଅନ୍ୟମାନେ ଯାହା କରୁଛନ୍ତି, କେବଳ ତାହାକୁହିଁ (ଆହୁରି ଟିକିଏ ଅଧିକ ଭଲଭାବରେ) କରିବା ଲାଗି ଆମେ ଏଠାରେ କିଛି କରୁ ନାହୁଁ ।

ଅନ୍ୟମାନେ ଯାହା କେବେହେଲେ **କରିପାରନ୍ତେ ନାହିଁ**, କାରଣ ଏହି କଥାଟିକୁ ଯେ କରାଯାଇ ପାରିବ, ସେମାନଙ୍କ ପାଖରେ ସେହି ଧାରଣାଟି ମଧ୍ୟ ନାହିଁ,— ଏଠାରେ ଆମେ ସେହି କାର୍ଯ୍ୟଟିକୁ କରିବା ଲାଗି ସମବେତ ହୋଇଛୁ ।

ଭବିଷ୍ୟତର ସମ୍ଭାଦସ୍ୱରୂପ ହୋଇ ରହିଥିବା ଶିଶୁମାନଙ୍କ ଲାଗି ସେହି ମହାନ୍ ଭବିଷ୍ୟଟି ଆଡ଼କୁ ପଡ଼ିଥିବା ପଥଟିକୁ ଉନ୍ମୋଚିତ କରିଦେବାକୁହିଁ ଆମେ ଏଠାରେ ସମବେତ ହୋଇଛୁ ।

ଏହା ବ୍ୟତୀତ ଆମେ ଆଉ ଯେତେଯାହା କରିବାକୁ ମନ କରିବା, ତାହା କଦାପି ଆମ ଉଦ୍ୟମର ଭାଜନ ହେବ ନାହିଁ ଏବଂ ଶ୍ରୀଅରବିନ୍ଦଙ୍କର ସହାୟତା ପ୍ରାପ୍ତ କରିବାକୁ ତାହା କଦାପି ଯୋଗ୍ୟ ବି ହେବ ନାହିଁ ।

*୬ ସେପ୍ଟେମ୍ବର ୧୯୬୧*

*

## ବର୍ଷଶେଷରେ ଶ୍ରେଣୀଗୁଡ଼ିକ ପୁଣି ଖୋଲିବା ସମୟରେ ପ୍ରଦତ୍ତ ବାଣୀଗୁଡ଼ିକ

ଆହୁରି ଗୋଟିଏ ବର୍ଷ ସରିଲା, ନିଜର ପାଠବୋଝଟିକୁ ତାହା ନିଜ ପଛରେ ଛାଡ଼ି ଦେଇଗଲା; ସେଥିରୁ କେତେକ ବୋଝ ଆମକୁ ଭାରି କଠିନ ଲାଗିବ, ଏପରିକି ଭାରି ଯନ୍ତ୍ରଣା ଦାୟକ ବି ଲାଗିବ ।

ଏବଂ ବର୍ତ୍ତମାନ ଏକ ନୂତନ ବର୍ଷ ଆରମ୍ଭ ହେବାକୁ ଯାଉଛି, ନିଜ ସହିତ ଏହା କେତେକେତେ ଅଗ୍ରଗତି ଓ କେତେକେତେ ଉପଲବ୍ଧିର ସମ୍ଭାବନାକୁ ବହନ କରି ଆଣିଛି । ମାତ୍ର, ଏହିସବୁ ସମ୍ଭାବନାର ପୂର୍ଣ୍ଣ ସୁଯୋଗ ନେଇ ପାରିବାକୁ ହେଲେ ଆମକୁ ପୂର୍ବବର୍ଷର ପାଠଗୁଡ଼ିକୁ ମଧ୍ୟ ଭଲକରି ବୁଝିବାକୁ ପଡ଼ିବ ।

ଯାହାକିଛି ଆକସ୍ମିକ ଘଟଣା ଯେତେବେଳେ ଘଟେ, ସେଗୁଡ଼ାକ କେବଳ ଅଚେତନାର ପରିଣାମ ସ୍ୱରୂପହିଁ ଘଟିଥାଏ, ଏହି କଥାଟିକୁ ହୃଦୟଙ୍ଗମ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ । ଅବଶ୍ୟ ଏକଥା ସତ ଯେ, ବାହ୍ୟ କ୍ଷେତ୍ରରେ, ଏକ ବିଶୃଙ୍ଖଳତାର ଭାବ ଅର୍ଥାତ୍ ଶୃଙ୍ଖଳାପ୍ରତି ଏକ ପ୍ରକାରର ଅଶ୍ରଦ୍ଧାହିଁ ସେଗୁଡ଼ିକର ଏକ ପ୍ରଧାନ କାରଣ ହୋଇ ରହିଥାଏ ।

ଆମେ ଯେ ଅତ୍ୟନ୍ତ ନିଷ୍ଠାର ସହିତ ଅପେକ୍ଷାକୃତ ଅଧିକ ସଚେତନ ଏବଂ ଅପେକ୍ଷାକୃତ ଅଧିକ ସତ୍ୟଯୁକ୍ତ ଏକ ଜୀବନ ଲାଗି ଅଭୀପ୍‌ସା ରଖିଛୁ, ଏକ ଅବିରତ ତଥା ଶୃଙ୍ଖଳାଯୁକ୍ତ ଉଦ୍ୟମ ଦ୍ୱାରାହିଁ ଆମକୁ ତାହାର ପ୍ରମାଣ ଦେବାକୁ ପଡ଼ିବ ।

*୧୬ ଡିସେମ୍ବର ୧୯୬୬*

*

ପରମ ସତ୍ୟହିଁ ତୁମମାନଙ୍କ ଗୁରୁ ଏବଂ ପଥପ୍ରଦର୍ଶକ ହୋଇ ରହୁ ।

ଆମର ଅଭୀପ୍‌ସା ସେହି ପରମ ସତ୍ୟ ଲାଗି, ଆମରି ସତ୍ତାମଧ୍ୟରେ ଓ କାର୍ଯ୍ୟାବଳୀରେ ତାହାର ବିଜୟ ଲାଗି ।

ସେହି ପରମ ସତ୍ୟ ଲାଗି ଆମର ଅଭୀପ୍‌ସାହିଁ ଆମର ଯାବତୀୟ ପ୍ରୟାସ ଓ ଉଦ୍ୟମରେ ଗତିଶୀଳତା ଭରିଦେବାରେ ଲାଗିଥାଉ ।

ହେ ପରମ ସତ୍ୟ, ତୁମେହିଁ ଆମର ପଥପ୍ରଦର୍ଶକ ହୋଇ ରହିବ ବୋଲି ଆମେ ମନ କରିଛୁ । ଏହି ପୃଥିବୀରେ ତୁମରି ରାଜ୍ୟର ପ୍ରତିଷ୍ଠା ହେଉ ।

*୧୬ ଡିସେମ୍ବର ୧୯୬୭*

*

ଯେତେବେଳେ ଆମେ ସତ୍ୟସ୍ଥ ହୋଇ ଜୀବନ ବଞ୍ଚି ପାରିବା, ସେତେବେଳେ ଆମେ ଯାବତୀୟ ବିରୋଧ ଓ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱକୁ ଚାଲିଯାଇ ପାରିବା ।

*୧୬ ଡିସେମ୍ବର ୧୯୬୮*

*

ତୁମେ ଯାହାସବୁକୁ ଶିକ୍ଷା ଦେବାଲାଗି ଯାଉଛ, ତୁମ ନିଜ ଜୀବନରେ ମଧ୍ୟ ତୁମେ ସେଗୁଡ଼ିକୁ ନିଶ୍ଚେ ଅନୁଶୀଳନ କରିଥିବ ।

ନୂତନ ଚେତନାଟି ବିଷୟରେ କିଛି କହିବା ଲାଗି ସମର୍ଥ ହେବାକୁ ହେଲେ, ସେହି ଚେତନା ତୁମ ଭିତରକୁ ଭେଦି ପାରିଥିବା ଉଚିତ ଏବଂ ତାହାର ଗୁପ୍ତ ରହସ୍ୟଗୁଡ଼ିକ ମଧ୍ୟ ତୁମ ପାଖରେ ଉଦ୍‌ଘାଟିତ ହୋଇ ପାରୁଥିବା ଉଚିତ । କାରଣ କେବଳ ସେତିକିବେଳେ ଯାଇ ତୁମେ ଯଥାର୍ଥ ଯୋଗ୍ୟତା ସହିତ ସେହି ବିଷୟରେ ଯାହାକିଛି କହିପାରିବ ।

ସେହି ନୂତନ ଚେତନା ମଧ୍ୟକୁ ନିଜକୁ ଉତ୍ତୋଳିତ କରିନେଇ ପାରିବାକୁ ହେଲେ, ତାହାର ସର୍ବପ୍ରଥମ ସର୍ତ୍ତ ରୂପେ ତୁମର ମନ ଭିତରେ ଏତିକି ବିନୟ ଅବଶ୍ୟ ରହିଥିବା ଉଚିତ, ଯାହାଫଳରେ କି ତୁମର ଏକ ଦୃଢ଼ବିଶ୍ୱାସ ରହିଥିବ ଯେ, ତୁମେ ବର୍ତ୍ତମାନ ଯାହାକିଛି ଜାଣିଛ ବୋଲି ତୁମେ ଭାବୁଛ, ଯାହା ତୁମ ଲାଗି ଶିକ୍ଷା କରିବାକୁ ତଥାପି ବାକି ରହିଛି, ସେଇଟିର ତୁଳନାରେ ତାହା ଆଦୌ କିଛି ନୁହେଁ ।

ବହିଃ କ୍ଷେତ୍ରରେ ତୁମେ ଯାହାକିଛି ଶିକ୍ଷା ଲାଭ କରିଛ, ଏକ ଉଚ୍ଚତର ଜ୍ଞାନର ଭୂମି ଆଡ଼କୁ ଆରୋହଣ କରିବା ପାଇଁ ତାହା କେବଳ ଏକ ସୋପାନମାତ୍ର ହୋଇ ରହିବ ଏବଂ ତୁମକୁ ଆହୁରି ଆଗକୁ ବାଟ ଛାଡ଼ିଦେବ । *୧୬ ଡିସେମ୍ବର ୧୯୬୯*

*

କେବଳ ନୀରବତା ମଧ୍ୟରେହିଁ ଆମେ ଯାହାକିଛି ଜାଣିପାରିବା ଓ ଯାହାକିଛି କରି ପାରିବା । ଉତ୍ତେଜନା ଏବଂ ଉଗ୍ରତା ମଧ୍ୟରେ ଯାହାକିଛି କରାଯାଏ, ତାକୁ କେବଳ ଏକ ଭ୍ରଷ୍ଟତା ଏବଂ ଏକ ନିର୍ବୋଧତା ବୋଲି କୁହାଯିବ । ସତ୍ତା ଭିତରେ ଯେ ଏକ ଦିବ୍ୟ ସାନ୍ନିଧ୍ୟ କାର୍ଯ୍ୟ କରୁଛି, ସତ୍ତାର ଶାନ୍ତ ଅବସ୍ଥା ହେଉଛି ତାହାର ସର୍ବପ୍ରଥମ ସଙ୍କେତ ।

ଅନ୍ୟ ଯେତେ ଯେଉଁଠି ଯାହାକିଛି କରାଯାଉଛି, ତା'ଠାରୁ ଆହୁରି ଭଲ କିଛି କରିବା ଲାଗି ଏବଂ ଏକ ଅତିମାନସ ଭବିଷ୍ୟ ସକାଶେ ନିଜକୁ ପ୍ରସ୍ତୁତ କରିବା ଲାଗି ଆମେ ଏଠାରେ ରହିଛୁ । ଏହି କଥାଟିକୁ ଆମେ କେବେହେଲେ ଭୁଲିଯିବା ନାହିଁ । ଆମର ଏହି ଆଦର୍ଶଟିର ଉପଲବ୍ଧି ଯେପରି ସମ୍ଭବ ହୋଇ ପାରିବ, ମୁଁ ସେଥିଲାଗି ସମସ୍ତଙ୍କର ଆନ୍ତରିକ ସଦିଚ୍ଛା ପାଖରେ ନିବେଦନ ଜଣାଉଛି ।

*୧୬ ଡିସେମ୍ବର ୧୯୭୧*

*

## ମାଆଙ୍କ ଆନ୍ତର୍ଜାତିକ ବିଦ୍ୟାଳୟ, ଦିଲ୍ଲୀକୁ ପ୍ରେରିତ କେତୋଟି ବାଣୀ

ପୃଥିବୀରେ ଏକ ନୂତନ ଆଲୋକର ଆବିର୍ଭାବ ଘଟିଛି । ଆଜି ଉଦ୍‌ଘାଟିତ ହୋଇଥିବା ବିଦ୍ୟାଳୟଟି ତାହାରି ଦ୍ୱାରା ପରିଚାଳିତ ହେଉ ।

ଆଶୀର୍ବାଦ ସହିତ

*୨୩ ଏପ୍ରିଲ ୧୯୫୬*

*

ପରମ ସତ୍ୟ ଅଭିମୁଖରେ ଯାତ୍ରା କରିବାର ଆମର ଯାବତୀୟ ପ୍ରୟାସରେ ତୁମେ ଆମକୁ ଯଥାର୍ଥରେ ନିଷ୍ଠାଯୁକ୍ତ ହୋଇ ରହିବା ଲାଗି ଶିକ୍ଷା ଦିଅ ।

*୨୩ ଏପ୍ରିଲ ୧୯୫୬*

*

ଗତକାଲିର ଯାବତୀୟ ଉପଲବ୍ଧି ଆମ ଲାଗି ଏପରି ଗୋଟିଏ ଭୂମି ପରି କାର୍ଯ୍ୟକରୁ, ଯାହା ଉପରେ ଠିଆହୋଇ ଆମେ ଆଗାମୀ କାଲିର କର୍ମସମ୍ପାଦନଗୁଡ଼ିକ ଉଦ୍ଦେଶ୍ୟରେ ଲମ୍ଫ ପ୍ରଦାନ କରିପାରିବା ।

*୨୩ ଏପ୍ରିଲ ୧୯୫୮*

*

ଏହି ପୃଥିବୀ ଉପରେ ନିଜକୁ ଅଭିବ୍ୟକ୍ତ କରି ଆଣୁଥିବା ସେହି ନୂତନ ଜୀବନଟି ଲାଗି ଆମେ ନିଜେ ନିଜକୁ ପ୍ରସ୍ତୁତ କରିବା ।

*୨୩ ଏପ୍ରିଲ ୧୯୫୯*

*

ଯେଉଁମାନେ ଦେଖାଇ ହେବାକୁ ଇଚ୍ଛା କରୁଥା'ନ୍ତି, ସେମାନେ କଦାପି ସର୍ବୋତ୍ତମ ଛାତ୍ର ନୁହନ୍ତି; ଯେଉଁମାନେ ଅଧିକରୁ ଅଧିକ ଜ୍ଞାନଲାଭ କରିବାକୁ ଇଚ୍ଛା କରୁଥା'ନ୍ତି, ସେମାନେହିଁ ସର୍ବୋତ୍ତମ ଛାତ୍ର ।

*୨୩ ଏପ୍ରିଲ ୧୯୬୬*

*

ମାଆଙ୍କ ବିଦ୍ୟାଳୟ । ପୂର୍ଣ୍ଣ ନିଷ୍ଠା ।

*୨୩ ଏପ୍ରିଲ ୧୯୬୭*

*

ନିଷ୍ଠାର ପରିମାଣ ଅନୁସାରେହିଁ ସଫଳତାର ପରିମାଣ ମୀମାଂସିତ ହେବ ।

*୨୩ ଏପ୍ରିଲ ୧୯୬୮*

*

ଭବିଷ୍ୟତ୍ ମଧ୍ୟରେ କେତେକେତେ ପ୍ରତିଶ୍ରୁତି ପୂର୍ଣ୍ଣ ହୋଇ ରହିଛି । ସେଇଥିଲାଗି ନିଜକୁ ପ୍ରସ୍ତୁତ କର ।

ଆଶୀର୍ବାଦ ସହିତ ।

*୨୩ ଏପ୍ରିଲ ୧୯୬୯*

*

**ଅହମ୍ମଦାବାଦର ମୀରାମ୍ବିକା ବିଦ୍ୟାଳୟର ଉଦ୍‌ଘାଟନ ଲାଗି ପ୍ରେରିତ ବାଣୀ**

ବିଶ୍ୱାସ ଏବଂ ଆନ୍ତରିକତା,– ସଫଳତାର ଦୁଇ ସାଧନ ।

ଆଶୀର୍ବାଦ ସହିତ ।

*୧୪ ଜୁନ୍ ୧୯୬୬*

# ଲକ୍ଷ୍ୟ ଓ ଆଦର୍ଶ

*ଏଠାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆମେ କାହିଁକି ଅଛୁ ?*

ଏହି ପ୍ରକୃତି ମଧ୍ୟରେ ଆରୋହଣ-କ୍ରମରେ ଏକ ବିବର୍ତ୍ତନ ଲାଗି ରହିଛି; ଏହି ବିବର୍ତ୍ତନ ପ୍ରସ୍ତରସ୍ତରରୁ ଉଦ୍ଭିଦସ୍ତରକୁ ହେଉଛି, ଉଦ୍ଭିଦର ସ୍ତରରୁ ଇତରପ୍ରାଣୀର ସ୍ତରକୁ ହେଉଛି ଏବଂ ଇତରପ୍ରାଣୀର ସ୍ତରରୁ ମଣିଷ-ସ୍ତରକୁ ହେଉଛି । ଏହି ଆରୋହଣଧର୍ମୀ ବିବର୍ତ୍ତନର ଶିଖର ଉପରେ ମନୁଷ୍ୟ ବର୍ତ୍ତମାନ ପାଇଁ ସବାଶେଷ ସୋପାନଟିରେ ଯାଇ ପହଞ୍ଚି ଥିବାରୁ ଏହି ଆରୋହଣ-କ୍ରମରେ ସିଏ ନିଜକୁହିଁ ସର୍ବଶେଷ ସ୍ତର ବୋଲି ବିଚାର ଏବଂ ବିଶ୍ୱାସ କରୁଛି ଯେ, ଏହି ପୃଥିବୀରେ ତା'ଠାରୁ ଆଉ କିଛି ହେଲେ ଅଧିକ ଉଚ୍ଚ ଓ ଅଧିକ ସମର୍ଥ ହୋଇ ପାରିବ ନାହିଁ । ଏପରି ବିଚାର କରି ସେ ଭୁଲ୍ କରୁଛି । ନିଜ ଜଡ଼ପ୍ରକୃତିର ଭୂମିରେ ମନୁଷ୍ୟ ତଥାପି ପ୍ରାୟ ସଂପୂର୍ଣ୍ଣ ଭାବରେ ପଶୁସ୍ତରରେ ରହିଛି, ଭାବିବା ଏବଂ କଥା କହିବାର ଶକ୍ତି ରହିଥିବା ଏକ ପଶୁର ସ୍ତରରେ ରହିଛି ସତ, ମାତ୍ର ନିଜର ଜଡ଼ସ୍ତରୀୟ ଅଭ୍ୟାସ ଏବଂ ସହଜାତ ପ୍ରବୃତ୍ତିଗୁଡ଼ିକର କ୍ଷେତ୍ରରେ ତଥାପି ଗୋଟିଏ ପଶୁ ହୋଇ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏପରି ଏକ ଅର୍ଦ୍ଧସଂପୂର୍ଣ୍ଣ ପରିଣାମରେ ପ୍ରକୃତି କଦାପି ସନ୍ତୁଷ୍ଟ ହୋଇ ରହିଯିବ ନାହିଁ; ତେଣୁ ସେ ବର୍ତ୍ତମାନ ଏପରି ଏକ ସତ୍ତାକୁ ବିବର୍ତ୍ତିତ କରି ଆଣିବା ଲାଗି ଉଦ୍ୟମ କରୁଛି, ଯିଏକି, ଇତର ପ୍ରାଣୀ ତୁଳନାରେ ମନୁଷ୍ୟ ଯେପରି ହୋଇ ରହିଥିଲା, ମନୁଷ୍ୟର ତୁଳନାରେ ଠିକ୍ ସେହିପରି ହୋଇ ରହିବ । ତାହା ଏଭଳି ଗୋଟିଏ ସତ୍ତା ହୋଇ ରହିବ, ଯିଏକି ବାହ୍ୟ ଆକୃତିରେ ମନୁଷ୍ୟ ପରି ହୋଇଥିବ ମାତ୍ର ତଥାପି ତାହାର ଚେତନା ବର୍ତ୍ତମାନର ମନୋଭୂମିଠାରୁ ଆହୁରି ଉପରକୁ ଉଠି ଯାଇଥିବ ଏବଂ ତାହା ଅଜ୍ଞାନ ପାଖରେ ମୋଟେ ଦାସ ହୋଇ ରହି ନ ଥିବ ।

ମନୁଷ୍ୟସମାଜ ଲାଗି ଏହି ଶିକ୍ଷାଟିକୁ ବହନ କରି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ମନୁଷ୍ୟ ଯେ କେବଳ ଏକ ମଧ୍ୟବର୍ତ୍ତିକାଳୀନ ଜୀବ ଏବଂ ସିଏ ଯେ କେବଳ ଏକ ମନୋଗତ ଚେତନା ଭୂମିରେହିଁ ବାସ କରୁଛି ଓ ତାହା ମଧ୍ୟରେ ଏକ ନୂତନ ଚେତନା ଅର୍ଜନ କରିବାର ପୂର୍ଣ୍ଣ ସମ୍ଭାବନା ନିହିତ ହୋଇ ରହିଛି, ସିଏ ମନୁଷ୍ୟମାନଙ୍କୁ ତାହାହିଁ କହିଥିଲେ । ସେହି ନୂତନ ଚେତନାଟି ହେଉଛି ପରମ ସତ୍ୟର ଚେତନା, ଏବଂ ତାହାରି ଦ୍ୱାରାହିଁ ସେ ସଂପୂର୍ଣ୍ଣ ଭାବରେ ସୌଷମ୍ୟଯୁକ୍ତ, ଉତ୍ତମ, ସୁନ୍ଦର ଓ ସଂପୂର୍ଣ୍ଣ ସଚେତନ ଏକ ଜୀବନ ବଞ୍ଚିବା ଲାଗି ଅବଶ୍ୟ ସମର୍ଥ ହେବ । ଏହି ପୃଥିବୀରେ ଦେହଧାରଣ କରି ରହିଥିବାର ତାଙ୍କର

ସଂପୂର୍ଣ୍ଣ କାଳଟିରେ ଶ୍ରୀଅରବିନ୍ଦ ତାଙ୍କ ଦ୍ୱାରା ଅତିମାନସ ବୋଲି ବର୍ଣ୍ଣିତ ଏହି ଚେତନାଟିକୁ ନିଜର ଜୀବନରେ ପ୍ରତିଷ୍ଠିତ କରିବା ନିମନ୍ତେ ସଂପୂର୍ଣ୍ଣ ସମୟ ବିନିଯୋଗ କରିଥିଲେ ଏବଂ ତାହାର ଉପଲବ୍ଧି କରିବା ଲାଗି ତାଙ୍କର ଚତୁଷ୍ପାର୍ଶ୍ୱରେ ଆସି ରୁଣ୍ଡ ହୋଇଥିବା ଅନ୍ୟମାନଙ୍କୁ ମଧ୍ୟ ସେଥିରେ ସହାୟତା କରିଥିଲେ ।

ତୁମମାନଙ୍କର ଅତ୍ୟନ୍ତ ସୌଭାଗ୍ୟ ଯେ ତୁମେ ଏତେ ଅଳ୍ପ ବୟସରେ ଏହି ଆଶ୍ରମକୁ ଆସିଛ; ଅର୍ଥାତ୍, ବର୍ତ୍ତମାନ ତୁମେ ଯଥେଷ୍ଟ ପରିମାଣରେ ନମନୀୟ ଅବସ୍ଥାରେ ରହିଛ ଓ ଏହି ନୂତନ ଆଦର୍ଶଟି ଅନୁସାରେ ନିଜକୁ ତିଆରି କରିବା ଲାଗି ଓ ତଦ୍ଦ୍ୱାରା ଆଗାମୀ ନୂତନ ମନୁଷ୍ୟଜାତିର ପ୍ରତିନିଧି ରୂପେ ପ୍ରତିଷ୍ଠିତ ହୋଇ ପାରିବା ଲାଗି ତୁମମାନଙ୍କ ଭିତରେ ସାମର୍ଥ୍ୟ ରହିଛି । ପରିବେଶ, ପ୍ରଭାବ, ଶିକ୍ଷା ଏବଂ ଦୃଷ୍ଟାନ୍ତ – ଏହି ଯାବତୀୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ନିଜ ଭିତରେ ଏହି ଅତିମାନସ ଚେତନାକୁ ଜାଗୃତ କରି ଆଣିବା ଲାଗି ଏବଂ ତାହାରି ବିଧାନଟି ଅନୁସାରେ ନିଜକୁ ପ୍ରକାଶିତ କରି ପାରିବା ଲାଗି ତୁମେମାନେ ଏହି ଆଶ୍ରମରେ ପ୍ରକୃତରେ ଅନୁକୂଳ ସର୍ବୋତ୍ତମ ବାତାବରଣ ମଧ୍ୟରେ ରହିବାର ସୁଯୋଗ ପାଇଛ ।

ତେଣୁ, ସବୁକିଛି ତୁମର ନିଜ ଇଚ୍ଛା ଏବଂ ନିଜର ନିଷ୍ଠା ଉପରେହିଁ ନିର୍ଭର କରୁଛି । ଯଦି ତୁମେମାନେ ଆଉ ସେହି ସାଧାରଣ ମନୁଷ୍ୟସ୍ତରର ଅନ୍ତର୍ଭୁକ୍ତ ହୋଇ ନ ରହିବାକୁ ଇଚ୍ଛା କରୁଥାଅ, କେବଳ ସେହି ସୁବିବର୍ଦ୍ଧିତ ପଶୁର ସ୍ତରରେ ପଡ଼ି ରହିବା ଲାଗି ମୋଟେ ଇଚ୍ଛା କରୁ ନ ଥାଅ, ନିଜକୁ ସେହି ଆଗାମୀ ନୂତନ ଜାତିର ଜଣେ ଜଣେ ମନୁଷ୍ୟ ରୂପେ ତିଆରି କରି ଶ୍ରୀଅରବିନ୍ଦଙ୍କର ସେହି ଅତିମାନସ ଆଦର୍ଶଟିକୁ ବାସ୍ତବରେ ପରିଣତ କରିବା ସକାଶେ ଯଦି ତୁମମାନଙ୍କର ଅଭିଳାଷ ରହିଥାଏ, ଏକ ନୂତନ ଧରଣୀ ପୃଷ୍ଠରେ ଏକ ନୂତନ ଏବଂ ଉଚ୍ଚତର ଜୀବନ ବଞ୍ଚିବା ଲାଗି ଯଦି ତୁମର ଆକାଙ୍କ୍ଷା ଥାଏ, ତେବେ ନିଜର ସେହି ଉଦ୍ଦେଶ୍ୟଟିର ସାଧନ କରିବା ଲାଗି ତୁମ ଲାଗି ଯାବତୀୟ ପ୍ରୟୋଜନୀୟ ସହାୟତା ମହଜୁଦ ହୋଇ ରହିଛି ବୋଲି ତୁମେ ଅବଶ୍ୟ ଦେଖିବାକୁ ପାଇବ; ତେବେ ତୁମେ ନିଜ ଆଶ୍ରମ ଅବସ୍ଥାନର ପୂର୍ଣ୍ଣଲାଭର ଅଧିକାରୀ ହୋଇ ପାରିବ ଏବଂ ପରିଶେଷରେ ଏହି ପୃଥିବୀ ସକାଶେ ଗୋଟିଏ ଗୋଟିଏ ଜୀବନ୍ତ ଦୃଷ୍ଟାନ୍ତ ହୋଇ ନିଶ୍ଚୟ ବାହାରି ପାରିବ ।

*୨୪ ଜୁଲାଇ ୧୯୫୧*

*

*ଆମର ଏହି ଶିକ୍ଷାକେନ୍ଦ୍ରଟିର ପ୍ରକୃତ ଉଦ୍ଦେଶ୍ୟ ଓ ପ୍ରକୃତ ଲକ୍ଷ୍ୟ କ'ଣ ? ଏଠାରେ କ'ଣ ଶ୍ରୀଅରବିନ୍ଦଙ୍କର ରଚନାବଳୀ ପଢ଼ାଯିବ ? କେବଳ ସେତିକି ପଢ଼ାଯିବ ? ଏଗୁଡ଼ିକ ସବୁଯାକ ପଢ଼ାଯିବ ନା ସେଥିରୁ କେତୋଟିମାତ୍ର ପଢ଼ାଯିବ ? ବା*

*ଶ୍ରୀଅରବିନ୍ଦ ଓ ମାଆଙ୍କର ରଚନାବଳୀକୁ ପଢ଼ିବା ସକାଶେ ଏଠାରେ ଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ? ଏଠାରେ ସେମାନଙ୍କୁ ଏକ ଆଶ୍ରମ ଜୀବନ ଲାଗି ପ୍ରସ୍ତୁତ କରାଯିବ ନା ‘‘ବାହାରର’’ କୌଣସି ଅନ୍ୟ ଜୀବିକା ବା କାର୍ଯ୍ୟ ଲାଗି ପ୍ରସ୍ତୁତ କରାଯିବ ? ଏଠି ଚାରିଆଡ଼େ ବର୍ତ୍ତମାନ ଏତେ ପ୍ରକାରର ମତ ଶୁଣିବାକୁ ମିଳୁଛି ଏବଂ, ଯେଉଁମାନେ ପ୍ରକୃତ କଥା ଜାଣିଥିବେ ବୋଲି ଆମେ ଆଶା କରୁଛୁ, ସେମାନେ ମଧ୍ୟ ଏପରି ଭିନ୍ନ ଭିନ୍ନ ପ୍ରକାରର କଥା କହୁଛନ୍ତି ଯେ, ସେଥିମଧ୍ୟରୁ କେଉଁଟିକୁ ବିଶ୍ୱାସ କରିବାକୁ ହେବ ବା କେଉଁଟି ଅନୁସାରେ କାର୍ଯ୍ୟ କରିବାକୁ ହେବ, ସେକଥା ମୋଟେ ଜାଣି ହେଉ ନାହିଁ । ଏବଂ, ପ୍ରକୃତ ଓ ନିଶ୍ଚିତ ଭାବରେ ଏ ବିଷୟରେ କିଛି ନ ଜାଣିଲେ, ତେବେ ଆମେ ପୁଣି କେଉଁ ଭିତ୍ତି ଉପରେ କାର୍ଯ୍ୟ କରି ପାରିବୁ ? ମାଆ, ଆପଣ ଆମକୁ ଏଥିରେ ଆପଣଙ୍କର ମାର୍ଗଦର୍ଶନ ଦିଅନ୍ତୁ, ମୋର ଏହାହିଁ ପ୍ରାର୍ଥନା ।*

ଏଠାରେ ଏହିସବୁ ରଚନା କିଂବା ଅନ୍ୟ କୌଣସି ରଚନାକୁ ପାଠ କରିବା ଲାଗି ପ୍ରସ୍ତୁତ କରିବାର ଆଦୌ କୌଣସି ପ୍ରଶ୍ନ ନାହିଁ । ମନୁଷ୍ୟର ଭାବନା, ଅନୁଭୂତି ଓ କର୍ମାଚରଣର ନିତ୍ୟନୈମିତ୍ତିକ ସାଧାରଣ ରୁଟିନ୍ ମଧ୍ୟରୁ ସେଥିଲାଗି ସମର୍ଥ ସମସ୍ତଙ୍କୁ ଟାଣି ବାହାର କରି ନେଇଆସିବା,– ଏଠାରେ ତାହାହିଁ ଅସଲ ପ୍ରଶ୍ନ । ମନୁଷ୍ୟର ସେହି ନିତ୍ୟନୈମିତ୍ତିକ ଭାବନା – ତଥା କର୍ମପ୍ରଣାଳୀର ଦାସତାକୁ ନିଜ ଭିତରୁ କାଢ଼ି ଫିଙ୍ଗିଦେବାକୁ ଯେଉଁମାନେ ଏଠାରେ ଅଛନ୍ତି, ସେମାନଙ୍କୁ ଯାବତୀୟ ସୁଯୋଗ ଆଣି ଯୋଗାଇ ଦେବା ହେଉଛି ଅସଲ ପ୍ରଶ୍ନ । ଜୀବନକୁ ବଞ୍ଚିବାର ଅଧିକ ସତ୍ୟମୟ ଏକ ଅନ୍ୟ ମାର୍ଗ ରହିଛି ବୋଲି ଏକ ଯଥାର୍ଥ ଜୀବନକୁ କିପରି ବଞ୍ଚିବାକୁ ହୁଏ ଏବଂ ନିଜକୁ କିପରି ଏକ **ଯଥାର୍ଥ ସତ୍ତାରେ** ପରିଣତ କରିହୁଏ, ଶ୍ରୀଅରବିନ୍ଦ ଆମକୁ ସେହି କଥାଟିକୁ ଶିଖାଇଦେଇ ଯାଇଛନ୍ତି ବୋଲି ଯେଉଁମାନେ ପ୍ରକୃତରେ ଶୁଣିବାକୁ ଇଚ୍ଛା କରୁଛନ୍ତି, ସେହିମାନଙ୍କୁ ଶିକ୍ଷା ଦେବା ହେଉଛି ଅସଲ ପ୍ରଶ୍ନ ଓ ଲକ୍ଷ୍ୟ । ଏବଂ, **ସେହି ଅନ୍ୟ ଜୀବନଟି** ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରି ଆଣିବା ଏବଂ ଯୋଗ୍ୟ କରି ଆଣିବାହିଁ ଏଠାରେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ବୋଲି ଯେଉଁମାନେ ଶୁଣିବା ଲାଗି ଇଚ୍ଛା କରିବେ, ସେହିମାନଙ୍କୁ ଶିକ୍ଷା ଦେବା ହେଉଛି ଅସଲ ପ୍ରଶ୍ନ ।

ଏହା ବାହାରେ ଆଉ ଯାହାକିଛି ରହିଲା, ମଣିଷର ଭାବିବା ଓ ଜୀବନ ବଞ୍ଚିବା ବିଷୟରେ ଯେତେଯାହା ଚିରାଚରିତ ପ୍ରଣାଳୀ ଓ ପଦ୍ଧତି ରହିଛି, ସେଗୁଡ଼ିକ ଲାଗି ବିପୁଳା ପୃଥିବୀ ପଡ଼ିରହିଛି ଏବଂ ସେଠାରେ ସମସ୍ତଙ୍କ ଲାଗି ସେଥିପାଇଁ ନିଶ୍ଚୟ ପ୍ରଶସ୍ତ ସ୍ଥାନ ମିଳିଯାଇ ପାରିବ ।

ଆମେ ସଂଖ୍ୟା ଚାହୁଁନା,– ଆମେ ବଛାବଛା କେତେଜଣଙ୍କୁ ଚାହୁଁ; ଆମେ ବିଚକ୍ଷଣ ପ୍ରତିଭାସମ୍ପନ୍ନ ଛାତ୍ର ଚାହୁଁନା, ଆମେ ଜୀବନ୍ତ କେତୋଟି ଆତ୍ମାହିଁ ଚାହୁଁ ।

*




ଏକଥା ସମସ୍ତଙ୍କ ଜାଣିବା ଉଚିତ, ଏବଂ ସମସ୍ତଙ୍କ ଆଗରେ ଏହି କଥାଟିକୁ କହିବାରେ ଆମର ଆଦୌ କୌଣସି କୁଣ୍ଠା ପ୍ରକାଶ କରିବା ଉଚିତ ନୁହେଁ ଯେ, ନିଜର ଜୀବନକୁ ଏକ ନିର୍ଦ୍ଦିଷ୍ଟ ମାର୍ଗ ଯୋଗାଇ ଦେବା ପାଇଁ ଯେଉଁମାନଙ୍କ ମଧ୍ୟରେ ଅଗ୍ରଗତି କରିବାର ପ୍ରୟୋଜନଟି ଯଥେଷ୍ଟ ପରିମାଣରେ ସଚେତନ ହୋଇ ସାରିଛି, ସେହିମାନଙ୍କୁ ଆବିଷ୍କାର କରିବା ଲାଗି ଓ ଯଥାର୍ଥ ପ୍ରୋତ୍ସାହନ ଯୋଗାଇ ଦେବା ଲାଗିହିଁ ଆମର ଏହି ବିଦ୍ୟାଳୟଟି ରହିଛି । ତାହାହିଁ ହେଉଛି ଆମର ଏହି ବିଦ୍ୟାଳୟଟିର ଲକ୍ଷ୍ୟ ।

*

ପାର୍ଥିବ ଦୃଷ୍ଟିକୋଣରୁ, ଅର୍ଥାତ୍, ହାସଲ କରାଯାଉଥିବା ପରିଣାମଗୁଡ଼ିକର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଯାବତୀୟ କଥାକୁ ଆହୁରି ଅଧିକ ଭଲ ଭାବରେ ଅବଶ୍ୟ କରାଯାଇ ପାରିବ । ମାତ୍ର ଏଠାରେ ମୁଁ ଏଥିଲାଗି କରାଯାଉଥିବା ଉଦ୍ୟମଟି ବିଷୟରେ କହୁଛି, ଉଦ୍ୟମର ଅର୍ଥକୁ ମୁଁ ବର୍ତ୍ତମାନ ସେହି ଶବ୍ଦଟିର ଗଭୀରତମ ଅର୍ଥରେହିଁ ବୁଝୁଛି । ଯାବତୀୟ କାର୍ଯ୍ୟକୁ ଆମେ ଶରୀରର ପ୍ରାର୍ଥନା ବୋଲିହିଁ ଜାଣିବା । ତୁମର ଯାବତୀୟ କାର୍ଯ୍ୟରେ ସେହି ଉଦ୍ୟମଟି ରହିଥିଲେହିଁ ତାହା ପରମ ଦିବ୍ୟସତ୍ତାଙ୍କର ସନ୍ତୋଷ ଭାଜନ ହେବ । ପରମ ଚେତନାର ଯେଉଁ ଚକ୍ଷୁ ତାହାକୁ ଦେଖୁଥିବ, ସିଏ ନିଶ୍ଚୟ ପ୍ରସନ୍ନ ହେବ । ଅବଶ୍ୟ ଏକଥା କୁହାଯାଉ ନାହିଁ ଯେ, ମନୁଷ୍ୟର ଦୃଷ୍ଟିକୋଣରୁ ଆମେ କୌଣସି କାର୍ଯ୍ୟକୁ ଅଧିକ ଭଲ ଭାବରେ ଆଦୌ କରି ପାରିବା ନାହିଁ । ମାତ୍ର ଏ କଥା ସତ୍ୟ ଯେ ଏହି ନିର୍ଦ୍ଦିଷ୍ଟ ଉଦ୍ୟମଟିକୁ ଆମେ ଅନେକ ଉଦ୍ୟମ ମଧ୍ୟରୁ କେବଳ ଗୋଟିଏ ବୋଲି ଗ୍ରହଣ କରିବା;

ଆମ ସାଧନାରେ ଆମେ ଏହାକୁ କେବଳ ଗୋଟିଏ କ୍ରିୟାଶୀଳତା ବୋଲି ଗ୍ରହଣ କରିବା । ଆମେ ଏହାଛଡ଼ା ଆହୁରି ଅନେକ କାର୍ଯ୍ୟରେ ମଧ୍ୟ ବ୍ୟାପୃତ ହୋଇ ରହିଛୁ । କୌଣସି ଗୋଟିଏ ପ୍ରକାରର କାର୍ଯ୍ୟକୁ ସର୍ବାଙ୍ଗସଂପୂର୍ଣ୍ଣତା ଭଳି ଏକ ସ୍ତରକୁ ଆଣିବାକୁ ହେଲେ ସେଥିଲାଗି ଆବଶ୍ୟକ ସମୟ ଦରକାର, ସାଧନା ଓ ସରଞ୍ଜାମମାନ ମଧ୍ୟ ଦରକାର । ଏବଂ ସେସବୁ ବର୍ତ୍ତମାନ ଆମ ପାଖରେ ଆଦୌ ନାହିଁ । ମାତ୍ର ଆମେ ତ କୌଣସି ଗୋଟିଏ କଥାରେହିଁ ସର୍ବାଙ୍ଗସଂପୂର୍ଣ୍ଣତା ଲୋଡ଼ି କିଛି କରୁ ନାହୁଁ, ଆମେ ତ ଏକ ସଂପୂର୍ଣ୍ଣ ଲକ୍ଷ୍ୟର ପ୍ରାପ୍ତି ଲାଗି ପ୍ରୟାସ କରୁଛୁ ।

ଏକ ବହିଶ୍ଚକ୍ଷୁରେ ବିଚାର କରି ଦେଖୁଥିବା ବେଳେ ଆମେ କରୁଥିବା ବହୁ-କଥାର ବହୁ ସମାଲୋଚନା କରାଯାଇ ପାରିବ । ମାତ୍ର ଏକ ଅନ୍ତର୍ଗତ ଦୃଷ୍ଟିରେ ଦେଖିବାକୁ ସମର୍ଥ ହେଲେ ନିଶ୍ଚୟ କୁହାଯାଇ ପାରିବ ଯେ, ଯାହାକିଛି କରାଯାଇଛି, ତାହା ଖୁବ୍ ଭଲଭାବରେହିଁ କରାଯାଇଛି । ବହିଃ-ଚକ୍ଷୁର ତରାଜୁରେ ଓଜନ କରି ଦେଖୁଥିବା ସମୟରେ ତୁମକୁ ମାନସିକ ଓ ବୁଦ୍ଧିଗତ ନାନା ପ୍ରତ୍ୟୟ ଓ ରଚନା ମଧ୍ୟଦେଇ ଯିବାକୁ ପଡୁଥିବ, ଏବଂ ଏଠାରେ ଯାହାସବୁ କରାଯାଉଛି, ସେଥିରେ ରହିଥିବା ଅସାଧାରଣ ଉପାଦାନଟିକୁ ଆମେ ମୋଟେ ଠଉରାଇ ପାରିବା ନାହିଁ । ମାତ୍ର ଯାହା ଏହିସବୁ କାର୍ଯ୍ୟର ପଶ୍ଚାତରେ ରହିଛି, ସେଇଟିକୁ, ସେହି ସାଧନାଟିକୁ ତୁମେ ଆଦୌ ଦେଖିପାରିବ ନାହିଁ । କେବଳ ଏକ ଗଭୀରତର ଚେତନାହିଁ ଏକ ନିର୍ଦ୍ଦିଷ୍ଟ ଉପଲବ୍ଧି ଉଦ୍ଦେଶ୍ୟରେ ଆମର ଯାତ୍ରାଟିକୁ ଅନୁଭବ କରିପାରିବ, ଯାହାକି ଅନ୍ୟାନ୍ୟ ସକଳ ଉପଲବ୍ଧିର ସୀମାତିକ୍ରମ କରି ରହିଛି । ବାହାରୁ ବାହାରୁ ଦେଖୁଥିବା ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଜୀବନଟି ଆମ ଆଖିରେ କଦାପି ପଡ଼ିବ ନାହିଁ; କାରଣ କେବଳ ନିଜର କ୍ଷୁଦ୍ର ଦୃଷ୍ଟିଗୁଡ଼ିକ ଦେଇହିଁ ତାହା ସବୁକଥାର ବିଚାର କରୁଥିବ ।

ଏପରି ଅନେକ ବ୍ୟକ୍ତି ଆମର ଏହି ବିଶ୍ୱବିଦ୍ୟାକେନ୍ଦ୍ରରେ ଆସି ଯୋଗ ଦେବା ଲାଗି ଆଗ୍ରହ ପ୍ରକାଶ କରି ଚିଠି ଲେଖିଥା'ନ୍ତି, ଏବଂ, ଆମେ ଏଠାରେ ପିଲାଙ୍କୁ କେଉଁ ଡିଗ୍ରୀ ଅଥବା ଡିପ୍ଲୋମା ଲାଗି ତିଆରି କରୁଛୁ ଓ ଭବିଷ୍ୟତରେ କେଉଁସବୁ ଜୀବିକା ଗ୍ରହଣ କରିପାରିବା ଲାଗି ଏଠାରେ ସମ୍ଭାବନାମାନ ରହିଛି, ସେମାନେ ଆମକୁ ସେହିକଥା ପଚାରି ପଠାଇଥା'ନ୍ତି । ସେମାନଙ୍କୁ ଉତ୍ତର ଦେଇ ମୁଁ କହିବି : ଆଜ୍ଞା, ଆପଣ ଆଉ କେଉଁଠାକୁ ଯାଆନ୍ତୁ; ସେସବୁ ମନ କରୁଥିଲେ ଆପଣ ଅନ୍ୟତ୍ର ଯାଆନ୍ତୁ । ସେଥିଲାଗି ଆହୁରି କେତେ ଜାଗା ରହିଛି, ସେହି ଦୃଷ୍ଟିରୁ ଦେଖିଲେ ଏଠି ଭାରତବର୍ଷରେ ମଧ୍ୟ ଏଠା ତୁଳନାରେ କେତେ କେତେ ଅଧିକ ଭଲ ଜାଗା ରହିଛି । ସେମାନଙ୍କ ପାଖରେ ଯେଉଁସବୁ ସାଜସରଞ୍ଜାମ ଓ ବୈଭବ ରହିଛି, ଆମ ପାଖରେ ତାହା ଆଦୌ ନାହିଁ । ଆପଣ ଯେଉଁପ୍ରକାରର ସଫଳତାର ଅନ୍ୱେଷଣ କରୁଛନ୍ତି, ସେଠାରେ ଆପଣଙ୍କୁ ତାହା ନିଶ୍ଚୟ ମିଳିଯିବ । ଆମେ ସେମାନଙ୍କ

ସହିତ ଆଦୌ ପ୍ରତିଯୋଗିତା କରୁ ନାହୁଁ । ଆମର ବିଚରଣ ଏକ ଅନ୍ୟ କ୍ଷେତ୍ରରେ, ଏକ ଅନ୍ୟ ସ୍ତରରେ ।

ମାତ୍ର ଏହି କଥାର ଆଦୌ ଏପରି ଅର୍ଥ କରିବା ଉଚିତ ନୁହେଁ ଯେ ନିଜକୁ ଅନ୍ୟମାନଙ୍କ ତୁଳନାରେ ଅଧିକ ବଡ଼ ବା ଅଧିକ ଯୋଗ୍ୟ ବୋଲି ବିଚାର କରିବା ଲାଗି ମୁଁ ଆଦୌ କୌଣସି ପ୍ରରୋଚନା ଦେଉଛି । ଯଥାର୍ଥ ଚେତନା ନିଜକୁ ଅଧିକ ଉଚ୍ଚ ଓ ଅଧିକ ବଡ଼ ବୋଲି ବିଚାର କରିବାକୁ ମୋଟେ ସମର୍ଥ ହୁଏ ନାହିଁ । କେବଳ ଏକ କ୍ଷୁଦ୍ର ଚେତନାହିଁ ନିଜର ବଡ଼ପଣିଆ ଦେଖାଇବାକୁ ଚେଷ୍ଟା କରୁଥାଏ । ଗୋଟିଏ ସାନ ପିଲାକୁ ମଧ୍ୟ ଏପରି ଗୋଟିଏ ସତ୍ତାଠାରୁ ଆମେ ଅଧିକ ଉଚ୍ଚସ୍ତରର ବୋଲି କହିପାରିବା : କାରଣ, ନିଜର ସକଳ ବିଚରଣ କ୍ଷେତ୍ରରେ ଓ କ୍ରିୟାଶୀଳତାରେ ସାନ ପିଲା ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ସବୁକିଛି କରୁଥାଏ । ତୁମେ ସେହିସବୁର ଅନେକ ଊର୍ଦ୍ଧ୍ୱକୁ ଉଠିଯିବ । ପରମ ଦିବ୍ୟସତ୍ତାଙ୍କ ସହିତ ତୁମର ଯେଉଁ ସମ୍ବନ୍ଧଟି ରହିଛି ଏବଂ ତାଙ୍କ ଲାଗି ଯାହାକିଛି କରିବାକୁ ଇଚ୍ଛା କରୁଛ, ସେତିକି ବ୍ୟତୀତ ତୁମେ ଆଉ ଅନ୍ୟ କୌଣସି କଥାରେହିଁ କୌଣସି ଆଗ୍ରହ କେବେହେଲେ ପ୍ରକାଶ କର ନାହିଁ । କେବଳ ତାହାହିଁ ତୁମ ଲାଗି ଏକମାତ୍ର ଆଗ୍ରହର ବସ୍ତୁ ହୋଇ ରହିଥାଉ ।§*

*୩୦ ନିଭେମ୍ବର ୧୯୫୫*

*

ଆମେ ଏଠାରେ ଏକ ସହଜ ଓ ଆରାମଦାୟକ ଜୀବନ ଯାପନ କରିବାକୁ ରହି ନାହୁଁ । ଆମେ ଏଠାରେ ସେହି ଦିବ୍ୟ ପରମସତ୍ତାଙ୍କୁ ଲାଭ କରିବା ଲାଗି ରହିଛୁ । ଦିବ୍ୟ ହେବାକୁ ରହିଛୁ ଓ ସେହି ପରମସତ୍ତାଙ୍କର ପ୍ରକାଶ ଘଟାଇବା ଲାଗି ରହିଛୁ ।

ତେଣୁ ଆମ ଜୀବନରେ କ'ଣ ଘଟିବ ବା କ'ଣ ହେବ, ତାହା ସେହି ଦିବ୍ୟ ପରମସତ୍ତା ଜାଣନ୍ତି, ଆମେ ଜାଣି ନାହୁଁ ।

ପୃଥିବୀର ପ୍ରଗତି ଲାଗି ଏବଂ ଆମ ନିଜର ପ୍ରଗତି ଲାଗି କ'ଣ ଭଲ ବା କ'ଣ ଉପଯୋଗୀ, ସେହି କଥାଟିକୁ ଆମ ଅପେକ୍ଷା ସେହି ପରମସତ୍ତାହିଁ ଅଧିକ ଭଲକରି ଜାଣିଛନ୍ତି ।

*୨୩ ଅଗଷ୍ଟ ୧୯୬୭*

*

* ଯେଉଁସବୁ ସ୍ଥାନରେ § ଚିହ୍ନଟି ଦିଆଯାଇଥିବ, ସେଥିରୁ ବୁଝାଯିବ ଯେ, ମା ମୌଖିକ ଭାବରେ ଯାହା ମନ୍ତବ୍ୟ ଦେଇଥିଲେ, ଜଣେ ସାଧକ ପରେ ମନେ ପକାଇ ସେଗୁଡ଼ିକୁ ଟିପି ପକାଇଥିଲେ । ଏବଂ ତାହାକୁ ପ୍ରକାଶ କରିବା ପାଇଁ ମାଆଙ୍କର ସମର୍ଥନ ଓ ଅନୁମତି ମିଳିଥିଲା ।

ନିଜ ଭିତରେ ଏକ ସେବାଭାବର ବିକାଶ କରି ଆଣିବା,– ଏଠାରେ ପ୍ରଦତ୍ତ ହେଉଥିବା ଶିକ୍ଷାର ତାହା ହେଉଛି ଏକ ଅଂଶ, ଏବଂ ତାହା ଅନ୍ୟାନ୍ୟ ଯାବତୀୟ ଅଧ୍ୟୟନକୁ ଏକ ପରିପୂର୍ଣ୍ଣତା ଆଣି ଦେଇଯିବ ।

*୧୩ ଜୁନ୍ ୧୯୭୧*

*

ଏକ ଧର୍ମ-ଶିକ୍ଷାକୁ ତୁମେ କଦାପି ଏକ ଆଧ୍ୟାତ୍ମିକ ଶିକ୍ଷା ସହିତ ଏକାଠି ଗୋଳିଆମିଶା କରି ମିଶାଇଦେବ ନାହିଁ ।

ଧର୍ମଶିକ୍ଷା ହେଉଛି ଅତୀତର ଏକ ବିଷୟ ଏବଂ ତାହା ଅଗ୍ରଗତିକୁ ବନ୍ଦ କରିଦେଇଥାଏ ।

ଆଧ୍ୟାତ୍ମିକ ଶିକ୍ଷା ହେଉଛି ଭବିଷ୍ୟତର ଶିକ୍ଷା – ତାହା ଆମର ଚେତନାକୁ ଆଲୋକିତ କରିଦିଏ ଏବଂ ତାହାକୁ ଭବିଷ୍ୟତର ଉପଲବ୍ଧି ଲାଗି ପ୍ରସ୍ତୁତ କରିଆଣେ ।

ଆଧ୍ୟାତ୍ମିକ ଶିକ୍ଷାର ସ୍ଥାନ ଯାବତୀୟ ଧର୍ମର ଅନେକ ଊର୍ଦ୍ଧ୍ୱରେ ଏବଂ ଏକ ପୂର୍ଣ୍ଣଜାଗତିକ ପରମସତ୍ୟର ଉପଲବ୍ଧି ହେଉଛି ତାହାର ଯାବତୀୟ ପ୍ରଚେଷ୍ଟାର ଲକ୍ଷ୍ୟ ।

ସେହି ଶିକ୍ଷା ଆମକୁ ଦିବ୍ୟ ପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ପ୍ରବିଷ୍ଟ ହେବାର ବାଟଟିକୁ ବତାଇ ଦେଇଥାଏ ।

*୧୨ ଫେବ୍ରୁଆରି ୧୯୭୨*

*

ତା'ର ଜୀବନରେ ଏବଂ ତା'ର ସମାଜରେ ସଫଳତା ପ୍ରାପ୍ତ କରିବା ଲାଗି ଜଣେ ବ୍ୟକ୍ତିକୁ ପ୍ରସ୍ତୁତ କରି ଆଣିବାହିଁ ଶିକ୍ଷାର ଲକ୍ଷ୍ୟ ନୁହେଁ । ପରିପୂର୍ଣ୍ଣ ହେବା ଲାଗି ତାହାର ନିହିତ ସମ୍ଭାବନାଟିର କ୍ଷେତ୍ରରେ ଯଥାସମ୍ଭବ ବୃଦ୍ଧି ସାଧନ କରିବା ହେଉଛି ଶିକ୍ଷାର ଲକ୍ଷ୍ୟ ।

*

ସଫଳତା କଦାପି ତୁମ ଜୀବନର ଲକ୍ଷ୍ୟ ହୋଇ ନ ରହୁ । ପରିପୂର୍ଣ୍ଣତାର ଉପଲବ୍ଧି କରିବା ହେଉଛି ଆମର ଲକ୍ଷ୍ୟ । ସ୍ମରଣ ରଖିଥାଅ ଯେ ତୁମେ **ଏକ ନୂତନ ପୃଥିବୀର** ଦ୍ୱାରଦେଶରେ ଆସି ଉପସ୍ଥିତ ହୋଇଛ । ତାହାରି ଜନ୍ମ ପର୍ବଟିରେ ତୁମେ ଅଂଶଗ୍ରହଣ କରିବାକୁ ଯାଉଛ ଏବଂ ତାହାରି ସୃଜନରେ ଏକ ନିମିତ୍ତ ହେବାକୁ ଯାଉଛ । ତେଣୁ ରୂପାନ୍ତରହିଁ ତୁମ ଲାଗି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ । ତୁମ ଲାଗି ଏହାଠାରୁ ବଳି ଅଧିକ ଉପଯୁକ୍ତ ଆଉ ଅନ୍ୟ ଆଗ୍ରହହିଁ ରହିବା ଉଚିତ ନୁହେଁ ।

*

ଏକ ସାଧାରଣ ଭାବରେ କହିଲେ, ଶିକ୍ଷା, ସଂସ୍କୃତି ଓ ଇନ୍ଦ୍ରିୟାନୁଭବ କ୍ଷେତ୍ରର ବିଶୋଧନ,– ଏଗୁଡ଼ିକ ହେଉଛନ୍ତି ଅଶୋଧିତ ସହଜଜାତ ପ୍ରବୃତ୍ତି, ବାସନା ଓ ଉଗ୍ର କାମନାର ସକଳ କ୍ରିୟାତ୍ମକତାକୁ ନିରାକୃତ କରିଦେବାର ଗୋଟିଏ ଗୋଟିଏ ସାଧନ। ସେଗୁଡ଼ିକୁ ନଷ୍ଟ କରିଦେବା ଦ୍ୱାରାହିଁ ସେଗୁଡ଼ିକର ନିରାକରଣ ହୋଇପାରେ ନାହିଁ; ବରଂ ଅନ୍ୟ ପକ୍ଷରେ ସେଗୁଡ଼ିକର କର୍ଷଣ କରିବାକୁ ହୁଏ, ବିବେକ ବୁଦ୍ଧିର ସ୍ତରକୁ ଉତ୍ତୋଳନ କରି ନେବାକୁ ହୁଏ, ସେଗୁଡ଼ିକରେ ଏକ ବିଶୋଧନ ସମ୍ଭବ କରିବାକୁ ହୁଏ । ତାହାରି ଦ୍ୱାରାହିଁ ସୁନିଶ୍ଚିତତମ ଭାବରେ ସେଗୁଡ଼ିକର ନିରାକରଣ ସମ୍ଭବ ହୁଏ। ଚେତନାର ଅଗ୍ରଗତି ଚେତନାଗତ ବିକାଶକୁ ଦୃଷ୍ଟି ସମକ୍ଷରେ ରଖି ସେଗୁଡ଼ିକର ଯଥାସମ୍ଭବ ଅଧିକ ଅଭିବୃଦ୍ଧି ସାଧନ କରାଇବାକୁ ହୋଇଥାଏ, ଯେପରିକି ଆମେ ସୁସମଞ୍ଜସତାର ଏକ ଭାବର ଅଧିକାରୀ ହେଉ ଏବଂ ଆମ ଇନ୍ଦ୍ରିୟାନୁଭବଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏକ ଯଥାର୍ଥତା ହାସଲ ବି କରିଥାଉ। ଏହାହିଁ ଜଣେ ମନୁଷ୍ୟର ଯାବତୀୟ କୃଷ୍ଟି ଓ ଯାବତୀୟ ଶିକ୍ଷାରେ ଏକ ଅଂଶ ହୋଇ ରହିବା ଉଚିତ।

# ବିଦ୍ୟାର୍ଥୀଗଣ

ତୁମେ, ଯେଉଁମାନେ ବର୍ତ୍ତମାନ ପିଲା, ସେହିମାନେ ଏହି ଦେଶର ଆଶା । ତୁମେମାନେ ଏହି ପ୍ରତ୍ୟଶାଟିର ଯୋଗ୍ୟ ହେବା ଲାଗି ନିଜକୁ ତିଆରି କର ।

ମୋର ଅନେକ ଆଶୀର୍ବାଦ ।

*

ଗୋଟିଏ କଥାରେ ତୁମେ ଅବଶ୍ୟ ନିଶ୍ଚିତ ହୋଇ ରହିଥିବ ଯେ **ତୁମର ଭବିଷ୍ୟତ୍ ତୁମ ନିଜ ହାତରେହିଁ** ରହିଛି । ତୁମେ ବଡ଼ ହୋଇ ଯେପରି ଜଣେ ମଣିଷ ହେବା ଲାଗି ପ୍ରକୃତରେ **ଇଚ୍ଛା କରୁଛ**, ତୁମେ ନିଶ୍ଚୟ ତାହାହିଁ ହେବ । ଏବଂ, ତୁମର ଆଦର୍ଶ ଓ ତୁମର ଅଭୀପ୍ସା ଯେତିକି ଅଧିକ ଉଚ୍ଚ ହୋଇ ପାରିବ, ତୁମର ଉପଲବ୍ଧିଟି ମଧ୍ୟ ସେତିକି ଉଚ୍ଚ ହେବ । ମାତ୍ର ତୁମ ଭିତରେ ସର୍ବଦା ଏକ ଦୃଢ଼ ସଂକଳ୍ପ ଅବଶ୍ୟ ରହିଥିବା ଆବଶ୍ୟକ ଏବଂ ଜୀବନରେ ନିଜର ଯଥାର୍ଥ ଲକ୍ଷ୍ୟଟିକୁ ତୁମର ଆଦୌ ଭୁଲିଯିବା ଉଚିତ ନୁହେଁ ।

*୨ ଏପ୍ରିଲ ୧୯୬୩*

*

ତରୁଣ ଓ ଅଳ୍ପବୟସ୍କ ହେବା,— ତାହାର ଅର୍ଥ ହେଉଛି ଭବିଷ୍ୟତରେହିଁ ବାସ କରିବା ।

ତରୁଣ ଓ ଅଳ୍ପବୟସ୍କ ହେବା,— ତାହାର ଅର୍ଥ ହେଉଛି ଯେ, ଯାହା ଆମକୁ ଅବଶ୍ୟ ହେବାକୁ ପଡ଼ିବ, ସେଥିଲାଗି, ଆମେ ବର୍ତ୍ତମାନ ଯାହାକିଛି ହୋଇ ରହିଛୁ, ତାହାକୁ ଛାଡ଼ି ଆସିବାକୁ ପ୍ରସ୍ତୁତ ହେବା ।

ତରୁଣ ଓ ଅଳ୍ପବୟସ୍କ ହେବା,— ତାହାର ଅର୍ଥ ହେଉଛି ଯେ, କୌଣସି ବିଷୟରେ ଆଦୌ କୌଣସି ସଂଶୋଧନ ହୋଇ ପାରିବ ନାହିଁ ବୋଲି ଆଦୌ ସ୍ୱୀକାର ନ କରିବା ।

*୨୮ ମାର୍ଚ୍ଚ ୧୯୬୭*

*

ତୁମର ଯେଉଁ ବର୍ଷଗୁଡ଼ିକ ଅକାରଣରେ କଟିଯାଏ, କେବଳ ସେହିଗୁଡ଼ିକ ତୁମକୁ ବୁଢ଼ା କରିଦିଅନ୍ତି ।

ଗୋଟିଏ ବର୍ଷ ଅକାରଣରେ କଟିଗଲା, ତାହାର ଅର୍ଥ ହେଉଛି ଯେ, ତୁମେ ଆଦୌ କୌଣସି ଅଗ୍ରଗତି ହାସଲ କରି ପାରିଲ ନାହିଁ, ତୁମର ଚେତନାରେ ଆଦୌ କୌଣସି ଅଭିବୃଦ୍ଧି ଘଟିଲା ନାହିଁ ଏବଂ ପରିପୂର୍ଣ୍ଣତା ଆଡ଼କୁ ଆଉ ଅଧିକ କୌଣସି ପଦକ୍ଷେପ ନିଆଯାଇ ପାରିଲା ନାହିଁ ।

ତୁମ ନିଜଠାରୁ ଅଧିକ ଉଚ୍ଚ ଓ ଅଧିକ ପ୍ରଶସ୍ତ କୌଣସି ଏକ ଲକ୍ଷ୍ୟର ଉପଲବ୍ଧି

ଲାଗି ନିଜର ଜୀବନକୁ ଉତ୍ସର୍ଗୀକୃତ କରି ରଖ । ତେବେ ଅତିବାହିତ ହୋଇ ଯାଉଥିବା ବର୍ଷଗୁଡ଼ିକୁ ତୁମେ କଦାପି ଏକ ବୋଝ ପରି ଅନୁଭବ କରିବ ନାହିଁ ।

*୨୧ ଫେବ୍ରୁଆରି ୧୯୫୮*

*

ତୁମେ ଜୀବନରେ କେତେ ବର୍ଷ ବଞ୍ଚିଲ, ତାହାର ସଂଖ୍ୟା କଦାପି ତୁମକୁ ବୁଢ଼ା କରିଦିଏ ନାହିଁ । ତୁମର ଅଗ୍ରଗତି ବନ୍ଦ ହୋଇଗଲେହିଁ ତୁମେ ବୁଢ଼ା ହେବାକୁ ଆରମ୍ଭ କର ।

ତୁମର ଯାହାକିଛି କରିବାର ଥିଲା, ତୁମେ ସେସବୁକୁ ପୂରା କରି ସାରିଲଣି, ତୁମର ଯାହାକିଛି ଜାଣିବାର ଥିଲା, ତୁମେ ସେସବୁକୁ ଜାଣି ସାରିଲଣି, ଏହିପରି ଅନୁଭବ କରିବାକୁ ଆରମ୍ଭ କରିବା ମାତ୍ରକେ ଏବଂ ଏଥର ବସି ନିଜ କର୍ମୋଦ୍ୟମଗୁଡ଼ିକର ଫଳମାନ ଭୋଗ କରିବା ଲାଗି ଇଚ୍ଛା କରିବା ମାତ୍ରେହିଁ, ଅର୍ଥାତ୍‌, ଜୀବନରେ ତୁମେ ଯଥେଷ୍ଟ କାର୍ଯ୍ୟ କରି ସାରିଲଣି ବୋଲି ଅନୁଭବ କରିବା ମାତ୍ରକେ ତୁମେ ତତ୍‌କ୍ଷଣାତ୍‌ ବୁଢ଼ା ହୋଇଯାଅ ଏବଂ ତୁମର କ୍ଷୟ ହେବାକୁ ଆରମ୍ଭ କରେ ।

ମାତ୍ର ଅନ୍ୟ ପକ୍ଷରେ, ଯେତେବେଳେ ତୁମ ଭିତରେ ଏପରି ଏକ ଦୃଢ଼ ବିଶ୍ୱାସ ରହିଥାଏ ଯେ, ଯାହାସବୁ ତଥାପି ଜାଣିବାକୁ ବାକି ରହିଛି, ତାହା ତୁଳନାରେ ତୁମ ଜାଣିବାର ପରିମାଣ ଆଦୌ କିଛି ନୁହେଁ, ଯେତେବେଳେ ତୁମେ ଅନୁଭବ କରୁଥାଅ ଯେ, ତୁମେ ଯାହାସବୁ କାର୍ଯ୍ୟ କରିସାରିଛ, ଆହୁରି କରିବା ଲାଗି ବାକି ରହିଥିବା କାର୍ଯ୍ୟଗୁଡ଼ିକର ତୁଳନାରେ ତାହାକୁ କେବଳ ଏକ ଆରମ୍ଭ ମାତ୍ରହିଁ କୁହାଯିବ, ଯେତେବେଳେ ତୁମେ ନିଜର ଭବିଷ୍ୟତକୁ ତଥାପି ଉପଲବ୍ଧି କରିବା ଲାଗି ବାକି ରହିଥିବା ଅଗଣିତ ନାନା ସମ୍ଭାବନାର ଦୀପ୍ତିରେ ଦେଦୀପ୍ୟମାନ ହୋଇ ରହିଥିବା ଏକ ଆକର୍ଷଣକାରୀ ସୂର୍ଯ୍ୟ ସଦୃଶ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର, ସେତେବେଳେ ତୁମେ ପ୍ରକୃତରେ ତରୁଣ ହୋଇ ରହ । ଏହି ପୃଥିବୀରେ ତୁମେ ଯେତେ ଯେତେ ବର୍ଷ ଅତିବାହିତ କରି ସାରିଥାଅ ପଛକେ, ସେତେବେଳେ ତୁମେ ଆଗାମୀ କାଲିର ଯାବତୀୟ ଉପଲବ୍ଧିଗୁଡ଼ିକର ସମ୍ପଦରେ ସମ୍ପଦବାନ୍‌ ହୋଇ ରହିଥାଅ,— ପ୍ରକୃତରେ ତରୁଣ ହୋଇ ରହିଥାଅ ।

ତୁମର ଶରୀର ତୁମ ବାଟରେ ଏକ ଅନ୍ତରାୟ ହୋଇ ଠିଆ ନ ହେଉ ବୋଲି ଯଦି ତୁମେ ପ୍ରକୃତରେ ଇଚ୍ଛା କରୁଥାଅ, ତେବେ ନିରର୍ଥକ ଉତ୍ତେଜନାରେ ନିଜର ଶକ୍ତିଗୁଡ଼ିକୁ କଦାପି ନଷ୍ଟ କରି ଦିଅ ନାହିଁ । ତୁମେ ଯେତେବେଳେ ଯାହାକିଛି କାର୍ଯ୍ୟ କରୁଥାଅ ପଛକେ, ତାହାକୁ ସ୍ଥିର ହୋଇ କର, ଏକ ସମାହିତ ମନଃସ୍ଥିତିରେ ରହି କର । ସ୍ଥିରତା ଓ ନୀରବତାରେହିଁ ସବୁଠାରୁ ଅଧିକ ବଳ ନିହିତ ହୋଇ ରହିଥାଏ ।

*୨୧ ଫେବ୍ରୁଆରି ୧୯୬୮*

*

ପ୍ରକୃତରେ ଏକ ସୁଖମୟ ଏବଂ ଫଳଦାୟକ ଜୀବନକୁ ବଞ୍ଚି ପାରିବା ଲାଗି ଅସଲ ଆବଶ୍ୟକତା ହେଉଛି ଯେ ଆମର ଉପଯୁକ୍ତ ନିଷ୍ଠା ରହିଥିବ, ବିନୟ ଓ ଅଧ୍ୟବସାୟ ଶକ୍ତି ରହିଥିବ ଏବଂ ଅଗ୍ରଗତି କରିବା ଲାଗି ଏକ ଅଦମ୍ୟ ପିପାସା ରହିଥିବ । ସର୍ବୋପରି, ଅଗ୍ରଗତିର ଏକ ସୀମାହୀନ ସମ୍ଭାବନା ବିଷୟରେ ଭିତରେ ଦୃଢ଼ ବିଶ୍ୱାସ ରହିଥିବ । ଅଗ୍ରଗତିହିଁ ଯୌବନ; ସେତେବେଳେ ଶହେବର୍ଷ ବୟସରେ ମଧ୍ୟ ଜଣେ ତଥାପି ତରୁଣ ହୋଇ ରହିପାରିବ, ଯୌବନାବସ୍ଥାରେ ରହିପାରିବ ।

*୧୪ ଜାନୁଆରି ୧୯୭୨*

*

ଯଦି ଚେତନାର ଅଭିବୃଦ୍ଧିକୁହିଁ ଜୀବନର ସର୍ବପ୍ରଧାନ ଲକ୍ଷ୍ୟ ବୋଲି ବିଚାର କରାଯାଉଥା'ନ୍ତା, ତେବେ ପ୍ରକୃତରେ କେତେ କେତେ ସମସ୍ୟା ଓ ଅସୁବିଧାର ସମାଧାନ ଅବଶ୍ୟ ହୋଇ ଯାଉଥା'ନ୍ତା ।

ବୁଢ଼ା ନ ହେବାର ସର୍ବୋତ୍ତମ ଉପାୟ ହେଉଛି ଅଗ୍ରଗତିକୁହିଁ ଜୀବନର ଲକ୍ଷ୍ୟ ରୂପେ ସ୍ୱୀକାର କରିନେବା ।

*୧୮ ଜାନୁଆରି ୧୯୭୨*

*

ପ୍ରତ୍ୟେକ ମୁହୂର୍ତ୍ତରେ ଏକ ନୂତନ ଜୀବନ ମଧ୍ୟକୁ ଜନ୍ମଲାଭ କରିବାର ରହସ୍ୟଟିକୁ ଜାଣିବା,— ତାହାହିଁ ହେଉଛି ଚିରନ୍ତନ ଯୌବନର ଅଧିକାରୀ ହୋଇ ରହିବାର ଅସଲ କଥା ।

*

କେବଳ ବୁଦ୍ଧିର କ୍ଷେତ୍ରରେ ନୁହେଁ, ଆମ ମନର ସମଗ୍ର ଭୂମିଟି ଉପରେ ମଧ୍ୟ ଆମେ ସର୍ବଦା ଶିକ୍ଷାଲାଭ କରିବାକୁ ସମର୍ଥ ହେଉଥିବା, ଆମର ଚରିତ୍ରଭୂମିରେ ଆମେ ସତତ ଅଗ୍ରଗତି କରି ପାରୁଥିବା, ଗୁଣଗୁଡ଼ିକର ଅନୁଶୀଳନ ଏବଂ ଦୋଷଗୁଡ଼ିକର ସଂଶୋଧନ କରୁଥିବା । ପ୍ରତ୍ୟେକ ବସ୍ତୁ ତଥା ଅବସରକୁହିଁ ଆମେ ନିଜକୁ ଅଜ୍ଞାନ ଏବଂ ଅସମର୍ଥତା ମଧ୍ୟରୁ ମୁକ୍ତ କରି ଆଣିବାର ନିମିତ୍ତ ରୂପେ ବ୍ୟବହାର କରି ପାରୁଥିବା । ତେବେ, ତାହା ଦ୍ୱାରା ଆମର ଜୀବନ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଆଗ୍ରହୋଦ୍ଦୀପକ ଏବଂ ଆକର୍ଷକ ହୋଇ ରହିଥିବ ଏବଂ ଜୀବନଟିକୁ ବଞ୍ଚିବାର ଆମର ଯାବତୀୟ ଶ୍ରମ ଯଥାର୍ଥ ଭାବରେ ସାର୍ଥକ ହୋଇ ଯାଉଥିବ ।

*୨୭ ଜାନୁଆରି ୧୯୭୨*

*

କୌଣସି ପିଲା ତା'ର ଅଭିବୃଦ୍ଧି ବିଷୟରେ ମୋଟେ କୌଣସି ଚିନ୍ତା ପ୍ରକଟ କରେ ନାହିଁ; ସିଏ କେବଳ ଅଭିବୃଦ୍ଧି ଲାଭ କରିବାରେହିଁ ଲାଗିଥାଏ ।

*

ଗୋଟିଏ ସାନ ପିଲାର ସରଳ ବିଶ୍ୱାସ ମଧ୍ୟରେ ଏକ ବିରାଟ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ ।

*୧୭ ନଭେମ୍ବର ୧୯୫୪*

*

କୌଣସି ପିଲା ଯେତେବେଳେ ଏକ ସ୍ୱାଭାବିକ ପରିବେଶ ମଧ୍ୟରେ ବଢ଼ିବାର ସୁଯୋଗ ପାଏ, ସେତେବେଳେ ତାହାର ଯାବତୀୟ ଆବଶ୍ୟକତାର ପୂରଣ ହୋଇ ଯିବ ବୋଲି ତା' ଭିତରେ ଏକ ସହଜ ବିଶ୍ୱାସ ମଧ୍ୟ ରହିଥାଏ ।

ଏହି ବିଶ୍ୱାସଟି ଅବିଚଳିତ ଭାବରେ ଜୀବନସାରା ରହିପାରିବା ଉଚିତ; ମାତ୍ର, ଅଜ୍ଞାନ ଏବଂ ଉପର ଠାଉରିଆ ଭାବରେ ପିଲା ଭିତରେ ତା'ର ଆବଶ୍ୟକତାଗୁଡ଼ିକ ବିଷୟରେ ଯେଉଁ ସୀମିତ ଧାରଣାଟି ରହିଥାଏ, ତାହାର ସ୍ଥାନାପନ୍ନ ଭାବରେ ଓ କ୍ରମବୃଦ୍ଧିଶୀଳ ପରିମାଣରେ ଆମକୁ ପିଲା ଭିତରେ ଏକ ଅଧିକ ପ୍ରଶସ୍ତ, ଅଧିକ ଗଭୀର, ଅଧିକ ଯଥାର୍ଥ ଏକ ଧାରଣା ଓ କଳ୍ପନା ଆଣି ଦେଇଯିବାକୁ ପଡୁଥିବ, ଯାହାର ପରିଣାମ ସ୍ୱରୂପ ପରିଶେଷରେ ସର୍ବୋଚ୍ଚ ପ୍ରକୃତ ଜ୍ଞାନଟି ସହିତ ପୂର୍ଣ୍ଣସଙ୍ଗତି ରଖି ନିଜର ଆବଶ୍ୟକତାଗୁଡ଼ିକ ବିଷୟରେ ତା'ର କ୍ରମଶଃ ଏକ ଯଥାର୍ଥ ଓ ପୂର୍ଣ୍ଣ ଧାରଣା ମଧ୍ୟ ହୋଇଯିବ । ଏହି ଧାରାର ସର୍ବଶେଷ ସୋପାନ ରୂପେ ଆମେ ଦିନେ ଏକଥା ନିଶ୍ଚୟ ଉପଲବ୍ଧି କରିବାକୁ ସମର୍ଥ ହେବା ଯେ, ଆମର କେଉଁ ବସ୍ତୁଗୁଡ଼ିକ ଲାଗି ପ୍ରକୃତରେ ଏକ ଆବଶ୍ୟକତା ରହିଛି, ସେ କଥା କେବଳ ସେହି ଦିବ୍ୟ ପରମସତ୍ତାହିଁ ଜାଣିଛନ୍ତି । ସେତେବେଳେ ଆମେ ପ୍ରତ୍ୟେକ ବିଷୟରେ କେବଳ ତାଙ୍କରି ଉପରେହିଁ ନିର୍ଭର କରିବାକୁ ଶିଖିଯାଇ ପାରିବା ।

*୧୯ ନଭେମ୍ବର ୧୯୫୪*

*

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ବିଶ୍ୱାସ, ଠିକ୍ ଏକ ଶିଶୁସୁଲଭ ବିଶ୍ୱାସ, ଏକ ସରଳ ଅନୁଭୂତି, ଯାହା କି ଭଲକରି ଜାଣିଥାଏ ଯେ, ଯାହାସବୁର ଆବଶ୍ୟକତା ରହିଛି, ସେସବୁ ନିଶ୍ଚୟ ମିଳିବ ଏବଂ ସେଥିରେ ସନ୍ଦେହ କରିବା ଲାଗି ଆଦୌ କୌଣସି ଅବକାଶ ନାହିଁ । ଯେତେବେଳେ ପିଲାର କିଛି ଆବଶ୍ୟକତା ଆସି ପହଞ୍ଚିଛି, ସେତେବେଳେ ସିଏ ଭଲ କରି ଜାଣିଛି ଯେ ସେହି ଆବଶ୍ୟକତାଟିର ନିଶ୍ଚୟ ପୂରଣ ହେବ । ଏହିପରି ଏକ ସରଳ ବିଶ୍ୱାସ ବା ନିର୍ଭର,— ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ।

*

ପିଲାଏ ଡରନ୍ତି କାହିଁକି ? ସେମାନେ ନିଜକୁ ଦୁର୍ବଳ ବୋଲି ମନେ କରନ୍ତି ବୋଲି ଡରନ୍ତି ।

ସେମାନଙ୍କ ଶରୀର ସେମାନଙ୍କର ଚତୁର୍ଦ୍ଦିଗରେ ବାସ କରୁଥିବା ବୟସ୍କମାନଙ୍କ

ତୁଳନାରେ ଅଧିକ ଦୁର୍ବଳ ହୋଇ ରହିଥାଏ; ଏବଂ, ସାଧାରଣ ଭାବରେ, ପ୍ରାଣିକ ଏବଂ ମାନସିକ କ୍ଷେତ୍ରଗୁଡ଼ିକରେ ମଧ୍ୟ ସେମାନେ ଦୁର୍ବଳ ଥାଆନ୍ତି ।

ନିଜକୁ ଅନ୍ୟମାନଙ୍କଠାରୁ କମ୍ ସମର୍ଥ ବୋଲି ଭାବିଲେ ସେଇଥିରୁହିଁ ଭୟ ଜାତ ହୁଏ ।

ଅବଶ୍ୟ ସେହି ଭୟରୁ ମୁକ୍ତ ହେବା ଲାଗି ଏକ ଉପାୟ ମଧ୍ୟ ରହିଛି : ସେହି ଉପାୟଟି ହେଉଛି ଭଗବତ୍ ପରମ କରୁଣା ଉପରେ ଅଟଳ ବିଶ୍ୱାସ ରଖିବା ଏବଂ ତାହାହିଁ ଯେ ତୁମକୁ ଯାବତୀୟ ପରିସ୍ଥିତିରେ ମଧ୍ୟ ଅବଶ୍ୟ ରକ୍ଷା କରିବ, ସେହି କଥାଟି ଉପରେ ଆସ୍ଥାର ସ୍ଥାପନ କରିବା ।

ନିଜର ଆତ୍ମାଟି ସହିତ ରହିଥିବା ତୁମର ସଂପର୍କଟିର ବିକାଶ ଘଟାଇ ପାରୁଥିଲେ, ବୟସ ଅଧିକ ହେବା ସଙ୍ଗେ ସଙ୍ଗେ ତୁମେ ଯାବତୀୟ ଭୟକୁ ଅତିକ୍ରମ କରିବାରେ ମଧ୍ୟ ଅଧିକରୁ ଅଧିକ ସମର୍ଥ ହେବାରେ ଲାଗିଥିବ । ଅର୍ଥାତ୍, ତୁମ ସତ୍ତାର ଅସଲ ସତ୍ୟଟି ସହିତ ତୁମର ସମ୍ପର୍କ ବିକଶିତ ହୋଇ ଆସୁଥିବା ସଙ୍ଗେସଙ୍ଗେ ତାହା ହେବ । ତୁମେ ଯାହାକିଛି ଚିନ୍ତା କରୁଛ, ଯାହାକିଛି କହୁଛ ଏବଂ ଯାହାକିଛି କରୁଛ, ତାହା ଯେପରି ଅଧିକରୁ ଅଧିକ ସାର୍ଥକ ଭାବରେ ଏହି ଗଭୀର ସତ୍ୟରହିଁ ଅଭିବ୍ୟକ୍ତି ହୋଇପାରେ, ତୁମେ ନିରନ୍ତର ସେହି ଉଦ୍ୟମଟିକୁ ଅବ୍ୟାହତ ରଖିଥିଲେ ତାହା ସମ୍ଭବ ହେବ ।

ଯେତେବେଳେ ତୁମେ ସଚେତନ ଭାବରେ ତାହାରି ମଧ୍ୟରେହିଁ ବାସ କରି ଶିଖିବ, ତେବେ ତୁମ ଭିତରେ ଆଉ କୌଣସି ଭୟ ରହିବ ନାହିଁ, ତୁମ ସତ୍ତାର କୌଣସି କ୍ଷେତ୍ରରେ କୌଣସି ଭୟ ରହିବ ନାହିଁ, କାରଣ ସେତେବେଳେ ତୁମେ ଏହି ବିଶ୍ୱବ୍ରହ୍ମାଣ୍ଡକୁ ପରିଚାଳିତ କରୁଥିବା ସେହି ପରମ ବିଶ୍ୱସତ୍ୟଟି ସହିତହିଁ ସଂଯୁକ୍ତ ହୋଇ ରହିଥିବ ।

*୮ ଅଗଷ୍ଟ ୧୯୬୪*

*

*ମାଆ,*

*ସିଏ ଯେ ପ୍ରକୃତରେ କ'ଣ, ଜଣେ ପିଲା ତା'ର ପିତାମାତା ଓ ଶିକ୍ଷକମାନଙ୍କର କୌଣସି ସାହାଯ୍ୟ ନ ନେଇ ସେହି କଥାଟିକୁ କିପରି ଜାଣି ପାରିବ ?*

ତୁମକୁ ନିଜକୁହିଁ ସେହି ସତ୍ୟଟିକୁ ଖୋଜି ପାଇବାକୁ ହେବ, ମାତ୍ର ତୁମର ମନଟି ଦ୍ୱାରା ତାହା କଦାପି ହୋଇ ପାରିବ ନାହିଁ ।

ତୁମର ଚୈତ୍ୟ ଅଂଶଟିହିଁ ତୁମକୁ ସେ କଥା କହିଦେଇ ପାରିବ ।

*

*ମାଆ,*

*କ'ଣ ଭଲ ଆଉ କ'ଣ ମନ୍ଦ, ଆମର ପିଲା ସମୟରେ ଆମକୁ ସେହି କଥା କହି ଦିଆ ଯାଇଥାଏ । ସେହି କାରଣରୁହିଁ ଆମେ ଜୀବନଯାକ କେବଳ ତାହାରି ପୁନରାବୃତ୍ତି କରିବାରେ ଲାଗିଥାଉ । ଏବଂ, ''ଏଇଟା ଭଲ ଓ ଏଇଟା ଖରାପ'' ବୋଲି କହିବାରେ ଲାଗିଥାଉ । ତେବେ ପ୍ରକୃତରେ କ'ଣ ଭଲ କ'ଣ ଖରାପ ସେ କଥା ଆମେ ଜାଣିବା କିପରି ?*

ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହୋଇ ପାରିବା ଦ୍ୱାରାହିଁ ତୁମେ ସେହି ସତ୍ୟଟିକୁ ଜାଣିପାରିବ ।

*

*ନିଜକୁ ମୁଁ ଭୁଲ୍ କାମ କରିବାରୁ କ୍ଷାନ୍ତ କରି ରଖି ପାରିବି କିପରି ?*

ଯାହା ସତ୍ୟ, ତାହାକୁ ଜାଣିବା ଦ୍ୱାରା ।

*

ହେ ପ୍ରଭୁ,
ତୁମ ପାଖରେ ଆମର ଏତିକି ପ୍ରାର୍ଥନା :
ଆମେ ଏହି ସଂସାରକୁ କାହିଁକି ଆସିଛୁ ଓ ଏଠାରେ କାହିଁକି ବାସ କରୁଛୁ, ଆହୁରି ଅଧିକ ଭଲ ଭାବରେ ଆମେ ସେହି କଥାଟିକୁ ଜାଣିପାରୁ !
ଏଠାରେ ଆମର ଯାହା କିଛି କର୍ତ୍ତବ୍ୟ ରହିଛି, ସେଇଟିକୁ ଅଧିକ ଭଲ ଭାବରେ କରିବା ଲାଗି ଆମେ ସମର୍ଥ ହୋଇପାରୁ !
ଏଠାରେ ଆମର ପ୍ରକୃତରେ ଯାହା ହେବାର କଥା, ଆମେ କେବଳ ତାହାହିଁ ହୋଇପାରୁ !
ଯେପରିକି ପୂର୍ଣ୍ଣ ସୌଷମ୍ୟଯୁକ୍ତ ଭାବରେ ଆପଣଙ୍କର ଇଚ୍ଛାଟି ଏଠାରେ ପୂର୍ଣ୍ଣ ହୋଇ ପାରିବ ।

*୧୫ ଜାନୁଆରି ୧୯୬୨*

*

ତୁମକୁ ଆମେ ଅଧିକରୁ ଅଧିକ ଭଲ କରି ଜାଣିବୁ ଏବଂ ଅଧିକରୁ ଅଧିକ ଯଥାର୍ଥ ଭାବରେ ତୁମରହିଁ ସେବା କରିବୁ,— ପ୍ରତ୍ୟେକ ଦିନ ଅନୁକ୍ଷଣ କେବଳ ଏହାହିଁ ଆମର ଉଦ୍ୟମ ହୋଇ ରହିଥାଉ ! *୧ ଜାନୁଆରି ୧୯୬୩*

*

ମାଆ, ତୁମେ ଆମକୁ ଏତିକି
ଅନୁଗ୍ରହ କର ଯେ,
ଆମେ ବର୍ତ୍ତମାନ ଏବଂ ସବୁ କାଳ ସକାଶେ
ଅଧିକରୁ ଅଧିକ ପରିମାଣରେ
ତୁମରି ନିଷ୍କପଟ ସନ୍ତାନ ରୂପେ
ତିଆରି ହୋଇପାରୁ, –
ତୁମକୁ ଅଧିକ ଓ ଆହୁରି ଅଧିକ
ଭଲପାଇବାକୁ ସମର୍ଥ ହେଉ !

*

ମୋ'ର ଜଣେ କୁନି ମଧୁମୟୀ ମାଆ ମୋ ହୃଦୟ ଭିତରେ ମୋ ପାଖକୁ ଲାଗିକରି ବସିଛି ।

ଆମେ ଦୁହେଁ ଏକାଠି କେଡ଼େ ଖୁସୀ ହୋଇ ରହିଛୁ; ଆମେ କେବେହେଲେ ପରସ୍ପରଠାରୁ ଅଲଗା ହୋଇଯିବୁ ନାହିଁ ।

*

*ମାଆ,*

*ମୁଁ ଯେତେବେଳେ ଡାକିଲେ ବି କ'ଣ ତୁମେ ମୋର ଡାକ ଶୁଣିପାରିବ ?*

ମୋର ପ୍ରିୟସନ୍ତାନ,

ତୁ ନିଶ୍ଚୟ କରି ଜାଣିଥିବୁ ଯେ, ତୁ ମତେ ଯେତେବେଳେ ବି ଡାକିବୁ, ପ୍ରତ୍ୟେକ ଥର ମୁଁ ତୋ'ର ଡାକ ଅବଶ୍ୟ ଶୁଣିବାକୁ ପାଇବି, ଏବଂ ମୋର ସହାୟତା ଏବଂ ମୋର ଶକ୍ତି ସିଧା ତୋ' ପାଖରେ ଯାଇ ପହଞ୍ଚିଯିବ ।

ମୋର ଅନେକ ଆଶୀର୍ବାଦ ।

*୧ ଜୁନ୍ ୧୯୬୦*

*

ଜନ୍ମଦିନର ଶୁଭ ଅଭିନନ୍ଦନ ।

ମୋର ସମସ୍ତ ଅନ୍ତର ଦେଇ ମୁଁ ତୋତେ ଆଲିଙ୍ଗନ କରୁଛି, ଏବଂ ତୋର ଉଚ୍ଚତମ ଅଭୀପ୍ସାଟି ପୂର୍ଣ୍ଣ ହେଉ ବୋଲି ମୋ'ର ଆଶୀର୍ବାଦ ପ୍ରଦାନ କରୁଛି ।

ମୋର ସମସ୍ତ ସ୍ନେହ ସହିତ ।

*୩୦ ଅଗଷ୍ଟ ୧୯୬୩*

*

ଜନ୍ମଦିନର ଶୁଭ ଅଭିନନ୍ଦନ

ଗୋଟିଏ ପୂରା ଗୋଲାପଫୁଲ (ଏହା ସମର୍ପଣର ପ୍ରତୀକ) ତୋଡ଼ା ତୋ' ପାଖକୁ ପଠାଉଛି ଓ ଆଶୀର୍ବାଦ କରୁଛି ଯେ, ତୋ'ର ଅଭୀପ୍ସା ପରିପୂର୍ଣ୍ଣ ହେବ ଏବଂ ମୋ' ଲାଗି ଜଣେ ଆଦର୍ଶ ଶିଶୁ ହିସାବରେ ତୁ ନିଜର ଆତ୍ମାଟି ବିଷୟରେ ସଚେତନ ହୋଇ ରହିଥିବୁ । ତୋ ଜୀବନର ଯଥାର୍ଥ ଲକ୍ଷ୍ୟଟି ବିଷୟରେ ମଧ୍ୟ ସଚେତନ ହୋଇ ରହିଥିବୁ ।

ମୋର ଆଶୀର୍ବାଦ ଓ ସ୍ନେହ ଜାଣିବୁ ।

୩୦ ଅଗଷ୍ଟ ୧୯୬୪

*

## ବିଦ୍ୟାର୍ଥୀ-ଆବାସମାନଙ୍କୁ ବାଣୀ

*'ଦୋର୍ତୋଆ' ଛାତ୍ରାବାସର ଛାତ୍ରମାନଙ୍କୁ ପ୍ରଦତ୍ତ ପ୍ରାର୍ଥନା*

ଆମେ ସମସ୍ତେ ଆମର ଦିବ୍ୟ ପରମା ଜନନୀଙ୍କର ଯୋଗ୍ୟ ସନ୍ତାନ ହେବା ଲାଗି ଇଚ୍ଛା କରୁଛୁ । ମାତ୍ର, ହେ ମଧୁମୟି ମାଆ, ତୁମେ ଆମକୁ ସେଥିଲାଗି ଧୈର୍ଯ୍ୟ ଦିଅ, ସାହସ ଦିଅ; ଆନୁଗତ୍ୟ ଓ ସଦିଚ୍ଛା ଦିଅ, ଉଦାରତା ଓ ନିଃସ୍ୱାର୍ଥପରତା ଦିଅ ଏବଂ ଆବଶ୍ୟକ ଆଉ ଯାବତୀୟ ଗୁଣଗୁଡ଼ିକୁ ବି ପ୍ରଦାନ କର ।

ଏହାହିଁ ଆମର ପ୍ରାର୍ଥନା, ଆମର ଅଭୀପ୍ସା ।

*୧୫ ଜାନୁଆରି ୧୯୪୭*

*

## ବଡ଼ପିଲାମାନଙ୍କର ଛାତ୍ରାବାସକୁ

ଆଜି ଦିନଟି ତୁମମାନଙ୍କ ଲାଗି ଏପରି ଏକ ନୂତନ ଜୀବନର ଆରମ୍ଭର ସଙ୍କେତ ହୋଇ ରହୁ, ଯେଉଁଟି ମଧ୍ୟରେକି, ତୁମେମାନେ କାହିଁକି ଏଠାରେ ରହିଛ ଏବଂ ତୁମମାନଙ୍କଠାରୁ ପ୍ରକୃତରେ କ'ଣ ପ୍ରତ୍ୟାଶା କରାଯାଉଛି, ତାହାକୁ ଅଧିକରୁ ଅଧିକ ଯଥାର୍ଥ ଭାବରେ ବୁଝିବା ସକାଶେ ତୁମେମାନେ ପ୍ରୟାସ କରିପାରିବ ।

ସର୍ବଦା ଏହି ଅଭୀପ୍ସାଟିକୁ ରଖି ତୁମେ ନିଜର ଜୀବନ ବଞ୍ଚିବ ଯେ ତୁମର ସଂପୂର୍ଣ୍ଣତମ ତଥା ଯଥାର୍ଥତମ ପରିପୂର୍ଣ୍ଣତାଟିକୁ ତୁମେ ନିଶ୍ଚୟ ଉପଲବ୍ଧି କରିବ ।

ଏବଂ, ତାହାର ଏକ ଆରମ୍ଭ ସ୍ୱରୂପ, ସାଧୁ, ନିଷ୍ପାପର ଏବଂ ନିଷ୍କପଟ ହେବା

ଲାଗି ଯତ୍ନଶୀଳ ହୁଅ; ନିଜ ଲାଗି ସ୍ୱୀକାର କରିନେବାକୁ ଯାଉଥିବା ଏକ କଠୋର ସାଧନାମାର୍ଗରେ ଉଦାରଦୃଷ୍ଟି ହୋଇ ରହ, ଶୁଦ୍ଧ ହୋଇ ରହ ।

ତୁମମାନଙ୍କୁ ସାହାଯ୍ୟ କରିବା ଲାଗି ଏବଂ ତୁମମାନଙ୍କୁ ବାଟ ବତାଇଦେବା ଲାଗି ମୁଁ ସର୍ବଦା ଉପସ୍ଥିତ ରହିଥିବି ।

ମୋର ଅନେକ ଆଶୀର୍ବାଦ ।

*୧୯୬୩*

*

## 'ଦେର୍ତୋଆ' ଉପଛାତ୍ରାବାସ ଲାଗି

ଆଜି ଏକ ସାର୍ବଜନିକ ସ୍ମୃତିଚାରଣାର ଉପଲକ୍ଷ୍ୟରେ ଏଠାରେ ସମବେତ ହୋଇଥିବା ଆମେ ଏହି ଅଭୀପ୍ସାଟି କରିବା ଯେ, ଆମର ଏହି ସଂବଦ୍ଧତା ଏପରି ଏକ ଯଥାର୍ଥ ଏକତ୍ୱର ପ୍ରତୀକ ହୋଇ ରହିବ, ଯାହାକି ଅଧିକରୁ ଅଧିକ ସତ୍ୟତର ତଥା ପୂର୍ଣ୍ଣତର ହେବାରେ ଲାଗିଥିବା ନାନା ଉପଲବ୍ଧି ଲାଗି ଏକ ସାର୍ବଜନୀନ ପ୍ରୟାସ ଉପରେ ମଧ୍ୟ ଆଧାରିତ ହୋଇ ରହିଥିବ !

*୧୫ ଜାନୁଆରି ୧୯୬୮*

*

## 'ଯୁବକ' ଆବାସକୁ

ନିଜର ପରମ ଆଦର୍ଶଟି ପ୍ରତି ପୂର୍ଣ୍ଣ ବିଶ୍ୱାସ ରଖିଥିବ ଏବଂ ନିଜର କର୍ମରେ ନିଷ୍ଠା ରଖିଥିବ ।

*

# ଅଧ୍ୟୟନ

ସ୍ନେହାସ୍ପଦେଷୁ,

ଜ୍ଞାନର ଆହରଣ ସ୍ଥାନ-ଯେଉଁଠାରେ ହୋଇଥାଉ ପଛକେ, ସେଠାରୁ ଜ୍ଞାନ ଆହରଣ କରିବା ଲାଗି ପ୍ରସ୍ତୁତ ରହିବା – ତାହାହିଁ ଯଥାର୍ଥ ବିବେକ ।

ଆମେ ଇଚ୍ଛା କଲେ ଗୋଟିଏ ଫୁଲ, କୌଣସି ଏକ ପ୍ରାଣୀ ଓ ଗୋଟିଏ ସାନପିଲାଠାରୁ ମଧ୍ୟ ଅନେକ କଥା ଶିକ୍ଷା କରିପାରିବା । ସର୍ବଦା ଅଧିକରୁ ଅଧିକ ଜାଣିବା

ଲାଗି ଯଦି ଆମର ଆଗ୍ରହ ଥାଏ, ତେବେ ଆମେ ତାହା ଅବଶ୍ୟ କରିପାରିବା । କାରଣ, ଯଥାର୍ଥତଃ ଏହି ଜଗତରେ ଗୁରୁ କେବଳ ଜଣେ,– ସିଏ ହେଉଛନ୍ତି ସର୍ବୋଚ୍ଚ ପରମେଶ୍ୱର ଏବଂ ଯାବତୀୟ ବସ୍ତୁ ମଧ୍ୟରେ ସିଏ ନିଜକୁ ପ୍ରକଟ କରି ରଖିଛନ୍ତି ।

ମୋର ସକଳ ସ୍ନେହ ସହିତ ।

*୯ ମାର୍ଚ୍ଚ ୧୯୬୭*

*

ଭଲ କାର୍ଯ୍ୟ କରିପାରିବାକୁ ହେଲେ ଭଲ ରୁଚି ରହିଥିବା ଦରକାର ।

ଅଧ୍ୟୟନ ଦ୍ୱାରା ଏହି ରୁଚିର ବିକାଶ ଓ କର୍ଷଣ କରାଯାଇ ପାରିବ; ଯେଉଁମାନଙ୍କର ରୁଚି ଉତ୍ତମ, ସେମାନଙ୍କ ସାହାଯ୍ୟରେ ମଧ୍ୟ ତାହା କରାଯାଇ ପାରିବ ।

ଆମର ଯେ ପ୍ରକୃତରେ କିଛି ଜାଣିବାକୁ ରହିଛି, ସର୍ବପ୍ରଥମେ ତାହା ଅନୁଭବ କରିବା ହେଉଛି ଯଥାର୍ଥରେ କିଛି ଶିଖିବାର ପ୍ରଥମ ଆବଶ୍ୟକତା ।

*୧୫ ଡିସେମ୍ବର ୧୯୬୫*

*

ତୁମେ ପ୍ରକୃତରେ କିଛି ଜାଣି ନାହଁ ବୋଲି ଯେତେବେଳେ ତୁମେ ଅନୁଭବ କରିବାକୁ ଆରମ୍ଭ କରିବ, ସେତିକିବେଳେ ଯାଇ ତୁମେ ଯଥାର୍ଥ ଶିକ୍ଷା ଲାଗି ପ୍ରସ୍ତୁତ ଅଛ ବୋଲି କୁହାଯାଇ ପାରିବ ।*

*ଡିସେମ୍ବର ୧୯୬୫*

*

ନିଜର ଜ୍ଞାନବୃଦ୍ଧି ସକାଶେ ଓ ଏକ ଉତ୍ତମ ଜୀବନ ଯାପନ ଲାଗି ଆବଶ୍ୟକ ଯାବତୀୟ କଥାଗୁଡ଼ିକୁ ଶିକ୍ଷା କରିବା ଉଦ୍ଦେଶ୍ୟରେ ପିଲାମାନେ ସ୍କୁଲକୁ ଯାଉଛନ୍ତି,– ବା, କେବଳ **ଏକ ଛଳନା କରିବା ପାଇଁ** ଓ ଯାହାକୁ ଦେଖାଇ ସେମାନେ ବାହାଦୁରି କରିପାରିବେ, ସେହିପରି କିଛି ଭଲ ନମ୍ବର ଆଣିବା ପାଇଁ ସେମାନେ ସ୍କୁଲକୁ ଯାଉଛନ୍ତି, ସେହି କଥାଟି ଜାଣିବା ହେଉଛି ଅସଲ ସମୁଦାୟ ପ୍ରଶ୍ନ ।

ସେହି ଶାଶ୍ୱତ ପରମ ଚେତନାର ସମକ୍ଷରେ ଛଳନା ଏବଂ କପଟତାର ଗୋଟାଏ ବିରାଟ ମହାସାଗର ଅପେକ୍ଷା ବିନ୍ଦୁଏ ନିଷ୍ଠା ତଥା ଆନ୍ତରିକତାରହିଁ ଅଧିକ ମୂଲ୍ୟ ରହିଛି ।

*

ବାବୁରେ, ଦୁର୍ଭାଗ୍ୟର କଥା ହେଉଛି ଯେ ତୁ ନିଜକୁ ନେଇ ଅତିରିକ୍ତ ଭାବେ ବ୍ୟସ୍ତ ରହିଛୁ । ତୋ' ବୟସରେ ଅଧ୍ୟୟନହିଁ ମୋର ଏକମାତ୍ର କାର୍ଯ୍ୟ ହୋଇ ରହିଥିଲା;–

---

* ଯନ୍ତ୍ରବିଦ୍ୟାର ଏକ ପାଠ୍ୟକ୍ରମର ଉଦ୍‌ଘାଟନ ଉପଲକ୍ଷେ ।

ମୁଁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରୁଥିଲି । ଅଧିକରୁ ଅଧିକ ଶିଖୁଥିଲି, ବୁଝୁଥିଲି ଓ ଜାଣୁଥିଲି । ସେଇଥିରେହିଁ ମୋର ଏକାନ୍ତ ଆଗ୍ରହ ଥିଲା । ଆମକୁ – ମୋ' ଭାଇ ଓ ମୋତେ – ମୋ' ମାଆ ଭାରି ଭଲପାଉଥିଲେ, ସିଏ ଆମକୁ କଦାପି କୌଣସି ପ୍ରକାରେ ରୁଷ୍ଟ ବା ତିକ୍ତ ହେବାକୁ ଦେଉ ନ ଥିଲେ, କେବେହେଲେ ଅସନ୍ତୁଷ୍ଟ କିଂବା ଅଳସୁଆ ହେବାକୁ ବି ଦେଉ ନ ଥିଲେ । ଯଦି ଆମେ କେତେବେଳେ ତାଙ୍କ ପାଖକୁ ଯାଇ ତାଙ୍କ ପାଖରେ ଏଇଟା ବା ସେଇଟା ବିଷୟରେ ଅଭିଯୋଗ କରୁଥିଲୁ ଏବଂ ଆମେ କୌଣସି କଥାରେ ଅସନ୍ତୁଷ୍ଟ ବୋଲି ଜଣାଉଥିଲୁ, ସେତେବେଳେ ସେ ଆମକୁ ଉପହାସ କରୁଥିଲେ ଓ ଗାଳି ଦେଇ କହୁଥିଲେ, ''ତୁମର ଇଏ ପୁଣି କି ବୋକାମି ବାହାରିଲା ? ନିଜକୁ ମୋଟେ ଏପରି ଭାବରେ ଲୋକହସା କର ନାହିଁ, ଯାଅ ନିଜର କାମ କର । ଏବଂ ନିଜର ମିଜାଜଟା ଭଲ ଅଛି କି ଖରାପ ଅଛି, ସେ ବିଷୟରେ ମୋଟେ ଦୃଷ୍ଟି ଦିଅ ନାହିଁ । ସେଗୁଡ଼ାକ କରି ଆଦୌ କିଛି ଲାଭ ମିଳିବ ନାହିଁ ।''

ମୋ ମାଆ ଏପରି କହି ବିଲକୁଲ ଠିକ୍ କଥାହିଁ କହୁଥିଲେ, ଏବଂ, ତୁମେ ନିଜେ ଯେଉଁ କାର୍ଯ୍ୟଟି କରୁଛ, ସେହି କାର୍ଯ୍ୟଟି ମଧ୍ୟରେ ନିଜକୁ ପୂର୍ଣ୍ଣ ଅଭିନିବେଶିତ ରଖି ନିଜକୁ ଭୁଲିଯିବାର ଏହି ଶୃଙ୍ଖଳା ଏବଂ ପ୍ରୟୋଜନୀୟତାଟି ସିଏ ମୋତେ ଶିଖାଇ ଥିବାରୁ ମୁଁ ସବୁବେଳେ ତାଙ୍କ ପାଖରେ ଗଭୀର କୃତଜ୍ଞତା ପ୍ରକାଶ କରି ଆସିଛି ।

ମୁଁ ଏହି କଥାଟିକୁ ତୁମକୁ କହିଲି, କାରଣ, ତୁମେ ଯେଉଁ ଉଦ୍‌ବିଗ୍ନତାର କଥା କହୁଛ, ସେଇଟି କେବଳ ଏହିଥିରୁହିଁ ଜାତ ହେଉଛି ଯେ ତୁମେ ନିଜକୁ ନେଇ ଅତିରିକ୍ତ ବ୍ୟସ୍ତ ହୋଇ ରହୁଛ । ବରଂ ଏହାଠାରୁ ଅନେକ ଅଧିକ ଭଲ ହେବ ଯଦି ତୁମେ ଯାହାକିଛି କାର୍ଯ୍ୟ କରୁଛ (ଚିତ୍ର ଆଙ୍କୁଛ ବା ଗୀତ ଗାଉଛ), ତାହାରି ଉପରେ ଅଧିକ ମନୋଯୋଗ ରଖିବ, ଯଦି ତୁମେ ତଥାପି ଅନେକ ପରିମାଣରେ ଆକର୍ଷିତ ରହି ଯାଇଥିବା ତୁମର ମନଟିର ବିକାଶ ସାଧନ କରିବାକୁ ଚେଷ୍ଟା କରିବ ଏବଂ, ନିଜର ଅଜ୍ଞାନ ଏବଂ କୃଷ୍ଟିହୀନତାକୁ ଦୂର କରିବାକୁ ହେଲେ ଜ୍ଞାନର ଯେଉଁ ଉପାଦାନଗୁଡ଼ିକ ଜଣେ ମନୁଷ୍ୟ ଲାଗି ପ୍ରକୃତରେ ଅପରିହାର୍ଯ୍ୟ ହୋଇ ରହିଛି, ଯଦି ତୁମେ ସେହିଗୁଡ଼ିକୁ ଅର୍ଜନ କରିବାରେ ଅଧିକ ମନ ଦେବ ।

ଯଦି ତୁମେ ଦୈନିକ ଆଠ, ନଅ ଘଣ୍ଟା ନିୟମିତ କାର୍ଯ୍ୟ କରି ପାରନ୍ତ, ତେବେ ତୁମକୁ ନିଶ୍ଚୟ ଭୋକ କରନ୍ତା ଏବଂ ତେବେ ତୁମେ ଭଲ ଭାବରେ ଖାଇ ପାରନ୍ତ ଓ ଭଲ ଭାବରେ ଶୋଇ ବି ପାରନ୍ତ ଏବଂ ତା'ପରେ, ତୁମର ମିଜାଜଟା ଭଲ ରହିଲା କି ନାହିଁ, ସେ କଥା ଅନୁସନ୍ଧାନ କରି ଜାଣିବାକୁ ତୁମ ପାଖରେ ଆଉ ଆଦୌ କୌଣସି ସମୟ ରହନ୍ତା ନାହିଁ ।

ତୁମପ୍ରତି ମୋର ସକଳ ସ୍ନେହ ସହିତହିଁ ତୁମକୁ ମୁଁ ଏସବୁ କଥା କହୁଛି ଏବଂ ତୁମେ ଏସବୁ କଥାକୁ ଠିକ୍ ଭାବରେ ବୁଝିବ ବୋଲି ଆଶା ମଧ୍ୟ କରୁଛି ।

ତୁମକୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିବା ମାଆ ।

*୧୫ ମଇ ୧୯୩୪*

*

*ମାଆ, ମୁଁ କେବଳ ଆପଣଙ୍କ ଇଚ୍ଛା ଅନୁସାରେହିଁ ଯାବତୀୟ କାର୍ଯ୍ୟ କରିବାକୁ ଇଚ୍ଛା କରୁଛି । ତଦ୍‌ବ୍ୟତୀତ ଆଉ କିଛି କରିବାକୁ ଚାହୁଁ ନାହିଁ ।*

ତେବେ ତୁମେ ବର୍ତ୍ତମାନ ଯେଉଁ ପଥରେ ଗତି କରୁଛ, ସେହି ପଥକୁ ସଙ୍ଗେ ସଙ୍ଗେ ଛାଡ଼ି ଚାଲିଆସ । ଏଣେତେଣେ ଗୁଡ଼ାଏ ବୁଲି ଓ ଝିଅମାନଙ୍କ ସହିତ କଥା କହି ଆଉ ତୁମର ସମୟକୁ ନଷ୍ଟ କର ନାହିଁ । ପୁନର୍ବାର ନିଷ୍ଠାପର ଭାବରେ କାମ କରିବାକୁ ଆରମ୍ଭ କରିଦିଅ, ଅଧ୍ୟୟନରେ ମନ ଦିଅ, ନିଜକୁ ଶିକ୍ଷିତ କରାଅ; ବୃଥା କଥା କହିବାରେ ସମୟ ନ ଦେଇ ନିଜର ମନକୁ ଆଗ୍ରହୋଦ୍ଦୀପକ ଏବଂ ଉପଯୋଗୀ ନାନା ବିଷୟରେ ନିୟୋଜିତ କରି ରଖ । ଏବଂ ତୁମର ପ୍ରାଣିକ ସ୍ତରରେ ରହିଥିବା ନାନା ଆକର୍ଷଣଗୁଡ଼ିକ ଲାଗି ଆଉ କୌଣସି ମିଛ କୈଫିୟତ୍ ଦେବାର ଚେଷ୍ଟା କର ନାହିଁ । ତୁମର ଇଚ୍ଛାଟି ପଛରେ ଯଦି ନିଷ୍ଠା ଓ ଆନ୍ତରିକତା ରହିଥାଏ, ତେବେ ଏ ବିଷୟରେ ତୁମେ ଦୃଢ଼ ନିଶ୍ଚିତ ହୋଇ ରହିବ ଯେ ତୁମର ବିଜୟ ଲାଭରେ ସାହାଯ୍ୟ କରିବା ଲାଗି ମୋର ଶକ୍ତି ତୁମ ସହିତ ସବୁବେଳେ ଅବଶ୍ୟ ରହିଥିବ ।

*୨୭ ସେପ୍‌ଟେମ୍ବର ୧୯୩୪*

*

*ଯେଉଁସବୁ ଦିନରେ ମୁଁ କୌଣସି ଅଧ୍ୟୟନ କରେ ନାହିଁ, ସେସବୁ ଦିନରେ ମୋତେ ଅଧିକ ଖରାପ ଲାଗେ । ମାତ୍ର ଯେମିତି ଅଧ୍ୟୟନ କରିବା ଆରମ୍ଭ କରିଦିଏ, ସେମିତି ମନ ଭଲ ହୋଇଯାଏ । ଏହି ପ୍ରକ୍ରିୟାଟିକୁ ମୁଁ ମୋଟେ ବୁଝି ପାରେ ନାହିଁ ।*

ପ୍ରକ୍ରିୟା କହିଲେ ତୁମେ ଏଠାରେ କ'ଣ ବୁଝୁଛ ? ଏହା ଏକ ପ୍ରକ୍ରିୟା ନୁହେଁ; ମନକୁ ଅଧ୍ୟୟନ ଉପରେ ଅଭିନିବେଶିତ କରି ରଖିବାର ସ୍ୱାଭାବିକ ପରିଣାମ ରୂପେହିଁ ଖରାପ ଅନୁଭୂତିଟି ଅନ୍ତର୍ହିତ ହୋଇଯାଏ । ଅଧ୍ୟୟନ ଦ୍ୱାରା ପ୍ରଥମତଃ ତୁମକୁ ଏକ ସୁସ୍ଥ କାର୍ଯ୍ୟ

ମିଳିଯାଏ, ଏବଂ ଦ୍ୱିତୀୟତଃ ତାହା ତୁମ ମନର ଦୃଷ୍ଟିକୁ ସେହି କ୍ଷୁଦ୍ର ସ୍ଥୂଳ ଅହଂଟାକୁ ଜାବୁଡ଼ି ଧରି ବ୍ୟାଧିତ ଭାବରେ ପଡ଼ି ରହିବାର ଦୁର୍ଦ୍ଦଶା ଭିତରୁ ମଧ୍ୟ ବାହାର କରି ନେଇଯାଏ ।

*୩ ଡିସେମ୍ବର ୧୯୩୪*

*

*ମାଆ, 'ଦ' ଗୁଜରାଟୀ ଭାଷାରେ କେତୋଟି କବିତା ଲେଖିଛି । ତା' ଘରକୁ ଯାଇ ସେହି କବିତାଗୁଡ଼ିକୁ ପଢ଼ିବା ମୋ' ପକ୍ଷରେ ଭଲ ହେବ କି ?*

ତଦ୍ଦ୍ୱାରା ତୋ' ଉପରେ ତା'ର ଯେଉଁ ପ୍ରଭାବ ପଡ଼ିବ, ସବୁକିଛି ତାହାରି ଉପରେହିଁ ନିର୍ଭର କରୁଛି । ଯଦି ସେଗୁଡ଼ିକୁ ପଢ଼ିସାରି ତୁ ସେଠାରୁ ଅଧିକ ଶାନ୍ତ ଏବଂ ସନ୍ତୋଷପୂର୍ଣ୍ଣ ଏକ ମନ ନେଇ ଫେରିଆସୁ, ତେବେ ପଢ଼ିବାକୁ ଯିବାକୁ ମୁଁ ଠିକ୍ ବୋଲି କହିବି । ମାତ୍ର ଯଦି ତା' ନ ହୋଇ ତଦ୍ଦ୍ୱାରା ତତେ ଅଧିକ ବିଷଣ୍ଣ ଏବଂ ଅସନ୍ତୁଷ୍ଟ ବୋଧ ହେବ, ତେବେ ତୋର ସେଠାକୁ ନ ଯିବାହିଁ ଅଧିକ ଭଲ ହେବ । ତେଣୁ, ତାହା ତୋ' ଉପରେ କିପରି ପ୍ରଭାବ ପକାଉଛି, ତୁ ଆଗ ସେହି କଥାଟିକୁ ନିରୀକ୍ଷଣ କରି ଦେଖିବୁ ଓ ତା'ପରେ ଯାଇ ଯାହାକିଛି ନିଷ୍ପତ୍ତି କରିବୁ ।

*୧୩ ଡିସେମ୍ବର ୧୯୩୪*

*

*ଗୋଟିଏ ସ୍ୱପ୍ନରେ ଆପଣ ଏହିକଥା ଲେଖିଥିବାର ମୁଁ ଦେଖିବାକୁ ପାଇଲି, ''ତୁ କାହିଁକି ତୋ' ଅଧ୍ୟୟନ ବନ୍ଦ କରିଦେଲୁ ?'' ଆପଣ ଆହୁରି କେତେ କ'ଣ ଲେଖିଥିଲେ; ଏବଂ ଯଦି ସମ୍ଭବ ହୁଏ, ତେବେ ମୋର ଇଚ୍ଛା ଯେ ଆପଣ ଏଠାରେ ସେସବୁକୁ ଆଉଥରେ ଲେଖିଦେବେ ।*

ହଁ; ତୁମେ କାହିଁକି ପାଠ ପଢ଼ିଲ ନାହିଁ ବୋଲି ମୁଁ ବସ୍ତୁତଃ କାଲି ରାତିରେ ତୁମକୁ ପଚାରିଥିଲି । ଏବଂ ମୁଁ ପୁଣି କହିଥିଲି ଯେ ପ୍ରାଣିକ କ୍ଷେତ୍ରର ବଳବୃତ୍ତିଗୁଡ଼ାକ ପାଖରେ ସେପରି ଭାବରେ ବଶତା ସ୍ୱୀକାର କରୁଥିବା ପର୍ଯ୍ୟନ୍ତ ତୁମେ କଦାପି ତାହାକୁ ନିୟନ୍ତ୍ରଣକୁ ଆଣି ପାରିବ ନାହିଁ । ତୁମକୁ ନିଜେ ଗୋଟିଏ ଶୃଙ୍ଖଳା ଠିକ୍ କରିବାକୁ ପଡ଼ିବ ଓ ଯେକୌଣସି ପ୍ରକାରେ ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ । ପ୍ରାଣିକ ସ୍ତରର ଯାବତୀୟ ମନ୍ଦ ଇଚ୍ଛା ଓ ମାନସିକ ନୈରାଶ୍ୟଗୁଡ଼ିକୁ ବିଲୁପ୍ତ କରିବାର ପ୍ରକୃତ ମନ ଥିଲେ ତୁମକୁ ତାହା କରିବାକୁହିଁ ପଡ଼ିବ । ଶୃଙ୍ଖଳା ବ୍ୟତୀତ କେହି ତା' ଜୀବନରେ କିଛିହେଲେ କରି ପାରିବ ନାହିଁ । ଏବଂ ତା' ପକ୍ଷରେ କୌଣସି ଯୋଗସାଧନା ସମ୍ଭବ ହେବ ନାହିଁ ।

*

*ଯେତେବେଳେ କୌଣସି କାରଣରୁ ଖରାପ ଲୁଗଥାଏ, ସେତେବେଳେ କୌଣସି ଶାରୀରିକ କାର୍ଯ୍ୟ କରିବା ମୋଟେ କଷ୍ଟକର ହୁଏ ନାହିଁ; ମାତ୍ର କୌଣସି ଅଧ୍ୟୟନ କରିବା ସେତେବେଳେ ପ୍ରକୃତରେ ଭାରି କଷ୍ଟସାଧ୍ୟ ହୋଇଉଠେ । ତଥାପି ମୁଁ ଏପରି ଗୋଟିଏ ନିଷ୍ପତ୍ତି କରି ସାରିଛି ଯେ, ଯେଉଁଦିନ କିଛି ପଢ଼ିବି ନାହିଁ, ସେ ଦିନ ଆହାର ମଧ୍ୟ ଗ୍ରହଣ କରିବି ନାହିଁ ।*

ତୁମ ଭିତରେ ପ୍ରକୃତରେ କି ଅଦ୍ଭୁତ ଧାରଣାଟାଏ ରହିଛି କହିଲ ! ପ୍ରାଣିକ କରିଥିବା ଗୋଟାଏ ଭୁଲ୍ ପାଇଁ ତୁମେ ନିଜର ଶରୀରକୁ ଦଣ୍ଡ ଦେବ ବୋଲି ଠିକ୍ କରିଛ ! ସେପରି କରିବା ମୋଟେ ଉଚିତ ନୁହେଁ ।

*୨୨ ଡିସେମ୍ବର ୧୯୩୪*

*

*ଆଜି ସକାଳୁହିଁ ଭାରି ନୀରସ ଲାଗୁଛି, ମୋଟେ କିଛି କରିବାକୁ ଭଲ ଲାଗୁ ନାହିଁ ଓ ଅଧ୍ୟୟନ କରିବା ଏକାବେଳେକେ ଅସମ୍ଭବ ହୋଇ ପଡୁଛି ।*

ସେପରି ହେଲେ ମୋଟେ ଚଳିବ ନାହିଁ ।

*

*ମାଆ, ମୁଁ ତେବେ କ'ଣ କରିବି ?*

ନିଜକୁ ଯେକୌଣସି ପ୍ରକାରେ ଅଧ୍ୟୟନରେ ବସାଅ ଏବଂ ତୁମ ମନର ବିରସତା ଅନ୍ତର୍ହିତ ହୋଇଯିବ । ସ୍କୁଲ୍‌ରେ ପଢୁଥିବା ଜଣେ ଛାତ୍ର ତା'ର ଶିକ୍ଷକଙ୍କୁ ''ଆଜ୍ଞା, ମୁଁ ଘରକୁ ଦିଆ ଯାଇଥିବା ପାଠ କରି ଆଣି ନାହିଁ, କାରଣ ମୋତେ ଭାରି ନୀରସ ନୀରସ ଲାଗିଲା, କିଛି କରିବାକୁ ମନ ହେଲା ନାହିଁ'' ବୋଲି କହୁଥିବାର ତୁମେ କେବେ କଳ୍ପନା କରି ପାରିବ କି ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶିକ୍ଷକ ତାକୁ ସେଥିପାଇଁ ନିଶ୍ଚୟ କଠୋର ଦଣ୍ଡ ଦେବେ ।

*୧୬ ଜାନୁଆରି ୧୯୩୫*

*

*ମୁଁ ଭାବୁଛି, ଗୋଟିଏ କଥାକୁ ଆପଣ ଆଦୌ ଖୁବ୍ ବେଶୀ ପସନ୍ଦ କରନ୍ତି ନାହିଁ । ସେହି କଥାଟି ହେଉଛି, — ମୁଁ ମୋର ଅଧ୍ୟୟନରେ ମୋଟେ ମନ ଦିଏ ନାହିଁ ।*

ଅଧ୍ୟୟନ ମନକୁ ଶକ୍ତି ଆଣି ଦିଏ ଏବଂ ପ୍ରାଣିକ କ୍ଷେତ୍ରର ଆବେଗ ଓ ବାସନାଗୁଡ଼ିକ ମଧ୍ୟରୁ ଆମର ଧ୍ୟାନକୁ ଅନ୍ୟତ୍ର ନେଇଯିବାକୁ ସମର୍ଥ ହୁଏ । ନିଜର ମନ ଓ ନିଜର ପ୍ରାଣିକ ସତ୍ତାଟି ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ହେଲେ ଅଧ୍ୟୟନରେ ମନୋନିବେଶନ ହେଉଛି ଏକ ଅତ୍ୟନ୍ତ ଶକ୍ତିଶାଳୀ ଉପାୟ । ଏବଂ ସେହି କାରଣରୁହିଁ ଅଧ୍ୟୟନ କରିବା ପ୍ରକୃତରେ ଏତେ ଅଧିକ ମହତ୍ତ୍ୱପୂର୍ଣ୍ଣ ।

*୨୮ ଜାନୁଆରି ୧୯୩୫*

*

*ମୋ' ମନଟା ମୋତେ ଶାନ୍ତ ହୋଇ ପାରୁ ନାହିଁ । ମୁଁ ଭାବୁଛି, ମୁଁ କଠିନ ଅଧ୍ୟୟନ କରୁ ନାହିଁ ବୋଲି ସେପରି ହେଉଛି । ଅଧ୍ୟୟନରୁ ମୁଁ ଆଦୌ ଖୁବ୍ ବେଶୀ ଆନନ୍ଦ ପାଇ ପାରୁ ନାହିଁ ।*

ଆନନ୍ଦ ପାଇବ ବୋଲି କେହି କଦାପି ଅଧ୍ୟୟନ କରେ ନାହିଁ । ଅଧିକ ଶିଖିବା ଲାଗି ଏବଂ ନିଜ ମସ୍ତିଷ୍କର ବିକାଶ ସାଧନ କରିବା ଲାଗିହିଁ ସମସ୍ତେ ଅଧ୍ୟୟନ କରିଥା'ନ୍ତି ।

*୧ ଫେବ୍ରୁଆରି ୧୯୩୫*

*

*ମୋତେ ଏପରି ଜଡ଼ତା ଆସି ଖାଇଗଲାଣି ଯେ ମୋ' ପକ୍ଷରେ ଅଧ୍ୟୟନ କରିବା ମୋତେ ସମ୍ଭବ ନୁହେଁ ।*

ଏବଂ ତୁମେ ଯଦି ଅଧ୍ୟୟନ ନ କରିବ, ତେବେ ସେହି ଜଡ଼ତା ଆହୁରି ଅଧିକ ହେବାରେ ଲାଗିଥିବ ।

*୪ ମାର୍ଚ୍ଚ ୧୯୩୫*

*

*ମୁଁ ତ କିଛି ବୁଝି ପାରୁ ନାହିଁ; ତେଣୁ ମୋ' ସମୟକୁ କିପରି କଟାଇବି, ସେ କଥା ମୋତେ ଜାଣି ପାରୁ ନାହିଁ ।*

ଅଧ୍ୟୟନ ଆରମ୍ଭ କରିଦିଅ । ବୁଝି ପାରିବା ସକାଶେ ତାହାହିଁ ସର୍ବୋତ୍ତମ ଉପାୟ ।

*

*ଆପଣ ସିନା ମୋତେ ଅଧ୍ୟୟନ କରିବାକୁ କହୁଛନ୍ତି, କିନ୍ତୁ ମୋତେ ଅଧ୍ୟୟନ ମୋତେ ଭଲ ଲାଗୁ ନାହିଁ ।*

ଅଧ୍ୟୟନ ସକାଶେ ତୁମେ ଆଦୌ ଯଥେଷ୍ଟ ସମୟ ଦେଉ ନାହଁ, ସେହି କାରଣରୁହିଁ ତାହା ତୁମକୁ ଭଲ ଲାଗୁ ନାହିଁ । ଆମେ ଯତ୍ନର ସହିତ ଯାହାକିଛି କରିବା, ସେଥିପ୍ରତି ଆମର ନିଶ୍ଚୟ ଆଗ୍ରହ ଜନ୍ମିବ ଓ ତାହା ଆମକୁ ନିଶ୍ଚୟ ଭଲ ଲାଗିବ ।

*୧୦ ଏପ୍ରିଲ ୧୯୩୫*

*

*ତେବେ ମୁଁ କେଉଁ ବାଟରେ ଯିବି ? ଏହି ଉଦ୍ୟମଟିକୁ କରିବା ଲାଗି କେଉଁଟି ପ୍ରକୃତ ଓ ଉଚିତ ବାଟ, ଆପଣ ସେ କଥା ମୋତେ କହି ଦିଅନ୍ତୁ ।*

କାଲି ମୁଁ ତୁମକୁ ଯେପରି ବୁଝାଇ ଦେଇଥିଲି, ତୁମେ ସେହି ଅନୁସାରେ କାର୍ଯ୍ୟ କରିବ । ନିୟମିତ ଓ ବିଧିବଦ୍ଧ ଭାବରେ ଅଧ୍ୟୟନ ଆରମ୍ଭ କରିଦିଅ, ଯେପରିକି ତୁମର ମସ୍ତିଷ୍କ କାର୍ଯ୍ୟ କରିବାକୁ ଆରମ୍ଭ କରିବ । ତା'ପରେ, ଯେଉଁସବୁ ସମୟରେ ତୁମେ କୌଣସି ଅଧ୍ୟୟନ ନ କରୁଛ, ସେତେବେଳେ ଯଥେଷ୍ଟ କ୍ରିୟାଶୀଳ ହୋଇ ସାରିବାପରେ ତୁମ ମସ୍ତିଷ୍କ କିଞ୍ଚିତ୍ ବିଶ୍ରାମ ଗ୍ରହଣ କରିବାକୁ ସମର୍ଥ ହେବ । ସେତେବେଳେ ତୁମେ ନିଜ ହୃଦୟରେ ନିଜକୁ ଅଭିନିବିଷ୍ଟ କରି ରଖିବାର ସାମର୍ଥ୍ୟଟିକୁ ମଧ୍ୟ ଅର୍ଜନ କରି ପାରିବ ଏବଂ ସେଠାରେ ତୁମକୁ ଚୈତ୍ୟ ଉପ୍ସିତିର ସନ୍ଧାନ ମିଳିଯିବ । ଏବଂ ତଦ୍ଦ୍ୱାରା, ତୁମେ କୃତଜ୍ଞତା ଏବଂ ଯଥାର୍ଥ ସୁଖ ଦୁଇଟିଯାକ ବିଷୟରେ ସଚେତନ ହୋଇ ପାରିବ ।

*୨୨ ମଇ ୧୯୩୫*

*

*ଅନବରତ ଏକ ବିରସତା ଅନୁଭବ କରିବା ହେତୁ ମୁଁ ମୋଟେ ଅଧ୍ୟୟନ କରିପାରୁ ନାହିଁ ।*

ମୁଁ ତୁମକୁ ଆଗରୁ କହିଛି ଯେ କେବଳ **ଅଧ୍ୟୟନ ଦ୍ୱାରା**ହିଁ ତୁମେ ସେହି ବିରସତାକୁ ଅତିକ୍ରମ କରିଯାଇ ପାରିବ । *୨୭ ଜୁଲାଇ ୧୯୩୫*

*

*ଏକ ସାଧାରଣ ନିୟମ ହିସାବରେ ସାନ ପିଲାମାନଙ୍କର ସର୍ବଦା ଖେଳି ଖେଳି କଟାଇଦେବା ଉଚିତ କି ନାହିଁ, ମୁଁ ସେହିକଥା ଜାଣିବାକୁ ଚାହୁଁଛି ।*

ପିଲାମାନଙ୍କ ପାଇଁ କାମର ସମୟ ରହିବ, ଅଧ୍ୟୟନର ସମୟ ରହିବ ଏବଂ ଖେଳିବାର ବି ସମୟ ରହିବ । *୧୬ ନଭେମ୍ବର ୧୯୩୬*

*

*ମୋ ମନର କୌଣସି ବିକାଶ ହେଉଛି ବୋଲି ଆପଣ ଭାବୁଛନ୍ତି କି ?*

ନିୟମିତ ଅଧ୍ୟୟନ ଦ୍ୱାରା ମନର ବିକାଶ ନିଶ୍ଚୟ ସମ୍ଭବ ହେବ ।

*୭ ଡିସେମ୍ବର ୧୯୩୬*

*

*ମୁଁ ଭାବୁଛି ମୁଁ ଅଧ୍ୟୟନରେହିଁ ଅଧିକରୁ ଅଧିକ ଦୃଷ୍ଟି ଦେଉଛି, ସାଧନା ଲାଗି ହୁଏତ କମ୍ ଦୃଷ୍ଟି ଦେଉଛି । ଏପରି କରିବା କେତେଦୂର ଉଚିତ, ମୁଁ ସେ କଥା ଜାଣି ପାରୁ ନାହିଁ ।*

ଏଥିରେ ମୋଟେ କିଛି ଭୁଲ୍ ନାହିଁ; ଅଧ୍ୟୟନ ବି ସାଧନାର ଏକ ଅଂଶ ହୋଇ ରହିପାରେ ।

*୮ ଡିସେମ୍ବର ୧୯୩୬*

*

*ଯଦି ମୋତେ କେହି କିଛି ଶିକ୍ଷା ଦେଉଛନ୍ତି, ତେବେ ସିଏ ମୋ ସହିତ ନିଜକୁ ଏକାତ୍ମକ କରି ରଖିବେ ଓ ମୋ ଉପରେ ନିଜକୁ ଅଭିନିବେଶିତ କରି ରଖିବେ, ଏହା କ'ଣ ଆବଶ୍ୟକ ?*

ଅଭିନିବେଶ ବ୍ୟତୀତ ଆମେ କିଛି ହାସଲ କରି ପାରିବା ନାହିଁ ।

*୧୮ ମଇ ୧୯୩୭*

*

*ଆପଣ କ'ଣ ଭାବୁଛନ୍ତି ଯେ ଅତିରିକ୍ତ ମାନସିକ ପରିଶ୍ରମ କରିବା ହେତୁହିଁ ନିଜକୁ ଏତେ କ୍ଲାନ୍ତ ଲାଗେ ?*

ନା,— ସେହି କ୍ଲାନ୍ତି ମନୋଗତ ତାମସିକତାରୁହିଁ ଆସିଥାଏ ।

*୨୧ ଜାନୁଆରି ୧୯୪୧*

*

*(ପିଲାମାନେ କଠିନ ପରିଶ୍ରମ କରୁ ନାହାନ୍ତି ବୋଲି ସେମାନଙ୍କର ଜଣେ ଶିକ୍ଷକ ଲେଖିଥିଲେ ।)*

ତଥାପି ଧୈର୍ଯ୍ୟ ହରାଇବା ଉଚିତ ନୁହେଁ,— ଏହା କୌଣସି ନା କୌଣସି ପ୍ରକାରର

ମାନସିକ ତାମସିକତାରୁହିଁ ସମ୍ଭବ ହୋଇଥାଏ । ମାତ୍ର ଦିନେ ସେମାନେ ନିଶ୍ଚୟ ନିଦ ଭାଙ୍ଗିଦେବେ ଓ ଜାଗ୍ରତ୍ ହେବେ ।

*

*ପିଲାମାନଙ୍କ ପାଖରେ ସେମାନଙ୍କର ଯାବତୀୟ ବହିପତ୍ର ରହିଥିଲେ ମଧ୍ୟ ସେମାନେ ତଥାପି ସେମାନଙ୍କର ପାଠକୁ ଶିଖିପାରୁ ନାହାନ୍ତି ।*

ସାନ ପିଲାମାନଙ୍କ ପାଇଁ ଆମ ପାଖରେ ପ୍ରକୃତରେ ଅନେକ ଧୈର୍ଯ୍ୟ ରହିଥିବା ଉଚିତ ଓ ସେହି ଗୋଟିଏ ପାଠକୁ ପିଲାମାନଙ୍କୁ ବାରବାର ପଢ଼ାଇଦେବା ଉଚିତ । ନାନା ବିଭିନ୍ନ ପ୍ରଣାଳୀରେ ସେମାନଙ୍କୁ ପାଠଗୁଡ଼ିକୁ ଭଲଭାବରେ ବୁଝାଇ ଦେଉଥିବା ଉଚିତ । କେବଳ ଅତ୍ୟନ୍ତ ଧୀର ଭାବରେହିଁ ତାହା ସେମାନଙ୍କର ମସ୍ତିଷ୍କ ଭିତରେ ଆସି ପ୍ରବେଶ କରିବ ।

*

କାମ କରି ଆଣିବାରେ ନିୟମିତ ହେବା ଅପେକ୍ଷା ବୁଦ୍ଧିମତ୍ତା ଏବଂ ବୁଝିବାର ଶକ୍ତି ନିଶ୍ଚୟ ଅଧିକ ମହତ୍ତ୍ୱପୂର୍ଣ୍ଣ । ସ୍ଥିରତା ହୁଏତ ପରେ ଅର୍ଜନ କରାଯାଇ ପାରିବ ।

*

*ମାଆ, ଆଳସ୍ୟର କବଳରୁ ରକ୍ଷା ପାଇବାର ଉପାୟ କ'ଣ ?*

ଦୁର୍ବଳତାରୁ ଆଳସ୍ୟ ଆସିଥାଏ ବା ଆଗ୍ରହର ଅଭାବରୁ ବି ଆସିଥାଏ । ପ୍ରଥମ କାରଣଟିକୁ ଦୂର କରିବାକୁ ହେଲେ,— ଆମକୁ ବଳବାନ୍ ହେବାକୁ ପଡ଼ିବ ।

ଏବଂ ଦ୍ୱିତୀୟ କାରଣଟିକୁ ଦୂର କରିବାକୁ ହେଲେ,— ଆମକୁ ଆଗ୍ରହୋଦ୍ଦୀପକ କୌଣସି କାର୍ଯ୍ୟ କରିବାକୁ ହେବ ।

*

*ମାଆ,*

*ମୋତେ ଆପଣ କହିଛନ୍ତି ଯେ ନିଜର ଆଳସ୍ୟ ଦୂର କରିବାକୁ ହେଲେ ବଳବାନ୍ ହେବାକୁ ପଡ଼ିବ । ମାଆ, କିପରି ବଳବାନ୍ ହେବାକୁ ହୁଏ, ଆପଣ ସେହି କଥାଟି ମୋତେ କହିବେ କି ?*

ପ୍ରଥମତଃ, ତୁମେ ବଳବାନ୍ ହେବା ଲାଗି ପୂର୍ଣ୍ଣତଃ ଇଚ୍ଛା କରିବ, ଓ ତା'ପରେ ଯାହା କରିବା ଉଚିତ, ତାହାକୁ ଅବଶ୍ୟ କରିବ ।

*

*ମାନସିକ ଜଡ଼ତାର କବଳରୁ ରକ୍ଷା ପାଇବା କିପରି ସମ୍ଭବ ହେବ ?*

ଖାଲି ତୁମର ମନକୁ ଜାଗୃତ କରିଦେବାକୁ ଚେଷ୍ଟାକଲେ ଜଡ଼ତା ଯିବ ନାହିଁ । ମାତ୍ର, ସ୍ଥିର ଓ ନୀରବ ଭାବରେ ଏକ ଅଟଳ ଏବଂ ନିଶ୍ଚଳ ଅଭୀପ୍ସା ସହିତ ନିଜର ମନକୁ ସଂବୋଧିଗତ ଆଲୋକର ରାଜ୍ୟଟି ମଧ୍ୟକୁ ଉତ୍ତୋଳିତ କରିନେବାକୁ ପଡ଼ିବ; ଏବଂ, ସେହି ଆଲୋକଟି ଓହ୍ଲାଇ ଆସି ତୁମର ମସ୍ତିଷ୍କଟିକୁ ପ୍ଲାବିତ କରିଦେବା ପର୍ଯ୍ୟନ୍ତ ନୀରବ ହୋଇ ଅପେକ୍ଷା କରିବାକୁ ପଡ଼ିବ । ତେବେ ଯାଇ ତୁମ ମସ୍ତିଷ୍କ ଏହି ପ୍ରଭାବଟିର ସ୍ପର୍ଶ ପାଇ କ୍ରମଶଃ ଜାଗ୍ରତ୍ ହୋଇ ଉଠିବ ଏବଂ ସଂବୋଧିର ଗ୍ରହଣ ଓ ଅଭିବ୍ୟକ୍ତି ଲାଗି ସାମର୍ଥ୍ୟ ବି ଲାଭ କରିବ ।

ମୋର ସ୍ନେହ ଓ ଆଶୀର୍ବାଦ

*୨୬ ସେପ୍ଟେମ୍ବର ୧୯୬୭*

*

*ମାଆ,*

*ଏ ବର୍ଷ ପ୍ରକୃତରେ କ'ଣ ହୋଇଛି, ଆମକୁ କିଛି ଜଣା ପଡୁ ନାହିଁ । ଏବର୍ଷ ଆମର ମୋଟେ ଅଗ୍ରଗତି ହେଉ ନାହିଁ; ଅଧ୍ୟୟନରେ ଅଗ୍ରଗତି ହେଉ ନାହିଁ କି ଖେଳ ପଡ଼ିଆରେ ମଧ୍ୟ ଅଗ୍ରଗତି ହେଉ ନାହିଁ । ଆମମାନଙ୍କ ମନ ସବୁବେଳେ ବ୍ୟସ୍ତ ଓ ଅସ୍ଥିର ହୋଇ ରହୁଛି । ଅଭିନିବେଶ-ଶକ୍ତି ମୋଟେ ନାହିଁ । ଖାଲି ବାଜେ କଥାବାର୍ତ୍ତା ଓ ନାନା ଖରାପ ବିଷୟର ଭାବନାରେ ଆମର ସମୟ ଚାଲିଯାଉଛି । ବିଫଳତାଗୁଡ଼ିକୁ ଜୟ କରିବା ଲାଗି ସାମର୍ଥ୍ୟ ହେଉ ନାହିଁ । ମାଆ, ଆମର ବିନୀତ ପ୍ରାର୍ଥନା ଯେ ଆପଣ ଆମକୁ ଏହି ଦୁଃଖଦ ପରିସ୍ଥିତିରୁ ମୁକ୍ତ କରି ନିଅନ୍ତୁ । ଆମେ ଅଗ୍ରଗତି କରିବାକୁ ଇଚ୍ଛା କରୁଛୁ । ଆମେ ଆପଣଙ୍କର ପ୍ରକୃତ ସନ୍ତାନ ହୋଇ ତିଆରି ହେବାକୁ ଇଚ୍ଛା କରୁଛୁ । ଆପଣ ଦୟାକରି ଆମକୁ ବାଟ ଦେଖାନ୍ତୁ ।*

କାନ୍ଦିବା ଦ୍ୱାରା ଆଦୌ କୌଣସି ଲାଭ ମିଳେ ନାହିଁ ।

ତୁମ ପାଖରେ ଆବଶ୍ୟକ ଇଚ୍ଛାଶକ୍ତିଟି ରହିଥିବା ଦରକାର, ଆବଶ୍ୟକ ଉଦ୍ୟମଟିକୁ ମଧ୍ୟ କରିବା ଦରକାର ।

*

*ଇଚ୍ଛାଶକ୍ତିକୁ ଆହୁରି ଦୃଢ଼ କରିବାକୁ ହେଲେ କ'ଣ ସବୁ କରିବା ଉଚିତ ?*

ସେଥିଲାଗି ଇଚ୍ଛାଶକ୍ତିକୁ ଯଥାର୍ଥ ଶିକ୍ଷା ଦେବାକୁ ପଡ଼ିବ; ମାଂସପେଶୀଗୁଡ଼ିକୁ କାମରେ ଲଗାଇଲେ ଯେପରି ମାଂସପେଶୀଗୁଡ଼ିକର ବ୍ୟାୟାମ ହୁଏ, ଠିକ୍ ସେହିପରି ଇଚ୍ଛାଶକ୍ତିର ମଧ୍ୟ ଯଥେଷ୍ଟ ବ୍ୟାୟାମ ହୋଇପାରିବା ଉଚିତ ।

*୨୩ ମାର୍ଚ୍ଚ ୧୯୩୪*

*

ମାଂସପେଶୀଗୁଡ଼ିକ ପରି ଅଭିନିବେଶ ଏବଂ ଇଚ୍ଛାଶକ୍ତିର ବି ବିକାଶ ସାଧନ କରାଯାଇ ପାରିବ; ନିୟମିତ ପ୍ରଶିକ୍ଷଣ ଓ ବ୍ୟାୟାମ ଦ୍ୱାରାହିଁ ସେଗୁଡ଼ିକର ବୃଦ୍ଧି ହେବ ।

*

*ମାଆ, ଆମର ଇଚ୍ଛାଶକ୍ତିକୁ କିପରି ଅଧିକ ବଳଯୁକ୍ତ କରାଯାଇ ପାରିବ ?*

ତାହା ବ୍ୟାୟାମ ଦ୍ୱାରା ହେବ ।

*

କୌଣସି ବିଷୟ ଶିକ୍ଷା କରିବାକୁ ହେଲେ କେତୋଟି ମାସରୁ ନିଶ୍ଚୟ ଅଧିକ ସମୟ ଲାଗିବ । ଅଗ୍ରଗତି କରିବାକୁ ହେଲେ ଆମକୁ ଅଧ୍ୟବସାୟ ସହିତ କାମ କରିବାକୁ ପଡ଼ିବ ।

*୧୨ ନଭେମ୍ବର ୧୯୫୪*

*

*ସର୍ବଦା ଏକ ଅସ୍ଥାୟୀ ଉତ୍ସାହ ଦ୍ୱାରା ତାଡ଼ିତ ହୋଇହିଁ ମୁଁ ଅଧିକାଂଶ ସମୟରେ ପାଠ ପଢ଼ିବାକୁ ଯାଏ ।*

ଯେତେବେଳ ପର୍ଯ୍ୟନ୍ତ ନିଜକୁ ଗଠନ କରିବାର ପ୍ରୟୋଜନ ରହିଥିବ, ନିଜର ମସ୍ତିଷ୍କଟିକୁ ଗଠନ କରିବାର ପ୍ରୟୋଜନ ଥିବ, ସେତେବେଳ ଯାଏ ଅଧ୍ୟୟନ ଲାଗି ତୁମ ଭିତରୁ ଏକ ବଳବତୀ ଇଚ୍ଛା ନିଶ୍ଚୟ ଅନୁଭୂତ ହେଉଥିବ; ମାତ୍ର ଯେତେବେଳେ ମସ୍ତିଷ୍କ ସୁଗଠିତ ହୋଇଯିବ, ସେତେବେଳେ ଅଧ୍ୟୟନ ଲାଗି ତୁମର ରୁଚିଟି ମଧ୍ୟ କ୍ରମଶଃ ଚାଲିଯିବାକୁ ଆରମ୍ଭ କରିବ ।

*

*ଆମ ଜୀବନରେ ବିବେକବୁଦ୍ଧିର କି ପ୍ରୟୋଜନ ରହିଛି ?*

ବିବେକବୁଦ୍ଧି ନ ଥିଲେ ମନୁଷ୍ୟର ଜୀବନରେ ନାନାପ୍ରକାର ଅସଙ୍ଗତି ଓ ଅନିୟମିତତା ଆସି ପହଞ୍ଚିବ । ସେତେବେଳେ ଆମେ କେବଳ ଅନିୟନ୍ତ୍ରିତ କେତେଟା ଆବେଗ ଦ୍ୱାରା

କାର୍ଯ୍ୟ କରୁଥିବା ପଶୁମାନଙ୍କ ପରି ହୋଇଯିବା, କୌଣସି ଭାରସାମ୍ୟ ନ ଥିବା ପାଗଳ ମଣିଷଙ୍କ ପରି ହୋଇ ବସିବା ।

*୬ ଏପ୍ରିଲ୍ ୧୯୬୧*

*

*ମାଆ, ଜ୍ଞାନ ଆଉ ବୁଦ୍ଧି କହିଲେ ପ୍ରକୃତରେ କ'ଣ ବୁଝାଏ ? ଆମ ଜୀବନରେ ସେମାନଙ୍କର କୌଣସି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି କି ?*

ମନୁଷ୍ୟ ଭିତରେ ଯେଉଁ ଉଚ୍ଚତର ମନ ରହିଛି, ତାହାହିଁ ତାକୁ ଇତରପ୍ରାଣୀଠାରୁ ପୃଥକ୍ କରି ରଖିଛି । ଏବଂ, ଜ୍ଞାନ ଓ ବୁଦ୍ଧି ହେଉଛନ୍ତି ପ୍ରକୃତରେ ସେହି ଉଚ୍ଚତର ମନର ଗୋଟିଏ ଗୋଟିଏ ସାମର୍ଥ୍ୟ ଓ ଗୁଣ ।

ଏହି ଜ୍ଞାନ ଓ ବୁଦ୍ଧି ନ ଥିଲେ ମଣିଷକୁ ଆଉ ମଣିଷ ବୋଲି କୁହାଯିବ ନାହିଁ, ମଣିଷର ଆକୃତି ବିଶିଷ୍ଟ କେବଳ ଗୋଟାଏ ଇତରପ୍ରାଣୀ ବୋଲିହିଁ କୁହାଯିବ ।

ଅନେକ ଆଶୀର୍ବାଦ ।

*୩୦ ଡିସେମ୍ବର ୧୯୬୯*

*

*ଆପଣଙ୍କର ''କଥୋପକଥନ'' ପୁସ୍ତକରେ ଆପଣ କହିଛନ୍ତି ଯେ, ଯଥାର୍ଥ ଜ୍ଞାନ ଓ ଇହ ଜଗତରେ ତା'ର ଉପଲବ୍ଧି ମଧ୍ୟରେ ଆମର ବୁଦ୍ଧି ସତେଅବା ଏକ ମଧ୍ୟସ୍ଥ ପରି କାମ କରୁଥାଏ । ଏଥିରୁ କ'ଣ ଏହାହିଁ ପ୍ରତିପାଦିତ ହେଉ ନାହିଁ ଯେ, ମନର ଊର୍ଦ୍ଧ୍ୱକୁ ଉଠି ଯଥାର୍ଥ ଜ୍ଞାନର ପରିଚୟ ଲାଭ କରିବାକୁ ହେଲେ ବୁଦ୍ଧିର କର୍ଷଣକୁ ଅପରିହାର୍ଯ୍ୟ ବୋଲି ଗ୍ରହଣ କରିବାକୁ ପଡ଼ିବ ?*

ମନକୁ ଏକ ଉତ୍ତମ ଯନ୍ତ୍ରରୂପେ — ଯାହାକି ପ୍ରଶସ୍ତ ହୋଇଥିବ, ସ୍ଥିତିସ୍ଥାପକ ଓ ବିଭୁଯୁକ୍ତ ହୋଇଥିବ,— ପ୍ରସ୍ତୁତ କରିବାକୁ ହେଲେ ବୁଦ୍ଧିଗତ କର୍ଷଣ ଅବଶ୍ୟ ଅପରିହାର୍ଯ୍ୟ । ମାତ୍ର ତାହାର କାର୍ଯ୍ୟ ସେତିକିରେହିଁ ସୀମାବଦ୍ଧ ହୋଇ ରହିବ ।

ମନର ଭୂମିଟିରୁ ଆହୁରି ଅଧିକ ଊର୍ଦ୍ଧ୍ୱକୁ ଉଠି ଚାଲିଯିବା ସମୟରେ, ଏହା ସାହାଯ୍ୟ କରିବା ଅପେକ୍ଷା ବରଂ ଏକ ବାଧକରୂପେହିଁ କାର୍ଯ୍ୟ କରିଥାଏ; କାରଣ, ସାଧାରଣତଃ, ଏକ ବିଶୋଧିତ ଏବଂ ସୁପ୍ରଶିକ୍ଷିତ ମନ ନିଜକୁ ନେଇହିଁ ବେଶ୍ ପୂର୍ଣ୍ଣସନ୍ତୁଷ୍ଟ ହୋଇ ରହି ଯାଇପାରେ ଏବଂ ନିଜର ସୀମାଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଯେଉଁ ନୀରବତାର ପ୍ରୟୋଜନ ରହିଥାଏ, ତାହା କ୍ୱଚିତ୍ ସେହି ନୀରବତାକୁ ଲୋଡ଼ିବା ଲାଗି ମନ କରିଥାଏ ।

*

ତୁମେ ଯାହାକିଛି ଜାଣିଛ, ତାହା ଯେତେବେଶୀ ଚମତ୍କାର ହୋଇଥାଉ ପଛକେ, ଅନ୍ୟ ସାଧନଗୁଡ଼ିକୁ କାମରେ ଲଗାଇ ପାରିଲେ ତୁମେ ପ୍ରକୃତରେ ଯାହା ଜାଣିବା ଲାଗି ସମର୍ଥ ହେବ, ତାହା ଏଇଟିର ତୁଳନାରେ ଆଦୌ କିଛି ନୁହେଁ ।

*

ନିଜର ଚେତନାରେ ତୁମେ ଏପରି ଏକ ସ୍ଥଳକୁ ଉଠିଯାଇ ପାରିବ, ଯେଉଁଠାରେ କି ତୁମେ ଯାବତୀୟ ପରସ୍ପରବିରୋଧୀ ଧାରଣାକୁ ଏକତ୍ର ଏକ ସୌଷମ୍ୟଯୁକ୍ତ ସମନ୍ୱୟ ମଧ୍ୟରେ ସମ୍ମିଳିତ କରି ଆଣିପାରିବ,– ତାହାହିଁ ହେଉଛି ବୁଝିବାର ସର୍ବୋତ୍ତମ ପଦ୍ଧତି ।

ଏବଂ, ଅତ୍ୟନ୍ତ ସାବଲୀଳ ଓ ସ୍ଥିତିସ୍ଥାପକ ଭାବରେ ତୁମେ ଗୋଟିଏ ସ୍ଥିତିରୁ ଆଉ ଗୋଟାଏ ସ୍ଥିତିକୁ ଚାଲିଯାଇ ପାରୁଥିବ ଓ ତଥାପି ଗୋଟିଏ ମୁହୂର୍ତ୍ତ ପାଇଁ ବି ସେହି ଦିବ୍ୟ ପରମସତ୍ତାଙ୍କ ନିକଟରେ ନିଜକୁ ଉତ୍ସର୍ଗୀକୃତ କରି ରଖିବା ଏବଂ ତାଙ୍କରି ସହିତ ଏକାତ୍ମକ ହୋଇ ରହିବାର ତୁମର ଲକ୍ଷ୍ୟଟି ତୁମ ଆଖିରୁ ଅନ୍ତରାଳ ହୋଇଯାଉ ନ ଥିବ,– ତାହାକୁହିଁ ଯଥାର୍ଥ ଦୃଷ୍ଟିକୋଣ ବୋଲି କୁହାଯିବ ।

*୨୯ ଏପ୍ରିଲ ୧୯୬୪*

*

ଏହି କଥାଟିକୁ ଜାଣିରଖିବା ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ ଯେ ଆମର ମନ କଦାପି ସେହି ଅଦ୍ୱିତୀୟ ପରମସତ୍ତାଙ୍କୁ ବୁଝିବା ଲାଗି ସମର୍ଥ ହେବ ନାହିଁ । ତେଣୁ, ତାଙ୍କ ବିଷୟରେ ଆମେ ଯେତେବେଳେ ଯାହାକିଛି କହିଥାଉ ବା ଭାବିଥାଉ, ତାହାକୁ ସର୍ବଦା ଏକ ବିଡ଼ମ୍ବନା ଏବଂ ଏକ ଅନୁମାନ ବୋଲିହିଁ କୁହାଯାଇ ପାରିବ ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତା' ଭିତରେ ନାନା ଅସଙ୍ଗତ ପରସ୍ପରବିରୋଧ ଭିତ୍ତି ହୋଇ ରହିଥିବ ।

ଏବଂ, ଠିକ୍ ସେହି କାରଣରୁହିଁ ସବୁବେଳେ ଏହି ଶିକ୍ଷାଟି ଦିଆଯାଇ ଆସିଛି ଯେ, ଯଥାର୍ଥ ଜ୍ଞାନ ଲାଭ କରିବାକୁ ହେଲେ ମନଃସ୍ତରର ନୀରବତା ଏକାନ୍ତ ଅପରିହାର୍ଯ୍ୟ ।

*୩୧ ଅଗଷ୍ଟ ୧୯୬୫*

*

ସ୍ୱଚ୍ଛ ବୋଧ, ସ୍ୱଚ୍ଛ ଦୃଷ୍ଟି ଏବଂ ଯଥାର୍ଥ କର୍ମ କରିବାର ସାମର୍ଥ୍ୟ ଲାଗି ଆମର ମସ୍ତିଷ୍କଟି ଅତ୍ୟନ୍ତ ଅତ୍ୟନ୍ତ ସ୍ଥିର ହୋଇ ରହିଥିବା ନିତାନ୍ତ ଅପରିହାର୍ଯ୍ୟ ।

*

*ଗୁଡ଼ାଏ ଧାରଣା ହଠାତ୍ ଭରଭର ହୋଇ ଉଠିଆସିବା ଏବଂ ଅସଲ ଆବଶ୍ୟକତାଗୁଡ଼ିକ ବିଷୟରେ ଏକ ଅନ୍ତର୍ଗତ ଯଥାର୍ଥ ଦୃଷ୍ଟି ଲାଭ କରିବା,– ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବୁଝିବା ଲାଗି ଆପଣ ମୋତେ ଟିକିଏ ସାହାଯ୍ୟ କରନ୍ତୁ ।*

ଊର୍ଦ୍ଧ୍ୱରୁ ଆଦୌ କୌଣସି ପ୍ରେରଣା ଗ୍ରହଣ କରି ପାରିବା ପୂର୍ବରୁହିଁ ତୁମର ମନ ସ୍ଥିର ଓ ନୀରବ ହୋଇ ଯାଇଥିବା ଉଚିତ।

*

ଏକ ପୂର୍ଣ୍ଣ ରୂପାନ୍ତର ସମ୍ଭବ କରିବା ଲାଗି ଅସଲ ଶକ୍ତିଟି ଯେପରି ତୁମର ମନ ଭିତର ଦେଇ ପ୍ରବାହିତ ହୋଇ ପାରିବ, ସେଥିଲାଗି ମନକୁ ନିଶ୍ଚଳ ହୋଇ ରହିବାକୁ ପଡ଼ିବ।

*

*ନିର୍ଭୁଲ ଭାବରେ ଚିନ୍ତା କରିବା ଲାଗି ଜଣେ ଛାତ୍ରକୁ କିପରି ଶିକ୍ଷା ଦିଆଯାଇ ପାରିବ ?*

ନୀରବ ଧ୍ୟାନ ମଧ୍ୟରେହିଁ ମାନସିକ ସାମର୍ଥ୍ୟର ବିକାଶ ସମ୍ଭବ ହୋଇଥାଏ।

*୨୩ ମାର୍ଚ୍ଚ ୧୯୬୬*

*

*ମୋର ସଂବୋଧି ସାହାଯ୍ୟରେହିଁ ମୁଁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଚେଷ୍ଟା କରିବି। ମୋର ଏହି ଚେଷ୍ଟାରେ ଆପଣ ମୋତେ ସାହାଯ୍ୟ କରିବେ।*

ପ୍ରାଣିକ କ୍ଷେତ୍ରଟିକୁ ଶାନ୍ତ କରି ଆଣିବ।

ମନ ନୀରବ ରହିବ।

ମସ୍ତିଷ୍କ ବି ନୀରବ ରହିବ, ଉପର ଆଡ଼କୁ ମୁହଁ କରି ରହିଥିବା ଏକ ସମତଳ ଗ୍ରହଣ-ଭୂମି ପରି ତାହା ନିଶ୍ଚଳ ଏବଂ ଏକାଗ୍ର ହୋଇ ରହିଥିବ।

*୨୯ ସେପ୍ଟେମ୍ବର ୧୯୬୭*

*

କେବଳ ମନୋଗତ କାର୍ଯ୍ୟକଳାପ ଦ୍ୱାରା ତୁମେ କଦାପି ନିଜର ମନକୁ ଶାନ୍ତ କରିପାରିବ ନାହିଁ। ତୁମର ଆବଶ୍ୟକ ସାହାଯ୍ୟ କେବଳ ଏକ ଉଚ୍ଚତର ଓ ଗଭୀରତର ସ୍ତରରୁହିଁ ଆସିବ। ଏବଂ, ନୀରବ ରହିଲେ ଯାଇ ସେହି ଉଚ୍ଚତା ଏବଂ ଗମ୍ଭୀରତା ସମ୍ଭବ ହୋଇ ପାରିବ।

*୧୮ ଡିସେମ୍ବର ୧୯୭୧*

*

*ମନ ଭିତରେ ଯେଉଁସବୁ ବଚନ ଓ ବାଚନ ଲାଗି ରହିଥାଏ, ତାହାକୁ ବନ୍ଦ କରାଯାଇ ପାରିବ କିପରି ?*

ପ୍ରଥମ ସର୍ତ୍ତ ହେଉଛି, ତୁମେ ଯଥାସମ୍ଭବ କମ୍ କଥା କହିବ । ଦ୍ୱିତୀୟ କଥା ହେଉଛି, ତୁମେ ଯେତେବେଳେ ଯେଉଁ କାର୍ଯ୍ୟଟିକୁ କରୁଥିବ, ସେତେବେଳେ କେବଳ ତାହାରି କଥା ଭାବିବ । ତୁମର ପରେ କ'ଣସବୁ କରିବାକୁ ଅଛି ବା ତୁମେ ଆଗରୁ କ'ଣସବୁ କରିସାରିଛ, ସେସବୁ ବିଷୟରେ ମୋଟେ କିଛି ଭାବିବ ନାହିଁ ।

ଯାହା ଗତ ହୋଇ ଗଲାଣି, ତାହା ଲାଗି ଆଦୌ କୌଣସି ଅନୁଶୋଚନା କରିବ ନାହିଁ । ଯାହା ହେବାକୁ ଯାଉଛି, କେବଳ ତାହାକୁହିଁ କଳ୍ପନାରେ ରଖିଥିବ ।

ନିଜର ଭାବନା ଭିତରେ ଯେପରି ଆଦୌ କୌଣସି ନୈରାଶ୍ୟଭାବ ପ୍ରବେଶ ନ କରେ, ତୁମେ ସେଥିଲାଗି ଯଥାସମ୍ଭବ ଚେଷ୍ଟା କରୁଥିବ ଏବଂ ସ୍ୱେଚ୍ଛା ପ୍ରବୃତ୍ତ ଭାବରେ ଜଣେ ଆଶାବାଦୀ ହୋଇ ରହିଥିବ ।

*

*ମାଆ, ନିଜର ମନକୁ ମୁକ୍ତ, ସ୍ଥିର ଓ ନୀରବ କରିଆଣିବା ପ୍ରକୃତରେ ଏକ ଭାରି ସୁନ୍ଦର ଅନୁଭୂତି; ମୁଁ ଆହୁରି ଅଧିକ ଯଥାର୍ଥ ଭାବରେ ତାହାର ଅଧିକାରୀ ହୋଇ ରହିବାକୁ ଇଚ୍ଛା କରୁଛି । ନାନାବିଧ ଭାବନାର ଓ ସଂବେଗର ମୋ' ଭିତରେ ଲାଗି ରହିଥିବା ଏହି ସତତ ଘୂର୍ଣ୍ଣିବାତ୍ୟାରୁ ମୁଁ ମୁକ୍ତ ହୋଇ ରହିବାକୁ ଚାହେଁ । ସେଗୁଡ଼ାକ ମୋତେ ସତେଅବା ଗୋଟାଏ ଖେଳନା ପରି ଏପାଖ ସେପାଖ କରି ନଚାଇବାରେ ଲାଗିଥା'ନ୍ତି ।*

ସେହି କଥାଟି ଧୀରେ ଧୀରେ ଆସେ, କ୍ରମବର୍ଦ୍ଧମାନ ଭାବରେ ଆସେ ।

ତୁମେ ସେଥିଲାଗି ମୋଟେ ନିଜକୁ ବାଧ କରି କିଛି କର ନାହିଁ ।

ଶାନ୍ତ ହୁଅ, ବିଶ୍ୱାସ ରଖ । *୧୨ ମାର୍ଚ୍ଚ ୧୯୭୩*

*

ହଁ, ବୁଦ୍ଧି ଯାହାକୁ ବୁଝିଲାଣି ବର୍ତ୍ତମାନ ତୁମର ସମଗ୍ର ସତ୍ତା ତାହାରି ଉପଲବ୍ଧି କରିବାରେ ଲାଗିଯାଉ । ଯେଉଁଠାରେ କେବଳ ମାନସିକ ଜ୍ଞାନ ରହିଛି, ତାହାର ସ୍ଥାନାପନ୍ନ ଭାବରେ ସେଠାରେ ପ୍ରଗତିର ଜ୍ୱଳନ୍ତ ଶକ୍ତିର ପ୍ରତିଷ୍ଠା ହୋଇପାରିବା ଉଚିତ ।

*

## ପୁସ୍ତକ ପାଠ

*ମାଆ, ମୁଁ ଭଲକରି ଭାବିପାରୁ ନାହିଁ ବୋଲି ଆପଣ କହିଛନ୍ତି । ନିଜ ଭାବନାର ବିକାଶ କିପରି ସମ୍ଭବ ହେବ ?*

ତୁମେ ଯାହାକିଛି ପଢ଼ିବ, ତାହାକୁ ଅତ୍ୟନ୍ତ ମନୋଯୋଗ ଏବଂ ଅଭିନିବେଶ ସହିତ ପଢ଼ିବ । ମାତ୍ର ତା' ବୋଲି ଉପନ୍ୟାସ ବା ନାଟକ ନୁହେଁ; ଯାହାସବୁ ପଢ଼ିଲେ ତୁମର ଭାବନାଶକ୍ତି ପ୍ରେରଣା ପାଇବ, ତୁମେ ସେହିସବୁହିଁ ପଢ଼ିବ । ଯାହା ପଢ଼ିଲ, ତୁମେ ଧ୍ୟାନସ୍ଥ ହୋଇ ସେଗୁଡ଼ିକର ମନନ କରିବ; କୌଣସି ଏକ ଭାବନାକୁ ଯଥାର୍ଥ ରୂପେ ବୁଝିପାରିବା ପର୍ଯ୍ୟନ୍ତ ତୁମେ ତାହା ଉପରେ ଚିନ୍ତା କରିବ । ଖୁବ୍ କମ୍ କଥା କହିବ, ଶାନ୍ତ ଓ ଅଭିନିବେଶିତ ହୋଇ ରହିବ, ଏବଂ ଯେତେବେଳେ କଥା କହିବା ନିତାନ୍ତ ଆବଶ୍ୟକ ହେବ, କେବଳ ସେତିକିବେଳେହିଁ କଥା କହିବ । *୩୧ ମଇ ୧୯୬୦*

*

*ମୁଁ ମୋଟରଗାଡ଼ି ବିଷୟରେ ଖଣ୍ଡେ ବହି ପଢୁଛି । ମାତ୍ର ଭାରି ଜଲ୍‌ଦି ଜଲ୍‌ଦି ସେଇଟିକୁ ପଢ଼ିଯାଉଛି । ଯେଉଁସବୁ ସ୍ଥାନରେ ଯନ୍ତ୍ର ବିଷୟରେ ଜଟିଳ କଥାମାନ ଲେଖାଯାଇଛି ସେହିସବୁ ବର୍ଣ୍ଣନାକୁ ମୁଁ ଡେଇଁ ଚାଲିଯାଉଛି ।*

ଯଦି ବିଷୟକୁ ସଂପୂର୍ଣ୍ଣ ଭାବରେ, ସଚେତନ ଭାବରେ ଓ ବିସ୍ତୃତ ଭାବରେ ଶିଖିବା ଲାଗି ତୁମର ଇଚ୍ଛା ନ ଥାଏ, ତେବେ ସେଇଟିକୁ ଆଦୌ ନ ପଢ଼ିବାହିଁ ବରଂ ଅଧିକ ଭଲ ହେବ । ଏକଥାଟା ଭାବିବା ପ୍ରକୃତରେ ଭାରି ଭୁଲ୍ ଯେ, ବିଭିନ୍ନ ବିଷୟରେ କେବଳ ଏକ ସ୍ଥୂଳ ଓ ଅସଂପୂର୍ଣ୍ଣ ଜ୍ଞାନ ହାସଲ କରିନେଇ ପାରିଲେ ତଦ୍ଦ୍ୱାରା ତୁମର ଆଦୌ କୌଣସି ଲାଭ ହୋଇପାରିବ । ଏହାଦ୍ୱାରା ମଣିଷକୁ କେବଳ ବୃଥାଗର୍ବୀ ହେବାର ପ୍ରଶ୍ରୟ ମିଳିବ; କାରଣ, ସେତେବେଳେ ସେମାନେ ପ୍ରକୃତରେ ଜାଣିଛନ୍ତି ବୋଲି କଳ୍ପନା କରିବାରେ ଲାଗିଥିବେ; ମାତ୍ର ବସ୍ତୁତଃ ଆଦୌ କିଛି ଜାଣି ନ ଥିବେ ।

*

ତୁମେ ଯାହାକିଛି ପଢ଼ିବ, ଯତ୍ନର ସହିତ ପଢ଼ିବ; ଏବଂ ଯଦି ତାହାକୁ ଯଥାର୍ଥ ଭାବରେ ବୁଝି ନ ପାରିବ, ତେବେ ଦ୍ୱିତୀୟ ଥର ପାଇଁ ପୁଣି ପଢ଼ିବ ।

*

'ଖ' ମୋ' ପାଖକୁ ଏବେ ଲେଖିଛି ଯେ ତୁମେ ବହୁସଂଖ୍ୟକ ଉପନ୍ୟାସ ପଢ଼ିବାରେ ଲାଗିଛ । ଏସବୁ ପଢ଼ିବା ତୁମ ପକ୍ଷରେ ଭଲ ବୋଲି ମୁଁ ଆଦୌ ଭାବୁ ନାହିଁ । ଏବଂ, ଯଦି କେବଳ ଶୈଳୀର ଅଧ୍ୟୟନ କରିବାକୁ ତୁମେ ସେପରି କରୁଥାଅ – ତୁମେ ମୋତେ ଥରେ ତାହାହିଁ କହୁଥିଲ ନା ?,– ତେବେ, ଜଣେ ଭଲ ଲେଖକଙ୍କର ଖଣ୍ଡିଏ ଭଲ ବହି ତୁମେ ପଢ଼ିବ ଏବଂ ତାହାକୁ ଉଚିତ ମନୋଯୋଗ ଦେଇ ପଢ଼ିବ, ତେବେ ତଦ୍ଦ୍ୱାରା ଏପରି ତରତର ଓ ଉପରଠାଉରିଆ ପଢ଼ିବାଠାରୁ ତୁମେ ଅଧିକ ଶିକ୍ଷା କରିପାରିବ ।

*ଦୁଇଟି କାରଣରୁ ମୁଁ ଉପନ୍ୟାସ ପଢୁଥିଲି,— ନୂଆ ଶବ୍ଦ ଶିଖିବାକୁ ଏବଂ ଲେଖାର ଶୈଳୀଟିକୁ ଜାଣିବାକୁ ।*

ସେସବୁ ଶିଖିବା ସକାଶେ ତୁମକୁ ଅତ୍ୟନ୍ତ ଯତ୍ନର ସହିତ ପଢ଼ିବାକୁ ପଡ଼ିବ ଏବଂ ଯାହାକିଛି ପଢ଼ିବ, ତାହାକୁ ସାବଧାନତା ସହିତ ବାଛି ଠିକ୍ କରିବାକୁ ପଡ଼ିବ ।

*୨୫ ଅକ୍ଟୋବର ୧୯୩୪*

*

*ମୁଁ ଗୁଜରାଟୀ ସାହିତ୍ୟ ପଢ଼ିବା ବନ୍ଦ କରିଦେବି ବୋଲି ଆପଣ ଭାବୁଛନ୍ତି କି ?*

ଏହି ସାହିତ୍ୟର ତୁମର କଳ୍ପନା ଉପରେ କି ପ୍ରଭାବ ପଡୁଛି, ସବୁକିଛି ତାହାରି ଉପରେହିଁ ନିର୍ଭର କରୁଛି । ଯଦି ତଦ୍ୱାରା ତୁମର ମୁଣ୍ଡ ଭିତରେ ଖାଲି ଅସୁନ୍ଦର ଧାରଣାମାନ ଆସି ଭର୍ତ୍ତି ହୋଇଯିବାକୁ ଆରମ୍ଭ କରୁଛି, ଯଦି ତଦ୍ୱାରା ତୁମର ପ୍ରାଣିକ ଅଂଶଟି ନାନା ବାସନା ଦ୍ୱାରା ବିକ୍ଷୁବ୍ଧ ହୋଇଉଠୁଛି, ତେବେ ସେପରି ବହିସବୁ ପଢ଼ିବା ବନ୍ଦ କରିଦେବା ଦ୍ୱାରାହିଁ ହୁଏତ ନିଶ୍ଚୟ ଅଧିକ ଭଲ ହେବ ।

*୨ ନଭେମ୍ବର ୧୯୧୪*

*

*ଫରାସୀ ଉପନ୍ୟାସ ପଢ଼ିବା ଦ୍ୱାରା ମୋର କୌଣସି କ୍ଷତି ହେବ କି ?*

ଉପନ୍ୟାସ ପଢ଼ିବା ଦ୍ୱାରା କେବେ ବି କୌଣସି ଉପକାର ହୁଏ ନାହିଁ ।

*୨୪ ଏପ୍ରିଲ ୧୯୩୭*

*

*ଜଣେ ବ୍ୟକ୍ତି ଯେତେବେଳେ ଅବର୍ଜିଆ ବହିସବୁ ପଢୁଥାଏ, ମନେ କରନ୍ତୁ ହୁଏତ କୌଣସି ଅଶ୍ଳୀଳ ଉପନ୍ୟାସ ପଢୁଥାଏ, ସେତେବେଳେ ମନକୁ ମାଧ୍ୟମ ରୂପେ କାମରେ ଲଗାଇ ପ୍ରାଣିକ ସୁଖ ପାଉ ନ ଥାଏ କି ?*

ମନ ଭିତରେ ବି କେତେପ୍ରକାର ବିକାର ରହିଥାଏ । ଏଭଳି ବସ୍ତୁଗୁଡ଼ିକରୁ ସୁଖ ପାଉଥିବା ପ୍ରାଣ ପ୍ରକୃତରେ ଭାରି ଦରିଦ୍ର ଓ ଅବିଶୋଧିତ ହୋଇଥିବ ।

*

ନିଜ ମନର ଯଥାର୍ଥ ଗଠନ ହୋଇ ନ ଥିଲେ, ପିଲାଏ ଯାହାକିଛି ପଢ଼ନ୍ତି, ତାହାର ପ୍ରକୃତ

ମୂଲ୍ୟ ପ୍ରତି ଆଦୌ କୌଣସି ବିଚାର ନ ରଖି ତାହା ସିଧା ସେମାନଙ୍କର ଭିତରକୁ ଚାଲିଯାଏ ଓ ସେହିଠାରେ ନିଜକୁ ଏକ ସତ୍ୟ ବୋଲି ପ୍ରତିଷ୍ଠିତ କରି ରଖେ । ତେଣୁ, ଆମେ ସେମାନଙ୍କୁ କ'ଣସବୁ ପଢ଼ିବାକୁ ଦେବା, ଆମର ସେ ବିଷୟରେ ସାବଧାନ ହୋଇ ରହିଥିବା ଉଚିତ; ଏବଂ, ଯାହା ପ୍ରକୃତରେ ଯଥାର୍ଥ ଓ ପ୍ରକୃତରେ ସେମାନଙ୍କ ଗଠନ ଲାଗି ଉପଯୋଗୀ, କେବଳ ତାହାହିଁ ସେମାନଙ୍କ ପାଖରେ ଯାଇ ପହଞ୍ଚିବ, ଏହି କଥାଟି ଉପରେ ସର୍ବଦା ଦୃଷ୍ଟି ରହିଥିବା ଉଚିତ ।

*୩ ଜୁନ୍ ୧୯୩୯*

*

ଆମର ଏଠି ଯେଉଁ ସାହିତ୍ୟ କ୍ଲାସ୍‌ମାନ ହେଉଛି, ସେଗୁଡ଼ିକୁ ବାହାରକୁ ଯେତେ ଜ୍ଞାନଲାଭ ଲାଗି କରାଯାଉଛି ବୋଲି ଦେଖାଯାଉଥିଲେ ମଧ୍ୟ, ତଦ୍ଦ୍ୱାରା ଏପରି ଏକ ନିର୍ଦ୍ଦିଷ୍ଟ ମନଃସ୍ଥିତିର କର୍ଦ୍ଦମ ଭିତରେ ପଡ଼ି ଖାଲି ଲଟର ପଟର ହେବାହିଁ ସାର ହେଉଛି, ଯାହାକି ଏହି ସ୍ଥାନର ପରିବେଶ ସହିତ ମୋଟେ ଖାପ ଖାଇବ ନାହିଁ ଏବଂ ଯାହା ଆଗାମୀ କାଲିର ଚେତନାଟିକୁ ଗଠନ କରିବରେ ଆଦୌ କୌଣସି ସହାୟତା ମଧ୍ୟ କରିବ ନାହିଁ । ଏହି କ୍ଲାସଗୁଡ଼ିକୁ ମୁଁ ମୋଟେ ସମର୍ଥନ କରିପାରୁ ନାହିଁ । ତୁମର ଚିଠି ସଂକ୍ରାନ୍ତରେ କାଲି ମୁଁ 'କ'କୁ ପୁନର୍ବାର ଠିକ୍ ସେହିକଥାହିଁ କହୁଥିଲି ଏବଂ, ଯାହା ଥିଲା ଏବଂ ଯାହା ଭବିଷ୍ୟତରେ ହେବାକୁ ଯାଉଛି, ଦୁଇଟିର ମଝିରେ ରହିଥିବା ଏହି ମଧ୍ୟବର୍ତ୍ତୀ କାଳଟି ବିଷୟରେ ମୁଁ କିପରି କ'ଣ ବିଚାର କରୁଛି, ଅତି ସଂକ୍ଷିପ୍ତ ଭାବରେ ମୁଁ ତାକୁ ସେହି କଥାଟିକୁ ବୁଝାଇ ଦେଇଥିଲି ।

ଏଠାରେ ହେଉ ବା ସେଠାରେ ହେଉ, ଯଦି ଆମେ ଏକ ନିଷ୍ଠାଯୁକ୍ତ ଏବଂ ସଂଦୀପିତ ଅଭୀପ୍‌ସାର ଅଭିବ୍ୟକ୍ତିଟିକୁ ପ୍ରକୃତରେ ଆବିଷ୍କାର କରିବାକୁ ସମର୍ଥ ହୁଅନ୍ତେ, ତେବେ ତାହାକୁହିଁ ଅଧ୍ୟୟନ ଲାଗି ଏକ ସୁ-ଅବସର ରୂପେ ବ୍ୟବହାର କରାଯାଇ ପାରନ୍ତା ଏବଂ ତାହା ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବିକାଶ ବୋଲି ପ୍ରତିପାଦିତ ବି ହୁଅନ୍ତା ।

ତୁମେ ଦୁହେଁଯାକ ଏକାଠି ବସି ବିଷୟଟିର ଆଲୋଚନା କରିବ ଏବଂ କ'ଣ ନିଷ୍ପତ୍ତି କଲ, ମୋତେ ଜଣାଇବ ।

ମାତ୍ର ସେ କଥା ଯାହା ହେଉ ନା କାହିଁକି, ''ଆଉ କୌଣସି ସାହିତ୍ୟ କ୍ଲାସ୍ ହେବ ନାହିଁ ।''§

*୧୮ ଜୁଲାଇ ୧୯୫୯*

*

*ସାହିତ୍ୟର ପ୍ରକୃତ ମୂଲ୍ୟ କ'ଣ ଅଛି ?*

ତୁମେ ନିଜେ କ'ଣ ହେବାକୁ ଇଚ୍ଛା କରୁଛ ବା କ'ଣ କରିବାକୁ ଚାହୁଁଛ, ସବୁ ତାହାରି ଉପରେ ନିର୍ଭର କରୁଛି । ଯଦି ତୁମେ ଜଣେ ସାହିତ୍ୟକାର ହେବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ବହୁ ପରିମାଣରେ ସାହିତ୍ୟ ପଢ଼ିବାକୁ ହେବ । ତେବେ, ଯାହାସବୁ ଆଗରୁ ଲେଖାଯାଇଛି, ତୁମେ ତାହାକୁ ଜାଣି ପାରିବ ଓ ଆଉ ସେହି ପୁରୁଣାଗୁଡ଼ାକର ପୁନରାବୃତ୍ତି କରିବ ନାହିଁ । ନିଜର ମନକୁ ତୁମେ ସଦାଗ୍ରହଣଶୀଳ କରି ରଖିଥିବ ଏବଂ ଉଲ୍ଲେଖଯୋଗ୍ୟ ଭାବରେ କିପରି ଯାବତୀୟ କଥାକୁ କହିବାକୁ ହୁଏ, ସେ କଥାଟିକୁ ମଧ୍ୟ ଜାଣିବ ।

ମାତ୍ର ଯଦି ତୁମେ ଯଥାର୍ଥ ଜ୍ଞାନକୁହିଁ ଲୋଡ଼ୁଥିବ, ତେବେ ସାହିତ୍ୟ ଭିତରେ ତାହାକୁ କଦାପି ପାଇ ପାରିବ ନାହିଁ । ମୋ' ମତରେ, ଯାହାକୁ କେବଳ ସାହିତ୍ୟ ବୋଲି କୁହାଯାଏ, ତାହାର ସ୍ଥାନ ପ୍ରକୃତରେ ଅତ୍ୟନ୍ତ ନିମ୍ନ ସ୍ତରରେ । ଅଧିକାଂଶତଃ ତାହା ହେଉଛି ସୃଜନାତ୍ମକ ପ୍ରାଣିକରହିଁ ଏକ କାର୍ଯ୍ୟ, ଏବଂ ଖୁବ୍ ଉପରକୁ ଉଠି ଉଠି ତାହା କେବଳ କଣ୍ଠଚକ୍ର ପର୍ଯ୍ୟନ୍ତ ଯିବାକୁହିଁ ସମର୍ଥ ହୋଇଥାଏ, ଅର୍ଥାତ୍ ଅଭିବ୍ୟକ୍ତି-ସମର୍ଥ ସେହି ବାହ୍ୟ ମନଟି ପର୍ଯ୍ୟନ୍ତ ପହଞ୍ଚି ପାରେ । ଏହି ମନ ଆମକୁ ବାହାରର ବସ୍ତୁଗୁଡ଼ିକ ସହିତ ସମ୍ବନ୍ଧିତ କରି ରଖିଥାଏ । ଏବଂ, ଆପଣାର ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ ସାହିତ୍ୟ କଳ୍ପନାଗୁଡ଼ିକ ସହିତ କଳ୍ପନାକୁ ଆଣି ଯୋଡ଼ିବାର, କଳ୍ପନାଗୁଡ଼ିକୁ ଶବ୍ଦଗୁଡ଼ିକ ସହିତ ଆଣି ଯୋଡ଼ିବାର ଏବଂ ଶବ୍ଦଗୁଡ଼ିକୁ ଆଣି ପରସ୍ପର ସହିତ ଯୋଡ଼ିବାରହିଁ ଏକ ଖେଳ ହୋଇ ରହିଥାଏ । ଏହାଦ୍ୱାରା ମନ ଭିତରେ ଏକ ନିର୍ଦ୍ଦିଷ୍ଟ କୌଶଳର ବିକାଶ ହୋଇ ଆସିଥାଏ, ଆଲୋଚନା, ବର୍ଣ୍ଣନା, ମନୋବିନୋଦନ ଏବଂ ବାଗ୍‌ବିଦଗ୍ଧତାର କେତେକ ସାମର୍ଥ୍ୟ ବିକଶିତ ହୋଇ ଆସିଥାଏ ।

ଇଂରାଜୀ ସାହିତ୍ୟରୁ ମୁଁ ଆଦୌ ଖୁବ୍ ବେଶୀକିଛି ପଢ଼ି ନାହିଁ । ହୁଏତ ମାତ୍ର ଅଳ୍ପ କେତେ ଶହ ବହି ପଢ଼ିଥିବି । କିନ୍ତୁ ଫରାସୀ ସାହିତ୍ୟକୁ ମୁଁ ଅତ୍ୟନ୍ତ ଭଲ ଭାବରେ ପାଠ କରିଛି,— ପ୍ରାୟ ଗୋଟାଏ ପୂରା ଗ୍ରନ୍ଥାଗାରର ବହି ପଢ଼ିଛି । ଏବଂ ସେହି ବିଷୟରେ ମୁଁ ଏକଥାଟି ଅବଶ୍ୟ କହି ପାରିବି ଯେ ଯଥାର୍ଥ ସତ୍ୟଟିର ତରାଜୁରେ ତଉଲି ଦେଖିଲେ ତା' ଭିତରେ ଖୁବ୍ ମୂଲ୍ୟବାନ୍ କିଛି ନାହିଁ । ପ୍ରକୃତ ଜ୍ଞାନ ମନର ଊର୍ଦ୍ଧ୍ୱ ଆଉ ଏକ ସ୍ତରରୁ ଆସିଥାଏ । ସାହିତ୍ୟ ଆମ ଆଗରେ ଗୁଡ଼ାଏ ଅତିସାଧାରଣ ଅଥବା ଅତିକ୍ଷୁଦ୍ର ନାନା କଳ୍ପନାର ଏକ ଖେଳକୁହିଁ ଆଣି ଉପସ୍ଥାପିତ କରାଇ ଦେଇଥାଏ । କେବଳ ଅତି କ୍ୱଚିତ୍ ଖୁବ୍ ଅଳ୍ପସଂଖ୍ୟକ ଅବସରମାନଙ୍କରେହିଁ ଊର୍ଦ୍ଧ୍ୱ ଦେଶରୁ ମାତ୍ର କେତୋଟି ରଶ୍ମିର ସ୍ପର୍ଶହିଁ ହୁଏତ ମିଳିଥାଏ । ହୁଏତ ହଜାର ହଜାର ବହି ପଢ଼ି ଆମକୁ କଦାଚିତ୍ ଏଠାରେ ବା ସେଠାରେ ଗୋଟେ ଅଧେ କ୍ଷୁଦ୍ର ଅନ୍ତଃଜ୍ଞାନ ମିଳିଯାଇ ପାରିବ । ତାହା ବ୍ୟତୀତ ଆଉ ଯାହା ରହିଲା, ତାହାକୁ ଆଦୌ କିଛି ନୁହେଁ ବୋଲି କୁହାଯାଇ ପାରିବ ।

ସାହିତ୍ୟ ପଢ଼ି ଆମେ ଶ୍ରୀଅରବିନ୍ଦଙ୍କୁ ଅଧିକ ଭଲ ଭାବରେ ବୁଝିବା ଲାଗି ସମର୍ଥ ହେଉ ବୋଲି ମୁଁ ଆଦୌ କହି ପାରିବି ନାହିଁ । ହୁଏତ ଅନ୍ୟ ପକ୍ଷରେ ତାହା ଏକ ପ୍ରତିବନ୍ଧକ ପରି କାର୍ଯ୍ୟ ବି କରିପାରେ । କାରଣ, ଦୁଇଟିରେ ସେହି ସମାନ ଶବ୍ଦଗୁଡ଼ିକରହିଁ ବ୍ୟବହାର ହୋଇଥାଏ, ମାତ୍ର ଶ୍ରୀଅରବିନ୍ଦ ଯେଉଁ ଅର୍ଥରେ ସେଗୁଡ଼ିକୁ ବ୍ୟବହାର କରି ଯାଇଛନ୍ତି, ସାହିତ୍ୟ ଭିତରେ ସେଗୁଡ଼ିକ ତାହାଠାରୁ ଏପରି ଭିନ୍ନ ଅର୍ଥ ଓ ଅଭିପ୍ରାୟରେ ବ୍ୟବହୃତ ହୋଇଥାଏ ଯେ, କୌଣସି ଏକ ଭାବକୁ ବ୍ୟକ୍ତ କରିବାକୁ ଶ୍ରୀଅରବିନ୍ଦ ସେହି ଶବ୍ଦଗୁଡ଼ିକୁ ଯେପରି ଏକାଠି ଗୋଟିଏ ଜାଗାରେ ଆଣି ଥୋଇଛନ୍ତି, ସାହିତ୍ୟ ମଧ୍ୟରେ ସେଗୁଡ଼ିକୁ ଏପରି ଅତ୍ୟନ୍ତ ଭିନ୍ନ ଭାବରେ ଏକତ୍ର ଗୁନ୍ଥି ରଖା ଯାଇଥାଏ ଯେ, ଶ୍ରୀଅରବିନ୍ଦ ଏଗୁଡ଼ିକର ମାଧ୍ୟମରେ ଆମ ଲାଗି ଯେଉଁ ଆଲୋକପାତ କରିବାକୁ ଇଚ୍ଛା କରିଛନ୍ତି, ସାହିତ୍ୟରେ ବ୍ୟବହୃତ ହୋଇଥିବା ଠିକ୍ ସେହିସବୁ ଶବ୍ଦ ଆମକୁ ସତେଅବା ତାହାର ଦୂରକୁ ଦୂରକୁ ଅପସରାଇ ନେଉଥିବାର ଉପକ୍ରମ କରୁଥିବା ପରି ମନେ ହୋଇଥା'ନ୍ତି । ଶ୍ରୀଅରବିନ୍ଦଙ୍କର ଆଲୋକଟିକୁ ଯଥାର୍ଥ ଭାବରେ ଗ୍ରହଣ କରିବାକୁ ହେଲେ, ସାହିତ୍ୟ ଯାହାକିଛି କହିଛି ବା କରିଛି, ସେଗୁଡ଼ିକୁ ଆମର ମନଭିତରୁ ଏକାବେଳେକେ ଖାଲି କରି ଦେବାକୁ ପଡ଼ିବ, ଆମକୁ ନିଜ ଭିତରକୁ ଯିବାକୁ ପଡ଼ିବ, ସେଠାରେ ଏକ ଗ୍ରହଣ ସମ୍ମତ ନୀରବତା ମଧ୍ୟରେ ଅବସ୍ଥାନ କରିବାକୁ ପଡ଼ିବ ଏବଂ ତା' ପରେ ସେଥିରେ ଏକ ଊର୍ଦ୍ଧ୍ୱାୟନ ସମ୍ଭବ କରିବାକୁ ପଡ଼ିବ । କେବଳ ତାହାରି ଦ୍ୱାରାହିଁ ଆମେ ଯଥାର୍ଥ ଭାବରେ କିଛି ନା କିଛି ଉପଲବ୍ଧି କରିପାରିବା । କେତେକ ନିକୃଷ୍ଟତମ କ୍ଷେତ୍ରରେ ମୁଁ ଦେଖିବାକୁ ପାଇଛି ଯେ, ସାହିତ୍ୟର ଅଧ୍ୟୟନ ମଣିଷକୁ ଭାରି ନିର୍ବୋଧ କରିଦିଏ, ଭାରି ବିକାରଗ୍ରସ୍ତ କରିପକାଏ ଏବଂ ସେହି ନିର୍ବୋଧତା ତଥା ବିକାରଗ୍ରସ୍ତତା ପ୍ରକୃତରେ ଏତେ ଦୂରକୁ ଚାଲି ଯାଏ ଯେ ଲୋକମାନେ ଶ୍ରୀଅରବିନ୍ଦଙ୍କର ଇଂରାଜୀ ଉପରେ ବି ବିଚାର କରିବାକୁ ଆରମ୍ଭ କରନ୍ତି ଏବଂ ତାଙ୍କ ଲେଖାରୁ ବ୍ୟାକରଣଗତ ଭୁଲ୍‌ମାନ ବି କାଢ଼ି ବାହାର କରନ୍ତି !

ଅବଶ୍ୟ ଏକଥା ନୁହେଁ ଯେ ମୁଁ ସାହିତ୍ୟର ଅଧ୍ୟୟନକୁ ଏକାବେଳେକେ ନିରୁତ୍ସାହିତ କରିବାକୁ ଇଚ୍ଛା କରୁଛି । ଆମର ଏଠି ଅନେକ ପିଲା ଅତ୍ୟନ୍ତ ଅଗଠିତ ଅବସ୍ଥାରେ ରହିଛନ୍ତି ଓ ସେମାନଙ୍କର ମନକୁ କୌଣସି ପ୍ରକାରର ଏକ ଆକାର ଓ ଏକ ସ୍ଥିତିସ୍ଥାପକତା ଆଣି ଦେବାରେ ସାହିତ୍ୟ ସେମାନଙ୍କୁ ନିଶ୍ଚୟ ସାହାଯ୍ୟ କରି ପାରିବ । ସେମାନଙ୍କର ଅନେକ ଜାଗାରେ ଅନେକ ଘଷାମଜା ଓ ଗାରପକାର ଆବଶ୍ୟକତା ରହିଛି । ସେମାନଙ୍କର ଜୀବନକ୍ଷେତ୍ରଟିକୁ ଆହୁରି ବୃହତ୍ କରିବାକୁ ହେବ, ସେମାନଙ୍କୁ ସକ୍ରିୟ ଓ ଦକ୍ଷ କରି ଗଢ଼ିବାକୁ ପଡ଼ିବ । ଏହି କ୍ଷେତ୍ରରେ ସେମାନଙ୍କ ଲାଗି ସାହିତ୍ୟ ଏକ ବ୍ୟାୟାମ ପରି କାମ ଦେଇ ପାରିବ, ତାହା ସେମାନଙ୍କର ତରୁଣ ବୁଦ୍ଧିକୁ ସଚଳ ଓ ଜାଗ୍ରତ୍ କରି ଆଣିପାରିବ ।

ଏଠାରେ ମୁଁ ଆଉ ଗୋଟିଏ କଥା ମଧ୍ୟ କହି ରଖିବି ଯେ, ସାହିତ୍ୟର ଯଥାର୍ଥ ମୂଲ୍ୟ ବିଷୟରେ ଏବେ ଶିକ୍ଷକମାନଙ୍କ ଭିତରେ ଲାଗିଯାଇଥିବା ସମ୍ପୂର୍ଣ୍ଣ ବିବାଦଟିକୁ କେବଳ ଚାହାପାତ୍ରରେ ଏକ ଝଡ଼ ବୋଲି କହିବାକୁ ପଡ଼ିବ । ଏହାକୁ ଆମେ ଶିକ୍ଷାର ସମଗ୍ର ଭିତ୍ତିଟି ସହିତ ସମ୍ବନ୍ଧ ରଖିଥିବା ଏକ ସମସ୍ୟାର ଯଥାର୍ଥରେ ଏକ ଅଂଶ ବୋଲିହିଁ କହିବା । ଆମ ବିଦ୍ୟାଳୟର ପ୍ରତ୍ୟେକ ବିଭାଗରେ ବର୍ତ୍ତମାନ ଯେତେଯାହା କନ୍ଦଳ ସୃଷ୍ଟି ହୋଇଛି, ମୁଁ ସେଗୁଡ଼ିକ ମୂଳତଃ ଗୋଟିଏ ସମସ୍ୟା ରୂପେ ଦେଖୁଛି । ଯେତେବେଳେ ଯାବତୀୟ ସ୍ଥଳରେ ଚାଲିଥିବା ଶିକ୍ଷା ଉପରେ ମୁଁ ଦୃଷ୍ଟିପାତ କରିବାକୁ ଆରମ୍ଭ କରୁଛି, ସେତେବେଳେ ମୁଁ ପ୍ରକୃତରେ ଆପଣାକୁ କୌଣସି ଏକ କାନ୍ଥ ଆଗରେ ବସି ଧ୍ୟାନ କରିବାକୁ ଆଦିଷ୍ଟ ହୋଇଥିବା ଜଣେ ଯୋଗୀ ଭଳି ଅନୁଭବ କରୁଛି । ମୁଁ ଆପଣାକୁ ସତେଅବା ଗୋଟାଏ କାନ୍ଥଆଡ଼କୁ ମୁହଁ କରି ଠିଆ ହୋଇଥିବା ପରି ଅନୁଭବ କରୁଛି । ଏହି କାନ୍ଥ ଗୋଟିଏ ଈଷତ୍ ଧୂସର ବର୍ଣ୍ଣର କାନ୍ଥ, ଏହାର ମଝିରେ ଆଡ଼ ଭାବରେ କେତୋଟି ନୀଳ ଗାର ମଧ୍ୟ ପଡ଼ିଛି । ଏହି ନୀଳ ଗାରଗୁଡ଼ିକ ହେଉଛି ପ୍ରକୃତରେ ଯଥାର୍ଥ ହୋଇ ପାରିବା ଭଳି କିଛି କରିବା ଲାଗି ଶିକ୍ଷକମାନଙ୍କର ପ୍ରଚେଷ୍ଟାର ପ୍ରତୀକ । ମାତ୍ର ତଥାପି ସବୁକିଛି କେବଳ ଉପରି ଭାଗରେହିଁ ହେଉଛି, ଏବଂ ଏସବୁ ପଛରେ ଏହି କାନ୍ଥଟି ଭଳି ଯାହାକିଛି ରହିଛି, ମୁଁ ବର୍ତ୍ତମାନ ତାହାରି ଉପରେ କରାଘାତ କରିବାକୁ ଆରମ୍ଭ କରୁଛି । କାନ୍ଥଟି ଭାରି ଶକ୍ତ, ତାହାକୁ ଭେଦ କରିବାର କୌଣସି ସମ୍ଭାବନା ନାହିଁ ଏବଂ ତାହା ପ୍ରକୃତ ଆଲୋକଟିକୁ ଅନ୍ତରାଳ କରି ରଖିଛି । କବାଟ ବୋଲି କୋଉଠି କିଛି ନାହିଁ,– ତେଣୁ ସେହି କାନ୍ଥ ମଧ୍ୟଦେଇ ପ୍ରବେଶ କରିବାର ଏବଂ ଆଲୋକ ମଧ୍ୟକୁ ଅତିକ୍ରମ କରିଯିବାର ବି କୌଣସି ସମ୍ଭାବନା ଦିଶୁ ନାହିଁ ।

ଅଳ୍ପବୟସ୍କ ବିଦ୍ୟାର୍ଥୀମାନେ ଯେତେବେଳେ ମୋ’ ପାଖକୁ ଆସି ମୋତେ ସେମାନେ କରୁଥିବା କାମଗୁଡ଼ିକ ବିଷୟରେ ବର୍ଣ୍ଣନା କରି କହନ୍ତି, ସେତେବେଳେ ମୁଁ ପ୍ରତ୍ୟେକଥର ସେମାନଙ୍କର ପ୍ରକୃତରେ କାମରେ ଲାଗିଲାଭଳି ସେମାନଙ୍କୁ କିଛି କହିବା ସକାଶେ ଇଚ୍ଛା ବି କରେ । ମାତ୍ର ଏହି ନିଦା କାନ୍ଥଟା ମୋର ପଥର ଅନ୍ତରାୟ ହୋଇ ସେହିପରି ଠିଆ ହୋଇ ରହିଥାଏ ।

ଶିକ୍ଷାର ଏହି ସମସ୍ୟାଟିକୁ ହାତକୁ ନେବା ଲାଗି ମୋ’ର ଏକ ଲକ୍ଷ୍ୟ ରହିଛି । ମୁଁ ନିଜକୁ ସେଥିଲାଗି ପ୍ରସ୍ତୁତ କରୁଛି । ସେହି ପ୍ରସ୍ତୁତି ଲାଗି ହୁଏତ ଦୁଇ ବର୍ଷ ସମୟ ଲାଗିପାରେ । ମାତ୍ର ମୁଁ ପବିତ୍ରଙ୍କୁ ସତର୍କ କରିଦେଇ କହିଛି ଯେ, ଯେତେବେଳେ ମୁଁ ଯାଇ ସେହି କ୍ଷେତ୍ରରେ ହସ୍ତକ୍ଷେପ କରିବି ଏବଂ ସବୁକଥାକୁ ନୂଆ କରି ଗଢ଼ିବାକୁ ଆରମ୍ଭ କରିବି, ସେତେବେଳେ ମୋତେ ଦେଖି ହୁଏତ ଏକ ତୁମୁଳ ଝଡ଼ ଆସି ପହଞ୍ଚି ଗଲାପରି

ମନେହେବ । ଲୋକମାନେ ହୁଏତ ସେମାନଙ୍କର ଗୋଡ଼ ଆଉ ଠାକୁ ନ ଥିବା ପରି ଅନୁଭବ କରିବାକୁ ଲାଗିବେ । କେତେ କେତେ କଥା ଏକାବେଳେକେ ଓଲଟି ଯିବ । ପ୍ରଥମେ ଚାରିଆଡ଼େ ଏକ କିଂକର୍ତ୍ତବ୍ୟବିମୂଢ଼ତାର ଭାବ ସୃଷ୍ଟି ହୋଇଯିବ । ମାତ୍ର, ସେହି ଝଡ଼ର ଫଳସ୍ୱରୂପ, ସେହି କାନ୍ଥଟି ମଧ୍ୟ ଭାଙ୍ଗି ତଳେ ପଡ଼ିଯିବ ଏବଂ ଯଥାର୍ଥ ଆଲୋକର ପ୍ରବେଶ ଘଟିବ ।

ଏହିପରି ଏକ ମୌଳିକ ପରିବର୍ତ୍ତନ ଯେ ଘଟିବାକୁ ଯାଉଛି, ଆଗରୁ ସେହି କଥାଟିକୁ କହିଦେବାକୁ ମୁଁ ଉଚିତ ବୋଲି ମନେ କଲି । ଏହାଦ୍ୱାରା ଶିକ୍ଷକମାନେ ଏଥିଲାଗି ପ୍ରସ୍ତୁତ ହେବା ପାଇଁ ଏକ ସୁଯୋଗ ପାଇପାରିବେ ।

ସାହିତ୍ୟ-ଶିକ୍ଷକମାନଙ୍କ ମଧ୍ୟରେ ରହିଥିବା ସଦିଚ୍ଛାଟି ବିଷୟରେ ମୋର କୌଣସି ସନ୍ଦେହ ନାହିଁ । ମୁଁ ତାହାକୁ ଅବଜ୍ଞା କରିବାକୁ ବି ଇଚ୍ଛା କରୁ ନାହିଁ । ଏବଂ କେତେଜଣ ପୁରାତନ ଶିକ୍ଷକ ଅତ୍ୟନ୍ତ ନିଷ୍ଠାପର ଭାବରେ ଆପଣାର ସର୍ବୋତ୍ତମ ପ୍ରୟାସ ନିଶ୍ଚୟ କରୁଛନ୍ତି । ମୁଁ ଏଗୁଡ଼ିକର ନିଶ୍ଚୟ ପ୍ରଶଂସା କରିବି । ଏବଂ, ସ୍କୁଲ୍ ତରଫରୁ ମୋ ଆଗରେ ଯେଉଁ ବିକଳ୍ପଗୁଡ଼ିକୁ ଆଣି ଥୁଆଯାଇଛି, ସେଗୁଡ଼ିକ ବିଷୟରେ ଆପଣାର ନିଷ୍ପତ୍ତି ଗ୍ରହଣ କରିବା ସମୟରେ ମୁଁ ସବୁକଥା ଉପରେ ବିଚାର କରି ଦେଖିଛି । ମାତ୍ର ମୁଁ ପୁନର୍ବାର କହୁଛି ଯେ, ସମସ୍ତ ଆଲୋଚନାଟିରେ ଅତ୍ୟନ୍ତ ଅନାବଶ୍ୟକ ଭାବରେ ଗୁଡ଼ାଏ ଉତ୍ତେଜନାକୁ ମଧ୍ୟ ସ୍ଥାନ ଦିଆଯାଇଛି,— ଏହାକୁ ଆମେ ପିମ୍ପୁଡ଼ିଙ୍କ କଜିଆ ବୋଲି କହି ପାରିବା; ବା, ଫରାସୀ ଭାଷାରେ ଯେପରି କୁହାଯାଇଥାଏ, ‘‘ଗୋଟାଏ ବିଲେଇକୁ ଆମେ କାହିଁକି ମାରିବାକୁ ଯିବା ?’’§

*

ଏପରି ଏକ ସୂକ୍ଷ୍ମ ଜଗତ୍ ରହିଛି, ଯେଉଁଠାରେ କି ତୁମେ ଚିତ୍ରକଳା, ଉପନ୍ୟାସ, ଯାବତୀୟ ପ୍ରକାରର ନାଟକ ଓ ଏପରିକି ସିନେମା ଲାଗି ବି ସମ୍ଭାବ୍ୟ ଯାବତୀୟ ବିଷୟର ଆବିଷ୍କାର କରି ପାରିବ ।

ବିଶେଷତଃ ସେହିଠାରୁ ଅନେକ ଲେଖକମାନେ ପ୍ରେରଣା ପାଇଥା’ନ୍ତି ।

*

*(ଜଣେ ଶିକ୍ଷକ ପ୍ରସ୍ତାବ କଲେ ଯେ, ଯେଉଁସବୁ ବହିରେ ଅପରାଧ, ହିଂସା ଓ ବ୍ୟଭିଚାରର ବର୍ଣ୍ଣନା ରହିଛି, ସେଗୁଡ଼ିକୁ ଆମେ କଦାପି ପିଲାଙ୍କ ହାତରେ ଦେବା ନାହିଁ ।)*

ଏଠାରେ, କେଉଁ ବହି କେଉଁ ବିଷୟରେ ଲେଖାଯାଇଛି, ତାହା ଅପେକ୍ଷା ଜୀବନର କଳ୍ପନାରେ ମାନସିକ ରୁଚିହୀନତା, ସଂକୀର୍ଣ୍ଣତା ଏବଂ ଅତ୍ୟନ୍ତ ସ୍ୱାର୍ଥପର ବ୍ୟବହାର କୌଶଳତାରହିଁ

ଅଧିକ ପରିମାଣରେ ଏକ ପ୍ରଶ୍ନ ଉଠୁଛି । ସେଗୁଡ଼ିକୁ ପୁଣି ଏପରି ଏକ ଆଙ୍ଗିକ ମାଧ୍ୟମରେ ବ୍ୟକ୍ତ କରାଯାଇଛି, ଯେଉଁଥିରେ କି କୌଣସି କଳା ନାହିଁ, ମହାନତା ନାହିଁ କି ମାର୍ଜିତ ରୁଚିବୋଧ ମଧ୍ୟ ନାହିଁ । ସେଗୁଡ଼ିକୁ ବଡ଼ ଓ ସାନ ଉଭୟ ପିଲାଙ୍କର ପଠନସାମଗ୍ରୀ ମଧ୍ୟରୁ ବାଦ୍ ଦେବାକୁ ପଡ଼ିବ । ଯାହାକିଛି ଚେତନାକୁ ନିମ୍ନ ସ୍ତରକୁ ନେଇଆସେ ଏବଂ ସେଥିରେ ଅପକର୍ଷ ଘଟାଏ, ଆମକୁ ସେହି ସବୁକିଛିକୁ ବାଦ୍‌ଦେବାକୁ ପଡ଼ିବ ।

*୧ ନଭେମ୍ବର ୧୯୫୯*

*

*ଆମକୁ ଭାରି ସାବଧାନତା ସହିତ ବହିଗୁଡ଼ିକୁ ବାଛିବାକୁ ପଡ଼ିବ । କେତେକ ବହିରେ ଏପରି ଅନେକ ବିଚାର ରହିଛି; ଯେଉଁଗୁଡ଼ିକ ନିଶ୍ଚିତ ଭାବରେ ଆମ ପିଲାଙ୍କର ଚେତନାକୁ ତଳକୁ ଖସାଇ ଆଣିବ । ଯେଉଁସବୁ ପୁସ୍ତକରେ ଆମ ଆଦର୍ଶଟି ସହିତ କୌଣସି ସମ୍ବନ୍ଧ ରହିଛି ବା ଯେଉଁଥିରେ ଇତିହାସର କାହାଣୀ, ଦୁଃସାହସିକ ଘଟନା ବା ଆବିଷ୍କାର ଯାତ୍ରାର କଥାମାନ ରହିଛି, ଆମେ କେବଳ ସେହିଗୁଡ଼ାକୁହିଁ ପିଲାଙ୍କ ପଢ଼ିବା ସକାଶେ ରଖିବା ।*

ଅତ୍ୟନ୍ତ ଅନିଷ୍ଟକାରୀ ପ୍ରଭାବ ପକାଉଥିବା ବହିଗୁଡ଼ିକ ବିଷୟରେ ଆମେ କଦାପି ଯଥେଷ୍ଟ ପରିମାଣରେ ସାବଧାନ ହେଲେ ବୋଲି କହି ହେବ ନାହିଁ ।

ଅନେକ ଆଶୀର୍ବାଦ ।

*୧୭ ଏପ୍ରିଲ ୧୯୬୭*

*

*ରାମାୟଣ ଓ ମହାଭାରତର କାହାଣୀ ଉପରେ ମୁଁ ଅତ୍ୟନ୍ତ ମହତ୍ତ୍ୱ ଦେଇ ଆସିଛି । କବୀର ଓ ମୀରାବାଈ ଆଦିଙ୍କ ଭଜନ ଉପରେ ମଧ୍ୟ ସେହିପରି ମହତ୍ତ୍ୱ ଦେଇଛି । ଏହି ପୁରାତନ ବିଷୟଗୁଡ଼ିକୁ ଚାଲୁ ରଖିବା ଦ୍ୱାରା ଆପଣଙ୍କର ଧାରାଟିର ବିରୋଧାଚରଣ ହେବ କି ?*

ନା – ମୋଟେ ନୁହେଁ । ଅସଲ ମହତ୍ତ୍ୱର କଥା ହେଉଛି ଦୃଷ୍ଟିକୋଣ । ଅତୀତକୁ ଆମେ ଭବିଷ୍ୟ ମଧ୍ୟକୁ ଝାମ୍ପ ଦେବାର ଏକ ପଟାପରି ବ୍ୟବହାର କରିବା । ଅତୀତ କଦାପି ଏପରି ଏକ ଜଞ୍ଜିର ପରି ହେବ ନାହିଁ ଯାହା ଆମକୁ ଅଗ୍ରଗତି କରିବାରୁ ନିବୃତ୍ତ କରି ରଖିବ । ମୁଁ ଯେପରି କହିଲି, ଅତୀତ ପ୍ରତି ଆମର କେଉଁଭଳି ଦୃଷ୍ଟିକୋଣ ରହିଛି, ସବୁ ତାହାରି ଉପରେହିଁ ନିର୍ଭର କରିବ ।

*

*ସର୍ବଶ୍ରେଷ୍ଠ ଅନେକ କବି ଓ ସନ୍ଥ ସତେଅବା ଏକ ଦୈହିକ ପ୍ରେମର ବର୍ଣ୍ଣନା କଲାପରି ରାଧା ଓ କୃଷ୍ଣଙ୍କ ମଧ୍ୟରେ ରହିଥିବା ପ୍ରେମ ବିଷୟରେ ଲେଖି ଯାଇଛନ୍ତି ।*

ପ୍ରକୃତ ଶବ୍ଦଗୁଡ଼ିକୁ ଖୋଜି ପାଇବା ଏବଂ ଯଥାର୍ଥ ଭାଷା ବ୍ୟବହାର କରିବାର ଏକ ଅସମର୍ଥତା ସକାଶେହିଁ ଏପରି ହୋଇଛି ବୋଲି ମୁଁ ସର୍ବଦା ବିଚାର କରି ଆସିଛି ।

*

ଏହିସବୁ ବାଜେ ବିଷୟଗୁଡ଼ାକୁ ତୁମେ ମୋଟେ ପଢ଼ିବ ନାହିଁ । ବହିରେ ଯେଉଁସବୁ ଗୂଢ଼ବିଦ୍ୟାର ଚର୍ଚ୍ଚା କରାହୋଇଛି, ତାହା ହେଉଛି ପ୍ରାଣିକ ସ୍ତରର ଏବଂ ତାହା ଅତ୍ୟନ୍ତ ବିପଜ୍ଜନକ ।

*

ପୃଥିବୀରେ ପ୍ରକୃତରେ ଯାହାସବୁ ଘଟୁଛି, ସେସବୁ ଜାଣିବାକୁ ଇଚ୍ଛା କରୁଥିଲେ ତୁମେ ଆଦୌ କୌଣସି ପ୍ରକାରର ଖବରକାଗଜ ପଢ଼ିବ ନାହିଁ । କାରଣ ସେଗୁଡ଼ାକରେ କେବଳ ମିଥ୍ୟାଗୁଡ଼ାକହିଁ ରହିଛି ।

ଖବରକାଗଜ ପଢ଼ିବାର ଅର୍ଥ ହେଉଛି ସେହି ବିରାଟକାୟ ନାନାବିଧ ସାମୂହିକ ମିଥ୍ୟାଗୁଡ଼ିକରେ ଅଂଶଗ୍ରହଣ କରିବା । *୨ ଫେବ୍ରୁଆରି ୧୯୭୦*

*

*ମାଆ,*

*ଯଦି ଆମେ ଖବର କାଗଜ ନ ପଢ଼ିବା, ତେବେ ଅନ୍ୟ ଦେଶମାନଙ୍କରେ, ଓ ଏପରିକି ନିଜ ଦେଶରେ କ'ଣସବୁ ଘଟୁଛି, ଆମେ ସେସବୁ ଜାଣିବା କିପରି ? ଖବରକାଗଜ ପଢ଼ିବା ଦ୍ୱାରା ଆମକୁ ସେସବୁ ବିଷୟରେ ଅନ୍ତତଃ କିଛି ଧାରଣା ତ ମିଳିଥାଏ ! ଅଥବା, ସେଗୁଡ଼ାକ ଆଦୌ ନ ପଢ଼ିବାହିଁ ଅଧିକ ହିତକାରକ ହେବ ?*

ତୁମେ ଖବରକାଗଜ ମୋଟେ ପଢ଼ିବ ନାହିଁ ବୋଲି ମୁଁ ଜମା କହି ନାହିଁ । ମୁଁ ଏତିକି କହିଛି ଯେ, ତୁମେ ସେଥିରେ ଯାହାକିଛି ପଢ଼ିବ, ତାହାକୁ ଅନ୍ଧଭାବରେ ବିଶ୍ୱାସ କରି ପକାଇବ ନାହିଁ । ସତ୍ୟ କହିଲେ ଯେ ଏକାବେଳେକେ ଅନ୍ୟ ଏକ ବସ୍ତୁକୁ ବୁଝାଏ, ତୁମକୁ ସେକଥା ଜାଣି ରଖିବାକୁ ହେବ ।

ଅନେକ ଆଶୀର୍ବାଦ *୪ ଫେବ୍ରୁଆରି ୧୯୭୦*

*

*ପଢ଼ିବା ଏକାବେଳେକେ ବନ୍ଦ କରିଦେଲେ ମୋର ପ୍ରକୃତରେ କ'ଣ ହେଉଛି ମୁଁ ସେକଥା ପରୀକ୍ଷା କରି ଦେଖିବାକୁ ଚାହେଁ ।*

ନିଜର ମନକୁ ସେହି ଗୋଟିଏ ପଦାର୍ଥ ଉପରେ ଲଗାଇ କରି ରଖିବା ବଡ଼ କଷ୍ଟକର କଥା । ଏବଂ, ମନକୁ କର୍ମରତ କରି ରଖିବା ଲାଗି ଯଦି ତା' ପାଖରେ ଯଥେଷ୍ଟ କାର୍ଯ୍ୟ ନ ଥାଏ, ତେବେ ତାହା ଅସ୍ଥିର ହେବାକୁ ବି ଆରମ୍ଭ କରିଦିଏ । ତେଣୁ ମୁଁ ଭାବୁଛି ଯେ, ଯତ୍ନର ସହିତ ନିଜର ପଢ଼ିବା ଲାଗି କେତୋଟି ବହି ବାଛି ନେବା ଉଚିତ । ମୋଟେ କୌଣସି ବହି ନ ପଢ଼ିବା ଅପେକ୍ଷା ଏହିପରି କରିବା ଅପେକ୍ଷାକୃତ ଅଧିକ ଭଲ ।

*

*(ମାଆଙ୍କର 'ପ୍ରାର୍ଥନା ଓ ଧ୍ୟାନମାଳା' ବହିର ଗୋଟିଏ କପି ଭିତରେ ଖଣ୍ଡେ କାଗଜରେ ଲେଖା ହୋଇଥିବା ।)*

ତୁମେ ଯାହାକିଛି ପଢ଼ିଲ, ତାହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ ତୁମର ଯଦି କୌଣସି ଅଭିପ୍ରାୟ ନ ଥାଏ, ତେବେ ତୁମେ ଏହି ବହିଟିକୁ ମୋଟେ ପଢ଼ିବ ନାହିଁ ।

*

ଆମ ଗ୍ରନ୍ଥାଗାର ଆମର ବୁଦ୍ଧି ଲାଗି ଏପରି ଏକ ଚାରଣଭୂମି ହୋଇ ରହିପାରିବା ଉଚିତ, ଯେଉଁଠାକୁ କି ଆମେ ଆଲୋକ ଏବଂ ପ୍ରଗତିର ସନ୍ଧାନରେ ବାରବାର ଆସି ପାରୁଥିବା ।

*

## ଆଚରଣ

### ଜଣେ ପିଲା ଯାହା ସର୍ବଦା ମନେ ରଖିଥିବ

ଏକ ସଂପୂର୍ଣ୍ଣ ନିଷ୍ଠାର ଆବଶ୍ୟକତା ।
ସତ୍ୟର ଚୂଡ଼ାନ୍ତ ବିଜୟ ବିଷୟରେ ସଂପୂର୍ଣ୍ଣ ନିଶ୍ଚିତତା, ସତତ ଅଗ୍ରଗତିର ସମ୍ଭାବନା
ଓ ସେହି ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବାର ଇଚ୍ଛା ।

*

## ଆଦର୍ଶ ପିଲା

### ଆଦର୍ଶ ପିଲା ଉତ୍ତମ ମିଜାଜର ପିଲା

ଯେତେବେଳେ ଘଟନାସବୁ ତା'ର ପ୍ରତିକୂଳ ହେବାକୁ ଆରମ୍ଭ କରେ ଓ ଯେତେବେଳେ ନିଷ୍ପତ୍ତିଗୁଡ଼ିକ ତା' ପକ୍ଷରେ ହୋଇପାରେ ନାହିଁ, ସେତେବେଳେ ସିଏ ମୋଟେ ରାଗି ଯାଏ ନାହିଁ ।

### ସିଏ ସର୍ବଦାହିଁ ପ୍ରସ୍ତୁତ ରହିଥାଏ

ସିଏ ଯାହାକିଛି କରେ, ତାହାକୁ ଆପଣାର ସର୍ବାଧିକ ସାମର୍ଥ୍ୟକୁ ପ୍ରୟୋଗ କରି କରେ; ବିଫଳତା ଏପରିକି ଆଖି ଆଗରେ ଜଳ ଜଳ ହୋଇ ଦିଶି ଯାଉଥିଲେ ମଧ୍ୟ ସିଏ ତଥାପି ଆପଣାର କାର୍ଯ୍ୟରୁ ନିବୃତ୍ତ ହୁଏ ନାହିଁ । ସିଏ ସର୍ବଦା ସିଧା ଭାବେ, ସିଧା କାର୍ଯ୍ୟ କରେ ।

### ସିଏ ସତ୍ୟନିଷ୍ଠ

ପରିଣାମ ଯାହା ହେଉ ବା ନ ହେଉ ପଛକେ, ସିଏ ସତକଥା କହିବାକୁ କେବେହେଲେ ଡରେ ନାହିଁ ।

### ସିଏ ଧୈର୍ଯ୍ୟଶୀଳ

ଆପଣାର ଉଦ୍ୟମଗୁଡ଼ିକରେ ଫଳ ଫଳିବା ଦେଖିବା ଲାଗି ତାକୁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡୁଥିଲେ ମଧ୍ୟ ସିଏ କଦାପି ନିରୁତ୍ସାହିତ ହୋଇପଡ଼େ ନାହିଁ ।

### ସିଏ ସହିଷ୍ଣୁ

ସମ୍ମୁଖରେ ଯାହାକିଛି ଅନିବାର୍ଯ୍ୟ ଅସୁବିଧା ଓ କଷ୍ଟଭୋଗ ଆସି ପହଞ୍ଚେ ତାହାର ସାମନା କରେ, ସେଥିପାଇଁ କେବେ କୌଣସି ଅଭିଯୋଗ କରେ ନାହିଁ ।

## ସିଏ ଅଧ୍ୟବସାୟୀ

ଯେତେ ଦୀର୍ଘସମୟ ଲାଗି ତାକୁ କୌଣସି ଉଦ୍ୟମ କରିବାକୁ ପଡୁ ପଛକେ, ଆପଣାର ଉଦ୍ୟମଟିକୁ ସିଏ କଦାପି ଶିଥିଳ କରିଦିଏ ନାହିଁ ।

## ସିଏ ସମତାଯୁକ୍ତ

ବିଫଳତା ଓ ସଫଳତା ଉଭୟ ସ୍ଥିତିରେ ମଧ୍ୟ ସିଏ ସମତାଯୁକ୍ତ ହୋଇ ରହିଥାଏ ।

## ସିଏ ସାହସୀ

ଏକାଧିକ ବାର ହୁଏତ ପରାଜୟର ସମ୍ମୁଖୀନ ହେଉଥିଲେ ମଧ୍ୟ ସିଏ ସର୍ବଶେଷ ବିଜୟଟି ଲାଗି ସଂଗ୍ରାମ କରିବାରେ ଲାଗିଥାଏ ।

## ସିଏ ପ୍ରସନ୍ନ

ଯାବତୀୟ ପରିସ୍ଥିତିରେ ତଥାପି ହସି ପାରିବା ଏବଂ ଏକ ପ୍ରସନ୍ନ ହୃଦୟକୁ ବହନ କରିବାର କଳାଟି ତାକୁ ଜଣାଥାଏ ।

## ସିଏ ବିନମ୍ର

ଆପଣାର ବିଜୟରେ ସେ ଗର୍ବରେ ସ୍ଫୀତ ହୋଇପଡ଼େ ନାହିଁ, ଆପଣାର ସାଥୀମାନଙ୍କ ତୁଳନାରେ ଆପଣାକୁ କୌଣସି ପ୍ରକାରେ ଅଧିକ ବଡ଼ ବା ଉଚ୍ଚ ବୋଲି ଭାବେ ନାହିଁ ।

## ସିଏ ଉଦାର

ସିଏ ଅନ୍ୟମାନଙ୍କ ମଧ୍ୟରେ ରହିଥିବା ଗୁଣଗୁଡ଼ିକର ଆଦର କରେ ଏବଂ ଆଉ ଜଣକୁ ସଫଳ ହେବାରେ ସାହାଯ୍ୟ କରିବା ଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥାଏ ।

## ସିଏ ପକ୍ଷପାତହୀନ ଓ ଅନୁଗତ

ସିଏ ଶୃଙ୍ଖଳାଗୁଡ଼ିକୁ ମାନେ ଓ ସର୍ବଦା ସାଧୁତା ଅବଲମ୍ବନ କରୁଥାଏ ।

*ବୁଲେଟିନ୍, ଅଗଷ୍ଟ ୧୯୫୦*

*

**ଆଦର୍ଶ ପିଲା ବୁଦ୍ଧିମାନ୍ ପିଲା ।** ତାକୁ କୁହାଯାଉଥିବା ସବୁ କଥାକୁ ସିଏ ଭଲକରି ବୁଝିପାରେ । ପାଠଟିକୁ ଆୟତ୍ତ କରିବା ପୂର୍ବରୁ, ଯାହା ପାଠ ଦିଆଯାଇଛି, ସିଏ ତାହାକୁ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଜାଣିଥାଏ । ତାକୁ ଯେତେଯେତେ ପ୍ରଶ୍ନ ଦିଆଯାଇଥାଏ, ସିଏ ସେହି ସବୁଗୁଡ଼ିକର ଉତ୍ତର ଦିଏ ।

*

ଆସନ୍ନ ଯାବତୀୟ ଉପଲବ୍ଧି ଦ୍ୱାରା ବିଭବଶାଳୀ ହୋଇ ରହିଥିବା ଭବିଷ୍ୟ ଉପରେ ତା'ର ବିଶ୍ୱାସ ରହିଥାଏ, ସୌନ୍ଦର୍ଯ୍ୟ ଓ ଆଲୋକ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଭବିଷ୍ୟ ଉପରେ ତା'ର ପୂର୍ଣ୍ଣବିଶ୍ୱାସ ଥାଏ ।

ବାଲ୍ୟକାଳ ଭବିଷ୍ୟତରହିଁ ପ୍ରତୀକ, ଏବଂ ଭବିଷ୍ୟତରେ ଘଟିବାକୁ ଯାଉଥିବା ଯାବତୀୟ ବିଜୟର ସେହି ବାଲ୍ୟକାଳ ହେଉଛି ଏକମାତ୍ର ଆଶା ।

*

## ଆଦର୍ଶ ପିଲା

... ସ୍କୁଲ୍‌ରେ ଥିବାବେଳେ ସିଏ ନିଜର ପାଠଟିକୁ ପଢ଼ିବାକୁ ଭଲପାଏ ।
... ଖେଳପଡ଼ିଆରେ ଥିଲାବେଳେ ସିଏ ଖେଳିବାକୁ ଭଲପାଏ ।
... ଖାଇବା ସମୟରେ ଖାଏ ।
... ଶୋଇବା ସମୟରେ ଶୋଇବାକୁ ଯାଏ ।
... ତା' ଚାରିପାଖରେ ରହିଥିବା ବ୍ୟକ୍ତିମାନଙ୍କ ପ୍ରତି ତା' ଭିତରେ ଶ୍ରଦ୍ଧା ପୂରି ରହିଥାଏ ।
... ଦିବ୍ୟ ପରମକରୁଣା ଉପରେ ତା'ର ପୂର୍ଣ୍ଣ ବିଶ୍ୱାସ ଥାଏ ।
... ଦିବ୍ୟ ପରମସତ୍ତାଙ୍କ ଲାଗି ଗଭୀର ସମ୍ମାନ ରହିଥାଏ ।

*

## ପିଲାକୁ ଆମେ କ'ଣସବୁ ଶିଖାଇବା ।

୧. ପୂର୍ଣ୍ଣ ନିଷ୍ଠାର ଆବଶ୍ୟକତା ।
୨. ପରିଶେଷରେ ପରମସତ୍ୟରହିଁ ଯେ ବିଜୟ ହେବ, ସେହି ବିଷୟରେ ଏକ ନିଶ୍ଚିତତା ।
୩. ଅଗ୍ରଗତିର ସମ୍ଭାବନା ଓ ଅଗ୍ରଗତି କରିବାର ଇଚ୍ଛା ।
ଉତ୍ତମ ମିଜାଜ, ସାଧୁତା, ସତ୍ୟନିଷ୍ଠତା,
ଧୈର୍ଯ୍ୟ, ସହିଷ୍ଣୁତା, ଅଧ୍ୟବସାୟ,
ସମତାବସ୍ଥା, ସାହସ, ପ୍ରସନ୍ନତା

*

*ଏଗାରରୁ ତେର ବର୍ଷ ପର୍ଯ୍ୟନ୍ତ ବୟସର ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷାରେ ଆମର ସର୍ବପ୍ରଧାନ ଦୃଷ୍ଟି କେଉଁଟି ଉପରେ ରହିବା ଉଚିତ ?*

ପୂର୍ଣ୍ଣ ନିଷ୍ଠାଯୁକ୍ତ ହେବା ଲାଗି ଯେ ଏକାନ୍ତ ଆବଶ୍ୟକତା ରହିଛି, ଏହାହିଁ ସେମାନଙ୍କୁ ପ୍ରଦତ୍ତ ଶିକ୍ଷାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇ ରହିବା ଉଚିତ ।

ସେମାନଙ୍କ ଲାଗି ଯାବତୀୟ ମିଥ୍ୟାର, ତାହା ଯେତେ ଅଳ୍ପ ବା ସାମାନ୍ୟ ହୋଇଥାଉ ପଛକେ, ବାଟ ବନ୍ଦ ହୋଇ ରହିଥିବା ଉଚିତ ।

ସେମାନଙ୍କୁ ସତତ ଅଗ୍ରଗତି କରିବାର କଥାଟିକୁ ମଧ୍ୟ ଶିଖାଇ ଦିଆଯିବ; କାରଣ ମଣିଷର ଅଗ୍ରଗତି କରିବା ଯେମିତି ବନ୍ଦ ହୋଇଯାଏ, ସିଏ ସେହିଠାରୁହିଁ ପଛରେ ପଡ଼ିଯିବାକୁ ଆରମ୍ଭ କରେ ଏବଂ ତାହାକୁହିଁ କ୍ଷୟ ଆରମ୍ଭ ହେବାର ପ୍ରଥମ ଗାରଟି ବୋଲି କୁହାଯାଇ ପାରିବ ।

*

ମୁଁ ଯାହାକିଛି ଜାଣିଛି ଓ ଯାହାକିଛି ଦେଖିଛି, ତାହାକୁହିଁ ଭିତ୍ତି କରି ଏକ ସାଧାରଣ ନିୟମ ହିସାବରେ ଅବଶ୍ୟ କହିବି ଯେ ଚଉଦ ବର୍ଷରୁ ଅଧିକ ବୟସର ପିଲାଙ୍କୁ ସେମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉଚିତ । ଏବଂ, ସେମାନେ କେବଳ କୌଣସି ପରାମର୍ଶ ମାଗୁଥିବା ସମୟରେହିଁ ସେମାନଙ୍କୁ ଆଦୌ କୌଣସି ପରାମର୍ଶ ଦିଆଯିବା ଉଚିତ ।

ଆପଣାର ଜୀବନଟିକୁ ପରିଚାଳିତ କରିବାର ଦାୟିତ୍ୱ ଯେ ମୂଳତଃ ସେହିମାନଙ୍କର, ସେମାନେ ଏହି କଥାଟି ଅବଶ୍ୟ ଜାଣିବା ଉଚିତ ।

*

ତୁମେ ବର୍ତ୍ତମାନ ମୋ' ଆଗରେ ଯେଉଁସବୁ ଭାବନା ଓ ମନୋଭାବକୁ ବ୍ୟକ୍ତ କରି କହିଲ,

ସେଗୁଡ଼ିକ ଶୁଣି ମୁଁ ଭାରି ଖୁସି ହେଲି । ମୁଁ ତୁମକୁ ମୋର ଅନେକ ଆଶୀର୍ବାଦ ଦେଉଛି । ମୁଁ କେବଳ ଏତିକି ଇଚ୍ଛା କରିବି ଯେ ତୁମର ଧାରଣାଗୁଡ଼ିକ କେବଳ ଗୋଟିଏ ଗୋଟିଏ ଆଦର୍ଶ ହୋଇ ରହିଯିବ ନାହିଁ, ମାତ୍ର ବାସ୍ତବରେ ମଧ୍ୟ ପରିଣତ ହେବ । ଆପଣାର ଜୀବନରେ ଏବଂ ଚରିତ୍ରରେ ସେହି ଆଦର୍ଶଟିକୁ ତୁମେ ବାସ୍ତବରେ ପରିଣତ କରିବ, ଏହାହିଁ ତୁମର ସଂକଳ୍ପ ହୋଇ ରହିବା ଉଚିତ । ମାତ୍ର, ଅନେକ ଦିନରୁ ମୁଁ ତୁମକୁ ଯେଉଁ କଥାଟି କହିବି ବୋଲି ଭାବୁଥିଲି ଆଜି ଏହି ଅବସରରେ ସେହି କଥାଟି ତୁମକୁ କହିବାକୁ ଯାଉଛି । ଏହି କଥାଟିକୁ ମୁଁ ତୁମର ପଢ଼ାବିଷୟରେ କହିବି । ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ସବୁକ୍ଷେତ୍ରରେ ବ୍ୟତିକ୍ରମମାନ ଅବଶ୍ୟ ରହିଛି, ମାତ୍ର ସେହି ବ୍ୟତିକ୍ରମଗୁଡ଼ିକହିଁ ନିୟମଟିକୁ ଅଧିକ ଶକ୍ତିଶାଳିତା ପ୍ରଦାନ କରିଥା'ନ୍ତି । ଉଦାହରଣସ୍ୱରୂପ, ତୁମେ ଆଜି ଛୁଟି ଚାହିଁଥିଲ । ତୁମର ଆଉ ଅଧିକ କ୍ଳାନ୍ତ ଲାଘବ ଦରକାର ଅଛି ବୋଲି ମୁଁ ଆଦୌ ବିଚାର କରୁ ନାହିଁ । ଏଠାରେ ତୁମର ଜୀବନ ଏପରି ଏକ କର୍ମନିର୍ଘଣ୍ଟ ଦ୍ୱାରା ସଂଗଠିତ ହୋଇ ରହିଛି, ଯେଉଁଥିରେକି ଆପଣାର କ୍ଳାନ୍ତି ଲାଘବ ସକାଶେ ମଧ୍ୟ ପ୍ରାୟ ସବୁବେଳେ ଅବସର ରହିଛି । ତଥାପି ମୁଁ ତୁମର ଅନୁରୋଧଟିରେ ସମ୍ମତି ଦେଇଥିଲି । ମାତ୍ର ତୁମେ ଯେପରି ଭାବରେ ଏହି ''ସୁସଂବାଦ''ଟିକୁ ଗ୍ରହଣ କଲ, ତାହା ପ୍ରକୃତରେ ମୋତେ ଭାରି ବ୍ୟଥା ଦେଇଛି । ଏପରିକି ତୁମ ଭିତରୁ କେତେଜଣ ଏହାକୁ ଏକ ବିଜୟ ବୋଲି ଭାବିଲ । କିନ୍ତୁ ମୋର ପ୍ରଶ୍ନ ହେଉଛି, କାହାର ବିଜୟ, କାହା ବିରୋଧରେ ବିଜୟ ? ଅଧିକରୁ ଅଧିକ ଶିକ୍ଷା କରିବା ଓ ଜାଣିବାର ବିରୋଧରେ ଏହା କ'ଣ ଅଚେତନାର ବିଜୟ କି ? ନିୟମ ଏବଂ ଶୃଙ୍ଖଳା ବିରୋଧରେ ବିଶୃଙ୍ଖଳାର ବିଜୟ କି ? ଅଗ୍ରଗତି ଓ ଆତ୍ମ-ବିଜୟ ଲାଗି କରାଯାଉଥିବା ଉଦ୍ୟମଟି ବିରୋଧରେ ଅଜ୍ଞାନମୟ ସେହି ପଲ୍ଲବଗ୍ରାହୀ ଇଚ୍ଛାଟିରହିଁ ବିଜୟ ।

ତୁମକୁ ଏହି କଥାଟିକୁ ଅବଶ୍ୟ ଜାଣିରଖିବାକୁ ହେବ ଯେ, ଯେଉଁମାନେ ଜୀବନ ଓ ଶିକ୍ଷାର ସାଧାରଣ ପରିସ୍ଥିତିଟି ମଧ୍ୟରେ ବାସ କରୁଥା'ନ୍ତି, ଏହାକୁ ଆମେ ସେହି ବ୍ୟକ୍ତିମାନଙ୍କର ନିତ୍ୟ ନୈମିତ୍ତିକ ଗତିସ୍ପନ୍ଦନ ବୋଲିହିଁ ଜାଣିବା । ମାତ୍ର ତୁମ କ୍ଷେତ୍ରରେ, ଆମର ଲକ୍ଷ୍ୟ ରୂପେ ଗୃହୀତ ହୋଇଥିବା ସେହି ମହାନ୍ ଆଦର୍ଶଟିକୁ ଯଦି ତୁମେ ପ୍ରକୃତରେ ଉପଲବ୍ଧି କରିବାକୁ ଇଚ୍ଛା କରୁଥାଅ, ତେବେ ସାଧାରଣ ଜୀବନର ସେହି ଅନ୍ଧ ଏବଂ ଅଜ୍ଞାନମୟ ସ୍ଥିତିଗୁଡ଼ିକ ମଧ୍ୟରେ ବାସ କରୁଥିବା ସାଧାରଣ ବ୍ୟକ୍ତିମାନଙ୍କର ସାଧାରଣ ତଥା ନିରର୍ଥକ ପ୍ରତିକ୍ରିୟାଗୁଡ଼ିକରେ ତୁମେ କଦାପି ସନ୍ତୁଷ୍ଟ ହୋଇ ରହିଯିବ ନାହିଁ ।

ଏହି କଥାଟି କହିଲା ବେଳେ ମୁଁ ହୁଏତ ଭାରି ରକ୍ଷଣଶୀଳ ବୋଲି ମନେ ହେଉଥିବି, ମୁଁ ତୁମକୁ ଏକଥା ଅବଶ୍ୟ କହି ରଖୁଛି ଯେ, ବାହାରର ପ୍ରଭାବ ଏବଂ ସାଧାରଣ ସ୍ତରର ଅଭ୍ୟସ୍ତତାଗୁଡ଼ିକ ବିଷୟରେ ତୁମକୁ ଅତ୍ୟନ୍ତ ସାବଧାନ ହୋଇ ରହିବାକୁ ପଡ଼ିବ । ସେଗୁଡ଼ିକହିଁ

ତୁମର ଅନୁଭବ ଏବଂ ଜୀବନର ଧାରାଗୁଡ଼ିକ ଉପରେ ପ୍ରଭାବ ପକାଇବେ ଓ ସେଗୁଡ଼ିକୁ ଗଢ଼ିବେ, ଏଥିଲାଗି ତୁମେ କଦାପି ଅନୁମତି ଦେବ ନାହିଁ । ବାହାରର ଏକ ଅନ୍ୟଜାତୀୟ ବାତାବରଣ ଭିତରୁ ଆସୁଥିବା କୌଣସି ବିଷୟକୁ ତୁମେ କଦାପି ତୁମ ନିଜ ଭିତରକୁ ଲମ୍ଫ ପ୍ରଦାନ କରିବାକୁ ବାଟ ଛାଡ଼ି ଦେବ ନାହିଁ । ଯାହାକିଛି ସାଧାରଣ ସ୍ତରର ଓ ଯାହାକିଛି ଅଜ୍ଞାନମୟ ସେଗୁଡ଼ିକୁ ନିଜ ଭିତରେ ପ୍ରବେଶ କରିବାକୁ ତୁମେ କଦାପି ଅନୁମତି ଦେବ ନାହିଁ । ତୁମେ ଯଦି ନୂତନ ମାନବର ସେହି ଭବିଷ୍ୟ-ପରିବାରଟିର ଅନ୍ତର୍ଭୁକ୍ତ ହୋଇ ରହିବାକୁ ଇଚ୍ଛା କରୁଥାଅ; ତେବେ ଆଜିର ଏବଂ ବିଗତ କାଲିର ପିଲାମାନଙ୍କର ରୀତିଗୁଡ଼ିକୁ ତୁମେ କଦାପି ଦୟନୀୟ ଭାବରେ ଅନୁକରଣ କରିବାକୁ ଯିବ ନାହିଁ । ତେଣୁ ତୁମେ ଦୃଢ଼ ହୁଅ, ଶକ୍ତିମାନ୍ ହୁଅ, ପୂର୍ଣ୍ଣ ବିଶ୍ୱାସୀ ହୁଅ; ତୁମେ ଯେଉଁଭଳି କହିଲ, ବିଜୟ ଲାଗି ସଂଗ୍ରାମ କର, ସେହି ମହାନ୍ ବିଜୟ ଲାଗି ସଂଗ୍ରାମ କର । ତୁମ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି, ତୁମ ଉପରେ ମୋର ଅନେକ ଆଶା ରହିଛି ।

ବିଶ୍ୱବିଦ୍ୟାକେନ୍ଦ୍ରର ବାର୍ଷିକ ଉତ୍ସବ ଦିନ ତୁମକୁ ମୁଁ ଯେଉଁସବୁ କଥା କହିଥିଲି, ସେଗୁଡ଼ିକୁ ମୁଁ ଏପର୍ଯ୍ୟନ୍ତ ଛପାହେବାକୁ ଦେଇ ନାହିଁ । ମୁଁ ଭାବିଥିଲି ଯେ ସେହି ଶିକ୍ଷାଟି ଦ୍ୱାରା ତୁମେ ନିଶ୍ଚୟ ଲାଭବାନ୍ ହେବ ଏବଂ ଆପଣାର ରୀତିଗୁଡ଼ିକୁ ମଧ୍ୟ ବଦଳାଇ ଦେବ; ମାତ୍ର ଅତ୍ୟନ୍ତ ଦୁଃଖର ସହିତ ମୋତେ ବାଧ୍ୟ ହୋଇ କହିବାକୁ ପଡୁଛି ଯେ ସ୍ଥିତିରେ ଆଦୌ କୌଣସି ପରିବର୍ତ୍ତନ ହୋଇ ନାହିଁ : ମୋର ମନେ ହେଉଛି ସତେଯେପରି କେତେକ ଛାତ୍ର ସେମାନଙ୍କ ଭିତରେ ନିକୃଷ୍ଟତମ ହୋଇ ଯାହାସବୁ ରହିଛି, ସେହିଗୁଡ଼ିକୁ ବାହାରକୁ ବାହାର କରି ଆଣିବା ଲାଗି ସେମାନେ କ୍ଲାସ୍‌ର ସମୟଟିକୁହିଁ ବ୍ୟବାହର କରିବା ପାଇଁ ସତେଅବା ଏକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । କ୍ଲାସ୍ ଭିତରେ ସେମାନେ ରାସ୍ତାରେ ବୁଲୁଥିବା ବାଜେପିଲାଙ୍କ ପରି ବ୍ୟବହାର କରିଛନ୍ତି । ସେମାନଙ୍କ ଲାଗି ନିଯୁକ୍ତ ହୋଇଥିବା ଶିକ୍ଷକଙ୍କର କୌଣସି ସୁଯୋଗକୁ ଯେ ସେମାନେ ଆଦୌ କାର୍ଯ୍ୟରେ ଲଗାଉ ନାହାନ୍ତି ତା' ନୁହେଁ, ମାତ୍ର ଅନ୍ୟ ପିଲାମାନେ ବି ଯେପରି ପଢ଼ାଯାଉଥିବା ପାଠରୁ ଆଦୌ କୌଣସି ପ୍ରକାରେ ଉପକୃତ ହୋଇ ନ ପାରିବେ, ସେଥିଲାଗି ସେମାନଙ୍କୁ ଯାବତୀୟ ବାଟରେ ନିବୃତ୍ତ କରି ରଖିବାରେହିଁ ସେମାନେ ସତେଅବା ଭାରି ଦୁଷ୍ଟ ଆନନ୍ଦ ଲାଭ କରୁଛନ୍ତି ।

ଆଗାମୀ କାଲିର ନୂତନ ମଣିଷ ପ୍ରକୃତରେ କିପରି ହେବାକୁ ଯାଉଛି, ଆମେ ପୃଥିବୀ ଆଗରେ ତାହାରି ଏକ ଦୃଷ୍ଟାନ୍ତ ଦେଖାଇ ଦେବାକୁ ଇଚ୍ଛା କରୁଛୁ । ତେବେ ସେମାନଙ୍କ ଆଗରେ ଆମେ କ'ଣ ଏହିଭଳି ଦୃଷ୍ଟାନ୍ତ ଦେଖାଇବାକୁ ଯିବା ?§

*ଏପ୍ରିଲ ୧୯୫୩ରେ ପ୍ରକାଶିତ*

*

*(ଶିକ୍ଷକ-ବୈଠକର ବିବରଣୀରୁ ଏକ ଉଦ୍ଧୃତି) ଛାତ୍ରମାନଙ୍କ ଭିତରେ ଶୃଙ୍ଖଳାର, ଉତ୍ତମ ଆଚରଣ ଏବଂ ଭଦ୍ର ବ୍ୟବହାରର ଯେଉଁ ଅଭାବ ଲକ୍ଷ୍ୟ କରାଯାଉଥିଲା, ତାହାରି ଉପରେ ବୈଠକରେ ଚିନ୍ତା ବ୍ୟକ୍ତ କରା ଯାଉଥିଲା ।*

ଭଦ୍ର ବ୍ୟବହାରର ପ୍ରୟୋଜନ ବିଷୟରେ ମୁଁ ଅତ୍ୟନ୍ତ ମହତ୍ତ୍ୱ ସବୁବେଳେ ଦେବି । ରାସ୍ତାରେ ବୁଲୁଥିବା ଛତରା ପିଲାଙ୍କ ପରି ବ୍ୟବହାର ଦେଖାଇବାରେ ଆଦୌ କିଛି ବାହାଦୁରି ରହିଛି ବୋଲି ମୁଁ ମୋଟେ ବିଚାର କରିପାରୁ ନାହିଁ ।

*୪ ମାର୍ଚ୍ଚ ୧୯୬୦*

*

ହୃଦୟରେ ଅବସ୍ଥିତ ସେହି ପରମ ଦିବ୍ୟ ସାନ୍ନିଧ୍ୟଟିରୁହିଁ ଯଥାର୍ଥ ବଳ ଓ ଯଥାର୍ଥ ରକ୍ଷାର ଉଦ୍‌ଗମ ହୋଇଥାଏ ।

ଏହି ସାନ୍ନିଧ୍ୟଟିକୁ ଯଦି ତୁମେ ସର୍ବଦା ଆପଣା ମଧ୍ୟରେ ଧରି ରଖିବାକୁ ଇଚ୍ଛା କରୁଥାଅ, ତେବେ କହୁଥିବା କଥା, ବ୍ୟବହାର ଏବଂ କର୍ମରେ ତୁମକୁ ଅତ୍ୟନ୍ତ ଯତ୍ନ ସହକାରେ ସକଳ ଅଶିଷ୍ଟତାକୁ ଏଡ଼ିକରି ରହିବାକୁ ପଡ଼ିବ ।

ତୁମେମାନେ ସ୍ୱାଧୀନତାକୁ କଦାପି ସ୍ୱେଚ୍ଛାଚାରିତା ସହିତ ଏବଂ ସ୍ୱ-ଇଚ୍ଛାକୁ ମନ୍ଦ ଆଚରଣ ସହିତ ଏକାଠି ଗୋଳାଇ ମିଶାଇ ଦେବ ନାହିଁ : ତୁମର ଭାବନା ଅବଶ୍ୟ ବିଶୁଦ୍ଧ ହୋଇ ରହିଥିବ, ଅଭୀପ୍‌ସା ଉଦ୍ଦୀପ୍ତ ହୋଇ ରହିଥିବ ।

*୨୬ ଫେବ୍ରୁଆରି ୧୯୬୫*

*

*ଯେଉଁମାନଙ୍କ ଜାଗରଣ ଆସି ନାହିଁ, ଯେଉଁମାନେ ଏବେ ବି ଅଚେତନ ରହିଛନ୍ତି, ଏହିପରି ଅତିବେଶୀ ସ୍ୱାଧୀନତା ଦେବା ଦ୍ୱାରା ତାହା ସେମାନଙ୍କ ଲାଗି ବିପଜ୍ଜନକ ଓ ଅନିଷ୍ଟକାରୀ ହେବ ନାହିଁ କି ? ଏଠାରେ ଆମମାନଙ୍କ ଲାଗି ଯେଉଁ ଉତ୍ତମ ଭାଗ୍ୟ ପ୍ରାପ୍ତ ହୋଇଛି, ଆମେ ତାହାର ଯୋଗ୍ୟ ହୋଇ ପାରିବା କିପରି ?*

ଯାବତୀୟ ଅଗ୍ରଗତିରେ ସର୍ବଦା ବିପଦ ରହିଥାଏ, ଶଙ୍କା କରିବାର ଅନେକ କିଛି ରହିଥାଏ । ସେସବୁ ବ୍ୟତୀତ କେବେହେଲେ କୌଣସି ଗତି ସମ୍ଭବ ହେବ ନାହିଁ । ପୁନଶ୍ଚ, ଯେଉଁମାନେ ଅଗ୍ରସର ହେବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କର ଚରିତ୍ରନିର୍ମାଣ ସକାଶେ ମଧ୍ୟ ସେଗୁଡ଼ିକର ଅତ୍ୟାବଶ୍ୟକତା ରହିଛି ।

*୧୩ ଏପ୍ରିଲ ୧୯୬୬*

*

ଦୁଇଟି କଥା କରିବା ଉଚିତ । ପିଲାମାନଙ୍କୁ ଅବଶ୍ୟ ଶିଖାଇବାକୁ ପଡ଼ିବ ଯେ :

(କ) ପରିଣାମ ଯାହା ହେବାର ହେଉ ପଛକେ, ସେମାନେ ମିଛ କଥା କହିବେ ନାହିଁ ।

(ଖ) ନିଜ ଭିତରେ ଥିବା ହିଂସା, କ୍ରୋଧ ଓ ରାଗକୁ ନିୟନ୍ତ୍ରଣରେ ରଖିବେ ।

ଯଦି ଏହି ଦୁଇଟି କଥାହିଁ ସଫଳ ଭାବରେ ସମ୍ଭବ ହୋଇଯିବ, ତେବେ ସେମାନଙ୍କୁ ଅତିମାନବତ୍ୱର ଅଭିମୁଖରେ ଅବଶ୍ୟ ପରିଚାଳିତ କରି ନେଇହେବ ।

ଏପରି ଏକ ଧାରଣା କରାଯାଇଥାଏ ଯେ, ଚଳଣି ଓ ନିଷେଧଗୁଡ଼ାକୁ ଅମାନ୍ୟ କଲେହିଁ ସାଧାରଣ ମାନବତାର ସୀମାଗୁଡ଼ିକ ମଧ୍ୟରୁ ଆମକୁ ମୁକ୍ତି ମିଳିଯାଏ । ମାତ୍ର ଏଇଟି ଏକ ଭୁଲ୍ ଧାରଣା । ଆମେ ଯାହାକୁ "ଅତିମାନବତ୍ୱ" ବୋଲି କହୁଛୁ, ସେଥିଲାଗି ସମର୍ଥ ହେବାକୁ ହେଲେ ଆଗ ସେହି ଦୁଇଟି କଥାକୁ ଅବଶ୍ୟ ହାସଲ କରିବାକୁ ପଡ଼ିବ । ସେହି ଦୁଇଟି କଥା ହେଉଛି : କେବେହେଲେ ମିଛକଥା କହିବ ନାହିଁ ଓ ଆପଣାକୁ ନିୟନ୍ତ୍ରଣାଧୀନ କରି ରଖିବ ।

ଦିବ୍ୟ ପରମସତ୍ତାଙ୍କ ଲାଗି ପରିପୂର୍ଣ୍ଣ ଶ୍ରଦ୍ଧା,– ସେଇଟି ସର୍ବଶେଷ ସର୍ତ୍ତ । ମାତ୍ର ପ୍ରଥମେ ଏହି ଦୁଇଟି କଥାକୁହିଁ ହାସଲ କରିବାକୁ ପଡ଼ିବ ।§

*୧୮ ଜୁଲାଇ ୧୯୬୧*

*

ଜଣେ ମନୁଷ୍ୟ ହେବାକୁ ହେଲେ ଶୃଙ୍ଖଳା ଅପରିହାର୍ଯ୍ୟ । ଶୃଙ୍ଖଳା ନ ଥିଲେ ଆମେ ଗୋଟାଏ ପଶୁ ବ୍ୟତୀତ ଆଉ କିଛିହେଲେ ହୋଇ ପାରିବା ନାହିଁ । ତୁମେ ଯେ ପ୍ରକୃତରେ ବଦଳିବାକୁ ଇଚ୍ଛା କରୁଛ ଏବଂ ଶୃଙ୍ଖଳିତ ହେବାକୁ ମନ କରୁଛ, ତାହାର ପ୍ରମାଣ ଦେବା ଲାଗି ତୁମକୁ ମୁଁ ଦୁଇ ସପ୍ତାହ ସମୟ ଦେଉଛି । ଯଦି ତୁମେ ଶୃଙ୍ଖଳାରେ ରହିବ, କଥା ମାନିବ, ତେବେ ମୁଁ ତୁମକୁ ଆହୁରି ଗୋଟିଏ ସୁଯୋଗ ଦେବାକୁ ରାଜି ଅଛି । ମାତ୍ର, ତୁମେ ଯେପରି ଠକିବା ଲାଗି ଆଦୌ କୌଣସି ଚେଷ୍ଟା ନ କର !... ତୁମର ନିଷ୍ଠା ନାହିଁ ବୋଲି ଏତେ ଟିକିଏ ମାତ୍ର ସୂଚନା ପାଇଲେ ମୁଁ ତୁମକୁ ଏଠାରୁ ଘରକୁ ପଠାଇ ଦେବାକୁ ବାଧ୍ୟ ହେବି ।

ଯେତେବେଳେ ଆମେ ଏକ ଉଚ୍ଚତର ଏବଂ ସତ୍ୟତର ଜୀବନର ଅଭୀପ୍ସା ରଖୁ ଏବଂ ରୂପାନ୍ତର ଲାଗି ଆବଶ୍ୟକ ଶୃଙ୍ଖଳାଟିକୁ ମଧ୍ୟ ଗ୍ରହଣ କରି ନେଉ, ସେତିକିବେଳେ ଯାଇ ଆମେ ଜଣେ ମଣିଷ ହେବାକୁ ଆରମ୍ଭ କରୁ ।

ଏବଂ ଏଥିଲାଗି ସର୍ବପ୍ରଥମ କାର୍ଯ୍ୟ ରୂପେ ଆମକୁ ଆମର ନିମ୍ନ ପ୍ରକୃତିଟି ଉପରେ ଓ ବାସନାଗୁଡ଼ିକ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ ।

*୮ ମାର୍ଚ୍ଚ ୧୯୬୨*

*

## ଛାତ୍ରମାନଙ୍କ ପ୍ରତି

କ୍ଲାସ୍‌ରେ ପାଟି କରିବା ହେଉଛି ଏକ ସ୍ୱାର୍ଥାନ୍ୱେଷୀ ନିର୍ବୋଧତାର କାର୍ଯ୍ୟ ।

ନୀରବ ହୋଇ ଓ ମନୋଯୋଗ ସହକାରେ କ୍ଲାସ୍‌ରେ ବସିବାକୁ ଯଦି ତୁମର ମନ ନ ଥାଏ, ତେବେ ତୁମ ପକ୍ଷରେ କ୍ଲାସ୍‌କୁ ନ ଯିବାହିଁ ବରଂ ଅଧିକ ଭଲ ହେବ ।

*

ସ୍କୁଲରେ, କ୍ଲାସ୍‌ରେ, ଖେଳପଡ଼ିଆରେ, ରାସ୍ତାରେ ଓ ଘରେ (ତୁମେ ବାପାମାଆଙ୍କ ପାଖରେ ଥାଅ ବା ଛାତ୍ରାବାସରେ ଥାଅ) ପରସ୍ପର ସହିତ ଲଢ଼ାଇ କରିବା ସଂପୂର୍ଣ୍ଣ ନିଷିଦ୍ଧ ।

ଯେଉଁଠାରେ ହେଉ ଅଥବା ଯେଉଁ ସମୟରେ ହେଉ ପଛକେ, ଆପଣା ଭିତରେ ଲଢ଼ାଇ କରିବା ଲାଗି ପିଲାମାନଙ୍କୁ ଆଦୌ କୌଣସି ଅନୁମତି ଦିଆ ଯିବ ନାହିଁ; କାରଣ ଆଉ ଜଣକ ଦେହରେ ଗୋଟାଏ ମୁଥ ବସାଇଦେବା ମାତ୍ରକେହିଁ ତାହା ନିଜ ଆତ୍ମାକୁହିଁ ମାଡ଼ ଦେଇ ଆଘାତ କରିବା ପରି କାର୍ଯ୍ୟ କରିଥାଏ ।

*୧୫ ଜାନୁଆରି ୧୯୬୩*

*

ମୋ ସହିତ ଏକାଠି ଖେଳୁଥିବା ଅନ୍ୟ ସାନପିଲାଙ୍କ ସହିତ ମତ ନ ମିଳିଲେ ମୁଁ ସେଥିଲାଗି ନିଜ ବାଲ୍ୟକାଳରେ ଯେଉଁ ଉପାୟଟିକୁ ଗ୍ରହଣ କରୁଥିଲି, ଏଠାରେ ମଧ୍ୟ ମୁଁ ଠିକ୍ ସେହି ଉପାୟଟି ବତାଇଦେବି । ସେତେବେଳେ ମୁଁ ଠିକ୍ ତୁମମାନଙ୍କ ପରି ଭାରି ସ୍ପର୍ଶକାତର ହୋଇଥିଲି, ଏବଂ ଅନ୍ୟ ପିଲାମାନେ ମୋତେ ଗାଳିଦେଲେ ମୁଁ ସେଥିରେ ଆହତ ହୋଇ ପଡୁଥିଲି । ବିଶେଷତଃ ଯେଉଁମାନଙ୍କୁ ମୁଁ ଆଗରୁ କୌଣସି ସହାନୁଭୂତି ଏବଂ ଦୟା ଦେଖାଇଥିଲି, ସେମାନେ ମୋତେ ଗାଳି ଦେଲେ ମୁଁ ଭାରି ଆଘାତ ପାଉଥିଲି । ସେତେବେଳେ ମୁଁ ମନକୁ ମନ କହୁଥିଲି, ‘‘ଏଥିରେ ମୁଁ ଦୁଃଖୀ ହୋଇପଡ଼ିବି ଓ ଆପଣାକୁ ଏପରି ଭାଗ୍ୟହୀନ ବୋଲି ଅନୁଭବ କରିବି କାହିଁକି ? ସେମାନେ ଯାହାକିଛି କହୁଛନ୍ତି, ଯଦି ତାହା ଯଥାର୍ଥ ହୋଇଥାଏ, ତେବେ ସେମାନେ ମୋତେ ଏହି କଥାଟିକୁ ବତାଇ ଦେଇ ପାରିଲେ ବୋଲି ମୋର ତ ବରଂ ଆନନ୍ଦ ଅନୁଭବ କରିବାର କଥା ଓ ସେହି ଅନୁସାରେ ନିଜକୁ ସଂଶୋଧନ କରିବାର କଥା । ମାତ୍ର, ସେମାନଙ୍କର କହୁଥିବା କଥାଗୁଡ଼ାକ ଯଦି ଭୁଲ୍ ହୋଇଥାଏ, ତେବେ ସେଥିରେ ମୋର ଚିନ୍ତା କରିବାର ବା କ’ଣ ଦରକାର ଅଛି ?— ବରଂ ଆପଣାର ଭୁଲ୍ ସକାଶେ ସେହିମାନଙ୍କରହିଁ ଦୁଃଖ ପ୍ରକାଶ କରିବା ଉଚିତ । ଉଭୟ କ୍ଷେତ୍ରରେ, ସର୍ବୋତ୍ତମ ଓ ସବୁଠାରୁ ଅଧିକ ସମ୍ମାନଜନକ କଥା ଯାହା ମୁଁ କରି

ପାରିବି, ତାହା ହେଉଛି ଯେ, ମୋତେ ଅବିଚଳ ରହିବାକୁ ପଡ଼ିବ, ସ୍ଥିର ଓ ଅନୁଦ୍‌ବିଗ୍ନ ରହିବାକୁ ପଡ଼ିବ ।’’

ସେହି ଆଠବର୍ଷ ବୟସରେ ମୁଁ ନିଜକୁ ଯେଉଁ କଥା ଶିକ୍ଷା ଦେବାକୁ ଚେଷ୍ଟା କରୁଥିଲି ଓ ଯେଉଁ ଶିକ୍ଷାଟି ଅନୁସାରେ ନିଜକୁ ସଜାଡ଼ି ନେଉଥିଲି, ସେହିପରି ଯାବତୀୟ କ୍ଷେତ୍ରରେ ମଧ୍ୟ ସେହି ଶିକ୍ଷାଟିର ପ୍ରୟୋଗ କରାଯାଇ ପାରିବ ।

*୧୭ ଏପ୍ରିଲ ୧୯୩୨*

*

ପିଲାମାନଙ୍କ ପାଇଁ କେତୋଟି କଥା ।

୧. ଅନ୍ୟମାନେ ତୁମକୁ ଥଟ୍ଟା ନ କରନ୍ତୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମେ କେବେହେଲେ ଅନ୍ୟକୁ ଥଟ୍ଟା କରିବାକୁ ଯିବ ନାହିଁ ।

୨. ଅନ୍ୟମାନେ ତୁମକୁ ସମ୍ମାନ କରନ୍ତୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମର ଯାବତୀୟ କାର୍ଯ୍ୟରେ ମଧ୍ୟ ସେହିପରି ଏକ ସମ୍ମାନ-ଯୋଗ୍ୟତା ରହିଥିବା ଉଚିତ ।

୩. ସମସ୍ତେ ତୁମକୁ ଭଲ ପାଆନ୍ତୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମେ ନିଶ୍ଚୟ ସମସ୍ତଙ୍କୁ ଭଲ ପାଇବ ।

*

ଏଠାରେ ପୁଅ ଓ ଝିଅ ଏକତ୍ର ବିଦ୍ୟାର୍ଜନ କରୁଥିବାରୁ ଆମେ ସର୍ବଦା ଏହି କଥାଟି ଉପରେ ଗୁରୁତ୍ୱ ଦେଇ ଆସିଛୁ ଯେ ସେମାନଙ୍କ ମଧ୍ୟରେ ପରସ୍ପର ସହିତ ଏକ ସହଜ ସାଥିତ୍ୱର ସମ୍ବନ୍ଧ ରହିବ ଓ ସେଥିରେ କୌଣସି ପ୍ରକାରର ଯୌନ ସଚେତନତା ଏବଂ ଇନ୍ଦ୍ରିୟଲାଳସା ରହିବ ନାହିଁ । ଏବଂ, ଏହି ସମ୍ପର୍କିତ ଯାବତୀୟ ପ୍ରଲୋଭନକୁ ଏଡ଼ି ପାରିବା ଲାଗି ସେମାନଙ୍କ ଲାଗି ପରସ୍ପରର କୋଠରିକୁ ଯିବା ନିଷିଦ୍ଧ ହୋଇ ରହିଛି ଏବଂ ବ୍ୟକ୍ତିଗତ ଭାବରେ କେଉଁଠି ବି ପରସ୍ପରକୁ ଭେଟିବାର କଥାଟିକୁ ବାରଣ କରାଯାଇଛି । ଏହି କଥାଟିକୁ ସମସ୍ତଙ୍କ ଆଗରେ ଅତି ପରିଷ୍କାର କରି ଦିଆଯାଇଛି । ଏବଂ, ଯଦି ନିଷ୍ଠାର ସହିତ ଏହି ନିୟମଗୁଡ଼ିକୁ ପାଳନ କରାଯାଏ, ତେବେ କେବେହେଲେ କୌଣସି ଅପ୍ରିୟ ଘଟଣା ଘଟିବାର ଅବକାଶ ରହିବ ନାହିଁ ।

*୧୬ ଅଗଷ୍ଟ ୧୯୬୦*

*

*ଜ୍ୟୋତିଷୀମାନେ କହନ୍ତି ଯେ, ନଭେମ୍ବର ମାସରେ ଜନ୍ମ ହୋଇଥିବା ମଣିଷମାନେ ଯୌନ ବିଷୟରେ ସାଧାରଣତଃ ଉନ୍ମତ୍ତପ୍ରାୟ ହୋଇଥା’ନ୍ତି ।*

ଜ୍ୟୋତିଷୀମାନେ ଯାହା କହୁଛନ୍ତି, ତୁମେ ସେଗୁଡ଼ାକରେ ବିଶ୍ୱାସ କରୁଛ କାହିଁକି ? ଏହି ବିଶ୍ୱାସଟାହିଁ ତୁମକୁ ଯାବତୀୟ ହରକତରେ ଆଣି ପକାଇ ଦେଇଛି ।

ଶ୍ରୀଅରବିନ୍ଦ କହିଛନ୍ତି ଯେ ଜଣେ ମଣିଷ ନିଜକୁ ଯାହା ବୋଲି ଭାବେ, ସିଏ ଜୀବନରେ ଠିକ୍ ସେଇଆ ହୁଏ ।

ତୁମେ ନିଜେ ଜଣେ ଉତ୍ତମ ବାଳକ, ଏହିପରି ଭାବିବାର ପଦ୍ଧତିଟିକୁ ଅନୁସରଣ କରିବାର ଚେଷ୍ଟା କର ଏବଂ ତା' ହେଲେ ତୁମେ ଯୌନାସକ୍ତତାର କବଳରୁ ମୁକ୍ତି ଲାଭ କରିପାରିବ ।

ଅନବରତ ଓ ଅଟଳ ଭାବରେ ତୁମେ **ପାଞ୍ଚ ବର୍ଷ** ଲାଗି ଏହି ପଦ୍ଧତିଟିକୁ ଅନୁସରଣ କର ଏବଂ ତୁମ ଭିତରେ ଆଦୌ କୌଣସି ସନ୍ଦେହ ଏବଂ ଉତ୍ସାହହୀନତା ପ୍ରବେଶ କରିବାକୁ ଦିଅ ନାହିଁ । ଏବଂ ଏହିପରି ପାଞ୍ଚବର୍ଷ ପରେ ତାହାର ଯାହା ଫଳ ହେବ, ତୁମେ ମୋତେ ଆସି କହିବ ।

ସେହି ଫଳଟି ଉପରେ ତୁମର ଯେପରି ଆଦୌ କୌଣସି ସନ୍ଦେହ ଜାତ ନ ହୁଏ, ସେଥିଲାଗି ଅତ୍ୟନ୍ତ ଯତ୍ନଶୀଳ ରହିଥିବ ।

*୧୯୬୫*

*

ଯୌନବିଷୟକ ଏହି ପ୍ରସଙ୍ଗଟି ଉପରେ ତୁମେ ପ୍ରକୃତରେ ଅତିଗୁଡ଼ାଏ ମହତ୍ତ୍ୱ ଦେଇ ପକାଉଛ ।

ତୁମେ ଏ ବିଷୟରେ ମୋଟେ କିଛି ଚିନ୍ତା କର ନାହିଁ,– **ଅପେକ୍ଷାକୃତ ଅଧିକ ଆଗ୍ରହୋଦ୍ଦୀପକ** କାର୍ଯ୍ୟରେ ଆପଣାକୁ ତତ୍ପର କରି ରଖିବା ଲାଗି ଚେଷ୍ଟା କର, ସର୍ବଦାହିଁ ନିଜର ଜ୍ଞାନରେ ଏବଂ ଚେତନାରେ ଉତ୍ତରୋତ୍ତର ବୃଦ୍ଧି ଲାଭ କରିବା ଲାଗି ପ୍ରୟାସ କରୁଥାଅ, ଏବଂ ଯେତେବେଳେ ଯୌନ ବିଷୟରେ କୌଣସି ଭାବନା ବା କୌଣସି ପ୍ରବଳାକାଙ୍କ୍ଷା ତୁମ ଭିତରକୁ ପ୍ରବେଶ କରିବାର ଉପକ୍ରମ କରୁଛି, ସେତେବେଳେ ତାହାକୁ ଲାତ ମାରି ବାହାରକୁ ଫିଙ୍ଗିଦିଅ । ତେବେଯାଇ ତୁମେ ମୋ'ର ଜଣେ ସୈନିକ ହୋଇ ତିଆରି ହେବାର ଆଶା କରି ପାରିବ ।

*୧୯୬୫*

*

ତୁମେମାନେ କେହି ଝିଅ ନୁହେଁ କି ପୁଅ ନୁହେଁ, ତୁମେମାନେ ସମସ୍ତେ **ମଣିଷ** ଏବଂ ସମସ୍ତେହିଁ ସେହି ଦିବ୍ୟ ପରମସତ୍ତାଙ୍କୁ ପାଇବା ଲାଗି, ତାଙ୍କରି ଆଡ଼କୁ ବିକଶିତ ହୋଇଯିବା ଲାଗି, ଏବଂ ତାଙ୍କୁ ପ୍ରକାଶିତ କରି ଆଣିବା ଲାଗି ସମାନ ଭାବରେ

ଉଦ୍ୟମ କରୁଛ, ସତତ ଏହିପରି ଭାବିବା ପାଇଁହିଁ ମୁଁ ତୁମମାନଙ୍କୁ ଅନେକ ଆଗରୁ କହିସାରିଛି ।

*୧୬ ଫେବ୍ରୁଆରି ୧୯୬୬*

*

*ଯୌନ ସମ୍ବନ୍ଧରେ ଆମର ଆଦୌ କୌଣସି ଜ୍ଞାନ ନ ଥିଲେ ତଦ୍ୱାରା ହୁଏତ ଅତ୍ୟନ୍ତ କ୍ଷତିକାରକ ପରିଣାମମାନ ଘଟିପାରେ । ତେଣୁ, ମୁଁ ଜାଣିଥିବା ପିଲାମାନଙ୍କୁ ସେ ବିଷୟରେ କେତେକ ତଥ୍ୟ ଦେବାକୁ ଇଚ୍ଛା କରୁଛି ।*

ଯାବତୀୟ ବିକାରର ନିଷ୍ପନ୍ନକାରୀ ଏହି ଅତ୍ୟନ୍ତ ନିର୍ବୋଧ କେଉଁ ପୁରୁଣା କାଳର ଅନିଷ୍ଟକାରୀ ଲଜ୍ଜା-ସଚେତନତାଟିକୁ ଦୂରୀଭୂତ କରିବା ଲାଗି ଡାକ୍ତରୀ ବିଜ୍ଞାନର କେତୋଟି ସରଳ ଧାରଣାଦେବା ହୁଏତ ଉପଯୋଗୀ ହୋଇପାରେ ।

*

*ପିଲାମାନେ କହୁଛନ୍ତି ଯେ ଆମେ ଏକ ଲିଙ୍ଗ-ବିବର୍ଜିତ ସମାଜ ଆଡ଼କୁ ଗତି କରୁଛୁ । ତେଣୁ ଭାଷାଶିକ୍ଷାରେ ଆମେ ଆଉ ଲିଙ୍ଗର ପ୍ରକରଣଟିକୁ ନେଇ ଏତେ ମୁଣ୍ଡ ଖେଳାଇବା କାହିଁକି ?*

ଏକଥା କେହି ଥଟ୍ଟାରେ କହିଥିବ... ବା ଏହା ମନର ଏକ ବିକୃତି ହୁଏତ ହୋଇଥିବ; ଏବଂ ଭାଷାବିଷୟକ ପରାମର୍ଶଟିକୁ ବୁଝିବା ଲାଗି ଆପଣାର ଅସମ୍ମତି ପ୍ରକାଶ କରାଯାଇ ଭାରି ଚତୁର ଭାବରେ ଏପରି କୁହାଯାଇଛି ।

*

*ଅନେକ ଭଲ ଭଲ ପିଲା ପଇସା ଉପରେ ଏତେ ମହତ୍ତ୍ୱ ଦେଉଛନ୍ତି ଯେ ତାହା ଦେଖି ପ୍ରକୃତରେ କାବା ଲାଗୁଛି । ଏ ବିଷୟରେ କୌଣସି ଆଲୋଚନା ହୋଇ ପାରିବ କି ?*

ହଁ,– ଏକ ଆଲୋଚନା ପାଇଁ ଚେଷ୍ଟା କର । ସେଥିଲାଗି ଅତ୍ୟନ୍ତ ପ୍ରୟୋଜନ ରହିଛି । ଏହି ପଇସାହିଁ ଏବେ ସତେଅବା ପରାତ୍ପର ପରମେଶ୍ୱରରେ ପରିଣତ ହୋଇଥିବା ପରି ମନେ ହେଉଛି । ସତ୍ୟ ପଛଘୁଞ୍ଚା ଦେଇ କୁଆଡ଼େ ଅନ୍ତରାଳକୁ ପଳାଇ ଯିବାକୁ ବସିଲାଣି । ଶ୍ରଦ୍ଧା ଓ ପ୍ରେମ ତ' ପ୍ରାୟ ଅଦୃଶ୍ୟ ହୋଇ ରହିଲାଣି !

ଏଠାରେ ପ୍ରେମ କହିଲେ ମୁଁ ଭଗବତ୍-ପ୍ରେମକୁହିଁ ବୁଝୁଛି; କାରଣ ସାଧାରଣତଃ ମଣିଷମାନେ ଯାହାକୁ ପ୍ରେମ ବୋଲି କହନ୍ତି, ସେଇଟି ତ ପଇସାର ପରମମିତ୍ର ହୋଇ ରହିଥାଏ ।

*

ଆପଣା ପରିବାରର ଧନସମ୍ପତ୍ତି ବିଷୟରେ ତୁମକୁ କାହାଣୀମାନ କହି ଯେତେବେଳେ କୌଣସି ପିଲା ତୁମ ମନରେ ତାହାର କୌଣସି ପ୍ରଭାବ ପକାଇବା ଲାଗି ଇଚ୍ଛା କରୁଥିବ, ସେତେବେଳେ ତୁମେ କଦାପି ଚୁପ୍ ହୋଇ ରହିଯିବ ନାହିଁ । ସେତେବେଳେ ତୁମେ ବି ତାହାକୁ ବୁଝାଇ କରି କହିଦେବ ଯେ, ଏଠାରେ ପାର୍ଥିବ ଧନସମ୍ପତ୍ତିର ଆଦୌ କୌଣସି ମୂଲ୍ୟ ନାହିଁ; କେବଳ ଯେଉଁ ସମ୍ପତ୍ତିକୁ ପରମ ଦିବ୍ୟସତ୍ତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି, ତାହାରି ଯାହାକିଛି ମୂଲ୍ୟ ରହିଛି । ତୁମେ ଏକଥା ଭଲକରି ବୁଝାଇ କହିଦେବ ଯେ, ବଡ଼ ବଡ଼ କୋଠାଘରେ ବାସ କରିବା ଦ୍ୱାରା, ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ଦ୍ୱାରା ଓ ବିପୁଳ ପରିମାଣରେ ଅର୍ଥବ୍ୟୟ କରିବା ଦ୍ୱାରା କେହି କଦାପି ବଡ଼ ହୋଇଯିବ ନାହିଁ । କେବଳ ସତ୍ୟ ପରାୟଣ, ନିଷ୍ଠାଯୁକ୍ତ, ଅନୁଗତ ଏବଂ କୃତଜ୍ଞ ହୋଇ ରହିବା ଦ୍ୱାରାହିଁ ଜଣେ ମନୁଷ୍ୟର ସମ୍ମାନ ଓ ସ୍ଥାନରେ ଅଭିବୃଦ୍ଧି ସମ୍ଭବ ହୁଏ ।ଃ

*

ମୁଁ  ଆଗରୁ କହିଛି, ଏବଂ ସେହି ନିଷ୍ପତ୍ତିଟିରେ ମୁଁ ଏବେ ମଧ୍ୟ ଅଟଳ ରହିଛି ଯେ, ପନ୍ଦର ବର୍ଷରୁ କମ୍ ବୟସର ପିଲାମାନେ କଦାପି ରାତି ନଅଟା ବାଜିବା ପରେ ଚେଇଁକରି ରହିବେ ନାହିଁ । ଯେଉଁମାନେ ସେ କଥା କରୁଛନ୍ତି, ସେମାନେ ପ୍ରକୃତରେ କଥା ମାନୁ ନାହାନ୍ତି ଓ ଏହା ପ୍ରକୃତରେ ଭାରି ଦୁଃଖର କଥା ।

*

*ମାଆ, ମଧ୍ୟରାତ୍ରି ପୂର୍ବର ସମୟଟି ମଧ୍ୟରାତ୍ରିର ପରବର୍ତ୍ତୀ ଘଟିକାଗୁଡ଼ିକ ଅପେକ୍ଷା ଶୋଇବା ଲାଗି ଅପେକ୍ଷାକୃତ ଅଧିକ ଭଲ ସମୟ ବୋଲି କାହିଁକି କୁହାଯାଏ ?*

କାରଣ, ପ୍ରତୀକାତ୍ମକ ଭାବରେ କହିବାକୁ ଗଲେ, ମଧ୍ୟରାତ୍ରି ପୂର୍ବର ଘଟିକାଗୁଡ଼ିକରେ ସୂର୍ଯ୍ୟ ଅସ୍ତ ହେବାରେ ଲାଗିଥା'ନ୍ତି, ଓ ମଧ୍ୟରାତ୍ରିର ପରବର୍ତ୍ତୀ ଠିକ୍ ପ୍ରଥମ ଘଟିକାଟିରୁହିଁ ସୂର୍ଯ୍ୟ ଉଦୟ ହେବାକୁ ଆରମ୍ଭ କରିଦିଏ ।

ଅନେକ ଆଶୀର୍ବାଦ ।

*୨୨ ଅଗଷ୍ଟ ୧୯୬୯*

*

*ମାଆ, ଶୀଘ୍ର ଶୋଇବାକୁ ଯାଇ ଶୀଘ୍ର ଶଯ୍ୟାତ୍ୟାଗ କରିବା ଦ୍ୱାରା କ'ଣ ଅଧିକ ଉପକାର ହୁଏ କହିଲେ ?*

ସୂର୍ଯ୍ୟାସ୍ତ ସମୟରେ ପୃଥିବୀ ଉପରେ ଏକପ୍ରକାରର ଶାନ୍ତି ଅବତରଣ କରି ଆସିଥାଏ ଏବଂ ସେହି ଶାନ୍ତି ନିଦ୍ରା ଲାଗି ଭାରି ସହାୟକ ହୋଇଥାଏ ।

ଯେତେବେଳେ ସୂର୍ଯ୍ୟୋଦୟର ସମୟ ଆସେ, ସେତେବେଳେ ଏକ ତେଜସ୍ୱିନୀ ଶକ୍ତି ପୃଥିବୀ ଉପରେ ଅବତରଣ କରେ ଏବଂ ସେହି ଶକ୍ତି କର୍ମକରିବାର ସହାୟକ ହୁଏ ।

ତେଣୁ, ଯଦି ତୁମେ ଡେରିରେ ଶୋଇବାକୁ ଯାଅ ଏବଂ ଡେରିକରି ଉଠ, ତେବେ ତୁମେ ପ୍ରାକୃତିକ ଶକ୍ତିଗୁଡ଼ିକର ବିରୋଧାଚରଣ କରିଥାଅ । ତାହାକୁ ଆମେ ଆଦୌ ଖୁବ୍‌ବେଶୀ ଏକ ବିଜ୍ଞତାର କଥା ବୋଲି କହିବା ନାହିଁ ।

ଅନେକ ଆଶୀର୍ବାଦ ।

*୨୧ ଡିସେମ୍ବର ୧୯୬୯*

*

*ମାଆ, ଏଠାରେ ଦଳପତି ଏବଂ ଶିକ୍ଷକମାନଙ୍କ ପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?*

ଏକ ଅନୁଗତ, ବାଧ୍ୟ ଏବଂ ସ୍ନେହପୂର୍ଣ୍ଣ ଦୃଷ୍ଟିକୋଣ । ସେମାନେ ହେଉଛନ୍ତି ତୁମର ବଡ଼ ଭାଇ ଓ ବଡ଼ ଭଉଣୀ; ଏବଂ ତୁମକୁ ସାହାଯ୍ୟ କରିବା ଲାଗି ସେମାନେ କେତେକେତେ ଚେଷ୍ଟା ଓ ଶ୍ରମ କରୁଛନ୍ତି ।

ଅନେକ ଆଶୀର୍ବାଦ ।

*୧ ଫେବ୍ରୁଆରି ୧୯୭୦*

*

## ଛୁଟିଦିନ

*ଛୁଟି ବିଷୟରେ ଆଶ୍ରମରେ ବର୍ତ୍ତମାନ ଦୁଇଟି ଜନରବ ଶୁଣିବାକୁ ମିଳୁଛି ।*

*ପ୍ରଥମ ଜନରବଟି ହେଉଛି : ଆପଣ କୁଆଡ଼େ କହିଛନ୍ତି ଯେ ଏଥର ଆପଣ ଆମକୁ ଛୁଟିରେ ବାହାରକୁ ଯିବା ଲାଗି ଅନୁମତି ଦେବେ । ମାତ୍ର ଆସନ୍ତା ବର୍ଷ କୁଆଡ଼େ ସେପରି କୌଣସି ଅନୁମତି ମିଳିବ ନାହିଁ । ଦ୍ୱିତୀୟ ଜନରବଟି*

*ହେଉଛି ଯେ, ଆମେ ଛୁଟିରେ ବାହାରକୁ ଯାଉବୋଲି ଆପଣ ମୋତେ ଇଚ୍ଛା କରନ୍ତି ନାହିଁ ।*

*ଏହି ଦୁଇଟି ମଧ୍ୟରୁ କେଉଁ ଜନରବଟି ସତ, ମୁଁ ସେହି କଥାଟି ଜାଣିବାକୁ ଇଚ୍ଛା କରୁଛି; କାରଣ, ଛୁଟିରେ ବାହାରକୁ ଯିବା ସକାଶେ ଅନେକ ପିଲା ଆପଣଙ୍କଠାରୁ ଅନୁମତି ପାଇ ସାରିଲେଣି ।*

ଦୁଇଟି ମଧ୍ୟରୁ କୌଣସି ଜନରବଟି ସତ ନୁହେଁ ।

ଦୁଇଟି ମଧ୍ୟରୁ କୌଣସି ଜନରବଟି ମିଥ୍ୟା ବି ନୁହେଁ ।

ସବୁ କଥାର ସମନ୍ୱୟ ଏବଂ ସୌଷମ୍ୟ ରକ୍ଷା କରିବା ଲାଗି ମୋର ଯେଉଁ ଇଚ୍ଛାଟି ସବୁବେଳେ ଥାଏ, ଏହି ଦୁଇଟିଯାକ ଜନରବକୁ, ଏବଂ ଆହୁରି ଅନେକକୁ, ଅଳ୍ପ ବହୁତ ପରିମାଣରେ ତାହାରି ଏକ ବିକୃତ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ ।

ପ୍ରତ୍ୟେକ ପିଲାକୁ ମୁଁ ବ୍ୟକ୍ତିଗତ ଭାବରେ ଗୋଟିଏ ଗୋଟିଏ ଉତ୍ତର ଦେଇଛି; ଏବଂ ଯଦି ଜଣେ ପିଲାର ପ୍ରକୃତ ନିଷ୍ଠା ରହିଥାଏ, ତେବେ ତାହାରି ଆବଶ୍ୟକତାର ପୂରଣ କରିବାକୁହିଁ ପ୍ରତ୍ୟେକଟି ଉତ୍ତର ଦିଆଯାଇଛି ।

*୧୭ ଅକ୍ଟୋବର ୧୯୬୪*

*

*ମାଆ, ବାହାରକୁ ଚାଲିଗଲେ ଜଣେ ବ୍ୟକ୍ତି ହାସଲ କରିଥିବା ଆଧ୍ୟାତ୍ମିକ ଲାଭଟି କିପରି ନଷ୍ଟ ହୋଇଯାଏ, ମୁଁ ସେ କଥା ବୁଝି ପାରୁ ନାହିଁ । ଯେକୌଣସି ବ୍ୟକ୍ତି ତ ତାହାକୁ ନଷ୍ଟ ହେବାକୁ ନ ଦେବା ଲାଗି ଏକ ସଚେତନ ପ୍ରୟାସ କରିପାରେ, ଏବଂ ଆପଣଙ୍କର ସୁରକ୍ଷା ମଧ୍ୟ ତା' ପାଖରେ ସର୍ବଦାହିଁ ରହିଥାଏ,– ନୁହେଁ କି ?*

ନିଜ ବାପାମାଆଙ୍କ ପାଖକୁ ଯିବାର ଅର୍ଥ ହେଉଛି ସାଧାରଣତଃ ଅନ୍ୟ ଯେକୌଣସି ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇ ରହିଥିବା ଏକ ପ୍ରଭାବ ନିକଟକୁ ଫେରିଯିବା । ଏବଂ, ଅତ୍ୟନ୍ତ କମ୍ ସଂଖ୍ୟକ ସ୍ଥଳରେହିଁ ବାପାମାଆମାନେ ତୁମକୁ ତୁମର ଆଧ୍ୟାତ୍ମିକ ଅଗ୍ରଗତିରେ ପ୍ରକୃତରେ କୌଣସି ସାହାଯ୍ୟ କରିଥା'ନ୍ତି; କାରଣ କୌଣସି ନା କୌଣସି ପ୍ରକାରର ଏକ ସାଂସାରିକ ଲକ୍ଷ୍ୟୋପଲବ୍ଧିରେ ସେମାନେ ସାଧାରଣତଃ ଅଧିକ ଆଗ୍ରହୀ ହୋଇ ରହିଥା'ନ୍ତି ।

ଏବଂ ଯେଉଁ ପିତାମାତା ମୁଖ୍ୟତଃ ଆଧ୍ୟାତ୍ମିକ ଉପଲବ୍ଧିରେ ଆଗ୍ରହ ରଖିଥା'ନ୍ତି,

ସେମାନେ ସେମାନଙ୍କର ପିଲାମାନଙ୍କୁ ଘରକୁ ସେମାନଙ୍କ ପାଖକୁ ଯିବା ପାଇଁ ସାଧାରଣତଃ କେବେହେଲେ କହନ୍ତି ନାହିଁ ।

ଅନେକ ଆଶୀର୍ବାଦ ।

*୮ ନଭେମ୍ବର ୧୯୬୯*

*

ସ୍କୁଲ୍‌-ବର୍ଷଟିର ଆରମ୍ଭରେ ଡିସେମ୍ବର ୧୬ ତାରିଖ ଦିନ ଯେଉଁ ଛାତ୍ରମାନେ ଉପସ୍ଥିତ ନ ରହିବେ, ସମଗ୍ର ସ୍କୁଲ-ବର୍ଷଟି ଲାଗି ସେମାନଙ୍କୁ କୌଣସି ଶ୍ରେଣୀରେ ଯୋଗ ଦେବା ଲାଗି ଆଦୌ ଅନୁମତି ମିଳିବ ନାହିଁ ।

*ନଭେମ୍ବର ୧୯୬୯*

*

## ଛୁଟିଦିନ

ଏଗୁଡ଼ିକୁ ଆମେ ପ୍ରକୃତରେ ପବିତ୍ର ଦିବସ (Holydays) ବୋଲି କହିବା କି ? ଛୁଟିଦିନ ଦୁଇ ପ୍ରକାରର : ପାରମ୍ପରିକ ପ୍ରଥା ଅନୁସାରେ, ପରମେଶ୍ୱର ଏହି ଜଗତର ସୃଷ୍ଟି କରିବା ସକାଶେ ଛଅ ଦିନ (ଛଅ ଯୁଗ) ପର୍ଯ୍ୟନ୍ତ କାର୍ଯ୍ୟ କଲେ ଓ ସପ୍ତମ ଦିନ ବିଶ୍ରାମ ନେବା ଲାଗି, ଅଭିନିବେଶ ଓ ମନନ ଲାଗି ଆପଣାର କାର୍ଯ୍ୟ ବନ୍ଦ କରି ଦେଇଥିଲେ । ଏହି ଦିନଟିକୁ ପରମେଶ୍ୱରଙ୍କର ଦିବସ ବୋଲି କୁହାଯାଇ ପାରିବ ।

ଦ୍ୱିତୀୟଟି ହେଉଛି : ଆପଣାର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ଅହଂପ୍ରେରିତ ଅଭିପ୍ରାୟଗୁଡ଼ିକର ସାଧନ ଲାଗି ମଣିଷ ତଥା ଇତରପ୍ରାଣୀ ସପ୍ତାହରେ ଛଅ ଦିନ ଯାକ କାମ କରୁଥା'ନ୍ତି; ଏବଂ ସପ୍ତମ ଦିନରେ ସେମାନେ କିଞ୍ଚିତ୍ ବିଶ୍ରାମ ନେବା ଲାଗି ଓ ଆପଣାର ଭିତରକୁ ଅର୍ଥାତ୍ ଊର୍ଦ୍ଧ୍ୱକୁ ଅନାଇବା ଲାଗି, ଆପଣା ଜୀବନ ତଥା ଚେତନାର ଅସଲ ଉତ୍ସ ଏବଂ ନିଷ୍ପାଦନସ୍ଥାନଟି ବିଷୟରେ ଶାନ୍ତ ହୋଇ ଚିନ୍ତା କରିବା ଲାଗି ଏବଂ ସେହି ପରମ ଉତ୍ସଟିରେ ଆପଣାକୁ ନିମଗ୍ନ କରି ରଖି ଆପଣାର ଶକ୍ତିକୁ ପୁନର୍ବାର ନୂତନ କରି ନେବା ଲାଗି କିଞ୍ଚିତ୍ ଫୁରୁସତ ପାଇବେ ବୋଲି ସେମାନେ ଆପଣାର ସବୁ କାମ ବନ୍ଦ କରି ଦିଅନ୍ତି ।

ମାତ୍ର, ଶବ୍ଦଟିର ଆଧୁନିକ ଅର୍ଥରେ ଆମେ ତାହାକୁ ଯେପରି ଭାବରେ ବୁଝିଥାଉ ବା ବିଷୟଟିକୁ ଯେପରି ଭାବରେ ଗ୍ରହଣ କରିଥାଉ, ଅର୍ଥାତ୍ ଆପଣାର ଚିତ୍ତବିନୋଦନ କରିବା ଲାଗି ସମୟକୁ ନଷ୍ଟ କରିବାର ଯେଉଁ ବ୍ୟର୍ଥ ଚେଷ୍ଟାମାନ କରି ଆମେ ଯେଉଁ

ଯାବତୀୟ ପ୍ରକାରର ସମ୍ଭାବନାମାନ ଭିଆଇଥାଉ, ସେ ବିଷୟରେ ଉଲ୍ଲେଖ କରିବାର ପ୍ରକୃତରେ ପ୍ରାୟ କୌଣସି ଆବଶ୍ୟକତାହିଁ ନାହିଁ ।

*

*ଅରୋଭିଲ୍‌ରେ ରହୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରକୃତ ସେବକ ହେବାକୁ ଇଚ୍ଛା କରନ୍ତି, ସେମାନଙ୍କ ପାଇଁ ରବିବାର ଏକ ଛୁଟି ଦିନ ହୋଇ ରହିବ କି ?*

ପ୍ରଥମ ସପ୍ତାହଟି ଯାକର କର୍ମ ସଙ୍ଗଠନ ବିଷୟରେ ଏହିପରି କଳ୍ପନା କରା ଯାଇଥିଲା : ବ୍ୟକ୍ତି ଯେଉଁ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ରହିଛି, ସିଏ ସେଥି୍ ଲାଗି ସପ୍ତାହରେ ଛଅ ଦିନ କାର୍ଯ୍ୟ କରିବ : ସପ୍ତାହର ସପ୍ତମ ଦିନଟିକୁ ପରମ ଦିବ୍ୟସତ୍ତାଙ୍କୁ ନିଜ ଅନ୍ତର ଭିତରେ ଅନ୍ୱେଷଣ କରିବା ଲାଗି ସ୍ୱତନ୍ତ୍ର ଭାବେ ଛାଡ଼ି ଦିଆ ଯାଇଥିଲା, ଆପଣାର ସତ୍ତାଟିକୁ ଦିବ୍ୟ ଇଚ୍ଛାର ସମୀପରେ ନିବେଦନ କରି ରଖିବା ଲାଗି ଛାଡ଼ି ଦିଆ ଯାଇଥିଲା । ତେଣୁ, ରବିବାରର ତଥାକଥିତ ବିଶ୍ରାମଟିର ଏହାହିଁ ଏକମାତ୍ର ପ୍ରକୃତ ଅର୍ଥ ଥିଲା ଓ ତାହା ପଛରେ ଏହାହିଁ ଏକମାତ୍ର କାରଣ ହୋଇ ରହିଥିଲା ।

କହିବା ନିଷ୍ପ୍ରୟୋଜନ ଯେ ଆନ୍ତରିକତାହିଁ ଯାବତୀୟ ଉପଲବ୍ଧିର ସର୍ବମୂଳ ସର୍ତ୍ତ; ଆନ୍ତରିକତାର ଯାବତୀୟ ଅଭାବକୁ କେବଳ ଏକ ଅଧଃପତନ ବୋଲି କୁହାଯିବ ।

*୨୫ ଅକ୍‌ଟୋବର ୧୯୭୧*

*

## ଅଧ୍ୟୟନ କରିବାକୁ ଅନ୍ୟତ୍ର ଯିବା

ତୁମକୁ ଏ ବିଷୟରେ ଆଦୌ କିଛି ନ କହି ମୁଁ ତୁମେ ଆପଣାର ଅଧ୍ୟୟନ ଲାଗି ଇଂଲଣ୍ଡ ଯିବ ବୋଲି ଅନୁମତି ଦେବାକୁ ଇଚ୍ଛା କରିଥିଲି । କାରଣ ଯିଏ ନିଜ ଲାଗି ଯେଉଁ ବାଟଟିକୁ ବାଛି ନେଇଛି, ସେହି ବାଟରେ ଯିବା ଲାଗି ତାହାର ଅବଶ୍ୟ ସ୍ୱାଧୀନତା ଆବଶ୍ୟକ । ମାତ୍ର ତୁମେ ମୋ' ପାଖକୁ ଯାହା ଲେଖିଛ, ତାହାକୁ ପଢ଼ିବା ପରେ ମୁଁ ବାଧ ହୋଇ ତୁମକୁ କେତୋଟି କଥା ଲେଖୁଛି ।

ମନୁଷ୍ୟମାନେ ସାଧାରଣତଃ ଜ୍ଞାନ ବୋଲି ଯାହା କହନ୍ତି, ସେଥିରୁ ତୁମେ ଯାହା ହାସଲ କରିବାକୁ ଇଚ୍ଛା କରୁଥିବ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବାହ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ଇଂଲଣ୍ଡରେ ତୁମକୁ ସେସବୁ କଥା ଅବଶ୍ୟ ମିଳିଯିବ । ମାତ୍ର,

ପରମ ସତ୍ୟ ଏବଂ ପରମ ଚେତନାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ତୁମେ ଏଠାରେ ଯେଉଁ ପରିବେଶ ମଧ୍ୟରେ ବାସ କରୁଛ, ସେହି ପରିବେଶଟି ତୁମକୁ ଆଉ ଅନ୍ୟତ୍ର କେଉଁଠି ହେଲେ କଦାପି ମିଳିବ ନାହିଁ । ଅନ୍ୟତ୍ର ତୁମକୁ ହୁଏତ ଏକ ଧାର୍ମିକ ଅଥବା ଦାର୍ଶନିକ ପରିବେଶ ମିଳିଯାଇ ପାରିବ; ମାତ୍ର, ପ୍ରକୃତ ଆଧ୍ୟାତ୍ମିକତା, ଦିବ୍ୟ ପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ସଂଯୋଗସ୍ଥାପନ, ନିଜର ଜୀବନରେ, ମନରେ ଓ କର୍ମରେ ତାଙ୍କୁ ଉପଲବ୍ଧି କରିବାର ସତତ ଅଭୀପ୍ସା,— ଏଗୁଡ଼ିକୁ ଏହି ପୃଥିବୀରେ ଅତି ବିରଳ ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟକ୍ତି ସମ୍ଭବ କରି ପାରିଥା'ନ୍ତି । ଏବଂ, ଯେକୌଣସି ବିଶ୍ୱବିଦ୍ୟାଳୟରେ ଯେତେ ଉନ୍ନତ ସ୍ତରର ଶିକ୍ଷା ଦିଆ ଯାଉଥାଉ ପଛକେ, ସେଗୁଡ଼ିକରେ ପ୍ରାପ୍ତ ହେଉଥିବା ଏକ ଜୀବନ୍ତ ସତ୍ୟ ରୂପେ ତାହାର କଦାପି ଉପଲବ୍ଧି ହୋଇ ପାରେ ନାହିଁ ।

ବାସ୍ତବ କ୍ଷେତ୍ରରେ, ତୁମ ନିଜ ବିଷୟରେ କହିବାକୁ ଗଲେ, ତୁମେ ଉପଲବ୍ଧି କରିଥିବା ଅନୁଭୂତିଟିକୁ ବିଚ୍ୟୁତ ହୋଇଯିବାରହିଁ ସେଠାରେ ଏକ ଅଧିକ ଆଶଙ୍କା ରହିବ ଏବଂ ତା'ପରେ ତୁମ ଜୀବନରେ ଯେ କ'ଣସବୁ ଘଟିବ ସେ କଥା ଜାଣିବା ଲାଗି ମଧ୍ୟ ତୁମର କୌଣସି ଶକ୍ତି ନ ଥିବ ।

ମୁଁ ଏହି କେତୋଟି କଥା କହିବାକୁ ଇଚ୍ଛା କରୁଥିଲି,— ବର୍ତ୍ତମାନ ତୁମେହିଁ ଏହି ବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରିବ ଏବଂ କ'ଣ କରିବ, ସେ କଥାଟିକୁ ନିଜେ ବାଛିବ ।

*୨୨ ଅକ୍ଟୋବର ୧୯୫୨*

*

*ଆଶ୍ରମରେ ଏଠି ଏପରି ଅନେକ ଲୋକ ରହିଥିବାର ଆମେ ଦେଖିପାରୁଛୁ, ଯେଉଁମାନେ କି ଜୀବନର କୌଣସି ଏକ ବେଉସା ଖୋଜିବାକୁ ଅଥବା ଅଧ୍ୟୟନ କରିବାକୁ ନିଜର ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଛନ୍ତି । ସେମାନେ ପିଲା ଦିନରୁ ଏଠାରେ ଅଛନ୍ତି । ଏଠାରେ ଥିବା ପିଲାମାନେ ଯେତେବେଳେ ଅନ୍ୟମାନଙ୍କୁ ଆଶ୍ରମରୁ ଚାଲିଯିବାର ଦେଖୁଛନ୍ତି, ସେତେବେଳେ ସେମାନଙ୍କ ମନରେ ଗୋଟାଏ ପ୍ରକାରର ଅନିଶ୍ଚୟତା-ଭାବର ଉଦୟ ହେଉଛି ଏବଂ ସେମାନେ ଭାରି ଗମ୍ଭୀର ଓ ସତର୍କ ହୋଇଯାଇ କହୁଛନ୍ତି : ''ଦିନେ ମୋ ପାଳି ଯେ ନ ପଡ଼ିବ, ସେ କଥା କିଏ ଜାଣିଛି ?'' ମୁଁ ଅନୁଭବ କରୁଛି, ଏଇଟି ପଛରେ ଗୋଟିଏ ଶକ୍ତି କାର୍ଯ୍ୟକାରୀ ହୋଇ ରହିଛି । ସେହି ଶକ୍ତିଟି ପ୍ରକୃତରେ କ'ଣ ?*

ଅନିଶ୍ଚିତତାର ଏହି ଭାବ ଏବଂ ଆଶ୍ରମ ଛାଡ଼ି ଏହିସବୁ ଚାଲିଯିବା,— ଏସବୁ ଏପରି ଏକ ନିମ୍ନ ପ୍ରକୃତି ଦ୍ୱାରା ଘଟୁଛି, ଯାହାକି ଯୋଗଶକ୍ତିର ପ୍ରଭାବଟିର ପ୍ରତିରୋଧ କରିବାରେ

ଲାଗିଛି ଏବଂ ଦିବ୍ୟ କର୍ମର ଗତିକୁ ମନ୍ଥର କରି ରଖିବା ଲାଗି ଇଚ୍ଛା କରିବାରେ ଲାଗିଛି ଏବଂ ଦିବ୍ୟ କର୍ମର ଗତିକୁ ମନ୍ଥର କରି ରଖିବା ଲାଗି ଇଚ୍ଛା କରୁଛି । ଏପରି କରିବା ପଛରେ ତାହାର ଯେ କୌଣସି ଅସତ୍ ଇଚ୍ଛା ରହିଛି, ସେ କଥା ଆଦୌ ନୁହେଁ; ମାତ୍ର, ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବାର ତ୍ୱରା ଓ ଉତ୍ତେଜନାରେ ଯେପରି କୌଣସି ଗୋଟିଏ କଥା ବି ବିସ୍ମୃତ ବା ଅବହେଳିତ ହୋଇ ରହି ନ ଯାଏ, ସେହି ବିଷୟରେ ପୂର୍ଣ୍ଣନିଶ୍ଚିତ ହେବା ଲାଗି ତାହା ସେପରି କରୁଛି । ଏକ ସଂପୂର୍ଣ୍ଣ ଉତ୍ସର୍ଗୀକରଣ ଲାଗି କେବଳ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ପ୍ରସ୍ତୁତ ଅଛନ୍ତି । ଏଠାରେ ଅଧ୍ୟୟନ କରିଥିବା ଅନେକ ପିଲା ଦିବ୍ୟ କର୍ମଟି ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇ ପାରିବା ପୂର୍ବରୁ ସେମାନଙ୍କ ଲାଗି ବାସ୍ତବ ଜୀବନର ସମ୍ମୁଖୀନ ହେବାର ହୁଏତ ଏକ ପ୍ରୟୋଜନ ରହିଛି ଏବଂ ସେଥିଲାଗି, ସାଧାରଣ ଜୀବନର ପରୀକ୍ଷାଟିର ମଧ୍ୟଦେଇ ଗତି କରିବା ସକାଶେ ସେମାନେ ଆଶ୍ରମ ଛାଡ଼ି ବାହାରକୁ ଯାଉଛନ୍ତି ।

*୧୧ ନଭେମ୍ବର ୧୯୬୪*

*

*(କଲିକତାରେ କୌଣସି ଏକ ପ୍ରାୟୋଗିକ ବିଷୟରେ ଶିକ୍ଷା ପାଇବା ଲାଗି ଜଣେ ଛାତ୍ର ପାଖକୁ ଏକ ଡାକରା ଆସିଥିଲା ।)*

ଯେଉଁମାନେ **ଆନ୍ତରିକତା ସହିତ** ବିଦ୍ୟାଶିକ୍ଷା କରିବାକୁ **ଇଚ୍ଛା କରନ୍ତି**, ଏଠାରେ ସେମାନଙ୍କର ତାହା କରି ପାରିବା ଲାଗି ଯାବତୀୟ ସମ୍ଭାବନା ମହଜୁଦ ରହିଛି । କେବଳ ଗୋଟିଏ ଜିନିଷ ବାହାରେ ମିଳିବ, ଯାହା ଏଠାରେ ମିଳିବ ନାହିଁ;— ଏକ ବାହ୍ୟ ଶୃଙ୍ଖଳାର ନୈତିକ ବାଧ୍ୟବାଧକତା, ଯାହା ଏଠାରେ ନାହିଁ, କେବଳ ବାହାରେ ରହିଛି ।

ଏଠାରେ ସମସ୍ତେ ମୁକ୍ତ ହୋଇ ରହିଛନ୍ତି; ପ୍ରକୃତ **ନିଷ୍ଠା** ସହିତ କେବଳ ଯିଏ **ନିଜେହିଁ** ନିଜ ଉପରେ ଯେଉଁ ନିୟନ୍ତ୍ରଣକୁ ସ୍ୱୀକାର କରୁଛି, ଏଠାରେ ତାହାହିଁ ଏକମାତ୍ର ବାଧ୍ୟବାଧକତା ହୋଇ ରହିଛି ।

ବର୍ତ୍ତମାନ ତୁମେ ନିଜେହିଁ ନିଷ୍ପତ୍ତି କର କ'ଣ କରିବ ।

*୩ ଅଗଷ୍ଟ ୧୯୬୬*

*

*ଏପରି କେତେକ ପିଲା ଏଠାରେ ଅଛନ୍ତି, ଯେଉଁମାନେ କହୁଛନ୍ତି ଯେ ସେମାନେ ଏଠାକୁ କେବଳ ପଢ଼ିବା ଲାଗି ଆସିଛନ୍ତି, ସାଧନା କରିବାକୁ ଆସି ନାହାନ୍ତି ଓ ତେଣୁ ସେମାନେ ଯାହା ଇଚ୍ଛା କରିବେ ତାହା ଅବଶ୍ୟ କରି ପାରିବେ,— ଏମାନଙ୍କୁ ଆମେ କି ଉତ୍ତର ଦେବା ଓ ଏମାନଙ୍କ ପ୍ରତି ଆମର କିଭଳି ଦୃଷ୍ଟିକୋଣ ରହିବ ?*

ସେମାନଙ୍କର ଏଠାରେ ରହିବା ଉଚିତ ନୁହେଁ ବୋଲି ସେମାନଙ୍କୁ କହି ଦିଆଯିବା ଉଚିତ । ଆମେ ସେମାନଙ୍କ ଉପରେ ଆଦୌ କୌଣସି ଯୋଗସାଧନାକୁ ନେଇ ଲଦି ଦେବୁ ନାହିଁ । ମାତ୍ର ସେମାନଙ୍କୁ ଏଠାରେ ଏକ ସ୍ୱାସ୍ଥ୍ୟ ଅନୁକୂଳ ଓ ସୁନ୍ଦର ଜୀବନ ଯାପନ କରିବାକୁ ପଡ଼ିବ । ଏବଂ ଯଦି ସେଥିଲାଗି ସେମାନଙ୍କର ମନ ନ ହେବ, ତେବେ ସେମାନଙ୍କର ଆଉ କେଉଁଠିକୁ ଚାଲିଯିବାହିଁ ଉଚିତ ।

*

*ମାଆ, ଆମେ ସେମାନଙ୍କୁ ଏଠାରୁ ବାହାର କରି ଦେବା କି ?*

ସେମାନଙ୍କ ଭିତରୁ ଯାହାର ପଢ଼ାଶୁଣା ପ୍ରକୃତରେ ଅତ୍ୟନ୍ତ ଖରାପ, ତୁମେ ସେହିଭଳି ଗୋଟିଏ ପିଲାକୁ ମୋ' ପାଖକୁ ନେଇ ଆସିବ । ମୁଁ ତାକୁ କିଛି କହିବି ନାହିଁ, ମାତ୍ର ଆଉ କିଛି ପ୍ରୟୋଗ କରି ଦେଖିବି । ଯଦି ସେହି ପ୍ରୟୋଗ ସଫଳ ହୁଏ, ତେବେ ତୁମେ ପରେ ଅନ୍ୟମାନଙ୍କୁ ମଧ୍ୟ ମୋ' ପାଖକୁ ଆଣିବ ।§

*

*(ଜଣେ ଶିକ୍ଷକ ଲେଖିଥିଲେ ଯେ କେତେକ ଛାତ୍ର ଶିକ୍ଷାକେନ୍ଦ୍ରଟି ବିଷୟରେ ଆଦୌ ସନ୍ତୁଷ୍ଟ ନୁହନ୍ତି ।)*

ଅନ୍ୟତ୍ର ଶିକ୍ଷା କରି ନ ପାରିବା ଭଳି କୌଣସି ବିଷୟ ସେମାନେ ଏଠାରେ ଶିକ୍ଷା କରି ପାରିବେ ବୋଲି ଯଦି ସେମାନଙ୍କର କୌଣସି ବିଶ୍ୱାସ ନ ଥାଏ, ତେବେ ତୁମେ ସେମାନଙ୍କୁ କହିଦେବ ଯେ, ସ୍କୁଲ୍ ବଦଳାଇ ଆଉ କେଉଁଠାକୁ ଚାଲିଗଲେ ସେମାନଙ୍କର ଆଦୌ କୌଣସି କ୍ଷତି ହେବ ନାହିଁ । ସେମାନଙ୍କର ଅଭାବକୁ ଆମେ ଆଦୌ ଅନୁଭବ କରିବୁ ନାହିଁ ।

ସବୁ ପ୍ରକାରରୁ ମିଶାଇ ଯାଉସାଉ ପଲେ ରଖିବା ଅପେକ୍ଷା ବାଛି କରି କେବଳ କେତେଜଣଙ୍କୁ ରଖିବା ଦ୍ୱାରା ନିଶ୍ଚୟ ଅଧିକ ଭଲ ହେବ ।

*

*(ଜଣେ ଛାତ୍ରର ଅଧ୍ୟୟନକ୍ରମ ପ୍ରାୟ ସଂପୂର୍ଣ୍ଣ ହୋଇ ଆସିଥିଲା । ସିଏ ଆମେରିକା ଯାଇ କଲେଜରେ ପାଠ ପଢ଼ିବା ବା ଏଠି ଆଶ୍ରମରେ ରହି ଆଶ୍ରମବାସୀ ରୂପେ କାର୍ଯ୍ୟ କରିବ, ଏ ବିଷୟରେ ନିଶ୍ଚିତ ଭାବରେ କୌଣସି ନିଷ୍ପତ୍ତି କରି ନ ପାରି ନିଷ୍ପତ୍ତିଟିକୁ କରିଦେବା ସକାଶେ ସେ ମାଆଙ୍କୁ ଅନୁରୋଧ କରିଥିଲା ।)*

ମୁଁ ସଙ୍ଗେ ସଙ୍ଗେ ତୁମକୁ ଏହି କଥାହିଁ କହିବି ଯେ, ତୁମେ ନିଜ ଜୀବନରୁ ପ୍ରକୃତରେ କ'ଣ ଆଶା କରୁଛ, ସବୁକିଛି ତାହାରି ଉପରେହିଁ ନିର୍ଭର କରୁଛି । ସେହି ଚିରାଚରିତ ପୁରାତନ ପ୍ରଣାଳୀରେ ତୁମେ ଯଦି ଏକ ସାଧାରଣ ଜୀବନ ଓ ଏପରିକି ଏକ ସଫଳ ଜୀବନ ଯାପନ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମେ ନିଶ୍ଚୟ ଆମେରିକା ଯିବ ଓ ସବୁମନ୍ତେ ଚେଷ୍ଟାକରି ତାହା ହାସଲ କରିବ ।

ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ ଭବିଷ୍ୟତ୍ ଲାଗି ଓ ଭବିଷ୍ୟତ୍ ଯେଉଁ ନୂତନ ସୃଷ୍ଟିର ପ୍ରସ୍ତୁତି କରିବାରେ ଲାଗିଛି, ତାହାରି ଲାଗି ନିଜକୁ ତିଆରି କରିବାର ଆକାଙ୍‌କ୍ଷା ରଖିଥିବ, ତେବେ ତୁମେ ଏହିଠାରେହିଁ ରହିବ ଏବଂ ଆଗାମୀ ସେହି ସମୟଟି ସକାଶେ ନିଜକୁ ଗଠନ କରିବ ।

*୧୭ ଜାନୁଆରି ୧୯୬୯*

*

ଯେଉଁ ପିଲାମାନେ ଆପଣାକୁ ଏକ ନୂତନ ଜୀବନ ସକାଶେ ପ୍ରସ୍ତୁତ କରିବାକୁ ଇଚ୍ଛା କରୁଛନ୍ତି ଓ ଜୀବନରେ ଯେଉଁମାନେ ଅଗ୍ରଗତିକୁହିଁ ସଫଳତାର ଆଗରେ ରଖିଛନ୍ତି, ଆମେ ଏଠାରେ କେବଳ ସେହି ପିଲାମାନଙ୍କୁହିଁ ରଖିବାକୁ ଚାହୁଁଛୁ । ଯେଉଁମାନେ ଜୀବନକୁ ଚଳାଇବା ଭଳି ଏକ ଜୀବିକାର ସନ୍ଧାନ କରୁଛନ୍ତି ଓ ଏକ ପାର୍ଥିବ ସଫଳତାକୁ ନିଜର ଲକ୍ଷ୍ୟ କରି ରଖିଛନ୍ତି, ସେଭଳି ପିଲାଙ୍କୁ ଏଠାରେ ଆମେ ମୋଟେ ଚାହୁଁ ନାହୁଁ । ସେମାନେ ଅନ୍ୟତ୍ର ଯାଇପାରନ୍ତି ।

ଯେଉଁ ପିଲାମାନେ,— ଆମେ ସେମାନଙ୍କଠାରୁ ପ୍ରକୃତରେ କ'ଣ ଆଶା କରୁଛୁ ସେ କଥା ବୁଝିବା ଲାଗି ସେମାନଙ୍କୁ ଅନ୍ତତଃ ଦଶ ବର୍ଷ ହୋଇଥିବା ଉଚିତ — ଏକ ନୂତନ ସାହସ ଯାତ୍ରା ଲାଗି ପ୍ରସ୍ତୁତ ଅଛନ୍ତି, ଯେଉଁମାନେ ଏକ ନୂତନ ଜୀବନର ଆକାଙ୍‌କ୍ଷା ରଖିଛନ୍ତି ଏବଂ ଏକ ଉଚ୍ଚତର ଉପଲବ୍ଧି ଲାଗି ପ୍ରସ୍ତୁତ ଅଛନ୍ତି, ଏହି ପୃଥିବୀ ଏତେ ଦୀର୍ଘକାଳ ହେଲା ଯେପରି ହୋଇ ରହିଆସିଛି, ତାହା ଆଉ ଆଦୌ ସେପରି ନ ରହି ବଦଳିଯିବା ଉଚିତ ବୋଲି ଯେଉଁମାନେ ଇଚ୍ଛା କରୁଛନ୍ତି, ଆମେ କେବଳ **ସେହିମାନଙ୍କରହିଁ** ସ୍ୱାଗତ କରୁଛୁ ।

ଆମେ ସେମାନଙ୍କୁ ସାହାଯ୍ୟ କରିବୁ ।ଃ

*ଜାନୁଆରି ୧୯୭୨*

*

ତୋ' ସହିତ ପୁଣି ଦେଖା ହେବ ! ଏଠାରେ ହୋଇଥିବା ତୋର ଅନୁଭୂତିଟିକୁ ତୁ

କେବେହେଲେ ଭୁଲିଯିବୁ ନାହିଁ। ବାହାରର ଅନ୍ଧକାର ତୋ' ଭିତରକୁ ପ୍ରବେଶ କରି ତୋର ଚେତନାକୁ ଆଚ୍ଛନ୍ନ କରି ରଖିବା ଲାଗି ତୁ କଦାପି ବାଟ ଛାଡ଼ିଦେବୁ ନାହିଁ !

ମୁଁ ସବୁବେଳେ ତୋ' ସହିତ ରହିଥିବି ।

*

ଆମର ପୁଣି ସାକ୍ଷାତ୍ ହେବ, ପିଲାମାନେ ! ତୁମମାନଙ୍କ ଲାଗି ଜୀବନ ସୁଖକର ହେଉ ଏବଂ ଦିନେ ନା ଦିନେ ତୁମେମାନେ ସେହି ପରମ ଆଲୋକ ଏବଂ ପରମ ସତ୍ୟ ମଧ୍ୟକୁ ପୁନର୍ଜନ୍ମ ଲାଭ କର, ତୁମମାନଙ୍କ ପାଇଁ ମୁଁ ଏହି କାମନା କରୁଛି ।

# ଶିକ୍ଷକକୁଳ

ଅଧିକରୁ ଅଧିକ ଶିଖିବା ଲାଗି ଶ୍ରଦ୍ଧା, ସର୍ବଦା ଏବଂ ସବୁଠାରେ ଅଧିକରୁ ଅଧିକ ଶିକ୍ଷା କରିବା ଲାଗି ଶ୍ରଦ୍ଧା, ଏକ ଶିଶୁ ଲାଗି ଏହାକୁହିଁ ଆମେ ଆମର ସବୁଠାରୁ ଅଧିକ ମୂଲ୍ୟବାନ୍ ଦାନ ବୋଲି କହିବା ।

*

ଆପଣାକୁ କିପରି ଯଥାର୍ଥ ଭାବରେ ଜାଣିବାକୁ ହୁଏ ଓ କିପରି ଭାବରେ ଆପଣା ଉପରେ ପ୍ରଭୁତ୍ୱ ଅର୍ଜନ କରିହୁଏ, ଜୀବନଧାରଣ କରିଥିବା ପ୍ରତ୍ୟେକ ସତ୍ତା ଲାଗି ତାହାର ଶିକ୍ଷାକୁହିଁ ଆମେ ଏକ ଅମୂଲ୍ୟ ସମ୍ପଦ ବୋଲି କହିପାରିବା । ନିଜକୁ ଜାଣିବାର ଅର୍ଥ ହେଉଛି ନିଜର ଯାବତୀୟ କ୍ରିୟା ଓ ପ୍ରତିକ୍ରିୟା ପଛରେ ରହିଥିବା ଅଭିପ୍ରାୟଗୁଡ଼ିକୁ ଜାଣିବା; ଆମ ଜୀବନରେ ଯେତେବେଳେ ଯାହାକିଛି ଘଟୁଛି, ତାହା କାହିଁକି କିପରି ଘଟିଲା, ସେହିଗୁଡ଼ିକୁ ଯଥାର୍ଥ ଭାବରେ ଜାଣିବା । ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରିବାର ଅର୍ଥ ହେଉଛି, ଆମେ ଯାହା କରିବା ଲାଗି ନିଷ୍ପତ୍ତି କରିଛେ, କେବଳ ତାହାହିଁ କରିବା; ଆଉ ଅନ୍ୟକିଛି ନ କରି କେବଳ ତାହାହିଁ କରିବା, କୌଣସି ପ୍ରକାର ହଠାତ୍ ଆବେଗ, ବାସନା ଅଥବା କଳ୍ପନାର ପ୍ରରୋଚନାଗୁଡ଼ିକୁ ମୋଟେ ନ ଶୁଣିବା, କୌଣସିମତେ ସେଗୁଡ଼ାକର ବୋଲ ନ ମାନିବା ।

ପିଲା ହାତରେ କୌଣସି ଏକ ନୀତିଗତ ବିଧାନକୁ ନେଇ ଧରାଇ ଦେବା,— ଏହାକୁ କଦାପି ଏକ ଆଦର୍ଶ କାର୍ଯ୍ୟ ବୋଲି କୁହାଯିବ ନାହିଁ; ମାତ୍ର ତାହା ପ୍ରକୃତରେ ନ କରିବା ହେଉଛି ବଡ଼ କଷ୍ଟକର କଥା । ପିଲାର ବୟସ ଅଧିକ ହେଉଥିବା ସଙ୍ଗେ ସଙ୍ଗେ ତାକୁ ଯାବତୀୟ ନୈତିକ ଏବଂ ସାମାଜିକ ବିଧାନର ଆପେକ୍ଷିକତା ବିଷୟରେ ଶିଖାଇ ଦିଆଯାଇ ପାରିବ, ଯେପରିକି ଆପଣା ଭିତରେ ସିଏ ଏକ ଉଚ୍ଚତର ଏବଂ ସତ୍ୟତର ବିଧାନର ଆବିଷ୍କାର କରିବାକୁ ସମର୍ଥ ହୋଇଯିବ । ମାତ୍ର ଏହି କ୍ଷେତ୍ରରେ ଆମକୁ ଭାରି ସାବଧାନତା ସହିତ ଅଗ୍ରସର ହେବାକୁ ପଡ଼ିବ ଏବଂ, ସେହି ଯଥାର୍ଥ ବିଧାନଟିକୁ ଆବିଷ୍କାର କରିବା ଯେ ପ୍ରକୃତରେ କେଡ଼େ କଷ୍ଟକର, ସେହି କଥାଟି ଉପରେ ସର୍ବଦା ଅତ୍ୟନ୍ତ ଜୋର୍ ଦେବାକୁ ପଡ଼ିବ । ଯେଉଁମାନେ ମଣିଷ ଦ୍ୱାରା ତିଆରି ବିଧାନଗୁଡ଼ିକୁ ପରିତ୍ୟାଗ କରି ''ନିଜେହିଁ ନିଜର ଜୀବନଟିକୁ ବଞ୍ଚିବା ଲାଗି'' ସେମାନଙ୍କର ସ୍ୱାଧୀନତା ଓ ସେମାନଙ୍କର ନିଷ୍ପତ୍ତିକୁ ଘୋଷଣା କରିଥା'ନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି କେବଳ ଆପଣା ଭିତରେ ରହିଥିବା ତୁଚ୍ଛତମ ପ୍ରାଣିକ ଉତ୍ସାହଗୁଡ଼ିକର ବୋଲମାନିହିଁ ସେପରି କହିଥାନ୍ତି । ସେହି ଉତ୍ସାହ ଓ ପ୍ରେରଣା ଗୁଡ଼ାକୁ ସେମାନେ ଆପଣା ଭିତରେ ଛଦ୍ମବେଶରେ ଲୁଚାଇ

ରଖିଥା'ନ୍ତି ଏବଂ ସେହିଗୁଡ଼ାକୁ ଉଚିତ ବୋଲି କହିବାକୁ ଚେଷ୍ଟା କରୁଥା'ନ୍ତି; ନିଜ ଆଖିକୁ ନ ହେଲେ ମଧ୍ୟ ଅନ୍ୟମାନଙ୍କର ଆଖିରେ ସେଗୁଡ଼ାକୁ ଉଚିତ ବୋଲି ପ୍ରମାଣ କରିବାକୁ ଭାରି ଚିନ୍ତା କରୁଥା'ନ୍ତି । ଯାବତୀୟ ନୈତିକତାକୁ ସେମାନେ ଗୋଇଠା ମାରି ଶୂନ୍ୟକୁ ଫିଙ୍ଗି ଦିଅନ୍ତି, କାରଣ ସେମାନଙ୍କର ଯାବତୀୟ କାମନା ଓ ପ୍ରବୃତ୍ତିର ତୃପ୍ତିବିଧାନରେ ତାହା ଏକ ପ୍ରତିବନ୍ଧକ ହୋଇ ରହିଥାଏ ।

ସ୍ୱୟଂ ନୈତିକ ଏବଂ ସାମାଜିକ ବିଧାନର ଆହୁରି ଉପରକୁ ଉଠିଯାଇ ଅବସ୍ଥାନ କରୁ ନ ଥିଲେ ସେଗୁଡ଼ିକ ବିଷୟରେ ବିଚାର କରିବାର ଅଧିକାରଟି ମଧ୍ୟ କାହାରି କଦାପି ରହିବା ଉଚିତ ନୁହେଁ । ସେଗୁଡ଼ିକ ଅପେକ୍ଷା ଅଧିକ ଉପାଦେୟ କିଛି ଗ୍ରହଣ ନ କରିଥିବା ପର୍ଯ୍ୟନ୍ତ ସେଗୁଡ଼ିକୁ ବର୍ଜନ କରିବା ମଧ୍ୟ ଆଦୌ ଉଚିତ ନୁହେଁ । ମାତ୍ର ଏକଥା କରିବା ମୋଟେ ସହଜ ନୁହେଁ ।

ମାତ୍ର ସେ କଥା ଯାହା ହୋଇଥାଉ ପଛକେ, ପିଲା ଯେପରି ନିଜକୁ ଜାଣି ଏବଂ ନିଜ ଉପରେ କର୍ତ୍ତୃତ୍ୱ ହାସଲ କରିପାରିବ, ତାହାକୁ ସେହି କଥାଟି ଶିଖାଇ ଦେବାକୁହିଁ ଆମେ ତାହାକୁ ପ୍ରଦତ୍ତ ଆମର ସର୍ବଶ୍ରେଷ୍ଠ ଉପହାର ବୋଲି କହିବା ।

*ଜୁଲାଇ ୧୯୩୦*

## ଜଣେ ସଫଳ ଶିକ୍ଷକର ବ୍ୟକ୍ତିତ୍ୱଗତ ଲକ୍ଷଣ*

(୧) ସିଏ ପୂର୍ଣ୍ଣ ଆତ୍ମନିୟନ୍ତ୍ରଣ ଅର୍ଜନ କରିଥିବ; ସିଏ ଯେ ଆଦୌ କୌଣସି କ୍ରୋଧର ପ୍ରଦର୍ଶନ କରିବ ନାହିଁ, ସେତିକି ନୁହେଁ, ମାତ୍ର ସିଏ ଯାବତୀୟ ପରିସ୍ଥିତିରେ ମଧ୍ୟ ସମ୍ପୂର୍ଣ୍ଣ ନୀରବ ଏବଂ ଅବିଚଳିତ ହୋଇ ରହିଥିବ ।

(୨) ଆତ୍ମ-ବିଶ୍ୱାସର କ୍ଷେତ୍ରରେ ମଧ୍ୟ ତା' ନିଜ ମହତ୍ତ୍ୱର ଆପେକ୍ଷିକତା ବିଷୟରେ ତାହାର ଅବଶ୍ୟ ଏକ ବୋଧ ରହିଥିବ ।

ସର୍ବୋପରି ତାହାର ଏହି ଜ୍ଞାନଟି ଅବଶ୍ୟ ରହିଥିବ ଯେ, ଯଦି ସିଏ ତା'ର ଛାତ୍ରମାନେ ଅଗ୍ରଗତି କରନ୍ତୁ ବୋଲି ଇଚ୍ଛା କରୁଥାଏ, ତେବେ ପ୍ରତ୍ୟେକ ଶିକ୍ଷକକୁ ସ୍ୱୟଂ ବି ସର୍ବଦା ଅଗ୍ରଗତି କରିବାକୁ ପଡ଼ିବ । ସିଏ ଯାହା ହୋଇ ରହିଛି ଓ ଯେତିକି ଜାଣିଛି, ଜଣେ ଶିକ୍ଷକ କଦାପି ସେତିକିରେ ସନ୍ତୁଷ୍ଟ ହୋଇ ରହି ଯିବ ନାହିଁ ।

(୩) ସିଏ ତା'ର ଛାତ୍ରମାନଙ୍କ ଅପେକ୍ଷା ମୂଳତଃ କୌଣସି ହିସାବରେ ଯେ

* ଏକ ପ୍ରଶିକ୍ଷଣ ମହାବିଦ୍ୟାଳୟ ତରଫରୁ ଥରେ ଏହି ବିଷୟରେ ଦିଆଯାଇଥିବା ଏକ ପ୍ରଶ୍ନାବଳୀକୁ ମାଆଙ୍କୁ ଦେଖାଇବା ସମୟରେ ମାଆ ଏହିସବୁ ମନ୍ତବ୍ୟ ପ୍ରକାଶ କରିଥିଲେ ।

ଅଧିକ, ଶିକ୍ଷକର ମନ ଭିତରେ ସେପରି କୌଣସି ଭାବ ଆଦୌ ରହିବ ନାହିଁ । ଜଣେ ଛାତ୍ର ତୁଳନାରେ ଆଉ ଜଣେ ଛାତ୍ର ପ୍ରତି ତା'ର ଆଦୌ କୌଣସି ପ୍ରକାରର ଅଗ୍ରରୁଚି ଅଥବା ଆସକ୍ତି ମଧ୍ୟ ନ ଥିବ ।

(୪) ଆଧ୍ୟାତ୍ମିକ ଭୂମି ଉପରେ ସମସ୍ତେ ଯେ ପରସ୍ପର ସମାନ, ସେ କଥା ସିଏ ଅବଶ୍ୟ ଜାଣିଥିବ । ଏବଂ, କେବଳ ଏକ ସହିଷ୍ଣୁତା ପରିବର୍ତ୍ତେ ତା' ଭିତରେ ଏକ ପୂର୍ଣ୍ଣବ୍ୟାପ୍ତ ବୋଧର ଶକ୍ତି ରହିଥିବ, ବୁଝି ପାରିବାର ଶକ୍ତି ରହିଥିବ ।

(୫) ''ପିତାମାତା ଏବଂ ଶିକ୍ଷକ ଉଭୟେ, ପିଲା ଯେପରି ନିଜେ ନିଜକୁ ଶିକ୍ଷା ଦେଇ ପାରିବ, ସେଥିଲାଗି ତାକୁ ସମର୍ଥ କରାଇବେ, ଏବଂ ସାହାଯ୍ୟ କରିବେ; ପିଲା ଯେପରି ନିଜର ବୁଦ୍ଧିଗତ, ନୈତିକ, ସୌନ୍ଦର୍ଯ୍ୟବୋଧଗତ ଏବଂ ବ୍ୟାବହାରିକ ସାମର୍ଥ୍ୟଗୁଡ଼ିକୁ ବିକଶିତ କରାଇ ଆଣି ପାରିବ, ସିଏ ଯେପରି ଏକ ଜୀବନ୍ତ ସତ୍ତା ରୂପେ ଅଭିବୃଦ୍ଧି ଲାଭ କରି ପାରିବ, ଏବଂ ଏକ ଜୀବନହୀନ ସାମଗ୍ରୀ ରୂପେ ଅନ୍ୟମାନେ ତାକୁ ଯେପରି ଭାବରେ ଦଳି ଚକଟି ଚାପ ଦେଇ ତିଆରି କରିବାକୁ ଇଚ୍ଛା କରୁଥିବେ, ଯେପରି ସିଏ ଆଦୌ ସେପରି କୌଣସି ଆକାର ଭିତରେ ଆବଦ୍ଧ ହୋଇ ରହି ଯିବ ନାହିଁ, ସେଇଥି ଲାଗି ପିଲାକୁ ସମର୍ଥ କରିବା ଓ ତାକୁ ସାହାଯ୍ୟ କରିବାହିଁ ସେମାନଙ୍କର କାର୍ଯ୍ୟ ହୋଇ ରହିବ ।'' [ଶ୍ରୀଅରବିନ୍ଦ : **ମାନବ-ଯୁଗଚକ୍ର**]

*ଜୁନ୍ ୧୯୫୪ରେ ପ୍ରକାଶିତ ।*

*

ଜଣେ ଭଲ ଶିକ୍ଷକ ହୋଇପାରିବାକୁ ହେଲେ ଆମକୁ ଯେ ଆପଣା ଭିତରୁ ଯାବତୀୟ ଅହଙ୍କାରକୁ ବିଲୁପ୍ତ କରି ଦେବାକୁ ପଡ଼ିବ, ତୁମେ ସେ କଥା କଦାପି ଭୁଲି ଯିବ ନାହିଁ ।*

*୧୦ ଡିସେମ୍ବର ୧୯୫୯*

*

ଏବଂ, ଶ୍ରୀଅରବିନ୍ଦ ଆମକୁ ଯେଉଁ ଅତିମାନସ ସତ୍ୟ ପ୍ରଦାନ କରି ଯାଇଛନ୍ତି, ତାହାରି ଅନୁସାରେ ଶିକ୍ଷା ଦେବାର ଯୋଗ୍ୟ ହେବା ଲାଗି ଆମ ଭିତରେ ଆଉ ଆଦୌ କୌଣସି ଅହଂହିଁ ରହିବ ନାହିଁ । *ଡିସେମ୍ବର ୧୯୬୦*

*

ଅତୀତକୁ ଜାଣିବା ଲାଗିହିଁ ଆମେ ଆମର ଯାବତୀୟ ଅଧ୍ୟୟନ କରିଥାଉ; ବା ଅନ୍ତତଃପକ୍ଷେ ତାହାହିଁ ଆମ ଅଧ୍ୟୟନର ଏକ ବୃହତ୍ତର ଅଂଶ ହୋଇ ରହିଥାଏ । ବର୍ତ୍ତମାନକୁ ଅଧିକ ଭଲ କରି ବୁଝିବା ଲାଗି ତାହା ସହାୟକ ହେବ ବୋଲି ଆଶା କରି ଆମେ ଅତୀତର ଅଧ୍ୟୟନ

* ଶିକ୍ଷକମାନଙ୍କର ବାର୍ଷିକ ବୈଠକ ଲାଗି ପ୍ରେରିତ ସନ୍ଦେଶ ।

କରିଥାଉ । ମାତ୍ର ଛାତ୍ରମାନେ ତଦ୍ଦ୍ୱାରା ହୁଏତ ସେହି ଅତୀତକୁହିଁ କାମୁଡ଼ି ରହିଥିବେ ଓ ଭବିଷ୍ୟତ୍ ଭିତରକୁ ଦୃଷ୍ଟିପାତ କରିବାକୁ ମୋଟେ ଯେ ରାଜି ହେବେ ନାହିଁ, ଯଦି ତୁମେ ସେହି ଆଶଙ୍କାଟିକୁ ପ୍ରକୃତରେ ଏଡ଼ିବା ଲାଗି ଇଚ୍ଛା କରୁଥାଅ, ତେବେ ତୁମକୁ ଅତ୍ୟନ୍ତ ଯତ୍ନର ସହିତ ପିଲାମାନଙ୍କୁ ଏହି କଥାଟିକୁ ବୁଝାଇ ଦେବାକୁ ପଡ଼ିବ ଯେ, ଅତୀତରେ ଯାହାକିଛି ଯେତେବେଳେ ଘଟିଥିଲା, ତାହା, ଯାହାକିଛି ବର୍ତ୍ତମାନ ଘଟୁଛି, ତାହାକୁହିଁ ପ୍ରସ୍ତୁତ କରି ଆଣିବା ଉଦ୍ଦେଶ୍ୟରେ ଘଟିଥିଲା; ଏବଂ, ଯାହାକିଛି ବର୍ତ୍ତମାନ ଘଟୁଛି, ତାହା ପ୍ରକୃତରେ ଭବିଷ୍ୟତର ଅଭିମୁଖରେ ଏକ ମାର୍ଗକୁ ତିଆରି କରିବା ବ୍ୟତୀତ ମୋଟେ ଆଉ କିଛି ନୁହେଁ; ଏବଂ, ସବୁଠାରୁ ଅଧିକ ମହତ୍ତ୍ୱ ରଖିଥିବା ସେହି ଭବିଷ୍ୟଟିକୁହିଁ ଆମେ ଆମର ଯାବତୀୟ କାର୍ଯ୍ୟ ଦେଇ ପ୍ରସ୍ତୁତ କରିବା ଲାଗି ସମର୍ଥ ହେବା ।

ଏବଂ, କେବଳ ସଂବୋଧିର ଅନୁଶୀଳନ ଦ୍ୱାରାହିଁ ଆମେ ଭବିଷ୍ୟତ୍ ଲାଗି ବଞ୍ଚିବା ସକାଶେ ଆପଣାକୁ ପ୍ରସ୍ତୁତ କରି ପାରିବା ।

*୧୮ ସେପ୍ଟେମ୍ବର ୧୯୬୭*

*

ଅତୀତ ଅପେକ୍ଷା ବରଂ ଭବିଷ୍ୟତ୍ ବିଷୟରେହିଁ ଚିନ୍ତା କର ।*

*୧୫ ଡିସେମ୍ବର ୧୯୭୨*

*

## ଶିକ୍ଷାଦାନ

ଶିକ୍ଷକ ତଥା ଛାତ୍ର ଉଭୟଙ୍କର ଅଗ୍ରଗତି ଲାଗିହିଁ ବିଦ୍ୟାଳୟ ଏକ ଅବସର ସ୍ୱରୂପ ହୋଇ ପାରିବା ଉଚିତ । ମୁକ୍ତ ବିକାଶ ଲାଗି ଉଭୟଙ୍କର ସ୍ୱତନ୍ତ୍ରତା ରହିଥିବା ଉଚିତ ।

କୌଣସି ପଦ୍ଧତିକୁ ଆମେ ଯେତେବେଳେ ସ୍ୱୟଂ ଆବିଷ୍କାର କରିଥାଉ, ସେତିକିବେଳେହିଁ ତାହାର ସର୍ବୋତ୍ତମ ଭାବରେ ପ୍ରୟୋଗ ହୋଇ ପାରିବାର ସମ୍ଭାବନା ରହିଥାଏ । ତା' ନ ହେଲେ, ତାହା ଶିକ୍ଷକ ଏବଂ ଛାତ୍ର ଉଭୟଙ୍କ ଲାଗିହିଁ ଭାରି ନୀରସ ଓ ବିରକ୍ତିଦାୟକ ହୋଇ ରହିଥାଏ ।

*

ଏଠାରେ ମୋତେ ଅତ୍ୟନ୍ତ ଗୁରୁତ୍ୱ ଦେଇ ଗୋଟିଏ କଥା କହିବାକୁ ହେବ । ବାହାରେ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଯାହାକିଛି କରାଯାଉଛି, ତୁମେ କଦାପି

* ଶିକ୍ଷକମାନଙ୍କର ବାର୍ଷିକ ବୈଠକ ଲାଗି ପ୍ରେରିତ ସନ୍ଦେଶ ।

ସେଗୁଡ଼ାକର ଅନୁସରଣ କରିବ ନାହିଁ । ପିଲାମାନଙ୍କର ମୁଣ୍ଡ ଭିତରେ ଗୁଡ଼ାଏ ତଥ୍ୟ ଏବଂ ସେହିପରି କେତେଟା ବିଷୟକୁ ଆଣି ଭର୍ତ୍ତି କରି ଦେବା ଲାଗି ତୁମେ କୌଣସି ଚେଷ୍ଟା କରିବ ନାହିଁ । ସେମାନଙ୍କୁ ତୁମେ ଏତେ ବେଶୀ କାର୍ଯ୍ୟ କଦାପି କରିବାକୁ ଦେବ ନାହିଁ ଯାହା ଫଳରେ କି ସେମାନଙ୍କର ଆଉ କିଛି ହେଲେ କରିବା ପାଇଁ ବେଳ ନ ଥିବ । ତୁମେ ତ କୌଣସି ଗାଡ଼ି ଧରିବାକୁ ଯାଉ ନାହଁ, ତେବେ ଏତେ ତରତର କାହିଁକି ହେବ ? ତେଣୁ, ଛାତ୍ରମାନେ ଯାହା ଶିକ୍ଷା କରୁଛନ୍ତି, ସେଗୁଡ଼ିକୁ ସେମାନେ ଆଗ ଭଲ ଭାବରେ ବୁଝନ୍ତୁ । ସେଗୁଡ଼ିକୁ ହଜମ କରି ନିଜସ୍ୱରେ ପରିଣତ କରନ୍ତୁ । ନିର୍ଦ୍ଧାରିତ ପାଠକ୍ରମଟିକୁ ଶେଷ କରିଦେବାହିଁ ତୁମର ମୋଟେ ଲକ୍ଷ୍ୟ ହୋଇ ନ ରହୁ । ତେଣୁ ସମୁଦାୟ କାର୍ଯ୍ୟକ୍ରମଟିକୁ ତୁମେ ଏପରି ଭାବରେ ତିଆରି କରି ରଖିଥିବ, ଯେପରିକି, ଛାତ୍ରମାନେ ଯେଉଁ ବିଷୟଗୁଡ଼ିକୁ ଶିକ୍ଷା କରିବା ଲାଗି ଇଚ୍ଛା କରୁଛନ୍ତି, ସେଗୁଡ଼ିକ ଲାଗି ଧ୍ୟାନ ଦେବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସମୟ ରହିଥିବ । ସେମାନଙ୍କ ପାଖରେ ଶାରୀରିକ ବ୍ୟାୟାମ ଲାଗି ମଧ୍ୟ ଯଥେଷ୍ଟ ସମୟ ରହିଥିବା ଉଚିତ । ମୁଁ ସେମାନଙ୍କୁ ଏପରି ଜଣେ ଜଣେ ଉତ୍ତମ ଛାତ୍ର ହେବା ଲାଗି ମୋଟେ ଇଚ୍ଛା କରୁ ନାହିଁ, ଯାହାଦ୍ୱାରା କି ସେମାନେ ଅନ୍ୟପକ୍ଷରେ ଅତ୍ୟନ୍ତ ବିବର୍ଣ୍ଣ ଓ କୃଶ ଦେଖା ଯାଉଥିବେ ଓ ସେମାନଙ୍କର ଶରୀରରେ ଆଦୌ କୌଣସି ବଳ ନ ଥିବ । ସମ୍ଭବତଃ ତୁମେ କହିବ ଯେ, ଏପରି ହେଲେ ସେମାନଙ୍କ ପାଖରେ ଆଉ ପାଠ ପଢ଼ିବା ସକାଶେ ଆଦୌ ଯଥେଷ୍ଟ ସମୟ ରହିବ ନାହିଁ । ମାତ୍ର, ପାଠକ୍ରମଟିକୁ ଏକ ଦୀର୍ଘତର ସମୟ ମଧ୍ୟକୁ ପ୍ରସାରିତ କରିଦେଲେ ସେହି ଅଭାବଟିର ମେଣ୍ଟଣ ହୋଇ ପାରିବ । ଚାରିବର୍ଷ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପାଠକ୍ରମଟିକୁ ଶେଷ ନ କରି ହୁଏତ ତାହାକୁ ଛଅ ବର୍ଷରେ ଶେଷ କରାଯାଇ ପାରିବ । ମୁଁ ଭାବୁଛି ଏହାଦ୍ୱାରା ସେମାନଙ୍କର ବରଂ ଅଧିକ ଉପକାର ହେବ; ଏହାଦ୍ୱାରା ସେମାନେ ଏହି ସ୍ଥାନର ବାତାବରଣଟିକୁ ମଧ୍ୟ ଅଧିକ ପରିମାଣରେ ଗ୍ରହଣ କରିବାକୁ ସମର୍ଥ ହେବେ, ଏବଂ ସେମାନେ କରୁଥିବା ଅଗ୍ରଗତିଟି ମଧ୍ୟ କେବଳ କୌଣସି ଗୋଟିଏ ଦିଗରେ ଏପରି ହେବ ନାହିଁ ଯେ ସେମାନେ ତଦ୍ଦ୍ୱାରା ଆଉ ସବୁ ଅନ୍ୟ ଦିଗକୁ ହରାଇ ବସିବାକୁ ବାଧ୍ୟ ହେଉଥିବେ । ଆମେ ଏପରି କଲେ ସକଳ ଦିଗରେ ଏକ ସର୍ବାଙ୍ଗୀଣ ଅଗ୍ରଗତି ସମ୍ଭବ କରି ପାରିବା ।§

*୧୦ ସେପ୍ଟେମ୍ବର ୧୯୫୩*

*

*ଉଚ୍ଚତର ପାଠକ୍ରମଟିକୁ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ଆମେ କଦାପି ଅତିରିକ୍ତ ଭାବରେ ଗୁଡ଼ାଏ କାମ କରିବାକୁ ଦେବା ନାହିଁ । ମାତ୍ର ତା' ବୋଲି ସାଧାରଣ ମାନଟିକୁ ମଧ୍ୟ ଆଦୌ କୌଣସି ପ୍ରକାରେ ତଳକୁ ଖସାଇ ଅଣାଯିବ ନାହିଁ ।*

*ଏପରି କରିବାକୁ ହେଲେ, ଆମେ ଏପରି କରିବା ଯେ, ଯେଉଁ ଛାତ୍ରମାନେ ସେମାନଙ୍କୁ ଅତିବେଶୀ କାମ କରିବାକୁ ପଡୁଛି ବୋଲି ଅନୁଭବ କରୁଥିବେ, ସେମାନଙ୍କୁ ହୁଏତ ଅଳ୍ପ କେତୋଟି ବିଷୟର ଅଧ୍ୟୟନ ଛାଡ଼ି ଦେବାକୁ କୁହାଯିବ । ତେବେ, ଯେଉଁ ବିଷୟଗୁଡ଼ିକୁ ସେମାନେ ରଖିବାକୁ ଇଚ୍ଛା କରୁଥିବେ, ସେଗୁଡ଼ିକ ଲାଗି ଆପଣାର ସମୟ ଓ ଶକ୍ତିକୁ ଅଭିନିବେଶିତ କରି ରଖିବା ସେମାନଙ୍କ ଲାଗି ସମ୍ଭବ ହୋଇଯିବ । ପାଠକ୍ରମଗୁଡ଼ିକୁ ଆହୁରି ଅଧିକ ପରିମାଣରେ ସହଜ କରିଦେବା ଅପେକ୍ଷା ଏହିପରି କଲେ ପ୍ରକୃତରେ ଅଧିକ ଭଲ ହେବ । କାରଣ, ପାଠକ୍ରମକୁ ସହଜ କରିଦେବାର ପନ୍ଥାଟି ଗ୍ରହଣ କଲେ ଅନ୍ୟ ଛାତ୍ରମାନଙ୍କ ଲାଗି ତାହାର ହୁଏତ କୌଣସି ମୂଲ୍ୟ ରହିବ ନାହିଁ । ଅବଶ୍ୟ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଅଧ୍ୟୟନରେ ଆଦୌ କୌଣସି ଅସୁବିଧାର ସମ୍ମୁଖୀନ ହେଉ ନ ଥିବା ଅପେକ୍ଷାକୃତ ଅଧିକ ଯୋଗ୍ୟତାସମ୍ପନ୍ନ ଛାତ୍ରମାନଙ୍କ ବ୍ୟତୀତ ଆମର ଏଠାରେ ଅପେକ୍ଷାକୃତ କମ୍ ଯୋଗ୍ୟତାସମ୍ପନ୍ନ ଛାତ୍ରମାନେ ମଧ୍ୟ ରହିଥିବେ, ଯେଉଁମାନେ କଦାପି ପୂର୍ବୋକ୍ତମାନଙ୍କ ପରି ସମାନ ଗତିରେ ସବୁକଥା ଶିକ୍ଷା କରି ପାରିବେ ନାହିଁ । କମ୍ ଯୋଗ୍ୟତାସମ୍ପନ୍ନ ଛାତ୍ରମାନେ ଇଚ୍ଛା କଲେ କେତୋଟି ବିଷୟ ଛାଡ଼ିଦେଇ ପାରିବେ ଏବଂ ପରେ ଗୋଟିଏ ବର୍ଷ ଅଧିକା ଦେଇ ସେମାନେ ସେଗୁଡ଼ିକୁ ପଢ଼ି ପାରିବେ । ଏହାକୁ ଆପଣ ଗୋଟିଏ ଉତ୍ତମ ସମାଧାନ ବୋଲି କହିବେ କି ?*

ତାହା ଆହୁରି ଅନେକ କଥା ଉପରେ ନିର୍ଭର କରୁଛି । ତାହାକୁ ଆମେ କଦାପି ଗୋଟିଏ ସାଧାରଣ ନିୟମ ରୂପେ ଗ୍ରହଣ କରିପାରିବା ନାହିଁ । ଅନେକ ଛାତ୍ରଙ୍କ ପାଇଁ ଏହା ଆଦୌ ଖୁବ୍ ବେଶୀ କାମରେ ଲାଗିବ ନାହିଁ । ସେମାନେ ଏପରି ଏକ ସାମର୍ଥ୍ୟାବସ୍ଥାରେ ଆସି ଆଦୌ ପହଞ୍ଚି ନ ଥିବେ, ଯାହା ଫଳରେ କି, ସେମାନଙ୍କୁ ଅଧ୍ୟୟନ ଲାଗି ଅପେକ୍ଷାକୃତ କମ୍ ସମୟ ଦିଆଗଲେ, ସେମାନେ ନିର୍ଦ୍ଦିଷ୍ଟ କେତୋଟି ବିଷୟ ଉପରେ ଅଧିକ ମନୋନିବେଶ କରି ପାରିବେ । ତେଣୁ, ଏହାର ଏକମାତ୍ର ଫଳସ୍ୱରୂପ ସେମାନେ ଢିଲା ହୋଇଯିବା ପାଇଁହିଁ ଅଧିକ ଉତ୍ସାହ ପାଇବେ,— ଅର୍ଥାତ୍ ଅଭିନିବେଶର ଠିକ୍ ଓଲଟା ଫଳଟାହିଁ ଫଳିବ । ଏବଂ ତା' ଦ୍ୱାରା ସମୟ ନଷ୍ଟ ହେବାହିଁ ସାର ହେବ ।

ତେଣୁ ତଦ୍ୱାରା କୌଣସି ସମାଧାନ ହେବ ନାହିଁ । ତୁମକୁ ବରଂ ଏହି ଚେଷ୍ଟା କରିବାକୁ ହେବ ଯେ, ପିଲାମାନେ ଯାହାକିଛି କାର୍ଯ୍ୟ କରୁଛନ୍ତି, ସେଥିରେ ଯେପରି ସେମାନଙ୍କର ଏକ ଆଗ୍ରହ ଆସୁଥିବ । ଛାତ୍ରମାନଙ୍କ ମଧ୍ୟରେ ଆଗ୍ରହର ସୃଷ୍ଟି କରିବାଠାରୁ ଏହା ଏକ ଭିନ୍ନ କଥା । ତୁମେ ସେମାନଙ୍କ ଭିତରେ ଜ୍ଞାନ ଲାଗି ଏବଂ ଅଗ୍ରଗତି କରିବା

ଲାଗି ଏକ ଅଭିଳାଷକୁ ଜାଗୃତ କରି ଆଣିବ । ଆମେ ଇଚ୍ଛା କଲେ ଯେକୌଣସି କାର୍ଯ୍ୟକୁ ମଧ୍ୟ ଆଗ୍ରହର ସହିତ କରିପାରିବା; ଉଦାହରଣ ସ୍ୱରୂପ, ଯଦି ଆମେ କୌଣସି କାର୍ଯ୍ୟକୁ ଅଭିନିବେଶ ସହିତ କରୁଥିବା, ଏକ ଅନୁଭୂତି ଲାଭ କରିବା ପାଇଁ କରୁଥିବା, ଅଗ୍ରଗତି କରିବା ଲାଗି ଅଥିବା ଅଧିକ ସଚେତନ ହେବା ଲାଗି କରୁଥିବା,– ତେବେ ଘରସଫା କରିବା ଭଳି ଗୋଟିଏ କାର୍ଯ୍ୟକୁ ମଧ୍ୟ ଆମେ ଆଗ୍ରହର ସହିତ ଅବଶ୍ୟ କରିପାରିବା । ଯେଉଁ ଛାତ୍ରମାନେ ମୋ ପାଖରେ କୌଣସି ମନ୍ଦ ଶିକ୍ଷକଙ୍କ ବିଷୟରେ ଅଭିଯୋଗ କରିବାକୁ ଆସନ୍ତି, ସେମାନଙ୍କୁ ମୁଁ ଠିକ୍ ଏହି କଥାଟିହିଁ କହିଥାଏ । ସେହି ଶିକ୍ଷକ ସେମାନଙ୍କୁ ଆଦୌ ଭଲ ନ ଲାଗୁଥିଲେ ମଧ୍ୟ, ସେହି ଶିକ୍ଷକ ସେମାନଙ୍କୁ କେବଳ ନିରର୍ଥକ କଥାମାନ କହୁଥିଲେ ବା ଯଥାର୍ଥ ଭାବରେ ଯୋଗ୍ୟ ହୋଇ ନ ଥିଲେ ମଧ୍ୟ, ଛାତ୍ରମାନେ ତଥାପି ନିଜ ଶ୍ରେଣୀର ଘଣ୍ଟାଟିରୁ ନିଶ୍ଚୟ କିଛି ନା କିଛି ଉପକାର ପାଇ ପାରିବେ, ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ନିଶ୍ଚୟ କିଛିନା କିଛି ଶିକ୍ଷା କରି ପାରିବେ ଏବଂ ଆପଣାର ଚେତନା ଭୂମିରେ ଅବଶ୍ୟ ଅଗ୍ରଗତି କରି ପାରିବେ ।

ଅଧିକାଂଶ ଶିକ୍ଷକ କେବଳ **ଉତ୍ତମ ଛାତ୍ରମାନଙ୍କୁହିଁ** ପଢ଼ାଇବେ ବୋଲି ଇଚ୍ଛା କରୁଥା'ନ୍ତି । ଅର୍ଥାତ୍, ଯେଉଁ ଛାତ୍ରମାନେ ଅଧିକ ପଢ଼ନ୍ତି, ମନ ଦେଇ କ୍ଳାସ୍‌ରେ ଶୁଣନ୍ତି, ଯେଉଁମାନେ ଅନେକ କଥା ବୁଝନ୍ତି ଓ ଜାଣନ୍ତି ଓ ଯେଉଁମାନେ ଭଲ ଭାବରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରନ୍ତି, ସେହିମାନଙ୍କୁ ସେମାନେ ଭଲ ଛାତ୍ର ବୋଲି ଭାବନ୍ତି ଓ ସେହିମାନଙ୍କୁ ପଢ଼ାଇବେ ବୋଲି ଇଚ୍ଛା କରୁଥା'ନ୍ତି । ଏହା ଦ୍ୱାରା ସବୁକିଛି ନଷ୍ଟ ହୋଇଯାଏ । ଏହା ଦ୍ୱାରା ଛାତ୍ରମାନେ ବହି ଭିତରୁହିଁ ସବୁକିଛି ଅଧ୍ୟୟନ କରିବାକୁ ଏବଂ ଶିକ୍ଷା କରିବାକୁ ଆରମ୍ଭ କରିଦିଅନ୍ତି । ସେମାନେ ବହିଗୁଡ଼ିକ ଉପରେହିଁ ବିଶ୍ୱାସ କରନ୍ତି; ଅନ୍ୟମାନେ ଯାହାସବୁ କହିଛନ୍ତି ଓ ଲେଖିଛନ୍ତି, ତାହାରି ଉପରେ ଅଧିକ ଆସ୍ଥା ସ୍ଥାପନ କରନ୍ତି, ଓ ସଂବୋଧି ଦ୍ୱାରା ଜ୍ଞାନର ଗ୍ରହଣ କରୁଥିବା ଅତିଚେତନ ଅଂଶଟି ସହିତ ସେମାନଙ୍କର ଆଉ କୌଣସି ସଂସ୍ପର୍ଶ ରହି ପାରେ ନାହିଁ । ଅନେକ ସମୟରେ ଗୋଟିଏ ସାନପିଲା ମଧ୍ୟରେ ଏହି ସଂସ୍ପର୍ଶଟି ରହିଥାଏ, ମାତ୍ର ପରେ ତା'ର ଅଧିକରୁ ଅଧିକ ପାଠପଢ଼ିବା ସଙ୍ଗେ ସଙ୍ଗେ ସେଇଟି ନଷ୍ଟ ହୋଇ ଯାଏ ।

ଛାତ୍ରମାନେ ଉଚିତ ଦିଗରେ ଅଗ୍ରଗତି କରି ପାରିବାକୁ ହେଲେ ଏକଥା ଅତ୍ୟାବଶ୍ୟକ ଯେ ଶିକ୍ଷକମାନେ ଏହି କଥାଟିକୁ ଅବଶ୍ୟ ବୁଝିଥିବେ ଏବଂ ଆପଣା ଦୃଷ୍ଟିପାତ ତଥା ଶିକ୍ଷାଦାନର ପୁରାତନ ପଦ୍ଧତିଗୁଡ଼ିକୁ ବଦଳାଇ ଦେଇ ପାରିଥିବେ । ତାହା ନ ହୋଇ ପାରିଲେ ମୋର କାର୍ଯ୍ୟଟି ଗତିରୁଦ୍ଧ ହୋଇ ଅଟକିଯିବାହିଁ ସାର ହେବ ।§

*୧୬ ଡିସେମ୍ବର ୧୯୫୯*

*

*(ଇଂରାଜୀ ସାହିତ୍ୟର ଅଧ୍ୟୟନକୁ ଉଚ୍ଚତର ଶ୍ରେଣୀଗୁଡ଼ିକର ସାହିତ୍ୟ-ଛାତ୍ରମାନଙ୍କ ପାଇଁ ବାଧ୍ୟତାମୂଳକ କରାଯିବ ନା ତାହା ଐଚ୍ଛିକ ହୋଇ ରହିବ, ଏହି ବିଷୟରେ ଶିକ୍ଷକମାନଙ୍କ ମଧ୍ୟରେ ମତଭେଦ ରହିଥିଲା । ଏକ ନିଷ୍ପତ୍ତି ଦେବା ଲାଗି ଯେତେବେଳେ ସେହି ବିଷୟଟିକୁ ମାଆଙ୍କ ପାଖକୁ ନିଆଗଲା, ସେତେବେଳେ ସେ ଉତ୍ତର ଦେଇ କହିଲେ :)*

ଶିକ୍ଷକମାନଙ୍କ ପାଇଁ :

ସବୁକିଛିର ଟିକିନିଖି କଥାକୁ ସଙ୍ଗଠିତ କରି ରଖିବାର ପଦ୍ଧତିଟିର ପରିବର୍ତ୍ତନ ଅପେକ୍ଷା, **ଦୃଷ୍ଟିକୋଣର** ପରିବର୍ତ୍ତନ ହେଉଛି ଅଧିକ ମହତ୍ତ୍ୱପୂର୍ଣ୍ଣ ।

ମୋତେ ଲାଗୁଛି ଯେ, ଶିକ୍ଷକମାନେ ସ୍ୱୟଂ ଏହି ସାଧାରଣ ବୁଦ୍ଧିପ୍ରଧାନ ସ୍ତରଟିର ଊର୍ଦ୍ଧ୍ୱକୁ ଉଠି ଆସି ନ ପାରିଲେ ସେମାନଙ୍କ ପକ୍ଷରେ ଆପଣାର କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିବା କାର୍ଯ୍ୟଟିକୁ ହାସଲ କରିବା ପ୍ରକୃତରେ ଭାରି କଷ୍ଟକର ହୋଇ ରହିଥିବ ।

*୧୦ ଅଗଷ୍ଟ ୧୯୬୦*

*

ସମସ୍ତଙ୍କୁ ଗୋଟାଏ ଛାଞ୍ଚରେ ଗଢ଼ିବାକୁ ମନେ କଲେ ତୁମେ କଦାପି ଏକତ୍ୱ ହାସଲ କରି ପାରିବ ନାହିଁ ।

କାର୍ଯ୍ୟକ୍ରମ ଏବଂ ପ୍ରଣାଳୀଗୁଡ଼ାକୁ ଏକାଭଳି କରି ଗଢ଼ିଦେଲେ ତୁମେ ଶିକ୍ଷା କ୍ଷେତ୍ରରେ କୌଣସି ଏକତ୍ୱ ସମ୍ଭବ କରି ପାରିବ ନାହିଁ ।

ନୀରବରେ ହେଉ ଅଥବା ପ୍ରକାଶ୍ୟରେ ହେଉ, ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଭାବରେ ସତତ ଆମ ଶିକ୍ଷାର କେବଳ ସେହି କେନ୍ଦ୍ରସ୍ଥ ଆଦର୍ଶ, କେନ୍ଦ୍ରସ୍ଥ ଶକ୍ତି ବା ଆଲୋକ ତଥା ସେହି ଯଥାର୍ଥ ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ସହିତ ସଂଯୁକ୍ତ ହୋଇ ରହି ପାରିଲେ ଯାଇ ସେହି ଏକତ୍ୱର ଉପଲବ୍ଧି ସମ୍ଭବ ହେବ ।

ସେହି ଯଥାର୍ଥ ଓ ସର୍ବୋଚ୍ଚ ପରମ ଏକତ୍ୱ ଆପଣାକୁ ଅନେକତ୍ୱର ମାଧ୍ୟମରେହିଁ ବ୍ୟକ୍ତ କରିଥାଏ । କେବଳ ମନଃସ୍ତରର ଯୁକ୍ତି ଓ ନ୍ୟାୟଟାହିଁ ଏକରୂପତାର ଦାବି କରିବାରେ ଲାଗିଥାଏ । ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ତାହାର ସ୍ୱକୀୟ ପଦ୍ଧତିଟିର ଆବିଷ୍କାର ଓ ପ୍ରୟୋଗ କରିବାକୁ ପଡ଼ିବ; ସିଏ ବୁଝି ପାରୁଥିବା ଓ ଯଥାର୍ଥ ବୋଲି ଅନୁଭବ କରୁଥିବା ଏକ ପଦ୍ଧତି ଖୋଜି ବାହାର କରିବ, ତାହାକୁ କାର୍ଯ୍ୟରେ ଲଗାଇବ । କେବଳ ଏହିପରି ଭାବରେହିଁ ସକଳ ଶିକ୍ଷା ଯଥାର୍ଥରେ ଫଳପ୍ରଦ ହୋଇପାରିବ ।

*୧୩ ଅକ୍ଟୋବର ୧୯୬୦*

*

*ମାଆ, ‘‘ମୁକ୍ତ ଅଗ୍ରଗତି’’ କହିଲେ ଆପଣ କ’ଣ ବୁଝନ୍ତି, ତାହାକୁ ଅଳ୍ପ କେତୋଟି ଶବ୍ଦରେ ବ୍ୟାଖ୍ୟା କରି କହିଦେବେ କି ?*

ଯେଉଁ ଅଗ୍ରଗତି ଆତ୍ମା ଦ୍ୱାରା ପରିଚାଳିତ ହେଉଥିବ, ଯାହା କୌଣସି ଅଭ୍ୟସ୍ତତା, ଚିରାଚରିତତା ଅଥବା ପୂର୍ବନିର୍ଦ୍ଧାରିତ ଧାରଣାର ଅଧୀନ ହୋଇ ରହି ନ ଥିବ, ତାହାହିଁ ମୁକ୍ତ ଅଗ୍ରଗତି ।

*

*(ଛାତ୍ରମାନେ ନିୟମିତ ଭାବରେ ଅଧ୍ୟୟନ କରୁ ନାହାନ୍ତି, ନିୟମିତ ଭାବରେ କ୍ଲାସକୁ ବି ଯାଉ ନାହାନ୍ତି, ଏଥିରେ ଉଦ୍‌ବେଗ ପ୍ରକାଶ କରି କେତେକ ଶିକ୍ଷକ ଗୋଟିଏ ବିବରଣୀ ମାଆଙ୍କର ଗୋଚର ଲାଗି ପଠାଇଥିଲେ । ଶିକ୍ଷକମାନଙ୍କର ମତରେ କେବଳ ଅତି ଅଳ୍ପସଂଖ୍ୟକ ଛାତ୍ରହିଁ ସନ୍ତୋଷଜନକ ଭାବରେ ସବୁ କାର୍ଯ୍ୟ କରୁଥିଲେ । ଏହାର ପ୍ରତିକାର ସ୍ୱରୂପ ସେମାନେ କ୍ଲାସ୍‌ଗୁଡ଼ିକୁ ଆହୁରି ଅଧିକ କଠୋର ଭାବରେ ସଙ୍ଗଠିତ କରାଯାଉ ବୋଲି ପରାମର୍ଶ ଦେଇଥିଲେ । ମାଆ ସେଥିରେ ମନ୍ତବ୍ୟ କରି କହିଥିଲେ :)*

ପ୍ରଥମେ ଶିକ୍ଷକମାନଙ୍କ ପାଇଁ :

ବିବରଣୀରେ ଯେଉଁସବୁ ସଂଖ୍ୟାଗତ ହିସାବ ଦିଆଯାଇଛି, ସେଥିରେ ମୋର ସନ୍ତୋଷହିଁ ହୋଇଛି । ଜଣେ ବ୍ୟକ୍ତି ଏହି ବିବରଣୀଟିକୁ ଦେଖି ଯାହାକିଛି ଭାବିବେ, ତାହା ସତ୍ତ୍ୱେ ମୁଁ କହିବି ଯେ, ଅତ୍ୟୁତ୍ତମ ଛାତ୍ରମାନଙ୍କର ସଂଖ୍ୟା ତଥାପି ସନ୍ତୋଷଜନକ ହୋଇ ରହିଛି । ଦେଢ଼ଶହ ଛାତ୍ରଙ୍କ ଭିତରେ ଯଦି ସାତ ଜଣ ଛାତ୍ର ଯଥାର୍ଥ ମୂଲ୍ୟ ଓ ଦୃଷ୍ଟିସମ୍ପନ୍ନ ବ୍ୟକ୍ତି ରୂପେ ଗଢ଼ିହୋଇ ପାରିଲେ, ତେବେ ତାହାକୁ ଅତ୍ୟନ୍ତ ଭଲ ବୋଲିହିଁ କୁହାଯିବ ।

ବର୍ତ୍ତମାନ ସଂଗଠନଟି ବିଷୟରେ :

କ୍ଲାସ୍‌ଗୁଡ଼ିକୁ ସମଗ୍ରତଃ ଏପରି ଭାବରେ ପୁନର୍ଗଠିତ କରି ଦିଆଯାଇପାରେ ଯାହାଦ୍ୱାରା କି ଅଧିକାଂଶଙ୍କର ଆବଶ୍ୟକତାଗୁଡ଼ିକର ପୂରଣ ହୋଇ ପାରିବ, ଅର୍ଥାତ୍, ତାହା ସେହିମାନଙ୍କର ଆବଶ୍ୟକତାଗୁଡ଼ିକର ପୂରଣ କରିପାରିବ, ଯେଉଁମାନେ କି ବାହାରୁ କୌଣସି ପ୍ରକାର ଚାପ ନ ପଡ଼ିଲେ ବା କୌଣସି ଶୃଙ୍ଖଳାକୁ ଉପରୁ ଆଣି ଲଦି ଦିଆ ନ ଗଲେ ଭାରି ଅସନ୍ତୋଷଜନକ ଭାବରେ କାର୍ଯ୍ୟ କରନ୍ତି ଓ ଆଦୌ କୌଣସି ଅଗ୍ରଗତି କରନ୍ତି ନାହିଁ ।

ମାତ୍ର ଏକଥା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଯେ, ଉତ୍କୃଷ୍ଟ ବ୍ୟକ୍ତିମାନେ ଯେପରି ନିଜର ପରିଚୟ ଦେଇ ପାରିବେ ଓ ମୁକ୍ତ ଭାବରେ ବିକାଶ କରି ପାରିବେ, ସେଥିଲାଗି ସେମାନଙ୍କୁ ଉପଯୁକ୍ତ ପରିସର ଯୋଗାଇ ଦେବା ଲାଗି ନୂତନ ଶ୍ରେଣୀଗୁଡ଼ିକରେ ଶିକ୍ଷାର ବର୍ତ୍ତମାନ ପଦ୍ଧତିଟିକୁ ଅବଶ୍ୟ ବଜାୟ ରଖିବାକୁ ପଡ଼ିବ । ତାହାକୁହିଁ ଆମର ଯଥାର୍ଥ ଲକ୍ଷ୍ୟ ବୋଲି କୁହାଯିବ । ଏକଥା ଜଣାଇ ଦିଆଯିବା ଉଚିତ,– ଏକଥା ସମସ୍ତଙ୍କ ଆଗରେ ଘୋଷଣା କରି କହିଦେବାରେ ଆମର ଆଦୌ କୌଣସି କୁଣ୍ଠା ରହିବା ଉଚିତ ନୁହେଁ,– ଯେ, ଯେଉଁମାନଙ୍କ ଜୀବନରେ ଅଗ୍ରଗତିର ଆବଶ୍ୟକତା ସେମାନଙ୍କର ଜୀବନକୁ ପରିଚାଳିତ କରି ନେଇଯିବା ଭଳି ଯଥେଷ୍ଟ ପରିମାଣରେ ସଚେତନ ହୋଇ ପାରିଛି, ସେହିମାନଙ୍କୁ ଆବିଷ୍କାର କରି ଉପଯୁକ୍ତ ପ୍ରୋତ୍ସାହନ ଦେବା ହେଉଛି ଆମ ବିଦ୍ୟାଳୟର ସଂପୂର୍ଣ୍ଣ ଲକ୍ଷ୍ୟ । 'ମୁକ୍ତ ଅଗ୍ରଗତି'ର ଏହିସବୁ କ୍ଲାସ୍‌ରେ ଭର୍ତ୍ତିହୋଇ ପାରିବା ପ୍ରକୃତରେ ଏକ ବିଶେଷ ସ୍ୱୀକୃତିର ସୂଚକ ହୋଇ ରହିପାରିବା ଉଚିତ ।

ମଝିରେ ମଝିରେ ନିୟମିତ ଭାବରେ (ଉଦାହରଣ ସ୍ୱରୂପ ପ୍ରତ୍ୟେକ ମାସରେ) ଗୋଟିଏ ଗୋଟିଏ ନିର୍ବାଚନ ହେବା ଉଚିତ, ଏବଂ ଯେଉଁମାନେ ଏହି ବିଶେଷ ପଦ୍ଧତିଟିରୁ ଲାଭବାନ୍ ନ ହୋଇ ପାରୁଛନ୍ତି, ସେମାନଙ୍କୁ ସାଧାରଣ ଶିକ୍ଷାଧାରାଟି ମଧ୍ୟକୁ ପୁନର୍ବାର ପଠାଇ ଦିଆଯିବା ଉଚିତ ।

ବିବରଣୀଟିରେ ଯେଉଁସବୁ ସମାଲୋଚନା କରାଯାଇଛି, ତାହା ଛାତ୍ରମାନଙ୍କ ଲାଗି ଯେତିକି ପ୍ରଯୁଜ୍ୟ, ଶିକ୍ଷକମାନଙ୍କର ଲାଗି ମଧ୍ୟ ଠିକ୍ ସେତିକି ପ୍ରଯୁଜ୍ୟ । ଯେଉଁ ଛାତ୍ରମାନଙ୍କର ଉଚ୍ଚକୋଟୀର ସାମର୍ଥ୍ୟ ରହିଛି, ଆପଣାର ବିଷୟଟିରେ ସୁଦକ୍ଷତା ଲାଭ କରିଥିବା ଜଣେ ଶିକ୍ଷକହିଁ ସେମାନଙ୍କ ଲାଗି ଯଥେଷ୍ଟ ହେବେ । ଏପରି କି ଏକ ସୁଲିଖିତ ପାଠ୍ୟପୁସ୍ତକ ଓ ତା' ସହିତ କେତୋଟି ଜ୍ଞାନକୋଷ ଏବଂ କେତେ ଖଣ୍ଡ ଅଭିଧାନ ମଧ୍ୟ ସେମାନଙ୍କ ଲାଗି ଯଥେଷ୍ଟ ହେବ । ମାତ୍ର ଏହି ସ୍ତରକ୍ରମରେ ଆମେ ଯେତେବେଳେ ତଳକୁ ତଳକୁ ଯିବାକୁ ଆରମ୍ଭ କରିବା ଓ ଛାତ୍ରମାନଙ୍କର ସାମର୍ଥ୍ୟ ଯେମିତି କ୍ରମଶଃ ସ୍ୱଳ୍ପରୁ ସ୍ୱଳ୍ପତର ହେବାରେ ଲାଗିଥିବ, ସେତେବେଳେ ଶିକ୍ଷକ ପାଖରେ ଅଧିକରୁ ଅଧିକ ଉଚ୍ଚ ସ୍ତରର ଦକ୍ଷତାମାନ ରହିବା ମଧ୍ୟ ଆବଶ୍ୟକ ହେଉଥିବ । ଛାତ୍ର ଭିତରେ ଯେଉଁ ଭାଗଟି ସୁପ୍ତହୋଇ ରହିଥିବ, ସେଥିରେ ଏକ ଜାଗୃତି ସମ୍ଭବ କରିବା ପାଇଁ, ତା' ଭିତରେ ଜାଣିବାର ଇଚ୍ଛା, ଅଗ୍ରଗତି କରିବାର ଆବଶ୍ୟକତା ଏବଂ ଆତ୍ମନିୟନ୍ତ୍ରଣ ପ୍ରଭୃତି ସାମର୍ଥ୍ୟକୁ ଜାଗ୍ରତ କରି ଆଣିବା ପାଇଁ ଶିକ୍ଷକଠାରେ ମଧ୍ୟ ଶୃଙ୍ଖଳା, ଆତ୍ମନିୟନ୍ତ୍ରଣ, ଉତ୍ସର୍ଗଭାବ, ମାନସିକ କ୍ଷେତ୍ରର ସ୍ଥିତିଗୁଡ଼ିକୁ ବୁଝିବାର ଶକ୍ତି ଓ ନିଜକୁ ସଂକ୍ରାମକ କରାଇ ପାରୁଥିବା ଏକ ଉତ୍ସାହ ପ୍ରଭୃତିର ଦକ୍ଷତା ରହିବା ଆବଶ୍ୟକ ହେଉଥିବ ।

ଉତ୍କୃଷ୍ଟ ଛାତ୍ରମାନଙ୍କୁ ଆବିଷ୍କାର କରି ସେମାନଙ୍କୁ ସାହାଯ୍ୟ କରି ପାରିବା ଲାଗି ଆମେ ଯେପରି ବିଦ୍ୟାଳୟଟିକୁ ଅନୁରୂପ ଭାବରେ ସଂଗଠିତ କରିବା ପାଇଁ ଇଚ୍ଛା କରୁଛୁ, ଠିକ୍ ସେହିପରି କ୍ଲାସ୍‌ଗୁଡ଼ିକର ଦାୟିତ୍ୱକୁ ମଧ୍ୟ ଉତ୍କୃଷ୍ଟ ଶିକ୍ଷକମାନଙ୍କ ହାତରେ ନ୍ୟସ୍ତ କରି ରଖାଯିବା ଉଚିତ ।

ତେଣୁ, ପ୍ରତ୍ୟେକ ଶିକ୍ଷକଙ୍କଠାରୁ ମୁଁ ଏହି ପ୍ରତ୍ୟାଶା ରଖିବି ଯେ ସେମାନେ ବିଦ୍ୟାଳୟରେ ସେମାନଙ୍କର କାର୍ଯ୍ୟଟିକୁ ଆପଣା ଯୋଗ ସାଧନାର ପ୍ରକୃଷ୍ଟ ତଥା ସତ୍ୱରତମ ମାର୍ଗ ରୂପେ ଗ୍ରହଣ କରି ନିଅନ୍ତୁ । ଏବଂ, ବିଦ୍ୟାଳୟରେ ଆସି ଉପସ୍ଥିତ ହେଉଥିବା ପ୍ରତ୍ୟେକ ଅସୁବିଧା ଓ ବିଦ୍ୟାଳୟରେ ଥିବା ପ୍ରତ୍ୟେକ ଅବାଗିଆ ଛାତ୍ର ତା' ଲାଗି ସମସ୍ୟାଟିର ଏକ ଦିବ୍ୟସମାଧାନ ଖୋଜି ବାହାର କରିବାରେ ପ୍ରକୃତରେ ଗୋଟିଏ ଗୋଟିଏ ସୁ-ଅବସର ହୋଇ ରହିପାରିବା ଉଚିତ । *୫ ଅଗଷ୍ଟ ୧୯୬୩*

*

*ମାଆ, ମୋ ଛାତ୍ରମାନେ ମୋତେ କହୁଛନ୍ତି ଯେ 'ଗ' କୁଆଡ଼େ ତାଙ୍କୁ କହିଛନ୍ତି ଯେ ମଣିଷର ଭିତରେ ରହିଥିବା ସାମର୍ଥ୍ୟଗୁଡ଼ିକୁ ନିୟମିତ ଅଭ୍ୟାସ ଓ ବ୍ୟାୟାମ ଦ୍ୱାରା ବିକଶିତ କରାଇ ଅଣାଯାଇ ପାରିବ ଓ ତାକୁ କୁଆଡ଼େ ଆପଣ ସେହିସବୁ ବ୍ୟାୟାମଗୁଡ଼ିକୁ ସୂଚାଇ ଦେଇଛନ୍ତି । ସିଏ ଆହୁରି କହିଛନ୍ତି ଯେ ଏଠାରେ ଆମର ଏହି ଶିକ୍ଷାକେନ୍ଦ୍ରରେ ମଧ୍ୟ ଏଇଟିକୁ ପ୍ରୟୋଗ କରି ଦେଖାଯିବା ଉଚିତ ।*

ହଁ, 'ଗ' ଭାରି ଜିଦ୍ କରି କହିବାରୁ ମୁଁ ତାକୁ ଏକ ପ୍ରଥମ ବ୍ୟାୟାମର ସୂଚନା ପ୍ରକୃତରେ ଦେଇଥିଲି । ମାତ୍ର ତାହାର ପରିଣାମ ଅଧିକତର ପରିମାଣରେ ଦୁର୍ଭାଗ୍ୟଜନକ ହେବାରୁ ମୁଁ ସେଇଟିକୁ ବନ୍ଦ ବି କରିଦେଲି ।

ଯଥାର୍ଥ ସମୟଟି ଆସି ପହଞ୍ଚିଲେ ଏହିସବୁ କଥା ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସେ ବୋଲି କୁହାଯାଇ ପାରିବ । ଏବଂ ତେଣୁ, ନିଜର ଇଚ୍ଛା ଅନୁସାରେ ଏହି କ୍ଷେତ୍ରରେ ଆଦୌ କିଛି ନ କରିବାହିଁ ଅଧିକ ଭଲ ହେବ ।

*

*ବର୍ତ୍ତମାନ ଏଠାରେ ଆମକୁ ଯେଉଁ ଶିକ୍ଷା ଦିଆଯାଉଛି, ଅନ୍ୟତ୍ର ଦିଆଯାଉଥିବା ଶିକ୍ଷାଠାରୁ ତାହା ପ୍ରାୟ କୌଣସି ପ୍ରକାରେ ପୃଥକ୍ ନୁହେଁ । ଏବଂ ଏହି କାରଣରୁହିଁ ଆମକୁ ଏଠାରେ ଛାତ୍ରର ଅନ୍ତର୍ନିହିତ ଏବଂ ଆଧ୍ୟାତ୍ମିକ ସାମର୍ଥ୍ୟଗୁଡ଼ିକୁ ପ୍ରଶିକ୍ଷିତ କରାଇବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ମାତ୍ର ଏହି କଥାଟିକୁ ସ୍କୁଲ୍‌ରେ କିପରି କରାଯାଇ ପାରିବ ?*

କୌଣସି ବାହ୍ୟ ପଦ୍ଧତି ଦ୍ୱାରା ତାହା କରାଯାଇ ପାରିବ ନାହିଁ । ଏହା ପ୍ରାୟ ସଂପୂର୍ଣ୍ଣ ଭାବରେ ଶିକ୍ଷକର ଜୀବନଦୃଷ୍ଟି ଓ ତା'ର ଚେତନା ଉପରେ ନିର୍ଭର କରିବ । ଯଦି ତା'ର ନିଜ ଭିତରେ ଉପଯୁକ୍ତ ଦୃଷ୍ଟି ଓ ଅନ୍ତର୍ଗତ ଜ୍ଞାନଟିର ଅଭାବ ରହିଥିବ, ତେବେ ସେଗୁଡ଼ିକୁ ସେ ଛାତ୍ରମାନଙ୍କ ମଧ୍ୟକୁ କିପରି ସଂଚାରିତ କରିଦେଇ ପାରିବ ?

ସତ କଥା କହିବାକୁ ଗଲେ, ଆମେ ପ୍ରଧାନତଃ ଏକ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ପ୍ରେରିତ ହୋଇ ରହିଥିବା ସଂପୂର୍ଣ୍ଣ ବାୟୁମଣ୍ଡଳଟି ଉପରେହିଁ ନିର୍ଭର କରିବା । ଗୋଚରୀଭୂତ ଏବଂ ଅନୁଭୂତ ହେଉ ନ ଥିଲେ ମଧ୍ୟ ତଥାପି ତାହାର ଏକ ପ୍ରଭାବ ଅବଶ୍ୟ ପଡୁଥିବ ।

*୨୦ ଏପ୍ରିଲ୍ ୧୯୬୬*

*

ଶିକ୍ଷକ ଏବଂ ଛାତ୍ରମାନଙ୍କ ପାଇଁ :

"Vers la Perfection"* (ପରିପୂର୍ଣ୍ଣତା ଆଡ଼କୁ) କ୍ଲାସ୍‌ଗୁଡ଼ିକ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଅନୁସାରେ ଗଠିତ ହୋଇଛି ।

ସେଗୁଡ଼ିକ ଛାତ୍ରମାନଙ୍କୁ ପରମସତ୍ୟର ଉପଲବ୍ଧି ଆଡ଼କୁ ପରିଚାଳିତ କରି ନେଇଯିବେ ।

ଯେଉଁମାନେ ସେହି କଥାଟିକୁ ବୁଝୁ ନାହାନ୍ତି, ସେମାନେ ପ୍ରକୃତରେ ଭବିଷ୍ୟତକୁହିଁ ଅସ୍ୱୀକାର କରୁଛନ୍ତି ।

*ସେପ୍ଟେମ୍ବର ୧୯୬୬*

*

*(ପିଲାମାନଙ୍କୁ ତୁଚ୍ଛ ଓ ନିରର୍ଥକ ନାନା ବିଷୟ ଶିକ୍ଷା ଦିଆଯାଉଛି ବୋଲି ଜଣେ ଶିକ୍ଷକ ଅଭିଯୋଗ କରିଥିଲେ । ଉଦାହରଣ ସ୍ୱରୂପ ସେ କହିଥିଲେ ଯେ, ଭାଷା ଶିକ୍ଷାର କ୍ଲାସ୍‌ରେ ଛାତ୍ରମାନଙ୍କୁ ନାନା ନିରର୍ଥକ ବାଜେ ଗପ ପଢ଼ିବାକୁ କୁହାଯାଇଥିଲା ଓ ବିଭିନ୍ନ ଜନସମୂହର ଜୀବନ ଓ ରୀତି ବିଷୟରେ ଆଦୌ କୌଣସି ମହତ୍ତ୍ୱ ନ ଥିବା ଟିକିନିଖି କେତେ କ'ଣ ବର୍ଣ୍ଣନା କରି କୁହାଯାଇଥିଲା ।)*

ଜୀବନରେ କେତୋଟି କଥାକୁ ଆମେ ଉଚ୍ଚ ବୋଲି କହିବା ଓ ଆଉ କେତୋଟି କଥାକୁ ନିମ୍ନସ୍ତରର ବୋଲି କହିବା,– ତୁମ ଭିତରେ ଏହି ପୁରୁଣା ବିଶ୍ୱାସଟି ତଥାପି ବସା ବାନ୍ଧି ରହିଛି ବୋଲି ତୁମର ଏହିସବୁ ଅସୁବିଧା ଉପୁଜୁଛି । ଏପରି ହେବା ଆଦୌ ଠିକ୍ ନୁହେଁ ।

---

* ମୁକ୍ତ ଅଗ୍ରଗତିର ପଦ୍ଧତି ଉପରେ ଆଧାରିତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର କେତୋଟି କ୍ଲାସ୍‌କୁ ମାଆ ଏହି ନାମଟି ଦେଇଥିଲେ ।

ପ୍ରକୃତରେ କୌଣସି ବସ୍ତୁ କିଂବା କୌଣସି କାର୍ଯ୍ୟ ଉଚ୍ଚ ନୁହେଁ ବା ନୀଚ ନୁହେଁ; ସେହି କାର୍ଯ୍ୟଟିକୁ କରୁଥିବା ବ୍ୟକ୍ତିର ଚେତନାହିଁ ପ୍ରକୃତରେ ଠିକ୍ ବା ଭୁଲ୍ ହୋଇ ରହିଥାଏ ।

ଯଦି ତୁମେ ଆପଣାର ଚେତନାକୁ ସର୍ବୋଚ୍ଚ ପରମଚେତନାଟି ସହିତ ସମ୍ମିଳିତ କରି ରଖିପାରିବ ଓ ତାହାକୁହିଁ ପ୍ରକାଶିତ କରିପାରିବ, ତେବେ, ତୁମେ ଯାହାକିଛି ଭାବିବ, ଅନୁଭବ କରିବ ଅଥବା କରିବ, ତାହା ପ୍ରକୃତରେ ସଂଦୀପିତ ଓ ସତ୍ୟ ହୋଇ ରହିପାରିବ । ତେଣୁ ପଠିତ ବିଷୟଗୁଡ଼ାକରେ ପରିବର୍ତ୍ତନ କରିଦେଲେ ହେବ ନାହିଁ; ତୁମେ ଯେଉଁ ଚେତନାରେ ରହି ପାଠ ପଢ଼ାଇବାକୁ ଯାଉଛ, ସେଇଟିକୁହିଁ ସଂଦୀପିତ କରି ରଖିବାକୁ ପଡ଼ିବ ।

*୩୧ ଜୁଲାଇ ୧୯୬୭*

*

*ମୋର ପ୍ରକୃତରେ କୌଣସି ଆତ୍ମା ଅଛି କି ନାହିଁ, ମୋତେ ଜଣା ନାହିଁ; ମାତ୍ର ଜଣେ ଶିକ୍ଷକ ହିସାବରେ ମୋ'ଠାରୁ ଏହି ପ୍ରତ୍ୟାଶା କରାଯାଉଛି ଯେ ମୋତେ ଛାତ୍ରମାନଙ୍କୁ ସାହାଯ୍ୟ କରିବାକୁ ହେବ ଏବଂ ''ଆତ୍ମାର ଅଭିବୃଦ୍ଧି ଦିଗରେ ସର୍ବଦା ଗୁରୁତ୍ୱ ଦେବାକୁ ହେବ ।'' ଆପଣ ଦୟାକରି କିଛି ଆଲୋକପାତ କରିବେ କି ?*

ତୁମେ କଥାଟିକୁ ''**ମନଃସ୍ତରରେ ବିଚାର କରିବାକୁ**'' ଇଚ୍ଛା କରୁଛ ଏବଂ ଅସଲ ବିରୋଧଟି ତାହାରି ଯୋଗୁହିଁ ହେଉଛି । ଏପରି କରିବା ଆଦୌ ସମ୍ଭବ ନୁହେଁ । ଏହା ହେଉଛି ଏକ ଦୃଷ୍ଟିକୋଣ; ଅଧିକାଂଶତଃ ଏକ ଅନ୍ତର୍ଗତ ଦୃଷ୍ଟିକୋଣ ସତ, ମାତ୍ର ତାହା **ଯଥାସମ୍ଭବ** ବାହାରର କ୍ରିୟାଶୀଳତାକୁ ମଧ୍ୟ ଶାସନ କରିବାରେ ଏହି ଦୃଷ୍ଟିକୋଣଟିକୁ ଶିକ୍ଷା ଦେବା ଅପେକ୍ଷା ବରଂ ଅନେକ ଅଧିକ ପରିମାଣରେ **ବଞ୍ଚିବାକୁ**ହିଁ ପଡ଼ିବ ।

*

*ଯଦି ଶିକ୍ଷାରେ ଆମର ଏକ ନୂତନ ପଦ୍ଧତିର ପ୍ରୟୋଜନ ରହିଥାଏ, ତେବେ ଏହି ପଦ୍ଧତିଟି ଠିକ୍ କେଉଁଭଳି ହେବା ଉଚିତ ?*

ଏହି ପଦ୍ଧତିଟିକୁ ଯଥାସମ୍ଭବ ଅଧିକରୁ ଅଧିକ ଭଲଭାବରେ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ, ପ୍ରତ୍ୟେକ ଶିକ୍ଷକର ସାମର୍ଥ୍ୟ ଅନୁସାରେ ତାହାକୁ ପ୍ରୟୋଗ କରିବାକୁ ପଡ଼ିବ ।

*୨୫ ଜୁଲାଇ ୧୯୬୭*

*

*(ଏକ ନିର୍ଦ୍ଦିଷ୍ଟ ବୟଃସୀମାର ଛାତ୍ରମାନଙ୍କର ପାଠ୍ୟବିଷୟଗୁଡ଼ିକର ପୁନର୍ଗଠନ ଲାଗି ଜଣେ ଶିକ୍ଷକ ପ୍ରସ୍ତାବ ଦେଇଥିଲେ । ସିଏ ପରାମର୍ଶ ଦେଇଥିଲେ ଯେ ନିୟମିତ କ୍ଲାସ୍‌ଗୁଡ଼ିକର ସଂଖ୍ୟାକୁ କମ୍ କରି ଦିଆଯିବ; ପ୍ରତିଦିନ ସକାଳେ ଶିକ୍ଷକମାନେ ବ୍ୟକ୍ତିଗତ ଭାବରେ ନିଜ ନିଜର ଛାତ୍ରମାନଙ୍କୁ ସାହାଯ୍ୟ ଦେବେ ଏବଂ କେବଳ ଉପର ଓଳିକୁ ଯାଇ ସେମାନଙ୍କୁ ଏକ ଶ୍ରେଣୀରେ ଭେଟିବେ । ତାଙ୍କ ଚିଠିର ସବାଶେଷରେ ଲେଖାଥିଲା :)*

ଅନେକ ଶିକ୍ଷକ ଅନୁଭବ କରୁଛନ୍ତି ଯେ, ଯାହାକୁ ''ପୂରାତନ ପଦ୍ଧତି'' ବୋଲି କୁହାଯାଉଛି ଓ 'କ'ର କ୍ଲାସ୍‌ଗୁଡ଼ିକ ଭିତରେ କୌଣସି ପ୍ରକାର ବିଭାଜନ କରିବା ମୋଟେ ଉଚିତ ହେବ ନାହିଁ । ଆମେ ଯେଉଁ ପୁନର୍ଗଠନର ପ୍ରସ୍ତାବ କରୁଛୁ, ସେଥିରେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକ ଅନେକ ପରିମାଣରେ ହ୍ରାସ ହୋଇଯିବ । ଏହି ବିଭାଜନ ତଥାପି ରହୁ ବୋଲି ଆପଣ ଇଚ୍ଛା କରୁଛନ୍ତି କି ? ଏହି ବିଭାଜନ ଆପଣାଛାଏଁ କେବେ ଚାଲିଯିବ ବୋଲି କ'ଣ ଆମକୁ ଅପେକ୍ଷା କରି ରହିବାକୁ ପଡ଼ିବ ?

ଏହି ବିଭାଜନଟି ସଙ୍ଗେ ସଙ୍ଗେ ଚାଲିଯିବାଟାହିଁ ଅନନ୍ତ ଗୁଣରେ ଅଧିକ ଉଚିତ ହେବ । ତୁମେ ଯାହାସବୁ ପରାମର୍ଶ ଦେଇଛ, ତାହାର ଯାବତୀୟ ଫଳପ୍ରଦତା କେବଳ କାର୍ଯ୍ୟରେ ପ୍ରୟୋଗ କରି ଦେଖିଲେ ଯାଇ ଜଣା ପଡ଼ିବ । ତେଣୁ ମୁଁ ଭାବୁଛି ଯେ, ଯଦି ପରିଣାମଗୁଡ଼ିକ କ୍ରମଶଃ ଦୃଷ୍ଟିଗୋଚର ହେବେ, ତେବେ ପୂରା ଗୋଟିଏ ବର୍ଷ ପାଇଁ ଆମେ ଏହାକୁ ଚେଷ୍ଟା କରି ଦେଖିବା ବା, ଯଦି ସେତେବେଳକୁ ପରିଣାମଗୁଡ଼ିକ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଯିବ, ତେବେ ତାହାକୁ ଆମେ ତିନି ମାସ ସକାଶେ ପ୍ରୟୋଗ କରି ଦେଖିବାହିଁ ସବୁଠାରୁ ଭଲ କଥା ହେବ ।

ଆନ୍ତରିକ ପ୍ରଚେଷ୍ଟା ଏବଂ ନମନୀୟତା ରହିଥିଲେ ତୁମେ ସମସ୍ୟାଟିର ନିଶ୍ଚୟ ସମାଧାନ କରିପାରିବ ।

*୬ ନଭେମ୍ବର ୧୯୬୭*

*

*୧୯୬୭ ନଭେମ୍ବର ୯ ତାରିଖ ଦିନ ଉଚ୍ଚତର ଶିକ୍ଷାକ୍ରମର ଶିକ୍ଷକମାନଙ୍କର ଗୋଟିଏ ବୈଠକ ବସି ସେହି ଶିକ୍ଷାକ୍ରମରେ ସମ୍ଭାବ୍ୟ ନାନା ପରିବର୍ତ୍ତନ ଲାଗି ବିଭିନ୍ନ ପ୍ରସ୍ତାବର ଆଲୋଚନା କରାଯାଇଥିଲା । ଉଚ୍ଚତର ଶିକ୍ଷାକ୍ରମକୁ ନିମ୍ନଲିଖିତ ପ୍ରକାରେ ପୁନଃସଙ୍ଗଠିତ କରାଯାଉ ବୋଲି ଏକ ପ୍ରସ୍ତାବ କରା ଯାଇଥିଲା :**

୧. ପ୍ରତ୍ୟେକ ଛାତ୍ର ମୁକ୍ତ ଭାବରେ ନିଜ ଅଧ୍ୟୟନର ବିଷୟଟିକୁ ଠିକ୍ କରିବ ଏବଂ ତା'ର ସେହି ନିଷ୍ପତ୍ତିରେ ସଂପୃକ୍ତ ଛାତ୍ରଟିର ଏକ ପ୍ରକୃତ ଏବଂ ଆନ୍ତରିକ ଅନ୍ୱେଷଣ ଅବଶ୍ୟ ପ୍ରତିଫଳିତ ହେଉଥିବ ।

୨. ଏହିପରି ଭାବରେ ନିର୍ବାଚିତ ପ୍ରତ୍ୟେକ ବିଷୟ ମଧ୍ୟରେ, ସେହି ବିଷୟଟିର ପରିସର ଓ ପ୍ରକୃତି ଅନୁସାରେ ଏକ କ୍ଷୁଦ୍ର ବା ଦୀର୍ଘ ପରିଯୋଜନା ଅନ୍ତର୍ଗତ ହୋଇ ରହିଥିବ ।

୩. ପ୍ରତ୍ୟେକ ପରିଯୋଜନା ଅନୁସନ୍ଧାନର ଏବଂ ଅଧ୍ୟୟନରେ ଛାତ୍ରମାନେ କୌଣସି ଜଣେ ଶିକ୍ଷକ ଅଥବା ଏକାଧିକ ଶିକ୍ଷକଙ୍କର ସାହାଯ୍ୟ ନେଇ ପାରିବେ । ସେହି ବିଷୟଟି ପ୍ରତି ନ୍ୟାୟବିଚାର କରିବାକୁ ଦକ୍ଷ ଓ ଉପଯୁକ୍ତ ଏକ ଶିକ୍ଷକମଣ୍ଡଳୀ ମଧ୍ୟରୁ ସେମାନେ ନିଜର ସହାୟକ ଶିକ୍ଷକମାନଙ୍କୁ ବାଛିନେଇ ପାରିବେ ।

୪. କୌଣସି ନିର୍ଦ୍ଦିଷ୍ଟ ମୌଖିକ ଶ୍ରେଣୀର କାର୍ଯ୍ୟକ୍ରମ ରହିବ ନାହିଁ । ମାତ୍ର ଛାତ୍ରମାନଙ୍କର ସମ୍ମତି ନେଇ ଶିକ୍ଷକମାନେ ଆବଶ୍ୟକତା ଅନୁସାରେ ମୌଖିକ ଶ୍ରେଣୀଗୁଡ଼ିକର ବ୍ୟବସ୍ଥା କରିପାରିବେ । ଏହି ଶ୍ରେଣୀଗୁଡ଼ିକ ସାଧାରଣତଃ ଉପରଓଳି ହେବ ।

୫. ନିଜର ନିର୍ବାଚିତ ପାଠ୍ୟକ୍ରମଟି ଲାଗି ପ୍ରତ୍ୟେକ ଛାତ୍ର କେତେ ପରିମାଣରେ କାର୍ଯ୍ୟ କରି ଦେଖାଇବ, ତାହାକୁ କଦାପି ନିର୍ଦ୍ଧାରିତ କରି ରଖି ଦିଆଯାଇ ପାରିବ ନାହିଁ । ମାତ୍ର ଆପଣାର ସ୍ୱନିର୍ବାଚିତ ପାଠ୍ୟକ୍ରମଟି ଶେଷ କରିଥିବାର ପ୍ରମାଣସ୍ୱରୂପ, ସିଏ ଅବଶ୍ୟ ନିୟମିତ ଓ ଅନବରତ ପ୍ରୟାସର ପ୍ରମାଣ ଦେଇ ପାରିଥିବ; ତା'ର ସାମର୍ଥ୍ୟଗୁଡ଼ିକରେ ଯେ ବିକାଶ ଘଟିଛି, ତା'ର ବିଷୟଗୁଡ଼ିକୁ ଯେ ସେ ଉତ୍ତମ ରୂପେ ବୁଝିଛି, ସିଏ ସେସବୁର ନିଦର୍ଶନ ଦେଖାଇ ପାରୁଥିବ । ଯଥେଷ୍ଟ ସ୍ୱଷ୍ଟତା ଏବଂ ଯଥାର୍ଥତା ସହିତ ସେ ମୌଖିକ ଅଥବା ଲିଖିତ ଭାବରେ ପ୍ରସଙ୍ଗଟିର ଅନ୍ତର୍ଗତ ଯାବତୀୟ ପ୍ରଶ୍ନର ଉତ୍ତର ଦେଇ ପାରୁଥିବ । ସିଏ କେତେ ପରିମାଣରେ କାମ କରି ଦେଖାଇଲା, ତାହା ଅପେକ୍ଷା ସିଏ ଗୁଣାତ୍ମକ ଦୃଷ୍ଟିରୁ କିପରି କାର୍ଯ୍ୟ କରିଛି, ତାହା ଉପରେ ଅଧିକ ମହତ୍ତ୍ୱ ଦିଆଯିବ । ମାତ୍ର ତା' ବୋଲି ପରିମାଣରେ ଯେ ଅତ୍ୟନ୍ତ ସ୍ୱଳ୍ପତା ରହିଥିବ, ସେ କଥା ମଧ୍ୟ ଠିକ୍ ନୁହେଁ । ଆମ ଶିକ୍ଷାଗତ ଉଚ୍ଚମାନଟିର ତା' ଅଧ୍ୟୟନର ପରିମାଣ ଆଦୌ କୌଣସି ଖିଲାପ କରୁ ନ ଥିବ ।

---

* ଚଉଦଟି ପ୍ରସ୍ତାବ ମଧ୍ୟରୁ ଏଠାରେ ମୋଟେ ପାଞ୍ଚୋଟି ପ୍ରସ୍ତାବର ଉଲ୍ଲେଖ କରାଯାଇଛି । ମାଆ ସେହି ପାଞ୍ଚୋଟି ପ୍ରସ୍ତାବକୁ ଭିତ୍ତି କରି ଆପଣାର ଉତ୍ତର ଦେଇଛନ୍ତି ।

*ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ଉପରଲିଖିତ ଏହି ପ୍ରସ୍ତାବଟି ପଛରେ ଏକ ସାଧାରଣ ସମର୍ଥନ ରହିଥିଲା ଏବଂ ତା' ପରେ ସେଇଟି ବିଷୟରେ ମାଆଙ୍କର ମାର୍ଗଦର୍ଶନ ଲୋଡ଼ି ସେଇଟିକୁ ମାଆଙ୍କ ଆଗରେ ନେଇ ଉପସ୍ଥାପିତ କରିବା ଲାଗି ସ୍ଥିର କରାଗଲା ।*

ଏଗୁଡ଼ିକ ବେଶ୍ ଭଲ ହୋଇଛି । ବର୍ତ୍ତମାନ ଅସଲ କଥା ହେଉଛି ଯେ ଆମେ ଆନ୍ତରିକତା ଏବଂ ସଂପୂର୍ଣ୍ଣତା ସହିତ ଏଇଟିକୁ କାର୍ଯ୍ୟକ୍ଷେତ୍ରରେ ନେଇ ପ୍ରୟୋଗ କରିବା ।

ଅନେକ ଆଶୀର୍ବାଦ ।

*ନଭେମ୍ବର ୧୯୬୭*

*

*'କ' ମୋତେ କହିଲେ ଯେ, ଯେଉଁ ପରିଯୋଜନାର ପଦ୍ଧତିଟି ମଧ୍ୟରେ ପ୍ରତ୍ୟେକ ଛାତ୍ରକୁ ତା'ର ବିଶେଷ ଅଧ୍ୟୟନ ଏବଂ ଅନୁସନ୍ଧାନ ନିମନ୍ତେ ଗୋଟିଏ ଅଥବା ଏକାବେଳେକେ କେତୋଟି ବିଷୟ ନେବାକୁ ପଡ଼ିବ, ତାହା ସହିତ ଏକ ଅଧିକ ବ୍ୟାପକ ଅଧ୍ୟୟନର କୌଣସି କାର୍ଯ୍ୟକ୍ରମ ମଧ୍ୟ ରହିବ କି ନାହିଁ, ଆମେ ମାଆଙ୍କୁ ସେ କଥା ପଚାରିବା । ଜ୍ଞାନର ମହତ୍ତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ବିଷୟରେ ଛାତ୍ରକୁ ଏକ ପ୍ରଶସ୍ତତର ବୋଧସାମର୍ଥ୍ୟ ପ୍ରଦାନ କରିବାହିଁ ସେହି କାର୍ଯ୍ୟକ୍ରମର ଅଭିପ୍ରାୟ ହେବ ।*

ଛାତ୍ରମାନେ ଯଦି ପ୍ରକୃତରେ ପାରିବେ, ତେବେ ସେମାନେ ଭାବିବା ଲାଗି, ଅଧ୍ୟୟନ କରିବା ଲାଗି, ଅଗ୍ରଗତି କରିବା ଲାଗି, ଓ ବୁଦ୍ଧିସମ୍ପନ୍ନ ହେବା ଲାଗି ଉପଯୁକ୍ତ ସାମର୍ଥ୍ୟ ଅର୍ଜନ କରିବେ,— ସ୍କୁଲ ସେମାନଙ୍କୁ ଏହି ସାମର୍ଥ୍ୟଟିକୁ ଅର୍ଜନ କରିବାରେ କେବଳ ଏକ ପ୍ରସ୍ତୁତିମାତ୍ର ହୋଇ ରହିବ । ସେହିସବୁ କଥା ସେମାନଙ୍କର **ସମଗ୍ର ଜୀବନବ୍ୟାପୀ** ହେଉଥିବ, କେବଳ ସ୍କୁଲରେ ପାଠ ପଢୁଥିବା ସମୟଟି ମଧ୍ୟରେ କଦାପି ସୀମାବଦ୍ଧ ହୋଇ ରହିବ ନାହିଁ ।

*ନଭେମ୍ବର ୧୯୬୭*

*

*ଏକଥା ବେଶ୍ ବୁଝି ହେଉଛି ଯେ ମାଧ୍ୟମିକ ଶିକ୍ଷାର ସ୍ତରକୁ ଆସିବା ପର୍ଯ୍ୟନ୍ତ ଯୋଗ ବିଷୟରେ କୌଣସି ଜ୍ଞାନ ହାସଲ କରିବା ନିମିତ୍ତ ପିଲାମାନଙ୍କର ପ୍ରକୃତ ବୟସ ହୋଇ ନ ଥାଏ । ସେମାନେ ପ୍ରକୃତରେ ଯୋଗ ମାର୍ଗକୁ ଗ୍ରହଣ କରିବେ କି ନାହିଁ, ତାହା ନିଷ୍ପତ୍ତି କରିବାର ବୟସ ମଧ୍ୟ ହୋଇ ନ ଥାଏ । ତେଣୁ*

School is just
a preparation
to make the
students capable
of thinking,
studying, progressing
and becoming
intelligent if
they care —
all that must
be done during
the entire life
and not only in school.

*ସେତେବେଳେ ସେମାନଙ୍କୁ ଯେଉଁ ଶିକ୍ଷା ଦିଆଯାଏ, ତାହା କେବଳ ଶିକ୍ଷାହିଁ ହୋଇ ରହିବ ଓ ଆଉ ଅନ୍ୟକିଛି ହୋଇ ପାରିବ ନାହିଁ ।*

*ମାତ୍ର ମୁଁ ଭାବୁଛି ଯେ ଉଚ୍ଚତର ପାଠ୍ୟକ୍ରମଟିର କ୍ଷେତ୍ରରେ ଏହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ କରି ଦିଆଯିବା ଉଚିତ ଯେ, ଯେଉଁମାନେ ଏଠାରେ ଯୋଗସାଧନା ଲାଗି ଅଛନ୍ତି, କେବଳ ସେହିମାନଙ୍କୁହିଁ ସେହି ପାଠ୍ୟକ୍ରମଟିର ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରାଯାଇ ପାରିବ,— ସେହି ସ୍ତରକୁ ଆସି ସକଳ ଶିକ୍ଷାକୁ ଯୋଗରେ ପରିଣତ ହେବାକୁ ପଡ଼ିବ ।*

*ଏହି ବିଷୟରେ ଯଦି ମାଆ ଆପଣାର ନିର୍ଦ୍ଦେଶିକାଟି ଦେଇ ପାରନ୍ତେ, ତେବେ ତାହା ଆମ ଅନେକଙ୍କ ଲାଗି ଅନେକ ବିଷୟକୁ ଅତ୍ୟନ୍ତ ସ୍ପଷ୍ଟ କରିଦେଇ ପାରିବ ।*

ବିଷୟଟି ଠିକ୍ ସେହିପରି ମୋଟେ ନୁହେଁ । ପ୍ରାଥମିକ, ମାଧ୍ୟମିକ ତଥା ଉଚ୍ଚତର ପାଠ୍ୟକ୍ରମ, ଏହି ସବୁଯାକ ବିଭାଗରେ ପିଲାମାନେ ଆପଣାର ଶିକ୍ଷାରେ ଯୋଗମାର୍ଗୀୟ ପଦ୍ଧତିଗୁଡ଼ିକରହିଁ ଅନୁସରଣ କରିବେ ଏବଂ ନୂତନ ଜ୍ଞାନଟି ଲାଗି ପ୍ରସ୍ତୁତ ହୋଇ ତାହାକୁ ନିମ୍ନକୁ ଅବତରଣ କରାଇ ଆଣିବା ଲାଗି ଉଦ୍ୟମ କରିବେ । ତେଣୁ ସବୁଛାତ୍ର ଯୋଗସାଧନା କରୁଛନ୍ତି ବୋଲି ଅବଶ୍ୟ କୁହାଯାଇ ପାରିବ ।

ଅବଶ୍ୟ ଯୋଗସାଧନା କରୁଥିବା ବ୍ୟକ୍ତି ଓ ଯୋଗମାର୍ଗରେ ଶିକ୍ଷା ଗ୍ରହଣ କରୁଥିବା ଶିଷ୍ୟମାନଙ୍କ ମଧ୍ୟରେ ନିଶ୍ଚୟ ଏକ ଅନ୍ତର ରହିବ । ଜଣେ ଶିଷ୍ୟ ହେବାକୁ ହେଲେ ଆପଣାକୁ ସଂପୂର୍ଣ୍ଣ ଭାବରେ ସେଥିଲାଗି ସମର୍ପିତ କରି ରଖିବାକୁ ପଡ଼ିବ ଏବଂ ଏହି ନିଷ୍ପତ୍ତିଟି ସଂପୂର୍ଣ୍ଣ ହୋଇଥିବ, ସ୍ୱତଃପ୍ରେରିତ ହୋଇଥିବ । ଏହି ନିଷ୍ପତ୍ତିଗୁଡ଼ିକୁ ପ୍ରତ୍ୟେକ ବ୍ୟକ୍ତି ନିଜେ ଗ୍ରହଣ କରିବ,— ସେଥିଲାଗି ଏକ ଆହ୍ୱାନ ଆସି ପହଞ୍ଚିଲେ ଯାଇ ସିଏ ତାହା ଗ୍ରହଣ କରିବ,— ଏବଂ ଏହାକୁ କଦାପି କାହା ଉପରେ ଲଦି ଦିଆଯାଇ ପାରିବ ନାହିଁ; ଏପରିକି ସେହି ମାର୍ଗଟିକୁ ଗ୍ରହଣ କରିବା ଲାଗି କାହାକୁ କୌଣସି ପ୍ରବର୍ତ୍ତନା ମଧ ଦିଆଯିବ ନାହିଁ ।§

ଅନେକ ଆଶୀର୍ବାଦ ।*

*୧୬ ନଭେମ୍ବର ୧୯୬୭*

*

*(ଏକ ଗଣିତ-କ୍ଲାସ୍ ବିଷୟରେ ପାଠ୍ୟପୁସ୍ତକ ନିର୍ବାଚନ କରିବା ବିଷୟରେ)*

---

* ମନ୍ତବ୍ୟଟିର ବିବରଣୀକୁ ପଢ଼ିସାରିବା ପରେ ମାଆ ''ଅନେକ ଆଶୀର୍ବାଦ'' ବୋଲି ଲେଖି ଦେଇଥିଲେ ଏବଂ ତା' ତଳକୁ ଆପଣାର ନାମଟି ସ୍ୱାକ୍ଷର କରିଥିଲେ ।

କେବଳ ଫରାସୀ ଗଣିତ ବହିଟି ମୋତେ ଏକମାତ୍ର ସମ୍ଭବ ପୁସ୍ତକ ବୋଲି ମନେ ହେଉଛି । ଅନ୍ୟ ବହିଗୁଡ଼ାକୁ ବାଛିବା ଲାଗି ମୋତେ ଇଚ୍ଛା ହେଉ ନାହିଁ ଓ ସେଥିରୁ ଗଣିତ କରିବା ପାଇଁ କାହାରି କୌଣସି ଆଗ୍ରହ ହେବ ନାହିଁ ।

ମାତ୍ର ଏହି ଫରାସୀ ବହିଟିକୁ ମଧ୍ୟ ପିଲାମାନଙ୍କ ହାତରେ ଦେବା ପାଇଁ ମୁଁ ଆଦୌ ପରାମର୍ଶ ଦେବି ନାହିଁ । ପିଲାମାନଙ୍କର ପ୍ରକୃତରେ କୌଣସି ବହି ଦରକାର ନାହିଁ । କୌଣସି ଶିକ୍ଷକ ବା ଶିକ୍ଷକମାନେ କ୍ଲାସ୍‌ରେ ପିଲାମାନଙ୍କୁ ଯାହା ପଢ଼ାଇବାକୁ ଯାଉଥିବେ, ସେହି ଅନୁସାରେ ସେମାନେ ନିଜେ ପ୍ରସ୍ତୁତ ହେବାକୁ ଏହି ବହିଟିକୁ ବ୍ୟବହାର କରିପାରିବେ । ପିଲାମାନଙ୍କର ଜ୍ଞାନ, ଶକ୍ତି ଓ ଆବଶ୍ୟକତା ଅନୁସାରେହିଁ ସେମାନେ ପଢ଼ାଇବାକୁ ଯାଉଥିବା ପାଠଗୁଡ଼ିକୁ ଠିକ୍ କରିବେ । ଅର୍ଥାତ୍, ବହିଟି ଭିତରେ କ'ଣ ଅଛି, ଶିକ୍ଷକମାନେ ସେଗୁଡ଼ିକୁ ନିଜେ ପଢ଼ିବେ ଏବଂ ସେଗୁଡ଼ିକର ପ୍ରତିଲିପି ତିଆରି କରି ସେହିଗୁଡ଼ିକର ମାଧ୍ୟମରେ ପିଲାମାନଙ୍କୁ ଗଣିତ ବୁଝାଇବେ । ଅଳ୍ପ ଅଳ୍ପ କରି ବୁଝାଇବେ, ପ୍ରତ୍ୟେକଥର ଅଳପ ଅଳପ କରି ବୁଝାଇବେ, ବିସ୍ତୃତ ବ୍ୟାଖ୍ୟାର ସହିତ ବୁଝାଇବେ, ତାହା ଉପରେ ନିଜର ମନ୍ତବ୍ୟମାନ ଦେବେ ଏବଂ ଅଙ୍କ କଷିବା ଲାଗି ପିଲାମାନଙ୍କୁ ଅଙ୍କ ମଧ୍ୟ ଦେବେ । ତେବେ ଯାଇ ବିଷୟଟି ପିଲାମାନଙ୍କ ଲାଗି ସହଜବୋଧ ଓ ଆକର୍ଷକ ହୋଇ ପାରିବ; ଅର୍ଥାତ୍, ଏକ ମୃତ ଓ ଶୁଷ୍କ ସିଦ୍ଧାନ୍ତ ନ ହୋଇ ତାହା ଏକ ଜୀବନ୍ତ ପ୍ରୟୋଗରେ ପରିଣତ ହୋଇ ପାରିବ । *୩ ଡିସେମ୍ବର ୧୯୬୭*

*

*ମାଆ,*

*ଉଚ୍ଚତର ପାଠ୍ୟକ୍ରମରେ ଆମେ ଆମର ନୂତନ ପ୍ରୟୋଗଟିକୁ ଆରମ୍ଭ କରିବା ଇତିମଧ୍ୟରେ ଏକ ସପ୍ତାହ ହୋଇ ଗଲାଣି । ଇତି ମଧ୍ୟରେ ଏହି ବିଷୟରେ କେତେକ ପ୍ରଶ୍ନ ବି ଉତ୍‌ଥାପିତ ହେବାକୁ ଆରମ୍ଭ କଲାଣି ଏବଂ ସେଗୁଡ଼ିକ ଉପରେ ମୁଁ ଆପଣଙ୍କର ଆଲୋକ ଏବଂ ମାର୍ଗ ଦର୍ଶନ ପ୍ରାର୍ଥନା କରୁଛି ।*

*ବ୍ୟକ୍ତିର ମୁକ୍ତ ବିକାଶ ତଥା ଅଗ୍ରଗତି ଉପରେ ଯେପରି ସର୍ବପ୍ରଧାନ ଓ ସର୍ବପ୍ରଥମ ମହତ୍ତ୍ୱ ଦିଆଯାଇ ପାରିବ, ତାହାରି ଉପରେ ଦୃଷ୍ଟି ରଖିହିଁ ଶିକ୍ଷକ ଏବଂ ଛାତ୍ରମାନଙ୍କର ସଙ୍ଗଠନ ଓ କାର୍ଯ୍ୟକ୍ରମଟି ସ୍ଥିରୀକୃତ ହୋଇଛି ।*

*୧. କେତେକ ଶିକ୍ଷକ କହିଛନ୍ତି ଯେ ଅପେକ୍ଷାକୃତ ଅଧିକ ଭଲ ଛାତ୍ରମାନଙ୍କ ଲାଗି ଏଇଟି ବେଶ୍ ହୋଇଛି, ମାତ୍ର ସାଧାରଣ ସବୁ ଛାତ୍ରଙ୍କ ଲାଗି ତାହା ଆଦୌ ଉପଯୋଗୀ ହୋଇ ନାହିଁ ।*

*ମାତ୍ର ମାଆ, ସାଧାରଣ ସ୍ତରର ଛାତ୍ରମାନଙ୍କୁ କ୍ରମଶଃ ଭଲ ଓ ବିଶେଷ*

*ଯୋଗ୍ୟତାସମ୍ପନ୍ନ ଛାତ୍ରରେ ପରିଣତ କରି ଆଣିବାକୁ କ'ଣ ଆମର ଉଦ୍ୟମ ହେବା ଉଚିତ ନୁହେଁ ? ଏବଂ ଯଦି ତାହାହିଁ ହେବା ଉଚିତ, ତେବେ ଆମର ସଙ୍ଗଠନଟିକୁ କ'ଣ ଏପରି ଭାବରେ କରି ରଖିବା ଭଲ ହେବ ନାହିଁ, ଯେପରିକି ଉତ୍ତମ ଯୋଗ୍ୟତାସମ୍ପନ୍ନ ଛାତ୍ରମାନଙ୍କୁହିଁ ପ୍ରଶିକ୍ଷିତ କରି ଆଣିବା ଉପରେ ସର୍ବଦା ମହତ୍ତ୍ୱ ଦିଆଯାଉଥିବ ଏବଂ ତା' ପରେ, ମଝିରେ ମଝିରେ, ଅଳ୍ପ ଅବଧି ଅଥବା କିଞ୍ଚିତ୍ ଦୀର୍ଘ ଅବଧି ସକାଶେ ମଧ୍ୟ ସାଧାରଣ ସ୍ତରର ଛାତ୍ରମାନଙ୍କ ଲାଗି କେତେକ ବିଶେଷ ସୁବିଧା ଦିଆଯାଉଥିବ ? ମାତ୍ର, ଏହି ବିଶେଷ ସୁବିଧାଗୁଡ଼ିକ ଯେ ପରିଶେଷରେ ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବ, ଆମର ସବୁବେଳେ ତାହାହିଁ ଲକ୍ଷ୍ୟ ହୋଇ ରହିଥିବ ।*

ଆମର ଏଠାରେ ଆମେ କେବଳ ସେହି ଛାତ୍ରମାନଙ୍କୁ ଶିକ୍ଷାଦେବାକୁ ଇଚ୍ଛା କରିବୁ, ଯେଉଁମାନଙ୍କୁ କି ଏକ ବିଶିଷ୍ଟ ସ୍ତରର ବୋଲି କୁହାଯାଇ ପାରିବ । ସେହିମାନଙ୍କ ସକାଶେହିଁ ଯାବତୀୟ ସଙ୍ଗଠନ କରାଯିବ । ଏବଂ ଯେଉଁମାନେ ଏହି ବ୍ୟବସ୍ଥା ସହିତ ଖାପ ଖାଇ ପାରିବେ ନାହିଁ, ସେମାନଙ୍କୁ ପରୀକ୍ଷାମୂଳକ ପ୍ରଥମ ବର୍ଷଟି ପରେ ଏଠାକୁ ଚାଲିଯିବାକୁହିଁ ପଡ଼ିବ ।

*୨. କେତେଜଣ ଶିକ୍ଷକ ମତ ପ୍ରକାଶ କରିଛନ୍ତି ଯେ, ବ୍ୟକ୍ତିର ଅଗ୍ରଗତି ଲାଗି ଯାହାକିଛି ଆବଶ୍ୟକ ଓ ସଂପୃକ୍ତ ବ୍ୟକ୍ତିଟି ଯେଉଁ ସମୂହଟିର ଅନ୍ତର୍ଭୁକ୍ତ ହୋଇ ରହିଛି, ସେହି ସମୂହଟିର ଅଗ୍ରଗତି ଲାଗି ଯାହାକିଛିର ଆବଶ୍ୟକତା ରହିଛି, ଦୁଇଟି ମଧ୍ୟରେ ଏକ ଦ୍ୱନ୍ଦ୍ୱ ଅବଶ୍ୟ ଉପୁଜିବ । ଆମେ କିପରି ଏହି ଦ୍ୱନ୍ଦ୍ୱଟିର ସମାଧାନ କରି ପାରିବା ଓ ସେଥିରେ ଏକ ସମନ୍ୱୟ ଆଣିପାରିବା ?*

*ଏକଥା ମଧ୍ୟ ଯୁକ୍ତି ରୂପେ ଦର୍ଶାଯାଇଛି ଯେ, ଯଦି ବ୍ୟକ୍ତି ଅଳ୍ପ ଅଥବା ଅଧିକ ପରିମାଣରେ ସମୂହ ସହିତହିଁ ରହି ପାରିବ, ତେବେ ସେ ସମୂହର ଯାବତୀୟ ଅନୁଭବରେ ଅଂଶଗ୍ରହଣ କରିବା ଜନିତ ଯାବତୀୟ ଲାଭର ଅଧିକାରୀ ହୋଇପାରିବ,— ସମୂହରେ ହେଉଥିବା ଯାବତୀୟ ଆଲୋଚନା ତଥା ସାମୂହିକ ଯାବତୀୟ ଅଧ୍ୟୟନ ଦ୍ୱାରା ଲାଭବାନ୍ ବି ହୋଇପାରିବ ।*

ସେହି ସବୁକିଛିର ଆଦୌ କୌଣସି ପ୍ରୟୋଜନ ନାହିଁ । ଯଦି ଜଣେ ବ୍ୟକ୍ତି ତା' ସାଧ୍ୟର ସର୍ବାଧିକ ଅଗ୍ରଗତି କରିପାରିବ, ତେବେ ତଦ୍ୱାରା ସମୂହ ମଧ୍ୟ ଲାଭବାନ୍ ହେବ । ମାତ୍ର

ଯଦି ବ୍ୟକ୍ତିକୁ ସାମୂହିକ ସମ୍ଭାବନା ଏବଂ ସାମୂହିକ ସାମର୍ଥ୍ୟରହିଁ ଅଧୀନ କରି ରଖାଯିବ, ତେବେ ସେ ଆଉ ସମଗ୍ର ଅଗ୍ରଗତି ଲାଗି ଆଦୌ କୌଣସି ସୁଯୋଗ ଲାଭ କରିବାର ଅବସର ରହିବ ନାହିଁ । *୨୨ ଡିସେମ୍ବର ୧୯୬୭*

*

*ମୁଁ ''ମୁକ୍ତ ଅଗ୍ରଗତି''ର ଶ୍ରେଣୀରେ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରିବି କି ନାହିଁ, କିଛିଦିନ ତଳେ 'କ' ମୋତେ ସେକଥା ପଚାରୁଥିଲେ । ଯେଉଁସବୁ କ୍ଲାସ୍‌ରେ ତଥାକଥିତ ''ପୁରାତନ ପ୍ରଣାଳୀ''ଟିର ପ୍ରଚଳନ ରହିଛି, ବର୍ତ୍ତମାନ ମୁଁ ସେହିଗୁଡ଼ିକରେ ପଢ଼ାଉଛି ।*

*ମାଆ, ମୁଁ ବର୍ତ୍ତମାନ ଯେଉଁଠାରେ ଅଛି, ସେହିଠାରେ କାର୍ଯ୍ୟ କରିବି ନା ''ମୁକ୍ତ ଅଗ୍ରଗତି''ର କ୍ଲାସ୍‌ଗୁଡ଼ିକରେ କାର୍ଯ୍ୟ କରିବି, ଆପଣ ମୋତେ ସେହି କଥାଟି କହିଦେବେ ।*

ଶିକ୍ଷାଦାନର ଏହି ପୁରୁଣା ପ୍ରଣାଳୀଟି ଯେ ପ୍ରକୃତରେ ପୁରୁଣା ହୋଇଗଲାଣି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ,– ଏବଂ ସାରା ପୃଥିବୀରେ ସମସ୍ତେହିଁ ସେହି ପ୍ରଣାଳୀଟିକୁ ନିଶ୍ଚୟ ବର୍ଜନ କରିବେ ।

ମାତ୍ର ସତ କଥା କହିବାକୁ ଗଲେ, ପ୍ରତ୍ୟେକ ଶିକ୍ଷକ ଆଧୁନିକ ବିଚାରଗୁଡ଼ିକରୁ ପ୍ରେରଣା ଗ୍ରହଣ କରିବ ଏବଂ ଆପଣାର ବିବେଚନା ଅନୁସାରେ ସର୍ବୋତ୍ତମ ପ୍ରଣାଳୀଟିକୁ ଆବିଷ୍କାର କରିବାକୁ ସମର୍ଥ ହେବ । ତା'ର ସ୍ୱଭାବଟି ଲାଗି ସବୁଠାରୁ ଅଧିକ ଅନୁକୂଳ ହୋଇ ରହିଥିବା ପଦ୍ଧତିକୁ ସେ ସ୍ୱୟଂ ଆବିଷ୍କାର କରିବ । ମାତ୍ର, ତା'ର ନିଜେ କ'ଣ କରିବା ଉଚିତ, ଯଦି ସେହି କଥାଟିକୁ ସେ ଜାଣି ନ ଥାଏ, ତେବେ ସେ 'କ'ର କ୍ଲାସ ସହିତ ହୁଏତ ନିଜର କ୍ଲାସ୍‌ଟିକୁ ମିଶାଇ ଦେଇ ପାରିବ ।

*

ସାଧାରଣ ପଦ୍ଧତିରେ ଚାଲୁଥିବା କ୍ଲାସ୍‌ଗୁଡ଼ାକ ପ୍ରକୃତରେ ଅତୀତରହିଁ ବିଷୟ ଓ ସେଗୁଡ଼ିକ କ୍ରମଶଃ ନିଶ୍ଚୟ ବିଲୁପ୍ତ ହୋଇଯିବ । ତୁମେ ନିଜେ ଏକାକୀ କାର୍ଯ୍ୟ କରିବ ବା "Vers la Perfection"ର କ୍ଲାସ୍‌ଗୁଡ଼ିକ ସହିତ ନିଜର କ୍ଲାସ୍‌ଟିକୁ ନେଇ ମିଶାଇ ଦେବ, ତାହା ପ୍ରକୃତରେ ତୁମ ଉପରେହିଁ ନିର୍ଭର କରିବ । କାରଣ, ଗୋଟିଏ ପ୍ରକୃତ କ୍ଲାସ୍‌କୁ ଶିକ୍ଷା ଦେବାକୁ ହେଲେ ଓ ତାହାକୁ ପରିଚାଳିତ କରି ପାରିବାକୁ ହେଲେ ତୁମକୁ ତୁଚ୍ଛା ସିଦ୍ଧାନ୍ତ ଓ ବୌଦ୍ଧିକ ଅନୁମାନଗୁଡ଼ିକ ପାଖରୁ ଅନେକ ଦୂରକୁ ଚାଲିଯିବାକୁ ପଡ଼ିବ; ପ୍ରକୃତ ପ୍ରୟୋଗର

କ୍ଷେତ୍ରରେ କିପରି କ'ଣ ହେବ, ତୁମକୁ ଟିକିନିଖି ଭାବରେ ସେହିଗୁଡ଼ିକର ନିର୍ଦ୍ଧାରଣ କରିନେବାକୁ ପଡ଼ିବ ।

କୌଣସି କ୍ଲାସ୍‌ରେ ପାଠ ପଢ଼ାଇବାର ମାଧ୍ୟମରେ ଶିକ୍ଷାଦାନର ଯଥାର୍ଥ କୌଶଳଟିକୁ ଶିକ୍ଷା କରିବା,– ଜଣେ ଭାବୀ ଶିକ୍ଷକ ସକାଶେ ତାହା ନିଶ୍ଚୟ ଅନେକ ଉପକାରକ ହେବ । ମାତ୍ର ଛାତ୍ରମାନଙ୍କ ସକାଶେ ତାହା ଆଦୌ ବେଶୀ ଉପକାର ରୂପେ କାର୍ଯ୍ୟ କରି ପାରିବ ନାହିଁ ।

"Vers la Perfection" କ୍ଲାସ୍‌ରେ ଯୋଗ ଦେଲେ ତାହା ଜଣେ ଶିକ୍ଷକ ଲାଗି ନିଶ୍ଚୟ ଏକ ପ୍ରଶିକ୍ଷଣ ପରି ହେବ ଓ ତାହାଦ୍ୱାରା ନୂଆ ହୋଇ ଶିକ୍ଷକ ହେବାକୁ ଯାଉଥିବା ଜଣେ ବ୍ୟକ୍ତି ଲାଗି ତାହା ନିଶ୍ଚୟ ଅନେକ ଲାଭଦାୟକ ବି ହେବ । କାରଣ, ସେଠାରେ ସିଏ ଶିକ୍ଷାଦାନର ବ୍ୟାବହାରିକ ଦିଗଟିକୁ ଅତ୍ୟନ୍ତ ସହଜରେ ଶିକ୍ଷା କରି ପାରିବେ ।

ତେଣୁ ତୁମେ କ'ଣ କରିବ, ସେକଥା ତୁମେହିଁ ବାଛିବ ।

*

*ମୋ' ଭିତରେ ଦୁଇପ୍ରକାର ପରସ୍ପରବିରୋଧୀ ବିଚାର ରହିଥିବାର ମୁଁ ଲକ୍ଷ୍ୟ କରି ପାରୁଛି : ଗୋଟିଏ ବିଚାର ବ୍ୟକ୍ତିଗତ ଅଧ୍ୟୟନର ସପକ୍ଷରେ ଓ ଆଉ ଗୋଟିଏ ସାମୂହିକ ଅଧ୍ୟୟନର ସପକ୍ଷରେ ।*

ପ୍ରତ୍ୟେକ କ୍ଲାସ୍ ଲାଗି ନିର୍ଦ୍ଦିଷ୍ଟ ହୋଇ ରହିଥିବା ସମୟକୁ କ'ଣ ଦୁଇଟି ଭାଗରେ ବିଭକ୍ତ କରାଯାଇ ପାରିବ ନାହିଁ, (ଆବଶ୍ୟକତା ଅନୁସାରେ ଗୋଟିଏ ଭାଗ ଆଉ ଗୋଟିଏ ଭାଗ ସହିତ ସମାନ ବା ଅସମାନ ହୋଇଥିବ ।) ଏବଂ ତା'ପରେ ଦୁଇଟିଯାକ ପଦ୍ଧତିକୁ ତାହାରି ମାଧ୍ୟମରେ ପ୍ରୟୋଗ କରି ଦେଖିବା ସମ୍ଭବ ହେବ ନାହିଁ ? ଏହାଦ୍ୱାରା ଶିକ୍ଷାଦାନରେ ମଧ୍ୟ ବେଶ୍ ଏକ ବୈଚିତ୍ର୍ୟ ରହିବ ଏବଂ ଛାତ୍ରମାନଙ୍କୁ ତଥା ସେମାନଙ୍କର ସାମର୍ଥ୍ୟଗୁଡ଼ିକୁ ଲକ୍ଷ୍ୟ କରି ଦେଖିବା ଲାଗି ତଦ୍ଦ୍ୱାରା ଏକ ଅଧିକ ପ୍ରଶସ୍ତ କ୍ଷେତ୍ର ମଧ୍ୟ ମିଳିଯାଇ ପାରିବ ।

*

*(ଚଉଦରୁ ଅଠରବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଲାଗି ସଂଗଠିତ ହୋଇଥିବା ଦୁଇ କିସମର କେତୋଟି କ୍ଲାସ୍ ବିଷୟରେ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ନିମ୍ନରେ ଏକ ସାରାଂଶ ଦିଆଯାଇଛି । ଦୁଇଟିଯାକ ଗୋଷ୍ଠୀହିଁ ''ମୁକ୍ତ ଅଗ୍ରଗତି''ର ପଦ୍ଧତି ଉପରେ ଆଧାରିତ ହୋଇ ରହିଥିଲା, ମାତ୍ର ତଥାପି "En Avant"ର କାର୍ଯ୍ୟକ୍ରମଟିକୁ*

*"Vers la Perfection" ତୁଳନାରେ ଅଧିକ ସଂଗଠିତ କରି ତିଆରି କରାଯାଇଥିଲା ।)*

*୧. ଆମର ଏହି ବିଦ୍ୟାଳୟ କେଉଁ ଦିଗରେ ଗତି କରିବା ଉଚିତ, ସେହି ବିଷୟରେ ଶିକ୍ଷକମାନଙ୍କ ଭିତରେ କେତେକ ମତଭେଦ ରହିଛି । ଆମେ କିପରି ଏହିସବୁ ମତଭେଦକୁ ଦୂର କରି ପାରିବା ?*

*୨. ଚଉଦ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କ'ଣ ନିର୍ଦ୍ଧାରିତ ହୋଇଥିବା କ୍ଲାସ୍ ଓ କେତୋଟି ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟକ୍ରମ ରହିବ, ନା ସେମାନଙ୍କୁ ମଧ୍ୟ ଆପଣାର କାର୍ଯ୍ୟଧାରାଟିକୁ ସ୍ୱୟଂ ନିର୍ବାଚିତ କରି ସେମାନଙ୍କର ନିଜ ବେଗଟି ଅନୁସାରେ ତାହାକୁ କାର୍ଯ୍ୟକାରୀ କରିବାର ସ୍ୱାଧୀନତା ଦିଆଯିବ ?*

*୩. ଆମେ ଏପରି ଏକ ପରିବେଶ ସୃଷ୍ଟି କରିବା, ଯେଉଁଥିରେ କି ପିଲାର ଅନ୍ତଃସ୍ଥ ଆତ୍ମା ବାହାରକୁ ବାହାରି ଆସି ତା' ବିକାଶର ମାର୍ଗଦର୍ଶନ କରାଇ ପାରିବ,– ଏହାକୁହିଁ ଆମେ ଆମର ଅସଲ କାର୍ଯ୍ୟ ରୂପେ ଗ୍ରହଣ କରିବା କି ନାହିଁ ?*

*୪. ଭବିଷ୍ୟତରେ "Vers la perfection" ଏବଂ "En Avant" ଏହି ଦୁଇଟିଯାକ ଗୋଷ୍ଠୀକୁ ପରସ୍ପର ସହିତ ମିଶାଇ ଦିଆଯିବ ବୋଲି ଆମେ କଳ୍ପନା କରି ପାରିବା କି ?*

ସେଗୁଡ଼ିକୁ ସବୁଗୁଡ଼ିକୁ ଏକାଧାରରେ ଠିକ୍ ଓ ଠିକ୍ ନୁହେଁ ବୋଲି କୁହାଯାଇପାରିବ ।

ପ୍ରଥମତଃ, ମୋର ମନେ ହେଉଛି ଯେ ପିଲାମାନଙ୍କୁ ସାତବର୍ଷ ବୟସ ହୋଇଗଲା ପରେ, ଯେଉଁମାନଙ୍କର ଆତ୍ମା ସଜାଗ ହୋଇ ରହିଥିବ, ସେମାନେ ବି ଯଥେଷ୍ଟ ଭାବରେ ଜାଗ୍ରତ୍ ହୋଇ ରହିଥିବେ, ଏବଂ ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରାପ୍ତ ହୋଇ ପାରିଲେ ସେମାନେ ତାହାର ଉପଲବ୍ଧି ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇଯାଇ ପାରିବେ । ସାତବର୍ଷ ପୂରିବା ପୂର୍ବରୁ କେବଳ କେତୋଟି ବିଶେଷ କ୍ଷେତ୍ରରେ ହୁଏତ ସେପରି ଘଟିପାରିବ ।

ଆମ ପିଲାଙ୍କ ଭିତରେ ପ୍ରଭୂତ ପାର୍ଥକ୍ୟମାନ ରହିଛି । ପ୍ରଥମତଃ ଏପରି କେତେକ ପିଲା ଅଛନ୍ତି, ଯେଉଁମାନଙ୍କର ଆତ୍ମା ସଜାଗ ହୋଇ ରହିଛି । ସେମାନଙ୍କ କ୍ଷେତ୍ରରେ ଏପରି ଆଦୌ କୌଣସି ପ୍ରଶ୍ନ ଉଠିବ ନାହିଁ । ସେମାନେ ଯେପରି ସେହି ଆତ୍ମାର ଆବିଷ୍କାର କରି ପାରିବେ, ସେଥିଲାଗି ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଦିଆଯିବ ।

ମାତ୍ର, ଆହୁରି ଏପରି ଅନ୍ୟ ପିଲାମାନେ ବି ଅଛନ୍ତି, ଯେଉଁମାନଙ୍କୁ କି ଆମେ ସାନ ସାନ ଇତରପ୍ରାଣୀଙ୍କ ସହିତ ତୁଳନା କରିପାରିବା । ଏହି ପିଲାମାନେ ଯଦି ବାହାରୁ

ଆଶ୍ରମକୁ ଆସିଥିବେ ଓ ସେମାନଙ୍କୁ କୌଣସି ଶିକ୍ଷା ଦିଆଯାଉ ବୋଲି ସେମାନଙ୍କ ବାପମାଆ ଇଚ୍ଛା କରୁଥିବେ, ସେମାନଙ୍କ ଲାଗି "En Avant" କ୍ଲାସ୍‌ଗୁଡ଼ିକ ବେଶ୍ ଉପଯୋଗୀ ହୋଇପାରିବ । ସେଥିରେ ଆମେ ଆଦୌ ମହତ୍ତ୍ୱ ଦେବା ନାହିଁ ।

ତେଣୁ, ଆମେ କ୍ଲାସ୍‌ଗୁଡ଼ିକର ଏବଂ କାର୍ଯ୍ୟକ୍ରମଗୁଡ଼ିକର କୌଣସି ବ୍ୟବସ୍ଥା ରଖିବା କି ନାହିଁ, ସେଇଟା ଆଦୌ ସମସ୍ୟା ନୁହେଁ । ପିଲାମାନଙ୍କୁ ବାଛିବା ହେଉଛି ଅସଲ ସମସ୍ୟା ।

ସାତବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ କେବଳ ଖୁସିରେ ବଢ଼ିବେ, ଖୁସି ହୋଇ ଜୀବନ ବଞ୍ଚିବେ । ସେମାନଙ୍କ ପାଇଁ ବିଦ୍ୟାଳୟ ପୂରାପୂରି ଖେଳିବାରହିଁ ସ୍ଥାନ ହୋଇ ରହିବ । ଏବଂ ସେମାନେ ସେହି ଖେଳିବାର ମାଧ୍ୟମରେହିଁ ଯାହାକିଛି ଶିକ୍ଷା କରୁଥିବେ । ଖେଳିବା ମଧ୍ୟଦେଇ ସେମାନଙ୍କ ଭିତରେ ଶିଖିବା ଲାଗି ଏକ ରୁଚି ବିକଶିତ ହୋଇଆସିବ । ଜୀବନକୁ ଜାଣିବା ଏବଂ ବୁଝିବା ଲାଗି ଏକ ରୁଚି ବିକଶିତ ହୋଇ ଆସିବ । ତେଣୁ ପଦ୍ଧତି ଆଦୌ ଖୁବ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ । ଶିକ୍ଷକର ଦୃଷ୍ଟିକୋଣ ହେଉଛି ମହତ୍ତ୍ୱପୂର୍ଣ୍ଣ । ଶିକ୍ଷକ କଦାପି ଏପରି ଗୋଟିଏ ବସ୍ତୁ ହୋଇ ରହି ନ ଥିବେ, ଯାହାକୁ କି ବାଧ୍ୟ ହୋଇ ସହ୍ୟ କରିବାକୁ ପଡୁଥିବ । ସିଏ ସର୍ବଦା ଏପରି ଜଣେ ବନ୍ଧୁ ହୋଇ ରହିଥିବ, ଯାହା ପ୍ରତି କି ତୁମର ପ୍ରଗାଢ଼ ଶ୍ରଦ୍ଧା ଥିବ; କାରଣ ସିଏ ତୁମକୁ ସାହାଯ୍ୟ କରୁଥିବେ, ତୁମକୁ ସରସତା ଆଣି ଦେଉଥିବେ ।

ସାତବର୍ଷ ପୂରିଯିବା ପରେ, ଯେଉଁମାନେ ଉପଯୁକ୍ତ ଭାବରେ ପ୍ରସ୍ତୁତ ଥିବେ, ସେମାନଙ୍କ ଲାଗି ଆମେ ନୂତନ ପଦ୍ଧତିଟିକୁ ପ୍ରୟୋଗ କରି ପାରିବା । ମାତ୍ର ସେଥିପାଇଁ ଆଉ ଗୋଟିଏ କ୍ଲାସ୍ ବି ରହିଥିବ, ଯେଉଁଠାରେ କି ଅନ୍ୟମାନେ ସାଧାରଣ ପ୍ରଣାଳୀରେ ଶିକ୍ଷାଲାଭ କରୁଥିବେ । ଏବଂ, ସେହି କ୍ଲାସ୍‌ଟି ସକାଶେ, ଶିକ୍ଷକ ଯାହାକିଛି କରୁଛି, ତାହାହିଁ ଯେ ଯଥାର୍ଥ ପଦ୍ଧତି, ଶିକ୍ଷକର ଏହିପରି ଏକ ଦୃଢ଼ ବିଶ୍ୱାସ ରହିଥିବ । ତାକୁ ଯେ ଏକ ନିମ୍ନତର ସ୍ତରର କାର୍ଯ୍ୟ କରିବା ଲାଗି ଦାୟିତ୍ୱ ଦିଆଯାଇଛି, ତା'ର ଆଦୌ ସେଭଳି ଅନୁଭବ କରିବା ଉଚିତ ନୁହେଁ ।

ଯେତେବେଳେ ଲୋକମାନଙ୍କ ଭିତରେ କୌଣସି ମତଭେଦ ଆସି ଦେଖାଦିଏ, ସେତେବେଳେ ସେମାନଙ୍କର କ୍ଷୁଦ୍ରତା ଓ ସଂକୀର୍ଣ୍ଣତାହିଁ ସେମାନଙ୍କୁ ସେହି ମତଭେଦର ସମାଧାନ କରିବାରୁ ନିବୃତ୍ତ କରି ରଖିଥାଏ । ଆପଣା ବିଚାରରେ ସେମାନେ ହୁଏତ ନିର୍ଭୁଲ ହୋଇ ପାରନ୍ତି... ମାତ୍ର ଯଦି ସେମାନଙ୍କ ଭିତରେ ଆବଶ୍ୟକ ଉନ୍ମୋଚନଟି ଘଟି ନ ଥାଏ, ତେବେ ସେମାନେ ହୁଏତ ନିର୍ଭୁଲ କାର୍ଯ୍ୟଟିକୁ ମୋଟେ କରି ପାରନ୍ତି ନାହିଁ ।

ଏସବୁ କଥା ବ୍ୟକ୍ତି-ସମ୍ବନ୍ଧୀ ଯାବତୀୟ ବିଚାରରୁ ଉର୍ଦ୍ଧ୍ୱ ହୋଇ ରହିବା ଉଚିତ ।

ଦୁଇଟିଯାକ କଥାକୁ ପରସ୍ପର ସହିତ ଗୋଳିଆମିଶା କରିଦେବା ହେଉଛି ଏକ ଦୁର୍ବଳତା । ତେଣୁ ବ୍ୟକ୍ତି-ସମ୍ବନ୍ଧୀ ବିଚାର ଲାଗି ଆଦୌ କୌଣସି ସ୍ଥାନ ରହିବା ଉଚିତ ନୁହେଁ ।

ଏପରି ବହୁତ କଥା ଅଛି, ଆମେ ଯାହାକୁ କହିପାରିବା ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ସବୁ ପିଲାଙ୍କୁ ନୂତନ ପଦ୍ଧତିଟି ଅନୁସାରେ ଶିକ୍ଷାଦେବାକୁ ଇଚ୍ଛା କରିବା, ତେବେ ଆମକୁ ସେମାନଙ୍କୁ ପ୍ରଥମେ ମାସେ ବା ଦୁଇ ମାସ ପରୀକ୍ଷାମୂଳକ ଭାବରେ ରଖିବାକୁ ପଡ଼ିବ; ଯେଉଁମାନେ ଠିକ୍ ବୁଝି ପାରୁଛନ୍ତି, ସେମାନଙ୍କୁ ରଖି ଅନ୍ୟମାନଙ୍କୁ ସେମାନଙ୍କ ଘରକୁ ପଠାଇଦେବାକୁ ପଡ଼ିବ । ମାତ୍ର, ତାହା ମୋଟେ ସମ୍ଭବ ହେବ ନାହିଁ ।

ତେଣୁ **ଅନ୍ତଃକ୍ଷେତ୍ରରେହିଁ** ଆମକୁ ଏହାର ସମାଧାନଟିକୁ ବାହାର କରିବାକୁ ହେବ । ଅନେକ ପିଲା ନୂଆ ପ୍ରଣାଳୀଟି ପ୍ରତି କୌଣସି ସ୍ପୃହା ଦେଖାନ୍ତି ନାହିଁ । ଦାୟିତ୍ୱ ବହନ କରିବା ସେମାନଙ୍କୁ ମୋଟେ ସୁହାଏ ନାହିଁ । ଅନେକ ପିଲା ନିଜେ ମୋ ପାଖକୁ ଚିଠି ଲେଖି ଏକଥା ଜଣାଇଛନ୍ତି । ସେମାନେ ଯେପରି ଯେଉଁଠି ଅଛନ୍ତି, ଆମେ ସେମାନଙ୍କୁ କେବଳ ସେହିଠାରେହିଁ ରହିବା ଲାଗି ଛାଡ଼ି ଦେଇପାରିବା ।

ପ୍ରତ୍ୟେକକୁ,– ହଁ, ଆଦୌ କୌଣସି ବ୍ୟତିକ୍ରମ ନ ଥାଇ, **କୌଣସି ବ୍ୟତିକ୍ରମ ନ ଥାଇ,** ଏହି କଥାଟିକୁ ଜାଣି ରଖିବାକୁ ହେବ ଯେ, ସିଏ କେବେହେଲେ ଯଥାର୍ଥ ଭାବରେ କିଛି ଜାଣି ନାହିଁ ଓ ସିଏ ଯାହା ଜାଣିଛି, ମୋଟେ ତାହାର ପ୍ରୟୋଗ କରୁ ନାହିଁ । ଆମର ଯାହା ହେବା ଉଚିତ, ଆମେ ପ୍ରତ୍ୟେକେ ତାହାହିଁ ହେବା ଲାଗି ଶିକ୍ଷାଲାଭ କରୁଛୁ ଏବଂ ଆମର ଯାହା କରିବା ଉଚିତ, ତାହାକୁ କରିବା ଲାଗି ମଧ୍ୟ ଚେଷ୍ଟା କରୁଛୁ ।§

*୧୬ ନଭେମ୍ବର ୧୯୬୮*

*

ନିଜର କାର୍ଯ୍ୟ ବିଷୟରେ ତୁମେ ଯାହାସବୁ କହିଛ, ମୁଁ ଅତ୍ୟନ୍ତ ସନ୍ତୋଷର ସହିତ ତାହା ପଢ଼ିଛି, **ଏବଂ ତୁମର ନିଜ କାର୍ଯ୍ୟଟି ଲାଗି** ତାହାକୁ ମୁଁ ପୂର୍ଣ୍ଣ ଭାବରେ ସମର୍ଥନ କରୁଛି ।

ମାତ୍ର ତୁମକୁ ଏହି କଥାଟିକୁ ମଧ୍ୟ ବୁଝିବାକୁ ହେବ ଯେ ଅନ୍ୟ ଶିକ୍ଷକମାନେ ସେମାନଙ୍କର ନିଜ କାର୍ଯ୍ୟ ବିଷୟରେ ଏକାବେଳେକେ ଭିନ୍ନ ଭାବରେ କଳ୍ପନା କରିପାରିବେ ଏବଂ ସେମାନଙ୍କର ସେହି କାର୍ଯ୍ୟକୁ ସମାନ ଭାବରେ ଠିକ୍ ବୋଲି କୁହାଯାଇପାରିବ ।

ତୁମେ 'ଖ'ଙ୍କ ବିଷୟରେ ଯାହାସବୁ ସମାଲୋଚନା କରିଛ, ତାହା ପଢ଼ି ମୁଁ ପ୍ରକୃତରେ ଆଶ୍ଚର୍ଯ୍ୟ ହେଉଛି; କାରଣ 'ଖ'ଙ୍କ ବିଷୟରେ ଓ ତାଙ୍କ ଦୃଷ୍ଟିକୋଣ ବିଷୟରେ ମୋତେ ଯାହା ଜଣାଅଛି, ତାହା ସହିତ ଏଇଟି ମୋଟେ ଖାପ ଖାଉ ନାହିଁ ।

ଏହି ଅବସରରେ ମୁଁ ତୁମକୁ ନିର୍ଭର ଦେଇ କହିପାରିବି ଯେ, ଆଧ୍ୟାତ୍ମିକ ଅଗ୍ରଗତି

ଏବଂ ପରମସତ୍ୟର ସେବା କେବଳ ସମଞ୍ଜସତା ଉପରେହିଁ ଆଧାରିତ ହୋଇ ରହିବ । ବିଭାଜନ ଓ ସମାଲୋଚନା ଉପରେ ତାହା କଦାପି ଆଧାରିତ ହୋଇ ରହିବ ନାହିଁ ।

*୨୫ ନଭେମ୍ବର ୧୯୬୮*

*

ଆପଣାକୁ ସୀମାବଦ୍ଧ କରି ରଖିବାରେ ନୁହେଁ, ଆପଣାକୁ ପ୍ରସାରିତ କରି ଦେବାରେହିଁ ଯାବତୀୟ ଅଗ୍ରଗତି ନିହିତ ହୋଇ ରହିଛି ।

ପ୍ରତ୍ୟେକ ଦୃଷ୍ଟିକୋଣକୁ ଆମେ ତାହାର ଯଥାର୍ଥ ସ୍ଥାନରେ ରଖି ବିଚାର କରିବା ଓ ସେଗୁଡ଼ିକୁ ସମସ୍ତଙ୍କୁ ଏକତ୍ର ସମ୍ମିଳିତ ଓ ସଂଗ୍ରଥିତ କରି ଆଣିବାକୁ ଚେଷ୍ଟା କରିବା । କେତୋଟି ଲାଗି ଅଧିକ ଆଗ୍ରହ ଦେଖାଇ ଓ ସେଗୁଡ଼ିକୁ ଅଧିକ ସମର୍ଥନ ଦେଇ ଅନ୍ୟଗୁଡ଼ିକୁ କଦାପି ବହିଷ୍କୃତ କରି ରଖିବାକୁ ଚେଷ୍ଟା କରିବା ନାହିଁ ।

ତେଣୁ ଅନ୍ତଃଭାବଟିକୁ ପ୍ରସାରିତ କରି ରଖିବାରେ ଏବଂ ଯାବତୀୟ ସୀମାର ବିଲୁପ୍ତିସାଧନ କରିବାରେହିଁ ଯଥାର୍ଥ ଅଗ୍ରଗତି ନିହିତ ହୋଇ ରହିଛି ।

*୨୨ ଅକ୍ଟୋବର ୧୯୭୧*

*

ଯେଉଁ ଚେତନାଟିର ପ୍ରୟୋଜନ ରହିଛି, ଶିକ୍ଷକମାନଙ୍କର ସେହି ଚେତନା ମଧ୍ୟକୁହିଁ ଅଭିବୃଦ୍ଧି ଲାଭ କରି ପାରୁଥିବା ଉଚିତ । କର୍ମଗତ ପ୍ରକୃତ ଅନୁଭବ ଉପରେହିଁ ମହତ୍ତ୍ୱ ଦିଆଯାଇ ପାରିବା ଉଚିତ ଏବଂ ପିଲାର ମନ ଭିତରେ ଖେଳ ଓ କାମ ଭିତରେ ଆଦୌ କୌଣସି ପାର୍ଥକ୍ୟବୋଧ ରହିବା ଉଚିତ ନୁହେଁ । ସବୁକିଛି ଏକ ଯଥାର୍ଥ ଆଗ୍ରହଜନିତ ଆନନ୍ଦରେହିଁ ପରିଣତ ହୋଇ ରହିଥିବା ଉଚିତ । ସେହି ଆଗ୍ରହଟିକୁ ସମ୍ଭବ କରିବା ହେଉଛି ଶିକ୍ଷକର କାର୍ଯ୍ୟ ।

ଯଦି ଆଗ୍ରହଟି ରହିଥିବ, ତେବେ ତାହାରି ଆନୁଷଙ୍ଗିକ ରୂପେ ଯଥାର୍ଥ କର୍ମାଚରଣ ଆପଣାଛାଏଁ ଆସିବ ।

*୧ ନଭେମ୍ବର ୧୯୭୧*

*

> *'ର' ଆଜି କ୍ଲାସ୍‌କୁ ଆସି ନ ଥିଲା ଏବଂ କ୍ଲାସ୍ ପରେ ମୁଁ ଜାଣିବାକୁ ପାଇଲି ଯେ, ମୋ' କ୍ଲାସ୍‌କୁ ନ ଆସି ସେହି ସମୟରେ କାଠକାମ କରି ଯିବା ପାଇଁ ସେ ଆପଣଙ୍କଠାରୁ ଅନୁମତି ବି ପାଇଛି ।*

ହଁ, ସିଏ ମୋତେ ଆସି କହିଥିଲା ଯେ ପାଠ ଅପେକ୍ଷା ହାତକାମ ତାକୁ ଅଧିକ ଭଲ

ଲାଗୁଛି । ମୁଁ ଭାବିଲି ଯେ ତା'ର ଏହି ଇଚ୍ଛା ପ୍ରକୃତରେ ତା'ର ଭିତରୁ ଆସୁଛି ଏବଂ ତା' ନିଜ ସ୍ୱଭାବଟି ଅନୁସାରେ ସିଏ ସର୍ବୋତ୍ତମ କର୍ମନିର୍ବାଚନଟିକୁ ଏହିପରି ଭାବରେ କରିଛି । ତେଣୁ ମୁଁ ତାକୁ ଆବଶ୍ୟକ ଅନୁମତିଟି ଦେଇଦେଲି ।

*୨୬ ମାର୍ଚ୍ଚ ୧୯୪୬*

*

ତୁମେ ବିଭିନ୍ନ ଘଣ୍ଟାରେ ପିଲାମାନଙ୍କୁ ଗୋଟିଏ ବିଷୟରେ ଯାହାକିଛି ପଢ଼ାଉଛ, ସେଥିରେ ଯେପରି ମୋଟେ କୌଣସି ପୁନରାବୃତ୍ତି ନ ରହେ, ସେହି ବିଷୟରେ ତୁମକୁ ସାବଧାନ ରହିବାକୁ ପଡ଼ିବ । ତୁମେ ପଢ଼ାଉଥିବା ବିଷୟଗୁଡ଼ିକର ପରସ୍ପର ସହିତ ଅନେକ ସମ୍ବନ୍ଧ ରହିଛି । ଯଦି ଦୁଇଜଣ ଶିକ୍ଷକ ସେହି ଗୋଟିଏ କଥା ବିଷୟରେ କହିବାକୁ ଆରମ୍ଭ କରିଦିଅନ୍ତି, ତେବେ ସେମାନଙ୍କର ନିଜ ନିଜର ଦୃଷ୍ଟିକୋଣରେ ସ୍ୱଭାବତଃ ଏକ ପାର୍ଥକ୍ୟ ରହିବ । ସେହି ଗୋଟିଏ ବିଷୟକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖିଲେ ତାହା ନିଶ୍ଚୟ ଭିନ୍ନ ଭିନ୍ନ ବିଷୟ ବୋଲି ମନେ ହେବ । ଛାତ୍ରମାନଙ୍କର କୋମଳ ମନ ଭିତରେ ତଦ୍ଦ୍ୱାରା ଅନେକ ଗୋଳମାଳ ସୃଷ୍ଟି ହେବାର ଆଶଙ୍କା ରହିବ ଏବଂ ତା'ପରେ ସେମାନେ ଶିକ୍ଷକ-ଶିକ୍ଷକଙ୍କ ଭିତରେ ତୁଳନା ବି କରିବାକୁ ଆରମ୍ଭ କରିଦେବେ । ଏବଂ ଏଗୁଡ଼ିକ ମୋଟେ ରୁଚିକର କଥା ହେବ ନାହିଁ । ତେଣୁ ଅନ୍ୟ ବିଷୟଗୁଡ଼ିକୁ ନେଇ ଗହନ ବୁଲିବାର କୌଣସି ଚେଷ୍ଟା ନ କରି ପ୍ରତ୍ୟେକ ଶିକ୍ଷକ କେବଳ ନିଜ ବିଷୟଟିକୁ ପଢ଼ାଇବା ବିଷୟରେ ଯତ୍ନଶୀଳ ରହିଥିବେ ।୫

*୧୦ ସେପ୍ଟେମ୍ବର ୧୯୫୩*

*

ଛାତ୍ରମାନଙ୍କୁ କିଭଳି ପ୍ରଶ୍ନମାନ ପଚରାଯିବା ଉଚିତ, ସେହି ବିଷୟରେ ମୁଁ ଶିକ୍ଷକମାନଙ୍କୁ ଏହି କଥା କହିବି ଯେ ସେମାନେ ଖାଲି ଗୁଡ଼ାଏ **ଶବ୍ଦ ଦ୍ୱାରା** ଚିନ୍ତା ନ କରି କେତୋଟି **ବିଚାରକୁ** କେନ୍ଦ୍ରକରି ଚିନ୍ତାକଲେ ଅଧିକ ଭଲ ହେବ ।

ଏବଂ, ଅଳ୍ପ କିଛିଦିନ ପରେ, ଯେତେବେଳେ ବିଚାରଗୁଡ଼ିକୁ କେନ୍ଦ୍ରକରି ଚିନ୍ତା କରିବା ସେମାନଙ୍କ ପକ୍ଷରେ ଏକ ସ୍ୱାଭାବିକ କଥା ହୋଇଯିବ, ସେତେବେଳେ ମୁଁ ସେମାନଙ୍କୁ ଆଉ ଟିକିଏ ଅଧିକ ବୃହତ୍ ଅଗ୍ରଗତି ଲାଗି ଅନୁରୋଧ କରିବି ।

ଏହି ଅଗ୍ରଗତିକୁ ପ୍ରକୃତରେ ଏକ ମୀମାଂସକ ଅଗ୍ରଗତି ବୋଲି କୁହାଯିବ । ସେଇଟି ହେଉଛି ଯେ, ସେମାନେ ତା'ପରେ ବିଚାରଗୁଡ଼ିକୁ କେନ୍ଦ୍ରକରି ଚିନ୍ତା ନ କରି **ଅନୁଭୂତିଗୁଡ଼ିକୁ** କେନ୍ଦ୍ରକରି ଚିନ୍ତା କରିବାକୁ ଆରମ୍ଭ କରିବେ । ଯେତେବେଳେ ସେଇଟି ସାଧ ହୋଇଯିବ, ସେତେବେଳେ ଯାଇ ଜଣେ ସବୁକଥାକୁ ଯଥାର୍ଥ ଭାବରେ ବୁଝିପାରିବ ।

*

*''**ଶବ୍ଦଗୁଡ଼ିକୁ** କେନ୍ଦ୍ର ନ କରି **ବିଚାରକୁ** କେନ୍ଦ୍ର କରି ଚିନ୍ତା କରିବା ଲାଗି'' ଆପଣ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆପଣ ଏକଥା ମଧ୍ୟ କହିଛନ୍ତି ଯେ, ପରେ ଆପଣ ସେମାନଙ୍କୁ ଅନୁଭୂତିଗୁଡ଼ିକୁ କେନ୍ଦ୍ରକରି ଚିନ୍ତାକରିବା ଲାଗି ନିର୍ଦ୍ଦେଶ ଦେବେ । ଏହି ତିନିପ୍ରକାରର ଚିନ୍ତାପ୍ରଣାଳୀ ଉପରେ ଆପଣ କିଞ୍ଚିତ୍ ଆଲୋକପାତ କରିବେ କି ?*

ଆମ ଘର ଉପରେ ଗୋଟିଏ ଭାରି ଉଚ୍ଚ ମିନାର ରହିଛି । ସେହି ମିନାରର ଉପରିଭାଗରେ ଗୋଟିଏ ଉଜ୍ଜ୍ୱଳ ଏବଂ ଖାଲି ପଡ଼ିଥିବା କୋଠରି ରହିଛି । ସେହି ସବାଶେଷ ପ୍ରକୋଷ୍ଠଟିକୁ ପାର ହେଲେ ଆମେ ମୁକ୍ତ ବାୟୁ ଏବଂ ପରିପୂର୍ଣ୍ଣ ଆଲୋକ ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇ ପାରିବା ।

ବେଳେବେଳେ ଯେତେବେଳେ ଆମ ପାଖରେ କିଞ୍ଚିତ୍ ଅବସର ରହିଥାଏ, ସେତେବେଳେ ଆମେ ସେହି ଉଜ୍ଜ୍ୱଳ ପ୍ରକୋଷ୍ଠଟି ପର୍ଯ୍ୟନ୍ତ ଆରୋହଣ କରି ଚାଲିଯାଉ, ଏବଂ ଯଦି ସେଠାରେ ପହଞ୍ଚି ଆମେ ଯଥାର୍ଥରେ ନୀରବ ହୋଇ ରହିପାରିବା, ତେବେ ସେଠାରେ ଜଣେ ବା ତତୋଽଧିକ ଅତିଥିଙ୍କ ସହିତ ଆମର ଭେଟ ହୋଇଯିବ; ସେମାନଙ୍କ ଭିତରୁ କେତେକେ ଡେଙ୍ଗା ଦିଶୁଥିବେ, କେତେକେ ଗେଡ଼ା ହୋଇଥିବେ, କେତେକେ ଏକାକୀ ଆସିଥିବେ ଓ କେତେକେ ଗୋଷ୍ଠୀ ବାନ୍ଧି ମଧ୍ୟ ଆସିଥିବେ । ସମସ୍ତେ ଭାରି ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖା ଯାଉଥିବେ ।

ସାଧାରଣତଃ, ସେମାନେ ଆସି ସେଠାରେ ପହଞ୍ଚିବା ଦ୍ୱାରା ଆମ ମନରେ ଯେଉଁ ଆନନ୍ଦ ଜାତ ହୁଏ ଏବଂ ସେମାନଙ୍କର ଉଚିତ ଅଭ୍ୟର୍ଥନା କରିବା ଲାଗି ଆମେ ଯେପରି ବ୍ୟସ୍ତ ହୋଇଉଠୁ, ତାହାରି ଫଳରେ ଆମ ଭିତରେ ରହିଥିବା ଶାନ୍ତ ଅବସ୍ଥାଟି ନଷ୍ଟ ହୋଇଯାଏ ଏବଂ ଆମେ ଘୋଡ଼ାଙ୍କ ପରି ତତ୍କ୍ଷଣାତ୍ ଟପ୍ ଟପ୍ ଶବ୍ଦ କରି ମିନାରର ତଳେ ଭୂଇଁ ଉପରେ ରହିଥିବା ବୃହତ୍ କକ୍ଷଟି ମଧ୍ୟକୁ ଓହ୍ଲାଇ ଚାଲିଆସୁ । ସେହି କକ୍ଷଟି ସର୍ବଦା କେତେ ନା କେତେ ଶବ୍ଦରହିଁ ଗୋଟାଏ ଭଣ୍ଡାରଘର ପରି ହୋଇ ରହିଥାଏ । ଏଠାରେ, ବେଶ୍ ଅଳ୍ପ ବା ବହୁତ ପରିମାଣରେ ଉତ୍ତେଜିତ ହୋଇପଡ଼ି ଆମେ ହାତ ପାଆନ୍ତାରେ ପାଉଥିବା ଯାବତୀୟ ଶବ୍ଦଗୁଡ଼ିକୁ ନେଇ କେତେ ବାଛିବାରେ ଲାଗିଯାଉ, କେତେ ପ୍ରତ୍ୟାଖ୍ୟାନ କରୁ, ଏକତ୍ର କରୁ, ଯୋଡ଼ିବାରେ ବ୍ୟସ୍ତ ରହୁ, ପୁଣି ଭାଙ୍ଗି ଅଲଗା କରିଦେଉ ଓ ପୁନର୍ବାର ଏକ ନୂତନ ପ୍ରକାରେ ସେଗୁଡ଼ିକୁ ସଜାଇ ରଖିବାରେ ଲାଗିଯାଉ । ଆମକୁ ଦେଖା କରିବାକୁ ଆସିଥିବା ବିଭିନ୍ନ ଆଗନ୍ତୁକଙ୍କୁ କଥାରେ ସଂଖୋଳିବା ଲାଗି ଆମେ କେତେପ୍ରକାରେ ପ୍ରୟାସ କରୁଥାଉ । ମାତ୍ର ଅଧିକାଂଶ ସମୟରେ ଆମେ ସେମାନଙ୍କର ଯେଉଁଭଳି ଚିତ୍ରମାନ ତିଆରି

କରିବାରେ ସଫଳ ହେଉ, ତାହାକୁ ଆଦୌ ଏକ ସମ୍ୟକ୍ ବର୍ଣ୍ଣନା ବୋଲି ନ କହି ଅଧିକ ପରିମାଣରେ ବରଂ ଏକ ବିକୃତୀକରଣ ବୋଲିହିଁ କୁହାଯିବ ।

ମାତ୍ର ତଥାପି, ଆମେ ଯଦି ଅପେକ୍ଷାକୃତ କିଛି ଅଧିକ ପରିମାଣରେ ବିବେକ ବୁଦ୍ଧିସମ୍ପନ୍ନ ହୋଇଥାଉ, ତେବେ ଆମେ ତଳକୁ ନ ଆସି ସେହି ମିନାରର ଉପରି ଭାଗଟିରେହିଁ ଯାଇ ରହିଥିବା, ତଥାପି ସ୍ଥିର ଓ ନୀରବ ରହିଥିବା, ପ୍ରସନ୍ନ ମନନ ମଧ୍ୟରେ ନିମଗ୍ନ ହୋଇ ରହିଥିବା । ତେବେ, କିଛି ସମୟ ଅତିକ୍ରାନ୍ତ ହୋଇଯିବା ପରେ, ଆମେ ଦେଖିବାକୁ ପାଇବା ଯେ, ସେହି ଆଗନ୍ତୁକମାନେ ସ୍ୱୟଂ ଧୀରେ ଧୀରେ, ସୌମ୍ୟ ଏବଂ ନୀରବ ଭାବରେ ଆପଣାର ଲାଳିତ୍ୟ ତଥା ସୌନ୍ଦର୍ଯ୍ୟରୁ ଆଦୌ କିଛି ବି ନ ହରାଇ ଉପରୁ ତଳ ଆଡ଼କୁ ଓହ୍ଲାଇ ଯାଉଛନ୍ତି, ଏବଂ ଯେତେବେଳେ ସେମାନେ ଶବ୍ଦର ସେହି ଭଣ୍ଡାର ଘରଟିକୁ ଅତିକ୍ରମ କରୁଛନ୍ତି, ସେତେବେଳେ ସେମାନେ ଅତ୍ୟନ୍ତ ଅବଲୀଳା ସହିତ, ପ୍ରାୟ ସ୍ୱୟଂପ୍ରେରିତ ଭାବରେ, ସେହି ସ୍ଥୂଳ ଗୃହଟି ମଧ୍ୟରେ ବି ଆପଣାକୁ ଦୃଶ୍ୟ କରି ରଖିବା ଲାଗି ଆବଶ୍ୟକ ଶବ୍ଦଗୁଡ଼ିକରେ ଆପଣାକୁ ପରିଧାନଯୁକ୍ତ କରାଇ ନେବାକୁ ପ୍ରକୃତରେ ସମର୍ଥ ହୋଇ ଯାଉଛନ୍ତି ।

ମୁଁ ଏହାକୁହିଁ ବିଚାରଗୁଡ଼ିକୁ କେନ୍ଦ୍ର କରି ଚିନ୍ତା କରିବା ବୋଲି କହିଥାଏ ।

ଏବଂ ଯେତେବେଳେ ଏହି ପ୍ରକ୍ରିୟାଟି ତୁମକୁ ଆଉ ମୋଟେ ରହସ୍ୟଜନକ ବୋଲି ଲାଗିବ ନାହିଁ, ସେତେବେଳେ ଯାଇ ମୁଁ ତୁମମାନଙ୍କୁ ଅନୁଭୂତିକୁ କେନ୍ଦ୍ର କରି ଚିନ୍ତା କରିବା କହିଲେ ଯାହା ବୁଝାଏ, ସେହି କଥାଟିକୁ କହିଦେଇ ପାରିବ ।

*୩୧ ମଇ ୧୯୬୦*

*

ଯେତେବେଳେ ତୁମେମାନେ ଶବ୍ଦଗୁଡ଼ାକୁ କେନ୍ଦ୍ର କରି ଚିନ୍ତା କରୁଥିବ, ସେତେବେଳେ ନିଜର ଭାବନାକୁ ତୁମେ କେବଳ ସେହିସବୁ ଶବ୍ଦର ସାହାଯ୍ୟରେହିଁ ବ୍ୟକ୍ତ କରି ପାରିବ । ନାନା ବିଚାରକୁ କେନ୍ଦ୍ରକରି ଚିନ୍ତା କରିବାର ଅର୍ଥ ହେଉଛି ସେହି ଗୋଟିଏ ଭାବନାକୁ ନାନାପ୍ରକାର ଶବ୍ଦର ମାଧ୍ୟମରେ ବ୍ୟକ୍ତ କରିବାକୁ ସମର୍ଥ ହେବା । ଯଦି ତୁମେ ଏକାଧିକ ଭାଷା ଜାଣିଥିବ, ତେବେ ଏହି ଶବ୍ଦଗୁଡ଼ିକୁ ବି ତୁମେ ବିଭିନ୍ନ ଭାଷାରୁ ଆଣି ବ୍ୟବହାର କରି ପାରୁଥିବ । ବିଚାରକୁ କେନ୍ଦ୍ର କରି ଚିନ୍ତା କରିବାର କ୍ଷେତ୍ରରେ ଏଇଟି ହେଉଛି ସର୍ବପ୍ରଥମ କଥା, ସବୁଠାରୁ ଅଧିକ ପ୍ରାରମ୍ଭିକ କଥା ।

ମାତ୍ର ଯେତେବେଳେ ତୁମେମାନେ ଅନୁଭୂତିକୁ କେନ୍ଦ୍ରକରି ଚିନ୍ତା କରି ପାରିବ, ସେତେବେଳେ ତୁମେମାନେ ଆହୁରି ଅଧିକ ଗଭୀରକୁ ଚାଲିଯାଇ ପାରିବ, ଏବଂ ସେତେବେଳେ ସେହି ଗୋଟିଏ ଅନୁଭୂତିକୁହିଁ ତୁମେ ବିଭିନ୍ନ ପ୍ରକାରର ବିଚାର ଦ୍ୱାରା ବ୍ୟକ୍ତ

କରିପାରିବ । ସେତେବେଳେ ତୁମର ଭାବନା ଯେକୌଣସି ଭାଷାରେ ବି ତୁମର ଇଚ୍ଛା ଅନୁସାରେ ଯେକୌଣସି ଆକାର ଗ୍ରହଣ କରି ପାରିବ ଏବଂ ସେଗୁଡ଼ିକର ସବୁଟିର ମଧ୍ୟଦେଇ ବି ତୁମର ଅସଲ ଉପଲବ୍ଧିଟି ସର୍ବଦା ଅପରିବର୍ତ୍ତନୀୟ ହୋଇ ରହିଥିବ ।

*

ଆପଣାର କହିବା କଥା ଦ୍ୱାରା ଯଦି ତୁମେ ସମସ୍ତଙ୍କର ମନରେ ଏକ ଯଥାର୍ଥ ପ୍ରତ୍ୟୟ ସମ୍ଭବ କରିବାକୁ ଚାହୁଁଥାଅ, ତେବେ ତୁମେ ଆଉ ବିଚାରଗୁଡ଼ାକୁ କେନ୍ଦ୍ରକରି କିଛି ଭାବିବ ନାହିଁ, ଆପଣାର ଅନୁଭୂତିଗୁଡ଼ିକର  ସାହାଯ୍ୟରେହିଁ ଯାହାକିଛି ଚିନ୍ତା କରିବ ।

*

ଶିକ୍ଷକମାନେ 'କ'ଙ୍କ ସହିତ ଦେଖା କରିବାକୁ ଯାଇଥିବା ବେଳେ ତୁମେ ବି ସେମାନଙ୍କ ସହିତ ଯାଇଥିଲ କି ? ସେମାନେ ସମସ୍ତେ ଏହି ବୈଠକଟିରେ ମିଳିତ ହୋଇଥିଲେ, କାରଣ ପିଲାମାନଙ୍କର ସାଧାରଣ ଅଧ୍ୟୟନ ସହିତ ସେମାନେ ସେମାନଙ୍କୁ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ପରିଯୋଜନା ଦେବା ଲାଗି ମଧ୍ୟ ଚିନ୍ତା କରୁଥିଲେ । ଏବେ ବୈଜ୍ଞାନିକମାନେ ଯାହାସବୁ ଆବିଷ୍କାର କରୁଛନ୍ତି, ଛାତ୍ରମାନେ ମଧ୍ୟ ସେହି କଥାଗୁଡ଼ିକୁ ଯେପରି ଆବିଷ୍କାର କରି ପାରିବେ, ସେମାନେ ସେଥିଲାଗି ସେମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ । ''ଜଳ କହିଲେ ପ୍ରକୃତରେ କ'ଣ ବୁଝାଏ ?'', ''ଚିନି ପାଣି ଭିତରେ ପଡ଼ି ମିଳାଇଯାଏ କାହିଁକି ?''– ଏହିପରି ଯେଉଁ ନାନା ପ୍ରଶ୍ନ ବୈଜ୍ଞାନିକମାନଙ୍କୁ ସେମାନେ ପ୍ରକୃତରେ କିଛି ଜାଣନ୍ତି ନାହିଁ ବୋଲି ଉପଲବ୍ଧି କରିବା ଦିଗରେ ପରିଚାଳିତ କରିନେଉଛି, ପିଲାମାନେ ମଧ୍ୟ ସେହିସବୁର ଆବିଷ୍କାର କରନ୍ତୁ  ବୋଲି ଏହି ଶିକ୍ଷକମାନେ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ ।

ସେଥିଲାଗି ମୁଁ ବି ସେମାନଙ୍କୁ ''ମୃତ୍ୟୁ କହିଲେ କ'ଣ ବୁଝାଇବ ?'' ବୋଲି ଗୋଟିଏ ପ୍ରଶ୍ନ ପଚାରିଲି ।

ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଶହ ଶହ ବର୍ଷ ହେଲା ମନୁଷ୍ୟମାତ୍ରେ ଏହି ପ୍ରଶ୍ନଟିକୁ ପଚାରି ଆସିଛନ୍ତି । ମାତ୍ର ତାହାର କୌଣସି ଉତ୍ତର ପାଇ ନାହାନ୍ତି ।

ଛାତ୍ରମାନେ ବି କହିବେ ଯେ ମୃତ୍ୟୁ କ'ଣ ସେମାନେ ବି ସେ କଥା ଜାଣି ନାହାନ୍ତି । ମାତ୍ର ସେମାନେ ଅନୁସନ୍ଧାନ କରି ତାହାର ଉତ୍ତର ବାହାର କରିବାକୁ ଚେଷ୍ଟା କରିବେ । ଏହି କଥାଟିକୁ ବୁଝିବାକୁ ହେଲେ ତୁମକୁ ସେହି କଥାଟିକୁ ମଧ୍ୟ ଜାଣିବାକୁ ପଡ଼ିବ [ଏକାଧିକ ଦିଗଆଡ଼କୁ ସୂଚିତ କରିଦେଇ ମାଆ ହସ୍ତସଞ୍ଚାଳନ କରିଥିଲେ], ଏବଂ, ଏହିପରି ଗୋଟିଏ ମାର୍ଗର ଅନୁସରଣ କରିପାରିଲେ ସେଥିରୁ ଲବ୍ଧ ଜ୍ଞାନଟି ଏକ ସରଳରେଖାର ଅନୁସରଣ କରିବାରୁ ଲବ୍ଧ ହେଉଥିବା ଜ୍ଞାନର ତୁଳନାରେ ଅନେକ ଅଧିକ ପ୍ରଶସ୍ତ ହୋଇପାରିବ ।

ନୀରବତାର ମଧ୍ୟଦେଇହିଁ ଆମେ ପରମସତ୍ୟର ନିକଟବର୍ତ୍ତୀ ହୋଇ ପାରିବା, ତାହାର ସଂସ୍ପର୍ଶ ଲାଭ କରି ପାରିବା । ତାହାର ପରବର୍ତ୍ତୀ ପର୍ଯ୍ୟାୟଟିରେ ବିଚାରଟି ନିମ୍ନ ଦିଗକୁ ଅବତରଣ କରି ଆସିବ, ଶବ୍ଦର ‘‘ଭଣ୍ଡାର’’ଟିର ମଧ୍ୟଦେଇ ଅତିକ୍ରମ କରିଯିବ ଏବଂ ସବୁଠାରୁ ଅଧିକ ଉପଯୁକ୍ତ ଶବ୍ଦଗୁଡ଼ିକୁ ବାଛିନେଇ ପାରିବ । ପ୍ରଥମେ ତାହା ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ଆସିବ । ମାତ୍ର ତାହା ସ୍ପଷ୍ଟ ଏବଂ ସୁନିର୍ଦ୍ଦିଷ୍ଟ ହୋଇପାରିବା ପର୍ଯ୍ୟନ୍ତ ତୁମକୁ ସେଇଟି ପାଇଁ ପ୍ରୟାସ କରିବାକୁହିଁ ପଡ଼ିବ । ହଁ, ଇଚ୍ଛା କଲେ ତୁମେ ତାହାକୁ ଲିପିବଦ୍ଧ କରି ବି ରଖିପାରିବ, ମାତ୍ର ତଥାପି ନୀରବ ରହିଥିବ ଓ ଅନବରତ ପ୍ରୟାସ କରୁଥିବ । ତେବେ ଯାଇ ଯଥାର୍ଥ ଶବ୍ଦଟି ହାବୁଡ଼ି ଯିବ । ସେତେବେଳେ ଯେଉଁ ଶବ୍ଦଟି ଉପଲବ୍ଧ ହେବ, ତାହା ଆପଣାର ଅସଲ ଅର୍ଥରେ ବ୍ୟବହୃତ ହୋଇଥିବ, ମାତ୍ର ତାହାର ପାରମ୍ପରିକ ଅର୍ଥରେ ବ୍ୟବହୃତ ହୋଇ ନ ଥିବ ।

ତଥାପି ତାହାକୁ ପ୍ରକୃତ ସତ୍ୟ ବୋଲି କଦାପି କୁହାଯିବ ନାହିଁ । ସେଗୁଡ଼ିକୁ ଆମେ କେବଳ କେତୋଟି ଶବ୍ଦ ବୋଲି କହିବା, ଯେଉଁଗୁଡ଼ିକ କି ସତ୍ୟର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବେ । ଏହି କାର୍ଯ୍ୟଟି ଶିକ୍ଷକମାନଙ୍କୁ କରିବାକୁ ପଡ଼ିବ । *(ମୁଣ୍ଡ ଭିତରେ ଭଉଁରି ବୁଲୁଥିବାର ଇଙ୍ଗିତ ଦେଇ ମାଆ କହିଲେ)* ଏପରି କରିବା ଅପେକ୍ଷା ସେଇଟି ଦ୍ୱାରା ପ୍ରକୃତରେ ଅନେକ ଉପକାର ହେବ ।

*(ମାଆ ନୀରବ ରହିଲେ)*

ତୁମେସବୁ କେବେ ନିଜର ମନ ଭିତରେ ନୀରବ ହୋଇ ଆସିବାକୁ ଚେଷ୍ଟା କରିଛ କି ନାହିଁ, ମୁଁ ସେ କଥା କହି ପାରିବି ନାହିଁ । ତୁମେ ହୁଏତ ନିଜର ସାରା ଜୀବନଟା ଯାକ ସେଥିଲାଗି ଚେଷ୍ଟା କରୁଥିଲେ ମଧ୍ୟ ତଥାପି ପ୍ରାୟ କିଛି ହାସଲ କରି ପାରିବ ନାହିଁ । ମାତ୍ର ଏହି ପଦ୍ଧତିଟି ନିଶ୍ଚୟ ତୁମକୁ ବେଶ୍ ଆଗ୍ରହୋଦ୍ଦୀପକ ଲାଗିବ ।

ପ୍ରଥମେ କିଛି ଘଟିବ ନାହିଁ । ତୁମକୁ ସେହିପରି ଏକ ଅବସ୍ଥାରେ ରହିବାକୁ ପଡ଼ିବ : ଅବଶ୍ୟ ଆଦୌ ସକ୍ରିୟ ଭାବରେ ନୁହେଁ, ପରମ ଦିବ୍ୟସତ୍ତାଙ୍କ ଲାଗି ଏକ ଅଭୀପ୍ସା ରଖିଥିବା ଅବସ୍ଥାରେ ରହିବାକୁ ପଡ଼ିବ । ସେତେବେଳେ ତୁମର ମନ ଭିତରେ କୌଣସି ଗତିସ୍ପନ୍ଦନ ହେଉ ନ ଥିବ; ଏପରି କି ଏହାକୁ କୌଣସି ସମର୍ପଣର ଅବସ୍ଥା ବୋଲି ବି କୁହାଯିବ ନାହିଁ । ଆତ୍ମଦାନ ଏବଂ ଆତ୍ମନିଗ୍ରହ,— ତାହାକୁ ଏହି ଦୁଇଟିର ମଝିରେ ଥିବା ଏକ ଅବସ୍ଥାର ପରିପୂର୍ଣ୍ଣ ରୂପର ଏକ ଗତିସ୍ପନ୍ଦନ ବୋଲି କୁହାଯାଇ ପାରିବ । ଏବଂ ଯଦି ସେହି କ୍ଷେତ୍ରରେ ମନ ତାହାର ସତ୍ତାଗତ ରୀତିଟିକୁ ସେତେବେଳେ ଉତ୍ସର୍ଗ କରି ଦେଇପାରେ,

ତେବେ ଦିନେ ନା ଦିନେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମକୁ ପ୍ରକୃତ ଉତ୍ତରଟି ମିଳିଯିବ । ସତେଅବା ଏକ ଆଲୋକ ରୂପେ ତାହା ଅବତରଣ କରିବ ।

ତୁମେ ଯେତିକି ଅଧିକ ପରିମାଣରେ ସ୍ଥିର ହୋଇ ରହିଥିବ, ନିଜ ଉପରେ ତୁମର ଯେତିକି ବିଶ୍ୱାସ ଥିବ, ତୁମେ ଯେତିକି ଅଧିକ ପରିମାଣରେ ମନୋଯୋଗୀ ହୋଇପାରୁଥିବ, ଏହି କଥାଟି ତୁମପାଖକୁ ସେତିକି ସ୍ପଷ୍ଟ ଭାବରେହିଁ ଆସିବ । ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କି ଆମେ କେବଳ ସେହି କାର୍ଯ୍ୟଟିକୁହିଁ କରୁଥିବା (ମାଆ ଉନ୍ମୋଚନର ସଙ୍କେତ ଦେଇ ଦେଖାଇଦେଲେ)... ଜଣେ ଛାତ୍ର ତୁମକୁ ଗୋଟିଏ ପ୍ରଶ୍ନ ପଚାରିଲା । ତୁମେ ସେତେବେଳେ ଠିକ୍ ଏହିପରି ରହିବ (ପୁନର୍ବାର ସେହି ସଙ୍କେତଟିକୁ କଲେ)...

ଏବଂ ସର୍ବୋପରି, ଆପଣାକୁ ସକ୍ରିୟ ରଖି ତୁମେ ସେତେବେଳେ ମୋଟେ କିଛିହେଲେ ଭାବିବ ନାହିଁ : ''ମୁଁ ଏହି କଥାଟି ଜାଣିବାକୁ ଚାହୁଁଛି... ତାକୁ ମୁଁ ତେବେ କ'ଣ ଉତ୍ତର ଦେବି ?'' ନାଇଁ – ତୁମେ ଏସବୁ କିଛି କରିବ ନାହିଁ ।

ତେବେ ଛାତ୍ରଟିକୁ ଦେବା ଲାଗି ତୁମକୁ ନିଶ୍ଚୟ ଏକ ଉତ୍ତର ମିଳିଯିବ । ହୁଏତ, ସିଏ ତୁମକୁ ଯେଉଁ ପ୍ରଶ୍ନଟି ପଚାରିଥିଲା, ତାହାର ଉତ୍ତରଟି ନୁହେଁ, ମାତ୍ର ତା'ର ଯେଉଁ ଉତ୍ତରଟି ପ୍ରକୃତରେ ଦରକାର, ସେଇଟି । ଏବଂ ଏପରି କରିବା ସବୁବେଳେ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇ ରହିଥିବ ।

ସେହି ଊର୍ଦ୍ଧ୍ୱରେହିଁ ସବୁ ଜ୍ଞାନ ସମ୍ଭବ ହେବ । ତୁମ ମନର ଯେ ପ୍ରକୃତରେ କୌଣସି ଶକ୍ତି ନାହିଁ, ସିଏ ପ୍ରକୃତରେ ଆଦୌ କିଛି ହେଲେ ଜାଣି ନାହିଁ ବୋଲି ଯେତେବେଳେ ତୁମେ ବିଶ୍ୱାସ କରିବାକୁ ସମର୍ଥ ହେବ, ସେତେବେଳେ ତୁମେ ବଳେବଳେ ନୀରବ ହୋଇଯିବ । ସେତେବେଳେ ତୁମ ଭିତରେ ଏହି ବିଶ୍ୱାସଟି ଅଧିକରୁ ଅଧିକ ପରିମାଣରେ ଦୃଢ଼ ହୋଇ ଯାଉଥିବ ଯେ, ସେହି ଊର୍ଦ୍ଧ୍ୱଦେଶରେ ଏପରି ଏକ ଚେତନା ରହିଛି, ଯାହାକି କେବଳ ସବୁକଥା ଯେ ଜାଣିଛି ତା' ନୁହେଁ, ମାତ୍ର ପ୍ରକୃତ ଶକ୍ତି ତାହାରିହିଁ ରହିଛି, କ୍ଷୁଦ୍ରତମ ଟିକିନିଖିଗୁଡ଼ାକ ମଧ୍ୟ ତାହାରି ଗୋଚର ଭିତରେ ରହିଛି ଓ ତେଣୁ ଛାତ୍ରଟିର ଆବଶ୍ୟକତାଟିକୁ ମଧ୍ୟ ତାହା ଅବଶ୍ୟ ଜାଣିପାରୁଛି । ପ୍ରକୃତରେ ସେଇ ପ୍ରଶ୍ନଟିର ଉତ୍ତର ଦେଉଛି । ଯେତେବେଳେ ତୁମର ଏହି ଦୃଢ଼ ବିଶ୍ୱାସଟି ହୋଇଯିବ, ସେତେବେଳେ ତୁମେ ଆଉ ନିଜଆଡୁ ଆଦୌ କୌଣସି ହସ୍ତକ୍ଷେପ କରିବାକୁ ବି ଯିବ ନାହିଁ ଏବଂ ''ଏଥର ତୁମେହିଁ ମୋର ସ୍ଥାନାପନ୍ନ ହୋଇ ରହ'' ବୋଲି କହିପାରିବ ।§

*୩୧ ଜୁଲାଇ ୧୯୬୭*

*

*ଏହି ତିନିଜଣ ବାଳକଙ୍କୁ ମୁଁ ସେମାନଙ୍କ ଖେଳର ନିଶାରେ ''ମାତାଲ'' ହୋଇ*

*ରହିବାକୁ ଛାଡ଼ିଦେଲି । ମୁଁ ଆଶା କରୁଥିଲି ଯେ ଏହିପରି ଭାବରେହିଁ ସେମାନେ ଏଇଟି ଭିତରୁ ଅପେକ୍ଷାକୃତ ଅଧିକ ଶୀଘ୍ର ବାହାରି ଆସି ପାରିବେ ।*

*ଏବଂ, ତୃତୀୟ ସପ୍ତାହର ଆରମ୍ଭରେ ବସ୍ତୁତଃ ତାହାହିଁ ଘଟିଲା : ବର୍ତ୍ତମାନ ତିନିଜଣଯାକ ପିଲା ବ୍ୟକ୍ତିଗତ କ୍ରୀଡ଼ାର ଅନ୍ତର୍ଭୁକ୍ତ ହେବା ଲାଗି ଆପଣାର ନାମ ଦରଜ କରିବାକୁ ଯାଉଛନ୍ତି ଏବଂ ଏପର୍ଯ୍ୟନ୍ତ ଖେଳି ଆସୁଥିବା କୋଳାହଳ-ପ୍ରପୀଡ଼ିତ ଖେଳଗୁଡ଼ିକୁ ଭୁଲି ଯିବାକୁ ଯାଉଛନ୍ତି ।*

*ମୁଁ ବର୍ତ୍ତମାନ ସେହି ପ୍ରୟୋଗଟିକୁ ଚାଲୁ ରଖିବି କି : ପ୍ରଥମେ ‘‘ସ୍କୁଲ୍ ବାହାରକୁ ଯିବାର’’ ଏହି ଘାଆ ରୋଗଟିକୁ ବଢ଼ିବାକୁ ଦେବି, ତା’ପରେ ସେଇଟିକୁ ଫାଟିବାକୁ ଦେବି ? ଏହିପରି କରୁ କରୁ ଯେଉଁ ସମୟଗୁଡ଼ାକ ଚାଲି ଯାଉଥିବ ଓ ସ୍କୁଲ୍‌ରେ ପାଠ ପଢ଼ିବା ଦୃଷ୍ଟିରୁ ଯାହା କେବଳ ନଷ୍ଟ ହୋଇ ଯାଉଛି ବୋଲି ମନେ ହେଉଥିବ, ସେ ବିଷୟରେ ମୁଁ କ’ଣ ଆଦୌ କୌଣସି ଚିନ୍ତା କରିବି ନାହିଁ ?*

ହଁ, ତୁମେ ନିଶ୍ଚୟ ସେହିପରି କରିବ । ସେହିପରି କରିବାହିଁ ସବୁଠାରୁ ଅଧିକ ଭଲ ହେବ ।

*ବିଦ୍ୟାଳୟର କାର୍ଯ୍ୟନିର୍ଘଣ୍ଟିଟି ଭିତରେ ରହି ଆମେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ‘‘ବିଦ୍ୟାଳୟ ବାହାରେ’’ ଖେଳ ଲାଗି ପିଲାମାନଙ୍କୁ ଅନୁମତି ଦେବା କି ? ଉଦାହରଣସ୍ୱରୂପ ଏଠାରେ ମୁଁ ଲୁଚକାଳି, କ୍ରିକେଟ୍ ଓ ଗୋଟିଏ ଘର ତିଆରି କରିବା ପ୍ରଭୃତି ଖେଳ କଥା ଭାବୁଛି ।... ପିଲାମାନେ ସେହିସବୁ ସକାଶେ ଏତେ ଦାବି କରୁଥିବାର ଦେଖି ଆମର ଧାରଣା ହେଲା ଯେ ଆମ ପିଲାଏ ସମ୍ଭବତଃ ଏକ ନିର୍ଦ୍ଦିଷ୍ଟ ପ୍ରକାରର କ୍ରିୟାଶୀଳତାଠାରୁ ବିଚ୍ଛିନ୍ନ ହୋଇ ରହିଯାଇଛନ୍ତି : କୌଣସି ଏକ ବଡ଼ ପାର୍କରେ ପୂର୍ଣ୍ଣ ସ୍ୱାଧୀନତା ସହିତ ବେଳେବେଳେ ଖେଳିବାକୁ ସମର୍ଥ ହେବାରୁ ସେମାନେ ବଞ୍ଚିତ ହୋଇ ରହିଛନ୍ତି । ଏହାକୁ ଆମେ ପିଲାମାନଙ୍କ ଲାଗି ଏକ ପ୍ରକୃତ ଆବଶ୍ୟକତା ବୋଲି କହିପାରିବା କି ?*

ନିଶ୍ଚୟ କହିବା ।

*୨୩ ସେପ୍ଟେମ୍ବର ୧୯୬୦*

*

କୌଣସି ପିଲା ସକାଶେ କେଉଁ ଖେଳ ଖେଳିବା ପ୍ରକୃତରେ ଉପଯୋଗୀ ଓ ଲାଭଜନକ, ସେ କଥା ବାଛି ଠିକ୍ କରିବା ବଡ଼ କଷ୍ଟକର । ଏଥିଲାଗି ଅନେକ ବିଚାର ଓ ମନନ

ଦରକାର ହୋଇଥାଏ; ଏବଂ ନ ଭାବି କିଛି କରି ପକାଇଲେ ତାହାର ଅନେକ ଦୁଷ୍ପରିଣାମ ମଧ୍ୟ ଘଟିପାରେ ।

*

ଯଦି ଆମେ ପିଲାମାନଙ୍କୁ, ଏପରିକି ଅତି ସାନ ସାନ ପିଲାମାନଙ୍କୁ ବି ବିଭିନ୍ନ ପଦାର୍ଥକୁ ସେଗୁଡ଼ିକର ଉଚିତ ସ୍ଥାନରେ ନେଇ ରଖିବା, ପ୍ରକାର ଅନୁସାରେ ବସ୍ତୁଗୁଡ଼ିକର ଶ୍ରେଣୀବିଭାଗ କରିବା ପ୍ରଭୃତି କଥା ଶିକ୍ଷା ଦେଇ ପାରିବା, ତେବେ ସେଗୁଡ଼ିକ ସେମାନଙ୍କୁ ଭାରି ଭଲ ଲାଗିବ ଓ ସେଗୁଡ଼ିକୁ ସେମାନେ ଭାରି ଭଲ ଭାବରେ ବି ଶିଖି ପାରିବେ । ସବୁ ଜିନିଷକୁ ସୁସଜ୍ଜିତ ଓ ପରିଚ୍ଛନ୍ନ କରି ରଖିବା ଲାଗି ସେହି ପିଲାମାନଙ୍କୁ ଏକ ଉତ୍ତମ ଶିକ୍ଷା ଦେଇ ପାରିବାର ଏହାଦ୍ୱାରା ଏକ ଅତି ଚମତ୍କାର ସୁଯୋଗ ମିଳିପାରିବ;– ଏଠାରେ କୌଣସି ତତ୍ତ୍ୱ ବା ସିଦ୍ଧାନ୍ତ ଶିକ୍ଷା ଦେବାର କଥା କୁହାଯାଉ ନାହିଁ,– **ବ୍ୟାବହାରିକ ଓ ଫଳଦାୟକ କେତୋଟି ଶିକ୍ଷାର କଥା କୁହାଯାଉଛି ।**

ତୁମେ ଏହି କଥାଟିକୁ ଚେଷ୍ଟା କରି ଦେଖ, ଏବଂ ମୁଁ ଦୃଢ଼ ଭାବରେ କହିପାରିବି ଯେ ଏହାଦ୍ୱାରା ପିଲାମାନେ ତୁମକୁ ପ୍ରତ୍ୟେକ ଜିନିଷକୁ ଉତ୍ତମ ରୂପେ ସଜାଇ କରି ରଖିବାର କାର୍ଯ୍ୟରେ ସାହାଯ୍ୟ କରିବାକୁ ସମର୍ଥ ହୋଇଯିବେ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୪ ଡିସେମ୍ବର ୧୯୬୩*

*

*ଏହି କଥାଟି ଲକ୍ଷ୍ୟ କରାଯାଇଛି ଯେ ବେଶ୍ ବହୁ ସଂଖ୍ୟକ ଛାତ୍ର ବସିଲାବେଳେ ଓ ଲେଖୁଥିବା ବେଳେ ଠିକ୍ ଆସନରେ ମୋଟେ ରହିପାରୁ ନାହାନ୍ତି । ଲେଖିବା ସମୟରେ ଖାତାଟିକୁ ସେମାନେ ଠିକ୍ ସମ୍ମୁଖରେ ରଖୁ ନାହାନ୍ତି । ତାହାକୁ ପ୍ରାୟ ୪୫ ରୁ ୯୦ ଡିଗ୍ରୀ କୋଣରେ ରଖାଯାଉଛି ।*

ଲେଖିବା ସମୟରେ ଯେ ଶରୀରକୁ ଏକ ଯଥାର୍ଥ ଆସନରେ ରଖିବା ଉଚିତ, ସମ୍ଭବତଃ ସ୍ୱୟଂ ଶିକ୍ଷକମାନଙ୍କୁହିଁ ସେ କଥା ପ୍ରଥମେ ଶିକ୍ଷା କରିବାକୁ ପଡ଼ିବ । ନୁହେଁ କି ?

ମୋର ଅନେକ ଆଶୀର୍ବାଦ ସହିତ ।

*

*ଆପଣାର ଏକ ପତ୍ରରେ ଶ୍ରୀଅରବିନ୍ଦ ତରୁଣ ବ୍ୟକ୍ତିମାନଙ୍କ ବିଷୟରେ ଓ ଯୋଗସାଧନା ଲାଗି ସେମାନେ କିପରି ଭାବରେ ପ୍ରସ୍ତୁତ ରହିଛନ୍ତି, ସେହି ବିଷୟରେ ଲେଖିଛନ୍ତି । ଆପଣ ଦେଖିବେ ବୋଲି ମୁଁ ସେହି ଚିଠିର ଏକ କପି*

ଏଥିସହିତ ଆପଣଙ୍କ ପାଖକୁ ପଠାଉଛି । ଆଧ୍ୟାତ୍ମିକ ଜୀବନ ବିଷୟରେ ଯାବତୀୟ ବିଚାର ଓ ଅନୁଭୂତିକୁ ଅତ୍ୟନ୍ତ ଉତ୍ସାହପରବଶ ଭାବରେ ତରୁଣ ବ୍ୟକ୍ତିମାନଙ୍କ ଆଗରେ କହିପକାଇବା ବିଷୟରେ ଶ୍ରୀଅରିବିନ୍ଦ ଏହି ପତ୍ରରେ ଯେପରି ସତର୍କ କରି ଦେଇଛନ୍ତି, ଆମ ବିଦ୍ୟାଳୟର କ୍ଲାସ୍‌ଗୁଡ଼ିକରେ ଆମ ଛାତ୍ରମାନଙ୍କୁ ପାଠ ପଢ଼ାଉଥିବା ସମୟରେ ଆମକୁ ସେହି କଥାଟିକୁ ମନରେ ରଖିବାକୁ ହେବ କି ନାହିଁ, ମୁଁ ଆପଣଙ୍କଠାରୁ ସେହି ବିଷୟରେ କିଛି ଜାଣିବାକୁ ଚାହୁଁଛି । ଶ୍ରୀଅରବିନ୍ଦ ଏଠାରେ ଯେପରି କହିଛନ୍ତି, ଏହି କ୍ଷେତ୍ରରେ ''କେବଳ ଅନୁକରଣଶୀଳ ଏକ ମିଛ ଅଗ୍ନି ପ୍ରଜ୍ୱଳିତ କରିଦେବାର'' ବିପଦ ନିହିତ ହୋଇ ରହିଛି କି ?

ଶ୍ରୀଅରବିନ୍ଦଙ୍କର ସେହି ପତ୍ରରେ ଅଛି : ''ଆମେ ସାଧାରଣ ଭାବରେ ଏହି କଥାଟିକୁ କହି ପାରିବା ଯେ ଲୋକମାନଙ୍କୁ, ବିଶେଷ କରି ଅତି ଅଳ୍ପ ବୟସର ଲୋକମାନଙ୍କୁ ସାଧନାର ମାର୍ଗକୁ ଟାଣି ନେଇ ଆସିବାକୁ ଚେଷ୍ଟା କରିବାଟାକୁ ଆଦୌ ଏକ ବିଜ୍ଞତାର କାର୍ଯ୍ୟ ବୋଲି କୁହାଯିବ ନାହିଁ । ଏହି ଯୋଗସାଧନାର ପଥକୁ ଯେଉଁ ସାଧକ ଆସିବ, ଏକ ଯଥାର୍ଥ ଆହ୍ୱାନର ଉତ୍ତର ଦେଇହିଁ ତାକୁ ଏହି ପଥକୁ ଆସିବାକୁ ପଡ଼ିବ; ଏବଂ ଯଥାର୍ଥ ଆହ୍ୱାନ ପାଇ ଆସିଥିଲେ ମଧ୍ୟ ତଥାପି ଏହି ପଥଟି ଅନେକ ସମୟରେ ଭାରି ଦୁରୂହ ଏବଂ କଷ୍ଟକର ହୋଇ ରହିଥିବ । ମାତ୍ର ଏକ ପ୍ରଚାରମୂଳକ ଅତ୍ୟୁତ୍ସାହ-ପରାୟଣତାର ବଶବର୍ତ୍ତୀ ହୋଇ ଯଦି କୌଣସି ବ୍ୟକ୍ତି ଅନ୍ୟମାନଙ୍କୁ ଏହି ପଥକୁ ଟାଣି ଆଣିବ ବୋଲି ମନ କରେ, ତେବେ ତଦ୍ୱାରା ଏକ ଅନୁକରଣଶୀଳ ମିଛ ଅଗ୍ନି ପ୍ରଜ୍ୱଳିତ କରିଦେବାର ବିପଦ ରହିଥିବ । ଏହି ଅଗ୍ନିକୁ କଦାପି ପ୍ରକୃତ ଅଗ୍ନି ବୋଲି କୁହାଯିବ ନାହିଁ । ବା, ଏହାକୁ କେବଳ ଖୁବ୍ ଅଳ୍ପ ସମୟ ଲାଗି ସ୍ଥାୟୀ ହୋଇ ରହୁଥିବା ଏକ ଅଗ୍ନି ବୋଲି କୁହାଯିବ, ଯାହାକି ମୋଟେ ଦୀର୍ଘସ୍ଥାୟୀ ହେବ ନାହିଁ ଏବଂ ପ୍ରାଣିକ ନାନା ତରଙ୍ଗର ପ୍ରବଳ ଉଦ୍‌ଧାବନ ଦ୍ୱାରା ତାହା କୁଆଡ଼େ ପୋତିହୋଇ ରହିଯିବ । ବିଶେଷ କରି ଅଳ୍ପବୟସ୍କ ଲୋକମାନଙ୍କର କ୍ଷେତ୍ରରେ ଏହିପରି ଘଟନାମାନ ଘଟିଥାଏ । କାରଣ ସେହି ଅପାକଳ ବୟସରେ ସେମାନେ ଭାରି ନମନୀୟ ହୋଇ ରହିଥା'ନ୍ତି ଏବଂ ସେମାନଙ୍କର ନିଜସ୍ୱ ହୋଇ ନ ଥିବା ନାନା ବିଚାର ଏବଂ ସେମାନଙ୍କ ଭିତରେ ପୂରାଇ ଦିଆ ଯାଉଥିବା ଭାବମୟତାର ଜାଲରେ ଭାରି ସହଜରେ ଆସି ପଡ଼ିଯାଆନ୍ତି । ଏକ ପରବର୍ତ୍ତୀ କାଳରେ ସେମାନଙ୍କର ପ୍ରାଣିକ ଅଂଶଟି ଆପଣାର ନାନା ଅତୃପ୍ତ ଦାବିକୁ ନେଇ ଉପରକୁ ଉଠିଆସେ ଏବଂ ତାହା ଫଳରେ ସେହି ବ୍ୟକ୍ତିମାନେ ଏହି ଉଭୟ ପରସ୍ପରବିରୋଧୀ ଶକ୍ତିର ମଝିରେ

*ରହି ଆନ୍ଦୋଳିତ ହେବାରେ ଲାଗିଥା'ନ୍ତି ଅଥବା ସାଧାରଣ ଜୀବନ, କର୍ମ ଏବଂ ବାସନାପୂରଣର ପ୍ରବଳ ଆକର୍ଷଣ ପାଖରେ ସେମାନେ ଅଚିରେ ପରାଭବ ସ୍ୱୀକାର କରନ୍ତି । କାରଣ ଆମେ ତାହାକୁହିଁ ସେମାନଙ୍କର ସେହି କିଶୋରାବସ୍ଥାର ଏକ ସ୍ୱାଭାବିକ ପ୍ରବୃତ୍ତି ବୋଲି କହିପାରିବା । ବା, ଯେଉଁ ଆହ୍ୱାନଟି ଲାଗି ସିଏ ପ୍ରକୃତରେ ମୋଟେ ପ୍ରସ୍ତୁତ ହୋଇ ନ ଥିଲା, ବା ଅନ୍ତତଃ ଏପର୍ଯ୍ୟନ୍ତ ପ୍ରସ୍ତୁତ ନ ଥିଲା, ତାହାର ଚାପରେ ନିର୍ଯାତିତ ହୋଇ ଆଧାରଟିକୁ ଦାରୁଣ କଷ୍ଟ ଭୋଗ କରିବାକୁ ପଡ଼ିଥାଏ । ମାତ୍ର ଯେତେବେଳେ ବ୍ୟକ୍ତି ଆପଣା ଭିତରେ ଅସଲ ବସ୍ତୁଟିକୁ ଅନୁଭବ କରିବାକୁ ଆରମ୍ଭ କରେ, ସେତେବେଳେ ସିଏ ସେହି ପଥରେ ସହଜରେ ପ୍ରବିଷ୍ଟ ହୋଇଯାଏ ଏବଂ ଶେଷରେ ସାଧନାର ପୂର୍ଣ୍ଣ ପଥଟିକୁ ବି ସ୍ୱୀକାର କରିନିଏ । ମାତ୍ର ଅତ୍ୟନ୍ତ କମ୍‌ସଂଖ୍ୟକ ବ୍ୟକ୍ତି ପ୍ରକୃତରେ ସେହି କଥାଟିକୁ କରିପାରନ୍ତି । ତେଣୁ ଯେଉଁ ବ୍ୟକ୍ତିମାନେ ସ୍ୱତଃପ୍ରବୃତ୍ତ ହୋଇ ଆସିଥା'ନ୍ତି, ଏବଂ, ଏମାନଙ୍କ ମଧ୍ୟରେ ବି, ଯେଉଁମାନେ ପ୍ରକୃତରେ ନିଜ ଭିତରୁ ଏକ ଆହ୍ୱାନ ପାଇଥା'ନ୍ତି ଓ ତାହାର ଅନୁସରଣ କରିବାରେ ଅତୁଟ ହୋଇ ରହିଥା'ନ୍ତି, କେବଳ ସେହିମାନଙ୍କୁହିଁ ଏହି ପଥରେ ଗ୍ରହଣ କରିବା ଦ୍ୱାରା ଅପେକ୍ଷାକୃତ ଅଧିକ ଭଲ ହୋଇଥାଏ ।*''*

ଏହି ଉଦ୍ଧୃତାଂଶଟି ଭାରି ସୁନ୍ଦର, ଓ ଅତ୍ୟନ୍ତ, ଅତ୍ୟନ୍ତ ଉପଯୋଗୀ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସାନ ଅଳ୍ପବୟସ୍କମାନଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ଶ୍ରୀଅରବିନ୍ଦଙ୍କ ଏହି ସତର୍କବାଣୀଟିକୁ ଆମେ ଅବଶ୍ୟ ସ୍ମରଣ ରଖିବା । ସେହି ଅଳ୍ପବୟସ୍କମାନେ ଭାରି ସହଜରେ ସେମାନଙ୍କର ଭାବନାଗୁଡ଼ାକୁ ଅବଶ୍ୟ ବଦଳାଇ ଦେଇଥା'ନ୍ତି ।

କ୍ଲାସ୍‌ରେ ପାଠ ପଢ଼ାଉଥିବା ସମୟରେ ତୁମକୁ ଅତ୍ୟନ୍ତ ନିଷ୍ପକ୍ଷ ଏବଂ ବିଷୟନିଷ୍ଠ ହୋଇ ରହିବାକୁ ହେବ ।

ଅନେକ ଆଶୀର୍ବାଦ ।

*୨ ଜୁନ୍ ୧୯୬୭*

*

*ଆପଣ ଦେଇଥିବା ଉପରଲିଖିତ ଉତ୍ତରଟିରେ ଆପଣ ''ବିଷୟନିଷ୍ଠ'' କହିଲେ ଠିକ୍ କ'ଣ ବୁଝୁଛନ୍ତି, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି । ଆପଣ କ'ଣ ଏପରି*

* Letters on Yoga, ଶତବାର୍ଷିକୀ ସଂସ୍କରଣ, ୨୪ଶ ଖଣ୍ଡ, ପୃ. ୧୬୧୫-୧୬

*ବିଚାର କରୁଛନ୍ତି ଯେ, ପିଲାମାନଙ୍କ ଆଗରେ ସାଧନା ବିଷୟରେ ଶ୍ରୀଅରବିନ୍ଦ ଏବଂ ଆପଣଙ୍କର ବିଚାରଗୁଡ଼ିକୁ ବୁଝାଇ କହୁଥିବା ସମୟରେ ଆମର ଭାବନା ତଥା କଥାଗୁଡ଼ିକ ମଧ୍ୟରେ ଆଦୌ କୌଣସି ବ୍ୟକ୍ତିଗତ ଭାବକୁ ପ୍ରବେଶ କରିବାକୁ ଦେବା ମୋଟେ ଉଚିତ ହେବ ନାହିଁ ?*

ହଁ, ମୁଁ ସେହିପରି ଭାବୁଛି ।

ସେତେବେଳେ ତୁମେ ନିଜ ବିଷୟରେ ଓ ନିଜର କୌଣସି ଅନୁଭୂତି ବିଷୟରେ ଆଦୌ କିଛି କହିବ ନାହିଁ ।

*୫ ଜୁନ୍ ୧୯୬୬*

*

ଯେଉଁ ଦିନ ବା ଯେତେବେଳେ ସେମାନଙ୍କର କୌଣସି କ୍ଲାସ୍ ଥିବ, ସେତେବେଳେ ଶିକ୍ଷକମାନେ ଆଦୌ ଅନୁପସ୍ଥିତ ରହିବେ ନାହିଁ । ଯଦି ସ୍କୁଲ୍ ସମୟରେ ବାହାରେ ଅନ୍ୟ କୌଣସି କାର୍ଯ୍ୟ କରିବା ଲାଗି ବାଧ୍ୟ ହେବାକୁ ହୁଏ, ତେବେ ସେହି ବ୍ୟକ୍ତି ମୋଟେ ଶିକ୍ଷକ ହେବା ଉଚିତ ନୁହେଁ ।

*୧୧ ମାର୍ଚ୍ଚ ୧୯୭୦*

*

## ଶୃଙ୍ଖଳା

ଉପରୁ ଜବରଦସ୍ତି କରି ଶୃଙ୍ଖଳା ମଧ୍ୟରେ ରଖିବାକୁ କଦାପି ଶିକ୍ଷାର ସର୍ବୋତ୍ତମ ବା ସବୁଠାରୁ ଅଧିକ ଫଳଦାୟକ ମାର୍ଗ ବୋଲି କୁହାଯାଇ ପାରିବ ନାହିଁ । ଏହିସବୁ ବିକାଶଶୀଳ ସତ୍ତାଗୁଡ଼ିକ ମଧ୍ୟରେ ଯାହାକିଛି ପୂର୍ବରୁ ନିହିତ ହୋଇ ରହିଛି, ଯଥାର୍ଥ ଶିକ୍ଷା ତାହାକୁହିଁ ବାହାରକୁ ବାହାର କରି ଆଣିବାର ପଥ ଉନ୍ମୋଚିତ କରିଦେବ ଓ ତାହାର ପ୍ରକାଶ ଘଟାଇବ । ସୂର୍ଯ୍ୟର କିରଣ ପାଇଲେ ଫୁଲଗୁଡ଼ିକ ଖୋଲି ଯାଉଥିବା ପରି ପିଲାମାନେ ଆନନ୍ଦ ମଧ୍ୟରେହିଁ ଆପଣାକୁ ଉନ୍ମୋଚିତ କରି ଆଣନ୍ତି । ଅବଶ୍ୟ ଏକଥା ଅତି ସ୍ପଷ୍ଟ ଯେ ଆନନ୍ଦ କହିଲେ ଆଦୌ କୌଣସି ଦୁର୍ବଳତାକୁ, ବିଶୃଙ୍ଖଳତାକୁ ଅଥବା ବିଭ୍ରାନ୍ତିକରତାକୁ ବୁଝାଏ ନାହିଁ । ଆନନ୍ଦ ସତତ ଏକ ଆଲୋକମୟ ପ୍ରସନ୍ନତାକୁ ବୁଝାଏ, ଯାହାକି, ଯାହାକିଛି ଭଲ, ତାହାକୁହିଁ ପ୍ରୋତ୍ସାହିତ କରି ଆଣେ, ଏବଂ ଯାହାସବୁ ଖରାପ, ସେଗୁଡ଼ାକ ଉପରେ ମୋଟେ

ତୀବ୍ରତା ସହିତ କୌଣସି ଜୋର୍ ଦିଏ ନାହିଁ । ଭଗବତ୍‌କରୁଣା ସର୍ବଦା ନ୍ୟାୟଠାରୁ ସତ୍ୟରହିଁ ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ ।

୧୯୬୧

*

*ମାଆ, ଯେତେବେଳେ କୌଣସି ପିଲା ଶୃଙ୍ଖଳା ମାନିବା ଲାଗି ପୂରା ମନା କରି ଦେଉଛି, ସେତେବେଳେ ଆମେ କ'ଣ କରିବା ? ସେତେବେଳେ କ'ଣ ତାକୁ ତା' ମନଇଚ୍ଛା ଯାହା ମନ ତାହା କରିବାକୁ ଛାଡ଼ି ଦିଆଯିବ ?*

ସାଧାରଣ ଭାବରେ କହିବାକୁ ଗଲେ, ବାର ବର୍ଷ ବୟସ ହୋଇଯିବା ପରେ ପ୍ରତ୍ୟେକ ପିଲାଙ୍କ ଲାଗି ଶୃଙ୍ଖଳାର ଆବଶ୍ୟକତା ରହିଛି ।

*

*ଅନେକ ଶିକ୍ଷକ ବିଶ୍ୱାସ କରନ୍ତି ଯେ ଆପଣ କୁଆଡ଼େ ମୋଟେ ଶୃଙ୍ଖଳାର ପକ୍ଷରେ ନୁହନ୍ତି ।*

ସେମାନେ ଶୃଙ୍ଖଳା କହିଲେ ଗୋଟିଏ ସ୍ୱେଚ୍ଛାଚାର ଦ୍ୱାରା ପ୍ରଣୋଦିତ ନିୟମକୁ ବୁଝନ୍ତି ଏବଂ ସେମାନେ ସେଇଟାକୁହିଁ ସାନମାନଙ୍କ ଉପରେ ନେଇ ଲଦି ଦେବାକୁ ଇଚ୍ଛା କରୁଥା'ନ୍ତି । ନିଜେ ସେହି ଶୃଙ୍ଖଳାଟିକୁ ମାନିବା ପୂର୍ବରୁହିଁ ପିଲାଙ୍କ ଉପରେ ଲଦି ଦେବାକୁ ବାହାରିଥା'ନ୍ତି । ସେହିପରି ଶୃଙ୍ଖଳାକୁ ମୁଁ ଆଦୌ ସମର୍ଥନ କରେ ନାହିଁ ।

*

*ତେବେ ଆମେ ଶୃଙ୍ଖଳାକୁ ଏପରି ଏକ ନିୟମ ବୋଲି କହିବା, ଯାହାକୁ କି ପିଲା ନିଜେ ନିଜ ଉପରକୁ ଗ୍ରହଣ କରିନେବ । କିନ୍ତୁ ସିଏ ଯେପରି ଏହି ଆବଶ୍ୟକତାଟିକୁ ସ୍ୱୟଂ ଉପଲବ୍ଧି କରି ପାରିବ, ସେଥିଲାଗି ଆମେ ତାକୁ ଉପଯୁକ୍ତ ଭାବରେ କିପରି ତିଆରି କରି ଆଣିବା ? ସେହି ନିୟମଟିକୁ ପାଳନ କରିବା ଲାଗି ଆମେ ତାକୁ କିପରି ସାହାଯ୍ୟ କରିବା ?*

ଦୃଷ୍ଟାନ୍ତ ହେଉଛି ସବୁଠାରୁ ଅଧିକ ଶକ୍ତିଶାଳୀ ଓ ସଫଳ ଶିକ୍ଷକ । ତୁମେ ନିଜେ ଯେଉଁ ଉଦ୍ୟମଟିକୁ ନ କରୁଛ ବା ଯେଉଁ ଶୃଙ୍ଖଳାଟିକୁ ନ ମାନୁଛ, ତୁମେ ପିଲା ପାଖରୁ କଦାପି ସେହି ଉଦ୍ୟମ ଓ ସେହି ଶୃଙ୍ଖଳାଟିକୁ ଦାବି କରିବାକୁ ଯିବ ନାହିଁ । ଶିକ୍ଷକ ଶାନ୍ତ ରହିଥିବ, ସମତାଯୁକ୍ତ ହୋଇ ରହିଥିବ, ତା'ର ଜୀବନରେ ଏକ ଶୃଙ୍ଖଳା ଏବଂ ପଦ୍ଧତି ବି ରହିଥିବ ।

ସିଏ ନିରର୍ଥକ ଭାବରେ କୌଣସି କଥା କହୁ ନ ଥିବ । ସେ ଏହି ଗୁଣଗୁଡ଼ିକର ସତତ ଅନୁଶୀଳନ କରୁଥିବ । ସେଗୁଡ଼ିକୁ ତା'ର ଛାତ୍ରମାନେ ବି ଗ୍ରହଣ କରନ୍ତୁ ବୋଲି ଯଦି ସେ ପ୍ରକୃତରେ ଇଚ୍ଛା କରୁଥିବ, ତେବେ ସେ ନିଶ୍ଚୟ ସେହି ଗୁଣଗୁଡ଼ିକର ଅନୁଶୀଳନ କରିବ ।

ଶିକ୍ଷକ ସର୍ବଦା ସମୟାନୁବର୍ତ୍ତୀ ହୋଇ ରହିଥିବ ଏବଂ କ୍ଲାସ୍ ଆରମ୍ଭ ହେବାର କେତେ ମିନିଟ୍ ପୂର୍ବରୁହିଁ ସେ କ୍ଲାସ୍‌କୁ ଆସିବ । ତା'ର ପୋଷାକ ପରିଚ୍ଛଦ ଯଥାର୍ଥ ଥିବ । ଏବଂ ସବୁଠାରୁ ବଡ଼ କଥା ହେଉଛି, ଯଦି ତା'ର ଛାତ୍ରମାନେ କେବେହେଲେ ମିଛ କଥା ନ କହନ୍ତୁ ବୋଲି ସେ ଇଚ୍ଛା କରୁଥିବ, ତେବେ ସିଏ ମଧ୍ୟ କେବେହେଲେ ମିଛ କଥା କହୁ ନ ଥିବ । ତା'ର ପିଲାମାନେ ହଠାତ୍ କୌଣସି କଥାରେ କ୍ରୁଦ୍ଧ ହୋଇ ନ ଉଠନ୍ତୁ ବୋଲି ଇଚ୍ଛା କରୁ ଥିଲେ ସିଏ ନିଜେ ମଧ୍ୟ ଛାତ୍ରମାନଙ୍କ ଉପରେ କଦାପି କ୍ରୁଦ୍ଧ ହୋଇ ଉଠିବ ନାହିଁ । ଏବଂ, ସେମାନଙ୍କୁ ସେ କେବେହେଲେ ହାତ ଉଠାଇ ମାଡ଼ ନ ମାରୁଥିଲେ ଯାଇ ତା'ର ସେମାନଙ୍କୁ ''ଅଭଦ୍ର ବ୍ୟବହାର କଲେ ଶେଷକୁ କାନ୍ଦିବାକୁ ପଡ଼ିବ'' ବୋଲି କହିବାକୁ ଅଧିକାର ରହିଥିବ ।

ଏଗୁଡ଼ିକ ହେଉଛି ସର୍ବମୂଳ ଓ ସର୍ବପ୍ରଥମ କଥା, ଏବଂ ଆଦୌ କୌଣସି ବ୍ୟତିକ୍ରମ ନ ଥାଇ ପ୍ରତ୍ୟେକ ସ୍କୁଲ୍‌ରେ ସେଗୁଡ଼ିକର ଅବଶ୍ୟ ପାଳନ କରାଯିବା ଉଚିତ ।§

*

ଆମେ ନିଜେ ଯେତେବେଳେ ନିଜର ପ୍ରକୃତିକୁ ନିଜ ନିୟନ୍ତ୍ରଣରେ ରଖିପାରିବା, କେବଳ ସେତିକିବେଳେ ଯାଇ ପିଲାମାନଙ୍କ ମନ ଉପରେ ବି ଆମର କୌଣସି ଅଧିକାର ଓ ନିୟନ୍ତ୍ରଣ ସମ୍ଭବ ହେବ ।

*୧୬ ଜୁଲାଇ ୧୯୬୩*

*

ସର୍ବପ୍ରଥମ କଥା ହେଉଛି, ତୁମର ଯାହାକିଛି ପଢ଼ାଇବାର କଥା ସେ ବିଷୟରେ ତୁମର ପୂର୍ଣ୍ଣ ଅବଗତି ରହିଥିବ । ତା'ପରେ ତୁମର ଛାତ୍ରମାନଙ୍କୁ ତୁମେ ଭଲକରି ବୁଝିଥିବ ଏବଂ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତାଗୁଡ଼ିକୁ ମଧ୍ୟ ବୁଝିଥିବ ।

ତୁମେ ଅତ୍ୟନ୍ତ ସ୍ଥିର ରହିବ, ଅତ୍ୟନ୍ତ ଧୈର୍ଯ୍ୟଶୀଳ ହୋଇ ରହିଥିବ । କେବେହେଲେ ରାଗିଯିବ ନାହିଁ । ଅନ୍ୟମାନଙ୍କ ଉପରେ ଶାସନ କରିବାକୁ ଯିବା ପୂର୍ବରୁ ଆଗ ନିଜକୁ ଶାସନକରି ଜାଣିଥିବା ଉଚିତ ।

*୭ ଡିସେମ୍ବର ୧୯୬୪*

*

ଅନ୍ୟ ଉପରେ ନିଜର ଆଦୌ କୌଣସି କର୍ତ୍ତୃତ୍ୱକୁ କାର୍ଯ୍ୟକାରୀ କରିବାକୁ ହେଲେ ତୁମେ

ଆଗ ଆପଣା ଉପରେ ଯଥେଷ୍ଟ କର୍ତ୍ତୃତ୍ୱ ଅର୍ଜନ କରିଥିବା ଏକାନ୍ତ ଆବଶ୍ୟକ । ଯଦି ତୁମେ ପିଲାମାନଙ୍କ ଭିତରେ ଶୃଙ୍ଖଳା ରକ୍ଷା କରି ନ ପାରୁଛ, ତେବେ ସେମାନଙ୍କୁ ମୋଟେ ମାରିବ ନାହିଁ, ଏତେବଡ଼ ପାଟିରେ ଗର୍ଜନ କରି ଉଠିବ ନାହିଁ ଅଥବା ଉତ୍ତେଜିତ ହୋଇପଡ଼ିବ ନାହିଁ । ଏ ବିଷୟରେ ତୁମ ଲାଗି ଆଦୌ କୌଣସି ଅନୁମତି ନାହିଁ । ତୁମେ ଊର୍ଦ୍ଧ୍ୱରୁହିଁ ସ୍ଥିରତା ଏବଂ ଶାନ୍ତିର ଅବତରଣ କରାଇ ଆଣିବ ଏବଂ ସେହିଗୁଡ଼ିକର ଚାପରେହିଁ ଅବସ୍ଥାର ଉନ୍ନତି ଘଟିବ ।§

*

*ମାଆ, ସାନ ପିଲାମାନଙ୍କ ଲାଗି ତେବେ ଆମର କ'ଣସବୁ କରିବା ଉଚିତ ?*

ସାନପିଲାମାନଙ୍କ କଥା କହୁଛ ? ସେମାନେ ଭାରି ଅଦ୍ଭୁତ, ଭାରି ଚମତ୍କାର । ସେମାନଙ୍କୁ ସାଙ୍ଗରେ ନେଇ ମୋ' ପାଖକୁ ଆସିବା ତ ଲୋକମାନଙ୍କର ଅଭ୍ୟାସରେ ପଡ଼ିଗଲାଣି । ଏବଂ ଦୁଇବର୍ଷରୁ କମ୍ ବୟସର ପିଲାମାନଙ୍କ ଭିତରେ ଆଗରୁ ଯେଉଁ ଚେତନାଟି ପ୍ରତିଷ୍ଠିତ ହୋଇ ରହିଛି, ତାହା ପ୍ରକୃତରେ ଅତ୍ୟନ୍ତ ଗୌରବପୂର୍ଣ୍ଣ । ସେହି ପିଲାମାନେ ସର୍ବଦା ଚେତନାଯୁକ୍ତ ହୋଇ ରହିଥା'ନ୍ତି । ଅବଶ୍ୟ ଆପଣାକୁ ବ୍ୟକ୍ତ କରିବା ଲାଗି ସେମାନଙ୍କ ପାଖରେ କୌଣସି ସାଧନ ନ ଥାଏ, ସେମାନଙ୍କୁ କୌଣସି ଶବ୍ଦ ଜଣା ନ ଥାଏ । ମାତ୍ର ତଥାପି ସେମାନେ ଅତ୍ୟନ୍ତ ସଚେତନ ହୋଇ ରହିଥା'ନ୍ତି । ଏବଂ ତେଣୁ କୌଣସି ପିଲାକୁ ଗାଳିଦେଇ କିଛି କହିବା, ମୁଁ ଭାବୁଛି... !

ଦିନକର, ଏଇ ପଅରିଦିନ, ଠିକ୍ ସେହିପରି ଗୋଟିଏ ପିଲାକୁ ମୋ' ପାଖକୁ ଅଣାଯାଇଥିଲା । ଏବଂ ପିଲାଟି ଆସିବା ପାଇଁ ଭାରି କୁଣ୍ଠା ପ୍ରକାଶ କରୁଥିଲା । ମାଆର ବି ଅବଶ୍ୟ କୁଣ୍ଠା ରହିଥିଲା ।... ଏସବୁ ଲକ୍ଷ୍ୟ କରି ପିଲାଟି ଆଡ଼କୁ ମୁଁ ଗୋଟିଏ ଗୋଲାପ ଫୁଲ ବଢ଼ାଇ ଦେଲି : କହିଲି, ''ନେ, ଏଇ ଫୁଲଟି ତୋ'ର !'' ଏକଥା ସତ ଯେ ସିଏ ମୁଁ କହିଥିବା ଶବ୍ଦଗୁଡ଼ିକୁ ଆଦୌ ବୁଝିପାରି ନ ଥିଲା, ମାତ୍ର ଗୋଲାପ ଫୁଲଟିକୁ ହାତରେ ଧରି ସେ ତାକୁ ୟାଡ଼କୁ ଓ ସିଆଡ଼କୁ ବୁଲାଇବାକୁ ଲାଗିଲା ଏବଂ ତା'ପରେ ଗୋଟାସୁଦ୍ଧା ଶାନ୍ତ ହୋଇଗଲା । ସାନପିଲାମାନେ ପ୍ରକୃତରେ ଅଦ୍ଭୁତ । ସେମାନଙ୍କ ଚତୁର୍ଦ୍ଦିଗରେ ତୁମେ କେତୋଟି ଜିନିଷ ରଖିଦେଇଥିବ ଓ ସେମାନଙ୍କୁ ତାହାରି ଭିତରେ ଛାଡ଼ି ଦେଇଥିବ । ତାହାହିଁ ଯଥେଷ୍ଟ । ଖୁବ୍ ବେଶୀ ଆବଶ୍ୟକ ନ ପଡ଼ିଲା ପର୍ଯ୍ୟନ୍ତ ମୋଟେ କୌଣସି ହସ୍ତକ୍ଷେପ କରିବ ନାହିଁ । ସେମାନଙ୍କୁ ନିଜର ସଂସାର ଭିତରେ ରହିବାକୁ ଛାଡ଼ିଦେଇଥିବ । ଏବଂ କେବେହେଲେ ସେମାନଙ୍କୁ ଗାଳି ଦେବ ନାହିଁ ।§

*୩୧ ଜୁଲାଇ ୧୯୬୭*

*

ତୁମେ ଯେ ଜଣେ ଭଲ ଶିକ୍ଷକ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ପିଲାମାନଙ୍କ ସହିତ ତୁମେ ଯେପରି ଭାବରେ ବ୍ୟବହାର କରୁଛ, ତାହା ପ୍ରକୃତରେ ଆପତ୍ତିଜନକ ।

କେବଳ ଶ୍ରଦ୍ଧା ଏବଂ କୋମଳତାର ଏକ ବାତାବରଣ ମଧ୍ୟରେହିଁ ପିଲାମାନଙ୍କୁ ଶିକ୍ଷା ଦେବାକୁ ହେବ ।

କୌଣସି ବଳପ୍ରୟୋଗ ହେବ ନାହିଁ, କଦାପି ହେବ ନାହିଁ ।

କୌଣସି ଗାଳି ଦିଆଯିବ ନାହିଁ, କେବେହେଲେ ନୁହେଁ ।

ସବୁବେଳେ ଏକ କୋମଳ ହାର୍ଦ୍ଦିକତାର ଭାବ ବିଦ୍ୟମାନ ରହିଥିବ; ଏବଂ ପିଲାକୁ ଯେଉଁସବୁ ଭଲଗୁଣ ଅବଶ୍ୟ ଅର୍ଜନ କରିବାକୁ ହେବ, ଶିକ୍ଷକ ସେହିସବୁ ଗୁଣର **ଜୀବନ୍ତ ଉଦାହରଣ** ହୋଇ ରହିଥିବ ।

ପିଲାମାନେ **ଖୁସି ହୋଇ** ସ୍କୁଲ୍‌କୁ ଯିବେ, **ଖୁସି ହୋଇ** ପାଠ ପଢ଼ିବେ; ଏବଂ ଶିକ୍ଷକ ସେମାନଙ୍କର ସର୍ବୋତ୍ତମ ବନ୍ଧୁ ଭାବରେ ସେମାନଙ୍କର ଯେଉଁସବୁ ଗୁଣ ଅର୍ଜନ କରିବାର କଥା, ସେମାନଙ୍କୁ ସେହିସବୁ ଗୁଣର ଦୃଷ୍ଟାନ୍ତ ଦେଖାଇ ପାରୁଥିବେ ।

ଏବଂ ସେହିସବୁ କଥା ଶିକ୍ଷକ ଉପରେହିଁ ସଂପୂର୍ଣ୍ଣ ରୂପେ ନିର୍ଭର କରୁଥିବ । ସିଏ କ'ଣ କରୁଛି ଓ କିପରି ବ୍ୟବହାର କରୁଛି, ତାହାରି ଉପରେ ନିର୍ଭର କରୁଥିବ ।

*

*ପିଲାମାନେ କ୍ଲାସ୍‌ରେ ଏତେ ବେଶୀ ପାଟି କରୁଛନ୍ତି ଯେ ଅନେକ ସମୟରେ ମୋତେ ସେମାନଙ୍କୁ ଗାଳି ଦେବାକୁ ପଡୁଛି ।*

କର୍କଶ ଓ କଠୋର ହେଲେ ପିଲାମାନଙ୍କ ଉପରେ କଦାପି ନିୟନ୍ତ୍ରଣ ଅର୍ଜନ କରିହେବ ନାହିଁ । **ନିଜେ ନିଜକୁ ନିୟନ୍ତ୍ରଣରେ ରଖି ପାରିଲେ** ଯାଇ ତାହା ସମ୍ଭବ ହେବ ।

*

ମୁଁ ତୁମକୁ ଗୋଟିଏ କଥା ଅବଶ୍ୟ କହି ରଖିବି ଯେ, ତାକୁ ପିଲାମାନେ ସମ୍ମାନ କରନ୍ତୁ ବୋଲି ଜଣେ ଶିକ୍ଷକ ଯଦି ଇଚ୍ଛା କରୁଥିବ, ତେବେ ତାକୁ **ସମ୍ମାନର ଯୋଗ୍ୟ** ହେବାକୁ ପଡ଼ିବ । ତୁମକୁ ପିଲାମାନେ ମାନନ୍ତୁ, ଏଥିଲାଗି ତୁମେ ବଳର ପ୍ରୟୋଗ କରୁଛ ବୋଲି ମୋତେ 'କ' ବ୍ୟତୀତ ଅନ୍ୟମାନେ ମଧ୍ୟ ଆସି କହିଛନ୍ତି । ଏହାଠାରୁ କମ୍ ସମ୍ମାନର ଯୋଗ୍ୟ ଆଉକିଛି ନାହିଁ । ତୁମକୁ ସର୍ବପ୍ରଥମେ ନିଜ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ ଏବଂ ଆପଣାର ଇଚ୍ଛାକୁ ଲଦିଦେବା ସକାଶେ ତୁମେ କଦାପି ପାଶବିକ ବଳର ବ୍ୟବହାର କରିବ ନାହିଁ ।

*

ମୁଁ ଏକଥା ସବୁବେଳେ ବିଚାର କରିଆସିଛି ଯେ, ଯେତେବେଳେ ଛାତ୍ରମାନଙ୍କ ଭିତରେ କୌଣସି ବିଶୃଙ୍ଖଳା ଦେଖା ଦେଇଛି, ସେତେବେଳେ ତା'ର କାରଣ ସ୍ୱରୂପ ଶିକ୍ଷକର ଚରିତ୍ରରେ ନିଶ୍ଚୟ କୌଣସି ନା କୌଣସି ତ୍ରୁଟି ଅବଶ୍ୟ ରହିଛି ।

*ମୋ' କ୍ଲାସ୍‌ରେ ମୁଁ ଯେପରି ଶୃଙ୍ଖଳା ରଖି ପାରିବି, ସେଥିଲାଗି ଆପଣ ମୋତେ ସୁନିର୍ଦ୍ଦିଷ୍ଟ ଭାବରେ ପରାମର୍ଶ ରୂପେ କିଛି ଦିଅନ୍ତୁ ।*

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି ଯେ ତୁମର ନିଜ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରହିବ ଏବଂ ତୁମେ କୌଣସି ପରିସ୍ଥିତିରେ ମଧ୍ୟ କ୍ରୁଦ୍ଧ ହୋଇପଡ଼ିବ ନାହିଁ । ଯଦି ତୁମର ନିଜ ଉପରେ ନିୟନ୍ତ୍ରଣ ନ ରହିବ, ତେବେ ତୁମେ ଅନ୍ୟମାନଙ୍କୁ, ବିଶେଷତଃ ପିଲାମାନଙ୍କୁ କିପରି ନିୟନ୍ତ୍ରଣରେ ରଖିପାରିବ ?

*

## ଶିଶୁ-ଶ୍ରେଣୀଗୁଡ଼ିକରେ ପାଠ ପଢ଼ାଉଥିବା ଶିକ୍ଷକମାନଙ୍କୁ

ଗୋଟିଏ ନିୟମ ଯାହାର ଯେକୌଣସି ପରିସ୍ଥିତିରେ ମଧ୍ୟ ପାଳନ କରାଯିବ :

ପିଲାମାନଙ୍କୁ ମାଡ଼ ମାରିବା **ସଂପୂର୍ଣ୍ଣ ନିଷିଦ୍ଧ** – ସବୁ ପ୍ରକାରର ମାଡ଼ ସଂପୂର୍ଣ୍ଣ ନିଷିଦ୍ଧ ହୋଇ ରହିବ, ଏପରିକି ଥିରି କରି ଗାଲ ଉପରେ ସାନ ଚଟକଣାଟିଏ ଲଗାଇଦେବା ବା ଗେଲରେ ରୁଟ୍ କରି ଗେଲରେ କରୁଥିବା ପରି ଟିକିଏ ଚୁମୁଟି ଦେବା । ପିଲା ଆମର ବୋଲ ମାନୁ ନାହିଁ, ପିଲା ପାଠ ବୁଝିପାରୁ ନାହିଁ ବା ଗୋଳମାଳ କରି ଅନ୍ୟମାନଙ୍କର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ବୋଲି ତାକୁ ମାଡ଼ ମାରିବା ଦ୍ୱାରା ତୁମ ଭିତରେ ଆତ୍ମ-ନିୟନ୍ତ୍ରଣର ଅଭାବ ରହିଛି ବୋଲିହିଁ ପ୍ରମାଣିତ ହୋଇଯାଏ । ଏବଂ ତାହା ଶିକ୍ଷକ ଏବଂ ଛାତ୍ର ଉଭୟଙ୍କର କ୍ଷତି କରିଥାଏ ।

ଆବଶ୍ୟକତା ହେଲେ ହୁଏତ କୌଣସି ଶୃଙ୍ଖଳାଗତ ପଦକ୍ଷେପ ନିଆଯାଇ ପାରିବ; ମାତ୍ର ଏକ ବ୍ୟକ୍ତିଗତ ପ୍ରତିକ୍ରିୟା ରୂପେ ନୁହେଁ, ପୂର୍ଣ୍ଣ ସ୍ଥିରତାର ଏକ ବାୟୁମଣ୍ଡଳ ଭିତରେ ତାହା ନିଆଯାଇ ପାରିବ ।

*

*କ୍ଲାସ୍ ଭିତରେ ଯେପରି ଏକ ନୀରବ ବାତାବରଣ ରହିବ, ମୁଁ ସେଥିଲାଗି କ'ଣ କରି ପାରିବି ?*

ସେଥିପାଇଁ ତୁମକୁ ନିଜକୁ ସଂପୂର୍ଣ୍ଣ ଭାବରେ ନୀରବ ହୋଇଯିବାକୁ ପଡ଼ିବ ।

ତୁମେ ନିଜେ ସାଙ୍ଗରେ ପ୍ରାୟ ଗୋଟିଏ ମିଟର ଲମ୍ବ ଖଣ୍ଡେ କାଗଜପଟା ଆଣିଥିବ, ସେହି ଧଳା ପଟାଟି ଉପରେ କଳା ବଡ଼ ବଡ଼ ଅକ୍ଷରରେ **ନୀରବତା** ବୋଲି ଲେଖି ରଖିଥିବ (ଏହାଠାରୁ ଆହୁରି ଅନେକ ବଡ଼ ବଡ଼ ଅକ୍ଷରରେ); ଏବଂ ଛାତ୍ରମାନେ ଯେମିତି ପାଟି କରିବାକୁ ଆରମ୍ଭ କରିବେ, ତୁମେ ସେମିତି ସେହି କାଗଜପଟାକୁ ନିଜ ସାମନାରେ ଟେକି କରି ଧରିବ ।

ଅନେକ ଆଶୀର୍ବାଦ ।

*

ଯଥାର୍ଥ ଭାବରେ ଜାଣିବାକୁ ହେଲେ ପିଲାକୁ ଯାହା ଭୁଲିଯିବାକୁ ପଡ଼ିବ, ତୁମେ ତାକୁ କଦାପି ସେପରି କୌଣସି କଥା କହିବ ନାହିଁ । ପିଲା ବଡ଼ ହୋଇ ଯେଉଁ କାର୍ଯ୍ୟଟିକୁ କେବେହେଲେ ନ କରୁ ବୋଲି ତୁମେ ଭାବୁଛ, ତୁମେ ତା' ଆଗରେ ସେପରି କୌଣସି କାମ କଦାପି କରିବ ନାହିଁ ।

*

କଦାପି ଭୁଲି ଯିବ ନାହିଁ ଯେ ଛଅ ବର୍ଷରୁ ସାନ ଗୋଟିଏ ସାନପିଲା ଯେତିକି ପ୍ରକାଶ କରି ପାରୁଛି ତା'ଠାରୁ ତାକୁ ଅନେକ ଅଧିକ କଥା ଜଣାଅଛି ।

*

## ଘରପାଠ

*ସବୁପିଲା ଅଭିଯୋଗ କରୁଛନ୍ତି ଯେ ସେମାନଙ୍କର ଶିକ୍ଷକମାନେ କେବଳ ସେମାନଙ୍କର ନିଜ କ୍ଲାସ୍‌ଗୁଡ଼ିକର କଥା ଭାବୁଛନ୍ତି ଓ ପିଲାମାନଙ୍କୁ ଖାଲିଗୁଡ଼ାଏ ଘରପାଠ ଦେବା ପାଇଁ ଇଚ୍ଛା କରୁଛନ୍ତି । ପ୍ରତ୍ୟେକ ଶିକ୍ଷକ ଭାବୁଛନ୍ତି ଯେ ସିଏ ପ୍ରକୃତରେ ଭାରି ଅଳ୍ପ ଘରପାଠ ଦେଉଛନ୍ତି; ମାତ୍ର କେହି ବୁଝୁ ନାହାନ୍ତି ଯେ ଏହି ଅଳ୍ପଗୁଡ଼ିକ ଏକାଠି ଏକାବେଳେକେ ଅତିବେଶୀରେ ପରିଣତ ହୋଇ ଯାଉଛନ୍ତି ।*

ପିଲାମାନେ କିଛି ଭୁଲ୍ ଅଭିଯୋଗ କରୁଛନ୍ତି ବୋଲି ମୁଁ ଆଦୌ କହି ପାରୁ ନାହିଁ ।

ଏକ ନିର୍ଦ୍ଦିଷ୍ଟ ଛାତ୍ର-ସୋପାନକୁ ଯେଉଁମାନେ ଘରପାଠ ଦେଉଛନ୍ତି, ସେହି ସବୁଯାକ

ଶିକ୍ଷକ ଏକାଠି ବସି ପାଠ ଦେବା ବିଷୟରେ ନିଜ ଭିତରେ ଏକ ସର୍ବସମ୍ମତ ନିଷ୍ପତ୍ତି କରିନେବେ, ଯେପରିକି ଛାତ୍ରମାନଙ୍କ ଉପରେ ସେଗୁଡ଼ିକ ଏକ ଭାରି ବୋଝ ହୋଇ ପଡ଼ିବ ନାହିଁ, ଯେପରି ସେମାନଙ୍କୁ ଯଥେଷ୍ଟ ବିଶ୍ରାମ ସମୟ ମିଳିବ ଏବଂ ସେମାନେ ଯେପରି କିଛି ସମୟ ହାଲୁକା ହୋଇ କଟାଇ ପାରିବେ । ଏଗୁଡ଼ିକ ମଧ୍ୟ **ଅପରିହାର୍ଯ୍ୟ** ।

ମୁଁ ଆଉ କୌଣସି ଉପଯୋଗୀ ପରାମର୍ଶ ଦେଇପାରିବା ପୂର୍ବରୁ ଶିକ୍ଷକମାନଙ୍କର ଏହି ସାମୂହିକ ନିଷ୍ପତ୍ତିଟି ସ୍ଥିରୀକୃତ ହୋଇଯିବା ଉଚିତ ।

ବିଷୟଗୁଡ଼ିକ ସମ୍ବନ୍ଧରେ ମୁଁ ଏତିକି କହିବି ଯେ, ସେମାନଙ୍କର **ବ୍ୟକ୍ତିଗତ** ଅନୁଭୂତିଟି ସହିତ ଯେଉଁଗୁଡ଼ିକର ମେଳ ରହିଥିବ, ଆମେ ଅପରିହାର୍ଯ୍ୟତଃ କେବଳ ସେହି ବିଷୟଗୁଡ଼ିକୁହିଁ ସେମାନଙ୍କ ଲାଗି ବାଛିବା । ତଦ୍ଦ୍ୱାରା ଆତ୍ମନିରୀକ୍ଷଣ, ମନନ ଏବଂ ବ୍ୟକ୍ତି ଜୀବନର ଅନୁଭୂତିଗୁଡ଼ିକର ବିଶ୍ଳେଷଣ ଲାଗି ଅଧିକ ପ୍ରୋତ୍ସାହନ ମିଳିବ ।

*ଡିସେମ୍ବର ୧୯୫୯*

*

*(ଦଶବର୍ଷରୁ କମ୍ ବୟସର ପିଲାଙ୍କୁ ଆଦୌ କୌଣସି ଘରପାଠ ଦିଆଯିବ ନାହିଁ ବୋଲି ସେତେବେଳେ ଯେଉଁ ନିୟମ ଥିଲା, ସେଇଟିକୁ ସେ ଦୃଢ଼ଭାବରେ ପାଳନ କରିବେ କି ନାହିଁ ବୋଲି ଜଣେ ଗଣିତ ଶିକ୍ଷକ ପଚାରି ଥିଲେ । କାରଣ ତାଙ୍କର କେତେକ ଛାତ୍ର ଘରେ କଷିବା ଲାଗି ତାଙ୍କୁ ଅଙ୍କ ଦେବା ପାଇଁ କହିଥିଲେ । ମାଆ ତାଙ୍କୁ ଉତ୍ତର ଦେଇ ଲେଖିଥିଲେ :)*

ଏଇ ଘରପାଠ କଥାଟା ପ୍ରକୃତରେ ଏକ ଭାରି ଅଡୁଆ ବିଷୟ । ଯେଉଁମାନେ ଘରକୁ ପାଠ ଦିଆଯାଉ ବୋଲି ଇଚ୍ଛା କରୁଛନ୍ତି, ସେମାନେ ମୋ ପାଖକୁ ସିଧା ଲେଖନ୍ତୁ ।

*୧୯୬୦*

*

*ଆମ ପାଟୀଗଣିତ କ୍ଲାସ୍‌ରେ ଆମକୁ ଘରୁ କରି ଆଣିବା ପାଇଁ କିଛି ଅଙ୍କ ଦିଆଯାଉ ବୋଲି ଆମେ ଇଚ୍ଛା କରୁଛୁ ।*

ତୁମେ ତୁମ ଫରାସୀ ଭାଷାକୁ ଆଉ ଟିକିଏ ଅଧିକ ଶୁଦ୍ଧ ଭାବରେ ଲେଖି ପାରନ୍ତ ନାହିଁ !

ତୁମେ ଯଦି ପ୍ରକୃତରେ ଇଚ୍ଛା କରୁଥାଅ, ତୁମେ ଘରେ କରିବା ଲାଗି ତୁମକୁ ନିଶ୍ଚୟ କିଛି ପାଠ ଦିଆଯାଇପାରେ । ମାତ୍ର, ଯତ୍ନ ଓ ଅଭିନିବେଶ ନ ଥାଇ ଗୁଡ଼ାଏ କରିବା ଅପେକ୍ଷା ଭଲ ଭାବରେ ଅଳ୍ପ କାର୍ଯ୍ୟ କରିବା ସର୍ବଦା ଅଧିକ ଭଲ ।

ଯଦି ତୁମେ ଆଦୌ କିଛି କରିବା ଲାଗି ବି ସମର୍ଥ ହେବାକୁ ପ୍ରକୃତରେ ଇଚ୍ଛା କରୁଥିବ, ତେବେ ଆଗ ନିଜକୁ ଶୃଙ୍ଖଳା ଭିତରେ ପକାଇ ଶିଖିବାକୁ ହେବ, ନିଜକୁ ଅଭିନିବେଶିତ କରି ଶିଖିବାକୁ ପଡ଼ିବ ।

*୨୮ ଜୁନ୍ ୧୯୬୦*

*

ପିଲାମାନେ ଘରେ କିଛି କାମ କରନ୍ତୁ ବୋଲି ମୁଁ ଆଦୌ ମତଦେବି ନାହିଁ । ଘରେ ଥିବା ସମୟରେ, ସେମାନେ ଯାହା ଖୁସୀ କରିବା ଲାଗି ସେମାନଙ୍କର ସ୍ୱାଧୀନତା ରହିଥିବା ଉଚିତ ।

ନୀରବତାର ପ୍ରକୋଷ୍ଠ* ମଧ୍ୟରେ ସମସ୍ୟାଟିର ସମାଧାନ ମିଳିଯାଇ ପାରିବ ।

*୧୪ ସେପ୍ଟେମ୍ବର ୧୯୬୭*

*

ଅଭିଯୋଗକାରୀ ବାପାମାଆ ଏବଂ ଛାତ୍ରମାନଙ୍କଠାରୁ ବହୁସଂଖ୍ୟକ ଚିଠି ପାଇବା ପରେ ମୁଁ ଜାଣିବାକୁ ପାଇଛି ଯେ, ଘରକୁ ପାଠ ଦିଆଯାଉଥିବା ହେତୁ ପିଲାମାନେ ଭାରି ଡେରିରେ ଶୋଇବାକୁ ଯାଉଛନ୍ତି ଏବଂ ଯଥେଷ୍ଟ ସମୟ ଶୋଇ ପାରୁ ନ ଥିବାରୁ ଭାରି କ୍ଲାନ୍ତ ହୋଇ ପଡୁଛନ୍ତି ।

ଏହିସବୁ ଅଭିଯୋଗରେ କିଛି ଅତିରଞ୍ଜନ ରହିଛି ବୋଲି ମୁଁ ଭଲ କରି ଜାଣିଛି, ମାତ୍ର ସେଗୁଡ଼ିକରୁ ଏହି ସୂଚନାଟି ବି ମିଳିଯାଉଛି ଯେ ପିଲାଙ୍କର କାର୍ଯ୍ୟ ନିର୍ଘଣ୍ଟରେ ଅବଶ୍ୟ କିଞ୍ଚିତ୍ ସଂଶୋଧନ କରିବାକୁ ପଡ଼ିବ ।

ନମନୀୟତା ଏବଂ ଅତ୍ୟନ୍ତ ଗ୍ରହଣଶୀଳତା ସହିତ ଏହି ପରିଯୋଜନାଟିର ଟିକିନିଖିଗୁଡ଼ିକୁ ତିଆରି କରି ନେବାକୁ ପଡ଼ିବ ।

ସବୁ ପିଲାଙ୍କୁ ସମାନ ଭାବରେ ବ୍ୟବହାର କରାଯାଉ ବୋଲି ମୁଁ ମୋଟେ ଚାହୁଁ ନାହିଁ । ତଦ୍ୱାରା ଗୋଟାଏ ପ୍ରକାରର ସ୍ତରଗତ ଏକରୂପତା ବଜାୟ ରଖିବା ସମ୍ଭବ ହୋଇଯାଏ ଓ ସେଥିରେ ପଛୁଆମାନଙ୍କର କିଛି ଭଲ ବି ହୁଏ ସତ, ମାତ୍ର, ଯେଉଁମାନେ ସାଧାରଣ ଉଚ୍ଚତାଟିକୁ ଆହୁରି ଉପରକୁ ଉଠିପାରିବେ, ତାହା ସେମାନଙ୍କ ଲାଗି କ୍ଷତିକାରକ ମଧ୍ୟ ହୋଇଥାଏ ।

ଯେଉଁମାନେ କାମ କରିବାକୁ ଏବଂ ଶିଖିବାକୁ ଚାହୁଁଛନ୍ତି, ସେମାନଙ୍କୁ ସେଥିଲାଗି

---

* ଯେଉଁ ପ୍ରକୋଷ୍ଠଟି ମଧ୍ୟରେ ଛାତ୍ରମାନେ ନୀରବ ହୋଇ ବସନ୍ତି ବା ନୀରବ ହୋଇ ନିଜର ପାଠ ପଢ଼ନ୍ତି ।

ନିଶ୍ଚୟ ପ୍ରୋତ୍ସାହନ ଦେବାକୁ ପଡ଼ିବ । ମାତ୍ର ଯେଉଁମାନଙ୍କର ଅଧ୍ୟୟନ ପ୍ରତି ଏକ ବିମୁଖତା ରହିଛି, ସେମାନଙ୍କର ଶକ୍ତିକୁ ଅନ୍ୟ କୌଣସି ଏକ ବାଟରେ ମୁହାଁଇ ନେବାକୁ ପଡ଼ିବ ।

ସବୁ କଥାକୁ ସୁଗଠିତ ଏବଂ ସଙ୍ଗଠିତ କରି ନେବାକୁ ପଡ଼ିବ । ସେଗୁଡ଼ିକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ସେଗୁଡ଼ିକୁ ପରେ ପୁଙ୍ଖାନୁପୁଙ୍ଖ ଭାବରେ ସ୍ଥିର କରିନେବାକୁ ହେବ ।

ଅନେକ ଆଶୀର୍ବାଦ ।

*୨୬ ସେପ୍ଟେମ୍ବର ୧୯୬୭*

*

## ପରୀକ୍ଷା

*ମାଆ, ଆଗାମୀ ନୂଆବର୍ଷଠାରୁ ମୁଁ ଏହିସବୁ କ୍ଲାସ୍‌କୁ ଭାଙ୍ଗି ପୁନର୍ବାର ନୂଆ ନୂଆ ଗୋଷ୍ଠୀରେ ପିଲାମାନଙ୍କୁ ବିଭକ୍ତ କରିବାକୁ ଇଚ୍ଛା କରୁଛି । ମାତ୍ର, ଏହି କଥାଟିକୁ ମୁଁ ଗୋଟିଏ ପରୀକ୍ଷା ସାହାଯ୍ୟରେ କରିବି ନା ପରୀକ୍ଷା ବ୍ୟତୀତ କରିବି, ଏହି ବିଷୟରେ ଆପଣଙ୍କର ଅଭିପ୍ରାୟଟିକୁ ଜାଣିବାକୁ ଚାହୁଁଛି ।*

ମୁଁ ଭାବୁଛି ଏକ ପରୀକ୍ଷା ନେବାହିଁ ହୁଏତ ଦରକାର ହେବ । ଅନ୍ୟ କୌଣସି ବିଷୟରେ ନ ହେଲେ ମଧ୍ୟ ଫରାସୀ ଭାଷାରେ ନିଶ୍ଚୟ ପରୀକ୍ଷାଟିଏ ହେବ ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୯ ଅକ୍ଟୋବର ୧୯୪୬*

*

ପାରମ୍ପରିକ ଭାବରେ ଯେଉଁସବୁ ପରୀକ୍ଷା ଚଳିଆସୁଛି, ତାହାରି ସାହାଯ୍ୟରେ ଆମେ ଛାତ୍ରମାନଙ୍କୁ କଦାପି କୌଣସି ଏକ କ୍ଲାସ୍ ପାଇଁ ନିର୍ବାଚିତ କରିନେଇ ପାରିବା ନାହିଁ । କେବଳ ନିଜ ଭିତରେ ଅସଲ ମନୋଭୂମିଟିକୁ କଳିପାରିବାର ଏକ ବୋଧ ଜାଗ୍ରତ କରି ଆଣି ପାରିଲେ ଯାଇ ଆମେ ସେହି କାର୍ଯ୍ୟଟିକୁ କରି ପାରିବା ।

ଯେଉଁ ପିଲାମାନେ ଶିକ୍ଷା କରିବାକୁ ଇଚ୍ଛା କରୁଛନ୍ତି, ଯେଉଁମାନେ ଆପଣାକୁ ଆଗକୁ ଆଗକୁ ଧାବିତ କରି ନେବାର ଅନୁରାଗ ରଖିଛନ୍ତି, ତୁମେ ସେହିମାନଙ୍କୁ ବାଛିବ ।

*୨୯ ଅକ୍ଟୋବର ୧୯୬୫*

*

*(ପରୀକ୍ଷାବେଳେ ଅସଦୁପାୟ ଅବଲମ୍ବନ କରିବା ବିଷୟରେ)*

*ମୁଁ ତେବେ କ'ଣ କରିବି ? ବାହାରେ ଯାହା କରାଯାଉଛି, ଆମେ ଏଠାରେ କ'ଣ ତାହାହିଁ କରିବା,– ପରୀକ୍ଷାବେଳେ ପହରା ଦେବା ଲାଗି ଗୋଟିଏ ଗୋଟିଏ ବଖରାରେ ତିନିଜଣ ଲେଖାଏଁ ଶିକ୍ଷକ ନିଯୁକ୍ତ କରି ରଖିବା ? ଆଶ୍ରମରେ ଏପରି ଭାବରେ କୌଣସି କାର୍ଯ୍ୟ ହେଉ ବୋଲି ଶିକ୍ଷକମାନେ ଆଦୌ ଚାହୁଁ ନାହାନ୍ତି । ଆଉ କ'ଣ ପରୀକ୍ଷାଗୁଡ଼ାକୁ ଉଠାଇଦେଲେ ଭଲ ହେବ କି ? ଏଭଳି ଏକ ପ୍ରସ୍ତାବ ଦ୍ୱାରା କେତେଦୂର କି ଫଳ ଫଳିବ, ସେଥିରେ ବି ମୋର ସନ୍ଦେହ ହେଉଛି । କାରଣ ଘରପାଠ ଓ ଅନ୍ୟ ରଚନା ବେଳକୁ ମଧ୍ୟ ବି ତ ସେହି କଥା ଘଟୁଛି ।*

*ଅର୍ଥାତ୍, ସମସ୍ୟାଟି ତଥାପି ରହିଛି, ଏବଂ, ଯଥାର୍ଥ ସମାଧାନଟିକୁ ଖୋଜି ବାହାର କରିବା ପାଇଁ, ପିଲାମାନେ ଯେ କାହିଁକି ଏପରି ଭାବରେ ବ୍ୟବହାର କରୁଛନ୍ତି, ଆମକୁ ସେହି କଥାଟିକୁ ବୁଝିବାକୁ ପଡ଼ିବ ।*

*ଆପଣ ଅନୁଗ୍ରହ କରି କହନ୍ତୁ, ପିଲାମାନେ କାହିଁକି ଏପରି ଅସତ୍ ଆଚରଣ କରୁଛନ୍ତି, ଓ କ'ଣ କଲେ ଏହି ସମସ୍ୟାଟିର ସମାଧାନ ହୋଇ ପାରିବ ।*

କଥାଟି ଅତ୍ୟନ୍ତ ସହଜ । ଏପରି ହେଉଛି, କାରଣ ଅଧିକାଂଶ ପିଲା ସେମାନଙ୍କର ଘର ସେମାନଙ୍କୁ ବାଧ୍ୟ କରୁଛି ବୋଲି ପାଠ ପଢୁଛନ୍ତି, ଚଳି ଆସିଥିବା ଗୋଟାଏ ରୀତି ଏବଂ ପ୍ରଚଳିତ ବିଚାରଗୁଡ଼ିକ ଦ୍ୱାରା ବାଧ୍ୟ ହୋଇ ସେମାନେ ପାଠ ପଢୁଛନ୍ତି । ସେମାନେ ପ୍ରକୃତରେ **ଶିଖିବାକୁ ଓ ଜାଣିବାକୁ** ଇଚ୍ଛା କରୁଛନ୍ତି ବୋଲି ମୋଟେ ପାଠ ପଢୁ ନାହାନ୍ତି । ପାଠପଢ଼ିବା ପଛରେ ରହିଥିବା ସେମାନଙ୍କର ଏହି ଅଭ୍ୟାସଟି ଯେପର୍ଯ୍ୟନ୍ତ ସଂଶୋଧିତ ନ ହୋଇଛି, କେବଳ **ଜାଣିବାକୁ** ଇଚ୍ଛା କରୁଛନ୍ତି ବୋଲି ଯେପର୍ଯ୍ୟନ୍ତ ପିଲାମାନେ ପାଠପଢ଼ି ଶିଖି ନାହାନ୍ତି, ସେପର୍ଯ୍ୟନ୍ତ ଆପଣାର ପାଠପଢ଼ାଟାକୁ ଯଥାସମ୍ଭବ ଅଧିକ ସହଜ କରିବାକୁ ଏବଂ ଯଥାସମ୍ଭବ କମ୍ ଉଦ୍ୟମ କରି ଫଳଗୁଡ଼ିକ ପାଇଯିବା ଉଦ୍ଦେଶ୍ୟରେ ସେମାନେ ଯାବତୀୟ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ଅବଶ୍ୟ ମନ କରୁଥିବେ ।

*ଜୁନ୍ ୧୯୬୭*

*

*(ମାଆ ସୂଚିତ କରାଇ ଦେଇଥିଲେ ଯେ, ନିମ୍ନରେ ଦିଆଯାଇଥିବା ଉକ୍ତିଟିର ବାର ବାର ଆବୃତ୍ତି କରିବା ଦ୍ୱାରା, ଏପରିକି ପ୍ରତ୍ୟହ ଶହେ ବା ହଜାରେ ଥର ଆବୃତ୍ତି କରିବା ଦ୍ୱାରା କ୍ରମଶଃ ତାହା ଏପରି ଗୋଟିଏ ଜୀବନ୍ତ ସ୍ପନ୍ଦନରେ ପରିଣତ*

*ହୋଇଯିବ, ଯାହାକି ଛାତ୍ରକୁ ତା' ଭିତରେ ଅଧ୍ୟୟନ ଲାଗି ଯଥାର୍ଥ ଇଚ୍ଛା ଏବଂ ଯଥାର୍ଥ ଉଦ୍ଦେଶ୍ୟଟିକୁ ଅନୁପ୍ରାଣିତ କରି ଆଣିବାରେ ଭାରି ସାହାଯ୍ୟ କରିବ ।)*

ସବୁ ଛାତ୍ର ଏଇଟିକୁ ପ୍ରତ୍ୟେକ ଦିନ ଆବୃତ୍ତି କରିବେ :

ଆମ ପରିବାର ପାଇଁ ନୁହେଁ, କୌଣସି ଏକ ଉତ୍ତମ ସ୍ଥାନପ୍ରାପ୍ତି ପାଇଁ ନୁହେଁ, ଅର୍ଥୋପାର୍ଜନ ପାଇଁ ନୁହେଁ, ଗୋଟିଏ ଡିଗ୍ରୀ ବା ଡିପ୍ଲୋମା ବି ପାଇବାକୁ ନୁହେଁ,— ଆମେ ଏସବୁ କୌଣସିଟି ଲାଗି ଏଠାରେ ପାଠ ପଢୁ ନାହୁଁ ।

କେବଳ ଶିଖିବା ଲାଗି, ଜାଣିବା ଲାଗି, ପୃଥିବୀକୁ ବୁଝିବା ଲାଗି ଓ ଅଧ୍ୟୟନ ଦ୍ୱାରା ଯେଉଁ ଆନନ୍ଦ ଉପଲବ୍ଧ ହୋଇଥାଏ, ସେହି ଆନନ୍ଦଟିକୁ ଲାଭ କରିବା ସକାଶେହିଁ ଆମେ ପାଠ ପଢୁଛୁ ।

*ଜୁନ୍ ୧୯୬୭*

*

ଏହି ପରୀକ୍ଷାଟିକୁ ଓ ଏହାପରେ ହେବାକୁ ଯାଉଥିବା ଯାବତୀୟ ପରୀକ୍ଷାକୁ ବିଲୁପ୍ତ କରିଦେବା ହେଉଛି ଏକମାତ୍ର ସମାଧାନ । ଯାହାକିଛି ପରୀକ୍ଷା ଖାତା ରହିଛି, ସେଗୁଡ଼ିକୁ ତୁମେ ବିଡ଼ାଟିଏ ବାନ୍ଧି ରଖିଦିଅ । ସତେଅବା ଏସବୁ କିଛି ହୋଇ ନାହିଁ, ସେହିପରି ଭାବି ସେସବୁକୁ ରଖିଦିଅ । ଏବଂ ତା'ପରେ ଚୁପ୍ ହୋଇ କ୍ଲାସ୍ ସବୁ ଆରମ୍ଭ କରିଦିଅ ।

ବର୍ଷ ଶେଷକୁ ତୁମେ ପିଲାମାନଙ୍କର ଏକ ମୂଲ୍ୟାଙ୍କନ କରିବାକୁ ଚେଷ୍ଟା କରିବ । ପିଲାଏ ଲେଖିଥିବା ପରୀକ୍ଷା ଖାତାକୁ ଭିତ୍ତି କରି ନୁହେଁ, ମାତ୍ର ସେମାନଙ୍କର ଆଚରଣ, ସେମାନଙ୍କର ଅଭିନିବେଶ-ଶକ୍ତି ସେମାନଙ୍କର ନିୟମିତତା, ସବୁକିଛିକୁ ବୁଝିବା ସକାଶେ ସେମାନଙ୍କର ଆଗ୍ରହ ଏବଂ ବୁଦ୍ଧି କ୍ଷେତ୍ରରେ ସେମାନଙ୍କର ଉନ୍ମୁକ୍ତତାକୁ ଭିତ୍ତି କରିହିଁ ଏହି ମୂଲ୍ୟାଙ୍କନ କରାଯିବ ।

ଏବଂ ତୁମ ନିଜ ବିଷୟରେ ମୁଁ ଏକଥା କହିବି ଯେ ତୁମେ ଅଧିକ ପରିମାଣରେ ଅନ୍ତର୍ଗତ ସମ୍ପର୍କ, ତୀକ୍ଷ୍ଣ ଅବଲୋକନ ଶକ୍ତି ଏବଂ ଏକ ନିରପେକ୍ଷ ଦୃଷ୍ଟିକୋଣ ଉପରେ ଆସ୍ଥା ସ୍ଥାପନ କରିବାକୁହିଁ ନିଜ ଲାଗି ଏକ ଶୃଙ୍ଖଳା ରୂପେ ଗ୍ରହଣ କରିବ ।

ଛାତ୍ରମାନେ ଯାହା ଶିକ୍ଷା କରୁଛନ୍ତି, ସେମାନେ ତାହାକୁ ଯଥାର୍ଥ ଭାବରେ ବୁଝିବେ ଓ ଏହାହିଁ ସେମାନଙ୍କ କ୍ଷେତ୍ରରେ ଏକ ଆବଶ୍ୟକତା ହୋଇ ରହିଥିବ । ମାତ୍ର, ସେମାନେ ଯାହାକୁ ସଂପୂର୍ଣ୍ଣ ଭାବରେ ବୁଝିପାରି ନାହାନ୍ତି, ତାକୁ ଶୁଆ ଭଳି କଦାପି ମୁଖସ୍ଥ କରିବାକୁ ମନ କରିବେ ନାହିଁ ।

ଏହିପରି ଭାବରେ ଶିକ୍ଷାଦାନର କ୍ଷେତ୍ରରେ ଏକ ପ୍ରକୃତ ଅଗ୍ରଗତି ସମ୍ଭବ ହୋଇପାରିବ ।

ଅନେକ ଆଶୀର୍ବାଦ ସହିତ ।

*୨୧ ଜୁଲାଇ ୧୯୬୭*

*

ଛାତ୍ରମାନେ ଯଥାର୍ଥ ଭାବରେ ବୁଦ୍ଧିମାନ୍, ଇଚ୍ଛୁକ ଏବଂ ମନୋଯୋଗୀ ହୋଇ ପାରିଛନ୍ତି କି ନାହିଁ, ତାହା ଜାଣିବା ଲାଗି ପରୀକ୍ଷାକୁ ମୁଁ ଏକ ପୁରୁଣାକାଳିଆ ପଦ୍ଧତି ବୋଲି ମନେ କରୁଛି । ବର୍ତ୍ତମାନ ଏହା ମୋଟେ ଚଳିବ ନାହିଁ ଓ ଏହାଦ୍ୱାରା ଆମେ ପ୍ରକୃତ ଫଳକୁ ମୋଟେ ପାଇ ପାରିବୁ ନାହିଁ ।

ଯଦି ସ୍ମୃତିଶକ୍ତି ଭଲ ଥାଏ, ତେବେ ଗୋଟାଏ ନିତାନ୍ତ ନିର୍ବୋଧ ଏବଂ ଯନ୍ତ୍ରବତ୍ ମନ ରହିଥିବା ବ୍ୟକ୍ତି ମଧ୍ୟ ଗୋଟିଏ ପରୀକ୍ଷାର ବେଶ୍ ଭଲ ଉତ୍ତର ଦେଇ ପାରିବ । ଏବଂ ଭବିଷ୍ୟତର ମଣିଷ ଲାଗି ଆମେ କଦାପି ଏସବୁକୁ ଗୋଟିଏ ଗୋଟିଏ ଯୋଗ୍ୟ ମାନସିକ ଗୁଣ ବୋଲି କହିବା ନାହିଁ ।

ସେହି ପୁରୁଣା ପଦ୍ଧତି ଓ ଚଳଣିଗୁଡ଼ିକ ପ୍ରତି ଏକ ଉଦାରତା ପ୍ରଦର୍ଶନ କରିହିଁ ମୁଁ ଯେଉଁମାନେ ପରୀକ୍ଷା କରାଇବାକୁ ଇଚ୍ଛା କରୁଛନ୍ତି, ସେମାନେ ତାହା କରିପାରିବେ ବୋଲି ରାଜି ହୋଇଥିଲି । ମାତ୍ର ମୁଁ ଆଶା କରୁଛି ଯେ ଭବିଷ୍ୟତରେ ଆମର ଏହି ବ୍ୟବସ୍ଥାଟି ଲାଗି ଆଦୌ କୌଣସି ପ୍ରୟୋଜନ ରହିବ ନାହିଁ ।

ଯେତେବେଳେ ପରୀକ୍ଷା ନେବାର ଚଳଣିଟି ଉଠିଯିବ, ସେତେବେଳେ ଜଣେ ଛାତ୍ର ପ୍ରକୃତରେ ଭଲ ଓ ଉପଯୁକ୍ତ କି ନାହିଁ, ତାହା ଜାଣିବାକୁ ହେଲେ ଶିକ୍ଷକଠାରେ ଆଉ କିଞ୍ଚିତ୍ ପରିମାଣରେ ଅଧିକ ଅନ୍ତର୍ଗତ ସମ୍ପର୍କ ଏବଂ ମନୋଭୂମିଗତ ଜ୍ଞାନ ରହିଥିବାହିଁ ଆବଶ୍ୟକ ହେବ । ମାତ୍ର ଆମ ଶିକ୍ଷକମାନେ ତ ଯୋଗ-ସାଧନା କରିବେ ବୋଲି ପ୍ରତ୍ୟାଶା କରାଯାଇଛି; ତେଣୁ ସେମାନଙ୍କ ଲାଗି ଏହି କାର୍ଯ୍ୟଟି କରିବା ଆଦୌ କଷ୍ଟକର ହେବା ଉଚିତ ନୁହେଁ ।

*୨୨ ଜୁଲାଇ ୧୯୬୭*

*

ଜଣେ ଛାତ୍ର ବା ଛାତ୍ରୀ ପ୍ରକୃତରେ କିଛି ଶିକ୍ଷା ଲାଭ କରିଛି ଓ ଅଗ୍ରଗତି କରିଛି କି ନାହିଁ, ତାହା ଜାଣିବା ଲାଗି ଶିକ୍ଷକକୁ ଛାତ୍ରମାନଙ୍କୁ ପରୀକ୍ଷା କରିବାକୁହିଁ ପଡ଼ିବ । ମାତ୍ର ଏହି ପରୀକ୍ଷା ଏକାନ୍ତ ବ୍ୟକ୍ତିଗତ ହେବ, ଓ ପ୍ରତ୍ୟେକ ଛାତ୍ର ଲାଗି ତାହା ସ୍ୱତନ୍ତ୍ର ଭାବରେ ଅନୁକୂଳତା ହୋଇ ରହିବ । ସବୁ ଛାତ୍ରଙ୍କ ଲାଗି ଯାନ୍ତ୍ରିକ ଭାବରେ ଗୋଟାଏ ପରୀକ୍ଷା

କରିବା ମୋତେ ଉଚିତ ହେବ ନାହିଁ । ଏହି ପରୀକ୍ଷା ସ୍ୱତଃସ୍ଫୂର୍ତ୍ତ ହେବ, ଅପ୍ରତ୍ୟାଶିତ ଭାବରେ ନିଆଯିବ,— ଏଥିରେ କୌଣସି ଛଳନା ଅଥବା ନିଷ୍ଠାହୀନତା ଲାଗି ଆଦୌ କୌଣସି ସ୍ଥାନ ରହିବ ନାହିଁ । ଏବଂ ସ୍ୱଭାବତଃ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ପରୀକ୍ଷାଟିକୁ ନେବା ଶିକ୍ଷକ ପକ୍ଷରେ ଅତ୍ୟନ୍ତ ଅଧିକ କଷ୍ଟକର ହେବ; ମାତ୍ର ତଥାପି ତାହା ଅତ୍ୟନ୍ତ ଜୀବନ୍ତ ଲାଗିବ, ଆଗ୍ରହୋଦ୍ଦୀପକ ବି ହେବ ।

ପିଲାମାନଙ୍କ ବିଷୟରେ ତୁମେ ଦେଇଥିବା ମନ୍ତବ୍ୟଗୁଡ଼ିକ ଭାରି ଭଲ ଲାଗିଲା । ଏଥିରୁ ପ୍ରମାଣ ମିଳୁଛି ଯେ, ସେମାନଙ୍କ ସହିତ ତୁମର ଏକ ବ୍ୟକ୍ତିଗତ ଯୋଗସୂତ୍ର ରହିଛି । ଏବଂ, ଯଥାର୍ଥ ଶିକ୍ଷାଦାନ ଲାଗି ମୁଁ ତାହାକୁ ପ୍ରକୃତରେ ଅତ୍ୟାବଶ୍ୟକ ବୋଲି କହିବି ।

ଯେଉଁମାନଙ୍କର ନିଷ୍ଠା ନାହିଁ, ସେମାନେ ପ୍ରକୃତରେ ଆଦୌ ଶିକ୍ଷା କରିବାକୁ ଇଚ୍ଛା କରନ୍ତି ନାହିଁ, ସେମାନେ ଶିକ୍ଷକଙ୍କଠାରୁ ଭଲ ନମ୍ବର ବା ପ୍ରଶଂସା ପାଇବାକୁହିଁ ଇଚ୍ଛା କରନ୍ତି । ସେମାନଙ୍କୁ ପାଠ ପଢ଼ାଇବାକୁ ମୋତେ ଖୁସି ଲାଗିବ ନାହିଁ ।

*୨୫ ଜୁଲାଇ ୧୯୬୭*

*

*ଆମ "ମୁକ୍ତ ଅଗ୍ରଗତି"ର କ୍ଲାସ୍‌ଗୁଡ଼ିକରେ ପିଲାଙ୍କୁ ପୁରସ୍କାର ଦେବା ଲାଗି କ'ଣସବୁ ମାନଦଣ୍ଡ ରହିବ ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ପୁରସ୍କାରମାନ କଦାପି ପ୍ରତିଯୋଗିତାମୂଳକ ପରୀକ୍ଷାଫଳ ଉପରେ ଆଧାରିତ ହୋଇ ରହିବ ନାହିଁ ।

ପ୍ରଥମତଃ ସାମର୍ଥ୍ୟ ଓ ଦ୍ୱିତୀୟତଃ ସଦିଚ୍ଛା ତଥା ନିୟମିତ ଓ ସତତ ଉଦ୍ୟମର କ୍ଷେତ୍ରରେ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସୀମାର ଉପରକୁ ଉଠି ପାରିଛନ୍ତି ସେମାନଙ୍କୁ ହୁଏତ ସେଥିଲାଗି ସମାଦର ଦେଖାଇ ତଦନୁରୂପ ମୂଲ୍ୟର ଏକ ପୁରସ୍କାର ଦିଆଯାଇ ପାରିବ ।

ମାତ୍ର ପୁରସ୍କାରଟି ପାଇବାକୁ ହେଲେ ଦୁଇଟିଯାକ ଗୁଣ ରହିଥିବା ଏକାନ୍ତ ଆବଶ୍ୟକ ହେବ ।

# ପାଠକ୍ରମ

## ଶ୍ରୀଅରବିନ୍ଦ ଓ ମାଆଙ୍କ ରଚନାଗୁଡ଼ିକର ଅଧ୍ୟୟନ

*ମାଆ, ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକୁ କେବଳ ଉପର ମନରେ ନ ବୁଝି ସେଗୁଡ଼ିକ ଯେପରି ଆମର ଚେତନା କ୍ଷେତ୍ରରେ ପ୍ରବେଶ କରି ପାରିବ, ସେଥିଲାଗି ଆମେ ସେଗୁଡ଼ିକୁ ପ୍ରକୃତରେ କିପରି ଭାବରେ ଅଧ୍ୟୟନ କରିବା ?*

ମୋ’ ଲେଖା ବହିଗୁଡ଼ିକୁ ପଢ଼ିବା ମୋଟେ କଷ୍ଟକର ହେବ ନାହିଁ, କାରଣ ସେଗୁଡ଼ିକ ଅତି ସରଳ ଭାଷାରେ ଲେଖା ହୋଇଛି, ପ୍ରାୟ ସାଧାରଣ କଥିତ ଭାଷାରେ ଲେଖା ହୋଇଛି । ସେଗୁଡ଼ିକୁ ପଢ଼ି ଯଥାର୍ଥ ଭାବରେ ଉପକୃତ ହେବାକୁ ହେଲେ ସେଗୁଡ଼ିକ ମନୋଯୋଗ, ଅଭିନିବେଶ ଏବଂ ଅନ୍ତର୍ଗତ ସଦିଚ୍ଛାର ଏକ ଦୃଷ୍ଟିକୋଣ ସହିତ ପଢ଼ିବାହିଁ ଯଥେଷ୍ଟ ହେବ; ଏବଂ ସେଥିରେ ଯାହାସବୁ ଶିକ୍ଷା ଦିଆଯାଇଛି, ତାହାକୁ ଗ୍ରହଣ କରିବା ଓ ଜୀବନରେ ବଞ୍ଚିବା ଲାଗି ଏକ ଇଚ୍ଛା ମଧ୍ୟ ସେଥିରେ ରହିଥିବା ଉଚିତ ।

ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି, ତାକୁ ପଢ଼ିବା ଅପେକ୍ଷାକୃତ ଅଧିକ କଷ୍ଟକର, କାରଣ ସେଗୁଡ଼ିକ ଏକ ଅତି ଉଚ୍ଚ ବୌଦ୍ଧିକ ସ୍ତରର ଅଭିବ୍ୟକ୍ତିକୁ ପ୍ରକାଶ କରିଥାଏ ଏବଂ ତାହାର ଭାଷା ମଧ୍ୟ ଅନେକ ଅଧିକ ପରିମାଣରେ ସାହିତ୍ୟିକ ଓ ଦାର୍ଶନିକ ଧରଣର ବି ହୋଇଥାଏ । ସେଗୁଡ଼ିକୁ ଯଥାର୍ଥ ଭାବରେ ବୁଝି ପାରିବା ଲାଗି ମସ୍ତିଷ୍କ ପାଇଁ ଏକ ପ୍ରସ୍ତୁତିର ପ୍ରୟୋଜନ ରହିଥାଏ ଏବଂ ସେହି ପ୍ରସ୍ତୁତି ଲାଗି ସାଧାରଣତଃ ସମୟ ଲାଗେ । ଅବଶ୍ୟ କୌଣସି ପାଠକ ଭିତରେ ଏକ ଅନ୍ତର୍ଗତ ସଂବୋଧିଗତ ବିଶେଷ ସାମର୍ଥ୍ୟ ରହିଥିଲେ ତାହା ନିଶ୍ଚୟ ସ୍ୱତନ୍ତ୍ର କଥା ହେବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୁଁ ଥରକେ ସେଥିରୁ କେବଳ **ଅଳ୍ପ କିଛି** ପଢ଼ିବାକୁହିଁ ପରାମର୍ଶ ଦେବି । ସେତେବେଳେ ତୁମର ମନ ଯଥାଶକ୍ତି ଅଧିକ ନିଶ୍ଚଳ ହୋଇ ରହିଥିବ, ତୁମେ ବୁଝିବା ଲାଗି ଜାଣିଶୁଣି କୌଣସି ଚେଷ୍ଟା କରୁ ନଥିବ; ମାତ୍ର ତୁମର ମୁଣ୍ଡଟାକୁ ଯଥାସମ୍ଭବ ଅଧିକ ପରିମାଣରେ ନୀରବ କରି ରଖିଥିବ ଏବଂ ତୁମର ପଠିତ ଅଂଶଗୁଡ଼ିକରେ ଯେଉଁ **ଶକ୍ତି** ନିହିତ ହୋଇ ରହିଛି, **ତାହାକୁ ତୁମ ଭିତରେ ଅନେକ ଗଭୀରଯାଏ ପ୍ରବେଶ କରିବା ଲାଗି** ବାଟ ଛାଡ଼ି ଦେଉଥିବ । ସେହି ଶାନ୍ତ ଓ ନୀରବ ଅବସ୍ଥାରେ ତୁମେ ଏହି ଯେଉଁ ଶକ୍ତିଟିକୁ ଲାଭ କରିବ, ତାହାହିଁ ତୁମ ଭିତରେ

ଆଲୋକର ଯାବତୀୟ କାର୍ଯ୍ୟଟିକୁ ସଂଘଟିତ କରାଇବ ଏବଂ ପ୍ରୟୋଜନ ହେଲେ ତୁମ ମସ୍ତିଷ୍କ ଭିତରେ ବୁଝିବା ସକାଶେ ଆବଶ୍ୟକ ହେଉଥିବା କୋଷଗୁଡ଼ିକୁ ତିଆରି କରି ନେବ । ତା'ପରେ ଯେତେବେଳେ ତୁମେ ପୁଣି କେତେ ମାସ ପରେ ତାହାକୁ ଆଉ ଥରେ ପଢ଼ିବ, ସେତେବେଳେ ତୁମେ ନିଶ୍ଚୟ ଜାଣିବାକୁ ପାଇବ ଯେ, ସେହି ଗ୍ରନ୍ଥରେ ବ୍ୟକ୍ତ କରାଯାଇଥିବା ବିଚାରଗୁଡ଼ିକ ଏଥର ଅନେକ ଅଧିକ ପରିମାଣରେ ସ୍ପଷ୍ଟ ଓ ବୋଧ ହୋଇଗଲାଣି, ଏପରିକି ବେଳେବେଳେ ଅତ୍ୟନ୍ତ ନିକଟ ଏବଂ ପରିଚିତ ପରି ମନେ ହେଉଛି ।

ଅଧିକ ଭଲକଥା ହେବ, ଯଦି ତୁମେ ସେଗୁଡ଼ିକୁ ପ୍ରତ୍ୟହ ଅଳ୍ପ ଅଳ୍ପ କରି ନିୟମିତ ଭାବରେ ପଢ଼ିବ । ଯଦି ସମ୍ଭବ ହେବ, ତେବେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ପଢ଼ିବ । ଏହାଦ୍ୱାରା ତୁମ ମସ୍ତିଷ୍କର ଗ୍ରହଣସାମର୍ଥ୍ୟ ସହଜ ହୋଇଯିବ ।

*୨ ନଭେମ୍ବର ୧୯୫୯*

*

*ମାଆ, ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥଗୁଡ଼ିକ ଯେତେବେଳେ କଷ୍ଟକର ଲାଗୁଥିବ ଓ ମୁଁ ସେଥିରୁ କିଛି ବୁଝିପାରୁ ନ ଥିବି, ସେତେବେଳେ ମୋତେ କିଭଳି ଦୃଷ୍ଟିକୋଣ ରଖି ତାହାକୁ ପଢ଼ିବାକୁ ପଡ଼ିବ ? ଉଦାହରଣ ସ୍ୱରୂପ,* ***ସାବିତ୍ରୀ, ଦିବ୍ୟ-ଜୀବନ*** *ପ୍ରଭୃତି ଗ୍ରନ୍ଥକୁ ମୁଁ କିପରି ଦୃଷ୍ଟିକୋଣ ସହିତ ପଢ଼ିବି ?*

ପ୍ରତ୍ୟେକ ଥର ଅଳପ ଅଳପ ପଢ଼ିବା ଏବଂ ବୁଝିପାରିବା ପର୍ଯ୍ୟନ୍ତ ବାରବାର ପଢୁଥିବ ।

*୨୩ ମଇ ୧୯୬୦*

*

*ଶ୍ରୀଅରବିନ୍ଦଙ୍କର ରଚନାବଳୀ ପାଠ କରିବା ଲାଗି ପ୍ରକୃତ ପ୍ରଣାଳୀଟି କ'ଣ ?*

ପ୍ରକୃତ ପ୍ରଣାଳୀଟି ହେଉଛି ଯେ ଆମେ ପ୍ରତ୍ୟେକ ଥର ଅଳ୍ପ ଅଳ୍ପ କରି ପଢ଼ିବା, ଅଭିନିବେଶ ସହିତ ପଢ଼ିବା; ମନକୁ ଯଥାସମ୍ଭବ ଅଧିକ ନୀରବ କରି ରଖିଥିବା ଏବଂ ଚେଷ୍ଟାକରି ବୁଝିବା ଲାଗି ମୋଟେ କୌଣସି ସକ୍ରିୟତା ଦେଖାଇବା ନାହିଁ । ମାତ୍ର ସେହିପରି ନୀରବ ଭାବରେ ଊର୍ଦ୍ଧ୍ୱାୟନ ହୋଇ ରହିଥିବା ଏବଂ ଆଲୋକ ଲାଗି ଆକାଙ୍‌କ୍ଷା ରଖିଥିବା । ତେବେ ବୁଝିବାଟି ମଧ୍ୟ ଅଳ୍ପ ଅଳ୍ପ କରି ସମ୍ଭବ ହୋଇଯିବ ।

ଏବଂ ପରେ ବର୍ଷେ ବା ଦୁଇ ବର୍ଷ ଭିତରେ, ତୁମେ ପୁଣି ଯେତେବେଳେ ସେହି ବିଷୟଟିକୁ ପାଠ କରିବ, ସେତେବେଳେ ତୁମେ ନିଶ୍ଚୟ ଜାଣିବାକୁ ପାଇବ ଯେ ବିଚାରଟି

ସହିତ ତୁମର ପ୍ରଥମ ସମ୍ପର୍କଟି ପ୍ରକୃତରେ ଭାରି ଅସ୍ପଷ୍ଟ ଏବଂ ଅସଂପୂର୍ଣ୍ଣ ହୋଇ ରହିଥିଲା । ତୁମେ ଏହି କଥାଟିକୁ ମଧ୍ୟ ଜାଣିପାରିବ ଯେ, ଯଥାର୍ଥ ବୋଧ ପ୍ରକୃତରେ ପରେ ଆସେ, ସେହି ବିଚାରକୁ ଜୀବନକ୍ଷେତ୍ରରେ ପ୍ରୟୋଗ କରିସାରିବା ପରେ ଯାଇ ଆସେ ।

*୧୪ ଅକ୍ଟୋବର ୧୯୬୭*

*

ଆପଣାକୁ ଜାଣିବାର ଉପାୟଟିକୁହିଁ ଶିକ୍ଷା କରିବା ଲାଗି ତୁମେ ଏହି ପୃଥିବୀକୁ ଆସିଥିଲ ।

ତୁମେ ଶ୍ରୀଅରବିନ୍ଦଙ୍କର ରଚନାବଳୀକୁ ପାଠ କର ଓ ଅତ୍ୟନ୍ତ ଯତ୍ନ ସହକାରେ ନିଜ ଭିତରକୁ ଯେତେ ଗଭୀର ଯାଏ ପାରୁଛ, ଅନାଇକରି ଦେଖ ।

*୪ ଜୁଲାଇ ୧୯୬୯*

*

*ଏ ବର୍ଷଟି ହେଉଛି ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀର ବର୍ଷ । ଆମେ, ଏହି ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରମାନେ କିପରି ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ କରିପାରିବୁ, ଆପଣ ଆମକୁ ବର୍ତ୍ତମାନ ସେହି କଥାଟିକୁ କହି ଦିଅନ୍ତୁ ।*

ଶ୍ରୀଅରବିନ୍ଦ ଶିକ୍ଷା ବିଷୟରେ ଯାହାସବୁ ଲେଖିଛନ୍ତି, ସର୍ବପ୍ରଥମେ ତୁମେ ସେଗୁଡ଼ିକୁ ଅଧ୍ୟୟନ କରିବ । ତା'ପରେ ସେଗୁଡ଼ିକୁ କାର୍ଯ୍ୟରେ ପ୍ରୟୋଗ କରିବାର ବାଟଟିଏ ତୁମକୁ ଖୋଜି ବାହାର କରିବାକୁ ହେବ ।

*୧୯୭୨*

*

ଶ୍ରୀଅରବିନ୍ଦ ଅତିମାନସ ଜଗତର ପ୍ରକାଶ ହେବାକୁ ଯାଉଛି ବୋଲି ଘୋଷଣା କରିବାକୁ ଏହି ପୃଥିବୀକୁ ଆସିଥିଲେ । ମାତ୍ର ସିଏ ଯେ କେବଳ ଏହି ଅଭିବ୍ୟକ୍ତିଟି ବିଷୟରେ ଏକ ଘୋଷଣା କରିଦେଲେ ତା' ନୁହେଁ, ମାତ୍ର ଆଂଶିକ ଭାବରେ ସେହି ଅତିମାନସ ଶକ୍ତିକୁ ସେ ନିଜ ଭିତରେ ମୂର୍ତ୍ତିମନ୍ତ ବି କରାଇଲେ; ଏବଂ ତାହାକୁ ଅଭିବ୍ୟକ୍ତ କରିବାକୁ ହେଲେ ଆମକୁ ଯାହା ଅବଶ୍ୟ କରିବାକୁ ହେବ, ତାହାକୁ ସିଏ ଦୃଷ୍ଟାନ୍ତ ଦ୍ୱାରା ଦେଖାଇ ଦେଇଗଲେ । ଶ୍ରୀଅରବିନ୍ଦ ଆମକୁ ଯାହାକିଛି କହି ଯାଇଛନ୍ତି, ଆମେ ସେଗୁଡ଼ିକର ଅଧ୍ୟୟନ କରିବା, ତାଙ୍କର ଦୃଷ୍ଟାନ୍ତଟିକୁ ଅନୁସରଣ କରିବା ଲାଗି ଉଦ୍ୟମ କରିବା ଏବଂ ନିଜକୁ ସେହି ନୂତନ ଅଭିବ୍ୟକ୍ତିଟି ଲାଗି ପ୍ରସ୍ତୁତ କରିଆଣିବା,– ଏହାହିଁ ଆମର ସର୍ବୋତ୍ତମ କର୍ତ୍ତବ୍ୟ ।

ଏହାହିଁ ଆମ ଲାଗି ଜୀବନର ଯଥାର୍ଥ ତାତ୍ପର୍ଯ୍ୟଟିକୁ ଆଣି ଦେଇଯିବ ଏବଂ ଆମକୁ ଯାବତୀୟ ବାଧା ଅତିକ୍ରମ କରିଯିବା ଲାଗି ସାହାଯ୍ୟ କରିବ ।

ଚାଲ ଆମେ ସେହି ନୂତନ ସୃଷ୍ଟିଟି ଲାଗି ଜୀବନ ବଞ୍ôବା । ତେବେ, ସେହିପରି ଭାବରେ ତରୁଣ ଓ ଅଗ୍ରଗତିଶୀଳ ରହି ଆମେ ଅଧିକରୁ ଅଧିକ ବଳଯୁକ୍ତ ହୋଇ ପାରିବା, ବିକାଶ ଲାଭ କରିପାରିବା ।

*୩୦ ଜାନୁଆରି ୧୯୭୨*

*

*ଶ୍ରୀଅରବିନ୍ଦଙ୍କର ଏହି ଜନ୍ମ-ଶତବାର୍ଷିକୀର ଅବସରରେ ମୁଁ ଶ୍ରୀଅରବିନ୍ଦଙ୍କ ଲାଗି ବ୍ୟକ୍ତିଗତ ଭାବରେ ସର୍ବୋତ୍କୃଷ୍ଟ ହେଲାଭଳି କ'ଣ ଅର୍ପଣ କରି ପାରିବି ?*

ସକଳ ନିଷ୍ଠାର ସହିତ ତୁମେ ତାଙ୍କ ପାଖରେ ନିଜର ମନକୁ ଅର୍ପଣ କରିଦିଅ ।

*୧୩ ନଭେମ୍ବର ୧୯୭୦*

*

*ସକଳ ନିଷ୍ଠାର ସହିତ ଆପଣାର ମନକୁ ଶ୍ରୀଅରବିନ୍ଦଙ୍କ ଲାଗି ଅର୍ପଣ କରି ପାରିବାକୁ ହେଲେ, ଅଭିନିବେଶିତ ହୋଇ ପାରିବାର ଏକ ପ୍ରଭୂତ ଶକ୍ତିର ବିକାଶ କରି ଆଣିବା ଅତ୍ୟାବଶ୍ୟକ ନୁହେଁ କି ? ଏହି ବହୁ ମୂଲ୍ୟବାନ୍ ସାମର୍ଥ୍ୟଟିକୁ ମୁଁ କେଉଁ ଉପାୟରେ ଅନୁଶୀଳନ କରି ପାରିବି, ଆପଣ ମୋତେ ସେହି କଥା ବତାଇଦେବେ କି ?*

ସବୁଦିନ ଏପରି ଗୋଟିଏ ସମୟ ନିର୍ଦ୍ଦିଷ୍ଟ କରି ରଖ, ଯେତେବେଳେ କି ତୁମେ ସ୍ଥିର ହୋଇଯାଇ ପାରିବ ।

ଶ୍ରୀଅରବିନ୍ଦଙ୍କର ଲିଖିତ କୌଣସି ପୁସ୍ତକ ନେଇ ସେଥିରୁ ଗୋଟିଏ ବା ଦୁଇଟି ବାକ୍ୟ ପଢ଼ । ତା'ପରେ ତାହାର ଗଭୀରତର ଅର୍ଥଟିକୁ ବୁଝିବା ଲାଗି ନିଜକୁ ନୀରବ ଓ ଅଭିନିବେଶିତ କରି ରଖ । ମନୋଭୂମିରେ ପୂର୍ଣ୍ଣ ଶାନ୍ତି ସମ୍ଭବ କରିପାରିବା ଲାଗି ଯଥେଷ୍ଟ ଗଭୀର ଭାବରେ ନିଜକୁ ଅଭିନିବେଶିତ କରି ରଖ । ଏବଂ, ଏକ ଫଳ ପାଇବା ପର୍ଯ୍ୟନ୍ତ ପୁଣି ପ୍ରତ୍ୟହ ସେହିପରି ଅଭ୍ୟାସ କର ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ସେତେବେଳେ ତୁମେ କଦାପି ନିଦରେ ଶୋଇପଡ଼ିବ ନାହିଁ ।

*୩ ଫେବ୍ରୁଆରି ୧୯୭୨*

*

ତୁମେ ଯଦି ଯଥାର୍ଥ ଯତ୍ନର ସହିତ ଶ୍ରୀଅରବିନ୍ଦଙ୍କୁ ଅଧ୍ୟୟନ କରିବ, ତେବେ, ତୁମେ

ଯାହାକିଛି ଜାଣିବାକୁ ଇଚ୍ଛା କରୁଛ, ତାହାର ସବୁକିଛିର ଉତ୍ତର ସେହିଥିରୁହିଁ ପାଇଯାଇ ପାରିବ ।

*୨୫ ଅକ୍ଟୋବର ୧୯୭୨*

*

**ଯାବତୀୟ ବିଷୟରେ** ଶ୍ରୀଅରବିନ୍ଦ ଯାହାସବୁ କହି ଯାଇଛନ୍ତି, ସେଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କଲେ ଆମେ ଅତ୍ୟନ୍ତ ସହଜରେ ଏହି ଜଗତର ସକଳ ବସ୍ତୁ ବିଷୟରେ ଏକ ସଂପୂର୍ଣ୍ଣ ଜ୍ଞାନ ଲାଭ କରିପାରିବା ।

*

*ମାଆ, ଆମର ପ୍ରଜ୍ଞା କିପରି ବିକଶିତ ହେବ ?*

ଶ୍ରୀଅରବିନ୍ଦଙ୍କୁ ଅଧ୍ୟୟନ କଲେ ।

*

ତାଙ୍କର ଗୋଟିଏ ବହି ପରେ ଆଉ ଗୋଟିଏ ବହି ପଢ଼ି ଶ୍ରୀଅରବିନ୍ଦଙ୍କର ଅଧ୍ୟୟନ କରାଯିବା ଉଚିତ ହେବ ନାହିଁ । ଆମେ ତାଙ୍କୁ ବିଷୟ ଅନୁସାରେ ଅଧ୍ୟୟନ କରିବା – ସିଏ ଦିବ୍ୟ ପରମସତ୍ତାଙ୍କ ବିଷୟରେ କ'ଣ କହିଛନ୍ତି, ଯଥାର୍ଥ ଏକତା ବିଷୟରେ କ'ଣ କହିଛନ୍ତି, ଧର୍ମ, ବିବର୍ତ୍ତନ, ଶିକ୍ଷା, ଆତ୍ମ-ପରିପୂର୍ଣ୍ଣତା ଓ ଅତିମାନସ ପ୍ରଭୃତି ବିଷୟରେ କ'ଣ କହିଛନ୍ତି,– ଆମେ ଏଗୁଡ଼ିକୁ ଅଲଗା ଅଲଗା ଅଧ୍ୟୟନ କରିବା ।

*

*ବିଦ୍ୟାଳୟର (ଇଂରାଜୀ) ବୋର୍ଡ୍ ମୂଳରୁ ଧରି ନେଇଛନ୍ତି ଯେ ସ୍କୁଲ-ସ୍ତରର ଇଂରାଜୀ-ପାଠକ୍ରମରେ ଶ୍ରୀଅରବିନ୍ଦ ଓ ମାଆଙ୍କର ରଚନା ଅନ୍ତର୍ଗତ ହୋଇ ରହିବ । ବୋର୍ଡ୍‌ର ଏପରି ନିଷ୍ପତ୍ତିକୁ ଆପଣ ଠିକ୍ ବୋଲି କହିବେ କି ?*

ହଁ ।

*

*ଗୋଟିଏ ଗୋଟିଏ ସଂପୂର୍ଣ୍ଣ ପୁସ୍ତକକୁ ପାଠ୍ୟ ରୂପେ ବାଛିବା, ଅଥବା ବିଭିନ୍ନ ବହିରୁ କେତେକ ନିର୍ଦ୍ଦିଷ୍ଟ ଅଂଶକୁ ଏକତ୍ର ସଂଗ୍ରହ କରି ତାହାକୁହିଁ ପାଠକ୍ରମ ଭିତରେ ରଖିବା, କେଉଁ କଥାଟି ଅଧିକ ଭଲ ହେବ ?*

ସ୍କୁଲ୍ ପିଲାମାନଙ୍କ ସକାଶେ ବିଭିନ୍ନ ପୁସ୍ତକରୁ ଅଂଶଗୁଡ଼ିକର ସଂଗ୍ରହ କରି ଅଣାହେଲେ ଅଧିକ ଭଲ ହେବ ।

*

*ଯୋଗ ବିଷୟକ ରଚନାବଳୀରୁ କୌଣସି ଅଂଶ ବଛାଯାଇ ପାରିବ କି ?*

‘‘ଯୋଗର ଉପାଦାନ’’ରେ ଯେପରି ରହିଛି, ସେହିପରି ଅତି ସହଜ ଓ ସରଳ ବିଷୟମାନ ।

*

*ଇଂରାଜୀ ଅଧ୍ୟୟନ ଲାଗି ଏହିସବୁ ପୁସ୍ତକ ଏବଂ ପାଠାଂଶର କିପରି ବ୍ୟବହାର କରାଯାଇ ପାରିବ ? ପିଲାମାନଙ୍କୁ ସେଗୁଡ଼ିକର ଅର୍ଥ ବୁଝାଇ ଦିଆଯିବ ନା ସେମାନଙ୍କ ଆଗରେ ସେଗୁଡ଼ିକୁ କେବଳ ପଢ଼ି ଦିଆଯିବ ? ବିଶେଷତଃ, ଯୋଗସମ୍ବନ୍ଧୀୟ ରଚନାଗୁଡ଼ିକର ବ୍ୟବହାର ହେଉ ବୋଲି ଯଦି ମାଆଙ୍କର ଇଚ୍ଛା, ତେବେ ସେଗୁଡ଼ିକର କିଭଳି ଅଧ୍ୟୟନ କରାଯିବ ?*

ଯୋଗର ଦୃଷ୍ଟିକୋଣରୁ ସେଗୁଡ଼ିକର ଅଧ୍ୟୟନ କରାଯିବ ନାହିଁ ।

*

*ପ୍ରତ୍ୟେକ କ୍ଲାସ୍‌ର ଆବଶ୍ୟକତା ଅନୁସାରେ କ’ଣ* ***ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଶିକ୍ଷକ*** *ଏହିସବୁ ପାଠାଂଶଗୁଡ଼ିକୁ ବାଛି ଠିକ୍ କରିବେ ? ଅବଶ୍ୟ ଏକଥା ସତ ଯେ ବୋର୍ଡ୍ ବିଶ୍ୱବିଦ୍ୟାଳୟ ବୋର୍ଡ୍ ସହିତ ପରାମର୍ଶ କରି ସେଗୁଡ଼ିକୁ ସ୍ୱୀକୃତି ଦେବ ।*

*ବା, ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଶିକ୍ଷକ ଯେଉଁ ପାଠାଂଶଗୁଡ଼ିକ ବ୍ୟବହୃତ ହେଉ ବୋଲି ସୁପାରିସ କରିବେ, ବୋର୍ଡ୍ ବିଶ୍ୱବିଦ୍ୟାଳୟ ବୋର୍ଡ୍ ସହିତ ପରାମର୍ଶ କରି ଶ୍ରେଣୀ-ଅନୁକ୍ରମରେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ଗୋଟିଏ ସଂଗ୍ରହ ପ୍ରସ୍ତୁତ କରିନେବ ?*

ନା — ସେପରି କରାଗଲେ ସେଥିରେ ଯଥେଷ୍ଟ ନମନୀୟତା ରହିବ ନାହିଁ ।

*

*ପ୍ରତ୍ୟେକ ସପ୍ତାହରେ ପ୍ରତ୍ୟେକ କ୍ଲାସ୍‌କୁ ପାଞ୍ଚୋଟି ପିରିଅଡ୍ ଦିଆଯାଇଛି । ଶ୍ରୀଅରବିନ୍ଦ ଓ ମାଆଙ୍କର ରଚନାଗୁଡ଼ିକ ସକାଶେ ସେଥିମଧ୍ୟରୁ ଗୋଟିଏ ବା କେତୋଟି ପିରିଅଡ୍ ପୂରା ନିର୍ଦ୍ଦିଷ୍ଟ ହୋଇ ରହିବ କି ?*

---

* ମାଆ ଏହି ଶବ୍ଦଗୁଡ଼ିକ ତଳେ ଗାର ଟାଣି ଦେଇଥିଲେ ଓ ମାର୍ଜିନ୍‌ରେ ‘ହଁ’ ବୋଲି ମନ୍ତବ୍ୟ ପ୍ରକାଶ କରିଥିଲେ ।

ହଁ ।

*

*ବା, ଏଥିପାଇଁ ଗୋଟିଏ କିଂବା କେତୋଟି ଅଧିକା ପିରିଅଡ୍ ରଖାଯିବ କି ?*

ନା ।

*

*ଭାଷା ଦୃଷ୍ଟିରୁ ଏପରି କୌଣସି ସ୍ତରସୀମା ରହିବ ଯାହା ତଳକୁ କି ଏହିସବୁ ରଚନାକୁ କ୍ଲାସ୍‌ଗୁଡ଼ିକରେ ବ୍ୟବହାର କରାଯିବ ନାହିଁ । ଯଦି, ସେହିପରି ହୁଏ, ତେବେ କେଉଁ ଇଂରାଜୀ ବର୍ଗଗୁଡ଼ିକୁ ଆମେ ତାହାର ଅନ୍ତର୍ଭୁକ୍ତ କରି ରଖିବା ନାହିଁ ?*

ତାହା ସଂପୂର୍ଣ୍ଣ ଭାବରେ ଛାତ୍ରମାନଙ୍କର ସାମର୍ଥ୍ୟ ଉପରେହିଁ ନିର୍ଭର କରିବ ।

*

## ‘ଉଚ୍ଚତର ପାଠକ୍ରମ’ର ଅଧ୍ୟାପକମାନଙ୍କ ସକାଶେ :

*‘ଉଚ୍ଚତର ପାଠକ୍ରମ’ରେ ଶ୍ରୀଅରବିନ୍ଦଙ୍କର ରଚନାବଳୀର କିପରି ଅଧ୍ୟୟନ କରାଯିବ, ମାଆ ସେହି ବିଷୟରେ ନିମ୍ନଲିଖିତ ପ୍ରଣାଳୀଟିର ପ୍ରସ୍ତାବ ଦେଇଛନ୍ତି ।*

*୧. ପ୍ରଥମେ ଶିକ୍ଷକ ଗୋଟିଏ ବିଷୟର ଉପସ୍ଥାପନା କରିବେ ଏବଂ ଛାତ୍ରମାନଙ୍କୁ ଆବଶ୍ୟକ ତଥ୍ୟୋପାଦାନଗୁଡ଼ିକୁ ଯୋଗାଇଦେବେ ।*

*୨. ତା’ପରେ, ନିଜେ କୌଣସି ମନ୍ତବ୍ୟ ନ ଦେଇ ସେ ଛାତ୍ରମାନଙ୍କୁ ବିଷୟଟି ସହିତ ସଙ୍ଗତି ରଖୁଥିବା ଶ୍ରୀଅରବିନ୍ଦଙ୍କ ରଚନାରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ପାଠାଂଶଟିକୁ କିଂବା ପାଠାଂଶଗୁଡ଼ିକୁ ପରିବେଷଣ କରିଦେବେ । ସିଏ ସେମାନଙ୍କୁ ସେଗୁଡ଼ିକୁ ପଢ଼ିବା ଲାଗି କହିବେ ଏବଂ ସେଇଟି ଉପରେ ଗଭୀର ଚିନ୍ତା କରିବା ସକାଶେ ଅନୁରୋଧ କରିବେ ।*

*୩. ତା’ପରେ ପରବର୍ତ୍ତୀ କ୍ଲାସ୍‌ରେ, ଛାତ୍ରମାନେ ସେଗୁଡ଼ିକୁ ପଢ଼ି କ’ଣ ବୁଝିଲେ ଏବଂ ସେଗୁଡ଼ିକରୁ କିଭଳି ସିଦ୍ଧାନ୍ତରେ ଆସି ପହଞ୍ଚିଲେ, ସେହି ବିଷୟରେ ସେମାନଙ୍କୁ ମୌଖିକ ଭାବରେ ଆପଣାର ଭାବନାକୁ ବ୍ୟକ୍ତ କରିବାକୁ କିଂବା ଗୋଟିଏ ସାନ ପ୍ରବନ୍ଧରେ ତାହା ଲେଖିଦେବାକୁ ଅନୁରୋଧ କରାଯିବ ।*

*୨୫ ଅକ୍ଟୋବର ୧୯୫୯*

*ଏଥିରୁ ପ୍ରଥମଟି ବିଷୟରେ : ମାଆ କ'ଣ ଏହିକଥା ଇଚ୍ଛା କରୁଛନ୍ତି ଯେ, ବିଷୟଟିର ଉପସ୍ଥାପନା କଲାବେଳେ, ଶିକ୍ଷକ ଶ୍ରୀଅରବିନ୍ଦଙ୍କର ରଚନାରୁ ଆଦୌ କିଛି ନ ପଢ଼ି ସେହି କାର୍ଯ୍ୟଟିକୁ କରିବ ?*

ଶିକ୍ଷକ ଯଦି ଆବଶ୍ୟକ ମନେ କରିବ, ତେବେ ସିଏ ଶ୍ରୀଅରବିନ୍ଦଙ୍କର ରଚନାବଳୀରୁ କେତେକ ଅଂଶ ଛାତ୍ରମାନଙ୍କ ଆଗରେ ନିଶ୍ଚୟ ପାଠ କରିପାରିବ ।

*

*ଦ୍ୱିତୀୟଟି ବିଷୟରେ : ବିଷୟଟିର ଉପସ୍ଥାପନ କରି ସାରିବା ପରେ ଶିକ୍ଷକ କ'ଣ ଛାତ୍ରମାନଙ୍କୁ ପୁସ୍ତକଟିରୁ ସଙ୍ଗତ ଅଂଶଗୁଡ଼ିକୁ କେବଳ ବାଛିକରି ଦେଖାଇ ଦେବ ଓ ନିଜେ କ୍ଲାସ୍‌ରେ ସେଗୁଡ଼ିକରୁ ଗୋଟିଏ ହେଲେ ପାଠ କରିବ ନାହିଁ ? ସିଏ ସମୟ ହେଲେ ସେହି କ୍ଲାସ୍‌ରେହିଁ ଛାତ୍ରମାନଙ୍କୁ ସେହି ଅଂଶଗୁଡ଼ିକୁ ପାଠ କରିବାକୁ କହିବ କି ? ବା, ଛାତ୍ରମାନେ କେବଳ ଘରେ ସେଗୁଡ଼ିକୁ ପଢ଼ିବେ ବୋଲି କହି ଦିଆଯିବ ?*

ଶିକ୍ଷକ ଇଚ୍ଛାକଲେ ସେଗୁଡ଼ିକୁ ନିଜେ ପଢ଼ି ପାରିବ, ଛାତ୍ରମାନଙ୍କୁ ବି ମନେ ମନେ ଅଥବା ବଡ଼ ପାଟି କରି ସେଗୁଡ଼ିକୁ ପଢ଼ିବା ଲାଗି କହି ପାରିବ; କ୍ଲାସ୍‌ରେ ପଢ଼ିବାକୁ କହିପାରିବା ବା ଘରେ ବି ପଢ଼ିବା ଲାଗି କହି ପାରିବ । ଏସବୁ କଥା ସମୟ ଓ ବାତାବରଣଗୁଡ଼ିକ ଉପରେହିଁ ନିର୍ଭର କରିବ । ଅସଲ କଥା ହେଉଛି ଯେ ଶ୍ରୀଅରବିନ୍ଦଙ୍କର ଲେଖାଗୁଡ଼ିକର ଆଦୌ କୌଣସି ଚର୍ବିତଚର୍ବଣ ହେବ ନାହିଁ ଓ ତାହାକୁ ଅଧା ହଜମ କରାଯାଇଥିବା ଖାଦ୍ୟ ରୂପେ ଛାତ୍ରମାନଙ୍କ ଆଗରେ ପରିବେଷଣ କରି ଦିଆଯିବ ନାହିଁ । ଶିକ୍ଷକ ବିଷୟଟିର ଗ୍ରହଣ ଏବଂ ବୋଧ ଲାଗି ଅବଶ୍ୟ ସବୁପ୍ରକାରର ଉପାଦାନ ଯୋଗାଇ ଦେଇ ପାରିବେ, ମାତ୍ର ଏହି କ୍ଷେତ୍ରରେ ଛାତ୍ରର ସିଧା ସମ୍ପର୍କଟି ରହିଥିବ । ସିଏ ସନ୍ଦୀପନର ଆନନ୍ଦଟିକୁ ନିଜେ ଅନୁଭବ କରି ପାରୁଥିବ । ଛାତ୍ରର ମନ ଏବଂ ଶ୍ରୀଅରବିନ୍ଦଙ୍କର ମହାନ୍ ଚେତନା ମଧ୍ୟରେ ଆପଣାକୁ ଗୋଟାଏ ପରଦା ପରି ବିସ୍ତାରି ରଖିବା ଲାଗି ଶିକ୍ଷକ ଯେପରି ଆଦୌ କୌଣସି ଚେଷ୍ଟା ନ କରେ, ସେଥିଲାଗି ସିଏ ସର୍ବଦା ସାବଧାନ ରହିଥିବ ।

*

*ତୃତୀୟ କଥାଟି ବିଷୟରେ : ମାଆ କ'ଣ ଏପରି ଇଚ୍ଛା କରୁଛନ୍ତି ଯେ, ଗୋଟିଏ କ୍ଲାସ୍‌ରେ ପିଲାମାନେ କ'ଣ ବୁଝିଲେ, ତା'ର ଠିକ୍ ପରବର୍ତ୍ତୀ କ୍ଲାସ୍‌ରେ ପ୍ରତ୍ୟେକ ଥର ସେମାନଙ୍କୁ ସେହି କଥା ମୌଖିକ ଭାବରେ କହିବାକୁ ହେବ ବା ଲେଖିକରି ଦେବାକୁ ପଡ଼ିବ ବୋଲି ଛାତ୍ରମାନଙ୍କୁ କହି ଦିଆଯିବ ? ଯଦି ଗୋଟିଏ ବିଷୟ ବା*

*ଗୋଟିଏ ଅଧ୍ୟାୟକୁ ଶେଷ କରିବା ଲାଗି ଗୋଟିଏ କ୍ଲାସ୍‌ରୁ ବେଶୀ ସମୟ ଲାଗେ, ତେବେ ବିଷୟଟି ବା ଅଧ୍ୟାୟଟି ଶେଷ ହୋଇଯିବା ପରେ ଯାଇ କ'ଣ ଆପଣାର ଭାବନାକୁ ବ୍ୟକ୍ତ କରିବା ଲାଗି ଛାତ୍ରମାନଙ୍କୁ କୁହାଯିବ ?*

ସେହି କଥାକୁ ପ୍ରତ୍ୟେକ ଶିକ୍ଷକ ନିଜେ ଠିକ୍ କରିବେ ।

*ଶ୍ରୀଅରବିନ୍ଦଙ୍କର ରଚନାବଳୀ ଅଧ୍ୟୟନର ମୁଖ୍ୟ କାର୍ଯ୍ୟଟିର ପ୍ରାରମ୍ଭିକ ସୋପାନ ରୂପେ କେତେକ ଅନ୍ୟ ବିଷୟର ଅଧ୍ୟୟନ ନିର୍ଦ୍ଦିଷ୍ଟ କରି ଦିଆଯାଇଛି । ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥକୁ ଆରମ୍ଭ କରିବା ପୂର୍ବରୁ ସେହିସବୁ ପ୍ରାରମ୍ଭିକ ବିଷୟକୁ ସ୍ୱତନ୍ତ୍ର ଭାବରେ ଶିକ୍ଷା ଦେବା ପରିବର୍ତ୍ତେ ଜଣେ ଶିକ୍ଷକ ଦୁଇଟିଯାକକୁ ଏକାବେଳେକେ ଶିକ୍ଷା ଦେଇ ପାରିବ କି, ଶ୍ରୀଅରବିନ୍ଦଙ୍କର ବହିରେ ଥିବା ନିର୍ଦ୍ଦିଷ୍ଟ ବିଷୟଟିର ଉପସ୍ଥାପନା କରିବା ସମୟରେ ସିଏ ସଙ୍ଗେ ସଙ୍ଗେ ସମ୍ବନ୍ଧିତ ବିଚାରଗୁଡ଼ିକୁ ମଧ୍ୟ ବ୍ୟାଖ୍ୟା କରି କହି ଦେବ କି ?*

ତୁମେ ଯେପରି ଭଲ ବୋଲି ଭାବିବ ତାହା କରିବ । କିନ୍ତୁ ମୁଁ ଉପରେ ଯେଉଁଭଳି କହିଛି, ତୁମେ ସର୍ବଦା ଏହି ବିଷୟରେ ଯତ୍ନବାନ୍ ହୋଇ ରହିଥିବ ଯେ ଛାତ୍ରମାନଙ୍କୁ ଆଗ ଆବଶ୍ୟକ ତଥ୍ୟଗୁଡ଼ିକ ଓ ପ୍ରସ୍ତୁତିଟି ଉପଲବ୍ଧ ହୋଇ ସାରିଲେ ଯାଇ ସେମାନଙ୍କ ପାଖକୁ ଶ୍ରୀଅରବିନ୍ଦଙ୍କୁ ଅଣାଯିବ, ମାତ୍ର ତଥାପି ତାଙ୍କର ନବୀନତା ଏବଂ ଶକ୍ତିମତ୍ତା ସେହିପରି ଅତୁଟ ହୋଇ ରହିଥିବ ।

*ଶ୍ରୀଅରିବନ୍ଦଙ୍କର କୌଣସି ନିର୍ଦ୍ଦିଷ୍ଟ ଗ୍ରନ୍ଥକୁ ପଢ଼ାଉଥିବା ସମୟରେ ଶିକ୍ଷକ ଇଚ୍ଛାକଲେ ଅଧୀତ ବିଷୟଟି ଉପରେ ତାଙ୍କର ମତଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିଥିବା ଶ୍ରୀଅରବିନ୍ଦଙ୍କର ଅନ୍ୟ ଗ୍ରନ୍ଥଗୁଡ଼ିକରୁ ମଧ୍ୟ କେତେକ ଅଂଶକୁ ଅନ୍ତର୍ଭୁକ୍ତ କରି ପାରିବ କି ? ସେହିପରି ଭାବରେ, ସେ ଇଚ୍ଛାକଲେ ମାଆଙ୍କ ଲେଖାରୁ ମଧ୍ୟ କେତେକ ଅଂଶ ଅନ୍ତର୍ଭୁକ୍ତ କରି ପାରିବ କି ?*

ତୁମେ ଏତେ କୁଣ୍ଠିତ ହେଉଛ କାହିଁକି ଓ ନିଜକୁ ଏପରି ସୀମାବଦ୍ଧ କରି ରଖିବାକୁ ଇଚ୍ଛା କରୁଛ କାହିଁକି ? ତୁମେ ଆବଶ୍ୟକ ମନେ କଲେ ଶ୍ରୀଅରବିନ୍ଦ ଓ ମାଆଙ୍କର ଅନ୍ୟ ବହିଗୁଡ଼ିକୁ ନିଶ୍ଚୟ ଉଦ୍ଧାର କରିପାରିବ ।§

*୧୦ ନଭେମ୍ବର ୧୯୫୯*

*

*(''ଭାରତବର୍ଷର ଆଧ୍ୟାତ୍ମିକ ଇତିହାସ ବିଷୟରେ''– ଏହି ଶୀର୍ଷକରେ ଅଧ୍ୟୟନର ଏକ ପରିଯୋଜନାର ସାରାଂଶ ମାଆଙ୍କ ଆଗରେ ପଢ଼ି ଦିଆଯାଇଥିଲା । ମାଆ ମନ୍ତବ୍ୟ ଦେଇ କହିଲେ :)*

ନାଇଁ, ନାଇଁ ଏମିତି ମୋଟେ ଚଳିବ ନାହିଁ । ସେପରି ଭାବରେ ଏହା ମୋଟେ ହୋଇ ପାରିବ ନାହିଁ । ତୁମକୁ ଏତେବଡ଼ ଗୋଟାଏ ଢୋ ଶବ୍ଦ କରି ଆରମ୍ଭ କରିବାକୁ ହେବ ।

ତୁମେ ବିଶ୍ୱ-ଇତିହାସର ଅବିଚ୍ଛିନ୍ନତାକୁ ଦେଖାଇବାକୁ ଚେଷ୍ଟା କରୁଛ ଏବଂ ଶ୍ରୀଅରବିନ୍ଦଙ୍କୁ ତାହାରି ପରିଣାମ ଓ ପରାକାଷ୍ଠା ବୋଲି କହିବାକୁ ଚାହୁଁଛ । ଏଇଟା ସଂପୂର୍ଣ୍ଣ ମିଥ୍ୟା ।

ଶ୍ରୀଅରିବନ୍ଦ ଇତିହାସର ଏହି ଧାରାଟି ଭିତରେ ମୋଟେ ଅନ୍ତର୍ଗତ ହୋଇ ରହି ନାହାନ୍ତି; ସିଏ ଏହି ଧାରାଟିର ବାହାରେ ରହିଛନ୍ତି, ସେହି ଧାରାର ଅତୀତ ହୋଇ ରହିଛନ୍ତି ।

ଶ୍ରୀଅରବିନ୍ଦଙ୍କର ଆବିର୍ଭାବ ପର୍ଯ୍ୟନ୍ତ ଯାବତୀୟ ଧର୍ମ ଓ ଯାବତୀୟ ଆଧ୍ୟାତ୍ମିକତା ଅତୀତର ନାନା ଚିତ୍ର ଉପରେହିଁ କେନ୍ଦ୍ରିତ ହୋଇ ରହିଥିଲେ । ଏହି ଭୂପୃଷ୍ଠର ଜୀବନକୁ ଅସ୍ୱୀକାର କରିବାକୁହିଁ ସେମାନେ 'ଲକ୍ଷ୍ୟ' ବୋଲି ଦେଖାଉ ଥିଲେ । ତେଣୁ, ସେଥିରେ ମନୁଷ୍ୟ ଆଗରେ କେବଳ ଦୁଇଟି ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିନେବାରହିଁ ବାଟ ଉନ୍ମୁକ୍ତ ରହିଥିଲା : ହୁଏତ

– **ଏଇଠି** ଏହି ସଂସାରରେ ଏକ ଜୀବନ, ଯେଉଁଥିରେ କି କ୍ଷୁଦ୍ର ଯାବତୀୟ ସୁଖ ଓ ଦୁଃଖ ପରିପୂର୍ଣ୍ଣ ହୋଇ ରହିଥିବ, ଯାବତୀୟ କ୍ଷୁଦ୍ର ଆନନ୍ଦ ଓ କଷ୍ଟଭୋଗ ପୂର୍ଣ୍ଣ ହୋଇ ରହିଥିବ; ତୁମେ ଯଦି ଏଠାରେ ଉଚିତ ଆଚରଣ ଦେଖାଇ ନପାରିଲ, ତେବେ ପରେ ନର୍କଭୋଗ କରିବାର ଭୟଟି ମଧ୍ୟ ତୁମ ଆଗରେ ସର୍ବଦା ବିଦ୍ୟମାନ ରହିଥିବ, କିଂବା,

– ତୁମେ ଆଉ ଏକ ଜଗତ୍ **ମଧ୍ୟକୁ** ପଳାଇ ବାହାରିଯିବ, ଏକ ସ୍ୱର୍ଗ, ନିର୍ବାଣ ଏବଂ ମୋକ୍ଷ ଭିତରକୁ ବାହାରିଯିବ......

ଏହି ଦୁଇଟିରୁ ନିଜ ପାଇଁ ଗୋଟିଏ ବାଛି ନେବାରେ ଆଦୌ ଖୁବ୍‌ବେଶୀ ପାର୍ଥକ୍ୟ ନଥିବ; ଦୁଇଟିଯାକ ସମାନ ଭାବରେ ଅନର୍ଥପୂର୍ଣ୍ଣ ହୋଇ ରହିଥିବ ।

ଏହା ଯେ ମୂଳତଃ ଏକ ଭ୍ରମ ଓ ପ୍ରମାଦ, ଶ୍ରୀଅରବିନ୍ଦ ଆମକୁ ସେହିକଥା କହି ଯାଇଛନ୍ତି ଏବଂ ସେହି ପ୍ରମାଦଟି ସକାଶେହିଁ ଭାରତ ଦୁର୍ବଳ ହୋଇ ରହିଛି ଓ ଭାରତର ଅଧଃପତନ ଘଟିଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ମାୟାବାଦ ତିନୋଟିଯାକ ଧର୍ମ ମିଶି ଭାରତବର୍ଷର ପ୍ରାଣରୁ ସକଳ ଶକ୍ତିରସକୁ ଶୋଷି ତାହାକୁ ଶୁଷ୍କ କରି ପକାଇଛନ୍ତି ।

ଏକଥା ସତ ଯେ ଭାରତ ହେଉଛି ପୃଥିବୀର ଏକମାତ୍ର ସ୍ଥାନ, ଯିଏ କି ଜଡ଼ ବ୍ୟତୀତ ଆଉ ଏକ ସତ୍ୟ ଅବଶ୍ୟ ରହିଛି ବୋଲି ତଥାପି ସଚେତନ ହୋଇ ରହିଛି ।

ଅନ୍ୟସବୁ ଦେଶ ସେହି କଥାଟିକୁ କୁଆଡ଼େ ପାସୋରି ଦେଇ ସାରିଲେଣି : ଇଉରୋପ, ଆମେରିକା ଓ ଆଉ ସମସ୍ତେ ତାହାକୁ କୁଆଡ଼େ ପାସୋରି ଦେଲେଣି ।... ସେହି କାରଣରୁହିଁ ଜଗତ ଲାଗି ସଂରକ୍ଷିତ କରି ରଖିବାକୁ ଏବଂ ଜଗତରେ ବିତରଣ କରିବାକୁ ଭାରତ ପାଖରେ ତଥାପି ଏକ ସନ୍ଦେଶ ରହିଛି । ମାତ୍ର ବର୍ତ୍ତମାନ ମୁହୂର୍ତ୍ତରେ ଭାରତବର୍ଷ ସତେଅବା ସ୍ୱୟଂ ଏକ ବିଭ୍ରାନ୍ତି ମଧ୍ୟରେ ବୁଡ଼ି ରହିଛି ଓ ଛଟପଟ ହେବାରେ ଲାଗିଛି ।

ପାର୍ଥିବ ଜୀବନକୁ ଛାଡ଼ି ପଳାଇ ଯିବାରେ ଯେ ଆଦୌ କୌଣସି ସତ୍ୟ ନିହିତ ହୋଇ ରହି ନାହିଁ, ଏହି ଜୀବନ **ମଧ୍ୟରେ** ତିଷ୍ଠି ରହିବାରେ, ତାହାକୁ **ରୂପାନ୍ତରିତ କରିବାରେ** ଏବଂ ଏକ **ଦିବ୍ୟ ଜୀବନରେ ପରିଣତ କରିବାରେ** ଯେ ସତ୍ୟ ନିହିତ ହୋଇ ରହିଛି, ଶ୍ରୀଅରବିନ୍ଦ ସେହି କଥାଟିକୁ ଦର୍ଶାଇ ଦେଇଛନ୍ତି । ସେହି ରୂପାନ୍ତର ଓ ଦିବ୍ୟତାର ସଂସ୍ଥାପନ ଦ୍ୱାରା ଏହିଠାରେହିଁ ପରମେଶ୍ୱରଙ୍କର ପ୍ରକାଶ ଘଟିବ, ଏହି **ସ୍ଥୂଳ ଜଡ଼ ଜଗତରେହିଁ** ସେହି ପ୍ରକାଶ ଘଟିବ ।

ନିଜର ସର୍ବପ୍ରଥମ କ୍ଲାସ୍‌ରେ ତୁମକୁ ଏହି କଥାଟିକୁ କହିଦେବାକୁ ପଡ଼ିବ । ତୁମକୁ ସତ୍ୟନିଷ୍ଠ ଏବଂ ସ୍ପଷ୍ଟହିଁ ହେବାକୁ ପଡ଼ିବ ।... ଠିକ୍ ସେହିପରି (ନିଜ ହାତରେ ମାଆ ଟେବୁଲ୍ ଉପରେ ଏକ ବୃହତ୍ ବର୍ଗକ୍ଷେତ୍ରର ନକ୍‌ସା ଆଙ୍କିଦେଲେ) ସତ୍ୟନିଷ୍ଠ ଏବଂ ସ୍ପଷ୍ଟ ହେବାକୁ ପଡ଼ିବ ।

ଯେତେବେଳେ ଯଥାର୍ଥ ଦୃଢ଼ତା ଏବଂ ସ୍ପଷ୍ଟତା ସହିତ ତୁମେ ସେହି କଥାଟିକୁ କହିଦେଇ ସାରିବ, ଏବଂ ସେଥିରେ କୌଣସିଠାରେ ଆଦୌ କୌଣସି ସନ୍ଦେହ ରହିବ ନାହିଁ, କେବଳ ସେତେବେଳେ ଯାଇ ତୁମେ ଅନ୍ୟ କଥାଗୁଡ଼ିକର କଥା କହିବ ଏବଂ ବିଭିନ୍ନ ଧର୍ମ ତଥା ଧର୍ମକ୍ଷେତ୍ରର ଓ ଆଧ୍ୟାତ୍ମିକ କ୍ଷେତ୍ରର ନେତାମାନଙ୍କ କଥା କହି ହୁଏତ ସେମାନଙ୍କର ଚିତ୍ତବିନୋଦନ କରିବ ।

ତେବେ ଯାଇ — କେବଳ ତେବେ ଯାଇ,— ସେହି ବିଭିନ୍ନ ଧର୍ମ ତଥା ଧର୍ମସ୍ତରୀୟ ନେତାମାନେ ଦୁର୍ବଳତା ଏବଂ ଅସତ୍ୟର ଯେଉଁ ବୀଜଟିକୁ ଆପଣା ଭିତରେ ପ୍ରଶ୍ରୟ ଦେଇଛନ୍ତି ଓ ଘୋଷଣା କରି ଯାଇଛନ୍ତି, ତୁମେ ସେ କଥା ଦେଖାଇ ଦେବାକୁ ପ୍ରକୃତରେ ସମର୍ଥ ହେବ ।

ତେବେ ଯାଇ,— ଏବଂ କେବଳ ତେବେଯାଇ, ତୁମେ ବିଭିନ୍ନ କାଳରେ, ବିଭିନ୍ନ ସ୍ଥାନରେ ହୁଏତ ପ୍ରକୃତରେ ଏକ 'ସମ୍ବୋଧିଗତ ସଙ୍କେତ' ପାଇପାରିବ ଯେ ଆଉ କିଛି

ନିଶ୍ଚୟ ସମ୍ଭବ ହେବ । ଉଦାହରଣ ସ୍ୱରୂପ, ବେଦରେ ପାଇପାରିବ (ଯେଉଁଠି ଅତ୍ୟନ୍ତ ଗଭୀରକୁ ଯାଇ ପଣିମାନଙ୍କର ଗୁହାରେ ପ୍ରବିଷ୍ଟ ହେବା ବିଷୟରେ କୁହାଯାଇଛି); ହଁ, ତନ୍ତ୍ରରେ ମଧ୍ୟ ପାଇବ, ସେଠାରେ ମଧ୍ୟ ଏକ କ୍ଷୁଦ୍ର ଆଲୋକ ଜଳୁଥିବାର ଦେଖିବାକୁ ପାଇବ ।§

*୩୧ ମାର୍ଚ୍ଚ ୧୯୬୭*

*

ଶ୍ରୀଅରବିନ୍ଦ ଅତୀତର ନୁହନ୍ତି, ଇତିହାସର ବି ନୁହନ୍ତି ।

ଆମେ ଶ୍ରୀଅରବିନ୍ଦଙ୍କୁ ସେହି ଭବିଷ୍ୟ ବୋଲି ଜାଣିବା, ଯାହାକି ଆପଣାକୁ ରୂପାୟିତ କରି ଆଣିବା ଲାଗି ଅଗ୍ରସର ହେବାରେ ଲାଗିଛି ।

ତେଣୁ, ଯେପରି ଆମେ ବିଭ୍ରାନ୍ତ ହୋଇ ପଛରେ ରହି ନ ଯିବା, ସେଥିପାଇଁ ଏକ ଦ୍ରୁତ ଅଗ୍ରଗତି ଲାଗି ଆବଶ୍ୟକ ହେଉଥିବା ସେହି ଚିରନ୍ତନ ତାରୁଣ୍ୟମୟତାକୁହିଁ ଆମେ ଆମ ଭିତରେ ସତତ ସଞ୍ଚିତ କରି ରଖିବା ।

*୨ ଏପ୍ରିଲ୍ ୧୯୬୭*

*

*କୌଣସି ବିଷୟ ବାଧ୍ୟତାମୂଳକ ହୋଇ ରହିବ ନାହିଁ ବୋଲି ପ୍ରସ୍ତାବ ହୋଇଛି,* ଶ୍ରୀଅରବିନ୍ଦଙ୍କର ବିଚାରର ଅଧ୍ୟୟନର କ୍ଷେତ୍ରରେ ମଧ୍ୟ ସେଇଟି ପ୍ରଯୁଜ୍ୟ ହେବ କି ନାହିଁ, ଆମେ ମାଆଙ୍କୁ ସେ କଥା ପଚାରି ବୁଝିବା ବୋଲି 'କ' ମୋତେ କହିଲେ ।*

ହଁ ।

*ସିଏ କହିଲେ ଯେ ଯେତେବେଳେ କେତେ ବର୍ଷ ତଳେ ଉଚ୍ଚତର ପାଠକ୍ରମର ବ୍ୟବସ୍ଥା ଆରମ୍ଭ କରାଗଲା, ସେତେବେଳେ ଏଇଟି ବିଷୟରେ ମାଆଙ୍କର ମୁଖ୍ୟ ଅଭିପ୍ରାୟ ରହିଥିଲା ଯେ, ଛାତ୍ରମାନେ ସମସ୍ତେ ଶ୍ରୀଅରବିନ୍ଦଙ୍କର ବିଚାର ଏବଂ ଶିକ୍ଷାକୁ ଯଥେଷ୍ଟ ଭାବରେ ବୁଝି ପାରିବେ, ଏବଂ ସେହି ଉଦ୍ଦେଶ୍ୟରେହିଁ ସେ ସାଧାରଣ ପାଠକ୍ରମଟିକୁ ସମସ୍ତଙ୍କ ଲାଗି ବାଧ୍ୟତାମୂଳକ କରି ରଖିଥିଲେ । ଆମର ଏହି ଶିକ୍ଷାକେନ୍ଦ୍ର ପ୍ରଥମତଃ ଶ୍ରୀଅରବିନ୍ଦଙ୍କର ଶିକ୍ଷାଗୁଡ଼ିକର ପ୍ରଦାନ ଏବଂ ଗ୍ରହଣ କରିବା ସକାଶେହିଁ ଅଭିପ୍ରେତ ହୋଇ ରହିଛି; ଓ ତେଣୁ ସେଗୁଡ଼ିକର ଅଧ୍ୟୟନକୁ*

---

* ପ୍ରତ୍ୟେକ ଛାତ୍ର ମୁକ୍ତ ଭାବରେ ନିଜ ଅଧ୍ୟୟନର ବିଷୟଟିକୁ ଠିକ୍ କରିବ ଏବଂ ତା'ର ସେହି ନିଷ୍ପତ୍ତିରେ ସଂପୃକ୍ତ ଛାତ୍ରଟିର ଏକ ପ୍ରକୃତ ଏବଂ ଆନ୍ତରିକ ଅନ୍ବେଷଣ ଅବଶ୍ୟ ପ୍ରତିଫଳିତ ହେଉଥିବ । (ପ୍ରଥମ ପ୍ରସ୍ତାବ, ପୃ. ୨୬୪ ଦ୍ରଷ୍ଟବ୍ୟ)

*ଐଚ୍ଛିକ କରି କିପରି ରଖାଯାଇ ପାରିବ ? ବସ୍ତୁତଃ, ଏପରି ଅନୁମାନ କରିନେବା ପ୍ରକୃତରେ ଏକ ଆଶ୍ଚର୍ଯ୍ୟର କଥା ହେବ ଯେ ଆମ ଶିକ୍ଷାକେନ୍ଦ୍ରର କୌଣସି ଛାତ୍ର ଶ୍ରୀଅରବିନ୍ଦଙ୍କର ରଚନାବଳୀକୁ ଅଧ୍ୟୟନ କରିବାକୁ ହୁଏତ ଆଗ୍ରହ ପ୍ରକାଶ କରିବ ନାହିଁ । ଏବଂ ଯଦି ସିଏ ଏଥିରେ କୌଣସି ଆଗ୍ରହ ପ୍ରକାଶ ନ କରେ, ତେବେ ଆମ ଶିକ୍ଷାକେନ୍ଦ୍ରରେ ସିଏ ଜଣେ ଛାତ୍ର ହୋଇ ରହିଛି ବୋଲି କିପରି ପ୍ରତ୍ୟାଶା* କରାଯାଇ ପାରିବ ?

ହଁ, ଯେଉଁମାନେ ସ୍କୁଲ୍‌ରେ ଶିକ୍ଷା କରିବାକୁ ଇଚ୍ଛା କରିବେ, ସେମାନଙ୍କ ପାଇଁ ଐଚ୍ଛିକ ହୋଇ ରହିବ; ମାତ୍ର ଯେଉଁମାନେ ଏକାକୀ ଅଧ୍ୟୟନ କରିବାକୁ ଇଚ୍ଛା କରୁଥିବେ, ସେମାନଙ୍କ ଲାଗି ନୁହେଁ ।

*ନଭେମ୍ବର ୧୯୬୭*

*

*ଏକ ପ୍ରସ୍ତାବରେ ଏହାକୁ ଉଚିତ ବୋଲି କୁହାଯାଇଛି ଯେ, ମାଆଙ୍କର ଯେଉଁସବୁ ପ୍ରବଚନ ଏବଂ ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଲେଖା ପ୍ରଥମତଃ ଶିକ୍ଷା-କେନ୍ଦ୍ରର ପିଲାମାନଙ୍କ ସକାଶେ ଲେଖା ହୋଇଛି ଓ* **ବୁଲେଟିନ୍**‌*ରେ ପ୍ରକାଶିତ ହୋଇଛି, ସେଗୁଡ଼ିକୁ ହୁଏତ କ୍ଲାସ୍ ଭିତରେ ପିଲାମାନଙ୍କ ଆଗରେ ପଢ଼ି ଦିଆଯାଇ ପାରିବ ଓ ସେମାନଙ୍କୁ ସେଗୁଡ଼ିକର ଅର୍ଥ ବୁଝାଇ ଦିଆଯାଇ ପାରିବ । ସେଥିଲାଗି ଏପରି ପ୍ରସ୍ତାବିତ ହୋଇଛି ଯେ, ମାସରେ ଦୁଇଟି ବା ଗୋଟିଏ ପିରିଅଡ୍ ଦିଆଯାଇ ପାରିବ । ଏହିସବୁ କ୍ଲାସ୍ କେଉଁ ଭାଷାରେ ହେବ, ସେଥିଲାଗି ଆମେ ମାଆଙ୍କୁ ଏକ ନିଷ୍ପତ୍ତି କରିଦେବା ପାଇଁ ଅନୁରୋଧ କରୁଛୁ ।*

ଯଦି ତୁମେମାନେ ମୋର ଲେଖା କିଂବା କଥୋପକଥନଗୁଡ଼ିକୁ ବ୍ୟବହାର କରିବାକୁ ଇଚ୍ଛା କରୁଛ, ତେବେ ତୁମକୁ ତାହା **ଫରାସୀ ଭାଷାରେ**ହିଁ କରିବାକୁ ହେବ ।

*୨୭ ଜୁଲାଇ ୧୯୫୯*

*

ଶ୍ରୀଅରବିନ୍ଦଙ୍କୁ ଆମେ ଇଂରାଜୀରେ ପଢ଼ିବା ଏବଂ ମୋର ଲେଖାଗୁଡ଼ିକୁ ଫରାସୀ ଭାଷାରେହିଁ ପଢ଼ାଯିବ ।

*୪ ମାର୍ଚ୍ଚ ୧୯୬୬*

*

*ଶ୍ରୀଅରବିନ୍ଦଙ୍କୁ ବୁଝିବା ଲାଗି ବର୍ଷେ ଦୁଇବର୍ଷ ସମୟ ଲାଗିବ ବୋଲି ଆପଣ କହିଛନ୍ତି । ତେବେ ଶିକ୍ଷକମାନେ ଆମକୁ (କ୍ଲାସ୍‌ଗୁଡ଼ିକରେ ପଢ଼ା ହେଉଥିବା ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକ ବିଷୟରେ) କୌଣସି ପ୍ରଶ୍ନ କରିବାକୁ ଆପଣ ଯଥାର୍ଥ ବୋଲି ଭାବୁଛନ୍ତି କି ?*

ମୁଁ କହିଥିଲି ଯେ ଯଥାର୍ଥ ଭାବରେ ବୁଝି ପାରିବାକୁ କେତେ ନା କେତେ ବର୍ଷ ସମୟ ଲାଗିବ । ମାତ୍ର ଯଦି ତୁମେ ପ୍ରକୃତରେ ବୁଦ୍ଧିମାନ୍ ହୋଇଥିବ, ତେବେ ତୁମେ **ସଙ୍ଗେ ସଙ୍ଗେ** ନିଶ୍ଚୟ କିଛି ନା କିଛି ବୁଝିପାରିବ । ଏବଂ, ପ୍ରଶ୍ନ ପଚାରି ଶିକ୍ଷକ ତୁମର ସେହି ବୁଦ୍ଧିମତ୍ତାର ମାତ୍ରାଟିକୁହିଁ କଳିବାକୁ ଇଚ୍ଛା କରୁଛନ୍ତି ।

*୭ ଅକ୍‌ଟୋବର ୧୯୬୭*

*

*ମୋ' କାର୍ଯ୍ୟର ସ୍ୱଭାବଟି ଏପରି ଯେ, ମୋତେ ସତତ କେବଳ ପଢ଼ିବାକୁ, ଲେଖିବାକୁ ଏବଂ ଚିନ୍ତା କରିବାକୁ ପଡ଼ିଥାଏ । ଏହାର ପରିଣାମ ସ୍ୱରୂପ ମୋତେ ଅଧିକାଂଶତଃ ମୋର ମାନସିକ ଭୂମିରେହିଁ ଜୀବନ ବଞ୍ଚିବାକୁ ପଡ଼ିଥାଏ । ସତତ ଏହିପରି ଭାବରେ ସେହି ମାନସିକ କ୍ରିୟାଶୀଳତା ମଧ୍ୟରେହିଁ ଘୁରାଇ ତୁରାଇ ହୋଇ ରହିବା ଦ୍ୱାରା ମୁଁ ମୋ'ର ଚୈତ୍ୟ କେନ୍ଦ୍ରଟିର ଉନ୍ମୋଚିତ ହୋଇ ଯିବାର କ୍ଷେତ୍ରରେ ବେଶ୍ ଏକ ଅନ୍ତରାୟ ରହିଥିବାର ଅନୁଭବ କରିଥାଏ । ଏହାଦ୍ୱାରା ମୋର ଜୀବନ ବି କ୍ରମଶଃ ଭାରି ଶୁଷ୍କ ଏବଂ ଅସ୍ଥିର ହୋଇ ପଡ଼ିଛି । ଆପଣ* ***ବୁଲେଟିନ୍***‌*ରେ କହିଛନ୍ତି ଯେ ବର୍ତ୍ତମାନ ଆପଣାକୁ ଅଭିବ୍ୟକ୍ତ କରି ଆଣୁଥିବା ସେହି ନୂତନ ପରମଚେତନାକୁ ଗ୍ରହଣ କରି ପାରିବା ସକାଶେ ଏହିପରି ଭାବରେ ସତତ ମାନସିକ କ୍ରିୟାଶୀଳତା ମଧ୍ୟରେ ବ୍ୟସ୍ତ ରହିବା ଆଦୌ ଅନୁକୂଳ ହେବ ନାହିଁ । ମାତ୍ର, ମୋତେ କରିବାକୁ ପଡୁ ଥିବା କାର୍ଯ୍ୟଟି ଯଦି ତାହାହିଁ ଦାବି କରୁଥାଏ, ତେବେ ସେହି ସ୍ଥଳରେ ମୁଁ ଆଉ କ'ଣ କରି ପାରିବି ?*

ତୁମେ ଗୋଟିଏ କଥା ଭୁଲି ଯାଉଥିବା ପରି ମନେ ହେଉଛି ଯେ, ଶ୍ରୀଅରବିନ୍ଦ ଦୀର୍ଘ ଅନେକ ବର୍ଷ ଧରି **ଆର୍ଯ୍ୟ** ପତ୍ରିକାର* ସମୁଦାୟ ଅଂଶଟିକୁ ଲେଖୁ ଥିଲେ । ସେ ସେତେବେଳେ ମନୋଭୂମିରେ ସଂପୂର୍ଣ୍ଣ ନୀରବ ହୋଇ ରହୁଥିଲେ ଏବଂ ଊର୍ଦ୍ଧ୍ୱରୁ ଆସୁଥିବା

* ଏହି ନାମର ଏକ ମାସିକ ପତ୍ରିକାରେ (୧୯୧୪-୧୯୨୧) ଶ୍ରୀଅରବିନ୍ଦଙ୍କର ଗଦ୍ୟରଚନାଗୁଡ଼ିକ ସର୍ବପ୍ରଥମେ ବାହାରିଥିଲା ।

ପ୍ରେରଣାଟି ତାଙ୍କର ମନ ଭିତର ଦେଇ ତାଙ୍କ ହାତଗୁଡ଼ିକର ମାଧ୍ୟମରେ ଟାଇପ୍ ରାଇଟର ଉପରେ ଯେପରି ନିଜକୁ ବ୍ୟକ୍ତ କରିଦେଇ ପାରିବ, ସେଥିଲାଗି ସେ ସଂପୂର୍ଣ୍ଣ ଭାବରେ ବାଟ ଛାଡ଼ି ଦେଉଥିଲେ ।

*୭ ମାର୍ଚ୍ଚ ୧୯୬୯*

*

**'ଆର୍ଯ୍ୟ'** ପତ୍ରିକା ପଢ଼ିବା ପ୍ରକୃତରେ ଏକ ଉତ୍ତମ ବିଚାର । ତୁମେ ନିଜେ ତାହାକୁ ପଢ଼ି ଯେତେଟିକିଏ ବି ବୁଝିବାକୁ ସମର୍ଥ ହୁଅନା କାହିଁକି, ଆଉ ଜଣେ କରି ଦେଉଥିବା ଏକ ସମୁଦ୍ର ପ୍ରମାଣ ବ୍ୟାଖ୍ୟା ତୁଳନାରେ ତାହା ନିଶ୍ଚୟ ଅଧିକ ଭଲ ହେବ, ଅଧିକ ଫଳପ୍ରଦ ମଧ୍ୟ ହେବ ।

ତୁମେ ଜୀବବିଜ୍ଞାନ ପଢ଼ାଇଲେ ତଦ୍ଦ୍ୱାରା ନିଶ୍ଚୟ ଅନେକ ଉପକାର ହେବ । ମାତ୍ର ତା' ସହିତ ଶ୍ରୀଅରବିନ୍ଦଙ୍କର ରଚନାବଳୀର ଅଧ୍ୟୟନ ମଧ୍ୟ ଅବଶ୍ୟ ଲାଗି ରହିଥିବ ।

ସଂଖ୍ୟାବୃଦ୍ଧି କରାଇ ଅଧିକରୁ ଅଧିକ କାର୍ଯ୍ୟ କରିବା ଅପେକ୍ଷା, ନିଜେ ତୁମେ ଯାହାକୁ ଅତ୍ୟନ୍ତ ଉତ୍ତମ ଭାବରେ ଓ ସଂପୂର୍ଣ୍ଣ ଗମ୍ଭୀରତା ସହିତ କରିବ, ତାହା ନିଶ୍ଚୟ ଅଧିକ ଭଲ ହେବ ।

ଜଣେ ଭଲ ଶିକ୍ଷକ ହୋଇ ପାରିବା ମୋଟେ ସହଜ ନୁହେଁ; ମାତ୍ର ଜଣେ ଭଲ ଶିକ୍ଷକ ହେବାକୁ ଚେଷ୍ଟା କଲେ ତୁମକୁ ତାହା ଭାରି ଆଗ୍ରହୋଦ୍ଦୀପକ ଲାଗିବ ଏବଂ ଆପଣାର ଉତ୍ତରୋତ୍ତର ବିକାଶ ଲାଗି ମଧ୍ୟ ଏକ ଉତ୍ତମ ଅବସର ମିଳିଯାଇ ପାରିବ ।

ଶ୍ରୀଅରବିନ୍ଦଙ୍କ ରଚନାବଳୀର ଅଧ୍ୟୟନ ବିଷୟରେ ମୁଁ ଏତିକି କହିବି ଯେ, ତାହା ଆମମାନଙ୍କ ଲାଗି ଭବିଷ୍ୟତର ଦ୍ୱାରକୁ ଉନ୍ମୁକ୍ତ କରି ଦେଇଯିବ ।

*୧୬ ନଭେମ୍ବର ୧୯୭୨*

*

*ଆମେ ଯାହାକିଛି ପଢୁଛୁ, ଅଧ୍ୟୟନ କରୁଛୁ ବା ଶିକ୍ଷା କରୁଛୁ, ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକ ତୁଳନାରେ ତାହା ସତେଅବା ଗୁଡ଼ାଏ ମିଥ୍ୟାର ଗୋଟାଏ ଗଦା ପରି ମନେ ହେଉଛି । ତେବେ ସେଗୁଡ଼ାକରେ ଆମେ ଆଉ କାହିଁକି ଅଯଥା ସମୟ ନଷ୍ଟ କରିବା ?*

ମୁଁ ଭାବୁଛି, କେବଳ ମନର ଏକ କସରତ୍ ଲାଗିହିଁ ତାହାର ଏକ ଆବଶ୍ୟକତା ରହିଥିବ ।

*

*ମାଆ, ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରି ମୁଁ ଦର୍ଶନତତ୍ତ୍ୱ ଏବଂ ନୀତିଶାସ୍ତ୍ର*

*ଅଧ୍ୟୟନ କରିବାକୁ ଇଚ୍ଛା କରୁଛି । ମୁଁ ଦିବ୍ୟ-ଜୀବନ ଗ୍ରନ୍ଥଟିକୁ ପଢ଼ିବାକୁ ବି ଇଚ୍ଛା କରୁଛି ।*

ଯଦି ତୁମେ ଦର୍ଶନତତ୍ତ୍ୱ ଏବଂ ନୀତିଶାସ୍ତ୍ର ଅଧ୍ୟୟନ କରିବାକୁ ଇଚ୍ଛା କରୁଥାଅ, ତେବେ, ନିଜର ମସ୍ତିଷ୍କକୁ କିଞ୍ଚିତ୍ ସଞ୍ଚାଳନ ଆଣିଦେବା ଲାଗିହିଁ କେବଳ ଏକ **ମାନସିକ କସରତ** ରୂପେ ତାହା କରିବାକୁ ପଡ଼ିବ । ମାତ୍ର ସେହି ଅଧ୍ୟୟନଟିକୁ କରିବା ସମୟରେ ଏକଥା କଦାପି ଭୁଲିଯିବ ନାହିଁ ଯେ, **ତାହା ତୁମ ଜ୍ଞାନଲାଭର ଅସଲ ଉତ୍ସ କଦାପି ନୁହେଁ** ଏବଂ ଏହି ଉପାୟରେ ତୁମେ କଦାପି ଯଥାର୍ଥ ଜ୍ଞାନ ପ୍ରାପ୍ତ କରିପାରିବ ନାହିଁ । ଅତ୍ୟନ୍ତ ସ୍ପଷ୍ଟ କଥା ଯେ **ଦିବ୍ୟଜୀବନ** ଗ୍ରନ୍ଥର କ୍ଷେତ୍ରରେ ଏହା କଦାପି ପ୍ରଯୁଜ୍ୟ ହେବ ନାହିଁ ।

*

ମୁଁ ଭାବୁଛି ଯେ, ଗୃହ ନିର୍ମାଣ-ବିଭାଗ କାର୍ଯ୍ୟଟି ବ୍ୟତୀତ, ଯଦି ତୁମେ କିଛି ଅଧ୍ୟୟନ କରିବ ବୋଲି ଅନୁଭବ କରୁଛ, ତେବେ ଆଦୌ ତରତର ନ ହୋଇ ଗମ୍ଭୀର ଓ ଯତ୍ନଶୀଳ ଭାବରେ ଶ୍ରୀଅରବିନ୍ଦଙ୍କର ରଚନାବଳୀ ପାଠ କରିବା ତୁମ ଲାଗି ଅଧିକ ଲାଭଜନକ ହେବ । ତୁମ ସାଧନା ଲାଗି ମଧ୍ୟ ଅନ୍ୟ ଯେକୌଣସି କାର୍ଯ୍ୟ ଅପେକ୍ଷା ତାହା ଅଧିକ ସାହାଯ୍ୟ କରିପାରିବ ।

*୯ ମାର୍ଚ୍ଚ ୧୯୪୧*

*

*ଶ୍ରୀଅରବିନ୍ଦଙ୍କ ଲିଖିତ କେଉଁ ବହିଟିକୁ ମୁଁ ଆଗ ପଢ଼ିବି ?*

**ଦିବ୍ୟଜୀବନ ।**

ମୋର ଅନେକ ଆଶୀର୍ବାଦ ।

*୧୧ ମାର୍ଚ୍ଚ ୧୯୪୧*

*

*(ଏକ ଅଧ୍ୟୟନ-ଗୋଷ୍ଠୀ ଲାଗି ମାଆ ନିମ୍ନଲିଖିତ ଏହି କାର୍ଯ୍ୟକ୍ରମଟିକୁ ଲେଖିକରି ଦେଇଥିଲେ ।)*

୧. ପ୍ରାର୍ଥନା (ଶ୍ରୀଅରବିନ୍ଦ, ମାଆ – ଆପଣମାନଙ୍କର ଶିକ୍ଷାକୁ ବୁଝିବା ଲାଗି ଆମର ଉଦ୍ୟମରେ ଆମକୁ ସାହାଯ୍ୟ କରନ୍ତୁ ।)

୨. **ଶ୍ରୀଅରବିନ୍ଦଙ୍କ ଲିଖିତ ପୁସ୍ତକର ଅଧ୍ୟୟନ ।**

୩. ନୀରବ ରହିବାର ଏକ ମୁହୂର୍ତ୍ତ ।

୪. **ଯାହା ପଢ଼ା ହୋଇଛି,** ସେହି ବିଷୟରେ ଯଦି କେହି ପ୍ରଶ୍ନ ପଚାରିବାକୁ ଇଚ୍ଛା କରିବ, ତେବେ ସେ ଗୋଟିଏ ପ୍ରଶ୍ନ ପଚାରି ପାରିବ ।

୫. ସେହି ପ୍ରଶ୍ନଟିର ଉତ୍ତର ।

୬. କୌଣସି ପ୍ରକାର ସାଧାରଣ ଆଲୋଚନା ହେବ ନାହିଁ ।

ଏଇଟିକୁ ଆମେ କୌଣସି ଏକ **ଗୋଷ୍ଠୀର** ବୈଠକ ବୋଲି କହିବା **ନାହିଁ;** ଏହାକୁ ଆମେ ଶ୍ରୀଅରବିନ୍ଦଙ୍କର ରଚନାବଳୀକୁ ପଢ଼ିବା ଲାଗି ଉଦ୍ଦିଷ୍ଟ ଏକ କ୍ଲାସ୍ ବୋଲି ଜାଣିବା ।

*୩୧ ଅକ୍ଟୋବର ୧୯୪୨*

*

## ଭାଷା

ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଏକତ୍ୱ ସ୍ଥାପନ କରିବାକୁ, ଗୋଟିଏ ପାଖରେ ସର୍ବୋତ୍ତମ ବୋଲି ଯାହାକିଛି ରହିଛି, ତାହାକୁ ଅନ୍ୟଟିକୁ ଦେଇପାରିବାକୁ ଏବଂ ଏକ ଯଥାର୍ଥ ସମନ୍ୱୟ ସମ୍ଭବ କରିବାକୁ ଏଠାରେ ଯାବତୀୟ ପ୍ରକାରର ଅଧ୍ୟୟନ ଲାଗି ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ । ଆମର ଏହି ବିଦ୍ୟାଳୟଟି ସେହି ବିଶ୍ୱବିଦ୍ୟାଳୟର ଏକ କେନ୍ଦ୍ରସ୍ୱରୂପ ହୋଇ ରହିବ ।

ଆମ ବିଦ୍ୟାଳୟରେ ମୁଁ ଫରାସୀ ଭାଷାକୁ ଶିକ୍ଷାଦାନର ମାଧ୍ୟମ କରି ରଖିଛି । ତାହାର ଗୋଟିଏ କାରଣ ହେଉଛି ଯେ ଫରାସୀ ଭାଷା ହେଉଛି ପୃଥିବୀର ସାଂସ୍କୃତିକ ଭାଷା । ଏଠାରେ ପିଲାମାନେ ଏକ ପରବର୍ତ୍ତୀ ସୋପାନରେ ନିଜର ମାତୃଭାଷାକୁ ଶିକ୍ଷା କରିପାରିବେ । ମାତ୍ର ଯଦି ଭାରତୀୟ ଭାଷାଗୁଡ଼ିକ ଉପରେ ବର୍ତ୍ତମାନ ଅଧିକ ଗୁରୁତ୍ୱ ଦିଆଯାଏ, ତେବେ ପିଲାମାନଙ୍କର ଭାରତୀୟ ମନଟି ଅତ୍ୟନ୍ତ ସ୍ୱାଭାବିକ ଭାବରେ ପୁଣି ସେହି ପୁରାତନ ସାହିତ୍ୟ, ସଂସ୍କୃତି ଏବଂ ଧର୍ମକୁ ଆଶ୍ରାକରି ରହିବାଲାଗି ଏକ ପ୍ରବୃତ୍ତି ଦେଖାଇବେ । ତୁମେମାନେ ଏହି କଥାଟିକୁ ଖୁବ୍ ଭଲ କରି ଜାଣିଛ ଯେ ପ୍ରାଚୀନ ଭାରତୀୟ ବସ୍ତୁଗୁଡ଼ିକର ମୂଲ୍ୟକୁ ଆମେ ଅବଶ୍ୟ ହୃଦୟଙ୍ଗମ କରୁଛୁ ସତ, ମାତ୍ର ନୂତନ କରି କିଛି ସୃଷ୍ଟିକରିବା ଲାଗି ଆମେ ଏଠାରେ ଏକତ୍ରିତ ହୋଇଛୁ; ଏହି ଧରାପୃଷ୍ଠରେ ଏକ ନୂତନ ବସ୍ତୁର ଅବତରଣ କରାଇ ଆଣିବା ଲାଗି ଆମେସବୁ ଏଠାରେ ଅଛୁ । ଏହି ଉଦ୍ୟମଟି କଲାବେଳେ ଯଦି ତୁମର ମନ ପ୍ରାଚୀନ ବସ୍ତୁଗୁଡ଼ିକ ସହିତ ବାନ୍ଧିହୋଇ ରହିଯାଏ, ତେବେ

ତାହା ହୁଏତ ଆଗକୁ ଯିବା ଲାଗି ମୋଟେ ସମ୍ମତ ହେବ ନାହିଁ । ଅତୀତର ଅଧ୍ୟୟନ ଲାଗି ଏକ ସ୍ଥାନ ସର୍ବଥା ରହିଛି ସତ, ମାତ୍ର ଭବିଷ୍ୟତର କାର୍ଯ୍ୟକୁ ତାହା ଯେପରି କୌଣସି ପ୍ରକାରେ ବାଧାପ୍ରାପ୍ତ ନ କରେ, ଆମକୁ ସେହି କଥାଟିକୁ ଦେଖିବାକୁ ପଡ଼ିବ ।§

*

*ପିଲାମାନଙ୍କୁ ସର୍ବପ୍ରଥମେ ଆପଣଙ୍କ ସହିତ ଓ ସୌନ୍ଦର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନ ସହିତ ସଂସ୍ପର୍ଶରେ ଆଣିବା ଲାଗି ଆମେ ଫରାସୀ ଭାଷାକୁ ଏକ ବିଶେଷ ଭାଷା ବୋଲି ବିଚାର କରିବା କି ?*

ହଁ, ପ୍ରାୟ ସେହିପରି ଗୋଟିଏ କାରଣ ସକାଶେ ।

ଏହି ବିଷୟରେ ମୁଁ କେବଳ ଏତିକି କହିପାରିବି ଯେ, ଫରାସୀ ଭାଷାର ଶିକ୍ଷାଦାନ ଲାଗି ଆମକୁ ଭାରତବର୍ଷରେ ଏକ ଅତ୍ୟନ୍ତ ଭଲ ସ୍କୁଲ୍ ବୋଲି, ସମ୍ଭବତଃ ସର୍ବୋତ୍ତମ ବୋଲି ବିଚାର କରାଯାଉଛି; ଏବଂ ମୁଁ ଭାବୁଛି ଏହି ସମ୍ମାନଟିର ଯୋଗ୍ୟ ହେବା ନିଶ୍ଚୟ ଏକ ଉତ୍ତମ କାର୍ଯ୍ୟ ହେବ ।

ଏଠାକାର ପିଲାମାନଙ୍କ ସହିତ ମୋର ଯାବତୀୟ କ୍ଷେତ୍ରରେ ମୁଁ ସେମାନଙ୍କ ସହିତ ସର୍ବଦା ଫରାସୀ ଭାଷାରେହିଁ କଥାବାର୍ତ୍ତା କରିଥାଏ ।

*

*ଆମେ ବିଜ୍ଞାନକୁ ବି କାହିଁକି ଫରାସୀ ଭାଷାରେ ପଢ଼ାଇବା ?*

ଏଥିଲାଗି ଅନେକ କାରଣ ରହିଛି । ସେଥିମଧ୍ୟରୁ ଗଭୀରତର କାରଣଗୁଡ଼ିକୁ ତୁମେ ନିଜେ ହୃଦୟ ଭିତରେହିଁ ଜାଣିବାକୁ ସମର୍ଥ ହେବ ଏବଂ ସେଥିଲାଗି ଆଉ କାହାରିକୁ କିଛି କହି ହେବାକୁ ପଡ଼ିବ ନାହିଁ ।

ବାହ୍ୟ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ଉଲ୍ଲେଖ କରି ମୁଁ କହି ପାରିବି ଯେ ଫରାସୀ ଭାଷା ଏକ ଅତ୍ୟନ୍ତ ଯଥାର୍ଥ ଅର୍ଥ ପ୍ରକାଶକାରୀ ଭାଷା ହୋଇଥିବାରୁ ଇଂରାଜୀ ଅପେକ୍ଷା ବିଜ୍ଞାନ ଲାଗି ତାହା ଅଧିକ ଭଲ ହେବ । କାବ୍ୟ କବିତା ପଢ଼ାଇବା ପାଇଁ ଇଂରାଜୀ ଭାଷା ଅନେକ ଅଧିକ ପରିମାଣରେ ଉପଯୁକ୍ତ ହେବ ।

ଏହା ବ୍ୟତୀତ ଏଇଟି ପଛରେ କେତୋଟି ବ୍ୟାବହାରିକ କାରଣ ମଧ୍ୟ ରହିଛି । ସେଥି ମଧ୍ୟରୁ ଗୋଟିଏ କାରଣ ହେଉଛି ଯେ, ବଡ଼ ହୋଇ ଯେଉଁମାନଙ୍କୁ ଜୀବିକାର୍ଜନର

ଏକ ପନ୍ଥା ଠିକ୍ କରିବାକୁ ପଡ଼ିବ, ସେମାନଙ୍କ ମଧ୍ୟରୁ ଯେଉଁମାନେ ସଂପୂର୍ଣ୍ଣ ଭଲ କରି ଫରାସୀ ଭାଷା ଶିକ୍ଷା କରି ପାରିଛନ୍ତି, ସେମାନଙ୍କୁ ଅତ୍ୟନ୍ତ ସହଜରେ କୌଣସି ନା କୌଣସି ନିଯୁକ୍ତି ମିଳିଯାଇଛି ।

ଅନେକ ଆଶୀର୍ବାଦ ।

*୯ ଫେବ୍ରୁଆରି ୧୯୬୯*

*

ଫରାସୀ ହେଉଛି ପରିଶୁଦ୍ଧତମ ଓ ସ୍ୱଷ୍ଟତମ ଭାଷା ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏକଥା ଆଦୌ ଠିକ୍ ନୁହେଁ ଯେ ଫରାସୀ ଭାଷାର ବ୍ୟବହାରକୁହିଁ ସର୍ବୋତ୍ତମ ବୋଲି କୁହାଯାଇ ପାରିବ । କାରଣ, ଇଂରାଜୀ ଭାଷାରେ ମଧ୍ୟ ଏକ ନମନୀୟତା ରହିଛି; ଏପରି ଏକ ତରଳତା ରହିଛି ଯାହାକି ଫରାସୀ ଭାଷାରେ ନାହିଁ । ଏବଂ, ଆମ ଅନୁଭୂତିର କ୍ଷେତ୍ରଟି ମଧ୍ୟରେ, ଆମର ମନୋଭୂମିଗତ ଅଭିବ୍ୟକ୍ତି ଯାହାକିଛିକୁ ସୂତ୍ରବଦ୍ଧ କରି ରଖିପାରେ, ସେଗୁଡ଼ିକର ତୁଳନାରେ ଅଧିକ ବ୍ୟାପକ ଓ ଅଧିକ ସମଗ୍ର ହୋଇ ରହିଥିବା ସମ୍ପଦଗୁଡ଼ିକ ଯେପରି ବିକୃତ ବା ବିରୂପ ହୋଇ ନ ପଡ଼େ, ସେଥିଲାଗି ଏହି ନମନୀୟତା ଓ ଗ୍ରହଣଶୀଳତା ଏକାନ୍ତ ଅପରିହାର୍ଯ୍ୟ ।

*ଜାନୁଆରି ୧୯୫୦*

*

*(ଅନୁବାଦ ସମ୍ବନ୍ଧରେ)*

Bonté ର ଅର୍ଥ ହେଉଛି ସଦୟତା ଏବଂ ସଦିଚ୍ଛା; Bienveillance ର ଅର୍ଥ ହେଉଛି ପ୍ରତ୍ୟେକ କଥାର ଭଲ ଦିଗଟିକୁ ଦେଖିବା । ଯାବତୀୟ ଖରାପ ଆଡ଼କୁ ଯାହା ଆଖି ବୁଜି ଦେଉଥାଏ, ତାହାକୁ ଆମେ କଦାପି କେବଳମାତ୍ର ଏକ ଆଶାବାଦ ବୋଲି କହି ପାରିବା ନାହିଁ । ଏହାକୁ ବରଂ ଆମେ ଏକ ଚୈତ୍ୟସ୍ତରୀୟ ଦୃଷ୍ଟିବୋଲି କହିବା, ଯାହାକି ସର୍ବତ୍ର କେବଳ ଶିବରହିଁ ପ୍ରତ୍ୟକ୍ଷ କରିଥାଏ ।

ଏପରି ଅନେକ ଶବ୍ଦ ରହିଛି ଯାହାର  କି କୌଣସି ଅନୁବାଦ ହୋଇ ପାରିବ ନାହିଁ । ଶ୍ରୀଅରବିନ୍ଦଙ୍କର ବିନୋଦନଶୀଳତା ଏବଂ ବ୍ୟଙ୍ଗକୁ ଫରାସୀ ଭାଷାରେ ଅନୁବାଦ କରି ହେବ ନାହିଁ । ଇଂରାଜୀ ଭାଷାରେ ବ୍ୟକ୍ତ କରା ହୋଇଥିବା ବିନୋଦଗୁଡ଼ିକୁ ଯେତେବେଳେ ଫରାସୀ ଭାଷାରେ ଅନୁବାଦ କରାଯାଏ, ସେତେବେଳେ ତାହା ଅତ୍ୟନ୍ତ ନିର୍ବୋଧ ଓ ସ୍ୱାଦହୀନ ପରି ଶୁଣାଯାଏ । ଫରାସୀ ଭାଷାରେ ବିନୋଦକୁ ଇଂରାଜୀରେ ଅନୁବାଦ କଲେ ସେଇଟି ମଧ୍ୟ ଭାରି ନିର୍ମମ ଏବଂ ନିରର୍ଥକ ହୋଇପଡ଼େ । ଏହି ଦୁଇଟିଯାକ

ଭାଷା ପରସ୍ପରର ଏତେ ସଦୃଶ ବୋଲି ମନେ ହୋଇଥା'ନ୍ତି, ଅଥଚ ସେଗୁଡ଼ିକର ପ୍ରତ୍ୟେକଟିର ପ୍ରତିଭା ପରସ୍ପରଠାରୁ ଏଡ଼େ ଭିନ୍ନ ହୋଇ ରହିଥାଏ !

*୪ ଜୁଲାଇ ୧୯୫୬*

*

ମୁଁ ବହିଟିକୁ [*Prières et méditations*] କାଲି ତୁମ ପାଖକୁ ପଠାଇବି । ମାତ୍ର ନିଜେ ଯାହା ପଢୁଛ, ତାହା ବୁଝିବାକୁ ହେଲେ ତୁମକୁ ବ୍ୟାକରଣ ଭଲ କରି ପଢ଼ିବାକୁ ହେବ ।

*୨୦ ଜୁନ୍ ୧୯୩୨*

*

*ଉତ୍ତମ ଫରାସୀ ଶୈଳୀ ମୁଁ କେଉଁଠାରୁ ଶିଖି ପାରିବି ?*

ତାହା ଉଚ୍ଚତର ବ୍ୟାକରଣର ପାଠକ୍ରମଗୁଡ଼ିକରେ ଶିକ୍ଷା ଦିଆ ଯାଇଥାଏ । ଏଥିପାଇଁ ସ୍ୱତନ୍ତ୍ର ପୁସ୍ତକମାନ ମଧ୍ୟ ରହିଛି । ଶୈଳୀର ଗୋଟିଏ ପ୍ରଧାନ ନିୟମ ହେଉଛି ଯେ, କୌଣସି ଗଦ୍ୟାଂଶ ଲେଖିଲାବେଳେ, ସେଇଟିକୁ ଏଡ଼ିପାରିବା ଏକାନ୍ତ ଅସମ୍ଭବ ନ ହେଲେ, ଆମେ କେଉଁଠିହେଲେ ''ମୁଁ'' ଶବ୍ଦଟିର ବ୍ୟବହାର କରିବା ନାହିଁ । **ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ** ''ମୁଁ''ର ବ୍ୟବହାର କରି **ଲାଗ୍ ଲାଗ୍ ଦୁଇଟି ବାକ୍ୟ ଆମେ କେବେହେଲେ ଲେଖିବା ନାହିଁ** । ତୁମର ଦୈନିକ ବିବରଣୀରେ ତୁମେ କିପରି କେତେକ ପରିମାଣରେ ଏକ ଶୈଳୀ ରକ୍ଷା କରି ପାରିବ, ଏଥିରୁ ତୁମକୁ ସେହି ବିଷୟରେ ଗୋଟିଏ ଧାରଣା ମିଳିଯାଇ ପାରିବ !

*୨୦ ଜୁଲାଇ ୧୯୩୩*

*

ଫରାସୀ ଭାଷା ଲେଖିବା ସମୟରେ ତାହାକୁ ସରଳ ଏବଂ ସ୍ପଷ୍ଟ ଭାବରେ ଲେଖିବାକୁ ହେବ ।

*୨୯ ସେପ୍‌ଟେମ୍ବର ୧୯୩୩*

*

ସରଳ ଓ ସ୍ପଷ୍ଟ ଭାବରେ ଲେଖିଲେ ଫରାସୀ ଭାଷା ଅଧିକ ଭଲ ହେବ । ଗୁଡ଼ାଏ ଜଟିଳ ରୂପକ ଲଗାଇବାକୁ ମନ କଲେ ତଦ୍ୱାରା ତୁମ ଶୈଳୀରେ ନାନା କୃତ୍ରିମତା ଆସି ପଶିଯିବ ।

*

ମୋ’ କୁନିମୁନି ହସର ପସରାଟି,

ତୁମେ ଯାହା କହିଛ, ସଂପୂର୍ଣ୍ଣ ଠିକ୍ କହିଛ; ଆଗ୍ରହୋଦ୍ଦୀପକ ବିଷୟଗୁଡ଼ିକୁ ନ ପଢ଼ି ତୁମେ କାହିଁକି ସେ ନୀରସ କସରତଗୁଡ଼ାକୁ କରିବାକୁ ବାଧ୍ୟ ହେବ, ମୁଁ ତାହାର ଆଦୌ କୌଣସି କାରଣ ଦେଖୁ ନାହିଁ ।

ଗୋଟିଏ ଭାଷା ଶିଖିବାକୁ ହେଲେ ତୁମକୁ ପଢ଼ିବାକୁ, ପଢ଼ିବାକୁ, ଆହୁରି ପଢ଼ିବାକୁ ପଡ଼ିବ;– ଏବଂ ଯେତେଦୂର ସମ୍ଭବ, ସେହି ଭାଷାରେ ଅଧିକ କଥାବାର୍ତ୍ତା ମଧ୍ୟ କରିବ । ମୋର ସମସ୍ତ ସ୍ନେହ ସହିତ ।

*୧୦ ଜୁଲାଇ ୧୯୩୫*

*

*ମୁଁ ପୁନର୍ବାର ମୋ’ ଫରାସୀ ଭାଷାର ଅଧ୍ୟୟନ ଆରମ୍ଭ କରିବାକୁ ଇଚ୍ଛା କରୁଛି, ବିଶେଷ କରି ଫରାସୀ କହିବାର ଅଭ୍ୟାସଟିକୁ । ସେଥିଲାଗି ଆପଣ ମୋତେ କେତୋଟି ଉପାୟର ସୂଚନା ଦେବେ କି ?*

ସେହି ଭାଷାରେ କଥାବାର୍ତ୍ତା କରିବା ହେଉଛି ଏଥିଲାଗି ସର୍ବୋତ୍ତମ ଉପାୟ... ସାହସ ଅବଲମ୍ବନ କରି ଯାବତୀୟ ଅବସରରେ ସେହି ଭାଷାରେ କଥାବାର୍ତ୍ତା କରିବା ।

*

*ମାଆ, ମୋର ପଢ଼ିବା ଭଳି ଆପଣ କେତେଜଣ ଭଲ ଲେଖକଙ୍କ ନାମ କହି ପାରିବେ କି ?*

ଯଦି ତୁମେ ଫରାସୀ ଭାଷା ଶିଖିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ନିଜର ପଢ଼ିବା ସକାଶେ ଫରାସୀ ସାହିତ୍ୟର ଏକ ପାଠ୍ୟପୁସ୍ତକ ବ୍ୟବହାର କରିବାକୁ ପଡ଼ିବ, ଏବଂ ସେହି ପାଠ୍ୟପୁସ୍ତକରେ ଉଲ୍ଲେଖ କରା ଯାଇଥିବା ପ୍ରତ୍ୟେକ ଲେଖକଙ୍କର ଗୋଟିଏ ବା ଦୁଇଟି ବହି ପଢ଼ିବାକୁ ପଡ଼ିବ । ତୁମକୁ ମୂଳରୁହିଁ ଆରମ୍ଭ କରିବାକୁ ହେବ; ଅର୍ଥାତ୍, ତୁମକୁ ପ୍ରାରମ୍ଭିକ ଲେଖକମାନଙ୍କଠାରୁ ଆରମ୍ଭ କରିବାକୁ ପଡ଼ିବ ।

*୨୨ ସେପ୍ଟେମ୍ବର ୧୯୩୬*

*

*ଯଦି ଆପଣ ଅନୁମତି ଦିଅନ୍ତି, ତେବେ ମୋତେ ଭଲ ଲାଗୁଥିବା ଗୋଟିଏ ବହି ମୁଁ ପଢ଼ିବା ଲାଗି ବାଛିବି ଓ ଆପଣ ଯେପରି ପରାମର୍ଶ ଦେଇଛନ୍ତି, ତା’ ସହିତ ପ୍ରାରମ୍ଭିକ ଲେଖକମାନଙ୍କର ଆଉ ଗୋଟିଏ ବହି ବାଛିବି ।*

ତୁମକୁ କେବଳ ପ୍ରାରମ୍ଭିକ ଲେଖକମାନଙ୍କର ବହି ପଢ଼ିବାକୁ ହେବ ବୋଲି ମୁଁ କେବେହେଲେ କହି ନାହିଁ । ମୁଁ କେବଳ ଏତିକି କହିଥିଲି ଯେ, ତୁମେ ସାହିତ୍ୟ ପାଠ୍ୟପୁସ୍ତକରେ ଉଲ୍ଲେଖ କରା ଯାଇଥିବା **ପ୍ରତ୍ୟେକ ଲେଖକଙ୍କର** ଗୋଟିଏ ବା ଦୁଇଟି ବହି ଅବଶ୍ୟ ପଢ଼ିବ । ଏବଂ, ତୁମକୁ ପ୍ରାରମ୍ଭିକ ଲେଖକମାନଙ୍କ ଠାରୁହିଁ ଆରମ୍ଭ କରିବାକୁ ହେବ ।

*୨୪ ସେପ୍‌ଟେମ୍ବର ୧୯୩୬*

*

*ମାଆ, ମୁଁ ଏବେ ଫରାସୀ ବହି ପଢ଼ିବା ଆରମ୍ଭ କରିଛି । 'ଶ' ମୋତେ ଗୋଟିଏ ତାଲିକା କରି ଦେଇଛନ୍ତି ।*

ତୁମେ ଏତେବେଶୀ ଫରାସୀ ଯେ ପଢୁଛ, ତାହା ଅତ୍ୟନ୍ତ ଭଲ କଥା । ତଦ୍ଦ୍ୱାରା ତୁମେ ନିଜେ ଫରାସୀ ଲେଖିବା ଶିଖିଯାଇ ପାରିବ । *୭ ଏପ୍ରିଲ ୧୯୬୯*

*

*ଆଜି ମୁଁ E-5 କ୍ଲାସ୍‌ଟି ନେଇଥିଲି ଏବଂ ସେଥିରେ ଆମେ ପୁନର୍ବାର Words of the Mother ବହିଟି ପଢ଼ି ତାହାର ଅର୍ଥ ବୁଝିଥିଲୁ । ଏହି ବହିଟି ଯେଉଁଭଳି ସୁନ୍ଦର ଭାଷାରେ ଲେଖା ହୋଇଛି, ମୁଁ ବାଂରବାର ସେହି କଥାଟିକୁ ସୂଚାଇ ଦେଉଥିଲେ ମଧ୍ୟ ମୁଁ ଏ ବିଷୟରେ ମଧ୍ୟ ଯଥେଷ୍ଟ ସଚେତନ ରହିଛି ଯେ ଇଂରାଜୀ ଭାଷା ଶିଖାଇବା ଅପେକ୍ଷା ବ୍ୟାଖ୍ୟାଟି ଉପରେହିଁ ମୁଁ ଅଧିକ ଗୁରୁତ୍ୱ ଦେଇ ପକାଉଛି ।*

ଏପରି କରିବା ବେଶ୍ ଭଲ; କାରଣ ଏହାଦ୍ୱାରା ସେମାନେ ଇଂରାଜୀରେ ଚିନ୍ତା କରିବାକୁ ବାଧ୍ୟ ହେବେ । କୌଣସି ଭାଷା ଶିଖିବାକୁ ହେଲେ ଏହାହିଁ ସର୍ବୋତ୍ତମ ପନ୍ଥା ।

*୨ ମଇ ୧୯୪୬*

*

*'କ'ଙ୍କର ଅଳ୍ପବୟସ୍କ ଦୁଇ ପୁଅ ଅଛନ୍ତି ଓ ସେମାନଙ୍କୁ ପାଠ ପଢ଼ାଇବା ବିଷୟରେ ଏକ ଅସୁବିଧାର ସମ୍ମୁଖୀନ ହୋଇ ଆପଣଙ୍କର ମାର୍ଗଦର୍ଶନ ଆବଶ୍ୟକ କରୁଛନ୍ତି । ଗୋଟିଏ ପୁଅକୁ ସେ ବମ୍ବେରେ ଥିବା ଏକ ଇଟାଲିଆନ୍ ମିସନାରୀ ସ୍କୁଲରେ ଛାଡ଼ିଛନ୍ତି । ସେଥିରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ । ଅଳ୍ପଦିନ ପରେ ନିଜର ଆର ପୁଅଟିକୁ ମଧ୍ୟ ସିଏ ସେହିଠାରେ ଛାଡ଼ିବାକୁ ଇଚ୍ଛା କରୁଛନ୍ତି । ମାତ୍ର, ଭାରତରେ ବର୍ତ୍ତମାନ ଭାଷାର ସମସ୍ୟା ନେଇ ଏବେ ଯେଉଁ ମତାନୈକ୍ୟ ସୃଷ୍ଟି ହୋଇଛି, ସେହି କାରଣରୁ ସିଏ ଠିକ୍ କ'ଣ କରିବେ ସ୍ଥିର କରିପାରୁ ନାହାନ୍ତି । ଇଂରାଜୀ*

*ମାଧ୍ୟମରେ ତାଙ୍କ ପିଲାଏ ଶିକ୍ଷା ପାଇଲେ ଭଲ ହେବ ନା ତାଙ୍କର ମାତୃଭାଷା ମରାଠୀ ମାଧ୍ୟମରେ ଶିକ୍ଷା ପାଇଲେ ଭଲ ହେବ, ସିଏ ଏବିଷୟରେ ଏକ ନିଷ୍ପତ୍ତିରେ ଆସି ପହଞ୍ଚିବାକୁ କଷ୍ଟକର ବୋଧ କରୁଛନ୍ତି । ମରାଠୀ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆଇବାକୁ ହେଲେ ସେମାନଙ୍କର ସ୍କୁଲ ବଦଳାଇବାକୁ ପଡ଼ିବ । ଏହି ବିଷୟରେ ସେ ଆପଣଙ୍କର ମାର୍ଗଦର୍ଶନ ପ୍ରାର୍ଥନା କରୁଛନ୍ତି ।*

ପିଲାମାନେ ମାତୃଭାଷାରେ ଶିକ୍ଷା ପାଇଲେ ଭଲ ହେବ । ମାତ୍ର ଯେଉଁମାନେ ଶିକ୍ଷାର ଉଚ୍ଚତର ସ୍ତରକୁ ଯିବା ପାଇଁ ଇଚ୍ଛା କରିବେ, ଇଂରାଜୀ ସେମାନଙ୍କ ଲାଗି ଅପରିହାର୍ଯ୍ୟ ।

ଅନେକ ଆଶୀର୍ବାଦ ।

*୩ ନଭେମ୍ବର ୧୯୬୭*

*

*ବର୍ତ୍ତମାନ ଉଚ୍ଚତର ପାଠକ୍ରମରେ ଶିକ୍ଷାଲାଭ କରୁଥିବା ଆମର ଅନେକ ଛାତ୍ର କୌଣସି ଗୋଟିଏ ଭାଷାକୁ ଯଥେଷ୍ଟ ଭଲଭାବରେ ଜାଣି ନାହାନ୍ତି, ଯେଉଁଥିରେ କି ସେମାନେ ନିଜର ଭାବନା ଏବଂ ଅନୁଭବଗୁଡ଼ିକୁ ଭଲ ଓ ସୂକ୍ଷ୍ମ ଭାବରେ ବ୍ୟକ୍ତ କରି ପାରିବେ । ଆମେ କ'ଣ ଏହାକୁ ଆବଶ୍ୟକ ବୋଲି ମନେ କରିବା ନାହିଁ ? ଏବଂ ଯଦି କରିବା, ତେବେ ସେଥିଲାଗି ସେମାନେ କେଉଁ ଭାଷାଟିକୁ ଶିକ୍ଷା କରିବେ ? ଏଇଟି ଏକ ସାଧାରଣ ବା ଆନ୍ତର୍ଜାତିକ* ଭାଷା ହେବ ନା ପିଲାମାନଙ୍କର ମାତୃଭାଷା ସେହି କାର୍ଯ୍ୟଟିକୁ କରିବ ?*

ଯଦି ସେମାନେ କେବଳ ଗୋଟିଏ ଭାଷା ଜାଣିବେ, ତେବେ ଅଧିକ ଭଲ ହେବ ।

*

*ପ୍ରୟୋଜନୀୟତାର ଦୃଷ୍ଟିରୁ ବିଚାର କରି ଆମର କେତେକ ଛାତ୍ର ଶାସ୍ତ୍ରୀୟ ହିନ୍ଦୀଶିକ୍ଷା କରିବାକୁ ଇଚ୍ଛା କରୁ ନାହାନ୍ତି ।*

ସେମାନଙ୍କୁ ତୁମେ ଦୁଇଟିଯାକ ଶିଖାଅ । ପ୍ରକୃତ ଭାଷାଟି ଯେପରି ଥିଲା ଓ ବର୍ତ୍ତମାନ ବିବର୍ତ୍ତିତ ହୋଇ ଯେପରି ହୋଇଛି, ଦୁଇଟିଯାକ । ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ

* ମାଆ ଏହି ଶବ୍ଦଗୁଡ଼ିକ ତଳେ ଗାର ଟାଣି ଦେଇଥିଲେ ଏବଂ ସେ ଦେଇଥିବା ଉତ୍ତରଟିରୁ ଗୋଟିଏ ତୀର ଅଙ୍କନ କରି ଦେଇଥିଲେ । ତଦ୍ୱାରା ସେ ଦୁଇଟି ଭିତରୁ କାହାକୁ ବେଶୀ ଚାହୁଁଛନ୍ତି, ତାହା ସୂଚିତ କରି ଦେଇଥିଲେ ।

ହେବ । ଏବଂ ଆଉ ଅନ୍ୟ ସବୁକିଛି ଅପେକ୍ଷା ଏହାହିଁ ସେମାନଙ୍କୁ ଖରାପ ହିନ୍ଦୀ କହିବାର ଅଭ୍ୟାସରୁ ମୁକ୍ତ କରି ଆଣିପାରିବ ।

*ପିଲାମାନଙ୍କର ବିତୃଷ୍ଣା ସତ୍ତ୍ୱେ ଆପଣ କ'ଣ ମୋତେ ତଥାପି ହିନ୍ଦୀଶିକ୍ଷା ଚାଲୁ ରଖିବାକୁ ପରାମର୍ଶ ଦେବେ ?*

କୌଣସି କୁଣ୍ଠା ନ ରଖି ଚାଲୁ ରଖିଥାଅ...

ଅମ୍ରିତା ତ କହୁଛନ୍ତି ଯେ ହିନ୍ଦୀ କ୍ଲାସ୍ ତୁଳନାରେ ତାଙ୍କ ତାମିଲ କ୍ଲାସ୍‌ର ଅବସ୍ଥା ଆହୁରି ଅତିରିକ୍ତ ଭାବରେ ଖରାପ ହୋଇ ଗଲାଣି । ସିଏ କହୁଛନ୍ତି ଯେ ପିଲାମାନେ ଆଉ ତାଙ୍କ କ୍ଲାସ୍‌କୁ ନ ଆସିଲେ ମଧ୍ୟ ସେ ତଥାପି କ୍ଲାସ୍ କରିବେ । ସିଏ ଶେଷକୁ ନିଜକୁ ତାମିଲ ଭାଷା ଶିଖାଇବେ ।

*୩୦ ସେପ୍ଟେମ୍ବର ୧୯୫୯*

*

କୌଣସି ହିନ୍ଦୀଭାଷୀ ପ୍ରାନ୍ତରେ ଯେଉଁମାନଙ୍କର ଘର, ହିନ୍ଦୀ କେବଳ ସେହିମାନଙ୍କ ସକାଶେ ଭଲ । ସଂସ୍କୃତ ଭାରତୀୟମାତ୍ରେ ସମସ୍ତଙ୍କ ସକାଶେ ଭଲ ।

*

ଭାରତୀୟ ଭାଷାଗୁଡ଼ିକ ଲାଗି ମୋର **ଗଭୀରତମ ସମ୍ମାନ** ରହିଛି, ଏବଂ, ମୋତେ ଯେତେବେଳେ ଟିକିଏ ସମୟ ମିଳୁଛି, ସେତେବେଳେ ମୁଁ ସଂସ୍କୃତ ଅଧ୍ୟୟନ କରୁଛି ।

*

ସଂସ୍କୃତହିଁ ଭାରତର ଜାତୀୟ ଭାଷା ହେବା ଉଚିତ ।

ଅନେକ ଆଶୀର୍ବାଦ ।

*୧୯ ଏପ୍ରିଲ ୧୯୭୧*

*

*କେତୋଟି ନିର୍ଦ୍ଦିଷ୍ଟ ବିଷୟରେ ଯେଉଁଠାରେ ଆପଣ ଓ ଶ୍ରୀଅରବିନ୍ଦ ସିଧା ଉତ୍ତରମାନ ଦେଇଛନ୍ତି, ସେସବୁ ସ୍ଥଳରେ ଆମେ (ଶ୍ରୀଅରବିନ୍ଦ କର୍ମଧାରା) ମଧ୍ୟ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ହୋଇ ପାରୁଛୁ । ଉଦାହରଣ ସ୍ୱରୂପ,... ଏଠାରେ ଭାଷାରେ ସମସ୍ୟାଟିକୁ ନିଆଯାଇ ପାରିବ, ଯେଉଁଠାରେ ଆପଣ କହିଛନ୍ତି ଯେ ଏହି ଦେଶ ଲାଗି (୧) ଆଞ୍ଚଳିକ ଭାଷାହିଁ ଶିକ୍ଷାଦାନର ମାଧ୍ୟମ ହେବା ଉଚିତ, (୨) ସଂସ୍କୃତ ଜାତୀୟ ଭାଷା ହେବ ଏବଂ (୩) ଇଂରାଜୀ ଆନ୍ତର୍ଜାତିକ ଭାଷା ହୋଇ ରହିବ ।*

*ଏହି ସମ୍ବନ୍ଧରେ ଆସୁଥିବା ପ୍ରଶ୍ନଗୁଡ଼ିକର ଏହି ଉତ୍ତର ଦେଇ ଆମେ ଠିକ୍ କରୁଛୁ ତ ?*

ହଁ ।

ଅନେକ ଆଶୀର୍ବାଦ ।

*୪ ଅକ୍ଟୋବର ୧୯୭୧*

*

[ଅରୋଭିଲ୍‌ରେ ଯେଉଁସବୁ ଭାଷାର ଅଧ୍ୟୟନ ହେବ]*

(୧) ତାମିଲ

(୨) ଫରାସୀ

(୩) ସରଳ ସଂସ୍କୃତ, ଯାହାକି ସମଗ୍ର ଭାରତର ଭାଷା ରୂପେ ହିନ୍ଦୀର ସ୍ଥାନ ଗ୍ରହଣ କରିବ ।

(୪) ଆନ୍ତର୍ଜାତିକ ଭାଷା ରୂପେ ଇଂରାଜୀ ।

*୧୫ ଡିସେମ୍ବର ୧୯୭୦*

*

## ବିଭିନ୍ନ ଭାଷାରେ ମା'ଙ୍କ ହସ୍ତଲେଖାର ଅନୁଲିପି

*ପରବର୍ତ୍ତୀ କେତୋଟି ପୃଷ୍ଠାରେ ନିମ୍ନଲିଖିତ ଭାଷାଗୁଡ଼ିକରେ ମାଆଙ୍କ ହାତ ଲେଖାର ନମୁନାମାନ ଦିଆଯାଇଛି :*

*ସଂସ୍କୃତ (ଈଶ ଉପନିଷଦ, ଫରାସୀ ଅନୁବାଦ ସହିତ)*
*ହିବ୍ରୁ୍ୟ*
*ଫୋନିସୀୟ*
*ଚୀନ୍ ଭାଷା*
*ଜାପାନୀ ଭାଷା*
*ବଙ୍ଗଳା*

* ଅରୋଭିଲ୍‌ଠାରେ ଏକ ବିଦ୍ୟାଳୟର ଉଦ୍‌ଘାଟନ ସମୟରେ ଲିଖିତ । ବିଦ୍ୟାଳୟଟି ପାଇଁ ମାଆ ଏହି ସନ୍ଦେଶଟିକୁ ଦେଇଥିଲେ; ''ଜ୍ଞାନଲାଭ ଏବଂ ଅଗ୍ରଗତି ଲାଗି ଏକ ନିଷ୍ଠାଯୁକ୍ତ ଇଚ୍ଛା ।''

ईशावास्योपनिषत्

हरिः ॐ ।

ईशा वास्यमिदꣳ सर्वं यत्किंच जगत्यां जगत् ।
au Seigneur pour qu'il l'habite, tout ceci et chaque chose univers se mouvant dans l'universel mouvement

तेन त्यक्तेन भुञ्जीथा मा गृधः कस्य स्विद्धनम् ॥१॥
de tout cela détache toi et jouis. en aucun bien (ne convoite pas) qu'approprient les hommes ne convoite.

कुर्वन्नेवेह कर्माणि जिजीविषेच्छतꣳ समाः ।
Faisant certes ici les oeuvres ici on doit désirer vivre cent ans

एवं त्वयि नान्यथेतोऽस्ति न कर्म लिप्यते नरे ॥२॥
ainsi pour toi et non autrement en est-il. l'action n'englue pas l'homme.

असुर्या नाम ते लोका अन्धेन तमसाऽऽवृताः ।
sans soleil s'appellent ces mondes enveloppés de ténèbres aveugles

ताꣳस्ते प्रेत्याभिगच्छन्ति ये के चाऽऽत्महनो जनाः ॥३॥
où d'ici partis vont ceux qui assassinent leur âme gens

अनेजदेकं मनसो जवीयो नैनद्देवा आप्नुवन्पूर्वमर्षत् ।
Unique sans mouvement plus prompt plus rapide les dieux mêmes ne peuvent l'atteindre dans sa progression en avant

तद्धावतोऽन्यानत्येति तिष्ठत्तस्मिन्नपो मातरिश्वा दधाति ॥४॥
cela dans sa stabilité dépasse les autres qui courent En cela les eaux Matarisvan établit

तदेजति तन्नैजति तद्दूरे तद्वन्तिके ।
cela est en mouvement cela est sans mouvement cela est lointain cela aussi est proche


तदन्तरस्य सर्वस्य तदु सर्वस्यास्य बाह्यतः ॥५॥
Cela au dedans de ce tout cela aussi hors de ce tout est

यस्तु सर्वाणि भूतान्यात्मन्येवानुपश्यति ।
Mais celui qui partout les devenirs dans l'Être perçoit

सर्वभूतेषु चाऽऽत्मानं ततो विजुगुप्सते ॥६॥
tous les devenirs et dans l'être celui-là ne se replie plus.

यस्मिन्सर्वाणि भूतान्यात्मैवाभूद्विजानतः ।
Pour qui toutes les choses devenues l'Être même est devenu pour qui sait

तत्र को मोहः कः शोक एकत्वमनुपश्यतः ॥७॥
pour qui où douleur ou l'Unité partout perçoit

स पर्यगाच्छुक्रमकायमव्रणमस्नाविरं शुद्धमपापविद्धम् ।
Lui s'est diffusé, lumineux, incorporel, sans défaut, sans organes, pur invulnérable au mal.

कविर्मनीषी परिभूः स्वयम्भूर्याथातथ्यतोऽर्थान्व्यदधा-
le Voyant le Penseur celui qui devient tout, qui existe en soi, a ordonné les choses selon

-च्छाश्वतीभ्यः समाभ्यः ॥८॥
leur loi depuis les âges infinis

अन्धं तमः प्रविशन्ति येऽविद्यामुपासते ।
en d'aveugles ténèbres entrent ceux qui à l'ignorance se vouent

ततो भूय इव ते तमो य उ विद्यायां रताः ॥९॥
Et comme en plus de ténèbres ceux qui à la connaissance sont adonnés.

अन्यदेवाहुर्विद्ययाऽन्यदाहुरविद्यया ।
Bien autre chose a-t-il été dit par la connaissance, bien autre chose a-t-il été dit par l'ignorance

इति शुश्रुम धीराणां ये नस्तद्विचचक्षिरे ॥१०॥
*Ainsi avons-nous appris des sages qui nous ont cela révélé.*

विद्यां चाविद्यां च यस्तद्वेदोभयं सह ।
*Connaissance et ignorance celui qui cela connaît comme les deux à la fois*

अविद्यया मृत्युं तीर्त्वा विद्ययाऽमृतमश्नुते ॥११॥
*Par l'ignorance la mort ayant franchi par la connaissance de l'immortalité jouit.*

अन्धं तमः प्रविशन्ति येऽसंभूतिमुपासते ।
*En d'aveugles ténèbres entrent ceux qui au non devenir se vouent*

ततो भूय इव ते तमो य उ संभूत्यां रताः ॥१२॥
*Et comme en plus de ténèbres ceux qui au devenir sont adonnés.*

अन्यदेवाहुः संभवादन्यदाहुरसंभवात् ।
*Bien autre chose a-t-il été dit par le devenir bien autre chose a-t-il été dit par le non-devenir.*

इति शुश्रुम धीराणां ये नस्तद्विचचक्षिरे ॥१३॥
*Ainsi avons-nous appris des sages qui nous ont cela révélé.*

संभूतिं च विनाशं च यस्तद्वेदोभयं सह ।
*Devenir et dissolution celui qui cela connaît comme les deux à la fois*

विनाशेन मृत्युं तीर्त्वा संभूत्याऽमृतमश्नुते ॥१४॥
*par la dissolution la mort ayant franchi par le devenir de l'immortalité jouit*

हिरण्मयेन पात्रेण सत्यस्यापिहितं मुखम् ।
*de la Vérité*

तत्त्वं पूषन्नपावृणु सत्यधर्माय दृष्टये ॥१५॥
*Cela toi ôte-le Évoluteur pour la loi de la Vérité pour la vision*

पूषन्नेकर्षे यम सूर्य प्राजापत्य व्यूह रश्मीन्समूह ।

*Evoluteur Unique Rishi Recteur Illuminateur Fils du Père des existences dispose rassemble*

तेजो यत्ते रूपं कल्याणतम तत्ते पश्यामि योऽ

*Le Lustre de toi La forme la plus bénie ce que de Toi je perçois qui*

सावसौ पुरुषः सोऽहमस्मि ॥१६॥

*est là et partout le Purusha ~~~~ Lui je le suis*

वायुरनिलममृतमथेदं भस्मान्त शरीरम् ।

*Souffle haleine immortelle voici*

ॐ क्रतो स्मर कृतं स्मर क्रतो स्मर कृतं स्मर॥१७॥

*Om Pouvoir de faire souviens-toi de ce qui a été fait souviens-toi Pouvoir se faire souviens-toi de ce qui a été fait souviens-toi.*

अग्ने नय सुपथा राये अस्मान्विश्वानि देव वयुनानि

*Agni par la bonne voie vers la félicité conduis-nous ô dieu toutes les manifestations*

विद्वान् ।

*qui connaît*

युयोध्यस्मज्जुहुराणमेनो भूयिष्ठां ते नमउक्तिं विधेम ॥१८

*l'égarement à toi notre plus entière parole de soumission nous offrons*

इत्युपनिषद् ॥ इति वाजसनेयसंहितोपनिषत्संपूर्णा ॥

ॐ पूर्णमदः० ऽशिष्यते ॥

ॐ शान्तिः शान्तिः शान्तिः ॥



| | | | |
|---|---|---|---|
| א | aleph | a | 1 |
| ב | beth | b | 2 |
| ג | ghimel | g gh. | 3 |
| ד | daleth | d | 4 |
| ה | hé | e hè | 5 |
| ו וֹ | wav | o ou u | 6 |
| ז | zaïn | z | 7 |
| ח | heth | H hè ch | 8 |
| ט | teth | t | 9 |
| י | iod | i | 10 |
| כ ך | caph | kh | 20 |
| ל | lamed | l | 30 |
| מ ם | mèm | m | 40 |
| נ ן | noun | n | 50 |
| ס | sameck | s | 60 |
| ע | haïn | ho hh | 70 |
| פ ף | phè | ph f | 80 |
| צ ץ | tzad | z | 90 |
| ק | coph | c k q | 100 |
| ר | resch | r | 200 |
| ש | shin | sh | 300 |
| ת | thâo | th | 400 |

Hébreu -





寒サム 暖アタタ 笑ワラ 答コタエ 知シ 高タカ 風カゼ 吹フ 强ツヨ 糸イト
喜ヨロコ 歌ウタ 雲クモ 天テン 話ハナシ 書カ 讀ヨ 桃モモ 流ナガ 男オトコ
力チカラ 猿サル 雉キジ 外ホカ ソト 内ウチ 恐オソ 第ダイ 居イ オリ 松マツ 林ハヤシ
花ハナ 原ハラ 貞テイ 壽ジュ 金キン カネ 物モノ 町マチ 習ナラ 次ツギ 音オン
圖ズ 多オウ 皆ミナ 魚ウオ 鯉コイ 頭アタマ 正タダ 蟲ムシ 食タベ 形カタチ
池イケ 供トモ 村ムラ 丸マル 紙カミ 神カミ 岡オカ 河カワ 銀ギン 青アオ



অ a আ á ই i ঈ ī উ u ঊ ú
ঋ ṛi ৯ li এ e ঐ ai
ও o ঔ au

মানুষ (mānush) man
ঘোড়া (ghoṛa) horse
বলদ (balad / bolod) ox
গাধা (gadha) ass
ছাগল (chhagal / chhagol) goat
ভেড়া (bhera) sheep
কুকুর (kukur) dog
বেরাল (beral) cat
হরিণ (harin / horin) deer
ইন্দুর (indur) rat
বেঙ (beng) frog
পিঁপড়া (penpoṛā) ant
ছারপোকা (chharopoka) bug
উকুন (ukun) louse
শূকর (shūkar) swine
কাক (kāko) crow
পেঁচা (penchā) owl
মোরগ (moraga) cock
পাখী (pākhī) bird
পশু (pashū) beast
সাপ (shāp) snake
পোকা (pokā) worm
মাছি (machi) fly

# ଲଳିତ କଳା

ଦେହର ଭୂମି ଉପରେ ପରମ ଦିବ୍ୟସତ୍ତା ଆପଣାକୁ ସୌନ୍ଦର୍ଯ୍ୟ ମଧ୍ୟରେହିଁ ପ୍ରକାଶିତ କରନ୍ତି ।

*

ସ୍ଥୂଳ ଜଗତର ଭୂମିରେ, ଯାବତୀୟ ଅନ୍ୟବସ୍ତୁ ଅପେକ୍ଷା ସୌନ୍ଦର୍ଯ୍ୟହିଁ ପରମ ଦିବ୍ୟସତ୍ତାଙ୍କୁ ସର୍ବୋତ୍ତମ ଭାବରେ ଅଭିବ୍ୟକ୍ତ କରୁଥାଏ । ସ୍ଥୂଳ ଜଗତ ହେଉଛି ରୂପର ଓ ଆକାରର ଜଗତ୍; ଏବଂ ସେହି ରୂପ ଓ ଆକାର ସୌନ୍ଦର୍ଯ୍ୟ ମଧ୍ୟରେହିଁ ଆପଣାର ପରିପୂର୍ଣ୍ଣତା ଲାଭ କରିଥାଏ । ସୌନ୍ଦର୍ଯ୍ୟ ପରମ ଶାଶ୍ୱତଙ୍କର ତାତ୍ପର୍ଯ୍ୟଟିକୁ ବତାଇଦିଏ । ତାଙ୍କୁ ଅଭିବ୍ୟକ୍ତ କରିଆଣେ ଓ ପ୍ରକାଶିତ କରିଦିଏ । ରୂପର ପରିପୂର୍ଣ୍ଣତା ଦେଇ, ସୁସମଞ୍ଜସତା ମଧ୍ୟଦେଇ ଏବଂ କୌଣସି ଏକ ଉଚ୍ଚତର ସମ୍ପଦ ଆଡ଼କୁ ଉତ୍ତୋଳିତ ଏବଂ ପରିଚାଳିତ କରି ନେଉଥିବା ସେହି ଆଦର୍ଶବୋଧଟିର ମଧ୍ୟଦେଇ ରୂପାୟିତ ସକଳ ପ୍ରକୃତିକୁ ପରମ ଶାଶ୍ୱତଙ୍କ ସହିତ ସମ୍ପର୍କଯୁକ୍ତ କରି ରଖିବା ହେଉଛି ସୌନ୍ଦର୍ଯ୍ୟର ଭୂମିକା ।

*

ସୌନ୍ଦର୍ଯ୍ୟହିଁ ସତତ ତୁମର ଆଦର୍ଶ ହୋଇ ରହୁ ।

ଆତ୍ମାର ସୌନ୍ଦର୍ଯ୍ୟ
ଭାବଗୁଡ଼ିକର ସୌନ୍ଦର୍ଯ୍ୟ
ଭାବନାଗୁଡ଼ିକର ସୌନ୍ଦର୍ଯ୍ୟ
କ୍ରିୟାଶୀଳତାର ସୌନ୍ଦର୍ଯ୍ୟ
କର୍ମ ମଧ୍ୟରେ ରହିଥିବା ସୌନ୍ଦର୍ଯ୍ୟ

ଯେପରିକି, ତୁମର ହାତଗୁଡ଼ିକର ମାଧ୍ୟମରେ ଏପରି କିଛି କଦାପି ନିଷ୍ପନ୍ନ ହୋଇ ନ ଆସୁ, ଯାହାକୁ କି ସେହି ଶୁଦ୍ଧ ଏବଂ ସୌଷମ୍ୟଯୁକ୍ତ ସୌନ୍ଦର୍ଯ୍ୟର ଏକ ଅଭିବ୍ୟକ୍ତି ବୋଲି ମୋଟେ କୁହାଯାଇ ପାରିବ ନାହିଁ ।

ଏବଂ ସେହି ପରମ ଭଗବତ୍ ସାହାଯ୍ୟ ସତତ ତୁମର ସଙ୍ଗେ ସଙ୍ଗେ ରହିଥିବ ।

*

ଯେଉଁ ପରମ ସୌନ୍ଦର୍ଯ୍ୟ ତୁମକୁ ସେହି ଦିବ୍ୟ ପରମ ସୌଷମ୍ୟର ସଂସ୍ପର୍ଶ ଆଣିଦିଏ, ସର୍ବୋଚ୍ଚ କଳା ସେହି ସୌନ୍ଦର୍ଯ୍ୟକୁହିଁ ଅଭିବ୍ୟକ୍ତ କରିଥାଏ ।

*

ଯଦି କଳାକୁ ଦିବ୍ୟ ପରମଜୀବନ ମଧ୍ୟରେ ରହିଥିବା କୌଣସି ସମ୍ପଦକୁ ଅଭିବ୍ୟକ୍ତ କରି ଆଣିବାକୁ ହୁଏ; ତେବେ ସେହି କ୍ଷେତ୍ରରେ ଏକ ବହୁବ୍ୟାପୀ ଆଲୋକମୟ ଶାନ୍ତି ମଧ୍ୟ ଆପଣାକୁ ଅବଶ୍ୟ ପ୍ରକାଶିତ କରିଆଣୁଥିବ ।

*

ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ମଧ୍ୟରେ ଏକ ସଂକ୍ରାମକ ଶକ୍ତି ନିହିତ ହୋଇ ରହିଛି ।

*

ସୌନ୍ଦର୍ଯ୍ୟ, ଆମେ ତାହାକୁ ପ୍ରକୃତିର ଏକ ଆନନ୍ଦମୟ ନିବେଦନ ବୋଲି ଜାଣିବା ।

*

ଯଥାର୍ଥ କଳା ଏହି ସ୍ଥୂଳଜଗତରେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିକୁ ବୁଝାଏ । ଯେତେବେଳେ ଏହି ଜଗତ୍ ସଂପୂର୍ଣ୍ଣ ଭାବରେ ଦୀକ୍ଷିତ ହୋଇଯିବ, ଅର୍ଥାତ୍, ଯେତେବେଳେ ତାହା ସମଗ୍ର ସର୍ବାଙ୍ଗୀଣ ଭାବରେ ଦିବ୍ୟସତ୍ୟକୁ ବ୍ୟକ୍ତ କରି ଆଣିପାରୁଥିବ, ସେତେବେଳେ କଳା ଆମ ଜୀବନରେ ରହିଥିବା ଏହି ଦିବ୍ୟ ସୌନ୍ଦର୍ଯ୍ୟର ଉଦ୍‌ଘାଟନକାରୀ ଶକ୍ତି ଏବଂ ଶିକ୍ଷାଦାତା ରୂପେ କାର୍ଯ୍ୟ କରିବ ।

*

କଳାର ଅନୁଶୀଳନରେ ମଧ୍ୟ ଆମକୁ ସେହି ଉଚ୍ଚରେହିଁ ରହିବାକୁ ପଡ଼ିବ ।

*

ଉତ୍ତମ ରୁଚିକୁହିଁ ଆମେ କଳାର ଯଥାର୍ଥ ଆଭିଜାତ୍ୟ ବୋଲି କହିପାରିବା ।

*

## ଚିତ୍ରବିଦ୍ୟା

ନିତ୍ୟଗୋଚର ବାସ୍ତବ ସତ୍ୟ ତୁଳନାରେ ଆଉକିଛି ଅଧିକ ସୁନ୍ଦର କରି ସୃଷ୍ଟିକରିବାହିଁ ପ୍ରକୃତ ଚିତ୍ରବିଦ୍ୟାର ଲକ୍ଷ୍ୟ ହୋଇ ରହିଥାଏ ।

*୩ ଏପ୍ରିଲ ୧୯୩୨*

*

*ମୁଁ ବେଳେବେଳେ ଚଢ଼େଇ ବା ଅନ୍ୟ ପ୍ରାଣୀଙ୍କର ଚିତ୍ର କରେ ବୋଲି ଆପଣ ଇଚ୍ଛା କରୁଛନ୍ତି କି ?*

ତୁମର ଯଦି ଇଚ୍ଛା ହେଉଛି କର,– ମାତ୍ର ଶିଖିବା ଦୃଷ୍ଟିରୁ ଦେଖିଲେ ପ୍ରକୃତି **ମଧ୍ୟରୁ** ବିଷୟ ନେଇ ତାହାର ଚିତ୍ର କରିବା ହେଉଛି ସର୍ବୋତ୍ତମ ।

*୨୩ ଡିସେମ୍ବର ୧୯୩୨*

*

*ଆପଣ ମୋ'ପାଖକୁ ଯେଉଁ ଛବିଟି ପଠାଇଥିଲେ, ମୁଁ ସେଇଟିର ନକଲ କରିବାକୁ ଚେଷ୍ଟା କଲି ।*

ଶିଖିବା ଦୃଷ୍ଟିରୁ, ଆହୁରି ଭଲ ହୁଅନ୍ତା, ଯଦି ତୁମେ ସେହି ଛବିଟିକୁ ପରିବର୍ଦ୍ଧିତ କରିପାରନ୍ତ । ଯେପରି କି ଛବିଟିର ବିଭିନ୍ନ ଅଂଶ ଠିକିନିଖି ଭାବରେ ଫୁଟିଆସି ପାରନ୍ତା ।

*୫ ଜାନୁଆରି ୧୯୩୩*

*

*ଏହି ଛବିଟିକୁ ମୁଁ ଆଦୌ କାହାରି ସାହାଯ୍ୟ ନ ନେଇ କରିଛି । ଏଇଟି କିପରି ହୋଇଛି କହିଲେ ? ଆପଣ କ'ଣ ଭାବୁଛନ୍ତି, ମୋ' ଦ୍ୱାରା କଳାବିଦ୍ୟା ହେବ ?*

ପ୍ରକୃତ ଶିଖିବାର ଅର୍ଥ ହେଉଛି ଆଗ ଦୀର୍ଘ ମାସ ମାସ ଧରି ଅଧ୍ୟୟନ କରିବ ଓ ତା'ପରେ ଯାଇ ହୁଏତ ନିଜେ କୌଣସି ଛବି ତିଆରି କରିବ । ପ୍ରଥମେ ପ୍ରକୃତିରୁ ଅଧ୍ୟୟନ କରିବ, ଦୀର୍ଘ କାଳ ପ୍ରଥମେ କେବଳ ଆଙ୍କିବ, କେବଳ ତା'ପରେ ଯାଇ ରଙ୍ଗ ଦେଇ ଚିତ୍ରଟିଏ କରିବ ।

ଯଦି ତୁମେ କଠୋର ପରିଶ୍ରମ କରି ନିୟମିତ ଭାବରେ ଅଧ୍ୟୟନ କରିବାକୁ ପ୍ରସ୍ତୁତ ଥିବ, ତେବେ ତୁମେ ଏହି ବିଦ୍ୟାକୁ ଶିଖିବା ଆରମ୍ଭ କରିପାର; ତା' ନ ହେଲେ ଏ ଦିଗରେ ବରଂ କୌଣସି ଚେଷ୍ଟା ନ କରିବାହିଁ ଭଲ ।

*୬ ଜାନୁଆରି ୧୯୩୩*

*

*ଛବିଗୁଡ଼ିକୁ ଅବଲୋକନ କରିବା କ୍ଷତିକାରକ କି ? ମୁଁ ସେହି କଥା ଜାଣିବାକୁ ଚାହୁଁଛି ।*

ତୁମେ ଦେଖୁଥିବା ଛବିଗୁଡ଼ିକ କିପରି, ସବୁ ତାହାରି ଉପରେହିଁ ନିର୍ଭର କରିବ । ଅଧିକାଂଶ ସମୟରେ ସେଗୁଡ଼ିକ ଏହି ସାଧାରଣ ଜୀବନର ବସ୍ତୁଗୁଡ଼ିକୁହିଁ ଚିତ୍ରଣ କରିଥା'ନ୍ତି । ଏବଂ

ତେଣୁ ସେଗୁଡ଼ିକୁ ଦେଖିଲାବେଳେ ସେମାନେ ଆମ ଚେତନାକୁ ତଳକୁ ଟାଣି ସେହିମାନଙ୍କ ଆଡ଼କୁ ନେଇ ଆସନ୍ତି । *୧୦ ଡିସେମ୍ବର ୧୯୩୪*

*

## କିଉବିଜ୍‌ମ୍ ଓ ଅନ୍ୟାନ୍ୟ ଅତ୍ୟାଧୁନିକତାବାଦ

ଏହି ଶିଳ୍ପୀମାନେ ଯଦି ନିଷ୍ଠାର ସହିତ କିଛି କରିଥା'ନ୍ତେ, ଆପେ ଅନୁଭବ କରୁଥିବା ଏବଂ ଦେଖୁଥିବା ବସ୍ତୁଗୁଡ଼ିକୁ ଯଦି ସେମାନେ ଛବିଟିଏ ଆଙ୍କି ବ୍ୟକ୍ତ କରିଦେଇ ପାରୁଥା'ନ୍ତେ, ତେବେ ସେମାନଙ୍କର ଛବିକୁ ଏକ ଅସ୍ଥିର ଭ୍ରାନ୍ତିବିକ୍ଷୁବ୍ଧ ମନ ଏବଂ ଏକ ଉଚ୍ଛୃଙ୍ଖଳ ପ୍ରାଣର ଅଭିବ୍ୟକ୍ତି ବୋଲି କୁହାଯାଇ ପାରନ୍ତା । ମାତ୍ର, ଏହା ଦୁର୍ଭାଗ୍ୟର କଥା ଯେ ଏହି ଚିତ୍ରଶିଳ୍ପୀମାନେ ପ୍ରକୃତରେ ନିଷ୍ଠାପର ନୁହନ୍ତି ଓ ତେଣୁ ଏହିସବୁ ଚିତ୍ରକାର୍ଯ୍ୟ କେବଳ ଏକ ମିଥ୍ୟାର ଅଭିବ୍ୟକ୍ତି ବ୍ୟତୀତ ଆଉ କିଛି ହୋଇ ପାରୁ ନାହିଁ; ତାହା କେବଳ ଏକ କୃତ୍ରିମ କଳ୍ପନାପ୍ରବଣତାକୁ ବ୍ୟକ୍ତ କରୁଛି, ଯାହାକି ଖାଲି କିମ୍ଭୂତ ହୋଇ ଦେଖାଯିବା ଲାଗି ଏବଂ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ସାଧାରଣଙ୍କୁ ଚକିତ କରି ଦେବା ଲାଗି ଏକ ଅଭିଳାଷ ଉପରେ ଆଧାରିତ ହୋଇ ରହିଛି । ଏବଂ ତାହାର ସୌନ୍ଦର୍ଯ୍ୟ ସହିତ ପ୍ରକୃତରେ ଆଦୌ କିଛି କରିବାର ନାହିଁ ।

*୨୭ ମାର୍ଚ୍ଚ ୧୯୫୫*

*

ସବୁଠାରୁ ବଡ଼ ପୁଷ୍ପ ଚିତ୍ରଟିହିଁ ସର୍ବୋତ୍ତମ ଛବି, କାରଣ ତାହା ଅପେକ୍ଷାକୃତ ଅଧିକ ସ୍ୱତଃସ୍ଫୂର୍ତ୍ତ ଭାବରେ ଏବଂ ମୁକ୍ତ ଭାବରେ ଅଙ୍କିତ ହୋଇଛି । ତୁମେ ଯାହାକିଛିର ଚିତ୍ରଟି ଆଙ୍କିବାକୁ ଯାଉଛ, ତୁମେ ତାହାକୁ ନିଜେ ଅନୁଭବ କରି ପାରୁଥିବ ଏବଂ ସେଇଟିକୁ ତୁମେ ଆନନ୍ଦର ସହିତ କରିବ ।

ତୁମେ ବହୁ ସଂଖ୍ୟକ ସୁନ୍ଦର ବସ୍ତୁର ନକଲ କରିପାର; ମାତ୍ର, ଅସଲ ଭାବଟିକୁ ଆଘ୍ରାଣ କରି ପାରିବା ଲାଗି, ବସ୍ତୁଗୁଡ଼ିକର ଗଭୀରତର ଜୀବନଟିକୁ ଗ୍ରହଣ କରି ପାରିବା ଲାଗି ତୁମକୁ ତା'ଠାରୁ ଆହୁରି ଅଧିକ ଚେଷ୍ଟା କରିବାକୁ ପଡ଼ିବ ।

*୧୨ ଅଗଷ୍ଟ ୧୯୬୨*

*

*ମୋର ପ୍ରକୃତ ଅସୁବିଧାଟିକୁ ଆପଣ ଯେପରି ଠିକ୍ ଜାଣି ପାରିବେ, ସେଥିଲାଗି ଆପଣଙ୍କ ପାଖକୁ ମୁଁ ଏବେ ଆଙ୍କିଥିବା ଦୁଇଟି ଚିତ୍ର ପଠାଉଛି । ସେଥି ମଧ୍ୟରୁ ଗୋଟାଏ ଅଙ୍କା ସରିଛି ସତ ମାତ୍ର ସେଥିରେ ତଥାପି ମୋର ସନ୍ତୋଷ ଆସି*

*ନାହିଁ । ଅନ୍ୟଟିରେ ମଝିଜାଗାଟି ଅସଂପୂର୍ଣ୍ଣ ରହିଛି । ମୁଁ ଏହି ଛବିଟିରେ ପ୍ରକୃତରେ ଠିକ୍ କ'ଣ ବ୍ୟକ୍ତ କରିବାକୁ ଚାହିଁଛି, ମୁଁ ସେ କଥାଟିକୁ ଜାଣିଛି ସତ, ମାତ୍ର ମୋଟେ ସେଇଟିକୁ ବ୍ୟକ୍ତ କରିବାର ବାଗ ପାଉ ନାହିଁ । ପ୍ୟାରିସ୍ ସହରରେ ଅଧ୍ୟୟନ କରି ପ୍ରଥମେ ମୋତେ ଆହୁରି ଅଧିକ ଅଗ୍ରସର ହେବାକୁ ପଡ଼ିବ, ବା ଏଠାରେହିଁ ରହି ଚେଷ୍ଟାକଲେ ଅଧିକ ଭଲ ହେବ, ସେହିକଥା ମୁଁ ଆପଣଙ୍କୁ ପଚାରିବାକୁ ଇଚ୍ଛା କରୁଛି । ଆପଣ ଯାହା କହିବେ, ସେଇଟିକୁ ମୁଁ ନିଶ୍ଚୟ ଖୁସୀ ହୋଇ ଗ୍ରହଣ କରିବି ।*

ସ୍ନେହର –

ତୁମେ ପଠାଇଥିବା ଛବିଗୁଡ଼ିକୁ ମୁଁ ଦେଖିଛି । ସେଗୁଡ଼ିକ ପ୍ରାୟ ପରିପୂର୍ଣ୍ଣ ଭାବରେ ଅଙ୍କା ଯାଇଛି । ମାତ୍ର ସେଗୁଡ଼ିକରେ କ'ଣ ଅଭାବ ରହିଛି ଜାଣ ?– ସେଥିରେ ଆଦୌ ଟେକ୍‌ନିକ୍‌ର ଅଭାବ ନାହିଁ, ସେଥିରେ **ଚେତନାର ଅଭାବ** ରହିଛି । ଆପଣାର ଚେତନାକୁ ବିକଶିତ କରାଇ ପାରିଲେ ଆପଣାକୁ ବ୍ୟକ୍ତ କରିବାର ବାଗଟି ମଧ୍ୟ ତୁମକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ମିଳିଯିବ । ତୁମେ ସେହି କଥାଟିକୁ ଆଉ କାହାରିଠାରୁ ମୋଟେ ଶିଖିପାରିବ ନାହିଁ, ଔପଚାରିକ ଶିକ୍ଷକମାନଙ୍କଠାରୁ ମୋଟେ ନୁହେଁ ।

ତେଣୁ ଏ ସ୍ଥାନ ଛାଡ଼ି ଆଉ କେଉଁଠାକୁ ଗଲେ, ସେଠାରେ ଥିବା କୌଣସି ''କଳା ଏକାଡ଼େମି''କୁ ଗଲେ ତୁମେ ଆଲୋକଟିକୁ ବି ଏଠାରେ ଛାଡ଼ିଦେଇ ଯିବ ଏବଂ ତା'ପରେ ଅନ୍ଧକାର ଏବଂ ଅଚେତନା ମଧ୍ୟକୁ ତୁମର ଗୋଡ଼ ଖସିଯିବାକୁ ଆଦୌ ଡେରି ହେବ ନାହିଁ ।

କେତେଟା **କୌଶଳକୁ** ଆୟତ୍ତ କରିନେଇ ତୁମେ କଦାପି କଳାବିଦ୍ୟା ଶିଖିପାରିବ ନାହିଁ । ଅନେକ ଲୋକ ଯେମିତି ଧର୍ମାନୁଷ୍ଠାନର କେତେଟା ବିଧି ଓ ଉତ୍ସବର ପାଳନ ଓ ଅନୁକରଣ କରି ଦିବ୍ୟ ପରମ-ସତ୍ତାଙ୍କୁ ଉପଲବ୍ଧି କରିବାକୁ ମନ କରିଥା'ନ୍ତି, ଏହା ଠିକ୍ ସେହିପରିହିଁ ହେବ ।

ସର୍ବୋପରି ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି **ଆନ୍ତରିକତା ।**

ତେଣୁ ନିଜର ଅନ୍ତଃସତ୍ତାର ବିକାଶସାଧନ କରିବାକୁ ହେବ, ଆପଣାର ଆତ୍ମା ସହିତ ପରିଚୟ ଲାଭ କରିବାକୁ ହେବ, ଏବଂ ତହିଁ ସଙ୍ଗେ ସଙ୍ଗେ ଯଥାର୍ଥ କଳାତ୍ମକ ଅଭିବ୍ୟକ୍ତିଟିକୁ ମଧ୍ୟ ଆବିଷ୍କାର କରିବାକୁ ପଡ଼ିବ ।

ମୋର ଅନେକ ଆଶୀର୍ବାଦ ସହିତ ।

*୨୫ ମଇ ୧୯୬୩*

*

ତୁମେ ଛବିଟିର ଟିକିନିଖି ସବୁକିଛି ଫୁଟାଇ ଆଙ୍କିବାକୁ କାହିଁକି ଇଚ୍ଛା କରୁଛ ? ସେଇଟା ଆଦୌ ଆବଶ୍ୟକ ନୁହେଁ । ପ୍ରକୃତିକୁ ନକଲ କରିବାକୁ କଦାପି ଚିତ୍ର କରାଯାଏ ନାହିଁ, ମାତ୍ର ଏକ ପ୍ରଭାବକୁ, ଏକ ଭାବକୁ ଅର୍ଥାତ୍ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅବଲୋକନ କରି ଆମ ଭିତରେ ଯେଉଁ ଅନୁଭବ ବା ଉଦ୍‌ବେଳନ ଉତ୍ପନ୍ନ ହୁଏ, ତାହାକୁ ଅଭିବ୍ୟକ୍ତ କରିବା ଲାଗି ଛବି ଅଙ୍କାଯାଏ । ଏହି କ୍ଷେତ୍ରରେ ଏହାହିଁ ପ୍ରକୃତରେ ଆଗ୍ରହୋଦ୍ଦୀପକ ଏବଂ ଛବିର ମାଧ୍ୟମରେ ତାହାକୁହିଁ ବ୍ୟକ୍ତ କରିବା ଉଚିତ । ଏବଂ, ତୁମ ଭିତରେ ସେଇଟିକୁ କରି ପାରିବାର ସମ୍ଭାବନା ରହି ଥିବାରୁହିଁ ତୁମକୁ ମୁଁ ଛବି କରିବା ଲାଗି ଏତେ ଉତ୍ସାହ ଦେଉଛି ।

*୧୯୬୩*

*

ମୁଁ ତୁମର ଛବିଗୁଡ଼ିକୁ ଦେଖିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗତ ଗୋଟିଏ ବର୍ଷ ମଧ୍ୟରେ ତୁମେ ନିଶ୍ଚୟ ଅଗ୍ରଗତି କରିଛ ।

ତୁଚ୍ଛା ସ୍ଥୂଳ ବାହ୍ୟାକୃତିଟି ବ୍ୟତୀତ ଆଉ ଅଧିକ କିଛି ବ୍ୟକ୍ତ କରି ପାରିବା ଲାଗି ଆଧୁନିକ କଳା ନାନା ପ୍ରକାରେ ଏକ ପ୍ରୟୋଗ କରି ଚାଲିଛି । ଏହି ପ୍ରୟୋଗ ଏପର୍ଯ୍ୟନ୍ତ ଭାରି ଅପରିପକ୍ୱ ଅବସ୍ଥାରେ ରହିଛି । ବିଚାରଟି ପ୍ରକୃତରେ ଏକ ଉତ୍ତମ ବିଚାର; ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏହି କ୍ଷେତ୍ରରେ ଯାହା ଆପଣାକୁ ବ୍ୟକ୍ତ କରି ଆଣିବାକୁ ଇଚ୍ଛା କରୁଛି, ତାହାରି ମୂଲ୍ୟ ଉପରେହିଁ ସମଗ୍ର ଅଭିବ୍ୟକ୍ତିଟିର ମୂଲ୍ୟ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ ହୋଇ ରହିଛି ।

ସମ୍ପ୍ରତି ପ୍ରାୟ ସବୁ କଳାକାର ନିମ୍ନତମ ପ୍ରାଣିକ ଏବଂ ମାନସିକ ଚେତନାର ସ୍ତରରେ ରହିଛନ୍ତି ଏବଂ ତେଣୁ ସେମାନେ ଯାହା ଉତ୍ପନ୍ନ କରୁଛନ୍ତି, ତାହା ଅତ୍ୟନ୍ତ ଦରିଦ୍ର ହୋଇ ରହିଛି ।

ତେଣୁ ତୁମେ ନିଜର ଚେତନାରେ ଏକ ବିକାଶ ଘଟାଇବାକୁ ଚେଷ୍ଟା କର, ନିଜ ଆତ୍ମାର ଆବିଷ୍କାର କରିବାକୁ ଚେଷ୍ଟାକର; ଏବଂ ତା'ପରେ, ତୁମେ ଯାହାକିଛି କରିବ, ତାହା ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇ ପାରିବ ।

ମୁଁ ଆସନ୍ତା ବର୍ଷକ ଲାଗି ତୁମ ପାଇଁ ଏହି କାର୍ଯ୍ୟକ୍ରମଟି କରି ଦେଉଛି । ଆଜିଠାରୁହିଁ ସେହି ବର୍ଷଟି ଆରମ୍ଭ ହେଲା ।

*୧୨ ଅଗଷ୍ଟ ୧୯୬୩*

*

ମୋତେ ଦୁଃଖର ସହିତ କହିବାକୁ ପଡୁଛି ଯେ ତୁମର ଚିତ୍ରବିଦ୍ୟାରେ ଗତ ଗୋଟିଏ ବର୍ଷ ମଧ୍ୟରେ ମୁଁ ଖୁବ୍ ବେଶୀ ଉନ୍ନତି ହୋଇଥିବାର ଲକ୍ଷ୍ୟ କରି ପାରୁ ନାହିଁ । ତୁମ ଚିତ୍ରଗୁଡ଼ିକରେ

ଆନ୍ତରିକତା ଏବଂ ସ୍ୱତଃସ୍ଫୂର୍ତ୍ତତାର ଅଭାବ ରହିଛି । ତୁମେ ପ୍ରକୃତରେ କିଛି **ଦେଖି ନାହଁ**, ଖାଲି **ଭାବିକରି** ସବୁକିଛି କରିଛ । ଏବଂ ଭାବନାକୁ ଏହି କ୍ଷେତ୍ରରେ ଏକ ପିଲାଳିଆ ମାର୍ଗ ବୋଲି କୁହାଯିବ । ଗତବର୍ଷ ମୁଁ ଯାହା କହିଥିଲି, ତୁମେ ତଥାପି ତାହା ହାସଲ କରିପାରି ନାହଁ । ଚେତନା ଆହୁରି ଅଧିକ ଆଲୋକିତ ହେବ, ତାହାର ଆନ୍ତରିକତା ଆହୁରି ଅଧିକ ବୃଦ୍ଧି ପାଇବ । ଏବଂ ଆଖିଗୁଡ଼ିକ ମଧ୍ୟ କଳାତ୍ମକ ଭାବରେ ଦେଖି ପାରିବାକୁ ଶିକ୍ଷା କରିବେ ।

*୧୨ ଅଗଷ୍ଟ ୧୯୬୪*

*

ମୁଁ ଆଜି ଯାଇ ତୁମେ କରିଥିବା ଚିତ୍ରଗୁଡ଼ିକୁ ଦେଖିବାର ଅବସର ପାଇଲି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେଗୁଡ଼ିକ ଏକ ଉଦ୍ୟମର ପରିଚୟ ଦେଉଛନ୍ତି; ଏବଂ ଯେଉଁ ଚିତ୍ରଟି ବନ୍ଧା ହୋଇ ସାରିଛି, ସେଇଟି ଦେଖିବାକୁ ପ୍ରକୃତରେ ଭାରି ତୃପ୍ତିକର ଲାଗୁଛି । ମାତ୍ର ତୁମେ ଅତିରିକ୍ତ ପରିମାଣରେ ତଥାପି **ଭାବୁଛ** ଏବଂ ଯଥେଷ୍ଟ ପରିମାଣରେ ତଥାପି **ଦେଖି** ପାରୁ ନାହଁ । ଅର୍ଥାତ୍ ତୁମର ଦୃଷ୍ଟିରେ ମୌଳିକତା ନାହିଁ, ସ୍ୱତଃସ୍ଫୂର୍ତ୍ତତା ନାହିଁ, ପ୍ରତ୍ୟକ୍ଷତା ବି ନାହିଁ; ଏବଂ ତାହାର ଅର୍ଥ ହେଉଛି ଯେ, ତୁମେ ଯାହା କରୁଛ, ତାହାକୁ କେବଳ ପାରମ୍ପରିକ ଭାବରେ କରୁଛ ଓ ସେଥିରେ ମୌଳିକତାର ଅଭାବ ରହିଛି । ଅନ୍ୟମାନେ ଯାହା କରୁଛନ୍ତି, ତୁମେ ସେହିଗୁଡ଼ାକର ଅନୁକରଣ କରୁଛ ।

ସକଳ ବସ୍ତୁର ପଶ୍ଚାତରେ ଏକ ଦିବ୍ୟ **ସୌନ୍ଦର୍ଯ୍ୟ** ରହିଛି, ଏକ ଦିବ୍ୟ ସୁଷମତା ରହିଛି : ଆମକୁ ତାହାରି ସଂସ୍ପର୍ଶରେ ଆସିବାକୁ ପଡ଼ିବ । ଆମକୁ ସେଇଟିକୁହିଁ ଅଭିବ୍ୟକ୍ତ କରି ଆଣିବାକୁ ହେବ ।

*୧୨ ଅଗଷ୍ଟ ୧୯୬୫*

*

## ସଙ୍ଗୀତବିଦ୍ୟା

ଯେଉଁମାନେ ଆସି ଗାନ ଓ ସଙ୍ଗୀତ-କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ଲାଗି : ଏଥର ପ୍ରକୃତରେ ଅନେକ ଅଗ୍ରଗତି ହୋଇଛି ବୋଲି ଶ୍ରୀଅରବିନ୍ଦ ଓ ମୁଁ ଅନୁଭବ କରିପାରିଲୁ । କାର୍ଯ୍ୟକ୍ରମଟି ବାହାର ଦୃଷ୍ଟିରୁ କିଭଳି ପରିବେଶିତ ହେଲା, କେବଳ ସେହି ମାନଦଣ୍ଡ ଉପରେ ନୁହେଁ, ମାତ୍ର ସବୁଟିର ପଶ୍ଚାତରେ ଯେଉଁ ଅଭିନିବେଶ ରହିଛି, ସେଇ ବୃହତ୍ତର ଉଦ୍ଦେଶ୍ୟଟିର ଭୂମିଉପରେ ଏବଂ ଅନ୍ତର୍ଗତ ଦୃଷ୍ଟିକୋଣଟିରୁ ବିଚାର କରି ମଧ୍ୟ

ପ୍ରକୃତରେ ଅନେକ ଅଗ୍ରଗତି ହୋଇଛି ବୋଲି କୁହାଯିବ । ଆଜି ଦିନଟି ସମସ୍ତଙ୍କ ଲାଗି ଆପଣାର ଆଶୀର୍ବାଦକୁ ବହନ କରି ନେଇଆସୁ ।

*୨୪ ଏପ୍ରିଲ ୧୯୩୨*

*

ମୋତେ ସଙ୍ଗୀତ ଭଲ ଲାଗେ ନାହିଁ ବୋଲି କିଏ ଯେ ଏକ ଜନରବ ରଟାଇବାରେ ଲାଗିଛି, ମୁଁ କିଛି ବୁଝି ପାରୁ ନାହିଁ । ଏକଥା ମୋଟେ ସତ୍ୟ ନୁହେଁ – ମୋତେ ସଙ୍ଗୀତ ଭାରି ଭଲ ଲାଗେ । ମାତ୍ର ଏକ ସାନ ଗୋଷ୍ଠୀରେହିଁ ସଙ୍ଗୀତ ଶୁଣାଯିବା ଉଚିତ, ଅର୍ଥାତ୍ ଖୁବ୍ ବେଶୀ ହେଲେ ପାଞ୍ଚ, ଛଅ ଜଣଙ୍କର ଏକ ସାନ ଗୋଷ୍ଠୀରେ ତାହାର ପରିବେଷଣ ହେବା ଉଚିତ । କିନ୍ତୁ ଯେତେବେଳେ ଗୁଡ଼ାଏ ଲୋକ ଏକାଠି ଭିଡ଼ ହୋଇ ସଙ୍ଗୀତ ଶୁଣିବାକୁ ରୁଣ୍ଡ ହୁଅନ୍ତି, ସେତେବେଳେ ତାହା ଅଧିକାଂଶ ସମୟରେ ଏକ ସାମାଜିକ ଅନୁଷ୍ଠାନରେ ପରିଣତ ହୋଇଯାଏ । ଏବଂ ତଦ୍ୱାରା ଯେଉଁ ବାତାବରଣର ସୃଷ୍ଟି ହୁଏ, ତାହା ସଙ୍ଗୀତ ଲାଗି ଆଦୌ ଅନୁକୂଳ ନୁହେଁ ।

*

ତୁମେ ଯେ ସର୍ବଦା ଆପଣାକୁ ସଙ୍ଗୀତ ଚର୍ଚ୍ଚା କରିବାରେ ଏବଂ ଲେଖିବାରେ ନିଯୁକ୍ତ କରି ରଖୁଛ, ତାହା ଭାରି ଭଲ କଥା । କାରଣ ତାହାରି ମଧ୍ୟରେହିଁ ତୁମର ପ୍ରକୃତିକୁ ତାହାର ଜନ୍ମଜାତ କାର୍ଯ୍ୟଟି ମିଳି ଯାଉଛି ଏବଂ ତଦ୍ୱାରା ତୁମର ପ୍ରାଣିକ ଶକ୍ତିକୁ ସଂରକ୍ଷିତ କରିବାରେ ଏବଂ ଯଥାର୍ଥ ଭାରସାମ୍ୟଟିକୁ ରଖିବାରେ ଭାରି ସହାୟତା ମିଳୁଛି ।

ତୁମର ସାଧନା ବିଷୟରେ ମୁଁ ତୁମକୁ ଏହି କଥାଟି ପଚାରିବାକୁ ଚାହୁଁଛି : ତୁମେ ତୁମ ସଙ୍ଗୀତ ମାଧ୍ୟମରେ ସାଧନା ନ କରିବ କାହିଁକି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଧ୍ୟାନ କରିବାହିଁ ସାଧନାର ଏକମାତ୍ର ମାର୍ଗ ଆଦୌ ନୁହେଁ । ତୁମର ସଙ୍ଗୀତ ମାଧ୍ୟମରେ ବି ଭକ୍ତି ଏବଂ ଅଭୀପ୍ସାର ଅଭିବୃଦ୍ଧି ହୋଇ ପାରିବ ଏବଂ ତାହା ତୁମର ପ୍ରକୃତିକୁ ଉପଲବ୍ଧି ଲାଗି ପ୍ରସ୍ତୁତ କରି ଆଣିପାରିବ ।

*୨୩ ଜାନୁଆରି ୧୯୩୯*

*

ସଙ୍ଗୀତ ଏହି ପୃଥିବୀର ଅନ୍ୟ ଯାବତୀୟ ବସ୍ତୁପରି ସେହି ଏକା ନିୟମଟିରହିଁ ଅନୁସରଣ କରିଥାଏ;– ସେଗୁଡ଼ିକୁ ଆମେ ପରମ ଦିବ୍ୟସତ୍ତାର ଅଭିମୁଖୀ କରି ନ ରଖିଲେ ସେଗୁଡ଼ିକ କଦାପି ଦିବ୍ୟାଭିମୁଖୀ ହୋଇ ପାରନ୍ତି ନାହିଁ ।

*୨୫ ମଇ ୧୯୪୧*

*

*ମୁଁ ଏକଥା କହି କ'ଣ ଠିକ୍ କରିବି ଯେ, ମାଆ ଯେତେବେଳେ ଅର୍ଗାନ୍ ବାଦନ କରୁଛନ୍ତି, ସେତେବେଳେ ସେହି ସଙ୍ଗୀତର କେତୋଟି ନିର୍ଦ୍ଦିଷ୍ଟ ତନ୍ତ୍ରୀ ମାଆ ଏହି ଭୂପୃଷ୍ଠରେ ପ୍ରତିଷ୍ଠିତ କରିବାକୁ ଇଚ୍ଛା କରୁଥିବା ସେହି ଉଚ୍ଚତର ପରମଶକ୍ତିର ଅଭିବ୍ୟକ୍ତି ଲାଗି ଆବଶ୍ୟକ ସ୍ପନ୍ଦନଗୁଡ଼ିକୁ ସୃଷ୍ଟି କରି ଆଣୁଛନ୍ତି ?*

ଯେତେବେଳେ ଜଣେ ବ୍ୟକ୍ତି ଏକ ଉଚ୍ଚତର ଚେତନାରେ ବାସ କରୁଥାଏ, ସେତେବେଳେ ସିଏ ଯାହାକିଛି କରେ, କହେ ବା ଯାହାକିଛି ଚିନ୍ତା କରେ, ସେଥିରେ ଏହି ଉଚ୍ଚତର ଚେତନାଟିର ସ୍ପନ୍ଦନଗୁଡ଼ିକ ଅବଶ୍ୟ ଅଭିବ୍ୟକ୍ତ ହୋଇ ଆସିଥାଏ । ସେହି ବ୍ୟକ୍ତି ଯେ ଏହି ଜଗତରେ ଉପସ୍ଥିତ ରହିଛି, ସେହି କଥାଟି ଦ୍ୱାରାହିଁ ଏହିସବୁ ଉଚ୍ଚତର ସ୍ପନ୍ଦନ ପ୍ରକାଶିତ ହୋଇ ଉଠୁଥା'ନ୍ତି ।

ଅନେକ ଆଶୀର୍ବାଦ ।

*

*ଆପଣଙ୍କର ରଚିତ ସଙ୍ଗୀତ ମଧ୍ୟରେ ଯେଉଁ ସ୍ୱରଟି ଅଧିକାଂଶ ସମୟରେ ବାରବାର ଧ୍ୱନିତ ହେବାରେ ଲାଗିଥାଏ, ସେହି ସ୍ୱରଟିର ପ୍ରକୃତ ତାତ୍ପର୍ଯ୍ୟ କ'ଣ ?*

ତୁମେ ଅବଶ୍ୟ ଲକ୍ଷ୍ୟ କରିଥିବ ଯେ, ସାଧାରଣତଃ କୌଣସି ବିକ୍ଷୁବ୍ଧତା ବା ଅଶାନ୍ତିର ପର୍ଯ୍ୟାୟ ବ୍ୟକ୍ତ ହୋଇ ସାରିବା ପରେ ଏହି ସ୍ୱରଟି ଶୁଣିବାକୁ ମିଳିଥାଏ । ଏହା କୌଣସି ଏକ ସମସ୍ୟାର ସମାଧାନର ପ୍ରତୀକ ରୂପେ ଆସିଥାଏ । ତାହା ଏକ ଉନ୍ନତିକୁ, ଅଗ୍ରଗତିକୁ ଅର୍ଥାତ୍ ଚେତନାର କ୍ଷେତ୍ରରେ ଆଗକୁ ଗୋଟିଏ ପହୁଣ୍ଡ ପକାଇବାର ଘଟନାଟିକୁ ସୂଚିତ କରିଦିଏ । ଏହା ଏକ ସନ୍ଦୀପନ  ରୂପେ ଆସେ । ସାଧନାର ଅନ୍ତଃକ୍ଷେତ୍ରଗତ ଗତିଗୁଡ଼ିକ ସହିତ ମୋର ରଚିତ ସଙ୍ଗୀତର ସାଦୃଶ୍ୟ ରହିଛି । ବେଳେବେଳେ ଏକ ସଙ୍କଟ ଆସି ଉପସ୍ଥିତ ହୁଏ । ଏକ ବିକ୍ଷୁବ୍ଧତା, ଏକ ସମସ୍ୟା ଓ ଏକ ଭୁଲ୍ ଗତିସ୍ପନ୍ଦନ,— ଯାହା ଉପରେ ଆମେ ବିଜୟ ହାସଲ କରିସାରିଛୁ ବୋଲି ମନେ ହେଉଥିଲା, ତାହା ହଠାତ୍ ପ୍ରତ୍ୟାବର୍ତ୍ତନ କରି ଏକ ବୃହତ୍ତର ଶକ୍ତିଶାଳିତା ସହିତ ଆସି ଉପସ୍ଥିତ ହୁଏ । ମାତ୍ର ଠିକ୍ ସେତିକିବେଳେ, ତାହାର ଏକ ଉତ୍ତର ରୂପେ ବା ଏକ ସହାୟକ ରୂପେ ଚେତନାର କ୍ଷେତ୍ରରେ ସେହି ଅଭିବୃଦ୍ଧି ସଂଘଟିତ ହୁଏ, ଏକ ଉଦ୍‌ଘାଟନ ଘଟେ,— ଏବଂ ତା'ପରେ ସେହି ଚୂଡ଼ାନ୍ତ ଆଲୋକନଟି ମଧ୍ୟ ସମ୍ଭବ ହୋଇଯାଏ ।

ଏହି ସଙ୍ଗୀତଟିର ତାତ୍ପର୍ଯ୍ୟକୁ ବୁଝିବା ପ୍ରକୃତରେ ଭାରି କଷ୍ଟକର,— ବିଶେଷତଃ ପାଶ୍ଚାତ୍ୟ ମାନସ ଲାଗି ଅତ୍ୟନ୍ତ କଷ୍ଟକର । ପାଶ୍ଚାତ୍ୟ ଜଗତର ଲୋକମାନଙ୍କ ସକାଶେ

ଅନେକ ସମୟରେ ଏହାର କୌଣସି ତାତ୍ପର୍ଯ୍ୟ ନ ଥାଏ । ସେମାନେ ଆପଣା ଭିତରେ ସେହି ସଙ୍ଗୀତର ଅନୁସ୍ପନ୍ଦନଟିକୁ ମଧ୍ୟ ମୋଟେ ଅନୁଭବ କରିପାରନ୍ତି ନାହିଁ । ଯେଉଁମାନେ ଭାରତୀୟ ରାଗଗୁଡ଼ିକର ରସାସ୍ୱାଦନ କରି ପାରିବେ, ଅଧିକାଂଶତଃ ସେହିମାନଙ୍କୁହିଁ ଏହି ସଙ୍ଗୀତ ଭଲ ଲାଗି ପାରିବ । କାରଣ ଏହା ଭିତରେ ସେହି ରାଗଗୁଡ଼ିକ ସହିତ କେତେକ ସାଦୃଶ୍ୟ ଅବଶ୍ୟ ରହିଥାଏ । ମାତ୍ର ଏହି ସ୍ଥଳରେ ମଧ୍ୟ ଆଙ୍ଗିକର ଦୃଷ୍ଟିକୋଣରୁ ସାଙ୍ଗୀତିକ ନିୟମର ଓ ସ୍ୱରାଙ୍କନର ଯାବତୀୟ ପରମ୍ପରାକୁ ଏକାବେଳେକେ ଭାଙ୍ଗି ଦିଆଯାଇଥାଏ ।

*୩୦ ଅକ୍ଟୋବର ୧୯୫୭*

*

*କ୍ରୀଡ଼ାଙ୍ଗନରେ ଆପଣଙ୍କ ରଚିତ ସଙ୍ଗୀତଧ୍ୱନି ମଧ୍ୟରେ ଧ୍ୟାନ କରୁଥିବା ସମୟରେ ଆମର କ'ଣ କରିବାକୁ ଚେଷ୍ଟା କରିବା ଉଚିତ ?*

କେତେକ ନିର୍ଦ୍ଦିଷ୍ଟ ଭାବସଂସ୍କୃତିକୁ ଜାଗ୍ରତ କରି ଆଣିବା ଲାଗି ସେହି ସଙ୍ଗୀତ ଉଦ୍ଦିଷ୍ଟ ହୋଇ ରହିଥାଏ ।

ତାହାକୁ ଯଥାର୍ଥରେ ଶୁଣି ପାରିବା ଲାଗି ନିଜକୁ ଯଥାସମ୍ଭବ ନୀରବ ଏବଂ ଅକ୍ରିୟ କରି ଆଣିବାକୁ ହୁଏ । ଏବଂ ଯଦି, ମନୋଭୂମିର ସେହି ନୀରବତାଟି ମଧ୍ୟରେ, ସତ୍ତାର ଗୋଟିଏ ଅଂଶ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରୁ ନ ଥିବା ଏବଂ କୌଣସିଥିରେ ଅଂଶଗ୍ରହଣ କରୁ ନ ଥିବା କେବଳ ନିରୀକ୍ଷଣକାରୀ ଏକ ସାକ୍ଷୀରହିଁ ଦୃଷ୍ଟିକୋଣଟିକୁ ଗ୍ରହଣ କରିପାରେ, ତେବେ ସେତେବେଳେ ସେହି ସଙ୍ଗୀତ ଦ୍ୱାରା ଆମର ଯାବତୀୟ ଭାବ ଓ ସଂବେଗ ଉପରେ ନିଷ୍ପନ୍ନ ହେଉଥିବା ପ୍ରଭାବଟିକୁ ଯଥାର୍ଥରେ ଗ୍ରହଣ କରିପାରିବା ସମ୍ଭବ ହୁଏ । ଏବଂ, ଯଦି ତାହା ଗଭୀର ପ୍ରଶାନ୍ତି ଏବଂ ଅର୍ଦ୍ଧ-ସମାଧିର ଏକ ଅବସ୍ଥା ସୃଷ୍ଟି କରି ଆଣିବାରେ ସମର୍ଥ ହୁଏ, ତେବେ ତାହାକୁ ଅତ୍ୟନ୍ତ ଉତ୍ତମ ବୋଲି କହିବାକୁ ପଡ଼ିବ ।

*୧୫ ନଭେମ୍ବର ୧୯୫୯*

*

*ମାଆ, ଯେତେବେଳେ ଆଉ ଜଣେ ଏକ ସଙ୍ଗୀତ ସୃଷ୍ଟି କରୁଥିବ, ସେତେବେଳେ ତାହାର ଯଥାର୍ଥ ଭାବମୟତା ଭିତରେ ପ୍ରବେଶ କରିବା କିପରି ସମ୍ଭବ ହେବ ?*

ସହାନୁଭୂତି ଦ୍ୱାରା, ଅଳ୍ପ ବହୁତ ଗଭୀର ହୋଇ ରହିଥିବା ସମ୍ବନ୍ଧସ୍ଥାପନ ଦ୍ୱାରା ବା ଏକାତ୍ମକତା ମଧ୍ୟରେ ପରିପୂର୍ଣ୍ଣତା ଲାଭ କରୁଥିବା ଅଭିନିବେଶର ଏକ ଉଦ୍ୟମ ଦ୍ୱାରା ଆମେ ଯେପରି ସ୍ୱତଃସ୍ଫୂର୍ତ୍ତ ଭାବରେ ଆଉ ଜଣେ ବ୍ୟକ୍ତିର ସଂବେଗ ରାଜ୍ୟଟି ମଧ୍ୟରେ ଅଂଶଗ୍ରହଣ କରିପାରୁଛୁ,

ଏହି କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ହେବ । ଏକ ଗଭୀର ଏବଂ ସୁ-ଅଭିନିବେଶିତ ଧ୍ୟାନର ସହିତ ଆମେ ଯେତେବେଳେ ସଙ୍ଗୀତର ଶ୍ରବଣ କରୁ, ସେତେବେଳେ ଆମେ ପ୍ରକୃତରେ ଶେଷ ପ୍ରକ୍ରିୟାଟିକୁ, ଅର୍ଥାତ୍ ଏକାତ୍ମକତା ଲାଗି ଲକ୍ଷ୍ୟ ରଖିଥିବା ଅଭିନିବେଶର ଉଦ୍ୟମଟିକୁହିଁ ଗ୍ରହଣ କରିଥାଉ । ସେତେବେଳେ ସେହି ଅଭିନିବେଶ ଦ୍ୱାରା ଆମର ମସ୍ତିଷ୍କଭିତରେ ଯାବତୀୟ ଅନ୍ୟ କୋଳାହଳମୟତା କ୍ରମଶଃ ନିରୁଦ୍ଧ ହୋଇ ଆସେ ଏବଂ ଏକ ପରିପୂର୍ଣ୍ଣ ନୀରବ ଅବସ୍ଥା ଉପଲବ୍ଧ ହୋଇଥାଏ । ଏବଂ ସେହି ନୀରବ ଅବସ୍ଥାଟି ମଧ୍ୟକୁ ସତେଅବା ବିନ୍ଦୁ ବିନ୍ଦୁ ହୋଇ ଶୁଣୁଥିବା ସଙ୍ଗୀତର ସ୍ୱରଗୁଡ଼ିକ ଝରି ପଡ଼ିବାରେ ଲାଗିଥାଏ । ସେତେବେଳେ କେବଳ ଧ୍ୱନିଟିହିଁ ଅବଶେଷ ହୋଇ ରହିଥାଏ; ଏବଂ ସେହି ଧ୍ୱନିଟି ସହିତ ଯାବତୀୟ ଭାବସମିତି ଓ ସଂବେଗ କ୍ଷେତ୍ରର ଯାବତୀୟ ସଚଳତା ସତେଅବା ଦୃଷ୍ଟିଗୋଚର ହୋଇ ଆସିବାକୁ ଲାଗେ, ଆମ ଅନୁଭବ ମଧ୍ୟରେ ଆସି ଧରାଦିଏ; ସେଗୁଡ଼ିକ ସତେ ଯେପରି ଆମ ନିଜ ଭିତରେହିଁ ଝଙ୍କୃତ ହୋଇ ଆସୁଛନ୍ତି, ଠିକ୍ ସେହିପରି ଅନୁଭୂତ ହୁଏ ।

*୨୦ ଅକ୍ଟୋବର ୧୯୫୯*

*

*'କ' ଏବଂ ମୁଁ ଏକାଠି ବଂଶୀ ବଜାଉ । ଆମକୁ ଏପରି ଗୋଟିଏ ବହି ମିଳିଯାଇଛି, ଯେଉଁଥିରେ କି ଭାରି ସୁନ୍ଦର ସଙ୍ଗୀତମାନ ରହିଛି; ସେଗୁଡ଼ିକ ଭାରି ସରଳ ଏବଂ ବଜାଇବାକୁ ଭାରି ସହଜ ଲାଗୁଛନ୍ତି । ଆମେ ଆପଣଙ୍କଠାରୁ ଏହି କଥାଟି ଜାଣିବାକୁ ଚାହୁଁଛୁ ଯେ, ସେହି ବହିରେ ରହିଥିବା ପ୍ରେମ ଓ ମୃତ୍ୟୁବିଷୟକ କବିତାଗୁଡ଼ିକ, ଆମ ଆଶ୍ରମର ଆଦର୍ଶଟି ସହିତ ଯେଉଁଗୁଡ଼ିକର ଆଦୌ କୌଣସି ମେଳ ଅଛି ବୋଲି ମନେ ହେଉ ନାହିଁ, ବଜାଇବା ସମୟରେ ଏକ ଅତ୍ୟନ୍ତ ଖରାପ ଭାବ ସୃଷ୍ଟି କରୁଛନ୍ତି । ଗିର୍ଜାଗୁଡ଼ିକରେ ଯେଉଁ କାଥୋଲିକ୍ ଧର୍ମ ସଙ୍ଗୀତମାନ ବଜା ହୋଇଥାଏ, ସେଗୁଡ଼ିକ ଆମେ ବଜାଇଲେ ଖରାପ ହେବ କି ? ଯଦି ସେପରି ହେଉଥିବ, ତେବେ ଆମେ ଏଣିକି ଆଉ ଅଶିଷ୍ଟ ଶବ୍ଦ ଦେଇ ରଚିତ ହୋଇଥିବା ସୁରଗୁଡ଼ିକୁ କିଂବା ଧର୍ମସଙ୍ଗୀତଗୁଡ଼ିକୁ ମୋଟେ ବଜାଇବୁ ନାହିଁ ।*

ଉଭୟ କ୍ଷେତ୍ରରେ ତୁମକୁ **ଶବ୍ଦଗୁଡ଼ିକୁ** ଅପସାରିତ କରିଦେବାକୁ ହେବ ଏବଂ କେବଳ ସଙ୍ଗୀତକୁହିଁ ସଂରକ୍ଷିତ କରି ରଖିବାକୁ ପଡ଼ିବ ।

ସଙ୍ଗୀତର ଅନୁଲିପି ତିଆରି କରିବାର ମାର୍ଗଟି ଯଦି ତୁମକୁ ଜଣାଥାଏ, ତେବେ, ଶବ୍ଦଗୁଡ଼ିକର ନକଲ ନ କରି ତୁମେ ସୁରଗୁଡ଼ିକୁ ଲିପିବଦ୍ଧ କରି ନିଅ । ଯଦି ଅନୁଲିପି ତିଆରି କରିବାର କଳାଟି ତୁମକୁ ଜଣା ନ ଥାଏ, ତେବେ ତାହା ଜାଣିଥିବା ଆଉ କାହାକୁ,—

ଉଦାହରଣସ୍ୱରୂପ ଜୋ' କୁ ତୁମମାନଙ୍କ ଲାଗି ସେହି ସ୍ୱରାନୁଲିପି ପ୍ରସ୍ତୁତ କରିଦେବାକୁ ଅନୁରୋଧ କର ବା କିପରି ତାହା ପ୍ରସ୍ତୁତ କରିବାକୁ ହୁଏ, ତାହା ତୁମମାନଙ୍କୁ ଶିଖାଇ ଦେବା ଲାଗି ତାଙ୍କୁ କହ ।

ନିଜ ପାଖରେ ତୁମେ ସେହି ପୁସ୍ତକଟିକୁ କଦାପି ରଖିବ ନାହିଁ । କାରଣ ଏଭଳି ବହିଗୁଡ଼ିକର ଏକ ଖରାପ ପ୍ରଭାବ ପଡ଼ିବାର ଆଶଙ୍କା ସବୁବେଳେ ରହିଥାଏ ।

*୧୯୬୫*

*

*ସଙ୍ଗୀତରେ ଆମେ ପ୍ରକୃତରେ କେଉଁ ବସ୍ତୁଟିର ଅନ୍ୱେଷଣ କରିବା ?*

*କୌଣସି ଏକ ସଙ୍ଗୀତର ଗୁଣାତ୍ମକ ମୂଲ୍ୟଟିକୁ କିପରି ବିଚାର କରାଯିବ ?*

*ସଙ୍ଗୀତ ଲାଗି ଏକ ଉତ୍ତମ ରୁଚିର ବିକାଶ ହୋଇ ପାରିବ କିପରି ?*

*ସିନେମା ଗୀତ, ଯାଜ୍ ଗୀତ ପ୍ରଭୃତି ହାଲୁକା ସଙ୍ଗୀତ ବିଷୟରେ ଆପଣ କ'ଣ ଭାବନ୍ତି ? ଆମ ପିଲାମାନେ ତ ସେଗୁଡ଼ାକୁ ଭାରି ଭଲ ପାଉଛନ୍ତି ।*

ଚେତନା ଯେପରି ଉତ୍ତରୋତ୍ତର ଆଧ୍ୟାତ୍ମିକ ଊର୍ଦ୍ଧ୍ୱତା ଆଡ଼କୁ ଆପଣାକୁ ଉତ୍ତୋଳିତ କରି ଆଣି ପାରିବ, ସେଥିରେ ତାହାର ସହାୟତା କରିବା ହେଉଛି ସଙ୍ଗୀତର ପ୍ରକୃତ ଭୂମିକା ।

ଏବଂ, ଯାହାକିଛି ଚେତନାକୁ ତଳକୁ ଖସାଇ ଆଣେ, ବାସନାଗୁଡ଼ାକୁ ପ୍ରଶ୍ରୟ ଯୋଗାଇଦିଏ ଏବଂ କୁ-ପ୍ରବୃତ୍ତିଗୁଡ଼ିକୁ ଉତ୍ତେଜିତ କରିପକାଏ, ତାହା ସଙ୍ଗୀତର ଯଥାର୍ଥ ଲକ୍ଷ୍ୟଟିର ବିରୋଧାଚରଣ କରେ ଏବଂ ତେଣୁ ସେହି ସଙ୍ଗୀତ ପାଖରୁ ଦୂରରେ ରହିବାହିଁ ଉଚିତ ।

ଏଠାରେ ନାମର କୌଣସି ପ୍ରଶ୍ନ ଉଠୁ ନାହିଁ, କେବଳ ପ୍ରେରଣାରହିଁ ଏକ ପ୍ରଶ୍ନ ରହିଛି;— ଏବଂ ସେହି କ୍ଷେତ୍ରରେ ଆଧ୍ୟାତ୍ମିକ ଚେତନାହିଁ ଏକମାତ୍ର ବିଚାରକ ହୋଇ ରହିବ ।

*୨୨ ଜୁଲାଇ ୧୯୬୭*

*

*(ମଧ୍ୟଯୁଗର ଏକ ପ୍ରେମ ସଙ୍ଗୀତ ବିଷୟରେ)*

ତାହାର ଶବ୍ଦଗୁଡ଼ିକ ବଡ଼ ହାସ୍ୟାସ୍ପଦ ହୋଇଛି ଓ ସେଥିରେ ଏକ ଖରାପ ରୁଚିର ବି ଗନ୍ଧ ରହିଛି । ତେଣୁ, ଏକ ସାଧାରଣ ନିୟମ ରୂପେ, ଯେତେବେଳେ ଆମେ କୌଣସି ଏକ ସଙ୍ଗୀତର ଅଭ୍ୟାସ କରିବା, ସେତେବେଳେ ଯଦି ତାହାର ଭାବସଙ୍ଗତିଗୁଡ଼ିକ ରୁଚିକର ହୋଇ ନ ଥିବ, ତେବେ ସେଗୁଡ଼ିକୁ ଆମେ ବଦଳାଇ ଦେବା, କେବଳ ସଙ୍ଗୀତଟିକୁହିଁ ରଖିବା ।

ଛନ୍ଦର ଜ୍ଞାନଥିବା ଯେକୌଣସି ବ୍ୟକ୍ତି ସେହି କଥାଟିକୁ ଅତ୍ୟନ୍ତ ସହଜରେ କରିପାରିବ ।

*ଫେବ୍ରୁଆରି ୧୯୬୮*

*

*(ସ୍ୱରସଙ୍ଗୀତର ଏକ କାର୍ଯ୍ୟକ୍ରମରେ ସ୍ୱରାଙ୍କିତ ହୋଇ ରହିଥିବା ଦୁଇଟି ଧର୍ମସଙ୍ଗୀତ 'ହାଲେଲୁୟା' ଏବଂ 'ଡୋନା ନୋବିସ୍ ପାଚେମ୍' ବିଷୟରେ)*

ଖାଲି ଏହି ଧର୍ମସଙ୍ଗୀତଟି ନୁହେଁ, ଯଦି ଅନ୍ୟ ଧର୍ମର ସଙ୍ଗୀତଗୁଡ଼ିକୁ ମଧ୍ୟ ଅନ୍ତର୍ଗତ କରାଯାଏ, ତେବେ ଏଗୁଡ଼ିକ ବି ବେଶ୍ ରହିପାରିବ ।

*ମାର୍ଚ୍ଚ ୧୯୬୮*

*

## କାବ୍ୟ

ଭାବ ଯେତେବେଳେ ଇନ୍ଦ୍ରିୟଗ୍ରାହ୍ୟ ହେବାକୁ ଲାଗେ, ସେତେବେଳେ ତାହାହିଁ କାବ୍ୟରେ ପରିଣତ ହୁଏ ।

*

ମୁଁ ଯଥାର୍ଥ କାବ୍ୟିକତାକୁ ଯାବତୀୟ ଦର୍ଶନ ଏବଂ ଯାବତୀୟ ଅର୍ଥ ବିଶ୍ଳେଷଣର ଅତୀତ ବୋଲି ଅନୁଭବ କରେ ।

*

## ଫଟୋ ଉଠାଇବା

ଆଧୁନିକ କାଳରେ ଫଟୋ ଉଠାଇବା ଏକ କଳାରେ ପରିଣତ ହେଲାଣି, ଏବଂ ଅନ୍ୟ ଯାବତୀୟ କଳାତ୍ମକତା ପରି, ଫଟୋର ମାଧ୍ୟମରେ ମଧ୍ୟ ଆମେ ଅନ୍ତର୍ଗତ ଭାବସମିତି ଏବଂ ଆତ୍ମାଟିକୁ ଅଭିବ୍ୟକ୍ତ କରି ଆଣିପାରିବା; ସୌନ୍ଦର୍ଯ୍ୟର ଏକ ଯଥାର୍ଥ ବୋଧ ସହିତ ଆମେ ତାହା କରିପାରିବା ।

*

ଫଟୋ ଉଠାଇବାବାଲା ଯେତେବେଳେ ଜଣେ କଳାକାର ହୋଇଥିବ, ସେତେବେଳେ ତା'ର ଫଟୋ ଉଠାଇବା ମଧ୍ୟ ଏକ କଳାରେ ପରିଣତ ହୋଇଯିବ ।

*

## ସିନେମା

*ଏବେ ଆମେ ପ୍ରକୃତରେ ଅତିରିକ୍ତ ଭାବରେ ଗୁଡ଼ାଏ ଫିଲ୍ମ୍ ଦେଖୁଛୁ ଓ ସେଥିରୁ ଆମର ଯେ କି ଶିକ୍ଷାଲାଭ ହେଉଛି, ମୁଁ ସେକଥା ଆଦୌ ବୁଝିପାରୁ ନାହିଁ !*

ଉଚିତ ଦୃଷ୍ଟିକୋଣଟି ମହଜୁଦ ରହିଥିଲେ ଯାବତୀୟ ବସ୍ତୁକୁ ମଧ୍ୟ ଶିକ୍ଷାର ଏକ ଅବସର ରୂପେ ବ୍ୟବହାର କରାଯାଇପାରିବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏବେ ଯେ ଅତିରିକ୍ତ ଭାବରେ ଅନେକ ଫିଲ୍ମ୍ ପ୍ରଦର୍ଶିତ ହେଉଛି, ସେଥିରୁ ତୁମେ ଏତିକି ବୁଝିବ ଯେ, କେତେକ ଲୋକଙ୍କର ଫିଲ୍ମ୍ ଦେଖିବା ଲାଗି ଯେଉଁ ଉଗ୍ର ବାସନା ରହିଛି, ତାହା ଯାବତୀୟ ଅନ୍ୟ ବାସନା ପରି ସମାନ ପରିମାଣରେ କ୍ଷତିକାରକ ।

*୧୧ ମଇ ୧୯୬୩*

*

ଜୀବନ ଯେଉଁଭଳି ହେବା ଉଚିତ, ଆମ ପିଲାମାନଙ୍କୁ ଆମର ସେହିପରି ଜୀବନର ଚିତ୍ରଗୁଡ଼ିକୁ ଦେଖାଇ ପାରିବା ଉଚିତ । ମାତ୍ର ଆମେ ଏପର୍ଯ୍ୟନ୍ତ ସେତେ ଦୂର ଯାଇ ପାରି ନାହୁଁ । ସେହି ସ୍ଥାନଟିଠାରୁ ଅନେକ ଦୂରରେ ଅଛୁ । ଏଭଳି ଫିଲ୍ମ୍‌ସବୁ ବି ଏପର୍ଯ୍ୟନ୍ତ ତିଆରି ହୋଇ ନାହିଁ । ଏବଂ ଜୀବନ ଯେପରି ନ ହେବା ଉଚିତ, ଏବେ ଅଧିକାଂଶ ସମୟରେ ସିନେମାରୁ ଆମକୁ ତାହାହିଁ ଦେଖିବାକୁ ମିଳୁଛି; ଏତେ ପ୍ରଭାବଶାଳୀ ଭାବରେ ତାହା ସେଗୁଡ଼ାକୁ ଦେଖାଉଛି ଯେ, ତାହା ଦେଖି ଜୀବନପ୍ରତି ପ୍ରକୃତରେ ଏକ ବିରକ୍ତିଭାବ ଉପୁଜି ଆସୁଛି ।

ଏକ ପ୍ରସ୍ତୁତି ଲାଗି ଆମେ ଏଇଟିକୁ ମଧ୍ୟ ଉପଯୋଗୀ ବୋଲି କହିପାରିବା ।

ମନୋରଞ୍ଜନର ଏକ ସାମଗ୍ରୀ ରୂପେ ନୁହେଁ, ମାତ୍ର ଶିକ୍ଷାର ଏକ ଅଙ୍ଗରୂପେହିଁ ଆଶ୍ରମରେ ଫିଲିମ୍ ଦେଖିବା ଲାଗି ଅନୁମତି ଦିଆଯାଏ । ତେଣୁ ଏଠାରେ ଶିକ୍ଷାସମ୍ବନ୍ଧୀୟ ଏକ ସମସ୍ୟାରହିଁ ସମ୍ମୁଖୀନ ହେଉଛୁ ବୋଲି ଜାଣିବା ।

ଯଦି ଆମେ ଏପରି ବିଚାର କରୁଥିବା ଯେ, ଯାହାକିଛି ପିଲାକୁ ଯାବତୀୟ ନିମ୍ନସ୍ତରୀୟ, ଅଶୋଧିତ, ତୀବ୍ର ଏବଂ ସ୍ଖଳନକାରୀ ଗତିସ୍ପନ୍ଦନରୁ ଶୁଦ୍ଧ କରି ରଖିବାରେ ସହାୟତା କରିବ, ଆମର ପିଲା କେବଳ ତାହାହିଁ ଶିଖିବ ଓ ତାହାହିଁ ଜାଣିବ, ତେବେ, ଆମକୁ ସଙ୍ଗେ ସଙ୍ଗେ ଅବଶିଷ୍ଟ ମାନବସମାଜ ସହିତ ଘଟୁଥିବା ଆମର ଯାବତୀୟ ସଂସ୍ପର୍ଶକୁ ନିକାଲି ଦେବାକୁ ପଡ଼ିବ । ପ୍ରଥମତଃ, ଇତିହାସର ନାମରେ ଚଳିଆସୁଥିବା ଯୁଦ୍ଧ ଓ

ହତ୍ୟାକାଣ୍ଡ, ଦ୍ୱନ୍ଦ୍ୱ ଏବଂ ପ୍ରବଞ୍ଚନାର ଏହିସବୁ ଯାବତୀୟ କାହାଣୀକୁ ନିକାଲି ବାହାର କରିଦେବାକୁ ପଡ଼ିବ; ବର୍ତ୍ତମାନ ପରିବାର, ଆତ୍ମୀୟ-ସ୍ୱଜନ ଓ ବନ୍ଧୁମାନଙ୍କ ସହିତ ରହିଥିବା ଆମର ସକଳ ସମ୍ପର୍କକୁ ତୁଟାଇ ଦେବାକୁ ପଡ଼ିବ; ଏବଂ ସେମାନଙ୍କର ସତ୍ତାର ଯାବତୀୟ ପ୍ରାଣିକ ଆବେଗ ଉପରେ ବି ନିୟନ୍ତ୍ରଣ ଜାରି କରି ରଖିବାକୁ ପଡ଼ିବ ।

ପୂର୍ବକାଳର ମଠଗୁଡ଼ିକରେ ବାଡ଼ ଦିଆଯାଇ ରଖା ଯାଇଥିବା ଜୀବନ ଏବଂ ଗିରିଗୁହା ତଥା ଅରଣ୍ୟ ମଧ୍ୟରେ ଅତିବାହିତ କରାଯାଉଥିବା ବୈରାଗ୍ୟମୟ ଜୀବନ ପଛରେ ପ୍ରକୃତରେ ସେହି ବିଚାରଟି କାର୍ଯ୍ୟ କରୁଥିଲା ।

ଏହିସବୁ ଉପଚାର ଓ ପ୍ରତିବିଧାନ ପ୍ରକୃତରେ ମୋଟେ ଫଳପ୍ରଦ ହେଲା ନାହିଁ ଏବଂ ମନୁଷ୍ୟସମାଜକୁ କର୍ଦ୍ଦମ ମଧ୍ୟରୁ ଉଦ୍ଧାର କରି ଆଣିବାରେ ସଂପୂର୍ଣ୍ଣ ବିଫଳ ହୋଇଥିଲା ।

ଶ୍ରୀଅରବିନ୍ଦ ଏଥିପାଇଁ ଏକ ଅନ୍ୟ ଉପାୟ ବତାଇ ଦେଇଛନ୍ତି ।

ଆମେ ଏକ ସମଗ୍ର କ୍ଷେତ୍ର ରୂପେ ଜୀବନର ସମ୍ମୁଖୀନ ହେବା; ଏଥିରେ ତଥାପି ରହିଥିବା ସକଳ କୁତ୍ସିତତା, ମିଥ୍ୟା ଏବଂ ନୃଶଂସତାର ସମ୍ମୁଖୀନ ହେବା; ମାତ୍ର ଆପଣା ଭିତରେହିଁ ସକଳ ଉତ୍ତମତା, ସକଳ ସୌନ୍ଦର୍ଯ୍ୟ, ସକଳ ଆଲୋକ ଏବଂ ସକଳ ସତ୍ୟର ଉତ୍ସଟିକୁ ଆବିଷ୍କାର କରିବା ବିଷୟରେ ଅତ୍ୟନ୍ତ ସାବଧାନ ଓ ଯତ୍ନଶୀଳ ହୋଇ ରହିଥିବା । ତା' ହେଲେ ସେହି ଉତ୍ସଟି ସହିତ ଆମେ ସଚେତନ ଭାବରେ ଜଗତର ଏକ ସଂଯୋଗ ସ୍ଥାପନ କରି ରଖି ପାରିବା ଓ ତାହାରି ଫଳରେହିଁ ଜଗତର ରୂପାନ୍ତର ସମ୍ଭବ ହେବ ।

ଆମେ କିଛି ଦେଖିବା ନାହିଁ ବୋଲି ନିଷ୍ପତ୍ତି କରି ଏହି ଜଗତରୁ ପଳାଇଯିବା ଅଥବା ଆଖି ବନ୍ଦ କରି ବସିବା ଅପେକ୍ଷା ଏହି ବାଟଟି ପ୍ରକୃତରେ ଅନନ୍ତ ଗୁଣରେ ଅଧିକ କଷ୍ଟକର ହେବ । ମାତ୍ର ଏହାହିଁ ଏକମାତ୍ର ଫଳପ୍ରଦ ବାଟ;– ଯେଉଁମାନେ ପ୍ରକୃତରେ ବଳବାନ୍ ଓ ଶୁଦ୍ଧ ଓ ଯେଉଁମାନେ ପରମ ସତ୍ୟର ଅଭିବ୍ୟକ୍ତି ଘଟାଇବା ନିମନ୍ତେ ପ୍ରକୃତରେ ସମର୍ଥ ଏଇଟି ହେଉଛି ସେଇମାନଙ୍କର ବାଟ ।

*୨୯ ମଇ ୧୯୬୮*

*

*ମାଆ,*

*ଆମେ କେଉଁ ଦୃଷ୍ଟିନେଇ କୌଣସି ଫିଲ୍ମ ଦେଖିବାକୁ ଯିବା ? ଯଦି ଆମେ ସେହି ଫିଲ୍ମର ଚରିତ୍ରଗୁଡ଼ିକ ସହିତ ନିଜକୁ ଏକାତ୍ମକ ହୋଇଯିବା ପରି ମନେ କରିବା ଏବଂ ସେହି ଫିଲ୍ମଟି ଯଦି ଦୁଃଖାନ୍ତକ ଅଥବା ଡିଟେକ୍ଟିଭ୍ ଫିଲ୍ମ୍ ହୋଇଥିବ, ତେବେ ଆମେ ସେଇଟି ସହିତ ଆମ ଭିତରେ ଏପରି ଜଡ଼ିତ ଓ ସଂଶ୍ଳିଷ୍ଟ ହୋଇ ପଡ଼ିବା ଯେ, ତାହାକୁ ଦେଖି ଆମେ ହୁଏତ କାନ୍ଦିବାକୁ ଆରମ୍ଭ*

*କରିବା କିଂବା ଭୟଭୀତ ହୋଇ ପଡ଼ିବା । ଏବଂ, ଯଦି ଆମେ ତଟସ୍ଥ ହୋଇ ଫିଲ୍‌ମ୍‌ଟିକୁ ଦେଖିବା, ତେବେ ହୁଏତ ତାହାର ରସଟିକୁ ଭଲଭାବରେ ଆସ୍ୱାଦନ କରି ପାରିବା ନାହିଁ । ତେବେ ଏହି କ୍ଷେତ୍ରରେ ଆମର କର୍ତ୍ତବ୍ୟ କ'ଣ ହେବ ?*

ଏହି କ୍ଷେତ୍ରରେ ପ୍ରାଣିକ ଅଂଶଟିହିଁ ପ୍ରଭାବିତ ହୋଇଥାଏ ଓ ଆନ୍ଦୋଳିତ ହେଉଥାଏ ।

ମାତ୍ର ମନୋଭୂମିରେ ରହି ପ୍ରସଙ୍ଗଟି ଉପରେ ଅବଲୋକନ କରି ପାରିଲେ ତୁମର ଆଗ୍ରହ ଆଦୌ ସେହି ପୂର୍ବପରି ହୋଇ ରହେ ନାହିଁ । କୌଣସି ପ୍ରକାରେ ବିଚଳିତ ବା ଆନ୍ଦୋଳିତ ହୋଇ ନ ପଡ଼ି ତୁମେ ସ୍ଥିର ଭାବରେ ଫିଲ୍‌ମ୍‌ଟିର ପ୍ରକୃତ ମୂଲ୍ୟର ବିଚାର କରିବାକୁ ସମର୍ଥ ହୁଅ; ଫିଲ୍‌ମ୍‌ଟି ଉଚିତ ଭାବରେ ନିର୍ମିତ ହୋଇଛି କି ନାହିଁ, ତାହାର ଅଭିନୟଗୁଡ଼ିକ ଭଲ ହୋଇଛି କି ନାହିଁ ଓ ଛବିଗୁଡ଼ିକର ପ୍ରକୃତରେ କୌଣସି କଳାତ୍ମକ ମୂଲ୍ୟ ରହିଛି କି ନାହିଁ, ତୁମେ ସେହି କଥାଗୁଡ଼ିକର ବିଚାର କରିବାକୁ ସମର୍ଥ ହୋଇଯାଅ ।

ପ୍ରଥମ ସ୍ଥଳଟିରେ ତୁମେ ଜଣେ ''ଉତ୍ତମ ଦର୍ଶକ'' ହୋଇ ରହିଥାଅ, ଏବଂ ଦ୍ୱିତୀୟ ସ୍ଥଳରେ ଅପେକ୍ଷାକୃତ ଅଧିକ ଶାନ୍ତ ହୋଇ ରହିବାକୁ ସମର୍ଥ ହୁଅ ।

ଅନେକ ଆଶୀର୍ବାଦ ।

*୩୦ ଜାନୁଆରି ୧୯୭୦*

*

*(ଅରୋଭିଲଠାରେ ସିନେମା ଦେଖାହେବା ସମ୍ପର୍କରେ)*

ପନ୍ଦର ବର୍ଷରୁ କମ୍ ବୟସର ପିଲାମାନେ କେବଳ ଶିକ୍ଷାମୂଳକ ଫିଲ୍‌ମ୍ ଦେଖିବେ ।

ଅରୋଭିଲ୍‌ରେ ପ୍ରଦର୍ଶିତ ହେବା ଲାଗି ଆସିଥିବା ଫିଲ୍‌ମ୍‌ଗୁଡ଼ିକୁ ବାଛି ଠିକ୍ କଲାବେଳେ ଅତ୍ୟନ୍ତ ଯତ୍ନ ଓ ସାବଧାନତା ସହିତ ତାହା କରିବାକୁ ହେବ ।§

ଯାହାକିଛି ମନୁଷ୍ୟର ନିମ୍ନସ୍ତରର ଗତିସ୍ପନ୍ଦନ ଏବଂ କାର୍ଯ୍ୟଗୁଡ଼ିକୁ ଉତ୍ସାହ ଏବଂ ପ୍ରେରଣା ଦେଉଥିବ, ସେଗୁଡ଼ିକୁ ମୋଟେ ପ୍ରଦର୍ଶିତ କରାଯିବ ନାହିଁ ।*

*୨୫ ଫେବ୍ରୁଆରି ୧୯୭୨*

*

* ପ୍ରଥମ ଦୁଇଟି ପାରା ମାଆଙ୍କର ମନ୍ତବ୍ୟଗୁଡ଼ିକ ଉପରେ ଆଧାରିତ କରି ଲେଖା ହୋଇଛି । ଏହି ଲେଖାଟି ତାଙ୍କୁ ଦେଖାହେବା ସମୟରେ ସେଥିରେ ସେ ଶେଷ ପାରାଟି ଲେଖି ଯୋଡ଼ି ଦେଇଥିଲେ ।

## ନୀରବ ହୋଇ ଶିଖ

ଯେଉଁ ଲୋକମାନେ ଛବି ଦେଖିବାକୁ ଭଲ ପାଆନ୍ତି, ସେଥିରେ ଥିବା ଗୀତ ଓ ଶବ୍ଦଗୁଡ଼ିକୁ ଶୁଣିବାକୁ ଯେଉଁମାନଙ୍କର ମନ ଥାଏ, ସିନେମା ସେହିମାନଙ୍କ ସକାଶେ ତିଆରି ହୋଇଛି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶାନ୍ତ ଭାବରେ ତାହା ଦେଖିବା ଲାଗି ଓ ଶୁଣିବା ଲାଗି ସେମାନଙ୍କର ନିଶ୍ଚୟ ଏକ ଅଧିକାର ରହିଛି ।

ଯେଉଁମାନେ କଥା କହିବା, ଗପସପ କରିବା, ହସିବା, ଗୋଳମାଳ କରିବା ଓ ଏପରି କି ଏଣେତେଣେ ଦଉଡ଼ି ବୁଲିବାରୁ ଆପଣାକୁ ନିବୃତ୍ତ କରି ରଖି ନ ପାରୁଛନ୍ତି, ସେମାନଙ୍କର ଆଦୌ ସିନେମା ଦେଖା ଯାଉଥିବା ସ୍ଥାନକୁ ଯିବା ଉଚିତ ନୁହେଁ । କାରଣ, ସେହିସବୁ ଯାବତୀୟ କାର୍ଯ୍ୟକୁ ସେମାନେ ଅନ୍ୟ ଯେକୌଣସି ସ୍ଥାନରେ ବି କରିପାରିବେ ଓ ତା'ହେଲେ ଯେଉଁମାନେ ସେମାନଙ୍କ ଭଳି ନୁହନ୍ତି, ସେମାନଙ୍କର କିଞ୍ଚିତ୍ ଆମୋଦ ଲାଭ କରିବାରେ କୌଣସି ବ୍ୟାଘାତ ଘଟିବ ନାହିଁ ।

ତେଣୁ ନିଷ୍ପତ୍ତିଟି ହେଉଛି : ଦେଖୁଥିବା ଲୋକମାନେ ନୀରବ ହୋଇ ବସିବେ । ତେବେଯାଇ ସିନେମା ହେବ,– ନ ହେଲେ ହେବ ନାହିଁ ।

*୧୨ ଅକ୍ଟୋବର ୧୯୬୨*

*

## "The Wizard of OZ"*

ଆଜି ରାତିରେ ତୁମମାନଙ୍କୁ ଯେଉଁ ଫିଲ୍ମଟି ପ୍ରଦର୍ଶିତ ହେବାକୁ ଯାଉଛି, ଆଗରୁ ସଂକ୍ଷିପ୍ତ ଭାବରେ ତାହାର ଏକ ବ୍ୟାଖ୍ୟା ଦେଇଦେବା ଦ୍ୱାରା ତୁମେ ନିଶ୍ଚୟ ଅଧିକ ଆଗ୍ରହର ସହିତ ସେହି ଫିଲ୍ମଟିକୁ ଦେଖିପାରିବ ।

ଛବିଟିରେ ତିନୋଟି ଭାଗ ରହିଛି,– ଦୁଇଟି ସାଦା ଓ ଆଉ ଗୋଟିଏ ରଙ୍ଗିନ୍ । ରଙ୍ଗିନ୍ ଭାଗଟି ହେଉଛି ବୃହତ୍ତର ଭାଗ । ସାଦା ଦୁଇଟି ଭାଗରେ (ପ୍ରଥମଟି ଓ ଶେଷଟି), ଜଡ଼ସ୍ତରର ଜଗତରେ ବସ୍ତୁଗୁଡ଼ିକ ଯେଉଁପରି ଭାବରେ ପ୍ରତୀତ ହୋଇଥା'ନ୍ତି ସେହି କଥାଟିକୁ ପ୍ରଦର୍ଶିତ କରାଯାଇଛି । ରଙ୍ଗିନ୍ ଭାଗଟି ଘଟନାଗୁଡ଼ିକର ଏକ ସଦୃଶ ଧାରା ଏବଂ ସମଜାତୀୟ ଚରିତ୍ର ଓ ଭୂମିକାଗୁଡ଼ିକୁ ପ୍ରାଣିକ ଜଗତର ସ୍ତରରେ ଅଭିବ୍ୟକ୍ତ କରିବା ଲାଗି ପ୍ରୟାସ କରିଛି; ଜଣେ ମଣିଷର ଶରୀର ଯେତେବେଳେ ଗଭୀର ନିଦ୍ରାରେ ମଗ୍ନ ହୋଇ ରହିଛି,

* ଆଶ୍ରମ କ୍ରୀଡ଼ାଙ୍ଗନରେ ଏହି ଫିଲ୍ମଟି ପ୍ରଦର୍ଶିତ ହେବା ସମୟରେ ମାଆ ଲାଉଡ୍‌ସ୍ପୀକର୍ ସାହାଯ୍ୟରେ ଏହି ବିବୃତିଟିକୁ ଦେଇଥିଲେ ।

ଯେତେବେଳେ ତା' ଶରୀର ଭିତରୁ ବାହାରି ବାହାରକୁ ଚାଲିଯାଉଛି, ଏହି ଭାଗଟି ସେତିକିବେଳର କଥାଗୁଡ଼ିକୁ ବ୍ୟକ୍ତ କରିବାକୁ ପ୍ରୟାସ କରିଛି । ଯେପର୍ଯ୍ୟନ୍ତ ତୁମର ଏକ ସ୍ଥୂଳ ଶରୀର ରହିଛି, ସେତେବେଳ ପର୍ଯ୍ୟନ୍ତ ପ୍ରାଣିକ ଜଗତରେ ତୁମ ଲାଗି ପ୍ରକୃତରେ କୌଣସି ଅନିଷ୍ଟ ଘଟିବାର ମୋଟେ ସମ୍ଭାବନା ନ ଥାଏ, କାରଣ ସେତେବେଳେ ଏହି ସ୍ଥୂଳ ଶରୀର ସେଥିଲାଗି ଏକ ରକ୍ଷାବରଣ ହୋଇ କାର୍ଯ୍ୟ କରୁଥିବ ଏବଂ ତୁମେ ଇଚ୍ଛାକରିବା ମାତ୍ରକେ ସର୍ବଦା ସେଇ ଶରୀରଟି ମଧ୍ୟକୁ ବାହୁଡ଼ି ଆସିପାରୁଥିବ । ପ୍ରକୃତରେ ଏକ ଅତ୍ୟନ୍ତ ଚମତ୍କାରିତାପୂର୍ଣ୍ଣ ଢଙ୍ଗରେ ଛବିଟିରେ ସେହି କଥାଟିକୁ ଦେଖାଇଦିଆ ହୋଇଛି । ତୁମେମାନେ ଦେଖିବାକୁ ପାଇବ ଯେ, ଛବିରେ ଥିବା ସାନଝିଅଟି ତା' ଗୋଡ଼ରେ ଯାଦୁଶକ୍ତି ରହିଥିବା ଗାଢ଼ ଲାଲ ରଙ୍ଗର ଦୁଇଟି ଚଟି ପିନ୍ଧିଛି । ଏବଂ, ଯେପର୍ଯ୍ୟନ୍ତ ଚଟିଦୁଇଟି ତା' ଗୋଡ଼ରେ ରହିଛି, ସେ ପର୍ଯ୍ୟନ୍ତ ତାକୁ ଆଦୌ କୌଣସି ବିପଦ ଘଟିପାରୁ ନାହିଁ । ସ୍ଥୂଳ ଶରୀରଟି ସହିତ ଯେ ତଥାପି ଏକ ସଂଯୋଗ ରହିଛି, ଗାଢ଼ ନାଲିରଙ୍ଗର ଚଟିଦୁଇଟି ହେଉଛନ୍ତି ତାହାରି ସଙ୍କେତ ଓ ତାହାରି ପ୍ରତୀକ; ଏବଂ ଝିଅଟି ସେହି ଚଟିଦୁଇଟିକୁ ଗୋଡ଼ରେ ପିନ୍ଧିଥିବା ପର୍ଯ୍ୟନ୍ତ, ନିଜର ଇଚ୍ଛାମତେ ଆପଣାର ଶରୀର ମଧ୍ୟକୁ ଫେରିଆସି ପାରୁଛି ଏବଂ ତାହାରି ଭିତରେ ଆଶ୍ରୟ ଗ୍ରହଣ କରିପାରୁଛି ।

ଏଠାରେ ସେହି ଫିଲ୍ମ୍ ବିଷୟରେ ଆଉ ଦୁଇଟି କଥା ଉଲ୍ଲେଖଯୋଗ୍ୟ । ପ୍ରଥମଟି ହେଉଛି ତୁଷାରବୃଷ୍ଟିର କଥା । ସେହି ତୁଷାରବୃଷ୍ଟିହିଁ ଦଳଟିକୁ ସେହି ଦୁଷ୍ଟା ଡାଆଣୀର କବଳରୁ ରକ୍ଷା କରିପାରିଥିଲା । ଦୁଷ୍ଟା ଡାଆଣୀ ଆପଣାର ବଶୀକରଣ-ବିଦ୍ୟା ପ୍ରୟୋଗ କରି ଉପକାରକ ପ୍ରାଣବନ୍ତାର ମର୍କତ ଦୁର୍ଗଟି ଅଭିମୁଖରେ ସେମାନଙ୍କର ଅଗ୍ରଗତିକୁ ଅଟକାଇ ରଖିଥିଲା । ପ୍ରାଣିକ ଜଗତ୍-ସ୍ତରରେ ତୁଷାର ହେଉଛି ଶୁଦ୍ଧତାର ପ୍ରତୀକ । ଅର୍ଥାତ୍ ସେମାନଙ୍କର ଭାବଗତ ଏବଂ ଅଭିପ୍ରାୟଗତ ଶୁଦ୍ଧତାହିଁ ସେମାନଙ୍କୁ ସେହି ବଡ଼ ବିପଦରୁ ରକ୍ଷା କରି ପାରିଥିଲା । ଆଉ ଗୋଟିଏ କଥା ବି ଉଲ୍ଲେଖ କରି ରଖିବାକୁ ହେବ ଯେ, ଉପକାରୀ ଯାଦୁକରର ଦୁର୍ଗକୁ ଯିବାକୁ ହେଲେ ସେମାନଙ୍କୁ ସୁନା ଇଟା ଦେଇ ତିଆରି ହୋଇଥିବା ପ୍ରଶସ୍ତ ପଥଟି ଦେଇ ଅବଶ୍ୟ ଯିବାକୁ ପଡ଼ିବ । ଅର୍ଥାତ୍ ସନ୍ଦୀପିତ ବିଶ୍ୱାସ ଏବଂ ପୁଲକର ପଥଦେଇ ଯିବାକୁ ପଡ଼ିବ ।

ଦ୍ୱିତୀୟ କଥାଟି ହେଉଛି : କୁଟାତିଆରି ମଣିଷଟାକୁ ନିଆଁରେ ଜଳି ଭସ୍ମ ହୋଇଯିବାର ଦୁର୍ଗତିରୁ ବଞ୍ଚାଇବା ଉଦ୍ଦେଶ୍ୟରେ ଯେତେବେଳେ ଡରୋଥି ତା' ଉପରକୁ ପାଣି ଫୋପାଡ଼ିଲା, ସେତେବେଳେ କେତେକ ପାଣି ଯାଇ ନିଆଁ ଲଗାଇଥିବା ସେଇ ଦୁଷ୍ଟା ଡାଆଣୀଟି ଉପରେ ପଡୁଛି । ଉପରେ ପାଣି ପଡ଼ିବା ମାତ୍ରକେ ଡାଆଣୀ ତାହାରି ଭିତରେ ମିଳାଇଯାଉଛି ଓ ତା'ର ମୃତ୍ୟୁ ଘଟୁଛି । ଏଠାରେ ଏହି ଜଳ ହେଉଛି ଶୁଦ୍ଧୀକାରକ

ଶକ୍ତିର ପ୍ରତୀକ, ଏବଂ ଯେତେବେଳେ ସଦିଚ୍ଛା ଏବଂ ଆନ୍ତରିକତା ସହିତ ଏହି ଶକ୍ତିଟିକୁ କାମରେ ଲଗାଯାଏ, ସେତେବେଳେ କୌଣସି ପ୍ରତିକୂଳ ସତ୍ତା ଅଥବା ପ୍ରତିକୂଳ ଶକ୍ତି ଏହି ଶକ୍ତିର ପ୍ରତିରୋଧ କରିପାରେ ନାହିଁ ।

ପରିଶେଷରେ, ଆପଣାର ଲାଲ ଚଟିରୁ ଗୋଟିଏକୁ ଆରଟି ସହିତ ବାଡ଼େଇ କିପରି ଘରକୁ ଫେରିଯିବାକୁ ହେବ, ଯେତେବେଳେ ଭଲ ପରୀଟି ସାନବାଳିକାଟିକୁ ଉପାୟ ବତାଇ ଦେଉଛି, ସେତେବେଳେ ସିଏ କହୁଛି ଯେ ଘରଠାରୁ ଅଧିକ ଭଲ ଜାଗା ପ୍ରକୃତରେ ଆଉ କେଉଁଠି ହେଲେ ନାହିଁ । ଏଠାରେ ''ଘର'' ବୋଲି କହିଲେ ସିଏ ଏହି ଭୌତିକ ଜଗତକୁ ବୁଝୁଛି, ଯାହାକୁ କି ଆମେ ସୁରକ୍ଷା ଏବଂ ଲକ୍ଷ୍ୟୋପଲବ୍ଧିର ସ୍ଥାନ ବୋଲି ଜାଣିରଖିବା ।

ଏହି ଛବିଟିର ବିଷୟ ଯେ ପ୍ରକୃତରେ ଆଗ୍ରହୋଦ୍ଦୀପକ ଏବଂ ଏହା ଯେ ଆଦୌ ସଂପୂର୍ଣ୍ଣ ଭାବରେ ଜ୍ଞାନଶୂନ୍ୟ ନୁହେଁ, ତୁମେମାନେ ଏକଥାଟିକୁ ବେଶ୍ ବୁଝିପାରୁଥିବ । ଦୁଃଖର କଥା ଯେ ଛବିଟିର ଚିତ୍ରଣ ଯେଡ଼େ ସୁନ୍ଦର ଓ ଯେଡ଼େ ସୌଷମ୍ୟଯୁକ୍ତ ହୋଇପାରି ଥାଆନ୍ତା, ତାହା ପ୍ରକୃତରେ ସେପରି ହୋଇପାରି ନାହିଁ । ସଜ୍ଜାର କ୍ଷେତ୍ରରେ ମଧ୍ୟ କେତେକ ରୁଚିଗତ ତ୍ରୁଟି ରହିଯାଇଛି ଏବଂ ଅନେକ ଶୋଚନୀୟ ଅସଭ୍ୟତାକୁ ବି ସ୍ଥାନ ଦିଆଯାଇଛି ।

*୧୪ ସେପ୍ଟେମ୍ବର ୧୯୫୨*

*

## ଅନ୍ୟାନ୍ୟ ବିଷୟ

ପଢ଼ିବା ଓ ଲେଖିବାର ଜ୍ଞାନ ଥିବ, ଅନ୍ତତଃ ଗୋଟିଏ ଭାଷାକୁ ଶୁଦ୍ଧ ଭାବରେ କହିପାରୁଥିବ, କିଞ୍ଚିତ୍ ସାଧାରଣ ଭୂଗୋଳର ଜ୍ଞାନ ରହିଥିବ, ଆଧୁନିକ ବିଜ୍ଞାନ ସହିତ ମୋଟାମୋଟି ଏକ ପରିଚୟ ରହିଥିବ ଏବଂ ଆଚରଣର କେତେକ ନିୟମ ମଧ୍ୟ ଜଣାଥିବ,— କୌଣସି ଗୋଷ୍ଠୀ ଅଥବା ସମୂହରେ ବାସ କରିବା ସକାଶେ ଏହା ଏକାନ୍ତ ଅପରିହାର୍ଯ୍ୟ ।

*

ଯୋଗ ସହିତ କୌଣସି ସମ୍ବନ୍ଧ ରଖୁ ନ ଥିବା ମନସ୍ତତ୍ତ୍ୱକୁ ମୁଁ ଜୀବନହୀନ ବୋଲି ବିଚାର କରିଥାଏ ।

ମନସ୍ତତ୍ତ୍ୱର ଅଧ୍ୟୟନ ଆମକୁ ଯୋଗ ଆଡ଼କୁହିଁ ପରିଚାଳିତ କରି ନେଇଯିବ, ସୈଦ୍ଧାନ୍ତିକ ଯୋଗ ନ ହେଲେ ବି ଅନ୍ତତଃ ପ୍ରାୟୋଗିକ ଯୋଗ ଆଡ଼କୁ ପରିଚାଳିତ କରି ନେଇଯିବ ।

*୨୩ ଡିସେମ୍ବର ୧୯୬୦*

*

ଯାହା ଗୋଟିଏ ହୋଇ ରହିଛି, ତୁମେ ତାହାକୁ ଭାଗଭାଗ କରି ପକାଅ ନାହିଁ । ବିଜ୍ଞାନ ଓ ଆଧ୍ୟାତ୍ମିକତା, ଉଭୟଙ୍କର ଲକ୍ଷ୍ୟ ଏକ, ସେହି ଲକ୍ଷ୍ୟ ହେଉଛି ସର୍ବୋଚ୍ଚ, ଦିବ୍ୟସତ୍ତାଙ୍କର ଉପଲବ୍ଧି । ଦୁଇଟି ମଧ୍ୟରେ ଏହି ଗୋଟିଏ ମାତ୍ର ପାର୍ଥକ୍ୟ ରହିଛି ଯେ ଦ୍ୱିତୀୟଟି ସେହି ଲକ୍ଷ୍ୟଟି ସମ୍ବନ୍ଧରେ ଅବଗତ ରହିଥାଏ ଓ ପ୍ରଥମଟି ସେ ବିଷୟରେ ଅବଗତ ନ ଥାଏ ।

*ଡିସେମ୍ବର ୧୯୬୨*

*

*ମାଆ,*

*ଏପରି କେତେକ ବସ୍ତୁ ରହିଛି, ଯାହାକି ମୋର ଅଗ୍ରଗତି ସକାଶେ ସହାୟକ; ମାତ୍ର ସେଗୁଡ଼ାକ ଲାଗି ମୋର ମୋଟେ ଆଗ୍ରହ ଆସୁ ନାହିଁ । ଉଦାହରଣ ସ୍ୱରୂପ, ଗଣିତ ବିଷୟଟି ଭାରି ଭଲ, ମାତ୍ର ସେଇଟି ପ୍ରତି ମୋର ଆଦୌ କୌଣସି ଆକର୍ଷଣ ନାହିଁ । ତେଣୁ ଆପଣ ଅନୁଗ୍ରହ କରି କହନ୍ତୁ, ମୋ' ଲାଗି ଆକର୍ଷଣ ନ ଥିବା ବସ୍ତୁଗୁଡ଼ିକରେ ମୁଁ କିପରି ନିଜର ଏକ ଆଗ୍ରହ ସୃଷ୍ଟି କରିପାରିବି ।*

ଆମର ବହୁସଂଖ୍ୟକ ବିଷୟ ଜାଣିବାକୁ ରହିଛି । ସେସବୁ ବିଶେଷ ଭାବରେ ଆଗ୍ରହୋଦ୍ଦୀପକ ବୋଲି ଯେ ଆମର ସେସବୁକୁ ଜାଣିବାକୁ ରହିଛି, ସେ କଥା ଆଦୌ ନୁହେଁ, ମାତ୍ର ସେଗୁଡ଼ିକ ଆମର ପ୍ରକୃତରେ ଅନେକ କାମରେ ଆସିବେ ଏବଂ ଅନେକ ସମୟରେ ଆମ ଲାଗି ଅପରିହାର୍ଯ୍ୟ ହୋଇ ରହିଥିବେ ବୋଲି ଆମେ ସେଗୁଡ଼ିକୁ ଜାଣିବା । ଗଣିତ ହେଉଛି ସେଗୁଡ଼ିକ ମଧ୍ୟରୁ ଗୋଟିଏ ବିଷୟ ।

ଆମ ଭିତରେ ଜ୍ଞାନର ଏକ ସୁଦୃଢ଼ ମୂଳଦୁଆ ରହିଥିଲେ ଯାଇ ଆମେ ସଫଳ ଭାବରେ ଜୀବନର ସମ୍ମୁଖୀନ ହୋଇ ପାରିବା ।

*

ଆମେ ସମସ୍ତେ ବାସ କରୁଥିବା ଏହି ପୃଥିବୀକୁ ଭଲକରି ଜାଣିବା ପାଇଁ ଏକ ଆଗ୍ରହ ଓ ବ୍ୟଗ୍ରତା ରହିଥିଲେ ଯାଇ ଆମକୁ ଇତିହାସ ଓ ଭୂଗୋଳ ଆକର୍ଷକ ବୋଧ ହୋଇ ପାରିବ ।

ମାତ୍ର, ଏହି ଦୁଇଟିଯାକ ବିଷୟ ଲାଗି ଆଗ୍ରହୀ ହୋଇ ପାରିବା ପୂର୍ବରୁ ଆମକୁ ଆମ ଜ୍ଞାନପିପାସାର ପରିଧିଗୁଡ଼ିକୁ ଅଧିକ ପ୍ରଶସ୍ତ କରିଦେବାକୁ ପଡ଼ିବ, ଆମ ଚେତନାର କ୍ଷେତ୍ରଟିକୁ ମଧ୍ୟ ପ୍ରଶସ୍ତ କରି ରଖିବାକୁ ହେବ ।

*

*ଗଣିତ, ଇତିହାସ ବା ବିଜ୍ଞାନ,— ଏହିସବୁ ବିଷୟ ଆପଣଙ୍କୁ ପାଇବାରେ ମୋତେ କିପରି ସାହାଯ୍ୟ କରିପାରିବ ?*

ସେଗୁଡ଼ିକ ଏକାଧିକ ଉପାୟରେ ସାହାଯ୍ୟ କରି ପାରିବେ :

୧. ପରମ ସତ୍ୟର ଆଲୋକକୁ ଗ୍ରହଣ ଓ ବହନ କରି ପାରିବାକୁ ହେଲେ ନିଜର ମନକୁ ବଳିଷ୍ଠ, ପ୍ରଶସ୍ତ ଏବଂ ନମନୀୟ କରିବାକୁ ପଡ଼ିବ । ଏହି ସାମର୍ଥ୍ୟଟିକୁ ଅର୍ଜନ କରିବା ଲାଗି ଏହିସବୁ ବିଷୟର ଅଧ୍ୟୟନ ତୁମ ଲାଗି ଅତ୍ୟନ୍ତ ଉପଯୋଗୀ ହେବ ।

୨. ଯଦି ତୁମେ ଯଥେଷ୍ଟ ଗଭୀର ଭାବରେ ବିଜ୍ଞାନର ଅଧ୍ୟୟନ କରିପାରିବ, ତେବେ ତାହା ବସ୍ତୁ ପ୍ରତିଭାସଗୁଡ଼ିକର ଅସତ୍ୟତା ବିଷୟରେ ତୁମର ହୃଦ୍‌ବୋଧ କରାଇଦେଇ ପାରିବ ଏବଂ ଏହିପରି ଭାବରେ ତୁମକୁ ଆଧ୍ୟାତ୍ମିକ ସତ୍ୟ ଆଡ଼କୁ ପରିଚାଳିତ କରିନେବ ।

୩. ସ୍ଥୂଳ ପ୍ରକୃତିର ଯାବତୀୟ ବିଭାବ ଏବଂ ଗତିସ୍ପନ୍ଦନଗୁଡ଼ିକର ଅଧ୍ୟୟନ ବିଶ୍ୱମୟୀ ପରମାଜନନୀଙ୍କ ସହିତ ତୁମର ଏକ ସଂସ୍ପର୍ଶ ଘଟାଇପାରିବ ଓ ଏହିପରି ଭାବରେ ତୁମେ ମୋର ଅଧିକ ନିକଟବର୍ତ୍ତୀ ବି ହୋଇ ପାରିବ ।

*୧୭ ଡିସେମ୍ବର ୧୯୬୬*

*

ପାଟୀଗଣିତ ବିଷୟରେ ମୁଁ ଏତିକି କହିବି ଯେ, ମୁଁ ଲିଖିତ ପାଟୀଗଣିତ ଅପେକ୍ଷା **ମୌଖିକ** ପାଟୀଗଣିତର ଅନେକ ଅଧିକ ପକ୍ଷପାତୀ । ଏବଂ ସେଥିରେ ମୁହେଁମୁହେଁ ପାଟୀଗଣିତ କଷିଦେବାର ସାମର୍ଥ୍ୟର ବିକାଶ ଉପରେ ମଧ୍ୟ ଏକ ଗୁରୁତ୍ୱ ଦିଆଯାଉଥିବ । ଏହା ଅପେକ୍ଷାକୃତ ଅଧିକ କଷ୍ଟସାଧ୍ୟ ସତ, ମାତ୍ର ଏହାଦ୍ୱାରା ଅନ୍ତର୍ଗତ କଳ୍ପନା ଏବଂ ବିବେଚନା ଶକ୍ତିର କ୍ଷେତ୍ରରେ ଅନେକ ଅଭିବୃଦ୍ଧି ସାଧିତ ହୋଇଥାଏ । ଘୋଷିଘୋଷି ପାଠଜ୍ଞାନକୁ ଆୟତ୍ତ କରିବା ପରିବର୍ତ୍ତେ ଏଇଟି ଦ୍ୱାରାହିଁ ଅତ୍ୟନ୍ତ ଅଧିକ ଫଳପ୍ରଦ ଭାବରେ ଯଥାର୍ଥ ବୁଦ୍ଧିର ବିକାଶ ସମ୍ଭବ ହୋଇଥାଏ ।

ମାନସାଙ୍କ ଜାଣିଗଲା ପରେ ଓ ପାଟୀଗଣିତ **ବୁଝିବାକୁ** ବଳ ପାଇଯିବା ପରେ ଲିଖିତ ପାଟୀଗଣିତ ଶିକ୍ଷା କରିବା ଲାଗି ଆଉ ମୋଟେ ଅଧିକ ସମୟ ଲାଗେ ନାହିଁ ।

ଏହିଭଳି କେତୋଟି ବସ୍ତୁର ସାହାଯ୍ୟ ନେଇ,— ଛୋଟ ଛୋଟ ସଂଖ୍ୟା ଲାଗି ତୁମେ ପିଲାଙ୍କୁହିଁ ଗଣନାର ବସ୍ତୁ ରୂପେ ନେଇ ଅଙ୍କ କରାଇ ପାରିବ ଓ ତା'ପରେ ଦଶସଂଖ୍ୟା ଓ ଶତସଂଖ୍ୟାଗୁଡ଼ିକ ପାଇଁ ଗୋଡ଼ି ବା ପଥରର ବ୍ୟବହାର କରିପାରିବ ।

ଏହିପରି ଭାବରେ ମାତ୍ର ଅଳ୍ପଟିକିଏ କଷ୍ଟ କରି ତୁମେ ସେମାନଙ୍କୁ **ନ୍ୟାୟତଃ** ଯାବତୀୟ ଅଙ୍କକଷାର ସୂତ୍ରଗୁଡ଼ିକୁ ଶିଖାଇଦେଇ ପାରିବ । ତେବେ ସେହିସବୁ ସୂତ୍ର ସେମାନଙ୍କ ଲାଗି ସଂପୂର୍ଣ୍ଣ ପ୍ରକୃତ ଏବଂ ଜୀବନ୍ତ ଏକ ବସ୍ତୁ ପରି ବୋଧ ହେବାକୁ ଲାଗିବ,— ଏକ ମୂର୍ତ୍ତ ଓ ସାକାର ଅର୍ଥ ରହିଥିବା ଗୋଟିଏ ଗୋଟିଏ କଥା ପରି ମନେ ହେବ ।

# ଜାତୀୟ ଶିକ୍ଷା

ଭାରତବର୍ଷ ଲାଗି ଏକ ଜାତୀୟ ଶିକ୍ଷାପଦ୍ଧତି ବାହାର କରିବା ଆମର ଲକ୍ଷ୍ୟ ନୁହେଁ; ଆମେ ସମଗ୍ର ପୃଥିବୀ ଲାଗିହିଁ ଶିକ୍ଷାର ଏକ ପ୍ରଣାଳୀର ଉଦ୍ଭବ କରିବାକୁ ଇଚ୍ଛା କରୁଛୁ ।

*

*ମାଆ,*

*ଖାଲି ଭାରତବର୍ଷ ଲାଗି ଏକ ଜାତୀୟ ଶିକ୍ଷା ବ୍ୟବସ୍ଥାର ଉଦ୍ଭବ କରି ଆଣିବା ଆମର ଲକ୍ଷ୍ୟ ନୁହେଁ । ସମଗ୍ର ମାନବଜାତି ସକାଶେ ଏକ ପ୍ରକୃତ ଏବଂ ମୂଳଭୂତ ଶିକ୍ଷାପ୍ରଣାଳୀର ଉଦ୍ଭବକୁହିଁ ଆମେ ଆପଣାର ଲକ୍ଷ୍ୟ ରୂପେ ଗ୍ରହଣ କରିଛୁ । ଏହି କଥାଟିକୁ ମୁଁ ସ୍ୱୀକାର କରୁଛି ସତ, ମାତ୍ର ମାଆ, ଏକଥା ବି କ'ଣ ସତ ନୁହେଁ ଯେ, ଏହି କ୍ଷେତ୍ରରେ ଭାରତର ଯେଉଁ ବିଶେଷ ଯୋଗ୍ୟତାଟି ରହିଛି (ଭାରତର ସଂସ୍କୃତିକ୍ଷେତ୍ରରେ ଅତୀତରେ ହୋଇ ଆସିଥିବା ଉଦ୍ୟମ ଏବଂ ଉପଲବ୍ଧି ଦୃଷ୍ଟିରୁ), ଏହି ଶିକ୍ଷାଟିର କ୍ଷେତ୍ରରେ ଭାରତବର୍ଷର ଏକ ବିଶେଷ ଭୂମିକା ରହିଛି ଏବଂ ନିଜ ପ୍ରତି ତଥା ସମଗ୍ର ପୃଥିବୀ ପ୍ରତି ଏକ ବିଶେଷ ଦାୟିତ୍ୱ ମଧ୍ୟ ରହିଛି ? ମୁଁ ଭାବୁଛି, ଏହି ମୂଳଭୂତ ଶିକ୍ଷା ପଦ୍ଧତିଟିକୁ ଭାରତବର୍ଷର ଜାତୀୟ ଶିକ୍ଷାପଦ୍ଧତି ବୋଲିହିଁ କୁହାଯିବ । ମୋ ବିଚାରରେ ପ୍ରତ୍ୟେକ ମହାନ୍ ଦେଶ ଏହାକୁହିଁ ଆପଣାର ଜାତୀୟ ପଦ୍ଧତି ରୂପେ ଗ୍ରହଣ କରିବେ । ଅବଶ୍ୟ ଏକଥା ସତ ଯେ ପ୍ରତ୍ୟେକ ଦେଶର ସ୍ୱତନ୍ତ୍ର ସ୍ୱଭାବ ଅନୁସାରେ ସେଥିରେ କେତେକ ପାର୍ଥକ୍ୟ ଅବଶ୍ୟ ରହିବ ।*

*ମୋର ଏହି ବିଚାରଟି କେତେଦୂର ଠିକ୍ ବା ଭୁଲ୍, ତାହା ମୁଁ ମାଆଙ୍କଠାରୁ ଜାଣିବାକୁ ଆଶା ରଖିଲି ।*

ହଁ, ଏହି ବିଚାରଟି ପ୍ରକୃତରେ ଠିକ୍ । ଏବଂ, ତୁମ ପ୍ରଶ୍ନର ଉତ୍ତର ଦେବା ଲାଗି ଯଦି ମୋ ପାଖରେ ଯଥେଷ୍ଟ ସମୟ ଥାଆନ୍ତା, ତେବେ ମୁଁ ମଧ୍ୟ ଅଂଶତଃ ସେହିକଥା କହିଥା'ନ୍ତି ।

ଭାରତବର୍ଷ ପାଖରେ **ପରମ ଚିତ୍‌ସତ୍ୟଟି** ବିଷୟରେ ଅସଲ ଜ୍ଞାନଟି ରହିଛି;— ବା, **ରହିଥିଲା** ବୋଲି କହିଲେ ତାହା ଅଧିକ ଯୁକ୍ତିଯୁକ୍ତ ହେବ । ମାତ୍ର ଜଡ଼ସ୍ତରର ଅବହେଳା କରିବାରୁ ଭାରତକୁ ତଜ୍ଜନିତ କ୍ଷତିଟିକୁ ସହିବାକୁ ପଡ଼ିଲା ।

ପାଶ୍ଚାତ୍ୟ ପାଖରେ ଜଡ଼ସ୍ତରର ଜ୍ଞାନ ମହଜୁଦ ରହିଛି, ମାତ୍ର ପାଶ୍ଚାତ୍ୟ ଜଗତ୍

ପରମ ଚିତ୍‌ସତ୍ତାର ସତ୍ୟଟିକୁ ପ୍ରତ୍ୟାଖ୍ୟାନ କରିଆସିଛି ଓ ତେଣୁ ଦାରୁଣ ଭାବରେ ପ୍ରମାଦଗ୍ରସ୍ତ ହୋଇ ରହିଛି ।

ପୃଥିବୀର ସବୁ ଜାତିଙ୍କ ଲାଗି ଅନୁକୂଳ ହେଲା ଭଳି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତିକୁ ଯଦି କେତେକ ସ୍ଥାନୀୟ ଅଦଳବଦଳ ସହିତ ପ୍ରବର୍ତ୍ତନ କରାଯାଇ ପାରିବ, ତେବେ ତାହା ପୂର୍ଣ୍ଣବିକଶିତ ଏବଂ ପୂର୍ଣ୍ଣବିନିଯୁକ୍ତ ଏକ ଜଡ଼ ଉପରେ ପରମ ଚିତ୍‌ସତ୍ତାଗତ ଜୀବନର ସେହି ଯଥାର୍ଥ କର୍ତ୍ତୃତ୍ୱଟିକୁ ପୁନଃପ୍ରତିଷ୍ଠିତ କରିବାରେ ନିଶ୍ଚୟ ସମର୍ଥ ହୋଇପାରିବ ।

ମୁଁ ସଂକ୍ଷେପରେ ଏତିକି କହିବାକୁ ଇଚ୍ଛା କରିଥିଲି ।

ଅନେକ ଆଶୀର୍ବାଦ ସହିତ ।

*୨୬ ଜୁଲାଇ ୧୯୬୫*

*

## ଭାରତୀୟ ଶିକ୍ଷାର କେତୋଟି ମୂଳ ସମସ୍ୟା*

*୧. ଜାତୀୟ ତଥା ଆନ୍ତର୍ଜାତୀୟ ଜୀବନର ବର୍ତ୍ତମାନ ଏବଂ ଭବିଷ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ ଶିକ୍ଷାର କ୍ଷେତ୍ରରେ ଭାରତବର୍ଷ କେଉଁ ବିଷୟଟିକୁ ଆପଣାର ଲକ୍ଷ୍ୟ ରୂପେ ଗ୍ରହଣ କରିବା ଉଚିତ ବୋଲି ଆପଣ ଭାବୁଛନ୍ତି ?*

ଭାରତବର୍ଷର ସନ୍ତାନମାନେ ଯେପରି ମିଥ୍ୟାର ପ୍ରତ୍ୟାଖ୍ୟାନ କରିପାରିବେ ଓ ପରମ ସତ୍ୟର ଅଭିବ୍ୟକ୍ତି ଲାଗି ଆପଣାକୁ ଯଥାଯୋଗ୍ୟ କରି ଗଢ଼ିପାରିବେ, ଆପଣମାନେ ସେମାନଙ୍କୁ ସେଥିଲାଗି ପ୍ରସ୍ତୁତ କରନ୍ତୁ ।

*୨. କେଉଁସବୁ ପଦକ୍ଷେପ ଗ୍ରହଣ କରି ଭାରତବର୍ଷ ଏହି ମହନୀୟ ଆଦର୍ଶର ଉପଲବ୍ଧି ଦିଗରେ ଅଗ୍ରସର ହୋଇ ପାରିବ ? ସେହି ଦିଗରେ କିପରି ଭାବରେ ଏକ ଆରମ୍ଭ ବି ସମ୍ଭବ ହୋଇପାରିବ ?*

ପରମ ଚିତ୍‌ସତ୍ତାକୁ ପ୍ରକାଶିତ କରି ଆଣିବା ଲାଗି ଜଡ଼କୁ ପ୍ରସ୍ତୁତ କରିବା ଦ୍ୱାରା ।

---

* ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର'ର ଆଦର୍ଶ ଏବଂ ଶିକ୍ଷାଗତ ପ୍ରଣାଳୀଗୁଡ଼ିକର ଏକ ମୂଲ୍ୟାୟନ ସକାଶେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଶିକ୍ଷା-ଆୟୋଗ ୧୯୬୫ ମସିହା ଅଗଷ୍ଟ ମାସରେ ଆଶ୍ରମକୁ ଆସିଥିଲେ । ସେହି ସମୟରେ କେତେଜଣ ଶିକ୍ଷକ ଏକାଠି ମିଶି ମାଆଙ୍କର ଉତ୍ତର ପାଇବା ଲାଗି ତାଙ୍କ ପାଖରେ ଏହି ପ୍ରଶ୍ନାବଳିଟିକୁ ନିବେଦନ କରିଥିଲେ ।

*୩. ଭାରତବର୍ଷର ଯଥାର୍ଥ ପ୍ରତିଭା କହିଲେ ଆପଣ କ'ଣ ବୁଝୁଛନ୍ତି ? ଭାରତର ଯଥାର୍ଥ ନିୟତି କ'ଣ ?*

ଆପଣାକୁ ପରମ ଚିତ୍‌ଗତସତ୍ତାର ଏକ ରୂପାୟନ ରୂପେ ପ୍ରକାଶିତ ନ କରି ପାରିଲେ ଜଡ଼ ଯେ ପ୍ରକୃତରେ ମିଥ୍ୟାମୟ ଓ ଶକ୍ତିହୀନ, ସମଗ୍ର ଜଗତକୁ ସେହି ଶିକ୍ଷାଟିକୁ ଦେବା ।

*୪. ଭାରତବର୍ଷରେ ସଂଘଟିତ ହେଉଥିବା ବିଜ୍ଞାନ ତଥା ଯନ୍ତ୍ରକୌଶଳର ଅଗ୍ରଗତି ବିଷୟରେ ମାଆଙ୍କର ମତ କ'ଣ ? ମନୁଷ୍ୟ ଭିତରେ ପରମ ଚିତ୍‌ସତ୍ତାର ଅଭିବୃଦ୍ଧି କ୍ଷେତ୍ରରେ ତାହାର କି ଅବଦାନ ସମ୍ଭବ ହୋଇପାରିବ ?*

ଜଡ଼ଗତ ଭୂମିଟିକୁ ଆହୁରି ଅଧିକ ଦୃଢ଼, ଅଧିକ ପରିପୂର୍ଣ୍ଣ ଓ ପରମ ଚିତ୍ ସତ୍ୟର ପରିପ୍ରକାଶ ଲାଗି ତାହାକୁ ଅଧିକ ଫଳପ୍ରଦ କରିବାରେହିଁ ତାହାର ଏକମାତ୍ର ଉପଯୋଗିତା ନିହିତ ହୋଇ ରହିଛି ।

*୫. ଜାତୀୟ ଏକତା ଲାଗି ସମଗ୍ର ଦେଶରେ ବର୍ତ୍ତମାନ ଅତ୍ୟନ୍ତ ବ୍ୟଗ୍ରତା ରହିଛି । ଏହିସବୁ ବିଷୟରେ ମାଆ ଆଗକୁ କ'ଣ ଦେଖିପାରୁଛନ୍ତି ? ଭାରତବର୍ଷ ନିଜ ପ୍ରତି ଏବଂ ସମଗ୍ର ପୃଥିବୀ ପ୍ରତି ରହିଥିବା ତା'ର କର୍ତ୍ତବ୍ୟକୁ କିପରି ସମ୍ପାଦନ କରିପାରିବ ?*

ପୃଥିବୀର ଭବିଷ୍ୟତ୍ କହିଲେ ଅନିବାର୍ଯ୍ୟତଃ ସକଳ ଜାତି ମଧ୍ୟରେ ସ୍ଥାପିତ ହୋଇଥିବା ଏକତାଟିକୁ ବୁଝାଉଛି । ମାତ୍ର ସକଳ ଜାତି ମଧ୍ୟରେ ସେହି ଏକତାକୁ ସମ୍ଭବ କରିବାକୁ ହେଲେ, ପ୍ରତ୍ୟେକ ଜାତିକୁ ପ୍ରଥମେ ଆପଣାର ଏକତାଟିକୁ ଉପଲବ୍ଧି କରିବାକୁ ପଡ଼ିବ ।

*୬. ଭାଷାସମସ୍ୟା ଭାରତବର୍ଷ ଲାଗି ଏକ ଭୟଙ୍କର ଶିରଃପୀଡ଼ାର କାରଣ ହୋଇଛି । ଏହି କ୍ଷେତ୍ରରେ ଆମର କେଉଁ ଠିକ୍ ଦୃଷ୍ଟିକୋଣଟି ରହିବା ଉଚିତ ?*

ସ୍ୱେଚ୍ଛାଚାରୀ ଭାବରେ କୌଣସି ଶାସନର ହୁକୁମକୁ ଉପରୁ ଲଦି ଦିଆଗଲେ ତଦ୍ୱାରା ଏକତା ଆସିବ ନାହିଁ । ଏକତା ହେଉଛି ଏକ ଜୀବନ୍ତ ସତ୍ୟ । ଯେତେବେଳେ ଭାରତ ଗୋଟିଏ ହୋଇଯିବ, ସେତେବେଳେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତାକୁ ସମସ୍ତେ ବୁଝି ପାରୁଥିବା ଭାଷାଟିଏ ମଧ୍ୟ ମିଳିଯିବ ।

*୭. ଶିକ୍ଷା ଆଜିକାଲି ସାଧାରଣତଃ ସ୍ୱାକ୍ଷରତା ଏବଂ ଏକ ସାମାଜିକ ସ୍ଥାନଗତ ସମ୍ମାନରେ ଆସି ପରିଣତ ହେଲାଣି । ଏହା ପ୍ରକୃତରେ ଏକ ଅସ୍ୱାସ୍ଥ୍ୟକର ସଙ୍କେତ ନୁହେଁ କି ? ମାତ୍ର ଆମେ କ'ଣ କଲେ ଶିକ୍ଷାକୁ ତାହାର ପ୍ରକୃତ ଅନ୍ତର୍ଗତ ମୂଲ୍ୟ ଏବଂ ତନ୍ନିହିତ ପ୍ରକୃତ ଆନନ୍ଦଟିକୁ ଆଣି ଦେଇ ପାରିବା ?*

ସେଥିଲାଗି ଯାବତୀୟ ପାରମ୍ପରିକତା ମଧ୍ୟରୁ ବାହାରକୁ ବାହାରି ଯିବାକୁ ପଡ଼ିବ ଏବଂ ଆତ୍ମାର ଅଭିବୃଦ୍ଧି ଉପରେହିଁ ସର୍ବାଧିକ ମହତ୍ତ୍ୱ ଦେବାକୁ ପଡ଼ିବ ।

*୮. ବର୍ତ୍ତମାନର ଶିକ୍ଷା ମଧ୍ୟରେ କ'ଣ ସବୁ ମୋହ ଓ ଭ୍ରାନ୍ତି ରହିଛି ? ସେଗୁଡ଼ିକରୁ ନିଜକୁ ବାହାରେ ରଖିବା କିପରି ସମ୍ଭବ ହୋଇ ପାରିବ ?*

(କ) ଶିକ୍ଷାରେ ସଫଳତା, ଭବିଷ୍ୟଜୀବିକା ଏବଂ ଅର୍ଥ ଉପାର୍ଜନ ଉପରେ ପ୍ରାୟ ସବୁଯାକ ଗୁରୁତ୍ୱ ଆରୋପ କରାଯାଉଛି ।
(ଖ) ପରମ ଚିଦ୍‌ଗତସତ୍ତା ସହିତ ଏକ ସଂସ୍ପର୍ଶ ଘଟାଇବାରେ ଏବଂ ସତ୍ତାଗତ ପରମସତ୍ୟର ଅଭିବୃଦ୍ଧି ତଥା ପରିପ୍ରକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଲେ ଯାଇ ତୁମେ ତାହା କରିପାରିବ ।

*୫ ଅଗଷ୍ଟ ୧୯୬୫*

*

*୧. (କ) ମୋର ରକ୍ତ ଭିତରେ ଏବଂ ମୋ' ଶରୀରର ପ୍ରତ୍ୟେକ କୋଷ ଭିତରେ ମିଥ୍ୟା ତଥାପି ବାସ କରୁଥିବା ପର୍ଯ୍ୟନ୍ତ ଓ (ଖ) ମୋର ଅହଂଶାସିତ ଏବଂ ଅଧିକାରଲାଳସୀ ସ୍ୱଭାବଟି ଦ୍ୱାରା ମିଥ୍ୟାପ୍ରତି ରହିଥିବା ମୋର ଆସକ୍ତି କ୍ରମଶଃ ଅଧିକରୁ ଅଧିକ ସୁଦୃଢ଼ ଓ ବଳଶାଳୀ ହେଉଥିବା ପର୍ଯ୍ୟନ୍ତ ମିଥ୍ୟାର ପ୍ରତ୍ୟାଖ୍ୟାନ ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରିବା ସମ୍ଭବ ହେବ କିପରି ?*

*୨. (କ) ଯେତେବେଳେ ବ୍ୟକ୍ତିର ନିଜ ଭିତରେ ବି କୌଣସି ଏକତା ନାହିଁ, (ଖ) ଗୋଟିଏ ପରିବାରର ସଦସ୍ୟମାନଙ୍କ ଭିତରେ କୌଣସି ଏକତା ନାହିଁ ଏବଂ (ଗ) କୌଣସି ଗୋଟିଏ ସଙ୍ଗଠନ ବା ଅନୁଷ୍ଠାନ ମଧ୍ୟରେ ବି କୌଣସି ଏକତା ଦେଖିବାକୁ ମିଳୁ ନାହିଁ, ସେତେବେଳେ ପ୍ରତ୍ୟେକ ଜାତିର ଏକତାକୁ କିପରି ଉପଲବ୍ଧି କରାଯାଇ ପାରିବ ?*

*୩. ଆପଣା ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକୁ ତୃପ୍ତ କରିବା ଲାଗି*

*ଯେତେବେଳେ ଆଶ୍ରମରେ ବାସ କରୁଥିବା ଜଣେ ବ୍ୟକ୍ତି ମଧ୍ୟ ସାମାଜିକ ସ୍ଥାନଗତ ସମ୍ମାନଚେତନାର ସଂକ୍ରମଣ କରାଇ ପାରୁଛି, ସେତେବେଳେ ପାରମ୍ପରିକତା ମଧ୍ୟରୁ ବାହାରିଯାଇ ଆତ୍ମାର ଅଭିବୃଦ୍ଧି ଦିଗରେ ଗୁରୁତ୍ୱ ଦେବା ସମ୍ଭବ ହେବ କିପରି ?*

*୪. ଯେତେବେଳେ ଆପଣା ଅହଂ ଏକ ଆତ୍ମଗରିମାର ପ୍ରଦର୍ଶନ ଏବଂ ପରିତୃପ୍ତି ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ପଇସା ପଛରେ ଧାଇଁବାରେ ଲାଗିଛନ୍ତି, ସେତେବେଳେ ସଫଳତା, ଭବିଷ୍ୟଜୀବିକା ଏବଂ ପଇସା ଉପରେ ସବୁଯାକ ଗୁରୁତ୍ୱ ଓ ମହତ୍ତ୍ୱ ନ ଦେବା ସମ୍ଭବ ହେବ ବି କିପରି ?**

ସେହି କାର୍ଯ୍ୟଟିକୁ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିକୁ ଏକ **ଶରୀର** ଦିଆଯାଇଛି; କାରଣ, ଏହି କଥାଗୁଡ଼ିକୁ **ଆପଣା ଭିତରେ** ଆଗ ଉପଲବ୍ଧି କରିବା ଦ୍ୱାରାହିଁ ପ୍ରତ୍ୟେକ ବ୍ୟକ୍ତି ସମଗ୍ର ମନୁଷ୍ୟଜାତିକୁ ସେଗୁଡ଼ିକୁ ଏହି ପୃଥିବୀରେ ଉପଲବ୍ଧି କରିବା ଦିଗରେ ସହାୟତା କରିଥାଏ ।

ଛାତ୍ରମାନେ ଯେଉଁସବୁ ଗୁଣ ଓ ଯେଉଁ ଚେତନାଟିକୁ ଅର୍ଜନ କରନ୍ତୁ ବୋଲି ଜଣେ ଶିକ୍ଷକ ଇଚ୍ଛା କରୁଛି, ସ୍ୱୟଂ ଶିକ୍ଷକ ପାଖରେ ସେହିସବୁ ଗୁଣ ଓ ସେହି ଚେତନା ଅବଶ୍ୟ ରହିଥିବା ଉଚିତ ।

*

ମୋର ଇଚ୍ଛା ଯେ (ସରକାର) ଯୋଗକୁ ଶିକ୍ଷାର ଅଙ୍ଗ ରୂପେ ସ୍ୱୀକାରକରନ୍ତୁ । ଆମ ଲାଗି ସରକାର ତାହା କରନ୍ତୁ ବୋଲି ଯେ ମୁଁ କହୁଛି, ସେ କଥା ମୋଟେ ନୁହେଁ, ମାତ୍ର ତଦ୍ୱାରା ଦେଶର ମଙ୍ଗଳ ହେବ ବୋଲି ମୁଁ ତାହା କହୁଛି ।

ଏହି ଜଡ଼ର ରୂପାନ୍ତର ଘଟିବ । ତଦ୍ୱାରା ଏକ ଦୃଢ଼ଭୂମି ସମ୍ଭବ ହୋଇଯିବ । ଜୀବନ ଦିବ୍ୟଜୀବନରେ ପରିଣତ ହେବ । ଏଥିରେ ଭାରତବର୍ଷହିଁ ନେତୃତ୍ୱ ଗ୍ରହଣ କରୁ ।

*

* ଜଣେ ଶିକ୍ଷକ ଏହି ଚାରିଗୋଟି ପ୍ରଶ୍ନ ପଚାରିଥିଲେ । ପୂର୍ବବର୍ତ୍ତୀ ଚିଠିଟି (୫ ଅଗଷ୍ଟ, ୧୯୬୫) ରେ ମାଆ ପ୍ରଶ୍ନାବଳୀଟି ଉପରେ ଯେଉଁ ଉତ୍ତର ଦେଇଥିଲେ, ତାହାରି ଉପରେ ଭିତ୍ତି କରି ଏହି ପ୍ରଶ୍ନଗୁଡ଼ିକୁ ପଚରା ଯାଇଥିଲା ।

## ପଣ୍ଡିଚେରୀରେ ଏକ ଫରାସୀ ଅନୁଷ୍ଠାନର ଉଦ୍‌ଘାଟନ ଲାଗି ପ୍ରଦତ୍ତ ସନ୍ଦେଶ

ସେମାନେ ବାସ କରୁଥିବା ଦେଶଟିର ପ୍ରକୃତ ସ୍ୱଭାବ କ'ଣ, ପୃଥିବୀରେ ସେମାନଙ୍କ ଦେଶ ଲାଗି କେଉଁ ପ୍ରକୃତ ଲକ୍ଷ୍ୟଟିକୁ ପୂରଣ କରିବାକୁ ରହିଛି ଏବଂ ପୃଥିବୀସ୍ଥ ବିଭିନ୍ନ ଜାତିର ପୂର୍ଣ୍ଣ ସତ୍ତାଟି ମଧ୍ୟରେ ସେମାନଙ୍କର ଦେଶଟି ଲାଗି ପ୍ରକୃତରେ କେଉଁ ସ୍ଥାନଟି ଉଦ୍ଦିଷ୍ଟ ହୋଇ ରହିଛି, ଯେକୌଣସି ଦେଶରେ ପିଲାମାନଙ୍କୁ ସେହି ବିଷୟଟିର ଶିକ୍ଷା ଦେବାକୁହିଁ ସର୍ବୋତ୍କୃଷ୍ଟ ଶିକ୍ଷା ବୋଲି କୁହାଯିବ । ତାହା ସହିତ ପିଲାମାନେ ମୋଟାମୋଟି ଭାବରେ ଅନ୍ୟ ଜାତିମାନଙ୍କର ଭୂମିକାଟି ବିଷୟରେ ନିଶ୍ଚୟ କିଛି ଜାଣିବେ । ମାତ୍ର ସେଥିରେ ଅନୁକରଣ କରିବାର ଆଦୌ କୌଣସି ଭାବ ନ ଥିବ, ନିଜ ଦେଶଟିର ପ୍ରତିଭା ବିଷୟରେ ତଦ୍ୱାରା ଆଦୌ କୌଣସି ବିସ୍ମରଣ ଘଟୁ ନ ଥିବ । ଫ୍ରାନ୍‌ସ୍ କହିଲେ ଅନ୍ତର୍ଭାବଗତ ଉଦାରତାକୁ ବୁଝାଉଥିଲା, ନବୀନତାକୁ ବୁଝାଉଥିଲା, ବିଚାର କ୍ଷେତ୍ରରେ ସାହସିକତା ଏବଂ କର୍ମର କ୍ଷେତ୍ରରେ ଏକ ଶୌର୍ଯ୍ୟକୁ ବୁଝାଉଥିଲା । ସେହି ଫ୍ରାନ୍‌ସ୍‌ହିଁ ଦିନେ ସମସ୍ତଙ୍କର ସମ୍ମାନ ଏବଂ ଶ୍ଳାଘାର ଅଧିକାରୀ ହୋଇ ରହିଥିଲା । ଆପଣାର ଏହି ଗୁଣଗୁଡ଼ିକ ସକାଶେହିଁ ସେହି ଦେଶ ପୃଥିବୀରେ ଏକ ଶୀର୍ଷ ପ୍ରଭାବଶାଳୀ ସ୍ଥାନ ଅଧିକାର କରି ପାରିଥିଲା ।

ମାତ୍ର ଏକ ପ୍ରୟୋଜନବାଦୀ, ହିସାବସଚେତନ ଏବଂ ବ୍ୟାପାରସର୍ବସ୍ୱ ଫ୍ରାନ୍‌ସ୍‌କୁ କଦାପି ସେହି ଫ୍ରାନ୍‌ସ୍ ବୋଲି କୁହାଯାଇ ପାରିବ ନାହିଁ । ତାହାର ଯଥାର୍ଥ ସ୍ୱଭାବଟି ସହିତ ଏଗୁଡ଼ିକର ମୋଟେ କୌଣସି ମେଳ ନାହିଁ; ଏବଂ ସେହିଗୁଡ଼ିକର ଆଚରଣ କରିବା ଦ୍ୱାରା ସିଏ ବିଶ୍ୱଦରବାରରେ ଆପଣାର ଉଚ୍ଚସ୍ଥାନଟିକୁ ନିଶ୍ଚୟ ହରାଇ ବସିବ ।

ବର୍ତ୍ତମାନର ପିଲାମାନେ ଏହି କଥାଟିକୁ ଅବଶ୍ୟ ଜାଣିବେ ।

*୪ ଏପ୍ରିଲ୍ ୧୯୫୫*

# ୨

# ଶ୍ରୀଅରବିନ୍ଦ ଆଶ୍ରମ
# ଶରୀରଶିକ୍ଷା-ବିଭାଗ

୧୯୪୫ ମସିହା ମଇ ମାସରେ ସ୍ଥାପିତ ହୋଇଥିବା ଶ୍ରୀଅରବିନ୍ଦ ଆଶ୍ରମର ଶରୀରଶିକ୍ଷା ବିଭାଗଟି ଶିକ୍ଷାକେନ୍ଦ୍ରସ୍ଥ ଛାତ୍ର ଓ ଶିକ୍ଷକମାନଙ୍କ ସକାଶେ ତଥା ଆଶ୍ରମର ଅନ୍ତେବାସୀମାନଙ୍କ ସକାଶେ ଶରୀରଶିକ୍ଷାର ବିଭିନ୍ନ କାର୍ଯ୍ୟକ୍ରମକୁ ସଙ୍ଗଠିତ କରାଇଥାଏ । କେତେକ ଶିକ୍ଷାଦାତାଙ୍କର ଗୋଟିଏ ଗୋଷ୍ଠୀ ଏହି ବିଭାଗର କାର୍ଯ୍ୟକ୍ରମଗୁଡ଼ିକର ପରିଯୋଜନ ଏବଂ ତତ୍ତ୍ୱାବଧାନ କରନ୍ତି । ଏହି ଶିକ୍ଷାଦାତାମାନଙ୍କୁ କ୍ୟାପ୍‌ଟେନ୍ ଅର୍ଥାତ୍ ଅଧିନାୟକ ବୋଲି କୁହାଯାଇଥାଏ ଓ ସେମାନେ ବ୍ୟାୟାମ (ଦଉଡ଼ ଓ ପ୍ରାଙ୍ଗଣର ଯାବତୀୟ କ୍ରୀଡ଼ା), ଜଳ-ବ୍ୟାୟାମ, ଜିମ୍ନାଷ୍ଟିକ, ନାନାବିଧ ଖେଳ, ପ୍ରତିଯୋଗିତାମୂଳକ କ୍ରୀଡ଼ା-କସରତ ଏବଂ ଆସନ ପ୍ରଭୃତି ଶିକ୍ଷା ଦେଇଥା'ନ୍ତି । ସମସ୍ତ ବର୍ଷର କାର୍ଯ୍ୟକ୍ରମଟିକୁ ଚାରି ପର୍ଯ୍ୟାୟରେ ବିଭକ୍ତ କରାଯାଇ ଥାଏ : ପ୍ରଥମ ତିନୋଟି ପର୍ଯ୍ୟାୟରେ ପ୍ରଥମେ କେତେଦିନ ଧରି ପ୍ରଶିକ୍ଷଣ ଦିଆଯାଏ, ଏବଂ ତା'ପରେ ସେଗୁଡ଼ିକ ବିଷୟରେ ପ୍ରତିଦ୍ୱନ୍ଦ୍ୱିତାମାନ କରାଯାଏ । ଏବଂ ବର୍ଷ ଶେଷରେ, ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଶରୀରକର୍ଷଣର ଏକ ବାର୍ଷିକ ପ୍ରଦର୍ଶନର ଆୟୋଜନ ମଧ୍ୟ କରନ୍ତି ଏବଂ ତାହାକୁ ଆଶ୍ରମ କ୍ରୀଡ଼ାଙ୍ଗନରେ ଡିସେମ୍ବର ମାସ ଦୁଇ ତାରିଖ ଦିନ ଉପସ୍ଥାପିତ କରାଯାଇଥାଏ । ବିଭାଗଟି ତରଫରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସୁବିଧାଗୁଡ଼ିକ ମଧ୍ୟରେ ଗୋଟିଏ ଲାଇବ୍ରେରି ରହିଛି, ଜିମ୍‌ନାଷ୍ଟିକ୍ କକ୍ଷ ରହିଛି, ଖେଳପଡ଼ିଆ ଓ କ୍ରୀଡ଼ାପ୍ରାଙ୍ଗଣ ରହିଛି, ସନ୍ତରଣ ଲାଗି ଗୋଟିଏ ସରୋବର ଅଛି, ଜୁଡ଼ୋ କକ୍ଷ ଏବଂ ଟେନିସ୍ ଖେଳିବାର କୋର୍ଟମାନ ମଧ୍ୟ ରହିଛି ।

ଏହି ଶାରୀରିକ ଶିକ୍ଷାର ବିଭାଗଟିର ବିକାଶରେ ମାଆ ସକ୍ରିୟ ଭାବରେ ସମସ୍ତ ଯତ୍ନ ନେଉଥିଲେ ଏବଂ ତାହାର କାର୍ଯ୍ୟକ୍ରମଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା ଲାଗି ଯାବତୀୟ ପ୍ରକାରର ସହାୟତା କରୁଥିଲେ । ବର୍ଷ ବର୍ଷ ଧରି ସିଏ ପ୍ରତ୍ୟହ ଆପଣାର ଅପରାହ୍ନ ତଥା ସାନ୍ଧ୍ୟ ସମୟଟିକୁ ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମରେ ଭାଗ ନେଉଥିବା ବ୍ୟକ୍ତିମାନଙ୍କ ସହିତ ଅତିବାହିତ କରୁଥିଲେ ।

# ତାରୁଣ୍ୟ

ଜଣେ ମଣିଷ ଏହି ପୃଥିବୀରେ କେତେ ଅଳ୍ପସଂଖ୍ୟକ ବର୍ଷ ବଞ୍ଚିଛି, ତାରୁଣ୍ୟ ତାହା ଉପରେ ଆଦୌ ନିର୍ଭର କରେ ନାହିଁ, ମାତ୍ର ତାହା ବୃଦ୍ଧିଲାଭ କରିବା ଏବଂ ଅଗ୍ରଗତି କରିବା ଲାଗି ଜଣେ ବ୍ୟକ୍ତିର ସାମର୍ଥ୍ୟ ଉପରେହିଁ ନିର୍ଭର କରେ । ବୃଦ୍ଧି ଲାଭ କରିବାର ଅର୍ଥ ହେଉଛି ଆପଣାର ଅନ୍ତର୍ନିହିତ ସମ୍ଭାବନା ଓ ସାମର୍ଥ୍ୟଗୁଡ଼ିକରେ ବୃଦ୍ଧିସାଧନ କରିବା; ଅଗ୍ରଗତି କରିବାର ଅର୍ଥ ହେଉଛି ଆମ ଭିତରେ ଆଗରୁ ଯେଉଁସବୁ ସାମର୍ଥ୍ୟ ରହିଛି, ସେଗୁଡ଼ିକ ସତତ ଅଧିକରୁ ଅଧିକ ପରିପୂର୍ଣ୍ଣ କରିବାରେ ଲାଗିଥିବା । ଗୁଡ଼ାଏ ବର୍ଷ ବଞ୍ଚିଲେ ଯେ ବାର୍ଦ୍ଧକ୍ୟ ଆସି ଉପସ୍ଥିତ ହୁଏ, ସେକଥା ଆଦୌ ସତ ନୁହେଁ; ମାତ୍ର ସତତ ବୃଦ୍ଧିଲାଭ ଓ ଅଗ୍ରଗତି କରିବା ପାଇଁ ଅସମର୍ଥ ହୋଇ ପଡ଼ିଲେ ଏବଂ ସେଥିପାଇଁ ଆପଣାର ଅସମ୍ମତି ପ୍ରକାଶ କଲେହିଁ ବାର୍ଦ୍ଧକ୍ୟ ଆସି ଉପସ୍ଥିତ ହୋଇଥାଏ । ମୁଁ ଅନେକ ଲୋକଙ୍କୁ ଦେଖିଛି ଯେଉଁମାନେ କି ମାତ୍ର କୋଡ଼ିଏ ବର୍ଷ ବୟସରେ ବୁଢ଼ା ହୋଇ ଯାଇଥା'ନ୍ତି ଓ ଏପରି ଯୁବକ ତରୁଣଙ୍କୁ ବି ଦେଖିଛି ଯେଉଁମାନେ କି ସତୁରୀ ବର୍ଷ ବୟସରେ ବି ବୁଢ଼ା ହୋଇ ନ ଥା'ନ୍ତି । ଆମେ ଯେମିତି ଜୀବନରେ ଉଶ୍ବାସ ହୋଇ ବସିଯିବାକୁ ମନେ କରୁ ଓ ଆପଣାର ଅତୀତ ଉଦ୍ୟମଗୁଡ଼ିକର ଫଳଗୁଡ଼ିକୁ ଭୋଗ କରିବାକୁ ବାହାରୁ, ଆମର ଯାହାକିଛି କରିବାକୁ ରହିଥିଲା, ଆମେ ତାହା କରିସାରିଲୁଣି ଓ ଯାହା କିଛି ହାସଲ କରିବାକୁ ଥିଲା, ତାହା ହାସଲ କରି ସାରିଲୁଣି ବୋଲି ଆମେ ଯେମିତି ଭାବିବାକୁ ଆରମ୍ଭ କରୁ, ଅର୍ଥାତ୍ ସଂକ୍ଷେପରେ କହିଲେ, ଯେମିତି ଆମର ଯାବତୀୟ ଅଗ୍ରଗତି ବନ୍ଦ ହୋଇ ଯାଏ, ଅଧିକରୁ ଅଧିକ ପରିପୂର୍ଣ୍ଣତାର ପଥରେ ଆମର ଆଗକୁ ଯିବା ଯେମିତି ବନ୍ଦ ହୋଇଯାଏ, ସେତେବେଳେ ଆମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ପଛରେ ରହିଯିବାକୁ ଆରମ୍ଭ କରୁ ଓ ବୁଢ଼ା ହେବାକୁ ଲାଗୁ ।

ଆମ ଶରୀରର ସାମର୍ଥ୍ୟ ବୃଦ୍ଧି ଏବଂ ଅଗ୍ରଗତିରେ ଯେ ପ୍ରାୟ କୌଣସି ଶେଷ ସୀମା ଧାର୍ଯ୍ୟ କରି ଦିଆଯାଇ ପାରିବ ନାହିଁ, ଆମେ ତାହାକୁ ସେହି କଥାଟିକୁ ମଧ୍ୟ ଶିକ୍ଷା ଦେଇ ପାରିବା । ଯଥାର୍ଥ ପ୍ରଣାଳୀଟିକୁ ଏବଂ ପ୍ରକୃତ ପ୍ରସୀମନର ଧାରାଟିକୁ ଆବିଷ୍କାର କରିପାରିଲେ ଆମେ ତାହା କରିବାକୁ ସମର୍ଥ ହେବା । ଏସବୁ ବିଷୟରେ ଆଗରୁ ରହି ଆସୁଥିବା ଯେଉଁସବୁ ସାଧାରଣ ବିଶ୍ୱାସ ଆମ ଉପରେ ପ୍ରଭାବ ବିସ୍ତାର କରି ରହିଛି, ତାହାକୁ ମିଥ୍ୟା ବୋଲି ପ୍ରମାଣ କରି ଦେବା ପାଇଁ ଓ ମନୁଷ୍ୟ ଭିତରେ ଯେ କଳ୍ପନାତୀତ କେତେ ଶକ୍ତି ଅନ୍ତର୍ନିହିତ ହୋଇ ରହିଛି, ଜଗତକୁ ସେହି କଥା ଦେଖାଇ ଦେବା ପାଇଁ ଆମେ ଯେଉଁସବୁ ପ୍ରୟୋଗ ଏଠାରେ କରିବାକୁ ଇଚ୍ଛା କରୁଛୁ, ଏଇଟି ହେଉଛି ସେଥି ଭିତରୁ ଗୋଟିଏ ।

*୨ ଫେବ୍ରୁଆରି ୧୯୪୯*

# ସଂକେନ୍ଦ୍ରଣ ଓ ପରିକ୍ଷେପଣ

କ୍ରୀଡ଼ା କସରତର କ୍ଷେତ୍ରରେ ଯେଉଁମାନେ ସଫଳତା ଅର୍ଜନ କରିବାକୁ ଇଚ୍ଛା କରୁଥା'ନ୍ତି, ସେମାନେ ସାଧାରଣତଃ ସେମାନଙ୍କୁ ଅପେକ୍ଷାକୃତ ଅଧିକ ଆକର୍ଷକ ମନେ ହେଉଥିବା ଓ ସେମାନଙ୍କର ସ୍ୱଭାବ ସହିତ ଖାପ ଖାଉଥିବା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ବା ବିଷୟକୁ ବାଛି ନିଅନ୍ତି । ସେମାନେ ଏପରି ଭାବରେ ଯେଉଁଟିକୁ ବାଛନ୍ତି, ତାହାରି ଉପରେହିଁ ଅଧିକ ମନୋନିବେଶ କରନ୍ତି ଓ ନାନା ଦିଗରେ ସେମାନଙ୍କର ଶକ୍ତିଗୁଡ଼ିକ ଯେପରି ବିକ୍ଷିପ୍ତ ହୋଇ ନ ଯିବ, ସେ ବିଷୟରେ ଅତ୍ୟନ୍ତ ଯତ୍ନବାନ୍ ହୋଇ ରହିଥା'ନ୍ତି । ଠିକ୍ ଯେପରି ଜୀବନର ପଥରେ ଜଣେ ମଣିଷ ନିଜ ଜୀବିକାର୍ଜନର ନିର୍ଦ୍ଦିଷ୍ଟ ବାଟଟିକୁ ବାଛିନିଏ ଓ ସେଇଟି ଉପରେ ନିଜର ସକଳ ଧ୍ୟାନକୁ ସଂକେନ୍ଦ୍ରିତ କରି ରଖେ, ଠିକ୍ ସେହିପରି ଜଣେ ଖେଳାଳି ମଧ୍ୟ ଏକ ବିଶେଷ କ୍ରୀଡ଼ାକୁ ନିଜ ଲାଗି ବାଛି ନେଇଥାଏ ଓ ସେହି କ୍ଷେତ୍ରରେ ଯଥାସମ୍ଭବ ଅଧିକ ପାରଙ୍ଗମତା ହାସଲ କରିବା ସକାଶେ ଆପଣାର ସକଳ ଉଦ୍ୟମ ଓ ଚେଷ୍ଟାକୁ ସେଇଟି ଲାଗି ସଂକେନ୍ଦ୍ରିତ କରି ରଖିଥାଏ । ସେହି ଗୋଟିଏ ପ୍ରକାରର ଗତିଗୁଡ଼ିକର ସତତ ପୁନରାବୃତ୍ତି କରିବା ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ସହଜ କ୍ରିୟାଶୀଳତା ଉପଲବ୍ଧ ହୋଇ ଆସିଥାଏ ଏବଂ ସାଧାରଣତଃ ସେହି ସହଜ କ୍ରିୟାଶୀଳତାର ଅନୁଶୀଳନ ଦ୍ୱାରା ପରିପୂର୍ଣ୍ଣତା ହାସଲ ହୁଏ । ମାତ୍ର, ସେହି ସହଜ କ୍ରିୟାଶୀଳତାର ସ୍ଥାନରେ ଯଦି ସଂକେନ୍ଦ୍ରିତ ଅଭିନିବେଶର ସାମର୍ଥ୍ୟଟିକୁ ସ୍ଥାନାପନ୍ନ ରୂପେ ଗ୍ରହଣ କରିନେବା ସମ୍ଭବ ହୁଏ, ତେବେ ତଦ୍ଦ୍ୱାରା ଅଧିକ ଲାଭହିଁ ମିଳିଥାଏ । କେବଳ ବୌଦ୍ଧିକ କ୍ରିୟାଶୀଳତା ସମୟରେ ଯେ ସଂକେନ୍ଦ୍ରଣର ଏହି ସାମର୍ଥ୍ୟଟିକୁ କାମରେ ଲଗାଯାଇ ପାରିବ ତା' ନୁହେଁ, ତାହାକୁ ଆମ ଜୀବନର ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିହେବ ଏବଂ ଆମ ଶକ୍ତିଗୁଡ଼ିକର ସଚେତନ ନିୟନ୍ତ୍ରଣ ଦ୍ୱାରାହିଁ ସେହି ସାମର୍ଥ୍ୟକୁ ହାସଲ କରିହେବ ।

ଏହି କଥାଟି ଅତ୍ୟନ୍ତ ସୁବିଦିତ ଯେ, ଜଣେ ମନୁଷ୍ୟ ଭିତରେ ସଂକେନ୍ଦ୍ରିତ ଅଭିନିବେଶର ଏହି ସାମର୍ଥ୍ୟଟି ଯେତେ ଅଧିକ ପରିମାଣରେ ରହିଥିବ, ତା'ର ଜୀବନ ଠିକ୍ ସେହି ଅନୁପାତରେହିଁ ଅଧିକ ମୂଲ୍ୟବାନ୍ ହୋଇ ପାରିବ । ସଂକେନ୍ଦ୍ରଣ ଯେତିକି ଅଧିକ ହେବ, ତଦୁପଲବ୍ଧ ଫଳ ସେତିକି ଅଧିକ ଅସାଧାରଣ ହୋଇପାରିବ, ଏବଂ ପରିଶେଷରେ ଏକ ପରିପୂର୍ଣ୍ଣତାପ୍ରାପ୍ତ ଅବିଚଳ ଅଭିନିବେଶ ଆମର ଯାବତୀୟ ଉପାଦାନରେ ପ୍ରତିଭାର ଏକ ସ୍ପଷ୍ଟ ଛାପ ଲଗାଇ ଦେଇଯିବ । ମନୁଷ୍ୟର ଅନ୍ୟ ଯେକୌଣସି କାର୍ଯ୍ୟକଳାପ କ୍ଷେତ୍ର ପରି କ୍ରୀଡ଼ାର କ୍ଷେତ୍ରରେ ମଧ୍ୟ ଜଣେ ବ୍ୟକ୍ତି ଅତ୍ୟନ୍ତ ପ୍ରତିଭାଶୀଳ ପରିଚୟ ନିଶ୍ଚୟ ଦେଇ ପାରିବ ।

ତେବେ, ଅଭିନିବେଶରେ ପରିପୂର୍ଣ୍ଣତା ଅର୍ଜନ କରିବା ନିମନ୍ତେ ଆମେ କ'ଣ କୌଣସି ଏକ କାର୍ଯ୍ୟରେ ଏକ ସୀମା ନିର୍ଦ୍ଧାରିତ କରି ରଖିବାକୁ ଉଚିତ ବୋଲି କହିବା କି ?

ଏହି ସୀମା ନିର୍ଦ୍ଧାରଣ ଦ୍ୱାରା ଉପଲବ୍ଧ ହେଉଥିବା ଉପକାରଗୁଡ଼ିକ ସମସ୍ତଙ୍କୁ ନିଶ୍ଚୟ ଜଣାଥିବ; ମାତ୍ର ଏଥିରେ ଅନେକ ଅପକାର ମଧ୍ୟ ରହିଛି । ଏପରି ଏକ ସୀମାନିର୍ଦ୍ଧାରଣ ଦ୍ୱାରା ନିର୍ବାଚିତ ମାର୍ଗଟି ବ୍ୟତୀତ ଅନ୍ୟ ମାର୍ଗଗୁଡ଼ିକର କ୍ଷେତ୍ରରେ ଏକ ସଂକୀର୍ଣ୍ଣତା ରହିଯାଇଥାଏ, ଏକ ଅସାମର୍ଥ୍ୟ ମଧ୍ୟ ରହି ଯାଇଥାଏ । ଏବଂ ତାହା ମନୁଷ୍ୟକୁ ପରିପୂର୍ଣ୍ଣ ଭାବରେ ବିକଶିତ ଓ ସମଞ୍ଜସତାଯୁକ୍ତ କରି ଗଢ଼ିବାର ଆଦର୍ଶଟିର ନିଶ୍ଚୟ ବିରୋଧାଚରଣ ବି କରେ । ତେବେ ଏହି ଉଭୟ ପରସ୍ପରବିରୋଧୀ ପ୍ରବୃତ୍ତି ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରିହେବ କିପରି ?

ଏହି ସମସ୍ୟାଟିର ସମ୍ଭବତଃ କେବଳ ଗୋଟିଏ ମାତ୍ର ସମାଧାନ ରହିଛି । ଏକ ବିଜ୍ଞାନସମ୍ମତ କ୍ରମପର୍ଯ୍ୟାୟୀ ପ୍ରଶିକ୍ଷଣ ଦ୍ୱାରା ଜଣେ ଖେଳାଳି ଯେଉଁପରି ଭାବରେ ଆପଣା ମାଂସପେଶୀଗୁଡ଼ିକୁ ଏକ କ୍ରମବଦ୍ଧ ପଦ୍ଧତିରେ ବିକଶିତ କରି ଆଣିଥାଏ, ଠିକ୍ ସେହିପରି ଭାବରେହିଁ ଏକ କ୍ରମବଦ୍ଧ ପଦ୍ଧତି ଦ୍ୱାରା ଆପଣାକୁ ବିଜ୍ଞାନସମ୍ମତ ଭାବରେ ପ୍ରଶିକ୍ଷିତ କରାଇହିଁ ନିଜର ସଂକେନ୍ଦ୍ରିତ ଅଭିନିବେଶର ସାମର୍ଥ୍ୟଟିକୁ ମଧ୍ୟ ବିକଶିତ କରି ଅଣାଯାଇପାରିବ । ସେହି ସାମର୍ଥ୍ୟଟିକୁ ଏପରି ଭାବରେ ବିକଶିତ କରାଇ ଅଣାଯିବ ଯେ ଆମେ ଇଚ୍ଛା କରିବା ମାତ୍ରକେ ଯାହାକିଛି ବିଷୟ ବା କାର୍ଯ୍ୟକୁ ସଂକେନ୍ଦ୍ରଣର ବସ୍ତୁ ରୂପେ ବାଛିବା, ତାହା ଉପରେ ଆପଣାକୁ ସଂକେନ୍ଦ୍ରିତ କରି ଆଣିପାରିବା । ଏହିପରି ଭାବରେ, ସେହି ସମାନ ଗତିସ୍ପନ୍ଦନଗୁଡ଼ିକର ଏକ ଧୀର ଏବଂ ସତତ ପୁନରାବୃତ୍ତି ଦ୍ୱାରା ଅବଚେତନର କ୍ଷେତ୍ରରେ ପ୍ରସ୍ତୁତିର କାର୍ଯ୍ୟଟିକୁ କରିବା ପରିବର୍ତ୍ତେ, ଆମେ ସଚେତନ ଭାବରେ ଆମ ଇଚ୍ଛାଶକ୍ତିର ସଂକେନ୍ଦ୍ରଣ ଦ୍ୱାରା ଓ ଆମ ଯୋଜନା ତଥା ନିଷ୍ପତ୍ତି ଅନୁସାରେ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆମର ଅଭିନିବେଶକୁ ଠୁଳକରି ଆଣି ସେହି କାର୍ଯ୍ୟଟିକୁ ଅବଶ୍ୟ କରିପାରିବା । ଆମର ଅନ୍ତର୍ଗତ ତଥା ବାହ୍ୟ ଯାବତୀୟ ପରିସ୍ଥିତିରୁ ସ୍ୱତନ୍ତ୍ର ରହି ସଂକେନ୍ଦ୍ରଣର ଏହି ସାମର୍ଥ୍ୟଟିକୁ ଅର୍ଜନ କରିବାକୁହିଁ ଏହି କ୍ଷେତ୍ରରେ ମୁଖ୍ୟ ଅସୁବିଧା ବୋଲି କୁହାଯାଇପାରେ । ମାତ୍ର ଯାହାର ସଂକଳ୍ପ ରହିଛି ଓ ଯିଏ ଅଧ୍ୟବସାୟ କରି ପାରୁଛି, ତାହା ଲାଗି ଏହା କଷ୍ଟକର ହୋଇଥିଲେ ମଧ୍ୟ ଆଦୌ ଅସମ୍ଭବ ହେବ ନାହିଁ । ପୁନଶ୍ଚ, ବିକାଶର ଯେକୌଣସି ପ୍ରଣାଳୀ ଗୃହୀତ ହୋଉଥିଲେ ମଧ୍ୟ, ସଫଳତା ଲାଭ କରିବାକୁ ହେଲେ ସଂକଳ୍ପ ଏବଂ ଅଧ୍ୟବସାୟକୁ ଅପରିହାର୍ଯ୍ୟ ବୋଲି ସ୍ୱୀକାର କରିବାକୁହିଁ ପଡ଼ିବ ।

ଆମେ ଯେକୌଣସି ବିଷୟ ଅଥବା କାର୍ଯ୍ୟଟିକୁ ବାଛିନେଇଥିବା, ଇଚ୍ଛା ଅନୁସାରେ ତାହାରି ଉପରେ ଆମର ଅଭିନିବେଶ-ଶକ୍ତିକୁ ସଂକେନ୍ଦ୍ରିତ କରିଆଣି ପାରୁଥିବା,—

ଆଲୋଚିତ ପ୍ରଶିକ୍ଷଣଟିରେ ତାହାକୁହିଁ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଛି । ଏହି ବିଷୟ ଅଥବା କାର୍ଯ୍ୟ ଅତ୍ୟନ୍ତ ଆଧ୍ୟାତ୍ମିକ ସ୍ତରର ହୋଇପାରେ, ଅତ୍ୟନ୍ତ ଜଡ଼ସ୍ତରର ବି ହୋଇପାରେ । ଏହି ବିଷୟ ଅଥବା କାର୍ଯ୍ୟଟି ଉପରେ ଆପଣାକୁ ଅଭିନିବେଶିତ କରି ରଖିବା ସମୟରେ ସେହି ସଂପୂର୍ଣ୍ଣ ଶକ୍ତିମନ୍ତତାରୁ ଆମେ ଯେପରି ଏତେ ଟିକିଏ ପରିମାଣରେ ମଧ୍ୟ ଟଳି ଯାଉ ନ ଥିବା । ଭୌତିକ କ୍ଷେତ୍ରରୁ ଏକ ଉଦାହରଣ ଦେଇ କହିଲେ, ଆମେ ସମାନ ଭାବରେ ସବୁଥିରେ ସଫଳତା ଅର୍ଜନ କରିବା ପାଇଁ ଗୋଟିଏ ଖେଳରେ ବ୍ୟବହୃତ ହେଉଥିବା ସାମର୍ଥ୍ୟଟିକୁ ମଧ୍ୟ ଆଉ ଗୋଟିଏ ଖେଳରେ ବ୍ୟବହୃତ ହେବା ଲାଗି ସ୍ଥାନାନ୍ତରିତ କରିନେଇ ପାରୁଥିବା ।

ଭାରୋତ୍ତୋଳନ, ଲମ୍ଫପ୍ରଦାନ, ମୁଷ୍ଟିଯୁଦ୍ଧ ଓ ଦଉଡ଼ି ପ୍ରଭୃତି କୌଣସି ଏକ ଖେଳ ବା ଶାରୀରିକ କାର୍ଯ୍ୟ ଉପରେ ଏହିପରି ଐକାନ୍ତିକ ଭାବରେ ଆପଣାର ଅଭିନିବେଶକୁ ସଂକେନ୍ଦ୍ରିତ କରି ରଖିବା ଦ୍ୱାରା, ଏହିଗୁଡ଼ିକ ମଧ୍ୟରୁ କୌଣସି ଗୋଟିକ ଉପରେ ନିଜର ସବୁଯାକ ଶକ୍ତିକୁ ନିୟୋଜିତ କରି ରଖିବା ଦ୍ୱାରା ଶରୀର ମଧ୍ୟରେ ଏକ ଅପୂର୍ବ ଆନନ୍ଦାନୁଭବର ପୁଲକ ଆସି ଉପଲବ୍ଧ ହୁଏ, ଯାହାକି ଆମକୁ ସେହିଟିକୁ କରି ଦେଖାଇବାର ଏବଂ ସେଥିରେ ପୂର୍ଣ୍ଣ ସଫଳତା ଲାଭ କରିବାର ସାମର୍ଥ୍ୟ ଆଣି ଦେଇଥାଏ । ଯେତେବେଳେ ଜଣେ ଖେଳାଳିର କୌଣସି ଗୋଟିଏ ଖେଳ କିଂବା କୌଣସି ଗୋଟିଏ କାର୍ଯ୍ୟରେ ଖାସ୍ ଆଗ୍ରହ ରହିଥାଏ ଏବଂ ସେହି ଆଗ୍ରହକୁ ସିଏ ଆପଣାର ଆଦୌ କୌଣସି ନିୟନ୍ତ୍ରଣ, ନିଷ୍ପତ୍ତି ଗ୍ରହଣ ଅଥବା ଇଚ୍ଛା ଅନିଚ୍ଛାର ବନ୍ଧ ଭିତରେ ଆଦୌ ବାନ୍ଧି ରଖିପାରେ ନାହିଁ, ସାଧାରଣତଃ ତାହା ସେତିକିବେଳେ ଘଟିଥାଏ ।

ତଥାପି, ସଂକେନ୍ଦ୍ରିତ ଅଭିନିବେଶର ଏକ ଉପଯୁକ୍ତ ପ୍ରଶିକ୍ଷଣ ଦ୍ୱାରା ଆମେ ସେହି ସାମର୍ଥ୍ୟଟିକୁ ଇଚ୍ଛାନୁସାରେ ହାସଲ କରିପାରିବା,– ଆମେ ଚାହିଁଲା ମାତ୍ରକେ ତାହାକୁ ହାସଲ କରିପାରିବା ବୋଲି କୁହାଯାଇ ପାରିବ । ଏବଂ ତା'ପରେ ତାହାର ଫଳସ୍ୱରୂପ ଯେକୌଣସି ବିଷୟକୁ ମଧ୍ୟ ଆମେ ଯେ ପରିପୂର୍ଣ୍ଣତା ସହିତ କାର୍ଯ୍ୟରେ ପରିଣତ କରିପାରିବା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଆମ ଶରୀର ଶିକ୍ଷା ବିଭାଗଟିରେ ଆମେ ଠିକ୍ ଏହି କଥାଟିକୁହିଁ ପରୀକ୍ଷା କରି ଦେଖିବାକୁ ଇଚ୍ଛା କରୁଛୁ । ଏହି କ୍ଷେତ୍ରରେ ସାଧାରଣତଃ ଯେଉଁ ପ୍ରଣାଳୀଟି ଗ୍ରହଣ କରାଯାଇଥାଏ, ତାହା ତୁଳନାରେ ଏହି ପ୍ରକ୍ରିୟାଟି ଦ୍ୱାରା ଇପ୍‌ସିତ ଫଳ ମିଳିବାକୁ ହୁଏତ ଟିକିଏ ଅଧିକ ସମୟ ଲାଗିବ ସତ, ମାତ୍ର ଅଭିବ୍ୟକ୍ତିର କ୍ଷେତ୍ରରେ ଉପଲବ୍ଧ ପରିପୂର୍ଣ୍ଣତା ଏବଂ ସମ୍ପନ୍ନତାଟି ଦ୍ୱାରା ସେହି ମନ୍ଥରତାକୁ ନିଶ୍ଚିତ ଭାବରେ ଏକ କ୍ଷତିପୂରଣ ମିଳିଯାଇ ପାରିବ ।

*ବୁଲେଟିନ୍, ଏପ୍ରିଲ୍ ୧୯୪୯*

# ଆମର ପତାକା ଓ ଆମ ପ୍ରଚ୍ଛଦପଟ

ଆମ ବୁଲେଟିନ୍‌ର ପ୍ରଚ୍ଛଦପଟରେ ଯେଉଁ ପତାକାଟି ଦେଖିବାକୁ ମିଳିଥାଏ, ସେଥିରେ ଏକ ପୂର୍ଣ୍ଣବିକଶିତ ସୁନେଲି ପଦ୍ମର ପ୍ରତୀକହିଁ ଉପସ୍ଥାପିତ ହୋଇଥାଏ । ପଦ୍ମଟିରେ ଦୁଇ ଧାଡ଼ି ପାଖୁଡ଼ା,– ଭିତର ଧାଡ଼ିରେ ଚାରୋଟି ଏବଂ ବାହାର ଧାଡ଼ିରେ ବାରଟି । ଏକ ରଜତନୀଳ ବର୍ଗକ୍ଷେତ୍ରର ଠିକ୍ କେନ୍ଦ୍ରସ୍ଥଳରେହିଁ ତାହା ଅଙ୍କିତ ହୋଇ ରହିଥାଏ ।

ଏହି ନୀଳ ହେଉଛି ଚିଦ୍‌ଗତସତ୍ତାର ନୀଳ ଏବଂ ସୁନେଲି ରଙ୍ଗଟି ହେଉଛି ପରମ ଜନନୀଙ୍କର ରଙ୍ଗ । ମଲାଟ ଉପରେ ପତାକାଟିର ଚାରି ପାଖରେ ଯେଉଁ ନାଲି ରଙ୍ଗ ରହିଛି, ତାହା ସନ୍ଦୀପିତ ଭୌତିକ ଚେତନାକୁ ସୂଚିତ କରିଦେଉଛି ।

ଏହି ପତାକାଟିକୁ ସର୍ବପ୍ରଥମେ 'ଶ୍ରୀଅରବିନ୍ଦ ଆଶ୍ରମର ଖେଳଓ୍ୱାଡ଼ ତରୁଣ ଦଳ'ର* ପତାକା ରୂପେ ନିର୍ବାଚିତ କରାଯାଇଥିଲା । ମାତ୍ର ପରେ, ଯେତେବେଳେ ଆମେ ଭାରତବର୍ଷର ସ୍ୱତନ୍ତ୍ରତା ଦିବସ ପାଳନ କଲୁ (୧୫ ଅଗଷ୍ଟ, ୧୯୪୭), ସେତେବେଳେ ଆମେ ଆବିଷ୍କାର କଲୁ ଯେ ଏହି ପତାକା ସଂପୂର୍ଣ୍ଣ ଭାରତବର୍ଷର ଆଧ୍ୟାତ୍ମିକ ଜୀବନ ଲକ୍ଷ୍ୟଟିକୁ ମଧ୍ୟ ସୂଚିତ ଏବଂ ଅଭିବ୍ୟକ୍ତ କରି ଦେଉଛି । ତେଣୁ ତାହା ଆମ ଲାଗି ଏକ ଜାଗ୍ରତ୍, ଏକତାବଦ୍ଧ, ବିଜୟୀ ଭାରତର ପ୍ରତୀକକୁ ବହନ କରୁଥିବା ଏକ ପତାକା ହୋଇ ରହିଛି । ସେହି ଭାରତବର୍ଷ ଆଜି ଶତାବ୍ଦୀ ଶତାବ୍ଦୀର ଜଡ଼ତାକୁ ବିଦୀର୍ଣ୍ଣ କରି ଜାଗ୍ରତ୍ ହୋଇ ଉଠିଛି, ଆପଣା ଦାସତ୍ୱର ବେଡ଼ିଗୁଡ଼ାକୁ ଦୂରକୁ ଫିଙ୍ଗି ଦେଇଛି ଏବଂ ପୁନର୍ବାର ଏକ ବୃହତ୍ ଓ ଏକତାବଦ୍ଧ ଜାତି ରୂପେ ଅଭ୍ୟୁଦୟ ଲାଭ କରିବାକୁ ତଥା ସମଗ୍ର ପୃଥିବୀ ଏବଂ ମନୁଷ୍ୟସମାଜକୁ ଚିତ୍‌ସତ୍ତାର ସେହି ସର୍ବୋଚ୍ଚ ଆଦର୍ଶଟି ଆଡ଼କୁ ପରିଚାଳିତ କରି ନେଇ ଯିବାକୁ ଏକ ନୂତନ ଜନ୍ମର ସକଳ ଯନ୍ତ୍ରଣାକୁ ବରଣ କରିନେଇଛି ।

ଏପରି ଏକ ପ୍ରତୀକକୁ ବହନ କରୁଥିବା ଗୋଟିଏ ପତାକା ଯେ ଆମ ପାଖରେ ଅଛି, ଆମେ ସେଥିଲାଗି ନିଜକୁ ଅତ୍ୟନ୍ତ ଭାଗ୍ୟବାନ୍ ବୋଲି ଅନୁଭବ କରୁଛୁ ଏବଂ ଅତ୍ୟନ୍ତ ଗଭୀର ଭାବରେ ଆମେ ସେହି ପ୍ରତୀକଟିକୁ ଆପଣା ଜୀବନ ମଧ୍ୟରେ ସଜୀବିତ କରି ରଖିଛୁ ।

*ବୁଲେଟିନ୍, ଏପ୍ରିଲ ୧୯୪୯*

* J. S. A. S. A - Jeunesse Sportive de I' Ashram de Sri Aurobindo.

# ଅକ୍ଷୟ ଶକ୍ତି

ଯୋଗସାଧନାର ଶୃଙ୍ଖଳା ଜଣେ ଖେଳାଳିକୁ ଯେଉଁ ଅତ୍ୟନ୍ତ ଶକ୍ତିଶାଳୀ ସହାୟତାଟି ଆଣି ଯୋଗାଇ ଦେଇ ପାରିବ, ସେଇଟି ହେଉଛି ଯେ, ବିଶ୍ୱମୟ ଅକ୍ଷୟ ଶକ୍ତିର ଉତ୍ସଟି ମଧ୍ୟରୁ କିପରି ଅଧିକରୁ ଅଧିକ ଶକ୍ତି ଆଣି ସିଏ ଆପଣାକୁ ସର୍ବଦା ନୂତନ ଶକ୍ତି ଦ୍ୱାରା ଶକ୍ତିମାନ୍ କରି ପାରିବ, ତାହା ତାକୁ ସେହି କଥାଟିକୁ ବତାଇ ଦେଇପାରିବ ।

ଆଧୁନିକ ବିଜ୍ଞାନ ଶରୀର ଦୃଷ୍ଟିର କ୍ଷେତ୍ରରେ ପ୍ରଭୂତ ଅଗ୍ରଗତି କରି ପାରିଛି, ଏବଂ ଶକ୍ତିର ପୁନଃପୂର୍ତ୍ତି ଦିଗରେ ଆମେ ସାଧାରଣତଃ ତାହାକୁହିଁ ସର୍ବୋତ୍ତମ ସାଧନ ବୋଲି ଜାଣି ଆସିଛୁ । ମାତ୍ର ଯେତେ ଭଲଭାବରେ କାର୍ଯ୍ୟ କରୁଥିଲେ ମଧ ଏହି ପ୍ରକ୍ରିୟାଟି ସର୍ବଦା ପ୍ରକୃତରେ ଭାରି ଅନିଶ୍ଚିତ ହୋଇ ରହିଥାଏ ଏବଂ ତାହାକୁ ନାନା ପ୍ରକାରର ସୀମାବନ୍ଧନ ମଧ୍ୟରେହିଁ କାର୍ଯ୍ୟ କରିବାକୁ ପଡ଼ିଥାଏ । ଏଠି ଆମେ ସେହି ବିଷୟରେ କୌଣସି ଆଲୋଚନା କରିବା ନାହିଁ, କାରଣ ସେସବୁ ଆଲୋଚନା ଆଗରୁ କେତେ ହୋଇ ସାରିଛି । ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହି ପୃଥିବୀ ଏବଂ ସେଥିରେ ବାସ କରୁଥିବା ମଣିଷମାନେ ଯେତେଦିନ ଯାଏ ସେମାନଙ୍କର ଏହି ବର୍ତ୍ତମାନ ଅବସ୍ଥାରେ ରହିଛନ୍ତି, ଖାଦ୍ୟ ସେମାନଙ୍କ ଲାଗି ସେତେଦିନ ଯାଏ ନିଶ୍ଚୟ ଏକ ଅପରିହାର୍ଯ୍ୟ ବିଷୟ ହୋଇ ରହିଥିବ । ଯୋଗ ବିଜ୍ଞାନକୁ ଶକ୍ତି ଆହରଣ କରିବାର ଅନ୍ୟ ନାନା ଉପାୟ ବିଦିତ ରହିଛି, ଏବଂ ଏଠାରେ ଆମେ ସେଗୁଡ଼ିକ ମଧ୍ୟରୁ ଦୁଇଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉପାୟ ବିଷୟରେ କିଛି ଆଲୋଚନା କରିବା ।

ପ୍ରଥମ ଉପାୟଟି ହେଉଛି ଯେ, ଏହି ସ୍ଥୂଳ ପୃଥ୍ୱୀମଣ୍ଡଳ ଭିତରେ ଠୁଳ ହୋଇ ରହିଥିବା ଶକ୍ତିଗୁଡ଼ିକ ସହିତ ଆମେ ଏକ ସମ୍ବନ୍ଧ ସ୍ଥାପନ କରି ବାସ କରିବା ଏବଂ ଆବଶ୍ୟକ ହେଲାବେଳେହିଁ ଏହି ଅକ୍ଷୟ ଭଣ୍ଡାରଟିରୁ ଶକ୍ତି ଆହରଣ କରି ପାରୁଥିବା । ଏହି ସ୍ଥୂଳ ଶକ୍ତିଗୁଡ଼ିକ ଭାରି ଅସ୍ୱଚ୍ଛ ହୋଇ ରହିଥା'ନ୍ତି ଓ ଅର୍ଦ୍ଧ-ଚେତନ ହୋଇ ରହିଥା'ନ୍ତି । ସେଗୁଡ଼ିକ ମନୁଷ୍ୟ ଭିତରେ ତା'ର ପଶୁତ୍ୱକୁ ପ୍ରୋତ୍ସାହନ ଦେବାରେ ଲାଗିଥା'ନ୍ତି, ମାତ୍ର ଯୁଗପତ୍ ଭାବରେ ଗୋଟିଏ ପକ୍ଷରେ ମନୁଷ୍ୟ ଓ ଆଉ ଗୋଟିଏ ପାଖରେ ବିଶ୍ୱପ୍ରକୃତି ମଧ୍ୟରେ ସେଗୁଡ଼ିକ ଏକପ୍ରକାରର ସମଞ୍ଜସତାଯୁକ୍ତ ସମ୍ବନ୍ଧର ବି ପ୍ରତିଷ୍ଠା କରି ରହିଥା'ନ୍ତି । ଯେଉଁମାନେ ଏହିସବୁ ଶକ୍ତିକୁ ଗ୍ରହଣ କରି ଓ ସେଗୁଡ଼ିକୁ ବ୍ୟବହାର କରି ଜାଣିଥା'ନ୍ତି, ସେମାନେ ସାଧାରଣତଃ ନିଜ ଜୀବନରେ ପ୍ରଭୂତ ସଫଳତା ଅର୍ଜନ କରନ୍ତି ଏବଂ ଯାହାକିଛି କାର୍ଯ୍ୟ ହାତକୁ ନିଅନ୍ତି, ସେଥିରେ ମଧ ସଫଳତା ଲାଭ କରିଥା'ନ୍ତି । ମାତ୍ର ସେମାନେ ତଥାପି

ସେମାନଙ୍କର ଜୀବନ ପରିବେଶ ଏବଂ ଶାରୀରିକ ସ୍ୱାସ୍ଥ୍ୟାବସ୍ଥାର ବହୁଶଃ ନିର୍ଭରଶୀଳ ହୋଇ ରହିଥା'ନ୍ତି । ସେମାନଙ୍କ ମଧ୍ୟରେ ସମ୍ଭବ ହୋଇଥିବା ସମଞ୍ଜସତାଟି ଯାବତୀୟ ଆକ୍ରମଣରୁ ଆଦୌ ନିରାପଦ ହୋଇ ରହି ନ ଥାଏ ଏବଂ ପରିସ୍ଥିତିମାନ ପ୍ରତିକୂଳ ହୋଇଯିବା ମାତ୍ରକେହିଁ ସେହି ସମଞ୍ଜସତା ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇଯାଏ । ଗୋଟିଏ ସାନପିଲା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଜଡ଼ପ୍ରକୃତି ମଧ୍ୟରୁ ଏହି ଶକ୍ତିଟିକୁ ଗ୍ରହଣ କରିବାକୁ ସମର୍ଥ ହୁଏ, କାରଣ ଆପଣାର ଶକ୍ତିଗୁଡ଼ିକୁ କାର୍ଯ୍ୟରେ ଲଗାଇବା ସମୟରେ ସିଏ ଆଦୌ କୌଣସି ହିସାବ କରୁ ନ ଥାଏ, ଅତ୍ୟନ୍ତ ଆନନ୍ଦର ସହିତ ସଂପୂର୍ଣ୍ଣ ମୁକ୍ତ ଭାବରେ ସିଏ ସେହି କଥାଟିକୁ କରେ । ମାତ୍ର, ଅଧିକାଂଶ ମନୁଷ୍ୟଙ୍କର କ୍ଷେତ୍ରରେ, ସେମାନେ ବୟସରେ ବଡ଼ ହୋଇ ଆସିବା ସଙ୍ଗେ ସଙ୍ଗେ, ଏହି ସାମର୍ଥ୍ୟଟି ଜୀବନର ନାନା ଚିନ୍ତା ଓ ଉଦ୍‌ବେଗର ଚାପରେ ପଡ଼ି କ୍ରମେ ଆପଣାର ଶକ୍ତି ହରାଇ ବସେ; ମନୁଷ୍ୟର ମନଃସ୍ତରୀୟ କାର୍ଯ୍ୟକଳାପଗୁଡ଼ିକ ତା' ଚେତନା ମଧ୍ୟରେ, କ୍ରମେ ଯେପରି ଏକ ପ୍ରଧାନ ସ୍ଥାନ ଅଧିକାର କରିବାକୁ ଆରମ୍ଭ କରନ୍ତି, ତାହାରି ଫଳରେ ତାହା ଶକ୍ତିହୀନ ହୋଇପଡ଼େ ।

ତଥାପି, ଶକ୍ତିର ଏପରି ଏକ ଉତ୍ସ ରହିଛି, ଯାହାକୁ କି ଆମେ ଥରେ ଆବିଷ୍କାର କରିପାରିଲେ ସେଥିରେ ଆଦୌ କୌଣସି କ୍ଷୟ ଘଟେ ନାହିଁ । ଜୀବନର ବାହ୍ୟ ପରିସ୍ଥିତି ଓ ଭୌତିକ ପରିବେଶଗୁଡ଼ିକ ଯେପରି ହେଲେ ମଧ୍ୟ ତାହା ତଥାପି କ୍ଷୟ ହୋଇଯାଏ ନାହିଁ । ଏହି ଶକ୍ତିଟିକୁ ଏକ ଆଧ୍ୟାତ୍ମିକ ଶକ୍ତି ବୋଲି ବର୍ଣ୍ଣନା କରାଯାଇ ପାରିବ; ଏବଂ ଏହି ଶକ୍ତିକୁ ଆମେ ଆଉ ଆଦୌ ନିମ୍ନ ଦେଶରୁ ଅର୍ଥାତ୍ ଆମର ଅଚେତନ ଗଭୀରଗୁଡ଼ିକରୁ ଗ୍ରହଣ କରୁ ନାହିଁ; ତାହାକୁ ଆମେ ଊର୍ଦ୍ଧ୍ୱରୁ ଗ୍ରହଣ କରୁ, ବିଶ୍ୱ ଓ ମାନବଜୀବନର ସେହି ସର୍ବୋଚ୍ଚ ଉତ୍ସରୁହିଁ ଆମେ ତାହାକୁ ଗ୍ରହଣ କରୁ, ଅତିଚେତନର ସର୍ବଶକ୍ତିଶାଳୀ ଏବଂ ଶାଶ୍ୱତ ମହିମାଗୁଡ଼ିକ ମଧ୍ୟରୁହିଁ ଆମେ ତାହାକୁ ଗ୍ରହଣ କରୁ । ସେହି ଶକ୍ତି ଆମର ଚତୁର୍ଦ୍ଦିଗରେ ଅବସ୍ଥାନ କରୁଥାଏ, ସକଳବସ୍ତୁରେ ଭେଦି ରହିଥାଏ; ଏବଂ, ତାହା ସହିତ ଏକ ସମ୍ପର୍କ ସ୍ଥାପନ କରିପାରିବାକୁ ହେଲେ ଓ ତାହାକୁ ଗ୍ରହଣ କରି ପାରିବାକୁ ହେଲେ ପୂର୍ଣ୍ଣ ଆନ୍ତରିକତା ସହିତ ସେଇଟି ଲାଗି ଅଭୀପ୍‌ସା କରିବାହିଁ ଯଥେଷ୍ଟ ହୁଏ, ବିଶ୍ୱାସ ଏବଂ ଆସ୍ଥାର ସହିତ ଆପଣାକୁ ସେଇଟି ଲାଗି ଉନ୍ମୋଚିତ କରି ରଖିବାକୁ ହୁଏ, ଆପଣାର ଚେତନାକୁ ପ୍ରସାରିତ କରି ଦେଇ ତାହାକୁ ବିଶ୍ୱମୟ ପରମ ଚେତନା ସହିତ ଏକାତ୍ମକ କରିଦେବାକୁ ହୁଏ ।

ପ୍ରଥମ ଅବସ୍ଥାରେ ଏହା କରିପାରିବା ଅସମ୍ଭବ ନ ହେଲେ ମଧ୍ୟ ହୁଏତ ଭାରି କଷ୍ଟସାଧ୍ୟ ମନେ ହୋଇପାରେ । ତଥାପି ଏହି ପ୍ରସଙ୍ଗଟିକୁ ଟିକିଏ ଅଧିକ ନିକଟବର୍ତ୍ତୀ ଭାବରେ ପରୀକ୍ଷା କରି ଦେଖିଲେ ଆମେ ନିଶ୍ଚୟ ଜାଣିପାରିବା ଯେ, ଏକ ସାଧାରଣ ବିକାଶର ସମର୍ଥ ହୋଇ ପାରିଥିବା ମନୁଷ୍ୟ-ଚେତନା ଲାଗି ତାହା ଆଦୌ ଅପରିଚିତ

ନୁହେଁ, ସେଇଟିଠାରୁ ଏତେ ଦୂରବର୍ତ୍ତୀ ମୋଟେ ନୁହେଁ । ବସ୍ତୁତଃ ଏପରି ମନୁଷ୍ୟ ହୁଏତ ପ୍ରାୟ କେହି ନ ଥିବେ, ଯେଉଁମାନେ କି ନିଜ ଜୀବନରେ ଅନ୍ତତଃ ଥରକ ପାଇଁ ମଧ୍ୟ ସତେଅବା ନିଜ ଭିତରୁ ଆଉ କୁଆଡ଼େ ଉତ୍ତୋଳିତ ହୋଇ ଯିବାପରି ମୋଟେ ଅନୁଭବ କରି ନାହାନ୍ତି; ଏପରି ଏକ ଅପ୍ରତ୍ୟାଶିତ ଏବଂ ଅସାଧାରଣ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇ ଉଠିଲା ପରି ଅନୁଭବ କରି ନାହାନ୍ତି, ଯାହାକି ଅନ୍ତତଃ କିଛି ସମୟ ସକାଶେ ବି ସେମାନଙ୍କ ସଂସାରରେ ସବୁକିଛି କରିପାରିବା ଲାଗି ସମର୍ଥ ହୋଇ ଗଲାପରି ଏକ ଅନୁଭୂତି ଆଣିଦେଇଛି । ଏହିଭଳି ଗୋଟିଏ ଗୋଟିଏ ମୁହୂର୍ତ୍ତରେ କୌଣସି କାର୍ଯ୍ୟହିଁ ମୋଟେ କଷ୍ଟସାଧ୍ୟ ବୋଲି ମନେହୁଏ ନାହିଁ ଏବଂ 'ଅସମ୍ଭବ' ଶବ୍ଦଟିର ସେତେବେଳେ ଆଉ ଆଦୌ କୌଣସି ତାତ୍ପର୍ଯ୍ୟ ରହେ ନାହିଁ ।

ଯେତେ କ୍ଷଣସ୍ଥାୟୀ ହୋଇଥିଲେ ମଧ୍ୟ ଏହି ଅନୁଭବଟି ଆମ ଲାଗି ଯୋଗସାଧନାର ଶୃଙ୍ଖଳାଟି ଦ୍ୱାରା ସମ୍ଭବ ହୋଇ ପାରୁଥିବା ସେହି ଉଚ୍ଚତର ଶକ୍ତିଟି ସହିତ ସ୍ଥାପିତ ଓ ପ୍ରତିଷ୍ଠିତ ସମ୍ପର୍କଟିର ପ୍ରକାର ବିଷୟରେ ଆମକୁ ଏକ ନିଶ୍ଚିତ ଆଭାସ ଦେଇ ଯାଇଥାଏ ।

ଏହି ସମ୍ପର୍କଟିକୁ ସ୍ଥାପନ କରି ପାରିବାର ପ୍ରଣାଳୀଟି ବିଷୟରେ ମୁଁ ଏଠାରେ କିଛି କହିବି ନାହିଁ । ସେପରି କୌଣସି ପ୍ରଣାଳୀ ବତାଇବା ମୋଟେ ସମ୍ଭବ ନୁହେଁ । ଏବଂ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ସେହି ପ୍ରଣାଳୀ ଏକାନ୍ତ ଭିନ୍ନ ଏବଂ ଅନନ୍ୟ ହେବାକୁ ବାଧ୍ୟ ହେବ । ସେହି ପ୍ରଣାଳୀ ତାହାର ବର୍ତ୍ତମାନ ପ୍ରକୃତ ସ୍ଥିତିଟିଠାରୁହିଁ ଆରମ୍ଭ ହେବ, ତା'ର ବ୍ୟକ୍ତିଗତ ଆବଶ୍ୟକତା ଦ୍ୱାରା ଅନୁକୂଳିତ ହେଉଥିବ ଏବଂ ତାହାକୁ ତା'ର ପରବର୍ତ୍ତୀ ପଦକ୍ଷେପଟିକୁ ଗ୍ରହଣ କରିବାରେ ସାହାଯ୍ୟ କରି ପାରୁଥିବ । ଏହି ପଥଟି ବେଳେବେଳେ ଅତ୍ୟନ୍ତ ଦୀର୍ଘ ହେବ, ଅତ୍ୟନ୍ତ ଧୀର ହେବ, ମାତ୍ର ସେଥିରେ ନିଜର ଉଦ୍ୟମର ଅନୁରୂପ ଫଳ ଅବଶ୍ୟ ମିଳିବ । ଶକ୍ତିର ଯେଉଁ ଅସରନ୍ତି ଉତ୍ସଟି ଆପଣାର ଆଲୋକମୟ ବିଶୁଦ୍ଧତାରେ ସର୍ବଶକ୍ତିଶାଳୀ ହୋଇ ରହିଛି, ଆପଣାର ଇଚ୍ଛା ଅନୁସାରେ ଓ ସକଳ ପରିସ୍ଥିତିରେ ତାହାରି ଦ୍ୱାରା ଉପକୃତ ହୋଇ ପାରିବାର ଏହି ସାମର୍ଥ୍ୟଟିରୁ ଆମକୁ ଯେ କେତେ କ'ଣ ମିଳିବ, ଆମେ ଅତ୍ୟନ୍ତ ସହଜରେ ତାହାର କଳ୍ପନା କରି ପାରୁଥିବା । କ୍ଳାନ୍ତି, ଅବସନ୍ନତା, ରୋଗ, ବାର୍ଦ୍ଧକ୍ୟ ଏବଂ ଏପରି କି ମୃତ୍ୟୁ ମଧ୍ୟ ଯେତେବେଳେ ଆମର ପଥରେ ରହିଥିବା କେବଳ ଗୋଟିଏ ଗୋଟିଏ ପ୍ରତିବନ୍ଧକ ପରି ମନେ ହେବେ ଏବଂ ଏକ ଦୁର୍ବାର ଇଚ୍ଛା ଦ୍ୱାରା ଆମେ ଅତ୍ୟନ୍ତ ନିଶ୍ଚିତ ଭାବରେ ସେଗୁଡ଼ିକୁ ଲଂଘନ କରି ଚାଲିଯାଇ ପାରିବା ।

*ବୁଲେଟିନ୍, ଅଗଷ୍ଟ ୧୯୪୯*

# ନିଷ୍ପକ୍ଷ ବିଚାର

କୌଣସି ପ୍ରକାର ପକ୍ଷପାତ ନ ରଖି ଖେଳର ପ୍ରତିଯୋଗିତାଗୁଡ଼ିକରେ ଆପଣାର ବିଚାର ଦେଇ ପାରିବା ହେଉଛି ଏକ ଭାରି ବଡ଼ ସମସ୍ୟା ।

ନିଷ୍ପକ୍ଷ ବିଚାର ଦେଇ ନ ପାରିବା ଦ୍ୱାରା ଅବଶ୍ୟମ୍ଭାବୀ ଭାବରେ ଯେଉଁସବୁ ସଂଘାତ ଓ କଳହର ସୃଷ୍ଟି ହୋଇଥାଏ, ସେଗୁଡ଼ିକୁ ଦୂରରେ ରଖିବା ଉଦ୍ଦେଶ୍ୟରେ ଚୂଡ଼ାନ୍ତ ଭାବରେ ଏହିପରି ଏକ ନିଷ୍ପତ୍ତି କରାଯାଇଛି ଯେ ବିଚାରକ ଯେତେବେଳେ ଯେଉଁ ନିଷ୍ପତ୍ତି ଦେବେ, ପ୍ରତିଯୋଗୀମାନେ କୌଣସି ପ୍ରକାର ଯୁକ୍ତି ନ କରି ତାହାକୁ ଅବଶ୍ୟ ମାନିନେବେ । ଯେଉଁମାନଙ୍କ ବିଷୟରେ ବିଚାର କରାଯାଉଛି, ଏହାଦ୍ୱାରା ସେମାନଙ୍କର ସମସ୍ୟାଟିର ସମାଧାନ ହୋଇଯିବ ସତ୍ୟ, ମାତ୍ର ଯେଉଁମାନେ ବିଚାରକର କାର୍ଯ୍ୟ କରୁଛନ୍ତି, ସେମାନଙ୍କର ସମସ୍ୟାଟି ତଥାପି ରହିଥିବ । କାରଣ, ଯଦି ସେମାନଙ୍କର ପ୍ରକୃତ ନିଷ୍ଠା ଥାଏ ଏବଂ ଯଦି ସେମାନଙ୍କ ଉପରେ ସମସ୍ତଙ୍କର ଅଧିକରୁ ଅଧିକ ଆସ୍ଥା ରହିଥାଏ, ତେବେ ଆପଣାର ବିଚାରଗୁଡ଼ିକରେ ସଂପୂର୍ଣ୍ଣ ଭାବରେ ନିଷ୍ପକ୍ଷ ହୋଇ ପାରିବା ସକାଶେ ସେମାନଙ୍କୁ ଆହୁରି ଅଧିକ ଯତ୍ନଶୀଳ ହୋଇ ରହିବାକୁ ପଡ଼ିବ । ତେଣୁ, ଯେଉଁସବୁ ସ୍ଥଳରେ କୌଣସି ନୀତି ବା ଅନ୍ୟ କୌଣସି କାରଣରୁ ପୂର୍ବରୁହିଁ ନିଷ୍ପତ୍ତିଟିକୁ କରାଯାଇ ସାରିଥାଏ, ମୂଳରୁହିଁ ମୁଁ ସେଗୁଡ଼ାକୁ ଭୁଲ୍ ବୋଲି ଘୋଷଣା କରୁଛି । କାରଣ, ଦୁର୍ଭାଗ୍ୟବଶତଃ ଅଧିକାଂଶ ସମୟରେ ସେହି କଥାଟିହିଁ ଘଟୁଥିଲେ ମଧ, ସମସ୍ତେ ତାହାକୁ ନିଶ୍ଚୟ ଅନୁଚିତ ଓ ଖରାପ ବୋଲି କହିବେ । ଜଣେ ଜଣେ ମଣିଷ ହିସାବରେ ଆମର ଯେଉଁ ସମ୍ମାନ ରହିଛି, ସେହି ଦୃଷ୍ଟିରୁ ମଧ ସେପରି କରାଯିବା ମୋଟେ ଉଚିତ ନୁହେଁ ।

ଏକ ପୂର୍ଣ୍ଣ ପ୍ରାବିଧିକ ଜ୍ଞାନ ଏବଂ ଯଥେଷ୍ଟ ନିଷ୍ପକ୍ଷପାତ ସହିତ ଯେତେବେଳେ ନିଷ୍ପତ୍ତିଗୁଡ଼ିକୁ କରା ଯାଇଥାଏ, ନିୟମତଃ ସେତିକିବେଳେହିଁ ସବୁ ବିଚାର ଠିକ୍ ହେଉଛି ବୋଲି ସମସ୍ତେ ଭାବିଥା'ନ୍ତି । ପ୍ରତ୍ୟକ୍ଷ ଇନ୍ଦ୍ରିୟଜ୍ଞାନ ଉପରେହିଁ ଏହି ବିଚାରସବୁ ବିଶ୍ୱାସ ସ୍ଥାପନ କରିଥା'ନ୍ତି ଏବଂ ସେହି ଜ୍ଞାନକୁ ସାଧାରଣତଃ ଅବିବାଦ୍ୟ ବୋଲି କୁହାଯାଇଥାଏ । ମାତ୍ର ଏହି ଇନ୍ଦ୍ରିୟଜ୍ଞାନର ରୀତିଟିହିଁ ଅନେକ ସମୟରେ ଭାରି ଅନିଶ୍ଚିତ ହୋଇ ରହିଥାଏ । ମଣିଷର ଇନ୍ଦ୍ରିୟଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ତାହାକୁ କାମରେ ଲଗାଉ ଥିବା ବ୍ୟକ୍ତିଟିର ମାନସିକ ପରିବେଶଗତ ପ୍ରଭାବର ବଶବର୍ତ୍ତୀ ହୋଇ ରହିଥା'ନ୍ତି, ଏବଂ ଏହିପରି ଭାବରେ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଟି ପ୍ରତି ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରୁଥିବା ବ୍ୟକ୍ତିର ବିଶେଷ ଭାବ ଓ ଅନୁଭବଗୁଡ଼ିକ ଦ୍ୱାରା ସକଳ ଇନ୍ଦ୍ରିୟବୋଧ କୌଣସି ନା କୌଣସି ପ୍ରକାରେ

ପରିବର୍ତ୍ତିତ ହୋଇ ଯାଇଥାଏ, ଏକ ମିଥ୍ୟାରେ ପରିଣତ ହୋଇଯାଏ ଏବଂ ବିକୃତ ବି ହୋଇଯାଏ ।

ଉଦାହରଣ ସ୍ୱରୂପ, ଯେଉଁମାନେ ଏକ ଗୋଷ୍ଠୀ କିଂବା କୌଣସି ଦଳର ସଭ୍ୟ ହୋଇ ରହିଥା'ନ୍ତି, ସେମାନେ ଏହି ଦଳର ସଭ୍ୟମାନଙ୍କ ପ୍ରତି ଆପଣାର ଦୃଷ୍ଟିରେ ହୁଏତ ଭାରି ଢିଲା ଅଥବା ଅନାବଶ୍ୟକ ଭାବରେ ଭାରି କଡ଼ା ହୋଇ ରହିଥା'ନ୍ତି । ସତ୍ୟର ମାନଦଣ୍ଡ ଉପରେ ବିଚାର କରି ଦେଖିଲେ ଢିଲା ହେବା ବା କଡ଼ା ହେବା କୌଣସିଟିକୁହିଁ ଅନ୍ୟଟିଠାରୁ ଅଧିକ ଉଚିତ ବୋଲି ମୋଟେ କୁହାଯିବ ନାହିଁ । କାରଣ ଉଭୟ କ୍ଷେତ୍ରରେ ଏକ ବ୍ୟକ୍ତିଗତ ଭାବ ଉପରେହିଁ ସମସ୍ତ ବିଚାର ଆଧାରିତ ହୋଇ ରହିଥାଏ, ପ୍ରକୃତ ଲକ୍ଷ୍ୟଟି ଉପରେ ଏବଂ ପ୍ରକୃତ ଘଟନାଗୁଡ଼ିକ ବିଷୟରେ ରହିଥିବା ଏକ ନିଷ୍ପକ୍ଷ ବୋଧ ଉପରେ ଆଦୌ ଆଧାରିତ ହୋଇ ରହି ନ ଥାଏ । ଏହି କଥାଟି ଅତ୍ୟନ୍ତ ସ୍ୱଷ୍ଟ ଭାବରେହିଁ ଧରା ପଡ଼ି ଯାଇଥାଏ; ମାତ୍ର ଏପରି କୌଣସି ଏକପାଖିଆ ଉଦାହରଣ ନ ନେଇ ମଧ୍ୟ ତଥାପି କୁହାଯାଇ ପାରିବ ଯେ, କୌଣସି ସାଧାରଣ ମନୁଷ୍ୟ ଏସବୁ ଆକର୍ଷଣ ଏବଂ ବିକର୍ଷଣରୁ ଆପଣାକୁ ମୁକ୍ତ ରଖିପାରେ ନାହିଁ । ସେହି ମନୁଷ୍ୟ ଜଣେ ଯୋଗୀ ହୋଇଥିଲେ ହୁଏତ ତାହା ଅନ୍ୟ ଏକ କଥା ହୋଇପାରେ । ଏହିସବୁ ଆକର୍ଷଣ ଓ ବିକର୍ଷଣକୁ ଆମର ସକ୍ରିୟ ଚେତନାଟି ଦ୍ୱାରା କ୍ୱଚିତ୍ ଲକ୍ଷ୍ୟ କରିହୁଏ, ମାତ୍ର ସେଗୁଡ଼ିକ ତଥାପି ଆମ ଇନ୍ଦ୍ରିୟଗ୍ରାମର କାର୍ଯ୍ୟଗୁଡ଼ିକ ଉପରେ ପ୍ରଭୂତ ପ୍ରଭାବ ବିସ୍ତାର କରି ରହିଥା'ନ୍ତି ।

ଯେଉଁ ବ୍ୟକ୍ତି ଯାବତୀୟ ରୁଚି ଓ ଅରୁଚିର ଊର୍ଦ୍ଧ୍ୱରେ ରହିଥାଏ, ଯିଏ ସକଳ ବାସନା ଏବଂ ଅଗ୍ରରୁଚିର ବାହାରେ ରହିଥାଏ, କେବଳ ସେହିଁ ସଂପୂର୍ଣ୍ଣ ଭାବରେ ପକ୍ଷପାତମୁକ୍ତ ରହି ସକଳ ବିଷୟର ବିଚାର କରିପାରେ । ସଂପୂର୍ଣ୍ଣ ଭାବରେ ବସ୍ତୁନିଷ୍ଠ ହୋଇ ରହିପାରୁଥିବା ତାହାର ଇନ୍ଦ୍ରିୟବୋଧ ସତେଅବା ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ଦୋଷହୀନ ସ୍ୱାଭାବିକ କ୍ରିୟା କରି କାର୍ଯ୍ୟ କରୁଥାଏ ଏବଂ ଏକ ଜୀବନ୍ତ ଚେତନା ସେହି କ୍ରିୟାକୁ ବଳଯୁକ୍ତ କରି ରଖିଥାଏ ।

ଏହି କ୍ଷେତ୍ରରେ ମଧ୍ୟ ଯୋଗମାର୍ଗର ଶୃଙ୍ଖଳା ଆମକୁ ସାହାଯ୍ୟ କରିପାରିବ । ତାହା ଆମକୁ ଏପରି ଉଚ୍ଚସ୍ତରୀୟ ଏକ ଚରିତ୍ରବତ୍ତାକୁ ଗଠନ କରିବାରେ ସହାୟତା କରିବ, ଯାହାକି ସତ୍ୟର ଯନ୍ତ୍ର ରୂପେ ବ୍ୟବହୃତ ହେବାର ଯୋଗ୍ୟତାଟିକୁ ମଧ୍ୟ ହାସଲ କରିପାରିବ ।

*ବୁଲେଟିନ୍, ନଭେମ୍ବର ୧୯୪୯*

# ଅଲିମ୍ପିକ୍ ବଳୟ

ଅଧିକାରୀମାନଙ୍କର ମତରେ, ଅଲିମ୍ପିକ୍ କ୍ରୀଡ଼ାର ପ୍ରତୀକଟିରେ ଯେଉଁ ପାଞ୍ଚୋଟି ବଳୟ ରହିଛି, ସେଗୁଡ଼ିକ ପାଞ୍ଚଟିଯାକ ମହାଦେଶର ଧାରଣା ଆଣି ଦେଉଛନ୍ତି । ମାତ୍ର ବଳୟଗୁଡ଼ିକର ରଙ୍ଗ ସହିତ ଯୁକ୍ତହୋଇ ରହିଥିବା ରଙ୍ଗର ତାତ୍ପର୍ଯ୍ୟଟି ବିଷୟରେ ଆଦୌ କିଛି କୁହାଯାଇ ନାହିଁ । ପ୍ରତ୍ୟେକ ମହାଦେଶ ସହିତ ନିରୂପିତ କରି ଗୋଟିଏ ଲେଖାଏଁ ବିଶେଷ ରଙ୍ଗ ସୂଚିତ କରିଦେବା ବିଷୟରେ ମଧ୍ୟ କୌଣସି ଅଭିପ୍ରାୟ ପ୍ରକାଶ ପାଇ ନାହିଁ ।

ତଥାପି, ଏହି ରଙ୍ଗଗୁଡ଼ିକ ବିଷୟରେ ଅଧିକ ଅଧ୍ୟୟନ କରି ଦେଖିଲେ ଏବଂ ସେଗୁଡ଼ିକ ମଧ୍ୟରେ ହୁଏତ କେଉଁ ଅର୍ଥ ନିହିତ ହୋଇ ରହିଛି ଓ ସେମାନେ ଆମ ଲାଗି ହୁଏତ କେଉଁ ସନ୍ଦେଶଟିକୁ ବହନ କରି ଆଣୁଛନ୍ତି, ସେ କଥା ବାହାର କରିବାକୁ ଚେଷ୍ଟା କଲେ ତାହା ନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ହେବ ।

ପ୍ରତ୍ୟେକ ରଙ୍ଗର ଯେ ଗୋଟିଏ ଗୋଟିଏ ତାତ୍ପର୍ଯ୍ୟ ରହିଛି, ସେ କଥା ନିଶ୍ଚୟ ସମସ୍ତେ ଭଲଭାବେ ଜାଣିଥିବେ । ମାତ୍ର ବିଭିନ୍ନ ବ୍ୟାଖ୍ୟାକାର ବିଭିନ୍ନ ରଙ୍ଗ ଉପରେ ଯେଉଁଭଳି ଅର୍ଥନ୍ୟାସ କରିଥା'ନ୍ତି, ସେଥିରେ ସବୁବେଳେ ଏକ ପାର୍ଥକ୍ୟ ରହିଥାଏ ଓ ସେହି ବ୍ୟାଖ୍ୟାଗୁଡ଼ିକ ମଧ୍ୟରେ ଅନେକ ସମୟରେ ଅନେକ ଦ୍ୱନ୍ଦ୍ୱ ମଧ୍ୟ ରହିଥାଏ । ଏହିସବୁ ବ୍ୟାଖ୍ୟାର ଏକ ସର୍ବଜନ ସମ୍ମତ ଶ୍ରେଣୀବିଭାଗ ଆଦୌ କେଉଁଠି ରହିଥିବା ପରି ମନେହୁଏ ନାହିଁ । ତାହାର କାରଣ ହେଉଛି ଯେ ଏକ ମାନସିକ ଦୃଷ୍ଟିକୋଣରୁହିଁ ଏହି ରଙ୍ଗଗୁଡ଼ିକର ବିଚାର କରାଯାଇ ଥାଏ, ବା ଅନ୍ତତଃ ସ୍ୱୟଂ ବ୍ୟାଖ୍ୟାକାରର ଭାବନା ଦ୍ୱାରା ମଧ୍ୟ ବ୍ୟାଖ୍ୟାର ଦୃଷ୍ଟିଟି ପ୍ରଭାବିତ ହୋଇ ପଡ଼ିଥାଏ । ମାତ୍ର, ମନର ସୀମାଟିକୁ ଅତିକ୍ରମ କରି ଆହୁରି ଉପରେ ରହିଥିବା ଯଥାର୍ଥ ଗୂଢ଼ ସ୍ତରଗୁଡ଼ିକରେ ପ୍ରବେଶ କରିପାରିଲେ, ରଙ୍ଗଗୁଡ଼ିକର ପ୍ରତ୍ୟକ୍ଷ ବ୍ୟାଖ୍ୟା କରିପାରୁଥିବା ବ୍ୟକ୍ତିମାନଙ୍କ ସମ୍ମୁଖରେ ରଙ୍ଗଗୁଡ଼ିକର ପଛରେ ପ୍ରକୃତରେ ରହିଥିବା ସେହି ସମାନ ତାତ୍ପର୍ଯ୍ୟଗୁଡ଼ିକ ପ୍ରତିଭାତ ହୋଇ ଉଠିଥାଏ । କେବଳ ଏହି ଗୋଟିଏ କ୍ଷେତ୍ରରେ ଯେ ସେ କଥା ସତ, ତାହା ଆଦୌ ନୁହେଁ, ଗୂଢ଼ବିଦ୍ୟାଗତ ତଥା ଆଧ୍ୟାତ୍ମିକ ଯାବତୀୟ ଅନୁଭବର କ୍ଷେତ୍ରରେ ମଧ୍ୟ ଏକଥା ସତ । ପ୍ରତ୍ୟେକ ଯୁଗର ଏବଂ ପ୍ରତ୍ୟେକ ସ୍ଥାନର ତତ୍ତ୍ୱଦ୍ରଷ୍ଟାମାନଙ୍କର ଅନୁଭବ ମଧ୍ୟରେ ସର୍ବଦା ଏକ ଅଦ୍ଭୁତ ସାଦୃଶ୍ୟ ରହିଆସିଛି ।

ତେଣୁ ଅଲିମ୍ପିକ୍ ପ୍ରତୀକଟିରେ ରହିଥିବା ରଙ୍ଗଗୁଡ଼ିକୁ ଆମେ ଯଦି ଏହିଭଳି ଏକ ଦୃଷ୍ଟି ନେଇ ଦେଖିବାକୁ ଯିବା, ତେବେ ଆମେ ସେଗୁଡ଼ିକର ପ୍ରକୃତ ନିହିତାର୍ଥଗୁଡ଼ିକୁ ଅବଶ୍ୟ

ଆବିଷ୍କାର କରି ପାରିବା, ଏବଂ ସେଗୁଡ଼ିକ କିପରି ଭାବରେ ଯେ ପାଞ୍ଚ ମହାଦେଶ ପ୍ରତି ପ୍ରଯୁଜ୍ୟ ହୋଇ ରହିଛି, ଆମେ ସେ କଥାଟିକୁ ମଧ୍ୟ ଜାଣିବାକୁ ପାଇବା ।

ସବୁଜ ରଙ୍ଗ ଏକ ବହୁବ୍ୟାପ୍ତ ଶାନ୍ତ ଭାବର ସୂଚନା ଆଣି ଦେଇଥାଏ ଏବଂ ପ୍ରକୃତି ସହିତ ଏକ ଅତ୍ୟନ୍ତ ସୌଷମ୍ୟଯୁକ୍ତ ସମ୍ବନ୍ଧର ସଙ୍କେତ ଆଣି ଦେଇଥାଏ । ତେଣୁ ସେହି ରଙ୍ଗ ହୁଏତ ଏପରି ଗୋଟିଏ ମହାଦେଶର ପ୍ରତିନିଧିତ୍ୱ କରିପାରେ, ଯେଉଁଠାରେ କି ଖାଲି ସ୍ଥାନ ବହୁବିସ୍ତୃତ ହୋଇ ରହିଛି ଓ ଯେଉଁଠାରେ ସରଳ ଅଦୂଷିତ ଅଧିବାସୀମାନେ ମାଟି ତଥା ପ୍ରକୃତିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ବାସ କରୁଛନ୍ତି ।

ଲାଲ ହେଉଛି ଭୌତିକ ଏବଂ ସ୍ଥୂଳ ଜଗତର ରଙ୍ଗ । ତେଣୁ ଲାଲ ରଙ୍ଗର ବଳୟଟି ଦ୍ୱାରା ହୁଏତ ଏପରି ଏକ ଜନସମୂହକୁ ସୂଚିତ କରି ଦିଆଯାଉଥିବ, ଯିଏକି ଏହି ଭୌତିକ ଜଗତ୍ ଉପରେ ପ୍ରଭୁତ୍ୱ ଅର୍ଜନ କରି ପାରିଛି । ଏହି ରଙ୍ଗଟି ଏହି କଥାଟିକୁ ମଧ୍ୟ ସୂଚିତ କରିଦେବ ଯେ ସ୍ଥୂଳଜାଗତିକ ସଫଳତା ବଳରେ ଏହି ସମୂହଟି ଅନ୍ୟମାନଙ୍କ ଉପରେ ମଧ୍ୟ ପ୍ରଭୁ ହୋଇ ରହିବାର ଅଧିକାର ଅର୍ଜନ କରି ପାରିଛି । ସେ କଥା ଯାହା ହୋଇଥାଉ ପଛକେ, ତାହା ଏପରି ଗୋଟିଏ ଜନସମୂହ ଆଡ଼କୁ ଇଙ୍ଗିତ କରିଦେଉଛି, ଯିଏକି ଭୌତିକ ଏବଂ ସ୍ଥୂଳ ବସ୍ତୁଚୟ ଉପରେ ସବୁଠାରୁ ଅଧିକ ମହତ୍ତ୍ୱ ଦେଉଛି ।

ଅନ୍ୟ ପକ୍ଷରେ ନୀଳ ରଙ୍ଗଟି ଏକ ଅଳ୍ପ ବୟସ୍କ ମହାଦେଶକୁ ସୂଚିତ କରିଦେଉଛି; ତାହାର ସମ୍ମୁଖରେ ସଂପୂର୍ଣ୍ଣ ଭବିଷ୍ୟତଟି ପଡ଼ି ରହିଛି, କେତେକେତେ ବୃହତ୍ ସମ୍ଭାବନା ମଧ୍ୟ ପଡ଼ି ରହିଛି । ମାତ୍ର ସେହି ମହାଦେଶ ତଥାପି ନୂତନ ହୋଇ ରହିଛି, ଅଭିବୃଦ୍ଧି ଅବସ୍ଥାରେ ରହିଛି ।

ଏକ ରଙ୍ଗ ହିସାବରେ କଳାକୁ ଆମେ ପ୍ରକୃତରେ ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ନିର୍ବାଚନ ବୋଲି କହିବା । ତାହା କେବଳ ଏପରି ଏକ ମହାଦେଶର ପ୍ରତୀକ ହୋଇ ରହିପାରିବ ଯାହାକି ଦ୍ରୁତ ଗତିରେ ଗାଢ଼ ଅନ୍ଧକାର ମଧ୍ୟରେହିଁ ଆପଣାକୁ ନିପତିତ କରିବାରେ ଲାଗିଛି,— ସେଠାରେ ଏକ ଅଧୋଗତିଗ୍ରସ୍ତ ଜନସମୂହ ତଳକୁ ଖସି ଖସି ଏକ ଅନ୍ଧକାରମୟ ବିସ୍ମୃତି ମଧ୍ୟରେ ଲୀନ ହୋଇଯାଉଛି ।

ଅପର ପକ୍ଷରେ ହଳଦିଆ ହେଉଛି ସବୁଠାରୁ ଅଧିକ ଐଶ୍ୱର୍ଯ୍ୟବନ୍ତ ଗୋଟିଏ ରଙ୍ଗ । ତାହା ହେଉଛି ପରମ ଆଲୋକର ସ୍ୱର୍ଣ୍ଣାଭ ରଙ୍ଗ; ଯେଉଁ ଆଲୋକ ସକଳ ବସ୍ତୁର ସେହି ମହାନ୍ ଉତ୍ସମୂଳରୁ ନିର୍ଗତ ହୋଇ ଆସୁଛି ଏବଂ ଯାହାକି ଆପଣାର ସହାୟତା ଦ୍ୱାରା ବିବର୍ତ୍ତମାନ ମନୁଷ୍ୟ ସମୂହକୁ ପୁନର୍ବାର ତାହାର ଦିବ୍ୟ ଯଥାର୍ଥ ଉତ୍ପତ୍ତିସ୍ଥଳଟିକୁ ପରିଚାଳିତ କରି ନେଇଯିବ, ହଳଦିଆ ହେଉଛି ତାହାର ଏକ ସ୍ୱର୍ଣ୍ଣାଭ ସଂସ୍କରଣ ।

ବଳୟଗୁଡ଼ିକୁ ଯେଉଁପରି ଭାବରେ ସଜ୍ଜିତ କରି ରଖାଯାଇଛି, ତାହାର ମଧ୍ୟ ଗୋଟିଏ

ତାତ୍ପର୍ଯ୍ୟ ରହିଛି । କଳାରଙ୍ଗ ହେଉଛି କେନ୍ଦ୍ରସ୍ଥ ରଙ୍ଗ ଓ ତାହା ଅନ୍ୟ ସବୁଯାକ ରଙ୍ଗକୁ ବହନ କରି ରହିଛି । ବସ୍ତୁତଃ ଏହା ସେହି କାଳିମାମୟ ଅରାଜକତାର ଉପସ୍ଥିତିଟି ଆଡ଼କୁ ସୂଚିତ କରିଦେଉଛି, ଯାହାକି ବର୍ତ୍ତମାନ ସମସ୍ତ ସଂସାରକୁ ଅଧିକାର କରି ରହିଛି । ଏବଂ ଯେଉଁମାନେ ଏହି ବର୍ତ୍ତମାନର ପରିସ୍ଥିତିରେ ମନୁଷ୍ୟ ସମାଜରୂପୀ ଜାହାଜଟିକୁ ଅଜ୍ଞାନର ଅନ୍ଧକାର-ସମୁଦ୍ର ମଧ୍ୟରେ ବାଟ ଦେଖାଇ ନେଇ ଯିବା ପାଇଁ ସଂଗ୍ରାମ କରିବାରେ ଲାଗିଛନ୍ତି, କଳାରଙ୍ଗ ସେହି ବ୍ୟକ୍ତିମାନଙ୍କର ଅନ୍ଧତାକୁ ମଧ୍ୟ ସୂଚାଇ ଦେଇ ଯାଉଛି ।

ଆମେ ଆଶା କରୁଛୁ ଯେ ଭବିଷ୍ୟତରେ ଗୋଟିଏ ଧଳାରଙ୍ଗର ବଳୟ ଏହି କଳାରଙ୍ଗର ବଳୟର ସ୍ଥାନାପନ୍ନ ହୋଇ ବ୍ୟବହୃତ ହେବ । ଯେତେବେଳେ ମନୁଷ୍ୟ ଜଗତର ଘଟନାବଳୀରେ ଏକ ନୂଆ ମୋଡ଼ ଆସି ପଡ଼ିବ, ଯେତେବେଳେ ଏକ ନୂତନ ଆଲୋକର, ସେହି ନୂତନ ଚେତନାର ଶୁଭ୍ର, ଉଜ୍ଜ୍ୱଳ ଏବଂ ଆତ୍ମଦୀପ୍ତ ଆଲୋକର ପ୍ରଭାତଟି ଦ୍ୱାରା ଅଜ୍ଞାନର ଛାୟାମାନ ଅପସୃତ ହୋଇଯିବ, ଏବଂ ଯେତେବେଳେ ଏହି ଉଜ୍ଜ୍ୱଳ ସନ୍ଦୀପ୍ତତା ଆଡ଼କୁ ମୁହଁ କରି ଅଭିଳଷିତ ସେହି ପରମ ଭବିଷ୍ୟ ଅଭିମୁଖରେ ଅଗ୍ରସର ହୋଇ ଚାଲି ଯାଉଥିବା ବ୍ୟକ୍ତିମାନେହିଁ ସେହି ଜାହାଜଟିର ଚାଳକ ହୋଇ ବାହାରିବେ, ଏକଥା ସେତିକିବେଳେ ସମ୍ଭବ ହେବ ।§

ବୁଲେଟିନ୍, ନଭେମ୍ବର ୧୯୪୯

# ଚମ୍ପିଆନ ହୋଇଥିବାର ସନ୍ତକ

ବର୍ଷର ଏହି ଚତୁର୍ଥାଂଶରେ ଶ୍ରୀଅରବିନ୍ଦ ଆଶ୍ରମ ତରୁଣ ଖେଳାଳିସଂଘର ଯେଉଁ କ୍ରୀଡ଼ା-ପ୍ରତିଯୋଗିତା ହୋଇ ଚମ୍ପିଆନ୍‌ମାନଙ୍କୁ ବଛା ଯାଇଥିଲା, ସେଥିରେ ପ୍ରତ୍ୟେକ ଉପଗୋଷ୍ଠୀର ଚମ୍ପିଆନ୍‌କୁ ପୁରସ୍କାର ରୂପେ ଚମ୍ପିଆନ ହୋଇଥିବାର ଗୋଟିଏ ସନ୍ତକ ମିଳିଲା । ଏହି ସନ୍ତକର ଆକାର ହେଉଛି ସୁନେଲି ରଙ୍ଗର ଗୋଟିଏ କଇଁଚର ଆକାର ପରି ଏବଂ ତାହାର କେନ୍ଦ୍ରସ୍ଥାନରେ ନାଲି ରଙ୍ଗର ଗୋଟିଏ ପୂର୍ଣ୍ଣବୃତ୍ତ ଅଙ୍କିତ ହୋଇ ରହିଛି । ସେହି ବୃତ୍ତରୁ ବାରଗୋଟି ଶୁଭ୍ର କିରଣ ରେଖା ବିକୀର୍ଣ୍ଣ ହୋଇ ଆସୁଛି ।

ଏହି ସନ୍ତକଟିର ଆକାର ଏବଂ ରଙ୍ଗଟି ପଛରେ ଏକ ଗୂଢ଼ବିଦ୍ୟାଗତ ତାତ୍ପର୍ଯ୍ୟ ରହିଛି ଏବଂ ନିମ୍ନଲିଖିତ ପ୍ରକାରେ ସେହି ତାତ୍ପର୍ଯ୍ୟର ବ୍ୟାଖ୍ୟା କରାଯାଇପାରେ :

କଇଁଚଟି ହେଉଛି ପାର୍ଥିବ ଅମରତ୍ୱର ପ୍ରତୀକ; ଅର୍ଥାତ୍ ତାହା ଏହି ପୃଥିବୀରେହିଁ ଏହି ଭୌତିକ ଶରୀରର ଅମରତ୍ୱକୁ ସୂଚିତ କରିଦେଉଛି । ଲାଲରଙ୍ଗର କେନ୍ଦ୍ରଟିକୁ ଆମେ ସନ୍ଦୀପିତ ଭୌତିକର ପ୍ରତୀକ ବୋଲି ଜାଣିବା, ଏବଂ ସେଥିରୁ ପରମସତ୍ୟର ସେହି ସଂପୂର୍ଣ୍ଣ ଆଲୋକଟିର ବାରଗୋଟି ଶୁଭ୍ର କିରଣରେଖା ନିର୍ଗତ ହୋଇ ଆସୁଛି । ସେହି କିରଣରେଖାଗୁଡ଼ିକୁ ବକ୍ର ଭାବରେ ଦେଖାଇଦେବା ଦ୍ୱାରା ଏହି କଥାଟିର ସୂଚନା ମିଳୁଛି ଯେ ଆପଣାର ସ୍ୱଭାବ ତଥା କ୍ରିୟାଶୀଳତାର କ୍ଷେତ୍ରରେ ସେହି ଆଲୋକକୁ ଆମେ ଏକ ଗତିଶୀଳ ଆଲୋକ ବୋଲି ଜାଣିବା ।

କଇଁଚ ଦେହର ସୁନେଲି ରଙ୍ଗର ଅର୍ଥ ହେଉଛି ଯେ କେବଳ ସେହି ପରମ ଅତିମାନସହିଁ ଏହି ପାର୍ଥିବ ଅମରତ୍ୱର ଅବଲମ୍ବନ ହୋଇ ରହିଛି ଏବଂ କେବଳ ତାହାରି ଦ୍ୱାରାହିଁ ଯାବତୀୟ ରୂପାନ୍ତର ସମ୍ଭବ ହୋଇ ପାରିବ ।§

*ବୁଲେଟିନ୍, ନଭେମ୍ବର ୧୯୪୯*

# କ୍ରୀଡ଼ା-ପ୍ରତିଯୋଗିତା

ଜାନୁଆରୀ, ଫେବ୍ରୁଆରି, ମାର୍ଚ୍ଚ ଓ ଏପ୍ରିଲ୍ – ଏହି ଚାରୋଟି ମାସ ହେଉଛି ଆମ ଲାଗି କ୍ରୀଡ଼ା ପ୍ରତିଯୋଗିତାର ମାସ । ଏହି ପ୍ରତିଯୋଗିତାଗୁଡ଼ିକରେ ସାନ ବଡ଼ ସମସ୍ତେ ସମାନ ଉତ୍ସାହରେ ଅଂଶଗ୍ରହଣ କରନ୍ତି । ମାତ୍ର ଏଠାରେ ମୁଁ ଅବଶ୍ୟ କହିବି ଯେ ସେମାନେ ସାଧାରଣ କ୍ରୀଡ଼ା ପ୍ରତିଯୋଗୀମାନଙ୍କର ମନୋଭାବ ନେଇ ଏଗୁଡ଼ିକରେ କଦାପି ଭାଗ ନିଅନ୍ତି ନାହିଁ । କାରଣ ଏହି ପ୍ରତିଯୋଗିତାଗୁଡ଼ିକରେ ଜୟଲାଭ କରିବା ନୁହେଁ, ମାତ୍ର, ଆପଣା କ୍ରୀଡ଼ାକୁଶଳତାର ସର୍ବୋତ୍ତମ ପରିଚୟ ଦେବା ଲାଗି ଏବଂ ଏହିପରି ଭାବରେ ଏକ ନୂତନ ଅଗ୍ରଗତି ଆଡ଼କୁ ଆପଣାକୁ ଉନ୍ମୁକ୍ତ କରିଦେବା ଲାଗିହିଁ ଆମେ ସର୍ବଦା ପ୍ରୟାସଶୀଳ ହୋଇ ରହିଥାଉ ।

ସଫଳତା-ଲାଭ ଆମର ଲକ୍ଷ୍ୟ ନୁହେଁ । ଆମର ଲକ୍ଷ୍ୟ ହେଉଛି ପରିପୂର୍ଣ୍ଣ ନୈପୁଣ୍ୟର ଉପଲବ୍ଧି ।

ଏସବୁ ପ୍ରତିଯୋଗିତାରେ ଯୋଗ ଦେଇ ଆମେ କୌଣସି ଖ୍ୟାତି ବା ଯଶଃର କାମନା କରୁ ନାହିଁ; ଏହାଦ୍ୱାରା ଆମେ ଏକ ଦିବ୍ୟ ରୂପାୟନ ଲାଗି ଆପଣାର ପ୍ରସ୍ତୁତ ହେବାର ଇଚ୍ଛାଟିକୁହିଁ ବ୍ୟକ୍ତ କରିଥାଉ । ଏବଂ ସେଇଥି ଲାଗି ଆମେ ପୂର୍ଣ୍ଣ ସାହସର ସହିତ ଏହି କଥାଟିକୁ ଅବଶ୍ୟ କହିପାରୁ : କିଛି ହୋଇଥିବା ପରି ପ୍ରତୀତ ହେବା ଅପେକ୍ଷା ପ୍ରକୃତରେ କିଛି ହୋଇ ପାରିବା ସର୍ବଦାହିଁ ଅଧିକ ଭଲ । ଯଦି ଆମ ଭିତରେ ପୂର୍ଣ୍ଣ ଆନ୍ତରିକତା ରହିଥାଏ, ତେବେ ବାହାରକୁ ଭଲ ବୋଲି ଦେଖାଯିବାରେ ଆମର ଆଦୌ କୌଣସି ପ୍ରୟୋଜନ ନାହିଁ । ଏବଂ, ପୂର୍ଣ୍ଣ ଆନ୍ତରିକତା କହିଲେ ଆମେ ଏହାହିଁ ବୁଝୁଛୁ ଯେ, ଆମର ଯାବତୀୟ ଭାବନା, ଯାବତୀୟ ଅନୁଭବ, ଯାବତୀୟ ଇନ୍ଦ୍ରିୟବୋଧ ଓ କାର୍ଯ୍ୟ କେବଳ ଆମ ସତ୍ତାର ସେହି କେନ୍ଦ୍ରସ୍ଥ ପରମ ସତ୍ୟଟିକୁହିଁ ଅଭିବ୍ୟକ୍ତ କରି ଆଣୁଥିବ ।

*ବୁଲେଟିନ୍, ଏପ୍ରିଲ୍ ୧୯୫୦*

# ବିଭିନ୍ନ ଗୋଷ୍ଠୀଗୁଡ଼ିକୁ ଉତ୍ତର*

## ଗୋଷ୍ଠୀ 'କ'

*ମାଆ, ଆପଣ ଆମ ଲାଗି ପଥଟିକୁ ସକଳ ବିପଦ ଓ ସକଳ ବିଘ୍ନରୁ ମୁକ୍ତ କରି ରଖିଛନ୍ତି । ସେହି ପଥ ସୁନିଶ୍ଚିତ ଭାବରେ ଆମକୁ ଲକ୍ଷ୍ୟସ୍ଥଳକୁ ପରିଚାଳିତ କରି ନେଇଯିବ । ଏବଂ ଯେତେବେଳେ ଚୂଡ଼ାନ୍ତ ବିଜୟଟି ହାସଲ ହୋଇଯିବ, ସେତେବେଳେ ତାହା ଅବଶ୍ୟ ସେହି ଅନନ୍ତପଦକୁ ପ୍ରାପ୍ତ କରିବ ।*

*ମାଆ, ଆପଣ ଆମକୁ ସବୁବେଳେ ସବୁଜ କରି ରଖିଥା'ନ୍ତୁ, ଯେପରିକି ଆମେ କୌଣସି ପ୍ରକାରେ ଅଟକି ନ ଯାଇ ଆପଣ ଏତେ ଶ୍ରମ କରି ଆମ ଲାଗି ପ୍ରସ୍ତୁତ କରି ଦେଇଥିବା ମାର୍ଗଟିରେ ଅଗ୍ରସର ହେବାରେ ଲାଗିଥାଉ ।*

ମୋର କୁନିକୁନି ପିଲାଏ, ତୁମେମାନେହିଁ ଆଶା, ତୁମେମାନେହିଁ ଭବିଷ୍ୟତ୍ । ଏହି ତାରୁଣ୍ୟକୁ ତୁମେମାନେ ସବୁବେଳେ ବଜାୟ ରଖିଥିବ, ଏହି ତାରୁଣ୍ୟ ହେଉଛି ଅଗ୍ରଗତି କରିବାର ସାମର୍ଥ୍ୟ । ''ଏଇଟା ଅସମ୍ଭବ''– ଏହି ବାକ୍ୟଟାର ତୁମମାନଙ୍କ ଲାଗି ଆଦୌ କୌଣସି ଅର୍ଥ ରହିବ ନାହିଁ ।

*୨୨ ଏପ୍ରିଲ ୧୯୪୯*

*

## ଗୋଷ୍ଠୀ 'ଖ'

*ମାଆ, ଆମେ ସମସ୍ତେ ଆପଣଙ୍କରହିଁ ଜଣେ ଜଣେ ଅନୁଗତ ସୈନିକ ହୋଇ ରହିବୁ, ଆପଣଙ୍କର ଚୂଡ଼ାନ୍ତ ବିଜୟ ଲାଗି ସଂଗ୍ରାମ କରିବୁ ।*

*ମଧୁମୟୀ ମାଆଙ୍କର ବିଜୟ ହେଉ !*

---

* ଗୋଷ୍ଠୀଗୁଡ଼ିକ ସର୍ବପ୍ରଥମେ ଯେପରି ଗଢ଼ା ହୋଇଥିଲେ, ଏଠାରେ ସେହି ଅନୁସାରେ ସେଗୁଡ଼ିକର ତାଲିକା ହୋଇଛି । ପରବର୍ତ୍ତୀ କାଳରେ ସେଗୁଡ଼ିକର ଏକ ପୁନର୍ସଂଗଠନ କରାଯାଇଛି ।

## ବିଜୟ ଲାଗି ଆହ୍ୱାନ

ହେ ମୋ'ର ବୀର କୁନି ସୈନିକମାନେ, ତୁମେମାନେ ମୋ'ର ଅଭିବାଦନ ଗ୍ରହଣ କର । ସେହି ମହାନ୍ ବିଜୟର ସମ୍ମୁଖୀନ ହେବାକୁ ମୁଁ ତୁମମାନଙ୍କୁ ଆହ୍ୱାନ କରୁଛି ।

*୩ ଏପ୍ରିଲ୍ ୧୯୪୯*

*

## ଗୋଷ୍ଠୀ 'ଗ'

*ହେ ଈଶ୍ୱର, ତୁମେ ତୁମର ମହାନ୍ କର୍ମୀମାନଙ୍କୁ ସକଳ ଅଜ୍ଞାନରୁ ମୁକ୍ତ କରି ଆଣ ଏବଂ ଚରମ ଉପଲବ୍ଧିଟି ଆଡ଼କୁ ରହିଥିବା ନିକଟତମ ପଥରେହିଁ ତୁମେ ସେମାନଙ୍କର ଶୁଦ୍ଧତାର ମାନଟିକୁ ପରିଚାଳିତ କରି ନେଇଯାଅ ।*

*ଆମର ଇଚ୍ଛା ନୁହେଁ, କେବଳ ତୁମରି ଇଚ୍ଛାଟିହିଁ ପୂରଣ ହେଉ ।*

ଯେଉଁ କର୍ମୀମାନେ ଆପଣା ଭିତରର ସକଳ ପଶୁତ୍ୱକୁ ସଂପୂର୍ଣ୍ଣ ଭାବରେ ଅତିକ୍ରମ କରି ସେ ପାଖକୁ ଚାଲି ଯାଇଥିବେ, ପରମେଶ୍ୱର କେବଳ ସେହିମାନଙ୍କୁହିଁ ମହାନ୍ କର୍ମୀ ବୋଲି ଅଭିହିତ କରିବେ । ତେଣୁ ଆମେ ସମସ୍ତେ ସର୍ବପ୍ରଥମେ ତାଙ୍କର ଅନୁଗତ ଏବଂ ନିଷ୍ଠାପର କର୍ମୀ ରୂପେ ଆପଣାକୁ ତିଆରି କରିବା, ଏବଂ ଯେତେବେଳେ ବର୍ତ୍ତମାନର ଏହି ଅପେକ୍ଷାକୃତ ଅଧିକ ସାଧାରଣ କାର୍ଯ୍ୟକ୍ରମଟି ହାସଲ ହୋଇଯିବ, ସେତେବେଳେ ଆମେ ଆପଣାକୁ ଆହୁରି ବଡ଼ ବଡ଼ ଉପଲବ୍ଧି ଲାଗି ମଧ୍ୟ ପ୍ରସ୍ତୁତ କରିପାରିବା ।

*୨୩ ଏପ୍ରିଲ ୧୯୪୯*

*

## ଗୋଷ୍ଠୀ 'ଘ'

*ମାଆ, ଆମେ ସମସ୍ତେ ଆପଣଙ୍କର ଜଣେ ଜଣେ ବୀର ଯୋଦ୍ଧା ହୋଇ ତିଆରି ହେବାକୁ ଚାହୁଁ । ଆମେ ସେହି ସର୍ବଶେଷ ବିଜୟ ପର୍ଯ୍ୟନ୍ତ ଆପଣଙ୍କର ଅନୁଗାମୀ ହୋଇ ରହିବାକୁ ଚାହୁଁ ।*

ଏକ ଅବିଚଳ ଏକନିଷ୍ଠ ହୃଦୟ ସହିତ ଆମେ ସମସ୍ତେ ସେହି ପରମ ବିଜୟର ପ୍ରାପ୍ତି ଲାଗି ଇଚ୍ଛା ରଖିଛୁ ସତ, ମାତ୍ର ଆମକୁ ପାହାଚ ପାହାଚ କରିହିଁ ସେହି ବିଜୟକୁ ହାସଲ କରିବାକୁ ପଡ଼ିବ । ଏକ କର୍ତ୍ତବ୍ୟନିଷ୍ଠ ଶୃଙ୍ଖଳା ହେଉଛି ସେହି ଦିଗରେ ସର୍ବପ୍ରଥମ ସୋପାନ । ତୁମେ ପାଇଥିବା ନୂତନ ପରିଚ୍ଛଦଟିହିଁ ତୁମ ଲାଗି ତାହାକୁ ହାସଲ କରିବାର ପ୍ରତୀକ ହୋଇ ରହୁ ।

*୧୭ ଏପ୍ରିଲ ୧୯୪୯*

*

## ଗୋଷ୍ଠୀ 'ଘ' 'ଛ'

*ମାଆ, ଆମେ ତୁମର ଏହି କୁନି ପିଲାମାନେ ତୁମର ସେହି ସର୍ବଶକ୍ତିଶାଳୀ ପରମ ଆଲୋକଟି ଲାଗି ଅଭୀପ୍ସା କରି ବାହାରିଛୁ । ଏବଂ ମାଆ, ତୁମେ ଆମକୁ ସେହି ସର୍ବଶେଷ ବିଜୟଟି ଲାଗି ସୁନିଶ୍ଚିତ ନିର୍ଭର ମଧ୍ୟ ଦେଇସାରିଛ । ଆମେ ତୁମର ଅନୁଗତ, ନିଷ୍ଠାଯୁକ୍ତ, ସାହସୀ ଏବଂ ସୁଶୃଙ୍ଖଳିତ ସୈନିକ ହୋଇ ତିଆରି ହେଉ ବୋଲି ତୁମେ ଅଭିପ୍ରାୟ ରଖିଛ ।*

*ମାଆ, ଆମେ ତୁମ ପାଖରେ ବର୍ତ୍ତମାନ ଏହି ଶପଥ କରୁଛୁ । ଆମେ ଠିକ୍ ସେହିପରି ହେବୁ ବୋଲି ସଂକଳ୍ପବଦ୍ଧ ହୋଇଛୁ । ଭିତରେ କୌଣସି ପ୍ରକାର ଦ୍ୱିଧା ନ ରଖି ଆପଣାକୁ ତୁମରି ହାତରେ ସମର୍ପିତ କରି ରଖିବା ଲାଗି ଆମେ ସର୍ବୋପରି ସଂକଳ୍ପବଦ୍ଧ ହୋଇ ରହିଛୁ । ସେହି କଥାଟିକୁ କରିପାରିବା ସକାଶେ ତୁମେ ଆମକୁ ଶକ୍ତି ପ୍ରଦାନ କର ।*

ମୁଁ ତୁମମାନଙ୍କର ଶପଥଟିକୁ ସ୍ୱୀକାର କରୁଛି । ଏବଂ, ସେଇଟିକୁ ଉପଲବ୍ଧି କରିବା ଦିଗରେ ତୁମମାନଙ୍କୁ ମୋର ସହାୟତା ଉପଲବ୍ଧ ହେବା ବିଷୟରେ ତୁମେମାନେ ନିଶ୍ଚିନ୍ତ ହୋଇ ରହିବ ବୋଲି ମୁଁ ତୁମମାନଙ୍କୁ ଆହ୍ୱାନ କରୁଛି । ଯେଉଁମାନେ ବୁଢ଼ା ହୋଇ ଯିବାକୁ ନିଜେ ଇଚ୍ଛା କରନ୍ତି, କେବଳ ସେହିମାନେହିଁ ବୁଢ଼ା ହୋଇଯାଆନ୍ତି ।

ତୁମେମାନେ ଅଗ୍ରସର ହୁଅ, ଭୟମୁକ୍ତ ଓ ନିଃସଙ୍କୋଚ ଭାବରେ ତୁମେମାନେ ଆହୁରି ଅଗ୍ରସର ହୋଇଯାଅ ।

*୨୨ ଏପ୍ରିଲ ୧୯୪୯*

*

## ଗୋଷ୍ଠୀ 'ଘ' 'ଠ'

*ଦିବ୍ୟ ଜନନି, ଆମେ ଏହି ପ୍ରାର୍ଥନାଟିକୁ ଆପଣଙ୍କ ଚରଣରେ ନିବେଦନ କରୁଛୁ : ଆମକୁ ଆପଣ ଏତିକି ଅନୁଗ୍ରହ କରନ୍ତୁ, ଯେପରି ଆମେ ଆପଣଙ୍କର ଅନୁଗତ ଓ ନିଷ୍ପାପର ସୈନିକ ହୋଇ ରହିବୁ; ପ୍ରତିକୂଳ ଶକ୍ତିଗୁଡ଼ିକ ସହିତ ସଂଗ୍ରାମ କରିବାରେ ଓ ଆପଣଙ୍କର ବିଜୟଟିକୁ ହାସଲ କରିବାରେ ଆପଣଙ୍କର ଶକ୍ତିହିଁ ଆମକୁ ସର୍ବଦା ସମର୍ଥ କରି ରଖିଥାଉ ।*

*ଜନନୀଙ୍କରହିଁ ବିଜୟ ହେଉ !*

ତୁମେମାନେ ସତତ ବିଶ୍ୱାସଯୁକ୍ତ ହୁଅ, ଅଧ୍ୟବସାୟୀ ହୁଅ;– ତେବେ ଉପଲବ୍ଧିଟି ମଧ୍ୟରେ ତୁମମାନଙ୍କୁ ତୁମମାନଙ୍କର ଭାଗ ଅବଶ୍ୟ ମିଳିବ ।

*୨୨ ଏପ୍ରିଲ ୧୯୪୯*

*

## ଗୋଷ୍ଠୀ 'ଙ'

*ଆପଣ ଆମକୁ ଯାହା ହେବା ଲାଗି ଇଚ୍ଛା କରୁଛନ୍ତି, ଆମେମାନେ ଠିକ୍ ତାହାହିଁ ହେବୁ !*

ତୁମମାନଙ୍କର ଆନ୍ତରିକତାରେ ମୋର ସଂପୂର୍ଣ୍ଣ ଆସ୍ଥା ରହିଛି । ମୋର ସହାୟତା ଉପରେ ବିଶ୍ୱାସ ରଖିଥିବ ।

*

## ଅଧିନାୟକମାନଙ୍କର ଗୋଷ୍ଠୀ

ଶରୀରଶିକ୍ଷା ବିଭାଗର ସବୁ ଅଧିନାୟକଙ୍କୁ :

ତୁମେମାନେ ଆଗୁଆ ବିଶିଷ୍ଟ ଦଳ ହୋଇ ରହିପାରିବ । ତୁମମାନଙ୍କୁ ତାହାହିଁ ହେବାକୁ ପଡ଼ିବ । ମୁଁ ଚିନ୍ତା କରୁଥିଲି ଯେ ଆଶ୍ରମରେ ଏପରି ଗୋଟିଏ କେନ୍ଦ୍ର ରହିବ ଯାହାର ଚାରିପାଖରେ କି ସବୁକିଛିକୁ ସଙ୍ଗଠିତ କରି ରଖାଯାଇ ପାରିବ । ଶରୀରଶିକ୍ଷା

ବିଭାଗର ଅଧିନାୟକମାନେହିଁ ଶରୀର ଶିକ୍ଷା ବିଭାଗର କେନ୍ଦ୍ରପରି କାର୍ଯ୍ୟ କରିପାରିବେ । ସେମାନଙ୍କର ସଂଖ୍ୟା ଖୁବ୍ ବେଶୀ ହେବାର ଆଦୌ କୌଣସି ପ୍ରୟୋଜନ ନାହିଁ । ମାତ୍ର ଅତ୍ୟନ୍ତ ଉତ୍ତମ ଭାବରେ ବାଛି ବାଛି ସେମାନଙ୍କୁ ଠିକ୍ କରାଯିବ,— ସେମାନେ ପ୍ରକୃତରେ ପ୍ରଥମ ଶ୍ରେଣୀରହିଁ ହୋଇଥିବେ, ଅତିମାନବତ୍ୱର ଯଥାର୍ଥ ଭାଜନ ହୋଇଥିବେ । ସେହି ମହାନ୍ ଦିବ୍ୟ କର୍ମଟି ଲାଗି ସେମାନେ ନିଜକୁ ସଂପୂର୍ଣ୍ଣ ଭାବରେ ଓ ବିନା ସଙ୍କୋଚରେ ଦେଇଦେବା ଲାଗି ପ୍ରସ୍ତୁତ ହୋଇ ରହିଥିବେ । ତୁମମାନଙ୍କ ପାଖରୁ ମୁଁ ସେହି କଥାରହିଁ ପ୍ରତ୍ୟାଶା ରଖୁଛି । ତାହାହିଁ ତୁମମାନଙ୍କର କାର୍ଯ୍ୟକ୍ରମ ହୋଇ ରହିବା ଉଚିତ ।

*ମାର୍ଚ୍ଚ ୧୯୬୧*

*

*ମାଆ,*

*ଆପଣ ଆମ ଲାଗି ଯେଉଁ ଲକ୍ଷ୍ୟଟିକୁ ସ୍ଥିର କରି ଦେଇଛନ୍ତି, ଆମେ ସମସ୍ତେ ଏକତ୍ର ହୋଇ ସେହି ଲକ୍ଷ୍ୟର ପ୍ରାପ୍ତି ଲାଗି କାର୍ଯ୍ୟ କରିବାର ଅଭୀପ୍ସା ରଖୁଛୁ ।*

*ଏହି ମହାନ୍ କାର୍ଯ୍ୟଟିର ସାଧନ ଲାଗି ଆବଶ୍ୟକ ହେଉଥିବା ସାଧୁତା ଆପଣ ଆମକୁ ଦିଅନ୍ତୁ, ସାହସ ଦିଅନ୍ତୁ, ଅଧ୍ୟବସାୟ ଓ ଆନ୍ତରିକତା ଦିଅନ୍ତୁ ।*

*ଆପଣ ଆମ ଭିତରେ ଏପରି ଗୋଟିଏ ଶିଖା ପ୍ରଜ୍ୱଳିତ କରି ଦିଅନ୍ତୁ, ଯାହାକି ଯାବତୀୟ ପ୍ରତିରୋଧକୁ ଜାଳି ପାଉଁଶ କରିଦେବ ଏବଂ ଆପଣଙ୍କର ଅନୁଗତ ପରିକର ହୋଇ ରହିବା ଲାଗି ଆମକୁ ଉପଯୁକ୍ତ କରି ତିଆରି କରି ଆଣିବ ।*

ମୋ ସନ୍ତାନମାନେ,

ଆମେ ସେହି ଗୋଟିଏ ଲକ୍ଷ୍ୟ ଏବଂ ଗୋଟିଏ ଉପଲବ୍ଧି ନିମନ୍ତେ ଏକତ୍ରିତ ହୋଇଛୁ । ଯେଉଁ ଅସାମାନ୍ୟ ଏବଂ ଅଭିନବ କାର୍ଯ୍ୟଟିକୁ ସାଧନ କରିବା ଲାଗି ଭଗବତ୍ ପରମ କରୁଣା ଆମକୁ ଅଭିପ୍ରେତ କରି ରଖିଛନ୍ତି, ଆମେ ସେଇଟି ଲାଗିହିଁ ସମ୍ମିଳିତ ହୋଇଛୁ । ମୁଁ ଆଶା କରୁଛି ଯେ ତୁମେମାନେ ଏହି କାର୍ଯ୍ୟଟିର ବିଶେଷ ମହତ୍ତ୍ୱଟିକୁ ଅଧିକରୁ ଅଧିକ ପରିମାଣରେ ହୃଦୟଙ୍ଗମ କରିବ, ଏବଂ ସେହି କାର୍ଯ୍ୟଟିକୁ ସାଧନ କରିବା ଦ୍ୱାରା ତୁମେ ଯେଉଁ ଗଭୀର ଆନନ୍ଦଟିର ଅଧିକାରୀ ହେବାକୁ ଯାଉଛ, ଆପଣା ଭିତରେ ତୁମେମାନେ ସେହି ଆନନ୍ଦଟିର ଏକ ପୂର୍ବାନୁଭବ ବି ଲାଭ କରିବ ।

ଦିବ୍ୟଶକ୍ତି ତୁମମାନଙ୍କ ସହିତହିଁ ରହିଛି । ତୁମେମାନେ ଅଧିକରୁ ଅଧିକ ପରିମାଣରେ

ତାହାର ସେହି ଉପସ୍ଥିତିଟିକୁ ଅନୁଭବ କର ଏବଂ ତାହାଙ୍କୁ ଯେପରି କୌଣସି ପ୍ରକାରେ ପ୍ରବଞ୍ଚିତ କରି ନ ପକାଅ, ସେଥିଲାଗି ସାବଧାନ ରହିଥାଅ ।

ଏକ ନୂତନ ଜଗତର ଉପଲବ୍ଧି ଲାଗି ତୁମେ ଯେପରି ଗୋଟିଏ ଗୋଟିଏ ନୂତନ ସତ୍ତା ରୂପେ ତିଆରି ହୋଇ ପାରିବ, ତୁମେମାନେ ସେଇ କଥାଟିକୁ ଅନୁଭବ କର, ସେହି ଇଚ୍ଛାଟିକୁ ପୋଷଣ କର ଏବଂ ସେଇଥି ଲାଗି କାର୍ଯ୍ୟ ମଧ୍ୟ କର; ଏବଂ ସେଥି ନିମନ୍ତେ ମୋର ଆଶୀର୍ବାଦ ତୁମମାନଙ୍କ ସହିତ ସର୍ବଦା ଅବଶ୍ୟ ରହିଥିବ ।

*୨୪ ଏପ୍ରିଲ ୧୯୬୧*

# ପ୍ରତିଯୋଗିତାଗୁଡ଼ିକ ନିମନ୍ତେ ପ୍ରେରିତ ବାଣୀ

## କ୍ରୀଡ଼ା ପ୍ରତିଯୋଗିତା ୧୯୫୯

ଆମର ସ୍ଥୂଳ ଚକ୍ଷୁଗୁଡ଼ିକ, ଉପରୁ ଯେଉଁ ପ୍ରତିଭାସଗୁଡ଼ିକୁହିଁ ଦେଖିବାକୁ ସମର୍ଥ ହେଉଛନ୍ତି, ସେଗୁଡ଼ିକର ପଶ୍ଚାତରେ ଅଧିକ ମୂର୍ତ୍ତ ଓ ଅଧିକ ଦୀର୍ଘସ୍ଥାୟୀ ଏକ ବାସ୍ତବତା ବିଦ୍ୟମାନ ରହିଛି । ସେହି ବାସ୍ତବତାଟି ମଧ୍ୟରେହିଁ ମୁଁ ଆଜି ତୁମମାନଙ୍କ ସହିତ ଉପସ୍ଥିତ ଅଛି ଏବଂ କ୍ରୀଡ଼ାନୁଶୀଳନର ଏହି ସମସ୍ତ ଋତୁଟିରେ ମଧ୍ୟ ତୁମମାନଙ୍କ ସହିତ ରହିଥିବି । ସେହି ଯଥାର୍ଥ ଶକ୍ତି ଓ ବଳଟି, ସେହି ଆଲୋକ ଓ ଚେତନାଟି ସତତ ତୁମମାନଙ୍କ ମଧ୍ୟରେ ରହିଥିବ ଓ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ ତା'ର ଗ୍ରହଣଶୀଳତା ଅନୁସାରେ ତା'ର ଉଦ୍ୟମଟିରେ ସଫଳତା ପ୍ରଦାନ କରୁଥିବ ଓ ଯାବତୀୟ ନିଷ୍ଠାପର ପ୍ରୟାସର ପୂର୍ଣ୍ଣ ପରିଣାମ ସ୍ୱରୂପ ଯଥାର୍ଥ ଅଗ୍ରଗତି ଲାଗି ମଧ୍ୟ ତୁମମାନଙ୍କୁ ପ୍ରସ୍ତୁତ କରି ଆଣୁଥିବ ।

*୧୯ ଜୁଲାଇ ୧୯୫୯*

*

## ଜିମ୍‌ନାଷ୍ଟିକ୍ ପ୍ରତିଯୋଗିତା ୧୯୫୯

କ୍ରୀଡ଼ା-ପ୍ରତିଯୋଗିତାର ଆରମ୍ଭ ସମୟରେ ତୁମମାନଙ୍କୁ ଯାହା କହିଥିଲି, ଜିମ୍‌ନାଷ୍ଟିକ୍ ପ୍ରତିଯୋଗିତା ଲାଗି ମଧ୍ୟ ଠିକ୍ ତାହାହିଁ କହିବି; ମୁଁ ତୁମମାନଙ୍କ ସହିତ ସବୁବେଳେ ରହିଥିବି, ତୁମମାନଙ୍କ ପ୍ରୟାସରେ ସହାୟତା କରୁଥିବି ଏବଂ ତୁମମାନଙ୍କର କ୍ରୀଡ଼ାକୌଶଳର ପ୍ରଦର୍ଶନଗୁଡ଼ିକୁ ଖୁବ୍ ଉପଭୋଗ କରୁଥିବି ।

ମୋ'ର ଅନେକ ଆଶୀର୍ବାଦ ।

*୧୬ ଅକ୍‌ଟୋବର ୧୯୫୯*

*

## କ୍ରୀଡ଼ା-ପ୍ରତିଯୋଗିତା ୧୯୬୦

ଆନନ୍ଦ ଏବଂ ବିଶ୍ୱାସର ସହିତ ସମସ୍ତେ ସେମାନଙ୍କର ସର୍ବୋତ୍ତମ ସାମର୍ଥ୍ୟର ପରିଚୟ

ଦିଅନ୍ତୁ । ମୋ'ର ଶକ୍ତି, ମୋ'ର ସହାୟତା ଓ ମୋ'ର ଆଶୀର୍ବାଦ ତୁମମାନଙ୍କ ସହିତ ସବୁବେଳେ ରହିଥିବ ।

*୨୧ ଅଗଷ୍ଟ ୧୯୬୦*

*

## କ୍ରୀଡ଼ା-ପ୍ରତିଯୋଗିତା ୧୯୬୨

ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବାର କୌଣସି ମହଦାକାଙ୍କ୍ଷା ରଖିବା ପରିବର୍ତ୍ତେ ତୁମେମାନେ ଯଥାସମ୍ଭବ ନିଜର ସର୍ବୋତ୍ତମ ସାମର୍ଥ୍ୟର ପରିଚୟ ଦେବା ଲାଗିହିଁ ଏକ ବଳିଷ୍ଠ ଇଚ୍ଛା ରଖିଥିବ ।

ସଫଳତା ହାସଲ କରିବା ଲାଗି ରହିଥିବା ବାସନାଟି ବଦଳରେ ଅଗ୍ରଗତି ଲାଗି ଏକ ବଳବତୀ ଆକାଙ୍କ୍ଷା ରହିଥିବ ।

ଖ୍ୟାତି ଅର୍ଜନ କରିବା ଲାଗି ରହିଥିବା ଉତ୍ସୁକତା ବଦଳରେ ଅଧିକରୁ ଅଧିକ ପରିପୂର୍ଣ୍ଣତା ହାସଲ କରିବା ଲାଗି ଏକ ଅଭୀପ୍ସା ରହିଥିବ ।

ଶାରୀରିକ ଶିକ୍ଷା ତୁମମାନଙ୍କ ଶରୀର ମଧ୍ୟରେ ଚେତନା ଓ ନିୟନ୍ତ୍ରଣ ଶକ୍ତି ଆଣିଦେବ, ଶୃଙ୍ଖଳା ଏବଂ ପ୍ରଭୁତ୍ୱ ଆଣିଦେବ; ଏକ ଉଚ୍ଚତର ଏବଂ ଅଧିକ ଉତ୍ତମ ଜୀବନ ଲାଗି ଆବଶ୍ୟକ ହେଉଥିବା ସବୁକିଛି ଆଣିଦେବ ।

ତୁମେମାନେ ଏହିସବୁ କଥାକୁ ମନରେ ରଖିଥିବ, ପୂର୍ଣ୍ଣ ନିଷ୍ଠାର ସହିତ ଅଭ୍ୟାସ କରୁଥିବ ଏବଂ ତେବେ ତୁମେ ନିଶ୍ଚୟ ଜଣେ ଉତ୍ତମ କ୍ରୀଡ଼ାବିତ୍ ହୋଇ ପାରିବ । ଜଣେ ଯଥାର୍ଥ ମନୁଷ୍ୟ ହୋଇ ପାରିବା ଲାଗି ଏହାହିଁ ହେଉଛି ଯଥାର୍ଥ ମାର୍ଗ ଉପରେ ପ୍ରଥମ ପଦକ୍ଷେପ ।

ଅନେକ ଆଶୀର୍ବାଦ । *୧୫ ଜୁଲାଇ ୧୯୬୨*

*

## କ୍ରୀଡ଼ା-ପ୍ରତିଯୋଗିତା ୧୯୬୩

ଏକ ଦିବ୍ୟଜୀବନର ପରିପ୍ରକାଶ ଲାଗି ଯେଉଁମାନେ ଆପଣାର ଶରୀରକୁ ଉପଯୁକ୍ତ କରି ଗଢ଼ିବାକୁ ଚାହାନ୍ତି, ସେମାନଙ୍କୁ ମୁଁ ଏହି କଥାଟି କହିବା ଲାଗି ଇଚ୍ଛା କରୁଛି, ତୁମେମାନେ କ୍ରୀଡ଼ା-ପ୍ରତିଯୋଗିତାର ଏହି ଅପୂର୍ବ ସୁଯୋଗଟିକୁ କେବେହେଲେ ହରାଇ ଦେବ ନାହିଁ, ଏବଂ କେବେହେଲେ ଏହି କଥାଟିକୁ ଭୁଲି ଯିବ ନାହିଁ ଯେ ଆମେ ଆମ ଜୀବନରେ ଯାହାକିଛି କରିବା, ସେହିସବୁ ପ୍ରତ୍ୟେକଟି କ୍ଷେତ୍ରରେ ପରିପୂର୍ଣ୍ଣତା ଅର୍ଜନହିଁ ଆମର


24-8-64

We are here to lay the foundations of a new world.

All the virtues and skills required to succeed in athletics are exactly those the physical man must have to be fit for receiving and manifesting the new force.

I expect that with this knowledge and in this spirit you will enter this athletic competition and go through it successfully.

My blessings are with you.

ଅଭୀପ୍‌ସିତ କାମ୍ୟ ଓ ଲକ୍ଷ୍ୟ ହୋଇ ରହିବ । କାରଣ ପରିପୂର୍ଣ୍ଣତା ଅର୍ଜନ କରିବା ଲାଗି ଏହି ବଳବତୀ ଆକାଙ୍‌କ୍ଷାହିଁ ଯାବତୀୟ ପ୍ରତିକୂଳତା ଏବଂ ପ୍ରତିବନ୍ଧକ ସତ୍ତ୍ୱେ ଆମକୁ ଆମର ସେହି ପରମ ଲକ୍ଷ୍ୟଟି ଆଡ଼କୁ ପରିଚାଳିତ କରି ନେଇଯିବ ।

ଅନେକ ଆଶୀର୍ବାଦ ।

*୨୧ ଅଗଷ୍ଟ ୧୯୬୩*

*

## କ୍ରୀଡ଼ା ପ୍ରତିଯୋଗିତା ୧୯୬୪

ଏକ ନୂତନ ଜଗତର ଭିତ୍ତି ସ୍ଥାପନ କରିବା ଲାଗି ଆମେ ଏଠାରେ ଏକତ୍ର ହୋଇଛୁ ।

ଯେକୌଣସି କ୍ରୀଡ଼ାପ୍ରତିଯୋଗିତାରେ ସଫଳତା ଲାଭ କରିବାକୁ ହେଲେ ଯେଉଁସବୁ

ଗୁଣ ଓ କୌଶଳ ହାସଲ କରିବାକୁ ହୋଇଥାଏ, ନୂତନ ଶକ୍ତିଟିକୁ ଗ୍ରହଣ କରି ତାହାକୁ ଅଭିବ୍ୟକ୍ତ କରିବା ଲାଗି ମଧ୍ୟ ପ୍ରତ୍ୟେକ ମନୁଷ୍ୟର ଏହି ସ୍ଥୂଳ ଶାରୀରିକ ଭୂମିରେ ଠିକ୍ ସେହି ଗୁଣ ଓ କୌଶଳଗୁଡ଼ିକୁ ଅର୍ଜନ କରିବାର ଆବଶ୍ୟକତା ରହିଛି ।

ମୁଁ ଏହାହିଁ ଆଶା କରୁଛି ଯେ, ଏହି ଜ୍ଞାନ ଏବଂ ଏହି ଅନ୍ତର୍ଗତ ଭାବଟି ସହିତହିଁ ତୁମେମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ପ୍ରବେଶ କରିବ ଏବଂ ସଫଳତାର ସହିତ ଏଇଟିକୁ ଅତିକ୍ରମ କରିଯାଇ ପାରିବ ।

ତୁମମାନଙ୍କ ଲାଗି ମୋର ଅନେକ ଆଶୀର୍ବାଦ ରହିଥିବ ।

*୨୪ ଅଗଷ୍ଟ ୧୯୬୪*

*

## ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ୧୯୬୪

ଅକ୍ଟୋବର ଅଠର ତାରିଖ ଗୋଟିଏ ଭାରି ଭଲ ଦିନ ।
ଜିମ୍ନାଷ୍ଟିକ୍ସ୍ ଗୋଟିଏ ଭାରି ଭଲ ବିଦ୍ୟା ।
ଏବଂ ତୁମେମାନେ ମଧ୍ୟ ଏହି ଜିମ୍ନାଷ୍ଟିକ୍ ଖେଳରେ ନିଶ୍ଚୟ ପାରଦର୍ଶିତା ଦେଖାଇ ପାରିବ ।
ଅନେକ ଆଶୀର୍ବାଦ ।

*୧୮ ଅକ୍ଟୋବର ୧୯୬୪*

*

## ପ୍ରତିଯୋଗିତା ୧୯୬୬

ଏଠାରେ ଆମେ ସମସ୍ତେ ଏକ ବିଶେଷ କାର୍ଯ୍ୟ ଲାଗି ଏକତ୍ରିତ ହୋଇଛୁ ଏବଂ ଏହି କାର୍ଯ୍ୟଟିକୁ ଯେ ଅନ୍ୟ କେଉଁଠିହେଲେ କରାଯାଉ ନାହିଁ, ତୁମମାନଙ୍କୁ ଏହି କଥାଟି ବିଷୟରେ ସ୍ମରଣ କରାଇଦେବା ହୁଏତ ଅଧିକ ଭଲ ହେବ ବୋଲି ମୁଁ ବିଚାର କରୁଛି ।

ଆମେ ସେହି ସର୍ବୋଚ୍ଚ ଚେତନା ଅର୍ଥାତ୍ ସେହି ବିଶ୍ୱଗତ ଚେତନାର ସଂସ୍ପର୍ଶ ଲାଭ କରିବାକୁ ଆକାଙ୍କ୍ଷା ରଖିଛୁ, ଆମେ ସେହି ଚେତନାକୁ ଆମ ଭିତରେ ଅବତୀର୍ଣ୍ଣ କରାଇ ଆଣିବାକୁ ଏବଂ ତାହାର ଅଭିବ୍ୟକ୍ତ ଘଟାଇବାକୁ ଇଚ୍ଛା କରୁଛୁ । ମାତ୍ର ସେଥିଲାଗି ଆମର ଏକ ଦୃଢ଼ ଭିତ୍ତି ରହିବା ଏକାନ୍ତ ଆବଶ୍ୟକ; ଆମର ସ୍ଥୂଳ ସତ୍ତା, ଆମର ଶରୀର ହେଉଛି ଆମର ସେହି ଭିତ୍ତି । ତେଣୁ ଆମକୁ ଏପରି ଏକ ଶରୀର ଗଠନ କରିବାକୁ

ପଡ଼ିବ, ଯାହାକି ନିଦା ହୋଇଥିବ, ସୁସ୍ଥ ରହିଥିବ, ସହିଷ୍ଣୁ ହୋଇଥିବ, ଆପଣାର ଯାବତୀୟ ନୈପୁଣ୍ୟ ଅର୍ଜନ କରିଥିବ, ସୁଦକ୍ଷ ଓ ବଳଯୁକ୍ତ ହୋଇଥିବ ଏବଂ ସବୁକିଛି ଲାଗି ପ୍ରସ୍ତୁତ ହୋଇ ରହିଥିବ । ଶରୀରକୁ ପ୍ରସ୍ତୁତ କରି ରଖିବାକୁ ହେଲେ ଶାରୀରିକ ବ୍ୟାୟାମ ଅପେକ୍ଷା ଆଉ ଅଧିକ ଭଲ ଆଦୌ କୌଣସି ଉପାୟ ନାହିଁ : ଖେଳ, କସରତ, ଜିମ୍‌ନାଷ୍ଟିକ୍‌ସ୍ ଓ ଅନ୍ୟ ସକଳ ପ୍ରକାରର କ୍ରୀଡ଼ାକୁହିଁ ଶରୀରକୁ ବିକାଶଶୀଳ ଓ ବଳବାନ୍ କରି ପାରିବାର ସର୍ବୋତ୍ତମ ଉପାୟ ବୋଲି କୁହାଯାଇ ପାରିବ ।

ତେଣୁ, ଆଜିଠାରୁ ଯେଉଁସବୁ ପ୍ରତିଯୋଗିତା ଆରମ୍ଭ ହେଉଛି, ତୁମେମାନେ ପୂର୍ଣ୍ଣ ଉତ୍ସାହର ସହିତ ଆପଣାର ସକଳ ସାମର୍ଥ୍ୟ ଓ ସକଳ ଇଚ୍ଛାଶକ୍ତିର ବିନିଯୋଗ କରି ସେଗୁଡ଼ିକରେ ଯୋଗ ଦେବ ବୋଲି ମୁଁ ତୁମମାନଙ୍କୁ ଆହ୍ୱାନ କରୁଛି ।

*୧ ଏପ୍ରିଲ ୧୯୬୬*

*

## ପ୍ରତିଯୋଗିତା ୧୯୬୭

ଆମର ଶାରୀରିକ ଶିକ୍ଷା ଏବଂ କ୍ରୀଡ଼ାଦି କାର୍ଯ୍ୟକ୍ରମର ଏହି ଅବସରରେ :

ମୁଁ ଆହୁରି ଥରେ ତୁମମାନଙ୍କୁ ଏକଥାଟିକୁ କହି ରଖିବାକୁ ଇଚ୍ଛା କରୁଛି ଯେ ଆମେ ଆଧ୍ୟାତ୍ମିକ ଜୀବନ କହିଲେ ଯାହା ବୁଝୁ, ସେଥିରେ ଜଡ଼ ପ୍ରତି ଆଦୌ କୌଣସି ପ୍ରକାରର ଅବଜ୍ଞା ବା ବିତୃଷ୍ଣା ଅନ୍ତର୍ଗତ ହୋଇ ରହି ନାହିଁ । ଆମେ ଜଡ଼କୁ ଦିବ୍ୟରେ ପରିଣତ କରିବାର ଉଦ୍ଦେଶ୍ୟ ରଖିଛୁ । ଆମେ ଏହି ଶରୀରକୁ କୌଣସି ପ୍ରକାରେ ବର୍ଜନ ଅଥବା ପ୍ରତ୍ୟାଖ୍ୟାନ କରିବାକୁ ଚାହୁଁ ନାହୁଁ, ଆମେ ତାହାର ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଛୁ । ଏବଂ ଏଥିଲାଗି ଏକ ସାଧନ ରୂପେ ଶାରୀରିକ ଶିକ୍ଷା ଆମକୁ ସବୁଠାରୁ ଅଧିକ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରିପାରିବ ଓ ଫଳ ଦେଇ ପାରିବ ।

ତେଣୁ ଆଜିଠାରୁ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମଟିରେ ତୁମେମାନେ ଉତ୍ସାହ ଏବଂ ଶୃଙ୍ଖଳାର ସହିତ ଅଂଶଗ୍ରହଣ କର ବୋଲି ମୁଁ ତୁମମାନଙ୍କୁ ଆମନ୍ତ୍ରଣ କରୁଛି । ହଁ, ଶୃଙ୍ଖଳାର ସହିତ,– କାରଣ ଯେକୌଣସି ବ୍ୟବସ୍ଥା ଲାଗି ଶୃଙ୍ଖଳାର ଏକ ଅପରିହାର୍ଯ୍ୟ ପ୍ରୟୋଜନ ରହିଛି । ଉତ୍ସାହର ସହିତ, କାରଣ ସଫଳତା ଲାଭ କରିବା ଲାଗି ଏହା ଏକାନ୍ତ ଆବଶ୍ୟକ ।

ଅନେକ ଆଶୀର୍ବାଦ ।

*୧ ଏପ୍ରିଲ ୧୯୬୭*

*

1.4.68

The first condition for acquiring power is to be obedient.

The body must learn to obey before it can manifest power; and physical education is the most thorough discipline for the body.

So be eager and sincere in your efforts for physical education and you will acquire a powerful body.

my blessings are with you

## ପ୍ରତିଯୋଗିତା ୧୯୬୮

ଆଦେଶର ପାଳନ କରିବା ହେଉଛି ଶକ୍ତି ଅର୍ଜନ କରିବାର ପ୍ରଥମ ସର୍ତ୍ତ ।

କୌଣସି ଶକ୍ତିର ଅଭିବ୍ୟକ୍ତି ଘଟାଇବା ପୂର୍ବରୁ ଶରୀରକୁ ପ୍ରଥମେ ଆଦେଶ ପାଳନ

କରି ଶିଖିବାକୁ ପଡ଼ିବ । ଏବଂ ଶାରୀରିକ ଶିକ୍ଷାକୁହିଁ ଆମେ ଶରୀର ଲାଗି ସବୁଠାରୁ ଅଧିକ ସଂପୂର୍ଣ୍ଣ ଓ ସୁନିଶ୍ଚିତ ଏକ ସାଧନା ଓ ଶୃଙ୍ଖଳା ବୋଲି କହିପାରିବା ।

ତେଣୁ ତୁମେମାନେ ସେହି ଶାରୀରିକ ଶିକ୍ଷା ଲାଗି ଆପଣାର ଉଦ୍ୟମରେ ଆଗ୍ରହୀ ହୋଇ ରହିବ, ନିଷ୍ଠାଯୁକ୍ତ ହୋଇ ରହିବ । ଏବଂ ତା' ହେଲେ ତୁମେମାନେ ନିଶ୍ଚୟ ଏକ ଶକ୍ତିବନ୍ତ ଶରୀରର ଅଧିକାରୀ ହୋଇପାରିବ ।

ମୋର ଅନେକ ଆଶୀର୍ବାଦ ତୁମମାନଙ୍କ ଲାଗି ରହିଛି ।

*୧ ଏପ୍ରିଲ ୧୯୬୮*

*

## ପ୍ରତିଯୋଗିତା ୧୯୬୯

ଏହି ବର୍ଷର ଆରମ୍ଭରୁ ଏହି ପୃଥିବୀରେ ବାସ କରୁଥିବା ମନୁଷ୍ୟମାନଙ୍କୁ ଏକ ନୂତନ ସୃଜନ ଲାଗି ଅର୍ଥାତ୍ ଅତିମାନବତ୍ୱ ଲାଗି ପ୍ରସ୍ତୁତ କରିବା ପାଇଁ ଏଠାରେ ଏକ ନୂତନ ଚେତନା କାର୍ଯ୍ୟକାରୀ ହେବାରେ ଲାଗିଛି । ଏହି ନୂତନ ସୃଜନଟିକୁ ସମ୍ଭବ କରିବାକୁ ହେଲେ, ମନୁଷ୍ୟର ବର୍ତ୍ତମାନ ଶରୀର ଗଠିତ ହୋଇଥିବା ଉପାଦାନଟିକୁ ଏକ ବୃହତ୍ ପରିବର୍ତ୍ତନର ମଧ୍ୟଦେଇ ଯିବାକୁ ହେବ, ତାହାକୁ ସେହି ଚେତନାଟି ଲାଗି ଆହୁରି ଅଧିକ ପରିମାଣରେ ଗ୍ରହଣଶୀଳ ହେବାକୁ ପଡ଼ିବ ଏବଂ ତା'ର କାର୍ଯ୍ୟକାରିତା ଲାଗି ଅଧିକ ନମନୀୟ ହୋଇ ରହିବାକୁ ପଡ଼ିବ ।

ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମଟି ଦ୍ୱାରାହିଁ ଆମେ ଏହିସବୁ ଗୁଣକୁ ଅର୍ଜନ କରି ପାରିବା ।

ତେଣୁ ଏହିପରି ଏକ ପରିଣାମକୁ ଦୃଷ୍ଟିରେ ରଖି ସେହି କାର୍ଯ୍ୟକ୍ରମଟିର ଅନୁସରଣ କରିପାରିଲେ ଆମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସର୍ବାଧିକ ପରିମାଣରେ ରୋଚକ ଫଳଗୁଡ଼ିକର ଅଧିକାରୀ ହୋଇ ପାରିବା ।

ଆହୁରି ଅଗ୍ରଗତି ଲାଗି ଓ ଆହୁରି ଅଧିକ କୃତିତ୍ୱ ହାସଲ କରିବା ଲାଗି ସମସ୍ତଙ୍କୁ ମୋର ଅନେକ ଆଶୀର୍ବାଦ ।

*୧ ଏପ୍ରିଲ ୧୯୬୯*

*

## ପ୍ରତିଯୋଗିତା ୧୯୭୦

ଆମ ସତତ ବର୍ଦ୍ଧନଶୀଳ ଶରୀରର ନୈପୁଣ୍ୟଠାରୁ ବଳି ପରମ ଦିବ୍ୟସତ୍ତାଙ୍କ ପାଖରେ ଆମେ ଅଧିକ ଯୋଗ୍ୟ ଆଉ କି ସାମଗ୍ରୀର ନିବେଦନ କରି ପାରିବା ?

ଅଧିକରୁ ଅଧିକ ପରିପୂର୍ଣ୍ଣତା ଅର୍ଜନ କରିବା ଲାଗି ଆମେ ଯେଉଁ ଉଦ୍ୟମମାନ କରୁଛୁ, ଚାଲ ଆମେ ତାହାକୁହିଁ ତାଙ୍କ ପାଖରେ ନିବେଦନ କରିଦେବା । ତେବେ ଶାରୀରିକ ଶିକ୍ଷା ଆମ ଲାଗି ଏକ ନୂତନ ତାତ୍ପର୍ଯ୍ୟ ଓ ନୂତନ ମୂଲ୍ୟ ଗ୍ରହଣ କରିପାରିବ ।

ପୃଥିବୀ ଏକ ନୂତନ ସର୍ଜନ ଲାଗି ପ୍ରସ୍ତୁତ ହେବାରେ ଲାଗିଛି, ଚାଲ ଆମେ ସେଥିରେ କିଞ୍ଚିତ୍ ସାହାଯ୍ୟ କରିବା । ଶାରୀରିକ ଶିକ୍ଷା ଦ୍ୱାରା, ଅର୍ଥାତ୍ ଆମ ଶରୀରକୁ ଅଧିକ ବଳଯୁକ୍ତ, ଗ୍ରହଣଶୀଳ ଓ ଅଧିକ ନମନୀୟ କରିବା ଦ୍ୱାରା ଆମେ ସେହି ସାହାଯ୍ୟଟିକୁ କରିପାରିବା ଏବଂ ଶରୀରସ୍ତରରେ ଏକ ରୂପାନ୍ତର ଘଟାଇବାର ପଥରେ ଅଗ୍ରଗତି କରିପାରିବା ।

*୧ ଏପ୍ରିଲ ୧୯୭୦*

*

## ପ୍ରତିଯୋଗିତା ୧୯୭୧

ଆମେ ଏପରି ଏକ ''ଦେବମୁହୂର୍ତ୍ତ''ର ସନ୍ଧିକ୍ଷଣରେ ଆସି ଉପସ୍ଥିତ ହୋଇଛୁ ଯେତେବେଳେ କି ପୁରାତନ ମୂଳଦୁଆଗୁଡ଼ାକ ଏକାବେଳେକେ ଦୋହଲି ଯିବାକୁ ଆରମ୍ଭ କଲେଣି ଏବଂ ସବୁଆଡ଼େ ଏକ ବୃହତ୍ ଅନିଶ୍ଚିତତା ସମସ୍ତଙ୍କୁ ଗ୍ରାସ କରିଥିବା ପରି ମନେ ହେଉଛି । ମାତ୍ର ଯେଉଁମାନେ ଆଗକୁ ଏକ ଲମ୍ଫପ୍ରଦାନ କରିବାକୁ ଇଚ୍ଛା କରୁଛନ୍ତି, ଏହା ସେମାନଙ୍କ ଲାଗି ମଧ୍ୟ ଏକ ଅପୂର୍ବ ସୁଯୋଗ ଆଣି ଦେଇଛି । ବର୍ତ୍ତମାନ ଅଗ୍ରଗତି ଲାଗି ଏକ ଅଭୂତପୂର୍ବ ସମ୍ଭାବନା ଆସି ପହଞ୍ଚିଛି ।

ଯେଉଁମାନେ ଏହାର ସୁଯୋଗ ଗ୍ରହଣ କରିବେ, ତୁମେ ମଧ୍ୟ ସେହିମାନଙ୍କ ମଧ୍ୟରେ ରହିଛ ତ ?

ଶାରୀରିକ ଶିକ୍ଷାର ମାଧ୍ୟମରେ ତୁମମାନଙ୍କର ଶରୀର ସେହି ବୃହତ୍ ପରିବର୍ତ୍ତନଟି ଲାଗି ପ୍ରକୃତରେ ପ୍ରସ୍ତୁତ ହେଉ !

ସମସ୍ତଙ୍କ ଲାଗି ମୋର ଅନେକ ଆଶୀର୍ବାଦ ।

*୧ ଏପ୍ରିଲ ୧୯୭୧*

*

## ପ୍ରତିଯୋଗିତା ୧୯୭୨

ଏ ବର୍ଷ ଆମେ ଆମ ଶରୀରର ଯାବତୀୟ କ୍ରିୟାକଳାପକୁ ଶ୍ରୀଅରବିନ୍ଦଙ୍କଠାରେହିଁ ଉତ୍ସର୍ଗୀକୃତ କରି ରଖିବା ।

*୧ ଏପ୍ରିଲ ୧୯୭୨*

# ଶାରୀରିକ ନୈପୁଣ୍ୟର ବାର୍ଷିକ ପ୍ରଦର୍ଶନଗୁଡ଼ିକ ଲାଗି ପ୍ରଦତ୍ତ ବାଣୀ

## ପ୍ରଦର୍ଶନ ୧୯୬୦

କାଲିର ପ୍ରଦର୍ଶନରେ (ପ୍ରଦର୍ଶନର ଏକ ପୂର୍ବାଭାସରେ) ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେମାନଙ୍କୁ ସମସ୍ତଙ୍କୁ ମୋର ସାବାସ୍ ! ପ୍ରଦର୍ଶନଟି ଭାରି ଚମତ୍କାର ହୋଇଥିଲା । ସେଥିଲାଗି ସେମାନଙ୍କୁ ମୋର ଅଭିନନ୍ଦନ । କାଲି ସବୁକିଛି ଅତ୍ୟନ୍ତ ଉତ୍ତମ ଭାବରେ ଯୋଜନା କରାଯାଇଥିଲା ଓ କାର୍ଯ୍ୟକାରୀ ହୋଇଥିଲା ।

ସମସ୍ତଙ୍କୁ ମୋର ଅନେକ ଶ୍ରଦ୍ଧା ଓ ଆଶୀର୍ବାଦ ।

*ନଭେମ୍ବର ୧୯୬୦*

*

## ପ୍ରଦର୍ଶନ ୧୯୬୩

କାଲି ସବୁତକ ସମୟ ମୁଁ ତୁମମାନଙ୍କ ସାଙ୍ଗରେହିଁ ଥିଲି; ତୁମମାନଙ୍କୁ ସାହାଯ୍ୟ କରିବାକୁ ଏବଂ ତୁମମାନଙ୍କର ଉତ୍ସାହକୁ ଅତୁଟ ରଖିବାକୁ ସମସ୍ତ ଶକ୍ତି ଏବଂ ସମସ୍ତ ଚେତନା ସହିତ ମୁଁ କାଲି ଉପସ୍ଥିତ ରହିଥିଲି । ବର୍ଷାଟା ଯେ ଆମକୁ ପରୀକ୍ଷା କରିବା ପାଇଁ ଆସିଥିଲା ଏବଂ ସେହି ପରୀକ୍ଷାଟିକୁ ଆମକୁ ଯେ ଉତ୍ତୀର୍ଣ୍ଣ ହୋଇ ଯିବାକୁ ପଡ଼ିବ, ମୁଁ ସେ କଥା ଭଲକରି ଜାଣିଥିଲି ।

ତୁମେମାନେ ପ୍ରକୃତ ବିଜୟୀ ପରି ଏହି କାର୍ଯ୍ୟକ୍ରମଟିକୁ ସମ୍ପନ୍ନ କରି ପାରିଛ ଓ ତାହା ଦେଖି ମୁଁ ପ୍ରକୃତରେ ଭାରି ଖୁସି ହୋଇଛି । ମୁଁ ଯେ ପରିପୂର୍ଣ୍ଣ ସନ୍ତୋଷ ଲାଭ କରିଛି, ସେକଥା ସମସ୍ତଙ୍କୁ ଜଣାଇ ଦିଆଯାଉ ।

ମୋର ଅନେକ ଆଶୀର୍ବାଦ ସହିତ ।

*୩ ଡିସେମ୍ବର ୧୯୬୩*

*

## ପ୍ରଦର୍ଶନ ୧୯୬୪

ପ୍ରଦର୍ଶନରେ ଯେଉଁମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି, ସେମାନେ ଯେପରି ଆପଣାର ସର୍ବୋଚ୍ଚ ସାମର୍ଥ୍ୟ ସହିତ ସେଥିରେ ଅବତୀର୍ଣ୍ଣ ହୋଇ ପାରିବେ, ମୁଁ ସେଥିଲାଗି ସେମାନଙ୍କୁ ସମସ୍ତଙ୍କୁ ଆଶୀର୍ବାଦ ଜଣାଉଛି ।

*୨ ଡିସେମ୍ବର ୧୯୬୪*

*

The prayer of the cells
in the body.

Now that, by the effect
of the Grace, we are slowly
emerging out of inconscience
and waking to a conscious
life, an ardent prayer
rises in us for more light,
more consciousness,
"O Supreme Lord of the universe,
we implore Thee, give us the
strength and the beauty, the
harmonious perfection needed
to be Thy divine instruments
upon earth."

M.

## ପ୍ରଦର୍ଶନ ୧୯୬୬

ସାହସୀ ହୁଅ, ସହିଷ୍ଣୁ ହୁଅ, ସଦାସର୍ତକ ହୁଅ; ଏବଂ ସର୍ବୋପରି, ନିଷ୍ଠାଯୁକ୍ତ ହୁଅ, ତୁମମାନଙ୍କର ସାଧୁତା ପରିପୂର୍ଣ୍ଣ ହୋଇ ରହିଥାଉ ।

ତେବେ ତୁମେ ଯେକୌଣସି ବାଧା ଓ ପ୍ରତିବନ୍ଧକର ବି ସମ୍ମୁଖୀନ ହୋଇ ପାରିବ । ଏବଂ ଶେଷରେ ତୁମେମାନେ ବିଜୟୀ ମଧ୍ୟ ହୋଇପାରିବ ।

*୨ ଡିସେମ୍ବର ୧୯୬୬*

*

## ପ୍ରଦର୍ଶନ ୧୯୬୭
## ଶରୀରରେ ଥିବା କୋଷଗୁଡ଼ିକର ପ୍ରାର୍ଥନା

ସେହି ପରମ କରୁଣାର ଫଳସ୍ୱରୂପ ବର୍ତ୍ତମାନ ଆମେ ଯେତେବେଳେ କ୍ରମଶଃ ଅଚେତନା ମଧ୍ୟରୁ ବାହାରି ଏକ ଚେତନାଯୁକ୍ତ ଜୀବନ ମଧ୍ୟକୁ ଜାଗ୍ରତ ହେବାରେ ଲାଗିଛୁ, ସେତେବେଳେ ଆହୁରି ଅଧିକ ଆଲୋକ ଓ ଆହୁରି ଅଧିକ ଚେତନା ଲାଗି ଆମ ଭିତରେ ଏକ ପ୍ରାର୍ଥନା ଉଦ୍ଦୀପ୍ତ ହୋଇ ଉଠୁଛି ।

''ସକଳ ବିଶ୍ୱର ହେ ପରମ ସର୍ବୋଚ୍ଚ କର୍ତ୍ତା, ଆମେ ତୁମରି ପାଖରେ ନିବେଦନ କରୁଛୁ, ତୁମେ ଆମକୁ ଏହି ଜଗତ୍‌ପୃଷ୍ଠରେ ତୁମରି ଦିବ୍ୟଯନ୍ତ୍ର ରୂପେ କାର୍ଯ୍ୟ କରିପାରିବା ଲାଗି ଆବଶ୍ୟକ ହେଉଥିବା ଶକ୍ତି ଓ ସୌନ୍ଦର୍ଯ୍ୟ ପ୍ରଦାନ କର, ଆମକୁ ସେହି ସୌଷମ୍ୟଯୁକ୍ତ ପରିପୂର୍ଣ୍ଣତା ପ୍ରଦାନ କର ।''

*୨ ଡିସେମ୍ବର ୧୯୬୭*

# ସାଧାରଣ ବାଣୀ ଓ ପତ୍ରାବଳୀ

ନିଜ ଶରୀର ଉପରେ ପ୍ରଭୁତ୍ୱ ଅର୍ଜନ କର,– ତାହାହିଁ ତୁମକୁ ଯଥାର୍ଥ ସ୍ୱାଧୀନତା ଆଡ଼କୁ ପରିଚାଳିତ କରି ନେଇଯିବ ।

*

ଶରୀର ଚେତନାର ବିକାଶ ନିମନ୍ତେ ଶରୀରର କର୍ଷଣ ହେଉଛି ସର୍ବୋତ୍ତମ ଉପାୟ; ଏବଂ, ଆମର ଶରୀର ଯେତିକି ଅଧିକ ପରିମାଣରେ ଚେତନାଯୁକ୍ତ ହୋଇ ପାରିବ, ତାହା ସେତିକି ଅଧିକ ପରିମାଣରେ ତାହାକୁ ରୂପାନ୍ତରିତ କରି ଭବିଷ୍ୟତର ନୂତନ ଜାତିଟିକୁ ଜନ୍ମଦେବା ଲାଗି କାର୍ଯ୍ୟ କରୁଥିବା ଦିବ୍ୟଶକ୍ତିଗୁଡ଼ିକୁ ଗ୍ରହଣ କରିବା ଲାଗି ସମର୍ଥ ହୋଇପାରିବ ।

*

*(ଜିମ୍‌ନାଷ୍ଟିକ୍‌ସ୍ ପାଇଁ ବ୍ୟବହାର କରିବା ଲାଗି ଗୋଟିଏ କୋଠରି ବିଷୟରେ)*

ସେହି କୋଠରିରେ ଯଥେଷ୍ଟ ପବନ ଓ ଯଥେଷ୍ଟ ଆଲୋକ ମିଳିବ ତ ? କାରଣ, ପବନ ଓ ଆଲୋକ ନ ଥିଲେ ସେହି କୋଠରିରେ ବ୍ୟାୟାମ କରିବା ଦ୍ୱାରା ଉପକାର ଅପେକ୍ଷା ଅଧିକ କ୍ଷତିହିଁ ହେବ । *୫ ଅକ୍ଟୋବର ୧୯୪୫*

*

ଏହି କଥାଟିକୁ ଶିକ୍ଷା କରିବା ଅତ୍ୟନ୍ତ ଜରୁରୀ ଓ ଅତ୍ୟନ୍ତ ଅପରିହାର୍ଯ୍ୟ । ସଂଘଭାବନା ଏବଂ ଜଣେ ଖେଳୁଆଡ଼ର ଶୃଙ୍ଖଳାଜ୍ଞାନ ନ ଥିଲେ ଆମେ ଆମର କାମରେ ଲାଗିଲା ଭଳି କୌଣସି କଥା ହାସଲ କରିପାରିବା ନାହିଁ ।

*୧୫ ଜାନୁଆରି ୧୯୪୭*

*

*ବର୍ତ୍ତମାନ ଆମର ଏଠାରେ ଯେଉଁ କ୍ରୀଡ଼ା ଓ ଖେଳର ପ୍ରତିଯୋଗିତାମାନ ହେଉଛି, ଆମେ ସେଗୁଡ଼ିକୁ କିପରି ଭାବ ସହିତ ଗ୍ରହଣ କରିବା ଓ ସେଗୁଡ଼ିକରେ ଯୋଗ ଦେବା ?*

ଏଥିଲାଗି ଏଥିଭିତରେ ରହିଥିବା ପୁସ୍ତିକାଟିକୁ ପଢ଼ିବାକୁ ପଡ଼ିବ ।* ସେଥିରୁ ତୁମକୁ ନିଶ୍ଚୟ

---

*  କ୍ରୀଡ଼ାକୌଶଳର ନିୟମାବଳୀ ।

ଏକ ଉତ୍ତର ମିଳିଯିବ । ଏବଂ **ବୁଲେଟିନ୍‌ର** ପ୍ରଥମ ସଂଖ୍ୟାଟିରେ ବାହାରିଥିବା ଶ୍ରୀଅରବିନ୍ଦଙ୍କର ବାଣୀଟିକୁ* ମଧ୍ୟ ତୁମେ ପଢ଼ିବ । *୨ ଜୁନ୍ ୧୯୪୯*

*

ତୁମେ ଯାହା ଲେଖିଛ, ଯଦି ମୁଁ ତାହାକୁ ଭଲଭାବରେ ବୁଝିଥାଏ ତେବେ ତୁମେ ଏଇଆ କହିବାକୁ ଇଚ୍ଛା କରିଛ ବୋଲି ମୁଁ ଭାବୁଛି ଯେ, ଆମେ କରୁଥିବା ଶାରୀରିକ ଚର୍ଯ୍ୟାରେ ନିଜର ଦୃଷ୍ଟିକୁ ଅଭିନିବେଶିତ କରି ରଖିବା ଦ୍ୱାରା ତାହାର ଏକ ଅବଶ୍ୟମ୍ଭାବୀ ପରିଣାମ ସ୍ୱରୂପ ଆମର ସମସ୍ତ ମାନସିକ କ୍ରିୟାଶୀଳତା ଏକାବେଳେକେ ବନ୍ଦ ହୋଇଯିବ ଏବଂ ତଦ୍ୱାରା ଶରୀରର ଦକ୍ଷତା ଓ କୁଶଳତା ବୃଦ୍ଧିପ୍ରାପ୍ତ ହେବ । ହଁ, ଯଦି ସେହି ଅଭିନିବେଶ ପରିପୂର୍ଣ୍ଣ ହୋଇଥାଏ, ତେବେ ସେପରି ଅବଶ୍ୟ ହେବ । ମାତ୍ର ଏହା ସାଧାରଣତଃ ଖୁବ୍ କ୍ୱଚିତ୍ ଘଟିଥାଏ ।

ଅନେକ ଆଶୀର୍ବାଦ । *୨ ଜୁନ୍ ୧୯୪୯*

*

*(ଦଶ, ଏଗାର ବର୍ଷର ଦଳେ ପିଲାଙ୍କୁ କ୍ରୀଡ଼ା ଓ ଖେଳ ଶିଖାଇବାକୁ ଆରମ୍ଭ କରିଥିବା ଜଣେ ଦଳ-ଅଧିନାୟକ ସିଏ କାର୍ଯ୍ୟଗୁଡ଼ିକର ଏକ ଯୋଜନା ପ୍ରସ୍ତୁତ କରି ରଖିବେ କି ନାହିଁ ବୋଲି ମାଆଙ୍କୁ ପ୍ରଶ୍ନ କରିଥିଲେ, ମାଆ ଉତ୍ତର ଦେଇଥିଲେ :)*

ଯୋଜନା କରିବା ନିଶ୍ଚୟ ଏକ ଭଲ କଥା । ମାତ୍ର ତାହା ପିଲାମାନଙ୍କ ଲାଗି ନୁହେଁ, ଅଧିକ ପରିମାଣରେ ତୁମ ନିଜ ଲାଗିହିଁ ହେବା ଉଚିତ । ମୋର କହିବାର ଅର୍ଥ ହେଉଛି, ତୁମେ ପ୍ରକୃତରେ କ'ଣ କରିବାକୁ ଯାଉଛ, ତୁମର ସେ କଥାଟିକୁ ଭଲକରି ଜାଣିଥିବା ଉଚିତ ଏବଂ ଆପଣାର କାର୍ଯ୍ୟଟିକୁ ତୁମର ଖୁବ୍ ଭଲ ଭାବରେ ସଙ୍ଗଠିତ ବି କରିପାରିବା ଉଚିତ । ମାତ୍ର ନିଜର ପ୍ରଣାଳୀଟିକୁ ଜବରଦସ୍ତି ଚଳାଇବା ଲାଗି ତୁମେ ଆଦୌ କୌଣସି ଚେଷ୍ଟା କରିବ ନାହିଁ, କାରଣ ପିଲାମାନେ ସ୍ୱଭାବତଃ ଆପଣାର ଯାବତୀୟ କାର୍ଯ୍ୟରେ ମୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତ ହୋଇ ରହିବାକୁହିଁ ନିଶ୍ଚୟ ଭଲ ପାଇବେ ଏବଂ ସେମାନଙ୍କର ଅଭିବୃଦ୍ଧି ଦିଗରେ ସେହି ସ୍ୱାଧୀନତା ଅବଶ୍ୟ ସାହାଯ୍ୟ କରିବ ।

ମୋର ଅନେକ ଶ୍ରଦ୍ଧା ଓ ଆଶୀର୍ବାଦ । *୬ ଜୁନ୍ ୧୯୫୦*

*

* ଶ୍ରୀଅରବିନ୍ଦ ଆଶ୍ରମର ତରୁଣ ଖେଳୁଆଡ଼ମାନଙ୍କର ସମିତି ଲାଗି ପ୍ରଦତ୍ତ; ଦ୍ରଷ୍ଟବ୍ୟ The Supramental Manifestation, ଶତବାର୍ଷିକୀ ସଂସ୍କରଣ, ୧୬ଶ ଭାଗ, ପୃ. ୧-୪ ।

## ସୋଭିଏତ୍ ରୁଷିଆର ଜିମ୍‌ନାଷ୍ଟ୍‌ମାନଙ୍କୁ*

ବନ୍ଧୁଗଣ, ତୁମମାନଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ, ଆମେ ସମସ୍ତେ ଶରୀର କ୍ଷେତ୍ରରେ ଯେଉଁ ପରିପୂର୍ଣ୍ଣତା ହାସଲ କରିବା ଲାଗି ଆକାଙ୍‌କ୍ଷା ରଖିଛୁ, ଆପଣମାନେ ତାହାରି ପଥରେ ପ୍ରକୃତରେ ଅନେକ ଦୂର ଅଗ୍ରସର ହୋଇଯାଇ ପାରିଛନ୍ତି ।

ଏହି ଆଶ୍ରମରେ ଆମେ ଆପଣମାନଙ୍କୁ ଆମ ଭିତରକୁ ସ୍ୱାଗତ ଜଣାଉଛୁ । ଆମେ ଅତ୍ୟନ୍ତ ନିଶ୍ଚିତ ଭାବରେ ଅନୁଭବ କରୁଛୁ ଯେ ବୃହତ୍ ମନୁଷ୍ୟ-ପରିବାରର ଏକତାସାଧନ ଦିଗରେ ଆଜି ଆଗକୁ ଆଉ ଗୋଟିଏ ପଦକ୍ଷେପ ନିଆଯାଇ ପାରିଲା ।

*୩ ଏପ୍ରିଲ ୧୯୫୬*

*

ନିଜ ଭିତରେ ତୁମେ ସେହି ସମଗ୍ର ସାମଞ୍ଜସ୍ୟଟିକୁ ସଂଗଠିତ କରି ଆଣିବ, ଯେପରିକି ଉଚିତ ସମୟଟି ଆସି ଉପସ୍ଥିତ ହେବା ସମୟରେ ପରିପୂର୍ଣ୍ଣ ପରମ ସୌନ୍ଦର୍ଯ୍ୟ ତୁମମାନଙ୍କର ଶରୀର ମଧ୍ୟଦେଇ ଆପଣାକୁ ପ୍ରକାଶିତ କରିଆଣି ପାରିବ ।

୧୯୫୯

*

## ହଠଯୋଗ ସମ୍ବନ୍ଧରେ

ଆମ ନିଜ ଅନୁଭବରୁ ଆମେ ଜାଣିବାକୁ ପାଇଛୁ ଯେ ଅଙ୍ଗଚାଳନାର ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ପଦ୍ଧତିକୁହିଁ କଦାପି ଆମେ ଯୋଗମାର୍ଗୀୟ ଏକମାତ୍ର ଅଙ୍ଗଚାଳନାପଦ୍ଧତି ବୋଲି ମାର୍କା ମାରିଦେଇ ପାରିବା ନାହିଁ । ଏବଂ ଏକଥାଟିକୁ ମଧ୍ୟ ଆମେ ଏକାବେଳକେ ନିର୍ଦ୍ଦିଷ୍ଟ କରି କହି ପାରିବା ନାହିଁ ଯେ କେବଳ ସେହିସବୁ ଅଙ୍ଗଚାଳନାରେ ଅଂଶଗ୍ରହଣ କରିବା ଦ୍ୱାରାହିଁ ତାହା ଆମକୁ ଉତ୍ତମ ସ୍ୱାସ୍ଥ୍ୟ ଅର୍ଜନ କରିବାରେ ସାହାଯ୍ୟ କରିବ । ସେଗୁଡ଼ିକ ଯୋଗମାର୍ଗୀୟ ବ୍ୟାୟାମ ବୋଲି ସେଗୁଡ଼ିକ ଦ୍ୱାରା ଯେ ଏହା ସମ୍ଭବ ହେବ, ଏକଥା କହିବା ଆଦୌ ଠିକ୍ ନୁହେଁ ।

ଆମ ଆବଶ୍ୟକତା ଓ ଆମ ସାମର୍ଥ୍ୟର ଅନୁକୂଳ ଶରୀରଚାଳନାର ଯେକୌଣସି ବୁଦ୍ଧିସଙ୍ଗତ ପଦ୍ଧତି ତାହାର ଅଭ୍ୟାସ କରୁଥିବା ବ୍ୟକ୍ତିର ସ୍ୱାସ୍ଥ୍ୟ ନିର୍ମାଣ ଲାଗି ନିଶ୍ଚୟ ସାହାଯ୍ୟ କରିବ । ଏବଂ, ଆମେ ଯେଉଁ ଦୃଷ୍ଟିଟି ସହିତ ଏସବୁ କରିବା, ସେଇଟି ହେଉଛି

---

* ୧୯୫୬ ମସିହା ଏପ୍ରିଲ ୨ ଓ ୩ ତାରିଖରେ ଆଶ୍ରମ କ୍ରୀଡ଼ାଙ୍ଗନରେ କ୍ରୀଡ଼ାର ପ୍ରଦର୍ଶନ କରିଥିବା ସୋଭିଏତ୍ ରୁଷିଆର ଜିମ୍‌ନାଷ୍ଟିକ୍ ଖେଳାଳିମାନଙ୍କୁ ଦିଆଯାଇଥିବା ସନ୍ଦେଶ ।

ଏହି କ୍ଷେତ୍ରରେ ଅଧିକ ମହତ୍ତ୍ୱପୂର୍ଣ୍ଣ । ଯେକୌଣସି ବ୍ୟାୟାମପଦ୍ଧତି ହେଉ ପଛକେ, ଯଦି ସୁଯୋଜିତ ଏବଂ ବୈଜ୍ଞାନିକ ଭାବରେ ସେଇଟିର ନିର୍ଦ୍ଧାରଣ କରାଯାଇଥିବ ଏବଂ ଯୋଗର ମନୋଦୃଷ୍ଟି ରଖି ଯଦି ତାହାର ଅଭ୍ୟାସ କରାଯାଇ ପାରିବ, ତାହାକୁ ଆମେ ଯୋଗମାର୍ଗୀୟ ବ୍ୟାୟାମ ବୋଲି ନିଶ୍ଚୟ କହି ପାରିବା । ଏବଂ ଯେଉଁ ବ୍ୟକ୍ତି ସେଗୁଡ଼ିକର ଅଭ୍ୟାସ କରୁଥିବ, ଶାରୀରିକ ସ୍ୱାସ୍ଥ୍ୟ ତଥା ନୈତିକ ଓ ଆଧ୍ୟାତ୍ମିକ ଅଭିବୃଦ୍ଧି ଉଭୟ ଦୃଷ୍ଟିରୁହିଁ ସିଏ ତାହାଦ୍ୱାରା ସଂପୂର୍ଣ୍ଣ ଭାବରେ ଲାଭବାନ୍ ହୋଇପାରିବ ।

*ବୁଲେଟିନ୍, ଏପ୍ରିଲ୍ ୧୯୫୯*

*

*ମୁଁ କେବଳ ସୁନ୍ଦର ହେବାକୁହିଁ ଇଚ୍ଛା କରୁଛି ।*

ତେବେ ସଂପୂର୍ଣ୍ଣ ନିଷ୍ଠାର ସହିତ ତୁମକୁ କିଛି ଶରୀରଚର୍ଚ୍ଚା କରିବାକୁ ପଡ଼ିବ ଏବଂ ତାହା ତୁମକୁ ନିଶ୍ଚୟ ସଫଳତା ଆଣିଦେବ ।

*୧୯୬୫*

*

ଛଅ ବର୍ଷରୁ କମ୍ ବୟସର ପିଲାଙ୍କୁ ସମୁଦ୍ରରେ ଗାଧୋଇବାକୁ ନେବାଟା ମୋତେ ଆଦୌ ବିଜ୍ଞତାପୂର୍ଣ୍ଣ ବୋଲି ମନେ ହେଉ ନାହିଁ । ସମୁଦ୍ରର ପାଣି ସେମାନଙ୍କ ଦେହକୁ ଭାରି ବାଧିବ ।

*୮ ଫେବ୍ରୁଆରି ୧୯୬୬*

*

*(ଜଣେ ଅଧିନାୟକ ଲେଖି ପଠାଇଥିଲେ ଯେ, ଯଦି ଦଳର ପିଲାମାନେ ଦଳର ଶୃଙ୍ଖଳା ମାନିବେ, ତେବେ ମାଆ ସେମାନଙ୍କ ଉପରେ ନିଶ୍ଚୟ ଖୁସି ହେବେ ବୋଲି ସେ ସେମାନଙ୍କ ମଧ୍ୟରୁ କେତେକଙ୍କୁ କହିଥିଲେ, ମାଆ ମନ୍ତବ୍ୟ ଦେଇ କହିଲେ :)*

ତୁମେ ଯାହା କହିଛ ଠିକ୍ କହିଛ ।

ଯେତେବେଳେ ଜଣେ ମନୁଷ୍ୟଠାରେ ଶୃଙ୍ଖଳା ମାନି ଚଳିବାର ସାମର୍ଥ୍ୟ ନ ଥାଏ, ତେବେ ସେତେବେଳେ ସେ ନିଜ ଜୀବନରେ କୌଣସି ସ୍ଥାୟୀ ମୂଲ୍ୟ ରହିଥିବା କୌଣସି କାର୍ଯ୍ୟ କରିବା ଲାଗି ମଧ୍ୟ ଅସମର୍ଥ ହୋଇ ରହିଥାଏ ।

*୧୬ ଫେବ୍ରୁଆରି ୧୯୬୭*

*

*(ଜଣେ ଦଳ-ଅଧିନାୟକ ମାନସିକ ଓ ଶାରୀରିକ ଉଭୟ ଦୃଷ୍ଟିରୁ ଭାରି ''ଭାଙ୍ଗି ପଡ଼ିଥିବା'' ପରି ଅନୁଭବ କରୁଛନ୍ତି ବୋଲି ମାଆଙ୍କୁ ଲେଖି ପଠାଇ ଥିଲେ । ମାଆ କହିଲେ :)*

କୌଣସି ଚିନ୍ତା କରିବା ଦରକାର ନାହିଁ... ନିୟମିତ ଭାବରେ କିଛି ଉତ୍ତମ ବ୍ୟାୟାମ କରିପାରିଲେ ଓ ମୋର ଆଶୀର୍ବାଦ ଲାଭ କଲେ ତାହା ସଂପୂର୍ଣ୍ଣ ଭଲ ହୋଇଯିବ ।

ଅନେକ ଶ୍ରଦ୍ଧା ଓ ଆଶୀର୍ବାଦ । *୧୪ ମାର୍ଚ୍ଚ ୧୯୬୭*

*

*ମୋ ଡାହାଣ ଆଣ୍ଠୁରେ ତିନି ଥର ଆଘାତ ହେଲାଣି ଓ ମୁଁ ସେଥିରୁ ତିନିଥର ଆରୋଗ୍ୟଲାଭ କଲିଣି ।*

*ମାଆ, ଯେପରି ଆଉ ଥରେ ଏପରି ଆଘାତ ନ ଘଟେ ଓ ତଦ୍ୱାରା ମୁଁ ଦଳର କାର୍ଯ୍ୟକ୍ରମରେ ଯୋଗ ଦେବାରୁ ବଞ୍ଚିତ ହୋଇ ନ ରହେ, ଆପଣ ମୋତେ ସେହି ଅନୁମତି ଦିଅନ୍ତୁ ।*

ତୁମେ ଅଧିକ **ସଚେତନ** ହୋଇ ରହିବ ଏବଂ ତେବେ ଆଉ କଦାପି ଆଘାତ ଲାଗିବ ନାହିଁ ।

*୮ ଜୁଲାଇ ୧୯୬୮*

*

*ମାଆ, ମୁଁ ଏକଥାଟିକୁ ଭଲକରି ଜାଣିବାକୁ ପାଇଛି ଯେ, ମୋର ପ୍ରକୃତ ସାମର୍ଥ୍ୟ ତୁଳନାରେ ଆଉ ଟିକିଏ ଅଧିକ ଭଲ କରି କିଛି କରିବା ସକାଶେ ମୋର ଜଡ଼ ଶରୀରକୁ ମୁଁ ଆଦୌ ଜୋର୍‌କରି କାମରେ ଲଗାଇ ପାରେ ନାହିଁ । କିପରି ମୁଁ ତାକୁ ଜୋର୍‌କରି କାମରେ ଲଗାଇ ପାରିବି, ଆପଣ ମୋତେ ସେହି କଥା କହି ଦିଅନ୍ତୁ । କିନ୍ତୁ ମାଆ, ଏପରି ଜୋର୍‌କରି ଶରୀର ଦ୍ୱାରା କିଛି କରାଇବା କ'ଣ ଭଲ କଥା ?*

ମୋଟେ ନୁହେଁ ।

ଶରୀରର ମଧ୍ୟ ଅଗ୍ରଗତି କରିବାର ଏକ ସାମର୍ଥ୍ୟ ରହିଛି । ଶରୀର ବର୍ତ୍ତମାନ ଯାହା କରିପାରୁ ନାହିଁ, କ୍ରମଶଃ ତାହାକୁ କରି ଶିଖିବା ଲାଗି ମଧ୍ୟ ଶରୀର ସମର୍ଥ ହୋଇପାରିବ । ମାତ୍ର, ଅଗ୍ରସର ହେବା ଲାଗି ଆମ ଭିତରେ ଯେଉଁ ପ୍ରାଣିକ ବାସନାଟି

ରହିଥାଏ ଓ ସେଥିଲାଗି ଯେଉଁ ମାନସିକ ଇଚ୍ଛାଟି ବି କାର୍ଯ୍ୟ କରୁଥାଏ, ଅଗ୍ରଗତି କରିବା ଲାଗି ଶରୀର ମଧ୍ୟରେ ରହିଥିବା ସାମର୍ଥ୍ୟର ବେଗ ସେଗୁଡ଼ିକର ବେଗ ତୁଳନାରେ ଅନେକ କମ୍ । ଏବଂ ଯଦି ଏହି କ୍ଷେତ୍ରରେ ପ୍ରାଣ ଏବଂ ମନକୁ ଆମର ଯାବତୀୟ କର୍ମର ମାଲିକ କରି ଛାଡ଼ି ଦିଆଯାଏ, ତେବେ ସେମାନେ ଶରୀର ଉପରେ କେବଳ ଅତ୍ୟାଚାର କରିବାକୁହିଁ ଲାଗିଯିବେ, ତାହାର ସ୍ୱାଭାବିକ ସମତାବସ୍ଥାଟିକୁ ନଷ୍ଟ କରିଦେବେ ଏବଂ ତାହାର ସ୍ୱାସ୍ଥ୍ୟକୁ ମଧ୍ୟ ଏକାବେଳେକେ ବିଗାଡ଼ି ଦେବେ ।

ତେଣୁ ଆମକୁ ଧୈର୍ଯ୍ୟର ସହିତ ଆମ ଶରୀରର ସ୍ୱାଭାବିକ ଛନ୍ଦଟି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ । ସେହି ଶରୀର ପ୍ରକୃତରେ ପ୍ରାଣ ଓ ମନଠାରୁ ଅପେକ୍ଷାକୃତ ଅଧିକ ସୁବିବେଚନା ସହିତ କାର୍ଯ୍ୟ କରିଥାଏ ଏବଂ ଯାହା ସିଏ କରିପାରିବ ଓ ଯାହା କରି ନ ପାରିବ, ସେହି କଥାଟିକୁ ସିଏ ଭଲକରି ଜାଣିଥାଏ ।

ଅବଶ୍ୟ ଏକଥା ସଂପୂର୍ଣ୍ଣ ସତ୍ୟ ଯେ କେତେକ ତମୋଭାବାପନ୍ନ ଶରୀର ବି ରହିଥା'ନ୍ତି ଓ ତେଣୁ ଅଗ୍ରଗତି କରିବା ନିମନ୍ତେ ସେଗୁଡ଼ିକୁ କେତେକ ପରିମାଣରେ ଉତ୍ସାହ ଦେବାକୁ ପଡ଼ିଥାଏ ।

ମାତ୍ର, ପ୍ରତ୍ୟେକ କଥାରେ ଓ ଯାବତୀୟ କ୍ଷେତ୍ରରେ ଆମକୁ ଆପଣାର ଭାରସାମ୍ୟଟିକୁ ରକ୍ଷା କରିବାକୁ ମଧ୍ୟ ପଡ଼ିବ ।

ଅନେକ ଆଶୀର୍ବାଦ ।

*୧୩ ଅକ୍‌ଟୋବର ୧୯୬୯*

*

*ମାଆ, କ୍ରୀଡ଼ାକସରତରେ ଯେଉଁସବୁ ପ୍ରତିଯୋଗିତା ଓ ପ୍ରଦର୍ଶନମାନ ହୋଇଥାଏ, ଆମେ ସେଥିରେ କାହିଁକି ଅଂଶଗ୍ରହଣ କରିବା ?*

କାରଣ ଏହାଦ୍ୱାରା ଆମକୁ ଅଧିକତର ଉଦ୍ୟମ କରିବା ଲାଗି ଏବଂ ତାହା ଫଳରେ ଅଧିକ ବେଗର ସହିତ ଅଗ୍ରଗତି କରିବା ଲାଗି ଏକ ଅବସର ମିଳିବ ।

ଅନେକ ଆଶୀର୍ବାଦ ।

*୧୬ ନଭେମ୍ବର ୧୯୬୯*

*

*(କ୍ରୀଡ଼ାକସରତରେ ଘଟୁଥିବା ଦୁର୍ଘଟଣାଗୁଡ଼ିକ ବିଷୟରେ)*

ମୁଁ ଭାବୁ ନାହିଁ ଯେ ବାହାର ତୁଳନାରେ ଆମ ଏଠାରେ ଅଧିକ ଦୁର୍ଘଟନା ଘଟୁଛି । ଅବଶ୍ୟ

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ଦୁର୍ଘଟନାର ସଂଖ୍ୟା ଆହୁରି କମ୍ ହୋଇଯିବା ଉଚିତ । ମାତ୍ର ସେପରି ହେବାକୁ ହେଲେ, ଏଠାରେ ଥିବା ପିଲାମାନଙ୍କୁ ଆପଣାର ଚେତନାରେ ଏକ ଅଭିବୃଦ୍ଧି ଘଟାଇବା ଲାଗି ଯତ୍ନଶୀଳ ହେବାକୁ ପଡ଼ିବ (ଏଠାରେ ସେମାନେ ଅନ୍ୟ ଯେକୌଣସି ସ୍ଥାନଠାରୁ ସେହି କାର୍ଯ୍ୟଟିକୁ ଅଧିକ ସହଜରେ କରିପାରିବେ) । ମାତ୍ର ଦୁର୍ଭାଗ୍ୟର କଥା ଯେ ଖୁବ୍ କମ୍ ସଂଖ୍ୟକ ପିଲାହିଁ ସେହି ଦିଗରେ ଆଦୌ କୌଣସି ଚେଷ୍ଟା କରୁଛନ୍ତି । ତେଣୁ ସେମାନଙ୍କୁ ଦିଆ ଯାଇଥିବା ଉତ୍ତମ ସୁଯୋଗଟିକୁ ସେମାନେ ହରାଇ ପକାଉଛନ୍ତି ।

*୨୨ ଡିସେମ୍ବର ୧୯୬୯*

*

*ମାଆ, କ୍ରୀଡ଼ାକସରତ ଏବଂ ଶାରୀରିକ ଶିକ୍ଷା ମଧ୍ୟରେ ପ୍ରକୃତରେ କି ପାର୍ଥକ୍ୟ ରହିଛି ?*

କ୍ରୀଡ଼ାକସରତ କହିଲେ ଯାବତୀୟ ପ୍ରକାରର ଖେଳ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଇତ୍ୟାଦିକୁ ବୁଝାଏ । ଯେତେ ଯାହା ପ୍ରତିଦ୍ୱନ୍ଦ୍ୱିତା ଉପରେ ଆଧାରିତ ହୋଇ ରହିଥାଏ, ଏବଂ ଯେଉଁ ସବୁଥିରେ ଶେଷକୁ ବିଭିନ୍ନ ସ୍ଥାନ ମିଳେ ଏବଂ ପୁରସ୍କାର ବି ପ୍ରାପ୍ତ କରାଯାଏ, ସେହିଗୁଡ଼ିକୁ ଆମେ କ୍ରୀଡ଼ାକସରତ ବୋଲି କହିବା ।

ଶାରୀରିକ ଶିକ୍ଷା କହିଲେ ପ୍ରଧାନତଃ ଶରୀରର ଉନ୍ନତିସାଧନ ଏବଂ ସ୍ୱାସ୍ଥ୍ୟ ଲାଗି କରାଯାଉଥିବା ଯାବତୀୟ ବ୍ୟାୟାମର ସମାହାରକୁ ବୁଝାଇ ପାରିବ ।

ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଆମର ଏଠାରେ ଆମେ ଦୁଇଟିଯାକ ଲାଗି ସ୍ଥାନ ରଖିଛୁ । ମାତ୍ର ଏପରି ଏକ ବ୍ୟବସ୍ଥା ରଖିବାର ଗୋଟିଏ ନିର୍ଦ୍ଦିଷ୍ଟ କାରଣ ହେଉଛି ଯେ ମନୁଷ୍ୟମାନଙ୍କର, ବିଶେଷତଃ ସେମାନଙ୍କର ପିଲା ବୟସରେ, ଏକ ଯଥାର୍ଥ ଉଦ୍ୟମ କରିବା ଲାଗି କିଞ୍ଚିତ୍ ଉତ୍ତେଜନାର ତଥାପି ଏକ ଆବଶ୍ୟକତା ରହିଥାଏ ।

ଅନେକ ଆଶୀର୍ବାଦ ।

*୧୪ ଜାନୁଆରି ୧୯୭୦*

*

ଅଭିଳଷିତ ରୂପାନ୍ତରଟି ଲାଗି ପ୍ରସ୍ତୁତ ହେବାରେ କ୍ରୀଡ଼ା ଓ କସରତ ଆମକୁ ଅନେକ ସାହାଯ୍ୟ କରିଥାଏ ।

*୩୦ ସେପ୍ଟେମ୍ବର ୧୯୭୨*

*

*(କ୍ରୀଡ଼ା-ପ୍ରତିଯୋଗିତାମାନଙ୍କରେ ବିଜେତାମାନଙ୍କୁ ପ୍ରଦାନ କରାଯାଉଥିବା ପୁରସ୍କାରପତ୍ର ଉପରେ ରହିଥିବା ଚିତ୍ରଟି ବିଷୟରେ)*

ବିଜେତାମାନଙ୍କର କାର୍ଡ୍ ଉପରେ ଅଙ୍କିତ ଛବିଟି ଏକ ଗ୍ରୀକ୍ ପିତଳମୂର୍ତ୍ତିର ଅନୁକରଣରେ ହୋଇଛି । ପ୍ରବଳ ବାସନାରୂପୀ କଳା ଷଣ୍ଢଟି ଉପରେ ପ୍ରଭୁତ୍ୱ ହାସଲ କରିବା ଲାଗି ଆମ ଶାରୀରିକ ଶକ୍ତିକୁ ବ୍ୟବହାର କରିବାକୁ ଆମ ଭିତରେ ଯେଉଁ ଇଚ୍ଛା ରହିଥିବା ଉଚିତ, ଅଙ୍କିତ ଛବିଟି ତାହାକୁହିଁ ବ୍ୟକ୍ତ କରୁଛି ।

*

*(କ୍ରୀଡ଼ା-ପ୍ରତିଯୋଗିତାମାନଙ୍କରେ ଉପବିଜେତାମାନଙ୍କୁ ପ୍ରଦାନ କରାଯାଉଥିବା ପୁରସ୍କାର-ପତ୍ର ଉପରେ ରହିଥିବା ଚିତ୍ରଟି ବିଷୟରେ)*

ଉପବିଜେତାକୁ ଦିଆଯାଉଥିବା କାର୍ଡ୍‌ଗୁଡ଼ିକ ଉପରେ ଶିଳ୍ପୀ ରୋଡ଼ିନ୍‌ଙ୍କର 'ଚିନ୍ତାମଗ୍ନ ବ୍ୟକ୍ତି'ର ଚିତ୍ରଟି ରହିଛି । ଏହାର ଅର୍ଥ ହେଉଛି, ଆହୁରି ଅଧିକ ଭଲ ଫଳ ଦେଖାଇବା ଲାଗି ଉପାୟଗୁଡ଼ିକୁ ଆହୁରି ଫଳପ୍ରଦ କରିବାକୁ ହେଲେ ଚିନ୍ତନର ଆବଶ୍ୟକତା ରହିଛି ।

*

*(ଜିମ୍‌ନାଷ୍ଟିକ୍ ପ୍ରତିଯୋଗିତାର ପୁରସ୍କାର ପତ୍ରରେ ଛପା ହୋଇଥିବା ଶିଳ୍ପୀ ଗୁସ୍ତାଭ୍ ମୋରୋଙ୍କର ଅଙ୍କିତ ''ଓଡ଼ିପସ୍ ଓ ସ୍ଫିନ୍‌କ୍ସ୍'' ଚିତ୍ରଟିର ତାତ୍ପର୍ଯ୍ୟ ସମ୍ବନ୍ଧରେ)*

## ବିଶ୍ୱର ପ୍ରହେଳିକା

ଯଦି ତୁମେ ସେହି ପ୍ରହେଳିକାର ସମାଧାନ କରିପାରିବ, ତେବେ ତୁମେ ଅମର ହେବ; ଯଦି ନ ପାରିବ, ତେବେ ତୁମର ବିନାଶ ଘଟିବ ।

# ନାରୀମାନଙ୍କୁ ସେମାନଙ୍କ ଶରୀର ବିଷୟରେ

(କେତେକ ପ୍ରଶ୍ନର ଉତ୍ତର)

୧. ତୁମେ ଝିଅ କି ପୁଅ, ଏକଥା ସଂପୂର୍ଣ୍ଣ ଭାବରେ ଭୁଲିଯାଇ ଜଣେ ମଣିଷ ହେବାକୁ କ'ଣ ତୁମେ ପ୍ରକୃତରେ ଚେଷ୍ଟା କରି ପାରିବ ନାହିଁ ?

୨. ପ୍ରତ୍ୟେକ ବିଚାରର (ବା ବିଚାରଧାରାର) ଆପଣାର କାଳରେ ଓ ଆପଣାର ସ୍ଥାନରେ ଏକ ଯଥାର୍ଥତା ନିଶ୍ଚୟ ରହିଥାଏ । ମାତ୍ର ଯଦି ତାହା ଆପଣାକୁ ଏକମାତ୍ର ବିଚାର ରୂପେ ପ୍ରତିଷ୍ଠିତ କରି ରଖିବାକୁ ଚାହେଁ ଅଥବା ତା'ର ସମୟଟି ଗତ ହୋଇ ଯାଇଥିଲେ ମଧ୍ୟ ଯଦି ତାହା ତଥାପି ଚାଲି ନ ଯାଇ ରହିବାକୁ ଇଚ୍ଛା କରୁଥାଏ, ତେବେ ତାହାକୁ ଆଉ ଏକ ପ୍ରକୃତ ବିଚାର ବୋଲି ଆଦୌ କହି ହେବ ନାହିଁ ।

— ମାଆ

*ଶାରୀରିକ ଶିକ୍ଷା ଲାଗି ଗଢ଼ା ହୋଇଥିବା ଗୋଷ୍ଠୀଗୁଡ଼ିକରେ ପିଲାମାନଙ୍କୁ ସମ୍ଭାଳିବାର କ୍ଷେତ୍ରରେ ଛାତ୍ରୀମାନଙ୍କୁ ନେଇ କେତୋଟି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି । ସେମାନଙ୍କର ବନ୍ଧୁ, ଅଧିକ ବୟସର ଅନ୍ୟ ବାଳିକାମାନେ, ପିତାମାତା ଓ ଡାକ୍ତର ସେମାନଙ୍କ ମନରେ ଯେଉଁ ଧାରଣାଗୁଡ଼ିକୁ ସୃଷ୍ଟି କରୁଛନ୍ତି, ସେଇଥିରୁହିଁ ଅଧିକାଂଶ ସମସ୍ୟା ଜନ୍ମଲାଭ କରୁଛି । ଆମର ବିନୀତ ଅନୁରୋଧ ଯେ ଆପଣ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଉପରେ କିଞ୍ଚିତ୍ ଆଲୋକପାତ କରିବେ, ଯେପରିକି, ଅଧିକ ଫଳପ୍ରଦତା ସହିତ ଆପଣାର ଦାୟିତ୍ୱଗୁଡ଼ିକୁ ତୁଲାଇ ପାରିବା ସକାଶେ ଆମର ଜ୍ଞାନକ୍ଷେତ୍ରଟି ଅଧିକ ସମ୍ପନ୍ନ ଏବଂ ସମର୍ଥ ହୋଇ ରହିପାରିବ ।*

*୧. ନିଜର ମାସିକ ଋତୁ ପ୍ରତି ଜଣେ ଝିଅର କିପରି ଦୃଷ୍ଟିକୋଣ ରହିବ ?*

*୨. ମାସିକ ଋତୁ ସମୟରେ ଜଣେ ଝିଅର ଶାରୀରିକ ଶିକ୍ଷାର ନିୟମିତ କାର୍ଯ୍ୟକ୍ରମଟିରେ ଯୋଗଦେବା ଉଚିତ ହେବ କି ?*

*୩. ମାସିକ ଋତୁ ସମୟରେ କେତେକ ଝିଅ ଏକାବେଳେକେ ଅସୁସ୍ଥ ହୋଇପଡ଼ନ୍ତି କାହିଁକି ଓ ସେମାନଙ୍କର ତଳ ପିଠି ଏବଂ ତଳିପେଟରେ ଏପରି ଦରଜ ହୁଏ*

*କାହିଁକି ? ଆହୁରି ଅନ୍ୟ ଝିଅମାନେ ବି ଥାଆନ୍ତି, ଯେଉଁମାନଙ୍କର ଏହି ସମୟରେ ଖୁବ୍ କମ୍ ଅସୁବିଧା ହୋଇଥାଏ ବା ଆଦୌ କୌଣସି ଅସୁବିଧା ହୋଇ ନ ଥାଏ ।*

*୪. ମାସିକ ଋତୁ ସମୟରେ ଜଣେ ଝିଅ ତା'ର ଅସୁସ୍ଥତା ଏବଂ ଯନ୍ତ୍ରଣାଗୁଡ଼ିକୁ ଦୂର କରିପାରିବ କିପରି ?*

*୫. ପୁଅ ଓ ଝିଅଙ୍କ ସକାଶେ ଅଲଗା ଅଲଗା ବ୍ୟାୟାମ ରହିବା ଉଚିତ ବୋଲି ଆପଣ ଭାବୁଛନ୍ତି କି ? ସାଧାରଣତଃ ପୁରୁଷମାନଙ୍କ ଲାଗି ଯେଉଁସବୁ କ୍ରୀଡ଼ା ଓ କସରତ୍ ନିର୍ଦ୍ଦିଷ୍ଟ ହୋଇ ରହିଥାଏ, ଜଣେ ଝିଅ ସେଗୁଡ଼ିକୁ ଅଭ୍ୟାସ କଲେ ତଦ୍ଦ୍ୱାରା ତା'ର ଜନନେନ୍ଦ୍ରିୟଗୁଡ଼ିକରେ ପ୍ରକୃତରେ କୌଣସି କ୍ଷତି ହେବ କି ?*

*୬. କଠିନ ଓ ଶକ୍ତ ବ୍ୟାୟାମଗୁଡ଼ିକର ଅଭ୍ୟାସ କରିବା ଦ୍ୱାରା ଜଣେ ଝିଅର ଚେହେରା ବଦଳିଯାଇ ଜଣେ ପୁରୁଷର ଚେହେରା ପରି ମାଂସପେଶୀବହୁଳ ଦେଖାଯିବ କି ଓ ତେଣୁ ତା'ର ଶରୀରକୁ ଅସୁନ୍ଦର କରି ପକାଇବ କି ?*

*୭. ଏହି ଝିଅମାନେ ପରେ ବିବାହ କରି ମାଆ ହେବାକୁ ଇଚ୍ଛା କଲେ, କଠିନ ଧରଣର ବ୍ୟାୟାମମାନ କରିଥିବା ହେତୁ ସେମାନଙ୍କର ସନ୍ତାନ ପ୍ରସବ ସମୟରେ କୌଣସି ଅସୁବିଧା ଉପୁଜିବ କି ?*

*୮. ଆପଣାର ବିଶିଷ୍ଟ ଲିଙ୍ଗଟି ଦୃଷ୍ଟିରୁ ଜଣେ ଝିଅ ଲାଗି ଶାରୀରିକ ଶିକ୍ଷାର କି ଆଦର୍ଶ ରହିବା ଉଚିତ ?*

*୯. ଆମ ନୂତନ ଜୀବନଧାରାଟି ଭିତରେ ପୁରୁଷ ଓ ନାରୀର ଭୂମିକାମାନ ପ୍ରକୃତରେ କିପରି ହେବା ଉଚିତ ? ସେମାନଙ୍କର ପାରସ୍ପରିକ ସମ୍ବନ୍ଧ ବି କିପରି ହେବା ଉଚିତ ?*

*୧୦. ଆପଣାର ଶାରୀରିକ ସୌନ୍ଦର୍ଯ୍ୟ ବିଷୟରେ ଜଣେ ନାରୀର କେଉଁଭଳି ଆଦର୍ଶ ରହିବା ଉଚିତ ?*

ତୁମ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପୂର୍ବରୁ ମୁଁ ତୁମକୁ ଗୋଟିଏ କଥା କହିବାକୁ ଇଚ୍ଛା କରୁଛି । ସେହି କଥାଟିକୁ ତୁମେ ଆଗରୁ ନିଶ୍ଚୟ ଜାଣିଥିବ ସତ, ମାତ୍ର, ଏକ ସୁବିବେଚିତ ଜୀବନଯାପନର ପ୍ରଣାଳୀ ଶିକ୍ଷା କରିବାକୁ ଯଦି ତୁମର ଇଚ୍ଛା ରହିଥାଏ, ତେବେ ତୁମେ ସେହି କଥାଟିକୁ କଦାପି ଭୁଲି ଯିବ ନାହିଁ ।

ଏକଥା ସତ ଯେ ଆମ ଅନ୍ତର୍ଗତ ସତ୍ତାର କ୍ଷେତ୍ରରେ ଆମେ ସେହି ଚିଦ୍‌ଗତ ସତ୍ତାରହିଁ ଜଣେ ଜଣେ ପ୍ରତିନିଧି; ଆମେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଜୀବନ୍ତ

ଆତ୍ମା, ଯାହାକି ଆପଣା ଭିତରେ ଦିବ୍ୟ ପରମସତ୍ତାଙ୍କୁ ଧାରଣ କରି ରଖିଛି, ସେହି ଦିବ୍ୟସତ୍ତାରେ ପରିଣତ ହେବାକୁ ଓ ତାହାକୁହିଁ ସଂପୂର୍ଣ୍ଣ ଭାବରେ ବ୍ୟକ୍ତ କରିବାକୁ ଅଭୀପ୍‌ସା ରଖିଛି । ମାତ୍ର, ଅନ୍ତତଃ ବର୍ତ୍ତମାନ ଲାଗି ଏ କଥାଟି ମଧ୍ୟ ସମାନ ଭାବରେ ସତ ଯେ ଆମର ସ୍ଥୂଳତମ ବାହ୍ୟସତ୍ତାଟିର କ୍ଷେତ୍ରରେ, ଅର୍ଥାତ୍ ଆମ ଶରୀରକ୍ଷେତ୍ରରେ ଆମେ ତଥାପି ଏକ ପ୍ରାଣୀ ହୋଇ ରହିଛୁ, ଏକ ସ୍ତନ୍ୟପାୟୀ ପ୍ରାଣୀ ହୋଇ ରହିଛୁ । ଆମେ ଯେ ଏକ ଉଚ୍ଚତର କୀଟର ପ୍ରାଣୀ ହୋଇ ରହିଛୁ ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ତଥାପି ସେହି ଇତର ପ୍ରାଣୀମାନଙ୍କ ପରି ତିଆରି ହୋଇଛୁ ଏବଂ ପ୍ରାଣିସ୍ୱଭାବର ଯାବତୀୟ ବିଧାନର ବଶବର୍ତ୍ତୀ ହୋଇ ରହିଛୁ ।

ତୁମକୁ ନିଶ୍ଚୟ ଶିକ୍ଷା ଦିଆଯାଇ ସାରିଥିବ ଯେ, ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଏକ ବିଶିଷ୍ଟ ଲକ୍ଷଣ ରୂପେ ସେମାନଙ୍କ ମଧ୍ୟରେ ରହିଥିବା ସ୍ତ୍ରୀମାନଙ୍କରହିଁ ଗର୍ଭସଂଚାର ହୁଏ, ସ୍ତ୍ରୀମାନେହିଁ ସନ୍ତାନକୁ ଗର୍ଭରେ ଧାରଣ କରନ୍ତି ଏବଂ ଶିଶୁଟି ସଂପୂର୍ଣ୍ଣ ଭାବରେ ଗଠିତ ହୋଇ ମା'ର ଶରୀର ଭିତରୁ ବାହାରି ସ୍ୱତନ୍ତ୍ର ଭାବରେ ଜୀବନ ଧାରଣ କରିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ତାହାକୁ ଆପଣା ଭିତରେ ତିଆରି କରିବାରେ ଲାଗିଥା'ନ୍ତି ।

ସ୍ତ୍ରୀର ଏହି ବିଶେଷ କାର୍ଯ୍ୟଟି ଦୃଷ୍ଟିରୁ ପ୍ରକୃତି ତାକୁ ଏକ ଅଧିକତର ପରିମାଣର ରକ୍ତ ମଧ୍ୟ ପ୍ରଦାନ କରିଛି ଏବଂ ଶିଶୁଟି ଗର୍ଭରେ ବୃଦ୍ଧିଲାଭ କରୁଥିବା ସମୟରେ ସେହି ରକ୍ତକୁ କାର୍ଯ୍ୟରେ ଲଗାଇବାକୁ ପଡ଼ିଥାଏ । ମାତ୍ର ଏହି ଅଧିକ ରକ୍ତ ସର୍ବଦା କାର୍ଯ୍ୟରେ ନ ଲାଗୁଥିବାରୁ, ଯେତେବେଳେ ଗର୍ଭରେ କୌଣସି ଶିଶୁ ରହି ନ ଥାଏ, ସେତେବେଳେ କୌଣସି ଅତିରିକ୍ତତା ଏବଂ ରକ୍ତସଂକୁଳତାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଶରୀର ତାହାକୁ ବାହାରକୁ ବାହାର କରି ଆଣେ । ଏବଂ ଏହି କାରଣରୁ ମାସିକ ଋତୁ ଘଟିଥାଏ । ତେଣୁ ଏହାକୁ କେବଳ ଏକ ପ୍ରାକୃତିକ ଘଟନା ବୋଲି କୁହାଯାଇ ପାରିବ; ଜଣେ ନାରୀ ଯେପରି ଭାବରେ ତିଆରି ହୋଇଛି, ତାହାରି ଏକ ପରିଣାମ ବୋଲି କୁହାଯିବ ଏବଂ ତେଣୁ, ଶରୀରର ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଉପରେ ଯେତିକି ମହତ୍ତ୍ୱ ଦିଆଯାଏ, ଏଇଟି ଉପରେ ତା' ଠାରୁ ଅଧିକ ମହତ୍ତ୍ୱ ଦେବା ଲାଗି ଏହି କ୍ଷେତ୍ରରେ ଆଦୌ କୌଣସି ପ୍ରୟୋଜନ ରହିବ ନାହିଁ । ଏହାକୁ ଆମେ ଆଦୌ ଏକ ରୋଗ ବୋଲି ଭାବିବା ନାହିଁ ଏବଂ ଏହା କଦାପି କୌଣସି ଦୁର୍ବଳତା କିଂବା ପ୍ରକୃତ ଅସୁବିଧାର କାରଣ ବି ହୋଇ ପାରିବ ନାହିଁ । ତେଣୁ ପ୍ରାୟ ହାସ୍ୟାସ୍ପଦ ଭାବରେ ଏକାନ୍ତ ଅତିସଂବେଦନଶୀଳ ହୋଇ ନ ଥିବା ଜଣେ ସାଧାରଣ ସ୍ୱଭାବର ସ୍ତ୍ରୀଲୋକ ତା'ର ମାସିକ ଋତୁ ସମୟରେ ପରିଷ୍କାର ପରିଚ୍ଛନ୍ନତାର ଆବଶ୍ୟକ ସକଳ ଯତ୍ନ ନେବ; ମାତ୍ର ତା'ପରେ ସେ ସେଇଟି ବିଷୟରେ ଆଉ ଅଧିକ କିଛିହେଲେ ଭାବିବ ନାହିଁ ଏବଂ ଆପଣାର କାର୍ଯ୍ୟକ୍ରମରେ ଆଦୌ କୌଣସି ପରିବର୍ତ୍ତନ ନ କରି ଦୈନନ୍ଦିନ

ଜୀବନଟିକୁ ବଞ୍ଚୁଥିବ । ଉତ୍ତମ ସ୍ୱାସ୍ଥ୍ୟରେ ରହି ପାରିବା ଲାଗି ଏହାହିଁ ସର୍ବୋତ୍ତମ ଉପାୟ ।

ପୁନଶ୍ଚ, ଆମ ଶରୀରର କ୍ଷେତ୍ରରେ ଆମେ ଏବେ ମଧ୍ୟ ସାଂଘାତିକ ଭାବରେ ଯେକୌଣସି ପ୍ରାଣୀ ପରି ହୋଇ ରହିଛୁ ବୋଲି ସ୍ୱୀକାର କଲେ ମଧ୍ୟ, ଆମେ ତଥାପି କଦାପି ଏପରି ଗୋଟିଏ ସିଦ୍ଧାନ୍ତକରି ପକାଇବା ନାହିଁ ଯେ ଆମ ଜୀବନର ପ୍ରାଣିଅଂଶଟି ଆମ ଲାଗି ସବୁଠାରୁ ଅଧିକ ମୂର୍ତ୍ତ ଏବଂ ଅଧିକ ବାସ୍ତବ ହୋଇ ରହିଥିବାରୁହିଁ ଆମେ ସେଇଟିର ଅଧୀନ ହୋଇ ରହିବାକୁ ବାଧ୍ୟ ହେବା ଏବଂ ତାହାକୁ ଆମ ଉପରେ ମାଲିକ ହୋଇ ରହିବାକୁ ବାଟ ଛାଡ଼ିଦେବା । ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ସାଧାରଣ ଜୀବନରେ ଅଧିକାଂଶ ସମୟରେ ତାହାହିଁ ଘଟିଥାଏ ଏବଂ ମଣିଷମାନେ ସେମାନଙ୍କର ଶାରୀରିକ ସତ୍ତାଟି ଉପରେ ସ୍ୱୟଂ ଶାସକ ହୋଇ ରହିବା ପରିବର୍ତ୍ତେ ଅଧିକତର ପରିମାଣରେ ତାହାର ଦାସ ଓ ଆଜ୍ଞାବହ ହୋଇହିଁ ରହିଥା'ନ୍ତି । ମାତ୍ର ପ୍ରକୃତରେ ଏହାର ଠିକ୍ ବିପରୀତ କଥାଟିହିଁ ହୋଇପାରିବା ଉଚିତ, କାରଣ ବ୍ୟକ୍ତିଗତ ଜୀବନର ପ୍ରକୃତ ସତ୍ୟଟି ଆମକୁ ଏକ ସଂପୂର୍ଣ୍ଣ ଅନ୍ୟ କଥାରହିଁ ନିର୍ଦ୍ଦେଶନା ଦେଇ ଯାଇଥାଏ ।

ଆମ ଭିତରେ ଆମର ଏକ ବୁଦ୍ଧିପ୍ରେରିତ ଇଚ୍ଛା ରହିଛି, ତାହା ଅଳ୍ପବହୁତ ପରିମାଣରେ ସନ୍ଦୀପନଯୁକ୍ତ ହୋଇ ରହିଛି ଏବଂ ଆମ ଚୈତ୍ୟସତ୍ତାର ସର୍ବପ୍ରଥମ ସାଧନା ରୂପେ ଅବସ୍ଥିତ ରହିଛି । ଏକ ପ୍ରାଣିଧର୍ମୀୟ ମନୁଷ୍ୟ ହିସାବରେ ନୁହେଁ, ମାତ୍ର ଏକ ମନୁଷ୍ୟସତ୍ତା ରୂପେ ଅର୍ଥାତ୍ ପରମ ଦିବ୍ୟସତ୍ତାର ଭାଜନ ହେବା ଲାଗି ଅଭୀପ୍ସା ରଖିଥିବା ଏକ ମାର୍ଗଚାରୀ ଯାତ୍ରୀ  ରୂପେ ଜୀବନ ବଞ୍ଚି ଶିଖିବାକୁ ହେଲେ ଆମକୁ ସେହି ବୁଦ୍ଧିପ୍ରେରିତ ଇଚ୍ଛାଶକ୍ତିଟିକୁ କାର୍ଯ୍ୟରେ ଲଗାଇ ପାରିବାକୁ ହେବ ।

ଏବଂ ସେହି ଉପଲବ୍ଧିର ସର୍ବପ୍ରଥମ ପଦକ୍ଷେପ ରୂପେ ଆମକୁ ଆମର ଏହି ଶରୀରର ଏକ ଅସହାୟ ଆଜ୍ଞାବହ ହୋଇ ନ ରହି ତାହାର ମାଲିକ ହେବାକୁ ପଡ଼ିବ ।

ସେହି ଲକ୍ଷ୍ୟଟିକୁ ହାସଲ କରିବା ସକାଶେ ଶରୀରର କର୍ଷଣ ହେଉଛି ଫଳପ୍ରଦତମ ସହାୟକ ମଧ୍ୟରୁ ଗୋଟିଏ ।

ପ୍ରାଚୀନ କାଳରେ ଅନେକ ସ୍ୱୀକୃତି ଲାଭ କରିଥିବା ମାତ୍ର ତା' ପରେ ଆଂଶିକ ଭାବରେ ବିସ୍ମୃତ ହୋଇ ରହିଥିବା ଏକ ଜ୍ଞାନ ପ୍ରାୟ ଗୋଟିଏ ଶତାବ୍ଦୀ ହେଲା ଆମ ଆଗରେ ଏକ ନୂତନ ରୂପରେ ଆବିର୍ଭୂତ ହେବାକୁ ଆରମ୍ଭ କରୁଛି । ଏବେ ଏହାର ପୁନର୍ଜାଗରଣ ଘଟୁଛି, ଏବଂ ଆଧୁନିକ ବିଜ୍ଞାନର ଅଗ୍ରଗତି ସଙ୍ଗେ ସଙ୍ଗେ ତାହା ଏକ ନୂତନ ବୈପୁଲ୍ୟ ଏବଂ ମହତ୍ତ୍ୱ ବି ଅର୍ଜନ କରିବାରେ ଲାଗିଛି । ଏହି ଜ୍ଞାନ ଆମର ସ୍ଥୂଳ ଶରୀରଟି ବିଷୟରେ ଚର୍ଚ୍ଚା କରିବାରେ ନିଜକୁ ନିୟୋଜିତ କରିଛି, ଏବଂ ଯଥାର୍ଥ ସନ୍ଦୀପନ

ଏବଂ ମାର୍ଗାନୁସରଣ ସହିତ ଶାରୀରିକ ଶିକ୍ଷାର ଅନୁଶୀଳନ କରାଗଲେ ତାହା ସାହାଯ୍ୟରେ ଦେହ ଉପରେ ଯେଉଁ ଅସାଧାରଣ କର୍ତ୍ତୃତ୍ୱ ଅର୍ଜନ କରିବା ସମ୍ଭବ ହେବ, ସେହି ଜ୍ଞାନ ତାହାରି ଆଲୋଚନା କରୁଛି ।

ଅଦୂର ଭବିଷ୍ୟତରେ ଅବଶ୍ୟ ସଂଘଟିତ ହେବାକୁ ଯାଉଥିବା ସେହି ମହନୀୟ ରୂପାନ୍ତରଟି ସକାଶେ ପୃଥିବୀକୁ ପ୍ରସ୍ତୁତ କରି ଆଣିବା ଲାଗି ଏଠାରେ ଯେଉଁ ନୂତନ ଶକ୍ତି ଓ ନୂତନ ଆଲୋକର ସଂଚରଣ ଏବଂ ପ୍ରସାର ହୋଇଛି, ତାହାରି କାର୍ଯ୍ୟର ଫଳସ୍ୱରୂପହିଁ ଏକ ନୂତନ ଜ୍ଞାନର ଆବିର୍ଭାବ ସମ୍ଭବ ହୋଇଛି ।

ତେଣୁ ଏହି ଶାରୀରିକ ଶିକ୍ଷା ଉପରେ ଏକ ମୂଳଭୂତ ମହତ୍ତ୍ୱ ଦେବାକୁ ଆମେ ଆଦୌ କୌଣସି ପ୍ରକାରେ କୁଣ୍ଠିତ ହେବା ନାହିଁ । ପୃଥିବୀ ପୃଷ୍ଠରେ ଆପଣାକୁ ବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ନୂତନ ଶକ୍ତିଟିକୁ ଗ୍ରହଣ କରି ତାହାର ପ୍ରକାଶ ଘଟାଇବା ନିମନ୍ତେ ଆମ ଶରୀରକୁ ସମର୍ଥ କରି ତିଆରି କରିବା ହେଉଛି ସେହି ଶାରୀରିକ ଶିକ୍ଷାର ଅସଲ ଉଦ୍ଦେଶ୍ୟ ।

ଏତକ କହିସାରିବା ପରେ ମୁଁ ବର୍ତ୍ତମାନ ତୁମେ ମୋତେ ପଚାରିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବି ।

*୧. ନିଜର ମାସିକ ଋତୁ ପ୍ରତି ଜଣେ ଝିଅର କିପରି ଦୃଷ୍ଟିକୋଣ ରହିବ ?*

ଯେକୌଣସି ସ୍ୱାଭାବିକ ଏବଂ ଅନିବାର୍ଯ୍ୟ ବସ୍ତୁପ୍ରତି ତୁମେ ଯେଉଁଭଳି ଦୃଷ୍ଟିକୋଣ ଗ୍ରହଣ କରିଥାଅ, ଠିକ୍ ସେହିପରି ଦୃଷ୍ଟିକୋଣ ରହିବ । ସେହି କଥାଟି ପ୍ରତି ତୁମେ ଯଥାସମ୍ଭବ କମ୍ ମହତ୍ତ୍ୱ ଦେବ ଏବଂ ଆପଣାର ଦୈନନ୍ଦିନ ଜୀବନର କାର୍ଯ୍ୟକ୍ରମଗୁଡ଼ିକୁ ପୂର୍ବପରି କରିବାରେ ଲାଗିଥିବ । ଏପରି ଗୋଟିଏ ଘଟନା ଘଟିଛି ବୋଲି ସେଗୁଡ଼ିକରେ ଆଦୌ କୌଣସି ପରିବର୍ତ୍ତନ କରିବ ନାହିଁ ।

*୨. ମାସିକ ଋତୁ ସମୟରେ ଜଣେ ଝିଅର ଶାରୀରିକ ଶିକ୍ଷାର ନିୟମିତ କାର୍ଯ୍ୟକ୍ରମଟିରେ ଯୋଗ ଦେବା ଉଚିତ ହେବ କି ?*

ନିଶ୍ଚୟ । ଯଦି ତା'ର ନିୟମିତ ଶାରୀରିକ ବ୍ୟାୟାମ କରିବାର ଅଭ୍ୟାସ ଥିବ, ତେବେ ସେ ନିଶ୍ଚୟ ଯୋଗ ଦେବ । ଯଦି ଆମର ସର୍ବଦା ଆମ ଦୈନନ୍ଦିନ ସ୍ୱାଭାବିକ ଜୀବନଟିକୁ ବଞ୍ଚିବାର ଅଭ୍ୟାସଟିକୁ ବଜାୟ ରଖିହେବ, ତେବେ ମାସିକ ଋତୁ ହୋଇଛି ବୋଲି ତାହା ଅଚିରେ ତୁମର ଆଖିରେ ମଧ୍ୟ ପଡ଼ିବ ନାହିଁ ।

*୩. ମାସିକ ଋତୁ ସମୟରେ କେତେକ ଝିଅ ଏକାବେଳେକେ ଅସୁସ୍ଥ ହୋଇପଡ଼ନ୍ତି କାହିଁକି ଓ ସେମାନଙ୍କର ତଳ ପିଠି ଏବଂ ତଳିପେଟରେ ଏପରି ଦରଜ ହୁଏ କାହିଁକି ? ଆହୁରି ଅନ୍ୟ ଝିଅମାନେ ବି ଥାଆନ୍ତି, ଯେଉଁମାନଙ୍କର ଏହି ସମୟରେ ଖୁବ୍ କମ୍ ଅସୁବିଧା ହୋଇଥାଏ ବା ଆଦୌ କୌଣସି ଅସୁବିଧା ହୋଇ ନ ଥାଏ ।*

ଏହି କଥାଟି ତୁମର ସ୍ୱଭାବ ଉପରେ ନିର୍ଭର କରିଥାଏ ଓ ମୁଖ୍ୟତଃ ତୁମର ଶିକ୍ଷା ଉପରେ ବି ନିର୍ଭର କରିଥାଏ । ଯଦି ପିଲାଟି ଦିନରୁ ଜଣେ ଝିଅ ଏତେ ଟିକିଏ ଅସ୍ୱସ୍ତି ପ୍ରତି ଅତିଗୁଡ଼ାଏ ଦୃଷ୍ଟି ଦେବାର ଅଭ୍ୟସ୍ତ ହୋଇ ଆସିଥିବ, ଏତେ ଟିକିଏ ଅସୁବିଧା ହେବା ମାତ୍ରକେ ଯଦି ସେଥି ଲାଗି ଗୁଡ଼ାଏ ଦେଖାଇ ହେବାକୁ ବା କହିବାକୁ ଶିକ୍ଷା କରିଥିବ, ତେବେ ସିଏ ତଦ୍ୱାରା ତା'ର ସମସ୍ତ ସହିବାଶକ୍ତିକୁ ହରାଇ ବସିବ ଏବଂ ଯେତେବେଳେ ଯାହାକିଛି ଘଟିବ, ତାହା ତାକୁ ଅସୁସ୍ଥ କରିଦେବା ଲାଗି ମଧ୍ୟ ଏକ କାରଣ ଓ ଅବସର ରୂପେ ବ୍ୟବହୃତ ହୋଇପାରିବ । ବିଶେଷତଃ, ଯଦି ପିତାମାତାମାନେ ସ୍ୱୟଂ ନିଜ ସନ୍ତାନମାନଙ୍କର ପ୍ରତିକ୍ରିୟାଗୁଡ଼ାକରେ ଭାରି ସହଜରେ ବ୍ୟସ୍ତ ଓ ଉଦ୍‌ବିଗ୍ନ ହୋଇ ପଡୁଥିବେ, ତେବେ ସେ କଥା ଅଧିକ ପରିମାଣରେ ଘଟିବ । ତେଣୁ ଅଧିକ ବିଜ୍ଞତାର କଥା ହେବ ଯେ ଆମେ ଆମ ପିଲାଙ୍କୁ ଟିକିଏ ଟାଣ ଓ ସହିଷ୍ଣୁ ହୋଇ ଶିଖାଇବା, ଜୀବନରେ ସର୍ବଦା ଏଡ଼ାଇ ରଖାଯାଇ ପାରୁ ନ ଥିବା ଏହିସବୁ ସାନସାନ ଅସୁବିଧା ଏବଂ ଆକସ୍ମିକତାରେ ସେମାନେ ଯେପରି ଆଦୌ କୌଣସି ପ୍ରକାରେ ଅତିଗୁଡ଼ାଏ ଚିନ୍ତିତ ହୋଇ ପଡୁ ନ ଥିବେ । ସ୍ଥିର ଭାବରେ ଯଥାସମ୍ଭବ ସବୁକିଛିକୁ ସହ୍ୟ କରିନେବା ହେଉଛି ଏକ ସର୍ବୋତ୍ତମ ଜୀବନଦୃଷ୍ଟି; ଆମେ ଆପଣା ଲାଗି ସେହି ଦୃଷ୍ଟିକୋଣଟିକୁ ଅର୍ଜନ କରିଥିବା ଏବଂ ଆମ ପିଲାମାନଙ୍କୁ ମଧ୍ୟ ତାହାକୁ ଅବଶ୍ୟ ଶିଖାଇଥିବା ।

ଏହି କଥାଟି ଅତ୍ୟନ୍ତ ସୁବିଦିତ ଯେ, ଯଦି ତୁମେ କୌଣସି କଷ୍ଟ ପାଇବ ବୋଲି ଆଗରୁ ଆଶଙ୍କା କରି ବସିଥିବ, ଏବଂ, ସେହି କଷ୍ଟ ପ୍ରକୃତରେ ଆସି ପଡ଼ିବା ବେଳେ ଯଦି ତୁମେ ନିଜର ଭାବନାରେ ତାହାରି ଉପରେ ଗୁରାଇତୁରାଇ ହୋଇ ରହିଥିବ, ତେବେ ତାହାର ମାତ୍ରା ନିଶ୍ଚୟ ଅଧିକରୁ ଅଧିକ ହେବ; ଏବଂ ଶେଷକୁ ତୁମେ ତାହାକୁ ''ଅସହ୍ୟ'' ବୋଲି ବି କହିବାକୁ ଆରମ୍ଭ କରିବ । ମାତ୍ର, ଅନ୍ୟ ପକ୍ଷରେ, ଟିକିଏ ଇଚ୍ଛାଶକ୍ତି ଓ ସାହସ ରହିଥିଲେ ଆମେ ପ୍ରକୃତରେ ସହି ନ ହେଉଥିବା କ୍ୱଚିତ୍ କୌଣସି କଷ୍ଟର ସମ୍ମୁଖୀନ ହେବା ।

*୪. ମାସିକ ଋତୁ ସମୟରେ ଜଣେ ଝିଅ ତା'ର ଅସୁସ୍ଥତା ଏବଂ ଯନ୍ତ୍ରଣାଗୁଡ଼ିକୁ ଦୂର କରିପାରିବ କିପରି ?*

କେତେକ ବ୍ୟାୟାମ ଅଛି, ଯାହାକୁ କଲେ ତଳିପେଟ ଶକ୍ତ ହୋଇଯାଏ, ରକ୍ତସଞ୍ଚାଳନ ବି ଭଲଭାବରେ ହୁଏ । ମାସିକ ଋତୁଜନିତ ଯନ୍ତ୍ରଣା ଦୂର ହୋଇଯିବା ପରେ ମଧ୍ୟ ଏହି ବ୍ୟାୟାମଗୁଡ଼ିକୁ ନିୟମିତ ଭାବରେ କରିବା ଉଚିତ ଓ ବନ୍ଦ କରିଦେବା ଆଦୌ ଉଚିତ ନୁହେଁ । ବୟଃପ୍ରାପ୍ତା ଝିଅମାନେ ପ୍ରାୟ ସଂପୂର୍ଣ୍ଣ ଭାବରେହିଁ ସେମାନଙ୍କ ଭିତରେ ରହିଥିବା ଯୌନବାସନା ହେତୁ ଏହିପ୍ରକାରର ଯନ୍ତ୍ରଣାକୁ ଭୋଗ କରିଥା'ନ୍ତି । ସେହି ବାସନାଗୁଡ଼ିକରୁ ମୁକ୍ତ ହୋଇ ପାରିଲେ ଆମେ ଯନ୍ତ୍ରଣାଟିରୁ ମଧ୍ୟ ମୁକ୍ତିଲାଭ କରିପାରିବା । ବାସନାଗୁଡ଼ିକରୁ ମୁକ୍ତହେବା ପାଇଁ ଦୁଇଟି ବାଟ ରହିଛି; ଗୋଟିଏ ହେଉଛି ସେହି ବାସନାଗୁଡ଼ିକୁ ପରିତୃପ୍ତ କରିବାର ବାଟ, ସାଧାରଣତଃ ସମସ୍ତେ ଏହି ବାଟଟିକୁ ଗ୍ରହଣ କରିଥା'ନ୍ତି । (ବରଂ କୁହାଯାଇ ପାରିବ ଯେ ସମସ୍ତେ ଏହାକୁ ପରିତୃପ୍ତି ବୋଲି କହିଥା'ନ୍ତି । କାରଣ ବାସନାର କ୍ଷେତ୍ରରେ ପରିତୃପ୍ତି ବୋଲି ଆଦୌ କିଛି ରହିଛି ବୋଲି ଆଦୌ କହି ହେବ ନାହିଁ ।) ଏହାର ଅର୍ଥ ହେଉଛି ଯେ ଆମେ ସାଧାରଣ ଏକ ମନୁଷ୍ୟ-ପ୍ରାଣୀର ଜୀବନଯାପନ କରିବା; ବିବାହ କରିବା, ସନ୍ତାନମାନଙ୍କୁ ଜନ୍ମଦେବା ଇତ୍ୟାଦି ଇତ୍ୟାଦି ସବୁକିଛି ।

ଏହା ବ୍ୟତୀତ ଅବଶ୍ୟ ଆଉ ଗୋଟିଏ ବାଟ ରହିଛି, ଏକ ଅଧିକ ଭଲ ବାଟ ରହିଛି । ତାହା ହେଉଛି ନିୟନ୍ତ୍ରଣର ବାଟ, ପ୍ରଭୁତ୍ୱ ଅର୍ଜନ କରିବାର ବାଟ, ରୂପାନ୍ତରର ବାଟ, ଏହି ବାଟ ଅଧିକ ଗୌରବପୂର୍ଣ୍ଣ ଏବଂ ଅଧିକ ଫଳପ୍ରଦ ବାଟ ।

*୫. ପୁଅ ଓ ଝିଅଙ୍କ ସକାଶେ ଅଲଗା ଅଲଗା ବ୍ୟାୟାମ ରହିବା ଉଚିତ ବୋଲି ଆପଣ ଭାବୁଛନ୍ତି କି ? ସାଧାରଣତଃ ପୁରୁଷମାନଙ୍କ ଲାଗି ଯେଉଁସବୁ କ୍ରୀଡ଼ା ଓ କସରତ ନିର୍ଦ୍ଦିଷ୍ଟ ହୋଇ ରହିଥାଏ, ଜଣେ ଝିଅ ସେଗୁଡ଼ିକୁ ଅଭ୍ୟାସ କଲେ ତଦ୍ୱାରା ତା'ର ଜନନେନ୍ଦ୍ରିୟଗୁଡ଼ିକରେ ପ୍ରକୃତରେ କୌଣସି କ୍ଷତି ହେବ କି ?*

ସକଳ କ୍ଷେତ୍ରରେ, ପୁଅ ଓ ଝିଅ ଉଭୟଙ୍କ ସକାଶେ, ପ୍ରତ୍ୟେକର ଶାରୀରିକ ବଳ ଏବଂ ସାମର୍ଥ୍ୟ ଅନୁସାରେ ବ୍ୟାୟାମଗୁଡ଼ିକର ଏକ ଶ୍ରେଣୀବିଭାଜନ ନିଶ୍ଚୟ ହୋଇଥିବା ଉଚିତ । ଯଦି ଜଣେ ଦୁର୍ବଳ ଛାତ୍ର ଆରମ୍ଭରୁହିଁ ଶକ୍ତ ଓ କଷ୍ଟକର ବ୍ୟାୟାମଗୁଡ଼ିକୁ କରିବାକୁ ଆରମ୍ଭ କରିଦିଏ, ତେବେ ଆପଣାର ସେହି ନିର୍ବୋଧତା ସକାଶେ ତାକୁ ହୁଏତ ନିଶ୍ଚୟ ଅସୁସ୍ଥତା ଭୋଗ କରିବାକୁ ପଡ଼ିବ । ମାତ୍ର ଟିକିଏ ବୁଦ୍ଧି ଖର୍ଚ୍ଚ କରି ଏକ କ୍ରମବର୍ଦ୍ଧନଯୁକ୍ତ ବ୍ୟାୟାମର

ଶିକ୍ଷା ଦିଆଯାଇପାରିଲେ, ପୁଅ ଓ ଝିଅ ସମସ୍ତେ ଯାବତୀୟ ପ୍ରକାରର କ୍ରୀଡ଼ା ଓ କସରତରେ ଅବଶ୍ୟ ଅଂଶଗ୍ରହଣ କରି ପାରିବେ ଓ ତଦ୍ଦ୍ୱାରା ନିଜର ଦୈହିକ ଶକ୍ତି ତଥା ସ୍ୱାସ୍ଥ୍ୟରେ ଅଭିବୃଦ୍ଧି ଘଟାଇ ପାରିବେ ।

ଏବଂ ଆମର ଦୈହିକ ଶକ୍ତି ତଥା ସ୍ୱାସ୍ଥ୍ୟରେ ଅଭିବୃଦ୍ଧି ଘଟିଲେ ତଦ୍ଦ୍ୱାରା ଦେହର କଦାପି କୌଣସି ଅନିଷ୍ଟ ଘଟିବ ନାହିଁ । ସେହି ଦେହ ଜଣେ ନାରୀର ଦେହ ହୋଇଥିଲେ ମଧ୍ୟ ଆଦୌ କୌଣସି ଅନିଷ୍ଟ ଘଟିବ ନାହିଁ ।

*୬. କଠିନ ଓ ଶକ୍ତ ବ୍ୟାୟାମଗୁଡ଼ିକର ଅଭ୍ୟାସ କରିବା ଦ୍ୱାରା ଜଣେ ଝିଅର ଚେହେରା ବଦଳିଯାଇ ଜଣେ ପୁରୁଷର ଚେହେରା ପରି ମାଂସପେଶୀବହୁଳ ଦେଖାଯିବ କି  ଓ ତେଣୁ ତା'ର ଶରୀରକୁ ଅସୁନ୍ଦର କରି ପକାଇବ କି ?*

ଗୋଟାଏ ବିକୃତ ମନର ଦୃଷ୍ଟି ନେଇ ଦେଖିଲେ ହୁଏତ ଦୁର୍ବଳ ଓ ଶୀର୍ଣ୍ଣ ଚେହେରାଟିଏ ଆମକୁ ଭାରି ଆକର୍ଷକ ଦେଖାଯିବ । ମାତ୍ର ତାହା କଦାପି ପ୍ରକୃତିର ସତ୍ୟ ହୋଇ ନ ପାରେ । ତାହା ପରମ ଚିତ୍‌ସତ୍ତାଙ୍କ ସତ୍ୟବୋଲି ବି କଦାପି କହି ହେବ ନାହିଁ ।

ଯଦି ତୁମେ ଜିମ୍‌ନାଷ୍ଟିକ୍ ଅଭ୍ୟାସ କରୁଥିବା ନାରୀମାନଙ୍କର ଫଟୋକୁ କେବେ ଅନାଇ ଦେଖିଥିବ, ତେବେ ସେମାନଙ୍କର ଶରୀର ଯେ ପ୍ରକୃତରେ କେତେ ନିଖୁଣ ଭାବରେ ସୁନ୍ଦର, ସେକଥା ନିଶ୍ଚୟ ଲକ୍ଷ୍ୟ କରିଥିବ । ଏବଂ ସେହି ନାରୀମାନଙ୍କର ଶରୀର ଯେ ମାଂସପେଶୀ ବହୁଳ, ସେକଥା ମଧ୍ୟ କେହି ଅସ୍ୱୀକାର କରିପାରିବ ନାହିଁ ।

*୭. ଏହି ଝିଅମାନେ ପରେ ବିବାହ କରି ମାଆ ହେବାକୁ ଇଚ୍ଛା କଲେ, କଠିନ ଧରଣର ବ୍ୟାୟାମମାନ କରିଥିବା ହେତୁ ସେମାନଙ୍କର ସନ୍ତାନ ପ୍ରସବ ସମୟରେ କୌଣସି ଅସୁବିଧା ଉପୁଜିବ କି ?*

ଏପରି କୌଣସି ଦୃଷ୍ଟାନ୍ତ ମୋତେ ଜଣା ନାହିଁ । ବରଂ, ଯେଉଁ ନାରୀମାନେ କଠୋର ବ୍ୟାୟାମର ଶିକ୍ଷା ଲାଭ କରିଥା'ନ୍ତି ଏବଂ ଯେଉଁମାନଙ୍କର ଶରୀରର ସୁଦୃଢ଼ ମାଂସପେଶୀଯୁକ୍ତ ହୋଇ ବଢ଼ିଥାଏ, ସେମାନେ ଅପେକ୍ଷାକୃତ ଅଧିକ ଅବଲୀଳା ସହିତ ସନ୍ତାନକୁ ଗର୍ଭରେ ଧାରଣ କରିବାର ଓ ସନ୍ତାନ ପ୍ରସବ କରିବାର ସୁକଠୋର ପରୀକ୍ଷାଟିକୁ ଉତ୍ତୀର୍ଣ୍ଣ ହୋଇଥା'ନ୍ତି ।

ମୁଁ ଥରେ ଜଣେ ଆଫ୍ରିକୀୟ ନାରୀଙ୍କ ବିଷୟରେ ଗୋଟିଏ ପ୍ରାମାଣିକ ଗଳ୍ପ ଶୁଣିଥିଲି ।

ସେହି ନାରୀମାନେ ନିଜ ଉପରେ ବଡ଼ ବଡ଼ ବୋଝ ଲଦି ମାଇଲ୍ ମାଇଲ୍ ବାଟ ଚାଲିକରି ଯିବାରେ ଅଭ୍ୟସ୍ତ ହୋଇ ରହିଥା'ନ୍ତି । ସେହି ନାରୀଜଣକ ଗର୍ଭବତୀ ଥିଲେ ଏବଂ ଦିନକର ସେହିପରି ବାଟ ଚାଲିଯାଉଥିବା ସମୟରେ ପ୍ରସବବେଦନା ଅନୁଭବ କରିବାକୁ ଲାଗିଲେ । ସିଏ ସଙ୍ଗେ ସଙ୍ଗେ ବାଟ କଡ଼ରେ ଥିବା ଗୋଟିଏ ଗଛତଳେ ଯାଇ ବସି ପଡ଼ିଲେ, ସନ୍ତାନଟିକୁ ପ୍ରସବ କଲେ ଏବଂ ତା'ପରେ ସେଠାରେ ଅଧଘଣ୍ଟାଏ ବସି ରହିଲେ । ତା'ପରେ ସେଠାରୁ ଉଠି, ବୋଝଟି ସହିତ ଜନ୍ମ କରିଥିବା ଏହି ପିଲାଟିର ବୋଝଟିକୁ ଏକାଠି ମିଶାଇ ଅତ୍ୟନ୍ତ ଅବିଚଳିତ ଭାବରେ ନିଜ ବାଟରେ ବାହାରି ଯାଇଥିଲେ । ସତେ ଯେପରି ଆଦୌ କିଛି ଘଟି ନାହିଁ, ସେ ସେହିପରି ଭାବରେ ବାହାରି ଯାଇଥିଲେ । ଜଣେ ନାରୀ ପାଖରେ ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ସ୍ୱାସ୍ଥ୍ୟ ରହିଥିଲେ ସିଏ ଯେ ପ୍ରକୃତରେ କ'ଣ କରିପାରେ, ଏଇଟି ହେଉଛି ତା'ରି ଏକ ଚମତ୍କାର ଉଦାହରଣ ।

ଡାକ୍ତରମାନେ କହିବେ ଯେ ସଭ୍ୟ ଜଗତରେ ଏପରି ଗୋଟିଏ ଘଟନା ଆଦୌ ଘଟି ପାରିବ ନାହିଁ । ସଭ୍ୟ ଜଗତରେ ମଣିଷ ଯେଉଁ ତଥାକଥିତ ଅଗ୍ରଗତି ହାସଲ କରିଛି, ସେହି କାରଣରୁ ଏଠି ସେପରି ଏକ ଘଟନା ମୋଟେ ଘଟିବ ନାହିଁ । ମାତ୍ର ଆମେ କଦାପି ଏକଥାଟିକୁ ମଧ୍ୟ ଅସ୍ୱୀକାର କରି ପାରିବା ନାହିଁ ଯେ, ଶାରୀରିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଆଧୁନିକ ସଭ୍ୟତା ଦ୍ୱାରା ସୃଷ୍ଟି ହୋଇଥିବା ଯାବତୀୟ ଅତିକାତରତା, କଷ୍ଟଭୋଗ ଏବଂ ଜଟିଳତାଠାରୁ ଏହାକୁ ଏକ ଅଧିକ ସୁଖଦାୟକ ଅବସ୍ଥା ବୋଲି ଅବଶ୍ୟ କୁହାଯାଇପାରିବ ।

ପୁନଶ୍ଚ ଡାକ୍ତରମାନେ ଅସ୍ୱାଭାବିକ ଦୃଷ୍ଟାନ୍ତଗୁଡ଼ିକରେହିଁ ଅଧିକ ଆଗ୍ରହୀ ହୋଇ ରହିଥା'ନ୍ତି ଏବଂ ସେହି ଦୃଷ୍ଟିରୁହିଁ ଅଧିକାଂଶ ସମୟରେ ସବୁକଥାର ବିଚାର କରିଥା'ନ୍ତି । ମାତ୍ର ଆମେ ବିଭିନ୍ନ ପ୍ରକାରେ ବିଚାର କରିବା । ଆମେ ସାଧାରଣରୁ ଉଠି ଅସାଧାରଣ ଯାଏ ଯାଇପାରିବା । ଅସ୍ୱାଭାବିକରୁ କଦାପି ଅସାଧାରଣରେ ପହଞ୍ଚି ପାରିବା ନାହିଁ । ଅସ୍ୱାଭାବିକ ହେଉଛି ସର୍ବଦା ଏକ ବିକୃତିର ସଙ୍କେତ, ହୀନତାର ସଙ୍କେତ ।

*୮. ଆପଣାର ବିଶିଷ୍ଟ ଲିଙ୍ଗଟି ଦୃଷ୍ଟିରୁ ଜଣେ ଝିଅ ଲାଗି ଶାରୀରିକ ଶିକ୍ଷାର କି ଆଦର୍ଶ ରହିବା ଉଚିତ ?*

ପୁଅମାନଙ୍କର ଆଦର୍ଶଠାରୁ ଭିନ୍ନ ହୋଇ ଶାରୀରିକ ଶିକ୍ଷାର କ୍ଷେତ୍ରରେ ଝିଅମାନଙ୍କ ଲାଗି ଯେ କାହିଁକି ଗୋଟିଏ ବିଶେଷ ବା ସ୍ୱତନ୍ତ୍ର ଆଦର୍ଶ ରହିବ, ମୁଁ ତାହାର ଆଦୌ କୌଣସି କାରଣ ଦେଖିପାରୁ ନାହିଁ ।

ମାନବୀୟ ଶରୀରର ଯାବତୀୟ ସମ୍ଭାବନାକୁ — ସୁସମଞ୍ଜସତା, ଶକ୍ତି, ନମନୀୟତା, ନୈପୁଣ୍ୟ, ସ୍ଫୂର୍ତ୍ତି ଏବଂ ସହିଷ୍ଣୁତା ପ୍ରଭୃତି ଯାବତୀୟ କ୍ଷେତ୍ରର ସମ୍ଭାବନାକୁ ବିକଶିତ କରି ଆଣିବା ହେଉଛି ଶାରୀରିକ ଶିକ୍ଷାର ଉଦ୍ଦେଶ୍ୟ । ଆମର ସକଳ ଅଙ୍ଗପ୍ରତ୍ୟଙ୍ଗ ଏବଂ ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟ ଉପରେ ଆମର ନିୟନ୍ତ୍ରଣ ବୃଦ୍ଧି ପାଇବ, ଏକ ସଚେତନ ଇଚ୍ଛାଶକ୍ତି ପାଖରେ ଆମର ଶରୀର ଏକ ପରିପୂର୍ଣ୍ଣ ଯନ୍ତ୍ର ହୋଇ ରହିପାରିବ,— ଏଇଟି ମଧ୍ୟ ଶାରୀରିକ ଶିକ୍ଷାର ଏକ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମଟି ସମାନ ଭାବରେ ମଣିଷ ମାତ୍ରକେ ସମସ୍ତଙ୍କ ଲାଗି ଅତ୍ୟନ୍ତ ଉପାଦେୟ; ଏବଂ ତେଣୁ ସ୍ୱତନ୍ତ୍ର ଭାବରେ ଝିଅମାନଙ୍କ ସକାଶେ ଆଉ ଗୋଟିଏ କାର୍ଯ୍ୟକ୍ରମ ଗ୍ରହଣ କରିବା ଲାଗି ଏହି କ୍ଷେତ୍ରରେ ଆଦୌ କୌଣସି ଆବଶ୍ୟକତା ନାହିଁ ।

*୯. ଆମ ନୂତନ ଜୀବନଧାରାଟି ଭିତରେ ପୁରୁଷ ଓ ନାରୀର ଭୂମିକାମାନ କିପରି ହେବା ଉଚିତ ? ସେମାନଙ୍କର ପାରସ୍ପରିକ ସମ୍ବନ୍ଧ ବି କିପରି ହେବା ଉଚିତ ?*

ସେମାନଙ୍କ ମଧ୍ୟରେ ଆଦୌ କୌଣସି ତାରତମ୍ୟର ବିଚାର ବି କାହିଁକି କରାଯିବ ? ସେମାନେ ଉଭୟେ ମନୁଷ୍ୟ, ସେମାନେ ପ୍ରତ୍ୟେକେ ଦିବ୍ୟ ପରମ କର୍ମଟି ଲାଗି ଗୋଟିଏ ଗୋଟିଏ ଯୋଗ୍ୟ ନିମିତ୍ତ ହୋଇ ପାରିବା ଲାଗି ଉଦ୍ୟମ କରିବାରେ ଲାଗିଛନ୍ତି । ସେମାନେ ସମସ୍ତେ ଲିଙ୍ଗ, ଜାତି, ଧର୍ମ ଓ ଜାତୀୟତାର ଅନେକ ଊର୍ଦ୍ଧ୍ୱରେ ରହିଛନ୍ତି । ସେହି ଗୋଟିଏ ଅନ୍ତହୀନା ପରମାଜନନୀଙ୍କର ସନ୍ତାନ ହୋଇ ରହିଛନ୍ତି ଏବଂ ସେହି ଗୋଟିଏ ଶାଶ୍ୱତ ପରମ ଦିବ୍ୟତ୍ୱ ଲାଗି ଅଭୀପ୍ସା ମଧ୍ୟ କରୁଛନ୍ତି ।

*୧୦. ଆପଣାର ଶାରୀରିକ ସୌନ୍ଦର୍ଯ୍ୟ ବିଷୟରେ ଜଣେ ନାରୀର କେଉଁଭଳି ଆଦର୍ଶ ରହିବା ଉଚିତ ?*

ଅନୁପାତ କ୍ଷେତ୍ରରେ ଏକ ପରିପୂର୍ଣ୍ଣ ସୁସମଞ୍ଜସତା, ନମନୀୟତା, ଶକ୍ତିମତ୍ତା, ଲାଳିତ୍ୟ ଏବଂ ଦୃଢ଼ତା, ସୁନମ୍ୟତା ଏବଂ ସହିଷ୍ଣୁତା,— ଏବଂ ସର୍ବୋପରି, ଏକ ଅତି ଚମତ୍କାର ସ୍ୱାସ୍ଥ୍ୟ,— ଯେଉଁ ସ୍ୱାସ୍ଥ୍ୟ କି ଅତୁଟ ରହିଥିବ, କେବେହେଲେ ଭାଙ୍ଗି ଯାଉ ନ ଥିବ; ଏବଂ ଏକ ଶୁଦ୍ଧ ଆତ୍ମା, ଜୀବନ ଉପରେ ଆସ୍ଥା ତଥା ଦିବ୍ୟ ପରମକରୁଣା ଉପରେ ଅଟଳ ବିଶ୍ୱାସ ଫଳରେହିଁ ସେହି ସ୍ୱାସ୍ଥ୍ୟ ଉପଲବ୍ଧି ହୋଇ ପାରିବ ।

ଶେଷରେ ଆଉ ପଦେ :

ତୁମମାନଙ୍କର ଏସବୁ ଶୁଣିବା ଦରକାର ଥିଲା ବୋଲି ମୁଁ ତୁମମାନଙ୍କୁ ଏସବୁ କହିଲି : ମାତ୍ର ତୁମେମାନେ ସେଗୁଡ଼ିକୁ ଗୋଟାଏ ଗୋଟାଏ ଅକାଟ୍ୟ ଧର୍ମସୂତ୍ର ପରି ଆଦୌ ଗ୍ରହଣ କରି ନେବ ନାହିଁ; କାରଣ ସେପରି କଲେ ସେଗୁଡ଼ିକର ଅସଲ ସତ୍ୟଟି ଅପହୃତ ହୋଇଯିବ ।

*ସେପ୍ଟେମ୍ବର ୧୯୬୦ରେ ପ୍ରକାଶିତ*

# ୩

# ନବଯୁଗ ସଂଘ

*ଶ୍ରୀଅରବିନ୍ଦ ଆର୍ନ୍ତଜାତିକ ଶିକ୍ଷାକେନ୍ଦ୍ରସ୍ଥ ଉଚ୍ଚତର ଶିକ୍ଷାକ୍ରମରେ ଯୋଗ ଦେଇଥିବା ଛାତ୍ରମାନଙ୍କୁ ଆତ୍ମପ୍ରକାଶର ଏକ ମଞ୍ଚ ଯୋଗାଇ ଦେବା ଲାଗି ୧୯୬୪ ମସିହାରେ ଏହି ନବଯୁଗ ସଂଘ (New Age Association) ର ପ୍ରତିଷ୍ଠା ହୋଇଥିଲା ।*

*ତିନିମାସିଆ ଆଲୋଚନାଚକ୍ର ଏବଂ ସପ୍ତମ ତଥା ନବମ ବାର୍ଷିକ ସମ୍ମିଳନୀଗୁଡ଼ିକରେ ଆଲୋଚିତ ବିଷୟଗୁଡ଼ିକର ପାର୍ଶ୍ୱରେ ଦିଆ ଯାଇଥିବା ନିମ୍ନଲିଖିତ ସଙ୍କେତଗୁଡ଼ିକର ଅର୍ଥକୁ ପାଠକମାନେ ସ୍ମରଣ ରଖିବେ ବୋଲି ଅନୁରୋଧ :*

** = ମାଆ ଠିକ୍ କରି ଦେଇଥିବା ବିଷୟ;*

*‡ = ପ୍ରସ୍ତାବିତ କେତୋଟି ବିଷୟରୁ ମାଆ ଯେଉଁଗୁଡ଼ିକୁ ବାଛି ଦେଇଥିଲେ;*

*† = ମାଆ ଯେଉଁ ବିଷୟଗୁଡ଼ିକ ଲାଗି ନିଜର ଅନୁମୋଦନ ଜଣାଇଥିଲେ ।*

# ନବଯୁଗ ସଂଘ

ଏକ ମୁକ୍ତ ଆଲୋଚନା, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ଯାହା ଭାବୁଛି, ବା ଅନୁଭବ କରୁଛି, ତାହାକୁ ବ୍ୟକ୍ତ କରିବା ଲାଗି ସମର୍ଥ ହେବ ।

*୧୯୬୪*

*

**ଉଦ୍‌ଘାଟନ ବୈଠକ :** ୧୨ ଜୁଲାଇ, ୧୯୬୪

ତୁମେମାନେ ନିଜେ ସବୁ ଜାଣିଛ ବୋଲି ମୋଟେ ବିଶ୍ୱାସ କରିବ ନାହିଁ । ଆହୁରି ଅଧିକ ସଂପୂର୍ଣ୍ଣ ଭାବରେ ଜାଣିବା ଲାଗି ସତତ ପ୍ରୟାସ କରିବ । ଅନେକ ଆଶୀର୍ବାଦ ।

*୧୨ ଜୁଲାଇ ୧୯୬୪*

*

**ପ୍ରଥମ ସେମିନାର :** ୯ ଅଗଷ୍ଟ ୧୯୬୪

ଆମ ସାଧାରଣସ୍ତରୀୟ ମାନସିକ କ୍ରିୟାଶୀଳତାକୁ ଅତିକ୍ରମ କରି ଯିବାର ସର୍ବୋତ୍କୃଷ୍ଟ ଉପାୟ କ'ଣ ?*

ଏହି ପ୍ରଶ୍ନଟି ଲାଗି ମୋର ଉତ୍ତର : ନୀରବ ହୋଇ ରହିବ ।

*

**ଦ୍ୱିତୀୟ ସେମିନାର :** ୨୨ ନଭେମ୍ବର, ୧୯୬୪

ଦିବ୍ୟଜୀବନ ଲାଗି ଆମର ଅଭୀପ୍‌ସାରେ ଆମେ କିପରି ଅଟଳ ଏବଂ ନିଷ୍ଠାଯୁକ୍ତ ହୋଇ ରହିପାରିବୁ ?*

ତେବେ ଦିବ୍ୟ ଜୀବନକୁହିଁ ଜୀବନରେ ଲାଭ କରିବାକୁ ରହିଥିବା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ବୋଲି ବିଚାର କରିବାକୁ ହେବ ।

*

**ତୃତୀୟ ସେମିନାର :** ୧୪ ଫେବ୍ରୁଆରି, ୧୯୬୫

> କର୍ମତତ୍ପର ରହିବାର ଉତ୍ତେଜନାଗୁଡ଼ିକ ମଧ୍ୟରେ ତଥାପି ସତ୍ୟ ଏବଂ ମିଥ୍ୟା ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣିହେବ କିପରି ?*

ପରମ ସତ୍ୟର ଆଲୋକ ଅନ୍ଧକାର ଏବଂ ମିଥ୍ୟାର ଶକ୍ତିଗୁଡ଼ିକ ଉପରେ ଜୟଲାଭ କରୁ ବୋଲି ଯେଉଁମାନେ ଇଚ୍ଛା କରୁଥିବେ ଏବଂ ଏହି କାର୍ଯ୍ୟରେ ସାହାଯ୍ୟ କରିବାକୁ ଚାହୁଁଥିବେ, ସେମାନେ ଆପଣାର ଯାବତୀୟ କାର୍ଯ୍ୟ ଗତିସ୍ପନ୍ଦନକୁ ଆରମ୍ଭ କଲାବେଳେ ତତ୍କାଳୀନ ପ୍ରେରଣାଗୁଡ଼ିକ ଭିତରେ ଅତ୍ୟନ୍ତ ଯତ୍ନର ସହିତ ଅବଲୋକନ କରି ଶିଖିଲେ ସେକଥା କରିପାରିବେ । ଏହି ଅବଲୋକନ ଦ୍ୱାରା ସେମାନେ କେଉଁ ପ୍ରେରଣାଗୁଡ଼ିକ ସତ୍ୟରୁ ଉଦ୍ଭୂତ ହୋଇ ଆସୁଛି ଓ ଆଉ କେଉଁଗୁଡ଼ିକ ମିଥ୍ୟାରୁ ଉଦ୍ଭୂତ ହୋଇ ଆସୁଛି, ସେକଥା ମଧ୍ୟ ଜାଣିବାକୁ ସମର୍ଥ ହେବେ । ତା'ପରେ ସେମାନେ ପ୍ରଥମ ପ୍ରେରଣାଗୁଡ଼ିକର ବୋଲ ମାନିବେ ଏବଂ ଅନ୍ୟଗୁଡ଼ିକୁ ଅସ୍ୱୀକାର କରିବେ, ଅର୍ଥାତ୍ ପ୍ରତ୍ୟାଖ୍ୟାନ କରିବେ ।

ବିବେଚନା କରିବାର ଏହି ଶକ୍ତିଟିକୁହିଁ ଆମେ ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ସେହି ପରମ ସତ୍ୟାଲୋକର ଆଗମନର ଏକ ପ୍ରଥମ ପରିଣାମ ବୋଲି କହିପାରିବା ।

ପରମ ସତ୍ୟାଲୋକଟି ଆମ ଲାଗି ବହନ କରି ଆଣିଥିବା ସେହି ବିବେଚନାଶକ୍ତି-ରୂପକ ବିଶେଷ ଗୁଣଟିକୁ ଗ୍ରହଣ କରିପାରି ନ ଥିଲେ ପରମସତ୍ୟର ପ୍ରେରଣାଠାରୁ ମିଥ୍ୟାର ପ୍ରେରଣାଗୁଡ଼ିକୁ ଅଲଗା କରି ଜାଣିବାକୁ ସମର୍ଥ ହେବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇ ରହିଥିବ ।

ଅବଶ୍ୟ, ପ୍ରଥମ ସ୍ତରର ଏକ ସହାୟକ ଭାବରେ, ଆମେ ଆପଣାର ମାର୍ଗଦର୍ଶନ ଲାଗି ଏହି ନିୟମଟିକୁ ଗ୍ରହଣ କରିପାରିବା ଯେ, ଯେଉଁସବୁ ପ୍ରେରଣା ଆପଣା ସହିତ ଶାନ୍ତି, ବିଶ୍ୱାସ, ଆନନ୍ଦ, ସମଞ୍ଜସତା, ପ୍ରଶସ୍ତତା, ଏକତା ଏବଂ ଏକ ଆରୋହଣକାରୀ ଅଭିବୃଦ୍ଧି ଆଣି ଦେଇ ଯାଉଥିବ ଅଥବା ସେହିଗୁଡ଼ିକୁ ସୃଷ୍ଟି କରୁଥିବ, ସେଗୁଡ଼ିକ ପରମସତ୍ୟରୁହିଁ ଉଦ୍ଭୂତ ହୋଇ ଆସୁଛି; ଏବଂ, ଯେଉଁଗୁଡ଼ିକ ଆପଣା ସହିତ ଅସ୍ଥିରତା, ସଂଶୟ, ସନ୍ଦେହ, ଦୁଃଖ, ଦ୍ୱନ୍ଦ୍ୱ, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ଜଡ଼ତା, ନିରୁତ୍ସାହ ଏବଂ ହତାଶା ବହନ କରି ଆଣୁଥା'ନ୍ତି, ସେଗୁଡ଼ିକ ସିଧା ମିଥ୍ୟାରୁହିଁ ଉଦ୍ଭୂତ ହୋଇଛନ୍ତି ବୋଲି ଆମେ ଜାଣି ରଖିବା ।

*୨୨ ଜାନୁଆରି ୧୯୬୫*

*

**ଚତୁର୍ଥ ସେମିନାର :** ୨୫ ଏପ୍ରିଲ ୧୯୬୫

ଆମର ଅଧ୍ୟୟନକୁ ଆମେ କିପରି ଆମ ସାଧନାର ଏକ ସହାୟକ ସାଧନାରେ ପରିଣତ କରିପାରିବା ?‡

*

**ପଞ୍ଚମ ସେମିନାର :** ୮ ଅଗଷ୍ଟ ୧୯୬୫

ଆମର ଅସୁବିଧା ଓ ବାଧାଗୁଡ଼ିକୁ ଆମେ କିପରି ଆମ ଅଗ୍ରଗତି ପଥରେ ଗୋଟିଏ ଗୋଟିଏ ସୁଯୋଗରେ ପରିଣତ କରିଦେଇ ପାରିବା ?‡

*

**ଷଷ୍ଠ ସେମିନାର :** ୨୧ ନିଭେମ୍ବର ୧୯୬୫

୧. ମନୁଷ୍ୟ ଜାତିକୁ ଅଗ୍ରଗତିପଥରେ ନେଇଯିବାକୁ ହେଲେ ସେଥିଲାଗି ସର୍ବୋତ୍କୃଷ୍ଟ ପନ୍ଥା କ'ଣ ?†

୨. ପ୍ରକୃତ ସ୍ୱାଧୀନତା କହିଲେ ଆମେ କ'ଣ ବୁଝିବା ଏବଂ ତାହାକୁ କିପରି ହାସଲ କରିପାରିବା ?†

୧. ନିଜେ ଅଗ୍ରଗତି କରିବା ।

୨. (କ) ନିଜ ଅହଂର କବଳରୁ ସ୍ୱାଧୀନତା ।

(ଖ) ଅହଂଠାରୁ ନିଷ୍କୃତି ପାଇବା ଦ୍ୱାରା ।

*୧୩ ଅକ୍ଟୋବର ୧୯୬୫*

*

**ସପ୍ତମ ସେମିନାର :** ୨୦ ଫେବ୍ରୁଆରି ୧୯୬୬

ଆମେ ପରମ ସତ୍ୟର କିପରି ସେବା କରିପାରିବା ?[୧]†

*

---

[୧] ୧୯୬୬ ମସିହାରେ ମାଆ ଦେଇଥିବା ନବବର୍ଷର ବାଣୀ ''ଚାଲ ଆମେ ସତ୍ୟରହିଁ ସେବା କରିବା'' ସହିତ ଏହି ବିଷୟଟିର ସମ୍ବନ୍ଧ ରହିଛି ।

**ଅଷ୍ଟମ ସେମିନାର :** ୧୪ ଅଗଷ୍ଟ ୧୯୬୬

ମନୁଷ୍ୟର ନିୟତି କ'ଣ ହେବାକୁ ଯାଉଛି ?‡

*

**ନବମ ସେମିନାର :** ୨୭ ନଭେମ୍ବର ୧୯୬୬

ପ୍ରକୃତ ପ୍ରେମ କହିଲେ କ'ଣ ବୁଝାଏ ଏବଂ ଆମେ ସେହି ପ୍ରେମକୁ ଲାଭ କରିପାରିବା କିପରି ?‡

ପ୍ରକୃତ ପ୍ରେମ କ'ଣ, ତୁମେ ଜାଣିଛ କି ?

ପ୍ରକୃତ ପ୍ରେମ କହିଲେ କେବଳ **ଗୋଟିଏ** ପ୍ରେମକୁ ବୁଝାଇବ; ଯେଉଁ ପ୍ରେମ ପରମ ଦିବ୍ୟସତ୍ତାଙ୍କଠାରୁ ନିଷ୍ପନ୍ନ ହୋଇ ଆସିଛି, ତାହାହିଁ ପ୍ରକୃତ ପ୍ରେମ । ଏବଂ ମନୁଷ୍ୟମାନଙ୍କର ଭୂମିକୁ ଆସି ତାହା ସେହି ପରମ ଦିବ୍ୟସତ୍ତାଙ୍କ **ଲାଗି** ଏକ ପ୍ରେମରେ ପରିଣତ ହୋଇଥାଏ ।

ପ୍ରେମ କହିଲେ ଆମେ ପରମ ଦିବ୍ୟସତ୍ତାଙ୍କର ସ୍ୱଭାବକୁହିଁ ବୁଝିବା ବୋଲି କୁହାଯାଇ ପାରିବ କି ?

*

**ଦଶମ ସେମିନାର :** ୧୯ ଫେବ୍ରୁଆରି ୧୯୬୭

ଅନିବାର୍ଯ୍ୟ ଭାବରେ ବାଛିନେବା କହିଲେ ଆପଣ କ'ଣ ବୁଝୁଛନ୍ତି ?[୨]‡

କାରଣ, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଆମେ ବର୍ତ୍ତମାନ ଏକ ''ଦେବମୁହୂର୍ତ୍ତ''ରେ ଆସି ପହଞ୍ଚିଛୁ । ଏବଂ ଏହି ଜଗତର ରୂପାନ୍ତରକାରୀ ବିବର୍ତ୍ତନ ଏକ ସତ୍ୱର ଏବଂ ସଘନ ଗତିଶୀଳତାକୁ ଗ୍ରହଣ କରି ନେଇଛି ।

*

---

[୨] ୧୯୬୭ ମସିହାରେ ନବବର୍ଷର ବାଣୀ ରୂପେ ମା ଦେଇଥିବା ''ସକଳ ମନୁଷ୍ୟ, ସକଳ ଦେଶବାସୀ ଓ ସକଳ ମହାଦେଶ ! ଆମକୁ ଅନିବାର୍ଯ୍ୟ ଭାବରେ ପରମସତ୍ୟ ଅଥବା ନିଶ୍ଚିତ ବିଲୁପ୍ତି ମଧ୍ୟରୁ ଗୋଟିକୁ ବାଛିନୋବକୁ ପଡ଼ିବ'' ସହିତ ଏହି ବିଷୟଟିର ସମ୍ବନ୍ଧ ରହିଛି ।

Do <u>you</u> know what
is true love?

There is only <u>one</u> true
love, the love <u>from</u>
the Divine, which, in
human beings, turns
into love <u>for</u> the Divine.

Shall we say that
the nature of the Divine
is Love.



**ଏକାଦଶ ସେମିନାର :** ୩୦ ଏପ୍ରିଲ ୧୯୬୭

ବର୍ତ୍ତମାନ ମୁହୂର୍ତ୍ତଟିରେ ସବୁଠାରୁ ବଡ଼ ଆବଶ୍ୟକତା କ'ଣ ?‡

ନିଷ୍ଠା ଓ ଆନ୍ତରିକତା ।

ଦିବ୍ୟ ପରମସତ୍ତାଙ୍କୁ କଦାପି ଧୋକା ଦେବାକୁ ଚେଷ୍ଟା କରିବ ନାହିଁ ।

*

**ଦ୍ୱାଦଶ ସେମିନାର :** ୧୩ ଅଗଷ୍ଟ ୧୯୬୭

ଶ୍ରୀଅରବିନ୍ଦ ଏବଂ ନୂତନ ଯୁଗ ।‡

*

**ଚତୁର୍ଥ ବାର୍ଷିକ ବୈଠକ :** ୧୦ ସେପ୍ଟେମ୍ବର ୧୯୬୭

ପୁରାତନ ପରମ୍ପରାକୁ ଭାଙ୍ଗି ବାହାରକୁ ବାହାରି ଆସିବା ଏବଂ ଆଉ ପୁରୁଣା ବିଧାନଗୁଡ଼ିକୁ ନ ମାନିବା ନିଶ୍ଚୟ ଭଲ କଥା,— ମାତ୍ର ଏଥିଲାଗି ଏହି ସର୍ତ୍ତଟି ଅବଶ୍ୟ ରହିବ ଯେ, ଆମେ ନିଜ ଭିତରେ ଏପରି ଏକ ଉଚ୍ଚତର ଏବଂ ସତ୍ୟତର ଚେତନାର ଆବିଷ୍କାର କରି ପାରିଥିବା, ଯାହାକି ସମଞ୍ଜସତା, ଶାନ୍ତି ଏବଂ ସୌନ୍ଦର୍ଯ୍ୟକୁ ପ୍ରକାଶ କରି ଆଣୁଥିବ, ଏକ ଉଚ୍ଚତର ସ୍ତରର ବ୍ୟାପକ ଏବଂ ସତତ ପ୍ରଗତିଶୀଳ ବିଶ୍ୱବ୍ୟବସ୍ଥାକୁ ପ୍ରକାଶ କରି ଆଣି ପାରୁଥିବ ।

୨୬ ଅଗଷ୍ଟ ୧୯୬୭

*

**ତ୍ରୟୋଦଶ ସେମିନାର୍ :** ୨୬ ନଭେମ୍ବର ୧୯୬୭

ଶିକ୍ଷା ସମ୍ବନ୍ଧରେ ନୂତନ ଦୃଷ୍ଟି ।‡

*ସେହି ଆଦର୍ଶ ନୂତନ ଶିକ୍ଷାକୁ ପରିଚାଳିତ କରିବା ସକାଶେ ଆବଶ୍ୟକ ନୀତିଗୁଡ଼ିକ କ'ଣ ହେବା ଉଚିତ ?*

ସତ୍ୟ, ସମଞ୍ଜସତା, ସ୍ୱାଧୀନତା ।

*

**ଚତୁର୍ଦ୍ଦଶ ସେମିନାର :** ୨୫ ଫେବ୍ରୁଆରି ୧୯୬୮

ଆମେ ମାଆଙ୍କଠାରୁ ଯାହାସବୁ ଆଶା କରିବା ।*

*ଆମେ ଆପଣଙ୍କଠାରୁ ଯଥାର୍ଥ ଭାବରେ କ'ଣସବୁ ପାଇବୁ ବୋଲି ଆଶା କରିପାରିବୁ ?*

ସବୁକିଛି ।

*ଆପଣ ଆମଠାରୁ କ'ଣସବୁ ପାଇବେ ବୋଲି ଆଶା ରଖିଛନ୍ତି ? ପୃଥିବୀପୃଷ୍ଠରେ ଆପଣଙ୍କର କାର୍ଯ୍ୟଟି ଯେପରି ପରିପୂର୍ଣ୍ଣ ହୋଇପାରିବ, ସେଥିଲାଗି ଆମଠାରୁ ଓ ସାଧାରଣ ଭାବରେ ମନୁଷ୍ୟଜାତିଠାରୁ ଆପଣ କ'ଣସବୁ ଆଶା କରୁଛନ୍ତି ।*

କିଛି ଆଶା କରୁ ନାହିଁ ।

*ପ୍ରାୟ ଷାଠିଏ ବର୍ଷରୁ ଅଧିକ କାଳ ଆପଣଙ୍କର ଯେଉଁ ଅଭିଜ୍ଞତା ହୋଇଛି, ସେଥିରୁ ଆପଣ ଆମଠାରୁ ତଥା ମନୁଷ୍ୟ ଜାତିଠାରୁ ରଖିଥିବା ଆଶାଟିର ଯଥେଷ୍ଟ ଭାବରେ ପରିପୂରଣ ହୋଇଛି ବୋଲି ଆପଣ ଦେଖିବାକୁ ପାଇଛନ୍ତି କି ?*

ମୁଁ ତ କିଛିହେଲେ ଆଶା ରଖି ନାହିଁ । ତେଣୁ ଏହି ପ୍ରଶ୍ନଟିର ବି କିପରି ଉତ୍ତର ଦେଇପାରିବି ?

*ଆମଠାରୁ ଏବଂ ମନୁଷ୍ୟଜାତିଠାରୁ ଆପଣ କରୁଥିବା ଆଶାଟି କେତେଦୂର ପୂରଣ ହୋଇପାରିବ ବା ନ ପାରିବ ତାହାରି ଉପରେ ଆପଣ ଆମ ପାଇଁ ଓ ମନୁଷ୍ୟଜାତି ପାଇଁ କରୁଥିବା କାର୍ଯ୍ୟଟିର ସଫଳ ହେବା କୌଣସି ପ୍ରକାରେ ନିର୍ଭର କରୁଛି କି ?*

ଭାଗ୍ୟବଶତଃ କରୁ ନାହିଁ ।

*୨୦ ଫେବ୍ରୁଆରି ୧୯୬୮*

*

**ପଞ୍ଚଦଶ ସେମିନାର :** ୨୮ ଏପ୍ରିଲ ୧୯୬୮

୧. ଆମେ କିପରି ସଦାତରୁଣ ହୋଇରହିବା ?‡
୨. ସତତ ଅଗ୍ରଗତି କରିବାର ଅସଲ ଉପାୟଟି କ'ଣ ?[୩]‡

*୧. ବାର୍ଦ୍ଧକ୍ୟର କାରଣ ସ୍ୱରୂପ କାର୍ଯ୍ୟ କରୁଥିବା କ୍ଷୟ ଏବଂ ବିଘଟନର ପ୍ରକ୍ରିୟାକୁହିଁ ମୃତ୍ୟୁର ଆରମ୍ଭ ବୋଲି କୁହାଯିବ । ତେଣୁ, ମୃତ୍ୟୁ ଉପରେ ବିଜୟ ହାସଲ ନ କରି ବୁଢ଼ା ହୋଇଯିବାର ଏହି ପ୍ରକ୍ରିୟାଟିକୁ ଅଟକାଇବା ଆଦୌ ସମ୍ଭବ କି ?*

*ଅତିମାନସ ପରମ ଆନନ୍ଦଟି ସାହାଯ୍ୟରେ ଶରୀରର ସ୍ଥୂଳକୋଷଗୁଡ଼ିକରେ ଏକ ପରିପୂର୍ଣ୍ଣ ରୂପାନ୍ତର ଘଟାଇପାରିବା ପୂର୍ବରୁ ଆମ ଶରୀରକୁ ସବୁଦିନ ସକାଶେ ତରୁଣ ଅବସ୍ଥାରେ ରଖିପାରିବା ଆଦୌ ସମ୍ଭବ କି ?*

ମାତ୍ର ପୃଥିବୀପୃଷ୍ଠରେ ଅତିମାନସର ପ୍ରକାଶ ନ ଘଟିବା ପର୍ଯ୍ୟନ୍ତ ଏହିସବୁ ପ୍ରଶ୍ନର କିପରି ଉତ୍ତର ଦେଇ ହେବ ? କେବଳ ସେହି ରୂପାୟନଟି ଘଟିସାରିଲେ ଯାଇ ଆମେ ହୁଏତ ତାହା କିପରି ଆସିଲା ଓ ଆପଣାକୁ କିପରି ବ୍ୟକ୍ତ କରୁଛି, ସେ ବିଷୟରେ କିଛି କହିପାରିବା ।

*୨୫ ଏପ୍ରିଲ ୧୯୬୮*

*୨. ଆପଣ ଦେଇଥିବା ଉତ୍ତରଟିରୁ କ'ଣ ଏହାହିଁ ବୁଝାଯିବ ଯେ ଜଗତପୃଷ୍ଠରେ ଅତିମାନସର ତଥାପି ଅଭିବ୍ୟକ୍ତି ଘଟି ନାହିଁ ? ବା, ଏଠାରେ ଆପଣ ଅତିମାନସର ସମ୍ପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ ହେବା ବିଷୟରେ କହୁଛନ୍ତି, ଯଦ୍ଦ୍ୱାରା କି ତାହାର ପ୍ରକ୍ରିୟାଟି ଅଚେତନ ଜଡ଼ର ମୂଳଗୁଡ଼ିକୁ ମଧ୍ୟ ଆସି ସ୍ପର୍ଶ କରିପାରିବ ? ଆପଣ ତ ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖକୁ ଅତିମାନସ ଅଭିବ୍ୟକ୍ତିର ପ୍ରଥମ ଉଦୟ ବୋଲି ଘୋଷଣା କରିସାରିଛନ୍ତି । ତେଣୁ ଏଠାରେ ଆପଣ ଯେଉଁ ଉତ୍ତରଟି ଦେଇଛନ୍ତି, ସେଥିରେ ବୋଧହୁଏ ତାହାର* ***ସଂପୂର୍ଣ୍ଣ*** *ଅଭିବ୍ୟକ୍ତି ବିଷୟରେ କହୁଛନ୍ତି । ଆପଣ ଅନୁଗ୍ରହ ପୂର୍ବକ ଏହି କଥାଟିକୁ ଆଉ ଟିକିଏ ସ୍ପଷ୍ଟ କରିଦେବେ କି ?*

---

[୩] ୧୯୬୮ ମସିହାର ନବବର୍ଷର ବାଣୀରୂପେ ମାଆ ଦେଇଥିବା ''ସଦା ତରୁଣ ହୋଇ ରହ, ପରିପୂର୍ଣ୍ଣତା ଲାଗି କରୁଥିବା ଉଦ୍ୟମରୁ କଦାପି ବିରତ ହୁଅ ନାହିଁ'' କଥାଟି ସହିତ ଏହି ବିଷୟଟିର ସମ୍ବନ୍ଧ ରହିଛି ।

ମୁଁ ଏପରି ଏକ ଅତିମାନସ ଅଭିବ୍ୟକ୍ତିର କଥା କହୁଛି, ଯାହାକି ସମସ୍ତଙ୍କ ଆଗରେ ପ୍ରତ୍ୟକ୍ଷ ହୋଇଯାଉଥିବ, ଏପରିକି ସବୁଠାରୁ ଅଧିକ ଅଜ୍ଞାନଗ୍ରସ୍ତ ଲାଗି ମଧ୍ୟ ପ୍ରକଟ ହୋଇଯାଉଥିବ । ଏହି ପୃଥିବୀରେ ମନୁଷ୍ୟର ଆବିର୍ଭାବ ଘଟିଲାବେଳେ ତାହା ଯେପରି ସମସ୍ତଙ୍କ ଆଗରେ ପ୍ରକଟ ଓ ଦୃଶ୍ୟ ହୋଇଥିଲା, ଠିକ୍ ସେହିପରି ।

*୨୬ ଏପ୍ରିଲ ୧୯୬୮*

*

**ଷୋଡ଼ଶ ସେମିନାର :** ୨୩ ଫେବ୍ରୁଆରି ୧୯୬୯

୧. ଧର୍ମଗୁଡ଼ିକରେ କଥିତ ହୋଇଥିବା ଈଶ୍ୱର ଏବଂ **ଏକୈବ** ଦିବ୍ୟ ପରମସତ୍ତା ।‡

୨. ସଂସାର-ବୈରାଗ୍ୟ ଓ ପ୍ରକୃତ ତପସ୍ୟା ।‡

*ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗର ସାଧକମାନଙ୍କର ଅତୀତରେ ତଥା ବର୍ତ୍ତମାନ ବିଭିନ୍ନ ଧର୍ମଗୁଡ଼ିକରେ ଉପାସିତ ହୋଇ ଆସିଥିବା ଏବଂ ହେଉଥିବା ଈଶ୍ୱରଙ୍କ ନାନାବିଧ ରୂପ ପ୍ରତି କିଭଳି ଦୃଷ୍ଟିକୋଣ ରହିବା ଉଚିତ ? ଯଦି ସେ ସେହି ରୂପଗୁଡ଼ିକର ଉପାସନା କରିବ, ତେବେ ତାହା ତା'ର ଅଗ୍ରଗତିରେ କୌଣସି ବାଧା ସୃଷ୍ଟି କରିବ କି, ଏବଂ ତା' ଲକ୍ଷ୍ୟର ଉପଲବ୍ଧିରୁ ତାକୁ ବଞ୍ଚିତ କରି ରଖିବ କି ?*

ସକଳ ଉପାସକଙ୍କ ପ୍ରତି ଏକ ଉଦାରଭାବାପନ୍ନ ସଦିଚ୍ଛାର ଭାବ ।

ସକଳ ଧର୍ମ ପ୍ରତି ଏକ ସଂଦୀପିତ ଉଦାସ ଭାବ ।

ଅଧିମାନସର ସେହି ସତ୍ତାଗୁଡ଼ିକ ସହିତ ଆମର କି ସମ୍ବନ୍ଧ ରହିବ, ସେହି ବିଷୟରେ ମୁଁ କହିବି ଯେ, ଯଦି ଆଗରୁ ଏଭଳି କୌଣସି ସମ୍ବନ୍ଧ ସ୍ଥାପିତ ହୋଇ ସାରିଥିବ, ତେବେ ପ୍ରତ୍ୟେକ ଘଟନାଟିକୁ ଅଲଗା କରି ବିଚାର କରି ତାହାର ଏକ ସମାଧାନ ବାହାର କରିବାକୁ ହେବ ।

*ଅତିମାନସ ଯୁଗରେ ବିଭିନ୍ନ ଧର୍ମରେ ରହିଥିବା ଦେବତାମାନେ କିଭଳି ଭୂମିକା ଗ୍ରହଣ କରିବେ ? ପୃଥିବୀପୃଷ୍ଠରେ ଅତିମାନସ ପରମସତ୍ୟର ପ୍ରତିଷ୍ଠା ହେବା ଦିଗରେ ସେମାନେ ସାହାଯ୍ୟ କରିପାରିବେ କି, ଏବଂ, ଜଡ଼ର ରୂପାନ୍ତର ଘଟାଇବାର କାର୍ଯ୍ୟଟିରେ ମଧ୍ୟ କୌଣସି ସାହାଯ୍ୟ କରିବେ କି ?*

ଏପରି ଗୋଟିଏ ପ୍ରଶ୍ନ ପଚାରିବାର ସମୟ ବର୍ତ୍ତମାନ ତଥାପି ଆସି ନାହିଁ ।

*୧୯ ଫେବ୍ରୁଆରି ୧୯୬୯*

*

**ସପ୍ତଦଶ ସେମିନାର :** ୨୭ ଏପ୍ରିଲ ୧୯୬୯

୧. ଆମର ଯୋଗକୁ ଏକ ଦୁଃସାହସିକ ଯାତ୍ରା ବୋଲି କାହିଁକି କୁହାଯିବ ?‡
୨. ବିଶ୍ୱାସର ଶକ୍ତି ।‡

*୧. କେଉଁ ଅର୍ଥରେ ଆମର ଏହି ଯୋଗକୁ ଏକ ଦୁଃସାହସିକ ଯାତ୍ରା ବୋଲି କୁହାଯିବ ?*

ଏହାକୁ ପ୍ରକୃତରେ ଏକ ଦୁଃସାହସିକ ଯାତ୍ରା ବୋଲି କୁହାଯିବ, କାରଣ ଏଥିରେ ପ୍ରଥମଥର ପାଇଁହିଁ ଏକ ଯୋଗମାର୍ଗରେ ପାର୍ଥିବ ଜୀବନ ମଧ୍ୟରୁ ପଳାଇ ନ ଯାଇ ତାହାର ରୂପାନ୍ତରସାଧନ କରିବାକୁ ଏବଂ ତାହାକୁ ଏକ ଦିବ୍ୟଜୀବନରେ ପରିଣତ କରିବାକୁ ଲକ୍ଷ୍ୟ ବୋଲି ଗ୍ରହଣ କରାଯାଇଛି ।

*୨. ଯୋଗସାଧନାରେ ବିଶ୍ୱାସକୁ କାହିଁକି ଏପରି ଏକ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି ?*

କାରଣ ଆମେ ଏକ ସଂପୂର୍ଣ୍ଣ ନୂତନ ବସ୍ତୁକୁହିଁ ଆମର ଲକ୍ଷ୍ୟ ବୋଲି ଗ୍ରହଣ କରିଛୁ । ଏଥିପୂର୍ବରୁ ଏକଥା କେହି କରି ନ ଥିଲେ ।

*୩. ସେହି ବିଶ୍ୱାସରେ କେଉଁ କାରଣରୁ ଏପରି ଅତୁଳ ମୀମାଂସକ ଶକ୍ତି ନିହିତ ହୋଇ ରହିଛି ?*

ତୁମର ବିଶ୍ୱାସ ତୁମକୁ ସେହି ସର୍ବଶକ୍ତିମାନ୍ ସର୍ବୋଚ୍ଚ ସତ୍ତାଙ୍କର ସୁରକ୍ଷା ଭିତରକୁ ପରିଚାଳିତ କରି ନେଇ ଆସିଥାଏ ।

*୨୬ ଏପ୍ରିଲ ୧୯୬୯*

*

**ଷଷ୍ଠ ବାର୍ଷିକ ବୈଠକ :** ୧୭ ଅଗଷ୍ଟ ୧୯୬୯

ସକଳ ଶବ୍ଦର ଊର୍ଦ୍ଧ୍ୱରେ, ସକଳ ଭାବନାର ଊର୍ଦ୍ଧ୍ୱରେ ଏବଂ ଏକ ଅଭୀପ୍ସାମୟ ବିଶ୍ୱାସର ସେହି ସନ୍ଦୀପିତ ନୀରବତା ମଧ୍ୟରେ ତୁମେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରିଦିଅ, ସକଳ ଜୀବନର ସେହି ସର୍ବୋଚ୍ଚ ପରମେଶ୍ୱରଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରିରଖ, ଏବଂ ସିଏ ତୁମେ ଯାହା ହୁଅ ବୋଲି ଇଚ୍ଛା କରୁଥିବେ, ତୁମକୁ ନେଇ ତାହାହିଁ ସମ୍ଭବ କରି ଆଣିବେ ।

ଅନେକ ଶ୍ରଦ୍ଧା ଓ ଆଶୀର୍ବାଦ ସହିତ ।[୪]

*

**ଅଷ୍ଟାଦଶ ସେମିନାର :** *୨୩ ନଭେମ୍ବର ୧୯୬୯*

ବିଷୟଟି ହେଉଛି :

ଏକତାବଦ୍ଧତା ଏବଂ ସମଞ୍ଜସତାରେହିଁ ପୃଥିବୀର ମୁକ୍ତି ନିହିତ ହୋଇ ରହିଛି । ଏହି ଏକତାବଦ୍ଧତା ଏବଂ ଏହି ସମଞ୍ଜସତା କିପରି ହେବ ବୋଲି ତୁମ୍ଭେମାନେ କଳ୍ପନା କରୁଛ ?

ଅନେକ ଆଶୀର୍ବାଦ ।*

*

**ଊନବିଂଶ ସେମିନାର :** *୨୨ ଫେବ୍ରୁଆରି ୧୯୭୦*

ପୃଥିବୀ ପ୍ରକୃତରେ କେଉଁ ବୃହତ୍ ପରିବର୍ତ୍ତନଟି ଲାଗି ପ୍ରସ୍ତୁତ ହେବାରେ ଲାଗିଛି ? ତାହାର ଏହି ପ୍ରସ୍ତୁତିରେ ଆମେ କିପରି ସାହାଯ୍ୟ କରି ପାରିବା ?[୫]†

---

[୪] ଏହି କଥାଟିକୁ ମାଆ ପ୍ରଥମେ ଜଣେ ସାଧକଙ୍କ ପାଇଁ ଏକ ଅନ୍ୟ ଅବସରରେ ଲେଖିଥିଲେ; ଏବଂ ଏହି ବୈଠକଟି ଲାଗି ମଧ୍ୟ ସିଏ ଏଇଟିକୁ ତାଙ୍କର ଏକ ସନ୍ଦେଶ ରୂପେ ବ୍ୟବହୃତ ହେଉ ବୋଲି ନିଜର ଅନୁମୋଦନ ଦେଇଥିଲେ ।

[୫] ୧୯୭୦ ମସିହାର ନବବର୍ଷ ସନ୍ଦେଶରୂପେ ମାଆ ଦେଇଥିବା ''ପୃଥିବୀ ଏକ ବୃହତ୍ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହେବାରେ ଲାଗିଛି । ତୁମେ ସେହି ପ୍ରସ୍ତୁତିରେ ସାହାଯ୍ୟ କରିବ କି ? କଥାଟି ସହିତ ଏହି ବିଷୟଟି ସମ୍ବନ୍ଧିତ ହୋଇ ରହିଛି ।

Is the aim of life to be happy?

This is just putting things topsy-turvy. The aim of human life is to discover the Divine and to manifest It. Naturally this discovery leads to happiness; but this happiness is a consequence, not an aim in itself. And it is this mistake of taking a mere consequence for aim of life that has been the cause of most of the miseries which are afflicting human life.

*୧. ପୃଥିବୀ ଯେଉଁ ବୃହତ୍ ପରିବର୍ତ୍ତନଟି ସକାଶେ ପ୍ରସ୍ତୁତ ହେଉଛି, ସେଇଟି ପ୍ରକୃତରେ କ'ଣ ?*

ସେଇଟି ହେଉଛି ଚେତନାର ପରିବର୍ତ୍ତନ । ଏବଂ ଯେତେବେଳେ ଆମ ଚେତନାର ମଧ୍ୟ ଏକ ପରିବର୍ତ୍ତନ ଘଟି ପାରିବ, ତେବେ, ସେହି ପରିବର୍ତ୍ତନ ଯେ କ'ଣ, ଆମେ ସେ କଥା ଜାଣିବାକୁ ପାଇବା ।

*୨. ଏହି ପରିବର୍ତ୍ତନଟିର ଆଗମନରେ ଆମେ କିପରି ସାହାଯ୍ୟ କରିପାରିବା ?*

ଆପଣାର ଆଗମନ ଲାଗି ସେହି ଚେତନା ଆମର ସାହାଯ୍ୟକୁ ଆଦୌ ଲୋଡ଼ିବ ନାହିଁ । ମାତ୍ର ଆମେ ଆପଣାକୁହିଁ ସେହି ଚେତନାଟି ଲାଗି ଉନ୍ମୁକ୍ତ କରି ରଖିବା, ଯେପରି କି ତା'ର ଆଗମନ ଆମ ସକାଶେ ବୃଥା ହୋଇଯିବ ନାହିଁ ।

*୧୯ ଫେବ୍ରୁଆରି ୧୯୭୦*

*

**ବିଂଶ ସେମିନାର :** *୨୬ ଏପ୍ରିଲ ୧୯୭୦*

ସୁଖ ଲାଭ କରିବା କ'ଣ ଜୀବନର ଲକ୍ଷ୍ୟ ?‡

ସୁଖ ଲାଭ କରିବା କ'ଣ ଜୀବନର ଲକ୍ଷ୍ୟ ?

ଏପରି କହି କଥାଗୁଡ଼ାକୁ କେବଳ ଗୋଳିଆମୋଳିଆ କରି ଦିଆଯାଉଛି ।

ମନୁଷ୍ୟ ଜୀବନର ଲକ୍ଷ୍ୟ ହେଉଛି ସେହି ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ଏବଂ ତାଙ୍କର ଅଭିବ୍ୟକ୍ତି ଘଟାଇବା । ଏ କଥାଟି ଅବଶ୍ୟ ସତ ଯେ ସେହି ଆବିଷ୍କାର ଆମ ଲାଗି ଅନେକ ସୁଖକୁ ବହନ କରି ଆଣିବ; ମାତ୍ର କେବଳ ଏକ ପରିଣାମରୂପେହିଁ ସେହି ସୁଖ ଆସିବ, ତାହାକୁ ଆମେ କଦାପି ଏକ ଲକ୍ଷ୍ୟ ରୂପେ ଗ୍ରହଣ କରିବା ନାହିଁ । ଏବଂ, ଏକ ପରିଣାମକୁ ଆମ ଜୀବନର ଲକ୍ଷ୍ୟ ରୂପେ ଭ୍ରମ କରୁଥିବା ସକାଶେହିଁ ତାହା ଏହି ପୃଥିବୀରେ ଅନେକ ଦୁଃଖର କାରଣ ହୋଇ ରହିଛି ଏବଂ ମନୁଷ୍ୟର ଜୀବନକୁ ଏପରି ଭାବରେ ଦୁଃଖରେ ଘାରି ରଖିଛି ।

*୨୮ ମାର୍ଚ୍ଚ ୧୯୭୦*

*

**ସପ୍ତମ ବାର୍ଷିକ ବୈଠକ :** *୧୬ ଅଗଷ୍ଟ ୧୯୭୦*

ଶ୍ରୀଅରବିନ୍ଦଙ୍କ ସ୍ୱପ୍ନର ଭାରତ ।†

*ଆପଣ ଗୋଟିଏ ବିବୃତ୍ତିରେ କହିଛନ୍ତି :*
*‘‘ଭାରତବର୍ଷ ଆପଣାର ଆତ୍ମାକୁ ଫେରି ପାଇବ ଏବଂ ତାହାକୁ ଅଭିବ୍ୟକ୍ତ କରି ଆଣିବ,– ଏହାହିଁ ଭାରତର ସର୍ବପ୍ରଥମ ସମସ୍ୟା ।’’*
*ଭାରତବର୍ଷର ଆତ୍ମାକୁ ଫେରିପାଇବା କିପରି ସମ୍ଭବ ହେବ ?*

ସେଥିଲାଗି ତୁମକୁ ନିଜର ଚୈତ୍ୟ ସତ୍ତାଟି ବିଷୟରେ ସଚେତନ ହେବାକୁ ପଡ଼ିବ । ତୁମର ଚୈତ୍ୟସତ୍ତା ଭାରତବର୍ଷର ମହାନ୍ ଆତ୍ମାଟି ବିଷୟରେ ଅତ୍ୟନ୍ତ ପ୍ରଗାଢ଼ ଭାବରେ ଆଗ୍ରହାନ୍ୱିତ ହେବାକୁ ଆରମ୍ଭ କରୁ, ତାହାରି ଆଡ଼କୁହିଁ ଆପଣାର ଅଭୀପ୍‌ସାକୁ ଧାବିତ କରୁ । ଏବଂ ଏହି ଯାବତୀୟ କାର୍ଯ୍ୟ ପଛରେ ସେବାର ଏକ ଦୃଷ୍ଟିକୋଣ ସର୍ବଦା ରହିଥାଉ । ଏବଂ ଯଦି ତୁମ ଭିତରେ ନିଷ୍ଠା ଓ ଆନ୍ତରିକତା ରହିଥାଏ, ତେବେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।

*୧୫ ଜୁନ୍ ୧୯୭୦*

*

**ଏକବିଂଶ ସେମିନାର :** *୨୧ ନଭେମ୍ବର ୧୯୭୦*

*ଚେତନାର କ୍ଷେତ୍ରରେ ଏକ ପରିବର୍ତ୍ତନ ହେବା ଉପରେହିଁ ପୃଥିବୀର ସମସ୍ୟାଗୁଡ଼ିକର ସମାଧାନ ନିର୍ଭର କରୁଛି । ଏହି ପରିବର୍ତ୍ତନକୁ ଆପଣ କିପରି ଭାବରେ ଦେଖୁଛନ୍ତି ଏବଂ ସେହି ପରିବର୍ତ୍ତନଟିକୁ ଘଟାଇବା କିପରି ସମ୍ଭବ ହେବ ?*‡

ଯେଉଁ ଚେତନାର ଅଭିବ୍ୟକ୍ତି ଘଟାଇବାକୁ ପଡ଼ିବ, ତାହା ଏହି ପୃଥ୍ୱୀପରିବେଶଟି ମଧ୍ୟରେ ବିଦ୍ୟମାନ ହୋଇ ସାରିଲାଣି । ତେଣୁ ବର୍ତ୍ତମାନ କେବଳ ଏକ ଗ୍ରହଣଶୀଳତାର ପ୍ରଶ୍ନହିଁ ରହିଛି ।

*୧୯ ନଭେମ୍ବର ୧୯୭୦*

*

**ଦ୍ୱାବିଂଶ ସେମିନାର :** *୨୮ ଫେବ୍ରୁଆରି ୧୯୭୧*

ଭବିଷ୍ୟ ଉଦ୍ଦେଶ୍ୟରେ ଆମେ ଏକ ଦୀର୍ଘ ପଦକ୍ଷେପ ନେଇ ପାରିବା କିପରି ?[୬]‡

*ବର୍ଷେ ଆପଣଙ୍କର ବହୁମୂଲ୍ୟବାନ୍ ନବବର୍ଷର ସନ୍ଦେଶରେ ଆପଣ ଆମକୁ ''ଅବଶ୍ୟମ୍ଭାବୀ ଭାବରେ ଏକ ନିର୍ବାଚନ'' କରିବାକୁ କହିଥିଲେ । ଏବଂ ବର୍ତ୍ତମାନ ଏ ବର୍ଷ ଆମକୁ ଏକ ''ଦୀର୍ଘ ପଦକ୍ଷେପ'' ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତେବେ ସେହି ''ନିର୍ବାଚନ'' ଏବଂ ଏହି ''ଦୀର୍ଘ ପଦକ୍ଷେପ'' ଭିତରେ ପୁଣି କି ପାର୍ଥକ୍ୟ ରହିଛି ?*

ନିର୍ବାଚନଟି ମନଃସ୍ତରରେ ହୁଏ । ମାତ୍ର ଆମର ସମଗ୍ର ସତ୍ତାଟିହିଁ ଦୀର୍ଘ ପଦକ୍ଷେପଟିକୁ ଗ୍ରହଣ କରେ ।

*ଏହି ଦୀର୍ଘ ପଦକ୍ଷେପଟିକୁ ଆମେ କିପରି ନେବା ?*

ପ୍ରତ୍ୟେକ ବ୍ୟକ୍ତି ଆପଣାର ନିଜସ୍ୱ ଧାରାରେ ।

*ଏ ବର୍ଷର ସନ୍ଦେଶରେ ଆପଣ ବାଇବେଲ୍‌ର ସେହି ''ଭାଗ୍ୟବାନ୍'' ଶବ୍ଦଟିକୁ କାହିଁକି ବ୍ୟବହାର କରିଛନ୍ତି ? ତାହାର କୌଣସି ବିଶେଷ ତାତ୍ପର୍ଯ୍ୟ ଅଛି କି ?*

''ଭାଗ୍ୟବାନ୍'' ଶବ୍ଦଟି ଏକା ବାଇବେଲ୍‌ର ସମ୍ପତ୍ତି ବୋଲି ତୁମକୁ କିଏ କହିଲା ?

*୨୪ ଫେବ୍ରୁଆରି ୧୯୭୧*

*

**ତ୍ରୟୋବିଂଶ ସେମିନାର୍ :** *୨୫ ଏପ୍ରିଲ ୧୯୭୧*

ସମଗ୍ର ପରିପୂର୍ଣ୍ଣତା ହାସଲ କରିବା ବିଷୟରେ ଆମ ସମ୍ମୁଖରେ କେଉଁ ଆଦର୍ଶଟି ରହିବ ?‡

[୬] ୧୯୭୧ ମସିହାର ନବବର୍ଷର ସନ୍ଦେଶ, ''ଯେଉଁମାନେ ଭବିଷ୍ୟ ଉଦ୍ଦେଶ୍ୟରେ ଏକ ଦୀର୍ଘ ପଦକ୍ଷେପ ନେଇ ପାରନ୍ତି, ସେହିମାନେହିଁ ଭାଗ୍ୟବାନ୍'' ସହିତ ଏହି ବିଷୟର ସମ୍ବନ୍ଧ ରହିଛି ।

ଦିବ୍ୟ ପରମସତ୍ତାଙ୍କ ସହିତ ଏକ ସଚେତନ ସମ୍ମିଳନ ।

*୨୮ ମାର୍ଚ୍ଚ ୧୯୭୧*

*

**ଅଷ୍ଟମ ବାର୍ଷିକ ବୈଠକ :** *୨୨ ଅଗଷ୍ଟ ୧୯୭୧*

ବିଶ୍ୱାସ ରଖ ଏବଂ ନିଷ୍ଠାଯୁକ୍ତ ହୋଇ ରହ ।
ଅନେକ ଆଶୀର୍ବାଦ ।

*୨୨ ଅଗଷ୍ଟ ୧୯୭୧*

*

**ଚତୁର୍ବିଂଶ ସେମିନାର :** *୨୮ ନଭେମ୍ବର ୧୯୭୧*

ଯୁବସମାଜ ପ୍ରତି ଶ୍ରୀଅରବିନ୍ଦଙ୍କର ଆହ୍ୱାନ ।‡

*ଯୁବସମାଜ ପ୍ରତି ଶ୍ରୀଅରବିନ୍ଦଙ୍କର କି ଆହ୍ୱାନ ରହିଛି ?*

ଅତିମାନସ ପରମଚେତନାର ଆଲୋକମୟ ଭୂମି ଉପରେ ଏକ ଅଧିକ ସୁନ୍ଦର ଭବିଷ୍ୟତର ନିର୍ମାତା ହେବା ।

*୨୭ ନଭେମ୍ବର ୧୯୭୧*

*

**ପଞ୍ଚବିଂଶ ସେମିନାର :** *୨୭ ଫେବ୍ରୁଆରି ୧୯୭୨*

ଆମେ କ'ଣ କଲେ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀର ଯୋଗ୍ୟ ହୋଇ ପାରିବା ?[୭]†

*ଏ ବର୍ଷ ଜାନୁଆରି ପହିଲା ଦିନ ଆପଣ କହିଥିଲେ, ''ଶ୍ରୀଅରବିନ୍ଦ ଶତବାର୍ଷିକୀ ସମ୍ବତ୍ସରର ଉପଲକ୍ଷରେ ପୃଥିବୀ ଲାଗି ଏକ ବିଶେଷ ସହାୟତା ଉପଲବ୍ଧ ହୋଇଛି ।''*

*ଏହି ସହାୟତାଟିର ସ୍ୱଭାବ ଏବଂ କାର୍ଯ୍ୟ କିପରି ଏବଂ ସେଇଟି ଦ୍ୱାରା*

[୭] ୧୯୭୨ ମସିହାରେ ପ୍ରଦତ୍ତ ନବବର୍ଷର ବାଣୀ ''ଆମେ ସମସ୍ତେ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀର ଯୋଗ୍ୟ ହେବାକୁ ଚେଷ୍ଟା କରିବା'' ସହିତ ଏହି ବିଷୟଟିର ସମ୍ବନ୍ଧ ରହିଛି ।

*ଉପକୃତ ହୋଇପାରିବା ଲାଗି ଆମର କ'ଣ କରିବା ଉଚିତ, ଆପଣ ଦୟାକରି ସେହି ବିଷୟରେ କିଞ୍ଚିତ୍ ସୂଚନା ଦେବେ କି ?*

ନିଜର ଚୈତ୍ୟସତ୍ତାଟି ଦ୍ୱାରା ଆପଣାର ଅହଂ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରି ଯେଉଁମାନେ ଯଥାର୍ଥ ଭାବରେ ଗ୍ରହଣଶୀଳ ହୋଇ ପାରିବେ, ସେହିମାନେହିଁ ଏହି ସହାୟତାର ପ୍ରକୃତ ସ୍ୱରୂପଟିକୁ ଜାଣିବାକୁ ପାଇବେ ଏବଂ ସେଇଟି ଦ୍ୱାରା ସଂପୂର୍ଣ୍ଣ ଭାବରେ ଉପକୃତ ହୋଇ ପାରିବେ ।

*୨୪ ଫେବ୍ରୁଆରି ୧୯୭୨*

*

**ଷଡ଼ବିଂଶ ସେମିନାର :** *୨୩ ଏପ୍ରିଲ୍ ୧୯୭୨*

ଶିକ୍ଷା ଏବଂ ଯୋଗସାଧନା ।‡

*ଯେତେବେଳେ ଶିକ୍ଷାକୁ ଯୋଗସାଧନାର ଏକ ଅଙ୍ଗ ରୂପେ ଗ୍ରହଣ କରି ନିଆଯିବ, ସେତେବେଳେ ତାହାର ମୂଳ ମର୍ମଟି କ'ଣ ହେବ, ତାହାର ଚରିତ୍ର ମଧ୍ୟ କ'ଣ ହେବ ?*

ଶ୍ରୀଅରବିନ୍ଦଙ୍କର ଅଧ୍ୟୟନ କର । ତେବେ ଜାଣିବ ।

*୧୯ ଏପ୍ରିଲ୍ ୧୯୭୨*

*

**ନବମ ବାର୍ଷିକ ବୈଠକ :** *୧୨ ଅଗଷ୍ଟ ୧୯୭୨*

ଶ୍ରୀଅରବିନ୍ଦ ଭବିଷ୍ୟର ଉଦ୍‌ଘାଟନ କରି ଦେଇଛନ୍ତି ।*

୧୯୭୨ ମସିହା ଜାନୁଆରି ୨ ତାରିଖର ବାଣୀରେ ଆପଣ କହିଛନ୍ତି :

''ତାଙ୍କ ଶତବାର୍ଷିକୀର ଏହି ବର୍ଷଟିରେ ତାଙ୍କର ସହାୟତା ଆହୁରି ଅଧିକ ଶକ୍ତିଶାଳୀ ହେବ । ଆମେ ଇଚ୍ଛାକଲେହିଁ ଆପଣାକୁ ସେହି ସହାୟତା ଲାଗି ଅଧିକ ଉନ୍ମୁକ୍ତ କରି ରଖିପାରିବା ଏବଂ ତାହାଦ୍ୱାରା ଯଥାର୍ଥ ଭାବରେ ଉପକୃତ ହୋଇପାରିବା ।

*''ଯେଉଁମାନଙ୍କ ମଧ୍ୟରେ ଜଣେ ବୀରର ଆତ୍ମା ରହିଛି, ଭବିଷ୍ୟତ୍ ସେହିମାନଙ୍କରହିଁ ସମ୍ପଦ ହୋଇ ରହିଛି ।''*

*ଉପରଲିଖିତ ସନ୍ଦେଶଟିରେ ଆପଣ ''ଜଣେ ବୀର'' କହିଲେ ପ୍ରକୃତରେ କ'ଣ ବୁଝୁଛନ୍ତି, ଆପଣ ସେହି କଥାଟିକୁ ଦୟାକରି କିଞ୍ଚିତ୍ ବୁଝାଇ କହିବେ କି ?*

ଜଣେ ବୀର କୌଣସି କଥାକୁ ଭୟ କରେ ନାହିଁ, କୌଣସି କଥା ଲାଗି କେବେହେଲେ ଅଭିଯୋଗ କରେ ନାହିଁ ଏବଂ କୌଣସି ପରିସ୍ଥିତିରେ ମଧ୍ୟ ପରାଭୂତ ହୋଇଯାଏ ନାହିଁ ।

*

**ସପ୍ତବିଂଶ ସେମିନାର :** *୨୫ ଫେବ୍ରୁଆରି ୧୯୭୩*

ମନୁଷ୍ୟ ଯେ ପରମ ଦିବ୍ୟସତ୍ତାଙ୍କର ଜଣେ ପ୍ରକୃତ ସେବକରେ ପରିଣତ ହୋଇ ପାରିବ, ପୃଥିବୀକୁ ସେହି କଥାଟିକୁ ଦେଖାଇ ଦେଇ ପାରିବା ସକାଶେ ଆମେ କିପରି ସକଳ ନିଷ୍ଠାର ସହିତ ସହଯୋଗ କରିପାରିବା ?⌜‡

ପରମ ଦିବ୍ୟସତ୍ତାଙ୍କର ଜଣେ ଯଥାର୍ଥ ସେବକ ହୋଇ ।

*୨୪ ଫେବ୍ରୁଆରି ୧୯୭୩*

*

**ଅଷ୍ଟାବିଂଶ ସେମିନାର :** *୨୨ ଏପ୍ରିଲ ୧୯୭୩*

ସ୍ୱାଧୀନତା ଲାଗି ପ୍ରତ୍ୟେକ ବ୍ୟକ୍ତିର ଯେଉଁ ଦାବି ରହିଛି, ତାହାକୁ ସାମୂହିକ ଜୀବନରେ ଏକତା ଏବଂ ଶୃଙ୍ଖଳା ଲାଗି ରହିଥିବା ଆବଶ୍ୟକତାଟି ସହିତ ଏକତ୍ର ସମନ୍ୱିତ କରାଯାଇ ପାରିବ କିପରି ?†

---

⌜ ୧୯୭୨ ମସିହାର ବଡ଼ ଦିନ-ପର୍ବ ଉପଲକ୍ଷେ ପ୍ରଦତ୍ତ ବାଣୀ ''ମନୁଷ୍ୟ ଯେ ପରମ ଦିବ୍ୟ ସତ୍ତାଙ୍କର ଏକ ଯଥାର୍ଥ ସେବକ ହୋଇ ପାରିବ, ଆମେ ସେକଥା ପୃଥିବୀକୁ ଦେଖାଇ ଦେବାକୁ ଇଚ୍ଛା କରୁଛୁ । **ସକଳ ନିଷ୍ଠାର ସହିତ** ଏଥିରେ କିଏ ସହଯୋଗ କରିବାକୁ ଆସିବ ?'' ସହିତ ଏହି ପ୍ରସଙ୍ଗଟିର ସମ୍ବନ୍ଧ ରହିଛି ।

ସ୍ୱାଧୀନତା କଦାପି ଶୃଙ୍ଖଳାହୀନତା ଏବଂ ଅବ୍ୟବସ୍ଥାକୁ ବୁଝାଇବ ନାହିଁ ।

ଆମେ ସମସ୍ତେ ସେହି ଅନ୍ତର୍ଗତ ସ୍ୱାଧୀନତାରହିଁ ଅଧିକାରୀ ହୋଇ ରହିବା; ଏବଂ ଯଦି ତୁମେ ପ୍ରକୃତରେ ତାହାର ଅଧିକାରୀ ହୋଇ ପାରିଥିବ, ତେବେ କେହି ତୁମଠାରୁ ସେହିଟିକୁ କଦାପି ଛଡ଼ାଇ ନେଇଯାଇ ପାରିବ ନାହିଁ ।

*୨୮ ମାର୍ଚ୍ଚ ୧୯୭୩*

*

*(୧୯୬୭ ଅକ୍ଟୋବର ମାସରେ କେତେକ ଛାତ୍ର ସେମିନାରଗୁଡ଼ିକରେ କିଛି କହିବା ଲାଗି ଏକାନ୍ତ ଅନିଚ୍ଛା ପ୍ରକାଶ କରିଥିଲେ । ଏଥିରୁ ସେମାନଙ୍କ ଭିତରେ ମାନସିକ ଜଡ଼ତା, ଲଜ୍ଜା, ଏକ ଶ୍ରୋତୃମଣ୍ଡଳୀ ସମ୍ମୁଖରେ କିଛି କହିବା ବିଷୟରେ ଭୟ ପ୍ରଭୃତି ଅସୁବିଧା ରହିଥିବାର ଜଣା ପଡ଼ିଲା । ଏହି ଅସୁବିଧାଗୁଡ଼ିକ ବିଷୟରେ ମାଆଙ୍କୁ ଲେଖାଗଲା ଓ ମାଆ ନିମ୍ନଲିଖିତ ପ୍ରକାରେ ତାହାର ଉତ୍ତର ଦେଇଥିଲେ :)*

ଜଡ଼ତା, ଲଜ୍ଜା, ଆଳସ୍ୟ ଇତ୍ୟାଦି ଯେଉଁସବୁ ଅସୁବିଧାର କଥା ସେମାନେ ଉଲ୍ଲେଖ କରିଛନ୍ତି, ସେଗୁଡ଼ିକର ସମାଧାନ କରିବା ହେଉଛି ଏହି ପ୍ରକାରର ଏକ କାର୍ଯ୍ୟକ୍ରମର ପ୍ରଧାନ ଲକ୍ଷ୍ୟ ।

ଏବଂ ଠିକ୍ ସେହି କାରଣଟି ଲାଗିହିଁ ମୁଁ ତୁମମାନଙ୍କୁ ବର୍ଷରେ ଚାରିଥର ଏହି କାର୍ଯ୍ୟକ୍ରମଟିକୁ ରଖିବା ଲାଗି କହିଥିଲି ।

ଏକ ଆରାମଦାୟକ ଜୀବନ ଲାଗି ତ ଛାତ୍ରମାନେ ଏଠାକୁ ଆସି ନାହାନ୍ତି; ସେମାନେ ଆପଣାକୁ ଦିବ୍ୟଜୀବନ ଲାଗି ଗଠନ ଓ ପ୍ରସ୍ତୁତ କରିବାକୁ ଏଠାକୁ ଆସିଛନ୍ତି ।

ମାତ୍ର, ଯଦି ସେମାନେ ସେହି ଦିଗରେ କରାଯାଉଥିବା ଏକ ପ୍ରୟାସକୁ ପ୍ରତ୍ୟାଖ୍ୟାନ କରିବାକୁ ମନ କରିବେ, ଆଳସ୍ୟପରାୟଣ ହୋଇ ରହିବେ ଏବଂ 'ତାମସିକତା'କୁ ଆଦରିନେବେ, ତେବେ ଦିବ୍ୟଜୀବନ ଲାଗି ଆପଣାକୁ ପ୍ରସ୍ତୁତ କରୁଛନ୍ତି ବୋଲି ସେମାନେ ଆଶା ବି କରିପାରିବେ କିପରି ?

*୩୦ ଅକ୍ଟୋବର ୧୯୬୭*

# ୪

# ସ୍କୁଲରେ ମାଆଙ୍କ କାର୍ଯ୍ୟ ବିଷୟରେ ଏକ ଝଲକ

## (୧)

## ଫରାସୀ ଭାଷା – ଆଶ୍ରମରେ ଓ ସ୍କୁଲରେ

*(ବିଦ୍ୟାଳୟରେ କେଉଁ ଭାଷାର ମାଧ୍ୟମରେ ପାଠପଢ଼ା ହେବ, ସେହି ବିଷୟରେ ଦୁଇ, ତିନି ଜଣ ଶିକ୍ଷକ ଥରେ ଏକ ଆଲୋଚନା କରିଥିଲେ । ସେମାନଙ୍କର ସେହି ଆଲୋଚନାର ନିଷ୍କର୍ଷଟିକୁ ସେମାନେ ମାଆଙ୍କୁ ଯାଇ ଜଣାଇଥିଲେ ଏବଂ ସେଥିରେ ସେମାନେ ନିଜର ଏହି ମନ୍ତବ୍ୟଟିକୁ ଯୋଡ଼ିଥିଲେ :) ଶିକ୍ଷା ସମ୍ବନ୍ଧରେ ଶ୍ରୀଅରବିନ୍ଦ ଲେଖିଥିବା ପୁସ୍ତକଟିରେ ସେ କହିଛନ୍ତି ଯେ ପିଲାକୁ ତା'ର ମାତୃଭାଷାରେ ଶିକ୍ଷା ଦିଆଯିବ ।*

ଶ୍ରୀଅରବିନ୍ଦ ସେହିକଥା ନିଶ୍ଚୟ କହିଛନ୍ତି, ମାତ୍ର ସିଏ ଆହୁରି ଅନେକ କଥା ମଧ୍ୟ କହିଛନ୍ତି ଓ ସବୁଯାକ ଏକତ୍ର ମିଶିହିଁ ତାଙ୍କର ପରାମର୍ଶଟିକୁ ଏକ ସମଗ୍ରରୂପ ଦାନ କରିଛନ୍ତି । ସେହି ସମଗ୍ରରୂପଟିହିଁ ତାଙ୍କର ବକ୍ତବ୍ୟକୁ ନେଇ ଅନ୍ଧଭାବରେ କିଛି ଗ୍ରହଣ କରିବାର ସମ୍ଭାବନାକୁ ନିରାକୃତ କରି ରଖିଛି । ଶ୍ରୀଅରବିନ୍ଦ ସ୍ୱୟଂ ଏକାଧିକ ବାର ଏକଥାଟିକୁ ମଧ୍ୟ କହିଛନ୍ତି ଯେ, ଯେତେବେଳେ ଆମେ ଗୋଟିଏ କଥାକୁ ସ୍ୱୀକାର କରୁଥିବା, ତା'ର ବିପରୀତ କଥାଟିକୁ ମଧ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ; ତା' ନ ହେଲେ ଯଥାର୍ଥ ସତ୍ୟଟିକୁ ଆମେ କେବେହେଲେ ବୁଝିପାରିବା ନାହିଁ ।

*(ଏହି ଚିଠିଟିରେ ଜଣେ ଶିକ୍ଷକ ଆଶ୍ରମରେ ଫରାସୀ ଭାଷାର ଭବିଷ୍ୟତ୍ କ'ଣ ହେବ, ସେହି ବିଷୟରେ ଏକ ସଂଶୟ ପ୍ରକାଶ କରିଥିଲେ ।)*

ଆଶ୍ରମରେ ଫରାସୀ ଭାଷା ନିଶ୍ଚୟ ଶିକ୍ଷା ଦିଆଯିବ । ଅନ୍ତତଃ ମୁଁ ଯେତେ ଦିନ ଯାଏ ଅଛି, ସେତେଦିନ ପର୍ଯ୍ୟନ୍ତ । କାରଣ ଶ୍ରୀଅରବିନ୍ଦ ଏହାକୁ ଭାଷାଜ୍ଞାନ ହାସଲ କରିବାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବୋଲି ସର୍ବଦା ବିଚାର କରୁଥିଲେ । ସିଏ ଫରାସୀ ଭାଷାକୁ ଭାରି ଭଲ ପାଉଥିଲେ ଏବଂ ସେହି ଭାଷାଟିକୁ ଅତ୍ୟନ୍ତ ଭଲଭାବେ ଜାଣିଥିଲେ ।

*୨୩ ଅଗଷ୍ଟ ୧୯୬୫*

*

*(ଫରାସୀ ଭାଷା ସମ୍ବନ୍ଧରେ ଏକ କଥାବାର୍ତ୍ତା ଚାଲିଥିବା ସମୟରେ ଜଣେ ସାଧକ ମାଆଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ବର୍ତ୍ତମାନ ଅନେକ ଫରାସୀ ଲୋକ, ବିଶେଷ କରି ନବାଗତ ଅନେକ ଫରାସୀଲୋକ ଇଂରାଜୀରେ କଥାବାର୍ତ୍ତା କରୁଛନ୍ତି; ଏପରିକି, ଯେଉଁମାନେ ଅତ୍ୟନ୍ତ ଉତ୍ତମଭାବରେ ଫରାସୀ ଭାଷା ଜାଣିଛନ୍ତି, ସେମାନଙ୍କ ସହିତ ମଧ୍ୟ ଏମାନେ ଇଂରାଜୀ ଭାଷାରେ କଥାବାର୍ତ୍ତା କରୁଛନ୍ତି । ମାଆ ସେ କଥା ଶୁଣି କିଛି ସମୟ ନିଜକୁ ଅଭିନିବିଷ୍ଟ କରି ରଖିଲେ ଏବଂ କହିଲେ, ''ତଦ୍ଦ୍ୱାରା ସେମାନଙ୍କରହିଁ ଅଧିକ କ୍ଷତି ହେଉଛି ।'' ଏହି ବିଷୟରେ ମାଆ ଏକ ସନ୍ଦେଶ ଦେଲା ପରି କିଛି କହିଲେ ତାହା ସେ ଦିଗରେ କିଛି ସାହାଯ୍ୟ କରିବ କି ନାହିଁ ବୋଲି ତା'ପରେ ସାଧକ ଜଣକ ମାଆଙ୍କୁ ପଚାରିଥିଲେ । ସେଇଠୁ ମାଆ ନିମ୍ନଲିଖିତ ସନ୍ଦେଶଟିକୁ ଲେଖି ଦେଇଥିଲେ ଏବଂ ପ୍ରସ୍ତାବ ଦେଇଥିଲେ ଯେ ସେଇଟିକୁ ଆଶ୍ରମରେ ଏବଂ ସ୍କୁଲ୍‌ରେ ସମସ୍ତଙ୍କର ଜାଣିବା ପାଇଁ ଲଗାଇ ଦିଆଯିବ । Biblioth`eque Choisie (ନିର୍ବାଚିତ ପୁସ୍ତକଗୁଡ଼ିକର ଲାଇବ୍ରେରି)ରେ ମଧ୍ୟ ତାହାର ଗୋଟିଏ ନକଲ ନେଇ ଲଗାଇ ଦେବାକୁ ପରାମର୍ଶ ଦେଇଥିଲେ । ସେହି ଉଦ୍ଦେଶ୍ୟରେ ସନ୍ଦେଶଟିର କେତୋଟି ଫଟୋକପି ତିଆରି କରାଯାଇଥିଲା ।)*

ଶ୍ରୀଅରବିନ୍ଦ ଫରାସୀ ଭାଷାକୁ ଅତ୍ୟନ୍ତ ଭଲ ପାଉଥିଲେ । ସିଏ ଅନେକଥର କହୁଥିଲେ ଯେ ଫରାସୀ ହେଉଛି ଏକ ସ୍ୱଚ୍ଛଭାଷା, ଅର୍ଥଗୁଡ଼ିକୁ ଯଥାର୍ଥ ଭାବରେ ବ୍ୟକ୍ତ କରିପାରୁଥିବାର ଭାଷା; ଏବଂ ତେଣୁ ସେହି ଭାଷାର ବ୍ୟବହାର ଆମକୁ ମାନସିକ ସ୍ୱଚ୍ଛତା ଅର୍ଜନ କରିବା ଦିଗରେ ନିଶ୍ଚୟ ଅନେକ ପ୍ରୋତ୍ସାହନ ଦେଇପାରିବ । ଚେତନାର ବିକାଶ ସାଧନ କରିବା ଦୃଷ୍ଟିରୁ ଏହି କଥାଟିର ଅତ୍ୟନ୍ତ ଗୁରୁତ୍ୱ ଓ ମୂଲ୍ୟ ରହିଛି । ଫରାସୀ ଭାଷାରେ, ଆମେ ଯାହା କହିବାକୁ ଇଚ୍ଛା କରୁଥିବା, ତାହାକୁ ଠିକ୍ ସେହିପରି କହିପାରିବାକୁ ସମର୍ଥ ହୋଇଥାଉ ।

ଅନେକ ଆଶୀର୍ବାଦ । *୧୯ ଅକ୍ଟୋବର ୧୯୭୧*

## (୨)

## ଫରାସୀ କ୍ଲାସ୍‌ର କର୍ମ ସଙ୍ଗଠନ

*(କେତେକ ଶିକ୍ଷକଙ୍କର ଏକ ଗୋଷ୍ଠୀ କେତେଗୁଡ଼ିଏ କ୍ଲାସ୍‌କୁ ପୁନଃସଂଗଠିତ କରିବା*

*ବିଷୟରେ ବିଚାର କରୁଥିଲେ । ଏଥିରେ ମାଆଙ୍କର କିଛି ଆପତ୍ତି ଅଛି କି ନାହିଁ ବୋଲି ସେମାନଙ୍କ ମଧ୍ୟରୁ ଜଣେ ମାଆଙ୍କୁ ପଚାରିଥିଲେ ।)*

ମୋର କୌଣସି ଆପତ୍ତି ନାହିଁ । ଏସବୁ ବିଷୟକୁ ତୁମେମାନେ ପୂର୍ଣ୍ଣ ସ୍ୱାଧୀନତା ସହିତ ନିଜ ଭିତରେହିଁ ଠିକ୍ କରିନେଇ ପାରିବ ।

*ଜାନୁଆରି ୧୯୬୧*

*

*(ଏହି କାର୍ଯ୍ୟଟି ବିଷୟରେ ଦୁଇ ଜଣ ଶିକ୍ଷକଙ୍କର ପ୍ରାୟ ଗରମାଗରମ ହୋଇ ଏକ ଆଲୋଚନା ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ମାଆଙ୍କ ଆଗରେ ସମସ୍ୟାଟିକୁ ନେଇ ଥୋଇଥିଲେ ଓ ତାଙ୍କର ମତ ଲୋଡ଼ିଥିଲେ । ମାଆ ଉତ୍ତର ଦେଇ କହିଥିଲେ :)*

ପ୍ରକୃତରେ କହିବାକୁ ଗଲେ ଏହି ବିଷୟରେ **ମୋର ଆଦୌ କୌଣସି ମତ ଦେବାକୁ ନାହିଁ ।** ସତ୍ୟର ଦୃଷ୍ଟିରୁ ବିଚାର କରି ଦେଖିଲେ, ସବୁ ବିଷୟ ତଥାପି ଭାରି ଭୟଙ୍କର ଭାବରେ ପରସ୍ପର ସହିତ ମିଶିକରି ରହିଛି, ସୌଭାଗ୍ୟବଶତଃ ଆଲୋକ ଅନ୍ଧକାର ସହିତ ଅଳ୍ପ ବହୁତ ମିଶି କରି ରହିଛି, ସତ୍ୟ ମିଥ୍ୟା ସହିତ ମିଶିକରି ରହିଛି ଏବଂ ଜ୍ଞାନ ଅଜ୍ଞାନ ସହିତ ମିଶିକରି ରହିଛି । ଏବଂ, ଯେତେବେଳ ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତିଙ୍କର ମତଗୁଡ଼ିକ ଅନୁସାରେ ନିଷ୍ପତ୍ତି ଗ୍ରହଣ କରାଯାଉଥିବ ଏବଂ କାର୍ଯ୍ୟ କରାଯାଉଥିବ, ସେତେବେଳ ପର୍ଯ୍ୟନ୍ତ ଠିକ୍ ସେହିପରି ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଥିବ ।

ଆମେ ଏପରି ଏକ କାର୍ଯ୍ୟର ଦୃଷ୍ଟାନ୍ତ ଦେଖାଇ ଦେବାକୁ ଇଚ୍ଛା କରୁଛୁ, ଯାହାକୁ କି ସତ୍ୟଦୃଷ୍ଟି ଦ୍ୱାରାହିଁ ପ୍ରେରିତ ହୋଇ କରାଯାଉଥିବ; ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଆମେ ଏବେ ମଧ୍ୟ ସେହି ଆଦର୍ଶ କଥାଟିକୁ ସମ୍ଭବ କରି ପାରିବାଠାରୁ ଅନେକ ଦୂରରେ ରହିଛୁ; ଏବଂ ସତ୍ୟ ଦୃଷ୍ଟିକୁ ବ୍ୟକ୍ତ କରାଯାଉଥିଲେ ମଧ୍ୟ ସେଇଟିକୁ କାର୍ଯ୍ୟକାରୀ କରିବାକୁ ବସିବା ମାତ୍ରକେହିଁ ତାହା ଅଚିରେ ବିକୃତ ହୋଇ ପଡ଼ିବାରେ ଲାଗିଛି ।

ତେଣୁ, ବିଷୟଗୁଡ଼ିକ ଏଭଳି ଅବସ୍ଥା ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ଆମେ, ଏକଥାଟି ସତ ଓ ଏକଥାଟି ସତ ନୁହେଁ, ଏଇଟି ଆମକୁ ଲକ୍ଷ୍ୟ ପାଖରୁ ଭ୍ରଷ୍ଟ କରି ନେଇଯିବ ଓ ଏଇଟି ଆମକୁ ଲକ୍ଷ୍ୟର ଅଧିକ ନିକଟବର୍ତ୍ତୀ କରାଇଆଣିବ ବୋଲି କଦାପି କହିପାରିବା ନାହିଁ ।

ଅଗ୍ରଗତି ପାଇଁ ଆମେ **ସବୁକିଛିକୁ** କାର୍ଯ୍ୟରେ ଲଗାଇ ପାରିବା, କାର୍ଯ୍ୟରେ ଲଗାଇ

ପାରିବାର ଯଥାର୍ଥ ମାର୍ଗଟି ଜଣାଥିଲେ ସବୁକିଛିକୁ ଆମର ଉପକାର ପାଇଁ କାମରେ ଲଗାଯାଇ ପାରିବ ।

ଅସଲ ଓ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛିଯେ, ଆମେ ଯେଉଁ ଆଦର୍ଶଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ଆମେ ସେଇଟି ବିଷୟର କେବେହେଲେ ବିସ୍ମୃତ ହେବା ନାହିଁ, ଏବଂ ସେହି ଉଦ୍ଦେଶ୍ୟଟିର ସାଧନ ଲାଗି ପ୍ରତ୍ୟେକ ସ୍ଥିତିକୁ କାର୍ଯ୍ୟରେ ଲଗାଇବା ।

ସର୍ବୋପରି ସର୍ବଦା ଏହି କଥାଟି କଲେ ନିଶ୍ଚୟ ଅଧିକ ଭଲ ହେବ ଯେ, ଆମେ ବସ୍ତୁଗୁଡ଼ିକର ପକ୍ଷରେ ଅଥବା ବିପକ୍ଷରେ କେବେହେଲେ କୌଣସି ନିଷ୍ପତ୍ତି କରିବା ନାହିଁ, ମାତ୍ର ଜଣେ ସାକ୍ଷୀର ନିଷ୍ପକ୍ଷ ଦୃଷ୍ଟି ସହିତ ଆମେ ବିକଶିତ ହେବାରେ ଲାଗିଥିବା ଘଟନାଗୁଡ଼ିକୁ ନିରୀକ୍ଷଣ କରି ଦେଖୁଥିବା ଏବଂ ତେଣେ ସେହି ଦିବ୍ୟ ପରମପ୍ରଜ୍ଞା ଉପରେହିଁ ଆସ୍ଥା ସ୍ଥାପନ କରିଥିବା । ସେହି ପ୍ରଜ୍ଞାହିଁ ସର୍ବୋତ୍ତମ କାର୍ଯ୍ୟଟି କରିନେବ ବୋଲି ବିଶ୍ୱାସ ରଖିଥିବା; ଯାହା ପ୍ରକୃତରେ ପ୍ରୟୋଜନ, ସେହି ପ୍ରଜ୍ଞା ଅବଶ୍ୟ ତାହା କରିବ ବୋଲି ଆସ୍ଥା ରଖିଥିବା ।

*ଜୁଲାଇ ୧୯୬୧*

*

*(ଏହି କାର୍ଯ୍ୟଟି ବିଷୟରେ ମାଆ ଦେଇଥିବା କେତୋଟି ପ୍ରଶ୍ନର ଏକ ବ୍ୟକ୍ତିଗତ ଉତ୍ତରକୁ ଜଣେ ଶିକ୍ଷକ ତାଙ୍କର ଏକାଧିକ ଶିକ୍ଷକବନ୍ଧୁଙ୍କ ଆଗରେ ପ୍ରକାଶ କରି ଦେଇଥିଲେ, ଏପରି ଏକ ଅବିବେକିତାରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ସିଏ ମାଆଙ୍କୁ ଯାଇ ସେହି କଥା ଜଣାଇଥିଲେ ।)*

ତୁମେ ଏହି କଥାଟି ଅନ୍ୟମାନଙ୍କ ପାଖରେ କହିଦେଲ ବୋଲି ତଦ୍ଦ୍ୱାରା ଯେ କୌଣସି କ୍ଷତି ହୋଇଗଲା, ସେ କଥା ଆଦୌ ନୁହେଁ । କାରଣ, ତୁମେ ଜାଣିଛ ଯେ ସକଳ ନିଷ୍ଠାର ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମଧ୍ୟ ''ମୁଁ ତୁମ ସହିତ ଏକମତ'' ବୋଲି ମୁଁ ଅବଶ୍ୟ କହିପାରିବି । ବସ୍ତୁତଃ ଏହି କଥାଟିକୁ ତୁମ ସମସ୍ତଙ୍କ ପକ୍ଷରେ ବୁଝିବା ଭାରି କଷ୍ଟକର ହେବ, କାରଣ ମନଃସ୍ତରର ବିଚାର ଏହି କଥାଟିକୁ ମୋଟେ ସମର୍ଥନ କରି ପାରିବ ନାହିଁ । ମାତ୍ର ପ୍ରତ୍ୟେକ ବ୍ୟକ୍ତିର ଦୃଷ୍ଟିକୋଣର ପଶ୍ଚାତରେ **ଯଥାର୍ଥ ସତ୍ୟର** ଗୋଟିଏ ଦିଗ, ବେଳେବେଳେ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ଦିଗ ଅବଶ୍ୟ ରହିଥାଏ ଏବଂ ସେହି ଦିଗଟି ସହିତ ମୁଁ ସର୍ବଦା ଏକମତ ହୋଇଯାଏ; ଅବଶ୍ୟ ଏଥିରେ ଗୋଟିଏ ସର୍ତ୍ତ ମଧ୍ୟ ରହିଥାଏ ଯେ ଅନ୍ୟ ଦିଗଗୁଡ଼ିକର ବିଲୁପ୍ତି ସାଧନ କରି ସେହି ଦିଗଟି କେବଳ ନିଜକୁହିଁ ସତ୍ୟ ରୂପେ ପ୍ରତିଷ୍ଠିତ କରି ରଖିଥିବା ଲାଗି କୌଣସି ଚେଷ୍ଟା କରୁ ନ ଥାଏ ।

ଏବଂ, ଯାବତୀୟ କର୍ମର ଅନୁଶୀଳନରେହିଁ ମୁଁ ଏପରି ଗୋଟିଏ ପ୍ରଣାଳୀର

ଅନୁଶୀଳନ କରୁଛି, ଯାହାଦ୍ୱାରା କି ଏହି ସବୁଯାକ ଦିଗକୁ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ପ୍ରକାଶ କରିଦେବା ସମ୍ଭବ ହେବ ଏବଂ ତଥାପି ସେହି ଦିଗଗୁଡ଼ିକ ପରସ୍ପରର କ୍ଷେତ୍ର ଉପରେ ଆଦୌ କୌଣସି ପ୍ରକାର ହସ୍ତକ୍ଷେପ କରୁ ନ ଥିବେ । ଏହି ସାଧନଟି ମୋତେ ଯେଉଁଦିନ ମିଳିଯିବ, ସେ ଦିନ ମୁଁ ଆମ ସ୍କୁଲ୍‌କୁ ପୁନଃ ସଙ୍ଗଠିତ କରିବାର କାର୍ଯ୍ୟଟିକୁ ଆରମ୍ଭ କରି ଦେବି । ମାତ୍ର, ସେହି ଦିନଟି ଆସିବା ପର୍ଯ୍ୟନ୍ତ, ତୁମେମାନେ ନିଜ ନିଜର ବିଚାରଗୁଡ଼ିକୁ ସର୍ବଦା ଅବଶ୍ୟ ପ୍ରକଟ କରି ପାରିବ । ଯେପର୍ଯ୍ୟନ୍ତ ଏହି ମତଗୁଡ଼ିକ କେବଳ ଆପଣାକୁହିଁ ସତ୍ୟ ବୋଲି କହିବାର ଜିଦ୍ କରୁ ନ ଥିବ, ଅନ୍ଧଭାବରେ ଆପଣାକୁ ପ୍ରତିଷ୍ଠିତ କରିବାକୁ ଇଚ୍ଛା କରୁ ନ ଥିବ, କାହାରି ପ୍ରତି ଏକ ଆକ୍ରମଣମୂଳକ ଭାବ ରଖି ନ ଥିବ ଏବଂ ଯେପର୍ଯ୍ୟନ୍ତ ତୁମେମାନେ **କେବେହେଲେ** ନିଜ ନିଜ ଭିତରେ କଳହ କରୁ ନ ଥିବ, ସେପର୍ଯ୍ୟନ୍ତ ଆପଣାର ମତଗୁଡ଼ିକୁ ପ୍ରକଟ କରିବାକୁ ଅବଶ୍ୟ ସୁସ୍ଥ ବୋଲି କୁହାଯାଇ ପାରିବ !

*ଅଗଷ୍ଟ ୧୯୬୧*

## (୩)

## ଫରାସୀଭାଷା ମାଧ୍ୟମରେ ପାଠ ପଢ଼ାଉଥିବା ଭାରତୀୟ ଶିକ୍ଷକମାନଙ୍କୁ ଫରାସୀ ଭାଷା ଶିକ୍ଷା ଦେବା ।

### ଅଧ୍ୟୟନ ପାଇଁ ବହିଟିଏ ବାଛିବା

*(ନିଜର ଫରାସୀଭାଷାର ଜ୍ଞାନରେ ଉନ୍ନତିସାଧନ କରିବାକୁ ଇଚ୍ଛା କରୁଥିବା ଜଣେ ଭାରତୀୟ ତରୁଣ ବୟସ୍କ ଶିକ୍ଷକଙ୍କ ସହିତ ଏକାଠି ପାଠ କରିବା ଲାଗି ବହିଟିଏ ବାଛିବାକୁ ଯାଇ ଫରାସୀଭାଷାର ଶିକ୍ଷକ ଆଲ୍‌ବେଆର କାମ୍ୟୁଙ୍କ ଲିଖିତ* La Peste *ବହିଟି ବିଷୟରେ ମାଆଙ୍କର ମତ ପଚାରିଥିଲେ ।)*

ବହଳ ଚମ ଥିବା ଇଉରୋପୀୟମାନଙ୍କ ଲାଗି କେତେକ ନିର୍ଦ୍ଦିଷ୍ଟ ପୁସ୍ତକର ପାଠ କରିବା ଦ୍ୱାରା ତାହା ହୁଏତ ବେଶ୍ ଏକ ଉପକାର ସାଧନ କରିପାରିବ । ତାହା ସେମାନଙ୍କ ଭିତରେ ହୁଏତ ଏକ ପ୍ରକୃତ ଅନୁକମ୍ପାର ଭାବକୁ ଉଦ୍ରେକ କରି ଆଣିପାରିବ । ମାତ୍ର ଏଠି ଭାରତବର୍ଷରେ ତାହାର ଆଦୌ କୌଣସି ଆବଶ୍ୟକତା ନାହିଁ । ଏବଂ, ଯେଉଁ ଜୀବନ

ପୂର୍ବରୁହିଁ ଏତେ ଅନ୍ଧକାରମୟ ହୋଇ ରହିଛି, ତାହାର ଆହୁରି ଅଧିକ ଅନ୍ଧକାରମୟ ଏକ ଚିତ୍ରର ଉପସ୍ଥାପନା କରିବା ଦ୍ୱାରା ପ୍ରକୃତରେ କୌଣସି ହିତ ସାଧିତ ହେବ ନାହିଁ ।

*(ମାଆ ଏହି କାର୍ଯ୍ୟଟି ପାଇଁ Jules Romains ଙ୍କ* Recherche d'une église *ବହିଟି ବ୍ୟବହାର କରିବା ଲାଗି ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କର ନିଜ ବହିଟିକୁ ଫରାସୀଭାଷାର ଶିକ୍ଷକ ଦେଖିବା ଲାଗି ତାଙ୍କ ପାଖକୁ ପଠାଇ ଦେଇଥିଲେ । ବହିରେ ଥିବା କେତୋଟି ଅଧ୍ୟାୟ ଶିକ୍ଷକଙ୍କୁ ପ୍ରାୟ ''ଆତଙ୍କିତ'' କରି ପକାଇଥିଲା ଏବଂ ବେଶ୍ କଡ଼ା ଭାଷାରେ ସିଏ ଆପଣାର ଅନୁଭବଗୁଡ଼ିକୁ ମାଆଙ୍କ ପାଖକୁ ଲେଖି ଜଣାଇଥିଲେ । ମାଆ ଉତ୍ତର ଦେଇଥିଲେ :)*

ମୁଁ Recherche d'une église ବହିଟିକୁ ବାଛିଥିଲି । Jules Romain ଜଣେ ସୁପ୍ରତିଷ୍ଠିତ ଲେଖକ ଏବଂ ସିଏ ଏକ ଅତ୍ୟନ୍ତ ଉଚ୍ଚକୋଟୀର ଫରାସୀଭାଷା ଲେଖିପାରନ୍ତି । ଯେତେବେଳେ ମୁଁ ଏହି ବହିର କିଛି ଅଂଶକୁ ବାଦ୍ ଦେବା କଥା* ଲେଖିଥିଲି, କାରଣ ତାହାର କେତେକ ଅଂଶ ଜଣେ ତରୁଣୀ ମହିଳାର ମନ ଲାଗି ଆଦୌ ସଂପୂର୍ଣ୍ଣ ଉପଯୁକ୍ତ ନୁହେଁ ବୋଲି ମୁଁ ଭାବିଥିଲି । ମାତ୍ର, ସେହିସବୁ ଅଂଶକୁ ବାଦ୍‌ଦେଇ ବହିଟିକୁ ପଢ଼ିଥିଲେ ପ୍ରକୃତରେ ଭଲ ହୋଇଥା'ନ୍ତା । ବହିର ଅବଶିଷ୍ଟ ଅଂଶ ଅତ୍ୟନ୍ତ ଭଲ ।

*(ଫରାସୀଭାଷାର ଶିକ୍ଷକ ତଥାପି ଅନ୍ୟ କୌଣସି ବହିର ଅନ୍ୱେଷଣ କରିବାରେ ଲାଗିଥିଲେ ଏବଂ* Marc Blancpain*ଙ୍କର* La France d'aujourd'hui *ବହିଟି ପଢ଼ାଯିବା ଲାଗି ପ୍ରସ୍ତାବ ଦେଇଥିଲେ ।)*

ମୁଁ ବି ସେହି ବହିଟିକୁ ଅତ୍ୟନ୍ତ ଆଗ୍ରହର ସହିତ ପଢୁଥିଲି । ହଁ, ଏ ବହିଟି ଭାରି ଭଲ ହେବ ।

*ମଇ ୧୯୬୦*

*

---

* ପୂର୍ବର ଗୋଟିଏ ଚିଠିରେ ମାଆ ଲେଖିଥିଲେ, ''କେତେକ ଅଂଶକୁ ବାଦ୍‌ଦେଇ Jules Romains ଙ୍କର କେତେକ ବହି ବେଶ୍ ଭଲ ହେବ । ବିଶେଷ କରି ମୁଁ Recherche d'une église ବହିଟିର ନାମ ପ୍ରସ୍ତାବ କରିବି ।''

## ଗୋଟିଏ କାର୍ଯ୍ୟକ୍ରମ ଠିକ୍ କରିବା

*(ଫରାସୀଭାଷାର ଶିକ୍ଷକ ତାଙ୍କର ଜଣେ ଛାତ୍ର, ଜଣେ ଭାରତୀୟ ଶିକ୍ଷକଙ୍କ ପାଇଁ ସଭ୍ୟତାର ଇତିହାସ ବିଷୟରେ ଗୋଟିଏ ପାଠକ୍ରମ ସ୍ଥିର କରି ଦେଇଥିଲେ ଓ ସେହି ପରିକଳ୍ପନାକୁ ନେଇ ମାଆଙ୍କ ଆଗରେ ଉପସ୍ଥାପିତ କରିଥିଲେ ।)*

ହଁ, ଏହି କାର୍ଯ୍ୟଟି ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇ ପାରିବ । ମାତ୍ର କେବଳ ଶ୍ରୀଅରବିନ୍ଦଙ୍କର The Human Cycle ଗ୍ରନ୍ଥଟି ଉପରେ ଆଧାରିତ ହୋଇପାରିଲେ ଯାଇ ତାହା ଆଗ୍ରହୋଦ୍ଦୀପକ ହେବ (ବହିଟି ବୁଲେଟିନ୍‌ରେ ପ୍ରକାଶିତ ହୋଇଛି) । କାରଣ, ଏହି ବହିଟିରେ କେବଳ ଯେ ମନୁଷ୍ୟ-ବିବର୍ତ୍ତନର ଯାବତୀୟ ସମସ୍ୟାର ଉତ୍‌ଥାପନ କରାଯାଇଛି ତା’ ନୁହେଁ, ସେଗୁଡ଼ିକର ସମାଧାନ ବି କରି ଦିଆଯାଇଛି । ଶ୍ରୀଅରବିନ୍ଦ ଯେଉଁଠି ଯେତେବେଳେ କୌଣସି ଏକ ସଭ୍ୟତା ଅଥବା ଦେଶର ଉଲ୍ଲେଖ କରିଛନ୍ତି, ସେତେବେଳେ ସେଇଟିର ଐତିହାସିକ ତଥ୍ୟ ସାମଗ୍ରୀଗୁଡ଼ିକର ଅଧ୍ୟୟନ କରାଯାଇ ପାରିବ, ଏବଂ ତା’ପରେ ଏହି କାର୍ଯ୍ୟଟି ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇପାରିବ ।

*ସେପ୍ଟେମ୍ବର ୧୯୬୦*

*

*ଭାରତୀୟ ଶିକ୍ଷକମାନଙ୍କ ଲାଗି ଉଦ୍ଦିଷ୍ଟ ଫରାସୀଭାଷାର ଗୋଟିଏ କ୍ଲାସ୍‌ରେ ବେଶ୍ କେତେଜଣ ଛାତ୍ର ଆଧୁନିକ ଫରାସୀ ଲେଖକମାନଙ୍କର ରଚନାମାନ ପଢ଼ିବାକୁ ଇଚ୍ଛା କରିଥିଲେ, କାରଣ ପୁରାତନ ଯୁଗର ରଚନାଗୁଡ଼ିକ ତୁଳନାରେ ଏଗୁଡ଼ିକର ଭାଷା ମଧ୍ୟ ଅପେକ୍ଷାକୃତ ଅଧିକ ପରିମାଣରେ ଆଧୁନିକ । ଏ ବିଷୟରେ ମାଆଙ୍କ ମତ କ’ଣ ?*

ଆଧୁନିକ ଲେଖକମାନଙ୍କ ବିଷୟରେ ମୁଁ ଯେତିକି ଜାଣିଛି, ତାହା, ସେମାନଙ୍କର ଆହୁରି ଅଧିକ ଲେଖା ପାଠ କରିବା ଲାଗି ମୋ’ର ହୁଏତ ଯାହାକିଛି ଇଚ୍ଛା ହୋଇଥାଆନ୍ତା, ତାହାକୁ ହରଣ କରି ନେଇଯାଇଛି ।

ଆମେ ଜାଣି ଜାଣି କାହିଁକି କାଦୁଅ ଭିତରକୁ ଯିବା ? ଏଥିରୁ ଆମକୁ କ’ଣ ଲାଭ ମିଳିବ ? ପାଶ୍ଚାତ୍ୟ ଜଗତ ଯେ ଆଜି କାଦୁଅ ଭିତରେ ପଶି ଲଟରପଟର ହେଉଛି, କ’ଣ ଏହି ଜ୍ଞାନଟିକୁ ଲାଭ କରିବା ଲାଗି ଆମେ ସେଗୁଡ଼ାକୁ ପଢ଼ିବା ? ଏହାର ପ୍ରାୟ କୌଣସି ଆବଶ୍ୟକତା ନାହିଁ । ତେଣୁ, ଅତ୍ୟନ୍ତ ଯତ୍ନର ସହିତ ନିର୍ବାଚିତ ହୋଇଥିବା କେତେକ ବିଶେଷ ଅଂଶର ପଠନ,— ଏହାହିଁ ଯଥାର୍ଥ ସମାଧାନଟି ପରି ଲାଗୁଛି ।

*ମଇ ୧୯୬୩*

*

*(ଫରାସୀଭାଷାର ମାଧ୍ୟମରେ ପଢ଼ାଇ ପାରିବା ପାଇଁ ଜଣେ ତରୁଣ ଶିକ୍ଷକଙ୍କୁ ଆହୁରି ଅଧିକ ପ୍ରଗାଢ଼ ଭାବରେ ଫରାସୀଭାଷା ଶିକ୍ଷା କରିବାକୁ ପଡ଼ିଥିଲା । ମାତ୍ର ତେଣେ ସ୍କୁଲ୍‌ରେ ମଧ୍ୟ ଅନେକ ସଂଖ୍ୟକ କ୍ଲାସ୍ ନେବାକୁ ପଡୁଥିଲା । ମାଆଙ୍କର ଏହି କଥାଟି ତାଙ୍କରି ବିଷୟରେ)*

ଏଥିରେ ମୁଁ ସଂପୂର୍ଣ୍ଣ ଏକମତ । 'କ'ଙ୍କୁ ଆହୁରି ଅଧିକ ଭଲ ଭାବରେ ଫରାସୀଭାଷା ଶିଖିବା ଲାଗି ସମୟ ଦିଆଯିବା ଉଚିତ । ତେଣୁ ତାଙ୍କ କାର୍ଯ୍ୟ ଏବଂ ଶିକ୍ଷାଦାନର ସମୟଟିକୁ ଏପରି ଭାବରେ ସଂଗଠିତ କରିବାକୁ ପଡ଼ିବ, ଯେପରିକି ସିଏ ତୁମ ପାଖକୁ ଯାଇ ତାଙ୍କର କ୍ଲାସ୍‌ଗୁଡ଼ିକୁ କରିପାରିବେ । ଏହି କ୍ଲାସ୍ କରିବାର ଆଉ ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରିବା ପର୍ଯ୍ୟନ୍ତ ଏହିପରି କରିବାକୁ ପଡ଼ିବ ।

*ସେପ୍‌ଟେମ୍ବର ୧୯୬୬*

## (୪)

## ଛାତ୍ରମାନଙ୍କୁ ଫରାସୀଭାଷା ଶିଖାଇବା

*ପିଲାମାନଙ୍କର ବନାନ୍‌କୁ ଅଧିକ ଶୁଦ୍ଧ କିପରି କରାଯାଇ ପାରିବ ?*

ବନାନ୍ ସକାଶେ ଆମକୁ ସାଧାରଣତଃ ଆଖିଗୁଡ଼ିକର ସାହାଯ୍ୟ ନେବାକୁ ହେବ । ପ୍ରତ୍ୟେକ ଶବ୍ଦର ଏକ **ନିଜସ୍ୱ ଆକୃତି** ରହିବା ଉଚିତ, ଯାହାକୁ କି ଆଖି ପ୍ରକୃତରେ ମନେ ରଖିପାରିବ । **ଦୃଷ୍ଟିଗତ** ସ୍ମରଣ ମାନସିକ ସ୍ମରଣ ଅପେକ୍ଷା ପ୍ରକୃତରେ ଅଧିକ କାର୍ଯ୍ୟରେ ଲାଗିଥାଏ । ପିଲାମାନଙ୍କୁ ବହୁତ, ବହୁତ, ବହୁତ **ପଢ଼ିବାକୁ** ପଡ଼ିବ,— ବ୍ଲାକ୍‌ବୋର୍ଡ ଉପରେ, ବହିରେ ଓ ଚିତ୍ରମାନଙ୍କରେ ବହୁତ ଦେଖିବାକୁ, ଦେଖିବାକୁ, ଦେଖିବାକୁ ପଡ଼ିବ ।

ଏବଂ ଶୈଳୀ, ଲିଙ୍ଗ ଏବଂ ବ୍ୟାକରଣ ବିଷୟରେ ଏତିକି କୁହାଯାଇ ପାରିବ ଯେ, ବହୁତ ପରିମାଣରେ ଗୁଡ଼ାଏ ପଢ଼ିବା ଦ୍ୱାରାହିଁ ଏହି କ୍ଷେତ୍ରରେ ସର୍ବୋତ୍ତମ ଫଳ ମିଳିବ । ଏହିପରି ଭାବରେ ଏହି ସବୁକିଛି ଅବଚେତନ ମଧ୍ୟକୁ ଚାଲିଯିବ । ଶିକ୍ଷା କରିବା ପାଇଁ ଏହାହିଁ ସର୍ବୋତ୍କୃଷ୍ଟ ଉପାୟ ।

*ଜାନୁଆରି ୧୯୬୨*

*

## ପରୀକ୍ଷା ସମ୍ବନ୍ଧରେ

ପିଲାର **ଶୈକ୍ଷିକ** ଯୋଗ୍ୟତା ବିଷୟରେ ତୁମକୁ କିଞ୍ଚିତ୍ ପରିଚୟ ଦେବାରେ ଏହିସବୁ ପରୀକ୍ଷା ହୁଏତ କିଛି ସାହାଯ୍ୟ କରି ପାରିବ, ମାତ୍ର ତା'ର **ପ୍ରକୃତ ଯୋଗ୍ୟତା** ବିଷୟରେ ତୁମେ ତଦ୍ଦ୍ୱାରା ଆଦୌ କିଛିହେଲେ ପରିଚୟ ପାଇପାରିବ ନାହିଁ ।

ପିଲାର ପ୍ରକୃତ ଯୋଗ୍ୟତାଟିକୁ ଜାଣିବାକୁ ହେଲେ, ଆମକୁ ପିଲା ଭିତରେ ଆହୁରି ଅନ୍ୟକିଛି ଖୋଜି ବାହାର କରିବାକୁ ପଡ଼ିବ । ମାତ୍ର ଏକ ପରବର୍ତ୍ତୀ ପର୍ଯ୍ୟାୟରେ ଯାଇ ତାହାର ପ୍ରଶ୍ନ ଉଠିବ ଏବଂ ତାହାର ସ୍ୱଭାବ ମଧ୍ୟ ଏକାବେଳେକେ ଭିନ୍ନ ପ୍ରକାରର ହେବ ।

ଏପରି କହି ମୁଁ **ପ୍ରକୃତ ଯୋଗ୍ୟତା** ଏବଂ **ଶୈକ୍ଷିକ ଯୋଗ୍ୟତାକୁ** ପରସ୍ପରର ବିରୋଧୀ ରୂପେ ମୋଟେ ଦେଖାଇବାକୁ ଇଚ୍ଛା କରୁ ନାହିଁ । ଦୁଇଟିଯାକ ଯୋଗ୍ୟତା ଜଣେ ବ୍ୟକ୍ତି ମଧ୍ୟରେ ଅବଶ୍ୟ ରହିପାରିବ; ମାତ୍ର ଏପରି ଏକ ଦୃଷ୍ଟାନ୍ତ ସାଧାରଣତଃ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିଥାଏ ଏବଂ ତଦ୍ଦ୍ୱାରା ଅସାଧାରଣ ପ୍ରକାରର ବ୍ୟକ୍ତିମାନେ ସମ୍ଭବ ହୋଇଥା'ନ୍ତି ।

*୧୯୬୨*

*

*(ବିଦ୍ୟାଳୟରେ ଫରାସୀ ଭାଷା ଶିକ୍ଷାଦେବା ବିଷୟରେ ଜଣେ ଶିକ୍ଷକ ମାଆଙ୍କୁ ଦେଇଥିବା ଗୋଟିଏ ଚିଠିର ଦାଢ଼ରେ ମାଆ ନିମ୍ନ ପ୍ରକାରର ମନ୍ତବ୍ୟମାନ ଲେଖି ଦେଇଥିଲେ । ସେତେବେଳେ ପିଲାମାନଙ୍କୁ ଘରୁ କରି ଆଣିବା ଲାଗି ପାଠ ଦିଆଯାଉଥିଲା ।)*

*ପିଲାମାନେ ଫରାସୀଭାଷା ଶିଖିବାରେ ଆଦୌ କୌଣସି ଅଗ୍ରଗତି କରୁ ନାହାନ୍ତି, ତାହାର ଗୋଟିଏ କାରଣ ହେଉଛି ଯେ ଶିକ୍ଷକମାନେ ପିଲାଏ ଘରେ କରୁଥିବା କାମଗୁଡ଼ିକୁ ଆଦୌ ସଂଶୋଧନ କରୁ ନାହାନ୍ତି ।*

ଅତ୍ୟନ୍ତ ସତ କଥା ।

*ଭଲ କରି ପିଲାଏ କରି ଆଣୁଥିବା କାମଗୁଡ଼ିକର ଯଥାର୍ଥ ସଂଶୋଧନ ହେଲେ ସିନା ଘରକୁ ପାଠ ଦେବାର ପ୍ରକୃତ ଫଳପ୍ରଦତା ମିଳି ପାରୁଥା'ନ୍ତା !*

ଅତ୍ୟନ୍ତ ସତ କଥା ।

*ଶିକ୍ଷକ ଏବଂ ଛାତ୍ରମାନଙ୍କର କାମରେ ଲାଗିବା ପାଇଁ ମୁଁ ପାଠୋତ୍ତରଗୁଡ଼ିକର ଏକ ସଂଶୋଧିତ ନମୁନା ପ୍ରସ୍ତୁତ କରିବାକୁ ଆରମ୍ଭ କରିଛି ।*

ଭାରି ଭଲ କଥା ।

*ଏହିସବୁ ସଂଶୋଧିତ ନମୁନାଗୁଡ଼ିକୁ ଶିକ୍ଷକମାନଙ୍କର ଅନ୍ତତଃ ଗୋଟିଏ ଥର ପଢ଼ିବା ଉଚିତ ।...*

ଏକାଧିକ ଥର ଅବଶ୍ୟ ପଢ଼ିବା ଉଚିତ ।

*...ତେବେ ସେମାନେ ନିଜେ କରୁଥିବା ଭୁଲ୍‌ଗୁଡ଼ିକୁ ଜାଣିବାକୁ ସମର୍ଥ ହେବେ ।*

ହଁ, ସେମାନଙ୍କ ଲାଗି ତାହାର ଅତ୍ୟନ୍ତ ପ୍ରୟୋଜନ ରହିଛି ।

*ପିଲାର ହାତରେ ମଧ୍ୟ ଏହି ସଂଶୋଧିତ ନମୁନାର ଗୋଟିଏ କପି ରହିଥିବା ଉଚିତ, ଯେପରିକି ସିଏ ନିଜେ କରିଥିବା କାର୍ଯ୍ୟଟି ସହିତ ଏଇଟିକୁ ତୁଳନା କରି ଦେଖିପାରିବ ।*

ହଁ, ସେଇଟି ମଧ୍ୟ ଭାରି କାମରେ ଲାଗିବ ।

*ଖାଲି ଭୁଲ୍‌ଗୁଡ଼ାକ ତଳେ ଗାର ପକାଇ ଦେଖାଇଦେଲେ ତଦ୍ଦ୍ୱାରା ପିଲାମାନେ ଆଦୌ କିଛିହେଲେ ଶିକ୍ଷା କରି ପାରିବେ ନାହିଁ ।*

ପ୍ରକୃତରେ ସତ କଥା ।

*କିନ୍ତୁ ମୋର ଭୟ ହେଉଛି ଯେ, ମୁଁ ଶିକ୍ଷକମାନଙ୍କ ଲାଗି ଯେଉଁ ସଂଶୋଧିତ ନମୁନାଫର୍ଦ୍ଦଗୁଡ଼ିକୁ ତିଆରି କରୁଛି, ସେଗୁଡ଼ିକ ସେମାନେ ପୂର୍ଣ୍ଣ ସଦିଚ୍ଛାର ସହିତ ନେଇ ସିନ୍ଦୁକ ଭିତରେ ବନ୍ଦ କରି ରଖିଦେବେ ।*

ସେପରି ଯେପରି କେବେହେଲେ ନ ହୁଏ ।

*ତେବେ ବର୍ଷ ଶେଷହେବା ସୁଦ୍ଧା ପିଲାମାନେ କରିଥିବା ଏତେଗୁଡ଼ାଏ କାମ ଦ୍ୱାରା ଆଉ କୌଣସି ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ।*

ତୁମେ ଠିକ୍ କଥା କହୁଛ । ପ୍ରକୃତରେ ଶିକ୍ଷକମାନେ ହେଉଛନ୍ତି ଅଳସୁଆ । ସେମାନଙ୍କ ମଧ୍ୟରେ କେତେଜଣ ବ୍ୟତିକ୍ରମ ଅବଶ୍ୟ ଅଛନ୍ତି । ମାତ୍ର ଅଧିକାଂଶ ଶିକ୍ଷକ ହେଉଛନ୍ତି ଅଳସୁଆ । ପିଲାମାନଙ୍କଠାରୁ ଶିକ୍ଷକମାନେ ଅଧିକ ପରିମାଣରେ ଅଳସୁଆ ।

*ଏହି ଫରାସୀ ଭାଷାର ଶିକ୍ଷା ବିଷୟରେ ମୁଁ ବୋଧ ହୁଏ ଆପଣଙ୍କୁ ଟିକିଏ ବ୍ୟସ୍ତ କରି ପକାଉଛି ।*

ନାଇଁ, ନାଇଁ । ତୁମେ ମୋତେ ମୋଟେ ବ୍ୟସ୍ତ କରୁ ନାହଁ । ତୁମେ ଯାହା କହୁଛ, ଠିକ୍ କଥା କହୁଛ ।

*ଏତେଗୁଡ଼ାଏ ସଦିଚ୍ଛା ଖାଲି ନଷ୍ଟ ହୋଇଯାଉଛି ବୋଲି ମୋର ମନେ ହେଉଛି । ପିଲାମାନଙ୍କ ଭିତରେ ରହିଥିବା ସଦିଚ୍ଛା ନଷ୍ଟ ହୋଇଯାଉଛି, କାରଣ, କ୍ଲାସ୍‌ରେ ଉତ୍ତମ ବାତାବରଣ ରହିଥିଲେ ମଧ୍ୟ, ସେଠାରେ କରାଯାଉଥିବା କାର୍ଯ୍ୟ ଆଦୌ ଫଳପ୍ରଦ ହେଉ ନାହିଁ । ଏବଂ, ଯେଉଁ କାର୍ଯ୍ୟସବୁ କରିବା ଦରକାର, ତାହା କରାଯାଉ ନାହିଁ ।*

ହଁ ।

*୨୫ ଡିସେମ୍ବର ୧୯୬୨*

## (୫)

## ''ନିର୍ବାଚିତ ପୁସ୍ତକର ଲାଇବ୍ରେରି''
(Bibliothèque Choisiè)

*(ଜଣେ ଶିକ୍ଷକ ଦେଖିବାକୁ ପାଇଥିଲେ ଯେ ଏହି ପୁସ୍ତକସଂଗ୍ରହଟି ଭିତରେ ଯେଉଁସବୁ ବହି ନ ରହିବା କଥା ଓ ଯେଉଁସବୁ ବହି ରହିଲେ ଲାଇବ୍ରେରିଟିକୁ ପ୍ରକୃତରେ*

*ନିର୍ବାଚିତ ପୁସ୍ତକର ଏକ ଲାଇବ୍ରେରି ବୋଲି ଆଦୌ କୁହାଯିବ ନାହିଁ, ଏଥିରେ ଅନେକ ସଂଖ୍ୟକ ପୁସ୍ତକ ବସ୍ତୁତଃ ସେହି ଧରଣର ରହିଛି । ସେ ମାଆଙ୍କୁ କେତେଥର ସାକ୍ଷାତ୍ କରି ଏହି ବିଷୟ ଜଣାଇଥିଲେ । ତାହାର ଫଳସ୍ୱରୂପ ଏହିପରି ଘଟିଥିଲା :)*

ନିର୍ବାଚିତ ପୁସ୍ତକର ଏହି ସଂଗ୍ରହଟିରେ କିପରି ବହିସବୁ ରହିବ,* ସେହି ବିଷୟରେ ମାଆଙ୍କର ପରାମର୍ଶ : —

ଏଥିରୁ ଆଧୁନିକ ଉପନ୍ୟାସଗୁଡ଼ିକୁ କାଢ଼ି ନିଆଯିବ ।

କେବଳ ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକମାନ,— ଦର୍ଶନ, କଳା ଓ ବିଜ୍ଞାନ କ୍ଷେତ୍ରର ପୁସ୍ତକମାନ ଅନ୍ତର୍ଗତ ହୋଇ ରହିବ ।

ସବୁଠାରୁ ଭଲକଥା ହେବ ଯେ, ବହିଗୁଡ଼ିକର ତାଲିକାକୁ ଅଳ୍ପ ଅଳ୍ପ କରି ମାଆଙ୍କ ପାଖକୁ ଅଣା ଯାଉଥିବ, ଯେପରି କି, ସଂଗ୍ରହଟି ମଧ୍ୟରେ ପ୍ରକୃତରେ କେଉଁ କେଉଁ ବହି ରହିଛି, ମାଆ ସେ କଥା ଜାଣିବାକୁ ପାଇବେ ।

ଏହା ପ୍ରକୃତରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ।

*(‘‘ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକ’’ କହିଲେ ମାଆ ଠିକ୍ କ’ଣ ବୁଝୁଛନ୍ତି, ଶିକ୍ଷକ ତାଙ୍କୁ ସେହି କଥା ପଚାରିଥିଲେ । ମାଆ ଉତ୍ତର ଦେଇଥିଲେ :)*

କିଛି ଶିକ୍ଷା ଦେବା ଯେଉଁ ପୁସ୍ତକଗୁଡ଼ିକର ଉଦ୍ଦେଶ୍ୟ ହୋଇ ରହିଥାଏ, ସେହିଗୁଡ଼ିକ ହେଉଛି ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକ ।

ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଫରାସୀଭାଷା ତଥା ଫରାସୀଭାଷାରେ ରହିଥିବା ସର୍ବୋତ୍ତମ ବିଚାରଗୁଡ଼ିକର ଶିକ୍ଷା ଦେବା ହେଉଛି ଏହି ବିଶେଷ ସଂଗ୍ରହଟିର ମୂଳ ଉଦ୍ଦେଶ୍ୟ ।

ଏହି ସଂଗ୍ରହରେ ପ୍ରଧାନତଃ ପାଣ୍ଡିତ୍ୟପୂର୍ଣ୍ଣ ରଚନାମାନ ଅନ୍ତର୍ଗତ ହୋଇ ରହିବ । ଅର୍ଥାତ୍ କିଛି ଶିକ୍ଷାଦେବାର ଉଦ୍ଦେଶ୍ୟ ରଖିଥିବା ପୁସ୍ତକମାନ ଅନ୍ତର୍ଗତ ହୋଇ ରହିବ : ଦର୍ଶନ, କଳା ଓ ବିଜ୍ଞାନର ପୁସ୍ତକମାନ ରହିବ ।

---

* ମାଆ କହୁଥିବା ବେଳେ ଏହି ଟିପ୍‌ପଣୀଟିକୁ ନିଆ ଯାଇଥିଲା । ସଙ୍ଗେ ସଙ୍ଗେ ତାହାକୁ ତାଙ୍କ ଆଗରେ ପଢ଼ି ଦିଆ ଯାଇଥିଲା । ମାଆ ତାହା ଉପରେ ‘‘ଅନୁମୋଦିତ’’ ବୋଲି ଲେଖି ଦେଇଥିଲେ ଓ ଦସ୍ତଖତ କରିଥିଲେ ।

ସେଥିରେ କେବଳ ଅଳ୍ପ କେତୋଟି ଉପନ୍ୟାସ ରହିବ । (ଛାତ୍ରମାନେ ପ୍ରକୃତରେ ଅତିବେଶୀ ସଂଖ୍ୟାରେ ଉପନ୍ୟାସ ପଢ଼ନ୍ତି ।) ବିଶେଷ ଉଲ୍ଲେଖଯୋଗ୍ୟ ଭାବରେ ଭଲ ଶ୍ରେଣୀର ନ ହୋଇଥିଲେ ଏଥିରେ କୌଣସି ଆଧୁନିକ ଉପନ୍ୟାସ ରହିବ ନାହିଁ ।

ଏହି ବିଶେଷ ସଂଗ୍ରହଟି ମଧ୍ୟରେ ସାହିତ୍ୟ ଲାଗି ଅବଶ୍ୟ ଏକ ସ୍ଥାନ ରହିବ । ଯେପରିକି, ସାହିତ୍ୟ ଯେ ପ୍ରକୃତରେ କ'ଣ, ସେସବୁ ପଢ଼ି ଛାତ୍ରମାନେ ତାହାର ପରିଚୟ ପାଇ ପାରିବେ ।

ବହିଗୁଡ଼ିକୁ ବାଛିବା ସମୟରେ ସର୍ବପ୍ରଥମେ ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥାଟିର ବିଚାର କରିବାକୁ ହେବ ଯେ, ସେହିସବୁ ପୁସ୍ତକର ଭାଷା ଓ ଶୈଳୀ ଅତ୍ୟନ୍ତ ଚମତ୍କାର ଓ ଉଚ୍ଚସ୍ତରୀୟ ହୋଇଥିବ[୧] । Flaubert ଙ୍କ ଲେଖାଗୁଡ଼ିକ ପରି ପ୍ରକୃତରେ କିଛି ''ଚମତ୍କାର ବସ୍ତୁ'' ହୋଇଥିବ । ଏଥିରେ କୌଣସି ଅନୁବାଦ ରହିବ ନାହିଁ, ବା ରହିଲେ ଅତ୍ୟନ୍ତ କମ୍ ସଂଖ୍ୟାରେ ରହିବ । ଏବଂ, କେବଳ ଅତ୍ୟନ୍ତ ପ୍ରସିଦ୍ଧ ରଚନାଗୁଡ଼ିକର ଅନୁବାଦ ହୋଇଥିଲେ ଯାଇ ରହିବ । ଏଠାରେ ଆମେ ''ଶ୍ରେଷ୍ଠ ଗ୍ରନ୍ଥ'' କଥାଟି ଆଦୌ ବ୍ୟବହାର କରି ପାରିବା ନାହିଁ, କାରଣ ସେପରି ଗ୍ରନ୍ଥ ପ୍ରକୃତରେ ଅତ୍ୟନ୍ତ ବିରଳ ![୨]

*(ନିର୍ବାଚିତ ପୁସ୍ତକଗୁଡ଼ିକର ଲାଇବ୍ରେରିରୁ ଯେଉଁ ଖରାପ ବହିଗୁଡ଼ିକ ବାହାର କରି ନିଆଯିବା କଥା, ମାଆ ସେଗୁଡ଼ିକ ବିଷୟରେ କହିଲେ :)*

ସେଗୁଡ଼ିକୁ ଗୋଟିଏ ସ୍ୱତନ୍ତ୍ର ସ୍ଥାନରେ ରଖାଯିବ, ''ଖରାପ ବହି'' ବୋଲି ଚିହ୍ନଟ କରିଦିଆଯାଇ ଗୋଟିଏ ସ୍ୱତନ୍ତ୍ର କୋଠରି ଭିତରେ ରଖି ଦିଆଯିବ । ତେବେ ସେଗୁଡ଼ିକରେ ଥିବା ବିଷୟଗୁଡ଼ିକୁ ପଢ଼ିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ସେଗୁଡ଼ିକର ଅଧ୍ୟୟନ କରିପାରିବେ ।

ନୂଆ ବହିସବୁ କିଣିବା ସମୟରେ ଅତ୍ୟନ୍ତ ଯତ୍ନ ସହିତ ତାହା କରିବାକୁ ପଡ଼ିବ ।

''ନିର୍ବାଚିତ ପୁସ୍ତକଗୁଡ଼ିକର ସଂଗ୍ରହ'' ବିଷୟଟି ପ୍ରକୃତରେ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ।

---

୧ ଏହି ବାକ୍ୟଟିକୁ ପଢ଼ି ଶୁଣାଇବା ସମୟରେ ମାଆ ଏଥିଲାଗି ତାଙ୍କର ବିଶେଷ ଅନୁମୋଦନ ରହିଥିବାର ଭାବ ଦେଖାଇଥିଲେ ।

୨ ସେହି ଶିକ୍ଷକଜଣକ ମାଆଙ୍କ ସହିତ କଥାବାର୍ତ୍ତା କରିସାରିବା ପରେ ଯାଇ ଏହିସବୁ ଟିପ୍‌ପଣୀ ପ୍ରସ୍ତୁତ କରା ଯାଇଥିଲା । ତାହାକୁ ମାଆଙ୍କ ଆଗରେ ପଢ଼ି ଦିଆଗଲା ଓ ମାଆ ସେଥିରେ ''ଅନୁମୋଦିତ'' ବୋଲି ଲେଖି ଦସ୍ତଖତ କରିଥିଲେ ।

## ''ନିର୍ବାଚିତ ପୁସ୍ତକଗୁଡ଼ିକର ଲାଇବ୍ରେରି'' ଲାଗି ମାଆଙ୍କର ବାର୍ତ୍ତା

ଉତ୍ତମ ଭାବରେ ଫରାସୀଭାଷାର ଶିକ୍ଷା ଦେବା ହେଉଛି ଏହି ଲାଇବ୍ରେରିର ଲକ୍ଷ୍ୟ ।

୧. ଏଥିରେ ରହୁଥିବା ପୁସ୍ତକଗୁଡ଼ିକ ସୁଲିଖିତ ପୁସ୍ତକ ହୋଇଥିବ ।

୨. ଶିକ୍ଷାପ୍ରାପ୍ତି ଦୃଷ୍ଟିରୁ ଯେଉଁ ବହିସବୁ ଅଧିକ ରୁଚିକର ହୋଇଥିବ, ସେହିଗୁଡ଼ିକୁହିଁ ସର୍ବଦା ଅଗ୍ରାଧିକାର ଦିଆଯିବ ।

୩. ଖୁବ୍ ଉଲ୍ଲେଖଯୋଗ୍ୟ ଭାବରେ ସୁଲିଖିତ ଉପନ୍ୟାସଗୁଡ଼ିକୁ ଏଥିରେ ସ୍ଥାନ ଦିଆଯିବ ।

୪. ଏଥିରେ ଖୁବ୍ ଅଳ୍ପ ସଂଖ୍ୟକ ଅନୁବାଦ ଗ୍ରନ୍ଥ ରହିବ,— କେବଳ ଅତିପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକର ଅନୁବାଦ ।

୫. ଏଗୁଡ଼ିକ ପରେ ଆଉ ଯେତେଗୁଡ଼ିଏ ବହି ରହିଲା, ସେଗୁଡ଼ିକ ଉପରେ ''ପଢ଼ିବା ଲାଗି ଦିଆଯିବ ନାହିଁ'' ବୋଲି ଲେଖିଦେଇ ବଡ଼ ଲାଇବ୍ରେରିକୁ ପଠାଇ ଦିଆଯିବ ।*

୧୯୭୧

*

*(ଶିକ୍ଷକ ଜଣକ ମାଆଙ୍କୁ ତାଙ୍କର ଗୋଟିଏ ଚିଠି ପଢ଼ି ଶୁଣାଇଥିଲେ, ଯେଉଁଥିରେ କି ସିଏ ଅନ୍ୟ ଅନେକ ବିଷୟ ମଧ୍ୟରେ ଲେଖିଥିଲେ, ''ମୁଁ ଭାବୁଛି ଯେ ନିର୍ବାଚିତ ପୁସ୍ତକର ଲାଇବ୍ରେରିରେ ରହିଥିବା ଅଧିକାଂଶ ବହିକୁ ବଦଳାଇ ତାହାର କିଞ୍ଚିତ୍ ମାନବୃଦ୍ଧି କରିବା ନିଶ୍ଚୟ ସମ୍ଭବ । ଆପଣ ଏହି କଥାଟିକୁ ସମର୍ଥନ କରୁଛନ୍ତି କି ନାହିଁ ମୋତେ କହିବେ ଏବଂ ସେହି ମାନବୃଦ୍ଧି ଦିଗରେ ମୁଁ ଚେଷ୍ଟା କରିବି କି ନାହିଁ, ଆପଣ ମୋତେ ସେ କଥା ମଧ୍ୟ କହିବେ ।'' ମାଆ ଅତ୍ୟନ୍ତ ଜୋର୍‌ଦେଇ ଏହାର ଏକ ମୌଖିକ ଉତ୍ତର ଦେଇଥିଲେ :)*

ଏଥିରେ ମୋର ସଂପୂର୍ଣ୍ଣ ସମର୍ଥନ ରହିଛି, ସଂପୂର୍ଣ୍ଣ ସମର୍ଥନ ରହିଛି । ଏହି କାର୍ଯ୍ୟଟି ପ୍ରକୃତରେ ଅପରିହାର୍ଯ୍ୟ । ଆମେ ସତକୁ ସତ ଅନେକ ତଳକୁ ଖସି ଆସିଛୁ ! ପ୍ରତ୍ୟେକ ବିଷୟରେ ତଳକୁ ଖସି ଆସିଛୁ । ହଁ, ତୁମ ପ୍ରସ୍ତାବରେ ମୁଁ ସଂପୂର୍ଣ୍ଣ ଭାବରେ ଏକମତ ।

୧୯୭୨

---

* ମାଆ ଏହି ବାର୍ତ୍ତାଟିକୁ ଡାକି ଦେଇଥିଲେ । ତା'ପରେ ନିଜେ ସେଇଟିକୁ ପଢ଼ି ଦେଖିଥିଲେ ଓ ନାମ ସ୍ୱାକ୍ଷର କରିଥିଲେ ।

## (୬)

## ଦଶରୁ ଏଗାର ବର୍ଷ ପିଲାଙ୍କର ଏକ କ୍ଲାସ୍‌ରେ ମାଆଙ୍କର କାର୍ଯ୍ୟ

*ଆମେ କେଉଁ ପଦ୍ଧତିରେ ସାନପିଲାଙ୍କୁ ଫରାସୀ ଭାଷା ପଢ଼ାଇବା ?*

ସବୁଠାରୁ ଉତ୍ତମ ପଦ୍ଧତି ହେଉଛି ଯେ, ତୁମେ ସେମାନଙ୍କୁ ଗୋଟିଏ ଗପ କହିବ । ସେଥିରେ ଅତ୍ୟନ୍ତ ସରଳ ଶବ୍ଦ ଓ ବାକ୍ୟାଂଶଗୁଡ଼ିକର ବ୍ୟବହାର ହୋଇଥିବ, ଯେପରିକି ସେମାନେ ତାକୁ ବୁଝିପାରିବେ (ଗୋଟିଏ ଅତି ସାନ ଗପ କହିବ; ତାହା ସାନ ହୋଇଥିବ, ଆଗ୍ରହୋଦ୍ଦୀପକ ହୋଇଥିବ ବା ଆମୋଦଦାୟକ ବି ହୋଇଥିବ) । ଏବଂ, ସେମାନେ ଯାହାକିଛି ଶୁଣିଲେ, ପରେ କ୍ଲାସ୍‌ରେ ସେମାନଙ୍କୁ ସେହି କଥାଟିକୁ ଲେଖିବା ପାଇଁ କୁହାଯିବ ।

*ହଁ, ମାତ୍ର ପିଲାମାନେ ଅତିବେଶୀ ପାଟି କରନ୍ତି ।*

କ୍ଲାସ୍‌ରେ ଏକ ସର୍ବନିମ୍ନ ନୀରବତା ରହିବା ଅତ୍ୟନ୍ତ ଆବଶ୍ୟକ । ସବୁଠାରୁ ଅଧିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ପିଲାମାନେ ଯେ ସାଧାରଣତଃ ସବୁଠାରୁ ଅଧିକ ବୁଦ୍ଧିମାନ୍,  ମୁଁ ସେ କଥା ବି ଜାଣିଛି । ମାତ୍ର ଆମ କଥା ମାନି ଶୃଙ୍ଖଳା ଭିତରେ ରହିବାକୁ ହେଲେ ସେମାନଙ୍କୁ ଏପରି ଏକ ବୁଦ୍ଧିର ଚାପ ଅନୁଭବ କରିବାକୁ ହେବ, ଯାହାକି ସେମାନଙ୍କର ବୁଦ୍ଧିଟିଠାରୁ ଅଧିକ ଶକ୍ତିଶାଳୀ ହୋଇଥିବ । ଏବଂ, ସେହି କଥାଟିକୁ ସମ୍ଭବ କରିବାକୁ ହେଲେ, କଦାପି ସେମାନଙ୍କର ସ୍ତରକୁ ଖସି ନ ଆସିବା ବିଷୟରେ ଆମର ଏକ ସାମର୍ଥ୍ୟ ରହିଥିବା ଦରକାର । ଏବଂ ସର୍ବୋପରି, ସେମାନେ ଯାହାକିଛି କରନ୍ତୁ ନା କାହିଁକି, ସେଗୁଡ଼ାକରେ ଯେ ଆମେ ମୋଟେ ବିଚଳିତ ହେବା ନାହିଁ, ଆମକୁ ସେହି କଥାଟିକୁ ମଧ୍ୟ ଜାଣିବାକୁ ପଡ଼ିବ, ବସ୍ତୁତଃ, ଏହି ସମସ୍ୟାଟି ହେଉଛି ଯୋଗଗତ ସାମର୍ଥ୍ୟର ଗୋଟିଏ ସମସ୍ୟା ।

*ଶିକ୍ଷକ ଭିତରେ ସ୍ଥିରତା ରହିଲେ କ'ଣ ଏହି ଯାବତୀୟ ସମସ୍ୟାର ସମାଧାନ ହୋଇଯିବ ?*

ହଁ । ମାତ୍ର ସେହି ସ୍ଥିରତା ସତ୍ତାର ସକଳ ଭାଗରେହିଁ ପରିପୂର୍ଣ୍ଣ ଭାବରେ ସମ୍ଭବ ହୋଇ ପାରୁଥିବ, ଯେପରିକି ସେହି ଶକ୍ତିଟି ତା' ମଧ୍ୟଦେଇ ଆପଣାକୁ ଅଭିବ୍ୟକ୍ତ କରି ଆଣି ପାରୁଥିବ ।

*(ମାଆ ଦେଖି ଏକ ମୂଲ୍ୟାଙ୍କନ କରିବେ ବୋଲି ପିଲାମାନଙ୍କର ଖାତାକୁ ତାଙ୍କ ପାଖକୁ ପଠାହୋଇଥିଲା ।)*

କୌଣସି ପ୍ରକାର ଶ୍ରେଣୀଗତ ବିଭାଜନ ନ କରି ମୁଁ ପିଲାଙ୍କ ଖାତାରେ ନମ୍ବର ଦେଇଛି । ଏପରି ଏକ ଶ୍ରେଣୀଗତ ବିଭାଜନ କରିବା କ'ଣ ନିହାତି ଆବଶ୍ୟକ ? ପ୍ରତ୍ୟେକ ପିଲାର ଅଲଗା ଅଲଗା ନୈପୁଣ୍ୟ ରହିଛି ଓ ସେଗୁଡ଼ିକୁ ଏକ ସୋପାନଗତ କ୍ରମରେ ଉଚ୍ଚ ଓ ନୀଚରେ ରଖିବା ଅତ୍ୟନ୍ତ କଷ୍ଟକର । *ଜୁନ୍‌-ଜୁଲାଇ ୧୯୬୦*

*

*(ଜଣେ ଶିକ୍ଷକ ଲେଖିଥିବା ଏକ ପତ୍ରର କିୟଦଂଶ :) ଆପଣଙ୍କଠାରେ ମୋର ବିଶ୍ୱାସ ରହିଛି ଏବଂ ଆପଣଙ୍କ ସକାଶେ ପିଲାମାନଙ୍କଠାରେ ମଧ ମୋର ବିଶ୍ୱାସ ରହିଛି । ମୋ' ନିଜ ବିଷୟରେ ମୁଁ ଏତିକିମାତ୍ର କହିପାରିବି ଯେ, ମୋତେ କିଛିହେଲେ ଜଣା ନାହିଁ ଏବଂ, ଆପଣ ଆମଠାରୁ ଯେତିକି ଚାହୁଁଛନ୍ତି, ତଦ୍‌ବ୍ୟତୀତ ମୋର ଆଦୌ କିଛିହେଲେ ଲୋଡ଼ା ବି ନାହିଁ । କେତେବେଳେ କ'ଣ କରିବାକୁ ହେବ ଏବଂ କିପରି ଉତ୍ତର ଦେବାକୁ ପଡ଼ିବ, ଆପଣ ପ୍ରତ୍ୟେକ ସୋପାନରେ ଆମକୁ କେବଳ ସେତିକି ମାତ୍ର ଦେଖାଇ ଦିଅନ୍ତୁ । ଆପଣ ଆମକୁ ବାଟ ଦେଖାଇ ନିଅନ୍ତୁ ଏବଂ, ପରିଣାମମାନ ଯାହାହେଉ ପଛକେ, ଆମେ ଯେପରି ନୀରବ ଭାବରେ ଆମ ହୃଦୟର ଗଭୀର ପ୍ରଦେଶରେ ଆପଣଙ୍କର ଅନୁସରଣ କରିବାର ସାମର୍ଥ୍ୟ ଲାଭ କରୁ । କେବଳ ପିଲାମାନେହିଁ ଆପଣଙ୍କର ସେହି ମହାନ୍‌ପ୍ରେମ ଓ ଶାନ୍ତିର କ୍ରୋଡ଼ମଧରେ ବୃଦ୍ଧିଲାଭ କରନ୍ତୁ ଏବଂ କୁସୁମିତ ହୋଇ ଉଠନ୍ତୁ ଏବଂ ଆମେ ସମସ୍ତେ ଯେପରି ଆପଣଙ୍କ ଲାଗି ଏକତ୍ର ଜୀବନ ବଞ୍ଚିବା ଲାଗି ସମର୍ଥ ହେଉ !*

କ୍ଲାସ୍‌, ତୁମେ, ପିଲାମାନେ ଓ ମୋ' ମଧରେ ପ୍ରକୃତରେ ଯେଉଁ ସମ୍ବନ୍ଧଟି ସ୍ଥାପିତ ହୋଇ ପାରିଛି, ତାହାକୁହିଁ ଆମେ ନିଶ୍ଚିତ ଭାବରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବସ୍ତୁଟି ବୋଲି ଜାଣିବା ଏବଂ ସେଇଟିକୁହିଁ ଯେକୌଣସି ପ୍ରକାରେ ସୁରକ୍ଷିତ କରି ରଖିବା । ମାତ୍ର କୌଣସି ବହିଃସ୍ଥ ଗଢ଼ଣ ଅଥବା ଭୌତିକ ସଂଗଠନ ଅପେକ୍ଷା ଏକ **ଅନ୍ତର୍ଗତ ଦୃଷ୍ଟିକୋଣ** ଉପରେହିଁ ତାହା ସର୍ବଦା ଅନେକ ଅଧିକ ପରିମାଣରେ ନିର୍ଭର କରୁଥିବ । ବସ୍ତୁତଃ ସମୁଦାୟ ବିଦ୍ୟାଳୟଟି ମଧରେ ଏବଂ ସବୁକ୍ଲାସ୍‌ରେ, ସବୁ ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ମଧରେ ଠିକ୍‌ ଏହି **ଦୃଷ୍ଟିକୋଣଟି**ହିଁ ବିଦ୍ୟାମାନ ରହିଥିବ । ଆମକୁ ଏହି ଲକ୍ଷ୍ୟଟିକୁହିଁ ହାସଲ କରିବାକୁ ପଡ଼ିବ ଏବଂ ଆମେ ସମସ୍ତେ ଏହି ଦିଗରେହିଁ ଚେଷ୍ଟିତ ହୋଇ ରହିବା ।

*(ଶ୍ରେଣୀରେ ପ୍ରଭୂତ ପରିମାଣରେ ଏକ ଉନ୍ନତି ପରିଲକ୍ଷିତ ହୋଇଥିଲା । ଶିକ୍ଷକ ଜଣକ ଲେଖିଲେ :) ଏତେ ଯାହାସବୁ ଏପରି ସଂପୂର୍ଣ୍ଣ ଭାବରେ ବଦଳିଯାଇ ପାରିଲା, ତାହା କ'ଣ ପ୍ରକୃତରେ ଆପଣଙ୍କ କାର୍ଯ୍ୟ ସକାଶେ ହେଲା ନାହିଁ କି ?*

ହଁ, ଅବଶ୍ୟ ସେଇଥି ସକାଶେ ହେଲା ।

*(ମାଆ ଯେଉଁ ପ୍ରୟୋଗଟିକୁ କରୁଥିଲେ, ସେଥିଲାଗି ଆଉ ଦଳେ ପିଲାଙ୍କୁ ନ ନେଇ ଆଗାମୀ ବର୍ଷ ସେହି ପୂର୍ବ ଦଳଟିକୁ ରଖିଲେ ଅଧିକ ଭଲ ହେବ କି ନାହିଁ ବୋଲି ଶିକ୍ଷକ ଜଣକ ମାଆଙ୍କୁ ପଚାରିଥିଲେ ।)*

ଯେକୌଣସି ପ୍ରୟୋଗ ଏପରି ନମନୀୟ ଏବଂ ସ୍ଥିତିସ୍ଥାପକ ହୋଇଥିବା ଉଚିତ, ଯେପରିକି ତାହାକୁ ସବୁ ପିଲାଙ୍କ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯାଇ ପାରିବ ଏବଂ ସବୁ ପିଲାଙ୍କ ଲାଗି ଆବଶ୍ୟକ ଭାବରେ ଅନୁକୂଳିତ କରାଯାଇ ପାରିବ । ଅବଶ୍ୟ ଏକଥା ସତ ଯେ, ସେହି ପିଲାମାନଙ୍କର ବିଭିନ୍ନ ପ୍ରକୃତିର ଚାହିଦା ଅନୁସାରେ ପ୍ରୟୋଗଟିର ଟିକିନିଖିରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନମାନ ନିଶ୍ଚୟ କରାଯାଇ ପାରୁଥିବ । ତା'ହେଲେ ପ୍ରୟୋଗଟି ବନ୍ଦ ହୋଇ ନ ଯାଇ ଯେ ନିଶ୍ଚୟ ଚାଲୁ ରହିପାରିବ, ଏବିଷୟରେ ସନ୍ଦେହର ଆଉ କୌଣସି ଅବକାଶ ରହିବ ନାହିଁ । ଅବଶ୍ୟ ପିଲାମାନଙ୍କର ଗୋଷ୍ଠୀଗୁଡ଼ିକ ହୁଏତ ବର୍ଷକୁ ବର୍ଷ ବଦଳି ଯାଉଥିବେ ।

*(ଶିକ୍ଷକ ଜଣକ ପିଲାମାନଙ୍କୁ ଗୋଷ୍ଠୀରେ ବିଭକ୍ତ କରି ପାଠାଭ୍ୟାସ କରାଉଥିଲେ । ତଦ୍ଦ୍ୱାରା ସବୁକ୍ଷେତ୍ରରେ ସମାନ ଫଳ ମିଳିଲା ନାହିଁ ଏବଂ କ୍ଲାସ୍‌ରେ ଭାରି ଗଣ୍ଡଗୋଳ ବି ହେଲା । ଗୋଷ୍ଠୀଗୁଡ଼ିକ ସେହିପରି ଚାଲୁ ରହିବ କି ନାହିଁ, ସିଏ ମାଆଙ୍କୁ ସେହିକଥା ପ୍ରଶ୍ନ କରିଥିଲେ ।)*

ଯେପରି ପ୍ରୟୋଗ ଚାଲିଛି, ସେହିପରି ଚାଲୁ, ଧୀରେ ଧୀରେ ସବୁ ସମସ୍ୟା ଶାନ୍ତ ହୋଇଆସିବ ଏବଂ ଫଳଲାଭର କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିବ ।

*(ଗୋଟିଏ ପିରିଅଡ୍ ଭାରି ଚମତ୍କାର ଭାବରେ ଚାଲିବା ପରେ ପିଲାମାନଙ୍କ ସହିତ କାର୍ଯ୍ୟ କରିବା ପ୍ରକୃତରେ ଭାରି କଷ୍ଟକର ହୋଇ ପଡ଼ିଥିଲା ।)*

ଛୁଟି ପାଖ ହୋଇ ଆସିଲାଣି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପିଲାମାନେ ସେଇଥିଲାଗି ହୁଗୁଳା ହୁଗୁଳା ହୋଇ ଆସୁଛନ୍ତି ।

*ଅକ୍ଟୋବର ୧୯୬୦*

## (୭)

## ସାତବର୍ଷରୁ ନଅବର୍ଷର ପିଲାଙ୍କର ଗୋଟିଏ କ୍ଲାସ୍‌ରେ ମାଆଙ୍କ କାର୍ଯ୍ୟ

*(ଗୋଟିଏ କ୍ଲାସ୍‌ର ପିଲାଏ ସ୍ୱୟଂ ଯେଉଁସବୁ ବିଚାରକୁ ଅଭିବ୍ୟକ୍ତ କରିଥିଲେ, ସେହି ଅନୁସାରେ ମାଆ ସେହି କ୍ଲାସ୍‌କୁ Arbre Ensoleillé (ସୂର୍ଯ୍ୟକିରଣଦୀପ୍ତ ବୃକ୍ଷ) ବୋଲି ନାଆଁ ଦେଇଥିଲେ । ସେ ଏହି କଥାଟିର ବ୍ୟାଖ୍ୟା କରି କହିଥିଲେ :)*

ବୃକ୍ଷ ହେଉଛି ଅଭୀପ୍ସା ରଖିଥିବା ଏବଂ ବୃଦ୍ଧିଲାଭ କରୁଥିବା ଏକ ଜୀବନ । ସୂର୍ଯ୍ୟ ହେଉଛି ପରମ ସତ୍ୟର ଆଲୋକ ।

ବୁଦ୍ଧିର ଉଷ୍ଣତାହୀନ ଆଲୋକ ଜୀବନର ବୃଦ୍ଧିପ୍ରାପ୍ତ ଏବଂ କୁସୁମିତ ହେବାରେ ଆଦୌ କୌଣସି ସାହାଯ୍ୟ କରେ ନାହିଁ । ପରମ ସତ୍ୟର ସେହି ଉଷ୍ଣତାଯୁକ୍ତ ଜୀବନଦାୟୀ ଆଲୋକହିଁ ସେହି ସାହାଯ୍ୟ କରିଥାଏ । ଆପଣାର ଆନନ୍ଦମୟ କିରଣଚୟକୁ ପୃଥିବୀ ଉପରେ ଅଜାଡ଼ିଦେଇଥିବା ସୂର୍ଯ୍ୟ ସେହି ସାହାଯ୍ୟ କରିଥାଏ ।

*(ଶିକ୍ଷକଜଣକ ତାଙ୍କ କ୍ଲାସ୍‌ରେ ନାନାପ୍ରକାରର ଗୃହକାର୍ଯ୍ୟ କରିବା, ବଗିଚା-କାମ କରିବା, କାଗଜପଟା ଦେଇ ଗୋଟିଏ ଚିଡ଼ିଆଖାନା ତିଆରି କରିବା, ଏଣ୍ଡିପୋକର ଖୋସାକୁ ନିରୀକ୍ଷଣ କରି ଦେଖିବା,– ଏହିପରି ନାନା କାର୍ଯ୍ୟକ୍ରମର ପ୍ରବର୍ତ୍ତନ କରିଥିଲେ । ପ୍ରଥମେ ପ୍ରଥମେ ଏହିସବୁ କାର୍ଯ୍ୟକ୍ରମ ପିଲାମାନଙ୍କୁ ଭାରି ଭଲ ଲାଗିଲା; ମାତ୍ର ପରେ ସେହିସବୁ କାର୍ଯ୍ୟ ଛାଡ଼ି ସେମାନେ ଅପେକ୍ଷାକୃତ ଅଧିକ ‘‘ଶିକ୍ଷାବର୍ଦ୍ଧକ’’ କାର୍ଯ୍ୟମାନ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ ।)*

ଭାରି ଚମତ୍କାର ଆରମ୍ଭଟି ହେଲା । ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ଆହୁରି ଅଧିକ ବୌଦ୍ଧିକ ନାନା କାର୍ଯ୍ୟ ମଧ୍ୟକୁ ବିବର୍ତ୍ତିତ ହୋଇଯିବ । ଏବଂ ବର୍ତ୍ତମାନ ଯତ୍ନର ସହିତ ଯାହାକିଛି କାର୍ଯ୍ୟ କରା ହେଉଥିବ, ତାହା କିଛି ନା କିଛି ଶିକ୍ଷା କରିବା ଲାଗି ଅବଶ୍ୟ ଏକ ସୁଯୋଗ ଯୋଗାଇ ଦେବ ।

*(କେତେକ ବ୍ୟାବହାରିକ ପ୍ରଶ୍ନର ଉତ୍ତର)*

୧. ପିଲାମାନଙ୍କୁ କ୍ଲାସ୍ ଭିତରେ କବାଟରେ ଜଞ୍ଜିର ଦେଇ ବନ୍ଦ କରି ନ ରଖିବାହିଁ ଅଧିକ ଭଲ । ଏପରିକି, ସେମାନଙ୍କର ଖେଳିବା ସମୟରେ ମଧ୍ୟ ।

୨. ଅଳ୍ପ କିଛି ସମୟ ଲାଗି ନୀରବ ଏବଂ ଅଭିନିବେଶିତ ହୋଇ ରହିବା ଦ୍ୱାରା **ସବୁ ପିଲାଙ୍କ ପାଇଁ** ତାହା ସର୍ବଦା ଭଲ ଫଳ ହେବ । ମାତ୍ର ପ୍ରାର୍ଥନାଟା **ଆଦୌ ବାଧ୍ୟତାମୂଳକ ହେବା ଉଚିତ ନୁହେଁ ।** ଯେଉଁମାନେ ପ୍ରାର୍ଥନା କରିବାକୁ ଇଚ୍ଛା କରିବେ, ସେଥିଲାଗି ସେମାନଙ୍କୁ ନିଶ୍ଚୟ ଉତ୍ସାହିତ କରାଯିବ । ମୋର ପ୍ରସ୍ତାବ ଯେ ତୁମେ କ୍ଲାସ୍‌ରେ ଗୋଟିଏ ନୋଟିସ୍‌ବୋର୍ଡ୍ ଟଙ୍ଗାଇ କରି ରଖିବ ଏବଂ ସେଥିରେ ବଡ଼ ବଡ଼ ଅକ୍ଷରରେ ଏହି କଥାଗୁଡ଼ିକ ଲେଖା ହୋଇ ରହିବ :

''ମାଆ ଏଠି ଆମ ସହିତ ସର୍ବଦା ରହିଛନ୍ତି । ଆମକୁ ସାହାଯ୍ୟ କରୁଛନ୍ତି, ବାଟ ବତାଇ ଦେଉଛନ୍ତି ।''

ଅଧିକାଂଶ ପିଲା ଏକଥାଟିକୁ ବୁଝିବେ ଏବଂ କେତେକ ପିଲା ତାହାକୁ ଅନୁଭବ କରିବାକୁ ବି ସମର୍ଥ ହେବେ ।

*ଡିସେମ୍ବର ୧୯୬୦*

*

*(ଶିକ୍ଷକଙ୍କ ଲାଗି ପିଲାମାନଙ୍କର ଉପଦ୍ରବ କ୍ରମେ ଅସହ୍ୟ ହୋଇ ପଡ଼ିଲା । ପିଲାଗୁଡ଼ାକ କିଛି କାମ କଲେ ନାହିଁ, ଖାଲି ଅଳସୁଆ ଭାବରେ ଶୁଆଙ୍କ ପରି ଗୁଡ଼ାଏ ଚବର ଚବର ହେଲେ । ସିଏ ମାଆଙ୍କୁ ପଚାରିଲେ :) ସେମାନଙ୍କର ପ୍ରକୃତ ଆଗ୍ରହଟିକୁ ଅଧ୍ୟୟନ ଦିଗରେ ପରିଚାଳିତ କରାଯାଉ ନାହିଁ ବୋଲି ଏପରି ହେଉଛି କି ?*

ହଁ ।

*ଆମେ କ'ଣ କଲେ କ୍ଲାସ୍‌ରେ ଶାନ୍ତି ଓ ସ୍ଥିରତା ଆସିବ ଏବଂ ପିଲାମାନେ କିଛି ନା କିଛି କାମ କରିବାକୁ ମନ କରିବେ ?*

ଏହାର କେବଳ ଏହି ଗୋଟିଏ ଫଳଦାୟକ ଉପାୟ ରହିଛି ଯେ, ଅଧ୍ୟୟନ ଲାଗି ସେମାନଙ୍କ ମଧ୍ୟରେ ଏକ ପ୍ରକୃତ ଆଗ୍ରହର ସୃଷ୍ଟି କରିବାକୁ ହେବ ବା ସେହିପରି ଏକ ଆଗ୍ରହ ଜାଗ୍ରତ୍

କରାଇ ଆଣିବାକୁ ପଡ଼ିବ । ସେମାନେ **ଶିକ୍ଷା କରିବାର ଏବଂ ଜାଣିବାର ଏକ ଆବଶ୍ୟକତା** ରହିଛି ବୋଲି ଅନୁଭବ କରିବେ । ସେମାନଙ୍କର **ମାନସିକ କୌତୂହଳକୁ** ଜାଗ୍ରତ କରି ଆଣିବାକୁ ହେବ ।

*(ଏଥିରେ କୌଣସି ଫଳ ହେଉ ନାହିଁ ବୋଲି ଶିକ୍ଷକ ଅଭିଯୋଗ କରିଥିଲେ ।)*

ଅତ୍ୟନ୍ତ ଅଧ୍ୟବସାୟ ସହିତ ନିୟମିତ ଏବଂ ଅବିରତ ଭାବରେ ମାସ ମାସ ଓ ଏପରିକି ବର୍ଷ ବର୍ଷ ଧରି ଉଦ୍ୟମ କରି ସାରିବା ପରେ ଯାଇ ଜଣେ ହୁଏତ ଯଥାର୍ଥତା ସହିତ କହି ପାରିବ ଯେ ଯାହା କରାଗଲା, ସେଥିରେ କୌଣସି ଫଳ ହେଲା ନାହିଁ ଓ ତାହା ନିରର୍ଥକ ହୋଇଗଲା । (ହୁଏତ ସେତେବେଳେ ମଧ୍ୟ ଯଥାର୍ଥ ନ୍ୟାୟର ସହିତ ସେପରି କହି ହେବ ନାହିଁ ।)

*ତେବେ କ'ଣ କରିବା ଉଚିତ ହେବ ?*

ବାଧ୍ୟ କରି କାମ କରାଇବାର ରୀତିକୁ କଦାପି ଶିକ୍ଷାର ସର୍ବୋତ୍ତମ ଅଥବା ସବୁଠାରୁ ଅଧିକ ଫଳଦାୟକ ନୀତି ବୋଲି କୁହାଯାଇ ପାରିବ ନାହିଁ ।

ବିକାଶମାନ ସତ୍ତାଗୁଡ଼ିକ ମଧ୍ୟରେ ଯାହା ଆଗରୁହିଁ ନିହିତ ହୋଇ ରହିଛି, ପ୍ରକୃତ ଶିକ୍ଷା ତାହାକୁହିଁ ଉଦ୍‌ଘାଟିତ କରାଇ ଆଣିବ ଏବଂ ପ୍ରସ୍ଫୁଟିତ କରିଦେବ । ସୂର୍ଯ୍ୟକିରଣ ପାଇଲେ ଫୁଲମାନେ ଯେପରି ଫୁଟି ଉଠନ୍ତି, ଠିକ୍ ସେହିପରି ପିଲାମାନେ ମଧ୍ୟ ଖୁସିର ଏକ ବାତାବରଣ ମଧ୍ୟରେ ପ୍ରସ୍ଫୁଟିତ ହୋଇ ଉଠିଥା'ନ୍ତି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆନନ୍ଦ ଓ ଖୁସି କହିଲେ କେବେହେଲେ କୌଣସି ଦୁର୍ବଳତାକୁ ବୁଝାଇବ ନାହିଁ, ବିଶୃଙ୍ଖଳା ବା ଅବ୍ୟବସ୍ଥାକୁ ମଧ୍ୟ ବୁଝାଇବ ନାହିଁ । ଏହା ଏକ ସନ୍ଦୀପନମୟ ହର୍ଷଯୁକ୍ତତାକୁ ବୁଝାଇବ, ଯାହାକି ଭଲକୁ ଉତ୍ସାହିତ କରେ ଏବଂ ଅତି କଠୋର ଭାବରେ ଖରାପଟିକୁ କଦାପି ଧରିକରି ବସିବାକୁ ଇଚ୍ଛା କରେ ନାହିଁ ।

ନ୍ୟାୟ ଓ ଉଚିତର ତୁଳନାରେ କରୁଣାହିଁ ସର୍ବଦା ପରମସତ୍ୟର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ ।

*ମାଆ ଯେପରି କ୍ଲାସ୍‌ରେ ମଧ୍ୟ ଆପଣାର କ୍ରିୟା କରିପାରିବେ, ସେଥିଲାଗି କ'ଣ କରାଯିବା ଉଚିତ ?*

ଏପରି କୌଣସି କଥା ନାହିଁ, କୌଣସି ପ୍ରଣାଳୀ ବା ପ୍ରକ୍ରିୟା ବି ନାହିଁ ଯାହାକୁ କି ସ୍ୱଭାବତଃ ଖରାପ ବୋଲି କୁହାଯାଇ ପାରିବ । ଆମେ କେଉଁପରି ଏକ ମନୋଭାବ ନେଇ ସେଇଟିକୁ କାର୍ଯ୍ୟକାରୀ କରୁଛୁ, ସବୁକିଛି ତାହାରି ଉପରେହିଁ ନିର୍ଭର କରେ ।

ଯଦି ତୁମେ ମୋ'ର ସାହାଯ୍ୟ ଆବଶ୍ୟକ କରୁଥାଅ, ତେବେ କାର୍ଯ୍ୟ କରିବାର ଗୋଟିଏ ନୀତିକୁ ଗ୍ରହଣ କରି ଓ ଆଉ ଗୋଟିଏ ନୀତିକୁ ବର୍ଜନ କରି ତୁମେ କଦାପି ସେହି ସାହାଯ୍ୟଟିକୁ ଲାଭ କରିପାରିବ ନାହିଁ; ମାତ୍ର ସେଥିଲାଗି ତୁମେ କ୍ଲାସ୍ ପୂର୍ବରୁ ନିଜକୁ ଅଭିନିବେଶିତ କରି ରଖିବ, ନିଜର ହୃଦୟ ମଧ୍ୟରେ ନୀରବତା ଏବଂ ଶାନ୍ତିର ପ୍ରତିଷ୍ଠା କରି ରଖିଥିବ (ଏବଂ ସମ୍ଭବ ହେଲେ ନିଜ ମସ୍ତିଷ୍କରେ ବି),– ଏବଂ, ତୁମର ପ୍ରତ୍ୟେକ କାର୍ଯ୍ୟର ପଶ୍ଚାତରେ ମୁଁ ଉପସ୍ଥିତ ରହିଥିବି ବୋଲି ଏକ ଆନ୍ତରିକତାଯୁକ୍ତ ଅଭୀପ୍‌ସା ସହିତ ତୁମେ **ମୋର ଉପସ୍ଥିତିକୁ ଆବାହନ ମଧ୍ୟ କରୁଥିବ** । ମୁଁ ଯେପରି ଭାବରେ କାର୍ଯ୍ୟ କରେ ବୋଲି ତୁମେ ଇଚ୍ଛା କରୁଛ, ତୁମର ଅଭୀପ୍‌ସା ମଧ୍ୟରେ ତାହାର କୌଣସି ସ୍ଥାନ ନ ଥିବ (କାରଣ ତାହାକୁ ତୁମର କେବଳ ଏକ ସ୍ୱ-ପ୍ରଣୋଦିତ ମତ ବୋଲିହିଁ କୁହାଯାଇ ପାରିବ ଏବଂ ତେଣୁ ତାହା କେବଳ ପ୍ରମାଦଯୁକ୍ତ ହୋଇ ରହିଥିବ) । ମାତ୍ର ଏକ ନୀରବତା ମଧ୍ୟରେ ଅତ୍ୟନ୍ତ ସ୍ଥିର ଭାବରେ ଏବଂ ଏକ ଅନ୍ତର୍ଗତ ସ୍ୱତଃସ୍ଫୂର୍ତ୍ତତା ସହିତ ତୁମେ ଅଭୀପ୍‌ସା କରି ପାରୁଥିବ । କେବଳ ଏହିପରି ଭାବରେହିଁ ତୁମେ ନିଜର ଅଡୁଆ ଭିତରୁ ବାହାରକୁ ବାହାରି ଆସି ପାରିବ ।

ଏବଂ ଏପରି କରିପାରିବା ଲାଗି ସମର୍ଥ ହେବା ପର୍ଯ୍ୟନ୍ତ, ତୁମେ ସ୍ଥିର ହୋଇ ଅଧ୍ୟବସାୟର ସହିତ ଆପଣାର ସାଧ୍ୟମତେ ଯାହାକିଛି କରିଯାଉଥିବ, ତୁମର ନିଜ ସାମର୍ଥ୍ୟ ଏବଂ ପରିସ୍ଥିତି ଅନୁସାରେ, ସାଧ୍ୟ ଅନୁସାରେ ଯାହାକିଛି କରିଯାଉଥିବ । ତୁମେ ଅତ୍ୟନ୍ତ ସରଳ ଭାବରେ ତାହା କରୁଥିବ ଏବଂ ଆପଣାକୁ ସେଥିଲାଗି କୌଣସି ପ୍ରକାରେ ନିର୍ଯାତନା ଦେଉ ନ ଥିବ ।

ଯିଏ ଭଲ ଭାବରେ ଆପଣାର କାର୍ଯ୍ୟଟିକୁ କରିବାକୁ ଇଚ୍ଛା କରୁଛି, ପରମ କରୁଣା ତାହା ସହିତ ସର୍ବଦା ରହିଛି, ଅବଶ୍ୟ ରହିଛି ।

*ପିଲାମାନଙ୍କ ସହିତ କାର୍ଯ୍ୟ କରିବାର କ୍ଷେତ୍ରରେ ''ଅଧ୍ୟବସାୟ ଅବଲମ୍ବନ କରିବା'' କହିଲେ ଆପଣ କ'ଣ ବୁଝୁଛନ୍ତି ?*

ମୁଁ ଖାତାଟିରେ ଲେଖିଥିବା କଥା ଦ୍ୱାରା ଏହାହିଁ କହିବାକୁ ଚେଷ୍ଟା କରିଥିଲି ଯେ, ଆମେ ଯେତେବେଳେ ଯେଉଁ କାର୍ଯ୍ୟଟିକୁ କରୁଥିବା, ତାହାକୁ ସ୍ଥିର ଓ ଅବିଚଳ ଭାବରେ କରିଯିବା

ଦ୍ୱାରାହିଁ ଆମର ଅଧିକ ଲାଭ ହେବ । ଏହିପରି ଭାବରେ ଏକ **ଅନ୍ତର୍ଗତ ମନୋଗତ ପରିବର୍ତ୍ତନ** ମଧ୍ୟ ସମ୍ଭବ ହେବ, ଯାହାକି ଅତ୍ୟନ୍ତ ସାବଲୀଳ ଭାବରେ ବାହ୍ୟ ପରିବର୍ତ୍ତନଟିକୁ ମଧ୍ୟ ସମ୍ଭବ କରି ଆଣିବ । **ଅଧ୍ୟବସାୟ ଅବଲମ୍ବନ କରିବା** କହିଲେ ମୁଁ ଏହାହିଁ ବୁଝୁଛି ।

*ଜାନୁଆରି ୧୯୬୧*

*

*କାର୍ଯ୍ୟ ଓ ଶୃଙ୍ଖଳା କ୍ରମେ ହୁଗୁଳା ହୋଇ ଆସିଲାଣି । ଶିକ୍ଷକ ତା'ର ''ପ୍ରାଣଗତ କ୍ଷେତ୍ରରେ ଏକ ଧର୍ମଘଟ'' କରିଥିବାରୁ ଏକଥା ହେଉଛି କି ?*

ହଁ, ସେହି କଥାହିଁ ଠିକ୍ । ପ୍ରାଣିକର ଅସହଯୋଗ ଫଳରେ ଶକ୍ତିର କ୍ଷେତ୍ରଟି ଦୁର୍ବଳ ହୋଇଯାଉଛି ଏବଂ ତାହାହିଁ ସବୁକିଛିକୁ ହୁଗୁଳା କରିପକାଉଛି । ପିଲାମାନେ ସାଧାରଣତଃ ଏତେ ଯଥେଷ୍ଟ ପରିମାଣରେ ନିଜ ନିଜର ମନୋଭୂମିରେ ଆଦୌ ବାସ କରୁ ନ ଥା'ନ୍ତି ଯେ, ଏକ ପ୍ରାଣିକ ଶକ୍ତିମତ୍ତା ଦ୍ୱାରା ପରିପୁଷ୍ଟ ନ ହୋଇଥିଲେ ମଧ୍ୟ ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ମନୋଗତ ଇଚ୍ଛାର ବୋଲ ମାନିବାକୁ ସମର୍ଥ ହୋଇଯିବେ । ପ୍ରାଣିକ ଶକ୍ତିମତ୍ତା କେବଳ ନିଜର ଉପସ୍ଥିତି ଦ୍ୱାରାହିଁ ସେମାନଙ୍କ ଉପରେ ପ୍ରଭାବ ପକାଇଥାଏ ଏବଂ ସେଥିଲାଗି ଆଦୌ କୌଣସି ବାହ୍ୟ ଅଭିବ୍ୟକ୍ତିର ଆବଶ୍ୟକତା ନ ଥାଏ । ଯେତେବେଳେ ପ୍ରାଣିକ ସହଯୋଗ କରୁଥାଏ, ସେତେବେଳେ ତାହାରି ମାଧ୍ୟମରେ ମୋର ଶକ୍ତିଟି ମଧ୍ୟ କାର୍ଯ୍ୟ କରୁଥାଏ ଏବଂ, ପ୍ରାଣିକ କ୍ଷେତ୍ରରେ କେବଳ ଆପଣାର ଉପସ୍ଥିତି ଦ୍ୱାରାହିଁ ତାହା ସ୍ୱତଃପ୍ରବୃତ୍ତ ଭାବରେ ଶୃଙ୍ଖଳା ରକ୍ଷା ବି କରେ ।

ପ୍ରାଣିକ ଶକ୍ତିମତ୍ତାର କୌଣସି ଆବରଣକୁ ଦହନ କରି ନ ଥିବା ଏକ ମାନସିକ ଶକ୍ତିମତ୍ତା ଲାଗି ସାନ ପିଲାମାନେ ମୋଟେ ଖୁବ୍ ବେଶୀ ଗ୍ରହଣଶୀଳ ହୋଇ ପାରନ୍ତି ନାହିଁ । ଏବଂ, ସେହି ପ୍ରାଣିକ ଶକ୍ତିମତ୍ତାଟିକୁ ଅର୍ଜନ କରିବାକୁ ହେଲେ ତୁମ ନିଜକୁ ବି **ପରିପୂର୍ଣ୍ଣ ଭାବରେ ନିଶ୍ଚଳ** ହୋଇ ରହିବାକୁ ପଡ଼ିବ ।

*(ପିଲାମାନଙ୍କୁ ଯେଉଁସବୁ ବିଷୟ ଭଲ ଲାଗୁଥିବ, ସେହିସବୁ ବିଷୟରେ ସେମାନଙ୍କ ଲାଗି ଗୋଟିଏ ଗୋଟିଏ ପାଠକ୍ରମ ଆରମ୍ଭ କରିବାକୁ ଶିକ୍ଷକ ପ୍ରସ୍ତାବ ଦେଇଥିଲେ ।)*

ହଁ, ଏଇଟି ବେଶ୍ ଉତ୍ତମ ବିଚାର । ଏକ ବନ୍ଧୁଭାବାପନ୍ନ ସହଯୋଗରହିଁ ବାତାବରଣ ରହିବା ହେଉଛି ସବୁଠାରୁ ଭଲ କଥା ।

*ଫେବ୍ରୁଆରି ୧୯୬୧*

*

*ବର୍ତ୍ତମାନ ଏକ କଠିନ ସମୟ ଆରମ୍ଭ ହେବାକୁ ଯାଉଛି । ଏଥିରେ ଜଣେ ଶିକ୍ଷକର ଯଥାର୍ଥ ଦୃଷ୍ଟିକୋଣଟି କିପରି ହେବା ଉଚିତ ?*

ଚୈତ୍ୟ ଅଭୀପ୍ସା ହେଉଛି ଏକମାତ୍ର ଯଥାର୍ଥ କଥା । ମନ ଏବଂ ପ୍ରାଣର କ୍ଷେତ୍ରରୁ ନିଷ୍ପନ୍ନ ହୋଇ ଆସୁଥିବା ସବୁକିଛି ଅତ୍ୟନ୍ତ ଅବଶ୍ୟମ୍ଭାବୀ ଭାବରେ ଅହଙ୍କାର ସହିତ ମିଶ୍ରିତ ହୋଇ ରହିଥାଏ ଏବଂ ତେଣୁ ଭାରି ସ୍ୱେଚ୍ଛାପ୍ରଣୋଦିତ ହୋଇ ରହିଥାଏ । ବାହ୍ୟ ସଂସ୍ପର୍ଶର ଏକ **ପ୍ରତିକ୍ରିୟା** ସ୍ୱରୂପହିଁ ଆମେ ଆଦୌ କୌଣସି କାର୍ଯ୍ୟ କରିବା ନାହିଁ, ମାତ୍ର ଶ୍ରଦ୍ଧା ତଥା ସଦିଚ୍ଛାର ଏକ ବିକାର ରହିତ ଦୃଷ୍ଟିବତ୍ତା ସହିତହିଁ ଆମେ ଯାବତୀୟ କାର୍ଯ୍ୟ କରୁଥିବା । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ତାହାକୁ କେବଳ ଏକ ବିମିଶ୍ରଣ ବୋଲି କୁହାଯିବ, ଏବଂ ତାହାର ପରିଣାମଗୁଡ଼ିକ ମଧ୍ୟ ସେହିପରି କେବଳ ବିଭ୍ରାନ୍ତିଜନକ ଏବଂ ବିମିଶ୍ରିତ ହେବାକୁ ବାଧ୍ୟ ହେବ ଏବଂ ତଦ୍ୱାରା କେବଳ ବିଶୃଙ୍ଖଳତାହିଁ ଅବ୍ୟାହତ ରହିଥିବ ।

***(ସେହି ଶିକ୍ଷକଙ୍କର ଗୋଟିଏ ଚିଠିର ଉଦ୍ଧୃତାଂଶ :)*** *ମୋତେ ଲାଗୁଛି, ମୁଁ ଯେପରି କେବଳ ମନୋଭୂମିର କେତୋଟି ଆବେଗ ଦ୍ୱାରା ପ୍ରେରିତ ହୋଇହିଁ ଯାହାକିଛି କାର୍ଯ୍ୟ କରୁଛି । ଏବଂ ସେହି ଆବେଗଗୁଡ଼ିକ ସର୍ବଦା ଲକ୍ଷ୍ୟଭ୍ରଷ୍ଟ ହେବାରେ ଲାଗିଛନ୍ତି । ଏବଂ ସେହି କାରଣରୁହିଁ ମୁଁ ଅତି କମ୍ ହସ୍ତକ୍ଷେପ କରୁଥିଲେ ମଧ୍ୟ ସେତିକି ଅତିଗୁଡ଼ିଏ ହୋଇଯାଉଛି ବୋଲି ମୋ'ର ମନେ ହେଉଛି; କାରଣ, ଏପରି କରିବା ଆଦୌ ଠିକ୍ ନୁହେଁ । ଏବଂ ମୁଁ ଏହି କଥାଟିକୁ ଆପଣଙ୍କଠାରୁ ଶିକ୍ଷାକରିଛି ବୋଲି ଭାବୁଛି ଯେ, ବାହ୍ୟ ଯେକୌଣସି ହସ୍ତକ୍ଷେପ ଅପେକ୍ଷା ଯଥାର୍ଥ ସ୍ଥିରତାର ଅବଲମ୍ବନ କରିପାରିବା ଦ୍ୱାରାହିଁ ସର୍ବଦା ଅଧିକ ଫଳ ପ୍ରାପ୍ତ ହୋଇଥାଏ ।*

*ଏକଥା ମଧ୍ୟ ବୋଧ ହେଉଛି ଯଦି ଏସବୁ ଦ୍ୱାରା ମୋତେ ଏକ ଅଭିଜ୍ଞତା ମିଳୁଛି, ତେବେ ପିଲାମାନଙ୍କର କ୍ଷେତ୍ରରେ ମଧ୍ୟ ହୁଏତ ଠିକ୍ ସେହି କଥାଟି ଘଟୁଥିବ ଏବଂ ବସ୍ତୁତଃ ଆମେ ଉଭୟ ପକ୍ଷ ଏକତ୍ର ସେହି ଅଭିଜ୍ଞତାଟିକୁ ଲାଭ କରିବାରେ ଲାଗିଛୁ । ଆମେ ଉଭୟ ପକ୍ଷ ପ୍ରକୃତରେ ଗୋଟିଏ ଡଙ୍ଗାରେ ବସିଛୁ । ଏହାର ପ୍ରକୃତ ଅର୍ଥ ଯେ କ'ଣ, ପ୍ରକୃତ ପରିଣାମ ଯେ କ'ଣ ହେବ, ସେ କଥା କେବଳ ସେହି ଦିବ୍ୟ ପରମସତ୍ତାହିଁ ଜାଣିଛନ୍ତି ।* *

---

* ଏହି ଉଦ୍ଧୃତାଂଶଟିର ତଳେ ଗାର ପକାଇଦେଇ ମାଆ ତା' କଡ଼ରେ ''ଏକଥା ଠିକ୍'' ବୋଲି ଲେଖି ଦେଇଥିଲେ ।

ସମସ୍ୟାଟି ଉପରକୁ ପ୍ରଥମେ ଅବଲୋକନ କରିବା ସମୟରେ ଯେପରି ମନେ ହୋଇଥାଏ, ସମସ୍ୟାଟି ପ୍ରକୃତରେ ତାହାଠାରୁ ଅଧିକ ସୁଦୂରଗାମୀ । ବସ୍ତୁତଃ ଆମେ ଏହାକୁ ଯାବତୀୟ ଶୃଙ୍ଖଳା ଏବଂ ଯାବତୀୟ କଟକଣା ବିରୋଧରେ ପିଲାମାନଙ୍କ ମଧ୍ୟରେ ରହିଥିବା ପ୍ରାଣଗତ ଶକ୍ତିଗୁଡ଼ିକର ଏକ ବିଦ୍ରୋହ ବୋଲିହିଁ ଜାଣିବା । ସାଧାରଣ ଚିରାଚରିତ ପଦ୍ଧତି ରୂପେ ଆମେ ଏହି କ୍ଷେତ୍ରରେ ହୁଏତ ବିଶୃଙ୍ଖଳା ସୃଷ୍ଟି କରୁଥିବା ସବୁପିଲାଙ୍କୁ ସ୍କୁଲରୁ ବାହାର କରି ଦେଇଥାଆନ୍ତୁ ଏବଂ କେବଳ ''ଭଲ'' ପିଲାମାନଙ୍କୁହିଁ ଏଠାରେ ରଖିଥା'ନ୍ତୁ । ମାତ୍ର ଏପରି କରିବାଟାକୁ ଏକ ପରାଜୟ କୁହାଯିବ, ଏକ ନିରୁପାୟତା ବୋଲି କୁହାଯିବ ।

ଯଦି, **ଐକାନ୍ତିକ ସ୍ଥିରତା ଭିତରେ** ଅନ୍ତର୍ଗତ ଶକ୍ତିର ସଞ୍ଚାରଣ ଘଟାଇ ଆମେ ପରିଶେଷରେ ଏହି ବିଦ୍ରୋହ ଉପରେ ନିୟନ୍ତ୍ରଣ ଅର୍ଜନ କରି ପାରିବା, ତେବେ ତାହା ଯଥାର୍ଥ ପରିବର୍ତ୍ତନରେ ପରିଣତ ହୋଇପାରିବ, ଏକ ଯଥାର୍ଥ ସମୃଦ୍ଧିରେ ପରିଣତ ହୋଇ ପାରିବ । ମୁଁ ଏଠାରେ ସେହି ଉଦ୍ୟମଟିକୁ କରିବା ଲାଗିହିଁ ଇଚ୍ଛା କରୁଛି ଏବଂ ମୁଁ ଆଶା କରୁଛି ଯେ, ମୋ'ର ଏହି କାର୍ଯ୍ୟଟି ସହିତ ତୁମେ ସତତ ସହଯୋଗ କରିପାରିବ । ମୁଁ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛି, କେବଳ ସେତିକି ନୁହେଁ, ମାତ୍ର ଏହି କାର୍ଯ୍ୟଟିର ଗଠନ ତଥା ପ୍ରକ୍ରିୟାଟିକୁ ମଧ୍ୟ ତୁମେ ଯେତେବେଳେ ବୁଝିପାରିଲଣି, ସେତେବେଳେ ମୋ'ର ପ୍ରକୃତରେ ବିଶ୍ୱାସ ରହିଛି ଯେ ଆମେ ଏଥିରେ ଅବଶ୍ୟ ସଫଳତା ଲାଭ କରିବା । ଅବଶ୍ୟ ଏଥିରେ ମଝିରେ ମଝିରେ କେତେ ପରାଭବ ମଧ୍ୟ ଆସୁଥିବ, ମାତ୍ର ସେଗୁଡ଼ିକ ଦ୍ୱାରା ଆମେ ଆଦୌ ହତୋତ୍ସାହିତ ହୋଇ ପଡୁ ନ ଥିବା ।

ପ୍ରାଣଗତ ଶକ୍ତିଗୁଡ଼ିକ, ବିଶେଷତଃ ବୁଦ୍ଧିଶକ୍ତିର ସୁବିକାଶ ହୋଇ ପାରି ନ ଥିବା ପିଲାମାନଙ୍କ ମଧ୍ୟରେ ରହିଥିବା ପ୍ରାଣଗତ ଶକ୍ତିଗୁଡ଼ିକ ଆଲୋକକୁ ଗ୍ରହଣ କରି ନେବା ପୂର୍ବରୁ ଏବଂ ତାହାରି ଦ୍ୱାରା ଆପଣାକୁ ପରିବର୍ତ୍ତିତ ହେବାକୁ ବାଟ ଛାଡ଼ିଦେବା ପୂର୍ବରୁ ସେହି ଆଲୋକ ସହିତ ଅତି ଭୀଷଣ ଭାବରେ ସଂଗ୍ରାମ କରିଥା'ନ୍ତି । ମାତ୍ର ସର୍ବଶେଷରେ ସଫଳତାହିଁ ସୁନିଶ୍ଚିତ ହୋଇ ରହିଥାଏ; ଏବଂ ସେଥିଲାଗି ଆମକୁ ସହ୍ୟ କରି ଶିଖିବାକୁ ହେବ, ଅପେକ୍ଷା କରି ଶିଖିବାକୁ ହେବ ।

*(କ୍ଲାସ୍‌ରେ ମାଆ କରୁଥିବା କାର୍ଯ୍ୟଟି ସହିତ ଯଥାର୍ଥ ସହଯୋଗ କରି ପାରିବାକୁ ସେହି ଶିକ୍ଷକ ଜଣକ ଆଲୋକ, ପ୍ରେମ, ନମନୀୟତା ଏବଂ ଏହି କ୍ଷେତ୍ରରେ ଆବଶ୍ୟକ ଆଉ ସବୁକିଛି ଲାଗି ପ୍ରାର୍ଥନା କରିଥିଲେ ।)*

ଏହି ଯାବତୀୟ ବସ୍ତୁ ସବୁବେଳେ ତୁମ ସହିତ ରହିଛି । ତୁମେ ଉନ୍ମୁକ୍ତ ହୋଇ ରହିଥାଅ ଓ ଏହାକୁ କାର୍ଯ୍ୟ କରିବାକୁ ଦିଅ ।

*ମାର୍ଚ୍ଚ ୧୯୬୧*

*

*(ଶିକ୍ଷକ ଜଣକ ପିଲାମାନେ ଗୋଟିଏ ଗୋଟିଏ ଗୋଷ୍ଠୀରେ ବିଭକ୍ତ ହୋଇ କାର୍ଯ୍ୟ କରିବେ ବୋଲି ଯୋଜନା ତିଆରି କଲେ । ପିଲାମାନଙ୍କର ଶ୍ରେଣୀଗୁଡ଼ିକ ଅନୁସାରେ ସିଏ ନିଜେ ଗୋଷ୍ଠୀଗୁଡ଼ିକୁ ତିଆରି କରିଦେବେ, ନା ପିଲାମାନଙ୍କର ନିଜ ନିଜ ଭିତରେ ରହିଥିବା ସମ୍ବନ୍ଧଗୁଡ଼ିକ ଅନୁସାରେ ସେ ସେମାନଙ୍କୁ ନିଜ ନିଜର ଗୋଷ୍ଠୀଗୁଡ଼ିକୁ ଗଢ଼ିବା ଲାଗି ଅନୁମତି ଦେବେ ?)*

ଆପଣା ଆପଣାର ସ୍ୱତଃପ୍ରେରିତ ସହାନୁଭୂତିଗୁଡ଼ିକ ଅନୁସାରେହିଁ ପିଲାମାନେ ନିଜ ନିଜର ଗୋଷ୍ଠୀ ଗଢ଼ନ୍ତୁ ।

*ଶିକ୍ଷକ ଭିତରେ ସ୍ଥିରତା ରହିଥିଲେ ତାହାର ଏକ ନିଶ୍ଚିତ ଫଳସ୍ୱରୂପ କ୍ଲାସ୍‌ରେ ସ୍ଥିରତା ଆସିଯାଏ କି, ଅର୍ଥାତ୍, ‘‘ଏପରି ଏକ ସ୍ଥିର ଓ ଶାନ୍ତ ବାତାବରଣ ସୃଷ୍ଟି ହୋଇଯାଏ, ଯେଉଁଠି କି ପ୍ରତ୍ୟେକ ତା’ ନିଜର ଛନ୍ଦ, ବେଗ ଏବଂ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିପାରେ, କୌଣସି ପ୍ରକାର ଗଣ୍ଡଗୋଳ କରେ ନାହିଁ କିଂବା ଚଞ୍ଚଳତା ଦେଖାଏ ନାହିଁ, କୌଣସି ପ୍ରକାରେ ଅଧୈର୍ଯ୍ୟ ହୋଇପଡ଼େ ନାହିଁ କିଂବା ଆଳସ୍ୟ ବି ଦେଖାଏ ନାହିଁ ?...’’*

ତୁମର ସ୍ଥିରତା ଯଦି ଏକ ସମଗ୍ର ସ୍ଥିରତା ହୋଇଥାଏ, ଅର୍ଥାତ୍, ଯଦି ତାହା ବାହାର ତଥା ଭିତର ଉଭୟ କ୍ଷେତ୍ରର ସ୍ଥିରତା ହୋଇଥାଏ, ଯଦି ତାହା ଭଗବତ୍ ପରମ ଉପସ୍ଥିତି ଉପରେ ପ୍ରତିଷ୍ଠିତ ହୋଇଥାଏ ଏବଂ ଅପରିବର୍ତ୍ତିତ ହୋଇ ରହିଥାଏ, ଅର୍ଥାତ୍ ଯଦି ତାହା ସତତ ବିଦ୍ୟମାନ୍ ରହିଥାଏ ଓ ଯାବତୀୟ ପରିସ୍ଥିତିରେ ମଧ୍ୟ ବଦଳି ନ ଯାଇ ସେହିପରି ରହି ପାରୁଥାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରି ପାରିବ ଏବଂ ପିଲାମାନେ ତଦ୍ୱାରା ନିଶ୍ଚୟ ପ୍ରଭାବିତ ହୋଇପାରିବେ । ଏବଂ ତୁମେ କ୍ଲାସ୍ ଯେଉଁଭଳି ହୋଇରହୁ ବୋଲି ଇଚ୍ଛା କରୁଛ, ତାହା ଅତ୍ୟନ୍ତ ସ୍ୱଭାବପ୍ରେରିତ ଏବଂ ପ୍ରାୟ ସ୍ୱୟଂକ୍ରିୟ ଭାବରେ ଠିକ୍ ସେହିପରି ହୋଇ ରହିପାରିବ ।*

*ଏପ୍ରିଲ୍ ୧୯୬୧*

*

* ମାଆ ଏହି ବାର୍ତ୍ତାଟି ଦେବାର ପରଠାରୁ ଶ୍ରେଣୀ-ଗୃହରେ ସ୍ଥାୟୀ ସ୍ଥିରତାର ପ୍ରତିଷ୍ଠା ହୋଇଥିଲା ।

*(ଶିକ୍ଷକଜଣକ ଭାବୁଥିଲେ ଯେ, ପିଲାମାନଙ୍କ ଭିତରେ କାମ ପ୍ରତି ଏକ ଶ୍ରଦ୍ଧା ଏବଂ କର୍ମ କରିବାର ଏକ ଆନନ୍ଦର ବିକାଶସାଧନ ହୋଇପାରିବା ଉଚିତ । ମାଆ ଉତ୍ତର ଦେଇଥିଲେ :)*

ସ୍କୁଲ୍, କ୍ଲାସ୍ ଏବଂ କାର୍ଯ୍ୟ ବିଷୟରେ ତୁମେ ଯାହାକିଛି କହୁଛ, ତାହା ସବୁଯାକ ଠିକ୍ । ଏବଂ, ଏଥିପାଇଁ ତୁମେ ପିଲାମାନଙ୍କୁ ଯେପରି ଭାବରେ ସଂଗଠିତ କରିବାକୁ ଚେଷ୍ଟା କରୁଛ, ମୁଁ ସେହି ସବୁକିଛିକୁ ସଂପୂର୍ଣ୍ଣ ରୂପେ ଅନୁମୋଦନ କରୁଛି ।

*(ମାଆ ପିଲାମାନଙ୍କ ଲାଗି ମଧ୍ୟ ଏହି ଦୁଇଟି ବାର୍ତ୍ତା ପଠାଇଥିଲେ ।)*

କାମ କରିବାକୁ ଯାହାକୁ ଭଲ ନ ଲାଗେ, ସିଏ ଜୀବନରେ ସବୁବେଳେ ଦୁଃଖୀ ହୋଇ ରହିଥାଏ ।

ଜୀବନରେ ପ୍ରକୃତରେ ସୁଖୀ ହେବାକୁ ହେଲେ **ଆମକୁ କାର୍ଯ୍ୟକରିବାକୁ ଅବଶ୍ୟ ଭଲପାଇବାକୁ ପଡ଼ିବ ।**

*ଜୁଲାଇ ୧୯୬୧*

*

## ଏହି କ୍ଲାସ୍‌ର ପିଲାମାନଙ୍କ ଲାଗି ମାଆ ପଠାଇଥିବା ଆଉ କେତୋଟି ବାର୍ତ୍ତା ।

ମୋର ଅତିପ୍ରିୟ ପିଲାମାନେ, ତୁମେମାନେ କାମ କରିବାକୁ ଭଲପାଅ, ଏବଂ ତା'ହେଲେ ତୁମର ମନ ସବୁବେଳେ ଖୁସି ରହିବ । ତୁମେମାନେ ଶିକ୍ଷାଲାଭ କରିବାକୁ ଭଲପାଅ, ଏବଂ ତୁମେମାନେ ନିଶ୍ଚୟ ଅଗ୍ରଗତି କରିବ ।

*(ପିଲାମାନେ ସେହି ବର୍ଷଟି ସକାଶେ ସେମାନଙ୍କର ଶିକ୍ଷକଙ୍କ ସହିତ ମିଶି ଏହି କାର୍ଯ୍ୟକ୍ରମଟିକୁ ଅନୁସରଣ କରିବେ ବୋଲି ନିଷ୍ପତ୍ତି କରିଥିଲେ : ସେମାନେ ଫରାସୀ ଭାଷାରେ କଥାବାର୍ତ୍ତା କରିବେ, ଶୁଦ୍ଧଭାବରେ ପଢ଼ି ପାରିବେ, ନିର୍ଭୁଲ ଭାବରେ ଫରାସୀ ଭାଷା ଲେଖିବେ, ଯଥାର୍ଥ ଭାବରେ ଗଣି ପାରିବେ, ପାଟୀଗଣିତର ଅଙ୍କଗୁଡ଼ିକୁ ବୁଝିପାରିବେ ଏବଂ ଯୋଗ, ବିୟୋଗ, ଗୁଣନ ଓ ହରଣ କରିପାରିବେ । ତାହାର ଉତ୍ତର ଦେଇ ମାଆ କ୍ଲାସ୍-ଖାତାରେ ଲେଖିଥିଲେ :)*

ମୋର ଅତ୍ୟନ୍ତ ପ୍ରିୟ ଛାତ୍ରମାନେ, ମୁଁ ତୁମମାନଙ୍କର ଚିଠି ପଢ଼ିଛି, ଏବଂ ମୁଁ ତୁମମାନଙ୍କ ସହିତ ସଂପୂର୍ଣ୍ଣ ଏକମତ ଯେ, ଯଦି ବର୍ଷଟି ଶେଷ ହେବା ବେଳକୁ ତୁମେମାନେ ଏହି ତାଲିକାରେ ରଖିଥିବା ସବୁ କଥାଗୁଡ଼ିକରେ ସାମର୍ଥ୍ୟ ହାସଲ କରିଥିବ, ତେବେ ତାହା ପ୍ରକୃତରେ ଭାରି ଭଲକଥା ହେବ।

ମାତ୍ର ଏଠାରେ ମୁଁ ଗୋଟିଏ କଥା ପ୍ରତି ତୁମମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରୁଛି। କାରଣ, ସେଇଟି ହେଉଛି ପ୍ରକୃତରେ ସର୍ବପ୍ରଧାନ କଥା ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା। ତୁମେମାନେ କ୍ଲାସ୍‌ରେ ଯେଉଁ ମନୋଦୃଷ୍ଟି ରଖି ପଢ଼ିବାକୁ ଯାଅ, ଏବଂ ଯେଉଁପରି ମନ ନେଇ ସ୍କୁଲ୍‌କୁ ଆସ, ଏଠାରେ ମୁଁ ସେହିକଥା କହୁଛି।

ତୁମେମାନେ ଯେ ପ୍ରତିଦିନ କ୍ଲାସ୍‌କୁ ଯାଉଛ, ସେଥିରୁ ଯଥାର୍ଥ ଉପକାର ପାଇବାକୁ ହେଲେ ତୁମମାନଙ୍କୁ ଶିକ୍ଷା କରିବାର ଏକ ଆନ୍ତରିକ ଇଚ୍ଛା ନେଇ ସେଠାକୁ ଯିବାକୁ ହେବ, ସେଠାରେ ତୁମେ ମନୋଯୋଗୀ ଓ ଏକାଗ୍ର ହୋଇ ରହିବ, ଶିକ୍ଷକ ଯାହା କହୁଥିବେ, ତାହାକୁ ଶୁଣିବ ଏବଂ ସ୍ଥିର ହୋଇ ଏବଂ ପ୍ରକୃତ ଗୁରୁତ୍ୱ ସହିତ ସବୁକାର୍ଯ୍ୟ କରିବ।

ମାତ୍ର, ଯଦି ତୁମେ ସେଠାରେ ଅଚେତନ ହୋଇ ରହିଥିବା ଏବଂ ବ୍ୟବହାର ଜାଣି ନ ଥିବା ପିଲାଙ୍କ ପରି ପାଟି କରିବାରେ, ଅସ୍ଥିର ହୋଇ ରହିବାରେ ଓ ସବୁକିଛିକୁ ଗୋଳମାଳିଆ କରିଦେବାରେହିଁ ଆପଣାର ସମୟ ବିତାଇ ଦେଉଥିବ, ତେବେ ତଦ୍ୱାରା ତୁମେମାନେ କେବଳ ନିଜର ସମୟ ନଷ୍ଟ କରିବ, ଶିକ୍ଷକଙ୍କର ସମୟ ନଷ୍ଟ କରିବ ଏବଂ ତୁମେମାନେ ଆଦୌ କିଛିହେଲେ ବି ଶିକ୍ଷା କରିପାରିବ ନାହିଁ। ଏବଂ, ବର୍ଷଶେଷରେ, ତୁମେମାନେ ଯେ ଖରାପ ଛାତ୍ର ଓ ଉପର ଶ୍ରେଣୀକୁ ଯିବା ଲାଗି ତୁମେମାନେ ଯେ ମୋଟେ ଉପଯୁକ୍ତ ନୁହଁ, ମୁଁ ସେ କଥା କହିବାକୁ ବାଧ୍ୟ ହେବି।

ଶିକ୍ଷା କରିବାର ଇଚ୍ଛା ନେଇହିଁ ତୁମେମାନେ ତୁମ କ୍ଲାସ୍‌କୁ ଆସିବ; ନ ହେଲେ ଏହାଦ୍ୱାରା କେବଳ ସମୟ ନଷ୍ଟ କରିବାହିଁ ସାର ହେବ। କାରଣ, ତୁମମାନଙ୍କ ଭିତରୁ କେବଳ ଜଣେ ବି ଖରାପ ଆଚରଣ ଦେଖାଇଲେ ତଦ୍ୱାରା ଅନ୍ୟ ସମସ୍ତଙ୍କ କାର୍ଯ୍ୟରେହିଁ ବାଧା ସୃଷ୍ଟିହେବ। ତେଣୁ, ତୁମେମାନେ ଏହିପରି ଏକ ନିଷ୍ପତ୍ତି ଗ୍ରହଣ କରିବ ବୋଲି ମୁଁ ଇଚ୍ଛା କରୁଛି : ତୁମେମାନେ ଭଲ ହେବ, ଶାନ୍ତ ହୋଇ ରହିବ, ମନୋଯୋଗୀ ହେବ ଏବଂ କଠିନ ପରିଶ୍ରମ କରିବ। ତୁମେମାନେ ଏହିସବୁ କଥା କରିବ ବୋଲି ଏହି ଖାତାରେ ମୋତେ ପ୍ରତିଶ୍ରୁତି ଦେବ।

*୧୯୬୧ର ଆରମ୍ଭ*

*

*(ପିଲାମାନେ ସିଧା ହୋଇ ବସୁ ନାହାନ୍ତି ଓ ସେମାନଙ୍କର ହସ୍ତାକ୍ଷର ଖରାପ ହେଉଛି। ମାଆ ଏହାର ଉତ୍ତରରେ ଲେଖିଥିଲେ :)*

ବଙ୍କା ଅବର୍ଜିଆ ହୋଇ ବସିବା ତୁଳନାରେ ସିଧା ହୋଇ ବସିବାକୁ ଯେ ଅଧିକ କଷ୍ଟ କରିବାକୁ ହୁଏ, ସେ କଥା ଆଦୌ ନୁହେଁ । ତୁମେ ସିଧା ହୋଇ ବସିଲେ ତୁମର ଶରୀର ସମଞ୍ଜସତାର ସହିତ ବୃଦ୍ଧିଲାଭ କରୁଥାଏ । ମାତ୍ର ଅବର୍ଜିଆ ବଙ୍କା ହୋଇ ବସିବା ଦ୍ୱାରା ଶରୀର କୁରୂପ ହୋଇଯାଏ, କୁତ୍ସିତ ଦେଖାଯାଏ ।

ଅସନା ଅକ୍ଷର ଲେଖିବା ଅପେକ୍ଷା ପରିଚ୍ଛନ୍ନ ଭାବରେ ଲେଖିବା ପାଇଁ ଆଦୌ ଅଧିକ କଷ୍ଟ କରିବାକୁ ପଡ଼େ ନାହିଁ । ଯେତେବେଳେ ତୁମେ ଅତ୍ୟନ୍ତ ପରିଚ୍ଛନ୍ନ ଭାବରେ ଲେଖାଟିଏ ଲେଖିଥାଅ, ସେତେବେଳେ ସମସ୍ତେ କେଡ଼େ ଖୁସି ହୋଇ ତାହାକୁ ପଢ଼ିପାରନ୍ତି । ଯେତେବେଳେ ତାହା ଭାରି ଅସନା ହୋଇ ଲେଖା ହୋଇଥାଏ, ସେତେବେଳେ ତାହାକୁ ମୋଟେ ପଢ଼ି ହୁଏ ନାହିଁ ।

ଆମେ ଯାହାକିଛି କରୁଛୁ, ତାହାକୁ ଯତ୍ନର ସହିତ କରିବା,– ତାହାହିଁ ହେଉଛି ସକଳ ଅଗ୍ରଗତିର ମୂଳଦୁଆ ।

୧୯୬୧

*

ଦିନପରେ ଦିନ ଚାଲି ଯାଉଥାଏ, ସପ୍ତାହପରେ ସପ୍ତାହ ଚାଲି ଯାଉଥାଏ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ବି ଚାଲି ଯାଉଥାଏ ଓ ସବୁଯାକ ସମୟ ଏହିପରି ଭାବରେ ଅତୀତର ଗର୍ଭରେ କୁଆଡ଼େ ଲୀନ ହୋଇଯାଏ । ଏବଂ ପରେ, ସେମାନେ ଯେତେବେଳେ ବଡ଼ ହୋଇ ଯାଆନ୍ତି, ସେମାନଙ୍କର ଯେତେବେଳେ ଆଉ ପିଲା ହୋଇ ରହିବାର ସେହି ବିପୁଳ ଆନନ୍ଦଟି ହାତଛଡ଼ା ହୋଇଯାଏ, ସେତେବେଳେ ସେମାନେ ନଷ୍ଟ କରିଦେଇଥିବା ସମୟଟି ବିଷୟରେ ଅନୁଶୋଚନା କରିବାକୁ ଆରମ୍ଭ କରନ୍ତି । ଜୀବନକୁ ବଞ୍ଚିବାର ମାର୍ଗଟିକୁ ଜାଣିବା ଲାଗି ଯେଉଁ ସବୁ ବିଷୟର ଶିକ୍ଷା କରିବାର ଆବଶ୍ୟକତା ରହିଛି, ସେମାନେ ଯେ ସେହି ସମୟଟିକୁ ସେଗୁଡ଼ିକୁ ଶିକ୍ଷା କରିବାରେ ବ୍ୟବହାର କରି ପାରିଥା'ନ୍ତେ, ସେହିକଥା ଭାବି ସେମାନେ ଭାରି ଦୁଃଖ ପ୍ରକାଶ କରିଥା'ନ୍ତି ।

ମାର୍ଚ୍ଚ ୧୯୬୧

## (୮)

## ଷୋଳରୁ ଅଠର ବର୍ଷ ବୟସର ପିଲାମାନଙ୍କର ଗୋଟିଏ କ୍ଲାସ୍‌ରେ ମାଆଙ୍କର କାର୍ଯ୍ୟ

୧୯୬୮ ମସିହାରେ ବିଦ୍ୟାଳୟର ଏକ ପୁନଃସଂଗଠନ କରା ଯାଉଥିବା ସମୟରେ ମାଆ ଘୋଷଣା କରି କହିଥିଲେ ଯେ, ଅଧ୍ୟୟନସମ୍ବନ୍ଧୀ ଆଗ୍ରହୋଦ୍ଦୀପକ ନାନା ବିଷୟରେ

ଛାତ୍ରମାନେ ତାଙ୍କୁ ଯେଉଁସବୁ ପ୍ରଶ୍ନ ପଚାରିବେ, ସେସବୁର ଉତ୍ତର ଦେବାକୁ ସେ ପ୍ରସ୍ତୁତ ଅଛନ୍ତି । ତା'ପରେ ଯେତେବେଳେ କେହିଜଣେ ତାଙ୍କୁ ଏଥିଲାଗି ବିଷୟଟିଏ ବାଛି ଦେବାକୁ କହିଥିଲା, ସେତେବେଳେ ସେ ଉତ୍ତର ଦେଲେ : ''ମୃତ୍ୟୁ ବିଷୟରେ ।''

ପ୍ରଶ୍ନ ପଚାରିବାର ଏହି ସୁଯୋଗଟିକୁ ସବୁ ଛାତ୍ରଙ୍କୁ ଦିଆ ଯାଇଥିଲା । ଫରାସୀଭାଷା ଶିକ୍ଷା କରୁଥିବା ଗୋଟିଏ କ୍ଲାସ୍ ମାଆ ଦେଇଥିବା ସୁଯୋଗଟିକୁ କିପରି କାମରେ ଲଗାଇଥିଲେ, ନିମ୍ନଲିଖିତ ବିବରଣୀଟିରୁ ତାହାର ଏକ ନମୁନା ମିଳିପାରିବ ।

ପ୍ରତ୍ୟେକ ବୈଠକରେ ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରନ୍ତି ଓ ସେଗୁଡ଼ିକୁ ଏକାଠି ମାଆଙ୍କ ପାଖକୁ ପଠାଇ ଦିଆଯାଏ ।

*(ମୃତ୍ୟୁ ବିଷୟରେ ଅଧ୍ୟୟନ କରିବା ଲାଗି ମାଆଙ୍କ ସହିତ ଏକତ୍ର କାର୍ଯ୍ୟ କରିବାକୁ ତାଙ୍କର ଅନୁମତି ଲାଭ କରିବାକୁ ପ୍ରାର୍ଥନା କରି ପିଲାମାନେ ତାଙ୍କ ପାଖକୁ ଲେଖିଥିଲେ । ମାଆ ମୌଖିକ ଭାବରେ ସେଥିଲାଗି ଶିକ୍ଷକଙ୍କୁ ଏହିସବୁ ସୂଚନା ଦେଇଥିଲେ ।)*

ବିଷୟଟି ହେଉଛି : ମୃତ୍ୟୁ କହିଲେ ଆମେ କ'ଣ ବୁଝିବା ?

ଆମେ କିପରି ଭାବରେ ଏହି ଅଧ୍ୟୟନଟିକୁ ଆରମ୍ଭ କରିବା ? ତୁମକୁ ନିଜ ଭିତରକୁ ଅନାଇ ଦେଖିବାକୁ ହେବ, ଅନ୍ତରାବଲୋକନ କରିବାକୁ ପଡ଼ିବ । ବହି ପଢ଼ି ତୁମେ ଏ ବିଷୟରେ କିଛି ଜାଣିବାକୁ ଚେଷ୍ଟା କରିବ ନାହିଁ; ପ୍ରାଣିକ ବା ମାନସିକ ଭୂମିରେ କ'ଣସବୁ ଘଟୁଛି, ସେକଥା ମଧ୍ୟ ଜାଣିବାକୁ ଚେଷ୍ଟା କରିବ ନାହିଁ । ଅର୍ଥାତ୍, ମୃତ୍ୟୁ ବିଷୟରେ ତୁମେ କ'ଣ ଅନୁଭବ କରୁଛ ବା ଚିନ୍ତା କରୁଛ, ତୁମେ ସେ କଥା ଜାଣିବାକୁ କୌଣସି ଚେଷ୍ଟା କରିବ ନାହିଁ ।

ସଂପୂର୍ଣ୍ଣ ଭାବରେ ଏକ ଭୌତିକ ଭୂମି ଉପରେହିଁ ଏହି ଅନୁସନ୍ଧାନଟିକୁ କରିବାକୁ ହେବ : ଏକ ଶାରୀରିକ ସ୍ଥୂଳ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଆମେ ମୃତ୍ୟୁକୁ କ'ଣ ବୋଲି ବୁଝିବା, ଆମକୁ ସେହି କଥାଟିର ଅନୁସନ୍ଧାନ କରିବାକୁ ପଡ଼ିବ ।

ତୁମେମାନେ ଅତ୍ୟନ୍ତ ଏକାଗ୍ର ଭାବରେ ନିଜ ଭିତରେହିଁ ଉତ୍ତରଗୁଡ଼ିକର ସନ୍ଧାନ କରିବ । କୌଣସି ପ୍ରକାର ଭାଷଣ ଦେବାର ଚେଷ୍ଟା କରିବ ନାହିଁ । କେବଳ ଗୋଟିଏ ବାକ୍ୟରେ ନିଜର କଥାଟିକୁ ପ୍ରକାଶ କରିଦେବ । ତୁମେ ଯେତିକି ଅଧିକ ବୁଦ୍ଧିମାନ୍ ହୋଇଥିବ, ନିଜର କଥାଟିକୁ ବ୍ୟକ୍ତ କରିବା ଲାଗି ତୁମର ସେତିକି କମ୍ ଶବ୍ଦ ଦରକାର ହେବ ।

*୨୭ ଏପ୍ରିଲ ୧୯୬୮*

*

*(ଶାରୀରିକ ସ୍ଥୂଳଦୃଷ୍ଟିରୁ ମୃତ୍ୟୁ କହିଲେ ଆମେ କ'ଣ ବୁଝିବା ? – ପିଲାମାନେ ଦେଇଥିବା ଏହି ପ୍ରଶ୍ନଟିର କେତେକ ଉତ୍ତର :*
*''ମସ୍ତିଷ୍କର କୋଷଗୁଡ଼ିକରେ ସମସ୍ତ ରକ୍ତସଞ୍ଚାଳନ ବନ୍ଦ ହୋଇଯାଏ ।''*
*''ଯେତେବେଳେ ମସ୍ତିଷ୍କର କ୍ରିୟା ବନ୍ଦ ହୋଇଯାଏ ଓ ଶରୀର ଗଳିତ ହେବାକୁ ଆରମ୍ଭ କରେ । ଆମେ ସେହି ଅବସ୍ଥାକୁହିଁ ମୃତ୍ୟୁ ବୋଲି କହିବା ।''*
*''ଶକ୍ତିର ଉତ୍ସ ଅର୍ଥାତ୍ ଆତ୍ମାର ଅନୁପସ୍ଥିତି ହେତୁ ଶାରୀରିକ ସକଳ କ୍ରିୟା ବନ୍ଦ ହୋଇଯିବା ।''*
*''ମୃତ୍ୟୁର ପ୍ରକୃତ ଘଟନାଟି ମୋତେ ଏପରି ଏକ ଅନୁଭବ ବିଷୟରେ ଭାବିବାକୁ ପ୍ରବୃତ୍ତ କରେ, ଯେଉଁଟି ଦ୍ୱାରା କି ଜଣେ ବ୍ୟକ୍ତି ଅଧିକ ଶକ୍ତିର ସହିତ ଶୂନ୍ୟ ଭିତରକୁ ପ୍ରକ୍ଷେପିତ ହୋଇଯାଏ ।''*
*ମାଆ ଉତ୍ତରରେ କ୍ଲାସ୍‌ଟି ଲାଗି ଲେଖି ପଠାଇଲେ :)*

ତୁମେ ଯାହାସବୁ ଲେଖି ପଠାଇଥିଲ ସେଗୁଡ଼ିକୁ ଅତ୍ୟନ୍ତ ଆଗ୍ରହର ସହିତ ମୁଁ ପଢ଼ିଲି । ଏହାର ଉତ୍ତରରେ ମୁଁ ଏହିସବୁ କଥା କହିବି :

ଆମର ସ୍ଥୂଳ ଶରୀରଟି ଯେଉଁସବୁ କୋଷ ଦେଇ ତିଆରି ହୋଇଛି, ମୃତ୍ୟୁ ସମୟରେ ସେହି କୋଷଗୁଡ଼ିକ ବିକେନ୍ଦ୍ରିତ ଏବଂ ବିକ୍ଷେପିତ ହୋଇଯାଏ ।

ଚେତନା ଧର୍ମତଃ ଅବିନାଶୀ ହୋଇଥିବାରୁ, ସ୍ଥୂଳ ଜଗତରେ ଆପଣାକୁ ବ୍ୟକ୍ତ କରି ପାରିବା ଲାଗି ତାହା ଅଳ୍ପ ବହୁତ ପରିମାଣରେ ସ୍ଥାୟୀ ହୋଇ ରହି ପାରୁଥିବା ସ୍ଥୂଳ ଆକାରମାନ ଧାରଣ କରିଥାଏ ।

ଏହି ଚେତନା ଲାଗି ଏକ ବହୁରୂପ ତଥା ଅଧିକରୁ ଅଧିକ ପରିମାଣରେ ପରିପୂର୍ଣ୍ଣ ଏବଂ ସ୍ଥାୟୀ ପ୍ରକାଶ ମାଧ୍ୟମ ହୋଇ ପାରିବା ଲାଗି ଜଡ଼ନିର୍ମିତ ଉପାଦାନଟି ସର୍ବଦା ରୂପାନ୍ତରର ଏକ ପ୍ରକ୍ରିୟା ଦେଇ ଗତି କରିବାରେ ଲାଗିଥାଏ ।

*୧୮ ମଇ ୧୯୬୮*

*

*(ମାଆ ଏଥର ପ୍ରଶ୍ନଗୁଡ଼ିକର ଅଲଗା ଅଲଗା ଉତ୍ତର ଦେଇଥିଲେ ଏବଂ ସେଗୁଡ଼ିକୁ ଶିକ୍ଷକଙ୍କ ନିକଟକୁ ପଠାଇ ଦେଇଥିଲେ ।)*

ତୁମର ଛାତ୍ରମାନେ ଯେଉଁସବୁ ପ୍ରଶ୍ନ ପଚାରିଥିଲେ, ମୁଁ ଏଥିରେ ସେହିଗୁଡ଼ିକର ଉତ୍ତର ଲେଖି ପଠାଉଛି । ମୋର ଆଶା, ସେମାନେ ଏହିସବୁ କଥା ବୁଝିବାକୁ ସମର୍ଥ ହେବେ ।

*ଯଦି ଗୋଟିଏ କୋଷ ଆପଣାର ସ୍ୱତନ୍ତ୍ର ଅସ୍ତିତ୍ୱ ବିଷୟରେ ସଚେତନତା ଲାଭ କରେ, ତେବେ ସେହି କ୍ଷେତ୍ରରେ ତାହା କେବଳ ନିଜର ସ୍ୱାର୍ଥଟି ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେବ ନାହିଁ କି ଏବଂ ସାମୂହିକ ସ୍ୱାର୍ଥଟି ବିଷୟରେ ଏକାବେଳକେ ବିସ୍ମୃତ ହୋଇ ରହିବ ନାହିଁ କି ?*

ଗୋଟିଏ କୋଷର ନିଜର ସ୍ୱାର୍ଥ କ'ଣ ହୋଇପାରେ, ତୁମେ ସେ କଥା ଚିନ୍ତା କରି କହିଲ !

*

*ମୃତ୍ୟୁ ସମୟରେ ବିକେନ୍ଦ୍ରଣର ପ୍ରକ୍ରିୟାଟି ହଠାତ୍ ଏକାବେଳେକେ ଘଟେ ନା ଅଳ୍ପ ଅଳ୍ପ କରି ଘଟେ ?*

କୌଣସି ବସ୍ତୁ ଆପଣାକୁ ହଠାତ୍ ବିକ୍ଷେପିତ କରି ଦିଏ ନାହିଁ । ବିକ୍ଷେପଣର ପ୍ରକ୍ରିୟାଟି ପ୍ରକୃତରେ ଅନେକ ସମୟ ନେଇଥାଏ ।

ଶାରୀରିକ ସତ୍ତାର କେନ୍ଦ୍ରସ୍ଥ ଇଚ୍ଛାଟି ସବୁଯାକ କୋଷକୁ ଏକତ୍ର କରି ଧରି ରଖିବାର ଆପଣାର ଇଚ୍ଛାଟିକୁ ପରିତ୍ୟାଗ କରେ । ସର୍ବପ୍ରଥମେ ଏହି କଥାଟିହିଁ ଘଟେ । କୌଣସି ନା କୌଣସି ଏକ କାରଣରୁ ତାହା ବିଘଟନ ଓ ବିଲୟନକୁ ସ୍ୱୀକାର କରିନିଏ । କୌଣସି ପ୍ରକାର ପ୍ରତିକାର ସମ୍ଭବ ହୋଇ ପାରୁ ନ ଥିବା ଏକ ଅସମଞ୍ଜସତାର ବୋଧକୁ ଆମେ ତାହାର ଗୋଟିଏ ଅତ୍ୟନ୍ତ ଶକ୍ତିଶାଳୀ କାରଣ ବୋଲି ଅନୁମାନ କରିପାରିବା । ସମନ୍ୱୟନ ଏବଂ ସମଞ୍ଜସତା-ଅର୍ଜନର ଉଦ୍ୟମଟିକୁ ଚାଲୁ ରଖିବା ବିଷୟରେ ଏକପ୍ରକାରର ବିରକ୍ତି ପ୍ରକାଶ କରିବା ହେଉଛି ଏହାର ଆଉ ଗୋଟିଏ କାରଣ । ବସ୍ତୁତଃ, ଏହି ବିଘଟନର ଅଗଣିତ ଅନେକ କାରଣ ରହିଛି, ମାତ୍ର, ସେପରି ପ୍ରବଳ ବା ପ୍ରଚଣ୍ଡ ହୋଇ ଆକସ୍ମିକ ଭାବରେ କିଛି ନ ଘଟିବା ପର୍ଯ୍ୟନ୍ତ, କୌଣସି ନା କୌଣସି କାରଣବଶତଃ, ଅଥବା ଆଦୌ କୌଣସି କାରଣ ନ ଥାଇ ମଧ୍ୟ, ସମ୍ବଦ୍ଧ କରି ଧରି ରଖିବାର ଏହି ଇଚ୍ଛାଟି ଯେତେବେଳେ ହାତରୁ ଲଗାମ ଛାଡ଼ିଦିଏ, ସର୍ବୋପରି ସେତିକିବେଳେ ଏକ ବିଘଟନ ଆସି ପହଞ୍ଚିଥାଏ । ଏବଂ ଏହିଟିକୁହିଁ ଅନିବାର୍ଯ୍ୟ ଭାବରେ ମୃତ୍ୟୁର ପୂର୍ବବର୍ତ୍ତୀ ଅବସ୍ଥା ବୋଲି କୁହାଯିବ ।

*କେନ୍ଦ୍ରଟି ସହିତ ଆପଣାର ଏକତ୍ୱ ବିଷୟରେ ପ୍ରତ୍ୟେକ କୋଷ ସଚେତ ହୋଇ ରହିବା ଏକାନ୍ତ ଆବଶ୍ୟକ କି ?*

ଘଟନାଟି ପ୍ରକୃତରେ ଆଦୌ ସେପରି ନୁହେଁ । ସେହି ଚେତନାକୁ ତଥାପି ଏକ ଅର୍ଦ୍ଧ-ସାମୂହିକ ଚେତନା ବୋଲି କୁହାଯିବ । ଏହାକୁ କୋଷଗୁଡ଼ିକର ଏକ ବ୍ୟକ୍ତିଗତ ଚେତନା ବୋଲି କୁହାଯାଇ ପାରିବ ନାହିଁ ।

*

*କେବଳ ମୃତ୍ୟୁ ପରେହିଁ କ'ଣ ଏହି ବିକେନ୍ଦ୍ରୀକରଣ ଘଟିଥାଏ ? ନା ବିକେନ୍ଦ୍ରଣର ଏହି ପ୍ରକ୍ରିୟାଟି ଆଗରୁ ମଧ୍ୟ ଆରମ୍ଭ ହୋଇ ଯାଇପାରେ ?*

ଅନେକ ସମୟରେ ତାହା ଆଗରୁ ଆରମ୍ଭ ହୋଇଯାଏ ।

*କୋଷଗୁଡ଼ିକ ବହିଃସ୍ଥ ଶୂନ୍ୟ ମଧ୍ୟକୁ ବିକ୍ଷେପିତ ହୁଅନ୍ତି ନା ସେହି ଶରୀର ଭିତରକୁହିଁ ବିକ୍ଷେପିତ ହୋଇ ପଡ଼ନ୍ତି ? ଯଦି ସେମାନେ ଶୂନ୍ୟ ମଧ୍ୟକୁ ବିକ୍ଷେପିତ ହେବେ, ତେବେ କୋଷଗୁଡ଼ିକ ବାହାରି ଚାଲିଯିବା ପରେ ଶରୀରଟା ବି ତ ନିଶ୍ଚୟ ଅନ୍ତର୍ହିତ ହୋଇଯିବ !*

ମୃତ୍ୟୁପରେ ଶରୀର ସେଇଥିଲାଗି ସ୍ୱାଭାବିକ ଭାବରେହିଁ କ୍ଷୟପ୍ରାପ୍ତ ହୁଏ । ମାତ୍ର ସେଥିଲାଗି ଅନେକ ସମୟ ଲାଗେ ।

*

*''କୋଷଗୁଡ଼ିକର ବିକ୍ଷେପଣ'' ବୋଲି ଯେଉଁ କଥାଟିର ଉଲ୍ଲେଖ କରାଯାଇଛି, ସେଥିରେ ''ବିକ୍ଷେପଣ'' ଶବ୍ଦଟିର ପ୍ରକୃତରେ ଏକ ବିଶେଷ ଅର୍ଥ ରହି ନାହିଁ କି ? ଯଦି ଅଛି, ତେବେ ସେହି ବିଶେଷ ଅର୍ଥଟି କ'ଣ ?*

କୋଷଗୁଡ଼ିକର ବିକ୍ଷେପଣ ବୋଲି କହିଲାବେଳେ କଥାଟିକୁ ମୁଁ ତାହାର ସ୍ଥୂଳତମ ଅର୍ଥରେ ବ୍ୟବହାର କରିଥିଲି ।

ଶରୀରକୁ ଏକତ୍ର ଗଠନ କରି ରଖିଥିବା ସଂକେନ୍ଦ୍ରଣର ଯେତେବେଳେ ଅବସାନ ଘଟେ ଓ ଯେତେବେଳେ ଶରୀରର ବିଘଟନ ହୋଇଯାଏ, ସେତେବେଳେ ଯେଉଁସବୁ କୋଷର ବିଶେଷ ବିକାଶ ସାଧିତ କରାହୋଇଥାଏ ଓ ଯେଉଁଗୁଡ଼ିକ ଆପଣା ଭିତରେ ରହିଥିବା ସେହି ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନତା ଲାଭ କରିଥା'ନ୍ତି, ସେଗୁଡ଼ିକ ବିକ୍ଷିପ୍ତ ହୋଇ ଅନ୍ୟ ଗଠନଗୁଡ଼ିକ ମଧ୍ୟରେ ଯାଇ ପ୍ରବେଶ କରନ୍ତି ଏବଂ ସଂକ୍ରମଣ ବଳରେ ସେହି ଗଠନଗୁଡ଼ିକରେ ପ୍ରତ୍ୟେକଟି ମଧ୍ୟରେ ରହିଥିବା ସେହି ପରମ ଉପସ୍ଥିତିର ଚେତନାକୁ

ଜାଗୃତ କରାଇ ଆଣନ୍ତି । ଏବଂ, ଏହିପରି ଭାବରେ, ସଂକେନ୍ଦ୍ରଣ, ବିକାଶ ଏବଂ ବିକ୍ଷେପଣର ଏହି ପ୍ରକ୍ରିୟାଟି ଦ୍ୱାରା ଯାବତୀୟ ଜଡ଼ର ଉଦ୍ଭବ ହୋଇଥାଏ; ତାହା ଏହି ସଂକ୍ରମଣରୁହିଁ ଶିକ୍ଷାକରେ, ସଂକ୍ରମଣ ଦ୍ୱାରା ବିକାଶଲାଭ କରେ ଏବଂ ସଂକ୍ରମଣ ଦ୍ୱାରାହିଁ ଅନୁଭୂତି ଅର୍ଜନ କରିବାକୁ ସମର୍ଥ ହୁଏ ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଶରୀରର ବିଲୟନ ସଙ୍ଗେ ସଙ୍ଗେ କୋଷର ମଧ୍ୟ ବିଲୟନ ଘଟିଥାଏ । କୋଷଗୁଡ଼ିକର ଚେତନାଟି ଅନ୍ୟ ଗଠନଗୁଡ଼ିକ ମଧ୍ୟରେ ଯାଇ ପ୍ରବିଷ୍ଟ ହୁଏ ।

*୫ ଜୁନ୍ ୧୯୬୮*

*

*ଯେତେବେଳେ କୌଣସି କାରଣ ନ ଥାଇ ଶରୀର ସତ୍ତାର ଇଚ୍ଛା ହାତରୁ ଲଗାମ ଛାଡ଼ିଦିଏ, ସେତେବେଳେ ତାହା କେବଳ କୌଣସି ଭୌତିକ କାରଣ ନ ଥାଇ ତାହା କରେ ନା କୌଣସି ପ୍ରକାରର ବି କୌଣସି କାରଣ ନ ଥାଇ ତାହା କରିଥାଏ ?*

ଶାରୀରିକ ଚେତନା କେବଳ ଶାରୀରିକ ଭୂମିରେହିଁ ସଚେତନ ରହିଥାଏ । ଶାରୀରସତ୍ତାର ଇଚ୍ଛା ଆପଣାର ଜ୍ଞାନ ମଧ୍ୟରେ ରହିଥିବା ଆଦୌ କୌଣସି କାରଣ ନ ଥାଇ ମଧ୍ୟ ହାତରୁ ଲଗାମ ଛାଡ଼ିଦେଇ ପାରେ ।

*ସମନ୍ୱୟର ଏବଂ ସମଞ୍ଜସତାର ପ୍ରୟାସଟିକୁ ଚାଲୁ ରଖିବା ବିଷୟରେ ଶାରୀରିକ ସତ୍ତା ମଧ୍ୟରେ କେଉଁ କାରଣରୁ ଏକ ବିରକ୍ତି ଉପସ୍ଥିତ ହୋଇଥାଏ ?*

ଯେତେବେଳେ ସତ୍ତାର ଗୋଟିଏ ଅଂଶରେ (ତାହା ଏକ ମହତ୍ତ୍ୱପୂର୍ଣ୍ଣ ଅଂଶହୋଇଥିବ; ହୃଦୟର ପ୍ରାଣିକ କିଂବା ମାନସିକ ଅଂଶଟି ହୋଇଥିବ) ଅଗ୍ରଗତି ପାଇଁ ଏକାନ୍ତ ଅନିଚ୍ଛା ବା ଅସ୍ୱୀକୃତି ରହିଥାଏ, ସାଧାରଣତଃ ସେତିକିବେଳେ ବିରକ୍ତି ଆସେ । ଏବଂ ସେହି କାରଣରୁ, ଶାରୀରିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ସମୟର କ୍ରମ ଅନୁସାରେ ଆସୁଥିବା ଅବନତିକୁ ଅଟକାଇ ରଖିବାର ସଂଗ୍ରାମ କରିବାକୁ ଅନିଚ୍ଛା ପ୍ରକାଶ କରିବାରେ ମଧ୍ୟ ସେହି ବିରକ୍ତି ଆପଣାକୁ ବ୍ୟକ୍ତ କରିଥାଏ ।

*ଶାରୀର ସତ୍ତାର କେନ୍ଦ୍ରସ୍ଥ ଇଚ୍ଛା ଏବଂ ପ୍ରତିଷ୍ଠିତ ଇଚ୍ଛାଗୁଡ଼ିକ ମଧ୍ୟରେ ପ୍ରକୃତରେ*

*କେଉଁ ସ୍ଥାନରେ ଏକ ସୂତ୍ର ଲାଗି ରହିଥାଏ ? ଏହି ସଂଯୋଗ ସୂତ୍ରଟି କିପରି ଲାଗି ରହିଥାଏ ?*

କୋଷଗୁଡ଼ିକର ଏକ ଅନ୍ତର୍ଗତ ସଂରଚନା ବା ଗଠନ ରହିଛି, ଯାହାରକି ସକଳ ବ୍ରହ୍ମାଣ୍ଡର ଗଠନରୂପଟି ସହିତ ଏକ ଅନୁରୂପତା ରହିଥାଏ । ତେଣୁ ଏହିପରି ସଦୃଶ ହୋଇ ରହିଥିବା ବାହ୍ୟ ତଥା ଅନ୍ତରସ୍ଥ ଅବସ୍ଥାଗୁଡ଼ିକ ମଧ୍ୟରେ ଏକ ସଂଯୋଗର ସ୍ଥାପନ ସମ୍ଭବ ହୋଇଥାଏ ।... ଏହା ପ୍ରକୃତରେ ''ବାହ୍ୟ'' ନୁହେଁ, ମାତ୍ର ବ୍ୟକ୍ତି ଲାଗିହିଁ ତାହା ବାହ୍ୟ ହୋଇ ରହିଥାଏ । ଅର୍ଥାତ୍, ଆପଣାର ଅନ୍ତର୍ଗତ ରଚନାଟିର କ୍ଷେତ୍ରରେ କୋଷଟି ସମଗ୍ର ବ୍ରହ୍ମାଣ୍ଡରୂପୀ ରଚନାଟି ମଧ୍ୟରେ ରହିଥିବା ଅନୁରୂପ ଅବସ୍ଥାଟିର ସ୍ପନ୍ଦନଟିକୁ ମଧ୍ୟ ଗ୍ରହଣ କରିବାରେ ଲାଗିଥାଏ । ଭିନ୍ନ ଭିନ୍ନ ଦୀପ୍ତି ଦେଇ ପ୍ରତ୍ୟେକ କୋଷର ରଚନା ହୋଇଥାଏ, ପ୍ରତ୍ୟେକ କୋଷର କେନ୍ଦ୍ରଟି ଦୀପ୍ତିମାନ୍ ହୋଇ ରହିଥାଏ ଏବଂ ସେହି କ୍ଷେତ୍ରରେ ଆଲୋକ ଏବଂ ଆଲୋକ ମଧ୍ୟରେ ସଂଯୋଗଟିର ପ୍ରତିଷ୍ଠା ହୋଇଥାଏ । ଅର୍ଥାତ୍, ତଦନୁରୂପ ଆଲୋକଗୁଡ଼ିକୁ ସ୍ପର୍ଶ କରି ଇଚ୍ଛା ଅର୍ଥାତ୍ କେନ୍ଦ୍ରସ୍ଥ ଆଲୋକଟି କୋଷ ଉପରେ ନିଜର କ୍ରିୟା କରିଥାଏ, ସତ୍ତାର ଏକ ଅନ୍ତର୍ଗତ ସମ୍ପର୍କସ୍ଥାପନ ଦ୍ୱାରା ତାହା ଏହି କ୍ରିୟାଟିକୁ କରିଥାଏ । ପ୍ରତ୍ୟେକ କୋଷକୁ ଆମେ ସମଗ୍ରର ଅନୁରୂପ ହୋଇ ରହିଥିବା ଏକ କ୍ଷୁଦ୍ର ପ୍ରତିମୂର୍ତ୍ତି ବୋଲିହିଁ ଜାଣିବା ।

*୧୫ ଜୁଲାଇ ୧୯୬୮*

*

*କାଳ ଅନୁସାରେ ଯେଉଁ ଅବନତିର ସୂତ୍ରପାତ ହୋଇଥାଏ, କେବଳ ଅଗ୍ରଗତି ଲାଗି ରହିଥିବା ଏକ ଇଚ୍ଛା ଦ୍ୱାରାହିଁ କ'ଣ ତାହାକୁ ଅଟକାଇ ରଖିବା ସମ୍ଭବ ହେବ ? ଆମର ଶାରୀରିକ ସତ୍ତା କିପରି ସେହି ଅବନତିର ପଥରୋଧ କରି ପାରିବ ?*

ଠିକ୍ ଏହି ପ୍ରକ୍ରିୟାଟିକୁହିଁ ଶରୀରର ରୂପାନ୍ତର ବୋଲି କୁହାଯାଇଥାଏ । ଏହାଦ୍ୱାରା ଶରୀରର କୋଷଗୁଡ଼ିକ ଯେ କେବଳ ସଚେତନ ହେବାକୁ ଆରମ୍ଭ କରନ୍ତି ତା' ନୁହେଁ, ମାତ୍ର ସେମାନେ ସେହି ଯଥାର୍ଥ ସର୍ବମୂଳ ଚେତନା-ଶକ୍ତିଟି ଲାଗି ମଧ୍ୟ ଗ୍ରହଣଶୀଳ ହେବାକୁ ସମର୍ଥ ହୁଅନ୍ତି । ଅର୍ଥାତ୍, ସେମାନେ ଏହି ଉଚ୍ଚତର ପରମଚେତନାଟିକୁ ସକ୍ରିୟ ହେବା ଲାଗି ବାଟ ଛାଡ଼ି ଦିଅନ୍ତି । ରୂପାନ୍ତରର କାର୍ଯ୍ୟ କହିଲେ ତାହାକୁହିଁ ବୁଝାଇବ ।

*ଇଚ୍ଛା ଅର୍ଥାତ୍ କେନ୍ଦ୍ରସ୍ଥ ଆଲୋକଟି ତ ଏକ ଜଡ଼ୋପାଦାନ ନୁହେଁ, ତେବେ କୋଷର ସ୍ଥୂଳ ଜଡ଼ଧର୍ମିତା ଉପରେ ତାହା କିପରି କୌଣସି କାର୍ଯ୍ୟ କରି ପାରିବ ?*

ଏହି କଥାଟି ''ଇଚ୍ଛା କିପରି ଜଡ଼ ଉପରେ କାର୍ଯ୍ୟ କରି ପାରିବ ?'' ବୋଲି ପଚାରିବା ଭଳି ହେବ । ସମୁଦାୟ ଜୀବନର କ୍ଷେତ୍ରଟି ପ୍ରକୃତରେ ସେହିପରି । ତୁମେ ପିଲାମାନଙ୍କୁ ଏହି କଥାଟିକୁ ଅବଶ୍ୟ ବୁଝାଇଦେବ ଯେ, ସେମାନଙ୍କର ସମଗ୍ର ଅସ୍ତିତ୍ୱଟି ହେଉଛି ସେହି ଇଚ୍ଛାଟି କାର୍ଯ୍ୟକାରୀ ହେଉଥିବାରହିଁ ଏକ ପରିଣାମ । ତୁମେ ସେମାନଙ୍କୁ ବୁଝାଇଦେବ ଯେ ସେହି ଇଚ୍ଛାଟି ବ୍ୟତୀତ ଜଡ଼ କେବଳ ଜୀବନହୀନ ଏବଂ ଅଚଳ ହୋଇ ରହିଥା'ନ୍ତା ଏବଂ ପ୍ରକୃତରେ ସେହି ଇଚ୍ଛାର ସ୍ପନ୍ଦନଟି ଜଡ଼ ଉପରେ କାର୍ଯ୍ୟ କରୁଥିବାରୁହିଁ ଜୀବନ ସମ୍ଭବ ହୋଇ ପାରୁଛି ତା' ନ ହେଲେ ଜୀବନ ବୋଲି ଆଦୌ କିଛିହେଲେ ନ ଥା'ନ୍ତା । ପିଲାମାନେ ଯଦି ଏକ ବୈଜ୍ଞାନିକ ଉତ୍ତରର ମାଧ୍ୟମରେ ଏହି ପ୍ରକ୍ରିୟାଟିକୁ ବୁଝିବାକୁ ଇଚ୍ଛା କରିବେ, ତେବେ ସେମାନଙ୍କୁ ବୁଝାଇ ପାରିବା ଅପେକ୍ଷାକୃତ ଅଧିକ କଷ୍ଟକର ହୋଇ ପଡ଼ିବ । ମାତ୍ର ତଥାପି ଏହି କ୍ଷେତ୍ରରେ ଏହାହିଁ ସତ୍ୟ ହୋଇ ରହିଛି, ଏବଂ ସେହି ସତ୍ୟଟିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେହିଁ କାର୍ଯ୍ୟ କରୁଥିବାର ଦେଖିବାକୁ ପାଇବା ।

*୨୦ ଜୁଲାଇ ୧୯୬୮*

*

*ଆମ ଭୌତିକ ସତ୍ତାଟି ବିଷୟରେ ଆମେ କିପରି ସଚେତନ ହୋଇ ପାରିବା ?*

ମାନବସମୂହ, ପ୍ରାୟ ସମଗ୍ର ମାନବସମୂହ କେବଳ ଏହି ଭୌତିକ ସତ୍ତାଟି ବିଷୟରେହିଁ ସଚେତନ ହୋଇ ରହିଥାଏ । ଶିକ୍ଷାର ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରାଣିକ ଏବଂ ମାନସିକ କ୍ଷେତ୍ର ଦୁଇଟି ବିଷୟରେ ସଚେତନ ହୋଇ ପାରୁଥିବା ମନୁଷ୍ୟମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଆପଣାର ଚୈତ୍ୟସତ୍ତା ବିଷୟରେ ସଚେତନ ରହିଥିବା ମନୁଷ୍ୟମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅନେକ କମ୍ ହୋଇ ରହିଛି ।

ଯଦି ତୁମେ ନିଜ ପ୍ରଶ୍ନଟି ଦ୍ୱାରା ''ଭୌତିକ ସତ୍ତା ବିଷୟରେ ଏହି ସଚେତନତାକୁ ଜାଗୃତ କରାଯାଇ ପାରିବ କିପରି ?'' ବୋଲି ବୁଝୁଥିବ, ତେବେ ଠିକ୍ ତାହାକୁହିଁ ମୁଁ ଶାରୀରିକ ଶିକ୍ଷାର ଉଦ୍ଦେଶ୍ୟ ବୋଲି କହିବି । ଶାରୀରିକ ଶିକ୍ଷାହିଁ କୋଷଗୁଡ଼ିକୁ ସଚେତନ ହେବାର ତାଲିମ ଦେଇଥାଏ । ମାତ୍ର, ମସ୍ତିଷ୍କର ବିକାଶସାଧନ ଲାଗି ଅଧ୍ୟୟନ କରିବାକୁ ହୁଏ, ଅବଲୋକନ କରିବାର ଶକ୍ତି ହାସଲ କରିବାକୁ ହୁଏ । ବୁଦ୍ଧିର ସହିତ ଶିକ୍ଷାଯୁକ୍ତ ହେବାକୁ ହୁଏ, ଏବଂ ସର୍ବୋପରି ଅବଲୋକନ ଏବଂ ବିବେଚନାର ସାମର୍ଥ୍ୟଟିକୁ ଅର୍ଜନ

କରିବାକୁ ହୋଇଥାଏ । ଏବଂ, ଏକଥାଟିକୁ ବୁଝିବା ଅତ୍ୟନ୍ତ ସହଜ ଯେ, ଚରିତ୍ର ଓ ବ୍ୟକ୍ତିତ୍ୱର ଦୃଷ୍ଟିରୁ ଆମ ଚେତନାର ସମଗ୍ର ଶିକ୍ଷାଟିକୁ ଆମେ କେବଳ ଯୋଗ ବୋଲି କହିପାରିବା ।

*ଶାରୀର ସତ୍ତାର କେନ୍ଦ୍ରସ୍ଥ ଇଚ୍ଛାଟିର ଅବସ୍ଥିତି ବିଷୟରେ ଶରୀର ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନର ନିରୂପଣ କରିଦେବା ସମ୍ଭବ କି ?*

ସେହି ସ୍ଥାନଟି ହେଉଛି ଆମର ମସ୍ତିଷ୍କ ।

*ଆମେ ନ ମରି ମଧ୍ୟ ମୃତ୍ୟୁକୁ ଅନୁଭବ କରି ପାରିବା କି ?*

ନିଶ୍ଚୟ ପାରିବା । ଯୋଗସାଧନା ଦ୍ୱାରା ଆମେ ମୃତ୍ୟୁକୁ ଅନୁଭବ କରି ପାରିବା । ଯଦି ମୃତ୍ୟୁ କେବଳ ଏକ ଅତ୍ୟଳ୍ପ ସମୟ ପାଇଁ ଆସିବ ଏବଂ ତୁମେ ମରିଗଲ ବୋଲି ଘୋଷଣା କରିବାକୁ ଯଦି ଡାକ୍ତରମାନଙ୍କ ପାଖରେ ସମୟ ନ ଥିବ, ତେବେ ତୁମେ ସ୍ଥୂଳ ଭାବରେ ମଧ୍ୟ ମୃତ୍ୟୁକୁ ଅନୁଭବ କରିପାରିବ ।

*ମୃତ୍ୟୁ ପରେ ସତ୍ତାର କେଉଁ ଅଂଶଟି ମୃତ୍ୟୁ ହେଲା ବୋଲି ଜାଣିପାରେ ?*

ଯେକୌଣସି ଅଂଶ, ଯଦି ତାହା ସେତେବେଳ ଯାଏ ମରି ଯାଇ ନ ଥିବ, ତେବେ ଶରୀର ଚାଲିଗଲାଣି ଓ ଆଉ ଏଠି ନାହିଁ ବୋଲି ଅନୁଭବ କରିପାରିବ । ଏହି ସଜ୍ଞାନତା ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ହେବାକୁ ବାଧ୍ୟ ହେବ ।

*ସ୍ଥୂଳ ଶରୀରଟି ମରିଗଲା ବୋଲି ଆମେ ସୁନିଶ୍ଚିତ ଭାବରେ କିପରି କହି ପାରିବା ?*

ଯେତେବେଳେ ଶରୀରର ବିଗଳନ ଘଟିବାକୁ ଆରମ୍ଭ କରିବ, କେବଳ ସେତିକିବେଳେ ।

*ବିଘଟନର ଏହି ପ୍ରକ୍ରିୟାଟିକୁ ନିୟନ୍ତ୍ରଣରେ ରଖାଯାଇ ପାରିବ କିପରି, ଅଥବା, ଏହାକୁ ଅଟକାଇ ରଖିବା ସମ୍ଭବ ହେବ କିପରି ?*

ଶରୀରର ସ୍ତରରେ ଭାରସାମ୍ୟଟିକୁ ରକ୍ଷା କରିବା ଦ୍ୱାରା ତାହା ସମ୍ଭବ ହୋଇ ପାରିବ ।

*ମୃତ୍ୟୁ ସମୟରେ ତାହାର ଅବଶ୍ୟମ୍ଭାବୀ ପରିଣାମ ସ୍ୱରୂପ ଶାରୀରିକ ଯନ୍ତ୍ରଣା ଭୋଗିବାକୁ ହୁଏ କି ?*

ଅବଶ୍ୟମ୍ଭାବୀ ଭାବରେ ଆଦୌ ନୁହେଁ ।

*୨୮ ସେପ୍ଟେମ୍ବର ୧୯୬୮*

*

*ମୃତ୍ୟୁର ପ୍ରକ୍ରିୟାଟିକୁ ଅଟକାଇବା ଲାଗି ଆମର ଦୈନନ୍ଦିନ ଜୀବନରେ ଆମକୁ କ'ଣ କରିବାକୁ ହେବ ?*

ଏହାର ପ୍ରଣାଳୀଟି ହେଉଛି ଯେ, ଆମର ଚେତନାକୁ ଆମେ ଆମ ଶରୀରଠାରୁ ଅସଂଲଗ୍ନ କରି ରଖିବା ଏବଂ ଆମର ଗଭୀରତର ଜୀବନଟି ଉପରେ ତାହାକୁ ନେଇ ଅଭିନିବେଶିତ କରିଥିବା,– ଯେପରିକି ଶରୀରରେ ମଧ୍ୟ ଏହି ଗଭୀରତର ଚେତନାଟିର ସଂଚରଣ ସମ୍ଭବ ହୋଇ ପାରୁଥିବ ।

*''ଅସ୍ମିତା''ର ବୋଧଟି ଯଦି ଜୀବନର କ୍ଷେତ୍ରରେ ନିଜକୁ ଅଧିକତର ପରିମାଣରେ ମନ ସହିତ ଏକାତ୍ମକ କରି ରଖିଥାଏ, ତେବେ ''ଅସ୍ମିତା''ର ଠିକ୍ ସେହି ବୋଧଟିରହିଁ ମୃତ୍ୟୁ ପରେ ଯାହାକିଛି ଅନୁଭୂତି ହୋଇଥାଏ ଅର୍ଥାତ୍ ତାହା ଯୁଗପତ୍ ଭାବରେ ଜୀବନଦଶାର ନାନା ସ୍ମୃତିକୁ ଧାରଣ କରି ରଖିଥାଏ ବୋଲି କୁହାଯାଇ ପାରିବ କି ? ମୁଁ ମନ ବିଷୟରେହିଁ ଏ କଥା ପଚାରୁଛି, କାରଣ ମୃତ୍ୟୁ ପରେ ଅନ୍ୟ ଅଂଶଗୁଡ଼ିକ ତୁଳନାରେ ଏହି ମନହିଁ ଅଧିକତର ସମୟ ଲାଗି ଏକ ଆକାର ଧାରଣ କରି ରହିଥାଏ ।*

ମନ ଯେ ଅଧିକତର ସମୟ ଲାଗି ରହେ, ଏକଥା ମୋଟେ ଠିକ୍ ନୁହେଁ । ଯେଉଁ ଚୈତ୍ୟ ଚେତନା ଶାରୀରିକ ଅଂଶଟି ସହିତ ଏକୀଭୂତ ହୋଇ ରହିଥିଲା, ତାହା ଏହି କ୍ଷୁଦ୍ର ଶରୀରରୂପୀ ବ୍ୟକ୍ତିଟିକୁ ଛାଡ଼ି ଚାଲିଯାଏ । ଏହି ଚେତନାଟି ଯେହେତୁ ଏହି ବ୍ୟକ୍ତିର ଜୀବନକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ରଖିଥିଲା, ତାହା, ଯାହାକିଛିକୁ ଆକାର ଦେଇ ରଖିଥିଲା, ତାହାକୁ ମନେ ରଖିଥାଏ ଏବଂ ଏହିସବୁ ଘଟନାଗୁଡ଼ିକର ଭୂମିରେ ସ୍ମୃତି ଚୈତ୍ୟ ଚେତନାଟି ସହିତ

ଘନିଷ୍ଠ ଭାବରେ ସଂଯୁକ୍ତ ହୋଇ ରହିଥାଏ । ଯେଉଁଠି ଚୈତ୍ୟଚେତନା ଘଟନାବଳୀ ମଧ୍ୟରେ କୌଣସି ଅଂଶ ଗ୍ରହଣ କରି ନ ଥାଏ, ସେଠାରେ ଆଦୌ କୌଣସି ସ୍ମୃତି ସମ୍ଭବ ହୁଏ ନାହିଁ । ଏବଂ, କେବଳ ଚୈତ୍ୟ ଚେତନାଟିହିଁ ଅବ୍ୟାହତ ହୋଇ ରହିପାରେ; ମନ ଆଦୌ ସ୍ମୃତିଗୁଡ଼ିକୁ ଧାରଣ କରି ରହି ନ ଥାଏ, ତାହା ଆଦୌ ଠିକ୍ କଥା ନୁହେଁ ।

*୧ ଫେବ୍ରୁଆରି ୧୯୬୯*

*

*(ତାହାର ଅଳ୍ପ କେତେକ ଦିନ ପରେ ଏହି ଛାତ୍ରଟି ବିଷୟରେ ଉକ୍ତ ଶିକ୍ଷକଙ୍କ ସହିତ କଥାବାର୍ତ୍ତା ହେଉଥିବା ସମୟରେ ମାଆ ଏକ ଉପସଂହାର କରି କହିଥିଲେ :)*

ବସ୍ତୁତଃ, ମୃତ୍ୟୁ ବୋଲି ଆଦୌ କୌଣସି ବସ୍ତୁ ନାହିଁ ।

# ୫

# ଜଣେ ଛାତ୍ରନାୟିକାକୁ ଉତ୍ତର

## ସୂତ୍ରାବଳୀ

୧. ନିଜେ ମହତ୍ତ୍ୱ ଲାଭ କରିବାର କୌଣସି ଆକାଙ୍‌କ୍ଷା ରଖିବ ନାହିଁ, ସର୍ବୋପରି ତୁମେ କୌଣସି ବସ୍ତୁ ଲାଗି ଆଦୌ କୌଣସି ଦାବି କରୁ ନ ଥିବ। ମାତ୍ର ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ, ତୁମର ସର୍ବାଧିକ ଶକ୍ତି ଦେଇ ଯାହା ହୋଇ ପାରିବ, ତାହାହିଁ ହେବାକୁ ଚେଷ୍ଟା କରୁଥିବ।

*୨୫ ଫେବ୍ରୁଆରି ୧୯୫୭*

୨. କେବଳ ସେହି ସର୍ବୋଚ୍ଚ ପରମସତ୍ତାହିଁ ତୁମକୁ ବିଶ୍ୱ-ଅଭିବ୍ୟକ୍ତି ମଧ୍ୟରେ ତୁମର ଯଥାର୍ଥ ସ୍ଥାନଟିକୁ ଦେଖାଇ ଦେଇ ପାରିବେ।

*୨ ମଇ ୧୯୫୭*

୩. ସେହି ସର୍ବୋଚ୍ଚ ପରମକର୍ତ୍ତାହିଁ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏହି ବିଶ୍ୱସମ୍ମିଳନ ଭିତରେ ତୁମର ଯଥାର୍ଥ ସ୍ଥାନଟିକୁ ନିର୍ଦ୍ଧାରିତ କରି ଦେଇଛନ୍ତି। ମାତ୍ର, ଅଭିପ୍ରେତ ସେହି ସ୍ଥାନଟି ଯାହା ହୋଇଥାଉ ନା କାହିଁକି ଏହି ପୃଥିବୀରେ ଅନ୍ୟ ପ୍ରତ୍ୟେକ ବ୍ୟକ୍ତି ପରି ସର୍ବୋଚ୍ଚ ଶିଖରଗୁଡ଼ିକୁ ଆରୋହଣ କରି ଅତିମାନସ ଉପଲବ୍ଧି ପର୍ଯ୍ୟନ୍ତ ଯାଇ ପାରିବାକୁ ତୁମର ମଧ୍ୟ ସମାନ ପରିମାଣରେ ଏକ ଅଧିକାର ରହିଛି।

*୧୭ ମଇ ୧୯୫୭*

୪. ତୁମ ସତ୍ତାର ସତ୍ୟଭୂମିରେ ତୁମେ ପ୍ରକୃତରେ ଯାହା, ତାହାକୁ ସୁନିଶ୍ଚିତ ଭାବରେ ନିର୍ଦ୍ଧାରିତ କରି ଦିଆଯାଇଛି ଏବଂ ତାହାର ଉପଲବ୍ଧି କରିବାକୁ କୌଣସି ବସ୍ତୁ ବା କୌଣସି ବ୍ୟକ୍ତି ତୁମକୁ କଦାପି ତୁମର ପ୍ରତିରୋଧ କରି ରଖି ପାରିବ ନାହିଁ। ମାତ୍ର ତାହାକୁ ଉପଲବ୍ଧି କରିବା ଲାଗି ତୁମକୁ ଯେଉଁ ବାଟଟି ଧରି ଯିବାକୁ ହେବ, ସେହି ବାଟଟିକୁ କେବଳ ତୁମକୁହିଁ ମୁକ୍ତଭାବରେ ବାଛିନେବାକୁ ପଡ଼ିବ।

*୧୯ ମଇ ୧୯୫୭*

୫. ଆରୋହଣଧର୍ମୀ ଏହି ବିବର୍ତ୍ତନର ପଥରେ, ଆମେ ପ୍ରତ୍ୟେକେ ଠିକ୍ କେଉଁ ଦିଗରେ ଯିବା, ତାହାକୁ ନିର୍ବାଚିତ କରିନେବା ଲାଗି ଆମର ପୂର୍ଣ୍ଣ ସ୍ୱାଧୀନତା ରହିଛି। ଆମେ ପରମସତ୍ୟର ସେହି ଶୃଙ୍ଗଶିଖରଟି ଆଡ଼କୁ ସିଧା ତିଖବାଟରେ କ୍ଷିପ୍ର ପଦକ୍ଷେପମାନ

ପକାଇ ଉପରକୁ ଆରୋହଣ କରିଯିବା ଓ ତାହା ଫଳରେ ସେହି ସର୍ବୋଚ୍ଚ ଉପଲବ୍ଧିଟିର ଅଧିକାରୀ ହେବା, ଅଥବା ସେହି ଶିଖରଗୁଡ଼ିକ ପ୍ରତି ପିଠି କରିଦେଇ ଅଗଣିତ ଥର ପାଇଁ ବାର ବାର ଜନ୍ମ ହେଉଥିବାର ଅଶେଷ ବକ୍ରଗୁଡ଼ିକ ଆଡ଼କୁ କ୍ଷିପ୍ରଗତିରେ ଖସିଆସିବା, ତାହା ବାଛିବା ସମ୍ପୂର୍ଣ୍ଣ ଭାବରେ ଆମ ଉପରେହିଁ ନିର୍ଭର କରୁଛି ।

*୨୩ ମଇ ୧୯୫୭*

*୬*. ଯୁଗ ଯୁଗର ଗତିପଥରେ, ଏପରିକି ତୁମର ଏହି ବର୍ତ୍ତମାନ ଜୀବନର ଅବଧିଟି ମଧ୍ୟରେ ତୁମେ ଅଟଳ ଭାବରେ ନିଶ୍ଚୟ ଆପଣାର ଚୂଡ଼ାନ୍ତ ନିର୍ବାଚନଟିକୁ କରିପାରିବ; ଏବଂ ତା'ପରେ ପ୍ରତ୍ୟେକଟି ନୂତନ ଅବସରରେ ସେଇଟିକୁ ପ୍ରମାଣିତ ଓ ପୁଷ୍ଟ କରିବାରେ ଲାଗିଥିବ; ତା' ନ ହେଲେ, ଯଦି ମୂଳରୁ ତୁମେ ସେହି ଚୂଡ଼ାନ୍ତ ନିଷ୍ପତ୍ତିଟିକୁ ଗ୍ରହଣ କରି ନ ଥାଅ, ତେବେ ପ୍ରତ୍ୟେକ ମୁହୂର୍ତ୍ତରେହିଁ ତୁମକୁ ମିଥ୍ୟା ଏବଂ ସତ୍ୟ ମଧ୍ୟରେ ବାରବାର ନୂଆ କରି ଏକ ନିଷ୍ପତ୍ତି ନେବାକୁ ପଡୁଥିବ ।

*୨୩ ମଇ ୧୯୫୭*

୭. ମାତ୍ର, ଆରମ୍ଭରୁ ତୁମେ ସେହିପରି ଏକ ଅଟଳ ଓ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ପାରି ନାହଁ ବୋଲି ଯଦି ଧରି ନିଆଯାଏ, ଏବଂ, ପରମ କରୁଣା ଅବତାର ଗ୍ରହଣ କରି ଏହି ପୃଥିବୀରେ ଉପସ୍ଥିତ ରହିଥିବାର ବିଶ୍ୱ-ଇତିହାସର ସେହିଭଳି ଗୋଟିଏ ଅସାଧାରଣ ମୁହୂର୍ତ୍ତରେ ଏଠାରେ ଜୀବନ ଧାରଣ କରି ରହିଥିବାର ସେହି ସୌଭାଗ୍ୟଟି ତୁମେ ଲାଭ କରିଥାଅ, ତେବେ କେତେକ ନିର୍ଦ୍ଦିଷ୍ଟ ବିଶିଷ୍ଟ ମୁହୂର୍ତ୍ତରେ ସେହି କରୁଣା ତୁମକୁ ଏକ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବାର ସମ୍ଭାବନାଟିକୁ ନିଶ୍ଚୟ ଆଣି ଦେଇଯିବ, ଯାହାକି ତୁମକୁ ଆଉ କୌଣସି ବାଟ ନ ବୁଲାଇ ସିଧା ଲକ୍ଷ୍ୟଟି ପାଖକୁ ନେଇଯାଇ ପାରିବ ।

*୨୩ ମଇ ୧୯୫୭*

21 May 2012 (2nd Final Proof) Page No.: 472

## ପତ୍ରାଳାପ

*ଆମର ଶିକ୍ଷା-କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଆଦୌ କୌଣସି ପ୍ରକାରର ଡିଗ୍ରୀ ବା ପ୍ରମାଣପତ୍ର ଦିଆଯାଏ ନାହିଁ କାହିଁକି ?*

ବିଗତ ପ୍ରାୟ ଶହେବର୍ଷ ହେଲା ମନୁଷ୍ୟସମାଜ ଏପରି ଗୋଟିଏ ବ୍ୟାଧି ଭୋଗ କରିବାରେ ଲାଗିଛି, ଯାହା କି କ୍ରମଶଃ ବ୍ୟାପି ଯାଉଛି ଏବଂ ଆମର ଏହି ଯୁଗରେ ତାହା ସତେଅବା ଏକ ଚରମ ସୀମାକୁ ଆସି ସ୍ପର୍ଶ କଲାଣି । ସେହି ବ୍ୟାଧିଟିକୁ ଆମେ ''ପ୍ରୟୋଜନବାଦ'' ବୋଲି କହିପାରିବା । ଏବଂ ଲୋକମାନଙ୍କୁ ଓ ସକଳ ବସ୍ତୁକୁ, ପରିସ୍ଥିତିଗୁଡ଼ିକୁ ଓ ଯାବତୀୟ କାର୍ଯ୍ୟକୁ ସତେଅବା ସମ୍ପୂର୍ଣ୍ଣ ଭାବରେ ଏହି ଗୋଟିଏ ଦୃଷ୍ଟିରୁ ଦେଖି ବିଚାର କରା ଯାଉଥିବା ପରି ମନେ ହେଉଛି । ଉପଯୋଗୀ ନ ହୋଇ ପାରିବା ପର୍ଯ୍ୟନ୍ତ, କୌଣସି କାମରେ ନ ଆସିବା ପର୍ଯ୍ୟନ୍ତ କୌଣସି ବସ୍ତୁର ପ୍ରକୃତରେ କୌଣସି ମୂଲ୍ୟ ଅଛି ବୋଲି ବିଚାର କରା ଯାଉ ନାହିଁ । ଅବଶ୍ୟ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯାହାକିଛି ଆମର କୌଣସି କାମରେ ଆସୁଛି, ତାହାକୁ ଯାହା ଆଦୌ କୌଣସି କାମରେ ଆସୁ ନାହିଁ, ତାହାଠାରୁ ନିଶ୍ଚୟ ଅଧିକ ଭଲ ବୋଲି କୁହାଯିବ । ମାତ୍ର, ଉପଯୋଗୀ କହିଲେ ଆମେ ପ୍ରକୃତରେ କ'ଣ ବୁଝୁଛୁ, ସବାଆଗ ସେହି ବିଷୟରେ ଏକ ସହମତି ହୋଇ ପାରୁଥିବା ଉଚିତ । କାହା ଲାଗି ଉପଯୋଗୀ ହେବ, କ'ଣ ପାଇଁ ବା କେଉଁ ସକାଶେ ଉପଯୋଗୀ ହେବ, ସେହି ବିଷୟରେ ସହମତି ହୋଇ ପାରିବା ଉଚିତ ।

କାରଣ, ଯାହାକିଛି ଆକର୍ଷଣ କରିପାରୁଛି ଓ ଯାହାକିଛି ଆମକୁ ଅଧିକ ଅର୍ଥ ଆଣି ଦେଇ ପାରୁଛି ବା ଅଧିକ ଅର୍ଥ ଉତ୍ପାଦନ କରିପାରୁଛି, ଆପଣାକୁ ସଭ୍ୟ ବୋଲି ବିଚାର କରୁଥିବା ଜାତି ଓ ଗୋଷ୍ଠୀମାନେ ତାହାକୁହିଁ ଅଧିକରୁ ଅଧିକ ପରିମାଣରେ ଉପଯୋଗୀ ବୋଲି ବର୍ଣ୍ଣନା କରୁଛନ୍ତି । ଏହି ଆର୍ଥିକ ଲାଭର ଦୃଷ୍ଟିକୋଣରୁହିଁ ପ୍ରତ୍ୟେକ କଥାର ବିଚାର କରାଯାଉଛି, ପ୍ରତ୍ୟେକ କଥାର ମୂଲ୍ୟ ନିର୍ଦ୍ଧାରଣ କରାଯାଉଛି । ମୁଁ ଏହି ପ୍ରବୃତ୍ତିଟିକୁ ପ୍ରୟୋଜନବାଦ ବୋଲି କହୁଛି । ଏବଂ ଏଇଟି ପ୍ରକୃତରେ ଏକ ଭାରି ସଂକ୍ରାମକ ରୋଗ, କାରଣ ତାହା ପିଲାମାନଙ୍କୁ ବି ଆକ୍ରମଣ ନ କରି ଛାଡୁ ନାହିଁ ।

ସେମାନଙ୍କର ଯେଉଁ ବୟସରେ ସେମାନେ ସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖୁଥାଆନ୍ତେ ମହାନତା ଏବଂ ପରିପୂର୍ଣ୍ଣତାର କେତେ ସ୍ୱପ୍ନ ଦେଖୁଥାନ୍ତେ — ନିତ୍ୟନୈମିତ୍ତିକ ସାଧାରଣ ଧାରଣା ସକାଶେ ହୁଏତ ଅତ୍ୟନ୍ତ ଅପହଞ୍ଚ ବୋଲି ମନେ ହେଉଥିବା, ମାତ୍ର ତଥାପି ଏହି ନୀରସ ଭଲ ଧାରଣାଗୁଡ଼ାକର ତୁଳନାରେ ଅତ୍ୟନ୍ତ ଉଚ୍ଚସ୍ତରର ହୋଇ ରହିଥିବା କେତେ

କେତେ ସ୍ୱପ୍ନ ସେମାନେ ଦେଖୁଥାଆନ୍ତେ, ସେତେବେଳେ ସେହି ପିଲାମାନେ ଏବେ ଖାଲି ଟଙ୍କାର ସ୍ୱପ୍ନ ଦେଖୁଛନ୍ତି ଓ କିପରି ଟଙ୍କା ଉପରକୁ ଟଙ୍କା କମାଇବେ, କେବଳ ସେହିକଥା ଚିନ୍ତା କରୁଛନ୍ତି ।

ତେଣୁ, ନିଜର ଅଧ୍ୟୟନ ବିଷୟରେ ଚିନ୍ତାକଲାବେଳେ ସେମାନେ କ'ଣ ସବୁ ସେମାନଙ୍କ କାମରେ ଲାଗିବ ଓ ସେମାନଙ୍କ ଲାଗି ଲାଭଜନକ ହେବ, ସେମାନେ କେବଳ ସେହି ଚିନ୍ତା କରୁଛନ୍ତି । ଯେପରିକି ବଡ଼ ହୋଇଗଲେ ସେମାନେ ଅନେକ ପଇସା କମାଇବାକୁ ସମର୍ଥ ହୋଇ ପାରିବେ, ସେମାନେ କେବଳ ସେହି କଥା ଚିନ୍ତା କରୁଛନ୍ତି ।

ଏବଂ, ପରୀକ୍ଷା ଦେଇ ସେଗୁଡ଼ିକରେ ପାସ୍ କରି ନିଜକୁ ଅଧିକରୁ ଅଧିକ ସମର୍ଥ କରି ରଖିବାଟାହିଁ ସେମାନଙ୍କ ଲାଗି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥାରେ ପରିଣତ ହୋଇଯାଇଛି, କାରଣ ତଦ୍ଦ୍ୱାରା ନାନା ଡିପ୍ଲୋମା, ପ୍ରମାଣପତ୍ର ଏବଂ ପଦବୀ ଲାଭକରି ସେମାନେ ଭଲ ଭଲ ସ୍ଥାନ ଅଧିକାର କରି ରହିପାରିବେ ଏବଂ ଗୁଡ଼ାଏ ପଇସା ଉପାର୍ଜନ କରିପାରିବେ ।

ଏହା ବ୍ୟତୀତ ସେମାନଙ୍କର ଅଧ୍ୟୟନ ପଛରେ ଆଉ କୌଣସି ଉଦ୍ଦେଶ୍ୟ ନାହିଁ, କୌଣସି ଆଗ୍ରହ ମଧ୍ୟ ନାହିଁ ।

ଜ୍ଞାନ ପାଇଁ ଜ୍ଞାନ ଅର୍ଜନ କରିବା, ପ୍ରକୃତି ତଥା ଜୀବନର ରହସ୍ୟସତ୍ୟଗୁଡ଼ିକ ସହିତ ପରିଚିତ ହେବା ପାଇଁ ଅଧ୍ୟୟନ କରିବା, ଚେତନାର କ୍ଷେତ୍ରରେ ଅଭିବୃଦ୍ଧି କରିବା ପାଇଁ ନିଜକୁ ଶିକ୍ଷିତ କରିବା, ଆପଣା ଉପରେ ସ୍ୱାମିତ୍ୱ ଅର୍ଜନ କରିବା ଲାଗି ଆପଣାର ଜୀବନକୁ ଶୃଙ୍ଖଳିତ କରିବା, ଆପଣାର ଦୁର୍ବଳତାଗୁଡ଼ିକୁ ଅତିକ୍ରମ କରିଯିବା, ଅସମର୍ଥତା ତଥା ଅଜ୍ଞାନକୁ ଅତିକ୍ରମ କରିଯିବା, କୌଣସି ଏକ ଉଦାରତର ଏବଂ ବ୍ୟାପ୍ତତର, ପ୍ରଶସ୍ତତର ଏବଂ ଯଥାର୍ଥତର ଲକ୍ଷ୍ୟ ଦିଗରେ ଜୀବନର କ୍ଷେତ୍ରରେ ଅଗ୍ରସର ହୋଇପାରିବା ଲାଗି ଆପଣାକୁ ପ୍ରସ୍ତୁତ କରିବା,— ସେମାନେ ଏସବୁକଥା ବିଷୟରେ କ୍ୱଚିତ୍ ବିଚାର କରିଥାନ୍ତି ଏବଂ ଏସବୁକୁ କେବଳ ତୁଚ୍ଛ କଳ୍ପନା ବୋଲି ଭାବନ୍ତି । ସେମାନେ ବ୍ୟାବହାରିକ ହେବାକୁ, ଅର୍ଥାତ୍ ଅଧିକ ପଇସା କମାଇବା ସକାଶେ ନିଜକୁ ପ୍ରସ୍ତୁତ କରିବାକୁ ଓ ପାଠ ପଢ଼ିବାକୁହିଁ ଏକମାତ୍ର ସାରକଥା ବୋଲି ଗ୍ରହଣ କରିଥାନ୍ତି ।

ଯେଉଁ ପିଲାମାନେ ଏହି ରୋଗଟି ଦ୍ୱାରା ଆକ୍ରାନ୍ତ ହୋଇସାରିଛନ୍ତି, ଆଶ୍ରମର ଏହି ଶିକ୍ଷାକେନ୍ଦ୍ର ସେମାନଙ୍କ ଲାଗି କଦାପି ଉପଯୁକ୍ତ ସ୍ଥାନ ବୋଲି ମନେ ହେବ ନାହିଁ । ଏବଂ, ଏହି କଥାଟିକୁ ସେମାନଙ୍କ ଆଗରେ ଅତ୍ୟନ୍ତ ସ୍ପଷ୍ଟ କରିଦେବା ସକାଶେହିଁ ଆମେ ସେମାନଙ୍କୁ କୌଣସି ସ୍ୱୀକୃତିପ୍ରାପ୍ତ ପରୀକ୍ଷା ଅଥବା ପ୍ରତିଯୋଗିତା ଲାଗି ତିଆରି କରୁ ନାହୁଁ ବା ସେମାନଙ୍କୁ ଏପରି କୌଣସି ଡିପ୍ଲୋମା ବା ପଦବୀ ଦେଉ ନାହୁଁ, ଯାହାକୁ କି ସେମାନେ ବାହାର ପୃଥିବୀରେ କୌଣସି କାମରେ ଲଗାଇପାରିବେ ।

ଏକ ଉଚ୍ଚତର ଏବଂ ମହତ୍ତର ଜୀବନ ଲାଗି ଯେଉଁମାନଙ୍କ ଭିତରେ ଅଭୀପ୍ସା ରହିଛି, ଜ୍ଞାନ ଏବଂ ପରିପୂର୍ଣ୍ଣତା ଲାଗି ଯେଉଁମାନଙ୍କର ପିପାସା ଅଛି, ଅଧିକ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଦ୍ୱାରା ଅନୁପ୍ରେରିତ ଏକ ଭବିଷ୍ୟ ଲାଗି ଯେଉଁମାନେ ପ୍ରତୀକ୍ଷା କରିଛନ୍ତି, ଆମର ଏଠାରେ ଆମେ କେବଳ ସେହିମାନଙ୍କୁ ଶିକ୍ଷା ଦେବାକୁ ଇଚ୍ଛା କରୁଛୁ ।

ଏମାନଙ୍କ ବ୍ୟତୀତ ଆଉ ଯେଉଁମାନେ ରହିଲେ, ସେମାନଙ୍କ ଲାଗି ପୃଥିବୀରେ କେତେ କେତେ ଜାଗା ରହିଛି ।

*୧୭ ଜୁଲାଇ ୧୯୬୦*

*ମାଆ, ଶାରୀରିକ ଶିକ୍ଷାର ବିଭାଗଟିରେ ଆପଣ ଯାବତୀୟ ଆବଶ୍ୟକ ବ୍ୟବସ୍ଥା କରାଇ ରଖିଛନ୍ତି, ଯେପରିକି ସେହି ପ୍ରଶିକ୍ଷଣଟି ଦ୍ୱାରା ଆମେ ଯଥାସମ୍ଭବ ସକଳ ମାର୍ଗରେ ଆମ ଶରୀରର ବିକାଶସାଧନ କରିବାକୁ ସମର୍ଥ ହେବୁ ଏବଂ ଏହିପରି ଭାବରେ ସମ୍ପୂର୍ଣ୍ଣ ରୂପାନ୍ତରର ସେହି ବୃହତ୍ କାର୍ଯ୍ୟଟିରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ପାରିବୁ ।*

*ଗତ ଏକାଧିକ ବର୍ଷ ଧରି ଆମେ ଏଠାରେ କ୍ରୀଡ଼ା, କସରତ ଏବଂ ଅନ୍ୟ ଯାବତୀୟ ପ୍ରକାରର ଶାରୀରିକ କ୍ରିୟାଶୀଳତାର ଶିକ୍ଷା ଦେଇ ଆସିଲୁଣି, ମାତ୍ର ଆମେ ଦେଖିବାକୁ ପାଉଛୁ ଯେ ଆମର ଅଧିକାଂଶ ଛାତ୍ର ତାହା ପଛରେ ଥିବା ଅସଲ ଭାବଟିକୁ ମୋଟେ ଗ୍ରହଣ କରି ପାରୁ ନାହାନ୍ତି । ମନୋରଞ୍ଜନ, ଉତ୍ତେଜନା, ହଠାତ୍ ନାନା ଆବେଗ ଦ୍ୱାରା କୁଆଡ଼େ ମନ କୁଆଡ଼େ ଧାବିତ ହୋଇ ଚାଲିଯିବା ଏବଂ ଯାବତୀୟ କିସମର ରୁଚି ତଥା ଅରୁଚି ଦ୍ୱାରା ସେମାନଙ୍କର ମନ ସାଧାରଣତଃ ଭାରି ଇତସ୍ତତଃ ହୋଇ ବୁଲିବାରେ ଲାଗିଛି । ଏବଂ ତାହାର ପରିଣାମ ସ୍ୱରୂପ, ଆମର ଅଗ୍ରଗତିକୁ ଯେଉଁ ଶୃଙ୍ଖଳା, ଇଚ୍ଛାଶକ୍ତି, ସଂକଳ୍ପ, କଠିନ ଶ୍ରମ ଏବଂ ଯଥାର୍ଥ ଜୀବନ ଦୃଷ୍ଟି ସୁନିଶ୍ଚିତ କରି ରଖି ପାରନ୍ତା, ଆମେ ସମଗ୍ରତଃ ସେହି ଗୁଣଗୁଡ଼ିକୁ ଅର୍ଜନ କରି ପାରି ନାହୁଁ । ଗୋଟାଏ ଫୁଟ୍‌ବଲ୍ ମ୍ୟାଚ୍ ବା ସେହିପରି କୌଣସି ଉତ୍ତେଜନା ଜାଗ୍ରତକାରୀ ଖେଳ ହେଲେ ସେଥିରେ ସମସ୍ତେ କେତେ ଉତ୍ସାହ ଦେଖାଉଛନ୍ତି, ମାତ୍ର, କେତେକ ନିର୍ଦ୍ଦିଷ୍ଟ ଶାରୀରିକ ଗୁଣ ଅର୍ଜନ କରିବାରେ ଏବଂ କେତେକ ତ୍ରୁଟି ଉପରେ ବିଜୟ ହାସଲ କରିବାରେ ଯେଉଁ ବିବେକପ୍ରେରିତ ଏବଂ ପୂର୍ଣ୍ଣ ଅଭିନିବେଶଯୁକ୍ତ କାର୍ଯ୍ୟ ଆମକୁ ସାହାଯ୍ୟ କରିପାରନ୍ତା, ସେଥିରେ କେବେହେଲେ ଖୁବ୍ ବେଶୀ ଉତ୍ସାହ ରହିଥିବାର ମୋଟେ ଦେଖାଯାଉ ନାହିଁ । ଅଧିକ ଏବଂ ଅଳ୍ପ ଉଭୟ ବୟସର ଅଧିକାଂଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ବ୍ୟାଧିଟି*

*ଆସି ପଶିଗଲାଣି । ଖୁବ୍ କମ୍ ଛାତ୍ରଛାତ୍ରୀହିଁ ଉଚିତ ଦୃଷ୍ଟିକୋଣଟି ସହିତ ଶାରୀରିକ ଶିକ୍ଷାର ଅଭ୍ୟାସ କରୁଛନ୍ତି । କ'ଣ କଲେ ଆମେ ତାହାକୁ ଆମ ଜୀବନର ଏକ ସାଧାରଣ ଓ ସ୍ୱାଭାବିକ ଅଙ୍ଗରେ ପରିଣତ କରି ପାରିବା ?*

ସେଥିଲାଗି ଆମ ଚେତନାର ସାମଗ୍ରୀଟିରେହିଁ ଏକ ପରିବର୍ତ୍ତନ ଘଟିବା ଉଚିତ, ଚେତନାର ସ୍ତରରେ ଏକ ଉତ୍ତୋଳନ ଘଟିପାରିବା ଉଚିତ, ଗୁଣାତ୍ମକ ଦିଗରୁ ଚେତନାର କ୍ଷେତ୍ରରେ ଏକ ଅଗ୍ରଗତି ହୋଇପାରିବା ଉଚିତ ।

ତୁମେ ଯେପରି ଭାବରେ ବର୍ଣ୍ଣନା କରିଛ, ଘଟନାଗୁଡ଼ିକ ଯେ ସେହିପରି ଭାବରେ ରହିଛି, ତା'ର କାରଣ ହେଉଛି ଯେ ଅଧିକାଂଶ ଛାତ୍ରଛାତ୍ରୀଙ୍କର ଚେତନା ଶରୀର ମଧ୍ୟରେହିଁ କେନ୍ଦ୍ରିତ ହୋଇ ରହିଛି ଓ ସେହି ଶରୀର ତାମସିକ ସ୍ତରରେ ରହିଛି । ସେମାନେ କୌଣସି ଉଦ୍ୟମ କରିବା ପାଇଁ କୁଣ୍ଠା ପ୍ରକାଶ କରୁଛନ୍ତି । ସେମାନେ ଏକ ଆରାମଦାୟକ ଜୀବନ କଟାଇବାକୁ ଇଚ୍ଛା କରୁଛନ୍ତି ଏବଂ ସେହି କାରଣରୁ କୌଣସି ଏକ ଖେଳ ବା ଏକ ପ୍ରତିଯୋଗିତାରେ ଦେଖିବାକୁ ମିଳୁଥିବା ଉତ୍ତେଜନା ଏବଂ ପ୍ରତିଦ୍ୱନ୍ଦ୍ୱିତାର ଭାବହିଁ ସେମାନଙ୍କ ଭିତରେ ଯଥେଷ୍ଟ ପରିମାଣରେ ଆଗ୍ରହ ଜାଗୃତ କରାଇ ଆଣିପାରୁଛି ଏବଂ ତେଣୁ ସେମାନେ ସେହିଗୁଡ଼ିକ ଲାଗି ଏକ ଉଦ୍ୟମ କରିବାକୁ ସମ୍ମତି ଦେଇ ପାରୁଛନ୍ତି । ଏହି କ୍ଷେତ୍ରରେ ସେମାନଙ୍କର ଇଚ୍ଛାଶକ୍ତିକୁ ବଳଯୁକ୍ତ କରି ପାରିବା ଲାଗି ସେମାନଙ୍କ ଭିତରେ ଏକ ପ୍ରାଣଗତ ତୀବ୍ର ଆବେଗକୁ ଜାଗ୍ରତ୍ କରି ଆଣିବାକୁ ପଡ଼ିବ ।

ଅଗ୍ରଗତିର ଭାବନାଟି ହେଉଛି ବୁଦ୍ଧିପ୍ରେରିତ ଇଚ୍ଛାନ୍ତର୍ଗତ ଗୋଟିଏ କଥା । ସେହି ଇଚ୍ଛାଟି କେବଳ ଅତି ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ସକ୍ରିୟ ହୋଇ ରହିଥାଏ; ନିଜର ଚୈତ୍ୟସତ୍ତାଟି ସହିତ ସଂଯୋଗ ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସକ୍ରିୟ ହୋଇ ରହିଥାଏ । ଏବଂ, ଏକ ପରବର୍ତ୍ତୀ କାଳରେ, ଯେଉଁମାନେ ମନଃକ୍ଷେତ୍ରରେ ଅପେକ୍ଷାକୃତ ଅଧିକ ବିକାଶଲାଭ କରନ୍ତି ଏବଂ ଆପଣାର ବିକାଶ ସାଧନ କରିବାର ଓ ଆପଣାକୁ ନିୟନ୍ତ୍ରଣରେ ରଖିବାର ପ୍ରୟୋଜନୀୟତାକୁ ଯେଉଁମାନେ ବୁଝିବାକୁ ଆରମ୍ଭ କରନ୍ତି, ତାହା ସେମାନଙ୍କ ମଧ୍ୟରେ ବି ସକ୍ରିୟ ହୋଇ ଆସିଥାଏ ।

ମୁଁ କହୁଥିଲି ଯେ, ଚେତନାକୁ ଏକ ଉଚ୍ଚତର ସ୍ତରକୁ ଉଠାଇ ନେଇ ଆମେ ଏହାର ପ୍ରତିକାର କରିପାରିବା । ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଆମକୁ ପ୍ରଥମେ ଦଳନାୟକ ଏବଂ ଶିକ୍ଷାଦାତାମାନଙ୍କର ଚେତନାସ୍ତରଟିରେ ଏକ ଉତ୍ତୋଳନ ଘଟାଇବାରୁହିଁ କାର୍ଯ୍ୟ ଆରମ୍ଭ କରିବାକୁ ହେବ ।

ସର୍ବପ୍ରଥମ କଥା ହେଉଛି, ସେମାନେ ଯେଉଁମାନଙ୍କର ଦାୟିତ୍ୱରେ ଅଛନ୍ତି,

ସେମାନଙ୍କଠାରୁ ପ୍ରକୃତରେ କ'ଣ ସବୁ ପାଇବାକୁ ଏମାନେ ଇଚ୍ଛା କରୁଛନ୍ତି, ଏମାନଙ୍କୁ ସେହି ବିଷୟରେ ଏକ ସ୍ୱଷ୍ଟ ଧାରଣା ରଖିବାକୁ ପଡ଼ିବ । ଏବଂ, କେବଳ ସେତିକି ନୁହେଁ, ସେମାନେ ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଗୁଣଗୁଡ଼ିକର ବିକାଶ ହେଉ ବୋଲି ପ୍ରତ୍ୟାଶା କରୁଛନ୍ତି, ସେମାନଙ୍କ ନିଜ ଭିତରେ ମଧ୍ୟ ସେହି ଗୁଣଗୁଡ଼ିକର ଉପଲବ୍ଧି ହୋଇ ପାରିଥିବା ଉଚିତ । ଏବଂ ସେହି ଗୁଣଗୁଡ଼ିକର ଅର୍ଜନ କରୁଥିବା ସଙ୍ଗେ ସଙ୍ଗେ ସେମାନଙ୍କର ଚରିତ୍ର ତଥା କର୍ମ ଭିତରେ ମଧ୍ୟ ପ୍ରଭୂତ ପରିମାଣରେ ଧୈର୍ଯ୍ୟ, ସହିଷ୍ଣୁତା, ସଂବେଦନଶୀଳତା, ଯଥାର୍ଥ ଭାବରେ ସବୁକଥା ବୁଝିବା ଏବଂ ନିରପେକ୍ଷତା ପ୍ରଭୃତି ଗୁଣ ଅବଶ୍ୟ ରହିଥିବା ଆବଶ୍ୟକ । ସେମାନଙ୍କ ଭିତରେ ତୀବ୍ର ଭାବରେ କୌଣସି ଶ୍ରଦ୍ଧା ଓ ଅଶ୍ରଦ୍ଧାଭାବ ରହିବା ଉଚିତ ନୁହେଁ, କୌଣସି ଆକର୍ଷଣ କିଂବା ବିକର୍ଷଣ ମଧ୍ୟ ରହିବା ଉଚିତ ନୁହେଁ ।

ତେଣୁ ଦଳନାୟକମାନଙ୍କର ଏହି ନୂତନ ଗୋଷ୍ଠୀଟିକୁ ଯଥାର୍ଥରେ ଏକ ବିଶେଷଯୋଗ୍ୟତାଯୁକ୍ତ ଗୋଷ୍ଠୀ ହୋଇ ରହିବାକୁ ପଡ଼ିବ, ଯେପରିକି ସେମାନେ ପିଲାମାନଙ୍କ ପାଇଁ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉତ୍ତମ ଦୃଷ୍ଟାନ୍ତ ହୋଇ ରହି ପାରିବେ । ଆମେ ତେବେ ଯାଇ ଆମ ପିଲାମାନେ ମଧ୍ୟ ସେହି ଉଚିତ ଦୃଷ୍ଟିକୋଣଟିକୁ ଅର୍ଜନ କରନ୍ତୁ ବୋଲି ପ୍ରତ୍ୟାଶା କରି ପାରିବା ।

*୫ ଜୁଲାଇ ୧୯୬୧*

*ମା'ଆ,*

*ଆମ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମରେ ଆମେ କେତୋଟି ବିଷୟକୁ ଅନ୍ୟଗୁଡ଼ିକଠାରୁ ଅପେକ୍ଷାକୃତ ଅଧିକ ଗମ୍ଭୀର ପ୍ରକୃତିର ବୋଲି କହିବା ଏବଂ ସେଗୁଡ଼ିକ ଲାଗି ଅପେକ୍ଷାକୃତ ଅଧିକ ଅଭିନିବେଶର ପ୍ରୟୋଜନ ରହିଛି । ଏହିସବୁ ବିଷୟ ପିଲାମାନଙ୍କୁ ସାଧାରଣତଃ ନୀରସ ବୋଧ ହେବାକୁ ଆରମ୍ଭ କରିଥାଏ । ଦଳନାୟକମାନେ ଶିକ୍ଷା ଦେଉଥିବା ପ୍ରତ୍ୟେକ ବିଷୟ ଯେପରି ଆଗ୍ରହୋଦ୍ଦୀପକ ଏବଂ ସରସ ହୋଇ ପାରିବ, ସେମାନେ ସେହି ଅନୁସାରେ ନିଜ ନିଜର ଦଳଗୁଡ଼ିକୁ ସଂଗଠିତ କରିବେ ନା ପିଲାମାନେ ସ୍ୱୟଂହିଁ ଆପଣା ମଧ୍ୟରେ ଏକ ଆଗ୍ରହ ସୃଷ୍ଟି କରିବାକୁ ଚେଷ୍ଟା କରିବେ ?*

ତେଣୁ, ମୁଁ ସମସ୍ତଙ୍କୁ ଏତିକି କହି ରଖିବାକୁ ଇଚ୍ଛା କରୁଛି : ତୁମ୍ଭେମାନେ ସମସ୍ତେ ନିଷ୍ଠାର ସହିତ କାମରେ ଲାଗିଯାଅ ଏବଂ ତେବେ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଅବଶ୍ୟ ସମ୍ଭବ ହୋଇଯିବ ।

ଆମ ଲାଗି ଦୁଇଟିଯାକ ଅପରିହାର୍ଯ୍ୟ ଏବଂ ଦୁଇଟିଯାକହିଁ ଯଥାସମ୍ଭବ ସବୁବେଳେ ମହଜୁଦ ରହିଥିବା ଉଚିତ ।

କିଞ୍ଚିତ୍ କଳ୍ପନାଶକ୍ତି ଏବଂ ମୌଳିକ ସ୍ଥିତିସ୍ଥାପକତା ରହିଥିଲେ ଶିକ୍ଷକମାନେ ସେମାନେ ଶିକ୍ଷା ଦେଉଥିବା ବିଷୟଗୁଡ଼ିକରେ ନିଶ୍ଚୟ ଏକ ଆକର୍ଷଣ ଏବଂ ନବୀନତା ଆଣି ଦେଇପାରିବେ ।

ଏବଂ ପିଲାମାନେ ମଧ୍ୟ ସେମାନଙ୍କ ତରଫରୁ ଆପଣା ଭିତରେ ଅଗ୍ରଗତି ଲାଗି ଆବଶ୍ୟକ ଇଚ୍ଛା ତଥା ପ୍ରବୃତ୍ତିଟିର ବିକାଶ କରାଇ ଆଣିବେ; ସେମାନେ ନିଜେ ଯାହାକିଛି କରୁଥିବେ, ତାହା ମଧ୍ୟରେ ସତତ ଏକ ଆଗ୍ରହ ସୃଷ୍ଟି କରି ରଖିବାକୁ ସମର୍ଥ ହେବେ ।

ଏବଂ ତାହା ସଙ୍ଗେ ସଙ୍ଗେ ଦଳନାୟକମାନେ ପିଲାମାନଙ୍କ ଉପରେ ସେମାନଙ୍କର କ୍ରୀଡ଼ା ତଥା ବ୍ୟାୟାମଗୁଡ଼ିକର ସଂଗଠନ ନିଜେ କରିବାର ଦାୟିତ୍ୱଟିକୁ ସେମାନଙ୍କ ଉପରେ ଆଂଶିକ ଭାବରେ ନ୍ୟସ୍ତ କରି ରଖିବେ । ପିଲାମାନଙ୍କ ମଧ୍ୟରେ ଯେତେବେଳେ ଯାହାକିଛି ଭଲଧାରଣା ଅଥବା ଯୋଜନାର ଆବିର୍ଭାବ ହେଉଥିବ, ସେମାନେ ସେଗୁଡ଼ିକୁ ଯଥାସମ୍ଭବ ଅଧିକ ପରିମାଣରେ କାର୍ଯ୍ୟରେ ଲଗାଇ ପାରୁଥିବେ ।

ଯଦି ପିଲାମାନଙ୍କର ଭିତରେ ସହଯୋଗ ଏବଂ ଦାୟିତ୍ୱର ବୋଧଟିକୁ ଜାଗ୍ରତ କରି ଅଣାଯାଇ ପାରିବ, ତେବେ ସେମାନେ କରୁଥିବା ଯାବତୀୟ କାର୍ଯ୍ୟରେ ସେମାନଙ୍କର ଆଗ୍ରହ ଜନ୍ମିବ ଏବଂ ସେମାନେ ଆନନ୍ଦର ସହିତ ସେହି କାର୍ଯ୍ୟଗୁଡ଼ିକୁ କରିବେ ।

*୨୧ ଜୁଲାଇ ୧୯୬୧*

*ମାଆ,*

*ଗୋଷ୍ଠୀର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଓ ସେହି କାର୍ଯ୍ୟକ୍ରମ ସରିବା ପରେ ଆମେ ଗୋଟିଏ ମିନିଟ୍ ଲାଗି ନିଜକୁ ଅଭିନିବେଶିତ କରି ରଖୁ । ଅଭିନିବେଶିତ ହୋଇ ରହିବାର ସେହି ସମୟଟି ମଧ୍ୟରେ ଆମର କ'ଣ କରିବାକୁ ଚେଷ୍ଟା କରିବା ଉଚିତ ?*

କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଅଭିନିବେଶ ସମୟରେ, ତୁମେ ଯାହା କରିବାକୁ ଯାଉଛ, ତାହାକୁ ପରମ ଦିବ୍ୟସତ୍ତାଙ୍କ ପାଖରେ ନେଇ ସମର୍ପଣ କରିଦେବ, ଯେପରିକି ତୁମେ ଏକ ଉତ୍ସର୍ଗର ଭାବନା ସହିତ ତାହାକୁ କରି ପାରିବ ।

କାର୍ଯ୍ୟକ୍ରମ ଶେଷ ହେବା ବେଳର ଅଭିନିବେଶ ସମୟରେ, ଆମ ଭିତରେ ଅଗ୍ରଗତି

ଲାଗି ରହିଥିବା ଇଚ୍ଛାଟିକୁ ଆହୁରି ବଢ଼ାଇଦେବା ଲାଗି ତୁମେ ତାଙ୍କରି ପାଖରେ ପ୍ରାର୍ଥନା କରିବ, ଯେପରିକି ଗୋଟିଏ ଗୋଟିଏ ଯନ୍ତ୍ର ରୂପେ ଆମେ ତାଙ୍କର ସେବାରେ ଲାଗିବା ପାଇଁ ଅଧିକରୁ ଅଧିକ ପରିମାଣରେ ସମର୍ଥ ହୋଇ ପାରିବା ।

କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ତୁମେ ଏକ ନୀରବତା ମଧ୍ୟରେ ବି ଆପଣାକୁ ପରମ ଦିବ୍ୟସତ୍ତାଙ୍କ ପାଖରେ ଅର୍ପଣ କରିଦେଇ ପାରିବ ।

ଏବଂ କାର୍ଯ୍ୟକ୍ରମର ଶେଷରେ ସେହି ନୀରବତା ମଧ୍ୟରେହିଁ ତାଙ୍କରି ପାଖରେ ନିଜର କୃତଜ୍ଞତା ଜ୍ଞାପନ କରି ପାରିବ ।

ଏହାକୁ ମୁଁ **ହୃଦୟକୁହିଁ** ଏପରି ଭାବରେ ଗତିଶୀଳ କରି ରଖିବା ଅର୍ଥରେ କହୁଛି, ଯେତେବେଳେ କି ମସ୍ତିଷ୍କ ମଧ୍ୟରେ ଆଦୌ କୌଣସି ଶବ୍ଦ ଉଚ୍ଚାରିତ ହେଉ ନ ଥିବ ।

*୨୪ ଜୁଲାଇ ୧୯୬୧*

ମନୁଷ୍ୟର ଜୀବନରେ ଯେତେଯାହା ଅସୁବିଧା ଓ ଦ୍ୱନ୍ଦ୍ୱ ଆସି ଉପସ୍ଥିତ ହେଉଥାଏ, ନୈତିକ କ୍ଷେତ୍ରରେ ଯାହାକିଛି ଦୁଃଖଭୋଗ କରିବାକୁ ପଡୁଥାଏ, ପ୍ରତ୍ୟେକ ମନୁଷ୍ୟ ଭିତରେ ଅହଂଟି ମହଜୁଦ ହୋଇ ରହିଥିବାରୁହିଁ ତାହା ଘଟିଥାଏ । ସେହି ଅହଂ ନାନା ବାସନାରେ ପୂର୍ଣ୍ଣ ହୋଇ ରହିଥାଏ, ତା'ର ଆପଣାର ଅନେକ ରୁଚି ଓ ଅରୁଚି ବି ରହିଥାଏ । ଏପରିକି ଅନ୍ୟମାନଙ୍କୁ ସାହାଯ୍ୟ କରିବା ଭଳି ଏକ ନିଃସ୍ୱାର୍ଥପର କାର୍ଯ୍ୟରେ ମଧ୍ୟ, ଆମେ ଆମ ଅହଂକୁ ଓ ଅହଂର ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଚାଲିଯିବାକୁ ଶିକ୍ଷା ନ କରିଥିବା ପର୍ଯ୍ୟନ୍ତ, ସେହି ଅହଂକୁ କୌଣସି ଗୋଟିଏ କଣରେ ସ୍ଥିର ଓ ଶାନ୍ତ ହୋଇ ରହିବା ଲାଗି ଆମେ ବାଧ୍ୟ କରି ନ ପାରିଥିଲା ପର୍ଯ୍ୟନ୍ତ, ସେହି ଅହଂ ତାକୁ ଭଲ ଲାଗୁ ନ ଥିବା ଯାବତୀୟ କାର୍ଯ୍ୟରେହିଁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରୁଥିବ, ଆମ ଭିତରେ ଏପରି ଏକ ଝଡ଼ର ସୃଷ୍ଟି କରିବ, ଯାହାକି ଉପରଭାଗକୁ ବି ଉଠି ସକଳ କାର୍ଯ୍ୟକୁ ନଷ୍ଟ କରି ଦେଉଥିବ ।

ଅହଂ ଉପରେ ବିଜୟ ହାସଲ କରିବାର ଏହି କାର୍ଯ୍ୟଟିକୁ ସାଧନ କରିବା ଲାଗି ଦୀର୍ଘ ଦିନ ଲାଗିବ, ତାହା ଖୁବ୍ ଧୀରେ ଧୀରେ ହେବ ଏବଂ ସେଥିଲାଗି ଅନେକ ଆୟାସ କରିବାକୁ ପଡ଼ିବ । ସେଥିଲାଗି ଆମକୁ ସଦା ସତର୍କ ରହିବାକୁ ପଡ଼ିବ ଏବଂ ଅବିରତ ଉଦ୍ୟମ କରିବାକୁ ପଡ଼ିବ । ଏଇ ଉଦ୍ୟମଟି କେତେକଙ୍କୁ ସହଜ ଲାଗିବ, କେତେକଙ୍କୁ ଅପେକ୍ଷାକୃତ ଅଧିକ କଷ୍ଟ ବି ଲାଗିବ ।

ଶ୍ରୀଅରବିନ୍ଦଙ୍କର ଜ୍ଞାନ ଓ ଶକ୍ତିର ସାହାଯ୍ୟ ଗ୍ରହଣ କରି ଆମେ ଏକତ୍ର ସେହି କାର୍ଯ୍ୟଟିକୁ କରିବା ଲାଗି ଏଠାରେ ଆଶ୍ରମରେ ଆସି ରହିଛୁ; ଏଠାରେ ଆମେ ଏପରି ଏକ ଗୋଷ୍ଠୀଗତ ଜୀବନକୁ ସମ୍ଭବ କରିବାକୁ ଚେଷ୍ଟା କରୁଛୁ ଯାହା ଅପେକ୍ଷାକୃତ ଅଧିକ

ପରିମାଣରେ ସୌଷମ୍ୟଯୁକ୍ତ ହୋଇଥିବ, ଅଧିକ ସଂହତ ହୋଇଥିବ ଏବଂ ତେଣୁ ଜୀବନ ଲାଗି ମଧ୍ୟ ତାହା ଅଧିକ ଫଳପ୍ରସୂ ଭାବରେ କାର୍ଯ୍ୟ କରି ପାରିବ ।

ଯେତେଦିନଯାଏ ମୁଁ ତୁମ ସମସ୍ତଙ୍କ ସହିତ ସଶରୀର ଉପସ୍ଥିତ ରହି ପାରୁଥିଲି, ସେତେଦିନ ଯାଏ ମୋର ସେହି ଉପସ୍ଥିତି ତୁମ୍ଭମାନଙ୍କୁ ଅହଂ ଉପରେ ବିଜୟଲାଭ କରିବାକୁ ସହାୟତା କରୁଥିଲା ଏବଂ ତେଣୁ ବ୍ୟକ୍ତିଗତ ଭାବରେ ତୁମ୍ଭମାନଙ୍କୁ ଡାକି ତୁମ୍ଭମାନଙ୍କୁ ଏହି ବିଷୟରେ ବାରବାର କହିବା ଲାଗି ସେତେବେଳେ ଆଦୌ କୌଣସି ପ୍ରୟୋଜନ ନ ଥିଲା ।

ମାତ୍ର ସେହି ଉଦ୍ୟମଟିକୁ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ଜୀବନର ଆଧାର ହୋଇ ରହିବାକୁ ପଡ଼ିବ; ବିଶେଷତଃ ଯେଉଁମାନେ ଏଠି କୌଣସି ଦାୟିତ୍ୱସ୍ଥାନରେ ନିଯୁକ୍ତ ହୋଇ ରହିଛନ୍ତି ଓ ଯେଉଁମାନଙ୍କୁ ଅନ୍ୟମାନଙ୍କର ତତ୍ତ୍ୱାବଧାନ କରିବାକୁ ପଡୁଛି, ସେମାନଙ୍କ କ୍ଷେତ୍ରରେ ତାହା ଅଧିକ ପରିମାଣରେ ଏକ ସତ୍ୟ ହୋଇ ରହିବ । ଯେଉଁମାନେ ନେତୃତ୍ୱର ସ୍ଥାନଗୁଡ଼ିକରେ ଅଛନ୍ତି ସେମାନଙ୍କୁ ଯଥାର୍ଥ ଦୃଷ୍ଟାନ୍ତଟିକୁ ଦେଖାଇବାକୁ ପଡ଼ିବ; ସେହି ନାୟକମାନେ ସେମାନଙ୍କର ତତ୍ତ୍ୱାବଧାନରେ ରହିଥିବା ଅନ୍ୟମାନଙ୍କଠାରୁ ଯେଉଁ ଗୁଣଗୁଡ଼ିକୁ ଦାବି କରୁଛନ୍ତି, ସେମାନଙ୍କୁ ନିଜକୁ ସର୍ବଦାହିଁ ସେହି ଗୁଣଗୁଡ଼ିକର ଅନୁଶୀଳନ କରିବାକୁ ପଡ଼ିବ । ସେମାନଙ୍କଠାରେ ଯଥେଷ୍ଟ ବୁଝିବାଶକ୍ତି ରହିଥିବ, ଧୈର୍ଯ୍ୟ ରହିଥିବ, ସହିଷ୍ଣୁତା ଓ ସଂବେଦନଶୀଳତା ପୂର୍ଣ୍ଣ ହୋଇ ରହିଥିବ, ସମସ୍ତଙ୍କ ପ୍ରତି ସତେଜ କରି ଦେଉଥିବା ଏକ ବନ୍ଧୁଭାବାପନ୍ନ ସଦିଚ୍ଛା ମଧ୍ୟ ରହୁଥିବ । ଏକ ଅହଂବାଦିତା ଦ୍ୱାରା ପ୍ରେରିତ ହୋଇ ସେହି ସଦିଚ୍ଛା ଆପଣା ଲାଗି ଅନେକ ମନୁଷ୍ୟଙ୍କୁ ବନ୍ଧୁ କରି ଆଣିବା ଲାଗି ପ୍ରେରିତ ହୋଇ ରହି ନ ଥିବ, ମାତ୍ର ଏକ ଉଦାରତା ଦ୍ୱାରା ପ୍ରେରିତ ହୋଇ ତାହା ଅନ୍ୟମାନଙ୍କୁ ଯଥାର୍ଥ ଭାବରେ ବୁଝିବା ଲାଗି ଏବଂ ସେମାନଙ୍କୁ ସାହାଯ୍ୟ କରିବା ଲାଗି ସମର୍ଥ ହେଉଥିବ ।

ଆମେ ଏକାବେଳେକେ ନିଜକୁ ଭୁଲିଯିବା, ନିଜର ଯାବତୀୟ ରୁଚି ଏବଂ ଅଗ୍ରରୁଚିଗୁଡ଼ିକୁ ଭୁଲିଯିବା,– ଜଣେ ପ୍ରକୃତ ନେତା ହୋଇ ପାରିବାକୁ ହେଲେ ତାହା ଏକାନ୍ତ ଅପରିହାର୍ଯ୍ୟ ।

ବର୍ତ୍ତମାନ ତୁମ୍ଭମାନଙ୍କଠାରୁ ମୁଁ ଠିକ୍ ସେହି କଥାଟିହିଁ ଆଶା କରୁଛି, ଯେପରିକି ତୁମ୍ଭେମାନେ ନିଜର ଦାୟିତ୍ୱଗୁଡ଼ିକର ଯଥାର୍ଥ ଭାବରେ ସମ୍ମୁଖୀନ ହୋଇ ପାରିବ । ଏବଂ ସେତେବେଳେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ, ଆଗରୁ ଯେଉଁଠାରେ କେବଳ ବିଶୃଙ୍ଖଳା ଏବଂ ଅନୈକ୍ୟହିଁ ଅନୁଭବ କରୁଥିଲ, ବର୍ତ୍ତମାନ ସେଠାରୁ ସେଗୁଡ଼ିକ ପ୍ରକୃତରେ ଅନ୍ତର୍ହିତ ହୋଇ ଯାଇଛନ୍ତି, ଏବଂ ସୌଷମ୍ୟ, ଶାନ୍ତି ଓ ଆନନ୍ଦହିଁ ସେମାନଙ୍କର ସ୍ଥାନକୁ ଆସି ଅଧିକାର କରିଛନ୍ତି ।

ତୁମ୍ଭମାନଙ୍କୁ ଯେ ମୁଁ କେତେ ଭଲପାଏ, ତୁମକୁ ଅବିଚଳ କରି ରଖିବାକୁ, ସାହାଯ୍ୟ

କରିବାକୁ ଏବଂ ବାଟ ଦେଖାଇବାକୁ ମୁଁ ଯେ ତୁମ୍ଭମାନଙ୍କ ପାଖରେ ସବୁବେଳେ ରହିଛି, ତୁମ୍ଭେମାନେ ସେହିକଥା ଭଲ କରି ଜାଣିଛ ।

ଅନେକ ଆଶୀର୍ବାଦ । *୨୬ ଅଗଷ୍ଟ ୧୯୬୯*

*ମାଆ,*

*ପିଲାମାନେ ଏଠାରେ ସର୍ବୋତ୍ତମ ଭାବରେ କିପରି ସେମାନଙ୍କର ଛୁଟିକୁ କଟାଇ ପାରିବେ, ସେହି ବିଷୟରେ ସେମାନେ ମୋତେ ପଚାରୁଛନ୍ତି ।*

ଆଗ୍ରହୋଦ୍ଦୀପକ କୌଣସି କାର୍ଯ୍ୟ କରିବା ଲାଗି, କୌଣସି ଏକ ନୂତନ ବିଷୟ ଶିକ୍ଷା କରିବା ଲାଗି ବା ଆପଣାର ସ୍ୱଭାବ କିଂବା ଅଧ୍ୟୟନ ଭିତରେ ରହିଥିବା କୌଣସି ଏକ ଅଭାବକୁ ଦୂର କରିବା ଲାଗି ଛୁଟି ସେମାନଙ୍କୁ ଏକ ଚମତ୍କାର ସୁଯୋଗ ଯୋଗାଇ ଦେଇ ପାରିବ ।

ସ୍ୱାଧୀନ ଭାବରେ କୌଣସି ଏକ କାମ ବାଛିନେଇ ତାହାରି ମାଧ୍ୟମରେ ଆପଣା ସତ୍ତାର ଯଥାର୍ଥ ସାମର୍ଥ୍ୟଗୁଡ଼ିକୁ ଆବିଷ୍କାର କରିବା ଲାଗି ତାହା ଏକ ଅପୂର୍ବ ଅବସର ରୂପେ କାର୍ଯ୍ୟ କରିବ ।

ଅନେକ ଆଶୀର୍ବାଦ ।

*୧ ନଭେମ୍ବର ୧୯୬୯*

*ମାଆ,*

*ପିଲାମାନେ ଘରକୁ ବା ଆଉ କେଉଁଠାକୁ ଯାଇ ଛୁଟିଗୁଡ଼ିକୁ ଅତିବାହିତ କରନ୍ତୁ ବୋଲି ଆପଣ ପସନ୍ଦ କରନ୍ତି କି ?*

ବରଂ ଆମେ ଏପରି କହିପାରିବା ଯେ, ପିଲାମାନେ ପ୍ରକୃତରେ ଯାହା, ସେମାନେ ନିଜର ଛୁଟିଗୁଡ଼ିକରେ କ'ଣ କରନ୍ତି, ସେଥିରୁ ତାହାର ଏକ ପରିଚୟ ମିଳିଥାଏ । ଏଠାରେ ଆପଣାର ଅବସ୍ଥାନରୁ ସେମାନେ ଲାଭବାନ୍ ହେବା ଲାଗି ପ୍ରକୃତରେ କେତେଦୂର ସମର୍ଥ, ସେଥିରୁ ତାହାର ପରିଚୟ ମଧ୍ୟ ମିଳି ଯାଇଥାଏ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ତୁମ ପ୍ରଶ୍ନର ଉତ୍ତର ଭିନ୍ନ ପ୍ରକାରର ହେବ ଏବଂ ଛୁଟି ବିଷୟରେ ପ୍ରକାଶ ପାଉଥିବା ତା'ର ପ୍ରତିକ୍ରିୟାର ସ୍ତରଟି ତା' ଚରିତ୍ରର ଗୁଣାତ୍ମକ ସ୍ତରଟିକୁ ନିଶ୍ଚୟ ସୂଚିତ କରିଦେଉଥିବ ।

ପ୍ରକୃତ କଥା କହିବାକୁ ଗଲେ, ଆଉକିଛି ନ କରି ଯେଉଁମାନେ ଏଠାରେ ରହିବା

ପାଇଁ ଅଧିକ ପସନ୍ଦ କରୁଛନ୍ତି, ସେମାନେ ଆପଣାର ଶିକ୍ଷା ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଲାଭବାନ୍ ହେବା ଲାଗି ପ୍ରକୃତରେ ପ୍ରସ୍ତୁତ ଅଛନ୍ତି, ଏବଂ ଏଠାରେ ସେମାନଙ୍କୁ ଯେଉଁ ଆଦର୍ଶଟି ବିଷୟରେ ଶିକ୍ଷା ଦିଆଯାଉଛି, ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବାକୁ ସେମାନଙ୍କର ସାମର୍ଥ୍ୟ ବି ରହିଛି ।

ଅନେକ ଆଶୀର୍ବାଦ । *୨ ନଭେମ୍ବର ୧୯୬୯*

*ମାଆ,*

*ଏହାର କ'ଣ ଏଭଳି ଅର୍ଥ ହେବ ଯେ, ଯେଉଁମାନେ ଏଠାରୁ ଅନ୍ୟତ୍ର ଯାଉଛନ୍ତି, ସେମାନେ ସେମାନଙ୍କୁ ଶିକ୍ଷା ଦିଆ ଯାଉଥିବା ଆଦର୍ଶଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଲାଗି ସମର୍ଥ ହୋଇ ନାହାନ୍ତି ? ବା, ଆଦର୍ଶଟିକୁ ସେମାନଙ୍କୁ ଯଥାର୍ଥ ଭାବରେ ବୁଝାଇ ଦେବା ଲାଗି ଆମେ ଅକ୍ଷମ ହୋଇ ରହିଛୁ ?*

ଏଠାକାର ଶିକ୍ଷାରେ ଆଦୌ କୌଣସି ତ୍ରୁଟି ନାହିଁ ଓ ତାହା ଯେପରି ଦିଆଯିବା କଥା ଠିକ୍ ସେହିପରି ଦିଆଯାଉଛି ବୋଲି ମୁଁ ଆଦୌ କହୁ ନାହିଁ । ମାତ୍ର ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ଯେ, ଏଠାରେ ଯେ କିଛି ବିଶେଷ କଥା ରହିଛି ଓ ସେହି କଥାଟି ଯେ ଅନ୍ୟ କୌଣସିଠାରେ ସେମାନେ ପାଇପାରିବେ ନାହିଁ, ଏଠାରେ ଥିବା ବେଶ୍ ଅନେକସଂଖ୍ୟକ ଛାତ୍ର ସେହି ବିଷୟରେ ଆଗ୍ରହୀ ହୋଇ ରହିଛନ୍ତି ଓ ସେହି କଥାଟିକୁ ଅତ୍ୟନ୍ତ ଭଲଭାବରେ ବୁଝି ମଧ୍ୟ ପାରୁଛନ୍ତି ।

ତେଣୁ, ସେହିଭଳି ଛାତ୍ରମାନଙ୍କରହିଁ ଏଠାରେ ରହିବା ଉଚିତ । ଏବଂ ଯାବତୀୟ ଆବଶ୍ୟକତାର ପୂରଣ କରି ପାରିବା ଲାଗି ଆମର ଏଠାରେ ଯଥେଷ୍ଟ ସ୍ଥାନ ନ ଥିବାରୁ, ସେମାନଙ୍କୁ ବାଛିବା ମଧ୍ୟ ବେଶ୍ ସହଜ ହୋଇଯିବ ।

ଅନେକ ଆଶୀର୍ବାଦ ।

*୩ ନଭେମ୍ବର ୧୯୬୯*

*ମାଆ,*

*ଯେଉଁମାନେ ଆଦର୍ଶ ବିଷୟରେ କିଛି ବୁଝି ପାରନ୍ତି ନାହିଁ, ସେମାନଙ୍କୁ ଆଦର୍ଶ ବିଷୟରେ ଶିକ୍ଷା ଦିଆଯାଇ ପାରିବ କି ? ତାଙ୍କୁ ଆମେ କିପରି ସେ ବିଷୟରେ ଶିକ୍ଷା ଦେଇ ପାରିବା ? ଆମେ ଶିକ୍ଷକ ଏବଂ ପ୍ରଶିକ୍ଷକମାନେ ଏହି କଠିନ କାର୍ଯ୍ୟଟି ଲାଗି ପ୍ରକୃତରେ ଯୋଗ୍ୟ କି ?*

ଆମେ ତ କେବଳ ଏକ ମାନସିକ ଆଦର୍ଶ ବିଷୟରେ ଶିକ୍ଷା ଦେବାକୁ ଇଚ୍ଛା କରୁ ନାହୁଁ, ଆମେ ଜୀବନର ଏକ ନୂତନ ବିଚାର ଏବଂ ଚେତନାର ଭୂମିରେ ଏକ ନୂତନ ଉପଲବ୍ଧି ବିଷୟରେ ଶିକ୍ଷାଦେବାକୁ ଚାହୁଁଛୁ । ଏହି ଉପଲବ୍ଧିଟି ସମସ୍ତଙ୍କ ପାଇଁ ନୂଆ, ଏବଂ ଅନ୍ୟମାନଙ୍କୁ କିଛି ଶିକ୍ଷାଦେବାକୁ ହେଲେ ଏହି କ୍ଷେତ୍ରରେ ଏହି ଗୋଟିଏ ମାତ୍ର ବାଟ ରହିଛି ଯେ ଆମେ ନିଜେ ସେହି ନୂତନ ଚେତନା ଅନୁସାରେ ନିଜର ଜୀବନଟିକୁ ବଞ୍ଚିବା ଏବଂ ତାହାରି ଦ୍ୱାରା ଆପେ ରୂପାନ୍ତରିତ ହେବା ଲାଗି ବାଟ ଛାଡ଼ିଦେବା । ଏକ ଶିକ୍ଷାବସ୍ତୁ ହିସାବରେ ନିଜେ ଏକ ଦୃଷ୍ଟାନ୍ତ ହୋଇ ପାରିବାଠାରୁ ବଳି ଅଧିକ ଭଲ ଆଉ କୌଣସି ସାମଗ୍ରୀ ନାହିଁ । ''ତୁମ୍ଭେମାନେ କେବେ ସ୍ୱାର୍ଥପର ହେବ ନାହିଁ'' ବୋଲି ଅନ୍ୟମାନଙ୍କୁ ଖାଲି କହିଦେବାରେ ଆଦୌ ଖୁବ୍ ବେଶୀ ଲାଭ ହୁଏ ନାହିଁ; ମାତ୍ର ଯଦି ଜଣେ ବ୍ୟକ୍ତି ନିଜେ ଯାବତୀୟ ସ୍ୱାର୍ଥପରତାରୁ ମୁକ୍ତ ହୋଇ ରହିଥାଏ, ତେବେ ଅନ୍ୟମାନଙ୍କ ଲାଗି ମଧ୍ୟ ସିଏ ଗୋଟିଏ ଚମତ୍କାର ଦୃଷ୍ଟାନ୍ତ ହୋଇ ରହିପାରିବ । ଏବଂ, ଆନ୍ତରିକତା ସହିତ ଯିଏ ସର୍ବୋଚ୍ଚ ପରମସତ୍ୟଟି ଅନୁସାରେ ଆପଣାର ସକଳ କାର୍ଯ୍ୟ କରିବା ଲାଗି ଆକାଙ୍କ୍ଷା ରଖିଥିବ, ସିଏ ତା'ର ଚାରିପାଖରେ ରହିଥିବା ଅନ୍ୟ ଲୋକମାନଙ୍କ ଲାଗି ନିଶ୍ଚୟ ଏକପ୍ରକାରର ସଂକ୍ରମଣ ସୃଷ୍ଟି କରିଦେଇ ପାରିବ । ତେଣୁ, ଯେଉଁମାନେ ପିଲାମାନଙ୍କୁ କୌଣସି ଶିକ୍ଷା ବା ତାଲିମ ଦେବାର ଦାୟିତ୍ୱ ଗ୍ରହଣ କରିଛନ୍ତି, ସେମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ସେମାନେ ଅନ୍ୟମାନଙ୍କୁ ଯେଉଁସବୁ ଗୁଣର ଶିକ୍ଷା ଦେବାକୁ ଚାହୁଁଛନ୍ତି, ସେମାନେ ନିଜେ ବି ସେହିସବୁ ଗୁଣର ଦୃଷ୍ଟାନ୍ତ ହୋଇ ରହିଥିବେ ।

ଏବଂ, ଶିକ୍ଷା ଓ ତାଲିମ ଦେଉଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରେ କେତେଜଣ ଯେ ଆପଣା ସ୍ଥାନ ଓ ଦାୟିତ୍ୱର ଯୋଗ୍ୟ ହୋଇ ନ ଥାନ୍ତି, ତାହାର କାରଣ ହେଉଛି ଯେ ଆପଣାର ଚରିତ୍ର ଦ୍ୱାରା ସେମାନେ ଏକ ଖରାପ ଦୃଷ୍ଟାନ୍ତ ଦେଖାଇଥାନ୍ତି । ଏପରି ସ୍ଥଳରେ ଆପଣାର ଚରିତ୍ର ଏବଂ କାର୍ଯ୍ୟାବଳୀକୁ ବଦଳାଇ ସେହି ଦାୟିତ୍ୱର ଯୋଗ୍ୟହେବା ହେଉଛି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ । ଏହା ବ୍ୟତୀତ ଆଉ ଅନ୍ୟ ବାଟ ନାହିଁ ।

ଅନେକ ଆଶୀର୍ବାଦ ।

*୪ ନଭେମ୍ବର ୧୯୬୯*

*ମାଆ,*

*ଆଶ୍ରମରେ ଯେଉଁମାନେ ଶିକ୍ଷା ବା ତାଲିମ ଦେବାର ଦାୟିତ୍ୱରେ ରହିଛନ୍ତି, ଆପଣଙ୍କ ମତରେ ସେମାନଙ୍କଠାରେ କେଉଁସବୁ ଗୁଣ ଅବଶ୍ୟ ରହିଥିବା ଉଚିତ ? ଯଦି ଜଣେ ବ୍ୟକ୍ତି ଏହି କାର୍ଯ୍ୟଟିକୁ କରିବା ଲାଗି ନିଜକୁ ଅସମର୍ଥ ବୋଲି ଅନୁଭବ*

*କରୁଛି, ତେବେ ସେହି କାର୍ଯ୍ୟଟିକୁ ଆଦୌ ନ କରିବାହିଁ ତା' ପକ୍ଷରେ ଅଧିକ ଉଚିତ ହେବ ନାହିଁ କି ? କାରଣ, ତା' ନ ହେଲେ, ଖାଲି ଆମ ସକାଶେ ସିନା ପିଲାମାନଙ୍କୁ ଦୁଃଖଭୋଗ କରିବାକୁ ହେବ, ନୁହେଁ କି ?*

ଏଠାରେ ଶିକ୍ଷା ବା ତାଲିମ ଦେଉଥିବା ବ୍ୟକ୍ତିମାନଙ୍କ ଭିତରେ ଯେତେ ଯାହା ଅଭାବ ରହିଥାଉ ନା କାହିଁକି, ସେମାନେ ବାହାରକୁ ଶିକ୍ଷକମାନଙ୍କଠାରୁ ସର୍ବଦା ଯେ ଅଧିକ ଉପଯୁକ୍ତ ହେବେ, ସେଥିରେ କୌଣସି ସନ୍ଦେହ ନାହିଁ । କାରଣ, ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନେ ସମସ୍ତେ ସେଥିଲାଗି ଆଦୌ କୌଣସି ପାରିଶ୍ରମିକ ଗ୍ରହଣ କରୁ ନାହାନ୍ତି ଓ ଏକ ଉଚ୍ଚତର ଲକ୍ଷ୍ୟର ସେବାକାର୍ଯ୍ୟ ଲାଗି ସେମାନେ ଏଠାରେ ରହିଛନ୍ତି । ଅବଶ୍ୟ ଏହି କଥାଟି ଅତ୍ୟନ୍ତ ସ୍ୱଷ୍ଟଭାବେ ବୁଝି ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତିର ଯୋଗ୍ୟତା ଅଥବା ସାମର୍ଥ୍ୟ ଯାହା ହୋଇଥାଉ ନା କାହିଁକି, ସିଏ ନିଶ୍ଚୟ ଆହୁରି ଅଧିକ ଅଗ୍ରଗତି କରିପାରିବ; ଏବଂ, ଯେଉଁ ଆଦର୍ଶଟି ମନୁଷ୍ୟଜାତିର ବର୍ତ୍ତମାନ ଉପଲବ୍ଧିସ୍ତରଠାରୁ ଏବେ ମଧ୍ୟ ଅନେକ ଉଚ୍ଚରେ ରହିଛି, ତାହାକୁ ବାସ୍ତବରେ ପରିଣତ କରିବା ଲାଗି ତାକୁ ସତତହିଁ ଅଗ୍ରଗତି କରିବାକୁ ପଡ଼ିବ ।

ମାତ୍ର, ଯଦି ଆପଣାର ସର୍ବୋତ୍ତମ ଶକ୍ତିକୁ ଲଗାଇ ନିଜର କାର୍ଯ୍ୟଟିକୁ କରିବା ଲାଗି ଜଣେ ବ୍ୟକ୍ତିର ପ୍ରକୃତରେ ଆଗ୍ରହ ଥାଏ, ତେବେ ଆପଣାର କାର୍ଯ୍ୟଟି ଜରିଆରେହିଁ ସିଏ ଅଗ୍ରଗତି କରିପାରିବ ଏବଂ ତାହାକୁ ଆହୁରି ଅଧିକରୁ ଅଧିକ ଭଲ ଭାବରେ କରିବାକୁ ଶିକ୍ଷା ମଧ୍ୟ କରିପାରିବ ।

ସମାଲୋଚନା କରିବାରେ କ୍ୱଚିତ୍ କୌଣସି ଫଳ ମିଳିଥାଏ, ଏହା ସାହାଯ୍ୟ କରିବା ଅପେକ୍ଷା ବରଂ ଅଧିକ ପରିମାଣରେ ହତୋତ୍ସାହିତହିଁ କରିପକାଏ । ଏବଂ ଯେଉଁଠି ସଦିଚ୍ଛା ରହିଛି, ତାହାକୁ ସର୍ବଦା ଅବଶ୍ୟ ଉତ୍ସାହିତ କରିବାକୁ ହେବ, କାରଣ ଧୈର୍ଯ୍ୟ ଏବଂ ସହିଷ୍ଣୁତା ବଳରେ କୌଣସି ଅଗ୍ରଗତି କଦାପି ଅସମ୍ଭବ ଓ ଅସାଧିତ ହୋଇ ରହିବ ନାହିଁ ।

ଅସଲ କଥାଟି ହେଉଛି, ଆମେ ଆପଣା ଭିତରେ ଦୃଢ଼ନିଶ୍ଚିତ ହୋଇ ରହିଥିବା ଯେ, ଆମେ ଯାହାକିଛି ସାଧିତ କରି ସାରିଥାଉ ପଛକେ, ଆମେ ଇଚ୍ଛାକଲେ ତା'ଠାରୁ ନିଶ୍ଚୟ ଆହୁରି ଅଧିକ ମଧ୍ୟ ସାଧନ କରି ପାରିବା ।

ଆମର ଅନ୍ତରାତ୍ମା ଏବଂ ଆମର ଆଚରଣ ମଧ୍ୟରେ ଏକ ଅବିଚଳିତ **ସମତାର** ଉପଲବ୍ଧି, କଦାପି ତୁଟି ଯାଉ ନ ଥିବା ଏକ ଧୈର୍ଯ୍ୟ, ଏବଂ ସକଳ ପ୍ରକାରର ଅଗ୍ରରୁଚି ଏବଂ ବାସନାର ବିଲୋପସାଧନ,– ଆମେ ଏହାକୁହିଁ ଆଦର୍ଶ ରୂପେ ଗ୍ରହଣ କରିବା ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ବ୍ୟକ୍ତି ଶିକ୍ଷାର ଦାୟିତ୍ୱ ନେଇଛି, ତା'ର କାର୍ଯ୍ୟଟିର ଯଥାର୍ଥ ସାଧନ ଲାଗି ତା'କୁ ଯାବତୀୟ ଅହଂଭାବନାରୁ ମୁକ୍ତ ହୋଇ ରହିବାକୁ ପଡ଼ିବ । ଏବଂ ଏଥିଲାଗି ଉଦ୍ୟମ କରିବାର ପ୍ରୟୋଜନରୁ କାହାକୁ କଦାପି ଅବ୍ୟାହତି ଦିଆ ଯିବ ନାହିଁ ।

ମାତ୍ର, ମୁଁ ଆଉଥରେ କହିବି ଯେ, ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ଏଠାରେ ସେହି ଉଦ୍ୟମଟିକୁ ଅଧିକ ସହଜରେ କରାଯାଇ ପାରିବ ।

ଅନେକ ଆଶୀର୍ବାଦ । *୫ ନଭେମ୍ବର ୧୯୬୯*

*ମାଆ,*

*ଯେଉଁମାନଙ୍କର ସାଧାରଣ ଜୀବନର ସୁଖଗୁଡ଼ିକ ପ୍ରତି ଅତିବେଶୀ ଆକର୍ଷଣ ରହିଛି, ଅର୍ଥାତ୍ ସିନେମା ଦେଖିବା, ହୋଟେଲରେ ଖାଇବା ଏବଂ ସମାଜର ଅନ୍ୟମାନଙ୍କ ସଙ୍ଗରେ ବସି ଖୁସୀ କରିବା ପ୍ରଭୃତି କାର୍ଯ୍ୟ ଲାଗି ଅଧିକ ଆକର୍ଷଣ ଅଛି, ସେମାନଙ୍କର ଆମ ସ୍କୁଲକୁ ଅଧ୍ୟୟନ କରିବାକୁ ଆସିବା ପ୍ରକୃତରେ ଉଚିତ କି ? କାରଣ, ହୁଏତ ତାହାରି ହେତୁ ନିୟମତଃ ଆମ ଛାତ୍ରମାନଙ୍କ ଭିତରୁ ଅଧିକାଂଶ ଛୁଟି ସମୟରେ ଏଠାରୁ ଅନ୍ୟ ସ୍ଥାନକୁ ଚାଲି ଯାଉଛନ୍ତି ଏବଂ, ତେଣୁ ଫେରି ଆସିବା ପରେ, ଆପଣାକୁ ପୁନର୍ବାର ଏଠାରେ ଖାପ ଖୁଆଇ ପାରିବା ଲାଗି ପ୍ରତ୍ୟେକ ଥର ସେମାନଙ୍କୁ ବେଶ୍ ଅନେକ ସମୟ ଲାଗୁଛି ।*

ସାଧାରଣ ଜୀବନ ଓ ତାହାର ଉଦ୍‌ବେଳନଟି ଲାଗି ଯେଉଁମାନଙ୍କର ଏକ ଦୃଢ଼ ଆସକ୍ତି ରହିଛି, ସେମାନଙ୍କର ଏଠାକୁ ଆସିବା ଉଚିତ ନୁହେଁ । କାରଣ, ସେମାନେ ଆପଣାର ଯଥାର୍ଥ ଉପାଦାନଟିର ବାହାରେ ଅଛନ୍ତି ଓ ତେଣୁ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ।

ମାତ୍ର, ସେମାନେ ଏଠାକୁ ଆସିବା ପୂର୍ବରୁ ଏହି କଥାଟିକୁ ଜାଣିବା ମୋଟେ ସହଜ ନୁହେଁ, କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ଅତ୍ୟନ୍ତ ଅଳ୍ପ ଏବଂ ସେମାନଙ୍କର ଚରିତ୍ର ମଧ୍ୟ ଠିକ୍‌ଭାବରେ କୌଣସି ଖାସ୍ ଦାନା ଧରି ନାହିଁ ।

ମାତ୍ର, ସଂସାରର ଉନ୍ମାଦଗ୍ରସ୍ତତା ଭିତରେ ପଡ଼ିଯିବା ମାତ୍ରକେ, ସେମାନଙ୍କ ନିଜ ଲାଗି ଓ ଅନ୍ୟମାନଙ୍କ ଲାଗି ମଧ୍ୟ ଏହାହିଁ ସର୍ବଦା ଅଧିକ ଭଲକଥା ହେବ ଯେ, ସେମାନେ ସେମାନଙ୍କ ବାପମାଆଙ୍କ ପାଖକୁ ଫେରିଯିବେ, ନିଜର ସେହି ଅଭ୍ୟାସଗୁଡ଼ିକ ପାଖକୁ ମଧ୍ୟ ଫେରିଯିବେ ।

ଅନେକ ଆଶୀର୍ବାଦ । *୧୪ ନଭେମ୍ବର ୧୯୬୯*

*ମାଆ,*

*ଏଠାରେ ଏପରି କେତେକ ପିଲା ଅଛନ୍ତି, ଯେଉଁମାନଙ୍କୁ କି ସେମାନଙ୍କର ପିତାମାତା କେବଳ ପାଠ ପଢ଼ିବା ଲାଗି ଏଠାକୁ ପଠାଇଛନ୍ତି । ତେଣୁ, ସେମାନେ ଯେ ଏଠାରେ କେବଳ ପାଠ ପଢ଼ିବାକୁ ଆସିଛନ୍ତି ଓ ପାଠପଢ଼ା ଶେଷ ହେଲେ ଏଠାରୁ ବାହାରକୁ ଚାଲିଯିବେ, ଏହିପରି ଏକ ଧାରଣା ସେମାନଙ୍କ ମନରେ ବଦ୍ଧମୂଳ ହୋଇ ସାରିଲାଣି ।*

*ଏହି ପିଲାମାନେ ସେମାନେ କ'ଣ କରିବାକୁ ଯାଉଛନ୍ତି, ସେହି ବିଷୟରେ ଏକ ସ୍ପଷ୍ଟ ଧାରଣା ପାଇ ସାରିବାପରେ, ସେମାନଙ୍କୁ ଏଠାରୁ ଅନ୍ୟତ୍ର ଯାଇ ଅଧ୍ୟୟନ କରିବା ଲାଗି ଔପଚାରିକ ଭାବରେ କହିଦେବା ପ୍ରକୃତରେ ଅଧିକ ଭଲ ହେବ ନାହିଁ କି ? ଅଥବା, ସେମାନଙ୍କୁ ଯେତେବେଳେ ଛାତ୍ର ରୂପେ ଗ୍ରହଣ କରାଯାଇ ସାରିଛି, ସେମାନେ ଏଇଠାରେ ରହି ଅଧ୍ୟୟନ କରନ୍ତୁ ଓ ଅଧ୍ୟୟନ ଶେଷ ହେବାଯାଏ ଏହିଠାରେ ରହନ୍ତୁ ବୋଲି ଆମେ ସେମାନଙ୍କୁ ଅନୁମତି ଦେବା କି ?*

ଭାରି ଦୁର୍ଭାଗ୍ୟର କଥା ଯେ, ଏପରି ଅନେକ ପିତାମାତା ଅଛନ୍ତି ଯେଉଁମାନେ କି ସେମାନଙ୍କର ପିଲାମାନଙ୍କୁ ଏଠାରେ ଏକ ବିଶେଷ ପ୍ରକାରର ଶିକ୍ଷା ଦିଆଯିବ ବୋଲି ନୁହେଁ, ମାତ୍ର ସେମାନଙ୍କର ଅଧ୍ୟୟନ ଲାଗି ଆଶ୍ରମ କୌଣସି ପଇସା ନେବ ନାହିଁ ବୋଲିହିଁ ସେମାନଙ୍କୁ ଏଠାକୁ ପଠାଇଥାନ୍ତି । ଏବଂ ସେହି କାରଣରୁ ଅନ୍ୟସ୍ଥାନଗୁଡ଼ିକ ତୁଳନାରେ ପିତାମାତାମାନଙ୍କୁ କମ୍ ଖର୍ଚ୍ଚ କରିବାକୁ ପଡ଼ିଥାଏ ।

ମାତ୍ର ଏପରି ଏକ କାରବାର ସକାଶେ ଆମେ ବିଚାରା ପିଲାମାନଙ୍କୁ କଦାପି ଦାୟୀ କରିପାରିବା ନାହିଁ ଏବଂ ସେମାନଙ୍କର ସାମର୍ଥ୍ୟ ରହିଥିଲେ ସେମାନଙ୍କୁ ଆମେ ପୂର୍ଣ୍ଣବିକାଶ ଲାଗି ଅବଶ୍ୟ ଏକ ସୁଯୋଗ ଯୋଗାଇଦେବା । ତେଣୁ, ସେମାନଙ୍କ ମଧ୍ୟରେ କୌଣସି ଏକ ସମ୍ଭାବନାର ପରିଚୟ ପାଇଲେ ଆମେ ସେମାନଙ୍କୁ ଏଠାରେ ଗ୍ରହଣ କରିନେଇଥାଉ । ଏବଂ, ଯଦି ସେମାନେ ନିଜ ଶିକ୍ଷା ଦ୍ୱାରା ଉପକୃତ ହେବା ଲାଗି ଏକାନ୍ତ ଅସମର୍ଥ ବୋଲି ସେମାନଙ୍କଠାରୁ ସ୍ପଷ୍ଟ ପ୍ରମାଣ ମିଳିଯାଏ, ତେବେ ସେମାନେ ଇଚ୍ଛାପ୍ରକାଶ କଲେ ଆମେ ସେମାନଙ୍କୁ ନିଶ୍ଚୟ ଅନ୍ୟତ୍ର ଚାଲିଯିବା ଲାଗି ଅନୁମତି ଦେଇପାରିବା ।

ଅନେକ ଆଶୀର୍ବାଦ । *୧୫ ନଭେମ୍ବର ୧୯୬୯*

*ମାଆ,*

*ଏଠାରେ ଅଧ୍ୟୟନ ଶେଷ କରି ଏଠାରୁ ଅନ୍ୟତ୍ର ଚାଲିଯିବେ ବୋଲି*

*ଯେଉଁ ପିଲାମାନେ ଜାଣିସାରିଛନ୍ତି, ସେମାନେ ଯେପରି ପରେ ସାଧାରଣ ଜୀବନ ସହିତ ଆପଣାକୁ ଖାପଖୁଆଇ ନେଇପାରିବେ, ସେଥିଲାଗି ସେମାନଙ୍କୁ ମଝିରେ ମଝିରେ ବାହାରକୁ ଯିବାକୁ ଦେବା ଉଚିତ ହେବ ନାହିଁ କି ?*

ସାଧାରଣ ଜୀବନ ସହିତ ଆପଣାକୁ ଖାପ ଖୁଆଇ ନେବା ଲାଗି ମୋଟେ କୌଣସି କଷ୍ଟ କରିବାକୁ ପଡ଼େ ନାହିଁ, କାରଣ ମଣିଷ ତା' ଜନ୍ମସମୟରୁ ତ ସେହି ବନ୍ଧନଟିର ଅଧୀନ ହୋଇ ରହିଥାଏ । କାରଣ କୁଳଗତ ସଂସ୍କାରଟି ହେତୁ ସମସ୍ତେ ସେହି ବନ୍ଧନଟିକୁ ଆପଣା ମଧ୍ୟରେ ବହନ କରି ରହିଥାନ୍ତି । ଏବଂ, ଯେଉଁମାନେ ସେଥିରୁ ମୁକ୍ତିଲାଭ କରିବାକୁ ଜନ୍ମ ହୋଇଥାନ୍ତି, ସେମାନଙ୍କୁ ମଧ୍ୟ ସେଥିଲାଗି ଅବିରାମ ଭାବରେ ଘୋର ସଂଗ୍ରାମ କରିବାକୁ ପଡ଼ିଥାଏ ଓ ତେବେ ଯାଇ ସେହି କୁଳଗତ ସଂସ୍କାରରୁ ମୁକ୍ତ ହୋଇ ସେମାନେ ଯଥାର୍ଥରେ ମୁକ୍ତି ଲାଭ କରି ପାରନ୍ତି ।

ଅନେକ ଆଶୀର୍ବାଦ ।

*୧୬ ନଭେମ୍ବର ୧୯୬୯*

*ମାଆ,*

*ଯେଉଁ ପିଲାମାନେ ଏଠାରେ ଅଧ୍ୟୟନ ଶେଷ କରି ଏଠାରୁ ବାହାରକୁ ଚାଲିଯିବେ, ସେମାନଙ୍କଠାରୁ ଆପଣ କ'ଣ ପ୍ରତ୍ୟାଶା କରୁଛନ୍ତି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ସାଧାରଣ ଲୋକ ଓ ସେମାନଙ୍କ ମଧ୍ୟରେ ନିଶ୍ଚୟ ଏକ ବୃହତ୍ ପାର୍ଥକ୍ୟ ରହିବ । କିନ୍ତୁ ସେହି ପାର୍ଥକ୍ୟଟି ପ୍ରକୃତରେ କ'ଣ ?*

ଅନେକ ସମୟରେ ଏଭଳି ହୋଇଥାଏ ଯେ, ସାଧାରଣ ଜୀବନ ମଧ୍ୟରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭିତରୁ ଅଧିକାଂଶ ସେହି ପାର୍ଥକ୍ୟଟିକୁ ଉପଲବ୍ଧି କରିବାକୁ ଆରମ୍ଭ କରନ୍ତି ଏବଂ ସେମାନଙ୍କୁ ଯାହାକିଛି ହରାଇବାକୁ ପଡ଼ିଲା, ସେଥିଲାଗି ଭାରି ଦୁଃଖ ପ୍ରକାଶ କରିଥାନ୍ତି । ସାଧାରଣ ଜୀବନର ପରିବେଶଟି ମଧ୍ୟରେ ସେମାନଙ୍କୁ ଯେଉଁସବୁ ଆରାମ ଓ ସୁଖ ପ୍ରାପ୍ତ ହୋଇଥାଏ, ସେଗୁଡ଼ିକୁ ବର୍ଜନ କରିବା ଲାଗି ଖୁବ୍ କମ୍ ସଂଖ୍ୟକଙ୍କର ସାହସ ରହିଥାଏ । ମାତ୍ର ଅନ୍ୟମାନେ ମଧ୍ୟ, କେବେହେଲେ ଆଶ୍ରମର ସଂସ୍ପର୍ଶରେ ଆସି ନ ଥିବା ବ୍ୟକ୍ତିମାନଙ୍କ ପରି ସେହି ଏକାଭଳି ଅଚେତନ ଭାବରେ କଦାପି ଜୀବନର ସମ୍ମୁଖୀନ ହୁଅନ୍ତି ନାହିଁ ।

ଏଠାରେ ଆମେ ଯେଉଁ କାର୍ଯ୍ୟଟିକୁ କରୁଛୁ, ତା'ର ବଦଳରେ କୌଣସି ପ୍ରକାର

ପ୍ରତ୍ୟାଶା ରଖି ଆମେ ଆଦୌ ସେହି କଥାଟିକୁ କରୁ ନାହୁଁ । ମନୁଷ୍ୟସମାଜର ଅଗ୍ରଗତିରେ ସାହାଯ୍ୟ କରିବା ଲାଗି ତାହା କରୁଛୁ ।

ଅନେକ ଆଶୀର୍ବାଦ ।

*୧୮ ନଭେମ୍ବର ୧୯୬୯*

*ମାଆ,*

*ଶିକ୍ଷକ ବା ପ୍ରଶିକ୍ଷଣ ଦେଉଥିବା କୌଣସି ବ୍ୟକ୍ତି ଛାତ୍ରମାନଙ୍କ ଉପରେ କୌଣସି ଶୃଙ୍ଖଳାକୁ ନେଇ ଲଦିଦେଉ ବୋଲି ଆପଣ କେତେଦୂର ଉଚିତ ବୋଲି କହିବେ ?*

ଅନିୟମିତ ହେବାରୁ, ନିଷ୍ଠୁର ହେବାରୁ ବା କୌଣସି ପ୍ରକାରର ଅବହେଳା ପ୍ରଦର୍ଶନ କରିବାରୁ ଛାତ୍ରମାନଙ୍କୁ ନିବୃତ୍ତ କରି ରଖିବା, ତାହା ଅପରିହାର୍ଯ୍ୟ । ନିର୍ଦୟ ଏବଂ ଅନିଷ୍ଟକାରୀ କୌଣସି ମନ୍ଦାଚରଣକୁ ମୋଟେ ସହ୍ୟ କରାଯାଇ ପାରିବ ନାହିଁ ।

ମାତ୍ର, ଏହି କ୍ଷେତ୍ରରେ ଏହାହିଁ ଏକ ସାଧାରଣ ଏବଂ ସୁଦୃଢ଼ ନିୟମ ହୋଇ ରହିବ ଯେ, ଶିକ୍ଷକମାନେ ଓ ବିଶେଷତଃ ଶାରୀରିକ ଶିକ୍ଷା ଦେଉଥିବା ବ୍ୟକ୍ତିମାନେ ପିଲାମାନଙ୍କଠାରୁ ଯେଉଁ ଗୁଣଗୁଡ଼ିକର ଦାବି କରୁଥିବେ, ସେମାନେ ନିଜର ଜୀବନରେ ସର୍ବଦା ସେହିସବୁ ଗୁଣର ଦୃଷ୍ଟାନ୍ତ ହୋଇ ଅବଶ୍ୟ ରହିଥିବେ । ଶୃଙ୍ଖଳା, ନିୟମିତତା, ଉତ୍ତମ ବ୍ୟବହାର, ସାହସ, ସହିଷ୍ଣୁତା, ଧୈର୍ଯ୍ୟର ସହିତ ଉଦ୍ୟମ କରିବା,— ଖାଲି କଥାରେ କହିବା ଅପେକ୍ଷା ଦୃଷ୍ଟାନ୍ତ ଦ୍ୱାରାହିଁ ଏହିସବୁ ଗୁଣଗୁଡ଼ିକୁ ଅନେକ ଅଧିକ ସଫଳ ଭାବରେ ଶିକ୍ଷା ଦିଆ ଯାଇଥାଏ । ଏବଂ ଗୋଟିଏ ନିୟମକୁ ତୁମକୁ ସର୍ବଦା ମାନି ଚଳିବାକୁ ହେବ : ଯେଉଁ କାର୍ଯ୍ୟଟିକୁ ନ କରିବା ଲାଗି ତୁମେ ପିଲାକୁ ବାରଣ କରୁଛ, ତୁମେ ସେହି କାର୍ଯ୍ୟଟିକୁ ପିଲାଆଗରେ କେବେହେଲେ କରିବ ନାହିଁ ।

ଏହାଛଡ଼ା ଆଉ ଯାହାକିଛି ରହିଲା, ସେଥିରେ ପ୍ରତ୍ୟେକ କ୍ଷେତ୍ରରେ ତା'ର ସ୍ୱକୀୟ ସମାଧାନଟିକୁ ବାହାର କରିବାକୁ ହେବ,— ଏବଂ ଅତ୍ୟନ୍ତ ସାବଧାନତା ଏବଂ ବିବେକ ସହିତ ଆମକୁ ଅଗ୍ରସର ହେବାକୁ ପଡୁଥିବ ।

ସେହି କାରଣରୁହିଁ ଜଣେ ଶିକ୍ଷକ ବା ଜଣେ ତାଲିମଦାତା ହୋଇ ପାରିବାକୁହିଁ ସର୍ବୋତ୍ତମ ଶୃଙ୍ଖଳା ବୋଲି ସ୍ୱୀକାର କରିବାକୁ ହେବ । ଅବଶ୍ୟ ସେହି ଶୃଙ୍ଖଳାଟିକୁ କାର୍ଯ୍ୟରେ ପରିଣତ କରିବାର ବିଦ୍ୟା ଆମର ଜଣାଥିବା ଉଚିତ ।

ଅନେକ ଆଶୀର୍ବାଦ ।

*୨୦ ନଭେମ୍ବର ୧୯୬୯*

ଦୁଷ୍ଟାମି କରିବାକୁ ଏକ ଲଜ୍ଜା ବୋଲି ଅନୁଭବ କରୁଥିବାରୁହିଁ ପିଲାର ଦୁଷ୍ଟ ନ ହେବାକୁ ମନ କରିବା ଉଚିତ । ଦୁଷ୍ଟାମି କରିବା ଦ୍ୱାରା ତାକୁ ଶାସ୍ତି ମିଳିବ, ଏହି ଭୟରେହିଁ ତା'ର ଦୁଷ୍ଟାମି ଛାଡ଼ିଦେବା ଆଦୌ ଉଚିତ ନୁହେଁ ।*

ପ୍ରଥମଟି ଦ୍ୱାରା ସିଏ ପ୍ରକୃତରେ ଅଗ୍ରଗତି କରିପାରିବ ।

ଦ୍ୱିତୀୟ ପଥଟି ଦ୍ୱାରା ମନୁଷ୍ୟଚେତନାର ସରଣୀରେ ସେ ଗୋଟିଏ ପାଦ ତଳକୁ ଖସି ଆସିବ କାରଣ ଭୟକୁ ଆମେ ସର୍ବଦା ଚେତନାର କ୍ଷେତ୍ରରେ ଏକ ସ୍ଖଳନ ବୋଲିହିଁ କହିବା ।

*୨୧ ନଭେମ୍ବର ୧୯୬୯*

*ମାଆ,*

*ସ୍କୁଲରେ କିଂବା ଖେଳପଡ଼ିଆରେ ଜଣେ ଶିକ୍ଷକ ବା ତାଲିମଦାତାର କର୍ମନିର୍ଘଣ୍ଟର ସମୟଟି ସରିଗଲେ ତା'ର ସକଳ ଦାୟିତ୍ୱ ଶେଷ ହୋଇଗଲା ବୋଲି କୁହା ଯିବ କି ?*

*ମୁଁ ଆପଣଙ୍କୁ ଏହି ପ୍ରଶ୍ନଟିକୁ ପଚାରୁଛି, କାରଣ ଆମ ପିଲାମାନେ ରାସ୍ତାରେ ଭାରି ଗର୍ହିତ ଭାବରେ ଆଚରଣ କରୁଛନ୍ତି । ସେମାନେ ରାସ୍ତାରେ ଯେଉଁଠି ମନ ସେଠାରେ ଚାଲୁଛନ୍ତି, ରାସ୍ତା ମଝିରେ ଠିଆ ହୋଇ ଗପ କରୁଛନ୍ତି । ଏବଂ ଯେତେବେଳେ ଆଲୁଅ ବା ବ୍ରେକ୍ ନ ଥାଇ ସାଇକେଲ୍ ଚଢ଼ି ଯାଉଛନ୍ତି କିଂବା ଦୁଇଜଣ ଗୋଟିଏ ସାଇକେଲରେ ଚଢ଼ି ଯାଉଛନ୍ତି, ହୁଏତ ସେତିକିବେଳେ ସବୁଠାରୁ ଅଧିକ ଅଡୁଆ ସମସ୍ୟାଟି ଆସି ଦେଖା ଦେଉଛି । ମାତ୍ର, ଏସବୁ ନିର୍ଦ୍ଧାରିତ କର୍ମନିର୍ଘଣ୍ଟର ବାହାରେ ଘଟୁଛି ବୋଲି ଆମ ଭିତରୁ ସେସବୁ ଉପରେ କେହି ଦୃଷ୍ଟି ଦେଉ ନାହାନ୍ତି ।*

*ଏବଂ, ଏସବୁ ବନ୍ଦ କରିବା ଲାଗି ଆଦୌ କିଛି କରାଯାଉ ନ ଥିବାରୁ, ନିୟମକୁ ମାନିବା ବିଷୟରେ ଏକ ଉଦାସୀନ ଭାବ ଏପରି ବହୁବ୍ୟାପି ହୋଇଗଲାଣି ଯେ, ଦାୟିତ୍ୱସମ୍ପନ୍ନ ବ୍ୟକ୍ତିମାନେ ମଧ୍ୟ ଏହିସବୁ ନିୟମକୁ ଭଙ୍ଗ କରୁଥିବାର ଦେଖାଯାଉଛି ।*

---

* ପରେ ମାଆ ଏହି ବିଷୟରେ ଆହୁରି କହିଥିଲେ, ''ଏଇଟି ହେଉଛି ସର୍ବପ୍ରଥମ ସୋପାନ । ଯେତେବେଳେ ସେ ଏଯାଏ ଆସିଯିବ, ସେତେବେଳେ ସେ ଆହୁରି ଆଗକୁ ଯାଇ ପାରିବ ଓ ଭଲ ହେବାରୁ ମିଳୁଥିବା ଆନନ୍ଦଟିକୁ ମଧ୍ୟ ଶିକ୍ଷା କରିପାରିବ ।''

ଏହିପରି ଏକ ଦୁଃଖଦ ପରିସ୍ଥିତି ପାଇଁ ଏହାହିଁ ସର୍ବୋତ୍ତମ ପ୍ରତିକାର ହେବ ଯେ, ଆମେ ସବୁ ପିଲାଙ୍କୁ ଥରେ ଏକାଠି କରାଇବା (ସମ୍ଭବତଃ ଖେଳପଡ଼ିଆରେ) ।

ରାସ୍ତାରେ ଗଲାବେଳେ କିପରି ଆଚରଣ କରିବାକୁ ହୁଏ, ସଂକ୍ଷିପ୍ତ ଭାବରେ ସେମାନଙ୍କୁ ସେହିକଥା ବୁଝାଇ କହିଦେବା । ରାସ୍ତାରେ ଆମେ କିପରି ଆଚରଣ କରିପାରିବା ଓ କିପରି ଆଚରଣ କରିବା ଉଚିତ, ସେହିକଥା ବୁଝାଇ କହିଦେବା । ପିଲାମାନଙ୍କ ସହିତ ଯିଏ କଥାକହି ଜାଣିଥିବ ଏବଂ ଆଗ୍ରହୋଦ୍ଦୀପକ ଭାବରେ ଓ ଏପରିକି ସମ୍ଭବ ହେଲେ ବେଶ୍ ମନୋରଞ୍ଜକ ଭାବରେ ସେମାନଙ୍କୁ ଏକଥା କହି ଜାଣିଥିବ, ସିଏ ସେପରି କରିବା ଦ୍ୱାରା ନିଶ୍ଚୟ ଏକ ଫଳ ପାଇପାରିବ ।

ଅନେକ ଆଶୀର୍ବାଦ ।

*୨୧ ନଭେମ୍ବର ୧୯୬୯*

*ମାଆ,*

*ଏହାର କ'ଣ ଏପରି ଅର୍ଥ ହେବ ଯେ, ରାସ୍ତାରେ ଯାଉଥିବା ସମୟରେ କିପରି ବ୍ୟବହାର କରିବାକୁ ହୁଏ, ପିଲାମାନଙ୍କୁ ସେହି କଥାକୁ ଥରେ ଭଲକରି ବୁଝାଇ କହିଦେଲେହିଁ କ'ଣ ସେମାନେ କର୍ମନିର୍ଘଣ୍ଟର ସମୟ ବାହାରେ ଯାହାସବୁ କରିବେ, ଆମର ଆଉ ସେଗୁଡ଼ିକ ପ୍ରତି ମୋଟେ କୌଣସି ଦାୟିତ୍ୱ ରହିବ ନାହିଁ ?*

ନିଜେ ପ୍ରତ୍ୟକ୍ଷ ଭାବରେ ସମ୍ମୁଖୀନ ହୋଇ ନ ଥିବା ଏକ ଘଟନା ବିଷୟରେ ବାହାରୁ ଥାଇ କହିବା ପ୍ରକୃତରେ କଷ୍ଟକର । ଖାଲି କଥାବାର୍ତ୍ତା କଲେ ହୁଏତ କେବେହେଲେ କୌଣସି ଫଳ ଫଳିବ ନାହିଁ । ମାତ୍ର ଯଦି ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ଜଣେ ଶିକ୍ଷକ ବ୍ୟକ୍ତିଗତ ଭାବରେ ତାଙ୍କର ଜଣେ ଛାତ୍ରର ମନ୍ଦ ଆଚରଣ ଦେଖିବାକୁ ପାଇବେ, ତେବେ ସେଠାରେ ଯାଇ ହସ୍ତକ୍ଷେପ କରିବା ତାଙ୍କ ପକ୍ଷରେ ନିଶ୍ଚୟ ଉଚିତ ହେବ । ଅବଶ୍ୟ ଏଥିରେ ଗୋଟିଏ ସର୍ତ୍ତ ନିଶ୍ଚୟ ରହିଥିବ ଯେ, ସେହି ଛାତ୍ରଟି ସହିତ ତାଙ୍କର ବନ୍ଧୁତା ଏବଂ ସ୍ନେହର ସମ୍ପର୍କ ରହିଥିବ ।

ଅନେକ ଆଶୀର୍ବାଦ ।

*୨୨ ନଭେମ୍ବର ୧୯୬୯*

*ମାଆ,*

*ଆପଣ କ'ଣ ଭାବୁ ନାହାନ୍ତି ଯେ, ଆମର ଶିକ୍ଷାଗତ କାର୍ଯ୍ୟକ୍ରମଟି ମଧ୍ୟରେ*

*ପିଲାମାନେ ଅନ୍ତତଃ ସପ୍ତାହରେ ଥରେ ଆଶ୍ରମ ଲାଗି କୌଣସି ନିଃସ୍ୱାର୍ଥପର କାର୍ଯ୍ୟ କରିବାର ଶିକ୍ଷା ମଧ୍ୟ ଲାଭ କରିବେ ?*

ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିବା ସର୍ବଦା ଅତ୍ୟନ୍ତ ଉପାଦେୟ । ମାତ୍ର, ଆହୁରି ଅଧିକ ଭଲ କଥା ହେବ, ଯଦି ସେହି କାର୍ଯ୍ୟ କରିବାରେ ଆମେ ଆନନ୍ଦଲାଭ କରୁଥିବା ଓ ତାହା ଆମକୁ କୌଣସି ପ୍ରକାରେ ନୀରସ ଲାଗୁ ନ ଥିବ ।

ଅନେକ ଆଶୀର୍ବାଦ ।

*୨୬ ନଭେମ୍ବର ୧୯୬୯*

*ମାଆ,*

*ଗୋଷ୍ଠୀ କ –୧ ଏବଂ କ –୨ର ଛାତ୍ରମାନଙ୍କୁ ଆମେ ପ୍ରତିବର୍ଷ ଏକ ବିଶେଷ ପୁରସ୍କାର ଦେଇ ଆସୁଛୁ । ଏବର୍ଷ ମଧ୍ୟ ସେହି ଗୋଷ୍ଠୀର ଗୋଟିଏ ବାଳକ ଅଛି, ଯିଏକି ବର୍ଷ ତମାମ ଭାରି ଯୋଗ୍ୟତାର ସହିତ ଯାବତୀୟ କାର୍ଯ୍ୟ କରିଛି; ମାତ୍ର ବର୍ତ୍ତମାନ ଛୁଟିରେ ସିଏ ଘରକୁ ଚାଲିଯାଇଛି ଓ ଡିସେମ୍ବର ଦୁଇ ତାରିଖର ବାର୍ଷିକ ପ୍ରଦର୍ଶନରେ ସିଏ ଅଂଶଗ୍ରହଣ କରିପାରି ନାହିଁ । ଆପଣ କ'ଣ ଭାବୁଛନ୍ତି ଯେ, ତାକୁ ତଥାପି ଏବର୍ଷର ପୁରସ୍କାରଟି ଦିଆଯିବା ଉଚିତ ?*

ସିଏ ଆଶ୍ରମରୁ କିପରି ଘରକୁ ଗଲା, ସବୁକିଛି ତାହାରି ଉପରେ ନିର୍ଭର କରୁଛି : ସିଏ ବାପମାଆଙ୍କ ଆଜ୍ଞା ପାଳନ କରି ବାଧ୍ୟ ହୋଇ ଘରକୁ ଯାଇଛି ନା ନିଜେ ଇଚ୍ଛା ପ୍ରକାଶ କରି ଘରକୁ ଯାଇଛି । ଯଦି ସିଏ ନିଜେ ଯିବା ଲାଗି ଇଚ୍ଛା କରିଥିବ, ତେବେ, ବାହାରେ ଯେତେଯାହା ଗୁଣର ପରିଚୟ ଦେଇଥିଲେ ମଧ୍ୟ, ତାକୁ କୌଣସି ପୁରସ୍କାର ନ ଦେବାହିଁ ସମ୍ଭବତଃ ଅଧିକ ଭଲ ହେବ । କାରଣ ତାହାର ଅର୍ଥ ହେବ ଯେ, ଅନ୍ତର୍ଗତ ଦୃଷ୍ଟିକୋଣଟି ଉପରେ ଆମେ ଆଦୌ କୌଣସି ମହତ୍ତ୍ୱ ଦେଉ ନାହୁଁ । ଆମେ ଏଠାରେ ଯେଉଁ ଲକ୍ଷ୍ୟଟିକୁ ଅନୁସରଣ କରୁଛୁ, ଅର୍ଥାତ୍, ନୂତନ ସୃଷ୍ଟିଟି ଲାଗି ଆଗାମୀ କାଲିର ମନୁଷ୍ୟକୁ ପ୍ରସ୍ତୁତ କରିବାର ଯେଉଁ ଲକ୍ଷ୍ୟଟିକୁ ଆମେ ଗ୍ରହଣ କରିଛୁ, ଜଣେ ଛାତ୍ର ତାହାକୁ କେତେଦୂର ବୁଝିଛି କି ନାହିଁ, ଆମେ ତାହା ଉପରେ କୌଣସି ଗୁରୁତ୍ୱ ଦେଉ ନାହୁଁ ବୋଲି ଜଣାପଡ଼ିବ ।

ଅନେକ ଆଶୀର୍ବାଦ ।

*୯ ଡିସେମ୍ବର ୧୯୬୯*

*ମାଆ,*

*ପିଲାମାନେ ଯେପରି କୌଣସି କାର୍ଯ୍ୟରେ ପ୍ରବୃତ୍ତି ରଖିବେ ଓ ସେମାନଙ୍କ ଭିତରେ ଯେପରି କୌଣସି ପ୍ରକାରର ଆଗ୍ରହ ଜାତ ହେବ, ସେଥିଲାଗି ସେମାନଙ୍କୁ କୌଣସି ପୁରସ୍କାର ଆଦି ଦେବା ପ୍ରକୃତରେ ଉଚିତ କି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନିଜର ଚେତନାରେ ବିକାଶସାଧନ କରିବା ଏବଂ ନିଜେ ନ ଜାଣିଥିବା ଯାବତୀୟ ବିଷୟରୁ କିଛି ଶିକ୍ଷା କରିବା ଉଦ୍ଦେଶ୍ୟରେହିଁ ପିଲାମାନଙ୍କର ଅଧ୍ୟୟନରେ ପ୍ରବୃତ୍ତ ହେବା ଅଧିକ ଭଲ କଥା ହେବ । ମାତ୍ର, ଯେଉଁମାନେ ନିଜର ଅଧ୍ୟୟନରେ ବିଶେଷ ଆଗ୍ରହ ଦେଖାଇଛନ୍ତି, ଯେଉଁମାନେ ଶୃଙ୍ଖଳା ରଖିଛନ୍ତି ଓ ବିଶେଷ ମନୋଯୋଗର ପରିଚୟ ଦେଇଛନ୍ତି, ସେମାନଙ୍କୁ ପୁରସ୍କାର ଦେଲେ ମୋଟେ ଖରାପ ହେବ ନାହିଁ ।

ଅନେକ ଆଶୀର୍ବାଦ ।

*୧୭ ଡିସେମ୍ବର ୧୯୬୯*

*ମାଆ,*

*ଆପଣ କ'ଣ ଭାବୁ ନାହାନ୍ତି ଯେ, ଏଠାରେ ଜଣେ ଶିକ୍ଷକ କିଂବା ତାଲିମ ଦେଉଥିବା ପ୍ରଶିକ୍ଷକ ହେବା ଲାଗି, ବିଶେଷ କରି ଅତି ସାନ ପିଲାଙ୍କର ଶିକ୍ଷକ ହେବା ଲାଗି, ଆଶ୍ରମରେ ଆଗରୁ ବେଶ୍ କେତେ ବର୍ଷ ବାସ କରିଥିବା ଏକାନ୍ତ ଆବଶ୍ୟକ ହେବ ?*

ଏଥିଲାଗି ଚେତନାର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ରହିଥିବାର ଆବଶ୍ୟକତା ରହିଛି;— ଏବଂ, ଭାରି ଦୁର୍ଭାଗ୍ୟର କଥା ଯେ, ଏଠି ଆଶ୍ରମରେ କେତେ କେତେ ବର୍ଷ ଅବସ୍ଥାନ କରିବା ପରେ ମଧ୍ୟ ସର୍ବଦା ଏହି ଦୃଷ୍ଟିକୋଣଟିକୁ ଅର୍ଜନ କରିବା ସମ୍ଭବ ହୁଏ ନାହିଁ ।

ପ୍ରକୃତ କଥା କହିବାକୁ ଗଲେ, ଶିକ୍ଷକମାନଙ୍କୁ ଏକ **ପରୀକ୍ଷାମୂଳକ ଭାବରେ** ଗ୍ରହଣ କରାଯିବ; ସେମାନେ ଏହି ଯଥାର୍ଥ ଦୃଷ୍ଟିକୋଣଟିକୁ ଅର୍ଜନ କରି ପାରୁଛନ୍ତି କି ନାହିଁ ଏବଂ ଆପଣା କାର୍ଯ୍ୟର ଆବଶ୍ୟକତାଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରି ପାରୁଛନ୍ତି କି ନାହିଁ, ସେକଥା ଦେଖିବାକୁ ପଡ଼ିବ ।

ଅନେକ ଆଶୀର୍ବାଦ ।

*୧୮ ଡିସେମ୍ବର ୧୯୬୯*

*ମାଆ,*

*‘‘ଚେତନାର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ’’ କହିଲେ ଆପଣ କ’ଣ ବୁଝୁଛନ୍ତି ?*

ତଦ୍ୱାରା ମୁଁ ଚେତନାର ଏପରି ଏକ ଆବଶ୍ୟକ ଦୃଷ୍ଟିକୋଣକୁ ବୁଝୁଛି, ଯାହାକି ଆମକୁ ଏହିଭଳି ଏକ ଅନ୍ତର୍ଗତ ନିଶ୍ଚୟତା ଆଣିଦେଇ ଯାଉଥିବ ଯେ, ଯାହାକିଛି ତଥାପି ଜାଣିବାକୁ ବାକି ରହିଛି, ତାହା ତୁଳନାରେ ଆମେ ଆଦୌ କିଛିହେଲେ ଜାଣି ନାହୁଁ; ଏବଂ, ପ୍ରକୃତରେ ପିଲାମାନଙ୍କୁ ପଢ଼ାଇପାରିବାକୁ ହେଲେ ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ନିଜେ କିଛି ନା କିଛି ଶିଖିବା ଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ଏଇଟି ହେଲା ଅପରିହାର୍ଯ୍ୟ ସର୍ବପ୍ରଥମ କଥା ।

ଆଉ ଗୋଟିଏ ଦ୍ୱିତୀୟ କଥା ବି ରହିଛି । ସେଇଟି ହେଉଛି ଯେ, ଆମର ବାହ୍ୟ ଜୀବନଟିକୁ ଆମେ ଯେପରି ଜାଣୁ ତାହା ପ୍ରକୃତରେ ଅଳ୍ପ ବହୁତ ପରିମାଣରେ ଏକ ପ୍ରତିଭାସମୟ ପ୍ରତୀତି ହୋଇହିଁ ରହିଥାଏ, ଏବଂ ତେଣୁ ଆମକୁ ସତତ ପରମସତ୍ୟ ଲାଗି ଏକ ଜୀବନ୍ତ ଅଭୀପ୍‌ସାକୁ ଜାଗ୍ରତ କରି ରଖିବାକୁ ପଡ଼ିବ ।

ଅନେକ ଆଶୀର୍ବାଦ ।

*୧୯ ଡିସେମ୍ବର ୧୯୬୯*

*ମାଆ,*

*ଆଶ୍ରମରେ ପିତାମାତା ଏବଂ ଅଭିଭାବକମାନଙ୍କର କି ଭୂମିକା ରହିବ ? ନିଜ ପିଲାମାନେ ଯେପରି ଏକ ଅଧିକ ଭଲ ଶିକ୍ଷା ଲାଭ କରି ପାରିବେ, ସେଥିରେ ସେମାନଙ୍କର ବି କେଉଁ ଅବଦାନ ରହିବ ?*

ଏହି କ୍ଷେତ୍ରରେ ସେମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେବ ଯେ, ସେମାନଙ୍କର ପିଲାମାନଙ୍କୁ ଯେଉଁ ଶିକ୍ଷା ଦିଆଯାଉଛି, ସେମାନେ କଥାରେ ଅଥବା ଉଦାହରଣରେ କଦାପି ତାହାର ପ୍ରତିକୂଳ ମନୋଭାବ ଦେଖାଇବେ ନାହିଁ ।

ଏବଂ, ଏକ ସକାରାତ୍ମକ ଦୃଷ୍ଟିରୁ, ଶାନ୍ତ ଏବଂ ଶୃଙ୍ଖଳିତ ହୋଇ ରହିବା ଲାଗି ନିଜର ପିଲାମାନଙ୍କୁ ଉତ୍ସାହିତ କରି ସେମାନେ ନିଜର ସର୍ବୋତ୍ତମ କାର୍ଯ୍ୟ କରିପାରିବେ ।

ଅନେକ ଆଶୀର୍ବାଦ ।

*୨୪ ଡିସେମ୍ବର ୧୯୬୯*

*ମାଆ,*

*ଫେଶନ, ଗହଣା ଏବଂ ପୋଷାକ ବିଷୟରେ ଆପଣଙ୍କର ମତ କ'ଣ ? ଆମ ଆଶ୍ରମ-ଜୀବନରେ ଉତ୍ତମ ରୁଚି କହିଲେ ଆପଣଙ୍କ ମତରେ କ'ଣ ବୁଝାଇବ ?*

ମୋର ଏ ବିଷୟରେ କୌଣସି ମତ ନାହିଁ ।

ମୁଁ ଭାବୁଛି, ଉତ୍ତମ ରୁଚି କହିଲେ ସରଳ ଏବଂ ନିଷ୍ପାପର ହେବାକୁହିଁ ବୁଝାଇବ ।

ଅନେକ ଆଶୀର୍ବାଦ ।

*୪ ଜାନୁଆରୀ ୧୯୭୦*

*ମାଆ,*

*ଆପଣ ଆମକୁ ଏଠାରେ ଯେଉଁ ସ୍ୱାଧୀନତା ପ୍ରଦାନ କରିଛନ୍ତି, ତାହାକୁ ସୁସଂଗଠିତ କରିବା ସକାଶେ ଆମେ ପିଲାମାନଙ୍କୁ କିପରି ଶିକ୍ଷା ଦେଇ ପାରିବା ?*

ପିଲାମାନଙ୍କର ପ୍ରତ୍ୟେକ ବିଷୟ ଶିଖିବାକୁ ରହିଛି । ଏକ ଉପଯୋଗୀ ଏବଂ ଉତ୍ପାଦନଶୀଳ ଜୀବନ ଲାଗି ଆପଣାକୁ ପ୍ରସ୍ତୁତ କରିବା ପାଇଁ ତାହାହିଁ ସେମାନଙ୍କର ସର୍ବପ୍ରଧାନ ଅନୁଧାବନ ହୋଇ ରହିବା ଉଚିତ ।

ପୁନଶ୍ଚ, ସେମାନେ ବୟସରେ ବଡ଼ ହେଉଥିବା ସଙ୍ଗେ ସଙ୍ଗେ, ସେମାନଙ୍କୁ ଆପଣା ଭିତରେ ଏପରି ଗୋଟିଏ ବସ୍ତୁର ବା ବସ୍ତୁଗୁଡ଼ିକର ଅବଶ୍ୟ ଆବିଷ୍କାର କରିବାକୁ ହେବ, ଯେଉଁଟି ପ୍ରତି କି ସେମାନଙ୍କର ସର୍ବାଧିକ ଆଗ୍ରହ ରହିଛି ଏବଂ ଯେଉଁଟିକୁ ସେମାନେ ଉତ୍ତମ ରୂପେ ସମ୍ପନ୍ନ କରିପାରିବେ । ସେମାନଙ୍କ ଭିତରେ ଏପରି ଅନେକ ସାମର୍ଥ୍ୟ ଗୁପ୍ତ ହୋଇ ରହିଛି, ଯେଉଁଗୁଡ଼ିକର ବିକାଶସାଧନ କରିବାକୁ ପଡ଼ିବ । ଏପରି ଅନେକ ଗୁଣ-ସାମର୍ଥ୍ୟ ରହିଛି, ଯେଉଁଗୁଡ଼ିକର ଆବିଷ୍କାର କରିବାକୁ ପଡ଼ିବ ।

ପିଲାମାନଙ୍କୁ ଏପରି ଏକ ଶିକ୍ଷା ଦିଆଯିବ, ଯାହାଦ୍ୱାରା କି ଅସୁବିଧାଗୁଡ଼ିକୁ ଅତିକ୍ରମ କରିବା ସକାଶେ ସେମାନଙ୍କର ଆଗ୍ରହ ରହିଥିବ । ଅସୁବିଧାଗୁଡ଼ିକୁ ଅତିକ୍ରମ କରିବା ଦ୍ୱାରା ଯେ ଜୀବନର ମୂଲ୍ୟଗୁଡ଼ିକ ଏକ ବିଶେଷ ଭାବରେ ସମୃଦ୍ଧ ହୋଇଥାଏ, ସେକଥା ସେମାନଙ୍କୁ ଶିକ୍ଷା ଦିଆଯିବ । ଯେତେବେଳେ ଜଣେ ବ୍ୟକ୍ତି ତାହାକୁ ଶିକ୍ଷା କରିପାରିବ, ସେତେବେଳେ ତା'ର ଜୀବନରୁ ସକଳ ନୀରସତାବୋଧ ସବୁଦିନ ଲାଗି ବିଲୁପ୍ତ ହୋଇଯିବ ଏବଂ ତା'ର ଜୀବନରେ ସମ୍ପୂର୍ଣ୍ଣ ଏକ ନୂତନ ଆଗ୍ରହ ଅନୁଭୂତ ହେବାକୁ ଆରମ୍ଭ କରିବ ।

ଅଗ୍ରଗତି କରିବା ଲାଗିହିଁ ଆମେ ଏହି ପୃଥିବୀରେ ଅଛୁ । ଏବଂ ଏଠାରେ ଆମର ସବୁକିଛି ଶିକ୍ଷା କରିବାକୁ ରହିଛି । *୧୪ ଜାନୁଆରୀ ୧୯୭୨*

*ମାଆ,*

*ଆପଣ କାଲି ଲେଖିଥିଲେ : ‘‘ଏଠାରେ ଅନେକ ସାମର୍ଥ୍ୟ ସୁପ୍ତ ହୋଇ ରହିଛି, ଯେଉଁଗୁଡ଼ିକର ବିକାଶସାଧନ କରିବାକୁ ହେବ । ଏପରି ଅନେକ ଗୁଣ-ସାମର୍ଥ୍ୟ ରହିଛି, ଯେଉଁଗୁଡ଼ିକର ଆବିଷ୍କାର କରିବାକୁ ପଡ଼ିବ ।’’*

*ଏହିସବୁ ଗୁଣସାମର୍ଥ୍ୟର ଆବିଷ୍କାରରେ ଶିକ୍ଷକ ବା ତାଲିମ ଦେଉଥିବା ବ୍ୟକ୍ତିର କି ଭୂମିକା ରହିଛି ?*

ଜଣେ ଶିକ୍ଷକ ଏପରି ଗୋଟିଏ ବହିପରି ହୋଇ କଦାପି ରହିବ ନାହିଁ, ଯାହାକୁ କି ସ୍ୱଭାବ ଏବଂ ଚରିତ୍ର ନିର୍ବିଶେଷରେ ସମାନ ଭାବରେ ସମସ୍ତଙ୍କ ଆଗରେ ପାଟି କରି ପଢ଼ି ଦିଆଯାଇ ପାରିବ । ପିଲା ନିଜକୁ ଜାଣିବ ଓ ତା’ ଭିତରେ ପ୍ରକୃତରେ କ’ଣ ସବୁ କରିବାର ସାମର୍ଥ୍ୟ ରହିଛି, ସିଏ ସେଗୁଡ଼ିକର ଆବିଷ୍କାର କରିବ,— ଏଥିରେ ତା’ର ସହାୟତା କରିବା ହେଉଛି ଶିକ୍ଷକର ସର୍ବପ୍ରଥମ କର୍ତ୍ତବ୍ୟ ।

ସେଥିଲାଗି ଶିକ୍ଷକ ପିଲାର ଖେଳକୁ ମଧ୍ୟ ଦେଖୁଥିବ; ସ୍ୱାଭାବିକ ଏବଂ ସ୍ୱତଃପ୍ରବୃତ୍ତ ଭାବରେ ଯେଉଁସବୁ କ୍ରିୟାଶୀଳତା ଆଡ଼କୁ ପିଲା ଆକୃଷ୍ଟ ହୋଇ ଆସୁଥିବ, ଯାହାକିଛି ଶିଖିବା ଲାଗି ପିଲାକୁ ଭଲ ଲାଗୁଥିବ, ପିଲାର ବୁଦ୍ଧିଶକ୍ତି ପ୍ରକୃତରେ ଜାଗ୍ରତ ହେଲାଣି କି ନାହିଁ, ପିଲାକୁ ଯେଉଁସବୁ କାହାଣୀ ଭଲ ଲାଗୁଛି ଓ ଯେଉଁସବୁ କାର୍ଯ୍ୟ ପ୍ରତି ତା’ର ଆଗ୍ରହ ରହିଛି, ମନୁଷ୍ୟଜୀବନର ଯେଉଁସବୁ କର୍ମୋପଲବ୍ଧି ପ୍ରତି ତାହାର ଆକର୍ଷଣ ରହିଛି, ଶିକ୍ଷକ ସେହି ସବୁଗୁଡ଼ିକୁହିଁ ନିରୀକ୍ଷଣ କରି ଦେଖୁଥିବ ।

ତା’ ଦାୟିତ୍ୱରେ ରହିଥିବା ପ୍ରତ୍ୟେକ ପିଲାଙ୍କୁ ପ୍ରକୃତରେ କେଉଁଭଳି ଏକ ପ୍ରରୂପରେ ଅନ୍ତର୍ଭୁକ୍ତ କରି ରଖାଯାଇ ପାରିବ, ଶିକ୍ଷକ ତାହାକୁ ନିଶ୍ଚୟ ଜାଣିବ । ଏବଂ ଅତ୍ୟନ୍ତ ସାବଧାନତା ସହିତ ନିରୀକ୍ଷଣ କରି ଯଦି ସିଏ ଜାଣିବାକୁ ପାଇବ ଯେ ତା’ ଦାୟିତ୍ୱରେ ଥିବା ଗୋଷ୍ଠୀଟି ମଧ୍ୟରେ ଦୁଇ ବା ତିନିଜଣ ଏପରି ପିଲା ଅଛନ୍ତି, ଯେଉଁମାନଙ୍କର କି ଶିଖିବା ଲାଗି ବିଶେଷ ଆଗ୍ରହ ରହିଛି ଏବଂ ଯେଉଁମାନେ ଅଗ୍ରଗତି କରିବାକୁ ଭଲ ପାଉଛନ୍ତି, ତେବେ ସିଏ ସେମାନଙ୍କୁ ସେହି ଉଦ୍ଦେଶ୍ୟରେ ସାଧନ ଲାଗି ଆପଣାର ଶକ୍ତିଗୁଡ଼ିକୁ କାର୍ଯ୍ୟରେ ଲଗାଇ ପାରିବା ଦିଗରେ ସହାୟତା କରିବ; ସେମାନଙ୍କୁ ସିଏ ସ୍ୱୟଂ ନିର୍ବାଚନ କରିବାର ସ୍ୱାଧୀନତା ଦେବ, କାରଣ ତାହା ବ୍ୟକ୍ତିଗତ ଅଭିବୃଦ୍ଧିକୁ ସର୍ବଦା ପ୍ରୋତ୍ସାହନ ଦେଇଥାଏ ।

ଶ୍ରେଣୀରେ ସମସ୍ତେ ଯଥାସ୍ଥାନରେ ବସିଥିବେ ଓ ଶିକ୍ଷକ ସମସ୍ତଙ୍କ ଆଗରେ ସେହି ଏକା ପାଠକୁ ଗାଇଦେଇ ଆସୁଥିବାର ଯେଉଁ ପୁରାତନ ପଦ୍ଧତିଟି ରହିଛି, ସେଥିରେ ଅଳପ ଶକ୍ତି ଖର୍ଚ୍ଚ ହେଉଛି ଓ ତାହା ସହଜ ଲାଗୁଛି ସତ, ମାତ୍ର ତାହା ପ୍ରକୃତରେ ଅତ୍ୟନ୍ତ ନିଷ୍ଫଳ ହୋଇ ରହୁଛି ଏବଂ ତେଣୁ ତଦ୍ୱାରା ସଂପୃକ୍ତ ସମସ୍ତଙ୍କର ସମୟହିଁ ନଷ୍ଟ ହେଉଛି ।

*୧୫ ଜାନୁଆରୀ ୧୯୭୨*

*ମାଆ,*

*ଆପଣ ଲେଖିଛନ୍ତି : ‘‘ଅତ୍ୟନ୍ତ ସାବଧାନତା ସହିତ ଯଦି ସିଏ (ଶିକ୍ଷକ) ଜାଣିବାକୁ ପାଇବ ଯେ, ତା’ ଦାୟିତ୍ୱରେ ଥିବା ଗୋଷ୍ଠୀଟି ମଧ୍ୟରେ ଦୁଇ ବା ତିନିଜଣ ଏପରି ପିଲା ଅଛନ୍ତି, ଯେଉଁମାନଙ୍କର କି ଶିଖିବା ଲାଗି ବିଶେଷ ଆଗ୍ରହ ରହିଛି ଏବଂ ଯେଉଁମାନେ ଅଗ୍ରଗତି କରିବାକୁ ଭଲ ପାଉଛନ୍ତି, ତେବେ ସିଏ ସେମାନଙ୍କୁ ସେହି ଉଦ୍ଦେଶ୍ୟର ସାଧନ ଲାଗି ଆପଣାର ଶକ୍ତିଗୁଡ଼ିକୁ କାର୍ଯ୍ୟରେ ଲଗାଇ ପାରିବା ଦିଗରେ ସହାୟତା କରିବ; ସେମାନଙ୍କୁ ସିଏ ସ୍ୱୟଂ ନିର୍ବାଚନ କରିବାର ସ୍ୱାଧୀନତା ଦେବ, କାରଣ ତାହା ବ୍ୟକ୍ତିଗତ ଅଭିବୃଦ୍ଧିକୁ ସର୍ବଦା ପ୍ରୋତ୍ସାହନ ଦେଇଥାଏ ।’’*

*ଏହାଦ୍ୱାରା କ’ଣ ଆପଣ ଏପରି କହିବାକୁ ଚାହୁଁଛନ୍ତି ଯେ, କେବଳ ବିଶେଷ ପ୍ରତିଭା ରହିଥିବା ପିଲାମାନଙ୍କୁହିଁ ସ୍ୱୟଂ ନିର୍ବାଚନ କରିବାର ସ୍ୱାଧୀନତା ଦିଆଯିବ ? ତେବେ ଅନ୍ୟମାନଙ୍କର କଥା କ’ଣ ହେବ ?*

ବିଶେଷ ପ୍ରତିଭା ପିଲାମାନଙ୍କୁ ମୁଁ ସ୍ୱୟଂ ନିର୍ବାଚନ କରିବାର ସ୍ୱାଧୀନତା ଦିଆଯିବା ଉଚିତ ବୋଲି କହିଥିଲି, କାରଣ, ସେମାନଙ୍କର ପରିପୂର୍ଣ୍ଣ ବିକାଶ ଦିଗରେ ସେମାନଙ୍କୁ ଆମେ ପ୍ରକୃତରେ ସାହାଯ୍ୟ କରିବାକୁ ଇଚ୍ଛା କରୁଥିଲେ, ସେମାନଙ୍କ ଲାଗି ସେହି ସ୍ୱାଧୀନତାଟିକୁ ଲାଭ କରିବା ଏକାନ୍ତ ଅପରିହାର୍ଯ୍ୟ ।

ନିର୍ବାଚନର ଏହି ସ୍ୱାଧୀନତା ଅବଶ୍ୟ ସବୁ ପିଲାମାନଙ୍କୁ ଦିଆଯାଇ ପାରିବ, ଏବଂ ତାହାରି ଦ୍ୱାରା ଆମେ ସେମାନଙ୍କର ଯଥାର୍ଥ ସ୍ୱଭାବଟିକୁ ମଧ୍ୟ ଭଲ ଭାବରେ ଜାଣିବାକୁ ସମର୍ଥ ହେବା । ମାତ୍ର, ସ୍ୱାଧୀନତା ପାଇଁ ସେମାନଙ୍କ ଭିତରୁ ଅଧିକାଂଶ କେବଳ ଅଳସୁଆ ବୋଲି ପ୍ରମାଣିତ ହେବେ ଏବଂ ସେମାନେ ଅଧ୍ୟୟନରେ ଖୁବ୍‌ବେଶୀ ଆଗ୍ରହ ରଖିଛନ୍ତି ବୋଲି ବି ମୋଟେ ଦେଖା ଯିବ ନାହିଁ । ମାତ୍ର, ଅନ୍ୟ ପକ୍ଷରେ, ସେମାନେ ହୁଏତ ହାତ ଦ୍ୱାରା କିଛି ଗଢ଼ିବାରେ ଅଧିକ କୌଶଳ ପ୍ରଦର୍ଶନ କରି ପାରିବେ, ନାନା ଜିନିଷ ତିଆରି କରିବାରେ ହୁଏତ ସେମାନଙ୍କର ଅଧିକ ସମର୍ଥତା ରହିଥିବ । ଆମକୁ ଏହି କଥାଟିକୁ ମଧ୍ୟ

ଉତ୍ସାହିତ କରିବାକୁ ହେବ । ଏହିପରି ଭାବରେ ପିଲାମାନେ ସମାଜ ଭିତରେ ନିଜ ନିଜର ଯଥାର୍ଥ ସ୍ଥାନଟିକୁ ଆବିଷ୍କାର କରିନେଇ ପାରିବେ ଏବଂ ବଡ଼ ହୋଇ ଯେପରି ସେମାନେ ସେହି ସ୍ଥାନଟିକୁ ଗ୍ରହଣ କରିନେଇ ପାରିବେ, ବର୍ତ୍ତମାନ ସେଥିଲାଗି ନିଜକୁ ପ୍ରସ୍ତୁତ କରି ପାରିବେ ।

ପ୍ରତ୍ୟେକ ପିଲା ଯାହାକିଛି କରୁଛି, ତାହା ବୁଦ୍ଧିକ୍ଷେତ୍ରର, କଳାତ୍ମକ କ୍ଷେତ୍ରର କିଂବା ହାତରେ କରିବାର କୌଣସି କାର୍ଯ୍ୟ ହୋଇଥାଉ ପଛକେ, ଆମେ ତାକୁ ସେହି କାର୍ଯ୍ୟଟିକୁ ଉତ୍ତମ ରୂପେ ସମ୍ପନ୍ନ କରି ତଜ୍ଜନିତ ଆନନ୍ଦ ଲାଭ କରିବାର ଶିକ୍ଷା ଦେବା । କୌଣସି କାର୍ଯ୍ୟ ଯାହା ହୋଇଥାଉ ପଛକେ, ତାହାକୁ ଯତ୍ନ ଏବଂ ସମୁଚିତ କୁଶଳତା ସହିତ ସମ୍ପନ୍ନ କରି ପାରିଲେ ସେଥିରେ ଯେ ପ୍ରକୃତରେ ଏକ ଗୌରବ ନିହିତ ହୋଇ ରହିଛି, ପିଲାକୁ ଆମେ ସେହି କଥାଟିକୁହିଁ ଶିକ୍ଷା ଦେବାକୁ ଚେଷ୍ଟା କରିବା ।

*୧୬ ଜାନୁଆରି ୧୯୭୨*

*ମାଆ,*

*ବିଶେଷ ପ୍ରତିଭା ରହିଥିବା ପିଲାମାନଙ୍କ ବିଷୟରେ କହିବାକୁ ଗଲେ, ଆପଣ କ'ଣ ଭାବୁଛନ୍ତି ଯେ, ଆମେ ସେମାନଙ୍କର ବିଶେଷ ପ୍ରତିଭାଟି ଆଡ଼କୁ ସେମାନଙ୍କର ଶକ୍ତିଚୟକୁ ନିର୍ଦ୍ଦେଶିତ କରାଇ ଦେବାକୁ ଚେଷ୍ଟା କରିବା, ନା ସେଗୁଡ଼ିକୁ ଏକ ସକଳାଙ୍ଗ ବିକାଶ ଆଡ଼କୁ ନିର୍ଦ୍ଦେଶିତ କରି ପାରିଲେ ତାହା ଅଧିକ ଭଲ ହେବ ?*

ତାହା ସଂପୃକ୍ତ ପିଲାଟି ଏବଂ ତା'ର ସାମର୍ଥ୍ୟଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିବ ।

*୧୮ ଜାନୁଆରୀ ୧୯୭୨*

*ମାଆ,*

*ଶିକ୍ଷାବିଷୟକ ଆମର କାର୍ଯ୍ୟକ୍ରମରେ ଆମେ ପିଲାମାନଙ୍କୁ ସପ୍ତାହରେ ଅନ୍ତତଃ ଥରକ ପାଇଁ ଆଶ୍ରମ ଲାଗି ନିଃସ୍ୱାର୍ଥପର ଭାବରେ କୌଣସି ଏକ କାର୍ଯ୍ୟ କରିବାକୁ ଶିକ୍ଷା ଦେବା କି ନାହିଁ, ଥରେ ଆପଣଙ୍କୁ ମୁଁ ପଚାରିଥିଲି । ଏବଂ ଆପଣ ଉତ୍ତର ଦେଇ କହିଥିଲେ :*

*"ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିବା ସର୍ବଦା ଅତ୍ୟନ୍ତ ଉପାଦେୟ ।*

*ମାତ୍ର, ଆହୁରି ଅଧିକ ଭଲ କଥା ହେବ, ଯଦି ସେହି କାର୍ଯ୍ୟ କରିବାରେ ଆମେ ଆନନ୍ଦ ଲାଭ କରୁଥିବା ଓ ତାହା ଆମକୁ କୌଣସି ପ୍ରକାରେ ନୀରସ ଲାଗୁ ନ ଥିବ ।''*

*ଆମର କାର୍ଯ୍ୟକ୍ରମରେ ଆମେ ଏଥିଲାଗି କିପରି ଏକ ସ୍ଥାନ ରଖି ପାରିବା, ଆପଣ ସେହି ବିଷୟରେ କିଛି ପ୍ରସ୍ତାବ ଦେବେ କି ?*

ପିଲାମାନେ ଯେଉଁସବୁ ବିଭିନ୍ନ ପ୍ରକାରର କାର୍ଯ୍ୟ କରିପାରିବେ, ସେମାନଙ୍କୁ ଯଦି ସେଗୁଡ଼ିକୁ ଦେଖିବାର ଏକ ସୁଯୋଗ ଦିଆଯାଏ, ତେବେ ସେମାନଙ୍କ ଭିତରେ ଏଇଟିକୁ ବା ସେଇଟିକୁ କରିବାର ଏକ ପ୍ରବୃତ୍ତି ଜାଗ୍ରତ ହୋଇଆସିବ ଏବଂ ସେମାନଙ୍କ ଭିତରେ ତାହା ସତେଅବା ଖେଳ ପରି ଏକ ଆଗ୍ରହ ମଧ୍ୟ ସୃଷ୍ଟି କରିବ;— ସେମାନେ ପ୍ରକୃତରେ ବୁଦ୍ଧିଆ ହୋଇଥିଲେ ଏପରି ନିଶ୍ଚୟ ହେବ ।

*୧୮ ଜାନୁଆରି ୧୯୭୨*

*ମାଆ,*

*ପିଲାମାନଙ୍କର ଖେଳ ସମୟରେ ଆମେ ସେମାନଙ୍କୁ ଦେଖିବା (୧୫-୧-୭୨ ର ଚିଠି) ବୋଲି ଆପଣ ଯେତେବେଳେ କହିଲେ, ସେତେବେଳେ ଆପଣ କେଉଁ ବୟସର ପିଲାଙ୍କର କଥା ଚିନ୍ତା କରୁଥିଲେ ?*

ଏକଥା ସମ୍ପୂର୍ଣ୍ଣତଃ ସେହି ପିଲାଟି ଉପରେ ନିର୍ଭର କରିବ । ଏପରି ପିଲା ଅଛନ୍ତି, ଯେଉଁମାନଙ୍କର କି ସାତବର୍ଷ ବୟସରେ ମଧ୍ୟ ଏକ ଜାଗରଣ ଘଟିସାରି ଥାଏ; ଆଉ କେତେକ ପିଲାଙ୍କ କ୍ଷେତ୍ରରେ ଟିକିଏ ଅଧିକ ସମୟ ଲାଗେ ।

ପିଲାମାନେ ଯେପରି ନିଜେ ଦେଖିପାରିବେ ଓ ନିଜେ ବିଚାର କରିପାରିବେ, ସେଥିଲାଗି ସେମାନଙ୍କୁ ସୁଯୋଗ ଦେବା ହେଉଛି ଅସଲ କଥା ।

*ମାଆ, ସାତ ବର୍ଷରୁ କେତେ ବର୍ଷ ପର୍ଯ୍ୟନ୍ତ ?**

ହୁଏତ ଅଠରବର୍ଷ ପର୍ଯ୍ୟନ୍ତ ବୋଲି କୁହାଯାଇ ପାରିବ । ଏହା ସମ୍ପୃକ୍ତ ପିଲାଟି ଉପରେହିଁ ନିର୍ଭର କରିବ । ଚଉଦ ବା ପନ୍ଦର ବର୍ଷ ହେଲାବେଳକୁ କେତେକ ପିଲାଙ୍କର ପୂର୍ଣ୍ଣବିକାଶ

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର ।

ହୋଇସାରିଥାଏ । ପ୍ରତ୍ୟେକ ପିଲାର କ୍ଷେତ୍ରରେ ଏହା ନିଶ୍ଚୟ ପୃଥକ୍ ହେବ । ଏହା ପ୍ରତ୍ୟେକ ପିଲା ଉପରେ ନିର୍ଭର କରିବ ...

*୧୮ ଜାନୁଆରି ୧୯୭୨*

*ମାଆ,*

*ଆପଣ ଲେଖିଛନ୍ତି : ''ତା' ଦାୟିତ୍ୱରେ ରହିଥିବା ପ୍ରତ୍ୟେକ ପିଲାଙ୍କୁ ପ୍ରକୃତରେ କେଉଁଭଳି ଏକ ପ୍ରରୂପରେ ଅନ୍ତର୍ଭୁକ୍ତ କରି ରଖାଯାଇ ପାରିବ, ଶିକ୍ଷକ ତାହାକୁ ନିଶ୍ଚୟ ଜାଣିବ ।''*

*ପିଲାମାନଙ୍କର ପ୍ରରୂପର ଏହି ବିଭିନ୍ନ ପ୍ରକାରକୁ ଆମେ ଜାଣିବାକୁ ସମର୍ଥ ହେବା କିପରି ?*

ସେମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ।

ପିଲାମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିପାରିବା ଲାଗି ଆମକୁ ସେମାନଙ୍କର ଅଭ୍ୟାସ ଓ ପ୍ରତିକ୍ରିୟାଗୁଡ଼ିକୁ ନିରୀକ୍ଷଣ କରି ଦେଖିବାକୁ ହେବ ଏବଂ ତାହାରି ସାହାଯ୍ୟରେ ସେମାନଙ୍କ ପ୍ରକୃତିଟି ବିଷୟରେ ସବୁକଥା ଜାଣିବାକୁ ହେବ ।

କେବଳ ପଢ଼ାଉଥିବା ପାଠଗୁଡ଼ାକର ଆବୃତ୍ତି କରିବା ଲାଗି ଶିକ୍ଷକ କଦାପି ଏକ ମେସିନ୍ ହୋଇ ରହି ନ ଥିବ । ସିଏ ମନଃତତ୍ତ୍ୱର ବି ସାହାଯ୍ୟ ନେଇପାରୁଥିବ, ନିରୀକ୍ଷଣ କରିପାରୁଥିବ ।

*୧୯ ଜାନୁଆରି ୧୯୭୨*

*ମାଆ,*

*ଗୋଟିଏ ପ୍ରରୂପର ପିଲାମାନଙ୍କୁ ଆମେ ଏକତ୍ର ରଖି ପାରିବା କି ?*

ସେଥିରେ ସୁବିଧା ରହିଛି, ଅସୁବିଧା ବି ରହିଛି । ଆମ ପାଖରେ ଯେଉଁସବୁ ସାଧନସାମଗ୍ରୀ ଓ ସୁବିଧାମାନ ଉପଲବ୍ଧ ହୋଇ ପାରୁଛି, ଆମେ ସେହି ଅନୁସାରେ ପିଲାମାନଙ୍କର ଏହି ଶ୍ରେଣୀବିଭାଗଟିକୁ କରିବା । ଏହି ବ୍ୟବସ୍ଥାଟିକୁ ଆମେ ସର୍ବଦା ସ୍ଥିତିସ୍ଥାପକ କରି ରଖିଥିବା, ଯେପରିକି ଆବଶ୍ୟକ ହେଲେ ସେଥିରେ ଏକ ଉନ୍ନତିବିଧାନ ବି କରାଯାଇ ପାରିବ ।

ଜଣେ ଭଲ ଶିକ୍ଷକ ହେବାକୁ ହେଲେ ଜଣେ ପ୍ରକୃତ ଗୁରୁର ଅନ୍ତଃଦୃଷ୍ଟି ଏବଂ ଜ୍ଞାନ ଅବଶ୍ୟ ରହିଥିବା ଉଚିତ, କଦାପି ବିଫଳ ହେଉ ନ ଥିବା ଧୈର୍ଯ୍ୟ ବି ରହିଥିବା ଉଚିତ ।

*୧୯ ଜାନୁଆରି ୧୯୭୨*

*ମାଆ,*

*ଆପଣ କହିଛନ୍ତି : ''ଛାତ୍ର ଯେପରି ନିଜକୁ ଜାଣିବ, ସେଥିରେ ତାକୁ ସାହାଯ୍ୟ କରିବା ହେଉଛି ଶିକ୍ଷକର ସର୍ବପ୍ରଥମ କର୍ତ୍ତବ୍ୟ ।''*

*ପିଲାର ଏହି ନିଜକୁ ଜାଣିବାରେ ଆମେ ତାକୁ କିପରି ସାହାଯ୍ୟ କରି ପାରିବା ? ସେଥିଲାଗି ଆମ ନିଜର ମଧ୍ୟ ଚେତନାର ଏକ ଉଚ୍ଚତର ସ୍ତରର ଉପଲବ୍ଧି କରିଥିବା ଆବଶ୍ୟକ ହେବ ନାହିଁ କି ?*

ଅବଶ୍ୟ ଆବଶ୍ୟକ ହେବ ।[୧]

ଜଣେ ଶିକ୍ଷକର ମନୋଦୃଷ୍ଟି ଏପରି ହୋଇଥିବ, ଯାହା ଫଳରେ କି ତା' ଭିତରେ ଅଗ୍ରଗତି କରିବା ଲାଗି ସତତ ଏକ ଇଚ୍ଛା ରହିଥିବ; ସିଏ ପିଲାମାନଙ୍କୁ ଯାହାକିଛି ଶିକ୍ଷା ଦେବାକୁ ଯାଉଛି, କେବଳ ତାହାକୁହିଁ ସର୍ବଦା ଅଧିକ ଭଲ ଭାବରେ ଜାଣିବା ଲାଗି ତା' ଭିତରେ ଯେ ଅଗ୍ରଗତିର ଇଚ୍ଛାଟି ରହିଥିବ, ସେକଥା ଆଦୌ ନୁହେଁ; ମାତ୍ର ପିଲାମାନେ ପ୍ରକୃତରେ ଯେ କ'ଣ ହୋଇ ପାରିବେ, ସେମାନଙ୍କୁ ସେହି କଥାଟିକୁ ଦେଖାଇ ଦେବା ସକାଶେ ସର୍ବୋପରି ସେମାନଙ୍କ ଲାଗି ଏକ ଜୀବନ୍ତ ଉଦାହରଣ ହୋଇ ରହିବାକୁହିଁ ତା' ଭିତରେ ଅଗ୍ରଗତି ଲାଗି ସେହି ଇଚ୍ଛାଟି ରହିଥିବା ଉଚିତ ।

(ପାଞ୍ଚ ମିନିଟ୍ ଧ୍ୟାନସ୍ଥ ହୋଇ ରହିବା ପରେ) ଜଣେ ଶିକ୍ଷକ ଛାତ୍ରମାନଙ୍କୁ ଯାହା ହେବା ଲାଗି କହୁଛି, ତାକୁ ନିଜକୁ ମଧ୍ୟ ତାହାରି ଏକ ଜୀବନ୍ତ ଉଦାହରଣ ହୋଇ ରହିବାକୁ ପଡ଼ିବ ।

*ମାଆ,*

*ପିଲାମାନେ ଯେପରି ନିଜକୁ ଜାଣିବାକୁ ସମର୍ଥ ହେବେ, ସେମାନଙ୍କୁ ସେହି କଥା ଶିଖାଇବାର କ'ଣ ଏହି ଗୋଟିଏ ବାଟ ରହିଛି ?*[୨]

କେବଳ ଏହି ଗୋଟିଏ ଯଥାର୍ଥ ବାଟ ରହିଛି । ମନେକର, ଜଣେ ଶିକ୍ଷକ ପିଲାମାନଙ୍କୁ ''ତୁମ୍ଭେମାନେ କେବେହେଲେ ମିଛକଥା କହିବ ନାହିଁ'' ବୋଲି କହୁଛନ୍ତି, ମାତ୍ର ତଥାପି ସ୍ୱୟଂ ମିଛ କଥା କହୁଛନ୍ତି; ସେମାନଙ୍କୁ ''କେବେହେଲେ ହଠାତ୍ ରାଗିଯିବ ନାହିଁ'' ବୋଲି କହୁଛନ୍ତି, ମାତ୍ର ନିଜେ ରାଗି ଯାଉଛନ୍ତି;— ଏଥିରେ ଶେଷକୁ କି ଫଳ ହେବ କହିଲ ?

[୧] ମୌଖିକ ଉତ୍ତର (କେବଳ ଏହି ବାକ୍ୟଟି) ।

[୨] ମୌଖିକ ପ୍ରଶ୍ନ ଓ ଉତ୍ତର ।

ପିଲାମାନେ ଯେ କେବଳ ସେହି ଶିକ୍ଷକଙ୍କ ଉପରେ ବିଶ୍ୱାସ ହରାଇ ବସିବେ ତା' ନୁହେଁ, ମାତ୍ର ସିଏ ସେମାନଙ୍କୁ ଯାହା ପଢ଼ାଉଥିବେ, ତାହା ଉପରେ ମଧ୍ୟ ବିଶ୍ୱାସ ହରାଇ ବସିବେ... ।

*ମାଆ, ଆପଣ ପ୍ରତିଦିନ ଯାହାକିଛି କହନ୍ତି, ମୁଁ ତାକୁ ଟାଇପ୍ କରି ଲେଖି ରଖେ ଏବଂ 'ପ' ତାହାକୁ ଅନ୍ୟ ଶିକ୍ଷକମାନଙ୍କୁ ଦେଖାଇବା ସକାଶେ ସ୍କୁଲକୁ ନେଇ ଯାଆନ୍ତି । ଅନ୍ୟ ଶିକ୍ଷକମାନେ ମଧ୍ୟ ଏହିସବୁ କଥାକୁ ଭାରି ଭଲ ପାଆନ୍ତି । ଏବଂ ବର୍ତ୍ତମାନ କେତେକ ଶିକ୍ଷକ ଆପଣଙ୍କୁ ପଚାରିବା ଲାଗି ମୋତେ ନାନା ପ୍ରଶ୍ନ ବି ଦେବାକୁ ଆରମ୍ଭ କଲେଣି ।**

(ହସି ହସି) ଭଲ କଥା ! ଭାରି ଭଲ କଥା !

*୧୯ ଜାନୁଆରି ୧୯୭୨*

*ମାଆ,*

*ଅଭିକ୍ରମ ଲାଗି ରହିଥିବା ସେମାନଙ୍କର ସାମର୍ଥ୍ୟକୁ ଭିତ୍ତି କରି ଯେତେବେଳେ ଆମେ ପିଲାମାନଙ୍କୁ ବିଭିନ୍ନ ଶ୍ରେଣୀରେ ସଂଗଠିତ କରି ରଖିବାକୁ ଚେଷ୍ଟା କରୁଛୁ, ସେତେବେଳେ ଆମେ ଦେଖିବାକୁ ପାଉଛୁ ଯେ, ବିଭିନ୍ନ ବିଷୟରେ କେଉଁ ପିଲା କେତେ ନୈପୁଣ୍ୟ ଦେଖାଉଛି, ତାହାର ସ୍ତରଗୁଡ଼ିକ ପରସ୍ପର ସହିତ ଭାରି ଗୋଳିଆ ମିଶା ହୋଇଯାଉଛି । କେତେକ ଶିକ୍ଷକ ତଦ୍ୱାରା ଭାରି ଅସୁବିଧାରେ ପଡୁଛନ୍ତି, କାରଣ ସେମାନେ ସେହି ପୁରାତନ ସ୍ୱୀକୃତ ପଦ୍ଧତିଟି ଅନୁସାରେ ସାଧାରଣ କ୍ଲାସ୍‌ଗୁଡ଼ିକୁ ନେବାରେ ଅଭ୍ୟସ୍ତ ହୋଇ ଯାଇଛନ୍ତି ।*

ଆମେସବୁ ଏଠାରେ କଷ୍ଟକର କାର୍ଯ୍ୟଗୁଡ଼ିକୁହିଁ କରିବା ଲାଗି ରହିଛୁ । ଅନ୍ୟମାନେ ଯେଉଁ କାର୍ଯ୍ୟଗୁଡ଼ିକୁ କରୁଛନ୍ତି, କେବଳ ସେହିଗୁଡ଼ିକୁ ଆଉ ଥରେ କରିବା ଲାଗି ଯଦି ଆମେ ତତ୍ପର ହୋଇ ରହୁ, ତେବେ ଏସବୁ ପରିଶ୍ରମ କରି ମୋଟେ କିଛି ଲାଭ ହେବ ନାହିଁ । ସେସବୁ କରିବା ଲାଗି ଆଗରୁ ବି ତ ଏହି ପୃଥିବୀରେ ଆହୁରି ଅନେକ ସ୍କୁଲ ରହିଛି ।

ସହଜତମ ଉପାୟଗୁଡ଼ିକୁ ଅବଲମ୍ବନ କରି କେତେ ମନୁଷ୍ୟ, ମନୁଷ୍ୟସମୂହର ଅଜ୍ଞାନତାକୁ ଦୂର କରିବା ଲାଗି ଚେଷ୍ଟା କରିଛନ୍ତି, ମାତ୍ର ଏବେ ଆମେ ସେହି ପର୍ଯ୍ୟାୟଟିକୁ ଅତିକ୍ରମ କରି ଆସି ସାରିଲୁଣି ଏବଂ ବର୍ତ୍ତମାନ ମନୁଷ୍ୟସମାଜ ମଧ୍ୟ ଆହୁରି ଅଧିକ ଭଲ

* ମୌଖିକ ଟିପ୍ପଣୀ ଏବଂ ଉତ୍ତର ।

ଓ ଅଧିକ ସମ୍ପୂର୍ଣ୍ଣ ଭାବରେ ସବୁକଥା ଶିଖିବା ଲାଗି ପ୍ରସ୍ତୁତ ହୋଇ ଗଲାଣି । ଯେଉଁମାନେ ଆଜି ନେତୃତ୍ୱସ୍ଥାନରେ ରହିଛନ୍ତି, ଏହି କ୍ଷେତ୍ରରେ ସେହିମାନେହିଁ ପଥ ପ୍ରଦର୍ଶନ କରିବେ । ଏବଂ ତେବେ ଅନ୍ୟମାନେ ସେମାନଙ୍କର ଅନୁଗମନ ବି କରି ପାରିବେ ।

*୨୧ ଜାନୁଆରୀ ୧୯୭୨*

*ମାଆ,*

*ପିଲାମାନେ ଯେପରି ନିଜ ସାମର୍ଥ୍ୟଗୁଡ଼ିକର ଆବିଷ୍କାର କରିପାରିବେ ଏବଂ ନିଜ ବ୍ୟକ୍ତିଗତ ବିକାଶର ପଥଟିକୁ ଅନୁସରଣ କରି ଅଗ୍ରସର ହୋଇପାରିବେ, ସେହି ଦୃଷ୍ଟିରୁ ଆମର ଶିକ୍ଷାକ୍ରମଟି କିପରି ଭାବରେ ସଂଗଠିତ ହୋଇ ରହିବା ଉଚିତ ବୋଲି ଆପଣ ବିଚାର କରୁଛନ୍ତି ?*

ଆମେ ତ ଏଠାରେ ଠିକ୍ ସେହି କଥାଟିକୁ କରିବା ଲାଗିହିଁ ଚେଷ୍ଟା କରୁଛୁ । ଏକଥାଟି ଶିକ୍ଷକ ଉପରେ ନିର୍ଭର କରୁଛି । ମୋ' ପାଖରେ ଏଥିଲାଗି ଏପରି କୌଣସି ସିଦ୍ଧାନ୍ତ ନାହିଁ, ଯାହାକୁ କି ମୁଁ କାଗଜ ଉପରେ ଲେଖିକରି କହିଦେଇ ପାରିବି* ।

ଏଠାରେ ଆମେ ଏହି କଥାଟିକୁ କରିବା ଲାଗି ଚେଷ୍ଟା କରୁଛୁ । ମାତ୍ର ଏହି କଥାଟିକୁ କିପରି ଉତ୍ତମ ରୂପେ କରିବାକୁ ହେବ, ତାହା ଶିକ୍ଷକ ଉପରେ ନିର୍ଭର କରୁଛି; ସିଏ ଏଥିଲାଗି କେତେଦୂର କଷ୍ଟ କରିବାକୁ ପ୍ରସ୍ତୁତ ହେବ, ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ତା'ର କେତେ ବେଶୀ ବୁଝିବା ଶକ୍ତି ରହିଛି, ତାହାରି ଉପରେ ନିର୍ଭର କରୁଛି । ଛାତ୍ରଙ୍କ ସ୍ୱଭାବ ଏବଂ ତା' ଭିତରେ ନିହିତ ହୋଇ ରହିଥିବା ଯାବତୀୟ ସମ୍ଭାବନାକୁ ଚିହ୍ନିପାରିବା ଲାଗି ତା' ଭିତରେ ସାମର୍ଥ୍ୟ ରହିଥିବା ଉଚିତ, ଯେପରିକି ସିଏ ଆପଣାର ଶିକ୍ଷାଦାନକୁ ପ୍ରତ୍ୟେକ ବ୍ୟକ୍ତିର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ଅନୁକୂଳିତ କରି ପ୍ରୟୋଗ କରି ପାରିବ ।

*୨୨ ଜାନୁଆରୀ ୧୯୭୨*

*ମାଆ,*

*ବିଷୟ ଅନୁସାରେ ଶିକ୍ଷକମାନଙ୍କର ବି ଏକ ଶ୍ରେଣୀବିଭାଗ ହେବା ଉଚିତ କି ? ତାହାକୁ ଆମେ ସର୍ବୋତ୍ତମ ଉପାୟ ବୋଲି କହି ପାରିବା କି ?*

ଯେତେବେଳେ ଆମେ କୌଣସି ଗୋଟିଏ ଅଥବା କେତୋଟି ବିଷୟକୁ ଗଭୀର ଭାବରେ ଅଧ୍ୟୟନ କରିବାକୁ ଇଚ୍ଛା କରୁଥିବା, ଏବଂ ଯେତେବେଳେ ସମସ୍ତଙ୍କ ଲାଗି ସମାନ ଭାବରେ

* ମୌଖିକ ଉତ୍ତର (କେବଳ ଏହି ପାରାଟି) ।

ଏକ ଆବଶ୍ୟକ ସମଗ୍ର ଆଧାରୀଭୂତ ଜ୍ଞାନ ଦିଆଯାଇ ସାରିବ, ସେତେବେଳେ ବିଷୟ ଅନୁସାରେ, ଏକ ଶ୍ରେଣୀବିଭାଗ କରିବାର ନିଶ୍ଚୟ ମହତ୍ତ୍ୱ ରହିବ । ଉଦାହରଣସ୍ୱରୂପ, ପଠନ ଓ ଲିଖନ ହୋଇ ଯାଇଥିବ, ଅନ୍ତତଃ ଗୋଟିଏ ଭାଷାରେ କହିବା ଶକ୍ତି ସମ୍ଭବ ହୋଇ ଯାଇଥିବ, କିଞ୍ଚିତ୍ ସାଧାରଣ ଭୂଗୋଳ ଓ ଆଧୁନିକ ବିଜ୍ଞାନର ଏକ ସାଧାରଣ ଜ୍ଞାନ ବି ହାସଲ ହୋଇ ଯାଇଥିବ, ଏବଂ ଗୋଷ୍ଠୀ ଅର୍ଥାତ୍ ସମୂହ ମଧ୍ୟରେ ବାସ କରିବା ସକାଶେ କେତୋଟି ଅପରିହାର୍ଯ୍ୟ ଆଚରଣ ବିଧି ମଧ୍ୟ ଆୟତ୍ତ ହୋଇ ସାରିଥିବ ।

କୌଣସି ଗୋଟିଏ ବିଷୟର ବିଶଦ ଏବଂ ସମ୍ପୂର୍ଣ୍ଣ ଅଧ୍ୟୟନ ଲାଗି ପ୍ରକୃତ ବୟସ କେତେ ହୋଇଥିବା ଉଚିତ, ତାହା ପ୍ରତ୍ୟେକ ପିଲା ଓ ଶିଖିବା ଲାଗି ତା'ର ସାମର୍ଥ୍ୟ ଉପରେ ନିର୍ଭର କରିବ ।

ଶୀଘ୍ର ଏକ ପରିପକ୍ୱତା ଆସି ଯାଇଥିବା ପିଲାମାନେ ବାରବର୍ଷ ବୟସରେ ତାହା ନିଶ୍ଚୟ ଆରମ୍ଭ କରିପାରିବେ । ଅଧିକାଂଶ ପିଲାଙ୍କ ଲାଗି ଅଧିକତର ଭାବରେ ପନ୍ଦର ବା ଏପରିକି ସତର କିଂବା ଅଠରବର୍ଷ ବୟସରେ ତାହା ହୋଇପାରିବ ।

ଏବଂ, ଯେତେବେଳେ କେହି କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ବ୍ୟୁତ୍ପତ୍ତି ଲାଭ କରିବାକୁ ଇଚ୍ଛା କରୁଥିବ, ବିଶେଷ କରି ବିଜ୍ଞାନ ବା ଦର୍ଶନ କ୍ଷେତ୍ରର କୌଣସି ଏକ ବିଷୟରେ ତାହା କରିବାକୁ ଇଚ୍ଛା କରୁଥିବ, ସେତେବେଳେ ତାକୁ ତା'ର ସମସ୍ତ ଜୀବନକାଳକୁ ଅଧ୍ୟୟନରେ ଅତିବାହିତ କରିଦେବାକୁ ପ୍ରସ୍ତୁତ ହୋଇଯିବ ଓ ତା'ର ସେହି ଅଧ୍ୟୟନ କେବେହେଲେ ବନ୍ଦହେବ ନାହିଁ ।

*୨୨ ଜାନୁଆରି ୧୯୭୨*

*ମାଆ,*

ମୁଁ ଆପଣଙ୍କୁ ପୁଣି ସେହି ପ୍ରଶ୍ନଟି ପଚାରିବାକୁ ଯାଉଛି । ''ପିଲାମାନଙ୍କର ବିଭିନ୍ନ କିସମ ବା ପ୍ରରୂପ'' କହିଲେ ଆପଣ ଠିକ୍ କ'ଣ ବୁଝୁଛନ୍ତି ?

ପିଲାମାନଙ୍କର ସ୍ୱଭାବ ଅନୁସାରେ ଏହିସବୁ ପ୍ରରୂପ ଠିକ୍ ହେବ ନା ସେମାନଙ୍କର ଆଗ୍ରହ ଅନୁସାରେ ?

ସ୍ୱଭାବ ଅନୁସାରେ ପ୍ରରୂପଗୁଡ଼ିକର ଠିକ୍ ହେବ ।

ଗୋଟିଏ ପିଲା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ସମ୍ଭାବନାଗୁଡ଼ିକର କଳନା କଲାବେଳେ, ଆମର ସାଧାରଣତଃ ଯେଉଁ ନୈତିକ ଧାରଣାମାନ ରହିଥାଏ, ସେଗୁଡ଼ାକ ଆଦୌ ଖୁବ୍ ବେଶୀ କାମ ଦେବ ନାହିଁ । ଯେଉଁମାନଙ୍କର ସ୍ୱଭାବ ବିଦ୍ରୋହପ୍ରିୟ, ଶୃଙ୍ଖଳାହୀନ,

ଅନମ୍ୟ ହୋଇ ରହିଥାଏ, ଅନେକ ସମୟରେ ସେମାନଙ୍କ ଭିତରେ ଏପରି ଗୁଣମାନ ଲୁକ୍କାୟିତ ହୋଇ ରହିଥାଏ, ଯେଉଁଗୁଡ଼ିକୁ କି କେହି କାମରେ ଲଗାଇ ଜାଣି ନ ଥାନ୍ତି । ସାଧାରଣତଃ ଅଳସୁଆ ବା ଅସକ୍ରିୟ ଅନେକ ସ୍ୱଭାବ ମଧ୍ୟରେ ସ୍ଥିରତା ଏବଂ ଧୈର୍ଯ୍ୟଶୀଳତାର ଅନେକ ସମ୍ଭାବନା ପ୍ରଚ୍ଛନ୍ନ ହୋଇ ରହିଥାଏ ।

ଏହି କ୍ଷେତ୍ରରେ ଆମ ଲାଗି ଏକ ସମଗ୍ର ଜଗତ୍ ଆବିଷ୍କୃତ ହେବା ଲାଗି ଅପେକ୍ଷା କରି ରହିଥାଏ, ଓ ତେଣୁ ସହଜ ଭାବରେ କରି ଦିଆଯାଉଥିବା କୌଣସି ସମାଧାନ ଏଠାରେ ଆଦୌ ଖୁବ୍ ବେଶୀ କାମ ଦେଇପାରେ ନାହିଁ । ବିଭିନ୍ନ ସ୍ୱଭାବ ମଧ୍ୟରେ ପାର୍ଥକ୍ୟ ନିରୂପଣ କରି ପାରିବାର ଏବଂ ସେଗୁଡ଼ିକର ସର୍ବୋତ୍ତମ ବ୍ୟବହାର କରି ପାରିବାର ମାର୍ଗଟିକୁ ଶିକ୍ଷା କରିବାରେ ଛାତ୍ରଠାରୁ ଶିକ୍ଷକକୁହିଁ ଅନେକ ଅଧିକ ଭାବରେ କଠିନ ପରିଶ୍ରମ କରିବାକୁ ଅବଶ୍ୟ ପଡ଼ିବ ।

*୨୩ ଜାନୁଆରୀ ୧୯୭୨*

*ମାଆ,*

*କାଲି ଆପଣ ଆଚରଣ-ବିଧି ବୋଲି କଥାଟିଏ କହିଥିଲେ ।*

*ଆମର ଏହି ସମୂହଟି ମଧ୍ୟରେ କେଉଁସବୁ ଆଚରଣ ବିଧିକୁ ଆପଣ ଅପରିହାର୍ଯ୍ୟ ବୋଲି ମନେ କରୁଛନ୍ତି ?*

ଧୈର୍ଯ୍ୟ, ଅଧ୍ୟବସାୟ, ଉଦାରତା, ପ୍ରଶସ୍ତ ମନ, ଅନ୍ତଃଦୃଷ୍ଟି, ସ୍ଥିର ତଥା ବୋଧଶକ୍ତିସମ୍ପନ୍ନ ଅବିଚଳତା, ଏବଂ, ତାହା ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ଆସିବା ପର୍ଯ୍ୟନ୍ତ ବା ଏପରିକି ତାହା ବିଲୁପ୍ତ ହୋଇଗଲା ପର୍ଯ୍ୟନ୍ତ ଆମର ଅହଂ ଉପରେ ନିୟନ୍ତ୍ରଣ ଅର୍ଜନ କରିବାର କ୍ଷମତା ।

*ମାଆ,*

*ମୁଁ ଠିକ୍ ଏହି କଥାଟି ଆପଣଙ୍କୁ ପଚାରି ନ ଥିଲି । ''ଆଚରଣ-ବିଧି'' କହିଲେ ମୁଁ ''ଶିଷ୍ଟ ବ୍ୟବହାର''କୁ ବୁଝୁଛି ।*

ଶିଷ୍ଟ ବ୍ୟବହାର ହେଉଛି ସାଧାରଣ ଜୀବନର ନୈତିକ ନିୟମର ଗୋଟିଏ ଅଂଶ, ଏବଂ ତେଣୁ ଆମର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସେଗୁଡ଼ିକର ଆଦୌ କୌଣସି ମୂଲ୍ୟ ନାହିଁ ।

*୨୩ ଜାନୁଆରୀ ୧୯୭୨*

*ମାଆ,*

*ପିଲାମାନଙ୍କର ବିଭିନ୍ନ କିସମର ସ୍ୱଭାବ ଅନୁସାରେ ଆପଣ ସେମାନଙ୍କୁ ସଂଗଠିତ କରିବା ବିଷୟରେ କହିଛନ୍ତି । ବର୍ତ୍ତମାନ ଆମେ ସବୁ ଯେଉଁଭଳି ଅଜ୍ଞାନ ଭିତରେ ରହିଛୁ, ସେହି ସ୍ଥିତିରେ କୌଣସି ବିଭାଜନକୁ ନେଇ ଲଦିଦେବାର ଚେଷ୍ଟା କଲେ ତାହା ପ୍ରକୃତରେ ଅତ୍ୟନ୍ତ ଯଥେଚ୍ଛାଚାର ପରି ହେବ ନାହିଁ କି ଏବଂ ଏପରି କି ବର୍ଦ୍ଧିଷ୍ଣୁ ପିଲାଟିକୁ ନେଇ ତାହା ଏକ ବିପଜ୍ଜନକ ଖେଳ ଖେଳିଲା ପରି ହେବ ନାହିଁ କି ?*

ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଅବିବେକୀ ଭାବରେ ଅଜ୍ଞାନୀଙ୍କ ପରି କୌଣସି ନିଷ୍ପତ୍ତି ଗ୍ରହଣ ନ କରିବାହିଁ ଅଧିକ ଭଲ ହେବ । ପିଲାମାନଙ୍କର ଏହା ଅନେକ କ୍ଷତି କରିବ ।

ମୁଁ ଏବିଷୟରେ ଯାହାକିଛି କହିଛି, ଯେଉଁମାନେ ବିଭିନ୍ନ ସ୍ୱଭାବକୁ ଚିହ୍ନି ପାରିବେ ଓ ସେଗୁଡ଼ିକର ଯଥାର୍ଥ ମୂଲ୍ୟାୟନ କରିପାରିବେ, ତାହାକୁ କେବଳ ସେହିମାନଙ୍କ ଲାଗି କହିଛି । ତା' ନ ହେଲେ ଏସବୁର ଫଳ ପ୍ରକୃତରେ ସାଂଘାତିକ ହେବ ଏବଂ ବର୍ତ୍ତମାନ ସାଧାରଣତଃ ପ୍ରଚଳିତ ହେଉଥିବା ଯାନ୍ତ୍ରିକ ଶିକ୍ଷାଦାନ ଅପେକ୍ଷା ତାହା ଅଧିକ କ୍ଷତି ମଧ୍ୟ ଘଟାଇବ । *୨୪ ଜାନୁଆରି ୧୯୭୨*

*ମାଆ,*

*ଆମକୁ ଆପଣ ଯାହା କରିବାକୁ ନିର୍ଦ୍ଦେଶ ଦେଉଛନ୍ତି ତାହା ପ୍ରକୃତରେ କରିପାରିବାକୁ ହେଲେ ଜଣେ ଶିକ୍ଷକ ପକ୍ଷରେ ତରତର ହୋଇ ଯାହା ଇଚ୍ଛା ଗୋଟିଏ କିଛି କରି ପକାଇବା ପରିବର୍ତ୍ତେ ଏକ ଗଭୀର ଏବଂ ନିଷ୍ଠାପର ଯୋଗର ସାଧନା କରିବା ସର୍ବପ୍ରଥମ କର୍ତ୍ତବ୍ୟ ହେବ ନାହିଁ କି ?*

ନିଶ୍ଚୟ ![*]

ମୁଁ କେବଳ ଆମର ଉପଲବ୍ଧି କରିବାକୁ ରହିଥିବା ଏକ ଆଦର୍ଶ ବିଷୟରେ ଲେଖିଛି । ସେହି କଥାଟିକୁ କରିପାରିବା ଲାଗି ତୁମକୁ ପ୍ରସ୍ତୁତ ହେବାକୁହିଁ ପଡ଼ିବ ।

ଏହି ପଦ୍ଧତିଟିକୁ ଗ୍ରହଣ କରି ପାରିବାକୁ ହେଲେ ଜଣେ ଶିକ୍ଷକର ମନଃତତ୍ତ୍ୱଗତ ଅନେକ ବିବେକବୁଦ୍ଧି ରହିଥିବା ଆବଶ୍ୟକ ହେବ ଏବଂ ସେଥିଲାଗି ଅନେକ ସମୟ ଲାଗିବ, ଅନେକ ଅନୁଭୂତି ଅର୍ଜନ କରିବାକୁ ପଡ଼ିବ । *୨୪ ଜାନୁଆରି ୧୯୭୨*

* ମୌଖିକ ଉତ୍ତର (କେବଳ ଏହି ବାକ୍ୟଟି) ।

*ମାଆ,*

*ଆପଣ କହିଛନ୍ତି ଯେ ଶିକ୍ଷକକୁ ମନସ୍ତତ୍ତ୍ୱଗତ ଅନେକ ବିବେକବୁଦ୍ଧି ହାସଲ କରିବାକୁ ପଡ଼ିବ, ତାକୁ ଜଣେ ଗୁରୁ ହେବାକୁ ପଡ଼ିବ ।* ଆପଣ ତ ଅତ୍ୟନ୍ତ ଭଲଭାବରେ ଜାଣିଛନ୍ତି ଯେ ସେସବୁ ହେବା ଲାଗି ଆମର ବର୍ତ୍ତମାନ ଦୀର୍ଘ ପଥ ବାକି ରହିଛି । ତେଣୁ, ଶିକ୍ଷକମାନେ ବର୍ତ୍ତମାନ ଯେଉଁ ସ୍ତରରେ ରହିଛନ୍ତି, ସେହି ପରିସ୍ଥିତିରେ ଆମ ଶିକ୍ଷାଦାନର ମାନରେ କୌଣସି ଉନ୍ନତିବିଧାନ କରିବାକୁ ହେଲେ ଏହି ଶିକ୍ଷା ବ୍ୟବସ୍ଥାଟିକୁ କିପରି ସଂଗଠିତ କରିବାକୁ ପଡ଼ିବ ?

ସେମାନେ ଆପଣାର ଯଥାସାଧ ସବୁ କରିବାକୁ ଚେଷ୍ଟା କରିବେ, ସେମାନଙ୍କର ସବୁକଥା ଜାଣିବାକୁ ରହିଛି ବୋଲି ସଜ୍ଞାନ ହେବେ । ଏହିପରି ଭାବରେ ସେମାନଙ୍କର ଅଧିକରୁ ଅଧିକ ଅଭିଜ୍ଞତା ହେବ ଏବଂ ଫଳରେ ସେମାନେ ଅଧିକରୁ ଅଧିକ ଭଲ ଭାବରେ ଆପଣାର କାର୍ଯ୍ୟଟିକୁ କରିପାରିବେ । କିଛି ଶିଖିବା ଲାଗି ତାହାହିଁ ହେଉଛି ସର୍ବୋତ୍ତମ ବାଟ; ଏବଂ ଯଦି ପୂର୍ଣ୍ଣ ଆନ୍ତରିକତା ସହିତ ସେମାନେ ତାହା କରିପାରିବେ, ତେବେ ଦୁଇ, ତିନି ବର୍ଷ ଭିତରେ ସେମାନେ ନିପୁଣତା ହାସଲ କରିପାରିବେ ଓ ପ୍ରକୃତରେ ଉପଯୋଗୀ ହୋଇପାରିବେ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହିପରି ଭାବରେ କାର୍ଯ୍ୟ କଲେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହେବାକୁ ଲାଗିବ ଏବଂ ତଦ୍ଦ୍ୱାରା ଶିକ୍ଷକ ତଥା ଛାତ୍ର ଦୁହେଁ ଅଗ୍ରଗତି କରିପାରିବେ ।

*୨୫ ଜାନୁଆରି ୧୯୭୨*

*ମାଆ,*

*ପିଲାମାନଙ୍କ ପରି ଶିକ୍ଷକମାନଙ୍କର ବି କ'ଣ କିସମ ଅନୁସାରେ ଶ୍ରେଣୀବିଭାଗ କରାଯିବା ଉଚିତ ହେବ କି ? ସେମାନଙ୍କର ଶିକ୍ଷାଦାନର ଶୈଳୀ, ଦୃଷ୍ଟିଭଙ୍ଗୀ ଏବଂ କେତେକ ନିର୍ଦ୍ଦିଷ୍ଟ ବିଷୟ ଲାଗି ରହିଥିବା ସେମାନଙ୍କର ସମ୍ବନ୍ଧ ଅନୁସାରେ ସେମାନଙ୍କର ଏକ ଶ୍ରେଣୀବିଭାଗ କରାଯିବା ଉଚିତ କି ?*

ତାହା କରିବାକୁ ହେଲେ ଯେଉଁ ଶିକ୍ଷକ ବିଭିନ୍ନ ଅଧ୍ୟୟନଗୁଡ଼ିକୁ ସଂଗଠିତ କରୁଛନ୍ତି, ସିଏ ଜଣେ ବିବେକବୁଦ୍ଧିସମ୍ପନ୍ନ ମନସ୍ତତ୍ତ୍ୱବିତ୍ ହୋଇଥିବେ । ଯଥାର୍ଥ ପର୍ଯ୍ୟବେକ୍ଷଣ କରିପାରୁଥିବେ ଓ ସଦିଚ୍ଛା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବେ । ତାଙ୍କ ନିଜର ମଧ୍ୟ ଅନେକ କିଛି ଶିକ୍ଷା

କରିବାକୁ ରହିଛି ଓ ଅନେକ ବାଟ ଆଗକୁ ଯିବାକୁ ରହିଛି ବୋଲି ସିଏ ହୃଦୟଙ୍ଗମ କରିପାରୁଥିବେ ।

ପ୍ରକୃତ ଓ ଯଥାର୍ଥ ଦୃଷ୍ଟିକୋଣ ହେଉଛି ଯେ ଆମେ ଜୀବନକୁ ଏକ ସତତ ଅଧ୍ୟୟନର କ୍ଷେତ୍ର ରୂପେ ଗ୍ରହଣ କରିପାରୁଥିବା; ସେହି କ୍ଷେତ୍ରରେ ଆମର ଶିକ୍ଷା କରିବାର ପ୍ରକ୍ରିୟାଟି କେବେହେଲେ ବନ୍ଦ ହୋଇଯିବ ନାହିଁ ଏବଂ, ଯାହାକିଛି ଜାଣିବାର କଥା, ଆମେ ସେଗୁଡ଼ିକୁସବୁ ଜାଣି ସାରିଲୁଣି ବୋଲି କେବେହେଲେ ଭାବିବା ନାହିଁ । ଆମେ ଯେତିକି ଜାଣିଛୁ, ତାହାଠାରୁ ଅଧିକ ଜାଣିବାର ଏବଂ ଯେପରି ଭାବରେ ବୁଝିଛୁ, ତାହାଠାରୁ ଆହୁରି ଅଧିକ ଭଲ କରି ବୁଝିବାର କ୍ଷେତ୍ର ସର୍ବଦା ଉନ୍ମୁକ୍ତ ହୋଇ ରହିଥିବ ।

*୨୫ ଜାନୁଆରି ୧୯୭୨*

*ମାଆ,*

*ଇଲେକ୍‌ଟ୍ରୋନିକ୍‌ସ୍ ଏବଂ ଶିଳ୍ପବିଜ୍ଞାନର କ୍ଷେତ୍ରରେ ଯଦି ପିଲାମାନେ ନଅ ବର୍ଷ ବୟସରୁ ପ୍ରୟୋଗାତ୍ମକ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି, ତେବେ ସେମାନଙ୍କୁ ସେଥିଲାଗି ଉତ୍ସାହିତ କରାଯିବା ଉଚିତ ହେବ କି ?*

ହଁ, ନିଶ୍ଚୟ ଉତ୍ସାହିତ କରାଯିବା ଉଚିତ ।

*୨୫ ଜାନୁଆରି ୧୯୭୨*

*ମାଆ,*

*କାର୍ଯ୍ୟ କରିବାର ଏହି ପଦ୍ଧତିଟି ଅନୁସାରେ ଶିକ୍ଷକକୁ ବ୍ୟକ୍ତିଗତ ଭାବରେ ପ୍ରତ୍ୟେକଙ୍କ ସକାଶେ ଯଥେଷ୍ଟ ସମୟ ଦେବାକୁ ପଡ଼ିବ । ମାତ୍ର ଶିକ୍ଷକମାନଙ୍କର ସଂଖ୍ୟା ଅତି କମ୍ । ତେବେ ଏପରି ଅବସ୍ଥାରେ ଆମେ ପ୍ରତ୍ୟେକଙ୍କର ଆବଶ୍ୟକତା ପ୍ରତି ଯଥାସମ୍ଭବ ଅଧିକ ସମ୍ପୂର୍ଣ୍ଣ ଭାବରେ କିପରି ସମ୍ମାନ ଦେଖାଇ ପାରିବା ଏବଂ ତହିଁ ସଙ୍ଗେ ସଙ୍ଗେ ସାହାଯ୍ୟ ଚାହୁଁଥିବା ସମସ୍ତଙ୍କର ସନ୍ତୋଷବିଧାନ କରିପାରିବା ?*

ଏ ବିଷୟରେ ଆମେ କଦାପି ଏକ ସିଦ୍ଧାନ୍ତ କରି ଥୋଇଦେଇ ପାରିବା ନାହିଁ । ଏହା ପ୍ରତ୍ୟେକଙ୍କର ବିଶେଷ କ୍ଷେତ୍ର, ସମ୍ଭାବନା ଏବଂ ପରିସ୍ଥିତି ଉପରେ ସର୍ବଦା ନିର୍ଭରଶୀଳ ହୋଇ ରହିବ । ଏହାକୁ ଆମେ ଏକ ଦୃଷ୍ଟିକୋଣ ବୋଲି କହିବା; ଜଣେ ଶିକ୍ଷକର ସେହି

ଦୃଷ୍ଟିକୋଣଟି ରହିଥିବ ଏବଂ ତାହାକୁ ସିଏ ଯଥାଶକ୍ତି ଅଧିକ ଭଲ ଭାବରେ କାର୍ଯ୍ୟରେ ପ୍ରୟୋଗ କରି ପାରୁଥିବ ଏବଂ ସମ୍ଭବ ହେଲେ ଅଧିକରୁ ଅଧିକ ଭଲ ଭାବରେ ପ୍ରୟୋଗ କରିପାରୁଥିବ ।

*୨୬ ଜାନୁଆରି ୧୯୭୨*

*ମାଆ,*

*ସେଦିନ ଆପଣ କହିଲେ ଯେ ଏପରି କେତେକ ଶିକ୍ଷକ ଅଛନ୍ତି, ଯେଉଁମାନେ କି ଆପଣାର କାର୍ଯ୍ୟ ଲାଗି ଉପଯୁକ୍ତ ନୁହନ୍ତି ଏବଂ ତେଣୁ ସେମାନଙ୍କର ଶିକ୍ଷା ଦେବାର କାର୍ଯ୍ୟଟିକୁ ବନ୍ଦ କରିଦେବା ଉଚିତ । ଜଣେ ଶିକ୍ଷକର ସାମର୍ଥ୍ୟ ବିଷୟରେ ଅନୁକଳନା କରିବାକୁ ହେଲେ ତାହାର ମାନଦଣ୍ଡ କ'ଣ ହେବା ଉଚିତ ?*

ପ୍ରଥମ କଥା ହେଉଛି, ଆମେ କ'ଣ କରିବାକୁ ଚାହୁଁଛୁ, ସେ ସେହିକଥା ବୁଝିବା ଓ ଜାଣିବା; ଏବଂ ସେହି କାର୍ଯ୍ୟଟିକୁ କିପରି କରିବାକୁ ହେବ, ସେକଥାକୁ ଭଲ ଭାବରେ ବୁଝିଥିବ ।

ଦ୍ୱିତୀୟତଃ, ପିଲାମାନଙ୍କ ସହିତ ଆପଣାର କାରବାରରେ ମନସ୍ତାତ୍ତ୍ୱିକ ବିବେକବୁଦ୍ଧି ସହିତ ସବୁ କାର୍ଯ୍ୟ କରିବାକୁ ତା'ର ଏକ ଶକ୍ତି ରହିଥିବ; ସିଏ ନିଜକୁ ଛାତ୍ରମାନଙ୍କୁ ବୁଝିବ, ସେମାନେ ପ୍ରକୃତରେ କ'ଣ ସବୁ କରିପାରିବେ, ସେକଥା ମଧ୍ୟ ବୁଝିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସିଏ ଯେଉଁ ବିଷୟ ପଢ଼ାଉଛି, ତା'ର ସେହି ବିଷୟରେ ଯଥେଷ୍ଟ ଜ୍ଞାନ ରହିଥିବ । ଯଦି ଫରାସୀ ଭାଷା ପଢ଼ାଉଛି, ତେବେ ଫରାସୀ ଭାଷାରେ ତା'ର ନିଶ୍ଚୟ ଯଥେଷ୍ଟ ଜ୍ଞାନ ଥିବ; ଯଦି ସେ ଇଂରାଜୀ, ଭୂଗୋଳ ବା ବିଜ୍ଞାନ ପଢ଼ାଉଥିବ, ତେବେ ପଢ଼ାଉଥିବା ବିଷୟଗୁଡ଼ିକରେ ତା'ର ଯଥେଷ୍ଟ ଜ୍ଞାନ ନିଶ୍ଚୟ ଥିବ ।

ମାତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ତା'ର ଭିତରେ ଏକ ମନସ୍ତାତ୍ତ୍ୱିକ ବିବେକବୁଦ୍ଧି ରହିଥିବ ।*

*୩୧ ଜାନୁଆରି ୧୯୭୨*

*ମାଆ,*

*ଏବେ ଅନ୍ୟତ୍ର ସ୍କୁଲମାନଙ୍କରେ, ବିଶେଷତଃ ପାଶ୍ଚାତ୍ୟ ଭୂଖଣ୍ଡରେ ''ଯୌନ-ଶିକ୍ଷା'' ଉପରେ ଅନେକ ମହତ୍ତ୍ୱ ଦିଆଯାଉଛି ।*

---

* ମୌଖିକ ଉତ୍ତର ।

''ଯୌନ-ଶିକ୍ଷା'' ପୁଣି କ'ଣ ? ଏଥିରେ ସେମାନେ କ'ଣସବୁ ଶିକ୍ଷା ଦିଅନ୍ତି ?

ମୋ ନିଜ ବିଷୟରେ ମୁଁ ଏତିକି କହିବି ଯେ ଲୋକମାନେ ଏସବୁ ବିଷୟରେ ଆପଣାକୁ ଏତେଗୁଡ଼ାଏ ବ୍ୟାପୃତ କରି ରଖନ୍ତୁ ବୋଲି ମୁଁ ମୋଟେ ଭଲ ବୋଲି କହେ ନାହିଁ । ଆମ ସମୟରେ ଆମେ ଏସବୁକୁ ନେଇ ମୋଟେ ଏତେ ବେଶୀ ସଂପୃକ୍ତ ହୋଇ ରହୁ ନ ଥିଲୁ । ବର୍ତ୍ତମାନ ତ ପିଲାମାନେ ସେଗୁଡ଼ାକ ବିଷୟରେ ସବୁବେଳେ କଥାବାର୍ତ୍ତା ହେଉଛନ୍ତି – ସେଗୁଡ଼ାକ ସେମାନଙ୍କ ମୁଣ୍ଡ ଭିତରେ ରହିଛି, ଅନୁଭବଗୁଡ଼ିକ ଭିତରେ ରହିଛି । ଏହା ଅତ୍ୟନ୍ତ ବିରକ୍ତିକର କଥା । ଏହା ପ୍ରକୃତରେ ଭାରି କଷ୍ଟକର, ଭାରି କଷ୍ଟକର ।

ମାତ୍ର ଯଦି ପିଲାମାନେ ଏସବୁ ବିଷୟରେ ଅନ୍ୟତ୍ର କଥାବାର୍ତ୍ତା ହେଉଛନ୍ତି, ତେବେ ଆମକୁ ଏଠାରେ ମଧ୍ୟ ତାହାରି କଥା ଆଲୋଚନା କରିବାକୁ ହେବ । ଏହିସବୁ ବିଷୟର ପରିଣାମଗୁଡ଼ିକ ସମ୍ବନ୍ଧରେ ସେମାନଙ୍କୁ ସବୁକଥା କହି ଦିଆଯିବା ଉଚିତ । ଏସବୁର ପରିଣାମ ଯେ ଅତ୍ୟନ୍ତ ଅନିଷ୍ଟକାରକ ହୋଇପାରେ, ବିଶେଷତଃ ଝିଅପିଲାମାନଙ୍କୁ ସେହି କଥାଟି କହି ଦିଆଯିବା ଉଚିତ । ଯେତେବେଳେ ମୋର ବୟସ ଅଳ୍ପ ହୋଇଥିଲା, ସେହି ଯୁଗରେ ଲୋକେ ସେସବୁ ବିଷୟରେ କୌଣସି କଥାବାର୍ତ୍ତା ହେଉ ନ ଥିଲେ, ଏସବୁ କଥା ଆଡ଼କୁ ମୋଟେ କୌଣସି ଦୃଷ୍ଟି ଦେଉ ନ ଥିଲେ । ସେତେବେଳେ ଲୋକମାନେ ଏସବୁ ବିଷୟରେ କୌଣସି କଥାବାର୍ତ୍ତା କରୁ ନ ଥିଲେ । ସେହି ବିଷୟରେ ଏଠାରେ ମଧ୍ୟ କୌଣସି ଆଲୋଚନା ହେଉ ବୋଲି ମୁଁ ଇଚ୍ଛା କରି ନ ଥିଲି । ଆମେ ସେଇଥିଲାଗି ଶାରୀରିକ ଉତ୍କର୍ଷସାଧନର ଶିକ୍ଷାର ପ୍ରବର୍ତ୍ତନ କରିଛୁ । ତଦ୍ଵାରା ଆମର ଶକ୍ତିଗୁଡ଼ିକ ବଳ, ସୌନ୍ଦର୍ଯ୍ୟ ଓ କୌଶଳ ପ୍ରଭୃତିର ଅଭିବୃଦ୍ଧି ଘଟାଇବାରେ ନିୟୋଜିତ ହୋଇଥାଏ । ଏବଂ ଏହାଦ୍ଵାରା ଅଧିକ ନିୟନ୍ତ୍ରଣ ଶକ୍ତି ହାସଲ କରିବା ମଧ୍ୟ ସମ୍ଭବ ହୁଏ । ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ, ଯେଉଁମାନେ ଅନେକ ସମୟ ଦେଇ ଶାରୀରିକ ଉତ୍କର୍ଷସାଧନର ଅଭ୍ୟାସମାନ କରନ୍ତି, ସେମାନେ ଆପଣାର ଆବେଗଗୁଡ଼ିକୁ ନିୟନ୍ତ୍ରଣରେ ରଖିବାରେ ଅନେକ ଅଧିକ ସମର୍ଥ ହୁଅନ୍ତି ।*

(ଧ୍ୟାନସ୍ଥ ରହିବା ପରେ) ମଣିଷ ଭିତରେ ରହିଥିବା ଯେଉଁସବୁ ଶକ୍ତିକୁ ଏବେ ବଂଶବୃଦ୍ଧିର କାର୍ଯ୍ୟରେ ସାଧନ ରୂପେ ଲଗାଯାଉଛି ଓ ମଣିଷମାନଙ୍କର ଜୀବନରେ ଯାହା ଆଜି ଏଡ଼େବଡ଼ ସ୍ଥାନ ଅଧିକାର କରି ରହିଛି, ତାହାକୁ ତତ୍‌ପରିବର୍ତ୍ତରେ ଊର୍ଦ୍ଧ୍ଵକୁ ଉତ୍ତୋଳିତ କରି ନେଇଯିବା ଉଚିତ ଏବଂ ଅଗ୍ରଗତି ତଥା ଉଚ୍ଚତର ବିକାଶ ଲାଗି ତାହାର ବ୍ୟବହାର ହେବା ଉଚିତ । ଅଭିଳଷିତ ନୂତନ ମନୁଷ୍ୟ ଜାତିର ଆଗମନଟିକୁ ପ୍ରସ୍ତୁତ କରାଯିବା ଲାଗି ତାହାର ବ୍ୟବହାର ହେବା ଉଚିତ । ମାତ୍ର, ତା' ପୂର୍ବରୁ ଆଗ ପ୍ରାଣିକ ଏବଂ ଭୌତିକ

---

* ମୌଖିକ ଉତ୍ତର (କେବଳ ଉପରଲିଖିତ ପାରାଟି) ।

କୋଷଗୁଡ଼ିକୁ ସକଳ ବାସନାରୁ ମୁକ୍ତ କରି ଆଣିବାକୁ ହେବ । କାରଣ ତା' ନ ହେଲେ ଘୋର ଅନିଷ୍ଟ ଘଟିବାର ଏକ ଆଶଙ୍କା ସର୍ବଦା ବଳବତ୍ତର ରହିଥିବ ।

*୧ ଫେବ୍ରୁଆରି ୧୯୭୨*

*ମାଆ,*

*ଅତି ସାନ ପିଲାମାନଙ୍କ ପ୍ରତି ଜଣେ ଶିକ୍ଷକ ଯେଉଁ ବ୍ୟବହାର ଦେଖାଇବ ଓ ସେମାନଙ୍କ ପ୍ରତି ତା'ର ଯେଉଁ ଦାୟିତ୍ୱ ରହିବ, ଅପେକ୍ଷାକୃତ ଅଧିକ ବୟସର (ଉଦାହରଣ ସ୍ୱରୂପ ଚଉଦ ବା ପନ୍ଦର ବର୍ଷର) ପିଲାମାନଙ୍କ ପ୍ରତି ତା'ର ବ୍ୟବହାର ଓ ଦାୟିତ୍ୱଠାରୁ ତାହା କିପରି ପୃଥକ୍ ହେବ ?*

ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ପିଲାମାନଙ୍କ ଭିତରେ ସେମାନଙ୍କର ଚେତନା ଓ ବୁଦ୍ଧି ଯେତିକି ଅଧିକ ପରିମାଣରେ ବିକାଶଲାଭ କରିବାରେ ଲାଗିଥିବ, ଆମକୁ ମଧ୍ୟ ଅଧିକରୁ ଅଧିକ ପରିମାଣରେ ସେହିଗୁଡ଼ିକର ମାଧ୍ୟମରେହିଁ ପିଲାମାନଙ୍କ ସହିତ ବ୍ୟବହାର କରିବାକୁ ହେବ ।

*୩ ଫେବ୍ରୁଆରି ୧୯୭୨*

*ମାଆ,*

*ପିଲାମାନଙ୍କୁ ଦଣ୍ଡ ଦିଆଯିବା ଉଚିତ କି ?*

ଦଣ୍ଡ ଦିଆଯିବା ଉଚିତ ? ଦଣ୍ଡ ଦିଆଯିବା କହିଲେ ତୁମେ କ'ଣ ବୁଝୁଛ ? କୌଣସି ପିଲା ଯଦି କ୍ଲାସ୍ ଭିତରେ ଗୋଳମାଳ କରୁଛି ଓ ଅନ୍ୟମାନଙ୍କର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି, ତେବେ ତାକୁ ସେସବୁ ବନ୍ଦ କରିବାକୁ ଅବଶ୍ୟ କୁହାଯିବ; ଏବଂ ଯଦି ସେଥିରେ ତା'ର ଗୋଳମାଳ ବନ୍ଦ ନ ହୁଏ, ତେବେ ତୁମେ ତାକୁ କ୍ଲାସ୍‌ରୁ ବାହାର ବି କରିଦେଇ ପାରିବ । ତାହାକୁ ଦଣ୍ଡଦେବା ବୋଲି କୁହାଯାଇ ପାରିବ ନାହିଁ, ସେହି ପିଲାଟି କରିଥିବା କାର୍ଯ୍ୟଗୁଡ଼ିକର ଏକ ସ୍ୱାଭାବିକ ପରିଣାମ ବୋଲି କୁହାଯିବ । ମାତ୍ର ତାକୁ ଦଣ୍ଡ ଦେବା ! ତାକୁ ଦଣ୍ଡଦେବା ଲାଗି ତୁମର ମୋଟେ କୌଣସି ଅଧିକାର ନାହିଁ । ତୁମେ କ'ଣ ସ୍ୱୟଂ ଭଗବାନ୍ ହୋଇଗଲ ଯେ ତାକୁ ଦଣ୍ଡ ଦେବ ? ଦଣ୍ଡଦେବାର ଏହି ଅଧିକାରଟିକୁ ତୁମେ କାହାଠାରୁ ପାଇଲ ? ସେହି ପିଲାମାନେ ମଧ୍ୟ ତୁମର କାର୍ଯ୍ୟଗୁଡ଼ିକ ଲାଗି ତୁମକୁ ଦଣ୍ଡ ଦେଇ ପାରିବେ । ତୁମେ ନିଜେ ପରିପୂର୍ଣ୍ଣ ଓ ଦୋଷହୀନ ହୋଇ ପାରିଲଣି କି ? କୋଉଟା ଭଲ ଓ କୋଉଟା

ଖରାପ, ସେକଥା ତୁମେ ଜାଣିଛ କି ? ସେକଥା କେବଳ ସେହି ପରମ ଦିବ୍ୟସତ୍ତାହିଁ ଜାଣିଛନ୍ତି । କେବଳ ସେହି ପରମ ଦିବ୍ୟସତ୍ତାଙ୍କରହିଁ ଦଣ୍ଡଦେବାର ଅଧିକାର ରହିଛି ।[୧]

ତୁମ ନିଜ ଭିତରୁ ଯେଉଁସବୁ ସ୍ପନ୍ଦନ ବାହାରକୁ ନିର୍ଗତ ହେଉଥାଏ, ସେହିଗୁଡ଼ିକହିଁ ତୁମ ସହିତ ତାହାର ଅନୁରୂପ ସ୍ପନ୍ଦନଗୁଡ଼ିକର ସଂସ୍ପର୍ଶ ଘଟାଇଥାଏ । ଯଦି ତୁମ ଭିତରୁ ଅନିଷ୍ଟକାରୀ ଓ ବିନାଶକ ସ୍ପନ୍ଦନମାନ ନିର୍ଗତ ହେଉଥାଏ, ତେବେ ତୁମେ ତଦ୍ଦ୍ୱାରା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣା ଆଡ଼କୁ ମଧ୍ୟ ଅନୁରୂପ ସ୍ପନ୍ଦନଗୁଡ଼ିକୁ ଆକର୍ଷିତ କରି ଆଣିଥାଅ; ଏବଂ ଯଦି ତୁମେ ଏଭଳି ଏକ ଶବ୍ଦ ବ୍ୟବହାର କରିବାକୁ ଚାହୁଁଛ, ତାହାକୁହିଁ ଯଥାର୍ଥ ଦଣ୍ଡ ବୋଲି କୁହାଯାଇ ପାରିବ । ମାତ୍ର, ଏହି ପୃଥିବୀର ଦିବ୍ୟ ବ୍ୟବସ୍ଥାଟି ସହିତ ତାହାର ଆଦୌ କୌଣସି ସମଞ୍ଜସତା ନାହିଁ ।

ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟର ଅନୁରୂପ ପରିଣାମମାନ ରହିଛି । ସେହି ପରିଣାମ ଭଲ ହୋଇପାରେ, ମନ୍ଦ ବି ହୋଇପାରେ । ମାତ୍ର ପୁରସ୍କାର ଦେବା ଏବଂ ଦଣ୍ଡବିଧାନ କରିବାର ଧାରଣାଟି କେବଳ ଏହି ମଣିଷର ମୁଣ୍ଡରୁହିଁ ବାହାରିଛି ଏବଂ ଏହି ବିଶ୍ୱର ପରମ ଋତ-ଚିତ୍ ଯେପରି ଧାରାରେ ଆପଣାର କାର୍ଯ୍ୟ କରୁଛନ୍ତି, ସେଇଟି ସହିତ ଏହାର ଆଦୌ କୌଣସି ସମ୍ବନ୍ଧ ନାହିଁ । ଏହି ପୃଥିବୀର ଶାସନ କରୁଥିବା ସେହି ପରମ ଚେତନା ଯଦି ଶାସ୍ତିବିଧାନ କରିବା ଓ ପୁରସ୍କାର ଦେବାର ମାନବିକ ଧାରାଟି ଅନୁସାରେ କାର୍ଯ୍ୟ କରିଥାନ୍ତେ, ତେବେ ଏହି ପୃଥିବୀରୁ ମନୁଷ୍ୟମାନେ କେଉଁକାଳରୁ ବିଦାୟ ହୋଇ ଯାଇ ସାରନ୍ତେଣି ।

ଦିବ୍ୟ ସ୍ପନ୍ଦନଗୁଡ଼ିକୁ କୌଣସି ପ୍ରକାରେ ବିକୃତ କରି ନ ଦେଇ ମନୁଷ୍ୟମାନେ ଯେତେବେଳେ ସେଗୁଡ଼ିକୁ ସଂଚାରିତ କରି ଦେବାକୁ ସମର୍ଥ ହେଲାଭଳି ଯଥେଷ୍ଟ ପରିମାଣରେ ଶୁଦ୍ଧ ହୋଇ ପାରିବେ, ସେତେବେଳେ ଏହି ପୃଥିବୀପୃଷ୍ଠରୁ ଯାବତୀୟ ଯନ୍ତ୍ରଣାର ଅବସାନ ଘଟିବ । ତାହାହିଁ ଏକମାତ୍ର ପନ୍ଥା ।

*୩ ଫେବ୍ରୁଆରି ୧୯୭୨*

କେତେକ ଶିକ୍ଷକ ମୋତେ ଲେଖିକରି ଜଣାଇଛନ୍ତି ଯେ, ମୁଁ ତୁମ ପାଖକୁ ଲେଖିଥିବା ବିଷୟଟିକୁ ସେମାନେ ପାଠ କରିଛନ୍ତି ଓ ତଦ୍ଦ୍ୱାରା ସେମାନଙ୍କର ଅନେକ ଉପକାର ହୋଇଛି । ତେଣୁ ତୁମେ ସେମାନଙ୍କୁ ସେହି ଲେଖାଟିକୁ ବେଶ୍ ଦେଖାଇ ପାରିବ ।[୨]

---

[୧] ମୌଖିକ ଉତ୍ତର (କେବଳ ଏହି ପାରାଟି) ।

[୨] ଏହି ତାରିଖଟିର (୧୪ ଫେବ୍ରୁଆରି) ସମସ୍ତ ସାମଗ୍ରୀ ମୌଖିକ ।

*ମାଆ, ଏହି ପ୍ରାର୍ଥନାଟି ?*

ହଁ, ତୁମେ ଖଣ୍ଡେ କାଗଜ ଉପରେ ଏଇଟିକୁ ଟାଇପ୍ କରି ନେଇପାରିବ :

''ଆମେ ପରମ ଦିବ୍ୟସତ୍ତାଙ୍କର ଯଥାର୍ଥ ସେବକ ହୋଇ ରହିବାକୁ ଇଚ୍ଛା କରୁଛୁ ।''

ଏବଂ ତା'ପରେ ସେହି ପ୍ରାର୍ଥନାଟି :

''ପରମୋଚ୍ଚ ପ୍ରଭୁ, ହେ ପରମ ଚେତନା, ଆମେ ପ୍ରକୃତରେ କ'ଣ, ଆମେ ପ୍ରକୃତରେ କ'ଣସବୁ କରିପାରିବୁ, ଆମର ଅଭିଳାଷଟି ଅନୁସାରେ ଆପଣଙ୍କର ସେବା କରି ପାରିବାକୁ ସମର୍ଥ ଏବଂ ଉପଯୁକ୍ତ ହେବା ଲାଗି ଆମକୁ ଯେଉଁ ଅଗ୍ରଗତି କରିବାକୁ ହେବ, କେବଳ ତୁମେହିଁ ତାହାକୁ ଯଥାର୍ଥ ଭାବରେ ଜାଣିଛ । ତୁମେ ଆମକୁ ଆମର ସାମର୍ଥ୍ୟଗୁଡ଼ିକ ବିଷୟରେ ସଚେତନ କର, ତୁମେ ଆମକୁ ଆମର ଅସୁବିଧାଗୁଡ଼ିକର ବିଷୟରେ ମଧ୍ୟ ସଚେତନ କର, ଯେପରିକି ଆମେ ସେଗୁଡ଼ିକୁ ଲଙ୍ଘନ କରିଯାଇ ପାରିବୁ ଏବଂ ପରିପୂର୍ଣ୍ଣ ନିଷ୍ଠାର ସହିତ ତୁମର ସେବା କରିପାରିବୁ ।''

ଏବଂ ତା'ପରେ,– ଏହି ଉପସଂହାରଟି :

''ପରମ ଦିବ୍ୟସତ୍ତାଙ୍କରତ ଉପଯୁକ୍ତ ସେବକ ହେବା,– ତାହାହିଁ ସର୍ବୋଚ୍ଚ ସୁଖ ।''

ଏହା ଅନେକ ଲୋକଙ୍କୁ ସାହାଯ୍ୟ କରି ପାରିବ । ସେମାନଙ୍କୁ ତୁମେ ନିଜର ଟିପାଖାତାଟି ଦେଖାଇଲ କି ?

*(ଧ୍ୟାନର) ଏହି ଟିପା ଖାତାଟିକୁ ମୁଁ ଆଦୌ ସମସ୍ତଙ୍କୁ ଦେଖାଏ ନାହିଁ । ଆଉ ଟିପାଖାତାଟିରୁ ମୁଁ ଶିକ୍ଷାବିଷୟକ ପ୍ରଶ୍ନଗୁଡ଼ିକୁ ଟାଇପ୍ କରି ସ୍କୁଲକୁ ଦେଇଦିଏ । କିନ୍ତୁ ଏହି ଟିପା ଖାତାଟିକୁ ମୁଁ ସମସ୍ତଙ୍କୁ ଦେଖାଏ ନାହିଁ ।*

ନାଇଁ,– ସେହି ଟିପାଖାତାଟି ତୁମ ସକାଶେ । ମାତ୍ର ସମସ୍ତଙ୍କ ଲାଗି ଉଦ୍ଦିଷ୍ଟ ଥିବା ଏହିଭଳି ବିଷୟଗୁଡ଼ିକୁ ତୁମେ ନିଶ୍ଚୟ ସମସ୍ତଙ୍କୁ ଦେଖାଇ ପାରିବ । ତୁମେ ଏଇଟିକୁ ସଦିଚ୍ଛା ରହିଥିବା ସମସ୍ତଙ୍କୁ ନିଶ୍ଚୟ ଦେଖାଇ ପାରିବ । ଏ ବିଷୟରେ ମୁଁ ଏକାଧିକ ଚିଠି ପାଇଛି ଓ ଏହାକୁ ପଢ଼ି ସେମାନଙ୍କର ଅନେକ ଉପକାର ହୋଇଛି ବୋଲି ମୋତେ ସମସ୍ତେ କହିଛନ୍ତି । ତେଣୁ ତୁମେ ଏକଥା ଅବଶ୍ୟ କରିପାରିବ ।

*ହଁ ମାଆ, ଏହି ଟିପା ଖାତାଟିକୁ ମୁଁ କେବେହେଲେ ସମସ୍ତଙ୍କୁ ଦେଖାଏ ନାହିଁ,*

*କାରଣ ମୁଁ ଏପରି ଭାବିଥିଲି ଯେ ଆପଣ ଏହିସବୁ କଥାକୁ ସିଧା* **ବୁଲେଟିନ୍** *ଲାଗି ବ୍ୟବହାର କରିବାକୁ ଇଚ୍ଛା କରୁଛନ୍ତି ।*

ନାଇଁ,— ମୁଁ ସବୁଗୁଡ଼ାକୁ ମୋଟେ ବୁଲେଟିନ୍ ପାଇଁ ବ୍ୟବହାର କରିବି ନାହିଁ । ଉଦାହରଣସ୍ୱରୂପ, ମୁଁ ଏହି ବିଷୟଟିକୁ 'ବୁଲେଟିନ୍'ରେ ବାହାରିବାକୁ ଦେବି ନାହିଁ ।

*୧୪ ଫେବ୍ରୁଆରି ୧୯୭୨*

*ମାଆ,*

*ସେହି ପ୍ରରୂପଗୁଡ଼ିକ ବିଷୟରେ ମୁଁ ଗୋଟିଏ ପ୍ରଶ୍ନ ପଚାରିବି । ଆପଣ ସ୍କୁଲ ଲାଗି ତାହାର ଉଲ୍ଲେଖ କରିଛନ୍ତି; ଶାରୀରିକ ଶିକ୍ଷାରେ ବି କ'ଣ ସେହିପରି ପ୍ରରୂପମାନ ରହିବ ?*

ଶାରୀରିକ ବ୍ୟାୟାମର କ୍ଷେତ୍ରରେ ସବୁକିଛି ଶରୀର ଉପରେହିଁ ନିର୍ଭର କରିବ । ଶରୀରର ସାମର୍ଥ୍ୟ ଉପରେ ନିର୍ଭର କରିବ । ଆଦୌ କ୍ଲାନ୍ତ କରିପକାଉ ନ ଥିବା ସହଜ ବ୍ୟାୟାମଗୁଡ଼ିକୁ ସମସ୍ତେ ନିଶ୍ଚୟ ଅଭ୍ୟାସ କରିପାରିବେ ।

ତା'ପରେ, ସବୁକିଛି ସେହି ଶରୀର ଉପରେ ନିର୍ଭର କରିବ; ଶରୀରର ବଳ, ଶରୀରର ସ୍ୱାସ୍ଥ୍ୟ, କ୍ଲାନ୍ତି ଲାଗି ତାହାର ପ୍ରତିରୋଧ-ଶକ୍ତି ଇତ୍ୟାଦି, ଇତ୍ୟାଦି ଉପରେ ସବୁ ନିର୍ଭର କରିବ ।

ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ତାହାକୁ ଅନୁରୂପ ବ୍ୟାୟାମଗୁଡ଼ିକର ଅଭ୍ୟାସ କରିବାକୁ ପରାମର୍ଶ ଦିଆଯିବ । ଏବଂ ଏହି ସାମର୍ଥ୍ୟ ଅନୁସାରେହିଁ ପିଲାମାନଙ୍କର ଶ୍ରେଣୀ-ବିଭାଗ କରାହେବ । ଏହିସବୁ କଥା ହେଉଛି ଅଭିଜ୍ଞତା ଏବଂ ପର୍ଯ୍ୟବେକ୍ଷଣର ବିଷୟ ।

ଶାରୀରିକ ଶିକ୍ଷା ଓ କର୍ଷଣର ଜଣେ ଉତ୍ତମ ଶିକ୍ଷକ ହେବା ଲାଗି ଆମକୁ ଶରୀର ରଚନାର ବିଜ୍ଞାନଟିକୁ ଜାଣିବାକୁ ହେବ, ଶରୀରର ବିଭିନ୍ନ ଅଂଶଗୁଡ଼ିକର ଗଢ଼ଣ, ସେଗୁଡ଼ିକର ବିକାଶ ଓ ସେଗୁଡ଼ିକର କାର୍ଯ୍ୟ ବିଷୟରେ ଜ୍ଞାନ ଅର୍ଜନ କରିବାକୁ ପଡ଼ିବ ।

*୧୬ ଫେବ୍ରୁଆରି ୧୯୭୨*

*ମାଆ,*

*ଆପଣ ଆମ ଲାଗି ଶୃଙ୍ଖଳା ସମ୍ବନ୍ଧରେ ଦୁଇପଦ ଲେଖି ପଠାଇବେ କି ?*

ଶାରୀରିକ ଜୀବନର କ୍ଷେତ୍ରରେ ଶୃଙ୍ଖଳା ଅପରିହାର୍ଯ୍ୟ । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଯେପରି ଉଚିତ ଭାବରେ କାର୍ଯ୍ୟ କରିପାରିବ, ତାହା ହେଉଛି ଏକ ଶୃଙ୍ଖଳାର ଅଙ୍ଗ । ଏବଂ ଯେତେବେଳେ ଶରୀରର କୌଣସି ଅବୟବ ବା ଅଙ୍ଗ ଶରୀରର ସାଧାରଣ ଶୃଙ୍ଖଳାଟିକୁ ମାନିବାକୁ ଅସମ୍ମତି ପ୍ରକାଶ କରେ, ଆମେ ସେତିକିବେଳେହିଁ ଅସୁସ୍ଥତା ଭୋଗକରୁ ।

ଅଗ୍ରଗତି ଲାଗି ଶୃଙ୍ଖଳା ଅପରିହାର୍ଯ୍ୟ । ନିଜକୁ ଏକ କଠିନ ଏବଂ ଜ୍ଞାନସମ୍ପନ୍ନ ଶୃଙ୍ଖଳା ମଧ୍ୟରେ ପକାଇ ପାରିଲେ ଯାଇ ଆମେ ଅନ୍ୟମାନଙ୍କର ଶୃଙ୍ଖଳା ମଧ୍ୟରୁ ନିଜକୁ ମୁକ୍ତ କରି ଆଣିପାରିବା ।

ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ସମଗ୍ର ଓ ସମ୍ପୂର୍ଣ୍ଣଭାବରେ ସମର୍ପିତ କରି ରଖିବା ଏବଂ ଆପଣାର ଅନୁଭବ ଅଥବା କ୍ରିୟାଶୀଳତା ଭିତରେ ଆଉ ଅନ୍ୟକୌଣସି ସାମଗ୍ରୀକୁ ପ୍ରବେଶ କରିବାକୁ ନ ଦେବା,– ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା । ଏହି ସମର୍ପଣଟି ମଧ୍ୟରୁ ଆମେ କୌଣସିଟିକୁ ବି କଦାପି ବାଦ୍ ଦେବା ନାହିଁ,– ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା, ସବୁଠାରୁ କଠିନ ଶୃଙ୍ଖଳା ।

*୧୭ ଫେବ୍ରୁଆରି ୧୯୭୨*

*ମାଆ,*

*କାଲି ଆପଣ ଶୃଙ୍ଖଳା ବିଷୟରେ ଲେଖିଥିଲେ । ମାତ୍ର, ସାମୂହିକ ଜୀବନ ଭିତରେ ଆମକୁ ଆମ ଉପରେ ଆଣି ଲଦି ଦିଆ ଯାଇଥିବା ଯେଉଁ ଶୃଙ୍ଖଳାଟିକୁ ମାନି ରହିବାକୁ ପଡ଼େ, ସେଇଟି ପ୍ରତି ଆମର କିପରି ଦୃଷ୍ଟିକୋଣ ରହିବା ଉଚିତ ?*

ସାମୂହିକ ଜୀବନରେ ଏକ ଶୃଙ୍ଖଳା ଅବଶ୍ୟ ରହିବ, ଯେପରିକି ସମୂହ ଭିତରେ ରହିଥିବା ଅପେକ୍ଷାକୃତ ଅଧିକ ଦୁର୍ବଳମାନେ ଅପେକ୍ଷାକୃତ ଅଧିକ ସବଳମାନଙ୍କ ଦ୍ୱାରା କୌଣସି ପ୍ରକାରେ ଅତ୍ୟାଚାରିତ ହେବେ ନାହିଁ । ଏବଂ, ଯେଉଁମାନେ ସେହି ସମୂହ ଭିତରେ ବାସ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ସେହି ଶୃଙ୍ଖଳାକୁ ଅବଶ୍ୟ ସମ୍ମାନ ଦେବାକୁ ପଡ଼ିବ ।

ମାତ୍ର ଏହି ସମୂହଟିର ଯଥାର୍ଥ ସୁଖବିଧାନ ଲାଗି, ସମୂହ ମଧ୍ୟରେ ଥିବା ସବୁଠାରୁ ଅଧିକ ପ୍ରଶସ୍ତମନା ବ୍ୟକ୍ତି ଅଥବା ବ୍ୟକ୍ତିମାନେ ସେହି ଶୃଙ୍ଖଳାଟିକୁ ତିଆରି କରିଥିବେ; ଯଦି ସମ୍ଭବ ହୁଏ, ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ପରମ ଦିବ୍ୟଉପସ୍ଥିତିଟି ବିଷୟରେ ସଚେତନ ଅଛନ୍ତି ଏବଂ ତାହାରି ପାଖରେ ଆପଣାକୁ ସମର୍ପିତ କରିଦେଇଛନ୍ତି, ସମୂହର ଶୃଙ୍ଖଳାକୁ ସେହିମାନେହିଁ ତିଆରି କରିଥିବେ ।

ଏହି ପୃଥିବୀ ଯେପରି ସୁଖରେ ରହିପାରିବ, ସେଥିଲାଗି କେବଳ ଦିବ୍ୟ ପରମ

ଇଚ୍ଛାଟି ସମ୍ବନ୍ଧରେ ସଚେତନ ରହିଥିବା ବ୍ୟକ୍ତିମାନଙ୍କ ହାତରେହିଁ ଏଠାରେ ସକଳ କ୍ଷମତା ନ୍ୟସ୍ତ ହୋଇ ରହିପାରିବା ଉଚିତ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ସେକଥା ସମ୍ଭବ ହୋଇପାରିବ ନାହିଁ, କାରଣ ସେହି ଦିବ୍ୟ ପରମ ଇଚ୍ଛାଟି ବିଷୟରେ ଯେଉଁମାନେ **ପ୍ରକୃତରେ** ସଚେତନ, ସେମାନଙ୍କର ସଂଖ୍ୟା ବର୍ତ୍ତମାନ ଅତ୍ୟନ୍ତ କମ୍ ଏବଂ କାରଣ ନ୍ୟାୟତଃ ଏହି ବ୍ୟକ୍ତିମାନଙ୍କର ଖାସ୍ ନିଜ ଲାଗି ଆଦୌ କୌଣସି ମହଦାକାଙ୍କ୍ଷା ମଧ୍ୟ ନାହିଁ ।

ବସ୍ତୁତଃ, ଯେତେବେଳେ ସେହି ଉପଲବ୍ଧିର ସମୟଟି ଆସି ପହଞ୍ଚିଯିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ତାହାର ପ୍ରବର୍ତ୍ତନ ଘଟିପାରିବ ।

ସେଇଟି ସକାଶେହିଁ ଆମେ ଯଥାସମ୍ଭବ ଅଧିକ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ପ୍ରସ୍ତୁତ କରିବା,— ଆମ ପ୍ରତ୍ୟେକଙ୍କର ତାହାହିଁ କର୍ତ୍ତବ୍ୟ ।

*୧୮ ଫେବ୍ରୁଆରି ୧୯୭୨*

*ମାଆ,*

*ଆମ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମରେ ଏଠି ଗୁଡ଼ାଏ ନିୟମ ରହିଛି ଏବଂ ପିଲାମାନଙ୍କ ଉପରେ ଆମେ ଅତିମାତ୍ରାରେ ଗୁଡ଼ାଏ ଶୃଙ୍ଖଳା ଲଦି ଦେଉଛୁ ବୋଲି କେତେକ ଲୋକ ସମାଲୋଚନା କରୁଛନ୍ତି ।*

ଶୃଙ୍ଖଳା ବିନା କୌଣସି ଶାରୀରିକ ଶିକ୍ଷା ଆଦୌ ସମ୍ଭବ ହେବ ନାହିଁ । ଏକ କଠୋର ଶୃଙ୍ଖଳା ବିନା ଆମର ଏହି ଶରୀର ମଧ୍ୟ କୌଣସି କାର୍ଯ୍ୟ କରିପାରିବ ନାହିଁ । ପ୍ରକୃତ କଥା ହେଉଛି, ଆମେ ଅନେକ ସମୟରେ ଏହି ସତ୍ୟଟିକୁ ସ୍ୱୀକାର କରି ନ ପାରୁଥିବାରୁହିଁ ଆମକୁ ପ୍ରଧାନତଃ ଅସୁସ୍ଥତା ଭୋଗ କରିବାକୁ ପଡ଼ିଥାଏ ।

ଖାଦ୍ୟର ପରିପାଚନ, ଶରୀରର ବୃଦ୍ଧି, ରକ୍ତର ସଞ୍ଚାଳନ,— ସବୁ, ସବୁକିଛି ହେଉଛି ଗୋଟିଏ ଗୋଟିଏ ଶୃଙ୍ଖଳା । ଆମର ଭାବନା, ଗତିଶୀଳତା,— ସବୁ ଗୋଟିଏ ଗୋଟିଏ ଶୃଙ୍ଖଳା, ଏବଂ ଏହି ଶୃଙ୍ଖଳାଟିରେ ବ୍ୟତିକ୍ରମ ଘଟିବା ମାତ୍ରେହିଁ ଆମେ ସଙ୍ଗେ ସଙ୍ଗେ ଅସୁସ୍ଥତା ଭୋଗକରୁ ।*

*୧୮ ଫେବ୍ରୁଆରି ୧୯୭୨*

*ମାଆ,*

*ଛାତ୍ରମାନେ, ବିଶେଷତଃ କିଶୋର ଅବସ୍ଥାର ଛାତ୍ରମାନେ ଅନେକ*

---

* ମୌଖିକ ଉତ୍ତର (କେବଳ ଏହି ପାରାଟି) ।

*ସମୟରେ ଅଭିଯୋଗ କରନ୍ତି ଯେ, ସେମାନଙ୍କୁ ଆଦୌ ଭଲ ଲାଗୁ ନ ଥିବା ଶାରୀରିକ ବ୍ୟାୟାମଗୁଡ଼ିକୁ ସେମାନଙ୍କୁ କରିବାକୁ ପଡୁଛି । ଏସବୁ ବ୍ୟାୟାମ ସେମାନଙ୍କୁ ମୋଟେ ଆଗ୍ରହୋଦ୍ଦୀପକ ମନେ ହେଉ ନାହିଁ । ମାଆ, ଆପଣ ଏହି କଥାଟିର ଏକ ଉତ୍ତର ଦେବେ କି ?*

ଆମ ନିଜର ଯାହା ଖୁସି, ତାହାରହିଁ ଅନୁସରଣ କରିବାକୁ ସଂସାରରେ ବାସକରୁ ନାହୁଁ; ଆମେ ଅଗ୍ରଗତି କରିବା ଲାଗିହିଁ ଏଠାରେ ବାସ କରୁଛୁ ।

ଟିକିଏ ମଜା ଲାଗିବ ବୋଲି କିଂବା ନିଜର ଖିଆଲଗୁଡ଼ାକର ତୃପ୍ତିସାଧନ ହେବ ବୋଲି ଶାରୀରିକ ବ୍ୟାୟାମ କେବେହେଲେ କରାଯାଏ ନାହିଁ; ମାତ୍ର ଶରୀରର ବିକାଶ ଏବଂ ବଳବୃଦ୍ଧି ଲାଗି ଏକ ବିଧିବଦ୍ଧ ଶୃଙ୍ଖଳା ହିସାବରେହିଁ ତାହା କରାଯାଇଥାଏ ।

ଆମେ ଯାହାକିଛି କରୁଛୁ, ସେଥିରେ ଆନନ୍ଦ ଅନୁଭବ କରିବା ହେଉଛି ପ୍ରକୃତ ପ୍ରଜ୍ଞା । ଆମେ ଯାହାକିଛି କରୁଛୁ, ତାହାକୁ ଆମ ଅଗ୍ରଗତିର ଏକ ମାର୍ଗ ରୂପେ ଗ୍ରହଣ କରିପାରିଲେ ଯାଇ ତାହା ସମ୍ଭବ ହେବ । ପରିପୂର୍ଣ୍ଣତା ଲାଭ କରିବାକୁ ହେଲେ ଆମକୁ ଅନେକ କଷ୍ଟ କରିବାକୁ ହେବ, ଏବଂ ସେହି ପରିପୂର୍ଣ୍ଣତାକୁ ହାସଲ କରିବା ପାଇଁ ଆମକୁ ସର୍ବଦା ପ୍ରଭୂତ ପରିମାଣର ଅଗ୍ରଗତି ସମ୍ଭବ କରିବାକୁ ପଡ଼ିବ ।

**ଯଦି ଆପଣାର ଜୀବନକୁ ଏକ ଶୋଚନୀୟ ଦୁଃଖମୟତା ଭିତରେ ପକାଇ ରଖିବାକୁ ଇଚ୍ଛା କରୁଛ, ତେବେ ଏହା ଅତ୍ୟନ୍ତ ନିଶ୍ଚିତ କଥା ଯେ, ସୁଖର ଅନୁଧାବନ କରିବା ହେଉଛି ସେଥିଲାଗି ସର୍ବୋତ୍ତମ ପନ୍ଥା ।**

ମାତ୍ର ଯଦି ତୁମେ ପ୍ରକୃତରେ ଶାନ୍ତି ଏବଂ ସନ୍ତୋଷ ଇଚ୍ଛା କରୁଛ, ତେବେ ଏହାହିଁ ସତତ ତୁମର କାର୍ଯ୍ୟ ହୋଇ ରହିବା ଉଚିତ :

''ଦିବ୍ୟ ପରମସତ୍ତାଙ୍କୁ ଜାଣିବା ଲାଗି ଓ ତାଙ୍କର ସେବକ ହେବା ଲାଗି ମୋତେ କେଉଁସବୁ ଅଗ୍ରଗତି ସମ୍ଭବ କରିବାକୁ ପଡ଼ିବ ?''*

ଏଇଟିକୁ ତୁମେ 'ଟ'କୁ ଦେଖାଇବ । ପିଲାମାନେ କ'ଣ କହୁଛନ୍ତି, ତା'ର ସେକଥା ଶୁଣିବା ଉଚିତ ଥିଲା । ସିଏ ତ ଏଠାରେ ଅନେକ ଦିନ ରହିଲାଣି । ତା'ର ସେକଥା ଅବଶ୍ୟ ଜାଣିବା ଉଚିତ ।

ସେଇଟି (''ଯଦି ଆପଣାର ଜୀବନରୁ ଏକ ଶୋଚନୀୟ ଦୁଃଖମୟତା ଭିତରେ ପକାଇ ରଖିବାକୁ ଇଚ୍ଛା କରୁଛ, ତେବେ ଏହା ଅତ୍ୟନ୍ତ ନିଶ୍ଚିତ କଥା ଯେ, ସୁଖର ଅନୁଧାବନ କରିବା ହେଉଛି ସେଥିଲାଗି ସର୍ବୋତ୍ତମ ପନ୍ଥା ।'') ହେଉଛି ଏକ ଅକାଟ୍ୟ ଓ ପରମ

* ଲିଖିତ ପ୍ରଶ୍ନ ଓ ଉତ୍ତର । ଏହାର ପରବର୍ତ୍ତୀ ଟିପ୍‌ପଣୀ ହେଉଛି ମୌଖିକ ।

ସତ୍ୟ । ଏହା ଦୃଢ଼ ଭାବରେ ଘୋଷଣା କରୁଛି ଯେ, ଯଦି ତୁମେ ତୁମ କ୍ଷୁଦ୍ର ଅହଂଟିକୁ ସନ୍ତୁଷ୍ଟ କରି ରଖିବାକୁ ଇଚ୍ଛା କରୁଛ, ତେବେ ତୁମେ ନିଃସନ୍ଦେହ ଭାବରେ କେବଳ ଦୁଃଖହିଁ ପାଇବ । ହଁ, ପ୍ରକୃତରେ ନିଃସନ୍ଦେହ ଭାବରେ ନିଜକୁ ଦୁଃଖମୟତା ଭିତରେ ପକାଇ ରଖିବାକୁ ତାହାହିଁ ସର୍ବୋତ୍ତମ ବାଟ । ''ନାଇଁ,– ଏଇଟା କରିବାକୁ ମୋତେ ମନ ଲାଗୁ ନାହିଁ; ନାଇଁ, ମୋତେ ଯାହା ଭଲ ଲାଗିବ, ମୁଁ କେବଳ ସେକଥା କରିବି; ଦେଖିଲ, ସେହି ଲୋକଟି ମୋ' ପ୍ରତି କେଡ଼େ ନିର୍ଦ୍ଦୟ ହେଉଛି; ହାୟ, ହାୟ, ମୁଁ ପ୍ରକୃତରେ ଯାହା ପାଇବାକୁ ଇଚ୍ଛା କରୁଛି, ଜୀବନ ମୋତେ ସେଗୁଡ଼ିକୁ ମୋତେ ଆଣି ଦେଇ ପାରୁ ନାହିଁ ।''
– ଏସବୁ କହିବାରେ ଲାଗିଥିବା ପ୍ରକୃତରେ କେଡ଼େ ଦୁର୍ଭାଗ୍ୟର କଥା !!!

''ମୋର ଯାହା ହେବା ଉଚିତ, ମୁଁ ତାହା ପ୍ରକୃତରେ ହୋଇ ପାରିଲିଣି କି ?

''ମୋ'ର ଯାହା କରିବା ଉଚିତ, ମୁଁ ପ୍ରକୃତରେ ସେହିସବୁ କଥା କରୁଛି କି ?''

ତା'ହେଲେ ସବୁକିଛି ଆଗ୍ରହପୂର୍ଣ୍ଣ ହେବାକୁ ଆରମ୍ଭ କରିବ ।

''ପରବର୍ତ୍ତୀ ଅଗ୍ରଗତିଟିକୁ କରିବା ସକାଶେ ମୋତେ ବର୍ତ୍ତମାନ କ'ଣ ଶିକ୍ଷା କରିବାକୁ ପଡ଼ିବ ? ମୋ'ର କେଉଁ ଅସମର୍ଥତାଟିକୁ ମୋତେ ଆଗ ଦୂର କରିବାକୁ ପଡ଼ିବ ? କେଉଁ ଦୁର୍ବଳତାଟିକୁ ଅତିକ୍ରମ କରିବାକୁ ପଡ଼ିବ ? କେଉଁ ଅକ୍ଷମତାଟିକୁ ଜୟ କରିବାକୁ ହେବ ?''

ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତାହାର ପରବର୍ତ୍ତୀ ମୁହୂର୍ତ୍ତରେ, ''ମୁଁ କିପରି ଦିବ୍ୟ ପରମସତ୍ତାଙ୍କୁ ବୁଝିବାକୁ ସମର୍ଥ ହେବି, କିପରି ତାଙ୍କର ସେବା କରିପାରିବି ?''

ତୁମେ ଏଇଟିକୁ 'ଚ'କୁ ନେଇ ଦେଖାଇବ ବୋଲି ମୁଁ ବିଶେଷ ଭାବରେ ଏଇଟିକୁ ଲେଖିଛି ।

*ହଁ ମାଆ, 'ଚ' ଏକଥା ଜାଣିଛି । ମାତ୍ର ପିଲାମାନଙ୍କୁ କିପରି ଏସବୁ କଥା ବୁଝାଇ କୁହାଯାଇ ପାରିବ, ସିଏ ତାହାହିଁ ଜାଣିବାକୁ ଚାହିଁଥିଲା ।*

ହଁ, ଏ ବିଷୟରେ ମୋର ଏତିକି କହିବାର ଥିଲା ।

*୧୯ ଫେବ୍ରୁଆରି ୧୯୭୨*

୬

# ଜଣେ ଛାତ୍ରନାୟକଙ୍କୁ ଉତ୍ତର

## ଜଣେ ଛାତ୍ରନାୟକଙ୍କୁ ଉତ୍ତର

*ଏଠାରେ ଆମର ଏତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ରହିଛି ଯେ ସେଥିରୁ କୌଣସି ଗୋଟିକୁ ନିଷ୍ଠାପର କରି ଧରି ସେଥିରୁ ପରିପୂର୍ଣ୍ଣତା ଅର୍ଜନ କରିବା ଭାରି କଷ୍ଟକର ହୋଇପଡ଼ୁଛି । ସମ୍ଭବତଃ ସେହି କାରଣରୁହିଁ ଆମେ କେହି କେବଳ ଏକ ସାମାନ୍ୟ ହାରାହାରି ସ୍ତରରୁ ଅଧିକ ହାସଲ କରିବା ଲାଗି ସମର୍ଥ ହୋଇପାରୁ ନାହୁଁ । ବା, ଆମଠାରେ ଦୃଢ଼ ଅଭିନିବେଶ-ଶକ୍ତିର ଅଭାବ ରହିଛି ବୋଲି ଆଉ କ'ଣ ସେପରି ହେଉଛି କି ?*

ଏତେ ବିଭିନ୍ନ ପ୍ରକାରର ଏବଂ ଏତେ ଅଧିକ ସଂଖ୍ୟକ କାର୍ଯ୍ୟକ୍ରମ ରହିଥିବାରୁ ଯେ ଆମେ ହାରାହାରି ସ୍ତରରେ ରହିଯାଉଛୁ, ସେକଥା ଠିକ୍ ନୁହେଁ । ଅଭିନିବେଶ ଶକ୍ତିର ଅଭାବରୁହିଁ ସେପରି ଘଟୁଛି ।

ତେଣୁ ଆମକୁ ଏହି ଅଭିନିବେଶର ଶିକ୍ଷା କରିବାକୁ ହେବ ଏବଂ ପୂର୍ଣ୍ଣ ଅଭିନିବେଶ ସହିତ ଯାବତୀୟ କାର୍ଯ୍ୟ କରିବାକୁ ହେବ ।

*୪ ଜୁଲାଇ ୧୯୬୧*

*ଛାତ୍ରମାନଙ୍କ ମଧ୍ୟରେ, ସେମାନଙ୍କର ଖେଳ ଓ କସରତ ବା ଜିମ୍‌ନାଷ୍ଟିକ୍‌ର ଯାବତୀୟ କାର୍ଯ୍ୟକ୍ରମରେ ଏକ ଯଥାର୍ଥ ଆଗ୍ରହ ସୃଷ୍ଟି କରି ପାରିବା ପ୍ରକୃତରେ ଗୋଟିଏ ସମସ୍ୟା ହୋଇ ରହିଲାଣି । ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କର ଆଗ୍ରହର ଏହି ଅଭାବକୁ ଦେଖି ଆମ ନିଜର ଉତ୍ସାହ ମଧ୍ୟ କ୍ଷୀଣ ହୋଇଯାଉଛି ।*

ଶିକ୍ଷକ ଭିତରେ ଯେତିକି ପରିମାଣରେ **ଯଥାର୍ଥ ସାମର୍ଥ୍ୟ** ରହିଥିବ, ଠିକ୍ ସେହି ଅନୁପାତରେହିଁ ଛାତ୍ରମାନଙ୍କ ମଧ୍ୟରେ ଆଗ୍ରହର ସୃଷ୍ଟି ହେବ ।

*୧୨ ଜୁଲାଇ ୧୯୬୧*

*(ଶାରୀରିକ ଶିକ୍ଷାର ନାୟକମାନଙ୍କୁ ମାଆ ଦେଇଥିବା ଗୋଟିଏ ବାଣୀ ସମ୍ବନ୍ଧରେ) ଆପଣ ଆମଠାରୁ ଯାହା ଆଶା କରୁଛନ୍ତି, ଆମେ ସେଠାରୁ ପ୍ରକୃତରେ ବହୁଦୂରରେ ରହିଛୁ । ଅନ୍ତତଃ ମୁଁ ନିଜେ ତା'ଠାରୁ ବହୁ ଦୂରରେ ରହିଛି । ଏହା ଏକ ଅତ୍ୟନ୍ତ କଠିନ କାର୍ଯ୍ୟ ଓ ଏଥିଲାଗି ସମୟ ଲାଗିବ, ଅନେକ ସମୟ ଲାଗିବ । କିନ୍ତୁ ବର୍ତ୍ତମାନ ସେହି ଦିଗରେ କ'ଣ ସବୁ କରାଯାଇ ପାରିବ ? ଆମେ ଆପଣାର*

*ଚେତନାରେ ଆବଶ୍ୟକ ପରିବର୍ତ୍ତନଟି ଘଟାଇବୁ ଏବଂ ଆପଣାକୁ ଏକ ବିଶିଷ୍ଟ ଗୋଷ୍ଠୀ ରୂପେ ପ୍ରସ୍ତୁତ କରିବୁ, ସେଥିଲାଗି ପ୍ରକୃତରେ ଏକ ଦୀର୍ଘ ସମୟ ଲାଗିବ । ବର୍ତ୍ତମାନ ଆମେ ଆମ ଛାତ୍ରମାନଙ୍କର ସ୍ତରରେ ଯାଇ ରହିଛୁ, ତେଣୁ ବର୍ତ୍ତମାନର ତାତ୍କାଳିକ ସମସ୍ୟାଗୁଡ଼ିକୁ ବି ଆମେ ମୋଟେ ସମାଧାନ କରି ପାରୁ ନାହୁଁ । ଆମେ ସେମାନଙ୍କ ଭିତରେ ପ୍ରତ୍ୟେକ ବିଷୟ ଲାଗି ଏବଂ ପ୍ରତ୍ୟହ କିପରି ଆବଶ୍ୟକ ଆଗ୍ରହଟିକୁ ଜାଗ୍ରତ କରି ଆଣି ପାରିବୁ ?*

ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନ ଘଟାଇ ଆପଣାକୁ ଏକ ବିଶିଷ୍ଟ ଗୋଷ୍ଠୀରେ ପରିଣତ କରିପାରିବା ଆହୁରି ଅଧିକ ପରିମାଣରେ ଅସମ୍ଭବ । ତେଣୁ, ସଙ୍ଗେ ସଙ୍ଗେ ସେଥିଲାଗି କାର୍ଯ୍ୟ ଆରମ୍ଭ କରିଦେବା ହେଉଛି ସର୍ବୋତ୍ତମ କଥା । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ତାହାକୁ ଆମେ କେବଳ ଏକ ସଫାଇ ଦେବାକୁ ଚେଷ୍ଟା କରିବା ବୋଲି କହିବା, ଏବଂ ଆମର ଆଳସ୍ୟହିଁ ନିଜ ପାଖରେ ସେହି ସଫାଇକୁ ଦେବାକୁ ଚେଷ୍ଟା କରିଥାଏ ।

*୧୫ ଜୁଲାଇ ୧୯୬୧*

*ଆମେ ଅନେକ ସମୟରେ ଚୈତ୍ୟସତ୍ତା ବିଷୟରେ ଓ ଆତ୍ମା ବିଷୟରେ ଆଲୋଚନା କରୁଛୁ ସତ, ମାତ୍ର ସେସବୁ ବିଷୟରେ ମୁଁ ଆଦୌ କିଛି ହେଲେ ବୁଝି ନାହିଁ । ଏହି ଦୁଇଟି ବସ୍ତୁ କହିଲେ ପ୍ରକୃତରେ କ'ଣ ବୁଝାଏ, ଏବଂ ଆମେ କିପରି ତାହାର ଅନୁଭୂତି ଲାଭ କରିପାରିବା ?*

ଶ୍ରୀଅରବିନ୍ଦ (ତାଙ୍କର ପତ୍ରାବଳୀରେ) ଏହି ବିଷୟରେ ଅନେକ କଥା ଲେଖିଯାଇଛନ୍ତି ଏବଂ ଶିକ୍ଷା-ବିଷୟକ ମୋ' ପୁସ୍ତକଟିରେ ମୁଁ ନିଜେ ମଧ୍ୟ ଏହି ବିଷୟରେ ସବୁକଥା ବୁଝାଇ କରି ଲେଖିଛି । ଆମକୁ ସେହି କଥାଗୁଡ଼ିକୁ ପଢ଼ିବାକୁ ହେବ, ଅଧ୍ୟୟନ କରିବାକୁ ହେବ, ଏବଂ **ସର୍ବୋପରି ସେଗୁଡ଼ିକୁ ଅଭ୍ୟାସ କରିବାକୁ** ମଧ୍ୟ ପଡ଼ିବ ।

*୪ ଅକ୍ଟୋବର ୧୯୬୧*

ମୋର ଇଚ୍ଛା ଯେ ତୁମେ ସମ୍ପୂର୍ଣ୍ଣ ଅଭିନିବେଶ ସହିତ ନିଜ ଭିତରକୁ ଅନାଇ ଦେଖିବ, ଏବଂ ଡିଟେକ୍ଟିଭ୍ ଗପସବୁ ପଢ଼ି ତୁମକୁ ପ୍ରକୃତରେ ଠିକ୍ କେଉଁ କଥାଟି ଏତେ ଭଲ ଲାଗୁଛି, ସେକଥା ମୋତେ ବୁଝାଇ କହିବା ପାଇଁ ଚେଷ୍ଟା କରିବ ।

*୧୬ ଅକ୍ଟୋବର ୧୯୬୧*

*ମନକୁ ଟିକିଏ ହାଲୁକା କରିବା ପାଇଁ ମୁଁ ସେଗୁଡ଼ିକୁ ପଢ଼ିଥାଏ । ଡିଟେକ୍‌ଟିଭ ଗଳ୍ପମାନଙ୍କରେ (ବିଶେଷତଃ ପେରୀ ମାସନ୍‌ଙ୍କ ଗପରେ) ସବୁବେଳେ ଗୋଟିଏ ରାଜଦରବାରର ଦୃଶ୍ୟ ରହିଥାଏ । ଯେଉଁଠାରେ କି ଓକିଲ ପେରୀ ମାସନ୍ ନିଜର ମୋକଦ୍ଦମାଟିରେ ହାରିବେ ବୋଲି ସୁନିଶ୍ଚିତ ଭାବରେ ବୋଧ ହେଉଥାଏ । ତାଙ୍କର ମକ୍‌କିଲ ହତ୍ୟାର ଅଭିଯୋଗରେ ଅଭିଯୁକ୍ତ ହୋଇଥାନ୍ତି, ସବୁଯାକ ପ୍ରମାଣ ତାଙ୍କ ବିରୁଦ୍ଧରେହିଁ ଯାଉଥାଏ; ମାତ୍ର ଓକିଲ ପେରୀ ମାସନ୍, ସବାଶେଷକୁ ଏପରି ଏକ ବିଚକ୍ଷଣ ଯୁକ୍ତି ବାଢ଼ିଦିଅନ୍ତି ଯେ, ତାହା ସମସ୍ତ ପରିସ୍ଥିତିକୁ ଏକାବେଳେକେ ବଦଳାଇ ଦିଏ । ଗପଯାକ ଆରମ୍ଭରୁ ଶେଷଯାଏ କେତେକେତେ ରହସ୍ୟମୟତାରେ ଭରି ରହିଥାଏ ଏବଂ ମୋକଦ୍ଦମାର ବିଚାରଟି ମଧ୍ୟ କୌଣସି ଏକ ସୁଦକ୍ଷ ଜିମ୍‌ନାଷ୍ଟିକ୍-ଖେଳାଳିଙ୍କର ମାନସିକ ଜିମ୍‌ନାଷ୍ଟିକ୍-ପ୍ରଦର୍ଶନ ପରି ପ୍ରତୀତ ହେଉଥାଏ । ମାତ୍ର ପ୍ରତ୍ୟେକ ଥରହିଁ, ଯେମିତି ମୁଁ ପଢୁଥିବା ବହିଟିକୁ ପଢ଼ି ଶେଷ କରିଦିଏ, ମୁଁ ଅନୁଭବ କରିବାକୁ ଲାଗେ ଯେପରିକି ବହିଟି ପଢ଼ି ମୋ'ର ପ୍ରକୃତରେ ଆଦୌ କୌଣସି ଲାଭ ହୋଇ ନାହିଁ, କିଛିହେଲେ ନୂତନ ବିଷୟ ଶିକ୍ଷା କରି ନାହିଁ,– ଏହି ସମୟତା ମୋ'ର ପ୍ରକୃତରେ ବୃଥାହିଁ କଟିଛି ।*

ଏହା ଯେ **ସମ୍ପୂର୍ଣ୍ଣ ଭାବରେ** ନିରର୍ଥକ ହୋଇ କଟେ, ସେକଥା ଠିକ୍ ନୁହେଁ । ତୁମର ମନ ଭିତରେ ନିଃସନ୍ଦେହ ଭାବରେ ଅନେକ ପରିମାଣରେ **ତମଃ** ରହିଯାଇଛି ଏବଂ ଲେଖକଙ୍କର ମାନସିକ କଳାବାଜି ସେହି ତମଃଶକ୍ତିର କିଞ୍ଚିତ୍ ପରିମାଣରେ ନିଶ୍ଚୟ ଦୋହଲାଇ ଦେଉଛି ଏବଂ ତୁମ ମନକୁ ଜାଗ୍ରତ କରିଦେଉଛି । ମାତ୍ର ତାହା କଦାପି ଖୁବ୍‌ବେଶୀ ସମୟ ଲାଗି ସ୍ଥାୟୀ ହୋଇ ରହିପାରିବ ନାହିଁ ଏବଂ ତୁମେ ଅଚିରେ ନିଶ୍ଚୟ ଉଚ୍ଚତର ବିଷୟଗୁଡ଼ିକ ପାଇଁ ମନ କରିବାକୁ ଲାଗିବ ।

*୧୬ ଅକ୍‌ଟୋବର ୧୯୬୧*

*ମାଆ,*

*ମୁଁ ଏପରି ଗୋଟିଏ କଥା ଦେଖିବାକୁ ପାଇଛି, ଯାହାକି ଆମ ସମସ୍ତଙ୍କ ପ୍ରତି ପ୍ରଯୁଜ୍ୟ ହୋଇ ପାରିବ । ସେହି କଥାଟି ହେଉଛି ଯେ, ଡିସେମ୍ବର ଦୁଇ ତାରିଖର କାର୍ଯ୍ୟକ୍ରମରେ* ଆମେ ଯଥାସମ୍ଭବ ଅଧିକସଂଖ୍ୟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛୁ । ଯଦି ଏପରି ନ କରି ଆମେ ଗୋଟିଏ ବା ଦୁଇଟି ବିଷୟକୁ*

* ଶାରୀରିକ କର୍ଷଣର ବାର୍ଷିକ ପ୍ରଦର୍ଶନ ।

*ବାଛି ନେଇ ସେହିଗୁଡ଼ିକରେ ଏକ ଅତ୍ୟୁତ୍ତମ ପ୍ରଦର୍ଶନ ଦେଇ ପାରନ୍ତୁ ଏବଂ ଏକାବେଳେକେ ଅନେକ ବିଷୟରେ କେବଳ ଏକ ସାଧାରଣ ସାମର୍ଥ୍ୟର ପରିଚୟ ନ ଦିଅନ୍ତୁ, ତେବେ ତାହା କ'ଣ ଅଧିକ ଭଲ ହୁଅନ୍ତା ନାହିଁ ?*

ଆମେ ପ୍ରତ୍ୟେକେ ଆପଣାର ସ୍ୱଭାବ ଅନୁସାରେହିଁ ଯାହାକିଛି କରିଥାଉ, ଏବଂ ଯଦି ଜଣେ ସାହସ ଓ ନିଷ୍ଠାର ସହିତ ତା'ର ସ୍ୱଭାବର ନିୟମଟିକୁହିଁ ଅନୁସରଣ କରି ପାରନ୍ତା, ତେବେ ସେ ତଦ୍ୱାରା ସତ୍ୟ ଅନୁସାରେ ଅବଶ୍ୟ କାର୍ଯ୍ୟ କରୁଛି ବୋଲି କୁହାଯାଇ ପାରିବ । ତେଣୁ ଅନ୍ୟମାନଙ୍କ ବିଷୟରେ ବିଚାର କରି ବସିବା ଓ କୌଣସି ନିଷ୍ପତ୍ତି ମଧ୍ୟ ଦେବା ଏହି କ୍ଷେତ୍ରରେ ଆଦୌ ସମ୍ଭବ ନୁହେଁ । ଆମେ କେବଳ ନିଜ ବିଷୟରେହିଁ ଯାହାକିଛି ଜାଣିପାରିବା, ଏବଂ ସେତେବେଳେ ମଧ୍ୟ, ଯେପରି ଆମେ ନିଜେ ନିଜକୁ କୌଣସି ପ୍ରକାରେ ଧୋକା ନ ଦେବା, ଆମକୁ ସେଥିଲାଗି ଅତ୍ୟନ୍ତ **ନିଷ୍ଠାପର** ହୋଇ ରହିବାକୁ ପଡ଼ିବ ।

*୪ ନଭେମ୍ବର ୧୯୬୧*

*ମାଆ,*

*ଆପଣ ଆମକୁ ଅନେକ ସମୟରେ କହି ଆସିଛନ୍ତି ଯେ, ଆମର ଯାବତୀୟ କାର୍ଯ୍ୟ କେବଳ ସେହି ପରମ ଦିବ୍ୟସତ୍ତାଙ୍କ ଲାଗିହିଁ ଏକ ସମର୍ପଣ ଓ ନିବେଦନ ହୋଇ ରହିବା ଉଚିତ । ଏହି କଥାର ପ୍ରକୃତ ଅର୍ଥ କ'ଣ ଏବଂ ଆମେ ଏହି କଥାଟିକୁ କିପରି କରିପାରିବୁ ? ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ ଟେନିସ୍ କି ବାସ୍କେଟ୍ ବଲ୍ ଖେଳୁଥିବ, ସେତେବେଳେ ସିଏ କିପରି ତାହାକୁ ଏକ ସମର୍ପଣ ଭାବ ସହିତ କରିପାରିବ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଖାଲି ମନରେ ସେହିପରି ଭାବିଲେହିଁ ତାହା ଦ୍ୱାରା ସବୁକଥା ହୋଇଯିବ ନାହିଁ !*

ଏହି କଥାଟିର ଅର୍ଥ ହେଉଛି ଯେ, ତୁମେ ଯେଉଁ କାର୍ଯ୍ୟଟିକୁ କରୁଛ, ତୁମେ ତାହାକୁ କୌଣସି ଏକ ବ୍ୟକ୍ତିଗତ ଓ ଅହଂ ଦ୍ୱାରା ପ୍ରେରିତ ଲକ୍ଷ୍ୟ ରଖି କରିବ ନାହିଁ, କୌଣସି ସଫଳତା, ଗୌରବ ଅଥବା ଲାଭ ହାସଲ କରିବା ଉଦ୍ଦେଶ୍ୟରେ କରିବ ନାହିଁ କିଂବା କୌଣସି ବାହ୍ୟ ଉପକାରପ୍ରାପ୍ତି ଲାଗି ଅଥବା କୌଣସି ଦାମ୍ଭିକତା ଦ୍ୱାରା ଅନୁପ୍ରେରିତ ହୋଇ ତାହା କରିବ ନାହିଁ । ତୁମେ ତାହାକୁ ଏକ ସେବା ଓ ଏକ ଉପାସନା ପରି କରିବ, ସେହି ଦିବ୍ୟ ଇଚ୍ଛାଟି ବିଷୟରେ ଅଧିକ ସଚେତନତା ଲାଭ କରିବାକୁ ଏବଂ ତାହାରି ପାଖରେ ନିଜକୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇ ପାରିବାକୁ ତୁମେ ତାହା

କରିବ । ଏହିପରି ଭାବରେ ଅଧିକରୁ ଅଧିକ ଅଗ୍ରସର ହୋଇ ତୁମେ ଏକଥା ଜାଣିବାକୁ ଏବଂ ଅନୁଭବ କରିବାକୁ ସମର୍ଥ ହେବ ଯେ, କେବଳ ସେହି ପରମ ଦିବ୍ୟଶକ୍ତିହିଁ ତୁମ ଭିତରେ ରହି କାର୍ଯ୍ୟ କରୁଛନ୍ତି, ତାଙ୍କରି ଶକ୍ତିହିଁ ତୁମକୁ ଶକ୍ତିମନ୍ତ କରି ରଖିଛି ଏବଂ ତାଙ୍କର ଇଚ୍ଛାହିଁ ତୁମକୁ ଅବଲମ୍ବନ ପରି ଧରି ରଖିଛି । ତୁମର ଏହି ଜ୍ଞାନ କଦାପି ମନର ସ୍ତରରେହିଁ ସୀମାବଦ୍ଧ ହୋଇ ରହିବ ନାହିଁ, ମାତ୍ର ତାହା ଏକ ଚେତନାସ୍ଥିତିର ସ୍ୱାଭାବିକ ନିଷ୍ଠା ରୂପେ ଏବଂ ଏକ ଜୀବନ୍ତ ଅନୁଭବର ଶକ୍ତି ରୂପେ ତୁମ ଭିତରେ ପ୍ରତିଷ୍ଠିତ ହୋଇ ରହିଥିବ ।

ସେହି କଥାଟିକୁ ସମ୍ଭବ କରିବାକୁ ହେଲେ ତୁମ ଭିତରେ ରହିଥିବା ଅହଂପ୍ରେରିତ ସକଳ ଅଭିପ୍ରାୟ ତଥା ସକଳ ପ୍ରତିକ୍ରିୟାକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ।

*୨୦ ନଭେମ୍ବର ୧୯୬୧*

*ମାଆ,*

*ଶାରୀରିକ ଶିକ୍ଷାର ସମସ୍ୟା ଏବଂ ସମ୍ଭାବ୍ୟ ପଦ୍ଧତିଗୁଡ଼ିକ ବିଷୟରେ ବନ୍ଧୁମାନଙ୍କ ସହିତ ଆମର ଏକ ଆଲୋଚନା ହୋଇଯାଇଛି । ମୂଳ ସମସ୍ୟାଟି ହେଉଛି : ଆମେ କିପରି ଏପରି ଗୋଟିଏ କାର୍ଯ୍ୟକ୍ରମ ଚଳାଇ ପାରିବା, ଯାହାକି ସମସ୍ତଙ୍କର ସନ୍ତୋଷବିଧାନ କରି ପାରିବ ଏବଂ ଯାହା ସାଧାରଣ ଭାବରେ ସମସ୍ତଙ୍କ ସକାଶେ ଯଥାସମ୍ଭବ ଅଧିକ ପରିମାଣରେ ଫଳପ୍ରଦ ବି ହୋଇ ପାରିବ ? ଆମ କାର୍ଯ୍ୟକ୍ରମରେ ପ୍ରତିଯୋଗିତାମାନ ରହିବା ଆବଶ୍ୟକ ହେବ କି ? ଆମେ ଏଥିରେ କାହାରି ଲାଗି ବି ଆଦୌ କୌଣସି ବାଧ୍ୟବାଧକତା ରଖିବା ନାହିଁ କି ? ଏବଂ ଯଦି ସମସ୍ତଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଏ, ତେବେ ତାହା ବ୍ୟାବହାରିକ ଦୃଷ୍ଟିରୁ ପ୍ରକୃତରେ ଉଚିତ ହେବ କି ? ଇତ୍ୟାଦି ଇତ୍ୟାଦି ... ଏହା ଏପରି ଗୋଟିଏ ବିଷୟ, ଯାହା ବିଷୟରେ କି ସମସ୍ତଙ୍କୁ ଯଥେଷ୍ଟ ପରିମାଣରେ ସନ୍ତୁଷ୍ଟ କରି ପାରୁଥିବା ଗୋଟିଏ ସମାଧାନ ଖୋଜି ପାଇବା ମୋଟେ ସମ୍ଭବ ନୁହେଁ । ଅବଶ୍ୟ ମାଆ ନିଜେ ଏଥିଭିତରକୁ ଆସି ସମାଧାନଟିଏ ବାହାର କଲେ ତାହା ଅନ୍ୟକଥା ହେବ ।*

ଏହା ମୋଟେ ସମ୍ଭବ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ନିଜର ରୁଚି ରହିଛି, ନିଜର ସ୍ୱକୀୟ ଧାରଣ ଓ ମିଜାଜ୍ ମଧ୍ୟ ରହିଛି । **ଶୃଙ୍ଖଳା** ବ୍ୟତୀତ ଆମେ ଆଦୌ କିଛିହେଲେ କରିପାରିବା ନାହିଁ । ସମଗ୍ର ଜୀବନ ହେଉଛି ଏକ ଶୃଙ୍ଖଳା ।

*୨୦ ସେପ୍‌ଟେମ୍ବର ୧୯୬୨*

*ଆମ ଶରୀରଶିକ୍ଷାର କାର୍ଯ୍ୟକ୍ରମ ଏବଂ ଆମର ଏଠାରେ ରହିଥିବା ଅନ୍ୟ ଅନେକାନେକ କାର୍ଯ୍ୟକଳାପ ବିଷୟରେ ଜଣେ ବନ୍ଧୁଙ୍କ ସହିତ ଆଲୋଚନା କରୁଥିବା ସମୟରେ ସିଏ ମୋତେ ପଚାରିଲେ : ''ତୁମେ ମୋତେ ଅନ୍ତତଃ ଏପରି ଜଣେ ବ୍ୟକ୍ତିର ଯଥାର୍ଥ ଉଦାହରଣଟିଏ ଦେଇ ପାରିବ କି, ଯିଏକି ଏତେଗୁଡ଼ିଏ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛି ଏବଂ ଏକ ଉଲ୍ଲେଖଯୋଗ୍ୟ ଉଚ୍ଚମାନର ପରିଚୟ ଦେଇ ପାରୁଛି ? ସାରା ପୃଥିବୀରେ ମଧ୍ୟ ଜଣେ ବ୍ୟକ୍ତିର ଉଦାହରଣ ଦେଖାଇ ପାରିବ ?''*

ତୁମେ ଯେଉଁମାନେ ଏଠାରେ ରହିଛ, ତୁମ୍ଭେମାନେ କଦାପି ଗୋଟିଏ କଥା ଭୁଲିଯିବ ନାହିଁ ଯେ, ଆମେ ଏପରି ଗୋଟିଏ ବସ୍ତୁର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ଯାହାକି ବର୍ତ୍ତମାନ ଏହି ଜଗତରେ ଆଦୌ କୌଣସି ସ୍ଥାନରେ ସମ୍ଭବ ହୋଇ ନାହିଁ; ତେଣୁ ଆମେ ଏଠାରେ କ'ଣ କରିବାକୁ ଇଚ୍ଛା କରୁଛୁ, ଅନ୍ୟତ୍ର ତାହାର ଏକ ଦୃଷ୍ଟାନ୍ତ ଖୋଜି ଯିବାରେ ଆଦୌ କୌଣସି ଯୁକ୍ତି ନାହିଁ ।

*ସିଏ ମୋତେ ଏକଥା ବି କହିଲେ : ''ମାଆ କହୁଛନ୍ତି, ଯେ ଯେଉଁମାନଙ୍କର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ପ୍ରତିଭା ରହିଛି ଏବଂ ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ତାହାର ଅନୁଧାବନ କରିବାକୁ ଇଚ୍ଛା କରୁଛନ୍ତି, ଏଠି ସେମାନଙ୍କ ଲାଗି ପୂର୍ଣ୍ଣ ସ୍ୱାଧୀନତା ରହିଛି ଓ ସେମାନଙ୍କ ଲାଗି ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଛି । ମାତ୍ର, ଗୋଟିଏ ଉଦାହରଣ ଦେଇ କହିଲେ, ଏଠାରେ ଜଣେ ସଙ୍ଗୀତଜ୍ଞ ବା ସେହିପରି ଆଉକିଛି ହେବା ଲାଗି କେଉଁଠାରେ କି ସ୍ୱାଧୀନତା ରହିଛି ?'' ମାଆ, ଏହି ସ୍ୱାଧୀନତାର ବିଷୟରେ ଆପଣ ଦି'ପଦ କିଛି କହିବେ କି ?*

ମୁଁ ଯେଉଁ ସ୍ୱାଧୀନତା କଥା କହିଛି, ତାହା ହେଉଛି ନିଜର ଆତ୍ମା ମଧ୍ୟରେ ନିହିତ ହୋଇ ରହିଥିବା ଇଚ୍ଛାଟିର ଅନୁସରଣ କରିବାର ସ୍ୱାଧୀନତା । ଏଠାରେ ମନ ବା ପ୍ରାଣିକ ସ୍ତରର କୌଣସି ଖିଆଲ ବା ସଉକର ଅନୁଧାବନ କରିବାର କୌଣସି ପ୍ରଶ୍ନ ନାହିଁ ।

ମୁଁ ଯେଉଁ ସ୍ୱାଧୀନତା କଥା କହିଛି, ତାହା ହେଉଛି ଏକ କଠୋର ସତ୍ୟର ସ୍ୱାଧୀନତା, ଯାହା ମଧ୍ୟରେ ନିମ୍ନତର ଓ ଅଜ୍ଞାନମୟସତ୍ତାର ଯାବତୀୟ ଦୁର୍ବଳତା ଏବଂ ବାସନାକୁ ଅତିକ୍ରମ କରି ଚାଲିଯିବାର ପ୍ରବୃତ୍ତି ଅନ୍ତର୍ନିହିତ ହୋଇ ରହିଥାଏ ।

ମୁଁ ଯେଉଁ ସ୍ୱାଧୀନତା କଥା କହିଛି, ତାହା ହେଉଛି ଆପଣାକୁ ସମ୍ପୂର୍ଣ୍ଣ ଏବଂ ଅକୁଣ୍ଠ ଭାବରେ ଆପଣାର ସର୍ବୋଚ୍ଚ, ମହତ୍ତମ ଏବଂ ଦିବ୍ୟତମ ଅଭୀପ୍ସା ପାଖରେ ସମର୍ପିତ କରି ରଖିବାର ସ୍ୱାଧୀନତା ।

ତୁମ ଭିତରୁ କିଏ ପୂର୍ଣ୍ଣ ନିଷ୍ଠାର ସହିତ ସେହି ମାର୍ଗଟିର ଅନୁଗମନ କରୁଛି ? ଅନ୍ୟମାନଙ୍କୁ ନେଇ ବିଚାରରେ ବସିବା ଭାରି ସହଜ କଥା, ମାତ୍ର ବୁଝିବା ହେଉଛି ତା'ଠାରୁ ଅଧିକ କଷ୍ଟକର କଥା, ଏବଂ ଉପଲବ୍ଧି କରିବା ତା'ଠାରୁ ଆହୁରି ଅଧିକ କଷ୍ଟକର କଥା ।

*୧୮ ନଭେମ୍ବର ୧୯୬୨*

*ବାଳିକାମାନଙ୍କର ଗୋଟାଏ ଅସୁବିଧା ସବୁବେଳେ ରହିଥାଏ : ବାଳକମାନଙ୍କ ପରି ସେମାନେ ଯାହା କରିବାକୁ ଇଚ୍ଛା କରୁଥାନ୍ତି, ସେକଥା ମୋଟେ କରିପାରନ୍ତି ନାହିଁ ।*

କାହିଁକି ନ କରି ପାରିବେ ।

ଏହି କଥାଟିକୁ ଭୁଲ୍ ବୋଲି ପ୍ରମାଣ କରିବାକୁ ଶହ ଶହ ଉଦାହରଣ ରହିଛି ।

*୩୧ ମଇ ୧୯୬୩*

*ମୋ' ଭିତରେ ''ବୁଦ୍ଧିର କ୍ଷେତ୍ରରେ'' ଅତିରିକ୍ତ ପରିମାଣରେ ଏକ ମନ୍ଦତା ରହିଯାଇଛି, ଯାହା କି ମୋତେ ସ୍ପଷ୍ଟ ଭାବରେ ଆଦୌ କିଛି କହିଲେ ଚିନ୍ତା କରି ପାରିବାକୁ ଦେଉ ନାହିଁ ଏବଂ ଅଳ୍ପ ସମୟ ଭିତରେ କୌଣସି ନୂତନ ବିଚାରକୁ ବୁଝିବାକୁ ମଧ୍ୟ ଦେଉ ନାହିଁ । ଏଥିରୁ ମୁଁ ନିଜକୁ କିପରି ମୁକ୍ତ କରିପାରିବି କହିଲେ ?*

ଏଥିଲାଗି ଅଧିକ ଅଧ୍ୟୟନ କରିବାକୁ ହେବ, ଅଧିକ ମନନ କରିବାକୁ ହେବ, ବୁଦ୍ଧିର କ୍ଷେତ୍ରରେ ଅଧିକ ସଞ୍ଚାଳନ ସମ୍ଭବ କରାଇବାକୁ ହେବ । ଉଦାହରଣସ୍ୱରୂପ, ତୁମେ କୌଣସି ଏକ ସାଧାରଣ ବିଚାରକୁ ସ୍ପଷ୍ଟଭାବରେ ବିଶ୍ଳେଷଣ କରି ଦେଖିବ, ତା'ପରେ ତା'ର ବିପରୀତ ବିଚାରଟିକୁ ମଧ୍ୟ ବିଶ୍ଳେଷଣ କରିବ । ଏହି ଦୁଇଟି ବିଚାର ମଧ୍ୟରେ ଏକ ସମନ୍ୱୟ ଖୋଜି ବାହାର କରିବାକୁ ଚେଷ୍ଟା କରିବ, ଅର୍ଥାତ୍, ଏପରି ଗୋଟିଏ ତୃତୀୟ ବିଚାର ବାହାର କରିବ, ଯାହାକି ଅନ୍ୟ ଦୁଇଟି ବିଚାର ମଧ୍ୟରେ ଏକ ସମଞ୍ଜସତା ସ୍ଥାପନ କରି ପାରୁଥିବ ।

*୨୫ ଜୁନ୍ ୧୯୬୩*

ତୁମେ ଉପନ୍ୟାସଗୁଡ଼ାକ କାହିଁକି ପଢୁଛ କହିଲ ? ଏହା ପ୍ରକୃତରେ ଅତ୍ୟନ୍ତ ନିର୍ବୋଧ ଭାବରେ ତୁମକୁ ତତ୍ପର କରି ରଖୁଛି ଓ ତୁମର ସମୟକୁ ନଷ୍ଟ କରୁଛି । ଅତ୍ୟନ୍ତ ନିଶ୍ଚିତ କଥା ଯେ, ତୁମ ମସ୍ତିଷ୍କରେ ଯେଉଁ ସ୍ୱଷ୍ଟତାର ଅଭାବ ରହୁଛି ଏବଂ ତୁମର ମନ ଯେ ତଥାପି ଏକ ଗହନ ଜଙ୍ଗଲ ଭିତରେ ପଡ଼ି ବୁଲୁଥିବା ପରି ମନେ ହେଉଛି, ଏହା ବି ତାହାର ଗୋଟିଏ କାରଣ ।

*୨୭ ଜୁନ୍ ୧୯୬୩*

*ମାଆ,*

*କେତେଦିନ ତଳେ କ-୨ ଗୋଷ୍ଠୀର ପିଲାଙ୍କ ଭିତରେ ମୁଁ ଏକ ଅତ୍ୟନ୍ତ ବିଚିତ୍ର କଥା ଦେଖିବାକୁ ପାଇଲି : ପୁଅ ପିଲାମାନେ ଝିଅପିଲାମାନଙ୍କ ସହିତ ମୋଟେ ଏକାଠି ମିଶି କାମ କରିବାକୁ ଇଚ୍ଛା କରୁ ନାହାନ୍ତି, ଏପରିକି ସେମାନେ ଝିଅମାନଙ୍କ ପାଖରେ ରହିବାକୁ ବା ସେମାନଙ୍କ ସହିତ ଏକାଠି ରହିବାକୁ ବି ଚାହୁଁ ନାହାନ୍ତି । ଏ ପିଲାମାନଙ୍କୁ ତ ଏଗାର ବର୍ଷ ବି ପୂରି ନାହିଁ । ତେବେ ଏହି ଅଳ୍ପ ବୟସରୁ ସେମାନଙ୍କ ଭିତରେ ଏକ ପାର୍ଥକ୍ୟ ରହିଥିବାର ଏହି ଭାବନାଟି ଆସି ପଶିଲା କିପରି ? ମୋତେ ପ୍ରକୃତରେ ଭାରି ବିସ୍ମିତ ଲାଗୁଛି ।*

ଏହି କଥାଟି ବଂଶାନୁଗତ କାରଣରୁ ହୋଇଛି ଓ ସେମାନଙ୍କର ଅବଚେତନରୁ ତାହାର ଉଦ୍‌ଗମ ହେଉଛି ।

ଏହି ସହଜାତ ପ୍ରବୃତ୍ତିଟିର ମୂଳରେ ପୁଂଜାତୀୟ ଗର୍ବ ନିହିତ ହୋଇ ରହିଛି, ଆପଣାକୁ ଉଚ୍ଚତର ବୋଲି ମନେ କରୁଥିବା ଏକ ନିର୍ବୋଧ ଧାରଣା ରହିଛି । ପୁନଶ୍ଚ, ନାରୀ ହେଉଛି ଏକ ବିପଜ୍ଜନକ ବସ୍ତୁ ଏବଂ ତାହା ପ୍ରଲୁବ୍ଧ କରି ତୁମକୁ ପାପ ଭିତରକୁ ଟାଣି ନେଇଯିବ,— ଏହିପରି ଏକ ଧାରଣାରୁ ଉତ୍ପନ୍ନ ହେଉଥିବା ଏକ ନିର୍ବୋଧ ଭୟର ଭାବ ମଧ୍ୟ ଆହୁରି ଅଧିକ ପରିମାଣରେ ରହିଛି । ପିଲାମାନଙ୍କ ଭିତରେ ଏହି ସବୁକଥା ତଥାପି ଅବଚେତନ ଭାବରେ ରହିଥାଏ ସତ, ମାତ୍ର ସେମାନଙ୍କର କାର୍ଯ୍ୟଗୁଡ଼ିକୁ ତାହା ଅବଶ୍ୟ ପ୍ରଭାବିତ କରିଥାଏ ।

*୩ ଜୁଲାଇ ୧୯୬୩*

*ମାଆ,*

*ଆପଣ ବୁଝାଇ କହିଲେ ଯେ ପୁଅ ଓ ଝିଅମାନଙ୍କ ଭିତରେ ରହିଥିବା*

*ଏହି ଭେଦର ଭାବନା ବଂଶାନୁଗତ କାରଣରୁ ଆସିଛି । ମାତ୍ର, ଏସବୁ କ୍ଷେତ୍ରରେ ଆମ ଅଧିନାୟକମାନଙ୍କର କ'ଣ କରିବା ଉଚିତ, ଆପଣଙ୍କୁ ତାହା ପଚାରିବାର ତଥାପି ଏକ ପ୍ରୟୋଜନ ରହିଛି । ବ୍ୟକ୍ତିଗତ ଭାବରେ ମୁଁ ଭାବୁଛି ଯେ, ଏସବୁ କଥାକୁ ଆଦୌ ଦୃଷ୍ଟି ନ ଦେବା ହୁଏତ ଅଧିକ ଭଲ; ମାତ୍ର ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ପିଲାମାନଙ୍କୁ ସେହି ବିଷୟରେ ଆବଶ୍ୟକ ପରାମର୍ଶ ଦେବାକୁ ଓ ଏପରିକି ଗାଳି ଦେବାକୁ ମଧ୍ୟ ଅଧିକ ଉଚିତ ବୋଲି ମନେ କରୁଛନ୍ତି । ମୁଁ ଭାବୁଛି ଯେ, ଏସବୁ କଥା ଉପରେ ଆଦୌ କୌଣସି ଦୃଷ୍ଟି ନ ଦେଇ ଆମେ ସମସ୍ୟାଟିର ଗୁରୁତ୍ୱକୁ ହୁଏତ ଅତିମାତ୍ରାରେ କମ୍ କରିଦେବା ଏବଂ ତାହା ଫଳରେ ଝିଅ ଓ ପୁଅମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟର ଭାବନାଟି ଅନେକ କମ୍ ପ୍ରାଧାନ୍ୟଯୁକ୍ତ ବୋଲି ମନେହେବ । ଏ ବିଷୟରେ ଆପଣ କ'ଣ ଭାବୁଛନ୍ତି ?*

ଏହି କ୍ଷେତ୍ରରେ ଆଦୌ କୌଣସି ସାଧାରଣ ନିୟମ କରି ଥୋଇଦେଇ ହେବ ନାହିଁ; ସବୁକିଛି ସଂପୃକ୍ତ ଘଟନାଟି ଉପରେ ଓ ପରିସ୍ଥିତି ଉପରେ ବହୁ ପରିମାଣରେ ନିର୍ଭର କରୁଥିବ । ଦୁଇଟିଯାକ ପଦ୍ଧତିରେ ଭଲ ଓ ମନ୍ଦ ଉଭୟ ଉପାଦାନ ରହିଛି, ସୁବିଧା ରହିଛି ଓ ଅସୁବିଧା ମଧ୍ୟ ରହିଛି । ଅଧିନାୟକମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ସେମାନେ ଏହି କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବେ ଓ ସେମାନଙ୍କ ଭିତରେ ଯଥେଷ୍ଟ ପରିମାଣରେ ଏପରି ଏକ ଅନ୍ତଃଦୃଷ୍ଟି ମଧ୍ୟ ରହିଥିବ, ଯାହା ଫଳରେ କି ସେମାନେ ଆବଶ୍ୟକ ହେଲେ ଏହିସବୁ ଘଟନାରେ ହସ୍ତକ୍ଷେପ କରିପାରିବେ ବା, ଯେତେବେଳେ ଏସବୁ ପ୍ରତି ଆଦୌ କୌଣସି ଦୃଷ୍ଟି ନ ଦେବାହିଁ ଅଧିକ ଉଚିତ ହେଉଥିବ, ସେତେବେଳେ ସେମାନେ ନିଜର ଆଖିକୁ ବନ୍ଦକରି ବି ରଖିପାରିବେ ।

*୧୫ ଜୁଲାଇ ୧୯୬୩*

*ଏଠାରେ ସମସ୍ତଙ୍କୁ ଏତେ ବେଶୀ ସ୍ୱାଧୀନତା ଦିଆଯାଇଛି ଯେ ଆମ୍ଭେମାନେ ସେଥିରୁ ଲାଭବାନ୍ ହେବାକୁ ଆଦୌ ସମର୍ଥ ହେଉ ନାହୁଁ । ତେଣୁ ତା' ବଦଳରେ ଏଠାରେ ସର୍ବନିମ୍ନ କେତୋଟି ଶୃଙ୍ଖଳାର ପ୍ରବର୍ତ୍ତନ କରାଗଲେ ତାହା ଅଧିକ ଭଲ ହେବ ନାହିଁ କି ?*

ତୁମେ ଏକଥା କହୁଛ ସତ, ମାତ୍ର, ଏକାନ୍ତ ଅପରିହାର୍ଯ୍ୟ ହେବା ସମୟରେ, ଏଠାରେ ଉଦାହରଣସ୍ୱରୂପ ଶାରୀରିକ ଶିକ୍ଷା ବିଭାଗଟିର ଉଲ୍ଲେଖ କରାଯାଇପାରେ, ଯେତେବେଳେ

ସର୍ବନିମ୍ନ ଭାବରେ କେତେକ ଶୃଙ୍ଖଳାର ପ୍ରବର୍ତ୍ତନ କରାଯାଉଛି, ସେତେବେଳେ ତା' ବିରୋଧରେ ବିଦ୍ରୋହ କରି ଉଠୁଥିବା ବ୍ୟକ୍ତିମାନଙ୍କ ଭିତରେ ତୁମେ ମଧ ବେଶ୍ ସାମିଲ ହୋଇଯାଇ ପାରୁଛ !

*୨୧ ଜୁଲାଇ ୧୯୬୩*

*ଆମ ଶିକ୍ଷକ 'କ' ଏକ ଅତ୍ୟନ୍ତ ଗମ୍ଭୀର ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ କଣ୍ଠରେ ଆମକୁ ଏକ ଭାଷଣ ଦେଇ କହିଲେ, ''କଠିନ ପରୀକ୍ଷା ମଧଦେଇ ଯିବା ଲାଗି ତୁମ୍ଭମାନଙ୍କୁ ଏଥର ପ୍ରସ୍ତୁତ ହେବାକୁ ପଡ଼ିବ । କାରଣ ଆମେ ବର୍ତ୍ତମାନ ଅତ୍ୟନ୍ତ କଠିନ ଏବଂ ଅତ୍ୟନ୍ତ ବିପଜ୍ଜନକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛୁ ।'' ମାତ୍ର ସିଏ ଖୋଲି କରି କିଛି ବୁଝାଇ କହିଲେ ନାହିଁ ।*

ବଡ଼ ଦୁଃଖର କଥା ଯେ ସିଏ ଯାହା ଭାବୁଥିଲେ, ତାହାକୁ ତୁମ୍ଭମାନଙ୍କୁ ବୁଝାଇ କହିଲେ ନାହିଁ । କାରଣ ସିଏ ଯେ ପ୍ରକୃତରେ କେଉଁ ବିଷୟରେ କହୁଥିଲେ, ମୁଁ ମଧ ସେକଥା ଜାଣି ନାହିଁ । ଖୁବ୍ ସମ୍ଭବ, ତୁମ୍ଭେମାନେ ଯେପରି ନିରର୍ଥକ ନାନା ବିଷୟରେ ଏତେ ସମୟ ନଷ୍ଟ କରୁଛ, ଗମ୍ଭୀର ଭାବରେ କିଛି ଚିନ୍ତା କରୁ ନାହଁ, ସବୁକଥାରେ ଅବହେଳା ଦେଖାଉଛ ଓ କେଉଁ କଥାକୁ ଖାତିରି କରୁ ନାହଁ, ସିଏ ସେହିସବୁ ବିଷୟରେ ତୁମ୍ଭମାନଙ୍କୁ ସାବଧାନ କରିଦେବାକୁ ଇଚ୍ଛା କରୁଥିଲେ ।

ତୁମ୍ଭେମାନେ ଏଠାରେ ଯେତେ ସାନ ପିଲା ରହିଛ, ଏଠି ତୁମ୍ଭମାନଙ୍କ ଲାଗି ଜୀବନକୁ କେତେ ସହଜ କରି ଦିଆଯାଇଛି । ମାତ୍ର ଏହି ସ୍ଥିତିଟିର ସୁଯୋଗଟିକୁ ଗ୍ରହଣ କରି ନିଜର ଆଧ୍ୟାତ୍ମିକ ଅଗ୍ରଗତି ଉପରେ ମନୋନିବେଶ କରିବା ପରିବର୍ତ୍ତେ ତୁମ୍ଭେମାନେ ଏଠାରେ ମନଇଚ୍ଛା କେବଳ ନିଜର ମନୋରଞ୍ଜନ କରି ରଖିବାରେ ସମୟ ବିତାଇ ଦେଇଛ । ଅବଶ୍ୟ ଏକଥା ସତ ଯେ ସେସବୁ କରିବାକୁ ଯାଇ ତୁମ୍ଭେମାନେ ସେପରି ଅତିରିକ୍ତ ମାତ୍ରାରେ କୌଣସି ବଦନାମ କଦାପି ଅର୍ଜନ କର ନାହିଁ । ମାତ୍ର ତଦ୍ଵାରା ତୁମର ସଚେତନ ରହିବାର ଶକ୍ତିଟି ଏକାବେଳେକେ ଶିଥିଳ ହୋଇଯାଇଛି ।

କୌଣସି ସନ୍ଦେହ ନାହିଁ ଯେ ତୁମ୍ଭମାନଙ୍କ ଭିତରେ ସେହି ଶକ୍ତିଟିକୁ ପୁଣିଥରେ ଜାଗ୍ରତ କରାଇ ଆଣିବା ଲାଗି 'କ' ତୁମ୍ଭମାନଙ୍କୁ ସେସବୁ କଥା କହିଛନ୍ତି ।

*୨୭ ଅଗଷ୍ଟ ୧୯୬୩*

*ଡିସେମ୍ବର ପହିଲାର ପ୍ରଦର୍ଶନଟି ଲାଗି ମୁଁ ଯଥୋଚିତ ଭାବରେ ପ୍ରସ୍ତୁତ ହୋଇପାରି*

*ନାହିଁ । ଏବଂ ତା'ପରେ ମୁଁ ଏଥର କାହିଁକି କୌଣସି ଉତ୍ସାହ ମଧ୍ୟ ଅନୁଭବ କରିପାରୁ ନାହିଁ ।*

କୌଣସି କଥାଟିଏ କରିବା ଲାଗି ଆମେ ଯେତେବେଳେ ଏକ ନିଷ୍ପତ୍ତି କରିଛୁ ଓ ସେହି ନିଷ୍ପତ୍ତିଟିକୁ ସ୍ୱୀକାର କରି ନେଇଛୁ, ସେତେବେଳେ ତାହାକୁ ଯଥାସମ୍ଭବ ଭଲ ଭାବରେ କରିବା ଆମର କର୍ତ୍ତବ୍ୟ ।

ଚେତନା ଏବଂ ଆତ୍ମ-ନିୟନ୍ତ୍ରଣର ମାର୍ଗରେ ଅଗ୍ରଗତି କରିବା ଲାଗି ଯେକୌଣସି କଥାକୁ ମଧ୍ୟ ଏକ ଅବସର ରୂପେ ବ୍ୟବହାର କରାଯାଇ ପାରିବ । ଏବଂ, ଅଗ୍ରଗତି କରିବା ଲାଗି ଏହି ଉଦ୍ୟମଟିକୁ ଆରମ୍ଭ କରିଦେବା ମାତ୍ରେହିଁ ସେହି କାର୍ଯ୍ୟଟି ଯାହା ହୋଇଥାଉ ପଛକେ ସେଥିରେ ତତ୍‌କ୍ଷଣାତ୍ ଆମର ଆଗ୍ରହ ସୃଷ୍ଟି ହେବା ଆରମ୍ଭ ହୋଇଯାଏ ।

*୨୬ ସେପ୍ଟେମ୍ବର ୧୯୬୩*

*ତାଙ୍କ 'ସୂତ୍ରାବଳୀ'ର ଗୋଟିଏ ସୂତ୍ରରେ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଯେଉଁମାନେ ନିଜେ ସ୍ୱୀକାର କରି ନେଇଥିବା କୌଣସି ନିୟମକୁ ମୁକ୍ତ, ପୂର୍ଣ୍ଣ ଏବଂ ବୁଦ୍ଧିଯୁକ୍ତ ଭାବରେ ପାଳନ କରି ପାରନ୍ତି ନାହିଁ, ସେମାନଙ୍କୁ ନିଜକୁ ଅନ୍ୟମାନଙ୍କର ଇଚ୍ଛାର ଅଧୀନ କରି ରଖିବାକୁହିଁ ପଡ଼ିବ ।*'' ମାଆ ମୁଁ ବି ସେହିପରି ଜଣେ ମଣିଷ । ତେଣୁ ଆପଣ ମୋତେ ହାତକୁ ନେଇ ଶୃଙ୍ଖଳିତ କରି ପାରିବେ କି ?*

ବାବୁରେ, ମୁଁ ବେଶ୍ ଅନେକ ଦିନ ହେଲା ଠିକ୍ ସେହି କଥାଟିହିଁ କରିବା ଲାଗି ଚେଷ୍ଟା କରି ଆସୁଛି । ବିଶେଷ କରି ଯେଉଁଦିନଠାରୁ ମୁଁ ତୁମ୍ଭମାନଙ୍କର ଖାତାସବୁ ଆଣି ସଂଶୋଧନ କରିବାକୁ ଆରମ୍ଭ କଲିଣି, ସେହି ଦିନଠାରୁ ।

ଶୃଙ୍ଖଳା ବିଷୟରେ ସେହି ଉଦ୍ଦେଶ୍ୟଟିକୁ ଆଖି ଆଗରେ ରଖିହିଁ ମୁଁ ତୁମ୍ଭମାନଙ୍କୁ ଦିନକୁ ଗୋଟିଏ କରି ବାକ୍ୟ ଲେଖିବା ପାଇଁ କହିଥିଲି । ବାକ୍ୟଟି ଯେ ଗୋଟାଏ ଲମ୍ବା ବାକ୍ୟ ହେବ, ତାହା ମୋତେ ଦରକାର ନ ଥିଲା; ମାତ୍ର ସେଥିରେ **ଆଦୌ କୌଣସି ଭୁଲ୍ ରହିବ ନାହିଁ** ବୋଲି କଥା ହୋଇଥିଲା । କିନ୍ତୁ ସେକଥା ହୋଇ ପାରିଲା କି ?

ସେହି କଥାଟିରେ ମୁଁ ଏବେ ମଧ୍ୟ ସଫଳ ହୋଇ ପାରିଲି ନାହିଁ । ତୁମେ ସବୁ ଲମ୍ବା ଲମ୍ବା ବାକ୍ୟସବୁ ଲେଖିଲ । ତାହାର ଅର୍ଥଗୁଡ଼ାକ ଆଦୌ ସ୍ପଷ୍ଟ ହେଲା ନାହିଁ । ଆଉ କେତେଜଣ ଅବଶ୍ୟ ସାନସାନ ବାକ୍ୟ ଲେଖିଲେ । ମାତ୍ର ସବୁଗୁଡ଼ାକରେ ଭୁଲ୍ ରହିଲା, ଏବଂ ଅନେକ

* ଶତବାର୍ଷିକୀ ଇଂରାଜୀ ସଂସ୍କରଣ, ୧୭ଶ ଖଣ୍ଡ, ପୃ-୯୯ ।

ସମୟରେ, ଅଧିକାଂଶ ସମୟରେ ଲିଙ୍ଗ, ସମଞ୍ଜସତା ଏବଂ କ୍ରିୟାବିଷୟକ ସେହି ଏକା ଭୁଲ୍‌ଗୁଡ଼ାକ ବାରବାର ରହିଲା ଏବଂ ମୋତେ ବାରବାର **ସେହି ଏକା ଭୁଲ୍‌ଗୁଡ଼ାକର** ସଂଶୋଧନ କରିବାକୁ ପଡ଼ିଲା ।

ଖାତାଗୁଡ଼ିକୁ ମୁଁ ତୁମ ପାଖକୁ ଫେରାଇଦେବା ପରେ ତୁମ୍ଭେମାନେ ତାହାକୁ ହୁଏତ ପଢ଼ି ଦେଖୁଥିଲ, କିନ୍ତୁ ତଥାପି ଜଣେ ଅବଶ୍ୟ ଭାବିବ ଯେ, ତୁମ୍ଭେମାନେ ତାହାକୁ ଯଥାର୍ଥ ଭାବରେ ଅଧ୍ୟୟନ କରୁ ନ ଥିଲ ଏବଂ ଅଗ୍ରଗତି କରିବା ଲାଗି ସେଥିରୁ ଲାଭବାନ୍ ହେବାକୁ ମୋଟେ ଚେଷ୍ଟା କରୁ ନ ଥିଲ ।

ନିଜର ଜୀବନକୁ ଏକ ଶୃଙ୍ଖଳା ଭିତରେ ଆଣି ପକାଇବା ମୋଟେ ସହଜ କଥା ନୁହେଁ । ଏପରିକି ଯେଉଁମାନେ ନିଜ ପ୍ରତି ଅତ୍ୟନ୍ତ ଶକ୍ତ ଓ କଠୋର ହୁଅନ୍ତି, ଯେଉଁମାନଙ୍କ ପାଖରେ ସାହସ ଏବଂ ସହିବା ଶକ୍ତି ରହିଥାଏ, ସେମାନଙ୍କ ଲାଗି ମଧ୍ୟ ମୋଟେ ସହଜ କଥା ନୁହେଁ ।

ମାତ୍ର ଆମର ସମସ୍ତ ଜୀବନଟିକୁ ଶୃଙ୍ଖଳିତ କରି ରଖିବାକୁ ଚେଷ୍ଟା କରିବା ପୂର୍ବରୁ ଆମେ ଅନ୍ତତଃ ଆମର କୌଣସି **ଗୋଟିଏ** କଥାକୁ ଶୃଙ୍ଖଳା ଭିତରେ ରଖିବାକୁ ଚେଷ୍ଟା କରିବା ଏବଂ ପୂର୍ଣ୍ଣ ସଫଳତା ଆସିବା ଯାଏ ସେହି ଚେଷ୍ଟାକୁ ଅବାରିତ ରଖିଥିବା ।

*୧୩ ଅକ୍‌ଟୋବର ୧୯୬୩*

*ଯେପରି ଜଣାପଡୁଛି, ଆପଣଙ୍କ ପାଖକୁ କେତେକ ପୁସ୍ତକର (ଇଂରାଜୀ ଭାଷାର କେତେକ ଶ୍ରେଷ୍ଠ ପୁସ୍ତକର) ଗୋଟିଏ ତାଲିକା ପଠାଯାଇ ଥିଲା । ମାତ୍ର ଆପଣ କୁଆଡ଼େ ସମସ୍ତେ କେବଳ ମାଆ ଏବଂ ଶ୍ରୀଅରବିନ୍ଦଙ୍କର ଲିଖିତ ଗ୍ରନ୍ଥମାନ ପଢ଼ନ୍ତୁ ବୋଲି ଇଚ୍ଛା କରୁଛନ୍ତି । ଆପଣ କୁଆଡ଼େ ଏପରି ଏକ ମନ୍ତବ୍ୟ ଦେଇଛନ୍ତି ଯେ, ଏସବୁ ପ୍ରାଚୀନ କ୍ଲାସିକ୍ ପୁସ୍ତକମାନ ପଢ଼ିଲେ ଆମର ଚେତନା ଏକ ନୀଚ ସ୍ତରକୁ ଚାଲିଆସିବ ।*

*ମାଆ, କେବଳ ଯୋଗସାଧନା କରୁଥିବା ବ୍ୟକ୍ତିମାନଙ୍କ ଲାଗି ଆପଣ ଏହି ପରାମର୍ଶଟିକୁ ଦେଇଛନ୍ତି ନା ସମସ୍ତଙ୍କ ପାଇଁ ଦେଇଛନ୍ତି ?*

ସର୍ବପ୍ରଥମ କଥା ହେଉଛି ଯେ, ଏ ବିଷୟରେ ଯେପରି ବିବରଣୀ ଦିଆଯାଇଛି, ତାହା ଆଦୌ ଠିକ୍ ନୁହେଁ । ଏବଂ ଦ୍ୱିତୀୟ କଥା ହେଉଛି, ଏହି ପରାମର୍ଶଟିକୁ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଭିନ୍ନ ଭାବରେ ପ୍ରୟୋଗ କରାଯିବ ଓ ତେଣୁ ସମସ୍ତଙ୍କ ସକାଶେ କଦାପି ଏକାଭଳି ଗ୍ରହଣ କରାଯାଇ ପାରିବ ନାହିଁ ।

*୧୨ ନଭେମ୍ବର ୧୯୬୩*

*ମୁଁ ନିଜ ଅଧ୍ୟୟନରେ ଭାରି ଅନିୟମିତ ହୋଇ ଗଲିଣି । କ'ଣ କରିବାକୁ ହେବ କିଛି ଜାଣିପାରୁ ନାହିଁ ।*

ନିଜର 'ତମସ'କୁ ଟିକିଏ ଦୋହଲାଇ ଝଡ଼ାଇଦିଅ, ନ ହେଲେ ଶେଷକୁ ତୁମ ମୁଣ୍ଡ ଭିତରେ ଆଦୌ କିଛିହେଲେ ରହିବ ନାହିଁ ।

*୨୭ ଡିସେମ୍ବର ୧୯୬୩*

*କୌଣସି ନୂଆ କଥା କରିବାକୁ ଅନେକ ସମୟରେ ଭାରି ଭୟ ହୁଏ; ଏକ ନୂତନ ପ୍ରକାର ମାର୍ଗରେ କାର୍ଯ୍ୟ କରିବାକୁ ଶରୀର ଆଦୌ ସମ୍ମତ ହୁଏ ନାହିଁ । ଉଦାହରଣ ସ୍ୱରୂପ, ଜିମ୍‌ନାଷ୍ଟିକ୍‌ରେ କୌଣସି ଏକ ନୂଆ ଖେଳ ଶିଖିଲାବେଳେ ଅଥବା ନୂଆ ପ୍ରକାରେ ପାଣି ଭିତରକୁ ଲମ୍ଫ ଦେଲାବେଳେ ଏପରି ହୋଇଥାଏ । ଏହି ଭୟଟା ପ୍ରକୃତରେ କେଉଁଠାରୁ ଆସେ କହିଲେ ? ଏହି ଭୟରୁ ମୁକ୍ତ ହେବାର ଉପାୟ କ'ଣ ? ଏବଂ ପୁନଶ୍ଚ, ଅନ୍ୟମାନଙ୍କୁ ମଧ୍ୟ ଆମେ ଏଭଳି କରିବା ଲାଗି କିପରି ଉତ୍ସାହ ଦେଇପାରିବା ?*

ଯେକୌଣସି ନୂଆ କଥାର ସମ୍ମୁଖୀନ ହେଲାବେଳେ ଶରୀରକୁ ଭୟ ଲାଗେ, କାରଣ ତାହା ଜଡ଼ତା ବା ତମଃ ଉପରେହିଁ ଆଧାରିତ ହୋଇ ରହିଥାଏ । ପ୍ରାଣିକ ଉପାଦାନଟି ଦ୍ୱାରାହିଁ ସକ୍ରିୟତା ବା ରଜଃ ପ୍ରାଧାନ୍ୟ ଲାଭ କରିବାକୁ ଆରମ୍ଭ କରେ । ସେହି କାରଣରୁହିଁ ସାଧାରଣତଃ ମହତ୍ତ୍ୱର ଆକାଙ୍‌କ୍ଷା, ପ୍ରତିଦ୍ୱନ୍ଦ୍ୱିତା ଏବଂ ଅହଂଭାବ ପ୍ରଭୃତି ନାନା ରୂପରେ ପ୍ରାଣିକର ପ୍ରବେଶ ଘଟିବା ଦ୍ୱାରା ଶରୀର ଆପଣାକୁ ତମଃର ପ୍ରଭାବରୁ ମୁକ୍ତ କରି ବାହାରି ଆସିବାକୁ ବାଧ୍ୟ ହୁଏ ଏବଂ ଅଗ୍ରଗତି ଲାଗି ଆବଶ୍ୟକ ଉଦ୍ୟମଟିକୁ କରିବାକୁ ଆରମ୍ଭ କରେ ।

ଅବଶ୍ୟ ଏକଥା ବି ସତ ଯେ ଯେଉଁମାନଙ୍କ ଭିତରେ ମନ ପ୍ରଧାନ ହୋଇ ରହିଥାଏ, ସେମାନେ ହୁଏତ ଶରୀରକୁ ଭାଷଣ ଦେଇ ପାରିବେ ଓ ଶରୀର ଯେପରି ତା'ର ଭୟରୁ ଆପଣାକୁ ମୁକ୍ତ କରି ପାରିବ, ସେଥିଲାଗି ତାକୁ ଆବଶ୍ୟକ ଯୁକ୍ତିଗୁଡ଼ିକୁ ଆଣି ଯୋଗାଇ ଦେଇ ପାରିବେ ।

ମାତ୍ର ସମସ୍ତଙ୍କ ଲାଗି ଯେଉଁ ସର୍ବୋତ୍ତମ ମାର୍ଗଟି ରହିଛି, ସେଇଟି ହେଉଛି ଯେ, ଆମେ ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ସମର୍ପଣ କରିଦେବା ଏବଂ ତାଙ୍କର ଅନନ୍ତ କରୁଣା ଉପରେ ଅଟଳ ବିଶ୍ୱାସ ରଖିଥିବା ।

*୧୩ ମଇ ୧୯୬୪*

*ଏକ ଆଧ୍ୟାତ୍ମିକ ଶୃଙ୍ଖଳା ଲାଗି ପ୍ରସ୍ତୁତ ହୋଇ ପାରିବା ସକାଶେ ଅପେକ୍ଷା କରୁଥିବା ବେଳେ ଯେ ମାଆ ମୋତେ ଏହି ସୁପ୍ତି ମଧ୍ୟରୁ ଟାଣି ବାହାର କରି ଆଣିବେ ଏବଂ ମୋ'ର ଚୈତ୍ୟ ଚେତନାର କ୍ଷେତ୍ରରେ ଏକ ଜାଗୃତି ନିଶ୍ଚୟ ଘଟାଇବେ, ଅବିରାମ ଏହି ଅଭୀପ୍ସାଟିକୁ ରଖିବା ବ୍ୟତୀତ ମୋ'ର ଆଉ କ'ଣ କରିବା ଉଚିତ ହେବ ?*

ନିଜ ବୁଦ୍ଧିରେ ଉନ୍ନତିସାଧନ କରିବା ଲାଗି ତୁମକୁ ନିୟମିତ ଭାବରେ ଏବଂ ଅତ୍ୟନ୍ତ ମନୋଯୋଗର ସହିତ ଶ୍ରୀଅରବିନ୍ଦଙ୍କର ଶିକ୍ଷାବଳୀକୁ ଅଧ୍ୟୟନ କରିବାକୁ ହେବ । ନିଜର ପ୍ରାଣିକ ଅଂଶଟିକୁ ବିକଶିତ କରିଆଣି ତାହା ଉପରେ ପ୍ରଭୁତ୍ୱ ଅର୍ଜନ କରିବା ଲାଗି ଅତ୍ୟନ୍ତ ମନୋଯୋଗ ସହକାରେ ନିଜର ଯାବତୀୟ ଗତିସ୍ପନ୍ଦନ ଏବଂ ପ୍ରତିକ୍ରିୟାଗୁଡ଼ିକୁ ନିରୀକ୍ଷଣ କରିବାକୁ ପଡ଼ିବ । ଏସବୁ କଲାବେଳେ ବାସନାଗୁଡ଼ିକ ଉପରେ ବିଜୟ ହାସଲ କରିବା ଲାଗି ତୁମ ଭିତରେ ଏକ ଇଚ୍ଛା ବଳବତ୍ତର ହୋଇ ରହିଥିବ । ନିଜର ଚୈତ୍ୟସତ୍ତାଟିକୁ ଆବିଷ୍କାର କରିବା ଲାଗି ତୁମର ଏକ ଅଭୀପ୍ସା ରହିଥିବ ଏବଂ ତୁମେ ଆପଣାକୁ ସେଇଟି ସହିତହିଁ ସମ୍ମିଳିତ କରି ରଖିବ । ଶାରୀରିକ କ୍ଷେତ୍ରରେ, ତୁମେ ବର୍ତ୍ତମାନ ଯାହାସବୁ କରୁଛ, ତାହାକୁହିଁ କରିବାରେ ଲାଗିଥିବ,— ବିଧିବଦ୍ଧ ଭାବରେ ନିଜର ଶରୀରର ବିକାଶ ଘଟାଇବ, ତା' ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରିବ । 'ଖେଳପଡ଼ିଆ'ରେ କାମ କରି ଆପଣାକୁ ଉପଯୋଗୀ କରି ରଖିବ । ଅନ୍ୟ ଯେଉଁଠାରେ କାର୍ଯ୍ୟ କରୁଛ, ସେଠାରେ ମଧ୍ୟ ନିଜକୁ ଉପଯୋଗୀ କରି ରଖିବ ଏବଂ ଯଥାସମ୍ଭବ ଅଧିକରୁ ଅଧିକ ସ୍ୱାର୍ଥଭାବନା ମୁକ୍ତ ହୋଇ ତୁମେ ତାହା କରୁଥିବ ।

ଯଦି ତୁମର ଆନ୍ତରିକତା ରହିଥାଏ ଓ ଯଦି ତୁମେ କର୍ତ୍ତବ୍ୟନିଷ୍ଠ ଭାବରେ ସାଧୁତାର ଅବଲମ୍ବନ କରିବାକୁ ସମର୍ଥ ହୁଅ, ତେବେ ତୁମ ଲାଗି ମୋର ସହାୟତା ସବୁବେଳେ ଅବଶ୍ୟ ବଳବତ୍ତର ରହିଥିବ ଏବଂ ତୁମେ ଦିନେ ସେହି ବିଷୟରେ ଅବଶ୍ୟ ସଚେତନ ହୋଇପାରିବ ।

*୨୨ ଜୁଲାଇ ୧୯୬୪*

*ବେଳେବେଳେ ଏପରି ସମୟ ଆସେ, ଯେତେବେଳେ କି ମୋ'ର ଯାବତୀୟ ଅନ୍ୟ କାର୍ଯ୍ୟକୁ ଏକାବେଳେକେ ଛାଡ଼ି ପଳାଇ ଆସିବାକୁ ଭାରି ମନ ହୁଏ । ଖେଳପଡ଼ିଆ, ବାଦ୍ୟବୃନ୍ଦ, ପାଠପଢ଼ା,— ଯାବତୀୟ କାର୍ଯ୍ୟକୁ ଛାଡ଼ିଦେବାକୁ ଇଚ୍ଛା ହୁଏ ଏବଂ ସମସ୍ତ ସମୟ ଏହି ଗୋଟିଏ କାମ ଲାଗି ଦେବାକୁ ମନ ହୁଏ । ମାତ୍ର ନିଜ ଭିତରେ ରହିଥିବା ନ୍ୟାୟବୋଧ ଏହି କଥାଟିକୁ ମୋଟେ ଗ୍ରହଣ କରିପାରେ ନାହିଁ । ତେବେ ଏପରି ଏକ ଧାରଣା କେଉଁଠାରୁ ଆସେ, କାହିଁକି ବା ଆସେ ?*

ଏହି କ୍ଷେତ୍ରରେ ତୁମର ନ୍ୟାୟବୋଧର ଯୁକ୍ତିଟିକୁହିଁ ଠିକ୍ ବୋଲି କୁହାଯିବ । ବାହ୍ୟ ପ୍ରକୃତିର ଭୂମିରେ ଅନେକ ସମୟରେ ଏକ ତାମସିକ ପ୍ରବୃତ୍ତି ରହିଥାଏ, ଯାହାକି ଅପେକ୍ଷାକୃତ ଅଧିକ ଜଟିଳ ପରିସ୍ଥିତିଗୁଡ଼ିକୁ ସୁସମ୍ବନ୍ଧ କରି ରଖିବାର ପ୍ରୟାସଟିକୁ ଏଡ଼ିଦେଇ ପାରିବା ପାଇଁ ଜୀବନର ପରିବେଶଗୁଡ଼ିକୁ ବେଶ୍ ସରଳ କରି ରଖିବାକୁ ଇଚ୍ଛା କରେ । ମାତ୍ର, ଯେତେବେଳେ ଆମ ସତ୍ତାର ସମଗ୍ରତାର ଭୂମିଟି ଉପରେହିଁ ଆମେ ଅଗ୍ରଗତି କରିବାକୁ ଇଚ୍ଛାକରୁ, ସେତେବେଳେ ସବୁକିଛିକୁ ସରଳ କରିଦେବାର ଏହି ପ୍ରବୃତ୍ତିଟି ଆମର ପ୍ରକୃତରେ କୌଣସି ସହାୟତା କରିପାରେ ନାହିଁ ।

*୧୯ ଅଗଷ୍ଟ ୧୯୬୪*

*ଅନେକ ସମୟରେ, ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କର ରଚନାବଳୀ ପଢୁଛି, ବା ସିଏ କହି ଯାଇଥିବା କଥାଗୁଡ଼ିକୁ ଶୁଣୁଛି, ସେତେବେଳେ ମୁଁ ପ୍ରକୃତରେ ଭାରି ବିସ୍ମିତ ହୋଇଯାଉଛି : ଏହି ଚିରନ୍ତନ ସତ୍ୟ ଓ ଏଡ଼େ ସୁନ୍ଦର ଭାବରେ ଅଭିବ୍ୟକ୍ତ ହୋଇଥିବା ଏହି କଥାଗୁଡ଼ିକ ଲୋକମାନଙ୍କ ଭିତରେ ପ୍ରବେଶ କରି ନ ପାରିଲା କିପରି ? ଏହା ପ୍ରକୃତରେ ଆଶ୍ଚର୍ଯ୍ୟର ବିଷୟ ଯେ, ତାଙ୍କୁ ଏପର୍ଯ୍ୟନ୍ତ ବି ଯଥାର୍ଥ ସ୍ୱୀକୃତି ମିଳି ନାହିଁ; ଅନ୍ତତଃ ଜଣେ ସର୍ବଶ୍ରେଷ୍ଠ ସ୍ରଷ୍ଟା, ଜଣେ ଶୁଦ୍ଧ କଳାକାର ଏବଂ ତୁଙ୍ଗ ସ୍ତରର ଜଣେ କବି ହିସାବରେ ତାଙ୍କୁ ଯଥେଷ୍ଟ ସ୍ୱୀକୃତି ମିଳିଲା ନାହିଁ ! ତେଣୁ ମୁଁ ଆପଣାକୁ ଏହି କଥା କହିବାରେ ଲାଗିଥାଏ ଯେ, ମୋ'ର ଯାବତୀୟ ବିଚାର ଏବଂ ଯାବତୀୟ ବୋଧଶକ୍ତି କେବଳ ମୋର ସେହି ଗୁରୁଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଦ୍ୱାରାହିଁ ପ୍ରଭାବିତ ହୋଇ ଆସିଛି,— ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାହା ମୋଟେ ଘଟେ ନାହିଁ । ମାତ୍ର ମୁଁ ଏପରି ଭାବିବାକୁ ଆଦୌ ଠିକ୍ ବୋଲି ମନେ କରୁ ନାହିଁ । ମାତ୍ର ଏବେ ମଧ୍ୟ ମନୁଷ୍ୟମାନଙ୍କର ହୃଦୟ କାହିଁକି ତାଙ୍କର ବାଣୀ ଦ୍ୱାରା ଉଦ୍ଘାଟିତ ହୋଇ ନ ପାରିଛି ?*

ଶ୍ରୀଅରବିନ୍ଦଙ୍କୁ ବୁଝିପାରିବା ଲୋକ କିଏ ଅଛି କହିଲ ? ଏହି ବିଶ୍ୱବ୍ରହ୍ମାଣ୍ଡ ପରି ତାଙ୍କର ବ୍ୟାପ୍ତି, ଏବଂ ତାଙ୍କର ଶିକ୍ଷା ହେଉଛି ଅନନ୍ତ ...

ତାଙ୍କର ଟିକିଏ ନିକଟବର୍ତ୍ତୀ ହୋଇ ପାରିବାର ଯେଉଁ ଗୋଟିଏ ବାଟ ରହିଛି, ସେଇଟି ହେଉଛି ଯେ, ଆମେ ତାଙ୍କୁ ଅନ୍ତରର ସହିତ ଭଲ ପାଇବା ଏବଂ ସମ୍ପୂର୍ଣ୍ଣ ଓ ଦ୍ୱିଧାମୁକ୍ତ ଭାବରେ ତାଙ୍କରି କାର୍ଯ୍ୟ ଲାଗି ନିଜକୁ ସମର୍ପିତ କରିଦେବା । ଏବଂ ଏହିପରି ଭାବରେହିଁ, ବିଶ୍ୱର ଯେଉଁ ରୂପାନ୍ତର ବିଷୟରେ ଶ୍ରୀଅରବିନ୍ଦ ଭବିଷ୍ୟବାଣୀ କରି ଯାଇଛନ୍ତି,

ଆମେ ଯଥାଶକ୍ତି ସେଇଟି ଲାଗି ଆମର ଏକ ଅବଦାନ ସମ୍ଭବ କରି ପାରିବା ଏବଂ ଆମର ସର୍ବୋତ୍ତମ କର୍ତ୍ତବ୍ୟଟିକୁ ସମ୍ପାଦନ କରିପାରିବା ।

*୨ ଡିସେମ୍ବର ୧୯୬୪*

> *ଶ୍ରୀଅରବିନ୍ଦ କୌଣସି ଏକ ସ୍ଥାନରେ କହିଛନ୍ତି ଯେ, ଯଦି ଆମେ ଦିବ୍ୟ ପରମ କରୁଣା ପାଖରେ ଆପଣାକୁ ନେଇ ସମର୍ପିତ କରିଦେଇ ପାରିବା, ତେବେ ତାହା ଆମ ଲାଗି ଯାବତୀୟ କାର୍ଯ୍ୟକୁ ସମ୍ପାଦିତ କରିଦେବ । ତେବେ ତପସ୍ୟାର ଆଉ କି ଆବଶ୍ୟକତା ରହିଛି ?*

କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ଶ୍ରୀଅରବିନ୍ଦ ଠିକ୍ କ'ଣ କହିଛନ୍ତି ବୋଲି ଯଦି ତୁମେ ଜାଣିବାକୁ ଚାହୁଁ ଥାଅ, ତେବେ, ସେହି ବିଷୟରେ ସିଏ ଯାହାକିଛି ଲେଖି ଯାଇଛନ୍ତି, ତୁମକୁ ଅନ୍ତତଃ ସେହିସବୁ କଥାକୁ ପାଠ କରିବାକୁ ହେବ । ସେତେବେଳେ ତୁମେ ଦେଖିବାକୁ ପାଇବ ଯେ ସିଏ ପରସ୍ପରର ସମ୍ପୂର୍ଣ୍ଣ ବିରୋଧୀ ବୋଲି ପ୍ରତୀତ ହେଉଥିବା କେତେ କେତେ କଥା ବି କହିଛନ୍ତି । ମାତ୍ର ତୁମେ ଯେତେବେଳେ ସିଏ କହିଥିବା ସବୁଯାକ କଥାକୁ ପାଠକରି ସାରିବ ଏବଂ କିଞ୍ଚିତ୍ ବୁଝିବାକୁ ବି ଆରମ୍ଭ କରିବ, ସେତେବେଳେ ତୁମେ ଦେଖିବାକୁ ପାଇବ ଯେ ପରସ୍ପର ବିରୋଧୀ ଏହି ଯାବତୀୟ କଥା ପ୍ରକୃତରେ ପରସ୍ପରର ଅନୁପୂରକ ଭାବେହିଁ କାର୍ଯ୍ୟ କରୁଛନ୍ତି ଏବଂ ଏକ ସମଗ୍ର ସମନ୍ୱୟାତ୍ମକ ସତ୍ୟ ମଧ୍ୟରେହିଁ ସେଗୁଡ଼ିକ ଏକତ୍ର ସମ୍ମିଳିତ ହୋଇ ରହିଛନ୍ତି ।

ଏଠାରେ ମୁଁ ଶ୍ରୀଅରବିନ୍ଦଙ୍କର ଆଉଗୋଟିଏ ଉକ୍ତିର ଉଦ୍ଧାର କରିବି, ଯାହା ତୁମ ଆଗରେ ପ୍ରତିପାଦିତ କରିଦେବ ଯେ ତୁମ ପ୍ରଶ୍ନଟିର ମୂଳରେ କେବଳ ଏକ ଅଜ୍ଞାନତା ନିହିତ ହୋଇ ରହିଛି । ଏହିପରି ଉଦ୍ଧୃତି ଅନେକ ସଂଖ୍ୟାରେ ରହିଛି, ଯାହାକୁ କି ତୁମେ ନିଶ୍ଚୟ ଅତ୍ୟନ୍ତ ଆଗ୍ରହ ସହକାରେ ପଢ଼ିପାରିବ ଏବଂ ତାହା ତୁମର ବୁଦ୍ଧିକୁ ଅଧିକ ପରିମାଣରେ ଗ୍ରହଣଶୀଳ କରିପାରିବ :

''ଯଦି ସମର୍ପଣ ସମ୍ପୂର୍ଣ୍ଣ ହୋଇ ନ ଥାଏ, ତେବେ ମାର୍ଜାରଭକ୍ତିର ଦୃଷ୍ଟିଟିକୁ ଗ୍ରହଣ କରିବା ଆଦୌ ସମ୍ଭବ ହେବ ନାହିଁ; ତେବେ ତାହା କେବଳ ଏକ ତାମସିକ ନିଷ୍କ୍ରିୟତାରେ ପର୍ଯ୍ୟବସିତ ହୋଇ ରହିବ ଓ ଆପଣାକୁ ସମର୍ପଣ ବୋଲି କହିବାରେ ଲାଗିଥିବ । ଯଦି ଆରମ୍ଭକାଳରୁହିଁ ଏକ ପୂର୍ଣ୍ଣସମର୍ପଣ ସମ୍ଭବ ନ ହୁଏ, ତେବେ ସେଇଥିରୁ ପ୍ରମାଣିତ ହୋଇଯାଉଛି ଯେ ବ୍ୟକ୍ତିଗତ ପ୍ରୟାସର ଅବଶ୍ୟ ଏକ ଆବଶ୍ୟକତା ରହିଛି ।''

*୧୬ ଡିସେମ୍ବର ୧୯୬୪*

*ଆମର ଏକାଗ୍ରତା ଏବଂ ଇଚ୍ଛାର ଶକ୍ତି ବୃଦ୍ଧି ପାଇବ କିପରି ? ଯେକୌଣସି କାର୍ଯ୍ୟ କରିବାକୁ ଗଲେ ସେହିଗୁଡ଼ିକର ଆବଶ୍ୟକତା ରହିଛି ।*

ସେଥିଲାଗି ନିୟମିତ ଅଭ୍ୟାସ କରିବାକୁ ହେବ,– ଅଧ୍ୟବସାୟ ସହିତ ଅଟଳ ଓ ଅବିଚଳ ଭାବରେ ସେହି ଅଭ୍ୟାସଟିକୁ କରିବାକୁ ପଡ଼ିବ । ଏଠାରେ ମୁଁ ଏକାଗ୍ରତା ଏବଂ ଇଚ୍ଛାଶକ୍ତି ବୃଦ୍ଧି କରିବାର ଅଭ୍ୟାସଟି ବିଷୟରେ କହୁଛି ।

*୭ ଏପ୍ରିଲ ୧୯୬୫*

*ମାନସିକ ଉଦାସୀନତା ଏବଂ କୌତୂହଳର ଅଭାବକୁ ଗୋଟାଏ ପ୍ରକାରର ମାନସିକ ଜଡ଼ତା ବୋଲି କୁହାଯାଇ ପାରିବ କି ?*

ସାଧାରଣତଃ ସେଗୁଡ଼ିକ ମାନସିକ ଜଡ଼ତାରୁହିଁ ନିଷ୍ପନ୍ନ ହୋଇଥା'ନ୍ତି । ଅବଶ୍ୟ ଜଣେ ବ୍ୟକ୍ତି ଯେତେବେଳେ ଏକ ପ୍ରଗାଢ଼ ସାଧନାର ବଳରେ ଏକ ଶାନ୍ତ ଓ ଉଦାସୀନ ଅବସ୍ଥାକୁ ପ୍ରାପ୍ତ ହୋଇଥାଏ, ସେତେବେଳେ ତାହାକୁ ନିଶ୍ଚୟ ଏକ ଅନ୍ୟକଥା ବୋଲି କୁହାଯିବ । ସେତେବେଳେ ଏକ ପରିପୂର୍ଣ୍ଣ ସମତାବସ୍ଥାର ଉପଲବ୍ଧି ହୁଏ ଏବଂ ସେହି କ୍ଷେତ୍ରରେ ଭଲ ମନ୍ଦ ବା ସୁଖକର ଓ ଅସୁଖକର ପ୍ରଭୃତିର ଆଉ କୌଣସି ଅନୁଭବ ରହେ ନାହିଁ । ମାତ୍ର ସେତେବେଳେ ମାନସିକ କ୍ରିୟାଶୀଳତାର ସ୍ଥାନାପନ୍ନ ଭାବରେ ଏକ ଅତ୍ୟନ୍ତ ଉଚ୍ଚତର କିସମର ସଂବୋଧି ଦ୍ୱାରା ଅନୁପ୍ରେରିତ ଏକ କ୍ରିୟାତ୍ମକତା ଦେଖିବାକୁ ମିଳିଥାଏ ।

*୨୫ ମଇ ୧୯୬୬*

*ଏହି ମାନସିକ ଆଳସ୍ୟ ଏବଂ ଜଡ଼ତା ମଧ୍ୟରୁ ନିଷ୍କୃତି ପାଇବାର ଉପାୟ କ'ଣ ?*

ସେଥିଲାଗି ସେହି ନିଷ୍କୃତି ପାଇବାକୁ ବାର ବାର ଅଦମ୍ୟ ଭାବରେ ଇଚ୍ଛା କରିବାକୁ ହେବ । ପଠନ, ସଂଗଠନ ଏବଂ ବିକାଶସାଧନର ଏକ ଦୈନନ୍ଦିନ ମାନସିକ ଅଭ୍ୟାସ ମଧ୍ୟ ରଖିବାକୁ ପଡ଼ିବ ।

ଏହା ସହିତ ପ୍ରତ୍ୟେକ ଦିନର କର୍ମଚର୍ଯ୍ୟା ମଧ୍ୟରେ ମାନସିକ ନୀରବତା ଲାଗି ମଧ୍ୟ ଏକ ସ୍ଥାନ ରହିଥିବ ଏବଂ ଅଭିନିବେଶ ଦ୍ୱାରା ସେହି ନୀରବତାର ଅଭ୍ୟାସ କରାଯାଉଥିବ ।

*୧ ଜୁନ୍ ୧୯୬୬*

# ୭

# କଥୋପକଥନ

## ୫ ଏପ୍ରିଲ୍ ୧୯୬୭

(ମାଆ ଏକ ଟିପ୍‌ପଣୀ ଆକାରରେ ଲେଖିଦେଇଥିଲେ) ଗୋଟିଏ ପ୍ରଶ୍ନର ଉତ୍ତରରେ ମୁଁ ଏତକ ଲେଖୁଛି । ସ୍କୁଲ୍‌ର ଶିକ୍ଷକମାନଙ୍କୁ ମୁଁ ଯାହା କହିଥିଲି, ତୁମେ ସେକଥା ଜାଣ କି ? ମୋତେ ଆଉ ଗୋଟିଏ ପ୍ରଶ୍ନ ବି ପଚରାଯାଇଛି । ମୁଁ ଏହିପରି ଭାବରେ ମୋ'ର ଉତ୍ତରଟିକୁ ଆରମ୍ଭ କରୁଛି :

''ସାଧାରଣ ଜୀବନ' ଏବଂ 'ଆଧ୍ୟାତ୍ମିକ ଜୀବନ' ମଧ୍ୟରେ ଯେଉଁ ଅଲଗା ଅଲଗା ପାର୍ଥକ୍ୟ ଦେଖାଇ ଦିଆଯାଏ, ତାହା ହେଉଛି ଏକ ପୁରୁଣା କଥା । ତାହାର ସମୟ କେଉଁକାଳରୁ ଗଲାଣି ।''

ତୁମେ ତାଙ୍କ ପ୍ରଶ୍ନଟିକୁ ପଢ଼ିଛ କି ? ମୋତେ ପୁଣିଥରେ ପଢ଼ିକରି ଶୁଣାଅ ।

> *''ଆମେ ଭବିଷ୍ୟ ବିଷୟରେ ଆଲୋଚନା କରିଥିଲୁ । ମୋ'ର ବୋଧ ହେଲା ଯେ ପ୍ରାୟ ସବୁ ଶିକ୍ଷକ ଏପରି ଗୋଟାଏ କିଛି କରିବା ଲାଗି ଭାରି ଉଦ୍‌ଗ୍ରୀବ ହୋଇ ରହିଛନ୍ତି, ଯାହାଦ୍ୱାରା କି ପିଲାମାନେ ସେମାନେ କାହିଁକି ଯେ ଏଠାରେ ରହିଛନ୍ତି, ସେହି ବିଷୟରେ ଅଧିକ ସଚେତନ ହୋଇ ପାରିବେ । ଏହି କଥାଟି ପଢ଼ିବା ସମୟରେ ମୁଁ ନିଜର ମତ ଦେଇ କହିଲି ଯେ, ଆଧ୍ୟାତ୍ମିକ ବିଷୟଗୁଡ଼ିକ ସମ୍ବନ୍ଧରେ ପିଲାମାନଙ୍କୁ କିଛି କହିବାକୁ ଚେଷ୍ଟା କଲେ ଅନେକ ସମୟରେ ତାହାର ବିପରୀତ ଫଳହିଁ ଫଳିବ ଏବଂ କୁହାଯାଇଥିବା ସେହିସବୁ କଥାର ଆଦୌ କୌଣସି ମୂଲ୍ୟ ରହିବ ନାହିଁ ।''*

''ଆଧ୍ୟାତ୍ମିକ ବିଷୟଗୁଡ଼ିକ''– ଆଧ୍ୟାତ୍ମିକ ବିଷୟଗୁଡ଼ିକ କହିଲେ ସିଏ କ'ଣ ବୁଝୁଛନ୍ତି ?

> *ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯଦି ଶିକ୍ଷକମାନେ ସେହି ବିଷୟଗୁଡ଼ିକ ସତେଅବା କାହାଣୀ ପରି କହିବାକୁ ଆରମ୍ଭ କରିବେ...*

ଆଧ୍ୟାତ୍ମିକ ବିଷୟଗୁଡ଼ିକ... ହଁ, ପିଲାମାନଙ୍କୁ ଇତିହାସ ପଢ଼ାଯାଉଛି କିଂବା ଆଧ୍ୟାତ୍ମିକ ବିଷୟଗୁଡ଼ିକୁ ପଢ଼ାଯାଉଛି; ବିଜ୍ଞାନ ପଢ଼ାଯାଉଛି କିଂବା ଆଧ୍ୟାତ୍ମିକ ବିଷୟଗୁଡ଼ିକୁ ପଢ଼ାଯାଉଛି; ତାହାହିଁ ଆମର ନିର୍ବୋଧତା । ଇତିହାସ ଭିତରେ ମଧ୍ୟ ଚିତ୍‌ସତ୍ତାର କଥା ରହିଛି, ବିଜ୍ଞାନରେ ମଧ୍ୟ ଚିତ୍‌ସତ୍ତାର କଥା ରହିଛି... ସତ୍ୟ ତ ସବୁକିଛି ମଧ୍ୟରେ ରହିଛି । ତେଣୁ ଅସଲ କଥା

ହେଉଛି ଯେ, ଆମେ ତାହାକୁ ଭୁଲ୍ ପ୍ରଣାଳୀରେ ପଢ଼ାଇବା ନାହିଁ, ତାକୁ ଆମେ ଠିକ୍ ପ୍ରଣାଳୀରେ ପଢ଼ାଇବା, ସେମାନେ ଏହି କଥାଟିକୁ ମୋଟେ ଧରି ପାରୁ ନାହାନ୍ତି ।

*ସିଏ ପୁଣି ଲେଖିଛନ୍ତି : ''ମୁଁ ପ୍ରସ୍ତାବ ଦେଇଛି ଯେ ଏକାଠି ବସି ମାଆ କହିଥିବା କଥାଗୁଡ଼ିକୁ* ଶୁଣିଲେ ହୁଏତ ଅଧିକ ଭଲ ହେବ । କାରଣ ଆମେ ସବୁକଥା ବୁଝି ନ ପାରିଲେ ମଧ୍ୟ ଆପଣଙ୍କର ମୁଖରୁ ବାହାରୁଥିବା କଥା ଅନ୍ତଃକ୍ଷେତ୍ରରେ ତା'ର କାର୍ଯ୍ୟଟିକୁ ନିଶ୍ଚୟ କରିବ । ସେହି କାର୍ଯ୍ୟଟିର ମୂଲ୍ୟ ଅବଧାରଣ କରିବା ଆମ ପକ୍ଷରେ ସମ୍ଭବ ନୁହେଁ । ଗୋଟିଏ ପିଲାକୁ ଆପଣଙ୍କର ସମ୍ବନ୍ଧମଣ୍ଡଳଟି ଭିତରକୁ ଆଣିବାକୁ ହେଲେ ସେଥିଲାଗି ସର୍ବୋତ୍ତମ ଉପାୟ କ'ଣ, ଏହି ବିଷୟରେ ମୁଁ ଏତିକିମାତ୍ର ଜାଣିବାକୁ ଇଚ୍ଛା କରୁଛି । କାରଣ, ମୋ ପ୍ରସ୍ତାବ ସମେତ ଆମ ସମ୍ମୁଖରେ ରହିଥିବା ସବୁଯାକ ପ୍ରସ୍ତାବ ମୋତେ କେବଳ ନିରାଧାର ପରି ଲାଗିଲା, ସେଥିରେ ଆଦୌ କୌଣସି ମୂଲ୍ୟ ନ ଥିଲା ପରି ଲାଗିଲା ।*

*''ମାଆ, ଶିକ୍ଷକମାନେ ପ୍ରତ୍ୟେକେ ପିଲାମାନଙ୍କୁ ଯେଉଁସବୁ ବିଷୟ ପଢ଼ାଉଛନ୍ତି, ସେମାନେ କେବଳ ତାହାରି ଉପରେ ମନୋନିବେଶ କରିପାରିଲେ ପ୍ରକୃତରେ ଅଧିକ ଭଲ ହୁଅନ୍ତା ନାହିଁ କି ? କାରଣ ଆପଣ ତ ଆଧ୍ୟାତ୍ମିକ ଜୀବନ ବିଷୟରେ ସକଳ ଯତ୍ନ ନେଉଛନ୍ତି ।''*

ତାଙ୍କୁ ମୁଁ ଏଇ ଉତ୍ତରଟି ଦେବାକୁ ଇଚ୍ଛା କରୁଛି : ''ଆଧ୍ୟାତ୍ମିକ ଜୀବନ'' ବୋଲି ବିଶେଷ ଓ ଭିନ୍ନ ଭାବରେ ଆଦୌ କିଛିହେଲେ କେଉଁଠି ନାହିଁ । ଏହା ତଥାପି ସେହି ପୁରାତନ ଧାରଣା, ସନ୍ଥ ଓ ସନ୍ନ୍ୟାସୀର ସେହି ପୁରାତନ ଧାରଣା... ସେମାନେ ଆଧ୍ୟାତ୍ମିକ ଜୀବନର ପ୍ରତିନିଧିତ୍ୱ କରୁଥିଲେ ଏବଂ ଅନ୍ୟମାନେ ସାଧାରଣ ଜୀବନଟିର ପ୍ରତିନିଧିତ୍ୱ କରୁଥିଲେ — ମାତ୍ର ଏଇଟି ଆଦୌ ପ୍ରକୃତ କଥା ନୁହେଁ, ଏହା ମୋଟେ ପ୍ରକୃତ କଥା ନୁହେଁ ।

ଦୁଇଟି କ୍ଷେତ୍ର ମଧ୍ୟରେ ଏକ ବିରୋଧ ଏବଂ ପାର୍ଥକ୍ୟ ରହୁ ବୋଲି ଯଦି ସେମାନେ ତଥାପି ଆବଶ୍ୟକ ମନେ କରୁଥାନ୍ତି,— କାରଣ ଏହିପରି ଏକ ବିରୋଧ ରହି ନ ଥିଲେ ବିଚରା ମନ ପ୍ରକୃତରେ ଆଉ ଆଦୌ କୌଣସି କାମ କରି ପାରିବ ନାହିଁ,— ଦୁଇଟିଯାକ ପରସ୍ପରର ବିରୋଧୀ ହୋଇ ରହୁ ବୋଲି ଯଦି ସେମାନେ ପ୍ରକୃତରେ ଇଚ୍ଛା କରୁଛନ୍ତି, ତେବେ ସେମାନେ ସତ୍ୟ ଓ ଅସତ୍ୟ ମଧ୍ୟରେ ରହିଥିବା ବିରୋଧଟିକୁ ହୃଦୟଙ୍ଗମ କରନ୍ତୁ । ତାହା ବରଂ ଅପେକ୍ଷାକୃତ ଅଧିକ ଭଲ ହେବ । ତାହାକୁ ବି ମୁଁ କଦାପି ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି କହିବି ନାହିଁ, ମାତ୍ର ଅପେକ୍ଷାକୃତ କିଞ୍ଚିତ୍ ଭଲ ବୋଲି କହିବି । କାରଣ, ପ୍ରତ୍ୟେକ

* ଟେପ୍‌ରେକର୍ଡ଼ ହୋଇ ରହିଥିବା ମାଆଙ୍କ କ୍ଲାସ୍‌ର ବିବରଣୀ ।

ବସ୍ତୁରେ ସତ୍ୟ ଏବଂ ଅସତ୍ୟ ସର୍ବତ୍ର ପରସ୍ପର ମିଶିକରି ରହିଛନ୍ତି : ସେହି ତଥାକଥିତ ''ଆଧ୍ୟାତ୍ମିକ ଜୀବନ''ରେ ମଧ୍ୟ,— ସନ୍ନ୍ୟାସୀ, ସ୍ୱାମୀ, ଯେଉଁମାନେ ଏହି ପୃଥିବୀରେ ଦିବ୍ୟ ଜୀବନର ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କ ଭିତରେ ମଧ୍ୟ ଅସତ୍ୟ ଓ ସତ୍ୟ ଉଭୟେ ମିଶିକରି ରହିଛନ୍ତି ।

ଏହି କ୍ଷେତ୍ରରେ ଆଦୌ କୌଣସି ବିଭାଜନ ନ କରିବାହିଁ ପ୍ରକୃତରେ ଅଧିକ ଭଲ ହେବ ।

(ମାଆ ନୀରବ ରହିଲେ)

ପିଲାମାନଙ୍କ ଲାଗି,— ସେମାନେ ବର୍ତ୍ତମାନ ପିଲା, କେବଳ ସେଇଥିପାଇଁହିଁ, ସେମାନଙ୍କ ଭିତରେ ଭବିଷ୍ୟତ୍ ଉପରେ ବିଜୟ ହାସଲ କରିବାର ଯଥାର୍ଥ ଇଚ୍ଛାଟିକୁ ସଞ୍ଚାରିତ କରି ରଖିବା ପ୍ରକୃତରେ ସର୍ବୋତ୍ତମ ହେବ । ସେମାନଙ୍କ ଭିତରେ ଏପରି ଏକ ଇଚ୍ଛାଶକ୍ତିକୁ ସଞ୍ଚାରିତ କରି ରଖିବାକୁ ହେବ, ଯାହାଦ୍ୱାରା କି ସେମାନଙ୍କର ଦୃଷ୍ଟି ସର୍ବଦା ସମ୍ମୁଖ ଆଡ଼କୁ ରହିବ ଏବଂ ସେମାନେ ଭବିଷ୍ୟ ଆଡ଼କୁହିଁ ଯଥାସମ୍ଭବ ଅଧିକ ଶୀଘ୍ର ଗତିରେ ଅଗ୍ରସର ହୋଇ ଯିବାକୁ ଇଚ୍ଛା କରିବେ... ମାତ୍ର ସେମାନଙ୍କୁ ଯେପରି କେବେହେଲେ ଅତୀତରୂପୀ ସେହି ସମଗ୍ର ଉତ୍ପୀଡ଼ନକାରୀ ଭାରଟିକୁ ସତେଅବା ଗୋଟାଏ ବୋଝ ଅଥବା ପଥର ପରି ବୋହିବାକୁ ନ ପଡ଼େ । ହଁ, ଯେତେବେଳେ ଆମେ ଚେତନାରେ ଓ ଜ୍ଞାନରେ ଅନେକ ଉଚ୍ଚକୁ ଉଠିଯାଇ ପାରିବା, କେବଳ ସେତିକିବେଳେ ଯାଇ ପଛକୁ ଦୃଷ୍ଟିପାତ କରି, ଭବିଷ୍ୟତ୍ ଯେ କେଉଁସବୁ ବିନ୍ଦୁରୁ ଆପଣାକୁ ଆବିର୍ଭୂତ କରାଇ ଆଣିବାକୁ ଆରମ୍ଭ କଲା, ତାହାର ଆବିଷ୍କାର କରିବା ଦ୍ୱାରା ପ୍ରକୃତରେ ଭଲ ହେବ । ଆମେ ଯେତେବେଳେ ସମଗ୍ର ଚିତ୍ରଟି ଉପରେ ଦୃଷ୍ଟି ପକାଇ ପାରିବା, ଆମର ଦୃଷ୍ଟି ଯେତେବେଳେ ସମଗ୍ର ହୋଇ ପାରିବ, ସେତେବେଳେ ଏହି କଥାଟିକୁ ଜାଣିବା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଲାଗିବ ଯେ, ଏକ ପରବର୍ତ୍ତୀ କାଳରେ ଯାହା ବାସ୍ତବରେ ପରିଣତ ହେବାକୁ ଯାଉଛି, ଅନେକ ଆଗରୁହିଁ ତାହାର ଘୋଷଣା କରାଯାଇ ସାରିଛି । ଦିବ୍ୟଜୀବନ ଜଡ଼ର ଗଭୀର ମଧ୍ୟରେ **ପୂର୍ବରୁ** ସଂବୃତ୍ତ ହୋଇ ରହିଛି ଓ ତେଣୁ ଏହି ପୃଥିବୀପୃଷ୍ଠରେ ତାହାର ଅଭିବ୍ୟକ୍ତି ଘଟିବ ବୋଲି ଶ୍ରୀଅରବିନ୍ଦ ଯେପରି କହିଥିଲେ, ଏହା ଠିକ୍ ସେହିପରି କଥା । ଏହି ଦୃଷ୍ଟିକୋଣରୁ ପଛକୁ ଅନାଇ ଦେଖିବା ବା ତଳକୁ ଅନାଇ ଦେଖିବା ନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ହେବ । ଅତୀତରେ କ'ଣ ସବୁ ଘଟିଛି କେବଳ ସେତିକି କଥାକୁ ଜାଣିବା ସକାଶେ ନୁହେଁ, ଅଥବା, ଲୋକେ ଯାହାସବୁ ଜାଣିଛନ୍ତି, କେବଳ ତାହାକୁହିଁ ଜାଣିବା ଲାଗି ନୁହେଁ,— ସେଗୁଡ଼ାକରେ ଆଦୌ କୌଣସି ଫଳ ମିଳିବ ନାହିଁ କି ଲାଭ ହେବ ନାହିଁ ।

ପିଲାମାନଙ୍କୁ ଆମେ ଏହିପରି କହିବା : ଅଦ୍ଭୁତ ଅଦ୍ଭୁତ ବସ୍ତୁମାନ ପ୍ରକାଶିତ ହେବାକୁ ଯାଉଛି, ସେଗୁଡ଼ିକୁ ଗ୍ରହଣ କରିବା ସକାଶେ ତୁମ୍ଭେମାନେ ନିଜକୁ ପ୍ରସ୍ତୁତ କରି ରଖ । ସେହି କ୍ଷେତ୍ରରେ, ଭଲକରି ବୁଝିପାରିବା ଲାଗି ଯଦି ସେମାନେ ଅଧିକ ମୁକ୍ତ ଅଧିକ ସହଜ ଆଉକିଛି ଆବଶ୍ୟକ କରିବେ, ତେବେ ସେମାନଙ୍କୁ ତୁମେ ଏହିପରି କହିପାରିବ : ଏହିସବୁ ବିଷୟର ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ଯେତେବେଳେ ତୁମ୍ଭେମାନେ ତା'ଙ୍କୁ ପଢ଼ିବା ଲାଗି ସମର୍ଥ ହେବ, ସେତେବେଳେ ନିଶ୍ଚୟ ବୁଝିବ । ତେଣୁ, ଏହିପରି ଭାବରେ ସେମାନଙ୍କର ଆଗ୍ରହ ଆସିବ, ଶିକ୍ଷା କରିବାର ବାସନା ଜାତ ହେବ ।

> *ସିଏ ଯେଉଁ ଅସୁବିଧାଟି ବିଷୟରେ କହିବାକୁ ଚାହୁଁଛନ୍ତି, ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ତାହା ବୁଝି ପାରୁଛି : ଅଧିକାଂଶ ଲୋକ,– ବହିରେ ଲେଖାହୋଇଥିବା ଯାବତୀୟ ବିଷୟରେ ଅଥବା ନିଜେ କ୍ଲାସ୍‌ରେ କହୁଥିବା କଥାମାନଙ୍କରେ,– ସାଧାରଣତଃ ଭାରି ଅତିରଞ୍ଜନ କରି କହିଥାନ୍ତି, ସେଥିରେ ବ୍ୟକ୍ତିଗତ ଅଭିଜ୍ଞତାର ଆଦୌ କୌଣସି ସତ୍ୟ ନ ଥାଏ । ସେଗୁଡ଼ାକର ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ, ବା ବରଂ ଏକ ନକାରାତ୍ମକ ପ୍ରଭାବହିଁ ପଡ଼ିଥାଏ । ସିଏ ସେଇ କଥାଟି ବିଷୟରେ ଦୃଷ୍ଟି ଆକର୍ଷଣ କରୁଛନ୍ତି ।*

ହଁ ତେଣୁ ମୁଁ ଯେପରି କହିଲି, ସେମାନଙ୍କର ସେହିପରି କରିବା ଉଚିତ ।

ହଁ, ମାତ୍ର ଏଇ ଅଳ୍ପ କେତେଦିନ ତଳେ ଅଧିକାଂଶ ଶିକ୍ଷକ କହୁଥିଲେ, ''କିନ୍ତୁ, ଆମକୁ ଠିକ୍ ଏହିପରିହିଁ କରିବାକୁ ହେବ, କାରଣ ଏପରି ସବୁଠାରେ ହେଉଛି ।'' (ଈଷତ୍ ହସି) ତେବେ ସେମାନେ ଇତି ମଧ୍ୟରେ ବେଶ୍ କେତେ ବାଟ ଆଗେଇ ଯାଇ ପାରିଛନ୍ତି । ମାତ୍ର ତଥାପି ଆହୁରି ଅନେକ ବାଟ ଯିବାକୁ ରହିଛି ।

ମାତ୍ର, ସର୍ବୋପରି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମକୁ ଏହିସବୁ ବିଭାଜନକୁ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ କରିଦେବାକୁ ହେବ । ଏବଂ, ସେମାନଙ୍କ ଭିତରୁ ପ୍ରତ୍ୟେକେ, ସେମାନଙ୍କ ଭିତରୁ ସମସ୍ତେ ତଥାପି ଠିକ୍ ଏହିପରି ଭାବୁଛନ୍ତି : ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବା ଏବଂ ଏକ ସାଧାରଣ ଜୀବନ ମଧ୍ୟରେ ଅବଶ୍ୟ ଏକ ବିଭାଜନ ରହିଛି ବୋଲି ସେମାନେ ଭାବୁଛନ୍ତି; ଏକ ଆଧ୍ୟାତ୍ମିକ ଚେତନାରେ ଅବସ୍ଥିତ ରହିବା ଓ ଏକ ସାଧାରଣ ଚେତନାରେ ଅବସ୍ଥିତ ରହିବା ମଧ୍ୟରେ ଏକ ବିଭାଜନ ରହିଛି ବୋଲି ଭାବୁଛନ୍ତି । କିନ୍ତୁ ପ୍ରକୃତରେ ଚେତନା କେବଳ ଗୋଟିଏ ରହିଛି ।

ଅଧିକାଂଶ ବ୍ୟକ୍ତିଙ୍କ ଜୀବନରେ ଏହା ଚାରିଭାଗରୁ ତିନିଭାଗ ସୁପ୍ତ ଅଥବା ବିକୃତ

ଅବସ୍ଥାରେ ରହିଛି; ଅନେକ ବ୍ୟକ୍ତିଙ୍କ ଜୀବନରେ ଏହା ତଥାପି ସମ୍ପୂର୍ଣ୍ଣ ଭାବରେ ବିକୃତ ହୋଇ ରହିଛି । ମାତ୍ର ଅତ୍ୟନ୍ତ ସହଜ ଭାବରେ ବିଚାର କଲେ ଏହି କ୍ଷେତ୍ରରେ ଯାହାର ଆବଶ୍ୟକତା ରହିଛି, ସେକଥାଟି ହେଉଛି ଯେ, ଆମେ କଦାପି ଗୋଟିଏ ଚେତନାରୁ ଆଉଗୋଟିଏ ଚେତନା ଭିତରକୁ ଡେଇଁ ପଡ଼ିବାକୁ ଯିବା ନାହିଁ, ମାତ୍ର ଆପଣାର ଚେତନାକୁ ଉନ୍ମୁକ୍ତ କରିଦେବା (ହାତ ଦ୍ୱାରା ଉପରକୁ ସଙ୍କେତ ଦେଲେ) ଏବଂ ତାହାକୁ ପରମସତ୍ୟର ସ୍ପନ୍ଦନଗୁଡ଼ିକ ଦ୍ୱାରା ପରିପୂର୍ଣ୍ଣ କରିଦେବା; ଏବଂ ଯାହା ଅବଶ୍ୟ ଆସୁଛି – ତାହା ତ ଶାଶ୍ୱତ କାଳରୁହିଁ ସେଠାରେ ରହିଛି,– ମାତ୍ର ଏଠାରେ, ଯାହା ଏଠାରେ ଅବଶ୍ୟ ପ୍ରକାଶିତ ହେବାକୁ ଯାଉଛି, ଜଗତର ସେହି ‘‘ଆଗାମୀ କାଲି’’ଟି ସହିତ ନିଜର ଚେତନାକୁ ସୌଷମ୍ୟଯୁକ୍ତ କରି ରଖିବାକୁ ପଡ଼ିବ । ଯଦି ଗୋଟାଏ ପୂରା ବୋଝକୁ ନିଜ ପଛରେ ଘୋଷାରି ଘୋଷାରି ତୁମେ ଆପଣାକୁ ତାହାରି ଭାରରେ ତଳକୁ ଟାଣି ଆଣୁଥିବ, ତୁମର ଯାହାସବୁ ଛାଡ଼ିଆସିବା କଥା, ଯଦି ତୁମେ ସେହି ସବୁକିଛିକୁହିଁ ନିଜ ପଛରେ ବାନ୍ଧି ଟାଣିବାରେ ଲାଗିଥିବ, ତେବେ ତୁମେ ଆଦୌ ତ୍ୱରାନ୍ୱିତ ଗତିରେ ଅଗ୍ରସର ହୋଇପାରିବ ନାହିଁ ।

ମନେ ରଖିଥାଅ, ପୃଥିବୀର ଅତୀତ ବିଷୟରେ ବିଭିନ୍ନ କଥା ଜାଣିବା ନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ହୋଇପାରିବ, ଭାରି ଉପଯୋଗୀ ବି ହୋଇପାରିବ; ମାତ୍ର ଏପରି ଆଦୌ ଏକ ବିଷୟ ହେବ ନାହିଁ ଯାହାକି ତୁମକୁ ସେହି ଅତୀତ ସହିତ ବାନ୍ଧି ପକାଇବ, ତୁମ ଗୋଡ଼କୁ ଛନ୍ଦି ରଖିବ । ଯଦି ତାହାକୁ ତୁମେ ଆଗକୁ ଲମ୍ଫପ୍ରଦାନ କରିବାର ଏକ ପଟା ରୂପେ ବ୍ୟବହାର କରିପାରିବ, ତେବେ ଭଲ କଥା । ମାତ୍ର ବାସ୍ତବତଃ ତାହାର କେବଳ ଏକ ଗୌଣ ମୂଲ୍ୟହିଁ ରହିଛି ।

(ମାଆ ନୀରବ ରହିଲେ)

ଅତି ଅଳ୍ପ ବୟସରୁ ପିଲାଙ୍କୁ ଏକ ଉଚିତ ମାର୍ଗରେ ଗଢ଼ିହେବାକୁ ଦେବା ଏବଂ ସେମାନଙ୍କୁ ଶିକ୍ଷାଦେବା ଲାଗି ଶିକ୍ଷଣର ଏକ ନୂତନ ପଦ୍ଧତିକୁ ବିଶଦ ଭାବରେ ସୂତ୍ରବଦ୍ଧ କରି ରଖିବା ପ୍ରକୃତରେ ଏକ ବଡ଼ ଆଗ୍ରହୋଦ୍ଦୀପକ କାର୍ଯ୍ୟ ହୋଇ ପାରିବ । ସେଥିଲାଗି ଆମର ଲୋକ ଦରକାର,– ହଁ, ଅତ୍ୟନ୍ତ କୁଶଳ ଓ ନିପୁଣତା ସମ୍ପନ୍ନ ଶିକ୍ଷକ ଦରକାର,– ସେହି ଲୋକମାନଙ୍କର ପ୍ରଥମତଃ ଯଥେଷ୍ଟ ପରିମାଣରେ ଜ୍ଞାତ ବିଷୟଗୁଡ଼ିକ ସମ୍ବନ୍ଧରେ ଅବଗତି ରହିଥିବା ଦରକାର ଯେପରିକି ସେମାନେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇ ପାରିବେ; ଏବଂ ତାହିଁ ସଙ୍ଗେ ସଙ୍ଗେ ସେହି ଯଥାର୍ଥ ସମ୍ବୋଧିପ୍ରେରିତ ବୁଦ୍ଧିଗତ ଦୃଷ୍ଟିର ଅନ୍ତତଃ ଏକ ଜ୍ଞାନ ରହିଥିବା ଦରକାର;– ସେହି ବିଷୟରେ ଅନୁଭୂତି ନ ଥିଲେ ନ ଥିବ ପଛକେ,

ଅବଶ୍ୟ ଅନୁଭୂତି ରହିଥିଲେ ତାହା ନିଶ୍ଚୟ ଅଧିକ ଭଲ ହେବ । ନିଜର ମନକୁ ନୀରବ କରି ରଖି ପାରିବା ଯେ ଯାବତୀୟ ଜ୍ଞାନଲାଭର ପ୍ରକୃଷ୍ଟ ପନ୍ଥା, ସେ ବିଷୟରେ ବି ଅନ୍ତତଃ ଏକ ଜ୍ଞାନ ରହିଥିବା ଉଚିତ;– ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଭଳି ନୀରବତା ଲାଗି ଏକ ସାମର୍ଥ୍ୟ ରହିଥିଲେ ତାହା ଆହୁରି ଭଲ କଥା ହେବ । ତାହା ହେଉଛି ଏପରି ଏକ ଅଭିନିବେଶକାରୀ ନୀରବତା ଯାହାକି ଏକ ସତ୍ୟତର ପରମଚେତନା ଆଡ଼କୁ ଅଭିମୁଖୀ ହୋଇ ରହିଥିବ । ଏବଂ, ସେହି କ୍ଷେତ୍ରରୁ ଆସୁଥିବା ଯାବତୀୟ ସମ୍ପଦକୁ ଗ୍ରହଣ କରିବା ଲାଗି ଏକ ସାମର୍ଥ୍ୟ ମଧ୍ୟ ରହିଥିବ । ଏହି ସାମର୍ଥ୍ୟଟିକୁ ଅର୍ଜନ କରିଥିବାହିଁ ପ୍ରକୃତରେ ସବୁଠାରୁ ଭଲ କଥା ହେବ; ଏଇଟି ଯେ ଯଥାର୍ଥ ବସ୍ତୁ, ଅନ୍ତତଃ ସେହି କଥାଟିକୁ ବୁଝାଇ ଦିଆଯିବ, ହୁଏତ କୌଣସି ପ୍ରକାରେ ଦେଖାଇଦେବା ଭଳି ଦେଖାଇ ଦିଆଯିବ । ଏବଂ, ଯାହାକିଛି ଆମକୁ ଅବଶ୍ୟ ଶିଖିବାକୁ ପଡ଼ିବ, ଅର୍ଥାତ୍ କେବଳ ଜ୍ଞାନ ଲାଭର ସମଗ୍ର କ୍ଷେତ୍ରଟିର ଦୃଷ୍ଟିରୁ ନୁହେଁ, ମାତ୍ର ଆମ କର୍ତ୍ତବ୍ୟଗୁଡ଼ିକର ସମଗ୍ର କ୍ଷେତ୍ରଟିର ଦୃଷ୍ଟିରୁ ଯେ ଏହା ପ୍ରକୃତରେ ଉପଯୋଗୀ, ସେହି କଥାଟିକୁ ବୁଝାଇ ଦିଆଯିବ । ଗୋଟିଏ କାର୍ଯ୍ୟକୁ କିପରି କରିବାକୁ ହେବ, ତାହାରି ଏକ ସଙ୍କେତକୁ ଗ୍ରହଣ କରି ପାରିବା ଲାଗି ଏକ ସାମର୍ଥ୍ୟ ରହିଥିବା ଦରକାର; ଏବଂ ଏହିପରି ଭାବରେ ଆଗକୁ ଯାଉଥିବା ସଙ୍ଗେ ସଙ୍ଗେ, ତୁମର ଯାହା ଅବଶ୍ୟ କର୍ତ୍ତବ୍ୟ, ତୁମର ବୋଧ ସମ୍ମୁଖରେ ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେବାକୁ ଲାଗିବ ଏବଂ, ସେଇଟିକୁ ଯେ କେତେବେଳେ କରିବାକୁ ପଡ଼ିବ, ନିର୍ଭୁଲ ଭାବରେ ସେ ବିଷୟରେ ମଧ୍ୟ ଏକ ସଙ୍କେତ ମିଳିଯିବ । ଅନ୍ତତଃ ପିଲାମାନଙ୍କ କ୍ଷେତ୍ରରେ, ସେମାନଙ୍କ ଭିତରେ ଯେମିତି ଭାବିବାର ଏକ ସାମର୍ଥ୍ୟ ଆସିଯିବ,– ଏହା ସେମାନଙ୍କର ସାତବର୍ଷ ବୟସରୁ ଆରମ୍ଭ ହେବ, ମାତ୍ର ଚଉଦ ପନ୍ଦର ବର୍ଷ ହେଲା ବେଳକୁ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଇଥିବ,– ସେମାନଙ୍କୁ ସାତବର୍ଷ ହେବା ସମୟରୁହିଁ ଆମେ ଏହିପରି କ୍ଷୁଦ୍ର ସଙ୍କେତମାନ ଦେବାକୁ ଆରମ୍ଭ କରିବା, ଚଉଦ ବର୍ଷ ବେଳକୁ ଏହାକୁ କିପରି କରିବାକୁ ହେବ, ତାହାର ଏକ ସମ୍ପୂର୍ଣ୍ଣ ବ୍ୟାଖ୍ୟା ମଧ୍ୟ ଦେଇପାରିବା । ବସ୍ତୁଗୁଡ଼ିକର ଗଭୀରତର ସତ୍ୟଟି ସହିତ ଏକ ସମ୍ବନ୍ଧ ସ୍ଥାପନ କରି ପାରିବାକୁ ହେଲେ ଏହା ଯେ ଏକମାତ୍ର ପଥ, ଏବଂ ଯାହାକୁ ଆମେ ଅପରୋକ୍ଷ ଭାବରେ ଜାଣିବାକୁ ସମର୍ଥ ହେଉ, ଆଉ ସବୁକିଛି ଯେ, କେବଳ ଅଳ୍ପ ବହୁତ ଅଶୋଧିତ ଭାବରେ ମାନସିକ କ୍ଷେତ୍ରରେ ତାହାରି ଏକ ପ୍ରାୟାନୁମାନ ହୋଇ ରହିଥାଏ, ଆମେ ପିଲାମାନଙ୍କୁ ସେହି କଥାଟିକୁ ବୁଝାଇଦେବାକୁ ସମର୍ଥ ହେବା ।

ଏଗୁଡ଼ିକର ନିଷ୍କର୍ଷ ହେଉଛି ଯେ, ସ୍ୱୟଂ ଶିକ୍ଷକମାନଙ୍କ ଜୀବନରେ ଅନ୍ତତଃ ଶୃଙ୍ଖଳା ଏବଂ ସ୍ୱ-ଅନୁଭବର ଏକ ନିଷ୍ଠାପର ଆରମ୍ଭ ନିଶ୍ଚୟ ହୋଇଥିବ । ସେମାନେ ଭଲକରି ଜାଣି ରଖିବେ ଯେ ଶିକ୍ଷାଦାନ କହିଲେ କେବଳ ଗୁଡ଼ାଏ ବହିକୁ ଏକତ୍ର କରି ସେଥିରେ

ରହିଥିବା ବିଷୟଗୁଡ଼ିକୁ ପିଲାମାନଙ୍କ ଆଗରେ ଆଉଥରେ ଯାଇ କହିଦେବାକୁହିଁ କଦାପି ବୁଝାଇବ ନାହିଁ । ଏବାଟରେ କେହି କଦାପି ଜଣେ ଶିକ୍ଷକ ହୋଇପାରିବ ନାହିଁ; ବାହାରର ପୃଥିବୀ ଯଦି ସେହିଭଳି ହୋଇ ରହିବାକୁ ଇଚ୍ଛା କରୁଛି, ତେବେ ରହିଥାଉ । ଆମେ ଆଦୌ କୌଣସି କଥା ପ୍ରଚାର କରି କାହାରି ମୁଣ୍ଡରେ ପୂରାଇ ଦେବାକୁ ଯାଉ ନାହୁଁ । କ'ଣ କରିବା ସମ୍ଭବ, ଆମେ କେବଳ ସେହି କଥାଟିକୁହିଁ ଦେଖାଇ ଦେବାକୁ ଇଚ୍ଛା କରୁଛୁ, ଏବଂ ସେହି କାର୍ଯ୍ୟଟିକୁ ଯେ **ଅବଶ୍ୟ** କରିବାକୁ ହେବ, ତାହାକୁହିଁ ପ୍ରମାଣ କରିବାକୁ ଚେଷ୍ଟା କରୁଛୁ ।

ପିଲାମାନେ ଯଦି ଅଳ୍ପ ବୟସରୁ ଏହି ରୀତିରେ ପଢ଼ିପାରିବେ, ତେବେ ତାହା ଅତି ଚମତ୍କାର କଥା ହେବ । କରିବା ଲାଗି ପ୍ରକୃତରେ ଖୁବ୍ କମ୍ କାମ ରହିଛି : ନିଜେ କିଛି

**ହୋଇପାରିବାହିଁ** ଯଥେଷ୍ଟ ।
କଦାପି ଭୁଲ୍ କରିବ ନାହିଁ ।
କଦାପି ରାଗିଯିବ ନାହିଁ ।
ସର୍ବଦା ବୁଝିବାକୁ ଚେଷ୍ଟା କରିବ ।

ଏବଂ, ଏହି ଗତିସ୍ପନ୍ଦନଟି ପିଲା ଭିତରେ କାହିଁକି ଆସିଲା, ପିଲାର ଭିତରଟା ପ୍ରକୃତରେ କେଉଁ ଧାତୁରେ ତିଆରି ହୋଇଛି, ତା' ଭିତରେ କେଉଁ କଥାଟିକୁ ଅଧିକ ଟାଣ କରିବାକୁ ହେବ ଓ କେଉଁ କଥାଟିକୁ ପ୍ରକାଶିତ କରି ଆଣିବାକୁ ହେବ, ଏତିକି ଜାଣିବା ଓ ଅତ୍ୟନ୍ତ ସ୍ପଷ୍ଟଭାବରେ ତାହାକୁ ଦେଖିବା ଲାଗି ସମର୍ଥ ହେବା,— ଆମକୁ କେବଳ ଏତିକିମାତ୍ର କରିବାକୁ ପଡ଼ିବ । ଏତିକି ବ୍ୟତୀତ ଆଉ ସବୁ କ୍ଷେତ୍ରରେ ଆମେ ସେମାନଙ୍କୁ ମୁକ୍ତ ଭାବରେ ଛାଡ଼ିଦେବା, ଫୁଲଟି ପରି ଫୁଟିଉଠିବା ସକାଶେ ସେମାନଙ୍କୁ ବାଟ ଛାଡ଼ିଦେବା । ସେମାନେ ଅନେକ କଥା ଦେଖିବେ, ଅନେକ କଥାକୁ ସ୍ପର୍ଶ କରିପାରିବେ, ଯଥାସମ୍ଭବ ଅଧିକ କାର୍ଯ୍ୟରେ ଆପଣାକୁ ବ୍ୟାପୃତ କରି ରଖିଥିବେ, ସେମାନଙ୍କୁ ଆମେ ସେଥିଲାଗି ସୁଯୋଗ ଯୋଗାଇ ଦେବା । ଏଥିରେ ପ୍ରକୃତରେ ଭାରି ଆନନ୍ଦ ଲାଗିବ । ଏବଂ, ସର୍ବୋପରି, ଆମେ ନିଜେ ଯାହାସବୁ ଜାଣିଛୁ ବୋଲି ଭାବୁଛୁ, ଆମେ ସେଗୁଡ଼ାକୁ ନେଇ ସେମାନଙ୍କ ଉପରେ କେବେହେଲେ ଲଦିଦେବାକୁ ଚେଷ୍ଟା କରିବା ନାହିଁ ।

ତୁମେ ସେମାନଙ୍କୁ ମୋଟେ ଗାଳିଦେବ ନାହିଁ । ସବୁବେଳେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରିବ; ଏବଂ ଯଦି ପିଲା ସେଥିପାଇଁ ପ୍ରସ୍ତୁତ ଅଛି, ତେବେ ତାକୁ ସବୁକଥା ବୁଝାଇଦେବ । ଯଦି ତାକୁ କିଛି ବୁଝାଇ ଦିଆଯାଇ ପାରିବାର ଅବସ୍ଥାରେ ସେ ନ ଥାଏ,— ମାତ୍ର ଯଦି ତୁମେ ନିଜେ ପ୍ରସ୍ତୁତ ହୋଇ ରହିଥାଅ,— ତେବେ ସେହି ମିଛ ଗତିସ୍ପନ୍ଦନର ସ୍ଥାନାପନ୍ନ ଭାବରେ ତୁମେ ଏକ ଯଥାର୍ଥ ଗତିସ୍ପନ୍ଦନକୁ ଆଣି ଦେବାକୁ ଚେଷ୍ଟା କରିବ ।

ମାତ୍ର ଏଇଟି କରିପାରିବା... ଏହା ଦ୍ୱାରା ଶିକ୍ଷକମାନଙ୍କଠାରୁ ପ୍ରକୃତରେ ଏଭଳି ଏକ ପରିପୂର୍ଣ୍ଣତାର ଦାବି କରାଯାଉଛି, ଯାହାକି କ୍ୱଚିତ୍ ସେମାନଙ୍କଠାରେ ରହିଥାଏ ।

ମାତ୍ର ଶିକ୍ଷକମାନଙ୍କ ସକାଶେ ଏକ କାର୍ଯ୍ୟକ୍ରମ ତିଆରି କରି ରଖିବା ପ୍ରକୃତରେ ଏକ ଆଗ୍ରହୋଦ୍ଦୀପକ କଥା ହେବ । ସେମାନଙ୍କ ସକାଶେ ଅଧ୍ୟୟନର ଏପରି ଏକ ଯଥାର୍ଥ କାର୍ଯ୍ୟକ୍ରମ କରାଯାଇପାରିବ, ଯାହାକୁ କି ଏକାବେଳେକେ ମୂଳରୁ ଆରମ୍ଭ କରାଯାଇଥିବ, ଯାହା ଅତ୍ୟନ୍ତ ସ୍ଥିତିସ୍ଥାପକ ହୋଇଥିବ ଏବଂ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବଗୁଡ଼ିକୁ ଗ୍ରହଣ କରି ପାରୁଥିବ । ପିଲାମାନଙ୍କର ଅତି ଛୋଟ ଅବସ୍ଥାରୁ ଯଦି ସେମାନଙ୍କୁ ସତ୍ୟର ମାତ୍ର ଅଳ୍ପ କେତୋଟି କଣିକା ଆଣି ଦିଆଯାଇ ପାରେ, ତେବେ ସେମାନଙ୍କର ବୟସ ଅଧିକ ହେଉଥିବା ସଙ୍ଗେ ସଙ୍ଗେ ସେମାନେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ନିଶ୍ଚୟ ବିକଶିତ ହୋଇ ଆସିବେ । ଏହି କାର୍ଯ୍ୟଟିକୁ ପ୍ରକୃତରେ ଏକ ସୁନ୍ଦର କାର୍ଯ୍ୟ ବୋଲି କୁହାଯିବ ।

## ୧୧ ନଭେମ୍ବର ୧୯୬୭[୧]

ଆଜି କ'ଣସବୁ ପଚାରିବାର ଅଛି ?

*କ : 'ଖ' ଆପଣଙ୍କ ପାଖକୁ ଏବେ ଦେଇଥିବା ପତ୍ରଟିର ଆପଣ ଯେଉଁ ଉତ୍ତର[୨] ଦେଇଛନ୍ତି, ତାହାର ଦୁଇପ୍ରକାର ଅର୍ଥ କରାଯାଇଛି ।*

*କେତେକ ବ୍ୟକ୍ତି ପ୍ରଥମ ବାକ୍ୟଟି ଉପରେ ପ୍ରଧାନ ଗୁରୁତ୍ୱ ଦେଉଛନ୍ତି । ସେଥିରେ ଲେଖା ହୋଇଛି, ''ଏହି ବିଭାଜନଟି ସଙ୍ଗେ ସଙ୍ଗେ ଦୂର ହୋଇଯିବ,— ତାହାହିଁ ଅନେକ ଅଧିକ ଗୁଣରେ ଅଧିକ ଭଲ ହେବ ।'' ଏହି ବାକ୍ୟଟି ପଢ଼ି ସେମାନେ ଭାବୁଛନ୍ତି ଯେ ଆମକୁ ଏହି ବିଭାଜନଟିକୁ ସଙ୍ଗେ ସଙ୍ଗେ ଉଠାଇ ଦେବା ଲାଗି ଚେଷ୍ଟା କରିବାକୁ ହେବ; ସମସ୍ତ ବିଦ୍ୟାଳୟ ପାଇଁ ଗୋଟିଏ ସଂଗଠନକୁ ବଜାୟ ରଖି ଏକାବେଳକେ ବ୍ୟାବହାରିକ ସ୍ତର ପର୍ଯ୍ୟନ୍ତ ବି ତାହାକୁ ଉଠାଇ ଦେବାକୁ ପଡ଼ିବ । ଅର୍ଥାତ୍, ବର୍ତ୍ତମାନ ପ୍ରଚଳିତ ଥିବା ମୁକ୍ତ-ଅଗ୍ରଗତି ପ୍ରଣାଳୀର କ୍ଲାସ୍‌ଗୁଡ଼ିକୁ ସାଧାରଣ କ୍ଲାସ୍‌ଗୁଡ଼ିକ ସହିତ ମିଶାଇ ଦିଆଯିବ, ବା ତା' ନ ହେଲେ ଦୁଇଟି ମଧ୍ୟରେ କୌଣସି ପ୍ରକାର ଏକ ସାଲିସ କରିନେବାକୁ ପଡ଼ିବ ।*

*ଅନ୍ୟମାନେ ଭାବୁଛନ୍ତି ଯେ, ଆମେ ସର୍ବପ୍ରଥମେ ମନଃସ୍ତରରେ ରହିଥିବା ପ୍ରଭେଦଗୁଡ଼ିକୁ ଦୂର ରଖିବାକୁ ଚେଷ୍ଟା କରିବା ଏବଂ ମୁକ୍ତ ଅଗ୍ରଗତିର ଅସଲ ଅନ୍ତର୍ଭାବଟିର ପ୍ରସାର କରିବାକୁ ଚେଷ୍ଟା କରିବା । ଆପଣଙ୍କ ଉତ୍ତରରେ ଦ୍ୱିତୀୟ ଅଂଶଟିକୁ ଭିତ୍ତି କରି ସେମାନେ ଭାବୁଛନ୍ତି ଯେ, ଯେପର୍ଯ୍ୟନ୍ତ ପାରମ୍ପରିକ ଛାଞ୍ଚଟିକୁ ଅନୁସରଣ କରି ଆସିଥିବା କ୍ଲାସ୍‌ଗୁଡ଼ିକ ଲାଗି ଆବଶ୍ୟକ ପରିବର୍ତ୍ତନ ସମ୍ଭବ କରାଇବା ସକାଶେ ଯଥେଷ୍ଟ ସମୟ ଦିଆଯିବା ଉଚିତ । ଏବଂ ତା'ପରେ ଯାଇ, କ'ଣ କରିବାକୁ ହେବ, ଆମେ ସେକଥା ନିଷ୍ପତ୍ତି କରିପାରିବା ।*

ପ୍ରକୃତ ପ୍ରଭେଦଟି ଯେ କ'ଣ, ଏକ ଅତ୍ୟନ୍ତ ସ୍ୱଷ୍ଟ ଭାବରେ, ଅତ୍ୟନ୍ତ, ଅତ୍ୟନ୍ତ ବ୍ୟାବହାରିକ ଓ ସ୍ଥୂଳ ଭାବରେ ଆଗ ମୁଁ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛି । ଏବଂ ତା'ପରେ ଯାଇ ମୁଁ ପ୍ରଶ୍ନଟିର କୌଣସି ଉତ୍ତର ଦେଇପାରିବି ।

ଏବିଷୟରେ ମୁଁ ଏହିପରି ଭାବୁଛି : ମୁକ୍ତ ଅଗ୍ରଗତିର ପ୍ରଣାଳୀରେ ଏପରି କୌଣସି

---

[୧] ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପାଞ୍ଚଜଣ ଶିକ୍ଷକଙ୍କ ସହିତ ଏକ କଥାବାର୍ତ୍ତା ।

[୨] ଏହି ଗ୍ରନ୍ଥର ୨୬୩ ପୃଷ୍ଠା ଦ୍ରଷ୍ଟବ୍ୟ ।

କ୍ଲାସ୍ ହେବ ନାହିଁ, ଯେଉଁଥିରେ କି ସବୁପିଲା ଆସି ବସିବେ ଏବଂ ମଞ୍ଚ ଉପରେ ଛିଡ଼ା ହୋଇ ସମସ୍ତ ସମୟ ଶିକ୍ଷକ ବକ୍ତୃତା ଦେବାରେ ଲାଗି ଥିବେ । ତା' ନ ହୋଇ ପିଲାମାନେ ନିଜେ ନିଜ ଟେବୁଲ୍ ଉପରେ ଖେଳେଇ ହୋଇ ଏଠି ସେଠି ବସିଥିବେ । ସେମାନେ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରୁଥିବେ କେବଳ ତାହାହିଁ କରୁଥିବେ । ଶିକ୍ଷକ ସେଇଠି କୌଣସି ଏକ ସ୍ଥାନରେ ଥିବେ, ହୁଏତ ଏକ କୋଠରି ଭିତରେ ଥିବେ ବା ଏକ ବିଶେଷ ସ୍ଥାନରେ ବସିଥିବେ । ପିଲାମାନେ ତାଙ୍କ ପାଖକୁ ଯାଉଥିବେ ଓ ପ୍ରଶ୍ନମାନ ପଚାରୁଥିବେ । ମୁଁ ଏହିପରି ଭାବରେ ସେହି ପଦ୍ଧତିଟିକୁ ବୁଝିଥାଏ, ଏବଂ...

*କ : ମାଆ ଏହି ପଦ୍ଧତିଟି ଠିକ୍ ସେହିପରି ।*

ତେବେ, ଯଦି ଆମେ ପୁରାତନ ରୀତିକୁ ଚାଲୁ ରଖିବା, ତେବେ ଛାତ୍ରମାନଙ୍କୁ ଗୋଟିଏ ଧାଡ଼ିରେ ଯାଇ ବସିବାକୁ ପଡୁଥିବ; ଶିକ୍ଷକ ଆପଣାର ମଞ୍ଚ ଉପରେ ଯାଇ ବସିଥିବେ । ଅର୍ଥାତ୍ ଏକ ନିତାନ୍ତ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି ହୋଇ ରହିଥିବ । ଯେତେବେଳେ ମୁଁ 'ପ୍ଲେ ଗ୍ରାଉଣ୍ଡ୍'କୁ ଯାଉଥିଲି ସେତେବେଳର କଥା ମୋର ଭଲ ଭାବରେ ମନେ ଅଛି । ମୋତେ କେଡ଼େ ଖୁସି ଲାଗୁଥିଲା, ଯେତେବେଳେ ସମସ୍ତେ ମୋତେ ଘେରି କରି ବସୁଥିଲେ ଓ କୌଣସିଠାରେ ଆଦୌ କୌଣସି ବାଧା ନ ଥିଲା । କିନ୍ତୁ, ଗୋଟାଏ ଟେବୁଲ୍ ପଡ଼ିବ, ଗୋଟାଏ ମଞ୍ଚ ପରି ଦେଖାଯାଉଥିବ ଏବଂ ଛାତ୍ରମାନେ ତାହାରି ସହିତ ବନ୍ଧାହୋଇ... ମୁଁ ଏହି କଥାଗୁଡ଼ିକୁ ଅତ୍ୟନ୍ତ ସ୍ଥୂଳ ଅର୍ଥରେ କହୁଛି । ମନଃତାତ୍ତ୍ୱିକ ଦୃଷ୍ଟକୋଣରୁ ମୋଟେ କିଛି କହୁ ନାହିଁ । ତେଣୁ ଯଦି ସେହି ବ୍ୟବସ୍ଥାଟି ବଦଳି ଯାଇ ପାରନ୍ତା, ତେବେ ତାହାକୁହିଁ କେଡ଼େ ବଡ଼ ଉନ୍ନତି ବୋଲି କୁହାଯାଇ ପାରନ୍ତା ।

ସବୁପିଲା ସେହିପରି ଭାବରେ ପ୍ରାୟ ଏକ ଧାଡ଼ି ବାନ୍ଧି କ୍ଲାସ୍‌କୁ ଆସୁଥିବେ, ତା'ପରେ ଆପଣା ଆପଣାର ନିର୍ଦ୍ଦିଷ୍ଟ ଜାଗାରେ ଯାଇ ବସୁଥିବେ ଏବଂ ତା'ପରେ ଶିକ୍ଷକ ବି ଆସି ବସୁଥିବେ;— ଏପରି ମୋଟେ ହେବ ନାହିଁ । ଏବଂ, ଯଦି ସେମାନେ ଭଲ ବ୍ୟବହାର ଜାଣିଥିବେ, ତେବେ ଶିକ୍ଷକ ଆସିବା ମାତ୍ରକେ ସମସ୍ତେ ସଙ୍ଗେ ସଙ୍ଗେ ଠିଆ ହୋଇଯିବେ (ସମସ୍ତେ ହସି ଉଠିଲେ) । ହଁ, ତା'ପରେ ଶିକ୍ଷକ ଆସନ ଉପରେ ବସିବେ ଓ ବକ୍ତୃତା ଆରମ୍ଭ କରିବେ । ସେତେବେଳେ ଛାତ୍ରମାନେ ଯାହା ମନ ତାହା ଭାବିବାରେ ଲାଗିଥିବେ, ସେମାନଙ୍କର ଯାବତୀୟ ଭାବନା କୁଆଡ଼େ କେତେ ଦିଗରେ ଯାଇ ବୁଲିବାରେ ଲାଗିଥିବ । ମନ ହେଲେ ସେମାନେ ଶିକ୍ଷକଙ୍କ କଥାକୁ ମନ ଦେଉଥିବେ, ନ ହେଲେ ନାହିଁ । ସେଥିରେ କେବଳ ସମୟ ନଷ୍ଟ ହେବା ବ୍ୟତୀତ ଆଉ କିଛି ହେବ ନାହିଁ ।

ମୁଁ ପ୍ରକୃତରେ ଭାରି, ଭାରି ସ୍ଥୂଳ ଓ ବ୍ୟାବହାରିକ ଭାବରେ ଏହିସବୁ କଥା କହିଲି । ଆମେ ଚାହିଁଲେ ଏହା ସଙ୍ଗେ ସଙ୍ଗେ ବଦଳି ଯାଇପାରିବ । ଶିକ୍ଷକ ନିଜର ବସିବା ଲାଗି ଗୋଟିଏ କଣ, ଗୋଟିଏ ସ୍ଥାନ କିଂବା ସାନ କୋଠରିଟିଏ ବାଛି ନେଇ ପାରିବେ । ମୋତେ ଏ ବିଷୟରେ କିଛି ଜଣା ନାହିଁ, ମୋ ଲାଗି ଏଗୁଡ଼ାକ ସବୁ ସମାନ;— ସିଏ ନିଜର ବସିବା ଲାଗି ଏପରି ଯେକୌଣସି ସ୍ଥାନଟିଏ ବାଛି ନେଇ ପାରିବେ, ଯେଉଁଠାକୁ କି ଛାତ୍ରମାନେ ଆସି ତାଙ୍କର ମାର୍ଗଦର୍ଶନ ଲୋଡ଼ି ପାରିବେ । ଏହି କଥାଟି ସେହି ଘରେ ହୋଇପାରେ ଅଥବା ଅନ୍ୟ ଗୋଟିଏ କୋଠରିରେ ବି ହୋଇପାରେ । ଶିକ୍ଷକ ମଧ୍ୟ ନିଜର ଆଗ୍ରହ ଅନୁସାରେ ସେଠାରେ ଆପଣାକୁ କାର୍ଯ୍ୟବ୍ୟସ୍ତ କରି ରଖିପାରିବେ; ପିଲାମାନଙ୍କୁ ଯେଉଁସବୁ ଉତ୍ତର ଦେବାକୁ ହେବ, ସେଗୁଡ଼ିକୁ ସେ ସେଠାରେ ବସି ପ୍ରସ୍ତୁତ କରିପାରିବେ । ମାତ୍ର ଏକଥା କଦାପି ହେବ ନାହିଁ ଯେ ସିଏ ସେଠାରେ ବସି ଆହୁରି କ'ଣ ଅନ୍ୟ ବିଷୟ ଭାବୁଥିବେ ।

ଏକଥା ଆମେ ଚାହିଁଲେ ସଙ୍ଗେ ସଙ୍ଗେ କରିପାରିବା, ନୁହେଁ ?

ଏବଂ, ଏକଥା ବି ଅତ୍ୟାବଶ୍ୟକ ନୁହେଁ ଯେ ସେମାନେ ସମସ୍ତେ ନିଜ ନିଜକୁ ସେହି ଗୋଟିଏ ନାମରେ ଡାକିବେ । ସେହି କ୍ଷେତ୍ରରେ... ହଁ, ମଣିଷ ଭିତରେ ଏପରି ଗୋଟିଏ ପ୍ରକାରର ଭାବ ରହିଛି... ହଁ, ଆମେ ତା' ଲାଗି ଗୋଟିଏ ସୁନ୍ଦର ଭଦ୍ର ନାମ ବି ଦେଇପାରିବା... ମାତ୍ର ଯଦି ମେଣ୍ଢାଙ୍କ ପରି ଏକ ଦୃଷ୍ଟିଭଙ୍ଗୀ ରହିଥାଏ... ସେମାନେ ସର୍ବଦା... ଏପରି ଜଣେ ବ୍ୟକ୍ତିଙ୍କୁ ଲୋଡ଼ିବେ, ଯିଏକି ସେମାନଙ୍କୁ ବାଟ ଦେଖାଇ ନେଇପାରିବ ।

ଛାତ୍ରମାନେ ସ୍କୁଲକୁ ଆସିବା ସମୟରେ ବାଧ୍ୟ ହୋଇ ସେମାନଙ୍କର ଦୈନନ୍ଦିନ କର୍ଷଣକର୍ମ କରୁଥିବା ପରି କଦାପି ଅନୁଭବ କରିବେ ନାହିଁ । ସେଠାରେ ସେମାନଙ୍କର ଆଗ୍ରହକୁ ସନ୍ତୁଷ୍ଟ କରିପାରିବା ଭଳି ତାକୁ କିଛି ମିଳିବ ବୋଲି ସେମାନେ କ୍ଲାସ୍‌କୁ ଯିବେ । ଶିକ୍ଷକ ମଧ୍ୟ, ତାକୁ ନିଜକୁ ବି ନୀରସ ମନେ ହେଉଥିବା କୌଣସି ଏକ ବିଷୟକୁ ଅଳ୍ପ ବହୁତ ପରିମାଣରେ ପ୍ରସ୍ତୁତ କରି ଆଣି ଅଧଘଣ୍ଟାଏ ବା ପଇଁଚାଳିଶି ମିନିଟ୍ ପାଇଁ ଆବୃତ୍ତି କରିଦେବାର ଏକ ମନୋଭାବ ନେଇ କଦାପି ସ୍କୁଲ୍‌କୁ ଯିବ ନାହିଁ ବା ସ୍କୁଲ୍‌ରେ ଶିକ୍ଷକ ହୋଇ ରହିବ ନାହିଁ । ପିଲାମାନଙ୍କୁ ଖାଲି ପ୍ରସନ୍ନ କରି ରଖିବାକୁ ସିଏ କଦାପି ମନ କରିବ ନାହିଁ, ବରଂ ବିକାଶମାନ କେତୋଟି ଅଳ୍ପ ବୟସ୍କ ବ୍ୟକ୍ତିଙ୍କ ସହିତ ମନଃସ୍ତରରେ ଏକ ସମ୍ପର୍କରେ, ସମ୍ଭବ ହେଲେ ଏକ ଗଭୀର ସମ୍ପର୍କରେ ଆସିବାକୁ ଚେଷ୍ଟା କରିବ । ଆମେ ଆଶା କରିବା ଯେ ଏହି କୋମଳ ବ୍ୟକ୍ତିତ୍ୱଗୁଡ଼ିକ ବିଭିନ୍ନ ବସ୍ତୁ ବିଷୟରେ ଅନ୍ତତଃ କିଛି ନା କିଛି ଉତ୍କଣ୍ଠା ନେଇ ସେଠାକୁ ଆସିଥିବେ, ସେହି ଉତ୍କଣ୍ଠାଟିକୁ ସନ୍ତୁଷ୍ଟ କରିବାକୁ ସମର୍ଥ

ହେବା ଲାଗି ଆସିଥିବେ । ତେଣୁ, ଅତ୍ୟନ୍ତ ବିନୟର ସହିତ ଶିକ୍ଷକ ମଧ୍ୟ ସ୍ୱୟଂ ଏହି ବିଷୟରେ ସଜ୍ଞାନ ହୋଇ ରହିଥିବ ଯେ ସିଏ ନିଜେ ଆଦୌ ଯଥେଷ୍ଟ ପରିମାଣରେ ଜାଣି ନାହିଁ, ତା'ର ଆହୁରି ଅନେକ କିଛି ଜାଣିବାର ରହିଛି ଓ ଶିଖିବାର ରହିଛି । ମାତ୍ର, ସିଏ ଯେ ବହି ପଢ଼ି ଏସବୁ କଥା ଶିଖିବ, ସେକଥା ଆଦୌ ନୁହେଁ, ଜୀବନକୁ ବୁଝିବା ଲାଗି ଚେଷ୍ଟା କରି ସିଏ ତାହା କରି ପାରିବ ।

ଏହିପରି ଭାବରେ ନିଜର କାର୍ଯ୍ୟ ପାଇଁ ତୁମକୁ ଆଉ ଗୋଟିଏ ଛାଞ୍ଚ ମିଳିଯାଇ ପାରିବ । ମୁଁ ସେକଥା ମୋଟେ କହିପାରିବି ନାହିଁ,... ତୁମେ ଛାତ୍ରମାନଙ୍କ ଭିତରେ ବିଭିନ୍ନ ବିଷୟ ବାଣ୍ଟିଦେବ...

*କ : ମାଆ, ଆମେସବୁ କ'ଣ କିପରି କରିବାକୁ ଯାଉଛୁ, ମୁଁ ସଙ୍ଗେ ସଙ୍ଗେ ଆପଣଙ୍କୁ ସେକଥା କହି ଦେଉଛି । ଆମର ଏଠି ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି...*

ଭାରି ଭଲକଥା, ଭାରି ଭଲକଥା । କ'ଣ କହୁଛ କହିଯାଅ । ତୁମର ପ୍ରଶ୍ନଟି ମଧ୍ୟ ।

*କ : ଯେକୌଣସି କାରଣରୁ ହେଉ ପଛକେ, ବିଷୟଗୁଡ଼ିକୁ ଆମେ ଯେପରି ନୂତନ ଦୃଷ୍ଟିଭଙ୍ଗୀ ଦେଇ ଦେଖୁଛୁ ଓ ଏପରିକି ନିତାନ୍ତ ବ୍ୟାବହାରିକ କାରଣଗୁଡ଼ିକ ହେତୁ ବି ଏକାଧିକ କେତେଶହ ଛାତ୍ରଙ୍କୁ ଏକାଠି ଅଖଣ୍ଡ ଭାବରେ ଗୋଟିଏ ସଂଗଠନର ଅନ୍ତର୍ଗତ କରି ରଖିବାଟାକୁ କଳ୍ପନା କରିବା ମଧ୍ୟ ଆମ ଲାଗି କଷ୍ଟକର ହୋଇପଡ଼ିବ । ଆପଣାର ବିକାଶ ଏବଂ ଅଭିବୃଦ୍ଧି ଲାଗି ପିଲା ପାଇଁ ଆବଶ୍ୟକ ଅନ୍ତରଙ୍ଗ ପରିବେଶଟିକୁ ପ୍ରତିଷ୍ଠିତ କରି ରଖିବାକୁ ଯଦି ଆମେ ଇଚ୍ଛା କରୁଥାଉ, ତେବେ ତାହା ମୋଟେ କରି ହେବ ନାହିଁ । ଯେତେବେଳେ ଆମେ 'ଗ'ଙ୍କ ସହିତ ଏହି ବିଷୟରେ ଆଲୋଚନା କରିଥିଲୁ, ସେତେବେଳେ ଆମେ କେତୋଟି ପରିବାର-ଗୋଷ୍ଠୀ ତିଆରି କରିବା ବିଷୟରେ ଚିନ୍ତା କରିଥିଲୁ । ଅର୍ଥାତ୍ ସମାନ୍ତର ଭାବରେ ଖୁବ୍ ଅଧିକ ହେଲେ ୧୮୦ ରୁ ୨୦୦ ପର୍ଯ୍ୟନ୍ତ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଗୋଷ୍ଠୀ ରହିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ସଂଗଠନ ମୂଳତଃ ସେହି ସମାନ ଆଦର୍ଶଟି ଦ୍ୱାରା ଅନୁପ୍ରାଣିତ ହୋଇ ରହିବ ଏବଂ ତଥାକଥିତ ମାଧ୍ୟମିକ ସ୍ତରରେ ଜଣେ ପିଲାର ବିକାଶ ଲାଗି ଯାହାକିଛି ସୁଯୋଗ ଲୋଡ଼ା, ପ୍ରତ୍ୟେକ ଗୋଷ୍ଠୀକୁ ସେହିସବୁ ସୁଯୋଗ ଏବଂ ସୁବିଧା ଯୋଗାଇ ଦିଆଯିବ । ତଥାପି, ପ୍ରତ୍ୟେକ ଗୋଷ୍ଠୀର ନିଶ୍ଚିତଭାବରେ ଏକ ମୌଳିକତା ମଧ୍ୟ*

*ରହିବ । ଏହି ଗୋଷ୍ଠୀଗୁଡ଼ିକ ଭିତରେ ତଥାପି ପାରସ୍ପରିକ ଆଦାନପ୍ରଦାନ ଏବଂ ବିବିଧସ୍ତରୀୟ ସମ୍ପର୍କର ଯାବତୀୟ ସମ୍ଭାବନା ମହଜୁଦ ରହିବ; ସମ୍ଭବତଃ ବେଳେବେଳେ ସେମାନେ ଏକାଠି ମିଶି କେତୋଟି ସାଧାରଣ କାର୍ଯ୍ୟକ୍ରମ ବି କରିବେ ଏବଂ ମାଧ୍ୟମିକ ସ୍ତରର ଶେଷ ପର୍ଯ୍ୟନ୍ତ ସେମାନେ ଅଧିକରୁ ଅଧିକ ନିରନ୍ତର ଭାବରେ ସେଗୁଡ଼ିକୁ କରି ପାରୁଥିବେ । ତା'ପରେ ଆଉ ଏକ ସଂଗଠନ ଆସିବ, ଯାହାକୁକି ବିଶ୍ୱବିଦ୍ୟାଳୟ ସ୍ତରର ବିଶେଷ ଅଧ୍ୟୟନକ୍ରମଟି ସହିତ ଅନୁକୂଳିତ କରାଯାଇ ତିଆରି କରାଯାଇଥିବ ।*

*ସମଗ୍ରତଃ ଲକ୍ଷ୍ୟର ଏକତାଟିକୁ ସ୍ପଷ୍ଟ ଭାବରେ ପ୍ରକଟ କରିବା ସଙ୍ଗେ ସଙ୍ଗେ ଆମେ ଏହିପରି ଭାବରେ ଏକ ସକ୍ରିୟ ବିବିଧତାର ପ୍ରଚଳନ କରାଇବୁ । ଆପଣ ଏଇଟି ବିଷୟରେ କ'ଣ ଭାବୁଛନ୍ତି ?*

ମୁଁ ଭଲ ବୋଲି ଭାବୁଛି । ଏହାରି ଦ୍ୱାରା ଉଚିତ କାମ ହେବ । ଏହା ବେଶ୍ ଭଲକଥା । ଏଗୁଡ଼ିକ ହେଉଛି ମୂଳ ନୀତି, ନୁହେଁ ?

*କ : ହଁ ମାଆ ।*

ସେସବୁ ହେଉଛି ମୂଳ ନୀତି । ଏବଂ ତା'ପରେ ବର୍ତ୍ତମାନ ବାସ୍ତବ କ୍ଷେତ୍ରକୁ ଆସି ଆଲୋଚନା କରାଯାଉ । ତୁମ ପାଖରେ କେତୋଟି କୋଠରି ଖାଲି ରହୁଛି ? ଆହୁରି କେତେକଥା ବି ତା' ସହିତ ମିଳୁଛି । ତୁମେ କିପରି ଭାବରେ...

*କ : ମାଆ ବର୍ତ୍ତମାନ ମୁଁ ଆମ କ୍ଲାସ୍‌ଗୁଡ଼ିକ ବିଷୟରେ କହିବି । ଅର୍ଥାତ୍, ଯାହାସବୁ ଆଗରୁ ଚାଲି ଆସୁଛି, ସେହିଗୁଡ଼ିକୁ ଚାଲୁ ରଖିବା ବିଷୟରେ କହିବି ।*

ଭଲ କଥା ।

ତା'ପରେ 'କ' ମୁକ୍ତ ପ୍ରଗତିର କ୍ଲାସ୍‌ଗୁଡ଼ିକର ସଂଗଠନ
ବିଷୟରେ ଏକ ଦୀର୍ଘ ବିବରଣୀ ଦେଇଥିଲେ ।

ସେସବୁ ଭାରି ଭଲ, ଭାରି ଭଲ । ତେବେ ତୁମର କ'ଣସବୁ ଦରକାର କହିଲ ?...

ଏକଥା ଭାରି ଭଲ । ମାତ୍ର ଏହି କଥାଟିକୁ ନିଶ୍ଚୟ ଏକ ସାଧାରଣ ବିଧାନରେ ବି ପରିଣତ କରାଯାଇ ପାରିବ !

*କ : ମାଆ, କେତେକ କ୍ଷେତ୍ରରେ ଆମ ମନରେ କିଛି କୁଣ୍ଠା ବି ରହିଛି, କାରଣ ପୁରୁଣା ପଦ୍ଧତି ଅନୁସାରେ ଚାଲୁଥିବା କ୍ଲାସ୍‌ଗୁଡ଼ିକରେ କେତେକ ପିଲା ଅଛନ୍ତି,— ଅବଶ୍ୟ ସେମାନଙ୍କ ଭିତରେ ଥିବା ଅପେକ୍ଷାକୃତ ଅଧିକ ବୟସର ପିଲାମାନଙ୍କର କଥା ମୁଁ କହୁଛି । ଏମାନେ ଏହି ରୀତିରେ ଆଦୌ କାମକରି ଶିଖି ନାହାନ୍ତି । ତେଣୁ ଆପଣ ସର୍ବଶେଷ ଚିଠିଟିରେ ଯାହା ଲେଖିଥିଲେ, ଆମେ ସେହି ଅନୁସାରେ ଚିନ୍ତା କଲୁ ଯେ, ଆମେ ଏକ ମଧ୍ୟବର୍ତ୍ତୀ ସମୟ ବି ରଖିବା, ଏବଂ, ଉଦାହରଣ-ସ୍ୱରୂପ, ଆପଣ ଯେପରି ପ୍ରସ୍ତାବ ଦେଇଛନ୍ତି, ଯଦି ତିନିମାସ ଭିତରେ ପରିସ୍ଥିତି ଏକ ଅଧିକ ଶୀଘ୍ର ଗତିରେ ପରିବର୍ତ୍ତନ ହୋଇ ପାରିବା ଦିଗରେ ଅନୁକୂଳ ବୋଲି ମନେ ହେବ, ତେବେ ଆମେ ସେହି ପରିବର୍ତ୍ତନଟିକୁ ନିଶ୍ଚୟ କରି ପାରିବା ।*

('ଖ') ମାତ୍ର, ଗୋଟିଏ ଉଦାହରଣ ଦେଇ କହିଲେ, ତୁମେ ଆଜିପର୍ଯ୍ୟନ୍ତ ଯାହାସବୁ କରିଆସୁଥିଲ, ତାହା ସ୍ଥାନରେ ନୂଆକରି ଆଉ କ'ଣ ପ୍ରବର୍ତ୍ତନ କରିବ ବୋଲି ଭାବୁଛ ?

*ଖ : ନୀତିଗତ ଦୃଷ୍ଟିରୁ, 'କ' ଯାହାସବୁ ପ୍ରସ୍ତାବ ଦେଇଛନ୍ତି, ସେହିଗୁଡ଼ିକୁ ଚଳାଇବୁ ।*

ହଁ ।

*ଖ : ଏଥିରେ କେବଳ ଏତିକି ପାର୍ଥକ୍ୟ ରହିଛି ଯେ, ଉପରଓଳି ଶିକ୍ଷକମାନେ ପିଲାମାନଙ୍କୁ ଆଗପରି ଏକ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲକୁ ଆସନ୍ତୁ ବୋଲି ଇଚ୍ଛା କରୁଛନ୍ତି ।*

ଏକ ନିର୍ଦ୍ଦିଷ୍ଟ ସମୟରେ ? ପିଲାମାନେ ତ ନିଶ୍ଚୟ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲ୍‌କୁ ଆସୁଥିବେ, ନୁହେଁ କି ?

*ଖ : ଉପରଓଳି ପ୍ରତିଦିନ ତିନୋଟି ଲେଖାଏଁ ପିରିଅଡ୍ ରହିବ ।*

ତିନୋଟି ଲେଖାଏଁ ପରିଅଡ୍ ?

*ଖ : ଚାଳିଶି ବା ପଚାଶ ମିନିଟର ତିନୋଟି ପିରିଅଡ୍ ତା'ର ଅର୍ଥ ହେଉଛି, ଆଗରୁ ଉପରଓଳି ଯାହା ଯେପରି ଥିଲା, ଆମେ ସେଗୁଡ଼ିକୁ ସେହିପରି ରଖିବାକୁ ଚାହୁଁଛୁ । ସେହି ଏକାପ୍ରକାର ଧାରାକୁ ପ୍ରଚଳିତ ରଖିବାକୁ ଚାହୁଁଛୁ ।*

ତିନୋଟି ପିରିଅଡ୍ ? କାହିଁ ଦେଖାଇଲ ?...

*ଗ : ମାଆ, ଲାଗି ଲାଗି କରି ତିନୋଟି କ୍ଲାସ୍ ।*

ଏକ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲ୍ ଆରମ୍ଭ ହେଉଥିବ, ନୁହେଁ କି ? ଛାତ୍ରମାନଙ୍କୁ ଠିକ୍ ସେହି ସମୟରେ ସେଠାରେ ଅବଶ୍ୟ ଉପସ୍ଥିତ ରହିବାକୁ ପଡ଼ିବ । ସେମାନେ ତ ଆଉ ଯେତେବେଳେ ଚାହିଁବେ ସେତେବେଳେ, ଅର୍ଥାତ୍ ଯେକୌଣସି ସମୟରେ ସ୍କୁଲ୍‌କୁ ଆସିପାରିବେ ନାହିଁ !

*କ : ହଁ, ମାଆ ।*

କାରଣ 'ମୁକ୍ତ ଅଗ୍ରଗତି' କହିଲେ ତ ଆଉ ଶୃଙ୍ଖଳାହୀନତାକୁ ବୁଝାଇବ ନାହିଁ !

*କ : ନା – ନା, ସେକଥା ମୋଟେ ନୁହେଁ ।*

ଛାତ୍ରକୁ ସ୍ୱାଧୀନତା ଦିଆଯାଇଛି ବୋଲି ସିଏ ଯେ ଅଧଘଣ୍ଟାଏ ଡେରି କରି ସ୍କୁଲ୍‌ରେ ଆସି ପହଞ୍ଚିବ, ସେକଥା ମୋଟେ ନୁହେଁ । କାରଣ ଏହି ପ୍ରକାରର ସ୍ୱାଧୀନତା ମୋଟେ ସ୍ୱାଧୀନତା ନୁହେଁ, ଏହାକୁ କେବଳ ଅନିୟମିତତା ବୋଲିହିଁ କୁହାଯିବ । ପ୍ରତ୍ୟେକ ଛାତ୍ରର ନିଜ ଲାଗି ଏକ ଦୃଢ଼ ଶୃଙ୍ଖଳା ଅବଶ୍ୟ ରହିବ । ମାତ୍ର ଏକ ଆତ୍ମ-ଶୃଙ୍ଖଳା ଲାଗି ଜଣେ ସାନ ପିଲାର କୌଣସି ସାମର୍ଥ୍ୟ ନ ଥାଏ, ତେଣୁ ତାକୁ ଶୃଙ୍ଖଳାର ଅଭ୍ୟାସଟିକୁ ଶିଖାଇ ଦେବାକୁ ପଡ଼ିବ । ତେଣୁ ସିଏ ସବୁଦିନ ଗୋଟିଏ ସମୟରେ ବିଛଣାରୁ ଉଠିବ, ଗୋଟିଏ ସମୟରେ ଆପଣାର କାର୍ଯ୍ୟସବୁ ସାରିବ ଏବଂ ଗୋଟିଏ ସମୟରେ ସ୍କୁଲକୁ ଯିବ । ଏକଥା ଅବଶ୍ୟ ହେବ, କାରଣ ତା' ନ ହେଲେ ସବୁକଥା ଏପରି ଏକ ଅବ୍ୟବସ୍ଥାରେ ପରିଣତ ହୋଇଯିବ ଯେ ତା'ପରେ ଆଉକିଛି ସମ୍ଭବ ହେବ ନାହିଁ ।

*କ : ମାଆ, ସାତଟା ପଇଁଚାଳିଶିରେ ।*

ଭଲକଥା । ତେଣୁ ସ୍କୁଲ୍ ନିୟମ ଅନୁସାରେ ସାତଟା ପଇଁଚାଳିଶି ମିନିଟରେ ଆରମ୍ଭ ହେଉଛି ।

*କ : ସାତଟା ପଇଁଚାଳିଶି ।*

ନାଇଁ, ସ୍କୁଲ୍ ଅର୍ଥାତ୍ ଘରଗୁଡ଼ିକ ସାତଟା ପଇଁଚାଳିଶିରେ ଖୋଲୁଛି ।

*କ : ନାଇଁ ମାଆ, ସାତଟା ପଇଁଚାଳିଶିରେ କ୍ଲାସ୍ ଆରମ୍ଭ ହେଉଛି ।*

ଆଚ୍ଛା, ସାତଟା ପଇଁଚାଳିଶିରେ ଆରମ୍ଭ ହେଉଛି । ଆଉ ସରୁଛି କେତେବେଳେ ?

*କ : ସାଢ଼େ ଏଗାରଟାରେ ।*

ସାଢ଼େ ଏଗାରଟାରେ । ('ଖ'କୁ) ତେଣୁ ତୁମେ କହୁଛ ଯେ ଉପରଓଳି ମଧ୍ୟ...

*ଖ : ଗୋଟାଏ ପଚାଶ ମିନିଟରେ ସେମାନେ ସ୍କୁଲକୁ ଆସିବେ ।*

ଗୋଟାଏ ପଚାଶ ମିନିଟ୍‌ରେ । ତା'ପରେ ଯିବେ କେତେବେଳେ ?

*ଖ : ଚାରିଟାବେଳେ ।*

ଚାରିଟାବେଳେ । ତା'ପରେ ପ୍ଲେ ଗ୍ରାଉଣ୍ଡ୍‌କୁ କେତେବେଳେ ଯିବେ ?

*କ : ମାଆ, ପ୍ରାୟ ସାଢ଼େ ଚାରିଟାରେ ।*
*ଖ : ସାଢ଼େ ଚାରିଟା ବା ପାଞ୍ଚଟାରେ ।*
*କ : ବେଳେବେଳେ ପାଞ୍ଚଟାରେ ।*

ସେଠାକୁ ଗଲାବେଳେ ସେମାନେ କିଛି ଖାଆନ୍ତି । ସେମାନଙ୍କୁ କିଛି ଖାଇବାକୁ ଦିଆଯାଏ । ସାଢ଼େଚାରିଟା ବେଳେ । ହଁ, ତେବେ ତାହା ସମ୍ଭବ ହୋଇପାରିବ ।

*ଖ : ହଁ ମାଆ, ସେମାନଙ୍କୁ କିଛି ଖାଇବାକୁ ଦିଆଯାଏ । ସାଢ଼େ ତିନିଟାରୁ ସାଢ଼େ ଚାରିଟା ଭିତରେ ।*

ତେବେ, ସମୟ ଅନୁସାରେ ସବୁ କରିପାରିଲେ ଏହା ସମ୍ଭବ ହେବ । ତଥାପି ମୁଁ କଥାଟିକୁ ଆଉ ଟିକିଏ ବୁଝେ । ''ତିନୋଟି ପିରିଅଡ଼ର ଅର୍ଥ ହେଉଛି... ଜଣେ ଶିକ୍ଷକ ସେହି ସମୟରେ ତିନି ଅଲଗା ଅଲଗା ଦଳର ପିଲାଙ୍କର କ୍ଲାସ୍ ନେବେ ନା ଗୋଟିଏ ଗୋଟିଏ ଦଳ ତିନିଜଣ ଅଲଗା ଅଲଗା ଶିକ୍ଷକଙ୍କ ପାଖକୁ ଯାଉଥିବେ ଏବଂ ଜଣେ ଜଣେ ଶିକ୍ଷକ ଅଲଗା ଅଲଗା କରି ପ୍ରତ୍ୟେକ ଦଳକୁ ପାଠ ପଢ଼ାଉଥିବେ ?

*ଖ : ନାଇଁ ମାଆ, ଏହି ବିଷୟରେ ଟିକିଏ ଅଲଗା ପ୍ରକାରର ବ୍ୟବସ୍ଥା ହୋଇଛି ।*

ତେବେ ଆଉଟିକିଏ ଭଲକରି କୁହ । ତୁମ କ୍ଲାସ୍‌ରେ କେତେଜଣ ପିଲା ଅଛନ୍ତି ?

*ଖ : ପ୍ରାୟ ଦେଢ଼ ଶହ ପିଲା ।*

ଦେଢ଼ ଶହ ! ଭଲ କଥା । ତେବେ ଦେଢ଼ ଶହ ପିଲା ତୁମ ପାଖକୁ ଆସିବେ । ତା'ପରେ କ'ଣ ହେବ ?

*ଖ : ସ୍କୁଲରେ ପ୍ରତ୍ୟେକ ଛାତ୍ର ଲାଗି ନିର୍ଦ୍ଦିଷ୍ଟ କ୍ଲାସ୍‌ମାନ ରହିଥିବ ଓ ତାକୁ ସେହି କ୍ଲାସ୍‌କୁ ଯିବାକୁ ହେବ ।*

ଦେଢ଼ ଶହ ! ଗୋଟିଏ କ୍ଲାସ୍‌ରେ ଦେଢ଼ ଶହ ଛାତ୍ର ! ଅସମ୍ଭବ !

*ଖ : ଗୋଟିଏ କ୍ଲାସ୍‌ରେ ନୁହେଁ ମାଆ ! ଆମେ ସେମାନଙ୍କୁ କେତୋଟି ଶ୍ରେଣୀରେ ବାଣ୍ଟି ଦେଇଛୁ । ଫରାସୀ ଓ ଇଂରାଜୀ ଭାଷାରେ ମଧ୍ୟ ବିଭିନ୍ନ ଷ୍ଟାଣ୍ଡାର୍ଡରେ ବାଣ୍ଟି ଦେଇଛୁ ।*

ଆଚ୍ଛା, ସେମାନଙ୍କର ମାନ ବି ତେବେ ସମାନ ନାହିଁ ?

*ଖ : ପାଞ୍ଚରୁ ଦଶ ପର୍ଯ୍ୟନ୍ତ ।**

ଆଚ୍ଛା, ଆଚ୍ଛା ! ତେବେ ସେହି ଦେଢ଼ ଶହ ଛାତ୍ରଙ୍କ ସକାଶେ କେତେଜଣ ଶିକ୍ଷକ ହେଉଛନ୍ତି କହିଲ ?

*ତିରିଶ ଜଣ । ପ୍ରାୟ ତିରିଶିଜଣ ଶିକ୍ଷକ ।*

ତିରିଶି ଜଣ ଶିକ୍ଷକ । ବେଶ୍ ଭଲ କଥା । ତେବେ ତା'ପରେ ? ମୋଟ କେତୋଟି କ୍ଲାସ୍ ହେଲା ? ତୁମ ପାଖରେ କେତୋଟି କୋଠରି ଅଛି ?

*ଖ : ଏମିତି ପ୍ରାୟ ପନ୍ଦର ଷୋଳଟି କୋଠରି ଦରକାର ହେବ ।*

ତେବେ ତୁମ ଉପରଓଳି କ୍ଲାସ୍‌ଗୁଡ଼ିକରେ ତୁମେ କ'ଣ ପଢ଼ାଇବ ? ଶୁଣ, ତୁମେ ନିର୍ଦ୍ଦିଷ୍ଟ କୌଣସି ବିଷୟ ପଢ଼ାଇବ ନା ଆଗରୁ ଯେମିତି ହେଉଥିଲା ସେହିପରି ରହିବ ?

*କ : ମାଆ, ମୁଁ ଏହାର ଉତ୍ତର ଦେଉଛି ।... ଏହି କ୍ଷେତ୍ରରେ ଏତିକି ପାର୍ଥକ୍ୟ ରହିବ ଯେ, ଆମ ପାଇଁ ପ୍ରଗତି ଏକ ମୁକ୍ତ ପ୍ରଗତି ହୋଇ ରହିଥିବ । ମାତ୍ର ସେମାନେ ଚାହୁଁଛନ୍ତି ଯେ, ନିର୍ଦ୍ଦିଷ୍ଟ କ୍ଲାସ୍‌ଗୁଡ଼ିକ ମଧ୍ୟ କେତେକ ପରିମାଣରେ ସେହି ପୂର୍ବ ପରି ଚାଲୁ ରହିବ ।*

ନିର୍ଦ୍ଦିଷ୍ଟ କ୍ଲାସ୍‌ଗୁଡ଼ିକ ?

*ଅର୍ଥାତ୍, ଗୋଟିଏ ନିର୍ଦ୍ଦିଷ୍ଟ ମାନ । ସେଥିରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ଛାତ୍ର ରହିବେ, ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ରହିବେ ।...*

ଆଚ୍ଛା, ତେବେ ଶିକ୍ଷକର ଶିକ୍ଷା ଦେବାର ପ୍ରଣାଳୀଟାହିଁ ବଦଳିବ । ମାତ୍ର ଏକ ନିର୍ଦ୍ଦିଷ୍ଟ ଦଳର ପିଲାମାନଙ୍କୁ ସିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ପଢ଼ାଇବେ ।...

* ଏଠାରେ ଷ୍ଟାଣ୍ଡାର୍ଡ଼ ବୋଲି ବୁଝିବାକୁ ହେବ, ପିଲାଙ୍କ ବୟସକୁ ନୁହେଁ ।

*କ : ସେତେବେଳେ ଯେଉଁ ପିଲାମାନଙ୍କର ଆସିବାକୁ ଥିବ ।*

ହଁ, ହଁ ସେକଥାଟି ନିଶ୍ଚୟ ଭଲ ହେବ । ତାହା ନିଶ୍ଚୟ ହୋଇ ପାରିବ । ଏହାର କେବଳ ଏତିକି ଅର୍ଥ ହେବ ଯେ ତୁମକୁ... ମାତ୍ର ସେତେବେଳେ ତୁମ୍ଭେମାନେ କ'ଣ ପଢ଼ାଇବ ? ଭାଷା ?

*କ : ପ୍ରଧାନତଃ ଭାଷା ।*

ଆଚ୍ଛା, ତେବେ ଏସବୁ କ୍ଲାସ୍ କେବଳ ଭାଷା ସକାଶେ ହେବ !

*କ : ହଁ, କେବଳ ଭାଷା ସକାଶେ ।*

ବୁଝିଲି । ତେବେ ସେହି ଦେଢ଼ଶହ ଛାତ୍ରଙ୍କ ଲାଗି କେତୋଟି ଭାଷା ଶିଖିବାର ବ୍ୟବସ୍ଥା ରହିବ ?

*ଖ : ନିୟମତଃ ତିନୋଟି : ଇଂରାଜୀ, ଫରାସୀ ଓ ସେମାନଙ୍କର ମାତୃଭାଷା ।*

ହଁ ବୁଝିଲି । କିନ୍ତୁ ସବୁମିଶି ତ ଗୁଡ଼ାଏ ଭାଷା ହୋଇଯିବ । ଆମର ଏଠି ବଙ୍ଗଳା ଅଛି, ଗୁଜରାଟୀ ଓ ହିନ୍ଦୀ ଅଛି । ତା'ପରେ ତାମିଲ ଓ ତେଲୁଗୁ ବି ରହିଛି । ଏତିକିରେ ତ ପାଞ୍ଚୋଟି ହୋଇଗଲାଣି ।

*ଖ : ସଂସ୍କୃତ*

କିନ୍ତୁ ସେଇଟା ତ ... ସେହି ଭାଷାକୁ ସମସ୍ତଙ୍କର ପଢ଼ିବା ଉଚିତ । ବିଶେଷ କରି ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନେ ପ୍ରତ୍ୟେକେ ସେହି ଭାଷାଟିକୁ ଶିଖିବେ ।... ପଣ୍ଡିତମାନଙ୍କର ସଂସ୍କୃତ ନୁହେଁ... ସେମାନଙ୍କର ଜନ୍ମ ଯେଉଁଠାରେ ହୋଇଥାଉ ପଛକେ, ସେମାନେ ସମସ୍ତେ ସଂସ୍କୃତ ଶିଖିବେ ।

*କ : ମାଆ, ଆମେ ବି ନିୟମତଃ ଠିକ୍ ସେହିପରି ଭାବୁଛୁ । ଆସନ୍ତା ବର୍ଷକୁ ସବୁ ପିଲା ସଂସ୍କୃତ ପଢ଼ିବେ, ନିଜର ମାତୃଭାଷା ବି ପଢ଼ିବେ ।*

ହଁ, କୌଣସି ପାଣ୍ଡିତ୍ୟ ଅର୍ଜନ କରିବାର ଦୃଷ୍ଟିକୋଣରୁ ସେମାନେ ସଂସ୍କୃତ ଶିକ୍ଷା କରିବେ ନାହିଁ । ମାତ୍ର ଏପରି ସଂସ୍କୃତ ଶିକ୍ଷା କରିବେ... କିପରି ଏହାକୁ ଭାଷାରେ ପ୍ରକାଶ କରାଯାଇ ପାରିବ ?– ସେମାନେ ଏପରି ସଂସ୍କୃତ ଶିଖିବେ ଯାହାକି ସେମାନଙ୍କ ଲାଗି ଭାରତର ସବୁ ଭାଷାର ଦ୍ୱାରକୁ ଉନ୍ମୋଚିତ କରିଦେବ । ଏହାକୁ ମୁଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ଭାବୁଛି । ଏହାହିଁ ସର୍ବୋତ୍ତମ ହେବ ଯେ, ଆଗାମୀ କେତୋଟି ବର୍ଷ ଭିତରେ ଭାରତର ପ୍ରତିନିଧି-ଭାଷା ରୂପେ ଏକ ନବୀକୃତ ସଂସ୍କୃତର ଉଦ୍ଭାବନ ସମ୍ଭବ ହୋଇଯିବ; ଅର୍ଥାତ୍ ଏକ ଏଭଳି ପ୍ରଣାଳୀରେ ସଂସ୍କୃତ କୁହାଯିବ ଯେ – ଭାରତବର୍ଷର ପ୍ରତ୍ୟେକ ଭାଷାର ପଶ୍ଚାତରେ ସଂସ୍କୃତଭାଷା ରହିଛି । ଏବଂ ତାହା ସେପରି ହୋଇ ରହିବା ଉଚିତ । ଏ ବିଷୟରେ ଆମେ ଆଲୋଚନା କରୁଥିବା ସମୟରେ ଶ୍ରୀଅରବିନ୍ଦଙ୍କର ମଧ ଠିକ୍ ଏହି ବିଚାର ଥିଲା । ବର୍ତ୍ତମାନ ଇଂରାଜୀ ସମଗ୍ର ଦେଶର ଭାଷାରେ ପରିଣତ ହୋଇଛି, ମାତ୍ର, ସେଇଟି ଅସ୍ୱାଭାବିକ କଥା । ବାହାରର ପୃଥିବୀ ସହିତ ସମ୍ବନ୍ଧ ରଖିବା ଲାଗି ଏହି ଭାଷା ଭାରି ସହାୟକ ହେବ; ମାତ୍ର, ପ୍ରତ୍ୟେକ ଦେଶରେ ଯେପରି ତା'ର ନିଜର ଭାଷା ରହିଛି, ଭାରତବର୍ଷର ମଧ... କିନ୍ତୁ ଭାରତବର୍ଷରେ ଆମର ଏକ ରାଷ୍ଟ୍ରଭାଷା ଆବଶ୍ୟକ ବୋଲି କଥା ପଡ଼ିବା ମାତ୍ରକେ ସମସ୍ତେ କଜିଆ କରିବାକୁ ଆରମ୍ଭ କରି ଦେଉଛନ୍ତି । ସମସ୍ତେ ନିଜ ଭାଷାଟିକୁ ରାଷ୍ଟ୍ରଭାଷା ହେଉ ବୋଲି ଚାହୁଁଛନ୍ତି, ମାତ୍ର ତାହା ଏକ ନିର୍ବୋଧ କଥା । ମାତ୍ର ସଂସ୍କୃତଭାଷା ବିଷୟରେ କେହି କଦାପି କୌଣସି ଆପତ୍ତି କରିବ ନାହିଁ । ଅନ୍ୟ ଭାଷାଗୁଡ଼ିକର ତୁଳନାରେ ସଂସ୍କୃତ ଅଧିକ ପ୍ରାଚୀନ ଏବଂ ଏହି ଭାଷାଟି ଭିତରେ ବହୁସଂଖ୍ୟକ ଶବ୍ଦର ସ୍ୱର ଅର୍ଥାତ୍ ଧାତୁଗତ ସ୍ୱରଟି ମଧ ଅନ୍ତର୍ଗତ ହୋଇ ରହିଛି ।

ଏହି ବିଷୟଟିକୁ ମୁଁ ଶ୍ରୀଅରବିନ୍ଦଙ୍କ ପାଖରୁ ଅଧ୍ୟୟନ କରିଥିଲି ଏବଂ ଏହା ଯେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏହି ଭାଷାର କେତୋଟି ମୂଳକୁ ଆମେ ପୃଥିବୀର ସବୁ ଭାଷାରେ ବି ଦେଖିବାକୁ ପାଇବା, ସେସବୁ ଭାଷାରେ ଏହି ଭାଷାର ଅନେକ ସ୍ୱର ଓ ଧାତୁଗତ ସ୍ୱର ଦେଖିବାକୁ ମିଳିବ । ହଁ, ଠିକ୍ ଏହି ବିଷୟଟିକୁ ଆମେ ସମସ୍ତେ ଜାଣିବା ଓ ଯେକୌଣସି ଦେଶର ରାଷ୍ଟ୍ରଭାଷା ଠିକ୍ ଏହିପରି ହେବା ଉଚିତ । ଭାରତରେ ଜନ୍ମିଥିବା ପ୍ରତ୍ୟେକ ପିଲାର ସଂସ୍କୃତ ଭାଷା ଜାଣିବା ଉଚିତ । ଫ୍ରାନ୍ସରେ ଜନ୍ମ ହେଉଥିବା ପ୍ରତ୍ୟେକ ପିଲାକୁ ଯେପରି ଫରାସୀଭାଷା ଜାଣିବାକୁ ପଡୁଛି, ଠିକ୍ ସେହିପରି । ସେହି ଭାଷାଟିକୁ ସିଏ ଉଚିତ ପ୍ରକାରେ କହି ପାରୁ ନାହିଁ ଓ ସେହି ଭାଷାଟିକୁ ସମ୍ପୂର୍ଣ୍ଣ ଭାବରେ ଆଦୌ ଜାଣୁ ନାହିଁ ସତ, ମାତ୍ର ତାକୁ ତଥାପି କିଛି ଫରାସୀଭାଷା ଶିଖିବାକୁ ପଡୁଛି । ଏବଂ ପୃଥିବୀର ସବୁ ଦେଶରେ ଠିକ୍ ଏହି ରୀତି ଚଳୁଛି । ପ୍ରତ୍ୟେକ ପିଲାକୁ ତା'ର ରାଷ୍ଟ୍ରଭାଷା ଜାଣିବାକୁ ପଡୁଛି । ଏବଂ ତା'ପରେ,

ଯେତେବେଳେ ସିଏ ପାଠ ପଢୁଛି, ସେତେବେଳେ ସିଏ ଯେତେ ଅଧିକସଂଖ୍ୟକ ଭାଷା ଶିଖିବାକୁ ଇଚ୍ଛା କରୁଛି ତାହାକୁ ଜାଣୁଛି। ବର୍ତ୍ତମାନ ତ ଆମେ ସମସ୍ତେ କେବଳ କଳହ ଭିତରେହିଁ ଛନ୍ଦି ହୋଇ ରହିଛୁ, ଏବଂ କୌଣସି କଥାର ଯଥାର୍ଥ ନିର୍ମାଣ କରି ପାରିବା ଲାଗି ଏହି ପରିସ୍ଥିତି ପ୍ରକୃତରେ ଏକ ଅତ୍ୟନ୍ତ ଖରାପ ପରିସ୍ଥିତି। ମାତ୍ର ମୁଁ ଆଶା କରୁଛି ଯେ ଭବିଷ୍ୟତରେ ଏପରି ଗୋଟିଏ ଦିନ ଆସିବ ଯେତେବେଳେ କି ତାହା ସମ୍ଭବ ହୋଇପାରିବ।

ତେଣୁ ମୋର ଇଚ୍ଛା ଯେ ଆମେ ଏଠାରେ ପିଲାମାନଙ୍କୁ ଏକ ସରଳ ସଂସ୍କୃତ ଭାଷା ଶିକ୍ଷାଦେବା, ତାହା ଯଥାସମ୍ଭବ ଅଧିକ ସରଳ ହୋଇଥିବ, ମାତ୍ର ତାକୁ କଦାପି କୃତ୍ରିମ ଭାବରେ ''ସରଳ କରି ଦିଆଯାଇ'' ନ ଥିବ। ଆମେ ସଂସ୍କୃତ ଭାଷାର ମୂଳକୁ ଯାଇ ତାହାକୁ ସରଳ କରିବା... ଏହିସବୁ ସ୍ୱର, ପରବର୍ତ୍ତୀ କାଳରେ ତିଆରି ହୋଇଥିବା ଶବ୍ଦଗୁଡ଼ିକର ମୂଳ ହୋଇ ରହିଥିବା ସ୍ୱରଗୁଡ଼ିକ। ଏଠାରେ ଏହି କାର୍ଯ୍ୟଟିକୁ କରିପାରିବା ଲାଗି ସେପରି କୌଣସି ବ୍ୟକ୍ତି ଅଛନ୍ତି କି ନାହିଁ ମୁଁ ସେକଥା ଜାଣି ନାହିଁ। ବସ୍ତୁତଃ, ଭାରତବର୍ଷରେ ବି ଏପରି କେହି ଅଛନ୍ତି ବୋଲି ମୋତେ ଜଣା ନାହିଁ। ଶ୍ରୀଅରବିନ୍ଦଙ୍କୁ ସେହି କଥା ଜଣାଥିଲା। ମାତ୍ର ଯିଏ ସଂସ୍କୃତ ଭାଷା ଜାଣିଥିବ ସିଏ ବି... ମୁଁ ସେବିଷୟରେ କିଛି କହିପାରୁ ନାହିଁ। ସଂସ୍କୃତ ପଢ଼ାଇବାକୁ ତୁମର ଶିକ୍ଷକ କିଏ ଅଛନ୍ତି ? ଭ ?

*ଖ : 'ଭ' ଅଛନ୍ତି, 'ବ' ଅଛନ୍ତି।*

ବ ? କିନ୍ତୁ ସିଏ ତ କେବେ ଏଠାରେ ନ ଥାନ୍ତି।

*ଖ : ସେ ଫେବ୍ରୁଆରି ମାସରେ ଏଠାକୁ ଫେରି ଆସିବେ।*

ଅନେକ ଦିନ ପୂର୍ବରୁ 'ପ' ବି ଥିଲେ।

*ଖ : ହଁ, ସିଏ ବି। ଏବଂ ଆହୁରି କେତେଜଣ ତରୁଣ ଶିକ୍ଷକ ବି ଅଛନ୍ତି, 'ଫ' ଆଉ 'ବ'।*

ନା — ଆମର ଏପରି ଜଣେ ବ୍ୟକ୍ତି ଦରକାର ଯିଏ କି ପ୍ରକୃତରେ ଭଲ ଭାବରେ ଭାଷାଟିକୁ ଜାଣିଥିବେ। ଥରେ 'ବ' ସହିତ ମୁଁ ଏବିଷୟରେ କଥାବାର୍ତ୍ତା ହୋଇଥିଲି। ସିଏ ମୋତେ କହିଲେ ଯେ ସିଏ ଏକ ସରଳୀକୃତ ବ୍ୟାକରଣ ତିଆରି କରୁଛନ୍ତି। ଯା' ଭିତରେ ସିଏ

ସେଦିଗରେ କ'ଣ କେତେ କରିଛନ୍ତି ମୋତେ ଜଣା ନାହିଁ । ସିଏ ଏପରି ଏକ ଭାଷାର ସରଳ ବ୍ୟାକରଣଟିଏ ତିଆରି କରୁଛନ୍ତି ଯାହା ସମଗ୍ର ଦେଶର ଏକ ସାଧାରଣ ଭାଷାର ବ୍ୟାକରଣ ରୂପେ ବ୍ୟବହୃତ ହୋଇପାରିବ । ମୁଁ ଏବିଷୟରେ କିଛି କହିପାରୁ ନାହିଁ । ସମ୍ଭବତଃ, ସବୁଦୃଷ୍ଟିରୁ ବିଚାର କରି ଦେଖିଲେ 'ବ'ହିଁ ଏଥିଲାଗି ସର୍ବୋତ୍ତମ ବ୍ୟକ୍ତି ।

ତେଣୁ, ଓପରଓଳି କେଉଁ କେଉଁ ଶିକ୍ଷକଙ୍କର କ୍ଲାସ୍ ଅଛି ? ତୁମେ ତ ପ୍ରାୟ ତିରିଶି ଜଣଙ୍କର କ୍ଲାସ୍ ଅଛି ବୋଲି କହିଲ ।

*ଖ : ସବୁ କ୍ଲାସ୍ ପାଇଁ, ପଞ୍ଚମରୁ...*

ପୂରା ସ୍କୁଲ ପାଇଁ ?

*କ : ପୂରା ମାଧ୍ୟମିକ ସ୍ତର ପାଇଁ ।*

ତା' ତଳ କ୍ଲାସ୍‌ଗୁଡ଼ିକ ? ସେସବୁ କ'ଣ ତୁମ ଦାୟିତ୍ୱରେ ନାହିଁ ?

*କ : ସେକଥା ଅନ୍ୟ ଏକ ଶିକ୍ଷକଗୋଷ୍ଠୀ ବୁଝନ୍ତି ।*

ବୁଝିଲି । ତେବେ ପ୍ରାୟ ଦେଢ଼ ଶହ ପିଲାଙ୍କ ଲାଗି ମାଧ୍ୟମିକ ସ୍ତରରେ ତୁମର ତିରିଶି ଜଣ ଶିକ୍ଷକ ଅଛନ୍ତି । ତେବେ ସ୍କୁଲକୁ ଆସିଲାବେଳେ ଏମାନେ କ'ଣ ଜାଣିଥାନ୍ତି ? କିଛି ଜାଣି ନ ଥାନ୍ତି ? ଶିଶୁଶ୍ରେଣୀରେ ତ ସେମାନଙ୍କର ପିଲାମାନଙ୍କୁ ଫରାସୀଭାଷା ଶିକ୍ଷାଦେବା କଥା । ନୁହେଁ କି ? ସେମାନେ ପିଲାମାନଙ୍କ ସହିତ ଫରାସୀ ଭାଷାରେ କଥାବାର୍ତ୍ତା କରନ୍ତି । ମାତ୍ର ସମସ୍ତେ ଦୃଢ଼ ଭାବରେ ସେହି ନିୟମଟିକୁ ପାଳନ କରନ୍ତି କି ନାହିଁ କେଜାଣି ?

*କ : ଖୁବ୍ ଦୃଢ଼ ଭାବରେ ମୋଟେ ପାଳନ କରନ୍ତି ନାହିଁ ।*

ଖୁବ୍ ଦୃଢ଼ ଭାବରେ ନୁହେଁ ? କ'ଣ କହିଲ ?

*ଘ : ଆଗରୁ ଭାରି ଦୃଢ଼ ଭାବରେ ଏହି ନିୟମଟି ରହିଥିଲା । ବର୍ତ୍ତମାନ ସେମାନେ ଅଧିକାଂଶ ସମୟରେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି ।*

ଯେତେବେଳେ ପିଲାମାନଙ୍କୁ ଖୁବ୍ କମ୍ ବୟସ ହୋଇଥାଏ, ସେତେବେଳେ ସେମାନଙ୍କ ଭିତରେ ଆପଣାକୁ ସର୍ବଦା ଖୁସି କରି ରଖିବାର ଏକ ପ୍ରବୃତ୍ତି ରହିଥାଏ । ସେମାନଙ୍କର... ସେମାନଙ୍କ ଭିତରେ କୌଣସି କଥା ଦାନା ବାନ୍ଧି ନ ଥାଏ ଏବଂ ବିଭିନ୍ନ ଭାଷାରେ କୌଣସି ନିର୍ଦ୍ଦିଷ୍ଟ ବସ୍ତୁକୁ କ'ଣ କୁହାଯାଏ, ସେଗୁଡ଼ିକୁ ଶିକ୍ଷା କରିବାକୁ ସେମାନଙ୍କୁ ଭାରି ମଜା ଲାଗିଥାଏ । ସେମାନଙ୍କର ତଥାପି... ସେମାନଙ୍କର ମନ ଭିତରେ ତଥାପି କୌଣସି ଅକୋମଳତା ସୃଷ୍ଟି ହୋଇ ନ ଥାଏ । ସେମାନଙ୍କ ଭିତରେ ତଥାପି ଏପରି ଏକ ନମନୀୟତା ରହିଥାଏ ଏବଂ ତାହା ଫଳରେ ସେମାନଙ୍କ ଭିତରେ ଏପରି ଏକ ସଜ୍ଞାନତା ରହିଥାଏ ଯେ ପ୍ରତ୍ୟେକ ବସ୍ତୁର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି ଏବଂ କେବଳ ଏକ ପରମ୍ପରାଗତ ଭାବରେହିଁ ତାହାକୁ କୌଣସି ଏକ ନାମ ଦିଆଯାଇଥାଏ । ହଁ, ସେମାନେ ଏହିପରି ଭାବୁଥାନ୍ତି, ମୁଁ ଭାବୁଛି ସେମାନେ ଏହିପରି ବିଚାର କରୁଥାନ୍ତି ଯେ ପ୍ରତ୍ୟେକ ବସ୍ତୁକୁ ଦିଆଯାଉଥିବା ନାମ କେବଳ ଏକ ପରମ୍ପରା ମାତ୍ର । ଏବଂ ତେଣୁ, ଅନେକ ପିଲା ଏହି କଥାଟିକୁ ବା ସେହି କଥାଟିକୁ, ଉଦାହରଣସ୍ୱରୂପ 'ହଁ' ଓ 'ନାହିଁ', ପ୍ରଭୃତି କହିବାକୁ ଭାରି ଆନନ୍ଦ ପାଇଥାନ୍ତି । ବର୍ତ୍ତମାନ ଏହି 'ହଁ' ଓ 'ନାହିଁ' ଅର୍ଥାତ୍ ସକାରାତ୍ମକ ଏବଂ ନକାରାତ୍ମକ ଏହି ଦୁଇଟି ଶବ୍ଦକୁ ବିଚାରକୁ ନିଆଯାଉ । ଫରାସୀ ଭାଷାରେ ଏଥିପାଇଁ ଅମୁକ ଅମୁକ ଶବ୍ଦ କହନ୍ତି, ଜର୍ମାନ୍ ଭାଷାରେ ଅମୁକ ଅମୁକ କହନ୍ତି, ଇଂରାଜୀରେ ଏମିତି କହନ୍ତି ଓ ଇଟାଲୀୟ ଭାଷାରେ ଏମିତି କହନ୍ତି, ହିନ୍ଦୀରେ ଏମିତି କହନ୍ତି ଏବଂ ସଂସ୍କୃତରେ ଏମିତି କହନ୍ତି... ଏହି ଖେଳରୁ ସେମାନେ ପ୍ରକୃତରେ ଭାରି ଆନନ୍ଦ ଲାଭକରନ୍ତି । ଯଦି ସେମାନଙ୍କୁ ଏହିପରି ଖେଳାଇ ପାରିବାର ବିଦ୍ୟାଟି ତୁମକୁ ଜଣାଥିବ, ତେବେ ତୁମେ କୌଣସି ଏକ ବସ୍ତୁକୁ ଉଦାହରଣ ରୂପେ ଗ୍ରହଣ କରିବ ଏବଂ କହିବ, ''ଦେଖିଲ, ମୋ ହାତରେ କ'ଣ ଅଛି,...'' ଇତ୍ୟାଦି, ଇତ୍ୟାଦି, ବା ଜିଅନ୍ତା କୁକୁରଟିଏ ଅଥବା ଜିଅନ୍ତା ସାନ ଚଢ଼େଇ ବା ସାନ ଗଛଟିକୁ ଦେଖାଇ ତୁମେ ସେମାନଙ୍କୁ କହିବ, ''ଦେଖିଲ, ବର୍ତ୍ତମାନ ଏହିସବୁ ପ୍ରତ୍ୟେକ ଭାଷାରେ ଆମେ ଏଇଟିକୁ କିପରି ବର୍ଣ୍ଣନା କରିବା । ପୁଣି...'' ଏପରି କଲାବେଳେ କୋଉଠି କୌଣସି ବାଧା ନ ଥିବ । ସେମାନେ ତାହାକୁ ଭାରି ଭଲଭାବରେ ଓ ଭାରି ସହଜରେ ଶିଖିଯାଇ ପାରିବେ । ଏହି ଖେଳ ଖେଳିବାକୁ ସେମାନଙ୍କୁ ଭାରି ମଜା ଲାଗିବ । ('ଖ'କୁ) କିନ୍ତୁ ତୁମେ ଏବେ ସେହି ଦାୟିତ୍ୱରେ ନାହଁ, ତୁମେ ତ...

ଆଚ୍ଛା, ତେଣୁ ତୁମର ତିରିଶି ଜଣ ଶିକ୍ଷକ ଓ ଦେଢ଼ ଶହ ପିଲାଙ୍କୁ ନେଇ ତୁମେ... ପିଲାମାନେ ଯେଉଁ ଭାଷାଟି ଶିଖିବା ଲାଗି ଇଚ୍ଛା କରୁଥିବେ, ସେମାନେ ସେହି ଅନୁସାରେ ବିଭିନ୍ନ କ୍ଲାସ୍‌କୁ ଯିବେ । ସେଇଟା ଅତ୍ୟନ୍ତ ସ୍ୱାଭାବିକ, ତାହା ହେବା ଅନିବାର୍ଯ୍ୟ ବୋଲି ମୋର ମନେ ହେଉଛି । କାରଣ ସବୁ ଶିକ୍ଷକଙ୍କୁ ଏକତ୍ର ଗୋଟାଏ ଜାଗାରେ ଆଣି ବସାଇଲେ

କିଛି ଲାଭ ହେବ ନାହିଁ । ସେପରି ହେଲେ ସେମାନେ କେବଳ ଗପ କରିବା ବ୍ୟତୀତ ଆଉ ମୋଟେ କିଛି କରିବେ ନାହିଁ । ତା'ପରେ ପିଲାମାନେ ଆସିବେ ଓ ତା' ଫଳରେ କେବଳ... ନାଇଁ, ସେହିପରି ହେବା ପ୍ରକୃତରେ ଭଲ ।

କେହି ଫରାସୀ ଭାଷା ଶିଖିବାକୁ ଇଚ୍ଛା କରୁଛି, ସିଏ ଫରାସୀ ଭାଷାର କ୍ଲାସ୍‌କୁ ଯିବ । ଇଂରାଜୀ ଭାଷା ଶିକ୍ଷା କରିବାକୁ ଇଚ୍ଛା କରୁଥିଲେ ଇଂରାଜୀ କ୍ଲାସ୍‌କୁ ଯିବ । ପୁଣି...

*ଗ : କିନ୍ତୁ ଆମର ଯାହା ହେଉଛି, ତାହା ଆଦୌ ଏପରି ନୁହେଁ ।*

ତେବେ ?

*ଖ : ସକାଳ ଓଳିଟା ସେହିପରି ହେଉଛି ।*

ତେବେ ତୁମେ କ'ଣ ପଢ଼ାଉଛ ?

*ଖ : ମୁଁ ଗଣିତ ପଢ଼ାଉଛି ।*

ଭାଷା ଶିକ୍ଷା ଦେବା ସହିତ ତାହାର କୌଣସି ସମ୍ବନ୍ଧ ନାହିଁ ।

*ଖ : ଆଉ ଇତିହାସ ପଢ଼ାଉଛି ।*

ତୁମେ କ'ଣ ଫରାସୀ ଭାଷାରେ ଗଣିତ ପଢ଼ାଉଛ ? ହଁ, ତେବେ ସେଠାରେ ସମସ୍ୟାଟି ଆହୁରି ଜଟିଳ ହୋଇ ପଡୁଥିବ... ଆଚ୍ଛା ! (ସମସ୍ତେ ହସିଲେ) କଥା କ'ଣ ? ('ଖ'କୁ) ତୁମେ ମୋତେ କ'ଣ କହିବାକୁ ଚାହୁଁଛ ?

*କ : (ତାଙ୍କ ଆଡ଼କୁ ଅନାଉଥିବା 'ଖ'ଙ୍କୁ ଲକ୍ଷ୍ୟ କରି) ଆମେ ବର୍ତ୍ତମାନ କ'ଣ କହିବା ?*
*ଖ : ଯାହା ପ୍ରକୃତରେ ଆମେ କରିବାକୁ ଇଚ୍ଛା କରୁଥିବା ।*
*ଗ : ତୁମେ ବି କୌଣସି ମୌଖିକ କ୍ଲାସ୍ ନେଉଛ କି ?*
*ଖ : ମୌଖିକ କ୍ଲାସ୍,— କେବଳ ଭାଷାରେ ନୁହେଁ, ଗଣିତ ଏବଂ ବିଜ୍ଞାନ ପାଇଁ ମଧ୍ୟ ।*

*କ : ମାଆ, କେବଳ ଉପରବେଳା ସମୟରେ ପିଲାମାନେ ବିଭିନ୍ନ ଭାଷା, ଗଣିତ ଓ ବିଜ୍ଞାନର ଯେଉଁ ନିର୍ଦ୍ଦିଷ୍ଟ କ୍ଲାସ୍‌ଗୁଡ଼ିକୁ ଆସୁଛନ୍ତି, ସେମାନେ ବର୍ତ୍ତମାନ ସେହିଗୁଡ଼ିକୁ ଚାଲୁ ରଖିଛନ୍ତି । ସକାଳ ଓଳିଟା ସ୍ୱତଃପ୍ରଣୋଦିତ କାର୍ଯ୍ୟ ଲାଗି ଅଲଗା ରଖାଯାଇଛି । ଉପରଓଳି ସେମାନେ ତିନୋଟି ବିଷୟ ସକାଶେ ନିର୍ଦ୍ଦିଷ୍ଟ କ୍ଲାସ୍‌ସବୁ ରଖିଛନ୍ତି । କିନ୍ତୁ ଆମର...*

ଭାଷା ପାଇଁ ବି ?

*କ : ହଁ, ଭାଷା, ଗଣିତ ଓ ବିଜ୍ଞାନ ପାଇଁ । ଏବଂ ଇତିହାସ ପାଇଁ ବି ।*

ବିଜ୍ଞାନ ପାଇଁ ?

*କ : ହଁ, ବିଜ୍ଞାନ ପାଇଁ ବି । ପ୍ରାକୃତିକ ବିଜ୍ଞାନ ପାଇଁ, ପଦାର୍ଥ ବିଜ୍ଞାନ ପାଇଁ ।*

ହଁ, ତେବେ ସାରା ସଂସାରର ସବୁଯାକ ବିଷୟ । ତେବେ କାହିଁକି ?... ଆଉ କ'ଣ ବିଷୟ ବାକି ରହିଲା ? ସାହିତ୍ୟ ? ଆଉ କ'ଣ ବାକି ରହିଲା ? ପ୍ରାୟ ସବୁ ବିଷୟ ଅନ୍ତର୍ଗତ ହୋଇ ରହିଥିବା ତୁମ ବିଜ୍ଞାନକୁ ଛାଡ଼ିଦେଲେ, ସାହିତ୍ୟ ରହିଲା । ତା'ପରେ ଆଉ କ'ଣ ରହିଲା ? ସୂକ୍ଷ୍ମ କଳାର ବିଷୟଗୁଡ଼ିକ ? ଅବଶ୍ୟ ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଏହି ବିଷୟଟି...

*କ : ('ଖ'ଙ୍କୁ ଉଦ୍ଦେଶ୍ୟ କରି) ତୁମେ କ'ଣ ସବୁ ବିଷୟ ସକାଶେ ନିର୍ଦ୍ଦିଷ୍ଟ କ୍ଲାସ୍‌ର ବ୍ୟବସ୍ଥା ରଖିଛ କି ? (ମାଆଙ୍କୁ) ମାଆ, ଆମେ ମୋଟାମୋଟି ଭାବରେ ଏପରି କହି ପାରିବୁ ଯେ, କେତେକ ପରିମାଣରେ ସେମାନେ ଉପରଓଳି ଆଗରୁ ଯାହା ଥିଲା, ବର୍ତ୍ତମାନ ମଧ୍ୟ ସେହିପରି ଏକ ବ୍ୟବସ୍ଥା ରଖିଛନ୍ତି । ଅର୍ଥାତ୍, ନିର୍ଦ୍ଦିଷ୍ଟ କ୍ଲାସ୍‌ଗୁଡ଼ିକୁ ରଖିଛନ୍ତି । ମାତ୍ର ସକାଳ ଓଳିଟା, ଆମର କାର୍ଯ୍ୟ ଅପେକ୍ଷାକୃତ ଅଧିକ ପରିମାଣରେ ମୁକ୍ତ ରହୁଛି ।*

ବର୍ତ୍ତମାନ ମୋ ମନରେ କେତୋଟି ପ୍ରଶ୍ନର ଉଦୟ ହେଉଛି । ତୁମେ ସବୁ କୌଣସି ଭାଷାକୁ କିପରି ଭାବରେ ପଢ଼ାଉଛ ? କାରଣ, ଜଣେ ଶିକ୍ଷକ ସବୁ ପିଲାଙ୍କୁ ସେହି ଗୋଟିଏ କଥାହିଁ

କହୁଛନ୍ତି । ଏବଂ ପିଲାମାନେ ସେହି କ୍ଲାସ୍‌ରୁ ବାହାରକୁ ଆସିବା ବେଳକୁ ହୁଏତ ଆଦୌ କିଛି ନ ବୁଝି ଆସୁଛନ୍ତି । ଖାସ୍ ଭାଷା ଶିଖାଇବାର କ୍ଲାସ୍‌ଟି ପ୍ରକୃତରେ ସବୁଠାରୁ ଜୀବନ୍ତ ହୋଇପାରନ୍ତା । ଏବଂ ସେହି କ୍ଲାସ୍‌ରେ କିଞ୍ଚିତ୍ ଜୀବନର ସଂଚାର କରାଇ ପାରିବା ଲାଗି ପିଲାମାନଙ୍କର ମଧ୍ୟ ସେଥିରେ ଏକ ଅଂଶ ରହିଥିବା ଉଚିତ । ସେମାନେ କେବେହେଲେ କେବଳ କଥା ଶୁଣୁଥିବା କେତୋଟି କାନ ହୋଇ ରହିବେ ନାହିଁ, କିଂବା ଗୋଟିଏ ବେଞ୍ଚ ଉପରେ ବସିରହି କେବଳ ସବୁକଥା ଶୁଣିବେ ନାହିଁ । ତା' ନ ହେଲେ କ୍ଲାସ୍ ପରେ ସେମାନେ ଯେତେବେଳେ ବାହାରକୁ ଆସିବେ, ସେତେବେଳେ ସେମାନେ ଆଦୌ କିଛିହେଲେ ଶିକ୍ଷା କରି ନ ଥିବେ ।

> *କ : ମାଆ, ଆମର ଏଠାରେ ଆମେ ଭାଷାଶିକ୍ଷାର କ୍ଲାସ୍‌ଗୁଡ଼ିକ ବିଷୟରେ ଏହି ବ୍ୟବସ୍ଥା କରିଛୁ : ଯାବତୀୟ ଲିଖିତ କାର୍ଯ୍ୟରେ ଶିକ୍ଷକ ଏବଂ ପିଲାମାନଙ୍କ ଭିତରେ ଏକ ବ୍ୟକ୍ତିଗତ ସମ୍ବନ୍ଧ ରହିଛି । ଏବଂ ଯାବତୀୟ ମୌଖିକ କାର୍ଯ୍ୟରେ ଓ ବୈଠକ ପ୍ରଭୃତିରେ ଆମେ ପ୍ରତ୍ୟହ ପିଲାମାନଙ୍କୁ ନାନା ପ୍ରକାର ସମ୍ଭାବନା ଆଣି ଦେଉଛୁ ଏବଂ ସେମାନେ ଆପଣାର ସ୍ୱାଧୀନ ଇଚ୍ଛା ଅନୁସାରେ କୌଣସି ଏକ କ୍ଲାସ୍‌କୁ ଯାଉଛନ୍ତି ।*

ନାନାପ୍ରକାର ସମ୍ଭାବନା ?

> *କ : ଉଦାହରଣ ସ୍ୱରୂପ, ଆଲୋଚନା ଓ କଥୋପକଥନର କାର୍ଯ୍ୟକ୍ରମମାନ ରହିଥାଏ । କଥୋପକଥନ ଲାଗି ବିଭିନ୍ନ ବିଷୟମାନ ରହିଥାଏ । ଉଦାହରଣ ସ୍ୱରୂପ, କେତେକ ପିଲା ଅଛନ୍ତି, ଯେଉଁମାନେ କି ଏହି ଆଲୋଚନା ପାଇଁ ସାମୟିକ ପ୍ରସଙ୍ଗଗୁଡ଼ିକୁ ବିଷୟ ରୂପେ ନ ନେଇ ବିଜ୍ଞାନର କୌଣସି ବିଷୟ ନେବାକୁ ଅଧିକ ମନ କରିଥାନ୍ତି । ବା ବେଳେବେଳେ ଅନୌପଚାରିକ ଭାବରେ କୌଣସି ଏକ ନାଟକର ବି ଅଭିନୟ କରାଯାଇଥାଏ । ଏହି ସକଳ କାର୍ଯ୍ୟକ୍ରମ ବିଷୟରେ ପିଲାମାନଙ୍କୁ ପୂର୍ବଦିନ ଅଥବା ସେହି ଦିନ ଘୋଷଣା କରି ଜଣାଇ ଦିଆ ଯାଇଥାଏ । ସେମାନଙ୍କୁ ଯେକୌଣସି କ୍ଲାସ୍‌କୁ ଯିବାକୁ ପଡ଼େ, ସତ, ମାତ୍ର ସେମାନେ ଠିକ୍ କେଉଁ କ୍ଲାସ୍‌କୁ ଯିବେ, ସେକଥାଟିକୁ ସେମାନେ ସ୍ୱୟଂ ସ୍ଥିର କରନ୍ତି ।... ରଚନା, ବ୍ୟାକରଣ ଓ ଆଉ ଯାବତୀୟ ବିଷୟର କ୍ଷେତ୍ରରେ ମଧ୍ୟ ଏହିପରି ହୁଏ ।*

ହଁ, କିନ୍ତୁ ଏହି ପିଲାମାନଙ୍କର ତ ଆଗରୁ ଭାଷାଜ୍ଞାନ ରହିଥାଏ । ('ଖ' ଉଦ୍ଦେଶ୍ୟରେ) ତୁମେ କ'ଣ କର ?

*କ : ତାଙ୍କ ପାଇଁ ମଧ୍ୟ ଠିକ୍ ସେହି ବ୍ୟବସ୍ଥା ରହିଛି ।*

('କ' ଉଦ୍ଦେଶ୍ୟରେ) ଆଚ୍ଛା, ବୁଝିଲି । ଏହା ବେଶ୍ ଭଲକଥା ।
('ଖ' ଉଦ୍ଦେଶ୍ୟରେ) ତେବେ ତୁମ ଉପରଓଳିର କ୍ଲାସ୍‌ଗୁଡ଼ିକ ବିଷୟରେ ତୁମେ ବର୍ତ୍ତମାନ କ'ଣ କରିବ ? କ'ଣ ଯେମିତି ଆଗରୁ କରୁଥିଲ ସେହିପରି କରିବ ? ପିଲାମାନେ ବେଞ୍ଚ ଉପରେ ବସିଥିବେ ଓ ଶିକ୍ଷକ ଯାଇ ଲେକ୍‌ଚର୍ ଦେଇ ଆସିବେ ? ହେ ଭଗବାନ୍, ତାହା ପ୍ରକୃତରେ କେଡ଼େ ନୀରସ ହେଉ ନ ଥିବ ! ଶିକ୍ଷକଙ୍କୁ ବି ଚିଟା ଲାଗୁଥିବ; ତାଙ୍କୁ ତ ସବାଆଗ ଚିଟା ଲାଗିବାକୁ ଆରମ୍ଭ କରୁଥିବ ଏବଂ ସିଏ ଅତ୍ୟନ୍ତ ସ୍ୱାଭାବିକ ଭାବରେ ନିଜର ସେହି ଚିଟା ଲାଗିବାକୁ ଆଣି ପିଲାମାନଙ୍କ ଉପରେ ଲଦିଦେଉଥିବେ ।

ଏହି କ୍ଷେତ୍ରରେ ହୁଏତ ଏପରି ଏକ ବ୍ୟବସ୍ଥା କରାଯାଇ ପାରେ : ତୁମେ ଗୋଟିଏ ବିଷୟ ବାଛି ଠିକ୍ କରିଥିବ । ଶିକ୍ଷକ ସେହି ବିଷୟରେ ବିଭିନ୍ନ ପିଲାଙ୍କୁ ପ୍ରଶ୍ନମାନ ପଚାରିବେ,– ''ତୁମେ ଏବିଷୟରେ କ'ଣ ଜାଣିଛ କହିଲ ? ଏବିଷୟରେ ତୁମର କ'ଣ କହିବାକୁ ଅଛି କହିଲ ?'' ପ୍ରଭୃତି ପ୍ରଶ୍ନ ପଚାରିବେ । ଏବଂ, ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଦି ସେତେବେଳେ ଅନ୍ୟ ପିଲାମାନେ ସେହି ପ୍ରଶ୍ନଗୁଡ଼ିକୁ ଶୁଣୁଥିବେ, ତେବେ ସେମାନେ ତଦ୍ୱାରା ନିଶ୍ଚୟ ଲାଭବାନ୍ ହେବେ । ଏହିପରି ଗୋଟିଏ ବ୍ୟବସ୍ଥା ରହିଲେ ହୁଏତ କ୍ଲାସ୍‌ରେ କିଛି ନା କିଛି ଜୀବନ ବି ରହିବ । ସେତେବେଳେ ଆଉ ଅତ୍ୟନ୍ତ ଚିଟା ଲାଗୁଥିବା କୌଣସି ଲେକ୍‌ଚର୍ ଶୁଣିବାକୁ ପଡ଼ିବ ନାହିଁ, ଯେଉଁଥିରେ କି ପାଞ୍ଚ ମିନିଟ୍ ନ ଯାଉଣୁ ହୁଏତ ସମସ୍ତଙ୍କୁ ନିଦ ମାଡ଼ିବାକୁ ଆରମ୍ଭ କରିବ । ତେଣୁ ତୁମେ ପ୍ରଶ୍ନ ପଚାରୁଥିବ, କିଂବା, ଯଦି କ୍ଲାସ୍‌ରେ ବ୍ଲାକ୍‌ବୋଡ୍ ଥିବ, ତେବେ ତୁମେ ତା' ଉପରେ ବଡ଼ ବଡ଼ ଅକ୍ଷରରେ ଗୋଟିଏ ଦୀର୍ଘ ପ୍ରଶ୍ନ ଯାଇ ଲେଖିଦେବ, ଯେପରିକି ତାକୁ ସମସ୍ତେ ପଢ଼ିପାରିବେ । ତା'ପରେ ତୁମେ ପଚାରିବ, ''କିଏ ଏହି ପ୍ରଶ୍ନଟିର ଉତ୍ତର ଦେଇପାରିବ ?'' ତୁମେ ଏପରି କରିବ ଓ ପ୍ରଶ୍ନ ପଚାରିବ ବିଭିନ୍ନ ପିଲାଙ୍କୁ ପ୍ରଶ୍ନ ପଚାରିବ । ଯେଉଁମାନେ ତୁମକୁ କିଛି ପଚାରିଥିବେ, ସେମାନଙ୍କୁ ମଧ୍ୟ ତୁମେ ପ୍ରଶ୍ନ ପଚାରିବ ।... ଏବଂ ତା'ପରେ, ଯେତେବେଳେ କେହି ଉତ୍ତର ଦେବ ସେତେବେଳେ ତୁମେ ପୁଣି ପଚାରିବ, ''ତୁମ ଭିତରୁ ଆଉ କିଏ ଏହା ସହିତ ଅଧିକ ଯୋଡ଼ି ପାରିବ ?'' ଏଥିପାଇଁ ଶିକ୍ଷକଙ୍କ ନିଜ ଭିତରେ କିଛି ଜୀବନ ରହିଥିବା ଦରକାର ।

ସେକଥାଟିକୁ ମୁଁ ବେଶ୍ ବୁଝିପାରୁଛି – ପ୍ରତ୍ୟେକ ଭାଷା ଲାଗି ଅଲଗା କ୍ଲାସ୍ ରହିବ, ତେଣୁ ପିଲାମାନଙ୍କର ବିଭିନ୍ନ ଗୋଷ୍ଠୀ ରହିବ, ଉପରଓଳି ଏପରି ହେବ । ସେକଥା ଭଲକରି ବୁଝି ହେଉଛି । ମାତ୍ର ଯାହା କରିବ ପଛକେ, ଏପରି କେବେହେଲେ କରିବ ନାହିଁ ଯେ, ପିଲାମାନେ ବେଞ୍ଚ୍ ଉପରେ ବସିଥିବେ ଏବଂ ''ଏ କ୍ଲାସ୍ କେତେବେଳେ ସରିବ କେଜାଣି ?'' ବୋଲି ଭାବୁଥିବେ ଓ ନିଜର ଘଡ଼ିକୁ ଦେଖିବାରେ ଲାଗିଥିବେ ।... ଶହେ ଜଣ ଶିକ୍ଷକଙ୍କ ଭିତରେ ହୁଏତ ଏପରି ଜଣେ ବି ଶିକ୍ଷକ ନ ଥିବେ ଯିଏକି ସବୁ ପିଲାଙ୍କର ମନ ନେଇ ପାଠ ପଢ଼ାଇ ପାରୁଥିବେ । ଏବଂ, ସେଭଳି ଜଣେ ଶିକ୍ଷକଙ୍କୁ ତ ଏସବୁ ମୂଳରୁହିଁ ଚିଟା ଲାଗିବ । ତାଙ୍କ ସକାଶେ, ଏହା... ଏଠି କିଛି ନୁହେଁ, ସବୁ ବାହାରେ... ଏଠିତ ଅନ୍ନର ବ୍ୟବସ୍ଥା ପାଇଁ କାମ କରିବା କଥା ତେଣୁ...

ତୁମେ ଗୋଟିଏ ଗୋଟିଏ ଦଳରେ କୋଡ଼ିଏ, ତିରିଶ କିଂବା ଚାଳିଶି ଜଣ ଛାତ୍ର ରଖିବ... ପ୍ରତିକ୍ଲାସ୍‌ରେ କେତେ ଜଣ ରଖିବ ? କୋଡ଼ିଏ ? ପ୍ରାୟ କୋଡ଼ିଏ ଜଣ ?

*ଖ : ହଁ ।*

କେବଳ ଏତିକି କହିବ : ''ବର୍ତ୍ତମାନ ଆମେ କିଛି ମଜା କରିବା । ମଜା କରିବାକୁ ବର୍ତ୍ତମାନ କ'ଣ କରା ଯାଇପାରେ, ଚେଷ୍ଟା କରି ଦେଖାଯାଉ । ଆଜି ତେବେ ଆମେ କି ଖେଳ ଖେଳିବା ?'' ହଁ, ଏହିପରି ଭାବରେ, ତୁମେ ସ୍ୱାଭାବତଃ ଏହିପରି ଭାବରେ କ'ଣ ଗୋଟିଏ ଠିକ୍ କରିବ, କ'ଣ ଗୋଟିଏ ଉଦ୍ଭାବନ କରିବ । ଏବଂ ଶିକ୍ଷକ ନିଜେ ଜୀବନ୍ତ ହୋଇ ରହିଥିବ, କାରଣ ତାକୁ ନିଜକୁହିଁ ତ କିଛି ଖୋଜି ବାହାର କରିବାକୁ ହେବ । ଏବଂ ତା' ସହିତ ଛାତ୍ରମାନେ ବି ରହିଥିବେ... ଯଦି ସେମାନଙ୍କର କିଞ୍ଚିତ୍ ଆତ୍ମବୋଧ ରହିଥିବ, ତେବେ ସେମାନେ ନିଶ୍ଚୟ କିଛି ନା କିଛି କହି ପାରିବାକୁ ଇଚ୍ଛା କରିବେ ଏବଂ ତାହାହିଁ ଏକ ଜୀବନ୍ତ ପରିବେଶ ସୃଷ୍ଟି କରିବ । ଘରେ ବସି ପାଠ ପଢ଼ିବା ଅପେକ୍ଷା ଏହା କ'ଣ ପ୍ରକୃତରେ ଅଧିକ ଆନନ୍ଦଦାୟକ ହେବ ନାହିଁ କି ? ଯଦି ତୁମର ନିଜ କାର୍ଯ୍ୟଟି ପ୍ରତି ସଙ୍କୋଚପଣିଆ ରହିଥିବ, ତେବେ ତୁମେ କାଲି କ୍ଲାସ୍‌ରେ ପଢ଼ାଇବାକୁ ଯାଉଥିବା ପାଠକୁ ଘରେ ରାତିରେ ବସି ପ୍ରସ୍ତୁତ କରିବ । ଅତ୍ୟନ୍ତ ଯତ୍ନର ସହିତ କରିବ, ଟିପ୍‌ପଣୀ ନେବ, ଲେଖିବ, ଏବଂ... ତୁମେ ଗୋଟିଏ ବିଷୟକୁ ତିଆରି କରି ରଖିବ, ତିଆରି କରିବ, ସବୁକିଛି ପରୀକ୍ଷା କରି ଦେଖିବ, ଯେପରିକି ତୁମେ ଯାବତୀୟ ପ୍ରଶ୍ନର ଉତ୍ତର ଦେବା ଲାଗି ପ୍ରସ୍ତୁତ ହୋଇପାରିବ । ଏହା କରିବା ସବୁବେଳେ ମୋଟେ ସହଜ ହେବ ନାହିଁ । ମାତ୍ର ତୁମର ବିଷୟଟିକୁ ଭଲ ଭାବରେ ତିଆରି କରି ରଖିବା,– ସେଇଟା ପ୍ରକୃତରେ ଭଲକଥା । ରାତିରେ କିଞ୍ଚିତ୍

ଆଲୋକ ଓ କିଞ୍ଚିତ୍ ପ୍ରେରଣା ପାଇବାକୁ ଚେଷ୍ଟା କରିବା ଏବଂ ତହିଁ ଆରଦିନ, ତୁମେ ଯାହାକିଛି ଜାଣିଛ, ତାହାକୁ ପ୍ରକାଶ କରି ପାରିବାର ଏକ ଜୀବନ୍ତ ପ୍ରଣାଳୀର ଆବିଷ୍କାର କରିବା । ଏବଂ ସେହି କ୍ଷେତ୍ରରେ ତାହାକୁ ଗୋଟିଏ ପଟରେ ଛାତ୍ର ଓ ଆଉ ଗୋଟିଏ ପଟେ ଜଣେ ଶିକ୍ଷକର ଏକ ସମ୍ମିଳିତ ଗୋଷ୍ଠୀ ବୋଲି ଆଦୌ କୁହାଯିବ ନାହିଁ । ନାଇଁ, ମୋଟେ ନୁହେଁ,— ତାହାକୁ ଜୀବନ୍ତ କେତେଗୁଡ଼ିଏ ମଣିଷଙ୍କର ଏକ ଗୋଷ୍ଠୀ ବୋଲି କୁହାଯିବ, ଯେଉଁଥିରେ କି କେତେ ଜଣ ଅନ୍ୟମାନଙ୍କ ତୁଳନାରେ କିଞ୍ଚିତ୍ ଅଧିକ ଜାଣିଥିବେ । ବାସ୍ ସେତିକି ।

*କ : ମାଆ, ବର୍ତ୍ତମାନ ଆଉ ଗୋଟିଏ ପ୍ରଶ୍ନ ରହିଛି, ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଆପଣ ଆମକୁ ଅନେକ ସମୟରେ କହିଛନ୍ତି ଯେ କେବଳ ନିଜର ଅନ୍ତଃସ୍ଥିତ ନୀରବତା ମଧ୍ୟରେହିଁ ଆମେ କୌଣସି ପ୍ରଶ୍ନର ଯଥାର୍ଥ ଉତ୍ତରଟି ପାଇପାରିବା । ପିଲାମାନେ ବି ଯେପରି ଏହି ନୀରବତାଟିକୁ ପ୍ରତିଷ୍ଠିତ କରି ରଖିବାର ପ୍ରଣାଳୀଟିକୁ ଆବିଷ୍କାର କରି ପାରିବେ, ତା'ର ସର୍ବୋତ୍ତମ ଉପାୟ କ'ଣ ? ପ୍ରକୃତରେ କ'ଣ ଏହିପରି ଭାବରେ ଆମର ଜ୍ଞାନ ଚେତନା ଲାଗି ବାଟ ଛାଡ଼ି ଦେଇଥାଏ କି ?*

*(ମାଆ ଅନେକ ସମୟ ନୀରବ ହୋଇ ରହିଲେ)*

ଶୁଣ,— କ୍ଲାସ୍‌ରେ ପାଠ ପଢ଼େଇବାରେ ଏହି ପ୍ରଣାଳୀଟିରେ, ଯେଉଁଠି ସମସ୍ତେ ଚୁପ୍‌ଚାପ୍ ବସିଥିବେ, ସେମାନଙ୍କ ସହିତ ଶିକ୍ଷକ ରହିଥିବେ ଓ କାର୍ଯ୍ୟ ଶେଷ କରିବା ସକାଶେ ସେମାନଙ୍କ ପାଖରେ କେବଳ ଏକ ସୀମିତ ସମୟ ରହିଥିବ,— ଏସବୁ କ୍ଷେତ୍ରରେ ତାହା ଆଦୌ ସମ୍ଭବ ହେବ ନାହିଁ । ତୁମର ଏକ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥିଲେ ଯାଇ ନୀରବତାର ପ୍ରୟୋଜନ ହେଉଥିବା ସମୟରେ ତୁମେ ଯଥାର୍ଥରେ ସେହି ନୀରବତାର ପ୍ରତିଷ୍ଠା କରିପାରିବ । ମାତ୍ର, ଯେତେବେଳେ ସବୁଛାତ୍ର ଥିବେ ଓ ଶିକ୍ଷକ କ୍ଲାସ୍‌ରେ ଥିବେ,... ଯେତେବେଳେ ଶିକ୍ଷକ ନିଜ ଭିତରେ ସେହି ନୀରବତାର ପ୍ରତିଷ୍ଠା କରିବାରେ ଲାଗିଥିବେ, ସବୁ ପିଲାମାନଙ୍କ ମଧ୍ୟରେ ବି ନୀରବତା ଆଣିବାକୁ ଚାହୁଁଥିବେ, ସେତେବେଳେ ତାହା ସମ୍ଭବ ହେବ ନାହିଁ ।

ପରବର୍ତ୍ତୀ ଦିନଟି ସକାଶେ ଆପଣାକୁ ଯଥାର୍ଥଭାବେ ପ୍ରସ୍ତୁତ କରିପାରିବା ପାଇଁ ସିଏ ରାତିରେ ନିଜ ଘରେ ସେହି ନୀରବତାକୁ ପ୍ରତିଷ୍ଠିତ କରିପାରିବେ ସତ ମାତ୍ର ତୁମେ କଦାପି... ଏହାକୁ କଦାପି ଏକ ତାତ୍କାଳିକ ନିୟମ ରୂପେ ମାନି ନିଆଯାଇ ପାରିବ ନାହିଁ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ତୁମେ ଅନେକ ଊର୍ଦ୍ଧ୍ୱକୁ ଯାଇ ପାରିଥିବ ଏବଂ ଆପଣାର ମନକୁ ସମ୍ପୂର୍ଣ୍ଣ ନୀରବ କରି ରଖିବାରେ ଅଭ୍ୟସ୍ତ ହୋଇ ଯାଇଥିବ, ସେତେବେଳେ ତୁମେ ଅବଶ୍ୟ ନୀରବ ରହି ପାରିବ । ମାତ୍ର ତୁମେସବୁ ଏପର୍ଯ୍ୟନ୍ତ ସେପରି ଏକ ସ୍ଥାନରେ ଆସି ପହଞ୍ଚିପାରି ନାହଁ, ତୁମମାନଙ୍କ ଭିତରୁ କେହି ପହଞ୍ଚିପାରି ନାହାଁ । ତେଣୁ ସେହି ବିଷୟରେ ଆଦୌ କିଛି ଆଲୋଚନା ନ କରିବାହିଁ ଅଧିକ ଭଲ ହେବ । ତେଣୁ ମୁଁ ଭାବୁଛି ଯେ... ବିଶେଷ କରି ଯେପର୍ଯ୍ୟନ୍ତ ଏହିପରି ଏକ ପଦ୍ଧତିରେ ସ୍କୁଲର କାମ ଚାଲୁଛି, ଏକ ନିର୍ଦ୍ଦିଷ୍ଟ ସମୟର ନିର୍ଘଣ୍ଟ ଅନୁସାରେ କ୍ଲାସ୍‌ଗୁଡ଼ିକ ହେଉଛି, ସେଥିରେ ନିର୍ଦ୍ଦିଷ୍ଟ ସଂଖ୍ୟାର ଛାତ୍ରମାନେ ରହିଛନ୍ତି, ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ସେମାନଙ୍କୁ ପାଠ ପଢ଼ାଉଛନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ବିଷୟ ବି ପଢ଼ାଉଛନ୍ତି... ସେହି ପରିସ୍ଥିତିରେ ସେହି ପଦ୍ଧତିଟି ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ତୁମମାନଙ୍କୁ ସର୍ବଦା ଅତ୍ୟନ୍ତ କ୍ରିୟାଶୀଳ ହୋଇ ରହିବାକୁ ପଡ଼ିବ ।

ହଁ, ଏକଥା ନିଶ୍ଚୟ ହେବ... ଯଦି ଛାତ୍ରମାନେ ଧ୍ୟାନ ଓ ଅଭିନିବେଶର ଅଭ୍ୟାସ କରିବାକୁ ଇଚ୍ଛା କରୁଥିବେ, ଯଦି ସେମାନେ – ଏହା ସଂବୋଧିଗତ ଭୂମିଟି ମଧ୍ୟରେ ପ୍ରବେଶ କରିବାକୁ ବୁଝାଇବ, ତେବେ, ସେପରି ଏକ ତୁଚ୍ଛ ମନୋଭୂମିଗତ ଉତ୍ତର ପାଇବା ପରିବର୍ତ୍ତେ କିଞ୍ଚିତ୍ ଆଲୋକିତ ଏବଂ ଜୀବନ୍ତ ହୋଇ ରହିଥିବା ସେହି ଊର୍ଦ୍ଧ୍ୱଦେଶରୁ ଏକ ଉତ୍ତର ପାଇବାକୁ ପଡ଼ିବ । ମାତ୍ର ସେହି ଅଭ୍ୟାସଟିକୁ ନିଜ ଘରେ ଅନୁଶୀଳନ ଓ ଅର୍ଜନ କରିବାକୁ ପଡ଼ିବ ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯାହାର ଏହି ଅଭ୍ୟାସଟି ରହିଥିବ, ତେବେ ଯେତେବେଳେ ଶିକ୍ଷକ କ୍ଲାସ୍‌ରେ ପ୍ରଶ୍ନ ପଚାରିବେ ଏବଂ ବ୍ଲାକ୍‌ବୋର୍ଡ଼ରେ ''କିଏ ଏହାର ଉତ୍ତର ଦେଇ ପାରିବ ?'' ବୋଲି ଲେଖିଦେବେ, ସେତେବେଳେ ସିଏ ଏହିପରି କରିପାରିବ (ମାଆ ନିଜର ଦୁଇ ହାତକୁ ନେଇ ତାଙ୍କ କପାଳ ଉପରେ ରଖିଲେ), ପ୍ରଶ୍ନଟିକୁ ଗ୍ରହଣ କରିବ ଓ ତା'ପରେ ଉତ୍ତରଟିକୁ ଦେବ... ମାତ୍ର ସେହି ସମାର୍ଥ୍ୟଟିକୁ ହାସଲ କରିପାରିଲେ ତାହାକୁ ଏକ ବୃହତ୍ ଅଗ୍ରଗତି ବୋଲି କୁହାଯିବ ।

ତା' ନ ହେଲେ, ସେମାନେ ଆଗରୁ ଯାହାକିଛି ଶିକ୍ଷା କରିଥିବେ, ତାହାକୁ ଭଣ୍ଡାର ଭିତରୁ ବାହାରକୁ ବାହାର କରି ଆଣିବେ । ଏହା କରିବା ମୋଟେ ଆଗ୍ରହୋଦ୍ଦୀପକ ହେବ ନାହିଁ, ମାତ୍ର ସେମାନଙ୍କୁ ଏହା ଏକ ମାନସିକ କସରତର ସୁଯୋଗ ଅବଶ୍ୟ ଯୋଗାଇଦେବ । ଏବଂ କ୍ଲାସ୍‌ର ପଦ୍ଧତିଟିକୁ ଆମେ ଏକ ଗଣତାନ୍ତ୍ରିକ ପଦ୍ଧତି ବୋଲି ନିଶ୍ଚୟ କହିବା । ତେଣୁ... ଏକ ସୀମିତ ସମୟ ଏବଂ ସୀମିତ ସ୍ଥାନ ମଧ୍ୟରେ... ତୁମକୁ ଯଥାସମ୍ଭବ ଅଧିକ ଲୋକଙ୍କୁ ଶିକ୍ଷା ଦେଇ ପାରିବାକୁ ପଡ଼ିବ । ତାହା ଫଳରେ ତଦ୍ୱାରା ପ୍ରତ୍ୟେକ ଲୋକ ଉପକୃତ

ହୋଇ ପାରିବେ । ଏହାକୁ ଆମେ ନିଶ୍ଚୟ ଏକ ଗଣତାନ୍ତ୍ରିକ ମନୋଭାବ ବୋଲି କହିବା । ତେଣୁ ଏଥିଲାଗି... ଏକ ପ୍ରକାରର ସମୀକରଣ କରିବା ଆବଶ୍ୟକ ହେବ । କିନ୍ତୁ... ତୁମ୍ଭେମାନେ ସେମାନଙ୍କୁ ସମସ୍ତଙ୍କୁ ଗୋଟିଏ ସ୍ତରରେ ଆଣି ରଖିଦେଉଛ ଓ ମୁଁ ସେହି କଥାଟିକୁ ଏକ ଦୁଃଖଦ ବିଷୟ ବୋଲି ମନେ କରୁଛି । ମାତ୍ର, ପୃଥିବୀର ବର୍ତ୍ତମାନ ପରିସ୍ଥିତିରେ ଆମେ ଏହି କ୍ଷେତ୍ରରେ ‘‘ଏହା ତଥାପି ଏକ ଆବଶ୍ୟକ କଥା’’ ବୋଲି କହିପାରିବା । ଏହା ନିଃସନ୍ଦେହ କଥା ଯେ ଏହା କରିବା ଲାଗି କେବଳ ଧନିଘରର ପିଲାଙ୍କରହିଁ ସାମର୍ଥ୍ୟ ରହିବ । ତେଣୁ ସେପରି ଚିନ୍ତା କରିବା ଆଦୌ ଏକ ସୁଖର କଥା ହେବ ନାହିଁ । ନାଇଁ, ସମଗ୍ର ଲୋକସମୂହଟି ପାଇଁ ଏହି କ୍ଷେତ୍ରରେ ନିଶ୍ଚୟ ଶ୍ରେଣୀଗତ ଏକ ମୌଳିକ ସମସ୍ୟା ରହିବ,... ଅରୋଭିଲ୍‌ରେ ମଧ୍ୟ ଏହି ସମସ୍ୟାଟି ରହିବ । ଏବଂ ସେଇଟି ବେଶ୍ ଏକ ଆଗ୍ରହୋଦ୍ଦୀପକ ସମସ୍ୟା ହୋଇ ରହିବ : ପିଲାମାନେ ଯେଉଁଠାରୁ ଯେଉଁ ଘରୁ ଆସିଥାନ୍ତୁ ପଛକେ, ସେମାନଙ୍କୁ ଆମେ କିପରି ଯଥାର୍ଥ ଭାବରେ ଗଢ଼ିପାରିବା, ସେମାନଙ୍କୁ ପ୍ରସ୍ତୁତ କରି ପାରିବା; ଯେଉଁମାନଙ୍କ ଘରେ ପାଠ ପଢ଼ିବାର କୌଣସି ସୁବିଧା ନାହିଁ, ଯେଉଁମାନଙ୍କର ବାପାମାଆ ପାଠପଢ଼ି ନାହାନ୍ତି, ପାଠପଢ଼ିବା ଲାଗି ଯେଉଁମାନଙ୍କର ଆଦୌ କୌଣସି-କୌଣସି-କୌଣସି ସମ୍ଭାବନା ନାହିଁ, ଯେଉଁମାନେ କେବଳ କଞ୍ଚାମାଲ୍ ହୋଇ ଆମ ପାଖକୁ ଆସିଛନ୍ତି, ସେମାନଙ୍କୁ ଆମେ ସେମାନଙ୍କର ଜୀବନକୁ ଯଥାର୍ଥ ଭାବରେ ବଞ୍ଚିବା ଲାଗି କିପରି ଶିକ୍ଷା ଦେଇ ପାରିବା, ତାହା ପ୍ରକୃତରେ ଏକ ଭାରି ଆଗ୍ରହୋଦ୍ଦୀପକ ସମସ୍ୟା ହେବ ।

> *କ : ମାଆ, ଆସନ୍ତା ବର୍ଷ ପାଇଁ ଆମେ ଯାହାସବୁ କରିଛୁ, ସେହି ଦୃଷ୍ଟିରୁ ଅବଶ୍ୟ କୁହାଯାଇ ପାରିବ ଯେ ପିଲାର ବ୍ୟକ୍ତିତ୍ୱ ପ୍ରତି ଆମର ଏକ ସମଗ୍ର ସମ୍ମାନବୋଧ ନିଶ୍ଚୟ ଆସିଯାଇ ପାରିବ । ପ୍ରତ୍ୟେକ ମୁହୂର୍ତ୍ତରେ ତାହା ଏକ ସମଗ୍ର ସମ୍ମାନବୋଧ ହୋଇ ରହିବ । ଜଣେ ବ୍ୟକ୍ତି ହିସାବରେ ପ୍ରତ୍ୟେକ ପିଲାରହିଁ ଯାହାକିଛି ମୂଲ୍ୟ ରହିବ; ସିଏ ଯେଉଁ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ରହିଛି, ତାହାର କୌଣସି ମୂଲ୍ୟ ରହିବ ନାହିଁ । ଏହି କଥାଟି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବ । ଏବଂ ତା’ପରେ, ବର୍ତ୍ତମାନ ମୁଁ ଆପଣଙ୍କୁ ପଚାରିଥିବା ବିଷୟରେ, ସକାଳଓଳିର କର୍ମପରିବେଶଟି ନିଶ୍ଚୟ ଭିନ୍ନ ପ୍ରକାରର ହେବ, କାରଣ ସେଠାରେ ପିଲାମାନେ ସ୍ୱତନ୍ତ୍ର ଓ ସ୍ୱାଧୀନ ଭାବରେ କାର୍ଯ୍ୟ କରିବେ । ତେଣୁ, ଏହିଭଳି ପରିବେଶମାନ ରହିଲେ, ପିଲାମାନେ ହୁଏତ...*

ହଁ, ସକାଳଓଳିର କାର୍ଯ୍ୟନିର୍ଘଣ୍ଟ,Vers la Perfection (‘‘ପୂର୍ଣ୍ଣତା ଆଡ଼କୁ’’– ମୁକ୍ତ

ପ୍ରଗତିର ପଦ୍ଧତି ଉପରେ ଆଧାରିତ କେତେକ କ୍ଲାସ୍‌କୁ ମାଆ ଏହି ନାମଟି ଦେଇଥିଲେ ।)ରେ ସେମାନେ ଯେପରି କାର୍ଯ୍ୟ କରୁଛନ୍ତି ... ସେମାନେ ସେହି କାର୍ଯ୍ୟଟିକୁ ବେଶ୍ କରିପାରିବେ : ନୀରବ ହୋଇ ରହିବେ, କିଛି ସମୟ ପାଇଁ ଆପଣାକୁ ଅଭିନିବେଶିତ କରି ରଖିବେ; ଭିତରେ ଯାହାକିଛି ଅସ୍ଥିର ଓ ସଶବ୍ଦ ହୋଇ ରହିଥିବ, ସେମାନେ ସେହି ସବୁକିଛିକୁ ନୀରବ କରି ଆଣିବେ ଏବଂ ପ୍ରତୀକ୍ଷା କରି ରହିବେ । ସେମାନେ ସକାଳଓଲି ତାହା କରି ପାରିବେ । ନାଇଁ, ମୋ' କହିବାର ଅର୍ଥ ହେଉଛି, ଯେତେବେଳେ ସେମାନେ ସମସ୍ତେ ଏକାଠି ହୋଇ ଶିକ୍ଷକଙ୍କ ସହିତ ଘଣ୍ଟାଏ ବା ପଇଁଚାଳିଶି ମିନିଟ୍ ପାଇଁ ଏକ କ୍ଲାସ୍‌ରେ ବସିଥିବେ,— ସେତେବେଳେ ତୁମେ ଆପଣାର ଯାବତୀୟ କାର୍ଯ୍ୟ ମଧ୍ୟ କରୁଥିବ । ଯଦି ସମସ୍ତେ ପଇଁଚାଳିଶି ମିନିଟ୍ ସକାଶେ ସେହିପରି ଭାବରେ ରହିପାରିବ, ତେବେ ତାହା ଭାରି ମଜାର କଥା ହେବ । (*ସମସ୍ତେ ହସି ଉଠିଲେ*)

ଥରକ ପାଇଁ, ଅନ୍ତତଃ ଥରକ ପାଇଁ ଗୋଟିଏ କଥା କରାଯାଇ ପାରିବ : ପାଠ୍ୟ ବିଷୟଗୁଡ଼ିକ ମଧ୍ୟରୁ ତୁମେ ଗୋଟିଏ ବିଷୟ ବାଛି ଠିକ୍ କରିବ ଏବଂ ସେମାନଙ୍କୁ କହିବ, ''ଆମେ ବର୍ତ୍ତମାନ ପନ୍ଦର ମିନଟ ନୀରବ ରହିବା; ସମ୍ପୂର୍ଣ୍ଣ ଭାବରେ ନୀରବ ରହିବା । କୌଣସି ସୋରଶବ୍ଦ ହେବ ନାହିଁ, କେହି କୌଣସି ପ୍ରକାରର ପାଟିତୁଣ୍ଡ କରିବ ନାହିଁ । ଆମେ ପନ୍ଦର ମିନିଟ୍ ପାଇଁ ସମସ୍ତେ ନୀରବ ରହିବା । ପନ୍ଦର ମିନିଟ୍ ସକାଶେ ତୁମେ ସମସ୍ତେ ନୀରବ, ସ୍ଥିର ଓ ମନୋଯୋଗୀ ହୋଇ ରହିବାକୁ ଚେଷ୍ଟା କରିବ । ଏହାଦ୍ୱାରା କ'ଣ ଫଳ ହେବ, ପନ୍ଦର ମିନିଟ ପରେ ଆମେ ସେକଥା ପରୀକ୍ଷା କରି ଦେଖିବା ।'' ପ୍ରଥମ ଅବସ୍ଥାରେ ତୁମେ ଏହି ସମୟ କମାଇ ଦେଇ ପାଞ୍ଚ ମିନିଟ୍ ରଖିପାର, ତିନି ମିନିଟ୍ ବା ଦୁଇ ମିନିଟ୍ ରଖିପାର । ସେଥିରେ ଆଦୌ କିଛି ଯାଏ ଆସେ ନାହିଁ । ପନ୍ଦର ମିନିଟ୍ ସମୟ ପ୍ରକୃତରେ ଗୁଡ଼ାଏ ସମୟ । ମାତ୍ର ତୁମେ ତଥାପି ଚେଷ୍ଟା କରି ଦେଖ । ଦେଖିବ, ସେମାନଙ୍କ ଭିତରୁ କେତେଜଣ ଅସ୍ଥିରତା ପ୍ରକାଶ କରିବାକୁ ଆରମ୍ଭ କରିବେ । ହୁଏତ ଅତି କମ୍ ସଂଖ୍ୟକ ପିଲା ନୀରବ ରହି ଜାଣିଥିବେ । ବା ସେମାନେ ହୁଏତ ଶୋଇ ବି ପଡ଼ିଥିବେ । ମାତ୍ର ସେମାନେ ଶୋଇପଡ଼ିଲେ ବି ଆଦୌ କିଛି ଯାଏ ଆସେ ନାହିଁ । ଅନ୍ତତଃ ଥରକ ପାଇଁ ଚେଷ୍ଟା କରି ଦେଖ, ଏବଂ ତା'ର ଫଳ କ'ଣ ହେଉଛି ସେକଥା ମଧ୍ୟ ଦେଖ : ''ଆଚ୍ଛା ଦେଖାଯିବ, ଦଶ ମିନିଟ୍ ନୀରବତାପରେ କିଏ ମୋ ପ୍ରଶ୍ନର ଉତ୍ତର ଦେଇ ପାରିବ । ଏବଂ, ଏହି ଦଶ ମିନିଟ୍ ଯାକ ତୁମେ ମନୋଗତ ଭାବରେ ସେହି ବିଷୟଟିର ହୁଏତ ଯାହାକିଛି ଜାଣିଥିବ, ତାହାକୁ ସାଉଁଟି ଧରିବାକୁ ଚେଷ୍ଟା କରି କଦାପି ଅତିବାହିତ କରି ଦେବ ନାହିଁ । ନାଇଁ,— ସେହି ଦଶ ମିନିଟ୍ ସମୟଟି ତୁମେ ସମ୍ପୂର୍ଣ୍ଣ ଶୂନ୍ୟ ହୋଇଯିବ, ସ୍ଥିର ହୋଇଯିବ, ନୀରବ ଓ ଏକଲୟ ହୋଇ ରହିବ ।

ଏବଂ, ଯଦି ଶିକ୍ଷକ ପ୍ରକୃତରେ ଜଣେ ଶିକ୍ଷକ ହୋଇଥିବ, ତେବେ ଏହି ଦଶମିନିଟ୍ ସମୟରେ ସିଏ ଆବଶ୍ୟକ ଜ୍ଞାନଟିକୁ ସମ୍ବୋଧିର କ୍ଷେତ୍ରରୁ ଅବତରଣ କରାଇ ଆଣିବ ଏବଂ ତାହାକୁ ଆପଣାର କ୍ଲାସ୍ ଉପରେ ବ୍ୟାପ୍ତ କରିଦେବ । ଏହିପରି ଭାବରେ ତୁମେ ନିଶ୍ଚୟ କିଛି ଆଗ୍ରହୋଦ୍ଦୀପକ କାର୍ଯ୍ୟ କରୁଥିବ ଏବଂ ତାହାର ଫଳଗୁଡ଼ିକ ମଧ୍ୟ ଦେଖିବାକୁ ପାଇବ । ଏହା ଫଳରେ ସ୍ୱୟଂ ଶିକ୍ଷକ ବି କିଞ୍ଚିତ୍ ଅଗ୍ରଗତି ହାସଲ କରିପାରିବ । ତୁମେ ଏହି କଥାଟିକୁ ନିଶ୍ଚୟ ପରୀକ୍ଷା କରି ପାରିବ । ପରୀକ୍ଷା କରି ଦେଖିପାରିବ !

*କ : ମାଆ, ଆମେ ତାହା ପରୀକ୍ଷା କରି ସାରିଛୁ ।*

ହଁ, ଯେଉଁମାନେ ନିଷ୍ଠାପର, ଯେଉଁମାନେ ଭାରି ଆନ୍ତରିକତା ସହିତ ସବୁକିଛି କରନ୍ତି ଓ ଆପଣାର ଅଭୀପ୍ସାରେ ଭାରି – ଏହାକୁ ମୁଁ କିପରି ପ୍ରକାଶ କରି କହିବି ?– ଅକୁଟିଳ ହୋଇ ରହିଥାନ୍ତି, ସେମାନଙ୍କ ପାଇଁ ଏକ ଅଦ୍ଭୁତ ସହାୟତା ମହଜୁଦ ହୋଇ ରହିଥାଏ; ସେମାନଙ୍କ ଲାଗି ଏକ ସମ୍ପୂର୍ଣ୍ଣ ଜୀବନ୍ତ ଓ ସକ୍ରିୟ ଚେତନା ମହଜୁଦ ହୋଇ ରହିଥାଏ, ଯାହାକି ଯେକୌଣସି ଏକାଗ୍ର ନୀରବତାର ଜବାବ ଦେବା ଲାଗି ପ୍ରସ୍ତୁତ ଥାଏ । ତୁମେ ଛଅ ବର୍ଷର କାର୍ଯ୍ୟକୁ ମଧ୍ୟ ଛଅଟା ମାସରେ ନିଶ୍ଚୟ କରି ଦେଇପାରିବ, ମାତ୍ର ତାହା ଭିତରେ ଯେପରି ଆଦୌ କୌଣସି ଛଳନା ବା କୃତ୍ରିମତା ନ ରହେ, ଏପରି କିଛି ନ ରହେ, ଯାହାକି ଅନୁକରଣ କରିବାକୁ ଚେଷ୍ଟା କରୁଥାଏ, ଯେଉଁଥିରେ କି କୃତ୍ରିମ ଭାବରେ କିଛି ଦେଖାଇ ହେବାର ଆଦୌ କୌଣସି ଆବଶ୍ୟକତା ନ ରହେ । ସେଥିରେ... ତୁମକୁ ଯଥାର୍ଥ ଓ ସମ୍ପୂର୍ଣ୍ଣ ଭାବରେ ସଚ୍ଚା, ଶୁଦ୍ଧ, ନିଷ୍ଠାପର ଓ ସଚେତନ ହୋଇ ରହିବାକୁ ପଡ଼ିବ । ଯାହା ଊର୍ଦ୍ଧ୍ୱରୁ ତୁମ ପାଖକୁ ଆନତ ହୋଇ ଆସୁଥିବ, ତୁମେ କେବଳ ତାହାକୁହିଁ ଅବଲମ୍ବନ କରି ରହିଥିବ । ତେବେ... ତେବେ... ତୁମେ ଏଡ଼େ ଏଡ଼େ ପାଦ ଆଗକୁ ପକାଇ ଅଗ୍ରସର ହୋଇପାରିବ ।

ମାତ୍ର ତୁମେ ଏହାକୁ କଦାପି ପ୍ରତିଦିନ ନିୟମିତ ଭାବରେ ଏକ ନିର୍ଦ୍ଦିଷ୍ଟ ସମୟରେ କରିବ ନାହିଁ । କାରଣ ତା' ହେଲେ ସେଇଟା ତୁମର ଏକ ଅଭ୍ୟାସରେ ପରିଣତ ହୋଇଯିବ ଏବଂ ସେଥିରେ ଆଦୌ କୌଣସି ସରସତା ରହିବ ନାହିଁ । ଏହା ସର୍ବଦା ଏକାନ୍ତ ଅପ୍ରତ୍ୟାଶିତ ଭାବରେ ହୋଇ ପାରୁଥିବା ଉଚିତ । ତୁମେ ହୁଏତ ହଠାତ୍ ''ଏଇଟିକୁ କଲେ କିପରି ହୁଅନ୍ତା'' ବୋଲି କହିବ; ସେହିପରି କିଞ୍ଚିତ୍ ଅନୁଭବ କରିବା ମାତ୍ରକେ, କିଞ୍ଚିତ୍ ପ୍ରସ୍ତୁତ ହୋଇଯିବା ମାତ୍ରକେ ଏପରି କହିବ । ତେବେ ତାହା ଭାରି ଆଗ୍ରହୋଦ୍ଦୀପକ ହୋଇପାରିବ ।

ତୁମେ ଗୋଟିଏ ପ୍ରଶ୍ନ ପଚାରିବ; ତାହା ଆଦୌ କୌଣସି ଅନ୍ଧ ମତ ଦ୍ୱାରା

ପ୍ରେରିତ ହୋଇ ନ ଥିବ, ମାତ୍ର ତୁମର ଯଥାଶକ୍ତି ବିଦ୍ୱତ୍ତାପୂର୍ଣ୍ଣ ଏବଂ ବୁଦ୍ଧିମତ୍ତାସମ୍ପନ୍ନ ହୋଇଥିବ; ତାହା ଏପରି ଏକ ପ୍ରଶ୍ନ ହୋଇଥିବ, ଯେଉଁଥିରେ କି ନିଶ୍ଚୟ କିଞ୍ଚିତ୍ ଜୀବନ ରହିଥିବ । ତେବେ ତାହା ଭାରି ଆଗ୍ରହୋଦ୍ଦୀପକ ହେବ ।

(*ମାଆ ନୀରବ ରହିଲେ*)

ତୁମେ ଦେଖିବାକୁ ପାଇବ ଯେ, ତୁମ ଭିତରେ ଉପଲବ୍ଧି କରିବାର ପ୍ରୟାସଟି ଯେତିକି ଅଧିକ ହେଉଥିବ, ତୁମେ ସେତିକି ସେତିକି ଏକଥା ମଧ୍ୟ ଆବିଷ୍କାର କରିବାକୁ ସମର୍ଥ ହେବ ଯେ, ପ୍ରକୃତିର କ୍ଷେତ୍ରରେ,— ସେହି ନିମ୍ନ ପ୍ରକୃତିଟିର କ୍ଷେତ୍ରରେ, ଅର୍ଥାତ୍ ନିମ୍ନ ସୋପାନର ମନ, ନିମ୍ନ ସୋପାନର ପ୍ରାଣିକ ଏବଂ ଜଡ଼ର ସୋପାନରେ ପ୍ରକୃତରେ ଅନେକ ଛଳନା, କପଟତା ଓ ମହତ୍ତ୍ୱଆକାଙ୍କ୍ଷା ଭରପୂର ହୋଇ ରହିଛି । ଜଣେ ଇଚ୍ଛା କଲେ ସେଗୁଡ଼ିକ ମଧ୍ୟରୁ ଯେକୌଣସିଟିକୁ କାମରେ ଲଗାଇ ପାରିବ, କୃତ୍ରିମ ଭାବରେ ନିଜକୁ କେତେ କ'ଣ କରି ଦେଖାଇବା ଲାଗି କେତେ ବାସନା ଆସିବ । ସେହି ସବୁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ମୂଳରୁହିଁ ବିଲୁପ୍ତ କରିଦେବାକୁ ପଡ଼ିବ ଏବଂ ତାହାର ସ୍ଥାନାପନ୍ନ ଭାବରେ ଆନ୍ତରିକ ଅଭୀପ୍ସାର ଏକ ଅଗ୍ନିକୁ ପ୍ରଜ୍ୱଳିତ କରି ରଖିବାକୁ ପଡ଼ିବ । ଶୁଦ୍ଧତା ଲାଗି ସେହି ଅଭୀପ୍ସାଟିକୁ ଜାଗୃତ କରାଇ ଆଣିବାକୁ ପଡ଼ିବ ଯାହାକି, କେବଳ ସେହି ସର୍ବୋଚ୍ଚ ପରମଚେତନା ଆମଠାରୁ ଯାହା ଦାବି କରୁଛି, ଆମଠାରୁ ସିଏ ଯେତିକି ଯେତେବେଳେ ଚାହୁଁଛି, ଯାହା ଆମକୁ ସେତେବେଳେ କେବଳ ସେତିକି କରିବା ଲାଗିହିଁ ସମର୍ଥ କରି ରଖିଛି, କେବଳ ତାହାର ଲାଗି ଆପଣାର ଜୀବନ ବଞ୍ଚିବା ଲାଗି ଆମକୁ ପ୍ରେରିତ କରି ରଖିଥିବ । ସେତେବେଳେ ଆମେ ସମ୍ପୂର୍ଣ୍ଣ ଭାବରେ ଅଲଗା ପ୍ରକାରର ହୋଇଯିବା... ଏହି ପଥଟି ଏକ କିଞ୍ଚିତ୍ ଦୀର୍ଘ ପଥ ସତ, ମାତ୍ର ଆମେ ତାହାହିଁ କରିବାକୁ ସର୍ବଦା ଚେଷ୍ଟା କରୁଥିବା, ଆମ ସମଗ୍ର ସତ୍ତାର ପରିଶୁଦ୍ଧୀକରଣ ଲାଗିହିଁ ଚେଷ୍ଟା କରୁଥିବା ।

ସେତେବେଳେ ଆଉ ଅଲଗା ହୋଇ ସ୍କୁଲ୍, ଶିକ୍ଷକ ବା ଛାତ୍ର ବୋଲି କିଛି ରହିବେ ନାହିଁ, କୌଣସି ନିରସତା ମଧ୍ୟ ରହିବ ନାହିଁ । ଆପଣାକୁ ରୂପାନ୍ତରିତ କରିବାକୁ ଉଦ୍ୟମ କରୁଥିବା କେବଳ ଜୀବନହିଁ ରହିଥିବ । ହଁ, ତାହାହିଁ ଆମର ଆଦର୍ଶ, ଆମକୁ ସେହିପର୍ଯ୍ୟନ୍ତ ଯିବାକୁ ହେବ ।

ମୋତେ ପଚାରିବାକୁ ଆଉ କିଛି ପ୍ରଶ୍ନ ଅଛି କି ?

*କ : ଡିସେମ୍ବର ୧୬ ତାରିଖରେ ଯେଉଁଦିନ ସ୍କୁଲ୍ ଖୋଲିବ, ସେହିଦିନଟି ସକାଶେ ଆପଣ ପିଲାମାନଙ୍କ ଲାଗି ଏକ ବାଣୀ ଦେଇ ପାରିବେ କି ?*

କୌଣସି ବାଣୀ ମନକୁ ଆସିଲେ ନିଶ୍ଚୟ ଦେବି ।

'ଙ', ତୁମେ ଫୁଲଗୁଡ଼ିକ ମୋତେ ଦେଲ ! ଲାଲ ଫୁଲ ରଖାହୋଇଥିବା ଗୋଟିଏ ଫୁଲଦାନି ସେଠି ଅଛି । ଫୁଲଗୁଡ଼ିକ ସେହି ଦୁଇଜଣଙ୍କ ପାଇଁ ଆସିଛି । ସେଇଠି ଫୁଲଦାନି ଅଛି ।

('କ' ଉଦ୍ଦେଶ୍ୟରେ) ଏହା ତୁମ ଲାଗି ।

('ଖ' ଉଦ୍ଦେଶ୍ୟରେ) ଏବଂ ଏଇଟି ତୁମ ଲାଗି । ତୁମ — ତୁମ ସମ୍ମୁଖରେ ସମୁଦାୟ ଭବିଷ୍ୟତ୍ ପଡ଼ି ରହିଛି । ତୁମକୁ ଭାଙ୍ଗି ବାହାରି ଆସିବାକୁ ପଡ଼ିବ... ତୁମେ ଭାବନାର ସେହି ପୁରାତନ ଅଭ୍ୟାସଗୁଡ଼ାକ ଭିତରେ ଭାରି ବାନ୍ଧିହୋଇ ରହିଛ । ତୁମେ ଯେ ଏତେଦିନ ସର୍ବଦା ଏଠାରେ ରହିଛ, ତୁମେ ତାହାର ଯଥେଷ୍ଟ ସୁଯୋଗ ଗ୍ରହଣ କରିପାରି ନାହଁ । ତଥାପି ଅତି ବେଶୀ ପରିମାଣରେ ସେଇ ଆଗ ପରି ରହିଛ ।...

ତେଣୁ ତୁମକୁ ବର୍ତ୍ତମାନ ସେସବୁକୁ ଭାଙ୍ଗିଦେବାକୁ ପଡ଼ିବ, ସବୁକିଛି ସବୁକିଛି ଭାଙ୍ଗିଦେବାକୁ ପଡ଼ିବ । କେବଳ ଊର୍ଦ୍ଧ୍ୱରୁ ଆସୁଥିବା ଆଲୋକଟି ଦ୍ୱାରାହିଁ ତୁମେ ବଞ୍ଚିବାକୁ ଆରମ୍ଭ କର । ଆପଣାର ଚେତନାକୁ ବିମୋଚିତ, ବନ୍ଧନମୁକ୍ତ କରିଦିଅ । ଏହା ଭାରି ମହତ୍ତ୍ୱପୂର୍ଣ୍ଣ । ତୁମେ ଆସିଲ, ଭାରି ଭଲ ହେଲା । ତୁମେ ତଥାପି ଭାରି କିଳି ହୋଇ ରହିଛ, ଯାବତୀୟ ପୁରାତନ ଅଭ୍ୟାସଗୁଡ଼ାକ ମଧ୍ୟରେ ବାନ୍ଧିହୋଇ ରହିଛ । ଏବଂ ସେଗୁଡ଼ାକ ବ୍ୟତୀତ ତଥାପି ଆହୁରି ଅଧିକ କିଛି ବି ରହିଛି । କୁଳାଗତ ନାନା ପ୍ରବୃତ୍ତି ତୁମ ଉପରେ ବୋଝ ହୋଇ ରହିଛି, ଆହୁରି କେତେ କ'ଣ ବି ରହିଛି ।... ପ୍ରତ୍ୟେକ ମଣିଷଙ୍କର ଅବଶ୍ୟ ଠିକ୍ ସେହି ଦଶା ହୋଇଛି ସତ, ମାତ୍ର ମୁଁ କେବଳ ତୁମ କଥା... ମୁଁ ତୁମକୁ ତଥାପି ମୁକ୍ତି ଦେଉଛି । ତୁମେ ତଥାପି ଠିକ୍ ସେହିପରି ରହିଛ, ହଁ, ଠିକ୍ ସେହିପରି,— ଭାବିବାର ପୁରୁଣା ଅଭ୍ୟାସଗୁଡ଼ାକ ରହିଛି, ଶିଖିବାର ସେହି ପୁରୁଣା ଅଭ୍ୟାସଗୁଡ଼ାକ ରହିଛି, ତୁମର ପୁରୁଣା ଅଭ୍ୟାସଗୁଡ଼ାକ ସବୁ ରହିଛି । ଅବଶ୍ୟ ସେଗୁଡ଼ାକୁ ଅତ୍ୟନ୍ତ ପୁରୁଣା ବୋଲି କୁହାଯିବ ନାହିଁ,— ତୁମର ସେହି ଶିଖିବାର ପୁରୁଣା ଅଭ୍ୟାସଗୁଡ଼ାକ । ତେଣୁ ବର୍ତ୍ତମାନ ସେଗୁଡ଼ାକୁ ଗୋଟି ଗୋଟି କରି ଭାଙ୍ଗିବାକୁ ପଡ଼ିବ । ଯେତେବେଳେ ତୁମେ ପ୍ରତିଦିନ କ୍ଲାସ୍‌କୁ ଯାଉଛ, ସେତେବେଳେ କ୍ଲାସ୍ ଭିତରକୁ ଯିବା ପୂର୍ବରୁ ତୁମେ ମନେ ମନେ ଏକ ପ୍ରାର୍ଥନା କରିବ, ସେହି ସର୍ବୋଚ୍ଚ ପରମଚେତନାର ଆବାହନ କରିବ ଏବଂ ଜୀବନଧାରୀ ଜଡ଼ର ଏହି ସମୁଦାୟ ପିଣ୍ଡଟିକୁ ତାହାରି ଅଧୀନକୁ ଆଣିପାରିବା ଲାଗି ତୁମେ ତାହାରି ସହାୟତା ଭିକ୍ଷା କରିବ । ତା'ପରେ ଏହା ପ୍ରକୃତରେ ଆଗ୍ରହୋଦ୍ଦୀପକ ହେବ, ଭାରି ଜୀବନମୟ ହୋଇ ଉଠିବ । ବୁଝିଲ ?

ଏଥର ଯାଅ !

ଏବଂ 'ଘ', ତୁମ ଲାଗି ଗୋଟିଏ ଗୋଲାପ ଫୁଲ ।

('ଘ' ଉଦ୍ଦେଶ୍ୟରେ) ଜାଣିଛ, ଏଥିରେ ଅନେକ ଗତିଶୀଳତା ନିହିତ ହୋଇ ରହିଛି । ତୁମେ ତାହା ଆଖିରେ ଦେଖିପାରିବ ନାହିଁ ସତ, ମାତ୍ର ଏଥିରେ ପ୍ରକୃତରେ ଅଧିକ ଗତିଶୀଳତା ନିହିତ ହୋଇ ରହିଛି ।

ମାତ୍ର ନିୟମତଃ ନାରୀମାନେ ହେଉଛନ୍ତି ଯାବତୀୟ ବିଷୟକୁ କାର୍ଯ୍ୟରେ ପରିଣତ କରିବାର ଶକ୍ତି । ତୁମେ ସେକଥା ସର୍ବଦା ମନେ ରଖିଥିବ । ଏବଂ ସେହି ପ୍ରେରଣାଟିକୁ ଗ୍ରହଣ କରି ପାରିବାକୁ ହେଲେ, ତୁମେ ଆବଶ୍ୟକ ବୋଲି ଅନୁଭବ କଲେ ଏକ ପୁରୁଷଚେତନାର ଅବଲମ୍ବନକୁ ଗ୍ରହଣ ବି କରିପାରିବ । ଏହି କ୍ଷେତ୍ରରେ ସର୍ବୋଚ୍ଚ ପରମଚେତନା ହେଉଛି ଅଧିକ ନିଶ୍ଚିତ ଓ ଅଧିକ ନିର୍ଭରଯୋଗ୍ୟ; ମାତ୍ର ଯଦି ତୁମର ଏକ ମଧ୍ୟବର୍ତ୍ତୀ ଉପାଦାନର ଆବଶ୍ୟକତା ରହିଥାଏ... । ମାତ୍ର ସବୁକିଛିକୁ କାର୍ଯ୍ୟରେ ପରିଣତ କରିବାର କ୍ଷେତ୍ରରେ ତୁମର ସକଳ ସଙ୍ଗଠନ ଶକ୍ତିକୁ ଲଗାଇ ତାହାକୁ ଯାବତୀୟ ଟିକିନିଖି ସହିତ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟାନ୍ୱିତ କରିବାର ଦାୟିତ୍ୱ କେବଳ ତୁମ ନିଜ ଭିତରେ ରହିଛି । ଆମ ଲୋକସଭାର ମହିଳା ସଦସ୍ୟମାନଙ୍କ ଭିତରେ ମୁଁ ଏହି ଭାବନାଟିର ସଞ୍ଚାର କରାଇବା ଲାଗି ଇଚ୍ଛା କରୁଛି । ତୁମେ ତ ଜାଣିଛ, ଲୋକସଭାରେ ମହିଳାମାନେ ମଧ୍ୟ ରହିଛନ୍ତି ଏବଂ ସେମାନଙ୍କୁ ମୁଁ ସେହି ଶିକ୍ଷାଟିକୁ ଦେବା ଲାଗି ଇଚ୍ଛା କରୁଛି । ସେମାନଙ୍କୁ ମୁଁ କହୁଛି, ପୁରୁଷମାନଙ୍କ ପାଖରେ କଦାପି ବଶତା ସ୍ୱୀକାର କରି ରହି ଯାଅ ନାହିଁ । କାରଣ, ସକଳ କଥାକୁ କାର୍ଯ୍ୟରେ ପରିଣତ କରିବାର ସାମର୍ଥ୍ୟ କେବଳ ତୁମରିମାନଙ୍କ ପାଖରେ ରହିଛି । ସେହି ସାମର୍ଥ୍ୟର ଫଳ ଅବଶ୍ୟ ଫଳିବ ।

('କ' ଏବଂ 'ଖ' ଉଦ୍ଦେଶ୍ୟରେ) ତୁମ୍ଭେମାନେ କିଛି ଭାବିବ ନାହିଁ । ତୁମ୍ଭମାନଙ୍କୁ ଛୋଟ କରିଦେବା ଲାଗି ଆଦୌ କିଛି କୁହାଯାଉ ନାହିଁ... (ସମସ୍ତେ ହସି ଉଠିଲେ) ପ୍ରେରଣା ଏଠାରୁ ଆସେ... ଏବଂ ତାହା ଏଠାକୁ ଆସି କାର୍ଯ୍ୟରେ ପରିଣତ ହୁଏ ।

ତେଣୁ ମୁଁ ତୁମକୁ ଏଇଟି ଦେଲି, ତୁମକୁ ମୁଁ ଏଇଟି ଦେଲି । ('ଙ' ଉଦ୍ଦେଶ୍ୟରେ) ତୁମକୁ ମୁଁ କିଛି ଦେଇ ନାହିଁ ନୁହେଁ ? ଆଚ୍ଛା, ସେଠି ଯାହା ଅଛି ଆଣିଲ !

ହଁ, ଏଇଟି 'ଗ' ପାଇଁ ।

ତେବେ ବର୍ତ୍ତମାନ ସମସ୍ତଙ୍କୁ ବିଦାୟ ।

('କ' ଉଦ୍ଦେଶ୍ୟରେ) ପୁଣି ଯେତେବେଳେ ଯାହା ଦରକାର ହେଉଥିବ, ତୁମେ ମୋତେ ନିଶ୍ଚୟ ଲେଖିକରି ଜଣାଇବ । ମୁଁ ଯେ ତତ୍‌କ୍ଷଣାତ୍ ସେଗୁଡ଼ିକର ଉତ୍ତର ଦେବି, ସେକଥା ମୁଁ ଆଦୌ ଜବାବ ଦେଇ କହୁ ନାହିଁ, ମାତ୍ର ସେହିପରି ଭାବରେ (ମାଆ ନିଜର ହାତକୁ ନେଇ କପାଳ ଉପରେ ରଖିଲେ) ତୁମକୁ ଜବାବ ମିଳିଯିବ । ମୋ'ର ଉତ୍ତର

ତତ୍କ୍ଷଣାତ୍ ମିଳିଯିବ । ତୁମକୁ ସେହି କୌଶଳଟିକୁ ଶିଖିବାକୁ ପଡ଼ିବ, ନୁହେଁ ? ହଁ, ସେହିପରି ଭାବରେ (ମାଆ ଲେଖିବାକୁ ଆରମ୍ଭ କଲେ) ଏଥିପାଇଁ ସମୟ ଲାଗିବ । ତଥାପି, ମୋତେ ଅବହିତ ରଖିବା ଦ୍ୱାରା ନିଶ୍ଚୟ ଅଧିକ ଭଲ ହେବ ।

*କ : ହଁ, ମାଆ ।*

ଆଚ୍ଛା ଯାଅ, ନମସ୍କାର ।

## ୮ ଫେବ୍ରୁଆରି ୧୯୭୩

*ଏକ ନୂତନ ପଦ୍ଧତିର ପ୍ରବର୍ତ୍ତନ କରିପାରିବା ସକାଶେ ଆମେ ଯେପରି ନିଜକୁ ପ୍ରସ୍ତୁତ କରି ପାରିବୁ, ତାହାର ସର୍ବୋତ୍ତମ ଉପାୟ କ'ଣ ?*

ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏଥିଲାଗି ଆପଣାର ଚେତନାକୁ ସଂପ୍ରସାରିତ କରିବାକୁ ହେବ, ସନ୍ଦୀପିତ କରି ରଖିବାକୁ ହେବ । ମାତ୍ର ଏହି କାର୍ଯ୍ୟଟିକୁ ବି ଆମେ କିପରି କରିବା ? ତୁମେ ନିଜର ଚେତନାକୁ କିପରି ଭାବରେ ସମ୍ପ୍ରସାରିତ ଏବଂ ସନ୍ଦୀପିତ କରିପାରିବ ? ଏବଂ, ଯଦି ତୁମେ ପ୍ରତ୍ୟେକେ ଆପଣାର ଚୈତ୍ୟ ପ୍ରଦେଶଟିକୁ ଆବିଷ୍କାର କରିପାରିବ ଏବଂ ତାହାର ସହିତ ସମ୍ମିଳିତ ହୋଇ ରହିପାରିବ, ତେବେ ତାହାର ଦ୍ୱାରାହିଁ ସକଳ ସମସ୍ୟାର ସମାଧାନ ହେବ ।

ଚୈତ୍ୟ ସତ୍ତାକୁ ମନୁଷ୍ୟ ଭିତରେ ରହିଥିବା ସେହି ଦିବ୍ୟ ପରମସତ୍ତାଙ୍କର ପ୍ରତିନିଧି ବୋଲି କୁହାଯିବ । ଏଥିରୁ ତୁମେ ବେଶ୍ ଏକଥାଟିକୁ ବୁଝିପାରିବ ଯେ ପରମ ଦିବ୍ୟସତ୍ତା ଆଦୌ କୌଣସି ଦୂରର ବସ୍ତୁ ନୁହନ୍ତି, ସେ ମୋଟେ ଅପହଞ୍ଚ ନୁହନ୍ତି । ସେହି ଦିବ୍ୟସତ୍ତା ତୁମରି ଭିତରେ ଅଛନ୍ତି, ମାତ୍ର ତୁମେ ସେ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ପାରି ନାହଁ । ତା' ପରିବର୍ତ୍ତରେ ତୁମର... ବର୍ତ୍ତମାନ ତାହା ତୁମ ଭିତରେ ଏକ ଉପସ୍ଥିତ ରୂପେ କାର୍ଯ୍ୟ ନ କରି ବରଂ ଅଧିକ ପରିମାଣରେ ଏକ ପ୍ରଭାବ ପରି କାର୍ଯ୍ୟ କରୁଛି । ଏହା ପ୍ରକୃତରେ ଏକ ସଚେତନ ପରମ ଉପସ୍ଥିତି ଭାବରେ ତୁମ ଭିତରେ ଅବସ୍ଥାନ କରିବା ଉଚିତ; ସେହି ଦିବ୍ୟ ପରମସତ୍ତା ସକଳ ବସ୍ତୁକୁ କିପରି ଭାବରେ ଦେଖୁଛନ୍ତି, ପ୍ରତ୍ୟେକ ମୁହୂର୍ତ୍ତରେ ତୁମର ନିଜକୁ ସେହି ପ୍ରଶ୍ନଟିକୁ ପଚାରିବାର ସାମର୍ଥ୍ୟ ରହିପାରିବା ଉଚିତ । ସିଏ ତୁମ ଭିତରେ କିପରି ଆପଣାର ଇଚ୍ଛାକୁ ପ୍ରକାଶ କରୁଛନ୍ତି, କିପରି କାର୍ଯ୍ୟ କରୁଛନ୍ତି, ତୁମର ଏହିସବୁ ପ୍ରଶ୍ନ ନିଜକୁ ପଚାରି ପାରିବା ଉଚିତ । ଏବଂ ସେଥିଲାଗି ମଧ୍ୟ ତୁମକୁ ଆଦୌ କୌଣସି ଅନଧିଗମ୍ୟ ଗହନ-ପ୍ରଦେଶକୁ ଚାଲିଯିବାକୁ ପଡ଼ିବ ନାହିଁ; ତୁମେ ଯେଉଁଠି ଅଛ, ସେହିଠାରେହିଁ ପ୍ରଶ୍ନଗୁଡ଼ିକୁ ପଚାରିବ । କେବଳ ଏତିକି ସ୍ମରଣ ରଖିବାକୁ ହେବ ଯେ, ବର୍ତ୍ତମାନ ପାଇଁ ତୁମର ଯାବତୀୟ ମନ୍ଦ ଅଭ୍ୟାସ ଏବଂ ସାଧାରଣ ଅଚେତନାଟି ଆମ ଭିତରେ ଏକ ଢାଙ୍କୁଣୀ ଆଣି ରଖି ଦେଇଛନ୍ତି ଏବଂ ସେଥିଲାଗି ଆମେ ଅସଲ ବସ୍ତୁଟିକୁ ଦେଖି ପାରୁ ନାହୁଁ କିଂବା ଅନୁଭବ ବି କରି ପାରୁ ନାହୁଁ । ତୁମକୁ... ତୁମକୁ ସେହି ଢାଙ୍କୁଣୀଟିକୁ କାଢ଼ି ବାହାର କରିଦେବାକୁ ପଡ଼ିବ ।

ବସ୍ତୁତଃ ତୁମେ ଆପଣାକୁ ଗୋଟିଏ ଗୋଟିଏ ସଚେତନ ଯନ୍ତ୍ର ରୂପେ ତିଆରି କରି

ରଖିବ... ସଚେତନ... ସେହି ପରମ ଦିବ୍ୟସତ୍ତାଙ୍କ ବିଷୟରେ ସଚେତନ ରହିଥିବା ଯନ୍ତ୍ର ରୂପେ ତିଆରି କରି ରଖିବ ।

ସାଧାରଣତଃ ଏତିକି ପାରିବା ଲାଗି ଗୋଟାଏ ସାରା ଜୀବନ ଅତିବାହିତ ହୋଇଯାଏ; ବା ବେଳେବେଳେ, କେତେ ମଣିଷଙ୍କ ଲାଗି ଏକାଧିକ ଜୀବନକାଳ ଅତିବାହିତ ହୋଇଯାଏ । ଏଠାରେ, ବର୍ତ୍ତମାନ ଏଠାରେ ପ୍ରାପ୍ତ ହେଉଥିବା ପରିବେଶରେ ତୁମେ ତାହାକୁ ମାତ୍ର କେତୋଟି ମାସ ଭିତରେ ସମ୍ଭବ କରିପାରିବ । ଯେଉଁମାନେ – ଯେଉଁମାନଙ୍କ ଭିତରେ ଏକ ପ୍ରଦୀପ୍ତ ଆକାଙ୍‌କ୍ଷା ରହିଛି, ସେମାନେ ଅଳ୍ପ କେତେକ **ମାସରେ** ତାହା ସମ୍ଭବ କରିପାରିବେ ।

(*ମାଆ ଦୀର୍ଘ ସମୟ ନୀରବ ରହିଲେ*)

ତୁମ୍ଭେମାନେ କିଛି ଅନୁଭବ କରୁଥିଲ କି ?

ତୁମ୍ଭେମାନେ ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇ କହ । ପ୍ରକୃତରେ କିଛି ଅନୁଭବ କଲ କି ନାହିଁ । ବା – ତୁମ୍ଭେମାନଙ୍କୁ ଆଦୌ କୌଣସି ପାର୍ଥକ୍ୟ ଘଟିଲା ବୋଲି ମନେ ହେଲା କି ? ସମ୍ପୂର୍ଣ୍ଣ ନିଷ୍ଠାର ସହିତ କହିବାକୁ ପଡ଼ିବ । ଏଥର କୁହ । କାହିଁ କେହି ତ ଉତ୍ତର ଦେଉ ନାହାନ୍ତି ! (*ମାଆ ଜଣକ ପରେ ଜଣେ କରି ପ୍ରତ୍ୟେକଙ୍କୁ ପଚାରିଲେ ଏବଂ ପ୍ରତ୍ୟେକେ ନିଜ ନିଜର ପ୍ରତିକ୍ରିୟା ଜ୍ଞାପନ କରିଥିଲେ ।*)

*ଖ : ମାଆ, ବର୍ତ୍ତମାନ ଏକ ବିଶେଷ ଅବତରଣ ଘଟୁଥିଲା କି ନାହିଁ, ମୁଁ ଆପଣଙ୍କୁ ସେକଥା ପଚାରି ପାରିବି କି ?*

ନା – କୌଣସି ଅବତରଣ ହେଉ ନ ଥିଲା । ସିଏ ହେଉଛି ଆଉ ଗୋଟିଏ ଭୁଲ୍ ଧାରଣା : ପ୍ରକୃତରେ କୌଣସି ଅବତରଣ ଘଟେ ନାହିଁ । ତାହା ସର୍ବଦାହିଁ ତୁମରି ଭିତରେ ଏକ ବସ୍ତୁ ହୋଇ ରହିଥାଏ, ମାତ୍ର ତୁମେ ସେକଥାକୁ ମୋଟେ ଅନୁଭବ କରିପାର ନାହିଁ । ପ୍ରକୃତରେ କୌଣସି ଅବତରଣ ଘଟେ ନାହିଁ : ଏହା ସମ୍ପୂର୍ଣ୍ଣ ଭାବରେ ଏକ ଭୁଲ୍ ଧାରଣା ।

ଚତୁର୍ଥ ବିସ୍ତାର ବା ଚତୁର୍ଥ ପ୍ରସ୍ଥ ବୋଲି କାହାକୁ କହନ୍ତି ତୁମ୍ଭେମାନେ ଜାଣିଛ ? ତୁମେ ସେଇଟି କ'ଣ ଜାଣିଛ କି ?

*ଖ : ଆମେ ସେହି ବିଷୟରେ ଶୁଣିଛୁ ।*

କୌଣସି ଅଭିଜ୍ଞତା ଲାଭ କରିଛ ?

*ଖ : ନାଇଁ, ମାଆ !*

ଆଚ୍ଛା, ତାହାହିଁ ହେଉଛି ଆଧୁନିକ ବିଜ୍ଞାନର ସର୍ବଶ୍ରେଷ୍ଠ ଅବଦାନ, ଏହି ଚତୁର୍ଥ ଆୟାମ ବା ପ୍ରସ୍ଥର ସତ୍ୟଟି । ଆମ ଲାଗି ଦିବ୍ୟ ପରମସତ୍ତା ହେଉଛନ୍ତି ସେହି ଚତୁର୍ଥ ଆୟାମ । ସେହି ଆୟାମଟି ସର୍ବତ୍ର ରହିଛି, ସର୍ବଦାହିଁ ସର୍ବତ୍ର ରହିଛି । ତାହା ଆସୁଛି ଓ ଚାଲିଯାଉଛି,– ଏପରି ମୋଟେ ହେଉ ନାହିଁ । ତାହା ସର୍ବଦା ସର୍ବତ୍ର ଅବସ୍ଥିତ ରହିଛି । ଆମେ ନିଜେହିଁ, ଆମ ନିର୍ବୋଧତା ଦ୍ୱାରା ଆପଣାକୁ ତାକୁ ଅନୁଭବ କରିବାରୁ ବଞ୍ଚିତ କରି ରଖୁଛୁ । ତେଣୁ ପଳାଇଯିବାର କୌଣସି ପ୍ରୟୋଜନ ନାହିଁ, ଆଦୌ କୌଣସି ପ୍ରୟୋଜନ ନାହିଁ; ମୋଟେ, ମୋଟେ, ମୋଟେ କୌଣସି ପ୍ରୟୋଜନ ନାହିଁ ।

ନିଜର ଚୈତ୍ୟସତ୍ତା ସମ୍ବନ୍ଧରେ ସଚେତନ ହୋଇ ରହିବାକୁ ହେଲେ ତୁମକୁ ଥରକ ସକାଶେ ସେହି ଚତୁର୍ଥ ଆୟାମକୁ ଅନୁଭବ କରିବା ଲାଗି ସମର୍ଥ ହେବାକୁ ପଡ଼ିବ । ତା' ନ ହେଲେ ତୁମେ ତାହାର ଆଦୌ କୌଣସି ପରିଚୟ ପାଇ ପାରିବ ନାହିଁ ।

ଜାଣିଛ, ଗତ ସତୁରି ବର୍ଷ ହେଲା ମୁଁ ସେହି ଚତୁର୍ଥ ଆୟାମର ପରିଚୟ ପାଇଛି... ସତୁରି ବର୍ଷରୁ ଆହୁରି ବେଶି !

(*ମାଆ ନୀରବ ରହିଲେ*)

ତାହା ଅପରିହାର୍ଯ୍ୟ, ଏକାନ୍ତ ଅପରିହାର୍ଯ୍ୟ । ସେଇଟିକୁ ନେଇହିଁ ଜୀବନର ଆରମ୍ଭ । ତା' ନ ହେଲେ ଆମକୁ ମିଥ୍ୟାରେହିଁ ପଡ଼ି ରହିବାକୁ ହୁଏ । ଅବ୍ୟବସ୍ଥା, ଭ୍ରାନ୍ତି ଏବଂ ଅନ୍ଧକାର ମଧ୍ୟରେ ପଡ଼ି ରହିବାକୁ ହୁଏ । ଆମର ଏହି ଯେଉଁ ମନ,– ସେହି ମନଟା ଭିତରେହିଁ ପଡ଼ି ରହିବାକୁ ହୋଇଥାଏ । ଏବଂ, ନିଜ ଚେତନା ସମ୍ବନ୍ଧରେ ସଚେତନ ହେବାକୁ ଯାଇ ମଧ୍ୟ ତୁମକୁ ତାହାକୁ ଏକ ମାନସିକ ବସ୍ତୁରେ ପରିଣତ କରିବାକୁ ପଡ଼ିଥାଏ । ତାହା ଏକ ଭୟଙ୍କର କଥା, ପ୍ରକୃତରେ ବଡ଼ ଭୟଙ୍କର କଥା । ବୁଝିଲ ?

*କ : ମାଆ, ଏହି ନୂତନ ଜୀବନକୁ ତ ଆମେ ପୁରାତନ ଜୀବନର ଧାରାରେ ଏକ ଆଉ ଗୋଟିଏ ପର୍ଯ୍ୟାୟ ବୋଲି କଦାପି କହିବା ନାହିଁ । କହିବା କି ? ନୂତନ ଜୀବନ ଆମ ଅନ୍ତର୍ଗତ ସ୍ତରରୁହିଁ ଉଦ୍ଭୂତ ହୋଇ ଆସିବ ।*

ହଁ, ଠିକ୍ ସେହିପରି ହେବ ।

*କ : ତେବେ ଦୁହିଙ୍କ ଭିତରେ ଆଉ ସାଧାରଣ ବୋଲି ତ ଆଉ କିଛି...*

ସାଧାରଣ ଓ ସଦୃଶ ହୋଇ ଅନେକ କିଛି ରହିଛି, ମାତ୍ର ତୁମ୍ଭେମାନେ ସେହି ବିଷୟରେ ସଚେତନ ହୋଇ ରହି ନାହଁ । ମାତ୍ର, ତୁମକୁ, ତୁମକୁ ଅବଶ୍ୟ... ତୁମର ମନହିଁ ତାହାକୁ ଅନୁଭବ କରିବାକୁ ତୁମକୁ ନିବୃତ୍ତ କରି ରଖିବାରେ ଲାଗିଛି । ତୁମକୁ – ତୁମକୁ ଅବଶ୍ୟ... ତୁମେ ସବୁ କଥାକୁ ମନର ସ୍ତରକୁହିଁ ଓଟାରି ନେଇ ଆସୁଛ... ଚେତନା କହିଲେ ତୁମେ ବସ୍ତୁଗୁଡ଼ିକ ବିଷୟରେ ରହିଥିବା ତୁମର ଭାବନା ବୋଲିହିଁ ବୁଝୁଛ, ତାହାକୁହିଁ ତୁମେ ଚେତନା ବୋଲି କହୁଛ । ବସ୍ତୁଗୁଡ଼ିକ ବିଷୟରେ ନିଜ ଭାବନାକୁ ଚେତନା ବୋଲି କହୁଛ । ମାତ୍ର ଚେତନା କହିଲେ ତାହାକୁ ମୋଟେ ବୁଝାଇବ ନାହିଁ, ତାହା ମୋଟେ ଚେତନା ନୁହେଁ । ଚେତନାର ତ ସମ୍ପୂର୍ଣ୍ଣ ରୂପେ ସୁଗମ୍ୟ ଓ ସ୍ୱଚ୍ଛ ହେବାର ସାମର୍ଥ୍ୟ ରହିଥିବ ଏବଂ ତାହା ସକଳ ଶବ୍ଦରୁ ମୁକ୍ତ ହୋଇ ରହିଥିବ ।

(*ମାଆ ନୀରବ ରହିଲେ*)

ଚେତନାର କ୍ଷେତ୍ରରେ ସବୁକିଛି ଆଲୋକମୟ ହୋଇଯାଏ, ଉଷ୍ମ ହୋଇଯାଏ... **ବଳଯୁକ୍ତ** ହୁଏ ! ଏବଂ, ସେଠାରେ ଶାନ୍ତି, ପୂର୍ଣ୍ଣ ଶାନ୍ତିର ଉପଲବ୍ଧି ହୁଏ । ଜଡ଼ତା ନୁହେଁ, ଅଚଳତା ନୁହେଁ, ଶାନ୍ତିର ଉପଲବ୍ଧି ହୁଏ ।

*କ : ମାଆ, ଆମେ ଏହାକୁ ସବୁପିଲାଙ୍କ ଆଗରେ ଏକ ଲକ୍ଷ୍ୟ ରୂପେ ନେଇ ରଖି ପାରିବା କି ?*

ସବୁପିଲାଙ୍କ ଆଗରେ ? ନାଇଁ । ସେମାନଙ୍କର ସମସ୍ତଙ୍କର ବୟସ ସମାନ ନୁହେଁ; ବର୍ଷ ଗଣନା ଅନୁସାରେ ସମାନ ବୟସର ହୋଇଥିଲେ ମଧ୍ୟ ସମସ୍ତଙ୍କର ବୟସ ମୋଟେ ସମାନ ନୁହେଁ । ଏପରି ଅନେକ ପିଲା ଅଛନ୍ତି ଯେଉଁମାନେ କି... ଯେଉଁମାନେ କି କେବଳ ଏକ ପ୍ରାଥମିକ ସ୍ତରରେ ରହିଛନ୍ତି । ତୁମେ,... ଯଦି ତୁମେ ଆପଣାର ଚୈତ୍ୟ ପ୍ରଦେଶଟି ବିଷୟରେ ସଚେତନ ହୋଇଥିବ, ତେବେ, ଯେଉଁ ପିଲାମାନଙ୍କର ଚୈତ୍ୟ ଅଂଶଟି ଯଥେଷ୍ଟ ପରିମାଣରେ ବିକାଶଲାଭ କରି ସାରିଲାଣି, ତୁମେ ସେହି ପିଲାମାନଙ୍କୁ ନିଶ୍ଚୟ ବାରି

ଚିହ୍ନିନେଇ ପାରିବ । ଏପରି ଅନେକ ପିଲା ଅଛନ୍ତି, ଯେଉଁମାନଙ୍କର ଚୈତ୍ୟ ସତେଅବା ସେହି ଭ୍ରୂଣର ସ୍ତରରେହିଁ ରହିଥାଏ । ଚୈତ୍ୟର ବୟସକୁ ବର୍ଷସୁମାରି ଅନୁସାରେ ହେଉଥିବା ବୟସ ସହିତ କଦାପି ସମତୁଲ କରି ହେବ ନାହିଁ ମୋଟେ ସମତୁଲ କରି ହେବ ନାହିଁ । ସାଧାରଣତଃ ଆପଣାର ଏକ ଆକାର ଲାଭ କରିବାକୁ ଚୈତ୍ୟସତ୍ତାକୁ ଏକାଧିକ ଜୀବନକାଳ ବି ଲାଗିଥାଏ । ଏବଂ ତାହାହିଁ ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀରକୁ ଗତି କରୁଥାଏ । ସେହି କାରଣରୁ ଆମେ ଆମର ଅତୀତ ଜୀବନଗୁଡ଼ିକ ବିଷୟରେ ସଚେତନ ନ ଥାଉ : କାରଣ ଆମେ ନିଜର ଚୈତ୍ୟସତ୍ତାଟି ବିଷୟରେ ମଧ୍ୟ ସଚେତନ ନ ଥାଉ । ମାତ୍ର ବେଳେବେଳେ ଏପରି ଗୋଟିଏ ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି ଏହି ଚୈତ୍ୟସତ୍ତା ମଧ୍ୟ କୌଣସି ଗୋଟିଏ ଘଟନାରେ ଅଂଶଗ୍ରହଣ କରିଥାଏ । ତାହା ସେତେବେଳେ ସଚେତନ ହୋଇଥାଏ ଓ ସେଇଥିରୁ ଏକ ସ୍ମୃତିର ଉଦ୍ଭବ ହୁଏ । ବେଳେବେଳେ ଆମର... ବେଳେବେଳେ ଆମର କୌଣସି ବିଷୟରେ ଏକ ଆଂଶିକ ସ୍ମୃତି ଜାଗୃତ ହୋଇଥାଏ, କୌଣସି ଏକ ପରିସ୍ଥିତି ଅଥବା ଘଟନା ଆସି, କୌଣସି ଏକ ଭାବନା, ଏପରିକି ଏକ କାର୍ଯ୍ୟ ଆସି ବି ଆମର ସ୍ମୃତିପଟ ଉପରେ ଆବିର୍ଭୂତ ହୁଏ । ଏପରି ହୁଏ, କାରଣ ସେହି ସମୟରେ ଆମର ଚୈତ୍ୟ ପ୍ରକୃତରେ ସଚେତନ ହୋଇ ରହିଥିଲା ।

ବର୍ତ୍ତମାନ ବୁଝିଲ ତ ! ବର୍ତ୍ତମାନ ମୋର ବୟସ ଶହେ ପାଖାପାଖି ହୋଇ ଗଲାଣି, ଶହେ ପୂରିବାକୁ ଆଉ ପାଞ୍ଚବର୍ଷ ବାକିଅଛି । ମୁଁ ପାଞ୍ଚବର୍ଷ ବୟସ ସମୟରେ ଏହି ସଚେତନ ହେବାର ଉଦ୍ୟମଟିକୁ ଆରମ୍ଭ କରିଥିଲି । ତୁମର ଜାଣିବା ସକାଶେହିଁ ମୁଁ ଏକଥା କହୁଛି ।... ଏବଂ ବର୍ତ୍ତମାନ ମଧ୍ୟ ମୁଁ ସେହି ଉଦ୍ୟମଟିକୁ କରିବାରେ ଲାଗିଛି, ସେହି ଉଦ୍ୟମ ବର୍ତ୍ତମାନ ମଧ୍ୟ ଚାଲିଛି । କେବଳ... ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ମୁଁ ଏପରି ଏକ ସୋପାନରେ ଆସି ପହଞ୍ଚିଛି, ଯେଉଁଠାରେ କି ଶରୀରର କୋଷଗୁଡ଼ିକ ଲାଗି ମୁଁ ସେହି କାର୍ଯ୍ୟଟିକୁ କରୁଛି; ମାତ୍ର ତଥାପି, ଏହି କାର୍ଯ୍ୟଟି ଅନେକ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ।

ତୁମ୍ଭମାନଙ୍କୁ ହତୋତ୍ସାହିତ କରି ପକାଇବା ଲାଗି ମୁଁ ମୋଟେ ଏସବୁ କଥା କହୁ ନାହିଁ । ଏହା ଯେ ଆପଣାଛାଏଁ ମୋଟେ ଘଟିଯାଏ ନାହିଁ, ତୁମ୍ଭମାନଙ୍କର ଅବଗତିକୁ ସେହି କଥାଟିକୁ ଆଣିବା ଲାଗି ମୁଁ ତାହା କହୁଛି ।

ଏହି ଶରୀର... ଏହି ଶରୀର ଏପରି ଗୋଟିଏ ଉପାଦାନରେ ତିଆରି ହୋଇଛି ଯାହାକି ତଥାପି ଭାରି ଅନମ୍ୟ ଓ କଠିନ ହୋଇ ରହିଛି । ଏବଂ ଯେପରିକି ସେହି ପରମ ଅତିମାନସଙ୍କର ଅଭିବ୍ୟକ୍ତି ସମ୍ଭବ ହୋଇ ପାରିବ, ସେଥିଲାଗି ସେହି ଉପାଦାନଟିକୁହିଁ ବଦଳିଯିବାକୁ ପଡ଼ିବ ।

ଏଥର ବୁଝିଲ ତ ?

# ୧୪ ଫେବ୍ରୁଆରି ୧୯୭୩

ସାନ ପିଲାଙ୍କୁ ନେଇ କାର୍ଯ୍ୟ କରିବାର ବ୍ୟବସ୍ଥାଟିକୁ
ସଂଗଠିତ କରିବାର ଉଦ୍ୟମଟିକୁ ଅବିଚ୍ଛିନ୍ନ ରଖିବାର
ଆବଶ୍ୟକତା ବିଷୟରେ ପଚରା ଯାଇଥିବା ଗୋଟିଏ
ପ୍ରଶ୍ନ ବିଷୟରେ ମାଆ ଏହିପରି ମନ୍ତବ୍ୟ ଦେଇଥିଲେ :

ମାତ୍ର ଏହି କ୍ଷେତ୍ରରେ ଗୋଟିଏ କଥାକୁ ସର୍ବପ୍ରଧାନ ଅସୁବିଧା ବୋଲି କୁହାଯିବ : ସେଇଟି ହେଉଛି ବାପାମାଆଙ୍କ ତରଫରୁ ଉପୁଜୁଥିବା ଅସୁବିଧା । ଯେଉଁସବୁ କ୍ଷେତ୍ରରେ ପିଲାମାନେ ବାପାମାଆଙ୍କ ସହିତ ଏକାଠି ରହନ୍ତି, ସେତେବେଳେ ସେହି ସ୍ଥିତିକୁ ମୁଁ ଏକ ଅସମ୍ଭବ ସ୍ଥିତି ବୋଲି ଭାବେ, କାରଣ, ପିତାମାତା ନିଜେ ଯେପରି ଶିକ୍ଷାଲାଭ କରିଥିଲେ, ସେମାନଙ୍କର ପିଲାଟିକୁ ମଧ୍ୟ ଠିକ୍ ସେହିପରି ଶିକ୍ଷା ମିଳୁ ବୋଲି ସେମାନେ ଇଚ୍ଛା କରୁଥାନ୍ତି । ଏବଂ ସେମାନେ ଇଚ୍ଛା କରନ୍ତି ଯେ ତାଙ୍କ ପିଲାମାନେ ଭଲ ଚାକିରି ପାଆନ୍ତୁ, ପଇସା ରୋଜଗାର କରନ୍ତୁ; ଯାହାକିଛି ଆମ ଅଭୀପ୍ସାଟିର ବିରୋଧୀ ଓ ବିପରୀତ ହୋଇ ରହିଥାଏ, ସେମାନେ ତାହାହିଁ ଇଚ୍ଛା କରୁଥାନ୍ତି ।

ଯେଉଁ ପିଲାମାନେ ବାପାମାଆଙ୍କ ପାଖରେ ଅଛନ୍ତି... ସେମାନଙ୍କ ବିଷୟରେ ଯେ କ'ଣ କରିବାକୁ ହେବ, ମୁଁ ପ୍ରକୃତରେ ସେ ବିଷୟରେ କିଛି ଭାବିପାରୁ ନାହିଁ । ସେହି ପିଲାମାନଙ୍କ ଉପରେ ସେମାନଙ୍କ ବାପାମାଆଙ୍କର ଏତେବେଶୀ ପ୍ରଭାବ ରହିଛି ଯେ, ଶେଷରେ ସେମାନେ ଆଉ ଅନ୍ୟତ୍ର କୌଣସି ବିଦ୍ୟାଳୟକୁ ଚାଲିଯିବା ଲାଗି ମୋ'ଠାରୁ ଅନୁମତି ମଧ୍ୟ ଲୋଡୁଛନ୍ତି ।

ଏବଂ ସବୁ ଅସୁବିଧା ମଧ୍ୟରୁ, ଯେତେ ଅସୁବିଧା ଅଛି, **ସବୁଗୁଡ଼ିକ** ମଧ୍ୟରୁ ସେଇଟି ହେଉଛି ସବୁଠାରୁ ବଡ଼ ଅସୁବିଧା । ବାପାମା'ଙ୍କର ପ୍ରଭାବ ହେଉଛି ସବୁଠାରୁ ବଡ଼ ଅସୁବିଧା । ଏବଂ, ଯଦି ଆମେ ସେହି ପ୍ରଭାବଟିକୁ ନଷ୍ଟ କରିଦେବା ଲାଗି କିଛି କରିବାକୁ ବାହାରିବା, ତେବେ ବାପମାଆମାନେ ଆମକୁ ଘୃଣା କରିବାକୁ ଆରମ୍ଭ କରିବେ ଏବଂ ତା'ଫଳରେ ପରିସ୍ଥିତି ପୂର୍ବାପେକ୍ଷା ଆହୁରି ଅଧିକ ଖରାପ ହୋଇଯିବ । କାରଣ ସେମାନେ ଆମ ବିଷୟରେ ଅନେକ ଅପ୍ରୀତିକର କଥା ବି କହିବେ । ନୁହେଁ ?

ମୋ'ର ଏହି ଅନୁଭୂତି ରହିଛି । ଏହି ବାପମାଆଙ୍କ ସକାଶେହିଁ ଶହେରୁ ଅନେଶତ କ୍ଷେତ୍ରରେ ପିଲାମାନେ ଖରାପ ହେବାକୁ ଆରମ୍ଭ କରିଛନ୍ତି ।

ଏକଥାଟି ମୋତେ ପ୍ରକୃତରେ ଅପରିହାର୍ଯ୍ୟ ବୋଲି ମନେ ହେଉଛି । ଆମେ

ଏପରି ଗୋଟିଏ ଚିଠି ସମସ୍ତଙ୍କ ପାଖକୁ ପଠାଇବା, ଯେଉଁଥିରେ ରହିଥିବ : ''ଯେଉଁ ବାପାମାଆମାନେ ସେମାନଙ୍କର ପିଲାମାନଙ୍କୁ ସାଧାରଣ ମାର୍ଗରେ ଶିକ୍ଷା ଦିଆଯାଉ ବୋଲି ଇଚ୍ଛା କରୁଛନ୍ତି, ସେମାନେ ପାଠପଢ଼ି ଏକ ଭଲ ଚାକିରି ପାଆନ୍ତୁ, ନିଜର ଜୀବନ ନିର୍ବାହ କରିପାରନ୍ତୁ ଏବଂ ନିଜ ଜୀବନରେ ଏକ ଚମତ୍କାର ଭବିଷ୍ୟର ଅଧିକାରୀ ହୁଅନ୍ତୁ ବୋଲି ଇଚ୍ଛା କରୁଛନ୍ତି, ସେମାନେ ଆପଣାର ପିଲାମାନଙ୍କୁ ଏଠାକୁ ପଠାଇବା ଉଚିତ ନୁହେଁ ।'' ବୁଝିଲ ?

ଆମକୁ ଏହା କରିବାକୁ ହେବ... ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଜାଣିଛ, ଏପରି ଅନେକ, ଅନେକ ବାପାମାଆ ଅଛନ୍ତି, ଯେଉଁମାନେ କି ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଏଠାରେ କମ୍ ଖର୍ଚ୍ଚ ପଡ଼ିବ ବୋଲି ନିଜ ପିଲାମାନଙ୍କୁ ଏଠାକୁ ପଠାଇଥାନ୍ତି । ଏବଂ ସେଇଟା ପ୍ରକୃତରେ ସବୁଠାରୁ ଖରାପ କଥା, ସବୁଠାରୁ ଖରାପ କଥା । ଆମକୁ... ଆମକୁ... ଆମକୁ... ସେମାନଙ୍କୁ ସଫା କହିଦେବାକୁ ପଡ଼ିବ : ''ତୁମ ପିଲାମାନେ ବଡ଼ ହୋଇ ଏକ ଚମତ୍କାର ଭବିଷ୍ୟ-ଜୀବିକା ଲାଗି ଉପଯୁକ୍ତ ହୁଅନ୍ତୁ ଓ ପଇସା ରୋଜଗାର କରନ୍ତୁ ବୋଲି ଯଦି ତୁମ୍ଭେମାନେ ଇଚ୍ଛା କରୁଥାଅ, ତେବେ ସେମାନଙ୍କୁ ଏଠାକୁ ପଠାଇବା ମୋଟେ ଉଚିତ ହେବ ନାହିଁ ।''

ବୁଝିଲ ?

*କ : ମାଆ, ଆମେ ସମସ୍ତଙ୍କ ପାଖକୁ ଏହିପରି ଗୋଟିଏ ଚିଠି ଲେଖିବା ଏବଂ ପଠାଇବା ଆଗରୁ ମୁଁ ସେଇଟିକୁ ଆପଣଙ୍କ ଆଗରେ ପଢ଼ି ଶୁଣାଇବି । 'ଖ' ଏବଂ ଅନ୍ୟମାନଙ୍କ ସହିତ ଏକାଠି ବସି ଆମେ ଏହିପରି ଗୋଟାଏ କିଛି ଲେଖିବା ।*

ଏପରି ଅନେକ ପିଲା ଥିଲେ, ଯେଉଁମାନେ ଭାରି ଭଲ କରୁଥିଲେ, ଭାରି ଖୁସିରେ ବି ଥିଲେ । ସେମାନେ ଛୁଟି ସମୟରେ ବାପାମାଆଙ୍କ ପାଖକୁ ଯାଇ ଯେତେବେଳେ ଫେରିଆସିଲେ, ସେତେବେଳେ ଗୋଟାସୁଦ୍ଧା ବଦଳି ଯାଇଥିଲେ, ନଷ୍ଟ ବି ହୋଇ-ଯାଇଥିଲେ । ଏବଂ ଆମେ ଯଦି ସେମାନଙ୍କୁ ଯାଇ ଏହି କଥାଟିକୁ କହିବା, ତଦ୍ଦ୍ୱାରା ଆହୁରି ଖରାପ ହେବ, କାରଣ ସେମାନଙ୍କର ବାପମାଆମାନେ ଆସି ସେମାନଙ୍କୁ କହିବେ, ''ଏ ଲୋକମାନେ ଭାରି ଖରାପ, ସେମାନେ ତୁମ୍ଭମାନଙ୍କୁ ଆମ ବିରୋଧରେ ମତାଇବାକୁ ଇଚ୍ଛା କରନ୍ତି ।'' ତେଣୁ ଏହି କଥାଟି ଅବଶ୍ୟ ହେବା ଉଚିତ, ପିଲାମାନଙ୍କୁ ଏଠାକୁ ପଠାଇବା ପୂର୍ବରୁ ବାପମାଆଙ୍କର ଏହିକଥା ଅବଶ୍ୟ ଜାଣିବା ଉଚିତ ।

ଅନେକ, ଅନେକ, ଅନେକ ବର୍ଷ ଧରି ମୋ'ର ଠିକ୍ ଏହି ଅନୁଭୂତିଟିହିଁ ହୋଇଛି ।

ଅସଲ ବିପଦ ପିଲାମାନେ ନୁହନ୍ତି, ଆଳସ୍ୟ ବି ନୁହେଁ; ପିଲାମାନେ ଯେ ମୋଟେ କଥା ମାନୁ ନାହାନ୍ତି, ସେଇଟି ମଧ୍ୟ ମୋଟେ ଅସଲ ବିପଦ ନୁହେଁ । ବାପାମାଆମାନେ ହେଉଛନ୍ତି ବିପଦ, ସବୁଠାରୁ ବଡ଼ ବିପଦ ।

ଯେଉଁମାନେ ନିଜ ପିଲାମାନଙ୍କୁ ଏଠାକୁ ପଠାଇବେ, ସେମାନେ ସବୁ ଜାଣି ବିଚାର କରି ତାହା କରିବେ; ଏଠାରେ ଯେ ଅନ୍ୟସବୁ ଜାଗା ଅପେକ୍ଷା ଏକ ଅନ୍ୟପ୍ରକାରର ଶିକ୍ଷା ଦିଆଯାଉଛି, ସେମାନେ ସେହି କାରଣରୁହିଁ ପିଲାମାନଙ୍କୁ ଏଠାକୁ ପଠାଇବେ । ଏବଂ ଏପରି ହେଲେ ଅନେକ ପିଲା ଆଉ ଏଠାକୁ ଆସିବେ ନାହିଁ।... ଏବଂ, ଏଠାରେ କମ୍ ଖର୍ଚ୍ଚ ଲାଗୁଛି ବୋଲି ଯେଉଁମାନେ ଏଠାକୁ ଆସୁଛନ୍ତି, ସେମାନଙ୍କୁ ସେମାନଙ୍କର ବାପାମାଆ ଆଉ ଏଠାକୁ ମୋଟେ ପଠାଇବେ ନାହିଁ ।

ଶିକ୍ଷକ ଜଣକ ବିଦାୟ ନେବାକୁ
ଯାଉଥିବା ସମୟରେ ମାଆ ପୁଣି କହିଲେ :

ମୋ'ର ଇଚ୍ଛା... ମୋ'ର ଇଚ୍ଛା ଯେ ଲୋକମାନେ ନିଜ ପିଲାମାନଙ୍କୁ ଏଠାକୁ ପଠାଇବା ପୂର୍ବରୁ ଆମ ବିଦ୍ୟାଳୟର ବିଶେଷ ଦୃଷ୍ଟିକୋଣଟି ବିଷୟରେ ସେମାନଙ୍କୁ ଭଲକରି ଜଣାଇ ଦିଆଯିବା ଉଚିତ । କାରଣ, ଏହା ପ୍ରକୃତରେ ଏକ ଭାରି କ୍ଷୋଭର କଥା ଯେ, ଏଠାକୁ ଆସି ପିଲାମାନେ ଭାରି ଖୁସିରେ ଥିବେ, ମାତ୍ର ସେମାନଙ୍କର ବାପାମାଆ ଖୁସି ନ ଥିବେ; ଏବଂ ସେଥିରୁ କେବଳ ହାସ୍ୟାସ୍ପଦ ଏବଂ ଅନେକ ସମୟରେ ବିପଜ୍ଜନକ ନାନା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଥିବ । ତେଣୁ ଏହି କଥାଟି କରିବା ଭାରି ମହତ୍ତ୍ୱପୂର୍ଣ୍ଣ, ଭାରି ମହତ୍ତ୍ୱପୂର୍ଣ୍ଣ ।

# ୧୮ ଫେବ୍ରୁଆରି ୧୯୭୩

*କ : ଆଜି ରାତିରେ ମୁଁ ଆପଣଙ୍କୁ 'ପ' ଲେଖିଥିବା ଗୋଟିଏ ଚିଠି ପଢ଼ିକରି ଶୁଣାଇବି । ତାଙ୍କ କ୍ଲାସ୍ ବିଷୟରେ ସିଏ ଆମକୁ ଖଣ୍ଡେ ଚିଠି ଲେଖିଦେଇଛନ୍ତି । ଏବର୍ଷ ସିଏ ସାନ ପିଲାଙ୍କୁ ନେଇ କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ତ ଆପଣ ଜାଣନ୍ତି ।*

ଆଚ୍ଛା !

*କ : 'ପ' ଲେଖିଛନ୍ତି : ''ପ୍ରତ୍ୟେକ ଶିଶୁ ଯେପରି ସମଗ୍ର ଭାବରେ ବିକାଶଲାଭ କରି ପାରିବ ଏବଂ ସର୍ବୋପରି ଶିକ୍ଷା କରିବା ଲାଗି ତା'ର ବାସନା ଯେପରି ସ୍ୱତଃସ୍ଫୂର୍ତ୍ତ ହୋଇ ରହି ପାରିବ, ଆମେ ସେହିପରି ଏକ ପରିବେଶ ସମ୍ଭବ କରିବାକୁ ଇଚ୍ଛା କରୁଛୁ ।'' (ତା'ପରେ ପିଲାମାନଙ୍କ ସକାଶେ କେଉଁଭଳି ଖେଳସବୁର ବ୍ୟବସ୍ଥା ରହିବ, ସେମାନଙ୍କ ଲାଗି କିଭଳି ସାମଗ୍ରୀମାନ ତିଆରି କରାଯିବ ଓ ଗୋଷ୍ଠୀଗତ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକର କିପରି ବ୍ୟବସ୍ଥା ହେବ, ଚିଠିରେ ସେହିସବୁ ବିଷୟ ଲେଖାହୋଇଛି ଏବଂ ତା'ପରେ ଉଲ୍ଲେଖ ରହିଛି :) ''ମାତ୍ର, ପିଲାମାନଙ୍କୁ ଏକ ସ୍ୱାଧୀନ ପରିବେଶ ମଧ୍ୟରେ ବିଚରଣ କରିବାକୁ ସୁଯୋଗ ଦେଲେ ସେମାନଙ୍କ ମଧ୍ୟରେ ଯେଉଁ ଯାବତୀୟ ପ୍ରବୃତ୍ତିମାନ ସକ୍ରିୟ ହେବାକୁ ଆରମ୍ଭ କରିଥାଏ, ସେଇଥିରୁ ଏକାଧିକ ଅସୁବିଧାର ମଧ୍ୟ ଉଦ୍ଭବ ହୁଏ । ବିଶେଷକରି ସେମାନେ ଯେପରି ହୋ' ହୋ' ହେବାକୁ ଆରମ୍ଭ କରନ୍ତି ଓ ଏଣେତେଣେ ଚାଲିଯିବାକୁ ଇଚ୍ଛା କରୁଥାନ୍ତି, ସେସବୁକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପ୍ରକୃତରେ କଷ୍ଟକର ହୋଇପଡ଼େ । ଅଳ୍ପଦିନ ତଳେ ସେମାନେ ତ ସେମାନଙ୍କୁ ଦିଆଯାଇଥିବା ଖେଳନା ଯନ୍ତ୍ରପାତିରୁ ଖଣ୍ଡା ଏବଂ ପିସ୍ତଲମାନ ତିଆରି କରିବାକୁ ବି ଆରମ୍ଭ କଲେ ।''*

ଆଚ୍ଛା !

*କ : (ଚିଠିରୁ ପୁନର୍ବାର ପଢ଼ିବାକୁ ଲାଗିଲେ ।) ସେମାନଙ୍କୁ ଆମେ ଏକ ନାଟକ ଅଭିନୟ କରିବାକୁ ଦେବା ଲାଗି ଚେଷ୍ଟା କଲୁ । ଆମେ ଆଶା କରିଥିଲୁ ଯେ*

*ଏହାଦ୍ୱାରା ସେମାନଙ୍କର ଗୋଳମାଳଗୁଡ଼ାକ କ୍ରମେ ବନ୍ଦ ହୋଇ ଆସିବ । ମାତ୍ର ହିଂସା ଲାଗି ସେମାନଙ୍କ ଭିତରେ ଏହି ଯେଉଁ ବାସନା ରହିଛି ଓ ଯୁଦ୍ଧ କରିବା ପାଇଁ ଯେଉଁ ବିଶେଷ ଆଗ୍ରହ ରହିଛି, ଏପରି କି ଡିଟେକ୍‌ଟିଭ୍ ଗପ ଲାଗି ମଧ୍ୟ ଯେଉଁ ଶ୍ରଦ୍ଧା ରହିଛି, ସେବିଷୟରେ ପୁଣି କ'ଣ କରାଯିବ ?''*

ତୁମ ପାଖରେ ଲେଖିବାର ସାମଗ୍ରୀ କିଛି ଅଛି କି ?

*କ : ଅଛି ।*

ଯେପର୍ଯ୍ୟନ୍ତ ମନୁଷ୍ୟମାନେ ସେମାନଙ୍କର ଅହଂ ଏବଂ ବାସନାଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହେଉଥିବେ, ସେପର୍ଯ୍ୟନ୍ତ ସେମାନଙ୍କ ଲାଗି ହିଂସାର ଆବଶ୍ୟକତା ନିଶ୍ଚୟ ରହିବ ।... ହେଲା ?

*କ : ହଁ, ହେଲା ।*

ମାତ୍ର ନିଜ ଉପରେ ଆକ୍ରମଣ ହେଉଥିଲା ବେଳେହିଁ ଏହି ହିଂସାକୁ କେବଳ ଆତ୍ମରକ୍ଷାର ଏକ ସାଧନ ରୂପେ ବ୍ୟବହାର କରାଯାଇ ପାରିବ । ସମସ୍ତ ମାନବଜାତି ଯେଉଁ ଆଦର୍ଶଟି ଆଡ଼କୁ ଅଗ୍ରସର ହୋଇ ଯାଉଛି ଏବଂ ଆମେ ଯେଉଁ ଆଦର୍ଶଟିକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ତଦ୍ଦ୍ୱାରା ଏପରି ଏକ ସନ୍ଦୀପିତ ପାରସ୍ପରିକ ବୋଧ ସମ୍ଭବ ହେବ ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତିର ଯାବତୀୟ ଆବଶ୍ୟକତା ଏବଂ ସାମୂହିକ ଜୀବନରେ ଏକ ସୌଷମ୍ୟର ପ୍ରତିଷ୍ଠା ଲକ୍ଷ୍ୟ ହୋଇ ରହିଥିବ ।

*କ : ବୁଝିଲି ।*

ଭବିଷ୍ୟତରେ ହିଂସା ଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ, କାରଣ ସେତେବେଳେ ସବୁକିଛି ଦିବ୍ୟ ପରମଚେତନାର ଦ୍ୱାରାହିଁ ପରିଚାଳିତ ହେବ, ଯେଉଁଥିରେ କି ପ୍ରତ୍ୟେକ ବସ୍ତୁ ଅନ୍ୟ ପ୍ରତ୍ୟେକ ବସ୍ତୁ ସହିତ ସମଞ୍ଜସତା ସ୍ଥାପନ କରି ଓ ପରିପୂରକ ହୋଇ ରହିବ ।

ହେଲା ?

*କ : ହଁ ମାଆ, ଠିକ୍ ହେଲା ।*

*ତେଣୁ, ସାଧାରଣତଃ, ଯେତେବେଳେ ଏହିସବୁ ଗୋଳମାଳର ସମ୍ମୁଖୀନ ହେବାକୁ ପଡୁଥିବ, ଯେତେବେଳେ ପିଲାମାନେ ଏହିସବୁ କାର୍ଯ୍ୟରେ ଆପଣାକୁ ଲିପ୍ତ ରଖିବାକୁ ମନ କରୁଥିବେ,– 'ପ' ଏକଥା ଆପଣଙ୍କୁ ପଚାରି ପଠାଇଛନ୍ତି – ''ସେତେବେଳେ ଆମେ ସେଗୁଡ଼ିକରେ ହସ୍ତକ୍ଷେପ କରିବା ନା ସେଗୁଡ଼ାକ ଆପେ ଆପେ ଶୀତଳ ହୋଇ ଅନ୍ତର୍ହିତ ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବା ?''*

ତୁମେ ସେତେବେଳେ... ସେତେବେଳେ ତୁମେ ପିଲାମାନଙ୍କୁ ସିଧା ଯାଇ ପଚାରିବ, ''ତା' ହେଲେ ତୁମର କେତେଜଣ ଶତ୍ରୁ ବି ଅଛନ୍ତି ? ଏହି ଶତ୍ରୁମାନେ କିଏ କହିଲ ?''... ସେମାନଙ୍କୁ ତୁମେ ଏହିକଥା ପଚାରିବ... ସେମାନଙ୍କ ଦ୍ୱାରା କିଛି କଥା କୁହାଇବ... କାରଣ ସେମାନେ ପିଲାମାନେ ଭାବନ୍ତି ଯେ... ସୈନ୍ୟବାହିନୀ ସହିତ ଏକ ବଳ ଏବଂ ସୌନ୍ଦର୍ଯ୍ୟ ସଂଯୁକ୍ତ ହୋଇ ରହିଥାଏ, ଏବଂ ପିଲାମାନେ ତାହାକୁ ଅତ୍ୟନ୍ତ ସଘନ ଭାବରେ ଅନୁଭବ କରୁଥାନ୍ତି । ମାତ୍ର ସେମାନଙ୍କର ସେହି ଅନୁଭୂତିଟିକୁ ସଂରକ୍ଷିତ କରି ରଖିବାକୁ ପଡ଼ିବ । ମାତ୍ର, କେବଳ ଏତିକି କଥା ମନେ ରଖିଥିବା ଉଚିତ ଯେ ସୈନ୍ୟବାହିନୀଗୁଡ଼ିକୁ କୌଣସି ଆକ୍ରମଣ କିଂବା ସ୍ଥାନ ଦଖଲର କାର୍ଯ୍ୟରେ ମୋଟେ ବ୍ୟବହାର କରାଯିବ ନାହିଁ, ତାହାକୁ ଆତ୍ମରକ୍ଷା ଲାଗି ବ୍ୟବହାର କରାଯିବ ଏବଂ...

*କ : ଅନ୍ୟକୁ ରକ୍ଷା କରିବା ପାଇଁ ।*

ହଁ, ରକ୍ଷା କରିବା ପାଇଁ । ମୁଁ ସେହିକଥା କହିବାକୁ ଚାହୁଁଥିଲି ।

ପ୍ରଥମ କଥା ହେଉଛି,– କଥାଟିକୁ ଭଲକରି ବୁଝିବାକୁ ଚେଷ୍ଟା କରିବେ : ବର୍ତ୍ତମାନ ଆମେସବୁ ଯେଉଁ ବିଶ୍ୱସ୍ଥିତି ମଧ୍ୟରେ ବାସ କରୁଛୁ, ସେଥିରେ ଅସ୍ତ୍ରଶସ୍ତ୍ରର ତଥାପି ଏକ ଆବଶ୍ୟକତା ରହିଛି । ଏହା ଯେ ସବୁଦିନ ଏପରି ରହିବ ନାହିଁ, ଏହାହିଁ ଯେ ଚୂଡ଼ାନ୍ତ ଅବସ୍ଥା ନୁହେଁ, ଆମକୁ ଯେ ଆହୁରି ଆଗକୁ ଅଗ୍ରସର ହୋଇ ଯିବାକୁ ହେବ, ଆମେ ସେହି କଥାଟିକୁ ଅବଶ୍ୟ ବୁଝି ରଖିବା ।

ଶାନ୍ତି – ଶାନ୍ତି ଓ ସମଞ୍ଜସତା,– ଚେତନାର ପରିବର୍ତ୍ତନ ଘଟିଲେ ଏହାହିଁ ତାହାର ଏକ ସ୍ୱାଭାବିକ ପରିଣାମ ହେବା ଉଚିତ ।

*କ : ସିଏ ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ପଚାରିଛନ୍ତି । ସିଏ ପଚାରିଛନ୍ତି – ଆପଣଙ୍କୁ*

*ମୁଁ ଆଉଥରେ କହିଦେଉଛି ଯେ ସିଏ* ଆଠ ବର୍ଷରୁ ଦଶବର୍ଷ ବୟସର ପିଲାମାନଙ୍କର ଦାୟିତ୍ୱରେ ଅଛନ୍ତି,– ସିଏ ପଚାରିଛନ୍ତି : ''ଅନେକ ପିଲାଙ୍କ କ୍ଷେତ୍ରରେ ଠିକ୍ ଏହି ବୟସରେ ମାନସିକ କ୍ରିୟାଶୀଳତାର ଆବିର୍ଭାବ ଘଟିବାକୁ ଯାଉଥିବାରୁ, ଆମେ କିପରି ଭାବରେ ସେହି କ୍ରିୟାଶୀଳତାଟିକୁ କାମରେ ଲଗାଇ ପାରିବା ଓ ପିଲାମାନଙ୍କର ଅନ୍ତର୍ଗତ ସ୍ୱତଃସ୍ଫୂର୍ତ୍ତତାକୁ କୌଣସି ପ୍ରକାରେ ବ୍ୟାହତ ନ କରି ତାହାର ଅଭିବୃଦ୍ଧିସାଧନ କରି ପାରିବା ?''

ସେହି କଥାଟି ଅନେକ ପରିମାଣରେ ପ୍ରତ୍ୟେକ ପିଲାର ଭୂମି ଓ ତା' ନିଜ ଉପରେ ନିର୍ଭର କରିବ ।

ତୁମେ ତ ଜାଣିଛ, ଭାରତବର୍ଷ ସହିତ ଏହି ଅହିଂସାର ବିଚାରଟି ସଂଯୁକ୍ତ ହୋଇ ରହିଛି; ଏହାଦ୍ୱାରା ଏକ ନୈତିକ ହିଂସାତ୍ମକ ଦୃଷ୍ଟି ଦ୍ୱାରା ଶାରୀରିକ ସ୍ତରର ହିଂସାକୁ ହଟାଇ ଦିଆଯାଇଛି । ମାତ୍ର ଏପରି କରି ଆହୁରି ଅଧିକ ଖରାପ ହୋଇଛି !

ସେମାନଙ୍କୁ ଏହି କଥାଟିକୁ ତୁମେ ବୁଝାଇବାକୁ ଚେଷ୍ଟା କରିବ... ସେମାନଙ୍କୁ ତୁମେ ଏକଥାଟିକୁ କହିପାରିବ ଓ ବୁଝାଇ ଦେବାକୁ ଚେଷ୍ଟା କରିବ ଯେ, ଶାରୀରିକ ଓ ସ୍ଥୂଳ ସ୍ତରର ହିଂସାକୁ ଏକ ନୈତିକ-ସ୍ତରୀୟ ହିଂସାର ବିକଳ୍ପ ଦ୍ୱାରା ହଟାଇ ଦେବାକୁ ବସିଲେ ତଦ୍ଦ୍ୱାରା ଆଦୌ ଅଧିକ ଭଲ ଫଳ ଫଳେ ନାହିଁ ।

ଚଳନ୍ତା ରେଳଗାଡ଼ିକୁ ଅଟକାଇ ରଖିବା ସକାଶେ ଲାଇନ୍ ଉପରେ ଯାଇ ଶୋଇ ରହିବାକୁ ଆମେ ନୈତିକ ସ୍ତରର ଏକ ହିଂସା ବୋଲି କହିବା । ଏଥିରେ ଶାରୀରିକ ସ୍ତରର ହିଂସା ଦ୍ୱାରା ଅଧିକ ଅନିଷ୍ଟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତୁମେ... ତୁମେ ମୋ କଥା ଶୁଣି ପାରୁଛ ତ ?

ମାତ୍ର ଏହି କଥାଟି ପ୍ରତ୍ୟେକ ପିଲାଟି ଉପରେ ନିର୍ଭର କରିବ, ପ୍ରତ୍ୟେକ କ୍ଷେତ୍ରଟି ଉପରେ ନିର୍ଭର କରିବ, ତୁମେ ସେମାନଙ୍କ ଆଗରେ କାହାରି ନାମୋଲ୍ଲେଖ କରିବ ନାହିଁ, ଅମୁକ ବା ଅମୁକ ବ୍ୟକ୍ତି ଏହି କଥା କହିଛନ୍ତି ବୋଲି ଆଦୌ କହିବ ନାହିଁ । ସେମାନେ ବିଚାରଗୁଡ଼ିକୁ ବୁଝିବେ, ପ୍ରତିକ୍ରିୟାଗୁଡ଼ିକୁ ବୁଝିବେ,– ଏହାହିଁ ଆମର ଲକ୍ଷ୍ୟ ହୋଇ ରହିବା ଉଚିତ ।

ତୁମେ... ସେଇଟି ପ୍ରକୃତରେ ଏକ ଉତ୍ତମ ଦୃଷ୍ଟାନ୍ତ... ତୁମେ ସେମାନଙ୍କୁ ବୁଝାଇଦେବ ଯେ ଚଳନ୍ତା ରେଳଗାଡ଼ିକୁ ଅଟକାଇ ଦେବା ଉଦ୍ଦେଶ୍ୟରେ ଗାଡ଼ି ଆଗରେ ଯାଇ ଶୋଇ ରହିବା ଆଦୌ କୌଣସି ଗୁଣରେ କମ୍ ହିଂସାର କଥା ନୁହେଁ । ସେହି ଗାଡ଼ିଟିକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ଆକ୍ରମଣ କରିବାଠାରୁ ମଧ ଏହା ଏକ ଅଧିକ ବଡ଼ ହିଂସା; ବୁଝିଲ, ସେମାନଙ୍କୁ

ଏହିପରି ଅନେକ, ଅନେକ କଥା କୁହାଯାଇ ପାରିବ । ସଂପୃକ୍ତ କ୍ଷେତ୍ରଟି ଉପରେହିଁ ତାହା ପୂର୍ଣ୍ଣତଃ ନିର୍ଭର କରିବ ।

ମୁଁ ନିଜେ ତରବାରି-ଖେଳକୁ ଅନେକ ଉତ୍ସାହ ଦେଇଥିଲି, କାରଣ ତାହା ଏକ କୌଶଳର ଶିକ୍ଷା ଦେଉଥିଲା, ହସ୍ତଚାଳନାରେ ଏକ ନିୟନ୍ତ୍ରଣ ଶିଖାଇ ପାରୁଥିଲା ଏବଂ ହିଂସାର ବ୍ୟବହାର କରିବାରେ ଏକ ଶୃଙ୍ଖଳାଜ୍ଞାନ ମଧ୍ୟ ଆଣି ଦେଉଥିଲା । ଏକଦା ମୁଁ ଅତ୍ୟନ୍ତ ଅଧିକ ପରିମାଣରେ ତରବାରିଖେଳର ସପକ୍ଷରେ ଥିଲି, ଏବଂ ତା'ପରେ ମୁଁ ଗୁଳି ମାରି ଶିଖିଲି, ପିସ୍ତଲ ବି ଚଳାଇଲି । ମୁଁ ରାଇଫଲ୍‌ରୁ ଗୁଳି ମାରୁଥିଲି, କାରଣ ତଦ୍ଦ୍ୱାରା ଏକ ସ୍ଥିରତା ଏବଂ ଏକ କୌଶଳର ଶିକ୍ଷା କରିହୁଏ, ଏକ ଚମତ୍କାର ଦୃଷ୍ଟି-ଅଭିନିବେଶ ବି ଶିକ୍ଷା କରିହୁଏ ଏବଂ ବିପଦର ଭିତରେ ରହିଥିଲେ ମଧ୍ୟ ତାହା ତୁମକୁ ସ୍ଥିର ହୋଇ ରହିବାକୁ ଶିକ୍ଷା ଦିଏ । ମୁଁ ମୋଟେ ବୁଝିପାରୁ ନାହିଁ ଯେ ଆମେ ଏସବୁକୁ କାହିଁକି... ଅତିରିକ୍ତ ଭାବରେ ଅହିଂସା ହୋଇ ରହିବା ଆଦୌ ଆମର ଲକ୍ଷ୍ୟ ହୋଇ ରହିବା ଉଚିତ ନୁହେଁ; ତା'ଦ୍ୱାରା ଯେଉଁ ଚରିତ୍ର ତିଆରି ହୁଏ, ତାହାକୁ କେବଳ ଦୁର୍ବଳ ବୋଲି କୁହାଯାଇ ପାରିବ ।

ଯଦି ସିଏ ପିଲାମାନଙ୍କୁ... ପିଲାମାନେ ପ୍ରକୃତରେ କ'ଣ କରୁଥିଲେ ? କ'ଣ ଖଣ୍ଡା ତିଆରି କରୁଥିଲେ ?

*କ : ହଁ, ଖେଳନା ଯନ୍ତ୍ରପାତିର ସରଞ୍ଜାମରୁ ଖଣ୍ଡା ତିଆରି କରୁଥିଲେ ।*

ତେବେ ସିଏ ସେହି ଅବସରର ସୁଯୋଗ ନେଇ ପିଲାମାନଙ୍କୁ କହିଥାନ୍ତେ, ''ଆରେ ପିଲାଏ, ତୁମ୍ଭମାନଙ୍କର କ'ଣ ତରବାରି ଖେଳ ଶିଖିବାକୁ ମନ ହେଲାଣି କି ?''

ଏବଂ ହାତରେ ପିସ୍ତଲ ଧରିବାକୁ ବି ?

*କ : ବୁଝିଲି ।*

ପିଲାମାନଙ୍କୁ କହିବ... ସେମାନଙ୍କୁ ତୁମେ ପିସ୍ତଲମରା ଶିଖାଇବ... ସେମାନେ ତାହାକୁ ଏକ **କଳା ଓ କୌଶଳ** ଭାବେ ଶିଖନ୍ତୁ, ଏକ କୌଶଳ ରୂପେ ଏବଂ ସ୍ଥିରତା ଏବଂ ଆତ୍ମନିୟନ୍ତ୍ରଣର ଦାବି କରୁଥିବା ଏକ ପ୍ରଶିକ୍ଷଣ ରୂପେ ଗ୍ରହଣ କରନ୍ତୁ... ଏଥିଲାଗି ତୁମେ ଆତଙ୍କିତ ହୋଇ କ'ଣ ମନ କ'ଣ କଦାପି କହି ପକାଇବ ନାହିଁ... ସେଥିରେ ଆଦୌ, ଆଦୌ, ଆଦୌ କୌଣସି ଫଳ ହେବ ନାହିଁ । ମୁଁ ଆଦୌ ସେସବୁର ପକ୍ଷରେ ନୁହେଁ ।

ଆତ୍ମରକ୍ଷାର ଯାବତୀୟ ପଦ୍ଧତିରେ ନିପୁଣ ହୋଇ ପାରିବା ଉଚିତ, ଏବଂ ସେହି ନିପୁଣତା ଲାଭ କରିବା ଲାଗି ସେଗୁଡ଼ିକର ଅଭ୍ୟାସ ମଧ୍ୟ କରାଯିବା ଉଚିତ ।

> ଉତ୍ତର ଫ୍ରାନ୍ସର ଫ୍ଲାଣ୍ଡର୍ସ୍‌ରେ ଲୋକମାନେ ଶିକ୍ଷା କରୁଥିବା ତୀରମାରିବାର ବିଦ୍ୟାଟିର କଥା 'କ' ଏତିକିବେଳେ କହିଥିଲେ । ମାତ୍ର ଯଥାର୍ଥ ଭାବରେ ବୁଝାଇ କହି ନ ପାରିବାରୁ ମାଆ ଭାବିଲେ ଯେ ସିଏ ଖେଳନା ଧନୁରେ ଖେଳନା ତୀର ମାରିବା ବିଷୟରେ କହୁଛନ୍ତି ।

ତେବେ ସେମାନେ ସେଥିରୁ ଚଢ଼େଇ ମାରିବାକୁ ଆରମ୍ଭ କରିବେ...

> *କ : କିନ୍ତୁ ଏଠାରେ ତୀରବିଦ୍ୟା ଶିକ୍ଷା କରିବା ଲାଗି କୌଣସି ସୁବିଧା ନାହିଁ । ତାହାହିଁ ସମସ୍ୟା ।*

ତା' ହେଲେ ସେମାନେ ଅନ୍ୟ କୌଣସି ଦ୍ରବ୍ୟ ନଷ୍ଟ କରିବାରେ ଲାଗିଯିବେ । ମୁଁ ଆଦୌ ଖୁବ୍‌ବେଶୀ... ଯଦି... କିନ୍ତୁ ଯେତେବେଳେ ସେମାନେ ଏକଥାଟିକୁ ସମ୍ପୂର୍ଣ୍ଣଭାବେ ବୁଝିଯିବେ ଯେ, କେବଳ ଆତ୍ମରକ୍ଷା କରିବାର ଏକ ସାଧନ ରୂପେ ସେଇଟିକୁ ଶିକ୍ଷା କରିବାକୁ ହେବ, ଆଉ ଅନ୍ୟ କୌଣସି କାରଣ ପାଇଁ ନୁହେଁ...

ନାଁ — ସେଥିରେ ନାନା ଦୁର୍ଘଟନା ଘଟିବାର ଆଶଙ୍କା ମଧ୍ୟ ରହିଥିବ । ତେଣୁ ଏହା ଏକ ବିଜ୍ଞୋଚିତ କାର୍ଯ୍ୟ ହେବ ବୋଲି ମୁଁ ଆଦୌ ମନେ କରୁ ନାହିଁ । ସେମାନଙ୍କ ଭିତରେ ଏକ ପ୍ରକୃତ ଆଗ୍ରହ ରହିଛି ବୋଲି ଯଦି ତୁମେ ଦେଖିବାକୁ ପାଇବ, ଅର୍ଥାତ୍, ମୁଁ 'ପ'ଙ୍କ ପାଖକୁ ଯେପରି ଲେଖୁଛି, ସେହିପରି ଯଦି କୌଣସି ଲକ୍ଷଣ ଦେଖିବାକୁ ପାଇବ, ତେବେ ତୁମେ ସେମାନଙ୍କୁ ତରବାରି ଖେଳ ଏବଂ ଗୁଳିମରା ଶିଖାଇଦେଇ ପାରିବ । ଯଦି କୌଣସି ପିଲା ସେପରି କରୁଛି ବୋଲି ସିଏ ଦେଖିବାକୁ ପାଇବେ, ତେବେ କଦାପି ମନା... (ସତେଅବା ତ୍ରାସ ଅନୁଭବ କରୁଥିବା ପରି ମାଆ ଦୁଇ ହାତକୁ ଉପରକୁ ଟେକିଦେଲେ) ବରଂ ସିଏ ପିଲାମାନଙ୍କୁ କହିବେ, ପିଲାଙ୍କୁ କିପରି ସବୁକଥା ବୁଝାଇ କହିବାକୁ ହୁଏ, ତାଙ୍କୁ ସେକଥା ଅବଶ୍ୟ ଜଣାଥିବ, ''ଏହାଦ୍ୱାରା ନିଜ ମାଂସପେଶୀଗୁଡ଼ିକ ଉପରେ ତୁମର ନିୟନ୍ତ୍ରଣ ଆସିବ, ଏହାଦ୍ୱରା ତୁମେ ସ୍ଥିର, ବଳବାନ୍ ଏବଂ ଆତ୍ମନିୟନ୍ତ୍ରିତ ହେବା ପାଇଁ ବାଧ୍ୟ ହେବ ।'' ବରଂ, ଏହାକୁ ପିଲାମାନଙ୍କୁ ଏକ ଉତ୍ତମ ଶିକ୍ଷା ଦେବା ଲାଗି ଏକ ଅବସର ରୂପେ ବ୍ୟବହାର କରାଯାଇ ପାରିବ । ମାତ୍ର ଆଗ ନିଜକୁ ମଧ୍ୟ ବୁଝିବାର ସାମର୍ଥ୍ୟ ରହିଥିବା ଦରକାର, ଏବଂ

ସର୍ବୋପରି, ସର୍ବୋପରି ତୁମେ ସେମାନଙ୍କୁ ମଧ୍ୟ ଭଲଭାବରେ ବୁଝାଇଦେଇ ପାରୁଥିବ ।... ସେମାନଙ୍କୁ ବୁଝାଇଦେଇ ପାରୁଥିବ ଯେ ନୈତିକ ସ୍ତରର ହିଂସା-ଆଚରଣ ଶାରୀରିକ ସ୍ତରର ହିଂସାଠାରୁ ଆଦୌ କୌଣସି ଗୁଣରେ କମ୍ ଖରାପ ନୁହେଁ । ଏହା ହୁଏତ ଅନେକ ସମୟରେ ଅଧିକ ଖରାପ ବୋଲିହିଁ ସିଦ୍ଧ ହେବ; ଅର୍ଥାତ୍, ଶାରୀରିକ ସ୍ତରର ହିଂସା-ଆଚରଣ ତୁମକୁ ଅନ୍ତତଃ ବଳବାନ୍ ଓ ଆତ୍ମନିୟନ୍ତ୍ରିତ ହେବାକୁ ବାଧ୍ୟ କରୁଥିବ, ମାତ୍ର ନୈତିକ ସ୍ତରର ହିଂସାଚରଣ... ତୁମେ ଠିକ୍ ଏହିପରି ହୋଇପାରିବ (ମାଆ ସ୍ଥିର ହୋଇ ରହିବାର ଏକ ମୁଦ୍ରା ଦ୍ୱାରା ଏହାକୁ ଦେଖାଇ ଦେଇଥିଲେ) ଏବଂ ତଥାପି ଏକ ଅତି ଭୟଙ୍କର ନୈତିକସ୍ତରୀୟ ହିଂସାର ଆଚରଣ ବି କରିପାର ।

## ୨୪ ଫେବ୍ରୁଆରି ୧୯୭୩

*କ : ଆଜି ସନ୍ଧ୍ୟାରେ ମୁଁ ଆପଣଙ୍କ ଆଗରେ ସେହି ଶିକ୍ଷକଙ୍କର ଆଉ ଗୋଟିଏ ଚିଠି ପଢ଼ାଇ ଶୁଣାଇବାକୁ ଇଚ୍ଛା କରୁଛି । ତାଙ୍କ ପ୍ରଶ୍ନର ଉତ୍ତର ଦେଇ ସେଦିନ ଆପଣ ଯେଉଁ ଉତ୍ତର ଦେଇଥିଲେ, ପ୍ରଶ୍ନଟି ତାହାର ସନ୍ଦର୍ଭରେ ପଚରାଯାଇଛି : ''ଆମେ ଏପରି ଦେଖିବାକୁ ପାଇଛୁ ଯେ କେତେ ପିଲାଙ୍କ ଭିତରେ ଏପରି ଅତ୍ୟନ୍ତ ଶକ୍ତିଶାଳୀ ପ୍ରାଣିକ କ୍ରିୟାଶୀଳ ପ୍ରବୃତ୍ତିମାନ ରହିଛି, ଯାହାକି ଶରୀରସ୍ତରର କୌଣସି ଏକ ଇଙ୍ଗିତର ଅନୁଗାମୀ ରୂପେ ଦେଖା ଦେଉଛି । ଆଉ କେତେକ ପିଲାଙ୍କ କ୍ଷେତ୍ରରେ ତାହା କେବଳ ଏକ କ୍ରୀଡ଼ାର ସ୍ତରରେହିଁ ରହିଛି । ଏପରିକି, ଏମାନଙ୍କ ମଧ୍ୟରେ ଏପରି ପିଲାଟିଏ ବି ଅଛି, ଯିଏ କି ପିଣ୍ଡାଯାକ ଏପାଖ ସେପାଖ ପଲଟଣଙ୍କ ପରି ପାଦ ପକାଇ ଚାଲିବାକୁ ଆରମ୍ଭ କରିଦେଉଛି ଓ ସିଏ ''ମାଆଙ୍କ ପଲଟଣ''ରେ ଜଣେ ସୈନିକ ହେବାକୁ ଯାଉଛି ବୋଲି ଘୋଷଣା ବି କରୁଛି । ଏହିସବୁ ବିଭିନ୍ନ ଦୃଷ୍ଟାନ୍ତ ବିଷୟରେ ଆପଣ ଆମକୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେବେ କି ?''*

କୋଉଠି ପାଦପକାଇ ଚାଲୁଛି ?

*କ : ପିଣ୍ଡା ଉପରେ ।*

ପିଣ୍ଡାଦାଢ଼ରେ ନୁହେଁ ତ ?

*କ : ନାହିଁ । ତା'ପରେ ଫଟ୍‌କରି ଏପାଖକୁ ବୁଲି ପଡୁଛି, 'ସାବଧାନ' ଭଙ୍ଗୀରେ ଛିଡ଼ା ହେଉଛି ଏବଂ କହୁଛି, ''ମାଆଙ୍କ ପଲଟଣରେ ମୁଁ ଜଣେ ସୈନିକ ହେବାକୁ ଯାଉଛି ।''*

ଭାରି ଭଲ କଥା ।

*କ : ଆହୁରି ଆଗକୁ ପଢ଼ିବି ?*

ହଁ ପଢ଼ ।

*କ : ‘‘ଆପଣ ଯେଉଁ ନୈତିକ ସ୍ତରର ହିଂସା-ଆଚରଣ କଥା କହିଛନ୍ତି, ପ୍ରକୃତି ଭିତରେ ରହିଥିବା କେଉଁସବୁ ଉପାଦାନରୁ ଯେ ତାହାର ସମ୍ଭାବନାର ଏକ ସୂଚନା ମିଳିପାରିବ, ସେହି କଥାଟିକୁ ମୁଁ ମୋଟେ ଭଲ କରି ବୁଝି ପାରୁ ନାହିଁ। ଉଦାହରଣସ୍ୱରୂପ, ଯାହାକିଛି ପିଲାର ଖିଆଲଗୁଡ଼ାକୁ ଅଟକାଇ ରଖିବାକୁ ଯାଉଛି ତାହାରି ବିରୋଧରେ ପ୍ରତିରୋଧ ବା ବିଦ୍ରୋହ କରିବା ପାଇଁ ରହିଥିବା ପିଲାର ପ୍ରବୃତ୍ତିଟିକୁ ଆମେ ସେହି କଥା ବୋଲି ବୁଝିବା ନା ତାହା ଆଉ କୌଣସି ଅନ୍ୟ କଥାକୁ ବୁଝାଇବ ? ଏହି ପ୍ରବୃତ୍ତିଟିକୁ ଉଚିତ ମାର୍ଗରେ ପରିଚାଳିତ କରିଦେଇ ପାରିବା ଲାଗି, ଯେପରିକି ପରିଶେଷରେ ସେଥିରେ ଏକ ରୂପାନ୍ତର ସମ୍ଭବ ହୋଇଯିବ, ସେଥିଲାଗି କ’ଣ କରିବାକୁ ପଡ଼ିବ ?*

ମୁଁ ଭାବୁଛି ଯେ ତୁମେ ପିଲାମାନଙ୍କର ଏହି ସାନ ସାନ କାର୍ଯ୍ୟ ଉପରେ ଆଦୌ ଗୁରୁତ୍ୱ ଦେବ ନାହିଁ । ଏସବୁଥିରେ ତୁମେ ଯେତେ ଗୁରୁତ୍ୱ ଦେବ, ତାହାକୁ କରିବା ଲାଗି ସେମାନେ ସେତିକି ବେଶୀ ଉତ୍ସାହିତ ହେବେ । ସେଗୁଡ଼ାକ ଉପରେ ତୁମେ ଆଦୌ ନଜର ଦେବ ନାହିଁ, ସେଗୁଡ଼ାକ ଉପରେ ଆଦୌ କୌଣସି ଗୁରୁତ୍ୱ ଦେଉଥିଲା ପରି ଆଦୌ ସେଗୁଡ଼ିକୁ ଦେଖିବ ନାହିଁ । ଗୁରୁତ୍ୱ ଦେବା ଅପେକ୍ଷା ଏହାରି ଦ୍ୱାରାହିଁ ଅଧିକ ଫଳପ୍ରଦ ଭାବରେ ତୁମେ ସେଗୁଡ଼ିକୁ ଦୂର କରିଦେଇ ପାରିବ । ତୁମେ କଦାପି... ତୁମେ କଦାପି ନିଜର ମହତ୍ତ୍ୱକୁ କିଞ୍ଚିତ୍ ପ୍ରତିଷ୍ଠିତ କରିବାର ଏହି ସାନସାନ କଥା ଉପରେ କୌଣସି ଗୁରୁତ୍ୱ ଦେବ ନାହିଁ । ତୁମ ଆଖିରେ ସେଗୁଡ଼ିକ ଆଦୌ ପଡ଼ିଛି ବୋଲି ଜଣାଇବା ଭଳି ତୁମେ କଦାପି ଏସବୁ ଆଡ଼କୁ ଅନାଇବ ନାହିଁ । ଏହାରି ଫଳରେ ସେମାନଙ୍କର କାର୍ଯ୍ୟକୁ ମିଳୁଥିବା ମନଃସ୍ତରର ସକଳ ସମର୍ଥନ ବିଦୂରିତ ହୋଇଯିବ । ଯଦି କୌଣସି ପିଲା ଅଭିଯୋଗ କଲାପରି କିଛି ବ୍ୟବହାର ଦେଖାଉଛି, ତେବେ ତୁମେ ତା’ ପ୍ରତି ଆଦୌ କୌଣସି ନଜର ଦିଅ ନାହିଁ। ତା’ ଦ୍ୱାରା ତା’ର ସେହି ଅଭିଯୋଗ ପଛରେ ଆଉ କୌଣସି ଫଳପ୍ରଦତା ରହିବ ନାହିଁ । ବୁଝିଲ ?

*କ : ହଁ ମାଆ, ବୁଝିଲି ।*

ପିଲାଙ୍କର ଏହି ସାନ ସାନ କାମକୁ ତୁମେ ଆଦୌ କୌଣସି ନଜର ଦେବ ନାହିଁ। ସର୍ବୋପରି, ମୋଟେ କୌଣସି ଗୁରୁତ୍ୱ ଦେବ ନାହିଁ ।

*କ : କାରଣ, ତୁମେ ସେଗୁଡ଼ିକ ଉପରେ କୌଣସି ଗୁରୁତ୍ୱ ଦେଉଛ ବୋଲି ଜାଣିଲେ ସେମାନେ ସେହି କାର୍ଯ୍ୟଗୁଡ଼ିକୁ ଆଉ ଥରେ କରିବା ଲାଗି ନିଶ୍ଚୟ ପ୍ରଲୁବ୍ଧ ହେବେ ।*

ହଁ, ନିଶ୍ଚୟ ପ୍ରଲୁବ୍ଧ ହେବେ ।

ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ପିଲାମାନେ ସେମାନଙ୍କ ଆଡ଼କୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଆଣିବା ଲାଗି ଇଚ୍ଛା କରୁଥାନ୍ତି । ଛାତ ଉପରକୁ ଯାଇ ଜଣେ ସୈନ୍ୟ ହେବା ପରି ଅଭିନୟ କରୁଥିବା ପିଲାଟିର କଥା ତୁମେ କହୁଥିଲ ନା ?... ସେମାନେ ସେହିପରି କେତେ କେତେ କଥା କରନ୍ତି । ତୁମେ ସେସବୁ ଉପରେ କୌଣସି ଗୁରୁତ୍ୱ ଦେବ ନାହିଁ; ସେମାନେ ଯାହା କରୁଛନ୍ତି, ସେମାନଙ୍କୁ ତାହା କରିବା ଲାଗି ଛାଡ଼ିଦେବ । ସବୁଠାରୁ ବଡ଼ କଥା ହେଉଛି, ସେମାନଙ୍କୁ ମୋଟେ ଗାଳି ଦେବ ନାହିଁ... ଏବଂ ସେଆଡ଼କୁ ମୋଟେ କୌଣସି ଦୃଷ୍ଟି ଦେବ ନାହିଁ ।

ପିଲାମାନେ ହେଉଛନ୍ତି ଭାରି ଦୁର୍ବଳ ସତ୍ତା; ଏବଂ ତେଣୁ ସେମାନେ ଭାବନ୍ତି ଯେ, ଗୋଟାଏ କ'ଣ ଅକୁଶଳତାର କାର୍ଯ୍ୟ କରିଦେଲେ ସେମାନେ ନିଜ ଆଡ଼କୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ଆଣି ପାରିବେ । ସେଥିରେ ଯେ ପ୍ରକୃତରେ କୌଣସି ଫଳ ହୁଏ ନାହିଁ, ସେମାନଙ୍କୁ ତାହାର ପ୍ରମାଣ ମିଳିପାରିବା ଉଚିତ ।

*କ : ଏବଂ, ଆମେ ସେମାନଙ୍କୁ ମୋଟେ ଗାଳି ଦେବା ନାହିଁ, ନୁହେଁ କି ?*

ହଁ, ବିଶେଷତଃ ଆଦୌ କୌଣସି ଗାଳି ଦେବା ନାହିଁ । ସର୍ବୋପରି, ସେମାନଙ୍କୁ କୌଣସି ଗାଳି ଦେବା ନାହିଁ । ତଦ୍ୱାରା, ଛାତ୍ର ଓ ଶିକ୍ଷକ ଏକାଭଳି ଖରାପ ବୋଲି ସାବ୍ୟସ୍ତ ହୋଇଯାଏ । ପିଲାକୁ ଗାଳି ଦେଲାବେଳେ ଶିକ୍ଷକ ଏହିପରି ଏକ ଧାରଣା ସୃଷ୍ଟି କରେ ଯେ... ସିଏ ଆପଣାର କ୍ରୋଧକୁ ସଂବରଣ କରି ପାରେ ନାହିଁ । ସେଥିରୁ ଜଣାପଡ଼ିଯାଏ ଯେ ସିଏ ନିଜେ ମଧ୍ୟ ସେହି ଛାତ୍ରର ସ୍ତରରେହିଁ ରହିଛି । ତେଣୁ ସବୁବେଳେ କିପରି ହସି ପାରିବାକୁ ହେବ, ତାହାର କଳାଟିକୁ ଜାଣିଥିବା ଉଚିତ ।

*କ : ସେଇଟା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ।*

ହଁ, ଅତ୍ୟନ୍ତ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ।

ଶ୍ରୀଅରବିନ୍ଦଙ୍କର ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' ପୁସ୍ତକରୁ 'ଖ' ଗୋଟିଏ ପାରା ପାଠକଲେ :

*''ଅତିମାନସ ମୂଳତଃ ହେଉଛି ଋତ-ଚିତ୍; ଯେଉଁ ଅଜ୍ଞାନ ଆମର ବର୍ତ୍ତମାନର ଏହି ପ୍ରକୃତିଗତ ବା ବିବର୍ତ୍ତନସାପେକ୍ଷ ଜୀବନର ମୂଳଦୁଆ ହୋଇ ରହିଛି ଏବଂ ଯେଉଁ ଅଜ୍ଞାନ ମଧ୍ୟରୁ ଆମ ଭିତରେ ରହିଥିବା ପ୍ରକୃତି ଆତ୍ମ-ଜ୍ଞାନ, ବିଶ୍ୱଜ୍ଞାନ ଏବଂ ଏକ ଯଥାର୍ଥ ଚେତନା ଓ ବିଶ୍ୱରେ ଆମ ଜୀବନର ଯଥାର୍ଥ ଉପଯୋଗ କରି ପାରିବାର ସ୍ତରରେ ଯାଇ ଉପନୀତ ହେବାକୁ ଇଚ୍ଛା କରୁଛି, ଏହି ଚେତନା ସେହି ଅଜ୍ଞାନରୁ ସର୍ବଦା ମୁକ୍ତ ହୋଇ ରହିଛି । ଅତିମାନସ ଏକ ଋତ-ଚିତ୍ ହୋଇ ଥିବାରୁ ତାହା ମଧ୍ୟରେ ଏହି ଜ୍ଞାନ ଅନ୍ତର୍ନିହିତ ହୋଇ ରହିଛି, ଯଥାର୍ଥ ଜୀବନର ଶକ୍ତିଟି ମଧ୍ୟ ତା' ଭିତରେ ଅନ୍ତର୍ନିହିତ ହୋଇ ରହିଛି । ଅବକ୍ର ଗତିପଥ ଧରି ତାହା ସିଧା ଆପଣାର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବ । ତାହାର କ୍ଷେତ୍ର ଏକ ପ୍ରଶସ୍ତ କ୍ଷେତ୍ର ଏବଂ ତାହାକୁ ଏକ ଅସୀମ କ୍ଷେତ୍ରରେ ମଧ୍ୟ ଅବଶ୍ୟ ପରିଣତ କରିଦେଇ ହେବ । ଏହାର କାରଣ ହେଉଛି ଯେ ଜ୍ଞାନହିଁ ତାହାର ସ୍ୱଭାବଗତ ଧର୍ମ ହୋଇ ରହିଛି; ତେଣୁ ତାହାକୁ ଆଦୌ କୌଣସି ଜ୍ଞାନକୁ ଅର୍ଜନ କରିବାକୁ ପଡ଼େ ନାହିଁ, ମାତ୍ର ଏକ ସ୍ୱାଧିକାର ବଳରେହିଁ ତାହା ସେହି ଜ୍ଞାନର ଅଧିକାରୀ ହୋଇ ରହିଥାଏ । ଅବିଦ୍ୟା ଏବଂ ଅଜ୍ଞାନ ମଧ୍ୟରୁ କୌଣସି ଅପୂର୍ଣ୍ଣ ଆଲୋକ ମଧ୍ୟକୁ ତାହାକୁ କଦାପି ଆପଣାର ପାଦ ପକାଇବାକୁ ପଡ଼େ ନାହିଁ, ତାହା ସତ୍ୟରୁହିଁ ବୃହତ୍ତର ସତ୍ୟ ମଧ୍ୟକୁ ଅଗ୍ରସର ହୋଇ ଯାଉଥାଏ । ଯଥାର୍ଥ ବୋଧରୁ ଗଭୀରତର ବୋଧ ମଧ୍ୟକୁ ସଂବୋଧରୁ ସଂବୋଧକୁ, ସନ୍ଦୀପନ ମଧ୍ୟରୁ ଏକ ସମ୍ପୂର୍ଣ୍ଣ ଏବଂ ସୀମାହୀନ ଆଲୋକମୟତା ମଧ୍ୟକୁ ଏବଂ ଅଭିବୃଦ୍ଧିଶାଳୀ ନାନା ପ୍ରଶସ୍ତତା ମଧ୍ୟରୁ ପରିପୂର୍ଣ୍ଣ କେତେକେତେ ବ୍ୟାପ୍ତି ଏବଂ ପ୍ରକୃତରେ ସେହି ଅନନ୍ତତା ମଧ୍ୟକୁ ଅଗ୍ରସର ହୋଇ ଯାଉଥାଏ । ଆପଣାର ଶିଖରଦେଶରେ ତାହା ଦିବ୍ୟ ସର୍ବଜ୍ଞତା ଏବଂ ସର୍ବଶକ୍ତିମତ୍ତାର ଅଧିକାରୀ ହୋଇ ରହିଥାଏ; ମାତ୍ର, ଆତ୍ମ-ଅଭିବ୍ୟକ୍ତିର ଯେଉଁ କ୍ରମସୋପାନକ୍ରମରେ ତାହା ପରିଶେଷରେ ଆପଣାର ସର୍ବୋଚ୍ଚ ଉଚ୍ଚତାଗୁଡ଼ିକର ଉଦ୍‌ଘାଟନ ଘଟାଇବାକୁ ଯାଉଛି, ତାହାର ଏକ ବିବର୍ତ୍ତନାତ୍ମକ ଗତିପଥରେ ମଧ୍ୟ ତାହା ସ୍ୱଭାବନିର୍ଦ୍ଦିଷ୍ଟ ଭାବରେ ମର୍ମତଃ ଯାବତୀୟ ଅଜ୍ଞାନ ଏବଂ ପ୍ରମାଦରୁ ଅବଶ୍ୟ ମୁକ୍ତ ହୋଇ ରହିବ । ସତ୍ୟ ଏବଂ ଆଲୋକରୁହିଁ ତାହାର ଯାତ୍ରା ଆରମ୍ଭ ହୁଏ ଏବଂ ତାହା ଅବିରତ ସେହି ସତ୍ୟ ଏବଂ ଆଲୋକ ମଧ୍ୟରେହିଁ ଗତି କରିବାରେ*

*ଲାଗିଥାଏ । ତାହାର ଜ୍ଞାନ ସର୍ବଦା ସତ୍ୟମୟ ହୋଇ ରହିଥାଏ, ତାହାର ଇଚ୍ଛା ମଧ୍ୟ ସର୍ବଦା ସତ୍ୟଦୀପ୍ତ ହୋଇ ରହିଥାଏ । ବସ୍ତୁଗୁଡ଼ିକୁ ବ୍ୟବହାର କରୁଥିବା ସମୟରେ ତାହା କଦାପି କୌଣସି ପ୍ରକାରେ କୁଣ୍ଠାଗ୍ରସ୍ତ ହୁଏ ନାହିଁ, ଆଗକୁ ଆପଣାର ଚରଣପାତରେ ମଧ୍ୟ କଦାପି କୁଣ୍ଠାଗ୍ରସ୍ତ ହୋଇପଡ଼େ ନାହିଁ । ଅତିମାନସର ଭୂମିରେ ଅନୁଭୂତି ତଥା ସଂବେଗ କଦାପି ଆପଣାର ସତ୍ୟଠାରୁ ସ୍ଖଳିତ ହୋଇପଡ଼ନ୍ତି ନାହିଁ, କୌଣସି ପ୍ରକାରେ ବିଚ୍ୟୁତ ହୁଅନ୍ତି ନାହିଁ ଅଥବା ଭୁଲ୍ କରନ୍ତି ନାହିଁ; ଯଥାର୍ଥ ଏବଂ ଉଚିତରୁ ସେମାନେ କଦାପି ବିଚଳିତ ହୋଇ ଯାଆନ୍ତି ନାହିଁ, ସୌନ୍ଦର୍ଯ୍ୟ ଏବଂ ଆନନ୍ଦର କୌଣସି ଦୁରୁପଯୋଗ କରନ୍ତି ନାହିଁ ବା ଏକ ଦିବ୍ୟ ଔଚିତ୍ୟଠାରୁ କଦାପି ପଥଭ୍ରଷ୍ଟ ହୋଇ ଚାଲିଯାଆନ୍ତି ନାହିଁ । ବର୍ତ୍ତମାନର ଏହି ଜୀବନରେ ଯାହା ଆମ ଇନ୍ଦ୍ରିୟଭୂମିର ଏକ ସ୍ୱାଭାବିକ ଅପୂର୍ଣ୍ଣତା ହୋଇ ରହିଛି ଓ ଯାହା ଆମକୁ ଅଜ୍ଞାନବଶ ଭାବରେ ନାନା ଗ୍ଲାନି, ଅବିଶ୍ୱାସ ଏବଂ ଅସଦ୍‌ବ୍ୟବହାର ମଧ୍ୟରେ ପକାଇ ରଖିଛନ୍ତି, ଅତିମାନସର ସ୍ତରକୁ ଆସି ଆମର ଇନ୍ଦ୍ରିୟ ଆମକୁ କଦାପି ସେହିସବୁ ସ୍ଥୂଳତା ମଧ୍ୟକୁ ବିଚ୍ୟୁତ ବା ଭ୍ରଷ୍ଟ କରି ନେଇ ଯାଏ ନାହିଁ । ଅତିମାନସର ଏକ ଅସମ୍ପୂର୍ଣ୍ଣ ଉକ୍ତି ମଧ୍ୟ ଏକ ସତ୍ୟ ରୂପେ ଆମକୁ ଆଉ ଗୋଟିଏ ସତ୍ୟ ଆଡ଼କୁ ବହନକରି ନେଉଥାଏ, ତାହାର ଯେକୌଣସି ଅପୂର୍ଣ୍ଣତାଯୁକ୍ତ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣତା ଆଡ଼କୁ ଏକ ସୋପାନ ରୂପେ କାର୍ଯ୍ୟ କରେ । ଅତିମାନସର ଯାବତୀୟ ଜୀବନଚର୍ଯ୍ୟା, କର୍ମ ଏବଂ ନେତୃତ୍ୱ ସ୍ୱଭାବତଃହିଁ ଆମର ଏହି ସ୍ତରରେ ଆମର ଭାଗ୍ୟ ହୋଇ ରହିଥିବା ସକଳ ମିଥ୍ୟା ଏବଂ ସକଳ ଅନିଶ୍ଚୟତାର କବଳରୁ ସୁରକ୍ଷିତ ଓ ମୁକ୍ତ ହୋଇ ରହିଥାଏ । ତାହା ଅତ୍ୟନ୍ତ ଆପଦଶୂନ୍ୟ ଭାବରେ ଆପଣାର ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାରେ ଲାଗିଥାଏ । ଆପଣାର ସେହି ସୁଦୃଢ଼ ଭିତ୍ତିଟି ଉପରେ ଏଠାରେ ଯେତେବେଳେ ସେହି ଋତଚିତ୍‌ର ପ୍ରତିଷ୍ଠା ହୋଇଯିବ, ସେତେବେଳେ ଦିବ୍ୟ ଜୀବନର ବିବର୍ତ୍ତନ ଏକ ସୁଖଦ ଅଗ୍ରଗତିରେ ପରିଣତ ହୋଇଯିବ, ଆଲୋକର ମଧ୍ୟଦେଇ ତାହା ସେତେବେଳେ ପରମ ଆନନ୍ଦ ମଧ୍ୟକୁ ଅଗ୍ରସର ହୋଇଯିବ ।''**

ଏହି କଥାଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଅତିମାନସର ଅଭିବ୍ୟକ୍ତି ଘଟାଇବା ବିଷୟରେ ଯେଉଁ ବ୍ୟକ୍ତିମାନେ ଛଳନା କରି କେତେ କ'ଣ କହନ୍ତି, ସେମାନେ ସମସ୍ତେ ଏଥିରେ ନିଶ୍ଚୟ ଶାନ୍ତ ହୋଇ ଯିବେ ।

---

* ଇଂରେଜୀ ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃଷ୍ଠା ୪୧-୪୨ ।

*(ମାଆ ନୀରବ ରହିଲେ)*

*ଖ : ଆଜି ରାତିରେ ଏଇଠି ଥାଉ, ମାଆ !*

ଭଲକଥା । ଏସବୁ କେଉଁଠାରେ ଛାପିବାକୁ ଦେବ ?

*ଖ : ସାନପିଲାଙ୍କ ସକାଶେ ମୁଁ ପ୍ରସ୍ତୁତ କରୁଥିବା ଗୋଟିଏ ବହିରେ ।*

ଭାରି ଭଲକଥା ।... ଏହା ପ୍ରକୃତରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଅରୋଭିଲ୍‌ରେ ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଅତିମାନସର ଅଭିବ୍ୟକ୍ତି ଘଟାଇବା ଆରମ୍ଭ କରିଦେଲେଣି ବୋଲି ମନେ ମନେ ଭାରି ଭାବୁଛନ୍ତି । ଏବଂ, ଏହା ସତ୍ୟ ନୁହେଁ ବୋଲି ତୁମେ ଯେତେବେଳେ ସେମାନଙ୍କୁ ଯାଇ କହିବ, ସେମାନେ ତୁମ କଥାକୁ ମୋଟେ ବିଶ୍ୱାସ କରିବେ ନାହିଁ । ସେମାନଙ୍କର ଏହି କଥାଗୁଡ଼ିକୁ ନିଶ୍ଚୟ ପଢ଼ିବା ଉଚିତ । ଏହି ବିଷୟଟିକୁ ପ୍ରତ୍ୟେକର ପଢ଼ିବା ଉଚିତ ।

*କ : ମାଆ, ସେମାନଙ୍କୁ ଥରେ ଯାଇ ମୁଁ ଶ୍ରୀଅରବିନ୍ଦଙ୍କ ବିଷୟରେ କିଛି କହି ପାରିବି କି ନାହିଁ, ସେମାନେ ମୋତେ ଏବେ ସେକଥା ପଚାରୁଥିଲେ । ମୁଁ ଭାବୁଛି, ସେହି ସୁବିଧାଟିକୁ ଗ୍ରହଣ କରି ମୁଁ ସେମାନଙ୍କ ଆଗରେ ଏହି ପାରାଟିକୁ ନେଇ ପଢ଼ିଦେବି ।*

ବାଃ... ତା'ହେଲେ ଭାରି ଭଲ କଥା ହେବ । ତୁମେ ଖୁବ୍ ଆସ୍ତେ ଆସ୍ତେ ପଢ଼ିବ, ଯେପରିକି ତାହାକୁ ଭଲ ଭାବରେ ଶୁଣି ପାରିବାକୁ ସେମାନେ ଯଥେଷ୍ଟ ସମୟ ପାଇବେ ।

## ୨୬ ଫେବ୍ରୁଆରି ୧୯୭୩

'କ' ମାଆଙ୍କ ଆଗରେ କେତେକ ପ୍ରଶ୍ନ ଆଣି ପାଠ କଲେ । ସେଗୁଡ଼ିକ ଶିକ୍ଷକମାନେ ଉତ୍ତର ଦେବାକୁ ତିଆରି ହୋଇଥିଲା ।

*କ : ଏଥିରେ ଥିବା ଶେଷ ପ୍ରଶ୍ନଟି ହେଉଛି : ''ମାଆ ଲେଖିଥିଲେ ଯେ ପିଲାର ମନ ଭିତରେ ଖେଳ ଆଉ କାମ ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ରହିବା ଉଚିତ ନୁହେଁ । ବିଶେଷ କରି ସାନ ପିଲାଙ୍କ ମନରେ ଏହା ରହିବା ମୋଟେ ଉଚିତ ନୁହେଁ । କାରଣ, ସେମାନେ ନିଜ ଆଗ୍ରହ ଦ୍ୱାରା ପ୍ରେରିତ ହୋଇହିଁ ଶିକ୍ଷାର ଆନନ୍ଦକୁ ଲାଭ କରିବେ । ତୁମ ମତରେ କ'ଣ କଲେ ଆମର ଏଠି କାମ ଓ ଖେଳ ଭିତରେ ସେହି ପାର୍ଥକ୍ୟଟି ରହିବ ନାହିଁ ବୋଲି ତୁମେ ଭାବୁଛ ? ତୁମର ଏବିଷୟରେ କୌଣସି ପ୍ରସ୍ତାବ ଅଛି କି ?''*

ବାପାମାଆ ଏବଂ ସେମାନଙ୍କର ଆଖିରେ **ସ୍କୁଲ୍ ଯେପରି ଦେଖାଯାଏ, ସେମାନେ ଯେପରି ପିଲାମାନଙ୍କୁ ସ୍କୁଲ୍‌ଯିବା ବିଷୟରେ** କହିଥାନ୍ତି, ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ''ତୁ ବର୍ତ୍ତମାନ ସ୍କୁଲ୍‌କୁ ଯାଉଛୁ, ବର୍ତ୍ତମାନ ସ୍କୁଲରୁ ଆସୁଛୁ... ଆଜି ଆମେ ଅମୁକ ଖେଳ ଖେଳିବା... ଆଜି ଅମୁକ ଖେଳ ଖେଳିବା''– ପିଲାମାନଙ୍କୁ ଏପରି କଥା ଯେତେ ନ କହିବ, ସେତେ ଭଲ । ତେଣୁ ଏହିପରି କହିବାକୁ ହେବ । କିନ୍ତୁ ବାପାମାଆଙ୍କ କଥା କ'ଣ ହେବ ? ଯେଉଁମାନଙ୍କର ବାପାମାଆ ଏଠାରେ ନାହାନ୍ତି, ସେମାନେ...

*କ : ସେମାନେ ପ୍ରକୃତରେ ଭାଗ୍ୟବାନ୍ ।*

ହଁ, ଭାରି ଭାଗ୍ୟବାନ୍ ।

ମାଆ ନିଜେ ଶିକ୍ଷକମାନଙ୍କୁ କୌଣସି ପ୍ରଶ୍ନ ପଚାରିବେ କି ନାହିଁ, କିଛି ସମୟ ପରେ 'କ' ମାଆଙ୍କୁ ସେକଥା ପଚାରିଲେ । ଅନେକ ସମୟ ନୀରବ ରହିବା ପରେ ମାଆ ଈଷତ୍ ହସି ଉତ୍ତର ଦେଲେ :

ମୋ ମୁଣ୍ଡରେ ଆଉ କିଛି ନାହିଁ ।

## ୧୪ ମାର୍ଚ୍ଚ ୧୯୭୩

'ଖ' ମାଆଙ୍କ ପାଖରେ ଜଣେ ଶିକ୍ଷକ ଲେଖିଥିବା ଖଣ୍ଡେ ଚିଠି ପଢ଼ି ଶୁଣାଇଲେ । ସେହି ଚିଠିରେ ସେ କହିଥିଲେ ଯେ ''ଏସବୁ ଉତ୍ତେଜନା ମଧ୍ୟରୁ ବାହାରି ଯାଇ ଏହି ବର୍ଷକ ଲାଗି ସ୍କୁଲ୍ ଛାଡ଼ି ସେ ଅନ୍ୟତ୍ର ଯିବାକୁ'' ଇଚ୍ଛା କରୁଛନ୍ତି । ତା'ପରେ କେଉଁ ପରିସ୍ଥିତିରେ ପଡ଼ି ସେ ଏପରି ଏକ ନିଷ୍ପତ୍ତି କରୁଛନ୍ତି, ମାଆଙ୍କୁ ସେ କଥା ବୁଝାଇ ଦିଆଗଲା ।

ମୁଁ ଏସବୁ ବିଷୟରେ ମୋଟେ କିଛି ବୁଝିପାରୁ ନାହିଁ । ମୋ ଲାଗି ସେଗୁଡ଼ିକ ହେଉଛି... ଏବିଷୟରେ 'କ' କ'ଣ କହୁଛନ୍ତି ?

*କ : ମାଆ, ଏବିଷୟରେ ମୁଁ ଆପଣଙ୍କୁ କ'ଣ ଯେ କହିବି, ସେକଥା କିଛି ବୁଝିପାରୁ ନାହିଁ ।*

କିନ୍ତୁ, କ'ଣ ହୋଇଛି ସେକଥା ତ ପୁଣି ମୋତେ କହିବ ! ତୁମ ନିଜର ଏ ବିଷୟରେ କ'ଣ ଧାରଣା ହେଉଛି ? ମୋତେ ଲାଗୁଛି ଯେ ବର୍ତ୍ତମାନ ସ୍କୁଲ ଭିତରେ ବିଭ୍ରାନ୍ତିର ଏକ ଭାବ ଆସି ପଶିଯାଇଛି ଏବଂ ସେଇଥିରୁ... ସେମାନେ ସମସ୍ତେ ଗୋଟିଏ କଥା ଚାହୁଁଛନ୍ତି, ମାତ୍ର ପ୍ରତ୍ୟେକେ ଅଲଗା ଅଲଗା ଶବ୍ଦରେ ତାହାକୁ ବ୍ୟକ୍ତ କରୁଥିବାରୁ ସେହି ଶବ୍ଦଗୁଡ଼ିକ ମଧ୍ୟରେହିଁ ଟକ୍କର ହେଉଛି । ମୁଁ ଜାଣିଛି ଯେ ସେମାନଙ୍କ ଭିତରେ ଏକ ଅତ୍ୟନ୍ତ ସଦୃଶ ଅଭୀପ୍ସା ରହିଛି, ମାତ୍ର ପ୍ରତ୍ୟେକେ ନିଜ ନିଜ ଭାଷାରେ ତାହାକୁ ବ୍ୟକ୍ତ କରୁଛନ୍ତି ଏବଂ ତେଣୁ ସେହି ଭାଷାଗୁଡ଼ିକ ଭିତରେ କୌଣସି ସମଞ୍ଜସତା ରହୁ ନାହିଁ ଏବଂ ତେଣୁ ସେମାନେ କେବଳ ଖାଲିଟାରେ ଯୁକ୍ତି କରିବାରେ ଲାଗିଛନ୍ତି । ତେଣୁ ମୁଁ ଭାବୁଛି, ଏହି ପରିସ୍ଥିତିରେ ସମସ୍ତେ କିଛି ସମୟ ସକାଶେ ଚୁପ୍ ରହିଗଲେହିଁ ସବୁଠାରୁ ଭଲ ହେବ । ଆଚ୍ଛା ତୁମର କ'ଣ ସମାଧାନ ଅଛି, ମୋତେ କହିବଟି !

ମୁଁ ବି, ଯେଉଁ ବ୍ୟକ୍ତିମାନେ... ଯେଉଁମାନେ ମୋ ସହିତ ଅଛନ୍ତି, ସେମାନଙ୍କ ସହିତ ମୋର କୌଣସି ଅସୁବିଧା ହୋଇ ନାହିଁ; ଏବଂ ବର୍ତ୍ତମାନ ମନେ ହେଉଛି, ଆମେ ସମସ୍ତେ ଯେପରି ଭିନ୍ନ ଭିନ୍ନ ଭାଷାରେ କଥାବାର୍ତ୍ତା କରିବାକୁ ଆରମ୍ଭ କଲୁଣି ।

*କ : ଏବଂ, ଯେଉଁସବୁ କଥା ଆମକୁ ପରସ୍ପରର ଅଧିକ ନିକଟବର୍ତ୍ତୀ କରାଇ*

*ଆଣନ୍ତା, ସେଗୁଡ଼ିକ ଉପରେ ଜୋର ନ ଦେଇ ଆମେ କେବଳ ନିଜ ନିଜ ଭିତରେ ରହିଥିବା ପାର୍ଥକ୍ୟଗୁଡ଼ିକ ଉପରେହିଁ ଜୋର ଦେବାରେ ଲାଗିଛୁ । ତେଣୁ...*

ହଁ, ସେମାନେ ସେଇଗୁଡ଼ାକ ଉପରେହିଁ ଅଧିକ ଜୋର ଦେଉଛନ୍ତି । ମାତ୍ର ମୋ’ ଉପରେ ଏହାର କିମ୍ଭୂତ ପ୍ରଭାବ ପଡୁଛି । ମୋତେ ଲାଗୁଛି, ସତେ ଯେପରି ମୁଁ ଅସୁସ୍ଥ ହୋଇ ପଡ଼ିଛି । କିନ୍ତୁ, ମୋ’ର ତ କେଉଁଠି କିଛି ଖରାପ ହୋଇ ନାହିଁ । ମୁଁ ପୂରା ଭଲ ଅଛି, ଏବଂ ସେହି କଥାଟିହିଁ ମୁଁ ସତେଅବା ଅସୁସ୍ଥ ହୋଇ ପଡ଼ିଛି ବୋଲି ଏକ ଅନୁଭୂତି ଆଣି ଦେଉଛି ।

*କ : ଏହାକୁ ଅସମଞ୍ଜସତାଜନିତ ଏକ ସ୍ପନ୍ଦନ ବୋଲି କୁହାଯିବ ।*

ହଁ, ପ୍ରକୃତ ପକ୍ଷରେ ଏହାକୁ ସାଧାରଣ ମାନସିକ ଚେତନାର ଭୂମିରୁ ଅତିମାନସ ଚେତନାର ଭୂମିକୁ ଅତିକ୍ରମ କରୁଥିବା ଜନିତ ଏକ ମଧ୍ୟବର୍ତ୍ତୀ କାଳୀନ ଅବସ୍ଥା ବୋଲି କୁହାଯିବ । ଅତିମାନସ ଚେତନାର ଉପସ୍ଥିତିରେ ମାନସିକ ଚେତନା ପ୍ରକୃତରେ ଭାରି ଆତଙ୍କିତ ହୋଇପଡ଼ିଛି । ମୋତେ ଲାଗୁଛି ଯେ,– ଏସବୁ ମୋ’ ଭିତରକୁ କିପରି ଆସୁଛି, ମୁଁ ତୁମକୁ ସେହି କଥା କହିବି,– ମୋତେ ଲାଗୁଛି ଯେ ହୁଏତ ଯେକୌଣସି ମୁହୂର୍ତ୍ତରେ ମୃତ୍ୟୁ ଆସି ପହଞ୍ଚିଯିବ । ଏହି ସ୍ପନ୍ଦନଟି ପ୍ରକୃତରେ ଏଡ଼େ ଅନ୍ୟପ୍ରକାର ଭାବରେ ମୋ’ ଭିତରକୁ ଆସୁଛି । ଏବଂ, ମୁଁ ଯେତେବେଳେ ଏକାନ୍ତ ସ୍ଥିର ହୋଇ ରହୁଛି, କେବଳ ସେତିକିବେଳେ ଏପରି ହେଉଛି ।... ମୋ’ର ସତ୍ତା, ମୋ’ର ଚେତନା... ଏହି ପୁରାତନ ଚେତନା... ଏଇଟାକୁ ମୋଟେ ମାନସିକ ଚେତନା ବୋଲି କହିହେବ ନାହିଁ; ମାତ୍ର ତଥାପି – ସେହି ପୁରାତନ ଚେତନାଟାହିଁ ତା’ ନିଜ ମନ୍ତ୍ରଟିକୁ ଜପିବାରେ ଲାଗିଛି । ହଁ, ତା’ର ବି ଗୋଟିଏ ମନ୍ତ୍ର ଅଛି ଓ ସିଏ ସେହି ମନ୍ତ୍ରଟିକୁ ଜପିବାରେ ଲାଗିଛି । ଏବଂ, ଏହିପରି ଭାବରେ ତାହା ଏକ ପୃଷ୍ଠଭୂମି ଭାବରେ ରହିଛି, ସଂସ୍ପର୍ଶରେ ଏକ ବିନ୍ଦୁ ପରି ହୋଇ ରହିଛି... ଭାରି ଅଦ୍ଭୁତ କଥା... ଏବଂ, ତା’ର ଆହୁରି ସେପାଖକୁ ଆହୁରି ଏକ ବସ୍ତୁ ରହିଛି, ଯାହାକି ଆଲୋକମୟ ହୋଇ ରହିଛି, ଶକ୍ତିରେ ପରିପୂର୍ଣ୍ଣ ହୋଇ ରହିଛି । ମାତ୍ର ତାହାର ସବୁକିଛି ଏତେ ଅଧିକ ପରିମାଣରେ ନୂତନ ଲାଗୁଛି ଯେ ତାହା ପ୍ରାୟ ଏକ ଆତଙ୍କ ସୃଷ୍ଟି କରିଦେଉଛି । ତେଣୁ ମୋ’ କଥା ବୁଝୁଛ ତ ?– ଯଦି ସେହି ଗୋଟିଏ ବସ୍ତୁ... ମୁଁ ଯିଏକି... ମୋ’ର ଅନେକ ଦିନର ଅନୁଭୂତି ରହିଛି, ନୁହେଁ କି ? ତେଣୁ, ଯଦି ତାହା ମୋ’ ଭିତରେ ଏପରି ଘଟନାମାନ ସୃଷ୍ଟି କରିପାରୁଛି, ଏବଂ ଯଦି ଅନ୍ୟମାନଙ୍କ ଭିତରେ ବି ସେହିପରି କିଛି ଘଟୁଛି, ତେବେ ମୋତେ ଲାଗୁଛି, ସତେ ଯେପରି ଆମେ ସମସ୍ତେ ପାଗଳ ହୋଇଯିବା । ଏଥିରୁ ସବୁକଥା ବୁଝିପାରିବ ।

ଏହି କଥାଟିର ଆଉ କୌଣସି କଥା ସହିତ ସାଦୃଶ୍ୟ ଅଛି କି ?

*କ : ହଁ ମାଆ, ଅଛି ।*

ତେଣୁ ମୁଁ ଭାବୁଛି ଯେ ଆମେ ସମସ୍ତେ ଏକାବେଳେକେ ଚୁପ୍ ହୋଇ ରହିବା, ଯେପରିକି...

*କ : (ଜୀବବିଜ୍ଞାନ ପଢ଼ାଇବା ବିଷୟରେ ଏକ ନୂଆ ଦୃଷ୍ଟିକୋଣ କିପରି ରଖିହେବ, ସେହି ବିଷୟରେ ଅଳ୍ପ କିଛି ସମୟ ପାଇଁ ଆଲୋଚନା କରିସାରିବା ପରେ) ମାତ୍ର, ବର୍ତ୍ତମାନ ଆମ ନିଜର ପରିସ୍ଥିତିଟି ବିଷୟରେ ପୁଣି କହିବାକୁ ଗଲେ, ଯେଉଁସବୁ କଥା ଆମକୁ ପରସ୍ପରର ଅଧିକ ନିକଟବର୍ତ୍ତୀ କରି ଆଣନ୍ତା, ସେହିଗୁଡ଼ିକ ଉପରେ ଜୋର୍ ଦେଇ ଏବଂ, ସେଦିନ ଆମ ଭିତରେ ଯେଉଁ କଥାଟି ପଡ଼ିଥିଲା, ବିଭିନ୍ନ ଉପାଦାନଗୁଡ଼ିକୁ ଯଥାସମ୍ଭବ ଅଧିକ ଶୀଘ୍ର ଏକାଠି ସଂଯୁକ୍ତ କରିଦେଇ... ମୁଁ ଭାବୁଛି, କାର୍ଯ୍ୟଟିର ବିଭିନ୍ନ ଦିଗକୁ କିପରି ଏକ ସମଗ୍ରତା ମଧ୍ୟକୁ ଅଣାଯାଇ ପାରିବ, ଯଦି ପ୍ରତ୍ୟେକେ ତାହାରି ଏକ ଉପାୟ ବାହାର କରିବା ସକାଶେ ଦୃଢ଼ସଂକଳ୍ପ ହୋଇ ବାହାରନ୍ତେ, ତେବେ ସେମାନେ ପରସ୍ପରଠାରୁ ଭିନ୍ନ ହୋଇ ରହିଥିବା ମତଗୁଡ଼ାକୁ କୁଆଡ଼େ ପାସୋରି ପକାନ୍ତେ, ଏବଂ ଯେଉଁସବୁ ବିଷୟ ସେମାନଙ୍କୁ ପରସ୍ପରର ଅଧିକ ନିକଟବର୍ତ୍ତୀ କରି ଆଣିଛି, ସେମାନେ କେବଳ ସେହିଗୁଡ଼ିକ ବିଷୟରେ ଚିନ୍ତା କରନ୍ତେ ।*

ହଁ, ହଁ ସବୁ ଠିକ୍ କଥା; କିନ୍ତୁ ଆମର ଭାଷାଗୁଡ଼ାକ... ମୁଁ ବି ତୁମକୁ ‘‘ଏଇଟା ଭାରି ଭଲ କଥା’’ ବୋଲି କହିବାକୁ ଯାଉଥିଲି । ମାତ୍ର, ଆପଣା ମନ ଭିତରେ ସେହି କଥାଟିକୁ କହୁଥିବା ସମୟରେ ମୁଁ ସଙ୍ଗେ ସଙ୍ଗେ ନିଜର କାନକୁ ଯାଇ ମୋଡ଼ିଦେଲି । ତୁମେ ବୁଝିବାକୁ ଚେଷ୍ଟା କର, ଏହି କ୍ଷେତ୍ରରେ କୌଣସି ବିଚାରର କଥା ଆଦୌ ଉଠୁ ନାହିଁ । ଅସଲ ସମସ୍ୟାଟି ହେଉଛି ଆମେ ବ୍ୟବହାର କରୁଥିବା ଭାଷାର ସମସ୍ୟା... ଗୋଟାଏ ଡାଙ୍କୁଣୀ ପରି ହୋଇ ଆମର ଭାଷା ଆମର ବିଚାରକୁ ଘୋଡ଼ାଇ କରି ରଖିଛି । ଏହାକୁ ଆମେ ଏକ ମାନସିକ ଘୋଡ଼ଣୀ ବୋଲି କହିବା, ଯାହାକୁ କି ତାହା ମୋଟେ ପରିତ୍ୟାଗ କରି ଆସିବାକୁ ଇଚ୍ଛା କରୁ ନାହିଁ । ପ୍ରକୃତରେ ଏଇ ସମୟଟା **ଭାରି ଅସୁବିଧାର ସମୟ** । ମୁଁ ଭାବୁଛି ଆମେ ସମସ୍ତେ **ଏକାବେଳେକେ** ଚୁପ୍ ହୋଇଯିବା, **ଅତି** ଚୁପ୍ ହୋଇଯିବା, **ସମ୍ପୂର୍ଣ୍ଣ ଭାବରେ** ଚୁପ୍ ହୋଇଯିବା । ବର୍ତ୍ତମାନ ତୁମକୁ ମୁଁ ମୋ’ର ସେହି ପୁରାତନ ମନ୍ତ୍ରଟି କହିବି;

ଏହି ମନ୍ତ୍ରଟି ବାହ୍ୟସତ୍ତାକୁ ପ୍ରକୃତରେ ଭାରି ସ୍ଥିର କରି ରଖେ :

**ଓଁ ନମୋ ଭଗବତେ**

ଏହି ତିନୋଟି ଶବ୍ଦ । ମୋ' ଲାଗି ସେଗୁଡ଼ିକର ଅର୍ଥ ହେଉଛି :

**ଓଁ** – ମୁଁ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଆବାହନ କରୁଛି ।
**ନମୋ** – ମୁଁ ତାହାଙ୍କୁହିଁ ମୋ'ର ପ୍ରଣତି ଜଣାଉଛି ।
**ଭଗବତେ** – ମୋତେ ଆପଣ ଏକ ଦିବ୍ୟସତ୍ତାରେ ପରିଣତ କରିଦିଅନ୍ତୁ ।
ଏହା ହେଉଛି ସେହି ଶବ୍ଦଗୁଡ଼ିକର ଅନୁବାଦ ।... ମୋ' କଥା ଶୁଣିପାରିଲ ?

*କ : ହଁ, ମାଆ !*

ମୋ' ଲାଗି ସେହି ମନ୍ତ୍ରଟିର ସବୁକିଛିକୁ ଶାନ୍ତ କରିଦେବାର ଶକ୍ତି ରହିଛି ।

## ତୃତୀୟ ଭାଗ

# ନାଟକାବଳୀ

# ଭବିଷ୍ୟ ଅଭିମୁଖେ

ଏକ-ଅଙ୍କ-ବିଶିଷ୍ଟ ଏହି ଗଦ୍ୟ-ନାଟକଟିକୁ ପୃଥିବୀର ଯେକୌଣସି ଦେଶରେ ମଞ୍ଚସ୍ଥ କରାଯାଇ ପାରିବ । ସ୍ଥାନୀୟ ଚଳଣି ଅନୁସାରେ ଅବଶ୍ୟ ଉପସ୍ଥାପନାର ଟିକିନିଖି ବିଷୟଗୁଡ଼ିକରେ କିଞ୍ଚିତ୍ ପରିବର୍ତ୍ତନ କରିବାକୁ ପଡ଼ିବ ।

ନାଟକର ପାତ୍ରବୃନ୍ଦ :

**ସିଏ (ନାରୀ)**
**କବି (ପୁରୁଷ)**
**ଅତୀନ୍ଦ୍ରିୟଦର୍ଶୀ ବ୍ୟକ୍ତି (ନାରୀ)**
**ଚିତ୍ରଶିଳ୍ପୀ (ପୁରୁଷ)**
**ସହପାଠିନୀ**

# ଭବିଷ୍ୟ ଅଭିମୁଖେ

*ପର୍ଦ୍ଦା ଉଠିବା ସମୟରେ ସିଏ ଓ ତା'ର ସହପାଠୀ ଗୋଟିଏ ସୋଫା ଉପରେ ପରସ୍ପର ପାର୍ଶ୍ୱବର୍ତ୍ତୀ ହୋଇ ବସିଥିବାର ଦେଖାଗଲା ।*

ସିଏ : ତୁମେ ଆସିଲ କେଡ଼େ ଭଲ ହେଲା । ଗତ ଅନେକ ଦିନ ହେଲା ତୁମ ସହିତ ଦେଖା ହୋଇ ନ ଥିଲା ।... ମୁଁ ଭାବୁଥିଲି, ତୁମେ ମୋତେ ଭୁଲି ଯାଇଥିବ ।

ସହପାଠିନୀ : ନାଁ, ମୋଟେ ନୁହେଁ । କିନ୍ତୁ ମୁଁ ତୁମର କୌଣସି ଖବର ରଖି ପାରି ନ ଥିଲି ଏବଂ ତୁମେ କେଉଁଠି ଅଛ, ସେହି ବିଷୟରେ କିଛି ଜାଣି ପାରୁ ନ ଥିଲି । କିନ୍ତୁ ବର୍ତ୍ତମାନ ଯେ ମୁଁ ତୁମକୁ ଖୋଜି କରି ପାଇପାରିଲି, ସେଥିଲାଗି ପ୍ରକୃତରେ ଭାରି ଆଶ୍ଚର୍ଯ୍ୟ ଲାଗୁଛି । ତୁମେ ଏହା ଭିତରେ ବିବାହ ବି କରିସାରିଛ । ଭାରି ଆଶ୍ଚର୍ଯ୍ୟର କଥା ! ମୋ'ର ମୋଟେ ବିଶ୍ୱାସ ହେଉ ନାହିଁ ।

ସିଏ : ମୁଁ ନିଜେ ବି ସହଜରେ ବିଶ୍ୱାସ କରି ପାରୁ ନାହିଁ ।

ସହପାଠିନୀ : ବୁଝିପାରୁଛି... କେଡ଼େ, ବ୍ୟଙ୍ଗପୂର୍ଣ୍ଣ ଭାବରେ ତୁମେ ବିବାହ କରିବାକୁ ''ଉପଭୋଗ ଏବଂ ଉତ୍ପାଦନ କରିବାର ଏକ ସମବାୟ-କାରବାର'' ବୋଲି ଯେ ସବୁବେଳେ କହୁଥିଲ, ସେକଥା ମୋ'ର ଭଲ କରି ମନେ ଅଛି । ଏବଂ, ମଣିଷର ପଶୁସ୍ୱଭାବଟାକୁ, ମଣିଷ ଭିତରେ ରହିଥିବା ପଶୁକୁ ପ୍ରଦର୍ଶିତ କରିବାକୁ ଇଚ୍ଛା କରୁଥିବା ପ୍ରତ୍ୟେକ ବିଷୟ ପ୍ରତି ତୁମର କେତେ ଘୃଣା ରହିଥିଲା, ସେକଥା ମଧ୍ୟ ମୋ'ର ମନେ ଅଛି । ''ଆମେ ସବୁ ହେବା ପଛକେ, କଦାପି ସ୍ତନ୍ୟପାୟୀ ଜନ୍ତୁରେ ପରିଣତ ହୋଇ ଯିବା ନାହିଁ'' ବୋଲି ତୁମେ କେତେଥର କହିଥିବ ।

ସିଏ : ହଁ, ପ୍ରଚଳିତ ଧାରଣା ଏବଂ ସାମାଜିକ ଚଳଣିଗୁଡ଼ିକୁ ବିଦ୍ରୂପ କରି କହିବାରେ ମୁଁ ସେତେବେଳେ ସର୍ବଦା ଆନନ୍ଦ ପାଉଥିଲି । ମାତ୍ର, ତୁମକୁ ତଥାପି ମିଥ୍ୟାବାଦୀ ନ ହୋଇ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ମୁଁ ଯଥାର୍ଥ ପ୍ରେମ ବିରୁଦ୍ଧରେ କେବେହେଲେ କିଛି କହୁ ନ ଥିଲି; ଗଭୀର ଓ ଅନ୍ତରଙ୍ଗ ସମ୍ବନ୍ଧରୁ ଯେଉଁ ପ୍ରେମ ଜନ୍ମଲାଭ କରିଥାଏ ଏବଂ ଯେଉଁଠାରେ ମତ, ଦୃଷ୍ଟି ଏବଂ ଅଭୀପ୍ସାର କ୍ଷେତ୍ରରେ ଆଦୌ କୌଣସି ଦ୍ୱନ୍ଦ୍ୱ ନ ଥାଏ, ତାହା ବିରୋଧରେ ମୁଁ କଦାପି କିଛି କହୁ ନ ଥିଲି । ମୁଁ ସତତ ଏପରି ଏକ ମହାନ୍ ପ୍ରେମର ସ୍ୱପ୍ନ ଦେଖୁଥିଲି, ଯେଉଁଥିରେ ଉଭୟ ପକ୍ଷ ସ୍ୱାଭାବିକ ଭାବରେ ଅଂଶଗ୍ରହଣ କରିପାରୁଥିବେ, ଯେଉଁଥିରେ ଆଦୌ କୌଣସି ପଶୁତୁଲ୍ୟ ଆଚରଣ ଲାଗି ସ୍ଥାନ ନ ଥିବ ଏବଂ ସକଳ

ଭୁବନର ଉପସ୍ଥଳରେ ଯେଉଁ ମହାନ୍ ପ୍ରେମ ନିହିତ ହୋଇ ରହିଛି, ଯାହା ଶରୀରର ସ୍ତରରେ ତାହାରି ପ୍ରତିନିଧିତ୍ୱ କରି ପାରୁଥିବ । ସେହି ସ୍ୱପ୍ନରୁହିଁ ମୋ'ର ଏହି ବିବାହ ସମ୍ଭବ ହୋଇଛି । ମାତ୍ର ତା'ପରେ ମୋତେ ଯେଉଁ ଅଭିଜ୍ଞତା ମିଳିଛି, ତାହା ଆଦୌ ଖୁବ୍‌ବେଶୀ ସୁଖକର ହୋଇପାରି ନାହିଁ । ମୁଁ ଗଭୀର ଭାବରେ ଆପଣାର ପ୍ରେମକୁ ଦାନ କରି ପାରିଛି, ଅତ୍ୟନ୍ତ ଆନ୍ତରିକତା ଏବଂ ପ୍ରଗାଢ଼ତା ସହିତ ତାହା କରିଛି । ମାତ୍ର ମୋ'ର ସେହି ପ୍ରେମ ତା'ର ପ୍ରତ୍ୟାଶାର ଅନୁରୂପ ପ୍ରତ୍ୟୁତ୍ତର ପାଇ ପାରି ନାହିଁ ।...

ସହପାଠିନୀ : ଆହା, କି ଦୁଃଖର କଥା !

ସିଏ : ନାଇଁ, ତୁମର ଦୟା ବା କରୁଣା ଜାଗ୍ରତ୍ କରିବା ଲାଗି ମୁଁ ତୁମକୁ ଆଦୌ ଏକଥା କହୁ ନାହିଁ । ମୋତେ ଦୟା ଦେଖାଇବାର ଆଦୌ କୌଣସି କାରଣ ନାହିଁ । ବର୍ତ୍ତମାନ ଏହି ପୃଥିବୀ ଯେପରି ସ୍ଥିତିରେ ରହିଛି, ସେହି ଦୃଷ୍ଟିରୁ ମୋ'ର ସ୍ୱପ୍ନ କେବେ ପ୍ରକୃତ କ୍ଷେତ୍ରରେ ଫଳବତୀ ହେବ ବୋଲି ମୁଁ ଆଦୌ ଆଶା କରି ନାହିଁ । ଏହିକଥା ସମ୍ଭବ ହେବାକୁ ହେଲେ ମାନବ ସ୍ୱଭାବକୁ ଅନେକ ବଦଳିବାକୁ ପଡ଼ିବ । ମାତ୍ର, ମୋର ସ୍ୱାମୀ ଓ ମୋ' ଭିତରେ ଭଲ ବନ୍ଧୁତା ରହିଛି; ଅବଶ୍ୟ ଏକଥା ସତ ଯେ ଆମେ ଦୁହେଁ ପ୍ରକୃତରେ ଭାରି ଏକୁଟିଆ ଅନୁଭବ କରୁଛୁ । ପରସ୍ପର ପ୍ରତି ଏକ ସମ୍ମାନ ରହିଲେ ଓ ପରସ୍ପରକୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ଦେଲେ ଯେଉଁ ସମଞ୍ଜସତା ସମ୍ଭବ ହୁଏ, ତାହା ଜୀବନକୁ କେବଳ ସହନୀୟ ହେବା ଅପେକ୍ଷା ଆଉକିଛି ଅଧିକ ସାମର୍ଥ୍ୟ ଆଣି ଦେଇଥାଏ ସତ, ମାତ୍ର ତାହାକୁ କ'ଣ ସୁଖ ବୋଲି କୁହାଯିବ ?

ସହପାଠିନୀ : ଅନେକ ଲୋକ ହୁଏତ ତାହାକୁହିଁ ସୁଖ ବୋଲି ଭାବୁଥିବେ ।

ସିଏ : ହଁ, ଅନେକ ସମୟରେ ଜୀବନଟା ଭାରି ଖାଲି ଖାଲି ଲାଗୁଛି । ସମ୍ଭବତଃ ଏହି ଶୂନ୍ୟତାଟାକୁହିଁ ପୂର୍ଣ୍ଣ କରିବା ସକାଶେ ମୁଁ ମୋତେ ଏତେ ପ୍ରିୟ ଲାଗୁଥିବା ସେହି ଚମତ୍କାର କାର୍ଯ୍ୟଟି ଲାଗି ସମ୍ପୂର୍ଣ୍ଣ ଭାବରେ ଓ ସକଳ ନିଷ୍ଠାର ସହିତ ଆପଣାକୁ ଉତ୍ସର୍ଗ କରିଦେଇଛି । ସେହି କାର୍ଯ୍ୟଟି ହେଉଛି ମନୁଷ୍ୟସମାଜର ଦୁଃଖ ଦୂର କରିବା, ତାହାକୁ ତା'ର ସାମର୍ଥ୍ୟର ସ୍ତରକୁ ଜାଗୃତ କରି ଆଣିବା, ତାହାର ଯଥାର୍ଥ ଲକ୍ଷ୍ୟ ଏବଂ ଚୂଡ଼ାନ୍ତ ରୂପାନ୍ତର ଆଡ଼କୁ ତାକୁ ଉତ୍ତୋଳିତ କରି ନେଇଯିବା ।

ସହପାଠିନୀ : ଏକ ମହାନ୍ ଲକ୍ଷ୍ୟ, କୌଣସି ଏକ ଅସାଧାରଣ ଆଦର୍ଶ ତୁମର ଜୀବନକୁ ଯେ ପରିଚାଳିତ କରୁଛି, ମୁଁ ସେକଥା ବେଶ୍ ଲକ୍ଷ୍ୟ କରି ପାରୁଛି । ମାତ୍ର ସେହି ଲକ୍ଷ୍ୟଟି ଯେ ପ୍ରକୃତରେ କ'ଣ, ସେକଥା ଜାଣି ନ ଥିବାରୁ ମୋତେ ତାହା ବରଂ ଟିକିଏ ରହସ୍ୟପୂର୍ଣ୍ଣ ବି ମନେ ହେଉଛି ।

ସିଏ : ହଁ, ମୋତେ ତୁମକୁ ଅବଶ୍ୟ ବୁଝାଇ କହିବାକୁ ପଡ଼ିବ । ମୁଁ ତୁମକୁ ସବୁକଥା

ଟିକିନିଖି କରି କହିବି, କିନ୍ତୁ ସେଥିଲାଗି ସମୟ ଲାଗିବ । ମୁଁ ଥରେ ତୁମ ପାଖକୁ ଗଲେ କିପରି ହୁଅନ୍ତା ?

ସହପାଠିନୀ : ତାହା ପ୍ରକୃତରେ ଭାରି ଭଲ କଥା ହୁଅନ୍ତା । ଏହାଠାରୁ ମୋ' ଲାଗି ଅଧିକ ଆନନ୍ଦଦାୟକ କଥା ଆଉ କ'ଣ ହୋଇପାରେ ? ତେବେ ତୁମେ କେବେ ଆସିବ କହିଲ ! ଆଜି ଆସିପାରିବ କି ?

ସିଏ : ହଁ, ତାହା ବଡ଼ ଖୁସିର କଥା ହେବ । ଯେଉଁ ସର୍ବୋତ୍ତମ ଅପୂର୍ବ ଶିକ୍ଷାଟି ଆମର ଜୀବନକୁ ପରିଚାଳିତ କରି ନେଉଛି ଓ ଆମର ଇଚ୍ଛାଶକ୍ତିକୁ ବାଟ ଦେଖାଉଛି, ତାହା ବିଷୟରେ କିଛି କହିବାର ଅବସର ପାଇଲେ ମୁଁ ସର୍ବଦା ଗଭୀର ଆନନ୍ଦ ଅନୁଭବ କରିଥାଏ । ବର୍ତ୍ତମାନ ମୋର କେତୋଟି ବିଷୟ ସଜଡ଼ାସଜଡ଼ି କରିବାକୁ ଅଛି, ଯେପରିକି ମୋର ସ୍ୱାମୀ ତାଙ୍କର ଭ୍ରମଣରୁ ଫେରି ଆସିଲେ ତାଙ୍କ ପାଇଁ ସବୁ ପ୍ରସ୍ତୁତ ହୋଇ ରହିଥିବ । ଏବଂ, ସିଏ ତାଙ୍କର କାର୍ଯ୍ୟ ଆରମ୍ଭ କରିବା ମାତ୍ରକେ ମୁଁ ବାହାରୁ ଯାଇପାରିବି । ସେତିକିବେଳେ ତୁମକୁ ଦେଖାକରିବାକୁ ଯିବି ?

ସହପାଠିନୀ : ଭାରି ଭଲକଥା । ମୁଁ ତେବେ ଯାଉଛି । ଅଳ୍ପ ସମୟ ପରେ ପୁଣି ଦେଖାହେବ ।

*[ପରଦା ପଛରେ ଥିବା କବାଟ ପର୍ଯ୍ୟନ୍ତ ଯାଇ ସିଏ ବନ୍ଧୁଙ୍କୁ ବାଟେଇ ଦେଇ ଆସିଲେ । ତା'ପରେ ଲେଖିବା ଟେବୁଲ୍ ପାଖକୁ ଆସି କେତେକ କାଗଜ, ବହି ଓ ଲେଖାଲେଖି କରିବାର ଉପକରଣକୁ ସଜାଡ଼ି ରଖିଦେଲେ । ଟେବୁଲ୍ ଉପରେ ଥିବା ଫୁଲଦାନିରେ କେତେକ ଫୁଲ ନେଇ ରଖିଲେ, ଏବଂ ସବୁକିଛି ଯେ ଯଥାସମ୍ଭବ ଶୃଙ୍ଖଳିତ ଭାବରେ ଯଥାସ୍ଥାନରେ ରହିଛି, ତାହା ଦେଖିବା ଲାଗି ଥରେ ଚତୁର୍ଦ୍ଦିଗକୁ ଅନାଇଲେ । ସେତିକିବେଳେ ଗୋଟିଏ ଚାବି କୋଳପ ଭିତରେ ବୁଲିବାର ଶବ୍ଦ ଶୁଣାଗଲା ।]*

ସିଏ : ହଁ, ବର୍ତ୍ତମାନ ସିଏ ବୋଧହୁଏ ଆସି ପହଞ୍ଚିଲେ । (*କବି ଗୃହ ମଧ୍ୟକୁ ପ୍ରବେଶ କଲେ । ସିଏ ସସ୍ନେହ ତାଙ୍କ ଆଡ଼କୁ ଅଗ୍ରସର ହୋଇଗଲେ ।*) ଭ୍ରମଣଟି ବେଶ୍ ଆନନ୍ଦଦାୟକ ହେଲା ନା ?

କବି : (*ଅନ୍ୟମନସ୍କ ଭାବରେ*) ହଁ, ହେଲା । (*ନିଜର ଟୋପିକୁ ସିଏ ଗୋଟିଏ ଚଉକି ଉପରେ ନେଇ ରଖିଲେ*) । ମୋ' କବିତାର ଶେଷ କିପରି ହେବ, ମୁଁ ସେଇଟିକୁ ପାଇଗଲି । ମୁଁ ବୁଲି ଯାଉଥିବା ବେଳେ ସମାଧାନଟି ପାଇଗଲି । ମୁକ୍ତ ବାୟୁରେ କୌଣସି

ଏକ କାର୍ଯ୍ୟରେ ସକ୍ରିୟ ରହିପାରିଲେ ତଦ୍ଦ୍ୱାରା ପ୍ରେରଣାକୁ ମଧ୍ୟ ପ୍ରକୃତରେ ଭାରି ସାହାଯ୍ୟ ମିଳେ । ହଁ, ମୁଁ ଭାବୁଛି କବିତାଟିକୁ ଏହିପରି ଶେଷ କଲେ ସବୁଠାରୁ ଭଲ ହେବ : ସବାଶେଷରେ ଏକ ବିଜୟ-ସଂଗୀତ ରହିବ; ଆପଣାର ଉତ୍ସସ୍ଥାନଟି ବିଷୟରେ ସମ୍ପୂର୍ଣ୍ଣ ସଚେତନ ରହି ଆପଣାର ସାମର୍ଥ୍ୟ ମଧ୍ୟରେ ରହିଥିବା ସକଳ କର୍ମର ଜ୍ଞାନ ଏବଂ ସେହି କର୍ମଚୟକୁ ଉପଲବ୍ଧି କରିବା ଲାଗି ଆବଶ୍ୟକ ଶକ୍ତିଟିକୁ ଆବିଷ୍କାର କରିଥିବା ନବଜାତ ମନୁଷ୍ୟର ପ୍ରଶଂସା ଗାନ କରି ସେହି ବିଜୟସ୍ତବଟି ରଚିତ ହେବ । ଏକତ୍ୱ ଉପଲବ୍ଧି କରିବାର ପୁଲକିତ ମହିମାରେ ପାର୍ଥିବ ଅମରତ୍ୱ ଲାଭ କରିବା ଅଭିମୁଖରେ ଅଗ୍ରସର ହେଉଥିବା ସେହି ମନୁଷ୍ୟକୁହିଁ ମୁଁ ମୋ'ର କବିତା ମଧ୍ୟଦେଇ ବର୍ଣ୍ଣନା କରିବି । ତାହା ଭାରି ସୁନ୍ଦର ହେବ, ଯଥାର୍ଥରେ ବିଶ୍ୱଜନୀନ ବି ହେବ, ନୁହେଁ ? କଳା କେବଳ କୁତ୍ସିତତା ଏବଂ ପରାଜୟର ଔଚିତ୍ୟ ପ୍ରମାଣ କରିବାର ଏକ ସାଧନ ହୋଇ ରହିବାର କାଳ ବର୍ତ୍ତମାନ ଅତୀତ ହୋଇ ଯାଇଛି ।... ଯେତେବେଳେ କବିତା, ଚିତ୍ରଶିଳ୍ପ ଏବଂ ସଂଗୀତ କେବଳ ସୌନ୍ଦର୍ଯ୍ୟ, ବିଜୟ ଏବଂ ହର୍ଷମୟତାକୁହିଁ ପ୍ରକାଶିତ କରି ଆଣିବେ, ଯେତେବେଳେ ସେମାନେ ସେହି ଅଭିଳଷିତ ଭବିଷ୍ୟଟି ଆଡ଼କୁ ବାଟ ଦେଖାଇ ନେଇଯିବେ, ତାହାକୁ ପ୍ରକୃତରେ କେଡ଼େ ବଡ଼ ସୌଭାଗ୍ୟର ଦିନ ବୋଲି କୁହା ନ ଯିବ ! ତାହା ଏପରି ଗୋଟିଏ ପୃଥିବୀର ଆଗମନ ଆଡ଼କୁ ପ୍ରେରିତ କରି ନେଇଯିବ, ଯେଉଁଠାରେ କି ମିଥ୍ୟା ନ ଥିବ, ଦୁଃଖଭୋଗ ନ ଥିବ, ଅସୁନ୍ଦରତା କିଂବା ମୃତ୍ୟୁ କିଛି ନ ଥିବ ।... ମାତ୍ର ସେହି ଦିନଟି ପ୍ରକୃତରେ ଆସି ପହଞ୍ଚିବା ପୂର୍ବରୁ ମଣିଷକୁ ତଥାପି କେତେ କ୍ଲେଶ ଭୋଗ କରିବାକୁ ନ ହେବ, କେତେ ଦୁଃଖ, ଯନ୍ତ୍ରଣା ଏବଂ କଟୁ ନିର୍ଜନତାର ଆଘାତ ସହିବାକୁ ନ ପଡ଼ିବ !... ଏକଥା ପ୍ରକୃତରେ ଭାରି ଭୟଙ୍କର ! ପରିସ୍ଥିତି ଯାହାହେଉ ପଛକେ, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ବୋଝଟିକୁ ବୋହିବାକୁହିଁ ପଡ଼ିବ; ସିଏ ଇଚ୍ଛା କରୁ ବା ନ କରୁ, ଅବଶ୍ୟ ବୋହିବାକୁ ପଡ଼ିବ । (*ଗଭୀର ଭାବନା ଦ୍ୱାରା ଉଦ୍‌ବେଳିତ ହୋଇ ସିଏ ଠିଆ ହୋଇ ରହିଥିଲେ*)

ସିଏ : (*ସ୍ନେହପୂର୍ଣ୍ଣ ଭାବରେ ତାଙ୍କର ନିକଟବର୍ତ୍ତୀ ହେଲେ ଏବଂ ତାଙ୍କର ବାହୁ ଉପରେ ଆପଣାର ହାତଟିକୁ ରଖିଲେ ।*) ଏଥର ଆସ, ନିଜର କାର୍ଯ୍ୟ ଆରମ୍ଭ କରିଦିଅ । ତୁମେ ତ ଜାଣିଛ, ତାହାହିଁ ହେଉଛି ଦୁଃଖରୁ ମୁକ୍ତି ପାଇବାର ଯଥାର୍ଥ ଔଷଧ । ବର୍ତ୍ତମାନ ମୁଁ ତୁମକୁ ତୁମର ପ୍ରେରଣା ପାଖରେ ଛାଡ଼ିଦେଇ ଟିକିଏ କାର୍ଯ୍ୟାନ୍ତରରେ ଯିବି । ଜଣେ ବନ୍ଧୁଙ୍କୁ ମୁଁ ପ୍ରତିଶ୍ରୁତି ଦେଇଛି ଯେ ଆଜି ମୁଁ ତାଙ୍କ ପାଖକୁ ଯିବି, ଉପରଓଳିଟା ତାଙ୍କ ସହିତ କଟାଇବି ଏବଂ ଆମର ଜୀବନକୁ ମାର୍ଗଦର୍ଶନ କରାଇ ନେଇ ଯାଉଥିବା ସେହି ଅପୂର୍ବ ଜୀବନଶିକ୍ଷାଗୁଡ଼ିକ ବିଷୟରେ ତାଙ୍କୁ କିଛି କହିବି । ଗଭୀର ନାନା ସତ୍ୟରେ ପୂର୍ଣ୍ଣ ହୋଇ ରହିଥିବା ଏହି ପୃଷ୍ଠାଗୁଡ଼ିକରୁ ଆମେ ଆଜି ହୁଏତ ଏକାଠି କିଛି ପାଠ କରିବୁ । ଏହିସବୁ

ବିଷୟ ଉପରେ ମନନ କଲେ ତଦ୍ଦ୍ୱାରା ଆମ ଦୁହିଙ୍କୁ ଅପାର ଆନନ୍ଦ ମିଳି ପାରିବ । ତାହା କେତେକେତେ ଲୋକଙ୍କର ଚିନ୍ତା ଓ ଭାବନାକୁ ଏକାବେଳେକେ ଓଲଟପାଲଟ କରିଦେବ, ନୁହେଁ ? ସେମାନେ ତ ଭାରି ଦୃଢ଼ଭାବରେ ବିଶ୍ୱାସ କରନ୍ତି ଯେ ସ୍ତ୍ରୀଲୋକମାନେ କେବଳ ଲୁଗାପଟା ବିଷୟରେ ଆଲୋଚନା କରିବା ଛଡ଼ା ଆଉ ଅନ୍ୟ କିଛିହେଲେ କରିପାରନ୍ତି ନାହିଁ । ମୋଟାମୋଟି ଭାବରେ ଦେଖିଲେ ସେମାନଙ୍କର ଏହି ବିଶ୍ୱାସ ଆଦୌ ସମ୍ପୂର୍ଣ୍ଣ ଭାବରେ ମିଛ ନୁହେଁ । ଅଧିକାଂଶ ସ୍ତ୍ରୀଲୋକ ପ୍ରକୃତରେ ଅତ୍ୟନ୍ତ ଭୟଙ୍କର ଭାବରେ କେବଳ ତୁଚ୍ଛ ଓ କ୍ଷୁଦ୍ର ବିଷୟଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥାନ୍ତି, ବା ଅନ୍ତତଃ ସେହିପରି ବ୍ୟସ୍ତ ହୋଇ ରହିଥିବା ପରି ବାହାରକୁ ମନେ ହୁଅନ୍ତି । କାରଣ, ଅଧିକାଂଶ ସମୟରେହିଁ ଉପରେ ଏପରି ତୁଚ୍ଛ ବିଷୟ ନେଇ ବ୍ୟସ୍ତ ହୋଇ ରହିବା ପଛରେ ସେମାନଙ୍କ ଭିତରେ ଏକ ଦୁଃଖଭାରାକ୍ରାନ୍ତ ହୃଦୟ ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ତାହା ଏକ ଅନୁପଲବ୍ଧ ଅଚରିତାର୍ଥ ଜୀବନକୁ ପର୍ଦାଦେଇ ଘୋଡ଼ାଇ ରଖିଥାଏ । ବିଚାରା ! ମୁଁ ଏପରି ଅନେକ ସ୍ତ୍ରୀଲୋକଙ୍କୁ ଜାଣିଛି । ସେମାନଙ୍କୁ ପ୍ରକୃତରେ ଦୟା କରିବା ଉଚିତ ।

କବି : ତୁମେ ଠିକ୍ କହୁଛ । ସ୍ତ୍ରୀଲୋକମାନଙ୍କୁ ପ୍ରକୃତରେ ଦୟାକରିବା ଉଚିତ । ପ୍ରାୟ ସବୁ ସ୍ତ୍ରୀଲୋକଙ୍କ ଜୀବନରେ ଆବଶ୍ୟକ ସୁରକ୍ଷାଟିର ଭାରି ଅଭାବ ରହିଥାଏ । ସେମାନେ ସତେଅବା ଗୋଟିଏ ଗୋଟିଏ ଭାରି ଦୁର୍ବଳ ବୋଇତ ପରି ହୋଇ ରହିଥାନ୍ତି ଓ ଝଡ଼ତୋଫାନର କବଳରୁ ସେମାନଙ୍କୁ ବଞ୍ଚାଇ ରଖିବା ସକାଶେ ସେମାନଙ୍କ ଲାଗି ଆଦୌ କୌଣସି ପୋତାଶ୍ରୟ ନ ଥାଏ । କାରଣ, ଯେଉଁଭଳି ଶିକ୍ଷା ପାଇଲେ ସେମାନେ ନିଜେ ନିଜର ରକ୍ଷା କରି ଶିଖନ୍ତେ, ସେମାନଙ୍କ ଭିତରୁ ଅଧିକାଂଶ ସେହି ଶିକ୍ଷା ଲାଭକରି ନ ଥାନ୍ତି ।

ସିଏ : ସେକଥା ପ୍ରକୃତରେ ସତ, ପୁଣି ସବୁଠାରୁ ଅଧିକ ସବଳା ସ୍ତ୍ରୀଲୋକ ଭିତରେ ମଧ୍ୟ ସ୍ନେହ ଏବଂ ସୁରକ୍ଷା ପାଇବାର ଏକ ଗଭୀର ଆବଶ୍ୟକତା ରହିଥାଏ । ଏପରି ଏକ ସର୍ବଶକ୍ତିଶାଳୀ ବଳର ଆବଶ୍ୟକତା ରହିଥାଏ, ଯାହାକି ସେମାନଙ୍କ ଆଡ଼କୁ ଆଉଜି ଆସି ଏକ ସାନ୍ତ୍ୱନାଦାୟକ ମଧୁରତା ଦ୍ୱାରା ସେମାନଙ୍କୁ ଆବୃତ କରି ରଖିପାରୁଥିବ । ପ୍ରେମର ମଧ୍ୟଦେଇ ନାରୀ ତାହାହିଁ ଚାହୁଁଥାଏ, ଏବଂ ଯେତେବେଳେ ସୌଭାଗ୍ୟବଶତଃ ତାକୁ ତାହା ପ୍ରାପ୍ତ ହୋଇଯାଏ, ସେତେବେଳେ ତାହା ତା'ର ଜୀବନରେ ଅନେକ ବିଶ୍ୱାସ ଆଣିଦିଏ, ଏବଂ ଯାବତୀୟ ଆଶା ଲାଗି ତାହାର ଦ୍ୱାରଟିକୁ ଉନ୍ମୁକ୍ତ କରି ଦେଇଯାଏ । ସେତିକି ନ ପାଇଥିଲେ ତା'ର ଜୀବନ କେବଳ ଏକ ଶୁଷ୍କ ମରୁଭୂମି ପରି ହୋଇ ରହିଥାଏ ଏବଂ ତାହା ହୃଦୟକୁ ଦଗ୍ଧ ଏବଂ ଏକାବେଳେକେ ମ୍ଳାନ କରିପକାଏ ।

କବି : ବାଃ, ତୁମେ କେଡ଼େ ଚମତ୍କାର ଭାବରେ ଏସବୁ କଥାକୁ ବ୍ୟକ୍ତ କରି

କହିପାରୁଛ ! ସେଗୁଡ଼ିକୁ ଭାରି ଗଭୀର ଭାବରେ ଅନୁଭବ କରିଥିବା ଜଣେ ବ୍ୟକ୍ତି ପରି ତୁମେ ସେହି କଥାଗୁଡ଼ିକୁ କହିପାରୁଛ । ମୋର ପରବର୍ତ୍ତୀ ପୁସ୍ତକଟି ଲାଗି ସେଗୁଡ଼ିକୁ ମୁଁ ଟିପି କରି ରଖିବି । ସେହି ପୁସ୍ତକଟି ମୁଁ ନାରୀମାନଙ୍କର ଶିକ୍ଷା ବିଷୟରେ ଲେଖିବାକୁ ଯାଉଛି । ତେବେ, ମୁଁ ବର୍ତ୍ତମାନ ମୋ କାମ ଆରମ୍ଭ କରିବି ।

ସିଏ : ଭଲକଥା; ତେବେ ମୁଁ ବି ଯାଉଛି । ତୁମର କାର୍ଯ୍ୟଟି ଲାଗି ମୋ ଶୁଭକାମନା । (*ଗୋଟିଏ ବହି ହାତରେ ନେଇ ପ୍ରସ୍ଥାନ*)

କବି : (*ନିଜ ଲେଖିବା ଡେସ୍କ ପାଖରେ ଯାଇ ବସିଲେ ଓ ତାଙ୍କର କାର୍ଯ୍ୟ ଲାଗି ସବୁ ସଜଡ଼ା ହୋଇ ଥୁଆ ହୋଇଥିବାର ଦେଖି*) ସବୁବେଳେ ତା'ର ସେହି ଏକାଭଳି ଅନୁକମ୍ପା ଓ ସ୍ନେହ ଦ୍ୱାରା ଭରି ରହିଥିବା ଯତ୍ନଶୀଳତା । ଆପଣାର ଯତ୍ନ ଏବଂ ମଧୁରତାରେ ସିଏ କେବେହେଲେ କୌଣସି ତ୍ରୁଟି କରେ ନାହିଁ । ତା' ଆଡ଼କୁ ଅନାଇ ଦେଖିଲାବେଳେ ସତେଯେପରି ଏକ ଆଲୋକକୁ ଦେଖୁଥିବା ପରି ମନେହୁଏ : ତା'ର ବୁଦ୍ଧିମତ୍ତା ଏବଂ ତା'ର ସହୃଦୟତା କେଡ଼େ ଉଜ୍ଜ୍ୱଳ ଭାବରେ ତା'ର ଚତୁର୍ଦ୍ଦିଗକୁ ଘେରି ଝଲମଲ ହେବାରେ ଲାଗିଥାନ୍ତି ! ତା' ପାଖରେ ଉପସ୍ଥିତ ଥିବା ସମସ୍ତଙ୍କ ଆଡ଼କୁ ବ୍ୟାପ୍ତ ହୋଇ ଯାଉଥାନ୍ତି ଏବଂ ସିଏ ସେମାନଙ୍କୁ ପଥଦେଖାଇ ନାନା ମହତ୍ତର ଦିଗ୍‌ବଳୟ ଆଡ଼କୁ ନେଇଯିବାରେ ଲାଗିଥାଏ । ତାକୁ ମୁଁ ପ୍ରକୃତରେ ଧନ୍ୟ ଓ ଶ୍ଳାଘ୍ୟ ବୋଲି କହିବି, ତା' ପ୍ରତି ମୁଁ ଏକ ଗଭୀର ସମ୍ମାନ ମଧ୍ୟ ଅନୁଭବ କରୁଥିବି... ମାତ୍ର ସେଗୁଡ଼ାକୁ ତ କେବେ ପ୍ରେମ ବୋଲି କୁହାଯିବ ନାହିଁ... ପ୍ରେମ ! ତାହା ତ ଏବେ ବି ଏକ ସ୍ୱପ୍ନ ହୋଇ ରହିଛି ! ତାହା କ'ଣ କେବେ ବି ଦିନେ ଏକ ବାସ୍ତବତାରେ ପରିଣତ ହୋଇପାରିବ ? (*ଏକ ଅଦ୍ଭୁତ କଣ୍ଠରୁ ସଙ୍ଗୀତ ଶୁଣାଗଲା । କବି ଅତ୍ୟନ୍ତ ବିହ୍ୱଳ ହୋଇ ପଡ଼ିବା ପରି ବସିବା ସ୍ଥାନରୁ ଉଠି ଖୋଲା ହୋଇ ରହିଥିବା ଝରକା ପାଖରେ ଯାଇ ପହଞ୍ଚିଲେ ।*) କି ଅଦ୍ଭୁତ କଣ୍ଠ ! (*ସଙ୍ଗୀତର ସ୍ୱରଟି ବନ୍ଦ ହୋଇ ଯିବା ପର୍ଯ୍ୟନ୍ତ ସିଏ ନୀରବରେ ତାହାକୁ ଶୁଣିବାରେ ଲାଗିଥିଲେ । ତା'ପରେ ଏକ ଦୀର୍ଘନିଃଶ୍ୱାସ ତ୍ୟାଗ କରି ସିଏ ନିଜ ଟେବୁଲ୍ ପାଖକୁ ଫେରି ଆସିବାକୁ ଯାଉଛନ୍ତି, ଏହି ସମୟରେ କବାଟରେ ସେପାଖରୁ କିଏ ଖଡ଼ଖଡ଼ ଶବ୍ଦ କରୁଥିବାର ଶୁଣାଗଲା ।*) କିଏ ଡାକୁଛ ? (*ସିଏ କବାଟ ଖୋଲିଦେଲେ । ଶିଳ୍ପୀ ଗୃହ ମଧ୍ୟରେ ପ୍ରବେଶ କଲେ ।*)

କବି : ବାଃ, ତୁମେ ଆସିଲ ! କହିଲ ତେବେ ପୁରୁଣା ବନ୍ଧୁ, କେଉଁ ପବନ ତୁମକୁ ଆଜି ଇଆଡ଼େ ଉଡ଼ାଇ ଆଣିଲା ?

ଶିଳ୍ପୀ : ତୁମ ସହିତ କିଛି କଥାବାର୍ତ୍ତା ଥିଲା । ବାଟରେ ତୁମ ସ୍ତ୍ରୀଙ୍କ ସାଙ୍ଗରେ ଦେଖାହେଲା । ତୁମେ ତୁମର ''ଅର୍ଚ୍ଚନାଳୟ''ରେ ଅଛ ବୋଲି ମୋତେ ସିଏ କହିଲେ । ତେଣୁ ଚାଲି ଆସିଲି ।

କବି : ଆସିଲ ଭଲ କଲ... ତେବେ, ଯାହାକୁ ତୁମେ ''ଅର୍ଚ୍ଚନାଳୟ'' ବୋଲି କହୁଛ, ଚାଲ ବର୍ତ୍ତମାନ ସେଇଠାକୁ ଯିବା । କ'ଣ କହିବାର ଅଛି କହ । ମୋତେ ଆଉ ଏପରି ଆନ୍ଦୋଳିତ କରି ରଖ ନାହିଁ । କ'ଣ ଚିତ୍ରବିଦ୍ୟା ବିଷୟରେ କିଛି କହିବ ?

ଶିଳ୍ପୀ : ନାଇଁ, ନାଇଁ, ସେସବୁ କାମ ଭାରି ଭଲଭାବରେ ଚାଲିଛି । ମାତ୍ର ସେବିଷୟରେ ତୁମକୁ ଆଉଥରେ କହିବି । ଆଜି ସଙ୍ଗୀତ ବିଷୟରେ ଗୋଟିଏ କଥା ଅଛି । (*କବି ଆଗ୍ରହାନ୍ୱିତ ହୋଇଉଠିଲା ପରି ଦେଖାଗଲେ*) କାଲି ସନ୍ଧ୍ୟାବେଳେ କେତେଜଣ ବନ୍ଧୁଙ୍କୁ ଭେଟିବା ଲାଗି ଯାଇ ଥିବାବେଳେ ମୁଁ ଜଣେ ପ୍ରକୃତ ଗାୟକଙ୍କର ଗୀତ ଶୁଣିବାକୁ ପାଇଲି । ସିଏ କୁଆଡ଼େ ତୁମର ପଡ଼ୋଶୀ ବୋଲି ବି ଶୁଣିବାକୁ ପାଇଲି । (*କବି ଅତିବିସ୍ମିତ ଓ ଆଗ୍ରହସନ୍ତୃଷ୍ଟ ହୋଇ ପଡ଼ିବାପରି ଅଙ୍ଗମୁଦ୍ରା କଲେ*) ତୁମର ତାଙ୍କ ସହିତ ପରିଚୟ ଅଛି ?

କବି : ନାଇଁ, ପରିଚୟ ନାହିଁ । କିନ୍ତୁ ଏହିଠାରେ ବସି ମୁଁ ଅନେକ ସମୟରେ ତାଙ୍କର ଗୀତ ଶୁଣିବାକୁ ପାଇଛି । କି ଅଦ୍ଭୁତ ଓ ଅନୁପମ କଣ୍ଠସ୍ୱର, ସେହି କଣ୍ଠସ୍ୱର ଆସି କାନରେ ବାଜିବା ମାତ୍ରକେ ମୋ ସତ୍ତାର ସମସ୍ତ ତନ୍ତ୍ରୀକୁ ଏକାବେଳେକେ ଝଙ୍କୃତ କରିଦିଏ । ଯେଉଁଦିନ ସର୍ବପ୍ରଥମ ଥର ପାଇଁ ମୁଁ ତାହାକୁ ଶୁଣିଲି, ସେତେବେଳେ ତାହା ମୋର ଭାରି ପରିଚିତ ବୋଲି ମନେହେଲା, କେଉଁ ପୁରାତନ ଯୁଗରୁ ଭାସି ଆସୁଥିବା ଏକ ପ୍ରତିଧ୍ୱନି ପରି ମନେହେଲା । ଗତ ପ୍ରାୟ ଛଅମାସ ହେଲା ମୁଁ ସେହି କଣ୍ଠଟିକୁ ଶୁଣି ଆସୁଛି ଏବଂ ତାହା ମୋର କାର୍ଯ୍ୟରେ ସର୍ବଦା ଗୋଟାଏ ପ୍ରକାରର ଏକ ସୁଖମୟ ସାହଚର୍ଯ୍ୟ ଆଣି ଯୋଗାଇ ଦେଉଛି । ଯାହା ପାଖରେ ଏହି ସୁନ୍ଦର କଣ୍ଠସମ୍ପଦଟି ରହିଛି, ତା' ସହିତ ମଧ୍ୟ ପରିଚିତ ହେବା ଲାଗି ଅନେକ ସମୟରେ ମୋର ଭାରି ଇଚ୍ଛା ହୋଇଛି ।

ଶିଳ୍ପୀ : ତୁମ କଥା ସହିତ ମୋ କଥାଟି ବି କେଡ଼େ ଅଦ୍ଭୁତ ଭାବରେ ମିଳି ଯାଉଛି ! କାଲି ପ୍ରଥମ କରି ମୁଁ ଏହି ତରୁଣୀଙ୍କର ପରିଚୟ ଲାଭ କରିଥିଲି ଏବଂ ତାଙ୍କର ରୂପଟି ମୋତେ ଭାରି ମନୋହର ବୋଧ ହୋଇଥିଲା । ଆମେ ସାଙ୍ଗ ହୋଇ ଅନେକ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା କଲୁ ଏବଂ ସେହି କଥାବାର୍ତ୍ତା ମଧ୍ୟରେ ସିଏ ତୁମ କବିତାର ଭୂରି ଭୂରି ପ୍ରଶଂସା ମଧ୍ୟ କରିଥିଲେ । ତୁମର କବିତାଗୁଡ଼ିକୁ ସିଏ ଭାରି ଉତ୍ସାହର ସହିତ ପଢ଼ନ୍ତି । ସିଏ ମୋତେ ଏକଥା ମଧ୍ୟ କହିଲେ ଯେ ଜୀବନରେ ସିଏ ଭାରି ଏକୁଟିଆ ହୋଇ ରହିଛନ୍ତି ଏବଂ ନିଜର ଜୀବିକାନିର୍ବାହ ତାଙ୍କୁ ନିଜେହିଁ କରିବାକୁ ପଡୁଛି । ଏଥିରେ ସଂସାରଯାତ୍ରା ଭାରି କଷ୍ଟକର ବି ହୋଇ ପଡୁଛି । ଏହିପରି କେତେକଥା କହିଲେ । ସିଏ କୌଣସି ଏକ ସଙ୍ଗୀତଗୋଷ୍ଠୀରେ ଗାୟିକା ହେବାର ଉଚ୍ଚାଭିଳାଷ ରଖିଛନ୍ତି । ଏକଥା ଶୁଣି ମୁଁ ସଙ୍ଗେ ସଙ୍ଗେ ତୁମ କଥା ଭାବିଲି । ତୁମର ଯେ ଅନେକ ଲୋକଙ୍କ ସହିତ ପରିଚୟ ରହିଛି,

ମୋର ସେକଥା ମନେ ପଡ଼ିଗଲା । ତୁମେ ସମସ୍ତଙ୍କୁ କିପରି ନାନାପ୍ରକାର ସାହାଯ୍ୟ କର, ପ୍ରତ୍ୟେକ ଲୋକ ସେକଥା ମଧ୍ୟ ଜାଣନ୍ତି । ତେଣୁ ମୁଁ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କ ବିଷୟରେ ତୁମକୁ କହିବା ଲାଗି ଆସିଲି; କେତେଜଣ ସୁବିଦିତ ସଙ୍ଗୀତଜ୍ଞ ବା ସଙ୍ଗୀତରଚୟିତାଙ୍କ ସହିତ ତାଙ୍କର ପରିଚୟ କରାଇଦେଇ ପାରିବ କି ନାହିଁ, ତୁମକୁ ସେହିକଥା ପଚାରିବାକୁ ଆସିଛି । ଏଥର ମୋ ଆସିବାର କାରଣ ଜାଣିଲ ?

କବି : ତୁମେ ବିଲ୍‌କୁଲ୍ ଠିକ୍ କଥା କରିଛ । ତାଙ୍କ ପାଇଁ ପ୍ରକୃତରେ କିଛି କରିପାରିଲେ ମୁଁ ଭାରି ଖୁସି ହେବି । ତେଣୁ, ତୁମେ ଦୁହେଁ କ'ଣ ନିଷ୍ପତ୍ତି କରିଛ କହିଲ !

ଶିଳ୍ପୀ : ଠିକ୍ ହୋଇଛି ଯେ, ଯଦି ତୁମର ସମ୍ମତି ଥାଏ, ମୁଁ ବର୍ତ୍ତମାନ ଯାଇ ତାଙ୍କୁ ଏଠାକୁ ଡାକି ନେଇଆସିବି । ତାଙ୍କର ଘର ତ ଏଇ ଅତି ପାଖରେ । ତା'ହେଲେ ତୁମ ଦୁହିଙ୍କ ଭିତରେ ପରିଚୟ ହୋଇଯାଆନ୍ତା ।

କବି : ଚମତ୍କାର । ତେବେ ତୁମେ ଯାଇ ତାଙ୍କୁ ଡାକିଆଣ । ମୁଁ ତୁମ ଲାଗି ଅପେକ୍ଷା କରୁଛି । (*ଶିଳ୍ପୀ ଚାଲିଗଲେ*)

କବି : (*ଭାରି ଅସ୍ଥିର ଭାବରେ ପଦଚାରଣା କରୁ କରୁ*) କି ଆଶ୍ଚର୍ଯ୍ୟ କଥା, କି ଆଶ୍ଚର୍ଯ୍ୟ କଥା... ତେଣୁ ଆକସ୍ମିକ ଘଟନା ବୋଲି ପ୍ରକୃତରେ ଆଉ କିଛି ନାହିଁ । ସବୁକଥା ପଛରେ ନିଶ୍ଚୟ ଗୋଟିଏ ଗୋଟିଏ କାରଣ ରହିଛି ଏବଂ ସେହି କାରଣଗୁଡ଼ିକ ଉପରେ ଆମର ପ୍ରକୃତରେ କୌଣସି ହାତ ନାହିଁ । ଅନ୍ତରଙ୍ଗତାର ଯେ ଏକ ଶକ୍ତି ରହିଛି, ସେକଥା ବି କାହାକୁ ଜଣାଅଛି ? ଗାୟିକାଙ୍କର ରୂପ ମଧ୍ୟ ତାଙ୍କର କଣ୍ଠ ପରି ସୁନ୍ଦର ହୋଇଥିବ କି ନାହିଁ, ସେକଥା ଜାଣିବା ଲାଗି ମୋତେ ଭାରି ଉଦ୍‌ଗ୍ରୀବ ଲାଗୁଛି । ହେଇ, ସେମାନେ ଆସିଗଲେଣି । (*କବାଟଟି ତ କେବଳ ଆଉଜା ହୋଇଥିଲା, ତେଣୁ ବାହାରୁ ଠେଲିଦେବାରୁ ତତ୍‌କ୍ଷଣାତ୍ ଖୋଲିଗଲା*) ରୂପରେ ମଧ୍ୟ କି ସୁନ୍ଦର ! (*ଶିଳ୍ପୀଙ୍କ ପଛରେ ଅତୀନ୍ଦ୍ରିୟଦର୍ଶୀ ପ୍ରବେଶ କଲେ ।*)

ଶିଳ୍ପୀ : ଭଉଣୀ, ସୁବିଦିତ କବି ମୋ'ର ବନ୍ଧୁଙ୍କ ସହିତ ମୁଁ ତୁମକୁ ପରିଚିତ କରାଇ ଦେଉଛି । ତୁମେ ତାଙ୍କର ଭାରି ପ୍ରଶଂସା କରୁଥିଲ ନା ?

କବି : ଆପଣଙ୍କ ସହିତ ସାକ୍ଷାତ୍ ହୋଇପାରିଲା ବୋଲି ମୁଁ ଅତ୍ୟନ୍ତ ଖୁସି ହେଲି, ଭଉଣି ! ଆପଣଙ୍କ ମଧୁର କଣ୍ଠଟିର ମୁଁ ପ୍ରକୃତରେ ଭାରି ପ୍ରଶଂସା କରେ, ଆପଣ ଏଡ଼େ ନିପୁଣ ଭାବରେ ସେଇଟିକୁ ବ୍ୟବହାର କରିପାରନ୍ତି !

ଅତୀନ୍ଦ୍ରିୟଦର୍ଶୀ : ଆପଣ ପ୍ରକୃତରେ ଅତ୍ୟନ୍ତ ସହୃଦୟତା ଦେଖାଇଲେ, ମହାଶୟ । ମୁଁ ଆପଣଙ୍କୁ ସେଥିଲାଗି ଧନ୍ୟବାଦ ଦେଉଛି । ଆଦୌ କୌଣସି ଔପଚାରିକତା ନ କରି ମୁଁ ଆପଣଙ୍କ ପାଖକୁ ଚାଲିଆସିଲି ବୋଲି ମୋତେ ଆପଣ କ୍ଷମା କରିବେ ! ମାତ୍ର ଆମେ

ତ ପରସ୍ପରର ଅତି ପାଖରେ ପଡ଼ୋଶୀ ପରି ହୋଇ ରହିଛୁ । ଆପଣଙ୍କ ସହିତ ମୋତେ ପରିଚିତ କରାଇ ଦିଆଯିବା ପୂର୍ବରୁ ମଧ୍ୟ ମୁଁ ଆପଣଙ୍କୁ ଜାଣିଥିଲି । ମୁଁ ଗୀତ ଗାଇବା ସମୟରେ ତାହାକୁ ଶୁଣିବା ସକାଶେ ଆପଣ କିପରି ନିଜ ଘର ଝରକା ପାଖକୁ ଚାଲିଆସୁଥିଲେ, ମୁଁ ସେକଥା ମଧ୍ୟ ଦେଖିଛି ଏବଂ ଯେତେବେଳେ ମୋ' ଗୀତର ପ୍ରଶଂସା କରି ଆପଣ କରତାଳି ଦେଉଥିଲେ, ସେତେବେଳେ ପ୍ରଥମେ ପ୍ରଥମେ ମୋତେ ଆଦୌ ଖୁବ୍ ବେଶୀ ଭଲ ଲାଗୁ ନ ଥିଲା । ମୁଁ ଭାବୁଥିଲି ଆପଣ ବୋଧହୁଏ ମୋତେ ଥଟ୍ଟା କରି ଏପରି କରତାଳି ଦେଉଛନ୍ତି ।

କବି : ଆପଣ ପ୍ରକୃତରେ କେଡ଼େ ଭୁଲ୍ କଥା ଭାବୁଥିଲେ ! କରତାଳି ଦେଇ ମୁଁ ପ୍ରକୃତରେ ଆପଣଙ୍କ ପ୍ରତି ମୋ'ର ଶ୍ଳାଘା ବ୍ୟକ୍ତ କରିବାକୁ ଚାହୁଁଥିଲି; ଆପଣ ମୋତେ ଯେଉଁସବୁ ସୌନ୍ଦର୍ଯ୍ୟବୋଧର ସୁଖ ଆଣି ଦେଉଥିଲେ, ସେଥିଲାଗି କୃତଜ୍ଞତା ପ୍ରକାଶ କରି ମୁଁ କରତାଳି ଦେଉଥିଲି ।

ଶିଳ୍ପୀ : ବର୍ତ୍ତମାନ ମୋ' କାମ ସରିଲା, ମୁଁ ଯାଉଛି । ମୋ କଳାକ୍ରେତାଙ୍କ ସହିତ ମୋ'ର ଏକ କାର୍ଯ୍ୟ ରହିଛି । ଏଡ଼େ ବଦମାସ ସିଏ, ସିଏ ମୋତେ ଏଣିକି ଉଦ୍ଭଟ ଚିତ୍ରସବୁ ଆଙ୍କିବା ଲାଗି କହୁଛି, କାରଣ ସିଏ କହୁଛି ଯେ ଏବେ ଲୋକେ ସେହିଗୁଡ଼ିକୁହିଁ ବେଶୀ ଭଲ ପାଇଲେଣି । କିନ୍ତୁ ମୁଁ ରାଜି ହୋଇପାରୁ ନାହିଁ...

କବି : ହଁ, ମୋଟେ ରାଜି ହେବ ନାହିଁ, ସାହସର ସହିତ ତାହାର ପ୍ରତିରୋଧ କରିବ । ଆଧୁନିକ ରୁଚିର ଏହି ଅଧଃପତନକୁ ତୁମେ କଦାପି ପ୍ରଶ୍ରୟ ଦେବ ନାହିଁ; ମନୁଷ୍ୟ ଜୀବନର ଯାବତୀୟ ସୃଜନକ୍ଷେତ୍ରରେ ଆମର ସମସାମୟିକ ପ୍ରାୟ ସମସ୍ତଙ୍କର ଚେତନା ଭିତରକୁ ଭେଦିଯାଇଥିବା ପରି ବୋଧ ହେଉଥିବା ଏହି ମିଥ୍ୟାମୟ ଅଧୋଗମନକୁ ତୁମେ କଦାପି ପ୍ରଶ୍ରୟ ଦେବ ନାହିଁ ।

ଶିଳ୍ପୀ : ଆଚ୍ଛା, ତେବେ ତୁମଠାରୁ ଏକ ନୂତନ ସାହସର ପ୍ରେରଣା ନେଇ ମୁଁ ବର୍ତ୍ତମାନ ଯାଉଛି, ସତ୍ୟ ଲାଗି ସଂଗ୍ରାମ କରିବାର ସେହି ପ୍ରେରଣାଟିକୁ ନେଇ ଯାଉଛି । ନମସ୍କାର ।

କବି ଓ ଅତୀନ୍ଦ୍ରିୟଦର୍ଶୀ : ନମସ୍କାର ।

କବି : (*ସୋଫା ଆଡ଼କୁ ନିର୍ଦ୍ଦେଶ କରିଦେଇ*) ଭଉଣି, ଆପଣ ବସନ୍ତୁ ।

ଅତୀନ୍ଦ୍ରିୟଦର୍ଶୀ : (*ଆସନ ଗ୍ରହଣ କରି*) ଆପଣ ତେବେ ମୋତେ କେତେକ ବ୍ୟକ୍ତିଙ୍କ ସହିତ ପରିଚିତ କରାଇ ଦେବାକୁ ଓ ମୋ'ର ସଂଗୀତ ଶୁଣିବା ଲାଗି ସେମାନଙ୍କୁ ଅନୁରୋଧ କରିବାକୁ ରାଜି ଅଛନ୍ତି ?

କବି : ନିଶ୍ଚୟ ରାଜି ଅଛି । ଆମର ଜଣେ ସୁବିଖ୍ୟାତ ସଂଗୀତଗୋଷ୍ଠୀ ନିର୍ଦ୍ଦେଶକ

ହେଉଛନ୍ତି ମୋର ବନ୍ଧୁ; ଏବଂ ଆପଣଙ୍କ ପାଖରେ ଯେଉଁ ପ୍ରତିଭା ରହିଛି, ତାହା ଆପଣଙ୍କ ଲାଗି ଯାବତୀୟ ଦ୍ୱାରକୁ ଅବଶ୍ୟ ଉନ୍ମୋଚିତ କରିଦେଇ ପାରିବ ।

ଅତୀନ୍ଦ୍ରିୟଦର୍ଶୀ : ତଦ୍ୱାରା ମୁଁ ବଡ଼ ଉପକୃତ ହେବି । ଆପଣଙ୍କୁ ଅନେକ ଧନ୍ୟବାଦ ।

କବି : ନାଇଁ, ନାଇଁ ମୋତେ ଧନ୍ୟବାଦ ଦେବାର କୌଣସି ପ୍ରୟୋଜନ ନାହିଁ । (*ସିଏ ଆସି ତାଙ୍କ ସମୀପରେ ବସିଲେ*) ଆପଣ ଯେ ମୋତେ କେତେ ଆନନ୍ଦ ଦେଇଛନ୍ତି, ଯଦି ଆପଣ ତାହା ପ୍ରକୃତରେ ଜାଣିଥାନ୍ତେ !... ଆପଣଙ୍କର ମହନୀୟ କଣ୍ଠର ସୁଲଳିତ ସ୍ୱର ମୋ'ର ଦୈନନ୍ଦିନ କାର୍ଯ୍ୟରେ ସାହଚର୍ଯ୍ୟ ଦେଇ ପ୍ରକୃତରେ କେତେ ସୁଖର ଯେ କାରଣ ହୋଇଛି, ଯଦି ଆପଣ ପ୍ରକୃତରେ ଜାଣିଥାନ୍ତେ ! କେତେକେତେ ସୁଖମୟ ଓ ଶୁଭକର ସମୟ ଲାଗି ମୁଁ ଆପଣଙ୍କର ଋଣୀ ହୋଇ ରହିଛି । ହଁ, ପ୍ରକୃତରେ ମୋରହିଁ ଆପଣଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିବାର କଥା ।

ଅତୀନ୍ଦ୍ରିୟଦର୍ଶୀ : ଆପଣ ମୋତେ ଏସବୁ କଥା କହିଲେ, ତାହା ଆପଣଙ୍କର ସହୃଦୟତାର ପରିଚୟ ଦେଉଛି । (*ସିଏ ଥରେ ଚତୁର୍ଦିଗକୁ ଅନାଇଲେ, ତା'ପରେ ସସ୍ମିତ ବଦନରେ କବିଙ୍କ ଆଡ଼କୁ ବୁଲିପଡ଼ି ଚାହିଁଲେ*) ଭାରି ଅଦ୍ଭୁତ କଥା, ଏଠାରେ ମୋତେ ସବୁକିଛି ପ୍ରକୃତରେ କେଡ଼େ ପରିଚିତ ପରି ବୋଧ ହେଉଛି । ହୁଏତ ଏଠାରେ ରହିଥିବା ବସ୍ତୁଗୁଡ଼ିକ ଯେତେ ନୁହେଁ, ମାତ୍ର ସେଗୁଡ଼ିକୁ ବେଷ୍ଟନ କରି ରହିଥିବା ଏଠାକାର ପବନ, ଏହି ପରିବେଶ ତା'ଠାରୁ ଅଧିକ ପରିଚିତ ବୋଧହେଉଛି । ମୁଁ ଏଡ଼େ ସାହସରେ ଆପଣଙ୍କୁ ଏପରି କହୁଛି ବୋଲି ଆପଣ ମୋତେ କ୍ଷମା କରିବେ, ମାତ୍ର ମୋତେ ଏଠାରେ ଠିକ୍ ଘର ପରି ଲାଗୁଛି; ସତେ ଯେପରି ମୁଁ ଏଠାକୁ ସବୁବେଳେ ଆସିଛି, ଠିକ୍ ସେହିପରି ମନେ ହେଉଛି । ଏବଂ, ସତେ ଯେପରି ବର୍ତ୍ତମାନ ମୋ' ଜୀବନରେ କେତେ ନା କେତେ ଅଦ୍ଭୁତ କଥା ଘଟିବାକୁ ଯାଉଛି, ମୁଁ ସେହିପରି ଅନୁଭବ କରୁଛି ।

କବି : ଏଥିରେ ମୋ'ରହିଁ ସର୍ବପ୍ରଥମେ ଆନନ୍ଦ ଅନୁଭବ କରିବାର କଥା ।

ଅତୀନ୍ଦ୍ରିୟଦର୍ଶୀ : (*ଅଳ୍ପ କିଛି ସମୟ ନୀରବ ରହିବା ପରେ*) ଆପଣଙ୍କୁ ମୁଁ ଗୋଟିଏ ବିଚିତ୍ର କଥା କହିବି । ପ୍ରାୟ ଛଅମାସ ପୂର୍ବେ ମୋ' ମାଆଙ୍କ ମୃତ୍ୟୁ ପରେ ଯେତେବେଳେ ମୁଁ ଏହି ସହରରେ ବାସ କରିବାକୁ ଆସିଲି ଏବଂ ଏହିଠାରେ ଜୀବନନିର୍ବାହର ଏକପନ୍ଥା ମୋତେ ମିଳିଯିବ ବୋଲି ମୁଁ ଆଶା କରୁଥିଲି, ସେତେବେଳେ ମୋତେ ଅନେକ ସାନସାନ ବାସଗୃହ ମିଳୁଥିଲା ଓ ସେଥିରୁ ଗୋଟିଏ ବାଛିନେବାକୁ ହୋଇଥିଲା । ପ୍ରତ୍ୟେକଟିର କିଛି ସୁବିଧା ଥିଲା, ଅସୁବିଧା ବି ଥିଲା । ଏହି ଅଟ୍ଟାଳିକାରେ ଥିବା ଯେଉଁ ଘରଟିକୁ ମୁଁ ଭଡ଼ାରେ ନେଲି, ସେଇଟି ଯେ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ଭଲ ଥିଲା, ସେକଥା ଆଦୌ ନୁହେଁ; ମାତ୍ର ମୋ' ଭିତରୁ କିଏ ଯେପରି କହିଦେଲା ଯେ ଏଠାରେ ରହିଲେ ମୁଁ ସୁଖି ହୋଇ

ରହିବି ଓ ଏଠାରେ ମୋ' ଜୀବନରେ ଅନେକ ଭଲ କଥା ଘଟିବ, ଏହିପରି ଏକ ଅପରୋକ୍ଷ ଅନୁଭୂତି ଦ୍ୱାରା ପ୍ରେରିତ ହୋଇ ମୁଁ ଏହି ଘରଟିକୁ ନେଇଥିଲି। ଏହା ପ୍ରକୃତରେ ବିଚିତ୍ର କଥା ନୁହେଁ ?

କବି : (*ଚିନ୍ତାମଗ୍ନ ଭାବରେ*) ହଁ, ପ୍ରକୃତରେ ଭାରି ବିଚିତ୍ର... (*ସ୍ୱଗତ*) ଏହା ପଛରେ କ'ଣ କୌଣସି ଅନ୍ତରଙ୍ଗତାର କାରଣ ରହିଛି ? କିଏ ସେକଥା ଜାଣିଛି ? (*ଅତୀନ୍ଦ୍ରିୟଦର୍ଶୀଙ୍କୁ*) ଆପଣ ଜାଣନ୍ତି, ଏକଥା ଭାରି ବିଚିତ୍ର ଯେ, ପ୍ରତ୍ୟହ ଆପଣଙ୍କର କଣ୍ଠସ୍ୱର ଶୁଣିବା ଦିନଠାରୁ ମୁଁ ନିଜ ଭିତରେ ଅପେକ୍ଷାକୃତ ଅଧିକ ଶାନ୍ତି ଏବଂ ପରିତୁଷ୍ଟି ଅନୁଭବ କରି ଆସିଛି। ଏବଂ ତେଣୁ ମୋ' ଭିତରେ ମଧ୍ୟ ଆପଣଙ୍କ ସହିତ ପରିଚିତ ହେବା ଲାଗି ଏକ ପ୍ରବଳ ବାସନା ରହିଥିଲା।

ଅତୀନ୍ଦ୍ରିୟଦର୍ଶୀ : ଏବଂ ଆପଣଙ୍କୁ ମୁଁ କେବଳ ଜଣେ ଲେଖକ ରୂପେ ଜାଣିଥିଲି, ସେହି ଲେଖକ ରୂପେ ଆପଣଙ୍କ ପ୍ରତିଭାର ଅତ୍ୟନ୍ତ ପ୍ରଶଂସା କରୁଥିଲି ଏବଂ ଆପଣଙ୍କ ସହିତ ଏପରି ଦିନେ ଦେଖା ହେବ ବୋଲି ଆଶା କରିବାକୁ ମଧ୍ୟ ମୋ'ର କେବେ ସାହସ ହୋଇ ନ ଥିଲା। ଜୀବନରେ ପ୍ରକୃତରେ ଏହିପରି ଅସାଧାରଣ ଏବଂ ରହସ୍ୟମୟ ଭାବରେ ଅନେକ ଘଟନା ଘଟେ; ସେଗୁଡ଼ିକ ଆମେ ସମ୍ଭବତଃ ଏଇଥିଲାଗି ରହସ୍ୟମୟ ବୋଲି କହିବା ଯେ ଆମକୁ ସେଗୁଡ଼ିକର କାରଣ ଜଣା ନ ଥାଏ। ତା' ନ ହେଲେ ଆମକୁ ସବୁକିଛି ଭାରି ସରଳ ଲାଗୁଥାନ୍ତା, ଭାରି ସ୍ୱାଭାବିକ ଲାଗୁଥାନ୍ତା। ଏବଂ ଦେଖନ୍ତୁ, ଏହି ମୁହୂର୍ତ୍ତରେ ମଧ୍ୟ ମୁଁ ସ୍ଥିରତା ଓ ପ୍ରସନ୍ନତାର ଏକ ବୋଧକୁ ଅନୁଭବ କରି ପାରୁଛି ଏବଂ ତଦ୍ୱାରା ମୁଁ ଅନେକ ବଳ ମଧ୍ୟ ପାଇ ପାରୁଛି। ଏହି ବଳ ଏବଂ ଉତ୍ସାହ ଲାଗି ଯେ ମୋ'ର କେତେ ବେଶୀ ଆବଶ୍ୟକତା ରହିଛି, ଆପଣ ସେକଥା ଜାଣିଥାନ୍ତେ କି ?... ସମ୍ପୂର୍ଣ୍ଣ ଏକାକୀ ଭାବରେ ଆପଣାର ଜୀବିକାନିର୍ବାହ କରିବାକୁ ବାଧ୍ୟ ହେଉଥିବା ଏହି ତା'ର ସେହି ସଂଗ୍ରାମରେ ଟିକିଏ ସାହାଯ୍ୟ କରିବା ଲାଗି ଦ୍ୱିତୀୟ ଲୋକ କାହାକୁ ଜାଣି ନ ଥିବା ଜଣେ ଅସହାୟ ଓ ଅରକ୍ଷିତ ପିତୃମାତୃହୀନ ମଣିଷ ପାଇଁ ଜୀବନ ପ୍ରକୃତରେ ବଡ଼ କଠିନ। ମାତ୍ର ବର୍ତ୍ତମାନ ତ ଆପଣଙ୍କର ସାକ୍ଷାତ୍ ପାଇଲିଣି, ତେଣୁ ମୁଁ ଅନୁଭବ କରୁଛି ଯେ ମୋ'ର ଯାବତୀୟ କଷ୍ଟ ଓ ଦୁଃଖ ଏଣିକି କୁଆଡ଼େ ଅନ୍ତର୍ହିତ ହୋଇଯିବ।

କବି : ଆପଣ ନିଶ୍ଚିନ୍ତ ରହନ୍ତୁ ଯେ ଆପଣଙ୍କୁ ସାହାଯ୍ୟ କରିବା ଲାଗି ମୁଁ ଯଥାଶକ୍ତି ସବୁ କରିବି। ଆପଣଙ୍କ ପରି ଜଣେ କଳାକାର ଏବଂ ଜଣେ ନାରୀଙ୍କର କୌଣସି ପ୍ରକାର କାର୍ଯ୍ୟରେ ଆସି ପାରିବା ପ୍ରକୃତରେ ମୋ'ର କର୍ତ୍ତବ୍ୟ ଓ ଏକ ଅତୀବ ଆନନ୍ଦର ବିଷୟ।

ଅତୀନ୍ଦ୍ରିୟଦର୍ଶୀ : (*ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ କବିଙ୍କର ହାତକୁ ଧରି ପକାଇ*) ଆପଣଙ୍କୁ ଅନେକ ଧନ୍ୟବାଦ। ମୋତେ ଲାଗୁଛି, ଆମେ ଯେପରି ଚିରକାଳହିଁ ଏହିପରି

ଏକାଠି ବସି ଆସିଥିଲେ, ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ବସି ଆସିଥିଲେ । ଲାଗୁଛି, ଆମେ ପ୍ରକୃତରେ ପରସ୍ପରର ବନ୍ଧୁ, ପୁରାତନ ବନ୍ଧୁ... ଆମେ ପରସ୍ପରର ବନ୍ଧୁ, ନୁହେଁ ?

କବି : (*ଗମ୍ଭୀର ଭାବରେ*) ହଁ, ଆମ ହୃଦୟର ଗଭୀରତମ ଗଭୀରରୁ ।

ଅତୀନ୍ଦ୍ରିୟଦର୍ଶୀ : ଏଠାରେ ମୋତେ ଏପରି ଉଶ୍ୱାସ ଲାଗୁଛି ଯେ, ଆଗରୁ ମୁଁ ମାନି ଆସିଥିବା ଚଳଣି ଓ ପରମ୍ପରାଗୁଡ଼ାକ କୁଆଡ଼େ ପାସୋରି ହୋଇଯାଉଛି । ଏବଂ ମୋର ଅଶିଷ୍ଟତାର ଚରମସୀମାକୁ ସ୍ପର୍ଶ କରିଥିବା ପରି ବର୍ତ୍ତମାନ ମୋତେ ଭାରି ନିଦ ମାଡୁଛି ଓ ମୁଁ ମୋର ସେହି ଇଚ୍ଛାକୁ ମୋଟେ ଅଟକାଇ ରଖିପାରୁ ନାହିଁ । ଦୀର୍ଘ ଅନେକ ଦିନ ହେଲା ମୁଁ ଘରେ କେବେ ବି ଭଲକରି ଶୋଇ ନାହିଁ । କାରଣ ମୁଁ ସବୁବେଳେ ଭାରି ଅସ୍ୱସ୍ତ ଅନୁଭବ କରୁଥାଏ; କେତେକେତେ ଅଦୃଶ୍ୟ ଶତ୍ରୁ ମୋ'ର କ୍ଷତି କରିବାର ନାନା ପାଞ୍ଚରେ ଘେରି ଟାକି ରହିଥାନ୍ତି । ଟିକିଏ ମନ ସ୍ଥିର ହୋଇ ପାରିଲେ ସିନା ମୋତେ ଏଡ଼େ ଅତ୍ୟାବଶ୍ୟକ ହୋଇ ରହିଥିବା ବିଶ୍ରାମ ମିଳି ପାରୁଥାନ୍ତା, କିନ୍ତୁ ସେତିକି ସ୍ଥିରତା ଲାଗି ମଧ୍ୟ ମୋର ଆଦୌ କୌଣସି ସାମର୍ଥ୍ୟ ନ ଥାଏ । ମାତ୍ର ଏଠାକୁ ଆସିବାପରେ ମୋତେ ଲାଗୁଛି, ସତେ ଯେପରି କୌଣସି ଉଷ୍ମ ଏବଂ ଶକ୍ତିମାନ୍ ପଦାର୍ଥ ମୋତେ ଏକ ଜୀବନ୍ତ ବସ୍ତ୍ରାଭରଣ ପରି ଆଶ୍ରୟ ଦେଇ ରଖିଛି ଏବଂ ମୁଁ ଧୀରେ ଧୀରେ ନିଦ୍ରାଦେବୀଙ୍କର ବାହୁବେଢ଼ ଭିତରକୁ ଗତି କରିବାରେ ଲାଗିଛି ।

କବି : (*ତାଙ୍କ ଆଡ଼କୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଅନାଇ*) ତେବେ ଆପଣ ଏହି ସୋଫା ଉପରେ ଶୋଇ ପଡ଼ନ୍ତୁ । ଆରାମରେ ଶୋଇ ଯାଆନ୍ତୁ, ମନରେ କୌଣସି ଚିନ୍ତା ପ୍ରବେଶ କରିବାକୁ ମୋଟେ ଦିଅନ୍ତୁ ନାହିଁ । ଏବଂ ସବୁଠାରୁ ବଡ଼ କଥା ହେଉଛି ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ରୀତି ଓ ପ୍ରଚଳିତ ବିଧି ବିଷୟରେ ମୋଟେ କିଛି ଭାବନ୍ତୁ ନାହିଁ । ସେଗୁଡ଼ାକ ପ୍ରକୃତରେ ଜଞ୍ଜିର ପରିହିଁ କାର୍ଯ୍ୟ କରିଥାନ୍ତି, ସେଗୁଡ଼ାକରେ କୌଣସି ଯଥାର୍ଥ ମୂଲ୍ୟ ନ ଥାଏ ଏବଂ ବେଳେବେଳେ ମନେ ହୁଏ, ଯେପରି ମଣିଷ କେବଳ ନିଜର ଦୁଃଖ ବଢ଼ାଇବା ସକାଶେହିଁ ସେଗୁଡ଼ିକୁ ତିଆରି କରି ରଖିଛି ।

ଅତୀନ୍ଦ୍ରିୟଦର୍ଶୀ : ନିଦ ମୋ'ର ଭାରି ଦରକାର । ମୋ' ମୁଣ୍ଡ ଭିତରେ କୋଉ କାଳରୁ ଏପରି ଏକ ବେଦନା ରହିଛି ଏବଂ ସେଥିରୁ ମୁଁ ବଡ଼ କଷ୍ଟ ପାଉଛି । ଯଥାସମ୍ଭବ କିପରି ଏକ ଫଳ ପାଇବି ବୋଲି ମୁଁ କେଡ଼େ କଠିନ ପରିଶ୍ରମ କରି ଆସିଛି ଓ ସେଥିଲାଗି ମୋ'ର ମସ୍ତିଷ୍କ ପ୍ରକୃତରେ ଭୟଙ୍କର ଭାବରେ କ୍ଳାନ୍ତ ହୋଇ ପଡ଼ିଛି ।

କବି : (*ଆଗ୍ରହପୂର୍ଣ୍ଣ ଭାବରେ*)... ଆପଣ ମୋତେ ଅନୁମତି ଦେଲେ... ମୁଁ ଆପଣଙ୍କୁ ଅତ୍ୟନ୍ତ ସହଜରେ କିଛି ଆରାମ ଦେଇ ପାରିବି । (*କବି ଭଦ୍ର ମହିଳାଙ୍କର କପାଳରେ ବେଶ୍ କେତେକ ଥର ପାଇଁ ନିଜର ହାତକୁ ବୁଲାଇ ଆଣିଲେ ଓ ତା' ପରେ*

*ହାତଟିକୁ କିଛି ସମୟ ସକାଶେ ତାଙ୍କ ମୁଣ୍ଡ ଉପରେ ନେଇ ରଖିଲେ । ସେତେବେଳେ ଅତୀନ୍ଦ୍ରିୟଦର୍ଶୀ ସୋଫାଟି ଉପରେ ଶୋଇଥାନ୍ତି । କ୍ରମେ ତାଙ୍କୁ ନିଦ ଲାଗି ଆସିଲା ଏବଂ ତାଙ୍କର ମୁଖମଣ୍ଡଳରୁ ଆନନ୍ଦ ଏବଂ ପ୍ରସନ୍ନତାର ଏକ ଭାବ ଅଭିବ୍ୟକ୍ତ ହେବାକୁ ଲାଗିଲା ।)*

ଅତୀନ୍ଦ୍ରିୟଦର୍ଶୀ : (*ଅର୍ଦ୍ଧସୁପ୍ତ ଅବସ୍ଥାରେ*)... ଏଥର ମୁଁ ପୂରା ଭଲ ହୋଇଗଲିଣି ଆଉ କୌଣସି ଯନ୍ତ୍ରଣା ହେଉ ନାହିଁ... ବର୍ତ୍ତମାନ ପ୍ରକୃତରେ ଭାରି ଖୁସି ଲାଗୁଛି ।

କବି : (*ସୋଫାର ଗଦିଗୁଡ଼ିକୁ ସଜାଡ଼ି ପକାଇଦେଲେ, ଯେପରି କି ସିଏ ଆରାମରେ ଶୋଇ ପାରିବେ; ତା'ପରେ ଯାଇ ତାଙ୍କ ପାଖରେ ବସିଲେ, ତାଙ୍କର ହାତକୁ ସେ ନିଜ ହାତରେ ଧରିଥାନ୍ତି । ତା'ପରେ ସ୍ୱଗତରେ କହିଲେ*) ବିଚାରି ! ଏଡ଼େ ସୁନ୍ଦର ରୂପ, ଅଥଚ ଏଡ଼େ ଏକୁଟିଆ ।

ଅତୀନ୍ଦ୍ରିୟଦର୍ଶୀ : (*ନିଦ୍ରାବସ୍ଥାରେ ଥାଇ*) ଓଃ – ସତେ କେଡ଼େ ସୁନ୍ଦର !

କବି : (*କୋମଳ ଭାବରେ*) କ'ଣ କେଡ଼େ ସୁନ୍ଦର ?

ଅତୀନ୍ଦ୍ରିୟଦର୍ଶୀ : (*ତଥାପି ନିଦ୍ରାମଗ୍ନ ଅବସ୍ଥାରେ*) ଦେଖୁନ,– ତୁମର ଚାରି ପାଖରେ ସେହି ବାଇଗଣୀ ରଙ୍ଗର ଆଲୁଅକୁ ଦେଖି ପାରୁଛ ?... ସତେଯେପରି ଏକ ଜୀବନ୍ତ ଏବଂ ଆଲୋକମୟ ମଣି ପରି ଦେଖାଯାଉଛି । ତାହା ମୋ' ଚାରିପାଖରେ ମଧ୍ୟ ଅବସ୍ଥିତ ରହିଛି, ମୋତେ ତାହା ଅନେକ ବଳ ଆଣି ଦେଇଯାଉଛି । ତାହା ମୋତେ ସୁରକ୍ଷିତ କରି ରଖିଛି, ନିଶ୍ଚିତ ଭାବରେ ସୁରକ୍ଷିତ କରି ରଖିଛି ।... ବର୍ତ୍ତମାନ କୌଣସି ଅନିଷ୍ଟ ମୋ' ପାଖକୁ ଆସି ମୋ'ର କିଛି କରିପାରିବ ନାହିଁ । (*ଉଲ୍ଲସିତ ହୋଇ*) ତୁମକୁ ବେଷ୍ଟନ କରି ରହିଥିବା ସେହି ବାଇଗଣୀ ରଙ୍ଗର ଆଲୋକଟି ପ୍ରକୃତରେ କେଡ଼େ ସୁନ୍ଦର ଦେଖାଯାଉଛି !

କବି : ବର୍ତ୍ତମାନ ତ ଖୁବ୍ ଭଲ ଲାଗି ଆସିବଣି, ତେଣୁ ବର୍ତ୍ତମାନ ଥିର ହୋଇ ଶୋଇପଡ଼ । ଆଉ ଅନ୍ୟକିଛି ଦେଖିବାକୁ ଚେଷ୍ଟା କର ନାହିଁ ।

ଅତୀନ୍ଦ୍ରିୟଦର୍ଶୀ : (*ଏକ ଅତ୍ୟନ୍ତ କ୍ଷୀଣ ସ୍ୱରରେ*) ହଁ, ମୋତେ ନିଦ ମାଡ଼ି ଆସିଲାଣି, ଭାରି ନିଦ ମାଡ଼ି ଆସିଲାଣି । ଓଃ, କେଡ଼େ ସ୍ଥିର ଲାଗୁଛି, କେଡ଼େ, ଆଶ୍ୱସ୍ତ ଲାଗୁଛି ।

କବି : (*ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଚକ୍ଷୁରେ ତାଙ୍କ ଆଡ଼କୁ ଅନାଇ*) ହଁ, ତୁମେ ଶୋଇପଡ଼, ଝିଅ, ଶୋଇପଡ଼ । ସେହି ନିଦ୍ରାହିଁ ତୁମର ଯାବତୀୟ ପୀଡ଼ାର ଉପଶମ କରାଇ ଆଣିବ । ତୁମର ଜୀବନ ପ୍ରକୃତରେ ଭାରି କଠିନ ହୋଇ ରହିଥିଲା ଏବଂ ତେଣୁ ତୁମ ଲାଗି ବିଶ୍ରାମ ଏକାନ୍ତ ଆବଶ୍ୟକ । (*କ୍ଷଣିକ ପାଇଁ ନୀରବ ରହି*) ନିଜକୁ ଧୋକା ଦେଇ ଆଉ କ'ଣ ଲାଭ ହେବ ? ମୋତେ ଏହି କଥାଟିକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ : ଆଗରୁ ତାଙ୍କର କଣ୍ଠ ମୋ'ର ସମସ୍ତ ସତ୍ତାକୁ ଯେପରି ପୁଲକବିହ୍ୱଳ କରି ଦେଉଥିଲା, ବର୍ତ୍ତମାନ

ତାଙ୍କର ଏଠାରେ ଉପସ୍ଥିତି ମଧ୍ୟ ମୋ' ଭିତରଟାକୁ ଏକ ପ୍ରଶାନ୍ତି ଏବଂ ଗଭୀର ପୁଲକରେ ପୂର୍ଣ୍ଣ କରିଦେବାରେ ଲାଗିଛି । ଏବଂ ବର୍ତ୍ତମାନ ମୋ'ର ସ୍ନେହାଶ୍ରୟ ଭିତରେ ସିଏ କେଡ଼େ ସୁନ୍ଦର ହୋଇ ଶୋଇ ପଡ଼ିଛନ୍ତି, ତାଙ୍କ ଜୀବନରେ ସିଏ ହୁଏତ ପ୍ରଥମଥର ପାଇଁ ସଚେତନ ଭାବରେ ଶୋଇ ପଡ଼ିଛନ୍ତି । ମୋ' ଉପରେ ତାଙ୍କର ଯେଉଁ ବିଶ୍ୱାସ, ତାହା ମୋ' ଲାଗି ଏକ ଦାୟିତ୍ୱ ମଧ୍ୟ ଆଣି ଦେଇଛି । ସେହି ଦାୟିତ୍ୱ ବହନ ମୋ ଲାଗି ମଧ୍ୟ ପ୍ରକୃତରେ କେଡ଼େ ମଧୁର ହୋଇ ରହନ୍ତା ! କିନ୍ତୁ ମୋ' ନିଜ ପତ୍ନୀ ବି ତ ଅଛନ୍ତି ! ମୁଁ ଭଲ କରି ଜାଣିଛି ଯେ ସିଏ ଭାରି ମଜଭୁତ, ଭାରି ସାହସୀ; ତାଙ୍କ ପ୍ରତି ମୋ'ର କେବଳ ଏକ ବନ୍ଧୁସୁଲଭ ସ୍ନେହର ଭାବ ବ୍ୟତୀତ ଯେ ଆଉ ଅଧିକ କିଛି ନାହିଁ, ସେହି କଥାଟିକୁ ସିଏ ଭଲ କରି ବୁଝିଛନ୍ତି ବୋଲି ମଧ୍ୟ ମୋତେ ଜଣାଅଛି । ସିଏ ନିଜେ ମଧ୍ୟ କେବଳ ସେତିକିରେ ସନ୍ତୁଷ୍ଟ ହୋଇ ପାରିବେ ନାହିଁ; କାରଣ ତାଙ୍କର ପ୍ରେମର ଗଭୀରତାଗୁଡ଼ିକ ତଥାପି କୌଣସି ପ୍ରକାର ସ୍ପର୍ଶର ବାହାରେ ରହିଯାଉଛନ୍ତି । ମାତ୍ର ମୋ'ର ତାଙ୍କ ପ୍ରତି ମଧ୍ୟ ଏକ ଦାୟିତ୍ୱ ରହିଛି । ମୋ'ର ସମୁଦାୟ ସତ୍ତା ଯେ ଆଉ ଜଣେ ବ୍ୟକ୍ତିଙ୍କଠାରେ ଅଭିନିବେଶିତ ହୋଇ ରହିଲାଣି, ମୁଁ ସେକଥା ତାଙ୍କୁ କିପରି ଯାଇ କହି ପାରିବି ? ମାତ୍ର ତଥାପି ଆପଣାର ଭାବଟିକୁ ଗୋପନ କରି ରଖିବା ବି ଆଦୌ ସମ୍ଭବ ହେବ ନାହିଁ । ମିଥ୍ୟାହିଁ ଏହି ସଂସାରର ଏକମାତ୍ର ମନ୍ଦଶକ୍ତି । ଏବଂ, ଗୋପନ କରି ରଖିଲେ କୌଣସି ଲାଭ ମଧ୍ୟ ହେବ ନାହିଁ : ତାଙ୍କ ପରି ଜଣେ ନାରୀଙ୍କୁ ମୁଁ କଦାପି ପ୍ରତାରଣା କରି ପାରିବି ନାହିଁ । ଓଃ, ବେଳେବେଳେ ଜୀବନଟା ପ୍ରକୃତରେ କେଡ଼େ ନିର୍ମମ ହୋଇପଡ଼େ !

ଅତୀନ୍ଦ୍ରିୟଦର୍ଶୀ : (*ତଥାପି ସୁପ୍ତ ଅବସ୍ଥାରେ ଥିଲେ, କଡ଼ ଲେଉଟାଇ ନିଜର ହାତଟିକୁ କବିଙ୍କର ହାତ ଉପରେ ରଖିଲେ*) ମୁଁ ଭାରି ଖୁସି, ପ୍ରକୃତରେ ଭାରି ଖୁସି,... (*ସତେଅବା ଏକ ସାନ ପିଲାର ପୂର୍ଣ୍ଣ ବିଶ୍ୱାସ ସହିତ ସିଏ ଲେଉଟି ପଡ଼ି ନିଜର ମୁଣ୍ଡଟିକୁ କବିଙ୍କର କୋଳରେ ନେଇ ରଖିଲେ ।*)

କବି : ତୁମେହିଁ କହ ଝିଅ, ମୁଁ ଆଉ କ'ଣ କରିପାରିବି ? (*ସିଏ ଗଭୀର ଚିନ୍ତାମଗ୍ନ ଭାବରେ ତାଙ୍କ ଆଡ଼କୁ ଅନାଇ ରହିଲେ । ଅତୀନ୍ଦ୍ରିୟଦର୍ଶୀ ଦୀର୍ଘନିଃଶ୍ୱାସଟିଏ ପକାଇଲେ, ଭିଡ଼ିମୋଡ଼ି ହେଲେ, ନିଦ ଭାଙ୍ଗି ଉଠିଲେ ।*)

ଅତୀନ୍ଦ୍ରିୟଦର୍ଶୀ : (*କିଞ୍ଚିତ୍ ବିସ୍ମିତ ଭାବରେ ନିଜ ଚାରିପାଖକୁ ଅନାଇ*) ମୁଁ ଶୋଇ ପଡ଼ିଲି... କେଡ଼େ ବଢ଼ିଆ ନିଦ ହୋଇଗଲା । ମୋ ଜୀବନରେ କେବେହେଲେ ବି ମୁଁ ଏତେ ଭଲକରି ଶୋଇ ନ ଥିଲି ।

କବି : ତୁମର କଥା ଶୁଣି ମୁଁ ଖୁବ୍ ଆନନ୍ଦିତ ।

ଅତୀନ୍ଦ୍ରିୟଦର୍ଶୀ : (*ସ୍ନେହପୂର୍ଣ୍ଣ ଭାବରେ ତାଙ୍କ ଆଡ଼କୁ ଅନାଇ*) ବୁଝିଲ, ଯେଉଁ

ଆଲୋକ ତୁମକୁ ବେଷ୍ଟିତ କରି ରହିଥିଲା ଓ ମୋତେ ବି ଆବୃତ କରି ରଖିଥିଲା, ତାହା ଏକାଧାରରେ ମୋତେ ଜୀବନୀଶକ୍ତି ଆଣି ଦେଉଥିଲା, ମୋତେ ସୁରକ୍ଷିତ କରି ବି ରଖିଥିଲା । ଏସବୁ କେଡ଼େ ସୁନ୍ଦର ଲାଗୁଥିଲା, କେଡ଼େ ଆରାମଦାୟକ ଲାଗୁଥିଲା ! ବର୍ତ୍ତମାନ ନିଦ ଭାଙ୍ଗିଯିବା ପରେ ମଧ୍ୟ ମୁଁ ଆପଣାର ଚତୁର୍ଦ୍ଦିଗରେ ତାହାକୁ ଅନୁଭବ କରୁଛି ।

କବି : ହଁ, ବର୍ତ୍ତମାନ ମଧ୍ୟ ତାହା ତୁମକୁ ବେଷ୍ଟନ କରି ରହିଛି । ତୁମେ କ'ଣ ଜୀବନରେ ଆଜି ପ୍ରଥମଥର ସକାଶେ ନାନା ବର୍ଣ୍ଣର ଏହି ଆଲୋକଗୁଡ଼ିକୁ ଦେଖିବାକୁ ପାଇଲ ?

ଅତୀନ୍ଦ୍ରିୟଦର୍ଶୀ : ହଁ, ଆଗରୁ ମୁଁ କେତେ ବ୍ୟକ୍ତିଙ୍କ ଚାରିପାଖରେ କେତେ ପ୍ରକାରର ଆଲୋକ ବା ଏକ ରଙ୍ଗିନ କୁଜ୍‌ଝଟିକା ରହିଥିବାର ପ୍ରତ୍ୟକ୍ଷ ମଧ୍ୟ କରିଛି । କିନ୍ତୁ ତୁମକୁ ଘେରି ରହିଥିବା ଏହି ସୁନ୍ଦର ଆଲୋକ ପରି ଏଡ଼େ ସୁନ୍ଦର ଆଲୋକ ମୁଁ ଆଉ କେବେହେଲେ ପ୍ରତ୍ୟକ୍ଷ କରି ନାହିଁ ଓ ଆଉ କୌଣସି ଆଲୋକକୁ ମୁଁ ନିଜର ଏତେ ନିକଟରେ ଥିବାର କେବେ ଅନୁଭବ କରି ନାହିଁ । ଅଧିକାଂଶ ସମୟରେ ଅନ୍ୟମାନଙ୍କ ଚତୁର୍ଦ୍ଦିଗରେ ମୁଁ ଏକ ଆବିଳ ଓ ଦୂଷିତ କୁହୁଡ଼ି ପରି କ'ଣ ଗୋଟାଏ ଦେଖିବାକୁ ପାଇଛି । ସେଇଟା କ'ଣ ହୋଇଥିବ କହିଲେ ?

କବି : ଏହି କଥାଟିର ଏକ ସ୍ପଷ୍ଟ ଉତ୍ତର ଦେବା ଲାଗି ନିଶ୍ଚୟ ଅନେକ ସମୟ ଲାଗିବ । ତଥାପି ଯଥାସମ୍ଭବ ଅଳ୍ପ କଥାରେ ମୁଁ ତୁମକୁ ତାହା ବୁଝାଇ କହିବାକୁ ଚେଷ୍ଟା କରିବି । ଯଦି କେତେବେଳେ ତୁମକୁ ଭଲ ନ ଲାଗେ, ତେବେ ମୋତେ ବନ୍ଦ କରିବାକୁ କହିବ । ଆମେସବୁ ପ୍ରକୃତରେ ନାନା ବିଭିନ୍ନ ତତ୍ତ୍ୱ ଓ ସ୍ଥିତିଗୁଡ଼ିକୁ ନେଇ ତିଆରି ହୋଇଛୁ; ସେହି ତତ୍ତ୍ୱଗୁଡ଼ିକୁ କ୍ଷିତି, ଜଳ, ବାୟୁ ଓ ଅଗ୍ନି ସହିତ ତୁଳନା କରାଯାଇ ପାରିବ । ବୁଝି ପାରୁଛ ?

ଅତୀନ୍ଦ୍ରିୟଦର୍ଶୀ : ହଁ, ମୋତେ ଭାରି ଭଲ ଲାଗୁଛି ।

କବି : ଅପେକ୍ଷାକୃତ କମ୍ ସଘନ ହୋଇ ରହିଥିବା ଗୋଟିଏ ସ୍ଥିତି ଅପେକ୍ଷାକୃତ ଅଧିକ ସଘନ ହୋଇ ରହିଥିବା ଆଉ ଏକ ସ୍ଥିତି ଭିତରକୁ ଭେଦ କରିଯାଏ ଓ ତାହାର ଭିତରେ ପ୍ରବାହିତ ହେବାକୁ ଲାଗେ । ଉଦାହରଣସ୍ୱରୂପ ଏକ ସଚ୍ଛିଦ୍ର ପାତ୍ର ଦେଇ ଜଳ ବାଷ୍ପ ହୋଇ ଉପରକୁ ଉଠିଯାଏ, ଏଥିରେ ଅବଶ୍ୟ ଏତିକି ପାର୍ଥକ୍ୟ ରହିଥାଏ ଯେ ଏହା ଦ୍ୱାରା ଆଦୌ କୌଣସି କ୍ଷତି ହୁଏ ନାହିଁ । ଠିକ୍ ସେହିପରି ଭାବରେ, ଆମ ଭିତରେ ଯାହା ଅପେକ୍ଷାକୃତ ଅଧିକ ସଚ୍ଛିଦ୍ର ହୋଇ ରହିଥାଏ, ତାହା ଆମ ଶରୀରର ଚତୁର୍ଦ୍ଦିଗରେ ଗୋଟିଏ ପ୍ରକାରର ରକ୍ଷାବରଣ ହୋଇ ରହିଥାଏ ଏବଂ ସେହି ସୂକ୍ଷ୍ମ ରକ୍ଷାବରଣଟିକୁ ଆମେ ପରିମଣ୍ଡଳ ବୋଲି କହିଥାଉ ।

ଅତୀନ୍ଦ୍ରୟଦର୍ଶୀ : ବୁଝି ପାରିଲି । ଭାରି କଷ୍ଟ ଭାବରେ ବୁଝିଲି । ତେବେ, ଏହିପରି ଭାବରେ ଏହିସବୁ ପରିମଣ୍ଡଳକୁ ପ୍ରତ୍ୟକ୍ଷ କରିବା ପ୍ରକୃତରେ ଭାରି ଉପଯୋଗୀ ମଧ୍ୟ ହୋଇପାରେ !

କବି : ତୁମେ ଠିକ୍ କଥା କହିଛ, ତାହା ଅତ୍ୟନ୍ତ ଉପଯୋଗୀ ପରି କାର୍ଯ୍ୟ କରିଥାଏ । ତୁମେ ଏକଥା ମଧ୍ୟ ଭାରି ସହଜରେ ବୁଝି ପାରୁଥିବ ଯେ, ସଂବେଗ ଓ ଭାବନା ସମେତ ଆମ ଭିତରେ ଯାହାକିଛି ରହିଥାଏ, ଆମ ପରିମଣ୍ଡଳଟି ତାହାକୁହିଁ ଅବିକଳ ଭାବରେ ପ୍ରତିଫଳିତ କରି ଦେଉଥାଏ । ଯଦି ସଂବେଗ ଓ ଭାବନାଗୁଡ଼ିକ ସ୍ଥିର ଥାଏ, ସେଗୁଡ଼ିକରେ ଯଦି ସମଞ୍ଜସତା ରହିଥାଏ, ତେବେ ସେହି ପରିମଣ୍ଡଳଟି ମଧ୍ୟ ସ୍ଥିର ଏବଂ ସମଞ୍ଜସତାଯୁକ୍ତ ହୋଇ ରହିବ । ମାତ୍ର, ଯଦି ସଂବେଗଗୁଡ଼ିକର କ୍ଷେତ୍ରରେ ନାନା ଉଦ୍‌ବେଳନ ଲାଗି ରହିଥାଏ ଓ ଭାବନାଗୁଡ଼ାକ ବିକ୍ଷୁବ୍ଧ ହେବାରେ ଲାଗିଥାଏ ତେବେ ପରିମଣ୍ଡଳଟି ଭିତରେ ମଧ୍ୟ ସେହି ଉଦ୍‌ବେଳ ଓ ସେହି ବିକ୍ଷୋଭ ନିଶ୍ଚୟ ବ୍ୟକ୍ତ ହୋଇ ଯାଉଥିବ । ତୁମେ କେତେକ ବ୍ୟକ୍ତିଙ୍କର ଚାରିପାଖରେ ଯେଉଁ କୁଜ୍‌ଝଟିକା ଦେଖିବାକୁ ପାଇଛ ବୋଲି କହୁଛ, ତାହା ପ୍ରକୃତରେ ଠିକ୍ ତାହାରି ପରି ଦେଖାଯିବ ।

ଅତୀନ୍ଦ୍ରିୟଦର୍ଶୀ : ହଁ, ବୁଝି ପାରିଲି । ତେବେ ଏହି ପରିମଣ୍ଡଳଗୁଡ଼ିକ ପ୍ରକୃତରେ କେତେ କ'ଣ ସତ୍ୟର ଉଦ୍‌ଘାଟନ କରିଦେଇ ପାରନ୍ତି ।

କବି : ହଁ । ଯେଉଁମାନେ ଏହି ପରିମଣ୍ଡଳଗୁଡ଼ିକୁ ଦେଖି ପାରୁଥାନ୍ତି, ସେମାନେ କଦାପି ପ୍ରତାରିତ ହୁଅନ୍ତି ନାହିଁ । ଉଦାହରଣସ୍ୱରୂପ, ମନ୍ଦ ମତଲବର ଜଣେ ମନୁଷ୍ୟ ଆଲୋକର ଆକର ଏକ ଦେବଦୂତ ପରି ଦେଖାଯିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହାର ସକଳ ଚେଷ୍ଟା ଏହି କ୍ଷେତ୍ରରେ କେବଳ ବୃଥାହିଁ ହୋଇଯାଏ । ତା'ର ଭାବନା ଓ ତା'ର ଅଭିପ୍ରାୟଗୁଡ଼ିକ ଯେ ମନ୍ଦ ଓ ଅନ୍ଧକାର ଦ୍ୱାରା ଆବୃତ, ତାହାର ପରିମଣ୍ଡଳ ସେହି କଥାଟିକୁ ପ୍ରମାଣିତ କରି ଦେଉଥାଏ ।

ଅତୀନ୍ଦ୍ରିୟଦର୍ଶୀ : (*ପ୍ରଶଂସାପୂର୍ଣ୍ଣ କଣ୍ଠରେ*) ଅଦ୍ଭୁତ ! ସଂସାରରେ ଏହି ଜ୍ଞାନର ପ୍ରକୃତରେ କେତେ କ'ଣ ପରିଣାମ ହୋଇପାରନ୍ତା ! କିନ୍ତୁ ଏସବୁ ଅଦ୍ଭୁତ ବିଷୟକୁ ଆପଣ କେଉଁଠାରୁ ଶିକ୍ଷା କରିଛନ୍ତି କହିଲେ ? କାରଣ, ଏହି ବିଦ୍ୟାଟିକୁ ବହୁସଂଖ୍ୟକ ଲୋକ ଜାଣିଥିବେ ବୋଲି ମୁଁ ମୋଟେ ଭାବିପାରୁ ନାହିଁ ।

କବି : ନାଁ, ବିଶେଷତଃ ଏହି ଆଧୁନିକ ଯୁଗରେ, ଆମର ଏହି ଯୁଗଭଳି ଏକ ଯୁଗରେ, ଯେଉଁଠି ତାହା ଆଣି ଦେଉଥିବା ସଫଳତା ଏବଂ ଭୌତିକ ସନ୍ତୋଷଗୁଡ଼ାକୁହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ବୋଲି ସ୍ୱୀକାର କରାଯାଉଛି, ସେହି ଯୁଗରେ ତାହା କଦାପି ସମ୍ଭବ ହେବ ନାହିଁ । ତଥାପି କ୍ରମଶଃ ସଂଖ୍ୟାଧିକ ହେବାରେ ଲାଗିଥିବା ଅସନ୍ତୁଷ୍ଟ ଅନେକ

ବ୍ୟକ୍ତି ବର୍ତ୍ତମାନ ଜୀବନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ଆବିଷ୍କାର କରିବାକୁ ଆରମ୍ଭ କଲେଣି । ଏବଂ ଅନ୍ୟ ପକ୍ଷରେ ଅନ୍ୟ ଲୋକମାନେ ବି ରହିଛନ୍ତି ଯେଉଁମାନେ ସେହି ବିଦ୍ୟାଟିକୁ ଜାଣିଛନ୍ତି ଏବଂ ଦୁଃଖପୀଡ଼ିତ ମନୁଷ୍ୟସମୂହର ସାହାଯ୍ୟ କରିବା ଲାଗି ଚେଷ୍ଟା କରୁଛନ୍ତି । ପୁରୁଷ ପୁରୁଷ ଧରି ମନୁଷ୍ୟଜାତି ଯେଉଁ ଜ୍ଞାନର ଅଧିକାରୀ ହୋଇ ରହି ଆସିଛି ଏବଂ, ମନୁଷ୍ୟ ଯଥାର୍ଥରେ ଯାହା ଏବଂ ଯାହାସବୁ କରିବା ଲାଗି ତା' ଭିତରେ ସାମର୍ଥ୍ୟ ରହିଛି, ତାହାରି ବିଷୟରେ ଏକ ଚେତନା ମଧ୍ୟକୁ ମନୁଷ୍ୟକୁ ଜାଗୃତ କରିନେବା ଲାଗି ଆପଣାର ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ଏକ ଆତ୍ମବିକାଶ-ପ୍ରଣାଳୀରେ ଯାହା ଭୂମି ହୋଇ ରହିଛି, ସେହି ବ୍ୟକ୍ତିମାନେ ସେହି ସର୍ବୋଚ୍ଚ ଜ୍ଞାନରହିଁ ସଂରକ୍ଷକ ହୋଇ ରହିଛନ୍ତି ।

ଅତୀନ୍ଦ୍ରିୟଦର୍ଶୀ : ସେହି ଶିକ୍ଷାଟି ପ୍ରକୃତରେ ଅଦ୍ଭୁତ ଓ ସୁନ୍ଦର ହୋଇଥିବ ! ଆପଣ ମୋତେ କ୍ରମଶଃ ସେଇଟି ସହିତ ପରିଚିତ କରାଇଦେବେ, ନୁହେଁ ? କାରଣ ଏଣିକି ଆମର ଅଧିକାଂଶ ସମୟରେ ସାକ୍ଷାତ୍ ହେବ, ନୁହେଁ ? ଆମେ ସର୍ବଦା ପରସ୍ପରର ପାଖରେ ରହିଥିଲେ କେଡ଼େ ଭଲ ନ ହୁଅନ୍ତା !... ଏଠି ନିଦରେ ଶୋଇଥିବା ସମୟରେ ମୁଁ ଅନୁଭବ କରୁଥିଲି, ଯେପରିକି ତୁମେହିଁ ମୋ' ଲାଗି ସବୁକିଛି ଏବଂ ମୁଁ ଶାଶ୍ୱତ କାଳ ଲାଗି କେବଳ ତୁମର ହୋଇ ରହିଛି । ଏବଂ ମୁଁ ଏକଥା ମଧ୍ୟ ଅନୁଭବ କଲି ଯେ ବର୍ତ୍ତମାନଠାରୁ ତୁମରି ସୁରକ୍ଷାଟିହିଁ ମୋତେ ଆପଣାର ଆଶ୍ରୟ ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିବ । ଏବଂ, ମୁଁ ଆଗରୁ କେତେ କେତେ ଭୟ ଦ୍ୱାରା ତ୍ରସ୍ତ ହୋଇ ରହିଥିଲି, ମୋ ଚାରିପାଖରେ ମୋତେ କେତେ ଶତ୍ରୁ ଘେରି ରହିଛନ୍ତି ବୋଲି ଅନୁଭବ କରୁଥିଲି । କିନ୍ତୁ ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ଶାନ୍ତ ଓ ସ୍ଥିର ହୋଇ ଆସିଲିଣି, ନିଜର ବିଶ୍ୱାସ ଫେରିପାଇଲିଣି; କାରଣ, ଯେଉଁମାନେ ମୋ'ର କୌଣସି ଅନିଷ୍ଟ କରିବାକୁ ଯାଉଥିବେ, ମୁଁ ବର୍ତ୍ତମାନ ସେହି ସମସ୍ତଙ୍କୁ ଚିହ୍ନି କହିଦେଇ ପାରିବି : ''ତୁମମାନଙ୍କ ପ୍ରତି ମୋ'ର କୌଣସି ଭୟ ନାହିଁ । ମୋ' ଚାରିପାଖରେ ଏକ ଦୃଢ଼ ସଂରକ୍ଷଣ ରହିଛି, ସୁରକ୍ଷାର ସେହି ନିର୍ଭରଟି ମୋତେ କଦାପି ଛାଡ଼ିଦେଇ ଚାଲିଯିବ ନାହିଁ ।'' ମୁଁ ପ୍ରକୃତରେ ଠିକ୍ କଥା କହୁଛି, ନୁହେଁ ?

କବି : ହଁ, ତୁମେ ଠିକ୍ କଥା କହୁଛ ।

ଅତୀନ୍ଦ୍ରିୟଦର୍ଶୀ : ଶେଷରେ ତୁମର ସାକ୍ଷାତ୍ ଲାଭ କରିଥିବାରୁ ମୁଁ ପ୍ରକୃତରେ କେଡ଼େ ଖୁସି ! ତୁମ ଲାଗି ମୁଁ ଆଜିଯାଏ ଚାହିଁ ବସିଥିଲି । କିନ୍ତୁ ତୁମେ... ତୁମେ ବି ଖୁସି ତ ?

କବି : ହଁ... ବର୍ତ୍ତମାନ, ଯେତେବେଳେ ତୁମେ ନିଦ୍ରାମଗ୍ନ ଥିଲ, ମୁଁ ସେତେବେଳେ ଏପରି ଏକ ସ୍ଥିରତା ଏବଂ ସୁଖକରତା ଅନୁଭବ କରିବାକୁ ଲାଗିଲି, ଯାହାକି ମୁଁ ପୂର୍ବରୁ କେବେହେଲେ ଅନୁଭବ କରି ନ ଥିଲି । (*ଚିନ୍ତାମଗ୍ନ ଭାବରେ*) ହଁ, ଏହାହିଁ ଯଥାର୍ଥ

ପ୍ରେମ, ଏହା ଏକ ଶକ୍ତି; ଏହା ଏପରି ଏକ ସମ୍ମିଳନ, ଯାହାକି କେତେ କେତେ ନୂତନ ସମ୍ଭାବନାକୁ ଉପଲବ୍ଧି କରିବା ଲାଗି ସାମର୍ଥ୍ୟ ଆଣି ଦେଇଯାଏ ।... କିନ୍ତୁ...

ଅତୀନ୍ଦ୍ରିୟଦର୍ଶୀ : ପୁଣି କିନ୍ତୁ କ'ଣ ? ଯେତେବେଳେ ଆମେ ପରସ୍ପରର ପାଖକୁ ଆସି ଏତେସୁଖ ଅନୁଭବ କରୁଛୁ, ସେତେବେଳେ ଆମକୁ ଆଉ ସେଥିରୁ କିଏ... ?

କବି : (*ହଠାତ୍ ଠିଆହୋଇ ପଡ଼ିଲେ*) ହଁ — କିନ୍ତୁ ତୁମେ ସେକଥା ଜାଣି ନାହଁ ! (*'ସିଏ' ଆସୁଥିବାର ଦେଖି ସିଏ କହୁ କହୁ ଅଧାରୁ ରହିଗଲେ । 'ସିଏ' କେତେବେଳୁ ଆସି ପର୍ଦାର ସେପାଖରେ ଦଣ୍ଡାୟମାନ ରହିଥିଲେ ।*) ଓଃ ! (*ସ୍ମିତହାସ୍ୟ ସହିତ 'ସିଏ' ଅତ୍ୟନ୍ତ ଶାନ୍ତ ଭାବରେ ଅଗ୍ରସର ହୋଇ ଭିତରକୁ ଆସିଲେ ।*)

ଅତୀନ୍ଦ୍ରିୟଦର୍ଶୀ : (*ବିସ୍ମିତ ଭାବରେ*) ତୁମେ ବିବାହିତ ବୋଲି ମୋତେ ଜଣା ନ ଥିଲା !

ସିଏ : (*ଅତୀନ୍ଦ୍ରିୟଦର୍ଶୀଙ୍କ ଉଦ୍ଦେଶ୍ୟରେ*) ଆପଣ ମୋଟେ ବିଚଳିତ ହୋଇପଡ଼ନ୍ତୁ ନାହିଁ । (*କବିଙ୍କୁ ଉଦ୍ଦେଶ୍ୟ କରି*) ତୁମେ ମଧ୍ୟ ମୋଟେ ବିଚଳିତ ହୁଅ ନାହିଁ । ହଁ, ମୁଁ ତୁମ ଦୁହିଙ୍କର କଥାବାର୍ତ୍ତାର ଶେଷ ଅଂଶଟିକୁ ଶୁଣିଛି । ଭଉଣୀ ଜଣକ ଠିକ୍ ଉଠିବା ସମୟରେହିଁ ମୁଁ ଏଠାରେ ଆସି ପହଞ୍ଚି ଯାଇଥିଲି । ତୁମ୍ଭମାନଙ୍କ କଥାରେ କୌଣସି ବ୍ୟାଘାତ ସୃଷ୍ଟି କରିବାକୁ ମୋ'ର ଆଦୌ ଇଚ୍ଛା ହେଲା ନାହିଁ ଏବଂ ତେଣୁ ଏଠାରୁ ପୁଣି ଚାଲିଯିବାକୁ ମଧ୍ୟ ବସିଥିଲି । ମାତ୍ର ତା'ପରେ ଭାବିଲି ଯେ ମୁଁ ସବୁକଥା ଶୁଣିବାକୁ ପାଇଲେ ତାହା ସମ୍ଭବତଃ ଆମ ସମସ୍ତଙ୍କ ଲାଗି ଅଧିକ ଲାଭଦାୟକ ହେବ । ତେଣୁ ମୁଁ ଆଉ ଚାଲିଗଲି ନାହିଁ । କାରଣ, ମୁଁ ଅତ୍ୟନ୍ତ ନିଶ୍ଚିତ ଭାବରେ ଜାଣିଥିଲି ଯେ ତୁମେ ତଦ୍ୱାରା ଏକ ନିର୍ମମ ପରିସ୍ଥିତିରେ ଯାଇ ପଡ଼ିଯିବ । ତୁମର ସ୍ପଷ୍ଟବାଦିତା, ତୁମର ଆନୁଗତ୍ୟ,— ଏହି ସବୁକିଛି ବିଷୟରେ ମୋତେ ସବୁ ଜଣା ଅଛି । ମୁଁ ଏକଥା ମଧ୍ୟ ଜାଣିଥିଲି ଯେ ତୁମକୁ ଅତ୍ୟନ୍ତ ଦୁଃଖଦ ଭାବରେ ଦୁଇଟି ବିପରୀତ ମାର୍ଗ ଭିତରେ ବିଭକ୍ତ ହୋଇ ରହିବାକୁ ପଡ଼ିବ । ତୁମେ ତ ଜାଣିଛ, ଆମେ ଯାହାକୁ ସତ୍ୟ ବୋଲି ଗ୍ରହଣ କରିଛୁ, ସେହି ସତ୍ୟର ଶିକ୍ଷାଟିରେ କ'ଣ କୁହାଯାଇଛି : ପ୍ରେମ ହେଉଛି ସମ୍ମିଳିତ ହୋଇ ରହିବାର ଏକମାତ୍ର ବୈଧ ଓ ସମୀଚୀନ ବନ୍ଧନ । କୌଣସି ମିଳନ ଭିତରେ ଯଦି ପ୍ରେମ ନ ଥାଏ, ତେବେ ତାହାହିଁ ଅବଶ୍ୟ ଔଚିତ୍ୟହୀନ ବୋଲି ପ୍ରତିପାଦିତ କରିଦେବ । ଅବଶ୍ୟ ଏକଥା ବି ସତ୍ୟ ଯେ, ଏପରି ଅନେକ ମିଳନ ରହିଛି, ଯାହା ମଧ୍ୟରେ କି କୌଣସି ପ୍ରେମ ନାହିଁ, ତାହା ପାରସ୍ପରିକ ସମ୍ମାନ ଏବଂ ପାରସ୍ପରିକ ସୁଯୋଗଦାନ ଉପରେ ଆଧାରିତ ହୋଇ ରହିଛି । ସେଗୁଡ଼ିକୁ ବେଶ୍ ସହନଶୀଳ ଭାବରେ ସ୍ୱୀକାର କରି ନିଆଯାଇପାରେ ସତ, ମାତ୍ର ମୁଁ ଭାବୁଛି ଯେ, ଯେତେବେଳେ ପ୍ରେମ ଆସି ସମ୍ଭବ ହୁଏ, ସେତେବେଳେ ତାହାକୁହିଁ ବାଟ ଛାଡ଼ିଦେଇ ଆଉ ସବୁକିଛିକୁହିଁ ଓହରି ଚାଲିଯିବା ଉଚିତ ହେବ । ବନ୍ଧୁ, ଆମର ଚୁକ୍ତିଟି ତୁମର ନିଶ୍ଚୟ ସ୍ମରଣ

ଥିବ : ଯେତେବେଳେ ଆମ ଭିତରୁ କୌଣସି ଜଣକ ଭିତରେ ପ୍ରେମର ଉଦ୍ରେକ ଘଟିବ, ସେତେବେଳେ ପୂର୍ଣ୍ଣସ୍ୱାଧୀନତା ଦେବା ଲାଗି ଆମେ ପରସ୍ପର ପାଖରେ ପ୍ରତିଶ୍ରୁତ ହୋଇଥିଲୁ । ମୁଁ ସେଇଥି ପାଇଁ ସବୁକଥା ଶୁଣିଲି ଏବଂ ବର୍ତ୍ତମାନ ମୁଁ ତୁମକୁ ଏହି କଥାଟିକୁ କହିବାକୁ ଆସିଲି : ତୁମେ ସମ୍ପୂର୍ଣ୍ଣ ସ୍ୱାଧୀନ, ତୁମେ ଖୁସିହୋଇ ରହ ।

କବି : (*ଅତ୍ୟନ୍ତ ଗଭୀର ଭାବରେ ଆଲୋଡ଼ିତ ହୋଇ*) କିନ୍ତୁ ତୁମେ, ତୁମେ ? ମୁଁ ତ ଜାଣିଛି ଯେ ତୁମେ ସବୁବେଳେ ନିଜ ଚେତନାର ସର୍ବୋଚ୍ଚ ଶିଖରରେ ଯାଇ ବାସ କରୁଥାଅ, ସେଠାରେ ଏକ ଶୁଦ୍ଧ ଏବଂ ପ୍ରଶାନ୍ତ ଆଲୋକ ମଧ୍ୟରେ ବାସ କରୁଥାଅ । ମାତ୍ର ବିଜନତା ବେଳେବେଳେ ଅତ୍ୟନ୍ତ କର୍କଶ ବୋଲି ପ୍ରତୀତ ହୋଇଥାଏ ଏବଂ ସେତେବେଳେ ସମୟଗୁଡ଼ାକ ପ୍ରକୃତରେ ଭାରି ନୀରସ ଏବଂ ବିଷାଦପୂର୍ଣ୍ଣ ମନେ ହୁଏ ।

ସିଏ : ନା, ନା, ମୁଁ ମୋଟେ ଏକୁଟିଆ ହୋଇ ରହିବି ନାହିଁ । କାରଣ, ଯେଉଁମାନଙ୍କ ମାଧ୍ୟମରେ ଆମେ ପଥଟିକୁ ପାଇଛୁ, ଯେଉଁମାନେ ଶାଶ୍ୱତ ସତ୍ୟ ଓ ପ୍ରଜ୍ଞାର ଅଧିକାରୀ ହୋଇଛନ୍ତି ଏବଂ ଯେଉଁମାନେ ଦୂରରେ ରହି ବର୍ତ୍ତମାନ ପର୍ଯ୍ୟନ୍ତ ଆମର ପଦକ୍ଷେପଗୁଡ଼ିକୁ ଚାଳିତ କରି ଆସିଛନ୍ତି, ବର୍ତ୍ତମାନ ମୁଁ ସେହିମାନଙ୍କ ପାଖକୁ ଯିବି ଓ ସେହିମାନଙ୍କ ସହିତ ଯୋଗ ଦେବି । ସେମାନେ ମୋତେ ନିଶ୍ଚୟ ଆଶ୍ରୟ ଦେବେ । (*ଅତୀନ୍ଦ୍ରିୟଦର୍ଶୀଙ୍କ ଆଡ଼କୁ ଅନାଇ ଏବଂ ତାଙ୍କ ହାତକୁ ନିଜ ହାତରେ ଧରି*) ଆସ ଭଉଣି, ବିଚଳିତ ହେବାର ଆଦୌ କୌଣସି କାରଣ ନାହିଁ । ଯେଉଁ ନାରୀମାନଙ୍କ ଭିତରେ ଯଥାର୍ଥ ଗ୍ରହଣଶୀଳତା ଏବଂ ଆନ୍ତରିକତା ରହିଛି, ନିଜ ଜୀବନର ରକ୍ଷାକର୍ତ୍ତା ଏବଂ ମାର୍ଗଦର୍ଶକ ରୂପେ ଜଣେ ବ୍ୟକ୍ତି ବାଛି ନେବା ଲାଗି ସେମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି । ତୁମେ ତୁମ ପ୍ରକୃତିର ବିଧାନଟି ଅନୁସାରେହିଁ କାର୍ଯ୍ୟ କରିଛ ଏବଂ ତେଣୁ ଯାହାକିଛି ଘଟିଛି, ତାହା ଠିକ୍‌ହିଁ ଘଟିଛି । ଆମେ ବିଭିନ୍ନ ବିଷୟକୁ ଯେପରି ଦୃଷ୍ଟିରେ ଦେଖୁଛୁ ଓ ଯେପରି ଭାବରେ ଆଚରଣ କରୁଛୁ, ତାହା ତୁମକୁ ହୁଏତ ଟିକିଏ ବିସ୍ମିତ କରି ଦେଉଥିବ; କାରଣ ସେସବୁ ତୁମକୁ ଭାରି ନୂଆ ଲାଗୁଥିବ ଏବଂ ସେଗୁଡ଼ିକର ପଛରେ ରହିଥିବା କାରଣ ମଧ୍ୟ ତୁମକୁ ଜଣା ନ ଥିବ । (*କବିଙ୍କୁ ଉଦ୍ଦେଶ୍ୟ କରି*) ଇଏ ତୁମକୁ ସବୁକଥା ବୁଝାଇ କହିଦେବେ । ତେବେ ମୁଁ ବର୍ତ୍ତମାନ ବାହାରିଲି; କିନ୍ତୁ ଯିବା ଆଗରୁ ମୁଁ ତୁମ୍ଭମାନଙ୍କର ହାତକୁ ଏକାଠି ଗଅଁଠାଇ ଦେଇଯାଉଛି । (*ଅତୀନ୍ଦ୍ରିୟଦର୍ଶୀଙ୍କର ହାତକୁ ନେଇ ସିଏ କବିଙ୍କ ହାତ ଭିତରେ ରଖିଲେ*) ଅନ୍ୟ କୌଣସି ଆଶୀର୍ବାଦ ପ୍ରେମର ଆଶୀର୍ବାଦର କଦାପି ସମତୁଲ ହେବ ନାହିଁ । ତଥାପି ମୁଁ ତୁମ୍ଭମାନଙ୍କୁ ଅବଶ୍ୟ ମୋର ଆଶୀର୍ବାଦ ପ୍ରଦାନ କରିବି; କାରଣ ମୁଁ ଜାଣେ ଯେ ତୁମ୍ଭେମାନେ ଏଥିରେ ନିଶ୍ଚୟ ଅଧିକ ଖୁସି ହେବ । ଏବଂ, ଯଦି ମୋତେ ଅନୁମତି ମିଳେ, ତେବେ ମୁଁ କେତୋଟି ପରାମର୍ଶ ମଧ୍ୟ ଦେବି, ଯାହାକୁକି ତୁମ୍ଭେମାନେ ପ୍ରାୟ ଏକ ଅନୁରୋଧ ପରି ଗ୍ରହଣ

କରିବ । ପାଶବିକ ପ୍ରବୃତ୍ତି ଏବଂ ଇନ୍ଦ୍ରିୟବାସନାକୁ ଚରିତାର୍ଥ କରିବାର ଏକ ବାହାନା ରୂପେ କାମରେ ଲାଗିବାକୁ ତୁମ୍ଭେମାନେ ଏହି ମିଳନକୁ କଦାପି ବ୍ୟବହାର କରିବ ନାହିଁ । ବରଂ ତୁମ୍ଭେମାନେ ଏହାକୁ ପାରସ୍ପରିକ ସଂବଳନର ଏକ ସାଧନ କରି ରଖିବ, ଯେପରିକି ଏକ ସତତ ଅଭୀପ୍‌ସାର ପ୍ରକ୍ରିୟା ମଧ୍ୟଦେଇ ଏବଂ ଆପଣାର ସତ୍ତାର ସେହି କ୍ରମୋତ୍ତର ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇ ଯାଉଥିବାର ଏକ ଉଦ୍ୟମ ରୂପେ ତୁମେ ଆପଣାର ସୀମାଗୁଡ଼ିକୁ ସତତ ଅତିକ୍ରମ କରି ଚାଲି ଯାଉଥିବ । ତୁମ୍ଭମାନଙ୍କର ଏହି ସମ୍ପର୍କ ସୁନ୍ଦର ହେଉ, ଉଦାର ହେଉ; ଗୁଣରେ ସୁନ୍ଦର ହେଉ ଓ କର୍ମରେ ଉଦାର ହୋଇ ରହୁ । ତୁମ୍ଭେମାନେ ପୃଥିବୀ ଲାଗି ଏକ ଦୃଷ୍ଟାନ୍ତ ହୋଇ ରହ ଏବଂ ସଦିଚ୍ଛା ରହିଥିବା ସକଳ ମନୁଷ୍ୟଙ୍କ ସମକ୍ଷରେ ମନୁଷ୍ୟଜୀବନର ଯଥାର୍ଥ ଉଦ୍ଦେଶ୍ୟଟିକୁ ଦେଖାଇ ଦେବାର ସାମର୍ଥ୍ୟ ଲାଭ କର ।

ଅତୀନ୍ଦ୍ରିୟଦର୍ଶୀ : (*ଗଭୀର ଭାବରେ ଅଭିଭୂତ ହୋଇ*) ଆପଣ ଆମକୁ ଯେଉଁ ବିଶ୍ୱାସର ଭାଜନ କରିଛନ୍ତି ଏବଂ ଆମକୁ ଯେଉଁ ସମ୍ମାନ ଦେଖାଇଛନ୍ତି, ସେଗୁଡ଼ିକର ଉପଯୁକ୍ତ ହୋଇ ପାରିବା ଲାଗି ଆମେ ଯେ ଆମର ଯଥାସାଧ୍ୟ ଚେଷ୍ଟା କରିବୁ, ଏ ବିଷୟରେ ଆପଣ ନିଶ୍ଚିତ ହୋଇ ରହନ୍ତୁ । ମାତ୍ର, ମୁଁ ଯେ ଏପରି ଭାବରେ ଏହି ଗୃହକୁ ଆସିଲି ଓ ତା'ପରେ ଯେଉଁଭଳି ଘଟନାମାନ ଘଟିଲା, ତାହା ଯେ ଆପଣଙ୍କୁ ଏକ ଅପୂରଣୀୟ ଦୁର୍ଭାଗ୍ୟ ଭିତରେ ଆଣି ଆଦୌ ପକାଇ ଦେଇ ନାହିଁ, ମୁଁ ବର୍ତ୍ତମାନ ଆପଣଙ୍କ ମୁହଁରୁହିଁ ସେହି କଥାଟିକୁ ଶୁଣିବାକୁ ଇଚ୍ଛା କରୁଛି ।

ସିଏ : ତୁମେ କୌଣସି ଭୟ କର ନାହିଁ, ଭଉଣି ! ବର୍ତ୍ତମାନ ମୁଁ ଏକାନ୍ତ ନିଶ୍ଚିତ ଭାବରେ ଜାଣିପାରିଛି ଯେ କେବଳ ଗୋଟିଏ ପ୍ରକାରର ପ୍ରେମହିଁ ବର୍ତ୍ତମାନ ମୋର ସତ୍ତାକୁ ଯଥାର୍ଥ ସନ୍ତୋଷ ଦେଇପାରିବ ! ତାହା ହେଉଛି ଦିବ୍ୟ ପରମସତ୍ତାଙ୍କ ଲାଗି ପ୍ରେମ, ଦିବ୍ୟପ୍ରେମ; କାରଣ ତାହାହିଁ ଆମକୁ କଦାପି ଛାଡ଼ି ଚାଲି ଯିବ ନାହିଁ । ସମ୍ଭବତଃ ଦିନ ଆସିବ, ଯେତେବେଳେ କି ସେହି ସର୍ବୋଚ୍ଚ ଉପଲବ୍ଧି ଲାଗି ଅର୍ଥାତ୍ ଏହି ସ୍ଥୂଳସତ୍ତାର ରୂପାନ୍ତର ଓ ଦିବ୍ୟଭାବଗ୍ରହଣ ଲାଗି ମୁଁ ଅନୁକୂଳ ପରିବେଶଗୁଡ଼ିକୁ ଲାଭ କରିପାରିବି, ସେଥିଲାଗି ଆବଶ୍ୟକ ହେଉଥିବା ଯଥାର୍ଥ ସହାୟତାଟିକୁ ମଧ୍ୟ ପାଇ ପାରିବି । ତାହାରି ଦ୍ୱାରାହିଁ ଏହି ପୃଥିବୀ ଏପରି ଏକ ସୌଭାଗ୍ୟମନ୍ତ ସ୍ଥାନରେ ପରିଣତ ହୋଇପାରିବ, ଯେଉଁଠାରେ କି ସୌଷମ୍ୟ ଓ ଆଲୋକ, ଶାନ୍ତି ଏବଂ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ହୋଇ ରହିଥିବ ।

(*ଅଧିକରୁ ଅଧିକ ଅଭିଭୂତ ହୋଇପଡ଼ି ଅତୀନ୍ଦ୍ରିୟଦର୍ଶୀ ନୀରବ ରହିଲେ, ସତେଅବା ପ୍ରାର୍ଥନା କଲାପରି ତାଙ୍କର ହାତଦୁଇଟି ଯୋଡ଼ି ହୋଇ ଆସିଲା । କବି ଅତ୍ୟନ୍ତ ସମ୍ମାନର ସହିତ ପତ୍ନୀଙ୍କ ଆଡ଼କୁ ନତମସ୍ତକ ହୋଇ ଆସିଲେ, ତାଙ୍କ ହାତକୁ ନେଇ ନିଜର କପାଳଟିକୁ ତାହାରି ଉପରେ ରଖିଲେ । ସେତିକିବେଳେ ଯବନିକା-ପାତ ହେଲା ।*)

# ସେହି ବିଶାଳ ରହସ୍ୟ

## ଛଅଟି ଏକୋକ୍ତି ଏବଂ ଗୋଟିଏ ଉପସଂହାର

## (ମାଆଙ୍କ ଦ୍ୱାରା ଲିଖିତ)

ଯେଉଁମାନେ ଏଥିରେ ତାଙ୍କୁ ସାହାଯ୍ୟ କରିଛନ୍ତି :

**ନଳିନୀ (ଲେଖକ)**
**ପବିତ୍ର (ବୈଜ୍ଞାନିକ)**
**ଆଁଦ୍ରେ (ଶିଳ୍ପପତି)**
**ପ୍ରଣବ (କ୍ରୀଡ଼ାବିତ୍)**

## ''ସେହି ବିଶାଳ ରହସ୍ୟ'' ସମ୍ବନ୍ଧରେ ମାଆ ଲେଖିଥିବା ଚିଠି

ସ୍ନେହର ଆଁଦ୍ରେ,

ତୁ ଯେ ସବୁବେଳେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ହୋଇ ରହିଥାଉ ଓ ତୋ' ପାଖରେ ଯେ କେତେବେଳେ ହେଲେ ଖାଲି ସମୟ ଖୁବ୍‌ବେଶି ନ ଥାଏ, ସେକଥା ମୁଁ ଭଲକରି ଜାଣେ । ତଥାପି ଆଜି ମୁଁ ତୋତେ ମୋ' ଲାଗି ଗୋଟିଏ କାମ କରିଦେବା ସକାଶେ ଅନୁରୋଧ କରିବି ଏବଂ ମୁଁ ଆଶା କରୁଛି ଯେ ସେହି କାମଟିକୁ କରିଦେବା ତୋ' ପକ୍ଷରେ ନିଶ୍ଚୟ ସମ୍ଭବ ହେବ ।

କଥାଟି ହେଉଛି ଏହିପରି :

ଏବର୍ଷ ଡିସେମ୍ବର ପହିଲା ସକାଶେ ମୁଁ ଏପରି ଗୋଟିଏ ଜିନିଷ ପ୍ରସ୍ତୁତ କରୁଛି ଯାହାକୁକି ନାଟକକଳାର କୌଣସି ଶ୍ରେଣୀ ମଧ୍ୟରେ ଅନ୍ତର୍ଭୁକ୍ତ କରି ହେବ ନାହିଁ ଏବଂ ଯାହାକୁ କେବେହେଲେ ଏକ ନାଟକ ବୋଲି ମଧ୍ୟ କହିହେବ ନାହିଁ । ତଥାପି ସେଇଟିକୁ ମଞ୍ଚ ଦ୍ୱାରାହିଁ ଅଭିନୀତ କରାଯିବ ଏବଂ ମୋ'ର ଖୁବ୍ ଆଶା ରହିଛି ଯେ ଏହା କଦାପି ଏକାବେଳେକେ ନୀରସ ଲାଗିବ ନାହିଁ । ଏହି ରଚନାଟିରେ ମୁଁ ଏପରି ବ୍ୟକ୍ତିମାନଙ୍କୁ ପାତ୍ର ରୂପେ ଗ୍ରହଣ କରିଛି, ଯେଉଁମାନଙ୍କର ଜୀବନ ଓ ଜୀବିକା ପରସ୍ପରଠାରୁ ଏକାନ୍ତ ପୃଥକ୍, ଏବଂ, ସେମାନେ ଯଦି ସେହି ଗୋଟିଏ ପ୍ରକାରର ଭାଷା ବ୍ୟବହାର ନ କରନ୍ତି, ତେବେ ତାହା ସ୍ୱଭାବତଃ ଅଧିକ ଉପଯୁକ୍ତ ଓ ଭଲ ହୋଇ ପାରିବ । ମୋର କହିବାର ଅର୍ଥ ହେଉଛି, ସେମାନେ ଯେଉଁ ଶୈଳୀରେ ଆପଣାକୁ ବ୍ୟକ୍ତ କରିବେ, ସେଗୁଡ଼ିକ ପରସ୍ପରଠାରୁ ପୃଥକ୍ ହେବ । କୌଣସି ଗୋଟିଏ ପାତ୍ରର ଭୂମିକାକୁ ଅବଲମ୍ବନ କରି, ସେହି ପାତ୍ରଟି କ'ଣ କିପରି କହିବ, ନିଜର ଅନୁମାନ ଅନୁସାରେ ମୋ' ଲାଗି ସେତକ ଲେଖିଦେବା ପାଇଁ ମୁଁ କେତେକ ବ୍ୟକ୍ତିଙ୍କୁ ଅନୁରୋଧ କରିଛି । ସେହି ଲେଖାଗୁଡ଼ିକ ସମ୍ପୂର୍ଣ୍ଣ ହୋଇଗଲେ ଯଦି ପରେ ସେଗୁଡ଼ିକରେ କିଞ୍ଚିତ୍ ପରିବର୍ତ୍ତନ କରିବା ଆବଶ୍ୟକ ହୁଏ, ତେବେ ମୁଁ ତାହା ଅବଶ୍ୟ କରିଦେବି ।

ଏଥି ସହିତ ମୁଁ ରଚନାଟିର ମୁଖବନ୍ଧ ପଠାଇଲି । ଯବନିକା ଉଠିବା ପୂର୍ବରୁ ଏଇଟିକୁ ବଡ଼ପାଟି କରି ପଢ଼ି ଦିଆଯିବ । ମୁଁ ପ୍ରକୃତରେ କ'ଣ ଦେଖାଇବାକୁ ଇଚ୍ଛା କରୁଛି, ତାହା ତୋତେ ସେହି ବିଷୟରେ ଏକ ଧାରଣା ଯୋଗାଇଦେଇ ପାରିବ ଏବଂ ମୋ'ର ଅଭିପ୍ରାୟଟିକୁ ବୁଝିବାରେ ନିଶ୍ଚୟ ସାହାଯ୍ୟ କରିବ ।

ପାତ୍ରମାନଙ୍କ ଭିତରେ ତୁ ଦେଖିପାରିବୁ ଯେ ଜଣେ ଶିଳ୍ପପତି ଅର୍ଥାତ୍ ଜଣେ ବଡ଼

ବ୍ୟବସାୟୀ ମଧ୍ୟ ରହିଛନ୍ତି । ଶିଳ୍ପସଂସାରର ଶବ୍ଦାବଳୀ ଓ ଭାଷା ସହିତ ମୁଁ ଆଦୌ ଖୁବ୍‌ବେଶୀ ପରିଚିତ ନୁହେଁ ଏବଂ ତେଣୁ ମୁଁ ଚିନ୍ତା କଲି ଯେ ଶିଳ୍ପପତିର ଜୀବନ ବିଷୟରେ ଏକ ଅବିକଳ ଚିତ୍ରଦେଇ ପାରିବାଭଳି କିଛି ଲେଖିବାରେ ତୁ ମୋତେ ନିଶ୍ଚୟ ସାହାଯ୍ୟ କରିପାରିବୁ । ଶିଳ୍ପପତି ଏଥିରେ ତା'ର ଜୀବନକଥାକୁ ବର୍ଣ୍ଣନା କରି କହିବ, ଏବଂ ମୋ'ର ଇଚ୍ଛା ସିଏ ଆମେରିକା ବା ଅନ୍ୟ କୌଣସି ଦେଶର ଜଣେ ଭାରି ବଡ଼ ଶିଳ୍ପପତି ପରି ହୋଇଥିବ, ଉଦାହରଣସ୍ୱରୂପ ଫୋର୍ଡ଼ଙ୍କ ପରି ଜଣେ ହୋଇଥିବ । ପାତ୍ରଗୁଡ଼ିକ ଜଣକ ପରେ ଜଣେ ହୋଇ ନିଜର କଥା କହିବେ, ନିଜର ଜୀବନ କଥା କହିବା ଲାଗି ପ୍ରତ୍ୟେକଙ୍କ ଲାଗି ଖୁବ୍ ବେଶୀ ହେଲେ ଦଶମିନିଟ୍ ସମୟ ରହିବ । ନିଜ ଜୀବନରେ ହାସଲ କରିଥିବା ଏପରି ନାନା ବିଜୟର କଥା କହିବେ, ଯେଉଁଗୁଡ଼ିକ କି ବର୍ତ୍ତମାନର ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ସେମାନଙ୍କ ମନରେ ଏକ ଗଭୀର ଅସନ୍ତୋଷ ଆଣି ଦେଉଥିବ ଏବଂ ସେମାନେ ଆଉକିଛି ଲୋଡୁଥିବେ, ଆଉକିଛିର ଅନ୍ୱେଷଣ କରିବାକୁ ଇଚ୍ଛା କରୁଥିବେ । ମାତ୍ର ସେମାନେ ଯେ ପ୍ରକୃତରେ କ'ଣ ଲୋଡୁଛନ୍ତି, ସେକଥା ସେମାନେ କିଛି ଜାଣି ନ ଥିବେ ବା କିଛି ବୁଝିପାରୁ ନ ଥିବେ । ଶିଳ୍ପପତିର ସର୍ବଶେଷ ବକ୍ତବ୍ୟ ଯାହା ହେବା ଉଚିତ ବୋଲି ମୁଁ ଭାବୁଛି, ମୁଁ ଏଥିସହିତ ତାହାର ଗୋଟିଏ ଚିଠା କରି ପଠାଉଛି; ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ତୁ ଯଦି ଆବଶ୍ୟକ ବୋଲି ଭାବିବୁ, ତେବେ ସେଥିରେ ଯେକୌଣସି ପରିବର୍ତ୍ତନ କରିପାରିବୁ ।

ବୈଜ୍ଞାନିକର ବକ୍ତବ୍ୟଟିକୁ ରଚନା କରିବା ଲାଗି ମୁଁ ପବିତ୍ରଙ୍କୁ ଅନୁରୋଧ କରିଛି; ନଳିନୀ ଲେଖକଙ୍କର ବକ୍ତବ୍ୟଟିକୁ ଲେଖୁଛନ୍ତି । କ୍ରୀଡ଼ାବିତ୍‌ଙ୍କର ବକ୍ତବ୍ୟଟିକୁ ପ୍ରଣବ ଲେଖିକରି ଦେଇ ସାରିଲେଣି (*ସିଏ ଅବଶ୍ୟ ଇଂରାଜୀରେ ଲେଖିଛନ୍ତି କିନ୍ତୁ ମୁଁ ତାହାକୁ ଫରାସୀ ଭାଷାରେ ଅନୁବାଦ କରିଦେବି*) । ରାଜନୀତିଜ୍ଞର ବକ୍ତବ୍ୟ ବିଷୟରେ ମୁଁ ମୋଟାମୋଟି କିଛି ଟିପି ସାରିଲିଣି । କଳାବିତ୍‌ର ବକ୍ତବ୍ୟକୁ ମଧ୍ୟ ମୁଁ ନିଜେ ଲେଖିବି । ହଁ, ଅଜ୍ଞାତ ବ୍ୟକ୍ତିର ବକ୍ତବ୍ୟଟି ବି ମୋରି ଦ୍ୱାରା ଲେଖାହେବ, କାରଣ ତାହାରି ମାଧ୍ୟମରେ ମୁଁ ନିଜର ବକ୍ତବ୍ୟଟିକୁହିଁ ବ୍ୟକ୍ତ କରିବି ।

ଏହିସବୁ ପାତ୍ରମାନଙ୍କର ଭୂମିକାରେ କେଉଁମାନେ ଅଭିନୟ କରିବେ, ଆମକୁ ସେକଥା ପରେ ଠିକ୍ କରିବାକୁ ପଡ଼ିବ । ଦେବୁ ଅଜ୍ଞାତ ବ୍ୟକ୍ତିର ଭୂମିକାରେ ଅଭିନୟ କରିବ, ହୃଦୟ କ୍ରୀଡ଼ାବିତ୍ ହେବ । ବୈଜ୍ଞାନିକର ଭୂମିକାରେ ଅବତୀର୍ଣ୍ଣ ହେବା ଲାଗି ମୁଁ ପବିତ୍ରଙ୍କୁ ରାଜି କରାଇବାକୁ ଚେଷ୍ଟା କରୁଛି । ମନୋଜ ହୁଏତ କଳାବିତ୍ ନଚେତ୍ ଲେଖକର ଭୂମିକାଟିର ଅଭିନୟ କରିବ । ତୁ ଯେଉଁ ପାତ୍ରର ବକ୍ତବ୍ୟଟିକୁ ଲେଖିଛୁ, ନିଜେ ତାହାରି ଭୂମିକାଟିକୁ ଅଭିନୟ କଲେ ପ୍ରକୃତରେ ଆଦର୍ଶ କଥା ହୁଅନ୍ତା । ମାତ୍ର ତୁ ଯେ ଏହି

କାର୍ଯ୍ୟଟିକୁ କରିବା ଲାଗି ଏକ ଅସମ୍ଭବ ନିର୍ବୋଧତା ବୋଲି ମନେ ନ କରିବୁ, ସେକଥା କିଏ କହିବ ? ସତକଥା କହିବାକୁ ଗଲେ, ମୁଁ ଏସବୁ କହି କେବଳ ଏକ ପ୍ରାଥମିକ ପ୍ରସ୍ତାବହିଁ ଦେଉଛି; ଆମେ ପରେ ଏବିଷୟରେ କଥାବାର୍ତ୍ତା ହେବା... ମୋର ଅନୁମାନ ମୁଁ କୌଣସି ମହତ୍ତ୍ୱପୂର୍ଣ୍ଣ ବିଷୟକୁ ଏହି ଚିଠିରୁ ବାଦ୍‌ଦେଇ ନାହିଁ । ମାତ୍ର ଯଦି କୌଣସି ବିଷୟରେ ତୋର ଆହୁରି ଅଧିକ ପ୍ରାଞ୍ଜଳ ଭାବରେ ବୁଝିବା ଆବଶ୍ୟକ ହୁଏ, ତେବେ ମୁଁ ସେଗୁଡ଼ିକ ନିଶ୍ଚୟ ତୋ ପାଖକୁ ଲେଖି ପଠାଇବି ।

*୭ ଜୁଲାଇ ୧୯୫୪*

# ସେହି ବିଶାଳ ରହସ୍ୟ

## ଛଅଟି ଏକୋକ୍ତି ଏବଂ ଗୋଟିଏ ଉପସଂହାର

*ମାନବ-ପ୍ରଗତି ବିଷୟରେ ବସୁଥିବା ଏକ ବିଶ୍ୱସମ୍ମିଳନୀକୁ ଯିବା ବାଟରେ ସେମାନଙ୍କର ଜାହାଜ ବୁଡ଼ିଯିବାରୁ ସତେଅବା ଏକ ଆକସ୍ମିକ ଘଟନା ଘଟିବାପରି ପୃଥିବୀର ଛଅଜଣ ସୁବିଖ୍ୟାତ ବ୍ୟକ୍ତି ଗୋଟିଏ ରକ୍ଷାନୌକାରେ ଏକତ୍ର ହୋଇ ଆଶ୍ରୟ ଗ୍ରହଣ କରିଛନ୍ତି ।*

*ନୌକାଟିରେ ଜଣେ ସପ୍ତମ ବ୍ୟକ୍ତି ମଧ୍ୟ ଅଛନ୍ତି । ଦେଖିଲେ ତାଙ୍କର ବୟସ ବେଶ୍ କମ୍ ବୋଲି ମନେ ହେଉଛି, ବା, ହୁଏତ ଏପରି କୁହାଯାଇ ପାରିବ ଯେ ତାଙ୍କ ବୟସର କୌଣସି ପ୍ରଭାବ ଆଦୌ ସ୍ପର୍ଶ କରି ପାରି ନାହିଁ । ସିଏ ଯେଉଁ ପରିଚ୍ଛଦ ପରିଧାନ କରିଛନ୍ତି, ସେଥିରୁ ଜଣାଯାଉଛି ଯେ ସିଏ ପ୍ରକୃତରେ କୌଣସି କାଳର ନୁହନ୍ତି, କୌଣସି ଦେଶର ମଧ୍ୟ ନୁହନ୍ତି । ସିଏ ଅବିଚଳ ଓ ନୀରବ ହୋଇ ନୌକାଟିର କର୍ଣ୍ଣଧାର ହୋଇ ବସିଛନ୍ତି; ମାତ୍ର ଅନ୍ୟମାନେ କହୁଥିବା କଥାଗୁଡ଼ିକୁ ସେ ଗଭୀର ମନୋଯୋଗ ସହକାରେ ଶୁଣୁଛନ୍ତି । ସେମାନେ ତାଙ୍କୁ ସତେଅବା 'କେହି ନୁହେଁ' ବୋଲି ମନେ କରୁଛନ୍ତି ଓ ତାଙ୍କୁ ନ ଦେଖିଲା ପରି ଭାବ ଦେଖାଉଛନ୍ତି ।*

*ବ୍ୟକ୍ତିମାନେ ହେଉଛନ୍ତି :*

***ରାଜନୀତିଜ୍ଞ***
***ଲେଖକ***
***ବୈଜ୍ଞାନିକ***
***କଳାକାର***
***ଶିଳ୍ପପତି***
***କ୍ରୀଡ଼ାବିତ୍***
***ଅଜ୍ଞାତ ବ୍ୟକ୍ତି***

*ପିଇବା ପାଣି ସରିଯିବାକୁ ବସିଲାଣି, ଖାଇବା ପଦାର୍ଥ ମଧ୍ୟ ସରିଗଲାଣି । ଶାରୀରିକ କଷ୍ଟକୁ ଆଉ ମୋଟେ ସହ୍ୟ କରି ହେଉ ନାହିଁ । ଆଗକୁ ଅନାଇଲେ ଆଉ ଆଦୌ କୌଣସି ଆଶା ରହିଛି ବୋଲି ମନେ ହେଉ ନାହିଁ : ମୃତ୍ୟୁ ଆସି ଦ୍ୱାରଦେଶରେ ଉପସ୍ଥିତ ହେବାକୁ ବସିଲାଣି । ବର୍ତ୍ତମାନର ଏହି ଦୁଃଖାବହ ମଧ୍ୟରୁ ମନଟାକୁ ଟିକିଏ ଅନ୍ୟତ୍ର ଭୁଲାଇନେବା ଉଦ୍ଦେଶ୍ୟରେ ସେମାନେ ଜଣ ଜଣ କରି ଜୀବନର କାହାଣୀ ମାନ କହିବାକୁ ଆରମ୍ଭ କରୁଛନ୍ତି ।*

*ଏତିକିବେଳେ ଯବନିକା ଉଠିଲା ।*

# ରାଜନୀତିଜ୍ଞ

ମୋତେ ଯେତେବେଳେ ଆପଣମାନେ ସମସ୍ତେ ଅନୁରୋଧ କରୁଛନ୍ତି, ତେବେ ମୁଁ ଅତିବାହିତ କରି ଆସିଥିବା ମୋ'ର ଜୀବନ ବିଷୟରେ ଆପଣମାନଙ୍କୁ କିଛି କହିବି ।

ମୋ'ର ବାପା ମଧ୍ୟ ଜଣେ ରାଜନୀତିଜ୍ଞ ଥିଲେ । ତେଣୁ ମୋ' ପିଲାଟି ଦିନରୁ ମୁଁ ସରକାରୀ କାର୍ଯ୍ୟକଳାପ ଏବଂ ରାଜନୀତିର ବିଭିନ୍ନ ସମସ୍ୟା ବିଷୟରେ ଅତ୍ୟନ୍ତ ପରିଚିତ ହୋଇ ପାରିଥିଲି । ମୋ'ର ପିତାମାତା ସେମାନଙ୍କର ମିତ୍ରମାନଙ୍କୁ ଯେଉଁସବୁ ଭୋଜିସଭାରେ ଆପ୍ୟାୟିତ କରୁଥିଲେ, ସେହି ବିଷୟଗୁଡ଼ିକର ସେଠାରେ ମୁକ୍ତ ଆଲୋଚନା ହେଉଥିଲା । ମୋ'ର ବାର ବର୍ଷ ବୟସ ସମୟରୁ ମୁଁ ସେହି ଅନୁଷ୍ଠାନଗୁଡ଼ିକରେ ଯୋଗ ଦେଉଥିଲି । ବିଭିନ୍ନ ରାଜନୀତିର ଦଳଗୁଡ଼ିକ ପକ୍ଷରୁ ଯେଉଁସବୁ ମତବ୍ୟକ୍ତ କରା ଯାଉଥିଲା, ସେଗୁଡ଼ିକ ମୋତେ ଆଦୌ ନୂଆ ଲାଗୁ ନ ଥିଲା ବା ମୋ' ଲାଗି ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ରହସ୍ୟ ନ ଥିଲା; ଏବଂ ମୋ'ର ତରୁଣ ମନର ଉତ୍ସାହ ଦ୍ୱାରା ପ୍ରେରିତ ହୋଇ ମୋତେ ଯାବତୀୟ ଅଡୁଆ ଓ ସମସ୍ୟାର ଏକ ସରଳ ସମାଧାନ ସବୁବେଳେ ମିଳି ଯାଉଥିଲା ।

ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୋ'ର ଅଧ୍ୟୟନ ମଧ୍ୟ ନିଜକୁ ଠିକ୍ ଏହି ଦିଗରେ ପରିଚାଳିତ କଲା ଏବଂ ମୁଁ ଆପଣଙ୍କୁ ରାଜନୀତି ବିଜ୍ଞାନର ଜଣେ ବିଚକ୍ଷଣ ଛାତ୍ର ରୂପେ ଗଠନ କରି ଆଣିଥିଲି ।

ପରବର୍ତ୍ତୀ କାଳରେ ଯେତେବେଳେ ଯାବତୀୟ ସିଦ୍ଧାନ୍ତକୁ ବାସ୍ତବ କ୍ଷେତ୍ରରେ ଆଣି ପ୍ରୟୋଗ କରିବାର ସମୟ ଆସି ପହଞ୍ଚିଲା, ସେତେବେଳେ ମୁଁ ପ୍ରଥମକରିହିଁ ଗମ୍ଭୀର ଭାବରେ ଅସୁବିଧା ଓ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାକୁ ଆରମ୍ଭ କଲି, ଏବଂ ଆପଣାର ବିଚାର ଓ ଭାବନାଗୁଡ଼ିକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ଯେ ପ୍ରକୃତରେ ପ୍ରାୟ କେଡ଼େ ଅସମ୍ଭବ ମୁଁ ସେକଥା ବୁଝିବାକୁ ବି ଆରମ୍ଭ କରିଥିଲି । ତେଣୁ ବାରଂବାର ନାନା ସାଲିସର ଶରଣ ନେବାକୁ ପଡ଼ିଲା ଏବଂ ମୋର ବୃହତ୍ ଆଦର୍ଶ କ୍ରମଶଃ ଭୁଶୁଡ଼ି ଭୁଶୁଡ଼ି ଯିବାକୁ ଲାଗିଲା ।

ମୁଁ ଏହି କଥାଟିକୁ ମଧ୍ୟ ବେଶ୍ ଦେଖିପାରିଲି ଯେ, ଜଣେ ବ୍ୟକ୍ତିର ପ୍ରକୃତ ସାମର୍ଥ୍ୟ ଓ ଯୋଗ୍ୟତା ଉପରେ ତା'ର ସଫଳତା ପ୍ରକୃତରେ ମୋଟେ ନିର୍ଭର କରେ ନାହିଁ; ବରଂ, ବିଭିନ୍ନ ପରିସ୍ଥିତି ସହିତ ଆପଣାର ଅନୁକୂଳନ କରିନେବା ଲାଗି ତା'ର ଯେଉଁ କ୍ଷମତା ଥାଏ ଓ ଆପଣାକୁ ସମସ୍ତଙ୍କ ପାଖରେ ମନାଇ ନେବାକୁ ଯେଉଁ ସାମର୍ଥ୍ୟ ରହିଥାଏ, ତା'ର ଯାବତୀୟ ସଫଳତା ଅଧିକ ପରିମାଣରେ ତାହାରି ଉପରେହିଁ ନିର୍ଭର କରୁଥାଏ । ତେଣୁ,

ସେହି କଥାଟିକୁ କରିପାରିବାକୁ ହେଲେ, ଲୋକମାନଙ୍କର ଅପୂର୍ଣ୍ଣତା ଏବଂ ଅଭାବଗୁଡ଼ିକରେ କୌଣସି ସଂଶୋଧନ ଆଣିବାର ଚେଷ୍ଟା ନ କରି ସେମାନଙ୍କର ଦୁର୍ବଳତାଗୁଡ଼ିକୁ ପ୍ରଶ୍ରୟ ଦେବାକୁହିଁ ପଡ଼େ ଓ ତଦ୍ଦ୍ୱାରା ଅଧିକ ସଫଳତା ପ୍ରାପ୍ତ ହୁଏ ।

ଆପଣମାନେ ସମସ୍ତେ ମୋ'ର ଅତ୍ୟୁଜ୍ଜ୍ୱଳ ଜୀବନକ୍ଷେତ୍ରଟି ବିଷୟରେ ନିଶ୍ଚୟ ଅବଗତ ଅଛନ୍ତି, ତେଣୁ ସେହି ବିଷୟରେ ମୁଁ ବର୍ତ୍ତମାନ କୌଣସି ଆଲୋଚନା କରିବି ନାହିଁ । ମାତ୍ର ମୁଁ ତଥାପି ଆପଣମାନଙ୍କୁ ଏତିକି ଅବଶ୍ୟ କହିବାକୁ ଇଚ୍ଛା କରିବି ଯେ, ମୁଁ ଯେମିତି ଦେଶର ପ୍ରଧାନମନ୍ତ୍ରୀ ପଦରେ ଆରୂଢ଼ ହେଲି ଏବଂ ସେହି ପଦଟି ମୋ' ହାତରେ ପ୍ରକୃତ କ୍ଷମତା ଆଣିଦେଲା, ସେତେବେଳେ ତରୁଣ ବୟସରେ ମୋ' ଭିତରେ ରହିଥିବା ମାନବହିତାକାଙ୍କ୍ଷୀ ଉଚ୍ଚ ଆକାଙ୍କ୍ଷାଗୁଡ଼ିକ ମୋ'ର ସ୍ମରଣ ହେବାକୁ ଲାଗିଲା ଏବଂ ମୁଁ ସେହିଗୁଡ଼ିକ ଦ୍ୱାରା ପରିଚାଳିତ ହେବାର ଏକ ଚେଷ୍ଟା ମଧ୍ୟ ଆରମ୍ଭ କଲି । ମୁଁ ସେତେବେଳେ ଜଣେ ''ଦଳର ନେତା'' ହେବାକୁ ଚେଷ୍ଟା କଲି । ଆମ ପୃଥିବୀକୁ ବଡ଼ ଶୋଚନୀୟ ଭାବେ ଛିନ୍ନ ଭିନ୍ନ କରିଦେଉଥିବା ନାନାପ୍ରକାରର ରାଜନୀତିକ ତଥା ସାମାଜିକ ପ୍ରବୃତ୍ତି ମଧ୍ୟରେ ଯେଉଁ ବୃହତ୍ ଦ୍ୱନ୍ଦ୍ୱମାନ ରହିଛି, ମୁଁ ସେଗୁଡ଼ିକର ଏକ ସମାଧାନ ବାହାର କରିବାକୁ ପ୍ରୟାସ କଲି । ମୋ' ମତରେ ସେହି ଯାବତୀୟ ପ୍ରବୃତ୍ତିଗୁଡ଼ିକରେ ତଥାପି ଏକ ହିତକାରକ ଦିଗ ରହିଛି, ଏକ ହାନିକାରକ ଦିଗ ମଧ୍ୟ ରହିଛି । ସେଗୁଡ଼ିକ ମଧ୍ୟରୁ କୌଣସିଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହିତକାରକ ନୁହନ୍ତି ଅଥବା ସମ୍ପୂର୍ଣ୍ଣ ଭାବରେ ମନ୍ଦ ଓ ହାନିକାରକ ମଧ୍ୟ ନୁହନ୍ତି । ଏବଂ ତେଣୁ, ପ୍ରତ୍ୟେକଟି ମଧ୍ୟରେ ଯାହାକିଛି ଭଲ ଉପାଦାନ ରହିଛି, ସେଗୁଡ଼ିକୁ ସ୍ୱୀକାର ଓ ଗ୍ରହଣ କରି ଏକ ସୁସମଞ୍ଜସ ଏବଂ ପ୍ରୟୋଗଯୋଗ୍ୟ ସମଗ୍ରର ଗଠନ ଦିଗରେ ଏକ ପନ୍ଥା ଆବିଷ୍କାର କରିବାର ଉଦ୍ୟମ ହୋଇପାରିବା ଉଚିତ । ମାତ୍ର ଏହିସବୁ ବିପରୀତ ପ୍ରବୃତ୍ତିଗୁଡ଼ିକୁ ଏକାଠି ଗୋଟିଏ ସମନ୍ୱୟ ମଧ୍ୟକୁ ଆଣିପାରିବା ଲାଗି ମୁଁ ଆଦୌ କୌଣସି ସୂତ୍ର ପାଇଲି ନାହିଁ । ତେଣୁ, ସେହି ସମନ୍ୱୟଟିକୁ କାର୍ଯ୍ୟକାରୀ କରିବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ ।

ଅର୍ଥାତ୍, ମୁଁ ଶାନ୍ତିର କାମନା କରୁଥିଲି, ଜାତି ଜାତି ମଧ୍ୟରେ ସଦ୍‌ଭାବ ଏବଂ ସଦ୍‌ବୋଧର କାମନା କରୁଥିଲି, ସମସ୍ତଙ୍କର ହିତ ଲାଗି ସମସ୍ତଙ୍କ ଭିତରେ ଏକ ସହଯୋଗ ସମ୍ଭବ ବୋଲି ସ୍ୱପ୍ନ ଦେଖୁଥିଲି; ମାତ୍ର ମୋ'ଠାରୁ ଅଧିକ ବଳବାନ୍ ଶକ୍ତି ଦ୍ୱାରା ତାଡ଼ିତ ହୋଇ ମୁଁ ଯୁଦ୍ଧ କରିବାକୁ ବାଧ୍ୟ ହେଲି ଓ ନାନାବିଧ ଅସାଧୁ ଉପାୟ ତଥା ସ୍ୱାର୍ଥପ୍ରଣୋଦିତ ନିଷ୍ପତ୍ତି ଦ୍ୱାରା ବିଜୟ ବି ଲାଭ କରିଥିଲି ।

ମାତ୍ର ବର୍ତ୍ତମାନ ମଧ୍ୟ ମୋତେ ସମସ୍ତେ ଜଣେ ବଡ଼ ରାଜନୀତିଜ୍ଞ ଓ ବଡ଼ ରାଷ୍ଟ୍ରନେତା ବୋଲି ଭାବୁଛନ୍ତି; ସେମାନେ ମୋ' ଉପରେ କେତେ ସମ୍ମାନ ଓ କେତେ ପ୍ରଶଂସା ଆଣି

ଅଜାଡ଼ି ଦେଉଛନ୍ତି ଏବଂ ଲୋକେ ମୋତେ 'ମନୁଷ୍ୟ ସମାଜର ଜଣେ ବନ୍ଧୁ' ବୋଲି ମଧ୍ୟ କହୁଛନ୍ତି ।

ମାତ୍ର ମୁଁ ନିଜେ ମୋ'ର ଅସମର୍ଥତାକୁ ବେଶ୍ ଅନୁଭବ କରିପାରୁଛି । ମୁଁ ଯେ ଅସଲ ଜ୍ଞାନ ଏବଂ ଅସଲ କ୍ଷମତାଟିକୁ ମୋଟେ ଲାଭ କରିପାରି ନାହିଁ ଏବଂ ତେଣୁ ମୋ' ବାଲ୍ୟବୟସର ସେହି ସୁନ୍ଦର ସ୍ୱପ୍ନଗୁଡ଼ିକୁ ବାସ୍ତବରେ ପରିଣତ କରିବାକୁ ଆଦୌ ସମର୍ଥ ହୋଇ ନାହିଁ, ମୁଁ ସେକଥାଟିକୁ ଭଲକରି ଜାଣିଛି ।

ବର୍ତ୍ତମାନ ତ ଶେଷ ସମୟ ଆସି ପହଞ୍ଚି ଗଲାଣି ଓ ମୁଁ ଅନୁଭବ କରୁଛି ଯେ ମୁଁ ପ୍ରକୃତରେ ଉଲ୍ଲେଖଯୋଗ୍ୟ ପ୍ରାୟ କିଛି କରିପାରିଲି ନାହିଁ; ଅଥବା, ଯେତିକି କଲି, ତାହାକୁ ଅତ୍ୟନ୍ତ ମନ୍ଦ ଭାବରେ କଲି । ଏବଂ ତେଣୁ ପ୍ରକୃତରେ ଜଣେ ଅତ୍ୟନ୍ତ ଦୁଃଖୀ ଏବଂ ମୋହଭଗ୍ନ ବ୍ୟକ୍ତି ପରି ମୋତେ ବର୍ତ୍ତମାନ ଦୁଆରଟିକୁ ଡେଇଁ ମୃତ୍ୟୁ ଭିତରେ ପ୍ରବେଶ କରିବାକୁ ପଡ଼ିବ ।

## ଲେଖକ

ଆମର ଏହି ମରଜୀବନକୁ ସ୍ପନ୍ଦନଚଞ୍ଚଳ କରି ରଖିଥିବା ସୌନ୍ଦର୍ଯ୍ୟ ଏବଂ ସତ୍ୟର ଅଧିକାର ଲାଭ କରିବାକୁ ମୁଁ ମୋ'ର ଶବ୍ଦଗୁଡ଼ିକରେ ଡେଣା ଲଗାଇ କେତେ କ'ଣ ଉଦ୍ୟମ କଲି । ଆମର ନୟନ ସମକ୍ଷରେ ସୃଷ୍ଟିର ଏହି ଯେଉଁ ଦୃଶ୍ୟପଟଳ ବିସ୍ତୃତ ହୋଇ ରହିଛି,— ଏହି ସମସ୍ତ ମନୁଷ୍ୟ ଓ ଇତର ଜୀବଜନ୍ତୁ, ସକଳ ସତ୍ତା ଓ ସକଳ ବସ୍ତୁ, ସକଳ ଦୃଶ୍ୟ ଓ ସକଳ ଘଟନାବଳୀ;— ଏବଂ ତା' ସହିତ, ଆମର ଅନୁଭୂତି, ଆମର ଇନ୍ଦ୍ରିୟବୋଧ ଏବଂ ଆମର ଚେତନା ମଧ୍ୟରେ ସମାନ ଭାବରେ ସୁବିସ୍ତୃତ ହୋଇ ରହିଥିବା ଏହି ଅନ୍ୟ ଜଗତଟି, ଦୁହେଁ ମିଶି ସତେଅବା ଏକ ରହସ୍ୟମୟ ଜାଲ ସୃଷ୍ଟି କରି ରଖିଛନ୍ତି, ଏକ ଜଟିଳ ଜାଲକୁ ବିସ୍ତାର କରି ରଖିଛନ୍ତି । ସେହିଗୁଡ଼ିକହିଁ ମୋ' ଉପରେ ଆପଣାର ଯାଦୁଶକ୍ତିକୁ ନିକ୍ଷିପ୍ତ କରି ମୋତେ ଆକର୍ଷିତ କରିଆଣିଲେ, ମୋତେ ଆହ୍ୱାନ କରୁଥିବା ସେମାନଙ୍କର ସେହି କଣ୍ଠଶବ୍ଦକୁ ମୁଁ ଶୁଣିବାକୁ ପାଇଲି । ସେହି ଶବ୍ଦ ମୋତେ ଜାଣିବା ଲାଗି, ବୁଝିବା ଲାଗି ଏବଂ ଅଧିକାର କରିବା ଲାଗି ଆହ୍ୱାନ ଦେଇ ଯାଉଥିଲା ଏବଂ ତାହା ପ୍ରାଚୀନ ଗ୍ରୀସ୍‌ର ଯେକୌଣସି ଜଳପରୀର କଣ୍ଠଠାରୁ ଅଧିକ ମଧୁର ଥିଲା ଓ ଅଧିକ ପ୍ରଭାବ ବିସ୍ତାର କରିପାରୁଥିଲା । ମୋ'ର ରଚିତ ଶବ୍ଦଗୁଡ଼ିକରେ ମୁଁ ସେହି କଣ୍ଠର ଝଙ୍କାରଟିକୁ ଉକୁଟାଇ ଆଣିବାକୁ ଚେଷ୍ଟା କଲି ।

ବସ୍ତୁଗୁଡ଼ିକର ପ୍ରଚ୍ଛନ୍ନ ରହସ୍ୟକୁ ବ୍ୟକ୍ତ କରିବାହିଁ ମୋର ଲକ୍ଷ୍ୟ ଥିଲା, ରହସ୍ୟମୟୀର

ମୁଖରୁ କଥା ବାହାର କରିବା ମୋର ଲକ୍ଷ୍ୟ ହୋଇ ରହିଥିଲା । ଯାହା ସଂଗୁପ୍ତ ହୋଇ ରହିଛି, ଯାହା ମୁଦା ହୋଇ ରହିଛି, ଆପଣାର ଗୁପ୍ତ ଉତ୍ସଟି ମଧ୍ୟରେ ରହି ଯାହା ସୂର୍ଯ୍ୟ, ତାରା ଏବଂ ହୃଦୟଗୁଡ଼ିକୁ ସଂଚାଳିତ କରୁଛି, ମୁଁ ତାହାରହିଁ ଅନାବରଣ ଘଟାଇବାକୁ ଚେଷ୍ଟା କରିଥିଲି ଓ ତାହାକୁ ବିସ୍ତୀର୍ଣ୍ଣ ଦିବାଲୋକ ମଧ୍ୟକୁ ଆଣି ଉପସ୍ଥାପିତ କରିବାକୁ ଚେଷ୍ଟା କରିଥିଲି । ପାର୍ଥିବ ହେଉ ଅଥବା ଅତିପାର୍ଥିବ ହେଉ, ଯାବତୀୟ ବସ୍ତୁର ଶ୍ରମପ୍ରୟାସ ହେଉଛି କେବଳ ଏକ ମୂକ ଓ ଏପରିକି ଏକ ଭ୍ରାନ୍ତିମୟ ନୃତ୍ୟସଦୃଶ । ସେମାନଙ୍କୁ ମୁଁ ବାଣୀ ଦେବାକୁ ଚେଷ୍ଟା କଲି, ଚେତନା ଆଣିଦେବାକୁ ଚେଷ୍ଟା କଲି । ଶବ୍ଦଗୁଡ଼ିକ ମୋତେ ଏକ ଅଦ୍ଭୁତଶକ୍ତିସମ୍ପନ୍ନ ସାଧନ ବୋଲି ପ୍ରତୀତ ହେଲେ, **ସର୍ବୋତ୍ତମ** ସାଧନ ରୂପେ ପ୍ରତୀତ ହେଲେ । ଅମୂର୍ତ୍ତକୁ ମୂର୍ତ୍ତ କରିବା ପାଇଁ ଓ ଅବ୍ୟକ୍ତକୁ ବ୍ୟକ୍ତ କରି ଆଣିବା ପାଇଁ ଯେତିକି ସଙ୍ଗତି ରହିଥିବା ଆବଶ୍ୟକ, ଶବ୍ଦର କେବଳ ସେତିକି ସଙ୍ଗତି ରହିଛି; ତାହା ଏତେ ଅଧିକ ପରିମାଣରେ ତରଳ ନୁହେଁ ଯେ ଆମକୁ ଏକାବେଳେକେ ନିରର୍ଥକ ବୋଲି ମନେହେବ, ଏବଂ ଏପରି ସାକାର ବି ନୁହେଁ ଯେ ଆମକୁ ଏକାବେଳେକେ ସ୍ଥୂଳ ବୋଲି ମଧ୍ୟ ମନେ ହେବ । ଶବ୍ଦ ହେଉଛି ଏକାବେଳେକେ ଦୁଇଟି ଜଗତର ସଙ୍କେତ । ଏହା ଏହି ଭୌତିକ ଜଗତର ଏକ ସମ୍ପଦ ଏବଂ ତେଣୁ ତାହାର ଏକ ସ୍ଥୂଳ ଆକାର ଆଣିଦେବାର ସାମର୍ଥ୍ୟ ରହିଛି; ଏବଂ ତାହା ଭିତରେ ଯଥେଷ୍ଟ ପରିମାଣର ଏକ ସୂକ୍ଷ୍ମଗ୍ରାହିତା ମଧ୍ୟ ରହିଛି ଯାହାଦ୍ୱାରା କି ତାହା ସୂକ୍ଷ୍ମ ବସ୍ତୁ, ସୂକ୍ଷ୍ମ କେତେକେତେ ଶକ୍ତି ଏବଂ ସୂକ୍ଷ୍ମ ସ୍ପନ୍ଦନ, ସିଦ୍ଧାନ୍ତ ତଥା ବିଚାରଗୁଡ଼ିକର ବି ସଂସ୍ପର୍ଶ ଆଣିଦେଇ ପାରିବ । ତାହା ଅମୂର୍ତ୍ତକୁ ମୂର୍ତ୍ତ କରିପାରିବ, ଅଶରୀରୀକୁ ଶରୀର ଆଣିଦେବ; ଏବଂ ସର୍ବୋପରି, ବସ୍ତୁଗୁଡ଼ିକୁ ତାହା ସେଗୁଡ଼ିକର ଅର୍ଥ ଆଣି ଦେଇପାରିବ, କୌଣସି ଆକାର ମଧ୍ୟରେ ଆବଦ୍ଧ ରହିଥିବା ଯଥାର୍ଥ ବୋଧଟିକୁ ଆଣି ଦେଇଯିବ ।

ମୋର ଗୀତିକାବ୍ୟଗୁଡ଼ିକରେ ମୁଁ ମନୁଷ୍ୟ ତଥା ପ୍ରକୃତି ମଧ୍ୟରେ ରହିଥିବା ହୃଦୟର ଆକାଙ୍କ୍ଷା ଓ ଉତ୍କଣ୍ଠାଗୁଡ଼ିକୁ ଆବରଣମୁକ୍ତ କରିବାର ଉଦ୍ୟମ କରିଥିଲି; ବସ୍ତୁଗୁଡ଼ିକ କ'ଣ ପାଇବେ ବୋଲି ରୋଦନ କରୁଛନ୍ତି ଏବଂ କାହା ଲାଗି ଅଶ୍ରୁବିସର୍ଜନ କରୁଛନ୍ତି, ତାହାରି ରହସ୍ୟଭେଦ କରିବାକୁ ଚେଷ୍ଟା କରିଥିଲି । ଏକ ବୃହତ୍ତର ପଟ ଉପରେ ଓ ଗାଥା ଏବଂ ଦନ୍ତକଥାଗୁଡ଼ିକର ମାଧ୍ୟମରେହିଁ ମୁଁ ଜୀବନର ଅନ୍ତର୍ଗତ ହୋଇ ରହିଥିବା ଆବେଶ ତଥା ଆକୂତିଗୁଡ଼ିକର ବିବିଧ ଦିଗଗୁଡ଼ିକର ଚିତ୍ରଣ କଲି, ଜୀବନରେ ସମ୍ଭବ ହେଉଥିବା ବିରଳ ପ୍ରଜ୍ଞାଶୀଳତା ଏବଂ ସାଧାରଣ ନିର୍ବୋଧତାଗୁଡ଼ିକର ଚିତ୍ରଣ କଲି, ଇତିହାସକୁ ଏକ ବିଶିଷ୍ଟ ଅବୟବ ଦେଇ ରଖିଥିବା, ମନୁଷ୍ୟ ତଥା ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଚେତନାର ଇତିହାସରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ବିବିଧ ଘଟନାକୁ ମୁଁ ଏକ ସ୍ପନ୍ଦନମୟ ସ୍ୱରାଘାତ

ଆଣି ଦେଇଥିଲି, ଏକ ଅର୍ଥବ୍ୟଞ୍ଜକ ପ୍ରତ୍ୟକ୍ଷବୋଧ ଆଣି ଦେଇଥିଲି । ଜୀବନର ମିଳନ ଏବଂ ବିଷାଦକୁ ମଧ୍ୟ ନାଟକର ଆକାର ଦେବାକୁ ଚେଷ୍ଟା କଲି; ଏବଂ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ବର୍ତ୍ତମାନ ରୁଚିଦୃଷ୍ଟିର ଆବଶ୍ୟକତା ତଥା ଦାବିଗୁଡ଼ିକର ପୂରଣ କରୁଥିବା ସେହି ପ୍ରାଚୀନ ଆଙ୍ଗିକଟିର ସନ୍ଦର୍ଶନରେ ଆପଣମାନେ ପ୍ରକୃତରେ କେତେଦୂର ଆନନ୍ଦଲାଭ କରିପାରିଲେ, ସେକଥା କହିବାର ଦାୟିତ୍ୱ ମୋର ନୁହେଁ । ଜୀବନ୍ତ ନାନା ଶକ୍ତି ଓ ପ୍ରବୃତ୍ତିର ମୂର୍ତ୍ତି ଓ ଚରିତ୍ରକୁ ଗଢ଼ିବାକୁ ଯାଇ ମୁଁ ସେଗୁଡ଼ିକ ମଧ୍ୟରେ କେତେ ଅବିସ୍ମରଣୀୟ ବ୍ୟକ୍ତିତ୍ୱର ଆରୋପ କଲି । ଏହି କ୍ଷେତ୍ରରେ ଉପନ୍ୟାସକୁହିଁ ଏକ ଅଧିକ ପ୍ରଶସ୍ତତାଯୁକ୍ତ ଏବଂ ଅଧିକ ସୁସ୍ପଷ୍ଟ ସାଧନ ବୋଲି କୁହାଯିବ, ତାହାକୁ ଏହି ଯୁଗର ବୈଜ୍ଞାନିକ ଏବଂ ଜିଜ୍ଞାସାପ୍ରଧାନ ମନୋଭାବଟିର ସମ୍ଭବତଃ ଅଧିକ ଅନୁକୂଳ ବୋଲି କୁହାଯାଇ ପାରିବ । କାରଣ ଏଥିରେ ଆମକୁ ଦୃଷ୍ଟାନ୍ତ ଓ ବ୍ୟାଖ୍ୟା ଦୁଇଟିଯାକ ମିଳିଯିବ । ମୁଁ ମୋର ରଚନାଗୁଡ଼ିକର ମାଧ୍ୟମରେ ଆପଣମାନଙ୍କ ଲାଗି କେତେକେତେ ବ୍ୟକ୍ତି ତଥା ସାମାଜିକ ସମୂହର ଜୀବନକାହାଣୀକୁ ପରିବେଷଣ କରି ଦେଇଛି ଏବଂ ତାହା ସଙ୍ଗେ ସଙ୍ଗେ ସମଗ୍ର ମନୁଷ୍ୟଜାତିର ଜୀବନ-ଇତିହାସରୁ ମଧ୍ୟ କିଛି ଦେଇ ପାରିବାର ଉଦ୍ୟମ କରିଛି । ମନୁଷ୍ୟଜାତି ତା' ଜୀବନର ବିଭିନ୍ନ କାଳରେ କିପରି ବୃତ୍ତାକାରରେ, ପୁଣି କେତେବେଳେ ମୁଣ୍ଡଳା ବୁଲାଇ ବୁଲାଇ ଓ କେତେବେଳେ ଊର୍ଦ୍ଧ୍ୱାରୋହଣ କରି ଗତି କରି କରି ଚାଲିଛି, ମୁଁ ସେ ବିଷୟରେ କିଛି କହିବାକୁ ଚେଷ୍ଟା କରିଛି । ମାତ୍ର ମୁଁ ସବୁବେଳେ ଏକଥାଟିକୁ ଭଲକରି ଜାଣିଛି ଓ ଅନୁଭବ କରି ଆସିଛି ଯେ କେବଳ ଏହି ପ୍ରସାର, ବୃହତ୍ତା ଓ କେବଳ ଏକ ସାମୂହିକ ଜୀବନର ସାର୍ବଜନୀନତା ମନୁଷ୍ୟର ଅସଲ ଆତ୍ମାଟିର ବିକାଶ ଲାଗି ଆଦୌ ଯଥେଷ୍ଟ ନୁହେଁ । ଏଥିରେ ଏକ ଉନ୍ନୟନର ଆବଶ୍ୟକତା ରହିଛି, ଏଥିଲାଗି ଏକ ବୈଭବଶାଳୀ ଅନ୍ୟ ଶୈଳୀର ମଧ୍ୟ ଆବଶ୍ୟକତା ରହିଛି । ସେଥିଲାଗି ମୁଁ ଆପଣମାନଙ୍କ ଲାଗି ମହାକାବ୍ୟଟିଏ ମଧ୍ୟ ଲେଖିଲି । ଏଥିଲାଗି ମୋତେ ପ୍ରକୃତରେ ଏକ ଜୀବନବ୍ୟାପୀ ଉଦ୍ୟମ କରିବାକୁ ପଡ଼ିଥିଲା । ହଁ, ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ତାହାକୁ ବୁଝିପାରି ନ ଥିଲେ, ଏବେ ମଧ୍ୟ ବୁଝିପାରୁ ନାହାନ୍ତି । ଆହୁରି ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ଲାଗି ତାହା ହୁଏତ ଏକ ଆତଙ୍କ ସୃଷ୍ଟି କରି ଦେଇଥିଲା; ମାତ୍ର ସେଥିରେ ଯେ ଏକ କୁହୁକସ୍ପନ୍ଦନ ଅବଶ୍ୟ ରହିଛି, ସେକଥା ସମସ୍ତେ ଅନୁଭବ କରି ପାରିଥିଲେ । ହଁ, ଆବରଣଟିକୁ ବିଦୀର୍ଣ୍ଣ କରିଦେବା ଉଦ୍ଦେଶ୍ୟରେ ମୁଁ ଏହାଦ୍ୱାରା ଏକ ଦୁଃସାହସିକ ପ୍ରୟାସ କରିଥିଲି ।

ମୋର ବିଷୟବସ୍ତୁ ତଥା ମୋର ପରିବେଷଣର ରୀତିରେ ମୁଁ କେତେ କେତେ ପରିବର୍ତ୍ତନ କରିଛି । ଯେକୌଣସି ସୁଦକ୍ଷ ବୈଜ୍ଞାନିକଙ୍କ ପରି ମୁଁ ମୋର ଶବ୍ଦଗୁଡ଼ିକୁ ନେଇ କେତେ ଐନ୍ଦ୍ରଜାଲିକ ଖେଳ ଖେଳିଛି; ସେଗୁଡ଼ିକର ଦେହ ଗଠନକୁ ବଦଳାଇ ଦେଇ

ସତେଅବା ସେମାନଙ୍କୁ ଏକ ଅନ୍ୟ ରୂପ ଆଣିଦେବାର ଉପାୟଟିକୁ ମୁଁ ଭାରି ଭଲଭାବରେ ଆୟତ୍ତ କରିଥିଲି, ମୁଁ ସେଗୁଡ଼ିକ ଭିତରେ ଏକ ନୂତନ ଅର୍ଥ, ଏକ ନୂତନ ସ୍ୱର ଏବଂ ନୂତନ ମୂଲ୍ୟ ଆଣି ଦେଇ ପାରୁଥିଲି । ମୋର ସେହି ସମର୍ଥତା ଭିତରେ କେତେକ ପରିମାଣରେ ସିସେରୋଙ୍କର ସ୍ଫୀତିପ୍ରବଣତା ରହିଥିଲା, କେତେକାଂଶରେ ମିଲ୍‌ଟନ୍‌ଙ୍କର ପ୍ରାଚୁର୍ଯ୍ୟ ଏବଂ ବିସ୍ତାର ରହିଥିଲା, ରାସିନ୍‌ଙ୍କର ପ୍ରୀତିକରତା ରହିଥିଲା । ଆପଣାର ପ୍ରକୃଷ୍ଟ ରଚନାଗୁଡ଼ିକରେ ୱାର୍ଡସ୍‌ୱାର୍ଥ୍ ଯେଉଁ ସରଳତାର ନିଦର୍ଶନ ଦେଖାଇଛନ୍ତି, ସେକ୍‌ସ୍‌ପିଅର ଯେଉଁ କଳାତ୍ମକ କୁହୁକର ପରିଚୟ ଦେଇଛନ୍ତି, ମୁଁ ସେଥିରେ ମଧ୍ୟ ସମର୍ଥତା ହାସଲ କରିଥିଲି, ତାହା ମୋ ଲାଗି ଆଦୌ ଅଜ୍ଞାତ ହୋଇ ରହି ନ ଥିଲା । ବାଲ୍ମିକିଙ୍କର ଗଭୀରତା ଏବଂ ବ୍ୟାସଦେବଙ୍କର ଉଦାରତାରୂପୀ ଉଚ୍ଚ ଶୃଙ୍ଗଗୁଡ଼ିକ ମଧ୍ୟ ମୋ ଲାଗି କଦାପି କଳନାର ଅତୀତ ହୋଇ ରହି ନ ଥିଲା ।

ତଥାପି ମୁଁ ସିଦ୍ଧି ଲାଭ କରି ପାରିଲି ନାହିଁ, ମୋ'ର ପୂର୍ଣ୍ଣ ସନ୍ତୋଷଲାଭ ହେଲା ନାହିଁ । କାରଣ ଯେତେ ଯାହା ହେଲେ ମଧ୍ୟ ମୁଁ କେବଳ ସ୍ୱପ୍ନଗୁଡ଼ିକରହିଁ ରଚନା କରିଥିଲି । ''ପବନରେ କେବଳ ସ୍ୱପ୍ନ ବୁଣିବାରେ ଲାଗିଥିଲି'' । ମୁଁ ବେଶ୍ ଅନୁଭବ କରି ପାରୁଛି ଯେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟକୁ ମୁଁ ତଥାପି ସ୍ପର୍ଶ କରି ପାରିଲି ନାହିଁ କିଂବା ସେଗୁଡ଼ିକର ଆତ୍ମାରେ ରହିଥିବା ଅସଲ ସୌନ୍ଦର୍ଯ୍ୟଟିକୁ ଘ୍ରାଣ କରି ପାରିଲି ନାହିଁ । କେବଳ ଉପରି ଭାଗଟିକୁ ଏଠିସେଠି ଆଞ୍ଚୁଡ଼ିବାରେହିଁ ମୋ'ର ସକଳ ରଚନାଶ୍ରମ ସୀମାବଦ୍ଧ ହୋଇ ରହିଲା, ପ୍ରକୃତି ଆପଣା ଉପରେ ଆଚ୍ଛାଦିତ କରି ରଖିଥିବା କେବଳ ବହିରାବରଣଟିକୁହିଁ ମୁଁ ଯାହା ମୋ' ଅନୁଭବର ବେଢ଼ ଭିତରେ ଆବୋରି ଧରିପାରିଲି । ମାତ୍ର ସେହି ପ୍ରକୃତିର ଅସଲ ସୌନ୍ଦର୍ଯ୍ୟଟି, ତା'ର ନିଜସ୍ୱ ଆତ୍ମାଟିକୁ ମୁଁ ତଥାପି ଏପର୍ଯ୍ୟନ୍ତ ଧରି ପାରିଲି ନାହିଁ । ସୃଷ୍ଟିର ଅଙ୍ଗାବୟବ ଉପରେ ମୁଁ ଏପରି ଏକ ସୂକ୍ଷ୍ମ ଜାଲ ବୁଣିକରି ରଖିଛି, ଯାହାକି କେବଳ ବାହାରକୁହିଁ ପ୍ରକୃତ ବୋଲି ମନେ ହେଉଛି, କେବଳ ସେହି ବାହାରକୁହିଁ କେଡ଼େ ଆନନ୍ଦଦାୟକ ବୋଲି ଲାଗୁଛି । ମାତ୍ର ଯେଉଁ ସାଧନାଟିକୁ ମୁଁ ଏକଦା ନିର୍ଦ୍ଦୋଷ ସ୍ୱଭାବର ବୋଲି ଭାବିଥିଲି, ସବୁକିଛିକୁ ଭେଦ କରିବାକୁ, ଉଦ୍‌ଘାଟିତ କରିଦେବାକୁ, ବ୍ୟକ୍ତ କରିବାକୁ ଏବଂ ମୂର୍ତ୍ତିମନ୍ତ କରି ଆଣିବାକୁ ଯାହାର ସାମର୍ଥ୍ୟକୁ ମୁଁ ଶ୍ରେଷ୍ଠ ଓ ପୂର୍ଣ୍ଣ ବୋଲି ଭାବିଥିଲି, ତାହାହିଁ ଯେ ମୋ'ର ବିଫଳତାର ପ୍ରକୃତ କାରଣ, ମୁଁ ଶେଷରେ ସେହି ସତ୍ୟଟିକୁ ଆବିଷ୍କାର କରିଥିଲି । ଏକ ବୃହତ୍ ନୀରବତା, ସମ୍ପୂର୍ଣ୍ଣ ଭାବରେ ମୌନ ହୋଇଯିବା, ଶେଷରେ ଏହାରି ଦ୍ୱାରାହିଁ ମୁଁ ବସ୍ତୁଗୁଡ଼ିକର ହୃଦୟର ଅଧିକ ନିକଟବର୍ତ୍ତୀ ହୋଇ ପାରୁଥିବାର ଅନୁଭବ କରିବାକୁ ସମର୍ଥ ହେଲି ।

# ବୈଜ୍ଞାନିକ

ଆପଣମାନଙ୍କ ମଧ୍ୟରୁ କେତେକଙ୍କ ପରି ମୋ'ର ସହଜୀବୀ ଅନ୍ୟ ମନୁଷ୍ୟଙ୍କର ଅବସ୍ଥାରେ କୌଣସି ଉନ୍ନତିବିଧାନ କରିବା ଲାଗି ମୁଁ ଆଦୌ ଜୀବନ ଆରମ୍ଭ କରି ନ ଥିଲି । ମୋ' ଲାଗି କର୍ମ ଅପେକ୍ଷା ଜ୍ଞାନହିଁ ପ୍ରଧାନତର ଆକର୍ଷଣ ହୋଇ ରହିଥିଲା । ଜ୍ଞାନ ଅର୍ଥାତ୍ ତା'ର ଆଧୁନିକ ପରିଚ୍ଛଦଟି ଦ୍ୱାରା ଆବୃତ ହୋଇ ରହିଥିବା ଜ୍ଞାନ – ଅର୍ଥାତ୍ ବିଜ୍ଞାନ । ମୁଁ ଅନୁଭବ କରୁଥିଲି ଯେ, ଯେଉଁ ଆବରଣଟି ଆମଠାରୁ ପ୍ରକୃତିର ରହସ୍ୟ ସମ୍ପଦଗୁଡ଼ିକୁ ଗୁପ୍ତ କରି ରଖିଛି, ସେଥିରୁ ଅନ୍ତତଃ ଗୋଟାଏ କୋଣକୁ ମଧ୍ୟ ଉତ୍ତୋଳିତ କରିଦେବା । ତା'ର ଲୁକ୍‌କାୟିତ ହୋଇ ରହିଥିବା ଜ୍ଞାନ-ଉତ୍ସଗୁଡ଼ିକ ମଧ୍ୟରୁ ଆଉ ଅଧିକ କେତୋଟିକୁ ବୋଧର ସୀମା ମଧ୍ୟକୁ ଆଣିପାରିବା,– ଆଉ କୌଣସି କାର୍ଯ୍ୟ ଏହାଠାରୁ ଆଉ ଅଧିକ ଚମତ୍କାର କଦାପି ହୋଇ ପାରିବ ନାହିଁ । ହୁଏତ ସମ୍ପୂର୍ଣ୍ଣ ଅଚେତନ ଭାବରେ ମୁଁ ଏହି କଥାଟିକୁ ଏକ ସ୍ୱତଃସିଦ୍ଧ ସତ୍ୟ ରୂପେ ମାନି ନେଇଥିଲି ଯେ, ଜ୍ଞାନ କ୍ଷେତ୍ରର ଯେକୌଣସି ଅଭିବୃଦ୍ଧି ଶକ୍ତିର କ୍ଷେତ୍ରରେ ମଧ୍ୟ ଅବଶ୍ୟ ଏକ ଅଭିବୃଦ୍ଧି ଘଟାଇବ, ଏବଂ ପ୍ରକୃତି ଉପରେ ହାସଲ କରାଯାଉଥିବା ଯେକୌଣସି ପ୍ରଭୁତ୍ୱ, ବିଜୟ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ମନୁଷ୍ୟର ଜୀବନସ୍ଥିତିରେ ଅବଶ୍ୟ ଏକ ଉନ୍ନତି ଘଟାଇବ, ତା'ର ନୈତିକ ତଥା ଭୌତିକ ଉଭୟ କ୍ଷେତ୍ରର ଉନ୍ନତିବିଧାନରେ ଅବଶ୍ୟ ସହାୟକ ହେବ । ଗତ ଶତାବ୍ଦୀର ଅର୍ଥାତ୍ ବିଜ୍ଞାନର ଯାବତୀୟ ଭିତ୍ତିସ୍ଥାପନ ସମ୍ଭବ ହୋଇଥିବା ସେହି ଗତ ଶତାବ୍ଦୀର ଅନ୍ୟ ସକଳ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପରି ମୁଁ ମଧ୍ୟ ଭାବୁଥିଲି ଯେ ଅଜ୍ଞାନହିଁ ଆମ ପୃଥିବୀର ଏକମାତ୍ର ନ ହେଲେ ମଧ୍ୟ ସର୍ବମୂଳ ଅନିଷ୍ଟ । ପରିପୂର୍ଣ୍ଣତା ଲାଭ କରିବା ଦିଗରେ ମନୁଷ୍ୟଜାତିର ଉତ୍ତରୋତ୍ତର ଗତିକୁ କେବଳ ଏହି ଅଜ୍ଞାନହିଁ ବାଧା ଦେଇ ରଖିଛି । ମନୁଷ୍ୟଜାତି ଯେ ଅଶେଷ ଭାବରେ ଏହିପରି ଅଧିକରୁ ଅଧିକ ପରିପୂର୍ଣ୍ଣତା ଲାଭ କରିବାରେ ଲାଗିଥିବ, ଆମେ ତାହାକୁ ଅବଶ୍ୟମ୍ଭାବୀ ବୋଲି ମାନି ନେଉଥିଲୁ ଓ ସେ ବିଷୟରେ କୌଣସି ଆଲୋଚନା କରୁ ନ ଥିଲୁ । ଆମେ ଭାବୁଥିଲୁ ଯେ, ଏହି ଅଗ୍ରଗତି କେତେବେଳେ ଶୀଘ୍ର ହୋଇପାରେ, କେତେବେଳେ ମନ୍ଥର ବି ହୋଇପାରେ; ମାତ୍ର ତଥାପି ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତାହା ହେବହିଁ ହେବ । ଏପର୍ଯ୍ୟନ୍ତ କେବଳ ଅଗ୍ରଗତି ହାସଲ କରିକରି ଆସିଥିବା ଫଳରେ ଆମ ମନରେ ଆଉ ଏତେ ଟିକିଏ ସନ୍ଦେହ ନ ଥିଲା ଯେ ଆମେ ଆହୁରି ଆଗକୁ ମଧ୍ୟ ଅବଶ୍ୟ ଗତି କରି ପାରିବୁ । ଆମ ଲାଗି ଅଧିକ ଜାଣିବାହିଁ ସ୍ୱଭାବତଃ ଅଧିକ ବୁଝିବାର ସମବାଚୀ ହୋଇ ରହିଥିଲା, ଅଧିକ ପ୍ରଜ୍ଞାବାନ୍ ଏବଂ ଅଧିକ ନ୍ୟାୟପ୍ରତିଷ୍ଠ ହେବାର ସମବାଚୀ ହୋଇ ରହିଥିଲା । ସଂକ୍ଷେପରେ କହିଲେ, ଅଧିକ ଭଲ ହେବାର ସମବାଚୀ ହୋଇ ରହିଥିଲା ।

ଆମେ ପ୍ରଚ୍ଛନ୍ନ ଭାବରେ ଆଉ ଗୋଟିଏ କଥାକୁ ମଧ୍ୟ ସ୍ୱତଃସିଦ୍ଧ ବୋଲି ମାନି ନେଉଥିଲୁ ! ଆମେ ଭାବୁଥିଲୁ ଯେ ଏହି ବିଶ୍ୱଜଗତ୍ ପ୍ରକୃତରେ ଯାହା, ଆମେ ତାହାକୁ ସେହିପରି ଭାବରେ ନିଶ୍ଚୟ ଜାଣି ପାରିବୁ, ତାହାର ବିଧାନଗୁଡ଼ିକୁ ଆମେ ଅବଶ୍ୟ ଯଥାର୍ଥ ଭାବରେ ଜାଣିବାକୁ ସମର୍ଥ ହେବୁ । ଏହି କଥାଟି ଆମକୁ ଏପରି ଅବଶ୍ୟମ୍ଭାବୀ ବୋଲି ମନେ ହେଉଥିଲା ଯେ, ତାହା ବିଷୟରେ କେହି କୌଣସି ସଂଶୟ ପ୍ରକାଶ କରୁ ନ ଥିଲେ । ଆମେ ଧରି ନେଉଥିଲୁ ଯେ, ଗୋଟିଏ ପାଖରେ ବିଶ୍ୱଜଗତ୍ ଅଛି, ଆଉ ଗୋଟିଏ ପାଖରେ ମୁଁ ରହିଛି, ଅନ୍ୟଟିକୁ ଜାଣିବା ଓ ବୁଝିବା ହେଉଛି ଗୋଟିକର କାର୍ଯ୍ୟ ଓ ଧର୍ମ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ମୁଁ ହେଉଛି ବିଶ୍ୱଜଗତର ଏକ ଅଂଶ; ମାତ୍ର ତାହାକୁ ଜାଣିବାର ପ୍ରକ୍ରିୟାଟି ମଧ୍ୟରେ ମୁଁ ଆପଣାକୁ ତାହାର ବାହାରେ ଆଣି ସ୍ଥାପିତ କରି ରଖେ ଏବଂ ତାହାକୁ ବାହାରୁ ଦେଖିବାକୁ ଆରମ୍ଭ କରେ । ମୁଁ ସ୍ୱୀକାର କରୁଛି ଯେ, ମୁଁ ଯାହାକୁ ପ୍ରକୃତିର ବିଧାନଗୁଡ଼ିକ ବୋଲି କହୁଛି, ତାହା ମୋ' ଉପରେ ବା ମୋ'ର ମନ ଉପରେ ଆଦୌ କୌଣସି ପ୍ରକାରେ ନିର୍ଭରଶୀଳ ନ ହୋଇ ଅବସ୍ଥିତ ରହିଛି । ସେଗୁଡ଼ିକ ସ୍ୱୟଂନିର୍ଭର ହୋଇ ଅବସ୍ଥିତ ରହିଛି ଏବଂ ସେଗୁଡ଼ିକୁ ଆପଣାର ବୋଧ କରିବାକୁ ସମର୍ଥ ହେଉଥିବା ଯେକୌଣସି ଅନ୍ୟଲୋକର ମନ ସକାଶେ ମଧ୍ୟ ତାହା ଠିକ୍ ସେହିପରି ହୋଇ ରହିଥିବ ।

ଶୁଦ୍ଧ ଜ୍ଞାନର ଏହି ଆଦର୍ଶ ଦ୍ୱାରା ଅନୁପ୍ରେରିତ ହୋଇ ମୁଁ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରିଥିଲି । ମୁଁ ପଦାର୍ଥବିଜ୍ଞାନକୁ ମୋର କ୍ଷେତ୍ର ରୂପେ ବାଛିଥିଲି ଏବଂ ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିଲେ, ପରମାଣୁ ଏବଂ ତେଜସ୍କ୍ରିୟତାକୁ ମୋ'ର ବିଶେଷ ଅଧ୍ୟୟନ କ୍ଷେତ୍ର ରୂପେ ବାଛି ନେଇଥିଲି । ଏହି କ୍ଷେତ୍ରରେ ବେକ୍‌ରେଲ୍ ଏବଂ କ୍ୟୁରି ଦମ୍ପତି ଆଗରୁ ଏକ ପ୍ରଶସ୍ତ ରାଜମାର୍ଗର ନିରୂପଣ କରି ଦେଇଥିଲେ । ସେହି ପର୍ଯ୍ୟାୟରେ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଥିବା ତେଜସ୍କ୍ରିୟତା ପ୍ରାକୃତିକ ତେଜସ୍କ୍ରିୟତାକୁ ବଳି ଆଗକୁ ଚାଲି ଯାଉଥିଲା ଏବଂ ପ୍ରାଚୀନ ଆଲ୍‌କେମିଷ୍ଟମାନଙ୍କର ସ୍ୱପ୍ନମାନ ପ୍ରକୃତରେ ସଫଳ ହେବାକୁ ବସିଥିଲା । ଇଉରାନିୟମ୍‌ର ବିଖଣ୍ଡନତତ୍ତ୍ୱକୁ ଆବିଷ୍କାର କରିଥିବା ପ୍ରସିଦ୍ଧ ପଦାର୍ଥବିଜ୍ଞାନୀମାନଙ୍କ ସହିତ ମୁଁ ଏକତ୍ର କାର୍ଯ୍ୟ କରିଥିଲି ଏବଂ ଅଣୁବୋମାର ଜନ୍ମକୁ ମଧ୍ୟ ପ୍ରତ୍ୟକ୍ଷ କରିଥିଲି । କେତେକେତେ ବର୍ଷର କଠିନ, ଅବିରାମ ଏବଂ ଏକାଗ୍ର ଶ୍ରମ ଦ୍ୱାରା ତାହା ସମ୍ଭବ ହୋଇଥିଲା । ଠିକ୍ ସେତିକିବେଳେ ମୋ' ଭିତରେ ସେହି କଳ୍ପନାଟିର ଉଦୟ ହୋଇଥିଲା, ଯାହାକି ମୋତେ କ୍ରମେ ମୋ'ର ସର୍ବପ୍ରଥମ ଆବିଷ୍କାରଟି ଆଡ଼କୁ ବାଟ ଦେଖାଇ ନେଇ ଯାଇଥିଲା; ଅନ୍ତଃଆଣବିକଶକ୍ତି ଅର୍ଥାତ୍ ଅଣୁକେନ୍ଦ୍ରରୁ ଉଦ୍ଭୂତ ଶକ୍ତି ମଧ୍ୟରୁ ସିଧା ବିଦ୍ୟୁତ୍ ଶକ୍ତିର ଉତ୍ପାଦନ କରିବାକୁ ଯାହା ଏବେ ଆମକୁ ସମର୍ଥ କରିଛି, ତାହା ମୋତେ ସେହି

ଆବିଷ୍କାରଟି ଆଡ଼କୁ ଚାଳିତ କରି ନେଇଥିଲା । ଆପଣମାନେ ନିଶ୍ଚୟ ଜାଣିଥିବେ, ଏହି ଆବିଷ୍କାରଟି ଫଳରେ ସମଗ୍ର ପୃଥିବୀର ଅର୍ଥନୈତିକ ସ୍ଥିତିରେ ଏକ ତୁମୁଳ ପରିବର୍ତ୍ତନ ସମ୍ଭବ ହେଲା, କାରଣ ଏହା ଶକ୍ତିର ଉତ୍ପାଦନ ଖର୍ଚ୍ଚକୁ ଅନେକ କମାଇ ଆଣି ପାରିଥିଲା ଏବଂ ତଦ୍ଦ୍ୱାରା ସମସ୍ତେ ତାହାର ଉପଯୋଗ କରିପାରିଲେ । ଏହି ଆବିଷ୍କାରଟି ପ୍ରକୃତରେ ଚାରିଆଡ଼େ ଚହଳ ପକାଇ ଦେଇଥିଲା, କାରଣ ତାହା ମନୁଷ୍ୟକୁ ତା'ର ଶ୍ରମକଷଣରୁ ମୁକ୍ତ କରି ଆଣିଲା, ମୁଣ୍ଡଝାଳକୁ ତୁଣ୍ଡରେ ମାରି ଜୀବନନିର୍ବାହ କରିବାର ବାଧ୍ୟତା ମଧ୍ୟରୁ ତାହାକୁ ମୁକ୍ତି ଦେଇଥିଲା ।

ଏହି ମହାନ୍ ଆବିଷ୍କାରଟି ଦ୍ୱାରା ମୋ'ର ଯୌବନର ସ୍ୱପ୍ନଟି ବାସ୍ତବରେ ପରିଣତ ହୋଇ ପାରିଥିଲା ଏବଂ ମୁଁ ତହିଁ ସଙ୍ଗେ ସଙ୍ଗେ ସମଗ୍ର ମାନବଜାତି ଲାଗି ରହିଥିବା ତାହାର ମହତ୍ତ୍ୱଟିକୁ ମଧ୍ୟ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଦେଖି ପାରୁଥିଲି । ଏବଂ ପ୍ରକୃତରେ ତା' ଲାଗି ଏହି ମହାନ୍ ସୌଭାଗ୍ୟଟିକୁ ବହନ କରି ଆଣିଥିଲି, ତାହା କରିବାର ବିଶେଷ କୌଣସି ଅଭିପ୍ରାୟ ମୋ' ଭିତରେ ନ ଥିଲେ ମଧ୍ୟ ମୁଁ ତାହା କରି ପାରିଥିଲି ।

ସମ୍ପୂର୍ଣ୍ଣ ସନ୍ତୋଷ ଅନୁଭବ କରିବା ଲାଗି ଏଥିରେ ନିଶ୍ଚୟ ଯଥେଷ୍ଟ କାରଣ ରହିଥିଲା, ମାତ୍ର ମୋର ସେହି ସନ୍ତୋଷ ଆଦୌ ଖୁବ୍‌ବେଶୀ ଦିନ ଲାଗି ରହି ପାରିଲା ନାହିଁ । କାରଣ, ତାହାର ମାତ୍ର ଅଳ୍ପ କେତେଦିନ ପରେ,— ଆପଣମାନଙ୍କୁ ମୁଁ ଏକଥା କହିପାରୁଛି, କାରଣ ଆମେ ବର୍ତ୍ତମାନ ମୃତ୍ୟୁଠାରୁ ହୁଏତ ମାତ୍ର ସୂତାଏ ବ୍ୟବଧାନରେ ରହିଛୁ ଏବଂ ମୋ'ର ଗୁପ୍ତ ସତ୍ୟଟି ବି ମୋ'ରି ସହିତ ମାଟିରେ ପୋତିହୋଇ କୁଆଡ଼େ ଅଦୃଶ୍ୟ ହୋଇଯିବ ବୋଲି ମଧ୍ୟ ସମ୍ପୂର୍ଣ୍ଣ ଆଶଙ୍କା ରହିଛି,— ତାହାର ଅଳ୍ପକେତେଦିନ ପରେ ମୁଁ କେବଳ ଇଉରାନିୟମ୍, ଥୋରିଅମ୍ ଏବଂ ଆଉ କେତୋଟି ବିରଳ ଧାତୁପଦାର୍ଥରୁ ଆଣବିକ ଶକ୍ତି ନିଷ୍ପନ୍ନ କରି ଆଣିବାର ଉପାୟ ଯେ ବାହାର କଲି ତା' ନୁହେଁ, ମାତ୍ର ତମ୍ବା ଏବଂ ଆଲୁମିନିଅମ୍ ପ୍ରଭୃତି ଅଧିକାଂଶ ସାଧାରଣ ଧାତୁରୁ ମଧ୍ୟ ମୁଁ ତାହାକୁ ଉତ୍ପନ୍ନ କରିପାରିଥିଲି । ମାତ୍ର ସେତେବେଳେ ମୋତେ ଏକ ବିରାଟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା ଏବଂ ତାହା ଆପଣାର ଗୁରୁଭାର ଦ୍ୱାରା ମୋତେ ପ୍ରକୃତରେ ସତେଅବା ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଦେବାକୁ ବସିଥିଲା । ମୋର ଏହି ଆବିଷ୍କାରଟିକୁ ମୁଁ ସମସ୍ତଙ୍କର ଜ୍ଞାତସାରକୁ ଆଣିବି କି ? ବର୍ତ୍ତମାନ ମଧ୍ୟ ମୋତେ ଛାଡ଼ିଦେଲେ ଆଉ କେହି ହେଲେ ଏହି ଗୁପ୍ତ ତଥ୍ୟଟିକୁ ଜାଣି ନାହାନ୍ତି ।

ଆପଣମାନେ ସମସ୍ତେ ଅଣୁବୋମାର କାହାଣୀଟିକୁ ଜାଣିଛନ୍ତି । ଆପଣମାନେ ଜାଣିଛନ୍ତି ଯେ, ତା'ପରେ ତା'ଠାରୁ ଅନନ୍ତଗୁଣରେ ଅଧିକ ଗୁଣରେ ଧ୍ୱଂସସାଧନକାରୀ ଉଦ୍‌ଜାନବୋମାରୂପୀ ଅସ୍ତ୍ର ଆବିଷ୍କୃତ ହୋଇ ସାରିଲାଣି । ମୋ' ଭଳି ଆପଣମାନେ ମଧ୍ୟ

ଭଲ ଭାବରେ ଏହି କଥାଟିକୁ ଜାଣିଛନ୍ତି ଯେ, ଏହିସବୁ ଯାବତୀୟ ଆବିଷ୍କାରର ସମ୍ଭାବ୍ୟ ପରିଣାମଟିର ସମ୍ମୁଖରେ ସମଗ୍ର ମାନବଜାତି ଚକିତ ଓ ଶଙ୍କିତ ହୋଇ ରହିଛି । ଏହିସବୁ ଆବିଷ୍କାର ତା' ହାତରେ ଭୟାବହ ଧ୍ୱଂସର ଏକ ଅମିତ ଶକ୍ତିକୁ ଆଣି ସମର୍ପଣ କରି ଦେଇଛନ୍ତି । ମାତ୍ର, ଯଦି ମୁଁ ମୋର ନୂତନ ଆବିଷ୍କାରଟିକୁ ପ୍ରକାଶ କରି ସମସ୍ତଙ୍କ ଆଗରେ ଆଣି ଥୋଇଦେବି, ଯଦି ମୁଁ ମୋର ଗୁପ୍ତତଥ୍ୟଟିକୁ ଖୋଲିକରି ରଖିଦେବି, ତେବେ ମୁଁ ତଦ୍ଦ୍ୱାରା ଏକ ମହାବଳ ଆସୁରିକ ଶକ୍ତିକୁ ଯେକୌଣସି ମନୁଷ୍ୟର ହାତରେ ନେଇ ଥୋଇଦେବି । ଏବଂ, ସେଥିରେ କୌଣସି ନିୟନ୍ତ୍ରଣ ଅଥବା ବାରଣ ବୋଲି ମଧ୍ୟ ଆଦୌ କିଛି ରହିବ ନାହିଁ... ଇଉରାନିଅମ୍ ଏବଂ ଥୋରିଅମକୁ ବିଭିନ୍ନ ଦେଶର ରାଷ୍ଟ୍ର ଭାରି ସହଜରେ ଏକଚାଟିଆ କରିନେଇ ପାରିଲେ; କାରଣ ପ୍ରଥମତଃ, ତାହା ସବୁଦେଶରେ ପ୍ରଚୁର ଭାବରେ ମିଳୁ ନ ଥିଲା, ମାତ୍ର ଅଧିକାଂଶତଃ, ତାହାକୁ ଆଣବିକ ଅସ୍ତ୍ରସ୍ୱରୂପରେ ପରିଣତ କରିବା ସବୁଦେଶ ପକ୍ଷରେ ଆଦୌ ସହଜ ନ ଥିଲା । ମାତ୍ର, ଯଦି କୌଣସି ଅପରାଧୀ, ବିକୃତମସ୍ତିଷ୍କ କିଂବା ଉଗ୍ରବାଦୀ ପୃଥିବୀର କୌଣସି ଏକ ଅସ୍ଥାୟୀ ପ୍ରୟୋଗଶାଳାରେ ପ୍ୟାରିସ୍, ଲଣ୍ଡନ ବା ନିଉୟର୍କକୁ ସମୂଳେ ଧ୍ୱଂସ କରି ଉଡ଼ାଇ ଦେବାଭଳି ଗୋଟିଏ ଅସ୍ତ୍ରକୁ ତିଆରି କରିବାର ସାମର୍ଥ୍ୟଲାଭ କରେ, ତେବେ ତାହାର ପରିଣାମସ୍ୱରୂପ ଯେ କ'ଣ ଘଟିବ, ଆପଣମାନେ ନିଶ୍ଚୟ ସେକଥା ଅନୁମାନ କରିପାରୁଥିବେ । ତାହାହିଁ ସମଗ୍ର ମନୁଷ୍ୟଜାତି ଲାଗି ଏକ ନିଶ୍ଚିହ୍ନକାରୀ ଆଘାତ ରୂପେ କାର୍ଯ୍ୟ କରିବ ନାହିଁ କି ? ମୁଁ ନିଜେ ମଧ୍ୟ ମୋର ଏହି ଆବିଷ୍କାରର ଭାରଟି ତଳେ ଆପଣାକୁ ଅତ୍ୟନ୍ତ ବିଭ୍ରାନ୍ତ ପରି ଅନୁଭବ କରିଛି । ଦୀର୍ଘକାଳ ଧରି ମୁଁ କେବଳ ଏକ କୁଣ୍ଠା ଭିତରେହିଁ ରହି ଆସିଛି ଏବଂ ତଥାପି ଏପର୍ଯ୍ୟନ୍ତ ମଧ୍ୟ ମୋ'ର ବୁଦ୍ଧି ଓ ମୋ'ର ହୃଦୟକୁ ସନ୍ତୋଷ ଆଣି ଦେବାଭଳି କୌଣସି ନିଷ୍ପତ୍ତିରେ ଉପନୀତ ହୋଇପାରି ନାହିଁ ।

ତେଣୁ, ପ୍ରକୃତି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ୟଗୁଡ଼ିକୁ ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଜଣେ ତରୁଣ ବୈଜ୍ଞାନିକ ଭାବରେ ମୁଁ ଯେଉଁ କଥାଟିକୁ ମୋର ସର୍ବପ୍ରଥମେ ସ୍ୱତଃସିଦ୍ଧ ରୂପେ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଥିଲି, ତାହା ଏହିପରି ଭାବରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି । ଜ୍ଞାନକ୍ଷେତ୍ରର ଅଭିବୃଦ୍ଧି ଶକ୍ତିର କ୍ଷେତ୍ରରେ ମଧ୍ୟ ହୁଏତ ଏକ ଅଭିବୃଦ୍ଧି ଘଟାଇ ପାରିଲେ ମଧ୍ୟ, ସେଥିରୁ ଆମେ କଦାପି ଏପରି ଏକ ଉପସଂହାର ବାହାର କରିପାରିବା ନାହିଁ ଯେ ତଦ୍ଦ୍ୱାରା ମନୁଷ୍ୟ ଜାତିର ମଧ୍ୟ ଅବଶ୍ୟ କଲ୍ୟାଣ ସାଧିତ ହେବ । ବୈଜ୍ଞାନିକ ଅଗ୍ରଗତିରୁ ଯେ ନିଶ୍ଚୟ ଏକ ନୈତିକ ଅଗ୍ରଗତି ମଧ୍ୟ ସମ୍ଭବ ହେବ, ସେକଥା ଆଦୌ ନୁହେଁ । ମନୁଷ୍ୟର ପ୍ରକୃତିରେ ଏକ ପରିବର୍ତ୍ତନ ଘଟାଇ ପାରିବା ଲାଗି ବୈଜ୍ଞାନିକ ଓ ବୌଦ୍ଧିକ ଜ୍ଞାନର ଆଦୌ କୌଣସି ଶକ୍ତି ନାହିଁ । ଏବଂ ତଥାପି ତାହାହିଁ

ମନୁଷ୍ୟ ଲାଗି ବର୍ତ୍ତମାନ ସବୁଠାରୁ ବଡ଼ ଆବଶ୍ୟକତା ହୋଇ ରହିଛି । ମନୁଷ୍ୟର ଲୋଭ ଏବଂ ବାସନାଗତ ଉଗ୍ରତାମାନ ବର୍ତ୍ତମାନ ଯେଉଁଭଳି ରହିଛି ତାହା ଯଦି ଠିକ୍ ସେହିପରି ରହେ, ପୁରାତନ ପ୍ରସ୍ତରଯୁଗରେ ସେଗୁଡ଼ାକ ଯେପରି ଥିଲା, ବର୍ତ୍ତମାନ ମଧ୍ୟ ଯଦି ତାହା ସେହିପରି ହୋଇ ରହେ, ତେବେ ମାନବଜାତିର ଧ୍ୱଂସ ପ୍ରକୃତରେ ଅନିବାର୍ଯ୍ୟ । ଆମେ ବର୍ତ୍ତମାନ ଏପରି ଗୋଟିଏ ସ୍ଥାନରେ ଆସି ପହଞ୍ଚିଲୁଣି, ଯଦି ନୈତିକ କ୍ଷେତ୍ରରେ ସତ୍ୱର କୌଣସି ମୂଳଭୂତ ପରିବର୍ତ୍ତନ ନ ଘଟେ, ତେବେ ମନୁଷ୍ୟଜାତି ନିଜ ହାତରେ ଯେଉଁ ଶକ୍ତିର ନିର୍ମାଣ କରି ରଖିଛି, ତାହା ତାହାରି ଦ୍ୱାରାହିଁ ଆପଣାର ସମୂଳ ବିନାଶକୁ ଡାକି ଆଣିବ ଏବଂ ବିଧ୍ୱସ୍ତ ହୋଇଯିବ ।

ଏବଂ, ମୋ ତରୁଣ ଜୀବନକାଳର ଦ୍ୱିତୀୟ ସ୍ୱତଃସିଦ୍ଧଟି ମଧ୍ୟ କିଭଳି ଦଶାର ସମ୍ମୁଖୀନ ହୋଇଛି ? ମୁଁ ପ୍ରକୃତରେ ଅନ୍ତତଃ ଏହି ବିଶୁଦ୍ଧ ଜ୍ଞାନକୁ ଲାଭ କରିବା ଜନିତ ଆନନ୍ଦର ଅଧିକାରୀ ହୋଇପାରିବି କି ? ପ୍ରକୃତିର ପ୍ରଚ୍ଛନ୍ନ ବିଧାନଯନ୍ତ୍ରଟିରୁ ମୁଁ ଅନ୍ତତଃ କିଛିହେଲେ ବୁଝିବାକୁ ସମର୍ଥ ହୋଇଛି ବୋଲି ସୁନିଶ୍ଚିତ ଭାବରେ କହିପାରିବି କି ? ଯେଉଁସବୁ ଯଥାର୍ଥ ନିୟମ ଦ୍ୱାରା ଏହି ପ୍ରକୃତି ପରିଚାଳିତ ହେଉଛି, ତାହାର ଏକ ବୋଧ ଲାଭ କରିବାର ଆନନ୍ଦ ମୋତେ ମିଳିବ, ମୁଁ ଏପରି କେବେହେଲେ ଆଶା କରିପାରିବି କି ? ମାତ୍ର ହାୟ, ମୋର ଭାରି ଭୟ ହେଉଛି ଯେ ଏହି କ୍ଷେତ୍ରରେ ମଧ୍ୟ ମୁଁ ମୋର ଆଦର୍ଶଟିକୁ ଉପଲବ୍ଧି କରିପାରି ନାହିଁ । ଯେକୌଣସି ସିଦ୍ଧାନ୍ତ ସତ୍ୟ ହୋଇଥିବ ନଚେତ୍ ମିଥ୍ୟା ହୋଇଥିବ,– ଆମେ ବୈଜ୍ଞାନିକମାନେ କେଉଁ କାଳରୁ ଏପରି ଏକ ଧାରଣାକୁ ଜଳାଞ୍ଜଳି ଦେଇ ସାରିଲୁଣି । ଆମେ ବର୍ତ୍ତମାନ ତାହାକୁ କେବଳ ଏକ ଅନୁକୂଳ ସିଦ୍ଧାନ୍ତ ବୋଲି କହୁଛୁ, ଆମର ତଥ୍ୟଗୁଡ଼ିକ ସହିତ ତାହା ଖାପ୍ ଖାଇଯାଉଛି ବୋଲି କହୁଛୁ ଓ ଆମକୁ ସେଗୁଡ଼ିକର ଏକ ବ୍ୟାବହାରିକ ବ୍ୟାଖ୍ୟା ଯୋଗାଇଦେଇ ପାରୁଛି ବୋଲି କହୁଛୁ । ମାତ୍ର, ତାହା ପ୍ରକୃତରେ ସତ କି ନୁହେଁ, ସେକଥା ଜାଣିବା ପାଇଁ, ଅର୍ଥାତ୍, ତାହା ପ୍ରକୃତ ବାସ୍ତବ ସତ୍ୟର ଅନୁରୂପ କି ନୁହେଁ ବୋଲି ଜାଣିବା ଲାଗି – ତାହା ହେଉଛି ସମ୍ପୂର୍ଣ୍ଣ ଏକ ଭିନ୍ନ କଥା । ବା, ହୁଏତ ଏପରି ଗୋଟିଏ ପ୍ରଶ୍ନ ପଚାରିବାର ମଧ୍ୟ ଆଦୌ କୌଣସି ଅର୍ଥ ନାହିଁ । ମୁଁ ଏକଥା ସ୍ୱୀକାର କରିବି ଯେ, ନିଃସନ୍ଦେହ ଭାବରେ ଆହୁରି ଅନ୍ୟ ସିଦ୍ଧାନ୍ତମାନ ବି ରହିଛି ଯେଉଁଗୁଡ଼ିକ କି ସେହି ତଥ୍ୟଗୁଡ଼ିକର ସମାନ ଭାବରେ ଏକ ନିର୍ଭୁଲ ବ୍ୟାଖ୍ୟା ମଧ୍ୟ କରିଦେଇ ପାରୁଛି ଏବଂ ତେଣୁ ସେଗୁଡ଼ିକୁ ମଧ୍ୟ ଠିକ୍ ସେହିପରି ଗୋଟିଏ ଗୋଟିଏ ପ୍ରାମାଣିକ ସିଦ୍ଧାନ୍ତ ବୋଲି ଅବଶ୍ୟ କୁହାଯାଇ ପାରିବ । କାରଣ, ଏହିସବୁ ସିଦ୍ଧାନ୍ତ ପ୍ରକୃତରେ କ'ଣ ? ସେଗୁଡ଼ିକ ଗୋଟିଏ ଗୋଟିଏ ପ୍ରତୀକ ବ୍ୟତୀତ ଆଉ କିଛି ନୁହେଁ । ସେଗୁଡ଼ିକର ଏକ ଉପଯୋଗିତା ଅବଶ୍ୟ ରହିଛି, କାରଣ ସେଗୁଡ଼ିକ ଆମକୁ ଭବିଷ୍ୟାନୁମାନର ସାମର୍ଥ୍ୟ

ଆଣି ଦେଉଛନ୍ତି; ବସ୍ତୁଗୁଡ଼ିକ କିପରି ଘଟୁଛନ୍ତି, ସେଗୁଡ଼ିକ ଆମକୁ ସେ ବିଷୟରେ କିଛି କହିପାରୁଛନ୍ତି ସତ, ମାତ୍ର କାହିଁକି ଘଟୁଛନ୍ତି, କାହା ଦ୍ୱାରା ଘଟୁଛନ୍ତି, ସେବିଷୟରେ ଆଦୌ କିଛି କହୁ ନାହାନ୍ତି । ସେଗୁଡ଼ିକ ଆମକୁ ପ୍ରକୃତ ସତ୍ୟର କୌଣସି ସ୍ପର୍ଶ ଦେଇପାରୁ ନାହାନ୍ତି । ଆମକୁ ଲାଗୁଛି, ସତେଯେପରି ସତତ ସତ୍ୟ ବା ବାସ୍ତବଟିର ଚାରିପାଖରେ ଆମେ କେବଳ ଭଉଁରି ବୁଲିବାରେ ଲାଗିଛୁ । ଆମେ ବିଭିନ୍ନ ଦୃଷ୍ଟିକୋଣରୁ ତାହାର ପାଖକୁ ଆସିବାକୁ ଚେଷ୍ଟା କରୁଛୁ; ମାତ୍ର ତଥାପି ତାହାର ଆବିଷ୍କାର କରିବାକୁ ଆଦୌ ସମର୍ଥ ହେଉ ନାହୁଁ । ତାହାର କୌଣସି ଯଥାର୍ଥ ବୋଧ ଲାଭ କରିପାରୁ ନାହୁଁ; କିଂବା ସେହି ସତ୍ୟଟି ମଧ୍ୟ ଅଜ୍ଞାତର ଗର୍ଭ ମଧ୍ୟରୁ ଲମ୍ଫ ପ୍ରଦାନ କରି ଆମ ଆଗରେ ଆପଣାକୁ ଉଦ୍‌ଘାଟିତ କରି ଦେଉ ନାହିଁ ।

ପୁନଶ୍ଚ, ଅନ୍ୟ ପକ୍ଷରେ ଆମେ କରୁଥିବା ପରିମାପନ ଓ ପରିକଳନଗୁଡ଼ିକର ମଧ୍ୟଦେଇ ଆମେ ନିଜେ କେତେ ବା କେତେ ହସ୍ତକ୍ଷେପ କରିବାରେ ଲାଗିଥାଉ ଏବଂ ସେଗୁଡ଼ିକରୁ ଆମକୁ ବହିଃବିଶ୍ୱ ବିଷୟରେ ଅବଶ୍ୟ କିଛି ତଥ୍ୟ ମିଳିଯିବ ବୋଲି ପ୍ରତ୍ୟାଶା କରୁଥାଉ । ମାତ୍ର ସେହି ପରିମାପନଗୁଡ଼ିକ ଦ୍ୱାରାହିଁ ଆମେ ଯେତେ କମ୍ ପରିମାଣରେ ହେଲେ ମଧ୍ୟ ବାହାରର ସେହି ପ୍ରକୃତିଜଗତ୍ କାର୍ଯ୍ୟରେ ବାଧା ସୃଷ୍ଟି କରିପକାଉ ଏବଂ ତେଣୁ ବିଶ୍ୱର ବିଭାବଟିରେ ନାନା ହେର୍‌ଫେର ବି କରି ଦେଉ । ତେଣୁ, ଏହିସବୁ ପରିମାପନ ଦ୍ୱାରା ଆମକୁ ଯେଉଁଜ୍ଞାନ ପ୍ରାପ୍ତ ହୁଏ, ସେଥିରେ ଆଦୌ ସମ୍ପୂର୍ଣ୍ଣ ନିଶ୍ଚିତତା ନ ଥାଏ । ଆମେ ସେଗୁଡ଼ିକ ମଧ୍ୟରୁ ବିଶ୍ୱଜଗତର କେବଳ ଏକ ସମ୍ଭାବ୍ୟସ୍ଥିତି ବିଷୟରେ କେତେକ ନିର୍ଣ୍ଣୟରେ ପହଞ୍ଚିବାକୁ ସମର୍ଥ ହେଉ, ମାତ୍ର କୌଣସି ନିଶ୍ଚିତ ସତ୍ୟରେ ଆଦୌ ଉପନୀତ ହୋଇପାରୁ ନାହିଁ । କାରଣ, ଆମ ନିଜ ପରିମାପକଟି ଦ୍ୱାରା ବିଶ୍ୱବିଷୟକୁ ତଉଲିବାକୁ ଗଲାବେଳେ ସେହି ଅନିଶ୍ଚିତତା ହୁଏତ ପରିହାର୍ଯ୍ୟ ବୋଲି ମନେ ହୋଇପାରେ; ମାତ୍ର ଅନନ୍ତଗୁଣରେ କ୍ଷୁଦ୍ର ହୋଇ ରହିଥିବା ବିଷୟର କ୍ଷେତ୍ରରେ, ସେହି ପରମାଣୁର ଜଗତ୍ ମଧ୍ୟରେ ତାହା କଦାପି ଅପରିହାର୍ଯ୍ୟ ନୁହେଁ । ଏହିଠାରେହିଁ ଆମେ ଏକ ମୂଳଭୂତ ଅସମର୍ଥତା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥାଉ ଯାହାକୁ ଅତିକ୍ରମ କରିବାକୁ ଆମେ କଦାପି ଆଶା ବି କରିପାରିବା ନାହିଁ । ବସ୍ତୁଗୁଡ଼ିକର ଯଥାର୍ଥ ସ୍ୱଭାବଟି ହେତୁହିଁ ଏପରି ହୁଏ, ଆମ ଅନୁସନ୍ଧାନ ପଦ୍ଧତିଗୁଡ଼ିକର ଅପୂର୍ଣ୍ଣତା ଫଳରେ ତାହା କଦାପି ହୁଏ ନାହିଁ । ତେଣୁ, ବିଶ୍ୱଜଗତର ଅଧ୍ୟୟନ ଲାଗି ଆମେ ଯେଉଁ ରଙ୍ଗିନ କାଚଗୁଡ଼ିକୁ ବ୍ୟବହାର କରୁଛୁ, ସେଗୁଡ଼ିକୁ ଆମେ କଦାପି ଫିଙ୍ଗି ଦେଇପାରିବା ନାହିଁ । ମୋର ଯାବତୀୟ ପରିମାପନ ଓ ଯାବତୀୟ ସିଦ୍ଧାନ୍ତ ଭିତରେ ଏହି ବିଶ୍ୱଜଗତ୍ ଯେପରି ରହିଛି, ଠିକ୍ ସେହିପରି ତା' ଭିତରେ ମୁଁ ନିଜେ ମଧ୍ୟ ରହିଛି । ଅର୍ଥାତ୍ ମୋ'ର ମନଟି ମଧ୍ୟ ତାହାରି ଭିତରେ ରହିଛି । ସେଗୁଡ଼ିକୁ ଆଶୟଗତ

ଓ ବିଷୟଗତ ଉଭୟ ବୋଲି କୁହାଯାଇପାରିବ, ଏବଂ ସମ୍ଭବତଃ, ବସ୍ତୁତଃ କେବଳ ମୋ'ର ମସ୍ତିଷ୍କ ଭିତରେହିଁ ସେଗୁଡ଼ିକର କୌଣସି ଅସ୍ତିତ୍ୱ ରହିଛି ।

ଅନନ୍ତ ପରମସତ୍ତାରୂପୀ ମହାସମୁଦ୍ରର ବେଳାରେ ମୁଁ ହଠାତ୍ ଗୋଟିଏ ପଦଚିହ୍ନ ଆବିଷ୍କାର କରିଥିଲି ଏବଂ ସେଇଥିରୁହିଁ ସେହି କାଲି ଉପରେ ଆପଣାର ପଦଚିହ୍ନ ଅଙ୍କିତ କରିଦେଇ ଯାଇଥିବା ସତ୍ତାଟିକୁ ଏକ ଅବୟବ ଦେଇ ପୁଣି ଗଢ଼ି ଥୋଇଦେବାକୁ ମନ ବଳାଇଲି । ଶେଷକୁ ଏଇ ଉଦ୍ୟମରେ ସଫଳ ବି ହେଲି ଏବଂ ଦେଖିଲି ଯେ ତାଙ୍କୁ ଗଢୁ ଗଢୁ ମୁଁ କେବଳ ମୋତେ ନିଜକୁହିଁ ଗଢ଼ି ଥୋଇ ଦେଇଛି । ମୋ'ର ସ୍ଥିତି ପ୍ରକୃତରେ ଏତିକି — ଆମ ସମସ୍ତଙ୍କର ସ୍ଥିତି ପ୍ରକୃତରେ ଏତିକି — ଏବଂ ମୋତେ ଆଉ ଅନ୍ୟ କୌଣସି ବାଟ ଥିବାପରି ଆଦୌ ଦିଶୁ ନାହିଁ ।

.......................................................................................................

ମାତ୍ର ସେକଥା ଯାହା ହେଉ ପଛକେ, ଏହି ପୃଥିବୀ ସମ୍ବନ୍ଧରେ ଯେ ମୁଁ ନିଶ୍ଚିତ ଭାବରେ ଆଦୌ କିଛି ଜାଣି ନାହିଁ, କେବଳ କେତୋଟି ସ୍ୟାତ୍'ରହିଁ ଅନୁମାନ କରି ପାରିଛି, ହୁଏତ ତାହାହିଁ ମୋ'ଲାଗି ଆଶାର ଏକ ରେଖା ରଖିଦେଇ ଯାଇଛି । ମନୁଷ୍ୟଜାତିର ଭାଗ୍ୟରେ ଯେ ଏଇଠୁ ଆଦୌ ଏକ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉ ନାହିଁ, ତାହା ମୋତେ ଏହିଭଳି ଏକ ପ୍ରତ୍ୟୟ ଆଣି ଦେଇଯାଉଛି ।

## କଳାକାର

ମୁଁ ଏପରି ଏକ ସମ୍ପୂର୍ଣ୍ଣ ଖାନ୍ଦାନି ବୁର୍ଜୁଆ ପରିବାରରେ ଜନ୍ମଗ୍ରହଣ କରିଥିଲି, ଯେଉଁଠାରେ କଳାକୁ ଏକ ଜୀବିକା ଅପେକ୍ଷା ଅଧିକତର ପରିମାଣରେ ଏକ ଅବସର ବିନୋଦନ ବୋଲିହିଁ ବିଚାର କରା ଯାଉଥିଲା । କଳାକାରମାନଙ୍କୁ ଅଧିକତର ପରିମାଣରେ ବିଶ୍ୱାସର ଅଯୋଗ୍ୟ ବୋଲି ବିଚାର କରାଯାଉଥିଲା; ବ୍ୟଭିଚାର ଆଡ଼କୁ ସେମାନଙ୍କର ଏକ ସହଜପ୍ରବଣତା ରହିଥାଏ ଓ ଟଙ୍କାପଇସା ଦିଗରେ ଏକ ଭୟଙ୍କର ବେଖାତିରଭାବ ରହିଥାଏ ବୋଲି ବିଚାର କରାଯାଉଥିଲା । ହୁଏତ ଏହି ମନୋଭାବର ବିପରୀତ ଆଚରଣ କରିବାର ଏକ ପ୍ରେରଣା ଦ୍ୱାରା ପ୍ରେରିତ ହୋଇହିଁ ମୁଁ ଜୀବନରେ ଜଣେ କଳାକାର ବନିବି ବୋଲି ଆପଣାର ଭିତରେ ଏକ ଶକ୍ତିଶାଳୀ ଆବଶ୍ୟକତା ଅନୁଭବ କରୁଥିଲି । ମୋ'ର ସମୁଦାୟ ଚେତନା ମୋ' ଆଖିଦୁଇଟି ଭିତରେ ଆସି ସଂକେନ୍ଦ୍ରିତ ହୋଇ ରହିଥିଲା ଏବଂ ଶବ୍ଦ ଅପେକ୍ଷା ଗୋଟିଏ ଚିତ୍ର ଆଙ୍କିଦେଇ ମୁଁ ଆପଣାକୁ ଅପେକ୍ଷାକୃତ ଅଧିକ ସହଜରେ ଅଭିବ୍ୟକ୍ତ କରି ପାରୁଥିଲି । ବହି ପଢ଼ିବା ଅପେକ୍ଷା ଚିତ୍ର ଆଡ଼କୁ ଅନାଇ ମୁଁ ଅଧିକ ଭଲ ଭାବରେ

ଯେକୌଣସି ବିଷୟ ଶିକ୍ଷା କରି ପାରୁଥିଲି; ଏବଂ ଯାହାକୁ ମୁଁ ଥରେ ଦେଖୁଥିଲି,– ତାହାର ପ୍ରାକୃତିକ ଦୃଶ୍ୟ, ମଣିଷର ମୁଖ କିଂବା ଅଙ୍କା ହୋଇଥିବା ଚିତ୍ର ଯାହା ହୋଇଥାଉ ପଛକେ, ତାହାକୁ ମୁଁ କେବେହେଲେ ଭୁଲି ପାରୁ ନ ଥିଲି ।

ମୋତେ ତେର ବର୍ଷ ବୟସ ହେଲା ବେଳକୁ କଠୋର ପ୍ରୟାସ ଓ ଉଦ୍ୟମ ଦ୍ୱାରା ମୁଁ ଅଙ୍କନ ପାଣିରଙ୍ଗ, ଖଡ଼ିରଙ୍ଗ ଓ ତୈଳଚିତ୍ର କରିବାର ଶୈଳୀଗୁଡ଼ିକୁ ଆୟତ୍ତ କରିବାରେ ପ୍ରାୟ ନୈପୁଣ୍ୟ ଅର୍ଜନ କରି ସାରିଥିଲି । ତା'ପରେ ମୋ' ପିତାମାତଙ୍କର ବନ୍ଧୁ ଏବଂ ପରିଚିତ ଲୋକମାନଙ୍କର ବରାଦ ଅନୁସାରେ କେତେକ ସାନସାନ ଚିତ୍ରକାମ କରିଦେବା ଲାଗି ମଧ୍ୟ ମୋତେ ସୁଯୋଗ ମିଳିଲା; ଏବଂ ମୁଁ ନିଜେ କିଛି ଅର୍ଥ ଉପାର୍ଜନ ଲାଗି ସମର୍ଥ ହେବା ସଙ୍ଗେ ସଙ୍ଗେ ଆମ ଘର ମୋ'ର ଏହି ଧନ୍ଦାଟି ବିଷୟରେ ଗାମ୍ଭୀର୍ଯ୍ୟର ସହିତ ବିଚାର କରିବାକୁ ଆରମ୍ଭ କଲେ । ଏହି ସୁଯୋଗରେ ମୁଁ ଆପଣାର ଅଧ୍ୟୟନକୁ ଯଥାସମ୍ଭବ ଅଧିକ ଆଗେଇ ନେବା ଲାଗି ଲାଗିପଡ଼ିଲି । ନାମ ଲେଖାଇବାର ଉପଯୁକ୍ତ ବୟସ ହୋଇଯିବା ପରେ ମୁଁ ସୂକ୍ଷ୍ମକଳାର ବିଦ୍ୟାଳୟରେ ଯାଇ ପ୍ରବେଶ କଲି ଏବଂ ପ୍ରାୟ ତା'ର ଅବ୍ୟବହିତ ପରେହିଁ ପ୍ରତିଯୋଗିତାମାନଙ୍କରେ ଅଂଶଗ୍ରହଣ କରିବାକୁ ଆରମ୍ଭ କଲି । ରୋମ୍ ପୁରସ୍କାରର ଜଣେ କନିଷ୍ଠତମ ବିଜେତା ରୂପେ ପ୍ରତିଷ୍ଠିତ ହେବା ପରେ ମୁଁ ଇତାଲୀୟ କଳାର ଏକ ପରିପୂର୍ଣ୍ଣ ଅଧ୍ୟୟନ ଲାଗି ସୁଯୋଗ ଲାଭ କରିଥିଲି । ତା' ପରେ ବିଭିନ୍ନ ଦେଶକୁ ଯାଇ କଳାବିଦ୍ୟା କରିବା ପାଇଁ ଶିକ୍ଷାବୃତ୍ତି ଲାଭ କରି ମୁଁ ସ୍ପେନ୍, ବେଲଜିଅମ୍, ହଲାଣ୍ଡ, ଇଂଲଣ୍ଡ ଏବଂ ଅନ୍ୟ କେତୋଟି ଦେଶକୁ ମଧ୍ୟ ଯାଇଥିଲି । କୌଣସି ଗୋଟିଏ ଯୁଗ ଅଥବା କଳାଶୈଳୀର କଳାକାର ହେବା ଲାଗି ମୋ'ର କୌଣସି ଉତ୍ସାହ ନ ଥିଲା ଏବଂ ମୁଁ ସବୁ ଦେଶର କଳାକୁ ଅଧ୍ୟୟନ କରିଥିଲି, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ପ୍ରକାରର ସବୁ କଳା ଶିକ୍ଷା କରିଥିଲି ।

ଏବଂ ଯୁଗପତ୍ ଭାବରେ ମୁଁ ନିଜର କାର୍ଯ୍ୟରେ ମଧ୍ୟ ଅଗ୍ରସର ହୋଇଯିବାରେ ଲାଗିଥିଲି ଏବଂ ନିଜର ଏକ ସ୍ୱକୀୟ ସୂତ୍ର ବାହାର କରିବାକୁ ଚେଷ୍ଟା କରୁଥିଲି । ତା'ପରେ ସଫଳତା ଏବଂ ପ୍ରସିଦ୍ଧିର ବେଳ ଆସି ପହଞ୍ଚିଲା, ପ୍ରଦର୍ଶନୀମାନଙ୍କରେ ମୁଁ ପ୍ରଥମ ପୁରସ୍କାରମାନ ପାଇଲି, କଳା-ପ୍ରତିଯୋଗିତାମାନଙ୍କରେ ବିଚାରକ ହେଲି; ପୃଥିବୀର ପ୍ରଧାନ ପ୍ରଧାନ ସଂଗ୍ରହାଳୟମାନଙ୍କରେ ମୋ'ର କଳାଗୁଡ଼ିକ ପ୍ରଦର୍ଶିତ ହେବାକୁ ଲାଗିଲା, କଳାବଣିକମାନେ ଅତି ଆଗ୍ରହରେ ମୋ'ର କୃତିଗୁଡ଼ିକୁ କ୍ରୟ କରି ନେଲେ । ଅର୍ଥାତ୍ ଅନେକ ଅର୍ଥ ମିଳିଲା, ଉପାଧି ମିଳିଲା, ସମ୍ମାନ ମଧ୍ୟ ମିଳିଲା । ଏପରିକି ''ପ୍ରତିଭାଶାଳୀ'' ଶବ୍ଦଟିର ବି ବ୍ୟବହାର କରାଗଲା ।... ମାତ୍ର ତଥାପି ମୋ'ର ସନ୍ତୋଷ ଆସି ନାହିଁ । ପ୍ରତିଭା ବିଷୟରେ ମୋ'ର ସମ୍ପୂର୍ଣ୍ଣ ଏକ ଭିନ୍ନ ପ୍ରକାରର ଧାରଣା ରହିଛି । କଳାର କ୍ଷେତ୍ରରେ

ଆମକୁ ନୂତନ ପ୍ରରୂପମାନ ତିଆରି କରିବାକୁ ହେବ, ନୂତନ ଶୈଳୀ ଓ ନୂତନ ବିଧିଗୁଡ଼ିକର ଉଦ୍ଭବ କରି ଆଣିବାକୁ ପଡ଼ିବ, ଯେପରିକି ଆମେ ତଦ୍ଦ୍ୱାରା ଉଚ୍ଚତର ଓ ଶୁଦ୍ଧତର ଏକ ନୂତନ ପ୍ରକାରର ସୌନ୍ଦର୍ଯ୍ୟକୁ ବ୍ୟକ୍ତ କରିବା ଲାଗି ସମର୍ଥ ହୋଇ ପାରିବା, ଏକ ସତ୍ୟତର ଓ ଉଦାରତର ସୌନ୍ଦର୍ଯ୍ୟକୁ ବ୍ୟକ୍ତ କରି ଆଣିପାରିବା । ଏପର୍ଯ୍ୟନ୍ତ ତ ମୁଁ ସେହି ମାନବୀୟ ପଶୁଦିଗଟା ଭିତରେହିଁ ବନ୍ଧାହୋଇ ପଡ଼ିଛି, ଜଡ଼ ପ୍ରକୃତିର ରୂପବାଡ଼ଗୁଡ଼ାକ ମଧ୍ୟରୁ ମୁଁ ଆପଣାକୁ ମୋଟେ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରି ଆଣି ପାରି ନାହିଁ । ସେଥିଲାଗି ଏକ ଅଭୀପ୍ସା ଅବଶ୍ୟ ରହିଛି, ମାତ୍ର ଜ୍ଞାନର ଅଭାବ ରହିଛି, ଉପଯୁକ୍ତ ଦୃଷ୍ଟିର ଅଭାବ ରହିଛି ।

ଏବଂ ବର୍ତ୍ତମାନ ଯେତେବେଳେ ଜୀବନର ଏହି ଶେଷ ପର୍ଯ୍ୟାୟ ଆସି ପହଞ୍ଚିଲାଣି, ମୁଁ ଭାରି ଅନୁଭବ କରୁଛି ଯେ, ପ୍ରକୃତରେ ଯାହା ସୃଷ୍ଟି କରି ପାରିବି ବୋଲି ଭାବିଥିଲି, ସେଥିରୁ ଆଦୌ କିଛି ବି ସୃଷ୍ଟି କରି ପାରିଲି ନାହିଁ । ଯାହା କରି ପାରିବି ବୋଲି ଭାବିଥିଲି, କିଛି କରିପାରିଲି ନାହିଁ । ଏବଂ ମୋ' ଉପରେ ଆଣି ଗଦା କରିଦିଆଯାଇଥିବା ସକଳ ଖ୍ୟାତି ସତ୍ତ୍ୱେ ମୁଁ ତଥାପି ଅନୁଭବ କରୁଛି, ମୋ' ଜୀବନଟା ସତେ ଯେପରି ଖାଲି ବିଫଳ ହୋଇଗଲା !

## ଶିଳ୍ପପତି

ଏଠାରେ ଆମେ ସମସ୍ତେ ନିଜ ନିଜର ହୃଦୟର କଥା କହିବାକୁ ଆସିଥିବାରୁ ଏବଂ ମୁଁ ଯାହା କହିବାକୁ ଯାଉଛି, ମୋ'ର ପ୍ରତିଦ୍ୱନ୍ଦି ବା ମୋ'ର ସଫଳତାରେ ଈର୍ଷ୍ୟା ପ୍ରକାଶ କରୁଥିବା ଲୋକମାନେ ତାହାକୁ କାମରେ ଲଗାଇ ଫାଇଦା ଉଠାଇବାର ଆଦୌ କୌଣସି ଆଶଙ୍କା ନ ଥିବାରୁ,— ହଁ, ମୋ'ର ତଥାକଥିତ ସଫଳତାକୁ ଈର୍ଷା କରୁଥିବାର ବ୍ୟକ୍ତିମାନେ,— ମୁଁ ନିଜର ଜୀବନ କହିଲେ ପ୍ରକୃତରେ ଯାହା ବୁଝୁଛି, ଆପଣମାନଙ୍କ ଆଗରେ ବର୍ତ୍ତମାନ ସେହି ଜୀବନଟିର କାହାଣୀକୁ ବର୍ଣ୍ଣନା କରି କହିବି । ଏପର୍ଯ୍ୟନ୍ତ ମୋ'ର ଜୀବନକୁ ଯେପରି ଭାବରେ ବର୍ଣ୍ଣନା କରାଯାଇ ଆସିଛି, ମୁଁ ଆଜି ସେଭଳି କୌଣସି କଥା କହିବି ନାହିଁ ।

ମୋ' ଜୀବନର ତଥ୍ୟଗୁଡ଼ିକ ବିଷୟରେ ଯେଉଁ ବିବରଣୀ ଦିଆଯାଇଛି, ସେଗୁଡ଼ିକ ଅବଶ୍ୟ ସତ । ମୋ'ର ବାପା ମଫସଲ ଅଞ୍ଚଳର ଗୋଟିଏ ସାନ ସହରରେ କମାର କାମ କରୁଥିଲେ । ତାଙ୍କଠାରୁ ଏକ ଉତ୍ତରାଧିକାର-ସୂତ୍ରରେ ପାଇଥିଲା ପରି ଧାତୁକାର୍ଯ୍ୟ ଲାଗି ପ୍ରଥମରୁହିଁ ମୋ'ର ଏକ ଶ୍ରଦ୍ଧା ରହିଥିଲା । ଗୋଟିଏ କାର୍ଯ୍ୟକୁ ଭଲ ଭାବରେ କରିପାରିଲେ ସେଥିରୁ ଯେ କିପରି ଏକ ଆନନ୍ଦ ମିଳେ ଆପଣାର କାର୍ଯ୍ୟ ପାଖରେ ଆପଣାକୁ ସମ୍ପୂର୍ଣ୍ଣ

ଭାବରେ ସମର୍ପିତ କରିଦେଇ ପାରିଲେ ସେଥିରୁ ଯେ ଅତୀବ ସନ୍ତୋଷ ପ୍ରାପ୍ତ ହୋଇଥାଏ, ମୋ ବାପାହିଁ ମୋତେ ସେହି କଥା ଶିକ୍ଷା ଦେଇଥିଲେ । ପ୍ରତ୍ୟେକ କାର୍ଯ୍ୟକୁ ଆମେ ସର୍ବଦା କିପରି ଆଗ ଅପେକ୍ଷା ଅଧିକ ଭଲ ଓ ଅନ୍ୟମାନଙ୍କଠାରୁ ଭଲ ଭାବରେ କରିବାର ଅଭିଳାଷ ରଖିପାରିବା, ସିଏ ସେକଥାଟି ମଧ୍ୟ ମୋତେ ଶିଖାଇ ଦେଇଥିଲେ ଓ ମୋ' ଭିତରେ ସେହିପରି ଏକ ଇଚ୍ଛା ଜାଗୃତ କରି ଆଣିଥିଲେ । ଅର୍ଥଲାଭର ବାସନା ତାଙ୍କ ଲାଗି କଦାପି ସବୁଠାରୁ ବଡ଼ ଉତ୍ପ୍ରେରକ ହୋଇ ରହି ନ ଥିଲା, ମାତ୍ର ସିଏ କଦାପି ଏକଥାଟିକୁ ମଧ୍ୟ ଅସ୍ୱୀକାର କରୁ ନ ଥିଲେ ଯେ, ନିଜ କ୍ଷେତ୍ରରେ ସେ ସମସ୍ତଙ୍କଠାରୁ ଉଚ୍ଚରେ ରହିଛନ୍ତି ବୋଲି ପ୍ରକୃତରେ ଏକ ଗର୍ବ ଅନୁଭବ କରୁଛନ୍ତି । ଏବଂ, ଆଦୌ କୌଣସି ପ୍ରକାର ମିଥ୍ୟା ନମ୍ରତାର ପ୍ରଦର୍ଶନ ନ କରି ସିଏ ନିଜ ସହରବାସୀଙ୍କ ମୁଖରେ ଆପଣାର ପ୍ରଶଂସା ଶୁଣି ପ୍ରକୃତରେ ଭାରି ହର୍ଷ ଅନୁଭବ କରୁଥିଲେ ।

ଏହି ଶତାବ୍ଦୀର ଆରମ୍ଭରେ ଯେତେବେଳେ ଅନ୍ତର୍ଦହନକାରୀ ଇଞ୍ଜିନ୍‌ର ପ୍ରଥମ ଆବିର୍ଭାବ ହେଲା, ସେତେବେଳେ ତାହା ଉଦ୍‌ଘାଟିତ କରି ଦେଇଥିବା ନାନା ସମ୍ଭାବନା ବିଷୟରେ ଆମେ ସାନ ପିଲାମାନେ ଭାରି ପୁଲକିତ ହୋଇ ଉଠିଥିଲୁ । ଏବଂ, ସେତେବେଳେ ଯାହାକୁ ଏକ ଘୋଡ଼ା ନ ଥିବା ଗାଡ଼ି ବୋଲି କୁହାଯାଉଥିଲା, ସେହି ମୋଟରଗାଡ଼ିଟିଏ ତିଆରି କରିବାହିଁ ଆମର ଏକ ବହୁ ଅଭିଳଷିତ ଲକ୍ଷ୍ୟ ହୋଇ ରହିଥିଲା ଏବଂ ସେଥିଲାଗି ଆମେ ଆମର ସର୍ବୋତ୍ତମ ପ୍ରୟାସ ଦେବା ଲାଗି ପ୍ରସ୍ତୁତ ହୋଇ ରହିଥିଲୁ । କାରଣ, ମୋଟରଗାଡ଼ିର ଯେଉଁ କେତୋଟି ମଡ଼େଲ୍ ଆମେ ସେପର୍ଯ୍ୟନ୍ତ ଦେଖିବାକୁ ପାଇଥିଲୁ, ତାହାକୁ ନିର୍ଦୋଷ ବୋଲି କହିବାକୁ ଆହୁରି ଅନେକ କିଛି ବାକି ରହିଥିଲା ।

ଯେତେବେଳେ ମୁଁ ନିଜ ହାତରେ ପ୍ରଥମ ମୋଟରଗାଡ଼ିଟିଏ ତିଆରି କରିଦେଇ ପାରିଲି, ସେତେବେଳେ ତାହା ନିଃସନ୍ଦେହ ଭାବରେ ମୋତେ ମୋ'ର ସମଗ୍ର ଜୀବନର ସର୍ବୋଚ୍ଚ ଆନନ୍ଦ ଆଣି ଦେଇଥିଲା । ଏଣୁତେଣୁ ନାନା ଅଂଶ ଆଣି ମୁଁ ସେହି ଗାଡ଼ିଟିକୁ ତିଆରି କଲି ଓ ସେଗୁଡ଼ିକୁ ମୁଁ ଯେଉଁପରି କାମରେ ବ୍ୟବହାର କଲି, ସେହି କାର୍ଯ୍ୟରେ ବ୍ୟବହୃତ ହେବା ଲାଗି ସେଗୁଡ଼ିକ ଆଦୌ ଉଦ୍ଦିଷ୍ଟ ହୋଇ ରହି ନ ଥିଲା । କିଞ୍ଚିତ୍ ପରିମାଣରେ ଭାରି ଅସ୍ୱସ୍ତିକର ହୋଇ ରହିଥିବା ସିଟ୍‌ଟି ଉପରେ ଯେକୌଣସି ପ୍ରକାରେ ବସି ମୁଁ ବାପାଙ୍କର କର୍ମଶାଳା ପାଖରୁ ପ୍ରାୟ କେତେଶହ ଗଜ ପର୍ଯ୍ୟନ୍ତ ଗାଡ଼ିଟିକୁ ଚଳାଇ ଟାଉନ୍‌ହଲ୍ ପାଖରେ ଯାଇ ପହଞ୍ଚିଲି, ଏବଂ ସେତେବେଳେ ଏହି ଅଦ୍ଭୁତ ଯନ୍ତ୍ରଟି ବ୍ୟତୀତ ପୃଥିବୀରେ ଆଉ କିଛି ଅଧିକ ସୁନ୍ଦର ଦ୍ରବ୍ୟ ରହିଛି ବୋଲି ମୋର ଆଦୌ ମନେ ହେଉ ନ ଥିଲା । କେତେପ୍ରକାରେ ହଲି ଓ ଦୋହଲି ଏବଂ ହ୍ୱିସିଲ୍ ମାରି ଗାଡ଼ିଟି ତା' ବାଟରେ ଚାଲିଯାଉଥିଲା, ପଥର ପଦବ୍ରଜୀମାନେ ତାହାକୁ ଦେଖି ଆଡ଼େଇ ହୋଇ ଯାଉଥିଲେ; କୁକୁରମାନେ ଭୁକିବାକୁ

ଆରମ୍ଭ କରି ଦେଉଥିଲେ ଏବଂ ଘୋଡ଼ାଗୁଡ଼ାକ ତରକି ପଛ ଦୁଇ ଗୋଡ଼ରେ ଠିଆହୋଇ ଯାଉଥିଲେ ।

ତା'ପରେ ଅତିବାହିତ ହୋଇଥିବା ବର୍ଷଗୁଡ଼ିକ ସମ୍ବନ୍ଧରେ ମୁଁ ବିଶେଷ କରି କିଛି କହିବି ନାହିଁ । ଯେଉଁମାନେ ମୋର ଶତ୍ରୁତା କରି ବାହାରିଲେ, ସେମାନେ ପ୍ରଚାର କଲେ ଯେ, ଗାଡ଼ିଗୁଡ଼ାକୁ ଟାଣିବା ଲାଗି ଭଗବାନ୍ ଯେତେବେଳେ ଘୋଡ଼ାମାନଙ୍କୁ ସୃଷ୍ଟି କରିଛନ୍ତି, ସେତେବେଳେ ରେଳରାସ୍ତା ତିଆରି କରିବାକୁ ବସିବା ପ୍ରକୃତରେ ଅଧର୍ମର କଥା; ପୁଣି, ଆହୁରି ଅଧିକ ଆଗକୁ ଯାଇ ଏହି ନୂଆ ଆସୁରିକ ଉଦ୍ଭାବନଗୁଡ଼ାକୁ ରାସ୍ତା ଉପରେ ଓ ସହରମାନଙ୍କରେ ଚଳାଇବା ତ ଆହୁରି କେତେ ଅଧର୍ମର କଥା ହେବ । ଏମିତି ଗୋଟାଏ ଖିଆଲି ଯନ୍ତ୍ର, ଯାହାକୁ ଚଳାଇବା ପାଇଁ ବିଶେଷଜ୍ଞ ଅର୍ଥାତ୍ ଏକାଗ୍ର ଭାବରେ ଆପଣାକୁ ସେହି ଯନ୍ତ୍ରଟା ସହିତ ବାନ୍ଧିକରି ରଖିଥିବା ମଥାପାଗଳମାନଙ୍କର ଆବଶ୍ୟକତା ହେଉଛି, ତାହାର ପ୍ରକୃତରେ ଆଦୌ କୌଣସି ଭବିଷ୍ୟତ୍ ନାହିଁ ବୋଲି ଆହୁରି ଅଧିକ ଲୋକ କହିବାକୁ ଲାଗିଲେ । ଗୋଟିଏ ସାନ ଯନ୍ତ୍ରଶାଳା ତିଆରି କରିବାକୁ ଯେଉଁ ଅଳ୍ପ କେତେଜଣ ଦୁଃସାହସୀ ବ୍ୟକ୍ତି ମୋର ଆବଶ୍ୟକ ପ୍ରଥମ ଅର୍ଥରାଶିକୁ ଧାରସ୍ୱରୂପ ଦେଇଥିଲେ, ମୁଁ ଯେପରି ଆଉ ଦୁଇ, ତିନିଜଣ ମଣିଷକୁ ସାହାଯ୍ୟକାରୀ ଭାବରେ ଲଗାଇପାରିବି ଏବଂ କିଛି ଇସ୍ପାତ୍‌ଲୁହା ବି କିଣିପାରିବି, ମୋତେ ସେଥିଲାଗି ଯେଉଁମାନେ ଅର୍ଥ ଧାର ଦେଇଥିଲେ, ସେମାନଙ୍କ ଭିତରେ ବି ସେହିପରି ଗୋଟିଏ ଅନ୍ଧବିଶ୍ୱାସ ରହିଥିଲା ପରି ମନେ ହେଉଥିଲା । ଏକ ଶଙ୍କାପୂର୍ଣ୍ଣ ଜନହୀନ ଦେଶରେ ଏକ ଅନିଶ୍ଚିତ ଏବଂ ବିଡ଼ମ୍ବନାମୟ ଭାଗ୍ୟଲାଭ ଅନୁଧାବନ କରି ଯେଉଁମାନେ ଏକଦା ସ୍ୱର୍ଣ୍ଣର ଅନ୍ୱେଷଣ କରି ଯାଇଥିଲେ, ଏମାନେ ଠିକ୍ ତାଙ୍କରି ପରି ବ୍ୟବହାର ଦେଖାଇଥିଲେ ।

କିନ୍ତୁ ମୁଁ ତ ଧନଲାଭ ଆଶାରେ ଏସବୁ କରୁ ନ ଥିଲି, ମୁଁ ଏପରି ଗୋଟିଏ ମୋଟରଗାଡ଼ି ତିଆରି କରିବାକୁ ଇଚ୍ଛା କରୁଥିଲି, ଯାହାକୁ କି ବର୍ତ୍ତମାନର ମଡ଼େଲ୍‌ଗୁଡ଼ିକର ତୁଳନାରେ ଅଧିକ ସହଜରେ ଚଳାଇ ହେବ ଏବଂ ଯାହାକୁ କମ୍ ଖରଚରେ ବି ଚଳାଇହେବ । ମୁଁ କେବଳ ସେହି ସନ୍ତୋଷଟି ଲାଭ କରିବାକୁ ଇଚ୍ଛା କରୁଥିଲି । ଏଭଳି ଗୋଟିଏ ଯାନ ନିଶ୍ଚୟ କମ୍ ବ୍ୟୟସାପେକ୍ଷ ହେବ ବୋଲି ମୋର କାହିଁକି ମନେ ହେଉଥିଲା, କାରଣ କେବଳ ତାହାକୁ କାମରେ ଲଗାଇବା ସମୟରେହିଁ ତାହାକୁ ଇନ୍ଧନଶକ୍ତି ଯୋଗାଇଦେବା ଆବଶ୍ୟକ ହେଉଥିଲା । ଯଦି ଏହି ଯାନଟିର କ୍ରୟମୂଲ୍ୟକୁ ଯଥେଷ୍ଟ ପରିମାଣରେ କମ୍ କରି ଦିଆଯାଇ ପାରେ, ତେବେ ବହୁଲୋକ ତାହାକୁ କିଣିବା ଲାଗି ସମର୍ଥ ହେବେ ଏବଂ ପଲେ ଘୋଡ଼ା ପୋଷିବାର ଲଗାତାର ସବୁଦିନିଆ ଖର୍ଚ୍ଚକୁ କଦାପି ମନ କରିବେ ନାହିଁ ।

ସମସ୍ତଙ୍କର ବ୍ୟବହାରୋପଯୋଗୀ ହେଲା ଭଳି ମୁଁ ଯେଉଁଦିନ ମଡ଼େଲ୍‌ଟିଏ ବାହାର

କଲି, ସେଦିନଟିର କଥା ସମସ୍ତଙ୍କର ଏବେ ମଧ୍ୟ ମନେ ଅଛି । ସେଥିରେ ବଡ଼ ବଡ଼ ଚକ ଲାଗିଥିଲା, ଯେପରିକି ତାହା ଗ୍ରାମାଞ୍ଚଳର ରାସ୍ତାଗୁଡ଼ିକରେ ମଧ୍ୟ ଯାଇ ପାରିବ; ଜଣେ କୃଷକର ଯେକୌଣସି ପ୍ରକାରର ରୁକ୍ଷ ବ୍ୟବହାରକୁ ସହ୍ୟ କରି ପାରିବା ପାଇଁ ତାହାକୁ ଭାରି ମଜଭୁତ କରି ତିଆରି କରାଯାଇଥିଲା । ମାତ୍ର ତଥାପି, ଯେଉଁମାନେ ତେବେ ମଧ୍ୟ ମୋଟରଗାଡ଼ିକୁ କେବଳ ଧନୀ ଲୋକମାନଙ୍କର ଏକ ବିଳାସ ବୋଲି ଭାବୁଥିଲେ, ସେମାନେ ତାହାକୁ ଏକ ପ୍ରକାରର ଘୃଣାଭାବ ଦେଖାଉ ଥିଲେ । କିନ୍ତୁ, ଏହି ମଡ଼େଲ୍‌ଟିକୁ ପ୍ରକୃତରେ ଭାରି ସହଜରେ ଚଳାଇ ହେଉଥିଲା, ସେଥିଲାଗି ପ୍ରାୟ କୌଣସି ଚେଷ୍ଟା କରିବାକୁ ପଡୁ ନ ଥିଲା ଏବଂ ଏପରି ଏକ ଆଗତପ୍ରାୟ ଯୁଗର ସୂଚନା ବି ଦେଇ ଯାଉଥିଲା, ଯେତେବେଳେ କି ଆଦୌ କୌଣସି ଅଭିଜ୍ଞତା ନ ଥିବା ଜଣେ ବ୍ୟକ୍ତି ମଧ୍ୟ ଗାଡ଼ିଟିକୁ ଚଳାଇବାରେ ଅବଶ୍ୟ ସମର୍ଥ ହେବ ।

ତଥାପି, ଘୋଡ଼ା ଉପରେ ଆପଣାର ସର୍ବପ୍ରଥମ ବୃହତ୍ ବିଜୟଟିକୁ ହାସଲ କରିପାରିବା ଲାଗି ମୋଟରଗାଡ଼ିକୁ ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ରୋଗୀ ବୋହିନେବାର କାର୍ଯ୍ୟ, ଅସ୍ତ୍ରଶସ୍ତ୍ରର ସରବରାହ,— ଯେଉଁସବୁ କାର୍ଯ୍ୟକୁ ଯଥାସମ୍ଭବ ଅଧିକ ତ୍ୱରାନ୍ୱିତ ଭାବରେ କରିବାକୁ ପଡ଼ିଲା ବା ଯେଉଁଗୁଡ଼ିକରେ ଅତ୍ୟନ୍ତ ଭାରୀ ଜିନିଷ ନେବାଆଣିବା କରିବାକୁ ହେଲା, ସେହି ସବୁକିଛିରେହିଁ ମୋଟର-ଇଞ୍ଜିନ୍ ଲଗାହେଲା । ସେତେବେଳେ ମୋ' ଫ୍ୟାକ୍‌ଟ୍‌ରିର ସକ୍ରିୟତା ହୁ'ହୁ' ହୋଇ ଏକାବେଳେକେ ଅନେକ ଗୁଣ ବଢ଼ିଗଲା । ସୈନ୍ୟବାହିନୀକୁ ଯୋଗାଇବା ଲାଗି ମୁଁ ଏକାବେଳେକେ ବହୁପରିମାଣରେ ବରାଦମାନ ପାଇଲି ଏବଂ ତାହା ମୋ'ର ନିଜର ସାଧନସରଞ୍ଜାମରେ ମଧ୍ୟ ପ୍ରଭୂତ ଉନ୍ନତିବିଧାନ କରିବା ସକାଶେ ମୋତେ ଅନେକ ସୁଯୋଗ ଆଣି ଦେଇଥିଲା । ଯନ୍ତ୍ରପାତି ତିଆରି କରିବା ଏବଂ ସେଗୁଡ଼ିକୁ ଏକାଠି ଯୋଡ଼ିବା ଲାଗି ମୁଁ ଅଧିକ ନିର୍ଦ୍ଦୋଷ ଅନେକ ନୂଆ ନୂଆ ଉପାୟ ବି ବାହାର କରି ପାରିଲି ।

ଯୁଦ୍ଧ ଶେଷ ହେବା ବେଳକୁ ମୋ'ର ଉତ୍ପାଦନ ସଂସ୍ଥାଟି ସମ୍ପୂର୍ଣ୍ଣ ସୁରୁଖୁରୁ ଭାବରେ ଚାଲୁଥିଲା, ମାତ୍ର, ଲୋକମାନଙ୍କର ଚାହିଦା ଦୃଷ୍ଟିରୁ ଦେଖିଲେ ତାହା ପ୍ରକୃତରେ ଅନୁପାତରୁ ଅଧିକ ଉତ୍ପାଦନ କରୁଥିବା ପରି ମନେ ହେବାକୁ ଲାଗିଲା । ମୋ'ର ସହକାରୀମାନେ ଏଥିରେ ପ୍ରମାଦ ଗଣିଲେ । ସେମାନେ ମୋତେ ଉତ୍ପାଦନର ପରିମାଣ କମ୍ କରିଦେବା ଲାଗି ବାରବାର କହିବାକୁ ଲାଗିଲେ, ଶ୍ରମିକମାନଙ୍କ ମଧ୍ୟରୁ କେତେଜଣଙ୍କୁ ବରଖାସ୍ତ କରିଦେବାକୁ, ବରାଦ କରାଯାଇଥିବା କଞ୍ଚାମାଲର ଚୁକ୍ତିଗୁଡ଼ିକୁ ରଦ୍ଦ କରିଦେବାକୁ ଏବଂ ବଜାରର ପ୍ରକୃତ ଚାହିଦା ପ୍ରକୃତରେ କିପରି କେଉଁ ଆଡ଼କୁ ଯାଉଛି ସେକଥା ଅପେକ୍ଷା କରି ଦେଖିବା ଲାଗି ମୋତେ ପରାମର୍ଶ ଦେଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ

ସେମାନଙ୍କର ଏହି ପରାମର୍ଶ ଅତ୍ୟନ୍ତ ଯୁକ୍ତିଯୁକ୍ତ ଥିଲା; ମାତ୍ର ମୁଁ ଭାବିଲି, ଏହା ଆମ ହାତରେ ପୃଥିବୀର ସବୁଠାରୁ ଅଧିକ ଶସ୍ତା ମୋଟରଗାଡ଼ି ତିଆରି କରିବାର ଏକ ଅପୂର୍ବ ସୁଯୋଗ ମଧ୍ୟ ଆଣି ଦେଇ ଯାଉଥିଲା ଏତେବେଳେ ଉତ୍ପାଦନକୁ ମାନ୍ଦା କରିଦେଲେ ତାହା କେବଳ ଉତ୍ପାଦନବ୍ୟୟକୁ ବଢ଼ାଇବାରେ ସାହାଯ୍ୟ କରିବ । ତେଣୁ ମୁଁ ନିଷ୍ପତ୍ତି କଲି ଯେ, ଲୋକମାନେ ଆମଠାରୁ ଯାହା କିଣିବା ଲାଗି ଚାହୁଁଛନ୍ତି, ତାହାର ଉତ୍ପାଦନ କରିବାରେ କୌଣସି ସମସ୍ୟା ନାହିଁ, ବଜାରରେ ଆମର ଉତ୍ପାଦିତ ସାମଗ୍ରୀଟିକୁ ବିକ୍ରୟ କରିବାରେହିଁ ଅସଲ ସମସ୍ୟା ନିହିତ ହୋଇ ରହିଛି । ଏକ ଅତ୍ୟନ୍ତ ଚମତ୍କାର ବିଜ୍ଞାପନ ଅଭିଯାନ ଚଳାଇବା ପରେ ମୋ କଥାଟି ପ୍ରକୃତରେ ଠିକ୍ ବୋଲି ପ୍ରମାଣିତ ହୋଇଯାଇଥିଲା ।

ତା'ପରଠାରୁ ମୋ' କମ୍ପାନୀ ପ୍ରାୟ ଆପଣାଛାଏଁ ଅଗ୍ରଗତି କରିବାକୁ ଲାଗିଲା । ମୁଁ ଅଧିକରୁ ଅଧିକ ପରିମାଣରେ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ନେବାର ଦାୟିତ୍ୱଟିକୁ ମୋ'ର ସହକାରୀମାନଙ୍କ ହାତରେ ଛାଡ଼ି ଦେଇଥିଲି ଏବଂ କେବଳ ମାର୍ଗଦର୍ଶନକାରୀ ମୂଳନୀତିଗୁଡ଼ିକୁ ନିର୍ଦ୍ଧାରିତ କରିଦେବାରେହିଁ ଆପଣାକୁ ସୀମିତ କରି ରଖିଲି । ସେହି ମୂଳନୀତିଗୁଡ଼ିକ ହେଲା ଯେ, ଆମେ ସର୍ବନିମ୍ନ ଉତ୍ପାଦନମୂଲ୍ୟରେ ଜିନିଷ ତିଆରି କରିବା, ମାତ୍ର ତଦ୍ଦ୍ୱାରା ଉତ୍ପାଦନରେ ଆଦୌ କୌଣସି ଗୁଣାତ୍ମକ ହ୍ରାସ ଘଟିବ ନାହିଁ; ଶ୍ରମିକମାନଙ୍କର ମଜୁରିରେ ମଧ୍ୟ କୌଣସି ହ୍ରାସ କରାଯିବ ନାହିଁ,— ବସ୍ତୁତଃ ମୋ' କାରଖାନାରେ କାମ କରୁଥିବା ଶ୍ରମିକମାନେ ପୃଥିବୀରେ ସବୁଠାରୁ ଅଧିକ ପାରିଶ୍ରମିକ ପାଇବେ । ଅଧିକରୁ ଅଧିକ ନୂଆ ବଜାର ଦଖଲ କରିବା ଉଦ୍ଦେଶ୍ୟରେ ଆମେ ବଜାରରେ ସର୍ବନିମ୍ନ ଦାମ୍‌ରେ ବିକ୍ରି କରିବାକୁ ମଧ୍ୟ ସମର୍ଥ ହେବା । କମ୍ପାନୀର ସ୍ଥାୟିତ୍ୱ ଉପରେ କୌଣସି ବିପଦ ନ ଆଣି ଆମେ ପାଉଥିବା ଲାଭାଂଶଟିକୁ ଯଥାସମ୍ଭବ ତଳକୁ ଖସାଇ ଦିଆଯିବ, ମାତ୍ର ବିଜ୍ଞାପନବିଭାଗଟିକୁ ଏପରି ଭାବରେ ପରିଚାଳିତ କରାଯିବ, ଯେପରି କି ଅନାବଶ୍ୟକ ଭାବରେ ଉତ୍ପାଦନଖର୍ଚ୍ଚରେ କୌଣସି ବୃଦ୍ଧିସାଧନ ନ କରି ଆମକୁ ଆମର ଆବଶ୍ୟକ ଲାଭଟି ମଧ୍ୟ ମିଳି ଯାଉଥିବ । ସର୍ବଶେଷରେ, ଯଦି ସାଧାରଣ ସାମଗ୍ରୀ-ଯୋଗାଣକାରୀମାନେ ଅତିରିକ୍ତ ଲାଭ ଦାବି କରି ବସିବେ, ତେବେ ଆମେ ଆବଶ୍ୟକ ଯନ୍ତ୍ରାଂଶଗୁଡ଼ିକୁ ନିଜେ ତିଆରି କରିବାକୁ, ଅର୍ଦ୍ଧପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଓ ଏପରିକି ଆବଶ୍ୟକ କଞ୍ଚାମାଲକୁ ମଧ୍ୟ ନିଜେ ଯୋଗାଡ଼ କରିବାକୁ ଆଦୌ କୌଣସି କୁଣ୍ଠା ପ୍ରକାଶ କରିବା ନାହିଁ ।

ସତେଅବା ଏକ ଜୀବନ୍ତ ପଦାର୍ଥ ପରି ମୋ'ର ବ୍ୟବସାୟ ବଢ଼ିବାକୁ ଆରମ୍ଭ କଲା । ମୁଁ ଯାହାକିଛି ହାତକୁ ନେଲି, ତାହା ସତେଯେପରି ଅବଶ୍ୟ ସଫଳ ହେବ ବୋଲି ଆଗରୁ ନିର୍ଦ୍ଦିଷ୍ଟ ହୋଇ ରହିଥିଲା । ଏହିପରି ଭାବରେ ମୁଁ ପ୍ରାୟ କୌଣସି ଏକ ବୀରଗାଥାର

ନାୟକ ପରି ହୋଇଗଲି, ଏପରି ଏକ ଅର୍ଦ୍ଧ ଈଶ୍ୱରରେ ପରିଣତ ହୋଇଗଲି ଯିଏକି ସମସ୍ତଙ୍କର ଅନୁସରଣ ଯୋଗ୍ୟ ଜୀବନର ଏକ ନୂତନ ମାର୍ଗର ସୃଷ୍ଟି କରି ପାରିଛି । ଶେଷକୁ ଏପରି ହେଲା ଯେ, ମୋ' ପାଟିରୁ ବାହାରୁଥିବା ଯେକୌଣସି ସାମାନ୍ୟ କଥା ଓ ମୁଁ କରୁଥିବା ଯେକୌଣସି କାର୍ଯ୍ୟର ଗଭୀର ଭାବରେ ବିଶ୍ଳେଷଣ କରାଗଲା, ଭିତର ବାହାର ପରୀକ୍ଷା କରି ତାହାର ଅଧ୍ୟୟନ କରାଗଲା, ତାହାକୁ ଏକ ମହାନ୍ ସିଦ୍ଧାନ୍ତରେ ପରିଣତ କରାଗଲା ଏବଂ ଏକ ନୂତନ ସନ୍ଦେଶ ରୂପେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ।

ଏହି ସବୁକିଛିରେ ପ୍ରକୃତରେ ଯଥାର୍ଥ ଉପଲବ୍ଧି ବୋଲି ଆଦୌ କିଛି ରହିଛି କି ? ସତତ ଅଧିକରୁ ଅଧିକ ବୃହଦାକାର ହେବା ଦ୍ୱାରାହିଁ ମୋର ବ୍ୟବସାୟଟି ବଞ୍ଚିରହି ପାରୁଛି । ଏହି ଆକାର ବୃଦ୍ଧି ବନ୍ଦ ହୋଇଗଲେ ତାହାର ବନ୍ଦ ହୋଇଯିବାର ମଧ୍ୟ ଭୟ ରହିଛି । କାରଣ, ଏଥିରେ ସାଧାରଣ ଭାବରେ ଯେଉଁ ଖର୍ଚ୍ଚ ହେଉଛି, ତାହା ସତତ ବୃଦ୍ଧି ପାଇବାରେ ଲାଗିଥିବା ଉତ୍ପାଦନର ଆଦୌ ଖୁବ୍ ବେଶୀ ବ୍ୟବଧାନରେ ରହୁ ନାହିଁ; ମୋଟରେ ଯେତେ ପୁଞ୍ଜି ଲଗାଣ ହେଉଛି, ତାହା ତୁଳନାରେ ଦେଖିଲେ ଲାଭାଂଶର ମାତ୍ରା ପ୍ରକୃତରେ ଅତ୍ୟନ୍ତ କମ୍ ହୋଇ ରହିଛି ଏବଂ ବୃଦ୍ଧି ପାଉଥିବା ଉତ୍ପାଦନହାର ତାହାକୁ ଯେକୌଣସି ସମୟରେ ଗିଳି ପକାଇବାର ମଧ୍ୟ ଭୟ ରହିଛି । ମୋର ଏହି ବ୍ୟବସାୟଟି ଏଡ଼େ କ୍ଷିପ୍ର ଗତିରେ ବୃଦ୍ଧି ପାଇବାରେ ଲାଗିଛି ଯେ, ତାହା ବର୍ତ୍ତମାନ ପୂର୍ଣ୍ଣାବୟବତା ଆଡ଼କୁ ସମଞ୍ଜସତା ଓ ସ୍ଥିରତା ସହିତ ଗତି କରୁଥିବା ଏକ ଜୀବନ୍ତ ପ୍ରାଣୀ ଅପେକ୍ଷା ବରଂ ଅଧିକତର ପରିମାଣରେ କ୍ରମଶଃ ଫୁଲିବାରେ ଲାଗିଥିବା ଗୋଟିଏ ବେଲୁନ୍ ପରି ଦେଖାଯିବାକୁ ଆରମ୍ଭ କଲାଣି । ଉଦାହରଣ ସ୍ୱରୂପ, ଏହାର କେତେକ ବିଭାଗରେ ଶ୍ରମିକମାନଙ୍କୁ ସତେଅବା ଦାସମାନଙ୍କ ପରି ଅଡ଼ାଇ ଅଡ଼ାଇ କାମ କରାଇବାକୁ ପଡୁଛି; କାରଣ ତା' ନ ହେଲେ ଅବଶିଷ୍ଟ ବିଭାଗଗୁଡ଼ିକ ସହିତ ମୋଟେ ତାଳ ରହିପାରୁ ନାହିଁ । ଏବଂ, ଯନ୍ତ୍ରସରଞ୍ଜାମରେ କୌଣସି ଉନ୍ନତିବିଧାନ କରାଇ ଏଥିରେ ଆବଶ୍ୟକ ସଂଶୋଧନ କରାଇନେବା ମାତ୍ରକେ ହୁଏତ ଆଉଗୋଟିଏ ବିଭାଗରେ ଠିକ୍ ସେହିକଥା ଦେଖାଯିବାକୁ ଆରମ୍ଭ କରୁଛି । ଏହିଭଳି ଏକ ପରିସ୍ଥିତିର ସମ୍ମୁଖରେ ମୋତେ ପ୍ରକୃତରେ ଭାରି ଅସହାୟ ଲାଗୁଛି, କାରଣ ଉତ୍ପାଦନ-ଧାରାଟି ମଧ୍ୟରେ କୌଣସି ସ୍ଥାନରେ କୌଣସି ବ୍ୟାଘାତ ଆସି ପହଞ୍ଚିଲେ ତଦ୍ୱାରା କେବଳ ଶ୍ରମିକମାନଙ୍କୁହିଁ ଅଧିକ କଷ୍ଟ ଓ ଅସୁବିଧା ସହ୍ୟ କରିବାକୁ ପଡ଼ିବ ।

ଏବଂ, ଏସବୁ କରି ମୁଁ ମନୁଷ୍ୟସମାଜର କି କଲ୍ୟାଣ ସାଧନ କରି ପାରିଛି ? ହଁ, ଏହାଦ୍ୱାରା ଲୋକମାନେ ଅଧିକ ସହଜରେ ନାନା ସ୍ଥାନକୁ ଯାତାୟାତ କରି ପାରୁଛନ୍ତି । କିନ୍ତୁ ତଦ୍ୱାରା ସେମାନେ ପରସ୍ପରକୁ ଅଧିକ ଭଲ ଭାବରେ ବୁଝିବାକୁ ସମର୍ଥ ହେଉଛନ୍ତି

କି ? ମୋ ଦୃଷ୍ଟାନ୍ତଟିର ଅନୁସରଣ କରି ଏବେ କମ୍ ଶ୍ରମ ଆବଶ୍ୟକ କରୁଥିବା ଯାବତୀୟ ପ୍ରକାରର ଯନ୍ତ୍ରପାତି ବହୁଳ ପରିମାଣରେ ତିଆରି ହେବାକୁ ଆରମ୍ଭ କଲାଣି ଏବଂ ଅଧିକରୁ ଅଧିକ ସଂଖ୍ୟକ ଉପଭୋକ୍ତା ସେଗୁଡ଼ିକୁ ବେଶ୍ କିଣିବାକୁ ପାଇଲେଣି । ମାତ୍ର ଏହାଦ୍ୱାରା ନୂତନ ଆବଶ୍ୟକତାମାନ ସୃଷ୍ଟି କରିବା ଏବଂ ତଦନୁକ୍ରମିକ ଭାବରେ ଅଧିକ ଲାଭ କରିବାର ଲୋଭାସକ୍ତତା ବଢ଼ାଇବା ବ୍ୟତୀତ ଆଉ ଅଧିକ କ'ଣ ସମ୍ଭବ ହୋଇ ପାରିଛି ? ମୋର ଶ୍ରମିକମାନେ ଖୁବ୍ ଭଲ ପାରିଶ୍ରମିକ ପାଉଛନ୍ତି ସତ, କାରଣ ମୋତେ ଲାଗୁଛି, ମୁଁ ଯେପରି ସେମାନଙ୍କ ଭିତରେ ସର୍ବଦା ଖାଲି ଅଧିକରୁ ଅଧିକ ରୋଜଗାର କରିବାର ଏକ ବାସନାକୁ ଜାଗୃତ କରି ଆଣିବାରେହିଁ ସଫଳତା ଲାଭ କରିପାରିଛି । ଏବଂ ସର୍ବୋପରି, ଅନ୍ୟ କାରଖାନାମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ତୁଳନାରେ ସେହି ବାସନାଟି ପ୍ରକୃତରେ ଆହୁରି ଅଧିକ ପରିମାଣରେ ଜାଗୃତ ହୋଇଛି । ମୁଁ ବେଶ୍ ଅନୁଭବ କରିପାରୁଛି ଯେ ସେମାନେ ବସ୍ତୁତଃ ଭାରି ଅତୃପ୍ତ ଓ ଭାରି ଅସୁଖୀ ହୋଇ ରହିଛନ୍ତି । ମୁଁ ସେମାନଙ୍କର ଜୀବନର ମାନ ବଢ଼ିବ, ନିରାପତ୍ତା ଅଧିକ ସୁନିଶ୍ଚିତ ହୋଇ ରହିବ ବୋଲି ପ୍ରଥମେ ଯାହା ଭାବିଥିଲି, ଏବେ ତାହାର ବିପରୀତ ପରିଣାମଟାହିଁ ଫଳୁଛି । ଜଣେ ଜଣେ ମନୁଷ୍ୟ ହିସାବରେ ଆପଣାର ବ୍ୟକ୍ତିତ୍ୱର ଅଭିବୃଦ୍ଧି ଦିଗରେ ମୁଁ ସେମାନଙ୍କୁ ଏତେ ଟିକିଏ ହେଲେ ପ୍ରବର୍ତ୍ତାଇ ପାରି ନାହିଁ । ବସ୍ତୁତଃ ମନୁଷ୍ୟର ଦୁଃଖଭୋଗର ପରିମାଣରେ ଯଥାର୍ଥ କ୍ଷେତ୍ରରେ ଆଦୌ କୌଣସି ପରିବର୍ତ୍ତନ ହୋଇ ନାହିଁ, ତାହା ପୂର୍ବପରି ଠିକ୍ ସେହିପରି ଦୁର୍ଜେୟ ହୋଇ ରହିଛି । ଏବଂ, ମୁଁ ଯେପରି ମାର୍ଗର ଉପଯୋଗ କରି ଏହି ସଂସ୍ଥାଟିକୁ ଚଳାଉଛି, ତଦ୍ୱାରା ସେହି କଷ୍ଟଭୋଗ ଆଦୌ କେବେ ଦୂର ହୋଇ ପାରିବ ବୋଲି ମୋର ମୋଟେ ମନେ ହେଉ ନାହିଁ । ଏହି କ୍ଷେତ୍ରରେ ହୁଏତ କେଉଁଠାରେ ଏପରି ଗୋଟିଏ ମୂଳଭୂତ ଭୁଲ ରହିଯାଇଛି, ଯାହାକୁ କି ମୋର କୌଣସି କାର୍ଯ୍ୟ ବି ସଂଶୋଧନ କରିପାରୁ ନାହିଁ ଏବଂ ମୁଁ ନିଜେ ମଧ୍ୟ ଯାହାକୁ ସ୍ପଷ୍ଟଭାବରେ ବୁଝିପାରୁ ନାହିଁ । ମୁଁ ଅନୁଭବ କରୁଛି, ଅସଲ ସତ୍ୟରହସ୍ୟଟି ତଥାପି ଆବିଷ୍କୃତ ହୋଇ ନାହିଁ, ଏବଂ ସେହି ଆବିଷ୍କାରଟି ନ ହେବା ପର୍ଯ୍ୟନ୍ତ ଆମର ଯାବତୀୟ ପ୍ରୟାସ କେବଳ ବିଫଳତାରେହିଁ ପର୍ଯ୍ୟବସିତ ହେବାରେ ଲାଗିଥିବ ।

## କ୍ରୀଡ଼ାବିତ୍

ବହୁ କ୍ରୀଡ଼ାବିତ୍‌ଙ୍କୁ ଜନ୍ମ ଦେଇଥିବା ଏକ ପରିବାରରେ ମୁଁ ଜନ୍ମଲାଭ କରିଥିଲି । ମୋର ପିତା ଓ ମାତା ଉଭୟେ ଯାବତୀୟ ପ୍ରକାରର କ୍ରୀଡ଼ା, ଖେଳ ଏବଂ ଶାରୀରିକ ବ୍ୟାୟାମ ପ୍ରଦର୍ଶନରେ ଅତ୍ୟନ୍ତ କୁଶଳତା ଅର୍ଜନ କରିଥିଲେ । ସନ୍ତରଣ, ଜଳ ଭିତରକୁ ଲମ୍ଫପ୍ରଦାନ,

ତୀରବିଦ୍ୟା, ତରବାରି-ଖେଳ ଏବଂ ନୃତ୍ୟରେ ମୋ ମାଆଙ୍କର ବିଶେଷ ଦକ୍ଷତା ଥିଲା । ଏହିସବୁ କ୍ଷେତ୍ରରେ ନିଜର ସୁକୌଶଳଗୁଡ଼ିକ ସକାଶେ ସେ ସୁବିଦିତା ଥିଲେ ଓ ସ୍ଥାନୀୟ ବହୁ ପ୍ରତିଯୋଗିତାରେ ଶ୍ରେଷ୍ଠ ବୋଲି ଘୋଷିତ ହେବାର କୃତିତ୍ୱ ଅର୍ଜନ କରିଥିଲେ ।

ମୋର ବାପା ଜଣେ ଚମତ୍କାର ବ୍ୟକ୍ତି ଥିଲେ । ସିଏ ହାତ ଦେଉଥିବା ସବୁକିଛିରେ ଅଦ୍ଭୁତ ସଫଳତା ହାସଲ କରୁଥିଲେ । ଛାତ୍ରାବସ୍ଥାରେ ଜଣେ ଫୁଟବଲ୍-ଖେଳାଳି ହିସାବରେ ତଥା ବାସ୍କେଟ୍‌ବଲ୍ ଓ ଟେନିସ୍-ଖେଳାଳି ହିସାବରେ ମଧ୍ୟ ତାଙ୍କର ଖୁବ୍ ଖ୍ୟାତି ରହିଥିଲା । ବକ୍ସିଙ୍ଗ୍ ଏବଂ ଦୀର୍ଘ ମୁଷ୍ଟାଙ୍ଗନ ଦଉଡ଼ରେ ସିଏ ଆମ ଜିଲ୍ଲାରେ ଶ୍ରେଷ୍ଠ ବୋଲି ବିବେଚିତ ହୋଇ ସାରିଥିଲେ । ପରବର୍ତ୍ତୀ କାଳରେ ସେ ଗୋଟିଏ ସର୍କସ୍‌ଦଳରେ ଯୋଗ ଦେଲେ । ସିଏ ଶୂନ୍ୟରେ ଝୁଲିବା ଏବଂ ଘୋଡ଼ାଦଉଡ଼ ପ୍ରଭୃତି ପ୍ରଦର୍ଶନରେ ଖୁବ୍ ପ୍ରସିଦ୍ଧ ହୋଇ ଯାଇଥିଲେ । ମାତ୍ର ଶରୀରଗଠନ ଏବଂ କୁସ୍ତିରେହିଁ ତାଙ୍କର ସବୁଠାରୁ ଅଧିକ ଦକ୍ଷତା ରହିଥିଲା । ଏହିସବୁ ବିଷୟରେ ସିଏ ବହୁବ୍ୟାପୀ କ୍ଷତିଲାଭ କରିଥିଲେ ।

ମୁଁ ଏହିପରି ଏକ ଆଦର୍ଶ ପରିବେଶରେ ଜନ୍ମଗ୍ରହଣ କରିଥିଲି ଏବଂ ଶାରୀରିକ ସମର୍ଥତାର ଏକ ସ୍ୱାସ୍ଥ୍ୟୋଜ୍ଜ୍ୱଳ, ବଳଯୁକ୍ତ ଏବଂ ପୂର୍ଣ୍ଣକ୍ଷମ ସ୍ଥିତି ଲାଭ କରି ପାରିଥିଲି । ବିଭିନ୍ନ ଶାରୀରିକ ବ୍ୟାୟାମର ଏକ ପରିପୂର୍ଣ୍ଣ ଅଭ୍ୟାସକ୍ରମ ଦ୍ୱାରା ମୋର ପିତାମାତା ଯେଉଁ ଶାରୀରିକ ଦକ୍ଷତାମାନ ଅର୍ଜନ କରିଥିଲେ, ସେହି ସବୁକିଛିକୁ ମୁଁ ପ୍ରାୟ ଏକ ସହଜ ଉତ୍ତରାଧିକାର-ସୂତ୍ରରେ ପ୍ରାପ୍ତ ହୋଇଥିଲି । ପୁଣି, ମୋର ପିତାମାତା ମୋରି ମାଧ୍ୟମରେ ସେମାନଙ୍କର କ୍ରୀଡ଼ାକ୍ଷେତ୍ରୀୟ ଯାବତୀୟ ସ୍ୱପ୍ନ ସଫଳ ହେବ ବୋଲି ଏକ ଅଭିଳାଷ ମଧ୍ୟ ପୋଷଣ କରିଥିଲେ । ସେମାନେ ମୁଁ ଜଣେ ପ୍ରସିଦ୍ଧ ଓ ସଫଳ କ୍ରୀଡ଼ାବିତ୍ ହୁଏ ବୋଲି ଆଶାପୋଷଣ କରୁଥିଲେ । ତେଣୁ ସେମାନେ ଅତ୍ୟନ୍ତ ଯତ୍ନସହକାରେ ମୋର ପ୍ରତିପାଳନ କରିଥିଲେ; ସ୍ୱାସ୍ଥ୍ୟ, ବଳ, ଶକ୍ତି ଓ ପ୍ରାଣବତ୍ତା ଅର୍ଜନ କରିବାର ସେମାନଙ୍କର ଯାବତୀୟ ଜ୍ଞାନ ତଥା ଅଭିଜ୍ଞତାକୁ ସେମାନେ ମୋତେ ପ୍ରଦାନ କରିବାରେ କୌଣସି ତ୍ରୁଟି କରି ନ ଥିଲେ । ଏହି ଲକ୍ଷ୍ୟପ୍ରାପ୍ତି ଓ ସିଦ୍ଧିଦିଗରେ ଯାହାକିଛି ମୋର ସହାୟକ ହୋଇପାରିବ, ସେମାନେ ସେଗୁଡ଼ିକ ମଧ୍ୟରୁ କୌଣସିଟିକୁ କେବେ ବାଦ୍ ଦେଉ ନ ଥିଲେ । ମୋର ଜନ୍ମକାଳରୁହିଁ ସେମାନେ ଖାଦ୍ୟ, ପରିଚ୍ଛଦ, ନିଦ୍ରା, ପରିଷ୍କାର-ପରିଚ୍ଛନ୍ନତା, ଉତ୍ତମ ଅଭ୍ୟାସ ପ୍ରଭୃତି ସକଳ କ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷାର ଯଥାସମ୍ଭବ ଏକ ସର୍ବୋତ୍ତମ ପରିବେଶ ସୃଷ୍ଟି କରି ରଖିଥିଲେ । ତା'ପରେ, ସୁଯୋଜିତ ଶାରୀରିକ ଅନୁଶୀଳନର ଏକ କାର୍ଯ୍ୟକ୍ରମର ମାଧ୍ୟମରେ ସେମାନେ ମୋର ଶରୀରରେ କ୍ରମଶଃ ଏକ ସୁଗଠିତତା, ଅନୁପାତ, ସୁଦୃଶ୍ୟତା, ଛନ୍ଦ ଏବଂ ସୁସମଞ୍ଜସତା ଆଣି ଦେବା ଲାଗି ସବୁପ୍ରକାର ପ୍ରୟାସ କରିଥିଲେ । ସେମାନେ ମୋ ଭିତରେ କୁଶଳତା, ଏକ ସାହସୀ ମନୋଭାବ, ସଦା-ସତର୍କତା, ନିର୍ଦ୍ଦିଷ୍ଟତା ଓ

ସମନ୍ୱୟନ ଆଣି ଦେଇଥିଲେ । ଏବଂ ଏସବୁ ଫଳରେ ମୁଁ ଶେଷକୁ ଶକ୍ତି ଓ ସହିଷ୍ଣୁତା ଅର୍ଜନ କରିବାରେ ମଧ୍ୟ ସୁପ୍ରଶିକ୍ଷଣ ଲାଭ କରିଥିଲି ।

ତା'ପରେ ମୋତେ ଗୋଟିଏ ଆବାସିକ ବିଦ୍ୟାଳୟକୁ ପଠାଗଲା । ନିଃସନ୍ଦେହ ଭାବରେ ସେଠାରେ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମ ପ୍ରତି ମୁଁ ସବୁଠାରୁ ଅଧିକ ଆକର୍ଷଣ ଅନୁଭବ କରିଥିଲି । ମୁଁ ଅତୀବ ଉତ୍ସାହର ସହିତ ତାହାର ଅଭ୍ୟାସ କରିଥିଲି ଏବଂ ପରେ ଅଳ୍ପ କେତେବର୍ଷ ମଧ୍ୟରେ ଆମ ସ୍କୁଲ୍‌ର ସର୍ବୋତ୍ତମ ଖେଳାଳି ଓ କ୍ରୀଡ଼ାବିତ୍‌ମାନଙ୍କ ଭିତରେ ମୋ'ର ବି ଏକ ସ୍ଥାନ ହୋଇଗଲା । ତା'ପରେ ମୁଁ ସ୍କୁଲର ସର୍ବଶ୍ରେଷ୍ଠ ବକ୍‌ସର ସ୍ୱରୂପ ବିବେଚିତ ହୋଇଥିଲି ଏବଂ ତାହାହିଁ ମୋ'ର ସେଠାରେ ସର୍ବପ୍ରଥମ ସଫଳତା ହୋଇ ରହିଲା । ସେମାନଙ୍କର ସ୍ୱପ୍ନଟି ସତକୁ ସତ ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ମୋ'ର ପିତାମାତା ପ୍ରକୃତରେ କେଡ଼େ ଖୁସି ନ ହେଲେ ଓ କେତେ ଗର୍ବ ଅନୁଭବ ନ କଲେ ! ଏହି ସଫଳତା ଦ୍ୱାରା ମୁଁ ନିଜେ ମଧ୍ୟ ଭାରି ଉତ୍ସାହ ପାଇଥିଲି । ତା'ପରେ ନିଷ୍ଠା, ଯତ୍ନ ଏବଂ କଠୋର ପ୍ରଚେଷ୍ଟା ସହିତ ମୋ'ର ସକଳ ସଂକଳ୍ପକୁ କାମରେ ଲଗାଇ ମୁଁ ଶାରୀରିକ ଶିକ୍ଷାର ଯାବତୀୟ ବିଭାଗଗତ ଟେକ୍‌ନିକ୍ ଉପରେ ଦକ୍ଷତା ଅର୍ଜନ କରିବାରେ ଏବଂ ଯାବତୀୟ କୌଶଳକୁ ଶିକ୍ଷା କରିବାରେ ଲାଗି ପଡ଼ିଥିଲି । କ୍ରୀଡ଼ା ଓ କସରତର ସବୁଯାକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ମୁଁ ମୋ' ଶରୀରର ଯାବତୀୟ ବିଭିନ୍ନ ସାମର୍ଥ୍ୟର ବିକାଶ କରିବା ଦିଗରେ ଶିକ୍ଷା ଲାଭ କରିଥିଲି । ମୁଁ ବିଶ୍ୱାସ କରିବାକୁ ଲାଗିଲି ଯେ, ଏକ ପୂର୍ଣ୍ଣାଙ୍ଗ ଶାରୀରିକ ପ୍ରଶିକ୍ଷଣ ଲାଭ କରି ଜଣେ ବ୍ୟକ୍ତି ନିଶ୍ଚୟ ପ୍ରଭୂତ ସଫଳତା ଲାଭ କରିପାରିବ ଏବଂ ପ୍ରକୃତରେ ଏକାଧିକ ବା ଏପରିକି ବେଶ୍ କେତେଗୁଡ଼ିଏ କ୍ଷେତ୍ରରେ ପୂର୍ଣ୍ଣ ଦକ୍ଷତା ନିଶ୍ଚୟ ହାସଲ କରିପାରିବ । ଏହି ଉଦ୍ଦେଶ୍ୟରେ ମୁଁ ଯେତେପ୍ରକାର କ୍ରୀଡ଼ା ଓ କସରତର ସୁଯୋଗ ପାଇଲି, କ୍ରମେ ସବୁଥିରେ ଅଂଶଗ୍ରହଣ କରିଥିଲି । ତା'ପରେ ପ୍ରତିବର୍ଷର ପ୍ରତିଯୋଗିତାରେ ମୁଁ ନିୟମିତ ଭାବରେ କୁସ୍ତି, ବକ୍‌ସିଙ୍ଗ୍, ଭାରୋତ୍ତୋଳନ, ଶରୀରଗଠନ, ସନ୍ତରଣ, ଦଉଡ଼ ଓ ମଇଦାନର ସକଳ ପ୍ରତିଯୋଗିତା, ଟେନିସ୍, ଜିମ୍‌ନାଷ୍ଟିକ୍ ଏବଂ ଅନ୍ୟାନ୍ୟ ଅନେକ ପ୍ରକରଣରେ ମଧ୍ୟ ଶ୍ରେଷ୍ଠ ହେବାର ଗୌରବ ଲାଭ କରୁଥିଲି ।

ବର୍ତ୍ତମାନ ମୋତେ ଅଠର ବର୍ଷ ବୟସ ହୋଇଯାଇଥିଲା । ତା'ପରେ ମୋ'ର ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଶ୍ରେଷ୍ଠତ୍ୱ ହାସଲ କରିବାକୁ ବି ମନ ହେଲା । ପୂର୍ଣ୍ଣାଙ୍ଗ ସକଳ କ୍ଷେତ୍ରୀୟ ବିକାଶରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ରୂପେ ମୁଁ ଜାତୀୟ ପ୍ରତିଯୋଗିତାରେ ବାଛିକରି ଡେକାଥଲନ୍‌ରେ ଯୋଗ ଦେଇଥିଲି । ତାହା ହେଉଛି ପ୍ରତିଯୋଗିତାଗୁଡ଼ିକ ଭିତରେ ସବୁଠାରୁ ଅଧିକ କଠିନ,— ଏଥିରେ ପ୍ରାୟ ଏକାବେଳେକେ ବେଗ, ବଳ, ସହନଶୀଳତା, ସମନ୍ୱୟ ଏବଂ ଆହୁରି ଅନେକ କିଛି ଗୁଣର କଠୋର ପରୀକ୍ଷା ଦେବାକୁ ପଡ଼ିଥାଏ । ମୁଁ

ସେହି କ୍ଷେତ୍ରରେ ମୋ'ର ପ୍ରଶିକ୍ଷଣ ଆରମ୍ଭ କରିଦେଲି । ଏବଂ ଛଅମାସର କଠୋର ଚେଷ୍ଟା ପରେ ମୁଁ ଭାରି ସହଜରେ ଶ୍ରେଷ୍ଠ ସ୍ଥାନଟିକୁ ଅଧିକାର କରି ପାରିଥିଲି, ଏବଂ ମୋ'ର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ମୋ'ଠାରୁ ପ୍ରକୃତରେ ଅନେକ ପଛରେ ରହିଥିଲେ ।

ମୋ'ର ଏହି ସଫଳତା ଦ୍ୱାରା ଉତ୍ସାହିତ ହୋଇ ଶାରୀରିକ ଶିକ୍ଷାର ଜାତୀୟ ବ୍ୟବସ୍ଥାପକମାନେ ମୋତେ ବିଶ୍ୱ-ଅଲିମ୍ପିକ୍ ପ୍ରତିଯୋଗିତାକୁ ପଠାଇବା ବିଷୟରେ ଚିନ୍ତା କରିଥିଲେ । ଆଉ ଦୁଇବର୍ଷ ପରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲିମ୍ପିକ୍ କ୍ରୀଡ଼ାରେ ଡେକାଥ୍ଲନ୍ ବିଭାଗରେ ସେମାନେ ମୋତେ ମୋ' ଦେଶର ପ୍ରତିନିଧି ରୂପେ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ବିଶ୍ୱ-ପ୍ରତିଯୋଗିତାରେ ଯୋଗଦେବା ଆଦୌ ଖେଳର କଥା ନୁହେଁ, କାରଣ ସେଠାରେ ତ ବିଶ୍ୱ-କ୍ରୀଡ଼ାଜଗତ୍‌ର ବଛା ବଛା ଲୋକମାନେ ଆସି ଯୋଗ ଦିଅନ୍ତି । ମୋ' ହାତରେ ଖୁବ୍ ବେଶୀ ସମୟ ମଧ୍ୟ ନ ଥିଲା ।

ତେଣୁ ମୁଁ ବାପାଙ୍କର ତତ୍ତ୍ୱାବଧାନରେ ଓ ମାଆଙ୍କର ଯତ୍ନ ଭିତରେ ମୋ'ର ଅଭ୍ୟାସ ଆରମ୍ଭ କରିଦେଲି । ମୋତେ ଏଥିପାଇଁ କେତେ ନା କେତେ କଠିନ ଶ୍ରମ କରିବାକୁ ପଡ଼ିଲା । ବେଳେ ବେଳେ ସଫଳତା ଲାଭ ଅସମ୍ଭବ ପରି ବୋଧ ହେଉଥିଲା ଏବଂ ସବୁକିଛି ଭାରି କଷ୍ଟକର ଲାଗୁଥିଲା । ମାତ୍ର ତଥାପି ଅପ୍ରତିହତ ଭାବରେ ମୁଁ ଦିନ ପରେ ଦିନ ଓ ମାସ ପରେ ମାସ ମୋ'ର ଅଭ୍ୟାସକୁ ଅବିଚ୍ଛିନ୍ନ ରଖିଥିଲି ଏବଂ ସବାଶେଷରେ ଅଲିମ୍ପିକ୍ କ୍ରୀଡ଼ା-ପ୍ରତିଯୋଗିତାର ଦିନଟି ମଧ୍ୟ ଆସି ପହଞ୍ଚି ଯାଇଥିଲା ।

ମୁଁ ଆଦୌ ଗର୍ବ ଅନୁଭବ କରୁ ନାହିଁ, କିନ୍ତୁ ମୁଁ ମୋ' ନିଜର ପ୍ରତ୍ୟାଶାଠାରୁ ମଧ୍ୟ ଅଧିକ ଭଲ ଦକ୍ଷତାର ପରିଚୟ ଦେଇଥିଲି । କେବଳ ଯେ ଡେକାଥ୍ଲନ୍ ବିଭାଗରେ ମୁଁ ଶ୍ରେଷ୍ଠ ବିବେଚିତ ହେଲି ତା' ନୁହେଁ, ମାତ୍ର ପୂର୍ବର ସମସ୍ତ ରେକର୍ଡ଼କୁ ମଧ୍ୟ ଭାଙ୍ଗି ଦେଇଥିଲି । ଆଜି ପର୍ଯ୍ୟନ୍ତ ମୋ'ରି ରେକର୍ଡ଼ଟିହିଁ ଉଚ୍ଚତମ ହୋଇ ରହିଛି । ଏକଥା ସମ୍ଭବ ହେବ ବୋଲି କେହି କଳ୍ପନା ବି କରି ନ ଥିଲେ । ମାତ୍ର ପ୍ରକୃତରେ ଏହାହିଁ ଘଟିଥିଲା, ଏବଂ ମୋ'ର ତଥା ମୋ'ର ପିତାମାତାଙ୍କର ସର୍ବୋଚ୍ଚ ଅଭିଳାଷଟି ସଫଳ ହୋଇ ପାରିଥିଲା ।

ମାତ୍ର ତେଣେ ମୋ' ଭିତରେ ଏକ ବିଚିତ୍ର ପରିବର୍ତ୍ତନ ଘଟିବାକୁ ଆରମ୍ଭ କଲା । ସେତେବେଳେ ମୁଁ କୃତିତ୍ୱ ଏବଂ ଗୌରବର ଶୀର୍ଷସୀମାରେ ଯାଇ ପହଞ୍ଚି ସାରିଥିଲି । କିନ୍ତୁ ତଥାପି ସତେଯେପରି ଗୋଟିଏ ପ୍ରକାରର ବିମର୍ଷତା ଏବଂ ଶୂନ୍ୟତା କ୍ରମେ କ୍ରମେ ମୋ'ର ନିକଟକୁ ଆସିବାରେ ଲାଗିଥିଲା;— ସତେଅବା ମୋ' ଭିତରେ ରହି କିଏ ମୋତେ ବାରବାର କହିବାକୁ ଲାଗିଲା ଯେ ତଥାପି କୌଣସି ଜାଗାରେ ଏକ ଅଭାବ ରହିଛି । ସେହି ଅଭାବଟିକୁ ଦୂର କରିବାକୁ ପଡ଼ିବ, ମୋ' ଭିତରେ ସତେଅବା ଆଉ ଗୋଟିଏ କିଛିକୁ ଆଣି ପ୍ରତିଷ୍ଠିତ କରିବାକୁ ହେବ । ମୋ' ଭିତରେ ଥାଇ ସିଏ କହିବାରେ ଲାଗିଥିଲା : ହୁଏତ ଆଉକିଛି

ଅଧିକ ମୂଲ୍ୟବାନ୍ ଏକ ସମ୍ପଦ ରହିଛି, ଯାହାର ଉପଲବ୍ଧି ଲାଗି ମୁଁ ମୋ'ର ଶାରୀରିକ ଦକ୍ଷତା, ସମର୍ଥତା ଏବଂ ଶକ୍ତିକୁ ଅଧିକ ଭଲ ଭାବରେ ଲଗାଇ ପାରିବି । ମାତ୍ର ସେହି ସମ୍ପଦଟି ଯେ ପ୍ରକୃତରେ କ'ଣ, ସେବିଷୟରେ ମୁଁ ଆଦୌ କୌଣସି ଧାରଣା କରିପାରୁ ନ ଥିଲି । ତା'ପରେ ଏହି ଭାବଟି କ୍ରମଶଃ ଅପସରି ଗଲା । ତା'ପରେ ମୁଁ ଆହୁରି କେତେ ବଡ଼ ବଡ଼ ପ୍ରତିଯୋଗିତାରେ ଯୋଗ ଦେଲି ଏବଂ ସେହିଗୁଡ଼ିକରେ ଖୁବ୍ ଭଲ ଫଳ ଦେଖାଇଥିଲି । ମାତ୍ର ମୁଁ ବେଶ୍ ନିରୀକ୍ଷଣ କରିପାରୁଥିଲି ଯେ ସେହି ଅନୁଭୂତିଟି ମୋତେ ମୋ'ର ପ୍ରତ୍ୟେକ ସଫଳତା ପରେ ଆସି ଅଧିକାର କରି ପକାଉଥିଲା ।

ମୋର ପ୍ରଖ୍ୟାତ ଫଳରେ ମୋର ଚତୁର୍ଦ୍ଦିଗରେ ଦଳେ ଯୁବକ ମଧ୍ୟ ଆସି ରୁଣ୍ଡହେବାକୁ ଲାଗିଲେ । ସେମାନେ ମୋତେ ଶାରୀରିକ ପ୍ରଶିକ୍ଷଣରେ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ଅନୁରୋଧ କରିଥିଲେ ଏବଂ ମୁଁ ଅତି ଖୁସିରେ ତାହା କରିଥିଲି । ତା'ପରେ ମୁଁ ଦେଖିବାକୁ ପାଇଲି ଯେ ମୋର ପ୍ରିୟ କର୍ମଟିର ଏହି କ୍ଷେତ୍ରଟିରେ, ଅର୍ଥାତ୍ କ୍ରୀଡ଼ା, କସରତ ଓ ଶାରୀରିକ ଦକ୍ଷତାର୍ଜନର କ୍ଷେତ୍ରରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ପ୍ରକୃତରେ ଅନେକ ଆନନ୍ଦ ନିହିତ ହୋଇ ରହିଛି । ଜଣେ ପ୍ରଶିକ୍ଷକ ହିସାବରେ ମଧ୍ୟ ମୁଁ ପ୍ରଭୂତ ଯୋଗ୍ୟତାର ପରିଚୟ ଦେଇଥିଲି । କ୍ରୀଡ଼ା, କସରତ ଓ ଶାରୀରିକ ଦକ୍ଷତା-ପ୍ରଦର୍ଶନର ବିଭିନ୍ନ କ୍ଷେତ୍ରରେ ମୋର ଅନେକ ଛାତ୍ର ଅଦ୍ଭୁତ ସଫଳତାମାନ ଅର୍ଜନ କରୁଥିଲେ । ଶାରୀରିକ ଶିକ୍ଷାର ଜଣେ ଶିକ୍ଷକ ହିସାବରେ ମୋର ସଫଳତା ଦେଖିପାରି ଏବଂ କ୍ରୀଡ଼ା ଓ କସରତକୁ ଏତେବେଶୀ ଭଲ ପାଉଥିବାରୁ ମୁଁ ସେଗୁଡ଼ିକ ସହିତ ମୋର ସମ୍ପର୍କଛିନ୍ନକରି ନେବାକୁ ଆଦୌ ଇଚ୍ଛା କରୁ ନ ଥିଲି ଓ ତେଣୁ ସେହି ପ୍ରଶିକ୍ଷଣକୁ ମୋର ଜୀବନଧନ୍ଦା ରୂପେ ଗ୍ରହଣ କରିବାକୁ ମନସ୍ଥ କଲି । ଏହି ଶିକ୍ଷାର ସୈଦ୍ଧାନ୍ତିକ ଦିଗରେ ନିଜକୁ ପ୍ରସ୍ତୁତ କରିବା ସକାଶେ ମୁଁ ଶାରୀରିକ ଶିକ୍ଷାର ଗୋଟିଏ ପ୍ରସିଦ୍ଧ କଲେଜରେ ନାମ ଲେଖାଇଲି ଏବଂ ଚାରିବର୍ଷ ପରେ ଶାରୀରିକ ଶିକ୍ଷାରେ ଡିଗ୍ରୀ ହାସଲ କଲି ।

ଶାରୀରିକ ଶିକ୍ଷାର ବିଷୟରେ ପ୍ରୟୋଗ ତଥା ସିଦ୍ଧାନ୍ତ ଉଭୟ କ୍ଷେତ୍ରରେ ନିପୁଣତା ଲାଭ କରି ମୁଁ ମୋର କାର୍ଯ୍ୟ ଆରମ୍ଭ କରିଦେଲି । କେବଳ ଜଣେ କ୍ରୀଡ଼ାବିତ୍ ହୋଇ ରହିଥିବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ, ବଳ, କୌଶଳ ତଥା ଶାରୀରିକ ସୌନ୍ଦର୍ଯ୍ୟ ଲାଭ କରିବା ଏବଂ ନିଜର ଶରୀରରେ ଏକ ଉଚ୍ଚସ୍ତରର ପରିପୂର୍ଣ୍ଣତା ହାସଲ କରିବାହିଁ ମୋର ସମୁଦାୟ ଲକ୍ଷ୍ୟ ହୋଇ ରହିଥିଲା । ବର୍ତ୍ତମାନ ମୁଁ ଅନ୍ୟମାନଙ୍କୁ ମଧ୍ୟ ଠିକ୍ ତାହାହିଁ କରିବା ଲାଗି ସାହାଯ୍ୟ କରୁଥିଲି । ନିଜ ଦେଶର ବିଭିନ୍ନ ସ୍ଥାନରେ ମୁଁ ଶିକ୍ଷକ-ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ସଂଗଠନ କରାଇଲି ଏବଂ ଶାରୀରିକ ଶିକ୍ଷାର ଉତ୍ତମ ପ୍ରଶିକ୍ଷକ ଏବଂ ନିର୍ଦ୍ଦେଶକମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କଲି । ସେମାନଙ୍କ ସାହାଯ୍ୟରେ ମୋ ଦେଶର ସାନ ବଡ଼ ସବୁ ସ୍ଥାନରେ ମଧ୍ୟ ମୁଁ

ଶାରୀରିକ ଶିକ୍ଷାର ଅଗଣିତ କେତେ କେତେ କେନ୍ଦ୍ରର ସ୍ଥାପନା କଲି । ଏକ ବୈଜ୍ଞାନିକ ପ୍ରଣାଳୀରେ ଆମ ଦେଶର ସାଧାରଣ ଜନଗଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଶାରୀରିକ ଶିକ୍ଷା ଏବଂ ଅବସର-ଯାପନର ଲୋକପ୍ରିୟତା ଏବଂ ଅଭ୍ୟାସର ପ୍ରସାରଣ ଘଟାଇବାହିଁ ଏହିସବୁ କେନ୍ଦ୍ରର ଉଦ୍ଦେଶ୍ୟ ହୋଇ ରହିଥିଲା । ସେମାନେ ଅତ୍ୟନ୍ତ ସୁଚାରୁ ଭାବରେ ଆପଣାର କାର୍ଯ୍ୟ କରିଥିଲେ ଏବଂ କେତେ ବର୍ଷ ପରେ ମୋ ଦେଶର ସାଧାରଣ ସ୍ୱାସ୍ଥ୍ୟରେ ମଧ୍ୟ ପ୍ରଭୂତ ଉନ୍ନତି ପରିଲକ୍ଷିତ ହୋଇଥିଲା । ସେମାନେ ଦେଶରେ ଓ ଦେଶର ବାହାରେ କ୍ରୀଡ଼ା ଓ କସରତରେ ଉତ୍ତମ କୃତିତ୍ୱର ପରିଚୟ ଦେଇଥିଲେ । ଏହାଫଳରେ ମୋ ଦେଶ ଅଚିରେ କ୍ରୀଡ଼ାଜଗତରେ ଏକ ଅତ୍ୟୁଚ୍ଚ ଆନ୍ତର୍ଜାତିକ ସୁଖ୍ୟାତି ଲାଭ କରିଥିଲା । ମୋତେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ମୋ ଦେଶର ସରକାର ମଧ୍ୟ ଏଥିରେ ମୋତେ ସାହାଯ୍ୟ କରିଥିଲେ, ଆବଶ୍ୟକ ପୃଷ୍ଠପୋଷକତା ଦେଖାଇଥିଲେ ଏବଂ ଶାରୀରିକ ଶିକ୍ଷା-ବିଭାଗୀୟ ମନ୍ତ୍ରୀ ହିସାବରେ ମୋତେ ଗୋଟିଏ ବିଶେଷ ଦାୟିତ୍ୱ ମଧ୍ୟ ଦିଆ ଯାଇଥିଲା । ପ୍ରକୃତରେ ସେଇଥିଲାଗି ମୁଁ ଏତେ କଥା କରିବାକୁ ସମର୍ଥ ହୋଇ ପାରିଲି ।

ଜଣେ ସୁଦକ୍ଷ ଶାରୀରିକ ଶିକ୍ଷାର ଶିକ୍ଷକ ଏବଂ ସଂଗଠକ ହିସାବରେ ଅଳ୍ପ ଦିନରେ ମୋର ସୁନାମ ପୃଥିବୀର ସବୁଦେଶରେ ପ୍ରଚାରିତ ହୋଇଗଲା ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ସମସ୍ତେ ମୋତେ ଶାରୀରିକ ଶିକ୍ଷାର ଜଣେ ବିଶେଷଜ୍ଞ ରୂପେ ସ୍ୱୀକାର କରିବାକୁ ଲାଗିଲେ । ବିଭିନ୍ନ ଦେଶର କର୍ତ୍ତାମାନେ ଶାରୀରିକ ଶିକ୍ଷାର ମୋର ସ୍ୱକୀୟ ପଦ୍ଧତିଟି ବିଷୟରେ କହିବାକୁ ଏବଂ ତାହାର ପ୍ରବର୍ତ୍ତନ କରିବାକୁ ମୋତେ ସେମାନଙ୍କ ଦେଶକୁ ନିମନ୍ତ୍ରଣ କରିଥିଲେ । ମୋର ଏହି ପଦ୍ଧତିଟି ସମ୍ବନ୍ଧରେ ନାନା ଅନୁସନ୍ଧାନ କରି ଓ ଶାରୀରିକ ଶିକ୍ଷାର କ୍ଷେତ୍ରରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ମୋର ପରାମର୍ଶ ଲୋଡ଼ି ପୃଥିବୀର ଯାବତୀୟ ସ୍ଥାନରୁ ମୋ ପାଖକୁ ଗଦାଗଦା ଚିଠି ବି ଆସୁଥିଲା ।

ମାତ୍ର ଏଭଳି କାର୍ଯ୍ୟବ୍ୟସ୍ତ ରହିଥିବା ମୋର ଏହି ସମୟଗୁଡ଼ିକରେ ମୁଁ ତଥାପି ଅନୁଭବ କରୁଥିଲି ଯେ, ମୋର ଏହିସବୁ ଯାବତୀୟ ଶକ୍ତି ଓ କୌଶଳ, ଦେଶବ୍ୟାପୀ ମୋର ଏହିସବୁ ସଂଗଠନ ଏବଂ ସେଥିରୁ ଉଦ୍ଭୂତ ହୋଇ ଆସୁଥିବା ଶକ୍ତି ଆନ୍ତର୍ଜାତିକ କ୍ଷେତ୍ରରେ ମୁଁ ଅର୍ଜନ କରିଥିବା ଏହିସବୁ ଶକ୍ତିଶାଳୀ ପ୍ରଭାବ, ଏହି ସବୁକିଛି ସମ୍ଭବତଃ କୌଣସି ଏକ ଉଚ୍ଚତର, ଉଦାରତର ଏବଂ ବୃହତ୍ତର ଲକ୍ଷ୍ୟସାଧନ ଲାଗି ବ୍ୟବହାର ହୋଇ ପାରୁଥାନ୍ତା; ଏବଂ ତେବେ ଯାଇ, ମୁଁ ଏହି ଯାହାସବୁ କାର୍ଯ୍ୟ କରୁଛି, ତାହାର ପ୍ରକୃତରେ କୌଣସି ଯଥାର୍ଥ ତାତ୍ପର୍ଯ୍ୟ ରହନ୍ତା । ମାତ୍ର ସେହି ଲକ୍ଷ୍ୟଟି ଯେ କ'ଣ, ଏପର୍ଯ୍ୟନ୍ତ ବି ମୁଁ ସେହି କଥାଟିକୁ ଜାଣି ପାରୁ ନ ଥିଲି ।

ଏପରିକି ମୋତେ ଅନେକ ସମୟରେ ଜଣେ ''ଅସାଧାରଣ ମନୁଷ୍ୟ'' ବୋଲି

କେହି କେହି କହିଛନ୍ତି; ମାତ୍ର ମୁଁ ଆଦୌ ଜଣେ ଅସାଧାରଣ ମନୁଷ୍ୟ ନୁହେଁ । ମୁଁ ତଥାପି ନିଜ ପ୍ରକୃତିର ଦାସ ହୋଇ ରହିଛି । ସକଳ ଅଜ୍ଞାନ, ସକଳ ସୀମିତତା ଏବଂ ସକଳ ଅସମର୍ଥତାର ଜଣେ ସାଧାରଣ ମନୁଷ୍ୟ ହୋଇ ରହିଛି । ଯାବତୀୟ ଦୁର୍ଘଟନା ବା ଅସୁସ୍ଥତାର ଏବଂ ତୁମଠାରୁ ତୁମର ସକଳ ଶକ୍ତିକୁ ନିଃଶେଷିତ କରି ନେଇ ଯାଉଥିବା ମନୁଷ୍ୟସୁଲଭ ଯେକୌଣସି ଏକ ପ୍ରବଳ ବାସନା ଦ୍ୱାରା କବଳିତ ହୋଇ ରହିଛି । ମୁଁ ଅନୁଭବ କରିପାରୁଛି ଯେ, ମୋର ସବୁକିଛି ଦକ୍ଷତା ସତ୍ତ୍ୱେ ମୁଁ ଏସବୁଥିରୁ ଆଦୌ ଉପରକୁ ଉଠିପାରି ନାହିଁ ଏବଂ, ଶିକ୍ଷା କରିବାର ଓ ଉପଲବ୍ଧି କରିବାର ଆହୁରି ଏକ ବସ୍ତୁ ଅବଶ୍ୟ ରହିଛି ।

ବର୍ତ୍ତମାନ ଯେତେବେଳେ ମୁଁ ମୃତ୍ୟୁର ମୁହାଁମୁହିଁ ହୋଇ ଆସି ଠିଆ ହେଲିଣି, ସେତେବେଳେ ମରିବା ଲାଗି ମୋ ଭିତରେ ଆଦୌ ଏତେ ଟିକିଏ ହେଲେ ଭୟ ନାହିଁ । ଦାରୁଣ ଦୁଃଖଭୋଗ, କ୍ଷୁଧା ବା ପିପାସା ମୋତେ କୌଣସି ପ୍ରକାରେ ବିଚଳିତ କରିଦିଏ ନାହିଁ । ମାତ୍ର ମୋ ମନରେ ଭାରି ଦୁଃଖ ରହିଗଲା ଯେ ମୁଁ ମୋ **ଜୀବଦ୍ଦଶା** ଭିତରେ ମୋ ସମସ୍ୟାଗୁଡ଼ିକର ସମାଧାନ କରି ପାରିଲି ନାହିଁ । ଜୀବନରେ କେତେ ସଫଳତା ମିଳିଲା, ଖ୍ୟାତି ଓ ସମ୍ମାନ ମିଳିଲା, ଧନସମ୍ପଦ ଓ ଯେକୌଣସି ମନୁଷ୍ୟ ଆକାଙ୍କ୍ଷା ରଖିଥିବା ଆଉ ସବୁକିଛି ମିଳିଲା, ତଥାପି ମୁଁ ସନ୍ତୋଷ ପାଇଲି ନାହିଁ, କାରଣ ମୋର ଏହି ପ୍ରଶ୍ନଗୁଡ଼ିକର ମୁଁ କୌଣସି ଉତ୍ତର ପାଇପାରିଲି ନାହିଁ :

''ସବୁକିଛି ଥାଇ ମଧ୍ୟ ତଥାପି ମୋ ପାଖରେ ଯାହା ନ ଥିଲା ପରି ଲାଗୁଛି, ସେହି ବସ୍ତୁଟି ପ୍ରକୃତରେ କ'ଣ ? ଶରୀର କ୍ଷେତ୍ରରେ ମୁଁ ଅର୍ଜନ କରିଥିବା ଏହି ପରିପୂର୍ଣ୍ଣତା ଓ ସମର୍ଥତାର କେଉଁପ୍ରକାରେ ସର୍ବୋଚ୍ଚ ଉପଯୋଗ କରାଯାଇପାରିବ ? ମୁଁ କରିଥିବା ଏହି ଦେଶବ୍ୟାପୀ ସଂଗଠନ ଏବଂ ମୋର ଏହି ଆନ୍ତର୍ଜାତିକ ପ୍ରଭାବଶାଳିତାକୁ କେଉଁ ଲକ୍ଷ୍ୟର ସାଧନରେ ସର୍ବୋତ୍କୃଷ୍ଟ ଭାବରେ ବ୍ୟବହାର କରାଯାଇ ପାରିବ ?''

*ଏତିକିବେଳେ ଅଜ୍ଞାତ ବ୍ୟକ୍ତିଙ୍କର କଣ୍ଠସ୍ୱର ଶୁଣାଗଲା,— ସ୍ଥିର, ଧୀର, ସ୍ପଷ୍ଟ ଓ ଏକ ପ୍ରଶାନ୍ତ ପ୍ରଭାବଶାଳିତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ସେହି କଣ୍ଠ ଶୁଣାଯିବାକୁ ଲାଗିଲା ।*

## ଅଜ୍ଞାତ ବ୍ୟକ୍ତି

ତୁମ୍ଭେମାନେ ଯାହା ଜାଣିବାକୁ ଇଚ୍ଛା କରୁଛ, ତୁମକୁ ମୁଁ ସେହି କଥାଟି କହିଦେଇ ପାରିବି ।

ଆପଣାର ସ୍ୱଭାବ ଓ ପରିସରରେ ତୁମ୍ଭମାନଙ୍କର କାର୍ଯ୍ୟଗୁଡ଼ିକ ପରସ୍ପରଠାରୁ

ଭିନ୍ନ ହୋଇଥିଲେ ମଧ୍ୟ ତୁମ୍ଭମାନଙ୍କର ସମସ୍ତଙ୍କର ଅଭିଜ୍ଞତା ପରସ୍ପରଠାରୁ ମୋଟେ ଭିନ୍ନ ନୁହେଁ । ତୁମ୍ଭେମାନେ ଆପଣା ଆପଣାର ପ୍ରୟାସରେ ଯେଉଁ ସଫଳତା ଦ୍ୱାରା ପୁରସ୍କୃତ ହୋଇଛ, ତାହା ସତ୍ତ୍ୱେ ବି ତୁମେ ଛଅଜଣଯାକ ଶେଷକୁ ସେଇ ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଛ । କାରଣ ତୁମ୍ଭେମାନେ କେବଳ ସେହି ଉପରିଭାଗୀୟ ଚେତନାଟିରେହିଁ ରହିଯାଇଛ, ବସ୍ତୁଗୁଡ଼ିକର କେବଳ ପ୍ରତିଭାସଗୁଡ଼ିକୁହିଁ ଦେଖୁଛ ଏବଂ ଏହି ବିଶ୍ୱଜଗତର ଯଥାର୍ଥ ସତ୍ୟଟି ବିଷୟରେ ଅନବହିତ ହୋଇ ରହିଛ ।

ତୁମ୍ଭେମାନେ ମାନବସମାଜର ବିଶିଷ୍ଟ ବର୍ଗଟିର ଅନ୍ତର୍ଭୁକ୍ତ ହୋଇ ରହିଛ, ଆପଣା ଆପଣାର କ୍ଷେତ୍ରରେ ତୁମ୍ଭେମାନେ ପ୍ରତ୍ୟେକେ ମନୁଷ୍ୟର ସାମର୍ଥ୍ୟ ମଧ୍ୟରେ ରହିଥିବା ସର୍ବାଧିକ ଗୁଣୋପାର୍ଜନର ସମର୍ଥ ହୋଇପାରିଛ; ତେଣୁ ତୁମ୍ଭେମାନେ ମନୁଷ୍ୟସମାଜର ଶିଖରଦେଶରେ ରହିଛ ବୋଲି ଅବଶ୍ୟ କୁହାଯାଇ ପାରିବ । ମାତ୍ର ସେହି ଶିଖରଦେଶରୁ ତଳକୁ ଅନାଇ ତୁମ୍ଭେମାନେ କେବଳ ଗୋଟିଏ ଭୀମ ଗର୍ତ୍ତକୁହିଁ ଦେଖିବାକୁ ପାଉଛ ଓ ଆଉ ଆଗକୁ ଯିବା ଲାଗି ତୁମ୍ଭମାନଙ୍କର କୌଣସି ଶକ୍ତି ନାହିଁ । ତୁମ୍ଭମାନଙ୍କ ଭିତରୁ କାହାରି ମନରେ ସନ୍ତୋଷ ନାହିଁ, ମାତ୍ର ତଥାପି ବର୍ତ୍ତମାନ କ'ଣ କରିବାକୁ ହେବ ସେହି ବିଷୟରେ ମଧ୍ୟ ତୁମ୍ଭମାନଙ୍କର କୌଣସି ଜ୍ଞାନ ନାହିଁ । ତୁମର ଜୀବନ ଏବଂ ତୁମର ସଦିଚ୍ଛା ତୁମ ସମ୍ମୁଖରେ ଯେଉଁ ଦ୍ୱିବିଧ ସମସ୍ୟାର ଉପସ୍ଥାପନା କରିଛନ୍ତି, ତୁମ୍ଭମାନଙ୍କୁ ତାହାର କୌଣସି ସମାଧାନ ଜଣା ନାହିଁ । ମୁଁ ଦ୍ୱିବିଧ ସମସ୍ୟା ବୋଲି କହିଲି, କାରଣ ସମସ୍ୟାଟିର ପ୍ରକୃତରେ ଦୁଇଟି ଦିଗ ରହିଛି, ଗୋଟିଏ ବ୍ୟକ୍ତିଗତ ଦିଗ ଓ ଆରଟି ସାମୂହିକ ଦିଗ : ଆମେ କିପରି ଆମ ନିଜର ଓ ଅନ୍ୟମାନଙ୍କର କଲ୍ୟାଣସାଧନ କରିପାରିବା ? ତୁମ୍ଭମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସେହି ସମସ୍ୟାଟିର ସମାଧାନ ପାଇ ନାହାନ୍ତି, କାରଣ ଏହି ମନୋଭୂମି ଭିତରେ ରହି ମନୁଷ୍ୟ କଦାପି ଜୀବନର ଏହି ପ୍ରହେଳିକାଟିର ସମାଧାନ କରିପାରିବ ନାହିଁ । ସିଏ ଯେତେ ଉପର ସ୍ତରକୁ ଯାଇଥାଉ ପଛକେ, କଦାପି ତାହା କରିପାରିବ ନାହିଁ । କାରଣ ସେଥିଲାଗି ଏକ ନୂତନ ଓ ଉଚ୍ଚତର ଚେତନା ମଧ୍ୟରେ ଜନ୍ମଗ୍ରହଣ କରିବାକୁ ପଡ଼ିବ, **ପରମ ସତ୍ୟ-ଚେତନା** ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ । କାରଣ ଏହିସବୁ ଯାବତୀୟ କ୍ଷଣସ୍ଥାୟୀ ପ୍ରତିଭାସଗୁଡ଼ିକର ପଶ୍ଚାତରେ ଏକ ଶାଶ୍ୱତ ସତ୍ୟସତ୍ତା ବିରାଜିତ ରହିଛି, ଏହି ଅଜ୍ଞାନମୟ ଓ ପରସ୍ପର ସହିତ ସଂଘର୍ଷରତ ଅନେକତାର ପଶ୍ଚାତରେ ଏକ ଅଦ୍ୱିତୀୟ, ପ୍ରଶାନ୍ତ ପରମଚେତନା ଅବସ୍ଥିତ ରହିଛି; ଏବଂ ଏହି ସୀମାହୀନ ଓ ଅଗଣିତ ମିଥ୍ୟାମୟତାର ପଶ୍ଚାତରେ ଏକ ଶୁଦ୍ଧ ଓ ଭାସ୍ୱର **ସତ୍ୟ** ରହିଛି, ଏହି ଅସ୍ପଷ୍ଟତାଚ୍ଛନ୍ନ ଓ ଦୁରାଗ୍ରହୀ ଅଜ୍ଞାନ ପଛରେ ଏକ ପରମ ଜ୍ଞାନ ଅବସ୍ଥିତ ରହିଛି ।

ଏବଂ ସେହି **ସତ୍ୟ**ଟି ଏଇଠାରେ ରହିଛି, ଏକାବେଳେକେ ନିକଟରେ ରହିଛି, ତୁମ

ସତ୍ତାର କେନ୍ଦ୍ରରେ ଅବସ୍ଥିତ ରହିଛି, ଏହି ବିଶ୍ୱଜଗତ୍ କେନ୍ଦ୍ରରେ ମଧ୍ୟ ଅବସ୍ଥିତ ରହିଛି । ତୁମକୁ ସେହି ସତ୍ୟକୁ କେବଳ ଆବିଷ୍କାର କରିବାକୁ ପଡ଼ିବ । ତାହାରି ମଧ୍ୟରେ ଜୀବନ ବଞ୍ଚିବାକୁ ପଡ଼ିବ, ଏବଂ ତା'ହେଲେ ତୁମକୁ ଆପଣାର ଯାବତୀୟ ସମସ୍ୟାର ସମାଧାନ ମିଳିଯାଇ ପାରିବ, ନିଜର ଯାବତୀୟ ଅସୁବିଧାକୁ ଅତିକ୍ରମ କରିବାର ବାଟ ମିଳିଯିବ ।

ତୁମ୍ଭେମାନେ ହୁଏତ କହିବ, ଯାବତୀୟ ଧର୍ମରେ ତ ଠିକ୍ ଏହି କଥାଟିକୁହିଁ କୁହାଯାଇଛି : ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଏହି **ପରମସତ୍ୟ** ବିଷୟରେ କହିଛନ୍ତି, ସେଗୁଡ଼ିକ ତାହାକୁ **ଭଗବାନ୍** ବୋଲି କହିଛନ୍ତି, ମାତ୍ର ତଥାପି ସେଗୁଡ଼ିକ ତୁମ ସମସ୍ୟାଟିର ଆଦୌ କୌଣସି ସନ୍ତୋଷଜନକ ସମାଧାନ କରିପାରି ନାହାନ୍ତି । ତୁମର ପ୍ରଶ୍ନଗୁଡ଼ିକର ହୃଦ୍‌ବୋଧ ହେଲାଭଳି କୌଣସି ଉତ୍ତର ଦେଇ ନାହାନ୍ତି ଏବଂ ଏହି ଯନ୍ତ୍ରଣାପିଷ୍ଟ ମନୁଷ୍ୟସମାଜର ଦୁଃଖ ଓ ଦୁର୍ଗତିଗୁଡ଼ିକ ଲାଗି ଏକ ପ୍ରତିକାର ଦେବାକୁ ଯେତେ ଚେଷ୍ଟାକରି ମଧ୍ୟ ସମ୍ପୂର୍ଣ୍ଣ ଭାବରେ କେବଳ ବିଫଳକାମହିଁ ହୋଇଛନ୍ତି ।

ଭଗବାନଙ୍କର ଦୂତମାନେ ଆସି ବେଳେବେଳେ ଯେଉଁ ସତ୍ୟର ଉଦ୍‌ଘାଟନ କରି ଦେଇଛନ୍ତି, ଏଥିମଧ୍ୟରୁ କେତେକ ଧର୍ମ ତାହାରି ଉପରେ ଆଧାରିତ ହୋଇ ରହିଛନ୍ତି । ଆଉ କେତେକ ଧର୍ମ କୌଣସି ଏକ ଦାର୍ଶନିକ ଓ ଆଧ୍ୟାତ୍ମିକ ଆଦର୍ଶକୁ ଭିତ୍ତି ରୂପେ ମାନିଛନ୍ତି । ମାତ୍ର ଉକ୍ତ ସତ୍ୟୋଦ୍‌ଘାଟନକୁ କେବଳ କେତେଟା ଅନୁସୃତବିଧି ଅନୁଷ୍ଠାନରେ ଓ ସେହି ଦାର୍ଶନିକ ଆଦର୍ଶଟି ଅନ୍ଧ ଭାବରେ ଜାବୁଡ଼ି କରି ରଖିଥିବା କେତୋଟି ଧର୍ମସୂତ୍ରରେ ପରିଣତ ହୋଇଯିବା ଲାଗି ଆଦୌ କୌଣସି ବିଳମ୍ବ ହୋଇ ନାହିଁ, ଏବଂ ତେଣୁ ସେଗୁଡ଼ିକର ରହିଥିବା ସତ୍ୟଟି କୁଆଡ଼େ ଅନ୍ତର୍ହିତ ହୋଇଯାଇଛି । ପୁନଶ୍ଚ, ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, କୌଣସି ଗୋଟିକୁ ବି ବାଦ୍ ନ ଦେଇ ପ୍ରାୟ ପ୍ରତ୍ୟେକ ଧର୍ମ ମନୁଷ୍ୟ ସମକ୍ଷରେ ପ୍ରାୟ ଏକାଭଳି ଏକ ପାରଲୌକିକ ସମାଧାନର ଉପସ୍ଥାପନ ଆଣି କରିଛନ୍ତି ଓ ସେହି ସମାଧାନ ଜୀବନ ଉପରେ ନୁହେଁ, ମାତ୍ର ମୃତ୍ୟୁ ଉପରେ ଆଧାରିତ ହୋଇ ରହିଛି । ସେମାନଙ୍କର ପ୍ରଦତ୍ତ ସମାଧାନଟିରେ ଏହାହିଁ କୁହାଯାଇଛି : କୌଣସି ପ୍ରକାର ଅଭିଯୋଗ ନ କରି ତୁମେ ନିଜର ସକଳ ଦୁଃଖ ଓ ସକଳ ଯନ୍ତ୍ରଣାକୁ ସହିଯାଅ, କାରଣ ଏହି ପୃଥିବୀ ହେଉଛି ଏକ ପାପର ପୃଥିବୀ ଓ ଏଥିରେ କେବେହେଲେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ; କିନ୍ତୁ ଆପଣାର ସହନଶୀଳତା ଓ ବିନମ୍ରତା ସକାଶେ ତୁମର ମୃତ୍ୟୁଅନ୍ତେ ତୁମେ ଅବଶ୍ୟ ନ୍ୟାଯ୍ୟ ପୁରସ୍କାର ପାଇବ; ଅଥବା ତା' ନ ହେଲେ, ଜୀବନ ସହିତ ରହିଥିବା ତୁମର ଯାବତୀୟ ବନ୍ଧନକୁ ପ୍ରତ୍ୟାଖ୍ୟାନ କରି ଚାଲିଆସ ଏବଂ ତା'ହେଲେ ଯାଇ ତୁମେ ଏହି ଜୀବନରୂପୀ କ୍ରୂର ଦଣ୍ଡଭୋଗରୁ ସବୁଦିନ ଲାଗି ଉଦ୍ଧାର ପାଇପାରିବ । ମାତ୍ର ଏହାଦ୍ୱାରା ଏହି ପୃଥିବୀରେ ମନୁଷ୍ୟମାନେ ଭୋଗ କରୁଥିବା ଦୁଃଖ

ଓ କଷ୍ଟରୁ ଆଦୌ କୌଣସି ପ୍ରତିକାର ମିଳୁ ନାହିଁ ଅଥବା ଏହି ସଂସାରର ସାଧାରଣ ଅବସ୍ଥାରେ ମଧ୍ୟ ଆଦୌ କୌଣସି ପରିବର୍ତ୍ତନ ହୋଇ ପାରିବ ବୋଲି ଆଦୌ କୌଣସି ସମାଧାନ ନାହିଁ । ମାତ୍ର ଅନ୍ୟପକ୍ଷରେ, ଯଦି ଆମେ ଏହି ଜଗତର ବିଭ୍ରାନ୍ତି ଅରାଜକତା ଏବଂ ଦୁଃଖଦଣ୍ଡର ଏକ ଯଥାର୍ଥ ସମାଧାନ ପାଇବାକୁ ଇଚ୍ଛା କରୁଥାଉ, ଆମକୁ ସେହି ସମାଧାନକୁ ଏହି ଜଗତ ଭିତରୁହିଁ ଖୋଜି ବାହାର କରିବାକୁ ପଡ଼ିବ । ଏବଂ ବସ୍ତୁତଃ ସେହି ସମାଧାନଟି ଏହି ଦିଗରେହିଁ ରହିଛି । ସମାଧାନଟି ଏଠାରେ ଅନ୍ତର୍ନିହିତ ଭାବରେ ରହିଛି, ଆମକୁ ତାହାକୁ ଆବିଷ୍କାର କରି ପାଇବାକୁ ପଡ଼ିବ । ଏହା ଆଦୌ କୌଣସି ରହସ୍ୟ ମଧ୍ୟରେ ବୁଡ଼ିକରି ରହି ନାହିଁ କିଂବା କେବଳ କଳ୍ପନାର ସାମଗ୍ରୀ ହୋଇବି ରହି ନାହିଁ । ତାହା ପ୍ରକୃତରେ ଅତ୍ୟନ୍ତ ମୂର୍ତ୍ତ ଭାବରେ ରହିଛି, ଏବଂ ପର୍ଯ୍ୟବେକ୍ଷଣର ଯଥାର୍ଥ ପଦ୍ଧତିଟି ଆମକୁ ଜଣାଥିଲେ ସ୍ୱୟଂ **ପ୍ରକୃତି** ମଧ୍ୟ ସେଇଟିକୁ ଆଣି ଆମ ସମ୍ମୁଖରେ ଉଦ୍‌ଘାଟିତ କରି ଦେଖାଇଦେଇ ପାରିବ । କାରଣ **ପ୍ରକୃତି** ଏକ ଆରୋହଣଧର୍ମୀ ମାର୍ଗରେ ଗତି କରୁଛି; ଗୋଟିଏ ପ୍ରରୂପ ବା ଗୋଟିଏ ଜୀବଜାତିରୁ ପ୍ରକୃତି ଏପରି ଆଉଗୋଟିଏ ପ୍ରରୂପକୁ ଉଦ୍‌ଭୂତ କରାଇ ଆଣୁଛି, ଯାହାକୁ ବିଶ୍ୱଚେତନାକୁ କିଞ୍ଚିତ୍ ଅଧିକତର ପରିମାଣରେ ଅଭିବ୍ୟକ୍ତ କରିବାକୁ ସମର୍ଥ ହେଉଛି । ଏହି ସବୁକିଛିରୁ ପ୍ରତିପାଦିତ ହୋଇଯାଉଛି ଯେ ପାର୍ଥିବ ବିବର୍ତ୍ତନ-କ୍ରମରେ ଆମେ ମଣିଷକୁ କଦାପି ସର୍ବଶେଷ ପଦକ୍ଷେପ ବୋଲି ମାନିନେଇ ପାରିବା ନାହିଁ । ବର୍ତ୍ତମାନର ଏହି ମନୁଷ୍ୟ ପ୍ରରୂପ ପରେ ଆଉ ଗୋଟିଏ ନୂତନ ପ୍ରରୂପର ଉଦ୍ଭବ ହେବ; ବର୍ତ୍ତମାନ ମନୁଷ୍ୟ ପଶୁସୃଷ୍ଟିର ତୁଳନାରେ ଯେଉଁ ସ୍ତରରେ ରହିଛି, ସେହି ନୂତନ ପ୍ରରୂପ ବର୍ତ୍ତମାନର ମନୁଷ୍ୟ ତୁଳନାରେ ପ୍ରାୟ ସେହିଭଳି ଏକ ସ୍ତରରେ ରହିଥିବ । ବର୍ତ୍ତମାନ ମନୁଷ୍ୟ ଚେତନାର ସ୍ଥାନାପନ୍ନ ରୂପେ ଏକ ନୂତନ ଚେତନାର ପ୍ରତିଷ୍ଠା ହେବ, ଯାହାକି ଆଉ କଦାପି ଏହି ମାନସିକ ସ୍ତରର ହୋଇ ରହିବ ନାହିଁ, ତାହା ଏକ ଅତିମାନସ ଚେତନା ହେବ । ଏବଂ ଏହି ଚେତନା ଏକ ଉଚ୍ଚତର ପ୍ରଜାତିକୁ ଜନ୍ମ ଦେବ, ତାହାକୁ ଆମେ ଅତିମାନବୀୟ ଓ ଦିବ୍ୟ ବୋଲି କହି ପାରିବା ।

ଏତେ ଦିନଯାଏ କେବଳ ଏକ ପ୍ରତିଶ୍ରୁତି ଓ ପ୍ରତ୍ୟାଶା ହୋଇ ରହିଥିବା ଏହି ସମ୍ଭାବନାର ମୁହୂର୍ତ୍ତଟି ଏବେ ଆସି ପହଞ୍ଚି ଯାଇଛି; ଏହି ସମ୍ଭାବନା ବର୍ତ୍ତମାନ ଏହି ପୃଥିବୀରେ ଏକ ଜୀବନ୍ତ ବାସ୍ତବସତ୍ୟରେ ପରିଣତ ହେବାକୁ ଯାଉଛି । ଏବଂ ସେଇଥିଲାଗି ତୁମେ ସମସ୍ତେ ଏପରି ଭାବରେ ଏକ ଅସନ୍ତୋଷ ଅନୁଭବ କରୁଛ, ତୁମେ ସବୁ ଜୀବନଠାରୁ ଯାହା ପାଇବ ବୋଲି ଇଚ୍ଛା କରିଥିଲ, ତାହା ପାଇପାରିଲ ନାହିଁ ବୋଲି ଅନୁଭବ କରୁଛ । କେବଳ ସେହି ଚେତନାସ୍ତରରେ ଏକ ମୌଳିକ ପରିବର୍ତ୍ତନହିଁ ଆମ ପୃଥିବୀକୁ ତାହାର ଏହି ବର୍ତ୍ତମାନର ଅନିଶ୍ଚୟତାର ସ୍ଥିତିରୁ ମୁକ୍ତ କରି ଆଣି ପାରିବ । ବସ୍ତୁତଃ, ଚେତନାର

ଏହି ରୂପାନ୍ତର ଓ ଏକ ଉଚ୍ଚତର ଏବଂ ନୂତନତର ଚେତନାର ଅଭିବ୍ୟକ୍ତି କେବଳ ଯେ ସମ୍ଭବ, ସେତିକି ନୁହେଁ, ତାହା ଅବଶ୍ୟମ୍ଭାବୀ । ଏହାହିଁ ଆମ ପାର୍ଥିବ ଜୀବନର ଲକ୍ଷ୍ୟ, ପୃଥିବୀସ୍ଥ ଏହି ଜୀବନ ଆଗରେ ପ୍ରକୃତରେ ଏହି ଉଦ୍ଦେଶ୍ୟଟି ନିହିତ ହୋଇ ରହିଛି । ପ୍ରଥମତଃ ଚେତନାର କ୍ଷେତ୍ରରେ ଏକ ରୂପାନ୍ତର ଘଟିବ, ତା'ପରେ ଜୀବନ ରୂପାନ୍ତରିତ ହେବ ଏବଂ ତା'ପରେ ଏହି ଆକୃତିଗୁଡ଼ିକ ମଧ୍ୟ ବଦଳିଯିବ । ଠିକ୍ ଏହି କ୍ରମରେ ନୂତନ ସୃଷ୍ଟି ଆପଣାକୁ ଅନାବୃତ କରି ଆଣିବ । **ପ୍ରକୃତି** ମଧ୍ୟରେ ଯାହାକିଛି କ୍ରିୟାଶୀଳତା ରହିଛି, ତାହା ବସ୍ତୁତଃ ଉତ୍ତରୋତ୍ତର ଭାବରେ ସେହି **ସର୍ବୋଚ୍ଚ ପରମ ସତ୍ୟ** ଆଡ଼କୁ ପ୍ରତ୍ୟାବର୍ତ୍ତିତ ହୋଇ ଆସିବାରେହିଁ ଏକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଦେଉଛି, କାରଣ ସେହି ପରମ ସତ୍ୟହିଁ ଏହି ବିଶ୍ୱଜଗତର ପ୍ରକୃତ ଉତ୍ସ ଏବଂ ପ୍ରକୃତ ନିଧାନ ଓ ଲକ୍ଷ୍ୟ । ତାହାର ସମଗ୍ରତାର କ୍ଷେତ୍ରରେ ଓ ତାହାର କ୍ଷୁଦ୍ରତମ ଉପାଦାନର ସ୍ତରରେ ସେହି ସତ୍ୟହିଁ ଜଗତର ଉତ୍ସ ଓ ଜଗତର ପରମ ଲକ୍ଷ୍ୟ । ଆମେ ମର୍ମତଃ ଯେପରି ହୋଇ ତିଆରି ହୋଇଛୁ, ଆମକୁ ମୂର୍ତ୍ତ ଭାବରେ ଅବଶ୍ୟ ତାହାହିଁ ହେବାକୁ ପଡ଼ିବ । ଆମ ସତ୍ତାର ଗଭୀରତାଗୁଡ଼ିକ ମଧ୍ୟରେ ଯେଉଁ ସତ୍ୟ, ସୌନ୍ଦର୍ଯ୍ୟ, ଶକ୍ତି ଓ ପରିପୂର୍ଣ୍ଣତା ପ୍ରଚ୍ଛନ୍ନ ହୋଇ ରହିଛି, ଆମକୁ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବଞ୍ଚିବାକୁହିଁ ପଡ଼ିବ । ଏବଂ ତା'ହେଲେ ସମଗ୍ର ଜୀବନ ସେହି ଉଦାର, ଶାଶ୍ୱତ ଓ ଦିବ୍ୟ ଆନନ୍ଦର ଏକ ପ୍ରକାଶମୟ ରୂପରେ ପରିଣତ ହୋଇ ପାରିବ ।

*ତା'ପରେ କିଛି ସମୟ ଲାଗି ଏକ ନୀରବତା ରାଜତ୍ୱ କଲା; ଛଅଜଣଯାକ ବ୍ୟକ୍ତି ପରସ୍ପର ସହିତ ଦୃଷ୍ଟିବିନିମୟ କଲେ ଏବଂ ସେମାନେ ଯେ ସମସ୍ତେ ଏହିସବୁ ଉକ୍ତିର ସମର୍ଥନ କରୁଛନ୍ତି, ତାହାର ସୂଚନା ଦେଲେ । ତା'ପରେ :*

*ଲେଖକ : ଆପଣ ଯାହାସବୁ କହିଲେ, ତା' ଭିତରେ ହୃଦ୍‌ବୋଧ କରାଇବାର* ଏକ ଶକ୍ତି ନିହିତ ହୋଇ ରହିଛି, ତା' ଭିତରେ ଏକ ସଂକ୍ରମଣ-ଶକ୍ତି ରହିଛି । ହଁ, ଆମେ ସମସ୍ତେ ଅନୁଭବ କରୁଛୁ ଯେ ଆମ ଭିତରେ ଗୋଟିଏ ନୂତନ ଦ୍ୱାର ଉନ୍ମୋଚିତ ହୋଇଯାଇଛି, ଆମ ହୃଦୟ ଭିତରେ ଏକ ନୂତନ ଆଶା ସଞ୍ଚାରିତ ହୋଇ ପାରିଛି । ମାତ୍ର ତାହାର ଉପଲବ୍ଧି ଲାଗି ସମୟ ଲାଗିବ, ସମ୍ଭବତଃ ଦୀର୍ଘ ସମୟ ଲାଗିବ । ମାତ୍ର ବର୍ତ୍ତମାନ-ତ ମୃତ୍ୟୁ ଆସି ଆମ ଦ୍ୱାରଦେଶରେ ଉପସ୍ଥିତ ହେଲାଣି, ଆମର ଅନ୍ତକାଳ ଆସି ପହଞ୍ଚିଗଲାଣି । ହାୟ, ପ୍ରକୃତରେ ଆଉ ସମୟ ନାହିଁ ।

ଅଜ୍ଞାତ ବ୍ୟକ୍ତି : ନା — ସମୟ ଅବଶ୍ୟ ଅଛି । ସମୟ ନାହିଁ ବୋଲି ପ୍ରକୃତରେ କେବେହେଲେ ବି କୁହାଯାଇ ପାରିବ ନାହିଁ ।

ଚାଲନ୍ତୁ ଆମେ ସମସ୍ତେ ଏକ ବୃହତ୍ ଅଭୀପ୍ସା ମଧ୍ୟରେ ଆମର ଇଚ୍ଛାଗୁଡ଼ିକୁ ଏକତ୍ର ସମ୍ମିଳିତ କରିଦେବା । ଆମ ଜୀବନରେ ପ୍ରବେଶ କରି ଆମର ସହାୟତା କରିବା ସକାଶେ ସେହି ପରମ କରୁଣାଙ୍କ ପାଖରେ ପ୍ରାର୍ଥନା କରିବା । ଏକ ଅଦ୍ଭୁତ ଘଟନା ଯେକୌଣସି ସମୟରେ ବି ଘଟି ପାରିବ । ବିଶ୍ୱାସର ଏକ ଅତୁଳ ଅପ୍ରତିରୋଧ ଶକ୍ତି ରହିଛି । ଏବଂ ବସ୍ତୁତଃ, ସାଧିତ ହେବାକୁ ରହିଥିବା ସେହି ମହାନ୍ କାର୍ଯ୍ୟଟିରେ ଯଦି ଆମ୍ଭେମାନେ ଅଂଶଗ୍ରହଣ କରିବାକୁ ଇଚ୍ଛା କରୁଥିବା, ତେବେ ସେହି ସହାୟତା ଅବଶ୍ୟ ପ୍ରାପ୍ତ ହେବ ଏବଂ ଆମର ଜୀବନର ଅବଧିଟିକୁ ନିଶ୍ଚୟ ଦୀର୍ଘତର କରିଦେଇ ପାରିବ । ଚାଲନ୍ତୁ ଆମେ ଜଣେ ପ୍ରଜ୍ଞାଶୀଳ ବ୍ୟକ୍ତିର ବିନୟ ଏବଂ ଜଣେ ଶିଶୁର ସରଳ ବିଶ୍ୱାସ ନେଇ ପ୍ରାର୍ଥନା କରିବା; ଆନ୍ତରିକତାର ସହିତ ସେହି ନୂତନ **ପରମଚେତନା**ର ଆବାହନ କରିବା, ଏହି ନୂତନ **ପରମ ଶକ୍ତି**ର ଆବାହନ କରିବା । ସେହି **ପରମ-ସତ୍ୟ** ଓ **ପରମ-ସୌନ୍ଦର୍ଯ୍ୟର** ଆବାହନ କରିବା, ଯାହାକି ଅବଶ୍ୟ ପ୍ରକାଶ ଲାଭ କରିବ ଓ ଏହି ପୃଥିବୀର ରୂପାନ୍ତର ସାଧନ କରିବ । ଜଡ଼ଭୂମିର ଏହି ପୃଥିବୀରେ ଅତିମାନସ ଜୀବନର ଉପଲବ୍ଧି ସମ୍ଭବ ହେବ ।

*ସେମାନେ ସମସ୍ତେ ନୀରବରେ ନିଜକୁ ଅଭିନିବେଶିତ କରି ରଖିଲେ । ଅଜ୍ଞାତ ବ୍ୟକ୍ତି ପୁନର୍ବାର କହିଲେ :*

"ହେ ପରମ ସତ୍ୟ, ଯେଉଁ ସତ୍ୟରହସ୍ୟ ଆମ ସମ୍ମୁଖରେ ଉଦ୍‌ଘାଟିତ ହୋଇଛି, ତୁମର କରୁଣାରୁ ଆମେ ଯେପରି ତାହାକୁ ବଞ୍ଚିପାରିବା ଲାଗି ସମର୍ଥ ହେଉ ।"

*ସେମାନେ ସମସ୍ତେ ଧୀର କଣ୍ଠରେ ସେହି ପ୍ରାର୍ଥନାଟିକୁ ଆବୃତ୍ତି କଲେ ଏବଂ ନୀରବ-ହୋଇ ଆପଣାକୁ ଧ୍ୟାନସ୍ଥ କରି ରଖିଲେ । ଠିକ୍ ସେତିକିବେଳେ କଳାକାର ଚିତ୍କାର କରି କହିଲେ :*

ଦେଖ ! ଦେଖ !

*ଗୋଟିଏ ଜାହାଜ ଆସି ପହଞ୍ଚିଲା, ଦୂର ଦିଗ୍‌ବଳୟ ତଳେ ତାହା ସତେଅବା ଗୋଟିଏ ବିନ୍ଦୁପରି ଦେଖା ଯାଉଥିଲା ଏବଂ କ୍ରମଶଃ ନିକଟବର୍ତ୍ତୀ ହୋଇ ଆସୁଥିଲା । ସମସ୍ତେ ମହୋଲ୍ଲାସରେ ଚିତ୍କାର କରି ଉଠିଲେ । ଅଜ୍ଞାତ ବ୍ୟକ୍ତି କହିଲେ :*

ଆମର ପ୍ରାର୍ଥନା ତାଙ୍କ କାନରେ ବାଜିଛି !

*ଜାହାଜ ସ୍ପଷ୍ଟ ଭାବରେ ଦୃଶ୍ୟ ହୋଇ ଆସିଲା, କ୍ରୀଡ଼ାବିତ୍ ଫଙ୍କ୍ କରି ଡେଇଁପଡ଼ି ଉପରେ ଥିବା ପଟାଟି ଉପରକୁ ଚଢ଼ିଗଲେ ଏବଂ ନିଜ ପକେଟରୁ ତାଙ୍କ ଧଳା ରୁମାଲଟିକୁ ଉପରକୁ ଦେଖାଇ ହଲାଇବାକୁ ଲାଗିଲେ । ଜାହାଜଟି ଆହୁରି ନିକଟକୁ ଆସିଲା । ବୈଜ୍ଞାନିକ ଆନନ୍ଦରେ ପାଟି କରି ଉଠିଲେ :*

ସେମାନେ ଆମକୁ ଦେଖି ସାରିଲେଣି । ହେଇ, ଆମ ଆଡ଼କୁ ଆସୁଛନ୍ତି !

*ଏବଂ ଅଜ୍ଞାତ ବ୍ୟକ୍ତି ଧୀର ଭାବରେ କହିଲେ :*

ଏହାହିଁ ମୁକ୍ତି, ଏଇଠି ନୂତନ ଜୀବନ !

(*ଯବନିକା ପତନ*)

# ସତ୍ୟ ଆଡ଼କୁ ଆରୋହଣ

ଜୀବନ ସମ୍ବନ୍ଧରେ ଏକ ନାଟକ
(ଏକ ପ୍ରସ୍ତାବନା, ସାତଟି ସୋପାନ ଓ ଏକ ଉପସଂହାର ସହିତ)

ନାଟକର ପାତ୍ର-ପାତ୍ରୀଗଣ :

**ମାନବହିତୈଷୀ**
**ନିରାଶାବାଦୀ**
**ବୈଜ୍ଞାନିକ**
**କଳାବିତ୍**
**ତିନିଜଣ ଛାତ୍ର**
**ଦୁଇଜଣ ପ୍ରେମିକ**
**ବୈରାଗୀ**
**ଦୁଇଜଣ ସାଧକ**

ପ୍ରସ୍ତାବନା : କଳାବିତ୍‌ଙ୍କର ଚିତ୍ରଶାଳାରେ, ପ୍ରାରମ୍ଭିକ ବୈଠକ

ଆରୋହଣର ସାତୋଟି ସୋପାନ,ସେଥିମଧ୍ୟରୁ ସପ୍ତମସୋପାନଟି ଶିଖରଦେଶରେ ଅବସ୍ଥିତ

ଉପସଂହାର : ନୂତନ ଜଗତ୍

# ପ୍ରସ୍ତାବନା

କଳାକାରଙ୍କ କଳାଶାଳାରେ

*ସନ୍ଧ୍ୟା ସମୟ, ଅନ୍ଧକାର ହୋଇ ଆସୁଥାଏ; ପରମସତ୍ୟର ଆବିଷ୍କାର କରିବା ଲାଗି ଏକ ସାଧାରଣ ଅଭୀପ୍‌ସା ଦ୍ୱାରା ସମ୍ମିଳିତ ହୋଇଥିବା କେତେକ ବ୍ୟକ୍ତିଙ୍କର ଏକ କ୍ଷୁଦ୍ର ଗୋଷ୍ଠୀର ବୈଠକଟି ସରିବାକୁ ବସିଛି ।*

*ଉପସ୍ଥିତ ସଭ୍ୟବୃନ୍ଦ :*

*ମାନବହିତୈଷୀ, ଜଣେ ସଦିଚ୍ଛାସଂପନ୍ନ ବ୍ୟକ୍ତି ।*
*ମୋହଭଙ୍ଗ ହୋଇଥିବା ଜଣେ ବ୍ୟକ୍ତି ଯିଏ କି ଏହି ପୃଥିବୀରେ ସୁଖର ଆଦୌ କୌଣସି ସମ୍ଭାବନା ରହିଛି ବୋଲି ଆଉ ବିଶ୍ୱାସ କରୁ ନାହିଁ ।*
*ବୈଜ୍ଞାନିକ ଯିଏ କି ପ୍ରକୃତିର ବିଭିନ୍ନ ସମସ୍ୟାର ସମାଧାନ କରିବା ଲାଗି ବାଟ ଖୋଜୁଛି ।*
*କଳାକାର ଯିଏ କି ଏକ ଅଧିକ ସୌନ୍ଦର୍ଯ୍ୟମୟ ଆଦର୍ଶର ସ୍ୱପ୍ନ ଦେଖୁଛି ।*
*ତିନିଜଣ ଛାତ୍ର (ଦୁଇଜଣ ପୁଅ ଓ ଜଣେ ଝିଅ) ଯେଉଁମାନଙ୍କର ଏହି ଜୀବନ ଅଧିକ ଭଲ ହୋଇପାରିବ ବୋଲି ବିଶ୍ୱାସ ଅଛି, ନିଜ ଉପରେ ମଧ୍ୟ ବିଶ୍ୱାସ ଅଛି ।*
*ଦୁଇଜଣ ପ୍ରେମିକ ଯେଉଁମାନେ କି ମାନବପ୍ରେମର କ୍ଷେତ୍ରରେ ପରିପୂର୍ଣ୍ଣତାର ସନ୍ଧାନ କରୁଛନ୍ତି ।*
*ଜଣେ ବୈରାଗୀ ଯିଏ କି ପରମସତ୍ୟର ଆବିଷ୍କାର କରିବା ଲାଗି ଯେକୌଣସି ତପସ୍ୟା ସକାଶେ ପ୍ରସ୍ତୁତ ଅଛି ।*
*ଆଉ ଦୁଇଜଣ ବ୍ୟକ୍ତି ଏକ ସାଧାରଣ ଅଭୀପ୍‌ସାରେ ପରସ୍ପର ସହିତ ମିଳିତ ହୋଇଛନ୍ତି ଯେଉଁମାନେ ପରମ ଅନନ୍ତ ସତ୍ତାଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି ବୋଲି ପରମ ଅନନ୍ତ ସତ୍ତାଙ୍କର ମାର୍ଗରେ ପରିଚାଳିତ ହେବା ଲାଗି ନିଷ୍ପତ୍ତି କରିଛନ୍ତି ।*

*(ଯବନିକା ଉଠିବାକୁ ଲାଗିଲା)*

**କଳାକାର**

ବନ୍ଧୁଗଣ, ବର୍ତ୍ତମାନ ଆମର ଏହି ବୈଠକ ଶେଷ ହେବାକୁ ବସିଛି; ଏବଂ ବୈଠକ ସାରିବା ତଥା ଆମକୁ ଏକ କର୍ମରେ ଏକତ୍ର ସମ୍ମିଳିତ କରି ରଖିପାରୁଥିବା ଆମର ଶେଷ ପ୍ରସ୍ତାବଟି ଗ୍ରହଣ କରିବା ପୂର୍ବରୁ ମୁଁ ଆପଣମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଛି, ଆଗରୁ କରାଯାଇ ସାରିଥିବା ଘୋଷଣାଗୁଡ଼ିକ ବ୍ୟତୀତ ଆପଣମାନଙ୍କ ମଧ୍ୟରୁ ଆଉ କାହାର କିଛି ଅଧିକ ଘୋଷଣା କରିବାର ଅଛି କି ?

**ମାନବହିତୈଷୀ**

ହଁ, ମୁଁ ଏହି କଥାଟିକୁ ପୁଣିଥରେ ନିବେଦନ କରିବାକୁ ଇଚ୍ଛା କରୁଛି ଯେ ମନୁଷ୍ୟଜାତିର ସେବା କରିବାରେ ମୁଁ ମୋ'ର ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଛି । ଦୀର୍ଘ ଅନେକ ବର୍ଷ ଯାବତ୍ ମୁଁ ଯାବତୀୟ ଜ୍ଞାତ ଏବଂ ସମ୍ଭାବ୍ୟ ଉପାୟଗୁଡ଼ିକୁ ପ୍ରୟୋଗ କରି ଦେଖିଛି; ମାତ୍ର ସେଗୁଡ଼ିକରୁ କୌଣସିଥିରୁହିଁ ମୁଁ ସନ୍ତୋଷକର ଫଳ ଲାଭ କରିପାରି ନାହିଁ, ଏବଂ ବର୍ତ୍ତମାନ ମୋ'ର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହୋଇ ସାରିଲାଣି ଯେ, ଆପଣାର ପ୍ରୟାସଟିରେ ସଫଳତା ପାଇବାକୁ ହେଲେ ମୋତେ ସେହି **ପରମସତ୍ୟ**ରହିଁ ଆବିଷ୍କାର କରିବାକୁ ପଡ଼ିବ । ହଁ, ଜୀବନର ଯଥାର୍ଥ ତାତ୍ପର୍ଯ୍ୟଟିକୁ ଆବିଷ୍କାର ନ କରିଥିବା ପର୍ଯ୍ୟନ୍ତ ଆମେ ଅନ୍ୟ ମଣିଷଙ୍କର କିପରି ପ୍ରକୃତ ସହାୟତା କରିପାରିବା ? ବର୍ତ୍ତମାନ ଆମେ ଯେତେ ଯାହା ଉପାୟ ଗ୍ରହଣ କରୁଛୁ, ତାହା କେବଳ କେତେ ସମୟ ଲାଗିହିଁ ହୁଏତ କିଛି କାମ ଦେଉଛି, କିନ୍ତୁ ତଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରି ନାହିଁ । କେବଳ ସେହି **ପରମସତ୍ୟ**ର ଚେତନାହିଁ ମନୁଷ୍ୟଜାତିର ପରିତ୍ରାଣ-ବିଧାନ କରିପାରିବ ।

**ନିରାଶାବାଦୀ**

ଜୀବନଯାକ ମୁଁ କେତେ କେତେ ଦୁଃଖଭୋଗ କରିଛି । କେତେ କେତେ ମୋହଭଙ୍ଗକୁ ଅଙ୍ଗେ ନିଭାଇବାକୁ ପଡ଼ିଛି, କେତେ ଅନ୍ୟାୟ ସହ୍ୟ କରିଛି, କେତେ ଦୁଃଖ ଓ ଯନ୍ତ୍ରଣା ଦେଖିଛି । ଆଉ ପ୍ରକୃତରେ କୌଣସି କଥା ଉପରେ ବିଶ୍ୱାସ ରଖିବା ମୋଟେ ସମ୍ଭବ ହେଉ ନାହିଁ । ଏହି ପୃଥିବୀ ଓ ସେଥିରେ ବାସ କରୁଥିବା ମଣିଷମାନଙ୍କଠାରୁ ମୁଁ ଆଉ ପ୍ରକୃତରେ କିଛି ଆଶା କରିପାରୁ ନାହିଁ । ସେହି ପରମସତ୍ୟର ଆବିଷ୍କାର,– ମୋ' ଲାଗି ତାହାହିଁ ଏକମାତ୍ର ଆଶା ରୂପେ ବାକି ରହିଛି । ସେହି ସତ୍ୟର ଆବିଷ୍କାର ଯେ ପ୍ରକୃତରେ ସମ୍ଭବ, ସର୍ବଦା ସେହିଭଳି ଅନୁମାନ କରିବା ବ୍ୟତୀତ ଆଉ କିଛିହେଲେ ବାକି ନାହିଁ ।

**ପ୍ରଥମ ସାଧକ**

ଆପଣମାନେ ଆମକୁ ଏଠାରେ ଏକତ୍ର ହୋଇ ରହିଥିବାର ଦେଖୁଛନ୍ତି, କାରଣ ସେହି ଗୋଟିଏ ସାଧାରଣ ଅଭୀପ୍‌ସାହିଁ ଆମର ଜୀବନକୁ ସଂଯୁକ୍ତ କରି ରଖିଛି । ମାତ୍ର ଆମ ଭିତରେ କୌଣସି ଦୈହିକ ବା ଏପରିକି କୌଣସି ସଂବେଗଗତ ବନ୍ଧନ ବି ଆମକୁ ବାନ୍ଧି ରଖି ନାହିଁ । ଆମେ ସେହି ପରମସତ୍ୟର ସନ୍ଧାନ କରିବୁ,– ଏହି ଗୋଟିଏ ମାତ୍ର ଲକ୍ଷ୍ୟହିଁ ଆମର ଜୀବନରେ ସର୍ବପ୍ରମୁଖ ହୋଇ ରହିଛି ।

**ଜଣେ ପ୍ରେମିକ** (*ସାଧକମାନଙ୍କୁ ଉଦ୍ଦେଶ୍ୟ କରି*)

ଏହି ଦୁଇ ବନ୍ଧୁଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଆମେ ଦୁହେଁ (*ନିଜର ପ୍ରେମିକାକୁ ବାହୁ ଦ୍ୱାରା ବେଷ୍ଟିତ କରି*) କେବଳ ପରସ୍ପର ଦ୍ୱାରାହିଁ ଜୀବିତ ରହିଛୁ ଓ ପରସ୍ପର ସକାଶେ ଜୀବିତ ରହିଛୁ । ଏକ ପରିପୂର୍ଣ୍ଣ ମିଳନର ଉପଲବ୍ଧି କରିବା, ଦୁଇଟି ଶରୀରରେ ଗୋଟିଏ ସତ୍ତା ହୋଇ ରହିବା, ଦୁଇଟି ବକ୍ଷ ତଳେ ଗୋଟିଏ ଭାବନା, ଗୋଟିଏ ଇଚ୍ଛା ଓ ଗୋଟିଏ ପ୍ରାଣକୁ ସଂଜୀବିତ କରି ରଖିବା, କେବଳ ଆପଣାର ପ୍ରେମ ଦ୍ୱାରା, ପ୍ରେମରେ ଓ ପ୍ରେମ ଲାଗିହିଁ ଜୀବନ ବଞ୍ଚୁ ଥିବା ଦୁଇଟି ହୃଦୟ ମଧ୍ୟରେ ଗୋଟିଏ ମାତ୍ର ସ୍ପନ୍ଦନ ହୋଇ ରହିବା,– ତାହାହିଁ ଆମ ଜୀବନର ଏକମାତ୍ର ଅଭିଳାଷ ହୋଇ ରହିଛି । ଆମେ ପ୍ରେମର ସେହି ପରିପୂର୍ଣ୍ଣ ସତ୍ୟଟିକୁ ଆବିଷ୍କାର କରି ବାହାରିଛୁ ଓ ତାହାକୁହିଁ ବଞ୍ଚିବା ଲାଗି ଇଚ୍ଛା କରୁଛୁ : ସେଇଥିପାଇଁ ଆମେ ଆମର ଏହି ଜୀବନକୁ ସମର୍ପିତ କରି ରଖିଛୁ ।

**ବୈରାଗୀ**

ଏଡ଼େ ସହଜରେ କେହି **ପରମ ସତ୍ୟ**କୁ ପ୍ରାପ୍ତ କରିପାରିବ ବୋଲି ମୋର ମୋଟେ ମନେ ହେଉ ନାହିଁ । ସତ୍ୟର ପଥ ନିଶ୍ଚୟ ଅତ୍ୟନ୍ତ ଆୟାସସାଧ ହୋଇଥିବ, ଅତ୍ୟନ୍ତ ତିଖ ଏବଂ ଅତ୍ୟନ୍ତ ଉଠାଣିଆ ହୋଇଥିବ, ସେହି ପଥରେ କେତେ ବିପଦ, ଅନିଶ୍ଚୟତା, ଭୟ ଏବଂ ପ୍ରତାରକ ମୋହାଚ୍ଛନ୍ନତା ବି ପୂରି ରହିଥିବ । ଏହିସବୁ ପ୍ରତିବନ୍ଧକକୁ ଅତିକ୍ରମ କରିବାକୁ ହେଲେ ଏକ ଅବିଚଳିତ ଇଚ୍ଛା ଦରକାର, ଲୁହା ପରି ସ୍ନାୟୁ ଦରକାର । ମୁଁ ସେହି ସକଳପ୍ରକାର ତ୍ୟାଗ ଓ ତପସ୍ୟା ଲାଗି ପ୍ରସ୍ତୁତ ଅଛି; ମୋ ସମ୍ମୁଖରେ ମୁଁ ଯେଉଁ ବୃହତ୍ ଲକ୍ଷ୍ୟଟିକୁ ରଖି ବାଟ ଚାଲୁଛି, ଆପଣାକୁ ତାହାର ଉପଯୁକ୍ତ କରିବା ଲାଗି ମୁଁ ଯେକୌଣସି ପ୍ରତ୍ୟାଖ୍ୟାନ କରିବାକୁ ପ୍ରସ୍ତୁତ ଅଛି ।

**କଳାକାର** (*ଅନ୍ୟମାନଙ୍କୁ ଲକ୍ଷ୍ୟ କରି*)
ଆପଣମାନଙ୍କର ଆଉ କିଛି କହିବାର ନାହିଁ ? ଆଚ୍ଛା, ଆମେ ଗୋଟିଏ କଥାରେ ସମସ୍ତେ ଏକମତ : ଆମେ ସମସ୍ତେ ଏକତ୍ର ଭାବରେ, ଆମ ସମସ୍ତଙ୍କ ଉଦ୍ୟମକୁ ଏକତ୍ର ସମ୍ମିଳିତ କରି ଆମେ **ପରମସତ୍ୟ**ର ପଥଟି ଧରି ଏହି ପବିତ୍ର ପର୍ବତଟିକୁ ଆରୋହଣ କରିବା । ଏହା ଯେ ଏକ କଠିନ ଏବଂ ଦୁରୂହ ଉଦ୍ୟମ, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ତଥାପି ସେହି ଉଦ୍ୟମଟି ଅବଶ୍ୟ କରଣୀୟ; କାରଣ, ଯେତେବେଳେ ଆମେ ପର୍ବତଟିର ଶିଖର ଦେଶରେ ଯାଇ ପହଞ୍ଚି ପାରିବା, ସେତେବେଳେ ଆମେ ସେହି **ପରମସତ୍ୟ** ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହେବା ଏବଂ ଆମର ଯାବତୀୟ ସମସ୍ୟାର ସମାଧାନ ଆମକୁ ସେହିଠାରେହିଁ ଅବଶ୍ୟ ମିଳିଯିବ ।

ତେଣୁ ଆମେ ସମସ୍ତେ କାଲି ଆସି ଏହି ପର୍ବତଟିର ପାଦଦେଶରେ ଉପସ୍ଥିତ ହେବା ଏବଂ ଏକତ୍ର ସେହି ଆରୋହଣଟିକୁ ଆରମ୍ଭ କରିବା । ତେବେ ବର୍ତ୍ତମାନ ନମସ୍କାର !

*ପରସ୍ପରକୁ ନମସ୍କାର ଜଣାଇ ସମସ୍ତେ ପ୍ରସ୍ଥାନ କଲେ*

# ଆରୋହଣର ସାତୋଟି ସୋପାନ

## ପ୍ରଥମ ସୋପାନ

*ଗୋଟିଏ ପ୍ରକାରର ସବୁଜ ମାଳଭୂମି ଏବଂ ସେଠାରେ ଛିଡ଼ାହେଲେ ସମଗ୍ର ଉପତ୍ୟକାଟି ଦୃଷ୍ଟିଗୋଚର ହୋଇ ଯାଉଛି । ଏହି ମାଳଭୂମିଟିଠାରୁ ଏପର୍ଯ୍ୟନ୍ତ ସହଜ ଏବଂ ପ୍ରଶସ୍ତ ହୋଇ ରହି ଆସିଥିବା ପଥଟି ହଠାତ୍ ଅଣଓସାରିଆ ହୋଇ ଯାଇଛି ଏବଂ ବାମ ପାଖକୁ ଉଠି ଉଠି ଯାଇଥିବା ବିରାଟ ଏବଂ ବନ୍ଧୁର ପର୍ବତସ୍କନ୍ଧଗୁଡ଼ିକ ଉପର ଦେଇ ଗୁଡ଼ାଇ ଗୁଡ଼ାଇ ହୋଇ ଉପରକୁ ଚାଲି ଯାଇଛି ।*

*ସମସ୍ତେ ଆସି ସେଇଠାରେ ପହଞ୍ଚିଲେ ଓ ଏକତ୍ର ହେଲେ । ସମସ୍ତଙ୍କ ଭିତରେ ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଉତ୍ସାହ ଭରି ରହିଛି । ସେମାନେ ଦୃଷ୍ଟିନତ କରି ତଳେ ପ୍ରସାରି ରହିଥିବା ଉପତ୍ୟକାଟି ଆଡ଼କୁ ଅନାଇଲେ । ତା’ପରେ ମାନବହିତୈଷୀ ଇଙ୍ଗିତ ଦେଇ ସେମାନଙ୍କୁ ଡାକିବାକୁ ଆରମ୍ଭ କଲେ ।*

**ମାନବହିତୈଷୀ**

ବନ୍ଧୁଗଣ, ମୁଁ ବର୍ତ୍ତମାନ ଆପଣମାନଙ୍କୁ ଅବଶ୍ୟ କିଛି କହିବି । ଆପଣମାନଙ୍କୁ କହିବାକୁ ମୋର ଏକ ଗମ୍ଭୀର ବିଷୟ ରହିଛି (*ସମସ୍ତେ ନୀରବ ହୋଇ ଶୁଣିଲେ*) ।

ଆମେ ସମସ୍ତେ ଏକାଠି କେତେ଼ ଖୁସିରେ ଓ କେତେ଼ ସହଜରେ ମାଳଭୂମି ପର୍ଯ୍ୟନ୍ତ ପର୍ବତଟିକୁ ଆରୋହଣ କରି ଚାଲି ଆସିଲେ ! ଏଠାରେ ଠିଆ ହୋଇ ଆମେ ଜୀବନ ଉପରେ ଦୃଷ୍ଟିପାତ କରି ପାରିବା, ଜୀବନର ସମସ୍ୟାଗୁଡ଼ିକୁ ଅଧିକ ଭଲ ଭାବରେ ବୁଝିପାରିବା, ମନୁଷ୍ୟ ଭୋଗ କରୁଥିବା ଦୁଃଖଗୁଡ଼ିକର କାରଣକୁ ମଧ୍ୟ ଅଧିକ ଭଲକରି ବୁଝିପାରିବା । ଆମର ଜ୍ଞାନ କ୍ରମେ ଅଧିକ ବ୍ୟାପକ ଓ ଅଧିକ ଗଭୀର ହୋଇ ଆସୁଛି ଏବଂ ମୁଁ ଯେଉଁ ସମାଧାନଟିର ସନ୍ଧାନ କରୁଛି, ଆମ୍ଭେମାନେ କ୍ରମେ ତାହାର ଅଧିକ ନିକଟବର୍ତ୍ତୀ ହୋଇ ଆସୁଛୁ ।... (*ସମସ୍ତେ ନୀରବ ରହିଥାନ୍ତି*)

ମାତ୍ର ଏଠାରେ ଆମେ ଏକ ମୀମାଂସକ ମୋଡ଼-ସ୍ଥାନରେ ଆସି ପହଞ୍ଚିଛୁ । ଏହିଠାରୁ ଆମର ଆରୋହଣଟି କ୍ରମେ ଅଧିକ ତିଖ ହେବ, ଅଧିକ କଠିନ ବି ହେବ; ଏବଂ ସର୍ବୋପରି, ଆମେ ବର୍ତ୍ତମାନ ପର୍ବତର ଅନ୍ୟ ପାଖଟିକୁ ମଧ୍ୟ ଅତିକ୍ରମ କରି ଚାଲିଯିବା, ଯେଉଁଠାରୁ କି ଏହି ଉପତ୍ୟକା ଓ ସେଠାରେ ବାସ କରୁଥିବା ଲୋକମାନେ ଆଉ ମୋତେ ଦୃଷ୍ଟିଗୋଚର ହେବେ ନାହିଁ । ଏହାର ଅର୍ଥ ହେଉଛି ଯେ ମୋତେ ମୋର କାର୍ଯ୍ୟଟିକୁ ପରିତ୍ୟାଗ କରିବାକୁ

ପଡ଼ିବ ଏବଂ ମନୁଷ୍ୟଜାତିର ସେବା କରିବା ଲାଗି ମୁଁ ନିଜ ପାଖରେ ଯେଉଁ ସଂକଳ୍ପ କରିଥିଲି, ସେହି ସଂକଳ୍ପଟିକୁ ଭଙ୍ଗ ବି କରିବାକୁ ହେବ । ଆପଣମାନେ ଅନୁଗ୍ରହ କରି ଆଉ ମୋତେ ଆପଣମାନଙ୍କ ସହିତ ଏଠାରେ ରହିବାକୁ କହିବେ ନାହିଁ । କାରଣ ମୋତେ ଆପଣମାନଙ୍କୁ ଛାଡ଼ି ମୋର କର୍ତ୍ତବ୍ୟ ମଧ୍ୟକୁ ବାହୁଡ଼ି ଯିବାକୁ ହେବ । (*ସିଏ ତଳ ଆଡ଼କୁ ଯାଇଥିବା ପଥଟି ଧରି ଅଗ୍ରସର ହେବାକୁ ଲାଗିଲେ । ଅନ୍ୟମାନେ ବିସ୍ମିତ ଓ ନିରାଶ ହୋଇ ପରସ୍ପର ଆଡ଼କୁ ଅନାଇ ରହିଥିଲେ ।*)

**ବୈରାଗୀ**

ବିଚାରା ! ନିଜର କର୍ମ ପ୍ରତି ତାଙ୍କର ଯେଉଁ ଆସକ୍ତି ରହିଛି, ତାହାରି ଦ୍ୱାରା ପ୍ରତିହତ ହୋଇ ସିଏ ଏଇଠୁ ଫେରିଗଲେ; ବାହ୍ୟଜଗତର ଭ୍ରମ ଓ ପ୍ରତିଭାସଗୁଡ଼ିକ ପାଖରେ ପରାଜୟ ସ୍ୱୀକାର କରି ସେ ଫେରିଗଲେ । ମାତ୍ର ତା' ବୋଲି ଆମର ଗତିରେ ଯେ ଶିଥିଳତା ଆସିବ, ସେକଥା ଆଦୌ ନୁହେଁ । ଆମେ ଆମର ପଥଟି ଧରି ଆହୁରି ଆଗକୁ ଯିବା,– ସେଥିଲାଗି ଆଦୌ କୌଣସି ଶୋଚନା ଅଥବା କୁଣ୍ଠା ପ୍ରକାଶ କରିବା ନାହିଁ ।

*ସେମାନେ ପୁନର୍ବାର ଅଗ୍ରସର ହେଲେ ।*

## ଦ୍ୱିତୀୟ ସୋପାନ

*ସେମାନେ ପଥଟିର ଏପରି ଏକ ସ୍ଥାନରେ ଆସି ପହଞ୍ଚିଲେ, ଯେଉଁଠାରେ କି ଉଠାଣି ରାସ୍ତା ଭାରି ତିଖ ହୋଇ ଉପରକୁ ଚାଲି ଯାଇଥିଲା ଏବଂ ପ୍ରାୟ ସମକୋଣରେ ମୋଡ଼କାଟି ଆଗକୁ ପଡ଼ିଥିଲା । ତେଣୁ ଏହି ବାଟରେ ଆଗକୁ ଗଲେ ପ୍ରକୃତରେ କେଉଁଠାରେ ପହଞ୍ଚି ହେବ, ସେକଥା ଅନାଇ ଦେଖି କହିପାରିବା ଆଦୌ ସମ୍ଭବ ହେଉ ନ ଥିଲା । ତଳୁ ଅନାଇବା ସମୟରେ ଦେଖାଯାଉଥିଲା, ଖଣ୍ଡେ ଅତ୍ୟନ୍ତ ଲମ୍ବ, ଧଳାବର୍ଣ୍ଣର ଘନୀଭୂତ ମେଘ ସେହି ବାଟଟିକୁ ପୃଥିବୀଠାରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ କରି ରଖିଛି ।*

*କେବଳ ନିରାଶାବାଦୀଙ୍କୁ ଛାଡ଼ି ସେମାନେ ସମସ୍ତେ ଅଳ୍ପ ବହୁତ ଖୁସି ହୋଇ ଆଗକୁ ଯିବାରେ ଲାଗିଥାନ୍ତି । ନିରାଶାବାଦୀ ସମସ୍ତଙ୍କର ପଛେ ପଛେ ଚାଲୁଥିଲେ । ଗୋଡ଼ଗୁଡ଼ାକୁ ସତେଅବା ଘୋଷାରି ଘୋଷାରି ଆଗକୁ ପକାଉଥିଲେ*

*ଏବଂ ଗୋଟାଏ ସ୍ଥାନରେ ରାସ୍ତାଦାଢ଼କୁ ଆସି ନଥିକରି ବସିଗଲେ । ଆଉ ଆଗକୁ ନ ଯାଇ ସେହିଠାରେ ବସି ରହିଲେ । ସିଏ ଯେ ସେହିଠାରେ ଅଟକି ରହିଲେ, ସମସ୍ତେ ପଛକୁ ଅନାଇ ସେହି କଥାଟି ଦେଖିଲେ । ଛାତ୍ର ଦୁହିଙ୍କ ମଧ୍ୟରୁ ଜଣେ ପଛକୁ ଫେରି ଯାଇ ତାଙ୍କ କାନ୍ଧ ଉପରେ ହାତ ରଖି ତାଙ୍କୁ ହଲାଇ ଦେଲେ ।*

**ପ୍ରଥମ ଛାତ୍ର**

କ'ଣ ହେଲା ଆପଣଙ୍କର ? ଆପଣ କ'ଣ କ୍ଳାନ୍ତ ହୋଇ ପଡ଼ିଲେ ?

**ନିରାଶାବାଦୀ** (*ତାଙ୍କ ହାତକୁ ଏଡ଼ାଇ ଦେଇ*)

ନାଇଁ, କିଛି ନାଇଁ, ମୋତେ ଆଉ ଡାକନ୍ତୁ ନାହିଁ । ମୋର ଯଥେଷ୍ଟ ହୋଇଗଲା । ଏକାବେଳେକେ ଅସମ୍ଭବ !

**ପ୍ରଥମ ଛାତ୍ର**

ଆପଣ ଏପରି କାହିଁକି କହୁଛନ୍ତି ? ଉଠନ୍ତୁ ! ଆଉ ଟିକିଏ ଦମ୍ଭ ଆଣନ୍ତୁ !

**ନିରାଶାବାଦୀ**

ନାଇଁ, ନାଇଁ, ମୁଁ ଏକାବେଳେକେ ଥକି ଗଲିଣି । ଏମିତି ଦୁଃସାହସ କରି ଆଗକୁ ଯିବାରେ ଆଦୌ କୌଣସି ଅର୍ଥ ନାହିଁ । ମୁଁ ତାହା ମୋଟେ ପାରିବି ନାହିଁ । (*ଗୋଡ଼ ତଳେ ରହିଥିବା ମେଘଖଣ୍ଡ ଆଡ଼କୁ ଦେଖାଇ*) ଟିକିଏ ଅନାଇ ଦେଖିଲ ! ଆମେ ପୃଥିବୀ ଓ ଜୀବନଠାରୁ ଏକାବେଳେକେ ବିଚ୍ଛିନ୍ନ ହୋଇ ପଡ଼ିଲୁଣି । ଆମ ଆଗରେ ଆଉ ଏପରି କିଛି ଦୃଷ୍ଟିଗୋଚର ହେଉ ନାହିଁ, ଯାହା ଉପରେ ନିର୍ଭର କରି ଆମେ ଆଗକୁ କିଛି ବୁଝିବା ଲାଗି ଚେଷ୍ଟା କରିପାରିବା ।

(*ରାସ୍ତାଟି ଯେଉଁଠାରୁ ସମକୋଣ ହୋଇ ବଙ୍କେଇ ଯାଇଥିଲା, ସିଏ ପଛକୁ ବୁଲିପଡ଼ି ସେହି ସ୍ଥାନଟି ଉପରେ ଦୃଷ୍ଟି ପକାଇଲେ ।*) ଟିକିଏ ଅନାଇ ଦେଖିଲ ! ଆମେ ଯେ କୁଆଡ଼େ ଯାଉଛୁ, ସେହି ବିଷୟରେ କିଛି ଦେଖିକରି କହିପାରିବା ବି ଆଉ ସମ୍ଭବ ହେଉ ନାହିଁ । ଏହା ପ୍ରକୃତରେ ଏକ ଅସମ୍ଭବ ପ୍ରୟାସ, ଅଥବା ଏକ ମହାଭ୍ରମ – ହୁଏତ ଉଭୟ କଥାହିଁ ଠିକ୍ ! ହୁଏତ ଏକଥା ବି ହୋଇପାରେ ଯେ, ଆମେସବୁ ଯେଉଁ **ପରମସତ୍ୟ**ର ଆବିଷ୍କାର କରିବାକୁ ବାହାରିଛୁ, ସେହି ସତ୍ୟ ଆଦୌ କେଉଁଠାରେ ନାହିଁ । ଜୀବନ ଆଉ ପୃଥିବୀ ପ୍ରକୃତରେ ଆମକୁ କୌଣସି ଲକ୍ଷ୍ୟସ୍ଥଳକୁ ନିର୍ଦ୍ଦେଶିତ କରି ନେଇଯାଉ ନାହାନ୍ତି,–

ଏଗୁଡ଼ାକ ଆମେ ଗୋଟାଏ ନର୍କକୁଣ୍ଡ ସହିତ ତୁଳନା କରିପାରିବା, ଯେଉଁଠାରେ କି ଆମେ କେବଳ ବନ୍ଧନ ଭିତରେ ପଡ଼ି ଘାଣ୍ଟିହେବାରେ ଲାଗିଛୁ । ଆପଣମାନେ ଇଚ୍ଛା କରୁଛନ୍ତି ତ ଯାଆନ୍ତୁ, ମୁଁ ଆଉ ମୋଟେ ଆଗକୁ ଯାଇପାରିବି ନାହିଁ । ମୁଁ ଆଉ ଆଦୌ କୌଣସି ପ୍ରବଞ୍ଚନା ଭିତରେ ପଡ଼ିବାକୁ ଇଚ୍ଛା କରୁ ନାହିଁ ।

*ସିଏ ପୁନର୍ବାର ଦୁଇ ହାତ ଭିତରେ ମୁଣ୍ଡଟିକୁ ପୋତିଦେଇ ବସି ରହିଲେ । ତାଙ୍କର ହୃଦ୍‌ବୋଧ କରାଇ ପାରିବାର ସକଳ ଆଶା ହରାଇ ଓ ଆଉ ସେଠାରେ ଅଧିକ କାଳବିଳମ୍ବ କରିବା ଉଚିତ ନୁହେଁ ବୋଲି ଭାବି ଛାତ୍ରଜଣକ ତାଙ୍କୁ ତାଙ୍କର ନିରାଶା ଭିତରେ ଛାଡ଼ିଦେଇ ଚାଲିଗଲେ ଓ ଅନ୍ୟମାନଙ୍କ ସହିତ ଯାଇ ମିଶିଲେ । ତା'ପରେ ସେମାନେ ଆରୋହଣ କରି ଆହୁରି ଉପରକୁ ଉଠିବାକୁ ଲାଗିଲେ ।*

## ତୃତୀୟ ସୋପାନ

*ଅନ୍ୟମାନେ ଏକାଠି ଆସି ପହଞ୍ଚି ସାରିବା ପରେ ବୈଜ୍ଞାନିକ ଓ କଳାକାର ଆସି ପହଞ୍ଚିଲେ । ସେମାନଙ୍କୁ ଦେଖିଲେ ମନେ ହେଉଛି, ସତେଯେପରି ସେମାନେ ବାଟରେ ଗପୁ ଗପୁ କେଉଁଠି ଅଟକି ରହିଯାଇଥିଲେ । ସେମାନଙ୍କର କଥାବାର୍ତ୍ତା ବର୍ତ୍ତମାନ ଶେଷ ହୋଇ ଆସୁଥିଲା ।*

**ବୈଜ୍ଞାନିକ**

ହଁ ମୁଁ ଆପଣଙ୍କୁ ଯେପରି କହୁଥିଲି, ମୁଁ ଭାବୁଛି, ଆମେ ଟିକିଏ ତରତର ହୋଇ ଏହି ଯାତ୍ରାରେ ବାହାରି ପଡ଼ିଲେ !

**କଳାକାର**

ହଁ, ଏକଥା ସତ ଯେ, ଆମର ଆରୋହଣଟି ଏପର୍ଯ୍ୟନ୍ତ ଅଧିକତର ପରିମାଣରେ କେବଳ ଏକ ନିରର୍ଥକ ଆରୋହଣ ହୋଇ ରହିଥିବା ପରି ମନେ ହେଉଛି । ଅବଶ୍ୟ ଏକଥା ଠିକ୍ ଯେ, ଆମକୁ ବାଟରେ ବେଶ୍ କେତେଗୁଡ଼ିଏ ଆଗ୍ରହୋଦ୍ଦୀପକ କଥା ଦେଖିବାକୁ ମିଳିଲା, ମାତ୍ର ସେହିସବୁ ଦେଖିବାକୁ ଆମର ଆଦୌ ଖୁବ୍‌ବେଶୀ ଲାଭ ହେଲା ନାହିଁ ।

**ବୈଜ୍ଞାନିକ**

ହଁ, ମୋ ନିଜ ପଦ୍ଧତିଗୁଡ଼ିକୁ ମୁଁ ସର୍ବଦା ଅଧିକ ଗ୍ରହଣୀୟ ବୋଲି ଭାବୁଛି। ସେଗୁଡ଼ିକ ପଛରେ ବୁଦ୍ଧିର ଅଧିକ ସମର୍ଥନ ରହିଛି। ସେଗୁଡ଼ିକ ସତତ ପରୀକ୍ଷଣ ଓ ପ୍ରୟୋଗ ଉପରେ ଆଧାରିତ ହୋଇ ରହିଛି; ଏବଂ ପୂର୍ବବର୍ତ୍ତୀ ପଦକ୍ଷେପଟିର ଯଥାର୍ଥତା ବିଷୟରେ ମୁଁ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇପାରିବା ପର୍ଯ୍ୟନ୍ତ କଦାପି ଆଉ ଗୋଟିଏ ପଦକ୍ଷେପ ଗ୍ରହଣ କରିବାକୁ ଆଦୌ ମନ କରେ ନାହିଁ। ଚାଲ, ଆମର ଅନ୍ୟ ବନ୍ଧୁମାନଙ୍କୁ ଡାକିବା,— ମୁଁ ଭାବୁଛି ମୋର ସେମାନଙ୍କୁ ପ୍ରକୃତରେ କିଛି କହିବାକୁ ରହିଛି। (*ସିଏ ଇସାରା ଦେଇ ଅନ୍ୟମାନଙ୍କୁ ଡାକିଲେ। ସେମାନେ ସମସ୍ତେ ପାଖକୁ ଆସିବା ପରେ ବୈଜ୍ଞାନିକ କହିବାକୁ ଆରମ୍ଭ କଲେ।*)

ମୋ'ର ବନ୍ଧୁ ଏବଂ ସହଯାତ୍ରିଗଣ, ପୃଥିବୀ ଓ ତା'ର ମୂର୍ତ୍ତ ବାସ୍ତବତାଠାରୁ ଆମେ ଅଧିକରୁ ଅଧିକ ଦୂରବର୍ତ୍ତୀ ହୋଇ ଚାଲି ଆସୁଥିବା ସଙ୍ଗେ ସଙ୍ଗେ ମୋ' ଭିତରେ ଏପରି ଗୋଟିଏ ଅନୁଭୂତି ବୃଦ୍ଧି ପାଇବାରେ ଲାଗିଛି ଯେ ଆମେ ପ୍ରକୃତରେ ସତେ ଅବା ପିଲାଙ୍କ ପରି ଆଚରଣ ଦେଖାଇବାରେ ଲାଗିଛୁ। ଆମ ଆଗରେ ଘୋଷଣା କରି କୁହାଯାଇଥିଲା ଯେ କେହି ଏହାର ଶିଖରଦେଶ ପର୍ଯ୍ୟନ୍ତ ଯାଇ ପହଞ୍ଚି ପାରି ନ ଥିବା ଏହି ତିଖ ପର୍ବତଟିକୁ ଆରୋହଣ କରି ପାରିଲେ ଆମେ ଯାଇ **ପରମ ସତ୍ୟ** ପାଖରେ ପହଞ୍ଚି ପାରିବା; ଏବଂ, ଉପରକୁ ପଡ଼ିଥିବା ରାସ୍ତାଟି ବିଷୟରେ ଆଦୌ କୌଣସି ଅଧ୍ୟୟନ କରିବା ବିଷୟରେ ମୁଣ୍ଡ ନ ଖେଳାଇ ଆମେ ଆମ ଯାତ୍ରାରେ ବାହାରି ପଡ଼ିଲୁ। ମାତ୍ର, ଆମେ ଯେ ଭୁଲ୍ ବାଟରେ ଆସି ନାହୁଁ, ସେକଥା କହିବାକୁ ଆମ ସପକ୍ଷରେ ପ୍ରକୃତରେ କି ପ୍ରମାଣସବୁ ରହିଛି ? ଅନ୍ତିମ ପରିଣାମ ଯେ ଠିକ୍ ଆମର ଆଶାନୁରୂପ ହେବ, ଆମେ କେଉଁ ପ୍ରମାଣ ବଳରେ ସେହି କଥା ଉପରେ ବିଶ୍ୱାସ କରିବୁ ? ମୋ'ର ମନେ ହେଉଛି ଯେ ଆମେ ପ୍ରକୃତରେ ଏକ ଅକ୍ଷମଣୀୟ ଅବିବେକିତା ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରି ପକାଇଛୁ ଏବଂ ଆମର ଏହି ଉଦ୍ୟମଟି ପଛରେ ଆଦୌ କୌଣସି ବୈଜ୍ଞାନିକ ସମର୍ଥନ ନାହିଁ। ତେଣୁ, ଅତ୍ୟନ୍ତ ଦୁଃଖର ସହିତ ହେଲେ ମଧ, ମୁଁ ବର୍ତ୍ତମାନ ଏହିପରି ଏକ ନିଷ୍ପତ୍ତିରେ ଆସି ପହଞ୍ଚିଛି ଯେ,— ଆପଣମାନଙ୍କ ସମସ୍ତଙ୍କ ପ୍ରତି ମୋ'ର ବନ୍ଧୁତାପୂର୍ଣ୍ଣ ଭାବଟି ଠିକ୍ ଆଗଭଳି ଅତୁଟ ହୋଇ ରହିଛି,— ମୁଁ ବର୍ତ୍ତମାନ ଆଗକୁ ନ ଯାଇ ଏହିଠାରେ ରହିଯିବି ଓ ସମସ୍ୟାଟିକୁ ଉତ୍ତମ ରୂପେ ଅଧ୍ୟୟନ କରି ଦେଖିବି; ଏବଂ ଯଦି ସମ୍ଭବ ହୁଏ, ପ୍ରକୃତ ପଥଟି ସମ୍ବନ୍ଧରେ, ଲକ୍ଷ୍ୟରେ ନେଇ ପହଞ୍ଚାଇ ଦେଉଥିବା ସେହି ଯଥାର୍ଥ ପଥଟି ସମ୍ବନ୍ଧରେ ମୁଁ ନିଶ୍ଚିତ ଭାବରେ କିଛି ଜାଣିବାକୁ ବି ଚେଷ୍ଟା କରିବି।

(*ଅଳ୍ପ ସମୟ ପରେ*) ପୁନଶ୍ଚ, ମୋ'ର ଏକଥାରେ ମଧ ଦୃଢ଼ ବିଶ୍ୱାସ ହୋଇଯାଇଛି

ଯେ, ଯଦି **ପ୍ରକୃତି** ମଧ୍ୟରେ ରହିଥିବା କ୍ଷୁଦ୍ରତମ ପଦାର୍ଥଟିର ଗଠନ ବିଷୟରେ ମୁଁ ଯଥାର୍ଥ ରହସ୍ୟଟିକୁ ଆବିଷ୍କାର କରିପାରିବି, ଉଦାହରଣସ୍ୱରୂପ ରାସ୍ତା ଉପରେ ପଡ଼ିଥିବା ଏହି ଅକିଞ୍ଚନ ପଥରଟାର ଗଠନ ବିଷୟରେ ଯଥାର୍ଥ ରହସ୍ୟଟିକୁ ଭେଦ କରିପାରିବି, ତେବେ ମୁଁ ଆମର ଅଭିଳଷିତ **ପରମ ସତ୍ୟ**ଟିକୁ ମଧ୍ୟ ପାଇଯାଇ ପାରିବି । ତେଣୁ ବର୍ତ୍ତମାନ ମୁଁ ଏହିଠାରେ ରହୁଛି ଏବଂ 'ପୁନର୍ଦର୍ଶନାୟ' ବୋଲି କହୁଛି । ହଁ, ମୁଁ ଆଶା କରୁଛି ଯେ ଆପଣମାନଙ୍କ ସହ ପୁନର୍ବାର ନିଶ୍ଚୟ ଦେଖା ହେବ । ହଁ, ସମ୍ଭବତଃ ଆପଣମାନେ ମୋ' ପାଖକୁ ଫେରି ଆସିବେ ଏବଂ ମୋ'ର ବୈଜ୍ଞାନିକ ପଦ୍ଧତିଟିକୁ ଗ୍ରହଣ ମଧ୍ୟ କରିବେ । ଅଥବା ତା' ନ ହେଲେ, ଯଦି ମୁଁ ଅନୁସନ୍ଧାନ କରୁଥିବା ସତ୍ୟଟି ମୋତେ ପ୍ରାପ୍ତ ହୋଇଯାଏ, ତେବେ ସେହି ସୁସମାଚରଟିକୁ ବହନ କରି ମୁଁ ଆପଣମାନଙ୍କ ପାଖରେ ବି ଯାଇ ପହଞ୍ଚି ଯିବି ।

**କଳାକାର**

ମୁଁ ବି ଏହିଠାରେ ରହିଯିବା କଥା ଚିନ୍ତା କରୁଛି । ମୋ' ରହିଯିବାର କାରଣଗୁଡ଼ିକ ଆମ ବୈଜ୍ଞାନିକ ବନ୍ଧୁ ଦର୍ଶାଇଥିବା କାରଣଗୁଡ଼ିକର ଆଦୌ ସଦୃଶ ନୁହେଁ ସତ, କିନ୍ତୁ ସେଗୁଡ଼ିକ ପଛରେ ମଧ୍ୟ ଠିକ୍ ସେହିପରି ଅକାଟ୍ୟ ଯୁକ୍ତିମାନ ରହିଛି ।

ଆମର ଏହି ଆଗ୍ରହୋଦ୍ଦୀପକ ଆରୋହଣଟିରେ ଆପଣମାନଙ୍କ ସହିତ ଆସୁଥିବା ବେଳେ ମୋ' ନିଜର କେତେକ ଅନୁଭୂତି ହୋଇଛି : ମୋ' ଆଗରେ କେତେ ନୂତନ ସୌନ୍ଦର୍ଯ୍ୟର ଉଦ୍‌ଘାଟନ ଘଟିଛି । ବା ଆହୁରି ଯଥାର୍ଥ ଭାବରେ କହିଲେ, ମୋ' ଭିତରେ ଏକ ପ୍ରକାରର ସୌନ୍ଦର୍ଯ୍ୟବୋଧ ଜନ୍ମଲାଭ କରିଛି । ମାତ୍ର, ମୋ' ନିଜର ଅନୁଭବଗୁଡ଼ିକୁ ମୂର୍ତ୍ତରୂପ ଦେଇ ବ୍ୟକ୍ତ କରିବା ଲାଗି, ସେଗୁଡ଼ିକୁ ଏକ ସ୍ଥୂଳ ଆକାର ଭିତରେ ଆଣି ପକାଇବା ଲାଗି ମୋ' ଭିତରେ ଏକ ବଳବତୀ ଓ ଅପ୍ରତିରୋଧ୍ୟ ଆକାଙ୍‌କ୍ଷା ମଧ୍ୟ ଆସି ଦେଖାଦେଇଛି । ସେହିପରି ଏକ ସାକାରତା ଲାଭ କରି ପାରିଲେ ସିନା ସେଗୁଡ଼ିକ ସମସ୍ତଙ୍କର ଶିକ୍ଷଣୋପଯୋଗୀ ହୋଇପାରିବେ ଏବଂ ବିଶେଷ ଭାବରେ ଏହି ଜଡ଼ସ୍ଥ ଜଗତ୍ ମଧ୍ୟ ସେଗୁଡ଼ିକ ଦ୍ୱାରା ସନ୍ଦୀପିତ ହୋଇ ପାରିବ !

ତେଣୁ ମୁଁ ମଧ୍ୟ ଅତ୍ୟନ୍ତ ଦୁଃଖର ସହିତ ଆଉ ଆଗକୁ ନ ଯାଇ ଏହିଠାରେ ରହିଯିବାକୁ ଇଚ୍ଛା କରୁଛି ଏବଂ ମୋ'ର ନୂତନ ଭାବନାଗୁଡ଼ିକୁ ରୂପ ଦେବା ପର୍ଯ୍ୟନ୍ତ ଏହିଠାରେହିଁ ରହିବାକୁ ଇଚ୍ଛା କରୁଛି । ମୋ'ର ସକଳ ବକ୍ତବ୍ୟକୁ ବ୍ୟକ୍ତ କରି ସାରିବା ପରେ ମୁଁ ପୁନର୍ବାର ଏହି ଆରୋହଣ-ପଥରେ ଅଗ୍ରସର ହେବି ଏବଂ ପୁଣି ଆପଣମାନଙ୍କ ପାଖରେ ଯାଇ ପହଞ୍ଚିବି । ଆପଣମାନେ ସେତେବେଳେ ଯେଉଁଠି ଥାଆନ୍ତୁ

ପଛକେ, ନୂତନ ଆବିଷ୍କାରଗୁଡ଼ିକର ଅନ୍ୱେଷଣ କରି ମୁଁ ଆପଣମାନଙ୍କ ସହିତ ଯାଇ ଯୋଗ ଦେବି ।

ତେଣୁ ରହିଲି । ଆପଣମାନଙ୍କୁ ନମସ୍କାର । ଆପଣମାନଙ୍କର ଯାତ୍ରା ସଫଳ ହେଉ ।

*କିଞ୍ଚିତ୍ ଅପ୍ରତିଭ ଭାବରେ ସମସ୍ତେ ପରସ୍ପର ଆଡ଼କୁ ଚାହାଁଚୁହିଁ ହେଲେ । ଦ୍ୱିତୀୟ ଛାତ୍ରଜଣକ (ବାଳିକାଟି) ବଡ଼ ପାଟି କରି କହିଲେ :*

**ଦ୍ୱିତୀୟ ଛାତ୍ର**

ଯିଏ ପଛରେ ରହିଗଲେ ବି ଆମର କ'ଣ ଯାଏ ଆସେ ? ପ୍ରତ୍ୟେକ ମନୁଷ୍ୟକୁ ତା'ର ନିୟତିଟିରହିଁ ଅନୁସରଣ କରି ଯିବାକୁ ହେବ ଏବଂ ଆପଣାର ସ୍ୱଭାବଟି ଅନୁସାରେହିଁ କାର୍ଯ୍ୟ କରିବାକୁ ପଡ଼ିବ । ଆମକୁ ଆମ ଉଦ୍ୟମଟିରୁ କେହି ହେଲେ ନିରସ୍ତ କରି ରଖି ପାରିବ ନାହିଁ । ତେଣୁ ଆମେ ଶଙ୍କି ନ ଯାଇ ଓ ଆଦୌ କୌଣସି ପ୍ରକାରେ ଦୁର୍ବଳ ହୋଇ ନ ପଡ଼ି ସାହସର ସହିତ ଆମ ବାଟରେ ଅଗ୍ରସର ହୋଇ ଚାଲିଯିବା ।

*ବୈଜ୍ଞାନିକ ଏବଂ କଳାକାରଙ୍କ ବ୍ୟତୀତ ଅନ୍ୟମାନେ ଅଗ୍ରସର ହୋଇ ଚାଲିଗଲେ ।*

## ଚତୁର୍ଥ ସୋପାନ

*ସାଧକ ଦୁଇଜଣ ଏବଂ ବୈରାଗୀ ଅଟକି ନ ଯାଇ ଏକ୍ରତ ଅଗ୍ରସର ହୋଇ ଯାଉଥିଲେ ଏବଂ ଦୃଢ଼ ଓ ନିଶ୍ଚିତ ଗତିରେ ଆରୋହଣ କରିବାରେ ଲାଗିଥିଲେ ।*

*ସେମାନଙ୍କ ପଛରେ ପ୍ରେମିକ ପ୍ରେମିକା ଦୁଇଜଣ କେବଳ ପରସ୍ପର ସହିତ ବ୍ୟାପୃତ ହୋଇ ରହିଥିଲେ, ହାତକୁ ହାତ ଧରାଧରି ହୋଇ ଚାଲିଥିଲେ ଏବଂ ଅନ୍ୟମାନଙ୍କ ବିଷୟରେ ସେମାନଙ୍କର ଆଦୌ କୌଣସି ନିଘା ନ ଥିଲା ।*

*ଠିକ୍ ସେମାନଙ୍କ ପଛରେ ତିନିଜଣଯାକ ଛାତ୍ର ଆସି ପହଞ୍ଚିଗଲେ । ସେମାନଙ୍କୁ ଦେଖି ସେମାନେ ପ୍ରକୃତରେ ଭାରି କ୍ଳାନ୍ତ ହୋଇ ପଡ଼ିଛନ୍ତି ବୋଲି ସ୍ପଷ୍ଟ ଜଣାପଡ଼ି ଯାଉଥିଲା । ସେମାନେ ଅଟକି ଛିଡ଼ା ହେଲେ ।*

**ପ୍ରଥମ ଛାତ୍ର**

ହଁ ବନ୍ଧୁଗଣ, ଏହାକୁହିଁ ମୁଁ ପ୍ରକୃତରେ ଏକ ଆରୋହଣ ବୋଲି କହିବି । କି କଠିନ ପଥ !

ଏମିତି ଉପରକୁ ଉଠି ଚାଲିଯାଇଛି ଯେ କେଉଁଠି ହେଲେ ଉଠାଣି ଏତେଟିକିଏ ହେଲେ ବନ୍ଦ ହୋଇ ନାହିଁ । ନିଃଶ୍ୱାସ ନେବା ଲାଗି ମଧ୍ୟ ଟିକିଏ ଫୁରୁସତ ନାହିଁ । ମୋତେ ବି ଥକି ଆସିଲା ପରି ଲାଗିଲାଣି ।

**ଦ୍ୱିତୀୟ ଛାତ୍ର**

କ'ଣ ହେଲା ? ତୁମେ ମଧ୍ୟ ଅଟକି ଯିବାକୁ ମନକଲଣି ? ସେଇଟା ତ ମୋଟେ ତୁମର ପ୍ରସ୍ତୁତପଣିଆର ପରିଚୟ ଦେଉ ନାହିଁ !

**ପ୍ରଥମ ଛାତ୍ର**

ନାଇଁ, ନାଇଁ, ମୁଁ ମୋଟେ ଅଟକିଯିବାର କଥା ଭାବୁ ନାହିଁ । କିନ୍ତୁ ଟିକିଏ ବିଶ୍ରାମ ନେଇ ଏଠି କିଛି ସମୟ ଲାଗି ବସି ଗୋଟାଏ ଦୁଇଟା ନିଃଶ୍ୱାସ ମାରିଲେ କ୍ଷତି କ'ଣ ହୁଅନ୍ତା ? ମୋ ଗୋଡ଼ଦୁଇଟା ଭାରି କଷ୍ଟ ଦେବାକୁ ଆରମ୍ଭ କଲେଣି । ଟିକିଏ ଫୁରୁସତ ନେବା ପରେ ଉଠାଣି ଉଠିବା ଅଧିକ ସହଜ ହୋଇଯିବ । ତେଣୁ ଟିକିଏ ବିଚାର କର, ଟିକିଏ ଏଇଠି ବସିବା ଚାଲ, ମାତ୍ର ଗୋଟାଏ ମୁହୂର୍ତ୍ତ ଲାଗି । ଟିକିଏ ବସି ତା'ପରେ ପୁନର୍ବାର ପୂର୍ଣ୍ଣ ଉତ୍ସାହରେ ଆମେ ଅଗ୍ରସର ହୋଇ ବାହାରିଯିବା ।

**ତୃତୀୟ ଛାତ୍ର**

ହଉ ହେଲା, ଆମେ ତୁମକୁ ଏଠାରେ ବସି ସନ୍ତପ୍ତ ହେବା ଲାଗି କଦାପି ଏକାକୀ ଛାଡ଼ିଦେଇ ଯିବୁ ନାହିଁ । ମୋତେ ବି ବେଶ୍ କ୍ଳାନ୍ତ ଲାଗୁଥିବା ପରି ମନେ ହେଲାଣି । ଚାଲ, ଏକାଠି କିଛି ସମୟ ବସିବା, ଏବଂ ଆମେ ଯାହାସବୁ ଦେଖିଲେ ଓ ଶିଖିଲେ, ସେସବୁ ବିଷୟରେ କଥାବାର୍ତ୍ତା ହେବା ।

**ଦ୍ୱିତୀୟ ଛାତ୍ର**

(*ମୁହୂର୍ତ୍ତକଲାଗି ଟିକିଏ କୁଣ୍ଠା ପ୍ରକାଶ କରି ଶେଷକୁ ସିଏ ମଧ୍ୟ ବସି ପଡ଼ିଲେ ।*) ହଉ, ତେବେ ମୁଁ ବି ଟିକିଏ ବସୁଛି । ତାହାର ଏକମାତ୍ର କାରଣ ହେଉଛି ଯେ ମୁଁ ତୁମ୍ଭମାନଙ୍କର ସାଙ୍ଗ ଛାଡ଼ି ଚାଲିଯିବାକୁ ମୋଟେ ଇଚ୍ଛା କରୁ ନାହିଁ । ମାତ୍ର ଏଠାରେ ଆମେ କଦାପି ଗୁଡ଼ାଏ ସମୟ ଅଟକି ରହିବା ନାହିଁ । ବାଟରେ ଅଟକିବାକୁ ମନ କରି ଡେରି କରିବା ପ୍ରକୃତରେ ବିପଜ୍ଜନକ ।

ପ୍ରେମିକ ଦୁଇଜଣ ପଛକୁ ଅନାଇଲେ, ସେମାନଙ୍କୁ ବସିପଡ଼ିବାର ଦେଖିଲେ ଏବଂ ତା'ପରେ ଅଗ୍ରସର ହେଲେ ।

## ପଞ୍ଚମ ସୋପାନ

*ସେମାନେ ଆହୁରି ଅନେକ ବାଟ ଉପରକୁ ଉଠିଗଲେ । ବାଟ ଆହୁରି ଅଧିକ ଅଣଓସାରିଆ ହୋଇ ଆସିଲା ଏବଂ ସମ୍ମୁଖସ୍ଥ ଦିଗ୍‌ବଳୟ ଅଧିକ ପ୍ରଶସ୍ତ ହୋଇ ଦେଖାଯିବାକୁ ଆରମ୍ଭ କଲା । ଘନ ଶୁଭ୍ର ମେଘ ଦ୍ୱାରା ଉପତ୍ୟକାଟି ତଥାପି ଦୃଷ୍ଟି ଅନ୍ତରାଳ ହୋଇ ରହିଥାଏ । ବାମ ପାର୍ଶ୍ୱରେ ଠିକ୍ ରାସ୍ତାଟିର କଡ଼କୁ ଗୋଟିଏ ସାନ ଘର ଆକାଶମୁହାଁ ହୋଇ ରହିଥିଲା । ସେଠାରେ ଅଟକିବାକୁ ମନ ନ କରି ପ୍ରଥମ ତିନିଜଣ ଆଗକୁ ବାହାରିଗଲେ । ତା'ପରେ ପରସ୍ପରର ହାତ ଧରାଧରି ହୋଇ ପ୍ରେମିକ ଦୁଇଜଣ ଆସି ସେଠାରେ ପହଞ୍ଚିଲେ, ସେମାନେ ପରସ୍ପରର ସ୍ୱପ୍ନ ଭିତରେ ବିଭୋର ହୋଇ ରହିଥିଲେ ।*

**ଝିଅଟି** (ସେମାନେ ଏକୁଟିଆ ପଡ଼ିଗଲେ ବୋଲି ଦେଖିବାକୁ ପାଇ)
ଦେଖିଲ, ସମସ୍ତେ ଚାଲିଗଲେଣି । ଆମେ ଏକୁଟିଆ ...

ଅନ୍ୟମାନେ ଚାଲିଗଲେ ବୋଲି କ'ଣ ହୋଇଗଲା ? ସେମାନଙ୍କଠାରେ ଆମର କି କାମ – ଆମେ ଦୁଇଜଣ ଏକାଠି ରହିଥିଲେ ତ ଆମକୁ ନିଶ୍ଚୟ ସମ୍ପୂର୍ଣ୍ଣ ସୁଖ ମିଳିବ !

**ପୁଅଟି**
(*ରାସ୍ତାକଡ଼ରେ ଥିବା ଘରଟିକୁ ଦେଖି*) ଦେଖିଲ ! ପାହାଡ଼ କଡ଼ରେ ରହିଥିବା ସେହି କୁନି ଘରକୁ ଅନାଇ ଦେଖିଲ ! କେଡ଼େ ଏକୁଟିଆ ହୋଇ ରହିଛି, ଏଣେ ସତେଅବା ଆଗନ୍ତୁକ ସ୍ୱାଗତ କରିବା ଲାଗି ବି ପ୍ରସ୍ତୁତ ହୋଇ ରହିଥିବା ପରି ମନେ ହେଉଛି । ତା'ର ପରିବେଶଟି କେଡ଼େ ନିବିଡ଼ ହୋଇ ରହିଛି, ତଥାପି ସତେଯେପରି ଅନନ୍ତବ୍ୟାପ୍ତି ମଧ୍ୟକୁ ପ୍ରସାରିତ ହୋଇ ରହିଛି । ଏହାଠାରୁ ଆମର ଆଉ ଅଧିକ କ'ଣ ଦରକାର ? ଆମର ମିଳନଟି ଲାଗି ଆଶ୍ରୟ ଦେବାକୁ ଗୋଟିଏ ଆଦର୍ଶ ସ୍ଥାନ ! କାରଣ, ଆମେ ଦୁଇଜଣ ପ୍ରକୃତରେ ଏକ ପରିପୂର୍ଣ୍ଣ ଏବଂ ପୂର୍ଣ୍ଣାଙ୍ଗ ମିଳନର ଉପଲବ୍ଧି କରି ସାରିଲୁଣି, ଏହା ମଧ୍ୟରେ କେଉଁଠି ହେଲେ ଏତେଟିକିଏ ଛାଇ ନାହିଁ ବା ମେଘାବରଣ ବି ନାହିଁ । ଅନ୍ୟମାନେ ସେମାନଙ୍କର ସେହି ଅନିଶ୍ଚିତ **ପରମ ସତ୍ୟ**କୁ ପାଇବେ ବୋଲି ଆହୁରି ଆଗକୁ ଯାଆନ୍ତୁ ପଛକେ, ଆମେ ଆମ ନିଜର ସତ୍ୟଟିକୁ, ଆମ ସତ୍ୟଟିକୁ ପ୍ରକୃତରେ ପାଇସାରିଲୁଣି । ଆମ ଲାଗି ତାହାହିଁ ଯଥେଷ୍ଟ ।

**ଝିଅଟି**

ହଁ, ତାହାହିଁ ଯଥେଷ୍ଟ । ଚାଲ ଆମେ ଏଇ ଘରଟିରେ ରହିବା ଓ ଆମ ପ୍ରେମର ପୂର୍ଣ୍ଣ ଆସ୍ୱାଦନ କରିବା । ଆଉ ଅନ୍ୟ କୌଣସି କଥା ଲାଗି ଚିନ୍ତା କରିବା ନାହିଁ ।

*ସେମାନେ ପରସ୍ପରର ହାତକୁ ବେଢ଼ାଇ ଧରିଥିଲେ । ରାସ୍ତାରୁ ମୋଡ଼ିଯାଇ ସେହି ଘରଟି ଆଡ଼କୁ ଚାଲିଗଲେ ।*

## ଷଷ୍ଠ ସୋପାନ

*ରାସ୍ତାଟିର ଶେଷ ଆଡ଼କୁ ଆହୁରି ଅଧିକ ଅଣଓସାରିଆ ହୋଇ ଆସିଛି ଏବଂ ଗୋଟାଏ ମସ୍ତବଡ଼ ପଥର ଯାଏ ଆସି ହଠାତ୍ ସେଇଠାରେ ସରିଯାଇଛି । ସେଇଠୁ ପଥରଟିର ତିଖ କାନ୍ଥ ସିଧା ହୋଇ ଆକାଶ ଆଡ଼କୁ ଉଠିଯାଇଛି ଏବଂ ପାହାଡ଼ର ଶିଖରଟି ଆଦୌ ଦୃଷ୍ଟିଗୋଚର ହେଉ ନାହିଁ । ବାମପାଖକୁ ସାନ ଉପତ୍ୟକାଟି ପରି କ'ଣ ଗୋଟିଏ ଦେଖାଯାଉଛି ଏବଂ ଅନେକ ଦୂରରେ ଥିବା ତା'ର ପ୍ରାନ୍ତଭାଗରେ ନୁଆଁଣିଆ ହୋଇ ସାନ କୁଡ଼ିଆଟିଏ ବି ଦେଖାଯାଉଛି । ସମସ୍ତ ଦୃଶ୍ୟପଟଟି ଭାରି ଖାଲି ଓ ଶୂନ୍‌ଶାନ୍ ଦିଶୁଛି ।*

*ସର୍ବଶେଷ ତିନିଜଣଯାକ ଆରୋହୀ ଏକାଠି ସେଇଠାରେ ଆସି ପହଞ୍ଚିଲେ । ମାତ୍ର ସେତିକିବେଳେ ବୈରାଗୀ ଅଟକି ଠିଆ ହୋଇଗଲେ ଓ ହାତର ଇଙ୍ଗିତ କରି ଅନ୍ୟମାନଙ୍କୁ ମଧ୍ୟ ରହିବାକୁ କହିଲେ ।*

**ବୈରାଗୀ**

ଆପଣମାନଙ୍କୁ ମୋର ଗୋଟିଏ ଜରୁରୀ କଥା କହିବାର ଅଛି । ଆପଣ ଦୁଇଜଣଯାକ ଅନୁଗ୍ରହ କରି ମୋ କଥା ଶୁଣିବେ କି ? ଏହି ଆରୋହଣ ପଥରେ ଆସୁ ଆସୁ ମୁଁ ମୋର ଯଥାର୍ଥ ସତ୍ତାର ପରିଚୟ ଲାଭ କରିଛି, ମୋର ପ୍ରକୃତ ଆତ୍ମାଟିକୁ ଉପଲବ୍ଧି କରି ପାରିଛି । ମୁଁ ସେହି ଶାଶ୍ୱତ ପରମ ସତ୍ତାଙ୍କ ସହିତ ଏକାତ୍ମ ହୋଇଯାଇଛି ଏବଂ ତା'ପରେ ମୋ ଲାଗି ଆଉ ଅନ୍ୟ କିଛିରହିଁ ଆଦୌ କୌଣସି ଅସ୍ତିତ୍ୱ ନାହିଁ, ଆଉ ଅନ୍ୟ କିଛିର କୌଣସି ଆବଶ୍ୟକତାହିଁ ନାହିଁ । ଯାହାକିଛି ସେହି ପରମତତ୍ତ୍ୱଙ୍କଠାରୁ ଭିନ୍ନ ହୋଇ ରହିଛି, ତାହା ହେଉଛି ଭ୍ରମ, ତାହା ନିରର୍ଥକ । ତେଣୁ ମୁଁ ଭାବୁଛି ଯେ ମୁଁ ପଥଶେଷକୁ ଆସି ମୋର

ଲକ୍ଷ୍ୟସ୍ଥଳରେ ପହଞ୍ଚି ଗଲିଣି । (*ବାମପାର୍ଶ୍ୱରେ ଅବସ୍ଥିତ ଉପତ୍ୟକାଟି ଆଡ଼କୁ ହାତ ଦେଖାଇ*) ଦେଖିଲ, ସେଠାରେ ଗୋଟିଏ ଶାନ୍ତ ଓ ନିକାଞ୍ଚନ ସ୍ଥାନ ବି ରହିଛି, ଏବଂ ବର୍ତ୍ତମାନଠାରୁ ମୁଁ ଯେଉଁ ଜୀବନଟିକୁ ଅତିବାହିତ କରିବାକୁ ଯାଉଛି, ସେହି ସ୍ଥାନଟି ପ୍ରକୃତରେ ତାହା ଲାଗି ସମ୍ପୂର୍ଣ୍ଣ ଅନୁକୂଳ ବୋଲି ମନେ ହେଉଛି । ତେଣୁ ମୁଁ ଏଠାରେ ରହି ଏକ ବିଘ୍ନହୀନ ଧ୍ୟାନମୟ ଜୀବନଯାପନ କରିବି,— ପୃଥିବୀ ଓ ମଣିଷମାନେ ମୋ'ଠାରୁ ଅନେକ ଦୂରରେ ରହିଥିବେ, ଏତେଦିନରେ ଯାଇ ମୁଁ ଜୀବନଧାରଣ କରିବାର ଯାବତୀୟ ପ୍ରୟୋଜନରୁ ମୁକ୍ତ ହୋଇ କାଳାତିପାତ କରି ପାରିବି ।

*ସିଏ ଆଉ କିଛି କହିଲେ ନାହିଁ, ବିଦାୟସୂଚକ ଗୋଟିଏ ହେଲେ ଶବ୍ଦ ବି ଉଚ୍ଚାରଣ କଲେ ନାହିଁ । ପଛକୁ ଚାହିଁ ଦେଖିଲେ ନାହିଁ । ନିଜର ବ୍ୟକ୍ତିଗତ ଲକ୍ଷ୍ୟଟିର ଉପଲବ୍ଧି ଉଦ୍ଦେଶ୍ୟରେ ସେ ସିଧା ଅଗ୍ରସର ହୋଇ ଚାଲିଗଲେ ।*

*ବର୍ତ୍ତମାନ କେବଳ ଏହି ଦୁଇଜଣ ସାଧକହିଁ ବାକି ରହିଲେ । ସେମାନେ ବୈରାଗୀଙ୍କର ସେହି ମହାନ୍ ଲକ୍ଷ୍ୟଟିର ସୂଚନାରେ ଅଭିଭୂତ ହୋଇ ଥରେ ପରସ୍ପର ଆଡ଼କୁ ଅନାଇଲେ । ମାତ୍ର ନିଜନିଜକୁ ଅଚିରେ ପୁନର୍ବାର ସଂବୃତ କରି ଆଣିଲେ ଏବଂ ସେତିକିବେଳେ ଝିଅଟି ପାଟି କରି କହିଲେ :*

**ଦ୍ୱିତୀୟ ସାଧକ**

ନା — ମୋଟେ ନୁହେଁ । ତାହା କଦାପି **ପରମସତ୍ୟ** ହୋଇପାରିବ ନାହିଁ । ତାହା କଦାପି ସମଗ୍ର ସତ୍ୟ ନୁହେଁ । ଏହି ବିଶ୍ୱସୃଷ୍ଟି କଦାପି କେବଳ ଏକ ମାୟା ଓ ଭ୍ରମ ନୁହେଁ ଯେ ଆମକୁ ଏଥି ମଧ୍ୟରୁ ବାହାରି ଯାଇ ଆଉ କେଉଁଠାକୁ ପଳାଇଯିବାକୁ ପଡ଼ିବ ! ପୁଣି, ଆମେ ତ ଏପର୍ଯ୍ୟନ୍ତ ପର୍ବତର ଶିଖର ଦେଶରେ ଆସି ମୋଟେ ପହଞ୍ଚି ନାହୁଁ, ଆମ ଆରୋହଣଟି ଏପର୍ଯ୍ୟନ୍ତ ମୋଟେ ସମ୍ପୂର୍ଣ୍ଣ ହୋଇ ନାହିଁ ।

**ପ୍ରଥମ ସାଧକ** (*ପ୍ରାୟ ତିଖ ହୋଇ ଉଠିଯାଇଥିବା ସେହି ପଥଟିର କାନ୍ଥମୂଳରେ ଆସି ଅଟକି ଯାଇଥିବା ରାସ୍ତାର ଶେଷଟିକୁ ନିର୍ଦ୍ଦେଶ କରି*)

କିନ୍ତୁ ବାଟଟି ତ ଏଇଠାକୁ ଆସି ଶେଷ ହୋଇ ଯାଇଛି ! ମନେ ହେଉଛି, ଆଗରୁ କୌଣସି ମନୁଷ୍ୟ ଏହି ସ୍ଥାନରୁ ଆଉ ଅଧିକ ଆଗକୁ ଯିବା ଲାଗି ସମର୍ଥ ହୋଇ ନାହିଁ । ଆମ ଆଗରେ ଏପରି ତିଖ ଓ ସିଧା ହୋଇ ଉଠିଯାଇଥିବା ଓ ଏକାନ୍ତ ଅଗମ୍ୟ ବୋଲି ବୋଧ ହେଉଥିବା ଏହି ପର୍ବତାଂଶଟିକୁ ଆରୋହଣ କରିପାରିବାକୁ ହେଲେ ଆମକୁ ପହୁଣ୍ଡ ପହୁଣ୍ଡ

ହୋଇ ଆଗକୁ ଯିବାର ରାସ୍ତାଟିକୁ ନିଜେ ନିଜେ ନିଜର ପ୍ରୟାସ ଦ୍ୱାରା ଆବିଷ୍କାର କରିବାକୁ ପଡ଼ିବ । ବର୍ତ୍ତମାନ କେବଳ ଆମ ନିଜର ଇଚ୍ଛାଶକ୍ତି ଏବଂ ବିଶ୍ୱାସଟିକୁ ଛାଡ଼ିଦେଲେ ଆମର ମାର୍ଗପ୍ରଦର୍ଶନକାରୀ ଓ ସହାୟକ ରୂପେ ଆଉ କେହି ହେଲେ ରହିବେ ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ଆମକୁ ନିଜର ପଥ ନିଜେ କାଟି ଓ ତିଆରି କରି ଆଗକୁ ଯିବାକୁ ପଡ଼ିବ ।

**ଦ୍ୱିତୀୟ ସାଧକ** (*ଉତ୍କଣ୍ଠିତ ଭାବରେ*)
ସେଥିରେ ଚିନ୍ତା କରିବାର କ'ଣ ଅଛି ? ଆମେ କେବଳ ଅଗ୍ରସର ହୋଇ ଚାଲିଯିବା, କେବଳ ଚାଲିଯିବା । ଆମ ଲାଗି ତଥାପି ଆଉକିଛି ଆବିଷ୍କାର କରିବାକୁ ବାକି ରହିଛି । ଏହି ସୃଷ୍ଟି ପଛରେ ଏପରି ଗୋଟିଏ ତାତ୍ପର୍ଯ୍ୟ ନିହିତ ହୋଇ ରହିଛି, ଯାହା ଆମେ ଏପର୍ଯ୍ୟନ୍ତ ଆବିଷ୍କାର କରିପାରି ନାହୁଁ ।

*ସେମାନେ ପୁଣି ଆଗକୁ ଚାଲିବାକୁ ଲାଗିଲେ ।*

## ସପ୍ତମ ସୋପାନ

*ପର୍ବତର ଶିଖରଦେଶ । ସାହସର ସହିତ ଯାବତୀୟ ପରୀକ୍ଷାର ସମ୍ମୁଖୀନ ହୋଇ ସାଧକଦ୍ୱୟ ଏକ ସର୍ବୋଚ୍ଚ ପ୍ରୟାସ ଦ୍ୱାରା ଆପଣାକୁ ପର୍ବତର ଶିଖରଦେଶ ପର୍ଯ୍ୟନ୍ତ ଅଗ୍ରସର କରାଇ ନେଇଗଲେ । ଶିଖରଦେଶଟି ଏକ ଉଜ୍ଜ୍ୱଳ ଆଲୋକରେ ସ୍ନାତ ହୋଇ ରହିଥାଏ । ସେମାନେ ଠିଆ ହୋଇଥିବା ସେହି ପଥରଖଣ୍ଡଟି ବ୍ୟତୀତ ସବୁକିଛି ଆଲୋକମୟ ହୋଇ ଯାଉଥାଏ । ସେହି ପଥରଖଣ୍ଡଟି ସେମାନଙ୍କର ପାଦଗୁଡ଼ିକୁ ରଖି ଠିଆହେବା ଲାଗି ମଧ୍ୟ ଆଦୌ ଯଥେଷ୍ଟ ହେଲାପରି ମନେ ହେଉ ନ ଥାଏ ।*

**ପ୍ରଥମ ସାଧକ**
ଶେଷରେ ଶିଖର ଦେଶରେ ଆସି ପହଞ୍ଚି ପାରିଛୁ । ଏଠାରେ କେବଳ ସେହି ଉଜ୍ଜ୍ୱଳ ଓ ପ୍ରଭାସ୍ୱର **ପରମସତ୍ୟ**ଟି ବ୍ୟତୀତ ଆଉ କିଛି ହେଲେ ନାହିଁ !

**ଦ୍ୱିତୀୟ ସାଧକ**

ଏଠାରେ ଆଉ ସବୁକିଛି ଅନ୍ତର୍ହିତ ହୋଇଯାଇଛି ! ଯେଉଁସବୁ ପାବଚ୍ଛ ଦେଇ ଆମେ ଏତେ କଷ୍ଟ କରି ଉପରଯାଏ ଆସିଲୁ, ସେଗୁଡ଼ିକ ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଛି ।

**ପ୍ରଥମ ସାଧକ**

ପଛରେ ଶୂନ୍ୟ, ସମ୍ମୁଖରେ ଶୂନ୍ୟ, ଶୂନ୍ୟ ସର୍ବତ୍ର ବିରାଜମାନ । କେବଳ ଆମର ପାଦଗୁଡ଼ିକୁ ରଖିବା ଲାଗି ଯାହା ଏତେ ଟିକିଏ ସ୍ଥାନ ଅଛି । ଆଉ କେଉଁଠି କିଛି ହେଲେ ନାହିଁ ।

**ଦ୍ୱିତୀୟ ସାଧକ**

ବର୍ତ୍ତମାନ ଆମେ ପୁଣି କେଉଁଠିକୁ ଯିବା ? କ'ଣ କରିବା ?

**ପ୍ରଥମ ସାଧକ**

ଏଠାରେ **ପରମସତ୍ୟ** ବିରାଜମାନ କରୁଛି । ଚତୁର୍ଦ୍ଦିଗରେ ସର୍ବତ୍ର କେବଳ ସେହି **ପରମସତ୍ୟ**ହିଁ ବିରାଜିତ ରହିଛି ।

**ଦ୍ୱିତୀୟ ସାଧକ**

ମାତ୍ର, ତାହାକୁ ଉପଲବ୍ଧି କରିବାକୁ ହେଲେ, ଆମକୁ ଆହୁରି ଆଗକୁ ଯିବାକୁ ପଡ଼ିବ । ଏବଂ ସେଥିଲାଗି ଆଉ ଗୋଟିଏ ସତ୍ୟରହସ୍ୟର ଉଦ୍‌ଘାଟନ କରିବାକୁ ପଡ଼ିବ ।

**ପ୍ରଥମ ସାଧକ**

ହଁ, ବ୍ୟକ୍ତିଗତ ପ୍ରୟାସର ଯାବତୀୟ ସମ୍ଭାବନା ଏହିଠାରୁ ଶେଷ ହୋଇଗଲା । ବର୍ତ୍ତମାନ ଆଉ ଏକ ଶକ୍ତିର ସହାୟତା ଗ୍ରହଣ କରିବାକୁ ହେବ ।

**ଦ୍ୱିତୀୟ ସାଧକ**

ବର୍ତ୍ତମାନ କେବଳ ସେହି **ପରମକରୁଣା**ହିଁ କାର୍ଯ୍ୟ କରି ପାରିବ । ସେହି **ପରମକରୁଣା**ହିଁ ଆମ ଲାଗି ବାଟଟିକୁ ଉନ୍ମୋଚିତ କରିଦେଇ ପାରିବ, ସେହି **ପରମକରୁଣା**ହିଁ ଅସମ୍ଭବକୁ ସମ୍ଭବ କରିପାରିବ ।

**ପ୍ରଥମ ସାଧକ** (*ଦିଗ୍‌ବଳୟ ଆଡ଼କୁ ଆପଣାର ବାହୁଦ୍ୱୟକୁ ପ୍ରସାରିତ କରି*)
ଦେଖ, ଅନେକ ଦୂରକୁ ଚାହିଁ ଦେଖ, ଏହି ତଳହୀନ ଭୀମଗର୍ତ୍ତର ସେପାଖରେ ସେହି ଯେଉଁ ଶୃଙ୍ଗଟି ଆଲୋକୋଜ୍ଜ୍ୱଳ ହୋଇ ଦେଖାଯାଉଛି, ସେହି ଯେଉଁ ପରିପୂର୍ଣ୍ଣ ମୂର୍ତ୍ତିଗୁଡ଼ିକ ଦୃଷ୍ଟିଗୋଚର ହେଉଛନ୍ତି, ତାହାରି ଆଡ଼କୁ ଅନାଇ ଦେଖ । ସେହି ଅପୂର୍ବ ସୌଷମ୍ୟ ଓ ସେହି ପ୍ରତିଶ୍ରୁତ ନୂତନ ପୃଥିବୀଟି ଆଡ଼କୁ ଅନାଇ ଦେଖ !

**ଦ୍ୱିତୀୟ ସାଧକ**
ହଁ, ଆମକୁ ସେହି ସ୍ଥାନକୁ ଯିବାକୁ ପଡ଼ିବ । କିନ୍ତୁ କିପରି ?

**ପ୍ରଥମ ସାଧକ**
ତାହାହିଁ ଆମର ଗନ୍ତବ୍ୟସ୍ଥଳ, ତେଣୁ ସେଠାକୁ ଯିବାର ଉପାୟଟି ମଧ୍ୟ ଅବଶ୍ୟ ମିଳିଯିବ ।

**ଦ୍ୱିତୀୟ ସାଧକ**
ହଁ, ଆମକୁ ସେହି ବିଶ୍ୱାସଟି ରଖିବାକୁ ପଡ଼ିବ, ସେହି **ପରମକରୁଣା** ଉପରେ ଏକାନ୍ତ ବିଶ୍ୱାସ ରଖିବାକୁ ପଡ଼ିବ, **ପରମଦିବ୍ୟସତ୍ତା**ଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବାକୁ ପଡ଼ିବ ।

**ପ୍ରଥମ ସାଧକ**
ହଁ, ସେହି **ଦିବ୍ୟପରମ ଇଚ୍ଛା**ଟି ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବାକୁ ହେବ । ଏବଂ ବର୍ତ୍ତମାନ ଦୃଶ୍ୟ ହେଉଥିବା ସକଳ ପଥ ଅନ୍ତର୍ହିତ ହୋଇ ଯାଇଥିବାରୁ, ଆମକୁ ସମ୍ମୁଖ ଆଡ଼କୁ ଏକ ଲମ୍ଫ ପ୍ରଦାନ କରିବାକୁ ପଡ଼ିବ । ଆଦୌ କୌଣସି ଭୟ ବା ସଙ୍କୋଚ ନ ରଖି ପରିପୂର୍ଣ୍ଣ ନିର୍ଭରତା ସହିତ ଲମ୍ଫ ଦେବାକୁ ପଡ଼ିବ ।

**ଦ୍ୱିତୀୟ ସାଧକ**
ଏବଂ, ଆମକୁ ଯେଉଁଠାକୁ ଯିବାକୁ ଅବଶ୍ୟ ହେବ, ତଦ୍ୱାରା ଆମେ ସେହି ସ୍ଥାନରେ ଯାଇ ପହଞ୍ଚିଯାଇ ପାରିବା ।

*ସେମାନେ ସମ୍ମୁଖ ଉଦ୍ଦେଶ୍ୟରେ ଲମ୍ଫପ୍ରଦାନ କଲେ ।*

# ଉପସଂହାର

*ଉପଲବ୍ଧି*

*ସ୍ୱର୍ଗୀୟ ଆଲୋକରେ ଆଲୋକିତ ଏକ ଜଗତ୍ ।*

**ପ୍ରଥମ ସାଧକ**

କାହାର ଅଦୃଶ୍ୟ ଡେଣା ଆମକୁ ଏକ ଅଦ୍ଭୁତ ଶକ୍ତିବଳରେ ଏଠାକୁ ବହନ କରି ନେଇ ଆସିଲେ !

**ଦ୍ୱିତୀୟ ସାଧକ** *(ଚତୁର୍ଦ୍ଦିଗକୁ ଅବଲୋକନ କରି)*

କି ଅପୂର୍ବ ଓ ପ୍ରଭାସ୍ୱର ମହିମା ! ବର୍ତ୍ତମାନ ଆମକୁ ସେହି ନୂତନ ଜୀବନଟିକୁ ବଞ୍ଚିବାର ଶିକ୍ଷାଟିକୁହିଁ ଲାଭ କରିବାକୁ ପଡ଼ିବ ।

*ଯବନିକା ପତନ*